

— ପ୍ରଥମ ଖଣ୍ଡ

# ନୀଳକଣ୍ଠ ଗ୍ରନ୍ଥାବଳୀ

ପଣ୍ଡିତ ନୀଳକଣ୍ଠ ଦାସ

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର, ପ୍ରୋପ୍ରାଇଟର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍

ବାଲୁବଜାର, କଟକ—୨

ପ୍ରଥମ ସଂସ୍କରଣ

୧୯୬୩

ମୁଦ୍ରାକର

ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର

ପ୍ରସାଦ ପ୍ରେସ, ଗଣେଶଘାଟ ରୋଡ଼, କଟକ-୨

ମୂଲ୍ୟ—କୋଡ଼ିଏ ଟଙ୍କା ମାତ୍ର



ପଂଡିତ ନୀଲକଂଠ ଦାସ

( ଜନ୍ମ —୧୮୮୪—ଅଗଷ୍ଟ ୫ ତାରିଖ )

# ମୁଖବନ୍ଧ

ମୋର ଗ୍ରନ୍ଥାବଳୀ ଏବେ ବାହାରିବ । ମୋତେ ସେଥିରେ ମୁଖବନ୍ଧ ଲେଖିବାକୁ କୁହାଯାଇଛି । ଏ ବଡ଼ ବିଚିତ୍ର କଥା । ସମସ୍ତଙ୍କ ଭାଗ୍ୟରେ ଏହା ଘଟେ ନାଇ । ସତ୍ୟବାଦୀ ସ୍କୁଲର ମୁଖବନ୍ଧ ବାହାରିବାରେ ମୋର ଅତି ପ୍ରାଚୀନ କାଳରୁ ଅଂଶ ଅଛି । ବିଶେଷରେ 'ସତ୍ୟବାଦୀ'ରେ ଯେଉଁ ସରସ୍ୱତୀ ଆଉ ଗଣେଶ ପୂଜା ହୁଏ, ସେ ଗଣେଶ ଆଉ ସରସ୍ୱତୀ ବିସର୍ଜନ କରାହୁଏ 'କାଂଜିଆ ନଳା' ପାଖ ମୂଳଗଣ୍ଡିଟିରେ । ସେ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନେ ମୂର୍ତ୍ତିଟି ନିଜେ କାନ୍ଧେଇ କରି ନିଅନ୍ତି ଓ ପାଣିରେ ଫିଙ୍ଗି ଦିଅନ୍ତି । ତାପରେ ସଂକୀର୍ତ୍ତନର ସ୍ୱର ଧରି ପୁଣି ସ୍କୁଲ ପର୍ଯ୍ୟନ୍ତ ଆସନ୍ତି । ସତ୍ୟବାଦୀ ବଜାର ବାଟେ ଏ ସବୁ ଯିବା ଆସିବା ହୁଏ । ସତ୍ୟବାଦୀ ବଜାର ସେତେବେଳେ ବଡ଼ ଅଳ୍ପ ଥିଏ; କିନ୍ତୁ ଏଇ ଯିବା ଆସିବା ଓ ସଂକୀର୍ତ୍ତନ ଯୋଗ ସେ ଦୁଇଦିନ ସେଠାରେ ବଡ଼ ଘଟା ହୁଏ । ଦୋକାନୀ ବଜାରୀମାନେ ସ୍କୁଲ ଶିକ୍ଷକ ଓ ପିଲାମାନଙ୍କ ମଧୁର ସଂକୀର୍ତ୍ତନରେ ବଡ଼ ମୁଗ୍ଧ ହୋଇ ଯାଆନ୍ତି । ସେ ଦୃଶ୍ୟ ଯେ ଦେଖି ନାଇ, ତାକୁ କହିବାରେ ବୁଝାଇ ହେବ ନାଇ ।

ଏଇ 'ସଂକୀର୍ତ୍ତନ'ଟି ସ୍କୁଲର ସାଂସ୍କୃତିକ ସୃଷ୍ଟିର ମୂଳପତ୍ତନ ବୋଲି କହିବାକୁ ହେବ । ଏତେବେଳେ ମଧ୍ୟ କୌଣସି କୌଣସି ବ୍ୟକ୍ତିବିଶେଷ ସେ ସଂକୀର୍ତ୍ତନର ପ୍ରଭାବ ସତ୍ୟବାଦୀରେ ମନେ ରଖିଛନ୍ତି । ବର୍ତ୍ତମାନ ବି କେହି କେହି ଦରକାର ପଡ଼ିଲେ ସେଇ ଭାବରେ ଭାବାନ୍ୱିତ ହେବେ । ମୋଟକଥା, ସତ୍ୟବାଦୀରେ ସେଇ ସଂକୀର୍ତ୍ତନର ପ୍ରଭାବ ସେକାଳକୁ ପ୍ରତି ଏକପ୍ରକାର ସ୍ଥାୟୀ ହୋଇଥିଲା । ଲୋକେ ଏଇ ସଂସ୍କୃତ ବୋଲିବା ଗୀତରେ ବଡ଼ ଆତ୍ମନିୟୋଗ କରିଥିଲେ ।

ଏଇ ସଂକୀର୍ତ୍ତନ ସାଙ୍ଗକୁ ବେଳେ ବେଳେ 'ସୁଆର ସାହି'ରେ ବଡ଼ ଗହଳ ଘର ପୋଡ଼ିଯିବାର ମଧ୍ୟ ମନେ ଅଛି । ଏଇ ସଂକୀର୍ତ୍ତନରୁ ପିଲା ଓ ମାଷ୍ଟର-ମାନଙ୍କୁ ଲୋକେ ବଡ଼ ବିକଳ ହୋଇ ଡାକି ନିଅନ୍ତି । ସେଥିରେ ନିଆଁ ଛଡ଼ାଇବା କାର୍ଯ୍ୟ ବଡ଼ ସୁବ୍ୟବସ୍ଥିତରୂପେ ସମ୍ପନ୍ନ ହୁଏ । ସେଇଠାରୁ କ୍ରମେ 'ସୁଆରସାହି'ରେ ନିଆଁ ଛଡ଼ାଇବା କାର୍ଯ୍ୟରେ ଉନ୍ନତି ଘଟିଥିଲା । ସେ କଥା ଏବେ ମଧ୍ୟ ମୋର ମନେ ପଡ଼େ । ଏଇ ସଂକୀର୍ତ୍ତନ ଗୀତରୁ ପାଖ ଆଖରେ ବହୁତ ଘରପୋଡ଼ ମଧ୍ୟ ହାତ କରାଯାଇଥିବାର ମନେ ପଡ଼ୁଛି । ଏଇ ଘରପୋଡ଼ ଏକରକମ ସଂକୀର୍ତ୍ତନ ସଙ୍ଗେ ଏକାକାର ହୋଇ ଯାଇଥିଲା । ବାସ୍ତବରେ ସେଇଠାରୁ ବଜାରର ଗଳିସବୁ କ୍ରମେ ପ୍ରଶସ୍ତ ହେବାର ଆରମ୍ଭ ହୋଇଥିଲା ।

ଏହାଛଡ଼ା ସେ ସଂକୀର୍ତ୍ତନ ସେକାଳେ ବଡ଼ ମୂଲ୍ୟବାନ ହୋଇଥିଲା । ସତ୍ୟବାଦୀ ସ୍କୁଲରେ ଯେ ସେବା ଭାବ ଦିଆ ଯାଉଥିଲା, ତା'ର କ୍ରିୟା ଏଇ ସଂକୀର୍ତ୍ତନରେ ଖୁବ୍ ପ୍ରକାଶ ପାଉଥିଲା । ଲୋକେ ଯେ ସତ୍ୟବାଦୀ ସ୍କୁଲରେ ସେବାପରାୟଣ ଥିଲେ ତାର ମୂଳ କହିବାକୁ ହେବ ଏଇଠାରେ । ଏଇ ସେବା ଭାବ ଯୋଗ ସତ୍ୟବାଦୀ ଅଂଚଳର ଲୋକେ କ୍ରମେ ଉଦ୍‌ବୁଦ୍ଧ ହୋଇଥିଲେ । 'ରତ୍ନଚିରା' ର ଆଦିସ୍ଥାନ ଏଇ କାଂଜିଆନଳାଠାରୁ । ସେଇଠାରୁ ଗୋଟିଏ ବଡ଼ ନାଳ ବାହାରି ସତ୍ୟବାଦୀ, ଶ୍ରୀରାମଚଂଦ୍ରପୁର ପ୍ରଭୃତି ବାଟେ 'ଅଂକଆ' ବଡ଼ ନାଳ ଆଡ଼କୁ ଯାଇଛି । 'ଅଂକଆ' ଗାଁର ନାଳ ଏବେ ପ୍ରାୟ ଲୋକେ ନଡ଼ିଆଗଛ ପ୍ରଭୃତି ଲଗାଇ ବଂଦ କରି ଦେଇଛଂତି କହିଲେ ହୁଏ; କିଂତୁ ବେଶି ପାଣି ହେଲେ ଏବେ ମଧ୍ୟ ପାଣି ସେଇବାଟେ ଯାଏ ଓ ସେଇଠାରୁ ପ୍ରାୟ ୪।୫ ମାଇଲ ଏଇ ବଡ଼ ନାଳଟି ଯାଇ ଭାର୍ଗବୀ ବାଟେ ଚିଲିକାରେ ପଡ଼େ । ଏଇ ଚିଲିକାରେ ପଡ଼ିବାକୁ ଯିବା ଖଂଡ ପୂର୍ବେ ଥିଲା କଳିଂଗ ଦେଶର ପ୍ରଧାନ ଖଂଡ । ଏଥିରେ ଥିଲା ଦୁଇଟି ବଡ଼ ଗ୍ରାମ—କୋରଂଗା ଓ ପାଟେଲୀ । ସେ ଦୁଇଟି ଗ୍ର ମ ନଦୀର ଦୁଇପାଖେ । ଏହାକୁ ଖ୍ରୀ: ପ୍ରଥମ ଶତାବ୍ଦୀରେ ଗ୍ରୀକ୍‌ମାନେ କହୁଥିଲେ 'କଳିଂଗ ନଗର' ଓ 'ପର୍‌ଥାଳିସ୍' । ଏ ଦୁଇଟି ଗ୍ରାମ ମଝିରେ ଏବେ 'କଳିଂଗେସ୍ୱୀ' ବୋଲି ଠାକୁରାଣୀ ଅଛଂତି । କଳିଂଗ ନାମଟି ଏଇ ଦେବୀଂକଠାରେ ରହିଛି । ଏଇଠାରୁ ଖୋଳାହୋଇ ପ୍ରାଚୀନ ନୌକା-ପଟା ସବୁ ଏବେ ବାହାରୁଛି; କିଂତୁ ଏ ଗ୍ରୀକ୍ କଥା ଦୁଇ ହଜାର ବର୍ଷର କଥା । ଏହାଠାରୁ ଆହୁରି ପ୍ରାଚୀନ-କାଳରୁ ଏଇ ସ୍ଥାନରୁ ବିଦେଶକୁ ଏପରିକି ଇଜିପ୍ଟ ପର୍ଯ୍ୟଂତ କଳିଂଗର ପ୍ରଭାବ ବ୍ୟାପି ଥିଲା । ଏଇଠାରୁ କିଂବା ଏହାରି ପାଖ କୌଣସି ସ୍ଥାନରୁ ତୁଷରଥ (ଦଶରଥ) ଯାଇ ଖୁବ୍ ସଂଭବ ମିଟାନି ରାଜ୍ୟରେ ରାଜତ୍ୱ କରୁଥିଲେ । ଏଇ ତୁଷରଥ ଇଜିପ୍ଟ ସଂଗେ ସଂଧିରେ ଆବଦ୍ଧ ହୋଇ ନିଜ ଭଉଣୀକୁ ସେଠାରେ ବିଭା ଦେଇଥିଲେ । ସେଇଥିରୁ ଦଶରଥଂକର ୩୫୦୦ ମହିଷୀ ଥିଲେ ମଧ୍ୟ ସେଇ ଦଶରଥଂକ ନାମରୁ ରାମାୟଣର ନାୟକ ସୃଷ୍ଟିର ଧାରା ବାହାରିଥିବାର ଅନୁମାନ ହୁଏ । ଏବେ ମଧ୍ୟ ଇଜିପ୍ଟର 'କା', 'ହାହି', 'ରାଣ', 'ବୋଉ' ପ୍ରଭୃତି ଶବ୍ଦ ଏବି ଓଡ଼ିଶାରେ (କଂଳଗ) ଚଳେ । ଏହା ଅନ୍ୟ କୌଣସି ଭାରତୀୟ ପ୍ରାକୃତରେ ସେପରି ଚଳେ ନାଇ । ଓଡ଼ିଶାର ଏଇ କଳିଂଗରୁ ବାଲ୍ମୀକି ଓ ରାମାୟଣର ମୂଳ ବାହାରିଥିବା ଅନୁମାନ ହୁଏ ।

ଏଇ କଳିଂଗ ଖ୍ରୀ: ପୂ: ୨୪୦୦ ବେଳେ ସୁପ୍ରତିଷ୍ଠିତ ଥିବାର ମଧ୍ୟ ଅନୁମାନ କରାଯାଏ । ଐତିହାସିକ ଭାବରେ ଖ୍ରୀ: ପୂ: ୮୮୨ରେ ପାର୍ଶ୍ୱନାଥ ବନାରସରୁ ଆସି ଏଇଠାରେ କଳିଂଗର ଯବନରାଜଂକୁ ପରାସ୍ତ କରିଥିବାର ମିସେସ୍ ଷ୍ଟିଭେନସନ୍ ନିଜର 'Heart of Jainism' ଗ୍ରଂଥରେ ପ୍ରମାଣ ଦେଇ ଲେଖିଚଂତି । ଏଇ କାଳରେ ବାବିଲୋନ ପ୍ରଭୃତିର ପଶ୍ଚିମ ଭାଗରେ ଯେଉଁ ଗ୍ରୀକ୍ ଅଂଶର ଲୋକେ ଆସି ସାମ୍ରାଜ୍ୟ ଜମାଉଥିଲେ ସେମାନଂକୁ ସେତେବେଳେ ଯଓ୍ୱାନ କହିବାର ଐତିହାସିକ Dr. Scott ସାହେବ ସ୍ପଷ୍ଟ ପ୍ରମାଣ କରି ଲେଖିଚଂତି । ଏମାନଂକୁ ବାଇବଲ୍‌ରେ (Old Testament) ମଧ୍ୟ ଯବନ କୁହାଯାଇଛି । ଜଗନ୍ନାଥରେ ଏଇ କାହାଣୀଟି ପରବର୍ତ୍ତୀକାଳରେ ମାଦଳାପାଂଜିରେ ରକ୍ତବାହୁ ଯବନ ବୋଲି ସ୍ଥାନ ପାଇଛି । ଏଥିରେ ମହାଭ୍ରାଂତି ଓ ବିଭ୍ରାଟ ସୃଷ୍ଟି ହେବା କଥା ସମସ୍ତଂକୁ ଜଣା ।

ଏଇପରି ଜଗନ୍ନାଥରେ ଆଉ ଗୋଟିଏ ଘଟଣା ମଧ୍ୟ—ଜଗନ୍ନାଥେ ବଡ଼ଠାକୁରେ ଦୁହେଁ କାଂଚିଯୁଦ୍ଧରେ ପୁରୁଷୋତ୍ତମ ଦେବଂକ ସଂଗରେ ଯାଇ କାଂଚୀଯୁଦ୍ଧ

ଜଣାଇବା । ଜଗମୋହନରେ ଏଇ ଗଳ୍ପଟିର ଗୋଟିଏ ସୁନ୍ଦର କାଂଥଚିତ୍ର ଅଛି । ତାକୁ ଏବେ ମଧ୍ୟ ପ୍ରତ୍ୟେକ ଜଗନ୍ନାଥ ଦର୍ଶକ ଦର୍ଶନ କରନ୍ତି । ବଳରାମ ଦାସଂକ 'ବଟ ଅବକାଶ'ରେ ଏଇ ଚିତ୍ର ଥିବା କଥା ମଧ୍ୟ ଲେଖା ଅଛି; କିନ୍ତୁ ପରେ ଅନୁସଂଧାନରୁ ଜଣାଯାଏ ଏ ଚିତ୍ର ବହୁ ପ୍ରାଚୀନ ଘଟଣାର ଗୋଟିଏ ସ୍ମୃତି ଛଡ଼ା ଆଉ କିଛି ନୁହେ । ଏହା କାଂଚୀକାବେରୀ ଯୁଦ୍ଧରେ ଜଗନ୍ନାଥ, ବଡ଼ଠାକୁରଂକ ରାଜସଂଗୀ ହେବା କଥା ନୁହେଁ । ଏହାଠାରୁ ପ୍ରାୟ ହଜାର ବର୍ଷ ପୂର୍ବେ 'ଆସିରୀୟ' ରଜାଂକ ସଂଗେ ଦେବତା ଯୁଦ୍ଧକୁ ଯାଉଥିବାର ପ୍ରମାଣ ମିଳେ । ଏଇ ସ୍ମୃତିର ଛାୟା ଏଥିରେ ପଡ଼ିଛି । ଏଥିରୁ ଜଣାଯାଏ ସେକାଳେ କଳିଂଗ ଆଉ ସେଇ ସବୁ ଭୂମିର ପ୍ରାଚୀନ ଆସିରୀୟା ଇଜିପ୍ଟ ପ୍ରଭୃତି ସଂଗେ କି ସଂପର୍କ ଥିଲା ତାହା ସହଜରେ ଅନୁମେୟ ।

ସତ୍ୟବାଦୀ ସ୍କୁଲର ମୂଳ ଏଇପରି ଇତିହାସରେ ଦେଖି ବସିଲେ ବଡ଼ ଦୃଢ଼ ଓ ପ୍ରତିଷ୍ଠିତ । ଏଥିରେ କି ଗୀତ ବୋଲା ହେଲା, କି ପ୍ରବଂଧ ଲେଖା ହେଲା ସେ ସବୁ ଏଇ ମୂଳ ଓ ପ୍ରତିଷ୍ଠା ଖୋଳି ବାହାର କରିବା ବଡ଼ କଷ୍ଟ; ହେଲେ ମଧ୍ୟ ସଂଭବ । ଏଇସବୁ ପ୍ରାଚୀନ ସ୍ଥିତି ଓ ପ୍ରତିପତ୍ତି କଥା ଛାଡ଼ିଦେଲେ ମଧ୍ୟ—ସେ ସବୁ ବର୍ତ୍ତମାନ ଛାଡ଼ିଦେବାକୁ ହେବ; କାରଣ ସେ ସବୁର କୌଣସି ସଂକେତ ଖୋଳିବା ବର୍ତ୍ତମାନ ଅତି ଦୁଃସାଧ୍ୟ । ସ୍କୁଲର ବର୍ତ୍ତମାନ ପରିସ୍ଥିତି ଓ ଅବସ୍ଥାରୁ ସେ ସବୁ ଖୋଳି କାଢ଼ିବା ବଡ଼ କଷ୍ଟ; କିନ୍ତୁ ସ୍କୁଲ ସଂଗେ ଯେଉଁ ପରଂପରାଟି ବାହାରିଲା ତାହା ଏଇ ହିସାବରେ ବଡ଼ ମୂଲ୍ୟବାନ । ସେ କାଳେ ଜଣା ନ ଥିଲେ ମଧ୍ୟ ଏଇ ପରଂପରାର ଅଛିତ ଅଛି । ଏଇ ପରଂପରାରେ ଯେଉଁ ସେବା ମୂଳରୁ ଆତ୍ମପ୍ରକାଶ କରିଥିଲା ବୋଲି କୁହାଯାଇଚି, ସେଇ ସେବାର ଭାବ ସତ୍ୟବାଦୀର ଚିରଂତନ । ରାମାୟଣରେ ବାଲ୍ମୀକିଂକ ମୁହଁରେ ଯେଉଁ—

"ମା ନିଷାଦ ପ୍ରତିଷ୍ଠାଂତ୍ୱଂ ମଗମଃ ଶାଶ୍ୱତୀ ସମାଃ
ଯତ୍‌କ୍ରୌଂଚ ମିଥୁନାଦେକ ମବଧୀ କାମ ମୋହିତମ୍ ।"

ଅର୍ଥାତ୍—

ନ ପାଅ ପ୍ରତିଷ୍ଠା ଆରେ ବ୍ୟାଧ ତୁ କାଳ ଶାଶ୍ୱତ
ବଧିଲୁ କ୍ରୌଂଚ ଯୁଗ୍ମୁଁ ଗୋଟିଏ କାମମୋହିତ—

( ମଧୁସୂଦନ ରାଓ )

ଶ୍ଳୋକଟି ବାହାରିଚି ବୋଲି ବଡ଼ ସ୍ପଷ୍ଟ ପ୍ରବାଦ ଅଛି, ତାହା ଏଇ ଭୂମିରୁ ବାହାରିଥିବାର ଅନୁମାନ କରିବାରେ କିଛି ଅସୁବିଧା ନାଇ ।

ମୁଁ ଯେତେବେଳେ ଏଇ ସ୍କୁଲରେ ଯୋଗ ଦେଲି, ସେତେବେଳେ ମୋର ପିତା ଥିଲେ ଏକପ୍ରକାର ନିମ୍ନ ମାଧ୍ୟମିକ ପରିବାରର ଲୋକ । କଟକ ଗଲେ ମାସକୁ ବୋର୍ଡ଼ିଂରେ ସାଢ଼େ ସାତ ଟଂକା ପଡ଼ୁଥିଲା । ସେଇ ଖର୍ଚ୍ଚ ତୁଲାଇବେ କିପରି ସେଥିପାଇଁ ବୋଉ ମୋର କାଂନ୍ଦୁ ଥିଲେ । ନନା (ବାପା) କିନ୍ତୁ ସେ କାଂଦିବାକୁ ଖାତିର କରି ନ ଥିଲେ । ମୁଁ ଏନ୍‌ଟ୍ରାନ୍‌ସ ଦ୍ୱିତୀୟ ଶ୍ରେଣୀରେ ମୋର ମାଲେରିୟା ପିଲ୍‌ହା ଭଲ କରିବା ପାଇଁ ଯାଇ କଟକ ବୋର୍ଡ଼ିଂରେ ରହି ପଢ଼ିଥିଲି । ତାପରେ ଗୁଟିଏବର୍ଷ ପରେ ବି. ଏ. ପାସ୍ କରି ଯେତେ-ବେଳେ କଲିକତା ଗଲି ମାସକୁ ଟ୧୭୪ ପଡ଼ିବ ବୋଲି କଥା ହେଲା । ସେ ଟର୍ଚ୍ଚକୁ ମଧ୍ୟ ନନା ଖାତିର କରି ନ ଥିଲେ । ବି. ଏଲ୍. ବୃତ୍ତି ମାସକୁ ଟ୩୦୯ ମିଳିଲା । ଏଥିରେ ମୁଁ ଏମ୍.ଏ. ପାଶ୍ କଲି । ମୋର ପିଲ୍‌ହା ପ୍ରଭୃତି ଭଲ ହୋଇଗଲା । ଆଉ ଅନ୍ୟ ଖର୍ଚ୍ଚ କରିବାକୁ ପଡ଼ି ନ ଥିଲା । ତାପରେ ମୁଁ ଯେତେବେଳେ ସତ୍ୟବାଦୀରେ ମାଷ୍ଟର ହେଲି ଓ ଟ୩୦।୪୦ ପାଇଲି ସେତେବେଳେ ନନା ଆପତ୍ତି ନ କରି ଉତ୍ସାହ ଦେଖାଇ ଥିଲେ । ଏପରି କି ବଡ଼ ବଡ଼ ରାଜ କର୍ମଚାରୀମାନେ

ସ୍କୁଲ ଦେଖିବାକୁ ଆସିଲେ, ( ବିଶେଷରେ ଛୋଟଲାଟ ଗେଟ୍ ସାହେବ ସ୍କୁଲ ବୁଲିବାକୁ ଆସିଲା ବେଳେ ) ମୋ ନନା ନିଜେ ଯାଇଁ ସ୍କୁଲ ପ୍ରାଂଗଣରେ ବଡ଼ ଚେୟାରରେ ବସୁଥିଲେ । ମୋତେ ସ୍କୁଲରୁ ଯେଉଁ ଟଂକା ମିଳୁଥିଲା, ତାହା କେବଳ ମୋ ଭଉଣୀ ଓ ଶଳାଂକ ପଢ଼ା ଖର୍ଚ୍ଚ ପାଇଁ ଦିଆ ଯାଉଥିଲା । ମୋର ନିଜର ଘର ପାଇଁ ପାଇବାର କିଛି ନ ଥିଲା କି ସେ ବିଷୟରେ କୌଣସି କୁଂଠା ସ୍କୁଲର କୌଣସି କର୍ତ୍ତୃ-ପକ୍ଷମାନେ କେବେ ଜାଣି ନାହାଂନ୍ତି ।

ମୁଁ ପୁରୀରେ ପଢ଼ୁଥିବା ବେଳେ ଗୋପବନ୍ଧୁ ଦାସଂକୁ ପ୍ରଥମେ ଦେଖିଲି । ସେ ବଡ଼ ନୈଷ୍ଠିକ ଥାଂନ୍ତି, ଏକାଦଶୀ ବ୍ରତ ପାଳୁଥାଂନ୍ତି । ପ୍ରତିଦିନ କିଛି କିଛି ଓଡ଼ିଆ ଭାଗବତ ପଢ଼ାଂନ୍ତି । ମୁଁ ଅଦ୍ଭୁତ ଭାବରେ ତାଂକୁ ଚୂଡ଼ା ନଡ଼ିଆ ଖାଇବାର ଦେଖିଚି । ଗାମୁଛା ପିଂଧି ଏଡ଼େ ଉଚ୍ଚଶିକ୍ଷିତ ଲୋକ ( ସେତେବେଳକୁ ଏନ୍‌ଟ୍ରାନ୍‌ସ ) ଚୂଡ଼ା ନଡ଼ିଆ ଖାଇ ଏକାଦଶୀ କରିବାର ମୋର ଏଇ ପ୍ରଥମ ଦେଖା । ସେଇଠାରୁ ହରିଭାଇନାଂକ ( ଆଚାର୍ଯ୍ୟ ହରିହର ) ସଂଗେ ଓ ପଂଡିତ ଗୋପବନ୍ଧୁ ଦାସଂକ ସହିତ ମୋର ଘନିଷ୍ଠତା ଆରଂଭ ।

ଏଇ ହରିହର ଦାସଂକ କଥା ଏଠାରେ ଟିକେ କହେ । ମୁଁ ସତ୍ୟବାଦୀ ସ୍କୁଲକୁ ଆସିବାର ୬/୭ ମାସ ପରେ ସେ କଟକ ଆକାଡେମୀ ସ୍କୁଲରୁ ଟ୪୦୲ ମାସିକ ଦରମା ଓ ପ୍ରାୟ ମାସକୁ ଟ୧୦୲ ଟ୍ୟୁସନରୁ ମିଳୁଥିବା ଅର୍ଥ ଛାଡ଼ି ସତ୍ୟବାଦୀ ସ୍କୁଲକୁ ଆସିଥିଲେ । ସେ ସେତେବେଳେ ସତ୍ୟବାଦୀ ସ୍କୁଲକୁ ହେଡ଼ମାଷ୍ଟର ହୋଇ ଆସିଥିଲେ । ମୁଁ ଥିଲି ସେତେବେଳେ ସ୍କୁଲ ଓ ହଷ୍ଟେଲର ସୁପରିନ୍‌ଟେଂଡେଂଟ । ଥରେ ସ୍କୁଲଇନ୍‌ସ-ପେକ୍ଟର ମାକୁଂବ (Mecomb) ସାହେବ ପରି-ଦର୍ଶନରେ ଆସି ସେ କଥାଟାକୁ ପସଂଦ କଲେ ନାଇ । ସେ କହିଲେ ଜଣେ ତ ହେଡ଼ମାଷ୍ଟର, ଆଉ ହାଇସ୍କୁଲରେ ସୁପରିନ୍‌ଟେଂଡେଂଟ କଣ ?" ସେଇ ଦିନଠାରୁ ଗୋପବନ୍ଧୁ ଦାସଂକ (ସେକ୍ରେଟାରୀ) ସଂଗେ କଥା ହେଲି, ମୁଁ ହେବି ହେଡ଼ମାଷ୍ଟର ଓ ହରି ଭାଇନାଂକୁ ସେଇଦିନ ସଂଧ୍ୟାବେଳେ ଆଚାର୍ଯ୍ୟ ବୋଲି କୁହାଗଲା । ସେ ହେଲେ ଆଚାର୍ଯ୍ୟ । ସେଇଦିନଠାରୁ ଗୋପବନ୍ଧୁ ଦାସ ତାଂକୁ ପ୍ରଥମ ସ୍ଥାନ ଦେଇ ଆଚାର୍ଯ୍ୟ ନାମରେ ଅଭିହିତ କରିବା ବରାବର ଦେଖାଅଛି ।

ଏଇ ସତ୍ୟବାଦୀ ସ୍କୁଲ ଭାଂଗିବା ପୂର୍ବରୁ ଫକୀର-ମୋହନ ସେନାପତି ଥରେ ସ୍କୁଲ ଦେଖିବାକୁ ଯାଇଥିଲେ । ସେ ମଂଦିର ବଂଗଳାରେ ରହି ବଡ଼ ବଡ଼ ନଡ଼ିଆ ଗଛ ଦେଖି ଆନଂଦରେ ଗଦ୍‌ଗଦ ହେବାର ମୋ ମନେ ଅଛି । ସେପରି ନଡ଼ିଆ ଗଛ ସେ କେବେ କଳ୍ପନା କରି ନ ଥିଲେ । ନିଜ ଅଗଣାରେ ଲୁଣ ଦେଇ ବରଷକୁ ୪/୫ ଟି ନଡ଼ିଆ ଫଳାଂନ୍ତି । ସେଇ କଥା କହି ଖୁସି ହେଉଥାଂନ୍ତି । ସେଇ ସମୟରେ ସେ 'ଉତ୍କଳ ଭ୍ରମଣ'ର ଦ୍ୱିତୀୟ ସଂସ୍କରଣ ଲେଖି ତା'ପରେ ପ୍ରକାଶ କରିବା ମୋ ମନେ ହେଉଚି । ତାଂକ ଲେଖାରେ କି ତାଂକ ଗୁଣଗ୍ରାହିତାରେ ଆଉ ସେପରି ଲୋକ ଓଡ଼ିଶାରେ ଥିବାର ମୋ ମନେ ହେଉ ନାଇ । ତା' ପୂର୍ବରୁ ମୁଁ ଥରେ ତାଂକ ଘରକୁ ଯାଇଥିଲି । ମୋତେ ଖାଇବାକୁ ଦେବାରେ ସେ ଭଲ ରୋହିମାଛ ନିଜ ଗଡ଼ିଆରୁ ଧରା ହୋଇ ଆସିବାର ବନ୍ଦୋବସ୍ତ କରିଥିଲେ । ତଥାପି ମୋତେ ଖାଇବା ବେଳେ ବଡ଼ ଆଗ୍ରହରେ ତାଂକ ନିଜ ଲଗାଇଥିବା ଗୋଟିଏ ବେଲ ଗଛରୁ ଗୋଟିଏ ପାଚିଲା ବେଲ ଆଣି ଭାତ ସାଂଗେ ଖାଇବାକୁ ଦେଲେ । ଆଉ, ସେ ବେଲର ପ୍ରଶଂସା ମୁଁ ଭୁଲି ପାରିବି ନାଇ । ମୁଁ ଖଂଡେ ଭାତ ସାଂଗେ ସେ ବେଲରୁ ଖାଇବାକୁ ବାଧ୍ୟ ହେଲି । ସେ ମଧ୍ୟ ଖୁବ୍ ଖାଇଲେ । ସେତିକିବେଳେ ମୋ 'ପ୍ରଣୟିନୀ'ରୁ ଗୋଟାଏ ଗୋଟାଏ କବିତା ପଢ଼ି ବଡ଼ ସୁଂଦର

ସ୍ୱରରେ ଗାଇଥିଲେ । ସ୍ୱରତାନ ପ୍ରଭୃତିରେ ତାଂକର ବଡ଼ ଅଂତରଂଗ ଜ୍ଞାନ ଥିଲା ।

ମୋର ନନା ( ପିତା ) ମଲା ପରେ ଖ୍ରୀ: ୧୯୨୮ ମୋର ଭଉଣୀ ତାଂକ ସେବା ପ୍ରଭୃତି ଗୁଡ଼ି କାମକୁ ବାହାରିଲେ । ସେଇ କାମରେ ମୋ ସାଂଗେ ସେ ବରାବର ସେଇକାଳରୁ ଆତ୍ମନିବେଶ କରିଚଂତି । ମୋର ରାଜନୀତି କାମରେ ସେ କିଛି ସାକ୍ଷାତରେ କରିଚଂତି ବୋଲି ମନେ ହେଉ ନାଇ; କିଂତୁ ଅସାକ୍ଷାତରେ ବହୁତ ପ୍ରେରଣା ଦେବାରେ ତାଂକର ଖୁବ୍ ନାମ ଅଛି । ସେ କଥା ବର୍ଣ୍ଣନା କରି କହି ହେବ ନାଇ ।

ଆଜି ଗୋଟିଏ କଥା କହିଦେବାକୁ ଚାହେଁ । ପଂଡିତ ଗୋପବଂଧୁ ଦାସଂକର ଗୁଣ ମଧ୍ୟରେ ଯୋଉଁଏ ପ୍ରଧାନ କଥା ଥିଲା—ଗୋଟିଏ ଭାଗବତ ସ୍ୱରରେ ଓ ଅନ୍ୟ ସ୍ୱରରେ ଗୀତ ଗାଇ ପାରିବା କଥା । ସେଥିରେ ଭାଗବତ ପଢ଼ିଲାବେଳେ ସେ ବଡ଼ ବିହ୍ୱଳ ହୋଇ-ଯାଂତି । ଆଜି ଗୋଟିଏ କଥା ହେଉଚି, ସେ ବଡ଼ ଭକ୍ତି-ପ୍ରାଣ ଲୋକ । ଲୋକଂକ ବହୁତ ସଦ୍‌ଗୁଣ ତାଂକୁ ଦେଖାଯାଏ ।

ଅଉ ଗୋଟିଏ କଥା ହେଉଚି, ପଦ୍ୟରେ ଉପଧା ମିଳନ । ଅନେକ ଦିନ ଆଗରୁ ମୁଁ ଏ ବିଷୟରେ ଲେଖି ଆସିଚି । ଓଡ଼ିଶାରେ ବର୍ତମାନ ମଧ୍ୟ ପ୍ରାୟ କୌଣସି କବି ଉପଧା ମିଳନ ବଂଧନରୁ ମୁକ୍ତ ନୁହଂତି । ପଂଡିତ ଗୋପବଂଧୁ ଦାସ ମଧ୍ୟ ମୁକ୍ତ ନ ଥିଲେ । ତାଂକ 'କାରା କବିତା' ପର୍ଯ୍ୟଂତ ଏଇ ଉପଧା ବଂଧନରେ ବଂଧା ହୋଇ ରହିଚି । ଏହା ଓଡ଼ିଶାର ଉତ୍କଳ ଭାଗରୁ କଳଂକରେ ଗୋଟିଏ ଅନୁକରଣ । ମୁଁ ଏକଥା ସବୁବେଳେ କହେ । ମୂଳତଃ ମୋତେ ଅନୁକରଣ ସୁଖ ଲାଗେ ନାଇ; ବିଶେଷତଃ ଏପରି ଘରପାଖ ଅନୁକରଣ ମୋର ଅତ୍ୟଂତ ଅସ୍ୱାଦ୍ୟ ।

କିଂତୁ କ୍ରମେ କ୍ରମେ ଗୋପବଂଧୁ ଦାସଂକ ମୃତ୍ୟୁପରେ କଂଗ୍ରେସରେ ଯେଉଁ ସ୍ପଷ୍ଟ କ୍ଷମତା ଓ ପଦମୋହ ଚାଲିଲା ତାହାର ଅବସାନ ଆସିଗଲା ଓ କେତେକ ମୋ ପ୍ରତି ବଡ଼ ସଦ୍‌ବ୍ୟବହାର କରି ବସିଲେ । ଓଡ଼ିଶାରେ ଦ୍ୱିତୀୟଥର ନିର୍ବାଚନ ଜିଣିବାରେ ଯେତେବେଳେ ମୁଁ ଅପ୍ରତିଦ୍ୱଂଦ୍ୱୀ ହେଲି ସେତେବେଳେ ମହତାବ ବାବୁ ମୋ ଘରକୁ ଆସି ମୋତେ କହିଲେ, "ଆପଣ ତେବେ ଏଥର ଆସେଂବ୍ଲିର ବାଚସ୍ପତି (ସ୍ପିକର) ହୁଅଂତୁ ।" ମୁଁ ଆଗ୍ରହରେ ହଁ କଲି । ସେଇଦିନଠାରୁ ଚତୁଷ୍ପାର୍ଶ୍ୱରେ ପୁଣି ଶାଂତିର ବାୟୁମଂଡଳ ଦେଖାଗଲା । ମହତାବ ବାବୁ ମୋତେ ପ୍ରତ୍ୟେକ ବିଷୟରେ ସେଇଠାରୁ ସାହାଯ୍ୟ କଲେ— ଆଂତରିକ ସାହାଯ୍ୟ କଲେ । ସେସବୁ କଥା ଅସେଂବ୍ଲିରେ ଆସେବ୍ଲିକୁ ସ୍ୱାଧୀନ କରିବା ପାଇଁ ଯେଉଁ ପୁସ୍ତିକା ଗଂଡ ଛପା ଯାଇଥିଲା, ସେଥିରୁ ସ୍ପଷ୍ଟ ଜଣାଯିବ ।

ଏଇ ଗ୍ରଂଥାବଳୀ କରିବାରେ ପୁସ୍ତକ ପ୍ରକାଶକ ଶ୍ରୀଯୁକ୍ତ ଅନଂତ ମିଶ୍ର ମୋତେ ଯେ ପ୍ରେରଣା ଓ ଉତ୍ସାହ ଦେଇଚଂତି ତାହା ନ ଦେଇଥିଲେ ମୁଁ ଏ ଗ୍ରଂଥାବଳୀର ଆତ୍ମଜୀବନୀ ପ୍ରଭୃତି ଆଦୌ ଲେଖି ନଥାଂତି କହିଲେ ହୁଏ । ଅଧ୍ୟାପକ ଶ୍ରୀଯୁକ୍ତ କୁଂଜବିହାରୀ ଦାଶ ଓ ଶ୍ରୀଯୁକ୍ତ ବନମାଳୀ ମିଶ୍ର ମଧ୍ୟ ଏସବୁ ଲେଖିବାରେ ମୋତେ ବହୁତ ଉତ୍ସାହ ଦେଇଚଂତି । ମଝେ ମଝେ ଆଉ ଅନେକ ପୁରାତନ ବଂଧୁ ଏଥିରେ ସାହାଯ୍ୟ କରିଚଂତି । ସେ ସମସ୍ତଂକ

କଥା ଲେଖିବା ଏକପ୍ରକାର ସଂଭବ ନୁହେ । ସେଥିମଧ୍ୟରୁ ଅଧ୍ୟାପକ ଶ୍ରୀରାମଚଂଦ୍ର ଦାଶ ପ୍ରଧାନ କହିଲେ ହୁଏ । ଏ ପୁସ୍ତକ ସଂକଳନରେ ବର୍ତ୍ତମାନର ଏମ୍. ଏ. ଛାତ୍ର ଶ୍ରୀ ବୈରାଗୀଚରଣ ଜେନା ପ୍ରଭୃତି ସାହାଯ୍ୟ କରିଚଂତି ।

ଏତିକିରେ ଏକରକମ ଏ ଗ୍ରଂଥର ମୁଖବଂଧ ହୋଇଗଲା ବୋଲି ମନେ ହେଉଚି; କିଂତୁ ସତ୍ୟବାଦୀର ସେ.ରତର ଐତିହ୍ୟ ଓ ପ୍ରାଣପ୍ରତିଷ୍ଠା ପୁଣି ଭବିଷ୍ୟତ କଥା ଭାବିଲେ ଆଜି ଦୁଃଖ ଲାଗେ । ସେସବୁର ଗ୍ରଂଥର ମୁଖବଂଧରେ ବରଂ ସ୍ପଷ୍ଟ ସ୍ଥାନ ନାହିଁ; କିଂତୁ ସେ ସବୁର ପ୍ରଭାବ ଯେନ ମୋର ଜୀବନାଟି ସୂକ୍ଷ୍ମସୂକ୍ଷ୍ମ ଭାବରେ ପ୍ରାୟ ୬୦ ବର୍ଷରୁ ବେଶିକାଳ ସତ୍ୟବାଦୀ ସଂଗେ ଅତି ନିବିଡ଼ ଭାବେ ଲାଗି ଆସିଚି । ପାଠକେ ଏଇ ବିଷୟରେ ପ୍ରଣିଧାନ ଦେଲେ ମୁଁ କୃତାର୍ଥ ହେବି । **ଶୁଭମସ୍ତୁ** ।

ଧନୁସଂକ୍ରାଂତି
ତା ୧୬-୧୨-୧୯୬୩

**ନୀଳକଂଠ ଦାସ**

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଶୀତିତମ ଜନ୍ମତିଥି ଉପଲକ୍ଷେ - ୧୯୬୩ ଅଗଷ୍ଟ ୫ ତାରିଖ



ବାମରୁ—ପ୍ରଥମ ଧାଡ଼ି—ଶ୍ରୀ ହରିଚନ୍ଦନ ଦେବ, ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟକ୍ଷ ଶ୍ରୀଧର ଦାସ, ଦ୍ୱିତୀୟ ଧାଡ଼ି—
ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ଶ୍ରୀ ବାଂଶୀଧରଚରଣ ପାଣିଗ୍ରାହୀ, ଡକ୍ଟର ଶ୍ରୀ କୃଷ୍ଣଚନ୍ଦ୍ର ଦାସ, ଶ୍ରୀ ଅନନ୍ତ ମିଶ୍ର,
ଶ୍ରୀ ବାଳକୃଷ୍ଣ ପଟ୍ଟନାୟକ, ଶ୍ରୀ ରାଧାନାଥ ରଥ - x ଶ୍ରୀ ଧନୁର୍ଦ୍ଧର ଦାସ ପ୍ରଭୃତି ।

# ଦୁଇପଦ

୧୮୮୪ ମସିହା ଅଗଷ୍ଟ ୫ ତାରିଖ ଦିନ କୁଳବୃଦ୍ଧ ପଣ୍ଡିତ ନୀଳକଣ୍ଠ ଦାସଙ୍କର ଜନ୍ମ । ବର୍ତ୍ତମାନ ତାଙ୍କୁ ଅଶୀ ବର୍ଷ ବୟସ । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନଙ୍କ ଉଦ୍ୟମରେ ୧୯୬୩ ଅଗଷ୍ଟ ୫ ତାରିଖ ଦିନ ତାଙ୍କର ଅଶୀତିତମ ଜନ୍ମ ଉତ୍ସବ ଉପଲକ୍ଷେ ଶ୍ରୀରାମଚନ୍ଦ୍ର ଭବନଠାରେ ତାଙ୍କ ବାଲ୍ୟବନ୍ଧୁ ଓ ସହକର୍ମୀ ଆଚାର୍ଯ୍ୟ ହରିହର ଦାସଙ୍କ ପୌରୋହିତ୍ୟରେ ତାଙ୍କୁ ଗୋଟିଏ ଅଭିନନ୍ଦନ ଦିଆଯାଇଥିଲା । ଡକ୍ଟର ଶ୍ରୀରାମଚନ୍ଦ୍ର ଦାସ, ଡକ୍ଟର ସଦାଶିବ ମିଶ୍ର, ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଅଧ୍ୟାପକ ଗୋପାଳଚନ୍ଦ୍ର ମିଶ୍ର, ଶ୍ରୀ ରାଧାନାଥ ରଥ, ଅଧ୍ୟାପକ ବିପିନ ବିହାରୀ ରାୟ ଓ ଯଦୁମଣି ମଙ୍ଗରାଜ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଛି । ଭାରତର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନଙ୍କ ସମେତ ପ୍ରସିଦ୍ଧ ନେତୃବୃନ୍ଦ ପଣ୍ଡିତ ନୀଳକଣ୍ଠଙ୍କ ଦୀର୍ଘଜୀବନ କାମନା କରି ସ୍ୱାଗତ ଜଣାଇଥିଲେ ।

ପଣ୍ଡିତ ନୀଳକଣ୍ଠ ଏକାଧାରରେ ବିଦ୍ୱାନ ଏବଂ ରାଜନୀତିଜ୍ଞ । ତାଙ୍କର ମେଧାଶକ୍ତି ଅତୁଳନୀୟ । ଉଦ୍ଦାମ ଯୌବନ ସମୟରେ, ଠିକ୍ କଲେଜ ଶିକ୍ଷା ସାଙ୍ଗକରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ଉତ୍ସାହିତ ହୋଇ ନିସ୍ୱାର୍ଥ ଭାବରେ ଦେଶ ଓ ଜାତିକୁ ଗଢ଼ିବା ନିମନ୍ତେ ମାତ୍ର ତିରିଶି ଟଙ୍କା ବେତନରେ ସେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ଶିକ୍ଷକତା ତଥା ପରିଚାଳନା କରି ଦୀର୍ଘ କର୍ମମୟ ଜୀବନର ଶୁଭ ଦେଇଥିଲେ । ମଣିକାଞ୍ଚନର ଯୋଗ ଭଳି ତାଙ୍କ ସହିତ ସହଯୋଗ କରିଥିଲେ ଆଚାର୍ଯ୍ୟ ହରିହର ଦାସ, ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର, ସ୍ୱର୍ଗତ କୃପାସିନ୍ଧୁ ମିଶ୍ର, ସ୍ୱର୍ଗତ ଲିଙ୍ଗରାଜ ମିଶ୍ର ପ୍ରମୁଖ ଓଡ଼ିଶାର କୃତୀ ସନ୍ତାନ ମାନେ । ସର୍ବୋପରି ରହିଥିଲେ ସ୍କୁଲର ଜନ୍ମଦାତା ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସ । ସେହି ସମୟରୁ ହିଁ ପଣ୍ଡିତ ନୀଳକଣ୍ଠ ଉଗ୍ର ସମାଜ ସଂସ୍କାରକ ଓ ଲେଖକ ଭାବରେ ପରିଚିତ ।

ପଣ୍ଡିତ ନୀଳକଣ୍ଠ ସ୍ୱାଧୀନଚେତା । ସେ ବ୍ୟକ୍ତିଠାରୁ ନୀତିକୁ ବିଶେଷ ଗୁରୁତ୍ୱ ଦିଅନ୍ତି ଏବଂ ବିଳାସ ବ୍ୟସନର ବହୁତ ଦୂରରେ ଥାଆନ୍ତି । ସେ ସ୍ପଷ୍ଟବାଦୀ ଏବଂ କଷ୍ଟସହିଷ୍ଣୁ । ଦେଶରେ ମହାମାରୀ ବେଳେ ରୋଗୀ ସେବା, ବନ୍ୟା ସମୟରେ ଲୋକସେବା, ବ୍ରାହ୍ମଣ ନିଶ ରଖିବା ଆନ୍ଦୋଳନରେ ନିର୍ଭୀକତା, ରାଜନୀତିରେ ବିଚକ୍ଷଣତା, ପତ୍ରିକା ସମ୍ପାଦନରେ ଦକ୍ଷତା, ସଭାସମିତିରେ ଭାଷଣ ଦେବାରେ ଓଜସ୍ୱୀତା, ସାହିତ୍ୟରେ ଗଭୀର ଗବେଷଣା ଓ ଲିପିସଂସ୍କାର ଆଦି ପ୍ରତ୍ୟେକ ବିଷୟରେ ସେ ଅତୁଳନୀୟ । ତାଙ୍କ ରଚିତ ପ୍ରଣୟିନୀ, ଖାରବେଳ ଓ କୋଣାର୍କେ ପ୍ରଭୃତି ଗ୍ରନ୍ଥ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଶିକ୍ଷା, ସାହିତ୍ୟ, ରାଜନୀତି ଓ ସାମ୍ବାଦିକତା ଆଦି ବିଭିନ୍ନ କ୍ଷେତ୍ରରେ ତୁଙ୍ଗ ସାଧକ ପଣ୍ଡିତ ନୀଳକଣ୍ଠ

ଯେପରି ମିଷ୍ଟାନ୍ନପ୍ରିୟ ସେହିପରି ପରିହାସ ପ୍ରିୟ ମଧ୍ୟ । ଏଠାରେ ତାଙ୍କ ପରିହାସପ୍ରିୟତାର ଗୋଟିଏ କ୍ଷୁଦ୍ର ଘଟଣା ଉଲ୍ଲେଖଯୋଗ୍ୟ । ସ୍ୱଭାବତଃ ପଣ୍ଡିତ ନୀଳକଣ୍ଠ ବଡ଼ ମତ୍ସ୍ୟପ୍ରିୟ । ମନେଅଛି, ଦିନେ ନବଭାରତର ସଂପାଦକୀୟ ଲେଖୁଥିବାବେଳେ ଜଣେ ଭଦ୍ରବ୍ୟକ୍ତି ପରିହାସରେ କହିଲେ—'ଆପଣ କେବେ ମାଛ ଛାଡ଼ିଛନ୍ତି କି ?' ଉତ୍ତରରେ ପଣ୍ଡିତ ନୀଳକଣ୍ଠ କହିଲେ —'ଦିନେ ଷ୍ଟ୍ରୋକ ଏବଂ କଣ୍ଠା ହେତୁ କିଛି ମାସ ପାଇଁ ଛାଡ଼ି ଦେଇଥିଲି ।'

ଦେଶର ସଭ୍ୟତା ଓ ସଂସ୍କୃତି ଦେଶର ସାହିତ୍ୟ ଯୋଗୁଁ ହିଁ ବିକଶିତ ଏବଂ ପରିପୁଷ୍ଟ ହୁଏ । ଏହି ଅନୁଷ୍ଠାନ ଜନ୍ମରୁ ବ୍ରତୀ ହୋଇ ପ୍ରଥମେ ଫକୀର ମୋହନ ଗ୍ରନ୍ଥାବଳୀ, ଗୋଦାବରୀଶ ଗ୍ରନ୍ଥାବଳୀ ଏବଂ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ କରିଛି । ପରମେଶ୍ୱରଙ୍କ ଦୟା ହେଲେ ଆହୁରି କେତେକ ଗ୍ରନ୍ଥାବଳୀ ପ୍ରକାଶନ କରି ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବାର ବାସନା ରହିଛି ।

ଗ୍ରନ୍ଥାବଳୀ ପରିବେଷଣ ନିମନ୍ତେ ଶ୍ରମ, ସମୟ, ଧୈର୍ଯ୍ୟ ଓ ଧନ ସାପେକ୍ଷ । ପ୍ରତିବେଶୀ ଭାଷା ଓ ସାହିତ୍ୟକୁ ଦେଖିଲେ ଗ୍ରନ୍ଥାବଳୀ ପ୍ରକାଶନ ପାଇଁ ମନରେ ଯେତିକି ଉତ୍ସାହ ଆସେ ଗ୍ରନ୍ଥାବଳୀ ପ୍ରକାଶନର କିଛି ଦିନ ଅନ୍ତେ ସେତିକି ନିରୁତ୍ସାହିତ ହେବାକୁ ପଡ଼େ—ବହିର ବିକ୍ରୀ ଦୃଷ୍ଟିରୁ । କିନ୍ତୁ ଦେଶ ତଥା ଜାତି ପ୍ରତ୍ୟହ ଅଗ୍ରଗତି କରୁଥିବାବେଳେ ଆଶା ନିରାଶାର ଦ୍ୱନ୍ଦ୍ୱ ମଧ୍ୟରେ ଆଶା ପ୍ରଥମସ୍ଥାନ ପାଇ ଆସିଛି । ଦେଶର ଏହି ଅଗ୍ରଗତିରେ କେବଳ ପ୍ରକାଶକର କର୍ତ୍ତବ୍ୟ ଛଡ଼ା ଅଗଣିତ ପାଠକ, ଲେଖକ, ସାହିତ୍ୟିକ ଓ ଲୋକପ୍ରିୟ ସରକାରଙ୍କର ମଧ୍ୟ ସହଯୋଗ ଆବଶ୍ୟକ; ନଚେତ୍ କିଛିଦିନ ଅନ୍ତେ ଗ୍ରନ୍ଥାବଳୀ ପ୍ରକାଶକ ନିକଟରେ ରହି ରହି କୀଟଦଷ୍ଟ ହେବା ସାର ହେବ ମାତ୍ର, ପ୍ରକାଶନର ଉଦ୍ଦେଶ୍ୟ ସାଧିତ ହେବ ନାହିଁ ।

ଏହି ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର କର୍ମମୟ ଜୀବନୀ, କାବ୍ୟ କବିତା ସ୍ଥାନ ପାଇଛି । ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖଣ୍ଡ ମାନଙ୍କରେ ଗଦ୍ୟ ସାହିତ୍ୟ, ପ୍ରବନ୍ଧ, ସମାଲୋଚନା ସାହିତ୍ୟ ଇତ୍ୟାଦି ଅନ୍ୟାନ୍ୟ ଲେଖା ସ୍ଥାନ ପାଇବ ।

ଗ୍ରନ୍ଥାବଳୀ ପ୍ରକାଶନରେ ବନ୍ଧୁ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ ପ୍ରେରଣା ଓ ଶ୍ରୀ ବନମାଳୀ ମିଶ୍ରଙ୍କ ପରାମର୍ଶ ପାଇଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ପୂଜ୍ୟ ପଣ୍ଡିତ ନୀଳକଣ୍ଠ ଦାସ ଗ୍ରନ୍ଥାବଳୀର ପ୍ରକାଶନ ଭାର ଅକୁଣ୍ଠିତ ଚିତ୍ତରେ ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରୁଛି ।

ଫକୀରମୋହନ ଗ୍ରନ୍ଥାବଳୀର ଉପୋଦ୍ଘାତ ଲେଖାର ପ୍ରଥମରେ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଅକ୍ଷର ଛାପାଦୋଷ ସମ୍ବନ୍ଧେ ସୂଚନା ଦେଇଛନ୍ତି । ସତ କଥା, ଓଡ଼ିଆ ଅକ୍ଷର ନିର୍ଭୁଲ ଛାପା କଷ୍ଟ ସାଧ୍ୟ । ଏହି ଗ୍ରନ୍ଥାବଳୀ ମୁଦ୍ରଣ ପାଇଁ ବହୁ ଯତ୍ନ କରାଯାଇଛି—ତଥାପି ମୁଦ୍ରଣ ତ୍ରୁଟି ଯଦି ଥାଏ, ବନ୍ଧୁ ପାଠକଗଣ ଉଦାର ଚିତ୍ତରେ କ୍ଷମା ଦେବେ ବୋଲି ଆଶା କରୁଛି ।

କଟକ
ଶାମ୍ବ ଦଶମୀ,
ତା ୨୬-୧୨-୧୯୭୩

ଅନନ୍ତ ମିଶ୍ର

# ଗ୍ରନ୍ଥ ସୂଚୀ

**ଆତ୍ମଜୀବନୀ**

ଆତ୍ମଜୀବନୀ ... ... ୧

**କାବ୍ୟକବିତା**

ଭକ୍ତଗାଥା ... ... ୧୬୯
ପ୍ରଣୟିନୀ ... ... ୧୯୭
କୋଣାର୍କେ ... ... ୩୦୭
ଖାରବେଳ ... ... ୪୧୫
ଦାସ ନାଏକ ... ... ୪୬୭
ପିଲାଙ୍କ ଗୀତ ... ... ୫୦୧

# ଆତ୍ମଜୀବନୀ

# ଆତ୍ମଜୀବନୀ

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧। ନିଜକଥା | ୧ |
| ୨। ମୋର ଜନ୍ମକଥା | ୧ |
| ୩। ମୋ ପିଲାଦିନର କେତୋଟି ଘଟଣା | ୪ |
| ୪। କିରେଶିନ | ୫ |
| ୫। ଗୃହାଳୀ | ୫ |
| ୬। ମଧ୍ୟ-ଓଡ଼ିଆ ସ୍କୁଲ | ୬ |
| ୭। କାଲୁଡ଼ି ସ୍ୱେର | ୯ |
| ୮। ପଣ୍ଡିତଙ୍କ ନାସଦାନ | ୯ |
| ୯। ସ୍କୁଲ ଓ ସରକାରୀ ସାହାଯ୍ୟ | ୯ |
| ୧୦। ପୁରୀରେ ମୋର ପାଠପଢ଼ା | ୯ |
| ୧୧। ଅଠରଶ ଅନେଶ୍ୱତର ସମାଜ | ୧୦ |
| ୧୨। ନିଦ୍ରା ପ୍ରତିରୋଧ | ୧୨ |
| ୧୩। ପୁରୀଜିଲ୍ଲା ସ୍କୁଲ | ୧୨ |
| ୧୪। ରଥଯାତ୍ରା ଓ ହଇଜା (୧୮୯୯) | ୧୪ |
| ୧୫। କେତେଜଣ ପରିଚିତ ବ୍ୟକ୍ତି | ୧୫ |
| ୧୬। ସାହିତ୍ୟ ଯୁଦ୍ଧ | ୧୬ |
| ୧୭। ଗୋପବନ୍ଧୁ ଦାସ ଓ ଇନ୍ଦ୍ରଧନୁ | ୧୬ |
| ୧୮। ରେଭେନ୍ସା କଲେଜ ଓ କଲଜିଏଟ୍ | ୧୭ |
| ୧୯। ଅରବିନ୍ଦ ବାବୁ | ୧୮ |
| ୨୦। ହରି ଭାଇନା | ୧୯ |
| ୨୧। ନୈଷ୍ଠିକ ପରିବାର | ୧୯ |
| ୨୨। ଭାର୍ଗବୀ ନଦୀ କୂଳରେ ଆମ୍ଭର ପ୍ରତିଜ୍ଞା | ୨୦ |
| ୨୩। ସ୍କୁଲ ବୋର୍ଡିଂ | ୨୧ |
| ୨୪। ମଧୁବାବୁ | ୨୨ |
| ୨୫। ପ୍ରଥମ ଉତ୍କଳ ସମ୍ମିଳନୀ | ୨୪ |
| ୨୬। ପୁରୀ ପ୍ରତ୍ୟାବର୍ତ୍ତନ | ୨୫ |
| ୨୭। ଚନ୍ଦ୍ରମୋହନ ବାବୁ | ୨୫ |
| ୨୮। ଧର୍ମ-ବିଶ୍ୱାସ | ୨୮ |
| ୨୯। ଚୂଡ଼ାଙ୍ଗିଆ—ବନିଆ | ୨୯ |
| ୩୦। ପାଦ୍ରୀଙ୍କ ଧର୍ମ ପ୍ରଚାର | ୨୯ |
| ୩୧। ଗିର୍ଜାକୁ ଯାତ୍ରା | ୩୧ |
| ୩୨। ଉଏଟର୍ ସାହେବ | ୩୨ |
| ୩୩। ବ୍ରାହ୍ମଣ ସମିତି ( ପୁରୀ ) | ୩୩ |
| ୩୪। ସ୍ୱର୍ଗତ ରାମଚନ୍ଦ୍ର ଦାଶ | ୩୪ |
| ୩୫। ସ୍ୱର୍ଗତ ଚନ୍ଦ୍ରଶେଖର ସାମନ୍ତ ଓ ମୋର ପ୍ରଥମ ପ୍ରକାଶିତ ଲେଖା | ୩୫ |
| ୩୬। ବିଭା ହେବି ନାଇ | ୩୬ |
| ୩୭। ଗୋପବନ୍ଧୁଙ୍କ ପୁତ୍ରର ମୃତ୍ୟୁ ଓ ମୋ ଉପରେ ତା'ର ପ୍ରଭାବ | ୩୬ |
| ୩୮। ମୋର ସଂକଳ୍ପ | ୩୮ |
| ୩୯। ବିବାହ ପ୍ରସଙ୍ଗ | ୩୮ |
| ୪୦। ଗୋପବନ୍ଧୁଙ୍କ ନିର୍ଦ୍ଦେଶ ଓ ମୋର ବିବାହ ଅନୁଷ୍ଠାନ | ୪୦ |
| ୪୧। ସ୍ୱର୍ଗତ ଯମେଶ୍ୱର ମିଶ୍ର | ୪୦ |
| ୪୨। ଗୋଦାବରୀଶ ପୁରୀ ସ୍କୁଲ ଛାଡ଼ | ୪୦ |

| ବିଷୟ | ପୃଷ୍ଠା |
| --- | --- |
| ୪୩ । ମଧୁବାବୁଙ୍କ ପୁରୀ ଆଗମନ ଓ ପ୍ରଭୁର ସଭା | ୪୧ |
| ୪୪ । ସ୍ୱଦେଶୀ ପ୍ରତିଜ୍ଞାପତ୍ର | ୪୧ |
| ୪୫ । ନଗେନ୍ଦ୍ରନାଥ ରକ୍ଷିତ | ୪୨ |
| ୪୬ । ପୂଜାଛୁଟି | ୪୨ |
| ୪୭ । ବିବାହ ବଜାର ଓ କଳଙ୍କିତ ସମାଜ | ୪୩ |
| ୪୮ । ଇତିହାସର ପ୍ରଚ୍ଛଦପଟ ଓ ବ୍ରାହ୍ମଣ ଶାସନ | ୪୪ |
| ୪୯ । ମୋର ପିତାମହ ଓ ମୋର ପୈତୃକ ଜାତି | ୪୬ |
| ୫୦ । ଢୋଲ ମହାପାତ୍ରେ ଓ ମାଟିଆ ମିଶ୍ରେ | ୪୬ |
| ୫୧ । ଦୂବ, ଦେବତା ଓ ଭିଂଗାର | ୪୭ |
| ୫୨ । ପୁରୀ ସମୁଦ୍ରକୂଳ | ୪୭ |
| ୫୩ । ନୋଳିଆର ଜାହାଜ ପୋଡୁଅ | ୪୮ |
| ୫୪ । ଜଳବାୟୁ ପରିବର୍ତ୍ତନ | ୪୮ |
| ୫୫ । କୋଚି | ୪୯ |
| ୫୬ । କଲକତା ଏଡ୍ ବୋର୍ଡିଂ ଓ ଗୋପବନ୍ଧୁ ବାବୁ | ୪୯ |
| ୫୭ । ବଙ୍ଗାଳୀ ସଂସ୍କୃତି | ୪୯ |
| ୫୮ । ବଙ୍ଗାଳୀଙ୍କ ବୈରିଭାବ | ୫୦ |
| ୫୯ । ତାରାଚାନ୍ଦ | ୫୧ |
| ୬୦ । ହଲଓ୍ୱାର୍ଡ଼ ସାହେବ | ୫୧ |
| ୬୧ । ଓଡ଼ିଆଙ୍କ ଦୁର୍ଗତି | ୫୨ |
| ୬୨ । ବ୍ରହ୍ମପୁର ଓ ନିରାମିଶାଂଶୀ ଓଡ଼ିଆ | ୫୨ |
| ୬୩ । କର୍ତ୍ତବ୍ୟ ବୋଧିନୀ | ୫୩ |
| ୬୪ । ଓଡ଼ିଆ ସାହିତ୍ୟରଥୀଙ୍କ ଓଡ଼ିଆପ୍ରୀତି | ୫୩ |
| ୬୫ । ମୂଲ୍ଲୁର | ୫୪ |
| ୬୬ । ଗୋପବନ୍ଧୁଙ୍କ ରାଜନୀତି | ୫୪ |
| ୬୭ । ମଧୁବାରିଷ୍ଟର | ୫୪ |
| ୬୮ । ମୋର ରୋଗୀସେବା | ୫୬ |
| ୬୯ । ରୋଗୀ ସେବା ( ୧୯୧୨ ) | ୫୮ |
| ୭୦ । କେତେକ ଛିନ୍ନସ୍ମୃତି | ୫୮ |
| ୭୧ । ସତ୍ୟବାଦୀର ପରିକଳ୍ପନା | ୫୯ |
| ୭୨ । ସ୍ଥାନ ବିଚାର | ୬୧ |
| ୭୩ । ସତ୍ୟବାଦୀ ବିଦ୍ୟାଳୟର ଆରମ୍ଭ | ୬୨ |
| ୭୪ । ସତ୍ୟବାଦୀ ବିଦ୍ୟାଳୟରେ ମୋର ଯୋଗଦାନ | ୬୩ |
| ୭୫ । ସତ୍ୟବାଦୀର ଅସ୍ମୃତିରେ ଦୁଇଟି ଉଜ୍ଜ୍ୱଳ ରେଖା | ୬୩ |
| ୭୬ । ରାମଚନ୍ଦ୍ର ରଥ | ୬୩ |
| ୭୭ । ନିଶ ଆନ୍ଦୋଳନ | ୬୪ |
| ୭୮ । ରକ୍ଷଣଶୀଳଙ୍କ କର୍ମ | ୬୫ |
| ୭୯ । ତଥାପି ଜୀବରାଜ୍ୟରେ ମୃତ୍ୟୁ ନାହିଁ | ୬୫ |
| ୮୦ । ସତ୍ୟବାଦୀ ବିଦ୍ୟାଳୟର ଆରମ୍ଭ | ୬୫ |
| ୮୧ । ସମାଜରେ ପ୍ରତିକ୍ରିୟା | ୬୭ |
| ୮୨ । ଜୋଇଙ୍କ ଶ୍ଳୋକ ଆବୃତ୍ତି | ୬୮ |
| ୮୩ । ସତ୍ୟବାଦୀ ବିଦ୍ୟାଳୟ ଘରପୋଡ଼ି | ୬୮ |
| ।୪। ଘରପୋଡ଼ି ପରେ | ୬୯ |
| ୮୫ । ଗୁରୁକୁଳ ନିୟମାବଳୀ | ୭୦ |
| ୮୬ । ସତ୍ୟବାଦୀ ବିଦ୍ୟାଳୟରେ ଗଣତନ୍ତ୍ରର ପରୀକ୍ଷା ଓ ବିକାଶ | ୭୦ |
| ୮୭ । ନୂତନ ପରିକଳ୍ପନା | ୭୧ |
| ୮୮ । ମୁଁ ପ୍ରଧାନ ଶିକ୍ଷକ ଥିବାବେଳର କେତୋଟି କଥା | ୭୨ |
| ୮୯ । କୋଣାର୍କ ପର୍ଯ୍ୟଟନ | ୭୩ |
| ୯୦ । ଛାତ୍ରମାନଙ୍କ ଆଲୋଚନା ସଭା | ୭୫ |
| ୯୧ । ସ୍କୁଲର ବାର୍ଷିକ ସମ୍ମିଳନୀ | ୭୭ |
| ୯୨ । ବେଠିପ୍ରଥା | ୭୭ |
| ୯୩ । ନୀଳମାଧବ ଦର୍ଶନ | ୭୭ |
| ୯୪ । ଉତ୍କଳ ସମ୍ମିଳନୀ ଓ ସତ୍ୟବାଦୀର ସ୍ୱେଚ୍ଛାସେବକ | ୭୮ |
| ୯୫ । ମିଃ ଦାସଙ୍କ ଉନ୍ନତ ହୃଦୟ | ୭୮ |

| ବିଷୟ | ପୃଷ୍ଠା |
|---|---|
| ୯୬ । ଆମ ରାଜନୀତି ସତ୍ୟବାଦୀର ଇତିକଥା | ୮୦ |
| ୯୭ । "ଇଂରେଜ ଅସିଧାରେ······" | ୮୨ |
| ୯୮ । ମୋର କାବ୍ୟ ଲେଖା | ୮୩ |
| ୯୯ । 'କୋଣାର୍କେ'ର ମୁଖଶାଳା | ୮୪ |
| ୧୦୦ । ଉତ୍ତରର ଦୁର୍ଭିକ୍ଷ | ୮୫ |
| ୧୦୧ । ସୃଜନ | ୮୬ |
| ୧୦୨ । ଅସହଯୋଗ ଆନ୍ଦୋଳନ | ୮୭ |
| ୧୦୩ । ସ୍ୱରାଜ ଉସ୍ପା ଅଲବତ୍ ହୋଗା | ୮୮ |
| ୧୦୪ । ସମ୍ବଲପୁର ଜାତୀୟ ସ୍କୁଲ | ୮୮ |
| ୧୦୫ । ସେବା | ୮୯ |
| ୧୦୬ । ଲିପି ସଂସ୍କାର | ୯୦ |
| ୧୦୭ । ଶ୍ରୀ ବେନୁଗୋପାଳ ଆଚାରୀ | ୯୧ |
| ୧୦୮ । ଷ୍ଟ୍ରିକ ମିଥ୍ୟା | ୯୨ |
| ୧୦୯ । ଗୋ ମାହାତ୍ମ୍ୟ | ୯୩ |
| ୧୧୦ । ଗାନ୍ଧିଙ୍କ ଉତ୍କଳ ଭ୍ରମଣ (୧୯୨୩) | ୯୩ |
| ୧୧୧ । ଉତ୍କଳମଣି ଉପାଧି | ୯୫ |
| ୧୧୨ । ହିନ୍ଦୁ ମହାସଭା | ୯୬ |
| ୧୧୩ । ସ୍ୱତନ୍ତ୍ର ଓଡ଼ିଶା-ପ୍ରସ୍ତାବ (୧୯୨୭) | ୯୭ |
| ୧୧୪ । ଗୋପବନ୍ଧୁବାବୁଙ୍କ ଅନ୍ତିମଜୀବନ ( ୧୯୨୭-୨୮ ) | ୯୭ |
| ୧୧୫ । ଜେଲ ଜୀବନ (୧୯୨୩, ୧୯୩୨-୩୩) | ୯୮ |
| ୧୧୬ । ଓଡ଼ିଶା ରାଜନୀତିରେ ମୋର ଭାଗ (ପ୍ରଥମ ପର୍ଯ୍ୟାୟ) | ୧୦୧ |
| ୧୧୭ । ପୁରୀ କଂଗ୍ରେସ | ୧୦୩ |
| ୧୧୮ । ଇନ୍‌ଡେପେଣ୍ଡେଣ୍ଟ୍ ପାର୍ଟି (୧୯୩୨) | ୧୦୫ |
| ୧୧୯ । କୁଳବୃଦ୍ଧ ମଧୁବାବୁଙ୍କ ମୃତ୍ୟୁ | ୧୦୬ |
| ୧୨୦ । ସତ୍ୟବାଦୀ ପ୍ରେସ | ୧୦୭ |

| ବିଷୟ | ପୃଷ୍ଠା |
|---|---|
| ୧୨୧ । ନବ ଭାରତ ( ୧୯୩୩ ) | ୧୦୯ |
| ୧୨୨ । ମୋର ସାହିତ୍ୟ ସାଧନା (୧୯୩୯-୪୦) | ୧୧୧ |
| ୧୨୩ । ମୋର ରାଜନୈତିକ ଜୀବନ ( ଦ୍ୱିତୀୟ ପର୍ଯ୍ୟାୟ ) | ୧୧୧ |
| ୧୨୪ । ମନ୍ତ୍ରି ମଣ୍ଡଳ | ୧୧୩ |
| ୧୨୫ । ପ୍ରଥମ ନିର୍ବାଚନ (୧୯୩୭) | ୧୧୪ |
| ୧୨୬ । ଉତ୍କଳ ବିଶ୍ୱବିଦ୍ୟାଳୟ | ୧୧୫ |
| ୧୨୭ । ସୁଭାଷ ବୋଷ | ୧୧୬ |
| ୧୨୮ । କେତେକ ସହକର୍ମୀ | ୧୧୭ |
| ୧୨୯ । ଗୋପବନ୍ଧୁଙ୍କ ପରେ କଂଗ୍ରେସ | ୧୧୮ |
| ୧୩୦ । ସେବକ ରାଜେନ୍ଦ୍ର ବାବୁ | ୧୧୮ |
| ୧୩୧ । ଶ୍ରୀମତୀ ରାଧାମଣି ଦେବୀ | ୧୧୯ |
| ୧୩୨ । ଓଡ଼ିଶାବିଧାନ ସଭା ଓ ତହିଁରେ ମୋ ସ୍ଥାନ | ୧୨୦ |
| ୧୩୩ । ବର୍ତ୍ତମାନ ଉପାଧି ଲାଭ | ୧୨୧ |

**ପରିଶିଷ୍ଟ**

| | |
|---|---|
| ୧ । ବିଶୁଆ ନୀଳକଣ୍ଠ ଦାସ | ୧୨୩ |
| ୨ । ୧୯୨୧ ରେ ସମ୍ବଲପୁରରେ ନଅମାସ | ୧୨୬ |
| ୩ । ମନସ୍ୱୀ ରାମଚନ୍ଦ୍ର | ୧୩୧ |
| ୪ । ସ୍ୱର୍ଗତ ପ୍ରତ୍ନତତ୍ତ୍ୱିକ ଅନନ୍ତ ମିଶ୍ର | ୧୩୩ |
| ୫ । ସ୍ୱର୍ଗତ କୃପାସିନ୍ଧୁ ମିଶ୍ର | ୧୩୬ |
| ୬ । ଗୋଦାବରୀଶ ସ୍ମରଣେ | ୧୪୦ |
| ୭ । ସ୍ୱର୍ଗତ ପଣ୍ଡିତ ଲିଙ୍ଗରାଜ ମିଶ୍ର | ୧୪୧ |
| ୮ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ | ୧୫୩ |
| ୯ । ଟିକିଏ ବ୍ରଜସୁନ୍ଦର ସ୍ମୃତି | ୧୫୮ |
| ୧୦ । ଅଧ୍ୟକ୍ଷ ବି. ଭି. ଗୁପ୍ତଙ୍କ ସ୍ମୃତି (୧) | ୧୬୧ |
| ଅଧ୍ୟକ୍ଷ ବି. ଭି. ଗୁପ୍ତଙ୍କ ସ୍ମୃତି (୨) | ୧୬୪ |
| ଅଧ୍ୟକ୍ଷ ବି. ଭି. ଗୁପ୍ତଙ୍କ ସ୍ମୃତି (୩) | ୧୬୫ |
| ଅଧ୍ୟକ୍ଷ ବି. ଭି. ଗୁପ୍ତଙ୍କ ସ୍ମୃତି (୪) | ୧୬୬ |

# ଆତ୍ମଜୀବନୀ

## ନିଜକଥା

ମତେ ନିଜ ଜୀବନକଥା କହିବାକୁ ଅନୁରୋଧ କରାଯାଉଛି । କିନ୍ତୁ ଧାରାବାହିକଭାବେ ସେ କଥା କହି ପାରିବା ଭଳି ମୋ ପାଖରେ କିଛି ସାମଗ୍ରୀ ନାଇ । ଯେତିକି କଥା ମନେ ପଡ଼ିବ ତା'ଭିତରୁ କିଛି କହିବି । କିନ୍ତୁ ଦୁଃଖର କଥା ଘଟଣାଗୁଡ଼ିକ ସେତେ ମୋର ମନେ ରହେ ନାଇ । ଭୁଲିଯିବା ମୋର କେବଳ ସ୍ୱଭାବ ନୁହେଁ—ବରଂ ତା' ମୋର ଗୋଟିଏ ସାଧନା । ଘଟଣା ଭୁଲି ନଗଲେ ସ୍ମୃତିରେ ପରିସ୍ଥିତି ବେଳେ ବେଳେ ଅସହ୍ୟ ହୁଏ । ଏ କଥା ଜାଣି ମୁଁ ଭୁଲିବାକୁ ଚେଷ୍ଟା କରେ । ସେଥିରେ ମୁଁ କୃତକାର୍ଯ୍ୟ ହୋଇଛି; ଲାଭ ବି ପାଇଛି । ବେଳେବେଳେ ଅନ୍ୟମାନେ ବିଗତ ଘଟଣାସବୁ ମୋର ମନେ ପକାଇ ଦିଅନ୍ତି । ମୁଁ ବିସ୍ମିତ ହୁଏ । ବେଳେବେଳେ ବି ବୁଝିପାରେ ସେପରି ଭୁଲି ଯାଇଥିବାରୁ ମୋର କିଛି ହୋଇନାଇ—ବରଂ ମଙ୍ଗଳ ହୋଇଛି । ବୋଧହୁଏ, ଏଇକଥା ବୁଝିପାରି ଆମର ପୂର୍ବ ପୁରୁଷମାନେ ସ୍ମୃତିରକ୍ଷାର ବିରୋଧୀ ଥିଲେ । ଇତିହାସର ସ୍ମାରକ ଓ ଚିରନ୍ତନ ବିକାଶକୁ ସେମାନେ ପସନ୍ଦ କରୁଥିଲେ । ଏ ଦେଶରେ କେତେ କୀର୍ତ୍ତି ଅଛି । କାହିଁରେ କାହାର ସ୍ମୃତିଫଳକ ନାଇ । କିନ୍ତୁ ସଭ୍ୟତା ଓ ସାହିତ୍ୟ ବିକାଶରେ ସମସ୍ତେ ସାହାଯ୍ୟ କରିଛନ୍ତି । ସଭ୍ୟତାର ଏଇପରି ବିକାଶ । ଭାରତର ସ୍ମୃତି—ଏହା ଭାରତୀୟ ।

ତଥାପି ଯାହା ଯେତେବେଳେ ମନେ ପଡ଼ୁଛି କହିବି । ଭଲ ମନ୍ଦର ବିଚାର ନ କରି କହିବି । ଶୃଙ୍ଖଳିତ ଭାବରେ କିଛି କହିପାରିବି ନାଇ । ତଥାପି ଚେଷ୍ଟା କରିବି ।

## ୨. ମୋର ଜନ୍ମକଥା

ପୁତ୍ରକାମୀ ହୋଇ ପୁଅ ପାଇବା ଭାରତର ଗୋଟିଏ ବିଶେଷ ସାଧନା । ମୋର ପିତାଙ୍କର ଜନ୍ମ ୧୮୩୯ ଖ୍ରୀ:ଅ: ରେ । ମାତାଙ୍କର ଜନ୍ମ ୧୮୪୮ । ମୋର ଜନ୍ମ ୧୮୮୭ ଅଗଷ୍ଟ ୫ ତାରିଖ (ଭାଦ୍ରବ ଶୁକ୍ଳଚତୁର୍ଦ୍ଦଶୀ ଜନ୍ମାପୂର୍ଣ୍ଣିମା ପୂର୍ବ ଦିନ) । ମୋର ଜନ୍ମ ହେଉଛି ଅଷ୍ଟମ ଗର୍ଭ । ଏକପ୍ରକାର ପିତାମାତାଙ୍କର ପରିଣତ

ବୟସରେ । ମୁଁ ତାଂକର ଏକମାତ୍ର ପୁତ୍ର । ସେମାନେ ପୁଅ ପାଇବା ପାଇଁ କଠିଣ ସାଧନା ଓ ଦେବୋପାସନା କରିଥିଲେ । ସେ ଦେବତାଂକର ନାମ ନୀଳକଂଠ । ସେଥିପାଇଁ ମୋର ନାମ ନୀଳକଂଠ ରଖିଥିଲେ । ନନା ମୋର ପିଲାଦିନୁ କାଳ । ପିତାଂକର ଏକାଂତ ଇଚ୍ଛା ମୁଁ କପରି ଭଲ ମନୁଷ୍ୟ ହେବି । ପାଠପଢ଼ି ପଂଡିତ ହେବି । ଆମ ଘର ପୂର୍ବରୁ ଥିଲା ବଡ଼ ପଂଡିତ ଘର । ମୁକୁଂଦ ଦାସେ ବୋଲି ପୂର୍ବେ ବଂଶରେ ଜଣେ ବଡ଼ ରକମର ପୌରାଣିକ ପଂଡିତ ଥିଲେ । ନନା ପିଲାଦିନୁ ପିତୃହୀନ । ସେ କହଂତି ୧୧କ କଡ଼ାଗଂଡା-ପର୍ଯ୍ୟଂତ ସେ ପାଠ ପଢ଼ିଥିଲେ । ସେତିକବେଳେ ବାପାଂ (ପିତାମହ) କ କରଜରେ ଜମିବାଡ଼ି ସବୁ ନିଲାମ ହୋଇ ଯାଇଥିଲା । ପିତାମହ ଥିଲେ ପ୍ରଥମ ଇଂରେଜ ଅମଳରେ ତହସିଲଦାର । ସେତେବେଳେ ରାଜ-କର୍ମଚାରୀମାନେ ବୁଲି ବୁଲି ମଫସଲରେ ଲୋକ ବାଛି ତହସିଲଦାର କରିଦେଇ ଆସୁଥିଲେ । ମରହଟ୍ଟା ଅମଳରେ ଲୋକେ ନିୟମିତ ସମୟରେ ଖଜଣା ଦେବା କଥା ଜାଣି ନଥିଲେ । ସେଥିପାଇଁ ଆମ ବାପା (ପିତାମହ) ଆଗରୁ କରଜ କରି ଖଜଣାଟଂକା ଦାଖଲ କରି ଦେଉଥିଲେ; ପରେ ଆଦାୟ କରି କରଜ ଭରଣାକୁ ମହାଜନଙ୍କୁ ଦେଉଥିଲେ । ହଠାତ୍ ୧୮୯୮ ରେ ୨୮ ବର୍ଷ ବୟସରେ ହଇଜାରେ ତାଂକର କାଳ ହୋଇଗଲା । ସେ ବର୍ଷରେ କରଜ ସୁଝା ହୋଇ ନଥିଲା । ନନା, କକେଇ ଦୁହେଁ ଅତି ପିଲା ହୋଇ-ଥିଲେ । ମା(ଜେଜେମା) ସେତେବେଳକୁ ପିଲା ବୋହୂ । ଦୁଇ ତିନିବର୍ଷ ଭିତରେ ସବୁ ସଂପତ୍ତି ନିଲାମ ହୋଇଗଲା । ନିଃସ୍ୱ ପରିବାରକୁ ମା' କପରି ସଂଭାଳି-ଥିଲେ ତା' କେବଳ ଅନୁମାନ କରାଯାଇ ପାରେ । ୧୯୦୭ ପର୍ଯ୍ୟଂତ ମା ବଂଚିଥିଲେ । ସେତେବେଳକୁ ଅବସ୍ଥା ସେତେ ଖରାପ ନ ଥାଏ । ତଥାପି ଅଭ୍ୟାସ ହେଉରୁ ରାତିଦିନ ମା' ସବୁବେଳେ ସୂତା କାଟୁଥିବାର ମୁଁ ଦେଖିଛି । ସେତିକ ବୁଢ଼େଁ ଆମ ମା ବସିବର ପେଜ ଖାଆଂତି । ଅଂତତଃ ସକାଳୁ ଥରେ ଖାଆଂତି । ଯେତେ ମନାକଲେ ଶୁଣଂତି ନାଇ । ବୋଧହୁଏ, ଅଭ୍ୟାସ ଛାଡ଼ି ପାରି ନ ଥିଲେ ।

ନନା ପାରିଗଲାରୁ ଧମାଘରେ ବିଭା ହେଲେ । ସେତେବେଳ ହିସାବରେ ଜାତି ବାଦକଲେ । ସେଥିପାଇଁ ଜ୍ଞାତି ଭାଇମାନେ ବଡ଼ ଘୃଣା କରୁଥିଲେ ଓ ନନାଂକ ସଂଗେ ବନ୍ଧୁଦିନ ଖାଇବା ପିଇବା ଆଦି ସାମାଜିକ ସଂପର୍କ ବଂଦ କରି ଦେଇଥିଲେ । ତଥାପି ବଂଶ ସ୍ମୃତିରେ ଜାଗ୍ରତ ରହି ନନା ଅତି ଦାରିଦ୍ର୍ୟର ପ୍ରତିକାର କରିବାପାଇଁ ସବୁବେଳେ ବ୍ୟସ୍ତ ଥାଂତି । ସେତେବେଳେ ଆମ ଶାସନମାନଂକରେ ବ୍ରାହ୍ମଣେ ନିଜେ ଚାଷ କାର୍ଯ୍ୟ କରୁ ନଥିଲେ କିଂବା ସାକ୍ଷାତ ଭାବରେ କରାଉ ନଥିଲେ । ପୂର୍ବ ରାଜାମାନେ ଶାସନ ବସାଇଲାବେଳେ ଭୂମିଦାନ ଦେଇ ସେହି ଭୂମିଚାଷ କରି ବ୍ରାହ୍ମଣମାନଂକୁ ଭାଗ ଦେବାପାଇଁ ଗାଁ ମଧ୍ୟରେ ସ୍ଥାନେ ସ୍ଥାନେ ଚଷାଂକ ଗାଁମାନ ବସାଇ ଦେଇଥିଲେ । ଏଇପରି ପ୍ରତ୍ୟେକ ଦାନଭାଗ ଥିଲା ପ୍ରାୟ ୨୦ ଏକର । ପ୍ରାୟ ୧୭ ଏକର ଧାନ ଜମି ଓ ୩ ଏକର ବଗିଚା । ଏଇପରି ଆମ ଗାଁ ଶ୍ରୀରାମଚଂଦ୍ରପୁର ୧୦୮ ଭାଗରେ ଦାନ ଦିଆଯାଇଥିଲା । ପ୍ରତ୍ୟେକ ଲୋକଂକୁ ଘରଟୋଳ 'ବପୁଳ ଭାଗ' ଦିଆଯାଇଥିଲା । ସେଥିପାଇଁ ୧୨ ପଡ଼ା ବା ୧୨ଟି ଚଷାଗାଁ ରଖା ହୋଇଥିଲା ।

ମାତ୍ର ଆମ ନନା ନିଜେ ଲୋକବାକ ସଂଗ୍ରହ କରି ସାକ୍ଷାତଭାବରେ ଚାଷ ଆରଂଭ କଲେ । ପାଖରେ ନିଜର ଜମି ନଥିଲା—ଚାଷକୁ ଜମିବି ମିଳିବାର ନଥିଲା । ସେଥିପାଇଁ ସେ ପୁରୀପାଖ ସରହଦରେ ଖରାଦିନେ ଥରେ ଦାଳୁଅ ପକାଇବାକୁ ଯାଉଥିଲେ । ଦାଳୁଅ ଚାଷରେ ଆଗ ପାଣି ବୁହାଇ ଶୁଖାଇବାକୁ ହୁଏ । ସେଥିପାଇଁ ଦିନେ ଗାଁ ଦାଂଡରେ ଆଗେ ଆଗେ ମୂଲିଆଂକ ହାତରେ ଗୋଟିଏ କଂଚ ଧରାଇ ନନା

ବାଲୁଅ ପାଟକୁ ଯାଉଥାନ୍ତି, ଗ୍ରାମର ଜଣେ ସମ୍ମାନିତ ବୃଦ୍ଧ ଟିକିଏ ରହସ୍ୟ କରି ଡାକିକରି କହିଲେ, କି ହେ, ଏ କ'ଣ ମୁକୁନ୍ଦଦାସଙ୍କ ପୁରାଣପୋଥି ବାନ୍ଧାଗଲା ପରି ?" ନନା କହୁଥିଲେ, ସେ ଦିନ ସେ ଫେରେ ଫେରେ ସେଇଠାରୁ ଫେରି ଆସିଲେ । ରାତିରେ ବହୁତ କାନ୍ଦିଲେ । ନିଜେ ପାଠ ପଢ଼ିବାକୁ ଆଉ କାଳ ନଥିଲା । ମହାପ୍ରଭୁଙ୍କୁ ଡାକି କହିଲେ, "ମହାପ୍ରଭୁ ମୋତେ ଏପରି ଗୋଟିଏ ପୁଅ ଦିଅ ଯେ କି ପାଠପଢ଼ି ବଂଶର ମର୍ଯ୍ୟାଦା ରଖିବ ।" ସେଇଦିନଠାରୁ ଥରକୁଥର ଝିଅ ଜନ୍ମ ହେଲେ ମଧ୍ୟ ସେ ପୁତ୍ରକାମୀ ହୋଇ ବରାବର ଦେବତାଙ୍କୁ ଭଜୁଥାନ୍ତି ।

ମୋତେ ସେତେବେଳେ ମାତ୍ର ପାଂଚବର୍ଷ ପୂରିଯାଇଚି । ସେ କାଳର ରୀତି ଅନୁସାରେ ନନା ପ୍ରତିଦିନ ସନ୍ଧ୍ୟାପୂର୍ବରୁ ଟିକିଏ ଭାଂଗ ଘୋଟି ପିଉଥିଲେ । ଦିନେ ମୁଁ ଯାଇ ପାଖରେ ବସି କହିଲି, "ନନା ମୁଁ ପିଇବି ।" ସେ ଆପେ ପିଇସାରି ଖାଲି କୁଂଡଟା ଧୋଇ ମୋତେ ଟିକିଏ ପିଇବାକୁ ଦେଲେ । ରାଗ ରାଗ ଲାଗିଲା, ମୁଁ ପିଇଦେଇ ଭାରି ଖୁସିହେଲି । ତହିଁଆରଦିନ ଠିକ୍ ବେଳକୁ ପୁଣି ଯାଇ ବସିଲି । କହିଲି, "ନନା ମୁଁ ଖାଇବି ।" ଆଜି ମଧ୍ୟ ମୋର ସେ ଶବ୍ଦ ମନେପଡୁଚି । ନନା ଟିକିଏ ଚିଂତିତ ହୋଇ ବସିଗଲେ । ତଲସାହିଲା ଦାରୁ ବୋଉକୁ ଡାକିଲେ । ବୋଉ ଆସିଲାରୁ କୁଂଡି ବାଡ଼ି ଗଂଜେଇ ମସଲାଥିବା ବଟୁଆ ସବୁ ତାକୁ ଦେଇ କହିଲେ, "ତୁ ପୋଖରୀରେ ଫିଙ୍ଗିଦେ, ନଇଲେ ଯାହା କର, ମୁଁ ଆଉ ଭାଂଗ ଖାଇଲେ ପୁଅ ପାଇବି ନାହିଁ । ଏ ଭାଂଗଡ଼ି ହୋଇଯିବ" । ଏ ପ୍ରାୟ ନନାଙ୍କ ପଚିଶ ବରଷ ବେଳର କଥା । ସେ ଅଶୀନବେ ବରଷରେ ୧୯୨୮ରେ ମଲେ; ମାତ୍ର ସେଇଦିନଠାରୁ ସେ ଭାଂଗ ଆଉ କେବେ ସ୍ପର୍ଶ କରି ନାହାଂନ୍ତି ।

ତାଂକ ଉତ୍ତର ବୟସର ଆଉ ଗୋଟିଏ କଥା ମଧ୍ୟ ଏଠାରେ କହେଁ । ବାଅସ୍ତରୀ ବର୍ଷରେ ତାଂକର ଦାରୁଣ କଫକାଶ ଓ ଜ୍ୱର ହେଲା । ମୁଁ କଲିକତାରେ M. A. ପଢୁଥାଏ । ମୋ ପାଖକୁ ଖବରଗଲା । ମୁଁ ଚ୍ୟବନପ୍ରାସ, ମକରଧ୍ୱଜ ପ୍ରଭୃତି ଔଷଧ ନେଇ ଆସି ଘରେ ପହଂଚିଲି । ଦେଖିଲି ନନାଂକ ଅବସ୍ଥା ଅତି ଖରାପ; ଜ୍ୱର ବରାବର ଅଛି । ସେ କାଶି କାଶି ରାତିରେ ଆଦୌ ଶୋଇ ପାରୁ ନାହାଂନ୍ତି । ମୋ ମନେହେଲା ସେ ନିଶ୍ଚୟ ମରିଯିବେ । ମୁଁ ଔଷଧ ସବୁ ଆଣି ତାଂକ ଆଗେ ଅନୁପାନ ଓ ଔଷଧ ଖାଇବାର ବ୍ୟବସ୍ଥା କରି ବସିଲି । ସେତିକିବେଳେ ସେ ବହୁ କଷ୍ଟରେ କହିଲେ, "ସେ ସବୁ ଔଷଧ କଥା ଥାଉ । ଗୋଟିଏ କଥା ଶୁଣୁ, ତତେ କହିବି ବୋଲି ରହିଁ ବସିଥିଲି ।" ଏହା କହି ଗୋଟିଏ ଶୁଖିଲା ପତ୍ରରେ ମୋଡ଼ା ହୋଇ ରହିଥିବା ଅଫିମ ଟିକିଏ କାଢ଼ି ମୋ ଆଗେ ଥୋଇଲେ । କହିଲେ, "ଆର୍ତ୍ତ (ପଂଡିତ ଆର୍ତ୍ତତ୍ରାଣ ଦାସ—ତାଂକର ଜଣେ ବୟସ୍କ ପୁତୁରା ) କଂଠ ମିଶ୍ରେ ( ଆମ ପଡ଼ିଶା ଘର—ତାଂକର ଜଣେ ଯୌବନର ସାଂଗ—ସେ ଥିଲେ ନିଜେ ଅଫିମା ) ଦିହେଁ ମତେ ବହୁତ ବଳାଇଲେ । କହିଲେ ଅଫିମ ଖାଅ । କାଶ ବଂଦ ହୋଇଯିବ, ନିଦ ଲାଗିବ । ସୁରି ପଇସାର ଅଫିମ ଆଣି ଦେଲେ । ସେଦିନ ରାତିରେ ଟିକିଏ ଖାଇ ନିଶାଥିବାତକ କାଶ ଟିକିଏ ବଂଦ ହେଲା । ନିଦ ଲାଗିଲା । ନିଶା ଛାଡ଼ିଗଲାରୁ ପୁଣି ସେଇଁ କଥାକୁ ସେଇ କଥା । ବରଂ ରାତି ବରାବର ଖାଇଲେ ହୁଏ ତ ଟିକିଏ ଉପଶମ ଲାଗିବ । ପୁଣି ବରଂ ଅଫିମ ପୁଞ୍ଜ ପାରିଗଲାଣି । ମୋତେ ୭୨ ବର୍ଷ ହେଲାଣି । ମନୁଷ୍ୟ ଆଉ କେତେକାଳ ବା ବଂଚେ । ମଲାବେଳକୁ ଝିଅଗୁଡ଼ାକୁ ଖାଇ କଳଂକ ରଖିଯିବି । ତୋ ପାଇଁ ପ୍ରାଣ ରଖିଚି । ତୁ ଏଥିକୁ ନେଇ ଆଗ ଫିଙ୍ଗି ଦେ । ତା'ପରେ ଔଷଧ କଥା ବୁଝିବୁ ।" ମୋର ସେତେ-ବେଳେ ମନରେ ଯାହା ହେଲା କହିବା ଦରକାର ନାହିଁ । ମୁଁ ଆଗ ଅଫିମ ନେଇ ଫିଂଗିଦେଲି, ତା'ପରେ ଔଷଧ ବ୍ୟବସ୍ଥା କଲି । ସେଥିରେ ତାଂକର ଆରୋଗ୍ୟ ହୋଇଗଲା ।

## ୩. ମୋ ପିଲାଦିନର କେତୋଟି ଘଟଣା

ସେକାଳେ ପିଲାଦିନେ ମରିଯିବାଟା ଥିଲା ପ୍ରାୟ ସାଧାରଣ କଥା । ଚିକିତ୍ସାର ବିଶେଷ ବ୍ୟବସ୍ଥା ନଥିଲା । ପିଲାଏ ପ୍ରାୟ କୃମି ରୋଗରେ ବେଶି ମରୁଥିଲେ । ଗାଁକୁ ଗାଁ ବଇଦଥାଂନ୍ତି; କିଂତୁ ସମସ୍ତେ ବଇଦ ଡାକଂନ୍ତି ନାଇ । ଜାଣିବା ବଇଦ ବି ଏମେ ସବୁ ଆସୁଥିଲେ; କିଂତୁ ଆମ ଘରକୁ ନନା ତାଂକୁ ବରାବର ଡାକଂନ୍ତି । ସେ କି ପାଠ ଜାଣୁଥିଲେ । ରୋଗ ଭଲ କରୁଥିଲେ । ତାଂଙ୍କ ନାଁ ଭଗୀ କରେ । ଶିଶୁ ରୋଗୀମାନଂକ ପ୍ରତି ତାଂକ ପରି ଆଦର କରିବା ମୁଁ ଅଳ୍ପ ଦେଖିଛି । ସେ ଅନୁପାନର ବ୍ୟବସ୍ଥା ଦିଅଂନ୍ତି । ବଟିକା ଦିଅଂନ୍ତି । ମୋ ବୋଉ ଭାରି ସାବଧାନ । ସବୁବେଳେ ବୁଝେ ବିହିତ କରି ଅନୁପାନ ଦେଲେ ରୋଗ ଛାଡ଼ି-ପଳାଇବ । ଏଠାରେ ଛ'ମାଣ ଆଠଗୁଂଠରୁ ରାମଚଂଦ୍ର ମଂଗରାଜଂକ ଶେଷ ଚିକିତ୍ସାରେ ଫକୀରମୋହନ ଲେଖିଥିବା କଥାଟି ଏବେ ମୋ ମନେ ପଡ଼ିଯାଉଛି । "ଅନୁପାନ ବିଶେଷେଣ କରୋତି ବିବିଧାନ୍ ଗୁଣାନ୍" ରାମଚଂଦ୍ର ମଂଗରାଜଂକ ବଇଦ ମୁହଁରେ କହି ଏହାର ଅର୍ଥ କରାଇଚଂନ୍ତି, ଅନୁପାନ ବିଶେଷ କରିଦେଲେ ବିଧା ମାଇଲାପରି ଗୁଣ ହୁଏ । ମୋ ମନେହୁଏ ମୋର ବୋଉଭଳି ଲୋକଂକର ମତ କହି ଫକୀରମୋହନ ଜାଣି ଏପରି ଅର୍ଥ କରିଥିଲେ । ଥରେ ମନେ ଅଛି ମୋର ଭାରି କଫ ହୋଇଥାଏ । ଭଗୀ କରେ ବଟିକାଟିଏ ଦେଇ ଅନୁପାନର ବ୍ୟବସ୍ଥା କଲେ, "ଅସରପା ସିଝାଇ ସେଇ ପାଣିରୁ ଟିକିକରେ ଏ ବଟିକାଟି ଦେବ ।" ଅବଶ୍ୟ ଏଇ ଅସରପାରୁ ଏବେ ବାହାରିଛି **Blata Orientalis** । ବିଶେଷତଃ ହୋମିଓପାଥିରେ ଏହା କଫ ଓ ଗୋଟିଏ ପ୍ରକାର ଶ୍ୱାସର ଅବ୍ୟର୍ଥ ଔଷଧ ବୋଲି ଶୁଣାଯାଏ । ଏଲୋପାଥିରେ ହୁଏତ ସେଇଆ ହୋଇଥିବ । ତେଣୁ ଭଗୀ କରଂକ ଏ ବ୍ୟବସ୍ଥାଟାର ଅର୍ଥ ମୁଁ ଏବେ ବୁଝିପାରୁଛି; କିଂତୁ ବୋଉ ଯାହା କଲା ସେ ବଡ଼ ବିଚିତ୍ର । ମୁଁ ତ ଛୋଟ ତିନ ଚାରିବର୍ଷର, ପିଲାଟିଏ ବୋଉ ପାଖେପାଖେ ଥାଏ । ସବୁ ଦେଖିଛି । ବୋଉ ଭଗୀ କରଂକ କଥା ଶୁଣି ଚାଲିଗଲା ହାଣ୍ଡିଶାଳ 'ରେଙ୍ଗଡ଼ା' ପାଖକୁ । ଶହ ଶହ କାହିଁକି, ହଜାର ହଜାର ଅସରପାଂକ ସେନା ସେଠାରେ ସଜାଡ଼ି ହୋଇ ଥାଆଂନ୍ତି ବୋଲି କହିଲେ ଚଳେ । ସେହିଠାରୁ ଉଧାଉ (ସଦା) ପର୍ଯ୍ୟଂନ୍ତ ସେହି ସେନାଙ୍କ ସଜ୍ଜିତ ଶ୍ରେଣୀ ଭିତରେ ବୋଉ ଛୁଡ଼ା ହୋଇଗଲା—'ରେଂଗଡ଼ା'ରୁ ଆଉ ଘରକୁ ହାଣ୍ଡି କାଢ଼ିଦେଇ । ଗୋଟାଏ ଛୁଂଚୁଣିରେ ଥରକେ ପ୍ରାୟ ଦଶଗଣ୍ଡା ହେବ ଅନାୟାସରେ ହତ୍ୟା କଲା । ତାକୁ ଗୋଟାଏ ବାଉଁଶିଆରେ ଆଣି ଅଟିକାରେ ବସାଇ ସିଝାଇ ଦେଲା । ତା' ଉପରୁ ଗୋଟିଏ ବଡ଼ ଥାଳିଆରେ ତାକୁ କାଢ଼ି ଚକଟିକରି ଛାଣିଦେଲା । ଚକଟିକରି ଛାଣିବା ପୂର୍ବରୁ ବହୁ ଚେଷ୍ଟାକରି ବିହିତ କଅଁଳେଇ ସଅଁଳେଇ ମୋତେ ପଢ଼ଣାଘରେ ଛାଡ଼ି ଦେଇ ଅଇଲା । ତା'ପରେ ସେଇ ପାଣିରୁ ପ୍ରାୟ ଅଧଗିନାଏହେବ ବାହାରି କରି ବଟିକାକୁ ଘୋରି ସେଥିରେ ପକାଇ ମହୁ ପିପ୍ପଳି ପରାସ କରି ଦେଲା । ତା'ପରେ ମୋତେ ଆଣି ପିଇବାକୁ ଦେଲା । ମୁଁ ନାଇ କରିବାରୁ ସେ ବୋଧହୁଏ ବିଶ୍ୱାସ ଜନ୍ମାଇ ଦେଇଥିଲା ଏ ପାଣି ସେ ଅସରପାପାଣି ନୁହେଁ । ପରେ ମୁଁ ବୁଝିପାରିଲି ସେଇ ଅସରପା ପାଣିରେ ମୋତେ ଔଷଧ ଦିଆ ହୋଇଥିଲା । ଏଇପରି କେତେ-ଦିନ ଚାଲିଥିବ ମୋ ମନେ ନାଇ । ଆଉ ଥରେ ସେଇ ଭଗୀ କରଂକ କଥାରେ ଜିଆନାଡ଼ି ସିଝାଇ ବୋଉ ମୋତେ ସେଇପରି ଔଷଧ ଦେବାର ମୋର ମନେଅଛି । ସେଥର ବୋଧହୁଏ କି କୃମୀ ରୋଗ । କୌଣସି ମତେ ରୋଗ ଭଲ ନ ହେବାର ଦେଖି ଭଗୀ କରେ ଆସି ନନାଂକୁ କହିଲେ, "ଗଗନବାବୁ ଏଣିକି ପୁରୀରୁ ଡାକ୍ତର ହୋଇ ଆସିଚଂନ୍ତି । ଦୋକାନ କରିଚଂନ୍ତି (ପରେ ଜାଣିଲି ସେ ସେକାଳେ କଟକ ଡାକ୍ତରୀ ସ୍କୁଲରୁ ପଢ଼ିକରି ଯାଇଥିଲେ—ପାଶ କରିଥିଲେ କି ନାଇ

କହି ପାରୁନାହିଁ ) । ସେ ପୁଡ଼ାକୁ ୫୦ । ଲେଖାଏଁ ନେଇ କ'ଣ ଗୋଟାଏ ଡାକ୍ତରୀ ଧଳାଚୂନା ଦେଉଚନ୍ତି । ସେଥିରେ ସବୁ ଜାଉଁଚୀ (Roundworms) ପଡ଼ିଯାଉଚି । ନନା ଏହା ଶୁଣି କୁଆଡୁ ୫ଂକାଟାଏ ସଂଗ୍ରହ କରି ଦୌଡ଼ିଲେ ପୁରୀ । ସେତେବେଳକୁ ମୋତେ ଛଅବର୍ଷ ଚାଲିଥାଏ । ମନେଅଛି, ସେଇଦିନ ସନ୍ଧ୍ୟାବେଳକୁ ନନା ଚୂରିପାନ ଔଷଧ ନେଇ ଫେରି ଆସିଲେ । ତହିଁ ଆରଦିନ ସକାଳୁ ପାନେ ଖାଇଦେବା ପରେ ପେଟରୁ ପ୍ରାୟ କୋଡ଼ିଏଟା ଜାଉଁଚୀ ପଡ଼ିଗଲେ । ମୋର ଜର ଛାଡ଼ିଗଲା । ମୁଁ ଭଲ ହୋଇଗଲି । ବହୁପରେ ଜାଣିଲି ସେ ନୂଆ ଔଷଧଟି ହେଉଚି କାଲୋମେଲ (Chalomel) ମିଶା ସାଂଟୋନାଇନ (Santonine) ।

## ୪. କିରୋସିନ

ପିଲାଦିନ କଥା କହୁଥିଲି । ଆମେ ସବୁ ଚାଟଶାଳିରେ ରାତି ପଢ଼ା କରୁଥିଲୁ । ୩।୪ ଜଣ ଏକାଠି ବସି ପଢ଼ୁ । ସମସ୍ତଙ୍କେ ତେଲ ପାଇଁ ପଇସାଟିଏ ଲେଖାଏଁ ଦେଉ । ଶୁଣାଗଲା, କିରୋସିନ ବୋଲି ଗୋଟାଏ ଜିନିଷ କଣ ଆସିଚି । ସେ ଭାରି ଦୁର୍ଗନ୍ଧ ହେଲେ କ'ଣ ହେବ, ବଡ଼ ଶସ୍ତା । ପଇସାକର କିଣିଲେ ସାତ ଦିନ ଚଳିଯିବ । ନାହାକେ ( ଅବଧାନେ ) କହିଲେ ଆମେ କିରୋସିନ ଆଣିବା ।

ଆମର ତ କିଛି ବାଣିଆଙ୍କ ଘର ନାହିଁ । (ବୃନ୍ଦାବନ ବାଣିଆଙ୍କ ଘରେ ଏବେ ବି ଡିବିରେ କିରୋସିନ ଜଳେନାହିଁ, ଲଣ୍ଠନ ସେତେବେଳେ ଦେଖାନଥିଲା) । ମନେଅଛି ଦିନେ ନାହାକେ ଗୋଟିଏ କଳାବୋତଲରେ କିରୋସିନ ଆଣି ଥୋଇଦେଲେ । ସେ ବୋତଲର ଠିପି ହୋଇଥାଏ ଗୋଟିଏ ପତ୍ର କାହାଳ । ନାହାକେ ନଥିଲାବେଳେ ଆମେ ଯାଇ ପତ୍ର କାହାଳ କାଢ଼ି ସମସ୍ତେ କିରୋସିନ ଶୁଂଘିଲୁ । କିଏ ଶୁଂଘିଦେଇ ପାଟି ତଳି ଟଳାଇଲା । ନାହାକୁ ବାଂଶମାଡ଼ିଲା । ମୋର କିନ୍ତୁ କିଛି ହୋଇ ନଥିଲା ।

## ୫. ଚାଟଶାଳି

ଚାଟଶାଳିରେ ପଢ଼ିବା ଏବେ ଆଉ ନାହିଁ । କିନ୍ତୁ ସେ ଗୋଟିଏ ସ୍ୱତନ୍ତ୍ର ପଢ଼ିବା ଓ ପଢ଼ାଇବା ଶୈଳୀ । ବଡ଼ଦକାଳୁ ରାତି ନ ପାହୁଣୁ ପିଲାଏ ଉଠି ସଙ୍ଗେ ସଂଗେ ଯାଇ ଚାଟଶାଳିରେ ପହଂଚିବେ । ବାଦ ଲାଗିଥାଏ, କିଏ ଶୂନ ହେବ ଆଉ କିଏ ଆଗରୁ ପହଂଚିବ । ଚାଟଶାଳି ସକାଳଓଳି ଛୁଟି ହେବାବେଳକୁ ସମସ୍ତେ ଛିଡ଼ା ହୁଅନ୍ତି, ଆଗ ପଛ ଆସିବା ଅନୁସାରେ ଧାଡ଼ିକରି, ନାହାକେ ଯେ ସର୍ବ ଆଗ ଆସିଥାଏ, ତା'ହାତେ ବେତକୁ ଟିକିଏ ଗେଂଜିଲା ପରି ଛୁଆଁଇ ଦିଅନ୍ତି । ସେ ହେଲା ଶୂନ । ତା'ପରେ ଏକକୁ ବାଡ଼ିଏ, ଦୁଇକୁ ଦି'ବାଡ଼ି ଏଇ କ୍ରମରେ କ୍ରମେ ସଂଖ୍ୟା ଯେପରି ବଢ଼ୁଥାଏ, ବାଡ଼େଇବାର ଗାଢ଼ତା ମଧ୍ୟ ସେଇପରି ବଢ଼ି ଚାଲିଥାଏ । ପିଲାଏ ଦୁଇହାତର ପାପୁଲି ଯୋଡ଼ିକରି ଦେଖାଇଥାଂତି । କ୍ରମେ ଶେଷଆଡ଼କୁ ପିଲାକଂର ଅବସ୍ଥା କହିଲେ ନ'ସରେ । ଉପର୍ଯ୍ୟକ୍ତ ପିଲାଏ ଖାଇପିଇ ସାରି ପୁଣି ଆସଂତି, ସନ୍ଧ୍ୟାକୁ ପୁଣି ସେଇପରି ଶୂନ ଏକ ଦିଆହୁଏ । ଏଇ ଚିଟ୍ଟା ଭଗସ୍ଥାନର ନିୟମ ଓ ସେଥିରେ ସମୟାନୁବର୍ତ୍ତିତା ଜଣାଯାଏ ।

ସକାଳ ଓଳିଯାକ ପିଲାଏ ଖଡ଼ିଧରି ପଢ଼ଂତି—ଅ, ଆ ପ୍ରଭୃତି ଅକ୍ଷର ଆବୃତ୍ତି କରିବାଠାରୁ ପନ୍ଦରଅଙ୍କ ହିସାବଣ ଓ ଚଉଦଅଙ୍କ ହରଣ ଗୁଣନ ଓ ଶୋଧି ଓଡ଼ାଂକ ପର୍ଯ୍ୟଂତ । ସମସ୍ତେ ମୂଳରୁ ଥରେ ଆବୃତ୍ତି କରି ଯାଅଂତି । ଆବୃତ୍ତି କଲାବେଳେ ଲେଟୁଥାଂତି ଓ ପାଟି କରୁଥାଂତି ।

ମନେଅଛି, ସକାଳୁ ନାହାକେ, ପିଲାଏ ପାଠ ଆବୃତ୍ତି ଆରଂଭ କରିବାପରେ ନିଜର ନିତ୍ୟକର୍ମ କରିବା-ପାଇଁ ବଡ଼ ପୋଖରୀ ଆଡ଼କୁ ଚାଲିଯାଆନ୍ତି । ପିଲାଏ ଆପଣା ଭିତରେ ବିଚାର କରି ବଡ଼ଚାଟଂକୁ ନାହାକେ ଆସିବା ବାଟକୁ ଚାହିଁ ରହିବାପାଇଁ ଜଗାଇ ଦେଇ ନିଶ୍ଚିଂତରେ ଖେଳକୌତୁକ ଲଗାଇ ଦିଅଂନ୍ତି । ବଡ଼ଚାଟ ନାହାକେ ଆସୁଚଂନ୍ତି ବୋଲି ଜଣାଇଦେଲେ ସମସ୍ତେ ନିଜନିଜ ଖଂଦା ବା ଖଡ଼ିଗାରରେ ଚିହ୍ନିତ ନିଜନିଜ ପଢ଼ା ସ୍ଥାନରେ ଯାଇ ପାଠ ଆବୃତ୍ତି କରି ବସଂନ୍ତି । ନାହାକଂକର କଂଚୁ କାମ ହେଉଛି, ସେ ଆସି ପହଂଚିଗଲାମାତ୍ରେ,କରେ କ'ଣ ପାଟି ଶୁଭୁନାହିଁକି, ବୋଲି ଆଗ କଞ୍ଚି ବାଛ ବିଚାର ନ କରି ସମସ୍ତଂକ ପିଠିରେ କସିକରି ବାଡ଼ିଏ ଲେଖାଏଁ ପିଟି ଦେଇ ଯାଆଂନ୍ତି । ପିଲାମାନେ ଉଚ୍ଚ କାଂଦବୋଳ ସଂଗେ ନିଜର ଆବୃତ୍ତିକୁ ମିଶାଇ ଯେ କାଂଡ କରଂନ୍ତି, ତାହା ବର୍ଣ୍ଣନାରେ କହି ହେବନାଇ, ଖାଲି ବଡ଼ଚାଟେ ସେ ବାଡ଼ିକ ପାଆଂନ୍ତି ନାଇ । ବଡ଼ଚାଟ ହେଉଛି ସେଇ ଜଣକ ଯାହାର ପଢ଼ା ସବୁଠାରୁ ବେଶି, ଆଉ ଯେ ନାହାକେ ଅନୁପସ୍ଥିତ— ଥିଲାବେଳେ, ବା ଅନୁପସ୍ଥିତ ଥିଲା ଦିନ, କାମ ଚଳାଇ ନିଏ—ପିଲାଂକୁ ନୂଆପାଠ 'ସଂଥି' ଦିଏ ଓ ପିଲାଂକ-ଠାରୁ ପୁରୁଣାପାଠ ଆଦାୟ କରେ । ଚାହାଳିର ସାଧାରଣ ନିୟମ ହେଉଛି, କୌଣସି ନୂଆ ବିଷୟ ଆରଂଭ ହେଲାବେଳେ ଅର୍ଥାତ ଅକ୍ଷର ପରିଚୟ, ସତର ଫଳା, ବନା, ପଣକିଆ, କଡ଼ାଗଣ୍ଡା, ପାହି ପଣକିଆ, ଗୁଂଠ ବିଶ୍ୱା, ଫେଡ଼ାମିଶା, ହରିଗୁଣ, ଶୋଧ, ଓଡ଼ାଂକ ପ୍ରଭୃତି ଆରଂଭ ହେଲାବେଳେ ନାହାକେ ନିଜେ ପିଲାକୁ ଯେତେବେଳେ 'ସଂଥି' ଦିଅଂନ୍ତି, ସେତେବେଳେ ପିଲାଟି ନିଜଘରୁ ଗୁଡ଼ଲ ସଂଗେ ଦୁବ, ବରକୋଳିପତ୍ର, ହଳଦୀଗୁଂଡା ପ୍ରଭୃତି ପୂଜା ସାମଗ୍ରୀ ଘେନି କରି ଆସେ । ନାହାକେ ସରସ୍ୱତୀଂକୁ ପୂଜା କରଂନ୍ତି ଓ ଗୁଡ଼ଲତକ ରଖଂନ୍ତି । ଥିଲାବାଲାଘର ପିଲା ହେଲେ ଗୁଡ଼ଲ ସଂଗେ ପଇସା ଗୋଟାଏ ଦିଇଟା କେବେ କେବେ ଥାଏ । ଆଉ ସବୁକୋଲ ଆଗରୁ ପଢ଼ିଥିବା ପିଲାଏ ନୂଆପାଠ ଦେବା କାମ ଚଳାଇ ନିଅଂନ୍ତି । ଏଇପରି ଚାହାଳିରେ ନାହାକେ ଜଣେ ହେଲେ ମଧ୍ୟ ତଳକୁ ତଳ ପିଲାମାନେ ନିଜେ ଶିକ୍ଷକ ଓ ଛାତ୍ରର କାମ କରୁଥାଂନ୍ତି । ପିଲାଏ ବଡ଼ କମ ଲୁଗା ପିଂଧୁଥିଲେ । ପ୍ରାୟ ସମସ୍ତେ 'କୌପୁନି' (କୌପିନ) ମାରିଥାଂନ୍ତି । ଅବଶ୍ୟ ଏହା ପିଠିରେ ସୁବିଧାରେ ବେତମାଡ଼ ବାଜିବା ପାଇଁ ନା ଲୁଗାର ଅଭାବ ହେତୁରୁ, ତା' ମୁଁ ଏବେ କହି ପାରୁ ନାଇ । ଆମ ନାହାକେ ଦରମା ପାଉଥିଲେ ପିଲା ଗୋଟିକେ ମାସକୁ ଚାରିଅଣା । ତା' ଛଡ଼ା ପିଲାମାନଂକ ଘରେ ସେ ପାଳି କରି ଖାଉଥିଲେ । ଆମର ବ୍ରାହ୍ମଣ ଗାଁ ଓ ନାହାକେ କରଣ ଥିବାରୁ ସେ ସମସ୍ତଂକ ଘରେ ଭାତ ଖାଉଥିଲେ ଓ ନିଜର ବାସନ ମଧ୍ୟ ମାଜୁଥିଲେ । ତାଂକପାଇଁ ଆମ ଘରେ ଅଲଗା ବାସନ ଥାଏ ଓ ପିଲାର କାମ ହେଉଛି, ସେ ନାହାକଂକୁ ତେଲ ଦବାଠୁଁ ଗାଧୋଇବାଠାରୁ ନାହାକେ ଖାଇସାରି ଯିବା ପର୍ଯ୍ୟଂନ୍ତ ବରାବର ଭକ୍ତ ପରି ଛିଡ଼ା ହୋଇଥିବ ଓ ତାଂକର ସବୁ ବୋଲ ଶୁଣିବ । ଏଇ ଚାଲିମି ଖଣ୍ଡରେ ମୋତେ ଛଅବର୍ଷ ପୂରିବାଠାରୁ ବ ୭।୮ ମାସ ହେବାଯାଏ ଥିଲି । ଅନ୍ୟ ପିଲାଏ ଖୁବ୍ ବେଶି ସମୟ ଏଇ ଚାଲିମିରେ ରହୁଥିଲେ । ମୋ ମନେ ଅଛି ମୁଁ ହାଇସ୍କୁଲର ତୃତୀୟ ଶ୍ରେଣୀ ( ଏବର ନବମ ଶ୍ରେଣୀ ) ରେ ପଢ଼ୁଥିବାବେଳେ ମୋର ମଧ୍ୟ ଜଣେ ଚାହାଳି ସହପାଠୀ ସେହି ଚାହାଳିରେ ପଢ଼ା ଶେଷ କରି ନଥିଲେ । ସେ ସେତେବେଳକୁ ତାଳପତ୍ରରେ ଲେଖାଥିବା ଧରଣୀଧରଂକ ଅଂକପୁସ୍ତକ ଶେଷ କରି ଲୀଳାବତୀ ଧରିଥିଲେ; ଖୁବ୍ ଚଂଚଳ ସୁଂଦର ତାଳପତ୍ର ଅକ୍ଷର ଲେଖି ପାରୁଥିଲେ । ମୁଁ ତାଳପତ୍ର ଲେଖା ଚାହାଳିରେ ଆରଂଭ କରିଥିଲି ମାତ୍ର । ସେଇ କଂଧୁଟି ବାହାଦୁରୀ କରି ମୋତେ ଆସି କେତେ ଅଂକ ପଚାରୁ-ଥିଲେ ଓ କିପରି ତାଳପତ୍ର ଲେଖାର ମାହାତ୍ମ୍ୟ ମୋ

ଆଗରେ ଗାନ କରିଥିଲେ; କହୁଥିଲେ, କାଗଜ ପାଣି ଲାଗିଲେ ଗଲା । ତାଳପତ୍ର ଚିରସ୍ଥାୟୀ । ତାଳପତ୍ରରେ ସରସ୍ୱତୀ ରହନ୍ତି । ଖଣ୍ଡେ ଖାଲି ତାଳପତ୍ର ଓଜନ କର । ସେଥିରେ ଲେଖନରେ ଅକ୍ଷର ଲେଖି ସାରି ଓଜନ କର, ଦେଖିବ ଓଜନ ବଢ଼ି ଯାଇଛି । ଲେଖାରେ ପତ୍ର ଖୋଳାହେଲା, ଓଜନ ବଢ଼ିଲା କପରି ? ଓଜନ ବଢ଼ିବାର କାରଣ ହେଉଛି, ସେଥିରେ ସରସ୍ୱତୀ ବସିଗଲେ । ମୁଁ ଅବଶ୍ୟ ନିଜେ ଏହା ପରୀକ୍ଷା କରିନାହିଁ । ହୁଏ ତ ସରସ୍ୱତୀଙ୍କୁ ତାଳପତ୍ରରେ ବସାଇ ବଶାତକଡ଼ରେ ଥୋଇବା ମୋ ପରି ଭକ୍ତ ପସନ୍ଦ କରି ନଥିଲା । ସେଇପରି ତାଙ୍କ ପଚାରିବା ଅଙ୍କକୁ ମୁଁ ଯେତେବେଳେ ଭଗ୍ନାଂଶ ଲଗାଇ କଷିଥିଲି, ସେତେବେଳେ ସେ ଆଦୌ ବୁଝି ନ ପାରିବାରୁ ତାକୁ ପସନ୍ଦ ମଧ୍ୟ କରି ନଥିଲେ । କହୁଥିଲେ କଡ଼ା, ଗଣ୍ଡା, ଦାତ୍ର, ବରାଡ଼ ଏ ସବୁ ଥାଉ ଥାଉ ଗୋଟାଏ ଅଙ୍କ ମୁଣ୍ଡ ଉପରେ ଆଉ ଗୋଟିଏ ଅଙ୍କ ଲେଖିବ କିଆଁ । ସରସ୍ୱତୀଙ୍କର ଏ ଅପମାନ ମଧ୍ୟ ତାଙ୍କୁ ସୁଖ ଲାଗୁ ନଥିଲା ।

## ୭. ମଧ୍ୟ-ଓଡ଼ିଆ ସ୍କୁଲ

ସେ କଥା ଯାହାହେଉ ମୁଁ ଗୁହାଳରେ ତାଲିମ ହେବା ପରେ ଗ୍ରାମର ମଧ୍ୟ ଓଡ଼ିଆ ସ୍କୁଲରେ ଭର୍ତ୍ତି ହେଲି—ଅବଶ୍ୟ ଗୁହାଳରେ ସେ କାଳର 'ଖ' ପରୀକ୍ଷା, 'କ' ପରୀକ୍ଷା ଓ ଦ୍ୱିତୀୟ ପରୀକ୍ଷା (ଏବର ନିମ୍ନ ପ୍ରାଇମେରି ପରୀକ୍ଷା ) ରେ ପାଶ କରିଥିଲି । ସେତେବେଳେ ଅବଧାନମାନେ ପିଲା ପାଶ କଲେ ପୁରସ୍କାର ପାଉଥିଲେ । ମନେ ହେଉଛି, ଆମ ଅବଧାନେ ମୋ ପାଇଁ ମୁଁ 'ଖ' ପରୀକ୍ଷା ପାଶ କଲାବେଳେ ଟ୨୯, 'କ' ପରୀକ୍ଷା ପାଶ କଲାବେଳେ ଟ୩୯ ଓ ଦ୍ୱିତୀୟ ବା ନିମ୍ନ ପ୍ରାଇମେରି ପରୀକ୍ଷା ପାଶ କଲାବେଳେ ଟ୫୯ ସରକାରରୁ ପାଇଥିଲେ । ସରକାର ତରଫରୁ ସେଇ ସେ କାଳେ ପ୍ରାଇମେରି ସ୍କୁଲ ବସାଉ ନଥିଲେ; ତାଙ୍କୁ ଦ୍ୱିତୀୟ ପରୀକ୍ଷାରେ ମାସକୁ ଟ୨୯ ଲେଖାଏଁ ଜୁନିୟର ପର୍ଯ୍ୟନ୍ତ ସରକାରୀ ବୃତ୍ତି ମିଳୁଥିଲା । ମୁଁ ସେ ବୃତ୍ତି ପାଇ ନଥିଲି । ଉପଯୋଗିତା ପାଇଁ ବୃତ୍ତି [illegible] ସେତେବେଳେ ଗୋଟିଏ ଜିଲ୍ଲାକୁ କେତୋଟି ଅନୁନ୍ନତ ବୃତ୍ତି ମଧ୍ୟ ମିଳୁଥିଲା । ବ୍ରାହ୍ମଣ କରଣ ପ୍ରଭୃତିଙ୍କୁ ପ୍ରାୟ ତାହା ମିଳୁ ନ ଥିଲା । ମନେହେଉଛି ଏହାକୁ ହରିଜନ-ସେବାର ମଞ୍ଚ ଇଂରେଜମାନେ [illegible] ପୋତିଥିଲେ । ଆଉରି ଗୋଟିଏ କଥା ମନେ ଅଛି । ଜଣଙ୍କ ପୁଅ ଅନୁନ୍ନତ ବୃତ୍ତି ପାଇବାର ଡେପୁଟି ଇନ୍‌ସ୍ପେକ୍ଟର ( Deputy Inspector ) ଙ୍କ ଅଫିସରୁ ଶୁଣାଗଲା । ଡେପୁଟି ଇନ୍‌ସ୍ପେକ୍ଟର ଆମ ଗାଁକୁ ମଧ୍ୟ ଓଡ଼ିଆ ସ୍କୁଲ ଦେଖିବାକୁ ଆସିଥିଲେ । ପିଲାର ବାପଟି ଆସି ଦେଖା କରି ଅତି ନମ୍ରତା ଭାବରେ ବାବୁଙ୍କୁ ଜଣାଇଲା, "ବାବୁ, ମୋ ପୁଅ ବୃତ୍ତି ଟଙ୍କା ମୋ ଘରପାଖେ ଦବ !" କାର୍ତ୍ତିକ ନା ତା' ଘର ଆମ ଗାଁ ଠାରୁ ପ୍ରାୟ ଦୁଇକୋଶ ଦୂରରେ । ସେ ଶୁଣିଥିଲା ପୁଅ ଆମ ଗାଁ ମଧ୍ୟ-ଓଡ଼ିଆ ସ୍କୁଲକୁ ଆସିଲେ ବୃତ୍ତି ପାଇବ ।

ତା'ପରେ ଗ୍ରାମର ମଧ୍ୟ-ଓଡ଼ିଆ ସ୍କୁଲରେ ମୋର ଶିକ୍ଷା ଚାଲିଲା । ଏଇ ମଧ୍ୟ-ଓଡ଼ିଆ ସ୍କୁଲର ଗୋଟିଏ ସ୍ମରଣୀୟ ଇତିହାସ ଅଛି । ଆମ ଜ୍ଞାତି କଟକର [illegible] ପୁରୀର ବିଖ୍ୟାତ ପଣ୍ଡିତ ହରିହର ଦାସ । ସେ ନବ୍ୟ-ନ୍ୟାୟ ଓ ଦର୍ଶନାଦିରେ ବିଚକ୍ଷଣ ପଣ୍ଡିତ ଥିଲେ । ମାତୃଭାଷା ପରି ସଂସ୍କୃତ ଓ ହିନ୍ଦୀ କହି ପାରୁଥିଲେ, ସେକାଳେ ଆମ ଆଡ଼େ ନୈଷ୍ଠିକମାନେ ଜାତିପିବା ଭୟରେ କାଗଜ ଛୁଇଁଲେ ଗାଧଉଥିଲେ । ସେଇ ସମାଜରେ ଜନ୍ମି ବଢ଼ି ମଧ୍ୟ ହରିହରଙ୍କର ମନସ୍ୱିତା ଓ ଦୂରଦର୍ଶିତା ବଡ଼ ବିସ୍ମୟକର ଥିଲା । ସେ ସେକାଳର ଜିଲ୍ଲା କଲେକ୍ଟର କମିସ ପ୍ରଭୃତି ସାହେବମାନଙ୍କୁ

ଓଡ଼ିଆ ଓ ସଂସ୍କୃତ ପଢ଼ାଇ ତାଂକଠାରୁ ଇଂରେଜୀ ଓ ଗ୍ରୀକ୍ ପଢୁଥିଲେ । ସେ କାଳେ ସଂସ୍କୃତକୁ ସେମିତି ଆର୍ଯ୍ୟଭାଷା, ବିଜ୍ଞାନ, ଇଉରୋପୀୟ ପଂଡ଼ିତମାନଂକ ଭିତରେ ଖୁବ୍ ଚର୍ଚ୍ଚା ହେଉଥିଲା; କିଂତୁ ହରିହରଂକର ବିଶେଷତ୍ୱ ଥିଲା ସମାଜର ସଂସ୍କାର ଓ ସମାଜରେ ଶିକ୍ଷାର ପ୍ରଚାର । ଏବେ ପୁରୀର ଯେଉଁ ସଂସ୍କୃତ କଲେଜ ଓଡ଼ିଶା ସଂସ୍କୃତ ଆସୋସିଏସନର ମୂଳଭିତ୍ତି, ସେଇଟି ସେ ପ୍ରତିଷ୍ଠା କରିଥିଲେ ଓ ତାକୁ ଗୋଟିଏ ସର୍ବ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟ କରିବାର କଳ୍ପନା ମଧ୍ୟ କରିଥିଲେ । ମାତ୍ରକ ୩୧ ବର୍ଷ ୬ ମାସରେ ତାଂକର ପରଲୋକ ହୋଇଥିଲା । କିଂତୁ ଏ ମଧ୍ୟରେ ସେ କଲେକ୍ଟର ଓ ସେକାଳ ବଂଗଦେଶ ଶିକ୍ଷା ବିଭାଗ ଇନସ୍ପେକ୍ଟର ହିମ୍ଲ ସାହେବଂକୁ ଧରି ଗ୍ରାମମାନଂକରେ ମଧ୍ୟ-ଓଡ଼ିଆ ସ୍କୁଲମାନ ବସାଇଥିଲେ । ସେ ମଧ୍ୟରେ ଆମଗ୍ରାମର ସ୍କୁଲ ହେଉଛି ପ୍ରଥମ । କାରଣ, ଆମଗାଁ ତାଙ୍କ ନିଜଗାଁ । ଲୋକଂକ କୁସଂସ୍କାର ଛଡ଼ାଇବାରେ ସେ ଯାହା କରିଥିଲେ, ତାହା ଏବେ ଶୁଣିଲେ କାହାଣୀ ପରି ଲାଗେ । ସେତେବେଳେ ପୁଣି ଶିକ୍ଷକଂକୁ ତାଲିମ କରିବାର ବା ଶିକ୍ଷକ ବାଛିବାର କୌଣସି ଉପାୟ ନଥିଲା । ମଫସଲରେ ସେ କାଳେ ବହୁତ ସଂସ୍କୃତ ପଂଡିତ ଥିଲେ । ଏଇ ପଂଡିତମାନଂକ ଭିତରୁ ବାଛି ସେ ମଧ୍ୟ-ଓଡ଼ିଆ ସ୍କୁଲମାନଂକରେ ଶିକ୍ଷକ ରଖୁଥିଲେ । ମୁଁ ଭର୍ତ୍ତି ହେଲାବେଳକୁ ସେଇ ହରିହର ଦାସ ରଖାଇଥିବା ବୃଦ୍ଧ ପଂଡିତ ଲୋକନାଥ ଦାସ ଆମ ଗାଁ ମଧ୍ୟ-ଓଡ଼ିଆ ସ୍କୁଲର ଶିକ୍ଷକ ଥିଲେ । ସେ ସେତେବେଳକୁ ବୁଢ଼ା ହୋଇ ଯାଇଥିଲେ । ତାଂକର ଗୋଟିଏ ବୋଲି ଦାଂତ ନଥିଲା । ସେ କାଳ ପଂଡିତମାନଂକ ପରି ସେ ଖାଲି ନାଶ ଶୁଂଘୁଥିଲେ । ସେ ଖାଇପିଇ ଚୌକିରେ ବସି ଆଗରେ ଟେବୁଲ ଉପରେ ଗୋଡ଼ରଖି ଆଗ ଘଂଟାଏ ଦୁଇ ଘଂଟା ଶୋଇ ପଡ଼ଂତି । ଏ ମଧ୍ୟରେ କୌଣସି ଛାତ୍ରର ଦରକାର ହେଲେ ସେ ତାଂକୁ ଉଠାଏ । ତା' ନହେଲେ ପ୍ରାୟ ଦୁଇଟା ବେଳକୁ ସେ ନିଜେ ଉଠଂତି । ଅଂକ, ଜ୍ୟାମିତି ବା କ୍ଷେତ୍ରତତ୍ତ୍ୱ ସେ କେବେ ପଢ଼ି ନଥିଲେ । କିଂତୁ ମୋତେ ସେ ଅଂକ ଓ କ୍ଷେତ୍ରତତ୍ତ୍ୱର ପ୍ରତିଜ୍ଞାସବୁ ବୁଝାଇ ଦେବାର ଏବେ ମୋ ମନେ ଅଛି । ସେ ଯେପରି ସୁଂଦର ସରଳ ଓ ହୃଦୟଗ୍ରାହୀ କରି ତା'ସବୁ ବୁଝାଉଥିଲେ ତା' ଏବେ ମନେ ପଡ଼ିଲେ ବିସ୍ମୟ ଲାଗେ । ବିଶେଷରେ ତାଂକର ସୁଂଦର ହାତଲେଖା ଅକ୍ଷର ଓ ବୃତ୍ତ ରେଖାସବୁ ଏବେ ମଧ୍ୟ ମୋ ମନେ ପଡ଼ିଯାଉଛି । ସେ ଏବେ ମଧ୍ୟ ତା' ମୋ ସିଲେଟରେ ଲେଖି ଦେଲାପରି ଲାଗୁଛି । ମନେଅଛି, ମୁଁ ଥିଲି ସହପାଠୀଂକ ଭିତରେ ସର୍ବସାନ । ବଡ଼ମାନେ ମୋତେ ବେଳେ ବେଳେ 'ଏକୁଟିଆ' କରଂତି । ପଚାରିଲେ ପାଠ କହି ଦିଅଂନ୍ତି ନାହିଁ । ମୋ ପାଖରେ ସବୁ ବହି ନ'ଥାଏ । ସେମାନଂକ ପାଖରେ ବହି ଥିଲେ ସେମାନେ ଦିଅଂନ୍ତିନାହିଁ । ମୁଁ ଯାଇ ତାଂକୁ ନିଦରୁ ଉଠାଇ ତାଂକ ପାଖେ କାଂନ୍ଦି କାଂନ୍ଦି ଆପତ୍ତି କଲି । ସେ ଉଠି ମୋତେ ଟିକିଏ ଚାହିଁଲେ, ତା'ପରେ ବଡ଼ମାନଂକ ଆଡ଼କୁ ଚାହିଁ କହିଲେ, "ଆରେ ଆଜି ତମେ ତାକୁ ଏକୁଟିଆ କରୁଛ, ପାଣିପଣା ପ୍ରାଂତରେ ବୁଝିବ । ତମେ ସବୁ ତା ଗାମୁଛା ବୋହିଲେ ତମଦିନ ସରିବ ନାହିଁ ।" କାହିଁକି କ'ଣ ଦେଖି କ'ଣ ବୁଝି ସେ ଏପରି କହିଥିଲେ ତା' ମୁଁ କହିପାରିବି ନାହିଁ । କିଂତୁ ଗ୍ରାମରେ ଲୋକେ ସେ ଏଇପରି କେତେ ଆଉ ଆଉ କଥା କହିବାର ମନେ ରଖିଚଂତି, ସେ ସବୁ ଭବିଷ୍ୟତ ବାଣୀ ପରି ସେ ସବୁ କଥାର ଫଳ ଫଳିଛି । ଜଗତର ଅନୁଭବକୁ ଏପରି ଶିକ୍ଷା ପାଇବା ଓ ସେଥିରେ ବିଚକ୍ଷଣ ହେବା ସେକାଳେ ଅନ୍ୟ ଲୋକଂକର ହୁଏତ ଥିଲା । ହୁଏତ ବଂଧାଗତ ଶିକ୍ଷାରେ ଏସବୁ ବିଚକ୍ଷଣତା ଆସେ ନାହିଁ ।

## ୭. କାକୁଡ଼ିଚୋରୀ

ଆଜିର ମଧ୍ୟ ମନେଅଛି, ଛାତ୍ରମାନଙ୍କପ୍ରତି ତାଙ୍କର ବ୍ୟବହାର ଓ ଅନ୍ତରିକ ହୃଦ୍ୟତା । ଦିନକର ଗୋଟିଏ ଘଟଣା କହୁଚି । ଆମ ସ୍କୁଲପାଖେ ଗୋଟିଏ ବୁଢ଼ୀ ବ୍ରାହ୍ମଣୀର ଉପର ସାହାଲ ଘରଟି ମେଲା ଉଢ଼ ଥାଏ । ସେହି ମେଲା ଉଢ଼ରେ ବୁଢ଼ୀଟି ବହୁତ ଯତ୍ନକରି ଜହ୍ନି, କାକୁଡ଼ି ଲଗାଇଥାଏ । ବହୁତ କଷି କାକୁଡ଼ି ଫଳିଥାଏ । ବୁଢ଼ୀଟି ଖାଲି କଳିକଜିଆ । ପିଲାଏ ପଣ୍ଡିତେ ଶୋଇଥିଲା ବେଳେ ଯାଇ ସେ ବାଡ଼ିରୁ କାକୁଡ଼ି ତୋଳିଲେ । ବୁଢ଼ୀ ଖାଲି ଗାଳି ଦେଲା । ଆସି ପଣ୍ଡିତଙ୍କୁ ଉଠାଇ ତାଙ୍କଆଗେ ଗୁହାରି କଲା । ପିଲାମାନେ ଟିକିଏ ଡରିଯାଇ କାକୁଡ଼ିଯାକ ଲୁଚାଇ ଦେଇଥିଲେ । ପଣ୍ଡିତେ ସବୁ କଥା ଶୁଣି ବୁଢ଼ୀକୁ ଅଧିକ ଗାଳିଦେଇ କହିଲେ "ତୋ'ରତ ପିଲା ନାହାନ୍ତି । ପିଲାଙ୍କର ମନ ହେଲା କାକୁଡ଼ି ଦି'ଟା ତୋଳି କରି ଖାଇଲେ, ଏଇଥି ପାଇଁ ତାଙ୍କୁ ଗାଳିଦେଉଛୁ ।" ତା'ପରେ ପିଲାଙ୍କୁ ଚାହିଁ କହିଲେ, "କାହିଁରେ ପିଲେ କାକୁଡ଼ି କାହିଁ ? ଆଣି ଖାଇବା ।" ଅବଶ୍ୟ କାକୁଡ଼ି ଖାଇବାକୁ ତାଙ୍କର ଦାନ୍ତ ନ ଥିଲା । ପିଲାଏ କାକୁଡ଼ିଯାକ ଆଣି ଥୋଇଲେ । ପଣ୍ଡିତେ କହିଲେ,ଯାରେ ଯାକୁ କାଟିକରି ଲୁଣମେଡ଼ିଇ ଖାଇବ ।" ବୁଢ଼ୀକୁ କହିଲେ,"ଆଲୋ ପନିଆଣି, ଲୁଣ ଆଣ ।" ଏତେ କଳିକଜିଆ ହେଲାଇ ମଧ୍ୟ ବୁଢ଼ୀ କିଛି ନ କହି ଘରକୁ ଯାଇ ଲୁଣ ଓ ପନିକି ନେଇ ଆସିଲା । ଜଣେ କାଟିକରି ପିଲାଙ୍କୁ କାକୁଡ଼ି ଦେଲା । କାକୁଡ଼ିଖିଆ ସରିଲା ପରେ ପଢ଼ାପଢ଼ି ଆରମ୍ଭ ହେଲା । ଏ କି' ବ୍ୟକ୍ତିତ୍ୱ କି ହୃଦୟବତ୍ତା ତା' କିଏ କହିବ ?

## ୮. ପଣ୍ଡିତଙ୍କ ନାସଦାନ

ଆଉଦିନେ ପଣ୍ଡିତେ ଶୋଇଥିଲାବେଳେ ପିଲାଏ ତାଙ୍କ ଦାନିରୁ ନାସ ନେଇକରି ଶୁଙ୍ଘିଲେ । ପଣ୍ଡିତଙ୍କର ହଠାତ ନିଦ ଭାଙ୍ଗିଗଲା । ପଣ୍ଡିତେ ଜାଣିପାରି ହଠାତ୍ କହିଲେ, ନିଅ ନିଅ, ନାସ ଶୁଙ୍ଘିବ, ନାକ ସଫା ହୋଇଯିବ । ସେଦିନ ଯେତେ ପିଲାଥିଲେ ସମସ୍ତଙ୍କୁ ପଣ୍ଡିତେ ନାସ ଦେଲେ । କିନ୍ତୁ ଆଶ୍ଚର୍ଯ୍ୟ କଥା, ପିଲାଏ ତା'ପରେ ଆଉ ତାଙ୍କ ଦାନିରେ ହାତ ଦେଇ ନାହାନ୍ତି କି ନାସ ଶୁଙ୍ଘି ନାହାନ୍ତି ।

## ୯. ସ୍କୁଲ ଓ ସରକାରୀ ସାହାଯ୍ୟ

ସେକାଳେ ଗ୍ରାମର ମଧ୍ୟଓଡ଼ିଆ ସ୍କୁଲଗୁଡ଼ିକ ଥାଏ ନାମକୁ ସରକାରଙ୍କ ସାହାଯ୍ୟପ୍ରାପ୍ତ ସ୍କୁଲ । ଶିକ୍ଷକ ଥାନ୍ତି ଦି'ଜଣ । ସରକାରରୁ ମିଳେ ମାସକୁ ପନ୍ଦରଟଙ୍କା । ଗ୍ରାମକମିଟିର ସେକ୍ରେଟେରୀ ଆଉ ପନ୍ଦରଟଙ୍କା ଦେବେବୋଲି ଧରାଯାଇଥାଏ । ସେଥିରେ ପ୍ରଥମ ଶିକ୍ଷକ ( ହେଡ଼ ପଣ୍ଡିତ ) ପାଇବେ ମାସକୁ ପନ୍ଦରଟଙ୍କା ସେକେଣ୍ଡ ପଣ୍ଡିତ ପାଇବେ ଦଶଟଙ୍କା; ବାକି ପାଞ୍ଚ ଟଙ୍କା ଭିତରୁ ଗୋଟିଏ ଦପ୍ତରୀ ରହିବ ଓ ସ୍କୁଲର କାଗଜ, କାଳି, କଲମ ପ୍ରଭୃତି କଣାହେବ । କିନ୍ତୁ ଯଥାର୍ଥରେ ପନ୍ଦର ଟଙ୍କା ମିଳେ । ତାକୁ ଦୁଇଶିକ୍ଷକ ଦଶ ଓ ପାଞ୍ଚଟଙ୍କା କରି ବାଣ୍ଟି ନିଅନ୍ତି । ଗାଁରେ ଆଉ କେହି ଚାନ୍ଦା ଦିଅନ୍ତି ନାହିଁ କି ଦପ୍ତରୀ ନ ଥାଏ ।

## ୧୦. ପୁରୀରେ ମୋର ପାଠପଢ଼ା

ଏ ମଧ୍ୟରେ ସେ ପଣ୍ଡିତେ ଗଲେ । ଅନ୍ୟ ନର୍ମାଲ ଟ୍ରେନିଂ (Normal Training) ପାଶ କରିବା ପଣ୍ଡିତ ଆସିଗଲେ । ମୋତେ ଦଶବର୍ଷ ପୂରିଲା ବେଳକୁ ମୁଁ ଯାଇ ପ୍ରଥମ ଶ୍ରେଣୀ (ଏବର ମାଇନର କ୍ଲାସ— କେବଳ ଇଂରେଜୀ ଛଡ଼ା) ରେ ପହଞ୍ଚିଲି । ପଣ୍ଡିତେ ବୃତ୍ତି ପାଇବା ଭଳି ଫଳ ଦେଖାଇବା ପାଇଁ ଭଲ ପଢ଼ୁଥିବା ପିଲାଙ୍କ ଭିତରୁ ବାଛି ବାଛି ଗୋଟିଏ ଗୋଟିଏ

ପଠାଉଥାଆନ୍ତି । ବୃତ୍ତି ନ ପାଇଲେ ପୁରୀରେ ରଖାଇ ପଢ଼ାଇବା ପାଇଁ ଆମ ନନାଙ୍କର ବି ଅବସ୍ଥା ନଥାଏ । ମୁଁ କିପରି ବୃତ୍ତି ପାଇବି ସେ ମଧ୍ୟ ପଣ୍ଡିତଙ୍କ କଥାରେ ମତ ଦେଉଥାଆନ୍ତି । ମୁଁ କେତେ ଝିଅରେ ଗୋଟିଏ ପୁଅ । ବୋଉ ମଧ୍ୟ ପିଲାଟାକୁ ପାଖରୁ ଛାଡ଼ିବାକୁ ନାରାଜ । ଅତଏବ ବର୍ଷ ପରେ ବର୍ଷ ମୋତେ ନପଠାଇ ରଖାଗଲା । ମୁଁ ଚାରିବର୍ଷ ପରେ ପରୀକ୍ଷା ଦେଲି, ବୃତ୍ତି ପାଇଲି ।

ଅବଶ୍ୟ ବୃତ୍ତି ପାଇବି ବୋଲି ମୁଁ ଜାଣି ନଥିଲି । ଅନ୍ୟ କେହି ବା କିପରି ଜାଣିବେ । ମୁଁ ଦିନେ ଲୁଚିକରି ଚାଲି ଚାଲି ପୁରୀରେ ଯାଇ ପହଞ୍ଚିଲି । ପରୀକ୍ଷା ଦେବାକୁ ଗଲାବେଳେ ପୁରୀ ଜିଲ୍ଲାସ୍କୁଲ ଛାତ୍ରାବାସରେ ମୁଁ ସବୁ ଦେଖା ଦେଖି କରିଥିଲି । ସେଠା ଲୋକଙ୍କ ସଙ୍ଗେ ମୋର ପରିଚୟ ହୋଇଥିଲା । ସେତେବେଳେ ଏବର ସଂସ୍କୃତ କଲେଜଟି ସଂସ୍କୃତ ସ୍କୁଲ ଥିଲା । ସଂସ୍କୃତ ସ୍କୁଲର ଛାତ୍ରମାନେ ପୁରୀ ଜିଲ୍ଲାସ୍କୁଲ ବୋର୍ଡିଂରେ ମଧ୍ୟ ରହୁଥିଲେ । ସେଇ ଛାତ୍ରଙ୍କ ଭିତରେ ସେତେବେଳେ ଥିଲେ, ପରେ ମହା ମହୋପାଧ୍ୟାୟ ହୋଇଥିବା ପଣ୍ଡିତ ଜଗନ୍ନାଥ ମିଶ୍ର । ସେ ନବ୍ୟ ନ୍ୟାୟରେ ଉପାଧି ପାଇବାପାଇଁ ପଢ଼ୁଥାଆନ୍ତି । ସେ ଥିଲେ ମୋ କକେଇଙ୍କ ଜ୍ୱାଇଁ—ମୋର ଭଗ୍ନୀପତି । ମୁଁ ଚାଲି ଚାଲି ପୁରୀ ଯାଇ ସେଇ ବୋର୍ଡିଂରେ ପହଞ୍ଚିଲି । ଜଗନ୍ନାଥ ମିଶ୍ରଙ୍କଠାରୁ ପଇସାଟିଏ ଉଧାର କରି ଖଣ୍ଡିଏ ପୋଷ୍ଟକାର୍ଡ କିଣି ନନାଙ୍କୁ ଚିଠି ଲେଖିଦେଲି । ମୁଁ ବୃତ୍ତି ପାଏଁ ନପାଏଁ ମୁଁ ଏଠି ରହି ପଢ଼ିବି—ମୋତେ ଚାଉଳ ଓ ଟଙ୍କା ପଠାଅ ।

ନନାଙ୍କର ଚିନ୍ତା ପଡ଼ିଗଲା ଏତେ ଟଙ୍କା ଖର୍ଚ୍ଚ କରିବେ କୁଆଡ଼ୁ । ଏ ୧୮୯୯ ଖ୍ରୀ: ଅ: ର କଥା । ଖର୍ଚ୍ଚ ସେତେବେଳେ କ'ଣ ପଡ଼ୁଥିଲା, ସେ କଥା ଏଠି ଟିକିଏ କହେଁ । ଅବଶ୍ୟ ଆଗରୁ କହିଦିଏଁ । ପରେ ମୋ ବୃତ୍ତି ପାଇବାର ଖବର ମଧ୍ୟ ଉତ୍କଳ ଦୀପିକାରେ ବାହାରିଗଲା । ପାଶ କରିଥିବା ଲୋକଙ୍କ ଭିତରେ ସବା ଉପରେ ମୋ ନାମଟି ଛପା ହେବାର ଦେଖି ମୋ ମନରେ ସେଦିନ କି ଆନନ୍ଦ ହୋଇଥିଲା, ତା' ଆଜି କହିହେବ ନାଇ । ତା' ସଙ୍ଗେ ପୁଣି ଆନନ୍ଦ ମାସକୁ ଚାରିଟଙ୍କା ଲେଖାଏଁ ବୃତ୍ତି ପାଇବି । ଆଉ ଚିନ୍ତା ନାଇ । ତେବେ ଖର୍ଚ୍ଚର କଥା କହୁଥିଲି । ଆମ୍ଭେମାନେ ନିଜେ ପାକ କରି ମାସକୁ ମାସ ଜଣେ ଜଣେ ମେସ୍ କଥା ବୁଝୁଥିଲୁ । ପ୍ରାୟ ଗୋଟିଏ ପୂଝାରୀ ଥାଏ । ନହେଲେ କେବେ ହାତରେ ପାକକରି ରାନ୍ଧୁ । ଖର୍ଚ୍ଚ ପଡ଼େ ଚାଉଳ ସହିତ ମାସକୁ ଦେଢ଼ଟଙ୍କା । ଚାଉଳ ଥାଏ ଟଙ୍କାରେ କଟକ ୧୬ ସେର ଠାରୁ ୧୮ ସେର । ମାଛ ବଜାରରେ ବଡ଼ ବଡ଼ ବଗୁବାଳିଆ, ଚିଲିକା ବା ସମୁଦ୍ରର ଚିଙ୍ଗୁଡ଼ି ସାଧାରଣତଃ ପଇସାକୁ ଦଶଟା କି ପନ୍ଦରଟା । ଦଶଟାରେ ପ୍ରାୟ ଅଧ ସେରରୁ ବେଶି ହେବ । ବାଇଗଣ ଓଜନ ହୋଇ ବିକ୍ରି ହେଉ ନଥିଲା । ବଜାରରେ ସଡ଼କ ପାଖେ ବାଡ଼ିବାଲାମାନେ ଭାଗ ବସାଇଥାଆନ୍ତି । ପଇସାକୁ ଭାଗେ । ସେ ପ୍ରାୟ ଅଧସେର ହେବ । ଆମେ ଖାଉ ଖାଲି ଭାତ ଓ ଡାଲି । ଡାଲିରେ କେବେ କେବେ ବାଇଗଣ ପଡ଼ୁଥାଏ । ଯେଉଁ ଦିନ ମାଛ ଆସେ ସେଦିନ ଆଉ ଡାଲି କିମ୍ବା ବାଇଗଣ ଦରକାର ହୁଏ ନାଇ । ମନେ ଅଛି, ଥରେ ହିସାବରେ ମାସକୁ ଜଣକେ ଟଙ୍କାଏ ନ'ଅଣା ପଡ଼ିଯିବାରୁ ଆମ ଭିତରେ ଗୋଟିଏ ବଡ଼ ଆନ୍ଦୋଳନ ଉଠି ଯାଇଥିଲା ଓ ଆମ ସେ ମାସ ମେନେଜର ବଡ଼ ନିନ୍ଦିତ ଓ ଲଜ୍ଜିତ ହୋଇଥିଲେ ।

## ୧୧. ୧୮୯୯ର ସମାଜ

ଆଜି ଗୋଟିଏ କୌତୁକ କଥା କହେଁ । ସେତେବେଳେ ସମାଜ ବଡ଼ ରକ୍ଷଣଶୀଳ ଥିଲା । ସବୁ ବ୍ରାହ୍ମଣେ ସବୁ ବ୍ରାହ୍ମଣଙ୍କ ହାତେ ଖାଉ ନ ଥିଲେ ।

ପେଟର ସମାନସ୍କନ୍ଧ ବ୍ରାହ୍ମଣ ଖୋଜି ପୁଝାରୀ ରଖିବା କାଠିକର ପାଠ । ଆମ ହଷ୍ଟେଲର ସେତେବେଳେ ସୁପରିନ୍‌ଟେଣ୍ଡେଣ୍ଟ ଥିଲେ ପୁରୀ ଜିଲ୍ଲାସ୍କୁଲର ସେକେଣ୍ଡ ପଣ୍ଡିତ ବୀରହରେକୃଷ୍ଣପୁରର ଗୁଆଡ଼ିଆ ସାଆନ୍ତ ପଣ୍ଡିତ ଶ୍ରୀ ଲୋକନାଥ ମହାପାତ୍ର । ତାଙ୍କ ପିତା ଅଗ୍ର-ବଂଶର ଚଢ଼େ ଟିକିଏ କମ୍ ଜାତିରେ ବିଭା ହୋଇଥିଲେ । ସେଥିପାଇଁ ପୁଣି ସେ ନିଜ ଜାତିକୁ ନିର୍ମଳ ରଖିବାରେ ଭାରି ସାବଧାନ । ସେ ସାମନ୍ତ ଭଟ୍ଟମିଶ୍ର ବ୍ରାହ୍ମଣ ଛଡ଼ା ଆଉ କାହାକୁ ନିଜ ମେସ୍‌ରେ ରଖୁ ନ ଥିଲେ, କିମ୍ବା ପୁଝାରୀ କରି ବି ରଖୁ ନ ଥିଲେ । କାରଣ ସେ ଆଉ କାହାରି ସଙ୍ଗେ ଏକ ପଙ୍କ୍ତିରେ ଖାଇବେ ନାହିଁ କାହାର ହାତରେ ଖାଇବା ତ ଦୂରର କଥା । ଅବଶ୍ୟ ମନେଅଛି, କେତେ ଦିନ ପରେ ଆମଘରୁ ଘରକୁଟା ଚାଉଳ ଆସିବାର ଦେଖି ମତେ ନିଜ ମେସ୍‌ରେ ରହିବାକୁ ପଣ୍ଡିତେ ଅନୁମତି ଦେଇଥିଲେ । କାରଣ ସେତେବେଳେ ପୁରୀଜିଲ୍ଲା ସ୍କୁଲ ବୋର୍ଡ଼ିଂରେ ସବୁ ଗରିବ ବୃତ୍ତିଭୋଗୀ ପିଲା ଥାନ୍ତି । ସେମାନେ କିଣା ଚାଉଳ ଖାଉଥିଲେ । ପଣ୍ଡିତଙ୍କର ତ ଦରମା ସେତେବେଳେ ମାସକୁ କୋଡ଼ିଏ ଟଙ୍କା । ସେଥିରେ ସେ ମେସ୍ ଖର୍ଚ୍ଚ ଦେବେ ଓ ଗାଁରେ କୁଟୁମ୍ବ ସମ୍ଭାଳିବେ; ତେଣୁ ତାଙ୍କ ମେସରେ ଖାଇବା ମୋ ପକ୍ଷରେ ବଡ଼ କଷ୍ଟକର ହେଲା । ମୁଁ ପୁଣି ବୈଦିକ ବ୍ରାହ୍ମଣଙ୍କ ମେସକୁ ଚାଲି ଆସିଲି । ତଥାପି ସେ ମେସ୍‌ରେ ମଧ୍ୟ ଶ୍ରେଷ୍ଠ ବ୍ରାହ୍ମଣ ବା ଅବ୍ରାହ୍ମଣ ନ ଥିଲେ । କ୍ରମେ ଅବଶ୍ୟ ପରେ ପୁଝାରୀ ଖୋଜିବାରେ ଏ ଗୋଡ଼ ଟିକିଏ ଶିଥିଳ ହୋଇ ଯାଇଥିଲା । ମାସେ ଦି'ମାସରେ ଜଣେ ପୁଝାରୀ ଚାଲିଯାଆନ୍ତି । ଆଉ ଜଣେ ଆସନ୍ତି । ପୁଝାରୀଙ୍କୁ ଚାକର ଭଳି ବ୍ୟବହାର କରିବା ଏକପ୍ରକାର ନିଷିଦ୍ଧ ଥିଲା । ଅବଶ୍ୟ ସେତେବେଳେ ଆମର ଚାକର କେହି ନ ଥିଲେ । ବହୁତ ଖୋଜି ଖୋଜି ଜଣେ ପୁଝାରୀ ଆଣିଥିଲୁ—ସେ ଝଙ୍କଡ଼ଟେଣ୍ଡ ସାକରସା ଗ୍ରାମର ସ୍ୱର୍ଗତ ଡେପୁଟି ମାଧବ-ମିଶ୍ରଙ୍କ ଲେଖାରେ ଜକେଇ । ସେ କହୁଥିଲେ ମାଧବ ମିଶ୍ରେ ଗୁରୁ ଥିଲାବେଳେ ସେ ତାଙ୍କ ପାଖରେ ବହୁଦିନ ପୁଝାରୀ ଓ ଅଭିଭାବକ ହୋଇଥିଲେ । ସେ ପୁଝାରୀ ହୋଇ ମଧ୍ୟ ଆମକୁ ଅଭିଭାବକ ଭଳି କଠୋର ଶାସନ କରୁଥିଲେ । ଆମେ ନ ପଢ଼ି ସଅଳ ଶୋଇ ପଡ଼ିଲେ କିମ୍ବା ଦିଅଁ ଦେଖିବାକୁ ଝୁଲଣ ଦେଖିବାକୁ କିମ୍ବା ବଜାରକୁ ଗଲେ ତାଙ୍କର ଭାରି କଡ଼ା ନଜର ଥାଏ । ସବୁବେଳେ କହୁଥାନ୍ତି ଆମ ମାଧବ ଏଇପରି ଚଳୁଥିଲା, ଏଇପରି ପଢ଼ୁଥିଲା । ସେ ଆଜି ପାଶ୍ କଲେଣି । କେଡ଼େ ବଡ଼ ଚାକିରି କରିଚି (ସେତେବେଳେ ମାଧବ ମିଶ୍ରେ ପୁରୀରେ ସଦର କାନନ୍‌ଗୋଇ ଥାନ୍ତି) । ତମେ ଗୁଡ଼ାକ କିଛି ହେବନାହିଁ । ଭଲକରି ମନଦେଇ ପଢ଼ । ମଣିଷ ହେବ । ଏ ସବୁ କଲେ ମଧ୍ୟ ତାଙ୍କର ବଡ଼ବଡ଼ ଅଭ୍ୟାସ ଥିଲା ଡାଲି ବା ମାଛତିଅଣ ସଂଧ୍ୟା ବେଳକୁ ରାନ୍ଧିସାରି ଭାତହାଣ୍ଡିରେ ଚାଉଳ ପକାଇଦେଇ ଚୁଲିମୁଣ୍ଡେ ଶୋଇ ପଡ଼ନ୍ତି । ଆମେ ପ୍ରାୟ ରାତି ୧୧ଟା ବେଳକୁ ଯାଇ ଡାକୁ । ସେ ଧଡ଼୍‌ପଡ଼୍ ହୋଇ ଉଠି ଭାତହାଣ୍ଡି ମୁହଁରେ ଥାଳଟାଏ ଦେଇ ପେଜଗାଳିଦେଇ ତା'ପରେ ଥାଳ କାଢ଼ି ଅଣକରେ ଆମଥାଳିରେ ସବୁ ଭାତ ବାଢ଼ିଦିଅନ୍ତି । ଅବଶ୍ୟ ଆମ ଥାଳି ଗିନାସବୁ ଧୋଇକରି ସଜାଡ଼ି ଲଗାଇ ରଖିଥାନ୍ତି । ଦିନେ ରାତି ପ୍ରାୟ ୧୧ଟା ବେଳେ ଆମେ ସମସ୍ତେ ରୋଷେଇ ଘରେ ଯାଇ ପହଂଚି ତାଙ୍କୁ ଉଠାଇଲୁ । ସେ ନିଦ ମଳ ମଳ ହୋଇ ଉଠି ଯଥାରୀତିରେ ଭାତହାଣ୍ଡି ମୁହଁରେ ଥାଳିଦେଇ ଆଉ ଗୋଟିଏ ଆଡ଼ିକାକୁ ଗାଳିଦେଲେ । ତା'ପରେ ଅଣକଟି ନେଇ ଭାତ ବାଢ଼ିବାପାଇଁ ହାଣ୍ଡି ଭିତରେ ଠକଠକ କରି ଚାହିଁ ଛିଡ଼ା ହୋଇଗଲେ । ଆମେ ବିସ୍ମିତ ହୋଇ ପଚାରିବାରେ ଅତି କରୁଣ ସ୍ୱରରେ କହିଲେ, "ଚାଉଳ ପକାଇବାକୁ ମନେ ନାହିଁ । ଆମେ ଆଉ କରୁ କ'ଣ ? ନିରାଶ ହୋଇ ଚୁଡ଼ାଭଜା କିଣିବା-ପାଇଁ ସିଂହଦ୍ୱାରକୁ ଦୌଡ଼ିଲୁ । ଅଧଘଣ୍ଟାକର ଚୁଡ଼ା ଭଜାଖାଇ ସେ ରାତି କଟାଇ ଦେଲୁ । ପୁଝାରୀ ମିଶ୍ରଙ୍କର ସେ କରୁଣ ଦୃଶ୍ୟ ଓ ଆମର ସେ ଅସହାୟ

ଅବସ୍ଥା କାଳପରି ଏବେ ମନେ ପଡ଼ିଯାଉଛି । ସେ ଭୁଲିବାର ଜିନିଷ ନୁହେଁ ।

## ୧୨. ନିଦ୍ରା ପ୍ରତିରୋଧ

ଲଂଠନ ସେତେବେଳେ ଦେଖା ନଥିଲା । ସମସ୍ତେ ଡିବି ଜାଳି ପଢୁଥିଲୁଁ । ପରୀକ୍ଷାବେଳ; ରାତିରେ ନିଦ ଲାଗି ଯାଉଛି । ପଢ଼ାସାଂଗ ବଳଭଦ୍ରପୁର ଜଗନ୍ନାଥ ମହାପାତ୍ରେ ( ସେ ମାଷ୍ଟର ପଦରୁ ପେନସନ ପ୍ରାପ୍ତ ଏବେ ମୃତ ) ଦିନେ ମତାଇ ଦେଲେ ଟିକିଏ ଅଫିମ ଆଣି ତାକୁ ଜାଳିକରି ଖାଇଦେଲେ ରାତିରେ ଆଉ ନିଦ ଲାଗିବନାଇ । ପଢ଼ିବାରେ ଖାଲି ମନ ଲାଗିବ । ସେ ସେଇଆ କରୁଥିଲେ । ମୋର ମଧ୍ୟ ମନ ହୋଇଗଲା । ଅଧଲାକର ଅଫିମ ଆଣି ସେଥିରୁ ଟିକିଏ ଖଂଡେ ଦିଆସିଲି କାଠିର ପଛପଟେ ଲଗାଇ ତାକୁ ଡିବି-ଶିଖାରେ ଦେଖାଇ ଜାଳିଦେଲି । ପାଖରେ ବସି ସେ ଦେଖୁଥାଂନ୍ତି । ଅଫିମଟିକ ଭଡ଼ ଭଡ଼ ହୋଇ ଫୁଲିଗଲା । ଡିବିଶିଖାର କଳା ତା' ଉପରେ ବୋଳି ହୋଇଗଲା । ତାକୁ ସେଇ ଦିଆସିଲି କାଠିରୁ ପାଟିରେ ପୂରାଇ ଦିଆସିଲି କାଠିଟି କାଢ଼ିଆଣି ଗିଳିବାଇଲି । ମୁସୁମୁସ୍ ଲାଗିଲା । କଂଜୁ ସେ ପିତା ଓ କିରାସିନି କଳାର ଗଂଧ ଆଜି ମଧ୍ୟ ମନେପଡ଼ୁଛି । ଅଧଲାକର ଚୂଡ଼ାଭଜା ଆଗରୁ ଆଣିଥିଲି । ପିତା ଛଡ଼ାଇବାପାଇଁ ତାକୁ ଚୋବାଇ ଦେଲି । କି ଦୁର୍ଗତି, ପଢ଼ା ତ ସେ ରାତି ହେଲା ନାଇ । ଏବପରି ଡାକ୍ତର ଡାକିବାର ରୀତି ଥିଲେ ଓ ଡାକ୍ତର ମିଳୁଥିଲେ ସେ ରାତି ଡାକ୍ତର ଡକା ହୋଇଥାଂତା ।

## ୧୩. ପୁରୀଜିଲା ସ୍କୁଲ

ମୁଁ ମଧ୍ୟ-ଓଡ଼ିଆ ପାଶ୍ କରି ପୁରୀ ଜିଲାସ୍କୁଲରେ ଯାଇ ସବାତଳ ଶ୍ରେଣୀରେ ଭର୍ତ୍ତି ହେଲି କେବଳ ଇଂରେଜୀ ପଢ଼ିବାପାଇଁ । ଡବଲ ପ୍ରମୋଶନ ପାଇ ଦ୍ୱିତୀୟ ବର୍ଷ ଶେଷକୁ ଯାଇ ପହଞ୍ଚିଲି ଫୋର୍ଥକ୍ଲାସ (ଆଜିକାଲିର 8th Class)ରେ । ତା' ତଳକ୍ଲାସରୁ ଯେଉଁମାନେ ଉଠି ମୋ ସଙ୍ଗେ ପଢ଼ିଲେ, ସେମାନେ ସେଇ ତଳ କ୍ଲାସରୁ ସଂସ୍କୃତପଢ଼ା ଆରଂଭ କରିସାରିଥିଲେ । ଉପକ୍ରମଣିକା ( ଈଶ୍ୱରଚଂଦ୍ର ବିଦ୍ୟାସାଗରଙ୍କ ଉପକ୍ରମଣିକା ପୁସ୍ତକର ଓଡ଼ିଆ ଅନୁବାଦ ) ବୋଲି ସେ କାଳର ଖଣ୍ଡିଏ ସଂସ୍କୃତ-ବ୍ୟାକରଣ ସେମାନେ ପଢ଼ି ସାରିଥିଲେ । ତା'ଛଡ଼ା କଲେଜିଏଟ ସ୍କୁଲର ଭୂତପୂର୍ବ ସଂସ୍କୃତ ପଂଡିତ ବିଶ୍ୱନାଥ ରଥ କାବ୍ୟତୀର୍ଥ ସେଇ ତଳକ୍ଲାସରୁ ଆସି ଆମ ସଙ୍ଗେ ପଢ଼ୁଥିଲେ । ମନେଅଛି, ମୁଁ ଟିକିଏ ଭୀତ ଓ ଚିଂତିତ ହୋଇପଡ଼ିଲି, ସଂସ୍କୃତରେ ଓଡ଼ିଆ ଅକ୍ଷରରେ ସଂସ୍କୃତ ପଢ଼ିବାଭଳି ପୁସ୍ତକ କିଛି ନଥିଲା । ଦେବନାଗରୀ ଅକ୍ଷର ସଙ୍ଗେ ମୋର ପରିଚୟ ନଥିଲା । ପିଲା-ଦିନେ ବଂଗଳା ମାନେବହି ପଢ଼ିବାରେ ବଂଗାକ୍ଷର ସଂଗେ କେତେକ ପରିଚୟ ଥିଲା । ତା' ମଧ୍ୟ ମୁଁ ଲେଖି ଜାଣୁ ନଥିଲି; ଏବେ ବି ଜାଣେ ନାଇ । ସେଇ ବଂଗାକ୍ଷରରେ ପ୍ରାୟ ସବୁ ଦରକାରୀ ସଂସ୍କୃତ ବହି ବିଶେଷରେ ବିଦ୍ୟାସାଗରଂକ ବ୍ୟାକରଣ କୌମୁଦୀ ମିଳୁଥିଲା । ମୁଁ ବଂଗାକ୍ଷର ଭଲକରି ଚିହ୍ନିବାପାଇଁ ଆଗ ବଂଗଳା ସାହିତ୍ୟ ପଢ଼ିବା ଆରମ୍ଭ କଲି । ସେତେବେଳେ କଲିକତା ବସୁମତୀ ଖବର କାଗଜର ଉପହାର ରୂପେ ଭଲ ଭଲ ବଂଗଳା ବହି ସଂଗେ ସଂସ୍କୃତ ପୁସ୍ତକ ସବୁ ମିଳୁଥିଲା । ମୁଁ ସେଇ ସବୁରୁ କେତେକ ସଂଗ୍ରହ କଲି । ଆଗ ପଢ଼ିଥିଲି ମନେଅଛି, ମାଇକେଲ ମଧୁସୂଦନ ଗ୍ରଂଥାବଳୀ ଓ ବଂକିମ ଚଟ୍ଟୋପାଧ୍ୟାୟଂକ କେତେକ ଉପନ୍ୟାସ । ବୋଧହୁଏ ବସୁମତୀ ପ୍ରେସରୁ ମାସିକ ଉପନ୍ୟାସ ସବୁ ବାହାରୁଥିଲା । ରମା ମନେ ଅଛି, ସେଇସବୁ ଉପନ୍ୟାସରୁ ଅନ୍ତତଃ ଖଂଡେ ପଢ଼ିବାର । ସେଇ ଉପନ୍ୟାସ ଖଂଡକର ନାମ ହେଉଛି "ମହାମମଯ୍ଯୀ" । ପରେ ଜାଣିଲି ଏହା ହେଉଛି

(Haggard) ସାହେବଙ୍କର 'ସି' (She) ବୋଲି ଖଣ୍ଡଏ ଇଂରେଜ ଉପନ୍ୟାସର ଅନୁବାଦ ।

ପ୍ରାୟ ମାସକ ଭିତରେ ବ୍ୟାକରଣ କୌମୁଦୀ ଏକପ୍ରକାର ପଢ଼ି ଚଳଂତମାଫିକ ଶବ୍ଦରୂପ, ଧାତୁରୂପ ଆୟତ୍ତ କଲି । ସଂଧି, ତଦ୍ଧିତ, କୃଦଂତ ପ୍ରଭୃତି ଆୟତ୍ତ କରିବାକୁ ମତେ ସେତେ କଷ୍ଟ ପଡ଼ି ନଥିଲା । ଏ ସଂପର୍କରେ ଆଜମଧ୍ୟ ମୋର ଗ୍ରାମବାସୀ ମଧ୍ୟ-ଓଡ଼ିଆ ସ୍କୁଲର ପଂଡିତ ସ୍ୱର୍ଗତ ମଧୁସୂଦନ ମିଶ୍ରେ ସ୍ମରଣୀୟ । ଲୋକେ ଜାଣିପାରିବା ପାଇଁ କହି ଦେଉଚି, ସେ ହେଉଚଂନ୍ତି ସ୍ୱନାମପ୍ରସିଦ୍ଧ ପ୍ରତ୍ନରକ ଅନଂତ ମିଶ୍ରଂକର ପାଞ୍ଚ ଭାଇଂକ ଭିତରେ ସବା ବଡ଼ଭାଇ । ସେତେ-ବେଳେ ମଧ୍ୟ-ଓଡ଼ିଆ ସ୍କୁଲରେ ସାହିତ୍ୟ ରୂପେ ମଧୁବାବୁଙ୍କ ପ୍ରବଂଧମାଳା ଓ ରାଧାନାଥ ବାବୁଂକ କବିତାକଳାପ ସଙ୍ଗେ ନିମାଇଁବଲ୍ଲଭ ବିଦ୍ୟାସାଗରଂକ ସବସାର ବ୍ୟାକରଣ ପଢ଼ା ହେଉଥିଲା । ସବସାର ବ୍ୟାକରଣ ପୁସ୍ତକଟି ସଂସ୍କୃତରୁ ବିଶେଷତ ସଂସ୍କୃତ ସାରସ୍ୱତ ସିଦ୍ଧାଂତ ଚଂଦ୍ରିକାରୁ ଓଡ଼ିଆ କରାହୋଇଥିଲା କହିଲେ ଚଳେ । ଏ ହିସାବରେ ଏହାପରେ ପ୍ରକାଶ ପାଇଥିବା ରାଧାନାଥବାବୁଂକ ବ୍ୟାକରଣ ପ୍ରବେଶଠାରୁ ଆହୁରି ବେଶି ସଂସ୍କୃତର ନିକଟବର୍ତ୍ତୀ ଥିଲା । ଆମ ପଂଡିତେ ମଧୁସୂଦନ ମିଶ୍ରେ ମୋର ସ୍କୁଲବେଳେ ମଧ୍ୟ-ଓଡ଼ିଆ ଶ୍ରେଣୀରେ ରହିବା ସମୟରେ ମତେ ଏଇ ବ୍ୟାକରଣର ସୂକ୍ଷ୍ମାତିସୂକ୍ଷ୍ମ ସୂତ୍ର ପ୍ରୟୋଗାଦି ଧରି ଓଡ଼ିଆ ସାହିତ୍ୟଟି ଭଲକରି ପଢ଼ାଇଥିଲେ । ସେଥିରେ ମତେ ଏଫ୍. ଏ. ପାସ କରିବା ପର୍ଯ୍ୟଂତ ବା ଆଜି କେବେ ପାଟୀଗଣିତ (Arithmetic) ଛୁଇଁବାକୁ ପଡ଼ିନାଇ ।

ଅତଏବ ସଂସ୍କୃତ ବ୍ୟାକରଣର ତଦ୍ଧିତ, କୃଦଂତ ପଢ଼ିବାରେ ମୋତେ କେବଳ ଶବ୍ଦର ଲିଂଗ ନିର୍ଣ୍ଣୟ କରିବାରେହିଁ ଆଉ କିଛି ବିଶେଷ କରିବାକୁ ହୋଇ ନ ଥିଲା । ମାସେ ବ୍ୟାକରଣ ପଢ଼ିବା ପରେ ସେଇ ବସୁମତୀର ଉପହାର ଗ୍ରଂଥ ମଧ୍ୟରେ ଥିବା ଜଗନ୍ନାଥଙ୍କ ଗ୍ରଂଥାବଳୀରୁ ବତିଶସିଂହାସନ ବା 'ଦ୍ୱାତ୍ରିଂଶ ପୁତ୍ତଳିକା' ପୁସ୍ତକଟି ଅଳ୍ପଦିନ ଭିତରେ ପଢ଼ିଦେଲି । ତା'ପରେ ପଢ଼ିଲି 'କୁମାର ସଂଭବ' । ସେଥିପାଇଁ ପାଖ ସଂସ୍କୃତ ସ୍କୁଲ ଲାଇବ୍ରେରୀରୁ ଜୀବାନଂଦ ବିଦ୍ୟାସାଗରଙ୍କ ପ୍ରକାଶିତ ସଟୀକ ନାଗରାକ୍ଷରରେ ମୁଦ୍ରିତ ପୁସ୍ତକଟି ମାଗି ଆଣିଥିଲି । ଏଣେ ସ୍କୁଲରେ ହିତୋପଦେଶ ପଢ଼ା ଚାଲିଥାଏ । ସେଥିରେ ମୋତେ ବିଶେଷ ମନଦେବାକୁ ହୋଇ ନଥିଲା । ଆମ ପଂଡିତ ମହାଶୟ ସ୍ୱର୍ଗୀୟ ମହାମହୋପାଧ୍ୟାୟ ସଦାଶିବ ମିଶ୍ର ମୋର ଏ ଚେଷ୍ଟା ସବୁ ଲକ୍ଷ୍ୟକରି ହିତୋପଦେଶ ପଢ଼ିଲେ, ନପଢ଼ିଲେ ମୋତେ କିଛି କହୁ ନଥିଲେ । ସେ ମୋତେ ଭାରି ସୁଖ ପାଉଥିଲେ ଓ ଆଦର ବି କରୁଥିଲେ । ଦୁଇତିନିମାସ ପରେ ମୁଁ ସଂସ୍କୃତରେ ଶ୍ଳୋକ ଲେଖା ଆରଂଭ କରିଦେଲି । ପଂଡିତ ମହାଶୟ କ୍ଲାସରେ ସଂସ୍କୃତ ପଢ଼ାଉଥିଲାବେଳେ ମୁଁ କେବେ କେବେ ବସି ଶ୍ଳୋକ ଲେଖୁଥାଏଁ । କାଲିପରି ମନେ ଅଛି, ଦିନେ ପଂଡିତ ମହାଶୟ ବୁଲି ବୁଲି ପଢ଼ାଉ ପଢ଼ାଉ ମୋ ଖାତାରେ ତାଙ୍କ ଦୃଷ୍ଟି ପଡ଼ିଗଲା । "ତୁ କ'ଣ ହେଉଚି' ବୋଲି ଖାତାଟା ମୋ ପାଖରୁ ଛଡ଼ାଇ ନେଇ ଚୌକିରେ ବସି ପଢ଼ିଲେ; ଦେଖିଲେ ଗୋଟିଏ ଶ୍ଳୋକ ଲେଖା ହେଉଚି । ମୋତେ ଡାକିଲେ । ପଢ଼ି ବୁଝାଇବାକୁ କହିଲେ । ମୁଁ ମହାଦେବଙ୍କୁ ବର୍ଣ୍ଣନା କରି ଗୋଟିଏ ଶ୍ଳୋକ ଲେଖିଥିଲି । ତହିଁରୁ ଗୋଟିଏ ଧାଡ଼ି ମନେ ଅଛି । କାହିଁକିନା ପଂଡିତ ମହାଶୟ ସେଇ ଧାଡ଼ିଟିରେ ମୋର ଦୋଷ ଦେଖାଇଥିଲେ । ସେ ଆଉ ଭୁଲିବାର ନୁହେଁ । ସେ ଧାଡ଼ିଟି ହେଉଚି,

"ଅବଟା ବସିତେ ଭୁଜଂଗମୈଃ
ସ୍ତନୋଃ ସୁଂଦରତା ପ୍ରବର୍ଦ୍ଧତା" ।

ପଂଡିତ ମହାଶୟ ମୋତେ ଅର୍ଥ କରିବାକୁ କହିଲେ । ମୁଁ ଅର୍ଥ କରିଦେଲି । ଅବଟୀ କି ଅବଟୁ ଅର୍ଥାତ୍

ବେକରେ, ଅସିତ ବୋଇଲେ କଳା ଭୁଜଂଗମ କ ସର୍ପଥିବା ହେତୁରୁ (ଧାଡ଼ାଂକର) ସ୍ୱତନୋଃ କ ନିଜ ଶରୀରର ସୁଂଦରତା ପ୍ରବର୍ଦ୍ଧିତା କ ବିଶେଷରେ ବର୍ଣ୍ଣିତ । ପଂଡିତ ମହାଶୟ କହିଲେ, ଅବଶ୍ୟ ବୋଇଲେ ବେକ, ଏ ଅର୍ଥ ଡିକ୍‌ସିନାରିରେ ଅଛି ସତ; କିଂତୁ ଏପରି ଅପ୍ରଚଳିତ ଶବ୍ଦ ଲେଖାରେ ପ୍ରୟୋଗ କରିବା ଗୋଟାଏ ଦୋଷ । ଏହାକୁ ଆଳଂକାରିକମାନେ ଅପ୍ରଯୁକ୍ତତା ଦୋଷ ବୋଲି କହଂନ୍ତି ।

ତୃତୀୟ ଶ୍ରେଣୀ ( ଏବର 9th class ) କୁ ଉଠିବା ସଂଗେ ସଂଗେ ମୋର ହେଲା ଭୀଷଣ ମେଲେରିଆ । ସେତେବେଳେ ପୁରୀରେ ମେଲେରିଆ ନୂଆ । ବଂଗଦେଶରୁ ମେଲେରିଆ ରୋଗୀମାନେ ରେଳ ନଥିବାରୁ ପୂର୍ବେ ପୁରୀକୁ ଆସିପାରୁ ନଥିଲେ । କଲିକତାକୁ ପୁରୀପୂରି ରେଳ ଲାଗିଲା ୧୯୦୦ ବା ୧୯୦୧ରେ । ୧୮୯୯ରେ କେବଳ ମହାନଦୀ, କାଠଯୋଡ଼ି ବଂଧ ଛଡ଼ା କଲିକତାକୁ ରାସ୍ତା ହୋଇଯାଇ-ଥିଲା ଓ ମହାନଦୀ କାଠଯୋଡ଼ି ପାରି କରିଦେବାପାଇଁ ରେଳ କଂପାନୀ ବ୍ୟବସ୍ଥା କରି ଦେଇଥିଲେ । ଲକ୍ଷ ଲକ୍ଷ ଯାତ୍ରୀ ସେ ବର୍ଷ ରଥଯାତ୍ରାରେ ବଂଗଳାରୁ ଆସିଥିଲେ; କିଂତୁ ପୁରୀରେ ତାଂକୁ ରଥଯାତ୍ରାପରେ ହଠାତ୍ ଫେରାଇ ନେବାର ଉପାୟ ନ ଥିଲା । ପୁରୀରେ ମଧ୍ୟ ମ୍ୟୁନିସିପାଲିଟି ବୋଲି ଯାହା ଥିଲା ସେ କିଛି ନୁହେଁ କହିଲେ ଚଳେ । ସେ ଏଥିପାଇଁ ଆଦୌ ପ୍ରସ୍ତୁତ ନଥିଲେ । ସରକାରଂକର ସେ କାଳ ଗୋରା କଲେକ୍ଟରମାନେ ରାଜ୍ୟଶାସନରେ ଖୁବ୍ ନିପୁଣ ଥିଲେ । ଦୁର୍ଭିକ୍ଷ ବା ମଡ଼କ ଦେଖାଗଲେ ବା ବଢ଼ି ମରୁଡ଼ି ହେଲେ ତାଂକ ଜିଲା ଲୋକେ କେବେ ଅନାହାରରେ ବା ବୁଡ଼ିକରି ମରୁ ନଥିଲେ । ସେ ଭଲ ଡେପୁଟି ପ୍ରଭୃତିଂକ ଦ୍ୱାରା ସୁଂଦର ରିପୋର୍ଟ କରାଇ ପାରୁଥିଲେ ଯେ ବଢ଼ିରେ ଲୋକଂକ ଘର ବାଡ଼ି ଧୋଇ ହୋଇ ସଫା ହୋଇଯାଇଛି । ସାପ ମୂଷାଙ୍କ ସଂଗେ ରୋଗର ବୀଜସବୁ ସଫା ହୋଇଯାଇଛି । ବିଲରେ ପଟୁପଡ଼ି ଲୋକଂକର ବଡ଼ ଉପକାର କରିଛି । ଧାନ ନହେଲେ ବା ମରୁଡ଼ି ହେଲେ ମଧ୍ୟ ଧୋଇ ବିଲରେ ଧାନ ବା ମରିଯାଇଥିବା ବିଲରେ ରବିଫସଲ ଦଶଗୁଣ ହୁଏ । ଧୋଇରେ ମଧ୍ୟ ବିଲରେ ଗୋଟାଏ ଗୋଟାଏ ଧାନ ରହିଯାଇଥିଲେ ସେ ଫସଲ କାଟେ କିଏ ? ଏ ଦେଶ ଲୋକେ କହଂନ୍ତି, "ଧୋଇଗଲେ ବିଲ କୋଣକ ମାଣେ ।" ମଡ଼କ ପଡ଼ିଛି ବୋଲି କହିଲେ ଡେପୁଟି ବଦଳି ହୋଇଯାଆଂନ୍ତି। ଚୌକିଦାର ଥିଲେ ଦରଖାସ୍ତ ହୁଏ । ସତ କହିବାପାଇଁ ଭଲ ଭଲ ଲୋକଂକୁ ଅଣାଯାଏ ଓ ନିଯୁକ୍ତ କରାଯାଏ । ଧୋଇ ମରୁଡ଼ି ମଡ଼କ ପରି କୌଣସି ଦୁର୍ଘଟଣା ଦେଖି ବା କଳନା କରି ସେକାଳ ସରକାର ବ୍ୟବସ୍ଥା କରିବାର ମୋର କେବେ ମନେ ହେଉନାଇ ।

---

## ୧୪. ରଥଯାତ୍ରା ଓ ହଇଜା—୧୮୯୯

ସେ ବର୍ଷ ରଥଯାତ୍ରାରେ ପୁରୀରେ ଯେପରି ହଇଜା ହୋଇଥିଲା ତା' ଏବେ କେହି କଳନା କରି-ପାରିବେ ନାଇ । ପୁରୀ ବଡ଼ଦାଂଣ୍ଡରେ ଶତ ଶତ ସଂଖ୍ୟାରେ ମଡ଼ା ପଡ଼ିଥାଂନ୍ତି । ଲୋକେ ବ୍ୟାକୁଳ ହୋଇ ପାଣି ମାଗୁ ମାଗୁ ତାଂକୁ ମ୍ୟୁନିସିପାଲିଟିରେ ନିଯୁକ୍ତ ଥିବା ହାଡ଼ି ଡୋଲିରେ ଉଠିକରି ସମୁଦ୍ରକୂଳ ବାଲିଆଡ଼ିକୁ ବୋହି ନିଅଂନ୍ତି । ସମୁଦ୍ରକୂଳ ବାଲିରେ ଗୋଟାଏ ବଡ଼ ଖୋପ ଖୋଳା ହୋଇଥାଏ । ସେଥିରେ ବାଡ଼ି ମୁର୍ଦାର ବୋଲି ହାଡ଼ିମାନେ ମୁମୂର୍ଷୁ ସହିତ ମୁର୍ଦାରଂକୁ ଫିଂଗି ଦିଅଂନ୍ତି । ମୁଁ ଜାଣେ ଦେଖିଥିବା ଲୋକେ ଏବେ ବଂଚିଥିଲେ କି କହିବେ ସେଇ ବାଲିଖୋପ ଭିତରୁ ପରେ ଲୋକେ ବଂଚିକରି ଉଠି ଆସୁଥିଲେ । ସହରର ଘରେ ଘରେ ବାଡ଼ି ମୁର୍ଦାର ଶୋଇଲେ । ମଫସଲରେ ଗାଁକୁ ଗାଁ ରୋଗ ବ୍ୟାପି

ଗଲା । ଜଗନ୍ନାଥ ସଡ଼କରେ ଶଗଡ଼ ଚଳାଇବା କଷ୍ଟ ହେଉଥିଲା । ଆମ ସ୍କୁଲ ସେଥିପାଇଁ ପନ୍ଦର ଦିନ ଛୁଟି ହୋଇଗଲା । ମୁଁ ପିଲା । ମୋର ଜଣେ ସଂପର୍କୀୟ ଭାଇ ଥାଆନ୍ତି ବୋର୍ଡିଂରେ ଆମର ସାଂଧୁଣିଆ । ସ୍କୁଲ ଛୁଟି ହୋଇଯିବାରୁ ସେ ମୋତେ ସାଂଗରେ ନେଇ ଜଗନ୍ନାଥ ସଡ଼କ ବାଟେ ଗାଁକୁ ଆସିଲେ, ଝିପିଝିପି ବର୍ଷା ବରାବର ହେଉଥାଏ । ସେ ତାଂକ ମୁଂଡ ଛତାଟି ମୋ ମୁଂଡ ଉପରେ ଦେଇ ମୋତେ ପାଖେ ପାଖେ ରଖି ଚାଲୁଥାଆନ୍ତି । ମୁର୍ଦାର ଦେଖିଲେ ଛତାଟି ଆଡ଼ୁଆଳ କରିଦିଅଂତି । କାଂରୁ ସଡ଼କର ଶଗଡ଼ ସବ ମଝିରେ ଓ ଶଗଡ଼ ସବକୁ ଲାଗି ମୁର୍ଦାର ପଡ଼ିଚଂତି । ଛତା ଆଡ଼ୁଆଳରେ ମୋ ଦୃଷ୍ଟିରୁ ସେ ବର୍ତ୍ତୁଚଂତି କେତେକେ । ମୁଁ ଯେଉଁ ମୁର୍ଦାରଂକୁ ଦେଖେ ତାକୁ ଗଣି ଗଣି ବାଟ ଚାଲୁଥାଏ । ହାଟ ଦାମୋଦରପୁରଠାରୁ ଆମେ ଚାଲିକୁ ଗଡ଼ିଲୁ । ଏଇ ଛଅ ମାଇଲ ଭିତରେ ମୁଁ ଗଣିଥିଲି ୩୯ଟି ମୁର୍ଦାର । ସେମାନେ ସମସ୍ତେ ଶଗଡ଼ ସବ ଭିତରେ ବା ପାଖରେ ପଡ଼ିଥିଲେ । ଶଡ଼କ ନୟନଜୋଡ଼ରେ ଆଉ କେତେ ପଡ଼ିଥିଲେ ମୁଁ ଜାଣେ ନାଇ । ଖ୍ରାପଣ ଗଂଧ ହେଉଥାଏ । ଠାଏ ଦେଖିଚି ବିଲୁଆମାନେ ଗୋଟାଏ ମୁର୍ଦାର ମାଂସକୁ ଭିଡ଼ ଖାଉଥାଂତି ଓ କଳି କରୁଥାଂତି । ରକ୍ତହୀନ ସେ ଧଳାମାଂସ ଭିଡ଼ିବା ବିକଟ ଓ ବୀଭତ୍ସ ଦୃଶ୍ୟ ଆଜି ମୋ ମନେ ପଡ଼ଯାଉଚି ।

ଏଇ କାରଣରୁ ବଂଗାଳୀମାନେ ବର୍ଷେ ଖଂଡେ ହୁଏତ ସେତେ ପୁରୀ ଆସୁ ନଥିଲେ । ତାପରେ ମେଲେରିଆ ଓ ଯକ୍ଷ୍ମାରୋଗୀମାନେ ପୁରୀକୁ ସ୍ୱାସ୍ଥ୍ୟନିବାସର ସ୍ଥାନ କଲେ । ସେଇ ମେଲେରିଆ ମୋତେ ଧରିଥିଲା । ନବମ ଶ୍ରେଣୀର ବର୍ଷକଯାକ ମୁଁ କିଛି ପଢ଼ିନାଇ । ଖାଲି ସ୍ନେକାଲର ଭଜସ୍ୟା ବଟିକା ଓ ଡି.ଗୁପ୍ତ (D.Gupta) ଖାଇବା ମୋର ଥିଲା କାମ । ପେଟରେ ବଡ଼ ପ୍ଳୀହା, ଚାଲିଲାବେଳେ ଶରୀର ହୋଇଲେ ଖାଲି ପେଟଟା ହଲୁଥାଏ । ଷାଣ୍ମାସିକ ପରୀକ୍ଷା ହେବାବେଳକୁ [illegible] ହୋଇ ଘରୁ ଯାଇ ବହି କିଣି ନାହିଁକି ୧୬ ଦିନ ରାତ୍ରି ପରୀକ୍ଷାଟା ଦେଇ ପକାଇଥିଲି । ପରୀକ୍ଷା ଦେଲାବେଳେ ଆଗରେ ବେଂଚ ଉପରେ ଭଜସ୍ୟାବଟିକା ଓ D. Gupta. ରଖି ଖାଉଥିବାର ମୋ ମନେ ଅଛି । ସେ ବର୍ଷ ବାର୍ଷିକ ପରୀକ୍ଷା ଦେଇ ନାଇଁ; କିନ୍ତୁ ପ୍ରମୋଶନ ପାଇଲି । ସ୍ୱାସ୍ଥ୍ୟ ସୁଧାରିବା ପାଇଁ କଟକ ଆସି କଲେଜିଏଟ ସ୍କୁଲରେ ଭର୍ତ୍ତି ହେଲି ।

## ୧୫. କେତେଜଣ ପଣ୍ଡିତ ବ୍ୟକ୍ତି

ପୁରୀ ଜିଲ୍ଲାସ୍କୁଲରେ ପଢ଼ିଲାବେଳେ ଥରେ ଅଧେ ବୋର୍ଡିଂରେ ଗୋପବଂଧୁ ଦାସଂକୁ ଦେଖିଥିଲି । ମୁଁ ଯେଉଁ ବର୍ଷ ପୁରୀ ଜିଲାସ୍କୁଲରେ ଭର୍ତ୍ତିହେଲି ସେଇ ବର୍ଷ ସେ ସେଇ ସ୍କୁଲରୁ ପାଶ କରି କଟକ କଲେଜକୁ ଆସିଥିଲେ । ସେ ପୁରୀ ଜିଲା ସ୍କୁଲରେ ପଢ଼ିବା ବେଳେ ତାଂକର ଭାରି ନାଁ ଥିଲା । ତାଂକର ସହପାଠୀ ଥିଲେ ମୋର ଜ୍ଞାତି ବଡ଼ଭାଇ ସ୍ୱର୍ଗତ ଗୋପୀନାଥ ଦାସ ଓ ପେନସନପ୍ରାପ୍ତ ରାୟ ବାହାଦୁର ସ୍ୱର୍ଗତ ବୈଦ୍ୟନାଥ ମିଶ୍ର । ଏମାନେ ଉପାଧ୍ୟମାନ ଭଲଛାତ୍ର ଥିଲେ ବୋଲି ଏମାନଂକର ନାମଥିଲା । ପୁଣି ସେ ଅଂଚଳର ଲୋକଂକ ଭିତରେ ଏନ୍‌ଟ୍ରାନ୍‌ସ ପାଶ କରିବା ଗୋଟାଏ ବଡ଼ କଥା ଥିଲା । ବଂଗାଳୀ ଡେପୁଟୀ ଓକିଲଂକ ପିଲାଙ୍କଡ଼ା ଅନ୍ୟମାନେ ପ୍ରାୟ କେଣି ଏନ୍‌ଟ୍ରାନ୍‌ସ୍ ପାଶ କରୁ ନଥିଲେ କି ଏନ୍‌ଟ୍ରାନ୍‌ସ ପାଶଯାଏ ଯାଉ ନଥିଲେ ।

ହେଡମାଷ୍ଟର ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ ମଧ୍ୟରୁ ଅନେକ ହେଉଥିଲେ ବଂଗାଳୀ । ମୋ ମନେ ଅଛି ୧୯୦୪ରେ ପୁରୀର ମୁକ୍ତାର ଦେଶପ୍ରାଣ ସ୍ୱର୍ଗତ ରାମଚଂଦ୍ର ଦାସ ସମସ୍ତ ଓଡ଼ିଆଭାଷୀ ଅଂଚଳରୁ ଗଣି ଗଣି ଓଡ଼ିଆ ବି. ଏ. ମାନଂକର ନାମ ସେକାଳ 'ଉତ୍କଳ ଦୀପିକା'ରେ ଛପାଇଥିଲେ । ସଂଖ୍ୟାଟି ମୋର ମନେ ନାଇଁ; କିନ୍ତୁ ଶହ ପୁରି ନ ଥିଲା । ମଧୁବାବୁ ଓକିଲ

ଓ ସ୍ୱର୍ଗତ ଅଭିରାମ ଭଞ୍ଜଙ୍କୁ ମିଶାଇ ସେତେବେଳେ ଓଡ଼ିଆ ଏମ. ଏ. ଥିଲେ ବୋଧହୁଏ ପାଞ୍ଚ ଜଣ । ଠିକ୍ ମନେହେଉନାହିଁ, ହୁଏତ ଅନ୍ୟ ତିନିଜଣ ହେଉଛନ୍ତି, ସମ୍ବଲପୁରର ରାମନାରାୟଣ ମିଶ୍ର ଓ ଖରସୁଆଁର ଯୁଗଳକିଶୋର ତ୍ରିପାଠୀ ଓ ସମ୍ଭବତଃ ମଧୁବାବୁଙ୍କ ଭାଇ ଶ୍ରୀ ଗୋପାଳ ବଲ୍ଲଭ ଦାସ ।

## ୧୬. ସାହିତ୍ୟ ଯୁଦ୍ଧ

ଗୋପବନ୍ଧୁ ଦାସ ଲେଖକ ହିସାବରେ ମଧ୍ୟ ପରିଚିତ ହୋଇ ଉଠୁଥିଲେ । ସେତେବେଳେ ଓଡ଼ିଶାରେ ଗୋଟିଏ ସାହିତ୍ୟ ଯୁଦ୍ଧ ଲାଗିଥାଏ । ରାଧାନାଥ ରାୟ ଆଗେ ବଙ୍ଗଳାରେ ମାଇକେଲ ମଧୁସୂଦନଙ୍କୁ ଅନୁକରଣ କରି କବିତାମାନ ଲେଖୁଥିଲେ । ପରେ ଓଡ଼ିଆରେ ଲେଖା ଆରମ୍ଭ କଲେ । ନୂଆ ଛନ୍ଦ ଓ ନୂଆ ଶୈଳୀସବୁ ବଙ୍ଗଳାରୁ ଅନୁକରଣ କରି ଓଡ଼ିଆରେ ଭର୍ତ୍ତିକଲେ । ସେତେବେଳେ ସେ ଥିଲେ ସ୍କୁଲ ଇନସ୍‌ପେକ୍ଟର । ସେଇ ସୂତ୍ରରେ ସେ ନିଜ କବିତା ସାହିତ୍ୟ ପ୍ରଚାର ବି କରିବାରେ ଲାଗିଲେ, କେବଳ ପାଠ୍ୟପୁସ୍ତକରୂପେ ନୁହେଁ, ଅନ୍ୟଥା ମଧ୍ୟ । ମୋର ମନେଅଛି, ଥରେ ରାଧାନାଥବାବୁ ଇନସ୍‌ପେକ୍ଟର ପରି-ଦର୍ଶନରେ ସତ୍ୟବାଦୀ ଯାଇଥିଲେ । ପଣ୍ଡିତେ ଆମକୁ ସବୁ ସାଙ୍ଗରେ ଧରି ସତ୍ୟବାଦୀ ଡାକବଙ୍ଗଳାକୁ ଆସିଲେ । ସେଇ ମୋର ରାଧାନାଥବାବୁଙ୍କୁ ପ୍ରଥମ ଦେଖା । ଆମର ପରୀକ୍ଷା ସରିଲା ପରେ ରାଧାନାଥ-ବାବୁଙ୍କ ସାଙ୍ଗରେ ଆସିଥିବା ଜଣେ ଇନସ୍‌ପେକ୍ଟିଂ ପଣ୍ଡିତ ସାଙ୍ଗେ ସାଙ୍ଗେ କିଛିଦୂର ଆସି ତାଙ୍କୁ କହିଲେ, "କିଓ ତମେ ରାଧାନାଥବାବୁଙ୍କ **'ମହାଯାତ୍ରା'** କାବ୍ୟଟା ପଢ଼ିଛ ? ଏବେ ଛପା ହୋଇଛି । ବାବୁ ଲେଖିଛନ୍ତି । ଭାରି ଭଲ ନୂଆ ଲେଖା । କିଣି କରି ପଢ଼ିବ । ଆଉ ସମସ୍ତଙ୍କୁ ପଢ଼ିବାକୁ କହିବ । ତାଙ୍କ ବହି ଯେ ପଢ଼େ ତାକୁ ବାବୁ ଭାରି ସୁଖପାଆନ୍ତି ।"

ଅନ୍ୟାନ୍ୟ କାରଣ ମଧ୍ୟରେ ଏଇସବୁ କାରଣରୁ କଟକରେ ଦଳେ ପ୍ରତିଷ୍ଠିତ ସାହିତ୍ୟିକ ବଡ଼ ଚଞ୍ଚଳ ହୋଇ ଉଠିଲେ । ତେଣେ ରାଧାନାଥବାବୁଙ୍କ ପଛେ ରହିଲେ ବାମଣ୍ଡାର ସେ କାଳର ସାହିତ୍ୟିକ ରାଜା ଶ୍ରୀ ବାସୁଦେବ ସୁଢ଼ଳଦେବ । ଯୋଡ଼ାଏ କାଗଜ ବାହାରିଲା । ଗୋଟିଏ କଟକରୁ 'ଇନ୍ଦ୍ରଧନୁ' । ଆରଟି ତା'ର ପ୍ରତିବାଦୀ ବାମଣ୍ଡା ରାଜଧାନୀ ଦେବଗଡ଼ରୁ 'ବିଜୁଳି' । ମୁଁ ପିଲାଦିନେ କେବେ କାହା ଘରେ ପଡ଼ିଥିବା ଖଣ୍ଡେ 'ଇନ୍ଦ୍ରଧନୁ' ବା 'ବିଜୁଳି' ଦେଖିଛି । ଇନ୍ଦ୍ରଧନୁର ପ୍ରଧାନ ଶରବ୍ୟଥିଲା ଭାଷା ଓ ସାହିତ୍ୟରେ ବଙ୍ଗଳାର ଆକ୍ରମଣ । ସ୍ୱର୍ଗତ ଗୋପାଳବଲ୍ଲଭ ଦାସ, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ବନମାଳୀ ସିଂହ ପ୍ରଭୃତି ଇନ୍ଦ୍ରଧନୁ ପକ୍ଷରେ ମୁଖ୍ୟ ଥିଲେ । ଇନ୍ଦ୍ରଧନୁରେ ଚଟଣି ବୋଲି ବଡ଼ ସୁନ୍ଦର ଥଟ୍ଟା ସବୁ ବାହାରୁଥିଲା । ସେଇଥିରୁ ଗୋଟିଏ ମନେଅଛି । ସେଥିରୁ ଜଣାପଡ଼ିବ ବିଜୁଳିପକ୍ଷୀୟ ଆଘାତଟା କେଉଁଠାରେ ବାଜୁଥିଲା । ସେ ଚଟଣିଟି ହେଉଛି ଏଇ ଜଣେ ବଙ୍ଗାଳୀ ଦାରୋଗା ଜଣେ ଓଡ଼ିଆ ଚୌକିଦାରକୁ ପଚାରିଲେ, "ତୋମାର ବାଡ଼ି କୋଥାଏ । ଚୌକିଦାର କାଖରୁ ଠେଙ୍ଗାଟି କାଢ଼ି, ହାତରେ ଟେକି ଦେଖାଇ ଦେଲା । ଦାରୋଗା ଆଉ କିଛି ନ କହି ଏକାବେଳକେ ଦୌଡ଼ ଚମ୍ପଟ । ଦାରୋଗା ସେଇଦିନଠାରୁ ଠିକ୍ କରିନେଲେ— ଓଡ଼ିଆଙ୍କୁ ବାସସ୍ଥାନ ପଚାରିଲେ ସେମାନେ ମାରିବାକୁ ଉଠନ୍ତି ।

## ୧୭. ଗୋପବନ୍ଧୁ ଦାସ ଓ ଇନ୍ଦ୍ରଧନୁ

ଗୋପବନ୍ଧୁ ଦାସ ପୁରୀ ଜିଲ୍ଲାସ୍କୁଲରେ ତଳ କ୍ଲାସରେ ପଢ଼ିବାଦିନୁ 'ଇନ୍ଦ୍ରଧନୁ'ର ପକ୍ଷ । ଫୋର୍ଥ-କ୍ଲାସ ( 8th )ରେ ଥିଲାବେଳେ ସେ 'ଇନ୍ଦ୍ରଧନୁ'ରେ ଗୋଟିଏ କବିତା ଲେଖିଥିଲେ । ସେଥିରୁ ଗୋଟିଏ

ଧାଡ଼ି ମାତ୍ର ମୋର ମନେ ପଡ଼ୁଛି । ରାଧାନାଥବାବୁ ଦେଖିବାକୁ ବଡ଼ଧଡ଼ିଆ ଥିଲେ । ଗୋପବନ୍ଧୁ କବିତାରେ ଥିଲା ;

"ଧଡ଼ିଆ ପଣ୍ଡିତଂ-ମନ୍ୟ,
ବାଉରିସାହିରେ ଶୃଗାଳକେଶରୀ ପରି ହେଉଥାନ୍ତି ଗଣ୍ୟ"

ରାଧାନାଥବାବୁ ଥିଲେ ଇନ୍‌ସ୍‌ପେକ୍ଟର । ସେ ଜାଣିପାରିଲେ ଏ ଲେଖକଟି ପୁରୀ ଜିଲା ସ୍କୁଲର ଗୋଟିଏ ପିଲା । ସଙ୍ଗେ ସଙ୍ଗେ ଇନ୍‌କ୍ୱାରୀ ଚାଲିଲା । ରାଧାନାଥ-ବାବୁ ଯାଇ ପହଞ୍ଚିଲେ । ଗୋପବନ୍ଧୁ ଦାସଙ୍କର ସ୍କୁଲରୁ ବହିଷ୍କାର ଦଣ୍ଡ ଠିକ୍ ହୋଇଗଲା । ସ୍କୁଲର ହେଡ଼ ମାଷ୍ଟରଙ୍କ ସହିତ ଅନ୍ୟାନ୍ୟ ଅନେକ ଭଦ୍ରଲୋକ ବ୍ୟସ୍ତ ଓ ଚିନ୍ତିତ ହୋଇ ପଡ଼ିଲେ । ପୁରୀର ସ୍ୱର୍ଗତ ହରିସିଂହ ମିଶ୍ର, ବି. ଏ. ସେତେବେଳେ ନୂଆହୋଇ ପୁରୀ ଜିଲାସ୍କୁଲରେ ମାଷ୍ଟରୀ କରୁଥାନ୍ତି । ସେ ଉଦ୍ୟମ କରି ବହୁ ଭଦ୍ରଲୋକଙ୍କୁ ଆଣି ରାଧାନାଥବାବୁଙ୍କ ପାଖରେ ପହଞ୍ଚିଲେ । ଶୁଣିଛି ଶିକ୍ଷାବିଭାଗର ଅଧିନାୟକରୂପେ ରାଧାନାଥବାବୁ ମତ ଦେଇଥିଲେ, "ସେ ମୋ ବିରୁଦ୍ଧରେ ଲେଖିଲା, କି ଆଉ କାହା ବିରୁଦ୍ଧରେ ଲେଖିଲା ପଡ଼ନାଇ; କିନ୍ତୁ ଯେ ଆଜିଠୁ ଏପରି ଲେଖିପାରେ ସେ ଭବିଷ୍ୟତରେ ହେବ କ'ଣ ? ତାକୁ ଆଉ ବେଶି ଶିକ୍ଷାଦେଲେ ସେ ସମାଜର କି ଅନିଷ୍ଟ ନ' କରିପାରେ ?" ଶେଷକୁ ସମସ୍ତେ ପ୍ରମାଣ କରିବାକୁ ଚାହିଁଲେ ପିଲାଟା ହୁଏତ ନିଜେ ଲେଖିନାଇ, ଆଉ କିଏ ଲେଖି ଦେଇଛି କିମ୍ବା ସେ ହୁଏତ ଅନ୍ୟ କାହା ପ୍ରେରଣାରେ ଲେଖିଛି । ତାକୁ ଦଣ୍ଡ ନଦେଇ ଏଥର ପଡ଼ିବାର ସୁବିଧା ଦିଅନ୍ତୁ । ଆଉ ତା'ର ଚରିତ୍ର ଏପରି ଦେଖାଗଲେ ପରେ ଯାହା ହେବ କରି-ହିବ । ବହୁକଷ୍ଟରେ ଶେଷକୁ ଦଶଟଙ୍କା ଜୋରିମାନା ଦେଇ ସେ ବର୍ଷର ପ୍ରାଇଜ୍ ହରାଇ ଗୋପବନ୍ଧୁ ଦାସେ ଖିଅ ପାଣ୍ଡ ଖସିଗଲେ । ଏଇଟା ଖୁବ୍ ସମ୍ଭବ ୧୮୯୫ ବା ୧୮୯୬ ଖ୍ରୀ. ଅ.ର କଥା । ସେତେବେଳକୁ ଗୋପବନ୍ଧୁ ସେ କାଳର 6th Class ବା ଡବଲ ପ୍ରମୋସନ ପାଇ 4th classରେ ଥାନ୍ତି । ଯାହାହେଉ ଏହି ଶିକ୍ଷା ଫଳରେ ସେ ପରେ ସମାଜର ଅମଙ୍ଗଳ କରିବା କାର୍ଯ୍ୟରୁ କ୍ଷାନ୍ତ ହୋଇଥିଲେ କି ନା' ସେ କଥା କିଏ କହିବ । କିନ୍ତୁ ସେଇଦିନଠାରୁ ସ୍କୁଲ ମହଲରେ ଗୋପବନ୍ଧୁ ଦାସଙ୍କର ଖୁବ୍ ନାମ ହୋଇ ଯାଇଥିଲା ଓ ପ୍ରଥମଥର ପୁରୀ ଜିଲାସ୍କୁଲ ବୋର୍ଡିଂରେ ଗୋପବନ୍ଧୁଙ୍କୁ ଦେଖିବାର ମୋ ମନେଅଛି । ଟିକିଏ ଟିକିଏ ଦାଢ଼ି ଉଠିଥାଏ । ତା' ସେତେବେଳେ ବି କାଟନ୍ତି ନ'ଥାନ୍ତି । ସେ ଦିନ ହୋଇଥାଏ ଏକାଦଶୀ । ସେ ବୋର୍ଡ଼ିଂର ଗୋଟିଏ ଘରେ ଗାଧୋଇ ସାରି ଓଦା ଗାମୁଛାଟିଏ ପିନ୍ଧି ତଳେ ଚେକ ହୋଇ ବସି ଗୋଟିଏ ଥାଳରେ ଧୂଆ ଚୂଡ଼ା ସଙ୍ଗେ ଗୁଡ଼ ମିଶାଇ ଏକାଦଶୀ କରୁଥାନ୍ତି । ଆମେ ସବୁ ପିଲାଯାକ ଗୋପବନ୍ଧୁ ଦାସ ଆସିଚନ୍ତି ବୋଲି ଶୁଣି ଦୂର ଆଡ଼ୁଆଳରୁ ଲୁଚି ଲୁଚି ଦେଖୁଥାଉ । କଲେଜରେ ସେତେବେଳେ ସେ ପ୍ରଥମ ବର୍ଷୀୟ ଶ୍ରେଣୀରେ ପଢ଼ୁଥାନ୍ତି ।

## ୧୮. ରେଭେନ୍‌ସା କଲେଜ ଓ କଲେଜିଏଟ୍

ସେତେବେଳେ କଟକ ରେଭେନ୍‌ସା କଲେଜ ଓ କଲେଜିଏଟ୍ ହଷ୍ଟେଲ ପାଇଁ ଗୋଟିଏ ବୋର୍ଡିଂଘର ଥିଲା, ତାହା ଏବର କଲେଜିଏଟ ସ୍କୁଲ ବୋର୍ଡିଂ । ସେଇ ବୋର୍ଡ଼ିଂରେ କଟକ ସର୍ଭେ ସ୍କୁଲ ପିଲାମାନେ ବି ରହୁଥିଲେ । ସେଇ ହଷ୍ଟେଲର ପଶ୍ଚିମ ପଟକୁ ସର୍ଭେ ସ୍କୁଲଟି ଥାଏ । ମୁଁ ଆସି କଲେଜିଏଟ୍ ସ୍କୁଲରେ ନାଁ ଲେଖାଇ ସେଇ ହଷ୍ଟେଲରେ ରହିଲି । ସେତେବେଳେ ହଷ୍ଟେଲରେ ଓଡ଼ିଆ ପିଲା ବେଶି ନ ଥାନ୍ତି । ଖାଲି ବଙ୍ଗାଳୀ ଥାନ୍ତି; କଲେଜର ପ୍ରିନ୍‌ସି-ପାଲ ବଙ୍ଗାଳୀ । ପ୍ରଫେସରମାନେ ପ୍ରାୟ ବଙ୍ଗାଳୀ । କଲେଜିଏଟ ସ୍କୁଲରେ ବି ସେଇଆ । ସର୍ଭେସ୍କୁଲରେ ମଧ ସେଇଆ । ବୋର୍ଡ଼ିଂର ଅଧକ୍ଷ ଥାନ୍ତି ପ୍ରିନ୍‌ସିପାଲ

ବି. ଭି. ଗୁପ୍ତ । ବୋର୍ଡିଂର ସୁପରିନ୍‌ଟେଂଡେଂଟ ଥିଲେ କଲେଜିଏଟ ସ୍କୁଲର ଆସିଷ୍ଟେଂଟ ହେ.ମା. ସୁରେଶଚଂଦ୍ର ଗୁପ୍ତ । ମାଷ୍ଟରମାନେ କେଂବୁ ଓଡ଼ିଆ ପିଲାଂକ ପ୍ରତି କୌଣସି ଦୁର୍ବ୍ୟବହାର ବା ତାରତମ୍ୟ ବ୍ୟବହାର କରିବା ମୁଁ ଜାଣିନାଇ; କିନ୍ତୁ ବଂଗାଳୀ ଛାତ୍ରମାନଂକ ଅହଂକାର ଓ ଓଡ଼ିଆ ଛାତ୍ରଂକ ପ୍ରତି ତାଚ୍ଛଲ୍ୟ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଏଇ ଛାତ୍ରମାନଂକ ସଂଗେ ଶିକ୍ଷକ ଓ ପ୍ରଫେସରମାନଂକର ବ୍ୟବହାର ଓ ଚାଲିଚଳନରେ ସଂପର୍କ ବେଶି ଥିବାର କଥା; ତଥାପି ଶିକ୍ଷକମାନଂକର ସଦାଚାର ଓ ହୃଦ୍ୟତା ମୁଁ ଖୁବ୍ ଅନୁଭବ କରିଛି । ଏଇ ଶିକ୍ଷକମାନଂକ ଭିତରେ ଜଣେ ସେତେବେଳେ ଥିଲେ ଅରବିଂଦ ପ୍ରକାଶ ଘୋଷ । ତାଂକ ନାମ ବଂଗଳାରେ ଅନେକ ଜାଣଂତି । ସେ ଅତ୍ୟଂତ ଚରିତ୍ରବାନ୍, ନିଷ୍ଠାପର ଓ ସ୍ୱଦେଶପ୍ରାଣ ଥିଲେ । ଅଳ୍ପଦିନ ପରେ ବଂଗବିଭାଗବେଳେ କଲିକତାରେ ଯେତେବେଳେ ଜାତୀୟଶିକ୍ଷାର ପ୍ରଥମ ପ୍ରତିଷ୍ଠାନ ବସିଲା, ସେ ସେତେବେଳେ ଚାକିରି ଛାଡ଼ି ଦେଇ ନିଜର ଓ ନିଜ ଦୁସ୍ଥ ପରିବାର ଭରଣପୋଷଣ ପ୍ରତି ଭ୍ରୂକ୍ଷେପ ନ କରି ସେଇ ଅନୁଷ୍ଠାନରେ ଶିକ୍ଷକରୂପେ ଯୋଗ ଦେଇଥିଲେ । ସେ ଭଲ M. A. ପାଶ କରିଥିଲେ । ବଡ଼ ସୁଯୋଗ୍ୟ ଓ ସୁପଂଡିତ ଲୋକ ଥିଲେ । ଛାତ୍ରମାନଂକ ପ୍ରତି ତାଂକର ପୁତ୍ରତୁଲ୍ୟ ସମାନ ବ୍ୟବହାର ମୁଁ ଭୁଲି ପାରିନାଇ । ପରୀକ୍ଷାବେଳେ ସମସ୍ତେ ନଂବର ବୁଝିବାକୁ ଯାଆଂତି । ମୁଁ ଟିକିଏ ସେ ସବୁ ବିଷୟରେ ଲାଜକୁଳା ଥିଲି । ଦିନେ ସେ ମୋତେ ଡାକି କହିଥିଲେ, "ବାପା, ତମେ କାହିଁକି ନଂବର ବୁଝିବାକୁ ଆସୁନାହିଁ ?" ସେ କଥାଟା ଏପରି କହିଥିଲେ, ମୁଁ ସେତିକିରେ ଯେପରିକି କଣା ହୋଇ ଯାଇଥିଲି । ତା'ପରେ ବେଳେବେଳେ ମୁଁ ତାଂକ ପାଖକୁ ଯାଏ । ମନୁଷ୍ୟର ଚରିତ୍ର ଗଠନ କରିବାରେ ଏପରି ସୁଦକ୍ଷ ଶିକ୍ଷକ ମୁଁ ବଡ଼ କମ୍ ଦେଖିଛି । ଦିନେ ଗୋଟିଏ କୌତୁକ ଘଟଣା ଘଟିଥିଲା । ମୁଁ କହେଁ ।

ମୋହିନୀମୋହନ ଚୌଧୁରୀ ବୋଲି ଆମର ସେତେବେଳେ ଥିଲେ ହେଡ୍‌ମାଷ୍ଟର । ସେ ଅତି ସୁଚାରୁ-ଚେତା, ହୃଦୟବାନ୍ ବ୍ୟକ୍ତି । ସେ ଆମକୁ ଗଣିତ ପଢ଼ାଉଥିଲେ । ଜ୍ୟାମିତିର ବୃତ୍ତଚିତ୍ର ଆଂକିବାରେ ଏପରି କମ୍ ଲୋକ ଦେଖିଛି । ସେ ଅରବିଂଦ ବାବୁଂକ ଘରକୁ ବରାବର ଯାଆଂତି । ଅରବିଂଦ ବାବୁ ପରିବା କିଣିଆଣି ଥୋଇଦେଲେ । ବଂଗାଳୀ ଶିକ୍ଷକ ଓ ପ୍ରଫେସରମାନେ ଦୈନିକ ବଜାର କରିବାଟା ପ୍ରାୟ ନିଜେ କରଂତି । ଅରବିଂଦବାବୁ କହିଲେ, ଏ ବାଇଗଣ ଗୁଡ଼ାକ ମୁଁ କିଣି ଜାଣୁନାଇ । ଖାଲି ମଂଜିଆ ପଡ଼ୁଛି । ଖାଇ ହେଉନାଇ । ବୃଦ୍ଧ ମୋହିନୀବାବୁ ସାଧାରଣ କଥାବାର୍ତ୍ତାରେ ମଧ୍ୟ କପରି ରସିକତା କରି ଜାଣୁଥିଲେ କହିଦିଏଁ । "ଆପଣ ଏଇ ନୀଳକଂଠ ବସିଛି ପଚ୍ଛରୁ ନାହାଂତି । ଓଡ଼ିଶା ଯେ ଭଗବାନଂକ ଭୂମି, ଏଠି କ'ଣ ବଜାରରେ ବାଇଗଣ ବିକି ହୁଏ ମଣିଷ ଖାଇବାପାଇଁ । ଏ ଖାଲି ଭଗବାନଂକ ମହିମା କୀର୍ତ୍ତନ କରିବାପାଇଁ ବଜାରକୁ ଆସେ । ଭଗବାନ ଗୋଟିଏ ଗ୍ଲୋଟବାଇଗଣ ଭିତରେ କେତେ ବୃକ୍ଷବୀଜ ରଖିପାରଂତି, ଏହାଇ ଏଥିରେ ଦେଖିବାର କଥା । ଆପଣଂକର ବାଛିବାରେ ଭୁଲ ନାଇ ।"

## ୧୯. ଅରବିଂଦବାବୁ

ପରେ ଜାତୀୟ ବିଦ୍ୟାଳୟ କଲିକତାରୁ ଭାଂଗିଗଲା । ଅରବିଂଦବାବୁ ଏକପ୍ରକାର ଅନାହାରରେ ରହି ମରିବା ଦିନ ପର୍ଯ୍ୟଂନ୍ତ ନିଜେ ବିଦ୍ୟାଳୟ ଧରି କଲିକତାର ବିଦ୍ୟାସାଗରଲେନ୍‌ରେ ଆଉ କେତେକ ସହଯୋଗୀଂକ ସଂଗେ, ବସିଥିବାର ମୁଁ ଦେଖିଛି । ତାଂକ ଅନାହାରକ୍ଲିଷ୍ଟ, ରୁକ୍ଷ, ତେଜସ୍ୱୀ ବପୁ ମୋର ଏବେ ମନେ ପଡ଼ୁଛି । ତାଂକର ସହଯୋଗୀଂକ ମଧ୍ୟରେ ଜଣେ ହେଉଛଂତି ସ୍ୱର୍ଗତ ଶ୍ୟାମସୁଂଦର ଚକ୍ରବର୍ତ୍ତୀ । ସେ ସୁବକ୍ତା ଓ ସୁଲେଖକ ଥିଲେ । ଜାଣିବା ଲୋକଙ୍କ

ମନେ ରଖିଥିଲେ କଲିକତାର "The Servant" ନାମକ ଇଂରେଜୀ ଦୈନିକର ସେ ଥିଲେ ସଂପାଦକ । ସେତେବେଳକୁ ଅରବିନ୍ଦବାବୁ ନ ଥିଲେ । ଅରବିନ୍ଦ ବାବୁଙ୍କର ଜୀବନରେ ମାତ୍ରମଣ୍ଡି କଥାପୋନ ଗୋଟିଏ ଘଟଣା କହେଁ । ଦିନେ ଗୋଟିଏ ଦେବାଳୟରେ ସେ ଦର୍ଶନ କରିବାକୁ ଗଲେ । ସେଦିନ ଦେବତା-ମାନଙ୍କର ଗୋଟିଏ ପର୍ବଦିନ । ସେବାୟତମାନେ ନିୟମ କରିଥିଲେ ଗୋଟିଏ ପଇସା ଦେଲେ ଯାତ୍ରୀ ଦର୍ଶନ କରିବାକୁ ଯିବେ । ଅରବିନ୍ଦ କହିଲେ, "ଦେବାଳୟରେ ଏ କ'ଣ ବିଧି । ଆଚ୍ଛା ଯଦି କାହାପାଖେ ପଇସା ନଥାଏ, ଅଥଚ ସେ ଦର୍ଶନ କରିବାକୁ ଆସେ, କ'ଣ ହେବ ?" ସେବାୟତମାନେ କହିଲେ, "ସେପରି ଲୋକଙ୍କୁ ଆମେ ଛାଡ଼ିଦେବୁ ।" ଦରିଦ୍ର ଅରବିନ୍ଦ ସେତେବେଳେ ନିଜ ଜାତୀୟବିଦ୍ୟାଳୟରେ କାମ କରୁଥାନ୍ତି । ବହୁ କଷ୍ଟରେ ଫେରିବାର ରେଲଖର୍ଚ୍ଚଟି ତାଙ୍କ ପାଖେ ଥାଏ । ସେ ଟଙ୍କାକରୁ ବେଶି ନୁହେ । ସଂଗେ ସଂଗେ ଫେରଗଂଠିରୁ (ସେ କୁରୁତା ପିନ୍ଧୁ ନଥିଲେ) ସେତକ ପଇସା କାଢ଼ି ସେଇଠାରେ ଦରିଦ୍ରମାନଙ୍କୁ ବାଂଟିଦେଲେ । ସେବାୟତ ବିସ୍ମିତ ହୋଇଗଲେ । ତା'ପରେ ପଇସା ନଦେଇ ସେ ମନ୍ଦିରକୁ ଗଲେ ଓ ସମସ୍ତ ରାସ୍ତା ଗୁଲି ଗୁଲି ଫେରିଲେ । ଏଇପରି ବହୁଲୋକଙ୍କ ଚରିତ୍ରର ଦୃଢ଼ତା ଓ ନିଷ୍ଠା ଉପରେ ସେ କାଳେ ବଂଗଦେଶର ଜାତୀୟତା ପ୍ରତିଷ୍ଠିତ ହୋଇଥିଲା ।

## ୨୦. ହରି ଭାଇନା

କହୁଥିଲି ଗୋପବଂଧୁ ଦାସଂକ କଥା । ସେ ସେତେବେଳେ ବି. ଏ. ପଢୁଥାଂନ୍ତି କିଂବା ବି. ଏ. ପାଶକରି ଓକଲାତି ପଢୁଥାଂନ୍ତି ଠିକ୍ ମନେ ପଡୁନାଇ; କିଂନ୍ତୁ ବୋର୍ଡିଂରେ ଥାଂନ୍ତି । ତାଙ୍କ ସଂଗେ ଥାଂନ୍ତି ଆମର ହରିଭାଇନା—(ଏବର ଆଗ୍ରସି ହରିହର ଦାସ) । ହରିହର ଦାସ ହେଉଚଂନ୍ତି ଆମ ଗ୍ରାମର ମୋର ଜ୍ଞାତି ବଡ଼ଭାଇ, ମୋ'ର ଏକା ସେ ଥିଲେ ହରିଭାଇନା । ପରେ ସମସ୍ତେ ତାଙ୍କୁ ହରିଭାଇନା ବୋଲି ଡାକିଲେ । ସେ ଏଫ୍. ଏ. ପଢୁଥାଂନ୍ତି । ଏଥିପୂର୍ବରୁ ହରିଭାଇନା କଟକ ଆସିବାପରେ ଗୋପବଂଧୁ ଦାସଂକ ସଂଗେ ତାଂକର ଖୁବ୍ ପରିଚୟ ଓ ଘନିଷ୍ଠତା ହୋଇଥିଲା । ହରିଭାଇନା ତାଂକ କଥା ଆମ ଆଗେ ଖୁବ୍ କହୁଥିଲେ । ଗୋପବଂଧୁ ଦାସଂକ ଘର 'ସୁଆଣ୍ଡ', ଆମ ଗ୍ରାମକୁ ପ୍ରାୟ ପାଂଚ ମାଇଲ ଦୂରରେ ଭାର୍ଗବୀ ଉପରେ—ବଳିପୁର ଆରପାଖେ । ଥରେ ଆମକୁ ନେଇ ସେ ଗୋପବଂଧୁ ଦାସେ ଛୁଟିରେ ଗ୍ରାମରେ ଥିବାବେଳେ ତାଂକ ଗ୍ରାମକୁ ଯାଇଥିଲେ । ସଂଗରେ ଥିଲେ ଅନଂତ ମିଶ୍ରେ । ସେ ସେତେବେଳେ ପୁରୀ ଜିଲାସ୍କୁଲରେ ଛାତ୍ର । ଅନଂତ ମିଶ୍ରେ (ପ୍ରତ୍ନରକ ଅନଂତ ମିଶ୍ରେ) ସେ ଅଧ ଆମରି ଗାଁର ହରିଭାଇନାଂକ ସାନଶଳା । ସେଇଦିନ ଗୋପବଂଧୁ ଦାସଂ (ପରେ ତାଂକୁ ଆମେ ଡାକୁଥିଲୁ ଦାସେ ଆପଣେ) କ ସଂଗେ ଭଲ ପରିଚୟ । ସେ ଘଟଣା ମୋ ପକ୍ଷରେ ସ୍ମରଣୀୟ ।

## ୨୧. ନୈଷ୍ଠିକ ପରିବାର

ଦେଖିଲୁ ଛୁଟିରେ ସେ ଘରେ ନାହାଂନ୍ତି । ସେ ସେତେବେଳେ ସପତ୍ନିକ । ଗୋଟିଏ ପୁଅ ଆଉ ଗୋଟିଏ ଝିଅ ବୋଧହୁଏ ହୋଇଥାଏ; କିଂନ୍ତୁ ସେ ଘରେ ରହୁ ନଥାଂନ୍ତି । ପରବର୍ତ୍ତୀ ଘଟଣା ଯଥା ସ୍ଥାନରେ କହିବି । ଏବେ କହିଦିଏଁ ଦାସ ଆପଣଂକ ଘର ହିଂନ୍ଦୁ ଗୃହସ୍ଥର ଦାଂପତ୍ୟନିଷ୍ଠା ଓ ତହିଁ ସଙ୍ଗେ ଅତି ସୁସଂଗତ ଓ ସମୀଚୀନ ଯୌନନିଷ୍ଠା ମୁଁ ଆଉ ଦେଖିନି ବୋଲି ମନେ ହେଉନାଇ । ସକାଳୁ ପ୍ରାୟ ଦିନ ପହରକ ସରିକି ତାଙ୍କ ଘରଠାରେ ପହଂଚିଲୁ । ଶୁଣିଲୁ ସେ ଗାଁ ମୁଣ୍ଡ ଠାକୁରାଣୀ ଜାଗେଶ୍ୱରୀଂକ ପାଖେ 'ସପ୍ତା' ବା 'ସପ୍ତାଙ୍ଗ'ରେ ବସିଚଂନ୍ତି । ଏ ସପ୍ତା ଅନୁଷ୍ଠାନଟି

ହେଉଛି ସାତଦିନ ଦିବସ କରି ବାହାରେ ରହି ସମସ୍ତ ଜଗନ୍ନାଥ ଦାସଂଙ୍କ ବାରସ୍କଂଦଯାକ ଭାଗବତଟି ଥରେ ଆବୃତ୍ତି କରିବା । ଯାଇ ଦେଖିଲୁ ସୌମ୍ୟ ବପୁ, ଉଜ୍ଜ୍ୱଳ ଚକ୍ଷୁ, ଗୋପବଂଧୁ ପ୍ରାତଃସ୍ନାନ ସାରି ମଠାପିଂଧି ପୀଢ଼ାରେ ବସି ଆଗରେ ପୋଥି ଆସନରେ ତାଳପତ୍ର ଭାଗବତ ପୋଥିଟି ଥୋଇ ସେଥିରୁ ଖେଦାଟିଏ କାଢ଼ି ହାତରେ ଧରି ଦେହାଂକ ଆଗେ 'ଋଜୁପୃଷ୍ଟକଟିଗ୍ରୀବ' ହୋଇ ସୁଂଦରସ୍ୱର ଝଂକାରରେ ଭାଗବତ ପଢ଼ୁଚଂନ୍ତି । ପାଖରେ ଦୁଇ ଚାରିଜଣ ଶ୍ରୋତା ଅଛଂନ୍ତି ଓ ସେବକଟି ବି ସ୍ନାନତ୍ରକାର ସାରି ଚିତାଚୈତନ କରି ବସିଛି । ଚୂଡ଼ାଦଣ୍ଡା ବାଲଭୋଗ ହୋଇଥିଲା; ସେଥିରୁ ବାକି ଥିଲା । ଆମେ ସ୍ନାନନିତ୍ୟକର୍ମାଦି ସାରି ସେଇଥିରୁ ପ୍ରସାଦପାଇଲୁ । ପ୍ରାୟ ବେଳ ଦୁଇଦଣ୍ଡ ଥାଇ ଭାଗବତ ପଢ଼ା ସରିଲା । ଉଆଭାତ ସେବକଗଂଧି ବେଢାରେ ବାଢ଼ିଥିଲା । ପାତ୍ର-ମାନଙ୍କରେ ବି ଡାଲି ଓ ତରକାରି ଥିଲା । ସବୁ ସେଇ ଭାଗବତଂକୁ ଭୋଗ ଦିଆହେଲା । ଦାସେ ଆପଣେ କଦଳୀପତ୍ର ଖଂଡଏ ପକାଇ ଦିବସରେ ବସିଲେ । ଆମେ ଓ ଆଉ ଯେ ଥିଲେ ସମସ୍ତେ ଖଂଡଏ ଖଂଡଏ କଦଳୀ ପତ୍ର ପକାଇ ସାଂଗରେ ବସିଲୁ । ସେ ଦିନର ଅନୁଭୂତି ମୋର ନୂଆ । ଆମେ ଶାସନୀ ବ୍ରାହ୍ମଣ । ଗୋପବଂଧୁବାବୁ ଶାସନୀ ନଥିଲେ । ସେ କାଳର ରୀତି ଅନୁସାରେ ସେ ଆମଠାରୁ ଶ୍ରେଷ୍ଠ ବ୍ରାହ୍ମଣ; ଆମର ତାଙ୍କ ଘରେ ଖାଇବାର ନୁହେଁ । ପୁଣି ସେବକ ରଂଧାଭାତ, ତା'ପୁଣି ବେଢାରୁ ଆଂଜୁଳାରେ ପରଶା ହେବ, ସେବକ ପରଶିବ । ବିନାଚଳୁରେ ଖାଇବାକୁ ହେବ । ଏଥିରେ ମୁଁ ଓ ଦୁଏକ ମୋର ସଙ୍ଗୀ ଦୁହେଁ ଏକାବେଳକେ ଅନଭ୍ୟସ୍ତ । ପୁଣି ଓଡ଼ିଆ ଜଗନ୍ନାଥ ଦାସଂକ ଭାଗବତକୁ ଭୋଗ ଦିଆ ହେଉଛି । ସେ'ତ ଆମର ଅସ୍ପୃଶ୍ୟ । ଜଗନ୍ନାଥ ଦାସ ଶାସନୀ ଥିଲେ । ଓଡ଼ିଆରେ ଭାଗବତ ଲେଖିଥିଲେ ବୋଲି ସେ କପିଳେଶ୍ୱରପୁର ଶାସନଟି ପୁରା ଶାସନ ଭିତରେ ଅସ୍ପୃଶ୍ୟ ଓ ଅପାଂକ୍ତେୟ ହୋଇଥିଲେ । ଶାସନମାନଂକରେ ଓଡ଼ିଆ ଭାଗବତ ଛୁଇଁବା ଚଳୁ ନଥିଲା । ଏବେ ବି ଦୁଏତ ସାଧାରଣ ସ୍ଥାନରେ ସଂସ୍କୃତ ପୁରାଣପାଠ ହେଲାପରି ଜଗନ୍ନାଥ ଦାସଂକ ଭାଗବତ ପାଠ ଶାସନରେ ହୋଇନାଇ । ସେଦିନ ଆମେ ଚଳୁ ନ କରି ସମସ୍ତେ ସେ ଭାତ ଡିଅଣ ଖାଇଲୁ । କିଂତୁ ମୋର ମନେଅଛି, ଅଧାଖିଆ ପର୍ଯଂତ ମୋ ପେଟକୁ ଭାତ ଯାଉନଥାଏ ।

## ୨୨. ଭାର୍ଗବୀନଦୀକୂଳରେ ଆମର ପ୍ରତିଜ୍ଞା

ଦେବାନଂଦରକୁ ଲାଗିଛି ଭାର୍ଗବୀନଦୀର ବଂଧ । ବଂଧତଳକୁ ପାଣି । ପାଣି ପରେ ନଈଭିତର ବାଲି । ସେଇ ବାଲି ଭିତରେ ଖାଗାଦିନେ ଦୁଏ ବାଳପୁର ମୌଜାର ଶ୍ମଶାନ । ସେଦିନ ସଂଧ୍ୟାବେଳକୁ ଜହ୍ନ ପଡ଼ିଗଲା । ଆକାଶ ପରିଷ୍କାର । କଳା ଭ୍ରମରପରି ପାଣି ଧାରଟି ପରେ ରୂପାଗୁଣ୍ଡ ବିଛା ହୁଣା ହେଲାପରି ବାଲି ଦାଉ ଦାଉ ଦିଶୁଛି । ସେତେବେଳେ ସେ ଅଂଚଳରେ ଭାରି ବାଡ଼ି (ହଇଜା) ପଡ଼ୁଥାଏ । ବାଳପୁରରେ ବେଶି ଲାଗିଥାଏ । ଲୋକେ ମୁର୍ଦାର ପୋଡ଼ି ପାରୁ ନଥାଂନ୍ତି । କେହି କେହି ଶ୍ମଶାନରେ ଦରପୋଡ଼ା କରି ଛାଡ଼ୁଯାଂନ୍ତି । ଅତି ଗରିବ ଲୋକେ ଦୁଏତ ମୁର୍ଦାର ମୁହଁରେ ନିଆଁ ଦେଇ ଘରକୁ ଚାଲିଯାଂନ୍ତି । ଦୁର୍ଭିକ୍ଷ ବା ମଡ଼କ ପଡ଼ିଲେ ଅନେକ ଗ୍ରାମରେ ଏଇପରି ହୁଏ । ସେଦିନ ନଈ ବଂଧ ଉପର ବରଗଛମୂଳ ଝଳଝଂଳିତ ସ୍ଥଳରେ ଗୋପବଂଧୁ ଦାସଂକୁ ଘେନି ଆମେ ଚାରିଜଣଯାକ ଖଂଡଏ ଦୋପଟା ବିଂଚ ପକାଇ ସଂଧ୍ୟାପରେ ସେଇ ବରଗଛମୂଳେ ବସିଲୁ । ଆରପାଖେ ଶିଆଳିଆସବୁ କଳକଳି ଦରପୋଡ଼ା ମଡ଼ା ଓଟାରୁଥାଂନ୍ତି । ମୁର୍ଦାରଂକ କୋକେଇ [Coffin]ର କନାକଉରି ସବୁ ପଡ଼ିବାର ଦିଶୁଥାଏ । ଆମର ଗପ ଚାଲିଲା । ଗୋପବଂଧୁ ଦାସଂକ ପରି ଗଳ୍ପକରି ଭୁଲାଇବା ଲୋକ ବଡ଼ କମ୍ ଅଛଂନ୍ତି । ବିଶେଷରେ ଆମେ ପିଲା । ସେ ରାତି ଗଳ୍ପର ବିଷୟକୁ

[illegible]ରେ ଆଙ୍କ ହୋଇଗଲା । ଚନ୍ଦ୍ର ବୁଡ଼ିଗଲେ । [illegible] ବି ସକାଳ ହୋଇ ଆସିଲା । ଆମେ ତନ୍ମୟ । ଶେଷକୁ ଠିକ୍ ହେଲା; "ଆମେ ପାଠପଢ଼ି ସରକାରୀ ଚାକିରି କରିବା ନାହିଁ । ଦେଶପାଇଁ କଷ୍ଟ କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ତା'ଠାରୁ ଉନ୍ନତ ଦେଖି ମରିବା ।

## ୨୩. ସ୍କୁଲ ବୋର୍ଡ଼ିଂ

ସେଇ ଦାସ ଆପଣଙ୍କ ସଂଗେ ଏବେ ବୋର୍ଡ଼ିଂରେ ରହିବାର ସୁବିଧା ମିଳିଲା । ସେତେବେଳକୁ ସମ୍ବଲପୁରର ହରିହର ପୁଝାରୀ ଓ ତାଙ୍କ ଭାଇ ସ୍ୱର୍ଗତ ଡାକ୍ତର ସନାତନ ପୁଝାରୀ ଦୁହେଁ କଲେଜରେ ବି. ଏ. ଓ ଏଫ୍. ଏ. ପଢ଼ୁଥାନ୍ତି । ଗୋପବନ୍ଧୁ ଦାସଙ୍କ ସଂଗେ ସମ୍ବଲପୁରର ଶ୍ରୀ ବାଲୁକେଶ୍ୱର ମିଶ୍ର ଓକିଲାତି ପଢ଼ୁଥାନ୍ତି । ଦାସେ ଆପଣଙ୍କ ସଂଗେ ସେମାନଙ୍କର ବିଶେଷ ସୌହାର୍ଦ୍ଦ୍ୟ ଥାଏ । ସମସ୍ତେ ପ୍ରତିଦିନ ବସି ଆଳାପ କରୁ । ଗୀତାପଢ଼ା ଖୁବ୍ ଚାଲେ । ମୁଁ ସେତେବେଳେ ବଡ଼ ନୈଷ୍ଠିକ ଥିଲି । ଅତି ପ୍ରତ୍ୟୁଷରୁ କାଠଯୋଡ଼ିରେ ସ୍ନାନ ସାରି ମଠାପିନ୍ଧି ତନ୍ମୟ ହୋଇ ଗୀତା ପଢ଼େ । କେତେଦିନ ମଧ୍ୟରେ ଗୀତା ଶେଷକରି ଉପନିଷଦ ଆରମ୍ଭ କରିଦେଲି । ସେତେବେଳେ ସୀତାନାଥ ତତ୍ତ୍ୱଭୂଷଣଙ୍କ ସଂସ୍କୃତ ଟୀକା ଓ ଇଂରେଜୀ ଅର୍ଥଥିବା ଉପନିଷଦ ତିନିଖଣ୍ଡ କିଣିଥିଲି ଓ ପଢ଼ୁଥିଲି ।

ମନ୍ମଥ ବାବୁ ବୋଲି କଲେଜିଏଟ ସ୍କୁଲରେ ଆମର ଡ୍ରଇଁ ମାଷ୍ଟର ଥାନ୍ତି । ତାଙ୍କ ହାତ ଡ୍ରଇଁ ବଡ଼ ସୁନ୍ଦର । ଅବଶ୍ୟ ମଡ଼େଲ ଡ୍ରଇଁ ନୁହେଁ— ଫ୍ରିହ୍ୟାଣ୍ଡ ଡ୍ରଇଁ । ଆମର ପାଠ୍ୟ ଥାଏ ଡ୍ରଇଁରେ ଭଲକଲେ ନାମପାଖରେ ଗୋଟାଏ ତାରାଚିହ୍ନ ମିଳୁଥାଏ । ମୋର ସହପାଠୀ ଥିଲେ ରମେଶଚନ୍ଦ୍ର ମଜୁମଦାର ( ଏବେ ବଙ୍ଗଳାରେ ପ୍ରସିଦ୍ଧ Dr. R. C. Mazumdar ) ସୁଶୀଲକୁମାର ଦେ ( ଢାକା ବିଶ୍ୱବିଦ୍ୟାଳୟର ପେନସନପ୍ରାପ୍ତ ଐତିହାସିକ Dr. S. K. De ) ଓ ହିଂଦୋଳର ସ୍ୱର୍ଗତ ଘନଶ୍ୟାମ ମିଶ୍ର ( ପେନସନପ୍ରାପ୍ତ ସ୍କୁଲ ସବ୍-ଇନସ୍‌ପେକ୍ଟର୍ ଗଣେଶ୍ୱର ମିଶ୍ରଙ୍କ ସାନଭାଇ ଏବେ ସେ ମରିଗଲେଣି । ଏମାନେ ଥିଲେ ବଡ଼ ଭଲ ଛାତ୍ର । ଡ୍ରଇଁ ମଧ୍ୟ ବଡ଼ ଭଲ କରି ପାରୁଥିଲେ । ମୋର କିନ୍ତୁ ଡ୍ରଇଁରେ ଆଦୌ ହାତ ଭଲ ନଥିଲା । ଥରେ ମନେଅଛି, ପୁଷ୍କଳାସ୍କୁଲର ଡ୍ରଇଁ ପଣ୍ଡିତ ସ୍ୱର୍ଗତ ପରମାନନ୍ଦ ମିଶ୍ର ଆମକୁ ଘରୁ ଗୋଟିଏ ଘୋଡ଼ା ଆଙ୍କିବାକୁ ଦେଇଥିଲେ । ମୋ ଚିତ୍ରଟି ଦେଖି ସେ କହିଲେ, ଏ କ'ଣ ବିଲୁଆ ପିଲା ? ତଳେ ଘୋଡ଼ା ବୋଲି ଲେଖି ଦେଲୁନାଇଁ ! କିଏ ଚିହ୍ନିବ ?" ତଥାପି ପିଲାଦିନ ପଢ଼ାରେ ମୁଁ ବଡ଼ ଜିଦ୍‌ଖୋର ଥିଲି । ପ୍ରଥମେ ମୁଁ ଇତିହାସରେ ବଡ଼ ଅପଟୁ ଥିଲି । ବର୍ଷ ତାରିଖ ସବୁ ମୋର ଆଦୌ ମନେ ରହୁ ନଥିଲା । କୌଣସି ମାଷ୍ଟର ନାଁ ମୋ ମନେ ହେଉନାଇଁ । ମୋତେ କହିଥିଲେ, "ତୋ ହାତେ ଇତିହାସ ହେବନାଇଁ । ତେବେ କ'ଣ ତୋ' ପାଇଁ ଇତିହାସ ଆଉ କିଏ ପଢ଼ିବ ?" ସେ କଥାଟି ମୋ ମନକୁ ବାଜି ଲାଗିଥିଲା । କ୍ରମେ ଗୀତାରୁ ଶିଖିଲି "କର୍ତ୍ତବ୍ୟ ।" ମୋର କର୍ତ୍ତବ୍ୟ ମୋତେ କରିବାକୁ ହେବ । ପଢ଼ାଭିତରେ ଇତିହାସ ଅଛି । ମୋ ହାତେ ହବନାଇଁ କହିଲେ କ'ଣ ହେବ । ମୋତେ ପଢ଼ିବାକୁ ହେବ, ମନେରଖିବାକୁ ହେବ । ଏହା ମୋର କର୍ତ୍ତବ୍ୟ । ସେଇଦିନଠାରୁ ମନେ ଅଛି, ଆମର ପଢ଼ାହେଉଥିବା ଅଧରଚନ୍ଦ୍ର ମୁଖାର୍ଜୀଙ୍କ ଭାରତ ଇତିହାସ ( History of India )ର ପ୍ରତ୍ୟେକ ଘଟଣା ସନ ତାରିଖ ସହିତ ମୁଁ ବାରମ୍ବାର ପଢ଼ି ମନେ ରଖିଥିଲି । ତା' ମୋର ଏପରି ଅଭ୍ୟାସ ଅଛି ଯେ ଏବେ ମଧ୍ୟ ଇତିହାସର ଘଟଣା ଓ ସନ ତାରିଖ ମୋର ଖୁବ୍ ମନେ ରହେ । ଏବେ ସେଇ ନିଷ୍ଠାରେ ଡ୍ରଇଁରେ ଲାଗିଗଲି । ପ୍ରତି ଶନିବାର

ଦେଢ଼ଟାରେ ସ୍କୁଲଛୁଟି ହେଲାପରେ ମୁଁ ସଂଧ୍ୟା ଛଅଟାଯାଏ ଡ୍ରିଲ୍ କରେ । ଶେଷରେ ପରୀକ୍ଷାରେ ଡ୍ରିଲ୍ ପାଇଁ ମୁଁ ତାରାଚିହ୍ନ ପାଇଥିଲି । ସେ ଯାହାହେଉ, ମୁଁ ଡ୍ରିଲରେ କ'ଣ କରିଥିଲି, ସେ କଥା ପାଇଁ ଏହା କହୁନାହିଁ । ଗୋଟିଏ ଶନିବାରରେ ସକାଳୁ ମୋର ଖାଇବାରେ ରୁଚି ହେଲାନାହିଁ । ନିଂଗୁଡ଼ା ଖାଇଚି ଦାସେ ଆପଣଂକୁ କହିବାରେ ସେ କହିଲେ, "ଆଉ ଖାଅ ନାହିଁ ।" ମୁଁ ଦେଢ଼ଟାବେଳେ ସ୍କୁଲରୁ ଆସିଲି । ଖୁବ୍ ଗୋଟାଏ ବଡ଼ ଝାଡ଼ା ହୋଇଗଲା । ଦାସେ ଆପଣେ, ହରିହରଭାଇନା, ବାଲୁଂକେଶ୍ୱର ସନାତନଂକ ସହିତ ନଈକୂଳକୁ ବୁଲିଯିବାକୁ ମୋତେ ଡାକିବାକୁ ଆସିଲେ । ମୁଁ ଡ୍ରିଲ୍ କରୁଥିଲି । ଗୋଟାଏ ବଡ଼ ଝାଡ଼ା ହୋଇଗଲା । ମୋତେ ଦୁର୍ବଳ ଲାଗୁଚି କହିବାରୁ ଦାସେ ଆପଣେ ଉତ୍ସାହ ଦେଇ କହିଲେ, "ସକାଳେ ଖାଇବାକୁ ମନ ହେଉ ନଥିଲା, ଏବେ ପେଟଟା ତଂବାତାର ପରି ସଫା ହୋଇଗଲା । ଆଉ କିଛି ଭୟନାହିଁ । ତମେ ତେବେ ବୁଲିବାକୁ ନଆସ ।" ସେମାନେ ଚାଲିଗଲେ । ମୁଁ ଡ୍ରିଲରେ ମନଦେଲି । ଏ ମଧ୍ୟରେ ଥରକୁ ଥର ଘନ ଘନ ପ୍ରାୟ ଚାରି ପାଂଚ ଥର ଝାଡ଼ା ହୋଇଗଲା । ମୁଁ କିଂତୁ ଡ୍ରିଲ୍ କରୁଥାଏ । ସଂଧ୍ୟାକୁ ଦାସେ ଆପଣେ, ହରିଭାଇନା ଦୁହେଁ ଫେରିଆସି ମୋ ପାଖରେ ପହଂଚିଲେ । ହରିଭାଇନା ହଠାତ୍ କହିଲେ, "କିରେ ତୁ ଏମିତି କଳାକାଠପରି କିଆଁ ଦିଶୁଛୁ ? ଜଣାପଡ଼ିଲା ମୋର ହଇଜା ହେଉଚି । ଡାକ୍ତର ଥିଂଲେ ଆନଂଦଲାଲ୍ ମିଶ୍ର । ତାଙ୍କ ପାଖକୁ ଖବର ଦିଆଗଲା । ବୋର୍ଡିଂରେ ଚହଳ ପଡ଼ିଗଲା । କ୍ରମେ ମୁଁ ଆଉ ଉଠିପାରିଲି ନାହିଁ । ଆଜି ସେ କଥା କହି ହେଉନାହିଁ । ଦାସେ ଆପଣେ ମୁଂଡ ଉପରେ ବସି କାଂଦୁଥାଂନ୍ତି । ହରିଭାଇନା ନିଜ କୋଡ଼ରେ ଗୋଡ଼ ଦିଓଟି ଧରି ଆଉଁସୁଥାଂନ୍ତି । ଟେକିକରି ନେଇ ବାହାରେ ଝାଡ଼ା କରାଉଥାଂନ୍ତି । ପରିଷ୍କାର କରାଉଥାଂନ୍ତି, କ୍ରମେ ଅବସ୍ଥା ଖରାପ ହେଲା । ସ୍ୱର ବସିଗଲା । ବହୁ କଷ୍ଟରେ ଦାସେ ଆପଣଂକୁ କହିଲି ଗୀତା ପଢ଼ନ୍ତୁ । ସେ ଦ୍ୱିତୀୟ ଅଧ୍ୟାୟରୁ "ଅଶୋଚ୍ୟା ନନ୍ୱଶୋଚସ୍ତ୍ୱଂ" ବୋଲି ଆରଂଭ କଲେ । କିଂତୁ କାଂଦରେ ଗଦ୍‌ଗଦ୍ ହୋଇ ଆଉ ପଢ଼ି ପାରିଲେ ନାହିଁ । ସେ ରାତି ସେ ଦୁହେଁ ଖାଇ ନଥାଂନ୍ତି କି ଶୋଇ ନଥାଂନ୍ତି । ସକାଳ ହୋଇ-ଗଲା । ନିତ୍ୟାନଂଦବାବୁ ଓ ବାଲୁଂକେଶ୍ୱର ଦୁହେଁ ଦେଖିବାକୁ ଆସିଲେ । ନିତ୍ୟାନଂଦବାବୁ ପଚାରିଲେ, "ମୁଁ କିଏ ଚିହ୍ନିପାରୁଚ ?" ମୋ ମନେ ପଡୁଚି ତାଂକ ମୁହଁଟା ଜାଲୁଜାଲୁଆ ହୋଇ ମୋତେ ଗୋଟାଏ ବେତାପରି ଦିଶୁଥାଏ । ମୁଁ ଚିହ୍ନି ପାରିଲି ନାହିଁ । ଦେହରେ ପ୍ରଚୁର ଝାଳ ବୋହୁଚି । ହାତଗୋଡ଼ ଋହି-ଆସିଲାଣି । ଦାସେ ଆପଣେ ଆଉ ସଂଭାଳି ପାରିଲେ ନାହିଁ । ଭେଁ ଭେଁ ପିଲାଂକପରି କାଂଦିଲେ । ହରିଭାଇନା ମଧ୍ୟ ସଂଭାଳି ନପାରି ସେଥିରେ ଯୋଗଦେଲେ । ମୋର କିଂନ୍ତୁ ଜ୍ଞାନ ନ ଥାଏ । ମୁଁ ମରିବାକୁ ପ୍ରସ୍ତୁତହୋଇ ଗୀତାର "ବାସାଂସି ଜୀର୍ଣ୍ଣାନି" ଶ୍ଳୋକଟି ମନେ ମନେ ସ୍ମରଣ କରୁଥାଏ । ଏତିକିବେଳେ ଆନଂଦବାବୁ ଆସି ପହଂଚିଗଲେ । ଜାଣିବାମାତ୍ରେ ମୋ ଦେହରୁ ଝାଳ ଶୁଖିଗଲା । ମୋତେ ପରିଷ୍କାର ଦିଶିଲା । ପରେ ଜାଣିଲି ସବୁ ରୋଗରେ ଏଇପରି ଜୀବନ ସଂଶୟର ସମୟ ଆସିଲାବେଳେ ହଠାତ୍ ସାଂଘାତିକ ବା ଶୁଭଙ୍କର ହୋଇଯାଏ । ହରିଭାଇନା ଗୁପ୍ତରେ ମୋତେ ଧରି ଗୋଟିଏ ଅନ୍ୟ ଏକୁଟିଆ ଘରକୁ ନେଇଗଲେ । ମୁଁ କ୍ରମେ ଆରୋଗ୍ୟ ଆଡ଼କୁ ଗଲି । ସାତଦିନ ପରେ ଭାତ ଖାଇଥିଲି । ଏ ୧୯୦୩ ଖ୍ରୀ. ଅ. ର କଥା ।

## ୨୪. ମଧୁବାବୁ

ସେଇବର୍ଷ ହେଉଚି ଉତ୍କଳ ସମ୍ମିଳନୀର ଆରଂଭ; କଟକରେ ଇଦ୍‌ଗାଂଚଡ଼ିଆରେ ପ୍ରଥମ ଅଧିବେଶନ । ଏ ଉତ୍କଳ ସମ୍ମିଳନୀ କାହିଁକି କପରି ଆରଂଭ ହେଲା ସେ ବିଷୟରେ ଯାହା ଜାଣିଥିଲି ତହିଁରୁ ଯାହା ମନେଅଛି

ଭାଗକୁ ଧରି କହୁଅଛି । ଗଂଜାମ ଥିଲା ମାଂଦ୍ରାଜରେ । ସଂବଲପୁର ଥିଲା ମଧ୍ୟପ୍ରଦେଶରେ ଓ ମେଦିନୀପୁର, ସିଂହଭୂମ ପ୍ରଭୃତି ଓଡ଼ିଶା ପରି ବଂଗପ୍ରଦେଶରେ ଥିଲେ ମଧ୍ୟ ଓଡ଼ିଶା ଯେ ଗୋଟିଏ ସ୍ୱତଂତ୍ର କମିସନରଙ୍କ ବିଭାଗ ( Orissa Division ) ହୋଇଥିଲା, ସେଥିରେ ନଥିଲା । ତେଣୁ ମେଦିନୀପୁର, ସିଂହଭୂମର ଓଡ଼ିଆମାନେ ଓଡ଼ିଶାକୁ ଆସିବାକୁ ସେତେ ବ୍ୟାକୁଳ ହୋଇ ନଥାଂତେ; କିଂତୁ ମେଦିନୀପୁର ଓ ଧଳଭୂମରେ ଭିତାଟା ବଂଗଳା ଓ ଛୋଟନାଗପୁର ସଂଗେ ସିଂହଭୂମ ଭାଷା ଦ୍ୱଂଦ୍ୱ ହୋଇଯିବାରୁ ସେ ଅଂଚଳରେ ଯାହା କିଛି ଶୃଂଖଳା ଉପୁଜିଥାଏ । ମାତ୍ର ଗଂଜାମ, ସଂବଲପୁର କଥା ଅଲଗା । ବିଶେଷରେ ଇଂରେଜମାନଙ୍କ ଅଧିକାର ଠିକ୍ ପୂର୍ବରୁ ଓ ଠିକ୍ ପରେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ଥାନ ଥିଲା ଗଂଜାମ । ସେମାନେ ଓଡ଼ିଶାକୁ ଆସିବାକୁ ଭାରି ଛଟପଟ ହେଉଥିଲେ । ବିଶେଷରେ ତେଲେଂଗା ଭାଷାର ଓଡ଼ିଆଭାଷା ସଂଗେ କୌଣସି ସଂପର୍କ ନଥିବାରୁ ଓ ମାଂଦ୍ରାଜ ସରକାର ଅଧୀନରେ ସବୁ କର୍ମଚାରୀ ତେଲେଂଗା ତାମିଲ ହେଉଥିବାରୁ, ପୁଣି ସ୍କୁଲ କଚେରୀରେ ଓଡ଼ିଆଭାଷା ନଚଳି ତେଲେଂଗା ଭାଷା ଚଳୁଥିବାରୁ ସେଠା ଲୋକେ ଭାରି ବ୍ୟସ୍ତ ହେଉଥିଲେ । ଜୟପୁରର ମଧ୍ୟ କେହି କେହି ସେଥିରେ ଯୋଗ ଦେଉଥିଲେ । ୧୯୦୨ ରେ ସମସ୍ତ ଓଡ଼ିଆଭାଷୀ ଅଂଚଳରୁ ଲୋକଙ୍କୁ ନିମଂତ୍ରଣ କରି ସେମାନେ ଗୋଟାଏ ସମ୍ମିଳନୀ ସଭା ଡାକିଲେ । ଗୋପବଂଧୁ ଦାସେ ସେ ସଭାକୁ ଯାଇଥିଲେ ।

ସେତିକିବେଳକୁ ସେଇ ସଂପର୍କରେ ଆଉ ଗୋଟାଏ ବଡ଼ ଘଟଣା ଘଟିଲା । ସେ ବର୍ଷ ଭାରତ ଜାତୀୟ କଂଗ୍ରେସର ବଂଗପ୍ରାଦେଶିକ ଅଧିବେଶନ ଯେତେ ଦୂର ମନେହେଉଛି ବର୍ଦ୍ଧମାନ ସହରରେ ବସିବାର ଥିଲା । ମଧୁବାବୁ ( ସ୍ୱର୍ଗତ ସ୍ୱନାମଧନ୍ୟ ମଧୁସୂଦନ ଦାସ ) ସେତିକିବେଳକୁ କଲିକତା ହାଇକୋର୍ଟ ଛାଡ଼ି କଟକରେ ଆସି ଓକିଲାତି ଆରଂଭ କରିସାରିଥାଂତି । ସେ କଂଗ୍ରେସରେ ଥିଲେ, ସେତେବେଳେ ଏକମାତ୍ର ଓଡ଼ିଆ । ଓଡ଼ିଶା ସେତେବେଳେ ବଂଗପ୍ରଦେଶରେ ଥିବାରୁ କଂଗ୍ରେସର ପ୍ରାଦେଶିକ ସମ୍ମିଳନୀରେ ତାଙ୍କର ବିଶିଷ୍ଟ ସ୍ଥାନ ଥିଲା । ସେ ବିଚାରିଥିଲେ ଓଡ଼ିଆ ମେଳଣ-ମିଶ୍ରଣ କାର୍ଯ୍ୟ କଂଗ୍ରେସଦ୍ୱାରା କରାଇ ନେବେ । ସେ ଜାଣି ନଥିଲେ ବଂଗାଳୀ ମୁଖ୍ୟମାନଙ୍କ ପ୍ରାଦେଶିକତାର ପ୍ରଭାବ । ଓଡ଼ିଆ ଗୋଟିଏ ସ୍ୱତଂତ୍ର ଭାଷା ନୁହେଁ; ଏହାବୋଲି ସେମାନେ ପୂର୍ବେ ଗୋଟାଏ ଆଂଦୋଳନ ଆରଂଭ କରିଥିଲେ, ମାତ୍ର ସେ କାଳ ବଂଗସରକାର ତାହା କରାଇ ଦେଇ ନଥିଲେ । କିଂତୁ ବଂଗାଳୀ ମୁଖ୍ୟମାନଙ୍କର ସେ ଚେଷ୍ଟା ବଂଦ ହୋଇ ନଥାଏ । ଏପରିକି ସେତେବେଳେ ଦେଶୀଭାଷା ଶିକ୍ଷାବିଭାଗ ବା କଲେଜରେ ପଢ଼ା ଯାଉ ନଥିଲେ ମଧ୍ୟ ବି. ଏ. ପରୀକ୍ଷାରେ ବଂଗଳାରେ ଗୋଟାଏ ଦିନ ପରୀକ୍ଷା ହେଉଥିଲା । ସେଥିରେ ପାଶ୍ କଲେ ଛାତ୍ରକୁ ଗେଜେଟରେ ଗୋଟାଏ ତାରାଚିହ୍ନ ପୁରସ୍କାର ମିଳୁଥିଲା । କିଂତୁ ଏ ପରୀକ୍ଷାରେ ଓଡ଼ିଆରେ ପ୍ରଶ୍ନ ହେଉ ବୋଲି ଯେତେ ଚେଷ୍ଟା ହେଲେ ମଧ୍ୟ ବିଶ୍ୱବିଦ୍ୟାଳୟରେ ଥିବା ବଂଗାଳୀ ମୁଖ୍ୟମାନେ ବରାବର ଅଗ୍ରାହ୍ୟ କରୁଥାଂତି । ୧୮୯୯ ମସିହାରେ ଗୋପବଂଧୁ ଦାସେ କଲେଜକୁ ଆସି 'କର୍ତ୍ତବ୍ୟବୋଧିନୀ' ବୋଲି ଗୋଟିଏ ସଭା କରି ଏହି ଚେଷ୍ଟା ବିଶେଷଭାବରେ ଚଳାଇଥିଲେ । ଶେଷକୁ ବଂଗର ଗୋରାଲାଟ ବିଶ୍ୱବିଦ୍ୟାଳୟର ରେକ୍ଟର ଭାବରେ ୧୯୦୨ରେ ବଂଗାଳୀ ମୁଖ୍ୟଙ୍କ କଥା ନଶୁଣି ଏହା କରାଇ ଦେଇଥାଂନ୍ତି । ତା'ର ଅଳ୍ପଦିନ ପରେ ବର୍ଦ୍ଧମାନରେ ପ୍ରାଦେଶିକ ସମ୍ମିଳନୀ । ମଧୁବାବୁ ସେଥିରେ ସବୁ ଓଡ଼ିଆଭାଷୀ ଦେଶକୁ ଏକାଠି କରାଯାଉ-ବୋଲି ପ୍ରସ୍ତାବ ଦେଲେ । ବୋଧହୁଏ ବିଚାରିଥିଲେ ଏଡ଼େ ଯୁକ୍ତିଯୁକ୍ତ କଥାଟାରେ କାହାରି ଆପତ୍ତି ହେବନାହିଁ ଓ ସୁରେଂଦ୍ରନାଥ ବେନରଜୀ ବରଂ ସମବେଦନା ପ୍ରକାଶ କରିବେ; କିଂତୁ ଫଳରେ

ଦେଖିଲେ ବରାବର ବିପରୀତ । ମଧୁବାବୁଙ୍କର ଏଇ ପ୍ରସ୍ତାବ ଦେଖି ସୁରେଂଦ୍ରନାଥ ବେନରଜୀ ପ୍ରଭୃତି ବଂଗାଳୀ ମୁଖ୍ୟମାନେ ବଡ଼ ଚଂଚଳତା ପ୍ରକାଶ କଲେ । ମଧୁବାବୁ ଦେଖିଲେ ଏ ପ୍ରସ୍ତାବ ପକାଇ ନ'ଦେବାପାଇଁ ସେମାନେ କୃତପ୍ରତିଜ୍ଞ । ଶେଷକୁ ମଧୁବାବୁଙ୍କୁ ବିଷୟ ନିର୍ବାଚନ ସଭା ଛାଡ଼ି ଆସିବାକୁ ହେଲା । ତହିଁ ପରବର୍ଷ କଟକକୁ ସେଇ ସମ୍ମିଳନୀ ଡାକିବା ପାଇଁ ମଧୁବାବୁ, ସୁରେଂଦ୍ରନାଥ ବେନରଜୀ ପ୍ରଭୃତିଙ୍କ ସଂଗେ ବିଚାର କରି ଠିକ୍ କରିଥିଲେ । ଏବେ ମଧୁବାବୁ ଜଣାଇ ଦେଲେ ସେ ଆଉ କଟକକୁ ଡାକିବେ ନାଇ କି କଂଗ୍ରେସରେ ଯୋଗଦେବେ ନାଇ । ସେଇଦିନଠାରୁ ମଧୁବାବୁ ଆଉ କଂଗ୍ରେସକୁ ମୁହାଁଇ ନାହାଂନ୍ତି ।

## ୨୫. ପ୍ରଥମ ଉତ୍କଳ ସମ୍ମିଳନୀ

ହୁଏତ ସେତିକବେଳକୁ ମଧୁବାବୁ ନିଜେ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇଲେ ଗଂଜାମରୁ । ସେ ଯାହାହେଉ ୧୯୦୩ର ଡିସେମ୍ବର ମାସରେ ମଧୁବାବୁ ନିଜେ ସମସ୍ତ କଳ୍ପନା ଯୋଜନା କରି ବୋଧହୁଏ ସମସ୍ତ ଖର୍ଚ୍ଚାଦିର ଭାର ନିଜେ ନେଇ କଟକକୁ ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନ ଡାକିଲେ । ଅନ୍ୟାନ୍ୟ ଦେଶୋନ୍ନତିର ଯୋଜନା ସଂଗେ ଏଇ ଅନୁଷ୍ଠାନର ମୁଖ୍ୟ କର୍ତ୍ତବ୍ୟ ହେଲା ଓଡ଼ିଆ ଦେଶମିଶ୍ରଣ । ସେ କାଳେ ଯେକୌଣସି ରାଜନୈତିକ ଅନୁଷ୍ଠାନରେ ସରକାରଙ୍କୁ ଆବେଦନ ନିବେଦନ ଛଡ଼ା ଆଉ କିଛି ବେଶି କରାଯାଉ ନ'ଥିଲା । ସେପରି ରାଜନୀତି ପାଇଁ ମଧ୍ୟ ସରକାର ବିଶେଷ ଆପତ୍ତି କରୁ ନଥିଲେ । ବିଶେଷରେ ପୁଣି ମଧୁବାବୁ ବୁଝିପାରିଥିଲେ ବଂଗାଳୀ-ନେତାମାନେ ଓଡ଼ିଆଦେଶ ମିଶ୍ରଣ କରାଇ ଦେବାରେ ଯଥାସାଧ୍ୟ ବାଧା ଦେବେ । ମାଂଦ୍ରାଜ, ମଧ୍ୟପ୍ରଦେଶ ପ୍ରଭୃତିଂକର ସେଇପରି ସ୍ୱାର୍ଥ ଥିବାରୁ ସେମାନେ ଊଣା ଅଧିକେ ବଂଗାଳୀଂକ ସଂଗେ ଯୋଗଦେବେ । ଏ ପରିସ୍ଥିତିରେ ଉଦ୍ଦେଶ୍ୟ ହେଲା ସରକାରଂକୁ ଧରି ଓଡ଼ିଆଦେଶ ମିଶ୍ରଣ କରାଇ ନେବା । ମୋ ମନେ ଅଛି, ବର୍ଷକୁ ବର୍ଷ ବହୁକାଳଯାଏଁ ସମ୍ମିଳନୀରେ ପ୍ରଥମରୁ ପ୍ରବଳ ପ୍ରତାପ ସପ୍ତମ ଏଡ଼ୱାର୍ଡ଼ ଓ ପଞ୍ଚମଜର୍ଜଂକ ଠାରୁ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟଂକ ପର୍ଯ୍ୟଂତ ସମସ୍ତଂକୁ ଜଣ ଜଣ କରି ଅଭିବାଦନ ଓ ଆନୁଗତ୍ୟ ଜଣାଇ ପ୍ରସ୍ତାବମାନ କରିବାକୁ ହୁଏ । ତା'ପରେ ଓଡ଼ିଆ ଦେଶମିଶ୍ରଣ ଓ ଓଡ଼ିଆଦେଶର ଅନ୍ୟାନ୍ୟ କଲ୍ୟାଣସବୁ କଳ୍ପନା ଯୋଜନା କରି ପ୍ରସ୍ତାବମାନ ହୁଏ । ଗଡ଼ଜାତର ଲୋକେ ଓ ରାଜାମାନେ ସମ୍ମିଳନୀରେ ଖୁବ୍ ଯୋଗ ଦେଉଥାଂନ୍ତି । ପ୍ରଥମ ସମ୍ମିଳନୀରେ ସଭାପତି ହୋଇଥିଲେ ମୟୂରଭଂଜର ସୁନାମଧନ୍ୟ ମହାରାଜା ରାମଚଂଦ୍ର ଭଂଜ । ମୁଁ ଥିଲି ସେ ସମ୍ମିଳନୀରେ ମାତ୍ରକ ଜଣେ ଦର୍ଶକ । ମହାରାଜା ସଭାପତିରୂପେ ନିଜର ଭାଷଣ ପଢ଼ିବା ମୋର ଏବେ ମନେ ପଡ଼ୁଯାଉଛି । ସମସ୍ତେ ମଧୁବାବୁଂକ କଳ୍ପିତ ଗୋଲାପୀ କନା ଓଡ଼ିଆ ପଗଡ଼ି ମୁଂଡ଼ରେ ଦେଇ ବସିଥାଂନ୍ତି । ମଂଚ ଉପରେ ସଂବଲପୁରର ରାମନାରାୟଣ ମିଶ୍ର, ଏମ୍. ଏ., ବି. ଏଲ୍. ସିଂହଭୂମର ଯୁଗଳକିଶୋର ତ୍ରିପାଠୀ, ଏମ୍. ଏ., ବାଲେଶ୍ୱରର ଫକୀରମୋହନ ସେନାପତି, କଟକର ଗୌରୀଶଂକର ରାୟ, କନିକାରାଜା ରାଜେଂଦ୍ରନାରାୟଣ ଭଂଜଦେବ, ଗଂଜାମର କେତେକ ଜମିଦାରଂକ ସଂଗେ ସ୍ୱର୍ଗତ ହରିହର ପଂଡା ପ୍ରଭୃତିଂକୁ ଦେଖିବାର ଚିତ୍ର ଆଜି ମଧ୍ୟ ଆଖି ଆଗରେ ନାଚି ଯାଉଛି । ତା'ରି ଭିତରେ ମଧୁବାବୁଂକର ଚଂଚଳ ଗମନାଗମନ ଓ ଟେବୁଲ ପାଖେ ରାମଚଂଦ୍ରଭଂଜଂକ ସୌମ୍ୟ ବପୁ ଓ ମାର୍ଜିତ ସୁଗଂଭୀର ଓ ସୁଲଳିତ କଂଠଧ୍ୱନି, ସେ କିଶୋର ବୟସରେ ମୋତେ କିପରି ଭାବାନ୍ୱିତ କରିଥିଲା ତା' କହିପାରିବି ନାଇ । ଅନୁଭବର ସେ ସ୍ମୃତିକୁ ଆଜି କାହାରି ଅନୁମାନରେ ଜାଗ୍ରତ କରିବା ମୋ ପକ୍ଷରେ ସଂଭବ ନୁହେଁ । ଏଣେ ଘରଭିତରେ ବାଲୁଂକେଶ୍ୱର ମିଶ୍ରଂକୁ ସଂଗେ ଧରି ନବଯୁବକ

ଗୋପବନ୍ଧୁଙ୍କର ଉତ୍ସାହଦୀପ୍ତ ନବଶ୍ମଶ୍ରୁ ଶୋଭିତ ସେ ସାଧୁ ସୁରମ୍ୟ ପ୍ରଭାବକ ମୁଖମଣ୍ଡଳ ମଧ୍ୟ ମୋର ଆଜି ଜୀବନ୍ତ ସ୍ମୃତିପରି ଆଗରେ ଭାସିଯାଉଛି । ସେତେବେଳେ କଟକରେ କି ଉତ୍ସାହ, କି ଚଞ୍ଚଳତା ? ଜାତୀୟ ଜୀବନର ସେ ନବୋନ୍ମେଷ ଆଜି ମୋର ମନରେ ପ୍ରାଚୀନ ହେଲେ ମଧ୍ୟ ଜୀର୍ଣ୍ଣ ହୋଇନାଇ । ଜୀବନରେ ତାହାଙ୍କୁ ସେପରିକି ମୋର ଏକ ପ୍ରଥମ ଦୀକ୍ଷା ।

## ୨୭. ପୁରୀ ପ୍ରତ୍ୟାବର୍ତ୍ତନ

ମେଲେରିଆ ଭଲ କରିବା ପାଇଁ କଟକରେ ପଢ଼ିବାକୁ ଆସିଥିଲି । ବରଷେ ରହିଲି । ମେଲେରିଆ ଭଲହୋଇ ତା'ପରେ ହଇଜା ହୋଇ ମଧ୍ୟ ଭଲ ହୋଇଗଲି । ପୁରୀ ପ୍ରତି ଆକର୍ଷଣଟା ବରାବର ମରିଯାଇ ନଥାଏ । ଏବେ ତା'ପୁଣି ଜାଗ୍ରତ ହେଲା । ବିଗୁଡ଼ିଲି ମୋତେ ଯଦି ଏନ୍‌ଟ୍ରାନ୍‌ସ ପାଶ କରିବାକୁ ହେବ, ତେବେ ମୁଁ କଟକରୁ ନ କରି ପୁରୀରୁ କରିବି । ରମେଶ, ସୁଶୀଲ, ଯମେଶ୍ୱର ପ୍ରଭୃତି ମିତ୍ରମାନେ ମୋତେ ବାରଣ କଲେ । ମୋର ସାହଚର୍ଯ୍ୟ ଛାଡ଼ିବା କଳ୍ପନାରେ ଦୁଃଖ ମଧ୍ୟ ପ୍ରକାଶ-କଲେ । କିନ୍ତୁ ଦାସେ ଆପଣେ ମୋତେ ଅନୁମତି ଦେଲେ—ମୋ ପ୍ରାଣର ଏ ଭାବ ପ୍ରତି ଅନୁକମ୍ପା ପ୍ରକାଶ କଲେ । ମୁଁ ପୁରୀ ଫେରିଲି ।

ପୁରୀରେ ଅଧରଚନ୍ଦ୍ର ମୁଖରଜୀ ବୋଲି ହେଡ଼-ମାଷ୍ଟର ଥିଲେ । ଗଣିତରେ ଅତ୍ୟନ୍ତ ସୁଦକ୍ଷ ବୋଲି ତାଙ୍କର ନାମ ଥିଲା । ଉପରେ ଛଅଟା ଅଙ୍କ ଲକ୍ଷ ସଂଖ୍ୟା ତ .ଳ ସେହିପରି ଛଅଟା ଅଙ୍କ ଲେଖି ସେ ସଙ୍ଗେ ସଙ୍ଗେ ମୁହଁରେ ଗୁଣିଦେଇ ତଳେ ଗାର ପକାଇ ଗୁଣନଫଳଟା ଲେଖି ଦେଇପାରୁଥିଲେ । ଏପରି ମୁଁ ଆଉ ଦେଖିନାଇ । ସେ ମଧ୍ୟ ସେ କାଳ ଅନ୍ୟାନ୍ୟ ଅନେକ ମାଷ୍ଟରଙ୍କ ପରି ବଡ଼ ସାଧୁ ଓ ବାତ୍ସଲ୍ୟ ପରାୟଣ ଶିକ୍ଷକ ଥିଲେ । ତଥାପି ଶୁଣାଗଲା ତାଙ୍କ ସ୍ଥାନରେ ଚନ୍ଦ୍ରମୋହନ ମହାରଣା ହେଡ଼ମାଷ୍ଟର ହୋଇ ଆସିବେ ।

## ୨୭. ଚନ୍ଦ୍ରମୋହନବାବୁ

ସେତେବେଳେ ଓଡ଼ିଆ ଜଣେ ହେଡ଼ମାଷ୍ଟର ହୋଇ ଆସିବେ ଏହା ଶୁଣିବାଟା ବଡ଼ କଥା । ମୁଁ ପିଲାଦିନେ ଚନ୍ଦ୍ରମୋହନବାବୁଙ୍କୁ ସ୍କୁଲ ଡେପୁଟୀ ଇନସ୍‌ପେକ୍‌ଟର ଥିବାର ଦେଖିଥିଲି । ସ୍କୁଲ ଶିକ୍ଷକମାନଙ୍କ ଭିତରେ ବଡ଼ ଯୋଗ୍ୟଲୋକ ବୋଲି ତାଙ୍କର ସୁଖ୍ୟାତି ଥିଲା । ମୋ ମନେ ଅଛି, ଆମଗାଁ ସ୍କୁଲ ପରିଦର୍ଶନ କରିବାକୁ ଗଲାବେଳେ ସେ ଗୋଟିଏ କୋଇଲି ବୋବେଇବାର ଶୁଣି ପଚାରି ଦେଇଥିଲେ, "ପଣ୍ଡିତ ମହାଶୟ କହନ୍ତୁ ତ ଏ ମାଈ କି ଅଣ୍ଡିଆ କୋଇଲି ?" ପଣ୍ଡିତ ମହାଶୟ ଟିକିଏ ଇତସ୍ତତଃ ହୋଇ କହି ପକାଇଲେ, "ମାଈ ହୋଇଥିବ । ଅଣ୍ଡିଆର ଏ ସୁନ୍ଦର ସ୍ୱର କାହିଁ କୁଆଡ଼ୁ ?" ଚନ୍ଦ୍ରମୋହନବାବୁ କହିଲେ ନାଁ ନାଁ । ମାଈ କୋକିଳର ଏପରି ସ୍ୱର ନାଇ । ଆପଣ ଜାଣନ୍ତି ନାଇ । କାଳିଦାସ ଲେଖିଚନ୍ତି—"ପୁଂସ୍କୋକିଳୋ-ଯନ୍ ମଧୁରମ୍ କୂଜତି" ସେକାଳେ ମଧ୍ୟ ଓଡ଼ିଆ ଶିକ୍ଷକମାନେ ସଂସ୍କୃତ ଜାଣୁଥିଲେ । ଚନ୍ଦ୍ରମୋହନ ବାବୁ ସ୍କୁଲ ପରୀକ୍ଷା କରିବା ଛଡ଼ା ଏଇପରି କଥାଛଳରେ ବହୁତ ଆଲୋଚନା କରୁଥିଲେ । ଓଡ଼ିଆ ଶିକ୍ଷିତ ଶ୍ରେଣୀରେ ତାଙ୍କର ଖୁବ୍ ଆଦର ଓ ସୁଖ୍ୟାତି ଥିଲା । କିନ୍ତୁ ହାଇସ୍କୁଲରେ ହେଡ଼ମାଷ୍ଟର ହୋଇପାରୁ ନଥିଲେ । ସେକାଳେ ହାଇସ୍କୁଲମାନଙ୍କରେ ବଙ୍ଗାଳୀପିଲା ବହୁତ ଥିଲେ । ଓଡ଼ିଆ ହେଡ଼ମାଷ୍ଟର ହେଲେ ସେମାନେ ମଧ୍ୟ ସହି ପାରୁ ନଥିଲେ । ପୁରୀ ଜିଲା ସ୍କୁଲର ହେଡ଼ମାଷ୍ଟର ହୋଇ ଆସିବାର ବର୍ଷେ ଦି'ବର୍ଷ ପୂର୍ବରୁ ପରୀକ୍ଷା ରୂପେ କଣ୍ଟାକ୍ଟ ପାଇଁ ରେଭେନ୍‌ସା କଲେଜିଏଟ ସ୍କୁଲରେ ହେଡ଼ମାଷ୍ଟର ହୋଇଥିଲେ । ସେତେବେଳେ ହଠାତ୍ କିଛି

କ୍ଲାସକୁ ଆସିଲାବେଳକୁ ପିଲାମାନେ ପୂର୍ବରୁ ବିଚାର କରି ଗୋଟିଏ ଲଣ୍ଡଣ ଓ ଗୋଟିଏ ମୁଗୁର ଟେବୁଲ ଉପରେ ରଖି ଦେଇଥିଲେ । ଅବଶ୍ୟ ଯେଉଁମାନେ ରଖି ଦେଇଥିଲେ ସେମାନେ ତାଙ୍କର ଉପାଧି ମହାରଣା ଦେଖି ତାଙ୍କୁ ବଢ଼େଇ ବୋଲି ବିଚାରିଥିଲେ । ସେ କିନ୍ତୁ ବଢ଼େଇ ନ ଥିଲେ । ସେ ଥିଲେ ଜାତିରେ ଠଠାରି । ସେ ଯାହାହେଉ, ସେତେବେଳେ ଖବର କାଗଜ ନଥିଲେ ମଧ୍ୟ ଏ ଖବର ଓଡ଼ିଶାରେ ବ୍ୟାପି ଯାଇଥିଲା । ଆମେ ସ୍କୁଲରେ ଓଡ଼ିଆ ପିଲାମାନେ ଏଥିରେ ନିଜକୁ ବଡ଼ ଅପମାନିତ ବୋଧ କରିଥିଲୁଁ; ତେଣୁ ଚନ୍ଦ୍ରମୋହନ ବାବୁଙ୍କ ପ୍ରତି ମୋର ଯେ ଭକ୍ତି ଓ ଆଦର ଆଗରୁ ଥିଲା ତା' କହିବା ଦରକାର ନାହିଁ ।

ପରେ ସେ ଆସିଲେ । ଯଥାର୍ଥରେ ତାଙ୍କପରି ଉଦାରଚେତା ଶିଶୁପ୍ରାଣ ଶିକ୍ଷକ ମୁଁ ବଡ଼ କମ୍ ଦେଖିଛି । ମୋତେ ସେ ଅତ୍ୟନ୍ତ ବିଶ୍ୱାସ କରୁଥିଲେ । ଆସିବାର କିଛିଦିନ ପରେ ମୋ ଉପରେ ବୋର୍ଡିଂର ସମସ୍ତ ଭାର ଛାଡ଼ିଦେଇ ଏକପ୍ରକାରେ ନିଶ୍ଚିନ୍ତ ହୋଇଥିଲେ । ପିଲାଙ୍କର ବ୍ରହ୍ମଚର୍ଯ୍ୟଗତ ଚରିତ୍ରପାଇଁ ତାଙ୍କର ବଡ଼ ତୀକ୍ଷ୍ଣ ଦୃଷ୍ଟି ଥିଲା । ସେଥିପାଇଁ ସର୍ବଦା ସେ ମୋ ସଙ୍ଗେ ବିଚାର ପରାମର୍ଶ କରି ଯାହା ଦରକାର ତା କରୁଥିଲେ । ମୁଁ ଶେଷରେ ଯେତେବେଳେ ବାର୍ଷିକ ପରୀକ୍ଷା ପରେ ପୁରୀ ଜିଲା ସ୍କୁଲ ଛାଡ଼ିଲି, ସେତେବେଳେ ସେ କହିଥିଲେ, "ନୀଳକଣ୍ଠ ଚାଲିଗଲେ ହଷ୍ଟେଲ କାହା ଜିମା ରହିବ ।"

ସେତିକି ନୁହେଁ । ପାଠ ବୁଝିବା ଦରକାରହେଲେ ତାଙ୍କଦ୍ୱାର ମୋ ପାଇଁ ସର୍ବଦା ଅବାରିତ ଥିଲା । ରାତି ଏଗାରବେଳେ ମଧ୍ୟ ବୀଜଗଣିତର ମୋପକ୍ଷରେ ସେତେବେଳେ ଅସାଧ୍ୟ ସମସ୍ୟାମାନ ଦେଖାଦେଇ ମୁଁ ପହଞ୍ଚେ । ସେ ଶୋଇବାଠାରୁ ଉଠିଆସି ମୋ ଅଙ୍କଟି ମୋତେ ବୁଝାଇ ଦେଇ ପୁଣି ଯାଇ ଶୁଅନ୍ତି ।

ମୋର ହସ୍ତାକ୍ଷର ବଡ଼ ଖରାପ ଥିଲା । ଅକ୍ଷରଗୁଡ଼ାକ ମୋଡ଼ା ମୋଡ଼ା ହୋଇ ସେଥିରେ ଅକ୍ଷରର ଦେହଠାରୁ ଲାଞ୍ଜ ମୁଣ୍ଡର କୁଟୀଳରେଖାସବୁ ବହୁତ ବାହାରୁଥାଏ । ଅକ୍ଷରଗୁଡ଼ାକ ବି ବହୁତ ବଡ଼ାକୃତି ଥାଏ । ମୋତେ ଦିନେ ସେ କହିଲେ, ନୀଳକଣ୍ଠ "ତୁମେ ଏହାକୁ ବଦଳାଇ ଦିଅ ।" ମୁଁ ବୁଝିପାରିଲିନାହିଁ । ତା'ପରେ ମୋତେ ବୁଝାଇଲେ ମୁହୂର୍ତ୍ତେ ମନ ଠିକ୍ କରି କୃତସଂକଳ୍ପ ହେଲେ ଏହା ସହଜରେ ହୋଇପାରିବ । ସେତିକିବେଳେ ମନୁଷ୍ୟର ସଂକଳ୍ପ ଶକ୍ତି ( Will power ) ବିଷୟରେ ମୁଁ ତାଙ୍କଠାରୁ ପ୍ରସଂଗତଃ ଯାହା ଶୁଣିଥିଲି ତା'ର ସ୍ମୃତି ଏବେ ମଧ୍ୟ ଜୀବନ୍ତ ଅଛି । ମୁଁ ବହୁତ ଛାତ୍ର ଓ ଯୁବକଙ୍କୁ ସେ କଥା କହିଛି । ସେମାନଙ୍କ ମଧ୍ୟରୁ ଅନେକ ଫଳ ବି ପାଇଥିବେ । ମୋ କଥା କହୁଛି । ତହିଁ ଆରଦିନ ମୁଁ ସଂକଳ୍ପ କରି ହସ୍ତାକ୍ଷର ବଦଳାଇ ବସିଲି—ଚନ୍ଦ୍ରମୋହନବାବୁଙ୍କ ହସ୍ତାକ୍ଷରକୁ ଆଦର୍ଶ କରି । ସେ ମୋତେ ବୁଝାଇଥିଲେ, ବ୍ୟବହାରରେ ମିତବ୍ୟୟିତା—ଅକ୍ଷରରେ ମଧ୍ୟ ସେଇଆ ଲାଞ୍ଜ ମୁଣ୍ଡ, ମୋଡ଼ାଗାର ସବୁ ଦରକାର ନାହିଁ । ଅକ୍ଷର ସ୍ପଷ୍ଟ, କରିବାପାଇଁ ଗାରର ଯେତିକି ପ୍ରକାର ଓ ପରିମାଣ ଲୋଡ଼ା, ସେତିକି ହେଲେ ହେଲା । ଏହାହିଁ ଅକ୍ଷର ଭଲ କରିବାର ସୂତ୍ର । ଏକ ସପ୍ତାହ ଭିତରେ ମୋର ଅକ୍ଷର ବଦଳିଗଲା । ପରେ ସତ୍ୟବାଦୀ ସ୍କୁଲରେ ପିଲାଙ୍କୁ ଅକ୍ଷର ଲେଖା ଶିଖାଇଲା ବେଳେ ଚନ୍ଦ୍ରମୋହନବାବୁଙ୍କ ତତ୍ତ୍ୱକଥା-ଗୁଡ଼ିକ ମଧ୍ୟ ମୋର ବରାବର ମନେଥିଲା ।

ଚନ୍ଦ୍ରମୋହନବାବୁ ପ୍ରାୟ ଆକାଶ ନିର୍ମଳ ଥିବା-ବେଳେ ମୋତେ ସାଙ୍ଗରେ ନେଇ ସ୍କୁଲହତା ଭିତରେ ବୁଲି ବୁଲି ରାତିରେ ଆଳାପ କରୁଥାନ୍ତି । ସେତିକିବେଳେ ଆକାଶକୁ ଚାହିଁ ଗ୍ରହର ଗତି, ମଙ୍ଗଳର ଅତିଚାର, ଚନ୍ଦ୍ରପଥରେ ନିର୍ଦ୍ଦିଷ୍ଟ, ଅଶ୍ୱିନୀ, ଆର୍ଦ୍ରା, ପୁନର୍ବସୁ, ଚିତ୍ରା, ସ୍ୱାତି, ଜ୍ୟେଷ୍ଠା, ଭାଦ୍ରପଦ ପ୍ରଭୃତିର ଉଜ୍ଜ୍ୱଳ

ଯୋଗତାରାଗୁଡ଼ିକଠାରୁ ଆରଂଭ କରି କ୍ରମେ ଅନ୍ୟାନ୍ୟ ନକ୍ଷତ୍ରସବୁ ମୋତେ ଦେଖାଇ ବୁଝାଇ ଦେଉଥିଲେ । ପରେ ସତ୍ୟବାଦୀ ସ୍କୁଲରେ ଥିଲାବେଳେ ତାହାର ମାନଚିତ୍ର ଧରି ମୁଁ ରାତିରାତି ଆଗ୍ରମଚୌକିରେ ସ୍କୁଲ ଅଗଣାରେ ବସି ତାରକାରାଜିସବୁ ଚିହ୍ନି ଗତି ଲକ୍ଷ୍ୟ କରି ବେଳେବେଳେ ପିଲାଂକୁ ଧରି ବିଲକୁ ଯାଇ ତାଂକୁ ତାରା ଦେଖାଇ ବୁଝାଇବାବେଳେ ମୋର ଚଂଦ୍ରମୋହନ-ବାବୁହିଁ ମନେ ପଡ଼ୁଥିଲେ ।

ଥରେ ପିଲାଂକୁ ପ୍ରାଇଜ ବଂଟାହେବା ପୂର୍ବଦିନ ଆସିଷ୍ଟାଂଟ ହେଡ଼ମାଷ୍ଟର ଭୈରବଚଂଦ୍ରଦତ୍ତ ଓ ଆସିଷ୍ଟାଂଟ ମାଷ୍ଟର ଚିଂତାମଣି କରଂକୁ ନେଇ ଚଂଦ୍ରମୋହନ ବାବୁ କାହାକୁ କେଉଁ ବିଷୟରେ କ'ଣ ପ୍ରାଇଜ ଦିଆଯିବ ଏହା ଠିକ୍ କରୁଥାଂନ୍ତି । ଦୁଆରେ ଚପରାଶି ଜଗିଥାଏ । କୌଣସି ଛାତ୍ର ଯିବେନାହିଁ କି କୌଣସି ଶିକ୍ଷକ ବିନା ଡକରାରେ ଯିବେନାହିଁ ବୋଲି ଆଦେଶ ଥାଏ । ଚଂଦ୍ରମୋହନବାବୁ ଶୃଂଖଳା ରକ୍ଷାରେ ଭାରି କଡ଼ା । ସମସ୍ତଂକର ସେଥିପାଇଁ ଭାରି ଡରଥାଏ । ଜଣେ ଶିକ୍ଷକ ଆସି ଦୁଇପିଲାଂକର ନାମ କହି ଖବର ଦେଲେ । ସେମାନେ ସତ୍‌ସ୍ୱଭାବ (Good conduct) ପ୍ରାଇଜ୍ ପାଇବାର ଠିକ୍ ହେଲା । ସେ ଦୁଇଟି ଗ୍ରେଟ ଗ୍ରେଟ ସୁଂଦର ପିଲା । ସେମାନେ ବଡ଼ ମଧୁର ଓ ସୁଧୀର ସ୍ୱଭାବର ବୋଲି ସମସ୍ତେ ଜାଣିଥିଲେ । ମୁଁ ତାଂକ ସ୍ୱଭାବ ସଂବଂଧରେ କୌଣସି ସଂତୁଷ୍ଟ ନଥିଲି । ମୁଁ ଶୁଣିବାମାତ୍ରେ ହଠାତ୍ ସେ ଘରଭିତରକୁ ଚଂଦ୍ର-ମୋହନବାବୁଂକ ପାଖକୁ ଯିବିବୋଲି ବାହାରିଲି । ସମସ୍ତେ ମନା କଲେ । ଚପରାସି ମଧ ମନା କଲା । ନମାନି ଭିତରକୁ ଚାଲିଗଲି । ଚଂଦ୍ରମୋହନବାବୁ ମୋତେ ଚାହିଁ ଦେଲେ । ଅନ୍ୟ ଦୁଇଜଣ ମାଷ୍ଟର ଅବାକ୍ ହୋଇଗଲେ । ନିଶ୍ଚୟ ବିଚାରିଲେ ମୋ ଉପରେ ଦଂଡ ହେବ । ଚଂଦ୍ର-ମୋହନବାବୁ ଜମା ବିରକ୍ତ ନ ହୋଇ ମୋତେ ପଚାରିଲେ, "କୁଆଡ଼େ ଆସିଲ ?" ମୁଁ କହିଲି, "ଅମୁକ ଅମୁକ ପିଲାଂକୁ ସତ୍‌ସ୍ୱଭାବ ପୁରସ୍କାର ଦିଆ-ଯିବାର ଶୁଣୁଚି ।" ଚଂଦ୍ରମୋହନବାବୁ ପଚାରିଲେ, "କ'ଣ ତୁମର ମତ ନୁହେଁ ?" ମୁଁ କହିଲି, "ନା" । ଆଉ କିଛି ନ କହି ନିଜେ ଚଂଦ୍ରମୋହନବାବୁ କଲମ ଧରି ସେ ଦୁଇଟି ନାଁ କାଟିଦେଲେ । ମୁଁ ସଂଗେ ସଂଗେ ଚାଲି ଆସିଲି । ସେଇଦିନ ସଭାରେ ସତ୍‌ସ୍ୱଭାବ ପୁରସ୍କାର ଓ ସେଥିପାଇଁ ପିଲା ବାଛିବା ସଂବଂଧରେ ଚଂଦ୍ରମୋହନବାବୁଂକ ସଂଗେ ମୋର ବହୁତ କଥା ପଡ଼ିଲା । ବୋଧହୁଏ ତା'ପରେ ଚଂଦ୍ରମୋହନବାବୁ ସତ୍‌ସ୍ୱଭାବ ନିମଂତେ ଆଉ କାହାକୁ କେବେ ପୁରସ୍କାର ଦେଇନାଂନ୍ତି ବୋଲି ମୋର ମନେ ହେଉନାହିଁ ।

ଆଉଦିନେ ବୋର୍ଡ଼ିଂର ଜଣେ ଯୁବକ ଅନ୍ୟାନ୍ୟ ଦୁଇ ଏକ ଜଣ ବଂଗାଳୀପିଲାଂକ ସଂଗେ ରାତିରେ ବାହାରକୁ ଯାଇ ସମୁଦ୍ରପଂଠାରେ ବୁଲୁଥିବା କଥା ମୁଁ ଲକ୍ଷ୍ୟ କରି ଜାଣିଲି, ସମୁଦ୍ରକୂଳକୁ ବାୟୁପରିବର୍ତ୍ତନ ପାଇଁ ଆସିଥିବା କୌଣସି ଭଦ୍ରଲୋକଂକର ଯୁବତୀ ଅବିବାହିତା ଝିଅଂକ ସଂଗେ ସେମାନେ ସମୁଦ୍ରକୂଳେ ଅଲଗା ଜାଗାରେ ରାତିରେ ବହୁତ ସମୟ କଟାଉଛଂନ୍ତି । ମୁଁ ନିଜେ ବୋର୍ଡ଼ିଂର ପିଲାଟିକୁ ଚେଷ୍ଟା କରି ମଧ ସେଥିରୁ ନିବୃତ୍ତ କରାଇ ପାରିଲି ନାହିଁ । ଚଂଦ୍ରମୋହନବାବୁଂକୁ ଯାଇ କହିଲି । ସେ ବଡ଼ ବିସ୍ମିତ ହେଲେ । କହିଲେ, "ମୁଁ ଦେଖି ପାରିବି" ? ସେଦିନ ଜହ୍ନରାତି । ଖଂଡେ ସାଧାରଣ ଲୁଗା ପିଂଧି ଚଂଦ୍ରମୋହନବାବୁ ମୋ ସଂଗେ ଗଲେ । ଦୂରରୁ ସବୁ ଦେଖିଲେ । ଫେରି ଆସିଲେ । ତହିଁ ଆରଦିନ କିଛି ନ କହି ସେ ବଂଗାଳୀ ପିଲାଟିକୁ ସ୍କୁଲରୁ ବାହାର କରିଦେଲେ । ସେ ପିଲାଟିର ଅଭିଭାବକ ଜଣେ ପ୍ରତିଷ୍ଠିତ ଲୋକ । ସେ ଅନ୍ୟାନ୍ୟ ବଂଗାଳୀ ମିଳାଇ ଚଂଦ୍ରମୋହନବାବୁଂକ ନାମରେ ମୋକଦ୍ଦମା କରିବାକୁ ବାହାରିଲେ, ତଥାପି ଚଂଦ୍ରମୋହନବାବୁଂକର

ଭ୍ରୂକ୍ଷେପନାଇ । କୌଣସି କାରଣ ସେ କହିଲେ ନାଇ । ଓଡ଼ିଆ ହୋଇ ବଂଗାଳୀଙ୍କ ଉପରେ ଜୁଲମ କରୁଛନ୍ତି ବୋଲି ସଭା ହେଲା । ଚନ୍ଦ୍ରମୋହନବାବୁ ଅଟଳ । ପରେ ସବୁ କଥା କ୍ରମେ ଜଣା ପଡ଼ିଲା । ପୁରୀର ସୁନାମପ୍ରସିଦ୍ଧ ରାମଚନ୍ଦ୍ର ଦାଶ, ମୁକ୍ତାର ମଧ୍ୟସ୍ଥ ହୋଇ ସମସ୍ତଙ୍କୁ ଥଣ୍ଡା କରିଦେଲେ । ଗୋଟାଏ କଚ୍ଛ ମୀମାଂସା ହୋଇଗଲା ।

## ୨୮. ଧର୍ମବିଶ୍ୱାସ

ପିଲାଦିନୁ ଧର୍ମବିଶ୍ୱାସ ଓ ତଦନୁଗତ କ୍ରିୟା ସବୁ ପ୍ରତି ମୋର ବୋଧହୁଏ ଟିକିଏ ସମାଲୋଚନା ଦୃଷ୍ଟି ଥାଏ । ମନେ ଅଛି, ଗାଁରେ ପଢ଼ିଲାବେଳେ ଥରେ ବୋଉ ଭଲ ପାଚିଲା କଦଳୀ ଫେଣ୍ଡାଟାଏ ଆମଗାଁର ଅଧିଷ୍ଠାତ୍ରୀ ଦେବତା ହରଚଣ୍ଡୀ ଠାକୁରାଣୀଙ୍କ ପାଇଁ ରଖିଥାଏ । ଗାଁରେ ସମସ୍ତେ ଜାଣନ୍ତି, ଆମ ହରଚଣ୍ଡୀ ଠାରେ ଜଂଗାଳ ( ଭୋଗ ) ହୁଏ । ହରଚଣ୍ଡୀଙ୍କ ଆଜ୍ଞାମାଳ (ଲାଗି ହୋଇଥିବା ଫୁଲମାଳ) ସେବକମାନେ ଥାଳିରେ ଧରିଆଣି ଘଣ୍ଟ ବଜାଇ ଗାଁରେ ବୁଲାଇ ନିଅନ୍ତି । ଲୋକେ କହନ୍ତି, ସେତିକିରେ ହଇଜା ଠକ୍-କନ ବନ୍ଦ ହୋଇଯାଏ । ହରଚଣ୍ଡୀ ରାତିରେ ଶାଢ଼ୀଟିଏ ପିନ୍ଧି, ଖାପଟିଏ ଧରି ଗାଁରେ ବୁଲିଯାଉଥିବା ବେଳେ କେତେ ବୁଢ଼ା ଆଖିରେ ଦେଖିଥିବାର ମୋତେ କହିଛନ୍ତି । ତାଙ୍କ ଦେଖିବାରେ ପୁଣି ହରଚଣ୍ଡୀଙ୍କ ଗୋଡ଼ତଳେ ଲାଗେନାଇ । ବୁଲିଲାବେଳେ ପାଦତଳୁ ଝୁଣ୍ଟେ ଖଣ୍ଟେ ଗୁଣ୍ଡ଼ିକରି ଥାଏ । ବୁଢ଼ା ପ୍ରସ୍ରା କରିବା ପାଇଁ ଦାଣ୍ଡକୁ ବାହାରିବା ବେଳକୁ ହଠାତ୍ ଠାକୁରାଣୀ ଖାପଟା ଲଭେଇ ଦେଇ ଅଦୃଶ୍ୟ ହୋଇଯାନ୍ତି । ବୁଢ଼ା ପ୍ରସ୍ରା କରିସାରି ଘରକୁ ଆସି ପଂଜର ବାଟେ ଚାହାନ୍ତି । ଠାକୁରାଣୀ ପୁଣି ସେହିପରି ଖାପଧରି ବୁଲିଯିବାର ସେ ଦେଖନ୍ତି । ହରଚଣ୍ଡୀଙ୍କ ମଧ୍ୟ କାଳସୀଙ୍କଠିଁ ସକେ ହୁଅନ୍ତି; ସବୁ ଆଗତ ଭବିଷ୍ୟ କଥା କହନ୍ତି । କାହା ଗାଈ ହଜିଥିଲେ ମଧ୍ୟ କେଉଁଆଡ଼କୁ ମୁହଁ କରି ଗଲେ ଗାଈ ମିଳିବ, ତାହା ସେ ବତାଇ ଦିଅନ୍ତି, ଶୁଣିଛି ଗାଈ ମଧ୍ୟ ମିଳେ । ହରଚଣ୍ଡୀଙ୍କ ଯୋଗେ ଆମଗାଁରେ ବାଡ଼ି, ବସନ୍ତ ପ୍ରଭୃତିର ଯୋଗିନୀମାନେ ପଶି ପାରନ୍ତି ନାଇ । ସେମାନେ ଆଗ ପୁରୀରେ ବଡ଼ଠାକୁରଙ୍କ ପାଖେ ଠୁଳ ହୁଅନ୍ତି । ବଡ଼ଠାକୁରଙ୍କୁ ମଣିଷ ଖାଇବାକୁ ମାଗନ୍ତି । ବଡ଼ଠାକୁରେ ସବୁ ଗ୍ରାମ-ଦେବତାମାନଙ୍କୁ ଠୁଳ କରନ୍ତି । ସେଠାରୁ କାହାଗାଁକୁ କେଉଁ ଦେବୀ ଯିବ, କେତେ ମୁଣ୍ଡ ଖାଇବ, ସବୁ ଠିକଣା କରି ବଡ଼ଠାକୁରେ ଯୋଗିନୀମାନଙ୍କୁ ବରଗୀ ଦିଅନ୍ତି । ଶୁଣିଛି, ଆମ ହରଚଣ୍ଡୀ ବରାବର ସାବଧାନ । ଯେ କୌଣସିମତେ ବଡ଼ଠାକୁରଙ୍କ ଗୋଡ଼ତଳେ ପଡ଼ି ତାଙ୍କୁ ଦରମା କରି ବିଶ୍ୱାସ କରାଇ ଦିଅନ୍ତି ଯେ ତାଙ୍କ ଗାଁରେ ଯୋଗିନୀ ଖାଇବାପାଇଁ ମଣିଷ ନାହାନ୍ତି । ସେ କହନ୍ତି ମଲାମରୁଡ଼ିଆ ପିଲା ଗୁଡ଼ିଖଣ୍ଡ ଧରି ମୁଁ ଗାଁ କରିଛି । ମୋ ଗାଁକୁ ଯୋଗିନୀ ପଠାଅ ନାଇ । ବଡ଼ଠାକୁରଙ୍କ ପ୍ରାଣ ତରଳିଯାଏ । ସେ ଆମ ଗାଁକୁ ଯୋଗିନୀ ପଠାନ୍ତି ନାଇ । ଆମ ଗାଁରେ ଯେ ବାଡ଼ି ବସନ୍ତ ପଡ଼େ, ତା'ର କାରଣ ହେଉଛି, ଯୋଗିନୀମାନେ ଅନ୍ୟ ଗାଁକୁ ଗଲାବେଳେ କେବେ କେବେ ଆମ ଗାଁରେ ପଶିଯାନ୍ତି । ତା'ପୁଣି ହରଚଣ୍ଡୀଙ୍କ ଅଜଣାରେ । ଜଂଗାଳ କରି ହରଚଣ୍ଡୀଙ୍କୁ ଗୋଟାଏ ଭୋଗ ଖାଇବାକୁ ଦେଇ ଆଜ୍ଞାମାଳ ରୂପରେ ତାଙ୍କୁ ଗାଁରେ ବୁଲାଇ ଦେଖାଇ ଦେଲେ, ସେ ସେଇଦିନ ରାତିରେ ଯାଇ ବଡ଼ଠାକୁରଙ୍କୁ କହି ଦିଅନ୍ତି । ବଡ଼ଠାକୁରେ ଦୂତ ପଠାଇ ଯୋଗିନୀଙ୍କୁ ଜବତ କରିଦିଅନ୍ତି । ଏହାହିଁ ବରାବର ହୁଏ ବୋଲି ମୁଁ ବୁଢ଼ାମାନଙ୍କଠାରୁ ନିର୍ଭର କରି ଶୁଣିଛି । ତଥାପି ବୋଉ ଯେଉଁ ପାଚିଲା କଦଳୀ ଫେଣ୍ଡାଟି ରଖିଥିଲା, ମୁଁ ସେଥିରୁ ଦିଓଟି ଖାଇଦେଲି । ବୋଉ କେତେ ଦିଅଁ ଦେବତା କରି ଗୋଟିଏ ବୋଲି ମୋତେ ପୁଅ କରି

ପାଇଚି । ତାକୁ ଅଂଧାର ଦେଖାଗଲା । ସେ ନନାଂକୁ ଡାକିଲା । ସଖା ବସିଗଲା ।

## ୨୯. ଚୁଡ଼ାଖିଆ—ବଳଆ

ତା'ପୂର୍ବରୁ ଗୋଟିଏ ଘଟଣା ମଧ୍ୟ ଘଟି ଯାଇଥିଲା । ସ୍କୁପରେ ଢାଅଁଙ୍କ ଜଂତାଲପାଇଁ ବେତାଏ ଚୂଡ଼ା ଯାଉଥିଲା । ବଳଆ ବୋଲି ଗୋଟିଏ ପିଲା ସେ ବେତାରୁ ଗଂଡାଏ ଫାଟିକ ପକାଇ ଖାଇଦେଲା । ସଂଗେ ସଂଗେ ଗୃପଟି ନଈ ମଝିରେ ଝୁବ୍ କିନା ବୁଡ଼ିଗଲା । ଲୋକେ କିଏ ପହଁରି କିଏ ଛଣା ହୋଇ ଉପରକୁ ଆସିଲେ । ଜଂତାଲ ହେଲା । ହରଚଂଡୀ ବଜେ ହୋଇ କହିଲେ ବଳଆ ଚୂଡ଼ା ଖାଇଯିବାରୁ ସେ ଚୂଡ଼ା ଅଇଁଠା ହୋଇଗଲା । ସେ ଜଂତାଲ ଭୋଗରେ ଲାଗଂତା କିପରି ? ସେଥିପାଇଁ ସେ ନାଆଟି ବୁଡ଼ାଇ ଦେଇଥିଲେ । ସେଇଦିନଠାରୁ ଆମ ଗାଁରେ ସେଇ ପିଲାଟିର ନାମ ହେଲା "ଚୂଡ଼ାଖିଆ-ବଳଆ ।" ପରେ ମଧ୍ୟ ସେ ହେଲେ ଚୁଡ଼ାଖିଆ ବଳଭଦ୍ର ମିଶ୍ରେ । ଏବେ ସେ ପଂଦର କୋଡ଼ିଏ ବର୍ଷ ହେଲା ମଲେଣି । ଏ ସବୁ ପ୍ରମାଣ ବାହାରିଲା । ମୁଁ କହିଲି, 'ଚୂଡ଼ାଖିଆ ବଳଆ' କଥା ଅଲଗା । କଂଭୁ ବଗୁର ଭଲ ବୋଉ ତୋପାଇଁ କଦଳୀ ଥୁଆ ହୋଇଥାଂତା, ମୁଁ ଯଦି ଦି'ଟା ଖାଇ ଦେଇଥାଂତି, ତୁ ଖୁସି ହୁଅଂତୁ ନା ମୋର ଅନିଷ୍ଟ କରଂତୁ ? ହରଚଂଡୀ ତ ଆମର ମା । ସେ ଜାଣିଲେ ଖୁସୀ ହେବେ । ମୋ'ର ଏ କଥାକୁ ସେ ଥଙ୍ଗା ବିଦୁର ଆତୁର ବ୍ୟସ୍ତ ହେଲା । ନନା ସେଠାରୁ ମୀମାଂସା କରିଦେଲେ, ଏ କଦଳୀ ଫେଂଡ଼ା ଅଇଁଠା ହୋଇଗଲା । ଯାଆକୁ ଘରେ ଖର୍ଚ୍ଚ କର । ଆଉ ଏଡ଼ିକି ଫେଂଡାଏ କଦଳୀ ଆଣି ହରଚଣ୍ଡୀଂକୁ ଦେବା । ଅବଶ୍ୟ ଶୀଘ୍ର ମୁଁ ଆଉତକ କଦଳୀ ଖାଇବାର ଅଧିକାର ପାଇଲି ବୋଲି ଖୁସି ହୋଇଥିଲି । ତା ପରେ ମଧ୍ୟ ମନେ ଅଛି ମୁଁ ଗାଁ-ସ୍କୁଲରୁ ବୃତ୍ତି ପାଇଲେ ବୋଉ ହରଚଂଡୀଂକୁ [illegible] ମାହାଣ ହେଲେ ବୋଦା ଦେବବୋଲି ଯାଚିଥିଲା । ମୁଁ ତା' କରାଇ ଦେଇ ନଥିଲି । ନନା ମଧ୍ୟ ମୋ କଥାରେ ମତ ଦେଇଥିଲେ ।

## ୩୦. ପାଦ୍ରୀଂକ ଧର୍ମପ୍ରଚାର

ନୂଆ ନୂଆ ପୁସ୍ତକଲା ସ୍କୁଲକୁ ଆସିଲାବେଳେ ପାଦ୍ରୀମାନେ ନରେଂଦ୍ର କୋଣ ପାଖେ ବଡ଼ଦାଂଣ୍ଡ ଉପରେ ପ୍ରଭୁ ଯୀଶୁଂକ 'ସତ୍ୟ ସମାଚାର' ଖୁବ୍ ପ୍ରଚାର କରୁଥାଂନ୍ତି । ମୁଁ ଆଗ୍ରହରେ ଶୁଣିବାପାଇଁ ଗଲି । ହେଭରଲେଟ୍ ବୋଲି ଜଣେ ସାହେବ ପ୍ରଚାର କରୁଥିଲେ । ସେ କହୁଥିଲେ, "କାଠପଥରକୁ ଦେବତା ବୋଲି ମାନ ନାଇ । ନିରାକାର ଯୀଶୁଂକପାଖରେ ମନଦେଲେ ଯୀଶୁ ତମକୁ ତ୍ରାଣ କରିବେ । ସେ ପାପୀଂକୁତ୍ରାଣ କରିବାକୁ ଜନ୍ମ ହୋଇଥିଲେ ।" ଏଇପରି କେତେ କଥା ସେଦିନ ଶୁଣିଲି । ସାହେବ କହିଲେ, କାଲି ଆସିବ । ତହିଁ ଆରଦିନ ଗଲାବେଳକୁ ସାହେବ ସେଇପରି କହୁଚଂନ୍ତି । ଜଣେ ବୃଦ୍ଧ ବ୍ରାହ୍ମଣ ଆସି ପ୍ରଶ୍ନ କଲେ, "ସାହେବ ଭଲ କହିଲ, ଏକାଦଶୀଦିନ ଚୂଡ଼ାଭଜା ଖାଇ କରି ଦି'ପଇସାର କିଣିବ । ତାଂକୁ ଜଗନ୍ନାଥଂକୁ ଦେଖାଇ ଦେବ । ତା'ପରେ ପ୍ରସାଦ ପାଇବ । ସେ କିପରି କଥା । ଆଉ ତା' ନକରି କିଣିଲାମାନେ ଭାସୁ ଭାସୁ କରି ଗୈବାଇ ଦେବ; ସେ କିପରି କଥା । ତମ ଯୀଶୁ ଏ କଥାକୁ କ'ଣ କହୁଚଂନ୍ତି ?" ସାହେବ ବୃଦ୍ଧ ବ୍ରାହ୍ମଣଂକୁ କିଛି ବୁଝାଇ ପାରିଲେ ନାଇ । ସେ ନିରାଶ ହୋଇ ସେଠାରେ ପାଦ୍ରୀଂକ ପାଇଁ ଯେଉଁ ଘରଟି ଅଛି ସେଇ ଘରଭିତରକୁ ଗଲେ । ଆଉ କେତେଜଣ ଗଲେ । ତାଂକ ସଂଗେ ମୁଁ ଗଲି । ଗୋଟିଏ ଟେବୁଲ ପଡ଼ିଥିଲା । ତା'ର ଗୋଟିଏ ପଟରେ ଖଂଡ଼ିଏ ଚୌକି । ଆଉ ତିନିପଟରେ ବେଂଚ ପଡ଼ିଥିଲା ।

ସାହେବ ଚୌକିରେ ବସିଲେ । ଆମେ ସବୁ ବେଞ୍ଚରେ ବସିଲୁ । ସାହେବ ସୁନ୍ଦର ଓଡ଼ିଆ କହିପାରୁଥିଲେ । ସେ ଠିଆହୋଇ ଛାତିରେ ହାତ ରଖି ବୋଧହୁଏ ଉପରକୁ ଚାହିଁ ପ୍ରାର୍ଥନା ଆରମ୍ଭ କରିଦେଲେ । ପ୍ରାର୍ଥନା ଆରମ୍ଭ କରିବା ପୂର୍ବରୁ ଆମକୁ ଠିଆହେବାକୁ କହିଥିଲେ; ଆମେ କିନ୍ତୁ କେହି ଠିଆହୋଇ ନଥିଲୁ । ପ୍ରାର୍ଥନାରେ ଶୁଣିଲି ପ୍ରଭୁଙ୍କୁ ସେ ସାଧୁବାଦ କରୁଛନ୍ତି —ଯାହା ପାଉଛନ୍ତି ସେଥିପାଇଁ । ପୁଣି ମାଗିବା ଭିତରେ ପେଟକୁ ଖାଇବାକୁ ମାଗୁଛନ୍ତି । ସାହେବ ବସିଲେ, କେତେକ ଆଳାପ ହେଲା । ସେ କହିଥିଲେ ମନେଅଛି, "ତମେମାନେ ଏଇପରି ପ୍ରାର୍ଥନା କଲେ ତମେ ବୁଝିପାରିବ । ତମକୁ ଯାହା ଦରକାର ସବୁ ମିଳିଯିବ । ଖାଇବା ପିଇବାରେ ଆଉ କଷ୍ଟ ହେବ-ନାହିଁ ।" ତା'ପରେ ବୁଝାଇଲେ, "ଯୀଶୁଙ୍କୁ ଜଣାଇ ଦେବାପାଇଁ ଜୀବନ ନେବାକୁ ହେବ । ସେ ଗୋଟିଏ ବଡ଼ ପବିତ୍ର କାର୍ଯ୍ୟ । ତାହା କଲେ ଯୀଶୁ ତମକୁ ଆଦର କରିବେ । ସଦା ପ୍ରଭୁଙ୍କ (ଈଶ୍ୱରଙ୍କ) ପାଖେ ତମ କଥା କହିବେ ।" ଏହା ସବୁ କହି, ପରଦିନ ପୁଣି ଯିବାକୁ ମୋତେ ବିଶେଷ ଭାବରେ ଅନୁରୋଧ କଲେ । କିନ୍ତୁ ମୁଁ ଆଉ ଯାଇନାହିଁ । ତଥାପି ଏ ସବୁ କଥା ପୁରୀରେ ଚହଟି ଗଲା । ମୋତେ କେତେ ଲୋକ ଆସି ପଚାରିଲେ । ବିଶେଷରେ ପୁରୀଜିଲା ସ୍କୁଲ୍ ହେଡ଼ ପଣ୍ଡିତ ସଦାଶିବ ମିଶ୍ର (ପରେ ସେ ହୋଇଥିଲେ ମହାମହୋ-ପାଧ୍ୟାୟ ସଦାଶିବ ମିଶ୍ର) ମୋତେ ଘରକୁ ନେଇ ସବୁ କଥା ଟିକିନିଖି କରି ଶୁଣିଲେ । ଶୁଣିସାରି ଆଉ ଯିବାକୁ ମନାକରି ଦେଇଥିଲେ ।

ଏବେ କଟକରେ ସେକେଣ୍ଡ କ୍ଲାସରେ ପଢ଼ିସାରି ଫେରିଲା ପରେ ସମସ୍ତ ବୋର୍ଡିଂର ଭାର ମୋ ଉପରେ ଥିଲାବେଳେ, ଦିନେ ପିଲାଏ ସନ୍ଧ୍ୟା ୪ଟା ବେଳେ ବୁଲିଯିବାକୁ କହିଲେ । ମୁଁ ସେମାନଙ୍କୁ ସଙ୍ଗେଦେଇ ସମୁଦ୍ରକୂଳଆଡ଼କୁ ଗଲାବେଳେ ବାଟରେ ପଡ଼ିଲା ଖ୍ରୀଷ୍ଟିଆନଙ୍କ ଗୀର୍ଜା । ମୁଁ ସବୁ ପିଲାଙ୍କୁ ନେଇ ଗୀର୍ଜାରେ ଯାଇ ପଶିଲି । ତାଙ୍କର ଉପାସନା ହେଉଥିଲା । ସେମାନେ ଆମକୁ ବସିବାକୁ ଦେଲେ । ତାଙ୍କ ଉପାସନା ବି ସରିବାଯାଏଁ ଆମେ ସେଠି ବସିଲୁ । ସେଇଦିନ ମୁଁ ଦେଖିଛି, କିପରି ସେମାନଙ୍କର ମିଳିତ ପ୍ରାର୍ଥନା ହୁଏ । ସେତେବେଳର ଖ୍ରୀଷ୍ଟିଆନମାନେ କିପରି ଓଡ଼ିଆ ଭାଷା କହୁଥିଲେ, ତା'ହୁଏତ ଏବେ ଅନେକେ ଜାଣି ପାରିବେ ନାହିଁ । ମୁଁ ମଧ୍ୟ ସେ ଭାଷା ଆଉ ଏବେ ପୁରାପୁରି ଅନୁକରଣ କରି ପାରିବି ନାହିଁ । ଓଡ଼ିଆ ବାଇବେଲର ସେକାଳ ଅନୁବାଦ ଏବେ ହୁଏତ ଛାପାରେ ମିଳୁଥିବ । ତାକୁ ଦେଖିଲେ ଅନେକେ ଜାଣି ପାରିବେ କିମ୍ବା ସେ କାଳର ଗୋରା ପାଦ୍ରୀ ମାର୍ସମେନ ସାହେବ କୌଣସି ଇଂରେଜୀ ସ୍କୁଲ୍ ପାଠ୍ୟରୁ 'ଇର୍ଜମୀକ୍ଲୁନ' ଯେଉଁ ପ୍ରଥମ ପାଠ୍ୟପୁସ୍ତକ ଖଣ୍ଡ ଓଡ଼ିଆରେ ଲେଖିଥିଲେ ତା' କେହି ଖୋଜି ଦେଖି-ପାରନ୍ତି । ସେତିକିବେଳେ କେରି ସାହେବ ଖଣ୍ଡିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ । ସଂସ୍କୃତବ୍ୟାକରଣ ଅନୁକରଣରେ ନିମାଇଁ ବଲ୍ଲଭ ବିଦ୍ୟାସାଗରଙ୍କ ସର୍ବସାର ବ୍ୟାକରଣ ଓ ସେଇ ଛାଞ୍ଚରେ ପରେ ରାଧାନାଥ ରାୟଙ୍କ ବ୍ୟାକରଣ ପ୍ରବେଶ ତଥା ବଙ୍ଗଳାର ବିଦ୍ୟାସାଗରଙ୍କ ( ଈଶ୍ୱରଚନ୍ଦ୍ର ) ବୋଧୋଦୟର ଅନୁବାଦ ସଙ୍ଗେ ବଙ୍ଗଳା ଅନୁକରଣର ଓଡ଼ିଆଭାଷା ଶିକ୍ଷାବିଭାଗ ସ୍ତରରେ ପ୍ରଚଳିତ ହେବା ପୂର୍ବରୁ ସେଇସବୁ ଥିଲା ଓଡ଼ିଆଭାଷାର ପୁସ୍ତକ । ତା'ପରେ ବଙ୍ଗଳାର ଅନୁକରଣ ଓ ଅନୁବାଦ ପୂର୍ବରୁ ଏଇ ପାଦ୍ରୀଙ୍କ ଓଡ଼ିଆକୁ ସଜାଡ଼ିବା କଳ୍ପନାରେ ସ୍ୱର୍ଗତ ପଣ୍ଡିତ ଗୋବିନ୍ଦ ରଥ ଗୋଟାଏ ବିରାଟ ଚେଷ୍ଟା ଆରମ୍ଭ କରିଥିଲେ । ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରତିଷ୍ଠା କରିବାପାଇଁ ଗୋବିନ୍ଦ ରଥେ ଯେଉଁ ଉଦ୍ୟମ କରିଥିଲେ, ତାହା ସ୍ମରଣୀୟ । ହେଲେ ହେଁ ସେକାଳର ଶିକ୍ଷାବିଭାଗ କର୍ତ୍ତାମାନେ ନିଜଲେଖା ନିଜେ ପ୍ରଚାର କରି ଅର୍ଥାଗମ ସଙ୍ଗେ ଓଡ଼ିଶାରେ ଯେଉଁ ସାହିତ୍ୟ ସାମ୍ରାଜ୍ୟ

ସୃଷ୍ଟି କରିବାକୁ ବସିଥିଲେ ତା’ ଭିତରେ ଅନେକ ଆଜି ଗୋବିନ୍ଦ ରଥଙ୍କ ନାମ ପର୍ଯ୍ୟନ୍ତ ଜାଣନ୍ତି ନାହିଁ ; ପରେ ଯେଉଁମାନେ ବାହାରିଲେ, ସେମାନେ ଆନୁଗତ୍ୟରେ ଆତ୍ମପ୍ରତିଷ୍ଠା କରିବା ଛଡ଼ା ଆଉ କିଛି କରି ନ’ଥିଲେ । ବର୍ତ୍ତମାନ ଏହି ଶକ୍ତି ଚାଲିଅଛି । କହିଯାଇଛି ‘ଇନ୍ଦ୍ରଧନୁ’ ଏହି ସାହିତ୍ୟ ସାମ୍ରାଜ୍ୟ ପ୍ରତିଷ୍ଠାରେ ଗୋଟିଏ ବିଦ୍ରୋହ; କିନ୍ତୁ ବଙ୍ଗୀୟ କର୍ତ୍ତୃତ୍ୱର କାର୍ଯ୍ୟକାରିତା ପାଖେ ସେ ବିଦ୍ରୋହ ଠିକ୍ ବାଟ ଧରି ନଥିଲା କି ରହିଲା ନାହିଁ ।

ହେଲେହେଁ ସବା ଆଗେ ପାଦ୍ରୀମାନେ ଓଡ଼ିଆକୁ ସଂସ୍କୃତ କରି ନଦେଖି କିମ୍ବା ବଙ୍ଗଳାର ଭ୍ରାତୃଷ୍ପୁତ୍ର ଭାବେ କଳନା ନକରି ଓଡ଼ିଆର ନିଜ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଦେଇ ଲେଖା ଆରମ୍ଭ କରିଥିଲେ । ଶୁଣିଛି କୌଣସି ପାଦ୍ରୀ ବାଇବେଲ ଅନୁବାଦ କରିବାପାଇଁ ଜଣେ ଓଡ଼ିଆ ଖ୍ରୀଷ୍ଟିଆନଙ୍କୁ ଗୋଟିଏ ଅଂଶ ଦେଇଥିଲେ । ଅନୁବାଦକ ଲେଖିଥିଲେ, ଯୀଶୁ ଶିଶୁମାନଙ୍କୁ ସୁଖ ପାଆନ୍ତି । ସାହେବ କାମକରୁଥିବା ଜଣେ ବଢ଼େଇକୁ ଯାଇ ପଚାରିଲେ, ଶିଶୁ ବୋଇଲେ କ’ଣ । ବଢ଼ାଇ କହିଲା, କେନ୍ଦୁକାଠ ପରି ଗୋଟିଏ କଳା କାଠ । ସାହେବ ସେଠାରୁ କୌଣସି ଗ୍ରେଟ୍- ପିଲାଙ୍କୁ ଦେଖାଇ ଯାହାକୁ ତମେ କ’ଣ କହ ? ସେ କହିଲା, ପିଲା । ସାହେବ ଜାଣିଥିଲେ ସୁଖ ବୋଇଲେ ଆନନ୍ଦ ବା ଭୋଗ (Happiness, pleasure) । ତେଣୁ ସୁଖ ପାଇବାଟା ତାଙ୍କର ପସନ୍ଦ ହୋଇ ନଥିଲା । କୁଆଡୁ କେଜାଣି ସେ ବାହାର କଲେ ଇଂରେଜୀ ଲଭର (Lover) ଅନୁବାଦ ପ୍ରେମ କରିବା । ସେ ସେଠାରୁ ସଂଶୋଧନ କରି ସେ ବାକ୍ୟଟି କଲେ ଯୀଶୁ ପିଲାମାନଙ୍କୁ ପ୍ରେମ କରନ୍ତି । ସେ ସାହାହେଉ, ଭାଷା ଠିକ୍ କରିବା ଦରକାର ହେଲେ ସେମାନେ ବଢ଼େଇ, ମୂଲିଆଙ୍କୁ ପଚାରି ତା’ କରୁଥିଲେ । ଓଡ଼ିଆ ତାଙ୍କର ମାତୃଭାଷା ନଥିବାରୁ ଅବଶ୍ୟ ଭାଷାକୁ ସୁଷ୍ଠୁ- ପ୍ରମାଣ କରିବାରେ ତପଟା ତାଙ୍କର ଉଦ୍ଦେଶ୍ୟ କଥା—ହେଉ ନଥିଲା । ତଥାପି ଭାଷାର ଭାଷା ଗଠନ କରିବାରେ ସେ ଯେଉଁ ସୂତ୍ର ଧରିଥିଲେ, ତାହାହିଁ ଠିକ୍ । ଆଜି ସେ ଭାଷା-ପଢ଼ିଲେ ଆମକୁ ହୁଏତ ହସ ମାଡ଼େ । ସେତେବେଳେ ହୁଏତ ଲୋକଙ୍କ କାନକୁ ଭଲ ଜଣାଯାଉଥିବ । କିନ୍ତୁ ସେ ବାଟରେ ଚାଲିଥିଲେ ହୋଇଥାନ୍ତା ମନେହୁଏ ଓଡ଼ିଆ ଗଦ୍ୟ ବର୍ତ୍ତମାନକୁ ସ୍ୱାଭାବିକ ଧାରାରେ ପଡ଼ି ଯାଇଥାନ୍ତା । କିନ୍ତୁ ଓଡ଼ିଆର ଭାଷା ଓ ସାହିତ୍ୟ ବିକାଶ ଏ ଯୁଗରେ ବର୍ଣ୍ଣନାକାରୀର [illegible] ହେଲେ ମଧ୍ୟ ଶୁଭଙ୍କର ହୋଇନାହିଁ । ଏପରିକି ମନସ୍ୱୀ ଫକୀରମୋହନଙ୍କ ପରି ଯଥାର୍ଥ ଓଡ଼ିଆଭାଷାରେ କୃତିଲେଖକ ମଧ୍ୟ ସେ ଯୁଗରେ ପ୍ରଭାବ ବିସ୍ତାର କରି ପାରିନାହାନ୍ତି ।

## ୩୯. ଗୀର୍ଜାକୁ ଯାତ୍ରା

ମାତ୍ର ମୁଁ କହୁଥିଲି ପାଦ୍ରୀଙ୍କ ଗୀର୍ଜାରେ ଉପାସନା ଶୁଣିବା ପ୍ରଥା । ତହିଁ ଆରଦିନ ଇନ୍‌ସପେକ୍ଟର ସହାୟକ ମିଶ୍ରେ ସେ କଥା ଶୁଣିଲେ । ସେଥିରେ ସେ ଅତ୍ୟନ୍ତ ଉତ୍ତେଜିତ ହୋଇ ଚନ୍ଦ୍ରମୋହନବାବୁଙ୍କୁ ଆସି କହିଲେ । ସ୍କୁଲର ଛାତ୍ର ଓ ମାଷ୍ଟରମାନଙ୍କ ଭିତରେ ଭାରି ଉତ୍ତେଜନା ଖେଳିଗଲା । ସମସ୍ତେ କହିଲେ, ଆଜି ମାଳକଣ୍ଠକୁ ଚନ୍ଦ୍ରମୋହନବାବୁ ବହିଷ୍କୃତ କରିଲେ ଆଉ ଗତି ରହିବ ନାହିଁ । ମାଳକଣ୍ଠ ଖ୍ରୀଷ୍ଟାନ ହେବ, ଆଉ ସମସ୍ତଙ୍କୁ ଖ୍ରୀଷ୍ଟାନ କରିବ । ବୋର୍ଡିଂରେ ପିଲାମାନେ କି ପ୍ରାୟଶ୍ଚିତ୍ତ କରିବେ ସେ କଥାର ମଧ୍ୟ ବିଚାର ଲାଗିଗଲା । ପିଲାମାନଙ୍କ ମୁହଁଗୁଡ଼ିକମାନ ଶୁଖିଗଲା । ଶେଷକୁ ସ୍କୁଲ କ୍ଲାସ ଭିତରୁ ଚନ୍ଦ୍ରମୋହନବାବୁଙ୍କ ପାଖକୁ ମୋତେ ଡକରା ପଡ଼ିଲା । ସମସ୍ତେ ସେଠାରେ ଉପସ୍ଥିତ । କହିବା ଶାସନଶୃଙ୍ଖଳା ବିଷୟରେ ଚନ୍ଦ୍ର- ମୋହନବାବୁ ଥିଲେ ଭାରି କଡ଼ା । ମୁଁ ଗଲାବେଳକୁ

ଚଂଦ୍ର ମୋହନବାବୁ ବସିଥିବା ଅଫିସ ଘର ବାଟରେ ଥିବା ଘରେ ବସିଥିଲେ ପଂଡିତ ମହାଶୟ । ତାଂକ ସଂଗେ ଥିଲେ ମାଷ୍ଟର ଚିଂତାମଣି କର, ଭୈରବଚଂଦ୍ର ଦତ୍ତ ଓ ଆଉ କଏ ଜଣେ ଦୁଇଜଣ ମାଷ୍ଟର । ପଂଡିତ ମହାଶୟଂକ ମୁହଁରେ ମୋପ୍ରତି ରାଗ ଫୁଟି ପଡୁଥିଲା । ମୋତେ ସେ ବଡ ସୁଖପାଂଡି । କହିଲେ, ଯା ଯାହାକୁ ପାଇବୁ, ମୁଁ ଆଉ କ'ଣ କରିବି, କଏ ଆଉ କ'ଣ କରିବ ?" ମୁଁ ଟିକିଏ ଶଂକିତ ହୋଇ ପଡ଼ିଲି । ବସ୍ତୁରିଲି ଚଂଦ୍ରମୋହନବାବୁଂକ ସଂଗେ ଗୋଟିଏ କ'ଣ ବସ୍ତୁର ହୋଇ ସିଦ୍ଧାଂତ ହୋଇସାରିଛି । ଚଂଦ୍ରମୋହନବାବୁଂକ ପାଖେ ଯାଇ ପହଂଚିଲି । ପାଖରେ ବସିଥିଲେ ଆସିଷ୍ଟାଂଟ ହେଡମାଷ୍ଟର ସ୍ୱର୍ଗତ ମହେଂଦ୍ରନାଥ ଦତ୍ତ । ଚଂଦ୍ରମୋହନବାବୁ ଗଂଭୀର ସ୍ୱରରେ ପଚାରିଲେ, "ତମେ କାଲି ବୋର୍ଡିଂ ପିଲାଂକୁ ନେଇ ଗୀର୍ଜାକୁ ଯାଇଥିଲ ?" ମୁଁ କହିଲି, ହଁ ।

ଚ—ମୋତେ କହିକରି ଗଲ ନାହିଁ ?

ମୁଁ—୪ଟା ପରେ ବୁଲିବାକୁ ଯାଇଥିଲି ।

ସେ କହିଲେ, ତଥାପି, ବାହାରକୁ ଯିବାର ଥିଲେ ତ ମୋତେ କହିକରି ଯିବାର ଥିଲା ।

ମୁଁ—ଆଜ୍ଞା ବାହାରେ ତ ଗୋଟାଏ ପାଇଖାନା ଅଛି, ସେଠାକୁ ଯିବାକୁହେଲେ କ'ଣ କହିକରିଯିବାକୁ ହେବ । ସେ ଟିକିଏ ହସିଦେଲେ । କହିଲେ,ଗୀର୍ଜାକୁ କାହିଁକିଗଲ ? ମୁଁ କହିଲି, କାଲି ଆପଣ Village Blacksmith କବିତା ଆମକୁ ପଢ଼ାଉଥିଲେ । ବୁଝାଇ ଗଲେ, "Here's the parson pray and preach" । ପାର୍ସନ (parson) ଉପାସନାବେଳେ ଆଗ ପ୍ରାର୍ଥନା କରଂତି, ତାପରେ ପ୍ରଚାର କରଂତି । ଆମ ହିଂଦୁଂକର ତ ସେ ଧବୁ କିଛି ହୁଏ ନାହିଁ । ଟିକିଏ ଦେଖିଲେ ଭଲ ହେବ ବୋଲି ମୁଁ ପିଲାଂକୁ ନେଇ ସେଇଆ ଦେଖାଇବାକୁ ଯାଇଥିଲି । ପିଲାଂକୁ ମଧ୍ୟ ବାଟରେ ବୋଉକଥାଟା ବୁଝାଇ ବୁଝାଇ ଆସିଥିଲି । ସେ କହିଲେ, "ଓ ଏଇଥିପାଇଁ ଯାଇଥିଲ ! ହଉଯାଅ ।" ତା'ପରେ ଆସିଲାବେଳକୁ ପଂଡିତ ମହାଶୟ ଦେଖିଲେ । ସେ ହୁଏତ ଭାବୁଥିଲେ ମୋର ଦଂଡ ହେବ ଓ ସେଥିରେ ସେ ମଧ୍ୟସ୍ଥତା କରିବେ । ମୋତେ କ୍ଷମା ମିଳିବ, ଏଇପରି କିଛି । କିଂତୁ ମୋ ମୁହଁରୁ ସେ ବୁଝିପାରିଲେ ହୁଏତ କିଛି ହେଲା ନାହିଁ । ତା'ପରେ ମୋତେ ଧରି ଶାସନ କରିବା ଆରଂଭ କଲେ ।

## ୩୬. ରଏଟର୍ ସାହେବ

ଗୋଟାଏ କଥା ମନେ ପଡୁଛି । ସେ କହିଥିଲେ ଖ୍ରୀଷ୍ଟାନମାନଂକୁ ତମେ ଛୁଇଁଥିବ । ସେଥିରେ କ'ଣ ଜାତି ଗଲା ନାହିଁ ? ତା'ପୂର୍ବରୁ ଆମ ସ୍କୁଲକୁ ପରି-ଦର୍ଶନ କରିବାପାଇଁ ଗୋରା Inspector ଆସିଥିଲେ । ତାଂକ ନାଁ ରଏଟର । ତାଂକୁ ଚଉକି ଯୋଗାଇବା ପାଇଁ ଚଂଦ୍ରମୋହନବାବୁଂକର ଭାରି ଚିଂତା ପଡ଼ିଯାଇ ଥିଲା । ପରେ ବହୁ ଚେଷ୍ଟାକରି କେଉଁଠାରୁ ଯୋଗାଡ଼ କରିଗୋଟାଏ ମୁହଁ ପାଖ ଅଧେ ମେଲା ବଡ ଗୋଲ ଚୌକି ସଂଗ୍ରହ କରିଥିଲେ । ସେଥିରେ ମଧ୍ୟ ବସି ବସିଯାଇ ପୁଣି ଉଠିଲାବେଳକୁ ଚୌକିଟା ତାଂକ ସଂଗେ ଉଠିଥିଲା । ଶେଷକୁ ସେ ଗୋଟାଏ ବେଂଚରେ କୌଣସିମତେ ଗୋଟିଏ ପିଚ୍ଛରୁ ହୁଏତ ଅଧେ ଭାଗ ବସିବାକୁ ବାଧ ହୋଇଥିଲେ । ଏତେ ମୋଟା ମଣିଷ ମୁଁ କେବେ ଦେଖିନାହିଁ । ସେ କିଂତୁ ପୂରା ଇଂରେଜ । ହୁଏତ ନୂଆ ହୋଇ ଆସିଥାଂତି । ଇଂରେଜୀ ଶିକ୍ଷାବ୍ୟତୀତ ଛଡ଼ା ଆଉ କିଛି ଜାଣୁ ନଥିଲେ କିଂବା ଜାଣଂତି ବୋଲି ହୁଏତ ଜଣାଉ ନ'ଥିଲେ । ସେ କାଳେ ଅନେକଂକ ବ୍ୟବହାର ସେଇଆ ଥିଲା । ସେମାନେ ଶିକ୍ଷକ-ମାନଂକ ସଂଗେ ଏପରିକି କୌଣସି କୌଣସି ଛାତ୍ରଂକ ସଂଗେ ମଧ୍ୟ କରମର୍ଦ୍ଦନ କରୁଥିଲେ । ମୁଁ ଦେଖିଥିଲି ପଂଡିତଂଙ୍କ ସଂଗେ ସେ ବଡ଼ ଆଦର ଓ ଆଗ୍ରହରେ

କରମର୍ଦ୍ଦନ କରୁଥିଲେ । ମୁଁ ପଣ୍ଡିତଙ୍କୁ ଜବାବ ଦେଲି, ଆପଣ ସେଦିନ ରସେଲ ସାହେବଙ୍କ ସଂଗେ କରମର୍ଦ୍ଦନ କଲାବେଳେ ଜାତିଟାକୁ କ'ଣ ଘରେ ଭାଙ୍ଗି ଆସିଥିଲେ ।" ପଣ୍ଡିତ ମହାଶୟ ଟିକିଏ ଅପ୍ରସ୍ତୁତ ହୋଇଯାଇ କହିଲେ, "ଆମେ ସ୍ନାନ୍ତ୍‌ଯାଇ ଗଂଗାପାଣି କଲୁ ।" ମୁଁ କହିଲି, "ମୋତେ ତେବେ ଗଙ୍ଗାପାଣି କରିବାକୁ କହିଲେ ନାହିଁ, ଚଂଦ୍ରମୋହନବାବୁଙ୍କ ଆଗେ ଗୁହାରି କରିବାକୁ ଯାଇଥିଲେ କାହିଁକି ?" ମୋର ଏପରି ଦୁରନ୍ତତା ଦେଖି ଶଂଖାମଣିବାବୁ କୌଣସିମତେ ମତେ ଧରି ବାହାରକୁ ନେଇଗଲେ ।

## ୩୩. ବ୍ରାହ୍ମଣସମିତି (ପୁରୀ)

ମୁଁ ପୁରୀ ଜିଲା ସ୍କୁଲକୁ ଆସିଲି ୧୯୦୪ ଆଦ୍ୟରେ । ସେତେବେଳକୁ ପୁରୀରେ ବ୍ରାହ୍ମଣ ସମିତି ବୋଲି ଗୋଟିଏ ପ୍ରତିଷ୍ଠିତ ଅନୁଷ୍ଠାନ ଥାଏ । ଏଥିରେ ବ୍ରାହ୍ମଣ ଛାତ୍ରମାନଙ୍କୁ ସାହାଯ୍ୟ ଦେଇ ପଢ଼ାଇବାର ବ୍ୟବସ୍ଥା ହେଉଥାଏ । ସେଥିପାଇଁ ଏବେ ହରଗୋବିନ୍ଦ ସାହିରେ ଯେଉଁ ବ୍ରାହ୍ମଣ ସମିତି ହଷ୍ଟେଲ ଅଛି, ସେଇଟି ତିଆରି ହୋଇଥାଏ । ତା' ଭିତରେ ଯେଉଁ ଚଂଦ୍ରଶେଖର-ହଲଟି ଅଛି, ତା ହେବାପାଇଁ ହୁଏତ ଉଦ୍ୟମ ଆରଂଭ ହୋଇ ନ'ଥାଏ । ଥାଏ ଖାଲି ବୋର୍ଡ଼ିଂ ପାଇଁ କେତେଗୁଡ଼ିଏ ଖୁଲଘର । ସେଥିରେ ପୁରୀଜିଲା ସ୍କୁଲରେ ପଢ଼ିବା ପିଲାଏ କେତେଜଣ ଥାଂନ୍ତି । ପୁଣି ସଂସ୍କୃତ ସ୍କୁଲର କେତେଜଣ ଛାତ୍ର ମଧ୍ୟ ଥାଂନ୍ତି । ପଂଡିତ ସଦାଶିବ ମିଶ୍ର ଏଥିରେ ଖୁବ୍ ମନଦେଇ ଲାଗିଥାଂନ୍ତି । ମୁଁ ଯାଇ ପ୍ରଥମେ ସେଇଠାରେ ରହିଥିଲି । ପଂଡିତ ଗୋପବଂଧୁ ଦାସ ସେଇଠାରେ ରହି M. A. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଂନ୍ତି । ସେ ଅବଶ୍ୟ ପରେ M. A. ପଢ଼ା ଛାଡ଼ିଦେଇ ଓକିଲାତି ପଢ଼ା ଧରିଥିଲେ । ଗୋପବଂଧୁ ଦାସଂକ ସଂଗେ ସେଇଠାରେ ରହିଲାବେଳେ ସବୁବେଳେ ବିବିଧ କଥାବାର୍ତ୍ତା ଓ ଆଳାପର ସୁବିଧା ମିଳିଥିଲା । ଆଉ ଜଣେ ବେଶ ପ୍ରାଣ କର୍ମୀ ପୁରୁଷଂକୁ ଏଇଠାରେ ଭଲ କରି ଦେଖିଥିଲି । ସେ ହେଉଛଂନ୍ତି ସ୍ୱର୍ଗତ ମୁକ୍ତାର ରାମଚଂଦ୍ର ଦାଶ । ସେ ସେକାଳର ଓଡ଼ିଆରେ ପାଶ୍‌କରା ମୁକ୍ତାର । ସେ ଇଂରାଜୀ ଜାଣୁ ନଥିଲେ; ତଥାପି ଇଂରେଜୀରେ ବକ୍ତୃତା ଦେଲେ ମୋଟାମୋଟି ବୁଝି ପାରୁଥିଲେ । ସବୁବେଳେ କହଂନ୍ତି, "ମୋର ଇଂରେଜୀ ପଢ଼ା ଫାର୍ଷ୍ଟବୁକ୍ ଘୋଡ଼ାଲେସନ ଯାଏ । ହେଲେଥିରେ ଇଂରେଜୀ କେତେ ବୁଝିବି ?" ସେତେବେଳେ ଭାଗ୍ୟଚରଣ ସରକାରଂକର ଇଂରେଜୀ ଫାଷ୍ଟବୁକ୍ ( First Book of Reading ) ଇଂରେଜୀ ଆରଂଭ କଲା ଲୋକେ ଓ ଛାତ୍ରମାନେ ପ୍ରଥମରୁ ପଢ଼ୁଥିଲେ । ତା'ର ୪।୬ ଟି ପାଠ ପରେ ଗୋଟାଏ ଘୋଡ଼ା ଲେସନ ଥାଇ ଇଂରେଜୀ ଶବ୍ଦର ବନାନ ଶିଖାଇବା ପାଇଁ ଗୋଟିଏ ପାଠଥିଲା । ସେଇ ପର୍ଯ୍ୟଂତ ପଢ଼ିଲେ ଇଂରେଜୀ ସ୍ୱର ବ୍ୟଂଜନ ବର୍ଣ୍ଣ ଓ ତା'ର ମୌଳିକ ଉଚ୍ଚାରଣ ମୋଟାମୋଟି ଜଣା ପଡ଼ୁଥିଲା । ସେ ସେଇକଥାକୁ ଲକ୍ଷ୍ୟ କରି ଥଟ୍ଟା କରି ଏ କଥା କହଂନ୍ତି । ତାଂକପରି ସରସ ସୁଂଦର ଆଳାପୀ ଓ ହୃଦୟବାନ ଲୋକ ମୁଁ ଖୁବ୍ କମ୍ ଦେଖିଛି । 'ବ୍ରାହ୍ମଣ ସମିତି' ଅନୁଷ୍ଠାନଟି ଯାହା ନାଁରେ ହେଉ, ତା'ରି ପ୍ରକୃତ କର୍ମୀ ଥିଲେ ଏଇ ମୁକ୍ତାର ରାମଚଂଦ୍ର ଦାଶ । ସେ ନିଜର ଖାଇବା ପିଇବା ସବୁ ଭୁଲି ଏଇଥିରେ ଲାଗିଥାଂନ୍ତି । ସେ ମୁକ୍ତାର ହୋଇ ସେକାଳକୁ ବହୁତ ଖୁବ୍ ରୋଜଗାର କରୁଥିଲେ । ସେତେବେଳକୁ ତାଂକର ବୟସ ହୋଇଥିଲା ସତଚାଳିଶ । ଦୁଇଟି ପୁଅ ଓ ପତ୍ନୀଂକୁ ନେଇ ତାଂକର ପରିବାର । ସୁତରାଂ ଅଭାବ ଅସୁବିଧା ନଥାଏ । କିଂତୁ ତାଂକର ସବୁ ରୋଜଗାର ଛାତ୍ରମାନଂକ ପାଇଁ । ସେ ଅନେକ ଛାତ୍ରଂକୁ ସାହାଯ୍ୟ କରୁଥିଂନ୍ତି । ତା' ବାଦ୍ 'ବ୍ରାହ୍ମଣ ସମିତି'ରେ ଖୁବ୍ ଲାଗିଥାଂନ୍ତି । ଦିନେ ମୁଁ ବ୍ରାହ୍ମଣ ସମିତିରେ ରାମଚନ୍ଦ୍ର ଯାଇ ପହଂଚିଲା ବେଳକୁ ସେଠାରେ ବଂଧୁଣିଆ ନଥିଲା

କି ଆଉ କେହି ନଥିଲେ । ମୋର ହାତରେ ରାନ୍ଧି ଖାଇବାର କଥା । ରାମଚଂଦ୍ର ଦାଶେ ଆସି ମୋତେ ନିଜ ଘରକୁ ନେଇଗଲେ । ରାତି ପ୍ରାୟ ୧୦ଟା ପର୍ଯ୍ୟଂତ କଥାବାର୍ତ୍ତା ଚାଲିଲା । ତା'ପରେ ଭୋଜନରେ ବସିଲୁ । ଭୋଜନପାଇଁ ଖାଲି ବଗଡ଼ାଭାତ ଓ ସାଂଗକୁ ମେଞ୍ଚାଏ ଲାଉସିଝା । ମୁଁ ଖାଇପାରିଲି ନାଇ । ଦେଖିଲି ସେ ବି ଖାଇପାରିଲେ ନାଇ । କ'ଣ ଅଳ୍ପ ଖାଇଚୁ, ସେ ଆଉ ଟିକିଏ ଲାଉ ସିଝୋଳା ଆଣିବାକୁ କହିଲେ । ଘରେ ଆଉ ନଥିଲା । ଆମ ସଂଗରେ ଆଉ ଜଣେ ଦୁ'ଜଣ ଖାଇ ବସିଥିଲା ପରି ମନେ ହେଉଚି । ସେମାନେ ମଧ୍ୟ ଅଧଥି । ରାମଚଂଦ୍ର ଦାଶେ ହଠାତ୍ ଆମକୁ ଚାହିଁ ଅତି ସରସ ସ୍ମିତ ହାସ୍ୟ ମୁହଁରେ କହିଲେ, "ହଉ ପାଣି ପିଇଦିଅ, କାଲି ସକାଳୁ ଫେର ଖାଇବା ନାଇ କି ।

## ୩୪. ସ୍ୱର୍ଗତ ରାମଚଂଦ୍ର ଦାଶ

ଓଡ଼ିଆ ଛାତ୍ରମାନେ କିପରି ଭଲ ମଣିଷ ହେବେ, ପଢ଼ି ଭଲ ପଂଡିତ ହେବେ, ସେଥିରେ ସେ ବରାବର ଲାଗିଥାଂତି । ଛାତ୍ରଂକୁ ଦେଖିଲେ ତାଂକ ସଂଗେ ବସି ଦିନରାତି ଆଳାପ କରଂତି । ନିଜେ ଓଡ଼ିଆ ସାହିତ୍ୟରେ ବଡ଼ ମନ ଦେଇଥାଂ'ତି । ନୂଆ ବହି ବାହାରିଲେ ଅତି ଆଦରରେ ପଢ଼ଂତି ଓ ଛାତ୍ରମାନଂକୁ ଡାକି ତାଂକ ସଂଗେ ପଢ଼ଂତି ଓ ଆଲୋଚନା କରଂତି । ଦିନକ କଥା କହୁଚି । ସେତେବେଳକୁ ନୂଆ ହୋଇ ବାହାରିଥାଏ ମଧୁସୂଦନ ରାଓଂକ 'ବସଂତ ଗାଥା', 'ପୁଷର ଉତ୍କଳ' ସ୍ୱର୍ଗତ ଦେବଚରଣ ପଟ୍ଟନାୟକ ପୁରୀଜିଲା ସ୍କୁଲରେ ମୋର ଥିଲେ ସହପାଠୀ । ସେ ଓଡ଼ିଆ ସାହିତ୍ୟରେ ନୂଆବହି ବାହାରିଲେ ତାକୁ ଆଗ ପଢ଼ି ପକାଉଥିଲେ । କବିତାଗୁଡ଼ାକ ଏକପ୍ରକାର ତାଂକର ସାଂଗେ ସାଂଗେ ମୁଖସ୍ଥ ହୋଇଯାଉଥିଲା । ତାଂକୁ ଓ ମୋତେ ତହିଁ ସଂଗେ ଆଉ କେତେକ ଛାତ୍ରଂକୁ ରାମଚଂଦ୍ର ଦାଶେ ଡକାଇ ପଠାଇଲେ 'ବସଂତଗାଥା' ପଢ଼ି ଆଲୋଚନା କରିବା ପାଇଁ । ଦେଖିଲୁଁ ଦେବଚରଣ ପଟ୍ଟନାୟକଂକର ସେତେବେଳକୁ 'ବସଂତଗାଥା' ତାହା ସାରା ଅନେକ ମୁଖସ୍ଥ ହୋଇସାରିଥିଲା । ଆମେ କେହି ବହି ଦେଖି ନଥିଲୁ । ରାତି ୧୧ଟା ପର୍ଯ୍ୟଂତ ସେଦିନ ଆଲୋଚନା ଚାଲିଲା । ଆମ ସାଂଗରେ ବସିଥାଂତି ଆଉ ଜଣେ ଛାତ୍ର । ସେ ହେଉଚଂତି କାଶୀଆ ବେରବୋଇ ଶାସନର ଗୋବିଂଦ ଦାସ । ସେ ଏନଟ୍ରାନ୍ସ ପାଶ କରି ପରେ ପୋଲିସ ସବ-ଇନ୍‌ସପେକ୍ଟର ହୋଇଥିଲେ । ଏବେ ସେ ଲୋକାଂତରରେ । ତାଂକୁ ସମସ୍ତ ଖର୍ଚ୍ଚ ଦେଇ ରାମଚଂଦ୍ର ମୁକ୍ତାର ପଢ଼ାଉଥାଂତି । ପରେ ସେ ଏନ୍‌ଟ୍ରାନ୍ସ ପାଶ କରି ପୋଲିସ ଚାକିରୀ ପାଇଁ ଦରଖାସ୍ତ ଦେଇ ଉଦ୍ୟମ କଲାବେଳେ ରାମଚନ୍ଦ୍ର ଦାଶଂକୁ ବଡ଼ ବାଧିଥିଲା । ସେ କହିଥିଲେ ଗୋବିଂଦ ଏବେ ପାଠପଢ଼ି ପୋଲିସ ହେବାକୁ ଗଲା । ପିଲାମାନଂକୁ ଦେଶସେବୀ, ସାହିତ୍ୟିକ, ଜ୍ଞାନାଭିଳାଷୀ ହେବାପାଇଁ ସବୁବେଳେ ସେ ସଂକେତ ଦିଅଂତି, ଉତ୍ସାହ ଦିଅଂତି । ତାହା ହିଁ ଥିଲା ତାଂକର ଏକାଂତ କାମନା ।

ସେ ରାତି 'ବସଂତଗାଥା' ଆଳାପରେ ଗୋବିଂଦ ମଝିରେ ମଝିରେ ଢୁଳାଇ ପଡୁଥାଂତି । ସେଥିରେ ରାମଚଂଦ୍ର ଦାଶ ଯେପରି ଆଦର ଓ କୌଶଳରେ ଗୋବିଂଦଂକୁ ମଧ୍ୟ ଆଲୋଚନା ଶୁଣାଇବାପାଇଁ ଉଦ୍ୟମ କରୁଥାଂତି, ତାହା ଦେଖି ଶିଖିବାର କଥା । ସେ ବିରକ୍ତ ହୁଅଂତିନାହିଁ କି ଦୁଃଖ ପ୍ରକାଶ କରଂତି ନାଇ । ଅଥଚ ନିଜଭାବରେ ଅଦ୍ଭୁତ ପ୍ରକାରରେ ଶ୍ରୋତାଂକୁ ପ୍ରଭାବିତ କରି ପାରୁଥିଲେ । ଆମ ସାଂଗରେ ସ୍କୁଲରେ ମଧ୍ୟ ସେ ନିତାଂତ ଅଗ୍ରାହ୍ୟ ଓ ଅରସୀକ୍ରିକ କଥାଟା ମଧ୍ୟ ଫସ୍ କରି କାଟି କହି ଦିଅଂତି ନାଇ । କଥାଟାକୁ ଆପାତତଃ ଗ୍ରହଣୀୟପରି ଆଳାପ ଆରଂଭ କରିଦିଅଂତି, ଶେଷକୁ ଆମେ ବୁଝି ପାରୁ ଆମ କଥାଟା ଭୁଲ । କୌଣସି ଛାତ୍ରର ବୁଦ୍ଧି ବା ଯୁକ୍ତି ପ୍ରଣାଳୀକୁ ସେ ହଠାତ୍

ଅଗ୍ରାହ୍ୟ କରନ୍ତିନାହିଁ । କିଂତୁ ହଠାତ୍ ସେଥିପ୍ରତି ହୁସିଆର ଦେଖାନ୍ତି ନାହିଁ । ଏହି ସେହିଁ ଗେ ବନ୍ଧୁଙ୍କୁ ସେ ନଗେନ-ସାହାଯ୍ୟ କରି ମଣ୍ଡିତ କରାଇଥିଲେ ଓ ତାଂକ ସଂଗେ ବସଂତଗାଥା ଅବସରରେ ସଂପୂର୍ଣ୍ଣ ଧୈର୍ଯ୍ୟ ରଖି ଆଳାପ ମଧ୍ୟ କରୁଥିଲେ, ତାଂକର ସୂକ୍ଷ୍ମଶକ୍ତି ଓ ମନର ଗତି ଶିଖାଇବା ପାଇଁ ଅନେକର କଥା କହୁଛି । ସ୍କୁଲମାନଂକୁ ସେତେବେଳେ ଶିକ୍ଷାବିଭାଗୀୟ ଡିରେକ୍ଟର କେବେ ଆସୁ ନଥିଲେ । ବିଭାଗୀୟ ଇନ୍‌ସ୍‌ପେକ୍ଟରଂକ ଉପରେ ସମସ୍ତ ବଂଗବହାର-ଓଡ଼ିଶାର ଜଣେ ଡିରେକ୍ଟର ଥାଂତି ବୋଲି, ଆମେ ଖାଲି ଶୁଣୁ । ଭିଏଟର ସାହେବ ଇନ୍‌ସ୍‌ପେକ୍ଟର । ଥରେ ମାତ୍ର ଆମସ୍କୁଲକୁ ଆସିଥିଲେ । ସେ କଥା କହୁଛି । ସେ ଅସାଧାରଣ ମୋଟା ଥିଲେ । ତାଂକୁ ଦେଖି ଗୋବିଂଦ ମୋତେ ଆସି ପଚାରିଥିଲେ, "ହଇରେ କଂଠ, ଏ ତ ଇନ୍‌ସ୍‌ପେକ୍ଟର ହୋଇ ଏତେ ମୋଟା ହୋଇଛି, ଡିରେକ୍ଟର କେତେ ମୋଟା ହୋଇ ନଥିବ ?"

ରାମଚଂଦ୍ର ଦାଶ ଅତ୍ୟଂତ ସୁବକ୍ତା ଥିଲେ । ଆଳାପରେ ସମସ୍ତଂକୁ କିଣି ନେଉଥିଲେ । ଯୁବକମାନଂକୁ ଦେଶର ଭବିଷ୍ୟତ ଭାବି ତାଂକ ସଂଗେ ପ୍ରାଣ ମିଶାଇ ଦେଉଥିଲେ । କଉର ବୋଲି କହି ତାଂକର ନଥିଲା ଜାଣିଲେ ଚଳେ । ପ୍ରାଣଟା ତାଂକର ଅତ୍ୟଂତ କ୍ଷୀର୍ଣ୍ଣ ଥିଲା । ୧୯୦୭ରେ ତାଂକର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ମୁଁ ଓ ଆମଗାଁର ଆର୍ତ୍ତଭଜନା (ଚଂଦ୍ରତ ଆର୍ତ୍ତତ୍ରାଣ ରାୟ) ଦୁହେଁ ତାଂକୁ ପୁରୀ ଘରଠାରେ ଦେଖିବାକୁ ଯାଇଥିଲୁ । ତାଂକର ବନ୍ଧୁମୁଖ ଶୋଷ, କଂଠରୁ ଆଉ କଥା ଥିଲା କହି ହେଉ ନାହିଁ । ତାଂକ ଗୋଡ଼ ଚଳୁ ନଥାଏ । ବଡ଼କଷ୍ଟରେ ଉଠି ଟିକିଏ ବସିଥାଂତି । ଆର୍ତ୍ତ ଭଜନା ଫଳିତ ଜ୍ୟୋତିଷ ଜାଣିଥିଲେ । ଫଳିତ ଜ୍ୟୋତିଷରେ ରାମଚଂଦ୍ର ଦାଶଂକର ବିଶ୍ୱାସ ନଥାଏ; ତଥାପି ଆର୍ତ୍ତ ଭଜନା କହିବାରୁ ଜାତକ ଖଂଡ ଆସିଲା । ଆର୍ତ୍ତଭଜନା ଗଣନା କରି କହିଦେଲେ, ରାମଚଂଦ୍ର ଦାଶଂକର ଏ ଦଶାରେ ମୃତ୍ୟୁ ହେବନାହିଁ । ରାମଚଂଦ୍ର ମଂଗଳ ଖଂଡରେ ସ୍ୱାକରିକୁ ବଡ଼ ଖାତି କରି କହିଦେଲେ ଆରେ ଘରେ କହ ଦେ ସଂପାତ ମହାଶୟ କହିଲେ "ମୁଁ ଏଥର ମରିବି ନାହିଁ । କିଛି ଚିଂତା ନାହିଁ ।" ଆମକୁ କହିଲେ, ହଉ ଘରେ ଟିକିଏ ଦଂଭ ପାଇ ଯାଆଂତୁ । ତା'ପରେ ଅନେକ ଆଳାପ ହେଲା । ଆମେ ଉଠି ଆସିଲାବେଳେ ବହୁକଷ୍ଟରେ ମୋତେ ଉଠି କୁଂଢାଇ ପକାଇ ବଡ଼ କଷ୍ଟରେ ଦାଂଣ୍ଡ ଦୁଆର ପର୍ଯ୍ୟଂତ ଆସି ମୋ ମୁଂଡରେ ହାତଦେଇ କହିଲେ, "ମୁଁ ଯାଉଛି, ଭଗବାନ ତମକୁ ବଡ଼ ମଣିଷ କରଂତୁ । ଦେଶକୁ କେବେ ଭୁଲିବନାହିଁ ।" ଏ ଘଟଣା ୧୯୦୭ ମସିହାର କଥା । ମୁଁ ସେତେବେଳେ ଏଫ୍. ଏ. ପଢ଼ୁଥାଏ ।

## ୩୫. ସ୍ୱର୍ଗତ ଚଂଦ୍ରଶେଖର ସାମନ୍ତ ଓ ମୋର ପ୍ରଥମ ପ୍ରକାଶିତ ଲେଖା

ବ୍ରାହ୍ମଣସମିତିରେ ଗୋପବଂଧୁଂକ ସଂଗେ ରହିବା କଥା କହୁଥିଲି । ସେତିକିବେଳକୁ ସ୍ୱର୍ଗତ ସାମଂତ ଚଂଦ୍ରଶେଖର ସିଂହ ଅତ୍ୟଂତ ରୁଗ୍‌ଣ ହୋଇ ମୃତ୍ୟୁ ନିକଟ ଜାଣି କ୍ଷେତ୍ରରେ ମରିବାପାଇଁ ଆସି ପୁରୀରେ ରହିଥିଲେ । ମୁଁ ଭାବୁଥାଏଁ, ତାଂକୁ ଯାଇ ଟିକିଏ ଦେଖି ଆସିବି । କିଂତୁ ସେ କଥା ହୋଇପାରି ନାହିଁ । ହଠାତ୍ ତାଂକର ମୃତ୍ୟୁ ସଂବାଦ ଶୁଣିଲି । ଗୋପବଂଧୁ ଦାସ ଆମମାନଂକୁ ଓ ଆଉ କେତେକଂକୁ ଧରି ସ୍ଥିର କଲେ ତାଂକର ଦଶାହଦନ ଗୋଟିଏ ସଭା କରିବା । ସେଥିରେ କିଏ ତାଂକର ଜୀବନୀ ଲେଖିବ । କେହି କିଛି ଜାଣଂତି ନାହିଁ । ସମସ୍ତେ ନାହିଁ କଲେ । ମୁଁ କିଂତୁ ସେ କାଳରୁ ନାନା ସ୍ଥାନରେ ପିଲାଂକୁ ଦେଇ ସଭାମାନ କରୁଥିଲି । ବୋଧହୁଏ ଏହା କହିଲେ ଅତ୍ୟୁକ୍ତି ବହୁଲକ୍ଷଣ ହେବନାହିଁ ଯେ, ସେ କାଳରେ ମୁଁ

କଟକର ଛାତ୍ରମାନଂକ ଭିତରେ ଏପରି ସଭା ନଥିଲା ଯହିଁରେ ମୁଁ ସେକ୍ରେଟେରୀ ବା ପ୍ରେସିଡେଣ୍ଟ ହୋଇ ନଥିଲି । ଗୋପବନ୍ଧୁ ଦାସେ କହିଲେ "ଏଠେ ସଭା କରୁଚ, ପ୍ରବନ୍ଧ ପଢ଼ୁଥିବ, ବକ୍ତୃତା ଦେଉଥିବ, ତମେ ଲେଖ ନା' । ମୁଁ କହିଲି, "ମୁଁ ଚେଷ୍ଟା କରିବି" । ସେତେବେଳକୁ ମୁଁ ଚନ୍ଦ୍ରଶେଖରଂକୁ ଦେଖିବାକୁ ଯିବ ଆସିବ ତାଂକ ସାହିତ୍ୟଦର୍ପଣ ଖଂଡ ସଂଗ୍ରହ କରି ପଢ଼ିବା ପାଇଁ ପାଖରେ ରଖିଥାଏ । ତା'ର ଇଂରାଜୀ ମୁଖବନ୍ଧକୁ ମୂଳକରି ମୁଁ ତାଂକର ଗୋଟିଏ କ୍ଷୁଦ୍ର ଜୀବନୀ ଲେଖି ବସିଲି । ଲେଖା ଶେଷ ହେବାରୁ ଗୋପବନ୍ଧୁ ଦାସେ ପଢ଼ିଲେ । ରାମଚନ୍ଦ୍ର ଦାଶ ମୁକ୍ତାର ସେତେବେଳେ ପ୍ରତିଦିନ ସଂଧ୍ୟାରେ କଚେରୀରୁ ଫେରି ବ୍ରାହ୍ମଣସମିତିକୁ ଆସନ୍ତି । ସେ ଆସିଲାମାତ୍ରେ ଗୋପବନ୍ଧୁ ଦାସ ମୋ ପ୍ରବନ୍ଧଟି ତାଂକ ଆଗେ ନିଜେ ପଢ଼ି ଶୁଣାଇଲେ । ସେଇ ପ୍ରବନ୍ଧଟି ପରେ ଦଶଦିନ ପଢ଼ା ହେଲା । ପରେ—ପ୍ରାୟ ଦୁଇବର୍ଷପରେ ସେଇ ପ୍ରବନ୍ଧଟି ଉତ୍କଳସାହିତ୍ୟରେ ବାହାରିଲା । ତାହା ହିଁ ମୋର ପ୍ରଥମ ପ୍ରକାଶିତଲେଖା । ଏ ଲେଖାଟି ବାହାର କରିବାରେ ମଧ୍ୟ ଟିକିଏ କଥା ଏଠାରେ କହିବାର ଅଛି । ଏକରେ କାଗଜରେ ଲେଖା ବାହାର କରିବା ସେତେବେଳେ ଯେ କି କଷ୍ଟ, ତା' ଏବେ ବୁଝାଇ ହେବନାଇ । ତା'ପରେ ମୁଁ ମଫସଲିଆ ପିଲା, ଭାରି ଲାଜକୁଳା । ଲେଖାଟି ବିଶ୍ୱନାଥ କରଂକୁ ଦେବି କିପରି, ଭାବୁଥାଏ, ଦେଇ ପାରୁ ନଥାଏ । ସାଂଗରେ କଲେଜରେ ପଦ୍ମଚରଣ ପଟ୍ଟନାୟକ ପଢ଼ୁଥାଂନ୍ତି । ତାଂକର ବିଶ୍ୱନାଥ କରଂକ ଘରକୁ ଭାରି ଗତାଗତ ଥାଏ । ମୁଁ ଏ ମଧ୍ୟରେ ଥେୟର (Theyer) ସାହେବଂକ ଲିଖିତ ବେଂଜାମିନ୍ ଫ୍ରେଙ୍କଲିନ୍ଂକ ଜୀବନୀ ପଢ଼ୁଥିଲି । ସେଥିରେ ଦେଖିଲି ପିଲାଦିନେ ସେ ଏଇପରି କାଗଜକୁ ଲେଖା ଦେବାରେ ଭାରି ଲାଜକୁଳା ଥିଲେ । ଦିନେ ଗୋଟିଏ ଲେଖା ଲୁଚାଇ କରି ନାମ ନ ଦେଇ କୌଣସିମତେ ସଂପାଦକଂକ ହାତରେ ପଡ଼ିବାଭଳି ରଖି ଦେଇ ଆସିଲେ । ସେଇଭଳି ବାହାରିଗଲା । ତା'ପରେ ସେ ପ୍ରକାଶ୍ୟଭାବରେ ଲେଖା ଦେଲେ । ମୁଁ ପଦ୍ମଚରଣ ପଟ୍ଟନାୟକଂକୁ ବହୁଦିନ ପରେ ମୋ ଲେଖାଟି ପଢ଼ାଇଲି । ସେ କହିଲେ, "ସେ ନେଇ ବିଶ୍ୱନାଥ କରଂକୁ ଦେବେ" । ସେ ବିଶ୍ୱନାଥ କରଂକୁ ଦେବାପାଇଁ ମୋ ଲେଖାଟି ନେଇଗଲେ । କେତେଦିନ ପରେ ଲେଖାଟି ଉତ୍କଳ ସାହିତ୍ୟ କାଗଜରେ ବାହାରି ପଡ଼ିଲା । ସେଦିନ ମୋ ମନରେ ଯାହା ହୋଇଥିଲା, ତା' ଲେଖି ହେବ ନାଇ । ମଧୁସୂଦନ ରାଓଂକ ମଝିଆଁ ପୁଅ, ପ୍ରଶାଂତ କଲେଜରେ ଆମ ଉପର କ୍ଲାସରେ ପଢ଼ୁଥିଲେ । ମଧୁବାବୁ ମୋ ଲେଖାଟି ପଢ଼ିସାରି ମୋତେ ଉତ୍ସାହ ଦେଇ ନିଜର ଗ୍ରାହକତା ଓ ଆଶୀର୍ବାଦ ପ୍ରଶାଂତଂକ ହାତେ ମୋ ପାଖକୁ ପଠାଇ ଦେଇଥିଲେ । ଆଉ କେତେଲୋକ ମଧ୍ୟ ଖୁବ୍ ଉତ୍ସାହ ଦେଇ ମୋତେ ଲେଖିଥିଲେ । ବାଲେଶ୍ୱରର ସ୍ୱର୍ଗତ ଉମାକାଂତ ମହାପାତ୍ର ମୋ ଉପର କ୍ଲାସରେ ସେତେବେଳେ ବି. ଏ. ପଢ଼ୁଥାଂନ୍ତି । ସେ ମୋ ସଂଗେ ବୋର୍ଡିଂରେ ଥିଲେ ମଧ୍ୟ ସେତେବେଳେ ଛୁଟିରେ ଗ୍ରାମରେ ଥିଲେ । ସେ ଏଇ ଲେଖା ପଢ଼ି ମୋତେ ଗୋଟିଏ ଦୀର୍ଘ ଚିଠି ଲେଖିଥିଲେ । ଗୋଟିଏ ବାକ୍ୟ ମନେ ଅଛି । "I read it with much gusto. It is very good". Gusto ଶବ୍ଦଟି ସେଇଥିରୁ ମୁଁ ଶିଖିଥିଲି, ମୋ ମନେଅଛି । ଉମାକାଂତ ବାବୁ ଭଲ ଇଂରେଜୀ ଜାଣୁଥିଲେ ବୋଲି ତାଂକର ନାମ ଥିଲା । ସେ ପରେ ଓଡ଼ିଶା ସରକାରଂକର Translator ହୋଇଥିଲେ । ସେ ଯାହାହେଉ ମୋର ଏବେ ମଧ୍ୟ ନିଜ ଲେଖାରେ ଆତ୍ମଦୈନ୍ୟର ଭାବ ବରାବର ଯାଇନାଇ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ'ପାଇଲେ ମୁଁ ପ୍ରାୟ ସାହସ କରି ପ୍ରକାଶ କରେ ନାଇ । ଦରକାର ପଡ଼ିଲେ କେହି ନମିଳିଲେ କଲେଜର ଛାତ୍ରଂକୁ ଏପରି ମୋ ନିଜପୁଅକୁ ମଧ୍ୟ ଶୁଣାଇ ଠିକ୍ କରିନିଏ । କେହି କୌଣସି ଅଂଶ ଆଚ୍ଛା ଲାଗୁନାଇ

ବୋଲି କହିଲେ ତତ୍‌କ୍ଷଣାତ୍ ବଦଳାଇ ଦିଏ ଓ ପୁଣି ଶୁଣାଏ । କାରଣ ମୋର ଗୋଟିଏ ଧାରଣା ପଡ଼ିଯାଇଛି ମୁଁ ମୋ ପାଇଁ ଲେଖୁନାହିଁ । ଅନ୍ୟ ପଢ଼ି ବୁଝିବା ଓ ଗ୍ରହଣ କରିବା ପାଇଁ ଲେଖୁଛି । ସେଇ ମାପକାଠିଟି ସବୁବେଳେ ମୁଁ ମନେ ରଖିଥାଏ । ସେଥିପାଇଁ ଯେତେବେଳେ ପରେ ପିଲାଙ୍କ ପାଇଁ ଘରୋଇ ଭାଷାରେ ଲେଖିବା ମୁଁ ପ୍ରଥମେ ଆରମ୍ଭ କଲି ସେତେବେଳେ ପିଲାଙ୍କୁ ଶୁଣାଇ ଲେଖା ଠିକ୍ କରିଥିଲି । କହିଦିଏଁ ମୁଁ ଲେଖିବା ପୂର୍ବରୁ ଅତି ଘରୋଇଭାଷାରେ ସୁନ୍ଦର ସୁରୁଚିସମ୍ପନ୍ନ କରି ଲେଖିବାଟା ଓଡ଼ିଶାରେ ଆରମ୍ଭ ହୋଇ ନଥିଲା । ୧୯୨୧ରେ ପିଲାଙ୍କ ରାମାୟଣରେ ମୁଁ ଏହା ପ୍ରଥମେ ଆରମ୍ଭ କରିଥିଲି । ତା'ପରେ ଶକ୍ତିଥିବା ଲେଖକମାନେ କ୍ରମେ ଲେଖିଲେ । ସେହିପରି ପୁଣି, ୧୯୧୯ରେ ଯେତେବେଳେ ରାଧାନାଥ ବାବୁଙ୍କ କାବ୍ୟ ସମାଲୋଚନାରେ ସତ୍ୟବାଦୀ ସ୍କୁଲର ସହକର୍ମୀ ବାସୁଦେବ ମହାପାତ୍ର ଓ ରଘୁନାଥ ମିଶ୍ର ମୋତେ ନିଜେ ଲେଖି ଦେଖାଇ ଦେବାପାଇଁ ଆକ୍ଷେପ କରି କହିଲେ, ସେତେବେଳେ ମୁଁ 'କୋଣାର୍କେ' କାବ୍ୟ ଲେଖି ବସିଲି । ସତରଦିନ ଭିତରେ ଏହା ଲେଖାହୋଇ ଗ୍ରନ୍ଥାକାରରେ ଛପା ହୋଇଥିଲା । ତଥାପି ରାତିରେ କେତେକ ଲେଖିସାରି ସକାଳୁ ସେମାନଙ୍କୁ ଶୁଣାଇ ଦିଏ । ସେମାନେ ଟିକିଏ ଦ୍ୱିଧା ପ୍ରକାଶ କଲେ ସଙ୍ଗେ ସଙ୍ଗେ ସେ ଅଂଶଟି ଫିଙ୍ଗି ଦେଇ ଆଉଥରେ ଲେଖେ । ଏବେ ମଧ୍ୟ ସେଇଆ ମୋର ରୀତି ।

## ୩୬. ଦଳ ହେବ ନାଇ

ଏତିକିବେଳେ ସାଂଘରେ ଗୋପବନ୍ଧୁ ବାବୁ, ତାହାଁରେ ପୁଣି ରାମଚନ୍ଦ୍ର ଦାସଙ୍କ ମୋହନ ପ୍ରଭାବ । କଥାବାର୍ତ୍ତାରେ ସ୍ଥିର ହୋଇଗଲା ମୁଁ ଦଳ ହେବ ନାଇ । ଦେଶକାର୍ଯ୍ୟରେ ଜୀବନ ଦେବାପାଇଁ ଗୋଟିଏ ଦଳ ଗଢ଼ି ଗୋପବନ୍ଧୁ ଦାସଙ୍କ ସଙ୍ଗେ କାର୍ଯ୍ୟରେ ଲାଗିବ । ସେଥିରେ ହରିହରଭାଇନା ଓ ଅନନ୍ତ ମିଶ୍ରେ ଦୁହେଁ ଭି ରହିବେ । ଆଉ କୃତବିଦ୍ୟ ଯୁବକମାନଙ୍କୁ ପରେ ସଂଗ୍ରହ କରିବା । ପୂର୍ବେ କହିଛି, ଯୁଆଣ୍ଡ ଗାଁରେ ନଈବନ୍ଧ ଉପରେ ଯେଉଁ ସଂକଳ୍ପ ହୋଇଥିଲା, ତା' ଏଇଭାବରେ କାର୍ଯ୍ୟରେ ପରିଣତ କରିବାକୁ ହେବ । ଏଇ କଥାର ଦିନକୁଦିନ ଘନୀଭୂତ ହେବାରେ ଲାଗିଲା । ଜୀବନ କ୍ରମେ ନୂଆପରି ଲାଗିଲା । କ୍ରମେ ଜୀବନର କ୍ରିୟାସବୁ ସଂଯତ, ଶୃଙ୍ଖଳିତ ଓ ଏକମୁଖୀ କରିବାର ଉଦ୍ୟମ, ଭିତରେ ପ୍ରତିଷ୍ଠିତ ହେଲା । ସେ ବିଷୟ ମଧ୍ୟ ବରାବର ଆଲୋଚନାରେ ମାତି ହୋଇଯାଉଥାଏ । ଗୋପବନ୍ଧୁ ବାବୁଙ୍କର ଏ ତରୁଣ ପ୍ରାଣରେ ସେତେବେଳର ସମ୍ମୋହନ ଓ ବ୍ୟାପକ ପ୍ରଭାବ ଏବେ ସ୍ମୃତିର ଅନୁଭବରେ ମୋତେ ସେଇ ଯୌବନର ପ୍ରଥମ ଭିତ୍ତିକୁ ଆଜି ମଧ୍ୟ ଚେତନ ଯାଉଛି ।

ଏଇଠାରେ ପ୍ରସଙ୍ଗକ୍ରମେ ଆଉ ଗୋଟିଏ କଥା କହିଦିଏଁ । ବିବାହ ନ କରି ଦେଶସେବକ ଦଳଗଢ଼ିବାର କଳ୍ପନାରେ ଆଉ ଗୋଟିଏ କଥା କାରଣ ସ୍ୱରୂପ କାମ କରିଥିଲା । ହରିହରଭାଇନା ଓ ଅନନ୍ତ ମିଶ୍ରେ ଦୁହେଁ ସେତେବେଳକୁ ବିବାହିତ । ପଣ୍ଡିତ ଗୋପବନ୍ଧୁ ଦାସଙ୍କର ମଧ୍ୟ ଗୋଟିଏ ପୁତ୍ର ଓ ଦୁଇଟିକନ୍ୟା ଥିଲେ । ଏପରି ସ୍ଥଳେ ଦେଶ ସେବାପାଇଁ ଅବିବାହିତ ବ୍ରହ୍ମଚାରୀଦଳ ଗଢ଼ିବା କଥାଟା ପାରିପାର୍ଶ୍ୱିକ ବାୟୁ-ମଣ୍ଡଳରେ ନ'ଥିଲା । ବଙ୍ଗ ଔପନ୍ୟାସିକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଗ୍ରନ୍ଥର ପ୍ରଭାବ ସେତେବେଳକୁ ସ୍ପଷ୍ଟଭାବରେ ମୋ ଉପରେ ପଡ଼ିଥିଲା ବୋଲି ମନେ ହେଉନାଇ ।

## ୩୭. ଗୋପବନ୍ଧୁଙ୍କ ପୁତ୍ରର ମୃତ୍ୟୁ ଓ ମୋ ଉପରେ ତାର ପ୍ରଭାବ

ମାତ୍ର ଏଠାରେ ସ୍ପଷ୍ଟ ଘଟଣାଟି ହେଉଛି, ଦାସେ ଆପଣଙ୍କ ପୁତ୍ରର ମୃତ୍ୟୁ । ସେ ବହୁ ପିଲାଦିନୁ ବଡ଼ ହୋଇଥିଲେ । ଏପରିକି ଏନ୍‌ଟ୍ରାନ୍ସ ଚତୁର୍ଥ ଶ୍ରେଣୀରେ

( ଏବର ୮ମ ଶ୍ରେଣୀ ) ପଢ଼ିଲା ବେଳକୁ ତାଙ୍କର ଗୃହସ୍ଥାଶ୍ରମ ହୋଇଯାଇଥିଲା । ତାଙ୍କର ପତ୍ନୀ ପ୍ରାୟ ୯-୧୦ବର୍ଷ ଘର କରିସାରିଥିଲେ । ସେ ନିଜେ ବି. ଏଲ୍. ପଢ଼ି ଓକିଲାତି କରିବା ଆଡ଼କୁ ନଯାଇ ବ୍ରାହ୍ମଣ-ସମିତିରେ ରହି ଏମ. ଏ. ଆଡ଼କୁ ପ୍ରସ୍ତୁତ ହେଉଥିଲେ । ହଠାତ୍ ଖବର ପାଇଲେ ତାଙ୍କ ନିଜଗ୍ରାମ ସୁଆଣ୍ଡୋରେ ତାଙ୍କ ପୁଅଟିର ଜରାତିସାର ହେଲା । ସେଠାରୁ ସେ ନିଜର ସ୍ତ୍ରୀ, ପୁଅ ତା ସଂଗେ ଜ୍ୟେଷ୍ଠ କନ୍ୟାଟି ଏ ସମସ୍ତଙ୍କୁ ପୁରୀକୁ ଆଣାଇଲେ । ପୁରୀର ଏବ ମାର୍କେଟ ପାଖେ ତାଙ୍କର ନିଜର ଗୋଟିଏ ଘର ଥିଲା । ସେ ପରିବାର ହେନ ସେଠାରେ ରହିଲେ । ଡାକ୍ତର ଓ କବିରାଜ ମଧ୍ୟ ଚିକିତ୍ସା ଆରମ୍ଭ କରିଦେଲେ । ମୁଁ ପ୍ରାୟ ତାଙ୍କର ସେଇ ଘରେ ଥାଏ କହିଲେ ଚଳେ । ମୁକ୍ତାର ରାମଚନ୍ଦ୍ର ଦାଶ ମଧ୍ୟ ବରାବର ସେଠାକୁ ଆସନ୍ତି । କ୍ରମେ ରୋଗ ବଢ଼ିଗଲା । ଶେଷକୁ ପୁଅଟିର ମୃତ୍ୟୁ ହେଲା । ଦାସେ ଆପଣେ କେବେ ପାରିବାରିକ ଭାବରେ ଆସକ୍ତ ଥିବାର ମୁଁ ଦେଖି ନଥିଲି । ସେତିକବେଳେ ସେ ତାଙ୍କ ଭାର୍ଯ୍ୟାଙ୍କ ସହିତ ଯେପରି ବ୍ୟାକୁଳ ଓ ବିବ୍ରତ ହୋଇ ପଡ଼ିଥିଲେ, ତା' ଆଜି ମଧ୍ୟ ମୋର ମନେ ପଡ଼ୁଛି । ମୁଁ ସେତେବେଳେ ପିଲା । ବିଶେଷ କିଛି ବୋଧ ହୋଇ ପାରୁ ନଥାଏ । ରାମଚନ୍ଦ୍ର ମୁକ୍ତାର ଓ ଦୁର୍ଗତ ତମପଡ଼ାର ବାସୁଦେବ କର ଡାକ୍ତର ଦୁହେଁ ପାଖରେ ରହି ଗୋପବନ୍ଧୁଙ୍କୁ ବହୁତ ବୁଝାଉଥାନ୍ତି, କିନ୍ତୁ ଗୋପବନ୍ଧୁଙ୍କର କୋମଳ କବିପ୍ରାଣ ସେ ଘଟଣାରେ ଅତ୍ୟନ୍ତ ଉଦ୍‌ବେଳିତ ହେଉଥାଏ ।

## ୩୮. ମୋର ସଂକଳ୍ପ

ଏଇ ଘଟଣା ପରେ ମୋର ଟିକିଏ ଚିନ୍ତା ପଡ଼ିଗଲା । ଦେଖିଲି ଯେତେ ବଡ଼ ମହାପୁରୁଷ ହେଲେ ମଧ୍ୟ ପାରିବାରିକ ଦୁର୍ବଳତା ମନୁଷ୍ୟକୁ ବେଳେବେଳେ ସ୍ଥିତିଭ୍ରଷ୍ଟ କରିପାରେ । ଅତଏବ ସେ ଦୁର୍ବଳତା ନ ଥିବା ଭଳି ପରିସ୍ଥିତି ସୃଷ୍ଟିକଲେ ଦେଶ କାର୍ଯ୍ୟରେ ବହୁତ ବେଶି ସୁବିଧା ହେବ । ଏତେଦିନପରେ ଦାସ ଆପଣଙ୍କ ସଂଗେ ବିଚାର ହେଲା । ବହୁତ ଏପାଖ ସେ ପାଖ ହେବା ପରେ ଦାସେ ଆପଣେ ଏଥିରେ ସମ୍ମତ ହେଲେ । ସେତେବେଳକୁ ଦାସେ ଆପଣଙ୍କ ପ୍ରତି ହରିଭାଇନା, ଅନନ୍ତ ମିଶ୍ରେ ଓ ମୁଁ ଏ ତିନିହେଁ ଅତ୍ୟନ୍ତ ଅନୁରକ୍ତ ହୋଇ ପଡ଼ିଥାଉ । ତା'ର କାରଣ ହେଉଛି, କେବଳ ତାଙ୍କର ମଧୁର ଓ ପ୍ରୀତିଶୀଳ ବ୍ୟକ୍ତିତ୍ୱ ନୁହେଁ, ତା ଭିତରେ ଥାଏ ଭବିଷ୍ୟତର ପୁଣ୍ୟସାଧନା ଓ ଚରିତ୍ରଗଠନ ସଂଗେ ଦେଶସେବା । ଏଇ ସବୁ ବିଚାରରେ ଆମର କେତେ ରାତି ଯେ ପାହି ଯାଇଛି, ତା' ଆଜି କହିବା ଦୁଷ୍କର । ତେଣୁ ଦାସେ ଆପଣଙ୍କ ସଂଗେ ବିଚାରରେ ଯାହା ସିଧାନ୍ତ ହେଲା, ସେଥିରେ ଆଉ ଦ୍ୱିଧା କରିବାର କିଛି ନ ଥିଲା ।

## ୩୯. ବିବାହ ପ୍ରସଂଗ

ସେ ହେଉଛି ୧୯୦୪ ମସିହା; ଅର୍ଥାତ୍ ପୁରୀରେ ମୋର ଏନ୍‌ଟ୍ରାନ୍‌ସ କ୍ଲାସ ପଢ଼ୁଥିବା ବର୍ଷ । ବହୁତ ବିବାହ ପ୍ରସଂଗ ଆସୁଥାଏ । ସେତେବେଳର ଆମର ସମାଜରେ ଏନ୍ ଟ୍ରାନ୍‌ସ କ୍ଲାସରେ ପାଠ ପଢ଼ିବା କମ୍ କଥା ନୁହେଁ । ସେଥିରେ ପୁଣି ମୁଁ ପିଲାଦିନୁ ବୃଦ୍ଧ ବ୍ରାହ୍ମଣ ସାମାଜିକମାନଙ୍କ ସଂଗେ ମଧ୍ୟ ତୀବ୍ର ଓ ଉଜ୍ଜ୍ୱଳ ଯୁକ୍ତି ଆରମ୍ଭ କରିଦେବାରେ ପଶ୍ଚାତ୍‌ପଦ ନ ଥାଏ । ପୁରୀରେ ଥାନ୍ତି ସେତେବେଳେ ଜଣେ ପ୍ରବଳ ଧନୀ । ତାଙ୍କ ଘର ମାର୍କଣ୍ଡସାହିରେ । ତାଙ୍କର ଥାଏ ବିବାହ ଦବାପାଇଁ ଝିଅ । କାଳୀକାଦେବୀ ସାହିର ସୁନାମ ପ୍ରସିଦ୍ଧ ଉତ୍କଳର ଆଦ୍ୟ ନାଟ୍ୟକାର ସ୍ୱର୍ଗତଃ ହରିହର ରଥ । ଆମ ନନାଙ୍କର ହରିହର ରଥଙ୍କ ପ୍ରତି ବଡ଼ ଖାତିର ଥାଏ । ମନେଅଛି, ସେହି ଧନୀ

ହରିହର ରଥଙ୍କୁ ମୋ ବିବାହ ପ୍ରସଙ୍ଗ କରି ନନାଙ୍କ ପାଖକୁ ପଠାଇଲେ । ଆମ୍ଭେମାନେ ଗରିବ ପରିବାର । ହରିରଥ ଆସି ନନାଙ୍କୁ କହିଲେ, "ସଙ୍ଗେ ସଙ୍ଗେ ସୁଣି ହଜାର ଟଙ୍କା ନିଅ । ପୁଅ ପାଇଁ ନିବନ୍ଧ କର । ଅନେକ ଅଳଙ୍କାର ଓ ଜିନିଷ ପାଇବ । ତା'ପରେ ସେ ପୁଅକୁ ଯେ ପର୍ଯ୍ୟନ୍ତ ପୁଅର ଇଚ୍ଛା, ସେ ପର୍ଯ୍ୟନ୍ତ ପଢ଼ାଇବେ ।" ନନା ଆସି ପ୍ରସ୍ତାବଟି ମୋ ଆଗେ କଲେ । ମୁଁ ସେତେବେଳକୁ ବିବାହସଂବନ୍ଧୀୟ ସଂକଳ୍ପରେ ଦାସେ ଆପଣଙ୍କ ସଙ୍ଗେ ସୂକ୍ଷ୍ମ ତର୍କ ଆରମ୍ଭ କରି ନ'ଥାଏ । ମାତ୍ର ସଙ୍ଗେ ସଙ୍ଗେ ନନାଙ୍କୁ ଉତ୍ତର ଦେଲି, ମୋର ପତ୍ନୀରୁ ଆଗତ ଅର୍ଥରେ ମୁଁ ମଣିଷ ହେବା କଥା ହେବ ନାଇ । ସେତେବେଳେ 'ଭବଭୂତି'ରୁ ଶ୍ଳୋକଟି ବୋଲିଥିଲି ଓ ବୁଝାଇ ଦେଇଥିଲି—

"ଉତ୍ତମଂ ସ୍ୱାର୍ଜିତଂ ବିତ୍ତଂ,
ମଧ୍ୟମଂ ପିତୃରର୍ଜିତଂ,
ଅଧମଂ ଭ୍ରାତୃ ବିତ୍ତଂଚ,
ସ୍ତ୍ରୀ ବିତ୍ତଂ-ମଧମାଧମମ୍ ।"

ଆମ ନନା ବଡ଼ ବୁଝିପାରିବା ଲୋକ ଥିଲେ । ମୁଁ ଭଲ ପଢ଼ୁଥିବାର ଶୁଣି ସେ ମଧ୍ୟ ମୋ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ସେ ଏ କଥାଟି ବଡ଼ ବେଗେ ବୁଝିଗଲେ, ଆଉ କିଛି କହିଲେ ନାଇ । କିନ୍ତୁ କନ୍ୟାଦାୟଗ୍ରସ୍ତ ଲୋକଙ୍କ—ଆଉ ବିଶେଷତଃ ଧନୀଲୋକଙ୍କର ବରପାତ୍ର ସଂଗ୍ରହ କରିବାରେ ଚେଷ୍ଟା ଏତେ ସହଜରେ ନିବୃତ୍ତ ହୁଏ ନାଇ । ପୁଣି ଏ କଥାଟି ନୂଆ ହୋଇ ବଂଗଦେଶରୁ ଆମର ମାନ୍ୟ କରଣ ସମାଜ ବାଟେ ଓଡ଼ିଶାକୁ ଆସୁଥାଏ । ମୋର ଯେତେଦୂର ମନେଅଛି, ଜ୍ୱାଇଁ କିଣିବା ବାଟେ ଭିଂଗାରପୁରର ଚୌଧୁରୀ ଜମିଦାର ଓ ତାଂକରି ଅନୁକରଣରେ ପୁରୀର କେତେକ ବ୍ରାହ୍ମଣ ବଂଶରେ ପଶୁଥାଏ । ପୂର୍ବେ ଏପରି ଟଂକା ଦିଆନିଆ ଧନୀ ପରିବାରଙ୍କ ମଧ୍ୟରେ ଆବଦ୍ଧ ନଥିଲା । ପୁରୀର ଶାସନୀ ବ୍ରାହ୍ମଣମାନଙ୍କ ଭିତରେ, ମୋ ମନେ ଅଛି, ଏହା ସେ ପର୍ଯ୍ୟନ୍ତ ମଧ୍ୟ ଆବଦ୍ଧ ଥିଲା ଜାଣିରେ । ପୁଣି ଦଶ, ପଂଦର ଟଂକାରୁ ଏହା ବେଶି ନଥିଲା । ପରେ ନନା ଯେତେବେଳେ ପ୍ରଚଳିତ ରୀତି ଅନୁସାରେ ମୋ ପାଇଁ କନ୍ୟା ଠିକ୍ କରିଥିଲେ, ସେତେବେଳେ ଏହି ଜାତିର ତୁଳନା ବିଚାର କରି ଭଦ୍ରଲୋକମାନେ ନନାଙ୍କୁ କନ୍ୟା ପକ୍ଷ ନାମରେ ପଂଦର ଟଂକା ଦେବା-ପାଇଁ ନିର୍ଦ୍ଧାରିତ କରି ଦେଇଥିଲେ । ଏଥିରୁ ଜଣାପଡ଼ିବ, ସେତେବେଳେ ସମାଜରେ ବରକୁ ଟଂକା ଦେଇ କିଣିବା ରୋଗଟି କିପରି କ୍ରମେ ଭର୍ତ୍ତି ହେଉଥିଲା ।

ସେ କଥା ଯାହାହେଉ, ପୁରୀରେ ସେ ଧନୀବ୍ୟକ୍ତି ଛାଡ଼ିଲେ ନାଇ । ମୋ ପାଖକୁ ଓ ମୋ ବୋଉ ପାଖକୁ ମଧ୍ୟ ଭଦ୍ରଲୋକ ପଠାଇବାରେ ଲାଗିଲେ । ମୋର ସେତେବେଳେ ନାନା ଆଦର୍ଶ ଚଳଣି ହେତୁ ପ୍ରାଣ ବଡ଼ ଉତ୍ତ୍ୟକ୍ତ ଥାଏ । ଶେଷକୁ ମୁଁ ନିଜର ବିବାହ ନହେବା ସଂକଳ୍ପକୁ ଦୃଢ଼ କଲି । ଦାସେ ଆପଣଙ୍କ ସଂଗେ ପୁଣି ବାରଂବାର ଏ ବିଷୟରେ କଥାବାର୍ତ୍ତା ହେଲା । ସେ ମଧ୍ୟ ମତ ଦେଲେ । ଶେଷକୁ ନନା, ବୋଉ ସମସ୍ତେ ଏ କଥା ଜାଣିଲେ । ନନା ମତେ ଆସି ବିବାହ କଥାରେ ମନାଇବାଠାରୁ ଗୋପବନ୍ଧୁ ଦାସଙ୍କ ପାଖେ ଯାଇଁ ବସୁବର ଧାରଣା ଦେଲେ । ମୁଁ ତାଂକର ଗୋଟିଏ ପୁଅ । ତାଂକ ପଚିଶ ବୟସରେ ମୋର ଜନ୍ମ । ମତେ ବିବାହ ଦେବାପାଇଁ ତଥା ସେଇସୂତ୍ରରେ କୁଳରକ୍ଷା କରିବାପାଇଁ ତାଂକର ଅତ୍ୟନ୍ତ ଆଗ୍ରହ ଓ ଉତ୍କଂଠା ପ୍ରକାଶ ପାଇଲା । ଦିନେ ମୁଁ ତାଂକୁ ଏକାନ୍ତରେ ବହୁ ସଂତର୍ପଣରେ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରିବା ପାଇଁ ଅନୁରୋଧ କଲି । ସେ ଯାଇ ଦାସ ଆପଣଙ୍କ ଆଗେ ଏ କଥା କହି କାନ୍ଦିଲେ । କୋମଳ କବିପ୍ରାଣ, ଦାସେ ଆପଣେ ଆଉ ସଂଯମ

ପାରିଲେ ନାହିଁ । ମତେ ତାଙ୍କ ନାନା କଥା ବୁଝାଇ ମୋର ବିବାହ ନ କରିବା ସଂକଳ୍ପକୁ ପରିତ୍ୟାଗ କରିବାକୁ କହିଲେ ।

## ୪୦. ଗୋପବନ୍ଧୁଙ୍କ ନିର୍ଦ୍ଦେଶ ଓ ମୋର ବିବାହ ଅନୁଷ୍ଠାନ

ସେ ହେଉଛି ୧୯୦୪ ମସିହାର ଶେଷ । ୧୯୦୫ ମସିହା ଫେବୃୟାରୀ ୧୫ ତାରିଖରେ କଟକରେ ମୋର ଏନ୍ ଟ୍ରାନ୍ସ ପରୀକ୍ଷା । ମୋ ବିବାହଘର ଠିକ୍ ହେଲା ଫେବୃୟାରୀ ୫ ତାରିଖ । ମୁଁ କଟକରୁ ଆସି ବିଭାଘର ଶେଷ କରି ସାତମଂଗଳା କଟାଇ ଆଠମଂଗଳା ଦିନ ଯାଇ ପୁଣି କଟକରେ ସେବ କଲେଜିଏଟ୍ ବୋର୍ଡ଼ିଂରେ ପହଂଚିବାର କଥା ମୋର ଏବେ ମନେ ପଡ଼ୁଛି । କାରଣ ମୁଁ ଯେତେବେଳେ ପୁରୀରେ ବରାବର ପରୀକ୍ଷା ଦେଇସାରି ପୁଣି କଟକ ଯାଇ ମତେ ସୁଖପାଉଥିବା ମାଷ୍ଟର ଓ ଛାତ୍ରମାନଙ୍କ ସାହଚର୍ଯ୍ୟରେ ସେବ କଲେଜ ପ୍ରିନ୍ସିପାଲ ସ୍ୱର୍ଗତଃ ବି.ଭି. ଗୁପ୍ତ ( ବିପିନବିହାରୀ ଗୁପ୍ତ ) କଲେଜ ସୁପରି-ଟେଂଡେଂଟ୍ ଶ୍ରୀଯୁକ୍ତ ସୁରେଶଚଂଦ୍ର ଗୁପ୍ତଂକ ପୂର୍ଣ୍ଣ ଅନୁମତିରେ ଯାଇ କଲେଜିଏଟ ବୋର୍ଡ଼ିଂରେ ପରୀକ୍ଷା ଦେବାକୁ ରହିଥିଲି । ସେଇଠାରୁ ବିବାହ ବାର୍ତ୍ତା ପାଇଥିଲି ଓ ପୁଣି ସେଇଠାକୁ ଫେରି ଆଇଲି ।

## ୪୧. ସ୍ୱର୍ଗତ ପରମେଶ୍ୱର ମିଶ୍ର

ଏଇଠା.ରେ କହି ରଖେ, ସେଠାରେ ମୋର ସହାଧ୍ୟାୟୀମାନଂକ ମଧ୍ୟରେ ମୋର ସଂଗେ ବୋର୍ଡ଼ିଂରେ ଏକତ୍ର ରହୁଥିବା ହିଂଦୋଳର ଶ୍ରୀ ପରମେଶ୍ୱର ମିଶ୍ର ଥିଲେ ଜଣେ ଘନିଷ୍ଠସାଂଗ । ତାଂକର ଜୀବନରେ ଆଦର୍ଶବାଦ ତ୍ୟାଗ ଓ ବିଦ୍ୟାରେ ବିଜ୍ଞତା ଖୁବ୍ ଥିଲା । ଦ୍ୱିତୀୟ ଶ୍ରେଣୀରେ ପଢ଼ିବାକାଳରୁ ତାଂକ ସାଂଗେ ମୋଇ ଘନିଷ୍ଠ ଆତ୍ମୀୟତା ଥିଲା । ସେ ଥିଲେ ବିବାହିତ । କିଂତୁ ତାଂକର ଗୃହସ୍ଥଧର୍ମ ଆରଂଭ ହୋଇ ନଥିଲା । ଆମ କଳ୍ପିତ ଦଳରେ ଯୋଗଦେଇ ଦେଶକାମ କରିବାରେ ମୋ ସଂଗେ ସେ ବରାବର ଏକମତ ଥିଲେ । ଏ କ୍ଷେତ୍ରରେ ସ୍ପଷ୍ଟଭାବରେ ସେଇ ମୋର ପ୍ରଥମ ନୂତନ ସଂଗୀ ଥିବାର ମନେ ଅଛି । କିଂତୁ ଆଜିମଧ୍ୟ ମନେ ପଡ଼ୁଛି ମୁଁ ପରୀକ୍ଷା ଦେଇ ଆସି ଘରେ ଥାଏ । ଦିନେ ହଠାତ୍ ତାଂକର ମୃତ୍ୟୁ ସଂବାଦ ପାଇଲି । ସେ ଦିନର ଅନୁଭୂତି ଓ ପ୍ରାଣବିକୃତି ବର୍ଣ୍ଣନା କରି କହି ପାରୁ ନାହିଁ । ବୋଉ ଏ କଥା ଜାଣିଲା । ମତେ ବାଧ୍ୟ କରି ଖାଇବାକୁ ଦେବାକୁ ବସିଲା; କିଂତୁ ମୋ ପେଟକୁ ଭାତ ଗଲା ନାହିଁ ! ଏଇଠାରେ କହିଦିଏଁ, ତା'ର ଅଳ୍ପଦିନ ପରେ ଏନ୍ ଟ୍ରାନ୍ସ ପରୀକ୍ଷାର ଫଳ ବାହାରିଲା । ସେତେବେଳେ ଚାରି ଜଣ ମାସକୁ ଟ୨୦୲ (ସେତେ-ବେଳକୁ ଟ୧୨୲ ହୋଇ ଯାଇଥିଲା ) ଲେଖାଏଁ ପ୍ରାଦେଶିକ ବୃତ୍ତି ପାଉଥିଲେ । ତାଂକ ଭିତରେ ଠିକ୍ ପରମେଶ୍ୱର ମୋ ଉପରେ ଥିଲେ ।

## ୪୨. ଗୋଦାବରୀଶ ପୁରୀସ୍କୁଲ ଛାତ୍ର

ଏଇଠାରେ ପୁରୀଜିଲା ସ୍କୁଲର ଏବେ ସ୍ୱର୍ଗତଃ ପଂଡ଼ିତ ଗୋଦାବରୀଶଂକ ସଂବଂଧରେ କିଛିଏ କହିଦିଏଁ । ଗୋଦାବରୀଶ ବୟସରେ ମୋଠାରୁ ଦେଢ଼ ବରଷ ସାନ; କିଂତୁ ପାଠରେ ସାନ ବରଷେ । ତାଂକ ପିତା ବଡ଼ ଦରିଦ୍ର ଥିଲେ; କିଂତୁ ସେ ଥିଲେ ନୈଷ୍ଠିକ ବ୍ରାହ୍ମଣ । ଗୋଦାବରୀଶ ୧୯୦୦ମସିହାରେ ବାଣପୁର ମଧ୍ୟ-ଓଡ଼ିଆ ସ୍କୁଲରୁ ପାଶକରିଥିଲେ, ମୁଁ ଶ୍ରୀରାମଚଂଦ୍ରପୁର ମଧ୍ୟ ଓଡ଼ିଆ ସ୍କୁଲରୁ ପାଶ୍ କରିବାର ଠିକ୍ ବରଷକ ପରେ । ତାଂକ ନନା ବହୁତ ଭଦ୍ରଲୋକଂକ ସାହାଯ୍ୟ ଓ ସାହଚର୍ଯ୍ୟରେ ତାଂକୁ ଆଣି ପୁରୀଜିଲା ସ୍କୁଲରେ ଛାତ୍ର ଯାଇଥିଲେ । ସେ ବୋର୍ଡ଼ିଂରେ ରହିଲେ । ମୁଁ ମଧ୍ୟ ବୋର୍ଡ଼ିଂରେ ଥାଏ । ମୋର ତାଂକର ଛାତ୍ର ଥାଏ । କ୍ରମେ ଉତ୍ତର ବୟସରେ ମୁଁ ଯେତେବେଳେ କଟକରୁ ଫେରି

ଏନ୍ ଟ୍ରାନ୍ସ ପରୀକ୍ଷାପାଇଁ ପୁରୀରେ ପ୍ରସ୍ତୁତ ହେଲି, ସେତେବେଳେ ତାଂକର ମୋର ଖୁବ୍ ଘନିଷ୍ଠତା ହେଲା । ତା'ର ମୁଖ୍ୟ କାରଣ ହେଉଚି ବଂଗଳାର ଶ୍ରୀ ଶଶୀଭୂଷଣ ରାୟ ଚୌଧୁରୀ । ସେ ଥିଲେ ବିପ୍ଳବୀମାନଂକ ମୂଳରେ । ଯୁବକମାନଂକ ସଂଗେ ସବୁଠାରେ ସବୁବେଳେ ତାଂକର ପରିଚୟ ହୁଏ । ସେଥିରେ ହିଁ ସେ ଯୁବପ୍ରାଣକୁ ତ୍ୟାଗ ଓ ଦେଶ ସେବାପାଇଁ ଉଦ୍‌ବୁଧ କରଂତି ।

## ୪୩. ମଧୁବାବୁଂକ ପୁରୀ ଆଗମନ ଓ ପ୍ରଚାରର ସଭା

ଏତିକିବେଳେ ଘଟିଥିଲା ଆଉ ଗୋଟିଏ ଘଟଣା । ୧୯୦୩ ଶେଷକୁ ଉତ୍କଳ ସମ୍ମିଳନୀ କଟକରେ ଆରଂଭ ହୋଇଥିଲା । ତା'ର ପରେ ୧୯୦୪ ଖ୍ରୀ. ଅ. ରେ ମଧୁସୂଦନ ଦାସ ପ୍ରଥମେ ସମ୍ମିଳନୀର ପ୍ରଚାର ଆରଂଭ କଲେ । ସେଥିରେ କୃଷି ଓ ବାଣିଜ୍ୟ ଶିକ୍ଷା ଦେବା ପ୍ରଧାନ କଥା ଥିଲା; କିଂତୁ ଏ ଦୁଇଟି ଭିତରେ ପ୍ରଧାନ କଥା ଥିଲା ସ୍ୱଦେଶୀ । ଏହା ବଂଗଳାର ସ୍ୱଦେଶୀ ଆଂଦୋଳନ ଆରଂଭର ଦୁଇବର୍ଷ ବା ତହିଁରୁ ଅଧିକ ପୂର୍ବର କଥା । ମଧୁସୂଦନ ଦାସ (ଡାକନାମ ମଧୁବାବୁ ) ସ୍ଥାନେ ସ୍ଥାନେ ବୁଲି ବକ୍ତୃତାମାନ ଦେବାକୁ ଆରଂଭ କଲେ । ପୁରୀରେ ହୋଇଥିଲା ଜଗନ୍ନାଥବଲ୍ଲଭ ମଠରେ 'ବିରାଟସଭା' । କାରଣ- ମଧୁବାବୁ ଆସିବେ ଓ ମଠରେ ବିରାଟସଭା ହେବ ବୋଲି ବିଜ୍ଞାପନ ଦିଆଯାଇଥିଲା । ଆଂଭେମାନେ ସମସ୍ତେ ଗଲୁ । ମୁଁ ସେତେବେଳେ ପୁରୀଜିଲାସ୍କୁଲ ଛାତ୍ର । ମୋ ସଂଗେ ଥାଂତି ଜଣେ ବଂଗାଳୀ ଛାତ୍ର ସ୍ୱର୍ଗତଃ ଶ୍ରୀ ନଗେଂଦ୍ରନାଥ ରକ୍ଷିତ । ତାଂକ କଥା ପରେ କହୁଚି । ସଭାଟିରେ ଅନେକ ଲୋକ ଉପସ୍ଥିତ ଥାଂତି । ମଧୁବାବୁ ବକ୍ତୃତା ଦେଲେ । ସେଇଦିନ ବକ୍ତୃତାରେ ଆରଂଭ କରି କହିଥିବା ଗୋଟିଏ କଥା ଏବେ ମୋ ମନେ ଅଛି । "ଆମେ ସବୁ ଚମଡ଼ାଯାକ ବିକି ଦେଉଚୁ । ସେଇ ଚମଡ଼ା ବିଲାତରେ ଯୋତା ତିଆରି ହୋଇ ସେଇ ଯୋତା ପୁଣି ଆସି ଆମରି ପଇସାରେ କିଣାହୋଇ ଆମରି ପିଠିରେ ପଡ଼ୁଚି ।" ଏଇପରି ମଧୁବାବୁ ନିଜର ଅନୁକରଣୀୟ ବାଗ୍ମିତାରେ ଯେତେବେଳେ ସ୍ୱଦେଶୀ ବ୍ୟବହାର ପାଇଁ ନିଜର ଗଭୀର ନିବେଦନ ଜୁଟାଇଦେଲେ, ସେତେବେଳେ ଜନତା କିପରି ମୁଗ୍‌ଧହୋଇ ଶୁଣିଥିଲା, ତା ଆଜି ମୋର ମନେ ପଡ଼ୁଚି । ବଂଗାଳୀପିଲା ନଗେଂଦ୍ରନାଥ ରକ୍ଷିତ ମଧ୍ୟ ସେଥିରେ ଅତ୍ୟଂତ ତନ୍ମୟ ହୋଇ ଯାଇଥିଲେ । ସଭାଶେଷକୁ ବାହାରିଥିଲା ମଧୁବାବୁଂକ ଗୋଟିଏ ମଲାଟବଂଧା ଖାତା । ସେଇଖାତାର ପ୍ରଥମ ପୃଷ୍ଠାରେ ବାହାରିଥିଲା ଗୋଟିଏ ନିବେଦନ । ତାହାର ମର୍ମ ହେଉଚି, ସମସ୍ତେ ସ୍ୱଦେଶୀ ବ୍ୟବହାର କରିବା ପାଇଁ ସଂକଳ୍ପ କରଂତୁ । ସେଇ ସଂକଳ୍ପଟି ଅନ୍ୟ ପୃଷ୍ଠାରେ ମୂଳରୁ ଲେଖାଥିଲା । ଯେତେଦୂର ମନେ ଅଛି, ତାର ମର୍ମ ହେଉଚି, "ମୁଁ ପ୍ରାଣପଣେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବି । ବିଶେଷରେ ସ୍ୱଦେଶୀ ଲୁଗାଛଡ଼ା ଆଉ କିଛି କେବେ ପିଂଧିବି ନାଇ ।" ଏଭଳି କିଛି ।

## ୪୪. ସ୍ୱଦେଶୀ ପ୍ରତିଜ୍ଞାପତ୍ର

ମନେଅଛି ସେ ଖାତା ବୁଲିଗଲା । କେହି ଦସ୍ତଖତ କରିବାକୁ ସାହସ କଲେ ନାଇ । ସେ ହେଉଚି ଇଂରେଜ ଅମଳ । ସେତେବେଳେ ଇଂରେଜଂକ ପ୍ରତିପତ୍ତିର ବେଳ । ଲର୍ଡ଼ କର୍ଜନଂକ ପରି ଦଂଠା ଲୋକ ସେତେବେଳେ ଗଭର୍ଣ୍ଣର ଜେନେରାଲ୍ । ସାହସ କରି ସ୍ୱଦେଶୀ ପ୍ରତିଜ୍ଞାପତ୍ରରେ ଦସ୍ତଖତ କରୁଚି କିଏ ? ହୁଏତ ଆଜି ଲୋକେ ଏହାର ତାତ୍ପର୍ଯ୍ୟ ଅନୁମାନରେ ବୁଝିପାରିବେ ନାଇ । ସଭାରେ ପୁଲିସ ରହିଚି । ଇଂରେଜ ଭୟରେ ଲୋକେ ଥରୁଥାଂତି । ଲୁଗା ସହିତ ସବୁ ବ୍ୟବହାର୍ଯମାଲ ହେଉଚି ଇଂରେଜୀ ।

ଯେପରିକି ସବୁ ସାହାବଙ୍କର; ତେଣୁ ସବୁ ସରକାରଙ୍କର । ସ୍ୱଦେଶୀ ବ୍ୟବହାର ସଂକଳ୍ପ କଲେ ସରକାରଙ୍କ ବିରୋଧୀ ହେବାକୁ ହେବ । ଏ କଥାରେ ଯେ ସତ୍ୟ ନଥିଲା, ତା ନୁହେଁ । ବିଶେଷରେ ପୁଲିସ ଓ ସରକାରୀ କର୍ମଚାରୀମାନେ ଏହାହିଁ ସାଧାରଣତଃ ମନେ କରୁଥିଲେ । ପୁଲିସ ଏଥିରେ ଦୃପ୍ତ । ଅନ୍ୟ କର୍ମଚାରୀ ଏଥିରେ ସଂକୁଚିତ । ସଂକଳ୍ପକାରି ତହିଁରେ ଦସ୍ତଖତ୍ କରିବା ଏଡ଼େ ସହଜକଥା ନ'ଥିଲା ।

ସ୍ପଷ୍ଟ ମନେଅଛି, ଏ ପ୍ରତିଜ୍ଞାପତ୍ର ବୁଲି ବୁଲି ଆମ ପାଖକୁ ଆସିଲା । ଆମେ ସେତେବେଳେ ସ୍କୁଲଛାତ୍ର । ମଧୁବାବୁଙ୍କ ସତ୍ତ୍ୱସ୍ତ୍ୱନଷ୍ଟୁନ ମଧ୍ୟ ଆମ ପର୍ଯ୍ୟନ୍ତ ଆସି ଆମ ଉପରେ ପଡ଼ିଲା । ସେ ଖାତାରେ ପ୍ରଥମେ ଦସ୍ତଖତ କଲେ ନଗେନ୍ଦ୍ରନାଥ ରକ୍ଷିତ । ତା'ପରେ ଦସ୍ତଖତ୍ କରିଥିଲି ମୁଁ ନିଜେ । ଆମକୁ ଦେଖି କେତେଜଣ ଯୁବକ, ବିଶେଷରେ ସ୍କୁଲଛାତ୍ର ଦସ୍ତଖତ କଲେ । ଆଉ କେହି ସ୍ୱାଧୀନଚେତା ଯୁବକ ଦସ୍ତଖତ କରିଥିବେ, ମୋର ଆଜି ମନେ ନାହିଁ । କିନ୍ତୁ ଯେତେଦୂର ମନେଅଛି, କର୍ମଚାରୀ ତ କର୍ମଚାରୀ, ଓକିଲମାନେ ମଧ୍ୟ ଦସ୍ତଖତ କରିବାପାଇଁ ଡରିଥିଲେ । ଅବଶ୍ୟ ଅନେକ ଓକିଲ, ମୁକ୍ତାର ସଭାରେ ଅନୁପସ୍ଥିତ ଥିଲେ । ଗୋପବନ୍ଧୁବାବୁ ସେଦିନ କଟକରେ ଥା'ନ୍ତି; ମାତ୍ର ମନେଅଛି, ଶେଷକୁ ମଧୁବାବୁଙ୍କର ଶେଷ ଓ ନିରାଶ ଦୃଷ୍ଟି । ସେ ଯାହାହେଉ, ସେଇଦିନଠାରୁ ପୁରୀଜିଲ୍ଲା ସ୍କୁଲ ବୋର୍ଡ଼ିଂରେ ଥିବା ନଗେନ୍ଦ୍ରନାଥ ରକ୍ଷିତ ଓ ମୁଁ ଦୁହେଁ ସ୍ୱଦେଶୀବସ୍ତ୍ରାଦି ଛଡ଼ା ଅନ୍ୟ କିଛି ବ୍ୟବହାର କରିନାହୁଁ । ବିଦେଶୀ ବର୍ଜନ ଓ ସ୍ୱଦେଶୀ ବସ୍ତ୍ର ପରିଧାନ ସେଇଦିନଠାରୁ ମୁଁ ଆରମ୍ଭ କରିଥିଲି । ଏଇ ଆରମ୍ଭ ମୂଳରେ ଥିଲା ଗୋଟିଏ ସଂକଳ୍ପ ଓ ସେଇ ସଂକଳ୍ପକୁ ଯେମିତି ଗୋଟିଏ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର ।

## ୪୫. ନଗେନ୍ଦ୍ରନାଥ ରକ୍ଷିତ

ଏଇଠାରେ ନଗେନ୍ଦ୍ରନାଥ ରକ୍ଷିତଙ୍କ କଥା ଟିକିଏ କହେ । ସେ ଆସି ବିନା ଟିକଟରେ ପୁରୀରେ ପହଞ୍ଚିଲେ । ତାଙ୍କଠାରେ ପଇସା ନଥିଲା । ହୁଏତ ଘରୁ ସେ ପଇସା ପାଉ ନ'ଥିଲେ; କିନ୍ତୁ ଏନ୍ଟ୍ରାନସ ପଢ଼ିବାକୁ ତାଙ୍କର ଇଚ୍ଛା । ପୁରୀ ଜିଲ୍ଲାସ୍କୁଲ ବୋର୍ଡ଼ିଂରେ ସେ ଆସି ପହଞ୍ଚିଲେ । ଶ୍ରୀ ଚନ୍ଦ୍ରମୋହନ ମହାରଣା ସେତେବେଳକୁ ସମ୍ଭବତଃ ହେଡ଼ମାଷ୍ଟର ହୋଇ ଆସୁଥିବାର ଜଣାଯାଇଥାଏ; କିନ୍ତୁ ଆସି ନ'ଥାନ୍ତି । ମୁଁ ନଗେନ୍ଦ୍ରଙ୍କୁ ନିଜ ପାଖେ ରଖିଲି । ବଡ଼ ଆତ୍ମୀୟତା ହେଲା । କ୍ରମେ ସେ ପୁରୀ ଜିଲ୍ଲାସ୍କୁଲର ଯେଉଁ "ପୁଅର ଫଣ୍ଡ" ଥିଲା, ତା'ର ଭାର ନେଲେ । ତାଙ୍କଯୋଗେ ସେତେବେଳେ 'ପୁଅର ଫଣ୍ଡ'ରେ ବହୁତ ଅର୍ଥାଗମ ହୋଇଥିଲା । ସେଇ ଅର୍ଥରୁ ସେ ନିଜର ଅତି ଆବଶ୍ୟକୀୟ ଖର୍ଚ୍ଚ ପାଇଁ ସାହାଯ୍ୟ ପାଉଥିଲେ । ଏହି ସାହାଯ୍ୟ ମଧ୍ୟ ଅତି ଅଳ୍ପ ଥିଲା । ଏଣେ ବୋର୍ଡ଼ିଂରେ ଆମ ମେସ୍‌ରେ ସମସ୍ତେ ତାଙ୍କୁ ବିନାପଇସାରେ ରଖି-ଥିଲୁ । ବୋର୍ଡ଼ିଂ ଖର୍ଚ୍ଚକଥା ଓ ଖାଦ୍ୟକଥା ଏଠାରେ ଟିକିଏ କହିଲେ ମନ୍ଦ ହେବନାହିଁ । ମୋ ମନେଅଛି, ଏଇବର୍ଷ କିମ୍ବା ଏହାର କୌଣସି ପୂର୍ବ ବର୍ଷ ମୁଁ ଠିକ୍ କହି ପାରୁନାହିଁ । ଥରେ ଆମ ମେସ୍‌ରେ ଚହଲ ପଡ଼ିଗଲା-ଏପରି ମେନେଜର ରହିଲେ ଆମେ ଆଉ ଚଳିପାରିବୁ ନାହିଁ । ମୋର ସବୁବେଳେ ସହପାଠୀ ଓ ସମଅନ୍ତେବାସୀଙ୍କ ଭିତରେ ଟିକିଏ ବିଶେଷତ୍ୱ ଓ ପ୍ରତିଷ୍ଠା ଥାଏ । ମୋ ଆଗେ ଏକଥା ପଡ଼ିଲା । ବୁଝି ଦେଖିଲି ଏହାର କାରଣ ହେଉଚି, ସବୁ ମାସରେ ଚାଉଳ ସହିତ ଜଣଙ୍କୁ ଦେଡ଼ଟଙ୍କା ମଧ୍ୟରେ ଖର୍ଚ୍ଚ ପଡ଼େ । ସେ ମାସରେ ପଡ଼ିଚି ଜଣକେ ଟ୧୪⁄ ।

## ୪୬. ପୂଜାଛୁଟି

ମୁଁ ପୂର୍ବେ ମାସକୁ ଟ୪୯ କରି ମଧ୍ୟ ଓଡ଼ିଆ ବୃତ୍ତି ପାଉଥିଲି । ତାହା ଗ୍ରହବର୍ଷ ପାଇଲି । ହାଇସ୍କୁଲ

୨ୟ ଶ୍ରେଣୀକୁ ତା' ସର ଯାଉଥିଲି । ଆମଘରୁ କିଛି ଚାଉଳ ଆସେ । ଆଉ କିଛି ସାମାନ୍ୟ ପଇସା ଆସେ । ଚାଉଳତକ ବଜାର ଦରରେ ମେସକୁ ବିକି ହୁଏ ଓ ପଇସାରୁ ମୁଁ ଖର୍ଚ୍ଚ ହୁଏ । ସେ ବର୍ଷ ପୂଜାଛୁଟି ପଡ଼ିଗଲା । ସମସ୍ତେ ଚାଲିଗଲେ । ପୁଷ୍ପାଗିରି ମଧ୍ୟ ଗ୍ରାମକୁ ଗଲା; ମାତ୍ରକ ନଗେନ୍ଦ୍ର ଓ ମୁଁ ଦୁହେଁ ବୋର୍ଡ଼ିଂରେ ରହିଲୁ । ମୋ ଚାଉଳ ଓ ସାମାନ୍ୟ ପଇସା ଛଡ଼ା ପାଖରେ ଆଉ କିଛି ନାଇ, ମୁଁ ହାତରେ ରାନ୍ଧିବି । ଚାଉଳ ମଧ୍ୟ ବେଶି ବଳିବା ଭଳି ନାଇ । ମୋ ମନେଅଛି ସମସ୍ତ ପୂଜା ଛୁଟି ଟାଯାକ ମୁଁ ପ୍ରାୟ ଜଣଙ୍କ ପାଇଁ ରାନ୍ଧେ । ଦୁହେଁ ତାକୁ ଖାଉ ଓ ବଚ୍ଛବଚ୍ଛ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ବାହାନାରେ ନାନା କାର୍ଯ୍ୟରେ ଲାଗିଥାଉ ।

## ୪୭. ବିବାହ ବଜାର ଓ କଳଙ୍କିତ ସମାଜ

ମୋ ବିଭାଘର କଥା କହୁଥିଲି, ସେ ସମ୍ପର୍କରେ ଯାହା କହିଲି ତା' ହୁଏତ ଅନେକେ ବୁଝି ପାରିବେ-ନାଇ । ସେତେବେଳକୁ ବଙ୍ଗଦେଶରୁ ଅନ୍ୟାନ୍ୟ ସାମାଜିକ ଚଳଣି ଅନୁକରଣରେ ପଶିଲାପରି ବରପଣ ପ୍ରଥା ଓଡ଼ିଶାରେ ଆରମ୍ଭ ହେଉଥାଏ । ବୋଧହୁଏ ଗୌଡ଼ୀୟ ବୈଷ୍ଣବ ଓ ଫଳିତ ଜ୍ୟୋତିଷଙ୍କ ପ୍ରଭାବ ପଶିଲାପରି ଏ ପ୍ରଥା ଦେଶର କରଣମାନଙ୍କ ପାଖେ ଆରମ୍ଭ ହୋଇ ବ୍ରାହ୍ମଣସମାଜରେ ବ୍ୟାପୁଥାଏ । ଏ ପ୍ରଥା ଅନୁସାରେ କନ୍ୟାଦାୟ ହେଉଛି ପିତା ଭ୍ରାତା ପ୍ରଭୃତିଙ୍କ ଗୋଟିଏ ବଡ଼ ଅସହ୍ୟ ଯନ୍ତ୍ରଣା ଓ ବେଦନା । ବର ଖୋଜିବା ଏଥିରେ ବଡ଼ କଷ୍ଟ । ଟଙ୍କା ନଦେଲେ ଭଲ ବର ମିଳନ୍ତି ନାଇ । ଯାହାଙ୍କ ପିଲାଟି ଯେବେ ପାଠ ପଢ଼ୁଥାଏ କିମ୍ବା ତାର ପଢ଼ିବାର ସମ୍ଭାବନା-ଥାଏ, ତେବେ ତା'ର ମୂଲ୍ୟ ବେଶି ହୁଏ । ଏପରିକି ସମୟ ସମୟରେ ଏ ମୂଲ୍ୟ ଛଡ଼ା ପାଠ-ପଢ଼ାଇବାର ଭାର ଶ୍ୱଶୁର ଗ୍ରହଣ କରନ୍ତି । କୌଣସି କୌଣସିଠାରେ ବରକୁ ଟଙ୍କା ଦେଇ ତା'ପରେ ଶ୍ୱଶୁର ପାଠପଢ଼ାଇବାର ଭାର ନିଅନ୍ତି । ମନେ ପୁରୀର ସେ ଧନୀବ୍ୟକ୍ତି ନିଜର ଯେଉଁ କନ୍ୟାଟି ପାଇଁ ଚାରିହଜାର ଟଙ୍କା ଆଣି ନନାଙ୍କ ପାଖରେ ଥୋଇ-ଥିଲେ କହିଦିଏଁ ସେଇ କନ୍ୟାଟି ପରେ ଆମର ଗ୍ରାମରେ ବିଭା ହୋଇଥିଲେ । ସେ ଜ୍ୱାଇଁ ବାଳକଟି ସେତେ-ବେଳେ ଏନଟ୍ରାନ୍ସ ୩ୟ ଶ୍ରେଣୀରେ ପଢ଼ୁଥିଲେ; ଅର୍ଥାତ୍ ଏନଟ୍ରାନ୍ସ ପରୀକ୍ଷାବେଳକୁ ତାଙ୍କର ଆଉ ତିନିବର୍ଷ ବାକି ଥିଲା । ସେ ବିଶ୍ୱବିଦ୍ୟାଳୟରୁ ଉଚ୍ଚଡିଗ୍ରୀ ଲାଭ କରିଥିଲେ । କିନ୍ତୁ ଏ ସମସ୍ତ ଶିକ୍ଷାର ଭାର ବସ୍ତୁତଃ ତାଙ୍କର ଶ୍ୱଶୁର ବହନ କରିଥିଲେ ।

ବିବାହର ଏଇ ଦୃଷ୍ଟିଭଙ୍ଗୀଟି ଏବେ ସମାଜରେ ଖୁବ୍ ବଢ଼ିଛି । ମୋ ପିଲାଦିନେ ଏହା ମାତ୍ରକ ଆରମ୍ଭରେ ଥିଲା । ତା'ପୂର୍ବରୁ ଅବସ୍ଥା ଯାହା ଥିଲା, ସେ ଅବସ୍ଥାର ବିକାଶ ଏ ନୁହେଁ; ଏହା ସେ ଅବସ୍ଥାର ପରିବର୍ତ୍ତନ । ସେ ଅବସ୍ଥାଟି କ'ଣ ଥିଲା ସେ ବିଷୟରେ ବହୁତ କଥା ଜାଣିବାର ଅଛି । ସେ ସବୁକଥା ଏଣିକି ଜାଣିବା ବଡ଼ କଷ୍ଟ । ଟିକିଏ ସୂଚନାରେ କହିଦିଏ ।

କରଣମାନଙ୍କ ଘରେ ଠିକ କ'ଣ ଥିଲା, ମୁଁ କହିପାରିବି ନାଇ; କିନ୍ତୁ ମୋଟାମୋଟି ଉଚ୍ଚ ସମାଜର ବିଧି ଯାହା ଥିଲା, ସେଥିରୁ ସେମାନେ ଅଲଗା ନଥିଲେ ବୋଲି ମନେହୁଏ । କଥାଟି ହେଉଛି—ଓଡ଼ିଶାର ରାଜାଙ୍କ ସମ୍ପର୍କରେ ଆସି ବ୍ରାହ୍ମଣ ଓ କରଣମାନେ ଆପଣା ଆପଣା ଭିତରେ କିଞ୍ଚିତ ଜାତି-ଭେଦର ଆଭାସ ଗଢ଼ି ସାରିଥିଲେ । ବିଶେଷରେ ଚୈତନ୍ୟଙ୍କ ଆଗମନ ପରେ ଓଡ଼ିଶାରେ ସେ ସ୍ତରର ଗୋଟିଏ ଘୋର ପରିବର୍ତ୍ତନ ଦେଖାଦେଇଥିଲା । ଚୈତନ୍ୟଙ୍କ ସଙ୍ଗେ ଅନେକ ବଙ୍ଗାଳୀ ଶିଷ୍ୟଲୋକେ ପୁରୀକୁ ଆସି ସେଠାରେ ରହିଥିଲେ । ଦେଶର ଧର୍ମ ଉପରେ ସେମାନେ ରାଧାକୃଷ୍ଣ ଭକ୍ତିଜନିତ ପରକୀୟା

ପ୍ରେମର ଭାବ ସ୍ପଷ୍ଟଭାବରେ ଖପି ଭର୍ତ୍ତି କରିଥିଲେ । ଚେଲାପ୍ନା ସଂଗେ ରତିସ୍ୱାଦରେ ଧର୍ମ ଆସ୍ୱାଦନ କରିବାର ନାମ କେବଳ ସହଜିଆ ବୈଷ୍ଣବଧର୍ମ ନୁହେଁ; କାର୍ଯ୍ୟରେ ଏହା ବଡ଼ ସହଜ ଓ ସୁଖସ୍ୱାଦ୍ୟ ଧର୍ମ । ରାଜାଙ୍କଠାରୁ ଆରମ୍ଭ କରି ତାଙ୍କ ପାଖରେ ଥିବା ଶିଷ୍ଟ କରଣମାନଙ୍କ ଭିତରେ ଏହା ଖୁବ୍ ପଶିଥିଲା । ବ୍ରାହ୍ମଣମାନେ ଏ ଭିତରେ ପଶି ମଧ୍ୟ ପଶିପାରୁ ନ'ଥିଲେ । ତେଲେଙ୍ଗା ମୁକୁନ୍ଦଦେବ ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ସେତେବେଳକୁ ପଚାଶ ବର୍ଷ କାଳ ଚୈତନ୍ୟସଂଗୀ ବଙ୍ଗାଳୀମାନେ ରାଜଦ୍ୱାରରେ ବିଶେଷରେ ପୁରୀରେ ଖୁବ୍ ପ୍ରତିପତ୍ତି ଜମାଇ ପ୍ରଭାବରେ ନିଜର ଜାତିଭେଦଭାବ; ଅର୍ଥାତ୍ କୁଳୀନ ଅକୁଳୀନଭାବ ଭର୍ତ୍ତି କରିଥିଲେ । ତେଲେଙ୍ଗା ମୁକୁନ୍ଦଦେବ ଏବର ଦାଣ୍ଡମୁକୁନ୍ଦପୁର ଶାସନ ବସାଇବାକୁ ଆରମ୍ଭ କରିଥିଲେ । ସେଥିସଂଗେ ସେ ଗୋପୀନାଥଙ୍କ ମନ୍ଦିର ଓ ତା ପାଖେ ଗୋଟିଏ ବଡ଼ ପୋଖରୀ ଖୋଳାଇଥିଲେ । ପୋଖରୀଟି ଟିକିଏ ଅଗ୍ନିକୋଣକୁ ମୋଡ଼ା । ଗୋପୀନାଥଙ୍କ ଜଗମୋହନ ଅଧା ତିଆରି ହୋଇଛି । ଏବେ ମଧ୍ୟ ଦେଶରେ କିଂବଦନ୍ତୀ ଅଛି—

"ପୋଖରୀ ବରି ଦହନ,
ଖଣ୍ଡିଆ ଜଗମୋହନ,
ରାଜା ମୁକୁନ୍ଦଦେବ ବାଇ,
ଛଅଶହରେ ଗାଁ ବସାଇଲେ,
କେହି କାହାରି ଘରେ ନ ଖାଇ ।"

ଏଠାରେ ଏ ସମ୍ପର୍କରେ ଦେଖିବା କଥାଟି ହେଉଛି ଶେଷ ଦୁଇଧାଡ଼ି ମାନ । ଛଅଶହ ହେଉଛି, ଖୁବ୍ ସମ୍ଭବ ଛଅ ଅଂଶ । ଏଇ ଅଂଶଟି ପରେ ଖଣ୍ଡରେ ପରିଣତ ହୋଇଥିଲା । ପ୍ରଥମ ଖଣ୍ଡ, ଦ୍ୱିତୀୟ ଖଣ୍ଡ, ତୃତୀୟ ଖଣ୍ଡ, ଚତୁର୍ଥ ଖଣ୍ଡ, ପର୍ଯ୍ୟନ୍ତ ପରବର୍ତ୍ତୀ ଶାସନମାନଙ୍କରେ ଏବେ ମଧ୍ୟ ଦେଖାଯାଏ । ଯେ ଯାହାହେଉ, ଏଠାରେ କଥାଟି ସ୍ପଷ୍ଟ ହେଉଛି ଯେ ବ୍ରାହ୍ମଣମାନଙ୍କ ଭିତରେ ବିଶେଷରେ ପ୍ରତିଷ୍ଠିତ ଶାସନର ଦାମାସୁ ବିପ୍ରଙ୍କ ଭିତରେ ଜାତିଭେଦର ପ୍ରଭାବ କ୍ରମେ ପଶିଆସୁଥିଲା ।

## ୪୮. ଇତିହାସର ପ୍ରଚ୍ଛଦପଟ ଓ ବ୍ରାହ୍ମଣ ଶାସନ

ଏହାପରେ ଓଡ଼ିଶାର ପରାଧୀନତା; ଅର୍ଥାତ୍ ଚିରକାଳ ନିମନ୍ତେ ଓଡ଼ିଶାର ସ୍ୱାଧୀନତା ଏତିକିବେଳେ ଲୋପ ପାଇଲା । ଏହା ସୁନାମପ୍ରସିଦ୍ଧ କଳାପାହାଡ଼ଙ୍କ ପରବର୍ତ୍ତୀ ଘଟଣା । କଳାପାହାଡ଼ ଓଡ଼ିଶା ଜିଣିବାର ପ୍ରାୟ ୨୨ବର୍ଷ ପରେ; ଅର୍ଥାତ୍ ୧୫୯୦ ଖ୍ରୀ: ଅ:ରେ ଭୋଇବଂଶର ରାମଚନ୍ଦ୍ର ଦେବଙ୍କୁ ମୋଗଲସମ୍ରାଟ ଆକବରଙ୍କ ସେନାପତି ଓ ପ୍ରାଦେଶିକ ଶାସନକର୍ତ୍ତା, ମାନସିଂହ ଆସି ଓଡ଼ିଶାର ରାଜାରୂପେ ପ୍ରତିଷ୍ଠିତ କଲେ । ତାଙ୍କର ରାଜଧାନୀ ହେଲା ଖୋର୍ଦ୍ଧା । ତାଙ୍କ ପୂର୍ବରୁ ଦୁଇଜଣ ଭୋଇବଂଶୀ ରାଜା ସ୍ୱାଧୀନ ଓଡ଼ିଶାରେ ଥିଲେ । ଜଣକଂର ନାମ ହେଉଛି, ଗୋବିନ୍ଦବିଦ୍ୟାଧର ବା ସୁବର୍ଣ୍ଣକେଶରୀ ଗୋବିନ୍ଦଦେବ । ତା'ପରେ ତାଙ୍କପୁଅ, ପ୍ରତାପଦେବ । ତାଙ୍କର ଡାକନାମ ଥିଲା ଚକାପ୍ରତାପ । ଏଇ ଦୁଇଜଣଙ୍କର ଦୁଇଟି ଶାସନ ଥିଲା । ଗୋଟିଏ ଏବର ବୀରଗୋବିନ୍ଦପୁର, ଆଉ ଗୋଟିଏ ଏବର ବୀରପ୍ରତାପପୁର । ଏତିକିବେଳେ କଳାପାହାଡ଼ଙ୍କ ବିଧ୍ୱଂସ ପରେ ଏଇ ରାମଚନ୍ଦ୍ର ଦେବ ଓଡ଼ିଶାର ମନ୍ଦିରଧର୍ମ ପ୍ରଭୃତିର ଯେ ସଂଶୋଧନ ଓ ପୁନଃପ୍ରତିଷ୍ଠା କରିଥିଲେ, ଇତିହାସରେ ତାହାର ପଟାନ୍ତର ଅଛି ବୋଲି ମନେ ହେଉନାହିଁ । ତାଙ୍କର ସମୟରେ ମାନସିଂହଙ୍କ ଇଚ୍ଛା ଓ ଦାନଧର୍ମରେ ପୁରୀରେ ମୁକ୍ତିମଣ୍ଡପ ( ଅର୍ଥାତ୍ ଏବେ ଯେପରି ଅଛି ସେଇ ମୁକ୍ତିମଣ୍ଡପ ) ନିର୍ମିତ ହୋଇଥିଲା ଓ ସେଥିରେ ୧୬ଟି ଗାଁ ବସାଇ ସେଇ ୧୬ଟି ଗାଁର ଅଧିକାର

ବ୍ରାହ୍ମଣଂକୁ ଦେବାପାଇଁ ପୁରୀ ନିକଟସ୍ଥ ବୀରାଂଗ ପ୍ରଗଣାରେ ୧୬ଟି ଶାସନ ବସାଇ ଦିଆଯାଇଥିଲା । କଥାଅଛି, ଏଇ ରାମଚଂଦ୍ର ଦେବଂକର ଡାକନାମ ଥିଲା ଭମାଇ ରାଉତରା । ସେ ଗୋବିଂଦ ବିଦ୍ୟାଧରଂକ ପୁତୁରା ଥିଲେ ଓ ଚକାପ୍ରତାପଂକ କଟେଇ ପୁଅ ବା ଦତ୍ତେଇପୁଅ ଭାଇ ଥିଲେ । ଏଇ ରାମଚଂଦ୍ର ଦେବ ଭୋଇବଂଶୀ ରାଜା ଗୋବିଂଦ ବିଦ୍ୟାଧରଂକ ଠାରୁ ନିଜର ରାଜବଂଶ ଗଣନା କରିଥିଲେ ଓ ସେଇ ଅନୁସାରେ ନିଜର ୧୬ଟି ଶାସନ ପୂର୍ଣ୍ଣ କରିଥିଲେ । ଏଇ ଶାସନଗୁଡ଼ିକର ନାମ ହେଉଛି ବୀରଗୋବିଂଦପୁର (ଦୁଇଖଂଡ ବା ଦୁଇଶାସନ); ତା'ପରେ ବୀରପ୍ରତାପପୁର (ଦୁଇଖଂଡ ବା ଦୁଇଶାସନ) ରାମଚଂଦ୍ରଦେବଂକ ପ୍ରତିଷ୍ଠିତ ବୀର ରାମଚଂଦ୍ରପୁର ( ଚାରିଖଂଡ ବା ଚାରିଶାସନ ); ଶ୍ରୀରାମଚଂଦ୍ରପୁର ( ଦୁଇଖଂଡ ବା ଦୁଇ ଶାସନ ); ପ୍ରତାପ ରାମଚଂଦ୍ରପୁର ( ଏହାର ପୂର୍ବନାମ ପାଟଳୀ; ତିନିଖଂଡ ବା ତିନିଶାସନ ); ବିଜୟ ରାମଚଂଦ୍ରପୁର ( ଏହାର ପୂର୍ବନାମ କୋରଂଗା ବା କଳଂଗ—ଏହା ଏକଖଂଡ ବା ଏକଶାସନ, ) ଉଭୟମୁଖୀ ରାମଚଂଦ୍ରପୁର ( ଏହା ଦୁଇଖଂଡ ବା ଦୁଇ ଶାସନ ) ।

ଏଇ ଶାସନ ଦାନରେ ବ୍ରାହ୍ମଣର କୁଳୀନ ଭାବ ଆଉରି ଟିକିଏ ସ୍ପଷ୍ଟତର ହୋଇଥିଲା । ତା'ପରେ ଏଇ ରାମଚଂଦ୍ର ଦେବଂକ ନାତି ନରସିଂହ ଦେବଂକ ବେଳେ ପ୍ରାୟ ୧୬୩୦ ଖ୍ରୀ: ଅ: ପରେ ବୀରନରସିଂହପୁର ଶାସନ ବସିଥିଲା ଓ ଏଇ ଗ୍ରାମରେ ସ୍ପଷ୍ଟଭାବରେ ବଂଗାଳୀବ୍ରାହ୍ମଣଂକ କୁଳୀନଧର୍ମ ଓ ତାଂତ୍ରିକତା ଅନୁକୃତ ହୋଇଥିଲା । ବଂଗାଳୀକୁଳୀନଂକ ଅନୁକରଣରେ ଏଇଠାରେ ପ୍ରଥମ ସାମଂତ ସୃଷ୍ଟି ଓ ସାମଂତଂକୁ ସମାଜରେ ପ୍ରତିଷ୍ଠା ଦେବାପାଇଁ ତାଂକସାଂଗକୁ ଭଟ୍ଟମିଶ୍ର ସୃଷ୍ଟି କରାଯାଇଥିଲା । ଏଇମାନଂକଠାରୁ ପୁରୀର ବ୍ରାହ୍ମଣମାନଂକ ଭିତରେ ଯେଉଁ ତାଂତ୍ରିକତା ପ୍ରବେଶ କଲା, ତାହା କାର୍ଯ୍ୟରେ ଗୌଡ଼ୀୟ ବୈଷ୍ଣବଂକ ସହଜିଆ ଧର୍ମଠାରୁ ଆଉରି ବିଭିନ୍ନ ଥିଲା କହିଲେ ଚଳେ । ଗୌଡ଼ୀୟ ବୈଷ୍ଣବଂକ ଭିତରେ ତାଂତ୍ରିକଂକ ପଂଚ-ମକାର ସେବା କେବଳ ସୁଂଦରୀ ପରକୀୟା ଯୁବତୀର ଅନ୍ୱେଷଣରେ ଏକପ୍ରକାର ସୀମାବଦ୍ଧ ଥିଲା; କିଂତୁ ଏଇ ବ୍ରାହ୍ମଣର ତାଂତ୍ରିକତାରେ ଯେଉଁ ଜିହ୍ୱାପୋଷାର ସ୍ୱଚ୍ଛଂଦ ସେବା ଫିଟିଥିଲା, ତାହା ଏଠାରେ ବର୍ଣ୍ଣନା କରି କହିବାର କଥା ନୁହେଁ । ଏଇଠାରୁ ଓଡ଼ିଶାର ଶାସନୀ-ବ୍ରାହ୍ମଣ ତଥା ଶିଷ୍ଟ ବିଶିଷ୍ଟମାନଂକ ଭିତରେ ଦେବୀ-ପୂଜାର ଘଟା ପ୍ରତିଷ୍ଠିତ ହୋଇ ପ୍ରକାଶ ପାଇଥିଲା । ପୁରୀର ଗୋସାଣୀଯାତ ଏଇ ପ୍ରଭାବର ସ୍ପଷ୍ଟ ଫଳ ଓ ମନେହୁଏ ବିମଳାପୀଠ ପ୍ରଭୃତି ଏହାରି ପ୍ରଭାବରେ ସ୍ପଷ୍ଟ ଫୁଟିଥିଲା । ଅବଶ୍ୟ ଅନୁମାନ ହୁଏ, ଆଉରି ଆଗରୁ ବୀରଜାଂକୁ ଭୈରବୀ କରି ଜଗନ୍ନାଥଂକୁ ତାଂକର ଭୈରବ କରିବା କଥାଟି ଉତ୍ତରଆଡ଼ୁ ପଶିଥିଲା । ସ୍ପଷ୍ଟଭାବରେ ଏଇ ବୀରଜାଂକୁ ବିମଳା ନାମ ଦେଇ ପୁରୀମଂଦିର ଭିତରେ ପୂରାଇ ଦେବୀର ପ୍ରତିଷ୍ଠା ପୁରୀରେ ବଢ଼ାଇବା କାମଟି ପୁରୀ ପାଖ ତାଂତ୍ରିକ ବ୍ରାହ୍ମଣ ଓ ତାଂତ୍ରିକ ମୁଖ୍ୟ ପ୍ରବର୍ତ୍ତକ ଖୋର୍ଦ୍ଧାର ତାଂତ୍ରିକ ରାଜାଂକ କାର୍ଯ୍ୟ । ଏଇସବୁ ପରିସ୍ଥିତିରେ ପୁରୀ ପାଖ ଶାସନୀ ବ୍ରାହ୍ମଣମାନଂକ ଭିତରେ ଗୋଟିଏ ଜାତି ଭେଦ ସୋପାନର ଶ୍ରେଣୀଭେଦ ପ୍ରକାଶ ପାଇଥିଲା । ଯେଉଁମାନେ ଶାସନୀବ୍ରାହ୍ମଣ ନୁହଂତି ସେମାନଂକ ଭିତରେ ଏଇ ଶାସନୀଂକ ଅନୁକରଣରେ କ୍ୱଚିତ ଏଇ ଭେଦଭାବ ପ୍ରକାଶିତ ହୋଇଥିଲେ ମଧ୍ୟ ସେମାନଂକ ଭିତରେ ମୋ ପିଲାଦିନ ପର୍ଯ୍ୟଂତ ଏହା ସ୍ପଷ୍ଟ ଜାଣିବାର କୌଣସି ସଂକେତ ନଥିଲା । ବିଶେଷତଃ ଏଇଭଳି ଅନେକ ଅଶାସନୀ ବ୍ରାହ୍ମଣଂକ ଭିତରେ 'ପଂଚସଖା' ଓ ଜଗନ୍ନାଥ ଦାସଂକ ଭାଗବତର ପ୍ରଭାବ ଖୁବ୍ ପ୍ରକାଶିତ ଭାବରେ ଚଳୁଥିବାରୁ ତାଂତ୍ରିକ ବ୍ରାହ୍ମଣଂକ ଜାତିଭେଦ ଭାବ ସେତେ ପଶିପାରି ନ'ଥିଲା ।

ତାଂତ୍ରିକ ଭେଦଭାବ ନଥିବାରୁ ବ୍ରାହ୍ମଣଂକ ଭିତରେ ମୋ ପିଲାଦିନରୁ ବରପଣ ବା କନ୍ୟାପଣ

ବୋଲି କିଛି ନଥିଲା । ଲୋକେ ଜାତିପାଇଁ ମୂଲ୍ୟ ଦେଉଥିଲେ । ବିବାହ ପ୍ରସଙ୍ଗ ଠିକ୍ ହୋଇଗଲେ, ତା'ପରେ ଭଦ୍ରଲୋକ ବସି ଜାତିର ମୂଲ୍ୟ ନିରୂପଣ କରି କିଏ କାହାକୁ କେତେ ଦେବ ଠିକ୍ କରି ଦେଉଥିଲେ । ମୋର ବିଭାଘରେ ଭଦ୍ରଲୋକମାନେ ଏଇପରି ଠିକ୍ କରିଦେଲେ ଯେ ମୋ ନନା ( ପିତା ) କନ୍ୟାପିତାଙ୍କୁ ଟ୧୫/ ଦେବେ । ସେଥିମଧ୍ୟରେ ମୋର ଆଉ ଶ୍ୱଶୁରଙ୍କ ଜାତି ବିଚାରରେ ଆମର ଦେୟ ହେଲା ଟ୧୦/ । ମୁଁ ଶ୍ରେଷ୍ଠ ଜାତି ଘରର ନାତି ହୋଇଥିବାରୁ ଆମକୁ ଦେବାକୁ ହେଲା ଆଉ ଟ୫/ । ତା'ପରେ ଆମ ଶ୍ୱଶୁରେ ମୋ ବୋଉକୁ କହି ତା'ଠାରୁ ମାଗିନେଲେ ଆଉ ଟ୫/ । ଏପରି ଆମକୁ ଦବାକୁ ହୋଇଥିଲା ଶ୍ୱଶୁରଙ୍କ ଘରକୁ ଟ୨୦/ ।

## ୪୯. ମୋର ପିତାମହ ଓ ମୋର ପୈତୃକ ଜାତି

ମୁଁ ଗୋଟିଏ ଶ୍ରେଷ୍ଠ ବ୍ରାହ୍ମଣଘରର ନାତି ଥିଲି; ଅର୍ଥାତ୍ ମୋ ବୋଉ ଗୋଟିଏ ଶ୍ରେଷ୍ଠ ବ୍ରାହ୍ମଣର ଝିଅ ଥିଲେ । ତାଙ୍କର ଶ୍ରେଷ୍ଠହେବାର ପ୍ରଧାନ କାରଣ ହେଉଛି, ସେକାଳେ ମଧ୍ୟ ସେ ପାଦରେ ଚାଲି ଚାଲି କାଶୀ ବା ବୃନ୍ଦାବନ ପ୍ରଭୃତି ଅଂଚଳରୁ ପୁରୀକୁ ଯାତ୍ରୀ ଆଣୁଥିଲେ ଓ ସେଥିରୁ କିଛି ଲାଭ କରୁଥିଲେ । ଆମ ନନାଙ୍କୁ ( ବାପାଙ୍କୁ ) ଜ୍ୱାଇଁ କରିବାରେ ସେ ଜାତି କିଣିଥିଲେ ଓ ସେଥିପାଇଁ ଆମ ନନାଙ୍କ କରଜଯାକ ସବୁ ଶୁଝି ଦେଇଥିଲେ । ସେ କରଜର ପରିମାଣ ସେତେବେଳେ ଥିଲା ଟଂକା ମୂଲ୍ୟରେ ଟ୧୨୦/ । ସେଥିପାଇଁ ମୋ ଅଜା ( ବୋଉର ନନା ) ଛଅଟି ସୁନାମୋହର ବାହାର କରି ନନାଙ୍କୁ ଦେଇଥିଲେ । ଏଇଥିପାଇଁ ମୋ ବୋଉର ଜାତିଗର୍ବ ଅତ୍ୟଂତ ଦୃଢ଼ ଥିଲା । ବରପଣ ନେଇ ମିଶ୍ରଘରୁ ଝିଅ ଆଣି ବୋହୂ କରିବା କଥାଟାକୁ ସେମାନେ ପସଂଦ କରି ନ ଥିଲେ ।

## ୫୦. ଢୋଲ ମହାପାତ୍ରେ ଓ ମାଟିଆ ମିଶ୍ରେ

ମିଶ୍ର ଘର କଥାଟା ମୁଁ ଯେ ଏଠାରେ କହିଲି, ତାହାର କାରଣ ହେଉଛି, ଏ ଅଂଚଳର ଜାତି-ଭେଦରେ ସେଇ କଥାଟି କୁହାଯାଉଥିଲା । ୧୬୩୦ ଖ୍ରୀ:ଅ: ପାଖ ଆଖରେ ବୀରନରସିଂହପୁରରେ ସାମଂତ ଭଟ୍ଟମିଶ୍ର ବଂଶ ସୃଷ୍ଟି ହେଲା । ପରେ ପୁରୀ ପାଖ ଅଂଚଳ ଶାସନମାନଙ୍କରେ ଯେଉଁମାନେ ସାମଂତ ଭଟ୍ଟମିଶ୍ର ନୁହଂତି, ସେଇ ଶ୍ରେଣୀର ବ୍ରାହ୍ମଣମାନଙ୍କ ଭିତରେ ଜାତି କିଣି ଭଲ ବ୍ରାହ୍ମଣ ହବା ଗୋଟିଏ ରୀତି ପ୍ରକାଶ ପାଇଥିଲା । ପ୍ରଥମ ଅବସ୍ଥାରେ ଯାହା ହୋଇଥିଲା, ତାକୁ ସୂଚାଇ କରି ଗୋଟିଏ କିଂବଦଂତୀ ଥିଲା । ତାହା ହେଉଛି—

"ଢୋଲ, ମାଟିଆ, ନଈ
ଦାସଂକ ପାଖେ ନ ଯାଇ,
ଯେବେ ରଣପୁର ଯାଇ,
କଂଧ ବିଟାଳିଆ ହୋଇ ।"

ଏହାର ଅର୍ଥ ହେଉଛି, ବୀରରାମଚଂଦ୍ରପୁରରେ ଢୋଲ ମହାପାତ୍ର ଓ ମାଟିଆ ମିଶ୍ର ( ଢୋଲ, ମାଟିଆ ପ୍ରଭୃତି ନାମମାନ ପୂର୍ବେ ବହୁତ ଥିଲା । କାହାର ଗୋଟାଏ ବଡ଼ ପେଟ ଥିଲେ, ତାକୁ ହୁଏତ କହୁଥିଲେ ଢୋଲ । ସେଇପରି କିଏ ହୁଏତ କହିଥିଲା, ଆମ ବାପ, ବଡ଼ବାପେ ଯେତେ ଗୋରା ଥିଲେ, ମୁଁ ସେତେ ନୁହେଁ, ମୁଁ ଟିକିଏ ମାଟିଆ, ସେଇଠାରୁ ତା'ର ନାମ ସେଇ କାରଣରୁ ହେଲା ମାଟିଆ ) । ଏ ଦୁହେଁ ସେତେବେଳେ ଧନୀ ଥିଲେ ଓ ସାଆଂତ ଭଟ୍ଟମିଶ୍ରଙ୍କ ଘରେ ବଂଧୁ କରି ବଡ଼ ହେଉଥିଲେ । 'ନଈ' ହେଉଛି—ନଈକୂଳରେ ଗ୍ରାମ ବୀରପ୍ରତାପ-ପୁର । ସେଇ ଗ୍ରାମର କୌଛସ ମିଶ୍ରଙ୍କୁ କୁହାଯାଏ 'ନଈ' । ସେମାନେ ମଧ୍ୟ ଢୋଲ ମାଟିଆଙ୍କ

ପରି ଧନୀ ଓ ସେ କାଳର ଜାତିପ୍ରେମୀ ଥିଲେ । 'ଦାସଂକ ପାଖେ ନ ଯାଇ' ସାମଂତ ଭଟମିଶ୍ରଂକର ଯେ କଥାଟି ଅଛି, ସେ କଥାଟି ଶ୍ରୀରାମଚଂଦ୍ରପୁରର କୌଶିକ ଗୋତ୍ର ଦାସଂକ ପାଖକୁ ଯିବନାଇ । ଖୁବ୍ ସଂଭବ ସେମାନେ ଖୁବ୍ ଧନୀ ଥିଲେ ଓ ଯେ କୌଣସି ସାମଂତ ଭଟମିଶ୍ରଂକୁ ଟଂକା ଦେଇ କିଣି ନେଉଥିଲେ । ନିଜେ ଲେଖକ ସେଇ ଦାସଂକ କୁଳୋଦ୍ଭବ । 'ଯେବେ ରଣପୁର ଯାଇ' ଏକଥାରେ ଅଛି ରଣପୁରରେ ଥିବା ମହାପାତ୍ର ଘର । ସେମାନେ ଉପରୋକ୍ତ ବ୍ରାହ୍ମଣମାନଂକ ଭିତରୁ ଟିକିଏ ପରେ । ଭୁମୁରାପୁଟ ବୋଲି ଏକ ପାରିକୁଦରାଜାଂକ ପୂର୍ବପୁରୁଷ ବାଣପୁରର ରାଜା ସେଇ ବାଣପୁରରେ ଗୋଟିଏ ଗ୍ରାମ ବସାଇଥିଲେ । ଅବଶ୍ୟ ମନେ ରଖିବାର ଅଛି ଗଡ଼ଜାତମାନଂକରୁ ସବୁ ଶାସନ ଖୋର୍ଦ୍ଧାର ରାମଚଂଦ୍ରଦେବଂକ ପରେ ପୁରୀର ଅନୁକରଣରେ ବସାଯାଇଥିଲା । ଭୁମୁରାପୁଟ ସେଇଥିରୁ ଗୋଟିଏ । ଭୁମୁରାପୁଟର ଜଣେ ମହାପାତ୍ର ରଣପୁରରେ ରହି ବହୁତ ସାମଂତ ଭଟମିଂଶ୍ରାକୁ କିଣି ନେଇ ବଂଧୁ କରିଥିଲେ । ଏଠାରେ ସେଇ କଥାର ସୂଚନା ଅଛି ।

## ୫୧. ଦୁବ, ଦେବତା ଓ ଭିଂଗାର

ଏ ସବୁମାନେ ଯେଉଁ ବରମାନଂକୁ କିଣୁଥିଲେ, ସେମାନେ ଅନେକେ ଗରିବ ଥିଲେ ଓ ସେମାନଂକ ଭିତରେ ଅନେକେ ଦ୍ୱିଷ୍ଟାପୁ ପଣ୍ଡର ବର ଥିଲେ । ଲୋକଂକ ଭିତରେ ଏଇ ଶାନ୍ତିଫଳରେ ଗୋଟିଏ ବ୍ରାହ୍ମଣଂକ ଭିତରେ କୁଳୀନ ଭାବର ଅହଂକାର ଖୁବ୍ ପଶିଯାଇଥିଲା । ଏହାର ପରବର୍ତ୍ତୀ ସ୍ତରରେ ବାହାରି- ଥିଲେ ତିନୋଟି ଘର । ମନେ ହେଉଛି ଏମାନେ କେହି ଓଡ଼ିଶାର ଦାମାପୁ ବିପ୍ର ନୁହଂତି । ଦାମାପୁ ବିପ୍ରଂକ ଭେଦଭାବ ଅନ୍ୟମାନଂକ ଭିତରେ ପ୍ରବେଶ କରିଥିଲା । ଏଥିରେ ତିନୋଟି ଘର ବାହାରିଥିଲେ । ସେ ହେଉଛଂତି 'ଦୁବ', ଦେବତା,' 'ଭିଂଗାର' । ଏଥିରୁ 'ଦୁବ' ହେଉଛଂତି ଅତି ନୂଆ । କଥାଅଛି, ଏମାନଂକର ଦେଉଳ ସେବା ଥିଲା । 'ଦେବତା' ହେଉଛଂତି ନରହରିପୁରର ମିଶ୍ରବ୍ରାହ୍ମଣ । ଏହାଂକର ଉପାଧି ପୂର୍ବେ ଥିଲା 'ଦେବତା' । ଏମାନେ ଥିଲେ ମାସ୍ତାନ ବା ହଳୁଆ ବ୍ରାହ୍ମଣ । ତା' ଆଗରୁ ଥିଲେ 'ଭିଂଗାର'; ଅର୍ଥାତ୍ ଭିଂଗାରପୁରର 'ଦାସ' ବ୍ରାହ୍ମଣ । କିଂବଦଂତୀ ଅଛି, ଏମାନେ ଅଦାଚାଷ କରୁଥିଲେ । ଖୁବ୍ ସଂଭବ ଏମାନେ ପଣ୍ୟର ବ୍ରାହ୍ମଣ ବା ସାରୁଆ ପଂଡା । ଏଇ ତିନିହେଁ ଚାଷ ଓ ବ୍ୟବସାୟରେ ଖୁବ୍ ବଢ଼ି ଉଚ୍ଚବ୍ରାହ୍ମଣ କିଣିବାରେ ବହୁତ ଟଂକା ଖର୍ଚ୍ଚ କରୁଥିଲେ । ଶେଷ- ବେଳକୁ ଏମାନଂକ ଭିତରେ ବର କିଣି ଝିଅକୁ ସୁଖରେ ରଖିବା ଭାବଟି ପ୍ରକାଶ ପାଇଲା । ଜାତି କିଣାରେ ଏମାନେ, ବିଶେଷରେ ଭିଂଗାରପୁରର ଦାସେ ହଜାର ହଜାର ଖର୍ଚ୍ଚ କରୁଥିଲେ । ସଂଗେ ସଂଗେ ପୁରୀର ମିଶ୍ରଘର ଏଇ ହଜାର ସଂଖ୍ୟାକୁ ଜ୍ୱାଇଁ କିଣିବାରେ ଲଗାଇଲେ । କ୍ରମେ ଅନ୍ୟମାନଂକ ଭିତରେ ଜାତିଭାବ ଏଇ ଜ୍ୱାଇଁ କିଣାଭାବରେ ପରିଣତ ହୋଇଥିଲା । ମୋ ବିବାହର ଅନେକ ଦିନ ଯାଏ ଜାତି କିଣା କି ଜ୍ୱାଇଁ କିଣା ବାରି ହେଉ ନଥିଲା; କିଂତୁ କିଣିବାର ହଜାର ସଂଖ୍ୟକ ଟଂକା ପ୍ରକାଶ ପାଇଥିଲା ଓ ମୋ ନିଜ ବିବାହରେ ଜାତିକିଣା କି ଜ୍ୱାଇଁ କିଣା ଯେପରି ସୀମା ଓ ସରହଦରେ ଥିଲା, ତାହା ଏକରକମ ସୂଚନାରେ କୁହାଯାଇଛି । କିଂତୁ ଯେତେ ଜ୍ୱାଇଁ କିଣା ଭାବ ପଶିଥିଲେ ମଧ୍ୟ ଜାତି- ଭେଦ ଓ ସେଇ ହିସାବରେ ଘୋର ରକ୍ଷଣଶୀଳତା ସତ୍ୟବାଦୀ ସମେତ ପୁରୀର ଆଖ ପାଖ ଅଂଚଳରେ ମୋର ଯୌବନରେ ଅତି ପ୍ରତିଷ୍ଠିତ ଓ ସଂଗତ ଥିଲା ।

## ୫୨. ପୁରୀ ସମୁଦ୍ର କୂଳ

ମୁଁ ପୁରୀଜିଲ୍ଲା ସ୍କୁଲରେ ୧୮୯୯ ରେ ପଶିଲି । ସେଇବର୍ଷ କଲିକତାରୁ ପୁରୀକୁ ରେଳ ଆସିଲା । ତା'ପରେ ବଂଗାଳୀ ଆସିଲେ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ । ଏଠାରେ ସମୁଦ୍ରକୂଳେ ଘରଭଡ଼ା କରି ସେମାନେ

ରହିଲେ ଓ କେହି କେହି ବି ଘର ତିଆରି କଲେ, ସମୁଦ୍ରକୂଳ ବାଲିରେ । ମୋର ମନେଅଛି, ଏବେ ପୋଷ୍ଟ ଅଫିସ ଆଗରେ ଥିବା ସେକାଳ ଓକିଲ, ରାୟ ହରିବଲ୍ଲଭ ବୋଷ ବାହାଦୁରଂକର 'ଶଶୀ ନିକେତନ' ନାମକ ଘରଟି ମାହକ ଥିଲା । ଏବର ସଂସ୍କୃତ କଲେଜଟି ଥିଲା ପୁରୀ ଜିଲାସ୍କୁଲ । ସେଇ ପୁରୀ ଜିଲ୍ଲା ସ୍କୁଲର ବାରଂଡାରେ ଛିଡ଼ା ହୋଇ ଆଂଭେମାନେ ଖେଳଛୁଟିବେଳେ ଓ ଅନ୍ୟାନ୍ୟ ଖାଲି ସମୟରେ ପୁରୀ ସମୁଦ୍ରର ଦୃଶ୍ୟଟି ଦେଖୁ । ବାଟରେ କେତେଗୁଡ଼ିଏ ସ୍ଲେଟ ସ୍ଲେଟ ଝାଉଁଗଛ ଲଗା ହୋଇଥାଏ । ଆଉ ଘର ନଥାଏ । ତେଣେ ଥାଏ ହରବାରଣ ଖଂବ । ତା' ପାଖରେ ବାୟୁବେଗ କଷିବାର ଯଂତ୍ରଟି ଥାଏ ଗୋଟିଏ ଘର । କେତେଦିନ ପରେ ସେଇ ବାଟର ଡାହାଣ-ପାଖକୁ ତିନଟି ଦୋ'ମହଲା କୋଠା ହୋଇଥିଲା । ସେ ଘର ତିନଟି ଏବେ ଅନ୍ୟ ଘରଧାଡିରେ ରହିଯାଇଛି କିଂବା ଲୋପ ପାଇଛି ବା ନୂତନ ହୋଇଛି ମୁଁ କହି ପାରିବି ନାଇ । ସେତେବେଳେ ପାଲ ଜାହାଜ ସବୁ ଭସି ଭସି ଟିକିଏ ଦୂର ସମୁଦ୍ରରେ ଯିବାର ମୁଁ କେତେଥର ଦେଖିଛି । ଗଂଗାସାଗର ମେଳାରେ ଏବେ ଯାତ୍ରୀ ନେଇ ଜାହାଜ ଆସେ । ସେତେବେଳେ ବି ସେହି ସମୟରେ ଗୋଟିଏ କଳ ଜାହାଜ ଆସୁଥିଲା ।

## ୫୩. ନୋଳିଆର ଜାହାଜ ପୋଡ଼ୁଅ

ମୋ ମନେଅଛି, ଆମେ ସବୁ ପୁରୀ ଜିଲା ସ୍କୁଲରେ ପଢୁଥିବା ତଳଶ୍ରେଣୀ ପିଲାମାନେ ନୋଳିଆଂକ ପୋଡ଼ୁଅରେ ଥରେ ସେଇ ଜାହାଜକୁ ଯାଇ ବୁଲିକରି ଦେଖିଛୁ । ଆଃ ! ସେ ପୋଡ଼ୁଅ ଯାତ୍ରା ମୁଁ ବର୍ଣ୍ଣନା କରି ପାରିବି ନାଇ । ଏବେ ବୋଧହୁଏ, ବୃଦ୍ଧ ଓ ଯୁବକମାନେ ପୋଡ଼ୁଅରେ ବୁଲଂତି ଓ ପୋଡ଼ୁଅ-ମାନଂକରୁ ଜାହାଜରେ ଉଠଂତି । କିଂତୁ ଏ ଯୁଗରେ କଳ ଓ ସହାୟକ ଯାନର ସଂଖ୍ୟା ବହୁତ ବଢ଼ିଗଲାଣି । ଆମବେଳେ ଲହରି ଉପରେ ଯେତେବେଳେ ପୋଡ଼ୁଅ ଉଠୁଥାଏ ପଡ଼ୁଥାଏ ଓ ତହିଁରେ ପୁଣି ପାଣି ପଶୁଥାଏ ଏବଂ ନୋଳିଆମାନେ ତାହା ଉଛାଳୁଥାଂତି, ସେଥିରେ ଶିଶୁ ଓ ବାଳକମାନଂକର ଯେ ଜୀବନ ସଂଶୟ ଓ ତହିଁ ସଂଗେ ହାସ୍ୟରୋଳ ଉଠୁଥାଏ, ତାହା ବର୍ଣ୍ଣନା କରି କହିପାରିବି ନାଇ । ସେଉଁଦିନ ସେହିପରି ଗୋଟିଏ ପୋଡ଼ୁଅରୁ ଜାହାଜ ଉପରୁ ପଡ଼ିଥିବା ଦଉଡ଼ି ନିଶୁଣିଧରି ଜାହାଜ ଉପରକୁ ଉଠିଥିଲି, ସେ ଜୀବନ-ମରଣ ସଂଧିସ୍ଥଳରେ ଭୟ, ଉନ୍ମାଦନା, ଆନଂଦର ବର୍ଣ୍ଣନା ମୁଁ କିପରି ଦେବି ଜାଣିପାରୁ ନାଇ ।

## ୫୪. ଜଳବାୟୁ ପରିବର୍ତ୍ତନ

ଯାହାହେଉ କଲିକତାଆଡ଼ୁ ଯାତ୍ରୀ ଓ ବାୟୁ ପରିବର୍ତ୍ତକମାନଂକ ସଂଗେ ପରେ ଆସିଥିଲା ଯକ୍ଷ୍ମା । କିଂତୁ ସେତେବେଳେ ଯକ୍ଷ୍ମା ଆସିବାର ଜଣା ନଥିଲା । ଆସିଥିଲା ଘୋର ମ୍ୟାଲେରିଆ । ମୁଁ ଭୀଷଣ ମ୍ୟାଲେରିଆରେ ପଡ଼ିଥିଲି—ଏହା କହିଛି । ସେଥିପାଇଁ ମୁଁ ଯେଉଁଦିନ କଟକ ଗଲି, ସେ ଦିବସର ସ୍ମୃତିଟି ଆଜି ମଧ୍ୟ ଜୀବଂତ । ମୋ ସଂଗେ ଯାଉଥିଲେ କାବ୍ୟତୀର୍ଥ ପଂଡିତ ବିଶ୍ୱନାଥ ରଥ । ସଂସ୍କୃତରେ ମୁଁ ମନେ ମନେ ତାଂକ ସଂଗେ ପ୍ରତିଯୋଗିତା କରୁଥିଲି । ମନେଅଛି, ଅକୃତକାର୍ଯ୍ୟ ମଧ୍ୟ ହୋଇ ନଥିଲି । ମୁଁ କଟକ ଦେଖି ନଥିଲି । ସମସ୍ତେ କହିଲେ, ବାୟୁ ପରିବର୍ତ୍ତନ କରିବାକୁ ମୁଁ ଅଂତତଃ ବର୍ଷେ କଟକ ଯିବି । ସଂଗୀ ମୋର ହେଲେ ବିଶ୍ୱନାଥ ରଥ । ତାଂକର ସେଇଦିନ କଟକ ଯିବାର ଥିଲା । ରାତିରେ କଟକ ଷ୍ଟେସନରେ ପହଂଚି ଆମେ ଯେଉଁ ବସାକୁ ଯାଇଥିଲୁ, ସେ ବସାଟି ହେଉଛି ଚାଂଦନୀଚୌକ ଏବର 'ଦାସଲେନ'ର ଉତ୍ତର ମୁଂଡରେ ଥିବା ନମାପଡ଼ା ମଧୁସୂଦନ ଦାସଂକ ଗୁଳଘର ବସାଟି । ମଧୁସୂଦନ ଦାସ ସେତେବେଳକୁ କଟକରେ ଗୃକସି କରୁଥାଂତି । କ'ଣ ଗୃକସି ଠିକ୍ ମନେ ହେଉନାଇ ।

## ୫୫. କୋବି

ତହିଁ ଆରଦିନ ସକାଳେ ତାଙ୍କଘରେ ଖାଇବାକୁ ହେଲା । ଗୋଟିଏ ତରକାରୀ ଦେଖି ମୁଁ ଖାଇବାକୁ ଟିକିଏ ଶଙ୍କା କରୁଥିଲି । ବିଶ୍ୱନାଥ ରଥେ କହିଲେ, "ଖା, ସେ କୋବି ତରକାରୀ" । ମତେ ଆକାଶରୁ ଖସିପଡ଼ିଲାପରି ଲାଗିଲା । ପୁରୀରେ କୋବି କେବେ ମୁଁ ଦେଖି ନଥିଲି । ମତେ ଛଅବର୍ଷ ହେବାବେଳେ ଥରେ ଅତ୍ୟନ୍ତ କ୍ରିମି ଓ ଜ୍ୱରରେ ମୁଁ ଆକ୍ରାନ୍ତ ଥିଲି । ସେତିକିବେଳେ ଭଂଗାରପୁରର ଜମିଦାର କୁଳମଣି ଦାସ ଏଇ ସତ୍ୟବାଦୀ ପାଖରେ ଥିବା ତାଙ୍କର ନିଜ ସଦାନନ୍ଦପୁର ଜମିଦାରୀକୁ ଆସିଥିଲେ । ଆମ ନନା ତାଙ୍କର ଅତି ଆଦରଣୀୟ ବନ୍ଧୁ ଥିଲେ । ସେ ଖଣ୍ଡେ ସ୍ଲେଟ କାଗଜ କସ୍ତୁରୀ ସଂଗେ କଟକରୁ ବା କୁଆଡ଼ୁ ଆଣିଥିବା ଗୋଟିଏ କୋବି ନନାଙ୍କ ପାଇଁ ପଠାଇ ଦେଇଥିଲେ । ଏହା ଫୁଲକୋବି । ମୁଁ ସେଇ ଦିନର ଅପ୍ରେଣରେ, ନନା ଅସି ବୋଉକୁ କୁଳମଣି ଦାସେ କୋବି ପଠାଇଥିବା କଥା କହୁଥିବାର ଶୁଣିଥିଲି । ଜାଣେନାହିଁ କେବଳ ଅଧ୍ୟମାଇପେ ତାହା ଖାଉଥିଲେ କି ଅନ୍ୟମାନେ ତାହା ଖାଉଥିଲେ । ଆଜି କଟକରେ ମଧୁସୂଦନ ଦାସଙ୍କ ବସାରେ କୋବି ଖାଇଲି । ଜାଣିଲି ଭଲଲୋକ କୋବି ଖାଆନ୍ତି, ତେବେ ବ୍ରାହ୍ମଣ ଖାଆନ୍ତି କି ନା ? ଜାଣିନଥିଲି ବ୍ରାହ୍ମଣଙ୍କ ରକ୍ଷଣଶୀଳତା ବିଦ୍ୟା ଓ ସ୍ୱାଧୀନତା ସଂଗେ ମିଶି ଅତି ଅଦ୍ଭୁତ-ଭାବରେ ପ୍ରକାଶ ପାଇଥିଲା । କୋବିଟା ଯଥାର୍ଥରେ କି ଜିନିଷ, ବିଲାତି ଅଳୁଟା ବା କ'ଣ ଏହା ଆମ ଗ୍ରାମରେ ଅନେକଲୋକ ଅନେକଦିନ ଯାଏ ଶୁଣିବାକୁ ମଧ୍ୟ ପାଇ ନଥିଲେ । ଏବେ ମଧ୍ୟ ଆମର ପିତୃଶ୍ରାଦ୍ଧାଦି ନିମିତ୍ତ ଭୋଜିରେ କୋବି ଓ ପିଆଜ ଦିଆଯାଏ ନାହିଁ । ଅନେକ ବୃଦ୍ଧ ଆଳୁ ଓ କୋବି ନଖାଇ ମରିଚନ୍ତି । ଏବେ ମଧ୍ୟ ବିଧବାମାନଙ୍କ ମଧ୍ୟରେ ଆଳୁ ଖାଇଲେ ମଧ୍ୟ ଅନେକ କୋବି ନଖାଇବା ଲୋକ ଅଛନ୍ତି । ସେମାନେ ପିଆଜ ତ ଛୁଅନ୍ତି ନାହିଁ ।

## ୫୬. କଲେଜିଏଟ୍ ବୋର୍ଡିଂ ଓ ଗୋପବନ୍ଧୁବାବୁ

ବଡ଼ ସଂଘର୍ଷଣରେ ମୋ ବ୍ରାହ୍ମଣତ୍ୱରେ କେତେ ବାଧା ପଡ଼ିଲା, ବ୍ରାହ୍ମଣତ୍ୱ ଆଉ ରହିଲା କି ନାହିଁ ଏସବୁ ବିଷୟରେ ନାନା ସଂଦେହ ବିଗ୍ରହ ମଧ୍ୟରେ ସେଇଠିକି କଲେଜିଏଟ ବୋର୍ଡିଂରେ ମୁଁ ପହଂଚି ଗୋପବନ୍ଧୁ ଦାସଙ୍କ ପାଖେ ରହିଲି । ଗୋପବନ୍ଧୁ ଦାସଙ୍କ ପାଖେ ରହି ବଡ଼ଦ୍ୟା ସଂଗେ ସଂଗେ ସ୍ପଷ୍ଟଭାବରେ ସ୍ୱାଜାତ୍ୟର ଅଭ୍ୟାସ କ୍ରମେ ପ୍ରକାଶ ପାଇଲା । ଗୋପବନ୍ଧୁ ଦାସଙ୍କ ସାହଚର୍ଯ୍ୟରେ ଏହା ଯେ ହେବାର କଥା ତାହା କହି ବୁଝାଇବା ଦରକାର ନାହିଁ । ବିଶେଷରେ ସେତେବେଳେ ହରି ଭାଇନା (ଏବର ଅସୃଖ୍ୟ ହରିହର ଦାସ) ମଧ୍ୟ ସେ ବୋର୍ଡିଂରେ ଥାଂନ୍ତି । ସବୁ କାର୍ଯ୍ୟରେ ତାଙ୍କର ଅତି ନୈଷ୍ଠିକ ଆଚରଣ ଓ ସାଧୁତାରେ ମୁଁ ପୂର୍ବରୁ ଅଭ୍ୟସ୍ତ ନଥିଲି ନୁହେଁ; କିନ୍ତୁ ଏଠାରେ ଆମ ଚଳଣିରେ ସେ ସବୁ ସୁନ୍ଦରଭାବରେ କ୍ରମେ ଫୁଟି ଉଠିଥିଲା ।

## ୫୭. ବଂଗାଳୀ ସଂସ୍କୃତି

ସେତେବେଳେ ଓଡ଼ିଶାର ପ୍ରଧାନ ସମସ୍ୟା ଥିଲା, ଉପାନ୍ତ ଓଡ଼ିଆଭୂମି ସବୁ କିପରି ଓଡ଼ିଶାରେ ମିଶିବ । ଏହା ୧୯୧୧ ଜନଗଣନାର ପୂର୍ବର କଥା; ତଥାପି ୧୯୦୧ ସାଲରୁ ମେଦିନୀପୁରର ଓଡ଼ିଆ କୈବର୍ତ୍ତମାନେ ନିଜକୁ ମାହିଷ୍ୟ ବୋଲି କହି ବଂଗାଳୀ ହୋଇଥିଲେ । ଓଡ଼ିଶାର ରାଜାମାନେ ମଧ୍ୟ ତାଙ୍କ ପିଠି ଧରିଥିଲେ । ଏମାନେ ମୃତକ ଶୁଦ୍ଧିକ୍ରିୟାରେ ଓଡ଼ିଆ ସ୍ମୃତି ଅନୁସାରେ ନିଜର ୧୨ ଦିନ ମାନ ଅଶୌଚ ଓ କ୍ରିୟା ଛାଡ଼ି ବଂଗଳାସ୍ମୃତି ଅନୁସାରେ ନିଜର ମୃତକ ଶୁଦ୍ଧିକ୍ରିୟାକୁ ଏକମାସ କରିଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦର ସେନସସ୍ ବେଳେ କୈବର୍ତ୍ତମାନେ ନିଜକୁ ମାହିଷ୍ୟ କହି ଏଇ

୩୦ ଦିନକୁ ୧୫ ଦିନ କରିବାପାଇଁ ଲଢ଼ିଥିଲେ । ମୋଟକଥା ଓଡ଼ିଆ ସଂସ୍କୃତି ଗୁଡ଼ା ନିଜର ସଂସ୍କୃତିକୁ ବଙ୍ଗାଳୀ କରିବାପାଇଁ ଏମାନଙ୍କର ଘୋର ଚେଷ୍ଟା କ୍ରମେ ପ୍ରକାଶ ପାଇଲା । ପୂର୍ବରୁ ଏ କଥାରେ ବଙ୍ଗାଳୀମାନଙ୍କର କପଟ ପ୍ରଯତ୍ନ ଓ ପ୍ରଚେଷ୍ଟା ପ୍ରକାଶ ପାଇଥିଲା, ତାହାର ସ୍ପଷ୍ଟ ଆଭାସ ସ୍ୱର୍ଗତଃ ଫକୀରମୋହନ ସେନାପତିଙ୍କ ଜୀବନୀରୁ ମିଳିବ । ବଙ୍ଗାଳୀ ସବ-ଇନ୍ସପେକ୍ଟର ପର୍ଯ୍ୟନ୍ତ ଶିକ୍ଷାବିଭାଗରେ ସେତେବେଳେ 'ଖ' ପରୀକ୍ଷା, 'କ' ପରୀକ୍ଷା ଓ ୨ୟ ପରୀକ୍ଷା (ଯଥାକ୍ରମେ ଏବର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପରୀକ୍ଷା) ମାନଙ୍କ ପାଇଁ ପିଲାମାନଙ୍କୁ ଦରେଇ ଭାବରେ ତିଆରି କରୁଥିବା ଓ ସରକାରରୁ ସେଥିପାଇଁ ପୁରସ୍କାର ପାଉଥିବା ଶିକ୍ଷକମାନଙ୍କୁ ଯେପରି ଓଡ଼ିଆପାଠ ପଢ଼ାଇଲେ, ସରକାର ଧରି ଜେଲ ଦେବ ବୋଲି ଧମକାଇ, ତ୍ରସ୍ତକରି ଦକ୍ଷିଣୀ ବା ଓଡ଼ିଆ ଅବଧାନମାନଙ୍କୁ ବହୁସଂଖ୍ୟାରେ ତଡ଼ି ଦେଇଥିଲେ, ସେ କଥା ଫକୀରମୋହନ ବାବୁ କହିଛନ୍ତି । ଏଇଫଳରେ ୧୯୦୧ ସାଲର ଓଡ଼ିଆ ଗଣତିରେ ଅନାଶଙ୍କିତ ଭାବରେ ମେଦିନୀପୁରର ଓଡ଼ିଆ ଅଞ୍ଚଳରେ ଓଡ଼ିଆର ସଂଖ୍ୟା ଯେପରି ଶତକଡ଼ା ୮୦।୯୦ ପରିମାଣରେ କମିଯାଇଥିଲା, ତାହା ଗୋପବନ୍ଧୁବାବୁଙ୍କୁ ବଡ଼ ବାଧିଥିଲା ।

## ୪୮. ବଙ୍ଗାଳୀଙ୍କ ବୈରଭାବ

ପୁଣି ଆଉ ଗୋଟିଏ କଥା, କଲିକତାର ବଙ୍ଗାଳୀମାନେ, ବିଶେଷରେ ଇଂରେଜ ଶାସକମାନଙ୍କ ପାଖେ ପ୍ରତିପତ୍ତି ପାଇଥିବା ବଙ୍ଗାଳୀ ପଣ୍ଡିତମାନେ ଓଡ଼ିଶାର ଚିହ୍ନ ବର୍ଣ୍ଣ ଲୋପ କରିବାପାଇଁ ମୂଳରୁ ବରାବର ଉଦ୍ୟମ କରି ଆସୁଥିଲେ । ବଙ୍ଗ ନବାବଙ୍କ ଓଡ଼ିଶା ଥିଲା ରୂପନାରାୟଣ ନଦୀଠାରୁ ସୁବର୍ଣ୍ଣରେଖା ନଦୀ ପର୍ଯ୍ୟନ୍ତ । କ୍ଲାଇଭ ସାହେବ ସମ୍ରାଟ ସାହାଆଲମଙ୍କଠାରୁ ଯେଉଁ ବଙ୍ଗ-ବିହାର-ଓଡ଼ିଶାର ଦେଓ୍ୱାନୀ ନେଇଥିଲେ, ସେଥିମଧ୍ୟରେ ଏଇଖଣ୍ଡିକ ଥିଲା ନବାବଙ୍କ ଓଡ଼ିଶା । ଏହା ୧୭୬୫ ଖ୍ରୀ: ଅ: ର କଥା । ସେତେବେଳକୁ ଓଡ଼ିଶାର ଦକ୍ଷିଣଖଣ୍ଡିକ ବଙ୍ଗନବାବ ନାଗପୁରର ମରହଟ୍ଟା ଭୋଁସଲଙ୍କୁ ୧୭୫୧ ଖ୍ରୀ: ଅ: ରୁ ଦେଇ ସାରିଥିଲେ । ପୁରୀ, କଟକ, ବାଲେଶ୍ୱର ଏ ଦକ୍ଷିଣଖଣ୍ଡିକ ୧୮୦୩ ସାଲ ପର୍ଯ୍ୟନ୍ତ ନାଗପୁର ଭୋଁସଲଙ୍କ ହାତରେ ଥିଲା ଓ ସେଇ ବରଷ ମରହଟ୍ଟାମାନେ ଏହାକୁ ଇଂରେଜଙ୍କ ହାତରେ ଛାଡ଼ି ଦେଇଥିଲେ । ସେଇଦିନଠାରୁ ମଧ୍ୟ ମେଦିନୀପୁର ସଂଗେ ପୁରୀ, କଟକ ଓ ବାଲେଶ୍ୱରକୁ ବଙ୍ଗଦେଶର ସାକ୍ଷାତ ଅଂଶ କରିବାରେ ବଙ୍ଗାଳୀମାନେ ଲାଗି ଯାଇଥିଲେ । ୧୮୭୦ ବେଳକୁ ଏ ଉଦ୍ୟମ ସ୍ପଷ୍ଟ ଆକାର ଧାରଣ କରିଥିଲା ଓ ବାଲେଶ୍ୱରର ଜିଲାସ୍କୁଲ ହେଡ଼ ପଣ୍ଡିତ "ଓଡ଼ିଆ ସ୍ୱତନ୍ତ୍ରଭାଷା ନୁହେଁ' ବୋଲି ଖଣ୍ଡିଏ ପୁସ୍ତିକା ଛପାଇ ପ୍ରଚାର କରିଥିଲେ । କଲିକତାର ପ୍ରତ୍ନତତ୍ତ୍ୱବିତ ପଣ୍ଡିତବର ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ପର୍ଯ୍ୟନ୍ତ ଲୋକେ ମଧ୍ୟ ଏଇ ମତ ସ୍ପଷ୍ଟ ସମର୍ଥନ କରିଥିଲେ ।

ଏ ମତର ଖଣ୍ଡନ ମଣ୍ଡନ କରିବାପାଇଁ ଓଡ଼ିଶାର ଏତେ ଶକ୍ତି ନଥିଲା । ତା'ର ପ୍ରଧାନ କାରଣ ହେଉଛି, ବଙ୍ଗଳାର ପ୍ରତାପରୁଦ୍ରଙ୍କ ଠାରୁ, ବିଶେଷତଃ ପରାଧୀନ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ ଧର୍ମ ଅର୍ଥାତ୍ ସେଇ ଧର୍ମର ଅତି ମଧୁର ଯୌନରସର ଆସ୍ୱାଦନ ସଂଗେ ଓଡ଼ିଶାର ଅନେକ ଶିଷ୍ଟଙ୍କ ମଧ୍ୟରେ ଧର୍ମଭାଷା ନାମରେ କୃଷ୍ଣଦାସ କବିରାଜଙ୍କ ଚୈତନ୍ୟ ଚରିତାମୃତ ପ୍ରଭୃତି ବଙ୍ଗଭାଷାର ପରିପ୍ରଚାର । କେବଳ ସେତିକି ନୁହେ, ସେଇ ସୂତ୍ରରେ ଓଡ଼ିଆଙ୍କ ଭିତରେ ପ୍ରାୟ ଗଲା ୩୦୦ ବର୍ଷ ଧରି ଏଇ ଧର୍ମର କୀର୍ତ୍ତି ଓ ଭକ୍ତି ପ୍ରଚାରକରି ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ'ଠାରୁ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ଓ ଅନ୍ୟାନ୍ୟ କାବ୍ୟ ପର୍ଯ୍ୟନ୍ତ ଲେଖା ହୋଇଯାଇଥିଲା ।

କୌଣସିମତେ କେତେକ ସ୍ଥାନୀୟ ଇଂରେଜଙ୍କ ପ୍ରଭାବରେ, ମନେହୁଏ ବିଶେଷରେ ସେତେବେଳର

ଜନ ବିମସ୍‌ଙ୍କ ପରି କଲେକ୍ଟର ଓ ରେଭେନ୍ସାଙ୍କ କମିଶନରଙ୍କ ବ୍ୟକ୍ତିତ୍ୱ ବଳରେ ଓଡ଼ିଆ ସ୍ୱତଂତ୍ର-ଭାଷାରୂପେ ପ୍ରାଇମେରୀ ସ୍କୁଲମାନଙ୍କରେ ସ୍ଥାନ ପାଇ ଯାଇଥିଲେ ମଧ୍ୟ ହାଇସ୍କୁଲମାନଙ୍କରେ ଓ କଲେଜରେ ତାହାର ଆଦୌ ଆଦର ନଥିଲା । ଏବେ, ହାଇସ୍କୁଲ, କଲେଜମାନଙ୍କରେ ଓଡ଼ିଆଭାଷାରେ ଆଦୌ ସ୍ଥାନ ନଥିଲା । କେତେକାଳପରେ ଅର୍ଥାତ୍ ୧୯୦୦ ଖ୍ରୀ:ଅ:ବେଳକୁ କେବଳ ଏନ୍‌ଟ୍ରାନ୍‌ସ ( ଏ କାଳର ମାଟ୍ରିକ୍ୟୁଲେଶନ ) ପରୀକ୍ଷାରେ ଗୋଟିଏ ଓଡ଼ିଆ ପାରାଗ୍ରାଫ୍ ଇଂରେଜୀରେ ଅନୁବାଦ କରିବାପାଇଁ ପ୍ରଶ୍ନରେ ଦିଆଯାଉଥିଲା । ତାହା ପୁଣି ବଙ୍ଗଳାର ଅନୁକରଣରେ । ପ୍ରଥମେ ପ୍ରଥମେ ଏଇ ଓଡ଼ିଆଭାଷା ଥିଲା ବଂଗଳାର ଅନୁବାଦ ।

## ୫୯. ତାରାଚନ୍ଦ୍ର

ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟ ଯଥାସାଧ୍ୟ ବଂଗଳାକୁ ଉପରକୁ ଉପରକୁ ଶ୍ରେଣୀମାନଙ୍କରେ ଭର୍ତ୍ତି କରିବାରେ ଲାଗିଥିଲେ । ଏଇ ଶତାବ୍ଦୀର ପ୍ରଥମରେ, କିଂବା ହୋଇପାରେ ୧୮୯୮।୯୯ ଖ୍ରୀ: ଅ:ରେ; କଥା-ହେଲା ବି: ଏ: ପରୀକ୍ଷାର ପ୍ରଶ୍ନରେ ବଂଗଳା ସାଧାରଣ ଜ୍ଞାନ ଦେଇ ଗୋଟିଏ ପ୍ରବନ୍ଧ ଲେଖିବାର ପ୍ରଶ୍ନ ପଡ଼ିବ । ସେଥିରେ ପାସ୍ କଲେ ଗେଜେଟରେ ପାସ କରିଥିବା ଛାତ୍ରର ନାମ ପାଖରେ ଗୋଟିଏ ତାରାଚନ୍ଦ୍ର ଦିଆଯିବ ।

କିଂନ୍ତୁ ଏ ତାରାଚନ୍ଦ୍ରର ପ୍ରଶ୍ନଟି ଓଡ଼ିଆରେ ଦେବାପାଇଁ ବ୍ୟବସ୍ଥା ନଥିଲା । ଓଡ଼ିଶାର ସେତେବେଳର ଏକମାତ୍ର କଲେଜ କଟକର ରେଭେନ୍‌ସା କଲେଜ । ସେଥିରେ ଓଡ଼ିଆଛାତ୍ର ପ୍ରାୟ ବଙ୍ଗାଳୀଙ୍କ ସମାନ ଥିଲେ । ହଷ୍ଟେଲ ବା ବୋର୍ଡ଼ିଂ ହାଉସରେ ପ୍ରାୟ ସମସ୍ତେ ବଂଗାଳୀଛାତ୍ର ଥାଂନ୍ତି । ଏଇ ବଙ୍ଗାଳୀ ଛାତ୍ରମାନେ ଅନେକ ସମୟରେ ଦୂର-ଦୂରାଂନ୍ତରେ ଥିବା ବଙ୍ଗଳାର ଅନ୍ୟାନ୍ୟ କଲେଜ-ମାନଂକରୁ କଏ ଖର୍ଚ୍ଚର ଅଳ୍ପତା ପାଇଁ, କଏ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଓ ଅଧିକାଂଶ କଟକରେ ଥିବା ବଙ୍ଗାଳୀଶିକ୍ଷକ ଓ ଅଧ୍ୟାପକମାନଂକ ଘରେ ବଂଧୁ କୁଟୁଂବ ପରିବାରର ଆତ୍ମୀୟତା ପ୍ରଭୃତି ଲୋଭରେ କଟକକୁ ଆସୁଥାଂନ୍ତି । ସେତିକବେଳକୁ ପ୍ରାୟ ୧୯୦୦ ଖ୍ରୀ ଅ: ରେ ଗୋପବଂଧୁ ଦାସ କଟକ ବୋର୍ଡ଼ିଂରେ ଆସି ସ୍ଥାନ ପାଇଲେ । ସେତେବେଳେ ପୁଣି ଯେଉଁ ପ୍ରିନ୍‌ସିପାଲ୍‌ମାନେ ଥାଂନ୍ତି, ସେମାନେ କଲିକତାରୁ ଆସଂନ୍ତି । ତାଂକର ଓଡ଼ିଆଂକ ସଂଗେ ମିଶିବାର ବିଶେଷ କୌଣସି ଘଟଣା ଘଟେ ନାଇ । ଗୋଟିଏ ଉଦାହରଣ କଥା ଏଠାରେ କହୁଛି । ହଲଓ୍ୱାର୍ଡ଼ ସାହେବ ସେତେବେଳେ ପ୍ରିନ୍‌ସିପାଲ ଥିଲେ । ଓଡ଼ିଶାରେ ତାଂକ ସାହେବୀ କାଇଦା ଖୁବ୍ ବଢ଼ି ଯାଇଥିଲା । ସେ ଇଂରେଜୀଭାଷାରେ ଖୁବ୍ ପ୍ରବୀଣ ଥିଲେ ବୋଲି ତାଂକର ଏବେ ମଧ୍ୟ ନାମ ଅଛି । ମୋ ଜାଣିବାରେ କଟକର ହରିଧନ ଘୋଷ ଓ ବୈଦ୍ୟନାଥ ଘୋଷାଲ ଏଇ ଦୁଇଜଣ ଛାତ୍ରଙ୍କୁ ହଲଓ୍ୱାର୍ଡ଼ ସାହେବଂକ ସାକ୍ଷାତ ଛାତ୍ର ଓ ସେଇ ହେତୁରୁ ଇଂରେଜୀରେ ଅତ୍ୟଂତ ଜାଣିବାର ବୋଲି କଟକରେ ସେକାଳେ ପ୍ରସିଦ୍ଧ ଥିଲେ ।

## ୬୦. ହଲଓ୍ୱାର୍ଡ ସାହେବ

ଇଂରେଜ ଶାନ୍ତମତି ଓ ପରିଧାନ ବେଶ ପ୍ରଭୃତି ଥିଲା ହଲଓ୍ୱାର୍ଡ଼ ସାହେବଂକ ଅତ୍ୟଂତ ଦୃଷ୍ଟିଥାଏ । ଓଡ଼ିଆଂକ ପରିଚ୍ଛଦ ତାଂକର ବଡ଼ ଚକ୍ଷୁଶୂଳ ଥିଲା । ଧୋତି ଚଦରକୁ ସେ ଅତି ଅସଭ୍ୟ ପରିଧାନ ବୋଲି ମନେ କରୁଥିଲେ । ତାଂକ ସମୟରେ ପୁରୀ, ବାଲେଶ୍ୱର, କଟକର ମଧ୍ୟ ଏନ୍‌ଟ୍ରାନ୍‌ସ ପରୀକ୍ଷା ହେଉଥିଲା ରେଭେନ୍‌ସା କଲେଜରେ । ଦୂରଦୂରାଂନ୍ତର ପିଲାମାନେ ମଧ୍ୟ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବାକୁ ଆସିଲେ, ଅନେକେ କଟକରେ ସେଇଦିନ ଜୀବନରେ ପ୍ରଥମେ କୁରୁତା ଭଡ଼ାରେ କରାଉଥିଲେ ଓ ଯୋତା କିଣି ମାଡ଼ୁଥିଲେ । ଅବଶ୍ୟ ସେ ଯୋତା ସେତେବେଳର ଟଂକାକଣା

ଯୋଡା । ତାକୁ ଚିଂଧି ତା ଦାଉରେ ହୋଇଥିବା ଗୋଟିଏ ଅଂଗୁଠିର ପୋଟକା ଉପରେ ତାକୁ ଦୁଷି ମାଡ଼ ଚଷୋଷା ଘର ଭିତରକୁ ଯିବା ଆସିବା ଅନେକଙ୍କ ପକ୍ଷରେ ବଡ଼ ଦୁସାଧ ଥିବାର ମୋ ମନେ ଅଛି । ସେପରି ଯୋଡା, କୁରୁତା ନଥିଲେ, ହଲଓ୍ୱାର୍ଡ ସାହେବ କାହାରିକୁ ପରୀକ୍ଷା ହଲଭିତରକୁ ପଶିବାକୁ ଦେଉ ନ'ଥିଲେ । ଏପରି ଜଣେ ଛାତ୍ର ପରୀକ୍ଷା ନ'ଦେଇ ରହିଯାଇଥିବାର ମୁଁ ଜାଣେ; ତାଂକ ନାମଟି ଏବେ ମନେ ହେଉନାଇ ।

## ୭୧. ଓଡ଼ିଆଂକ ଦୁର୍ଗତି

ଏଇ ସାହେବଂକ ପରେ ଜଣେ ଜଣେ ବଂଗାଳୀ ମଧ୍ୟ ରେଭେନ୍‌ସା କଲେଜକୁ ପ୍ରିନ୍‌ସିପାଲ୍ ହୋଇ ଆସୁଥିଲେ ଓ ଅନ୍ୟାନ୍ୟ ବଂଗାଳୀ ପ୍ରଫେସର ଓ ମାଷ୍ଟରମାନେ ମଧ୍ୟ କଟକ କଲେଜ ଓ ସ୍କୁଲକୁ ଆସୁଥିଲେ । ଓଡ଼ିଆ ଜୀବନ ଓ ଚଳଣି ସଂଗେ ତାଂକର ମଧ୍ୟ କିପରି ସଂପର୍କ ଥିଲା, ତା'ର ମଧ୍ୟ ଗୋଟିଏ ଉଦାହରଣ ଦେଉଛି । ଏତେବେଳର ପ୍ରିନ୍‌ସିପାଲ ହେଉଥିଲେ ବୋଧହୁଏ ସ୍ୱର୍ଗତ ନୀଳକଂଠ ମଜୁମଦାର ।

ସେତେବେଳକୁ ସ୍ୱର୍ଗତ ଗୋପବଂଧୁ ଦାସ ହଷ୍ଟେଲରେ ଥାଂଣ୍ଡି ଓ ବାହାରରୁ ପିଲାଏ ପରୀକ୍ଷା ଦେବାକୁ ଆସିଲେ, ସେମାନେ ଆତ୍ମୀୟସ୍ୱଜନ ଦେଖି ତାଂକ ପାଖେ କଲେଜ ବା କଲେଜ ଏଟ ବୋର୍ଡିଂରେ ରହଂନ୍ତି । ଥରେ ଏଇପରି ପୁରୀ ଜିଲାସ୍କୁଲରୁ ଦୁଇଜଣ ଛାତ୍ର ଆସି ଗୋପବଂଧୁବାବୁଂଙ୍କ ପାଖରେ ରହିବାକୁ ଲୋଡ଼ିଲେ । ତାଂକ ମଧ୍ୟରୁ ଜଣଂକ ନାମ କୃଷ୍ଣଚଂଦ୍ର ମିଶ୍ର । ସେ ହେଉଚଂନ୍ତି ବ୍ରାହ୍ମଣ ଓ ଗୋପବଂଧୁ ଦାସ ମଧ୍ୟ ବ୍ରାହ୍ମଣ । ଅନ୍ୟ ଜଣଂକର ନାମ ଥିଲା କାଳି ଚରଣ ଦାସ । ସେ ହେଉଚଂନ୍ତି କରଣ । ଗୋପବଂଧୁ ଦାସ ଦୁହେଁ ରହିବାପାଇଁ ପ୍ରିନ୍‌ସିପାଲଂକ ପାଖରେ ଦରଖାସ୍ତ କରିଦେଲେ । ପ୍ରିନ୍‌ସିପାଲ ସାହେବ ଲେଖିଦେଲେ, କାଳୀଚରଣ ଦାସ ଗୋପବଂଧୁ ଦାସଂକ ଆତ୍ମୀୟ ବୋଲି ମନେ ହେଉଛି; କିଂନ୍ତୁ କୃଷ୍ଣଚଂଦ୍ର ମିଶ୍ର କିପରି ହେବେ ? ଏତ ମିଶ୍ର । ଗୋପବଂଧୁ ଦାସ ହେଲେ ଦାସ । ଅତଏବ ସେ ରହିପାରିବେ ନାଇ; କେବଳ କାଳୀ ଚରଣ ଦାସ ଗୋପବଂଧୁ ଦାସଂକ ପାଖରେ ରହିବେ । ଓଡ଼ିଆ-ମାନେ ଏଇପରି ଦୁର୍ଗତିରେ ଥିଲେ ।

ବହୁକାଳରୁ ଓଡ଼ିଆର ପ୍ରଦେଶ ବୋଲି କିଛି ନ'ଥିଲା । ରାଜଧାନୀ ବୋଲି ମଧ୍ୟ କିଛି ନଥିଲା । ସେଇ ଅନୁପାତରେ ଭାଷାର ଏ ଦୁର୍ଗତି ।

## ୭୨. ବ୍ରହ୍ମପୁର ଓ ନିରାମିଷାଂଶୀ ଓଡ଼ିଆ

ଏ ସଂବଧରେ ଆଉ ଗୋଟିଏ ଦକ୍ଷିଣି କଥା କହେ । ମୁଁ ଏମ୍. ଏ. ପାସ୍ କରି ସତ୍ୟବାଦୀ ସ୍କୁଲ କରି ତହିଁରେ ହେଡ଼ମାଷ୍ଟର ହେବା ପର୍ଯ୍ୟଂତ ଗଂଜାମରେ ଏତେ ଓଡ଼ିଆ ଅଛଂନ୍ତି ବୋଲି ଜାଣି ନ'ଥିଲି । ୧୯୧୧ ମସିହାରେ ବ୍ରହ୍ମପୁରରେ 'ଉତ୍କଳ ସମ୍ମିଳନୀ'ର ଅଧିବେଶନ ହୋଇଥିଲା । ସେତିକିବେଳେ ସେଠାରେ ବହୁସଂଖ୍ୟାରେ ଓଡ଼ିଆ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ପୁଣି ଓଡ଼ିଆ ଶିଷ୍ଟ ଲୋକମାନେ ପ୍ରାୟ ସମସ୍ତେ କହଂନ୍ତି ସେମାନେ ନିରାମିଷାଂଶୀ । ଏ କଥାର ଅର୍ଥ ମୁଁ ସେତେବେଳେ ବୁଝି ନ'ଥିଲି । ପରେ ଜାଣିଲି ନିରାମିଷାଂଶୀ ନ'କହିଲେ ଓଡ଼ିଆଂକୁ ବ୍ରହ୍ମପୁର ସହରରେ ଭଡ଼ାଘର ପର୍ଯ୍ୟଂତ ମିଳୁ ନ'ଥିଲା । ତେଲେଂଗାଂକ ଭିତରେ କର୍ମଚାରୀ ଓ ଶିଷ୍ଟମାନେ ପ୍ରାୟ ବ୍ରାହ୍ମଣ, ସେମାନେ ପରଂପରାରେ ନିରାମିଷାଂଶୀ । ଓଡ଼ିଆମାନେ ଆମିଷ ଖାଂନ୍ତି ବୋଲି ଜାଣିଲେ, ତାଂକର ଅତ୍ୟଂତ ଘୃଣା ଓ ଅନାସ୍ଥା ହେଉଥିଲା; ତେଣୁ ଓଡ଼ିଆମାନେ ଅନେକେ ମଫସଲରେ, ଘରେ ଆମିଷ ଖାଇଲେ ମଧ୍ୟ ବ୍ରହ୍ମପୁର ପରି ସହର ର ନିଜେ ପ୍ରସ୍ତୁ ନିରାମିଷାଂଶୀ ବୋଲି କହୁଥିଲେ ଓ ବେଳେବେଳେ ଦେଖାଇ ହେଉଥିଲେ ।

## ୬୩. କର୍ତ୍ତବ୍ୟବୋଧିନୀ

ଏଇ ପରିସ୍ଥିତିରେ ଯେତେବେଳେ ବି. ଏ. ପରୀକ୍ଷାରେ ବଂଗଳା ପ୍ରବଂଧବିଷୟକ ସ୍ୱତଂତ୍ର ପ୍ରଶ୍ନଟି ଦିଆଯିବାର ବିଶ୍ୱବିଦ୍ୟାଳୟ ସ୍ଥିର କଲେ, ସେତିକବେଳେ ପ୍ରଥମେ ଏକପ୍ରକାର ସେଇ ଉଦ୍ଦେଶ୍ୟରେ କଟକରେ 'କର୍ତ୍ତବ୍ୟବୋଧିନୀ' ବୋଲି ଗୋଟିଏ ସଭା ବା ସମାଜ ଗୋପବଂଧୁ ଦାସ ପ୍ରତିଷ୍ଠା କରିଥିଲେ । ଏଥିରେ ମେଂବର ଥିଲେ କଲେଜପଢ଼ୁଆ ତିନି ଜଣ । ଜଣେ ତ ଗୋପବଂଧୁ ଦାସ । ଆଉ ଜଣେ ହେଉଚଂତି ଏବର ରିଟାୟାର୍ଡ୍ ସ୍କୁଲ ଡିଷ୍ଟ୍ରିକ୍ଟ ଇନ୍ସପେକ୍ଟର ସ୍ୱର୍ଗତଃ ଶ୍ରୀ ଲୋକନାଥ ପଟ୍ଟନାୟକ । ଆଉ ଜଣେ ସ୍ୱର୍ଗତଃ ବ୍ରଜସୁଂଦର ଦାସ । ବ୍ରଜସୁଂଦର ଦାସ ବାହାରେ କଟକରେ ନିଜ ଘରେ ଥାଂତି । ଲୋକନାଥ ପଟ୍ଟନାୟକ ଥାଂତି ସହରରେ । ବୋର୍ଡ଼ିଂରେ ଥାଂତି ଏକା ଗୋପବଂଧୁ ଦାସ । କଟକ ସହରରେ ଏଇ ସମାଜ ଲୋକଂକ ଭିତରେ ବିଶେଷ ବ୍ୟାପ୍ତ ହୋଇଥିଲା । ଏଇ ସମାଜ ସମସ୍ତ ଓଡ଼ିଆଂକ ନାମରେ ବିଶ୍ୱ-ବିଦ୍ୟାଳୟରେ ଆବେଦନ କରିଥିଲେ; କିଂତୁ ସେତେବେଳର ବିଶ୍ୱବିଦ୍ୟାଳୟ ବଂଗାଳୀ କର୍ତ୍ତା ଓ ମୁଖ୍ୟମାନେ ଏ କଥାରେ କର୍ଣ୍ଣପାତ କରି ନ'ଥିଲେ । ସେମାନେ ମତ ଦେଇଥିଲେ ଓଡ଼ିଆରେ ପ୍ରବଂଧ ପ୍ରଶ୍ନ ହେବନାହିଁ । ଏ ମଧ୍ୟରେ କି ଘଟଣା ଘଟିଥିଲା, ମୋର ମନେନାହିଁ; କିଂତୁ ଏତିକି ମନେଅଛି, ସେତେବେଳେ ସାର୍ ଜନ୍ ଉଡବର୍ଣ୍ଣ ଯାହେବ ଥିଲେ ବଂଗ ଦେଶର ଲେପ୍ଟେନାଂଟ । ଲେପ୍ଟେନାଂଟ ଥିଲେ ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟର ରେକ୍ଟର । ସେଇ ରେକ୍ଟର ଏ କଥା ସାକ୍ଷାତଭାବରେ ହାତକୁ ନେଇ ଓଡ଼ିଆରେ ବି. ଏ. ପରୀକ୍ଷାରେ ସ୍ୱତଂତ୍ର ପ୍ରଶ୍ନ ହେବା କଥାଟିକୁ ବିଶ୍ୱବିଦ୍ୟାଳୟର ସିଦ୍ଧାଂତରେ ପରିଣତ କରିଥିଲେ ।

## ୬୪. ଓଡ଼ିଆ ସାହିତ୍ୟରଥୀଂକ ଓଡ଼ିଆ ପ୍ରୀତି

ଏ ସଂବନ୍ଧରେ ଓଡ଼ିଆ ପଂଡ଼ିତ ବୋଲାଉଥିବା ସୁଧୀମାନଂକ କଥା ଟିକିଏ କହିଦିଏ । ଅନେକ ଜାଣିଥିବେ ରାଧାନାଥ ରାୟ ଓ ମଧୁସୂଦନ ରାଓ ଦୁହେଁ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆରେ ପ୍ରାଶ୍ନିକ ଥିଲେ । ଏଇମାନେ ମଧ୍ୟ ଖାତା ଦେଖି ନଂବର ଦେଉଥିଲେ । ଏ ଦୁହେଁଯାକ ସେତେବେଳର ଏଫ୍. ଏ. (ଏବର ଆଇ. ଏ.) ପାସ୍ କରିଥିଲେ । ଏଥିପାଇଁ ଯେ କେହି କଲିକତା ବିଶ୍ୱବିଦ୍ୟାଳୟର କ୍ୟାଲେଂଡର ଦେଖିପାରଂତି; କିଂତୁ ଏ ଦୁହେଁ ଅନ୍ୟଭାବରେ ହେଉ ନହେଉ ପ୍ରାଶ୍ନିକ ଭାବରେ ବିଶ୍ୱବିଦ୍ୟାଳୟରେ ନିଜକୁ ଏମ୍. ଏ. ବୋଲି ପରିଚୟ ଦେଉଥିଲେ । ତେଣୁ ଏଇ ଯେଉଁ ନୂତନ ଓଡ଼ିଆ ପରୀକ୍ଷାଟି ବି. ଏ. ରେ ଦେବାର ହେଲା, ସେଥିରେ ଯେ କାଳର ମଧୁସୂଦନ ରାଓ ପ୍ରାଶ୍ନିକ ଓ ପରୀକ୍ଷକ ହେଲେ । ଶ୍ରୀ ବ୍ରଜସୁଂଦର ଦାସ କଲିକତାରେ ପ୍ରେସିଡେନ୍ସି କଲେଜରୁ ସେଇବର୍ଷ ବି. ଏ. ପାସ୍ କରିଥିଲେ । ସେଇବର୍ଷ ଓଡ଼ିଶାରେ ଲୋକନାଥବାବୁ ଓ ଗୋପବଂଧୁ ବାବୁ ବି. ଏ. ପରୀକ୍ଷା ଦେଉଥିଲେ । (ବୋଧହୁଏ ଏ ବର୍ଷ ୧୯୦୨ କିଂବା ୧୯୦୩ ଖ୍ରୀଷ୍ଟାବ୍ଦ ହେବ) । ଏଇ ସମୟରେ ପରୀକ୍ଷା ଆସିଲା । ଏ ପରୀକ୍ଷା ଓଡ଼ିଶାରେ ପ୍ରଥମ । ଦୁହେଁ ଏ ପରୀକ୍ଷା ଦେଲେ । ପରେ ଜଣାଗଲା ଏ ଦୁହେଁଯାକ ସେଥିରେ ଅକୃତକାର୍ଯ୍ୟ ହୋଇଥିଲେ । ଗୋପବଂଧୁ ବାବୁ ଓ ଲୋକନାଥବାବୁ ସେତେବେଳକୁ ଓଡ଼ିଶାରେ ବିଶେଷତଃ କଟକରେ ସୁପରିଚିତ ଓଡ଼ିଆ ସାହିତ୍ୟିକ ଥିଲେ । ବିଶେଷରେ ଗୋପବଂଧୁ ବାବୁ 'କର୍ତ୍ତବ୍ୟ ବୋଧିନୀ' ସଭାକରି ସେଥିରେ ଓଡ଼ିଆସାହିତ୍ୟ ଚର୍ଚ୍ଚାର ଖୁବ୍ ବିଦ୍ୟା ଫୁଟାଇ ଥିଲେ । କେହି ଆଶଂକା କରି ନଥିଲେ ବି. ଏ. ର ଏଇ ନୂଆ ପରୀକ୍ଷାଟିରେ ଗୋପବଂଧୁ ବାବୁ ତଥା ଲୋକନାଥବାବୁ ଫେଲ

ହୋଇପିବେ । ନଚେ ତଥା ଲୋକନାଥ ବାବୁ ଏଥିରେ ପାଶ୍ କରି ବିଶ୍ୱବିଦ୍ୟାଳୟରେ ଉଚ୍ଚଓଡ଼ିଆ ସାହିତ୍ୟିକ ବୋଲି ପରିଚିତ ହେବାର ଆଶା ପୋଷଣ କରିଥିଲେ । ଏମାନେ ଫେଲ ହେବାରେ ଲୋକେ ବିସ୍ମିତ ହୋଇଗଲେ ।

ତେଣୁ ଏ ସମ୍ପର୍କରେ କେତେଜଣ ବିଶିଷ୍ଟ ବ୍ୟକ୍ତି ମଧୁବାବୁଙ୍କୁ ଯାଇ ପଚାରିଲେ, "ଆପଣ ଓଡ଼ିଆଙ୍କର ଏ କି ଅନ୍ୟାୟ କଲେ ? ବଙ୍ଗାଳୀ ଯାହା ଓଡ଼ିଆଗୁଡ଼ାକ ଅସଭ୍ୟ ଅପଦାର୍ଥ ବୋଲି କହୁଥିଲେ, ସେ କଥା ତେବେ ସତ୍ୟ ? ଏହାପୁଣି ଆପଣ ନିଜ କାର୍ଯ୍ୟରେ ପ୍ରମାଣ କଲେ ? ମଧୁବାବୁ କହିଥିଲେ, "ଲୋକନାଥ ପଟ୍ଟନାୟକଙ୍କ ଖାତାରେ ଅତି ଅଶ୍ଳୀଳ କଥା ଲେଖାଅଛି" । ବୋଧହୁଏ ସେ ଖାତାଟି କାଢ଼ି ଦେଖାଇ ଦେଇଥିଲେ । ସେଥିରେ କିଛି ଖାଣ୍ଟି ଓଡ଼ିଆର ଉଦାହରଣ ଭିତରେ ଲୋକନାଥବାବୁ କୃଷ୍ଣସିଂହଙ୍କ ମହାଭାରତ ଭିତରୁ ଉଦ୍ଧାର କରିଥିଲେ ।

"ସଭାରେ ବସି ଅଛନ୍ତି କର୍ପୂରମାଳିଆ,
ଗାଣ୍ଡଟା ମାନ ତାଙ୍କର ଯେସନେ ଓଳିଆ ।"

ସେତିକିରେ ତ ତାଙ୍କର ଦଫା ରଫା । ତା'ପରେ ଗୋପବନ୍ଧୁବାବୁଙ୍କ ପ୍ରଶ୍ନ ଉଠିଲା । ସେ ଖାତା ବି ହୁଏତ ବାହାରିଲା । ସେଥିରେ ମଧୁବାବୁଙ୍କ ଠାରୁ ଉତ୍ତର ମିଳିଥିଲା, "ଏ ପ୍ରଶ୍ନରେ ଶତକଡ଼ା ପଚିଶରେ ପାଶ୍ ବୋଲି ମୁଁ ଜାଣି ନଥିଲି । ମୁଁ ଜାଣିଥିଲି ଶତକଡ଼ା ୩୭ । ସେଥିପାଇଁ ମୁଁ ୩୬ନମ୍ବର ଦେଇଥିଲି" । ମୋଟକଥା ଲୋକେ ବୁଝିଲେ ବଙ୍ଗାଳୀଭାଷା ଓ ସାହିତ୍ୟକୁ ଅନୁକରଣ କରି ବଙ୍ଗାଳୀ ସାହିତ୍ୟିକଙ୍କ ସଙ୍ଗେ ନିଜକୁ ସମକକ୍ଷ ବୋଲି ଦେଖାଇବାର ଯେ ପ୍ରବୃତ୍ତି ଏ ପରୀକ୍ଷକମାନଙ୍କର ଥିଲା, ଏପରି ନମ୍ବରଦେବା ତାହାରି ଫଳ । ଓଡ଼ିଆ ସ୍ୱତନ୍ତ୍ର ଭାଷାରୂପେ ଏତେଶୀଘ୍ର ପରିଚିତ ହେଉ ଏହା ଏମାନଙ୍କର ଇଚ୍ଛା ନ'ଥିଲା ବୋଲି ସେତେବେଳର ଅନେକେ ବୁଝିଥିବା କଥା ମୋ ମନେ ଅଛି ।

## ୬୫. ମୁକୁର

ଗୋପବନ୍ଧୁବାବୁଙ୍କର ସେଇଦିନଠାରୁ ଏ ଦଳର ଓଡ଼ିଆଭାଷା ଓ ଓଡ଼ିଆ ଲେଖକମାନଙ୍କ ପ୍ରତି ଅତ୍ୟନ୍ତ ଅଶ୍ରଦ୍ଧା ଥିଲା । ମୋର ମନେଅଛି, ଏଇ ସୂତ୍ରରେ ବ୍ରଜସୁନ୍ଦରବାବୁଙ୍କ ସମ୍ପାଦକତ୍ୱରେ 'ମୁକୁର' ନାମକ ମାସିକପତ୍ର ପରେ ପ୍ରକାଶିତ ହୋଇଥିଲା । ଏଇ ଘଟଣା ସଙ୍ଗେ ଆଉ ଅନେକ କଥା ମୋ ମନେଅଛି । ଏଇ ୧୯୦୩ ଖ୍ରୀ:ଅରେ ଓ ତାପରେ ମୁଁ ଗୋପବନ୍ଧୁବାବୁଙ୍କ ସାହଚର୍ଯ୍ୟରେ ଥିବାକାଳରେ ଓଡ଼ିଶାରେ ତତ୍କାଳୀନ ସାହିତ୍ୟ ଓ ସାହିତ୍ୟରଥୀମାନଙ୍କ ସମ୍ବନ୍ଧରେ ବହୁତକଥା ଶୁଣିଛି ଓ ଜାଣିଛି । ସେକଥାରୁ କିଛି କିଛି ନ କହିଲେ ପ୍ରଦେଶମାନଙ୍କରେ ଖଣ୍ଡ ବିଖଣ୍ଡିତ ଓ ବିଦେଶୀର ସେଇ କାରଣରୁ ଅନୁକରଣ ଓ ପରମୁଖାପେକ୍ଷିତାରେ ଜର୍ଜରିତ ସେ କାଳରେ ନିର୍ଧନ ଓ ଆତ୍ମସ୍ମୃତିହୀନ ଓଡ଼ିଶାର ଅନେକ କଥା ଅଜଣା ରହିଯିବ; କିନ୍ତୁ ଏଠି କହିବା ବୋଧହୁଏ ସମସ୍ତ ଠିକ୍ ମନେକରିବେ ନାହିଁ ।

## ୬୬. ଗୋପବନ୍ଧୁଙ୍କ ରାଜନୀତି

ଏଇ ପରିସ୍ଥିତିମାନଙ୍କ ଭିତରେ ବିକାଶ ପାଉଥିଲା ଗୋପବନ୍ଧୁବାବୁଙ୍କ ରାଜନୀତି । ଓଡ଼ିଆଭାଷୀଙ୍କ ଦେଶ ଓ ଉପାନ୍ତ ଓଡ଼ିଆଭୂମିର ଓଡ଼ିଶା ସଙ୍ଗେ ମିଶ୍ରଣ ପ୍ରଭୃତି ଏଇ ରାଜନୀତିର ପୂର୍ଣ୍ଣପ୍ରତିରୂପେ ଗୋପବନ୍ଧୁବାବୁଙ୍କଠାରେ ପ୍ରକାଶ ପାଇଥିଲା । ଏତିକିବେଳକୁ ଘଟିଲା ଆଉ ଏକ ଘଟଣା ।

## ୬୭. ମଧୁବାରିଷ୍ଟର

ସ୍ୱର୍ଗତ ମଧୁସୂଦନଦାସ ଥିଲେ ଓଡ଼ିଶାର ମୁଖ୍ୟତମ ବ୍ୟକ୍ତି । ତାଙ୍କ ସମ୍ବନ୍ଧରେ କଥା ଅଛି, ସେ ଓଡ଼ିଶାକୁ ଜୋର୍ତିତ ବାସନାରେ ଏକଚ୍ଛତ୍ର ପାଇବାକୁ ଗୋଟିଏ କରଣୀ ଜମିଦାରୀ କରୁଥିଲେ । ସେଥିପାଇଁ

କୌଣସିପ୍ରକାରେ ଯାଇ କଲିକତାରେ ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ପ୍ରଭାବରେ ପଡ଼ି ସେ ନିଜ ନାମକୁ ମଧୁସୂଦନ ଦାସ ନାମରେ ପରିଣତ କରି ସେଠାରୁ ଆଉ ଥରେ ଏନଟ୍ରାନ୍ସ ପରୀକ୍ଷାଦେଇ କ୍ରମେ ଏମ୍. ଏ. ଓ ବି. ଏଲ୍. ପର୍ଯ୍ୟନ୍ତ ପାସ୍ କରିଥିଲେ । ସେ ପ୍ରଥମେ କଲିକତାରେ ଓକିଲାତି କରି ସେଠାରୁ କଟକର ଟଙ୍କା ରୋଜଗାର କରି କଟକରେ ଓକିଲାତି କରିବାପାଇଁ ଆସି ସେଠାରେ ବସତିସ୍ଥାପନ କରିଥିଲେ । ସେ ଅତ୍ୟନ୍ତ ମତିମାନ୍ ଓ ବୁଦ୍ଧିମାନ ବ୍ୟକ୍ତି ଥିଲେ । ଓକିଲାତିରେ ତାଙ୍କର ଅସାଧାରଣ ଦକ୍ଷତା କଥା ଓଡ଼ିଶାରେ ପ୍ରାୟ ଘରେ ଘରେ ଜାଣନ୍ତି । ଓଡ଼ିଶାରେ ତାଙ୍କୁ କହୁଥିଲେ, 'ମଧୁବାରିଷ୍ଟର' । ଏହି ହିସାବରେ ସେ ଭାରତ ଜାତୀୟ କଂଗ୍ରେସରେ ଥିଲେ ଜଣେ ବଡ଼ନେତା । ସେତେବେଳେ କଂଗ୍ରେସ ନେତାମାନେ ଭିନ୍ନ ଭିନ୍ନ ପ୍ରାନ୍ତରୁ ଏଭଳି ଲୋକଙ୍କୁ ବାଛି କଂଗ୍ରେସକୁ ପୁଷ୍ଟ କରୁଥିଲେ । ଏହି ମଧୁବାବୁଙ୍କର ମଧ୍ୟ ଓଡ଼ିଶା ସଂଗେ ଓଡ଼ିଆଭାଷୀ ସ୍ଥାନମାନଙ୍କୁ ଏକ କରି ଓଡ଼ିଶା-ନାମରେ ବଂଗଳାରେ ରଖିବାପାଇଁ ଖୁବ୍ ପ୍ରଯତ୍ନ ଆଜିଠୁ ଆଗରୁ ପ୍ରକାଶ ପାଇଥିଲା । ଗୋପବନ୍ଧୁ ଦାସ ଏ କ୍ଷେତ୍ରରେ ମଧୁବାବୁଙ୍କର ଏହି ମତରେ କେତେ ଭାବମାନରେ ପ୍ରଭାବିତ ହୋଇଥିଲେ ବୋଲି ମନେହୁଏ । ଯଥାର୍ଥରେ ମଧୁବାବୁ ହେଉଛନ୍ତି, ପୁଣି ଏହି ଓଡ଼ିଆ ଆନ୍ଦୋଳନର ମୁଖ୍ୟକର୍ତ୍ତା ।

୧୯୦୨ ଖ୍ରୀ. ଅ. ରେ ହେବ, ବଂଗଦେଶରେ ହେଉଥାଏ ପ୍ରାଦେଶିକ ସମ୍ମିଳନୀ । (ବୋଧହୁଏ ଏହାହେଉଥିଲା ବର୍ଦ୍ଧମାନରେ କିମ୍ବା ମୁର୍ଶିଦାବାଦରେ) । ସ୍ଥାନଟି ଠିକ୍ ମନେ ହେଉନାହିଁ । ମଧୁବାବୁ ବଡ଼ ଉତ୍ସାହରେ ଲାଗିଲେ ଓଡ଼ିଆଭାଷୀମାନେ ସ୍ୱତନ୍ତ୍ର ଓ ଓଡ଼ିଆଭାଷୀ ଏକ । ଏହିଭାବରେ ଗୋଟିଏ ପ୍ରସ୍ତାବ ସେଇ ବଂଗୀୟ କଂଗ୍ରେସ୍ ସମ୍ମିଳନୀରେ ଧାର୍ଯ୍ୟ କରାଇ ନେବେ । ବହୁ ଉତ୍ସାହରେ ସେ ଏ ପ୍ରସ୍ତାବଟି ବିଷୟ ନିର୍ବାଚନ କମିଟିରେ ଦେଲେ । ସେଇଠାରେ ବଂଗାଳୀମାନଙ୍କ ଭିତରେ ଘୋର ଅନୈକ୍ୟ ପ୍ରକଟିତ ହେଲା । ସ୍ୱର୍ଗତ ସାର ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପର୍ଯ୍ୟନ୍ତ ଏଥିରେ ମଧୁବାବୁଙ୍କ ବିରୋଧରେ ହେଲେ ଖଣ୍ଡା ଗଂଡା । ଏ ପ୍ରସ୍ତାବଟି ଗୃହୀତ ହୋଇପାରିଲା ନାହିଁ । ମଧୁବାବୁ ସଂଗେ ସଂଗେ ସେ କଂଗ୍ରେସରୁ ବିଦାୟ ନେଲେ । ସେଇଦିନଠାରୁ କଂଗ୍ରେସ ଅନୁଷ୍ଠାନ ପ୍ରତି ମଧୁବାବୁ ମରିବାଯାଏ ଆଉ ମୁହଁ ଫେରାଇ ନାହାନ୍ତି । ଏହା ପୂର୍ବରୁ ପ୍ରସଂଗାନ୍ତରରେ କୁହାଯାଇଛି, ମଧୁବାବୁଙ୍କର ସେଇଦିନଠାରୁ ହେଲା 'ଉତ୍କଳସମ୍ମିଳନୀ ।' ବହୁ ଅତନ୍ଦ୍ରିତ ଯତ୍ନ ପରେ ମରିବା ପୂର୍ବରୁ ସେ ଜାଣିଥିଲେ ବମ୍ବେର ସିନ୍ଧୁ ପ୍ରଦେଶ ପରି ବିହାରୁ ଓଡ଼ିଶାର ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଯାଉଛି । କୋରାପୁଟ ଓ ପାରଳାଖେମଣ୍ଡି ଓଡ଼ିଶାକୁ ଆସିବା କଥା ସେ ଜାଣି ନ'ଥିଲେ; ମାତ୍ର ମୃତ୍ୟୁ ଶଯ୍ୟାରେ ମତେ କହିଥିଲେ, "ଏ ଦୁଇଟିଯାକ ମଧ୍ୟ ଆସୁଚି, ସେଥିରେ କୌଣସି ସଂଦେହ ନାହିଁ ।"

ମଧୁବାବୁ ଆସି ବ୍ରହ୍ମପୁରରେ ଗଂଜାମିମାନଙ୍କୁ ମୁଖ୍ୟଭାବରେ ଧରି ଗୋଟିଏ ଉତ୍କଳ ସମ୍ମିଳନୀ ଆରମ୍ଭ କଲେ । ଏହା ସେଇ ୧୯୦୨ ଖ୍ରୀ: ଅ: କିମ୍ବା ୧୯୦୩ ଖ୍ରୀ: ଅ: ପ୍ରାରମ୍ଭରେ ହେବ । ଏଇଠାରେ ଖଂଡ ବିଖଂଡିତ ଓଡ଼ିଆପ୍ରାଣ ପ୍ରଥମେ ସମ୍ମିଳିତ ଭାବରେ ପୂର୍ଣତା ପାଇବାକୁ ପ୍ରଚେଷ୍ଟା ସ୍ପଷ୍ଟଭାବରେ ଆରମ୍ଭ କଲା । ଗୋପବନ୍ଧୁବାବୁ ମଧ୍ୟ ପୂର୍ଣପ୍ରାଣରେ ଏଥିରେ ଯୋଗ ଦେଲେ । ମଧୁବାବୁ ଥିଲେ ନେତା । ସେ ଥିଲେ ବୟସରେ ବଡ଼ ଓ ପ୍ରବୀଣ । ସେତେବେଳେ ଲୋକେ ତାଙ୍କୁ ଟିକିଏ ଦୂରରୁ ଦେଖିଥିଲେ, ବିଶେଷରେ ଯୁବକ ଲୋକେ । ଗଂଜାମର ସେତେବେଳେ ଏ ଉଦ୍‌ବୋଧନ ଭିତରେ କେହି ବୃଦ୍ଧ ବା ପ୍ରବୀଣ ସେପରି ଜଣାଶୁଣା ନ'ଥିଲେ । ବୟସ୍କ ଓ ପ୍ରବୀଣଙ୍କ ଭିତରେ ସେତେବେଳେ ଥିଲେ ସ୍ୱର୍ଗତ ନରସିଂହ ଦାସ । ତାଙ୍କ

ତଳକୁ ଆସ୍କାର ଓକିଲ ହରିହର ପଂଡା । ଏ ଦୁହେଁ ଯୁବକଦଳରେ ଗଣା ହେଲାଭଳି ଲୋକ; ତେଣୁ ଯୁବକ ଗୋପବଂଧୁଙ୍କ ପ୍ରଭାବ ଗଂଜାମର ବହୁତ କୃତୀଙ୍କ ଭିତରେ ସାକ୍ଷାତଭାବରେ ଖୁବ୍ ପଡ଼ିଥିଲା । ଗୋପବଂଧୁବାବୁ ମଧ୍ୟ ଅତ୍ୟଂତ ସଦାଳାପୀ ଓ ସୁବକ୍ତା ଥିଲେ । ମଧୁବାବୁ ମଧ୍ୟ ସୁବକ୍ତା ଥିଲେ; କିଂତୁ ତାଂକ ବକ୍ତୃତାରେ ଭୂୟୋଦର୍ଶନର ବିଶାଳତା ଥିଲେ ମଧ୍ୟ ତାହା ଯୁବକମାନଂକ ପ୍ରତି ପ୍ରଚ୍ଛନ୍ନ ବା ସାକ୍ଷାତ ଉପଦେଶ ପରି । ସେ ହିସାବରେ ଗୋପବଂଧୁବାବୁଂକ କଥା ହୃଦ୍ୟ ମଧୁର ଓ ବିଶେଷ ହୃଦୟଗ୍ରାହୀ । ପୁଣି ଗୋପବଂଧୁବାବୁଂକ ଆଳାପ ଓ ଚଳଣିରେ ତଥା ବକ୍ତୃତାରେ ସରସତା (Humour) ପୂରି ରହୁଥିଲା । ତାଂକର ଏଇ ହୃଦ୍ୟଚଳଣି ହେତୁ ସେ ଅତ୍ୟଂତ ଲୋକପ୍ରିୟ ହୋଇ ଉଠିଲେ ଓ ଗଂଜାମରେ ତାଂକର ସ୍ଥାନ ଏକପ୍ରକାର ଅତି ଅଭେଦ୍ୟ ଭାବରେ ପ୍ରତିଷ୍ଠିତ ହେବାର ଆରଂଭ ହେଲା ।

## ୨୮. ମୋର ରୋଗୀ ସେବା

ଏଇଠାରେ ଗୋଟିଏ କଥା କହିଦେବା ମନେ କରୁଛି । ସେ ହେଉଛି ରୋଗୀ ସେବା । ଏହି ରୋଗୀ-ସେବା କଟକରେ ମୁଁ ମାଟ୍ରିକୁଲେସନ୍ ୨ୟ ଶ୍ରେଣୀରେ ପଢ଼ିବାଦିନୁ ଆରମ୍ଭ କରିଥିଲି । କଟକରେ ସେତେ-ବେଳେ ସାଧାରଣ ଓଡ଼ିଆ ଓ ଓଡ଼ିଆ ଭଦ୍ରଲୋକଙ୍କ ରହିବାର ଅବସ୍ଥା ବଡ଼ ଭଲ ନଥିଲା । ଓଡ଼ିଆ ଲୋକେ ପ୍ରବାସୀ ହୋଇ କାମ କରୁଥିଲେ । ସେତିକବେଳେ ତାଙ୍କୁ ନାନା ରୋଗ, ଏପରିକି ହଇଜା ପରି ରୋଗ ବରାବର ଧରୁଥିଲା । ଲୋକେ ଟୋପାଏ ପାଣି ନପାଇ ମରୁଥିଲେ । ମଲାପରେ ତାଙ୍କୁ କେହି ପୋଡ଼ିବାକୁ ନଥିଲେ । ଏସବୁ ଦେଖି ଗୋପବଂଧୁ ବାବୁ ଆମମାନଂକୁ ସଂଗେ ଧରି (ହରିଭାଇନା, ପ୍ରଚାରକ ଅନଂତ ମିଶ୍ର ଓ ମୋତେ) ଗୋଟିଏ ଦଳ କରିଥିଲେ । ଆମେ ଖବର ପ୍ରଚାର କରି ଦେଇଥିଲୁ—ସହରରେ ଯାହାର ଯେଉଁଠି ପୂର୍ବାସ୍ତ କିମ୍ବା ଆତ୍ମୀୟମାନଂକ ମଧ୍ୟରେ ଏହିପରି ଦୁର୍ଗତି ଘଟିବ ସେ ଆମକୁ ଖବର ଦେବେ ଆମେ ଯାଇ ପହଂଚିବୁ । ଏହିପରି ଅନେକ ଲୋକ ଆମକୁ ଖବର ଦିଅନ୍ତି । ଆମେ ଯାଇ ସାଧାରଣତଃ ହଇଜା ରୋଗୀଂକ ଘରେ ପହଂଚୁ ।

ହଇଜାରେ ସେତେବେଳେ ଔଷଧ ବା ଚିକିତ୍ସା ବଡ଼ କମ୍ ଥାଏ । ରୋଗୀ ପ୍ରାୟ ମରିଯାଂନ୍ତି । ଏପରିକି ଅନେକ ମୁର୍ଦ୍ଦାର ମଧ୍ୟ ଘରେ ପଡ଼ିଥାଂନ୍ତି । ଆମେ ଯାଇ ତାଂକୁ ଶ୍ମଶାନକୁ ନେଉ । ସେ ମଧ୍ୟରୁ ଅଧିକାଂଶ ହଇଜାରେ ମରିଥାଂନ୍ତି ।

ସମସ୍ତ ସହରରେ ଆମର ଏଇ ସେବା କରିବା କଥା ଖୁବ୍ ପ୍ରଚାର ହୋଇଗଲା । ମନେଅଛି, ଆମ ଟ୍ରେନିଂ କଲେଜ ହଷ୍ଟେଲ (କାଠଯୋଡ଼ି କୂଳ ଛାତ୍ରାବାସ) ଆଗରେ ଲଂଡା ଦେଉଳ ବୋଲି ଗୋଟିଏ ଦେବାଳୟ ଥାଏ । କେତେଗୁଡ଼ିଏ ଛାତ୍ର ସେଠାରେ ବସା କରି ରହୁଥାଂନ୍ତି । ନେତ୍ରାନଂଦ ବୋଲି ଜଣେ ଛାତ୍ର ଜ୍ୱରରେ କଲେରାରେ ପଡ଼ିଲା । ମୁଁ ତା ଭାଇକୁ ବୋର୍ଡ଼ିଂରେ ମୋ ଖାଦ୍ୟ ପ୍ରଭୃତି ଖାଇବାକୁ ଛାଡ଼ିଦେଇ ସେଠାରେ ରହିଲି । ବୋର୍ଡିଂ ପରିଚାଳକ ସୁରେଶ ଗୁପ୍ତଂକ ପାଖକୁ ଖବର ଚାଲିଗଲା । ସେ ବଡ଼ ବିରକ୍ତ ହୋଇ ପ୍ରିନ୍‌ସିପାଲ୍ ବି. ଭି. ଗୁପ୍ତଂକୁ ଜଣାଇଲେ । ବି.ଭି. ଗୁପ୍ତ ମୋତେ ଡକାଇ ପଠାଇଲେ । ମୁଁ ଜଣେ ବୃତ୍ତିଭୋଗୀ ଛାତ୍ର । ସେତେବେଳକୁ ମୁଁ ସକାଳୁ ଗାଧୋଇସାରି କିଛି ନଖାଇ ଖଂଡେ ମଠାପିଂଧି ରୋଗୀ ସେବା କରୁଥାଏ । ମୋର ଯେତେ ପୁରୁଣା ଚାଦର ଥିଲା ତାକୁ ଚିରି ଚିରି ରୋଗୀ ଶେଯରେ ପକାଇ ସାରିଥିଲି । ହାତ ଟୋପାସ୍ ପରମାଂଗାନେଟ୍ ପାଣିରେ ରଂଗ ହୋଇଥାଏ । ମୁଁ ସଂଗେ ସଂଗେ ପ୍ରିନ୍‌ସିପାଲଙ୍କ ପାଖ ଦୋ'ତାଲାକୁ ଚାଲିଆସି କହିଲି, "ଆପଣ ମୋତେ ଅନୁଗ୍ରହ କରି ଟିକଏ ଛୁଟିଦିଅନ୍ତୁ । ସେ ରୋଗୀ ପାଖେ ଆଉ କେହି ନାହିଁ ।"

ମତେ ଡା. ଭି. ଗୁପ୍ତ ନିରେଖି ଚାହିଁଲେ । କ'ଣ ମନକୁ ପାଇଲା, ତା'ପରେ କହିଲେ—"ହଉ ଯାଅ ।" ତା'ପରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଡାକି କହିଲେ "ତାକୁ ଦଶଟୋପା ସଲ୍ଫ୍ୟୁରିକ୍ ଏସିଡ୍ ପିଆଇ ଦିଅ ।" ସେ ଆସି ମୋତେ ଡାକି ପିଆଇଦେଲେ । ସେ ରୋଗୀଟି ସଂଧ୍ୟାବେଳକୁ ମରିଗଲା । ସେ ଥିଲା କଟକ ଟ୍ରେନିଂ ସ୍କୁଲ ସଂଗେ ସଂଲଗ୍ନ ମଡ଼େଲ୍ ସ୍କୁଲ ଛାତ୍ର ।

ଶ୍ରୀ ଚଂଦ୍ରମୋହନ ମହାରଣା ଥିଲେ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର୍ ଓ ଅଧ୍ୟକ୍ଷ । ମୁଁ ଯାଇଁ ତାଂକୁ ଡାକିଲି । ସେ ଆସିଲେ । ଆମ ସଂଗେ ଶବକୁ ନେଇ ଖାନନଗର ଗଲେ । ପାଣି ବଢ଼ି ଆସୁଥିବାରୁ ଆମେ ମଡ଼ା ମୁହଁରେ ଟିକିଏ ନିଆଁ ଜାଳିଦେଇ ନଈଭିତରକୁ ଫିଂଗି ଦେଲୁ । ଏହା ମୋର ସ୍ପଷ୍ଟ ମନେ ଅଛି ।

ସତ୍ୟବାଦୀ ସ୍କୁଲରେ ଆସି ଯୋଗଦେଲାବେଳକୁ ଗୋପବଂଧୁବାବୁଂକର ବାଣିପଦାରେ ଗୋଟିଏ ହୋମିଓପ୍ୟାଥି ଔଷଧ ରଖିବାର ସୁଂଦର ବାକ୍ସ ଥିଲା । ତାଂକଠାରୁ ମୁଁ ସେ ବାକ୍ସଟି ନେଇ ପାଖରେ ରଖି ହୋମିଓପ୍ୟାଥି ଚିକିତ୍ସା ଆରଂଭ କରିଦେଲି । ସେତିକିବେଳେ ଅକସ୍ମାତ୍ ଇସ୍କୁଲ ଘରପୋଡ଼ି (ଫେବ୍ରୁୟାରି ୧୨ ତାରିଖ ୧୯୧୨ ) ର ପରେ ପରେ ପୁରୀ ଜଗନ୍ନାଥଙ୍କର ନବକଳେବର ହେଲା । ପୁରୀକୁ ରେଲ୍ ହେବା ପରେ ଏହା ପ୍ରଥମ ନବକଳେବର ଯାତ୍ରା । ସେଥିରେ ବହୁତ ଯାତ୍ରୀ ଆସି ପହଂଚିଲେ । ସେ ଯାତ୍ରୀମାନଂକୁ ସହରରୁ ବାହାର କରିବାକୁ ପୁରୀ ମ୍ୟୁନିସିପାଲିଟି ବଡ଼ କମ୍ ସମର୍ଥ ହୋଇଥିଲେ । ଭାରି ହଇଜା ହେଲା । ପୁରୀର ଯାତ୍ରୀମାନେ ଓ ତା'ପରେ ପାଖଆଖ ଗ୍ରାମମାନଂକରେ ଭାରି ହଇଜା ଲାଗିଲା । ଏପରି ବାଢ଼ି ସତ୍ୟବାଦୀ ଅଂଚଳରେ ଆଉ କେବେ ପଡ଼ିଥିବାର ମନେ ହେଉ ନାଇ । ସେତିକିବେଳେ ହରିଭାଇନା ପର୍ଯ୍ୟଂତ ନ ଥାଂତି । ସେ ଥାଂତି କଟକ ଏକାଡେମୀ ସ୍କୁଲର ମାଷ୍ଟର୍ । ମୁଁ ଛୋଟ ଛୋଟ ଛାତ୍ରମାନଂକୁ ନେଇ ହୋମିଓପ୍ୟାଥି ଚିକିତ୍ସାରେ ଲାଗିଗଲି । କାଳେ ଲୋକେ ରାତି ଅଧରେ ଆସି ମତେ ଖୋଜିଲେ ନ ପାଇବେ, ସେଥିପାଇଁ ମୁଁ ସେତେବେଳର ବୋର୍ଡିଂ ବାରଂଡାରେ ଖଟ ପକାଇ ଶୋଉଥିଲି । ସ୍ୱର୍ଗତ ଶ୍ରୀ ରାମଚଂଦ୍ର ରଥେ ବରାବର ମୋ ସାଂଗରେ ଥାଂତି । ଦରକାର ହେଲେ ପିଲାମାନଂକୁ ବୋର୍ଡିଂରୁ ଧରି ମୁଁ ଗ୍ରାମମାନଂକୁ ଯାଏ ।

ସେକାଳେ ହଇଜାକୁ ଭାରି ଡର ଥିଲା । ପିଲାମାନେ ଭାରି ଭୟ କରୁଥାଂତି । ମୁଁ ଗାଆଁରେ ରୋଗୀ ଦେଖିବାକୁ ଯାଇ କୂଅରୁ ହାତରେ ପାଣି ପର୍ଯ୍ୟଂତ କାଢ଼ି ଆଣେ । ସେତେବେଳେ ମୁଁ ହିସାବ ରଖୁଥିଲି ପ୍ରଥମ ମାସରେ ୧୧୮ ଜଣ ରୋଗୀ ଚିକିତ୍ସା କରିଥିଲି । ସେଥିରୁ ୧୯ ଜଣ ମାତ୍ର ମରିଥିଲେ । ହୋମିଓପ୍ୟାଥି ଛଡ଼ା ଅନ୍ୟ ଚିକିତ୍ସା ପ୍ରାୟ ସେତେବେଳେ ନ ଥିଲା । ସାଲାଇନ୍ ଇଂଜେକ୍ସନ୍ ଶିରାରେ ଦେବା ତା'ରି ଅଳ୍ପଦିନ ପରେ ବାହାରିଥିଲା; କିଂତୁ ମୁଁ ହୋମିଓପ୍ୟାଥିରେ ଭାରତର ତଥା ଆମେରିକାର ବହୁତ ଚିକିତ୍ସା ଗ୍ରଂଥ କିଣିଥିଲି । ପ୍ରଧାନଗ୍ରଂଥ ହେଉଛି କଲିକତାର "Salzar's three Lectures on Cholera" । ସେ ଗ୍ରଂଥଟି ଏବେ ବି ହୁଏତ ସତ୍ୟବାଦୀର ପୁସ୍ତକାଗାରରେ ଅଛି । ଏହି ରୋଗୀ ସେବା ଯୋଗୁ ମୋର ବିଶେଷ ନାମ ହୋଇଗଲା । ଗୋଟିଏ କଥା ମନେଅଛି—ମୁଁ ଗ୍ରାମରେ ପ୍ରାୟ ଏକାବେଳକେ କୋଡ଼ିଏ ଜଣରୁ ବେଶି ରୋଗୀ ଚିକିତ୍ସା କରୁଥିଲି । ତାଂକୁ ଘରୁ ବାଲି ପର୍ଯ୍ୟଂତ ତିଆରି କରି ନେଇ ଖାଇବାକୁ ଦିଏ । ଗୋପବଂଧୁବାବୁ ମଧ୍ୟେ ମଧ୍ୟେ ବାଣିପଦା ବା କଟକରୁ ଆସି ମତେ ଉତ୍ସାହ ଦେଉଥାଂତି ।

## ୬୯. ରୋଗୀସେବା—(୧୯୧୨)

୧୯୧୨ରେ ମୁଁ ପ୍ରଥମେ ସତ୍ୟବାଦୀ ସ୍କୁଲରେ ଶିକ୍ଷକ ଥିଲାବେଳେ ପୁରୀର ନବକଳେବର ସମୟରେ ଭୀଷଣ ହଇଜା ହୋଇଥିବା କଥା ଆଗରୁ କହିଛି । ସେତେବେଳେ ପିଲା ଓ ଛାତ୍ରମାନଂକୁ ନେଇ ମୁଁ ରୋଗୀମାନଂକ ସେବାରେ ଲାଗି ପଡ଼ିଥିଲି । ଆମ ନିଜଗ୍ରାମରେ ଦିନେ ଅନେକ ଗୁଡ଼ାଏ ରୋଗୀ ପଡ଼ିବାର ଦେଖାଗଲା । ଜ୍ୱର ବର୍ଷା ମଝିରେ ମଝିରେ ହେଉଥାଏ । ମୁଁ ଦିନେ ଦୁଇଦିନ ଯାଇ ଗ୍ରାମରେ ରହିଲି । ଚିକିତ୍ସା ବରାବର ଚାଲିଥାଏ । ଲୋକଂକର ଅବସ୍ଥା ଓ ସୁବିଧା ନଥିବାରୁ ମୁଁ ନିଜଘରେ ବାର୍ଲି ତିଆରି କରି ତାକୁ ନେଇ ରୋଗୀମାନଂକୁ ତାଂକଘରେ ଦେଉଥାଏ । କିଛି ସମୟପରେ ବୋଉ ବିରକ୍ତ ହୋଇ ମତେ କହିଲା, "ଆମର ଏତେ ରୋଗୀମାନଂକୁ ନେଇ ବାର୍ଲି ଖାଇବାକୁ ଦେବାରେ କଣ ଅଛି ? ତାଂକୁ ଔଷଧ ଦେବା ହେଉଛି ଆମ କାମ, ଏସବୁ କଣ ?"

ନନା ନଥିଲେ । ବାହାରୁ ଆସି ଶୁଣି କହିଲେ— "ଆଚ୍ଛା, ତୁ ତ ପୁଅ କହି ପୁଅକୁ ମନା କରୁଚୁ । କାଲି ଯଦି ଏ ଦୁଷ୍କାଳରେ ଆମଘରେ କିଛି ହୁଏ, ତେବେ କିଏ ଆସିବ ?"

ସେଠାରୁ ମୁଁ ଉତ୍ସାହିତ ହୋଇ ସେଇ କାର୍ଯ୍ୟରେ ଫେର୍ ଖୁବ୍ ଲାଗିଲି । ଏହା ମୋ ଜୀବନରେ ଗୋଟିଏ ଶିକ୍ଷା ପରି ଏବେ ବି ମନେ ଅଛି ।

## ୭୦. କେତେକ ଛିନ୍ନ ସ୍ମୃତି

ସତ୍ୟବାଦୀ ସ୍କୁଲ ଆରଂଭ ହେବା ପୂର୍ବରୁ ମୁଁ ଗୋପବଂଧୁବାବୁଂକ ବାରିପଦାରେ ବ୍ୟବହୃତ ହୋମିଓପ୍ୟାଥି ବାକ୍ସଟି ନେଇ ୧୯୧୨ ନବକଳେବର ହଇଜାରେ ଅତି ସଂତର୍ପଣରେ ମଫସଲରେ ଗ୍ରାମେ-ଗ୍ରାମେ ବୁଲି ଚିକିତ୍ସା କରିବା କଥା କହିଛି । ଏପରି ଚିକିତ୍ସା କରୁଥିଲି ସେ ଅଧାଚାଳ ଥିବା ବୋର୍ଡିଂରେ ମୁଁ ଶୋଇଥାଏ । ମୋ ପାଖରେ ନିଷ୍ଠାପର କର୍ମୀ ଶ୍ରୀ ରାମଚଂଦ୍ର ରଥେ ବରାବର ଶୋଉଥାଂତି । କାରଣ ରାତିରେ କେହି ଡାକିବାକୁ ଆସି ମୋତେ ଉଠାଇ ନପାରି ଫେରିଯିବେ ବୋଲି ତାଂକର ଭୟ ଥାଏ । ଏହି କାର୍ଯ୍ୟର ଧାରାଟି ଗୋପବଂଧୁବାବୁଂକ ସାହଚର୍ଯ୍ୟରେ ନୂଆ ନୁହେଁ ।

ଆଉଗୋଟେ ଉଦାହରଣ ମନେ ପଡୁଛି । ମୁଁ I. A. ପରୀକ୍ଷାଦେବା ପରେ ଫଳବାହାରିବା ପୂର୍ବରୁ ଦେଶରେ ସ୍ୱଦେଶୀ ପ୍ରଚାର କରିବାରେ ବାହାରିଥିଲି । ଦୁଇଖଂଡ ଗେରୁଆ ଲୁଗା, ଖଂଡିଏ ଗେରୁଆ ପଂଜାବୀ ପିଂଧି । କାରଣ ଗେରୁଆ ନହେଲେ ଲୁଗାମଇଳା ହୋଇଯିବ । ଏଇ ଦୁଇଖଂଡରୁ ପୁଣି ଖଂଡକରେ ଗାଧୋଇ ଆଉ ଖଂଡିଏ ମୁଂଡରେ ପଗଡ଼ିପରି ଭିଡ଼ି ଗ୍ରାମକୁ ଗ୍ରାମ ବୁଲିବାକୁ ହେଉଥିଲି । ସଂଗରେ ଥିଲେ କେତେକାଳ ପ୍ରଚାରକ ଅନଂତ ମିଶ୍ର ଓ ଆଉକେତେ କାଳ ରାସୁଚନ୍ଦ୍ରଧର ପୁରର ପଂଡିତ ଫକୀର ମିଶ୍ର । ସେଇ ଫକୀର ମିଶ୍ର କାବ୍ୟତୀର୍ଥ ପାଶ୍ କରି ଏନ୍ ଟ୍ରାନ୍ସ ପାଶ କରିଥିଲେ । ସେ ସମୟରେ ଗ୍ରାମମାନଂକ ଭିତରେ ଶୋଇଥିବା ବେଳେ ଅନେକ ପ୍ରକାରର ଭୟଂକର ଦୃଶ୍ୟ ସବୁ ଦେଖିବାର ଏବେ ବି ମନେଅଛି ।

ଏହି ସ୍ୱଦେଶୀ ପ୍ରଚାର କରିବା ପୂର୍ବରୁ ଆଂଭେମାନେ 'କଳାପାହାଡ଼' ଗ୍ରାମରୁ ଜଣେ ତଂତୀକୁ ଆଣି ତାକୁ ଟୁଇଲ୍ ବୁଣା ଶିଖିବାପାଇଁ କଟକକୁ ପଠାଇଲୁ । ସେଇ ସୂତ୍ରରେ ସ୍କୁଲମାନଂକରେ ବିଶେଷତଃ ଆଂଭେମାନେ ସଭାକରି ଲୋକଂକୁ ବକ୍ତୃତା ଦେଉଥିଲୁ । ସେଥିମଧ୍ୟରୁ ଖୋର୍ଦ୍ଧା ହାଇସ୍କୁଲ ବକ୍ତୃତା ଦେବାର ଗୋଟିଏ ପ୍ରଧାନ ସ୍ଥାନ ଥିଲା ।

ଏତିକବେଳେ ବା ଏହାର କିଛିଦିନ ପୂର୍ବରୁ ପଂଡିତ ଗୋପବଂଧୁ ଦାସ ପୂର୍ବର ପଂଡିତ ହରିହର ଦାସଂକୁ ଆମଗ୍ରାମର ବୋଲି ଜାଣି ପ୍ରତି କୁମାରପୂର୍ଣ୍ଣମୀ-

ଦିନ ସେଠାରେ ଯାଇ ହରିହରଙ୍କ ଜୟନ୍ତୀ ସଭାକରି ବକ୍ତୃତା ଦେଉଥିଲେ । ତାଙ୍କର ଗୋଟିଏ ବକ୍ତୃତା ମୋ ମନରେ ଏବେ ମଧ୍ୟ ଲେଖା ହୋଇପରି ରହିଛି । ସେଥରର ପୂର୍ବ ଢଙ୍ଗ ଟିକିଏ କହିଦିଏ । ସେଦିନ ଗୋପବନ୍ଧୁ ଦାସଙ୍କ ଗ୍ରାମ ସୁଆଣ୍ଡୋରୁ ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ ଓ ମୁଁ ବାହାରି ଖାର୍ଗଡ଼ା ଡେଇଁ ବରାଳ ଗ୍ରାମ ବାଟେ ସତ୍ୟବାଦୀ ଆଡ଼କୁ ଆସୁଥିଲୁ । ବାଟରେ ଗୋଟିଏ ହଳ କରିବା ଲୋକ ଆଉ ଗୋଟିଏ ହଳକରିବା ଲୋକ ସଙ୍ଗରେ କଳି କରୁଥିଲା । କଳିରୁ ହାତ ଉଠାଉଠି ପର୍ଯ୍ୟନ୍ତ ଯାଇଥିଲା । ଆମେ ସମେ ବୁଝିପାରିଲୁ ସେ ଯୋଡ଼ିକ ଭାଇ । ଜମିର ହିଡ଼ଧେନ୍ଦା କଳି କରୁଥିଲେ । ଗୋପବନ୍ଧୁ ଦାସ ହଠାତ୍ ବସି ପଡ଼ିଲେ । ଆମେ କହିଲୁ "ବେଳ ହୋଇଯିବ ଯେ" । ସେ ଆମକୁ କହିଲେ— "Blessed are the Peace makers, କଳଟାଏ ରାସ୍ତାରେ ଦେଖିପିବା ନାହିଁ । ଯା ହେବାର ହେଉ" । ତା'ପରେ ଆମେ ଘଣ୍ଟାଏକାଳ ସେଠାରେ ବସି ତାଙ୍କ ବିବାଦର ସବୁକଥା ଶୁଣି ଶେଷକୁ ବିବାଦଟି ଛିଣ୍ଡାଇ ଦେଲୁ । ଆମେମାନେ ସତ୍ୟବାଦୀ ଆଡ଼କୁ ବାହାରିଲୁ । ସେଦିନ କୁମାରପୂର୍ଣ୍ଣମୀ । ହଠାତ୍ ମେଘ ଘୋଟି ଆସିଲା, ବାଟରେ ଅସରାଏ ବର୍ଷା ହୋଇଗଲା । ସତ୍ୟବାଦୀ ଡାକ୍ତରଖାନା ପାଖ ପୋଖରୀରେ ଆମେ ତିନିହେଁ ଯାଇ ସ୍ନାନକରି ଓଦାଲୁଗା ପିନ୍ଧି ଉପାସ ଭୋକରେ ବଡ଼ ବ୍ୟାକୁଳହୋଇ ବାହାରିଲୁ । ସତ୍ୟବାଦୀ ମନ୍ଦିରରୁ ମହାପ୍ରସାଦ କିଣି ତାକୁ ନେଇ ଯାଇ ଗ୍ରାମରେ ଲୁଗା ପାଲଟି ଖାଇଲୁ । ସେଇଦିନ ସନ୍ଧ୍ୟାରେ ପଣ୍ଡିତ ହରିହର ଦାସଙ୍କ ଶ୍ରାଦ୍ଧସଭା । ସେଇଦିନ ଗୋପବନ୍ଧୁ ଦାସଙ୍କର ସେ ସଭାରେ ବକ୍ତୃତା ମୁଁ କେବେ ଭୁଲିପାରିବି ନାହିଁ ।

ଏଇ କୁମାରପୂର୍ଣ୍ଣମୀ ସଭାରୁ ଠିକ୍ ସେଇଦିନ ସତ୍ୟବାଦୀ ସ୍କୁଲର ଆରମ୍ଭ ହୋଇଥିଲା । ଏଇ ସଭାରୁ ହିଁ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପୁସ୍ତକାଗାରର ନାମ ହୋଇଥିଲା "ହରିହର ଲାଇବ୍ରେରୀ" । ସେଇ ନାମଟି ଏବେ ବି ଅଛି । ଏଇ ହରିହର ଦାସଙ୍କ ମୃତ୍ୟୁ ୧୮୭୨ ମସିହାରେ । ମନେରଖିବାର ଅଛି—ଏବର ଆଗ୍ରହୀ ହରିହର ଦାସ ମଧ୍ୟ ସେଇ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଓ ମୋର ଜଣେ ଜ୍ଞାତି ଜଜେଇଙ୍କର ପୁଅ ।

ଏହିପରି ବହୁତ କ୍ଷୁଦ୍ର କ୍ଷୁଦ୍ର ଘଟଣା ମନେପଡ଼ୁଛି । ସେତେବେଳେ ଜୀବନକୁ ଆମେ କିପରି ଗଢ଼ିନେଉଥିଲୁ ତା' ମନେପଡ଼ିଲେ ଭାବର ଆବେଗରେ ବେଳେବେଳେ ଲେଖିବାର ଇଚ୍ଛା ବନ୍ଦ ହୋଇଯାଏ ।

## ୨୧. ସତ୍ୟବାଦୀର ପରିକଳ୍ପନା

ଆଉ ଦିନକର କଥା କହିଦିଏ । ସମସ୍ତ କଳ୍ପନା, ଯୋଜନାରେ ଥିଲେ ଆପଣେ । ଆପଣେ (ଆମେ ତିନିହେଁ ଗୋପବନ୍ଧୁଙ୍କୁ 'ଆପଣେ' ବୋଲି ଡାକୁଥିଲୁ; ଦାସେ ଆପଣେ ବୋଲି ଚଳାଇ ଦେଉଥିଲୁ) ମତେ ସବୁବେଳେ ଲୋଡ଼ନ୍ତି । କିଭଳି କାର୍ଯ୍ୟ କେଉଁଠାରେ ଆରମ୍ଭ କରିବା ଏ ବିଷୟରେ ବହୁଦିନ ବହୁରାତି ବିତିଯାଇଛି । ଶେଷକୁ ଠିକ୍ ହେଲା— ଗୋଟାଏ ବିଦ୍ୟାଳୟ କରିବା । ପୁନାର ଫରଗୁସନ କଲେଜ୍ ସେତେବେଳେ ଆଖି ଆଗରେ ଥିଲା । ଇଂଲଣ୍ଡର ଇଟନ, ହାରୋ, ରୁଗ୍‌ବି ପରି ପବ୍‌ଲିକ୍ ସ୍କୁଲମାନଙ୍କ କଥା ମଧ୍ୟ ଆମ୍ଭେମାନେ ଶୁଣିଥିଲୁ । ବିଶେଷରେ ରୁଗ୍‌ବି ସମ୍ପର୍କରେ ଏଡ୍‌ୱିନ୍ ଆର୍ନଲ୍ଡଙ୍କ କଥା ଆମେ ଖୁବ୍ କଥାବାର୍ତ୍ତା ହେଉଥିଲୁ । ତାଙ୍କ ଲାଇଟ୍ ଅଫ୍ ଏସିଆ (Light of Asia) ନାମକ ପୁସ୍ତକକୁ ସେତେବେଳକୁ ବଙ୍ଗ ନବୀନ ସେନ୍ 'ଅମିତାଭ' ନାମରେ ବଙ୍ଗଳାରେ ପ୍ରକାଶ କରି ସାରିଥାନ୍ତି । ଏସବୁ ଆମ ତରୁଣପ୍ରାଣରେ କି ପ୍ରଭାବ ପକାଇଥିଲା, ତାହାର ବିଶ୍ଳେଷଣ ଓ ଭାଷାରେ ପ୍ରକାଶ ଅସମ୍ଭବ । ଏ ସମସ୍ତ ପ୍ରଭାବ ମୂଳରେ ଥିଲେ ଗୋପବନ୍ଧୁ । ତାଙ୍କର କଣ୍ଠୁ ପ୍ରଭାବର ପୀଠ ଥିଲେ

ଓଡ଼ିଶାର ପୁଣ୍ୟଶ୍ଲୋକ ପଂଡିତ ହରିହର ଦାସ; ସେ ହେଉଚଂତି ପୁରୀ ସଂସ୍କୃତକଲେଜର ପ୍ରତିଷ୍ଠାତା । ଏହି କଲେଜକୁ ସେ ଯାହା କଳ୍ପନା କରିଥିଲେ ଓ ସମାଜ-ସଂସ୍କାରହିତରେ ତାଂକର ଯେ ପ୍ରେରଣା ଓ ପୁରୋଦୃଷ୍ଟିଥିଲା, କେଜାଣି କପରି ଗୋପବଂଧୁ ସେଥିରେ ତନ୍ମୟ ଥିଲେ । ଆମେ କେହି ତାଂକୁ ଦେଖିନାହୁଁ, ଗୋପବଂଧୁ ବି ଦେଖି ନ ଥିଲେ । ତାଂକର ମୃତ୍ୟୁ ୧୮୭୪ ଫେବୃୟାରି । ଅତି ଅକାଳରେ ସେ ଇହଧାମ ଛାଡ଼ିଥିଲେ; କିଂତୁ ତାଂକର ଆତ୍ମା ଯେପରିକି ଗୋପବଂଧୁଂକୁ ଚିର-ପ୍ରଭାବିତ କରିଥିଲା । ପରଗୁସନ କଲେଜଠାରୁ ହାରୋ, ଇଟନ୍, ରୁଗ୍‌ବି ପର୍ଯ୍ୟଂତ ସମସ୍ତଂକୁ ଯେପରିକି ଆଂଭେମାନେ ସେଇ ହରିହରଂକ କଳ୍ପନା ଓ ଉଦାହରଣ ଭଳି ଦେଖିଥିଲୁ । ଗୋପବଂଧୁ ତନ୍ମୟ ହୋଇ ହରିହରଂକ କଥା କହଂତି । ହରିହରଂକୁ ଯେନ ଗୋପବଂଧୁ ସେକାଳ 'ମୁକୁର'ରେ ଗୋଟିଏ କବିତା ଲେଖିଥିଲେ । ସତ୍ୟବାଦୀ ବିଦ୍ୟାଳୟ ପୂର୍ବରୁ ସେ କବିତାଟି ଲେଖାହୋଇଥିଲା । ସେ 'ମୁକୁର' ମୋ ପାଖରେ ନାଇ । ସେଥିରୁ ଯୋଡ଼ିଏ ଧାଡ଼ି ମୋର ସବୁବେଳେ ମନେଅଛି—

"* ମୂକ ହୋଇକରି ଆଜଯାଏଁ ହରି
ଯେବେ ରହିଥାଂତ ବଂଚି !
ଓଡ଼ିଆଂକ ହାତେ ଦେଇଥାଂନ୍ତ ସତେ
ଉନ୍ନତି-ଭଂଡାର କଂଚି ।"
କବିତାର ଶେଷ ଧାଡ଼ିଟି ହେଉଛି—
ଆସ ହରିହର ପଂଡିତ ପ୍ରବର
ସମାଜ ସଂସ୍କାର କର ।

୧୯୦୩-୧୯୦୪ ରେ ତିନିହେଁ କଟକ କଲେଜ-ହଷ୍ଟେଲରେ ଥିଲୁ । ଗୋପବଂଧୁ ପଢ଼ୁଥିଲେ ଓକିଲାତି; ହରିଭାଇନା ପଢ଼ୁଥିଲେ ଏଫ୍ ଏ. ଓ ମୁଁ ପଢ଼ୁଥିଲି ଏନ୍‌ଟ୍ରାନସ କ୍ଲାସମାନଂକରେ । ସେତିକବେଳୁ ମଧ୍ୟେ ମଧ୍ୟେ ମାଟ୍‌ସିନି, ଗାରିବାଲ୍‌ଡ଼ି ପ୍ରଭୃତିଂକ କଥା ମଧ୍ୟ ପଢ଼ାଯାଉଥିଲା । ତା'ସାଂଗେ ସେକାଳରେ ଓଡ଼ିଆସାହିତ୍ୟ ଓ କଲିକତା ବିଶ୍ୱବିଦ୍ୟାଳୟ ଏବଂ ବଂଗାଳିଂକର ତା'ପ୍ରତି ଅନାସ୍ଥା, ସମାଲୋଚନାର ଅଭାବ, କାବ୍ୟ ନାଟକାଦି ବୋଲି ଯାହା ଲେଖା ହେଉଥିଲା, ସେଥିରେ ଗୌଣତି ମନୋବୃତ୍ତି ସଂଗେ ଅନୁକୃତି ଓ ପ୍ରାଣହୀନତା ସେ ସବୁର ଭବିଷ୍ୟତ୍, ତହିଁ ସଂଗେ ଦେଶ ପ୍ରଦେଶର ଭବିଷ୍ୟତ୍ ପ୍ରଭୃତି କଥା ଅତି ଅତର୍କିତ ଭାବରେ ବରାବର ଚାଲୁଥିଲା ।

ମନେଅଛି ୧୯୦୪ ସାଲର 'ପ୍ରାର୍ଥନା' ପୁସ୍ତିକାର କଥା । ସେତେବେଳେ 'ଓଡ଼ିଶା' ବୋଲି ପ୍ରଦେଶ ନଥିଲା । ଓଡ଼ିଆର ଭାଷା ବା ସାହିତ୍ୟ ଅଛି ବୋଲି ପ୍ରତିବେଶୀଏ ଜାଣି ନଥିଲେ; ଜାଣିଲେ ବା ସ୍ୱୀକାର କରୁ ନଥିଲେ । ଗୋପବଂଧୁ ବୁଝୁଥିଲେ, ଭାଷା ଓ ସାହିତ୍ୟ ବିନା ଜାତିର ବିକାଶ ଅସଂଭବ । ମନେ ଅଛି, ଏ ଘଟଣାର କେତେବର୍ଷ ପରେ ଦିନେ କପରି କାଂଦି କାଂଦି ଆସି ସେ କହି ପକାଇଥିଲେ, "ନୀଳକଂଠ, ଖରସୁଆଁରୁ ଓଡ଼ିଆ ଉଠିଗଲା ।" ମାତ୍ର ମୁଁ କହୁଥିଲି ୧୯୦୪ ମସିହାର ଉତ୍କଳ ସମ୍ମିଳନୀ କଥା । ସଂବଲପୁର ସେତେବେଳକୁ ଓଡ଼ିଶାକୁ ଆସି ନଥାଏ । ଗୋଟିଏ ପ୍ରଶ୍ନ ଉଠିଲା—ସଂବଲପୁର ସହିତ ସମସ୍ତ ଓଡ଼ିଶା ହୁଏତ ଗଂଜାମକୁ ଯେନ ଓଡ଼ିଶା ମଧ୍ୟ ପ୍ରଦେଶରେ ମିଶିବ । ଗୋପବଂଧୁ ସେଇ ମତ ଧରିଲେ । ଏ ମତରେ ସେ ପ୍ରଭାବିତ କରି ସାଥି କରିଥିଲେ, ସେ କାଳର ବଡ଼ ଉତ୍କଳ ସ୍ୱର୍ଗତ ଗୋକୁଳାନଂଦ ଚଉଧୁରୀ ଓ ପାଦ୍ରି ସାହେବ ଜର୍ଜ ହାର୍ଓ୍ୱେଲସ୍‌ଂକୁ । ସ୍ୱନାମଧନ୍ୟ ମଧୁସୂଦନ ଦାସ ଥିଲେ ଏ ମତର ବିରୋଧୀ । ତାଂକ

* ହରିହର ମରିବାର କିଛିଦିନ ପୂର୍ବରୁ ମୂକ ଓ ପାଗଳ ହୋଇଯାଇଥିଲେ, ( ମୋ 'ସଂସ୍କୃତ ଓ ସଂସ୍କୃତି'ରେ ଦେଖ ) ।

ମତ ଥିଲା—ସଂବଲପୁର ସୁଦ୍ଧା ବଂଗଳାକୁ ଆସୁ ଓ ସମସ୍ତେ ବଂଗଦେଶରେ ରହଂନ୍ତୁ । ଅବଶ୍ୟ ଓଡ଼ିଶା ସ୍ୱତଂତ୍ର ପ୍ରଦେଶଟିଏ ହେବାକଥା ସେତେବେଳେ କଳ୍ପନାରେ ଥିଲା କି ନା ସଂଦେହ ।

ମାତ୍ର ମୁଁ କହୁଥିଲି ଏ ସମ୍ପର୍କରେ ଗୋପବଂଧୁଂକର ସ୍ୱପ୍ନ ଓ ସେଇ ସ୍ୱପ୍ନର ପ୍ରଭାବ । ଗୋପବଂଧୁ ସେକାଳର କଲେଜ ହଷ୍ଟେଲରେ ଥାଂନ୍ତି । ବରଗଡ଼ର ସ୍ୱର୍ଗତ ଉତ୍କଳ ଶ୍ରୀ ବାଲୁଂକେଶ୍ୱର ମିଶ୍ର ସେତେବେଳେ ହଷ୍ଟେଲରେ ରହି ବି. ଏଲ୍. ପଢୁଥାଂନ୍ତି । ବାଲୁକେଶ୍ୱରଂକର ତଥା ତତ୍କାଳୀନ କଟକର ସମ୍ବଲପୁର ଛାତ୍ରମାନଂକର ଗୋପବଂଧୁବାବୁଂକ ମତ ସଂଗେ ମତ ଏକ ହୋଇଗଲା । ବାଲୁଂକେଶ୍ୱର ବାବୁ ଆସୁଥିବା ଉତ୍କଳ ସମ୍ମିଳନୀରେ ପ୍ରଚାର କରିବାପାଇଁ ଗୋଟିଏ ପୁସ୍ତିକା ଲେଖିଲେ ଓ ଗୋପବଂଧୁଂକୁ ଦେଖାଇଲେ । ଗୋପବଂଧୁ ଦାସ ଥରେ ଦୁଇଥର ସଂଶୋଧନ କଲେ—ତା'ପରେ; ଘଟିଲା ଅଦ୍ଭୁତ କଥା । ଯୁବକ ଗୋପବଂଧୁ ଖାଲି ଖଟଉପରେ ମୁହଁ ମାଡ଼ି ପଡ଼ିଥାଂନ୍ତି, ନିଦ ନଥାଏ; କିଂତୁ କାହାରି ସଂଗେ ଆଳାପ କରିବାର ମଧ ତାଂକୁ ଦେଖାଯାଏ ନାଇଁ । ଡାକିଲେ ଚାହାଁନ୍ତି ଅନ୍ୟମନସ୍କ ଭାବରେ; ଆଖି ଲାଲ ଦିଶୁଥାଏ । ତିନିଦିନ ପରେ ଉଠିଲେ । ଲେଖିଦେଇ ଗଲେ ଯାହା ସେଇଟି 'ପ୍ରାର୍ଥନା' ନାମରେ ପୁସ୍ତିକାକାରରେ ଛପା ହେଲା । ଆମେ ପିଲାଯାକ ତାକୁ ଦ୍ୱିତୀୟ ବର୍ଷ ସମ୍ମିଳନୀ କ୍ୟାଂପରେ ବାଂଟିଥିଲୁ । ସେ ପୁସ୍ତିକାର ଯୁକ୍ତି ଏପରି ଅକାଟ୍ୟ ଥିଲା ଯେ ସେଥିରେ ଗଂଜାମ ସମେତ ସମସ୍ତ ପ୍ରତିନିଧିମାନେ ତନ୍ମୟ ହୋଇ ଯାଇଥିଲେ । ଏପରିକି ମଧୁବାବୁ ନିଜକଥା ଶୁଣାଇ ବୁଝାଇବାରେ ଶଂକିତ ହୋଇଥିଲେ; କିଂତୁ ଏ ସବୁ ଭିତରେ ମୋର କହିବାର କଥା ସେଇ ଗୋପବଂଧୁଂକ ଯୋଗସାଧନା ଓ କଳ୍ପନାର ସ୍ୱପ୍ନରେ ତନ୍ମୟତା । ତତ୍କାଳୀନ ସମସ୍ତ ସଂଗୀ ସହଚରଂକୁ ତାହା କି ଭାବରେ ପ୍ରଭାବିତ କରୁଥିଲା—ତାହା ଅନୁମେୟ ।

## ୭୨. ସ୍ଥାନ ବିଚାର

ତା'ପରେ ସ୍କୁଲକଥା । ଗୋଟିଏ ସ୍କୁଲ କରିବା ଠିକ୍ ହେଲା । ତତ୍କାଳୀନ ଗଡ଼ଜାତ ଓ ମୋଗଲବଂଦି—କଳାହାଂଡ଼ିଠାରୁ ନୀଳଗିରି ମୟୂରଭଂଜ ଓ ସଂବଲପୁରଠାରୁ ପୁରୀ ଓ ଗଂଜାମ ସବୁ ସ୍ଥାନ ଖୋଜିବାରେ ଆମେ ଲାଗିଗଲୁ । ଶେଷକୁ ସ୍ୱର୍ଗତ ମଧୁସୂଦନ ରାଓ ଦିନେ କଥାବାର୍ତ୍ତା ମଧ୍ୟରେ କହିପକାଇଲେ, ସତ୍ୟବାଦୀର ବଉଳ ଚୁରୀଅନା ବନପରି ସ୍ଥାନ ଏଥିପାଇଁ ଆଉ ନାଇ । ଠିକ୍ ହୋଇଗଲା ସେଇଠାରେ ସ୍କୁଲ କରିବାକୁ ହେବ । କର୍ମରେ ବାଧା କ'ଣ ସେ ପ୍ରତି ଦୃଷ୍ଟି ଦିବାଭଳି ଅବସ୍ଥା ଆମର ଆଉ ନଥିଲା । ଗୋପବଂଧୁଂକ ପ୍ରେରଣାରେ ସେତେବେଳେ ସେ ସବୁର ସ୍ଥାନ ନଥିଲା । ଶଗଡ଼େ ଇଟା ଧରି ସତ୍ୟବାଦୀ ମଂଦିର ପଛଆଡ଼େ ଦୁହେଁ ଦିନେ ପହଂଚିଗଲୁ ; ଗୋଟିଏ ମାତ୍ର ଫିତା ଧରି । କ୍ଷୁଦ୍ର କ୍ଷୁଦ୍ର ଚୁରୀଅନା ଗଛର ଘନ ଜଂଗଲ । ସିଧାକରି ଫିତା ପକାଇବାର ସ୍ଥାନ ନଥିଲା । ଇଟା ରଖିବୁ କେଉଁଠାରେ ଜାଣି ହେଲା ନାଇ; ମାତ୍ର ତାହାଇ ହେଉଛି ବିଶାଳ ସତ୍ୟବାଦୀସ୍କୁଲର ଭୌତିକ ପ୍ରାରଂଭ ।

ମଧୁବାବୁଂକ ଥାନ ବାଛିବାର ମୂଳରେ ଥିଲା ପଂଡିତ ହରିହର ଦାସଂକ ସ୍ମୃତି । ମଧୁସୂଦନ ରାଓଂକ ପ୍ରାଣରେ ହରିହରଂକର ପୂର୍ଣ୍ଣ ପ୍ରଭାବ ସାକ୍ଷାତଭାବରେ ପଡ଼ିଥିଲା । ସେ ବୁଝିଥିଲେ, ସବୁ ସଂସ୍କାର ଓ ବିକାଶ ମୂଳରେ ନୂତନଶିକ୍ଷା । ପୁରୀର ସ୍ୱର୍ଗତ ମୁକ୍ତିଆର ରାମଚଂଦ୍ର ଦାସ ସେଇ ହରିହରଂକ ସ୍ମୃତିରେ ସାରାଜୀବନ ଉଦ୍‌ବୁଦ୍ଧ ଥିଲେ । ଗୋପବଧୁଂକର ସେ ରାମଚଂଦ୍ର ଦାସ ଥିଲେ ଯେପରିକି ଦୀକ୍ଷାଗୁରୁ । ମୁଁ ତାଂକୁ ଅଳ୍ପଦିନ ଦେଖିଛି । ସାମାନ୍ୟ କଥାବାର୍ତ୍ତାରେ ଅଲକ୍ଷିତ ଭାବରେ ନିଜର ଉନ୍ନତ ମତ ଅତି ରକ୍ଷଣଶୀଳଂକ ମଧ୍ୟରେ ପ୍ରଚାର କରିବାର ମନୀଷା ଓ କୌଶଳ ତାଂକଠାରେ

ଯାହା ମୁଁ ଦେଖିଛି, ଅନ୍ୟତ୍ର ତାହା ଦେଖିନାଇ । ବିରୋଧରେ କହିବା ଲୋକର କଥାକୁ ଆଦୌ ପ୍ରତିବାଦ ନକରି ଶେଷରେ ତାକୁ ସେ ମନାଇ ଛାଡ଼ି ଦେଉଥିଲେ—ଘଂଟାଏ କଥାବାର୍ତ୍ତା ପରେ । ତାଂକର ସମସ୍ତ ଚିଂତା ଓ କାର୍ଯ୍ୟ ତ୍ୟାଗପୂତ ଥିଲା । ସେଇ ପ୍ରଚୁର ପ୍ରାଣର ପ୍ରଭାବ ଗୋପବଂଧୁଂକ ଠାରେ ଆବାଲ୍ୟରୁ ଦେଖିଥିଲି ଓ ସେଇ ଭାବରେ ଗୋପବଂଧୁ ଆମ ଗ୍ରାମରେ ହରିହର ସ୍ମୃତି ପ୍ରତି କୁମାରପୂର୍ଣ୍ଣିମାରେ ପାଳନ କରୁଥିଲେ । ସେଇ ସଭାରେ ତାଂକ ବକ୍ତୃତା ଶୁଣି ଆମେ ମୁଗ୍ଧ ହୋଇ ଯାଉଥିଲୁ । ମଫସଲର ବୁଢ଼ା ବୁଢ଼ା ରକ୍ଷଣଶୀଳ ଲୋକେ ଆତ୍ମବିସ୍ମୃତ ହୋଇ ଯାଉଥିଲେ । ସେଇ ହରିହରଂକ ସ୍କୁଲ ପରଂପରାରେ ପ୍ରତିଷ୍ଠିତ ମଧ୍ୟ ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ତାହାପରେ କେତେବର୍ଷ ମଧ୍ୟ-ଇଂରେଜୀ ସ୍କୁଲର ଉଦ୍ୟମରେ ଚାଲିଥିଲା । ଗୋପବଂଧୁଂକ ପ୍ରଭାବରେ ପଡ଼ି ସମସ୍ତେ କହିଲେ—ହରିହରଂକ ସ୍ମୃତି-ପୂତ ଏ ବିଦ୍ୟାଳୟଟି ନାମତଃ 'ହରିହର ଲାଇବ୍ରେରୀ' ଏହା ସେଇ ସ୍ମୃତିର ସଂକେତ ।

## ୭୩. ସତ୍ୟବାଦୀ ବିଦ୍ୟାଳୟର ଆରଂଭ

ତାହାପରେ ହେଲା ସତ୍ୟବାଦୀ ବିଦ୍ୟାଳୟର ଆରଂଭ । ଏଥିପାଇଁ ଶିକ୍ଷକ, ଛାତ୍ର, ବେଂଚ, ଚଉକୀ, ଲାଇବ୍ରେରୀ ସବୁ ଉଠି ଆସିଥିଲା ଶ୍ରୀରାମଚଂଦ୍ରପୁରରୁ । ଆଜି ମନେପଡୁଅଛି, ଟିକିଏ କହିଦିଏ, ସ୍କୁଲଟିକୁ, ଲାଇବ୍ରେରୀଠାରୁ ପେନ୍‌ସିଲକଟା ଛୁରୀଟି ପର୍ଯ୍ୟଂତ ସଂଗେ ଘେନି ସତ୍ୟବାଦୀ ସ୍କୁଲ କରିବାକୁ ସଂକଳ୍ପ କରି ଆସି-ଥିଲେ ସେଇ ମାଇନର ସ୍କୁଲ ହେବାକୁ ଯାଉଥିବା ମିଡ଼ଲ ଭର୍ଣ୍ଣାକ୍ୟୁଲର ସ୍କୁଲର ତତ୍‌କାଳୀନ ହେଡ଼ ପଂଡିତ ସେଇ ଶ୍ରୀ ରାମଚଂଦ୍ରପୁର ନିବାସୀ ସ୍ୱର୍ଗତ ପଂଡିତ ଶ୍ରୀ ମଧୁସୂଦନ ମିଶ୍ର । ସେ ମୋର ମଧ୍ୟ ବାଲ୍ୟ ଗୁରୁ । 'ବଡ଼ ଆପଣେ' ବୋଲି ଆମେ ସମସ୍ତେ ତାଂକୁ ଡାକୁଥିଲୁ । ତାଂକର ଶିକ୍ଷାବଳରେ ମୁଁ ଭର୍ଣ୍ଣାକ୍ୟୁଲର ବୃତ୍ତି ପାଇ ପୁରୀ ଜିଲାସ୍କୁଲକୁ ପଢ଼ିବାକୁ ଯାଇଥିଲି । ପରିଚୟପାଇଁ ମଧ୍ୟ କହିଦିଏ, ପ୍ରଗୁରୁକ ଅନଂତ ମିଶ୍ରଂକର ପାଂଚ ଭାଇରେ ସେ ସର୍ବଜ୍ୟେଷ୍ଠ ଓ ପ୍ରଗୁରୁକ ନିଜେ ସର୍ବ କନିଷ୍ଠ । ପଂଡିତ ମଧୁସୂଦନଂକ ପରି ଆମ କର୍ମରେ ଐକାଂତିକ ଆଂତରିକତା ଓ ଆମ ପୁରୋ-ଦୃଷ୍ଟିରେ ଏକପ୍ରାଣତା ମୁଁ ଆଉ ଦେଖିଛି ବୋଲି ମନେ ହେଉନାଇ । ସ୍ୱୟଂ ଗୋପବଂଧୁ ମଧ୍ୟ ସେଥିପାଇଁ ତାଂକୁ ଗଭୀର ଆଦର ଓ ଭକ୍ତି କରୁଥିଲେ । ଏଇ ପଂଡିତ ମଧୁସୂଦନ ମଧ୍ୟ ସ୍ୱର୍ଗତ ହରିହରଂକ ସ୍ମୃତିରେ ନିଜ ପ୍ରାଣକୁ ପୂର୍ଣ୍ଣକରି ରଖିଥିଲେ । ମୁଁ ତାଂକର ଶିଷ୍ୟ; ତଥାପି ସତ୍ୟବାଦୀ ବିଦ୍ୟାଳୟରେ ସେଥିପାଇଁ ତାଂକର କେବେ କୌଣସି ନିଷ୍ଠା ବା ଶୃଂଖଳାରେ ଟିକିଏ ହେଲେ ଶିଥିଳତା ମୁଁ ଦେଖିନାଇ । ଦିନକ କଥା ଆଜି ମନେ ପଡ଼ିଗଲେ ପ୍ରାଣର ପୁରୁଣା ଆଘାତ ନୂଆ ହୋଇ ଉଠୁଛି । ବଡ଼ ଆପଣେ ବୃଦ୍ଧ ହୋଇ ଆସିଥିଲେ, ଭୋଜନପରେ ଗ୍ରାମରୁ ଆସଂତି ଅଧମାଇଲରୁ ବେଶି । ଶ୍ରେଣୀରେ ପଢ଼ାଇଲାବେଳେ ଥରେ ଦୁଇଥର ଘୁମାଇବାର ଦେଖିଲି । କିଛି ନ କହି ବସିବାପାଇଁ ହାତଥିବା ଚଉକିଟି କାଢ଼ିଆଣି ଗୋଟିଏ ଟୁଲ୍ ଦେବାପାଇଁ ତହିଁ ଆରଦିନଠାରୁ ବ୍ୟବସ୍ଥା କରିଦେଲି । ସେ କିଂତୁ ନିର୍ବିକଳ୍ପ—ଟୁଲରେ ଆସି ବସିଲେ, ପଢ଼ାଇଲେ । ଯାହାହେଉ, ମୁଁ ତ ମନୁଷ୍ୟ; ମୋ ପ୍ରାଣକୁ ବାଧିଲା । ଆଜି ମଧ୍ୟ ମନେ ପଡ଼ିଲେ, ମତେ କାଂଦମାଡ଼େ; କିଂତୁ ସ୍କୁଲର କର୍ମନିଷ୍ଠାରେ ମୋର ଏ ରୁକ୍ଷତା ପୁଣ୍ୟକର୍ମନିଷ୍ଠ ପଂଡିତଂକ ପ୍ରାଣରେ ବରଂ ଆହ୍ଲାଦ ଜନ୍ମାଇଥିଲା । ଏଇପରି ପୁଣ୍ୟଶ୍ଳୋକ ପଂଡିତ ହରିହରଂକ ପବିତ୍ର ସ୍ମୃତିପୀଠରେ ଗୋପବଂଧୁଂକର କଳ୍ପନା ଓ ଯୋଜନାର ଶରୀର ଧରି ଠିଆ ହୋଇଥିଲା, ସତ୍ୟବାଦୀ ବିଦ୍ୟାଳୟ ବୋଧହୁଏ ୧୯୦୯ ମସିହା କୁମାରପୂର୍ଣ୍ଣିମା ଦିନ । ମୁଁ ବି. ଏ. ପାସ୍ କରିସାରି ଏ ବିଦ୍ୟାଳୟର 'ଶୁଭଦିଆ'ରେ ଯୋଗଦେଇ, ଏଇ କଳ୍ପନାର ଉପଯୁକ୍ତ ହେବାପାଇଁ ଏକା ଏମ୍. ଏ. ପାଶ୍ କରି ଆସିବା ଲାଗି କଲକତା ଯାଇଥିଲି ।

## ୭୪. ସତ୍ୟବାଦୀ ବିଦ୍ୟାଳୟରେ ମୋର ଯୋଗଦାନ

୧୯୧୧ ଅକ୍ଟୋବରରେ ଯୋଗ ଦେଲି ଓ ୧୯୧୨ ଆଦ୍ୟରୁ ହାଇସ୍କୁଲ କରିବାପାଇଁ ଉଦ୍ୟମ ଆରମ୍ଭ ହେଲା । ଯେଉଁ ସୂଚନା ଦେଲି ତାହା ସ୍ମୃତିପରଂପରାର ବିଧୌତ ଘଟଣାର ମଜ୍ଜାମାନ । ଘଟଣା ସବୁ ମୋ ମନେ ନାଇ କି ମୁଁ ଲେଖି ରଖି ନାଇ । ଦେଖିଲି, ଚନ୍ଦ୍ରଶେଖର ମିଶ୍ର ନିଜ ଦୈନନ୍ଦିନ ଘଟଣାର ବିବରଣୀରେ 'ସତ୍ୟବାଦୀରେ ସାତବର୍ଷ'ବୋଲି ଖଣ୍ଡେ ପୁସ୍ତକ ଲେଖିଛନ୍ତି । ସେ ଯାହା ପୁସ୍ତକରେ ପ୍ରକାଶ କରିଛନ୍ତି, ସେ ସବୁରେ ଲେଖକର ଭାବାବେଶ ଓ ଅତିରଂଜନ ନାଇ । ସେ କାଳେ ସେ ଯାହା ଲେଖି ରଖୁଥିଲେ ବସ୍ତୁତଃ ତାହାହିଁ ପ୍ରକାଶ କରିଛନ୍ତି । ଏକଥା ମୁଁ ତାଙ୍କ ଦୈନିକ ବିବରଣୀ ସଂଗେ ପୁସ୍ତକର ଅଂଶ ମିଳାଇ ଦେଖିଛି । ଏଣୁ ଏ ପୁସ୍ତକଟି ଉପାଦେୟ ।

ସାମାନ୍ୟ ସ୍ମୃତି ଉପରେ ନିର୍ଭର କରି ମୋ ଭଳି ଲୋକ 'ସତ୍ୟବାଦୀ ସ୍କୁଲ୍' କଥା ଲେଖିବସିଲେ ହୁଏତ ଠିକ୍ ହେବନାଇ । ପ୍ରାଣର ପ୍ରତିଷ୍ଠିତ ଭାବରାଶି ସ୍ମୃତି-ରୂପ ମଜ୍ଜାର ସ୍ତରପଟେ କେତେ ତାଙ୍କୁ ଘୋଡାଇ ବା ଭୁଲାଇ ଦେବାର ଶଂକା ଖୁବ୍ ଅଛି । ସତ୍ୟବାଦୀ ସ୍କୁଲ ମୋ ପ୍ରତି ଏବେ ବି ଇତିହାସ ନୁହେଁ ।

## ୭୫. ସତ୍ୟବାଦୀର ଅସ୍ତ୍ରସ୍ମୃତିରେ ଦୁଇଟି ଉଜ୍ଜ୍ୱଳ ରେଖା

ଯୋଡ଼ିଏ ଲୋକଙ୍କ କଥା ଟିକିଏ ସୂଚନା ଦେଇ ସତ୍ୟବାଦୀର ପ୍ରଭାବ ପୀଠ ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ମନହେଉଛି । ତନ୍ମଧ୍ୟରୁ ଗୋଟିଏ ଅନଂତ ମିଶ୍ର, ତାଙ୍କୁ କହୁଥିଲେ—ପ୍ରଗୁରିକ ଅନଂତ ମିଶ୍ର । ଏପରି ନିଃସଂଗ, ନିରଳସ, ପରପ୍ରାଣ ଓ କର୍ମସର୍ବସ୍ୱ ବ୍ୟକ୍ତି ବଡ଼ କମ ଦେଖାଯାନ୍ତି । ବିଦ୍ୟା ତାଙ୍କର ବିଶେଷ ନଥିଲା; କିଂତୁ ସେ ବିଦ୍ୟାର ତାଙ୍କ ସଂବଂଧରେ କରଣୀୟ ନୁହେଁ । ତାଙ୍କର ବ୍ୟକ୍ତିତ୍ୱ ଥିଲା ସ୍ୱତନ୍ତ୍ର । ସେ ଯଥାର୍ଥରେ ମୁଠାଏ ଭାତ ଖାଇବାକୁ ନପାଇ ମରିଛନ୍ତି । ମୃତ୍ୟୁଶଯ୍ୟାରେ ହୁଏତ ତାଙ୍କ ସଂଗୀ ସହଚର କେହି ପାଖରେ ନଥିଲେ । କିଂତୁ ମଲାବେଳେ ଦେଶର ଭବିଷ୍ୟତ୍ ଛଡ଼ା ଓ ସଂଗୀମାନଂକ କଲ୍ୟାଣ ଓ କିଛି ଯୋଜନା ଛଡ଼ା ଆଉ କିଛି ସେ ଚିଂତା କରୁ ନଥିଲେ । ସେ ସତ୍ୟବାଦୀର କିଛି ନଥାଇ ମଧ୍ୟ ସବୁ ଥିଲେ । ଗୋପବଂଧୁ ନିଜର ସମ୍ମିଳନୀମୂଳକ ଦେଶ କର୍ମରେ ତାଂକୁ ପାଇ ନିଜକୁ ବଡ଼ କୃତାର୍ଥ ମଣୁଥିଲେ ।

## ୭୬. ରାମଚନ୍ଦ୍ର ରଥ

ଆଉ ଜଣେ ସ୍ୱର୍ଗତ ରାମଚଂଦ୍ର ରଥ । ବିଦ୍ୟା ତାଂକର ଏନ୍‌ଟ୍ରାନ୍‌ସ ପାଶ୍ । ସେ ଆମ ସମାଜର ଶ୍ରେଷ୍ଠ ସାମଂତ (କୁଲୀନ ବ୍ରାହ୍ମଣ); ବଡ଼ ଗରିବ ଥିଲେ । ଏନ୍‌ଟ୍ରାନ୍‌ସ ପଢ଼ିଲାବେଳେ ଗୋପବଂଧୁଂକୁ ଦିନେ କଥାପ୍ରସଂଗରେ ନିଜର ଧନାଭାବ କଥା କହିବାରୁ ଗୋପବଂଧୁ କହିଲେ, 'ମାଗ ନାଇ', ଅର୍ଜିକରି ପଢ଼ । 'କ'ଣ କରି ଅର୍ଜିବି ?' କହିବାରୁ ଗୋପବଂଧୁ ହଠାତ୍ କହିଲେ, "ଷ୍ଟେସନରୁ କ'ଣ ବୋଝ ବୋହି ପାରିବ ନାଇ ?" ତା'ପରେ ସେଇ କାମ ସେ କଲେ; ସେଥିରେ ଚଳିଲେ ଓ ପାଠ ପଢ଼ିଲେ, ଦିନେ ଛଅପଇସା ମଜୁରି ଲାଗି ଗୋଟିଏ ଶୁଖୁଆପଟ ମୁଂଡରେ ଷ୍ଟେସନରୁ ବୋହି ପୁରୀ ସହରକୁ ଆଣିବାର ମୁଁ ନିଜେ ଦେଖିଛି । ସେ ଏନ୍‌ଟ୍ରାନ୍‌ସ ପାଶ୍ କରି ମାସକୁ ୫୧୦୯ରେ ପୁରୀ କଚିରିରେ ନିଯୁକ୍ତ ହେଲେ । ତା'ପରେ ତାଂକୁ ପେସ୍କାର କାମ ଖୋରଧାରେ ମିଳିଲା । ଦରମା ମାସକୁ ପଂଚତିରିଶ ଟଂକା । ମୁଁ ଆସି ସତ୍ୟବାଦୀରେ ଯୋଗଦେଲି ।

ସେତେବେଳକୁ ଆଉ କେହି ନାଇ । ପ୍ରଥମରେ ଅନେକ ଦିନଯାଏଁ ମୁଁ ଏଇପରି ଏକା ଥିଲି । ସେଥିରେ

ରାମଚଂଦ୍ର ହେଲେ ମୋର ଏକମାତ୍ର ସଂଗୀ । ସେପରି ସଂଗୀ ଆଉ କେବେ ପାଇଛି ବା ପାଇବି ବୋଲି ମନେ ହେଉନାହିଁ । ତାଂକ ପୁଣ୍ୟ ପ୍ରଭାବ ଓ ପ୍ରାଣ ପ୍ରାଚୁର୍ଯ୍ୟ ମୋ ପକ୍ଷରେ ଭୁଲିବାର ନୁହେ । ସ୍କୁଲରେ ଯୋଗ ଦେଇସାରି ମୁଁ ତାଂକଠାରୁ ଖୋର୍ଧାରୁ ଚିଠିପାଇଲି— ସେ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେବାକୁ ଚାହୁଁଂତି । ସେତେବେଳେ ବହୁକଷ୍ଟରେ ମୋର ମାସିକ ଟଂକା ତିରିଶଟି ଯୋଗାଡ଼ ହେଉଥିଲା, ଆଉ ଶିକ୍ଷକ ବା ହଟାତ୍ ଦରକାର ନଥିଲେ । ମୁଁ ସବୁକଥା ଜଣାଇ ଅପେକ୍ଷା କରିବାକୁ ଲେଖିଥିଲି । ଅଳ୍ପଦିନ ପରେ ଦିନେ ସେ ଆସି ସତ୍ୟବାଦୀରେ ହାଜର; କହିଲେ, "ମୁଁ ରହିବି ।" ମୁଁ ବିସ୍ମିତ ହେଲି । ସେ କହିଲେ, ଏ ଚେପ୍ଟାର କାମ ବଡ଼ ଖରାପ, ଏଥିରେ ଆଉ ଦିନାକେତେ ରହିଲେ, ସତ୍ୟବାଦୀରେ ଆପଣଂକ ସଂଗେ ରହିବା ପାଇଁ ମୋର ଆଉ କିଛିମାତ୍ର ଯୋଗ୍ୟତା ରହିବ ନାହିଁ । ଦିନେ ମତେ ଜଣେ (ବିଶିଷ୍ଟ ଓ ପରିଚିତ ଲୋକଂକ ନାମ ସେ କହିଲେ) ଟଂକାଟିଏ ଲାଂଚ ଯାଚିଲେ; ମୁଁ ନେଲି ନାହିଁ । ସେ ମତେ ବହୁତ ବୁଝାଇଲେ, କହିଲେ—ଏପରି ନିଅଂତି, ନନେଲେ ହେବନାହିଁ । ଲୋକମାନେ କହିବେ ତୁମେ ତାଂକ କାମ ଠିକ୍ କରୁନାହଁ—ଇତ୍ୟାଦି ମୁରବିପଣିଆ ଓ ଯୁକ୍ତି ଶୁଣି ମୁଁ ଦୁଃଖିତ ଓ ଲଜ୍ଜିତ ହେଲି । ତାଂକୁ ସେଦିନ ମନାକଲି । ଦୁଇ ତିନି ଦିନପରେ ସେଇପରି ଆଉ ଗୋଟିଏ କାର୍ଯ୍ୟରେ ସେ ମୋତେ ଦୁଇଟଂକା ଲାଂଚ ଯାଚିଲେ । ବହୁତ ଲୋଭାଇଲେ, ବୁଝାଇଲେ; ନିରାଶହୋଇ ମଧ୍ୟ ଏ ଉଦ୍ୟମ ଛାଡ଼ିବେ ନାହିଁ ବୋଲି କହିଲେ । ଗତିରେ ମୁଁ ବଶାଇ ନାହିଁ । ଦେଖିଲି—ଚରିତ୍ର ଖରାପ ହୋଇଯିବ । ତହିଁ ଆରଦିନ ଇସ୍ତଫା ଦେଇ ଦେଲି । ମତେ ଟଂକା ଦିଅଂତୁ, ନଦିଅଂତୁ—ମୁଁ ଏଠି ରହିବି । ତାଂକ ଘରେ କୌଣସି ସଂବଳ ନଥିଲା; ତେଣୁ ଯେ କୌଣସିମତେ ଟ୬୲ ଲେଖାଏଁ ମାସକୁ ତାଂକୁ ଦେବାର ସ୍ଥିର ହେଲା ।

## ୭୭. ନିଶ ଆଂଦୋଳନ

ସେତିକିବେଳକୁ ନିଶ ଆଂଦୋଳନ ନାମରେ ମୋ ଉପରେ ତଥା ସତ୍ୟବାଦୀ ଅନୁଷ୍ଠାନ ଉପରେ ସାମାଜିକ ଅତ୍ୟାଚାର । ଅବଶ୍ୟ 'ନିଶ' ସଂଗେ ସେ ସାମାଜିକ ଆଂଦୋଳନର ବିଶେଷ କିଛି ତାତ୍ତ୍ୱିକ ବା ନୈତିକ ସଂପର୍କ ନଥିଲା । ମୁଁ କଲିକତାରେ ପଢ଼ିବା-ବେଳୁ ଦାଢ଼ି ଖିଅର ହୋଇ ଖାଲି ନିଶ ରଖିଥିଲି । ପଂଡିତମାନେ ମୋର ଲୋକବିରୁଦ୍ଧ କ୍ରିୟା ଲୋକଂକୁ ବୁଝାଇବାପାଇଁ ସଂକେତସ୍ୱରୂପ ନିଶଟାକୁ ଦେଖାଇ-ଦେଲେ; ତେଣୁ ସେକାଳର ଜାତି ବର୍ଣ୍ଣ ଭେଦ ଉଠାଇବାପାଇଁ ଯେଉଁ ବିରାଟ ସାମାଜିକ ଆଂଦୋଳନ ହୋଇଥିଲା, ତାହାର ନାମଟି ହେଉଛି 'ନିଶ ଆଂଦୋଳନ' । କଥା ହେଉଛି, ମୋ ଯୋଗେ ଆକୃଷ୍ଟ ହୋଇ ଗୃହ-ଆଡ଼ୁ ଛାତ୍ର ସତ୍ୟବାଦୀ ଆସିଲେ । ସମସ୍ତଂକପାଇଁ ଛାତ୍ରାବାସରେ ବ୍ୟବସ୍ଥା ହେଲା । ମୁଁ ଥାଏ, ସେ କୁଳଗୃହରେ ଏକପ୍ରକାର କୁଳପତି । ସଦାସର୍ବଦା ମୁଁ ସେଠାରେ ଥାଏ । କୁଳଗୃହର ଛାତ୍ରମାନେ ସମସ୍ତେ ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଏକ ପଙ୍କ୍ତିରେ ଖାଇବାର ବ୍ୟବସ୍ଥା ହେଲା । ସତ୍ୟବାଦୀ ରକ୍ଷଣଶୀଳ ବ୍ରାହ୍ମଣ ଶାସନମାନଂକର କେଂଦ୍ର । ସେଇ ରକ୍ଷଣଶୀଳମାନେ ଆସି ମତେ ଅନୁରୋଧ କଲେ—"ବ୍ରାହ୍ମଣ ଓ ଅବ୍ରାହ୍ମଣଂକପାଇଁ ଅଲଗା ଅଲଗା ଭୋଜନ ସ୍ଥାନର ବ୍ୟବସ୍ଥା କର । ତା' ନହେଲେ ଲୋକଂକୁ ଅସହ୍ୟ ହେଉଛି ।" ମୁଁ କହିଲି, "କୁଳଗୃହର ସମସ୍ତ ଅଂତେବାସୀଂକର ମୁଁ କୁଳପତି; ସୁବିଧା ଥିଲେ ମୋର ପତ୍ନୀ ନିଜ ପୁତ୍ରରୂପେ ସେମାନଂକୁ ରାଂଧି ଖାଇବାକୁ ଦିଅଂତା । ମୁଁ ଏଇ ପୁତ୍ରମାନଂକର ମଧ୍ୟରେ ବର୍ଣ୍ଣ ଧର୍ମ ଭେଦ କରି ପାରିବି ନାହିଁ, କ୍ଷମାକରଂତୁ ।" ସେଥିପାଇଁ ରକ୍ଷଣଶୀଳମାନେ ତତ୍କାଳୀନ ପଂଡିତମାନଂକୁ ଧରି ମତେ ଅପାଙ୍କ୍ତେୟ କରି ଶାସନ କରିବାର ବହୁ ଉଦ୍ୟମ କରିଥିଲେ । ସ୍କୁଲ ସେତେବେଳେ ବକୁଳ ବନ

ବନଭିତରେ ଗୋଟିଏ ସ୍କୁଲଘରର ବଡ଼ ବଂଗଳା ପରି ଘରେ ଥିଲା । ସେଥିରେ ମୋର ପଢ଼ା, ପୃଷ୍ଠାରେ ମୋର ନୋଟଥିବା ବଡ଼ ବଡ଼ ପୁସ୍ତକମାନ ମଧ୍ୟ ଥିଲା । ଘର ଲାଇବ୍ରେରୀ ମିଶି ସେକାଳେ ପ୍ରାୟ ପାଂଚ ହଜାର ଟଂକା ଯାଏ ।

## ୭୮. ରକ୍ଷଣଶୀଳଙ୍କ କର୍ମ

ରକ୍ଷଣଶୀଳମାନେ ଗୁପ୍ତରେ ନିଆଁ ଲଗାଇ ସେ ସବୁ ପୋଡ଼ିଦେଲେ । ସେତିକବେଳକୁ ଆକସ୍ମିକ ଭାବରେ ପୁରୀରେ ନୂଆ କଳେବର । ସେ ବର୍ଷ ଯେଉଁ 'ବାଡ଼ି' ପଡ଼ିଥିଲା ତା ଏବେ କଳ୍ପନା କରି ହେବନାହିଁ । ଲୋକେ ବାଡ଼ିକୁ ଭାରି ଡରୁଥିଲେ । ମୁଁ, ରାମଚଂଦ୍ର ଓ ସ୍କୁଲ ପିଲାଙ୍କୁ ସଂଗେଧରି ରାତିଦିନ ଅତଂନ୍ଦ୍ରିତ ଭାବରେ ଗ୍ରାମମାନଂକରେ ରୋଗୀ ସେବାରେ ଲାଗି ଯାଇଥିଲି । ସେଇ ଯୋଗେ ରକ୍ଷଣଶୀଳମାନେ ମୋତେ ଅପାଙ୍କ୍ତେୟ କରିପାରି ନ ଥିଲେ । ଏକମାତ୍ର ରାମଚଂଦ୍ର ସେ କାଳରେ ମୋର ସାହା ଭରସା; ସେ ପୁଣି ଶ୍ରେଷ୍ଠ କୁଳୀନ । ତାଂକର ନିରାଡ଼ଂବର ତେଜସ୍ୱୀତା ଓ ମହାମାନବୀୟ ଭାବରେ ବିଦ୍ୱେଷର ଉପେକ୍ଷା ଯେ ଦେଖିଚି, ସେ ଜାଣେ । ସେତେବେଳେ ତା' ମୋର କି ସଂପଦ ଥିଲା ଆଜ କମିତି କହିବି ?

## ୭୯. ତଥାପି ଭାବରାଜ୍ୟରେ ମୃତ୍ୟୁ ନାଇ

ଦେଶବାସୀ ଖୋଜ ଦେଖିବେ କି ? ଜନ୍ମ ସରିଯାଏ, ଭାବ ରାଜ୍ୟରେ ମୃତ୍ୟୁନାଇ । ଏ ଭାବରାଜ୍ୟରେ ପୁଣି ସ୍ମୃତିର ସଂପର୍କ କେତେ ଓ କପରି ସଭ୍ୟତାର ଇତିହାସରେ ତାହା ଅନୁସଂଧେୟ । ତଥାପି ଭାବ ଇତିହାସ ଭୂମି ଛାଡ଼ ସ୍ମୃତିରେ ହିଁ ପ୍ରଭାବ ବିସ୍ତାର କରେ ।

ଏବେ ଗୋପବଂଧୁଂକର ତିଳ ତର୍ପଣ ହେଉଚି । ଆମେ ଆଜି କହୁଚୁ ଏ ତର୍ପଣ ଭାରତୀୟର ପାରଂପରିକ ଅନୁଷ୍ଠାନ । ଆଜମଧ୍ୟ ଆମେ ତର୍ପଣ କରୁ—"ସୋମପା ପିତର ସ୍ତୃପ୍ୟଂତାମ୍" । ଅର୍ଥକଲେ ଅନେକଂକୁ ବିକୃତ ଲାଗିବ । ଏହାର ଅର୍ଥ-ହେଉଚି, "ସୋମରସ ମଦ୍ୟ ପାନ କରୁଥିଲେ ଆମର ଯେଉଁ ପିତୃମାନେ ସେମାନେ ତୃପ୍ତ ହୁଅଂତୁ" । ଗୋପବଂଧୁଂକ ଏ ତର୍ପଣରେ ସେ ମହା ମାନବର ପ୍ରଭାବ ଅଛି କି ନାଇ, ତାହା ମୋର କଥନୀୟ ନୁହେ । 'ନାମେ ଭକ୍ତି'ରେ ମଧ୍ୟ ମହାପୁରୁଷ ପୁଣି ନଷ୍ଟ ହୁଅଂତି, ତାଂକ ପ୍ରଭାବ ବିକୃତ ହୁଏ । ଏ କ୍ଷେତ୍ରରେ ତା ନ ହେଉ । ଗୋପବଂଧୁ ରାମଚଂଦ୍ର ଆଦିଂକୁ ଧରି ପୁଣ୍ୟ ପ୍ରଭାବରେ ଜୀବିତ ହୁଅଂତୁ । ଦେଶର ଶିକ୍ଷା ସାଧନା ସେଥିରେ ପ୍ରାଣବଂତ ହେଉ । ପ୍ରତ୍ୟେକେ ଦେଖଂତୁ ସେମାନଂକ ଜନ୍ମବେଳର ପରିସ୍ଥିତିକୁ ମୃତ୍ୟୁ ବେଳକାଳ ପରିସ୍ଥିତି ବିକାଶରେ ପ୍ରବୃଦ୍ଧ ହୋଇଚି । ମୁଁ ଆଉ କହିବି ନାଇ ।

## ୮୦. ସତ୍ୟବାଦୀ ବିଦ୍ୟାଳୟର ଆରଂଭ

ସତ୍ୟବାଦୀ ବିଦ୍ୟାଳୟର ପରମାୟୁ ବଡ଼ କମ୍ ଥିଲା । ୧୯୦୯ ଖ୍ରୀଷ୍ଟାବ୍ଦରେ କୁମାରପୂର୍ଣ୍ଣମୀ ଦିନ ତାହା ଆରମ୍ଭ ହୋଇଥିଲା । ମୁଁ ରେଭେନ୍‌ସା କଲେଜରୁ ବି. ଏ. ପାଶ୍‌କରି ଗ୍ରାମକୁ ଆସି ଏ ବିଦ୍ୟାଳୟ ଆରଂଭ କରିଥିଲି । ପରେ ଏହି ବିଦ୍ୟାଳୟରେ ରହିବା ପାଇଁ ଉପଯୁକ୍ତ ହେବା ନିମନ୍ତେ କଲିକତା ଏମ୍. ଏ. ପଢ଼ିବାକୁ ଯାଇଥିଲି । ଏମ୍. ଏ. ପଢ଼ିବାକୁ ଯିବାପାଇଁ ମୋର ଅର୍ଥବଳ ନ ଥିଲା । ଜଣେ ଅଧ୍ୟାପକ ଶ୍ରୀ ଗୋପାଳଚଂଦ୍ର ଗାଂଗୁଲି ଯିବାବେଳକୁ ମୋତେ କଟକରେ ପଚାରିଥିଲେ, "ତୁମେ କାହିଁକି କଲିକତା ଏମ୍. ଏ. ପଢ଼ିବାକୁ ଯାଉଛ ? ତୁମେ ତ ସତ୍ୟବାଦୀ ବିଦ୍ୟାଳୟରେ ରହିବାକୁ ସ୍ଥିର କରିଛ ? ଏମ୍. ଏ. ପଢ଼ିବା ଆଉ ଦରକାର କଣ ?" ମୁଁ ଉତ୍ତର ଦେଇଥିଲି—"ସତ୍ୟବାଦୀ ମଫସଲ ସ୍ଥାନ । ମୁଁ ସ୍କୁଲର ଚାଳକ ହୋଇ ରହି ସମସ୍ତଂକର ସବୁପ୍ରକାର

ସନ୍ଦେହ ଦୂର କରିବା ପାଇଁ ପ୍ରସ୍ତୁତ ନ ଥିଲେ ଏପରି ଦୁରୁହ କାର୍ଯ୍ୟର ଭାର ନେବା ଠିକ୍ ହେବ କି ?" ସେଠାରୁ ଶ୍ରୀ ଗାଙ୍ଗୁଲି ପଚାରିଲେ—"ତୁମର ତ ଅର୍ଥାଭାବ । ଟଙ୍କା କାହୁଁ ପାଇବ ?" ମୁଁ କହିଲି— "ସେଥିପାଇଁ ଚିନ୍ତା ନାହିଁ । ତାହା କୌଣସି ମତେ ପୂରଣ ହୋଇଯିବ ।" ତାର ଅଳ୍ପଦିନ ପରେ ମୋର ବୃତ୍ତି ପାଇବା ଖବର ବାହାରିଲା । ତାହା ହେଉଛି ମାସକୁ ଟ୩୦୲ । ବି. ଏଲ୍. ପଢ଼ିବାପାଇଁ ବୃତ୍ତି । ସେତେବେଳେ ଓଡ଼ିଶାରେ ବି. ଏଲ୍. ପଢ଼ିବାପାଇଁ ସୁବିଧା ନ ଥିଲା । ଦୁଇଟି ବୃତ୍ତି କଲିକତାରେ ଦିଆଯାଉଥିଲା । ସେ ବର୍ଷ ମୁଁ ପ୍ରଥମ ବୃତ୍ତି ପାଇଥିଲି । ବି. ଏଲ୍. ଓ ଏମ୍. ଏ. ଉଭୟ ପାଠ ପଢ଼ା ଚାଲିଲା ।

ଏମ୍. ଏ. ପରୀକ୍ଷା ଦେବାରେ ମୋର ବଡ଼ ଅସୁବିଧା ଉପୁଜିଲା । ମୋର ବାତାଜୀର୍ଣ୍ଣ ହେଲା । ମୁଁ ଦିନକେ ଗୋଟିଏ ଡିମ୍ବ ଛଡ଼ା ଆଉ କିଛି ଖାଉ ନ ଥିଲି । ସମସ୍ତେ କହିଲେ—ମୁଁ ସେବର୍ଷ ପରୀକ୍ଷା ଦେବା ଉଚିତ ନୁହେଁ । "ଶରୀରମାଦ୍ୟମ୍" କିନ୍ତୁ ଆଉବର୍ଷେ ଅପେକ୍ଷା କରିବାକୁ ମୋର ମନ ଓ ଅର୍ଥବଳ ନ ଥିଲା । ସେହି ଏମ୍. ଏ. ପରୀକ୍ଷାରେ ଆଠଦିନରେ ଆଠୋଟି ଉତ୍ତର କାଗଜ ମଧ୍ୟରୁ ମୁଁ ଦୁଇଦିନର ଉତ୍ତର ଦେଇ ପାରି ନ ଥିଲି । କାରଣ ସେ ଦୁଇଦିନ ମୁଁ ପ୍ରତିମୁହୂର୍ତ୍ତରେ ପାଇଖାନା ଯାଉଥିଲି । ଗାର୍ଡ଼ମାନେ ମୋତେ ଦେଖି ଭାରି ସହାନୁଭୂତି ପ୍ରକାଶ କରୁଥାନ୍ତି । ଯାହେଉ କୌଣସିମତେ ମୁଁ ଉତ୍ତୀର୍ଣ୍ଣ ହୋଇଗଲି ଓ ୧୯୧୧ ଅକ୍ଟୋବର ମାସରେ ଆସି ସତ୍ୟବାଦୀ ସ୍କୁଲରେ ଯୋଗ ଦେଲି ।

ସେତିକବେଳେ ଗୋପବନ୍ଧୁବାବୁ ମୋତେ ସ୍କୁଲରୁ ମାସିକ ଟ୩୦୲ ଦେବାର କଥାକଲେ । କିନ୍ତୁ ମୋର ଶଳା ଏବଂ ଭଣଜା ଦୁହେଁ ସ୍କୁଲର ଛାତ୍ର । ସେଥିପାଇଁ ପରେ ବିଚାର କରି ମତେ ମାସକୁ ଆଉ ଅଧିକ ଦଶଟଙ୍କା ଏହିପରି ଚାଳିଶି ଟଙ୍କା ଦେବାର କଥା କଲେ । ଏ ଚାଳିଶି ଟଙ୍କା ଆଉ ଆଗରୁ କେହି ନେଇ ନ ଥିଲେ । ହରିହରଭାଇନା ( ଆଚାର୍ଯ୍ୟ ହରିହର ଦାସ ) 'ଏକାଡେମୀ'ରୁ ଚାକିରି ଛାଡ଼ି ଆସି ପ୍ରାୟ ସାତ ଆଠ ମାସ ପରେ ସତ୍ୟବାଦୀ ସ୍କୁଲରେ ଯୋଗଦେଲେ । 'ଏକାଡେମୀ' ସ୍କୁଲରେ ସେ ମାସକୁ ଚାଳିଶି ଟଙ୍କା ବେତନ ପାଉଥିଲେ । ତାଙ୍କୁ ସେହି ହାରରେ ଦରମା ଦିଆଗଲା । ପ୍ରାୟ ଦେଢ଼ବର୍ଷ ପରେ ଗୋଦାବରୀଶ ଆସିଲେ । ତାଙ୍କର ସ୍ତ୍ରୀ ଓ କନ୍ୟା ସାଙ୍ଗରେ ଥିଲେ । ଆଉ ଏକ ସନ୍ତାନ ହେବାର ସମ୍ଭାବନା ବି ଥିଲା । ଘର ଚଳିବା ପାଇଁ ଜଣେ ଲେଖା ଯୋଖା ନାଣୀ ( ବଡ଼ ଭଉଣୀ )କୁ ସାଙ୍ଗରେ ଆଣି ଥିଲେ । ଏମାନେ ସମସ୍ତେ ସତ୍ୟବାଦୀରେ ବସା ଭଡ଼ା କରି ରହିଲେ । ତାଙ୍କୁ କେତେ ଦରମା ଦେବାକୁ ହେବ ଆମ୍ଭେମାନେ ଠିକଣା କରି ପାରି ନଥିଲୁ । କଥାହେଲା ହରି ଭାଇନା ତାଙ୍କର ସମସ୍ତ ଖର୍ଚ୍ଚର ହିସାବ ରଖିବେ । ତାଙ୍କୁ ଯାହା ଦର୍କାର ସେତିକି ଦିଆଯିବ । ତେଣୁ ତାଙ୍କୁ ଅନ୍ୟମାନଙ୍କଠାରୁ ଅଧିକ ଦରମା ଦିଆହେଲା । ଗୋଦାବରୀଶ ବଡ଼ ଯୋଗ୍ୟବ୍ୟକ୍ତି ଥିଲେ । ତାଙ୍କ ଆଗମନ ପିଲାଙ୍କ ଭିତରେ ବେଶ୍ ଆଗ୍ରହ ଓ ଉତ୍ସାହ ଆଣି ଦେଲା ।

ତା'ପରେ ଆସିଲେ ସ୍ୱର୍ଗତ କୃପାସିନ୍ଧୁ ମିଶ୍ର, ଏମ୍. ଏ. । ସେ ସସ୍ତ୍ରିକ ବସା କରି ରହିଲେ । ସେ କହିଲେ, ତାଙ୍କର ମାସିକ ପଚାଶ ଟଙ୍କା ଖର୍ଚ୍ଚ ପାଇଁ ଦରକାର । ତାହା ହିଁ ଶେଷ ପର୍ଯ୍ୟନ୍ତ ତାଙ୍କ ଦରମାର ହାର ଥିଲା । କାରଣ ସତ୍ୟବାଦୀରେ ଏହି ଟଙ୍କା ପାଇଁ କେହି କେବେ ଭାବିତ ହେଉ ନ ଥିଲେ । ସମସ୍ତଙ୍କ ଭିତରେ ତ୍ୟାଗ ଓ ତିତିକ୍ଷାର ପ୍ରଚ୍ଛନ୍ନ ଉତ୍ତାପ ଗୋପବନ୍ଧୁବାବୁ ଲକ୍ଷ୍ୟ କରି ପାରୁଥିଲେ । ପରେ ହାଇସ୍କୁଲ ଶିକ୍ଷକଙ୍କର ଦରମାର ଗୋଟିଏ ରେଟ୍ ଇନସ୍ପେକ୍ଟର

ସ୍ଥିର କରିଦେଲେ । ଆମେ ପ୍ରକୃତରେ ପାଇବା ଦରମା ଠାରୁ ଯେଉଁ ଅଧିକ ଟଂକା ନେଉଥିଲୁ, ତାହା ଦାସ ଆପଣଂକ ପାଖରେ ଜମା ରହୁଥିଲା । ପରେ ସେହି ଟଂକାରେ "ନୀଳାଚଳ ସମାଚାର" ପତ୍ରିକା ଛପା ହେଉଥିବା ପ୍ରେସ୍ ପୁରୀରୁ କଣାହୋଇ ସତ୍ୟବାଦୀକୁ ଆସିଥିଲା । ଏହିପ୍ରେସ୍ ପରେ ସତ୍ୟବାଦୀ ପ୍ରେସ୍‌ର ମୂଳଦୁଆ ହୋଇ ଆଗେ ପୁରୀ ଓ ପରେ କଟକକୁ ଅଣା ଯାଇଥିଲା । 'ନୀଳାଚଳ ସମାଚାର' ମଝିରେ ପୁଣିଥରେ ବଂଦ ହୋଇଯାଇଥିଲା । ଏବେ କେତେବର୍ଷ ହେଲା ପୁଣି ପ୍ରକାଶ ପାଉଛି—ସୁଖର କଥା । ଓଡ଼ିଆ ପାଠକଂକ ପଠନପ୍ରୀତିର ଅଭାବ ଏକ ଜଣା ଶୁଣା କଥା । ସେଥିରେ 'ନୀଳାଚଳ ସମାଚାର' ର ଅବସ୍ଥା କଣ ହେବ କହି ହେଉନି ।

## ୮୧. ସମାଜରେ ପ୍ରତିକ୍ରିୟା

ଏହି ସମାଜ ସଂସ୍କାର ବିଷୟ ନେଇ କେତେଗୁଡ଼ିଏ କଥା ମନେ ପଡ଼ୁଛି । ସମସ୍ତେ ବୁଝିପାରିବେ ନାଇ— ସେକାଳେ ସତ୍ୟବାଦୀ ସମାଜର ଅବସ୍ଥା କ'ଣ ଥିଲା । ମୁଁ ଯେତେବେଳେ ଏମ୍. ଏ. ପାଶ୍ କରି ସତ୍ୟବାଦୀରେ ପଢ଼ାଇବାକୁ ଆସିଲି, ଲୋକେ ହୁଏତ ସେ ପରିସ୍ଥିତି କଳ୍ପନା କରି ପାରି ନ ଥିବେ । କେବଳ ସତ୍ୟବାଦୀ ପାଖରୁ ନୁହେ ଓଡ଼ିଶାର ସବୁ ଆଡ଼ୁ ଛାତ୍ରମାନେ ସତ୍ୟବାଦୀରେ ପଢ଼ିବାକୁ ଆସିଲେ । ସେଥିରୁ ଅନେକ ଛାତ୍ରଂକର ମଧ୍ୟ ଅଭିଭାବକ ସଂଗରେ ଆସି କହିଯାଉଥିଲେ । କଳାହାଂଡିର ଅତି ମଫସଲ ସ୍ଥାନରୁ ମଧ୍ୟ ପିଲାଏ ପଢ଼ିବାକୁ ଆସୁଥିଲେ । ଏହା ପୂର୍ବରୁ ମୁଁ M. A. ପଢ଼ିଲା ବେଳୁ ମୋର ଏଇ ନବ ଆଂଦୋଳନକୁ ବାହାନା ଧରି ବହୁତ ପ୍ରବଂଧ ଲେଖା ହୋଇ ଥିଲା । ସେଥିମଧ୍ୟରୁ 'ଉତ୍କଳ ସାହିତ୍ୟ'ରେ 'ନୀତି ଓ ପ୍ରକୃତି', ଆମର ଥିଲା ଓ କାରଣ ଥାଇପାରେ' ଓ 'ଅଳ୍ପ ହେବୁ' ପ୍ରଭୃତି ବଡ଼ ଖରା ପ୍ରବଂଧ ସବୁ ଲେଖା ହୋଇ ଯାଇଥିଲା । ଲୋକେ ମତେ ଦେଖି ହଠାତ୍ କିଛି ବୁଝି ପାରି ନ ଥିଲେ ।

ମୁଁ ସେତେବେଳେ ଦେଖିଛି—ସେତେବେଳର ଅଭିଭାବକମାନେ ମତେ ବିସ୍ମୟ ଓ ସଂଦର୍ପଣରେ ଦେଖୁଥାଂନ୍ତି । କ୍ରମେ ମୋର ଏଇ ସମାଜ ସଂସ୍କାର ଭାବ ସମସ୍ତ ଉତ୍କଳରେ ବ୍ୟାପ୍ତ ହୋଇଗଲା । ଏପରିକି ଗଂଜାମ ବାଟେ ଦକ୍ଷିଣକୁ ଓ ମେଦିନୀପୁର ବାଟେ କଲିକତା ଆଡ଼କୁ ସେ ସବୁର ପ୍ରଭାବ ଚାଲିଗଲା । ଏକ କଥାରେ କହିଲେ ମୋର ଏଇ ସଂସ୍କାର ଭାବ ନେଇ ସାମାଜିକ ଅଂଚଳରେ ବଡ଼ ନାମ ହୋଇଗଲା । ମଝେ ମଝେ ମୋ ପାଖକୁ ସେକାଳ ସମାଜର ମୁଖ୍ୟମାନେ ଦଳବାଂଧି ଯୁକ୍ତି କରିବାକୁ ଆସିଲେ ।

ଦିନେ ମନେ ଅଛି ଦଳେ ଲୋକ ଆସି ମୋ ସଂଗେ ସମାଜରେ ଉଚ୍ଛୃଂଖଳତା ନ ଦେଖେଇବା ପାଇଁ କହି ବସିଲେ । ମୁଁ କହୁ କହୁ ତାଂକୁ ଥଟ୍ଟାରେ କହିଲି—"ଆମ ଗ୍ରାମରେ ଜଣେ ଲୋକ ଥିଲା । ସେ ଟିକିଏ ଭାଂଗ ଖାଏ । ଦିନେ ସଂଧ୍ୟାବେଳେ ଶୋଇବାକୁ ଯାଇ ଗୋଡ଼ କୁଆଡ଼କୁ ରଖିବ ବୋଲି ବଡ଼ ବ୍ୟସ୍ତ ହୋଇ ପଡ଼ିଲା । କ୍ରମେ ଯୁଆଡ଼କୁ ଗୋଡ଼ କଲା ସେ ଆଡ଼େ ଦେବତା ଥିବାର ସେ ଅନୁଭବ କଲା । ଶେଷକୁ ଆକାଶକୁ ଗୋଡ଼ କଲା । ସେଥିରେ ତା ମନେ ହେଲା—ଖ ଅର୍ଥାତ୍ ବ୍ରହ୍ମ । ତା'ପରେ ପୃଥିବୀ ତଳେ ବାସୁକୀ, ଶେଷକୁ ବ୍ୟାକୁଳ ହୋଇ ଦୁଇ ଗୋଡ଼କୁ ଉପରକୁ ରଖି ହଲାଇ ହଲାଇ "ଆଲୋ ବୋଉ କୁଆଡ଼େ ଗୋଡ କରିବିଲୋ" ବୋଲି ଡକା ପକାଇଲା । ଏପରି ସମାଜକୁ ଗୋଟି ଗୋଟି କଥା ଧରି ବୁଝି ବସିଲେ ମୋର ଶେଷକୁ ସେଇ ଅବସ୍ଥା ହେବ ସିନା ।"

ସେମାନେ ସମସ୍ତେ ହସିଲେ, ଆଉ କଥା ନ କହି ଫେରିଗଲେ । ଏହିପରି ଗ୍ରାମ ଲୋକମାନଂକ ସଂଗେ ସ୍କୁଲରେ ତଥା ଗ୍ରାମରେ ବହୁତ ଯୁକ୍ତି ଓ ଥଟ୍ଟା କରିବାକୁ ପଡ଼ିଛି । କିଂତୁ ମୁଁ ଏଇ ଥଟ୍ଟା ଭିତରେ

ବଡ଼ ଜଗିଥାଏ କାହାର ପ୍ରାଣରେ ଆଘାତ ଦିଏ ନାହିଁ । ଲୋକେ ହସିହସି ସବୁ ଭୁଲି ଯାଆଂନ୍ତି ।

## ୮୨. ଜୋଇଂକ ଶ୍ଳୋକ ଆବୃତ୍ତି

ଆଉ ଗୋଟିଏ କଥା କହେ । ସେଉଟି ମୋର ବିବାହ ଦିନର କଥା । ସେଇଦିନ ରାତିରେ ଆମ ସମାଜରେ ଫୁଲସଭା ହୁଏ । ସେଥିରେ ଜୋଇଁମାନେ ପ୍ରଥମେ ଶ୍ଳୋକ ବୋଲି ସଭାକୁ ଶୁଣାଇ ଦିଅଂନ୍ତି । ତା'ପରେ ଶ୍ଳୋକ ବୋଲା ଆରଂଭ ହୁଏ ।

ଜଣେ ବୃଦ୍ଧ—ଲେଖାରେ ମୋ ଶ୍ୱଶୁରଂକ କକେଇ ମତେ ଆସି କହିଲେ—"ଜୋଇଁ ଗୋଟିଏ ଶ୍ଳୋକ ବୋଲଂନ୍ତୁ ।" ମୁଁ ସେତେବେଳେ ଏନ୍‌ଟ୍ରାନ୍‌ସ ପଢୁଥାଏ । ଅବଶ୍ୟ ସେତେବେଳକୁ ମୋର ଗୀତା ପ୍ରାୟ ମୁଖସ୍ଥ ହୋଇ ଯାଇଥିଲା । ଶ୍ଳୋକ ବି ମତେ ଜଣାଥାଏ । କିଂନ୍ତୁ ମୁଁ କହିଲି—"ଆପଣ ଏ ବୃଦ୍ଧ ବୟସରେ ଏ ଦୁର୍ଗତି ଭିଆଉଚଂନ୍ତି କାହିଁକି ? ଜାଣି ଶୁଣିତ ମୂର୍ଖ ଜୋଇଁଟିଏ କରିଚଂନ୍ତି । ଏ ସମସ୍ତ ବ୍ରାହ୍ମଣଂକ ସଭାରେ ଜୋଇଁଟିକୁ ମୂର୍ଖ ବୋଲି ଜଣାଇଦେବା କଣ ଆପଣଂକ ଉଦ୍ଦେଶ୍ୟ ?"

ସେଠାରୁ ସେ ବୃଦ୍ଧ ହସିଲେ ଓ ଆଉ ସମସ୍ତ ଶୁଣିବା ଲୋକ କେହି କେହି ହସିଲେ । ସେତିକିରେ ସେ କଥା ବଂଦ ହୋଇଗଲା । ଅବଶ୍ୟ ଯେପରି ଶ୍ଳୋକ ବୋଲାହୁଏ, ବିଶେଷରେ ଜୋଇଁମାନେ ଯେପରି ଶ୍ଳୋକ-ବୋଲଂନ୍ତି ସେ ଏକପ୍ରକାର ଗୋଟିଏ କୁସଂସ୍କାରର ରହସ୍ୟ । ଅବଧାନେ ଶ୍ଳୋକ ଶିଖେଇ ଦିଅଂନ୍ତି । ବାଳକ ଜ୍ୱାଇଁ ସେ ସବୁ ଶିଖି ସଭାରେ ଯାଇ ବୋଲଂନ୍ତି । ମୋ ଇସ୍କୁଲ କାଳରେ ମନେ ଅଛି—ଜଣେ ବାଳକ ଏହିପରି ଅବଧାନଂକଠାରୁ ଶିଖି ସଭାରେ ଗୋଟିଏ ଶ୍ଳୋକ ବୋଲିଥିଲେ । ସେ ହେଉଚି—

"ଗର୍ଜଂନ୍ତି ମେଘାଃ ବର୍ଷଂନ୍ତି ପାଣି
ଉଠଂନ୍ତି ବେଂଗାଃ ବେଳକାଳ ଜାଣି ।"

ଏହିପରି ଶ୍ଳୋକ ବୋଲିବା ରୀତି ସମାଜରେ କ୍ରମେ ପ୍ରସାର ଲାଭ କରୁଥିଲା । ତେଣୁ ମୋର ତା' ପ୍ରତି ଭଲ ଭାବ ନ ଥିଲା ।

## ୮୩. ସତ୍ୟବାଦୀ ବିଦ୍ୟାଳୟ ଘରପୋଡ଼ି

ସତ୍ୟବାଦିର ବର୍ତ୍ତମାନ ବିଦ୍ୟାଳୟ ଗୃହଟି କୋଠାଦିର । ସେତେବେଳେ ଏହାର ମଝି ସାହାଲା ସ୍ଥାନରେ ମାଇନର ସ୍କୁଲର ଗୋଟିଏ ଚାଳ ବଂଗଳା ଥାଏ । ଉଦ୍ୟୋକ୍ତାମାନେ ଧନଲୋକ ଲୁହନ୍ତି । ନିଜ-ନିଜର ପାଠ୍ୟପୁସ୍ତକମାନ ଦେଇ, ଚାଂଦାଭେଦା କରି ଭିନ୍ନ ଭିନ୍ନ ଅଂଚଳରୁ ଅର୍ଥ ସଂଗ୍ରହ କରି ବହୁକଷ୍ଟରେ ସେମାନେ ଗୋଟିଏ ବଡ଼ ଧରଣର ଲାଇବ୍ରେରୀ କରିଥିଲେ । ମୋର ସମସ୍ତ ପଢ଼ାବହି ଓ ନୋଟ୍ ସେହି ଲାଇବ୍ରେରୀରେ ଥିଲା । ସେ ଲାଇବ୍ରେରୀ ସେହିଦିରେ ଗୋଟିଏ ବଖରାରେ ଥିଲା । ଇଂରେଜୀ କୋଚିଂ କ୍ଲାସ୍ ମଧ୍ୟ ସେହିଘରର ଅନ୍ୟ ଗୋଟିଏ ପ୍ରକୋଷ୍ଠରେ ବସୁଥିଲା ।

ନୂଆ ଶ୍ରେଣୀ ଖୋଲିବାର ଅଳ୍ପଦିନପରେ ସେହି ବିରାଟ କାଷ୍ଠ ନିର୍ମିତ ଗୃହଟିକୁ ପାଖଆଖ ଗ୍ରାମର କେହି ରକ୍ଷଣଶୀଳ ଦୁର୍ବୃତ୍ତ ଗୋପନରେ ପୋଡ଼ି ପକାଇଲେ । ୧୯୧୧-୧୨ ମସିହାବେଳକୁ ମାଇନରସ୍କୁଲ ସଂଗେ ହାଇସ୍କୁଲ ୪ର୍ଥଶ୍ରେଣୀ ( ଅଷ୍ଟମ ) ଖୋଲିଥାଏ ମାତ୍ର । ପୂର୍ଣ୍ଣ ହାଇସ୍କୁଲ ହେଲାବେଳକୁ ସେହି ତିନି ଚାରି ବର୍ଷ ମଧ୍ୟରେ ଅସ୍ପୃଶ୍ୟତା ଦୂରୀକରଣ, ସାମାଜିକ ବହୁ କୁସଂସ୍କାର ତ୍ୟାଗ, ଏକ ପଙ୍‌କ୍ତିରେ ଜାତିଧର୍ମ ନିର୍ବିଶେଷରେ ଭୋଜନ ଆଦି କେତେକ ଦେଶ ଓ ସମାଜର ଉନ୍ନତିକର ଯୋଜନା ଆମେମାନେ କାର୍ଯ୍ୟକାରୀ କରିବାରେ ଲାଗିପଡ଼ିଥିଲୁ । ମୁଁ କେତେକ ଯୁବକଂକୁ ନିଜ ମତରେ ଅନୁପ୍ରାଣିତ କରି ସେମାନଂକ ମନରେ ପଂଡିତ ବ୍ରାହ୍ମଣ ନିଶ ରଖିବା "ଶାସ୍ତ୍ର ବିରୁଦ୍ଧ ନୁହେ, ତେଣୁ ନିଶ ରଖିବା ସାମାଜିକ ନୀତିର ଖଣ୍ଡ-

କାରଣ ନୁହେଁ ବୋଲି ଏକ ପ୍ରତିଷ୍ଠିତ ବିଶ୍ୱାସ ଆଣି ଦେଇଥିଲା । ମୁଁ ଏବଂ ମୋ ଦଳର ଯୁବକମାନେ ନିଶ ରଖିଲୁ । ରକ୍ଷଣଶୀଳ ବ୍ରାହ୍ମଣ ସମାଜରେ ଚହଳ ପଡ଼ିଗଲା । ନିଶ ରଖିବାରୁ ଏବଂ ଅନ୍ୟାନ୍ୟ କୁସଂସ୍କାରକୁ ନ ମାନି କାର୍ଯ୍ୟ କରିବାରୁ ଆମମାନଂକୁ ସାମାଜିକ ଶାସ୍ତି ଦେଇ ନ ପାରି ଆମମାନଂକ କର୍ମକେଂନ୍ଦ୍ରକୁ ଜାଳି ପୋଡ଼ିଦେବାର ଷଡ଼ଯନ୍ତ୍ର ସେମାନେ ବୋଧହୁଏ ଆଗରୁ କରିଥିଲେ । ସକାଳୁଆ ସ୍କୁଲସାରି ସମସ୍ତେ ଗଲାପରେ ଉପରବେଳା ସ୍କୁଲଘର ଭସ୍ମୀଭୂତ ହୋଇଗଲା । ଲାଇବ୍ରେରୀଟି ମଧ୍ୟ ବିବାକ ଜଳିଗଲା । ଅଳ୍ପ କେତେଖଂଡ ବେଞ୍ଚ ଓ ଟେବୁଲ ବାହାରିଥିଲା ।

କିଂନ୍ତୁ ରାତାରାତି ଆମେମାନେ ଲାଗିପଡ଼ି ବୁଂଚର ଝୁମୁଡ଼ିଆମାନ କରିଦେଲୁ । ଯଥାରୀତି ସେଥିରେ ଶ୍ରେଣୀଗୁଡ଼ିକ ବସିଲା । ପଢ଼ାର ଗାମ୍ଭୀର୍ଯ୍ୟ କୌଣସି-ମତେ କମିଲାନି । ମାତ୍ର ମୁଁ ଓ ଅନ୍ୟମାନେ କିଂଚିତ୍ ବିଷଣ୍ଣ ହୋଇ ପଡ଼ିଥିଲୁ ।

ପରଦିନ ଖରାବେଳକୁ ଘରପୋଡ଼ି ସଂବାଦପାଇ ଗୋପବଂଧୁ ବାରିପଦାରୁ ଆସି ପହଂଚିଲେ । ଶିକ୍ଷକ-ମାନେ ସମସ୍ତେ ତାଂକ ଗୋଡ଼ତଳେ ମୁଂଡିଆ ମାଇଲେ । ସମସ୍ତେ ବିଷଣ୍ଣ; କିଂନ୍ତୁ ତାଂକ ମୁଖ ସରସ, ପ୍ରଫୁଲ୍ଲ ଓ ସହାସ୍ୟ ଥିଲା । ସେ ଆଂଭମାନଂକୁ ଉତ୍ସାହ ଦେଇ କହିଲେ—"ଏଥିପାଇଁ ଦୁଃଖ କାହିଁ ? ଭଗବାନଂକ ଇଚ୍ଛା ବୋଧହୁଏ ଏ ବିଦ୍ୟାଳୟପାଇଁ କୋଠାଘର ହେବ ।"

ଗୋପବଂଧୁଂକ ଆଗ୍ରହ ଓ ଅନୁପ୍ରେରଣା ଜୀବନରେ ଭୁଲିବାର ନୁହେଁ । ମୁଁ ତ ତାଂକୁ ଦେଖିବାମାତ୍ରେ ସାହସ ପାଇଥିଲି । ତାଂକ କଥା ଶୁଣିବାପରେ ମତେ ଅକଳଂତ ଆନଂଦ ମିଳିଲା । ମୁଁ କ୍ଷଣକେ ଅଗ୍ନିଦାହର ବ୍ୟଥା ଭୁଲିଗଲି ।

ଶିକ୍ଷକମାନେ ଯଥାରୀତି କ୍ଲାସ କଲେ । ମୁଁ ମଧ୍ୟ ମୋ କ୍ଲାସକୁ ଗଲି ।

## ୮୪. ଘରପୋଡ଼ି ପରେ

ନୈତିକ ଚରିତ୍ରର ବିକାଶ ଲାଗି ସତ୍ୟବାଦୀ ବିଦ୍ୟାଳୟର ପରିକଳ୍ପନା ହୋଇଥିଲା । ଶୃଂଖଳା, ଧୈର୍ଯ୍ୟ ଓ ସଂଯମ ସ୍କୁଲର ମୂଳଭିତ୍ତି । ଘରପୋଡ଼ି ପରଦିନ ପରୀକ୍ଷା ହେବାର ଥିଲା । ପିଲାମାନେ ପ୍ରଶ୍ନ କାଗଜ ନେଇ ନିଜ ଇଚ୍ଛାନୁସାରେ ସ୍ଥାନ ବାଛି ନେଲେ । କୌଣସି ଶିକ୍ଷକ ବୁଲି ମଧ୍ୟ ଦେଖିଲେ ନାହିଁ । ଯଥା-ସମୟରେ ଛାତ୍ରମାନେ ଖାତା ଦେଇଗଲେ । ସେ ପରୀକ୍ଷାରେ ଯେ ଯେପରି କରଂନ୍ତି ଠିକ୍ ସେହିପରି କରିଥିଲେ । ଆମ ଉପରକୁ କିଂନ୍ତୁ ବିପଦ ପରେ ବିପଦ ମାଡ଼ି ଆସିଲା । ସେଦିନ ଦିନ ଗୋଟାକବେଳେ ପ୍ରବଳ ପବନ ଆରଂଭ ହେଲା । ପୁରୁଣା ଘରର ସୁରକ୍ଷିତ କାଂଥଗୁଡ଼ିକ ଏକାବେଳକେ ଅଜାଡ଼ି ହୋଇ ପଡ଼ିଲା । ଟିଣ ଗୁଡ଼ିକ ଛିନ୍ନଛିନ୍ନ ହୋଇ ପଡ଼ିଲା । ମୁଁ ଓ ଅନ୍ୟମାନେ ଦୁଃଖ ନ କରି ସିଂହ ବିକ୍ରମରେ ପିଲାମାନଂକୁ ଧରି ବାହାରି ପଡ଼ିଲୁ । ବର୍ଷା ଓ ପବନରେ ମଧ୍ୟ ଟିଣ-ଗୁଡ଼ିକୁ ଯତ୍ନର ସହିତ ଏକତ୍ର କଲୁ । ସମସ୍ତ ଛାତ୍ର ଓ ଶିକ୍ଷକମାନେ ବୋର୍ଡ଼ିଂ ଓ ସ୍କୁଲଘର ତିଆରିର ସମସ୍ତ କାର୍ଯ୍ୟ ହାତେ ହାତେ କରୁଥାଂନ୍ତି, **A Block** ଟି ଛାଟିଂଗଲା ।

ମୁଁ ଏବଂ ଗୋପବଂଧୁବାବୁ ବର୍ଷ ଶେଷଆଡ଼କୁ ଅର୍ଥ ସଂଗ୍ରହ ଓ ଗୃହ ନିର୍ମାଣ ଉପକରଣ ସଂଗ୍ରହ କରିବା ନିମଂତେ ବାହାରକୁ ଗଲୁ । ଆମର ଏଇ କାମ ଉତ୍କଳ-ବାସୀଂକ ପ୍ରାଣରେ ବେଶ୍ ଆକର୍ଷଣ ଆଣି ପାରିଥିଲା । ଏମାର ମଠର ମହଂତ ମହ.ରାଜ, ରାଧାକାଂତ ମଠାଧୀଶ ପ୍ରଭୃତି ଧନାଢ଼୍ୟ ବହୁ ସ୍ୱାମୀଯୁ ବ୍ୟକ୍ତି ଓ ଗଡ଼ଜାତର ରାଜା ମହାରାଜାମାନେ ଓ ବିଶେଷରେ ଗଂଜାମର ରାଜା ଓ ଜମିଦାରମାନେ ସତ୍ୟବାଦୀ ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଯଥାଶକ୍ତି ସାହାଯ୍ୟ ଓ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ ।

## ୮୫. ଗୁରୁକୁଳ ନିୟମାବଳୀ

ପ୍ରାୟ ୧୯୧୪ ବେଳକୁ ସତ୍ୟବାଦୀ ଗୁରୁକୁଳ ଆଶ୍ରମର ପ୍ରକୃତ ମୂଳଭିତ୍ତି ଦିଆଯାଇଥିଲା । କ୍ରମଶଃ ଛାତ୍ର ସଂଖ୍ୟା ବୃଦ୍ଧିପାଇ ଛାତ୍ରାବାସ ଭରପୂର ହୋଇଗଲା । ବଡ଼, ସାନ, କଠୋର ଓ କୋମଳ ପ୍ରକୃତି ବିଶିଷ୍ଟ ଧନୀଦରିଦ୍ର ବହୁ ସଂଖ୍ୟକ ଛାତ୍ରଙ୍କର ବୋର୍ଡିଂରେ ସମାଗମ ହେଲା । ଅତି ଅଳ୍ପ ସଂଖ୍ୟକ ଶିକ୍ଷକ ବାହାରେ ଥିଲେ ବା ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଆସି ପାଠ ପଢ଼ାଇ ସଂଧ୍ୟାକୁ ଘରକୁ ଫେରିଯାଉଥିଲେ । ଛାତ୍ରାବାସକୁ ପରେ ନିୟମ ପ୍ରଣୟନ କରି ଶୃଂଖଳିତ କରିଦେଲି । ପ୍ରଥମେ ପ୍ରତି କୋଠରୀରେ ଜଣେ ଜଣେ ମନିଟର ଥାଆନ୍ତି । ସେମାନେ ପିଲାମାନଙ୍କର ଶିକ୍ଷା ଦେଖୁଥିଲେ । ଚରିତ୍ରବିଷୟ ଲକ୍ଷ୍ୟ କରୁଥିଲେ । ଏପରିକି ଶାସନ କରିବାର ପ୍ରୟୋଜନ ହେଲେ ଦଂଡ଼ ଦେବାର ଅଧିକାର ମଧ୍ୟ ପାଉଥିଲେ । ମାତ୍ର ତିରିଶ ଗୋଟି ବୋର୍ଡିଂ କୋଠରୀ ହୋଇଯିବା ପରେ ତିରିଶଜଣ ମନିଟର୍ ପ୍ରୟୋଜନ ହେଲେ । ସମସ୍ତେ ମେଧାବୀ ଛାତ୍ର ଓ ଚରିତ୍ର ସଂପନ୍ନ ହୋଇଥିବା ପ୍ରୟୋଜନ । ପ୍ରଥମେ ଏହି ଢଂଗରେ ଶିକ୍ଷକମାନଙ୍କୁ ଛାତ୍ରମାନଙ୍କ ସହିତ ମିଶିବାର ଅଧିକ ସୁଯୋଗ ଦେଲି । ନିୟମ ହେଲା, ଶିକ୍ଷକମାନେ ବୋର୍ଡିଂରେ ରହିବେ, ପିଲାମାନଙ୍କର ଘରପଢ଼ାରେ ଯଥାଶକ୍ତି ସାହାଯ୍ୟ କରିବେ । କୌଣସି ଶିକ୍ଷକ ଟିଉସନ୍ କରିବାକୁ ମନା କରି ଦେଇଥିଲି । ବହୁ ଛାତ୍ର ଓ ଯୁବକ ଶିକ୍ଷକମାନେ ଏକତ୍ର ବସବାସ କରିବାରୁ ସେମାନଙ୍କ ଆଚରଣରେ କେତେକ ତ୍ରୁଟି ଦେଖାଗଲା । ମୁଁ ଏଥିପ୍ରତି ଅତିମାତ୍ରାରେ ଅସହିଷ୍ଣୁ ହୋଇ ପଡ଼ିଲି । କଠୋର ଦଂଡ଼ ମଧ୍ୟ ଦେଲି । ଭଲ ଛାତ୍ରମାନେ ମୋ ପାଖରେ ଆଗ୍ରହରେ ବିହ୍ୱଳ ହୋଇ ପଡ଼ୁଥିଲେ । ମଂଦ ଛାତ୍ରମାନେ ମତେ ଅତିମାତ୍ରାରେ ଭୟ କରୁଥିଲେ । ମାତ୍ର ନିୟମ, ଶୃଂଖଳାରେ ସବୁକଥା ପରିଚାଳିତ ହେବା ଏବଂ ଗଣତଂତ୍ର ମତରେ ଛାତ୍ରମାନେ ପରସ୍ପରର ସହାୟକ ହେବାର ଉପାଦେୟତା ଉପଲବ୍ଧି କରି ଦିନେ ଗୋପବଂଧୁବାବୁ ସମସ୍ତ ଛାତ୍ରଙ୍କୁ ଏକତ୍ର କଲେ ।

## ୮୬. ସତ୍ୟବାଦୀ ବିଦ୍ୟାଳୟରେ ଗଣତଂତ୍ରର ପରୀକ୍ଷା ଓ ବିକାଶ

ମୁଁ ଗଣତଂତ୍ର ମତରେ ଉପାଦେୟତା ପିଲାମାନଙ୍କୁ ବୁଝାଇ ଦେଲି । ସେଦିନ ପ୍ରାଚୀନ ଗ୍ରଂଥ ସଂଗ୍ରାହକ ପଂଡିତ ବିଶ୍ୱନାଥ ରଥ କାବ୍ୟତୀର୍ଥ ପ୍ରଥମଥର ସ୍କୁଲକୁ ଆସିଥିଲେ । ମୋର ମନେଅଛି, ମୁଁ ପ୍ରାଂଜଳ ଭାଷାରେ ବାଳକମାନଙ୍କୁ ଉଦ୍‌ବୋଧନ ଦେଇ ଜଣାଇ ଦେଲି ଯେ, ଶିକ୍ଷକ ଓ ଛାତ୍ରମାନେ ସମସ୍ତେ ମିଶି ଗୋଟିଏ ପରିବାର । ଆଗକାଳର ଗୁରୁକୁଳ ଆଶ୍ରମର ଏ ଯୁଗକୁ ଖାପ ଖାଇଲା ଭଳି କେତେକ ନିୟମ ଓ କାର୍ଯ୍ୟକ୍ରମ ରହିବ ଆଧୁନିକ ଶିକ୍ଷା ପିଲାମାନେ ଲାଭ କରିବେ । ଭିତ୍ତି ଭାରତୀୟ ଓ ଶିକ୍ଷା ପାଶ୍ଚାତ୍ୟ ଭାବଧାରାରେ ପ୍ରଭାବିତ; ତେଣୁ ଗୁରୁକୁଳ ଆଶ୍ରମର ଚାଲି ଚଳଣୀ, ଆଚାର ବିଚାର, ଯଥାସଂଭବ ଏହିଠାରେ ରଖାଯିବ । ଛାତ୍ର ଶିକ୍ଷକ ଏକ ପରିବାର ପରି । ପ୍ରଥମେ ଯେଉଁମାନଙ୍କୁ ମନିଟର୍ ରୂପେ ବଛା ଯାଇଥିଲା, ସେମାନଙ୍କୁ ବହୁତ କ୍ଷମତା ଦିଆଗଲା । ତାହାର ସୁବ୍ୟବହାର କରି, ଅନ୍ୟାନ୍ୟ ମନିଟର୍ ସେପରି ତାଙ୍କର ଆଦର୍ଶରେ ତିଆରି ହେବେ ଏକଥା ବୁଝାଇ ଦେଲି । ଶିକ୍ଷା ଓ ଚରିତ୍ର ଉଭୟ ଦିଗରେ ଦୃଷ୍ଟିଦେବାକୁ କହିଲି । ତଥାପି ଶିକ୍ଷକମାନେ ଓ ନିଜେ ଗୋପବଂଧୁବାବୁ ଉତ୍ତମ-ଛାତ୍ର ସମାଜ ପ୍ରତି ତୀବ୍ର ଦୃଷ୍ଟି ରଖିଥାଆନ୍ତି । ଆମର ଅନୁସଂଧାନ, ଚରିତ୍ର ପରୀକ୍ଷା ଏବଂ ନିର୍ବାଚନ ପ୍ରଣାଳୀ ଅତି ଚମତ୍କାର ଥିଲା । ଯୋଗଜନ୍ମା ଗୋପବଂଧୁଙ୍କର ସାମାନ୍ୟ କଥା ପଦକରୁ ଲୋକର ଅଂତର ଜଣାଯିବା ଅତି ଆଶ୍ଚର୍ଯ୍ୟଜନକ ଥିଲା । ବେଶଭୂଷାରେ ସରଳତା, ନିରାଡ଼ଂବର ବ୍ୟବହାର ସତ୍ୟବାଦୀର ଛାତ୍ରଗୋଷ୍ଠୀର ଆତ୍ମିକ ଧର୍ମ ଥିଲା ।

ଗୋପବନ୍ଧୁବାବୁଙ୍କ ପାଇଁ ସ୍ୱତନ୍ତ୍ରଘର ହୋଇଥାଏ ଓ ସେଥିରେ ମୁଁ ମଧ୍ୟ ରହୁଥାଏ । ଦାସେ ଆପଣେ ଆସିଲାବେଳେ ଦୁହେଁ ଏକାଠି ରହୁ । ସେ ଘରଟି ସମସ୍ତଙ୍କର ଦୃଷ୍ଟିକେନ୍ଦ୍ର ଥାଏ । ମୁଁ ସକାଳେ ଟିକଏ ଭୋରରେ ଉଠେ ଏବଂ ଉଠିବାମାତ୍ରେ ଦୁଆର ମୁହଁରେ ଦାନ୍ତ ଘଷିଲାବେଳେ ଶିକ୍ଷକମାନେ ଆସି ଜୁଟନ୍ତି । ତାହାପରେ ଆମର ଆଲୋଚନା ପ୍ରଭୃତି ଚାଲେ । ମୁଁ ପ୍ରତିଦିନ ସେହି ଘରକୁ ଫେରି ଶାସ୍ତ୍ରପାଠ, ଚର୍ଚ୍ଚା, ଆଲୋଚନା ଓ ଉନ୍ନତ ବିଷୟମାନଙ୍କର ଅନୁଶୀଳନରେ ଲାଗିପଡ଼େ ।

ମୁଁ ପ୍ରତିଦିନ ପ୍ରାୟ ରାତି ଦୁଇଘଣ୍ଟା ପର୍ଯ୍ୟନ୍ତ ପଢ଼େ । ମୋର କ୍ଷଣକୋପ ଓ ଦଣ୍ଡ ଦେବାକାଳରେ ନିଷ୍ଠୁରତା ଦେଖି କେତେକ ନବାଗତ ଛାତ୍ର ମତେ ଅତ୍ୟନ୍ତ ଭୟ କରୁଥିଲେ । କିନ୍ତୁ ମୋର ନିବିଡ଼ ପରିଚୟରେ ଆସିଥିବା ଛାତ୍ରମାନେ ମୋର ପରିଶ୍ରମ ଓ ଅଧ୍ୟୟନ ଅଭ୍ୟାସ ଦେଖି ମତେ ଅସାଧାରଣ ମଣିଷ ବୋଲି ଭାବୁଥିଲେ । ମୋ ସମ୍ମୁଖ ରାସ୍ତାରେ ଛାତ୍ରମାନେ ଅତି ବିନୀତ ଓ ଧୀରସ୍ଥିର ଭାବରେ ଅଳ୍ପ ଆନତ ହୋଇ ଚାଲିଯାଉଥିବାର ଦେଖିଲେ ମୁଁ ମନେ ମନେ ବହୁତ ହସେ । ଅନୁଭବ କରେ ସାଧାରଣ ଛାତ୍ରଙ୍କ ପାଖରୁ ମୁଁ ହୁଏତ ବହୁତ ଦୂରେଇଯାଇଛି । ସେଥିପାଇଁ ତାଙ୍କ ସହିତ ମିଶିବାକୁ ଚେଷ୍ଟା କରେ । ଦୋଷତ୍ରୁଟିକୁ କ୍ଷମା ଦେଲେ ଏବଂ ଭୁଲ୍‌କୁ ଭୁଲ ବୋଲି ଗ୍ରହଣ କରିନେଲେ ସିନା ପିଲାଏ ପାଖକୁ ଲାଗି ଆସନ୍ତି । ମୁଁ ତ ସବୁଦିନେ ଦୋଷପାଇଁ ନିଷ୍ଠୁର ହୁଏ; ତେଣୁ ପିଲାଏ ଭୟରେ ମୋ ଆଗରେ ସିଧା ହୋଇ ଚାଲି ପାରନ୍ତି ନାହିଁ ।

## ୮୭. ନୂତନ ପରିକଳ୍ପନା

ଗୋପବନ୍ଧୁ ବାବୁ ପଶ୍ଚିମବଙ୍ଗର ବିଶ୍ୱଭାରତୀ ଅନୁଷ୍ଠାନ ଦେଖି ଫେରିଥାନ୍ତି । ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କ ଉପସ୍ଥିତିରେ ସେ 'ଶାନ୍ତିନିକେତନ'ର କାର୍ଯ୍ୟକଳାପ ବିଶଦ୍ ଭାବରେ ବର୍ଣ୍ଣନା କଲେ ଏବଂ କହିଲେ, "ସେଠାରେ ଛାତ୍ରାବାସ ଓ ବିଦ୍ୟାଳୟ ଗଣତନ୍ତ୍ରମତରେ ଛାତ୍ରମାନଙ୍କଦ୍ୱାରା ପରିଚାଳିତ ହୁଏ ବୋଲି କେବଳ କଥାରେ କୁହାଯାଏ । ପିଲାମାନେ ବଜାର ସଉଦା କରନ୍ତି—ଅର୍ଥାତ୍ ଗାଡ଼ିରେ ବସି ତାଲିକା ନେଇ ଜଣେ ଦୁଇଜଣ ଛାତ୍ର ପୂଜାରୀ ଚାକରଙ୍କୁ ନେଇ ବଜାରକୁ ଯା'ନ୍ତି । ତାଲିକା ଅନୁସାରେ ପୂଜାରୀ ଓ ଚାକରମାନେ ବଜାରରୁ ଜିନିଷ ଆଣିଲାପରେ, ସେହି ତାଲିକା ଓ ହିସାବ ଦେଇ ପିଲାମାନେ ଫେରନ୍ତି; ମାତ୍ର ଏହା ପ୍ରକୃତ କର୍ମକୁଶଳତା ନୁହେଁ। ଛାତ୍ରାବାସର ଯାବତୀୟ କଥା—ଖାଇବା, ଖୁଆଇବା, ଖେଳିବା, ବସିବା, ପଢ଼ିବା, ପଢ଼ାଇବା ସକଳ କାର୍ଯ୍ୟ ପିଲାମାନେ କରିବେ, ହାତରେ କରିବେ—ତେବେ ଶିକ୍ଷା ପୂର୍ଣ୍ଣାଙ୍ଗ ହେବ । ଆଜିକାଲି ପାଠପଢ଼ି ଟାଇଟଲ୍ ପାଇ ଫେରିଆସୁଥିବା ଯୁବକମାନେ ଚାକିରିଛଡ଼ା କୌଣସି କାର୍ଯ୍ୟ କରି ପାରୁନାହାନ୍ତି । ମାତ୍ର ତୁମେମାନେ ଏଠାରେ ଘରକାମ ହାତରେ କରି ଶିଖିଲେ ତୁମ୍ଭମାନଙ୍କ ଜୀବନ ସବୁକ୍ଷେତ୍ର ଲାଗି ଓ ସକଳ ଅବସ୍ଥା ଲାଗି ପ୍ରସ୍ତୁତ ହୋଇଯିବ । ପ୍ରଚାରିତ ଓ ବିଜ୍ଞାପିତ ସୁନାମ ସୁନାମ ନୁହେ । ପ୍ରକୃତ କାର୍ଯ୍ୟ ନୀରବରେ ହୁଏ । ଯଶ ସମ୍ମାନ ଲାଳସାରେ ଲୋକ ଦେଖାଣିଆ କାର୍ଯ୍ୟ କରିବା ଏ ବିଦ୍ୟାଳୟର ଲକ୍ଷ୍ୟ ନୁହେ । ତୁମ୍ଭେମାନେ ସମସ୍ତେ ଭାବି ଏକ ଯୋଜନା ତିଆରି କର । ନିଜ କାର୍ଯ୍ୟ ନିଜେ କରିବ । ବୋର୍ଡ଼ିଂରେ ଦରିଦ୍ର ପିଲାଙ୍କୁ ଖୁଆଇବ ଅର୍ଥାତ୍ ପ୍ରତିଦିନ ଗୋଟିଏ ଲେଖାଁ ନିରାଡ଼ମ୍ବର ଭୋଜି କରିବ । ଶିକ୍ଷକମାନେ ସର୍ବସାଧାରଣ ଛାତ୍ରଙ୍କ ପରି ରହିବେ । କ୍ଷମତାର ଅପବ୍ୟବହାର ନ ହେବାପାଇଁ ଶିକ୍ଷକମାନଙ୍କ ଉପରେ ଅଙ୍କୁଶ ମଧ୍ୟ ରହିବ ।"

ପ୍ରତ୍ୟହ ବିଦ୍ୟାଳୟ ଛୁଟିପରେ ବହୁ ଆଲୋଚନା ଚାଲିଲା । ତିନିଦିନ ମଧ୍ୟରେ ବହୁପ୍ରକାର ଯୋଜନା ପିଲାମାନେ ଓ ଶିକ୍ଷକମାନେ ପେଶ୍ କଲେ । କୌଣସିଟି

ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହୋଇପାରିଲା ପରି ବୋଧହେଲା ନାହିଁ । ତୃପ୍ତିପୂର୍ବକ ରାତିରେ ଖାଇବା ପରେ ପୁଣି ସମସ୍ତେ ଏକତ୍ର ହେଲେ । ମୁଁ ଗୋଟିଏ ଯୋଜନା ମନେ ମନେ ସ୍ଥିର କରିନେଲି । ଛାତ୍ର ଶ୍ରୀ ଚନ୍ଦ୍ରଶେଖରଙ୍କୁ ମୋ ଯୋଜନା ଲିପିବଦ୍ଧ କରିବାକୁ ଡାକି ବସିଲି, ସେ ଅପ୍ରତ୍ୟାଶିତ ଯୋଜନାଟି ସମସ୍ତଙ୍କ ମନକୁ ପାଇଲା । ସେହି ଅନୁସାରେ ସ୍କୁଲ ଭାଙ୍ଗିବା ପର୍ଯ୍ୟନ୍ତ ବୋର୍ଡ଼ିଂ ଓ ମେସ୍ ସୁଚାରୁରୂପେ ପିଲାମାନଙ୍କଦ୍ୱାରା ପରିଚାଳିତ ହୋଇଥିଲା । ମନିଟରମାନଙ୍କ କର୍ତ୍ତବ୍ୟ ଦୈନନ୍ଦିନ ନିର୍ଘଣ୍ଟରେ ଯେପରି ଥିଲା, ସେହିପରି ରହିଲା । ମାତ୍ର ପ୍ରତି ବ୍ଲକ୍‌ର ଶେଷ ପ୍ରକୋଷ୍ଠରେ ଜଣେ ଜଣେ ଶିକ୍ଷକ ରହିଲେ । ମନିଟରମାନଙ୍କ ଶକ୍ତି ବହିର୍ଭୂତ କାର୍ଯ୍ୟରେ ସେମାନେ ସାହାଯ୍ୟ କଲେ । ପିଲାମାନଙ୍କର ଅଭାବ ଅଭିଯୋଗ ମନିଟରମାନେ ଶିକ୍ଷକମାନଙ୍କୁ ଜଣାଇବେ । ବ୍ଲକ୍ ଶିକ୍ଷକମାନଙ୍କୁ ସେହି ବ୍ଲକ୍‌ର ଯେ କୌଣସି ଛାତ୍ର ନିଜର କଥା ଜଣାଇ ପାରିବ । ମନିଟରମାନଙ୍କ କ୍ଷମତାକୁ ସୁନିୟନ୍ତ୍ରିତ କରିବାପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଥିଲା ।

## ୮୮. ମୁଁ ପ୍ରଧାନଶିକ୍ଷକ ଥିବାବେଳର କେତୋଟି କଥା

ମୋର ପ୍ରଧାନ ଶିକ୍ଷକତ୍ୱ ସମୟର ଘଟଣାବଳୀ ଆଜି ସ୍ପଷ୍ଟ ରୂପେ ମୋର ମନେ ନାହିଁ । ତେବେ ମୋର ଯେପରି ମନେ ହେଉଛି, ମୁଁ ଅତି ଗମ୍ଭୀର ଥିଲି ଓ ପିଲାମାନେ କିପରି ଭଲ ପାଠ ପଢ଼ିବେ, ଶୁଣିବାମାତ୍ରେ ଗିଳିପକାଇ ମନେ ରଖି ପାରିବେ ଓ ପ୍ରାଞ୍ଜଳ ଭାବରେ ଭାବ ବ୍ୟକ୍ତ କରିପାରିବେ, ସେଥିପାଇଁ ମୁଁ ଅତି ତତ୍ପର ଥିଲି । ଏଥିପାଇଁ ମତେ ଅନେକ ସମୟରେ ବଡ଼ ଅସହିଷ୍ଣୁ ହେବାକୁ ପଡ଼ୁଥିଲା । ପାଠପଢ଼ାରେ ପିଲାମାନଙ୍କର ଅତ୍ୟନ୍ତ ଆଗ୍ରହ ଦେଖି ମୁଁ ପରେ କ୍ଲାସ ଲାଇବ୍ରେରୀର ବ୍ୟବସ୍ଥା କରିଦେଲି । ପ୍ରତ୍ୟେକ ଶ୍ରେଣୀର ଉପଯୋଗୀ ପୁସ୍ତକ ଗୁଡ଼ିଏ ଗୋଟିଏ ଗୋଟିଏ ଷ୍ଟିଲ ଆଲମାରୀରେ ପ୍ରତିଶ୍ରେଣୀ ଗୃହରେ ରଖା ଯାଉଥିଲା । ଗୋପବନ୍ଧୁବାବୁ କ୍ଲାସ ଲାଇବ୍ରେରୀରୁ ବହି ଦିଆ ନିଆର ଆଉ ଗୋଟିଏ ବିଧି ଯୋଡ଼ି ଦେଲେ । ପ୍ରତିକ୍ଲାସର ଶିକ୍ଷକମାନେ ଛାତ୍ରର ମାନସିକ ରୁଚି ଓ ଗ୍ରହଣ କ୍ଷମତା ଜାଣି ତାକୁ ଉପଯୋଗୀ ପୁସ୍ତକ ଦେବେ ଏବଂ ସେ ବହି ପଢ଼ି ଫେରାଇଲାବେଳେ ତା'ଠାରୁ ପାଠ ଆଦାୟ କରିବେ ।

କହିରଖିବାର ଅଛି ଓଡ଼ିଶାର ତତ୍କାଳୀନ ଶିକ୍ଷା ବିଭାଗ ଇନ୍‌ସପେକ୍ଟର ମିଃ ମ୍ୟାକେଞ୍ଜି ସତ୍ୟବାଦୀ ପରିଦର୍ଶନରୁ ଫେରି ପରେ କ୍ଲାସ ଲାଇବ୍ରେରୀର ଏହି ପଦ୍ଧତିକୁ ଓଡ଼ିଶାର ସମସ୍ତ ସ୍କୁଲପାଇଁ ଚଳାଇବାର ଚେଷ୍ଟାକରିଥିଲେ । ଆଜି ସେଇ ପଦ୍ଧତିର ଛାୟା ସ୍କୁଲ ମାନଙ୍କରେ ଅନୁସୃତ ହେଉଅଛି ।

ଆଉ ଗୋଟିଏ କଥା । ଇନସ୍‌ପେକ୍ଟର ମ୍ୟାକେଞ୍ଜି ସାହେବ କ୍ଲାସ ଦେଖୁ ଦେଖୁ ମାଇନର ଶେଷ କ୍ଲାସରେ ଜଣେ ଛାତ୍ରର ମଡ଼େଲ୍ ଡ୍ରଇଂ ଦେଖି ବଡ଼ ଆଗ୍ରହ ପ୍ରକାଶ କରିଥିଲେ । ଏ ମଡ଼େଲ୍ ଡ୍ରଇଂ ଶିକ୍ଷାର ଗୋଟିଏ କ୍ଷୁଦ୍ର ଇତିହାସ ଅଛି । ଦିନେ ଇସ୍କୁଲର ହେଡ୍‌ପଣ୍ଡିତ କହିଲେ, "ମାଇନର୍ କ୍ଲାସରେ ମଡ଼େଲ୍ ଡ୍ରଇଂ ପରୀକ୍ଷା ହେବାର ଗୋଟିଏ ବିଭାଗୀୟ ବ୍ୟବସ୍ଥା ହେଲାଣି । ମଡ଼େଲ୍ ଡ୍ରଇଂ ଶିଖିବା ପାଇଁ ଆମକୁ ଆପଣ କଟକ ନରମାଲ୍ ସ୍କୁଲକୁ ପଠାନ୍ତୁ । ନୋହିଲେ ଆମେ ଶିଖାଇ ପାରିବୁ ନାହିଁ ।"

ମୁଁ ଟିକିଏ ଚୁପ୍ ରହିଲି ଓ ତା'ପରେ କହିଲି— "ହଉ ମୁଁ ନିଜେ ଶିଖାଇବି ।" ତା'ପରେ ମୁଁ ଚକ୍ଷୁବିଜ୍ଞାନ ସମ୍ବନ୍ଧୀୟ ବହି (Optics) ମଗାଇ ସେହି ବହିରୁ ଦେଖି ଦେଖି ପନ୍ଦରଟି ପାଠଦେଲି । ସେହି ପନ୍ଦରଟି ପାଠର ଫଳରେ ଛାତ୍ରମାନେ ଭଲ ମଡ଼େଲ୍ ଡ୍ରଇଂ କରି ପାରୁଥିଲେ । ମୁଁ ସେ କଥାଟି ଇନ୍‌ସ୍ପେକ୍ଟର ମ୍ୟାକେଞ୍ଜି ସାହେବଙ୍କୁ ବର୍ଣ୍ଣନା କରି

କହିଦେଲି । ସେ ଟିକିଏ ଆଶ୍ଚର୍ଯ୍ୟ ହେଲାପରି ମୋତେ କହିଲେ—"ଆପଣ ଏ ପଂଦରଟି ପାଠ ଗୋଟିଏ କ୍ଷୁଦ୍ର ପୁସ୍ତକରେ ଛପାଇ ଦିଅଂନ୍ତୁ । ଦରକାରରେ ଆସିବ ।"

ମୁଁ ସେଇ ପଂଦରଟି ପାଠ ସଂକଳିତ ପୁସ୍ତକକୁ "A hand book of model Drawing" ନାମରେ ଛପାଇ ଦେଲି । ପରେ ସେଇ ପୁସ୍ତକ ସବୁ ଇସ୍କୁଲ ପାଇଁ ପାଠ୍ୟରୂପେ ମନୋନୀତ ହୋଇଥିଲା ।

ପ୍ରତ୍ୟେକ ଶ୍ରେଣୀରେ ଭୂଗୋଳ ଓ ଇତିହାସ ପଢ଼ାଇବା ପାଇଁ ମୁଁ ଗୋଟିଏ ପଦ୍ଧତି ପ୍ରଚଳନ କରିଥିଲି । "Significant No. 6" ବୋଲି ଗୋଟିଏ ଶବ୍ଦ ବାହାର କରି ପିଲାମାନଂକୁ ବୁଝାଇ ଦେଲି ଯେ, 'ଆଦିମ ଯୁଗ', 'ବୈଦିକ ଯୁଗ', 'ହିନ୍ଦୁଯୁଗ', 'ମୁସଲମାନଯୁଗ', 'ମରହଟ୍ଟା ଯୁଗ' ଓ 'ବ୍ରିଟିଶ ଯୁଗ'—ଏ ଛ' ଯୁଗ; ବେଦଗୁରି, ବେଦାଂଗ ଓ ଦର୍ଶନଶାସ୍ତ୍ର ଏ ମଧ୍ୟ ଛ । ଚଂଦ୍ରଗୁପ୍ତ, ଅଶୋକ, କନିଷ୍କ, ହର୍ଷବର୍ଧନ, ଯଶୋବର୍ଧନ ଓ ପୃଥ୍ୱୀରାଜ—ଏମାନେ ଛ' ରାଜା । ଦେଶ ବିଦେଶର ଜ୍ଞାନ ଲାଭ କରିବାପାଇଁ ସିଲାବସର ଅତିରିକ୍ତ ମାନଚିତ୍ର ୧୦୦ ନଂବରର ବିଧାନ ଥିଲା । ସେ ନଂବର ମୋଟ ନଂବରରେ ମିଶାଯାଇ ପ୍ରୋମୋସନ୍‌ରେ ସାହାଯ୍ୟ କରେ ।

ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବା କିଂବା ଭ୍ରମ ମାର୍ଗରେ ପରିଗ୍ରୁଳିତ କରୁଥିବା ଶିକ୍ଷକ ମାନଂକ ପ୍ରତି ମୁଁ ଅତି ନିଷ୍ଠୁର ଥିଲି । ମୋର ମନେ 'ଅଛି' ଥରେ ଜଣେ ନୂତନ ଗ୍ରାଜୁଏଟ୍ ଶିକ୍ଷକ ହୋଇ ସତ୍ୟବାଦୀକୁ ଆସିଲେ । ସେ ନବମଶ୍ରେଣୀରେ ଇଂରାଜୀ ବ୍ୟାକରଣ ପଢ଼ାଇବାକୁ ଯାଇ କହିଲେ, "Any word ending with ly is an adverb" ମୁଁ ଛକ ପଦାରେ ଏକଥା ଶୁଣୁଥାଏ । ଜଣେ ବିଚକ୍ଷଣ ଛାତ୍ର ତାଂକୁ ସଂଗେ ସଂଗେ ପ୍ରଶ୍ନ କଲା—"Itally and Cicily" ମଧ୍ୟ adverb ?" ମୁଁ ଏହାପରେ କ୍ଲାସରୁ ସେ ନୂତନ ଶିକ୍ଷକଂକୁ ଡକାଇଆଣି ସତ୍ୟବାଦୀ ସ୍କୁଲ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ କହିଲି ।

କେବଳ ଏତିକି ନୁହେଁ, କୌଣସି ଛାତ୍ରର ଔଦ୍ଧତ୍ୟ କିଂବା କ୍ଷୀଣ ଅଡ଼ମିକା ଦେଖିଲେ ମୁଁ ସହି ପାରୁ ନ ଥିଲି । ସେଥିଯୋଗୁ ପିଲାମାନେ ମତେ ଅତ୍ୟଂତ ଭୟ କରୁଥିଲେ, କିଂତୁ କର୍ତ୍ତବ୍ୟ ପାଖରେ ମୁଁ ଯେତିକି ନିଷ୍ଠୁର ହେଉଥିଲି କୃତିତ୍ୱ ପାଖରେ ସେତିକି ନିଷ୍କପଟ ଭାବରେ ନିଜକୁ ଅଜାଡ଼ି ଦେଇ ପିଲାମାନଂକ ସହିତ ମିଶିଯାଉଥିଲି । ଆଜି ବି ଏ ବୃଦ୍ଧ ବୟସରେ ମୋ ସହିତ ମିଶିଥିବା ଲୋକେ ଏଇକଥା ଅନୁଭବ କରୁଥିବେ ।

## ୮୯. କୋଣାର୍କ ପର୍ଯ୍ୟଟନ

୧୯୧୭କୁମାରପୂର୍ଣ୍ଣିମା କୋଣାର୍କ ପର୍ଯ୍ୟଟନ ମୋ ଜୀବନରେ ଏକ ଅବିସ୍ମରଣୀୟ ଅଧ୍ୟାୟ । ମୋର ଶ୍ରେଷ୍ଠ କାବ୍ୟ 'କୋଣାର୍କେ'ର 'ରାମଚଂଡୀରେ ସଂଧ୍ୟା ଓ ରାମଚଂଡୀରେ ସକାଳ' ରଚନା କରିବାର ବିପୁଳ ପ୍ରେରଣା ମୁଁ ଏଇ ୧୯୧୭ ଯାତ୍ରାରେ ଲାଭ କରିଥିଲି । ଏହା କୋଣାର୍କକୁ ସତ୍ୟବାଦୀ ସ୍କୁଲର ଦ୍ୱିତୀୟ ଯାତ୍ରା । ପ୍ରଥମ ଯାତ୍ରା କଥାଟି ଟିକିଏ କହିଦିଏଁ । ବିଦ୍ୟାଳୟର ଗୃରିଶହ ଛାତ୍ର ଓ ଶିକ୍ଷକ ଏଗାର ଖଂଡ ଶଗଡ଼ରେ ଖାଦ୍ୟ ସାମଗ୍ରୀ ଲଦି କୋଣାର୍କ ଅଭିମୁଖେ ବାହାରିଲୁ । ପିଲାମାନେ କେବଳ ଗପରେ ସମୟ ନଷ୍ଟ କରିବେ ନାହିଁ ବୋଲି ସମସ୍ତଂକୁ କ୍ଲାସ ଲାଇବ୍ରେରୀ ମାନଂକରୁ ଏବଂ ସ୍କୁଲର ସାଧାରଣ ଲାଇବ୍ରେରୀରୁ ନିର୍ବାଚନ କରି ଶ୍ରେଣୀଶିକ୍ଷକମାନେ ପୁସ୍ତକ ଦେଇଥିଲେ ।

ସେ ଯାତ୍ରା ଅତି ଆନଂଦ ଦାୟକ ଓ କୌତୂହଳ-ପ୍ରଦ ହୋଇଥିଲା । ଉପରବେଳା ଆଂମେମାନେ ବାହାରିବା ଆଗରୁ କର୍ମଠ ଓ ଉତ୍ତମ ବାଳକ ଆଠଜଣ ଆଗରୁ ଯାଇ ବଳଂଗା ହାଟରେ କ୍ୟାଂପ୍ କରି, ଖିଆ-

ପିଆର ଯୋଗାଡ଼ କରିଥିଲେ । ସେତେବେଳେ ପ୍ରଥମ ପୃଥିବୀ ମହାଯୁଦ୍ଧ ଲାଗିଥାଏ । ଗୃହଶୂନ୍ୟ ବାଳକ ଦଳଦଳ ହୋଇ ମନିଟରଙ୍କ ଅଧୀନରେ ଚାଲିଥାନ୍ତି । ସୈନିକମାନେ ଶୃଙ୍ଖଳିତ ଓ ନିୟମିତ ଭାବରେ ପାଦ ପକାଇ ଚାଲିବାପରି ଆମ୍ଭେମାନେ ଚାଲିଥାଉଁ । ଶିକ୍ଷକମାନେ ବାଣ୍ଟିହୋଇ ଗ୍ରୁପ୍‌ଗୁଡ଼ିକର ଚାଲିଚଳନ ନିରୀକ୍ଷଣ କରୁଥାନ୍ତି । ଦର୍ଶକମାନେ ଆମ୍ଭମାନଙ୍କୁ ସୈନିକବୋଲି ବିଚାରୁଥାନ୍ତି । ଅନ୍ୟାନ୍ୟ ଶିକ୍ଷକମାନେ ଦୀର୍ଘ ପଙ୍‌କ୍ତି ଦ୍ୱୟର ମୂଳରୁ ଶେଷଯାଏଁ ଦେଖି ଦେଖି ଚାଲିଥାନ୍ତି । ବଳଙ୍ଗା ହାଟରେ ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ପହଞ୍ଚିଲୁ । ଘଣ୍ଟା ଅନୁସାରେ କାର୍ଯ୍ୟ ହେଲା । ପରଦିନ ନିମାପଡ଼ା ମାଇନର ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଆମ୍ଭମାନଙ୍କୁ ବହୁତ ସାହାଯ୍ୟ କରିଥିଲେ । ସେମାନଙ୍କର ବ୍ୟବହାର ଏତେ ସୁନ୍ଦର ଥିଲା ଯେ ଆମ୍ଭେମାନେ ସେମାନଙ୍କୁ ଆମ ଭିତରର ବୋଲି ଧରି ନେଇଥିଲୁଁ । ସେଠାରେ ଶ୍ଳୋକାନ୍ତ ହୋଇଥିଲା । ତହିଁରେ ଆକୃଷ୍ଟ ହୋଇ ନିମାପଡ଼ା ଶିକ୍ଷକ, ଛାତ୍ର ଓ ଲୋକସାଧାରଣ ଜମିଯାଇ ଶୁଣୁଥିଲେ ।

ନିମାପଡ଼ାରେ ସେ ଦିନକ କଟାଇ ସକାଳୁ ଯାଇ ଗୋପ ହାଟରେ ଖରାବେଳେ ପହଞ୍ଚିଲୁ ଓ ସେଠାରେ ବିଶ୍ରାମ ନେଲୁ । ସନ୍ଧ୍ୟାବେଳେ ଟିକିଏ ଦୀର୍ଘପଥ 'ଖରଗାଁ'କୁ ଯିବାର ଠିକ୍ ହୋଇଥିଲା । ଆଗରୁ ସ୍ୱେଚ୍ଛାସେବକମାନେ ଯାଇଥିଲେ । ପ୍ରାୟ ପାଞ୍ଚମାଇଲ ଦୂରରୁ ସନ୍ଧ୍ୟା ଓ ଅନ୍ଧାର ହୋଇଗଲା । ସେ ଅଞ୍ଚଳ ଦୂର ମଫସଲ । ଲୋକମାନେ ଆମ୍ଭମାନଙ୍କର ଦୀର୍ଘ ପଙ୍‌କ୍ତି ଦ୍ୱୟର ଶୃଙ୍ଖଳିତ ପଦକ୍ଷେପ ଓ 'ଲେଫ୍‌ଟ ରାଇଟ୍' ଆଦେଶମୂଳକ ଶବ୍ଦମାନ ଶୁଣି ଆମ୍ଭମାନଙ୍କୁ ସୈନ୍ୟଦଳ ବୋଲି ବିଚାରି ଦୂରରେ ରହିଲେ । ବାଟ ଦିଶୁ ନଥାଏ । ଶଗଡ଼ ସଡ଼କରେ ଆମ୍ଭେମାନେ ଚାଲିଥାଉ । ଆମ୍ଭେମାନେ ସବୁଗୁଡ଼ିକ ଲଣ୍ଠନ ଜଳାଇ ଉପରକୁ ଟେକି ଧରିଲୁ । ଖରଗାଁର ଲୋକେ ଆମକୁ ଅପେକ୍ଷା କରିଥାନ୍ତି । ସେମାନେ ବି ଗଛରେ ଚଢ଼ି ଆଲୋକ ଦେଖାଇଲେ ଏବଂ ବାଦ୍ୟ ଧ୍ୱନି କଲେ । ବାଟ ଦେଖି ନ ଥିବାରୁ ଆଉ ଖରଗାଁ ଯିବା କଷ୍ଟକର ହେଲା ନାହିଁ । ଦଳେ ଭଦ୍ରବ୍ୟକ୍ତି ଖରଗାଁରୁ ଆସି ବାଦ୍ୟ ବଜାଇ ଆମକୁ ପାଛୋଟି ନେଲେ । ସେଠାରେ ଏକ ବଡ଼ ଭୋଜିର ବ୍ୟବସ୍ଥା ଆଗରୁ ହୋଇଥିଲା । ଡେରିରେ ପହଞ୍ଚିବାରୁ ସେଦିନ ଘଣ୍ଟା ବାଜିବା ଅନୁସାରେ କାର୍ଯ୍ୟକ୍ରମ କୋହଳ କରି ଦିଆଗଲା । ଚର୍ଚ୍ଚା କରୁଥିବା ଭଦ୍ରଲୋକ ମହାଶୟ ପାନ ପ୍ରଭୃତି ମୁଖବାସର ବ୍ୟବସ୍ଥା କରିଥିଲେ । କିନ୍ତୁ ଛାତ୍ରମାନଙ୍କ ପାଇଁ ତାହା ନିଷିଦ୍ଧ ବୋଲି ଜଣାଇ ଦେଲି ।

ତହିଁଆରଦିନ ସକାଳବେଳା ଅଳ୍ପ ଚଞ୍ଚଳ ଖିଆପିଆ ସାରି କୋଣାର୍କ ଯିବାକୁ ବାହାରିଲୁଁ । ଜଣେ ବାଳକ କୋଣାର୍କ ଦେଖିବା ଆଗ୍ରହକୁ ସମ୍ଭାଳି ନପାରି ମନିଟରଜଣକୁ ମନାଇ ଆଗ ଦେଖିଆସିଲା । ମୁଁ ଏକଥା ଜାଣି ତାକୁ ଦଣ୍ଡ ଦେଲି ଏବଂ ସମସ୍ତଙ୍କୁ ବୁଝାଇ ଦେଲି ଯେ, ବିନାନୁମତିରେ ଯିବା ପ୍ରଥମ ଦୋଷ, ଦ୍ୱିତୀୟ ଦୋଷ ସ୍ୱାର୍ଥପରତା । ତତ୍ପରେ ପଙ୍‌କ୍ତିବଦ୍ଧ ହୋଇ ଆମେ ଚାଲିଲୁ । ଦୂରରୁ ମନ୍ଦିରର ହାତୀ ଘୋଡ଼ାସବୁ ଜୀବନ୍ତ ପରି ଦେଖାଯାଉଥାନ୍ତି । ବେଢ଼ା ଭିତରେ ପ୍ରବେଶ କରି ପ୍ରତ୍ୟେକ ମୂର୍ତ୍ତି, ପ୍ରତ୍ୟେକ ପ୍ରସ୍ତରଖଣ୍ଡ ଓ ମୁଖଶାଳା ପ୍ରଧାନ ମନ୍ଦିର ଓ ସୁରକ୍ଷିତ ମୂର୍ତ୍ତିମାନ ଦର୍ଶନ କଲୁ । ମନପୂରାଇ ସମସ୍ତ ଦୃଶ୍ୟ ଦେଖି ସେଠାରେ ଥିବା ଡାକବଙ୍ଗଳାରେ ବିଶ୍ରାମ ନେଇ ଅନ୍ୟ ବାଟରେ ସମସ୍ତେ ଫେରି ଆସିଲୁ ।

ତା'ପରେ ଏଇ କୋଣାର୍କକୁ ୧୯୧୭ ରେ ଆଉଥରେ ଯାତ୍ରା କରିଥିଲୁ । ମୋ 'କୋଣାର୍କ' କାବ୍ୟ ପ୍ରଥମେ ଏଇ ସ୍ମୃତିରେ ଆରମ୍ଭ ହୋଇଛି । ଏଇ ଯାତ୍ରାରେ ମୋ ସାଙ୍ଗରେ ପ୍ରାୟ ପଚିଶ ଜଣ ପିଲା ଥିଲେ । ସଙ୍ଗରେ ଗୋଦାବରୀଶ ବାବୁ ମଧ୍ୟ ଥିଲେ ।

କୋଣାର୍କଠାରୁ କୁଶଭଦ୍ରା ନଦୀର ମୁହାଣ ଉପରେ ଅବସ୍ଥିତ ରାମଚଣ୍ଡୀ ସେଠାକୁ ଗୁରମାଇଲ୍ । ସେଠାରେ ରାତିରେ ରହିଲୁ । ପିଲାମାନଙ୍କ ସଙ୍ଗେ ଡାକବଙ୍ଗଳାରେ ବସିତ । କୋଣାର୍କର ଅପାସୋରା ଛିନ୍ନ ସ୍ତୂପ ମନେ ଦୋହଲଉ ଥାଏ । ପିଲାମାନେ ମା' ଭଉଣୀକୁ ଛାଡ଼ି ଅଳ୍ପ ଦୂରରେ । ଗ୍ରାମରେ ଥିଲେ ଡେଉଁଥାନ୍ତେ, ଖେଳୁଥାନ୍ତେ, କେତେ ମଉଜ କରୁଥାନ୍ତେ । ସେମିତି ଗୋଟାଏ ପିଲାଦିନର ଅନୁଭୂତି ପିଲାଙ୍କମେଳରେ ମୋ ମନରେ ଡେଇଁ ଉଠିଲା । ମାତ୍ର ସେତକବେଳେ ଘୋର ଝଡ଼ବର୍ଷା ମାଡ଼ି ଆସିଲା । ଆମେ କୌଣସିମତେ ରାତିଟି କଟେଇ ତା' ପରଦିନ ସତ୍ୟବାଦୀକୁ ଫେରି ଆସିଲୁ । ମୁଁ ସେଇଠି ମୋ 'କୋଣାର୍କେ' କାବ୍ୟର ପରିକଳ୍ପନା କଲି ।

## ୯୦. ଛାତ୍ରମାନଙ୍କ ଆଲୋଚନା ସଭା

ପ୍ରତି ଶନିବାର ଦିନ ଛାତ୍ରମାନଙ୍କର ଆଲୋଚନା ସଭା ହେଉଥିଲା । ସେଥିରେ ବେଳେ ବେଳେ ସଭାରେ ଦ୍ୱନ୍ଦ୍ୱାତ୍ମକ ବିଷୟ-ଯୋଗୁଁ ପ୍ରବଳ ଯୁକ୍ତିତର୍କ ମଧ୍ୟ ହୁଏ । କ୍ରମେ ଏଥିରେ ଛାତ୍ରମାନଙ୍କର ଲେଖନ ପରିପାଟୀ ଓ ବକ୍ତୃତାରେ ରୁଚି ଓ ଦକ୍ଷତା ମଧ୍ୟ ପ୍ରକାଶ ପାଉଥିଲା । (ଏତିକବେଳେ ଶ୍ରୀଯୁକ୍ତ ରତ୍ନାକର ପତି ସ୍କୁଲକୁ ଶିକ୍ଷକ ହୋଇ ଆସିଥିଲେ । ସେ ଛାତ୍ରମାନଙ୍କ ସଙ୍ଗେ ପ୍ରତ୍ୟକ୍ଷ ଭାବରେ ମିଶୁ ନଥିଲେ; ପରୋକ୍ଷରେ ସବୁ ଦେଖୁଥିଲେ ଓ ଜାଣୁଥିଲେ) କିନ୍ତୁ କ୍ରମେ ଦେଖାଗଲା—ସଭାରେ ଛାତ୍ରଙ୍କ ଉପସ୍ଥିତି କମି ଯାଉଛି । ସେଠୁ ଦିନେ ମୁଁ ସଭାର କର୍ମକର୍ତ୍ତା ଛାତ୍ରମାନଙ୍କୁ ଡାକି କହିଲି, "ଗୋଟିଏ କଥା କର । ବିନା ପଇସାରେ ଶିଖିବା ବଡ଼ ସହଜ ନୁହେଁ । ଏଣିକି ପ୍ରତ୍ୟେକ ଛାତ୍ର ଚାରିଅଣା ପ୍ରବେଶିକା ଫି ଦେବେ ଓ ପ୍ରତି ସଭାଦିନ ପ୍ରତିଛାତ୍ର ଗୋଟିଏ ଗୋଟିଏ ପଇସା ଦେଇ ଉପସ୍ଥାନ ପକାଇବେ ଏବଂ ଗୋଟିଏ ଟଙ୍କା ଏକାସାଙ୍ଗରେ ଦେଲେ ବରାବର ମେମ୍ବର ରହିବେ, ଆଉ ଉପସ୍ଥାନ ପକାଇବେ ନାଇ ଓ ସେମାନଙ୍କ ପ୍ରତି ଧରାବନ୍ଧା ନିୟମ କିଛି ରହିବ ନାଇ । ମାତ୍ର ୩ଥର ପଇସା ନ ଦେଇ ଅନୁପସ୍ଥିତ ରହିଲେ ନାମ କଟିଯିବ ଓ ପ୍ରବେଶିକା ଫି ଚାରିଅଣା ପୁଣି ନୂଆକରି ଦେବାକୁ ହେବ ।" ଆଉ ମଧ୍ୟ ଚିତ୍ତାକର୍ଷକ କରିବା ପାଇଁ ଗୋଟିଏ ଯୋଜନା ମଧ୍ୟ ଯୋଡ଼ି ଦେଲି । ଥରେ ପ୍ରବନ୍ଧପାଠ, ଥରେ ବକ୍ତୃତା ଓ ତା'ପରେ ଲାଗିଲାଗି ଦୁଇ ଶନିବାରରେ ଦୁଇଥର ବକ୍ତୃତା ପ୍ରତିଯୋଗିତା ହେବାର ସ୍ଥିର ହେଲା । ମାସର ଶେଷ ଶନିବାର ଦିନ କ୍ଲବର ଗୋଟିଏ ବୈଠକ ହେବ । ତା ନାମ 'Lalegro Club' ତହିଁରେ ଯେ ଯା ଇଚ୍ଛା କରିବ । ଅର୍ଥାତ୍ ପ୍ରବନ୍ଧ ପାଠ, କବିତା ଆବୃତ୍ତି, ଗଳ୍ପପାଠ, ବକ୍ତୃତା ଆଲୋଚନା ଇତ୍ୟାଦି କରିପାରିବ । ଭାଷା ଉପରେ ଗୁରୁତ୍ୱ ନ ଦେଇ ଏ ସବୁ ହୋଇ ପାରିବ ବୋଲି ଠିକ୍ କଲି; ସେ ଯାହା ପଢ଼ିବେ, ସେ ପାଞ୍ଚଦିନ ଆଗରୁ ସମ୍ପାଦକଙ୍କୁ ତାହା ଜଣାଇବେ ଓ ବିଷୟ ବସ୍ତୁ ହେବ ।

ଇତିହାସ ଆଲୋଚନା ପାଇଁ ରବିବାର ସକାଳୁ ସଭା ବସିବାର ଓ ସେଥିପାଇଁ ସ୍ୱତନ୍ତ୍ର କର୍ମୀ ନିଯୁକ୍ତ ହେବାର ସ୍ଥିର ହେଲା ।

ଏ ବିଷୟର ରାତି ବାରଟାରେ ସ୍ଥିର ହେଲା । ତା'ପରେ ଉତ୍ସୁକ ପିଲାମାନେ ରାତିରେ ଫେରିଗଲେ । ତହିଁଆରଦିନ ସକାଳୁ ଏକଥା ବୋର୍ଡିଂ ଓ ସ୍କୁଲରେ ପ୍ରଚାରିତ ହୋଇଗଲା । ସମସ୍ତଙ୍କର ଭାରି ଉତ୍ସାହ ଦେଖାଗଲା । ଶହ ଶହ ଛାତ୍ର ଆସି ନାମ ଲେଖାଇଲେ । ତାହା ପରଠାରୁ ଛାତ୍ରଙ୍କର ଆଲୋଚନା ସଭା ଖୁବ୍ ଜାଗି ଉଠିଲା । ଏତିକିମାତ୍ର ଏବେ ମନେ ପଡ଼ୁଛି, ଶିକ୍ଷକମାନଙ୍କର ଆଲୋଚନାରେ ଭାଗନେବା ଭିତରେ ଗୋଦାବରୀଶ ସେକ୍ସପିୟରରୁ ଆବୃତ୍ତି କରୁଥିଲେ । ମୁଁ ମଝେ ମଝେ ସଂସ୍କୃତରେ ପ୍ରବନ୍ଧ ଲେଖୁଥିଲି । ତା'ଛଡ଼ା ଇଂରେଜୀରେ କେତେକ ପ୍ରବନ୍ଧ ଯଥା—'Advent of Aryams' ପରି ପ୍ରବନ୍ଧ ଲେଖିଥିବା ମୋ ମନେ ହେଉଛି ।

## ୯୧. ସ୍କୁଲର ବାର୍ଷିକ ସମ୍ମିଳନୀ

ପ୍ରତିବର୍ଷ ଡିସେଂବର ବା ଜାନୁୟାରୀ ମାସରେ ବିଦ୍ୟାଳୟର ବାର୍ଷିକ ସମ୍ମିଳନୀ ହୁଏ । ବର୍ଷେ ମିଃ ମଧୁସୂଦନ ଦାସଂକୁ ସଭାପତି ମନୋନୀତ କରାଯାଇଥିଲା । ସେ ଆସିବେ ବୋଲି କହିଥିଲେ । ଜରଯୋଗୁ ସେ ଆସିପାରିଲେ ନାଇ । ସ୍କୁଲକୁ ସବୁଆଡ଼ୁ ଭଦ୍ରଲୋକ ଡକାଯାଇଥିଲେ । ଶେଷକୁ ଠିକ୍ ହେଲା ଗଂଜାମର ହରିହର ପଂଡାଂକୁ ସଭାପତି କରିବାକୁ ହେବ । ସେଦିନ ଗାଡ଼ିନେଇ ହରିହର ପଂଡାଂକୁ ଷ୍ଟେସନ୍‌ରୁ ପିଲାଏ ଘେନି ଆସିଲେ । ସେ ଦିନପାଇଁ ଲାଗି ବକ୍ତୃତାଟି ଜଣେ ପିଲାକୁ ଡାକି ଦେଲେ । ଲେଖା ସରିଗଲା ।

ସେଦିନ ତିନଟା ବେଳକୁ ସଭା କାର୍ଯ୍ୟ ଆରଂଭ ହୋଇଅଛି । ପୁରୀ ମହଂତ ମହାରାଜାଂକ ସହିତ ନିଜେ ମିଃ ଦାସ ଆସି ଅତି ଅପ୍ରତ୍ୟାଶିତ ଭାବରେ ପହଂଚିଗଲେ । ତାଂକ ଦେହରେ ଜର ଥାଏ । ସେ କହିଲେ- "ପିଲାଂକ କଥା ମନେ ପଡ଼ିଲା, ଆଉ ସଂଭାଳି ହେଲା ନାଇ ।" କାର୍ଯ୍ୟକ୍ରମ ମଧ୍ୟରେ ତାଂକର ଗୋଟିଏ ବକ୍ତୃତା ମଧ୍ୟ ରଖି ଦିଆଗଲା । ସେ ସେଦିନ ଗୋଟିଏ ସୁଂଦର ବକ୍ତୃତା ସେଇ ଜ୍ୱରରେ ଦେଇଥିଲେ । ସେଦିନ ନିମଂତ୍ରିତ ଭଦ୍ରବ୍ୟକ୍ତିମାନେ ପିଲାଂକ ମେଳରେ ବସି ଖାଇଲେ, ୨ଘଂଟା ଠାରୁ ୪ଘଂଟା ପର୍ଯ୍ୟଂତ ଶ୍ଳୋକାଂତ ଏବଂ ୪ଟାଠାରୁ ୫।୩୦ପର୍ଯ୍ୟଂତ ଡ୍ରୁ ଡ୍ରୁ ମ୍ୟାଚ୍ ହେଲା । ଶ୍ଳୋକାଂତରେ ମିଃ ଦାସ ନିଜେ ରେଫରି ହୋଇଥିଲେ । ଶେଷକୁ ବହୁ ଛାତ୍ର ଓ ଭଦ୍ରବ୍ୟକ୍ତିମାଂନକ ମଧ୍ୟରେ ବସି ଗପକଲାବେଳେ ମିଃ ଦାସ କହିଲେ—"ଗୋପବଂଧୁ ନାଲଂଦାଟାଏ ଗଢ଼ିଦେଲୁ ।" ଗୋପବଂଧୁ ମୋତେ ଦେଖାଇ କହିଲେ—"ମୁଁ ନୁହେଁ, ନୀଳକଂଠ ।"

ଏଇ ମିଃ. ଦାସଂକ କଥା ଆଉ ଟିକିଏ କହିଦିଏ । ସ୍କୁଲ ଆରଂଭ ହେବା ସମୟରେ ସେକାଳ କନିକାରାଜାଂକ ପ୍ରଜାସ୍ୱତ୍ୱ ଅଇନ୍ ଘେନି ଗୋଟିଏ ପ୍ରଜା ପ୍ରତିନିଧି ସଭା ମଧୁବାବୁ ନିଜଘରକୁ ଡାକିଥିଲେ । ସେଥିରେ ପୁରୀ, କଟକ ଓ ବାଲେଶ୍ୱରରୁ ଗଣିଗଣି ଲୋକଂକୁ ଡାକି ମୋତେ ଓ ଗୋପବଂଧୁବାବୁଂକୁ ସଂପାଦକ କରିଥିଲେ । ଏହାର ଠିକ୍ ପୂର୍ବରୁ ମୁଁ ଇସ୍କୁଲରେ ଯୋଗଦେଲାବେଳେ ମଧୁବାବୁ ଯେଉଁ ସୁଂଦର ଚିଠିଟି ମୋ ପାଖ୍ ଲେଖି ପଠାଇଥିଲେ ତାହା ଆଜି ମୋ ପାଖରେ ନାଇ । ହେଲେହେଁ ତାହା ଉତ୍ସାହର ଗୋଟିଏ ସ୍ମରଣୀୟ ଆଲୋକରେଖା କହିଲେ ଚଳେ ।

## ୯୨. ବେଠିପ୍ରଥା

ଦୋଳ ଛୁଟିର ଅଳ୍ପ ପୂର୍ବରୁ ସମସ୍ତ ଶିକ୍ଷକ ଓ ଛାତ୍ର ଖଂଡ଼ପଡ଼ାର ନୀଳମାଧବଂକ ଉଦ୍ଦେଶ୍ୟରେ ପଦଯାତ୍ରା କରିଥିଲୁ । ବାଟମାଝିରେ ପହଂଚି ପରେ ଗୋବିଂଦପୁରରେ କ୍ୟାଂପ୍ କଲୁଁ । ସେ ବର୍ଷ ଭାରି ଖରା ହେଉଥାଏ । କେତେକ ଛାତ୍ରଂକୁ ସେଠାରେ ଅନ୍ନାଇକଣା ହେଲା । ସ୍ଥାନୀୟ ଲୋକମାନେ ବହୁ ଆଡ଼ଂବର ଓ ଆୟୋଜନ କରି ସମସ୍ତଂକର ଚର୍ଚ୍ଚା କରିଥିଲେ । ଗୋବିଂଦପୁରକୁ ଖଂଡପଡ଼ା ରାଜାସାହେବ ଗୁଳଣ ଖଂଡ ଶଗଡ଼ ଆଗରୁ ପଠାଇ ଦେଇଥିଲେ । ମୁଁ ଶଗଡ଼ିଆମାନଂକୁ ପଚାରି ବୁଝିଲି ଯେ ସେମାନେ ବେଠି ଭାବରେ ଶଗଡ଼ ଆଣି ରାଜାଂକ ଭୟରେ ଆସିଛଂତି । ଗଡ଼ଜାତି ଶାସନର ଏଇ ନିର୍ମମ ଅପଚାର ବିରୁଦ୍ଧରେ ମୋର ଆତ୍ମା ବିଦ୍ରୋହ କରି ଉଠିଲା । ଅଧିକଂତୁ ଶଗଡ଼ିଆମାନେ ଘରରୁ ଖାଇବା ଜିନିଷ ଆଣି ଖରାରେ ଆସିଥିଲେ । ମୁଁ କ୍ରୋଧାନ୍ୱିତ ହୋଇ ପଡ଼ିଲି । ଠାକୁର ମଂଦିର ଆଗରେ ଆମର ଚର୍ଚ୍ଚାକାରୀ ଉତ୍ସାହିତ ଭଦ୍ରଲୋକଂକ ଦ୍ୱାରା ନିର୍ମିତ ବିଶାଳ ଛାମୁଡ଼ିଆ ତଳେ ଏକ ଛାତ୍ର ସଭାକରି ମୁଁ ଗଡ଼ଜାତ ଶାସନର ସ୍ୱରୂପ ସମସ୍ତଂକୁ ବୁଝାଇ ଦେଲି । ଉପସ୍ଥିତ ଶଗଡ଼ିଆମାନଂକୁ ଫେରିଯାଇ

ରାଜାଂକୁ ଜଣାଇବାକୁ କହିଲି ଯେ, ସତ୍ୟବାଦୀର ଶିକ୍ଷକ ଓ ଛାତ୍ରମାନଂକ ପାଇଁ ଯେଉଁ ରାଜା ବେଠି ଶଗଡ଼ ପଠାଇଚଂତି, ସେରାଜାଂକର ନିମଂତ୍ରଣ ରକ୍ଷା କରିବାକୁ ସତ୍ୟବାଦୀ ବିଦ୍ୟାଳୟ ପ୍ରସ୍ତୁତ ନୁହେ ।" ଶଗଡ଼ଆମାନେ ବିନୟ କରି କହିଲେ ଯେ, ସେମାନେ ରାଜାଂକୁ ଏକଥା ଖବର ଦେଲେ ରଜା ତାଂକର ଧନ, ଜୀବନ ନଷ୍ଟ କରି-ଦେବେ ।" ଗଡ଼ଜାତ ଶାସନର ପ୍ରପୀଡ଼ନ ସେମାନଂକ ମୁଖମଂଡଳରେ ସ୍ପଷ୍ଟ ଦିଶୁଥାଏ । କଥା ହେଲା ଯେ, ସରଦାର ଯାଇ କହିବ, "ପିଲାମାନେ ବା ଶିକ୍ଷକମାନେ ବେଠି ଶଗଡ଼ ବ୍ୟବହାର କରିବେ ନାଇ ।" କେତେକ ପିଲାଂକ ପାଇଁ ଶଗଡ଼ ପ୍ରୟୋଜନ ଥିବାରୁ ସେମାନେ ଭଡ଼ାଦେଇ କେତେ ଖଂଡ ଶଗଡ଼ ରଖିବେ । ସରଦାର ସେଠାରୁ ଚାଲିଗଲା । ଆଂଭମାନଂକ ଖାଦ୍ୟ ସାମଗ୍ରୀରୁ ବେଶି କିଛି ସରି ନ ଥିଲା । ସେଥିରୁ ଶଗଡ଼ଆମାନଂକୁ ଦେଲା ବେଳକୁ ଗୋବିଂଦପୁରର ଭଦ୍ରଲୋକ ଆପତ୍ତି କଲେ ଓ ସେମାନଂକ ପାଇଁ ଖାଦ୍ୟ ପ୍ରସ୍ତୁତ କଲେ । ତହିଁଆର ଦିନ ସକାଳୁ ଆଂଭେମାନେ କଳାପଥରରେ ପହଂଚିଲୁ । ସ୍ଥାନୀୟ ଧନୀଲୋକମାନେ ଆଂଭମାନଂକର ଚର୍ଚ୍ଚା ପାଇଁ ବିରାଟ ଆୟୋଜନ କରିଥିଲେ । ପ୍ରାୟ ୨୦୦୦ ଲୋକ ଖାଇଲାଭଳି ଆୟୋଜନ ହୋଇଥିଲା । ଆଂଭେମାନେ ଓଳିଏ ରହିବାରୁ ସେମାନଂକ ମନରେ ଦୁଃଖ ହେଲା । ସଂଧ୍ୟାବେଳେ କଂଟିଲୋ ଯାତ୍ରା କଲାବେଳେ ଖଂଡପଡ଼ା ରାଜାଂକର ୨୦ଟି ଶଗଡ଼ ଓ ପୂର୍ବ ଶଗଡ଼ଆ ତଥା ବଳଦମାନଂକ ପାଇଁ ଖାଦ୍ୟ ଓ ମଜୁରି ଟଂକା ଆସିପହଂଚିଲା । ରାଜା ସାହେବ କ୍ଷମା ମାଗି ପତ୍ର ଦେଇଥିଲେ ଏବଂ ରାଗିଁ ବସିଚଂତି ବୋଲି ଲେଖିଥିଲେ । ତେଣୁ ଆଂଭେମାନେ ଆଦରରେ ସେ ସବୁଯାକ ବ୍ୟବହାର କଲୁଁ । ଶଗଡ଼ଆମାନଂକର କୌଣସି ସ୍ଥାନରେ ରାଂଧି ଖାଇବାର ପ୍ରୟୋଜନ ନଥିଲା । କଂଟିଲୋଠାରେ ସ୍କୁଲ ଡେପୁଟି ଇନସ୍‌ପେକ୍‌ଟର ଶ୍ରୀ ଲୋକନାଥ ପଟ୍ଟନାୟକ ନିଜ କ୍ୟାଂପ ବଂଗଳାରେ ଥିଲେ । ସେ ଆଗରୁ ନିମଂତ୍ରଣ କରିଥିଲେ । ମୁଁ ଓ ଗୋଦାବରୀଶ ତାଂକର ପରିଚିତ ଥିଲୁ । ୭୦୦ ଠାରୁ ୮୦୦ ମଧ୍ୟରେ ଲୋକଂକର ଅତିଥି ସତ୍କାର କରି ସେ ନିଜକୁ କୃତାର୍ଥ ମଣିଲେ । ସଂଧ୍ୟାରେ ସେଠାରେ ଶ୍ଳୋକାଂତ ହୋଇଥିଲା ।

## ୧୩. ନୀଳମାଧବ ଦର୍ଶନ

ତହିଁଆରଦିନ ସକାଳେ ନୀଳମାଧବ ଦର୍ଶନ । ନୀଳମାଧବଂକର ଓ ଜଗନ୍ନାଥଂକର ଏବଂ ଜଗନ୍ନାଥ ମଂଦିର ଇତିହାସର ଓ ପ୍ରଣାଳି ତଥା ଆର୍ଯ୍ୟଜୀବନ ଓ ଓ ଧର୍ମ ସଂବଧରେ ମୁଁ ସମସ୍ତଂକୁ ବିସ୍ତୃତ ଭାବରେ ବୁଝାଇଦେଲି । ସେ ବଡ଼ ଗ୍ରାମଟିରେ କଂସା ବାସନ ତିଆରି ହୁଏ । ସେ ସବୁ ଦେଖିସାରି ସଂଧ୍ୟାପୂର୍ବରୁ ଖଂଡପଡ଼ା ଗଡ ଅଭିମୁଖରେ ଯାତ୍ରାକଲୁ ଏବଂ ପ୍ରାୟ ରାତି ଆଠଟା ସରିକି ପହଂଚିଲୁ । ରାଜାସାହେବଙ୍କଂର ବିଶାଳ ଆୟୋଜନ ଦେଖି ଆମେ ଚମତ୍କୃତ ହୋଇଗଲୁ । ଏତେ ଲୋକଂକ ପାଇଁ ଅସ୍ଥାୟୀ ଘର ତିଆରି ହୋଇଥାଏ । ଶିକ୍ଷକ ମାନକଂପାଇଁ ଘର ଓ ସଭାପାଇଁ ହଲ, ଖାଇବା ଓ ରୋଷାଇ ଘର ଆଦି ଅସ୍ଥାୟୀ ଅଥଚ ସୁଦଂର ଭାବରେ ତିଆରି ହୋଇଥାଏ । ସବୁଠାରେ ଗ୍ୟାସ୍ ଲାଇଟ୍ ଓ ପାଣିର ବ୍ୟବସ୍ଥା— କୌଣସି ବିଷୟରେ ଅଭାବ ନଥାଏ । ପହଂଚିବାମାତ୍ରେ ରାଜାସାହେବ ନିଜେ ଆସି ପ୍ରଥମେ ଜଳଯୋଗର ବନ୍ଦୋଂବସ୍ତ କରାଇଲେ । ଆୟୋଜନର ଆଡ଼ଂବର ଦେଖି ମୁଁ ରାଜାସାହେବଂକୁ ସତ୍ୟବାଦୀ ବନବିଦ୍ୟାଳୟର ସଂଯମ ଓ ଶୃଂଖଳା କଥା ବୁଝାଇ ଦେଲି ଏବଂ ସେଠାରେ ତିନିଦିନ ଅବସ୍ଥାନ ମଧ୍ୟରେ ସରଳତା, ନିୟମ, ଶୃଂଖଳା ଓ ସଂଯମ ନଷ୍ଟ ନହେବା ଭଳି ବ୍ୟବସ୍ଥା କରିବାକୁ ଅନୁରୋଧ କଲି । କେବଳ ରାଜାଂକ ଯୋଗାଡ଼ ଅନୁସାରେ କରାପାଇଥିବା ଆମୋଦ ପ୍ରମୋଦ ଓ ପାନ ବିଡ଼ି ଗୁଡ଼ାଖୁ ଆଦିର ବ୍ୟବହାର ବଂଦ ରହିଲା । ପରଦିନ ପ୍ରାତଃ କୃତ୍ୟ ଓ ଜଳଯୋଗ ଶେଷରେ

ରାଜାସାହେବ ନିଜେ ଆସି ଆଂଭମାନଂଙ୍କୁ ରାଜବାଟିକୁ ନେଲେ । ରାଜବାଟିର ସମସ୍ତ ଦର୍ଶନୀୟ ବସ୍ତୁ ଆମେ ବୁଲି ବୁଲି ଦେଖିଲୁ । ଉପରବେଳା ହାତୀ ଘୋଡ଼ା ଓ ବଳଦଗାଡ଼ି ପଠାଇ ଦେଲେ । ଆଂଭେମାନେ ପାହାଡ଼ ଜଂଗଲ ଦେଖିବାକୁ ଗଲୁ । ଜଂଗଲରେ ବାଘହେଂଟାଳ ଶୁଣାଯିବାର ଏବେ ମୋର ଅସ୍ପଷ୍ଟ ଭାବରେ ମନେ ଅଛି ।

ଫେରି ଆସି ଜଟଣୀ ଷ୍ଟେସନ୍ ପାଖେ ସାକ୍ଷୀଗୋପାଳଙ୍କର ଖମାର କଚେରୀ ବାରଂଡାରେ ଆଂଭେମାନେ ରଂଧାବଢ଼ା ଖିଆପିଆ ସାରି ଦିନ ଗୁଟାଏ ବେଳେ ଗାଡ଼ିରେ ସତ୍ୟବାଦୀ ଫେରିଯିବୁ—ଏହା ସ୍ଥିର ହୋଇଥିଲା; ମାତ୍ର ପ୍ରାୟ ବାରଟା ବେଳେ ଶ୍ରୀ ବ୍ରଜ-ସୁଂଦର ଦାସ ଓ ଗୋପବଂଧୁ ଦାସ ଆସି ପହଞ୍ଚିଲେ । ଗୋପବଂଧୁ ବାବୁ ହଠାତ୍ କହିଲେ—"କଟକରେ ଯେଉଁ ଛାତ୍ରମାନେ ଉତ୍କଳ ସମ୍ମିଳନୀରେ ସ୍ୱେଚ୍ଛା ସେବକ ହେବାର ଥିଲେ, ମିଃ ଦାସଙ୍କ ସଂଗେ ଅପଡ଼ ହୋଇ ସେମାନେ ସ୍ୱେଚ୍ଛା ସେବକ ହେବେନାହିଁ ବୋଲି ଜଣାଇ ଦେଲେ । ମୋ ପାଖକୁ ବ୍ରଜସୁଂଦର ଏ ଖବର ନେଇ ଆସିଚଂତି; ଆମ ସ୍କୁଲରୁ ସ୍ୱେଚ୍ଛାସେବକ ଯାଇ ପାରିଲେ କାମ ଚଳିଯିବ ବୋଲି ମିଃ ଦାସ ଚିଠି ଲେଖିଚଂତି । ମୁଁ ଷାଠିଏ ଜଣ ସ୍ୱେଚ୍ଛାସେବକ ନେଇ ଯିବି ବୋଲି ଆଜି ଟେଲିଗ୍ରାମ୍ କରିଛି ।" ଶେଷରେ ଷାଠିଏ ଜଣ ଛାତ୍ର, ଗୋପବଂଧୁବାବୁ ମୁଁ, ଗୋଦାବରୀଶ ଏବଂ କେତେଜଣ ଆଗ୍ରହୀ ଶିକ୍ଷକ କଟକ ଆସିଲୁ । ଅନ୍ୟମାନେ ସତ୍ୟବାଦୀ ଫେରିଗଲେ ।

ଗାଡ଼ିରୁ ଓହ୍ଲାଇଲାମାତେ ଦେଖିଲୁ ହର୍ଷୋତ୍ଫୁଲ୍ଲ-ବଦନରେ ମିଃ ଦାସ ଏବଂ ତାଂକର କେତେକ ବଂଧୁ ଗୁଡ଼ିଏ ଘୋଡ଼ାଗାଡ଼ି ରଖାଇ ପ୍ଲାଟ୍‌ଫର୍ମ ଭିତରେ ଅପେକ୍ଷା କରିଚଂତି । ହଠାତ୍ ଗୋପବଂଧୁଂକୁ ସେ ଜାବୁଡ଼ି ଆଲିଂଗନ କରିସାରି ମୋତେ ଓ ଗୋଦାବରୀଶଂକୁ କୁଂଡାଇ ପକାଇ କହିଲେ—"ଆସ ନାଲଂଦାର ଗୁରୁ । ଆଜି କର୍ମୀ ଅଭାବ ହେବେନାଇ । ମଂଗରାଜ ମଂଗ ମୋଡ଼ି ପାରିବ ନାହିଁ ।"

## ୯୪. ଉତ୍କଳ ସମ୍ମିଳନୀ ଓ ସତ୍ୟବାଦୀର ସ୍ୱେଚ୍ଛାସେବକ

ସମ୍ମିଳନୀ ଆରଂଭ ହେଲା । ଯେଉଁମାନେ ଆଗରୁ ସ୍ୱେଚ୍ଛାସେବକ ହୋଇଥିଲେ, ସେମାନେ ଦର୍ଶକ ଟିକେଟ ନେଇ ଆସି ସମ୍ମିଳନୀରେ ବସିଥାଂତି; ମାତ୍ର ଆଂଭମାନଂକ ଶାଂତି-ଶୃଂଖଳାରକ୍ଷା ଯୋଜନା ଦେଖିବାପରେ ସେମାନଂକ ଆଡ଼ୁ ଆଉ କୌଣସି ପ୍ରକାର ଗୋଳମାଳ ହୋଇ ନଥିଲା । ସଭାସ୍ଥଳକୁ ଲୋକମାନେ ଟିକଟ ଦେଖାଇ ଆସୁଥାଂତି । ସେ ବର୍ଷର ଉତ୍କଳସମ୍ମିଳନୀରେ ଏକ ପ୍ରକାର ଉତ୍ସାହ ଓ ଉତ୍ତେଜନା ଥିବାରୁ ବହୁ ଭଦ୍ରବ୍ୟକ୍ତି ଉତ୍କଳର ସବୁ ଅଂଚଳରୁ ଆସିବାର ଥିଲା ।

ମିଃ ଦାସଂକ ଆଦେଶ ଥିଲା ଯେ, ଯେକୌଣସି ବ୍ୟକ୍ତି ହେଉ ପଛକେ, ଟିକେଟ ନ ଦେଖାଇଲେ କାହାରିକି ପ୍ରବେଶ କରିବାକୁ ସ୍ୱେଚ୍ଛାସେବକମାନେ ଦେବେ ନାଇ । ଚାରିଜଣ ସ୍ୱେଚ୍ଛାସେବକ ଦୁଇଟିସ୍ଥଳରେ ଟିକେଟ୍ ଦେଉଥାଂତି ଏବଂ ଆଠଜଣ ସ୍ୱେଚ୍ଛାସେବକ ପ୍ରଧାନ ପ୍ରବେଶଦ୍ୱାରରେ ଜଗି ରହିଥାଂତି । ଅନ୍ୟ ତିନି ଫାଟକରେ ଦୁଇ ଦୁଇ ଜଣ ନିଯୁକ୍ତ ଥାଂତି । ସେ ବାଟରେ ପ୍ରବେଶ କରିବାକୁ ମନା । ମାତ୍ର ଭିନ୍ନ ଭିନ୍ନ ଶ୍ରେଣୀର ଭଦ୍ରବ୍ୟକ୍ତି ଭିନ୍ନ ଭିନ୍ନ ବାଟରେ ବାହାରିବାକୁ ଯିବାର ବଂଦୋବସ୍ତ ଥାଏ ।

## ୯୫. ମିଃ ଦାସଂକ ଉନ୍ନତ ହୃଦୟ

ଜଣେ ଭଦ୍ରବ୍ୟକ୍ତିଂକୁ ସ୍ୱେଚ୍ଛାସେବକମାନେ ବିନା ଟିକଟରେ ଯିବାକୁ ଅନୁମତି ଦେଲେନାଇ । ଗୋଦାବରୀଶ ବାବୁ ତାଂକର ପରିଚୟ ଦେବାରୁ ସେ

ପ୍ରବେଶ କରିଥିଲେ; କିନ୍ତୁ ବାଟରେ ଆଉ କେତେଜଣ ସ୍ୱେଚ୍ଛାସେବକ ତାଙ୍କୁ ଅଟକେଇ ଦେଲେ । ମିଃ ଦାସ ଆସି ଘଟଣାସ୍ଥଳରେ ପହଞ୍ଚି ଗମ୍ଭୀର ସ୍ୱରରେ ସ୍ୱେଚ୍ଛାସେବକ ମାନଙ୍କୁ କହିଲେ—"ତାଙ୍କୁ ଛାଡ଼ିଦିଅ"। ତଥାପି ସତ୍ୟବାଦୀର ଛାତ୍ରମାନେ ନିର୍ଦ୍ଧାରିତ ଶୃଙ୍ଖଳାକୁ ବ୍ୟତିକ୍ରମ କରି ତାଙ୍କୁ ଅନୁମତି ଦେବାରେ କୁଣ୍ଠା ପ୍ରକାଶ କଲେ । ଗୋପବନ୍ଧୁ ପହଞ୍ଚି କହିଲେ—"ସେ ହିଁ କବିବର ଗଙ୍ଗାଧର ମେହେର—ତାଙ୍କୁ ଛାଡ଼ିଦିଅ ।" ପିଲାମାନେ ତାଙ୍କୁ ଚିହ୍ନି ନଥିଲେ । ତାଙ୍କୁ ବିନୀତ ଅଭିବାଦନ କଲେ, ଗଙ୍ଗାଧର ମେହେର ଅଳ୍ପ ଅଳ୍ପ ହସୁଥାନ୍ତି । ଜଣେ ସ୍ୱେଚ୍ଛାସେବକ ସଭା ମଣ୍ଡପକୁ ଯାଇ ଗୋଟିଏ ବିଶିଷ୍ଟ ଅତିଥି ଟିକେଟ୍ ଆଣିଲେ । ମିଃ ଦାସ ସତ୍ୟବାଦୀ ଛାତ୍ରଙ୍କ ଶୃଙ୍ଖଳା ଜ୍ଞାନ ଦେଖି ଅବାକ୍ ହୋଇଗଲେ ଏବଂ କହିଲେ, "ଆଉ ଏ ବାଟରେ ଏ ଟୋକାଏ ଛାଡ଼ିବେ ନାହିଁରେ ବାପା ।" ତା'ପରେ ମୋତେ କହିଲେ—"Nilakantha, your boys are fines" ସେହିଠାରେ ଠିଆ ହୋଇ ସେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲେ । "ନେପୋଲିଅନ୍ ବୋନାପାର୍ଟଙ୍କ ଜୀବନରେ ଏହିପରି ଏକ ଅନୁଭୂତି ଜଣେ ବିଶ୍ୱସ୍ତ ପ୍ରହରୀ ଠାରୁ ହୋଇଥିଲା । ନେପୋଲିୟନ୍ ସମ୍ରାଟ୍ ଥିବାରୁ ପ୍ରହରୀକୁ ଯଥେଷ୍ଟ ପୁରସ୍କାର ଦେଇଥିଲେ । ଆମେ ସବୁ କାଙ୍ଗାଳ; କି ପୁରସ୍କାର ଦେବି ?" ଏତିକବେଳେ ଜନତା ମଧ୍ୟରୁ ଆନନ୍ଦ ଧ୍ୱନି ଉଠିଲା ଏବଂ ମିଃ ଦାସଙ୍କୁ 'Un-crowned king of Orissa" ଧ୍ୱନିରେ ଜନତା ଅଭିବାଦନ ଜଣାଇଲା । ମିଃ ଦାସ କବିବରଙ୍କୁ ମାଲ୍ୟ ଦେଇ ପୂଜିତ କଲେ ଏବଂ ସେଥିରୁ ଖଣ୍ଡିଏ ସତ୍ୟବାଦୀର ସ୍ୱେଚ୍ଛାସେବକ ଚନ୍ଦ୍ରଶେଖରଙ୍କ ବେକରେ ପକାଇ ଦେଲେ । ସେହି ସମୟ ଠାରୁ ସମ୍ମିଳନୀ ଶେଷ ପର୍ଯ୍ୟନ୍ତ ସଭାକୁ ପ୍ରବେଶ ଓ ବହିର୍ଗମନରେ ନିୟମ ସମସ୍ତେ ପାଳନ କରିଥିଲେ ।

ସେଦିନ ଗୋପବନ୍ଧୁବାବୁଙ୍କୁ ଦେଶମିଶ୍ରଣ ସଂପର୍କରେ ବକ୍ତୃତା ଦେବାକୁ ଜନତାର ଅନୁରୋଧ ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆହ୍ଲାଦିତ ହୋଇଥିଲୁ । ମିଃ ଦାସ ଗୋପବନ୍ଧୁଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ଆଣି ବକ୍ତୃତା ମଞ୍ଚରେ ଠିଆ କରାଇ କହିଲେ, —"ଗୋପବନ୍ଧୁ ଆଉ ଗୋପ୍ୟ ହୋଇ ରହି ନପାରେ ।" ଏ ସଂପର୍କରେ ମୋର କହିବା ନଥିଲା । କାରଣ ଲୋକପ୍ରାଣରେ ମୋ ଗୋପବନ୍ଧୁ ସ୍ଥାନ ପାଇଛି । ସଭାପତିଙ୍କ ଅନୁମତି ହେଉ ।" ସଭାପତି ମହାଶୟ ଭକ୍ତି ବିନମ୍ର ସ୍ମିତ ବଦନରେ ଗୋପବନ୍ଧୁଙ୍କୁ କେବଳ ମୁହଁ ଦେଇ ଅନୁମତି ଦିଅନ୍ତେ ଜଳଦଗମ୍ଭୀର ସ୍ୱରରେ ଗୋପବନ୍ଧୁ ଉତ୍କଳର ବିଚ୍ଛିନ୍ନ ଅଞ୍ଚଳ ସିଂହଭୂମ, ମେଦିନୀପୁରର ଦୁରବସ୍ଥା ବର୍ଣ୍ଣନା କରି ଯେଉଁ ବକ୍ତୃତା କରିଥିଲେ, ତାହା ଜନତାକୁ କନ୍ଦାଇଦେଲା । ଟିକେଟ୍ ବଣ୍ଟା ଓ ପ୍ରବେଶ ତଥା ବହିର୍ଗମନ ବନ୍ଦକରି ଆମ୍ଭେମାନେ ନିବିଷ୍ଟ ମନରେ ଶୁଣିଲୁ । ବ୍ରିଟିଶ୍ ସରକାରଙ୍କର ଅଯୌକ୍ତିକ ଉତ୍କଳ ବିଚ୍ଛେଦର ତୀବ୍ର ଓ ନିର୍ଭୀକ ସମାଲୋଚନା ଗୋପବନ୍ଧୁଙ୍କୁ ଅଣ୍ଡ ଉଡ଼-କୋଟୀର ବକ୍ତା ଓ କର୍ମବୀର ବୋଲି ଲୋକଙ୍କ ମନରେ ଧାରଣା ଜନ୍ମାଇଦେଲା ।

ସେଦିନ ରାତିରେ ମିଃ ଦାସ ଗୋଟିଏ ଭୋଜିର ବନ୍ଦୋବସ୍ତ କରିଥିଲେ । କେତେଜଣ ରାଜା ଓ ଏମାର ମଠର ମହନ୍ତ ମହାରାଜ ଆସି ଆମ ବସାଘରର ପ୍ରାଙ୍ଗଣରେ ବସିଲେ । ମିଃ ଦାସ ଛାନ୍ଦ ଓ ଶ୍ଳୋକାନ୍ତ ଶୁଣିବାକୁ ଆଗ୍ରହ ପ୍ରକାଶ କଲେ । ତାହା ବେଶ୍ ଆମୋଦଦାୟକ ହେଲା । ମିଃ ଦାସ, ଗୋପବନ୍ଧୁ, ମୁଁ ଗୋଦାବରୀଶ ମଧ୍ୟ ସେଥିରେ ଯୋଗ ଦେଲୁ । ଆମକୁ ସ୍ୱରଧରି ବୋଲି ଆସୁ ନ ଥାଏ; ତେଣୁ ବେଶ୍ ହସ ଜମୁଥାଏ । ଶ୍ଳୋକାନ୍ତ ବନ୍ଦ କରାଇ ସଂସ୍କୃତ ଭାଷାରେ ଓ ସାହିତ୍ୟର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ବର୍ଣ୍ଣନା କରି ମିଃ ଦାସ ଗୋଟିଏ ଆଲୋଚନାମୂଳକ ଭାଷଣ ଦେଲେ । ମିଃ ଦାସ ମୋତେ ଅନୁରୋଧ କରିବାରୁ ମୁଁ ଆଉଦିନେ ସତ୍ୟବାଦୀ ପିଲାଙ୍କୁ ଛୁଟି ଦେଲି । ଧୁରନ୍ଧର ଜଣଙ୍କ

ପାଇଁ ଘୋଡ଼ାଗାଡ଼ିର ଆୟୋଜନ ହେଲା । ମିଃ ଦାସଙ୍କ କଥା ଅନୁସାରେ ଗୋଦାବରୀଶ ଛାତ୍ରମାନଙ୍କୁ କଟକ ସହର ବୁଲେଇ ଦେଖେଇଲେ । ନିଜେ ମିଃ ଦାସ ପିଲାମାନଙ୍କୁ ନେଇ ଐତିହାସିକ ଦୁର୍ଗ ବାରବାଟୀ ପରିଦର୍ଶନରେ ଗଲେ । ପ୍ରବେଶ କାଳରୁ ବାହାର ଆସିବା ଯାଏ ସେ ବରାବର ପ୍ରଗଲ୍‌ଭ ଭାବରେ କଥା କହୁଥାଆନ୍ତି । ମୁହଁ କାନ୍ଦକାନ୍ଦ ହୋଇ ଆସୁଥାଏ । ଆମ୍ଭେମାନେ ସତ୍ୟବାଦୀ ଫେରିଆସିଲୁ । ସତ୍ୟବାଦୀର ମର୍ଯ୍ୟାଦା ଓ ଖ୍ୟାତି ଆହୁରି ବଢ଼ିଗଲା ।

## ଆମ ରାଜନୀତି

## ୪୭. ସତ୍ୟବାଦୀର ଇତିକଥା—(କ)

୧୯୧୮ ମସିହା ଅକ୍ଟୋବର ୧୪ ତାରିଖରେ ଯଥାର୍ଥରେ ଏହି ସତ୍ୟବାଦୀ ସ୍କୁଲ ଭାଙ୍ଗିଗଲା । ତାର କାରଣ ଆମ ସତ୍ୟବାଦୀ ବହୁକାଳ ପରାଧୀନ ଥିଲା ଓ ସେହି ସୂତ୍ରରେ ଆମ୍ଭମାନଙ୍କର ଏପରି ଗୋଟିଏ ସ୍କୁଲ ରଖିବାର ଓ ସେଥିପାଇଁ ସ୍ଥାୟୀ ଭାବରେ କାମକରିବାର ଧୈର୍ଯ୍ୟ ଓ ଶକ୍ତି ନ ଥିଲା । ସତ୍ୟବାଦୀ ସ୍କୁଲ ଭାଙ୍ଗିବାର ଅଳ୍ପଦିନ ପୂର୍ବରୁ ଗୋପବନ୍ଧୁବାବୁ ଶାନ୍ତି ନିକେତନର ରବୀନ୍ଦ୍ର ବିଦ୍ୟାଳୟ ଦେଖିବାକୁ ଯାଇଥିଲେ । ସେ ଆସି ସେ ସ୍କୁଲର ସୁନ୍ଦର ଦୃଶ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେଠାରେ ଛାତ୍ରମାନେ କିପରି ସବୁକାର୍ଯ୍ୟ ହାତେ ହାତେ କରନ୍ତି, ସେ କଥା ହସି ହସି କହିଲେ—"ଗାଡ଼ିରେ ଛାତ୍ରମାନେ ବସି ଗୃହକରଙ୍କୁ ସାଙ୍ଗରେ ଧରି ବଜାରକୁ ପରିବା ପତ୍ର କିଣିବାକୁ ଯାଆନ୍ତି ।" ସେ କଥା ଶୁଣି ଆମେମାନେ କଣ ମନେ କରିଥିଲୁ ସେ ଅନୁଭବ ଆଜି କହି ହେବ ନାହିଁ । ତେବେ ଏ ସବୁ ଉଚ୍ଚ ଆକାଙ୍‌କ୍ଷା ଓ ଅଭିଳାଷସତ୍ତ୍ୱେ ୧୯୧୮ ସାଲରେ ସତ୍ୟବାଦୀ ସ୍କୁଲରେ ଯାହା ଯାହା ଘଟିଲା ତାର ସୂଚନା ଦେବା ଉଚିତ ମନେ କରୁଛି । ବି.ଟି. ପଢ଼ିବାପାଇଁ ତା ପୂର୍ବବର୍ଷ ଗୋଦାବରୀଶବାବୁଙ୍କୁ କଲିକତା ପଠାଗଲା । ସେହିବର୍ଷ ସେ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ଭାବରେ ଉତ୍ତୀର୍ଣ୍ଣ ହୋଇ ସତ୍ୟବାଦୀକୁ ପୁଣି ଆସିଲେ । କିନ୍ତୁ ଆଜି କହିବାକୁ ବଡ଼ କଷ୍ଟ ହେଉଛି—ତାଙ୍କର ପ୍ରଧାନ ଶିକ୍ଷକ ହେବାପାଇଁ ଆକାଙ୍‌କ୍ଷା ବଡ଼ ପ୍ରବଳ ହୋଇ ଉଠିଲା । କାରଣ ସେ ହେଲେ ଏମ୍. ଏ., ବି. ଟି. । ମୁଁ ଖାଲି ଏମ୍. ଏ. । ସେ ସାଙ୍ଗେ ସାଙ୍ଗେ ଖୋର୍ଦ୍ଧା ସ୍କୁଲକୁ ହେଡ୍‌ମାଷ୍ଟର ହେବାପାଇଁ ଦରଖାସ୍ତ କରି ଦେଲେ । ଗୋପବନ୍ଧୁବାବୁ ଏକଥା ଶୁଣିଲେ । ବହୁପରିଶ୍ରମ କରି କଲିକତାରେ ଶଶିଭୂଷଣ ରାୟ ଚୌଧୁରୀ ଓ ଅନ୍ୟାନ୍ୟ ବନ୍ଧୁମାନଙ୍କୁ ଧରି ଗୋଦାବରୀଶଙ୍କୁ ମୂକ ବଧିର ବିଦ୍ୟାଳୟ ପାଇଁ ବିଲାତ ଯିବା ଛଡ଼ାଇ ଆଣିବା ଘଟଣା ତାଙ୍କର ମନେ ପଡ଼ିଲା । ସେ ଗୋଦାବରୀଶ, କୃପାସିନ୍ଧୁ, ହରିଭାଇନା ଓ ମତେ ସତ୍ୟବାଦୀର ମନ୍ଦିର ବଙ୍ଗଳା (ଗୋପବନ୍ଧୁବାବୁ ସେତେବେଳେ ମନ୍ଦିର ବଙ୍ଗଳାରେ ରହୁଥାଆନ୍ତି;କାରଣ ସେ ମନ୍ଦିର ଏଣ୍ଡାମେଣ୍ଟ କମିଟିରେ ମଧ୍ୟ ମେମ୍ବର ଥାଆନ୍ତି) କୁ ଡକାଇ ନେଲେ । ସେଠାରେ ବସି ଏହି-ସବୁ କଥା କହୁକହୁ ନିଜେ ଗୋପବନ୍ଧୁ ବାବୁ ଭୋ' ଭୋ' କାନ୍ଦି ପକେଇଲେ । ଆମେ ସମସ୍ତେ ମଧ୍ୟ କାନ୍ଦିଲୁ । ପ୍ରାୟ ଅଧଘଣ୍ଟାଏ ପରେ ସ୍ଥିରହେଲା—ସତ୍ୟବାଦୀରେ କେହି ସ୍ଥାୟୀ ପ୍ରଧାନ ଶିକ୍ଷକ ହୋଇ ପାରିବେ ନାହିଁ । କୃପାସିନ୍ଧୁ, ଗୋଦାବରୀଶ ଓ ମୁଁ ପ୍ରତ୍ୟେକେ ତିନ-ତିନବର୍ଷ ପାଇଁ ପ୍ରଧାନଶିକ୍ଷକ ହେବୁ । କିନ୍ତୁ ମୁଁ ବୁଝିଲି ଏ ସମାଧାନ ଯଥାର୍ଥ ସମାଧାନ ନୁହେଁ । ତତ୍‌କ୍ଷଣରେ ମୋର ମନ ମଧ୍ୟ ସେହିଠାରୁ ଫାଟି ଗଲା । ମୁଁ ଜାଣିଲି ଏ ସ୍କୁଲ ଯେଉଁ ପୀଠରେ ଯେଉଁ ଅଭିଳାଷ ନେଇ ବଢ଼ିଥିଲା— ତା' ଆଉ ପୂର୍ଣ୍ଣ ହୋଇ ପାରିବ-ନାହିଁ ।

ସେହିଦିନ ଗୋଦାବରୀଶ ପ୍ରଧାନଶିକ୍ଷକ ହେଲେ ଓ ତାର କେତେଦିନ ପରେ ଗୋପବନ୍ଧୁ ବାବୁ ମୋତେ

ବୋର୍ଡିଂରେ ରହିବାକୁ ମନାକରି ଗ୍ରାମକୁ ଯିବାକୁ କହିଲେ । ମୁଁ ସବୁଛାଡ଼ି ଗ୍ରାମକୁ ଗଲି । ବୋର୍ଡ଼ିଂରେ ପରିଚାଳକ ହୋଇ ଆଉ କେହି ରହିଲେ ନାଇ । ସ୍କୁଲର ହେଡ଼ମାଷ୍ଟର ନାମକୁ ମାତ୍ର ବୋର୍ଡିଂର ପରିଚାଳକ ରହିଲେ । ଗୋଦାବରୀଶ ଆଗରୁ ଯେଉଁଠି ରହୁଥିଲେ ସେହିପରି ଅନ୍ୟଠି ରହିଲେ; କିନ୍ତୁ ଏ ବୋର୍ଡ଼ିଂ ତନ୍ନ ତନ୍ନ କରି ଚଳାଇବା ମୋର କାମ ଥିଲା । ପିଲାମାନେ ମୋତେ ଖାତିର କରି ସାଧାରଣ ଶୃଙ୍ଖଳାଗତ ନିୟମରେ ବ୍ୟତିକ୍ରମ କରୁ ନ ଥିଲେ । ମୁଁ ଗ୍ରାମକୁ ଗଲାପରେ ବୋର୍ଡ଼ିଂର ଛାତ୍ରମାନଙ୍କର ମେସ୍‌ଖର୍ଚ୍ଚ ପ୍ରାୟ ଦେଢ଼-ହଜାରଟଙ୍କା ବାକି ପଡ଼ିଗଲା ।

ଗୋପବନ୍ଧୁ ବାବୁ ମୋତେ ଡକାଇ ଆଣିଲେ । କହିଲେ—"ଏ ବାକିସବୁ ଆଦାୟ କରି ପାରିବ ?" ମୁଁ କିଛି ନ କହି ଦିନକମାସ ଲାଗି ଖ୍ରାୟସବୁ ବାକି ଆଦାୟ କରିଦେବାର ବ୍ୟବସ୍ଥା କଲି; କିନ୍ତୁ ପରେ ବାକି ବନ୍ଦ କରିବାର ଆଉ ଉପାୟ ନ ଥିଲା ।

ବଡ଼ବାକି ଏକକାଳୀନ ପୂରଣ ହୋଇଯିବାପରେ ଆଗକୁ ମାସିକିଆ ବାକି ରୋକ ହେଲାନି । ଏତେ କଉଡ଼ି ଏକାବେଳକେ ଦେବା ଓଡ଼ିଶାର ଦରିଦ୍ର ଅଭିଭାବକ-ମାନଙ୍କ ପକ୍ଷେ ଅସମ୍ଭବ । ଫଳରେ ବୋର୍ଡିଂକୁ ଟଙ୍କା ଦିଆଯାଇ ପାରିଲା ନାହିଁ ।

(ଖ) କହିବି ସତ୍ୟବାଦୀ ସ୍କୁଲ ବସିଥିଲା ୧୯୦୯ରେ । ମୁଁ ଯେତେବେଳେ ସତ୍ୟବାଦୀ ସ୍କୁଲକୁ ବସାଇ ସେହି ସତ୍ୟବ.ଦୀ ସ୍କୁଲରେ ରହିବାକୁ ଏକାନ୍ତ ମନସ୍ଥ କରି କଲିକତାକୁ ଏମ୍. ଏ. ପଢ଼ିବାକୁ ଯାଇଥିଲି । ଗୋପବନ୍ଧୁ ବାବୁ ସେଦିନ ନକେ ଥାଇ ଏ ସ୍କୁଲକୁ ୧୯୧୮ ଅକ୍‌ଟୋବର ମଝିରେ ପ୍ରାୟ ଭାଙ୍ଗିଦେଲେ । କାରଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ସେ ଯେଉଁ ବାଟଟି ଫିଟେଇଲେ ସେଥିରେ କେହି ସନ୍ତୁଷ୍ଟ ହେବାର ନୁହେ । ସତ୍ୟବାଦୀ ବିଦ୍ୟାଳୟର ଆଦର୍ଶ କିନ୍ତୁ ତା' ନ ଥିଲା । ଏଥିରେ ଗୋପବନ୍ଧୁବାବୁଙ୍କର ସମସ୍ତ ଆଶା ଓ ଉନ୍-ମୁଖତା ଯେପରିକି ଚୂର ହୋଇଗଲା । କେତେଦିନ ରହି ସେ ସ୍କୁଲକୁ ଚଳାଇଲେ । ମୁଁ ସ୍କୁଲ ବୋର୍ଡିଂ ଛାଡ଼ି ଯାଇ ଗ୍ରାମରେ ରହିଲି । ଅବସ୍ଥା ଯାହା ଦେଖିଲି ସେଥିରେ ମୋ ମନରେ ଅତ୍ୟନ୍ତ ବିରାଗ ହେଲା । ସେତିକିବେଳେ ପୁରୀ ଦୁର୍ଭିକ୍ଷର ରିପୋର୍ଟ ଛାପିବାକୁ ମୁଁ କଲିକତା ଯାଇଥିଲି । ଦୁର୍ଭିକ୍ଷ କଥା ପର ପର୍ଯ୍ୟାୟରେ କହୁଚି । କଲିକତାରେ ସାର୍ ଆଶୁତୋଷ ମୁଖାର୍ଜିଙ୍କ ସହିତ ମୋର କଥାବାର୍ତ୍ତା ହେଲା । ମୁଁ ଶେଷକୁ ଠିକ୍ କଲି ଦୁଇବର୍ଷ ପାଇଁ କଲିକତା ଆସିବି । ଜଣେ ଛାତ୍ର ଏମ୍. ଏ. ପାଶ୍‌କରି ସାରିଲେ ତାଙ୍କୁ ମୋ ସ୍ଥାନରେ ଛାଡ଼ିଦେଇ ସତ୍ୟବାଦୀ ସ୍କୁଲକୁ ଫେରିଯିବି । ଏତେଦିନ ଗଲାନାଇ । କଲିକତା ବିଶ୍ୱବିଦ୍ୟାଳୟରେ "Oriya Cum Comparative philology" ଅଧ୍ୟାପକ ଭାବରେ ରହିବାର ପ୍ରାୟ ତିନିମାସ ପରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏ ଆନ୍ଦୋଳନରେ ସମସ୍ତେ ଝାମ୍ପି ପଡ଼ିଲେ । ମୁଁ କଲିକତା ଛାଡ଼ିଦେଇ ସମ୍ବଲପୁର ଆସିଲି । ସେଠାରେ ବର୍ଷେକାଳ ଘୋର ପରିଶ୍ରମ କରି ପିଲାଙ୍କୁ ମଣିଷ କରିବାଠାରୁ ସାଧାରଣରେ କଂଗ୍ରେସ ପରିପ୍ରଚାର ଓ ଖବରକାଗଜ ଛାପିବା ପର୍ଯ୍ୟନ୍ତ ସବୁକରି ଶେଷରେ ଗାନ୍ଧି ପୁରୀ ଆସିଲା ବେଳକୁ ପ୍ରାୟ ସେପ୍‌ଟେମ୍ବର କିମ୍ବା ଅକ୍‌ଟୋବରରେ ସମ୍ବଲପୁର ଛାଡ଼ି ଆସିଲି । ସେଠାରୁ ଆସି ଗୋପବନ୍ଧୁ-ବାବୁ କହିବା ମୁତାବକ ସତ୍ୟବାଦୀ ବିଦ୍ୟାଳୟରେ ସେତେବେଳକୁ ତାହା କଲେଜ ହୋଇଥିଲା ) ଓଡ଼ିଆ ପଢ଼ାଉଥିଲି । କିନ୍ତୁ ଦେଖିଲି ଗୋପବନ୍ଧୁ-ବାବୁଙ୍କର ସେପରି ତେଜ କିମ୍ବା ମମତା ଆଉ ନଥିଲା । କେବଳ ସତ୍ୟବାଦୀ ପ୍ରେସ୍‌ଟି ସେ ପୁରୀ ନେଇ ଯିବାର କଥା କରିଥିଲେ ଓ ପରେ ପୁରୀରୁ କଟକ ଆଣି କଟକରେ ଛାଡ଼ିଗଲେ । କ୍ରମେ କ୍ରମେ ସ୍କୁଲରେ ପାଠ ପଢ଼ା ବ୍ୟବସ୍ଥା ଭାଙ୍ଗିଦେଇ ସେ ସେଠାରେ ବ୍ରହ୍ମ-ଚର୍ଯ୍ୟାଶ୍ରମ କରିବାର ଆୟୋଜନ କଲେ । ସେଥିପାଇଁ

ସାଧକ ଛାତ୍ର ଆଣିବାର କଳ୍ପନା କଲେ । ସବୁବେଳେ ବରାବର ଘରୁଆସି ତାଂକ ନିଜ ପାଖରେ ସତ୍ୟବାଦୀରେ ରହିବାକୁ ମୋତେ ଲୋଡ଼ୁଥିଲେ । ଶେଷରେ ତାଂକର ରୋଗହେଲେ ମୋତେ ବରାବର କହୁଥିଲେ 'ନୀଳକଂଠ, ମୋପାଖରେ ଥାଅ । ଏପରିକି ଶେଷରେ ଯେତେବେଳେ' କଲିକତାରୁ ଫେରିଆସି ଜର ଲେଉଟିବାରୁ ସେ ଆଶଂକିତ ହେଲେ ସେତେବେଳେ ସେ ବରାବର ମୋତେ କହୁଥିଲେ, "ମୋ ପାଖରୁ ଯାଅନାଇ ।"

ଏଣେ ଗୋଦାବରୀଶ ଖ୍ରୀ:୧୯୧୯ର ପ୍ରଥମ ଭାଗରେ ଗୋପବନ୍ଧୁବାବୁଂକ ପ୍ରେରଣାରେ ଚକ୍ରଧରପୁର ଗୁଲିଗଲେ । ସେଠି ଆଦିବାସୀମାନଂକୁ ଏକତ୍ରିତ କରିବା ଗୋପବନ୍ଧୁଂକ ସ୍ୱପ୍ନ ଥିଲା । ଗୋଦାବରୀଶ ସେହି ଗୁରୁ ଦାୟିତ୍ୱରେ ରହି ଜୀବନରେ କେତେ ହିନସ୍ତା ହୋଇଥିଲେ—ପ୍ରକାଶ କରିନାହାନ୍ତି । କୃପାସିଂଧୁ ମିଦନାପୁରର ବାହାଡ଼ାଗୋଡ଼ାକୁ ହାଇସ୍କୁଲଟିଏ କରିବାକୁ ଗୁଲିଗଲେ । ସତ୍ୟବାଦୀର ସୀମିତ ପରିବେଶ ଭିତରୁ ଓଡ଼ିଶାର ବୃହତ୍ତର କର୍ମଭୂଇଁକୁ ଆମେମାନେ ଗୋଟିକ-ପରେ ଗୋଟିଏ ଖସିଲାପରେ ସ୍କୁଲର ମୂଳ ଉଦ୍ଦେଶ୍ୟ ଦୋହଲିଗଲା । ସତ୍ୟବାଦୀକୁ ଏକ ଆଦର୍ଶ ବନ-ବିଦ୍ୟାଳୟରେ ପ୍ରତିଷ୍ଠିତ କରି ଏ ଦେଶକୁ ଏକ ନୂତନ ଆଭିମୁଖ୍ୟରେ ଗଢ଼ିବାର ଆକାଙ୍କ୍ଷା ଆମ ସମସ୍ତଂକର ଥିଲା । ବସ୍ତୁତଃ ସେଇ ପ୍ରଚ୍ଛନ୍ନ ଅଭିପ୍ରାୟରେ ଆମେ-ମାନେ ଏଠି ତାଲିମ୍ ନେଉଥିଲୁ ଓ ଛାତ୍ରମାନଂକୁ ତାଲିମ୍ ଦେଉଥିଲୁ । କିଂତୁ ପରିସ୍ଥିତି ଆମର ସେଇ ଉଦ୍‌ଯୋଗ ପର୍ବର ଗୌରବବହ ଉପସଂହାର ଦେଖି ପାରିଲାନି । ସ୍କୁଲ ଭାଂଗିଗଲା ।

ଏଇଠାରେ ମୋର ମନେ ଅଛି, ମୋ ଜୀବନର ଗୋଟିଏ ପବିତ୍ର ଓ ବିରାଟ ଅଧ୍ୟାୟର ଶେଷ ହେଲା । ମୁଁ ଚବିଶିଘଂଟା ସ୍କୁଲର ପିଲାଂକ କାମ ଦେଖୁଥିଲି ଓ କରୁଥିଲି । ଏପରିକି କୌଣସି କୌଣସି ପିଲାଂକୁ ଯେବେ ଖୋଲାରେ Arm Chair ପକାଇ ଲଂଠନ୍‌ଟିଏ ଛାତ୍ର ମାନଙ୍କୁ ଧରି ତାରା, ଗ୍ରହମାନଂକର ଗତି, ସ୍ଥିତିର ଅନ୍ତର୍ଗୁର ପର୍ଯ୍ୟଂତ ବୁଝାଇ ଦେଖାଉଥିଲି । ପିଲାମାନଂକୁ ନେଇ ଦୂର ଗ୍ରାମକୁ ନିମଂତ୍ରଣ ଖାଇ ଯାଇ ଆସି ବାଟରେ ଖୋଲାରେ ଟେକାରେ ମଧ୍ୟ ବେଳେ ବେଳେ ଶୋଇପଡ଼ିବାର ମନେଅଛି । ସ୍କୁଲର ଛୁଟିଅନା ଭିତରୁ କେହି ଗୋଟିଏ ପଦ ଛୁଂଡାଇଲେ ଜବତ କରୁ-ଥିଲି । ପିଲାମାନେ ଶୋଇବାପରେ ରାତିରେ ଲୁଚିଛପି ସେମାନଂକ ଗଳ୍ପ ଶୁଣି ତହିଁଆରଦିନ ସଂଧ୍ୟାବେଳେ କ୍ଲବ୍ ମିଟିଂରେ ପିଲାମାନଂକ ଆଗେ ତାହା ରହସ୍ୟରେ ପ୍ରକାଶ କରି ସେମାନଂକୁ ଲଜ୍ଜିତ କରୁଥିଲି । ଏହିପରି ବୋଡ଼ିଂରେ ରହି ଦିନର ଚବିଶଘଂଟା କେବଳ ପିଲାଂକ କାର୍ଯ୍ୟରେ ମନ ଦେଉଥିଲି । ଏ ସବୁ ମୋ ଚିରଦିନ ପାଇଁ ବଂଦ ହୋଇଗଲା କହିଲେ ଚଳେ । ଆଂମେମାନେ ସମସ୍ତେ ରାଜନୀତିରେ ଯୋଗଦେଲୁ । ଏଇଠାରୁ ମୋର ପ୍ରତ୍ୟକ୍ଷ ରାଜନୈତିକ ଜୀବନର ଆରଂଭ ।

## ୧୭. "ରଂଜିତ ଅସିଧାରେ·····"

ଏଠି କହିଦିଏଁ, ଏଇ ସତ୍ୟବାଦୀ ସ୍କୁଲର ଶିକ୍ଷକ ଓ ଛାତ୍ରମାନଂକ ସାହିତ୍ୟିକ ଚେତନା ପ୍ରତି ମୁଁ ବରାବର ଜଗି ରହିଥିଲି । ଛାତ୍ରମାନଂକୁ ବରାବର ସାଂଗରେ ରଖି ଖୋଲାରେ ତାରା ମାନଙ୍କୁଧରି ଗ୍ରହ ଓ ତାରାଂକର ଗତି ପର୍ଯ୍ୟଂତ ଦେଖାଇବା କଥା କୁହାଯାଇଛି । ଶିକ୍ଷକ ମାନଂକ କଥା ଟିକିଏ କହିଦିଏଁ । କୃପାସିଂଧୁ ମିଶ୍ରେ ଯେତେବେଳେ କୋଣାର୍କ ଲେଖିଲେ ସେତେବେଳେ ମନେ ହେଉଛି ସେ ଅର୍କକୋଣ ବା ସୂର୍ଯ୍ୟକୋଣ ଠିକ୍ କରିବାରେ ସୂର୍ଯ୍ୟର ପଶ୍ଚିମରୁ ପୂର୍ବକୁ ଗତି (Law of Precession) ବିଷୟ ଆଲୋଚନା କରୁଥିଲେ; ସେଥିରେ ତାଂକର ବଡ଼ ଅସୁବିଧା ହେଲା । ମୁଁ ଏହି ବିଷୟ ଘରକୁ ନେଇଯାଇ ଦିନଯାକ ପଢ଼ି ଓ ଆଲୋଚନା କରି ଆସି ତାଂକୁ ବତାଇ ଦେଇଥିଲି । ତାପରେ ମନେଅଛି, ଯେତେବେଳେ ସତ୍ୟବାଦୀର କ୍ଷିପ୍ତ

ବହିସବୁ ହରିଭାଇନାଂକ ନାମରେ ପ୍ରେସ୍‌ରେ ଛପା-ହେଲା, ଯେତେବେଳେ ମୁଁ ଇଂରାଜୀରୁ ଅନୁବାଦ ବହିଟି ଲେଖିଥିଲି । ତା'ଛଡ଼ା 'ପ୍ରବଂଧ ପ୍ରବେଶ'ର ବହୁତ ଅଂଶ ମୁଁ ମଧ୍ୟ ନିଜେ ଲେଖିଥିଲି ଏବଂ କୃପାସିଂଧୁ ମିଶ୍ରଙ୍କ 'ବାରବାଟୀ ଦୁର୍ଗ'ର ଦ୍ୱିତୀୟ ସଂସ୍କରଣ ମୁଁ ତିଆରି କରିଥିଲି । ସେଥିରେ ଭାଷାର ଯେ ସଂକ୍ଷିପ୍ତିକରଣ ହୋଇଛି ସେ ସବୁ ମୋର । ଏ ସବୁ ଛଡ଼ା ଗୋଦାବରୀଶ ବାବୁଂକ 'ପୁରୁଷୋତ୍ତମ ଦେବ' ନାଟକ ସଂବଂଧରେ କେତେକଥା ମୋର ମନେ ହେଉଛି । ସେଥିରୁ ପ୍ରଧାନ କଥାଟି ହେଉଛି—

"ରଂଜିତ ଅସି ଧାରେ
ଶତ୍ରୁ ରକ୍ତ ଗାରେ ।"

ଥରେ ଗୋଦାବରୀଶଂକ ନାଟକଟି ଅଭିନୟ କଲା-ବେଳକୁ ସେହି ଅଂଶରେ ମତେ ଲାଗିଲା—ଏହିଠାରେ ସୈନ୍ୟମାନଂକ ଯୁଦ୍ଧକାଳୀନ ଗୀତ (Marching)ର ଗୋଟିଏ ଗୀତ ଯୋଡ଼ିଦେଲେ ଭଲ ହୁଅଂତା । ଗୋଦାବରୀଶ କହିଲେ—"ଜଣ ତେବେ ଗୋଟିଏ କରିଦିଅ । ମୋ ହାତରେ ତ ହେବ ନାହିଁ ।"

ମୋର ସ୍ପଷ୍ଟ ମନେ ଅଛି, ମୁଁ ସେଠାରୁ କହିଲି— "ହଉ ତେବେ ବସ ।" ଏହା କହି ତାଲ ଧରି ପାଇଖାନାକୁ ଗଲି । ଏହାପରେ ଦର୍କାର ପଡ଼ିଲାବେଳେ ମୁଁ ଟିକିଏ ଶାଂତାରେ ସମସ୍ତ ନେବାପାଇଁ ବରାବର ପାଇଖାନାକୁ ଯାଇଥାଏ ।

ସେଆଡ଼ୁ ଆସି ଡାକ ଦେଲି—

ରଂଜିତ ଅସି ଧାରେ
ଶତ୍ରୁ ରକ୍ତ ଗାରେ—
ଲେଖାହେ ଆଜି ବିଜୟ ବିଭବ ଜନ୍ମଭୂମି ଭାଲେ,
ନିର୍ମଳ ଆଜି ଧ୍ୱାଂତ ଗଗନ
ବର୍ଷେ ତପନ ପୁଣ୍ୟ କିରଣ
ଶତ୍ରୁ ଆଜି ଦଳିତ ଚରଣେ
ଛିନ୍ନ ଏ କରବାଳେ ।
ଇତ୍ୟାଦି ।

ଏହିଗୀତ ବୋଲି ବୋଲି ଛାତ୍ରମାନେ ଯେତେବେଳେ ଅଭିନୟ କଲେ ସେତେବେଳେ ଛାତ୍ରମାନଂକ ମଧ୍ୟରେ ଓ ଉପସ୍ଥିତ ଜନତାରେ ଯେ ଭାବ ଖେଳି ଯାଇଥିଲା ତାହା ଏବେ ମଧ୍ୟ ମୋ ମନେ ପଡ଼ୁଛି ।

## ୪୮. ମୋର କାବ୍ୟ ଲେଖା

୧୯୧୮ ଖ୍ରୀଷ୍ଟାବ୍ଦ ଶେଷ ଆଡ଼କୁ ସତ୍ୟବାଦୀ ସ୍କୁଲ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ଛାଡ଼ିଲା ପରେ ମୋର କାମ ବହୁତ କମିଗଲା । ମୁଁ ଏକପ୍ରକାର ପୂରାପୂରି ଲେଖା ପଢ଼ା ଧରି ବସିଲି ଓ ଭଲକରି ସାହିତ୍ୟଚର୍ଚ୍ଚା ଆରଂଭ କଲି । ପୂର୍ବେ ବି.ଏ. ପଢ଼ିଲାବେଳେ ଇଂରେଜକବି ଟେନିସନ୍‌ଂକ 'The Princess'ର କେତେକ ଅଂଶ ଅମିତ୍ରାକ୍ଷର ପଦ୍ୟରେ ଅନୁବାଦ କରିଥିଲି । ସେତେବେଳର ସତ୍ୟବାଦୀ ସ୍କୁଲର ଅନ୍ୟତମ ଶିକ୍ଷକ ଓ ଆମର ନବ ପ୍ରତିଷ୍ଠିତ ସତ୍ୟବାଦୀ ଛାପାଖାନାର ମ୍ୟାନେଜର ଶ୍ରୀ ସତ୍ୟବାଦୀ ତ୍ରିପାଠୀଂକ-ଠାରୁ ଉତ୍ସାହ ପାଇ ମୁଁ 'ପ୍ରଣୟିନୀ' ନାମରେ ସେଇ ଅନୁବାଦଟି ପୂର୍ଣ୍ଣକରି ୧୯୧୯ ଫେବୃଆରୀରେ ପ୍ରକାଶ କରିଦେଲି । ଦେଖିଲି, ତାର ଆଦର ବି ହେଲା । ସଂଗେ ସଂଗେ ମୋର ସାହିତ୍ୟଚର୍ଚ୍ଚା ବି ବଢ଼ିଗଲା । ସେଥିରେ ଏବେ ମୋର ପ୍ରଧାନ ସାଥୀହେଲେ, ଓଡ଼ିଆ ସାହିତ୍ୟର ଶିକ୍ଷକ ଶ୍ରୀ ବାସୁଦେବ ମହାପାତ୍ର ଓ ସ୍କୁଲର କିରାଣୀ, ଅଥଚ ସୁଦକ୍ଷ ସାହିତ୍ୟ ସେବୀ ସମସରପୁରର ଶ୍ରୀ ରଘୁନାଥ ମିଶ୍ର । ନୂତନ ଓଡ଼ିଆ ସାହିତ୍ୟଭିତରେ, ବିଶେଷରେ ରାଧାନାଥଂକ କାବ୍ୟ ଓ କବିତା ଚର୍ଚ୍ଚା ଚାଲିଲା । ମୁଁ ଦେଖିଲି, ରାଧାନାଥଂକ ସଂବଂଧରେ ମୋର ପିଲାଦିନର ଅନେକ ଧାରଣା ବଦଳି ଗଲା । ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା ପଂଡାମାନେ ଯାତ୍ରୀଂକୁ କେଦାରଗୌରୀ ଦର୍ଶନ କରାଇ ଦେଖାଉଛନ୍ତି । "ଏଇଠାରେ କେଦାର ଜଳାବାଟେ ଗୌରୀସାଂଗେ ଲୁଚି କଥାବାର୍ତ୍ତା କରୁଥିଲା । ଏଇଠାରେ କେଦାର ଗୌରୀର ଲୁଗା ଦେଖିଲା । ଏଇଠାରେ

ଗୌରୀ କେଦାର ଦୁହେଁ ମରିପଡ଼ିଥିଲେ''—ଇତ୍ୟାଦି । ରାଧାନାଥଙ୍କ କେଦାରଗୌରୀରୁ କଥାଗୁଡ଼ିକ ପୁରାଣ କଥା ପରି କହି ଯାଉଛନ୍ତି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା । ଜାଣିଥିଲି ପ୍ରାଚୀନ ରୋମୀୟ କବି ଓଭିଡ଼୍‌ଙ୍କ 'ମେଟାମୋରଫସିସ୍' ନାମକ କାବ୍ୟ ସଂଗ୍ରହରେ ଥିବା 'Pyramus and Thysbe' ନାମକ କାବ୍ୟର ମାତ୍ରକ ଓଡ଼ିଆ ସଂସ୍କରଣ ହେଉଛି 'କେଦାରଗୌରୀ' । ତାର ଆଦର୍ଶ ଭାରତୀୟ ନୁହେଁ । ତା'ପୁଣି ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପୀଠର ମୂଳରୂପେ ଏପରି କୁହାଯାଉଛି । ରାଧାନାଥଙ୍କ 'ଚନ୍ଦ୍ରଭାଗା', 'ଉଷା' ପରି କାବ୍ୟମାନ ବି ସେଇ ଓଭିଡ଼୍‌ଙ୍କ ପୁସ୍ତକରୁ ଗୃହୀତ । ତେଣିକି ଆମର ଏହିପରି ବିଶ୍ଳେଷଣ, ଆଲୋଚନା, ସମାଲୋଚନା ବରାବର ସତ୍ୟବାଦୀ ସ୍କୁଲରେ ଚାଲୁଥିଲା । ସେଥିରେ ପ୍ରାଚୀନ-କବି ଜଗନ୍ନାଥ ଦାସଙ୍କଠାରୁ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ବାଟେ ସାମନ୍ତସିଂହାରଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ଭାରତଚନ୍ଦ୍ରଙ୍କଠାରୁ ନବୀନ ସେନଙ୍କ ପର୍ଯ୍ୟନ୍ତ ବଙ୍ଗଳା ସାହିତ୍ୟ, ତଥା ମଝେ ମଝେ ପୋପ୍‌ଙ୍କଠାରୁ ଟେନିସନଙ୍କ ପର୍ଯ୍ୟନ୍ତ ଇଂରେଜୀ ସାହିତ୍ୟରୁ ତୁଳନାତ୍ମକ ଉଦାହରଣମାନ ଧରି କାବ୍ୟକବିତାର ପରିସ୍ଥିତି, ପରମ୍ପରା, ସ୍ୱଦେଶଦୃଷ୍ଟି ସହିତ ମାନବ-ସମାଜର ପ୍ରଗତିରେ ପୁଣି ନିତ୍ୟତାର ସଂକେତ ଓ କାବ୍ୟ କଳାରେ କବିର ଦ୍ରଷ୍ଟୃସୁଲଭ ଦର୍ଶନ ପ୍ରଭୃତିର ଚର୍ଚ୍ଚା ଖୁବ୍ ହେଲା । ବିଶେଷରେ ମୋ ଆଡ଼ୁ ଓଡ଼ିଆ ସାହିତ୍ୟ ପୁଣି ନବୀନ ଓଡ଼ିଆ କାବ୍ୟ କବିତାର ସମାଲୋଚନା ଟିକିଏ ତୀବ୍ର ବି ହେଉଥିଲା ।

ରଘୁନାଥ ଓ ବାସୁଦେବ ସେଥିରେ ମଝେ ମଝେ କମ ପ୍ରତିବାଦ କରୁ ନଥା'ନ୍ତି । ଦେଖିଲି, ସେମାନଙ୍କ ପ୍ରତିବାଦ ଭିତରେ ଦେଶାତ୍ମବୋଧ ସଙ୍ଗେ ନିଜର ପୁରାଣ, ପରମ୍ପରା, କିମ୍ବଦନ୍ତୀ ଓ ଲୋକ ବ୍ୟବହାର, ଆମ ରଜାପୁଅ ଓ ରଜାଝିଅଙ୍କ ସାନ୍ତ ଓ ସାଧବମାନଙ୍କ ବୋଇତ ବଣିଜ ପ୍ରଭୃତି ପ୍ରତି ମମତା ଯଥେଷ୍ଟ ଅଛି । 'ଲାବଣ୍ୟବତୀ'ର ସିଂହଳର ବର୍ଣ୍ଣନା ତଥା ସିଂହଳ ରାଜବଂଶଗଣ ସହିତ ଉତ୍କଳରାଜବଂଶର ବୈବାହିକ ସମ୍ବନ୍ଧ ପ୍ରତିଷ୍ଠା କଥା କହିଲାବେଳେ ଆଉ କାବ୍ୟକଳାର ସମାଲୋଚନା ପ୍ରତି ସେମାନଙ୍କ ଦୃଷ୍ଟି ଦେଉ ଯାଉନାଇ । ଏଇପରି ବିଷୟମାନଙ୍କରେ କେବେ ଟିକିଏ ତୀବ୍ର-ସମାଲୋଚନା ହେଲେ ତା'ପୁଣି ସେ ସହି ପାରୁନାହାନ୍ତି । ନୂତନ ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କର ଅନେକ ସମୟରେ ଯୁକ୍ତିଯୁକ୍ତତା ଠାରୁ ପ୍ରାଣର ପ୍ରତିଷ୍ଠିତ ଭାବ ଅଧିକ ପ୍ରବଳଥିବାର ମଧ୍ୟ ଅନୁମାନ କଲି । ଏହା ମୁଁ କେବଳ ସେମାନଙ୍କଠାରେ ଅନୁମାନ କଲି ନୁହେଁ, ବୁଝିଲି, ଆମ ପାଠକେ ସାଧାରଣତଃ ଏଇ ଭାବରେ ପ୍ରାଣିତ ଥିବେ ଓ ହେବେ ।

ଆଜ ମୋର ମନେ ପଡ଼ିଲେ ପ୍ରାଣରେ ସେହି ଯୌବନର ସରସତା ଏବେ ବି ଫୁଟି ଉଠେ । ସେ ସବୁ ସମାଲୋଚନା ସ୍ରୋତ ଭିତରେ କେବେ ମୁଁ ଯେତେ-ବେଳେ ଏକାକୀ ରହେ, କବିତାରେ ମୋର ବେଳେ-ବେଳେ ସୃଷ୍ଟି କରିବାର ପ୍ରେରଣା ଜାଗିଉଠେ । ମୁଁ ବେଳେବେଳେ ଦିବାସ୍ୱପ୍ନ ଦେଖେ ।

''ହୃଦଦରପଣେ ନାଚିଯାଏ ଛବି
ପଲକେ ପଲକେ ପରାଣ ପୂରି,
ଜାଗରଣେ କେତେ ଦେଖଇ ସ୍ୱପନେ
ସ୍ୱପନେ ଦେଖଇ ପରାଣ ଭରି ।''

ଏହି ଚିନ୍ତା, ପ୍ରେରଣା, ଦିବାସ୍ୱପ୍ନ ଭିତରେ ଏପରି ଏକ ସମୟ ଆସିଲା, ମୋତେ ଆଉ ଯଥାର୍ଥରେ ନିଦ ହେଲାନାଇ । ପ୍ରାୟ ଦୁଇଦିନ ଅନିଦ୍ରାରେ କଟିଗଲା । ଶେଷକୁ କାହିଁକି କେଜାଣି 'ରାମଚଣ୍ଡୀରେ ରାତି' କବିତାଟି ଲେଖିବାରେ ଲାଗିଗଲି । ଦୁଇବର୍ଷତଳେ ପିଲାଙ୍କ ସଙ୍ଗେ କୋଣାର୍କ ଦେଖି ଆସିବାପରେ ଏଇ

ଲେଖାଟି ଆରମ୍ଭ ମାତ୍ର କରିଥିଲି । ଏବେ ଏହା ପ୍ରାୟ ସପ୍ତାହକେ ଶେଷକରି ଦେଖିଲି ସମସ୍ତଙ୍କ ମନକୁ ସେଠନଲା । ମୋ ଉତ୍ସାହ ବି ବଢ଼ିଗଲା ।

## ୯୯. 'କୋଣାର୍କେ'ର ମୁଖଶାଳା

କୋଣାର୍କ ଦେଖିଯିବାର ପ୍ରାୟ ଦୁଇମାସ ପୂର୍ବରୁ ଗଡ଼ଜାତ ବୁଲି ଗଲାବେଳେ ଆଠଗଡ଼ଠାରୁ ହାତୀରେ ଚଢ଼ି ହିଂଦୋଳ ଯିବା ସମୟରେ ବାଟରେ ଘୋର ବର୍ଷା ହେଲା । ସଂଗରେ ଥିଲେ ଜଣେମାତ୍ର ବଂଧୁ, ଶାସନ ଦାମୋଦରପୁରର ସ୍ୱର୍ଗତ ନାରାୟଣ ରଥେ ଆଉ ହାତୀ ମାହୁଂତ ଓ ମେଂଟ ବା ଭାତୁଆ (ଯେ ହାତୀକୁ ଡାଳ ଭାଂଗିଆଣି ଦିଏ); ସଂଧ୍ୟାକୁ ମେଘ ଛାଡ଼ିଗଲା । ଆମେ ଯାଇ ରହିଲୁ ଢେଙ୍କାନାଳ ରାଜ୍ୟର ସୀମାରେ ଥିବା 'ଭାଆପୁର' ଡାକ ବଂଗଳାରେ । ସେଠାରେ ଆମେ ପହଂଚିବା ମାତ୍ରେ ଜଣେ ଭିକ୍ଷୁକ ଆସି କିଛି ମାଗିଲା । ପଚାରିବାରେ ଜଣାଗଲା—ସେ ସେକାଳେ ଅନୁଗୁଳରେ ଥିବା ରାଜାଙ୍କର ଭାଟବଂଶର ଜଣେ । ଏବେ ତାର ଜମିବାଡ଼ି କିଛି ନାହିଁ । ଇଂରେଜ ମୁଲକ ହୋଇଯିବାରୁ ତା ବଂଶର ଜାଗିର ଜମିସବୁ କର ବସି ପରେ ବନ୍ଦୀ ହୋଇ ଯାଇଛି । ସେ ଏବେ ଭିକ ମାଗୁଛି । ତା ଘରେ ବୀଣା ଅଛି । ଦଶହରାଦିନ 'ସେ ତା' ପୂଜାକରେ ଓ ରାଜାଂକ ବଂଶରେ ଯେ ଅଛଂତି ତାଂକ ଦୁଆରକୁ ପାରିଲେ ଟିକିଏ ଯାଏ ।

ଏ ଲୋକଟି ସଂଗେ ଏଇ କଥାବାର୍ତ୍ତା ହୋଇ ଯାହା ମୋ ମନରେ ହେଲା ତା' କହିବା ଦରକାର ନାହିଁ । ସେତିକିବେଳେ ଇଂରେଜ କବି ସ୍କଟଂକ 'ଶେଷ ବଂଦୀ ଭାରତୀ' (Lay of the last Ministrel) କଥା ମୋ ମନେ ପଡ଼ିଥିଲା । ମୁଁ ଭାବିଥିଲି ଏହିପରି ଗୋଟିଏ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ମୋର ସେ କଥାଟି ମନେ ପଡ଼ିଲା । ମୁଁ 'ମାୟାଦେବୀ' କାବ୍ୟ ଆରଂଭକରି ପ୍ରାୟ ସପ୍ତାହକରେ ଶେଷ କରି ପକାଇଲି ।

## ୧୦୦. ଉତ୍କଳର ଦୁର୍ଭିକ୍ଷ

(୧୯୧୯-୨୦)

ସତ୍ୟବାଦୀ ସ୍କୁଲ ଛାଡ଼ିବାପରେ ମୋର ସ୍କୁଲରେ କିଛି କାମ ନଥିବାରୁ ପ୍ରାଣରୁ ମମତା ବି ଟିକିଏ କମି ଆସିଲା । ଏତିକି ବେଳକୁ ସାର୍ ଆଶୁତୋଷ (କଲିକତା ବିଶ୍ୱବିଦ୍ୟାଳୟର କୁଳପତି) କିଛିଦିନ ତଳେ ସ୍କୁଲ ଦେଖିବାକୁ ଆସିଥିଲେ । ମୁଁ ମଧ୍ୟ ସେ ବର୍ଷ ପୁରୀର ଦୁର୍ଭିକ୍ଷରେ ସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରମାନଂକୁ ନେଇ ଗୋପବଂଧୁ ବାବୁଂକ ପ୍ରେରଣାରେ ଦୁର୍ଭିକ୍ଷ ସେବା ଶୃଂଖଳିତ ଭାବରେ କରିବାରେ ଲାଗିପଡ଼ିଲି । ଗୋପବଂଧୁ ବାବୁ ସେତେବେଳେ ବିହାର-ଓଡ଼ିଶା କାଉନ୍‌ସିଲ୍‌ର ସଭ୍ୟ ଥିଲେ । ସେଥର ବିହାର ଓଡ଼ିଶାର ଲାଟ୍ ଦୁର୍ଭିକ୍ଷ ଅଂଚଳ ଦେଖିବାକୁ ଆସିବାର କଥା ହେଲା । ଗୋପବଂଧୁ ବାବୁ ପାଟଣା ଯିବାପୂର୍ବରୁ ମୁଁ କହିଥିଲି, "ଆପଣ ସ୍କୁଲର ଶିକ୍ଷକ ଓ ଛାତ୍ରମାନଂକୁ ମୋ ସହିତ ଛାଡ଼ି ଦିଅଂତୁ । ତାହେଲେ ଲାଟ୍ ସାହେବଂକୁ ଯାହା ଦେଖାଇବାର କଥା ଦେଖାଇ ପାରିବେ ।" ତାହାହିଁ ହେଲା । ମୁଁ ଦୁର୍ଭିକ୍ଷ ଅଂଚଳର ଯେଉଁ ମାନଚିତ୍ର ଆଂକି ଥିଲି ତାହା ସାଧାରଣତଃ ଅଫିସର୍‌ମାନେ ସେକାଳେ କରୁ ନ ଥିଲେ । ମୋର ସେହି ମାନଚିତ୍ର ଦେଖି ଲାଟ୍ ସାହେବ ତାଂକ ଯିବାବାଟ ସ୍ଥିର କରିଥିଲେ ।

ଲାଟ୍ ସାହେବ ଏ ଦୁର୍ଭିକ୍ଷ ଦେଖି ଇଂରେଜ ରାଜତ୍ୱରେ ମଧ୍ୟ ସେତେବେଳେ କହି ପାଇଥିଲେ—"What ought to have been done, has not been done" (ଯାହା କରିବାର ଥିଲା କରାଯାଇ ନାହିଁ) ।" ଏହାକୁ ଏବେ ବି 'ଉତ୍କଳର ଦୁର୍ଭିକ୍ଷ' କୁହାଯାଏ । ଏପରି କରାଳ ଦୁର୍ଭିକ୍ଷ ଆଉ କେବେ ହୋଇଥିବାର ମୁଁ ଦେଖି ନାହିଁ । (ଶୁଣିଛି ସମଗ୍ର ଓଡ଼ିଶାରେ ନଅଂକଦୁର୍ଭିକ୍ଷ ଏହାଠାରୁ ଆହୁରି ଭୀଷଣ ଥିଲା) । ମୁଁ ସେଥିପାଇଁ ଉତ୍କଳରେ ପ୍ରାୟ ଦୁଇମାସ ଥିଲି । ଅନେକ ଅନେକ ଲୋମହର୍ଷକର ଦୃଶ୍ୟ ବି ଦେଖିଛି ।

ଏହି ଦୁର୍ଭିକ୍ଷ ରିପୋର୍ଟ ଛପାଇବା ପାଇଁ ମୁଁ ସେଇବର୍ଷ କଲିକତା ଯାଇଥିଲି । ସେ ଛପା ରିପୋର୍ଟ ଏବେ ମିଳୁନାଇ ।

ଉତ୍ତର ଦୁର୍ଭିକ୍ଷବେଳେ ମୁଁ ପାଟଣାର ସର୍ଚ୍ଚ-ଲାଇଟ୍‌ରେ ମିଛ ଖବର ଦେଇଛି ବୋଲି କେତେକ ସରକାରୀ କର୍ମଚାରୀଂକ ପ୍ରେରଣାରେ ମୋ ବିରୁଦ୍ଧରେ ଅଭିଯୋଗ ଅଣାଯାଇ ପୁରୀ କଚେରୀରେ ଏକାଧିକ ମକଦ୍ଦମା ହୋଇଥିଲା । ଦାମ ମଲିକ ବୋଲି ଉତ୍ତରର ଜଣେ ଚୌକିଦାର ଥିଲେ । ତାଂକୁ ମଧ୍ୟ ସେଥିରେ ସଂପୃକ୍ତ କରାଯାଇ ତାଂକର ଚାକିରୀ କାଢ଼ି ନିଆ ଯାଇଥିଲା । ସ୍ୱର୍ଗତ ଶ୍ରୀ ହରେକୃଷ୍ଣ ମହାଂତି ( ଗୋପ ଚୌଧୁରୀଂକ ପିତା ) ସେତେବେଳେ ପୁରୀରେ ଡେପୁଟୀ କଲେକ୍‌ଟର୍ ଥା'ଂତି । ମୁଁ ବରାବର ତାଂକ କୋର୍ଟକୁ ଯାଉଥାଏ । ସେ ମଧ୍ୟ ଅନ୍ୟ ମକଦ୍ଦମା ନେଉଥା'ଂତି ।

ଦିନେ ମନେଅଛି, ଉତ୍ତରର ବୁଢ଼ି ବରାଳ ବୋଲି ଜଣେ ବୃଦ୍ଧଙ୍କୁ ପୁଲିସ୍ ଧରି ଆଣିଲେ । ସେ ବୁଢ଼ି ବରାଳର ଗୋଟିଏ ବଡ଼ କୁଟୁଂବ । ପ୍ରାୟ ୩୦ ଏକର ଜମିଥିଲା । କିଂତୁ ତିନିବର୍ଷ ହେଲା ଦୁର୍ଭିକ୍ଷଯୋଗେ ସେଥିରେ କିଛି ଧାନ ଫଳୁ ନଥିଲା । ବୁଢ଼ି ବରାଳ ଆଉ ଗୋଟିଏ ଗ୍ରାମର ବିଲରୁ ମୁଗ କରଡ଼ା ଆଣିବାକୁ ଯାଇ ଧରା ହୋଇ ଆସି ଥିଲା ।

ହରେକୃଷ୍ଣ ବାବୁ ମକଦ୍ଦମା ବୁଝି ତାକୁ କହିଲେ—“ଆଜି କଚେରୀ ବଂଦ ପର୍ଯ୍ୟଂତ ତତେ ଏଇ ଘରେ ଜେଲ୍ ଦିଆଗଲା ।” ବୁଢ଼ି ବରାଳ ସବୁ ଟିକନଖି କରି ବୁଝିଲା । ଶେଷକୁ କହିଲା—“ବାବୁ କ'ଣ କଲେ, ମତେ ପଂଦରଟି ଦିନ ହେଲେ ଜେଲ୍ ଦେଲେ ନାଇ । ମୁଁ ଜେଲ୍‌ରେ ମୁଠିଏ ଖାଇଥା'ଂତି ।”—ଏ କଥା କହିଲାବେଳେ ସେ କାଂଦି ପକାଇଲା ଏବଂ ହରେକୃଷ୍ଣ ବାବୁଂକ ପର୍ଯ୍ୟଂତ ଆଖିରୁ ମଧ୍ୟ ଲୁହ ଗଡ଼ିଲା ।

ଲାଟ୍ ସାହେବଂକୁ ଏଇ 'ଉତ୍ତର'ରେ ଦେଖାଇଲା-ବେଳେ ସିଦ୍ଧି ବରାଳ ବୋଲି ଜଣେ ଖୁବ୍ ଜମିଥିବା କୃଷକ ଘରକୁ ନେଇଥିଲି । ସେ ସେଠାରେ ମୁଠି ସାଂଗରେ କୁଂଡା ପକାଇ ଚୂଲିରେ ବସାଇ ଘାଂଟୁଥିଲା । ତାକୁ ଲାଟ୍‌ସାହେବ ବହୁତ କଥା ପଚାରିଲେ । ସେ କାଂଦି ପକାଇ କହିଲା, “ତାର ବହୁତ ଜମି ଅଛି । କିଂତୁ ତା' ଜମିରେ ତିନିବର୍ଷ ହେବ କିଛି ନାଇ ।” ତାର ଆଉ ଗୋଟିଏ ଭାଇକୁ ମୁଁ ଦିନେ ନଖାଇଥିବା ଅବସ୍ଥାରେ ମୋ ବସାରେ ଦେଖିଲି । ସେ ବଡ଼ ବ୍ୟାକୁଳ ହୋଇ ମତେ ଖାଇବାକୁ ମାଗିଲା । ମୁଁ ପୂଝାରୀକୁ କହିଦେଲି—“ଏହାକୁ ଖାଇବାକୁ ଦିଅ ।” ସେ ଖାଇଲା ଓ କିଛିକ୍ଷଣ ପରେ ହାତ ନ ଧୋଇ ସେଇ ଖାଇବା ଜାଗାରେ ଢଳିପଡ଼ି ମରିଗଲା ।

ସେଇ ଗ୍ରାମରେ ମୋର ଯେଉଁଠି ବସାଥିଲା—ତା'ରି ଆଗରେ ବଇରା ମାଆର ଘର । ତା' ପୂର୍ବରୁ ତା' ପୁଅ ବଇରା ଘରୁ ବାହାରି ଦାଂଡିକୁ ଯିବା ବାଟରେ ବୁଡ଼ି ମରି ଯାଇଛି । ବଇରା ମା ସେଦିନ ଘରେ ନ ଥିଲା; କିଂତୁ ଲାଟସାହେବଂକୁ ଦେଖାଇଲି ତାର ଘଡ଼ିରେ ପାଣି ମୁଂଦାଏ ରହିଛି ଓ ସେଥିରେ ଚୂଲି ଲିପା ହୋଇଛି । ଆଉ ଚୂଲିରେ କି ଘରେ କିଛି ନାଇ । ଘର ଉପରେ ବି ଚାଳ ନାଇ । ଏହି ଦୃଶ୍ୟସବୁ ବର୍ଣ୍ଣନା କରିବାକୁ ଆଉ ଇଚ୍ଛା ହେଉନାଇ । ହେଲେହେଁ ମୋର ଖବର ଦେବାରେ ପୁଲିସ ଓ ସରକାର ଏଇ ବଇରା ଗଳ୍ପକୁ ମିଥ୍ୟା ଖବର ବୋଲି ମୋ ବିରୁଦ୍ଧରେ ଗୋଟିଏ ମକଦ୍ଦମାର ବିଷୟ କରିଥିଲେ ।

## ୧୦୧. ସୁଜନ

ଏହି ଉତ୍ତର ଦୁର୍ଭିକ୍ଷ ପରି କରାଳ ଦୁର୍ଭିକ୍ଷ ମୁଁ ଆଉ ଦେଖି ନାଇ । ଘରମାନଂକରେ ମୁଁ ଦେଖୁ ଦେଖୁ ଖାଇବାକୁ ନପାଇ ଲୋକେ ମରିଯାଉଥା'ଂତି । ଏ ଅନାହାର ମୃତ୍ୟୁ ମୁଁ ଯାହା ଦେଖିଛି, ତା' ଆଉ ଭୁଲି

ପାରିବି ନାହିଁ । ସେଇ ଗାଆଁରେ ଥିଲାବେଳେ, ଦୋଳ ପୂର୍ଣ୍ଣିମା ଦିନ ରାତିରେ ମୁଁ ପିଲାମାନଙ୍କୁ ମୁଢ଼ି ବାଣ୍ଟୁଥାଏ । ହଠାତ୍ ଗହଳି ଭିତରୁ ଜଣେ ବାଳିକାକୁ ଧରି ଉଠାଇ କହିଲି—"ତୁ ବୁଢ଼ୀଟାଏ ଏଥିରେ କାହିଁକି ବସିଛୁ ? ତୁ ଉଠିଯା ।" ସେ ମୋ ଆଡ଼କୁ କାନ୍ଦି କାନ୍ଦି ଚାହିଁଲା । ଅଳ୍ପ କଅଁଳିଆ ଚନ୍ଦ୍ର ଆଲୁଅ । ସେଥିରେ ମୁଁ ଦେଖିପାରୁ ନ ଥାଏ । ଗ୍ରାମବାସୀମାନେ ହଠାତ୍ କହିଲେ—"ସେ ତ ପିଲାଟାଏ, ଆପଣ ତାକୁ ବାହାର କରିଦେଉଛନ୍ତି କାହିଁକି ?"

ସେଠାରୁ ମତେ ଦେଖି କାନ୍ଦି ମାଡ଼ିଲା । ଜାଣିଲି ସେ ଏକ ନବୀନା ତରୁଣୀ । ହେଲେହେଁ ସେ ଏକ ଛୋଟ ବାଳିକାପରି ଦେଖାଯାଉଛି ଓ ତାର ଅଙ୍ଗ ସୌଷ୍ଠବ ଆଦୌ ଫୁଟିନାହିଁ ।

ଏହି ସମୟର ଅନ୍ୟ ଏକ ଘଟଣା କହେ । ସେତିକିବେଳେ ଠକ୍କର ବାପା ଆସି ପହଞ୍ଚିଲେ । ତାଙ୍କରି ସଙ୍ଗେ ମୁଁ ଚୂଡ଼ା ବାଣ୍ଟିବାକୁ ପାଖ ଗାଁକୁ ଗଲି । ପାଖରେ ଗୋଟିଏ ଗାଆଁର ନାଁ ହେଉଛି ସୁତନ । ସେ ଗାଆଁରେ ଘରୁ ଆସି ଚୂଡ଼ାନେବାକୁ କାହାରି ଶକ୍ତି ନାହିଁ । ଖାଲି ବୁଢ଼ାବୁଢ଼ୀଯାକ ଘରେ ପଡ଼ିଛନ୍ତି । ଯୁବକଯୁବତୀ, ପ୍ରୌଢ଼ ଓ ପିଲାମାନେ କେହି ଘରେ ନାହାନ୍ତି । ସମସ୍ତେ କୌଣସି ପ୍ରକାର କିଛି ରୋଜଗାର କରିବାକୁ ବାହାର ଗ୍ରାମକୁ ବା ଦୂର ଦୂରାନ୍ତକୁ ଚାଲି ଯାଇଛନ୍ତି । କେତେଜଣଙ୍କ ଘରେ ଯାଇ ଆମେ ଚୂଡ଼ା ଦେଲୁ । ସେମାନେ ବଡ଼କଷ୍ଟରେ ଆସି ଚୂଡ଼ା ପାଖରେ ପହଞ୍ଚିଲେ ।

ବିଶେଷ ଆଶ୍ଚର୍ଯ୍ୟର କଥା, ସେ ଗାଁ ଛାଡ଼ି ଆମେ ଗାଁ ମୁଣ୍ଡରେ ଆସି ଦେଖିଲୁ ସେଠାରେ ମୋଟ ବାଇଶଟି ମୁର୍ଦ୍ଦାର ପଡ଼ିଛନ୍ତି । ପରେ ବୁଝିଲୁ ସେ ଗ୍ରାମରେ କେହି ମରିଗଲେ ଶବ ସତ୍କାର କରିବାକୁ କାହାରି ବଳ ନାହିଁ, ଅବସ୍ଥା ନାହିଁ । ବଡ଼ କଷ୍ଟରେ ଆଣି ଲୋକଙ୍କୁ ଏଇ ଶ୍ମଶାନରେ ପକାଇ ଦେଇ ଯାଉଛନ୍ତି । ସେ କରାଳଦୃଶ୍ୟ ଏବେ ବି ମୋ ମନେ ପଡ଼ୁଛି ।

## ୧୦୨. ଅସହଯୋଗ ଆନ୍ଦୋଳନ

ସାର୍ ଆଶୁତୋଷ କଲିକତା ବିଶ୍ୱବିଦ୍ୟାଳୟରେ "ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ" ପଢ଼ାଇବା ପାଇଁ ଡକାଇନେଲେ । ମୁଁ ସେଇ ବିଷୟରେ ଜଣେ ଛାତ୍ରକୁ ଯୋଗ୍ୟ କରିବା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟରେ ରହିବାର ପ୍ରତିଶ୍ରୁତି ଦେଲି ଓ ୧୯୨୦ ମସିହା ସେପ୍ଟେମ୍ବର ୨୦ତାରିଖରୁ ସତ୍ୟବାଦୀ ଛାଡ଼ି କଲିକତା ଗଲି ।

ସେହିବର୍ଷ ସେପ୍ଟେମ୍ବର ମାସରେ କଲିକତା ସଭାରେ ଲାଲାଜୀଙ୍କ ଦ୍ୱାରା ଯଥାର୍ଥ ସତ୍ୟାଗ୍ରହର ସୂତ୍ରପାତ ହେଲା । ମୁଁ କଲିକତାରେ ଅଧ୍ୟାପକ ଥାଏ । ଗୋପବନ୍ଧୁ ବାବୁ ସେଦିନ ମୋ ମେସ୍‌ରେ ଥିଲେ । ଶେଷଥର ପାଇଁ ସେଦିନ ସେ ସେଇ ବାଟେ ପାଟଣା କାଉନ୍‌ସିଲ୍‌କୁ ଯାଉଥାନ୍ତି । ରାତିରେ ଖାଇଲାବେଳେ ମୁଁ ତାଙ୍କୁ ବିଞ୍ଚି ଦେଉଥାଏ । ମତେ କହିଲେ—"ଏବେ ତୁମମାନଙ୍କର ଯାହା ଇଚ୍ଛା ତା'କର । ମୁଁ ଯାଉଛି ଏକା ଏକା ଅସହଯୋଗରେ ଯୋଗ ଦେବି ।" ଏହା କହୁ କହୁ କାନ୍ଦକାନ୍ଦ ହୋଇଗଲେ । ମୁଁ ସେଠାରୁ ଟିକିଏ ରହି କହିଲି—"ଆପଣ ଏପରି କଥା କାହିଁକି କହୁଛନ୍ତି ? ଜୀବନରେ ଆମେ ଏକାଠି କାର୍ଯ୍ୟାରମ୍ଭ କରିଥିଲେ । ଯାହା କରିବା ଏକାଠି କରିବା ।" ତାହାପରେ ପ୍ରାଣର ଯେଉଁ ଭାବାବେଗ ପ୍ରକାଶ ପାଇଥିଲା କହିବା ଦରକାର ନାହିଁ ।

ଏଥିମଧ୍ୟରେ ୧୯୨୧ ଜାନୁୟାରୀରୁ ବିଧିମତେ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଦେଶସାରା ଆରମ୍ଭ ହେଲା । ସେ ଉନ୍ମାଦନା ଓ ଉତ୍ସାହ ଆଜି କହି ହେବ ନାହିଁ । ସେତେବେଳେ ସମ୍ବଲପୁରର ଓକିଲ ଶ୍ରୀଯୁକ୍ତ ଭାଗୀରଥୀ ମିଶ୍ର କଲିକତା କଲେଜରେ ବି. ଏଲ୍. ପଢୁଥାନ୍ତି । ଏଣେ କାଗଜରେ ହୁଲସ୍ଥୁଲ ପଡ଼ିଗଲା । ସମ୍ବଲପୁର ଲୋକେ ତାଙ୍କୁ ଡାକିଲେ—"ଶୀଘ୍ର ଆସ ଅସହଯୋଗରେ କିଛି କରିବା ।"

ସେ ଆସି ମୋତେ ଡାକଲେ । ମୁଁ ଗୋପବନ୍ଧୁ ବାବୁଙ୍କୁ ଏ କଥା ଲେଖି ଜଣେଇଲି । ସେ ସଂଗେ ସଂଗେ କଲକତା ଯାଇ ଆମ ଦୁହିଁଙ୍କୁ-ରେଲରେ ଧରି ସଂବଲପୁର ଗ୍ଲଲେ ।

ଏ ହେଉଛି ୧୯୨୧ ମସିହା ଜାନୁଆରୀ ୬ ତାରିଖ କଥା । ଏହା ମଧ୍ୟରେ ସତ୍ୟବାଦୀ ସ୍କୁଲରେ ବସି ଗୋପବନ୍ଧୁ ବାବୁ ସତ୍ୟବାଦୀ ସ୍କୁଲର ତତ୍କାଳୀନ କର୍ମ-କର୍ତ୍ତାମାନଙ୍କୁ ଧରି ଏହାକୁ ଜାତୀୟ ବିଦ୍ୟାଳୟରେ ପରିଣତ କରି ସାରିଥାନ୍ତି ।

## ୧୦୩. "ସ୍ୱରାଜ ଭୟା ଅଲବତ୍ ହୋଗା"

ତା'ପରେ ସଂବଲପୁର କାର୍ଯ୍ୟ କଥା ଟିକିଏ ସୂଚେଇଦିଏ । ମୁଁ ସଂବଲପୁରରେ ସେ ବର୍ଷ ଜାନୁଆରୀ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଥିଲି । ପ୍ରଥମେ ସେଠାରେ ସତ୍ୟବାଦୀ ଢ଼ଙ୍ଗରେ ଏକ ଜାତୀୟ ବିଦ୍ୟାଳୟ ଆରମ୍ଭ କଲି । ସେଥିରେ ଲୋକଙ୍କର ଖୁବ୍ ଉତ୍ସାହ ଦେଖାଗଲା । ସବୁଠାରୁ ପ୍ରଧାନ ଧର୍ମୀ ଓ ଓକିଲ ଶ୍ରୀ ରମନାରାୟଣ ମିଶ୍ର ଏମ୍. ଏ. ବି. ଏଲ୍. ସେହି ସ୍କୁଲକୁ ତାଙ୍କର ଦ୍ୱିତୀୟ ପୁଅକୁ ପଠାଇ ଦେଇ-ଥିଲେ, ତଥା ସହରର ଅନେକ ବିଶିଷ୍ଟ ଲୋକ ତାଙ୍କ ପୁଅମାନଙ୍କୁ ସେହି ସ୍କୁଲକୁ ପଠାଇଲେ । ଏହି ସ୍କୁଲଯୋଗେ ସହର ତଥା ମଫସଲରେ ଏକ ଚାଞ୍ଚଲ୍ୟ ଖେଳିଯାଇଥିଲା । ସେହିବର୍ଷ ଏପ୍ରିଲ ମାସ ଛ' ତାରିଖ ଦିନ ହରତାଳ କରିବା ଉଦ୍ଦେଶ୍ୟରେ ନନ୍ଦବାଲିରେ ସନ୍ଧ୍ୟା ସମୟରେ ଯେଉଁ ବିରାଟ ସଭା ହୋଇଥିଲା—ତାହା ମୋର ଏବେ ମନେ ପଡ଼ୁଛି । ସେଥିରେ ସହରର ବହୁ ପ୍ରଧାନ ଲୋକ ଉପସ୍ଥିତ ହୋଇ ହରତାଳ ବିଷୟ ଶୁଣି ଚମତ୍କୃତ ହୋଇ ଯାଇଥିଲେ ଓ ସମସ୍ତେ ମୋ ସଂଗେ ସଂଗେ ସହରରୁ ଉଠି ବରାବର ସମସ୍ତ ସହରରେ ବୁଲିଯାଇ ସମସ୍ତଙ୍କୁ ହରତାଳ ବିଷୟରେ ଜଣାଇ ଦେଇ ଯାଇଥିଲେ । ବିଶେଷତଃ ଶ୍ରୀ ଅନନ୍ତରାମ ସୂପକାର ମୋ ସଂଗେ ସଂଗେ ଲୋକଙ୍କୁ ବିଶେଷରେ ଦୋକାନୀମାନଙ୍କୁ ହରତାଳ କଥା କହି କହି ବୁଲୁଥାନ୍ତି । ଏପ୍ରିଲ ୬ ତାରିଖ, ସେଦିନ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ । ଏପ୍ରିଲ ଛ'ରୁ ତେର ତାରିଖ ପର୍ଯ୍ୟନ୍ତ ସେତେବେଳେ ଜାତୀୟ ସପ୍ତାହରୂପେ ପାଳିତ ହେଉଥିଲା । ସେଦିନ ସଂବଲପୁରରେ ନାଇ ନଥିବା ହରତାଳ ହୋଇଥିଲା । ସେହି ସମୟରେ ଛାତ୍ରମାନଙ୍କୁ ଇସ୍କୁଲରୁ ଛଡ଼ାଇବାପାଇଁ ଓ ଓକିଲମାନଙ୍କୁ କଚେରୀରୁ ଛଡ଼ାଇବା ପାଇଁ ମୁଁ ଗୋଟିଏ ଶୋଭାଯାତ୍ରାର ଗୀତ ଲେଖି ସହରରେ ଶୋଭାଯାତ୍ରା କରାଇଥିଲି । ସେ ଗୀତଟି ସମ୍ପୂର୍ଣ୍ଣ ମନେ ନାଇ । ତାର ଗୁଟିଏ ଧାଡ଼ିମାତ୍ର ଆଜି ମନେ ପଡ଼ୁଛି ।

‘ ସ୍ୱରାଜ ଭୟା ଅଲବତ୍ ହୋଗା<br>
ଗ୍ଲେଡ଼୍‌କେ ଆଓ ଗୋଲାମୀ<br>
ଭାରତ୍ ଲଡ଼୍‌କା ଗୋଲାମ ହୋକେ<br>
କାହେ ବଟେ ବଦନାମୀ ।

× × × ×

ସ୍କୁଲ କଚେରୀ କାଉନ୍‌ସିଲକୁ ଯ୍ୟାଦ୍‌ରଖୋ ବାବୁଜୀ<br>
ମାୟା ଏ ସବ୍ ଗୋଲାମୀକା ଇସ୍‌ମେ ନାହିଁ ଭୁଲେଗି ।’

ଏହି ଓଡ଼ିଆ ମିଶା ହିନ୍ଦି ଗୀତଟି ବୋଲି ପ୍ରସେସନ୍ କଲାବେଳେ ସମସ୍ତ ହାଇସ୍କୁଲର ଛାତ୍ରମାନେ ସ୍କୁଲଛାଡ଼ି ଅଲଗା ହୋଇ ଆସିଥିଲେ । ସେତେବେଳେ ମୋର ସୁପରିଚିତ ନିମାପଡ଼ାର ମାଷ୍ଟର ମଧୁସୂଦନ ଦାସ ସ୍କୁଲର ହେଡ଼ମାଷ୍ଟର ଥିଲେ । ପିଲାଏ ଛାଡ଼ି ଆସିବାରେ ତାଙ୍କ କରୁଣ ଦୃଶ୍ୟ ଓ ସମବେଦନା ଜ୍ଞାପକ ଆଗ୍ରହ ବ୍ୟଞ୍ଜିତ ମୁଖ ଏବେ ବି ମନେ ପଡ଼ୁଛି ।

## ୧୦୪. ସଂବଲପୁର ଜାତୀୟ ସ୍କୁଲ

ସଂବଲପୁର ଜାତୀୟ ସ୍କୁଲର ଛାତ୍ରମାନଙ୍କୁ ଧରି ମଫସଲରେ କଲେରା ପ୍ରଭୃତିରେ ଯାଇ ସେବା କରିବାର ଏବେ ବି ମନେ ପଡ଼ୁଛି । ସେକାଳେ କଲେରା, ବସନ୍ତ ଲାଗିବାର ଜାଣିଲେ ଲୋକେ ଦଳୁ ବାହାରି

ରୋଗୀ ପାଖକୁ ଯାଉ ନ ଥିଲେ । ରୋଗୀ ଘରେ ପଡ଼ି ପଡ଼ି ମରିଯାଏ । ବସନ୍ତରେ ଗ୍ରାମମାନଙ୍କରେ ସପ୍ତା ବସେ । ପଣା ଦିଆଯାଏ । ସଂକୀର୍ତ୍ତନ ହୁଏ । ହେଲେ ଠାକୁରାଣୀ ଏ ସବୁରେ ବୁଝନ୍ତିନି । ଅଳ୍ପ ଦିନକେ ଗ୍ରାମରୁ ଅଧାଲୋକଙ୍କୁ ସଫା କରିଦେଇ ଆଉ କେତେକଙ୍କ ଆଖି ଫୁଟେଇ ଖୁସିରେ ଚାଲିଯାଆନ୍ତି । ଫକୀରମୋହନ ସେ କଥା ବେଶ୍ ଲେଖିଛନ୍ତି ।

ମୁଁ ଏହି ସ୍କୁଲର ଛାତ୍ରମାନଙ୍କୁ ଧରି 'ମାନପୁର' ପରି ଦୂର ଗ୍ରାମମାନଙ୍କୁ ଯିବାର ଏବେ ବି ମନେଅଛି । ଏହି କାର୍ଯ୍ୟରେ ସମ୍ବଲପୁର ଜିଲ୍ଲାରେ ସେତେବେଳେ ଯେପରି ହୃଦୟବସ୍ଥା ଖେଳିଯାଇ ଥିଲା, ତାହା ଆଜି କଳ୍ପିହେବ ନାଇ—ଦେଶରେ ସେ ଅବସ୍ଥା ବି ଆଜି ନାଇ । ଆଜି ଆଉ କଲେରା, ବସନ୍ତ ପ୍ରଭୃତି ମାରାତ୍ମକ ରୋଗ ହୋଇ ନାଇ । ଡାକ୍ତରୀ ବିଜ୍ଞାନର ଦ୍ରୁତ ଉନ୍ନତିରେ ଏ ସବୁ ପୁରୁଣା ରୋଗ ପ୍ରାୟ ଉଣା ହୋଇ-ଯାଉଛି; କିନ୍ତୁ ଶୁଣା ନ ଥିବା ବହୁ ନୂଆ ରୋଗ ବି ଜନ୍ମନେଉଛି ।

## ୧୦୪. ସେବା

ସମ୍ବଲପୁରରେ ଥିଲାବେଳେ ଆଉ ଗୋଟିଏ ବିଶେଷ କାର୍ଯ୍ୟ ହେଉଛି—ସେତେବେଳେ 'ସେବା' ନାମରେ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର ମୁଁ ବାହାର କରିଥିଲି । ଆଜି ସେ କାଗଜ ମୋ ପାଖରେ ନାଇ । କିନ୍ତୁ ତାହାର ଲେଖା ଯାହା ଆଜି ମୋର ମନେପଡ଼ୁଛି—ସେ କାଳକୁ ଚାହିଁ ସମ୍ପୂର୍ଣ୍ଣ ନୂତନ ଧରଣର । ସେକାଳର ଓଡ଼ିଶାର ବିଖ୍ୟାତ ବ୍ୟବସାୟୀ ପଦ୍ମଲୋଚନ ମହାନ୍ତି କଲିକତାରୁ ମୋର ପ୍ରଥମ କାଗଜ ଖଣ୍ଡ ପାଇ ବିଜ୍ଞାପନ ପାଇଁ ଆଗତୁରା ମୋ ନାମରେ ଶହେ କୋଡ଼ିଏ ଟଙ୍କା ପଠାଇ ଦେଇଥିବା ମୋର ମନେ ଅଛି । ତାହାପରେ ଏହିପରି ଅନେକ ବିଜ୍ଞାପନ ଖର୍ଚ୍ଚଦେଇ ସେ ମୋ କାଗଜରେ ଛପାଇଥିଲେ । ଯାହାହେଉ ସେ କାଗଜ ଯୋଗେ ଲୋକଙ୍କ ମଧ୍ୟରେ ବିଶେଷତଃ ଉକିଲ ମହଲରେ ବଡ଼ ଚଞ୍ଚଳତା ଖେଳି ଯାଇଥିଲା । ମନୋରଞ୍ଜନ ବାନାର୍ଜୀ ବୋଲି ସେ କାଳରେ ସମ୍ବଲପୁରରେ ଜଣେ ଉକିଲ ଥିଲେ । ସେ ଓ ଶଙ୍କର ମିଶ୍ରଙ୍କ ପରି ଲୋକେ ମଧ୍ୟ ସେଥିରେ ପ୍ରତିବାଦମାନ ଛପାଉଥିଲେ । ଯାହାହେଉ ସେ କାଗଜ, ସେ ବିଦ୍ୟାଳୟ ଓ ତହିଁ ସଙ୍ଗେ ଜିଲ୍ଲାତମାମ ବୁଲି ସଂଗ୍ରହ କରିଥିବା ଅର୍ଥ ସବୁଛାଡ଼ି ମୁଁ ସେପ୍ଟେମ୍ବର ବା ଅକ୍ଟୋବର ମାସରେ ସେଠାରୁ ସତ୍ୟବାଦୀକୁ ଫେରି ଆସିଥିଲି ।

ସେଠାର କଲେଜ କ୍ଲାସରେ ମୁଁ କିଛିଦିନ ଓଡ଼ିଆ ପଢ଼ାଉ ଥିଲି ଓ ସେହି ଓଡ଼ିଆ ପାଇଁ ଯେଉଁ ନୋଟ୍ ଦେଇଥିଲି ତାହା ୧୯୩୦ ଖ୍ରୀଷ୍ଟାବ୍ଦରେ ଜେଲରେ ଥିଲାବେଳେ ମୁଁ "ଓଡ଼ିଆ ବ୍ୟାକରଣ" ନାମଦେଇ ସେଇଟିକୁ ବହି ଆକାରରେ ଛପାଇଲି । ତାହା ସେକାଳେ ଶିକ୍ଷକମାନଙ୍କର ଓଡ଼ିଆ ଶିଖେଇବା ପାଇଁ ବିଭାଗୀୟ କର୍ତ୍ତାମାନେ ସ୍ଥିର କରି ଗେଜେଟ୍ କରିଥିଲେ । ସେଥିରେ ଗୋଟିଏ ପ୍ରଧାନ ବିଷୟ ଥିଲା, "ଓଡ଼ିଆ ଭାଷାର କାଳ ନିରୂପଣ" ! ସେଥିରେ କ୍ରିୟାର କାଳଭଙ୍ଗୀ ଥିଲା ପାଞ୍ଚଗୋଟି । ଯଥା— ବର୍ତ୍ତମାନ, ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା । ଏହି ପାଞ୍ଚଗୋଟି କାଳର ପ୍ରତ୍ୟେକଟିର ତିନୋଟି ଲେଖାଏଁ ଭାବ (Mood) ବ୍ୟତୀତ ଓଡ଼ିଆରେ ଆଉ ଅଧିକ କାଳ ନାଇ ।

ବର୍ତ୍ତମାନ—ମୁଁ କରେ, ମୁଁ କରୁଥାଏ, ମୁଁ କରିଥାଏ
ଅତୀତ—ମୁଁ କଲି, ମୁଁ କରୁଥିଲି, ମୁଁ କରିଥିଲି
ଭବିଷ୍ୟତ—ମୁଁ କରିବି, ମୁଁ କରୁଥିବି, ମୁଁ କରିଥିବି
ସମ୍ଭାବନା—ମୁଁ କରନ୍ତି, ମୁଁ କରୁଥାନ୍ତି, ମୁଁ କରିଥାନ୍ତି
ଅନୁଜ୍ଞା—ମୁଁ କରେ, ମୁଁ କରୁଥାଏ, ମୁଁ କରିଥାଏ

ତା' ବାଦ ମୁଁ କର୍ତ୍ତାରେ ଷଷ୍ଠୀ ବିଭକ୍ତିରେ ବ୍ୟବହାରରେ ଲେଖିଥିଲି, "ମୋର ତାର ଏ କାମ କରିବା" ଇତ୍ୟାଦି । ଏହିପରି ଅନେକ ନୂଆ ବିଷୟ ଥିଲା । ଏଥିପାଇଁ ମୁଁ ସେକାଳର ଡିରେକ୍ଟରଂକୁ କହି କଟକ ଟ୍ରେନିଂ ସ୍କୁଲରେ ଏହି ବିଷୟରେ ପାଠ ଦେଇଥିଲି । କିଂତୁ ଦୁଃଖର ବିଷୟ ସେ କାଳର ପଢ଼ୁଥିବା ଛାତ୍ରମାନେ ଏ ବିଷୟ ଧରି ନ ପାରି ନାନା-ପ୍ରକାର ଅବାଂତର ଯୁକ୍ତି ଆରଂଭ କରିଥିଲେ ।

## ୧୦୭. ଲିପିସଂସ୍କାର

ସତ୍ୟବାଦୀ ସ୍କୁଲ ସମୟର ଆଉ ଗୋଟିଏ ବିଶେଷ କଥା ମନେ ପଡ଼ୁଚି । ତା'ହେଉଚି ଲିପିସଂସ୍କାର । ମୁଁ ପ୍ରଥମେ ସେକାଳେ 'ଉତ୍କଳ ସାହିତ୍ୟ'ରେ ଓଡ଼ିଆରେ ଅନୁସ୍ୱାର ଦେଇ ସମସ୍ତ ବର୍ଗୀୟ ପଂଚମବର୍ଣ୍ଣ ପ୍ରକାଶ କରିବାର ଲିପି ଆରଂଭ କରିଦେଇଥିଲି । ଏ ବିଷୟରେ କିଂତୁ ସେକାଳର ପ୍ରସିଦ୍ଧ ଶ୍ରୀ ଗୋପାଳଚଂଦ୍ର ପ୍ରହରାଜ ଓ ମୃତ୍ୟୁଂଜୟ ରଥଂକ ନେତୃତ୍ୱରେ 'ଉତ୍କଳ ସାହିତ୍ୟ' ପ୍ରଭୃତିରେ ଖୁବ୍ ପ୍ରତିବାଦ ଆଂରଭ ହୋଇ ଯାଇଥିଲା । ପରେ ସେଇ ଆଂଦୋଳନ ଫଳରେ ବିହାର ଓଡ଼ିଶାର ଶିକ୍ଷା ବିଭାଗ (ସେତେବେଳେ ବିହାର ଓଡ଼ିଶା ଏକ ପ୍ରଦେଶ ଥିଲା) ମୋ ନୀତିକୁ ଅତି ଆଗ୍ରହର ସହିତ ଶିକ୍ଷା ବିଭାଗ ପାଇଁ ଗ୍ରହଣ କରିଥିଲେ; କିଂତୁ ଏବେ ମଧ୍ୟ ତାହା ପୂରାପୂରି ପ୍ରଚଳିତ ହୋଇନାଇ । ଏବେ କିଂତୁ ଓଡ଼ିଆରେ ଟାଇପ୍ ରାଇଟର କରିବାର ଖୁବ୍ ଆୟୋଜନ ଚାଲୁଚି । ନୂଆ ଟାଇପ୍ ରାଇଟର୍ ପାଇଁ ସେଇ ନୀତି ପ୍ରୟୋଗ କରି ଲେଖିଲେ ସୁବିଧା ହେବ ବୋଲି ସମସ୍ତେ ଅନୁଭବ କରୁଚଂତି । ଟାଇପ୍ ରାଇଟର୍ ନିମଂତେ ଏହି ନୀତି ସଂକଳିତ ଅକ୍ଷର ତିଆରି ହେବାପାଇଁ କଥା ହେଉଥିବାର ମୁଁ ଶୁଣିଚି । ମୋର ଯେପରି ଧାରଣା ଓଡ଼ିଆ ଲିପିର ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତିରେ ଢେର ତଫାତ୍ ରହିଯାଉଚି । ଆମେ ଉଚ୍ଚାରଣ କଲାବେଳେ 'ନୀଳକଂଠ' କହି ଲେଖିଲା-ବେଳେ 'ନୀଳକଣ୍ଠ' ଲେଖିବାର ତାତ୍ପର୍ଯ୍ୟ କେଉଁଠି ? ସବୁ ଓଡ଼ିଆ ଯୁକ୍ତାକ୍ଷର ସଂବଧରେ ମୋର ଏଇ ମତ । ପୁଣି ଉଚ୍ଚାରଣରେ 'ସ','ଶ' ଓ 'ଷ'ର ପାର୍ଥକ୍ୟ ବାରି ନପାରି ମୁଁ ବହୁତ ଦିନୁ 'ନୀଳକଂଠ ଦାସ' ବୋଲି ଲେଖି ଆସୁଚି । ମତେ ଜାଣି ନଥିବା ଲୋକେ ମତେ କରଣ ବୋଲି ଏଥିରୁ ଠଉରଉଥିବେ । କିଂତୁ ଲିପିସଂସ୍କାର ଅଂତରାଳରେ ମୁଁ ଜାତିଜାତିର ଅଯଥା ବିଭେଦକୁ ଏଥିରେ ଲୋପ କରିବାର ପ୍ରୟାସ କରିଚି । ବ୍ରାହ୍ମଣ ଜାତିର ବିଶେଷତ୍ୱ ଏଇ ଡେଂଗା 'ଶ' ରେ ନାଇ; ଅଥଚ ବ୍ରାହ୍ମଣମାନେ କି ଧାରଣାରେ କେଜାଣି ବହୁକାଳରୁ 'ଦାସ' ନ ଲେଖି 'ଦାଶ' ଲେଖୁଚଂତି । ଇଂରାଜୀରେ ପୁଣି ଉଚ୍ଚାରଣର କୌଶଳ ସଂପୂର୍ଣ୍ଣ ଅଲଗା ଥିଲାବେଳେ, ଏଇ ପ୍ରତିଷ୍ଠିତ ଧାରଣାକୁ ସେଥିରେ ରୂପଦେଇ 'Das' ସ୍ଥାନରେ 'Dash' ଲେଖି ବସୁଚଂତି । ମୋ ମତରେ ଏ ଗୋଟାଏ ସାମାଜିକ ବ୍ୟାଧି । ସେତିକବେଳେ ପୁରୀ ସଂସ୍କୃତ କଲେଜ ଅଧ୍ୟକ୍ଷ ପଂଡିତ ଶ୍ରୀ ବିଶ୍ୱନାଥ ମହାପାତ୍ର ବାହାର କଲେ ବ୍ରାହ୍ମଣ 'ଦାସ' ହେଲେ 'ଶ' ହେବ । ଏ ବିଷୟରେ ମୋର ଗୋଟିଏ କୌତୁକପ୍ରଦ କଥା ମନେ ପଡ଼ୁଚି । ପଂଡିତ ଗୋପବଂଧୁ ଦାସ ଏଇ 'ଶ'କୁ ସବୁବେଳେ 'ସ' ବୋଲି ଲେଖୁଥିଲେ । ଥରେ ସେ ଇସ୍କୁଲ ବାରଂଡାରେ ବସି ଲେଖୁଥିଲେ । ଆମେ କହିଲୁ ବିଶ୍ୱନାଥ ମହାପାତ୍ରଂକ ପରି ସୁପଂଡିତ ବ୍ରାହ୍ମଣ 'ଦାସ'କୁ 'ଦାଶ' ଲେଖୁଚଂତି, ଆପଣ କାହିଁକି ସେହିପରି ଲେଖୁ-ନାହାନ୍ତି ? ସେଠାରୁ ଦାସେ ଆପଣେ ଟିକିଏ ଅନ୍ୟମନସ୍କ ହେଲାପରି ରହିଲେ ଓ କହିଲେ, "ତେବେ କହୁଚ ଦନ୍ତ୍ୟ 'ସ' ଓ ତାଲବ୍ୟ 'ଶ' ମଧ୍ୟରେ କଳି ? ସେ ତେଣୁ ମୂର୍ଦ୍ଧଣ୍ୟ 'ଷ' ରେ 'ଗୋପବଂଧୁ ଦାଷ' ବୋଲି ଦସ୍ତଖତ୍ କଲେ, କିଂତୁ ଯଥାର୍ଥରେ ବ୍ରାହ୍ମଣ 'ଦାସ' ବି 'ସ' ପ୍ରାଚୀନ ହାତଲେଖାମାନଂକରେ ବରାବର ଅଛି । ସ୍ୱର୍ଗୀୟ ପଂଡିତ ହରିହର ଦାସ ମଧ୍ୟ ନିଜନାମ 'ସ' ରେ ଦସ୍ତଖତ୍ କରୁଥିଲେ । ମୋ ନନା ବି ବରାବର 'ଆନନ୍ଦ ଦାସ' ବୋଲି ଲେଖୁଥିଲେ ।

## ୧୦୭. ଶ୍ରୀ ବେଣୁଗୋପାଳ ଆଗ୍ରୂରୀ

ଦିନେ ଗୋପବଂଧୁ ବାବୁ ଓଡ଼ିଶା ବାହାରେ ବୁଲି ବୁଲି ବଂଗଦେଶରୁ କୌଣସି ବୈଷ୍ଣବସ୍ଥାନରୁ (ମନେ-ହେଉ ନାହିଁ) ଜଣେ ତାମିଲ୍ କୃତବିଦ୍ୟ ଲୋକଂକୁ ସତ୍ୟବାଦୀ ନେଇ ଆସିଲେ । ତାଂକ ସଂଗେ ତାଂକ ଭାରିଜା ଆଉ ଗୋଟିଏ ଭଉଣୀ ଓ ଗୋଟିଏ ପୁଅଟି ଥିଲେ । ସତ୍ୟବାଦୀର ବଗିଚ ବୋର୍ଡ଼ିଂରେ ସେମାନଂକ ପାଇଁ ସ୍ଥାନ ହୋଇଗଲା । ପିଲାଟି ବଡ଼ ବୁଦ୍ଧିମାନ ଥିଲା । ସେ ଓଡ଼ିଆ ଭଲ ଶିଖିଥିଲା । ପରେ I. C. S. ପରୀକ୍ଷା ଦେବାରେ ଓଡ଼ିଆ ତାର ଦ୍ୱିତୀୟ ଦେଶୀଭାଷା ବୋଲି ସେ ଉଲ୍ଲେଖ କରିଥିଲା । ଲୋକଟି ନାମ ମୂଳତଃ ଥିଲା ଶଂକରନ୍ ଆୟ୍ୟାର୍ । ସେ ବୈଷ୍ଣବ ହୋଇ ନାମ ନେଇଥିଲେ ବେଣୁଗୋପାଳ ଆଗୃସ୍ୱା । ସେ ଆସିବା-ପରେ ସତ୍ୟବାଦୀରେ ପଢ଼ାପଢ଼ିରେ ଲାଗିଗଲେ । ତାଂକୁ ବୈଷ୍ଣବଭାବ ମୂଳକ ରାଧାକୃଷ୍ଣ ସଂଗୀତରେ ତାଂକର ବଡ଼ ପ୍ରୀତି ଥିଲା । ସେ ନିଜ ଭଉଣୀଂକ ସଂଗେ ତାର ଯଥେଷ୍ଟ ଆଳାପ କରୁଥିଲେ । ଏପରିକି ନିଜ ଭଉଣୀଂକୁ ସେ ରାଧା ବା କୃଷ୍ଣ ବୋଲି ଭାବି ସେଇ ଭାବରେ ତନ୍ମୟ ହୋଇ ଅତ୍ୟଂତ ଭକ୍ତି କରୁଥିଲେ । ଅବଶ୍ୟ ସେ ଭଉଣୀଂକର ସ୍ୱାମୀ ନ ଥିଲା । ଶୁଣିବାରେ ସେ ସ୍ୱାମୀଟି ପାଗଳ ହୋଇ ବୁଲୁଥିଲା ।

ଦିନେ ମୋର କ୍ଲାସରେ ତତ୍କାଳୀନ ଇଂରେଜ ସାମ୍ରାଜ୍ୟର ଅଷ୍ଟ୍ରେଲିଆ ବିଷୟରେ ପଢ଼ାଇବାର ଥିଲା । ତାହାର ପୂର୍ବରଂଗ ସ୍ୱରୂପ ସେହି ଭୂଗୋଳର ଅଷ୍ଟ୍ରେଲେସିଆ ନାମକ ଗ୍ରଂଥଟି ପଢ଼ୁଥିଲି । (ପ୍ରକାଶ-ଥାଉକି ସେତେବେଳେ ଇଂରେଜ ସାମ୍ରାଜ୍ୟ ବିଷୟ ଏହିପରି ଅଷ୍ଟ୍ରେଲେସିଆ ପ୍ରଭୃତି ଚଉଦଟି ବଡ଼ ଗ୍ରଂଥରେ ସବିଶେଷ ବର୍ଣିତ ହୋଇଥିଲା । )

ବେଣୁଗୋପାଳାଗୃସ୍ୱା ମୋତେ ଆସି ପଚାରିବାରୁ ମୁଁ ତାଂକୁ ଉତ୍ତର ଦେଲି ଯେ ଅଷ୍ଟ୍ରେଲିଆ ବିଷୟରେ ବିଶେଷ ଜାଣିବା ପାଇଁ ଓ ଜାଣି ପଢ଼ାଇବା ପାଇଁ ମୁଁ ସେ ବହିଟି ପଢ଼ୁଛି । ଏହିପରି ଗ୍ରଂଥ ସବୁ ନ ପଢ଼ିଲେ ସତ୍ୟବାଦୀ ସ୍କୁଲରେ ଛାତ୍ରମାନଂକୁ ପଢ଼ାଇବା ନିତାନ୍ତ ସହଜ ନୁହେଁ । ମୋ ସହିତ ଆଉ କେତେକ ବିଷୟରେ କଥାଭାଷା ହେବାପରେ ବେଣୁଗୋପାଳ ମୋତେ ଅନୁରୋଧ କଲେ—"ଆପଣ ଏ ଇସ୍କୁଲରେ ଭୂଗୋଳ ପଢ଼ାଇବା ମୋତେ ଛାଡ଼ି ଦିଅଂତୁ ।" ସେ ବଡ଼ ଉତ୍ସାହୀ ଗ୍ରାଜୁଏଟ୍ ଥିଲେ । ମୁଁ ତାଂକୁ ତାହା ସେହି ଦିନଠାରୁ ଛାଡ଼ିଦେଲି । କ୍ରମେ ଲକ୍ଷ୍ୟକଲି ସେ ଅତି ଉଚ୍ଚଦରର ଭୂଗୋଳ ଶିକ୍ଷକରୂପେ ତିଆରି ହୋଇଗଲେ ଓ ଫଳରେ ପିଲାଂକୁ ପଢ଼ାଇବାରେ ଲାଗିଗଲେ । ମୁଁ ତାଂକ ଉପରେ ଭାରି ସଂତୁଷ୍ଟ ହୋଇପାଇଥିଲି । ତାହାପରେ ଯେତେବେଳେ ଡିରେକ୍ଟର ଓ ଇନ୍‌ସପେକ୍ଟର ସ୍କୁଲ ଦେଖିବାକୁ ଆସିଲେ ସେତେବେଳେ ତାଂକ ଭୂଗୋଳ ପଢ଼ା ଓ କ୍ଲାସରେ ସ୍ଥାନେ ସ୍ଥାନେ ରିଲିଫ୍ ମ୍ୟାପ୍ କାଟି ପିଲାଂକୁ ବୁଝାଇବା କଥା ସବିଶେଷ ବର୍ଣନା କଲି । ଇନ୍‌ସ୍‌ପେକ୍ଟର ସେହି ଶିକ୍ଷକଂକୁ ଓଡ଼ିଶାର ଭିନ୍ନ ଭିନ୍ନ ହାଇସ୍କୁଲରେ ଦିନେ-ଦିନେ ଭୂଗୋଳ ପଢ଼ାଇବା ପାଇଁ ମାଗିଲେ । ମୁଁ ହଁ କଲି । ତା'ପରେ ପ୍ରାୟ ମାସେ ସମୟ ଧରି ଭିନ୍ନ ଭିନ୍ନ ସ୍କୁଲରେ ବେଣୁଗୋପାଳାଗୃସ୍ୱାଂକ ପାଇଁ ଭୂଗୋଳ-ପଢ଼ାଇବା ବ୍ୟବସ୍ଥା ଇନସ୍‌ପେକ୍ଟର କଲେ । ସେ ବ୍ୟବସ୍ଥା ଅତି ମନୋରମ ହୋଇଥିଲା । ହେଲେହେଁ ଏହି ବେଣୁଗୋପାଳାଗୃସ୍ୱା ଓ ତାଂକ ଭଉଣୀଂକ ସଂସ୍ପର୍ଶରେ ଆସି ମୋର କୃଷ୍ଣଂକ ଭକ୍ତିଧର୍ମପ୍ରତି ଟିକିଏ ଆସ୍ଥା ଛାଡ଼ି ଆସିଲା । କାରଣ ଉପରେ କୃଷ୍ଣ ଓ ରାଧାଂକୁ ପୂଜା, ସ୍ତୁତି ଓ ଆରାଧନା କରି ବେଣୁଗୋପାଳଂକ ଭଉଣୀ ଭିତରେ ପ୍ରକୃତରେ ସେଇଆ କରୁ ନ ଥିଲେ ।

ସତକୁ ସତ ପ୍ରାୟ ଦଶବର୍ଷପରେ ଦିଲ୍ଲୀରୁ ଫେରିଲା ବେଳକୁ କଲିକତାରେ ଏହି ବେଣୁଗୋପାଳାଗୃସ୍ୱାଂକ ସଂଗେ ଦେଖାହେଲା । ତାଂକ ସଂଗେ ତାଂକ ସ୍ତ୍ରୀ ବି ଥାଂତି । ତାଂକପୁତ୍ର ନରସିଂହ ସେତେବେଳକୁ କୌଣସି

ପରୀକ୍ଷା ଦେବାପାଇଁ ଅନ୍ୟତ୍ର ଯାଇଚଂତି । ଶ୍ରୀ ବେଣୁଗୋପାଳାଗ୍ରଣୀ ବିଚାରୀ ଅତି ଭଦ୍ରଲୋକ ଥିଲେ । ଶେଷକୁ ସେ କହିଲେ—ତାଂକ ପୁଅଂକ ଠାରୁ ବୁଝିଲେ ଯେ ସେ ଭଉଣୀଟି ବ୍ୟଭିଚାର କରିଥିବାରୁ ସେ ତାଂକୁ ଘରୁ ବାହାର କରିଦେଇ ଦ୍ୱାର ମନା କରି ଦେଇଚଂତି ।

ତା'ପରେ ମୋର ଗୋପବଂଧୁବାବୁଂକ ସଙ୍ଗେ ପଂଡିତ ଭୁବନେଶ୍ୱର ରଥଂକୁ ଧରି ସଂସ୍କୃତ ମହାଭାରତ ଶୁଣିବା ପ୍ରସଂଗ । ବେଣୁଗୋପାଳଂକ ପରିବାର ସହିତ ଜଣାଶୁଣା ହୋଇ କୃଷ୍ଣ ଓ ରାଧାଭକ୍ତିର ପରିଣତି ଦେଖି ମୋ ମନ କ୍ରମଶଃ ଭକ୍ତିଧର୍ମଆଡ଼ୁ ଛାଡ଼ି ଆସୁଥିଲା ।

## ୧୦୮. ଭକ୍ତିକ ମିଥ୍ୟା

ବୋଧହୁଏ ୧୯୧୬ କିଂବା ୧୯୧୭ରେ ହେବ, ଗୋପବଂଧୁ ବାବୁଂକୁ ସାଂଗରେ ଧରି ମୁଁ ସଂସ୍କୃତ ମହାଭାରତ ଶୁଣିବାର ବ୍ୟବସ୍ଥା କରିଥିଲି । ସ୍ୱର୍ଗତ ପଂଡିତ ଭୁବନେଶ୍ୱର ରଥ ସତ୍ୟବାଦୀସ୍କୁଲର ସଂସ୍କୃତ ପଂଡିତ ଥିଲେ । ସେ ସଂସ୍କୃତ ମହାଭାରତ ପଢ଼ି ବୁଝାଉ ଥିଲେ । ଆଂଭେ ଦୁହେଁ ଶୁଣୁଥିଲୁ । ଶୁଣିଲାବେଳେ ହରି ଭାଇନା, ବାସୁଦେବ ମହାପାତ୍ର ପ୍ରଭୃତି ବେଳେ ବେଳେ ପାଖରେ ବସୁଥିଲେ । ଦଶ ପଂଦର ଦିନ ପଢ଼ା ହେବାପରେ ଦିନେ ବସିଲାବେଳେ ଗୋପବଂଧୁ ବାବୁ ପଚାରିଲେ—"କଅଣ ନୀଳକଂଠ, କପରି ଲାଗୁଚି ?" ମୁଁ କହିଲି—"ଏ ମହାଭାରତରେ କୃଷ୍ଣଂକ ଚରିତ୍ର ଯେ ଖଂଜି ଦେଇଚି ସେ ବଡ଼ ବିଚକ୍ଷଣ ବୈଷ୍ଣବ । ସେଥିପାଇଁ ଲାଗୁଚି କୃଷ୍ଣ ନଥିଲେ ଯେପରି ମହାଭାରତ ହିଁ ନଥାଂତା; କିଂତୁ ଯଥାର୍ଥରେ ସମସ୍ତ କୃଷ୍ଣ ବିଷୟଟି ମହାଭାରତରୁ କାଢ଼ି ଦେଲେ ଯଥାର୍ଥ ମହାଭାରତର ଯେ 'ଜୟ' ବୋଲି ନାମଟି ଅଛି ତାହା ଖଂଡିତ ହେବ ନାହିଁ । ମତେ ଏଇଆ ଲାଗୁଚି" ।

ଏହାପରେ କେତେଟା କଥା କହିବା ପରେ ଗୋପବଂଧୁ ବାବୁ ସ୍ଥିର ଭାବରେ ମୋତେ ଟିକିଏ ଚାହିଁ ରହିଲେ । ତାପରେ କହିଲେ—"ନୀଳକଂଠ, ଏପରି ଚିଂତା କରିବ ନାହିଁ । ଏଥିରେ ପାପ ହେବ ।" ମୁଁ ଆଉ କିଛି କହିଲି ନାହିଁ । ତଥାପି ପାପ ହେବା କଥାଟା ଏଠାରେ ମୋତେ ଭଲ ଲାଗିଲା ନାହିଁ । ସେହି ଦିନଠାରୁ ଏହି କୃଷ୍ଣଂକ ଭକ୍ତି ବିଷୟରେ ମୁଁ ପଛକୁ ଚାହିଁଲି ।

ଗୋପବଂଧୁବାବୁ ଅତ୍ୟଂତ କୃଷ୍ଣ ଭକ୍ତ ଥିଲେ । ସେ ମହାଭାରତର ବୈଦିକ କୃଷ୍ଣ ଓ ଭାଗବତର କୃଷ୍ଣଂକ ମଧ୍ୟରେ କୌଣସି ପ୍ରଭେଦ ବୁଝୁ ନ ଥିଲେ । ସେ "ସତ୍ୟବାଦୀ ବା ସାକ୍ଷୀଗୋପାଳ" ବୋଲି 'ସତ୍ୟବାଦୀ' ମାସିକ ପତ୍ରିକାରେ ଧାରାବାହିକ ପ୍ରବଂଧ ଲେଖିଥିଲେ । ସେଥିରେ କୃଷ୍ଣଂକର କାଳ୍ପନିକ ଭକ୍ତିକ ମିଥ୍ୟା ପୂର୍ଣ୍ଣ ଭାବରେ ଥିଲା । ସେ ଗଳ୍ପଟି ପୁଣି ଦୁରାର ବୈଷ୍ଣବ ଭକ୍ତ ରାମଦାସ ଲେଖି ନ ଥିଲେ । ଏହା ୧୭୯୯ ଖ୍ରୀଷ୍ଟାବ୍ଦ ପରେ ଦାର୍ଢ୍ୟତାଭକ୍ତିରେ "ବଡ଼ ବିପ୍ର ଓ ଛୋଟ ବିପ୍ର" ବୋଲି ଲେଖା ହୋଇ ଯୋଡ଼ା ହୋଇ ଥିଲା । ଅନ୍ୟ ପ୍ରସଂଗରେ ମୁଁ ଏହା କହିଚି । କିଂତୁ ମୋତେ ଏହିପରି ଭକ୍ତିକ ମିଥ୍ୟା ସୁଖଲାଗେ ନାହିଁ । ବିଶେଷରେ ସେଇଦିନ ଠାରୁ ମୋ ମନରେ ପ୍ରତିକ୍ରିୟା ହେଲା । ଏହିପରି ଭକ୍ତିକ ମିଥ୍ୟା ପ୍ରତି ମୋର କ୍ରମେ ଘୃଣା ଆସିଲା । ସେଥିପାଇଁ ମୁଁ ପରେ ନବଭାରତର ୨ୟ ଭାଗ ପ୍ରଥମ ସଂଖ୍ୟାରେ 'ବିଧାତାଂକ ସୃଷ୍ଟି' ବୋଲି ପ୍ରବଂଧ ମଧ୍ୟ ଲେଖିଥିଲି ।

କିଂତୁ ଗୋପବଂଧୁଂକ ମହତ୍ତ୍ୱ ମୁଁ ସେ ଭକ୍ତି ବା ଭକ୍ତିକ ମିଥ୍ୟା ମଧ୍ୟରେ କଦାପି ଦେଖିନି । ଜନସେବା ତାଂକର ଥିଲା ମୁଖ୍ୟ ଧର୍ମ ଓ ମୁଖ୍ୟ ମାନବିକ ମହତ୍ତ୍ୱ । ଭକ୍ତିକ ମିଥ୍ୟା ଓ ପୌରାଣିକ ମିଥ୍ୟା ସଂବଧରେ ମୁଁ ପରେ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ୨ୟ ଭାଗରେ ଖୁବ୍ ଲେଖିଚି । ସେଥିପାଇଁ ଭକ୍ତିଧର୍ମକୁ ମୁଁ ସେତେ ପ୍ରସିଦ୍ଧି ଦିଏ ନାହିଁ ; କୃଷ୍ଣ, ଖ୍ରୀଷ୍ଟ, ପ୍ରଭୃତି ଈଶ୍ୱର ବା ଈଶ୍ୱରଂକ ପୁତ୍ର ଆଖ୍ୟାନ ସବୁ ମତେ ବଡ଼ ଅଳୀକ ବୋଧହୁଏ । ସେ ସବୁ ଭାରତୀୟର ଆତ୍ମଭାବ ପରି

ନୁହେ । ଆମ୍ଭ ଭାବରେ ଜାତିଭେଦ, ଭାଷାଭେଦ ପ୍ରଭୃତି ମନୁଷ୍ୟ ମଧ୍ୟରେ ଯେ ସବୁ ଭେଦ ଫୁଟିଛି, ତାହା ରହିବା ସଂଭବ ନୁହେ । ସେହି ହେଉଛି ଭାରତର ମୌଳିକ ଧର୍ମ । ସେହି ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ମନୁଷ୍ୟ କ୍ରମେ କ୍ଷୁଦ୍ର ହୁଏ ଓ ଆସ୍ତିକତା ତଥା ଚରିତ୍ରବଳ ପ୍ରଭୃତି ମନୁଷ୍ୟର ଯେଉଁଗୁଣ ବିକଶିତ ହେଲେ ପୃଥିବୀରେ ସାମ୍ୟ ଓ ମୈତ୍ରୀଭାବ ଫୁଟିବ ବୋଲି ଆଜି କଳ୍ପନା କରାଯାଉଛି; ତାହା ବ୍ୟାହତ ହୁଏ । ବିଭିନ୍ନ ଧର୍ମ ଧାରଣା ଓ ପ୍ରତିଷ୍ଠିତ ଈଶ୍ୱର ବିଶ୍ୱାସ ନେଇ ଇତିହାସ କାଳରୁ ଏପର୍ଯ୍ୟଂତ ଜାତିଜାତି ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ହୋଇ ଆସୁଛି । ଧର୍ମର ଅହମିକା ଆଉରଂଗଜେବ୍‌ଂକୁ ଅଂଧ କରିଥିଲା । ଫଳରେ ସେ ଧର୍ମନାମରେ ପ୍ରତିଧର୍ମୀ ମଣିଷ ବା ଜାତିକୁ ଅତି ମାତ୍ରାରେ ଘୃଣା କରୁଥିଲେ । ହିଟଲର ଅମାନୁଷିକ ଭାବରେ ସହସ୍ର ସହସ୍ର ଇହୁଦୀଂକୁ Gas Chamber ଭିତରେ ରୁନ୍ଧିକରି ହତ୍ୟା କରିପାରିଲେ । ମଣିଷ ଜାତିର ଇତିହାସ ଅଧ୍ୟାୟ ସେଥିରେ କଣ କଳଂକିତ ହୋଇ-ନାଇ ? ଆଜି ମଧ୍ୟ ହିଂଦୁମୁସଲମାନ ସଂଘର୍ଷ ପଛରେ ଅଛି ସେଇ ଧର୍ମର ମୌଳିକ ପାର୍ଥକ୍ୟ । ପୁଣି ଦେଖା-ଯାଉଛି —ଧର୍ମ ବହୁ ସ୍ଥାନରେ ରାଜନୀତିକୁ ନିୟଂତ୍ରଣ କରୁଛି । ତା'ହେଲେ ମଣିଷ ମନରେ ଯେଉଁଠି ଧର୍ମ ଧାରଣାରେ ଏତେ ଫରକ୍ ସେଠି ଠାକୁରର ନାମ ଭକ୍ତିଭାବ ଉଦୟ କରିପାରିବ କି ? କୃଷ୍ଣଂକୁ ଯଦି ଆଲ୍ଲା-ସହି ନପାରେ, ଆଲ୍ଲାଂକୁ ଯଦି ଯୀଶୁଖ୍ରୀଷ୍ଟ ସହି ନ ପାରଂନ୍ତି ତେବେ ଧର୍ମପ୍ରାଣର ଭାବାବେଗ ଏସବୁ ଉପରେ ପ୍ରତିଷ୍ଠିତ ବୋଲି କହିବାର ଯୁକ୍ତି କାହିଁ ? ଭାରତର ମୌଳିକ ଆତ୍ମଭାବ ସହିତ ଏସବୁ ତୁଳନା କରି ଦେଖି ମୁଁ ଏଇ ଭାକ୍ତିକ ଧର୍ମଠାରୁ ଯଥାସଂଭବ ଦୂରେଇ ରହି ଆସିଛି ।

## ୧୦୯. ଗୋ ମହାତ୍ମ୍ୟ

ଏଇଠାରେ ଆଉ ଗୋଟିଏ କଥା ମନେ ପଡ଼ୁଛି । ଏ ସଂପର୍କରେ ତାହା କହିଦିଏ । ୧୯୨୪ରେ ଜେଲରୁ ଆସିବାପରେ ସତ୍ୟବାଦୀ ବୋର୍ଡିଂ ବାରଂଡାରେ ଥରେ ଗୋପବଂଧୁ ବାବୁ ମତେ ଡାକି ତାଂକର ଜେଲ୍‌ରେ ଲେଖିଥିବା କବିତା ଶୁଣାଇଲେ । ସେଥିରୁ ଗୋଟିଏ ହେଉଛି—'କାରାକବିତା' । ଅନ୍ୟଟି 'ଧର୍ମପଦ' ଓ ତୃତୀୟଟି 'ଗୋ ମହାତ୍ମ୍ୟ' । ଏଇ ତିନୋଟି ପ୍ରଧାନ ଲେଖା ଭିତରୁ 'ଗୋ ମହାତ୍ମ୍ୟ'ଟି 'ଗୋପଦାସକୃତ ଗୋ ମହାତ୍ମ୍ୟ' ନାମରେ ଛପାଇବାକୁ ସେ କହିଲେ । ମୁଁ ସବୁ ଶୁଣିଶୁଣି ଶେଷକୁ କହିଲି,—"କାରାକବିତାଟି ବଡ଼ ସୁଂଦର ହୋଇଛି । ଏହା ଲୋକଂକ ମନକୁ ଘେନିବ । 'ଧର୍ମପଦ' କବିତାଟି ବହୁତ ପୌରାଣିକ ମିଥ୍ୟାରେ ପୂର୍ଣ୍ଣ । ବିଶୁମହାରଣା, ଧରମା ପ୍ରଭୃତି କଥାଗୁଡ଼ିକ ଆପଣ ଭର୍ତ୍ତି କରିଚଂନ୍ତି । ହେଲେ ହେଁ ଏଥିରେ ନାଟକୀୟତା ଆଦୌ ନାଇ । ଧର୍ମପଦ ଦେଉଳରୁ ଆତ୍ମହତ୍ୟା କରିବା ପାଇଁ ଡେଇଁଲାବେଳେ ଯେପରି "ଜୟ ଜଗନ୍ନାଥ ହରେ" ବୋଲି ଗାଇଛି— ତାହା ଭଲକରି ପାଠକରିବା ଲୋକ ମନକୁ ଘେନିବ ନାଇ । ତାହାଛଡ଼ା 'ଗୋପଦାସ କୃତ ଗୋ ମହାତ୍ମ୍ୟ' କଥା ଛାଡ଼ । ଏହାକୁ ଲୋକେ ଘୃଣା କରିବେ । ଆପଣ 'କାରାକବିତା'ଟି ଶୀଘ୍ର ଛପାଇ ଦିଅଂନ୍ତୁ । ଆଉଗୁଡ଼ିକୁ ବଂଦ କରଂନ୍ତୁ । ପରେ ବିଚାର ଦେବେ ।"

ଫଳରେ ଏବେ ଦେଖୁଛି ସେ ଗୁଡ଼ିକ ସବୁ ଛପା ହୋଇଛି ।

## ୧୧୦. ଗାଂଧୀଂକ ଉତ୍କଳ ଭ୍ରମଣ (୧୯୨୩)

ଖ୍ରୀ ୧୯୨୩ରେ ଗାଂଧି ଓଡ଼ିଶା ଭ୍ରମଣରେ ଆସିଲା-ବେଳେ ଗୋପବଂଧୁ ଦାସଂକ ପ୍ରତି ଉତ୍କଳ କଂଗ୍ରେସର ବିରୋଧ ଏତେ ବେଶି ହୋଇଥିଲା ଯେ ସେହି ସମୟରେ ଗୋଟିଏ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଘଟଣା ଘଟିଥିଲା । 'ଗାଂଧିସମାଚାର' ବୋଲି ଦୈନିକପତ୍ର ଗୋଟିଏ କାଢ଼ି ଗଂଜାମର ସ୍ୱର୍ଗତ ନିରଂଜନ ପଟ୍ଟନାୟକ ନିଜେ ସେଥିରେ ସଂପାଦକ ହୋଇ ଗାଂଧି ଉପରେ ସତ୍ୟବାଦୀ

ନ ଆସିବେ ସେଥିପାଇଁ ସବୁ ବ୍ୟବସ୍ଥା କରିଥିଲେ । ଗାନ୍ଧି ଆସି ବାଣପୁରଠାରେ ରହିଲେ । ସେଠାରୁ ଗାନ୍ଧିଜୀ ଚମ୍ପାପୁରର ଶ୍ରୀଯୁକ୍ତ ଗୋବିନ୍ଦ ମିଶ୍ରଙ୍କୁ ସତ୍ୟବାଦୀ ପଠାଇଲେ । ଉଦ୍ଦେଶ୍ୟଥିଲା ସତ୍ୟବାଦୀ ଆସିବାପାଇଁ ଗୋପବନ୍ଧୁଙ୍କୁ ପଚାରି ବୁଝିବା । ଗୋପବନ୍ଧୁବାବୁ ଆଗରୁ ସବୁକଥା ଜାଣିଥିଲେ । ସେ ବିରକ୍ତ ହୋଇ ଗୋବିନ୍ଦ ମିଶ୍ରଙ୍କୁ କହିଲେ—"ଆରେ ଯା, ଯେଉଁ ଗାନ୍ଧି 'Young India' କାଗଜରେ ମହୀଶୂର ରାଜାଙ୍କୁ ଭୂୟସୀ ପ୍ରଶଂସା କରି Certificate ଦିଏ ସେ ଗାନ୍ଧି ସତ୍ୟବାଦୀକୁ ଆସେ ନାଇ ।" ତାଙ୍କ ରାଗ ଓ କ୍ଷୋଭ ଶାନ୍ତ ପଡ଼ିବାପରେ ଗୋବିନ୍ଦ ମିଶ୍ରେ ବୁଝାଇ ବସିଲେ । ଗୋପବନ୍ଧୁ ବାବୁ ରାଜିହୋଇ ଗାନ୍ଧିଙ୍କୁ ପାଛୋଟି ଆଣିବାକୁ ମୋତେ ପଠାଇଲେ । ମୁଁ ଯାଇ ଗାନ୍ଧିଙ୍କୁ ଡାକିଲି । ଗାନ୍ଧି ସତ୍ୟବାଦୀ ଆସିବା ସ୍ଥିର ହେଲା ।

ସତ୍ୟବାଦୀରେ ଗାନ୍ଧିଙ୍କ ସହିତ ମୋର ସୂତାକଟା ବିଷୟରେ କଥାହେଲା । ସତ୍ୟବାଦୀର ପାଠ ବନ୍ଦ କରାଯାଇ କେତେକ ଛାତ୍ରଙ୍କ ପାଇଁ ସୂତାକଟା ପାଠ୍ୟ-ରୂପେ ପ୍ରଚଳନ ହୋଇଥାଏ । ବହୁତ ଆଲୋଚନା ପରେ ସୂତାକଟା ଦ୍ୱାରା ଓଡ଼ିଶାରେ ତଥା ଦେଶରେ ଆର୍ଥିକ ସମସ୍ୟାର ସମାଧାନ ହେବ ବୋଲି ଗାନ୍ଧି ମତ ଦେଲେ; କିନ୍ତୁ ମୁଁ ଏ ମତକୁ ଆଦୌ ଗ୍ରହଣ କରିପାରିଲି ନାଇ । ମତେ ଗାନ୍ଧିଜୀ ବୁଝାଇ ସନ୍ତୁଷ୍ଟକରି ପାରିଲେ ନାଇ । ମୁଁ ସେଠାରେ ଶେଷକୁ କହିଥିଲି ତା'ହେଲେ—"By faith and faith alone we embrace.

Believing when we
cannot prove"

ମୁଁ Tennyson ଙ୍କ 'In Memorium'ରୁ ଏହି ଧାଡ଼ିଟି ବୋଲିବା ପରେ ଗାନ୍ଧିଜୀ କହିଥିଲେ—"Exactly, that is the attitude". କିନ୍ତୁ ମୋର ସେତେବେଳକୁ ଆଉ ଯୁକ୍ତି ଛାଡ଼ି Belief ରେ ଭୁଲିବାପାଇଁ ଅବସ୍ଥା ଚହଲି ଆସିଥିଲା । ମୁଁ ସେଠାରୁ ନମସ୍କାର କରି ଉଠି ଆସିଥିଲି । ସେଠାରୁ ଅଭ୍ୟର୍ଥନା ଶେଷରେ ଗାନ୍ଧିଜୀ ପୁରୀ ଗଲେ ।

ପୁରୀରେ ଯେଉଁଠାରେ ନରେନ୍ଦ୍ର ଆଡ଼ୁ ରାସ୍ତା ବଡ଼ଦାଣ୍ଡରେ ମିଶିଛି ସେହିଠାରେ ସଭାପାଇଁ ବ୍ୟବସ୍ଥା ହୋଇଥିଲା । କିନ୍ତୁ ଗୋପବନ୍ଧୁ ବାବୁଙ୍କୁ ନ ଡାକିବା ପ୍ରଚାରିତ ହୋଇ ଯାଇଥିବାରୁ ସେଠାକୁ ଠିକ୍ ସମୟରେ ( ଅର୍ଥାତ୍ ଅପରାହ୍ଣ ୫ଟା ବେଳକୁ ) କେହି ଆସି ନ ଥିଲେ । ଗାନ୍ଧି ସେଠାରେ ଘଣ୍ଟାଏ ଅପେକ୍ଷା କଲେ । ଶେଷକୁ ଗୋପବନ୍ଧୁବାବୁ ଓ ଜଗବନ୍ଧୁବାବୁ ପ୍ରଭୃତି ସହରକୁ ଯାଇ ପଚିଶଜଣ ସହରର ପ୍ରଧାନ ପ୍ରଧାନ ଲୋକଙ୍କୁ ଡାକି ଆଣିଲେ । ମନେରଖିବାର ଅଛି, ଏହି ଗାନ୍ଧି ୧୯୨୧ରେ ଆସିଲା ବେଳେ 'ଶରଧାବାଲି'ରେ ପୁରୀରେ ଅତ୍ୟନ୍ତ ଲୋକଗହଳି ହୋଇଥିଲା । ପୁରୀ ଜିଲ୍ଲାରୁ ସବୁଆଡ଼ୁ ଲୋକେ ଉପସ୍ଥିତ ଥିଲେ । ସେହି ସହରରେ ନରେନ୍ଦ୍ରଠାରେ ମାତ୍ର ପଚିଶ ଜଣ ଲୋକଧରି ଗାନ୍ଧି ପ୍ରଥମେ ସଭା ଆରମ୍ଭ କଲେ । ସଭା ହେବାରୁ ପରେ କିଛିଲୋକ କ୍ରମେ ଆସି ଉପସ୍ଥିତ ହେଲେ । କିନ୍ତୁ ସେ ସଂଖ୍ୟା ସେପରି କିଛି ଉଲ୍ଲେଖ ଯୋଗ୍ୟ ନୁହେଁ ।

ମୁଁ ସେତେବେଳେ ଗାନ୍ଧିଙ୍କୁ ଶେଷ ପରାମର୍ଶ ଦେଇ ଥିଲି—"ଆପଣ ଯିବେତ ଚାଲିକରି ଯାଆନ୍ତୁ । ସୁବିଧା ଅନୁସାରେ ଅଧେ ଚାଲି ଅଧେ ରେଳରେ ଯିବା ପରାମର୍ଶ ଯେଉଁ ବନ୍ଧୁମାନେ ଦେଉଛନ୍ତି ସେମାନେ ଠିକ୍ ଦେଉନାହାନ୍ତି । ଏ 'ହାଇବ୍ରିଡ୍' ବ୍ୟବସ୍ଥା ଆପଣ ବନ୍ଦ କରନ୍ତୁ ।" ଗାନ୍ଧି ନିଜେ ଭାବି ସ୍ଥିର କଲେ ପଦଯାତ୍ରାରେ ସେ ଯିବେ । ମୁଁ ସେଠାରୁ ତାଙ୍କ ସଙ୍ଗେ ସଙ୍ଗେ କଟକ ପର୍ଯ୍ୟନ୍ତ ଆସିଥିଲି । ସେଥିରେ ତାଙ୍କ ଗହଣରେ ଥିବା ଗୋପ ଚୌଧୁରୀ ପ୍ରଭୃତିଙ୍କ କଥା ମୋର ମନେଅଛି । କାରଣ ଗାନ୍ଧିଙ୍କ ଦଳର ଲୋକେ ମାଛ ଖାଉ ନଥିଲେ ।

ସିଝା ପରିବା ଖାଉଥିଲେ । ମୁଁ ତାହା କରୁ ନ ଥିଲି । ପୁରୀ ସତ୍ୟଭାମାପୁରଠାରେ ବାଟରେ ଗାନ୍ଧି ଗୋଟିଏ କୁଷ୍ଠରୋଗୀକୁ ଡାକି ତାକୁ ନିଜର ନୂଆ ଖଦଡ଼ ଦି'ଖଣ୍ଡ ବଦଳେଇବାକୁ ଦେଇଥିଲେ । ବାଟରେ କଟାସଛିଏ ପୋଡ଼ିକରି ଖାଉଥିବା ପାଞ୍ଚଖଣ୍ଡ କେଳାଙ୍କୁ ଡାକି କଟାସ ପ୍ରଭୃତି ନ ଖାଇ ନିରାମିଷ ଭୋଜନ କରିବାପାଇଁ ବହୁତ ବୁଝାଇଥିଲେ; କିନ୍ତୁ ସେଠା କେଳାମାନଙ୍କ ପକ୍ଷେ ନିରାମିଷ ଖାଇବା ସମ୍ଭବ ନ ଥିଲା । କାରଣ ସେ ଲୋକେ ଦୁଧ ଘିଅ ସ୍ୱପ୍ନରେ ସୁଦ୍ଧା ଦେଖୁନଥିଲେ । ମହାତ୍ମା ଗାନ୍ଧି କଥା କହୁ କହୁ ସେ କଥା ଜାଣି ହସି ପକାଇଲେ—"ତୁମ୍ଭେମାନେ ଦୁଧ ଖାଅ, ଘିଅ ଖାଅ । ଏପରି ଜନ୍ତୁ ମାରି ପୋଡ଼ି ଖାଇବା ଠିକ୍ ନୁହେ ।" ଏହା କହିସାରି ସେ କେଳାମାନଙ୍କୁ ଲୋକଙ୍କ ସଙ୍ଗେ ଖାଇବାକୁ ନିମନ୍ତ୍ରଣ କରିଥିଲେ ।

ତା'ପରେ କଟକ ସଭାରେ ଜଣେ ସନାତନୀ ତାଙ୍କ ବିରୁଦ୍ଧରେ ଗୋଟିଏ ଶୋଭାଯାତ୍ରା କରାଇଥିଲେ ।

## ୧୧୧. "ଉତ୍କଳମଣି ଉପାଧି"

୧୯୨୪ ମସିହାର ଶେଷଭାଗରେ କଟକ ଟାଉନ୍‌ହଲ୍‌ରେ **Provincial Congress Conference** ହେଉଥିଲା । ସାର୍ ପି. ସି. ରାୟ ସେ ସଭାରେ ସଭାପତି ଥିଲେ । ଗୋପବନ୍ଧୁ ବାବୁ ଦୈବାତ୍ ସେଇଦିନ ଜେଲ୍‌ରୁ ଆସି ପହଞ୍ଚିଲେ । ମହା ସମ୍ମାନରେ ସହିତ ଗୋପବନ୍ଧୁ ବାବୁଙ୍କୁ ସଭାମଣ୍ଡପକୁ ପାଛୋଟି ନିଆହେଲା । ପି. ସି. ରାୟ ଗୋପବନ୍ଧୁଙ୍କୁ ସେଇ ସଭାରେ 'ଉତ୍କଳମଣି' ବୋଲି ସମ୍ବୋଧନ କଲେ । ମତେ ସେତେବେଳେ ଏଇ ଉତ୍କଳମଣି କଥାଟା ଭଲ ଲାଗି ନ ଥିଲା । ମୁଁ ଗୋପବନ୍ଧୁ ବାବୁଙ୍କୁ କହିଲି-"ଆପଣ ଏ ଉପାଧି ଗ୍ରହଣ କରନ୍ତୁନି । ଅପେକ୍ଷା କରନ୍ତୁ । ସତ୍ୟବାଦୀକୁ ବହୁତ ବଡ଼ ବଡ଼ ଲୋକେ ଆଗରୁ ଆସିଛନ୍ତି ଓ ଭବିଷ୍ୟତରେ ଆସିବେ ।" ସେଇଦିନଠାରୁ ଗୋପବନ୍ଧୁ ବାବୁଙ୍କ ନାମ ପଛରେ 'ଉତ୍କଳମଣି' ଉପାଧି ଲାଗିଲା । ସେଇ ସମ୍ବନ୍ଧରେ ମୋର ଅନେକକଥା ମନେ ପଡ଼ୁଛି ।

ମୁଁ ଥରେ କେତେକ ବନ୍ଧୁଙ୍କ ପରାମର୍ଶକ୍ରମେ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ପାଖୁ ଗୋଟିଏ ପ୍ରସ୍ତାବ ନେଇ ଯାଇଥିଲି । ସେ ପ୍ରସ୍ତାବଟି ହେଉଛି ଓଡ଼ିଶା ଓ ବଙ୍ଗଳାକୁ ଦରକାର ହେଲେ କୌଣସି ସର୍ତ୍ତରଖି ଗୋଟିଏ ପ୍ରଦେଶ କରିଦେବା । କାରଣ ସେତେବେଳେ ମୁସଲମାନମାନଙ୍କ ଉପଦ୍ରବ ବଙ୍ଗଳାରେ ଲୋକଙ୍କ ଭିତରେ ବଡ଼ ଗଭୀର ଉଦ୍‌ବେଗ ଜନ୍ମାଇଥାଏ । ସେ କଥାଟି ମୁଁ ଆସେମ୍ବ୍ଲିରେ ଓଡ଼ିଶାକୁ ଏକ ପ୍ରଦେଶ କରିବାର ଯେଉଁ ପ୍ରସ୍ତାବ ଦେଇଥିଲି ସେତିକିବେଳେ ବଡ଼ ପରିସ୍ଫୁଟ ହୋଇ ଉଠିଥିଲା । ଇଂରେଜମାନେ ସେତେବେଳେ ସିନ୍ଧୁକୁ ଗୋଟିଏ ମୁସଲମାନ ପ୍ରଦେଶ ରୂପେ ସ୍ୱତନ୍ତ୍ର ପ୍ରଦେଶ କରିବାରେ ଏକରକମ ସଂକଳ୍ପ କରିଥିଲେ । ସେଥିପାଇଁ ଓଡିଶାକୁ ଗୋଟିଏ ହିନ୍ଦୁ ପ୍ରଦେଶ ରୂପେ ସେହିପରି ସ୍ୱତନ୍ତ୍ର ପ୍ରଦେଶ କରିବା ଭାର ସେଇ ଦିଲ୍ଲୀ ଲାଟ ସଭାରେ ଖୁବ୍ ପ୍ରକାଶିତ ହୋଇ ପଡ଼ିଥିଲା । କିନ୍ତୁ ମୁଁ ଗଲାମାତ୍ରେ ପ୍ରଥମେ ସେକଥା ଟିକିଏ ଶୁଣିଛନ୍ତିକି ନାଇ ପ୍ରଫୁଲ୍ଲଚନ୍ଦ୍ର ରାୟ ନିଜର ଗୁଡ଼ିଏ ଲେଖା ମୋତେ ପଢି ଶୁଣାଇଲେ । ସେଥିରେ ପ୍ରଧାନ ବିଷୟଟି ହେଉଛି, ଓଡ଼ିଆ ପୁରୁଷ ଓ ବିହାରୀ ଗ୍ରାଙ୍କରମାନେ କଲିକତାକୁ ଆକ୍ରମଣକରି ଏକରକମ କଲିକତାର କାହିଁକି ସମସ୍ତ ବଙ୍ଗଦେଶର ସ୍ୱାସ୍ଥ୍ୟ ଓ ସଂସ୍କୃତି ଧ୍ୱଂସକରିବାରେ ଲାଗିଛନ୍ତି । ଏଥିରେ କ୍ରମେ ମୋର ମନର ଭାବ କ'ଣ ହୋଇଥିଲା ତା' କହିବା ଦରକାର ନାଇ । ଶେଷକୁ ମୁଁ ପ୍ରସ୍ତାବଟି ଦେବାରୁ ପି. ସି. ରାୟ ସେ ପ୍ରସ୍ତାବ ବିଷୟରେ ନିଜେ କିଛି କାର୍ଯ୍ୟ କରିବା କଥାଟାକୁ ଯେପରିକି ବାଆଁରେଇ ଦେଇ ମତେ ଅନ୍ୟକୌଣସି ନେତାଙ୍କ ପାଖକୁ ଯାଇ ସେ କଥା କହିବାପାଇଁ ବଳେଇ ଦେଇଥିଲେ । ଆଜି ମୁଁ ମଧ୍ୟ କ୍ରମେ ଜାଣିପାରିଥିଲି ପି. ସି. ରାୟ ଅତ୍ୟନ୍ତ ବଙ୍ଗଭକ୍ତ ଓ ଓଡ଼ିଆଙ୍କୁ ବଡ଼ ଅବହେଳାରେ ଦେଖନ୍ତି । ମୋର

ସେତିକିବେଳେ ମନେ ପଡ଼ୁଥିଲା, ବିଦ୍ୟାସାଗରଙ୍କ କଲିକତା 'ଗୋଲଦିଘି'ରେ ଯେଉଁ ମୂର୍ତ୍ତିଟି ଅଛି (ସେତେବେଳେ ଥିଲା, ଏବେ ଅଛି କି ନାହିଁ କହି ପାରିବି ନାହିଁ) ତା ତଳେ ଲେଖିଥିବା ଶ୍ଳୋକଟି—

"ଯୋଽଧୀତ୍ୟାଧ୍ୟୂନାଲଶ୍ଚୈନଂ
କୃତର୍ଧୀରଶ୍ଚୈବ ଜାତଃ ପ୍ରଭୁଃ
ବିଦ୍ୟାସାଗରସଂଜ୍ଞୟା ଚମତ୍କୃତୋ
ଯୋଭୂଦିନ.ଥାଶ୍ରୟଃ
ନେତା ବଂଗ ଗିରାଂଦିଷ୍ଟା ମୃତନିଧି
ରେଜ୍ଞସ୍ୟ ସାମଗ୍ରଣୀ
ତସ୍ୟ ଶ୍ରୀଶ୍ୱରଚନ୍ଦ **ଭାରତମଣେ**
ମୂର୍ତ୍ତିଃପ୍ରତିଷ୍ଠାପିତା ।"

ଏଠାରେ ଯେଉଁ "ଭାରତମଣି" କଥାଟି ଅଛି ହୁଏତ ସେ କଥାଟି ସାର୍ ପି. ସି. ରାୟ ବାରଂବାର ପଢ଼ି କରି ସେଇକଥାଟିରୁ ତାଂକ "ଉତ୍କଳମଣି" କଥାଟି ମନକୁ ଆସିଥିଲା । ତେଣୁ ମତେ "ଉତ୍କଳମଣି" ପଦଟା ଭଲ ଲାଗି ନ ଥିଲା । ଯଥାର୍ଥରେ ମଧ୍ୟ ସେଇଆଡ଼େ (ବଂଗଳାରେ) 'ଦେଶବଂଧୁ' 'ଦେଶପ୍ରିୟ' ମହାରାଷ୍ଟ୍ରରେ 'ଲୋକମାନ୍ୟ' ପ୍ରଭୃତି ଲୋକଂକର ଉପାଧିମାନଂକ ପାଖେ ଆମ ଗୋପବଂଧୁ ବାବୁଂକର 'ଉତ୍କଳମଣି' ଉପାଧିଟି ମତେ ବଡ଼ ହ୍ରସ୍ୱ ବୋଧ ହେଲା ।

## ୧୧୨. ହିଂଦୁ ମହାସଭା

୧୯୨୭ରେ ଗୋପବଂଧୁ ଦାସ ପ୍ରଥମେ ହିଂଦୁ-ମହାସଭାର ଓଡ଼ିଶା ଶାଖା ପ୍ରେସିଡେଂଟ ହେଲେ । ସେତେବେଳେ ଲାଲା ଲଜପତ୍‌ରାୟ ପୁରୀକୁ ଆସିଥାଂତି । ସେ ଗୋପବଂଧୁବାବୁଂକୁ ଦିଲ୍ଲୀକୁ ଡକାଇନେଲେ । ଲାଲା ଲଜପତ୍ ଭାରତ ସେବକ ସମାଜର ପ୍ରେସିଡେଂଟ୍, ଗୋପବଂଧୁବାବୁ ଭାଇସ ପ୍ରେସିଡେଂଟ ନିର୍ବାଚିତ ହେଲେ । ସେତିକିବେଳେ ମୁ ଦିଲ୍ଲୀରେ କେଂଦ୍ର ଆସେଂବ୍ଲିର ମେଂବର ଥିଲି । ମୋର ଯେପରି ମନେ ହେଉଚି କେଂଦ୍ର ଆସେଂବ୍ଲିରେ ମୁଁ ସେଇଦିନ ତିନୋଟି ବକ୍ତୃତା ଦେଇଥିଲି । କରାଚୀ ତଥା ଓଡ଼ିଶାର Separation ବିଷୟରେ "Hindustan Times"ରେ ମୋର ଗୋଟିଏ ଲେଖା ପ୍ରକାଶ ପାଇଥିଲା । ଗୋପବଂଧୁବାବୁ ସେଉଟିକୁ ପଢ଼ି ଭାରି ଖୁସି ହେଲେ । ସେତେବେଳେ **Hidnustan Times** ର ସଂପାଦକ ଥିଲେ କରାଚୀର ଶ୍ରୀ ଜୟରାମ ଦାସ ଦୌଲତ ରାମ । ତାଂକର ମୋର ଆତ୍ମୀୟତା ଥିଲା ଓ ଏହାପରେ ଆତ୍ମୀୟତା ଆହୁରି ବଢ଼ିଗଲା । ସେତିକିବେଳେ ଗୋପବଂଧୁବାବୁ ମୋତେ କହିଲେ, "ଚାଲ ଓଡ଼ିଶାକୁ, ସେଠାରୁ ଆମେ ଗୋଟିଏ ଇଂରାଜୀ ଦୈନିକପତ୍ର, ଗୋଟିଏ ଓଡ଼ିଆ ଦୈନିକପତ୍ର 'ସମାଜ', ଗୋଟିଏ ଓଡ଼ିଆ ମାସିକ 'ସତ୍ୟବାଦୀ' ଓ ଗୋଟିଏ ପଲ୍ଲୀପାଠ—ଏ ଚାରୋଟି କାଗଜ କାଢ଼ିବା । ମୁଁ ଏଥିରୁ ହେବି 'ସମାଜ' ଓ 'ପଲ୍ଲୀପାଠ'ର ସଂପାଦକ । ତୁମେ ହେବ 'ଇଂରାଜୀ ସାପ୍ତାହିକ କାଗଜ' (ସେତେ-ବେଳେ ଦୈନିକ ଇଂରେଜି ପତ୍ର କଳ୍ପନାରେ ନଥିଲା) ଓ 'ସତ୍ୟବାଦୀ' ମାସିକ—ଏ ଦୁଇଟିର ସଂପାଦକ । କିଂତୁ ମୁଁ ସତ୍ୟବାଦୀ ଆସିବାପରେ ତହିଁଆରବର୍ଷ ୧୯୨୮ ଜୁନ୍‌ରେ ତାଂକର ମୃତ୍ୟୁ ହେଲା । ଆଉ ଏ କଳ୍ପନା କାର୍ଯ୍ୟରେ ପରିଣତ କରିବାକୁ କାଳ ରହିନାଇ ।

ସେହିବର୍ଷ, ତା ପୂର୍ବରୁ ଲାଲା ଲଜପତରାୟ ପୁରୀ ଆସିଥିଲେ । ମୁଁ ତାଂକୁ ପୁରୀରେ ଥିବା ତତ୍କାଳୀନ 'ସମାଜ' ପ୍ରେସକୁ ନେଇ ଯାଇଥିଲି । ଗୋପବଂଧୁ ବାବୁଂକ ମୃତ୍ୟୁପୂର୍ବର କଥା । ସେଠାରେ ଗୋପବଂଧୁ ବାବୁଂକୁ ସେ ହିଂଦୁ ମହାସଭାର (ବୋଧହୁଏ ଦକ୍ଷିଣ ଓ ପୂର୍ବଭାରତର) ପ୍ରେସିଡେଂଟ୍ କରିଥିଲେ । ଲାଲାଜୀଂକ ପୂର୍ବରୁ କିଂତୁ ଉତ୍କଳର ଉତ୍କଳତମ କ୍ୟୋଂଡିଷ୍ଟଂକୁ

ଲୁଣ୍ଠିବାକୁ ହେଲା । ହିନ୍ଦୁଧର୍ମ ପ୍ରତି ଗୋପବନ୍ଧୁଙ୍କର ଯେଉଁ ଅଖଣ୍ଡ ନିଷ୍ଠା ଓ ଧର୍ମବିଶ୍ୱାସ ଥିଲା, ସେପରି ବିଶ୍ୱାସ ମୁଁ ଆଉ କାହିଁ ଦେଖିନାଇ ।

୧୯୩୦ରେ କରାଚୀରେ ନିଖିଳ ଭାରତ କଂଗ୍ରେସ କମିଟି ବସିଲା । ଓଡ଼ିଶାରୁ ମୁଁ ସଭାରେ ଉପସ୍ଥିତ ଥିଲି । ଓଡ଼ିଶାରୁ ଆହୁରି କେତେକଙ୍କ ସହିତ ଶ୍ରୀ ଗୋପବନ୍ଧୁ ଚୌଧୁରୀ ନେତୃତ୍ୱ ନେଇ ସେ ମିଟିଂରେ ଥାଆନ୍ତି । ମୋତେ ଅଭିନନ୍ଦନ ଜଣାଇ ଦୌଲତାରାମଜୀ କହିଲେ, "The President of the Reception Committee of the coming Puri Congress" । ବସ୍ତୁତଃ ମୁଁ ଓଡ଼ିଶା ଶାଖାର ପ୍ରେସିଡେଣ୍ଟ୍ ଭାବରେ ଗୋପବନ୍ଧୁଙ୍କ ମୃତ୍ୟୁପରେ କଂଗ୍ରେସର ନେତୃତ୍ୱ ଓଡ଼ିଶାରେ ନେଲି ।

## ୧୧୩. ସ୍ୱତନ୍ତ୍ର ଓଡ଼ିଶା ପ୍ରସ୍ତାବ—(୧୯୨୭)

ସତ୍ୟବାଦୀ ସ୍କୁଲ ଭାଙ୍ଗିଗଲାପରେ ଓ ମୁଁ ୧୯୨୪ରେ କେନ୍ଦ୍ର ଆସେମ୍ବ୍ଲି ଗଲାପରେ ଯୋଡ଼ିଏ ଓଡ଼ିଶାସମ୍ବନ୍ଧୀୟ ବିଶିଷ୍ଟ ଘଟଣା ମୋର ମନେପଡ଼ୁଛି । ଗୋଟିଏ ହେଉଛି —ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରିବା ବିଷୟରେ ୧୯୨୭ ସାଲ ଫେବ୍ରୁୟାରୀ ୮ ତାରିଖରେ ମୁଁ ବ୍ୟବସ୍ଥାସଭାରେ ଗୋଟିଏ ବଡ଼ ଭଲ ବକ୍ତୃତା ଦେଇ ପ୍ରସ୍ତାବଟି ଆଗତ କରିଥିଲି । ତା' ପରଦିନ କଲିକତା 'Statesman'ରେ ଏ ବିଷୟରେ ଗୋଟିଏ ସୁନ୍ଦର ଅଗ୍ରଲେଖ ବାହାରିଥିଲା । ଗୋପବନ୍ଧୁ ଦାସ ସେ ଅଗ୍ରଲେଖଟି କଟକରେ ଧାଇଁ ବରାବର ବୁଲିବୁଲି ନଈକୂଳେ ଓ ବାହାରେ ସେ ଲେଖାଟି ପଢ଼ି ଲୋକଙ୍କୁ ବଡ଼ ଉତ୍ସାହରେ କହୁଥାଆନ୍ତି । ଅବଶ୍ୟ ସେ ଲେଖାରେ ସେତେବେଳେ ସରକାରୀ ବ୍ୟବସ୍ଥାପକ Muddyman ମତେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ଖଣ୍ଡିଏ ଚିଠି ଲେଖିଥିଲେ ଓ ମତେ ସେଇ ଦିଗରେ ପରିଶ୍ରମ କରିବାପାଇଁ ବୁଝାଇ ଲେଖିଥିଲେ । ମୋର Muddyman ଙ୍କ ସଙ୍ଗେ କେତେକ କଥାବାର୍ତ୍ତା ବି ହୋଇଥିଲା । ଅବଶ୍ୟ ସେତିକିବେଳକୁ ଶାସକମାନଙ୍କ ମୁଣ୍ଡରେ ପଶିଲା ସିନ୍ଧୁପ୍ରଦେଶକୁ ଗୋଟିଏ ମୁସଲମାନ୍ ପ୍ରଦେଶରୂପେ ଗଢ଼ିଦେଇ ହିନ୍ଦୁଙ୍କୁ ସନ୍ତୁଷ୍ଟ କରିବାପାଇଁ ଓଡ଼ିଶାକୁ ହିନ୍ଦୁପ୍ରଦେଶରୂପେ ଗଢ଼ିଦେବା । କାର୍ଯ୍ୟରେ ତାହା ହିଁ ହେଲା । କେନ୍ଦ୍ରର ଅର୍ଥମେମ୍ବର ଏଥିପାଇଁ ମତେ ବହୁତ ବୁଝାଇ ମୋ ସଙ୍ଗେ ପରାମର୍ଶ କରି ମତେ କେନ୍ଦ୍ରରୁ ଗୁଳଣ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ଶୁଣାଇ ଥିଲେ । ଏହି ପ୍ରଦେଶ ୧୯୩୬ ମସିହା ଏପ୍ରିଲ୍ ପହିଲାରେ ଗଢ଼ାହେବା କଥା କେନ୍ଦ୍ରରୁ ପ୍ରସ୍ତୁତିତ ହୋଇଥିଲା । ବସ୍ତୁତଃ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ।

ଏହାଛଡ଼ା ମୋର ରାଜନୀତିକ ପ୍ରବନ୍ଧ ପ୍ରତି ଗୋପବନ୍ଧୁ ଦାସଙ୍କର ଆନ୍ତରିକ ଆଗ୍ରହ ଥିଲା । ସେହି ୧୯୨୭ ମସିହାରେ ମୁଁ 'ବମ୍ବେ ସମାଚାର'ର କଂଗ୍ରେସ ସଂଖ୍ୟାରେ "Our Linguistic Provinces" ବୋଲି ଗୋଟିଏ ପ୍ରବନ୍ଧ ଦେଇଥିଲି । ତାହା କଂଗ୍ରେସ ନେତାମାନେ ବହୁଆଡ଼େ ବାଣ୍ଟିଥିଲେ । ସେ ପ୍ରବନ୍ଧଟି ମଧ୍ୟ ଗୋପବନ୍ଧୁବାବୁ କଟକରେ ବୁଲିବୁଲି ଲୋକଙ୍କୁ ଶୁଣାଇ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହ ପ୍ରକାଶ କରୁଥିବାର ମୁଁ ଜାଣେ । ଏହିପରି ମୃତ୍ୟୁପୂର୍ବରୁ ସେ ମୋ କାର୍ଯ୍ୟରେ ବଡ ଆଗ୍ରହ ଓ ଆଦର ପ୍ରକାଶ କରୁଥିବାର ମୁଁ ଜାଣେ ।

## ୧୧୪. ଗୋପବନ୍ଧୁ ବାବୁଙ୍କ ଅନ୍ତିମ ଜୀବନ (୧୯୨୭–୨୮)

୧୯୨୭ରେ ଦୁର୍ଭିକ୍ଷ ପଡ଼ିଲା । ଓଡ଼ିଶାର ବହୁନଦୀରେ ପ୍ରବଳ ବନ୍ୟା ଫଳରେ ସାଧାରଣ ଜୀବନ ଦୁର୍ବହ ହୋଇ ଉଠିଲା । ୧୯୫୫ର ବଢ଼ି ଆଗିରେ ଦେଖି

୧୯୨୭ କଥା ମନେପଡ଼େ । ଏ ଦେଶର ଜନ୍ମରୁ ଲାଗିଆସିଲାବେଳକୁ ବାରଂବାର ବଢ଼ି ପୁଣି ପ୍ରଚଣ୍ଡକୁ ଫଟେଇ ଦେଇଛି । ଧନଜୀବନ ନଷ୍ଟ ହୋଇଛି । ସତେ ଯେପରି ଏ ଦୁର୍ଦ୍ଦଶାର ଅଂତ ନାହିଁ । ହୀରାକୁଦ ବଂଧ ହେବାପରେ ଲୋକଂକର ଧାରଣା ହେଲା ହୁଏତ ବଢ଼ି ସବୁଦିନ ପାଇଁ ବଂଦ ହୋଇଯିବ । କିଂତୁ ତାହା ଧାରଣା ମାତ୍ର । ୧୯୨୭ରେ କ'ଣ କ୍ଷୟ କ୍ଷତି ହେଲା ତାର ହିସାବ ମୁଁ ଦେବାକୁ ଯାଉ ନି । ସରକାର ତାର ହିସାବ ରଖିଥିବେ । ସରକାରୀ ରିପୋର୍ଟରେ ସେତେବେଳେ ଯାହା ପ୍ରକାଶ ପାଇଥିଲା, ତାହା ପ୍ରକୃତ ଅବସ୍ଥାର ଛଦ୍ମପ୍ରକାଶ । ସତ କହିବାକୁ ସରକାର ସବୁବେଳେ ପଛୁଂତି । କାରଣ ଲୋକମାନଂକ ପ୍ରତିକ୍ରିୟା ପ୍ରତି ଭୟ ଥାଏ । ଗୋପବଂଧୁ ବାବୁ ସେତେବେଳେ କଟକରେ ଥାଂତି । ବଢ଼ି କମିଟି ଗଢ଼ାଗଲା । ବୋଧହୁଏ ଗୋପବଂଧୁବାବୁ ସେ କମିଟିର ମୁଖ୍ୟ ଥାଂତି । ଭୁବନାନଂଦବାବୁ 'Young Utkal' ପତ୍ରିକାରେ ଲେଖିଲେ, "ଗୋପବଂଧୁ ଦାସ ବଢ଼ି କଉଡ଼ି ଖାଇଗଲେ ।" ସେତେବେଳେ ଭୁବନାନଂଦବାବୁ 'Young Utkal'ର ସଂପାଦକ ଥାଂତି । ସେଥିରେ ଗୋବଂଧୁ ବାବୁଂକ ବିରୁଦ୍ଧରେ ୫୨,୦୦୦ ଟଂକା ଆତ୍ମସାତ୍‌ର ଏକ ଅଭିଯୋଗ ଅଣା ହୋଇଥାଏ । ଗୋପବଂଧୁବାବୁ ଏହା ପଢ଼ି କାଂଦିଲେ ।

ମୋତେ ଟେଲିଗ୍ରାମ୍ ଯୋଗେ ଗୋପବଂଧୁ ବାବୁ ଡାକିନେଲେ । ମୁଁ ପହଂଚିଲାରୁ ଭେ' ଭେ' କାଂଦି କହିଲେ—"ଦେଖ ଭୁବନାନଂଦ ଲେଖିଛି, ମୁଁ ବଢ଼ି କଉଡ଼ି ଖାଇଗଲି ।" ମୁଁ ତାଂକୁ ଅନେକ ବୁଝାସୁଝା କଲାରୁ ସେ ତୁନି ହେଲେ । ମୁଁ ସେଦିନ ଲକ୍ଷ୍ୟ କରିଛି, ଦୋଷରହିତ ମଣିଷ କପରି ଅଂତରକୁ ଆବେଗ ସହକାରେ ଅଜାଡ଼ି ଦିଏ ।

୧୯୨୮ରେ ଗୋପବଂଧୁ ବାବୁ କଲିକତାର ଶ୍ରମିକମାନଂକର ଏକ ସଭାକୁ ଯାଇଥିଲେ । ତାଂକୁ କଲିକତାରେ ମଟରରେ ଦିନ ଦୁଇଟା ପର୍ଯ୍ୟଂତ ବୁଲେଇଲେ, ଟାଇଫଏଡ୍ ଲେଉଟେଇଲା । ସେ ମୋତେ ଓ ପୁରୀରୁ ବନମାଳୀ ଦାସ ପ୍ରଭୃତିଂକୁ ଡକାଇଲେ । ସେଇଥର ତାଂକର ମୃତ୍ୟୁ ହେଲା । ପ୍ରାଣ ଛାଡ଼ିବା ବେଳେ ମୁଁ ପ୍ରାୟ ୧୦।୧୫ ମିନଟ୍ କାଳ ତାଂକୁ ଚାହିଁ ନିର୍ବାକ୍ ଓ ନିସ୍ପଂଦ ହୋଇ ଠିଆ ହୋଇ ରହିଲି ।

ମରିବା ପୂର୍ବରୁ ସେ ନିଜର ଉଇଲ୍ ଡାକଦେଇଥିଲେ । ରାଧାନାଥ ରଥ ସେ ଉଇଲ୍ ହାତରେ ଲେଖୁଥାଂତି । ତାଂକ ଜ୍ୱାଇଁ ରତ୍ନାକର ପତିଂକୁ ସେ କାଂଦି କାଂଦି କହିଥିଲେ—"I am dectating my last will and testament." ଶେଷରେ ସେ ଦସ୍ତଖତ କରି ଉଇଲ୍‌ଟାକୁ ଫିଂଗିଦେଲେ । ଭାରତ ସେବକ ସମାଜକୁ ସେ ପ୍ରେସ୍‌ଟା ଦାନ କରି ଦେଇଗଲେ ।

ତହିଁଆରଦିନ ସକାଳୁ ତାଂକ ଶବ ନେଇ ସତ୍ୟବାଦୀର ଦ୍ୱାରେ ଦ୍ୱାରେ ବୁଲି ତା'ପରେ ସତ୍ୟବାଦୀ ସ୍କୁଲପାଖ ଶ୍ମଶାନରେ ତାଂକର ଶବଦାହ କ୍ରିୟା କରାଯାଇଥିଲା । ସେଦିନ ହୋଇଥାଏ ଗୁଂଡିଚାର ପୂର୍ବଦିନ । ପୁରୀ ଜଗନ୍ନାଥଂକର ନବଯୌବନ ଦର୍ଶନ ତିଥି । ଓଡ଼ିଶାରୁ ଜଣେ ଭାଗ୍ୟବାନ ମହାପୁରୁଷ ଚାଲିଗଲେ । ଆମେ ସମସ୍ତେ ଅଂଧାରରେ ଅଂଡାଳି ହେଲାପରି ଲାଗୁଥାଏ । ଆମର ବଂଧୁ, ସଖା ପୁଣି କର୍ଣ୍ଣଧାର ଆମକୁ ଚଲାବାଟର ଅସରଂତି ରାସ୍ତାରେ ଛାଡ଼ି ସବୁଦିନ ପାଇଁ ଲୁଚିଗଲେ ।

## ୧୧୫. ଜେଲଜୀବନ (୧୯୨୩, ୧୯୩୨-୧୯୩୩)

ପ୍ରଥମ ଜେଲବେଳେ ମତେ ଛ'ମାସ ଜେଲ୍ ହୋଇଥିଲା । ମୁଁ ବକ୍ସରରୁ ହଜାରିବାଗ ଯାଇଥିଲି; ସେତେବେଳେ ଗୋଟିଏ ଘଟଣା ଘଟିଥିଲା । ତା ପୂର୍ବରୁ ଗୋବଂଧୁ ବାବୁ ଶ୍ରୀଯୁକ୍ତ ଭଗୀରଥୀ ମହାପାତ୍ରଂକ



**ପଣ୍ଡିତ ଗୋପବନ୍ଧୁଙ୍କ ଅନ୍ତିମ ଶୟନ**

( ପାର୍ଶ୍ୱରେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖ )

ସହିତ ହାତକଡ଼ି ଓ ଦଉଡ଼ି ଦିଆହୋଇ ବାଲେଶ୍ୱରରୁ କଟକ ଆସିଥିଲେ । ସେଥିପାଇଁ ମତେ ସେହିପରି ହଜାରିବାଗ୍ ଜେଲ୍‌କୁ ନେବାପାଇଁ କନେଷ୍ଟବଲଙ୍କୁ ପଠାଇ ଦିଆଯାଇଥିଲା । ସେତେବେଳେ ରାଜନୈତିକ ବନ୍ଦୀମାନଙ୍କୁ 1st. Class misdemeanants କରାଯାଉଥିଲା; ଅର୍ଥାତ୍ ଭଦ୍ରଲୋକପରି ବ୍ୟବହାର କରାଯାଉଥିଲା । ହାତକଡ଼ି ଓ ଦଉଡ଼ି ଧରି କନେଷ୍ଟବଲ ଆସି ପହଂଚିବାରୁ ପୁରୀର ଜେଲର୍ ଓ ଆସିଷ୍ଟାଂଟ୍ ଜେଲରଙ୍କୁ କହିଲି—"ଆପଣ ମୋଠାରୁ ଭଦ୍ରଲୋକପରି ବ୍ୟବହାର କରିବାର କଥା । ଏ କ'ଣ କରୁଛନ୍ତି ? ମତେ ହାତକଡ଼ି ଦେବାକୁ ହାତ ଦେଖା ହୋଇଲେ ଦେଖାଇବି ନାହିଁ । ଦାଂଡରେ ଗୁଲି ହୋଇଲେ ଗୁଳିବିନ । ମତେ ହାତକଡ଼ି ଦେଇ ଷ୍ଟେସନକୁ ଘୋଷାରି ଘୋଷାରି ନିଅନ୍ତୁ ।"

ଜେଲର୍ କାଂଦ ପକାଇଲେ । ସେତେବେଳେ ଗାଇସ୍ ସାହେବ ପୋଲିସ୍ ସୁପରିଂଟେଂଡେଂଟ୍ ଥିଲେ । ସାଂଗେ ସାଂଗେ ଜେଲର୍ ପୋଲିସ୍ ସୁପରିଂ-ଟେଂଡେଂଟଂକ ପାଖୁ ଦୌଡ଼ିଲେ । ମୁଁ ଶୁଣିଲି, ସେ କହିଲେ—"ତାଂକୁ ଆଜି ବନ୍ଦ କର । ମୁଁ ହଜାରି-ବାଗକୁ ଟେଲିଗ୍ରାମ୍ କରି ଦେଉଛି, କାଲି ସେ ଯିବେ ।"

ତହିଁ ଆରଦିନ ଘୋଡ଼ାଗାଡ଼ି ସହିତ ଜଣେ ସବ୍‌ଇନସ୍‌ପେକ୍ଟର ଓ ଦୁଇଜଣ କନେଷ୍ଟବଲ୍‌ଙ୍କୁ ପଠାଇ ଦେଲେ । ମୋତେ ଖୁବ୍ ଭଲ ଭାବରେ ବୋଧହୁଏ ସେକେଂଡକ୍ଲାସରେ ରେଳଯୋଗେ ହଜାରି-ବାଗ ପଠାଇ ଦିଆଗଲା ।

ଆଉ ଗୋଟିଏ କଥା ମନେ ହେଉଛି—ବାଟରେ ହରି ଭାଇନା ସନ୍ତାବାଘ ଷ୍ଟେସନ୍‌ରେ ଦେଖାକରି କହିଲେ—"ତୋ ହିଟଲ୍ସୁ ଝିଅ ବାସଂଗ୍ରହି ମରିଗଲା ।" ମୁଁ ପଚାରିଲି—"ସବୁ ଠିକଣା ହୋଇଥିଲା ତ ?" ସେ ଉତ୍ତର ଦେଲେ—"ଯାହା ସୁବିଧା ଥିଲା ତା ହୋଇଥିଲା ।" ମୁଁ କହିଲି—"ହଉ, ଆଉ କ'ଣ କରିବ !" ଏତିକିରେ ତାଂକୁ ବିଦାୟ ଦେଇ ଫେରି ସବଇନସ୍‌ପେକ୍ଟର ହାକିମଂକ ଆଡ଼କୁ ମୁହଁ ବୁଲାଇ କଥାବାର୍ତ୍ତା କଲି । ମୁଁ ଯେପରି ମୋର କନ୍ୟା ମୃତ୍ୟୁର ଦୁଃଖକୁ ଉପସ୍ଥିତର ପରିହାସ ଭିତରେ ଭୁଲିଯିବା ପାଇଁ ଚେଷ୍ଟା କରୁଥିଲି ।

ଜଟଣୀ ଷ୍ଟେସନଠାରେ ହାକିମବାବୁ ଓ କନେଷ୍ଟବଲ୍ ମୋତେ ପଚାରିଲେ—"ତୁମେ ଦେବତା ନା ମଣିଷ ! ଝିଅ ମରିବା କଥା ବି ଭୁଲିଯାଉଛ !"

ତା'ପରେ ମୁଁ ଯାଇ କଲିକତାରେ ରାମେଶ୍ୱର ଅଗ୍ରୱାଲାଂକ ଘରେ ହାକିମଂକ ସହିତ ରହିଲି । ସେଦିନ ତମାମ କଲିକତାରେ ବୁଲି ଫୁଲମାଳ ଓ ବନ୍ଧୁ ବନ୍ଧୁଂକୁ ସଂଗରେ ନେଇ ରେଳରେ ବସିଲୁ ଓ ହଜାରିବାଗ ଗଲୁ । ସେହି ହଜାରିବାଗରେ କ'ଣ କରିବାକୁ ହେବ ବୋଲି ମୁଁ ରଘୁବଂଶର ଗୋଟିଏ ଓଡ଼ିଆ ଅନୁବାଦ ଆରଂଭ କଲି । ସେଠାରେ ମଧ୍ୟ ସେହି ଛ'ମାସଯାକ ଅନ୍ୟ ଏକ କଏଦୀ ରାଜେଂଦ୍ର ପ୍ରସାଦଂକ ସଂଗେ ପ୍ରାୟ ଏକା ଜେଲ୍‌ରେ ରହିଲୁ । ପ୍ରତିଦିନ ରାତିଦଶଟା ଯାଏ କଥାବାର୍ତ୍ତା ହୋଇସାରି ଶୋଉ । ଶୋଇଲାବେଳକୁ ରାଜେଂଦ୍ରପ୍ରସାଦ ଅମୃତଭଂଡା ରଖିଥାଂତି, କାଟି-ଖାଇବାକୁ ଦିଅଂତି ।

ଏତିକିବେଳେ ରାଜେଂଦ୍ରପ୍ରସାଦ ମୋତେ ଗାନ୍ଧିଂକ ଗୀତା ପଢ଼ିବାକୁ ଦେଲେ । ମୁଁ ପଢ଼ି ତହିଁ ଆରଦିନ ଫେରାଇ ଦେଲି । ମୁଁ କହିଲି,"ଏ ଗୀତା ପରେ ଆଉ କ'ଣ 'ବ୍ରହ୍ମସୂତ୍ର' ଓ 'ଉପନିଷଦ୍'ର ଟୀକା କରି ଗାଂଧି 'ପ୍ରସ୍ଥାନତ୍ରୟ' ଧରି ନୂଆମତ ପ୍ରଚାର କରିବେ କି ? ତାଂକୁ ମନା କର । ସେ ଏପରି ନ କରଂତୁ ।" ବସ୍ତୁତଃ ଗାଂଧିଜୀଂକର ବ୍ରହ୍ମସୂତ୍ର ଓ ଉପନିଷଦ ଉପରେ ଆଉ ଟୀକା ରଚିତ ହୋଇନାହିଁ ।

ଆଉ ଜଣେ କଏଦୀ ରହୁଥାଆନ୍ତି—ଶ୍ରୀ ଜେ. ବି. କୃପାଲନୀ (କିପ୍ଲାନୀ) । ମୁଁ ଏଣେ ଦିନରେ ରଘୁବଂଶ ଅନୁବାଦ କରୁଥାଏ, ରାତିରେ ସୁବିଧା ହେଲେ ତାଙ୍କୁ ପଢ଼ି ଶୁଣାଏ ।

ମୁଁ ପ୍ରଥମେ ହଜାରିବାଗ ଜେଲ୍‌ରେ ଥିଲାବେଳେ ପ୍ରତିଦିନ ସକାଳେ ଓଡ଼ିଆ ବ୍ୟାକରଣ ଶିକ୍ଷା ଦେବାପାଇଁ ଗୋଟିଏ ବିଦ୍ୟାଳୟ କରୁଥିଲି । ତାହା ଏକପ୍ରକାର ସତ୍ୟବାଦୀରେ ଚଳୁଥିବା ବିଦ୍ୟାଳୟର ଅନୁକୃତି ଥିଲା । ମୁଁ ଯେଉଁ ବ୍ୟାକରଣ ଲେଖିଥିଲି ତାହା ପରେ "ଓଡ଼ିଆ ବ୍ୟାକରଣ" ନାମରେ ଛପାଇ ଦେଲି ଓ ତାହା ଶିକ୍ଷକମାନଙ୍କ ବ୍ୟବହାର ( reference ) ପାଇଁ ବିଶ୍ୱବିଦ୍ୟାଳୟ ମଂଜୁରୀ ପାଇଥିଲା ।

ତା'ପରେ ଶେଷଥର ଜେଲ୍ ଗଲି ୧୯୩୨ ଠାରୁ ୧୯୩୩ ରେ ଦେଢ଼ବର୍ଷ ପାଇଁ । ଦିନବେଳା ଗୀତା ବିଷୟରେ ମୋ ସାଂଗରେ ଥିବା କଏଦୀମାନଙ୍କୁ ଏକାଠି କରି ବକ୍ତୃତା ଦେଉଥିଲି । ମତେ ବନ୍ଧୁମାନେ ଗୀତା ଉପରେ ଭାଷ୍ୟ ଲେଖିବାକୁ କହିଲେ । ମୁଁ ତା'ପରେ ପ୍ରତିଦିନ ଗୀତା ଉପରେ ଅଭ୍ୟାସ କରି ଭାଷ୍ୟ ଲେଖିଲି । ୧୯୩୫ ମସିହା ପୂଜାବେଳେ ସେହି ଗୀତା ଭାଷ୍ୟକୁ ଗୀତା ସଂଗେ ଛପାଇ ଦେଲି ।

୧୯୩୩ରେ ଜେଲରୁ ବାହାରିଯିବା ପରେ ମୋର ଭୟଂକର ସ୍ୱାସ୍ଥ୍ୟ ଭଂଗହେଲା, ମୋର ପ୍ରସ୍ରାବରେ Oxalate stone ଥିବାରୁ ପ୍ରସ୍ରାବକଲାବେଳେ ଅତି କଷ୍ଟ ହେଉଥିଲା । ଏପରିକି ଦିନେ ରାତିରେ ଡାକ୍ତର ମୋତେ ମର୍ଫିଆ ଦେଇ ଶୁଆଇ ପକାଇଲେ । ପରଦିନ ଦିନଦଶଟାବେଳକୁ ନିଦ ଭାଂଗିଲା । ଗୋଟାଏ ପ୍ରସ୍ରା ହୋଇଗଲା । ସେଥିରେ ଆଉ ରକ୍ତ ପଡ଼ିଲାନାହିଁ । କିଛି ଅନେକଗୁଡ଼ାଏ ଛୋଟ ଛୋଟ Oxalate ପଥର ମିଶି ଗହମପରି ଗୋଟାଏ ଗୁଳା ପଡ଼ିଗଲା । ପ୍ରସ୍ରାଦୋଷ ବନ୍ଦ ହୋଇଗଲା । ସେତିକିବେଳେ ଓଡ଼ିଶାରେ ଏ ଖବର ପ୍ରଚାରିତ ହେବାରୁ ଆମଘରେ ଓ ବନ୍ଧୁମାନଙ୍କ ମହଲରେ ବଡ଼ ଶଂକା ପଡ଼ି ଯାଇଥିଲା ।

ଆଉ ଗୋଟିଏ ଘଟଣା କହିଦିଏ । ମୁଁ ଥିଲି 'A' Class କଏଦୀ । ଓଡ଼ିଶାରୁ ମୁଁ ଏକମାତ୍ର 'A' Class କଏଦୀ ଥାଏ । ସେତିକିବେଳେ ମୋ ଭାରିଯା ଶ୍ରୀମତୀ ରାଧାମଣି ଦେବୀ ମଧ୍ୟ 'A' Class କଏଦୀ ଭାବରେ ପୁରୀ ଜେଲ୍‌ରେ ଥିଲେ । ମୋର ପିଲ୍ଟିଝିଅ ରମା ଜେଲ୍‌ରେ ତା' ବୋଉକୁ ଦେଖି କାନ୍ଦି ଅସ୍ଥିର ହେବା କଥା ପରେ ଶୁଣିଲି ।

ମୁଁ 'A' Class କଏଦୀ ଥିବାରୁ ଅନ୍ୟାନ୍ୟ କଏଦୀ-ମାନେ ଧୂଆଁପତ୍ର ଆଣି ମୋ' ପାଖରେ ରଖନ୍ତି । ମୁଁ ତାକୁ ମୁଂଡତଳେ ମାଂଡ ଭିତରେ ରଖିଦିଏ । ସେହି ବାସନା ବାଜି ବାଜି ପ୍ରାୟ ପଂଦରଦିନ ଭିତରେ ମୋର ମୁଂଡବୁଲାଇବା ରୋଗ ବାହାରିଲା । ଡାକ୍ତର ଦେଖିଲେ । କିଛି ଠଉରେଇ ପାରିଲେ ନି । ପରେ ମୁଁ ସେଇ ଧୂଆଁପତ୍ର ସବୁ କାଢ଼ି ଫିଂଗିଦେଲି । ସେହି ଯେଉଁ ମୁଂଡ ବୁଲାଇବା ତାହା ମୋ ପାଇଁ ଗୋଟିଏ ନୂଆରୋଗ ହେଲା । ସେଥିପାଇଁ ପାଟଣା ଜେଲକୁ ଚିକିତ୍ସା ପାଇଁ ମୁଁ ଯାଇଥିଲି । କିନ୍ତୁ ପାଟଣା ଜେଲ୍‌ରୁ ଫେରିଲାବେଳକୁ ମୋର ରୋଗ ଆଉ ବିଶେଷ ନ ଥିଲା । ସେହି Oxalate ର ପଥର ପଡ଼ିବା ପରେ ଏବେ Oxalate ର ଆଶଂକା ହେଲେ ମୁଁ କୋଳଥ ସିଝେଇ ପାଣି ପିଏ । ସେଥିରେ ଭଲ ହୋଇଯାଏ । ଏହି ଦବେଇ ସ୍ୱର୍ଗତ ଡାକ୍ତର ନୀଳରତ୍ନ ସରକାର, ସ୍ୱର୍ଗତ ନିର୍ମଳଚନ୍ଦ୍ରଙ୍କୁ ଏହି ରୋଗର ପ୍ରତିକାର ରୂପେ କହାଇଥିଲେ ।

## ୧୧ଖ. ଓଡ଼ିଶା ରାଜନୀତିରେ ମୋର ଭାଗ (୧ମ ପର୍ଯ୍ୟାୟ)

ତା'ପରେ ଆଉ ଗୋଟିଏ କଥା ଏଠାରେ କହିଦେବା ଉଚିତ । ମୁଁ ଏ ମଧ୍ୟରେ ବରାବର ୧୯୨୪ରୁ ଆରମ୍ଭ କରି ୧୯୪୫ ପର୍ଯ୍ୟନ୍ତ କେନ୍ଦ୍ର ଆସେମ୍ବ୍ଲିରେ ଥିଲି । ସେଥିରେ ଯାହା କାର୍ଯ୍ୟକରିଛି ତାହା ଅଳ୍ପକେ ଟିକିଏ କହେ । ୧୯୨୩ ରେ ହଜାରିବାଗ ଜେଲ୍‌ରେ ଗୋପବନ୍ଧୁ ବାବୁଙ୍କ ସାଙ୍ଗରେ ଥିଲାବେଳେ ଏହି ଆସେମ୍ବ୍ଲିକୁ ଯିବାପାଇଁ ତାଙ୍କ ଅନୁମତି ନେଇଥିଲି । ସେ ସ୍ପଷ୍ଟ କହିଲେ—"ତୁମେ ଏଇ Prochanger ରାଜନୀତିକ ଦଳ ସହିତ ସି. ଆର୍. ଦାସଙ୍କ ସଙ୍ଗେ ଯୋଗ ଦିଅ ।" କାରଣ ସେତେବେଳେ କଂଗ୍ରେସରେ ଦୁଇପ୍ରକାର୍ ମତ ଫିଟି ପଡ଼ିଥାଏ । ଗୋଟିଏ ହେଉଛନ୍ତି ମୋତିଲାଲ୍, ଚିତ୍ତରଂଜନ ଦାସ୍, ଭି. ଜେ. ପଟେଲ ପ୍ରଭୃତିଙ୍କ ଦଳ । ସେମାନଙ୍କର ମତ ଥିଲା ଆସେମ୍ବ୍ଲି କାଉନ୍‌ସିଲ୍‌ରେ ପଶି ସେହି ସୂତ୍ରରେ ସ୍ୱରାଜ୍ୟ ପାଇଁ ଲଢ଼ିବା । ସେମାନଙ୍କୁ Pro-changer କୁହାଯାଉଥିଲା । ଗାନ୍ଧିଙ୍କର ମତ ଥିଲା ଅଲଗା । ତାଙ୍କ ମତ ଥିଲା—କାଉନ୍‌ସିଲ୍ ପ୍ରଭୃତିକୁ ବର୍ଜନ କରିବାକୁ ହେବ । ତାଙ୍କୁ କହୁଥିଲେ No-changer. ଗୋପବନ୍ଧୁ ବାବୁଙ୍କ ମତ ଏଇ Pro-changer ଦଳରେ ଥିଲା; ତଥାପି ତାଙ୍କର ଦୁଇବର୍ଷ ଜେଲ୍ କାର୍ଯ୍ୟକାଳରୁ ଆଉରି ବର୍ଷକରୁ ଅଧିକ ବାକି ଥିଲା । କିନ୍ତୁ ଜେଲ୍‌ରେ ଅନେକ ଓଡ଼ିଶାର ନେତା ସେତେବେଳେ ଇଂରେଜ ସରକାରଙ୍କ ବନ୍ଦୀ ଭାବରେ ଥିଲେ । ବହୁତ ବିଚାର ହେଲା । ସେଥିରେ ଅନ୍ୟମାନେ ଥିଲେ—ପଣ୍ଡିତ ସ୍ୱର୍ଗତ ଅନନ୍ତ ମିଶ୍ର, ଶ୍ରୀ ଯଦୁମଣି ମଙ୍ଗରାଜ, ଶ୍ରୀ ଭାଗୀରଥୀ ମହାପାତ୍ର ପ୍ରଭୃତି । ଏହି ବିଚାରର ଶେଷରେ ସ୍ଥିର ହେଲା ମୁଁ Pro-changer ଙ୍କ ସହିତ ଯୋଗ ଦେଇ କେନ୍ଦ୍ର ଆସେମ୍ବ୍ଲିକୁ ଯିବି । ମୁଁ ଜେଲ୍‌ରୁ ଆସି ସେହି ବନ୍ଦୋବସ୍ତ ପ୍ରଚାର କରିଦେଲି ।

ସେତେବେଳେ ଆମର ନିର୍ବାଚନମଣ୍ଡଳୀ ଥିଲା ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର । ମୁଁ ଏହି ଚାରି ଜିଲାରେ 'ନାଇ ନ ଥିବା' ଭୋଟ୍ ପାଇ ନିର୍ବାଚିତ ହେଲି । ଗୋଦାବରୀଶ ମଧ୍ୟ ତା' ପୂର୍ବରୁ କିଛିକାଳ ଓଡ଼ିଶା କାଉନ୍‌ସିଲ୍‌ରେ ଥିଲେ । ସେ ମଧ୍ୟ ସେଇଠାରୁ ବାଣପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେଲେ । ମୁଁ ସେତେବେଳେ କେନ୍ଦ୍ର ନିର୍ବାଚନ ମଣ୍ଡଳୀରୁ ସେହି Pro-changer ଙ୍କ ସ୍ୱରାଜ୍ୟ ପାର୍ଟି ବା ଦଳରେ ଅନ୍ୟତମ ସେକ୍ରେଟାରୀରୂପେ ନିର୍ବାଚିତ ହେଲି, ଆଉ ଜଣେ ସେକ୍ରେଟାରୀ ଶ୍ରୀ ରାମସ୍ୱାମୀ ଆୟେଙ୍ଗାର । ନେତା ଥିଲେ ଶ୍ରୀ ମୋତିଲାଲ ନେହେରୁ । ପୁଣି ତିନିବର୍ଷପରେ Pro-changer ଓ No-changer ମିଶିଯାଇ ଗୋଟିଏ କଂଗ୍ରେସଦଳ ହେଲା । ଦ୍ୱିତୀୟଥର ନିର୍ବାଚନରେ ମୁଁ ସେଇ କଂଗ୍ରେସ ଦଳରେ ନିର୍ବାଚିତ ହୋଇ ପୁଣି ସେକ୍ରେଟାରୀ ହେଲି । ତା'ପରେ ପୁଣି ୧୯୩୦ ଖ୍ରୀଷ୍ଟାବ୍ଦର କଂଗ୍ରେସରେ ସମସ୍ତେ ଛାଡ଼ିବାର ହେଲା । ଏଥର ଛାଡ଼ି ପୁଣି ମାଳବୀୟଙ୍କ ଦଳରେ ମୁଁ ଆଉ ବାରଦିନ ପାଇଁ ଯାଇଥିଲି ଓ ଦାଣ୍ଡି ଲୁଣ ମାର୍ଚ୍ଚଦିନ ମାଳବୀୟ, ପଟେଲ ଓ ଅନ୍ୟାନ୍ୟ ସମସ୍ତଙ୍କ ସଙ୍ଗେ ମୁଁ ଛାଡ଼ିଦେଲି । ସେଦିନ ଛାଡ଼ିଲାପରେ ଦିଲ୍ଲୀ ସଭାରେ ଯେଉଁ ବକ୍ତୃତା ଦେଇଥିଲି ତାହା ଆଜି ପାଖରେ ନାହିଁ । ତଥାପି ସେହି ସମୟର ଗୋଟିଏ ବକ୍ତୃତା ( କିଛିଦିନ ପୂର୍ବର ) ଟାଟା କମ୍ପାନୀର ଇଂରେଜ କର୍ମଚାରୀମାନଙ୍କ ସମ୍ବନ୍ଧରେ ଅନ୍ୟତ୍ର ଛପା ହୋଇଅଛି ।

ଏହି ସମୟରେ ମୁଁ ଓଡ଼ିଶା କଂଗ୍ରେସର ସଭାପତି ବରାବର ଥିଲି । ଓଡ଼ିଶାରେ ଏକ କଂଗ୍ରେସ କମିଟିର ଆୟୋଜନ ଏହି ସମୟରେ ୧୯୩୨ ମସିହା ଏପ୍ରିଲ୍ ମାସରେ ହୋଇଥିଲା । କିନ୍ତୁ କଂଗ୍ରେସ ବସିବାରେ ତିନିମାସ ପୂର୍ବରୁ ଜାନୁୟାରୀ ମାସରେ ଏଡ଼. ବେଆଇନ୍ ଘୋଷଣା ହେଲା । ଫଳରେ କଂଗ୍ରେସ ଅଧିବେଶନ ବସି ପାରି ନ ଥିଲା ।

ଓଡ଼ିଶା କଂଗ୍ରେସର ସଭାପତିଭାବରେ ୧୯୩୨ ରେ ମୁଁ ଦେଡ଼ବର୍ଷ ପାଇଁ ଜେଲ୍ ଗଲି । ଏଥର ଗୋପବନ୍ଧୁ ବାବୁ ଆଉ ଇହଜଗତରେ ନ ଥିଲେ । ଜେଲ୍ ରୁ ଆସି ପୁଣି କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲି । ଏଥର ନେତା ଥିଲେ ବମ୍ବେର ଶ୍ରୀ ଭୋଲାଭାଇ ଦେଶାଇ । ଏଥର ମଧ୍ୟ ମୁଁ ସେହି ହିସାବରେ ନିର୍ବାଚିତ ହେଲି । ଅବଶ୍ୟ ସବୁ କଥାରେ କଂଗ୍ରେସରୁ mandates ବା ଆଦେଶନାମାମାନ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟମାନଙ୍କ ପାଖକୁ ଆସୁଥାଏ । ତଥାପି ମୁଁ ସେତେବେଳକୁ ଗୁହିଁ ବାରମ୍ବାର କେନ୍ଦ୍ର ଆସେମ୍ବ୍ଲି ଓ Princes chamber କୁ ଏକତ୍ର କରି ଗଢ଼ିବାର ପ୍ରସ୍ତାବ ବିଧାନସଭାରେ ଆଗତ କରୁଥିଲି । ଏ ପ୍ରସ୍ତାବ ବିରୁଦ୍ଧରେ ବାରମ୍ବାର କଂଗ୍ରେସର ଆଦେଶ ପାଇବାର ମନେ ହେଉଛି ।

ଆଉ ଗୋଟିଏ ବଡ଼ କଥା ହେଉଛି— ଏହିକବେଳେ କେତେଜଣ ମହିଳା ସଭାକରି କଂଗ୍ରେସ ନେତାମାନଙ୍କୁ ଧରି ଝିଅଙ୍କୁ ପୈତୃକ ସମ୍ପତ୍ତିରେ ଭାଗଦେବା ବିଷୟରେ ଆଇନ୍ କରିନେବାକୁ ବସିଲେ । କିନ୍ତୁ ମୁଁ ବାରମ୍ବାର ଏହାକୁ ବାଧାଦେଇ କହୁଥିଲି ଯେ "ମହିଳାଙ୍କୁ ଭାଗଦେବା ଦରକାର ହେଲେ ( ବୋହୂ, ପୁତ୍ରବଧୂ ) ଙ୍କୁ ଭାଗଦେବା ବ୍ୟବସ୍ଥା କରାଯାଉ । ତା' ନ ହେଲେ ପରିବାର ଛିନ୍‌ଭିନ୍ ହୋଇଯିବ ଓ କାଳକ୍ରମେ କୌଣସି ସମ୍ପତ୍ତି ରହି ହୋଇ ପାରିବନାହିଁ;" କିନ୍ତୁ ପରେ ଜାଣିଲି କଂଗ୍ରେସ ନେତାମାନେ ଝିଅଙ୍କୁ ଭାଗଦେବାରେ ବଦ୍ଧପରିକର ଥିଲେ । ଅବଶ୍ୟ ମୋର ଏ ବିଷୟରେ କମିଟିରେ ବିରୁଦ୍ଧ ବିରୋଧ ମତ ( Note of dissent ) ଛପା ହୋଇ ବଣ୍ଟା ହୋଇଥିଲା । ତା' ହୁଏତ ଏବେ ଆସେମ୍ବ୍ଲି ରିପୋର୍ଟ ରେକର୍ଡରେ ଥାଇ ପାରେ । ସାଂହେଲେ ମୁଁ ଆସେମ୍ବ୍ଲିରେ ଥିବା ଭିତରେ ତାର କୌଣସି ନିଷ୍ପତ୍ତି ହୋଇ ନ ଥିଲା । ଯାହା ହେଲା ତାହା ସ୍ୱାଧୀନ ଭାରତରେ ( ୧୯୪୭ ପରେ ) ହୋଇଛି । ସେତେବେଳେ ମୁଁ ଆଉ ଆସେମ୍ବ୍ଲି ଗଲି ନାହିଁ । କାରଣ କ୍ରମେ ଗୋପବନ୍ଧୁ ବାବୁଙ୍କ ପରେ ସତ୍ୟବାଦୀର ଯେତେ ବିରୋଧିଦଳ ଥିଲେ, ସେମାନେ ନାନାପ୍ରକାର ଉପାୟରେ ମୋର ନେତୃତ୍ୱରେ ବାଧା ଦେବାରେ ଲାଗିଯାଇଥିଲେ ।

ଗୋଟିଏ କଥା କହେ । ୧୯୪୭ ରେ ମୁଁ ପୁଣି କେନ୍ଦ୍ର ଆସେମ୍ବ୍ଲିକୁ ଯିବାପାଇଁ ଶହେ ଟଙ୍କାର ଚେକ୍ ଫିସ୍ ଆକାରରେ ଦେଇ ଦରଖାସ୍ତ ପଠାଇ ଦେଇଥିଲି । କେତେଦିନପରେ ସେହି ଦରଖାସ୍ତର ଉତ୍ତର ଶ୍ରୀ ହରେକୃଷ୍ଣ ମହତାବ ଲେଖିଥିଲେ—"ଆପଣ ଆସେମ୍ବ୍ଲିକୁ ଆସିଲେ ମୁଁ ବଡ଼ ଖୁସି ହେବି, ସନ୍ଦେହ ନାହିଁ । କିନ୍ତୁ ଦୁଃଖର କଥା ବଲ୍ଲଭଭାଇ ପଟେଲ୍ ସଫା ମନାକରି ଲେଖିଛନ୍ତି ଆପଣଙ୍କୁ କୌଣସି ଆସେମ୍ବ୍ଲି କାଉନ୍‌ସିଲ୍‌କୁ ଆସିବାକୁ ମନାକରି ଲେଖିବା ପାଇଁ । ମୋର ଗୁଡ଼ି କ'ଣ ? ଏଇଥିରୁ ମୋ ଅସୁବିଧା ବୁଝିବେ ।" ସେ ଚିଠି ଏବେ ମଧ୍ୟ ମୋ ପାଖରେ ଅଛି । ସଙ୍ଗେ ସଙ୍ଗେ ଅବଶ୍ୟ ଶ୍ରୀ ମହତାବ ମୋ ଶହେଟଙ୍କିଆ ଚେକ୍‌ଟି ଫେରାଇ ଦେଇଥିଲେ ।

ଏହିମଧ୍ୟରେ ଫୈଜପୁର କଂଗ୍ରେସରେ ଯେତେବେଳେ ଓଡ଼ିଶାରୁ ସଭ୍ୟନେଇ All India Congress Working Committee ଗଢ଼ିବାର ବ୍ୟବସ୍ଥା ହେଲା, ସେତେବେଳେ ମହାତ୍ମା ଗାନ୍ଧି ମୋ ନାମ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଅନ୍ୟ କେହି ଶ୍ରୀ ହରେକୃଷ୍ଣ ମହତାବଙ୍କ ନାମ ପ୍ରସ୍ତାବ କଲେ । ସେଠାରେ ସୁଭାଷବାବୁଙ୍କ ବଡ଼ଭାଇ କଟକର ଉକିଲ ସତୀଶବାବୁ ଉପସ୍ଥିତ ଥାନ୍ତି । ସେ ଫେରି ମତେ ଏକଥା କହିଲେ । ସେହିଠାରୁ ହରେକୃଷ୍ଣ ମହତାବ କାର୍ଯ୍ୟକାରୀ କମିଟିକୁ ଯାଇ ପରେ ଜହରଲାଲ୍ ପ୍ରଭୃତିଙ୍କ ସଙ୍ଗରେ ଅହମଦନଗର ନୁହେଁ ସ୍ୱାରବାଡ଼ା ଜେଲ୍‌କୁ ଗଲେ ।

## ୧୧୭. ପୁରୀ-କଂଗ୍ରେସ୍

ଗୋପବଂଧୁ ଦାସ ମରିବା ପୂର୍ବରୁ ସତ୍ୟବାଦୀ ସ୍କୁଲ୍ରୁ ତାଂକ ମମତା ଛାଡ଼ି ଯାଇଥିଲା । ବ୍ରହ୍ମଚର୍ଯ୍ୟାଶ୍ରମ କରି ସତ୍ୟବାଦୀ ସ୍କୁଲକୁ ସେ ରଖିବାକୁ ବିଚାରିଲେ; କିଂତୁ ସେପରି ରଖି ପାରିବା ଭଳି କୌଣସି ପ୍ରେରଣା ଥିବା ପରି ଲାଗିଲା ନାଇ । ହେଲେହେଁ ତାଂକ ମୃତ୍ୟୁ ପରେ ଓଡ଼ିଶାରେ ଅନେକ ନେତାଂକର ନେତୃତ୍ୱ ନେବାପାଇଁ କେବଳ ବାସନା ହେଲା ନାଇ; ବରଂ ଉଦ୍ୟୋଗ ବି ଆରଂଭ ହୋଇଗଲା । ଅନେକ ଘଟଣା ଭିତରୁ ମୁଁ ଗୋଟିଏ ଘଟଣା କହେ ।

ଏବେ ଯେଉଁ କଂଗ୍ରେସ ପୁରୀରେ ହେବାକୁ ଯାଉଚି, ସେହି କଂଗ୍ରେସ ୧୯୩୧ କରାଚୀ କଂଗ୍ରେସ ପରେ ୧୯୩୨ରେ ପୁରୀରେ ହେବାର ହେଲା । ଅବଶ୍ୟ ଜାନୁୟାରୀ ୫ ତାରିଖରେ ଇଂରେଜ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିବାରୁ ତାହା ହୋଇପାରି ନ ଥିଲା । ତଥାପି ଜାନୁୟାରୀ ୫ ତାରିଖ ପର୍ଯ୍ୟଂତ କଂଗ୍ରେସ କରିବାର କୌଣସି ଉଦ୍‌ଯୋଗରେ ହେଳା ହୋଇ ନ ଥିଲା । ମନେଅଛି, ସେହି ଜାନୁୟାରୀ ମାସ ୧୦ ତାରିଖରେ ଓଡ଼େନେଲ୍ କମିଟିରେ କଂଗ୍ରେସ ତରଫରୁ ମୁଁ ଏକ ବିସ୍ତୃତ ମେମୋରାଂଡମ୍ ଦେଇଥିଲି, ଏହା ଅନ୍ୟତ୍ର ପ୍ରକାଶ ପାଇଛି । ଜାନୁୟାରୀ ୧୦ ତାରିଖ ଦିନ ମୋର ମୌଖିକ ସେ ବିଷୟରେ ଓଡ଼େନେଲ୍ କମିଟି ପାଖରେ ଜାମସେଦ୍‌ପୁରରେ କହିବାର ଥିଲା । ସେତେବେଳେ ଆମ ଓଡ଼ିଶା ଯେଉଁ ଜୋନ୍‌ରେ ଥିଲା ତାର ଜୋନାଲ୍ ହେଡ୍ ଥିଲେ ବାବୁ ରାଜେଂଦ୍ରପ୍ରସାଦ । ମୁଁ ୧୦ ତାରିଖଦିନ ଯାଇ ଓଡ଼େନେଲ୍ କମିଟି ସକାଶେ ଜାମସେଦ୍‌ପୁରରେ ପହଂଚିଲି । କିଂତୁ ସେହିଦିନ ସକାଳେ ବାବୁ ରାଜେଂଦ୍ର ପ୍ରସାଦଂକ ଆଦେଶମତେ ମତେ ଆଦେଶ ମିଳିଲା—ସେ ମେମୋରାଂଡମ୍ ଉପରେ ମତେ ସାକ୍ଷ୍ୟ ଦେବାକୁ ହେବନାଇ । ଓଡ଼େନେଲ କମିଟିକୁ ବଏକଟ୍ କରିବାକୁ ହେବ । ସେଥିପାଇଁ ମୁଁ ସାକ୍ଷୀ ଦେଲିନାଇ । ମୋର ବିସ୍ତୃତ ମେମୋରାଂଡମ୍ ଓଡ଼େନେଲ୍ କମିଟିରେ ସ୍ଥାନ ପାଇ ନ ଥିଲା । ସେହି ୫ ତାରିଖରେ କଟକ ଛାଡ଼ିବା ପୂର୍ବରୁ ମୁଁ ପ୍ରେସିଡେଂଟ୍ ଥାଇ ଗୋପବଂଧୁ ଚୌଧୁରୀ, ସେକ୍ରେଟାରୀଂକ ସଂଗେ ସମସ୍ତ ଟଂକା, ଚୋଳାଘର, ଓ 'କଳଆପଂଡା' (ପୁରୀ)ରେ ଆଉ ବହୁତ ଅନୁଷ୍ଠାନ ଛାଡ଼ି, ସେ ସମସ୍ତ ଆଦାୟ କରି ରଖିବାର ଭାର ପୁରୀର ଶ୍ରୀ ଜଗନ୍ନାଥ ମିଶ୍ର ( ଖାଂଜେଂଚ )ଙ୍କ ହାତରେ ଦେଇ ଜାମସେଦ୍‌ପୁର ଯାଇଥିଲି । ତା ପରେ ମୁଁ ଜେଲ୍ ଗଲି । ଜେଲ୍‌ରୁ ଆସିବାପରେ ସେ ସବୁ ଟଂକାରୁ, ଯାହା କିଛି ନଗଦ ଓ ହ୍ୟାଂଡ୍‌ନୋଟ୍ ଆକାରରେ ଆଦାୟ ହୋଇଥିଲା ସେ ସବୁ ଆଣି ମୁଁ, ଗୋପବଂଧୁ ଚୌଧୁରୀ ଓ ଜଗନ୍ନାଥ ମିଶ୍ର କଂଗ୍ରେସ କମିଟି ଆଗରେ ରଖିଦେଲୁ । ଶୁଣିଲି ସେ ଟଂକା କଟକ ଇଂପିରିଆଲ୍ ବ୍ୟାଂକ୍‌ରେ ଜଗନ୍ନାଥ ମିଶ୍ରଂକ ଦ୍ୱାରା ରହିଲା । ସେ ଟଂକା ଓ ସେହି ବାବଦରେ ଅନ୍ୟାନ୍ୟ ଆଦାୟ ଟଂକା ପରେ କ'ଣ ହେଲା ମୁଁ ଜାଣେ ନାଇ ।

ତେବେ ଏ କଂଗ୍ରେସ ସଂପର୍କରେ ଆଉ ଗୋଟାଏ କଥା ଏଠାରେ କହିଦିଏଁ । ଗୋପବଂଧୁବାବୁଂକ ପରେ ସତ୍ୟବାଦୀ ଅନୁଷ୍ଠାନକୁ କ୍ରମେ ମାରିଦେବା ପାଇଁ ନେତାମାନଂକର ଗୋଟିଏ ଉଦ୍ୟମ ଚାଲିଲା । ପୁରୀରେ କିଂବା ଆଉ କେଉଁଠାରେ କଂଗ୍ରେସ ହେବ ସେଥିପାଇଁ ବ୍ରହ୍ମପୁରର ଶ୍ରୀ ଶଶିଭୂଷଣ ରଥ, ଗୋପବଂଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ନଂଦ କିଶୋର ଦାସ (ଭଦ୍ରଖ) ଓ ମୁଁ - ଏହି ପାଂଚଜଣଂକୁ ନେଇ ଓଡ଼ିଶାକଂଗ୍ରେସ ଓ୍ୱାର୍କିଂ କମିଟି ଅଧୀନରେ ଗୋଟିଏ ସବ୍ କମିଟି ଗଢ଼ା ହେଲା । ମୁଁ ଦେଖିଲି ପୁରୀରେ ନ କରିବା ପାଇଁ ସେତେବେଳେ ଅନେକ କଟକ ମୁଖ୍ୟଂକର ଏକାଂତ ଇଚ୍ଛା । ପାଂଚଜଣିଆ କମିଟିରୁ ଚାରିଜଣ ପୁରୀରେ

କରିବାର ସ୍ଥିର କଲେ । ମୁଁ ନାଇ କରି ଭିନ୍ନମତ ଦେଲି । କଟକରେ କଂଗ୍ରେସ ହେବାପାଇଁ ମୋର ମତ ଦେଲି । ତା’ପରେ ଗୁରୁଜନମାନେ ମୋ ଘରକୁ ଆସି ମୋତେ ବହୁତ ଅନୁରୋଧ କଲେ । ମୁଁ ଶେଷରେ ପୁରୀ ପାଇଁ ମତ ଦେଲି । ତା’ପରେ ଅଗଷ୍ଟ ୩୧ ରେ ବାଲେଶ୍ୱରଠାରେ ବସିଥିବା ପ୍ରାଦେଶିକ କଂଗ୍ରେସ କମିଟିରେ କଂଗ୍ରେସ ପୁରୀରେ ହେବାର ସ୍ଥିର ହେଲେ ମଧ୍ୟ କେଉଁଠାରେ କଂଗ୍ରେସ ଆବାହକ କମିଟି ଓ କାର୍ଯ୍ୟକାରୀ କମିଟି ଗଢ଼ାହେବ, ସେଥିପାଇଁ ସେଠାରେ ଥିବା ନବକୃଷ୍ଣ ଚୌଧୁରୀ ଗୋଟିଏ ପ୍ରସ୍ତାବ ଆଣିଲେ । ସେ ପ୍ରସ୍ତାବଟି ହେଉଛି ଯେଉଁ ଜିଲ୍ଲାରେ ୨୦ ତାରିଖ ସତିବାରଟା ଭିତରେ ବେଶି ମେଂବର ସଂଗ୍ରହ କରାଯାଇ ପାରିବେ, ସେହିଠାରେ ଆବାହକ କମିଟି ଓ କଂଗ୍ରେସ କାର୍ଯ୍ୟକାରୀ କମିଟି ଗଢ଼ାହେବ । କଂଗ୍ରେସ ଯେଉଁଠାରେ ହେଉ, ସେଥିରେ କିଛି ଯାଏ ଆସେ ନାଇ ।

ମତେ ବଡ଼ ଖରାପ ଲାଗିଲା । ଦଳର ସମସ୍ତ ବିଭିନ୍ନତା ପ୍ରକାଶ ପାଇଲା । ମୁଁ କହିଲି—“କଟକ ଜିଲ୍ଲାର ଲୋକ ବାଇଶ ଲକ୍ଷ । ସେତେବେଳେ ପୁରୀର ଲୋକସଂଖ୍ୟା ଦଶ ଲକ୍ଷ ଓ ବାଲେଶ୍ୱରର ନଅ ଲକ୍ଷ । କଟକରେ ହାଇକୋର୍ଟ, ଏକମାତ୍ର କଲେଜ, ସର୍ଭେ ସ୍କୁଲ ଆଦି ଅଛି । କଟକ ଓଡ଼ିଶାର ରାଜଧାନୀ । କଟକରେ ବହୁତ ମୁଖ୍ୟ ମୁଖ୍ୟ କଂଗ୍ରେସ କର୍ମୀ । ଧର୍ମ ପରମାର ପରିବାରରେ ସେତେବେଳକୁ ବହୁତ ଉତ୍ସାହ । ସେମାନେ ବି କଂଗ୍ରେସ ପାଇଁ ଲାଗିବାର ବହୁତ ସମ୍ଭାବନା ଥାଏ । ଏପରି ଅବସ୍ଥାରେ କଟକରେ **Reception Committee** ଗଢ଼ା ହେବ ବୋଲି ସ୍ଥିର ହେବା ଉଚିତ । କଟକଠାରୁ ବେଶି ମେଂବର ଆଉ ବା କେଉଁଠି ହେବେ !” କାଂକୁ ମୋ କଥା ଶୁଣା ଗଲା ନାଇ । ନବ ଚୌଧୁରୀଂକ ପ୍ରସ୍ତାବ ଧାର୍ଯ୍ୟ ହୋଇଗଲା । ମୁଁ ଏକପ୍ରକାରେ ନିରାଶ ହୋଇ ଫେରିଲି । ମୋତେ ସେତେବେଳେ ବରାବର ମ୍ୟାଲେରିଆ ଜର ହେଉଥାଏ । ପାଂଚଜଣିଆ କମିଟି ଗୋଟିଏ ଘର ଭଡ଼ା ନେଇଥିଲେ । ଯେତେଦୂର ମନେହେଉଛି ତାହା **Anglo Bengali School** (ଏବେ ସେଉଟି ଅନ୍ୟସ୍ଥାନକୁ ଯାଇ ହୋଇଛି ବିଶ୍ୱଂଭର ବିଦ୍ୟାପୀଠ) । ସେପ୍‌ଟେଂବର ୮ତାରିଖ ଦିନ ମୁଁ, ଗୋପବଂଧୁ ଚୌଧୁରୀ, ହରିଭାଇନା ଓ ସ୍ୱର୍ଗତ ଗୁଣନିଧି ମହାଂତି—ଏମାନେ ବସିଥାଉ । ହଠାତ୍ ଗୁଣନିଧି ମହାଂତି କହିଲେ—“ପୁରୀରେ କଂଗ୍ରେସ ହେବ । ଗସ୍ତ୍ୟା ପ୍ରଭୃତିରେ ପଂଡ଼ାମାନେ କଂଗ୍ରେସରେ ଯୋଗ ଦିଅଂତିନାଇ ବୋଲି ଦୁର୍ନାମ ଅଛି । ପୁରୀର ପଂଡ଼ାଂକ ଭିତରୁ ମେଂବର ହେବେ ନାଇ ?” ତାପରେ ଗୁଣନିଧିବାବୁ ଗୋଟାଏ ପ୍ରସ୍ତାବ କଲେ—“ଚାଲ ଆମେ ତିନିହେଁଯାକ (ଗୋପବଂଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ ଓ ଗୁଣନିଧି ମହାଂତି) ପଂଡ଼ାଂକ ସାଂଗେ ଲାଗିବା । ପଚିଶ ଟଂକା ଦେଲେ ତ ଜଣେ **Reception Committee** ମେଂବର ହେବ । ଆମେ ଜଣେ ଜଣେ ଲାଗି ତିନିଜଣଂକଠାରୁ ପଚିଶ ଟଂକା ମାନ ଆଦାୟ କରିବାର ବ୍ୟବସ୍ଥା କରିବା ଓ ଜଣେ ମେଂବର କରିଦେବା” । ଏକଥା ମୋତେ ଆକାଶରୁ ପଡ଼ିବା ପରି ଲାଗିଲା । ମୁଁ ନିରାଶ ହୋଇ ବସିଥିଲି । ମୋର ମନେ ହେଲା ଏମାନଂକ ଦେଇ କିଛି ହେବନାଇ । ମୁଁ ତାପରେ କହିଲି, “ଆପଣ-ମାନେ ଗୋଟିଏ ପଂଡ଼ାକୁ ମେଂବର କରିବେ ବୋଲି କହୁଛଂତି । ଜବାବ ଦିଅଂତୁ ଆଜିଠାରୁ ଆଉ ପଂଡ଼ାଂକ ପାଖୁ **Reception Committee** ପାଇଁ ଆପଣମାନେ ଯିବେନାଇ । ମୁଁ କଣ କରୁଛି ଦେଖଂତୁ ।” ମୁଁ ସେଠାରୁ ବଡ଼ାବଂଗର ବୃଂଦାବନ ସାହୁଂକ ଘରକୁ ଆସିଲି । ସେ ଭଡ଼ାରେ ଲଗାଇବା ପାଇଁ ଗୋଟିଏ ନୂଆ ଚେଭରଲେଟ ଛ ସିଲେଂଡରଲ୍ଲସ ମଟର କିଣିଥାଂତି । ମୁଁ ତାକୁ ଭଡ଼ାକଲି । ସତ୍ୟବାଦୀର ଜଗନ୍ନାଥ ରଥ ସେତେବେଳକୁ ପୁରୀରେ ଥାଂତି ।

ମୁଁ ତାଂକୁ ଡାକ ପ୍ରଥମେ ପଂଡାଂକ ପାଖୁ ଗଲି । ସେମାନଂକୁ ଉଦ୍‌ବୋଧନ ଦେଇ ତା'ପରେ ପୁରୀ ଜିଲାର ଅନ୍ୟସ୍ଥାନକୁ ଗଲି । ବିଶେଷରେ ଗୋଟିଏ ସ୍ଥାନ ହେଉଛି—ପୁରୀର ବାଲକାଟି । ସେତେବେଳେ ବାଲକାଟିରେ ବହୁତ ବ୍ୟବସାୟୀ ଓ ଧନୀ ଥାଂନ୍ତି । ବାଲକାଟିରେ ଅନ୍ୟତମ ମକଦମ ଥାଂନ୍ତି, ତାଂକ ନାମ ହେଉଛି ସ୍ୱର୍ଗତ ଶ୍ରୀ ଦୁର୍ଯୋଧନ ମହାଂନ୍ତି । ମୋର ସେ ପାଠସାଥୀ । ବାଲକାଟିରେ ପ୍ରାୟ ଏକ ସପ୍ତାହ ରହି ମଟରରେ ମଝିରେ ମଝିରେ କୁଇନାଇନ୍ ପିଇ ବର୍ଷା ମାଡ଼ ଭିତରେ ମଟରକୁ ସରଦେଇପୁର ବଂଗଳାରେ ରଖି ପ୍ରାୟ ୭୪ ମେଂବର କରି ଟଂକା ନେଇ ପୁରୀ ଫେରିଲି । ପୁରୀରେ ସମସ୍ତେ ଯେପରି ଶୁଣିଲେ ତାଂକ ଉତ୍ସାହ ଯେପରିକି ଶତଗୁଣିତ ହେଲା । ସମସ୍ତେ ଭାବିଲେ ଆମର ପୁରୀରେ ମେଂବର ସଂଖ୍ୟା ବେଶି ହୋଇଯିବ । ଏହାପରେ ୨୦ ତାରିଖ ରାତି-ବାରଟା ଯାଏ ସଂଗ୍ରହ ହୋଇଥିବା ମେଂବର ଫିସ୍ କଂଗ୍ରେସ ଆଦେଶମତେ ପୁରୀ ବ୍ୟାଂକ୍‌ରେ ଜମା ହେଲା । ସେ ସମସ୍ତ ଟଂକାର ରସିଦ ଧରି ଶ୍ରୀ ଜଗନ୍ନାଥ ରଥ ଓ ଶ୍ରୀ ସତ୍ୟବାଦୀ ତ୍ରିପାଠୀ କଟକକୁ ଗୋପବଂଧୁ ଚୌଧୁରୀଂକ ପାଖୁ ଆସିଲେ । ଏବେ ଦେଖାଗଲା ପୁରୀର ମେଂବର ସଂଖ୍ୟା ହେଉଛି ୩୦୦ । ତା ଭିତରୁ ଡାଲକାରେ ତିନୋଟି ସଭ୍ୟ ଅସିଦ୍ଧ ଥିବାରୁ କଟିଗଲେ । ବାକୀ ପକ୍‌କା ମେଂବର ହେଲେ ୨୯୭ । କଟକରୁ ସମସ୍ତେ ଲଗି କରିଥିଲେ ୨୩୦ । ଏବେ ପୁରୀରେ ଆସି ଦେଖାଗଲା ଏହି ୨୯୭ ମେଂବରଂକ ମଧ୍ୟରୁ ପଂଡାଂକ ସଂଖ୍ୟା ଥିଲା ୧୭୭ । ତା'ପରେ ମତେ ଆସି ଅଭ୍ୟର୍ଥନା ସମିତିର ସଭାପତି ହେବା ପାଇଁ କହିଲେ । ମୁଁ ମନା କଲି । ପୁରୀରେ ଭାରି ଗୁଂଜନ ଖେଳିଗଲା । ସମସ୍ତେ ଧରି ବସିଲେ-ମତେ ସଭାପତି ହେବାକୁ ହେବ । ମୁଁ ସେଠାରୁ କହିଲି "ତେବେ ଗୋପବଂଧୁ ଚୌଧୁରୀ ସଂପାଦକ ରହଂନ୍ତୁ ।" ତାହା ହେଲା ।

ଏହି **Reception Committee** ରେ 'ବଳିଆପଂଡା' ଠାରେ ଯେଉଁ କଂଗ୍ରେସ ବ୍ୟବସ୍ଥାମାନ ହୋଇଥିଲା ସେସବୁ ୧୯୩୨ ଜାନୁୟାରୀ ୫ ତାରିଖରେ ଇଂରେଜ ସରକାର ବେଆଇନ୍ ଘୋଷଣା କରିଦେଲେ ।

ଆମଭିତରୁ ମୁଁ ଜେଲ୍ ଗଲାପରେ ଗଚ୍ଛିତ ଥିବା ଟଂକା ବ୍ୟାଂକ୍ ରୁ ଆଣିବାପାଇଁ କେବଳ ଜଗନ୍ନାଥ ମିଶ୍ର ଓ ଗୋପବଂଧୁ ଚୌଧୁରୀଂକର ଅଧିକାର ଥିଲା । ଆମେ ଆଦାୟ କରିଥିବା ଟଂକାରୁ ପ୍ରାୟ ପଚିଶ ହଜାର ବଳିଆପଂଡା ଠାରେ ଖର୍ଚ୍ଚ ହୋଇଥିଲା । ଅବଶିଷ୍ଟ ଟଂକା ବ୍ୟାଂକ୍ ରୁ କିଏ ଆଣିଲା ଓ କି ଖର୍ଚ୍ଚ ହେଲା ତାର କୌଣସି ହିସାବ ବା ତଥ୍ୟ ନାଇ । ମୁଁ ପରେ ଖବରକାଗଜରେ ଏକଥାର ସୂଚନା ଦେଇଥିଲି । ଅନ୍ୟତ୍ର ମୁଁ ମଧ୍ୟ ଏ ସଂପର୍କରେ ସୂଚନା ଦେଇଛି ।

## ୧୧୮. ଇନ୍‌ହେରେଂଟ୍ ପାଓ୍ୱାର – (୧୯୩୨)

୧୯୩୨ ଏପ୍ରିଲ୍ ମାସରେ ପୁରୀରେ କଂଗ୍ରେସ କମିଟି ବସିବାର ହେଲା । ସେଥିରେ ମୁଁ ଅଭ୍ୟର୍ଥନା ସମିତିର ସଭାପତି ନିର୍ବାଚିତ ହୋଇଥିଲି । ଗୋପବଂଧୁ ଚୌଧୁରୀ ସେଥିପାଇଁ ବିରୋଧ କରିଥିଲେ; କିଂତୁ କଂଗ୍ରେସ କମିଟି ଡାକିଲାବେଳେ ୧୭୭ ଜଣ ପୁରୀ ପଂଡା ବ୍ରହ୍ମପୁରୀପାଟ ପିଂଧି କଂଗ୍ରେସ କମିଟିକୁ ଆସିଥିଲେ । ଗୋପବଂଧୁ ଚୌଧୁରୀଂକର ଆଉ ସାହସ ହେଲା ନି । ମୋତେ ସଭାପତି କରାଗଲା । ସେଇଦିନ କିଂବା ତା' ପରଦିନ ସଭାରେ ତାଂକ ଭିତରୁ ପ୍ରଶ୍ନ ହେଲା—"ଗୋଲକଂଠ ଦାସ କେତେ ଟଙ୍କା ଖର୍ଚ୍ଚ ନେଇଚଂନ୍ତି ?" ଗୋପବଂଧୁ ଚୌଧୁରୀ କାଗଜପତ୍ର ଦେଖି ଉତ୍ତର ଦେଲେ, "ସେ ଆଦୌ କୌଣସି ଖର୍ଚ୍ଚ ନେଇ ନାହାଂନ୍ତି ।" ସେ କଥା ଶୁଣି ବିରୋଧୀମାନେ ସ୍ତଂଭିତ ହୋଇ ଯାଇଥିଲେ ।

ସଭାପତିରୂପେ ନିର୍ବାଚିତ ହେବା ପୂର୍ବରୁ ମୁଁ ସସ୍ତ୍ରୀକ ଗୟାଶ୍ରାଦ୍ଧ କରିବାକୁ ପିତୃପକ୍ଷରେ ଚାଲିଗଲି । ଗଲାବେଳେ କଂଗ୍ରେସ କମିଟି ବସି ସ୍ଥିର ହୋଇଥିଲା ଗୋଟିଏ Rule making Committee ରହିବ, ସେ ନିୟମଗୁଡ଼ିକ ଅଦଳ ବଦଳ କରି ପାରିବେ । ମୁଁ ଗୟାଶ୍ରାଦ୍ଧରୁ ଫେରିଲା ବେଳକୁ କଲିକତାରେ ଜଗନ୍ନାଥ ରଥଂକ ଠାରୁ ଶୁଣି ପାଇଲି—ସେମାନେ ପ୍ରସ୍ତାବିତ ରୁଲ୍‌ରେ କଂଗ୍ରେସ ସଭାପତିଂକର Inherent Power କାଟି ଦେଇଛଂତି । ମୁଁ ବଡ଼ ବିସ୍ମିତ ହେଲି । ତା’ପରେ ପୁରୀରେ ସଭା ବସିଲା । ସେଥିରେ ଆଲହାବାଦ, ଲାହୋର ଓ କରାଚୀ ଆଦିରୁ ବହୁତ ସଭ୍ୟ ପୁରୀକୁ ସଭା ଦେଖିବାକୁ ଆସିଥାଂତି ।

ସଭା ବସିବା ପୂର୍ବରୁ ମୁଁ ସଭାକୁ ଆସିଥିବା ବ୍ରହ୍ମପୁର ଓକିଲ ଶ୍ରୀଯୁକ୍ତ ଲିଂଗରାଜ ପାଣିଗ୍ରାହୀଂକୁ ଏହି Inherent Power ସେହି Rule ରେ ଯୋଡ଼ିବାକୁ ପରାମର୍ଶ ଦେଲି । ସେ ହେଉଛି ଏହି Rule making Committee ର ସମସ୍ତ କ୍ଷମତା ଚେୟାର୍‌ମ୍ୟାନଂକ Inherent କ୍ଷମତା ରହି ତା’ପରେ କାର୍ଯ୍ୟକାରୀ ହେବ ।

ଶ୍ରୀଯୁକ୍ତ ଲିଂଗରାଜ ପାଣିଗ୍ରାହୀ ବଡ଼ ଉତ୍ସାହରେ ଏ କଥାଟି ପ୍ରସ୍ତାବ କଲେ । ସେଥିରେ ବିରୋଧୀଦଳ ବହୁତ ପାଟିକଲେ । ସେମାନେ ବହୁସଂଖ୍ୟାରେ ସେ ସଭାକୁ ଆସିଥିଲେ । ସେମାନଂକ ପାଟି ଶୁଣି ମୁଁ କହିଲି- "ଇଏ କି ଆଶ୍ଚର୍ଯ୍ୟ କଥା । Inherent Power ସଭାପତିଂକର ଥିବାରେ ଏତେ ଆପତ୍ତି କାହିଁକି?" ଗୋପବଂଧୁ ଚୌଧୁରୀ ଚୁପ୍‌ହୋଇ ବସିଥାଂନ୍ତି । ସେଠାରୁ ବିତର୍କ ପ୍ରାୟ ରାତି ଏଗାରଟାଯାଏ ହେଲା । ଶେଷକୁ ମୁଁ କହିଲି—"Reception Committee ବସି ମୋତେ ଚେୟାରମ୍ୟାନ୍ ବାଛିଛଂତି । ଚେୟାର୍‌ମ୍ୟାନ୍ ବାଛିବାରେ ମୋତେ Inherent Power ଦିଆଯାଇଛି ବୋଲି ବୁଝିବାକୁ ହେବ । ଯଦି ଦିଆ ନ ଯାଇଛି ବୋଲି ଆପଣମାନଂକର ମତ ହୁଏ, ତେବେ ଆଉଥରେ Reception Committee ଡାକି ବସାଇ ବୁଝିବାକୁ ହେବ, ଏଥିରେ Rule making Committee ର ହସ୍ତକ୍ଷେପ କରିବାଭଳି କୌଣସି ଅଧିକାର ନାଇ । ତେବେ ମୁଁ ଆଉଥରେ Reception Committee ଡାକିଲେ ନିୟମାନୁସାରେ ୨୨ଦିନ ଯିବ; ତେଣୁ କଂଗ୍ରେସ ଠିକ୍ ସମୟରେ ବସିପାରିବା ସଂଭବ ନୁହେଁ । ସେଠାରେ ଲିଂଗରାଜ ପାଣିଗ୍ରାହୀଂକର ସେହି Inherent Rule ଆଗ ପାଶ୍ ହେଲା । ଅନ୍ୟାନ୍ୟ ନିୟମାବଳୀ ପରେ ପାଶ୍ ହେଲା; କିଂତୁ ୧୯୩୨ ଜାନୁୟାରୀ ୫ ତାରିଖରେ କଂଗ୍ରେସ ବେଆଇନ୍ ଘୋଷଣା ହେବାରୁ ଆଉ କଂଗ୍ରେସ କମିଟି ବସି ପାରି ନ ଥିଲା ।

## ୧୧୯. ମଧୁବାବୁଂକ ମୃତ୍ୟୁ

ମଧୁବାବୁଂକ ମରିବାର ଦି’ ତିନିଦିନ ପୂର୍ବରୁ ମଧୁବାବୁ ବ୍ରଜବାବୁଂକୁ ( ବ୍ରଜସୁନ୍ଦର ଦାସ ) କହିଲେ- "ନୀଳକଂଠ କାହିଁ ?" ବ୍ରଜବାବୁ ଘୋଡ଼ା ଗାଡ଼ିରେ ଯାଇ ସହର ତମାମ ମତେ ଖୋଜି ଚଂଦ୍ରଶେଖର ମିଶ୍ରଂକ ବସାରେ ପାଇଲେ । ତା’ପରେ ବିଚିତ୍ରାନଂଦ ବାବୁଂକୁ ମଧ୍ୟ ଡକେଇଲେ । ବିଚିତ୍ରାନଂଦ ବାବୁ ଆସିଲେ । ସେତିକବେଳେ ମଧୁବାବୁ ବଡ଼ ବ୍ୟସ୍ତ ହେଉଥାଂତି । ତାଂକ ଘରର ବାହାର ଓ ଭିତର ବଡ଼ ଅପରିଷ୍କାର ହୋଇ ପଡ଼ିଥାଏ । ସେ ବଡ଼ ଦୁଃଖିତ ହୋଇ କହିଲେ, "ଲୋକେ ବାହାର ତ ସଫା କରୁନାହାଂତି, ଭିତର କ’ଣ ସଫା କରିବେ ।" ତାଂକୁ ବୋଧହୁଏ ଝାଡ଼ା ଲାଗୁଥାଏ । କିଂତୁ ହେଉ ନ ଥାଏ । କଷ୍ଟ ହେଉଥାଏ । ତା’ପରେ ବଡ଼ ବ୍ୟାକୁଳ ହୋଇ ବିଚିତ୍ରାନଂଦଂକୁ କହିଲେ—"ତୋତେ ପଁସ କରୁଥିଲି, ମୁଁ ଗଲାପରେ ଲୋକେ କ’ଣ କହିବେ ? ଏବେ ଏ

ନୀଳକଂଠଙ୍କୁ ଦେଖି । ମୁଁ ମଲାପରେ ସେ ରହିବ । ସେ ଓଡ଼ିଶାର ସବୁ କାର୍ଯ୍ୟ କରିବ । ତାଙ୍କୁ ଧରି ତୁମେ ସମସ୍ତେ ଚଳିବ ।" ଏକଥା ସେ ଖୁବ୍ ଜୋର୍‌ରେ କହିଲେ ।

ବିଚିତ୍ରାନଂଦବାବୁ କହିଲେ "ସେ କଥା ପଡ଼ିଚି କାହିଁ । ଆପଣ ତ ଅଛଂନ୍ତି । ଆପଣ ରହିବେ । ଦେହ ଖୁବ୍ ଶୀଘ୍ର ଭଲ ହୋଇଯିବ ଯେ । କିଏ କାହିଁକି ଆପଣଂକ ସ୍ଥାନରେ ରହିବ ।"

ମଧୁବାବୁ ଦୁଇଥର ଏକଥା କହି କହିଲେ— "ହଇରେ ବ୍ରଜ ! ଏ କ'ଣ ବୁଝିଲୁ" ? ବ୍ରଜବାବୁ ଆଉ କିଛି କହିଲେ ନାହିଁ । ମଧୁବାବୁ ସେଠୁ ମୁହଁ ମୋଡ଼େଇ ହୋଇ ଶୋଇଲେ ।

ଏସବୁ କଥା ଭଲଭାବରେ ସେଦିନ ଆଡ୍‌ଭୋକେଟ ନବକିଶୋର ଦାସ ଆମ ପାଖରେ ବସିଥାଇଁ ଶୁଣିଲେ ଓ ସମାଜରେ ରିପୋର୍ଟ କଲେ । ତହିଁ ଆରଦିନ ମଧୁବାବୁ ପୁଣି ମତେ ଡକେଇଲେ ଓ ବିଚିତ୍ରାନଂଦ ବାବୁଂକୁ ପାଖକୁ ଡକାଇ ଏଇକଥା କହିଲେ । ଖୁବ୍ ଉତ୍ସାହ ଥିବାପରି ଭାଷାରେ କହିଲେ । ବିଚିତ୍ରାନଂଦ ବାବୁ ଠିକ୍ ପୂର୍ବପରି ଉତ୍ତର ଦେଲେ । ଦି' ତିନିବାର କହିସାରି ମଧୁବାବୁ ଆଉ କିଛି କହିଲେ ନାହିଁ । ଆଡ୍‌ଭୋକେଟ ନବକିଶୋର ଦାସ ମଧ୍ୟ ସେଦିନ ପାଖରେ ଥିଲେ । କିଂତୁ ସେଦିନ କଥା ଆଉ 'ସମାଜରେ' ବାହାରି ନାଇ । ପଛରେ ଶୁଣାଗଲା ତାଙ୍କୁ 'ସମାଜ'ରେ ବାହାର କରିବାପାଇଁ ନବକିଶୋର ଦାସଂକୁ ମନା କରାଯାଇଥିଲା । ( ସନିର୍ବଂଧ ଅନୁରୋଧ କରାଯାଇଥିଲା )

ପ୍ରଥମଦିନ ଏକାଥିଲାବେଳେ ମଧୁବାବୁ ମୋତେ କହିଥିଲେ—"ଓଡ଼ିଶା ସଂଗେ ପାରଳାଖେମୁଂଡି ସହିତ ଜୟପୁର ମିଶୁଚି ଇତ୍ୟାଦି·····" ଓଡ଼ିଶାର ଭବିଷ୍ୟତ ସଂବଂଧରେ ଆଉ କେତେକ କଥା ମଧ୍ୟ କହିଲେ । ଏହାର ପ୍ରାୟ ଦିନକପରେ ଦେହଦୁଃଖ ହେବାର ତୃତୀୟ ଦିନ ତାଂକର ତିରୋଧାନ ହୋଇ-ଗଲା । ଆମେ ସବୁ ମନେକଲୁ—ଯେପରି ଓଡ଼ିଶା ଆକାଶରୁ ଉଜ୍ଜ୍ୱଳତମ ନକ୍ଷତ୍ରଟି ଖସି ପଡ଼ିଲା ।

## ୧୨୦. ସତ୍ୟବାଦୀ ପ୍ରେସ

ଗୋପବଂଧୁବାବୁଂକ ମୃତ୍ୟୁପରେ ଆଉ ଗୋଟିଏ କଥା ହେଉଚି ସତ୍ୟବାଦୀ ପ୍ରେସ । ଆଂଭେମାନେ ସରକାରଙ୍କର ଅନେକ ଉଦ୍ୟମ ପରେ ସତ୍ୟବାଦୀ ସ୍କୁଲକୁ ସରକାରୀ ସାହାଯ୍ୟ ନେଇ ନଥିଲୁ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟ ଥିଲା ଓ ସରକାରୀ ଶିକ୍ଷା ବିଭାଗ ଛଡ଼ା ସେହି ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ୱତନ୍ତ୍ରଭାବରେ ହାଇସ୍କୁଲ ସବୁ ମଂଜୁର କରିବାର କ୍ଷମତାରେ ଥିଲା । ତେଣୁ ହାଇସ୍କୁଲମାନଂକର ଶିକ୍ଷା ପ୍ରଭୃତିରେ ବହୁ ସ୍ୱାଧୀନତା ଥିଲା । ସେ ସ୍ୱାଧୀନତା ବଳରେ ଆମେ ଘର ନ କରି ଖୋଲା ଜାଗାରେ ସ୍କୁଲ କରିବାର ବ୍ୟବସ୍ଥା କରିଥିଲୁ । ସେଥିରେ ବିଭାଗୀୟ ଇନସ୍‌ପେକ୍ଟରମାନେ, ସେଥିମଧ୍ୟରୁ ଅନେକ ୟୁରୋପୀୟାନ୍, ବଡ଼ ଭଲ ମଂତବ୍ୟ ଦେଇଥିଲେ । ସେମାନଂକ ସଂଗେ ଏଥିପାଇଁ ସ୍କୁଲରେ ତଥା ଡାକବଂଗଳାରେ ବହୁତ ଯୁକ୍ତିତର୍କ ଓ ଝଗଡ଼ା ମୋର ହୋଇ ଯାଇଛି; ମାତ୍ର ଶେଷକୁ ସେଇ ପଦ୍ଧତିରେ ସ୍କୁଲ ଚଳିବା ସିଦ୍ଧ ହେଲା । କେବଳ ବର୍ଷାଦିନ ପାଇଁ ଗୋଟିଏ ବଡ଼ ଚାଳିଆ କରାହେଲେ ବଣରେ ସ୍କୁଲ କରିବାରେ କୌଣସି ଅସୁବିଧା ନାଇ ବୋଲି ସ୍ଥିର ହେଲା ।

୧୯୧୮ ମସିହା ବେଳକୁ, କହିବି, ସ୍କୁଲ ବସ୍ତୁତଃ ଭାଂଗିଗଲା । ଠିକ୍ ସେତିକିବେଳକୁ ବା ତାହାର

କିଛିଦିନ ପୂର୍ବରୁ ଗୋପବଂଧୁ ବାବୁଂକ ସଂଗେ ପରାମର୍ଶ କରି ପୁରୀରୁ 'ନୀଳାଚଳ ସମାଚାର' ପ୍ରେସ୍ ସମସ୍ତଟା ସତ୍ୟବାଦୀ ସ୍କୁଲକୁ କିଣି ଆଣିଲି । ଗୋପବଂଧୁ ବାବୁଂକ ପାଇଁ ସେଥିନିମଂତେ ଗୋଟିଏ ଘର କିଣିଲି । ସେହିଠାରେ ସେ ଛାପାଖାନାଟି ରହିଲା ।

ସେ ଛାପାଖାନା କିଣାହେବାର ମୂଳରେ ଟିକିଏ ରହସ୍ୟ ଅଛି । ମୁଁ ମାସକୁ ୫୪୦୯, ଗୋଦାବରୀଶ ୫୧୨୦୯ ଓ କୃପାସିଂଧୁ ୫୫୦୯ ଦରମା ନେଉଥିଲୁ । ଯେତେବେଳେ ଇନ୍‌ସପେକ୍ଟର କହିଲେ କୌଣସି ଏକ ନିର୍ଦ୍ଦିଷ୍ଟ ପରିମାଣରେ ଗ୍ରାଜୁଏଟ୍ ଶିକ୍ଷକମାନଂକୁ ଦରମା ଦେବାକୁ ହେବ ( ମନେହେଉଛି ତାର ସୀମା ଥିଲା ସେତେବେଳେ ମାସକୁ ପଚିଶରୁ ଅଧିକ) । କେତେବର୍ଷ ପର୍ଯ୍ୟଂତ ଆମମାନଂକ ନାମରେ ମାସକୁ ସେହି ହାରରେ ଖାତାପତ୍ରରେ ପଡ଼ିଲା । କେତେବର୍ଷତକ ଏହିପରି ପଡୁଥିଲା, ୧୯୨୦ର ସତ୍ୟବାଦୀ ସ୍କୁଲରୁ ବାହାରିଥିବା ଦୁର୍ଭିକ୍ଷ ରିପୋର୍ଟରେ ପ୍ରକାଶ ପାଇଥିଲା । ଏବେ ସେ ରିପୋର୍ଟ ମୋ ପାଖରେ ନାଇ । ୧୯୧୯ରେ ଯେତେବେଳେ 'ସମାଜ' କାଢ଼ିବାର କଳ୍ପନା ହେଲା — ସେତେବେଳେ ଗୋପବଂଧୁ ବାବୁ କଥାକଲେ ଯେ,ପ୍ରେସ୍ ହିସାବ ସ୍କୁଲ ହିସାବରୁ ଅଲଗା କରାଯିବ । କାରଣ ଖବରକାଗଜ ବାହାରିଲେ ସରକାର ଏଥିରେ ଆକ୍ଷିଦେବେ । ଏସବୁ ବିଚାର କରି ଶେଷକୁ ଗୋପବଂଧୁ ବାବୁଂକ ନାମରେ ପ୍ରେସ୍ ରହିବାର ହେଲା । ତା'ପରେ ଗୋପବଂଧୁ ବାବୁ ଯେତେବେଳେ ୧୯୨୪ର ମଧ୍ୟଭାଗରେ ଜେଲରୁ ଫେରିଲେ ସେତେବେଳକୁ କଟକ ସହରରେ 'ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି'ର ଅଧିବେଶନ ହେଉଥିଲା । ସେଥିରେ ସଭାପତି ହୋଇଥିଲେ ଡକ୍ଟର ପ୍ରଫୁଲ୍ଲଚଂଦ୍ର ରାୟ । ସେ ସଭାପତି ଥାଇ ସେଇଦିନ ଗୋପବଂଧୁ ବାବୁ ଜେଲ୍‌ରୁ ଅସି ପହଂଚିଲେ । ସାର୍ ପି. ସି. ରାୟ ତାଂକୁ ସଂବର୍ଦ୍ଧନା ଜଣେଇବା ଏବେ ମୋର ମନେ ପଡୁଛି ।

ସେତେବେଳକୁ ସତ୍ୟବାଦୀସ୍କୁଲ ନାମକୁମାତ୍ର କେତେକ ଛାତ୍ରଂକୁ ଧରି ବ୍ରହ୍ମଚର୍ଯ୍ୟ ଆଶ୍ରମ ପରି ଥାଏ । ସେହିଠାରେ ଅଭ୍ୟର୍ଥନାରେ ସାର୍ ପି. ସି: ରାୟ ଗୋପବଂଧୁ ବାବୁଂକୁ 'ଉତ୍କଳମଣି' ବୋଲି ଡାକିଲେ । ତାହାହିଁ ହେଲା ଗୋପବଂଧୁଂକ 'ଉତ୍କଳମଣି' ଉପାଧିର ଭୂମିକା । ଅବଶ୍ୟ ମତେ ସେତେବେଳେ 'ଉତ୍କଳମଣି' କଥାଟା ସେତେ ଭଲ ଲାଗି ନ ଥିଲା । ତା ପୂର୍ବରୁ ଲୋକମାନ୍ୟ ତିଲକ ପ୍ରଭୃତି ନାମପାଖେ ଏହି 'ଉତ୍କଳମଣି' କଥାଟା ମତେ ଟିକିଏ ଖରାପ ଲାଗିଥିଲା । ମୁଁ ସେକଥା ଗୋପବଂଧୁ ବାବୁଂକୁ କହିଥିଲି,"ଆପଣ ଏ ଉପାଧି ନିଅଂତୁ ନାଇ । ଏହା ପୂର୍ବରୁ ସତ୍ୟବାଦୀ ସ୍କୁଲକୁ ବହୁତ ବଡ଼ ଲୋକ ଆସିଚଂତି । ସାର୍ ଆଶୁତୋଷ, ସାର୍ କୃଷ୍ଣଗୋବିଂଦ ଗୁପ୍ତ ଓ କେତେକ ୟୁରୋପୀୟଂକ ସମେତ ବହୁ ବଡ଼ଲୋକ ଆସିଚଂତି । ଆପଣ ଏ ଉପାଧି ନ ନେଇ ଅପେକ୍ଷା କରଂତୁ ।" ସେତେବେଳକୁ ଅବଶ୍ୟ ସତ୍ୟବାଦୀ ସ୍କୁଲରୁ ଆମମାନଂକର ମମତା ଛାଡ଼ଯାଇଥିଲା । ମୁଁ ସେଇ ମାସ ଚବିଶିରେ ହଜାରିବାଗ ଜେଲରେ ଗୋପବଂଧୁ ବାବୁଂକ ସଂଗେ ପରାମର୍ଶ କରିସାରି ଦିଲ୍ଲୀ ଆସେଂବ୍ଲି ପାଇଁ ନିର୍ବାଚିତ ହୋଇ ସାରିଥିଲି । କାରଣ ଗୋପବଂଧୁ ବାବୁଂକର ମଧ୍ୟ ଜେଲ୍ ଗଲାବେଳକୁ ସତ୍ୟବାଦୀ ସ୍କୁଲରେ ବ୍ରହ୍ମଚର୍ଯ୍ୟ ଆଶ୍ରମ ସେ ନିଜେ ଖୋଲି ମଧ୍ୟ ଏହାପ୍ରତି ତାଂକର ମମତା ଛାଡ଼ଯାଇଥିଲା । ଲିଂଗରାଜ ମିଶ୍ର ଏହା ପୂର୍ବରୁ ୧୯୨୧ ସେପ୍‌ଟେଂବରରେ ସରକାରୀ ସ୍କୁଲ ଛାଡ଼ି ସତ୍ୟବାଦୀ ସ୍କୁଲରେ ଯୋଗ ଦେଇଥିଲେ । ତାଂକ ସହିତ ପରାମର୍ଶ କରି ସତ୍ୟବାଦୀ ସ୍କୁଲକୁ ପୁଣି ସରକାରୀ ମଂଜୁରୀପ୍ରାପ୍ତ ସ୍କୁଲରେ ପରିଣତ କରିବାପାଇଁ ଆମେ ଦୁହେଁ ଲାଗିଥିଲୁ । ସେହି ଉଦ୍ୟମ ଫଳରେ ଏବର ସତ୍ୟବାଦୀ ସ୍କୁଲ ଯାହା ଅଛି ତାହା ଡିରେକ୍ଟର ସି. ଫକସ୍‌ଂକ କାଳରେ ପ୍ରତିଷ୍ଠିତ ହୋଇଥିଲା ।

ଏ ମଧ୍ୟରେ ସେହି ଉତ୍କଳ କଂଗ୍ରେସ କମିଟିର କଟକ ଅଧିବେଶନ ପରେ ଗୋପବଂଧୁବାବୁ ହରିଭାଇନାଂକୁ ପଠାଇ ପ୍ରେସ୍‌କୁ ପୁରୀ ନେଇ ଗୋଟିଏ ଭଡ଼ାଘରେ ରଖିଲେ, ତାହାପରେ ପ୍ରେସ୍ କଟକକୁ ଆସିଲା । ଗୋପବଂଧୁ ବାବୁଂକ ମୃତ୍ୟୁବେଳକୁ ପ୍ରେସ୍ କଟକରେ ଥିଲା । ସାପ୍ତାହିକପତ୍ର 'ସମାଜ' ସେଥିରୁ ପ୍ରକାଶ ପାଉଥିଲା । କହିଦିଏଁ—ସେହିଠାରୁ ଗୋପବଂଧୁ ବାବୁଂକ ମଲା ଉତ୍ତାରୁ କେତେଦିନ ମୁଁ ସମାଜର ସମ୍ପାଦକରୂପେ ସମାଜ ପ୍ରେସ୍‌ରୁ ଅତି ରୁଢ଼ଭାବରେ ବାହାର କରିଦିଆ ହୋଇଥିଲି । ଗୋପବଂଧୁ ଚୌଧୁରୀ ସେତେବେଳେ ଥାଇ ମଧ୍ୟ କିଛି କହିଲେ ନାଇ ।

ମୁଁ ସତ୍ୟବାଦୀ ପ୍ରେସ୍ ପାଇଁ ସତ୍ୟବାଦୀରେ ଯେଉଁ ଘର କିଣିଥିଲି ତାହା କେତେବେଳେ ଗୋପବଂଧୁ ବାବୁ ଏମାରମଠ ମହନ୍ତଂକୁ ବିକିଦେଲେ—ମୁଁ ଜାଣେ ନାଇ ।

## ୧୨୧· 'ନବଭାରତ'—୧୯୩୩

ନବଭାରତ ପ୍ରେସ୍ ମୋ ଜୀବନରେ ଗୋଟିଏ ପ୍ରଧାନ ଘଟଣା । ସତ୍ୟବାଦୀ ସ୍କୁଲରୁ 'ସତ୍ୟବାଦୀ' ମାସିକ ପତ୍ରିକା ବାହାରିଥିଲା । ସେଥିରେ ସମସ୍ତ ସମାଲୋଚନା ଓ କେତେକ ଦୀର୍ଘ ଦୀର୍ଘ ପ୍ରବଂଧ ମୁଁ ଲେଖିଥିଲି । ଅନେକ ବିଷୟରେ ମଧ୍ୟେ ମଧ୍ୟେ କାଗଜର ସ୍ତଂଭ ପୂରଣ କରିବାପାଇଁ କବିତା ମଧ୍ୟ ଲେଖୁଥିଲି । ଏହି ମାସିକ ପତ୍ରରୁ ମୋର କେତେଗୁଡ଼ିଏ ପ୍ରବଂଧ ପରେ ସଂକଳନ କରି ସଂବଲପୁରରେ ଥିଲାବେଳେ 'ଆର୍ଯ୍ୟଜୀବନ' ଗ୍ରଂଥଟି ଲେଖିଥିଲି; କିଂତୁ ବିଶେଷରେ ଯେଉଁଦିନ ଗୋପବଂଧୁ ବାବୁଂକ ସଂଗେ ମହାଭାରତ ବିଷୟକ କଥାବାର୍ତ୍ତାରେ ମହାଭାରତରେ କୃଷ୍ଣଂକ କଥା ନ ଥିଲେ ଚଳନ୍ତା ବୋଲି କହିଲି ଓ ତା'ପରେ ଗୋପବଂଧୁ ବାବୁ ଟିକିଏ ବିସ୍ମିତ ହୋଇ ଉତ୍ତେଜିତ ମତରେ କହିଲେ—"ଏପରି କଥା ଆଉ କହିବନାଇଁ, ଏଥିରେ ପାପ ହେବ"—ସେହିଦିନଠାରୁ ଆମର ଭକ୍ତି ଧର୍ମପ୍ରତି ଆସ୍ଥା ଟିକିଏ କମିଗଲା । ମୁଁ ମନେ ମନେ ଭାବିଲି କୌଣସିମତେ ଜଗତରେ "ଆତ୍ମା ଅନାତ୍ମା ଧର୍ମ ପ୍ରଚାର ପାଇଲେ ବ୍ୟକ୍ତିବିଶେଷଂକ ଦ୍ୱାରା ପ୍ରଚାରିତ ଧର୍ମ ଅର୍ଥାତ୍—ଖ୍ରୀଷ୍ଟଧର୍ମ, ବୁଦ୍ଧଧର୍ମ, କୃଷ୍ଣଧର୍ମ ଆଦିରେ ଯଥାର୍ଥ ପ୍ରତିକାର ହୁଅନ୍ତା; କାରଣ ସେଇଦିନ ମୁଁ ଭାବିଲି—କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ ପ୍ରଭୃତିଂକ ନାମରେ ଧର୍ମ ଠିଆକଲେ ସେ ଧର୍ମ ସମସ୍ତ ମାନବର ଧର୍ମ କଦାପି ହୋଇ ପାରିବ ନାହିଁ । ସେଥିରେ ଯେଉଁ ଭେଦ ଅଛି, ସେହି ଭେଦ ହିଁ ସର୍ବଦା ବିକାଶରେ ଫୁଟିବ । ଏହା ହିଁ ଭାବି ସେହିଦିନଠାରୁ ମନେକଲି ମୁଁ ନିଜେ ଗୋଟିଏ ମାସିକପତ୍ର କାଢ଼ିଲେ ଭଲ ହୁଅନ୍ତା । ଏହି ଭାବ ମନରେ ଥାଏ । ଦିନେ ଦିଲ୍ଲୀରୁ ଆସି କଲିକତାରେ ୧୯୩୩ରେ ପହଞ୍ଚିଲି । କଲିକତାରେ ମୋର ଜଣେ ଛାତ୍ର ସେ କାଳର ଯୁବକ ଥିଲେ । ସେ ସତ୍ୟବାଦୀର ପ୍ରଥମ ଶ୍ରେଣୀରୁ (ଏକାଦଶ ଶ୍ରେଣୀ) ଅସହଯୋଗ ଆଂଦୋଳନ ଯୋଗେ ପାଠ ଛାଡ଼ି ଦେଇଥିଲେ । ପରେ ସେ ବି. ଏ. ପର୍ଯ୍ୟଂତ ପାଶ୍ କରିଥିଲେ । କଲିକତାରେ ସେ ଭୁଞ୍ଜା ଭାସ୍କର ମହାପାତ୍ରଂକ ପିଲାମାନଂକ ଗୃହଶିକ୍ଷକ ହୋଇ ଥା'ନ୍ତି । ମୁଁ କଲିକତାରେ ଆସି ପହଂଚିବାମାତ୍ରେ ସେ ଆଗରୁ ଜାଣି ଆସି ପହଂଚିଲେ । ସେହିଠାରେ ସ୍ଥିର ହୋଇ ଠିକ୍ ହେଲା । ମୁଁ ଗୋଟିଏ ମାସିକ ପତ୍ର କାଢ଼ିବି ଓ ସେ ସେଥିପାଇଁ କଟକରେ ଆସି ରହିବେ । ସେହି ପତ୍ରଟି ହେଲା ମାସିକ 'ନବଭାରତ' ।

ଏହାପୂର୍ବରୁ ମତେ ସେ କାଳର ଜୟପୁର ମହାରାଜ ବିକ୍ରମ ଦେଓ, ମହାରାଜା ହୋଇ ନ ଥିଲାବେଳେ ତାଙ୍କ ଗୋଟିଏ ମାସିକପତ୍ର କାଢ଼ିବାକୁ କହିଥିଲେ । ମୁଁ ତାଂକ ପାଖରେ ପହଂଚିଲି । ସେ ମୋତେ ପାଂଚହଜାର ଟଂକା

ଦେବେ ବୋଲି କହି ଦଶହଜାର ଟଂକା ସାଂଗେ ସାଂଗେ ଦେଲେ । ସେ ପାଂଚ ହଜାର ଟଂକା ଦେଇଚାଂନ୍ତି ବୋଲି କାଗଜରେ ପ୍ରାପ୍ତିସ୍ୱୀକାର କରି ଆଉ ଦୁଇହଜାର ଟଂକା କରଜ କରି ମୁଁ କାଗଜ ବାହାର କଲି । ସେ କାଗଜ କଥା କହିବା ଆଉ ଦରକାର ନାଇ ।

ଏହି 'ନବଭାରତ' ବାହାରିଥିଲା ୧୯୩୩ ସାଲରେ । ମଝିରେ ମଝିରେ ବ୍ୟତିକ୍ରମ ସହିତ ପ୍ରାୟ ୧୯୪୭ ପର୍ଯ୍ୟଂତ ଏହା ଚଳୁଥିଲା । ୧୯୩୫ ସାଲର ପ୍ରଥମ ସଂଖ୍ୟାରେ ଅର୍ଥାତ ୨ୟ ବର୍ଷର ପ୍ରଥମ ସଂଖ୍ୟାରେ ମୋ ଲିଖିତ 'ବିଧାତାଂକ ସୃଷ୍ଟି' ପ୍ରବଂଧଟି ଅନ୍ୟତ୍ର ଦିଆଯାଇଚି । ସେଥିରୁ 'ନବଭାରତ'ର ନୈତିକ ଓ ଆଧ୍ୟାତ୍ମିକ ଆଭିମୁଖ୍ୟ ପ୍ରକାଶ ପାଇବ ।

ଅବଶ୍ୟ ସେତେବେଳେ 'ନବଭାରତ'ର ପ୍ରଥମ ଅବସ୍ଥାରେ ଏ ଯେଉଁ ପ୍ରବଂଧଟି ଦିଆଯାଇଚି ଏଥିରେ ସୂଚନାରେ ମାତ୍ର କଥାଟି କୁହାଯାଇଚି । ପଢ଼ିଲେ ମନେହେବ—ଏ କେବଳ ବିଧାତାଂକ ସଂବଧଂରେ ଧାର୍ମିକମାନେ ଯାହା କହଂନ୍ତି ତା'ର ଗୋଟିଏ ସମାଲୋଚନା । ଏଥିରେ ଯଥାର୍ଥ ଗଠନମୂଳକ ତତ୍ତ୍ୱଟି ପ୍ରକାଶ ପାଇନାଇ । ଅର୍ଥାତ୍ ସେହି ଗଠନମୂଳକ (**Positive**) ତତ୍ତ୍ୱଟି ଏଇ ଭାରତବର୍ଷରେ ଦିନେ ପ୍ରକାଶ ପାଇଥିଲା । ତାହା ଉପନିଷଦ୍‌ରେ ସୂକ୍ଷ୍ମଭାବରେ ଅଛି "ଆତ୍ମାବା ଅରେ, ଶ୍ରୋତବ୍ୟଃ, ମଂତବ୍ୟଃ, ନିଦିଧ୍ୟାସିତବ୍ୟଃ" । ଅର୍ଥାତ୍ ଏହି ସମସ୍ତ ବିଧାତାଂକ ରୂପ ଭିତରେ ଉପନିଷଦ କାଳରେ ଆମ ପୂର୍ବ-ପୁରୁଷମାନେ ଯେଉଁ ଆତ୍ମାକୁ ଉଠି ସେଇ ଆତ୍ମବସ୍ତୁ ବିଷୟରେ ଏହି କଥାଟି କହିଚାଂନ୍ତି—ତାହାର ତୁଳନା ପୃଥିବୀର ଧର୍ମଜଗତରେ ଆଉ ନାଇ । ଏହା ଯେପରି ମନେହୁଏ ପ୍ରଥମେ ମିଥିଳାରାଜ ଜନକଙ୍କ ସଭାରେ ଏ ବିଷୟ ନେଇ ଯୁକ୍ତିତର୍କ ହୋଇଥିଲା । ଏହାର ଅର୍ଥ ହେଉଚି—"ଅରେ—ଆତ୍ମା ହେଉଛି **ଅ.ଶ** ଶୁଣିବାର ଜିନିଷ, ଚିଂତାକରିବାର ଜିନିଷ ଓ ବେଶି କରି ଚିଂତା କରି ବୁଝିବାର ଜିନିଷ । ଏହି ଆତ୍ମାରେ ସ୍ତ୍ରୀ ନାଇ, ପୁରୁଷ ନାଇ, ଶ୍ରମିକ ନାଇ, ମାଲିକ ନାଇ, ଧନୀ ନାଇ ଦରିଦ୍ର ନାଇ, ଭକ୍ଷକ ନାଇ, ଭକ୍ଷ୍ୟ ନାଇ—ଏହିପରି ଜଗତରେ ଯେଉଁ ସବୁ ବିରୋଧଭାବ ସବୁ ଅଛି—ସେ ସବୁ କିଛି ନାଇ । ଏହି ଆତ୍ମାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭେଦ ନାଇ । ଏହି ଆତ୍ମଧର୍ମକୁ ଉଠିଲେ ସମସ୍ତେ ସମାନ ।

ଏବେ ସବୁକ୍ଷେତ୍ରରେ ଯାହା କୁହାଯାଇଚି—ସମସ୍ତ ଉନ୍ନତି ଓ ଅଭିବୃଦ୍ଧି ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ଭାବ ଠିକ୍ ରଖ । ତାହା ଏହିପରି ବ୍ୟକ୍ତିପ୍ରକୃତିର ବା ବ୍ୟକ୍ତିଧର୍ମାତ୍ମକ ଅନୁଷ୍ଠାନରେ କଦାପି ଫୁଟିବ ନାଇ । 'ନବଭାରତ' ଏହି ଭାବ ସମସ୍ତ ମାସିକପତ୍ରଟିରେ ଭିନ୍ନ ଭିନ୍ନ ଭାବରେ ସ୍ପଷ୍ଟ ପ୍ରକାଶ କରୁଥିଲା । ଏହି ଚିଂତାଧାରା ମୋର "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"ରେ ସ୍ପଷ୍ଟ ହୋଇଚି ଓ ତାହା ଅନ୍ୟତ୍ର ଦିଆ ଯାଇଚି ।

ନାନା ଅଭାବ ଅସୁବିଧାରେ ମାସିକ 'ନବଭାରତ' ଶେଷକୁ ବଂଦ ହୋଇଗଲା । ଗଛଟିଏ ଲଗେଇ ବଡ଼େଇବା କେତେ କଷ୍ଟର କଥା । ବଢ଼ିଲା ଗଛରେ ଗେଣ୍ଟ ବସିଲେ ଭାରି କଷ୍ଟ ଲାଗେ । ଢେଂଉଆ ପୁଅ ମରି-ଗଲେ ଯେତେ କଷ୍ଟ ତା'ଠାରୁ କୌଣସିଗୁଣରେ ଏ କଷ୍ଟ କମ୍ ନୁହେ । ମୁଁ ଏବେ ବୁଝୁଁଚି ସାହିତ୍ୟ ପ୍ରତି ପ୍ରୀତି ଓ ନିଷ୍ଠା ନଥିବାଲୋକଂକୁ ମୁଁ ଗୁରୁଦାୟିତ୍ୱ ଦେଉଥିଲି । ସରସ ସାହିତ୍ୟକତା ଅଭାବରୁ ଦାୟିତ୍ୱର ଭାର ଗ୍ରହଣ କରୁଥିବା ବଡ଼ଲୋକଂକ ହାତରେ ପତ୍ରପତ୍ରିକାର ଜନ୍ମ ମୃତ୍ୟୁ ମୁଁ ଏବେ ଦେଖି ଦୁଃଖରେ ଦୀର୍ଘଶ୍ୱାସ ପକାଉଚି ।

## ୧୨୨. ମୋର ସାହିତ୍ୟ ସାଧନା

(୧୯୩୯-୪୦)

'ଉତ୍କଳ-ସାହିତ୍ୟ-ସମାଜ' କଟକକୁ ଆସିଲାଦିନୁ ଉତ୍କଳ-ସାହିତ୍ୟସମାଜର ମୁଁ ଜଣେ ବାର୍ଷିକିଆ ମେଂବର ହେଉଥିଲି । ମଧ୍ୟେ ମଧ୍ୟେ ସାହିତ୍ୟ ସମାଜର ଆମଂତ୍ରଣକ୍ରମେ ପ୍ରବଂଧମାନ ପଢ଼ୁଥାଏ । ପ୍ରାୟ ୧୯୩୯-୪୦ ପର୍ଯ୍ୟଂତ ଏହିପରି ଚାଲିଲା । ସେତିକିବେଳେ ମୁଁ ଗୋଟିଏ ପ୍ରବଂଧ ପଢ଼ିଲି । ସେଉଟି ହେଉଛି "ସଂସାର ଓ ନାରୀ" । ସେ ପ୍ରବଂଧଟି ବଡ଼ ଦୀର୍ଘ ହୋଇଥିଲା ଓ ଅନେକ ଲୋକଂକ ମନକୁ ଖୁବ୍ ଛୁଇଁଲା । ସେହି ସମୟରେ ମତେ ସାହିତ୍ୟ ସମାଜର ବରେଣ୍ୟ ମେଂବର କରିଦେଲେ । ବରେଣ୍ୟ ମେଂବର ହେବାର ଅର୍ଥ ଆଉ ବର୍ଷକୁ ବର୍ଷ ଦୁଇଟଂକା ମେଂବର ଫିସ୍ ଦେବାକୁ ହୁଏ ନାହିଁ ଓ ଚିରକାଳ ମେଂବର ହୋଇ ରହଂତି । ମୋ ସଂଗେ ଆଉଜଣେ ବରେଣ୍ୟ ମେଂବର ହୋଇଥିଲେ । ସେ ହେଉଚଂତି ଶ୍ରୀ ଯୋଗେଶଚଂଦ୍ର ରାୟ ବିଦ୍ୟାନିଧି । ଆଉଜଣେ ଜୟପୁରର ମହାରାଜା ବିକ୍ରମଦେବ ।

ତା'ପରେ ମୁଁ ଆଉ ନିମଂତ୍ରଣମାନଂକରେ ପ୍ରାୟ ସାହିତ୍ୟ ସମାଜକୁ ଯାଇନାହିଁ । ୧୯୫୮ ମସିହା ବେଳକୁ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ବୋଲି ଗୋଟିଏ ଅନୁଷ୍ଠାନ ଭୁବନେଶ୍ୱରରେ ଖୋଲାଗଲା । ସେଥିରେ ବର୍ଷକୁ ଲକ୍ଷେ ଟଂକା ସାହିତ୍ୟପାଇଁ ଖର୍ଚ୍ଚ ହେବାର କଥା ହେଲା । ମୁଁ ସେତେବେଳକୁ ନୂଆହୋଇ ବିଧାନସଭାର ବାଚସ୍ପତି ହୋଇଥାଏ । ଶ୍ରୀଯୁକ୍ତ ଲିଂଗରାଜ ପାଣିଗ୍ରାହୀ ସେତେବେଳେ ଏଡୁକେସନ ମଂତ୍ରୀ ଥାଂତି । ସେ ପ୍ରଥମେ ବଡ଼ ଉତ୍ସାହରେ ମତେ ତାଙ୍କ ପାଂଚବର୍ଷ ପାଇଁ ସାହିତ୍ୟ ଏକାଡେ଼ମୀର ସଭାପତି କରିବେ ବୋଲି କହିଥିଲେ ଓ ପ୍ରଥମ ବର୍ଷ କରିଦେଲେ । ମାତ୍ର କିଛିଦିନ ପରେ କାହିଁକି କେଜାଣି ତାଂକ ମନରେ ହେଲା—ସେ ବର୍ଷକରୁ ଜଣକୁ ଆଉ ଅଧିକ ସମୟ ସଭାପତି କରିବେ ନାହିଁ । ସେହି ବର୍ଷକ ପାଇଁ ମୁଁ ସଭାପତି ରହିଲି । ତାପରେ ସେହି ସାହିତ୍ୟ ଏକାଡେ଼ମୀ ସଂବଂଧରେ ମୁଁ ଆଉ କିଛି ଖବର ରଖିନାହିଁ ।

## ୧୨୩. ମୋର ରାଜନୈତିକ ଜୀବନ

( ୨ୟ ପର୍ଯ୍ୟାୟ )

**ଗୋଦାବରୀଶ**—ଗୋଟିଏ ବିଶିଷ୍ଟ କଥା ଲେଖିବାକୁ ମନ ନ ହେଲେ ମଧ୍ୟ ଲେଖିବାକୁ ବାଧ୍ୟ ହେଉଛି । ସେ ବିଷୟଟି ସ୍ୱର୍ଗତ ପଂଡିତ ଗୋଦାବରୀଶ ଓ ମୋ ସଂପର୍କ ବିଷୟରେ । ତାଂକ ସଂଗେ ମୋର ଜୀବନରେ ଅଂତରଂଗ ସଂପର୍କ ଥିଲା । ପୁରୀ ଜିଲ୍ଲା ସ୍କୁଲରେ (ହେଡ଼ମାଷ୍ଟର୍) ଚଂଦ୍ରମୋହନବାବୁ ମୋତେ ସେତେବେଳେ ବୋର୍ଡିଂର ମନିଟର୍ କରିଦେଲେ ଗୋଦାବରୀଶ ସେତେବେଳେ ମୋର ତଳ କ୍ଲାସରେ ପଢ଼ୁଥିଲେ । ଚଂଦ୍ରମୋହନ ବାବୁ ଗୋଦାବରୀଶଂକୁ ମୋର ସାକ୍ଷାତ ତତ୍ତ୍ୱାବଧାନରେ ରଖି ଦେଇଥିଲେ । ସେତିକିବେଳର କିଛି ସ୍ମୃତି ମୋର ମନେ ଅଛି । କଲିକତାର ଶ୍ରୀ ଶଶିଭୂଷଣ ରାୟ ଚୌଧୁରୀଂକ ସହିତ ମୋର ପରିଚୟ ଥିଲା । ମୁଁ ଗୋଦାବରୀଶଂକୁ ସେହି ମହାଶୟଂକ ସହିତ ପରିଚୟ କରାଇ ବଡ଼ କୃତିତ୍ୱ ଅର୍ଜନ କରିଥିଲି ବୋଲି ମୋର ଆଜି ମନେ ହେଉଛି । ଶଶିଭୂଷଣବାବୁ ଜଣେ ପ୍ରଧାନ ବିପ୍ଳବୀ ନେତା ଥିଲେ । କିଂତୁ ବିପ୍ଳବୀ ନେତାଂକ କାର୍ଯ୍ୟକଳାପ ମଧ୍ୟରେ ଛାତ୍ରମାନଂକ ଆଚରଣ ପ୍ରତି ଦୃଷ୍ଟିରଖିବା ତାଂକର ପ୍ରଧାନ କାର୍ଯ୍ୟ ଥିଲା । ସେହି ହିସାବରେ ଗୋଦାବରୀଶଂକୁ ତାଂକ ମାର୍ଫତରେ ଦେଇ ମୁଁ ବହୁ ପରିମାଣରେ ନିଶ୍ଚିଂତ ହୋଇଥିଲି । ଏଣେ ଚଂଦ୍ରମୋହନବାବୁ ମୋତେ ଅତ୍ୟଂତ ଶ୍ରଦ୍ଧା ଓ ବିଶ୍ୱାସ

କରୁଥିଲେ । ପୁଣି ସତ୍ୟବାଦୀସ୍କୁଲ ପରିକଳ୍ପନା ସେକାଳକୁ ମଧ୍ୟ ଆମମାନଙ୍କ ମଧ୍ୟରେ ଖେଳୁଥିଲା । ସେହି ଗୋଦାବରୀଶଙ୍କୁ ସତ୍ୟବାଦୀସ୍କୁଲର ଜଣେ ଶିକ୍ଷକରୂପେ ତିଆରି କରିବା ପାଇଁ ବଡ଼ ଆଗ୍ରହ ହି ଥିଲା । କେବଳ ସେତିକି ନୁହେଁ, ପିଲାଦିନୁ ଏହି ସତ୍ୟବାଦୀ ସ୍କୁଲପାଇଁ ମୁଁ ମୋର ବାଲ୍ୟବନ୍ଧୁମାନଙ୍କୁ ବାଛି ବାଛି ସେମାନଙ୍କ ଘରକୁ ଯାଇ ନିମନ୍ତ୍ରଣ କରୁଥିଲି । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ସ୍ୱର୍ଗତ କୃପାସିନ୍ଧୁ ମିଶ୍ର । ସେ ଏମ୍. ଏ. ପାଶ୍ କରି ପ୍ରାୟ ୧୯୧୬ରେ ସତ୍ୟବାଦୀରେ ଶିକ୍ଷକରୂପେ ଯୋଗ ଦେଇଥିଲେ । ଆଉ ଜଣେ ଥିଲେ ସ୍ୱର୍ଗତ କବି ପଦ୍ମଚରଣ ପଟ୍ଟନାୟକ । ପଦ୍ମଚରଣ ଓ ସ୍ୱର୍ଗତ ଜଗନ୍ନାଥ ମହାପାତ୍ର ମୋର ସହପାଠୀ ଥିଲେ । ସେ ଦୁହିଁଙ୍କୁ ବହୁତ ବୁଝାଇବା ପରେ ମଧ୍ୟ ସେ ସତ୍ୟବାଦୀ ସ୍କୁଲକୁ ଆସିବାକୁ ମନା କଲେ । ଏହିପରି କେତେ ଲୋକଙ୍କ ପାଖକୁ ଯିବାକୁ ହୋଇଥିଲା । ସେ ସବୁଥିରେ ଗୋପବନ୍ଧୁ ବାବୁଙ୍କର ପ୍ରେରଣା ଥାଏ । କିନ୍ତୁ ସାକ୍ଷାତ ପ୍ରେରଣା ଏସବୁ ବ୍ୟକ୍ତିଗତ କ୍ଷେତ୍ରରେ ଥିବାର ମନେ ହେଉନାଇ ।

ଗୋଦାବରୀଶ ନିଜ ଜୀବନୀରେ ମୋତେ ବହୁ ଭଲ ଭାବରେ ଲେଖିଛନ୍ତି । କିନ୍ତୁ ତାଙ୍କ ଜୀବନୀ ବାହାରିବାରୁ ମୁଁ ଗୋଟିଏ କଥା ଜାଣି ବଡ଼ ବିସ୍ମିତ ହେଲି । ସେହି ସମ୍ବନ୍ଧରେ ବହୁତ କଥା ଏବେ ମୋର ମନେ ପଡ଼ୁଛି । ମୋଟକଥା, ସେ ଚକ୍ରଧରପୁର ଯିବାପରେ ସତ୍ୟବାଦୀସ୍କୁଲରୁ ଏକରକମ ସବୁ ସଂପର୍କ ତୁଟାଇ ଦେଲେ । ଏଥିସଙ୍ଗେ ସେ ବରାବର ଲେଖିଛନ୍ତି ମାସିକ ତିରିଶ ଟଙ୍କାରେ ସତ୍ୟବାଦୀରେ ସେ ଅତି ହୀନଭାବରେ ଗୃକଷ୍ଟ କରୁଥିଲେ । ବସ୍ତୁତଃ ଏହି ଟଙ୍କା ପଇସା ପ୍ରଶ୍ନ ସତ୍ୟବାଦୀରେ ଆଦୌ ନ ଥିଲା । ସେଥିପାଇଁ ମୋର ମନେ ହେଉଛି ଗୋପବନ୍ଧୁବାବୁ ଥରେ ଦୁଃଖିତ ହୋଇ କହିଥିଲେ—

"ତୁମ୍ଭେମାନେ ଟଙ୍କା ବେଶି ନିଅ କି କମ୍ ନିଅ; କିନ୍ତୁ ସତ୍ୟବାଦୀ ସ୍କୁଲରେ ରହି ଗୋଟିଏ ଭାବିବାର କଥା ତୁମମାନଙ୍କର ମାନସିକ ହୀନତା କମି ନାଇ । ଟଙ୍କା ଅଳ୍ପ ପାଇଲେ କିମ୍ବା ଭଲ କରି ନ ଖାଇଲେ ହୀନତା ଆସି ନ ଥାଏ । ତାହା ଏକ ମନୋବୃତ୍ତି ।"

ପୁରୀ ଜିଲାବୋର୍ଡର ଚେୟାରମ୍ୟାନ୍ ହେବାକୁ ଗୋଦାବରୀଶ ସେତେବେଳେ ଚେଷ୍ଟା କରୁଥାନ୍ତି । ଗୋପବନ୍ଧୁ ବାବୁ ମତେ, ବନମାଳୀ ଦାସଙ୍କୁ ଓ ଅନ୍ୟ କେତେକଙ୍କୁ ଡାକି ଥରେ କହିଥିଲେ—"ଯେଉଁଠାରେ ଟଙ୍କା ପଇସାର ସଂପର୍କ ଥିବ, ସେଠାରେ ଗୋଦାବରୀଶଙ୍କୁ ରଖିବ ନାହିଁ ।" ଏକଥା ବଡ଼ ବିରକ୍ତ ହୋଇ ସେ କହିଥିଲେ । ଏବେ ଜୀବନୀ ପଢ଼ି ମୁଁ ଜାଣୁଛି ଗୋଦାବରୀଶ ଚକ୍ରଧରପୁରରୁ ଫେରିବାପରେ ସତ୍ୟବାଦୀରୁ ସମସ୍ତ ସଂପର୍କ ତୁଟାଇ ଭୁବନାନନ୍ଦ ଓ ବିଚିତ୍ରାନନ୍ଦବାବୁଙ୍କୁ ଧରି ସେକାଳର ସରକାରଙ୍କ ସଙ୍ଗେ ସହଯୋଗ କରି ବାଣପୁରରେ Co-operative Bank ତିଆରି କଲେ । ସେଠାରେ ସେ ଭୁବନାନନ୍ଦ ବାବୁଙ୍କ ସହିତ ରହି ଅତି ବଡ଼ଲୋକ ପରି ଖର୍ଚ୍ଚକରି ଚଳିବାରେ ଲାଗିଲେ । ଅଥଚ ଭୁବନାନନ୍ଦ ବାବୁ ପ୍ରଭୃତିଙ୍କର ସେତେବେଳେ ଅତି ମୂଳରୁ ସତ୍ୟବାଦୀ ବିଦ୍ୟାଳୟ ସଂବଂଧରେ ଯେଉଁ ମତ ଓ ପ୍ରତିକ୍ରିୟା ତାହା କହିବା ଦରକାର ନାଇ । ବିଶେଷତଃ ମୋ ପ୍ରତି ଭୁବନାନନ୍ଦ ବାବୁଙ୍କର ମନୋବୃତ୍ତି ଥରେ ସ୍ପଷ୍ଟ ଫୁଟି ପଡ଼ିଥିଲା । ମୁଁ ଏବଂ ମୋ ଭାରିଯା ୧୯୩୩-୩୪ ରେ ଜେଲ୍‌ରେ ପ୍ରଥମଶ୍ରେଣୀ କଏଦୀ ଥିବାରୁ ଭୁବନାନନ୍ଦବାବୁ Central Assembly ରେ ମୋ ଅନୁପସ୍ଥିତିରେ ଘୋର ଆପତ୍ତି କରିଥିଲେ । କାରଣ ଆମ ବ୍ୟତୀତ ଅନ୍ୟମାନେ 'ବି' ଓ 'ସି' କ୍ଲାସ୍ କଏଦୀ ଥିଲେ । ବର୍ଦ୍ଧମାନ ମେଂବର ଅମରନାଥ ଦତ୍ତ କହିଲେ—"ତୁମର ଓ ନୀଳକଣ୍ଠ ବାବୁଙ୍କ ସଂପର୍କ ବିଷୟରେ ଆମେ କ'ଣ ଜାଣି ନୁ ?" ଭୁବନାନନ୍ଦବାବୁ

ଆଉ କିଛି କହିଲେ ନି । ଆସେମ୍ବ୍ଲି ବିବରଣୀ ଦେଖିଲେ ସେସବୁ ମିଳିବ । ଏହି ଟଂକା କରିବା ଓ ଖର୍ଚ୍ଚ କରିବା ଫଳରେ ଗୋପବଂଧୁବାବୁ ବଂଚିଥାଇ ମଧ୍ୟ ଗୋଦାବରୀଶ ହାଇକୋର୍ଟ ପର୍ଯ୍ୟଂତ ଉତ୍କଳ ବିଚିତ୍ରାନଂଦବାବୁଂକୁ ଧରି ଫୌଜଦାରୀ ମକଦ୍ଦମାରେ ଲଢ଼ି ହଇରାଣ ହୋଇ-ଥିଲେ । ୧୯୨୯ ବେଳକୁ ଗୋପବଂଧୁବାବୁ ଜୀବନରେ ନଥିଲେ । ତା'ପରେ ଗୋଦାବରୀଶ ମତେ ରାଜନୀତିରେ ବଡ଼ କରି ଧରିଲେ । କିଂତୁ ମୁଁ ଆଜି ଭାବୁଚି ମୋର ଗୋଦାବରୀଶଂକ ପ୍ରତି ଯେଉଁ ସ୍ନେହ ଓ ଆନ୍ତରିକତା ଥିଲା ଗୋଦାବରୀଶଂକର ବୋଧହୁଏ ମୋ ପ୍ରତି ସେତିକି ନ ଥିଲା । ଗୋପବଂଧୁବାବୁଂକ ପରେ ମୁଁ ସତ୍ୟବାଦୀ ଦଳରେ ମୁଖ୍ୟ ହୋଇ ରହିଲି । ସେଥିପାଇଁ ଯାହା ସବୁ ବିରୋଧ ଓ ନିର୍ଯ୍ୟାତନା ମତେ ସହିବାକୁ ପଡ଼ିଚି, ତାହା ଆଉ ବିଶେଷ କହିବା ଦରକାର ନାଇ । ଏହି ସମସ୍ତ ଗୁଡ଼ିକରେ ରାଜନୈତିକ ଆଂଦୋଳନ ସହିତ ସମାଂତର ଭାବରେ ସାହିତ୍ୟ ଲେଖାଲେଖିରେ ମନୋନିବେଶ କଲି । ଏହିପରି ଲେଖା ମୁଁ ପ୍ରଥମ ଜେଲ୍‌କାଳରୁ ଆରଂଭ କରିଥିଲି । **Tennyson—Enoch Arden** ର ସରଳ ଓଡ଼ିଆ ଅନୁବାଦ ହଜାରିବାଗ ଜେଲ୍‌ରେ ଥିଲାବେଳେ କରି—'ଦାସନାଏକ' ନାମରେ ଛପାଇ ଥିଲି । ଜେଲ୍‌ର ନୀରସ ଦିନଗୁଡ଼ିକ କଟେଇବା ପାଇଁ ଏହାଠାରୁ ବଳି ଆତ୍ମସୁଖକର କାମ ଆଉ କିଛି ଅଛି ବୋଲି ମୋର ମନେ ହେଉ ନି ।

## ୧୨୪. ମଂତ୍ରିମଂଡଳ

ଗୋପବଂଧୁବାବୁ ମଲାପରେ ମୁଁ ଗୋଦାବରୀଶଂକୁ ବଡ଼ ସ୍ନେହ କରୁଥିଲି । ତାଂକ ପାଇଁ ଯେତେ ଯେତେ କାର୍ଯ୍ୟ କରିଚି, ତାହା ଆଜି ମନେକରି କହିବା ଦୁଷ୍କର । ତେବେ ଠିକେ ଠିକେ ସେସବୁ କଥା କହିଦିଏ । ସୁଭାଷ ବୋଷ୍ ଓଡ଼ିଶାକୁ ଆସିବା କଥା । ସେତେବେଳେ ମୁଁ ଥିଲି ଉତ୍କଳ କଂଗ୍ରେସର ସଭାପତି । ଏହା ୧୯୩୯ ମସିହାର କଥା, ଠିକ୍ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ଆରମ୍ଭ କାଳ । ସୁଭାଷ ବୋଷ୍ ନିଜ ୩୮।୨ ଏଲ୍‌ଗିନ୍‌ରୋଡ୍ ଘରକୁ ଆମକୁ ଡକାଇଥିଲେ । ଯଦୁମଣି ମଂଗରାଜ, ମୁଁ ଓ ଗୋଦାବରୀଶ ଯାଇଥିଲୁ । ଅନେକ ସମୟ କଥାବାର୍ତ୍ତା ହେବାପରେ ସେ କହିଲେ—"ଏ ମହାଯୁଦ୍ଧରେ ଜାପାନ ଜିଣିବାର ଖୁବ୍ ସମ୍ଭାବନା ଅଛି । ସେତେବେଳକୁ ଅନ୍ତତଃ ବଂଗ, ଓଡ଼ିଶା, ବିହାର ଓ ଆସାମ—ଏହି ଚାରି ପ୍ରଦେଶର ରାଜତ୍ୱ ଆମ ଲୋକଂକ ହାତରେ ଥିବା ଦରକାର । ମୁଁ ସେଥିପାଇଁ ଆସାମରେ ଶ୍ରୀଯୁକ୍ତ ବର୍ଦ୍ଦୋଲଇ ଓ ମୁସଲ୍‌ମାନ ନେତାଂକୁ (ବୋଧହୁଏ ଫକ୍ରୁଦ୍ଦିନ୍) ଧରି ମଂତ୍ରିମଂଡଳ ଗଢ଼ିବାର ବ୍ୟବସ୍ଥା କରିଚି । ବଂଗଳାରେ ଶରତ ବୋଷ ଓ ଫଜଲ୍‌ହକ୍—ଏ ଦୁହିଂକୁ ଧରି ମଂତ୍ରିମଂଡଳ ଗଢ଼ାହେବ । ମୁଁ ବିହାରରେ ମଧ୍ୟ ଏହିପରି ଗୋଟିଏ ମଂତ୍ରିମଂଡଳ ଗଢ଼ିବାକୁ ଯାଉଚି । ଓଡ଼ିଶାରେ ତୁମେମାନେ ଯାଇ ମଂତ୍ରିମଂଡଳ ଗଢ଼ । ସେଥିପାଇଁ ଗୋଦାବରୀଶ ଓ ଯଦୁମଣି ମଂଗରାଜ ଯାଆଂତୁ । ନୀଳକଂଠ ଦାସ ଫରୱାର୍ଡ଼ ବ୍ଲକ୍ ତରଫରୁ କାର୍ଯ୍ୟକାରୀ କମିଟିକୁ ଯାଆଂତୁ ।" ଶେଷକୁ ଗୋଦାବରୀଶ ଓ ଯଦୁମଣି ଉତ୍ତର ଦେଲେ-"ନୀଳକଂଠ ବାବୁ ନ ଗଲେ ଆମେ ଏ କାମ ତୁଲାଇ ପାରିବୁ ନାଇ ।" ସେହି ଏଲଗିନ୍‌ରୋଡ଼୍ ଘରୁ ଗଂଜାମର ଦିବାକର ପଟ୍ଟନାୟକଂକ ପାଖୁ ଟେଲିଗ୍ରାମ୍ କରାଗଲା । ସେ ଦୁଇଦିନପରେ କଲିକତାରେ ପହଂଚି ଫରୱାର୍ଡ଼ ବ୍ଲକ୍‌ର କାର୍ଯ୍ୟକାରୀ କମିଟିକୁ ଗଲେ ଓ ଆଂଭେମାନେ ମଂତ୍ରିମଂଡଳ ଗଢ଼ିବାକୁ ଓଡ଼ିଶାକୁ ଆସିଲୁ ।

ଏହି ମଂତ୍ରିମଂଡଳରେ ଗୋଦାବରୀଶ, ପାରଳା-ଖେମଂଡିର ମହାରାଜା ଓ ଓଡ଼ିଶା ମୁସଲିମ୍ ଲିଗ୍‌ର ପ୍ରେସିଡେଂଟ ଶୋଭାନ ଖାଁ ଥିଲେ । ଏଠାରେ

କହିରଖେ, ଗୋଦାବରୀଶଂକୁ ଲୁଇସ୍ ସାହେବ ମଂତ୍ରିମଂଡଳରେ ରଖିବାରେ ଅନିଚ୍ଛା ପ୍ରକାଶ କରିଥିଲେ; କିଂତୁ ମୁଁ ମହାରାଜାଂକ ହାତରେ କୁହାଇ ଦେଲି—"ଆପଣ ଏପରି କଲେ ମଂତ୍ରିମଂଡଳ ଗଠିତ ହୋଇ ପାରିବ ନି ।" ତେଣୁ ଲୁଇସ୍ ସାହେବ ବାଧ୍ୟହୋଇ ମଂତ୍ରିମଂଡଳ ଗଢ଼ିଦେଲେ ।

ତାପରେ ଗୋଦାବରୀଶ ୧୯୫୧ ନିର୍ବାଚନରେ ବାଣପୁରରୁ ଆସେଂବ୍ଲିକୁ ନିର୍ବାଚିତ ହେଲେ । ମୁଁ ମଧ୍ୟ ସ୍ୱାଧୀନ 'ଜନସଂଘ' ସଭ୍ୟ ଭାବରେ ଆସେଂବ୍ଲିକୁ ଆସିଲି । କିଂତୁ ସେ ପ୍ରଥମେ 'କୃଷକ' କାଗଜରେ ନିଜକୁ 'ପ୍ରଜା ସୋସାଲିଷ୍ଟ' ଦଳର ନେତା ବୋଲି ପ୍ରଚାର କରାଇଲେ । ମୁଁ ପଚାରିଲି—"ଏ କି କଥା ?" ସେ ହସି ହସି କହିଲେ—"ମୁଁ ଏ ସବୁ କିଛି ଜାଣେ ନାଇ ।"

ମୋତେ କଂଗ୍ରେସ୍‌ରେ ଯୋଗଦେବାକୁ ଜହର୍‌ଲାଲ୍ ଚିଠି ଦେବେ ବୋଲି ନବକୃଷ୍ଣ ଚୌଧୁରୀଂକଠାରୁ ଜାଣି ଗୋଦାବରୀଶଂକୁ ତାଂକ ମତ ପଚାରିଲି । ସେ ମଧ୍ୟ କଂଗ୍ରେସରେ ଯୋଗଦେବେ ବୋଲି କଥା କଲେ । କିଂତୁ ମୁଁ ଯେଉଁଦିନ ଜହରଲାଲ୍‌ଂକଠାରୁ ଚିଠି ପାଇ କଂଗ୍ରେସ୍‌ରେ ଯୋଗଦେଲି, ସେ ଆଉ କଂଗ୍ରେସରେ ଯୋଗ ନ ଦେଇ ଗଣତଂତ୍ର ଦଳରେ ଯୋଗଦେଲେ ।

ତା'ପରେ ଗୋଦାବରୀଶ ଗଣତଂତ୍ର ଦଳର ସଭାପତି ହେଲେ । ମୁଁ କାଗଜରୁ ଏହା ପଢ଼ି ଆଉ କିଛି କହିଲି ନାଇ ।

ତଥାପି କହିରଖେ—ଏ ସବୁ ସତ୍ତ୍ୱେ ଗୋଦାବରୀଶଂକ ସଂଗେ ମୋର ଯେଉଁ ଅଂତରଂଗ ସଂପର୍କ ଥିଲା, ସେଥିରେ କୌଣସି ବାଧା ପଡ଼ି ନ ଥିଲା । ସେ ମରିବାପର୍ଯ୍ୟଂତ ତାଂକ ରୋଗଶଯ୍ୟାପାଖେ ମୁଁ ମଧ୍ୟେ ମଧ୍ୟେ ଯାଇ ବରାବର ଦେଖାଚାହାଁ କରୁଥିଲି । ଯେଉଁମାନେ ଦେଖିଛଂତି ସେମାନେ ସେତେବେଳେ ମୋର ଦୁର୍ବଳତା ଦେଖିଥିବେ । ଗୋଦାବରୀଶ ଗୋଟିଏ ଲୋକ ଯାହାଂକଠୁ ମୁଁ ଆଂତରିକ ସୁଖ ପାଉଥିଲି । ମୁଁ ତାଂକ ପ୍ରତି ଅତି ଆସକ୍ତ ଓ ଅନୁରକ୍ତ ଥିଲି । ସେ ମଧ୍ୟ ମରିବାପୂର୍ବରୁ କୌଣସି କୌଣସି ବଂଧୁଂକୁ କହିଥିଲେ—"ନୀଳକଂଠ ଦାସଂକର ମୋ ପ୍ରତି କରୁଣା ତ ସେହିପରି ଅଛି !"

## ୧୨୫. ବିଶ୍ୱନାଥ ଦାସେ

ଯେତେବେଳେ ଓଡ଼ିଶାରେ ପ୍ରଥମେ ମଂତ୍ରିମଂଡଳ ଗଠିତ ହେଲା ସେ ହେବ ୧୯୩୮ ମସିହା କଥା । ମୁଁ ସେତେବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସର ସଭାପତି ଥିଲି । ମୋର ଉଦ୍ୟମରେ ଓଡ଼ିଶାରେ କଂଗ୍ରେସ ଅଧିକ ସଂଖ୍ୟାରେ ବିଧାନ ସଭାକୁ ନିର୍ବାଚିତ ହେଲା । ୬୦ଟି ଆସନରୁ ୩୬ଟି କଂଗ୍ରେସ ପାଇଲେ । ଏଇ ୩୬ ଜଣ କଂଗ୍ରେସ ସଭ୍ୟଂକ ମଧ୍ୟରୁ ୨୦ଜଣ ମତେ ଦଳର ନେତା ନିର୍ବାଚିତ କରିବାର ଇଚ୍ଛା ପ୍ରକାଶ କରିଥିଲେ । ମୁଁ ନିଜେ ଆସେଂବ୍ଲିକୁ ଠିଆ ହେଲେ, ଅନ୍ୟମାନଂକୁ ନିର୍ବାଚିତ କରାଇବାର ଅସୁବିଧା ହେବ ବୋଲି ମୁଁ ଠିଆ ହୋଇନଥିଲି । ଦଳର ନେତା ନିର୍ବାଚିତ ହୋଇ ମୁଁ କେଂଦ୍ରରୁ ଇସ୍ତଫା ଦେଇ ପ୍ରଦେଶ ଆସେଂବ୍ଲିକୁ ପୁଣି ଠିଆ ହେବା କଥା ହେଲା । ମାତ୍ର ଏଇ ସମୟରେ ନିର୍ବାଚିତ ସଭ୍ୟ-ମାନଂକ ମଧ୍ୟରୁ କେତେଜଣ ଗୋଟିଏ ଚକ୍ରାଂତ ଆରଂଭ କରିଦେଲେ । ସ୍ୱାମୀ ବିଚିତ୍ରାନଂଦଂକୁ ଧରି ଆସେଂବ୍ଲି ଦଳର ଗୋଟିଏ ରୁଲ୍ କମିଟି ହେଲା । ସେଇ କମିଟିରେ ରୁଲ୍ କରିଦିଆଗଲା ଯେ ଆସେଂବ୍ଲି ଦଳ

ବାହାରୁ କେହି ଦଳର ନେତା ହୋଇ ପାରିବେ ନାହିଁ। ସେ ଚକ୍ରାନ୍ତ ଓଡ଼ିଶା ରାଜନୀତିର ଗୋଟିଏ ଅଂଶ; ତେଣୁ ସେ ବିଷୟ ଅଧିକ କହିବା ଦରକାର ନାହିଁ। ୩୭ ଜଣ କଂଗ୍ରେସ ସଭ୍ୟରୁ ୨୧ ଜଣଙ୍କ ସମର୍ଥନ ଥାଇ ମଧ୍ୟ ମୁଁ ନେତା ନିର୍ବାଚିତ ହୋଇ ପାରିଲି ନାହିଁ। ମୋର ସମର୍ଥକମାନେ କେଂ କର୍ତ୍ତବ୍ୟବିମୂଢ଼ ହୋଇ ଏଇ ୨୦ଟି ଭୋଟ ବିଶ୍ୱନାଥ ଦାସଙ୍କୁ ଦେଇଦେଲେ। ସେ ନେତା ହେଲେ; କିନ୍ତୁ ତାଙ୍କ ସହିତ କଥା ହେଲା ଯେ ସେ ସ୍କୁଲ୍ ବଦଳାଇ ମତେ ପ୍ରଧାନ ମନ୍ତ୍ରୀ କରି ଆଣିବେ ଓ ନିଜେ ଜଣେ ମନ୍ତ୍ରୀ ହେବେ। ମାତ୍ର ନିର୍ବାଚିତ ହେଲାପରେ ଏପରି କଥା ତାଙ୍କର ମନେ ରହିଲା ନାହିଁ। ଯେଉଁ ଚକ୍ରାନ୍ତ ଫଳରେ ମୁଁ ପ୍ରଧାନ ମନ୍ତ୍ରୀ ହୋଇ ପାରିଲି ନାହିଁ, ବିଶ୍ୱନାଥ ଦାସ ନିର୍ବାଚିତ ହେବା ପରେ ପରେ, ସେଇ ଚକ୍ରାନ୍ତର ଗୋଟିଏ ଅଂଶ ହୋଇଗଲେ। ମୁଁ ଏକଥା ସେତେବେଳର ପାର୍ଲାମେଂଟାରି କମିଟିର ସଭାପତି ବଲ୍ଲଭଭାଇ ପଟେଲଙ୍କୁ କହିବାରୁ ସେ କହିଲେ, "ତୁମେ କେଡ଼େ ବୋକା। ତୁମେ କଣ ଜାଣି ନ ଥିଲ ଯେ ପ୍ରଦେଶରେ ମନ୍ତ୍ରିତ୍ୱ ନେବା ପାଇଁ ଏ ନିର୍ବାଚନ ହେଉଛି।"

ଖାଲି ସେତିକି ନୁହେଁ ବିଶ୍ୱନାଥ ମନ୍ତ୍ରିମଣ୍ଡଳ ହେବା ପରେ ପରେ ସେ ମନ୍ତ୍ରୀମଣ୍ଡଳର ମୋ ଉପରେ କୋପ ଦୃଷ୍ଟି ପଡ଼ିଲା ଓ ମୋ ଉପରେ ନାନା ନିର୍ଯାତନା ଆରମ୍ଭ ହେଲା। ଅନ୍ୟାନ୍ୟ କଥା ମଧ୍ୟରେ ସେତିକିବେଳେ ଓଡ଼ିଶାର ପୋଲିସ୍ ମନ୍ତ୍ରୀଙ୍କ ଇଙ୍ଗିତରେ ମୋର କେତେକ ଲୋକଙ୍କ ନାମରେ ମିଥ୍ୟାରେ ଏକ **Rioting Case** କରି ମୋ ଲୋକମାନଙ୍କୁ ପୋଲିସ ଷ୍ଟେସନକୁ ଡାକି ପୁଲିସକୁ ଚାଲାଣ କରାଗଲା। ମୋ ଖୁଡ଼ୀଯା ଘରେ ଏହା ଶୁଣିପାରି ପୋଲିସ ଷ୍ଟେସନକୁ ଆସିଲେ। ସେ ପୋଲିସ ଇନସ୍‌ପେକ୍ଟରଙ୍କୁ କହିଲେ—"ମୋଠାରୁ ଖର୍ଚ୍ଚ ନେଇ ଏମାନଙ୍କୁ ଖାଇବାକୁ ଦିଅ ଓ ଜେଲରେ ପଠାଅ।" ସେ କଥା ଶୁଣାଗଲା ନାହିଁ। ୧୯ଟା ଯାକ ଲୋକଙ୍କୁ ଜେଲରେ ଚଲାଇ ପୁଲିସ ପଠାଗଲା। ଆହୁରି ମଧ୍ୟ ଅନେକ ଅତ୍ୟାଚାର ସତ୍ୟବାଦୀରେ କରାଗଲା। ମୁଁ ଦିଲ୍ଲୀରୁ ଆସି ସେତେବେଳର ଜଣେ ପାର୍ଲିଆମେଂଟାରି ସେକ୍ରେଟାରୀଙ୍କୁ ବଡ଼ ଦୁଃଖିତ ହୋଇ ଏହା ଜଣାଇଲି। ସେ ଏ ବିଷୟରେ ବହୁତ ଅନୁସନ୍ଧାନ କରିବେ ବୋଲି କହିଲେ; କିନ୍ତୁ କିଛି କଲେ ନାହିଁ।

ତା'ପରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ଘରକୁ ଡକାଇଲି। ସେ ମୋଠାରୁ ସବୁ ଶୁଣିସାରି କହିଲେ ଯେ, ସେ ନିଜେ ଶ୍ରୀମତୀ ଦାସଙ୍କଠାରୁ ସବୁ ଶୁଣିବାକୁ ଚାହାନ୍ତି। ସେସବୁ ଶୁଣି ଲୁହ ଛଳଛଳ ହୋଇ ଆସି କହିଲେ—"ଓହୋ, ଏ ରାଜ୍ୟରେ ଏତେ **High handed Proceedings** ହେଉଛି।" ସେଥିରେ ମଧ୍ୟ କିଛି ଫଳ ହେଲାନାହିଁ। ଶେଷକୁ ମକଦ୍ଦମା ବିଚାର ବେଳେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଇଁଶବାବୁ କହିଲେ, "ଏଇ **Evidence** ରେ ମୁଁ କପରି ଦଣ୍ଡ ଦେବି ?" ପୁରୀର ରାୟ ବାହାଦୁର ଲୋକନାଥ ମିଶ୍ର ସରକାରୀ ଓକିଲ ଥିଲେ। ସେ ଟିକିଏ ସ୍ୱାଧୀନଚେତା ଲୋକ। ସେ ହସିହସି କହିଲେ—"ଆପଣଙ୍କୁ ଯଦି ଦଣ୍ଡ ଦେବାକୁ କିଛି ପ୍ରମାଣ ମିଳୁନାହିଁ, ଆପଣଙ୍କୁ ଦଣ୍ଡ ଦେବାକୁ କିଏ କହୁଛି ?" ଫଳରେ ମୋର ସମସ୍ତ ଲୋକ ସେ ମକଦ୍ଦମାରୁ ଖଲାସ ପାଇଲେ।

## ୧୨୭. ଉତ୍କଳ ବିଶ୍ୱବିଦ୍ୟାଳୟ

ଆଉ ଗୋଟିଏ କଥା ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। ପ୍ରଥମେ ବ୍ରହ୍ମପୁରଠାରେ ୟୁନିଭରସିଟି କରିବା ପାଇଁ ଗୋଟିଏ ସଭା ହେଲା। ସେଥିରେ ମୋତେ ସଭାପତି କରି ଲୋକେ ଗୋଟିଏ କମିଟି ଗଢ଼ି ଦେଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାର କଥା ହେଲା। ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରିତ୍ୱ ଭିତରେ

କଟକରେ ସେହି ବିଶ୍ୱବିଦ୍ୟାଳୟ ଗଢ଼ିବା ପାଇଁ ପୁଣି ଆଜି ଏକ ସଭା ହେଲା । ସେହି ଯେଉଁ ବିଶ୍ୱବିଦ୍ୟାଳୟ କଟକରେ ବସିବାର ହେଲା ସେଥିପାଇଁ ସେତେବେଳର ଟ୍ରେନିଂ କଲେଜ ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ମହେଶଚଂଦ୍ର ପ୍ରଧାନ ସେକ୍ରେଟାରୀ ମନୋନୀତ ହେଲେ । ମୁଁ ସେଇ ବିଶ୍ୱବିଦ୍ୟାଳୟ ହେବାପାଇଁ ଗୋଟିଏ ରିପୋର୍ଟ ଲେଖିଥିଲି ।

ଏହାପରେ ପାରଳାଖେମଂଡି ମହାରାଜା ମୁଖ୍ୟମଂତ୍ରୀ ହେଲେ । ଗୋଦାବରୀଶ ସେହି ମଂତ୍ରି-ମଂଡଳରେ ଅର୍ଥ ଓ ଶିକ୍ଷା ଦାୟିତ୍ୱ ନେଲେ । ଗୋଦାବରୀଶ ଆସି ସେ ରିପୋର୍ଟଟି ଅତିଶୀଘ୍ର ଲେଖିବାପାଇଁ ମୋତେ ଅନୁରୋଧ କଲେ । ଯେ କୌଣସିମତେ ବିଶ୍ୱବିଦ୍ୟାଳୟ ଆରଂଭ କରିଦେବା ତାଂକର ଇଚ୍ଛା ଥିଲା । ତାଂକ ପାରିବାରିକ ବଂଧୁ ଓଡ଼ିଶାର ଶିକ୍ଷାବିଭାଗ ଡିରେକ୍ଟର ଶ୍ରୀ ଶ୍ୟାମସୁଂଦର ତ୍ରିପାଠୀ ସେତେବେଳେ ତାଂକ ସଂଗେ ଥିଲେ । ସେ ଦୁହେଁ ଅତ୍ୟଂତ ବ୍ୟାକୁଳହୋଇ ମତେ ଅନୁରୋଧ କଲେ । ଅଧ୍ୟାପକ ବିପିନବିହାରୀ ରାୟ ସେହି ବିଶ୍ୱବିଦ୍ୟାଳୟ କମିଟିର ସଭ୍ୟ ଥାଆଂତି । ମୁଁ ତାଂକୁ ଡାକି ଏ ବିଷୟରେ ପରାମର୍ଶ କରି ଯେପରି ବିଶ୍ୱବିଦ୍ୟାଳୟ ବସାଇବା ଅତିଶୀଘ୍ର ସଂଭବ ହେବ ସେହିପରି ରିପୋର୍ଟଟିଏ ଲେଖିଦେଲି । ସେହି ରିପୋର୍ଟ ଅନୁସାରେ ଶ୍ୟାମସୁଂଦର ବାବୁଂକୁ ଧରି ଗୋଦାବରୀଶ ବିଶ୍ୱ-ବିଦ୍ୟାଳୟର ଯୋଜନା ପ୍ରସ୍ତୁତ କଲେ ।

ବିଶ୍ୱବିଦ୍ୟାଳୟ ତ ଆରଂଭ ହୋଇଗଲା । ମୋ ରିପୋର୍ଟ ଆଜି ମିଳିଲା ନି । ପରେ ଅଧ୍ୟାପକ ଡକ୍ଟର ଶ୍ରୀରାମଚଂଦ୍ର ଦାସ କୌଣସି ଘଟଣାରେ ସେଇଟିକୁ ବହୁତ ଖୋଜାଖୋଜି କରିଥିଲେ । କିଂତୁ ସେ ଅଫିସରୁ ଖୋଜି ଖୋଜି ତାର କୌଣସି ସଂଧାନ ପାଇଲେ ନାଇ । ଏବେ ବି ସେ ରିପୋର୍ଟ ନାଇ । ପୁଣି ସ୍ୱର୍ଗତ ଚିଂତାମଣି ଆଚାର୍ଯ୍ୟ କୁଳପତି ଥିଲାବେଳେ ବିଶ୍ୱ-ବିଦ୍ୟାଳୟର କୌଣସି ଗୋଟିଏ ସାମୟିକ ସୋଭେନିଅର୍ ( ସ୍ମୃତିପତ୍ର ) କାଢ଼ିବାପାଇଁ ମୋତେ ପ୍ରବଂଧ ଲେଖିବାକୁ କହିଲେ । ସେତେବେଳେ ମଧ୍ୟ ସେ ରିପୋର୍ଟ ମିଳିଲା ନାଇ । ବିଶ୍ୱବିଦ୍ୟାଳୟର ଆଜି କୌଣସି ଘଟଣାରେ ଏପରି କିଛି କାର୍ଯ୍ୟ ହୋଇନାଇ ଯେଉଁଥିରେ କି ସେ ରିପୋର୍ଟ ଖୋଜା ଯାଇଛି ।

## ୧୬୭. ସ୍ୱର୍ଗତ ଗୋପବଂଧୁ ଚୌଧୁରୀ ଓ ଶ୍ରୀ ଜଗନ୍ନାଥ ରଥେ

ସୁଭାଷବୋଷ୍ ୧୯୩୯ ସେପ୍‌ଟେଂବରରେ ଓଡ଼ିଶାକୁ ବୁଲିବାକୁ ଆସିଥିଲେ । ପ୍ରଦେଶ କଂଗ୍ରେସର ସଭାପତି ଭାବରେ ମୁଁ ତାଂକୁ ହାତୀଉପରେ ଧରି କଟକ ସହର ତମାମ ବୁଲିଥିଲି । ସେ ଯେଉଁଠାରେ ଥିଲେ ମୁଁ ସେଠାରେ ବସା କରି ରହିଲି । ସେ ପ୍ରତ୍ୟେକ କଥା ମୋତେ ପଚାରି କରୁଥିଲେ । ବଂଗଳାରେ ବକ୍ତୃତା ଦେବାପାଇଁ ତାଂକୁ ତାଂକର ବହୁ ସାଂଗ ସାଥୀ ପ୍ରବର୍ତ୍ତାଇଲେ । ମୋତେ ସେ ପଚାରିବାରୁ ମୁଁ କହିଲି—"ଆପଣ ହିଂଦି କିଂବା ଇଂରାଜୀ କିଂବା ଓଡ଼ିଆରେ ବକ୍ତୃତା ଦେବେ । ବଂଗଳାରେ କଦାପି ଓଡ଼ିଶାରେ ବକ୍ତୃତା ହୋଇ ପାରିବ ନାଇ ।" ମୁଁ ତାଂକ ସହିତ ସମଗ୍ର ଓଡ଼ିଶା ପରିକ୍ରମା କରିଥିଲି । ସତ୍ୟବାଦୀର ବିରୋଧ ପକ୍ଷମାନେ ସୁଯୋଗ ଜଂଡ ଶ୍ରୀଯୁକ୍ତ ବଲ୍ଲଭଭାଇଂକ ଆଗରେ ମୋ ବିରୁଦ୍ଧରେ ନାନାକଥା କହି ତାଂକୁ ମୋ ପାଇଁ ବିମନା କରିଦେଇଥିଲେ । ଏହିପରି ବଡ଼ ବଡ଼ ଲୋକଂକୁ ବିମନା କରିବା ବହୁ ଆଗରୁ ସଂଭବତଃ ଗୋପବଂଧୁ ବାବୁଂକ ମୃତ୍ୟୁ ପୂର୍ବରୁ ଆରଂଭ ହୋଇ ଯାଇଥିଲା । ଗୋପବଂଧୁବାବୁ ମରିବା ପରେ ଲାଲା ଲଜପତରାୟ ମଧ୍ୟ ମୋତେ ସିମଲାରେ ଏହିପରି ବହୁତକଥା କହିବାର ମନେଅଛି । ଏହି ସଂବଧରେ କହିହେଁ, ଆମ ସତ୍ୟବାଦୀ ଦଳଂକୁ କୌଣସି କାର୍ଯ୍ୟରେ

ପ୍ରବୃତ୍ତି ନ ଦେବାକୁ ଇଂଚ୍ଛୁକ । ଲୁଣସତ୍ୟାଗ୍ରହ କାଳରେ ଓଡ଼ିଶା ନେତାମାନେ ଗୋପବନ୍ଧୁ ଚୌଧୁରୀଙ୍କୁ ସେଠାକୁ ପଠାଇଦେଲେ । ମୁଁ ସେତେବେଳେ ଦିଲ୍ଲୀରେ କେନ୍ଦ୍ର ଆସେମ୍ବ୍ଲି ମେମ୍ବର ଥାଏ । ସେଠାରୁ ଆସି ଲୁଣ ସତ୍ୟାଗ୍ରହରେ ଯୋଗଦେବି ବୋଲି କଟକ କାଠଯୋଡ଼ିନଈବାଲିରେ ଗୋଟିଏ ବଡ଼ ବକ୍ତୃତା ଦେଇ ଫେରି ଆସିଲା ବେଳକୁ, ମନେଅଛି, ପୁରୀର ଜଗନ୍ନାଥ ରଥେ (ସେ ସତ୍ୟବାଦୀର ଛାତ୍ର) ମୋତେ ଜଂକ୍ସନଠାରେ ଦେଖି କାନ୍ଦ କାନ୍ଦ ହୋଇଗଲେ । ସେ ମୋତେ ଯାହା କହିଲେ, ତାର ସାରମର୍ମ ହେଉଛି, ସେ ନିଜେ ସେକାଳର ଶ୍ରୀଯୁକ୍ତ କୃପାସିନ୍ଧୁ ହୋତାଙ୍କ ପରାମର୍ଶରେ ଶ୍ରୀ ମୋହନ୍‌ଲାଲ୍‌ଙ୍କୁ (ତାଙ୍କୁ ଲାଲାଜପତ୍-ରାୟ ଗୋପବନ୍ଧୁ ବାବୁ ମଲାପରେ ସତ୍ୟବାଦୀକୁ ପଠାଇଥିଲେ । ସେ ପିଲାଦିନୁ ମୋ ସଂଗେ ଦୁର୍ଭିକ୍ଷ କାମ କରିବାରେ ଅଭ୍ୟସ୍ତ ଥିଲେ ଓ ତାଙ୍କ ସହିତ ମୋର ଘୋରବନ୍ଧୁତ୍ୱ ଥିଲା ) ଗୃହବିବାଦ ଗୁଡ଼ିକ ମୋ ବିରୁଦ୍ଧରେ ବୁଝାଇ ତାଙ୍କ ମନକୁ ମୋ ସମ୍ବନ୍ଧରେ ବିଗାଡ଼ି ଦେଇଥିଲେ । ସେଥିପାଇଁ ମୁଁ କେତେଦିନ ଗୋପବନ୍ଧୁ ବାବୁଙ୍କ ମୃତ୍ୟୁ ପରେ 'ସମାଜ'ର ସଂପାଦକ ହୋଇ ତା'ପରେ ଅବହେଳିତ ହୋଇଥିଲି । କାହିଁକି ସେପରି ହୋଇଥିଲି, ତାର କାରଣ ଜଗନ୍ନାଥ ରଥଙ୍କ କଥାରୁ ବୁଝିଲି ।

ଜଗନ୍ନାଥ ରଥଙ୍କ କଥା କହୁଥିଲି । ସେହିଠାରେ ତାଙ୍କ ସହିତ ବିଚାର କରି ଠିକ୍ କଲି ମୁଁ କାକଟ-ପୁରରେ ଜଗନ୍ନାଥ ରଥ ପ୍ରଭୃତିଙ୍କୁ ସାଂଗରେ ଧରି ଏକ ଲବଣ ସତ୍ୟାଗ୍ରହ ଆରମ୍ଭ କରିବି । ସେଥିପାଇଁ ଜଗନ୍ନାଥ ରଥଙ୍କୁ ସାଂଗରେ ଧରି ମୁଁ ପନ୍ଦରଶହ ଟଙ୍କା ଚାନ୍ଦା ଆଣିଲି ଓ ସେଥିରେ କାକଟପୁର ଲୁଣ-ସତ୍ୟାଗ୍ରହ ଚାଲିଲା ।

## ୧୨୮. ସ୍ୱର୍ଗତ ଲିଂଗରାଜ ମିଶ୍ର

ରହିଯାଇଥିଲେ ଲିଂଗରାଜ ମିଶ୍ର । ୧୯୨୧ ସେପ୍‌ଟେମ୍ବର ପରେ ସରକାରୀ ଚାକିରି ଛାଡ଼ି ସେ ସତ୍ୟବାଦୀ ସ୍କୁଲ୍‌କୁ ଶିକ୍ଷକ ଭାବରେ ଆସିଥିଲେ । ସେ ୧୯୩୭ରେ ପ୍ରାଦେଶିକ ବ୍ୟବସ୍ଥାପକ ସଭାକୁ ସଭ୍ୟ ନିର୍ବାଚିତ ହୋଇଥିଲେ; କିନ୍ତୁ ତାଙ୍କୁ ମନ୍ତ୍ରୀ କରିବାକୁ ମହତାବ ରାଜି ହେଲେ ନାହିଁ । ମତେ 'ନବଭାରତ ପ୍ରେସ୍'ରେ ଲିଂଗରାଜ ମିଶ୍ର ଦୁଃଖ କରି ଏକଥା କହିଲେ, ମୁଁ ଗୋଟିଏ ପରାମର୍ଶ ଦେଲି । କହିଲି—"ତୁ ଯାଇ ମହତାବଙ୍କୁ କହ ମୁଁ ମେମ୍ବର ପଦରୁ ଇସ୍ତଫା ଦେଉଛି । ମୁଁ ତୋତେ ମେମ୍ବର ପଦରେ ପୁଣି ସ୍ୱାଧୀନଭାବରେ ନିର୍ବାଚିତ କରାଇ ଦେବି । କିଛି ଚିନ୍ତା କର ନା ।" ତା'ପରେ ସେ 'ଶିକ୍ଷା ଓ ସ୍ୱାସ୍ଥ୍ୟ'ରେ ମନ୍ତ୍ରୀ ହେଲେ । ସ୍ୱାଧୀନଭାବରେ ପୁଣି ଭୋଟ୍ ଲଢ଼େଇ କରିବାକୁ ତାଙ୍କୁ ଆଉ ପଡ଼ି ନ ଥିଲା ।

ଏହି ସମୟରେ ସତ୍ୟବାଦୀରେ ଗୋଟିଏ ବଡ଼ ଡାକ୍ତରଖାନା କରିବାପାଇଁ ମୁଁ ଥରେ ରଣପୁର ରାଣୀଙ୍କୁ ଡାକି ଗୋପବନ୍ଧୁବାବୁଙ୍କ ଶ୍ମଶାନଭୂଇଁରେ ଗୋଟିଏ ବଡ଼ ଜନସଭା କଲି । ଏ ସଭାରେ ରାଣୀଙ୍କୁ ମୋ ନିଜ ବକ୍ତୃତାରେ ଏପରି ପ୍ରୀତ କରିଥିଲି ଯେ ସେ ସଂଗେ ସଂଗେ ସତ୍ୟବାଦୀ ଡାକ୍ତରଖାନାକୁ ବଡ଼ କରିବାପାଇଁ ଅଢ଼େଇଲକ୍ଷ ଟଙ୍କା ମଞ୍ଜୁର କରିଦେଲେ । ଲିଂଗରାଜ ମିଶ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଥିବାରୁ ଏହି ମଞ୍ଜୁରୀରେ ମୋ ପାଖେ ବଡ଼ ପ୍ରୀତିଲାଭ କରିଥିଲେ ।

ମୁଁ କିନ୍ତୁ ସେତେବେଳେ କଂଗ୍ରେସରେ ନ ଥିଲି । ସତ୍ୟବାଦୀରୁ ପଣ୍ଡିତ ଲିଂଗରାଜ ଆସେମ୍ବ୍ଲିକୁ ନିର୍ବାଚିତ ହୋଇ ଆସିଥିଲେ ଓ ମନ୍ତ୍ରୀ ହୋଇଥିଲେ । ମୁଁ ସ୍ୱାଧୀନ ଭାବରେ ସେଇଠାରୁ ଠିଆହେବାର କଥା । ମୋ ଠିଆ ହେବା କଥା ଶୁଣି ଲିଂଗରାଜ

ବାବୁଙ୍କର କେତେ ସମର୍ଥକ ମୋ ବିରୁଦ୍ଧରେ ଗୋଟିଏ କଂଗ୍ରେସଦଳ ଗଢ଼ିବାର ଉଦ୍ୟମ କଲେ । ମୁଁ ପୂର୍ବରୁ ସତ୍ୟବାଦୀ ସ୍କୁଲ ପରିଚାଳନା କମିଟିର ସଭାପତି ଥିଲି । ସେଇ ଉଦ୍ୟମ ଫଳରେ ମୋ ଅଜ୍ଞାତରେ ମୁଁ ସଭାପତି ପଦରୁ କଟିଯାଇ ଶ୍ରୀଯୁକ୍ତ ହରିହର ମହାପାତ୍ର ସେଥିରେ ସଭାପତି ହେଲେ । ପରେ ଲିଂଗରାଜବାବୁ ସେ ପଦକୁ ଗଲେ । ଏ ସବୁ ସତ୍ତ୍ୱେ ନିର୍ବାଚନ ବେଳକୁ ଲିଂଗରାଜ ବାବୁ ଅଉ ରାଜ୍ୟ ବିଧାନ ସଭାକୁ ସତ୍ୟବାଦୀରୁ ଠିଆ ହେଲେ ନାଇ । ସେ ଖୋର୍ଧାରୁ ପାର୍ଲାମେଂଟକୁ ପ୍ରାର୍ଥୀ ହେଲେ । ମୁଁ ସତ୍ୟବାଦୀରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧରେ ୧୯୫୧ ନିର୍ବାଚନରେ ଠିଆ ହେଲି । କଂଗ୍ରେସ ବିରୁଦ୍ଧରେ ସ୍ୱାଧୀନ ସଭ୍ୟଭାବରେ ଠିଆ ହେବା ଯେ କି କଷ୍ଟ, ତା କହିବା ଦରକାର ନାଇ । ମଟର-ଗାଡ଼ି ମୋର ନ ଥିଲା । ଗୋଟିଏ ବଳଦଗାଡ଼ିରେ ମତେ ଗାଁ ଗାଁ ବୁଲିବାକୁ ପଡ଼ିଥିଲା । ମାତ୍ର ସତ୍ୟବାଦୀର ଲୋକେ ସେ ନିର୍ବାଚନରେ ମୋ ପାଇଁ ଯାହା କରିଥିଲେ ତା ଭୁଲି ହେବ ନାଇ । ନିଜ ହାତରୁ ଖାଇ ଓ ନିଜ ଖର୍ଚ୍ଚରେ ଯାଇ ସତ୍ୟବାଦୀର ସବୁ ଶ୍ରେଣୀର ଲୋକେ ମୋପାଇଁ ପ୍ରଚାର ଚଳାଇଥିଲେ । ସେ ନିର୍ବାଚନରେ ମୁଁ ଜିଣିଲି । ତା ପର ୧୯୫୭ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ମୁଁ ଅପ୍ରତିଦ୍ୱନ୍ଦ୍ୱୀ ସଭ୍ୟଭାବରେ ନିର୍ବାଚିତ ହେଲି ।

## ୧୨୯. ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ

ଗୋପବନ୍ଧୁଦାସଙ୍କ ମୃତ୍ୟୁପରେ ପଣ୍ଡିତ କୃପାସିନ୍ଧୁ ହୋତାଙ୍କୁ ଆଣି ମହତାବ ଓଡ଼ିଶା ଶାଖା କଂଗ୍ରେସ ସଭାପତି ହେବାକୁ ବସିଲେ । ଖୁବ୍ କମ୍ ଲୋକଙ୍କ ଉପସ୍ଥିତିରେ ମହତାବ ମଧ୍ୟ ସଭାପତି ନିର୍ବାଚିତ ହୋଇଗଲେ । ସଂଭବତଃ ୧୯୩୧ ମସିହା କଥା । ମହତାବ ଏହି ସମୟରେ ବା ଏହାର ଅବ୍ୟବହିତ ପରେ 'ଦଶବର୍ଷର ଓଡ଼ିଶା' ନାମରେ ଖଣ୍ଡେ ବହି ଛପେଇ ଦେଲେ । 'ପୁରୀ କଂଗ୍ରେସ କମିଟି' ପାଇଁ ମୁଁ ଅଭ୍ୟର୍ଥନା ସମିତିର ସଭାପତି ନିର୍ବାଚିତ ହୋଇଥିବା କଥା ଆଗରୁ କହିଛି । ପୁରୀ କଂଗ୍ରେସ କମିଟି ତ ବେଆଇନ୍ ଘୋଷଣା ହେଲା । ରାଜେନ୍ଦ୍ରପ୍ରସାଦ ଜୋନାଲ୍ହେଡ୍ ଥାଇ ସିଂହଭୂମ ଓ ସରେଇ-କଳାର ମିଶ୍ରଣ ନେଇ ଯେଉଁ କମିଟି ଗଠିତ ହୋଇଥିଲା, ସେ କମିଟିରେ ମୁଁ ମୋର ମେମୋରାଣ୍ଡମ ଦେଇ ମଧ୍ୟ ଠିକ୍ ସମୟରେ ସାକ୍ଷ୍ୟ ଦେଇ ପାରିଲି ନି । କାରଣ ପ୍ରଦେଶ କଂଗ୍ରେସ କମିଟି ବସି ପାରିଲା ନି ।

୧୯୭୭ ରେ ମୁଁ ଦିଲ୍ଲୀ ଲୋକସଭାପାଇଁ ପ୍ରାର୍ଥୀ ହେବାକୁ ସ୍ଥିର କରି ମୋର ପ୍ରାର୍ଥିପତ୍ର ଆବଶ୍ୟକ ଅମାନତ ସହିତ ପଠାଇଦେଲି । ଏ ସମ୍ବନ୍ଧରେ ମହତାବ ମୋ ପାଖକୁ ଯେଉଁ ପତ୍ରଟିଏ ଲେଖିଥିଲେ, ତାହା ପୂର୍ବରୁ କୁହାଯାଇଛି ।

ଘଟଣାଟା ବୁଝିବାକୁ ମୋତେ ବାକି ରହିଲା ନି । ରାଜନୀତିକୁ କୂଟନୀତି ବୋଲି ଅନେକେ କହିଥାନ୍ତି । ଛଳନା, କପଟତା, ଯେ ଏଥିରେ ନ ମିଳେ-ତା' ନୁହେ । ବିଶ୍ୱାସ ହୋଇ ଧୈର୍ଯ୍ୟର ସହିତ ଧାଇଁବା ଲୋକ ଅଳଗାଧାଡ଼ିରେ ଗଡ଼ା । ମୁଁ ତେଣୁ ହିକ୍‌ଦାର୍ ହୋଇ ସେଥର ଆଉ କୌଣସି ଆସେମ୍ବ୍ଲିକୁ ଠିଆ ହେଲି ନି । ମୋ ପ୍ରତି ମୋର ଯଥେଷ୍ଟ ଆସ୍ଥା ଓ ମୋର ପ୍ରିୟ ଦେଶବାସୀଙ୍କ ପ୍ରତି ଗଭୀର ବିଶ୍ୱାସ ଥିଲା । ମୁଁ ଠିଆହୋଇଥିଲେ ଭୋଟ୍‌ରେ ସହଜେ ହାରନ୍ତି ନଥାନ୍ତି । ତଥାପି କୌଣସି କୌଶଳକୁ ସାମ୍ନାକରି ନିଜକୁ ପ୍ରତିଦ୍ୱନ୍ଦ୍ୱୀ କରେଇବାର ଆଗ୍ରହ ମୋର ମରିଗଲା । ମୁଁ ଚୁପ୍ ରହିଲି ।

## ୧୩୦. ସ୍ୱର୍ଗତ ରାଜେନ୍ଦ୍ର ବାବୁ

ବିଶ୍ୱନାଥ ଦାସ୍ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ପରେ ଆମେମାନେ ଦିଲ୍ଲୀ **All India Congress Committee** କୁ ଯାଇଥିଲୁ । ବିଶ୍ୱନାଥ ଦାସଙ୍କ



ଶ୍ରୀମତୀ ଋଧାମଣୀ ଦେବୀ

ସଂଗେ ଆଗରୁ କଥା ଥିଲା, ସେ ମୁଖ୍ୟମନ୍ତ୍ରୀ ପାଇଁ ନିର୍ବାଚିତ ହୋଇଗଲେ, ପରେ ସେ ସ୍ଥାନଟି ଛାଡ଼ିଦେବେ ଓ ମୁଁ ପ୍ରାର୍ଥୀ ହେବି । ମୁଁ ଦିଲ୍ଲୀରେ ରାଜେନ୍ଦ୍ର ପ୍ରସାଦ ଓ ଜବାହରଲାଲଙ୍କ ସଂଗେ ଏହି ପ୍ରସ୍ତାବ କରି ବିଶ୍ୱନାଥ ଦାସଙ୍କୁ ଛାଡ଼ିବାକୁ ଅନୁମତି ଦିଅନ୍ତୁ ବୋଲି ଅନୁରୋଧ କଲି । ସେଠାରେ ଓଡ଼ିଶାର ଅନ୍ୟାନ୍ୟ ମୁଖ୍ୟମାନେ ମଧ୍ୟ ଥିଲେ; କିନ୍ତୁ କାର୍ଯ୍ୟ ଗତିରେ ରାଜେନ୍ଦ୍ର ପ୍ରସାଦ ଓ ଜବାହରଲାଲ ନେହେରୁଙ୍କର ଏ ପ୍ରସଂଗରେ ଯେଉଁ ବ୍ୟବହାର ଦେଖିଲି, ତାହା ଏବେ ମଧ୍ୟ ମୋର ମନେଅଛି । ସେହିଦିନଠାରୁ ମଧ୍ୟ ମୁଁ ଘରୋଇ ବାହାରରେ ଆଉ ରାଜନୀତିରେ ସଂପର୍କ ରଖିବାକୁ ବରାବର ବିମୁଖ ହେଲି ।

ତା'ପରେ ୧୯୪୧ ବେଳକୁ ମାନବେନ୍ଦ୍ର ନାଥ ରାୟ କଟକ ଆସିଥିଲେ । ତାଙ୍କ ଆସିବାପାଇଁ ଯେଉଁ ସଭା ହୋଇଥିଲା ସେଥିରେ ମୁଁ ସଭାପତି ହୋଇଥିଲି । ଏମ୍. ଏନ୍. ରାୟ ସେତେବେଳକୁ ଗାନ୍ଧି ମତର କେତେକ ବିରୋଧ କରୁଥିଲେ । ମୁଁ ସଭାପତି ହୋଇଥିବା କଥା ଦିଲ୍ଲୀକୁ ରିପୋର୍ଟ ହେଲା । ସେତେବେଳର କଂଗ୍ରେସ ସେକ୍ରେଟାରୀ ଆଚାର୍ଯ୍ୟ କୃପାଳନୀ ଏହି ବିଷୟ ନେଇ ମୋତେ କଂଗ୍ରେସରୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ଦେଲେ; କିନ୍ତୁ ଏ ପ୍ରସ୍ତାବ ସଭାରେ ପକାଇବାପାଇଁ ରାଜେନ୍ଦ୍ରପ୍ରସାଦ ଖୁବ୍ ଆପତ୍ତି କରି ପକାଇ ଦେଇ ନ ଥିଲେ । ଏହା ମଧ୍ୟ ମୋର ମନେଅଛି ।

ତାପରେ ୧୯୫୪-୫୫ ବେଳକୁ ରାଜେନ୍ଦ୍ରପ୍ରସାଦ ଭୁବନେଶ୍ୱର ଆସିଥିଲେ । ସେତେବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ଅନ୍ୟାନ୍ୟ ଅଭିନନ୍ଦନ ପତ୍ର ତାଙ୍କୁ ଦିଆଯାଇଥିଲା । ମୁଁ ନିଜେ ନିଜେ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀର ଅଭିନନ୍ଦନ ପତ୍ର ପଢ଼ିଥିଲି । ସେତିକିବେଳେ ମୋର ବହୁମୂତ୍ର ରୋଗରେ କେତେଗୁଡ଼ିଏ ଘା' ହୋଇଥିଲା । ଡାକ୍ତରମାନଙ୍କ ପରାମର୍ଶ କ୍ରମେ ମୁଁ ଆଉ ରାଜେନ୍ଦ୍ରପ୍ରସାଦଙ୍କ ବସାକୁ ଯାଇ ପାରିବି ନାଇ ବୋଲି ତାଙ୍କୁ କହିଲି; କିନ୍ତୁ ବଡ଼ ବ୍ୟାକୁଳ ହୋଇ ସେ କହିଲେ—"ଆପଣଙ୍କର ଆସିବା ଦରକାର ନାଇ, ମୁଁ ଯିବି ।" ସେହି ଅନୁକ୍ରମରେ ସେ ମୋ ବସାକୁ ଆସି ଘଂଟାଏ କାଳ ରହିଥିଲେ । ସେ ଦିନର ଆଳାପରେ ତାଙ୍କର ହୃଦ୍ୟତା ମୁଁ ଭୁଲି ପାରିବି ନାଇ । ଆଜି ରାଜେନ୍ଦ୍ର-ବାବୁ ନାହାଁନ୍ତି । ଏହିଭଳି ଅନେକ ଘଟଣା ମୋର ଆଂଶିକ ଓ ପୂର୍ଣ୍ଣ ଭାବରେ ତାଙ୍କ ସଂବଂଧରେ ମନେ ପଡୁଛି; ଆଉ ସେ କଥା କହିବା ଦରକାର ନାଇ । ତାଙ୍କ ପରି ସୁହୃଦ୍ ବଡ଼ ଅଳ୍ପ ମିଳନ୍ତି ।

## ୧୩୧. ଶ୍ରୀମତୀ ରାଧାମଣି ଦେବୀ

ମୋର ପତ୍ନୀ ଶ୍ରୀମତୀ ରାଧାମଣି ଦେବୀଙ୍କ କଥା ଏଠାରେ ଟିକିଏ ସୂଚାଇ ଦେବା ଉଚିତ । ନନାଙ୍କର କାଳ ହେଲା ୧୯୨୮ ମସିହା ଅକ୍ଟୋବର ମାସରେ, ଗୋପବନ୍ଧୁବାବୁଙ୍କ ତିରୋଧାନର କିଛିଦିନ ପରେ । ନନାଙ୍କୁ ସେତେବେଳକୁ ବୟସ ହୋଇଥିଲା ୮୯ । ସେତେବେଳପର୍ଯ୍ୟନ୍ତ ରାଧାମଣି ତାଙ୍କ ସେବାରେ ଅତ୍ୟନ୍ତ ନିବିଷ୍ଟ ଥିଲେ । ତାଙ୍କପରେ ୧୯୬୧ ରେ ମୁଁ ପ୍ରସ୍ତାବିତ କଂଗ୍ରେସ ବୈଠକର ଅଭ୍ୟର୍ଥନା ସମିତିର ସଭାପତି ହେବାର ଠିକ୍ ପରେ ସସ୍ତ୍ରୀକ ଗୟାଶ୍ରାଦ୍ଧ କରିବାକୁ ଗଲି । ସେଠାରେ ପୂଜାରେ ପନ୍ଦରଦିନ ମୁଁ ପତ୍ନୀଙ୍କ ସହିତ ଅତି ନିଷ୍ଠାରେ ଗୟାର ସମସ୍ତ କ୍ଷେତ୍ରରେ ଶ୍ରାଦ୍ଧ କରିଛି । କାରଣ ନନାଙ୍କର ସେଥିରେ ବିଶ୍ୱାସ ଥିଲା ।

ତା'ପରେ ମୋର ଯାହା ରାଜନୀତିରେ କାର୍ଯ୍ୟ ସେଥିରେ ସେହିକାଳରୁ ମୋର ପତ୍ନୀ ମଧ୍ୟ ଅତି ନିଷ୍ଠା ସହିତ କାର୍ଯ୍ୟ କରିଚନ୍ତି । ଏବେ ସେ ସତ୍ୟବାଦୀର

ନାଗମଂଗଳ ସମିତିର ବରାବର ସଭାପତି ରହି ଆସିଚନ୍ତି । ତା' ଛଡ଼ା ସତ୍ୟବାଦୀର ବାଳିକାସ୍କୁଲର ମଧ୍ୟ ସଭାପତି ଅଛନ୍ତି । ସେ ବାଳିକାସ୍କୁଲଟି ଏବେ ଉଚ୍ଚ ଇଂରାଜୀ ବିଦ୍ୟାଳୟ (High School) ହେବାକୁ ଯାଉଚି ।

ସେ ୧୯୩୧ରେ ଜେଲ୍ ଯାଇଥିଲେ । ତା ପୂର୍ବରୁ ଓ ପରେ ସେ ବରାବର ଲୋକଙ୍କ ପାଇଁ କାମ କରି ଆସୁଚନ୍ତି ।

## ୧୩୨. ଓଡ଼ିଶା ବିଧାନସଭା ଓ ତହିଁରେ ମୋର ସ୍ଥାନ

୧୯୫୧ରେ ଭାରତ ସାରା ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନ ଆରମ୍ଭ ହେଲା । ମୁଁ 'ସ୍ୱାଧୀନ ଜନସଂଘ' ନାମରେ ଏକ ଦଳ ଗଠନକରି ପ୍ରାର୍ଥୀ ଭାବରେ ଓଡ଼ିଶା ବିଧାନ ସଭାକୁ ଠିଆ ହେଲି । କଂଗ୍ରେସ ପ୍ରାର୍ଥୀ ମୋ ବିରୁଦ୍ଧରେ ଠିଆ ହୋଇ ବହୁସଂଖ୍ୟକ ଅଧିକ ଭୋଟ୍‌ରେ ପରାସ୍ତ ହେଲେ । ମତେ ଜିତେଇବା ପାଇଁ ସତ୍ୟବାଦୀ ଲୋକମାନଙ୍କର ବିପୁଳ ଆଗ୍ରହ ଓ ଉତ୍ସାହ କଥା କହିଚି । ଗୋଦାବରୀଶଙ୍କ ପାଇଁ ବାଣପୁରରେ ବୁଲି ବୁଲି ନିର୍ବାଚନ ପ୍ରଚାର କରୁଥିଲି । ସେ ମଧ୍ୟ ଅଧିକ ଭୋଟ୍‌ରେ ଓଡ଼ିଶା ବିଧାନ ସଭାକୁ ଆସିଲେ । ପରେ ମୁଁ କଂଗ୍ରେସରେ ଓ ସେ ଗଣତନ୍ତ୍ରରେ ଯୋଗ ଦେଲୁ । ସେ କଥା ପୂର୍ବରୁ କହିଚି ।

୧୯୫୭ର ଦ୍ୱିତୀୟ ସାଧାରଣ ନିର୍ବାଚନରେ ମୁଁ କଂଗ୍ରେସ ତରଫରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ପୁଣି ବିଧାନ ସଭାକୁ ଆସିଲି । ମହତାବଙ୍କ ଅନୁରୋଧ କ୍ରମେ କଂଗ୍ରେସ ସଭ୍ୟମାନଙ୍କ ଅନୁମୋଦନ ପାଇ ଏଥର ମୁଁ ବିଧାନସଭାର ଅଧ୍ୟକ୍ଷ (ବାଚସ୍ପତି) ନିର୍ବାଚିତ ହେଲି । ମୁଁ ଆସିଲାବେଳକୁ ଦେଖିଲି ବିଧାନସଭାର କୌଣସି ସ୍ୱାତନ୍ତ୍ର୍ୟ ନାଇଁ; କିନ୍ତୁ ଆଇନ୍ ଅନୁସାରେ ତାହା ହେବାର କଥା । ମୁଁ ଏ ସମ୍ବନ୍ଧରେ ଯାହା କରିଥିଲି ତାହା ପ୍ରକାଶିତ ହୋଇ ପ୍ରଚାରିତ ହୋଇଥିଲା ।

ମହତାବଙ୍କ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯିବାପରେ ଓଡ଼ିଶାରେ ଛ' ମାସପାଇଁ ରାଷ୍ଟ୍ରପତି ଶାସନ ଆଇନତଃ ଜାରିହେଲା । ସେହି ସମୟ ଭିତରେ (୧୯୬୦ ମସିହାର ଶେଷ ଭାଗ) ମୁଁ ବାଚସ୍ପତି ରହିବାର କଥା; କିନ୍ତୁ ଓଡ଼ିଶା ସରକାର ଏ ବିଷୟରେ ଭିନ୍ନ ମତ ଦେବାରୁ ମୁଁ ଭାରତ-ସମ୍ବିଧାନର ୧୭୯ ଧାରା ଦ୍ୱିତୀୟ ଉପଧାରା ଅନୁଯାୟୀ ରାଜ୍ୟପାଳ ସୁକ୍‌ଥଙ୍କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲି । ଏହାର ଅବ୍ୟବହିତ ପୂର୍ବରୁ କେରଳ ଓ ପଞ୍ଜାବର ମନ୍ତ୍ରିମଣ୍ଡଳ ମଧ୍ୟ ଭାଙ୍ଗିଯାଇଥିଲା ଓ ସେଠାରେ ବାଚସ୍ପତିମାନେ ନୂତନ ମନ୍ତ୍ରିମଣ୍ଡଳ ଗଠିତ ହେବା ପର୍ଯ୍ୟନ୍ତ ଆଉ କାର୍ଯ୍ୟରେ ନ ରହିବା କଥା ସ୍ଥିର ହୋଇଥିଲା । ଫଳରେ ମୁଁ ଓଡ଼ିଶା ସରକାରଙ୍କ ବାଚସ୍ପତିଗୃହ ଛାଡ଼ିଲି; କିନ୍ତୁ ପରେ କେନ୍ଦ୍ରସରକାର ସିଦ୍ଧାନ୍ତ କରିବାରୁ ଏହି କାଳରେ ବାଚସ୍ପତି କାର୍ଯ୍ୟରେ ରହିବା କାଏମ ହେଲା । *

## ୧୩୩. ବହୁ ମାନ ଓ ଉପାଧି ଲାଭ

୧୯୫୫ ମସିହାରେ ଉତ୍କଳବିଶ୍ୱବିଦ୍ୟାଳୟର ସିନେଟ ବୈଠକରେ ମୁଁ ଉପାଚାର୍ଯ୍ୟ (Pro-Chancellor) ରୂପେ ନିର୍ବାଚିତ ହୋଇଗଲି । ସେହିବର୍ଷ ସମାବର୍ତ୍ତନ ଉତ୍ସବରେ ମତେ ଓ ଗୋଦାବରୀଶଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନ-ସୂଚକ ଡକ୍‌ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା । ସେବର୍ଷ ଶ୍ରୀ କୃଷ୍ଣମେନନ୍ ସମାବର୍ତ୍ତନ ଉତ୍ସବରେ

---

[ମୁଁ ଏଇ ସମ୍ବନ୍ଧରେ ଭାରତ ସରକାରଙ୍କ ସହିତ ଯେଉଁସବୁ ଚିଠି ଆଦାନ ପ୍ରଦାନ କରିଥିଲି ତାହା କଲିକତାର 'Statesman' ଓ ମାନ୍ଦ୍ରାସର 'Hindu' କାଗଜରେ ବାହାରି ଥିଲା ]

ଫକ୍ଷାଂତ ଭାଷଣଦେବାକୁ ନିମଂତ୍ରିତ ହୋଇ ଆସିଥିଲେ । ତାଂକ ବକ୍ତୃତାରେ ସେ ଉପସ୍ଥିତ ଜନତାକୁ ଅତି ମୁଗ୍ଧ କରି ଦେଇଥିବା କଥା ମନେ ହେଉଛି ।

ଏହାପରେ ୧୯୫୭ ମସିହାରେ ଭାରତ ସରକାରଂକ ତରଫରୁ ମୁଁ ପଦ୍ମଭୂଷଣ ଉପାଧି ପାଇବା ସ୍ଥିର ହେଲା । ରାଷ୍ଟ୍ରପତି ରାଜେଂଦ୍ରପ୍ରସାଦ ମୋତେ ଏହି ଉପାଧି ପ୍ରଦାନ କରି ଅତି ଆନଂଦରେ ପୂର୍ବ ସ୍ମୃତି ମନେ ପକେଇଥିଲେ ।

## ୧୩୪. ଶ୍ରୀ ବିଜୟାନଂଦ ପଟ୍ଟନାୟକ

ତା’ପରେ ୧୯୭୧ ସାଧାରଣ ନିର୍ବାଚନ କଥା । ଭବିଷ୍ୟ ନିର୍ବାଚନ ୧୯୭୨ରେ ଆସିବା ପୂର୍ବରୁ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ତ କେରଳ ପରି ଓଡ଼ିଶାରେ ସୁରୁ ହୋଇଗଲା । କଂଗ୍ରେସ ଗଣତଂତ୍ର ମିଳିତମଂତ୍ରିମଂଡଳର ଫଟାଫଟି ପରେ ଓଡ଼ିଶାରେ ଛ’ ମାସ ରାଜ୍ୟପାଳଂକ ଶାସନ ଚାଲିଲା । ତାପରେ ୧୯୭୧ ମେ ମାସରେ ପୁଣି ପ୍ରଦେଶ ବ୍ୟାପୀ ସାଧାରଣ ନିର୍ବାଚନ ଆରଂଭ ହୋଇଗଲା । ଏ ନିର୍ବାଚନରେ କିଂତୁ ପୂର୍ବତନ କଂଗ୍ରେସ ମୁଖ୍ୟମଂତ୍ରୀ ମହତାବ ନେତୃତ୍ୱ ନେଲେ ନି । ତାଂକ ସ୍ଥାନରେ ନେତୃତ୍ୱ ନେଲେ ଶ୍ରୀ ବିଜୟାନଂଦ ପଟ୍ଟନାୟକ । ଓଡ଼ିଶାର ସାଧାରଣ ନାଗରିକ ମନରେ ଏହି ଅଦଳବଦଳ ପାଇଁ କେତେ ଆଶା ଓ ଆଶଂକା ଯୁଗପତ୍ ଦେଖାଗଲା । ମହତାବ ଭୁବନେଶ୍ୱରରେ ଥାଇ ହୁଏତ ଅଭିମାନରେ ନିର୍ବାଚନରୁ ଦୂରେଇ ରହିଲେ । କଂଗ୍ରେସ ଏକେ ସଂଖ୍ୟା ଗରିଷ୍ଠ ଦଳରୂପେ ବିଜୟ ହାସଲ କରି ପାରିବ ବୋଲି ତାଂକର ପ୍ରଥମେ ବିଶ୍ୱାସ ପାଉ ନ ଥିଲା । ଯାହାହେଉ ଓଡ଼ିଶାର ରାଜନୈତିକ ଆକାଶରେ ଏଇ ଯେଉଁ ଅଦଳବଦଳ ଚାଲିଲା; ଏଇ ଯେଉଁ ମୁହିଁ ଫଟାଫଟି, ମାନ ଅଭିମାନ ଓ ଛକାପଂଝା ଚାଲିଲା ସେଥିରେ ସାଧାରଣ ଦେଶବାସୀଂକ ବିସ୍ମୟର ସୀମା ରହିଲା ନି ।

ଏଥର ପ୍ରଦେଶ କଂଗ୍ରେସ କମିଟି ତରଫରୁ ଗୋଟିଏ ଗୋଟିଏ ମଂଡଳ କଂଗ୍ରେସ କମିଟି କେତେକ ଅଂଚଳକୁ ନେଇ ଗଢ଼ା ଯାଇଥିଲା । ମୁଁ ନିର୍ବାଚନରେ ପ୍ରତିଦ୍ୱଂଦ୍ୱିତା କରିବାକୁ ମଂଡଳ କଂଗ୍ରେସ କମିଟି-ମାନଙ୍କର ସୁପାରିଶ ପାଇଥିଲି । ଲୋକମାନଂକର ମଧ୍ୟ ମୋତେ ଜିତେଇବା ପାଇଁ ପୁଣି ଆଗ୍ରହ ଥିଲା; କିଂତୁ ଏଥର କଂଗ୍ରେସ ନେତା ବିଜୁବାବୁ କେଜାଣି କାହିଁକି ମୋ ପ୍ରସ୍ତାବ ବି ଉଠେଇଲେ ନାଇ । ମୁଁ କାଟ ଖାଇଗଲି । କେଂଦ୍ର କଂଗ୍ରେସ କମିଟିରୁ ଯେଉଁ ନିର୍ବାଚନ ତଦଂତ ଆସିଥିଲା ସେଥିରେ ମୋ ଦରଖାସ୍ତର କୌଣସି ଆଲୋଚନା ନ ହୋଇଥିବା ଶୁଣିଲି । ଏ ବୃଦ୍ଧ ବୟସରେ ସ୍ୱାଧୀନ ଭାରତର ନାଗରିକ ହିସାବରେ ମୋର ଦାବୀ ସାବ୍ୟସ୍ତ କରିବାକୁ ମୋର ଶକ୍ତି ନାଇ । ଉତ୍ସାହ ବି କମେ ଊଣା ପଡ଼ୁଛି; ତେଣୁ ଏ ସବୁ ଅବିଚାରକୁ ନୀରବରେ ସହି ଚୁପ୍ ରହିବା ସାର ହେଲା । ଗତ ନିର୍ବାଚନରେ ମୁଁ ଅପ୍ରତିଦ୍ୱଂଦ୍ୱୀ ( Uncontested ) ହୋଇ ନିର୍ବାଚିତ ହୋଇଥିବା ସ୍ଥଳେ ଏ ନିର୍ବାଚନରେ ମୋର ପ୍ରାର୍ଥୀପତ୍ର କାହିଁକି ଓ କିପରି ନାକଚ ହେଲା—ମୁଁ ଭାବି ପାରୁନି । ବୃଦ୍ଧ ହେଲେ ଅବାଂଛିତ ହୋଇପଡ଼ିବା ଦୁନିଆର ନୀତି । ପିଲାବେଳେ ହାଡ଼ା ବଳଦର ଆତ୍ମକାହାଣୀ ଲେଖିଲା ବେଳେ ମାଷ୍ଟରଂକ ଠାରୁ ଶୁଣି କିଂବା ଅନୁମାନରେ ଉଦ୍ଭାବନ କରି ବଳଦର ଅଂତିମଜୀବନର ଅସହାୟତା ବିଷୟରେ ଲେଖିବାକୁ ହେଉଥିଲା । ବର୍ତ୍ତମାନ ରାଜନୀତିରେ ହୁଏତ ମୁଁ ସେଇପରି ଅନାବଶ୍ୟକ ହୋଇପଡ଼ିଥିବା ଯୁବକ ନେତାମାନେ ଅନୁଭବ କଲେ ତେବେ ଏ ସବୁ ଭାବିବାକୁ ଆଉ ଅବସର ନାଇ । ବେଳ ଆଖର ହେଲାଣି ।

# ପରିଶିଷ୍ଟ

( ଆତ୍ମଜୀବନୀ )

## ୧
## ନଶୁଆ ନୀଳକଣ୍ଠ ଦାସ

ମୋର ଜୀବନରେ ସମାଜ ସଂସ୍କାରର ପ୍ରଥମ ପର୍ବ 'ନଶ' ନାମରେ ଖୁବ୍‌ଆଡ଼େ ବ୍ୟାପ୍ତ ହୋଇଥିଲା । ସେଥିରେ ନଶ ଶବ୍ଦର ବ୍ୟୁତ୍ପତ୍ତିକ ଅର୍ଥ ସଙ୍ଗେ ତାର ବିଶେଷ କିଛି ସମ୍ପର୍କ ନଥିଲା । ତା' କିପରି ହେଲା କହିଦେବା ଦରକାର । ପୁରୀର ସେକାଳ ହେଡ଼ପଣ୍ଡିତ ପଣ୍ଡିତ ସଦାଶିବ ମିଶ୍ର ମହାମହୋପାଧ୍ୟାୟ ଆମକୁ ସବୁ ସମୟରେ ବଡ଼ ସୁଖ ପାଉଥିଲେ । ବିଶେଷରେ ବ୍ରାହ୍ମଣମାନଙ୍କ ଶିକ୍ଷା ତହିଁ ସଙ୍ଗେ ବ୍ରାହ୍ମଣ ସଂସ୍କୃତି ପ୍ରତି ତାଙ୍କର ଖୁବ୍ ଶ୍ରଦ୍ଧା ଥିଲା । ସେ ବୃନ୍ଦାବନକୁ 'ନୀଳାଚଳ' ବୋଲି ଖଣ୍ଡିଏ କାବ୍ୟ ଲେଖିଥିଲେ । ମତେ ତାକୁ ଦିନେ କୌତୂହଳରେ କେତେକ ପୃଷ୍ଠା ଶୁଣାଇ ଥିଲେ । ମୁଁ ସେତେବେଳେ କଟକରୁ ଆସି ଏନ୍‌ଟ୍ରାନ୍‌ସ ଫାଷ୍ଟକ୍ଲାସରେ ପୁରୀରେ ପଢ଼ୁଥାଏ । ମୋ ମନରେ କପଟ ହେଲା । ସେତେବେଳେ ଗୋପବନ୍ଧୁ ବାବୁ ପୁରୀ ଆସିଥିଲେ । ମୁଁ ଯାଇ ତାଙ୍କୁ ସେ କଥା କହିଲି । ସେ ମତେ ଯେନି ପଣ୍ଡିତଙ୍କ ଘରକୁ ଆସିଲେ । ସେଇକଥା ପକାଇଲେ । ଶେଷକୁ ପଣ୍ଡିତ ମହାଶୟଙ୍କ ସଂଗେ ସ୍ମୃତି ବିଷୟରେ କୌଣସି ନୂତନ କଥା ପକାଇବାର ତାଙ୍କର ମମତା ଦେଖିଲି । ସେଇଥିରୁ ପଣ୍ଡିତ ମହାଶୟଙ୍କ ସେତେବେଳର 'କଳ୍ପାପାଧର୍ମ-ସର୍ବସ୍ୱ' ସ୍ମୃତି ଲେଖିବାର ସ୍ଥିର ହେଲା । ସେଇ ସ୍ମୃତି ବା ସେଇଭଳି କୌଣସି ଗ୍ରନ୍ଥ ପାଇଁ କଲିକତାର ସେକାଳର ବଡ଼ ବାରିଷ୍ଟର ଶ୍ରୀ ବ୍ୟୋମକେଶ ଚକ୍ରବର୍ତ୍ତୀ ବଡ଼ ବ୍ୟାକୁଳ ଥିଲେ । ପଣ୍ଡିତ ମହାଶୟ ଲେଖା ଆରମ୍ଭ କଲାଦିନରୁ ତାଙ୍କୁ ଆସ୍ତେ ଆସ୍ତେ ଦେଖାଉ-ଥାନ୍ତି । ସମସ୍ତ ସ୍ମୃତିଟି ଶ୍ରୀ ବ୍ୟୋମକେଶ ଚକ୍ରବର୍ତ୍ତୀ ନାଗରାକ୍ଷରରେ ଛପାଇ ଦେଇଥିଲେ । ସେଥିରେ ଏ କଳ୍ପାପଦ୍ କାଳରେ ବ୍ରାହ୍ମଣମାନଙ୍କ ଭିତରେ ଯୁବତୀ ବିବାହ ପ୍ରଭୃତି ଆନୁଷ୍ଠାନିକ ଭାବରେ ସଂଗତ ବୋଲି ପ୍ରମାଣ କରାହୋଇଥିଲା । ଏଇପରି ସେ କାଳକୁ ଚାହିଁ ସେ ସ୍ମୃତି ଖଣ୍ଡ ବଡ଼ ଉପଯୋଗୀ ବୋଲି ମନେ କରାହେଉଥିଲା । ନଶ ଆନ୍ଦୋଳନର ମୂଳ ହୁଏତ ଏଇଠାରେ ଅଛି ।

ତା'ପରେ କଲିକତାରେ ମୁଁ ଏମ୍. ଏ. ପଢ଼ିଲା-ବେଳେ ଦାଢ଼ି କାଟି ଖାଲି ନଶ ରଖିଥିଲି । ସେପରି ନଶ ରଖିବାଟା ଗୋଟିଏ ଫେସନ ବୋଲି ମୁଁ ତାହା କରିଥିଲି । ଏଣେ ମଧ୍ୟ 'ଉତ୍କଳ-ସାହିତ୍ୟ' ପ୍ରଭୃତିରେ "ଟିକିଏ ଶୁଣିବେ କି ?" ବୋଲି ବିଜ୍ଞାପନ ଦେଇ ସମାଜର ସଂସ୍କାରମାନଙ୍କ ପ୍ରତି ଲୋକଦୃଷ୍ଟି ଆକର୍ଷଣ

କରିଥିଲି । ମୁଁ ନଣ ରଖି ଆସିବାପରେ ସତ୍ୟବାଦୀରେ ସ୍କୁଲ୍ କରିବାର ଅଭିପ୍ରାୟ ହିଁ ପୁରୀର ପଂଡିତମାନଂଙ୍କୁ ସୁଖ ଲାଗି ନ ଥିଲା । ସେମାନେ ସେଥିରେ ମନେକରି-ଥିଲେ, ସମାଜରୁ ସେମାନଙ୍କର ଆଧିପତ୍ୟ ଚାଲିଯିବ; ତେଣୁ ସେମାନେ ପ୍ରତିରୋଧ ଆରଂଭ କରିଦେଲେ । ପଂଡିତ ସଦାଶିବ ମିଶ୍ରଙ୍କ ଘରେ ସେତେବେଳେ ଲୋକନାଥ ରଥ ନାମକ ପୁରୀର ଆଉ ଜଣେ ଖ୍ୟାତନାମା ବ୍ରାହ୍ମଣ ରହୁଥିଲେ । ଏହା ସେ ବର୍ଷ ( ୧୯୧୨ସାଲ ) ପୁରୀ ଷୋଳଶାସନ ଭୋଗର ସାତ ଆଠଦିନ ପୂର୍ବ କଥା ହେବ । ମୁଁ ପୁରୀରେ ରହିଲେ, ପଂଡିତଙ୍କ ଘରେ ଖାଇବାର ସ୍ଥାନ କରିଥାଏ । ସେଥର ପଂଡିତ ସଦାଶିବ ମିଶ୍ର ନ ଥିଲେ । ଶୁଣିଲି ଦେଉଳକୁ ଦର୍ଶନକୁ ଯାଇଥିଲେ । ପଂଡିତ ଲୋକନାଥ ରଥ ବସିଥିଲେ । ସେ ଯେପରି ମତେ ଦେଖିଲେ, ସେଇପରି ମୋ ନଣ ରଖିବା ବିଷୟରେ ଏକ ବକ୍ତୃତା ଆରଂଭକଲେ । ମତେ କହିଲେ, "ନଣକୁ ଏଇ ପୁରୀରେ କାଟି ଆମେ ପୋଡ଼ିଦେବୁ ।" ମୁଁ ଟିକଏ ହସି କହିଥିଲି, "ମହାଶୟ, ପିଂପୁଡ଼ି ଲୁଚିହ ଯେ ମକଚି ଦେବେ, ସାପ ଗାତରେ କଅଁ ହାତ ପୁରାଉଚଂତି ? ବଡ଼ ଭଲହେବ ନାଇ ।" ସେ ବଡ଼ ଉଚବାଚ କରି ଆଉ କଥାଏ ଦି'କଥା କହିଲେ । ମୁଁ ସେଠାରେ ନ ଖାଇ ଚାଲି ଆସିଥିଲି । ତା'ପରେ ମୁକ୍ତିମଂଡପ ଷୋଳଶାସନ ଭୋଗଦିନ ପୁରୀର ସମସ୍ତ ଶାସନୀ ବ୍ରାହ୍ମଣମାନେ ଏକାଠି ହୁଅଂତି । ସେଦିନ ପୁରୀ ମଂଦିରର ତତ୍‌କାଳୀନ ମ୍ୟାନେଜର ଶ୍ରୀଯୁକ୍ତ ରାଜକିଶୋର ଦାସ ଜଟଣୀ ( ଖୋର୍ଧା ରୋଡ଼ ) ବଂଗଳାରେ ଥିଲେ । ପଂଡିତମାନେ ଜଟଣୀ ଲୋକ ପଠାଉଚଂତି ବୋଲି ଶୁଣି ମୁଁ ରାତିରାତି ଜଟଣୀ ଯାଇଥିଲି । ରାଜକିଶୋର ଦାସଂକର ମୋ ପ୍ରତି ଭାରି ଶ୍ରଦ୍ଧା ଥିଲା । ମୋ ସଂଗେ ଡେଲଂଗରୁ ଅନଂତ ମିଶ୍ର ମଧ୍ୟ ସେଇଦିନ ନଣ ରଖି ଯାଇଥିଲେ । ଆମକୁ ରାତିରେ ଖାଇବାକୁ ଦେଇ ଶୋଇଲାବେଳେ ରାଜକିଶୋର ଦାସ କହିଲେ, "ମୁଁ ଯାହା କରିବାର ବ୍ୟବସ୍ଥା କରୁଛି । ଆପଣମାନଂକ ଦେହକୁ କିଛି ଲାଗିବ ନାଇ ।" ସେ ସେଦିନ ଯେଉଁ ପଂଡିତ ଗଲେ ତାଂକ ହାତେ ଖବର ପଠାଇଦେଲେ ମଂଦିରରେ କୌଣସି ସଭା ହୋଇପାରିବ ନାଇ । ପଂଡିତମାନେ ହତାଶ ହେଲେ । ଅନ୍ୟ ମାହାରୀଂଙ୍କ କୋଠା ବୋଲି ଗୋଟିଏ ପୁରୁଣା ବେଶ୍ୟାର ଗୋଟିଏ ଘରେ ମିଛୁ ମିଶ୍ର ବା ଭିକାରୀ ମିଶ୍ରଂକର ମଂଦିର ପଶ୍ଚିମ ଦୁଆରପଟେ ଗୋଟିଏ ବଡ଼ କୋଠାଥିଲା । ସେଠାରେ ସେ ବ୍ରାହ୍ମଣଂକୁ ଏକାଠିକରି ବଡ଼ ସଭା କଲେ । ଠିକ ସେଇଦିନ ( ଷୋଳଶାସନ ଭୋଗଦିନ ) ମଂଦିରର ପୋଲିସ ଆମଦଳ ଲୋକଂକୁ ମଂଦିରରେ ପୂରାଇଲାବେଳେ ବଡ଼ ସମ୍ମାନ କରୁଥାଂତି । ତା' ଦେଖି ପଂଡିତମାନଙ୍କର ବିଦ୍ୱ ସମ୍ଭାଳ ନାଇ । ଆମମାନଂକର ଉତ୍ତରଦ୍ୱାରେ ଥିବା ବାମଦେବ ପଡ଼ିହାରୀଂକର ଗୋଟିଏ କୋଠା ଥିଲା । ସେଥିରେ ବୀରରାମଚଂଦ୍ରପୁରର ଯଜ୍ଞଧର ରଥେ ଶାସନର ଯୁବକଗୋଷ୍ଠୀଂକୁ ଧରି ଆଉ ଗୋଟିଏ ସଭା କରିଥିଲେ । ଏଇଠାରେ କହିଦିଏ, ପଂଡିତମାନଂକ ପ୍ରତିବାଦ କରିବାକୁ ସେଇକାଳରୁ ଦୁଇଜଣ ଲୋକ ଆମର ସଂଗୀ ଥିଲେ । ଜଣେ ହେଉଚଂତି, ପୁରୀର ସ୍ୱର୍ଗତ ଶ୍ରୀ ବାମଦେବ ପଡ଼ିହାରୀ, ଅନ୍ୟ ଜଣେ ହେଉଚଂତି ବୀରରାମଚଂଦ୍ରପୁରର ଶ୍ରୀ ଯଜ୍ଞଧର ରଥ । ଏଇ ସମାଜ ସଂସ୍କାରର ସୂତ୍ରପାତ ବେଳୁ ଏଇ ଦୁଇଜଣ ମୋର ଅଂତରଂଗ ସଂଗୀ ଥିଲେ । ଆଉ ସେଇ ଘଟନା-ପରେ ସେକାଳେ ବାରିପଦାରେ ଥିବା ଗୋପବଂଧୁ ଦାସ ସେଇ ବାରିପଦାରୁ ବାହାରୁଥିବା 'ମନୋରମା' ସାପ୍ତାହିକରେ ଦୁଇସ୍ତଂଭବ୍ୟାପୀ ଏକ ଅତି ସୁଂଦର ପ୍ରବଂଧ ସେଇ ସ୍ଥାନରେ ଥିବା ଶ୍ରୀଯୁକ୍ତ ଧର୍ମାନଂଦ ଆର୍ଯ୍ୟଂକ ନାମରେ ଲେଖିଥିଲେ । ସେ ପ୍ରବଂଧଟି ମଧ୍ୟ ଆଜି ମୋ ପାଖେ ନାଇ । ଏଇ ସଂବଂଧୀୟ ଘଟଣା-ଗୁଡ଼ିକ ପରେ 'ନଣ' ନାମରେ ପ୍ରଚୁର ଲଭିଥିଲା ।

ଏଇ 'ମନୋରମା' ସାପ୍ତାହିକ ସଂବଂଧରେ ଆଉ ଟିକଏ କଥା କହେ । ଏହାର କିଛିଦିନ ପୂର୍ବରୁ ମୁଁ

କଲେଜର ପ୍ରଥମ ବର୍ଷୀୟ ଶ୍ରେଣୀରେ ପଢ଼ିଲାବେଳେ ସେକାଳର ପ୍ରସିଦ୍ଧ ପଣ୍ଡିତ ଓ ଭାଷାବିତ୍ ପାରଳାର ଶ୍ରୀ ଗୋପୀନାଥ ନନ୍ଦ ମେଘଦୂତର ଅନୁବାଦ ଓଡ଼ିଆରେ ପଦ୍ୟରେ ଛପାଇଥିଲେ । ତାଙ୍କର 'ବିଲ୍ହଣୀୟ' କାବ୍ୟ ପରି କାବ୍ୟ ଓ ଅନ୍ୟାନ୍ୟ ପଦ୍ୟ ଲେଖା ପରି ତାହା ସଂସ୍କୃତ ଛନ୍ଦରେ ପ୍ରଚାର କରିବା ପାଇଁ ସେ ଖୁବ୍ ଯତ୍ନ କରିଥିଲେ । ସେଇ ମେଘଦୂତ କାବ୍ୟ ଖଣ୍ଡ କିଣିଆଣି ଆମେ ଦିନଯାକ ପଢ଼ିଥିଲୁ । ଗୋପବନ୍ଧୁ ଦାସ ସେତେବେଳେ ବି. ଏଲ୍. ପଢ଼ୁଥାନ୍ତି । ତାଙ୍କ ସଙ୍ଗରେ ଆମେମାନେ ଦିନଯାକ ରହସ୍ୟ କରି ହସିଲୁ । ହଠାତ୍ ରାତ୍ରି ଦଶଟା ବେଳକୁ ମୁଁ ପାଇଖାନାକୁ ଯାଇ ଆସି ଯେଉଁ ସମାଲୋଚନା ଗର୍ଭକ ଶ୍ଲୋକଗୁଡ଼ିକ ଲେଖିଥିଲି, ତାହା ଏବେ ମନେଅଛି । ଯଥା—

"ନନ୍ଦଙ୍କ ଭାଷା କୃତ ମେଘଦୂତେ;
ଦେଖି ମନେ ଯେ ଭଲ ଭାବ ହେଲା,
ଲୋକଙ୍କୁ ତାହା ଉପହାର ପାଇଁ,
ଯେଉଁ ସମାଲୋଚନ ଏଇ ତାହା,

ମହାଶୟ,

ସାମ୍ପ୍ରାହସ୍ୟା ଶକତି ତ ବଢ଼େ,
କାଣିଅଲେ ମହଅା, ଗୋପୀନନ୍ଦେ ବନ୍ଧ କରିଥିବା
ଲୋଚନାକୁ ଭି ହଏ ।
ସ୍ଥାନାସ୍ଥିତେ କୁଶଳ କରଣେ ଖ୍ୟାତ ସମ୍ବାଦପତ୍ରେ,
ଯାଚଅାଁ ଏହା ଉପକୃତ କର ଜ୍ଞାତଲୋକେ କରାଅ,
ଚୂଙ୍ଗିଗ୍ରନ୍ଥେ ପ୍ରଚଳନ କଥା ସଂସ୍କୃତାଭାଷ ହେତୁ,
ବାରେ ଦେଖି ମନେ କରିଥିଲୁ କେହ୍ନ ବାହାରିବେଟି,
ଗ୍ରନ୍ଥାକାରେ ପାଇଣ ସବୁଟି କ୍ଷେମ ଆପନ୍ନ ହେଲୁ,
ଭାବ ଭାବ ସ୍ଥିରକରିନେଲୁ ମାର୍ଗ ଦେଖାଇବେଟି ସ୍ୱେ,
—ନନ୍ଦେ

× × × ×

କେହ୍ନ ଲୋକ ମହାଘ୍ରାଣେ, ନନ୍ଦଙ୍କ କବିତା ଫୁଲ,
ମନଃପ୍ରାଣ ବିମୁଗ୍ଧତ୍ୱଂ ପାଇ ଲେଖିଗଲା ସୁଖେ ।*

ଅବଶ୍ୟ ଏଇ ସତ୍ୟବାଦୀ ସ୍କୁଲବେଳେ ଏଇ ନନ୍ଦଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ଭକ୍ତି ଥିଲା । ମୁଁ ତାଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନରେ ଗୋଟିଏ ଭଲ ମୁଖବନ୍ଧ ଲେଖିଥିଲି ଓ ତାଙ୍କ ଭାଷାତତ୍ତ୍ୱ ବିଷୟରେ ତାଙ୍କ ଜୀବିତ ଥାଇ ବଳଭଦ୍ର ନନ୍ଦଙ୍କ ଅନୁରୋଧ କ୍ରମେ ବଡ଼ ମୁଖବନ୍ଧଟିଏ ମଧ୍ୟ ଲେଖିଥିଲି । ଭାରତ ଦର୍ପଣ ଗ୍ରନ୍ଥରେ ସେ ଲେଖିଛନ୍ତି, 'ଲୋକଙ୍କ ସମାଲୋଚନାରେ ବିବ୍ରତ ହୋଇ ସେ ମୋ ପାଖକୁ ସତ୍ୟବାଦୀକୁ ଦୌଡ଼ି ଆସିଥିଲେ, ଇତ୍ୟାଦି ।' ତଥାପି ରସିକତା ଓ ରହସ୍ୟର ପ୍ରେରଣା ଏଡ଼ି ନ ପାରି ମୁଁ ସେତେବେଳେ ଏଇ ସମାଲୋଚନାଟି ଲେଖିଥିଲି । ଏଥିରେ ସେକାଳ କଲେଜ ହଷ୍ଟେଲରେ ଗୋପବନ୍ଧୁ ବାବୁ, ବାଲୁଙ୍କେଶ୍ୱର ବାବୁ ( ସମ୍ବଲପୁରର ) ଓ ହିରନ୍ମୟ ବାବୁ ( ସେଇ ସମ୍ବଲପୁରର ) ଓ ତାଙ୍କର ଦାମୋଦର ମିଶ୍ର ଓ ମୁଁ ଆମର ସମସ୍ତ ସନ୍ଧ୍ୟାଟି ସେଇ ରହସ୍ୟ ଓ ଆମୋଦରେ କଟାଇଥିଲୁ । ପରେ ସଙ୍ଗେ ସଙ୍ଗେ ଗୋପବନ୍ଧୁବାବୁ ନୂତନ ପ୍ରକାଶିତ 'ମନୋରମା' ସାପ୍ତାହିକରେ ଛପାଇ ଦେବାପାଇଁ ଏହାକୁ ପଠାଇ ଦେଇଥିଲେ ।

ପୁରୀ ପଣ୍ଡିତମାନଙ୍କର ଷୋଳ ଶାସନ ଶ୍ରୋଗାହନ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା, ତାହା କ୍ରମେ ଚାଲିଥିଲା । ସେଥିରେ ମତେ ବାରମ୍ବାର ସଭା କରି ଏକଘରିକିଆ ( ଅପାଂକ୍ତେୟ ) କରିବାକୁ ବହୁ ବହୁ ପ୍ରସ୍ତାବମାନ ହୋଇଥିଲା । ପୁରୀ ପଣ୍ଡିତମାନେ ମଧ୍ୟ

* "ଗଇଂଠେ ଗ୍ରନ୍ଥବନ୍ଧନ୍"—ସାନୁସ୍ୱାରଷ୍ଟ ବିସର୍ଗୀତ ପ୍ରଭୃତ ଇତ୍ୟସ୍ମାତ୍ ପରସ୍ମୁତ୍ ଯୋକ୍ତବ୍ୟଂ ତଥା ପାହାନ୍ତେ ଗୋ ପିବା—ଏଥିରେ ହେତୁ, ଦେଖୀ ଇତ୍ୟାଦର ଧାର୍ଯ ହ୍ରସ୍ୱ ବୁଝିବାକୁ ହେବ ।

ସେକାଳର ରାଜଦ୍ୱାରମାନଂକରେ ଯାଇ ମୋର ବଡ଼ କୁତ୍ସା କରିଥିଲେ ଓ ସେଇ ସବୁ ଫଳରେ ମୋର ଆତ୍ମୀୟ ସ୍ୱଜନମାନଂକୁ ସଭା ( ନିମିତ୍ତାଦିରେ ଏକତ୍ର ଭୋଜ )ରେ ଖାଇବାକୁ ନ ଦେଇ ରାତି ଅଧରେ ଉଠାଇ ଘଉଡ଼ାଇଦେବାର ବହୁ ଉଦ୍ୟମ ହୋଇଥିଲା । ଫଳରେ ମୋର ସେତେବେଳର ପ୍ରାୟ ୭୫ ବର୍ଷ ବୟସ୍କ ପିତାଂକୁ ତାଂକର ସାନ ଭାଇଂକ ଜ୍ୱାଇଁ ( ମହା ମହୋପାଧ୍ୟାୟ ଶ୍ରୀ ଜଗନ୍ନାଥ ମିଶ୍ର ,ଂକ ଘରୁ ଗୋଟିଏ ବଡ଼ ଭୋଜସଭାରୁ ରାତି ୧୧ଟା ବେଳେ ଉଠାଇ ଦେଇ ଦଶ ମାଇଲରୁ ଅଧିକ ତାଂକ ନିଜଗ୍ରାମ ଶ୍ରୀରାମଚଂଦ୍ରପୁରକୁ ପଠାଇ ଦେଇଥିଲେ । ଏ କଥାରେ ମଫସଲରେ ଖୁବ୍ ଚହଲ ପଡ଼ିଯାଇଥିଲା । କିଂତୁ ବଡ଼ ଆଶ୍ଚର୍ଯ୍ୟର କଥା, ଏଥିରେ ମୋର ବୃଦ୍ଧ ପିତା ବା ତାଂକ ସଂଗୀ ସହଚରମାନଂକୁ କୌଣସି ପ୍ରକାର ବ୍ୟଥିତ ହୋଇଥିବାର କେଇ କେବେ ଦେଖିନାଇ । ଅଥଚ ଏଇସବୁ କଥାରୁ ଓଡ଼ିଶାରେ 'ଜାତି' ନାମରେ ସଂସ୍କାର କ୍ରିୟାରେ ଯେ ବାତ୍ୟା ଉଠିଲା, ସେଥିରେ ଏବେ ମଧ୍ୟ ଅତି ଦୂରପଲ୍ଲୀରେ 'ନିଶୁଆ ନୀଳକଂଠ ଦାସ' କଥାଟି ବି ପ୍ରଚଳିତ ଥିବାର ଦେଖାଯାଏ ।

———

## ୨

## ୧୯୨୧ରେ ସଂବଲପୁରରେ ନଅ ମାସ

ମୁଁ ୧୯୨୦ ଖ୍ରୀଷ୍ଟାବ୍ଦ ଶେଷଆଡ଼କୁ, ବୋଧହୁଏ ଅକ୍ଟୋବର ଆଡ଼କୁ, ସେ କାଳ କଲିକତା ବିଶ୍ୱ-ବିଦ୍ୟାଳୟର ସାର୍ ଆଶୁତୋଷ ମୁଖାର୍ଜୀଂକ ନିମଂତ୍ରଣ ଓ ଅନୁରୋଧ କ୍ରମେ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀମାନଂକରେ ଅଧ୍ୟାପକ ଭାବରେ ଯାଇ ଯୋଗ ଦେଇଥିଲି । ମୁଁ ସତ୍ୟବାଦୀ ସ୍କୁଲପାଇଁ ୧୯୦୯ ଜୁନମାସଠାରୁ ବରାବର ଜୀବନ ସାରା ଆତ୍ମନିୟୋଗ କରିବିବୋଲି ପଣକରି ସେ ସ୍କୁଲ କରିବାରେ ଲାଗିଥିଲି । ମୋ ମନରେ ଏ ଭାବ ଏତେ ଦୃଢ଼ ଥିଲା ଯେ ମୁଁ ଜୀବନରେ କୌଣସି ପ୍ରଫେସର, ପ୍ରିନ୍‌ସିପାଲ ବା ଆଉ କାହାରିଠାକୁ ନିଜର ପ୍ରଶଂସା-ପତ୍ର ପାଇଁ ଯାଇ ନାଇ । ୧୯୦୯ ରେ ବି. ଏ. ପାସ୍ କରି ପଂଡିତ ଗୋପବଂଧୁ ଦାସଂକ ସାହଚର୍ଯ୍ୟରେ ଶ୍ରୀରାମଚଂଦ୍ରପୁର ମଧ୍ୟ ଇଂରେଜୀରେ ପରିଣତ ହେଉଥିବା ମଧ୍ୟ ଭର୍ଣ୍ଣାକୁଲର ସ୍କୁଲଟିକୁ, କହିଲେ ବୁଝାଯିବ, କ୍ଲାଂଶ କ୍ଲାସଠାରୁ ଉପରି ଓ ପ୍ରଧାନ ଶିକ୍ଷକଂକ ପର୍ଯ୍ୟଂତ ସମସ୍ତଂକୁ ଧରି ସତ୍ୟବାଦୀରେ ମଧ୍ୟଇଂରାଜୀରୂପେ ସ୍କୁଲଟିର ପ୍ରତିଷ୍ଠାକରି ମୁଁ ଯାଇଥିଲି କଲିକତାରେ ଏମ୍. ଏ. ପଢ଼ିବାକୁ । ଏମ୍. ଏ. ପଢ଼ିବାର ଉଦ୍ଦେଶ୍ୟ ଥିଲା ଦୁଇଟି । ଗୋଟିଏ ଥିଲା – କଟକରେ ସେତେବେଳକୁ ଏମ୍. ଏ. ନ ଥିଲା ଓ ଏମ୍. ଏ. ପଢିବାପାଇଁ ଆମ ଓଡ଼ିଆପିଲାଏ ସାଧାରଣତଃ କଲିକତା ଯାଉ ନ ଥିଲେ । ସେତେବେଳକୁ କଟକର ରେଭେନ୍‌ସା କଲେଜଟି କଲିକତା ବିଶ୍ୱବିଦ୍ୟାଳୟର ଅଂତର୍ଭୁକ୍ତ ଥିଲା । ଅନ୍ୟ ଉଦ୍ଦେଶ୍ୟଟି ଥିଲା ସତ୍ୟବାଦୀପରି ମଫସଲରେ ହାଇସ୍କୁଲ ଚଳାଇବାକୁ ହେଲେ ସେପରି ସ୍ଥାନରେ ମତେ ସବୁ ବିଷୟ ସବୁ କଥାରେ ସମସ୍ତେ ପଚାରିବେ । ମୁଁ ସେ ସବୁ ପ୍ରଶ୍ନର ସମାଧାନ ପାଇଁ ପ୍ରସ୍ତୁତ ହେବା ଦରକାର । ସେଥିପାଇଁ କେବଳ ଏମ୍. ଏ. ପଢ଼ିବାରେ କଲିକତାରେ ମିଳୁଥିବା ପୁସ୍ତକ ଓ ବିଦ୍ୟାମାନଂକର ଆଲୋଚନା କେବଳ ନୁହେ—ଅନେକ ପୁସ୍ତକ ମତେ ପଢ଼ିବାକୁ ହେବ—ବିଦ୍ୟାଭ୍ୟାସଲ କରିବାକୁ ହେବ ।

ଯାହାହେଉ, ୧୯୨୦ ଖ୍ରୀଷ୍ଟାବ୍ଦ ସେପ୍‌ଟେଂବର ମାସ ବେଳକୁ ମୁଁ ଗୋପବଂଧୁ ବାବୁ ଓ ଅନ୍ୟାନ୍ୟ ସହକର୍ମୀ ଓ ସହଯୋଗୀମାନଂକ ମର୍ତାନୁସାରେ ମାସକ ଦୁଇବର୍ଷ ପାଇଁ ସତ୍ୟବାଦୀ ଛାଡ଼ି କଲିକତା

ବିଶ୍ୱବିଦ୍ୟାଳୟରେ ନୂତନ ହୋଇ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ଏମ୍. ଏ. ଶ୍ରେଣୀର ଅଧ୍ୟାପକରୂପେ କଲିକତା-ଯାଇଥିଲି । କଥା ଥିଲା ଠିକ୍ ଦୁଇ ବର୍ଷରେ ଗୋଟିଏ ଛାତ୍ର ଓଡିଆରେ ଏମ୍. ଏ. ପାସ୍ କରିସାଇଲେ ମୁଁ ପୁଣି ସତ୍ୟବାଦୀକୁ ଫେରି ଆସିବି । ସେଥିପାଇଁ ଗୋଟିଏ ଛାତ୍ର ମଧ୍ୟ ଓଡ଼ିଶାରୁ ସେଠାକୁ ମୁଁ ନେଇଯାଇଥିଲି । ସେ ଠିକ୍ ଦୁଇ ବର୍ଷରେ ଏମ୍. ଏ. ପାସ୍ କରିସାରି ଓଡ଼ିଶାରେ ହାଇସ୍କୁଲର ଶିକ୍ଷକରୂପେ କାର୍ଯ୍ୟ କରି ଏବେ ପ୍ରାୟ ଦୁଇବର୍ଷ ତଳେ ଅବସର ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଶ୍ୱନାଥପୁରର । ତାଂକ ନାମ ଶ୍ରୀ ଲୋକନାଥ ମହାପାତ୍ର ।

ସାର୍ ଆଶୁତୋଷ ମୁଖୋପାଧ୍ୟାୟଂକ ଡାକରାରେ ମୁଁ ଯାଇ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ( Post Graduate ) ଶ୍ରେଣୀରେ ଅଧ୍ୟାପକରୂପେ ଯୋଗଦେଇ ପ୍ରସିଦ୍ଧ ୧ନଂବର ପଂଚାନନ ଘୋଷ ଗଳିରେ ଥିବା ବସାରେ ଯାଇ ରହିଲି । ଗୋପବଂଧୁବାବୁ ସେତେବେଳକୁ ବିହାର ଓଡ଼ିଶା କାଉନସିଲ ବା ବ୍ୟବସ୍ଥାପକ ସଭାରେ ମେଂବର ଥାଂନ୍ତି । ସେ ଶେଷଥର ପାଇଁ ସେଇ ସଭାରେ ଯୋଗ ଦେବାକୁ ପାଟନା ଯାଉଥିଲେ । ମୋ ମନେଅଛି, ସେ ଖାଉଥାଂନ୍ତି — ମୁଁ ବିଂଚି ଦେଉଥାଏ । ଏଇ ଅସହଯୋଗ କଥା ପଡ଼ିଲା । ସେତେବେଳକୁ କଂଗ୍ରେସର କଲିକତାରେ ହୋଇଥିବା ବିଶିଷ୍ଟ ଅଧିବେଶନରେ ମହାତ୍ମା ଗାନ୍ଧି ଅସହଯୋଗ ଆଂଦୋଳନ ମଡାଇବାର ସୂଚନା ଦେଇ ସାରିଥାଂନ୍ତି । ଗୋପବଂଧୁ ବାବୁ ସେଥିରେ ଯୋଗ ଦେବାର ଏକପ୍ରକାର ସ୍ଥିର ମଧ୍ୟ କରି ସାରିଥାଂନ୍ତି । ସେ କଥାପ୍ରସଂଗରେ ମତେ କହିଲେ, "ମୁଁ ଯାଉଛି ଅସହଯୋଗ ଆଂଦୋଳନରେ ଯୋଗ ଦେବା । ତୁମେ ଯାଅ ସତ୍ୟବାଦୀ ସ୍କୁଲର ନେତୃତ୍ୱ ଗ୍ରହଣ କର ସେଇଠାରେ ରହି ।" କଥାଟା ମତେ କପରି ଲାଗିଲା । ମୁଁ କହିଲି, "ଜୀବନରେ ସମସ୍ତେ ଏକାନାଆରେ ବସିଥାଇଁ । ଆଉ ସ୍କୁଲ ଲୋଡ଼ା କାହିଁକି ? ଆପଣ ଯାହା କରିବାକୁ ଚାହୁଁଛନ୍ତି, ମୁଁ ସେଇଆ କରିବି । ମୋର ଇଚ୍ଛା ଆମେମାନେ ସମସ୍ତେ ସେଇଆ କରିବୁ ।" ଆଉ ଏ ବିଷୟରେ ସେଦିନ ବିଶେଷ କଥା ହେଲା ପରି ମନେ ହେଉନାଇ । ସେ ରେଳକୁ ଗଲେ । ପାଟନାରୁ ଫେରିଆସି ପୁଣି ସତ୍ୟବାଦୀ କେବେ ଓ କପରି ଗଲେ ତା'ମଧ୍ୟ ମୋ ମନେ ହେଉନାଇ ।

୧୯୨୧ରେ ଜାନୁୟାରି ପହିଲାବେଳକୁ ନାଗପୁର କଂଗ୍ରେସ ଅଧିବେଶନର ଅବ୍ୟବହିତ ପରେ ଅସହଯୋଗ ଆଂଦୋଳନ ଆଂରଭ ହୋଇଗଲା । ସତ୍ୟବାଦୀ ସ୍କୁଲ ସେତେବେଳକୁ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇନାଇ । ହଠାତ୍ ଖବର ଆସି ପହଂଚିଲା, ସଂବଲପୁରରେ ଅବସ୍ଥା ଅତି ଉତ୍ତେଜନାଭାବରେ ଗତି କରିବାର ଆରଂଭ ହେଉଛି । ସଂବଲପୁରର ଭଗୀରଥ ମିଶ୍ର ସେତେବେଳେ ଛାତ୍ରଭାବରେ କଲିକତାରେ ମୋ ସଂଗେ ଏକାବସାରେ ଥିଲେ । ତାଂକ ସଂଗେ ମୋର ବିଚାରରେ ସ୍ଥିର ହେଲା, ତାଂକୁ ନେଇ ମୁଁ ସଂବଲପୁର ଯିବି । ସେଇ ଜିଲାରେ ଅସହଯୋଗ ଆଂଦୋଳନ ଆରଂଭ କରିବି । ଖୁବ୍ ଉତ୍ସାହ ଖେଳିଗଲା । ସଂଗେ ସଂଗେ ଗୋପବଂଧୁ ବାବୁଂକୁ ଟେଲିଗ୍ରାମ କରାଗଲା, "ଆପଣ ଆସନ୍ତୁ, ସଂବଲପୁର ଯିବା । ସେଇଠାରେ ମୁଁ ଅସହଯୋଗ ଆରଂଭ କରିବି । ଆପଣ ଫେରି ଆସିବେ ।" ଜାନୁୟାରି ୫ ତାରିଖ ସଂଧ୍ୟାରେ ଗୋପବଂଧୁ ବାବୁ ଯାଇ କଲିକତାରେ ଆମପାଖେ ପହଂଚିଲେ । ଆମେ ତିନିଜଣଯାକ ସଂବଲପୁର ବାହାରିଲୁ ।

ଜାନୁୟାରି ୬ ତାରିଖ ଦିନ ଆମେମାନେ ସଂବଲ-ପୁର ଯିବାପାଇଁ କଲିକତା ଛାଡ଼ିଲୁ । ମନେହେଉଛି, ୭ ତାରିଖ ସକାଳୁ ସଂବଲପୁରରେ ଉପସ୍ଥିତ ହେଲୁ ।

କଲିକତାରେ, ବିଶ୍ୱବିଦ୍ୟାଳୟରେ ସମସ୍ତଂକଠାରୁ ମୁଁ ବିଦାୟନେଇ ଗଲାବେଳେ ଗୋଟିଏ ବିଶେଷକଥା ଆଜି ଜୀବନସଂଧ୍ୟାରେ ମୋ ମନେପଡ଼ୁଛି । ଏବର ଡକ୍ଟର ରମେଶଚଂଦ୍ର ମଜୁମଦାର ମୋ ସଂଗେ ଇତିହାସ ଅଧ୍ୟାପକ ଥିଲେ । ତାଂକର ମୋର ଅତ୍ୟଂତ ଆତ୍ମୀୟତା ଥିଲା । ସେ ମୋର ସଂଗେ କଟକରେ ଏନ୍ଟ୍ରାନ୍ସ ୨ୟଶ୍ରେଣୀ (ସେ କାଳର ମାଟ୍ରିକୁଲେଶନ ୧ମଶ୍ରେଣୀ) ରେ ପଢ଼ୁଥିଲେ । ଆମେ ଦୁହେଁ ଏକସଂଗରେ ଏନ୍ଟ୍ରାନ୍ସ ପାଶ୍ କରିଥିଲୁ । କଲିକତାରେ ମୁଁ ବି. ଏ. ପରୀକ୍ଷା ଦେଉଥିଲା ବେଳେ ସେ ପ୍ରେସିଡେନ୍ସି କଲେଜର ଇଡେନ୍ ହଷ୍ଟେଲରେ ଥିଲେ । ତାଂକ ସଂଗେ ଖୁବ୍ ଭାବାଳାପ ଥିଲା । ବିଦାୟନେଇ ଗଲାବେଳେ ସେ ମତେ କହିଲେ, "ନୀଳକଂଠ, ତୁମେ କ'ଣ ଏସବୁ ଛାଡ଼ି ଦେଇଯାଉଛ ?" ମୁଁ ଆଉ କିଛି ନ କହି କହିଲି, "ହଁ" । ସେଥିରେ ତାଂକ ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଡ଼ିବାର ମୋର ଏବେ ସ୍ପଷ୍ଟ ମନେପଡ଼ୁଛି ।

ଏବେ ସଂବଲପୁର ଷ୍ଟେସନରେ ଲୋକେ ଅପେକ୍ଷା କରିଛଂନ୍ତି । ଲୋକେ ମଧ୍ୟ ଖଂଡିଏ ମଟରକାର ଆଣିଥିଲେ । ସେଇଠାରୁ ବିରାଟ ଶୋଭାଯାତ୍ରାରେ ସମସ୍ତ ସଂବଲପୁର ବୁଲିଥିଲୁ । ଦ୍ୱାରେ ଦ୍ୱାରେ ଅଭ୍ୟର୍ଥନା, ଫୁଲମାଳ । କିଏ ଚଂଦନଦେଇ ମୁଂଡରେ ଗୁଳାଲ ପକାଉଥାଏ ଓ ଛଡ଼ାନଡ଼ିଆ ଆଣି ମୁଂଡରେ ଲଗାଉଥାଏ । ଯୁବତୀମାନେ ଆସି ମୁଂଡରେ ଚଂଦନ, ସିଂଦୁର ଦେଉଥାଂନ୍ତି । ସେ ଶୋଭାଯାତ୍ରାର ଦୃଶ୍ୟ ଭୁଲିବାର ନୁହେଁ । ଜୟଧ୍ୱନିର ସ୍ୱର ବରାବର ଉଠୁଥାଏ । ଶେଷକୁ ଯାଇ ସେକାଳେ ସ୍ୱର୍ଗତ ଉତ୍କଳ ଚଂଦ୍ରଶେଖର ବେହେରାଂକର ଝାଡ଼ୁଆପଡ଼ାରେ ଥିବା ଘରେ ଯାଇ ପ୍ରଥମେ ରହିଲୁ । ଗୋପବଂଧୁବାବୁ ବୋଧହୁଏ ସେଇଦିନ ସଂଧ୍ୟାକୁ ଚାଲି ଆସିଲେ । ମୁଁ ଯେତେଦିନ ଥିଲି, (୪ମାସ କାଳ) ସେଇ ଚଂଦ୍ରଶେଖର ବାବୁଂକ ଘରେ ତାଂକର ସଂଗେ ଥିଲି ।

ମୋର ପ୍ରଥମ କାର୍ଯ୍ୟ ହେଉଛି, ଚଂଦ୍ରଶେଖର ବେହେରା ଓ ଧରଣୀଧର ମିଶ୍ର ପ୍ରଭୃତିଂକୁ ନେଇ ସଂବଲପୁର ଜିଲ୍ଲାର କଂଗ୍ରେସ କାର୍ଯ୍ୟ ଓ ସଂଗେ ସଂଗେ ସଂବଲପୁରରେ ଜାତୀୟ ବିଦ୍ୟାଳୟ ଆରଂଭ କରିବା । ପେଣ୍ଟର କ୍ଲବ ବୋଲି ଗୋଟିଏ ଘରଥାଏ । ସେଇଠାରେ ଜାତୀୟ ବିଦ୍ୟାଳୟ ଆରଂଭ କରାହେଲା । ଅନ୍ୟାନ୍ୟ କେତେକ ଶିକ୍ଷକ ଆସି ଉତ୍ସାହରେ ଯୋଗ ଦେଲେ । ସେଥିମଧ୍ୟରେ ଗ୍ରାଜୁଏଟ ଶିକ୍ଷକ ବି ଥିଲେ । ସମସ୍ତେ ଅସହଯୋଗ ବ୍ରତଧାରୀ । ସେଇ ଉତ୍ସାହରେ ଶୋଭା-ଯାତ୍ରାରେ ସହର ପରିକ୍ରମା ଚାଲିଥାଏ । ମଧ୍ୟେ ମଧ୍ୟେ ବାଲିବଂଧରେ ତଥା ଅନ୍ୟ ଛକ ଜାଗାମାନଂକରେ ସଭା ମଧ୍ୟ ହେଉଥାଏ । ସହରର ଲୋକଂକର ଆଶାତୀତ ଉତ୍ସାହ ପ୍ରକାଶ ପାଇଲା । ମନେହେଉଛି, ଲଦାଭାଇ ଥରିଆ ନାମକ ଜଣେ ମୁସଲମାନ ବ୍ୟବସାୟୀ ଥିଲେ । ତାଂକର ଗୋଟିଏ ଯୁବକପୁତ୍ର ଆମ ସଂଗେ ଖୁବ୍ ଯୋଗ ଦେଉଥିଲେ । ସେ ଯୁବକଟି ବଡ଼ ସୁଂଦର ଓ ସୁପୁରୁଷ । ସେ ଥିଲେ ମୁସଲମାନ । ବସ୍ତୁତଃ ସେ ଆଂଦୋଳନରେ ହିଂଦୁ, ମୁସଲମାନ, ଗୁଜରାଟୀ, ମାରୱାଡ଼ୀ ସମସ୍ତେ ପୂର୍ଣ୍ଣପ୍ରାଣରେ ଯୋଗ ଦେଉଥିଲେ । ବିରୋଧ ଜମା ନ ଥିଲା । ସରକାର ପ୍ରତି ଏପରି ବିରୋଧ ଭାବରେ ଏଡ଼େ ଉଦ୍ଦୀପନା ପ୍ରକାଶ ପାଇବ ବୋଲି ମୁଁ ଆଶା ମଧ୍ୟ କରି ନଥିଲି । ଏପରିକି ସ୍ଥାନୀୟ କୃତବିଦ୍ୟ ଉତ୍କଳ ଶ୍ରୀ ଧରଣୀଧର ମିଶ୍ରଂକ ପୁତ୍ର ଶ୍ରୀ ରାମନାରାୟଣ ମିଶ୍ର ମଧ୍ୟ ନିଜର ଦ୍ୱିତୀୟ ପୁତ୍ରକୁ ଅତି ଉତ୍ସାହ ଓ ଆନଂଦରେ ଆମ ଜାତୀୟ ସ୍କୁଲକୁ ପଠାଇଦେଲେ ।

ସ୍କୁଲ, କଚେରି, କାଉନ୍‌ସିଲ ଛାଡ଼ିବା ସେତେବେଳେ ଅସହଯୋଗର ଥିଲା ମୁଖ୍ୟମନ୍ତ୍ର । ଏଣେ ସ୍କୁଲକୁ ଖାଲି କରି ଛାତ୍ରମାନଙ୍କ ଜାତୀୟ ବିଦ୍ୟାଳୟକୁ ଆଣିବାକୁ ହେବ । ଦିନକର ଶୋଭାଯାତ୍ରା ମନେଅଛି । ମୁଁ ଆଗେ ଆଗେ ଚାଲିଥାଏ । ସହଯୋଗୀ ଓ ଛାତ୍ରମାନେ ପଛରେ ଚାଲୁଥାଂନ୍ତି । ମୁଁ ସେତେବେଳେ ଗୀତ ଲେଖୁଥାଏ । ସେ ଗୀତ ଶୋଭାଯାତ୍ରାରେ ବୋଲା ହେଉଥାଏ । ଗୋଟିଏ ଗୀତ ମୋ ମନେ ପଡ଼ୁଛି । କାହିଁକନା ସେଇ ଗୀତଟି ବୋଲି ପାଦ ପକାଇ ଚାଲିଲାବେଳେ ଛାତ୍ରମାନେ ଜିଲା ସ୍କୁଲରୁ ହେଡ଼ମାଷ୍ଟର ଓ ଅନ୍ୟ ମାଷ୍ଟରମାନଂକୁ ନ ମାନି ସ୍କୁଲରୁ ବାହାରି ଆମ ସଂଗେ ଚାଲିଲେ । ମନେଅଛି, ପୁରୀ ଜିମାପଡ଼ାର ସ୍ୱର୍ଗତ ଶ୍ରୀ ମଧୁସୂଦନ ଦାସ ଥାଂନ୍ତି ହେଡ଼ମାଷ୍ଟର । ସେ ମଧ୍ୟ ବାହାରକୁ ଆସି ଖାଲି ମତେ ଚାହିଁ ରହିଲେ । ସେତେବେଳେ କିଛି କହିଲେ ନାହିଁ । ଗୀତଟି ଆଠ ପଦରେ ଲେଖିଥିଲି । ଦୁଇଟିମାତ୍ର ପଦ ମନେ ହେଉଛି ! ଗୀତଟି ଓଡ଼ିଆମିଶା ହିନ୍ଦିରେ ଲେଖା — କହିଦିଏ ।

"ସ୍ୱରାଜ ଭାୟୀ ଅଲବତ୍ ହୋଗା
ଛୋଡ଼୍‌କେ ଆଓ ଗୋଲାମୀ,
ଭାରତ ଲଡ଼୍‌କା ଗୋଲାମ ହୋକେ
କାହେ କରେ ବଦ୍‌ନାମୀ ।୧।

ସ୍କୁଲ, କଚେରି, କାଉନ୍‌ସିଲ୍‌କୋ
ଇସ୍ତାଦ୍ ରଖ୍‌ଖୋ ବାବୁଜୀ,
ମାୟୀ ଏ ସବ୍ ଗୋଲାମୀକା
ଇସ୍‌ମେ ନାହିଁ ଭୁଲୋଜୀ । ୨ ।"

'ଉତ୍କଳ ସେବକ' ବୋଲି ଖଂଡେ ସାପ୍ତାହିକ ପତ୍ର ସମ୍ବଲପୁରରୁ ବାହାରୁଥିଲା । ଆଉ ଖଂଡେ ମଧ୍ୟ 'ସାଧନା' ବୋଲି ସେଇପରି ସାପ୍ତାହିକପତ୍ର ବାହାରିଲା । ଦୁଇଟିଯାକ ଅବଶ୍ୟ କେହି ଇଂରେଜ ସରକାରଂକର ଖଏର ଖାଁ ନ ଥିଲେ । ତଥାପି ଚଂଦ୍ରଶେଖର ବାବୁ ଓ ଧରଣୀଧର ମିଶ୍ର ଦୁହିଂକ ପରାମର୍ଶରେ ମୁଁ ସେଇଭଳି ଆଉ ଗୋଟିଏ ସାପ୍ତାହିକପତ୍ର ମୋର ନିଜ ସଂପାଦକତ୍ୱରେ ବାହାର କଲି । ଧରଣୀଧର ମିଶ୍ରଂକ 'ମିଶ୍ରପ୍ରେସ'ରୁ ତାହା ବାହାରୁଥିଲା । ସମସ୍ତ ଟଂକାପଇସା ପ୍ରଭୃତିର ମାଲିକ ଓ ତତ୍ତ୍ୱାବଧାରକ ଥିଲେ ସେଇ ଧରଣୀଧର ମିଶ୍ରେ । ମୋ ସଂଗେ ଥିଲେ କଟକ କଲେଜ ଛାଡ଼ି ଅସହଯୋଗ କରିଥିବା ସ୍ୱର୍ଗତ ଶ୍ରୀ ଚଂଦ୍ରଶେଖର ମିଶ୍ର । ସେ କାଗଜ କାଢ଼ିବାରେ ସେଇ ଏକମାତ୍ର ଥିଲେ ମୋର ସହଯୋଗୀ । ମୁଁ ସଂବଲପୁର ଛାଡ଼ି ଆସିବା ପର୍ଯ୍ୟଂତ ସେ କାଗଜ ବାହାରୁଥିଲା । କହିଦିଏ—ସମସ୍ତ ଓଡ଼ିଶାରେ ସେଇ କାଗଜର ସେତେବେଳେ ଖୁବ୍ ପ୍ରତିଷ୍ଠା ଓ ପ୍ରତିପତ୍ତି ପ୍ରକାଶ ପାଇଥିଲା ଏବଂ ସଂବଲପୁରରେ ମଧ୍ୟ ତା'ର ଖୁବ୍ କାଟତି ଥିଲା । ଦୁଃଖର କଥା ଏବେ ବହୁତ ଖୋଜିଲି । ସେ ପତ୍ର କୌଣସିଠାରେ ସୁରକ୍ଷିତ ଥିବାର ମତେ ଦିଶୁନାହିଁ । ସାପ୍ତାହିକଟିର ନାମ 'ସେବା' ।

ସେତେବେଳକୁ ସଂବଲପୁର ସହରରୁ ଦୁଇଜଣ ବଡ଼ ଡାକ୍ତର ବାହାରିଥିଲେ । ସେ ଦୁହେଁ ବଡ଼ ସେବାପରାୟଣ, ଜନପ୍ରିୟ ଓ ଉନ୍ନତ ଚରିତ୍ରର ଲୋକ ଥିଲେ । ସେ ଦୁହେଁ ହେଉଚଂନ୍ତି, ସୁପରିଚିତ ଶ୍ରୀ ସନାତନ ପୂଜାରୀ ଓ ଶ୍ରୀ ଧରଣୀଧର ମିଶ୍ରଂକ କନିଷ୍ଠପୁତ୍ର ଶ୍ରୀ ରାମଚଂଦ୍ର ମିଶ୍ର । ତଥାପି ମଫସଲର ଗାଁ ମାନଂକରେ ହଇଜା ଓ ବସଂତ ପ୍ରଭୃତି ମହାମାରୀର ଭୀଷଣ ଭୟ ସେତେବେଳକୁ ବଡ଼ ତୀବ୍ରଭାବରେ ଥାଏ । ସେ କଥା ଆଜି ଲୋକେ କଳ୍ପନା କରି ପାରିବେ ନାହିଁ । କାହାକୁ ହଇଜା ହେବାର ଦେଖାଗଲେ, ଲୋକେ ସେ ଦିଗ ପାଖ ଆଖ ଛାଡ଼ି

ପଳାନ୍ତି । ବେଳେବେଳେ ଗୋଡ଼ରେ ଦଉଡ଼ି ବାନ୍ଧି ସେଥିରେ ହଇଜାମଲ୍ଲକୁ ବାନ୍ଧି ଛାଡ଼ି ଦିଅନ୍ତି । ସେ ମଲ୍ଲ ଘୋଷାରି ଘୋଷାରି ହୋଇ ବାଟରେ ମରି ଗାଁ ବାହାରକୁ ଚାଲିଯାଏ । ହଇଜାରୋଗୀଙ୍କ କେହି ପାଣି ମୁନ୍ଦାଏ ହେଲେ ଦେବାକୁ ନ ଥାଏ । ଆଉ ବର୍ଣ୍ଣନା କରି ପାରିବି ନାଇ ।

ଶୁଣିଲି, ମଫସଲର ବଡ଼ ଗାଁ ମାନପୁରେ ହଇଜା ଲାଗିଛି । ସ୍କୁଲ ପିଲାଙ୍କୁ ସାଂଗରେ ଧରି ମୁଁ ହୋମିଓପାଥି ବାକ୍ସ, ଆଉ ଫିନାଇଲ, ପଟାସ ପରମାଂଗାନେଟ୍ କିଛି ଧରି ସେ ଗାଁକୁ ଚାଲିଲି । ଲୋକେ ଛଟଛଟ । କେବଳ ସହର ନୁହେଁ, ଦୂର ମଫସଲ ପିଲାଏ ବି ସାଂଗରେ ଅଛନ୍ତି । ବଡ଼ ଧନୀଲୋକ ପିଲାଏ ବି ସାଂଗରେ ଅଛନ୍ତି । କେହି କିଛି କହିଲେ ନାଇ । ମୁଁ ଯାଇ ରୋଗୀମାନଙ୍କୁ ଘରେ ଦେଖି ସବୁ ପରିଷ୍କାର କରି ଧୂପଦେଇ ରୋଗୀଙ୍କୁ ପାଣି ଦେଲି, ତାଜା କଲି । ଫିନାଇଲ, ପଟାସ ପରମାଂଗାନେଟ୍ ପ୍ରଭୃତିର ବ୍ୟବହାର ଶିଖାଇଲି । ଔଷଧ ଯାହା ବି ଦେଲି, ସେ ତ ନଈ ବଡ଼ିକ ଦିଅଙ୍କ ଗୁଣ; କିନ୍ତୁ ସେଥିରେ ଅଦ୍ଭୁତ ଫଳ ହେଲା । ଯେଉଁଠାରେ ମୁଁ ଯାହା କହୁଥିଲି, ଲୋକେ ସବୁ ମାନୁଥିଲେ । ଭୟ, ଘୃଣା ପ୍ରଭୃତି ସବୁ ଛାଡ଼ି କାମରେ ଲାଗି ଯାଉଥିଲେ ।

ଆଉ ଗୋଟିଏ ଦିନର କଥା ସେଦିନ । ଅପ୍ରେଲ ୫ ତାରିଖ ସଂଧ୍ୟା । ୬ ତାରିଖ ସକାଳୁ ହର୍ତ୍ତାଳ ହେବାର କଥା । ନଈକୂଳର ବାଲିରେ ସଭା ହେବ ବୋଲି ସହରରେ ଜଣାଇ ଦେଇ ମୁଁ ସେଠାରେ ଗୋଟିଏ ନାତିଦୀର୍ଘ ବକ୍ତୃତା ଦେଇସାରି କହିଲି, "ସମସ୍ତେ ଉଠ, କାଲି ଜାଲିଆନା ୱାଲା ବାଗ ହତ୍ୟାର ଦିବସ । ସେଥିପାଇଁ ସମସ୍ତ ସହରରେ ହରତାଳ ହେବ । କୌଣସି ଦୋକାନ ଖୋଲିବ ନାଇ । କେହି କାମ କରିବେ ନାଇ ।" ଏବେ ମଧ୍ୟ ମନେପଡ଼ିଲେ ଆଶ୍ଚର୍ଯ୍ୟ ଲାଗୁଛି । ସେ ବିରାଟ ଜନତା ସେଇଠାରୁ ମୋ ପଛେ ପଛେ ଉଠି ଆସିଲେ । ଆଉ ସହରସାକ ବୁଲି ସମସ୍ତଙ୍କୁ ହରତାଳ କଥା କହି ଦେଲୁ । ତହିଁ ଆରଦିନ ସହରରେ ପୂର୍ଣ୍ଣ ହରତାଳ ।

ଏଣେ କଂଗ୍ରେସ କମିଟିର କାର୍ଯ୍ୟ ମଧ୍ୟ ଲାଗିଥାଏ । ଯେତେଦୂର ମନେହେଉଛି, ସଭାପତି ଥାଆନ୍ତି, ଶ୍ରୀଯୁକ୍ତ ଚଂଦ୍ରଶେଖର ବେହେରା । ଶ୍ରୀ ଧରଣୀଧର ମିଶ୍ର ପୂର୍ଣ୍ଣ ସହଯୋଗ କରୁଥାଆନ୍ତି । ମୁଁ ନିଜେ ଛାପା ଉଠାଇ ଆଠପୃଷ୍ଠାବ୍ୟାପୀ ଗୋଟିଏ ପତ୍ର ଛପାଇ ତାହାର ଦାମ ଦୁଇ ପଇସା କରିଦେଲି । ସମସ୍ତ କର୍ମୀମାନେ (ସେଇ କର୍ମୀଙ୍କ ଭିତରେ ବାଳକ ଯୁବକ ତରୁଣ ଓ ପ୍ରବୀଣ ବୃଦ୍ଧ ମଧ୍ୟ ଥିଲେ) ସେଇ ପତ୍ର ଦେଇ ଜିଲାର ଗ୍ରାମେ ଗ୍ରାମେ ବୁଲିଗଲେ । ଏବେ ସେ କର୍ମୀଙ୍କ ଭିତରୁ ଜଣେ ମାତ୍ର ଥିବାର ମନେ ପଡ଼ୁଛି – ଆଉ ଅନେକେ ଥିବେ – ସେ ଜଣଙ୍କ ହେଉଛନ୍ତି ଏବର ସ୍ୱନାମପ୍ରସିଦ୍ଧ ଶ୍ରୀ ଶ୍ରଦ୍ଧାକର ସୁପକାରଙ୍କ ପିତା—ତାଙ୍କନାମ ଜନାର୍ଦ୍ଦନ ସୁପକାର । ସେ ଏଇ ପତ୍ର ଦେଇ ବହୁତ ଇଲାକା ବୁଲିଥିଲେ ଓ ବହୁ ମେଂବର ସଂଗ୍ରହ କରିଥିଲେ । ମେଂବର ଫିସ ଚାରିଅଣା ସଂଗେ କୌଣସି ନିର୍ଦ୍ଦିଷ୍ଟ ଚାଂଦା ଛଡ଼ା ଅନ୍ୟ କୌଣସି ଚାଂଦା ସଂଗୃହୀତ ହୋଇ ନ'ଥିଲା । ତଥାପି ମୋ ମନେଅଛି, ମୁଁ ସଂବଲପୁର ଛାଡ଼ି ଆସିଲାବେଳକୁ କଂଗ୍ରେସ ଫଂଡରେ ଜମା ହୋଇଥିଲା ପ୍ରାୟ ଟ୧୬୦୦୲ (ଏକହଜାର ଛଅଶହ) । ଅନ୍ୟାନ୍ୟ ସବୁ ଜିଲାଠାରୁ ସଂବଲପୁର ଜିଲାରେ ସେବର୍ଷ କଂଗ୍ରେସ ଯେପରି ପ୍ରତିଷ୍ଠିତ ହୋଇଥିଲା, ତାହା ମୋର ଯେତେ ଦୂର ମନେହୁଏ, ଓଡ଼ିଶାର ସବୁ ଜିଲାଠାରୁ ଉତ୍କୃଷ୍ଟ ଥିଲା । ଆଉ ବେଶି ଲେଖି ପାରୁ ନାଇ । ମୁଁ ସେଇ ବର୍ଷ ସେପ୍ଟେଂବର କିଂବା ଅକ୍ଟୋବରରେ ସଂବଲପୁରରେ କଂଗ୍ରେସ ଛାଡ଼ି ପୁରୀ ଓ ତା'ପରେ ଉତ୍କଳ କଂଗ୍ରେସରେ କାମ କରିବାକୁ କଟକ ଆଡ଼େ ଆସିଲି; ଜେଲଗଲି ।

ତା’ପରେ ଅନ୍ୟ କୌଣସି କାର୍ଯ୍ୟରେ ଥରେ ଅଳ୍ପ ସମୟ ପାଇଁ ସଂବଲପୁର ଯାଇଚି, ଆଉ ବେଶି ଯାଇ ନାଇ । କିନ୍ତୁ ଯାହା ଜାଣୁଚି, ଜାତୀୟତାରେ ସଂବଲ-ପୁରର ସ୍ଥାନ ମଧ୍ୟ ଏବେ ଓଡ଼ିଶାରେ ବହୁ ଉଚ୍ଚରେ । ମଂଗଳ ହେଉ ।

(ଲେଖା—ତା୨୮-୯-୧୯୫୯)

———

୩

## ମନସ୍ୱୀ ରାମଚନ୍ଦ୍ର

ସତ୍ୟବାଦୀ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା କର୍ମୀ ରାମଚନ୍ଦ୍ର ରଥ ଆଉ ଇହଧାମରେ ନାହାଂନ୍ତି । ସତ୍ୟବାଦୀ ସ୍କୁଲ ଉତ୍କଳରେ ସୁପରିଚିତ ଥିଲା; ମାତ୍ର ରାମଚନ୍ଦ୍ରଂକୁ ହୁଏତ ଅନେକେ ଜାଣି ନ ଥିବେ । ମାନବସମାଜର ପ୍ରଗତିରେ ଏଇଭଳି ସାଧୁ ମନସ୍ୱୀ ନିଷ୍ଠାପର କର୍ମୀଂକ ବ୍ୟକ୍ତିତ୍ୱ ଓ କର୍ମର ପ୍ରଭାବ ପ୍ରଚ୍ଛନ୍ନ ରହିଯାଏ । ହେଲେହେଁ ସେଇମାନେ ହିଁ ଯଥାର୍ଥରେ ପ୍ରଗତିର ଧାତ୍ରୀ ଓ ନିୟଂତା । ସେଇଠାରେ ହିଁ ଯଥାର୍ଥ ଆତ୍ମତ୍ୟାଗ, ଯଥାର୍ଥ ସାଧୁତା ଓ ଯଥାର୍ଥ କର୍ମନିଷ୍ଠା ।

ରାମଚନ୍ଦ୍ର ମୋର ପାଂଚ ଛଅବର୍ଷ କନିଷ୍ଠ । ପୁରୀର ଯେଉଁମାନେ ଶ୍ରେଷ୍ଠତମ ବ୍ରାହ୍ମଣ ବୋଲି ନିଜକୁ ମନେ କରଂନ୍ତି, ସେଇକୁଳରେ ସତ୍ୟବାଦୀ ପାଖ ବିଶ୍ୱନାଥପୁର ଶାସନରେ ତାଙ୍କର ଜନ୍ମ । ସେ କାଳେ କୌଣସି ବ୍ରାହ୍ମଣ ଘରେ ଅନ୍ନଗ୍ରହଣ କରିବା ତାଂକ ପକ୍ଷରେ ନିଷିଦ୍ଧ ଥିଲା । ସମସ୍ତେ ତାଂକ ହାତେ, ତାଂକ ଘରେ ଖାଇବେ—ସେ କାହାରି ଘରେ ଖାଇବେ ନାଇ—ଏହାଇ ରୀତି । ହେଲେହେଁ ରାମଚନ୍ଦ୍ର ଅତ୍ୟଂତ ଗରିବ ପରିବାରର ସଂତାନ । କାଳେପରି ମନେ ଅଛି, ପୁରୀଜିଲା ସ୍କୁଲର ତଳ ଶ୍ରେଣୀରେ ରାମଚଂନ୍ଦ୍ର ପଢ଼ୁଥାଂନ୍ତି । ହାତରେ ରାଂଧି ଖାଇଲେ ମଧ୍ୟ, ଅର୍ଥାଭାବରେ ପଢ଼ାଛାଡ଼ିବାର ବେଳ ଆସିଲା । ସ୍ୱର୍ଗୀୟ ପଂଡିତ ଗୋପବନ୍ଧୁଂକ ସଙ୍ଗେ ସେତେବେଳେ ମୋର ସମ୍ପର୍କ ହୋଇଥିଲା । ମୁଁ ଦେଖିଚି, ପଂଡିତ ଗୋପବଂଧୁ ଶ୍ରମର ମହତ୍ତ୍ୱ ବିଷୟରେ ବୁଝାଇ ଦେଲେ । କର୍ମୀ ବାସୁଦେବ ମହାପାତ୍ର ମଧ୍ୟ ରାମଚଂନ୍ଦ୍ରଂକ ସଂଗେ ସମାନ ଅବସ୍ଥାରେ ଥାଇ ସେ ଉପଦେଶ ଶୁଣିଲେ । ତହିଁ ଆରଦିନଠାରୁ ରାମଚଂନ୍ଦ୍ର ବାସୁଦେବ ଦୁହେଁ ଦୁଇବେଳା ପୁରୀ ଷ୍ଟେସନରୁ ବୋଝ ବୋହି, ସେଇ ମଜୁରିରେ ନିଜ ନିଜର ଖର୍ଚ୍ଚ ଚଳାଇଲେ । ସେଇ ସମୟରେ ମୁଁ ନିଜେ ଦେଖିଚି, ଥରେ କୁଳୀନଶ୍ରେଷ୍ଠ ରାମଚଂନ୍ଦ୍ର ଛଅପଇସା ମଜୁରି ଲାଗି ଗୋଟିଏ ଶୁଖୁଆ ପେଟି ଷ୍ଟେସନରୁ ସହର ଭିତରକୁ ମୁଂଡରେ ବହି ନେଇଥିଲେ ।

ସେ ଯେଉଁ ବର୍ଷ ମାଟ୍ରିକୁଲେସନ୍ ପାଶ୍ କଲେ (୧୯୧୧), ମୁଁ ସେଇ ବର୍ଷ ଏମ୍. ଏ. ପାଶକରି ଆସି ସତ୍ୟବାଦୀରେ ଯୋଗ ଦେଇଥିଲି । ରାମଚଂନ୍ଦ୍ର ପୁରୀ କଚେରିରେ ଆପ୍ରେଂଟିସ୍ ରୂପେ ଗୃହୀତ ହୋଇ ଅଳ୍ପଦିନ ମଧ୍ୟରେ ଖୋରଧାରେ ପେଷ୍କାର ହେଲେ—ଦରମା ମାସକୁ ଟ୩୫୲ । ମୁଁ ଶୁଣି ସୁଖୀ ହେଲି; ମାତ୍ର ହଠାତ୍ ପତ୍ର ପାଇଲି, ସେ ସତ୍ୟବାଦୀରେ ଶିକ୍ଷକରୂପେ ଯୋଗ ଦେବାକୁ ଚାହାଂନ୍ତି । ବିସ୍ମିତ ହେଲି । ଚତୁର୍ଥ ଶ୍ରେଣୀ ଫିଟି ନ ଥାଏ । ୧୯୧୨ ଜାନୁଆରୀ ପହିଲାରୁ ଫିଟିବ । ମୁଁ ମାଇନର ସ୍କୁଲରେ ଥାଏ । ଆଉ ଶିକ୍ଷକ ପାଇଁ ସେତେବେଳେ ଟଂକା କାହୁଁ ଆସିବ ? ଗୋପବଂଧୁଦାସ ମୟୂରଭଂଜରେ ରାଜ ଓକିଲ ଥାଆଂନ୍ତି । ତାଙ୍କ ସଂଗେ ପରାମର୍ଶ କରିବାର ବେଳ ନାଇ । ବର୍ଷ ଶେଷ ହୋଇ ଆସୁଥାଏ । ମୁଁ ରାମଚଂନ୍ଦ୍ରଂକୁ ମନାକରି ନିବର୍ତ୍ତାଇ—ଅଂତତଃ କିଛିଦିନ ହେଲେ ଅଟକାଇବା ପାଇଁ ଚିଠି ଲେଖିଲି । ସେ ଚିଠି ପାଇ ଆଉ ଉତ୍ତର ବି ଦେଲେ ନାଇ । ହଠାତ୍ ଜାନୁଆରୀ ପହିଲାରେ ଆସି ନିଜେ ହାଜର ହୋଇଗଲେ । ପଚାରିବାରୁ ଧୀର ଭାବରେ କହିଲେ, “ସେ କାମରେ ମୁଁ ରହିଲି ନାଇ । ଇସ୍ତଫା ଦେଇ ଆସିଲି । ସେଠାରେ ତରିଣ ଖସାପ

ହୋଇଯାଂତା ।” ପରେ ତାଂକଠାରୁ ଜାଣିଲି, କୌଣସି କାମ କରିଦେବା ଲାଗି ଜଣେ ଧନେ ତାଂକୁ ଟଂକାଟିଏ ଲାଂଚ ଯାଚିଲା । ସେ ତାହା ବହୁକଷ୍ଟରେ ଫେରାଇଲେ । ଆରଦିନ ଜଣେ ବିଶିଷ୍ଟ ସମ୍ମାନିତ ଲୋକ ଆସି ଟଂକାଟିଏ ଯାଚିଲେ । ନାହିଁ କରିବାରୁ ବୁଝାଇ ବସିଲେ ଯେ, ଏ କାର୍ଯ୍ୟରେ ଏପରି ନେବାକୁ ହୁଏ, ଏହା ଖରାପ ନୁହେ, ଇତ୍ୟାଦି । ରାମଚଂଦ୍ର ସେତିକିରେ ନିଜର ଭବିଷ୍ୟତ ଶୂନ୍ୟ ଦେଖିଲେ । କାମରେ ସଂଗେ ସଂଗେ ଇସ୍ତଫା ଦେଲେ ।

ରାମଚଂଦ୍ରଂକର ବଡ଼ ପରିବାର । ବୃଦ୍ଧ ପିତାମାତା ଋଣଭାରରେ ଆକ୍ରାଂତ । ଅର୍ଜନ ପାଇଁ ପୁଅକୁ ଆଶା କରି ବସିଥାଂନ୍ତି । କିଂତୁ ରାମଚଂଦ୍ର ଆସି ସତ୍ୟବାଦୀରେ ମାସିକ ଛଅଟଂକା ମାତ୍ର ଭତ୍ତାରେ ନିଜ ଜୀବନର ସାର୍ଥକତା ଦେଖିଲେ । ସାରା ଜୀବନର ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ଏ ଦୃଢ଼ତା ତାଂକର କେବେ ଲୁଚି ନାଇ ।

ସତ୍ୟବାଦୀ ସ୍କୁଲର ଯେତେଦିନ ଚିହ୍ନ ବର୍ଣ୍ଣ ଥିଲା, ସେତେଦିନ ସେ ସତ୍ୟବାଦୀ ଛାଡ଼ି ନାହାଂନ୍ତି । ସତ୍ୟବାଦୀ ଛାପାଖାନା ଯେତେଦିନ ଯାଏ ସତ୍ୟବାଦୀ ବିଦ୍ୟାଳୟରେ ଥିଲା, ସେତେଦିନଯାଏ ରାମଚଂଦ୍ର ସତ୍ୟବାଦୀର ଅନ୍ୟାନ୍ୟ କର୍ମୀଂକ ସହିତ ସେଇ ଛାପାଖାନାର ଶ୍ରୀବୃଦ୍ଧିରେ ପ୍ରାଣପଣେ ଲାଗିଥିଲେ । କେତେ କାଳ ପାଇଁ ଛାପାଖାନାର ମାନେଜର ହୋଇ ସେ ଅନୁଷ୍ଠାନଟିକୁ ଦୃଢ଼ ଓ ବଳିଷ୍ଠ କରି ଗଢ଼ିଥିଲେ ।

ଆତ୍ମ ସଂମାନର ଜ୍ଞାନ ତାଂକର ବରାବର ଅକ୍ଷୁର୍ଣ୍ଣ ଥିଲା । ଛାପାଖାନା ଛାଡ଼ି ମଧ୍ୟ ସେ ପଂଡିତ ଗୋପବଂଧୁଂକ ମୃତ୍ୟୁପରେ ଆଉ କିଛିଦିନ ପର୍ଯ୍ୟଂତ ସତ୍ୟବାଦୀରେ ନିଷ୍ଠାଧରି ପଡ଼ି ରହିଥିଲେ । ମାତ୍ର ଦାରିଦ୍ରତା ଓ ଋଣଭାର ଆଉ ସହି ନପାରି କଟକ ଚାଲି ଆସିଲେ । କେତେଦିନ କଟକରେ ଛାତ୍ରମାନଂକର ଗୃହଶିକ୍ଷକତା କରି ପରେ ଶ୍ରୀଯୁକ୍ତ ଗୋପାଳଚଂଦ୍ର ପ୍ରହରାଜଂକ 'ଭାଷାକୋଷ'ରେ ସହକର୍ମୀରୂପେ କାର୍ଯ୍ୟ କରୁଥିଲେ । ସେ କାର୍ଯ୍ୟ ତାଂକର ଶେଷହୋଇ ନାଇ । ପରିବାରର ଋଣଭାର ମଧ୍ୟ ଲଘୁ ହୋଇ ନାଇ । ଗୋପାଳବାବୁ ଆଜି ତାଂକୁ ଝୁରି ହେଉଛଂନ୍ତି, ପରିବାର ଆଜି ରାମଚଂଦ୍ରଂକୁ ହରାଇ ଅନାଥ !

ଛାତ୍ର ହୁଅଂନ୍ତୁ, ସହକର୍ମୀ ହୁଅଂନ୍ତୁ, ବଂଧୁ ବା ସହଚର ହୁଅଂନ୍ତୁ, ଯେ ରାମଚଂଦ୍ରଂକ ସଂପର୍କରେ ଆସିଚଂନ୍ତି, ସେ ତାଂକର ବ୍ୟକ୍ତିତ୍ୱ ଓ ଚରିତ୍ରର ଦୃଢ଼ତା, ଗଭୀର ଆତ୍ମସଂମାନଜ୍ଞାନ, ପ୍ରକୃତିର ମଧୁରତାରେ ମୁଗ୍ଧ ହୋଇଥିବେ । ବିଷୟଜ୍ଞାନ ଓ ଚିଂତା ଚତୁରତା, ସଂସ୍କାର ହିସାବରେ ଗଂଭୀର ଓ ସୁଦୃଢ଼ ପ୍ରବଣତା, କ୍ଷିପ୍ର ବିବେଚନା ଓ ନିର୍ବାଚନରେ ବିଚକ୍ଷଣତା ପ୍ରଭୃତି ଦୁର୍ଲଭ ଗୁଣମାନ ରାମଚଂଦ୍ରଂକ କ୍ଷୀଣ ବପୁଷ୍ଟିର ବ୍ୟକ୍ତିତ୍ୱକୁ ସୁଂଦର ଓ ଉଦାର କରି ରଖିଥିଲା । ଲୋକଚକ୍ଷୁର ଅଂତରାଳରେ ତାହା ଏବେ ଚିରଦିନ ପାଇଁ ଲୁପ୍ତ ହୋଇ, ଆତ୍ମତ୍ୟାଗବ୍ରତ ଉଦ୍‌ଯାପନ କରିଅଛି ।

ସତ୍ୟବାଦୀ ସ୍କୁଲ ଏକ ରକ୍ଷଣଶୀଳ କେଂନ୍ଦ୍ରରେ ଆରଂଭ କରା ହୋଇଥିଲା । ଛାତ୍ରଂକ ମଧ୍ୟରେ ବ୍ୟବହାରିକରେ ଜାତିଧର୍ମ ଭେଦ କରିବା ଅସଂଗତ ବୋଲି ସେଠାରେ କାର୍ଯ୍ୟରେ ପ୍ରଚାର କରାହେଲା । ସମସ୍ତଂକୁ ଏକା ଘରେ ଏକ ପଂକ୍ତିରେ ଖାଇବାକୁ ଦିଆହେଲା । ପୁରୀର ବ୍ରାହ୍ମଣମାନେ ପ୍ରତିବାଦ କଲେ । ପ୍ରତିବାଦ ଘୋର ବିଦ୍ୱେଷରେ ପରିଣତ ହେଲା । ମୁଁ ସେତେବେଳେ ବେ-ଦାଢ଼ୀ ନିଶ ରଖିଥିଲି । ପୁରୀର ମୁକ୍ତିମଂଡପ ପଂଡିତମାନେ ତାକୁଇ ବାହାନା କରି ମତେ ସମାଜରୁ ବାହାର କରି ଦେବାର ଘୋର ଉଦ୍ୟମ ଓ ଆୟୋଜନ କଲେ । ରାମଚଂଦ୍ର ସେତେବେଳେ

ମାତର ଦୃଢ଼ତାରେ ମୋର ଏକମାତ୍ର ସହଚର । ସେଥିପାଇଁ ସମାଜର ତୀବ୍ରତା ମଧ୍ୟ ତାଙ୍କ ଉପରେ ଅଧିକ ପଡ଼ିଥିଲା । ସେଇସବୁ ପ୍ରତିବାଦ ଓ ତୀବ୍ରତା ଘନୀଭୂତ ହୋଇ ସତ୍ୟବାଦୀର ବୃହତ୍ ସ୍କୁଲଘର ଓ ପୁସ୍ତକାଳୟ ପୋଡ଼ି ଭସ୍ମସାତ୍ କରିଥିଲା । କିନ୍ତୁ ଏକମାତ୍ର ରାମଚନ୍ଦ୍ର ସେତେବେଳେ ଏ ସମସ୍ତ ଭିତରେ ମୁଣ୍ଡଟେକି ମାତର ଦୃଢ଼ତା ଓ ଗର୍ବିତ ଦୈନ୍ୟରେ ଠିଆ ହୋଇ ରହିଥିଲେ ।

୧୯୧୨ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥଙ୍କ ନୂଆ କଳେବର । ସେ ବର୍ଷ ରଥଯାତ୍ରାର ଜନତା ଆଉ କେବେ ହୋଇନାହିଁ । ସେ ବିସୂଚିକା ମଫସଲର ଗ୍ରାମ ମାନଙ୍କରେ ରନ୍ଧ୍ରେ ରନ୍ଧ୍ରେ ପଶିଯାଇ ଅତି ପ୍ରବଳ ହୋଇଥିଲା । ସେତେବେଳେ ମଧ୍ୟ ରାତିଦିନ ଜୁଲାଇ ମାସର ଖରା ବର୍ଷାରେ ସମାନ ଭାବରେ ଏକମାତ୍ର ରାମଚନ୍ଦ୍ରଙ୍କ ସଙ୍ଗେ ଗ୍ରାମେ ଗ୍ରାମେ ବୁଲି ରୋଗୀ ସେବା କରିବା କଥା ଆଜ ମନେ ପଡ଼ୁଛି । ଆଜ ରାମଚନ୍ଦ୍ର ଚାଲିଗଲେ । କିନ୍ତୁ ସେ ବୀରତ୍ୱ, କର୍ମନିଷ୍ଠା ଓ ଆତ୍ମତ୍ୟାଗର ପ୍ରଭାବ ଜୀବନ୍ତ ରହିବ ବୋଲି ମନେହୁଏ । ରାମଚନ୍ଦ୍ର, ତୁମେ ନିଜେ ନିଃସନ୍ତାନ, ବିଧବାଙ୍କୁ ଗୋଟିଏ ବୃହତ୍ ଦରିଦ୍ର ପରିବାରରେ ଛାଡ଼ିଗଲ । ଯାଅ, କିନ୍ତୁ ତୁମରି ପରି ନୀରବ, ଆତ୍ମତ୍ୟାଗୀ, ନିଷ୍ଠାପର, ମନସ୍ୱୀ ଯେତିକି ଏ ଜଗତରେ ପ୍ରଗତିର ଯଥାର୍ଥ ପୀଠ ।

———

୪

## ସ୍ୱର୍ଗତ ପ୍ରଚାରକ ଅନନ୍ତ ମିଶ୍ର

ଅନନ୍ତ ମିଶ୍ରେ ଚାଲିଗଲେ । ୧୯୩୭ ମେ ମାସ ତା ୭ ରିଖରେ ତାଙ୍କର ପରଲୋକ ହେଲା । ଉତ୍କଳର ଜାତୀୟ ଆକାଶରୁ ଗୋଟିଏ ଅତି ଉଜ୍ଜ୍ୱଳ ନକ୍ଷତ୍ର ଲିଭିଗଲା । ତାଙ୍କର ବୟସ ହୋଇ ନ ଥିଲା । ୧୮୮୪ ଅକ୍ଟୋବର ମାସରେ ତାଙ୍କର ଜନ୍ମ । ବୟସ ମାତ୍ର ୫୨ ବର୍ଷ ୭ ମାସ । ସେ ଆଜକୁ ୨୫ବର୍ଷରୁ ଅଧିକ କାଳ ବିପତ୍ନୀକ ଥିଲେ । ଏକମାତ୍ର ପୁଅଛଡ଼ା ସଂସାରରେ ଯାହାକୁ ନିଜର କହନ୍ତି ସେପରି ତାଙ୍କର ଆଉ କେଉ ନ ଥିଲା । ଯେଉଁମାନେ ତାଙ୍କ ଭିତରକଥା ଜାଣନ୍ତି ସେମାନେ ବୁଝିଥିବେ ଯଥାର୍ଥ ନିଷ୍କାମ ସ୍ୱଦେଶପ୍ରାଣତାରେ ଜୀବନର ଶେଷଦିନ ଯାଏ ସେ କର୍ମ ଓ ସଂଗ୍ରାମପର ଥିଲେ । ମାତ୍ର ମୃତ୍ୟୁର ପ୍ରଧାନ କାରଣ ଅଭାବ—ସ୍ୱଚ୍ଛନ୍ଦ ଶାରୀରିକ ବ୍ୟବସ୍ଥା ନିମନ୍ତେ ଏକାନ୍ତ ଅଭାବ । ସିଂହଭୂମ ପାଇଁ ତାଙ୍କର ପ୍ରାଣ ଚିରଜାଗ୍ରତ ଓ ବ୍ୟାକୁଳ ଥିଲା । ସେଇ ସିଂହଭୂମ କର୍ମରେ ଆଜକୁ ପ୍ରାୟ ଦଶବର୍ଷ ପୂର୍ବେ ସେ ନିଜର ଟନ୍‌କଂଶର ପୈତୃକ ସମ୍ପତ୍ତି ମଧ୍ୟ ପଣ କରି ସାରିଥିଲେ । ଗ୍ରାମରେ ରହିବାର ଘର ମଧ୍ୟ ଏବେ ତାଙ୍କ ନିଜର ନ ଥିଲା । ଉତ୍ତମର୍ଣ୍ଣଙ୍କ ଠାରୁ କିଣିଥିବା ଲୋକଙ୍କ ଅନୁଗ୍ରହରେ ସେ ସେଥିରେ ଏବେ ରହୁଥିଲେ । ମରିବାପୂର୍ବରୁ ଯେତେବେଳେ ଜ୍ଞାନ ସଂପୂର୍ଣ୍ଣ ବିଶୃଙ୍ଖଳ ହୋଇ ନ ଥିଲା, ସେତେବେଳେ ଶ୍ରୀମତୀ ରାଧାମଣି ଦେବୀଙ୍କୁ ଶେଯପାଖେ ଦେଖି କହି ପକାଇଲେ—"ଆପଣ ଆସିଲେ । ଭଲ ହେଲା । ନୀଳକଣ୍ଠ ଦାସଙ୍କୁ ହୁଏତ ଆଉ ଜ୍ଞାନଥାଇ ଦେଖି ପାରିବି ନାହିଁ । କିନ୍ତୁ ମୋର ଆଜ କି ଆନନ୍ଦ, ଏପରି ଏ ଘରେ ମରିବି ବୋଲି ଜୀବନରେ କେବେ ଆଶା କରି ନ ଥିଲି । କେଉଁ ଗଛମୂଳେ ପଡ଼ି ଏକାକୀ ନିରାଶ୍ରୟ ଭାବରେ ମରିଥାନ୍ତି । ଆଜ ଆପଣମାନଙ୍କୁ ସମସ୍ତଙ୍କୁ ଦେଖୁଛି । ଶଶି ( ତାଙ୍କର ଏକମାତ୍ର ପୁଅ ଶଶିଭୂଷଣ ମିଶ୍ର ) ମଧ୍ୟ ମତେ ସେବା କରୁଛି । ଏ ମୋର ବହୁଭାଗ୍ୟ ।"

ଶେଷମୁହୂର୍ତ୍ତର ଏଇଭାବ ତାଙ୍କ ଜୀବନ ଇତିହାସ ପ୍ରଚାର କରୁଛି । ଏହାକୁ ବିଶ୍ଳେଷଣରେ ବୁଝାଇବାର ଦରକାର ନାହିଁ । ଜୀବନରେ ସେ କେବେ ଘରେ ରହିବାର କଳ୍ପନା କରି ନ ଥିଲେ । ଶେଷଦିନ ମଧ୍ୟ ଆତ୍ମୀୟ ସ୍ୱଜନଙ୍କ ପରିଚର୍ଯ୍ୟା କଥା ଦୂରେଥାଉ ପାଖେ ରହିବା ମଧ୍ୟ ସେ କଳ୍ପନା କରି ନ ଥିଲେ ।

ଏଇକଥା ସଂଗେ ସଂଗେ ପୁଣି ସେ କହିଲେ, "ନୀଳକଂଠ ଦାସଂକୁ କହିବ ସେ କୌଣସି କଥାରେ ବିଚଳିତ ହେବେ ନାଇ । ସେ କାର୍ଯ୍ୟଟିଏ ଧରୁଥିଲେ ତାହା କରିପାରିବେ । ମୁଁ ତ ଚାଲିଯାଉଚି । ତାଂକୁ କହିଦେବ, ସିଂହଭୂମି ଓଡ଼ିଶାକୁ ଆସିନାଇ । ଅଉ-କେତେ ଓଡ଼ିଆ ଭୂମି ବାହାରେ ଅଛି । ଏ କଥା ଯେପରି ଦେଶ ନ ଭୁଲେ । ମୁଁ ପୁଣି ସିଂହଭୂମ ଯିବାର ସଂକଳ୍ପ କରିଥିଲି; କିଂତୁ ଆଉ ହେଲାନାଇ । କାର୍ଯ୍ୟ ଆରମ୍ଭକଲେ ଅର୍ଥର ଅଭାବ ହେବନାଇ ।" ଏହାର ଅଳ୍ପ ସମୟପରେ ତାଂକର ଜ୍ଞାନ ବିଶୃଂଖଳ ହେଲା । ମଝିରେ ମଝିରେ ପ୍ରସ୍ତୁକଥା ସବୁ ମୁହଁରୁ ବାହାରି ଯାଉଥାଏ; କିଂତୁ ବାହ୍ୟ ଜ୍ଞାନ ନ ଥାଏ । ସବୁ କଥାରେ ସେଇ ସିଂହଭୂମ, ସେଇ ଓଡ଼ିଶା ବାହାରେ ଥିବା ଓଡ଼ିଆ ଭୂମି, ବେଳେ ବେଳେ ଲୋକଂକ ସଂଗେ ଦେଖାକରି ସେଇ ବିଷୟରେ ଅନୁରୋଧ ଓ ଯୁକ୍ତି କରିବା ପ୍ରକାଶ ପାଉଥାଏ ।

ମୃତ୍ୟୁର ଅବ୍ୟବହିତ ପରେ ସ୍ଥାନୀୟ ଯୁବକମାନେ ସତ୍ୟବାଦୀର ବକୁଳ ପଲ୍ଲୀ ମଧ୍ୟରେ ତାଂକ ଶବକୁ ପୁଷ୍ପ-ମଂଡିତ ବିମାନରେ ରଖି କାଂଧରେ ବହି ଶୋଭାଯାତ୍ରା କରିଥିଲେ । ନିସ୍ୱାର୍ଥ ନିଷ୍କାମକର୍ମୀ ଅନଂତ ମିଶ୍ରଂକର ଶୋକସନ୍ତପ୍ତା ପଲ୍ଲୀର ନରନାରୀଂକ ମୁଖରେ ସେ ଦିନ ଯେ ଦେଖିଚଂତି, ସେ ଭୁଲିବେ ନାଇ । ଲୋକେ-କହୁଥାଂତି, 'ଆହା ! ଧନ୍ୟ ଅନଂତ ମିଶ୍ରେ । ଜୀବନରେ କାମନା ନାଇ, ଅଭିଳାଷ ନାଇ । ଅନଂତ ମିଶ୍ରେ କେବଳ କର୍ମହିଁ ଜାଣୁଥିଲେ—ଲୋକଂକପାଇଁ କର୍ମ । ସେଇ କର୍ମ କରିବାରେ ସେ ଓଡ଼ିଶାରେ କୌଣସି ବନପ୍ରାଂତର ପୁରପଲ୍ଲୀ ବାଦ ରଖିନାହାଂତି । ଏପରି ଆଉ କିଏ ହେବ ?" ପଲ୍ଲୀବନିତା କାଂଦି କାଂଦି ମଧ୍ୟ ମିଶ୍ରଂକର ଏଇଗୁଣ ସ୍ମରୁଥାଏ । ବାସ୍ତବିକ ଧନ୍ୟ ଅନଂତ ମିଶ୍ରେ ! ନିଷ୍କାମ କର୍ମସେବା ତୁମର ଜୀବନରେ ଏକା କାର୍ଯ୍ୟରେ ଦେଖାଗଲା । ତମପରି ଏ ଦେଶର ପୁରପଲ୍ଲୀ ବନପ୍ରାଂତର ଆଉ କିଏ ଚିହ୍ନିଛି ? ସେପରି ଅଭିଳାଷହୀନ ହୋଇ ଦେଶସେବା କେତେ ଜଣ କରିପାରିଂତି ? ଦେଶସେବାରେ ସର୍ବସ୍ୱାଂତ ହୋ'ଇ ମଧ୍ୟ ତୁମେ ନିରାଶ ହୋଇ ନ ଥିଲ । ଶରୀର ଭାଂଗି ଗଲା; ମାତ୍ର ସଂକଳ୍ପ ତୁଟିନାଇ । ଆଜି ସେଇ ସଂକଳ୍ପ ଯେନ କୁଆଡ଼େ ଗଲା, ତା'ର-ବାକି ପରିଣାମ, କିଏ ଜାଣେ ?

୧୯୦୧ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମକାଳର ସେ ରୁଦ୍ରମାର୍ତ୍ତଣ୍ଡ ଆଜି ମନେପଡ଼ୁଛି । ଜୀବନରେ ସେ ସ୍ମରଣୀୟ ଦିନ ତୁମ ସ୍ମୃତିସଂଗେ ଜୀବିତ ଅଛି, ରହିବ । ଭାର୍ଗବୀର ଏ ପାଖେ ବଳପୁର, ସେ ପାଖେ ସୁଆଂଡ଼ । ସୁଆଂଡ଼ ପାଖେ ବଂଧତଳେ ନଈର ଧାର । ତା'ପରେ ବଳପୁର ପଟକୁ ନଈର ବାଲିଶେଯ ରୂପାପରି ଧ'ଉ ଧ'ଉ ଦିଶୁଥାଏ । ବଳପୁର ଓ ପାର୍ଶ୍ୱବର୍ତ୍ତୀ ପଲ୍ଲୀରେ ସେତେବେଳେ ଭୀଷଣ ବିସୂଚିକା । ସେଇ ବାଲି ବଳପୁରର ଶ୍ମଶାନ; ଶ୍ମଶାନରେ ଅର୍ଦ୍ଧଦଗ୍ଧ ଶବ ପଡ଼ିଥାଏ । ଲୋକେ ପୋଡ଼ି ପାରୁ ନ ଥାଂତି । ସେ ରାତିରେ ଶୃଗାଳମାନେ କୋଳାହଳ କରି ସେ ଶ୍ମଶାନରେ ନୃତ୍ୟ କରୁଥାଂତି । ନଈଉପରେ ସୁଆଂଡ଼ ବଂଧ । ବଂଧକୁ ଲାଗି ବଂଧତଳେ ସୁଆଂଡ଼ର ଗ୍ରାମ-ଦେବତା । ସୁଆଂଡ଼ ସ୍ୱର୍ଗତ ପଂଡିତ ଗୋପବଂଧୁଂକ ଗ୍ରାମ । ଗୋପବଂଧୁ ପ୍ରତିବର୍ଷ ଗ୍ରୀଷ୍ମାବକାଶରେ. ସେତେବେଳେ ସେଇ ଗ୍ରାମ ଦେବସ୍ଥଳରେ ୭ଦିନ ହବିଷକରି ସେଇ ସାତଦିନମଧ୍ୟରେ ଜଗନ୍ନାଥ ଦାସଂକର ୧୨ସ୍କଂଧ ଯାକ ଭାଗବତ ଆବୃତ୍ତି କରୁଥାଂତି । ତାହାକୁ କହଂତି ସପ୍ତା ବସିବା । ସେ ରାତି ସେବର୍ଷ ସପ୍ତା ବସିବା ମଧ୍ୟରେ ଏକରାତି । ଗୋପବଂଧୁଂକର ବି. ଏ. ଫେଲ ହୋଇଥିବା ଫଳ ବାହାରି ଯାଇଥାଏ । କିଂତୁ ସେଥିରେ ଭ୍ରୂକ୍ଷେପ ନ ଥାଏ । ସପ୍ତା ବସିବାରେ ତିଳେ ହେଲେ ପ୍ରତ୍ୟବାୟ ନ ଥାଏ । ସଂଗରେ ଆଚାର୍ଯ୍ୟ ହରିହର ଦାସ ଥିଲେ ।

ଦିନବେଳେ ଆମେ ତିନିଜଣ ଯାଇ ସତ୍ରା ଉପରେ ଭାଗବତ ପାଠରେ ନିରତ ଥିବା ପ୍ରସନ୍ନ ଗୋପବନ୍ଧୁଙ୍କୁ ଯେପରି କି କାଲି ଦେଖିଲାପରି ଲାଗୁଛି । ସେଇଦିନ ପୁଣି ପ୍ରଥମେ ସେଇଠାରେ ଭାଗବତକୁ ପୂଜା ହୋଇଥିବା ଭାତର ମହାପ୍ରସାଦ ବ୍ୟବହାର । ଅନଭ୍ୟସ୍ତତା ହେତୁରୁ ରୁଚିରେ ଟିକିଏ ବାଧା ଆସିଥିଲା । କିନ୍ତୁ ଗୋପବନ୍ଧୁଙ୍କର ପ୍ରସନ୍ନ ସୂଚନାରେ ପ୍ରାଣ କିପରି ଅଭିଭୂତ ହୋଇଥିଲା ତାହା ମଧ୍ୟ ମନେ ପଡ଼ୁଛି । ସନ୍ଧ୍ୟା ପରେ ଖଣ୍ଡିଏ ମାତ୍ର ଦୋପଟା ଘୁଞ୍ଚ ପକାଇ ଗୁରିଜଣଯାକ ନଈବନ୍ଧ ଉପରେ ବରଗଛ ତଳେ ଶ୍ମଶାନର ସେଇ ଶିବାରବ ମଧ୍ୟରେ ବସି ଦେଶର ଅବସ୍ଥା ଓ ଜୀବନର ଭବିଷ୍ୟତ କଳ୍ପନା ଓ ଜଳ୍ପନାରେ ସବୁ ଏକାବେଳକେ ପ୍ରଭାତ ହୋଇଯାଇଥିଲା । ପ୍ରଭାତର ଠିକ୍ ପୂର୍ବ ଯାମରେ ସେଇ ସଂକଳ୍ପ କଥା ଆଜି ଅତୀତ ହେଲେହେଁ ମୃତ ନୁହେ । ସରକାରୀ ଚାକିରି କରିବା ନାଇ, ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ, ନିଜକର୍ମରେ ମରିବା ପୂର୍ବରୁ ତାହାଠାରୁ ଉନ୍ନତତର ଦେଖିବା, ଏଇ ସଂକଳ୍ପର ଦ୍ୱିତୀୟ ସାଥି ତୁମର ମଧ୍ୟ ମରିବାଦିନ ହୋଇଗଲା । ହୁଏତ ସେଉଁଠାରୁ ଆଉ ଫେରନ୍ତି ନାଇ, ସେ ଭୂମିରେ ଗୋପବନ୍ଧୁଙ୍କ ସଂଗେ ଦେଖାହେବ । ଜୀବନର ପ୍ରଥମରେ ଦେଶକୁ କଣ ଦେଖିଥିଲ, ଦେହ ଛାଡ଼ିଲାବେଳେ କି ଅବସ୍ଥାରେ ଦେଖିଲ, ତାହାର ଗଣନା ହୁଏତ କରିବାରେ ତୁମେ ଯାଇ ଗୋପବନ୍ଧୁଙ୍କ ସଂଗେ ସହଯୋଗ କରିବ । କିନ୍ତୁ ତୁମର ସେଇ ସଂକଳ୍ପ ଦିନର ସାଥି ଆଉ ଯେ ଦୁଇଜଣ ରହିଲେ ତାଙ୍କର ଗଣନାରଦିନ କେବେ ଆସିବ ଜଣାନାଇ । ମାତ୍ର ଏବର ଗଣନାରେ ତୁମର ସ୍ମୃତି କି ବିଭାବ ମିଶାଇବ ବା ପ୍ରତ୍ୟବାୟ ହେବ କି ସାହାଯ୍ୟ କରିବ, ତାହା ବର୍ଣ୍ଣନା କରିବାର ବସ୍ତୁ ନୁହେ ।

ମନେ ପଡ଼ୁଛି ପୁଣି କଣ ଆନ୍ଦୋଳନର କଥା । ମୁଁ ଦାଢ଼ି କାଟି ନିଶ ରଖିଲି । ସଂଗେ ସଂଗେ ସତ୍ୟବାଦୀ ସ୍କୁଲ କରି ବସିଲି । ସ୍କୁଲ ଛାତ୍ରାବାସର ଭୋଜନ ବିଧାନରେ ଜାତିଭେଦ ଯେଉଁ ପଂକ୍ତି ଭେଦ ଉଠିଗଲା । ସେ କାଳର ପୁରୀର ପଂଡିତ ସମାଜ ବ୍ୟସ୍ତ ଓ ବିବ୍ରତ ହୋଇ ଉଠିଲେ । ହିନ୍ଦୁ ଧର୍ମର ହାନି ଦେଇ ପଂକ୍ତି ଭେଦରେ ଭୋଜନବିଧାନ କରିବାକୁ ମୋତେ ଅନୁରୋଧ କଲେ । ମୁଁ ସେତେବେଳେ ଏକା । ଆଚାର୍ଯ୍ୟ ହରିହର ଥିଲେ ପି, ଏମ୍, ଆକାଡେମିରେ ମାଷ୍ଟର । ଗୋପବନ୍ଧୁ ଥିଲେ ମୟୂରଭଂଜରେ ଓକିଲ । ତୁମେ ଥିଲ ଡେଲାଂଗ ମାଇନର ସ୍କୁଲରେ । ପଂଡିତମାନେ ପଂକ୍ତି ଭେଦକୁ ମୁଖ୍ୟ କରି ନ ଧରି, ଧରିଲେ ମୋ ଦାଢ଼ି ହୀନ ନିଶକୁ । ସେଥି ସଂଗେ ସାମାଜିକ ନାନାବିଧ ବୈପ୍ଳବିକ ଅତ୍ୟାଚାରର କଥା ଯୋଡ଼ା ହେଲା । ପୁରୀ ମନ୍ଦିରର ମୁକ୍ତି ମଣ୍ଡପ ଏଥିରେ ଜାଗ୍ରତ ହୋଇ ଉଠିଥିଲେ । ଗୋପବନ୍ଧୁ ମୁକ୍ତିମଣ୍ଡପର ଅଧିକାରୀ ନୁହନ୍ତି । ତୁମେ କିନ୍ତୁ ଶୁଣିବାମାତ୍ରେ ଦାଢ଼ି କାଟିଦେଇ ନିଶ ରଖିଥିଲ । ଆଚାର୍ଯ୍ୟ ହରିହର ମଧ୍ୟ ତାହାଇ କରିଥିଲେ । ପ୍ରଥମରୁ ୧୬ ଶାସନ ଭୋଗ ସଂପର୍କରେ ମନ୍ଦିର ମଧ୍ୟରେ ସେଇ ବିରାଟ ବ୍ରାହ୍ମଣ ସଭାର ଆୟୋଜନ କଥା ମନେ ପଡ଼ୁଛି । ପଂଡିତମାନେ ସାରାଦିନ ବହୁଯତ୍ନ କରି ସୁଦ୍ଧା ତାହା କରାଇ ପାରି ନ ଥିଲେ । ସେ ସମସ୍ତ ଘଟଣା ମଧ୍ୟରେ ତୁମର ସେଇ ଜ୍ୱଳନ୍ତ ଯୁବଭାବଦୀପ୍ତ ମୁଖମଣ୍ଡଳ ଓ ସେଥିରୁ ନିଃସୃତ ଜନସମାଜ ପ୍ରତି ବାଗ୍ମୀତାର ଅଭୟ ବାଣୀ ଆଜି ମଧ୍ୟ ମୋର ମନେ ପଡ଼ୁଛି । ମୋ ମତରେ ସେଇ ଦିନଇ ତୁମର ପ୍ରଚାରକତ୍ୱର ପ୍ରଥମ ପ୍ରତିଷ୍ଠା । ଲୋକଙ୍କୁ ବୁଝାଇ ଶୃଂଖଳିତ କରିବାର ତୁମର ଯେଉଁ ଶକ୍ତି ପରବର୍ତ୍ତୀ କାଳରେ ତୁମର ସମସ୍ତ ଜୀବନକୁ ଅନବଛିନ୍ନ କ୍ରିୟା ପ୍ରବାହରେ ପ୍ରାଣିତ କରିଥିଲା, ତାହା ସେଇ ଘଟଣାରେ ପ୍ରଥମେ ପ୍ରକାଶ ପାଇଥିବାର ମୋର ମନେହୁଏ । ସେ ୧୯୧୧ ଖ୍ରୀଷ୍ଟାବ୍ଦର କଥା ।

ଯଥାର୍ଥରେ ଏଇ ଘଟଣା ପରେ ତୁମେ ଡେଲାଂଗ ମାଇନର ସ୍କୁଲ ଛାଡ଼ିଦେଲ ଓ ଏକାଂତ ନିରବଲଂବ ଭାବରେ ପ୍ରଚାର କାର୍ଯ୍ୟ ଧରି ଦେଶକୁ ବାହାରି ପଡ଼ିଲ । ଏଇ ଘଟଣାର ପ୍ରାୟ ଦେଢ଼ ବର୍ଷ ପରେ ତରଳା ରାଜ୍ୟର ଦଂଡା-ଶାସନ ବା ମୁକ୍ତାପୁର ପଲ୍ଲୀ ସମ୍ମିଳନୀ କଥା ମୋର ମନେ ପଡ଼ୁଛି । ଏହା ପୂର୍ବରୁ ତୁମେ ବହୁ ପଲ୍ଲୀ ବୁଲିଥିଲ । ହୁଏତ ନିଜେ ବହୁତ କ୍ଷୁଦ୍ର ବୃହତ୍ ସମ୍ମିଳନୀ କରିଥିଲ । ୧୯୦୧ ସାଲ ପରେ ସତ୍ୟବାଦୀ ଅଂଚଳରେ ମଧ୍ୟ ବହୁ ପଲ୍ଲୀ ସମ୍ମିଳନୀ ହୋଇ ଯାଇଥିଲା । ତୁମେ ଏ ସବୁଠାରେ ଥିଲ । କିଂତୁ ସେଦିନ ମୁକ୍ତାପୁର ସମ୍ମିଳନୀରେ ତୁମର ପୁଷ୍କଳ କୃତି ସ୍ମରଣୀୟ ।

ସେଦିନ ଜଗତରେ ଲୋକସମାଜର ଆଦି ଗଠନଠାରୁ ମାନବ ସଭ୍ୟତାର କ୍ରମୋନ୍ନତି ଧରି ଜନତାକୁ ତୁମେ ଯେପରି, ଭଲ ମଂଦ ବାଟେ ଗତି ଓ ନିବୃତ୍ତି ଦେଖାଇଥିଲ ତାହାର ସ୍ମୃତି ଆଜି ଆହା କି ସୁଂଦର; କିଂତୁ କି କରୁଣ । ତିନିଘଂଟାବ୍ୟାପୀ ତୁମର ସେ ବାଗ୍ମିତାର ନିସ୍ୟଂଦ ସ୍ଥିର ଓ ନିର୍ନିମେଷ ଜନତାକୁ କିପରି ମୁଗ୍ଧ ଓ ଅଭିଭୂତ କରିଥିଲା ତାହା ବର୍ଣ୍ଣନା କରିବାର ବସ୍ତୁ ନୁହେ ।

ତା'ପରେ ତୁମେ ହେଲ ଯଥାର୍ଥ ପ୍ରଚାରକ । ପ୍ରଚାରକ ବୋଲି ତୁମକୁ କେଇ ସଭାକରି ଉପାଧି ଦେଇନାଇ । ତୁମର କାର୍ଯ୍ୟରେ ଲୋକେ ତୁମକୁ କହୁଥିଲେ ପ୍ରଚାରକ । ତୁମେ ହେଲ ପ୍ରଚାରକ । ଏ ନିରୁତା ଉପାଧିର ସମାଲୋଚନା ନାଇ । ତାହା କେଇ କେବେ କରିନାଇ, ଏବେ ମଧ୍ୟ କରୁନାଇ । ଏଇ ପ୍ରଚାର ବାର୍ତ୍ତା ଯେଣୁ ତୁମେ ଉତ୍କଳର ପୁରପଲ୍ଲୀ ବନପ୍ରାଂତର ଗିରିନଦୀ ସବୁ ଦେଖିଚ । ପଦବ୍ରଜରେ ଏପରି ପ୍ରଚାରକ ଓଡ଼ିଶାରେ ଆଉ କେଇ ହୋଇନାହିଁ । ହେବ ବୋଲି ଆଶା ନାଇ । ଏ ସମସ୍ତ ପ୍ରଚାର ମୂଳରେ ତୁମର ପ୍ରାଣ ଥିଲା ଓଡ଼ିଆର ଜାତୀୟତା । ଉପାଂତ ଓଡ଼ିଆ ଭୂମି ଓଡ଼ିଆ ହେବ ଏହାଇ ତୁମ ପ୍ରଚାରର ଥିଲା ମୂଳମଂତ୍ର । କଂଗ୍ରେସ ଆସିଲା । ସେଥିରେ ପ୍ରାଣପଣେ ଯୋଗ ଦେଇଚ । କିଂତୁ ତୁମର ସେଇ ନିଜର ଆଦର୍ଶରୁ କେବେ ଭ୍ରଷ୍ଟ ହୋଇନାହିଁ । ସମସ୍ତ କଂଗ୍ରେସ କାର୍ଯ୍ୟ ମଧ୍ୟରେ ତୁମେ ଓଡ଼ିଆର ସେଇ ଜାତୀୟତାକୁ ଶୟନେ ସ୍ୱପନେ ଜାଗରଣେ ସମ୍ବଳ କରିଥିଲ । ସେଥିପାଇଁ ବିଶେଷରେ ତୁମର କର୍ମକ୍ଷେତ୍ର ହେଲା ସିଂହଭୂମ ।

ବାସ୍ତବରେ ତୁମର କାର୍ଯ୍ୟ ବିନା ସିଂହଭୂମିରେ ଆଜିମଧ୍ୟ ଓଡ଼ିଆ ନାମ ଫୁଟି ନ ଥାଂତା । ଦୁଃସ୍ଥ ଓ ପୁରୋଦୃଷ୍ଟିହୀନ ସିଂହଭୂମ ଓଡ଼ିଆ ଭାରତ ଜାତୀୟତାର ମଂତ୍ର ଧରି ନିଜର କାର୍ଯ୍ୟ ସାଧନ କରିବାକୁ ବସିଥିଲେ ଆଜି ନିଶ୍ଚୟ ଅବସ୍ଥା ଭିନ୍ନ ପ୍ରକାର ହୋଇଥାଂତା । ତାହା ହୋଇ ନାଇ; କିଂତୁ ସେ ଦୋଷ ତୁମର ନୁହେ । ତୁମେ ପ୍ରଥମେ ଜେଲ ଯାଇଥିଲ ସିଂହଭୂମିରୁ । ଜେଲରୁ ଫେରି ସିଂହଭୂମିର 'ସମ୍ମିଳନୀ' ଖବର କାଗଜ ବାହାର କରି ସେଠାରେ ଜାତୀୟତା ପ୍ରତିଷ୍ଠା କରିବାପାଇଁ ସଂକଳ୍ପ କଲ । ଦେଶ ଲୋକଂକ ସହଯୋଗରେ ତୁମର ଅଖଂଡ ବିଶ୍ୱାସ ଥିଲା । ଶେଷରେ ନିଜର ସମସ୍ତ ପୈତୃକ ସଂପତ୍ତି ପର୍ଯ୍ୟଂତ ପଣକରି ତୁମେ ସିଂହଭୂମର 'ସମ୍ମିଳନୀ' ସେବା କରିଥିଲ । ବଂଧୁମାନେ ଆଗକୁ ପଛକୁ ଚାହିଁ ତୁମକୁ ନାନା ପରାମର୍ଶ ଦେଇଥିଲେ, ପୈତୃକ ସଂପତ୍ତି ପଣ ନ କରିବାକୁ କହିଥିଲେ । ତୁମେ ଶୁଣି ନ ଥିଲ । ତୁମର ବିଶ୍ୱାସ ଦେଶ ଲୋକେ ନିଶ୍ଚୟ ତୁମ କାର୍ଯ୍ୟରେ ସାଥି ହେବେ । ସେ ବିଶ୍ୱାସ ପାଖେ କୌଣସି ବ୍ୟକ୍ତିଗତ ତ୍ୟାଗ ତୁମକୁ ବଡ଼ ଦିଶୁ ନ ଥିଲା । ସେଥିପାଇଁ ଶେଷ ଜୀବନ ପର୍ଯ୍ୟଂତ ତୁମେ ନିସ୍ୱ ଓ ତ୍ୟାଗପୂତ ଭାବରେ ଜୀବନର ଆଦର୍ଶ ସେବା କରିଥିଲ ।

ତୁମର ବଡ଼ ନେତୃତ୍ୱର ଆକାଂକ୍ଷା ନ ଥିଲା । ନିଜର ତ୍ୟାଗକୁ ଦେଶରେ ଜଣାଇବାର କଳ୍ପନା ମଧ୍ୟ

ନ ଥିଲା । ଦେଶରେ ବହୁବଡ଼ ଲୋକ ହେବେ, ହୋଇ ପାରନ୍ତି, କିନ୍ତୁ ତ୍ୟାଗର ଏ ନିଷ୍ଠା ଆଦର୍ଶ ସାଧନରେ ପ୍ରଯତ୍ନର ଏ ପରାକାଷ୍ଠା ଜଗତରେ କଦାଚିତ୍ କ୍ୱଚିତ୍ ଦେଖାଯାଏ ।

ପ୍ରଚାରକ ଭାବରେ ବହୁକାଳ ତୁମେ ପ୍ରତି ସପ୍ତାହରେ ଡାଇରି ବା ଦୈନିକ ବିବରଣୀ ଲେଖି ଆଶା ପତ୍ରିକାରେ ପ୍ରକାଶ କରୁଥିଲ । ଦେଶର ପୁରପଲ୍ଲୀ ସଂଗେ ନିଜେ ପରିଚିତ ହୋଇ ଲୋକଙ୍କୁ ସେଥିରେ ପରିଚିତ କରାଇବାର ଏ ପ୍ରଚେଷ୍ଟା ଓଡ଼ିଶାରେ ଅନନ୍ୟ ଦେଖାନାଇ ।

ଆଜିମଧ୍ୟ ସେ ଡାଇରି ସଂକଳିତ ହେଲେ ଦେଶର ସାହିତ୍ୟରେ ଅତ୍ୟନ୍ତ ଆଦରଣୀୟ ହେବ; କିନ୍ତୁ ଓଡ଼ିଶାରେ ଏକେ ସାହିତ୍ୟର ଆଦର ନିମନ୍ତେ ସ୍ଥାନ ଆସିନାଇ, ସେଥିରେ ପୁଣି ପ୍ରଚାରକଙ୍କ ଡାଇରି କିଏ ବା ଖୋଜିବ ? ଦେଶର ଅବସ୍ଥା ବା ପରିସ୍ଥିତି ଯାହା ହେଉ ତୁମର କର୍ମର ନିଷ୍କାମତାରେ ଅପଳାପ ହୋଇ ନାଇ । ଏଇ ନିଷ୍କାମତାରେଇ ତୁମର କର୍ମ ବରଂ ପବିତ୍ରତର ଓ ଉଜ୍ଜ୍ୱଳତର ହୋଇଅଛି ।

ସାମାଜିକ ଭାବରେ ତୁମକୁ ଦେଖିବାର ଅବକାଶ ଉତ୍କଳରେ ବହୁ ଲୋକଙ୍କର ହୋଇନାଇ । ଦେଶର ମୁଖ୍ୟ ରାଜନୈତିକ ଓ ଆର୍ଥିକ ସମସ୍ୟାର ସମାଧାନର ପ୍ରଚେଷ୍ଟା ମଧ୍ୟରେ ବ୍ୟକ୍ତିତ୍ୱର ସେ ବିକାଶ ଏବେ ନ ଦିଶିବାର କଥା; କିନ୍ତୁ ସେଠାରେ ମଧ୍ୟ ତୁମର ଦୃଢ଼ ବ୍ୟକ୍ତିତ୍ୱ ପ୍ରତିଷ୍ଠା ସ୍ମରଣୀୟ । ନିରହଂକାର ଓ ନିଷ୍କାମ ଭାବରେ ତୁମେ ଏ କ୍ଷେତ୍ରରେ ମଧ୍ୟ ଯେ କାର୍ଯ୍ୟ କରୁଥିଲ ତାହାର କଳନା ଏବେ ସମ୍ଭବ ନୁହେ । ସର୍ବୋପରି ଦେଖିବାର କଥା ତୁମର ସେଇ ତ୍ୟାଗପୂତ ନିଷ୍ଠା ଓ ନିରାଡ଼ମ୍ବର ସହିଷ୍ଣୁତା । ଯଥାର୍ଥ ଦେଶସେବାରେ ଏକପ୍ରକାର ନିରନ୍ତତା ବରଣ କରି ତୁମେ ମାନବୀୟତାର ଶ୍ରେଷ୍ଠ ପଦବୀରେ ପାଦଦେଇ ଯେପରି କି ସ୍ୱର୍ଗ ମର୍ତ୍ତ୍ୟର ବ୍ୟବଧାନ ହ୍ରସ୍ୱ କରି ଅକାଳରେ ସ୍ୱର୍ଗ ବରଣ କରିଅଛ । ବଡ଼ ତୁମେ ଥିଲ; କିନ୍ତୁ ବଡ଼ ହୋଇ ନାହଁ ! ସେଥିରେ ତୁମର କିଛି କ୍ଷତି ବୃଦ୍ଧି ନାଇ । ପୁଣି ଆଜି ତ ତୁମେ ସେ ସବୁ କ୍ଷତି ବୃଦ୍ଧିରୁ ଅତୀତ; ମାତ୍ର କର୍ମୀ ପୁରୁଷର କର୍ମମୟ ଜୀବନ ହିଁ ମରଣରେ ଦେଶର ସଂପଦ । ସେ ସଂପଦରେ ଏ ଦେଶ ଅତି ଶୀଘ୍ର ଅଧିକାରୀ ହେବ ବୋଲି ଦେଶାତ୍ମ-ବୋଧବିଶିଷ୍ଟ ବ୍ୟକ୍ତି ମାନେ କାମନା କରିବେ । ବିଧାତା ସେ କାମନାର ପୂରଣରେ ସହାୟ ହୁଅନ୍ତୁ !

---

୫

## ସ୍ୱର୍ଗତ କୃପାସିନ୍ଧୁ ମିଶ୍ର

ସ୍ୱର୍ଗତ କୃପାସିନ୍ଧୁ ମିଶ୍ର ସତ୍ୟବାଦୀ ସ୍କୁଲର ଜଣେ ବିଶିଷ୍ଟ ଓ ପ୍ରସିଦ୍ଧ କର୍ମୀ ଥିଲେ । ପରେ ଯେତେବେଳେ ୧୯୨୧ରେ ଏଇ ସ୍କୁଲଟି 'ସତ୍ୟବାଦୀ-ବିହାର' ନାମରେ ଉତ୍କଳର ଜାତୀୟ ବିଦ୍ୟାଳୟର କେନ୍ଦ୍ର ହେଲା, ସେତେବେଳେ ସେ ଥିଲେ ସେଇ ବିହାରର ପ୍ରଧାନ । ଏହାପୂର୍ବରୁ ସେ ଉପାନ୍ତ ଓଡ଼ିଆ-ଭୂମିରେ ଓଡ଼ିଆ ଭାଷାର ପ୍ରଚାର ଉଦ୍ଦେଶ୍ୟ ଯେନି ସେତେବେଳେ ନୂତନ ସ୍ଥାପିତ ଧଳଭୂମିର ବାହାଡ଼ା-ଗୋଡ଼ା ଓଡ଼ିଆ ଉଚ୍ଚଇଂରାଜୀ ବିଦ୍ୟାଳୟର କେତେଦିନ ପ୍ରଧାନ ଶିକ୍ଷକ ଥିଲେ ।

ଯେତେଦୂର ମନେହୁଏ, ଆଜକୁ ୩୨ବର୍ଷ ତଳେ ୧୯୨୭ ଫେବ୍ରୁୟାରୀରେ ନିଜଗ୍ରାମ ବୀରପ୍ରତାପ-ପୁରଠାରେ ତାଙ୍କର ତିରୋଧାନ ଘଟିଥିଲା । ସେଇ-ହିସାବରେ ଆଜି ତାଙ୍କ ମୃତ୍ୟୁର ୩୩ଶ ସାମ୍ବତ୍ସରିକ । ତାଙ୍କ ତିରୋଧାନବେଳେ ମୁଁ ଥିଲି ଦିଲ୍ଲୀରେ । ହଠାତ୍ ଦିନେ ସନ୍ଧ୍ୟାରେ ପଣ୍ଡିତ ଗୋପବନ୍ଧୁଙ୍କଠାରୁ ସତ୍ୟବାଦୀରୁ ଟେଲିଗ୍ରାମରେ ପାଇଲି କୃପାସିନ୍ଧୁଙ୍କ ମୃତ୍ୟୁ ଖବର । ଠିକ୍ ତାରିଖଟି କ'ଣ ଥିଲା ମନେନାଇ ।

ବୋଧହୁଏ ସେଥିରେ ଥିଲା, "Now all is over Krupasindhu expired". ଏହି ଦାରୁଣ ଓ ମର୍ମଭେଦୀ ସମ୍ବାଦ ମୋର ଏକାବେଳକେ ଅନାଶଂକିତ ଥିଲା । ତଥାପି ସେଠାରୁ ଆଜଯାଏ କୃପାସିଂଧୁଂକ ମୃତ୍ୟୁ ବିଷୟରେ ଆଉ କିଛି ଚିଂତା ବା ପ୍ରକ୍ରିୟାର ବିଶେଷ କିଛି ଆରଂଭ ବା ସମାରୋହ ହୋଇଥିବାର ମୋ ମନେ ନାହିଁ ।

ଏବେ ପ୍ରାୟ ମାସକତଳେ ଖଂଡେ ଚିଠି ପାଇଲି । ତା' ଲେଖିଥିଲେ ଜାଣିଲି କୃପାସିଂଧୁଂକ ଧର୍ମପତ୍ନୀ ସାବିତ୍ରୀ । ସେ ଲେଖାରୁ ଜାଣିଲି କୃପାସିଂଧୁଂକ ମୃତ୍ୟୁବେଳେ ସ୍ୱର୍ଗତ ପଂଡିତ ଗୋପବଂଧୁଦାସ ତାଂକ ଘରକୁ ଯାଇ ସାବିତ୍ରୀଂକୁ କହିଥିଲେ, "ଏ ଅସ୍ଥି ରଖି ଥା । ହଜାଇଦବୁ ନାହିଁ । କେଉଁବେଳେ କାମରେ ଲାଗିବ ।" ଚିଠିଖଂଡ ପଢ଼ି ମୁଁ ସ୍ତଂଭୀଭୂତ ହୋଇଗଲି । ସଂଗେ ସଂଗେ ଗୋପବଂଧୁଂକ ଦିବ୍ୟ ସୁଦୂରଦୃଷ୍ଟି ଓ ଭବିଷ୍ୟତ କଳ୍ପନାର ବିଳକ୍ଷଣତା ମନେ ପଡ଼ିଲା । ମନେପଡ଼ିଲା ଏତେଦିନ ପରେ ମଧ୍ୟ ବିଶେଷରେ ସ୍ୱର୍ଗତ ଗୋଦାବରୀଶଂକ ମୃତ୍ୟୁଠାରୁ ଯେ ଉତ୍କଳବ୍ୟାପୀ ଚହଳ ଆରଂଭ ହେଲା ଓ ସେଥିରେ ବିଶେଷରେ 'ସମାଜ' ଓ ସମାଜର ମୁଖ୍ୟ ତଥା ଅନ୍ୟ କର୍ମୀବର୍ଗ ଯେପରି କ୍ରିୟାବାନ୍ ହେଲେ ଓ ତାଂକ ପ୍ରଭାବରେ ଦେଶ-ଯେପରି ସତେ କି ଆଉଥରେ ସତ୍ୟବାଦୀର ସେ କାଳର ପୁଣ୍ୟ ପ୍ରଭାବରେ ପ୍ରଭାବିତ ହେଲା । ମୁଁ ଏସବୁ କଥା ଚିଂତାକରି ଏ ଚିଠିର କଥା ଶ୍ରୀ ରାଧାନାଥ ରଥଂକୁ ଫୋନରେ କହିବା ପାଇଁ ଚେଷ୍ଟା କଲି । ସେ ନ'ଥିଲେ । ତହୁଁ ଶ୍ରୀ ଶ୍ରୀହର୍ଷ ମିଶ୍ରଂକୁ ଫୋନ କରି କୃପାସିଂଧୁଂକ ଧର୍ମପତ୍ନୀ ଲେଖିଥିବା ଚିଠିର ଉଦ୍ଦେଶ୍ୟଟି ଜଣାଇ ଦେଲି । କହିଲି, ସେ ଲେଖିଚଂତି ଯଦି ଅସ୍ଥିର ବ୍ୟବହାର କିଛି ନ ହୁଏ, ସେ ନିଜେ ତାହାର ବ୍ୟବସ୍ଥା କରିବେ । କିଂତୁ ଶ୍ରୀହର୍ଷ ମିଶ୍ରେ ହଠାତ୍ ଅତି ଆଗ୍ରହରେ ଏ କଥା ଶୁଣିଲେ ଓ ସେ ଅସ୍ଥି ଆସି କିପରି ସତ୍ୟବାଦୀରେ ଯଥାସ୍ଥାନରେ ଓ ଯଥା ସମ୍ମାନରେ ରହିବ, ତାହାର ବ୍ୟବସ୍ଥା କରିବେ-ବୋଲି କହିଲେ । ମୁଁ ସେଇ ମର୍ମରେ ସାବିତ୍ରୀ ଦେବୀଂକୁ ଲେଖିଦେଲି । ଏବେ ଆଜ ୧୮ ତାରିଖ ଫେବୃୟାରୀରେ ସେଇ ଅନୁସାରେ କାର୍ଯ୍ୟ ହେଉଚି ।

କୃପାସିଂଧୁ ମୋ ଠାରୁ ଦୁଇ ବରଷ ଜ୍ୟେଷ୍ଠ —ପାଠପଢ଼ାରେ ତିନିବରଷ । ସେ ୧୯୧୪ରେ ଏମ୍. ଏ. ପାସ କଲା ସଂଗେ ସଂଗେ ଆସି ସତ୍ୟବାଦୀ-ସ୍କୁଲରେ ଯୋଗ ଦେଇଥିଲେ । ସେ ଥିଲେ ଇତିହାସରେ ଏମ୍. ଏ. । ସେ ପରୀକ୍ଷାରେ ଉଚ୍ଚସ୍ଥାନ ପାଇଥିଲେ । ସେତିକି ନୁହେଁ, ଇତିହାସ ଆଲୋଚନାରେ ସେ କାଳକୁ ବୁହିଁ ତାଂକର ଖୁବ୍ ଗଭୀରତା ଓ ମୌଳିକତା ଥିଲା । ତାହାର ନିଦର୍ଶନସ୍ୱରୂପ ବାରବାଟୀ ଦୁର୍ଗ, ଓଡ଼ିଶାର ଇତିହାସ ଓ କୋ'ଣାର୍କ—ତାଂକର ଏ ତିନିଖଂଡ ପୁସ୍ତକ ଏବେ ମଧ୍ୟ ଜୀବିତ ଅଛି । ଏହାଛଡ଼ା ପାଠ୍ୟପୁସ୍ତକ ହେବାପାଇଁ ସେ ଇଂରେଜୀରେ ସେ କାଳେ ଗୋଟିଏ 'ଇଂଲଂଡ ଇତିହାସ' ଲେଖିଥିଲେ ।

ସତ୍ୟବାଦୀ ସ୍କୁଲରେ ସେ ଯୋଗ ଦେଇଥିଲେ ଅତି ଆଂତରିକ ଭାବରେ । ସତ୍ୟବାଦୀ ସ୍କୁଲ ସଂବଂଧରେ ମୂଳରୁ ସ୍ୱର୍ଗତ ପଂଡିତ ଗୋପବଂଧୁ ଦାସଂକ ସଂଗେ ସ୍ୱର୍ଗତ ପ୍ରଚାରକ ଅନଂତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ମୁଁ, ଏଇ ତିନିଜଣ ଅଂଗାଂଗୀ ଭାବେ ଜଡ଼ିତ ଥିଲୁ । ସେଥିପାଇଁ ଆମେ ଭିନ୍ନ ଭିନ୍ନ ଆଡ଼େ କୃତବିଦ୍ୟ ଯୁବକମାନଂକୁ ବାଛିବାରେ ମଧ୍ୟ ଲାଗିଥିଲୁ । ସତ୍ୟବାଦୀ ସ୍କୁଲରେ ମୁଁ ଆସି ଯୋଗ ଦେଲାପରେ ଅର୍ଥାତ୍, ୧୯୧୧ର ଶେଷାର୍ଦ୍ଧଠାରୁ ଆମେ ଦରକାର ଅନୁସାରେ ଯୁବକମାନଂକୁ ଉଚ୍ଚଶିକ୍ଷାରେ ଅର୍ଥାଦି ସାହାଯ୍ୟ କରୁଥିଲୁ । କିଂତୁ ସ୍ୱର୍ଗତ କୃପାସିଂଧୁଂକ ବିଶେଷତ୍ୱ ଥିଲା ଯେ, ସେ ଆମମାନଂକ ସଂପର୍କରେ ଆସିଲାଦିନଠାରୁ ସତ୍ୟବାଦୀ ସ୍କୁଲ ଛଡ଼ା ଆଉ କୌଣସି

କଥା କେବେ ଭାବ ନାହାଁନ୍ତି; ଚାକିରି କରିବା, ଓକିଲାତି କରିବା ବା ଅନ୍ୟ ବ୍ୟବସାୟ କରିବା ତ ଦୂରର କଥା ।

କୃପାସିନ୍ଧୁ ମୋର ପ୍ରତିବେଶୀ ଦଦେଇପୁଅ ଭାଇଙ୍କର ଭଣଜା । ଅତଏବ ଆମେ ଦୁହେଁ ବସ୍ତୁତଃ ମାମୁଁ ଭଣଜା ଥିଲୁ । ସେ ଥିଲେ, ଏକ ଭଉଣୀର ଜନ୍ମିତ ପୁଅ । ତାଙ୍କ ଘର ସାରଙ୍ଗରେକୃଷ୍ଣପୁର । ସେ ପୋଷ୍ୟପୁତ୍ର ହୋଇଥିଲେ, ଆଉ ଗୋଟିଏ ଭଉଣୀର । ତାଙ୍କ ଘର ସାରପ୍ରତାପପୁର । ଏବେ ସାରପ୍ରତାପପୁରରେ ତାଙ୍କ ଘରେ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ପୋଷ୍ୟପୁତ୍ର ପୁରୀର ଓକିଲ ଜଗନ୍ନାଥ ମିଶ୍ରଙ୍କୁ ନେଇ ଅଛନ୍ତି । ପୁରୀର ଆଡ୍‌ଭୋକେଟ ହରିହର ଦାସ ତାଙ୍କର ଆଉ ଗୋଟିଏ ପୋଷ୍ୟପୁତ୍ର ହୋଇଯାଇଥିବା ଜନ୍ମିତ ଭାଇ । ଜନ୍ମତଃ କୃପାସିନ୍ଧୁ ଥିଲେ, କୃପାସିନ୍ଧୁ ରଥ ।

ଅତି ପିଲା ଦିନରୁ କୃପାସିନ୍ଧୁ ମାମୁଁଙ୍କ ଘରେ ରହି ବିଦ୍ୟାଶିକ୍ଷା କରୁଥିଲେ; କାରଣ ତାଙ୍କ ପିତା ଧନୀ ନ ଥିଲେ କିମ୍ବା ତାଙ୍କ ଗ୍ରାମରେ ପଢ଼ିବାର ସେପରି କିଛି ସୁବିଧା ନ ଥିଲା । ପୁଣି ସେ କାଳେ ଅନେକ ସ୍ଥାନରେ ଭଣଜାମାନେ ପିଲାଦିନୁ ମାମୁଁଘରେ ରହି ପ୍ରାପ୍ତ ମଣିଷ ହେଉଥିଲେ ।

ମୁଁ ପୁରୀଜିଲା ସ୍କୁଲର ଉଚ୍ଚଶ୍ରେଣୀରେ ପଢ଼ିଲା-ବେଳେ କୃପାସିନ୍ଧୁ ତଳଶ୍ରେଣୀରେ ପଢ଼ୁଥାନ୍ତି । ଦିନେ ହଠାତ୍ କୌଣସି ଦଣ୍ଡ ଦେବାପାଇଁ ଶିକ୍ଷକ ତାଙ୍କୁ ଦିନତମାମ ବେଞ୍ଚ ଉପରେ ଛିଡ଼ା କରିଦେଲେ । ତାଙ୍କ ଗୋଡ଼ ଫୁଲିଗଲା । ଘରେ ଆସି ସେ ପ୍ରଥମ ଥର ପାଇଁ ବାତଜ୍ୱରରେ ପଡ଼ିଲେ । ସେଇଦିନଠାରୁ ତାଙ୍କର ଗୋଦର ଗୋଡ଼ ହୋଇଗଲା । ଶେଷପର୍ଯ୍ୟନ୍ତ ତାହା ଥିଲା । ମନେଅଛି, ତତ୍କାଳୀନ ସୁଦକ୍ଷ ଓ ଶିଷ୍ୟପ୍ରେମୀ ହେଡ଼ମାଷ୍ଟର ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା କୃପାସିନ୍ଧୁଙ୍କୁ ଯେତେବେଳେ ଦେଖନ୍ତି, ସେତେବେଳେ ଟିକିଏ ତାଙ୍କ ଗୋଡ଼ ଆଡ଼େଁ ଚାହିଁ ହସନ୍ତି ।

ସତ୍ୟବାଦୀ ସ୍କୁଲ ଆରମ୍ଭ କଲାବେଳେ ଆମ୍ଭେମାନେ ନିଜ ଖର୍ଚ୍ଚମାଫିକ୍ ବେତନ ନବାପାଇଁ କଥା କରିଥିଲୁ । କାରଣ ଆମେ ନିଜେ ଅର୍ଥ ସଂଗ୍ରହ କରି ସେ କାଳରେ ସେଥିରୁ ବିଶେଷ ଖର୍ଚ୍ଚକରିବା ପାଇଁ ମନ କରି ନ ଥିଲୁ । ମୁଁ ନେଉଥିଲି ମାସକୁ ଟ୩୦୯ । ତା'ଛଡ଼ା ପଣ୍ଡିତ ଗୋପବନ୍ଧୁ ଦାସ ମତେ ବାଧ୍ୟ କରି ଦେଉଥିଲେ ନିଜହାତରୁ ମାସକୁ ଆଉ ଦଶଟଙ୍କା । ସ୍ୱର୍ଗତ ରାମଚନ୍ଦ୍ର ରଥେ ସେତିକିବେଳେ ନିଜ ଚରିତ୍ରର ସାଧୁତା ରକ୍ଷା କରିବାପାଇଁ ସତ୍ୟବାଦୀରେ ଆସି ଯୋଗ ଦେଇଥିଲେ । ସେ ଏନ୍ଟ୍ରାନ୍ସ ପାସ୍ କରିଥିଲେ ମଧ୍ୟ ବଡ଼ ସୁଦକ୍ଷ ଓ ଅଖଣ୍ଡ ଚରିତ୍ରବାନ୍ ଶିକ୍ଷକ ଥିଲେ । ସେ ନେଉଥିଲେ ମାସକୁ ଟ୭୯ । ସେ କଥା ମୁଁ ଅନ୍ୟତ୍ର ତାଙ୍କ ମୃତ୍ୟୁବେଳେ ଲେଖିଚି । ତା'ପରେ ଆସିଲେ ଆଚାର୍ଯ୍ୟ ହରିହର ଦାସ । ସେ ତା'ପୂର୍ବରୁ କଟକ ପି. ଏମ୍. ଏକାଡେମୀରେ ମାସକୁ ଟ୪୦୯ରେ ଚାକିରି କରୁଥିଲେ । ତାଙ୍କୁ ସେଇଥି ଦିଆହେଲା । ପରେ ସ୍ୱର୍ଗତ ଗୋଦାବରୀଶ ଆସି ସପରିବାରରେ ରହିଲେ । ତାଙ୍କପାଇଁ ପରିବାରର ସମସ୍ତ ଖର୍ଚ୍ଚ ଦେବାକୁ ହେବ । ମୋ ମନେଅଛି, ତାଙ୍କ ପାଇଁ ମାସକୁ ଟ୫୦୯ ସ୍କୁଲରୁ ଦିଆହେଲା ଓ ଆଚାର୍ଯ୍ୟ ହରିହର ଦାସ ସେ ଖର୍ଚ୍ଚ ତୁଲାଇ ତାଙ୍କୁ ବସାରେ ରଖିବାର ଭାର ବହନକଲେ । ସେ ଛାତ୍ରାବାସରେ କେବେ ରହି ନଥିଲେ; କିନ୍ତୁ ବର୍ଷ ଶେଷରେ ଦେଖାଗଲା ମାସିକ ଅନ୍ତତଃ ଟ୧୨୦୯ ନହେଲେ, ତାଙ୍କ ପରିବାର ଖର୍ଚ୍ଚ ଚଳିବ ନାହିଁ । ତାଙ୍କୁ ସେଇଥି ଦିଆଗଲା । ସ୍ୱର୍ଗତ କୃପାସିନ୍ଧୁ ମିଶ୍ରେ ତା'ର ଦୁଇବର୍ଷ ପରେ ଏମ୍. ଏ. ପାସ୍ କରି ଆସି ସଙ୍ଗେ ସଙ୍ଗେ ସ୍କୁଲରେ ଯୋଗ ଦେଲେ । ତାଙ୍କର ମଧ୍ୟ ପରିବାରରେ ଆଉ କେହି ନଥିଲେ । କଥା ହେଲା ସେ ବସାକରି ସସ୍ତ୍ରୀକ ରହିବେ । ଅତଏବ ମାସକୁ ଟ ୦୯

ବା ଟ୧୨୦୯ ଭଳି କିଛି ତାଂକୁ ଦେବାର ବିଚାର ହେଲା । କିଂତୁ ସେ କହିଲେ, "ନା, ମାସକୁ ଟ୫୦୯ରୁ ବେଶି ମୋର ଦରକାର ହେବନାହିଁ ।" ଏ ଅଦ୍ଭୁତ କଥାଟି ଆଜଯାଏ ମୋର ସ୍ପଷ୍ଟ ମନେ ଅଛି । ହୁଏତ ଆଚାର୍ଯ୍ୟ ହରିହର ଦାସଂକର ମନେଥିବ । ସ୍କୁଲର ତତ୍କାଳୀନ କିରାଣୀ, ସମସରପୁରର ଶ୍ରୀରଘୁନାଥ ମିଶ୍ରେ ବଂଚିଚଂତି । ଥିଲେ ଅବା ତାଂକର ମନେ ଥିବ । ଏସବୁ କଥାର ଭାବ ଓ ପ୍ରଭାବ ଧରି ରଖିବାର କଥା ଦୂରେଥାଉ, ଆଉ କାହାର ହୁଏତ ଏହା ମନେ ନ ଥିବ ।

ଟଂକା ବେଶି କମ୍ ନେବା ନ ନେବା କଥା ସତ୍ୟବାଦୀସ୍କୁଲରେ ନ ଥିଲା । ଯାହାର ଯାହା ଦରକାର ବୋଲି ମନେ କରାଯାଉଥିଲା ବା ସେ ଯାହା ଦରକାର ବୋଲି ଦାବୀ କରୁଥିଲା, ତାକୁ ତା' ଦିଆଯାଉଥିଲା । ଅନେକେ ଏବେ ବି କହଂତି ଓ ଲେଖଂତି, ସତ୍ୟବାଦୀର ଶିକ୍ଷକମାନେ ଅତି ଅଳ୍ପ ବେତନରେ କାମ କରୁଥିଲେ । ତାହାହିଁ ଥିଲା ସତ୍ୟବାଦୀର ବିଶେଷତ୍ୱ । କିଂତୁ ତା' ନୁହେ । ସତ୍ୟବାଦୀର ଉଦ୍ଦେଶ୍ୟ ଓ ଆଦର୍ଶ ଥିଲା ଏଥିରୁ ଭିନ୍ନ । ଉପରେ ଯେଉଁ ସବୁ କଥା କୁହାଗଲା, ସେଥିରୁ ଲୋକେ କେତେକ ପରିମାଣରେ ଏ କଥାର ତାତ୍ତ୍ୱିକତା ଓ ତାତ୍ପର୍ଯ୍ୟ ବୁଝିପାରିବେ ।

ସେଇପରି ବଡ଼ ବଡ଼ ଚାକିରୀ ପାଇବାର ସୁବିଧା ଥାଇ ତାକୁ ଛାଡ଼ିବା ମଧ୍ୟ ସତ୍ୟବାଦୀର ସେ କାଳର ଶିକ୍ଷକଂକର ମଧ୍ୟ ବିଶେଷତ୍ୱ ନୁହେ । କୃପାସିଂଧୁଂକ ଜୀବନରେ ସ୍ପଷ୍ଟ ଦେଖାଯାଏ, ତାଂକର ଏପରି କଦାକାଂକ୍ଷା କେବେ ପ୍ରକାଶ ପାଇ ନାହିଁ । ଏହି ଆଧ୍ୟାତ୍ମିକତା'ର ବଳହିଁ ସତ୍ୟବାଦୀର ପ୍ରକୃତ ସମ୍ବଳ । ଇତରବିଶେଷ ପରିମାଣରେ ଏହିଭାବ ଓ ପ୍ରଭାବ ସେ କାଳ ସତ୍ୟବାଦୀରେ ପୂର୍ଣ୍ଣ ପ୍ରକାଶ ପାଇଲା ।

ମାଡ଼ଳାପଞ୍ଜିବିଚାର ଅଧ୍ୟୟନ ତଥା ଗବେଷଣାରେ ନିବିଷ୍ଟ ରହିବା କୃପାସିଂଧୁଂକର ଥିଲା ବିଶେଷତ୍ୱ । ମନେଅଛି, ଘରେ କୋଣାର୍କ ଚରି ଗ୍ରଂଥ ସେ କଳ୍ପନା କରଂତି, ରଚନା କରଂତି; କିଂତୁ ସେ ସବୁ ରଚନା ସେ ଡାକଯାଂତି । ଗୃହରେ ତାଂକ ଧର୍ମପତ୍ନୀ ଏହି ସାବିତ୍ରୀ ଦେବୀ ତା'ସବୁ ଶ୍ରୁତଲେଖନ ଭଳି ଲେଖଂତି । ସେ କାଳେ ଏପରି ପାରିବାରିକ ସାହଚର୍ଯ୍ୟ ବେଶି ଲୋକଂକର ନଥିଲା । ଆମମାନଂକ ମଧ୍ୟରେ ଅର୍ଥାତ୍ ସତ୍ୟବାଦୀର କର୍ମୀମାନଂକମଧ୍ୟରେ ଆଉ କାହାରି ନ ଥିଲା । ଅବଶ୍ୟ କୃପାସିଂଧୁଂକ ପତ୍ନୀ ମୂଳରୁ ଖୁବ୍ ଶିକ୍ଷିତା ନ ଥିଲେ, କିଂତୁ ପରିବାରହୀନ କୃପାସିଂଧୁ ନିଜପାଇଁ ଏ ପାରିପାର୍ଶ୍ୱିକ ଅବସ୍ଥା ସୃଷ୍ଟି କରି ପୁଷ୍ଟ କରିଥିଲେ ବୋଲି ମନେ ହୁଏ । ତାଂକ ଜୀବନରେ ଏହା ଥିଲା ଗୋଟିଏ ବିଶେଷତ୍ୱ । ଅପଠିତକୁ ପାଠ ପଢ଼ାଇ ମନୁଷ୍ୟ ଓ ମନୁଷ୍ୟ ପରି ଯଥା କର୍ମକ୍ଷମ କରିବା ବିଷୟରେ କୃପାସିଂଧୁଂକର ଏ ବିଶେଷତ୍ୱଟି ମଧ୍ୟ ସ୍ମରଣୀୟ ।

ଆଜି ଆଉ ବିଶେଷ କହିବାର ହୁଏତ ଅବକାଶ ନାହିଁ । କ୍ରମେ ସମାଜ ଓ ଦେଶବାସୀଂକ ଆନୁକୂଲ୍ୟରେ ଏହା କ୍ରମ ବିକାଶରେ ବଢ଼ିବ ।

( ଲେଖା—୧୯୫୮ ଫେବୃଆରି )

---

## ୭
## ଗୋଦାବରୀଶ ସ୍ମରଣେ

ଗୋଦାବରୀଶ ମୋ ସାଂଗ—କେବଳ ସାଂଗ ନୁହଂତି, ସେ ଥିଲେ ମୋର ଚିରସହଚର । ତାଂକ ସଂବଂଧରେ ତାଂକ ପିଲାଦିନରୁ ମୃତ୍ୟୁ ପର୍ଯ୍ୟଂତ ମୁଁ ଯେତେକଥା ସାକ୍ଷାତଭାବରେ ଜାଣେ ହୁଏତ ଏବେ ବଂଚିଥିବା ଲୋକଂକ ମଧ୍ୟରେ ଆଉ କେହି ଜାଣଂନ୍ତି ନାହିଁ । ହରି ଭାଇନା ( ଆଚାର୍ଯ୍ୟ ହରିହର ଦାସ ) ବହୁତ କଥା ଜାଣିଥିବେ, ଅବଶ୍ୟ ମୋଠାରୁ ବେଶି ନୁହେ; ମାତ୍ର ସେ ପ୍ରକାଶ କରିବା ଅବସ୍ଥା ବା ପରିସ୍ଥିତିରେ ନାହାଂତି; ମୁଁ ଅଛି ।

ଗୋଦାବରୀଶଂକ ମୃତ୍ୟୁ ଅଳ୍ପଦିନର କଥା । ତାଂକ ଜୀବନର ଯୌବନକାଳର ପର କଥା ହୁଏତ ଅନେକେ ଜାଣିଥିବେ; ମାତ୍ର ଯେତେ ଜାଣିଲେ ବି ସେ ଜଣା ଅଂତରଂଗ ବୋଲି ମୋର ମନେ ହେଉନାଇ । ଅନ୍ୟ ଆଗେ ନିଜର କ୍ରିୟାକଳାପ ଯଥାଯଥଭାବରେ ସେ ପ୍ରକାଶ କରୁ ନ ଥିଲେ । ତାଂକର ବହୁକଥା ଅକୁହା ଓ ଅପ୍ରକାଶିତ ରହୁଥିଲା । ଏହା ତାଂକର ପ୍ରକୃତି । ଏପରିକି ତାଂକର ସରସତା ଓ ରସିକତା ମଧ୍ୟ ବଡ଼ ଗମ୍ଭୀର ଥିଲେ ମଧ୍ୟ ବଡ଼ ସ୍ପଷ୍ଟ ନ ଥିଲା । ଇଂରେଜୀରେ ଯାହାକୁ humour କହଂତି, ସେଇଥିକୁ ମୁଁ କହୁଛି ବ୍ୟବହାରରେ ରସିକତା । ତାଂକର ପ୍ରତ୍ୟେକ ଦୈନଂଦିନ ବ୍ୟବହାର ଓ କଥାବାର୍ତ୍ତା ଏଇ ରସିକତାରେ ପୂର୍ଣ ଥିଲା ; କିଂତୁ ତାକୁ ଜାଣିବା ଅନୁଭବ କରିବା ପାଇଁ ଯେଉଁ ଉପାଦାନ ଦରକାର, ତା' ହୁଏତ ଅନେକଂକର ନ ଥିଲା, କିଂବା ସେ ନିଜେ କହିଲାବେଳେ କଥାରେ ରସିକତା ଅଛି ବୋଲି କୌଣସି ଭାବ ବା ଅଭିବ୍ୟକ୍ତି ପ୍ରକାଶ କରୁ ନ ଥିଲେ । ଏହା ତାଂକର ଗୋଟିଏ ଅଦ୍ୱିତୀୟ ଗୁଣ ଖାଲି ଗୁଣ କାହିଁକି, ଏ ଶକ୍ତି ମଧ୍ୟ ଥିଲା ତାଂକର ଅସାମାନ୍ୟ ।

ଆଳାପ, ଆହାର, ବ୍ୟବହାରରେ ସେ ଥିଲେ ଅତି ଉନ୍ନତ ଓ ସଦାଶୁଦ୍ଧ । ଇଂରେଜୀରେ ଯାହାକୁ କହଂତି, 'Perfect gentle man', ସେଥିରେ ସେଇଆ । ମୋର ଯେତେଦୂର ମନେ ହୁଏ, କେବେ କେଇ ତାଂକ ସଂଗେ ଆଳାପକରି ବିମୁଖ ହୋଇ ଫେରି ନାଇ । ସମାଲୋଚନା କରି ବହୁତ କଥା ସେ କହଂତି । ତୀବ୍ରତା ଓ ରୂଢ଼ତା ସେଥିରେ ନ'ଥାଏ ନୁହେଁ; କିଂତୁ ସାଧାରଣରେ ତା ଦେଖିପାରିବା ଭଳି ଜିନିସ ନୁହେଁ । ଅନ୍ୟ ସଂବଂଧରେ କଥା କହିଲାବେଳେ ଏ ତୀବ୍ରତା ଓ ରୂଢ଼ତା ଅନେକବେଳେ ହଠାତ୍ ବାହାରକୁ ଜଣା ପଡ଼େ ନାଇ । ଜଣାପଡ଼ିଲେ ମଧ୍ୟ ସେ ସବୁ ପ୍ରକାଶରେ ଅତି ମଧୁର ଓ କୌତୂହଳ-ଉଦ୍ଦୀପକ । କେତେବେଳେ ବୁଝିବା ପାଇଁ ସେଥିରେ ବହୁତ ବୁଦ୍ଧି ବିଚକ୍ଷଣତା ମଧ୍ୟ ଦରକାର । ମୁଁ ତାଂକ ସଂଗେ ଆଳାପରେ ବହୁତ ଆଲୋଚନା ସମାଲୋଚନା ଶୁଣିଛି । ଆଉ ସମସ୍ତେ କେତେ ଶୁଣିଥିବେ ବା କେତେ ଜାଣିଥିବେ ମୁଁ କହିପାରୁ ନାଇ । କିଂତୁ ଦେଖିଛି, ରସିକତା ନ ଥାଇ ଯେଉଁ ଆଲୋଚନା ତାଂକଠାରୁ ବାହାରେ ସେ ଅନେକବେଳେ ନିଜ ସଂବଂଧରେ । ସେତେବେଳେ ସେ ବଡ଼ ସ୍ପଷ୍ଟ ଓ ନିଃସଂକୋଚଭାବରେ କଥା କହିବାର ମୁଁ ଶୁଣିଛି । ରସିକତାର ଦୂର ସଂବଂଧ ବି ମୁଁ ସେଥିରେ ଦେଖିନାଇ । ସେତେବେଳେ ସେ ବଡ଼ ଖୋଲାଖୋଲି କଥା କହଂତି । ଅବଶ୍ୟ ଏପରି ଆଳାପ ବଡ଼ କଦାଚିତ ତାଂକଠାରୁ ବାହାରେ । ହେଲେହେଁ, ସେ ସବୁଥିରେ ସେ ଥିଲେ ମହାଶୟ ବ୍ୟକ୍ତି । ଏପରି ବ୍ୟକ୍ତିଙ୍କୁ ଅନ୍ୟତ୍ର ମୁଁ ଦେଖିଛି ବୋଲି ମନେ ହେଉନାଇ । ଦେଖିଛି ଅନେକ ଥାଂତି ଖୋଲା ଲୋକ; କିଂତୁ ଗୋଦାବରୀଶ ତା' ନ ଥିଲେ । ତାଂକର ମୁକ୍ତ ମାନସିକତା ଭିତରୁ ଏପରି ଫୁଲ ଫୁଟିଲା ଭଳି ମହାବ୍ୟକ୍ତିତ୍ୱର ପ୍ରକାଶ ଅବଶ୍ୟ ବର୍ଣନା କରିବା ସେତେ ସହଜ ନୁହେଁ । ଏହା ଯେ ଦେଖିଛି, ସେଇ କେବଳ ଜାଣିଛି ।

ପ୍ରାରଂଭିକ ଜୀବନରେ ସେ ଥିଲେ ବଡ଼ ଅର୍ଥହୀନ । ପୁରୀଜିଲା ସ୍କୁଲରେ ପଢ଼ିଲାବେଳୁ ମୁଁ ତାଂକୁ ଭଲକରି ଜାଣେ । ତାଂକ ପିତାଂକୁ ମଧ୍ୟ ଦେଖିଛି । ଖାଲି ଦେଖିନାଇ—ପୁଅର ଶିକ୍ଷା ପାଇଁ ଭିକ୍ଷାର୍ଥୀ ହେବାର ମଧ୍ୟ ତାଂକୁ ଦେଖିଛି ; କିଂତୁ ପିତାପୁତ୍ର ଦୁହିଂକଠାରେ ଦାରିଦ୍ର୍ୟ ଥିଲେ ମଧ୍ୟ ଦୈନ୍ୟ ନ ଥିଲା । ଅଳ୍ପଦିନପରେ ପିତାଂକର ତିରୋଧାନ ହୋଇଥିଲା; କିଂତୁ ଏ ଦୈନ୍ୟର ଅଭାବ ମୁଁ ବାଳକ ଗୋଦାବରୀଶଂକ ଠାରେ ଯାହା ଦେଖିଥିଲି ତା ଆଜି ବର୍ଣନା କରି ପାରିବି ନାଇ । ଦୋଷ ଦୁର୍ବଳତା ତାଂକର ନ ଥିଲା ନୁହେଁ; ତାଥିଲା; କିଂତୁ ସେ ସମସ୍ତ ଉପରେ

ମୁଁ ସେତେବେଳେ ମଧ୍ୟ ଜାଣି ପାରିଥିଲି ଓ ଉଦାହରଣସ୍ୱରୂପ ମୋ ମନେ ପଡ଼ୁଛି; କୌଣସି ଘଟଣାରେ ତତ୍କାଳୀନ ପୁରୀଜିଲ୍ଲା ସ୍କୁଲ ହେଡ୍‌ମାଷ୍ଟର ସ୍ୱର୍ଗତ ଚଂଦ୍ରମୋହନ ମହାରଣା ଓ ହେଡପଂଡ଼ିତ ସ୍ୱର୍ଗତ ମହାମହୋପାଧ୍ୟାୟ ଶ୍ରୀ ସଦାଶିବ ମିଶ୍ର ଏ ଦୁହିଁଙ୍କୁ ସ୍ପଷ୍ଟବାକ୍ୟରେ ତାଗିଦ କରି କହିଲି ପରି କହିବା ମୋ ମନେ ଅଛି—"ଗୋଦାବରୀଶ ବାଳକ ହେଲେ ମଧ୍ୟ ଆପଣ ତାଙ୍କୁ ସାଧାରଣ ବାଳକ ବୋଲି ବିଚାରିବେ ନାହିଁ । ତା' ଭିତରେ ଏପରି କିଛି ଅଛି, ହୁଏତ ସେ ଦିନେ ଖୁବ୍ ବଡ଼ ମଣିଷ ହେବ । ଆପଣ ଏ କଥା ମନେ ରଖି ତା ପ୍ରତି ବ୍ୟବହାର କରନ୍ତୁ । ତା' ନହେଲେ ହୁଏତ ପରେ ଅନୁତାପ କରିବେ ।" ମୁଁ ସେତେବେଳେ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବା ପାଇଁ ପ୍ରଥମଶ୍ରେଣୀ ( ବର୍ତ୍ତମାନର ଏକାଦଶଶ୍ରେଣୀ ) ରେ ପଢ଼ୁଥାଏ । ଗୋଦାବରୀଶ ମୋଠାରୁ ଗୋଟିଏ କ୍ଲାସ ତଳେ ପଢ଼ୁଥିଲେ । ସେ ଥାଂନ୍ତି ଦ୍ୱିତୀୟ (ଏବର ଦଶମ) ଶ୍ରେଣୀରେ । ଗୋଦାବରୀଶଙ୍କର କୌଣସି ଦୋଷ ଦେଖି ହେଡ୍‌ମାଷ୍ଟର ଓ ହେଡ୍‌ପଂଡ଼ିତ ଦୁହେଁ ଅତ୍ୟଂତ କ୍ଷମନା ହୋଇ ଗୋଦାବରୀଶଙ୍କୁ ଦଂଡ ଦେବାକୁ ଯାଉଥିଲାବେଳେ ମୁଁ ଏକଥା କହିଥିଲି । ମୋ ମନେ ଅଛି ମୋର ଏ କଥା ଅତି ଅଦ୍ଭୁତ ଭାବରେ ଫଳପ୍ରଦ ହୋଇଥିଲା । ଗୋଦାବରୀଶଙ୍କୁ ସମସ୍ତ ଦଂଡ଼ରୁ ଅବ୍ୟାହତି ମିଳିଥିଲା । ସେତିକି ନୁହେଁ—କୌଣସି ଦୋଷ ସେ କରିଚଂତି, ତାଂକୁ ଜଣାଇ ପର୍ଯ୍ୟଂତ ଦିଆଯାଇ ନ ଥିଲା । ପୁରୀଜିଲ୍ଲା ସ୍କୁଲର ସେତେବେଳେ ଯେଉଁ ହଷ୍ଟେଲ ବା ବୋର୍ଡ଼ିଂ ହାଉସ ଥିଲା, ସେଥିରେ ମୁଁ ଥିଲି ସେତେବେଳକୁ ଏକମାତ୍ର ମନିଟର ଓ ଗୋଦାବରୀଶ ଥିଲେ ଜଣେ ଅଂତେବାସୀ ।

ସେଇ ସମୟର ଆଉ ଗୋଟିଏ କଥା ମନେ ପଡ଼ୁଛି । କହିଚି, ଗୋଦାବରୀଶଙ୍କର ପିତୃବିୟୋଗ ହୋଇ ସାରିଥିଲା । ସେ ବଡ଼ ଅର୍ଥାଭାବରେ ଥାଂନ୍ତି । ଅବଶ୍ୟ ଆଜକାଲିର ଅର୍ଥାଭାବ ସଂଗେ ତା'ର ତୁଳନା ନାହିଁ । ସେତେବେଳେ ଆମ ବୋର୍ଡ଼ିଂରେ ଦୁଇଟି ମେସ୍ ଥାଏ । ଆମ ମେସ୍‌ଟି ବଡ଼ ମେସ୍ । ସେଥିରେ ପ୍ରାୟ ୧୦ ଜଣ ଥାଂନ୍ତି । ଥରେ ମାସ ଶେଷରେ ଜଣପିଚ୍ଛା ଟଂକାଏ ନ'ଅଣା ଖର୍ଚ୍ଚ ପଡ଼ିଯିବାରୁ ଆମ ମେସ୍‌ର ସଭା ବସିଗଲା । ଏତେ ବେଶି ଖର୍ଚ୍ଚ କାହିଁକି ପଡ଼ିଲା ବୋଲି ଥିବା ମ୍ୟାନେଜରଙ୍କୁ ଛଡ଼ାଇ ଆଉ ଜଣଙ୍କୁ ମ୍ୟାନେଜର କରାଗଲା । ଯେତେଦୂର ମନେହୁଏ, ସେତେବେଳେ ଚାଉଳ ଥିଲା ଟଂକାକୁ କଚ୍ଚା ୧୨ ସେର ଓ ହାଟରେ ମାଛ ଥିଲା ବଗୁବାଳିଆ ବଡ଼ ଚିଂଗୁଡ଼ି ପଇସାକୁ ୧୦ଟି । ସେଇ ଅନୁସାରେ ଡାଲି, ପରିବା ପ୍ରଭୃତି ମିଳୁଥିଲା । ମନେଅଛି, ଶ୍ରୀ ସାର ବଳଭଦ୍ରପୁରର କଟକ ଟ୍ରେନିଂ ସ୍କୁଲର ଅବସରପ୍ରାପ୍ତ ହେଡ୍‌ମାଷ୍ଟର, ଶ୍ରୀ ଜଗନ୍ନାଥ ମହାପାତ୍ର, ବି. ଏ., ମୁଁ ଯେଉଁ ବର୍ଷ ଭର୍ଣ୍ଣାକୁଲର ବୃତ୍ତି ପାଇଥିଲି, ସେଇବର୍ଷ ସାରନରସିଂହପୁର ମିଡ଼ିଲ ଭର୍ଣ୍ଣାକୁଲର ସ୍କୁଲରୁ ବୃତ୍ତି ପାଇ ମୋ ସଂଗେ ପଢ଼ୁଥିଲେ । ସେ ମଧ୍ୟ ବୋର୍ଡ଼ିଂରେ ଥିଲେ । ବୃତ୍ତିର ପରିମାଣ ମାସକୁ ଟ୪୲ । ଜଗନ୍ନାଥ ମହାପାତ୍ରେ ଅତି ଦରିଦ୍ର ପରିବାରର ସନ୍ତାନ ଥିଲେ । ତାଂକର ବୃଦ୍ଧପିତା ମଧ୍ୟ ବଂଚିଥିଲେ । ସେ ମଧ୍ୟ ଅଭ୍ୟାସ କରି ନିଜେ ଟିକିଏ ପାନ ଖାଉଥିଲେ । ମାସକୁ ୪ଟି ମାତ୍ର ଟଂକାରେ ତାଂକର ମେସ୍ ଖର୍ଚ୍ଚ, ଜଳଖିଆ, ପାନ ପ୍ରଭୃତି ସବୁ ଚଳେ । ତା' ବାଦ୍ ସେ ପିତାଂକୁ ପରିବାରରେ ସାହାଯ୍ୟ କରିବା ପାଇଁ ପ୍ରତି ଶନିବାର ସଂଧ୍ୟାରେ ପୁରୀରୁ ପାଂଉଳିଏ ପରିବା କିଣିକରି ନେଇ ଗାଁକୁ ଯାଂନ୍ତି ଓ ସୋମବାର ଦିନ ସକାଳୁ ପୁଣି ବୋର୍ଡ଼ିଂକୁ ଆସନ୍ତି ।

ଏଇ ପରିସ୍ଥିତିରେ ଦରିଦ୍ର ପିତୃହୀନ ଗୋଦାବରୀଶ ଥିଲେ ମୋ ତଳଶ୍ରେଣୀର ଛାତ୍ର । ସେ ମଧ୍ୟ ବୋର୍ଡ଼ିଂରେ ଥିଲେ; କିଂତୁ ସେ ବୃତ୍ତି ପାଉ ନ ଥିଲେ । ଖୋଧା ସବଡିଭିଜନର କିଏ ଗୋଟିଏ ଖଂଡାୟତ ପିଲା—

ଆବୃତ୍ତି ମନେ ପଡ଼ୁଥିଲେ ମଧ୍ୟ ନାମ ମନେ ହେଉନାଇ—ସ୍କୁଲରେ ପଢ଼ୁଥିଲେ ଓ ବୋର୍ଡ଼ିଂରେ ଥିଲେ । ବୋର୍ଡ଼ିଂରେ ମୁଁ ମନିଟର ଥିଲିବେଳେ ମଧ୍ୟେ ମଧ୍ୟେ ବିଶେଷତଃ ରବିବାରରେ ସବୁ ପିଲାଂକୁ ଏକାଠି କରି ଆଳାପ ଆଲୋଚନା ପ୍ରଭୃତିରେ ପ୍ରାୟ ଘଂଟାଏ ଖଂଡେ କଟାଉଥିଲି । ସେଥିରେ ବେଳେ ବେଳେ ଚରିତ୍ର ପ୍ରକାଶ ଓ ପ୍ରତିଷ୍ଠା ବିଷୟରେ ଆଲୋଚନାମାନ ମଧ୍ୟ ଚାଲୁଥିଲା ।

କବିଏ ସ୍ୱଭାବତଃ ଭାବ ପ୍ରବଣ । ଗୋଦାବରୀଶ ଥିଲେ କବି । ଯୌବନରେ ସେ ଥିଲେ ଯଥାର୍ଥ କବି । ଯୌନସଂକେତ ଦେଇ ପାଠକପ୍ରାଣରେ ସେଇ-ଭାବରେ ତରଂଗ ଉଠାଇବା ଓ ସେଥିରେ କୃତିତ୍ୱ ଫୁଟାଇବାକୁ ପ୍ରଯତ୍ନ କରିବା ଅନେକସ୍ଥଳରେ ହେଉଛି କଳାରାଜ୍ୟରେ କବିତାର ପ୍ରାଣ ପ୍ରକାଶ । ଏ ଭାବରେ ପ୍ରାଣର ସ୍ପଂଦନ ଅନୁଭବ କରିବା ଓ କରାଇବା ଶିଳ୍ପୀମାନଙ୍କ ପକ୍ଷରେ ଏତେ କଷ୍ଟ ନୁହେଁ—ବରଂ ସହଜ । ଆଜି ଅନେକ କଳାକାର ଓ କବି କବିତା, ନାଟକ ଓ ଗଳ୍ପରେ ଏହାକୁଇ ସମ୍ବଳ କରି ପାଠକର ମନ ଓ ଚିଂତା ଅଧିକାର କରଂତି । ଏହାର କୃତିତ୍ୱର ଇତର ବିଶେଷରେ ସେ ସବୁ କଳାରେ ତାଂକର ସ୍ଥାନ ନିରୂପିତ ହୁଏ । ସାଧାରଣ ନୀରସ କବିତା ଭିତରେ ଏହାଇ ତାଂକର ସରସତା ବୋଲି ଧରାଯାଏ; କିଂତୁ ଗୋଦାବରୀଶ ସେ ଶ୍ରେଣୀର କବି ନ'ଥିଲେ । ବରଂ ଏ ବିଭବ ତାଂକର କବିତାମାନଂକରେ ଫୁଟି ନ ଥିଲା । ଏ ସହଜପଥ ଧରି ପାଠକର ହୃଦୟକୁ ଆପଣାର କରିବାରେ ସେ ପ୍ରଯତ୍ନଶୀଳ ନ ଥିଲେ । ସତ୍ୟବାଦୀ ସ୍କୁଲରେ ହଇଜାରେ ଗୋଟିଏ କଳାହାଂଡିର ବାଳକ ମରି ଯାଇଥିଲା । ତାକୁ ଆଂଭେମାନେ ଶ୍ମଶାନକୁ ନେଇ ତା'ର ଦାହକ୍ରିୟା କରିଥିଲୁ । ଗୋଦାବରୀଶ ସେ ଦଳରେ ଥିଲେ । ସେଆଡ଼ୁ ଆସି ସେ ଯେଉଁ କବିତାଟି ଲେଖି ପକାଇଥିଲେ ତା' ପଢ଼ିଲାବେଳେ ମୋର ଏବେ ମଧ୍ୟ ହୃଦୟ ସ୍ପଂଦିତ ହୁଏ ଓ ଆଖିରୁ ଲୁହ ଗଡ଼ିପଡ଼େ ।

ବରାଦ ଅନୁସାରେ ବା ଏପରି ଦରକାର ବୋଲି କବିତାମାନ ସେ ବେଳେବେଳେ ଲେଖିଚଂତି; କିଂତୁ ସେ ସବୁ ଯଥାର୍ଥରେ ବରାଦିକାଟର ହୋଇନାଇ । 'ପୁରୁଷୋତ୍ତମ ଦେବ' ନାଟକରେ ତାଂକର କବିତ୍ୱ ଖୁବ୍ ପ୍ରକାଶ ପାଇଛି । ଏହା ତାଂକର ପ୍ରଥମ ନାଟକ ଲେଖା । ଏଠାରେ କହିଦିଏ ସତ୍ୟବାଦୀ ସ୍କୁଲକୁ ମୁଁ ଆସିବାର ୩ୟ ବର୍ଷ ସ୍ୱର୍ଗତ ଗୋଦାବରୀଶ ଓ ୪ର୍ଥ ବର୍ଷ ଆସିଥିଲେ ସ୍ୱର୍ଗତ କୃପାସିଂଧୁ । ତା'ପରେ ଆରଂଭ ହୋଇଥିଲା 'ସତ୍ୟବାଦୀ' ମାସିକ ପତ୍ର । ଏ ସବୁର ମୂଳରେ ଗୋଟିଏ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଆଦର୍ଶ ଥିଲା । ତା' ହେଉଛି, ଓଡ଼ିଆରେ ଯଥାର୍ଥ ସାହିତ୍ୟର ସ୍ତର ଫିଟାଇବା ।

ସେ କାଳର ମଧ୍ୟ ରାଧାନାଥୀ ସାହିତ୍ୟରେ ଆଂଭେମାନେ ବଡ଼ ବିମନା ଥିଲୁ । ମୁଁ ଜାଣିଥିଲି, ରାଧାନାଥ ବଂଗଳାରେ ଲେଖି, ସେଠାରେ ପ୍ରତିପତ୍ତି ନ ପାଇ, ଓଡ଼ିଆ ସାହିତ୍ୟକୁ ନିଜ ଶିକ୍ଷାବିଭାଗ କର୍ତ୍ତୃତ୍ୱର ଅନ୍ୟ ଉପଜୀବ୍ୟ କରିଥିଲେ । ଅବଶ୍ୟ କିଛିଦିନ ପରେ ଅନୁସଂଧାନ କରୁ କରୁ ଜାଣିଥିଲି, ସେ ରୋମାନ କବି ଓଭିଡ଼ଂ (Ovid) କର ଗ୍ରୀକ ସାହିତ୍ୟ ପ୍ରଭାବିତ ପ୍ରକାଂଡ କାମକଳାର କାହାଣୀସବୁ ଓଡ଼ିଆରେ ଜାତୀୟ ତଥା ଐତିହାସିକ ସାହିତ୍ୟରୂପେ ପ୍ରଚାର କରିଥିଲେ ଓ ସେଥିରେ ବିଶେଷରେ ନିଜେ ଶିକ୍ଷାବିଭାଗର କର୍ତ୍ତା ଥିବାରୁ ସମସ୍ତ ଦେଶଟାକୁ ମୁହ୍ୟମାନ କରି ରଖିଥିଲେ । ସେଥିରୁ ଏବେ ମଧ୍ୟ ସଂପୂର୍ଣ୍ଣ ମୋହ ଭଂଗ ହୋଇନାଇ ।

ତା'ପରେ ମଧୁବାବୁଂକ କଥା । ମଧୁ ବାବୁଂକର କବିତାଗୁଡ଼ିକ କେତେ ନିଜର ତାହା କହିବା ଦୁସାଧ୍ୟ ।

ସେକାଳେ ବ୍ରାହ୍ମମାନଙ୍କର ବଙ୍ଗଳାରେ ବହୁତ ଏପରି କବିତା, କ୍ଷୁଦ୍ର ମାସିକ ତଥା ସାମୟିକ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । 'ଆକାଶପ୍ରଦୀପ' ଓ 'ଜୀବନଚିନ୍ତା' ଭଳି କବିତାମାନ ସେକାଳେ ବଙ୍ଗଳାରେ ଦେଖିଥିବା ମୋ ମନେ ହେଉଛି । ସେ ସବୁରେ ବ୍ରାହ୍ମଭାବ ଓ ଭାଷା ଓଡ଼ିଶାରେ ପୂରାଇବାର ଖୁବ୍ ଉଦ୍ୟମ କରାଯାଉଥିଲା । ତାଙ୍କ ଗଦ୍ୟରେ ମଧ୍ୟ ବିଶୁଦ୍ଧତା ବୋଲି ଯାହା ପରିଚିତ, ତାହା ମନୁଷ୍ୟର ଗଦ୍ୟଭାଷା ପକ୍ଷରେ ହୁଏତ ସହ୍ୟ ନୁହେଁ । ବ୍ରାହ୍ମଙ୍କ ତଥାକଥିତ ପବିତ୍ର ଭାଷା ଛଡ଼ା ବିଦ୍ୟାସାଗରଙ୍କ ଭଳି ଲୋକଙ୍କର ସଂସ୍କୃତାନୁବାଦିତ ଭାଷାରୁ ମଧ୍ୟ ବହୁ ଅନୁକୃତି ତାଙ୍କ ଗଦ୍ୟରେ ଦେଖାଯାଏ । ଓଡ଼ିଶାରେ ବିଶ୍ୱନାଥ କର ଥିଲେ ଏହି ଦୁଇପ୍ରକାର ସାହିତ୍ୟର ପୂଜାରୀ ଓ ପ୍ରଚାରକ ମଧ୍ୟ ।

ଥରେ ମନେ ଅଛି ଗୋଦାବରୀଶ ଗୋଟିଏ କବିତା ଲେଖିଥିଲେ । ସେଥିରେ ସେ ଲେଖିଥିଲେ 'ଯୁବା ଯୌବନୀ' । ସେଉଟି ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟରେ ଛପା ହୋଇଥିଲା; କିନ୍ତୁ ତଥାକଥିତ ଶୁଦ୍ଧ ଓଡ଼ିଆଭାଷୀ ବିଶ୍ୱନାଥ ସଂଶୋଧନ କରି ତାକୁ ଲେଖିଥିଲେ 'ଯୁବାଯୁବତୀଏ ।' ମୁଁ ଦେଖି ଅତ୍ୟନ୍ତ ବିରକ୍ତ ହୋଇଥିଲି - ଗୋଦାବରୀଶଙ୍କ ପ୍ରତି । 'ତମେ କାହିଁକି ତମ କବିତାର ଭାଷାରେ ବିଶ୍ୱନାଥ କରଙ୍କୁ ବିଚାରକ ହେବାର ଅଧିକାର ଦେଲ ?' ଏହାଇ ଥିଲା ମୋ ବିରକ୍ତିର ମୂଳଦୁଆ । ଗୋଦାବରୀଶ ତା'ପରେ ଆଉ 'ଉତ୍କଳ ସାହିତ୍ୟ'କୁ ପ୍ରକାଶ ପାଇଁ କବିତା ଦେଇଚନ୍ତି ବୋଲି ମୋ ମନେ ହେଉନାଇ । ତଥାପି ଗୋଦାବରୀଶ ଥିଲେ କବିସୁଲଭ ଭାବପ୍ରବଣ ; ତେଣୁ ସେ ପ୍ରଭାବରେ ଖୁବ୍ ପ୍ରଭାବିତ ହେଉଥିଲେ । ମାତ୍ର କ୍ରମେ କ୍ରମେ ତାଙ୍କର ମଧୁରସୁନ୍ଦର ସାହିତ୍ୟରେ ପରେ ଯେଉଁ ସ୍ୱାଧୀନତା ଫିଟିଥିଲା ତା ଆଜିକାଲିର ଯୁବକମାନେ ଜାଣନ୍ତି । କହିବା ଦରକାର ନାଇ ।

ସୂଚନାରେ କହିଚି, ସେତେବେଳେ ସତ୍ୟବାଦୀର ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ ଶୈଳୀ ବାହାର କରିବା ଆମ କଳ୍ପନାରେ ଖୁବ୍ ଥିଲା । ଗୋଦାବରୀଶ ଲେଖିଲେ 'ପୁରୁଷୋତ୍ତମ ଦେବ' ନାଟକ ଓ କବିତା । କୃପାସିନ୍ଧୁ ଆଗରୁ 'ବାରବାଟୀ ଦୁର୍ଗ' ପୁସ୍ତକଟି ଲେଖିଥିଲେ । ସତ୍ୟବାଦୀରେ ଲେଖିଲେ 'କୋଣାର୍କ' । ଏଉଟି କୋଣାର୍କର ଇତିହାସ । ମୁଁ ନିଜେ କିଛି ସେତେବେଳେ ଲେଖିଚି ବୋଲି ମନେ ହେଉନାଇ । କେବଳ 'ଗଣେଶ ଚତୁର୍ଥୀ', 'ଶ୍ରୀପଞ୍ଚମୀ' ପରି ଉତ୍ସବମାନଙ୍କରେ ମୁଁ ସଂସ୍କୃତରେ ଓ ସଂସ୍କୃତ ଗୁରୁ ଲଘୁ ନିୟମରେ ଓଡ଼ିଆରେ ସଂଗୀତମାନ ଲେଖେ । କାରଣ ସେପରି ବା ସେପରି ଛନ୍ଦନିୟମରେ ଅନ୍ୟମାନେ ଲେଖି ପାରନ୍ତି ନାଇ । ସ୍କୁଲରେ ବ୍ୟବହାର ପାଇଁ ଅବଶ୍ୟ 'ଉପାସନା' ଲେଖିଥିଲି । ତାହା ଓ ସେହି ସମ୍ପର୍କୀୟ 'ଭକ୍ତି ଗାଥା' ଭଳି ମୋର କେତେକ କବିତା ମଧ୍ୟ ସେକାଳ ଉତ୍କଳ-ସାହିତ୍ୟରେ ବାହାରି ନ ଥିଲା ନୁହେଁ । ମାତ୍ର ସତ୍ୟବାଦୀ ସ୍କୁଲ ଜୀବନରେ 'ସତ୍ୟବାଦୀ' ମାସିକ ପତ୍ରଟି ବାହାରିବା ପରେ ମୁଁ ସେଥିରେ ପ୍ରବନ୍ଧମାନ ଲେଖିଚି । ତହିଁ ଭିତରୁ ଖଣ୍ଡିଏ ସଂକଳିତ ପ୍ରବନ୍ଧ ହେଉଚି 'ଆର୍ଯ୍ୟ ଜୀବନ' । ତା' ୧୯୨୧ରେ ସଂକଳିତ-ହୋଇ ପ୍ରକାଶିତ ହୋଇଥିଲା ।

କିନ୍ତୁ ସଂସ୍କୃତ ଗୁରୁଲଘୁ ନିୟମରେ ଲେଖିବାରୁ ଓ ଅନ୍ୟମାନେ ଏପରିକି ଗୋଦାବରୀଶ ତାହା ଲେଖି ନ'ପାରିବାର ଗୋଟିଏ ଉଦାହରଣ ଆଜି ମନେ ପଡୁଚି । ସେଥିରୁ ଜଣାଯିବ ଗୋଦାବରୀଶ ସେ ଛନ୍ଦରେ ଲେଖିପାରୁ ନ ଥିଲେ ନୁହେ - ତାଙ୍କର ଛନ୍ଦର ଧାରଣା ଓଡ଼ିଆଭାଷାର ସ୍ୱାଧୀନ ପ୍ରକାଶ ସଂଗ କପରି ଜଡ଼ିତ ଥିଲା ଓ ତେଣୁ ସେ ଧାରଣା କପରି ଅସାମାନ୍ୟ ଥିଲା, ତା' ନିମ୍ନଲିଖିତ କଥାଟିରୁ ଜଣାପଡ଼ିବ ।

ଗୋଦାବରୀଶ ଓ କୃପାସିନ୍ଧୁ ଯାହା ଲେଖନ୍ତି ସେ ଦୁହେଁ ମତେ ଦେଖାଇ ମୋ ସଂଗେ ଆଲୋଚନା-କରି ତାକୁ ବେଳେବେଳେ ପୂର୍ଣ୍ଣାଂଗ କରନ୍ତି । ଆଜି ମଧ୍ୟ ମନେଅଛି, କୃପାସିନ୍ଧୁ 'କୋଣାର୍କ' ଲେଖୁ ଲେଖୁ ବିଶନ୍ ସ୍ୱରୂପଂକ 'କୋଣାର୍କ' ପୁସ୍ତକରେ ଅର୍କ-କୋଣ ସଂପର୍କରେ ସୂର୍ଯ୍ୟର ଗତି ଓ ସ୍ଥିତି ବିଷୟରେ ସୂର୍ଯ୍ୟର ଯେଉଁ ପଶ୍ଚିମରୁ ପୂର୍ବକୁ ଗତି ( Law of precession ) ବିଷୟ ହିସାବ କରାଯାଇଥିଲା, ତା' ବୁଝି ନ'ପାରି ମୋ ପାଖକୁ ଆସିଥିଲେ । ମୁଁ ବୁଝାଇଦବା ପରେ ସେ ସେ ଅଂଶଟି ଲେଖି ତାଂକ ନିଜ ପୁସ୍ତକରେ ସଂଶୋଧନ କରି ପୁଣି ଲେଖିଥିଲେ ।

ସ୍ୱର୍ଗତ ଗୋପବନ୍ଧୁଂକର ବଡ଼ଟିଏ ବିଶ୍ୱାଦର ସରିଥାଏ । ବ୍ରହ୍ମପୁରର ସ୍ୱର୍ଗତ ଶଶୀଭୂଷଣ ରଥଂକ ସଂଗେ ଗୋପବନ୍ଧୁ ବାବୁ ଓ ମୁଁ ବୋର୍ଡିଂରେ (ସତ୍ୟବାଦୀ ସ୍କୁଲ୍ ହଷ୍ଟେଲରେ) ମୋ ଘରେ ତିନୋଟି ଖଟରେ ଶୋଇଥିଲୁ । ଗୋପବନ୍ଧୁ ବାବୁ ନିଜେ ବଡ଼ ଭକ୍ତ ଅଂଶର ଲୋକ ଥିଲେ । ଠିକ୍ ରାତି ପାହିଲାବେଳକୁ ଉଠି ସେ ଖଟ ଉପରେ ବସି ଈଶ୍ୱରଂକୁ ପ୍ରାର୍ଥନା କରୁ କରୁ କାଂଦି କାଂଦି ନିଜର ତାତ୍କାଳିକ ରଚିତ ଗୋଟିଏ ଅତିସୁଂଦର ଭାବୋଦ୍ରେକ ଗର୍ଭକ ଗୀତ ବୋଲିଗଲେ । ସେ ଗୀତଟି ସୂତ୍ରଧାର୍ । ତା'ର ମୂଳ ହେଉଚି —

"ଯେତେବେଳେ ଯାହା କରୁଚ ବିଧାତା

ସେତେବେଳେ ତାହା କରୁଚି ।"

(ସୂତ୍ରଧାରଯାକ 'ପୁରୁଷୋତ୍ତମ ଦେବ' ନାଟକରେ ଅଛି । ) ହଠାତ୍ ସେ ସ୍ୱରୋଚ୍ଛ୍ୱାସ ସଂଗେ ସଂଗେ ଶଶୀବାବୁଂକର ଓ ମୋର ଦୁହିଂକ ନିଦ ଭାଂଗିଗଲା । ମୁଁ କହିଲି, "ରଥେ ! ଶୀଘ୍ର ଶୀଘ୍ର ଏ ଗୀତଟା ଲେଖି ପକାଅ" । ସେ ଲେଖି ପକାଇଲେ । ସଂଗେ ସଂଗେ 'ପୁରୁଷୋତ୍ତମ ଦେବ'ର ପାଂଡୁଲିପି ଦେଖି ସେଠାକୁ ଆସିବା ପାଇଁ ଗୋଦାବରୀଶଂକୁ ଡକାଇ ପଠାଇଲି । ସେଥିରେ ଥିବା ପୁରୁଷୋତ୍ତମ ଦେବଂକର ଗୋଟିଏ 'ସ୍ୱଗତ' (Soliloquy କଥାଟି ମୋ ମନେ ପଡ଼ଯାଇଥିଲା । ମୁଁ ଗୋଦାବରୀଶଂକୁ କହିଲି, ସେଇ 'ସ୍ୱଗତ' ଶେଷକୁ ଏ ଗୀତଟି ଯୋଡ଼ିଦିଅ । ସେ ତା' କଲେ ।

ସେଇ 'ପୁରୁଷୋତ୍ତମ ଦେବ' ସଂବଂଧରେ ଆଉ ଗୋଟିଏ କଥା କହେ । ପୁରୁଷୋତ୍ତମ ଦେବରୁ ବିଷୟାଂଶମାନ ବାଛି ଗଣେଶ ଓ ସରସ୍ୱତୀ ଉତ୍ସବରେ ପିଲାଂକୁ ଅଭିନୟ କରାହୁଏ । ଦରକାର ଅନୁସାରେ ସେଇ ଅଭିନୟ ଦେଖି ଭାଷା ଓ ପ୍ରକାଶଭଂଗୀରେ ସଂଶୋଧନମାନ ମଧ୍ୟ କରାଯାଏ । ଥରେ ଏହିପରି ଗୋଟିଏ ଅଭିନୟର ଆବୃତ୍ତି (Rehearsal) ଦେଖୁ ଦେଖୁ ମତେ ଲାଗିଲା, ସେଠାରେ ଗୋଟିଏ ସୈନ୍ୟ-ମାନଙ୍କର ପଦନିକ୍ଷେପଗତ ଗୀତ ( Marching song ) ଯୋଡ଼ା ହେବା ଦରକାର । ସେ କଥା ମୁଁ କହିଲି । ଗୋଦାବରୀଶ ମତେ ଅନୁରୋଧ କଲେ । ଏଇପରି ଗଂଠିସନ୍ଧିବେଳମାନଂକରେ ଯେତେବେଳେ ମତେ ନୂଆ କଥା କରିବାର ହୁଏ, ସେତେବେଳେ ମୁଁ ପାଇଖାନାକୁ ଚାଲିଯାଏ । ମୁଁ ଗଲି । ତା'ପରେ ମୋ ମନେଅଛି, ସେ ଆଉ୍ ଆସି ହଠାତ୍ ଡାକଦେଲି,

"ରଂଜିତ ଅସି ଧାରେ

ଶତ୍ରୁ ରକ୍ତ ଗାରେ

ଲେଖ ଆଜି ବିଜୟ ବିଭବ ଜନ୍ମଭୂମିଭାଲେ ।

ନିର୍ମଳ ଦିଶୁ ଧ୍ୱାଂତ ଗଗନ

ବର୍ଷୁ ତପନ ପୁଣ୍ୟ କିରଣ"

ଏତିକ କହୁ କହୁ ସ୍ୱାଧୀନଚେତା—ବିଶେଷତଃ ଭାଷାରେ ସେଇ ସ୍ୱାଧୀନତାର ଅବତାର – ଗୋଦାବରୀଶ କହି ଉଠିଲେ, "ଭାଇନା ! (ମତେ ସେ ଭାଇନା ବୋଲି ଡାକୁଥିଲେ ) ତମେ ସଂସ୍କୃତ ସ୍କୁଲରୁ ଏତେ

ଚପାର ଦିଅନାଇ । ଓଡ଼ିଆ ଲୋକେ କହିବେ, ଓଡ଼ିଆରେ କହିବେ ।" ସେଠାରୁ ସେ ଦ୍ୱିତୀୟଧାଡ଼ିରେ ଗୋଟିଏ 'ହେ' ଲଗାଇ କହିଲେ —

"ଲେଖ ହେ ଆଜ ବିଜୟ ବିଭବ ଜନ୍ମଭୂମି ଭାଲେ ।"

ଏଥିରେ 'ହେ' ଓ 'ଆ' ଦୁଇଟିଯାକ ଉଚ୍ଚାରଣରେ ହ୍ରସ୍ୱ ହୋଇଗଲା । ଓଡ଼ିଆରେ ତାହାଇ ହେବା କଥା । ସେଠାରୁ ସେ ଓ ମୁଁ ଦୁହେଁ ମିଶି ଲେଖିଲୁ,

"ନିର୍ମଳ ଆଜ ଧ୍ୱାନ୍ତ ଗଗନ,
ବର୍ଷେ ତପନ ପୁଣ୍ୟ କିରଣ,
ଶତ୍ରୁ ଆଜ ଦଳିତ ଚରଣେ ଛିନ୍ନ ଏ କରବାଳେ ।"

ଏଠାରେ 'ଆ', 'ଣେ' ଓ 'ଏ' ପ୍ରଭୃତି ହ୍ରସ୍ୱ ହୋଇଛି । ତା'ପରେ ଏଇ ଗୋଦାବରୀଶ ଶୀଘ୍ରରେ ସମସ୍ତ ଗୀତଟି ଆମ୍ଭେମାନେ ପୂର୍ଣ୍ଣ କରିଥିଲୁ । ତା' ପାଠକେ 'ପୁରୁଷୋତ୍ତମ ଦେବ' ନାଟକରେ ପଢ଼ିଛନ୍ତି ଓ ପଢ଼ିବେ । ସାହିତ୍ୟଚର୍ଚ୍ଚା ଓ ସାହିତ୍ୟର ନବ ନବ ଉନ୍ମେଷରେ ଏ ଖାତିର ସଂଗେ ଏ ପ୍ରତିଭା ଅସାମାନ୍ୟ ନୁହେ କି ?

ମନେ ହେଉଛି ୧୯୦୨ ବା ୧୯୦୩ ସାଲର ଗ୍ରୀଷ୍ମକାଳରେ ଗୋଟିଏ ଚାଂଦଣୀ ରାତିରେ ଚାରିଆଡ଼େ ହଇଜା ଲାଗିଥିଲା ବେଳେ ପଣ୍ଡିତ ଗୋପବନ୍ଧୁଙ୍କ ଗ୍ରାମ ମୁଣ୍ଡ ଜାଗେଶ୍ୱରଙ୍କ ପାଖେ ନଈବନ୍ଧ ଉପରେ ଗୋଟିଏ ବରଗଛ ତଳେ ଶୁଣ୍ଟ ପକାଇ ପଣ୍ଡିତ ଗୋପବନ୍ଧୁଙ୍କ ସଂଗେ ପ୍ରଚାରକ ଅନନ୍ତ ମିଶ୍ର, ଏବର ଆଚାର୍ଯ୍ୟ ହରିହର ଓ ମୁଁ ତିନିଜଣଯାକ କଥାବାର୍ତ୍ତାରେ ରାତି ପୁହାଇ ଦେଇଥିଲୁ । ସେ ଦିନ ଆମେ ସରକାରୀ ଚାକିରି କରିବା ନାହିଁ ଓ ଦେଶକୁ ଯାହା ଦେଖୁଥାଇ, ମରିବା ପୂର୍ବରୁ ତା' ଠାରୁ ଭଲ ଦେଖିବା ବୋଲି ସଂକଳ୍ପ କରିଥିଲୁ । ସେଇଦିନଠାରୁ ଗୋଟିଏ ସଂଘବଦ୍ଧ ଭାବରେ କୌଣସି ଦେଶ ଓ ଦେଶପାଇଁ କାର୍ଯ୍ୟର କଳ୍ପନା ଆମମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ମୋ ନିଜ କଥା ମୁଁ କହୁଛି । ସେଇ ଅନୁଷ୍ଠାନ ନିମନ୍ତେ ମୋ ସାଂଗକୁ ମୁଁ ଯୁବକମାନଙ୍କୁ ସଂଗ୍ରହ କରିବାରେ ଲାଗିଯାଇଥିଲି । ଏଇ ସଂଗୃହୀତ ଯୁବକମାନଙ୍କ ମଧ୍ୟରୁ ପ୍ରଥମଟି ହେଉଛନ୍ତି ଗୋଦାବରୀଶ; କିନ୍ତୁ ମୁଁ ବରାବର ଦେଖିଥିଲି, ସେ ବଡ଼ ଦରିଦ୍ର ହୋଇ ଜନ୍ମ ହୋଇଥିଲେ । ଅବଶ୍ୟ ଆମ ସମାଜରେ ଦରିଦ୍ର ବୋଇଲେ ଯାହା ବୁଝାଯାଏ ସେଇଆ । କାହିଁକିନା, ଆମ ଭିତରେ ଯେ ବଡ଼ ଧନୀ, ସେ ବି ଏକ ଦରିଦ୍ର । କିନ୍ତୁ ମୁଁ ଦେଖିଛି, ଦାରିଦ୍ର୍ୟର ଭାବଟି ଗୋଦାବରୀଶଙ୍କୁ ସବୁବେଳେ ବଡ଼ ବାଧୁଥିଲା । ହେଲେ ହେଁ ଭାବରାଜ୍ୟରେ ପରପ୍ରାଣତା ତାଙ୍କର ଅତ୍ୟନ୍ତ ପ୍ରବଳ ଥିଲା । ସେ ତଥାପି ଏ ସମସ୍ତ ପରପ୍ରାଣତା ମଧ୍ୟରେ କୌଣସି ପ୍ରକାରେ ଟଙ୍କା ରୋଜଗାର କରି ବଡ଼ ହେବା ଓ ସେଥିପାଇଁ ଚାକିରିମାନ କରିବା ଭାବଟି ତାଙ୍କ ଭିତରେ ଏକପ୍ରକାର ବଦ୍ଧମୂଳ ଥିଲା । ମରିବାର ଶେଷ ବର୍ଷ ପର୍ଯ୍ୟନ୍ତ ମୁଁ ଜାଣେ ସେ ପ୍ରତିମାସରେ 'ବମ୍ବେ ଟାଇମସ୍'ର 'Illustrated weekly' ସାପ୍ତାହିକରେ ବାହାରୁଥିବା (Cross word Puzzle (ଶବ୍ଦନିର୍ମାଣ ପ୍ରହେଳିକା)ଟି ଭିନ୍ନ ଭିନ୍ନ କରି ଦେଖୁଥିଲେ ଓ ପ୍ରତିଥର ଟଙ୍କା ଖର୍ଚ୍ଚକରି ସେ ଶବ୍ଦଧନ୍ଦାର ଭିନ୍ନ ଭିନ୍ନ ସମାଧାନ ସବୁ ପୁରସ୍କାର ପାଇବା ଆଶାରେ ପଠାଉଥିଲେ । ଅବଶ୍ୟ ସମସ୍ତେ ଜାଣନ୍ତି, ସେ ପୁରସ୍କାର ସବୁ ବଡ଼ ବିରାଟ । ସମାଧାନଟି ଠିକ୍ ହେଲେ ପ୍ରାୟ କୋଡ଼ିଏ ତିରିଶ ହଜାର ଟଙ୍କା ବା ତହିଁରୁ ବେଶି ପୁରସ୍କାର ମିଳେ । ଏପରି ଶବ୍ଦ ସମାଧାନ ପଠାଇବାର ଦେଖି ଦିନେ ମୁଁ ପଚାରିଥିଲି, "ଏସବୁ ପାଇବା ବହୁତ କମ ଲୋକଙ୍କ ଭାଗ୍ୟରେ ମାତ୍ର ଘଟେ । ତମ ଭଳି ଲୋକଙ୍କର ଏ ଚେଷ୍ଟା କାହିଁ ?" ସେ ଟିକେ

ମୂରିକି ହସି ମତେ ଉତ୍ତର ଦେଇଥିଲେ, "ଅତି କମ୍ ଲୋକଂକୁ ହେଲେ ମଧ୍ୟ କାହାକୁ ତ ମିଳେ । କିଏ ଜାଣେ ସେଇ ଜଣକ ଦିନେ ମୁଁ କାହିଁକି ନ ହେବି ?" ତା'ପରେ ମନୁଷ୍ୟର ଭାଗ୍ୟ ଓ ପୁରୁଷକାର ସଂବଂଧରେ ସେ ଦିନ ବହୁତ କଥାବାର୍ତ୍ତା ହୋଇଥିଲା । ମୁଁ ଦେଖି ବିସ୍ମିତ ମଧ୍ୟ ହୋଇଥିଲି । ଭାଗ୍ୟ ଉପରେ ତାଂକର କମ୍ ବିଶ୍ୱାସ ନ ଥିଲା ।

ବହୁତ ଲୋକ ଏ ବିଷୟରେ ଲେଖିଚଂତି । ଲୋକେ ସବୁକଥା ନିଜ ଭାବ ଅନୁସାରେ ବ୍ୟାଖ୍ୟା କରି ଲେଖିଯାଂତି । ସେଇ ଲେଖାମାନଂକରୁ ଲୋକେ ଜାଣି ଯାଇଚଂତି ସତ୍ୟବାଦୀସ୍କୁଲର ଶିକ୍ଷକମାନେ ଅଳ୍ପ ଟଂକା ପାଇ କାମ କରିବା ସତ୍ୟବାଦୀ ବିଦ୍ୟାଳୟର ଗୋଟିଏ ମୁଖ୍ୟ ଲକ୍ଷଣ ଥିଲା । କିଂତୁ ମୁଁ କହୁଚି ତା ନୁହେ । ଛାତ୍ରମାନଂକ କମ୍ ଖର୍ଚରେ କିପରି ସେମାନଂକ ଉଚ ଶିକ୍ଷା ଓ ଚରିତ୍ରପାଇଁ କ୍ଷେତ୍ର ପ୍ରସ୍ତୁତ ରହିପାରିବ ସେ ବିଷୟ ପ୍ରତି ଦୃଷ୍ଟି ଥିଲା; କିଂତୁ ଶିକ୍ଷକମାନଂକ ସଂବଂଧରେ ଏଭଳି କଟକଣା ପ୍ରତି ଆଦୌ ନଜର ନ ଥିଲା । ମୁଁ ପ୍ରଥମେ ସତ୍ୟବାଦୀସ୍କୁଲ ଆରଂଭ କରିଥିଲି । ମୁଁ ନିଜେ ହାତଖର୍ଚ ପାଇଁ ମାସକୁ ଟ୩୦୲ ମାତ୍ର ନେଉଥିଲି । ମୋ ଘରେ ବରଷକ ଖାଇବା ଭଳି ଥିଲା । ଆମ ନନା ( ମୋ ପିତା ) ମଧ୍ୟ ମୋର ଦେଶ ସେବାରେ ଅତ୍ୟଂତ ଆନଂଦିତ ଥିଲେ ଓ ସେଥିପାଇଁ ଅତି ବୃଦ୍ଧବୟସରେ ତାଂକର କର୍ମ କ୍ଷମତା ଆଜମ୍ ବଢ଼ିଯାଇଥିଲା । ( ତାଂକ ଜନ୍ମ ହେଉଚି ଖ୍ରୀଷ୍ଟାବ୍ଦ ୧୮୩୯ ରେ । ) ପଂଡିତ ଗୋପବଂଧୁ ମଧ୍ୟ ତାଂକର ଆଶୀର୍ବାଦ ପାଇ କୃତାର୍ଥ ହେଉଥିଲେ । ଏ ତିରିଶ ଟଂକା ମତେ କେହି ପଗ୍ଭରି ବୁଝି ଦେଇ ନ ଥିଲେ । ମୁଁ କହିଥିଲି କହିଦେଇଥିଲି ମୁଁ ଏତିକି ନେବି ।

ତା'ପରେ ଆଚାର୍ଯ୍ୟ ହରିହର ଦାସଂକ କଥା । ତାଂକର ଘରେ ସେପରି କିଛି ଅଭାବ ନ ଥିଲେ ମଧ୍ୟ କିଛି ଥିଲା । ସେକାଳର ଏଫ. ଏ. ପାସ କରିଥିଲେ ମଧ୍ୟ ବଡ଼ ଭଲ ଶିକ୍ଷକ ଥିଲେ । ସେ କଟକର ପି. ଏମ୍. ଏକାଡେମୀରେ ମାସକୁ ଟ୪୫୲ ବେତନରେ ଶିକ୍ଷକ ଥାଇ ସେ କାଳେ ପ୍ରାଇଭେଟ ଟିଉସନରୁ ଆଉରି ମାସକୁ ଟ୯୦୲ ଅଧିକା ରୋଜଗାର କରୁଥିଲେ । ତେଣୁ ପିତା କାଳେ ଅସନ୍ତୁଷ୍ଟ ହେବେ ବୋଲି ସେ ସେ ଚାକିରି ଛାଡ଼ି ପାରି ନଥିଲେ । ୧୯୧୨ ଖ୍ରୀଷ୍ଟାବ୍ଦର ଜୁଲାଇ ମାସରେ ତାଂକ ପିତାଂକର ମୃତ୍ୟୁ ହୋଇଗଲା । ତା ପରେ ଆଚାର୍ଯ୍ୟ ମହାଶୟ ଏକାଡେମୀସ୍କୁଲ ଛାଡ଼ି ଓ ତହିଁ ସଂଗେ ମାସକୁ ଟ୯୦୲ ଟିଉସନର ଲୋଭ ଅକାତରରେ ଛାଡ଼ି, ସତ୍ୟବାଦୀରେ ଆସି ଶିକ୍ଷକ ହେଲେ । ସେ ଇଚ୍ଛା କରି ନେଲେ ମାସକୁ ଟ୪୦୲ ।

ତା'ପରେ ଗୋଦାବରୀଶ ମିଶ୍ରେ । ୧୯୧୨ ଶେଷକୁ ଏମ୍. ଏ. ରେ ପରୀକ୍ଷା ଦେଲେ । ତାଂକର ଏମ୍. ଏ.ରେ ବିଷୟ ଥିଲା ଇକୋନମିକ୍ସ ବା ଅର୍ଥ ଶାସ୍ତ୍ର । ସେ ସେଇ ଶାସ୍ତ୍ରର ପ୍ରଣାଳୀକୁ ଧରି ବହୁପ୍ରକାର ଅର୍ଥାଗମର ଉପାୟ ଭାବୁଥାଂତି । ତା' ମଧ୍ୟରୁ ଗୋଟିଏ ହେଉଚି—ସେ ବହୁଟଂକାରେ ଜୀବନ ବୀମା କରି ସେଇ ବିମାଟି ବଂଧାପକାଇ ବିଲାତ ଯିବେ, ଇତ୍ୟାଦି । ଏମ୍. ଏ. ପଢ଼ିବା ଅବସ୍ଥାରେ ଏ ବିଷୟରେ ବହୁତ ମୋ ସଂଗେ ଯୁକ୍ତି ତର୍କ ହୋଇଥିଲା ଓ ମୁଁ ସେଥିରୁ ତାଂକୁ ନିବର୍ତ୍ତାଇ ଥିଲି । ତାଂକ ଏମ୍. ଏ. ଦୁଇବର୍ଷ ଭିତରୁ ମୁଁ ପ୍ରଥମ ବର୍ଷଟି ତାଂକ ସଂଗେ କଲିକତାରେ ଥିଲି । ତା' ପରେ କଲିକତାରୁ ଆସି ସତ୍ୟବାଦୀ ସ୍କୁଲରେ ସ୍ପଷ୍ଟ ଯୋଗ ଦେବା ପରେ ସେ ସ୍ଥିର କରିଥିଲେ କଲିକତାରେ Deaf & Dumb ( ମୂକ ବଧିର ) ସ୍କୁଲର ଅଧ୍ୟକ୍ଷ ହୋଇ ସେଇ ସ୍ୱହରେ ସେଇ ଶିକ୍ଷାର ବିଶେଷ ଜ୍ଞାନ ପାଇଁ ବିଲାତ ଯିବେ । ସେ ଏମ୍. ଏ. ପରୀକ୍ଷା ଦେବା ପରେ ଏ କଥା ମୋତେ ଜଣା ପଡ଼ିଲା । ମୁଁ ମଧ୍ୟ ଗୋପବଂଧୁବାବୁଙ୍କୁ

କହିଲି । ଗୋଦାବରୀଶ ଇଂରେଜୀ ଭାଷାରେ ( ବିଶେଷରେ ଉଚ୍ଚାରଣ ଓ ସ୍ୱରପ୍ରକାଶଭଙ୍ଗୀରେ ) ବଡ଼ ଦକ୍ଷ ଥିଲେ । ସେଥିପାଇଁ ସେ ଥିଲେ ଆମର ଆଦରର ଧନ ।

ମୁଁ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲାବେଳୁ କଲିକତାର ସ୍ୱର୍ଗତ ଶଶୀଭୂଷଣ ରାୟ ଚୌଧୁରୀ ବୋଲି ଜଣେ ଆଦିମ ଯୁଗର ବିପ୍ଳବୀ ମୋ ସଂଗେ ବଡ଼ ଘନିଷ୍ଠ ସଂପର୍କରେ ଥିଲେ । ସେଇ ସୂତ୍ରରେ ଗୋଦାବରୀଶଂକ ସଂଗେ ତାଂକର ଭାରି ପରିଚୟ ହୋଇଥିଲା । ଗୋଦାବରୀଶ ମଧ୍ୟ ତାଂକ ପ୍ରଭାବରେ ପ୍ରଭାବିତ ହୋଇଥିଲେ । ମୁଁ କଲିକତାରେ ତାଂକ ପାଖକୁ ଲେଖି ତାଂକୁ ଧରି ଗୋଦାବରୀଶଂକୁ ସେଠାରେ ଭେଟିଲି । ମନେ ଅଛି, ବହୁ ଯୁକ୍ତିତର୍କ କଥାବାର୍ତ୍ତା ପରେ ଆମେ ଦୁହେଁ ସେ କାର୍ଯ୍ୟରୁ ତାଂକୁ ନିବର୍ତ୍ତାଇ ତାଂକୁ ଘେନି ଆସି ଗୋପବଂଧୁ ବାବୁଂକୁ ଚିଠିଲେଖି ସତ୍ୟବାଦୀରେ ଆସି ପହଂଚିଲୁ । ଗୋପବଂଧୁବାବୁ ଆସି ପହଂଚି ଗଲେ । ଗୋଦାବରୀଶଂକର ସତ୍ୟବାଦୀରେ ରହିବାର ସ୍ଥିର ହେଲା ।

ବାଣପୁର ଗୋଦାବରୀଶଂକର ନିଜସ୍ଥାନ । ସେଠାରେ ତାଂକର ଅତି ଛୋଟ ଘର ବଖରାଏ ମାତ୍ର ଥିଲା । ଜମିବାଡ଼ି ବୋଲି କିଛି ନଥିଲା । ସହାୟ ବୋଲି କେହି ନଥିଲେ । ସଂପତ୍ତି ବୋଲି ଘରେ ଧର୍ମପତ୍ନୀ ଓ ଗୋଟିଏ ଶିଶୁକନ୍ୟାଂକ ଛଡ଼ା ଆଉ କେହି ନଥିଲେ । ତାଂକପାଇଁ ସତ୍ୟବାଦୀରେ ଭଡ଼ାଘର ଠିକ୍ କରାଗଲା ।

ଏଇପରି ଅନ୍ୟତ୍ର ବସାଘର କରି ସ୍କୁଲର ମାଷ୍ଟର ହେବା ଲୋକଂକ ଭିତରେ ଗୋଦାବରୀଶ ସେତେବେଳେ ଥିଲେ ଏକମାତ୍ର । ତା'ର ଦୁଇବର୍ଷ ପରେ ସ୍ୱର୍ଗତ କୃପାସିଂଧୁ ଦର୍ଶନଶାସ୍ତ୍ରରେ ଏମ୍. ଏ. ପରୀକ୍ଷା ଦେଇ ଉଚ୍ଚସ୍ଥାନ ଲାଭ କରି ସତ୍ୟବାଦୀକୁ ଆସି ଶିକ୍ଷକରୂପେ ଯୋଗ ଦେଇଥିଲେ । ସେ ମଧ୍ୟ ସତ୍ୟବାଦୀରେ ଅନ୍ୟତ୍ର ବସା ଭଡ଼ାନେଇ ନିଜ ଭାର୍ଯ୍ୟାଂକୁ ଘେନି ବାସ କରିଥିଲେ । ସେ ସବୁ ହିସାବକରି ନିଜେ ମାସକୁ ଟ୫୦୲ ନେବେ ବୋଲି କହିଥିଲେ ଓ ତାହାଇ ତାଂକୁ ଦିଆ ଯାଇଥିଲା । ଏହାଇ ମୋଟାମୋଟି ଥିଲା ସତ୍ୟବାଦୀ ସ୍କୁଲର ଶିକ୍ଷକମାନଂକ ଦରମାର ଆଦର୍ଶ ଓ ଇତିହାସ ।

ସତ୍ୟବାଦୀ ସ୍କୁଲର ମାଷ୍ଟରମାନଂକ ଉପରେ ସେ କାଳ ସରକାରଂକର ବଡ଼ କଡ଼ା ନଜର ଥିଲା । ସେ ନାନା ପ୍ରତିବଂଧକ ଆଣି ଯୁଟାଉଥାଂତି । ଥରେ ଇନ୍ସପେକ୍ଟର କହିଲେ, "ଶିକ୍ଷକମାନଂକ ଭିତରେ ଶିକ୍ଷା ବିଧାନରେ ତାଲିମ ହୋଇଥିବା ( B. T. ପାସ କରିଥିବା ) ଶିକ୍ଷକ ଦରକାର ।" ୧୯୧୭ ରେ ଗୋଦାବରୀଶଂକୁ B. T. ରେ ତାଲିମ ହେବା ପାଇଁ କଲିକତାକୁ ପଠାଗଲା । ୧୯୧୮ରେ ସେ ଫେରିଲେ । ୧୯୧୮ର ଜୁନମାସ ପରେ ଖୋର୍ଦ୍ଧା ହାଇସ୍କୁଲରେ ହେଡ଼ମାଷ୍ଟର ହେବା ପାଇଁ ସେ କାହାକୁ କିଛି ନ କହି ଦରଖାସ୍ତ କରିଦେଲେ । ଗୋପବଂଧୁବାବୁ ଜାଣିଲେ । ମୋ ମନେଅଛି, ସାକ୍ଷୀଗୋପାଳ ଡାକବଂଗଳାରେ ଗୋପବଂଧୁ ବାବୁ, ଗୋଦାବରୀଶ, କୃପାସିଂଧୁ, ହରିହର ଦାସ ଓ ମୁଁ ସମସ୍ତେ ବସି ସେଇ କଥା ପକାଇଲୁ । କଥା କହୁ କହୁ ଭାବପ୍ରବଣ ଗୋପବଂଧୁ ଦାସ ଭେଁ ଭେଁ ହୋଇ ଉଚ୍ଚସ୍ୱରରେ କାଂଦିଲେ । ଆଂଭେ ସମସ୍ତେ କାଂଦିଲୁ । ସେଦିନ ଗଲା । ମାତ୍ର ଫଳରେ ସ୍ଥିର ହେଲା, ସତ୍ୟବାଦୀ ସ୍କୁଲରେ ଆମେ ତିନି ଏମ୍.ଏ.ଂକ ଭିତରୁ କୃପାସିଂଧୁ, ଗୋଦାବରୀଶ ଓ ମୁଁ ବର୍ଷକୁ ଜଣେ ଜଣେ ପର୍ଯ୍ୟାୟକ୍ରମେ ହେଡ଼ମାଷ୍ଟର ଓ ହଷ୍ଟେଲର ସୁପରିଂଟେଣ୍ଡେଂଟ ହେବେ । ମନେଅଛି, ସେଇ ବ୍ୟବସ୍ଥା ଅନୁସାରେ ମତେ ସେ ଦୁଇପଦଗୁଡ଼ି ସେଇ ସମୟରେ ଶ୍ରୀରାମଚଂଦ୍ରପୁରରେ ମୋ ଘରେ ଆସି ରହିବାକୁ ହୋଇଥିଲା । ଏଇପରି ଲୋଗରକୃଷ୍ଟା ଓ ତହିଁ ସଂଗେ ସଂଯୋଗର

ସୁଦ୍ଧା ଗୋଦାବରୀଶଂକ ଭିତରେ ବରାବର ପ୍ରଚ୍ଛନ୍ନ ଭାବରେ ଜୀବଂତ ଥିବାର ମୁଁ ଦେଖିଛି । ସଂଗେ ସଂଗେ ସେଇ ଭୋଗର ତ୍ୟାଗ ବିଷୟରେ ମଧ୍ୟ ତାଂକ ପ୍ରକୃତି ବଡ଼ ନମନୀୟ ଥିଲା । ଶିଷ୍ଟାଚାରରେ ସେ ଅତ୍ୟଂତ ଉନ୍ନତ ଓ ମାର୍ଜିତଥିବାରୁ ଏ ତୃଷ୍ଣା ଯୋଗ ତାଂକର କୌଣସି କର୍ମପଟୁତା କେବେ ବ୍ୟାହତ ହୋଇଥିବାର ମୋ ମନେ ନାଇ । ଏ ସମସ୍ତ ଭିତରେ ପୁଣି ମୋ ମନେଅଛି, ଶିକ୍ଷକତାରେ ତାଂକର ଅନନ୍ୟସାଧାରଣ ପ୍ରତିଭା । ସେପରି ସୁଦକ୍ଷ, ରୁଚିମଂତ ଶିକ୍ଷକ ମୁଁ ଆଉ ଦେଖିଛି ବୋଲି ମନେ ହେଉନାଇ ।

ଆଜି ଆଉ ପୁଣ୍ୟଶ୍ଳୋକ ଗୋଦାବରୀଶଂକ ସଂବଂଧରେ ବିଶେଷ ବ୍ୟାଖ୍ୟାନ କରିବାର ଦିନ ନୁହେ । କିଂତୁ ଗୋଟିଏ କଥାପ୍ରତି ମୁଁ ତାଂକର ପଦାନୁସାରୀ ସ୍ମୃତିପରାୟଣ ଦେଶବାସୀମାନଂକୁ ସାବଧାନ କରି ଦେଉଛି । ମାନବସମାଜରେ ଭକ୍ତି ଗୋଟିଏ ବିପଦଜନକ ବସ୍ତୁ । ଭକ୍ତି ବଡ ଅସହିଷ୍ଣୁ । ସେ ନିପଟ ମିଥ୍ୟାବାଦୀ । ସେ ବହୁତ ଅଦ୍ଭୁତ କୁତ୍ସିତ କଳ୍ପନା କରେ ଓ ସତ ବୋଲି କହେ । ନିଜର ଆଦର୍ଶବାଦରେ ଉପାସ୍ୟକୁ ଜଡ଼ିତକରି ସାଧାରଣଂକ ଆଗେ ଥୁଏ । ମାନବସମାଜର ଏ ଗୋଟିଏ ସାଧାରଣ ଦୁର୍ବଳତା ଓ ଦୁରାରୋଗ୍ୟ ବ୍ୟାଧି । ଏସଂବଂଧରେ ମୁଁ ଓଡ଼ିଆସାହିତ୍ୟର କ୍ରମ ପରିଣାମ ପୁସ୍ତକର ୨ୟ ଭାଗରେ ବହୁତ ଲେଖିଛି । ଏବେ ସୂଚାଇ ଦେଉଛି କେବଳ ସତ୍ୟବାଦୀଂକ ପାଖେ ଛିଡ଼ା ହୋଇଥିବା ରାଧାମୂର୍ତ୍ତି । ସମସ୍ତେ ତ ଜାଣଂତି ଭକ୍ତର କଳ୍ପନାରେ ସେ ଗୋଟିଏ ସତ୍ୟରୂପେ ଠିଆହୋଇଥିବା ମହା ଅପରୂପର ପ୍ରକାଶ । କୌଣସି ସେବକଂକର ଲକ୍ଷ୍ମୀନାମ୍ନୀ ଗୋଟିଏ ବାଳ ବିଧବା କନ୍ୟାର ଗର୍ଭପାଇଁ ନିଜେ ୧୮୭୨ଖ୍ରୀଷ୍ଟାବ୍ଦପରେ ସତ୍ୟବାଦୀ ମଂଦିରରେ ପ୍ରତିଷ୍ଠିତ ହୋଇଥିବା ପ୍ରସ୍ତର-ମୟ ଗୋପୀନାଥ ଦାୟୀ ହୋଇଥିଲେ । ତା'ପରେ ସେଇ ଲଗ୍ନରେ ଆବିର୍ଭୂତ ହୋଇଥିବା ରାଧା ଏବେ ମଂଦିରରେ ବସିଚଂତି । ସ୍ୱର୍ଗତ ରାଧାନାଥ ରାୟଂକ ଠାରୁ ଆରଂଭ କରି ଏବର କବି ମାୟାଧର ମାନସିଂହଂକ ପର୍ଯ୍ୟଂତ ସମସ୍ତେ ସେଇ ବ୍ୟଭିଚାରର କଳ୍ପନାରେ ମୁହ୍ୟମାନ ଓ ସେଥିପାଇଁ ସେମାନେ କବି । ସେ କଥା ସତ୍ୟ ହୋଇ ନ ପାରେ ବୋଲି ଆଜି ଯୁକ୍ତି କରି ବସିଲେ ଗୌଡ଼ୀୟ ବୈଷ୍ଣବମାନେ ମାରିବେ କି ମରିବେ । ସେଇପରି ମୁଁ ଏବେ ଅନୁସଂଧାନ କରି ଦେଖୁଛି, ୧୬ ଶ ଶତାବ୍ଦୀ ପ୍ରାରଂଭରେ ଓଡ଼ିଶାକୁ ସଂକୀର୍ତ୍ତନ କରି କରି ଓ ସେଇ ସଂକୀର୍ତ୍ତନରେ ବାରଂବାର ଅଜ୍ଞାନହୋଇ ପଡ଼ି ପଡ଼ି ଆସିଥିବା ଚୈତନ୍ୟଂକ କଥା । ଚୈତନ୍ୟ ସଂସ୍କୃତ ଜାଣିଥିବାର ବା ଜାଣିଥିଲେ ଭଲକରି ଜାଣିଥିବାର କୌଣସି ପ୍ରମାଣ ମିଳୁନାଇ । ସେ ଗୌଡ଼ୀୟ ବୈଷ୍ଣବ ନ ଥିଲେ । ତଥାପି ଶିଷ୍ୟମାନେ ତାଂକ ସଂବଂଧରେ କଣ ନକହିଚଂତି, କ'ଣ ନ କହୁଚଂତି ? ସେ ମରିବାର ପ୍ରାୟ ୭୦ ବର୍ଷ ପରେ ତାଂକ ଜୀବନଚରିତ ଲେଖକ କୃଷ୍ଣଦାସ କବିରାଜ କାଶୀରେ ଥାଇ ଲେଖିଥିଲେ— 'ଚୈତନ୍ୟ ଚରିତାମୃତ' । ସେ ଚରିତକୁ ଅମୃତ କୁହାଯାଇ ପାରେ । କାଇକନା ସେଇଟା ଭକ୍ତର ପରିତୃପ୍ତିର; କିଂତୁ ସେଥିରେ ସତ୍ୟ ଅଛି ବୋଲି ପ୍ରମାଣ କଣ ? ଏବେ କଟକର କାଳିଦାସ ରାୟ ବୋଲି ଜଣେ ଗୌଡ଼ୀୟ ବୈଷ୍ଣବ ସ୍ପଷ୍ଟଭାବରେ ମତେ ଗୌଡ଼ୀୟ ବୈଷ୍ଣବ କରିବାପାଇଁ ମୋ ଘରକୁ ଆସିଥିଲେ । ତାଂକୁ ଏଇପରି ଚୈତନ୍ୟଂକ ଜୀବନୀ ସଂବଂଧରେ ଲିଖିତ କୌଣସି ତଥ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଏହାର ଭିତ୍ତି କଣ ବୋଲି ପଚାରିବାରେ, ଭକ୍ତିରେ ମୋହଗ୍ରସ୍ତ ରାୟ ମହାଶୟ ମତେ କହିଲେ, "ସେ ସବୁ ଭକ୍ତମାନଂକ ମନରୁ ବାହାରେ । ସେଥିର ପ୍ରମାଣ ପଚାରିବା ଉଚିତ ନୁହେ ।"

ଅନେକ ଦେଖିଥିବେ ସେଦିନ ସ୍ୱର୍ଗତ ଗୋପବନ୍ଧୁଙ୍କ ମୂର୍ତ୍ତି ଉଦ୍‌ଘାଟନବେଳେ କଟକରେ ପଡ଼ା ହୋଇଥିବା ଗୋଟିଏ ଗୋପବନ୍ଧୁ ସମ୍ବନ୍ଧୀୟ ଇଂରେଜି ଲେଖାରେ ଦେଖିଥିଲି, ଗୋପବନ୍ଧୁଙ୍କର ଏକମାତ୍ର ପୁତ୍ର ୧୯୦୪ ମସିହାରେ ମୃତ୍ୟୁମୁଖରେ ପଡ଼ିଥିଲାବେଳେ ଦେଶରେ କୌଣସିଠାରେ ବନ୍ୟା ହେବାର ଖବର ଆସିଲା । ଗୋପବନ୍ଧୁ ମୁମୂର୍ଷୁ ପୁତ୍ରକୁ ପରିତ୍ୟାଗକରି ଦେଶରେ ଏତେ ପୁତ୍ର ଭାସିଯାଉଚନ୍ତି ବୋଲି କହି, କଣ୍ଟି ଆଉ ନମାନି ବନ୍ୟା-ଅଂଚଳକୁ ଚାଲିଗଲେ । ସ୍ୱର୍ଗତ ଲିଂଗରାଜ ମିଶ୍ରେ କୌଣସି ଗୋପବନ୍ଧୁ ବାର୍ଷିକ ପତ୍ରରେ ପ୍ରବନ୍ଧରେ ଏହା ଲେଖିଥିଲେ । ତା'ପରେ ରାଧାମୋହନ ଗଡ଼ନାୟକ ଏଇ ଗଳ୍ପ ଧରି କବିତା ଲେଖିଲେ । ଏଇପରି 'ଚୈତନ୍ୟ ଚରିତାମୃତ'ର କଥାପରି ଏହାର ପ୍ରଚାର ଚାଲିଚି । ଲିଂଗରାଜବାବୁ ଗୋପବନ୍ଧୁଙ୍କ ସେ ସମୟକୁ ଦେଖି ନ ଥିଲେ—୧୯୨୧ ମସିହା ପୂର୍ବରୁ ସେ ଭଲକରି ଦେଖିଥିଲେ କି ନା ମୁଁ କହି ପାରୁନାଇ । କିନ୍ତୁ ୧୯୦୮ରେ କେନ୍ଦ୍ରାପଡ଼ା, ଯାଜପୁର ବଢ଼ି ପୂର୍ବରୁ ଗୋପବନ୍ଧୁ କଟକରେ 'Young Utkal Association'ର ପ୍ରତିଷ୍ଠା କରିବା ପୂର୍ବରୁ ସେ କୌଣସି ବଢ଼ି, ମରୁଡ଼ିରେ ନିଜକୁ ନିଯୋଜିତ କରିନାହାନ୍ତି । ପୁଣି ମଧ୍ୟ ଗୋପବନ୍ଧୁ କେବେ ଏପରି ହୃଦୟହୀନ ଥିବାର ମୁଁ ଦେଖିନାଇ କିଂବା ହୃଦୟର ଭାବାବେଗ ଲୁଚାଇ ନିଜକୁ ଅନ୍ୟପ୍ରକାର ଦେଖାଇ ହେବା ହୁଏତ ତାଙ୍କର ପ୍ରକୃତି ନ ଥିଲା । ତାଙ୍କର କବିହୃଦୟ ଅତି କୋମଳ ଥିଲା । ମୁଁ ଦେଖିଚି—ସ୍ୱର୍ଗତ ରାମଚନ୍ଦ୍ର ଦାସ ମୁକ୍ତାର, ସ୍ୱର୍ଗତ ପଣ୍ଡିତ ମହାମହୋପାଧ୍ୟାୟ ସଦାଶିବ ମିଶ୍ର ଓ ମୋ ଆଗରେ ମଧ୍ୟ ତାଙ୍କ ସ୍ତ୍ରୀଙ୍କ କୋଳରେ ପୁତ୍ରଟିର ଅତିସାରରେ ମୃତ୍ୟୁ ହେଲା । ସେ ଦିନ ସେ ଓ ତାଙ୍କ ଧର୍ମପତ୍ନୀ ଯେ ବ୍ୟାକୁଳତା ପ୍ରକାଶ କରିଥିଲେ ତା' ଏଠାରେ କହିବା ଅନାବଶ୍ୟକ ।

ସେଇପରି ସେଇ ଇଂରେଜି ପୁସ୍ତକରେ ଲେଖା-ଥିବାର ଦେଖିଲି ଗୋପବନ୍ଧୁ ପୁତ୍ରର ମୃତ୍ୟୁପରେ ଓ ଓ ୧୯୦୮ରେ ବଢ଼ିପୂର୍ବରୁ କେବେ ଗେରୁଆ ପିନ୍ଧି ସନ୍ୟାସୀ ବେଶରେ ଦେଶକଥା ପ୍ରଚାର କରି ବୁଲୁଥିଲେ । ଏହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା । କଥଟି ହେଉଚି, ୧୯୦୭ ଆରମ୍ଭରେ ଏଫ୍. ଏ. ପରୀକ୍ଷା ଦବାପରେ, ବି. ଏ. ପଢ଼ିବାକୁ ଯିବା ପର୍ଯ୍ୟନ୍ତ—ଏଇ ସମୟ ମଧ୍ୟରେ ମୁଁ କେବେ କେବେ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ, କେତେବେଳେ ପୁଣି ସ୍ୱର୍ଗତ ପଣ୍ଡିତ ପଦ୍ମାର ମିଶ୍ରଙ୍କୁ ସଂଗରେ ଧରି ସନ୍ୟାସୀ ବେଶରେ ବଂଗଦେଶର ସେକାଳ ବିପ୍ଳବୀମାନଙ୍କ ପ୍ରେରଣା ଘେନି ସ୍ୱଦେଶୀ ପ୍ରଚାରକରି ଗେରୁଆ ପିନ୍ଧି ବୁଲୁଥିଲି । ଗୋପବନ୍ଧୁ ସେତେବେଳେ ପୁରୀରେ ଓକିଲ ଥିଲେ । ତାଙ୍କର ପ୍ରେରଣା ମଧ୍ୟ ଏଥିରେ ନ ଥିଲା ନୁହେଁ ।

ତେଣୁ କହେ ଗୋଦାବରୀଶ ବନ୍ଧୁ ଭକ୍ତଙ୍କର ଉପାସ୍ୟ ପୁରୁଷ । ଭକ୍ତମାନେ ତାଙ୍କୁ ଏପରି ବିପଦରୁ ରକ୍ଷା କରନ୍ତୁ ।

କ୍ୟାଂପ-ଶ୍ରୀରାମଚନ୍ଦ୍ରପୁର, ପୁରୀ,

ତା ୧୩ । ୭ । ୧୯୫୮

## ୭

## ସ୍ୱର୍ଗତ ପଣ୍ଡିତ ଲିଙ୍ଗରାଜ ମିଶ୍ର

ମହୋପାଧ୍ୟାୟ ପଣ୍ଡିତ ଲିଙ୍ଗରାଜ ବହୁଆଗରୁ ଚାଲିଗଲେ । ସେ ମୋଠାରୁ ଏଗାର ବରଷ ସାନ । ସେ ମୋର ନିଜ ଗ୍ରାମବାସୀ । ତାଙ୍କର ପିତା ଶ୍ରୀ ନୀଳକଣ୍ଠ ମିଶ୍ରେ ଜଣେ ସେ କାଳର ମଧ୍ୟ ଭର୍ଣ୍ଣାକୁଲର ସ୍କୁଲର ପଣ୍ଡିତ ଥିଲେ । ସଂସ୍କୃତ ସେ ଜାଣି ନ ଥିଲେ । ତଥାପି ଓଡ଼ିଆଭାଷାର ବ୍ୟାକରଣାଦିରେ ତଥା ସେକାଳ ମଧ୍ୟଭର୍ଣ୍ଣାକୁଲର ସ୍କୁଲର ଗଣିତରେ ତାଙ୍କର ବିଶେଷ ଦକ୍ଷତା ଥିଲା ।

ଆମ ଗ୍ରାମରେ ସେ କାଳର ସ୍ୱର୍ଗତ ପଣ୍ଡିତ ହରିହର ଦାସ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲର ସ୍କୁଲ ବସାଇ ସେଇ ସୂତ୍ରରେ ବିଦ୍ୟା ଓ ବିଦ୍ୟାଳୟ ପ୍ରଚାରରେ ଖୁବ୍ ପ୍ରଯତ୍ନଶୀଳ ଥିଲେ । ମୋର ଯେତେଦୂର ମନେହୁଏ, ସେ ଏହାଙ୍କୁ ଇ ସେ ସ୍କୁଲର ୨ୟ ଶିକ୍ଷକ ରୂପେ ବାଛିଥିଲେ । ବିବାହପରେ ସନ୍ତାନହୀନ ଅବସ୍ଥାରେ ନୀଳକଣ୍ଠ ମିଶ୍ରଙ୍କର ପ୍ରଥମ ପତ୍ନୀର ବିୟୋଗ ହୋଇଥିଲା । ତା'ପରେ ନୀଳକଣ୍ଠ ମିଶ୍ରେ ସେ କାଳର ଭୁବନେଶ୍ୱରର ମଧ୍ୟଭର୍ଣ୍ଣାକୁଲର ସ୍କୁଲକୁ ହେଡପଣ୍ଡିତରୂପେ ବଦଳି ହୋଇଥିଲେ । ଲିଙ୍ଗରାଜ ପିଲାଦିନେ ସେଇଠାରେ ଶିକ୍ଷିତ ହୋ'ଇ ସେଇଠାରୁ ବୃତ୍ତିପାଇ ପୁରୀ ଜିଲାସ୍କୁଲରେ ଭର୍ତ୍ତି ହୋଇଥିଲେ ।

ମୋ ମନେଅଛି, ମୁଁ ସତ୍ୟବାଦୀସ୍କୁଲରେ ପ୍ରଧାନ-ଶିକ୍ଷକ ( ସେକାଳେ ସୁପରିନ୍‌ଟେଣ୍ଡେଣ୍ଟ୍ ) ହେବାର କିଛିଦିନ ପୂର୍ବରୁ ସେ ଜିଲାସ୍କୁଲ ଉପର କ୍ଲାସରେ ଥାଇ ଇଂରେଜୀଭାଷାର ରଚନା ଓ ଅନୁବାଦ ପ୍ରଭୃତି ଶିଖିବାକୁ ମୋ ପାଖକୁ ବରାବର ଆସୁଥିଲେ । ମୁଁ ସେତେବେଳେ ସ୍ପଷ୍ଟ ଦେଖିପାରିଥିଲି, ତାଙ୍କର ବୁଦ୍ଧି ଥିଲା ବଡ଼ ବିଚକ୍ଷଣ ଓ ଗ୍ରହଣକରିବାର ଶକ୍ତି ମଧ୍ୟ ଥିଲା, ଠିକ୍‌ଏ ଅନନ୍ୟସାଧାରଣ । ସେଇ ସମୟରେ ଗୋପବନ୍ଧୁ ବାବୁଙ୍କ ସଙ୍ଗେ ମୁଁ ତାଙ୍କୁ ନେଇ ମେଳାପରେ ଦେଖାକରାଇ ଦେଇଥିଲି ଓ ଏସବୁ କଥା ପରୋକ୍ଷରେ ପଣ୍ଡିତ ଗୋପବନ୍ଧୁ ତାଙ୍କୁ କହିଥିଲି । ଏହାର କାରଣ ହେଉଛି, ଗୋପବନ୍ଧୁବାବୁଙ୍କ ସଙ୍ଗେ ମୁଁ, ଆଚାର୍ଯ୍ୟ ହରିହର ଦାସ ଓ ଆଚାର୍ଯ୍ୟ ଅନନ୍ତ ମିଶ୍ର ଏଇ ତିନିଜଣଯାକ ସେତେବେଳକୁ ମୁଖ୍ୟଭାବରେ ଏଇପରି ବୁଦ୍ଧିମାନ୍ ବିଚକ୍ଷଣ ବାଳକ-ମାନଙ୍କୁ ଧରି ଦଳକରି ଦେଶରେ ସତ୍ୟବାଦୀ ସ୍କୁଲ ପରି ଗୋଟିଏ ଅନୁଷ୍ଠାନ ଗଢ଼ିବାକୁ ବଦ୍ଧପରିକର ଥିଲୁ ଓ ସେଥିପାଇଁ ବ୍ୟକ୍ତି ସଂଗ୍ରହ କରୁଥିଲୁ । ଅନେକ ବ୍ୟକ୍ତିଙ୍କ କଥା ଆଜି ମନେ ପଡ଼ୁଛି । କିନ୍ତୁ, ବିଶେଷ ଭାବରେ ମନେ ପଡ଼ୁଛି ଆଗ ପଣ୍ଡିତ ଗୋଦାବରୀଶ ଓ ସଙ୍ଗେ ସଙ୍ଗେ ପଣ୍ଡିତ ଲିଙ୍ଗରାଜଙ୍କ କଥା ।

ପଣ୍ଡିତ ଲିଙ୍ଗରାଜ ଖୁବ୍ ଯୋଗ୍ୟତାରେ କଟକ କଲେଜରୁ ଉତ୍ତୀର୍ଣ୍ଣ ହୋଇ କଲିକତା ବିଶ୍ୱବିଦ୍ୟାଳୟରେ ସଂସ୍କୃତରେ ଏମ୍. ଏ. ପରୀକ୍ଷା ଦେଇ ଏପିଗ୍ରାଫି ( ଶିଳାଲିପି ଓ ତାମ୍ରଲିପି ପ୍ରଭୃତି ) ବିଭାଗରେ ବିଶ୍ୱବିଦ୍ୟାଳୟର ପ୍ରଥମସ୍ଥାନ ଅଧିକାର କରିଥିଲେ । ବିଶ୍ୱବିଦ୍ୟାଳୟରେ ଯେ ପ୍ରଥମ ହୁଏ, ସେ ସେଥିପାଇଁ ଗୋଟିଏ ସ୍ୱର୍ଣ୍ଣ ପଦକ ପୁରସ୍କାର ପାଏ । ଯେ ୨ୟ ହୁଏ, ସେ ପାଏ ଗୋଟିଏ ରୌପ୍ୟ ପଦକ । ଲିଙ୍ଗରାଜ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ସେ ପ୍ରଥମସ୍ଥାନରେ ଏକା ନ ଥିଲେ । ତାଙ୍କ ସଙ୍ଗେ ଆଉ ଜଣେ ଥିଲେ । ସେ ହେଉଛନ୍ତି ଏବର ସ୍ୱନାମଧନ୍ୟ ଡକ୍ଟର ବିନୟତୋଷ ଭଟ୍ଟାଚାର୍ଯ୍ୟ । ଅନେକେ ଶୁଣିଥିବେ ଏଇ ବିନୟତୋଷ ହେଉଛନ୍ତି, ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ପୁତ୍ର ଓ ବରୋଦାରେ ଗାଇକୋୱାର୍ଡ଼ ଓରିଏଣ୍ଟାଲ ସିରିଜର ଏ ଥିଲେ ସଂପାଦକ । ସେଇସୂତ୍ରରେ ପୂର୍ବ ଭାରତୀୟ ବୌଦ୍ଧତନ୍ତ୍ର ଶାସ୍ତ୍ରର ବହୁଗ୍ରନ୍ଥ ସେ ଆବିଷ୍କାର ଓ ପ୍ରକାଶ କରିଛନ୍ତି ।

ସେବର୍ଷ ତେଣୁ ସ୍ୱର୍ଣ୍ଣପଦକ ତଥା ରୌପ୍ୟପଦକ ଯୋଗଡ଼କପାକର ମୂଲ୍ୟମିଶାଇ ବିଶ୍ୱବିଦ୍ୟାଳୟ ଦୁଇଟି ସ୍ୱର୍ଣ୍ଣପଦକ ତିଆରି କରି ଲିଂଗରାଜ ମିଶ୍ର ଓ ବାଜସ୍ନତୋଷ ଭଟ୍ଟାଚାର୍ଯ୍ୟ, ଦୁହିଁଙ୍କୁ ପ୍ରଦାନ କରିଥିଲେ ।

ଲିଂଗରାଜ ଏମ୍. ଏ. ପାସ୍ କରିସାରି ଆମମାନଙ୍କ ପାଟଣି ଆମଦଳରେ ଆସି ପହଂଚିଲେ । ସେତେବେଳକୁ ଆମେମାନେ ସମସ୍ତେ ସତ୍ୟବାଦୀ ସ୍କୁଲରେ କେନ୍ଦ୍ରୀଭୂତ । ଲିଂଗରାଜଙ୍କର ଯୋଡ଼ିଏ କର୍ତ୍ତବ୍ୟ ଥିଲା । ପିତାଙ୍କ କରଜ ଶୁଝିବା ଓ ନିଜର ଭଣେଇ ଶ୍ରୀଗୋବିନ୍ଦ ତ୍ରିପାଠୀଙ୍କୁ ପଢ଼ାଇବା । ତାଙ୍କର ପିତା ଜୀବିତ ଥିଲେ ମଧ୍ୟ ସେ ବଡ଼ ରୁଗଣ୍ ଥାଂନ୍ତି । ତେଣୁ ଆମେମାନେ ତାଙ୍କର ଏ ଭଣେଇକୁ ବିଶ୍ୱ-ବିଦ୍ୟାଳୟରେ ପଢ଼ାଇବାର ଭାର ସତ୍ୟବାଦୀ-ସ୍କୁଲରୁ ଗ୍ରହଣ କଲୁ । ବହୁ ବିଚାରପରେ ପିତାଙ୍କ ଋଣ ପରିଶୋଧ ପାଇଁ ତାଙ୍କୁ କେତେଦିନ ଚାକିରି କରିବାକୁ ଛାଡ଼ି ଦିଆଗଲା ।

ଠିକ୍ ପିତାଙ୍କ କରଜତକ ଶୁଝି ସାରିବା ପର୍ଯ୍ୟନ୍ତ ସେ ଏ ଚାକିରିରେ ଥିଲେ । ଏ ଚାକିରି ସେ ଛାଡ଼ିଥିଲେ ୧୯୨୧ ସେପ୍ଟେମ୍ବର ମାସରେ ।

ଏଣେ ୧୯୨୧ ଜାନୁୟାରିରୁ ଦେଶରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା ଓ ସତ୍ୟବାଦୀ ସ୍କୁଲ ସେଇ ଜାନୁୟାରୀର ୧ମ ଭାଗରେ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇ ସେତେବେଳେ ସମସ୍ତ ଓଡ଼ିଶା ପାଇଁ କଳ୍ପନା କରାଯାଇଥିବା ଏକ ଜାତୀୟ ବିଶ୍ୱବିଦ୍ୟାଳୟର କେନ୍ଦ୍ରରୂପେ 'ସତ୍ୟବାଦୀ ବିହାର' ନାମରେ ପ୍ରତିଷ୍ଠିତ ହୋଇ ଯାଇଥିଲା । ଲିଂଗରାଜ ସରକାରୀ ଚାକିରିରୁ ଆସି ଏଇ 'ବିହାର' ତଥା ଏଇ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ ।

ତା'ପରେ ଦେଶରେ କଂଗ୍ରେସ କାର୍ଯ୍ୟର ପ୍ରସାର ଅନୁସାରେ ସେ ପୁରୀ ଜିଲ୍ଲା କଂଗ୍ରେସ କମିଟୀର ସମ୍ପାଦକ ରୂପେ କେତେଦିନ କାର୍ଯ୍ୟ କରିଥିଲେ । ସେ ବଡ଼ ପିତୃଭକ୍ତ ଥିଲେ । ତାଙ୍କର ପିତା ଅତ୍ୟନ୍ତ ରୁଗ୍ଣ ହୋଇ ବହୁକାଳ ଜୀବିତ ଥିଲେ । ସେଥିପାଇଁ ପିତା ବଂଚିଥିବାଯାକ ସେ କେବେ ଜେଲ ଯିବାକୁ ଇଚ୍ଛାପ୍ରକାଶ କରି ନ ଥିଲେ । ମାତ୍ର ପିତାଙ୍କ ମୃତ୍ୟୁପରେ ସେ ସରକାର ବିରୁଦ୍ଧରେ ଲଢ଼ିବାରେ ନାନାଭାବରେ ବାରଂବାର କାରାବରଣ କରିଥିଲେ ।

ଗୋପବନ୍ଧୁ ଦାସ ଥିଲେ ୧୯୨୩ରୁ କଂଗ୍ରେସ ଭିତରେ ସି. ଆର୍. ଦାସଙ୍କ ପ୍ରତିଷ୍ଠିତ ସ୍ୱରାଜ ପାର୍ଟି ମତାବଲମ୍ବୀ ଲୋକ । ମୁଁ ସେତେବେଳେ ହଜାରିବାଗ ଜେଲରେ ଥାଇ ବହୁଦିନ ତାଙ୍କ ସଂଗେ ତଥା ସେଠାରେ ଥିବା ଅନ୍ୟାନ୍ୟ ବନ୍ଧୁମାନଙ୍କ ସଂଗେ ବହୁ ଆଲୋଚନା କରି ଶେଷକୁ ସ୍ୱରାଜପାର୍ଟିରେ ଯୋଗଦେଇ ଆସେମ୍ବ୍ଲିକୁ ଯିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପାଇଥିଲି ଓ ସେଇ ନିର୍ଦ୍ଦେଶ ମତେ ୧୯୨୪ରେ କେନ୍ଦ୍ର ଆସେମ୍ବ୍ଲିକୁ ଯାଇଥିଲି । ସେଇ ସ୍ୱରାଜପାର୍ଟି ୧୯୨୭ ବେଳକୁ କଂଗ୍ରେସରେ ମିଶିଯାଇ ବ୍ୟବସ୍ଥା ସଭାମାନଙ୍କର କଂଗ୍ରେସପାର୍ଟି ରୂପେ ପରିଣତ ହୋଇ ଯାଇଥିଲା । ସେତିକିବେଳେ ପଣ୍ଡିତ ଗୋପବନ୍ଧୁ ଦାସ ଲିଂଗରାଜ ମିଶ୍ରଙ୍କୁ ପୁରୀରୁ ବିହାର-ଓଡ଼ିଶା ବ୍ୟବସ୍ଥା ସଭା ପାଇଁ ଛିଡ଼ା କରାଇ ଥିଲେ ଓ ବଡ଼ କୃତିତ୍ୱର ସହିତ ନିର୍ବାଚିତ କରାଇଥିଲେ ।

ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ଘଟିଲା ୧୯୨୮ ମସିହା ଜୁନ୍ ମାସରେ । ସେତେବେଳକୁ ସତ୍ୟବାଦୀ ସ୍କୁଲର ଆଉ ବିଶେଷ କିଛି ଦେଖିବା ଭଳି ଅବଶେଷ ନ ଥିଲା । କେବଳ ଥିଲା ସତ୍ୟବାଦୀ ଛାପାଖାନାଟି । ତା' ପୁଣି ସତ୍ୟବାଦୀରୁ ପୁରୀ ଓ ତା'ପରେ ପୁରୀରୁ କଟକ ଆସିଯାଇଥିଲା । ମଲାବେଳେ ପଣ୍ଡିତ ଗୋପବନ୍ଧୁ ଏଇ

ଛାପାଖାନାଟିକୁ ସେ ଏହା ପୂର୍ବରୁ ନିଜେ ଉପସ୍ୱତ୍ୱ ରୂପେ ଯୋଗ ଦେଇଥିବା ପଂଜାବର ଲୋକସେବକ ସମାଜହାତେ ଛାଡ଼ି ଦେଇଗଲେ । ସେଇ ସଂପର୍କରେ ସେ ନିଜେ ଉଇଲରେ, ମୋର ଯେତେଦୂର ମନେହୁଏ, ଅନ୍ୟାନ୍ୟମାନଂକ ଭିତରେ ଲିଂଗରାଜ ମିଶ୍ରଂକ ନାମ ଉଲ୍ଲେଖ କରିଯାଇଥିଲେ ।

ଗୋପବଂଧୁବାବୁ ମଲାବେଳକୁ ସତ୍ୟବାଦୀରୁ ପ୍ରଥମ ପ୍ରକାଶିତ ହୋଇଥିବା ସାପ୍ତାହିକ ସମାଜର ଥିଲେ ସଂପାଦକ । ତାଙ୍କ ମୃତ୍ୟୁପରେ ମୁଁ ଓ ସ୍ୱର୍ଗତ ପଂଡିତ ଗୋଦାବରୀଶ ମିଶ୍ର ପରେ ପରେ ସଂପାଦକ ହୋଇଥିଲୁ । ଏଇ ସମୟରେ ପଂଜାବର ଲୋକସେବକ ସମାଜର ଶ୍ରୀ ମୋହନଲାଲ ଆସି ମତେ ଲୋକସମାଜର ସଭ୍ୟ ହୋଇ "ସମାଜ"ର ସମସ୍ତ ଭାର ଗ୍ରହଣ କରିବାକୁ ଅନୁରୋଧ କରିଥିଲେ; କିଂତୁ ନାନା କାରଣରୁ ମୁଁ ସେଥିରେ ରାଜି ହୋଇ ନ ଥିଲି । କିଛି ଦିନପରେ ପଂଡିତ ଲିଂଗରାଜ ମିଶ୍ର ସେଇ ସେବକସମାଜ ମେଂବର ଓ ସେଇ ହିସାବରେ ସମାଜର ମୁଖ୍ୟ ବ୍ୟକ୍ତି ଓ ସଂପାଦକ ହେଲେ ।

୧୯୩୨ ପ୍ରାରଂଭରେ ଦେଶରେ ହେଲା ସତ୍ୟାଗ୍ରହ । ସେଇ ସତ୍ୟାଗ୍ରହ ପରିଚାଳନା ନିମଂତେ ମୁଁ ଜେଲ ଗିବାବେଳେ ତାଂକୁ ଓଡ଼ିଶାର ଡିରେକ୍ଟର ପଦରେ ରଖିଦେଇ ଜେଲ ଯାଇଥିଲି ।

ଏହାପରେ କାରାବରଣ ଓ ବ୍ୟବସ୍ଥାପକତା ଭିତରେ ବହୁଦିନ ରହି ଦେଶର ସ୍ୱାଧୀନତାର ଆଦ୍ୟପ୍ରସ୍ଥରେ ୧୯୪୬ ଠାରୁ ୧୯୫୨ ପର୍ଯ୍ୟଂତ ସେ ହୋଇଥିଲେ ଓଡ଼ିଶା'ର ଶିକ୍ଷା ଓ ସ୍ୱାସ୍ଥ୍ୟମଂତ୍ରୀ । ତା'ପରେ ସେ ନିର୍ବାଚିତ ହେଲେ ପାର୍ଲିଆମେଂଟର ଲୋକସଭାକୁ । ଏବେ ମୃତ୍ୟୁ ପର୍ଯ୍ୟଂତ ସେ ସେଇ ପାର୍ଲିଆମେଂଟର ରାଜ୍ୟସଭାରେ ମେଂବର ଥିଲେ ।

ସେ ବଡ଼ ସୁସ୍ଥ, ସବଳ ଓ ସୁପୁରୁଷ ଥିଲେ । ଜୀବନର ଶେଷଆଡ଼କୁ କେତେକ ବର୍ଷ ସେ ରୋଗ ଯଂତ୍ରଣାରେ ବହୁ ଦୁଃଖ ପାଇଥିଲେ; କିଂତୁ ତାଂକର ଉତ୍ସାହ ଭଂଗୀ ଓ ନିର୍ମଳ ଦୃଷ୍ଟି କେବେ ଆବିଳ ହୋଇ ନ ଥିଲା । ସେ ଥିଲେ ସର୍ବଦା କର୍ମକ୍ଷମ ଓ କର୍ମଠ ତଥା ଅତ୍ୟଂତ ସଦାଳାପୀ ଓ ସମଦର୍ଶୀ । ସବୁପ୍ରକାର ଲୋକଂକର ଉପକାର କରିବାରେ ସେ ସର୍ବଦା ତତ୍ପର ଥିଲେ । ସାମାଜିକ ଜୀବନରେ ତାଂକ ସାମ୍ୟଭାବ ଓ ସମବେଦନା ଗୋଟିଏ ସ୍ମରଣୀୟ ବସ୍ତୁ । ସେଥିପାଇଁ ଲୋକେ ତାଂକୁ ବହୁଦିନ ମନେ ରଖିବେ ।

(ଲେଖା—୨୧ । ୧୨ । ୫୭)

---

## ୮

## ଉତ୍କଳମଣି ପଂଡିତ ଗୋପବଂଧୁ ଦାସ

ପଂଡିତ ଗୋପବଂଧୁଂକର ମରିବା ଦିନ ଆଜି ୩୨ ବର୍ଷ ପୂରିଗଲା । ମୁଁ ତାଂକର ଶ୍ରେଷ୍ଠ ସହକର୍ମୀ । ମୁଁ ଆଜି ଲେଖୁଛି । ଗୋପବଂଧୁ ବଡ଼ ଦେଶସେବୀ ଓ ଦେଶପ୍ରାଣ ଥିଲେ । କେବଳ ଦେଶ ଓ ଲୋକଂକପାଇଁ ବଂଚିଥିଲେ, କହିଲେ ହୁଏ । ସେ ଓଡ଼ିଶାରେ ଗୋଟିଏ ନୂତନ ଯୁଗ ପ୍ରବର୍ତ୍ତକ ଥିଲେ । ସେତିକି ନୁହେ—ସେ ଥିଲେ ଗୋଟିଏ ନିର୍ଦ୍ଦିଷ୍ଟ ପରଂପରାର ପ୍ରତୀକ ।

ପୁରୀର ଜଗନ୍ନାଥ ସେଇ ପରଂପରାଟିର ରୂପ କହିଲେ ଚଳେ । ସୃଷ୍ଟି ପାଂଚ ହଜାର ବର୍ଷ ତଳରୁ ପୁରୀ ହେଉଛି, 'ପୁରୁଷୋତ୍ତମ' କ୍ଷେତ୍ର । କିଛି କାଳପରେ ସେଥିରେ ମିଶିଥିଲା, ଜଗନ୍ନାଥଂକର ତାନ୍ତ୍ରିକ ରୂପ । ଏ ଦୁଇଟିମିଶି ପୁରୀ ଥିଲା, କେବଳ ଭାରତରେ କାହିଁକି, ପୃଥିବୀରେ ବୈଷ୍ଣବିକ ଧର୍ମକେଂଦ୍ର । ମାନବସମାଜ ତଥା ସଂସ୍କୃତିର ଏହା ଥିଲା ଯଥାର୍ଥ ପୀଠଭୂମି ।

ସଭ୍ୟତା ଓ ସଂସ୍କୃତିର ଏଇ ମୁଖ୍ୟ ଓ ବଳିଷ୍ଠ କେଂଦ୍ର ମୋଗଲ ଶାସନ କାଳରେ (୧୫୯ ) ନାନା

ଧର୍ମାଂଧ ବିପ୍ଳବର ସମ୍ମୁଖୀନ ହୋଇ ପ୍ରଥମେ ଜାତୀୟତାର ଏକ ପୀଠରେ ପରିଣତ ହେଲା । ୧୮୫୭ ବେଳେ ତଥାକଥିତ ସିପାହୀବିଦ୍ରୋହ ନାମରେ ଯେଉଁ ଜାତୀୟ ବିଦ୍ରୋହ ଉଠିଥିଲା, ସେଥିରେ ଯଥାର୍ଥ ଧର୍ମଗୁରୁ—ପ୍ରେରିତ ହିଂଦୁ ମୁସଲମାନ ମିଳନର ପୂର୍ଣ୍ଣ ପ୍ରକାଶ ରୂପେ ଉଠିଥିଲେ, ପୁରୀର ଚଂଦନ ହଜୁରୀ । ସେତେବେଳେ ଓଡ଼ିଶାର ଅବସ୍ଥା ଯାହା ଥିଲା, ସେଥିରେ ଚଂଦନ ହଜୁରୀଂକୁ ତୁରଂତ ସ୍ପଷ୍ଟ ଜାତୀୟତାର ପ୍ରତୀକରୂପେ କେହି ମନେ ରଖି ନ ଥାଇ ପାରଂତି । କିଂତୁ ଯଥାର୍ଥରେ ସେ ବିଦ୍ରୋହରେ ତାଂକ ବ୍ୟକ୍ତିତ୍ୱ ତଥା ଦୂରଦୃଷ୍ଟିର ପଟାଂତର ନାଇ ।

ଏହାପରେ ସାଂସ୍କୃତିକ ଭାବରେ ସେହି ଜାତୀୟତାର ଯେପରିକି ବଂଶଧର ଥିଲେ, ସ୍ୱର୍ଗତ ସୁନାମଧନ୍ୟ ପଂଡିତ ହରିହର ଦାସ । ଅବଶ୍ୟ ୩୧ ବର୍ଷ ବୟସରେ ତାଂକର ମୃତ୍ୟୁ ହୋଇଥିଲା; କିଂତୁ ତାଂକର ଭାରତବ୍ୟାପୀ ସଂସ୍କୃତ ଓ ହିଂଦୀରେ ବାଗ୍ମୀତା ତଥା ପୁରୀରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ବସାଇବାର ଦୂରଦୃଷ୍ଟି ଏବେ ମଧ୍ୟ ଲୋକେ ମନେ ରଖିଚଂତି । ଏ କ୍ଷେତ୍ରରେ ତାଂକର ଉତ୍ତରାଧିକାରୀ ଥିଲେ, ପୁରୀର ସୁପରିଚିତ ମୁକ୍ତାର ସ୍ୱର୍ଗତ ରାମଚଂଦ୍ର ଦାସ । ସେ ମଧ୍ୟ ହରିହରଂକ ପରି ୧୯୦୭ ରେ ମାତ୍ର ୩୯ ବର୍ଷ ବୟସରେ ଇହଲୀଳା ସାଂଗ କରିଥିଲେ । ଗୋପବଂଧୁ ଏହି ରାମଚଂଦ୍ରଂକ ସାକ୍ଷାତ ଓ ପ୍ରିୟଶିଷ୍ୟ । ହରିହରଂକୁ ଗୋପବଂଧୁ ଦେଖି ନ ଥିଲେ । କାରଣ ହରିହରଂକ ମୃତ୍ୟୁ ୧୮୭୪ ରେ । ମାତ୍ର ଗୋପବଂଧୁଂକ ଜନ୍ମ ୧୮୭୭ ମସିହାରେ । କିଂତୁ ପିଲାଦିନୁ ସେ ହରିହରଂକର ଅତ୍ୟଂତ ଭକ୍ତ ଥିଲେ ଓ ବର୍ଷକୁ ବର୍ଷ କୁମାର-ପୂର୍ଣ୍ଣିମାଦିନ ହରିହରଂକ ମୃତ୍ୟୁ ଦିବସ ପାଳନ କରି ସୁଂଦର ବକ୍ତୃତାମାନ ଦେଇ ବୁଲୁଥିଲେ । ବିଶେଷରେ ସାକ୍ଷୀଗୋପାଳ ପାଖ ଶ୍ରୀ ରାମଚଂଦ୍ରପୁର ହରିହରଂକ ଜନ୍ମସ୍ଥାନ ଥିବାରୁ ସେହି ଗ୍ରାମ ତାଂକର ଏହି ବକ୍ତୃତାର କେଂଦ୍ର ଥିଲା । ନଜେ ହରିହର ମୋର ପତ୍ତୁବ୍ୟ । ମୁଁ ତାଂକୁ ଦେଖିନାଇ; ମାତ୍ର କୈଶୋରରେ ସେହି ହରିହରଂକ ଜନ୍ମ ଉପଲକ୍ଷରେ ଗୋପବଂଧୁଂକ ବକ୍ତୃତା ଶୁଣିଚି । ଆଜି ସେ ବକ୍ତୃତା ମନେପଡ଼ିଲେ ମୋର ଶରୀରରେ ରୋମାଂଚ ହୁଏ । ଶ୍ରୋତାମାନେ ସେଥିରେ ଯେପରି ପ୍ରଭାବିତ ହୋଇଯାଂତି, ତା'ର ସ୍ମୃତି ମଧ୍ୟ ଆଜି ମୋ ପକ୍ଷରେ ଅତି ମହନୀୟ । ପିଲାଦିନୁ ଗୋପବଂଧୁ ଅତ୍ୟଂତ ସୁବକ୍ତା ଥିଲେ ଓ ଶିକ୍ଷିତ ତଥା ସାଧାରଣ ସମସ୍ତେ ତାଂକ ବକ୍ତୃତାରେ ମୁଗ୍ଧ ଓ ପ୍ରୀଣିତ ହୋଇ ଯାଉଥିଲେ ।

ମୋ ମନେଅଛି, କଟକ କଲେଜରେ ପଢ଼ିବାଦିନୁ ନାନା ଲୋକସେବା ଅନୁଷ୍ଠାନମାନ ଗଢ଼ି ସେ ତହିଁରେ ଆତ୍ମନିୟୋଗ କରୁଥିଲେ । ସେ ସବୁ ଅନୁଷ୍ଠାନମାନ, ସେତେବେଳକୁ ଚାହିଁଲେ, ଅତି ଅସାଧାରଣ ଥିଲା । ଥରେ ସେ ଗୋଟିଏ ଦଳ ତିଆରି କରି ସହରରେ ହଇଜାରୋଗୀମାନଂକୁ ବୁଲି ଚିକିତ୍ସା କରୁଥିଲେ ଓ କେହି ମୋର ବୋଲି ନ କହୁଥିବା ଶବମାନଂକୁ ଖୋଜି ଖୋଜି ସତ୍କାର କରୁଥିଲେ ।

ସେ ଥିଲା, ଇଂରେଜ ଆଇ.ସି.ଏସ୍‌ଂକ ଦିନ । ଏହି ଆଇ. ସି.ଏସ୍. ମାନେ ସାଧାରଣତଃ ଜିଲା ମାଜିଷ୍ଟ୍ରେଟ ରୂପେ ସେ କାଳର ଦୃଢ଼ ଇଂରେଜ ଶାସନକଳର ଗୋଟିଏ ଗୋଟିଏ ଅଂଶ ଥିଲେ । ତାଂକ ତଳେ ଯେଉଁ ଡେପୁଟି ମାଜିଷ୍ଟ୍ରେଟମାନେ ଥିଲେ, ସେମାନେ ଏହି ଜିଲାମାଜିଷ୍ଟ୍ରେଟଂକ ଭୟରେ କୌଣସି ଦୁର୍ଭିକ୍ଷର ରିପୋର୍ଟ ଦେଉ ନ ଥିଲେ । ଅନାହାର ମୃତ୍ୟୁକଥା ଲେଖି ରିପୋର୍ଟ ଦେବା ତ ଦୂରର କଥା ।

ଏ. ଗ୍ୟାରେଟ୍ ବୋଲି କଟକରେ ଏହିପରି ଜଣେ ଜିଲା ମାଜିଷ୍ଟ୍ରେଟଥିଲେ । ସେ ଏ ଦେଶୀ ଲୋକଂକୁ ଘୃଣା କରୁଥିଲେ । ଏହା ୧୯୦୭ ଓ ୧୯୦୮ ସାଲର କଥା, ନଈବଢ଼ି ହେଲା । ଗୋପବଂଧୁ ଜ୍ୱରାକ୍ରାଂତ ଥାଇ ମଧ୍ୟ

ଆମମାନଙ୍କୁ ସଂଗରେ ଧରି କେନ୍ଦ୍ରାପଡ଼ା ଓ ଯାଜପୁର ବଢ଼ି ଅଂଚଳକୁ ନୌକାରେ ଚୂଡ଼ା ଓ ଗୁଡ଼ କଳ ଧରି ବୁଲିଲେ । ଏଇ ଚୂଡ଼ା-ଗୁଡ଼ କଳ ଅବଶ୍ରାଂତ ବୃଷ୍ଟି ଭିତରେ ମାଗି ବୁଲୁଥିଲେ, ଅନ୍ୟମାନଙ୍କ ଭିତରେ ସ୍ୱର୍ଗତ ଅଭିରାମ ଭଂଜ, ଏମ୍. ଏ. ଓ ସ୍ୱର୍ଗତ ବ୍ରଜସୁଂଦର ଦାସ, ବି. ଏ. । ଏ ସମସ୍ତଙ୍କୁ ମିଶାଇ ଏଥିପାଇଁ ପଂଡିତ ଗୋପବଂଧୁ ୟୁଂଗ ଉତ୍କଳ ଆସୋସିଏସନ ( Young Utkal Association) ବୋଲି ଗୋଟିଏ ଅନୁଷ୍ଠାନ ଗଢ଼ି ପକାଇଥିଲେ ।

ନୌକାରେ ଏଇ ଚୂଡ଼ା ଗୁଡ଼ କଳ ବଂଟା ବେଳକୁ ବଢ଼ିପାଣି ପ୍ରାୟ ୪ଫୁଟ କମିଯାଇଥିଲା । ହଇଜା ମଲ୍ଲ-ମାନେ ସ୍ଥାନେ ସ୍ଥାନେ ଗଛ ଉପରୁ ପଡ଼ି ଏ ବଢ଼ିରେ ଭାସି ଯାଉଥିଲେ । ତଥାପି ସେଇ ବାଡ଼ି ମଡ଼ାଙ୍କ ଭିତରେ ଏଇ ସାହାଯ୍ୟର ନୌକା ବୁଲୁଥିବାର ଆଜି ମନେ ପଡ଼ୁଛି । ଗୋପବଂଧୁଙ୍କ ପ୍ରେରଣାରେ ଏସବୁ କଷ୍ଟକାର୍ଯ୍ୟ ବୋଲି ସେତେବେଳେ ଜଣାପଡ଼ୁ ନ ଥିଲା ।

ନଈବଢ଼ି ପରେ ହେଲା ମରୁଡ଼ି । ଏସବୁ ବିଷୟ ଗୋପବଂଧୁ ସେତେବେଳେ କଲିକତାର ଷ୍ଟେଟସ୍‌ମ୍ୟାନ୍ ଖବର କାଗଜରେ ଛପାଇ ଚହଳ ପକାଇ ଦେଲେ । ଷ୍ଟେଟସ୍‌ମ୍ୟାନ୍ ପ୍ରତିନିଧି ବଢ଼ି ମରୁଡ଼ି ଅଂଚଳରେ ଆସି ନିଜେ ବୁଲିଲେ । କଟକରେ ସଭା ହେଲା । ଜିଲ୍ଲା-ମାଜିଷ୍ଟ୍ରେଟ ଗ୍ୟାରେଟ୍ ସାହେବ ରାଗରେ ଗରଗର ହେଉଥାଂନ୍ତି । ଗୋପବଂଧୁ ଓ ତାଂକ ସଂଗୀମାନଙ୍କୁ କିପରି ଦଂଡ ଦେବେ, ସେଥିପାଇଁ ବ୍ୟାକୁଳ ହୋଇ ନାନା କାର୍ଯ୍ୟାନୁଷ୍ଠାନ ମଧ୍ୟ କରୁଥାଂନ୍ତି; କିଂନ୍ତୁ କିଛି ହୋଇ ନଥିଲା ।

ଗୋପବଂଧୁ ବଡ଼ ସାହସୀ ଓ ସ୍ୱାଧୀନଚେତା ଥିଲେ । ତାଂକର ଓଡ଼ିଶାର ଉପକୂଳ ଅଂଚଳରେ ଏଇପରି ବଢ଼ି ମରୁଡ଼ିର କ୍ରମାଗତ ସାହାଯ୍ୟକାର୍ଯ୍ୟ ଶେଷକୁ ୧୯୧୯, ୧୯୨୦ରେ ସାରା ଭାରତର ଦୃଷ୍ଟି ଆକର୍ଷଣ କରିଥିଲା । ଫଳରେ ମହାତ୍ମାଗାଂଧୀ କହିଥିଲେ, "ଓଡ଼ିଶା ହେଉଛି ଭାରତରେ ସବୁଠାରୁ ବଳି ଦରିଦ୍ର ଦେଶ ।"

କଲେଜରୁ ବାହାରି ଥିବା ଦିନରୁ ଗୋପବଂଧୁ ଦେଶରେ ନୂତନ ଜାତୀୟ ଆଦର୍ଶ ଓ ଦୃଷ୍ଟି ଦେଇ ଶିକ୍ଷାନୁଷ୍ଠାନ ସ୍ଥାପନ କରିବାକୁ ବରାବର ଚିନ୍ତୁଥିଲେ । ସେଥିପାଇଁ ଯୁବକମାନଙ୍କୁ ପ୍ରସ୍ତୁତ କରୁଥିଲେ । ପ୍ରଚାରକ ଅନଂତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ଓ ମୁଁ ଏଇ ତିନିହେଁ ପ୍ରଥମେ ତାଂକ ପାଖରେ ଦୀକ୍ଷା ହୋଇଥିଲୁ । ତା'ପରେ ପଂଡିତ କୃପାସିଂଧୁ ମିଶ୍ର ଓ ପଂଡିତ ଗୋଦାବରୀଶ ମିଶ୍ର ପ୍ରଭୃତି କୃତବିଦ୍ୟ ଲୋକମାନେ ସେଥିରେ ଯୋଗ ଦେଇଥିଲେ । ବହୁ ବିଚାରପରେ ସତ୍ୟବାଦୀ ମନ୍ଦିରର ଗୁପ୍ତ ବୃଂଦାବନ ନାମଧେୟ ବକୁଳ, ତମାଳ ଓ ଚୁରିଆନାକୁଂଜ ଏଇ ବିଦ୍ୟାନୁଷ୍ଠାନର ସ୍ଥାନରୂପେ ନିର୍ବାଚିତ ହୋଇଥିଲା । ଏହାଇ ହେଉଛି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ପ୍ରଥମ ବନବିଦ୍ୟାଳୟ । ଏହାଥିଲା ଗୋଟିଏ ଉଚ୍ଚ ଇଂରେଜି ବିଦ୍ୟାଳୟ । ସମସ୍ତ ବର୍ଷ ପାଇଁ ଏହା ବସୁଥିଲା ବକୁଳ, ତମାଳ ବଣ ଭିତରେ । କେବଳ ବର୍ଷାଦିନ ପାଇଁ ଗୋଟିଏ ଗୁହଳିଆ କରାଯାଇଥିଲା । ଏହାର ମଧ୍ୟ ଛାତ୍ରାବାସ ଥିଲା । ତା ପୁଣି ଦେଶୀ ଗ୍ରାମ୍ୟଢର ଗାଡ଼ିଦ୍ୱର, ଏ ଥିଲା ବଡ଼ ସୁଂଦର ଦୃଶ୍ୟ ଓ ଏହାର ବ୍ୟବସ୍ଥା ମଧ୍ୟ ଥିଲା ଅତି ଚମତ୍କାର । ସେ କାଳ ପ୍ରାକୃତିକ ଓଡ଼ିଶାର ଗୁରିଆଡ଼ୁ ତଥା ବଂଗ, ମାନ୍ଦ୍ରାଜ ଓ ନେପାଳ ମଧ୍ୟ-ପ୍ରଦେଶରୁ ଛାତ୍ରମାନେ ଏଠାରେ ଆସି ଜମା ହୋଇ-ଥିଲେ । ବଡ଼ ବଡ଼ ଲୋକେ ନିଜ ପିଲାଙ୍କୁ ଆଣି ଏଇଠାରେ ରଖି ଦେଇ ଯାଉଥିଲେ । ବିଶେଷରେ ସିଂହଭୂମିରୁ ମଧ୍ୟ ପିଲାମାନେ ଏଠାକୁ ଆସୁଥିଲେ । ୧୯୧୭ ବେଳକୁ ଏଇ ସତ୍ୟବାଦୀ ସ୍କୁଲର ଯୋଡ଼ିଏ ଶାଖାସ୍କୁଲ ସ୍ଥାପିତ ହୋଇଥିଲା । ଗୋଟିଏ ସିଂହଭୂମିର ଚକ୍ରଧରପୁରରେ, ଆଉ ଗୋଟିଏ ଧଳଭୂମିର କାହାଡ଼ାଗୋଡ଼ାରେ ।

ଏଇ ବିଦ୍ୟାଳୟ ସୂତ୍ରରେ ବହୁପ୍ରକାର ଉନ୍ନତ ସାମାଜିକ ସଂସ୍କାର ପ୍ରକାଶ ପାଇଥିଲା । ଏଇ ସଂସ୍କାର ଫଳରେ ସମସ୍ତ ଓଡ଼ିଶାରେ ନୂତନ ଜୀବନର ଏକ ତରଙ୍ଗ ଖେଳିଯାଇଥିଲା । ସାକ୍ଷୀଗୋପାଳ ଓଡ଼ିଶାରେ ରକ୍ଷଣଶୀଳଙ୍କର ପ୍ରଧାନ କେନ୍ଦ୍ର । ମାତ୍ର ସ୍କୁଲରେ—ଏପରିକି ଛାତ୍ରାବାସର ଭୋଜନଶାଳାରେ—କୌଣସି ଜାତି ଧର୍ମର ଭେଦାଭେଦ ନ ଥିଲା । ଦୁଃଖର ବ୍ରାହ୍ମଣ-ମାନେ ହା' ହତାଶ ହେଲେ । ବିଶେଷରେ ମୁଁ ନିଜେ ସେଇ ରକ୍ଷଣଶୀଳଙ୍କ ଭିତରୁ ଥିଲି, ଜଣେ ଶାସନୀ ବ୍ରାହ୍ମଣ, ତଥା ଏଇ ଆନ୍ଦୋଳନର ଥିଲି ଜଣେ ଅଗ୍ରଣୀ । ପୁଣି ଏଣେ ଥିଲି ସ୍କୁଲ ଓ ଛାତ୍ରାବାସର ସର୍ବମୁଖ୍ୟ । ଫଳରେ ପ୍ରଥମ ସ୍କୁଲ ଘରକୁ ଅତି ମୂଲ୍ୟବାନ ଗ୍ରନ୍ଥାଳୟ ସହିତ ଗୁପ୍ତରେ ନିଆଁ ଲଗାଇ ଦିଆଯାଇଥିଲା । ଗୋପବନ୍ଧୁ ଏଥିରେ ଦବିଗଲେ ନାହିଁ । ତାଙ୍କ ସହଯୋଗୀମାନେ ମଧ୍ୟ ପୁଣି ଉତ୍ସାହରେ କାମରେ ଲାଗିଗଲେ । ସମସ୍ତ ଓଡ଼ିଶା, ବିଶେଷତଃ ଗଞ୍ଜାମର ଲୋକେ, ନିବେଦନ ଫଳରେ ଖୁବ୍ ସାହାଯ୍ୟ କରିଥିଲେ ଓ ସ୍କୁଲଗୃହ ପୁଣି ତିଆରି ହୋଇଥିଲା ।

ସେ କାଳର ଯେ କୌଣସି ଆଦର୍ଶମୂଳକ ଅନୁଷ୍ଠାନରେ ହେଲାଭଳି ସତ୍ୟବାଦୀ ସ୍କୁଲର ଗୋପବନ୍ଧୁ ଓ ତାଙ୍କର ସହଯୋଗୀମାନଙ୍କ ପଛେ ପଛେ ପୁଲିସ ଏବଂ ଗୋଇନ୍ଦାମାନେ ଲାଗିଥିଲେ । ଏ ହେଉଛି, ପୁଣି ବଙ୍ଗଳାର ବିପ୍ଳବୀମାନଙ୍କ କାଳ । ଗୋପବନ୍ଧୁ ଓ ତାଙ୍କ ସହଯୋଗୀମାନେ ପୁଣି ସେତେବେଳେ ବଙ୍ଗଳାରେ ଥିଲେ ସୁପରିଚିତ । ଶିକ୍ଷାବିଭାଗ ସେକାଳ ରୀତି ଧରି ସତ୍ୟବାଦୀ ସ୍କୁଲ ଉପରେ ଆଖିଦୃଶିଆ ଆର୍ଥିକ ସାହାଯ୍ୟ ବା ଗ୍ରାଣ୍ଟ-ଇନ୍-ଏଡ୍ (Grant-in-aid) ଲଦି ଦବାକୁ ବସିଥିଲେ; କିନ୍ତୁ ସ୍କୁଲକମିଟି ତାହା ଅଗ୍ରାହ୍ୟ କରିଥିଲେ । ସେତିକି ନୁହେଁ, ସେତିକିବେଳର କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍‌ସେଲର ସ୍ୱର୍ଗତ ଦେବପ୍ରସାଦ ସର୍ବାଧିକାରୀଙ୍କୁ ଡାକି ଆଣି ଶିକ୍ଷାବିଭାଗର ଅଜ୍ଞାତରେ ସ୍କୁଲଟି ମଞ୍ଜୁର କରାଇ ନିଆ ହୋଇଥିଲା । ସେଥିରେ ମଧ୍ୟ ସେ କାଳ ଇଂରେଜ କର୍ତ୍ତାମାନଙ୍କର ସନ୍ଦେହ ବଢ଼ି ଯାଇଥିଲା । ଶେଷକୁ ବିହାର ଓଡ଼ିଶାର ସେକାଳ ଇଂରେଜ ଲେଫ୍‌ଟେନାଣ୍ଟ୍ ଗଭର୍ଣ୍ଣର ସାର୍ ଏଡ୍‌ୱାର୍ଡ୍ ଗେଟ୍ ସତ୍ୟବାଦୀ ସ୍କୁଲ ଦେଖିବାକୁ ଆସିଥିଲେ ( ବୋଧହୁଏ ୧୯୧୮ ରେ ) ଓ କହିଥିଲେ, "ଗୋପବନ୍ଧୁ ବାବୁ, ଆପଣଙ୍କ ସ୍କୁଲ ବିରୁଦ୍ଧରେ ଗୋଇନ୍ଦା ଯେଉଁ ରିପୋର୍ଟ କରନ୍ତି, ତାହା ପ୍ରାୟ ଆଠୁଁଏ ଉଚ । ଏବେ ମୁଁ ବୁଝିଗଲି । ଯାଉଚି, ତାହାସବୁ ନଷ୍ଟ କରିଦେବାକୁ ଆଦେଶ ଦେବି ।"

୧୯୨୧ ଆଦ୍ୟରେ ହେଲା କଂଗ୍ରେସର ଅସହ-ଯୋଗ ଆନ୍ଦୋଳନ । ସେତିକିବେଳେ ଏ ସ୍କୁଲକୁ ଜାତୀୟ ବିଦ୍ୟାଳୟ କରିଦେବାରେ କ୍ରମେ ଏହା ନଷ୍ଟ ହୋଇଗଲା । ଏବେ ସତ୍ୟବାଦୀ ସ୍କୁଲ ନାମରେ ଯେଉଁ ଉଚ୍ଚ ଇଂରେଜ ବିଦ୍ୟାଳୟଟି ଅଛି, ତାହା ସେଇ ପୂର୍ବ ସତ୍ୟବାଦୀ ସ୍କୁଲର ଶ୍ମଶାନ ଉପରେ ହୋଇଛି କହିଲେ ଚଳେ ।

ଏଇ ବିଦ୍ୟାଳୟକୁ ଧରି ଅତି ଉଚ୍ଚଦରର ଗୋଟିଏ ସାହିତ୍ୟିକ ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଥିଲା । ୧୯୧୩ ବେଳକୁ 'ସତ୍ୟବାଦୀ' ବୋଲି ସାହିତ୍ୟପତ୍ର ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପାଦକତ୍ୱରେ ବାହାରିଥିଲା । ଏଇ 'ସତ୍ୟବାଦୀ' ଓଡ଼ିଆ ସାହିତ୍ୟ ଓ ଭାଷାରେ ଗୋଟିଏ ନୂତନଯୁଗ ଆରମ୍ଭ କରିଥିଲା । କେତେଦିନ ପରେ ସତ୍ୟବାଦୀ ସ୍କୁଲଟି ଜାତୀୟ ବିଦ୍ୟାଳୟ ହେବାପୂର୍ବରୁ 'ସମାଜ' ବୋଲି ସାପ୍ତାହିକ, ଏଇ ସ୍କୁଲର ଗୋଟିଏ ପ୍ରାଣ-ପ୍ରକାଶ । ଏଇ ମାସିକ ଓ ସାପ୍ତାହିକ ସଙ୍ଗେ ସତ୍ୟବାଦୀର ନାନା ବିଷୟରେ ସାହିତ୍ୟ ଗ୍ରନ୍ଥମାନ ପ୍ରକାଶିତ ହୋଇଥିଲା । ଏହାର ନାମ ସତ୍ୟବାଦୀ ଗ୍ରନ୍ଥମାଳା । ଏଥିରେ କବିତା, ନାଟକ, ଇତିହାସ, ସମାଲୋଚନା ପ୍ରଭୃତି ସଙ୍ଗେ ପାଠ୍ୟପୁସ୍ତକ ଓ

ସେଇଭଳି ଅନ୍ୟାନ୍ୟ ପୁସ୍ତକମାନ ମଧ୍ୟ ପ୍ରକାଶପାଇଥିଲା । ଏବେ ମଧ୍ୟ ଓଡ଼ିଶାର ସାହିତ୍ୟରେ 'ସତ୍ୟବାଦୀ ପ୍ରକାର' ବା ବିଭାଗ କଥାଟି ସର୍ବତ୍ର ସୁବିଦିତ । ଏଇପରି ନାନାଭାବରେ ଗୋପବନ୍ଧୁ ଓଡ଼ିଆ ସାହିତ୍ୟ ଓ ଭାଷାର ପଥପ୍ରଦର୍ଶକରୂପେ ଏବେ ବି ପୂର୍ଣ୍ଣ ପ୍ରଭାବରେ ବଂଚି ରହିଚନ୍ତି କହିଲେ ଚଳେ ।

ଓଡ଼ିଶାର ରାଜନୀତିରେ ଗୋପବନ୍ଧୁଙ୍କବେଳକୁ କଂଗ୍ରେସ ନଥିଲା । ପ୍ରବୀଣ ମଧୁସୂଦନ ଦାସ ଉତ୍କଳ-ସମ୍ମିଳନୀ ଆଂଦୋଳନ ଆରଂଭ କରିଥିଲେ । ଗୋପବନ୍ଧୁ ୧୯୦୩ ଖ୍ରୀଷ୍ଟାବ୍ଦଠାରୁ ସେଥିରେ ପୂର୍ଣ୍ଣ-ପ୍ରାଣରେ ଯୋଗ ଦେଇଥିଲେ । ମାତ୍ର ଏସବୁ ସତ୍ତ୍ୱେ ତାଂକର ମହାଭାରତୀୟ ଭାବ ବରାବର ଜାଗ୍ରତ ରହିଥିଲା । ଜାତୀୟ ମହାସଭା ବା କଂଗ୍ରେସପ୍ରତି ତାଙ୍କର ଭକ୍ତି ଅକ୍ଷୁଣ୍ଣ ଥିଲା । ସମ୍ମିଳନୀ ପରି ଅନୁଷ୍ଠାନରେ ଭାଷାସୂତ୍ରରେ ପ୍ରଦେଶଗଠନ ପାଇଁ ସେ ଅତ୍ୟଂତ ତତ୍ପର ଥିଲେ ମଧ୍ୟ, ଏହାକୁଇ ଶେଷ ବୋଲି ସେ କେବେ ବୁଝି ନ ଥିଲେ । ଏହା ମହାଭାରତୀୟ ଜାଗରଣର ଅଂଗ ବୋଲି ସେ ବୁଝୁଥିଲେ ଓ ସେଇ ହିସାବରେ ୧୯୧୭ ଠାରୁ ସେ ମହାଭାରତୀୟ ଜାତୀୟ ମହାସଭାରେ (କଂଗ୍ରେସରେ) ଯୋଗ ଦେଇଥିଲେ ।

୧୯୨୦ ମସିହାରେ ପ୍ରଥମେ ମହାତ୍ମା ଗାଂଧି ଯେଉଁ ଅସହଯୋଗ ଆଂଦୋଳନ ପ୍ରବର୍ତ୍ତନ କଲେ, ଗୋପବନ୍ଧୁ ସେଇ ଆଂଦୋଳନରେ ପୂର୍ଣ୍ଣପ୍ରାଣରେ ଯୋଗ ଦେଇ-ଥିଲେ । ମହାତ୍ମା ଗାଂଧିଂକ ନେତୃତ୍ୱରେ କଂଗ୍ରେସ ନାଗପୁରଠାରେ ୧୯୨୦ ଶେଷକୁ ଭାଷାସୂତ୍ରରେ ପ୍ରଦେଶ ଗଠନକୁ ମାନି ବୋଲି ଗ୍ରହଣ କଲା । ଠିକ୍ ସେଇ କଂଗ୍ରେସ ପରେ, ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ଯେଉଁ ଅଧିବେଶନ ବସିଥିଲା, ସେଥିରେ ନିଜେ ଗୋପବନ୍ଧୁ ନାଗପୁରରୁ ଆସି କଂଗ୍ରେସ ନୀତିକୁ ସମ୍ମିଳନୀର ନୀତି ବୋଲି ଗ୍ରହଣ କରାଇ ନେଇଥିଲେ ।

ଠିକ୍ ପରେ ପରେ ପ୍ରସିଦ୍ଧ ସତ୍ୟବାଦୀ ବିଦ୍ୟାଳୟଟି ଜାତୀୟ ବିଦ୍ୟାଳୟରେ ପରିଣତ ହୋଇଥିଲା । କେବଳ ନୁହେଁ, ଏଇ ସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଏଇ ଅସହଯୋଗ ଆଂଦୋଳନର କର୍ମୀ ଓ ନେତାରୂପେ ଓଡ଼ିଶାର ଚାରିଆଡ଼େ ଖେଳି ଯାଇଥିଲେ ଏବଂ ସେଇ ବଳରେ ଓ ଫଳରେ ଅସହଯୋଗ ଆଂଦୋଳନ ଏପ୍ରାଂତରେ କେବଳ ଦୃଢ଼ ହୋଇ, ହୋଇଥିଲା ନୁହେଁ—କୃତିତ୍ୱ ହାସଲ କରିଥିଲା ।

୧୯୨୨ ରୁ ୧୯୨୪ ପର୍ଯ୍ୟଂତ ଗୋପବନ୍ଧୁ ରାଜନୈତିକ ବନ୍ଦୀରୂପେ ହଜାରିବାଗ ଜେଲରେ ଥିଲେ । ୧୯୨୪ରେ ସେଇ ହଜାରିବାଗରୁ ସଂଗେ ସଂଗେ ଆସି ସେ କଟକ ପ୍ରାଦେଶିକ କଂଗ୍ରେସ ମେଳାରେ ଯୋଗ ଦେଇଥିଲେ । ସେଠାରେ ସଭାପତି ଥିଲେ, କଲିକତାର ସାର ପ୍ରଫୁଲ୍ଲଚଂଦ୍ର ରାୟ । ସେ ଗୋପବନ୍ଧୁଂକୁ ଦେଖିବାମାତ୍ରେ ତାଂକୁ 'ଉତ୍କଳମଣି ଗୋପବନ୍ଧୁ' ବୋଲି ସଂବୋଧନକରି ପ୍ରକାଶ୍ୟ ଭାବରେ ସମସ୍ତଂକୁ ଜଣାଇ ଦେଇଥିଲେ । ସେଇଦିନଠାରୁ ସେ ହୋଇଚଂତି 'ଉତ୍କଳମଣି ଗୋପବନ୍ଧୁ ଦାସ' ।

ତାଂକ ଜୀବନର ଶେଷ ଦୁଇବର୍ଷ ଭିତରେ ପଂଜାବ-କେଶରୀ ଲାଲା ଲଜପତ୍ ରାୟଂକ ସଂଗେ ତାଂକର ପରିଚୟ ହୋଇଥିଲା । ଫଳରେ ସେଇ ଲଜପତ୍ ରାୟଂକ ପ୍ରତିଷ୍ଠିତ ଲୋକସେବକ ସମାଜର ଲଜପତ୍‌ରାୟ ଥିଲେ ସଭାପତି ଓ ଗୋପବନ୍ଧୁ ଦାସ ଥିଲେ ଉପସଭାପତି । ଗୋପବନ୍ଧୁ ମୃତ୍ୟୁପୂର୍ବରୁ ଏଇ ଉପସଭାପତି ପଦରେ ଥିଲେ ଓ ମୃତ୍ୟୁଶଯ୍ୟାରେ ସେ ଯେଉଁ 'ଉଇଲ୍' ତିଆରି କରି ଦେଇ ସତ୍ୟବାଦୀ ସ୍କୁଲକାଳରୁ ହୋଇଥିବା ଓ ସେତେବେଳକୁ ଗୋପବନ୍ଧୁଂକ ହାତରେ ଥିବା ପ୍ରେସଟିକୁ ସେଇ ଲୋକସେବକ ସମାଜ ହାତେ ଦେଇ ଯାଇଥିଲେ (୧୯୨୮) । ଏବେ ସେଇ ସତ୍ୟବାଦୀ ପ୍ରେସଟି ସତ୍ୟବାଦୀରୁ ପୁରୀ ଓ ପୁରୀରୁ କଟକ ଆସି ସେଇ

କଟକରେ ଅଛି । ସାପ୍ତାହିକ 'ସମାଜ କାଗଜଟି' ଏ ମଧ୍ୟରେ ଦୈନିକ ହୋଇଛି ଓ ଏବେ ମଧ୍ୟ ସେଇ ଦୈନିକ 'ସମାଜ'ଟି ସେଇ ସତ୍ୟବାଦୀ ପ୍ରେସରୁ ବାହାରୁଛି ।

( ଲେଖା ୧୪-୭-୭୦ )

———

## ୯

## ଟିକିଏ ବ୍ରଜସୁଂଦରଙ୍କ ସ୍ମୃତି

ସ୍ୱର୍ଗତ ବ୍ରଜସୁଂଦର ଦାସଂକ ସଂଗେ ମୋର ତରୁଣ ବୟସଠାରୁ ଖୁବ୍ ସଂବଂଧ ଥିଲା । ସେ ସ୍ମୃତି ମୋପକ୍ଷରେ ଦୁର୍ମୂଲ୍ୟ । ସେ ଥିଲେ ପଂଡିତ ଗୋପବଂଧୁ ଦାସଂକ ସହାଧ୍ୟାୟୀ ଓ ସାଂଗ । ମୁଁ କଟକରୁ ଆସିଲା-ବେଳକୁ ତାଂକ 'କର୍ତ୍ତବ୍ୟ ବୋଧିନୀ' ସମିତିର ଗୋଟିଏ ବଡ଼ କାର୍ଯ୍ୟ ହୋଇ ଯାଇଥାଏ । ତା' ହେଉଛି, କଲିକତା ବିଶ୍ୱବିଦ୍ୟାଳୟରେ ସେତେବେଳେ ବି.ଏ. ର ଅତିରିକ୍ତ ପ୍ରଶ୍ନପାଇଁ ଓଡ଼ିଆଭାଷାକୁ ଗ୍ରହଣ କରାଯାଇ-ଥାଏ । ଏଇ କର୍ତ୍ତବ୍ୟବୋଧିନୀ ସମିତି ପଂଡିତ ଗୋପବଂଧୁ ଦାସ ଓ ବ୍ରଜସୁଂଦର ଦାସ ପ୍ରଭୃତି ଆରଂଭ କରି ଖୁବ୍ ଜୋରରେ କାର୍ଯ୍ୟ ଚଳାଇଥିଲେ । କିନ୍ତୁ ପାରୁନାଇ ସେତେବେଳକୁ ବ୍ରଜସୁଂଦର ବାବୁ କଲିକତାରେ ଥାଆଂନ୍ତି କିଂବା ବି. ଏ. ପରୀକ୍ଷା ଦେଇ କଟକକୁ ଠିକ୍ ଫେରି ଆସିଥାଆଂନ୍ତି । କାରଣ ସେ ଓ ପଂଡିତ ଗୋପବଂଧୁ କଟକ ରେଭେନ୍‌ସା କଲେଜରୁ ଆଇ. ଏ. ବା ସେତେବେଳର ଏଫ୍. ଏ. ଏକାସଂଗେ ପାସ୍ କରିଥିଲେ । ତା'ପରେ ବ୍ରଜସୁଂଦର ବାବୁ କଲିକତା ପ୍ରେସିଡେନ୍‌ସି କଲେଜରେ ଯାଇ ବି. ଏ. ପଢ଼ି ପାସ କରିଥିଲେ; ମାତ୍ର କଟକ ଆସିଲା ପରେ ମଧ୍ୟ ପଂଡିତ ଗୋପବଂଧୁଂକ ସଂଗେ ବ୍ରଜବାବୁଂକ ଘନିଷ୍ଠତା ଅକ୍ଷୁଣ୍ଣଥିଲା । ସେ ଦୁହେଁ ଅତି ଆତ୍ମୀୟ ପରି ସବୁକଥା କରୁଥିଲେ ।

କର୍ତ୍ତବ୍ୟବୋଧିନୀର ପ୍ରଥମ କାର୍ଯ୍ୟଟି ହେଉଛି—ସେତେବେଳକୁ କଲିକତା ବିଶ୍ୱବିଦ୍ୟାଳୟର ବି ଏ. ପରୀକ୍ଷାରେ ଦେଶୀଭାଷା ସଂପର୍କରେ ଗୋଟିଏ ସ୍ୱତଂତ୍ର ପ୍ରଶ୍ନ ବିଆଯିବାର ହୋଇଥିଲା; ମାତ୍ର ସେଥିରେ କଲିକତା ସିନେଟର ଲୋକେ ଓଡ଼ିଆକୁ ସ୍ୱତଂତ୍ର ଭାଷା-ରୂପେ ଗ୍ରହଣ କରିବାରେ ବଡ଼ ନାରାଜ ଥିଲେ । ଏଇ ଓଡ଼ିଆକୁ ସ୍ୱତଂତ୍ର ଭାଷାରୂପେ ଗ୍ରହଣ କରିବାପାଇଁ କଟକର କର୍ତ୍ତବ୍ୟବୋଧିନୀ ସମିତି ( କେତେକ ବି. ଏ. ପଢ଼ୁଥିବା ଓ ବି. ଏ. ପାସ୍ କରିଥିବା ବ୍ୟକ୍ତିଂକ ଗଠିତ ସମିତି ) ଖୁବ୍ ଚେଷ୍ଟା କରିଥିଲେ । ଶେଷକୁ କଲିକତା ବିଶ୍ୱବିଦ୍ୟାଳୟର ସିନେଟ ନ ବୁଝିବାରୁ ବଡ଼ଲାଟ ବଂଗଳାର ସେତେବେଳର ଲାଟ ( ଯେତେଦୂର ମନେହୁଏ ସର୍ ଜନ୍ ଉଡ୍‌ବର୍ଣ୍ଣ ) ବିଶ୍ୱବିଦ୍ୟାଳୟର ରେକ୍ଟରରୂପେ ହସ୍ତକ୍ଷେପ କରି ଏହା ଗୃହୀତ ହେବ-ବୋଲି ଧାର୍ଯ୍ୟ କରାଇ ନେଇଥିଲେ ।

ଆଉ ଗୋଟିଏ ମନେପଡ଼ୁଥିବା କଥା ଏ ସଂବଂଧରେ କହିଦିଏ । ପ୍ରଥମ ବର୍ଷ ଏଥିରେ ଯେଉଁ ପ୍ରଶ୍ନ ପଡ଼ିଥିଲା, ତାହାର ପ୍ରାଶ୍ନିକ ଥିଲେ ସ୍ୱର୍ଗତ ମଧୁସୂଦନ ରାଓ । ତାଂକ ନାମ ତଥା ଶ୍ରୀଯୁକ୍ତ ରାଧାନାଥ ରାୟଂକ ନାମ ସେତେବେଳେ କଲିକତା ଗେଜେଟ ପ୍ରଭୃତିରେ ଏମ୍ ଏ. ବୋଲି ଛପା ହେଉଥିଲା ( କିଂତୁ ସେ ଦୁହେଁ ଥିଲେ ସେକାଳର ଏଫ୍. ଏ. )—ବସ୍ତୁତଃ ସେତେବେଳକୁ କଟକର ଉତ୍କଳ ଶ୍ରୀଯୁକ୍ତ ମଧୁସୂଦନ ଦାସ ତଥା କଟକର ଅନ୍ୟତ୍ର ଡେପୁଟି ଭାବରେ ଥିବା ତାଂକ ଭାଇ ଶ୍ରୀଯୁକ୍ତ ଗୋପାଳଚଂଦ୍ର ଦାସ ଓ ଖୋର୍ଦ୍ଧାର ଅଭିରାମ ଭଂଜ, ଏଇ ତିନି ଜଣଂକ ଛଡ଼ା ସେତେବେଳର ଓଡ଼ିଶାରେ ଅନ୍ୟ କେଇ ଏମ୍. ଏ. ନଥିଲେ । ବଡ଼ କୌତୁକର କଥା ମନେ ହେଉଛି । ପଂଡିତ ଗୋପବଂଧୁ ଦାସ ଓ ପୂର୍ବେ ଡେପୁଟି ଇନ୍‌ସି-ପେକ୍ଟର ଥିବା ଓ ଏବେ ବଂଚିଥିବା ବଲାଂଗୀର ଶ୍ରୀଯୁକ୍ତ ଲୋକନାଥ ପଟ୍ଟନାୟକ ଏଇ ଦୁହେଁ ସେ ବର୍ଷ ବି. ଏ. ପରୀକ୍ଷାର୍ଥୀ ଥିଲେ ଓ ସେଇ ଅତିରିକ୍ତ ଓଡ଼ିଆ

ପ୍ରଶ୍ନଟିର ଆନନ୍ଦ ଓ ଉତ୍ସାହରେ ଉତ୍ତର ଦେଇଥିଲେ । କାରଣ ସେ ଦୁହେଁ ଥିଲେ କର୍ତ୍ତବ୍ୟବୋଧିନୀ ସମିତିର ବଡ଼ ଦକ୍ଷ ସଦସ୍ୟ; ମାତ୍ର ଏ ଦୁହେଁଯାକ ପରୀକ୍ଷକ ମଧୁସୂଦନ ରାଓଙ୍କ ହାତେ ଫେଲ ହୋଇଥିଲେ । ହେଲେହେଁ, ଏ ଦୁହେଁ ସେତେବେଳକୁ ଓଡ଼ିଆରେ ଖୁବ୍ କୁଶଳ ଥିଲେ । କେଇ ( ବୋଧହୁଏ ବ୍ରଜସୁନ୍ଦର ଦାସ ) ବିସ୍ମିତ ହୋଇ ଏ କଥା ମଧୁସୂଦନ ରାଓଙ୍କୁ ଯାଇ ପଚାରିବାରେ ସେ ନିଜେ ବଡ଼ ବିସ୍ମିତ ଓ ଦୁଃଖିତ ହୋଇ ଉତ୍ତର ଦେଇଥିଲେ, 'ସେ ଦୁଇ ପରୀକ୍ଷାର୍ଥୀଙ୍କ ଲେଖା ବଡ଼ ଉତ୍ତମ ହୋଇଥିଲା; କିନ୍ତୁ ଶତକଡ଼ା ୫୦ ପାଇଲେ ପାସ୍ ହେବ ବୋଲି ମଧୁବାବୁ ଜାଣି ପାରି ନ ଥିଲେ । ସେ ୩୬ ନମ୍ବର ମାତ୍ର ଦେଇଥିଲେ,ପାସ୍ ନମ୍ବର ବୋଲି ବିଚାରି ।' କଟକରେ ଏଣେ କର୍ତ୍ତବ୍ୟବୋଧିନୀର ତୀବ୍ର ଆନ୍ଦୋଳନ ତେଣେ ପ୍ରାଚୀନ ଓ ପରୀକ୍ଷକ ମଧୁରାଓଙ୍କର ଏପରି ପ୍ରାଣରେ ସେ ବିଷୟରେ ଉଦ୍ବିଗ୍ନତାର ଅଭାବ, ଏ ଦୁଇଟି ବିଷୟ ଘେନି ସେ ସମୟରେ ଏକାଧିକ ସନ୍ଧ୍ୟାରେ ମାଣିକ-ଘୋଷ ବଜାରରେ ଥିବା ସେତେବେଳର ବ୍ରଜସୁନ୍ଦର ଦାସଙ୍କ ଘରେ ( ଏବେ କୋଣାର୍କ ହୋଟେଲ ) ବଡ଼ କୌତୁକମୟ ଆଲୋଚନା ଚାଲିଥିଲା ।

ତା'ପରେ ଗୋଟିଏ ଘଟଣା ମନେ ହେଉଛି । ସେ ହେଉଛି, ୟଙ୍ଗ ଉତ୍କଳ ଆସୋସିଏସନ (Young Utkal Association ) ବା ଯୁବକ ଉତ୍କଳ ସମିତିର ପ୍ରତିଷ୍ଠା । ଏହାର କର୍ତ୍ତା ଥିଲେ ମୁଖ୍ୟତଃ ପଣ୍ଡିତ ଗୋପବନ୍ଧୁ ଦାସ । ବ୍ରଜସୁନ୍ଦର ଦାସଙ୍କ ଘରେ ତଥା ବ୍ରଜସୁନ୍ଦର ଦାସଙ୍କ ଆନ୍ତରିକ ସାହଚର୍ଯ୍ୟ ଓ ସହଯୋଗିତାରେ ଏହାର ପ୍ରତିଷ୍ଠା ହୋଇଥିଲା । ସେତିକିବେଳକୁ କେନ୍ଦ୍ରାପଡ଼ା, ଯାଜପୁରରେ ପ୍ରବଳ ନଈବଢ଼ି । ଏହା ୧୯୦୭ କିମ୍ବା ୧୯୦୮ରେ ହେବ । ବଢ଼ିରେ ଗାଁ ଗଣ୍ଡା ବୁଡ଼ି ସେ ସବୁ ଉପରେ ୨।୩ ହାତ ପାଣି ମାଡ଼ି ଯାଇଥିଲା । ସେ କାଳର ଇଂରେଜମାନେ ହେଉଥିଲେ ଜିଲ୍ଲାର କର୍ତ୍ତା । ସେମାନେ ପୋକମାଛି ପରି ଲୋକ ମଲେ ମଧ୍ୟ ତା' ଜାଣିସୁଣି ପ୍ରକାଶ କରୁ ନ ଥିଲେ । ସେହି ଗୋପବନ୍ଧୁ ଚୌଧୁରୀଙ୍କର ଦୁଇବର୍ଷତଳେ କଟକରେ କାଳ ହୋଇଯାଇଛି, ସେ ଥିଲେ ପହିଲେ ଡେପୁଟି ଓ ଯାଜପୁରର ସେକାଳର Sub-Divisional Officer । ଏଇପରି ଥରେ ମହା ଦୁର୍ଭିକ୍ଷରେ ସେ ଗୋଟିଏ ରିପୋର୍ଟ ଦେଇଥିଲେ । ସେଥିରେ ଥିଲା ବହୁତଗୁଡ଼ିଏ ଲୋକ ବଢ଼ିରେ ଓ ଖାଦ୍ୟାଭାବରେ ମରିଯାଇଛନ୍ତି । କଥାରେ କି ଲେଖାରେ ମନେ ହେଉ ନାଇ । କଟକଜିଲ୍ଲା ମାଜିଷ୍ଟ୍ରେଟଙ୍କ ଠାରୁ ( ବୋଧହୁଏ ଏ. ଗ୍ୟାରେଟ୍ ସାହେବଙ୍କ ଠାରୁ ), ମନେହୁଏ, ତାଙ୍କୁ ନିର୍ଦ୍ଦେଶ ମିଳିଥିଲା "Fool, reduce the number" ( ନିର୍ବୋଧ, ଏ ସଂଖ୍ୟା କମାଇକରି ରିପୋର୍ଟ ଦିଅ ) । ବୋଧହୁଏ ଏଇ ବା ଏଇଭଳି କାର୍ଯ୍ୟମାନଙ୍କ ଫଳରେ ମନପରିତାପରେ କ୍ଳାନ୍ତ ହୋଇ ଶେଷକୁ ୧୯୨୧ ବେଳକୁ ଗୋପବନ୍ଧୁ ଚୌଧୁରୀ ଚାକିରିରୁ ଇସ୍ତଫା ଦେଇଥିଲେ ।

ସେକଥା ଥାଉ । ଏଇ କେନ୍ଦ୍ରାପଡ଼ା,ଯାଜପୁର ପ୍ରଥମ ବଢ଼ିବେଳେ ଆମ୍ଭେମାନେ ହୋଇଥାଉ କଲେଜ ଛାତ୍ର । ଆମ ସଙ୍ଗେ ଗୋପବନ୍ଧୁ ଦାସ, ବ୍ରଜସୁନ୍ଦର ଦାସ ତଥା ଅଭିରାମ ଭଞ୍ଜ କଟକ ସହରରେ ଘୋର ବର୍ଷା-ଭିତରେ ମଧ୍ୟ ଦ୍ୱାରେ ଦ୍ୱାରେ ବୁଲି ପଇସା, ଚାଉଳ, ପୁରୁଣା ଲୁଗା ପ୍ରଭୃତି ସଂଗ୍ରହକରି ନିଜେ ଘେନି ବଢ଼ିଅଞ୍ଚଳକୁ ଯିବାର ମୋ ମନେ ଅଛି । ସ୍ପଷ୍ଟ ମନେ ଅଛି, ଏଇଥିପାଇଁ ଥରେ ବାଲୁବଜାରରେ ଥିବା ସ୍ୱର୍ଗତ ଶ୍ରୀ ବିଶ୍ୱନାଥ କରଙ୍କ ପ୍ରେସକୁ ଆମ୍ଭେମାନେ ଯାଇଥିଲୁ । ସ୍ୱର୍ଗତ ଅଭିରାମ ଭଞ୍ଜ ସଙ୍ଗରେ ଥିଲେ । ବର୍ଷା ହେଉଥିଲା । ଭିକ୍ଷାପାଇଁ ବାହାରିବାକୁ ବିଶ୍ୱନାଥ କରଙ୍କୁ ସଙ୍ଗରେ ଡାକିବାରୁ ସେ ଟିକିଏ ନିଜର ପରିଷ୍କାର ଯୋତାକୁ ଚାହିଁଲେ । ତ'ପରେ ନୂଆ

ଧୋବାଘରୁ ଆସିଥିବା ଲୁଗା ଓ କାମିଜକୁ ଗୁଣ୍ଡିଲେ । କହିଲେ, "ଏ ବର୍ଷାଟା ଛାଡ଼ିଯାଉ, ଏଥିରେ ଲୁଗା ଯୋଡ଼ାସବୁ ଖରାପ ହୋଇଯିବ ।" ଏତିକିରେ ଆମେ ସମସ୍ତେ ନମସ୍କାର ହୋଇ ବିଶ୍ୱନାଥ କରଙ୍କ ଘରୁ ଚାଲିଆସିଲୁ । ଅବଶ୍ୟ ଆମ ଗୋଡ଼ରେ ଯୋତା ନ'ଥିଲା । ଏମ୍. ଏ. ଅଭିରାମ ଭଂଜ ମଧ୍ୟ ସେଦିନ ବିନା ଯୋତାରେ ଆମ ସଂଗରେ ବୁଲୁଥିଲେ । ମାତ୍ର ତାଙ୍କର ପରିଧେୟ ଥିଲା, ଯେପରି ସବୁବେଳେ ଥାଏ, ଗୋଟିଏ ଧୋବାଘରୁ ଆସିଥିବା ବଂଗଧଡ଼ି ପଖାଳକରା-ଲୁଗା । ବିଶ୍ୱନାଥ କରଙ୍କର ଲୁଗାପିନ୍ଧାର ଆକାର ଭିନ୍ନଥିଲା । ତାହା ସେତେବେଳର କଲିକତାର ଧନୀକ ଓ ପଦସ୍ଥ ବଂଗାଳୀଙ୍କର ଅନୁକରଣରେ । ମନେହେଉଛି, ବଂଗଳାରୁ ସ୍ୱଦେଶୀ ହାଉଆ ଆମ ସମସ୍ତଙ୍କୁ ଖୁବ୍ ଗ୍ରାସ କରିଥିଲା । ବିଶ୍ୱନାଥବାବୁ ସେଇ ସ୍ୱଦେଶୀରେ ଜଣେ ଅଗ୍ରଣୀ ଥିଲେ । ସେତେବେଳେ ଦେଶୀ କଳ ଲୁଗାକୁ ସ୍ୱଦେଶୀ ବୋଲି ଧରାଯାଉଥିଲା । ତଥାପି ବିଶ୍ୱନାଥବାବୁ ଅତି ସୂକ୍ଷ୍ମ, ସୁଂଦର ଓ ରୁଚିକର ଲୁଗା ବ୍ୟବହାର କରୁଥିଲେ ।

ସେତେବେଳର ଏନ୍‌ଟ୍ରାନ୍‌ସ ବା ମାଟ୍ରିକୁଲେଶନ ପରୀକ୍ଷା ଦବାପାଇଁ କଟକ ଗୋଟିଏ ମାତ୍ର କେଂଦ୍ର ଥିଲା । ସେଇ କେଂଦ୍ରରେ ଅମ୍ଭେମାନେ 'ୟଂଗ ଉତ୍କଳ ଆସୋସିଏସନ୍' ତରଫରୁ ଏନ୍‌ଟ୍ରାନ୍‌ସ ପରୀକ୍ଷା ଶେଷଦିନ ପରୀକ୍ଷାର୍ଥୀମାନଙ୍କପାଇଁ ଉତ୍ସବ ଓ ଜଳଯୋଗର ବ୍ୟବସ୍ଥା କରିଥିଲୁ । ପ୍ରଥମବର୍ଷ, ମନେଅଛି, ସେତେବେଳର କଲେଜର ନୂଆଛାତ୍ର ଗୋଦାବରୀଶ ମିଶ୍ରେ ମ୍ୟାକଲେଙ୍କ "ହୋରେସସ ଆବୃତ୍ତି କରିଥିଲେ ଓ ପୂର୍ବ ବଂଗର କେତେକ ବଂଗାଳୀଯୁବକ ସେ ସଭାରେ ଯୋଗଦେଇଥିଲେ ଓ ସେମାନଙ୍କମଧ୍ୟରୁ ଜଣେ (ନାମଟି ମନେ ହେଉନାଇ) ଗୋଟିଏ ବଡ଼ ଜାତୀୟଭାବ-ଉଦ୍ଦୀପକ ବଂଗଳାର ଲେଖା ଆବୃତ୍ତି କରିଥିଲେ । ତାହା ଅତି ସୁଂଦର ଓ ହୃଦୟଗ୍ରାହୀ ହୋଇଥିଲା । ତାହାର ମୂଳଧାଡ଼ି ଦୁଇଟି ହେଉଛି :—

"ବାସଂସ୍ଥି ଚଂଦ୍ରିକାଧୌତ ସାରା ଭୂମଂଡଳ
ଆମାଦେର ଜୀର୍ଣ୍ଣ ଗୃହେ ସୁଧୁ ଅଂଧକାର ।"

୨

ଓଡ଼ିଆ ସାହିତ୍ୟରେ ଗୋପବଂଧୁ ତଥା ବ୍ରଜସୁଂଦର ଦୁହେଁ ଥିଲେ ସେତେବେଳକୁ ଆସଂତା ନବଯୁଗର ପ୍ରତୀକ । ପ୍ରାୟ ପ୍ରତିଦିନ ବ୍ରଜବାବୁଙ୍କ ଘରେ ଆମର ଆଡ୍ଡା ଜମୁଥିଲା । ସେଇ ଆଡ଼ାରେ ଯେଉଁ ପ୍ରେରଣା ଫୁଟୁଥିଲା, ତାହାର ଫଳ ହେଉଛି ସେ କାଳର 'ମୁକୁର' ମାସିକ ପତ୍ରିକା । ବିଶ୍ୱନାଥବାବୁଙ୍କ ଉତ୍କଳସାହିତ୍ୟ ମାସିକ ପତ୍ରିକା ତଥା ତତ୍କାଳୀନ ମଧୁ—ରାଧାନାଥ ଶୃଂଖଳରୁ ଓଡ଼ିଆଙ୍କୁ ଫିଟାଇ ଛାଡ଼ିଦେବା ଏହା ପ୍ରଥମ ସୁସ୍ପଷ୍ଟ ଉଦ୍ୟମ ବିଶ୍ୱନାଥ ବାବୁ କଥାରେ ବରାବର କହନ୍ତି, "ୟ୍ୟାକେବାରେ" (ଏକାବେଳକେ) । ପୁଣି ତାଙ୍କର ବଡ଼ ବ୍ୟାକରଣ ଗତ ପ୍ରୟୋଗ ହେଉଛି କହାଯାଏ (କୁହାଯାଏ), ତଥା ଏଠାକାର, (ଏଠା ବା ଏଠାର), କାଲିକାର ପ୍ରଭୃତି । ସେତେବେଳେ 'ମୁକୁର' ବାହାରିବା ପୂର୍ବରୁ ଓ 'ମୁକୁର' ବାହାରିବା କାଳରେ ମଧ୍ୟ ବାରଂବାର ଏଇ ବିଷୟମାନଙ୍କର ଆଲୋଚନା ଓ ତହିଁ ସଂଗେ ହାସ୍ୟରୋଳର କଥା ମୋର ଏବେ ମନେ ପଡ଼ୁଛି ।

ଆଉ ଗୋଟିଏ ଘଟଣା—

ତା'ବହୁଦିନପରେ ଏହା ବୋଧହୁଏ ୧୯୨୬ ମସିହା ଶେଷଭାଗର ଘଟଣା । ଅସହଯୋଗ ଆନ୍ଦୋଳନ ହୋଇ ଯାଇଥାଏ । ସେଥିରେ ପଂଡିତ ଗୋପବଂଧୁ ଓଡ଼ିଶାର ନେତା—ଅଦ୍ୱିତୀୟ ନେତା । ବ୍ରଜସୁଂଦର-ବାବୁ ସାକ୍ଷାତଭାବରେ ଅସହଯୋଗରେ ଯୋଗଦେଇଥିଲେ ବୋଲି ମନେ ହେଉନାଇ । ତଥାପି ସେ ଜୀବନରେ କେବେ ଚାକିରି କରି ନ'ଥିଲେ । ଚାକିରି-ପାଇଁ ଉଦ୍ୟମ ମଧ୍ୟ କରି ନ ଥିଲେ । ସେ ଥିଲେ ବଡ଼ ସ୍ୱାଧୀନଚେତା । ସେ ଯାହାହେଉ, ଅସହଯୋଗୀ

ଗୋପବନ୍ଧୁ ଦାସ ଓ ସ୍ୱାଧୀନଚେତା ବ୍ରଜସୁନ୍ଦର ଦାସ ଏ ଦୁହିଁଙ୍କ ଭିତରେ ହୃଦ୍ୟତା ଅକ୍ଷୁର୍ଣ୍ଣ ଥିଲା । ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଶେଷକୁ କଷ୍ଟକରେ କେତେକ ଉପନେତା ଗୋପବନ୍ଧୁ ଦାସଙ୍କୁ ସହ୍ୟ ନଥିଲେ । ସେଥିପାଇଁ କୋମଳପ୍ରାଣ ଗୋପବନ୍ଧୁ ସେ କମିଟିରୁ ବାରଂବାର କାନ୍ଦି କାନ୍ଦି ଫେରୁଥିଲେ । ତୃତୀୟଥର କାନ୍ଦିକରି ଫେରିବାପରେ ସେ ସଂକଳ୍ପ କଲେ, ଆଉ ସଭାପତି ଭାବରେ ପ୍ରାଦେଶିକ କଂଗ୍ରେସ କମିଟିକୁ ଯିବେନାହିଁ । ସେଇଦିନ କାନ୍ଦି କାନ୍ଦି ଆସି ବ୍ରଜସୁନ୍ଦର ଦାସଙ୍କ ଘରେ ବ୍ରଜସୁନ୍ଦର ଦାସଙ୍କୁ ଆବେଗପୂର୍ଣ୍ଣ ସ୍ୱରରେ କହିଥିଲେ, "ଦାସେ, ସତ୍ୟବାଦୀ ଯାଉଚି, ଆଉ କଟକ ଫେରିବି ନାହିଁ ।" ବସ୍ତୁତଃ ସେ ଆଉ କଟକ ଫେରି ନାହାନ୍ତି ବୋଲି ମନେ ହେଉଚି । ସେ ଯାହାହେଉ, ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଆଉ ଫେରି ନାହାନ୍ତି । ଏକଥା ତାଙ୍କ ମୃତ୍ୟୁପରେ ବୋଧହୁଏ—ଦଶାହଶ୍ରାଦ୍ଧ ସଭାରେ—ବ୍ରଜସୁନ୍ଦର ବାବୁ ନିଜେ ଅତି ଆବେଗରେ ରୁଦ୍ଧକଂଠରେ ଉଚ୍ଚସ୍ୱରରେ ପ୍ରକାଶ କରିଥିଲେ ।

(ଲେଖା—୨୯ । ୮ । ୧୯୫୯)

———

## ୧୦

## ଅଧ୍ୟକ୍ଷ ବି. ଭି. ଗୁପ୍ତଙ୍କ ସ୍ମୃତି

### ( ୧ )

ମୋ କଲେଜଦିନ କଥାରୁ କିଛି ଲେଖିବି । ମୋର ଡାଏରି ନାହିଁ । ଦୈନିକ ବିବରଣୀ ବି ଲେଖି ରଖି ନାହିଁ । ଏସବୁ ସାମାନ୍ୟ ଦୈନନ୍ଦିନ ଘଟଣାର ସ୍ମୃତି ମୋର ବଡ଼ ବେଶି ମନେ ରହେ ନାହିଁ । ତା'ପୁଣି ବିଶେଷରେ ଏ ବୟସରେ ରହୁ ନାହିଁ । ଚିକିତ୍ସକମାନେ କହନ୍ତି ହାରାହାରି ପଇଁତିରିଶ ବର୍ଷ ବୟସ ପରେ ସ୍ମରଣ ଶକ୍ତି କମିଯାଏ ।

ଯେତଦୂର ମନେହୁଏ, ୧୯୦୭ ଖ୍ରୀଷ୍ଟାବ୍ଦର ଠିକ୍ ପୂଜା ପୂର୍ବର କଥା । ବ୍ରାହ୍ମଣୀ, ବୈତରଣୀ ଓ ଖରସୁଆଁ—କେନ୍ଦ୍ରାପଡ଼ା, ଯାଜପୁରର ଏ ତିନୋଟି ନଦୀବଢ଼ିରେ ମିଶି ଏକାକାର ହୋଇ ଯାଉଥାଏ । ଘାଇ ଭାଙ୍ଗି ଗାଁଗଂଡାରେ ବଢ଼ିପାଣି ପଶି ଘରଦ୍ୱାର ବୁଡ଼ି ଭାସି ଯାଉଥାଏ । ସେକାଳର କଥା ଆଜିକାଲି ପିଲାଏ ଧାରଣା କରିବା ଦୂରେ ଥାଉ, ବୁଝିପାରିବେ ନାହିଁ । ଆମେ ବଢ଼ି ଅଂଚଳରେ ପଶିଲାବେଳକୁ ବଢ଼ିପାଣି ଉଚ୍ଚତାରେ ପ୍ରାୟ ପାଂଚଫୁଟ ଛାଡ଼ି ଯାଉଥାଏ । ଗାଁରୁ ଘରମାନ ଭାସିଯାଇ ନାନାସ୍ଥାନରେ ବିଲରେ ପଡ଼ିଥାଏ । ଗାଁର ପତନ କେବେ ବନ୍ଦ ନ ଥାଏ; ତଥାପି କୌଣସି କୌଣସି ଗାଁ ଭିତରେ ନାଆ ଚାଲି ଯାଉଥାଏ । ଖଂଡେ ଖଂଡେ ଭୂଇଁ ଦିଶୁଥାଏ ଓ ଲୋକେ ସେଠାରେ ଜମା ହୋଇଥାଂତି । ତା'ଛଡ଼ା ଲୋକେ ଥାଂତି ଗଛରେ । ହଇଜା ପ୍ରବଳ ଭାବରେ ଲାଗିଥାଏ । ଲୋକେ ମରିବା ପୂର୍ବରୁ ଗଛରୁ ଖସିପଡ଼ି ମରି ଭାସିଯାଉଥାଂତି ।

ଆମେ କେଂଦ୍ରାପଡ଼ା ବାଟେ ଯାଇ ଇଂଦୁପୁରଠାରୁ ନାଆରେ ଚଢ଼ି ଆଗ ଭଂଗା କେନାଲବଂଧ ପାରିହୋଇ ବିଲ ଭିତରେ ବଢ଼ିପାଣିରେ ପଡ଼ିଲୁ । ସେଠାରୁ କ୍ରମେ ହିମାର ବାଟେ ବସା, କଳାମାଟିଆ ପ୍ରଭୃତି ଆଡ଼କୁ ନାଆ ଚଳାଇଥିଲୁ । ସଂଗରେ ଥିଲେ ପଂଡିତ ଗୋପବଂଧୁ ଦାସ, ପ୍ରଚାରକ ଅନଂତ ମିଶ୍ର ଓ ଏବେ ପେନ୍‌ସନ୍ ପାଉଥିବା ଡେପୁଟି ଶ୍ରୀ ନାରାୟଣ ନଂଦ । ସାଂଗରେ ସାମାନ୍ୟ ଚୂଡ଼ା, ଗୁଡ଼, ଚାଂଉଳ, ଲୁଣ, କିରାସିନ ପ୍ରଭୃତି ନେଇ ସେ ଅଂଚଳକୁ ବାଂଟିବାପାଇଁ ଯାଇଥିଲୁ । ନାଆ ଉପରେ ଆମେମାନେ ଯେତେଦୂର ମନେହୁଏ, ପ୍ରାୟ ଦଶଦିନ ଥିଲୁ ।

ମୁଁ ଯେତେବେଳେ କଲେଜ ହଷ୍ଟେଲ ( ଏବର କଲେଜିଏଟ୍ ହଷ୍ଟେଲ )ରେ ଥାଏ । ପୁଣି ମୁଁ ଥିଲି

ବୃତ୍ତିଭୋଗୀ ଛାତ୍ର । କଲେଜର ପ୍ରିନ୍‌ସିପାଲ ସେତେବେଳେ ଥିଲେ ସ୍ୱର୍ଗତ ବିପିନବିହାରୀ ଗୁପ୍ତ । ସମସ୍ତେ ତାଂକୁ ବି. ଭି. ଗୁପ୍ତ ବୋଲି ଜାଣଂତି । ତାଙ୍କର ଇଂରାଜୀ ପାଟୀଗଣିତ ଅନେକ ଦିନଯାଏ ଏନ୍‌ଟ୍ରାନ୍‌ସ ବା ମାଟ୍ରିକୁଲେଶନ ତଥା ଏଫ୍. ଏ. ବା ଆଇ. ଏ. କ୍ଲାସରେ ପାଠ୍ୟପୁସ୍ତକ ଥିଲା । ଏବେ ହୁଏତ ଛାତ୍ରମାନେ ତାହା ବ୍ୟବହାର କରୁଥିବେ । ବି. ଭି. ଗୁପ୍ତ କଡ଼ା ମିଜାଜର ଲୋକ ଥିଲେ ବୋଲି ସମସ୍ତେ କହୁଥିଲେ । ପୁଣି ସେତେବେଳେ କଲେଜ ତଥା ହଷ୍ଟେଲରେ ଓଡ଼ିଆ ଛାତ୍ରଂକ ସଂଖ୍ୟା ବେଶି ନ ଥିଲା । ପ୍ରଫେସରମାନଂକ ଭିତରେ ଓଡ଼ିଆ ଆଦୌ ନ ଥିଲେ କହିଲେ ହୁଏ । ତେଣୁ ବି. ଭି. ଗୁପ୍ତଂକ ଭଳି ପ୍ରିନ୍‌ସିପାଲଂକ ସଂଗେ ମୋ ଭଳି ଛାତ୍ରର ବେଶି ଆତ୍ମୀୟତା ନ ଥିଲା ।

ହେଲେହେଁ ସେଇକାଳରୁ ମୁଁ ଟିକିଏ ସ୍ୱାଧୀନଚେତା ଥିଲି । କଲେଜରେ ପଢ଼ିବାଆଗରୁ ଏପରିକି କଟକରେ କଲେଜିଏଟ୍ ସ୍କୁଲରେ ଏନ୍‌ଟ୍ରାନ୍‌ସ ସେକେଂଡ କ୍ଲାସରେ ମୁଁ ପଢ଼ୁଥିଲାବେଳୁ ସ୍ୱର୍ଗତ ପଂଡିତ ଗୋପବଂଧୁ ଦାସଂକ ସାକ୍ଷାତ ସଂପର୍କରେ ଆସି ଦେଶର ଭବିଷ୍ୟତ ନେଇ ବହୁପ୍ରକାର କଳ୍ପନା, ଜଳ୍ପନାରେ ପଂଡିତ ଗୋପବଂଧୁ ଦାସ, ଆଚାର୍ଯ ହରିହର ଦାସ ଓ ପ୍ରଚାରକ ଅନଂତ ମିଶ୍ରଂକ ସଂଗେ ମୋର କାଳ କଟୁଥିଲା । ସେତେବେଳେ ମୋର ତରୁଣପ୍ରାଣରେ ଦେଶ ଓ ଜାତିର ଭବିଷ୍ୟତ ସଂବଂଧରେ ଯେଉଁ କଳ୍ପନା ଖେଳୁଥିଲା ଓ ସେଥିସଂଗେ କାର୍ଯାନୁଷ୍ଠାନର ଯେଉଁ ସବୁ ପଂଥା ଅନୁସଂଧାନ କରାଯାଉଥିଲା, ତାହା ଆଜି ବର୍ଣ୍ଣନା କରି କହି ପାରିବି ନାହିଁ । ତା' ଭିତରେ ଗୋଟିଏ ବଡ଼ କଥା ହେଉଛି, ଲୋକସେବା, ରୋଗୀସେବା ଓ ନାନା ସାହିତ୍ୟିକ ଆଲୋଚନା ସଭା କରିବା ଓ ସେ ସବୁରେ ଯୋଗଦେବା ।

ଏସବୁ ଭିତରେ ସଂକଳ୍ପ ଥାଏ, 'ସରକାରୀ ଚାକିରି' କରିବାକୁ ହେବ ନାହିଁ । ଏଥିରେ ସ୍ୱାଧୀନ ଚରିତ୍ରକୁ ଯେପରି ବିକାଶ ପାଇବାର କଥା ତା' ବୋଧହୁଏ ହେଉ ନ ଥିଲା ।

ବଡ଼ି ଅଂଚଳରୁ ବୋର୍ଡିଂକୁ ଫେରିଆସି ଶୁଣିଲି ପ୍ରିନ୍‌ସିପାଲ୍ ବି. ଭି. ଗୁପ୍ତ ଘର ଯାଇଛଂତି । ସେଥିରେ ପୁରୀ କଲ୍‌ମାଜିଷ୍ଟ୍ରେଟ ଥାଂତି ସେତେବେଳେ ଗ୍ୟାରେଟ୍ ବୋଲି ଜଣେ ଇଂରେଜ । ଦେଶଲୋକଂକ ପାଇଁ କାର୍ଯ କଲେ, ବିଶେଷତଃ ବଡ଼ି, ମରୁଡ଼ି, ମଡ଼କରେ ଲୋକଂକ ସେବା କଲେ ସେଭଳି କାର୍ଯସବୁ ସେକାଳେ ଅନେକ ଇଂରେଜ ଶାସକମାନଂକୁ ବଡ଼ ଅସହ୍ୟ ହେଉଥିଲା । ଗ୍ୟାରେଟ୍ ଥିଲେ ସେଇଭଳି ଜଣେ ଶାସକ । ପୁଣି ସେ ଥିଲେ ଜଣେ ଘୋର ଟାଣୁଆ ଲୋକ ।

ଅନେକ ଜାଣିଥିବେ କି ନାହିଁ ଜାଣେ ନାହିଁ; ସେକାଳେ ଲୋକେ ବଡ଼ି ମରୁଡ଼ିରେ ପେଟ ଖାଇବାକୁ ନ ପାଇ ଅଣହେଲାରେ ପୋକମାଛି ପରି ମରୁଥିଲେ; କିଂତୁ ଗୋରା ଜିଲା ମାଜିଷ୍ଟ୍ରେଟ୍‌ମାନେ କୌଣସି ଅଧଃସ୍ତନ କର୍ମଚାରୀଂକ ରିପୋର୍ଟରେ ମଧ୍ୟ ଏ କଥା ବାହାରିବାଟାକୁ ପସଂଦ କରୁ ନ ଥିଲେ । ଅନେକେ ଜାଣିଥିବେ, ସ୍ୱର୍ଗତ ଗୋପବଂଧୁ ଚୌଧୁରୀ ( ସେକାଳ ଡେପୁଟି ) ଏପରି ଏକ ବଡ଼ିରେ ବହୁତଗୁଡ଼ାଏ ଲୋକ ଖାଦ୍ୟାଭାବରେ ପଡ଼ିଥିବାର ରିପୋର୍ଟ କରିଥିଲେ । ଉପରୁ ଜିଲା ମାଜିଷ୍ଟ୍ରେଟଂକ ପାଖରୁ ଆଦେଶ ଯାଇଥିଲା "Fool, reduce the number." ଫଳରେ ମନସ୍ୱୀ ଗୋପବଂଧୁ ଚୌଧୁରୀଂକର ଚାକିରି ଛାଡ଼ିବାର କାରଣ ଏହାହିଁ ଥିଲା । ଏଥିରୁ ସେକାଳ ଶାସନ ଓ ଶାସକମାନଂକ ଅବସ୍ଥା ବୁଝା ପଡ଼ିବ । ଅବଶ୍ୟ ଏହା ଏକାଳ କଳ୍ପନାରୁ ଅତୀତ ।

ଏଇ ଗ୍ୟାରେଟ୍ ସାହେବ ଆମମାନଂକ ବଡ଼ିଅଂଚଳକୁ ଯିବା ଓ ନାଆରେ ବୁଲି ବୁଢ଼ା, ଯୁବକ

ବାଂଟିବା କଥାଟାକୁ ଆଦୌ ପସଂଦ କରି ନ ଥିଲେ । ଲୋକେ ସ୍ୱତଃ ମନେ କରୁଥିଲେ, ସେ ଏ ବିଷୟରେ ଆମ ପ୍ରିନ୍‌ସିପାଲ ଡ. ଭି. ଗୁପ୍ତଂକୁ ତାଗିଦ୍ ମଧ୍ୟ କରିଥିଲେ । ମୁଁ ଥିଲି ଗୋଟିଏ ବୃତ୍ତିଭୋଗୀ ଛାତ୍ର । ସେଥିପାଇଁ ମୋର ଦରମା ଛାଡ଼ ମଧ୍ୟ ହୋଇଥିଲା । ପ୍ରିନ୍‌ସିପାଲ ବିଗିଡ଼ିଥିଲେ ମୋର ଦରମା ଛାଡ଼ ଓ ବୃତ୍ତି କଟିଯାଂତା । ମୋର ଅନୁପସ୍ଥିତିରେ, ଯେ କୌଣସି କାରଣରୁ ହେଉ ସମସ୍ତେ ମନେ କରିଥିଲେ ଏଣେ କଡ଼ା ଡ. ଭି. ଗୁପ୍ତ, ତେଣେ ପୁଣି ଅତି ଅସନ୍ତୁଷ୍ଟ ଗ୍ୟାରେଟ୍ ସାହେବ—ଏଥିରେ ମୋର ଆଉ ଦରମା ଛାଡ଼ ବା ବୃତ୍ତି ରହିବ ନାଇ । ମତେ କଲେଜରୁ ବାହାର କରି ଦିଆଯିବ ।

ମୁଁ ପୁଣି ବୋର୍ଡ଼ିଂ ସୁପରିନ୍‌ଟେଂଡେଂଟ ( ସେ କାଳର କଲେଜିଏଟ୍ ସ୍କୁଲ ମାଷ୍ଟର ଶ୍ରୀ ସୁରେଶଚନ୍ଦ୍ର ଗୁପ୍ତ, ବି.ଏ. )ଂକ ଅନୁମତି ପର୍ଯ୍ୟଂତ ନେଇଯିବାକୁ ବେଳପାଇ ନଥିଲି—ପ୍ରିନ୍‌ସିପାଲଂକୁ କହିକରି ଯିବା ତ ଦୂରର କଥା । ମାତ୍ର କେଂଦ୍ରାପଡ଼ାରୁ ପ୍ରିନ୍‌ସିପାଲଂକୁ କଟକରୁ ଯିବାବେଳର ସମସ୍ତାଭାବ ଜଣାଇ ଖଂଡେ ସେ କାଳ ପଇସିକିଆ ପୋଷ୍ଟକାର୍ଡ ମାତ୍ର ଲେଖି ଦେଇଥିଲି ।

ମୁଁ ଆସି ହଷ୍ଟେଲରେ ପହଂଚିଲାମାତ୍ରେ ହଷ୍ଟେଲରେ ମୋ ଆଗମନକୁ ଅପେକ୍ଷା କରି ରହିଥିବା ଦୁଇଜଣ ଚପରାଶି ମତେ ନେଇ ପ୍ରିନ୍‌ସିପାଲଂକ ପାଖକୁ ଗଲେ । ଏବେ କଲେଜିଏଟ୍ ସ୍କୁଲ୍ ହେଡ଼ମାଷ୍ଟରଂକର ଯେଉଁ ବସାଘରଟି ଅଛି, ତାହାରି ଦୋତାଲା ଉପରେ ସେ କାଳ କଲେଜ ପ୍ରିନ୍‌ସିପାଲଂକ ଅଫିସ ଥିଲା । ମୁଁ ଚପରାଶି ଦୁଇ ଜଣଂକ ସଂଗେ ଘୂର୍ଣ୍ଣ ସୋପାନଶ୍ରେଣୀଟି ଅତିକ୍ରମ କରି ପ୍ରିନ୍‌ସିପାଲଂକ ଆଗରେ ଯାଇ ପହଂଚିଲି । ପ୍ରିନ୍‌ସିପାଲ ଅତି ରୁକ୍ଷସ୍ୱରରେ ମତେ ପଚାରିଲେ, "ତୁମେ କୁଆଡ଼େ ଯାଇଥିଲ ?" ମୁଁ କହିଲି, "କେଂଦ୍ରାପଡ଼ା, ଯାଜପୁର ଅଂଚଳରେ ଘଣିଘଣି ଲୋକେ ବଢ଼ିରେ ବୁଡ଼ି ମରିଯାଉଥିଲେ । ମୁଁ ତାଂକୁ ଚୂଡ଼ା,ଗୁଡ଼ଉଳ ବାଂଟିବାପାଇଁ ଗୋପବଂଧୁ ଦାସଂକ ସଂଗେ ଯାଇଥିଲି । ମୁଁ ତ ଆପଣଂକୁ କେଂଦ୍ରାପଡ଼ାଠାରୁ ପୋଷ୍ଟକାର୍ଡ଼ ଲେଖି ଜଣାଇଥିଲି । ଆପଣ ପାଇଥିବେ !" ପ୍ରିନ୍‌ସିପାଲ୍ ଆଗପରି ରୁକ୍ଷସ୍ୱରରେ ପୁଣି ପଚାରିଲେ, "ଏଇପରି କଣ ଜଣାଇବାକୁ ହୁଏ ? ତମେ ଜାଣ ତମର ପିତା ତ ଅଛଂତି । ତମକୁ ସେ ଏଠାରେ ରଖାଇ ଦେଇଥିଲେ ଆମର ତତ୍ତ୍ୱାବଧାନରେ । ଧର, ତମର ପିତା ଆସି ଆମକୁ ପଚାରିଥାଂତେ, ଆମେ କଣ ଉତ୍ତର ଦିଅଂତୁ ? ତୁମେ ରୁଗ୍‌ଣ ହୋଇଥାଂତ, ଆମେ କଣ କରଂତୁ ? ଇତ୍ୟାଦି ।"

ମୁଁ ଟିକିଏ ଦୃଢ଼ ଗଂଭୀର ଭାବରେ ଠିଆ ହେଲି । ତା'ପରେ କଣ ଭାବିଲି, ମୋର ମନେ ହେଉନାଇ । ମୁଁ ହଠାତ୍ କହି ଉଠିଲି, "ଲୋକେ ଘଣିଘଣି ମରି ଯାଉଥିଲେ ମୁଁ ତ ତାଂକର ସାହାଯ୍ୟ ପାଇଁ ଯାଇଥିଲି । ଅବସ୍ଥା ବଡ଼ ଜରୁରି, ମୋର ଜଣାଇବାକୁ ବେଳ ନ'ଥିଲା । ମୋର ଆଉ ଦୋଷ କଣ ଥିଲା ?" ପିନ୍‌ସିପାଲ କହିଲେ, "ତମର ଦୋଷ ଥିଲା କି ନାଇ, ସମସ୍ତ ଥିଲା କି ନାଇ, ଏକଥା ଆମର ଭାବିବାର ବିଷୟ ନୁହେ ।" ସେଠାରୁ ମୁଁ କହିଲି, "ପ୍ରବୀଣ ବ୍ୟକ୍ତିମାନେ ଏଇପରି କହଂତି । ପିଲାଏ ଏଇପରି ଯାଆଂତି । ମୁଁ କିଛି ଅପକାର୍ଯ୍ୟ କରିବାକୁ ଯାଇ ନ'ଥିଲି ।"

କାହିଁକି କେଜାଣି ଡ. ଭି. ଗୁପ୍ତଂକ ପରି ପ୍ରିନ୍‌ସିପାଲ ହଠାତ୍ ଏ କଥାରେ ଟେଁ କରି ହସିଦେଲେ । ମତେ କହିଲେ, "ଦୁଷ୍ଟପିଲା, ଯାଅ ଯାଅ ।"

ମୋର ଯେତେଦୂର ମନେ ହେଉଛି, ପ୍ରିନ୍‌ସି-ପାଲଂକସଂଗେ ଏହାଇ ମୋର ପ୍ରଥମ ଦେଖା । ଓଡ଼ିଆ ପିଲାଂକର ବିଶେଷତଃ ମୋପରି ତଳକ୍ଲାସ ପିଲାଂକର ସେତେବେଳେ ପ୍ରିନ୍‌ସିପାଲଂକ ଭଳି ଲୋକଂକୁ

ସଂଗେ ଦେଖା ହେବା, କଥାବାର୍ତ୍ତା ହେବା, ସମ୍ଭବ ନଥିଲା । ମାତ୍ର ଏହା ଦେଖି ଆମ ବୋର୍ଡିଂର ସୁପରିନ୍‌ଟେଂଡେଂଟଂକୁ ମିଶାଇ ଆଉ ସମସ୍ତେ ଭାଜିବ ହୋଇଗଲେ । ଆଉ ବୋର୍ଡିଂରେ ବା କଲେଜରେ ଏକଥା ଚଳି ନାଇ ।

— - —

## ଅଧ୍ୟକ୍ଷ ବି.ଭି. ଗୁପ୍ତଂକ ସ୍ମୃତି

### ( ୨ )

ଆଉଦିନକର କଥା । ଏ ମଧ୍ୟ ସେଇ ବି. ଭି. ଗୁପ୍ତ, ପ୍ରିନ୍‌ସିପାଲଂକ ସଂବଂଧୀୟ କଥା । ସେକାଳ କଲେଜ ହଷ୍ଟେଲ ବା ଏବ କଲେଜଏଟ୍ ସ୍କୁଲବୋର୍ଡିଂ ଗେଟ୍ ପାଖେ ଅଛି ଲଂଡା ଦେଉଳ । ସେଇ ଲଂଡା ଦେଉଳରେ କେତେଗୁଡ଼ାଏ ବସା ଥାଏ । କଲେଜ, କଲେଜଏଟ୍‌ସ୍କୁଲ ତଥା ସହର ମଧ୍ୟରେ ଅନ୍ୟାନ୍ୟ ସ୍ଥାନରେ ପଢ଼ୁଥିବା କେତେକ ଛାତ୍ର ମଧ୍ୟ ସେଥିରେ ରହୁଥିଲେ । ଥରେ ସେଇ ଛାତ୍ରମାନଂକ ଭିତରେ ହଇଜା ଆରଂଭ ହେଲା । ଏବେ ପଟିଆର ଲୋକନାଥ ଦାସ, ଆଡ଼ଭୋକେଟ୍, ରାଜାବଗିଚାରେ ଅଛଂତି । ସେ ଓ ତାଂକ ସଂଗେ ତାଂକର ଗୋଟିଏ ସାନଭାଇ, ଏ ଦୁହେଁ ସେଇ ଲଂଡା ଦେଉଳ ବସାମାନଂକ ଭିତରୁ ଗୋଟିକରେ ଥାଂତି । ସେଇ ସାନପିଲାଟିର ହଇଜା ହେଲା । ସେ ସେତେବେଳେ ଟ୍ରେନିଂସ୍କୁଲ ସଂପର୍କରେ ଥିବା ମଡେଲସ୍କୁଲ ( ମାଇନର ସ୍କୁଲ ) ରେ ଗୋଟିଏ ଛାତ୍ର ଥାଏ । ମୁଁ ମଧ୍ୟ ସେ କାଳେ ହଇଜା ରୋଗୀଙ୍କର ବୁଲାବୁଲି ଚିକିତ୍ସା କରୁଥିବା ଗୋଟିଏ ସ୍ୱେଚ୍ଛାଦଳରୁ ଜଣେ ଥିଲି । ମୁଁ ବି, ମନେଅଛି, ଅତି ପ୍ରତ୍ୟୁଷରୁ କାଠଯୋଡ଼ିରେ ସ୍ନାନସାରି ଗୋଟାଏ ମଠାପିଂଧି ନୈଷ୍ଠିକ ଭାବରେ ସକାଳୁ ଗୀତା, ଉପନିଷଦ୍ ପ୍ରଭୃତି ଘଂଟାଏ ଖଂଡେ ପଢ଼ୁଥିଲି । ସକାଳୁ ଯୋଡ଼ାଏ ଖଡ଼ମ ବି ମାଡୁଥିଲି । ସେଇପରି ଗୀତା, ଉପନିଷଦ ପଢୁଥିବୁ ଖବର ପାଇଲି, ଲଂଡା ଦେଉଳରେ ଗୋଟିଏ ପିଲାର ହଇଜା ହେଉଛି । ମୁଁ ସେଇପରି ମଠ ପିଂଧି କାଂଧରେ ଗାମୁଛା ପକାଇ ଖଡ଼ମମାଡ଼ି ବୋର୍ଡିଂରୁ ବାହାରି ଲଂଡା ଦେଉଳକୁ ଚାଲିଗଲି । ଲଂଡା ଦେଉଳରୁ ଆଉ ସବୁ ଛାତ୍ରମାନଂକୁ ସ୍ଥାନାଂତରକୁ ଯିବାକୁ କହିଦେଲି । ଲୋକନାଥର ଆଉ ସ୍ଥାନାଂତର ନ'ଥିଲା । ତାକୁ ବୋର୍ଡିଂରେ ଯାଇ ମୋ ପାଇଁ ରଂଧା ହୋଇଥିବା ମିଲ୍ ଖାଇ ରହିବାକୁ କହିଦେଲି ।

ହଇଜାଗ୍ରସ୍ତ ପିଲାଟିର ନାମ, ମୋ ମନେହେଉଛି, ନେହାନଂଦ । ମୋଛଡ଼ା ତା'ପାଖେ ଆଉ କେହି ରହିଲା ନାଇ । ମୁଁ କ୍ରମେ କ୍ରମେ ଆଗ ମୋର ଗାମୁଛା, ତା'ପରେ ବିଛଣା ଚାଦର ପ୍ରଭୃତି ବୋର୍ଡିଂରୁ ଆଣି ଚିରି ଚିରି ଖଂଡ ଖଂଡ କରି ତାର ଝାଡ଼ାପାଇଁ ପକାଇ ପକାଇ ସବୁ ଶେଷ ହୋଇଗଲା । ସେତେବେଳେ ହଇଜାର ବିଶେଷ କିଛି ପ୍ରତିକାର ନ ଥିଲା । ପାଖରେ ଥାଂତି, ମନ୍ମଥବାବୁ, ସେତେବେଳର ଟ୍ରେନିଂ ସ୍କୁଲର ଡ୍ରଇଂ ମାଷ୍ଟର । ସେ କରୁଥାଂତି ଅବୈତନିକ ହୋମିଓ-ପାଥିକ ଚିକିତ୍ସା । ତାଂକଠାରୁ ବରାବର ଔଷଧ ଆଣି ନେହାନଂଦକୁ ପାନେ ପାନେ ଦେଉଥାଏ । ପରେ ଜଣାପଡ଼ିଲା, ସେ ଔଷଧ ଦିଆଯାଉଥିଲା ଭାଷ୍କର ପାଣି ( କର୍ପୂର ସୁବାସିତ ପାଣି ) ରେ ।

ଏଣେ ସାରା ହଷ୍ଟେଲରେ ଚହଳ ପଡ଼ିଗଲା, ନୀଳକଂଠ ଲଂଡା ଦେଉଳରେ ଯାଇ ହଇଜା ରୋଗୀ ଚିକିତ୍ସା କରୁଚି; ସେଇ ଲୁଗା ପିଂଧି ବୋର୍ଡିଂରେ ନିଜ ଘରକୁ ଆସୁଚି ଯାଉଚି; କାହାରି କଥା ମାନୁନାଇ । କ୍ରମେ ଏ କଥା ସୁରେଶ ଗୁପ୍ତ (ସୁପରିନ୍‌ଟେଂଡେଂଟ) କଲେଜର ପ୍ରିନ୍‌ସିପାଲଂକ କାନକୁ ନେଲେ । ପ୍ରିନ୍‌ସିପାଲ ମଧ୍ୟ ଟିକିଏ ବିଚଳିତ ହୋଇଗଲେ ଓ ସଂଗେ ସଂଗେ ମତେ ଡାକିବା ପାଇଁ ଚପରାଶି ପଠାଇ ଦେଲେ । ସେତେବେଳକୁ ନେହାନଂଦ ବାରଂବାର

ପାଣି ମାଗୁଛି । ମୁଁ ମଧ୍ୟ ପାଖରେ କଡ଼ା ପୋଟାସ୍ ପରମାଂଗାନେଟ୍ ପାଣି ଆଡ଼ିକାଏ ରଖି ଦେଇ ତା'ର ସେବାରେ ଲାଗିଛି । ପଟାସ୍ ପାଣିରେ ବାରଂବାର ହାତ ଧୋଇ ଧୋଇ ମୋ ହାତ କଳା ପଡ଼ିଯାଇଛି । ମୁଁ ମାଡ୍ରାସ ଖଦ୍ଦର୍ । ପିଂଧିଛି ସେଇ ମଠାଟି । ଗାମୁଛା ମଧ୍ୟ କାଂଧରେ ନାଇ । ପ୍ରିନ୍ସିପାଲ ପଠାଇଥିବା ଚପରାଶି ସଂଗେ ତରତର ହୋଇ ସ୍କୁଲ ଦୋତାଲା ଉପରେ ପ୍ରିନ୍ସିପାଲଂକ କୋଠରୀକୁ ଉଠି ଆସିଲି । ପ୍ରିନ୍ସିପାଲଂକୁ ଦେଖିବାମାତ୍ରେ କହିଲି, "ରୋଗୀଟି ପାଖରେ ଆଉ କେଇ ନାହାଂତି । ସେ ପ୍ରତିକ୍ଷଣରେ ପାଣି ମାଗୁଛି ଓ ଛାଡ଼ା ଯାଉଛି । ମୁଁ ତା' ପାଖରୁ ଆସିଛି । ଶୀଘ୍ର ଫେରିଯିବି ।

"ଆପଣ ମତେ ଅପରାଧୀ ବୋଲି ବିଚାରୁ ଥିବେ, କଣ ଦଂଡ ଦେବାକୁ ଚାହୁଁଥିବେ । ଆପଣ ଯାହା କରିବେ କରଂତୁ, ମତେ ଛାଡ଼ିଦିଅଂତୁ ।"

ପ୍ରିନ୍ସିପାଲ ଟିକଏ ସ୍ତଂଭିଭୂତ ହେଲାପରି ରହିଲେ । ମତେ କହିଲେ, "ଯାଅ" ।

ତା'ପରେ ସୁପରିନ୍‌ଟେଂଡେଂଟ୍ ଲଂଡ୍ରା ଦେଉଳ ବସାବାହାରକୁ ଆସି ମତେ ଦଶଟୋପା Sulphuric Acid ( ସଲ୍‌ଫ୍ୟୁରିକ ଏସିଡ ) ପିଆଇ ଦେଇ ଗଲେ । ଆଉ ମତେ କିଛି କହି ନାହାଂତି ।

ସେ ପିଲାଟି କଥା ଟିକଏ କହିଦିଏ । ଠିକ୍ ସଂଧ୍ୟା ପୂର୍ବରୁ ତା'ର ମୃତ୍ୟୁ ହେଲା । ଏ ମଧ୍ୟରେ ଟ୍ରେନିଂ ସ୍କୁଲର ସେକାଳ ଅଧ୍ୟକ୍ଷ ଓ ମଡ଼େଲ ସ୍କୁଲର ସୁପରିଂଟେଡେଂଟ୍ ଚଂଦ୍ରମୋହନ ମହାରଣା ଖବର ପାଇ ତାକୁ ଦେଖିବାକୁ ଆସିଥିଲେ । ମୁଁ ତାଂକ ସଂଗେ ଯାଇ ଟ୍ରେନିଂ ସ୍କୁଲ ବୋର୍ଡିଂରୁ କେତେକ ଛାତ୍ରଂକୁ ଡାକିଆଣି ରାତିରେ ଖାନନଗରରେ ତାର ଦାହକ୍ରିୟା କରୁ କରୁ ମନେଅଛି, ନଅ ମାଡ଼ି ଆସିଲା । ଆମେ ଶେଷକୁ ଅକର୍ତ୍ତବ୍ୟରେ ଦାହ କରିବା ଅବସ୍ଥାରେ ସେ ପିଲାଟିକୁ ନଈରେ ଭସାଇ ଦେଲୁ । ଚଂଦ୍ରମୋହନବାବୁ ମଧ୍ୟ ସଂଗେ ଥିଲେ ।

— — —

## ଅଧ୍ୟକ୍ଷ ବ. ଭି. ଗୁପ୍ତଂକ ସ୍ମୃତି

### ( ୩ )

ମୁଁ ୧୯୦୫ରେ ଏନ୍‌ଟ୍ରାନ୍‌ସ ପାଶ କରି ଗୋଟିଏ ପ୍ରାଦେଶିକ ବୃତ୍ତି ପାଉଥିଲି । ସେ ବର୍ଷ ଏଇ ପ୍ରାଦେଶିକ ବୃତ୍ତି ପାଇବା ବାଲା ଆଉ ତିନିଜଣ ହେଉଛଂତି ଏବର ଡକ୍ଟର ସୁଶୀଲକୁମାର ଦେ । ଆଉ ଜଣେ ହେଉଛଂତି, ପ୍ରତିଷ୍ଠିତ ପଂଡିତ ଓ ଐତିହାସିକ ଡକ୍ଟର ରମେଶଚଂଦ୍ର ମଜୁମଦାର । ଚତୁର୍ଥ ଜଣଂକ ହେଉଛଂତି ଏବର କଟକର ଆଡ୍‌ଭୋକେଟ୍ ଶ୍ରୀ ଜୀବନାନଂଦ ଦାସ । ଯାହାହେଉ, ଏଇ ପ୍ରାଦେଶିକ ବୃତ୍ତି ମୋର ଏଫ୍. ଏ. ( ଏବର ଆଇ. ଏ. ) ବେଳକୁ ଥିଲା ମାତ୍ର ଦୁଇଟି । ମୋର ସ୍ଥାନଥିଲା ତୃତୀୟ । ତଥାପି ମୁଁ ବି. ଏ. ପଢ଼ିବାକୁ ମନସ୍ଥ କରି ଆସିଥିଲି । ହଠାତ୍ ଦିନେ ପ୍ରିନ୍ସିପାଲ, ବ. ଭି. ଗୁପ୍ତ ମତେ ଡକାଇ ପଠାଇଲେ । କହିଲେ, "ମେଯୋ ସାହେବଂକ ନାମରେ ଦୁଇଟି ବୃତ୍ତି ଅଛି । ତମର ସ୍ଥାନ ଅଛି ତୃତୀୟ । ତମେ ଗୋଟିଏ ଦରଖାସ୍ତ ଦେଉନାହଁ କାହିଁକି ?" ମୁଁ ସେଥିରୁ ଆସି ଦରଖାସ୍ତ ଖଂଡିଏ ଲେଖି ନେଇ ତାଂକୁ ଦେଲି । ସେ କହିଲେ, "ଦୁଇଟି ବିଶିଷ୍ଟ ଲୋକଂକର ଦୁଇଟି ସାର୍ଟିଫିକେଟ୍ ଏହା ସଂଗେ ଦେବା ଦରକାର ।"

ମୁଁ ତ ଜୀବନରେ କେବେ କାହାରିଠାରୁ ସାର୍ଟିଫିକେଟ୍ ପାଇ ଯାଇ ନ ଥିଲି । ତା'ପରେ ତ ଯାଇ ନାଇ । କାରଣ ଅତି ତଳକ୍ଲାସରୁ ଗୋପବଂଧୁ-ବାବୁଂକ ସଂପର୍କରେ ଆସି ମୁଁ ପ୍ରତିଜ୍ଞା କରିଥିଲି

ସରକାରୀ ସ୍ୱୀକାର କରିବ ନାହିଁ । ତାହାକୁ ସାର୍ଟିଫିକେଟ ନ ମାଗିବାର ଏ ଗୋଟିଏ କାରଣ; କିଂତୁ ପ୍ରିନ୍‌ସିପାଲ ମତେ ବାଧ କଲେ । କାହିଁକିନା, ମେଧାବୃତ୍ତିର ନିୟମରେ ସେଇଆ ଥିଲା ।

ମୋ ମନେଅଛି, ମୁଁ ସେଠାରୁ ମାଣିକଘୋଷ ବଜାରରେ ଥିବା ( ଏବେ ଯେଉଁଠାରେ କୋଣାର୍କ ହୋଟେଲ ହୋଇଛି ) ବ୍ରଜସୁଂଦର ଦାସଂକ ଘରକୁ ଗଲି । ସେଠାରେ ବ୍ରଜସୁଂଦର ବାବୁ ଓ ଗୋପବଂଧୁ ବାବୁ ଦୁହେଁ ବସି ଆଳାପ କରୁଥିଲେ । ତାଂକୁ କହିବାରେ ସେ ଆଗ ଟିକିଏ ଅପସଂଦ କଲାପରି କଲେ; ମାତ୍ର ମତେ ଦୁଇଖଂଡ ସାର୍ଟିଫିକେଟ୍ ଲେଖିଦେଲେ । ମୁଁ ତାକୁ ଆଣି ପ୍ରିନ୍‌ସିପାଲଂକୁ ଦେଲି । ପ୍ରିନ୍‌ସିପାଲ ତାକୁ ଦେଖିଲେ । ମୋ ଆଡ଼କୁ ଚାହିଁ ଟିକିଏ ସ୍ନେହ ମୁଖରେ ମତେ କହିଲେ, "ହଉ, ବିଧି ରକ୍ଷା ତ ହୋଇଗଲା, ଯାଅ ।" ଜଣାଇ ଦେବାକୁ ଚାହେଁ, ଏଇ ଦରଖାସ୍ତ ଫଳରେ ମୋର ମେଧାବୃତ୍ତି ହୋଇଥିଲା ।

## ଅଧ୍ୟକ୍ଷ ବି. ଭି. ଗୁପ୍ତଂକ ସ୍ମୃତି

( ୫ )

ସେଇପରି ରେଭେନ୍‌ସା କଲେଜ ଛାଡ଼ିବା ବେଳ । Saddler Commission ( ସାଡ୍‌ଲର କମିଶନ ) ଅନୁସାରେ ସଂଶୋଧିତ ହୋଇଥିବା ବିଧିରେ ୧୯୦୯ ରେ ପ୍ରଥମେ ବି. ଏ. ପରୀକ୍ଷା ଆରଂଭ ହୋଇଥିଲା । ମୁଁ ସେଥିରେଇ ପରୀକ୍ଷା ଦେଇ ପାଶ୍ କରିଥିଲି । ମୋ ପୂର୍ବବର୍ଷ ୧୯୦୮ ପରୀକ୍ଷାରେ ଯେଉଁମାନେ ଅକୃତକାର୍ଯ୍ୟ ହୋଇଥିଲେ, ସେମାନଂକ ପାଇଁ ଗୋଟିଏ ସପ୍‌ଲି-ମେଂଟାରୀ ପରୀକ୍ଷା ହୋଇଥିଲା । ସ୍ୱର୍ଗତ ଉତ୍କଳ, ଭୂତପୂର୍ବ ପ୍ରଧାନ ବିଚାରପତି ବୀରକିଶୋର ରାୟ ଓ ଆଡ଼ଭୋକେଟ୍ ଶ୍ରୀ ବିଚିତ୍ରାନଂଦ ଦାସ ପ୍ରଭୃତି କେତେକ କଲେଜରେ ସୁପରିଚିତ ଛାତ୍ର ଏଇ ସପ୍‌ଲିମେଂଟାରୀରେ ପାଶ୍ କରିଥାଂତି ।

ସେଇ ବର୍ଷ ପୁଣି କଲିକତାରେ ନୂଆ ହୋଇ ବିଶ୍ୱବିଦ୍ୟାଳୟରେ ଆଇନ କଲେଜ ପ୍ରତିଷ୍ଠିତ ହୋଇଥାଏ ଓ ଓଡ଼ିଶାର ଏକମାତ୍ର ରେଭେନ୍‌ସା କଲେଜର ଛାତ୍ରମାନଂକ ପାଇଁ ମାସକୁ ଟ୩୦୲ ହିସାବରେ ବି. ଏଲ୍. ପଢ଼ିବା ପାଇଁ ଛଗୋଟି ବୃତ୍ତି ସରକାର ଦେଉଥାଂତି ।

ମୁଁ ସେ ବୃତ୍ତି ବିଷୟରେ ବିଶେଷ ମନଦେଇ ନ ଥିଲି, କାହିଁକିନା, ମୋର ଧାରଣା ଥିଲା, ସପ୍‌ଲି-ମେଂଟାରୀରେ ପାଶ୍ କରିବା ଛାତ୍ରମାନଂକୁ ନ ଦେଇ ସେ ବୃତ୍ତିକୁ ଆମକୁ ଦେବେ କାହିଁକି ? ତଥାପି ମୁଁ ଏମ୍. ଏ. ପାଶ୍ କରିବାପାଇଁ କୃତସଂକଳ୍ପ ଥାଏ । ବି. ଏ. ପାଶ୍ କରିବା ସଂଗେ ସଂଗେ ସତ୍ୟବାଦୀରେ ମାଇନର ସ୍କୁଲଟି ଗୋପବଂଧୁ ବାବୁଂକ ସାହଚର୍ଯ୍ୟରେ ପ୍ରତିଷ୍ଠା କରାଯାଇଥିଲା । ସେଇଥିରେଇ ମୋର ପ୍ରଧାନ ଶିକ୍ଷକ ଓ ହଷ୍ଟେଲର ଅଧ୍ୟକ୍ଷ ହେବା କଥା ମୁଁ ନିଶ୍ଚୟ କରି ସାରିଥାଏ, କିଂତୁ ସେତେବେଳେ ଏମ୍. ଏ. ପଢ଼ିବାକୁ ଓଡ଼ିଶାର ପିଲାଏ କଲିକତା ଯାଉ ନ ଥାଂତି । ମୁଁ ଠିକ୍ କଲି ଏମ୍. ଏ. ପାଶ୍ କରି ଆସି ସତ୍ୟବାଦୀ ସ୍କୁଲ ଓ ହଷ୍ଟେଲର ଭାର ନେବି । ସେ ପର୍ଯ୍ୟଂତ ସ୍କୁଲରେ ମାଇନରଠାରୁ ଉପର ଶ୍ରେଣୀ ଖୋଲିବା କଥା, ତେଣୁ ବଂଦ ରଖାଇଲି ।

କିଂତୁ ମୋର ପରିବାର ସଂବଳହୀନ । କଲିକତାରେ ପଢ଼ିବି କିମିତି ? ଥରେ କଟକରେ ଏଇ ସଂବଂଧରେ ଗୋଟିଏ କୌତୁକାବହ ଘଟଣା ଘଟିଥିଲା । ମୁଁ କଟକରେ ଆସି ସେକାଳର ଇଂରେଜୀ ପ୍ରଫେସର ଶ୍ରୀଯୁକ୍ତ ଗୋପାଳଚଂଦ୍ର ଗାଂଗୁଲିଂକ ସଂଗେ କଥାବାର୍ତ୍ତା ହେଉଥିଲି । ସେ ମୋର ଭବିଷ୍ୟତ

କଥା ପଚାରି ବସିଲେ । ମୁଁ କହିଲି, ସତ୍ୟବାଦୀ ସ୍କୁଲରେ ଅଧ୍ୟକ୍ଷରୂପେ ଯୋଗଦେବି ଓ ସେଇ ସ୍କୁଲକୁ ଜାତୀୟ ବିଦ୍ୟାଳୟ ଭାବରେ ଗଢ଼ିବାପାଇଁ ସ୍ଥିର କରାହୋଇଛି । ମୁଁ ତା'ଛଡ଼ା ଆଉ କିଛି କରିବି ନାହିଁ ।" ସେ ପଚାରିଲେ, "ତେବେ ଏମ୍. ଏ. ପଢ଼ିବା ପାଇଁ କଲିକତା ଯାଉଛ କାହିଁକି ? ବି. ଏ. ପାଶ୍ ତ ସତ୍ୟବାଦୀ ସ୍କୁଲପାଇଁ ଯଥେଷ୍ଟ ହୋଇଯିବ ।" ମୁଁ କହିଲି, "ଓଡ଼ିଆ ପିଲାଏ ଏମ୍. ଏ. ପଢ଼ିବାକୁ କଲିକତା ଯାଉନାହାଁନ୍ତି । ଅଥଚ, ଏଠାରେ ରେଭେନ୍ସା କଲେଜରେ ଏମ୍. ଏ. ପଢ଼ିବାର କୌଣସି ସୁବିଧା ନାହିଁ । ମୁଁ ସ୍ଥିର କରିଛି, କଲିକତା ଯାଇ ଏମ୍. ଏ. ପାଶ୍ କରିବା ବିଷୟରେ ବାଟ ଦେଖାଇବି । ମୋର ଆଉ କିଛି ଉଦ୍ଦେଶ୍ୟ ନାହିଁ ।" ଗୋପାଳବାବୁ ପଚାରିଲେ, "ଆଚ୍ଛା, ତମର ତ ଅବସ୍ଥା ଭଲ ନୁହେଁ । ତେବେ କଲିକତାରେ ଯାଇ ଖର୍ଚ୍ଚ ଚଳାଇ ପଢ଼ିବ କିପରି ?" ମୁଁ କହିଲି, "ଦେଖାଯାଉ ।

"ଯେନ ଶୁକ୍ଳୀକୃତା ହଂସାଃ
ଶୁକାଶ୍ଚ ହରିତା କୃତାଃ
ମୟୂରାଶ୍ଚିତ୍ରିତା ଯେନ
ସତେ ବୃତ୍ତିଂ ବିଧାସ୍ୟତି ।"

କୌଣସିମତେ ଅର୍ଥର ବ୍ୟବସ୍ଥା ହୋଇଯିବ ।"

ଗୋପାଳବାବୁ ଗୋଟାଏ ସଂତୋଷର ପ୍ରସନ୍ନଭାବରେ କହିଲେ, "ତୋର ଏପରି ଭାବ ? ତୁ ଯା, କୌଣସି ମତେ ହେଲେ ତୋର ହୋଇଯିବ ।"

ଛୋଟିଆ କଥା । ଠିକ୍ ସେଇଆଡ଼ୁ ଆସି ଶୁଣିଲି, ପ୍ରିନ୍ସିପାଲ ବି. ଭି. ଗୁପ୍ତ ମତେ ଖୋଜି ବସିଛନ୍ତି । ମୁଁ ସାଂଗେ ସାଂଗେ ଦୋତାଲା ଉପରକୁ ତାଂକ ଅଫିସରେ ତାଂକୁ ଭେଟିବାକୁ ଗଲି । ସେ କହିଲେ, "କଣ ! ତମେ କାହିଁକି ବି. ଏଲ୍. ବୃତ୍ତି ପାଇଁ ଦରଖାସ୍ତ ଦେଉନାହଁ ? ଆଜି ତ ଶେଷଦିନ, ମୁଁ ତୁମକୁ ଖୋଜି ବସିଛି ।"

ମୁଁ କହିଲି, "ଅନେକେ ତ ପୂର୍ବବର୍ଷ ସପ୍ଲି-ମେଂଟାରୀରେ ବି. ଏ. ପାଶ୍ କରିଛଂନ୍ତି । ମୋ ସଂଗେ ଅନ୍ୟାନ୍ୟ ଅନେକେ ବି ପାଶ୍ କରିଛଂନ୍ତି । ମୋର ବି ହୁଏତ ପରୀକ୍ଷାରେ କୌଣସି ଉଚ୍ଚସ୍ଥାନ ନ ଥିବ । ମୁଁ କାହିଁକି ଦରଖାସ୍ତ ଦେବି ?" ପ୍ରିନ୍ସିପାଲ କହିଲେ, "ଏ ସବୁ ଯୁକ୍ତି ଛାଡ଼, ଖଂଡିଏ ଦରଖାସ୍ତ ଦିଅ ।" ମୁଁ ସେଇଠାରେ ଖଂଡିଏ ଦରଖାସ୍ତ ଦେଇଦେଲି । ପରେ ଗେଜେଟ୍‌ରେ ବାହାରିବାରେ ଦେଖିଲି, ଖୁରିଜଣ ବୃତ୍ତି ପାଇବାରେ ମୋର ସ୍ଥାନ ଥିଲା ପ୍ରଥମ ।

(ଲେଖା—୨୯-୧୧-୧୯୬୮)

# କାବ୍ୟ କବିତା

# ଭକ୍ତିଗାଥା

# ମୁଖବଂଧ

ମୁଁ ସତ୍ୟବାଦୀ ସ୍କୁଲ ଆରଂଭ କରିବାର ଅଳ୍ପ ଦିନ ପରେ ସଂଭବତଃ ୧୯୧୨ କିଂବା ୧୯୧୩ ଖ୍ରୀଷ୍ଟାବ୍ଦ ସ୍କୁଲର ଶ୍ରୀପଂଚମୀ ଉତ୍ସବରେ ଛାତ୍ରମାନଂକର ଆବୃତ୍ତି ନିମଂତେ ଦରକାର ହେବାରୁ "ଭକ୍ତର ଉଦ୍‌ବୋଧନ" ବୋଲି ଗୋଟିଏ କବିତା ଲେଖିଥିଲି । ତାହା କିଛି ଦିନ ପରେ "ଉତ୍କଳସାହିତ୍ୟ" ମାସିକ ପତ୍ରରେ ପ୍ରକାଶିତ ହୋଇଥିଲା ।

ତାହାପରେ ଭିନ୍ନ ଭିନ୍ନ ସମୟରେ "ବିଶ୍ୱବାଣୀ", "ଆତ୍ମବାଣୀ" ଓ "କାହିଁ ଅଛ" ଶୀର୍ଷକ କବିତାମାନ 'ସତ୍ୟବାଦୀ' ମାସିକ ପତ୍ରରେ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ବାହାର ଥିବା ସଂଗୀତ ତିଓଟି ମଧ୍ୟ ବିଭିନ୍ନ ଘଟଣା ଉପଲକ୍ଷରେ ରଚିତ ହୋଇଥିଲା । ସେ ତିଓଟି ମଧ୍ୟ 'ସତ୍ୟବାଦୀ' ତଥା 'ପ୍ରଦୀପ' ମାସିକ ପତ୍ରରେ ପ୍ରକାଶ ପାଇଥିଲା ।

ଏସବୁ ଏକତ୍ର ପୁସ୍ତକାକାରରେ ଛପାଇବାକୁ କେତେ କେତେ ବଂଧୁ ମୋତେ ଅନୁରୋଧ କରିବାରେ ମୁଁ ଦେଖିଲି, 'ଗୀତା'ରେ "ଆର୍ତ୍ତୋଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ" ବୋଲି ଯେଉଁ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ଭକ୍ତଂକର ବିଭାଗ ଅଛି, ସେହି ଅନୁକ୍ରମେ ଚାରି ପ୍ରକାର ଭକ୍ତର ବାଣୀ ଦେଇ ଏ ପୁସ୍ତକଟି ପୂର୍ଣ୍ଣ କରି ଯାଇପାରେ । ସେଥିପାଇଁ ପରେ ୧୯୧୮ କିଂବା ୧୯୧୯ ଖ୍ରୀଷ୍ଟାବ୍ଦରେ 'ଭକ୍ତବାଣୀ' କବିତାଟି ଲେଖିଥିଲି । ତାହା କାହିଁରେ ପ୍ରକାଶିତ ହୋଇ ନ ଥିଲା । ଏବେ ଏହି ପୁସ୍ତକରେ "ଭକ୍ତର ଉଦ୍‌ବୋଧନ" କୁ ଅର୍ଥାର୍ଥୀର ବାଣୀ ବା 'ଭକ୍ତବାଣୀ', "କାହିଁ ଅଛ"କୁ ଜିଜ୍ଞାସୁର ବାଣୀ ବା 'ପ୍ରଶ୍ନବାଣୀ' ନାମ ଦେଇ ପ୍ରକାଶ କରିଗଲା ।

ସତ୍ୟବାଦୀ ସ୍କୁଲର ଦୈନିକ ଉପାସନା ପାଇଁ କେତେକ ବୈଦିକ ଓ ଶାସ୍ତ୍ରୀୟ ମଂତ୍ର ସ୍ତୋତ୍ରମାନ ସଂଗ୍ରହ କରି ଅନୁବାଦ କରିଥିଲି । ସ୍ୱର୍ଗୀୟ ପଂଡିତ ଗୋପବଂଧୁ ଦାସ ତାହା ଆମୂଳଚୂଳ ଦେଖି ମନୋନୀତ କରିଥିଲେ । ତାହା ପ୍ରଥମେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ପରେ 'ଉପାସନା' ନାମକ ଗୋଟିଏ କ୍ଷୁଦ୍ର ପୁସ୍ତିକାରୂପେ ବାହାର କରି ଯାଇଥିଲା । ଏବେ ଅନେକେ ତାହାର ପୁନଃ ପ୍ରକାଶ ଲୋଡ଼ିବାରୁ ଏହି ପୁସ୍ତକର ଶେଷରେ ତାହା ଦିଆ ଯାଇ ସମସ୍ତ ପୁସ୍ତକଟିର ନାମ "ଭକ୍ତିଗାଥା" ରଖା ଯାଇଛି ।

ଯେଉଁ ବଂଧୁମାନେ ମୋତେ ଏ ପୁସ୍ତକ ପ୍ରକାଶ କରିବା ପାଇଁ ଉତ୍ସାହ ଦେଇଛଂତି, ସେମାନଂକଠାରେ ମୁଁ କୃତଜ୍ଞ । ଦେଶରେ ପୁସ୍ତକଟିର ଆଦର ହେଲେ ଶ୍ରମ ସାର୍ଥକ ମନେ କରିବି । ଇତି ।

**ନୀଳକଂଠ ଦାସ**

# ଭକ୍ତିଗାଥା

## ଭାସେ ବିଶ୍ୱ ତବ ସେ ଅମୃତ ରସେ

କି ମହା ଇଂଗିତେ, ପ୍ରଭୁ, ଅମୃତର କି ଆବେଶେ
ଲଭି କିବା ନିମନ୍ତ୍ରଣ ଏ ପିଣ୍ଡେ ପରାଣ ହସେ ?
ଅଦଭୁତେ ସୃଷ୍ଟି ଶୂନ୍ୟେ,
ଭୁଲି କି ଅବା ସ୍ମରଣେ,
ମରଣ-ମନ୍ଦିରେ କିପାଁ ଜୀବନ ହେ ପରକାଶେ ?
ଅନନ୍ତର ମହାଲୀଳା
ଏ ପିଣ୍ଡେ କରଇ ଖେଳା,
ଉଠଇ ପରାଣ ନାଚି ପୁଲକର କି ବିଶ୍ୱାସେ ?
ରଜନୀ ବାସର ଯାଏ,
ସ୍ୱପନ ଜାଗରେ ସୃଜେଁ,
କିବା ଏ ପରାଣେ ସେତୁ ନିଯୁକ୍ତିର କି ନିଦେଶେ ?
କାହିଁ ସେ ନିଯୁକ୍ତ ପିତା ?
କିପାଇଁ ଏତେ ମମତା ?
ମୁକତିର ମହା ପଥ ମହାନିଦ୍ରା ସତେ କି ସେ ?
କି ନିମିତ୍ତ ସୃଜି ତେବେ,
କି ଇଂଗିତ ଦିଅ ଭବେ ?
ଜାଣି ତୁଂଭେ ଭାସେ ବିଶ୍ୱ ତବ ସେ ଅମୃତ ରସେ ।

## ଆର୍ତ୍ତ-ବାଣୀ

ସତ୍ୟ ଶିବ ସୁଂଦର ହେ ଭୁବନ-ଈଶ୍ୱର
କେଉଁ ଦେଶେ କାହିଁ ତବ ପୁଣ୍ୟ ଅଧିଷ୍ଠାନ ?
ଦିବସ ରଜନୀ ଭବେ ଉଠେ ହାହାକାର,
କାହିଁପାଇଁ; କେମନ୍ତେ ହେ, କହିବ କେସନ ?
ଭବପୁରେ ଶୂନ୍ୟେ ଚାହିଁ,
କାହିଁ କିଛି ନ ଦେଖଇ;
ଆଶାରେ ଆଶାରେ ଭଜେ ନିରାଶା ପରାଣ ! । ୧ ।

ସତ୍ୟର ପିପାସା ଉଠେ ପରାଣେ ଉଚ୍ଛୁଳି
ଘୋର ଅପଳାପେ କ୍ଷଣେ ସେହୁ ପ୍ରତିହତ;
କାମନାର ମହାପୁର ଉଠେ ପ୍ରାଣେ ପୂରି,
ଫଳେ ସତ୍ୟ ଲୋଡ଼ି ପୁଣି ହୁଏ ପରାହତ;
ଯାହା ଲୋଡ଼ି ଧାଏଁ ଜନ,
ପଲକେ ତା ହୁଏ ଆନ,
ବ୍ୟକ୍ତିର ବିକାଶେ କାହିଁ ସେ ସତ୍ୟର ପଥ ? । ୨ ।

ଉଦ୍ଭାସିତ ବିଶ୍ୱପୁରେ ମଂଗଳ-ବିଭୂତି,
ଦୁଃଖ ପାପେ କାତର ଏ ମର୍ତ୍ତ୍ୟ-ଶିଶୁ ନର,
ସେ ମଂଗଳେ ଏ ପାପର କି ଅବା ନିଯୁକ୍ତି ?
ନିସର୍ଗ ବିଧାନେ କିବା ଅର୍ଚ୍ଚନାର ଫଳ ?

ଦେହର ଦେଶର ଅହଂକାର;
ଖେଳୁଅଛି ଅନିବାର;
ବୁଝେ ନାହିଁ ଅଂଧ ମୂଢ଼ି, ପୀରତି-ପ୍ରସାର ।୩।

ବିଶ୍ୱନାଥ-ନିୟମିତ କରୁଣା-ବିଧାନେ,
ବିକଟ ଜିଘାଂସା କାହୁଁ ଖେଳଇ ଜଗତେ ?
ଜିଘାଂସାର ଏ ତାଂଡବେ ନାଶ ଏ ଧରଣେ !
କରୁଣାର ପଂଥା କାହିଁ ନ ଦିଶଇ ମୋତେ,
ଭ୍ରମ ବିକରାଳ ଏହି,
ମରଲୀଳା ଅବଗାହି,
ନ୍ୟାୟ ବୋଲି କେସନେ ହେ ବୁଝିବି ଚକିତେ ? ।୪।

ମୃତ୍ୟୁ ନାଚୁଅଛି ଆପେ କରମେ ବିରାମେ;
ଜୀବଂତ, ଜଗତ କି ସେ ମରଣ-ବିଧାନେ !
ଯହିଁ ଉଠେ ତହିଁ ଲୟ ଜଳେ ସ୍ଥଳେ ବ୍ୟୋମେ,
ସ୍ଥିତି ମାଳା ସର୍ଗତଂତ୍ରେ ବିକାଶେ ମରଣେ;
ଦୁଃଖ ପାପ କ୍ଷୟ ଧ୍ୱଂସ,
ଜଗତେ ପ୍ରକୃତେ ଯଶ;
କି ଫଳ ହେ ଅମୃତର ଆତ୍ମ-ଉଦ୍‌ବୋଧନେ ? ।୫।

ବାରଂବାର ଘୋଟି ଉଠେ ଅଂଧାର ପରାଣେ,
ଆତ୍ମାର ପାବନ ଦୀପ ଯାଏ ଅପସରି;
ଦୁଃଖ ପାପ କ୍ଷୟ ଫେଡ଼ି, ସେ ପୁଣ୍ୟ କିରଣେ
କେସନେ ଦେଖିବି ପଥ କିବା ଧୃତି ଧରି ?
ଏ ତାପେ ମୁକତି ସତେ
ଅଛଇ ତ ଏ ଜଗତେ !
ପାରଇ ତ ମର୍ତ୍ତ୍ୟ ତବ ମଂଗଳ ସୁମରି ! ।୬।

ଜ୍ୟୋତିର୍ମୟ ବିଶ୍ୱପିତା, ଡାକଇ ଆପଦେ,
ଫେଡ଼ିଦିଅ ଆତ୍ମାର ଏ ଆବରଣ ମୋରେ;
କାହିଁରୁ ତପନ ଯାଏ ପୂର୍ଣ୍ଣ ତବ ପଦେ,
ଆତ୍ମାର ଏ କଳୁଷ ହେ କେଉଁ ପାପ-ଫଳେ ?
ନିୟତିର କି ବିପାକେ,
ସେ ପାପର ପରିପାକେ,
କେସନେ ଦେଖିବି ପଥ କିବା ତପ-ଫଳେ ? ।୭।

ଧର୍ମଶାସ୍ତ୍ର-ପଥ ଧରି, ତୀର୍ଥ ଦରଶନେ
ଲଭିବି କି ସତ୍ୟର ସେ ଅମୃତ-ସରଣୀ ?
ଜାତେ ଜାତେ ନରେ ନରେ ଭେଦ ପ୍ରଖ୍ୟାପନେ,
ଦେଖିବି କି ପୀରତିର କଲ୍ୟାଣ-କରଣୀ ?
କେସନେ ବା ଏ ଜୀବନେ
ଛୁଟାଇ କିବା ବନ୍ଧନେ,
ଖୋଜନ୍ତିଲି ଶୁଣିବି ସେହି ନିତ୍ୟ ଆଶା-ବାଣୀ ? ।୮।

ବିଶାଳ ମନ୍ଦିରେ କାହିଁ ମହା-ଧର୍ମ-ଲୀଳା,
ଧାର୍ମିକ ବସଇ ସ୍ଥିର କାଷାୟ-ବସନେ,
ଧୂପେ, ଘଣ୍ଟା ନାଦେ, କେତେ ପୁରାଣ ଶୃଙ୍ଖଳା
ବିକାଶଇ ପଦେ ପଦେ ଗୁରୁ ଦେବାର୍ଚ୍ଚନେ,
ଅର୍ଚ୍ଚନାର ସେ ଚହଲେ
ପଶିବି କି ସେ ମନ୍ଦିରେ,
ଲୋଡ଼ିବାରେ ତବ ସେହି ମଙ୍ଗଳ ନିଦାନେ ? ।୯।

ଗୁରୁଶିଳାରାଶି ତଳେ ତାମସ ଭବନେ
ତବ ପୁଣ୍ୟ ଅଧିଷ୍ଠାନ କେସନେ ସଂଭବେ ?
ଆଲୋକ-ମଣ୍ଡିତ ଧରା ସାଗର ଗଗନେ
ତୁମେ ପରା ବିରାଜ ହେ ମଙ୍ଗଳ ବିଭବେ !
ସାରା ବିଶ୍ୱ ସିଂହାସନେ
ବିଦ୍ୟୋତର ସନମାନେ
ଖୋଜି କି ପାରିବି ତବ ଅମୃତ ଗୌରବେ ? ।୧୦।

ଧାର୍ମିକର ନିମଂତ୍ରଣେ ଉଠେ ମଂତ୍ର ଧ୍ୱନି
ସଂକୋଚେ ପରାଣ ମମ, ସୁମରି ସେ ଶ୍ରୁତି,
ନ କରେ ଯେ ପୂଜା, ପର୍ବ, ଅନୁଷ୍ଠାନ ମାନି,
କେମନ୍ତେ ବୁଝିବି ତାର ନରକେ ନିୟତି ?
ମହାକାଳ ପର୍ବ ଦିନେ
ପ୍ରକୃତିର ଅନୁଷ୍ଠାନେ
ନ ଖୋଜି, କେସନେ ତହିଁ ଦେଖିବି ମୁଁ ସଂମତି ? ।୧୧।

ତାର୍କିକ ଦର୍ଶନମତେ ଯୁକ୍ତିର ପ୍ରମାଣେ
ନିଂଦଇ ଜଗତ ସାର, ଶାସ୍ତ୍ର ନୀତି ଧର;
ସତେ କି ସେ ଧର୍ମ ସେତୁ ନ ଲୋଡ଼େ ପରାଣେ,
ଭ୍ରମେ ଏ ଜଗତୁ ସେହୁ ଯାଏ ଅପସରି !
ପରାଣେ ପରାଣେ ପରା
ବିଶ୍ୱାସେ ହସଇ ଧରା !
କାହିଁ ଯିବ କେସନେ ସେ ବିଶ୍ୱାସ ଆଦରି ? । ୧୨ ।

କେତେ ତ ବିଳାସେ ପୁଣି ସ୍ୱରଗ ବଖାଣି,
ସ୍ରକ୍ ଚନ୍ଦନ ନାରୀ ଲୋଭ ଦେଖାନ୍ତି ମାନବେ;
କି କହନ୍ତି ସେହୁ ନିଜେ ନ ପାରି କି ଜାଣି,
ଆପେ ଚକ୍ଷୁହୀନ, ଅଂଧେ ଚଳାଂତି ଏ ଭବେ ?
ଅତିଂଦ୍ରିତ ଶ୍ରମ ବହି
ସେ ସ୍ୱରଗ ପଥ ଚାହିଁ,
ଲଭିବ କି ସତେ ତବ ପୁଣ୍ୟ ପଦ ଲବେ ? । ୧୩ ।

ଆତ୍ମ-ସୁଖେ ମଜ୍ଜି କେତେ କରନ୍ତି ଗରବ
ଧର୍ମ ନାମେ କାମନାର ଭୋଗ ପ୍ରପୂରଣେ;
ବାସନାର ଏ ବିଶ୍ୱାସେ ସତେ କି ସମ୍ଭବ
ପୁଣ୍ୟ ଦରଶନ ତବ ଅନନ୍ତ ବିମାନେ ?
କାହାରେ ଚାହିଁବି ଭବେ ?
ନ ସହେ ମୋ ଧୃତି ଲବେ;
ବିଶ୍ୱମୁଖେ ବିଶ୍ୱଦେବ ବିରାଜ ପରାଣେ । ୧୪ ।

ଗଉର, ଶଙ୍କର, ବୁଦ୍ଧ ଲୋଡ଼ା ନାହିଁ ମୋର;
ନାହିଁ ଲୋଡ଼ା ପୁରାଣର ପ୍ରଥିତ ବଚନ;
ପାତଞ୍ଜଳ ନୀତିତଂତ୍ର, ଚାର୍ବାକ ଚହଳ,
ସମାଜର ବିଧିବଦ୍ଧ ଧର୍ମ ଅନୁଷ୍ଠାନ;
ତୁମ୍ଭରି ଜଗତ ରାସ
ପ୍ରକୃତିର ଚାରୁ ହାସେ;
କେମନ୍ତେ ଦେଖିବି, କହ ସେ ହାସ୍ୟ ନିଦାନ ? । ୧୫ ।

ତୁଂଭରି ନିୟତି ଚଳେ ବିଶ୍ୱ ପରଂପରା;
ଅନଂତ ଜୀବନ ବହେ ଅମୃତ-ଝରଣେ;
ଦେଖି କି ପାରିବ ମୁହିଁ, ପ୍ରାଣ ଦୁଃଖେ ଭରା,
ନିରାଶ ଦୁର୍ବଳ ମମ ଏ ହୀନ ନୟାନେ ?
ସେ କରୁଣା ସୁଧା ବହି
ଦେବ ଏ ପରାଣ ଧୋଇ,
ଲଭିବ କି ବଳ ତେବେ ଦେବ-ଆରାଧନେ ? । ୧୬ ।

ଅପଥ ସେ ବ୍ୟୋମ-ଦେଶେ ଅନନ୍ତ ବିତାନେ
ଚଳଇ ତାରକା ତବ ଇଂଗିତ ଆଦରି;
ଅନନ୍ତ ସଂଗୀତମୟ ପ୍ରକୃତି ପ୍ରାଂଗଣେ
ତୁଂଭରି ଶାସନେ ଖେଳେ କବିତ୍ୱ ମାଧୁରୀ;
ମୃତ୍ୟୁରେ ଅମୃତ ଭାସେ,
ଜନମ ହସଇ ଧ୍ୱଂସେ
ତୁଂଭରି ସେ ଅମୃତର ମହିମା ସୁମରି । ୧୭ ।

ନିସର୍ଗ କରମ ତବ, ତୁଂଭରି ଏ ନର,
ଏ ଚିତ୍ତ ଏ ପରାଣର ତୁଂଭେ ହେ ବିଧାତା;
ତୁଂଭେ ହେ ଶରଣ ମମ ସ୍ଥିତ ବିଶ୍ୱାସର,
ତୁଂଭେ ପିତା, ତୁଂଭେ ମାତା, ତୁଂଭେ ହେ ନିୟଂତା
ନାହିଁ ଆଉ କେହି ମୋର
ଏ ଗଂତବ୍ୟ ସହଚର
ତୁଂଭ ବିନା ଏ ଜଗତେ ହେ ସର୍ଗ-ସହିତା । ୧୮ ।

ଜୀବନ ମରଣ ମମ, ସବୁ ସେ ତୁଂଭରି,
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ;
ନିରାଶ ଅଂତରେ ଯାଏଁ ତବ ଆଶା ଧରି,
ଦୁର୍ବଳ ମୁଁ ତବ ବଳେ ମହା ବଳୀୟାନ;
ତୁରି ତବ ସେ ବିଭୂତି,
ଦେବାର୍ଚ୍ଚନ କରେ ନିତି,
ନ ଗଣି ସେ ଅର୍ଚ୍ଚନାରେ ଫଳର ଭଆଶ । ୧୯ ।

ଜୀବନେ ଅଛଇ ଯେବେ, ଜଣାଉଛୁ ନିତି;
କି ହେବ ମରଣେ ତୁଂଭେ ଜାଣ ଦୟାନିଧି;
ମରଣର ପର ପାରେ କିବା ସେ ନିୟତି ?
କି ଅବା ସେ ଅପରସ୍ପେ ଅମୃତର ବିଧି ?
ବିଶ୍ୱାସର ମହାପୁରେ
ମରଣେ ଅମୃତ ଝରେ,
ପାପର ସାଧନେ ଫୁଟୁ ମଂଗଳର ସିଦ୍ଧି । ୨୦ ।

---

## ପ୍ରଶ୍ନ-ବାଣୀ

କାହିଁ ଅନ୍ତ, କାହିଁ ଅନ୍ତ, କେଉଁ ଶୂନ୍ୟଦେଶେ ?
ମହାସ୍ଥିତ ଅନ୍ତରାଳେ, କି ଶୂନ୍ୟ ବିକାଶେ !
ଖୋଜିଲି କାନ୍ତାରେ ବନେ
ସାଗରେ ଗଗନେ ଘନେ
ଜୀବନେ ମରଣେ ଧ୍ୱଂତେ ଜ୍ୟୋତିଷ୍କ-ବିଶ୍ଲେଷେ
ପ୍ରକୃତିର ସ୍ଥିତି-ଖେଳେ କାଳ-ଅବକାଶେ । ୧ ।

ନୀରବେ ଜ୍ୟୋତିଷ୍କ ଚଳେ ଗଗନ-ମଂଡଳେ,
ନୀରବେ ପରାଣ-ଜ୍ୟୋତି ଫୁଟେ ବିଶ୍ୱପୁରେ;
ନୀରବ ତରଂଗେ ଖେଳି,
କାଳସ୍ରୋତ ଯାଏ ଚଳି;
ନୀରବେ ହସଇ ବିଶ୍ୱ କଳା କି ମଧୁରେ ?
କାହିଁ ରହି ବିକାଶ ହେ କି ରହସ୍ୟ-ପୁରେ । ୨ ।

ଉଠଇ ଗଗନେ ହସି ବସଂତ-ସବିତା,
ଫୁଟେ କମଳିନୀ ସରେ ପାଇ କି ବାରତା;
ପ୍ରଦୋଷେ ବୁଡ଼ଇ ରବି
ପ୍ରଭାତେ କନକ ଛବି
ଧରି, ବାହାରଇ ପୁଣି ବହି କି ମମତା;
ସଂକେତେ ବାଜଇ ଭବେ କି ମହା କବିତା ! । ୩ ।

ନିସ୍ତବ୍ଧ ନିଶୀଥେ ସିଂଧୁ ଉଠୁଅଛି ଫୁଲି,
କି ମହା ସଂକେତେ ବଧୂନିଏ ତାରେ ଡୋଳି;
ପରାଣେ ଉଠଇ ତାନ,
ପରାଣେ ତା ପ୍ରତିଦାନ;
ଚଳଇ ନୀରବ ଲୀଳାରସେ ବିଶ୍ୱ ପୁରି,
ନୀରବ ସେ ତାନେ ବାଜେ କି ସ୍ୱର-ଲହରୀ ! । ୪ ।

କି ସ୍ୱର ବାଜଇ ପୁଣି କ୍ଷୁଦ୍ର-ପିଂଡ ନରେ,
ପରାଣେ କି ଉଠେ ବାଜି କି ଇଂଗିତ ଖେଳେ ?
କ୍ଷୁଦ୍ର ଜଡ଼କାୟା ଗୁଡ଼ି,
ଆତ୍ମ-ଜ୍ୟୋତି ବିଶ୍ୱ ପୁରି;
ନୀରବ ଝଂକାରେ ଉଠେ, କି ସଂକେତ ସ୍ୱରେ ?
ଫୁଲିଉଠେ ଏ ପରାଣ କପାଁ । ଅସଂଭାଳେ ? । ୫ ।

ଅନଂତ ପ୍ରସାରେ ସିଂଧୁ ମିଶଇ ଗଗନେ;
ଜ୍ୟୋତିଷ୍କ ଖେଳାଏ ବ୍ୟୋମ ଅନଂତ ବିତାନେ;
ଅନଂତ ଜୀବନ-ଧାରା
ଦେଶ-କାଳ-ପରଂପରା
କ୍ଷୁଦ୍ର ନର ଆତ୍ମ-ପୁରେ ପଶି ଯାଏ କ୍ଷଣେ;
ଖେଳିଯାଏ ପ୍ରାଣ କ୍ଷଣେ ଅନଂତ ସର୍ଜନେ । ୬ ।

କାହିଁ ସେ ଅନଂତ ଧାରା ଏ ପିଂଡ଼ ଗରଭେ ?
କି ଦେଖି ଉଠଇ ଫୁଲି ପରାଣ ଗରବେ ?
କି ରସେ ଉଠଇ ଭାତି
ଜଡ଼ ପିଂଡେ ଆତ୍ମଜ୍ୟୋତି ?
ନର-ହୃଦ ଭାସି ଯାଏ ବିଶ୍ୱ ବଇଭବେ,
ସୀମାବଂତ ଫୁଟି ଉଠେ ଅନଂତ ବିଭବେ । ୭ ।

ଆତ୍ମାର ଏ ପୁଣ୍ୟପୀଠେ ଅନନ୍ତ ପ୍ରସାର
ଦେଖରେ ବିଶ୍ୱାସି, ଭଲେ ନିରେଖି ଅନ୍ତର;
ନିସର୍ଗ-ସରସ ଧାରା
ଅନ୍ତରେ କରଇ ଲୀଳା,
ହୃଦ-କଇଳାସେ ବିଜେ ସ୍ୱୟମ୍ଭୂ ଶଙ୍କର;
ଜଗତ-ମଙ୍ଗଳ-ଲୀଳା ରଚେ କି ସୁନ୍ଦର ! । ୮ ।

ନ ପରୁର 'କାହିଁ ଅଛ' ମୋହ ପାଶେ ପଡ଼ି,
ଖୋଜ ଖୋଜି ସର୍ଗଭିତ୍ତେ, ଅନ୍ତରୁ ବାହାରି;
ନ ପାଇବ କାହିଁ ଲବେ
ସାଗର କାନନ ନଭେ
ଆତ୍ମଦୀପ ରଖେ ସିନା ଜଗତ ଉଜଳି !
ଅନ୍ଧାରେ ଖୋଜିଲେ, ଭୟେ ଯିବ ପ୍ରାଣ ଦୃଢ଼ି । ୯ ।

ପାପୀର ଅନନ୍ତ ବାସ କରମେ କରମେ;
ବିଶ୍ୱ-ଚକ୍ଷୁ ଦେଖୁଥାଏ ତାରେ ଅନୁକ୍ଷଣେ;
ଘୋର ତମୋମୟ ଘରେ
କିବା ସେ କରମ କରେ ?
କାହା ଭୟେ ଚଉପାଶେ ଚାହେଁ ସେ ସଭ୍ରମେ ?
ଚମକି ଚମକି ଝାଁପି ଉଠଇ ମରମେ ? । ୧୦ ।

ସହସ୍ର ନୟନେ ପାପୀ କେ କରେ ଆଦର ?
ଘୋର ତମେ କାହୁଁ ଉଠେ ବିଶ୍ୱ ବିଭାକର ?
ଜାଣି ପାପ ଅପସ୍ମାର,
ହୃଦେ ରହେଁ ବାରଂବାର;
ନ ଦେଖି ହୃଦୟେ, କରେ ଆତ୍ମ ବ୍ୟଭିଚାର;
ଚଉଦିଗେ ଦେଖଇ ସେ ପ୍ରହରୀ-ସଂଚାର । ୧୧ ।

ସେହି ତ ଅନ୍ତର ତେବେ ଫୁଟଇ ବାହାରେ;
ଆଲୋକେ ନ ଦେଖି ପାପୀ ଦେଖେ ଅନ୍ଧକାରେ
କି ପୀରତି ବିଶ୍ୱପୁରେ ?
ଅକର୍ମ କରମେ ନରେ
କିଏ ରହିଁଥାଏ ଭବେ ନୟନ ଆଦରେ ?
ଏକାକାର କିଏ ରଚେ ଭିତର ବାହାରେ ? । ୧୨ ।

ବଢ଼ଇ ଛାଦପ ଗୁରୁ କିଶଳୟ ମେଲି;
ଉପରେ ବହଇ ନଦୀ, ଗୁଡ଼ି ଗିରି ଦଳି;
କିଏ ସେ ବିକାଶେ ତହିଁ
ସ୍ଥିତ ଅନ୍ତରାଳେ ରହି ?
ସେହି କି ବିକାଶେ ମୋର ହୃଦନ୍ତର ପୁରି ?
ତାହାରି କି ଏ ଜଗତ-ଅନନ୍ତ-ମାଧୁରୀ ? । ୧୩ ।

ଦେଖଇ କାହାରେ ପାପୀ ନିମିଷେ ନିମିଷେ ?
ନିସର୍ଗ ଶୃଂଖଳା ଧରି କିଏ ସେ ବିକାଶେ ?
ପରାଣେ ଉଠଇ ପୂରି
କିଏ ସେ ନିସର୍ଗ ଭରି ?
କାହା ଜ୍ୟୋତି ପୂରେ ବିଶ୍ୱ-ନିସୃତି ବିଳାସେ;
ଅମିତ ଭୁବନ ଖେଳେ ଭୂମାନନ୍ଦ ରସେ ? । ୧୪ ।

ଅନ୍ଧାର ହୃଦୟୁ ପାପୀ, ଆତ୍ମମୋହ ଧରି,
ଅନ୍ତରୁ ଲୁଚାଇ ପାପ କରମ ଆଚରି,
ଦେଖେ କାହୁଁ ଅସାରତେ
ଚଉପାଶେ କେତେ ମନ୍ତେ;
ଦେଖେଁ ତାରେ କାହା ଚକ୍ଷୁ ନିବାରି ନିବାରି ?
କି ଦର୍ଶନେ ବିଶ୍ୱ ତାର ହୃଦେ ଯାଏ ପୂରି ? । ୧୫ ।

ପାପୀରେ ଏ ଦୟା ଯେବେ, ଏ ପୀରତି ଲୀଳା;
ଅପକର୍ମେ ଯେବେ ଏତେ ସଂସାର ଶୃଂଖଳା,
ନ କରୁଛି ପାପ କେତେ
ଜନମି ଏହୁ ମରତେ,
ଦେଖିବ କି କାହିଁ ଅଛ ଧରି ବିଶ୍ୱସାରା ?
ଅନ୍ତର ବାହାରେ ବହିଯିବ ପ୍ରୀତି ଧାରା । ୧୬ ।

ଦେଖୁଛି ଅଂତରେ କେତେ ନିରେଖି ନିରେଖି;
ଖେଳୁଛି ଜଗତେ ବହୁ କରମ ପରଖି;
ଦେଖଇ ଅଂତରେ ଶୂନ୍ୟ,
ବାହାର ଇଂଗିତ-ହୀନ;
ଗରବେ ଅଂତର ବିଶ୍ୱେ ଯାଉଛି ମୁଁ ଲେଖି;
ଅହଂକାର ପ୍ରତିକାଶ ଯାଉଅଛି ଦେଖି । ୧୭ ।

କାହିଁ ଅଛ, ତେବେ, କହ, କି ପୂଣ୍ୟ ନିଦେଶେ ?
ଏ ପରାଣେ ଅହଂକାର ଉଠଇ କି ରସେ ?
ଏ କାହା ନିଦେଶ ଘୋର ?
କାହାର ଏ ଅହଂକାର ?
କାହାର ମହିମା ତେବେ ଅଂତରେ ବିକାଶେ ?
କାହିଁ ଅଛ କହ ତେବେ କେଉଁ ଶୂନ୍ୟଦେଶେ ? । ୧୮ ।

ସଂସାର କି ଏହୁ ଶୂନ୍ୟ, ଶୂନ୍ୟ କି ଏ ବ୍ୟୋମ ?
ଘଟନାର ପରପାରେ କାଳ କି ସେ ଶୂନ୍ୟ ?
ନ ଲେଉଟି ହୃଦୟୁ ଜ୍ୟୋତି;
ଜଗତେ ଖେଳାଇ ମତି,
ପାପୀ-ହୃଦେ ପୂରି ଉଠେ ହାସର ସଂଯମ;
ଶୂନ୍ୟ ଦେଖେ ଉଦାସୀନ ଅନଂତ ଭୁବନ । ୧୯ ।

ପୂରିଛି ହୃଦୟୁ କାହୁଁ ଚିନ୍ମୟ ବିଭବେ ?
କିବା ସେ ବିଭବ ରାଜେ ଅନଂତ ଏ ଭବେ ?
ଜଡ଼ସ୍ଥିତି-ଅଂତରାଳେ
କିବା ସେ ସ୍ପଂଦନ-ଖେଳେ ?
ବିକାଶେ କେମନେ ଆତ୍ମା ବିଶ୍ୱ ବଇଭବେ ?
କାହିଁ ଅଛ କିବା ବିଶ୍ୱ-ମହିମା-ଗରବେ ? । ୨୦ ।

## ଭକ୍ତ-ବାଣୀ

୧

ପରମ କାରଣ ବିଶ୍ୱେ ! ମହାକାଳ ବ୍ୟାପି
କି ମହା ବିକାଶେ ଦେବ, ରହିଛ ହେ ପୂରି
ଦିଗ୍‌ଦେଶର ଅନଂତ ବିତାନେ ?
ସ୍ଥାବର, ଜଂଗମ, ଜଡ଼, ଜୀବଂତ ନିଖିଳ
ସ୍ଫୁରଇ ଇଗିଂତେ ତବ, ଘୂରେ ଚରାଚର
କରାଳ ଏ କାଳ ଆବର୍ତ୍ତନେ ।
କାଳଗ୍ରାସେ ପଡ଼େ ତୁଟି,
ମହାବିଶ୍ୱ କୋଟି କୋଟି;
ବିଶ୍ୱଜ୍ୟୋତି, ବିକୃତିର ଅଜ୍ଞାତ ବିଧାନେ ।

୨

ଅନଂତ-ବିଭବ ବିଶ୍ୱେ ହେ ପରମ ତତ୍ତ୍ୱ,
ବିଶ୍ୱଛନ୍ଦ-ମହିମାର ପରମ ଆଶ୍ରୟ,
ଆଦି ମୂଳାଧାର ଭୂମା ! ଚିଦ୍ଦିବ-ସଂପଦେ
ଦେବେ ତବ ବ୍ରହ୍ମ-ବିଶ୍ୱ-ପରଶେ ସୁଂଦର ।
ମହାଭୂତ ଅହଂକାର ପ୍ରକୃତି ପଟଳେ
ଅନଂତ ଜୀବନଧାରା ଭେଦି ଅଂତରାଳେ
ବିକାଶ ହେ କି ମହା ଉତ୍ସବେ ?
ଅନଂତ ଆଦେଶେ ପୁଣି ନିସର୍ଗ-ଅଂତରେ
ବିରାଜଇ ତବ ମହା ସତ୍ତା କି ବିଭବେ !
ଅନଂତ ସର୍ଜନ ସ୍ଥିତି,
ଅନଂତ ତବ ବିଭୂତି,
କେ କଳି ପାରିବ ତବ ଅନଂତ ସ୍ୱରୂପେ ?
କେମଂତେ ହେ ବିଶ୍ୱେ ! ମୁହିଁ ବଂଦିବ କିରୂପେ ?

୩

ବିଜ୍ଞାନର ଗବେଷଣା, ଦର୍ଶନ ଗରବ,
ଅତଳ ବାରିଧି ଲେଉ଼ କରେ ପରିମାଣ;
ଗଣିପାରେ ସିକତାର ଅନନ୍ତ କଣିକା;
ସହସ୍ର-ଦୀଧିତି-କର କଳପାରେ ହେଳେ;
କିନ୍ତୁ ହେ ପରମ ଦେବ !
ଅଗମ୍ୟ ମହିମା ତବ
କି ଦର୍ଶନେ ଭେଦିବ ସେ କିବା ଆଲମ୍ବନେ ?
କାହିଁ ତବ ମାନଦଣ୍ଡ ଏ ତିନି ଭୁବନେ ?

୪

ମହୀୟସୀ ମାନବ ମନୀଷା,
ତବ ଜ୍ୟୋତି ଲଭି ତିଳେ
ନିରର୍ଥକ ଅହଂକାରେ
ଖୋଜେ ତବ ମହାତତ୍ତ୍ୱ ଅନନ୍ତ ଅନ୍ଧାରେ;
ବାକ୍ୟ ମନ-ଅଗୋଚରେ
ଖୋଜଇ ସେ ଅହଂକାରେ
ବାରମ୍ବାର ଉଠି, ପଡ଼ି ଯାଏ ସେ ଅତଳେ;
ଲୁଚିଯାଏ ମହା ଘୋର ସ୍ମୃତି-ଅନ୍ତରାଳେ ।
ପଡ଼ିଯାଏ, ଲୁଚିଯାଏ,
ଅନନ୍ତରେ ମିଶିଯାଏ,
ମୁହୂର୍ତ୍ତ ମିଶଇ ଯଥା କାଳ-ପାରାବାରେ ।

୫

ବ୍ୟୋମରୂପୀ ! ଇଙ୍ଗିତରେ ତବ
ଅନନ୍ତ ଆକାଶେ ଖେଳଗଲା ଜ୍ୟୋତିରେଖା;
ପ୍ରକୃତିର କୋଳାହଳ ପ୍ରଳୟ ତାଣ୍ଡବେ
ସର୍ଗତନ୍ତ୍ର ବିଧାନର ସେ ମହା ଉତ୍ସବେ
ପ୍ରକଟିଲା ଜଗତର ଚିତ୍ର ରୂପ-ଲେଖା
ସନ୍ଧ୍ୟାର ସେ ଶାନ୍ତ ବିକାଶେ
ଉଠେ ଶାନ୍ତି ରାଶି ରାଶି
ବିଶ୍ୱଜ୍ୟୋତି ପରକାଶି
ନିସର୍ଗ ସଙ୍ଗୀତ ଭୂମାନନ୍ଦ କି ନିଦେଶେ ?
ଅମୃତ ସ୍ପନ୍ଦନେ ମାତି
ଫୁଟି ଉଠେ ମହା ଦ୍ୟୁତି
ବିଶ୍ୱଶୋଭା ହସି ହସି ଅନନ୍ତ ଆକାଶେ ।

୬

ଅନନ୍ତ କରାଳ କାଳ-ମହା ମୂଳାଧାର,
ନିଖିଳରହସ୍ୟ, ବିଶ୍ୱେ, ନିସର୍ଗବିଗ୍ରହ !
ସର୍ଗତନ୍ତ୍ରମୟ ତବ ଓଁକାର ବିଭବ
ସୃଜିଲା ନିମିଷେ ମହା-ଭୁବନ ବିତାନ ।
ଦିବ୍ୟ ତେଜେ ବିରାଜିଲା ମହା ଜ୍ୟୋତିରେଖା
ଦିଗ୍‌ଦେଶର ମହାବର୍ତ୍ମ ଅନନ୍ତ ବିସ୍ତାରେ
ଭବ-ତନ୍ତ୍ର ବିଦ୍ୟୋତନ କରି କି ଗାରବେ;
ବହିଯାଏ କାଳସ୍ରୋତ
ନିମିଷୁ ନିମିଷ ଗତ,
ଅନାଗତ ଅଗୋଚର ନିତ୍ୟ ବର୍ତ୍ତମାନେ
ସତ୍ୟ ତୁମ୍ଭେ, ଦେଶକାଳ-ଅତୀତ ନିଗମେ ।

୭

ଅନନ୍ତ-ମହିମ ! ତବ ଶୃଙ୍ଖଳ ବନ୍ଧନେ
ନିବଦ୍ଧ ସତତ ବିଶ୍ୱେ, ଅମିତ ଭୁବନ;
ଉଦ୍‌ଭାସିତ ବିଶ୍ୱ ତବ ଅନନ୍ତ ବିଗ୍ରହେ,
ରନ୍ଧ୍ରେ ରନ୍ଧ୍ରେ ମହା ବିଶ୍ୱେ ତବ
ଅନନ୍ତ ଜୀବନ-ଧାରା ଅମୃତ ନିଃଶ୍ୱାସ
ଦେଖାଉଛି ଏ ବିଶ୍ୱ ତାଣ୍ଡବ ।
ନାହିଁ ଆଦି, ନାହିଁ ଅନ୍ତ,
ନାହିଁ ହେ ପ୍ରାରମ୍ଭ ପ୍ରାନ୍ତ,

ମହା ବିଶ୍ୱ ପରଂପରା ଅନଂତ ବିଧାନେ
    ରଚିଛ କି ମହାଛଂଦେ,
    ଖେଳଇ କି ଭୂମାନଂଦେ,
ଜନମ ମରଣ ସର୍ଗ ପ୍ରଳୟ ଭୁବନେ,
ନବ ମୃତ୍ୟୁ ନବ ଜନ୍ମ ଅନଂତ ଗ୍ରଥନେ ।

୮

ଅନଂତ ଅନଳ ଚଂଡ଼ ଆବର୍ତ୍ତନୁ ସତେ
ପଡ଼ଇ ସ୍ଫୁଲିଂଗ ସମ କୋଟି କୋଟି ବିଶ୍ୱ-
ସୂର୍ଯ୍ୟ, ଚଂଦ୍ର, ଗ୍ରହ, ତାରା ସ୍ଥିତି ଅପ୍ରମିତ
ପଡ଼ଇ ବିକାଶି ବ୍ରହ୍ମଜ୍ୟୋତି ବିରଚନେ ।
ବିଚୂର୍ଣ୍ଣିତ ପ୍ରପାତର ଜଳବିଂଦୁ ଖେଳେ
ବର୍ଣ୍ଣଛଦ-ମଗ୍ନ ବିଶ୍ୱ ବିଭାସେ ଯେସନ,
ତେସନ ହେ ବ୍ରହ୍ମଜ୍ୟୋତି ! ଅନଂତ ଜ୍ୟୋତିଷ୍କ,
ବରେଣ୍ୟ ସବିତୃ-ମାଳା, ଧରି ଏକେ ଏକେ
ଗ୍ରହବିଘୂର୍ଣ୍ଣନେ କେତେ ଅନନ୍ତ ଜଗତ,
କାହିଁ କେଉଁ ଦେଶେ ମହା ଶୂନ୍ୟ ପଥ-ସ୍ରୋତେ
ପ୍ରଦୀପ ପରାଏ ଜଳି ଅନଂତ ଗଗନେ,
ରତ୍ନଦୀପେ ସ୍ୱର୍ଣ୍ଣ-ଜ୍ୟୋତି-ବିଭ୍ରମ ବିକାଶେ,
ଅପାର୍ଥିବ ଦହନର ଜ୍ୱଳନ୍ତ ସ୍ଫୁରଣେ,
ତବ ଦିବ୍ୟ କରେ ଲଭି ଜୀବନର ଦ୍ୟୁତି,
ଶ୍ରାଂତିର ଆବେଶ ଭୁଲି, ମହା ବ୍ୟୋମବର୍ତ୍ମେ—
ଅନଂତ ସୁମାଳ-ଦୃଶ ଘୋର ଧ୍ୱାଂତ ଦେଶେ—
ଅପାର ମହିମା ତବ ଅନଂତ ଶକତି
ପ୍ରଚାରି ଗଉବେ, ଶୁଦ୍ଧ ଜୀବନ ଯାପନେ
ଭୂମାନଂଦ ମଧୁଧାରା ଲଭନେ ବିକାଶ,
ଭ୍ରମନ୍ତି ନିରତ ସୁଖେ; ଦେଖନ୍ତି ସରବେ
ତବ ଜ୍ୟୋତି ଦରପଣେ ନିଜ ନିଜ ମୁଖ,
ବିଶ୍ୱବାସୀ ଭଜନାରେ ଚଂଦ୍ରକରେ ଯଥା ।

୯

ଦିଗଂତ-ବିସ୍ତାରୀ ଏହି ଜ୍ୟୋତିଷ୍କ ବିଭବ,
ମହାସୂର୍ଯ୍ୟ ଦ୍ୟୁତିର ଏ ଅନଂତ କ୍ରୀଡ଼ନ,
    କୁଶାଗ୍ର ସଲିଳ ସର
    ଅନଂତୁ ଅନଂତେ ପଡ଼ି
ତବ ଜ୍ୟୋତି ପାରାବାରେ ଲୁଚିଯାଏ କାହିଁ,
ଲୁଚିଯାଏ ଅଲକ୍ଷିତେ ଅସ୍ମିତା ହରାଇ ।

୧୦

ହେ ବରେଣ୍ୟ ଦେବ ! କିବା ଏ ମହିମା ଲୀଳା
ଅନଂତ ଏ ଗଗନର ସୃଷ୍ଟି-କୋଳାହଳ !
କୋଟି ବିଶ୍ୱ ଭୁବନର ଏ ମହା ଦ୍ୟୋତନ,
ଗୁଣନ ବିଧାନେ ଯେବେ କଳ୍ପନାର ବଳେ
ଅନଂତ ପ୍ରମାଣେ ବଢ଼ି, ଅନଂତ ବିଭାସେ
ମହାଜ୍ୟୋତି ବିସ୍ତାରିବେ ଅନଂତ ବିତାନେ;
ଅନଂତ ଅନଂତେ ବଢ଼ି ସେ ମହା ବିଭୂତି,
କଳ୍ପନାର ମହାସୂର୍ଯ୍ୟ ସେ ଚିନ୍ମୟ ଲୀଳା,
ତବ ଜ୍ୟୋତି ତୁଳେ ପଡ଼ି ତୁଳାଦଂଡମାନେ
ବୁଡ଼ିଯିବେ, ଲୁଚିଯିବେ, ତୁଳନାରେ ନ ଆସିବେ
ଲଭିଯିବେ ଅଣୁ ଯଥା ବିଶ୍ୱର ତୁଳନେ;
ଅନଂତ ପ୍ରମାଣ ତବ ମହା ବିଭୂତିରେ
    ଅମୃତ ସେ ଗରିମାରେ
    ଅପ୍ରତିମ ଭର୍ଗ ତୁଲେ
ବୁଡ଼ିଯିବେ ଶୂନ୍ୟ ଯଥା ଅନଂତେ ମିଶାଇ
କି କହିବ ସେ ବିଭୂତି ମାନବ ହେ ମୁହିଁ !
ନିସର୍ଗ-ନିଦାନ ଦେବ, ହେ ମହା ଆଦର୍ଶ !
ତବ ମହା ଆଦରଶେ ସୃଷ୍ଟିର ବିକାଶ,
ତବ ପ୍ରସ୍ୱେଦନ ବଳେ ଆତଯାତ ଭବ,
    ଚଳାଅ ହେ ଜଗତ ନିୟମେ ।

ତବ ପଦେ ମତି ମମ ରଖାଅ ନିମିଷେ,
ଆବେଗ-ଶାସନେ ମମ ବିଭ୍ରାଂତ ହୃଦୟେ
        କ୍ଷଣେ କର ବଶ ହେ ସଂଯମେ ।
ଅଣୁହୀନ ମହାଶୂନ୍ୟ ଏ ପରାଣ ହେଜ,
ବୁଡ଼ିଯାଏଁ ଅନଂତର ମହାନଂଦ ରସେ,
କ୍ଷଣେ ବସେଁ ଆମୃତ ସେ ଭୂମାନଂଦ ଧାମେ ।

୧୧

ସ୍ଥିତିର ଏ ଅଲକ୍ଷିତ ନଗଣ୍ୟ ସଂସାରେ
        ଏ ମହା ମାନବ ଜନ୍ମେ
        ତବ ମୁଗ୍‌ଧ ବିରଚନେ
ବସିଛି ମୁଁ ସରଗ ଦୁଆରେ,
ବିଶ୍ୱାସେ ଆସ୍ଥାନ ମମ ଅମୃତ ସେ ଦୂରେ ।
ମର୍ତ୍ତ୍ୟଭୂମେ ମରଣର ସୀମାଂତ ପ୍ରଦେଶେ
ବସିଛି ହେ ବିଶ୍ୱାସର ପୁଣ୍ୟ ପରିଣାମେ,
ନିର୍ଜର ସଂପଦ ଦେଶ ସୀମାରେ ସତତ
ଭକ୍ତ ମୁହିଁ ରଖି ନେଇ ଦଇବତ ଭୂମେ ।

୧୨

ମାନବ ମୁଁ, ଜୀବପୁରେ ସର୍ଜନାର ଲୀଳା
ସରିଛି ଜନମେ ମମ; ନିର୍ଜୀବ ପ୍ରକୃତି
        ଜୀବଂତ ବିକାଶେ ତବ
        ଏ ନର ବିଗ୍ରହେ, ଦେବ,
ନିସର୍ଗ-ସୋହାଗ-ଲୀଳା ସାରି ନରଭୂମେ
        ଉଠେଇଛି ଅମର ଭୁବନେ ।
ମାନବ ନୟନେ ଗୃହେଁ ଜୀବରାଶି ତଳେ,
ଦେଖଇ ଉପରେ ସଦା ଅମୃତ ତୋରଣ,
ମହାଭୂତ ଶକ୍ତିପୁଂଜ କରେ ମୁଁ ଶାସନ;
ମରଦେହିହେ ଧୂଳିର ଏ ମାନବ ବିଗ୍ରହେ,
ରାଜା ମୁହିଁ ଦାସ ମୁହିଁ ପ୍ରକୃତି ସର୍ଜନେ;
        ମହା ଅନୁଭୂତି ବଳେ
        ପରାଣର କୋଳାହଳେ
ଅମର ମୁଁ ଜଗତର ଗୀତ ପୁଣି କ୍ଷଣେ ।

୧୩

କେମଂତେ ହେ ବିଶ୍ୱେ କାହୁଁ ଆସିଲି ମୁଁ ଏଥି ?
କି ମହା କଳ୍ପନା-ବିଧି ଏ ମାନବ ସୃଷ୍ଟି ?
ରହସ୍ୟର ଅଂତରାଳେ କେ କହିବ ଫେଡ଼ି,
ଧୂଳିର ଏ ନରତନୁ ମୁହେଁ କି ଜୀବଂତ
ମହତ୍ତର ଶକତିର ଜ୍ୱଳଂତ ସ୍ଫୁରଣେ ?
ସଂଭବେ ମୃଣ୍ମୟ ପିଂଡେ ଜୀବନର ଖେଳା
ମୂର୍ତ୍ତ ମୃତ୍ତିକାର ଜଡ଼ ଅଭ୍ୟଂତରୁ କି ସେ ?
        କାହିଁ ତବ ଦିବ୍ୟ ଜ୍ୟୋତି ?
        କାହିଁ ବା ମାନବ କୃତି ?
ଜୀବନର ମୂଳାଧାର ହେ ସର୍ଗସ୍ୱତା !
        ଅନଂତ ଅନଂତେ ଘେର
        ଓଁକାର ଝଂକାରେ ପୂର
ଅଣୁ ପରମାଣୁ ଭେଦି ରହିଛ ହେ ପିତା ।
କ୍ଷୁଦ୍ର ଏ ମାନବ ପ୍ରାଣେ ମେ ମହା ବିଭୂତି
ଖେଳଯାଏ ତୁମ୍ଭର ସେ ଅନଂତ ଶକତି ।

୧୪

ପରମ ମଂଗଳମୟ ହେ ଆତ୍ମ-ବିଧାତା !
ବିଶ୍ୱଜାଗରଣ, ସତ୍ୟ ! ହେ ମହା ଦେବତା !
ତବ ଜ୍ୟୋତି, ପ୍ରେମ ତବ ମହା ମହିମାରେ
ପୂରାଇ ଅଂତର ମମ ଅମୃତ ଜୀବନେ
ଆଶାର ବିକାଶ କରେ ଏ ନର ବିଗ୍ରହେ ।
        ମୃତ୍ୟୁର କରାଳ ଧ୍ୱାଂତ
        ଏଡ଼ି ଦେଖେ ମୁଁ ସତତ

ମୃତ୍ୟୁରେ ଅମୃତ ନିଧି କି ମହା ଉଲ୍ଲାସେ,,
ରହସ୍ୟର ଅଂତରାଳେ ଭେଦି କ୍ଷୁଦ୍ର ବିଶ୍ୱ
ଉଠେ ମୂର୍ଦ୍ଧ୍ନି, ମୂଳାଧାର ଲୋଡ଼ଇ ପରାଣେ ।
ଲୋଡ଼ଇ ହେ ଲଭିବାରେ ତବ ମହାସତ୍ତ୍ୱ
ଚିନ୍ମୟ ଭର୍ଗ ହେ ତବ, ନିସର୍ଗ ସବିତା !

୧୫

ନିର୍ବାଚନ ପରପାରେ ତବ ଚିଂତା ବିଭୋ,
ମହା ମହୀୟସୀ ତବ ବରେଣ୍ୟ ବିଭୂତି,
ନାମରୂପମୟ ତୁଚ୍ଛ ଭାବର ଚିନ୍ତନେ
ମାନବ କଳ୍ପନା କାହିଁ ପାରିବ ହେ ଲେଖି ?

୧୬

ଆସ ହେ ଅନଂତଜ୍ୟୋତି, ପ୍ରାଣେ ଅବତରି
ଅଣିମାର ଅଚିଂତିତ ଚିନ୍ମୟ ବିଭବେ;
ନରଭାବ ଶବଳିତ ପ୍ରତିବିଂବ ତବ
ପଡ଼ୁ କ୍ଷଣେ ଉନ୍ମୁକ୍ତ ଏ ହୃଦ-ଦରପଣେ ।
ପରମାତ୍ମା-ବିଭୂତିର
ସ୍ଫୁରୁ ଏ ଅଂତର ତଳେ,
ଅନଂତ ନିଦେଶେ ଯାଉ ଏ ପରାଣ ଭାସି,
ଭୂମାନଂଦେ ଦେଖୁ ଫେଡ଼ି ବିଶ୍ୱ ରାଶି ରାଶି ।
ପରମାତ୍ମା ! ନିସର୍ଗ ସବିତା !
ଆଲୋକ ବିଭାସେ ତବ
ଫୁଟି ଉଠୁ ଜ୍ୟୋତି ଦେବ,
ପରାଣ ପଂକଜ ଫୁଟୁ ଏ ମର ବିରହେ
ଅଣିମା ସଂପଦ ଜ୍ୟୋତି ମହା ଅବରୋହେ ।

୧୭

ସେହି ବିଭୂତିର ପୂରେ ଏ ହୀନ କଳ୍ପନା
ମର୍ତ୍ତ୍ୟ ଭେଦି ଉଠିବ ହେ ସାଯୁଜ୍ୟ ଗରବେ ।
ସେ ମହା ମିଳନେ ଯିବ ଭବବଂଧ ତୁଟି,
ମଂଗଳ ହସିବ ସବୁ ବିଜ୍ଞାନ ବିଭାସେ ।
ହୃଦୟ କଂଦରେ ପ୍ରେମ ଉଠି ଉଚ୍ଛ୍ୱାସରଣେ
ସଂଚରିବ ମହାଯୁରେ ନିସର୍ଗ ବିଧାନେ,
ମହା ମହିମାର ଲୀଳା ଦେଖିବି ସରସେ;
ଶୁଷ୍କ ପ୍ରାଣୁ ଭକ୍ତିଧାରା
ଖେଳିଯିବ ବିଶ୍ୱସାରା ।
ଅମୃତ କ୍ଷରଣେ ଭେଦି ଦିଗ୍‌ଦେଶ ବିତାନେ;
ସେ ପ୍ରେମ ଉଚ୍ଛ୍ୱାସେ ଦେବ !
ଅନଂତ ବିଭୂତି ତବ
ନିରେଖି ବିଚିତ୍ର ବିଶ୍ୱେ ଉନ୍ମାଦର ତାନେ;
ରଚିବି ହେ ପୂଜା ତବ ନିଖିଳ ବିଗ୍ରହେ;
ଭକ୍ତିରସେ ଆରାଧନେ
ଧ୍ୟାନ ବାକ୍ୟର ସ୍ଫୁରଣେ
ଆସିବ ହେ ତେବେ ସ୍ଥିରତା,
ପ୍ରେମରସେ ରସବଂତ ଅଂତରାତ୍ମା ମମ
ରସୋନ୍ମାଦେ ଭକତିର ଅଲକ୍ଷ ଲୋତକେ
ଗାଇବ ହେ ତବ କୃତି ପରାଣ ପୁଲକେ
ଅନଂତ ପରାଣ ବିଭୋ, ବ୍ରହ୍ମାଂଡ ସବିତା !

---

## ଆତ୍ମବାଣୀ

ଜ୍ଞାନ ଗରିମାରେ ଫୁଲି ଅନଂତ ପ୍ରମାଣେ
ଉଠି ପଡ଼ି କେତେ ଗର୍ବ ଖେଳେ,
ଦର୍ଶନ ଯୁକ୍ତିର ମେଳି, ପରାଣ ପୁଲକେ
ଭୁଲି କେତେ କଳ୍ପନାର ବଳେ,
ବିଶ୍ୱ ରଂଧ୍ର ଫେଡ଼ି କେତେ, ଜ୍ଞାତର ଗୀର୍ବ ସଂକେତେ
ଦେଶକାଳ ତତ୍ତ୍ୱ ମେଲି ପଶି ଅଗୋଚରେ,
ଦେଖିଲଇଁ ଶାଶ୍ୱତର ସ୍ଥିତି ଅଂତରାଳେ;
ଭାବି ସେ ଶାଶ୍ୱତ ଲୀଳା, ମହା ବିଶ୍ୱର ଶୃଂଖଳା,
ଗଲି ନିଦ୍ରାବେଶେ ସେହି ଜ୍ଞାନ-ଗର୍ବ-ଭରେ । ୧ ।

ଜୀବନର ମହୋଚ୍ଛ୍ୱାସ    ବିକାଶ ବିଶାଳ,
ମହାକାଳେ ଭଂଗ ଜଡ଼ ସୃଷ୍ଟି,
ଜଗତ ଆନନ୍ଦ ଲୀଳା    ମହାପରଂପରା
ବ୍ୟୋମତମେ ଆଲୋକର ଗତି
ଫୁଟିଲି ବିସ୍ତାରି କେତେ,    ତୁହିଁ ଗତ ଅନାଗତେ
ଘୂରୁଁ ଘୂରୁଁ ପ୍ରାଣ କମ୍ପି ରହିଲି ଚକିତେ,
ଅନଂତ ମରଣ ଦୁଃଖ ବିଶାଳ ଆଘାତେ ।
ସେ ମରଣ ମଂତ୍ରେ ବୁଡ଼ି,    ଅଂତରେ ବିଷାଦେ ସଢ଼ି,
ସୁଷୁପ୍ତିର ଶାନ୍ତି-କୋଳେ ଗଲି ମୁଁ ସରିତେ । ୨ ।

ଛିନ୍ନ ସୁଷୁପ୍ତି ଗରଭେ    ଜାଗ୍ରତ ସ୍ୱପନେ
କି ଦେଖିଲି କହିବି କେମନେ !
ଅନଂତ ତାମସ ଭେଦି    ପରାଣ ପ୍ରବାହ
କାହିଁ ଗଲା କି ମହା ସଂଧାନେ ?
ବହିଗଲା ପ୍ରାଣଧାରା,    ଭେଟିଲା ଗଗନେ ତାରା
ଅନଂତ ଏ ସୃଷ୍ଟି ଲୀଳା ପ୍ରହେଳିକାସର
ଖେଳିଗଲା, ରହିଲି ମୁଁ ଶୂନ୍ୟରସେ ଭୁଲି ।
ବହିଗଲା ପ୍ରାଣଧାରା,    ମହା ପୂରେ ବିଶ୍ୱସାରା
ଭାସି ଗଲା, ଗଲି କିବା ଆତ୍ମରସେ ବୁଡ଼ି । ୩ ।

ବିସ୍ମୃତିରେ ଗଲା ଲୁଚି    ବିଜ୍ଞାନ ଗଣନା,
ମାପିବାର ଦିଗ୍‌ଦେଶ ବିତାନ,
ପରିମାଣ ମାନଦଂଡ —    ସଂଖ୍ୟାର ଗରବ;
କଳିବାର ଅନଂତ ଭୁବନ;
ଫିଟାଇ ଦର୍ଶନ କଳା,    ବିଜ୍ଞାନର ପରଂପରା,
ଦେଖିଲି ମୁଁ ସୃଷ୍ଟିମାଳା ନିବଦ୍ଧ ତାମସେ
କାଳ ସୀମା ଲୁଚିଗଲା କାହିଁ ସେ ନିମିଷେ;
ଆଲୋକର ବିଘଟନ,    ତହିଁ ଲେଖା ବିଲୋକନ
ଲଂଘନ ମହିମା ଲୁଚିଗଲା ମହାଦେଶେ । ୪ ।

ଜୀବନେ ବସିଲା ମୃତ୍ୟୁ,    ସଂପଦେ ବିଷାଦ,
ଦ୍ୱଂଦ୍ୱ ମୋହେ ପୂରିଲା ଧରଣୀ;
ଆଲୋକେ ଅଂଧାର ଦେଖି    ନପାଇ ସରଣୀ,
ଆତ୍ମମୋହେ ହେଲି ମ୍ରିୟମାଣ ?
ଅନଂତ-ଭେଦନ ରଶ୍ମି    ବିଜ୍ଞାନର ସୂକ୍ଷ୍ମରାଶି
ଗଲା କାହିଁ ? ଶୂନ୍ୟେ ଗଲି ନିସ୍ତବଧେ ରହି;
ବିଶାଳ ବିତାନେ ଶୂନ୍ୟ ଅନୁମାନେ ଘୂରିଁ ।
ଅନଂତୁ ଅନଂତେ ପଡ଼ି,    ଗଲି ମୁଁ ଅସ୍ମିତା ଦୁଢ଼ି,
ଅନଂତ ବିତାନେ ସତେ ଗଲା ପ୍ରାଣ ବହି ! ୫ ।

କଳ୍ପନାର କ୍ଷୁଦ୍ର ମାନ    ରହିଗଲା ସ୍ଥିର
ଅନଂତ ସେ ସୃଷ୍ଟି-ଲୀଳା ଭାବି;
ଅନଂତ-ବିଶ୍ରମ୍ଭ-ଭରା—    ଅମିତ-ନିସର୍ଗେ
ଆତ୍ମଜ୍ୟୋତି ଗଲା କ୍ଷଣେ ଦ୍ରବି;
ବିକାଶିଲା ସର୍ଗ ତଂତ୍ର    ମରଣେ ଜୀବନ ମଂତ୍ର
ବିଶ୍ୱସାରା ଉଜ୍ଜ୍ୱଳିଲା ଲଭି ଦିବ୍ୟଜ୍ୟୋତି,
ଉଠିଲା ବିଭାସି ପୁଣ୍ୟ ସତ୍ୟ ଶିବ ଗୀତି ।
ବିଷାଦେ ଉଲ୍ଲାସ ଉଠି,    ଅଂତରୁ ପଡ଼ିଲା ଫିଟି,
କି ଆବେଶେ ଭଂଗ-ବନ୍ଧ-ଜାଗରଣ-ଗୀତି । ୬ ।

ରଂଧ୍ରେ ରଂଧ୍ରେ ବିଶ୍ୱସାରା    ମରଣ ମଂଥରେ
କି ଜୀବନ ଫୁଟଇ ଉନ୍ମାଦେ ?
ତାମସ ଅଂତର ଭେଦି    ଏ କି ମହାଜ୍ୟୋତି !
କି ସଂପଦ ଫୁଟଇ ବିଷାଦେ !
ଅନଂତ-ଜୀବନ-ଧାରା    ବହିଯାଏ ବିଶ୍ୱସାରା,
ମହାସ୍ରୋତ ବହେ କି ସେ ସ୍ଥିର ପାରାବାରେ !
ଶକ୍ତି ସୁରଧୁନୀ ଖେଳେ ନିବନ୍ଧ ଉପରେ ।
ମହାସ୍ରୋତ ଯାଏ ବହି,    ଜଡ଼ ସୃଷ୍ଟି ଗ୍ରାସେ ତହିଁ,
କି ମହା ବିଭୂତି ପୂରେ ଅଂତରେ ବାହାରେ । ୭ ।

ଅନଂତ ବ୍ରହ୍ମାଣ୍ଡ ଏତୁ କିଏ ସେ ବିଧାତା ?
କି ଆବେଶେ ରଚିଛ ହେ ପୂରି ?
କି ମହା ସଂକଳ୍ପ ଧରି, କରି ଏ ସର୍ଜନ,
କାହିଁ ଅଛ କି ସ୍ୱରୂପ ଧରି ?
ବିଜ୍ଞାନର ତର୍କ ଜାଲ ମାନବର ଅହଂକାର
କି ବିଧାନେ ସୃଜିଛ ହେ ଅନଂତ ବିଧାତା ?
କି ଦର୍ଶନେ ଲୋଡ଼ିବ ସେ ତବ ମହାସତ୍ତ୍ୱ ?
ଗର୍ବସ୍ଫୀତ ବିକଟାଳ ହୀନ ତର୍କ ବ୍ୟଭିଚାର
କରିବ କଳନା ତବ ସତ୍ତା ବିଶ୍ୱପିତା ! । ୮ ।

ମାନବର ଜ୍ଞାନ ଲେଖା, ତୁଂଭର ସେ ପ୍ରଭୁ,
ତୁଂଭର ଏ ନର ଆତ୍ମକଳା;
ବିଜ୍ଞାନ ଗରିମା ବିଶ୍ୱେ, ତୁଂଭର କରଣୀ,
ଦର୍ପ ତପ ଶାସନ ଶୃଂଖଳା ।
ଉଠୁ ସେ ବିଜ୍ଞାନକଳା, ଫୁଟୁ ଶାସନ ଶୃଂଖଳା,
ମହା ଆତ୍ମଜ୍ୟୋତି ଉଠୁ ବିଶ୍ୱ ଅବଗାହି,
ମହିମାର କଳା ଯାଉ ସର୍ଗଛନ୍ଦେ ବହି ।
ତୁଂଭର ସେ ଜ୍ୟୋତି ଲେଖା, ତୁଂଭ ବିନୁ ପ୍ରହେଳିକା,
ଉତ୍ତୁଂଗ ବିଜ୍ଞାନେ ତୁଂଭ ବିନୁ ସତ୍ତ୍ୱ ନାହିଁ । ୯ ।

ତୁଂଭେ ପ୍ରଭୁ ମୂଳମଂତ୍ର ଯୁକ୍ତିର ସଂବଳ,
ଦର୍ଶନର ସାର ମୂଳପିଣ୍ଡ;
ସୃଷ୍ଟି ତତ୍ତ୍ୱ ନିରୀକ୍ଷଣେ ତୁଂଭେ ସାର ସତ୍ୟ,
ବିଜ୍ଞାନର ସ୍ଥିର ମେରୁଦଣ୍ଡ ।
ତୁଂଭ କୃତ ଏ ମାନବ, ତୁଂଭେ ଚିନ୍ମୟ ବିଭବ,
ସୀମାରେ ଆବଦ୍ଧ ତୁଂଭେ ହେ ଅନଂତ;
ଯୁକ୍ତି-ମୂଳାଧାର ତୁମ୍ଭେ ବିଶ୍ୱାସ ସତତ ।
କ୍ଷୁଦ୍ର ନର ଯୁକ୍ତି-ସାର— ବିଶ୍ୱାସ କର ଆଦର,
ବୁଝିବ ଅମର ସତ୍ୟ ତବ ବିଶ୍ୱନାଥ ! । ୧୦ ।

ବାରଂବାର ଉଠିବ ସେ ଯୁକ୍ତିର ଗରବେ,
ବାରଂବାର ଯିବ ସିନା ପଡ଼ି
ପ୍ରେମମୟ ହେ ସବିତା, ବିଶ୍ୱାସ ପ୍ରମାଣେ
ରଖିଛ ଏ ସୃଷ୍ଟି-ଲୀଳା ଧରି ।
ସେ ବିଶ୍ୱାସ, ସେ ପୀରତି, କିବା ସେ ଅଦ୍ଭୁତ ନୀତି !
ତର୍କ ଭେଦି ବିକାଶିବ କେସନ ମାନବେ ?
କି ଅବା ରହସ୍ୟ ଅଛି ବିଶ୍ୱାସ ଗରବେ ।
ବିଶ୍ୱାସେ ଏ ହୀନପ୍ରାଣେ କି ମହା ସର୍ଗ-ବିଧାନେ
ପାଇବ ଆସ୍ଥାନ ବିଭୋ ଅଣିମା-ବିଭବେ ! । ୧୧ ।

ତୁଂଭରି ତ ସର୍ଗମାଳା ଭୁବନେ ଭୁବନେ
ଜଡ଼ ପିଣ୍ଡେ ଜୀବନର ଲୀଳା;
କ୍ଷୁଦ୍ର ଏ ମାନବ-ଦୁର୍ଗ— ଚିନ୍ମୟ-ଗରବ
ତୁଂଭରି ତ ନିସର୍ଗ ଶୃଂଖଳା !
ଜୀବନର ମହାତାନେ ଅଂନତ ବିଶ୍ୱ ବିତାନେ
ତୁଂଭରି ସର୍ଜନ ପ୍ରଭୁ ମୃତ୍ୟୁର ସଂଯମ;
ମୃତ୍ୟୁରେ ଜୀବନଧାରା ତୁଂଭରି କରମ ।
ମୃତ୍ୟୁରେ ଅମୃତ ଝରେ, ମରଣ ଜୀବନ-ପୂରେ
ତୁଂଭରି ଅମୃତ ବିଶ୍ୱେ କରେ ବରଷଣ । ୧୨ ।

ଫୁଲିଉଠେ ଗର୍ବେ ନର ଜୀବନ ଝଂକାରେ,
ମୃତ୍ୟୁ ଦେଖି ହୁଅଇ ସ୍ତବଧ;
ଚିଦାନଂଦେ ଉଠେ ବାଜି ପରାଣ ତାହାର,
ଦୁଃଖେ ପାପେ ହୁଏ ନିଶବଦ
ଅହଂକାର ମଦେ ପଶି, ଅମୃତ ଲୋଡ଼ଇ ରସି,
ମୃତ୍ୟୁ ଆସି ନିଏ କାହୁଁ ସେ ମଦ ଧରସି;
ଦିବାଲୋକେ ଅଂଧକାର ଦିଶେ ଦିଶି ଦିଶି,
ଅମୃତର ମୂର୍ତ୍ତି ଉଭେ ବିଶ୍ୱାସେ ଦେଖଇ ଲଭେ,
ଦୁଃଖ ପାପ ମୃତ୍ୟୁ ଯାଏ ଭୂମାନଂଦେ ମିଶି ! । ୧୩ ।

ଦୁଃଖ-ମୃତ୍ୟୁ-ଭୟେ ପ୍ରାଣୀ ଅଂତର ପୀଡ଼ନେ
ଦେଖେ ବିଶ୍ୱେ ଆଲୋକେ ଅଂଧାର
ସେ ମହା ମରଣ-ଲୀଳା ଚିନ୍ମୟ ମାନବେ
ଫିଟାଇଛି ଅଂତର-ଦୁଆର ।
ଜଡ଼ ପିଂଡେ ଆତ୍ମଜ୍ୟୋତି ତୁଂଭର ବିଧାତା, କୃତି
ଜଡ଼େ ପରିଣତି ତାର ନୁହଇ ନିସୃତ;
କିପାଁ ଏ ସର୍ଜନ ଜାଣ ତୁମ୍ଭେ ବିଶ୍ୱପତି !
'ମରଣ ନୁହଇ ଭବେ ଜୀବର ନିବୃତ୍ତି କେବେ'
ଏ ବିଶ୍ୱାସ ତୁଂଭର ସେ ଅନଂତ ଜାରତି ।୧୪।

ଅନଂତ ବିଧାତା ତୁଂଭେ ତୁଂଭେ ବିଶ୍ୱ ପିତା,
ତୁଂଭେ କ୍ଷୁଦ୍ର ମାନବର ସ୍ଥିତି;
ଜଗତର କୀଟ ଯେବେ ଚଳଇ ଅବାଟେ,
ତୁଂଭେ ତାରେ ଦେଖାଅ ହେ ନୀତି,
ତୁଂଭର ମହିମା-ବଳେ ଅନଂତ ବ୍ରହ୍ମାଂଡ ଚଳେ,
ମରଣେ ଉଠଇ ତୁଂଗ ଜୀବନ ବିକାଶ;
କ୍ଷୁଦ୍ର ନର-କର୍ମ ପ୍ରଭୁ ତୁଂଭର ବିଳାସ ।
ଟେଳାଇ ଖୁଚୁସି ନର କରେ କେତେ ଅହଂକାର,
ଅହଂକାରେ ଅହଂକାରେ ତୁଂଭର ପ୍ରକାଶ ।୧୫।

କରଇ ମାନବ କେତେ ତୀବ୍ର ଆତ୍ମମଦ
ବିଲୁଦନ ଯାଏ କେତେ ଲଭି;
କାହିଁ ଲୁଚିଯାଏ ଜ୍ୟୋତି, ବିକାଶଇ ପୁଣି,
ତୁଂଭର ସେ ମୃତ୍ୟୁ ମଂଚ ଲଭି ।
ବୁଡ଼ିଯାଏ, ଲୁଚିଯାଏ, ଅନଂତରେ ମିଶିଯାଏ
ଅନଂତୁ ଉଠଇ ପୁଣି ଜୀବନେ ବିକାଶି,
ମରଣର ମଂଚେ ଯାଏ ଜୀବନ ପ୍ରକାଶି ।
ତୁଂଭର କରମ ସବୁ, ତୁଂଭ ଜ୍ୟୋତି ମହାପ୍ରଭୁ,
ମରଣ ତାମସ ତାରେ ପାରେ କି ପରଶି ।୧୬।

ଅନଂତ ପୀରତି ଧାରା ବହେ ଶତ ଭବେ,
ମଧୁରିମା ଫୁଟଇ ନିସର୍ଗେ;
ଯାଏ ଦୁଃଖ ମିଶି ତହିଁ କି ମଧୁସ୍ପଂଦନେ
ପ୍ରେମବାରି ଉଠେ ଅନୁରାଗେ ।
ତରଂଗେ ତରଂଗେ ପୂର, ପୀରତି ଯାଉଛି ଖେଳ
ବିଶ୍ୱାସର ତର୍କ ବୁଝି ଦେଖଇ ସେ ଖେଳ
ଚିନ୍ମୟ ଗରବେ ନର ସାଧୁ ଅହଂକାର.
ସେ ଗରବ ସ୍ପଂଦେ ପଡ଼ି, ମାନବ ଅସ୍ମିତା ହୁଡ଼ି,
ବିଶ୍ୱାସେ ନିସର୍ଗେ ଯାଏ ମିଶି ବାରଂବାର ।୧୭।

ଏହି ସେ ପୀରତି ଭବେ, ଏହି ସେ ବିଶ୍ୱାସ,
ଏହି ମୃତ୍ୟୁ ବିଶ୍ୱ-ବଇଭବ;
ଏହି ତବ କୃତି ତେବେ ମାନବର ଜ୍ଞାନ
ଏହି ତ ତା ଅଦ୍ଭୁତ ଗରବ !
କ୍ଷୁଦ୍ର ଇନ୍ଦ୍ରିୟ-ଦୁଆରେ ଧରି ରଖେ ଜ୍ଞାନ ତାରେ,
ଜ୍ଞାନେ ଜ୍ଞାନେ ବିଶ୍ୱପିତା ତୁଂଭେ ମୂଳାଧାର !
ବନ୍ଧ ତମେ ଜ୍ୟୋତି ସମ ଲଭେ ତା ପ୍ରଚୁର ।
ଅହଂକାରେ ଜ୍ଞାନ ତେଜ, ବିଶ୍ୱାସେ ଆତ୍ମଜ୍ଞାନ ଭଜ,
ଆତ୍ମରସେ ଦେଖେ ନର ମହା ବିଶ୍ୱପୁର ।୧୮।

---

## ବିଶ୍ୱ-ବାଣୀ

ଅନଂତ ତାମସ ଦେଶେ ଶୂନ୍ୟ ବ୍ୟୋମ-ଗର୍ଭେ
ବିଶ୍ୱ-ସର୍ଗ-ଲୀଳା ଭାବି କି ମହା ଆବେଶେ,
କି ଅନଂତ ଅନୁମାନେ, ନକ୍ଷତ୍ର ନକ୍ଷତ୍ରେ
ଗୃହୁଁ ଗୃହୁଁ ଗଲି କ୍ଷଣେ, ଅସ୍ମିତା ବିସୋରି ।
ଲାଗିଲା ସ୍ୱପନେ ସତେ, ଜ୍ଞାନ-ସୀମା ମମ,
ବିଜ୍ଞାନ-କଳ୍ପନା ପାରେ, କେଉଁ ମହା ବ୍ୟୋମେ,

ଭେଦି ସେ ରହସ୍ୟମୟ— ଧ୍ୱାଂତ ପରଂପରା,
ଆସିଲା ଜ୍ୟୋତିଷ୍କ,  କ୍ଷୁଦ୍ର ତାରା ରୂପେ ଜଳି
ମହା ପଥେ ମହା ବେଗେ; ବସିଲା ସେ, ଯଥା
ଦୂରେ ମହାସିଂଧୁ-ପଥେ  ବନ୍ଦର-ବର୍ତ୍ତିକା ।

ବହିଯାଏ ପ୍ରଭଂଜନ-  ଗୁରୁ-ବାତ ତାନେ ।
ଗୁହ୍ମି ଜ୍ୟୋତିଷ୍କେ ବିକାଶିଲା  ପ୍ରଚଂଡ ଜ୍ୱଳନ,
ବିଶାଳ ଚଂଡାଂଶୁ-ଲେଖା,  ମାର୍ତ୍ତଂଡ ବିଭାସେ,
ସେ ଜ୍ୟୋତିଷ୍କ, ଜ୍ୟୋତିପୁରେ  ବ୍ୟୋମ ଅବଗାହି;
ଅଭି ତ ଭୁବନମାଳା  ଧରି ଚଉପାଶେ ।
ଗଣି ଗଣି ସେ ଭୁବନ;  କ୍ଷୁଦ୍ର ଧୂଳିକଣା,
ବିଶାଳ ନକ୍ଷତ୍ର ପିଂଡ  ପାପ୍ତ ମାହାତ୍ମ୍ୟକା;
ଜୀବଲୋକ ସମାକୁଳ  କେନ୍ଦ୍ର; କେତେ ପୁଣି
ନିର୍ମାଣ-ବିକାଶେ ଶିଶୁ ,  ତରଳ ବର୍ତ୍ତୁଳ,
ପ୍ରାଣ ପରଂପରା-ହୀନ;  କାଳବଳେ ପଡ଼ି,
କେତେ ଶୀତବଂଧ, ଜଡ  ପ୍ରାଣହୀନ ଶବ ।
କ୍ଷୁଦ୍ର, ବଡ, ଶିଶୁ, ବୃଦ୍ଧ,  ସର୍ବ ଭବେ ରହି
ବିକାଶଇ ମହାତେଜେ  ଆଲୋକ ପ୍ରବାହେ,
ରୂପହୀନ ଶିଶୁ ଦେହେ,  ଜୀବଂତ ଚେତନେ,
ନିବଦ୍ଧ ପୁରାଣ ପଂଡ-  ସଂହତ ବିଗ୍ରହେ ।
ବିଶ୍ୱରଶ୍ମି ବିଏ ତାଳ;  ପଡଇ ତା କାହିଁ
ଅକାରଣେ ବାଷ୍ପ-ପିଂଡେ,  ଯହିଁ ଜୀବଲୋକ,
ବିଶ୍ୱଲୋକଜୀବମୟ-  କାଳଗର୍ଭ ଭେଦି,
ଉଠି ନାହିଁ ସର୍ଗତଟେ;  ଅକାରଣେ ପୁଣି
ଶୀତପିଂଡେ, ଜୀବ ଯହିଁ  ଶୂନ୍ୟ କାଳେ କାଳେ ।

ଲୋକେ ଲୋକେ ସର୍ବ ଭବେ ଶକତି-ରହସ୍ୟ,
ଅନଂତ ପ୍ରକୃତି ଯାହା  ରଖେ ଜାଗରଣେ,
ଖେଳଇ ଅନଂତ ରସେ  ବିଶ୍ୱଲୀଳା ରଚି ।
ସେ ମହାସଂସାର ପୁଣି  କାହିଁ ବାଷ୍ପରୂପେ
ଅମୃତ ଶରୀର ଧରି,  ପ୍ରାଣପରଂପରା-
ପ୍ରବାହେ ଜୀବଂତ କେନ୍ଦ୍ର,  କେନ୍ଦ୍ର ବା ଶୀତଳ
ଘନ ଜଡ଼ ମହା ଭାର  ତୋଳି ମହା ବ୍ୟୋମେ,
ଜ୍ୟୋତିଷ୍କ-ଜ୍ୱଳନେ ଜଳି  ପାପ୍ତ ସେ ପ୍ରବାହେ,
ବିଶାଳ ସବିତା ଘେରି  ଶୂନ୍ୟେ ଚଉପାଶେ,
ବିଗ୍ରହ-ଆବର୍ତ୍ତେ କେନ୍ଦ୍ର  ମହା ବିଘୂର୍ଣ୍ଣନେ,

ଅବଲଂବି ବ୍ୟୋମ-ପଥେ  କି ଶୂନ୍ୟ ସରଣୀ
ନିରତ ଭ୍ରମଣେ ରତ,  ନିୟତ ବିମାନେ ।
ଘୂର୍ଣ୍ଣନ-ଭ୍ରମଣେ ସେହି  ମହା-ସର୍ଗ-ଧାରା
ଗଲା ପାଶେ ବନ୍ଧି ମମ ।  ଭେଦି ସେ ସବିତା
ବିଶ୍ୱବାଣୀ-ପରଂପରା,  ଅନଂତ ବିତାନେ
ମହା ବ୍ୟୋମ କର୍ଣ୍ଣ ପୂରି  ଅମର ସଂଗୀତେ,
ଶୁଭିଲା ଜୀବନ-ମୃତ୍ୟୁ-  ମହା-ମଂତ୍ର-ଘୋଷ;
ଜୀବନ-ସଂପଦ-ଭରା-  ମହାକାଳ-ଗର୍ଭେ
ଅଶେଷ ମରଣ-ଲୀଳା-  ରହସ୍ୟ-ସଂଭାରେ
ବାଜିଲା ସେ ବିଶ୍ୱ-ବୀଣା  ତଂତ୍ରୀ-ଘୋଷି-ତାନ ।

ପ୍ରକାଂଡ ସେ ଗୀତ-ତାନେ  ଶୁଭିଲା ନିନାଦେ,
ମହା-ବିଶ୍ୱ ଜୀବ-ଲୀଳା-  ଅତୀତ ମହିମା,
ସର୍ଗତଂତ୍ରେ ଅନାଗତ-  ଭୂଂଗ-ଜାଗରଣ;
ବିଶାଳ ମରଣ-ମଂତ୍ର  ବାଜିଲା ସଘୋଷେ—
ଅନାଗତ ଅନ୍ତରର  ମହା ସ୍ୱପ୍ନ-ବାଣୀ;
ଏକତାନେ ଗରଜିଲା  ଜୀବନ ମରଣ—
ଅନଂତ ଜାଗର-ଲୀଳା,  ଅନଂତ ନିର୍ବାଣ ।
କାହିଁ ଆଦି, କାହିଁ ଅଂତ,  ଜୀବନ ମରଣେ ?
ବୃଦ୍ଧି କ୍ଷୟ-ସୀମା କାହିଁ  ଅନଂତ ଆବର୍ତ୍ତେ—
ଅନାଦି ଅନଂତ ବିଶ୍ୱ-  ଲୀଳା-ବିବର୍ତ୍ତନେ ?

ବିଶାଳ ସବିତା ସେହୁ, ଧ୍ୱନି ପରଂପରା
ରଚି ଦ୍ୟୁତି-ବିସ୍ତାରଣେ, ଗାଇଲା ସଂଗୀତେ—
"ପୁରତେ ପଶ୍ଚାତେ ମମ ଅନଂତ ଗଗନେ,
ଆସିଲଇଁ ଯହୁଁ ମୁହିଁ, ଚଉପାଶେ ମମ,
ଊର୍ଦ୍ଧ୍ୱେ ମାତେ ଘେରି ମମ ବିଶାଳ ସରଣୀ,
କେତେ ମହା ମହା ସୂର୍ଯ୍ୟ, ବଳ ଏ ବିଗ୍ରହେ;
ଅଶେଷ ଭୁବନମାଳା ସୃଷ୍ଟି ପରଂପରା
ସୃଜି ଏକେ ଏକେ କମ୍ର କ୍ରୀଡ଼ନକ ସର,
କାଟଂତି ସରଣୀ କାହିଁ କେଉଁ ମହା ପଥେ
କି ସଂଖ୍ୟାରେ କରିବି ମୁଁ ଅନଂତ ଗଣନା ?

ଗୁଂଫିତ ଅସଂଖ୍ୟ କେତେ ନକ୍ଷତ୍ର ମଂଡଳେ,
ଅସୀମ ଏ ଧ୍ୱାଂତ-ବ୍ୟୋମ- ମହା-ଶୂନ୍ୟ-ଦେଶେ ।
କାହିଁ ବା କଳନା ତା'ର ? କେ ପାରିବ ଲେଖି ?
ବିଧାତାର ସୃଷ୍ଟି ଏହୁ ! କାହିଁ ସୀମା ତହିଁ ?
ଅଶେଷ ସ୍ୱର୍ଗକୁଳ ଅଶେଷ ମହିମା
ବିସ୍ତାରି ଅନଂତ ବର୍ତ୍ମେ, ଅଶେଷ ଭୁବନ
କରଂତି ଶାସନ, ଧରି ବିଶ୍ୱ ବିଘୂର୍ଣ୍ଣନେ
ମହା ତ୍ରୈଲୋକ୍ୟ; କାହିଁ ତା'ର ଆଦି-ଅଂତ-ଲେଖା ?
ଦେଶ-କାଳ ପରିମାଣେ ଅନଂତ ସରବେ
ଅନଂତ ରହସ୍ୟମୟ, ଅଦ୍ଭୁତ ବିଭବ !

ସୂର୍ଯ୍ୟେ ସୂର୍ଯ୍ୟେ ଆଂଭର ଏ କ୍ଷୀଣ ଗୀତ-କଳା
ଶୁଭଇ, ଗୁଂଜନ ଯଥା ମଧୁ ଚକ୍ର ଘେରି,
ବିଶ୍ୱପିତା ସିଂହାସନେ ଘେରି ଚଉପାଶେ ।
ସେହି ସିଂହାସନେ ବିଶ୍ୱ- ନିୟନ୍ତ୍ରଣ-ମନ୍ତ୍ର,
ସେହି ସେ ଶାସନ, ବଳି ସବିତୃ-ଶାସନେ
ଉଲ୍‌କା-ଧୂମକେତୁ-ଗ୍ରହ- ପ୍ରାଂଶୁ-ପରଂପରା;
ସେହି ସିଂହାସନେ ଶୋଭେ ଅମୃତ ବିତାନେ,
ମହା ସ୍ୱପ୍ନେ ସୃଜି ମହା ଜୀବନର ଲୀଳା,
ସେ ବିଶ୍ୱ ଜୀବନ, ଯାହା ବିଶ୍ୱ ରଂଧ୍ରେ ରଂଧ୍ରେ,
ଜ୍ଞାନ ବିଜ୍ଞାନର ପାରେ, ଚେତନ-ମାନସ-
ଶକତି-ବିସ୍ତାର ଏହି, କାହିଁ କେଉଁ ଦେଶେ !"

"ବୁଡ଼ି ଏ ସଂଗୀତ ରସେ ପରାଣ-ପୁଲକେ
ଅଲକ୍ଷେ ହୃଦୟୁ ଭେଦି ବାହାରିଲା ବାଣୀ ।
କହିଲି ମୁଁ, "ମହାପ୍ରଭୋ, କିବା ଏ ମାନବ ?
କିପାଇଁ ମମତା ତବ ଏ ମାନବ-ଲୋକେ ?
ଧର୍ମଗ୍ଲାନି ଦେଖି କିପାଁ ଅବତରି ଏଥି,
ମାନବ ବିଗ୍ରହ ଧରି, ଆତ୍ମ-ବିସ୍ତାରଣେ
କର ପ୍ରଭୋ, ଆଦର ଏ କ୍ଷୁଦ୍ର ନର-କର୍ମେ ?"

ଶୁହୁଁ ବିକାଶିଲା ଭେଦି ବ୍ରହ୍ମାଂଡ କପାଳ
ବଜ୍ରନାଦୀ ମହାଘୋଷ, "କହ ତେବେ ନର,

ମହାଦେଶ, ମହାକାଳ ! କି ଅବା ସେ ମୋତେ ?"
ମଣ୍ଡୁ ଭୁ ବିଗ୍ରହ-ଭୁଂଗ- ମହା-ଜଡ଼-କାୟା,
କର୍ମ-ମାନ-କାଳର ଏ ବିସ୍ତୀର୍ଣ୍ଣ ବିକାଶେ
ମାପିବାରେ ବ୍ରହ୍ମ ଜ୍ୟୋତି, ଚିନ୍ମୟ ବିକାଶ-
ଆତ୍ମାର ସେ ମହାସତ୍ତ୍ୱ ! ସଚ୍ଚିଦାନନ୍ଦମୟ,
ବିଶାଳ ଏ ସର୍ଗ ରାଶି, କଳିବେ କି କେବେ
ଶକତି ଗରିମା ମର୍ମ ! କଳ୍ପାଂତେ କଳ୍ପାଂତ
ମିଶି, ଗାଇବେ କି ତଳେ ସେ ମହିମା ରାଶି
ନରସମ ! ଚିଦାନଂଦ ଦେଇଛି ମୁଁ ଯହିଁ
କଳିବାକୁ ଗାଇବାରେ ସେ ମହା ସଂପଦ !
ବିଶ୍ୱ-ଜଡ଼-ସୃଷ୍ଟି-ମାଳା ଅନଂତ ଏ କାଳେ
ବୁଝିବେ କି ଅର୍ଥ ତାର, ଗଂଭୀର ନିୟୁତ,
ବ୍ରହ୍ମାଂଡ-କପାଳ-ମହାଗୀତେ ବାଜେ ଯାହା ?"

କହିଲି ମୁଁ, "ଦେବ-ଦେବ, ଅନାଦି ଅନନ୍ତ,
ଉଚ୍ଚାରଣେ ଯୁକ୍ତ ଯେବେ ମାନବ-ଭାରତୀ,
ତୁମ୍ଭର ସେ ! ତବ କରେ, ବ୍ରହ୍ମାଣ୍ଡ-ବିଧାତା,
ଏ ପିଣ୍ଡ ବିଭବ, ଏହି ଆତ୍ମା-ଜ୍ୟୋତି-ଲେଖା !
ତବ ପ୍ରାଣୀ ଏ ମାନବ ! କି ହୀନ କଣିକା
ଜାଣେ ନର ତବ କୃତି- ବିରାଟ ବିଧାନେ !
ଦେଖାନ୍ତା କି ଭୂମା ତବ ଅନନ୍ତ ଆଲୋକ !

ଶୁଣନ୍ତା କି ବଜ୍ରନାଦ ସେ ଶକତି ତବ !
ନିମିଷେ ଯାଆନ୍ତା କାହିଁ ଲୁଚି ସେ ଆଲୋକ,
ସ୍ପନ୍ଦ-କମ୍ପନ-ଲୀଳା, ଚକ୍ଷୁକର୍ଣ୍ଣ-କଳା,
କ୍ଷୁଦ୍ର-ନର-ଦର୍ପ-ଲିଙ୍ଗ, ସେ ହୀନ ଗରିମା !
ତପନେ ଖଦ୍ୟୋତ ଯଥା ବିନ୍ଦୁ ପାରାବାରେ !
ତବ ମହାସତ୍ତା, ତବ ମହା ବ୍ରହ୍ମ-ଜ୍ୟୋତି-
ଆସ୍ତରଣେ କ୍ରୀଡ଼ନକ ଏ ମାନବ, ଦେବ !
ଜୀବନ, ଚଳନ କ୍ଷୁଦ୍ର- ବିଗ୍ରହ-ଧାରଣେ
ମୂଳାଧାର ତୁମ୍ଭେ ପ୍ରଭୁ ! ହୀନ ଏ ପର୍ଯ୍ୟନ୍ତ
ଲଭି, ସୀମାବନ୍ତ ନର ଗାଇବ କି, ଭୂମା,

କୋଟି-ବିଶ୍ୱ-ରେଣୁ-ରେଖ ସେ ମହା ବିଭୂତି,
ଅନନ୍ତ ମହିମା ତବ, ନାମ-ରୂପ-ହୀନ,
କଳ୍ପନାର ଅଗୋଚର ! ଦୁର୍ବଳ ମାନବ,
କୃତି ତବ, ଭ୍ରାନ୍ତ ଭୂଲି ଧରି କ୍ଷୀଣ ହାତେ,
ଛନ୍ଦବ ସେ ସୌନ୍ଦର୍ଯ୍ୟର ମହାଦ୍ୟୁତି ଲେଖା,
ମହିମାର ଶକତିର ଅନନ୍ତ ସହିତା,
ଅନନ୍ତ ବିଜ୍ଞାନ ମହା ଗରିମାର ଲୀଳା !
ଦୂର୍ବାଦଳ-ହିମ-ବିନ୍ଦୁ କଳିବ ହେ ବିଭୋ,
ଅନନ୍ତ ଗଗନ-ସୀମା, ବ୍ରହ୍ମାଣ୍ଡ ବିତାନ !"

ଶୁଭିଲି ଉତ୍ତର ବାଣୀ, "ବରଜ ସଂଶୟ,
ବିଚକ୍ଷଣ-ପ୍ରହେଳିକା ଭେଦି ଆତ୍ମ ତତ୍ତ୍ୱେ,
ବ୍ରହ୍ମା ଜାଗରଣେ ଉଠ ଆତ୍ମ-ଉଦ୍‌ବୋଧନେ;
ଦେଖ ଉଭେ ବିଶ୍ୱ-କୃତି ଲୀଳା ସଙ୍ଗେ ମମ,
କ୍ଷୀଣୁ କ୍ଷୀଣତମ ଆତ୍ମା ଚିନ୍ମୟ ବିଭବେ,
ତୁଳନାର ମାନଦଣ୍ଡେ ପରାଭବେ ହେଲେ,
ମହାକାଳ-ପରମ୍ପରା ଅନନ୍ତ-ଗରବ,
ବିଶାଳ ବିତାନେ ଜଡ଼ ପିଣ୍ଡ ମହାରିକା;
କ୍ଷୀଣ-ନର ଆତ୍ମ-ଶକ୍ତି ଚିନ୍ମୟ ଚଳନେ
ଜିଣିପାରେ ହେଲେ କୋଟି ସବିତୃମଣ୍ଡଳ,
ଅନନ୍ତ-ବ୍ରହ୍ମାଣ୍ଡ-ମହା- ଚଳନ-ସ୍ତମ୍ଭୁସା ।"

---

## କାହାକୁ ବସିଛୁ ଚାହିଁ

ପରାଣ ବାଉରା ସତେ ଶୁଣାଇ ଆଶିଷ କାହିଁ
କେଉଁଠି ପାଇବ ଦେଖା ବିନସ୍ତୁ ଅଛୁ ଚାହିଁ ?

କେତେମନ୍ତେ ଏ ପରାଣେ ବାନ୍ଧିଛୁ ଏକ ବିଧାନେ—
କହିବ ପରାଣ ଫେଇ, ତୁମ୍ଭେ ମୋର ଗାଥା କାହିଁ ?

କେଉଁଦେଶେ କି ବନ୍ଧାରେ ଯୋଗୀ ରହି ମହାକାଳେ,
ଏ ପିଣ୍ଡେ ରହିଛି ପୂରି ସତେ କି ପରାଣ ସାଇଁ ?

କରମେ ବିରାମେ କଥା, ଇଙ୍ଗିତେ ଚଳାଇ ଦିଏ,
ଏ ଜୀବନ ଏ କରମ ଏ ଧିଆନ କାହାପାଇଁ ?

ଦିନ ଯାଉଅଛି ବହି, ଯାଉଛି ମୁଁ ଖୋଜି କାହିଁ,
କାହାକୁ ବସିଛି ଚାହିଁ ଏ ପରାଣେ ଆଶା ବହି ?

---

## ଉପାସନା *

୧

ଜ୍ଞାନମୟ ଲୋକେଶ୍ୱର ମଂଗଳ ନିଦାନ
ସର୍ବବ୍ୟାପୀ ତବାଦେଶେ ଚରାଚର ହିତେ
ତବ ପ୍ରୀତି-ଅର୍ଥେ ପ୍ରଭୋ ଆଚରେ ସଂତତ
କର୍ମମୟ ପୁଣ୍ୟମୟ ସଂସାର ସଂଗ୍ରାମ ।

୨

ସର୍ବ ଅଂତର୍ଯାମୀ ଶୁଦ୍ଧ ନିରଂଜନ ବିଭୋ,
ନାହିଁ ବ୍ରଣ ନାହିଁ ସ୍ନାୟୁ ନାହିଁ ତବ ଭୌତିକ ବିଗ୍ରହ
ତ୍ରିକାଳଜ୍ଞ ଦ୍ରଷ୍ଟା ତୁମ୍ଭେ, ସର୍ବୋପରି ଅଧିଷ୍ଠାନ ତବ;
ଅନାଦିକାରଣ ନିଜେ ନିଜରୁ ସଂଭବ ପ୍ରଭୋ,
ସନାତନ କାଳଯାଏଁ ତତ୍ତ୍ୱାର୍ଥ ସକଳ
ଧରିଛ ହେ ଶାଶ୍ୱତ ଶରୀରେ ।

୩

ଆକାଶେ ଜ୍ୟୋତିଷ୍କ ତୁମ୍ଭେ, ଅଂତରୀକ୍ଷେ ବାୟୁ,
ଯଜ୍ଞପୀଠେ ହୁତାଶନ, କଳସେ ପବିତ୍ର ସୋମ,
ନରଲୋକେ ବରଲୋକେ ଯଜ୍ଞେ ବ୍ୟୋମଧାମେ,
ଜଳେ ସ୍ଥଳେ ପର୍ବତେ ବା ଯଜ୍ଞ ଆହୁତିରେ
ସାରା ସୃଷ୍ଟିମୟ ଯାହା ସବୁ ବ୍ୟାପି
ରହିଛ ହେ ସତ୍ୟରୂପୀ ତୁମ୍ଭେ ।

୪

ଚକ୍ଷୁ ତବ ଅଟେ ବିଶ୍ୱ, ବିଶ୍ୱ ମୁଖ ତବ,
ବାହୁ ତବ ବିଶ୍ୱ, ବିଶ୍ୱସାରା ତବ ପାଦ,
ଜଂଘୁଠାରେ ଭୁଜବଳ ପକ୍ଷରେ ପ୍ରଚାଣ୍ଡ ଲଭି
ଦେଇ ଦେବ ଦ୍ୟାବାଭୂମି ସୃଜିଛ ତୁମ୍ଭେ ଅଦ୍ୱିତୀୟ ।

## * ମୂଳ ସଂସ୍କୃତ

୧

ଓଁ ଲୋକେଶ ଚୈତନ୍ୟମୟାଧିଦେବ
ମାଙ୍ଗଲ୍ୟ ବିଷ୍ଣୋ ଭବଦାଜ୍ଞୟୈବ
ହିତାୟ ଲୋକସ୍ୟ ତବ ପ୍ରିୟାର୍ଥଂ
ସଂସାରଯାତ୍ରାମନୁବର୍ତ୍ତୟିଷ୍ୟେ ।

୨

ଓଁ ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣଂ
ଅସ୍ନାବିରଂ ଶୁଦ୍ଧମପାପବିଦ୍ଧଂ
କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ
ଯାଥାତଥ୍ୟତୋଽର୍ଥାନ ବ୍ୟଦଧାତ୍
ଶାଶ୍ୱତୀଭ୍ୟଃ ସମାଭ୍ୟଃ ।

୩

ଓଁ ହଂସଃ ଶୁଚିଷଦ୍ ବସୁରନ୍ତରୀକ୍ଷସଦ୍
ହୋତା ବେଦିଷଦ୍ ଅତିଥିର୍ଦୁରୋଣସତ୍
ନୃଷଦ୍ ବରସଦୃତସଦ୍ ବ୍ୟୋମସଦ୍
ଅବ୍‌ଜା ଗୋଜା ଋତଜା ଅଦ୍ରିଜା ଋତଂ ବୃହତ୍ ।

୪

ଓଁ ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖଃ
ବିଶ୍ୱତୋବାହୁରୁତ ବିଶ୍ୱତସ୍ପାତ୍
ସଂବାହୁଭ୍ୟାଂଧମତି ସମ୍ପତତ୍ରୈ-
ର୍ଦ୍ୟାବାଭୂମୀଜନୟନ୍ ଦେବ ଏକଃ ।

୫

ତୁଂଭେ ଦେବ ପ୍ରକାଶିଛ ଦିଗଦିଗଂତରେ,
ତୁଂଭେ ଆଦି ତୁଂଭେ ଅଂତ,
ଜନ୍ମର କାରଣ ତୁଂଭେ ସର୍ବଭୂତେ ଜାତ,
ଚରାଚର ବିଶ୍ୱେ ଦେବ ଅଂତରାଳେ ରହି
ପ୍ରକାଶିଛ ଆହେ ବିଶ୍ୱମୁଖ ।

୬

ଅଗ୍ନି ତୁଂଭେ ବାୟୁ ତୁଂଭେ ତୁଂଭେ ହେ ଚନ୍ଦ୍ରମା
ସୂର୍ଯ୍ୟ ତୁଂଭେ, ତୁଂଭେ ଶୁଦ୍ଧ ଜଳ ଅବତାର
ସନାତନ ବ୍ରହ୍ମ ସତ୍ୟ ପ୍ରଜାପତି ଦେବ ।

୭

ଅନଳେ ସଲିଳେ ଶସ୍ୟେ ବୃକ୍ଷମଧ୍ୟେ ଅବା
ଯହିଁ ଗୃହେଁ ସୃଷ୍ଟି ସାରା ତବ ରୂପେ ଅଛି ଭରା,
ନମଇ ମୁଁ ଲୋକନାଥ ତବ ସେ ବିଗ୍ରହେ ।

୮

ପ୍ରାଣ ମନ ଇନ୍ଦ୍ରିୟ ସକଳ
ବ୍ୟୋମବାୟୁ ଜ୍ୟୋତି ଜଳ ଧରିତ୍ରୀ ମେଦିନୀ,
ହେତୁରୂପେ ସମସ୍ତର ବିରାଜିତ ଦେବ,
ଇଂଦ୍ର ବାୟୁ କର୍ମେ ରତ, କାଳାତଂକ ଅବିରତ,
ତବ ଭୟେ ତପେ ସୂର୍ଯ୍ୟ, ତପେ ବିଭାବସୁ ।

୯

ଜ୍ଞାନମୟ ହେ ଆତ୍ମ ପୁରୁଷ !
ଦର୍ଶନ ସ୍ପର୍ଶନ ଘ୍ରାଣ ଶ୍ରବଣ ସ୍ୱାଦନ ଜ୍ଞାନ
ଏ ଜଗତେ ତବ କର୍ମ ଦେବ,
ଦେହପୁର ଷଡୃହୀନ, ଆତ୍ମା ତବ ଅଧିଷ୍ଠାନ
ସର୍ବଜ୍ଞାତା ଅଟ ସର୍ବଭବ ।

---

୫

ଓଁ ଏଷ ହ ଦେବୋ ପ୍ରଦିଶୋ ନୁ ସର୍ବାଃ
ପୂର୍ବୋ ହ ଜାତଃ ସ ଉ ଗର୍ଭଅନ୍ତଃ
ସ ଏବ ଜାତଃ ସ ଜନିଷ୍ୟମାଣଃ
ପ୍ରତ୍ୟଙ୍ ଜନାଂ ସ୍ତିଷ୍ଠତି ସର୍ବତୋମୁଖଃ ।

୬

ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍ବାୟୁସ୍ତଦୁ ଚନ୍ଦ୍ରମା ।
ତଦେବ ଶୁଦ୍ଧଂ ତଦ୍ବ୍ରହ୍ମ ତଦାପସ୍ତତ୍ ପ୍ରଜାପତି ।

୭

ଓଁ ଯୋ ଦେବୋଽଗ୍ନୌ ଯ ଅପ୍ସୁ ଯୋ ବିଶ୍ୱଂ
ଭୁବନମାବିବେଶ ଯ ଓଷଧୀଷୁ ଯୋ
ବନସ୍ପତିଷୁ ତସ୍ମୈ ଦେବାୟ ନମୋନମଃ ।

୮

ଓଁ ଏତସ୍ମାଜ୍ ଜାୟତେ ପ୍ରାଣୋ ମନଃ
ସର୍ବେନ୍ଦ୍ରିୟାଣି ଚ
ଖଂବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ
ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ।

୯

ଓଁ ଏଷ ହ ଦ୍ରଷ୍ଟା ସ୍ପ୍ରଷ୍ଟା ଶ୍ରୋତା ଘ୍ରାତା
ରସୟିତା ମନ୍ତା ବୋଦ୍ଧା ବିଜ୍ଞାନାତ୍ମା ପୁରୁଷଃ
ସ ପରେଽକ୍ଷରେ ଆତ୍ମନି ସମ୍ପ୍ରତିଷ୍ଠତେ
ସ ସର୍ବଜ୍ଞଃ ସର୍ବୋ ଭବତି ।

୧୦

ଏକଜ୍ୟୋତି ରଶ୍ମିମୟ ହେ ସର୍ଗ ସବିତା
ବିଶ୍ୱରୂପ ବିଶ୍ୱପ୍ରାଣ ପରମଆଶ୍ରୟ
ସର୍ବଶକ୍ତିମୂଳାଧାର ଚୈତନ୍ୟନିଦାନ,
ସହସ୍ରରଶ୍ମି ହେ ତବ ଶତଧା ପ୍ରକଟି
ଚରାଚର ଲୋକପ୍ରାଣ ପ୍ରକାଶେ ଭୁବନେ ।

୧୧

ଅସତ୍ୟ ଏ ମରଦେହ, ସତ୍ୟରୂପୀ ତୁମ୍ଭେ,
ନିଅ ମୋତେ ସେ ସତ୍ୟ ବିଭବେ,
ଅନ୍ଧକାରେ ମୃତ୍ୟୁରାଜ୍ୟ ପଡ଼ିଅଛି ମୁହିଁ,
ଅମୃତ ସେ ଜ୍ୟୋତିରାଜ୍ୟ ତବ ବିନା
କେବେ କି ସମ୍ଭବେ ?
ଦିଅ ମୋତେ ଦେଖା ଦିଅ ପ୍ରାଣର ଦେବତା,
ଶିବରୂପୀ କୃପା ବହ୍ନି ପ୍ରସାଦମୁଖରେ ତବ
ତାର ଏ ଅଧମେ ।

୧୨

ତୁମ୍ଭେ ହେ ପୁରୁଷ ନାରୀ    ତୁମ୍ଭେ କୁମାର କୁମାରୀ
ବୃଦ୍ଧ ତୁମ୍ଭେ ତୁମ୍ଭେ ହେ ତରୁଣ,
ଜାତ ଯାହା ଏ ସଂସାରେ    ଅଛି ଯାହା ଚରାଚରେ
ତୁମ୍ଭେ ପ୍ରଭୁ ସକଳ ନିଦାନ ।
ବିଶ୍ୱମୟ ତବ ମୁଖ ଦେଖେ ମୁଁ ସତତ
ଅନାଦିକାରଣ ବିଭୋ,
ତୁମ୍ଭଠାରୁ ପ୍ରଭବେ ଏ ନିଖିଳ ଜଗତ ।

୧୩

ଊର୍ଦ୍ଧ୍ୱ ଅଧଃ ମଧ୍ୟ ଆଦି ସ୍ଥାନ ଭେଦାଭେଦ
ନାହିଁ ଯହିଁ, ବିରାଜିତ ଅନନ୍ତ କେବଳ,
ଅଚିନ୍ତ୍ୟ ସେ ସ୍ଥାନ ତବ ଗୂଢ଼ ଅଧିଷ୍ଠାନ,
ମହାବ୍ୟାପୀ, ନାହିଁ ତବ ପ୍ରତିମା ଭୁବନେ ।

---

୧୦

ବିଶ୍ୱରୂପଂ ହରିଣଂ ଜାତବେଦସଂ
ପରାୟଣଂ ଜ୍ୟୋତିରେକଂ ତପନ୍ତଂ
ସହସ୍ରରଶ୍ମିଃ ଶତଧା ବର୍ତ୍ତମାନଃ
ପ୍ରାଣଃ ପ୍ରଜାନାମୁଦୟତ୍ୟେଷ ସୂର୍ଯ୍ୟଃ ।

୧

ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାମୃତଂ ଗମୟ ।
ଅବିରାବିର୍ମ ଏଧି ରୁଦ୍ର ଯତ୍ତେ ଦକ୍ଷିଣଂ
ମୁଖଂ ତେନ ମାଂ ପାହି ନିତ୍ୟଂ ।

୧୨

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି
ତ୍ୱଂ କୁମାର ଉତ ବା କୁମାରୀ
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି
ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ
ଅନାଦିମତ୍ତ୍ୱଂ ବିଭୁତ୍ୱେନ ବର୍ତ୍ତସେ
ଯତୋ ଜାତାନି ଭୁବନାନି ବିଶ୍ୱାଃ ।

୧୩

ନୈନଂ ଊର୍ଦ୍ଧ୍ୱଂ ନ ତିର୍ଯ୍ୟଞ୍ଚଂ ନ ମଧ୍ୟେ ପରିଜଗ୍ରଭତ୍
ନ ତସ୍ୟ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍‌ଯଶଃ ।

୧୪

ତମୋମୟ ମରରାଜ୍ୟ ଅଗୀତ ଜଗତେ
ତବ ସତ୍ତା, ଜ୍ୟୋତିର୍ମୟ ହେ ମହାପୁରୁଷ,
ଜ୍ଞାନ ମୋର ପରାହତ ସେ ତତ୍ତ୍ୱ ଚିଂତନେ,
ମୃତ୍ୟୁ ପାରେ ତାହା, ମୁହିଁ ମୃତ୍ୟୁର କିଂକର,
ବଂଦେ ଦେବ ଦିଅ ଜ୍ଞାନ ହେଉ ଗତି ମୋର,
ସଦ୍‌ଗତିର ପଂଥା ଆଉ ନାହିଁ ଜିଜଗତେ ।

୧୫

ଭଗବାନ ଆଦିଦେବ ପୁରାଣ-ପୁରୁଷ
ଅନଂତ-ବିଶ୍ୱଭୁବନ-ପରମଆଧାର,
ତୁଂହେ ଜ୍ଞାନ ଜ୍ଞେୟ ତୁଂହେ ଶ୍ରେଷ୍ଠ ଅଧିଷ୍ଠାନ
ଭବେ,
ସୃଷ୍ଟି ସାରା ବ୍ୟାପ୍ତ ତବ ଅନଂତ ବିଗ୍ରହ ।

୧୬

ବରୁଣ ଶଶାଂକ ବାୟୁ ଅଗ୍ନି ଯମ ତୁଂହେ
ପ୍ରଜାପତି ହେ ପରମପିତା,
ନମେ ମୁହିଁ ଭକ୍ତିଭରେ ଶତ ଶତ ବାର,
ନମେ ପୁଣି ବାର ବାର ହେ ଆଦିଦେବତା,
ନମେ ପଛେ ନମେ ଆଗେ ନମେ ସର୍ବ ଦିଗଭାଗେ,
ତାର ମୋତେ ମହାପ୍ରଭୁ ହେ ଅନଂତ-ବୀର୍ଯ
ପରମ ଚରମ ସର୍ବ ଆଦିଦେବ ବର୍ଯ ।

୧୭

ନମୋ ନମୋ ସତ୍ୟ ଜଗତ କାରଣ,
ନମସ୍ତେ ଚୈତନ୍ୟ ତ୍ରୈଲୋକ୍ୟନନ୍ଦନ,
ନମେ ସନାତନ ବ୍ରହ୍ମ ଏକତତ୍ତ୍ୱ
ନମୋ ସର୍ବବ୍ୟାପି ନମସ୍ତେ ଶାଶ୍ୱତ,

---

୧୪

ବେଦାହମେତଂ ପୁରୁଷଂ ମହାନ୍ତଂ
ଆଦିତ୍ୟ ବର୍ଣଂ ତମସଃ ପରସ୍ତାତ୍
ତମେବ ବିଦିତ୍ୱାଽତିମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।

୧୫

ଓଁ ତ୍ୱମାଦିଦେବଃ ପୁରୁଷଃ ପୁରାଣଃ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନଂ
ବେତ୍ତାସି ବେଦ୍ୟଞ୍ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ ।

୧୬

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁତେ ସର୍ବତ ଏବ ସର୍ବ
ଅନନ୍ତବୀର୍ଯାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।

୧୭

ଓଁ ନମସ୍ତେ ସତେ ତେ ଜଗତ୍‌କାରଣାୟ
ନମସ୍ତେ ଚିତେ ସର୍ବଲୋକାଶ୍ରୟାୟ ।
ନମୋଽଦ୍ୱୈତତତ୍ତ୍ୱାୟ ମୁକ୍ତିପ୍ରଦାୟ
ନମୋ ବ୍ରହ୍ମଣେ ବ୍ୟାପିନେ ଶାଶ୍ୱତାୟ ।

ମୁକତିର ଗତି ନମଇ ନିଶ୍ଚେ !
ନଶ୍ୱର ଜଗତେ ତୁଂଭେ ହେ ଶରଣ
ବରଣୀୟ ଦେବ ଜଗତ କାରଣ,
ସକଳ ପ୍ରକାଶି ନିଜର ପ୍ରକାଶ
ତୁଂଭ ଯୋଗୁଁ ଦେବ, ସର୍ଗ ସ୍ଥିତି ନାଶ,
ଅଗତିର ଗତି ନାହିଁ ତୁଂଭ ଗତି,
ଏକରୂପ ଦେବ ନାହିଁ ହେ ନିବୃତ୍ତି,
ନିବୃତ୍ତିର ହେତୁ ଅଟ ହେ ପ୍ରଭେ ।
ଯେତେ ଭୟଂକର ଅଛି ଏହି ଭବେ
ତବ ଶ୍ରୀମରୂପେ ନମଂନ୍ତି ସରବେ,
ତଥାପି ହେ ତୁଂଭେ ସକଳର ଗତି,
ପବିତ୍ର ସରବେ ଲଭି ତବ ଶକ୍ତି,
ତୁଂଭେ ଏକା ସିନା ଜଗତକରତା,
ତୁଂଭେ ଏକା ନିଜ-ପଦର ନିୟଂତା,
ଯେତେ ଶ୍ରେଷ୍ଠ ତାର ଶ୍ରେଷ୍ଠତମ ତୁଂଭେ,
ରକ୍ଷକମାନଂକ ରକ୍ଷକ ଏ ଭବେ,
ତବ ବିନା ଦେବ, କାହିଁ ହେ ଗତି ?

ପ୍ରଭୁ ଲୋକନାଥ ସର୍ବରୂପ ଧର,
ଅବ୍ୟୟ ଅକ୍ଷୟ ଇନ୍ଦ୍ରିୟ ହେ ପୂର୍ଣ୍ଣ
ସର୍ବ ଘଟେ, କିଂତୁ କେନ୍ଦ୍ର ତବ ସତ୍ତ୍ୱ
ନିର୍ଦ୍ଦେଶ କରିବ ନାହିଁ ହେ କ୍ଷମତା,
ଇଂଦ୍ରିୟ ଅଜ୍ଞାତ ଅଚିଂତ୍ୟ ହେ ସତ୍ୟ
ବ୍ୟକ୍ତ କର ଦେବ ଅନଂତ ଜଗତ,
ସର୍ବବ୍ୟାପି, ତୁହ ନହେ ବ୍ୟକ୍ତତତ୍ତ୍ୱ,
ମାୟାମୋହେ ନିଶ୍ଚେ ଜଡ଼ିତ ସତତ,
ତାର ମୋତେ ମୁହିଁ ବିମୂଢ଼ମତି ।
ଦିଅ ମୋତେ ବର ତୁଂଭର ଭଜନେ,
ଯାଉ ଏ ଜୀବନ ତୁଂଭରି ସ୍ମରଣେ,
ଜଗତର ସାକ୍ଷୀ· ଜଗତକରତା
ନମେ ଅନୁଦିନ ପ୍ରାଣର ଦେବତା,
ଏକା ତୁଂଭେ ବିଶ୍ୱ ଅବଲଂବସାର,
ନାହିଁ କିଂତୁ ତବ ଆଶ୍ରୟ ଆଧାର ।
ଭବପାରାବାରେ ଏକା କର୍ଣ୍ଣଧାର,
ଆଶ୍ରାଦିଅ ଦେବ ଦିଅ ସୁଗତି ।

---

ତ୍ୱମେକଂ ଶରଣ୍ୟଂ ତ୍ୱମେକଂ ବରେଣ୍ୟଂ
ତ୍ୱମେକଂ ଜଗତ୍କାରଣଂ ସ୍ୱପ୍ରକାଶଂ
ତ୍ୱମେକଂ ଜଗତ୍ପାତୃକର୍ତ୍ତୃପ୍ରହର୍ତ୍ତୃ
ତ୍ୱମେକଂ ପରଂ ନିଶ୍ଚଳଂ ନିର୍ବିକଳ୍ପଂ ।
ଭୟାନାଂ ଭୟଂ ଭୀଷଣଂ ଭୀଷଣାନାଂ
ଗତିଃ ପ୍ରାଣିନାଂ ପାବନଂ ପାବନାନାଂ
ମହୋଚ୍ଚୈଃ ପଦାନାଂ ନିୟନ୍ତୃ ତ୍ୱମେକଂ
ପରେଷାଂ ପରଂ ରକ୍ଷଣଂ ରକ୍ଷଣାନାଂ ।

ପରେଶ ପ୍ରଭୋ ସର୍ବରୂପାବିନାଶିନ୍
ଅନିର୍ଦ୍ଦେଶ୍ୟ ସର୍ବେନ୍ଦ୍ରିୟାଗମ୍ୟ ସତ୍ୟ
ଅଚିନ୍ତ୍ୟାକ୍ଷର ବ୍ୟାପକାବ୍ୟକ୍ତତତ୍ତ୍ୱ
ଜଗଦ୍ଭାସକାଧୀଶ ପାୟାଦପାୟାତ୍ ।
ବୟଂ ତ୍ୱାଂ ସ୍ମରାମଃ ବୟଂ ତ୍ୱାଂ ଭଜାମଃ
ବୟଂ ତ୍ୱାଂ ଜଗତ୍ସାକ୍ଷିରୂପଂ ନମାମଃ
ସଦେକଂ ନିଧାନଂ ନିରାଲମ୍ବମୀଶଂ
ଭବାମ୍ଭୋଧିପୋତଂ ଶରଣ୍ୟଂ ବ୍ରଜାମଃ ।

୧୮

ଧ୍ୟାନ କରୁଁ ସର୍ବବ୍ୟାପୀ ସେ ମଙ୍ଗଳମୟ
ସର୍ବଲୋକ ପ୍ରକାଶକ ଜଗତ ନିଦାନ
ସର୍ବଲୋକ ପ୍ରସବିତା ବୁଦ୍ଧିର ଅଗମ୍ୟ
ଜ୍ଞାନବୁଦ୍ଧି ସକଳର ପ୍ରେରକ ନିୟଂତା
ମହନୀୟ ଜ୍ଞାନ ତାଂକ ବରଣୀୟ ଶକ୍ତି
ଧ୍ୟାନ କରୁଁ ଅବିରତ ସେ ବିଶ୍ୱବିଧାତା ।

୧୯

ଯାଉ ଦେବ, ତବ କୃପାବଳେ
ଅଜ୍ଞାନ ଅଂଧାର ମୋର
ନ ରହୁ ହେ ଦିବା ରାତି ସଦ୍‌ସଦ୍ ଭେଦ
ପରମ ମଂଗଳମୟ ବିଶ୍ୱ ସବୁ ଭବେ
ଜ୍ଞାନର ଆଧାର ତୁଂଭେ ସଦା ଏ ଜଗତେ
ସବିତା ପୂଜିତ ଦେବ ଆହେ ନିର୍ବିକଳ୍ପ ।

୨୦

ସର୍ବଦେବ ଶକ୍ତି ହେତୁ ସର୍ବଦେବ ପିତା
ବିଶ୍ୱରାଜ ସ୍ୱାମରୂପୀ ହେ ସର୍ବଜ୍ଞାତା,
ଆଦିଭୂତ ଯାହା ଭବେ ତୁଂଭ ସୃଷ୍ଟି ତାହା,
ମର ଦେହେ ଦିବ୍ୟବୁଦ୍ଧି ଦିଅ ମୋତେ ଶିଘ୍ରେ ।

୨୧

ଏକରୂପ ବର୍ଣ୍ଣମାନ-ବ୍ରହ୍ମାଂଡ କରତା
ଶକ୍ତିବଳେ ବହୁ ବିସ୍ତୃତ
ଆପ୍ତକାମ ହୀନସ୍ୱାର୍ଥ ବହୁରୂପମୟ,
ସୃଷ୍ଟି ଆଦ୍ୟେ ସାରବିଶ୍ୱ ତୁଂଭ ଦେହୁ ଜାତ,
ସୃଷ୍ଟି ଅଂତେ ଲୀନ ତବ ଦେହେ,
ମରଦେହେ ଦିବ୍ୟଜ୍ଞାନ ହେଉ ମୋର ଶିଘ୍ରେ ।

---

୧୮

ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ
ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ ।

୧୯

ଯଦା ତମସ୍ତନ୍ନ ଦିବା ନ ରାତ୍ରି-
ର୍ନସନ୍ନ ଚାସଚ୍ଛିବ ଏବ କେବଳଃ
ତଦକ୍ଷରଂ ତତ୍ସବିତୁର୍ବରେଣ୍ୟଂ
ପ୍ରଜ୍ଞା ଚ ଯସ୍ମାତ୍ ପ୍ରସୃତା ପୁରାଣୀ ।

୨୦

ଯୋ ଦେବା ନାଂ ପ୍ରଭବଶ୍ଚୋଦ୍ଭବଶ୍ଚ
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ
ହିରଣ୍ୟଗର୍ଭଂ ଜନୟାମାସ ପୂର୍ବଂ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ।

୨୧

ଯ ଏକୋଽବର୍ଣ୍ଣୋ ବହୁଧା ଶକ୍ତି ଯୋଗାତ୍
ବର୍ଣ୍ଣାନନେକାନ୍ ନିହିତାର୍ଥୋ ଦଧାତି
ବିଚୈତି ଚାନ୍ତେ ବିଶ୍ୱମାଦୌ ସ ଦେବଃ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ।

୨୨

ସର୍ବେ ଭବେ ହୁଅନ୍ତୁ ହେ ସୁଖୀ,
ନିରାମୟ ହୁଅନ୍ତୁ ସରବେ,
ସର୍ବେ ଦିବ୍ୟଜ୍ଞାନେ ଶୁଭ ଦେଖନ୍ତୁ ଜଗତେ,
ଦୁଃଖଭାଗୀ କେହି ନୋହନ୍ତୁ ଲବେ ।

୨୩

ତବ କୃପାବଳେ ଶୁଭ ହେଉ ଦିବସ୍ପତି
ପ୍ରାଣେ ମୋର ଅଧିଷ୍ଠାନ ଯାର
ଅପାନଦେବତା ଶୁଭ ହୁଅନ୍ତୁ ବରୁଣ
ଦିବ୍ୟ ହେଉ ନେତ୍ର ବପୁ ବଳ ।

ନମେ ବ୍ରହ୍ମ ନମେ ସତ୍ୟ ବ୍ରହ୍ମରୂପୀ ବାୟୋ
ପ୍ରତ୍ୟକ୍ଷ ବ୍ରହ୍ମ ହେ ସର୍ବବ୍ୟାପି ପ୍ରାଣମୟ,
ତୁମ୍ଭଙ୍କୁ କହିବି ଭବେ ପ୍ରତ୍ୟକ୍ଷ ହେ ଭୂମା
ଯଥାର୍ଥ କହିବି, ସତ୍ୟ କହିବି ସର୍ବଦା,
ରକ୍ଷାକର ମୋତେ ରକ୍ଷା କର ଭକ୍ତେ ତବ,
ତବ ଭକ୍ତ ଏ ସଂସାରେ ନ ପଡୁ ପାତକେ,
ଦିବ୍ୟ ଶାନ୍ତି ସୁଧା ବର୍ଷୁ ଏ ବିଶ୍ୱମଣ୍ଡଳେ,

ଶାନ୍ତିରେ ରହନ୍ତୁ ସର୍ବେ,
ଶାନ୍ତି ହେ ଭୁଞ୍ଜନ୍ତୁ ଭବେ,
ଶାନ୍ତି ଶାନ୍ତି ଶାନ୍ତିରେ ଏ ଯାଉ ମୋ ଜୀବନ ।

---

୨୨

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାକ୍ ଭବେତ୍ ।

୨୩

ଓଁ ଶଂ ନୋମିତ୍ର ଶଂ ବରୁଣଃ
ଶଂ ନୋ ଭବତ୍ୱର୍ଯ୍ୟମା
ଶ ନ ଇନ୍ଦ୍ରୋ ବୃହସ୍ପତି
ଶଂ ନୋ ବିଷ୍ଣୁ ରୁରୁକ୍ରମଃ ।

ନମୋ ବ୍ରହ୍ମଣେ । ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମବଦିଷ୍ୟାମି । ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ । ତଦ୍ବକ୍ତାରମବତୁ । ଅବତୁମାଂ ଅବତୁ ବକ୍ତାରଂ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

# ପ୍ରଣୟିନୀ

## ଉତ୍ସର୍ଗ

ରେଭେନ୍ସା କଲେଜର ଅଧ୍ୟାପକ ପୂଜନୀୟ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଗଙ୍ଗୋପାଧ୍ୟାୟ ଏମ୍. ଏ. ଙ୍କ ପାଖେ ମୁଁ ଟେନିସନ୍ଙ୍କ ପ୍ରିନ୍ସେସ୍ ପଢ଼ିବାବେଳେ ମୋର ସେ ଗ୍ରନ୍ଥ ପ୍ରତି ଯେଉଁ ଆଦର ଓ ଆଗ୍ରହ ଜନ୍ମିଥିଲା, ତାହାର ଫଳରେ ମୁଁ ଏ ପୁସ୍ତକ ପ୍ରକାଶ କରିବାକୁ ସମର୍ଥ ହେଲି । ଏ ପୁସ୍ତକ ସଂକଳନରେ ମୋର ଯଦି କିଛି କୃତିତ୍ୱ ଥାଏ, ତାହାର ପ୍ରେରଣା ସେହି ଅଧ୍ୟାପକଙ୍କଠାରୁ ମିଳି, ମୁଁ ଏ ପୁସ୍ତକଟି ତାଙ୍କ ପୂଣ୍ୟ ନାମରେ ଉତ୍ସର୍ଗ କଲି ।

## ନିବେଦନ

ପ୍ରସିଦ୍ଧ ଇଂରେଜ କବି ଟେନିସନ୍ଙ୍କ ପ୍ରଣୀତ ପ୍ରିନ୍ସେସ୍ ନାମକ କୌତୁକ-କାବ୍ୟ ଅବଲମ୍ବନରେ ଏ ପୁସ୍ତକଟି ରଚିତ ହୋଇଅଛି । ବହୁପୂର୍ବେ ଅଂଶତଃ ରଚିତ ହୋଇଥିଲେହେଁ, ଏହା ଏ ପର୍ଯ୍ୟନ୍ତ ପ୍ରକାଶ କରି ନ ଥିଲି । ବର୍ତ୍ତମାନ କେତେକ ବିଶିଷ୍ଟବନ୍ଧୁଙ୍କ ଅନୁରୋଧମତେ ପ୍ରକାଶ କରୁଅଛି । ପୂର୍ବେ ଏହାର କେତେକ ଅଂଶ 'ମୁକୁର' ରେ ପ୍ରକାଶିତ ହୋଇଥିଲା । ତାହା ବର୍ତ୍ତମାନ ପୁନର୍ଲିଖିତ ହୋଇଅଛି । ପୁସ୍ତକ ପ୍ରକାଶର ଠିକ୍ ପୂର୍ବରୁ କେତେକ ଅଂଶ 'ସତ୍ୟବାଦୀ'ରେ ମଧ୍ୟ ପ୍ରକାଶିତ ହୋଇଥିଲା ।

ପୁସ୍ତକରେ ଯେଉଁସବୁ ଟୀକା ଦିଆଯାଇଅଛି, ସେଥିରେ ମୋର ସହକର୍ମୀ ସୁହୃଦ୍ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକ ପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ର ବହୁତ ସାହାଯ୍ୟ କରିଅଛନ୍ତି । ପ୍ରାୟଶଃ ତାଙ୍କରି କହିବା ଅନୁସାରେ ଟୀକାସବୁ ସନ୍ନିବେଶିତ ହୋଇ ଅଛି ।

ସତ୍ୟବାଦୀ ଗୃହାବାସ<br>
୨୨ । ୯ । ୧୯୧୯ } ଶ୍ରୀ ନୀଳକଣ୍ଠ ଦାସ

---

ଦ୍ରଷ୍ଟବ୍ୟ:—ଟୀକାର ସଂକେତ ସ୍ୱରୂପ ଉପର ପାଠର ଧାଡ଼ି-ସଂଖ୍ୟା ସୂଚିତ ହୋଇ ଅଛି ।

# ପ୍ରଣୟିନୀ

## ପ୍ରାରଂଭ ଭାଷଣ

ଶାରଦ ପ୍ରସ୍ଫୁଟିତ ଦିନେ ପାର୍ବଣ ଉତ୍ସବେ,
ବିଦ୍ୟାଳୟ ଅବକାଶେ ପର୍ବ ନିମନ୍ତ୍ରଣେ,
ପଲ୍ଲୀପଲ୍ଲୀ ବନ୍ଧୁବାସେ, ପୀରତି ସୋହାଗେ ।
ଲଭି ନିମନ୍ତ୍ରଣ ପ୍ରତି ସହପାଠୀ ନିକଟେ
ନରନାରୀ ପୁରବାସୀ ଜାନପଦ-ଜନେ

ମିଳିଥିଲେ ତହିଁ, ରୋଳେ ମୁଖର ସେ ପୁଣି,
ପୌର୍ଣ୍ଣମାସୀ ସମାଗମେ ସିନ୍ଧୁ କି ଉଚ୍ଛୁଳେ ?
ଅଗସ୍ତ୍ୟ ଉଇଁଲେ ନଭେ ଚିଲିକା ଗରଭେ
ପୁଲକେ ପତତ୍ରିକୁଳ ସମାଗମ କିବା ?
ସେ ବନ୍ଧୁ ଭବନେ ସୁଖେ ଉତ୍ସବ ଚହଳେ

ମିଳିଲୁ ସପତ ସଖା, ବିହାର-ବାନ୍ଧବ ।
ବନ୍ଧୁ ନିମନ୍ତ୍ରଣେ ତହିଁ ସେ ବନ୍ଧୁ-ଭଗିନୀ
ସୋଦର ମମତା ବନ୍ଧ ମିଳିଲେ ସଂଗତେ,
ରଂଗରସ ସୋହାଗିନୀ ବିଦୂଷୀ ତରୁଣୀ
ସୌଖୀନ ଗରବମୟୀ କୁମୁଦିନୀ ବାଳା ।

ହାସ ପରିହାସ ରସ ସୋହାଗ ସଂପଦେ,
ଆଳାପ ମେଳାପେ, ଲଘୁ ପୁଲକିତ ପ୍ରାଣେ,
ଭ୍ରମିଲୁ ସରବେ ପର୍ବ ଅବକାଶ ସୁଖେ ।
ବୁଲି ବୁଲି ଦେଖିଲୁ ସେ ଜନତା-ଗହଳେ
ସଂସତାନେ କାହିଁ ଅବା ସଂଗୀତ-ରଭସେ

ମାତି ଥୋକେ ଚନ୍ଦ୍ରଲୋକ-ପରଶ ଉନ୍ମାଦେ;
ସରସ ଆମୋଦେ କେହି ଖେଳ କଉତୁକେ
ହାସ-ପରିହାସେ ରତ ଲଘୁ ଆଳାପନେ;
ବିଦ୍ୟାର ଗରବେ ଥୋକେ ଏଡ଼ି ରଂଗରସ,
ଅଧ୍ୟାପର ଗୁରୁଦୋଷେ ବିଶୁଷ୍କ ପର୍ବଣେ

ମାତିଥିଲେ ବିଜ୍ଞାନର ନୀରସ-ଜଳ୍ପନେ;
ଅଧ୍ୟାପକ ଗୁରୁଭାଷା ଗମ୍ଭୀର ଭାରତୀ,
କଠୋର ସେ ବିଦ୍ୟାଳୟ ଶାସନ-ନିୟମ,
ଯେଣୁ ଛାତ୍ରକୁଳ କାହିଁ ଆଲୋଚନ-ପଟୁ ।
ବିମୋହନ ସେ ଭବନ ମନ୍ଦିରେ ମନ୍ଦିରେ

ଛକେତେ ଗୁରୁଛବି ବର୍ଣ୍ଣ ରୁଚିର ଚନ୍ଦନେ,
ସୁବର୍ଣ୍ଣର ଚନ୍ଦ୍ର କେତେ ଦୀପ-ଚିତ୍ରରୂପ,

୮ । ଶରତକାଳରେ ଅଗସ୍ତ୍ୟ ତାରା ଉଦିତ ହେଲେ ଜଳ ପରିଷ୍କାର ହୁଏ ଓ ପକ୍ଷୀମାନେ ଚିଲିକାକୁ ବିଶେଷ ଆସନ୍ତି

୧୧ । ବିହାର = ମଠ, ଛାତ୍ରାବାସ; ବିହାର-ବାନ୍ଧବ = ସହପାଠୀ ।

୨୦ । ରଭସେ—ଉନ୍ମାଦନାରେ, ଆଗ୍ରହରେ ।

ଅତୀତ-କାହାଣୀ-ମୂକସାକ୍ଷୀ ବରବାମା,
ସ୍ଥପତିର ଶ୍ରେଷ୍ଠ ଶିଳ୍ପ ସ୍ତଂଭତୋରଣରେ,
ଆର୍ଯକଳା କୁଶଳତା ଦେଖାଇ ଗରବେ,

ଶାରଦ ବିମଳ ଦ୍ୟୁତି ପ୍ରକୃତି ବିଗ୍ରହେ,
ହରୁଥିଲେ ମନ ସେହି ପୂଜାର ସଂଗ୍ରହରେ ।
ଦେଖାଇଲେ ବଂଧୁ ମମ ବୁଲି ଘରେ ଘରେ
ଏକେ ଏକେ ସଯତନେ, ସଜୀବ ମୂରତି,
ସ୍ମୃତୀର ସ୍ଥପତି କଳା, ରୁଚିର ଗଢଣ ।
କାହିଁ ଅବା ସୁସଜ୍ଜିତ ଭିତ୍ତିର ବିଗ୍ରହେ
ପ୍ରାଚୀନ ବିରଚ୍ଛ ବର୍ମ ବାଦ୍ୟ ତରବାରୀ
ଭଲ୍ଲ ଚର୍ମ ଶିରସ୍ତ୍ରାଣ ଯୁଦ୍ଧ - ଉପାସ୍ତ୍ରନ;
ଭିତ୍ତିର କଂଦରେ କାହିଁ ମର୍ମରବିଗ୍ରହେ
ବିମଳ ପାଷାଣ ନେହେ ଶ୍ରୀମକାଂତ ତେଜେ

ଅଭିଯାନ ବେଶେ ବୀର; କୁଳଟେ କାହିଁ
ଅବହ୍ନିତ-ଅଂତେବାସି-ଜନତା-ଚହଳେ
ମର୍ମର-ଖୋଦିତ-ବପୁ ବିଜ୍ଞାନ-ବିଭବେ;
ଉନ୍ନତ ମହିମମୟ ଜୀବଂତ କି ସତେ ?
ସୌମିନୀ ଗରବେ କାହିଁ ଜ୍ଞାନ ଗରବିଣୀ
ଅତୀତ-ଗୌରବ ଗାଥା ପ୍ରସ୍ତରେ ମର୍ମରେ;
ଶୁକଚଂଚୁ ନାସାପୁଟ ଶିଳ୍ପ ବିରଚନେ
ଜୀବନ-ଇଂଗିତେ ହେଲେ ଭ୍ରମଏ ମାନବେ;
ପାଷଣ ନୟନ ଭଂଗୀ ଖୋଦିତ ଅଧର
ବିକାଶଇ ବିଜ୍ଞାନର ସ୍ଥିର ନିବଚନ ।

ଅତୀତ ବିଭବ ଯେନି କେତେ ଏହିପରି
ଖୋଦନ ଗଢଣ, ତହିଁ ଭ୍ରମି ଠାବେ ଠାବେ,
ଅତୀତ ଗୌରବ କଥା କହି କେତେରଂଗେ,

ପୁରାଣ ପୁସ୍ତକ ମେଳେ ବିସ୍ମିତର ବେଗେ
କଟାଇଲୁ କାଳ ତହିଁ; ଦେଖୁ ଦେଖୁ କ୍ଷଣେ

ଜୀବନର କ୍ଷୀଣଧାରା ଅତୀତୁ ଅତୀତେ
ଗଲା କାଳ ପ୍ରତିକ୍ଷଣେ; ପୁରାଣ ଅତୀତ
ଉତ୍ତୁଂଗ ସେ ମଣ୍ଡପରେ ବିସ୍ମୟ ଗରବେ
ପୂରିଲା ପରାଣ; ଚକ୍ଷୁ ବୁଡ଼ିଲା ପୁଲକେ ।
ବୁଲୁ ବୁଲୁ ଭିତ୍ତିପାଶେ ନାରୀସମାଗମ

ଦେଖି, ବଢ଼ି କୁତୂହଳ, ରହିଲୁ ସରବେ ।
ସ୍କଂଧପରେ ଦେଇ ଭରା ଲଂଘି ବଂଧୁଜନେ,
ଦେଖିଲି ଜନତା ଭେଦି, ପ୍ରତିମାର ମେଳେ
ଉଦାର ରମଣୀ ତହିଁ; ପ୍ରାଚୀନ ବିଧାନେ
ଖୋଦିତ ସେ ବରବପୁ, କାହିଁ ଯୁଦ୍ଧବେଶେ,

କାହିଁ ବା ଷୋଡ଼ଶ-କଳା ବିଜ୍ଞାନ-ଗରବେ
ଶିଷ୍ୟଦଳ ଯେନି ପାଶେ; ଉପଦେଶ ବାଣୀ
ବିକଶି ଲପନେ ଉଠେ; ଶୁଣି ଶୁଣି
ବିଭାସଇ ମନେ ଅବା ସେ ଶିଳା-ବିଗ୍ରହେ !
ଅଧ୍ୟାପକ ବେଶ ଦେଖି ରମଣୀ ବପୁଂରେ,

ଅଭିଯାନେ ବୀରଭୂଷା ସେ ବର ଯୋଷିତେ,
ବିଦ୍ରୂପେ କହିଲେ ଛଳ ବଂଧୁ କେହି ମମ
ତରୁଣ-ସୁଲଭ-ରସେ ଚପଳଗରବା,
"ବାଳ'ବରେ ବଢ଼େ ଏ ଅଧ୍ୟାପକ ଭୂଷା,
ଏ ରଣରଂଗିଣୀବେଶ ରମଣୀ ବିଗ୍ରହେ !

୩୪ । ସ୍ଥପତି—ଖୋଦକଶିଳ୍ପୀ । [ଚିତ୍ରକାର ନୁହେ ]।
୪୩ । ଉପାସ୍ତ୍ରନ—ଉପକରଣ । ୫୦ । ସୌମିନୀ—ବେଦବର୍ଣିତ ବିଦୁଷୀ ରମଣୀ ।
୫୪-୫୫ । ବିଜ୍ଞାନର ସ୍ଥିର ସିଧାଂତସବୁ କହିଲାପରି ପ୍ରତିମାରମୁଖରୁ ଜଣାପଡ଼ୁଥିଲା ।

ହୁଅଂତା କି ଏ ପୁରାଣ-ଖ୍ୟାତ ନବଯୁଗ ?
ପୁରାଣ ମହତ ସତେ ପଦ୍ମା ପ୍ରମୀଳା
ଅବତରି ଏ ମରତେ ଏହି କଳିକାଳେ
ରଣରଂଗେ ଅପାଂଗର ଅଲକ୍ଷ୍ୟ ବେଧନେ
ଚାରୁ-ଭ୍ରୂରୁ ଶରାସନ ମୋହନ-ଟଂକାରେ

ଅମରେ ହଅଂତେ ଟାଳ, ନର ସ୍ଥିର କିବା !
ଗୁରୁକୁଳେ କୁଳପତି ହୁଅଂତେ ରମଣୀ,
ଗୁରୁ ଅଧ୍ୟାପକ ଛାଡ଼ି ହସୁଥାଂତେ ତୋଟା;
ତରଳ ମୋହନ ଗୀତେ ବିଜ୍ଞାନର ବାଣୀ,
କଂବୁକଂଠେ ରୁଚିର ସେ ଉପଦେଶ ଗାଥା,

କୁଂଦକଂଦ ଦଶନର ମୋହନ ବିକାଶ,
ନିମିଷେ କରଂତା କିଶ ଶିଷ୍ୟର ପରାଣ;
ଉପଦେଶେ କି ପୀୟୂଷ ହୁଅଂତା ପ୍ରଚୁର !
ନାରୀଏ ହୁଅଂତେ ଭବେ ବଶ୍ୟବିଜୟିନୀ,
ଯୁଦ୍ଧଧ୍ୱଜା ବିଜୟୀର ଉଡ଼ଂତା ନିଶାଣ,

ବାମା କଂଠେ ବିଦ୍ୟାଳୟ ହୁଅଂତା ଧ୍ୱନିତ,
କେଉଂତେ କି ଅବକାଶ ଗୃହ ବିଦ୍ୟାଳୟେ ?
ବିଚାର ଆସନେ ନାରୀ ବସଂତେ ଗରବେ,
ପୁରୁଷ ପରାଣଦଂଡ ହୁଅଂତା ମଧୁର,
ଏଣୀଦୃଶାଂକର ଚାରୁ ଦଶନ-ବିନ୍ୟାସ,

ସରୋଜେ ଶୈବାଳ ନିଂଦି କୁଂଚକେଶଦାମ,
ସୋହାଗ-କଟାକ୍ଷ-ଭ୍ରୂରୁ, କଳକଂଠ ତାନ,
ବରାଂଗ-ଲତିକା-ଖେଳେ ବିଭ୍ରମର ଭଂଗୀ,
କଠୋର କରମକ୍ଷେତ୍ରେ, ରୁକ୍ଷ-ବିଦ୍ୟାଳୟେ,
କରଂତା ନିମିଷେ ଆହା ପ୍ରେମ-ରଂଗଭୂମି !

ମଂତ୍ରେ ଆଶୀବିଷ ପରି ରହଂତେ ପୁରୁଷେ !
ରମଣୀ ହୁଅଂତେ ନର, ନାରୀ ନରରୂପେ
ଯଶ ସଉରଭେ ଦେଶ କରଂତେ ମୋହିତ ।”
ଶୁଣୁଥିଲି କୁମୁଦିନୀ ଗଂଭୀର ମଉନେ
ନିର୍ନିମେଷ ନେତ୍ରଯୁଗେ ଚାହିଁ ବଂଧୁ ମୁଖ,

କହିଲି କ୍ଷଣେକ ପରେ; ଚାରୁ ଓଷ୍ଠଯୁଗ
ତିଳଫୁଲ ଜିଣି ନାସା ହେଲା ବିସ୍ଫାରିତ;
କହିଲି ସେ, “ଅହଂକାରୀ ମାନବ ଜଗତେ,
ଅଜ୍ଞାନ ତିମିରେ ରଖି ରମଣୀ ସତତ,
ଯାହାଇଛା ଅପଳାପ କରେ ସେ ବିଦ୍ରୂପେ;

କାହାର ଏ ଦୋଷ ? ଯଦି ଜ୍ଞାନର ଆଲୋକ
ପାଆଂତେ ରମଣୀକୁଳ, ପୁରୁଷ ରମଣୀ
ହୁଅଂତେ ସମାନ ନିକି ? ନିସର୍ଗ ବିଧାନେ,
ନିରପେକ୍ଷ ବିଶ୍ୱମାତ ସ୍ୱାଧୀନ ବିକାଶେ,
ପିତାମହ ପାଳନରେ, ସଂଭବ କି ଭେଦ

ମାନବେ ମାନବେ ? ନାରୀ ନୁହେ ହୀନ ନର;
ନର ନୁହେ କଦାଚନ ଆଦର୍ଶ ନାରୀର ।
ସଂତାନ ପାଳନେ ନାରୀ ପ୍ରାଣର ଶୋଣିତ
ଦେଇ ଶିଶୁ କରେ ବଡ଼, ସିଂହ ବ୍ୟାଘ୍ର ଆଦି
ଅଗଣିତ ପଶୁକୁଳ ଖେଚର ଭୂଚର

ସରବେ ହୁଅଂତି ଗଢ଼ା ନାରୀ ଆଦରଶେ;
ନାରୀହିଁ ଜଗତେ ଆଦ୍ୟା ଆଦର୍ଶ ଶିଶୁର ।”
ସତ୍ୟଦୃଢ଼ ସ୍ୱରଲୟେ ଏ ବାଗ୍ମି-ଘାରଣୀ
ନିରୋଧି କହିଲେ ବଂଧୁ ଧୀର ପରିହାସେ,
ମଧୁର ଆମୋଦ ଭଂଗେ, ମୃଦୁ ଗୁରୁସ୍ୱରେ,

---

୮୨ । ପ୍ରମୀଳା ଏବଂ ତାହାର ପଦ୍ମା ନାରୀସେନା କପଟ ଅର୍ଜୁନ ସଂଗେ ଯୁଦ୍ଧର ଉଦ୍ୟମ କରି, ପରେ ଅର୍ଜୁନଂକୁ ବିବାହ ହୋଇଥିଲେ, ତାହା ମହାଭାରତ ଅଶ୍ୱମେଧ ପର୍ବରେ ଅନୁସନ୍ଧେୟ ।

୯୯ । ପୁରୁଷ = କଠୋର । ୧୦୬ । ଆଶୀବିଷ = ସର୍ପ ।

"ବାଳିକା ଏ କୁମୁଦିନୀ, ଦେଖ ତା ମମତା
ଆଣିଂତା ସେ ନବଯୁଗ, ହୋଇଥାଂତା ଯେବେ
ରମଣୀ ମସ୍ତକମଣି ରାଣୀ କେଉଁ ଦେଶେ;
ଅବେଦ ନରେ କରି ତ୍ୟକ୍ତ ରମଣୀର,
ରମଣୀର ଚେତକେ ବିଶ୍ୱ କରି ଆଲୋକିତ;

ରମଣୀର ଜ୍ଞାନେ ପୁଣି ରମଣୀ ସମ୍ମାନେ
ରମଣୀ ଶାସନ ଦଂଡେ ଶାସଂତା ଧରଣୀ ।
ଚିଂତା ନାହିଁ କୁମୁଦିନୀ, ସଧୁ ଏ କଳ୍ପନା;
ହେବ ନାରୀରାଜ୍ୟ ବିଶ୍ୱେ, ଆସିବ ସେଦିନ ।"
ଅଗ୍ରଜ ପ୍ରତିମ ମମ ବଂଧୁ ପରିହାସେ

ଉପଦେଶ ମମତାର ଏ ମଧୁର ଭାଷା
ଶୁଣି କୁମୁଦିନୀ କହେ, ଅର୍ଦ୍ଧ ପରିହାସେ
ଅର୍ଦ୍ଧ ସତ୍ୟ ଦଂଭ ଅବା ଲୁଚାଇ ଗୋପନେ,
"ସତେ ହୋଇଥାଂନ୍ତି ଯେବେ ନୃପତି ନଂଦିନୀ,
ଥାଆଂନ୍ତା ଶକ୍ତିମନ୍ତ, ଥାଆଂନ୍ତା ବିଭବ,
କରଂତି ପରାଣପଣ, ନାରୀ ଶିକ୍ଷା ଲାଗି

ବସାଂନ୍ତି ନାଳଂଦସମ ମହା ବିଦ୍ୟାଳୟ,
ପୁରୁଷର ଛାୟା ତହିଁ ନ ପଡ଼ଂତା ଲବେ,
ପ୍ରାଣଦଂଡ ଭୟେ ତହିଁ ଏଡ଼ଂନ୍ତି ପୁରୁଷେ ।"
ଶୁଣି ଏହା ବଂଧୁ କେହି କହେ, ମୋତେ ଚାହିଁ

"କୁମୁଦହାସିନୀ ବାଳା କୁମୁଦିନୀ ଏବେ
ନୃପତି ନଂଦିନୀ ଜେମା; ହେବେଯେବେ ଭାଇ
ସୋହାଗର ଏ ଆମୋଦେ ନୃପତିନଂଦନ,
ପରବ-ଉତ୍ସବେ ଏଥି ଅଭିନୟରସେ
କଟାଇବା ଦିନ ଆଜି ବାଗ୍‌ଦେବୀ ସେବନେ;

ଫିଟାଇବା ଅଭିନୟେ ରମଣୀ ନଳଂଦ,
ପ୍ରବେଶେ ପୁରୁଷ ହେବେ ପ୍ରାଣଦଂଡଭାଗୀ,
ରସିବେ ରମଣୀ ତହିଁ ବିଜ୍ଞାନ ଗରବେ,
ନର ଦାସତ୍ୱର ପାଶ ଏଡ଼ିବେ କୁମାରୀ ।"
କହିଲି ମୁଁ ପରିହାସେ "ହେବି ରାଜସୁତ ।"

ସମ୍ମତି ଭଣିଲେ ଏକେ ଏକେ ବଂଧୁଜନେ ।
ମାତିଗଲୁ ଅଭିନୟେ, ସପ୍ତବଂଧୁକ୍ରମେ
ଏକେ ଏକେ ରାଜସୁତ ସେ ନାଟକ ରସେ ।
ରମଣୀଏ ଥିଲେ ତହିଁ, ଗାଇଲେ ମୋହନ
ପୁରୁଷ-କୋକିଳ-ଜିଣା ସପ୍ତସ୍ୱର ତାନେ

ମଧ୍ୟ ମଧ୍ୟେ ବିନୋଦନ ସଂଗୀତ ମଧୁର ।
ଅର୍ଦ୍ଧ ସତ୍ୟ ଆଦରଣେ, ଅର୍ଦ୍ଧ ପରିହାସେ,
କଉତୁକ ଅଭିନୟେ, ହେଲି ଏହିପରି
ଅଦଭୁତ ଏ କବିତା କାବ୍ୟ ରଂଗ ଛଳେ,
ବିଚିତ୍ର ଏ କଉତୁକେ, ସେ ସୁଖ ମିଳନେ ।

ଚହିଲେ ସେ ଅଭିନୟେ ରାଜସୁତ ରୂପେ
କବିତା'ର ଛଂଦୋବଂଧେ ଆରଂଭିଲି ମୁହିଁ ।

---

୧୪୭ । ନଳଂଦ – ପ୍ରାଚୀନକାଳରେ ମଗଧର ନଳଂଦ ନାମକ ସ୍ଥାନରେ ଏକ ପ୍ରକାଂଡ ବିଶ୍ୱବିଦ୍ୟାଳୟ ଥିଲା । ଚୀନପରିବ୍ରାଜକ ହୁଏନ୍‌ସାଂ ଏହିଠାରେ ପାଂଚ ବର୍ଷ ପାଲି, ସଂସ୍କୃତ ଓ ବୌଦ୍ଧ ଶାସ୍ତ୍ର ଅଧ୍ୟୟନ କରିଥିଲେ ।

୧୫୭ । ଏହିଠାରେ ଏବଂ ଏହାପରେ ସର୍ବତ୍ର ବିଶ୍ୱବିଦ୍ୟାଳୟ ଅର୍ଥରେ ନଳଂଦ ଶବ୍ଦ ବ୍ୟବହୃତ ହୋଇଅଛି ।

୧୬୫ । ପୁରୁଷ କୋକିଳର କଂଠ ମଧୁରତର ।

## ପ୍ରଥମ ସର୍ଗ

ଥିଲି ନୃପସୁତ ମୁହିଁ, ଉଦୀଚୀଦିଗଂତେ
ହିମାଳୟ ଦେଶବାସେ, କମଳ ଲୋଚନ,
ଶରଦିଂଦୁ—ରୁଚି ତନୁ; ସ୍ୱଭାବ ଉପରି
ଥିଲା ମୋ ପରାଣ ସଦା ପ୍ରେମ-ପିପାସିତ;
ମଧୁ ସମାଗମେ ଯାର ଚରାଚର ଯଥା ।

କୁମାରୀ-ସୁଲଭ ଘୋର କୁଂତଳକୁଟିଳ
ଭେଦି, ତାମରସ ନିଂଦି ଶୈବାଳ-ପିହିତ,
ଶୋଭୁଥିଲା ରୁଚିର ସେ ବଦନମଂଡଳ ।
ଶୁଣିଥିଲି ମାତାମୁଖେ ପରଂପରା କଥା,
ବଂଶେ ମମ ପୁରାକାଳେ ପିତାମହ କେହି

କାଳଗତି ଅବଲଂବି, ଅନଳେ ଅରପି
ନାଶିଥିଲେ ଅଭିଚାରୀ, ଅଭିଚାର ବଳେ
ନ ଦେଖି ତା ବପୁଚ୍ଛାୟା ଆତପେ ଆଲୋକ ।
ମରଣ ପ୍ରାକ୍‌କାଳେ ସେହି ଭବିଷ୍ୟ ଭାରତୀ
କହିଲେ କଠୋର ଏହା ଅଭିଶାପ ଛଳେ;

"ଏ ବଂଶେ ଦେଖିବେ ନରେ ଛାୟା କାୟା ଭ୍ରମେ,
ଶୂନ୍ୟବସ୍ତୁଭେଦ ବାରି ନ ପାରିବେ କେହି,
ଶୂନ୍ୟ ଦେଖି ବସ୍ତୁ ଭ୍ରମେ ପରାଣ ଆବେଗେ
ହାରିବେ ଏ ବଂଶେ ଯୁବି ଛାୟା ସଂଗେ ଜଣେ ।"
ସତେ ଆଂଭକୁଳେ ଥିଲା ବ୍ୟାଧି ଚିରଂତନ,
ଜାଗ୍ରତ ସ୍ୱପନ ଦେଖି ଭୁଲିବାର ଭ୍ରମେ ।
ନିଜେ ମୋର ଥିଲା ବ୍ୟାଧି, ବଡନ୍ତ ସେ କଥା,
ହସି ଖେଳି କଥାକହି ବୁଲୁଥାଏ କେବେ
ଦିବସରେ ଲୋକମେଳେ, ସହସା ଉପରି
ଲାଗଇ ମୁଁ ଅଛି କାହିଁ ଅତିଭୂତ ରାଜ୍ୟ !

ଭୂତଯୋନି ସଂଗେ କ୍ଷଣେ ରହେ ମୁଁ ସ୍ୱପନେ ।
ରାଜସଭା ଧନ୍ୱଂତରୀ କୁଳବୈଦ୍ୟ ମମ
ରୋଗମାନଯଂତ୍ର ଧରି ବହୁ ପରୀକ୍ଷଣେ
'ଗ୍ରହାମୟ' ବୋଲି ଧୀରେ କହିଲେ ସଂଦେହେ ।
ଜନନୀ ମୋ ପ୍ରେମମୟୀ ବ୍ୟାକୁଳ ପରାଣେ

କଲେ ଭୂପଦେ ତହିଁ ପୂଜା ଅଗଣନ ।
ଗୁଣବତୀ ମାତାମମ ନାରୀର ମୂରତି,
ଶୁଦ୍ଧ-ଋଷିଭାବମୟୀ, ଦୟା ଅବତାର;
ବ୍ୟବହାର କଉଶଳ ମଧୁର ଆଚାରେ
ମୁଗ୍ଧ ପରିବାରୀ ଆଦି ପୁରବାସି ଜନେ ।

ଭାବେ ବପସୀତ ପିତା, ରାଜଧର୍ମେ ମତି;
ମଣୁଥିଲେ ସେହି ରାଜା ଦଂଡଧାରୀ ଭବେ;
ବଂଶବ୍ୟାଧି ଚିଂତା ତହିଁ ଉପେକ୍ଷି ମନରୁ,
ଧରି ଛିଦ୍ର ରାଜଦଂଡ, ଶିକ୍ଷାଗୁରୁ ଯଥା
ଦଂଡବାଳେ ଶିଶୁଦୋଷ, ପୁରଜନପଦ

ଅବହେଳେ ଭେଦି ତୀକ୍ଷ୍ଣ ରାଜଦୃଷ୍ଟି ବଳେ,
ଦୋଷୀ ଦଂଡ ବିଧାନେ ସେ ଥିଲେ ତତପର ।

---

୧୨-୧୩ । ଅଭିଚାରୀ = ଐଂଦ୍ରଜାଳିକ । ଖରରେ ଏମାନଙ୍କର ଛାୟା ପଡ଼େ ନାହିଁ ବୋଲି ପ୍ରବାଦ ଅଛି । ପୂର୍ବେ ନାନାଦେଶରେ ରାଜାମାନେ ଏହିପରି ଐଂଦ୍ରଜାଳିକମାନଂକ ପ୍ରଭାବକୁ ଭୟ କରି ସେମାନଂକୁ ପୋଡ଼ି ମାରି ପକାଉଥିବାର କିଂବଦଂତୀ ପ୍ରସିଦ୍ଧ ।

୨୬ । ଭୂତଯୋନି = ଭୂତ ପ୍ରେତ ପ୍ରଭୃତି ।

୨୭ । ଧନ୍ୱଂତରୀ = ସୁରବୈଦ୍ୟ । ରାଜସଭାର ଶ୍ରେଷ୍ଠ ବୈଦ୍ୟମାନେ ପୂର୍ବେ ଏହି ଉପାଧି ପାଉଥିଲେ ।

୨୮ । ମାନ = ମାପ, ନିର୍ଣ୍ଣୟ ।

୨୯ । ଗ୍ରହାମୟ = ଯେଉଁ ରୋଗର ନିଦାନ ଠିକ୍ କରାଯାଇ ନପାରେ । ଗୋସାଣି ଲାଗିବା ପ୍ରଭୃତି ।

ଜୀବନ ପ୍ରଭାତେ ମମ ଅତି ଶୈଶବେ,
ସୁଦୂର ଅଞ୍ଚଳେ କେବେ ବିବାହ ବନ୍ଧଂନେ
ବାଂଧିଲେ ଜନକ ମୋରେ, ପ୍ରାଚୀନ ବିଧାନେ,

ଆଠବରଷର ଶିଶୁ ରାଜକେମା କେହି
ହେଲେ ସେ ବିବାହେ ମୋର ଭବିଷ୍ୟଦ୍‌ପତ୍ନୀ;
କାଠ କି ପାଷାଣ ଥୋଇ କେମା ପ୍ରତିନିଧି,
ବିବାହର ଶୁଭକ୍ରିୟା କଲେ ସମାପନ;
ନ ଦେଖିଲି ପ୍ରଣୟିନୀ, ନ ଜାଣିଲି କିଛି

ବିବାହ ପ୍ରସଂଗ, ଗଲା ଦିନୁଦିନ ବହି;
ଶୁଣିଲଇଁ ଲୋକମୁଖେ ରୂପସୀ ପ୍ରେୟସୀ;
ତେଜସ୍ୱୀ ସୋଦରେ ତାର ବୀରଧର୍ମ-ରତ ।
ସେ ପ୍ରବାଦେ ହୃଦୟର ରତ୍ନସିଂହାସନେ
ସ୍ଥାପି ସେ ମାନସୀ ମୂର୍ତ୍ତି, ସ୍ୱପ୍ନ ବିମୋହନ
କଜ୍ଜ୍ୱଳ-ଚିକୁର ତାର ଚିତ୍ରପଟ ସନେ

ଧରିଥାଏ ହୃଦେ, କେତେ କୋମଳ କଳ୍ପନା
ପ୍ରେମିକ-ସୁଲଭ-ଲୋଳ-ଧାରଣ-ଇଂଗିତେ
ଘେରି ତାରେ ଅବିରତ ଥାଆନ୍ତି ସରାଗେ
ମଧୁଚକ୍ରେ ମକ୍ଷୀକୁଳ ମକ୍ଷୀରାଣୀ ଯଥା ।

ଏସନେ ବିତିଲା ଦିନ; ବିବାହ-ବୟସ
ହେଲା ଯହୁଁ, ପିତାମମ ପଠାଇଲେ ଦୂତ
ନାନାଜାତି ଅଳଂକାର ଉପହାର ସହ
ଆଣିବାରେ ସେ ରୂପସୀ ଆସିଲା ସେ ଫେରି
ସୁନ୍ଦର କସୁନ-ବନ୍ଧ୍ୟା-ଚରମ-ଦ୍ୟୋତିନୀ
ବସ୍ତ୍ରରାଜିସହ, ପ୍ରତି ଉପହାର ଛଳେ;

ଉତ୍ତରଟି ଅନିଶ୍ଚିତ ଧୂମଲେଖା ସରି ।
ଦେଖାହେଲା ସେ ଦେଶର ନରପତି ସଂଗେ,
ନେଇ ଉପହାର ସ୍ନେହେ କହିଲେ ସେ ଦୂତେ
"କଥା ଥିଲା, ସତ ଏହା ସେତେବେଳେ ଥିଲା
କନ୍ୟାର ବରଣେ ମତି, କି କରିବେ ପିତା ?

ଚପଳ କଳ୍ପନା ତାର, ଏକାକୀ ଜୀବନେ
ମରଣ ସୁଖ ସହଚରୀ ସଖୀଜନ ମେଳେ ।
ସ୍ଥିରକଥା, ଅନିଚ୍ଛା ତା ଯେପରି ବିବାହେ ।"

ରତ୍ନଧ୍ୱଜ ପିତୃଦୋଷେ ଶୋଷିତ-ସମ୍ବଳ
ସ୍ୱଭାବେ କୁଭୁକପ୍ରିୟ ଆମୋଦ ସର୍ବସ୍ୱ;

ପାରିଜାତ ପ୍ରାଣମମ, ସଦାସମଧର୍ମା,
ଏକସଂଗେ ସ୍ଥିତିଗତି ନାହିଁ ଭେଦ କିଛି;
ଲୋଚନ ଶ୍ରବଣ ଯଥା ଅଶେଷ ସମଗତି ।
ବନ୍ଧୁସଂଗେ ସେଦିନ ମୁଁ ରାଜଦରବାରେ
ବସିଥିଲି ପିତା ମୋର ପାଇ ସେ ଉଦନ୍ତ

ହେଲେ ମହା ରୋଷଭରେ, ଦଶିଲେ ବଦନ
ନବ ବିଧୁବିଂଧ ଯଥା ଭେଦି ଚକ୍ରବାଳ
ରକ୍ତିମ କଂପନେ ଦିଶେ ଗ୍ଳାନ ପାର୍ଶ୍ୱତର ।

ଉଠି ସେ ହଠାତ ରୋଷ-କଂପିତ ଶରୀରେ
ଦୂତକରୁ ପତ୍ର ନେଇ କରି ଶତଖଂଡ,

ଛିଂଡାଇଲେ ବସ୍ତ୍ରରାଜି ପାର୍ଶ୍ୱେ ପ୍ରକୋଷ୍ଠ ଧରି
ହେଲା ସେ ନିମିଷେ କ୍ଷୁଦ୍ର-ସୂତ୍ର-ଅବଶେଷ ।
ପ୍ରତିଜ୍ଞା କଲେ ସେ ତହୁଁ, ରାଜୋଚିତ ମତି,

୫୫-୫୭ । ବାଳକର ସୀମଂତୋନ୍ନୟନ ଓ ଗୋଦାନବିଧି ପରେ ବାଲ୍ୟବିବାହରେ ବାଳକାର କେଶରେ ବାଲ କଣ୍ଠାହୋଇ ସ୍ୱାମୀ ଘରକୁ ପଠାଇବାର କୌଣସି କୌଣସିଠାରେ ଉତ୍କଳରେ ବିଧି ଅଛି । ଏଠାରେ ରାଜପୁତ୍ର ତେଜସ୍ୱୀର ଚିତ୍ରପଟ ସଙ୍ଗେ ଏହି କେଶଗୁଚ୍ଛ ସପାଂଦ ରଖିଥିଲେ ।

୬୮ । ଘୋଡ଼ା ଯେଉଁଆଡ଼େ ଯିବେହିଁ ସେହି ଆଡ଼କୁ ତାର କାନ ବୁଲିଯାଏ ।

୮୨-୮୪ । ଚଂଦ୍ର ଦାହାରିଲାବେଳେ ଆରକ୍ତ, ବୃହତ୍ତ ଲଂବ ଓ କଂପିତ ଦିଶେ ।

ନିଯୁକ୍ତ ସଇନ୍ୟ ଯେତି ଜଣି ସେ ରାଜନେ,
ଆଣିବେ ସୁବର୍ଣ୍ଣ ବଳେ, ବୀର ବଳାତ୍କାରେ ।

କହି ଏହା ମହାବେଗେ, ଗର୍ଜି ବାରଂବାର
ସେନାପତି ଯାଇ କଲେ ସମର—ମଂତ୍ରଣା ।
କହିଲି ମୁଁ ଶୁଣି ସବୁ, "ଶୁଣ ପିତୃଦେବ
ଛାଡ଼ିଦିଅ ମୋତେ ଯିବି ରୂପସୀ ନଗରେ,
ଶୁଣି ଏ ବାରତା ମନ ନ ହୁଏ ଥିରତେ,

ପରମାଦ ଅଛି ଏଥି, ଦୂତର ବଚନେ,
ଦସ୍ୟୁଙ୍କୁ ଅତିଥି-ଚର ସେ ରାଜ-ଉଦନ୍ତେ ।
ସତ ପୁଣି ହୁଏ ଯେବେ, ଦେଖି ପ୍ରଣୟିନୀ,
ଶ୍ରବଣେ ମହତ ତାର ରୂପ-ଗୁଣ-ବାଦ
ମଣିପାରେ ହୀନ ତହିଁ, ପ୍ରବାଦ-ସଂବଳ

ସ୍ଫୁଟ ତହୁଁ ଯିବ ଲୁଚି, ସ୍ନିଗ୍ଧ ପରନ୍ତାପେ
ଏହିକି ମୁଁ ଭବିଷ୍ୟର ମରମ-ଯାତନା ।"
କହେ ପାରିଜାତ ତହୁଁ, "ସେ ରାଜ-ମହଲେ
ଅଛଇ ଭଗିନୀ ମମ କେମା ସହଚରୀ,
ଋଦ୍ଧକୁଳେ ସେ ଦେଶରେ ବିବାହ ତାହାର

ଜାଣନ୍ତି ସରବେ ଏଥି, ଶୁଣିଛି ମୁଁ ଏବେ
ଦସ୍ୟୁର ବିପ୍ଳୋଗ ତାର, ବିଧବା ସେ ତହୁଁ,
ଲଭି ଦୁର୍ଗ ସମ୍ପୂ, ବହୁ ଋଦ୍ଧ ଜନପଦ,
ଦସ୍ୟୁର ସଂପଦ ସବୁ, ଅଛି ସନମାନେ;
ଧରି ତାରେ ଯଥାଯଥ ଜାଣିବା ଘଟନା ।"

ଦରହାସେ ଋତୁଧ୍ୱଜ କହେ ମୋ ଶ୍ରବଣେ,
"ନିଅ ମୋତେ ତହିଁ ସଖା, ଭୁଲ ଯୋଗ ତବ
ହେବ ଯେବେ ଭୂତାବେଶ, ଭାଂଗିବଇଁ ଭ୍ରମ,
ମୋ ବିନୁ ଆନ କେ ତହିଁ ପାରିବେ କି ତାହା ?
ନିଅ ମୋତେ ହେବ ମୁହିଁ ସାହା ବିପଦରେ;

ଅଳସେ ପଡ଼ିଛି ଏଥି ମହା ପରମାଦେ ।"
ରୁଷ୍ଟଧର୍ମା ନରପତି ଉତ୍ତରିଲେ ପିତା
କର୍କଶ ସେ ରୁଦ୍ରସ୍ୱରେ କଠୋର ବଚନେ,
"ଯିବନାହିଁ କେହି ତୁଂଭେ, ସଂଯୋଗର ଭାବେ
ବର୍ଦ୍ଧିବଲେ ଚପଳ ସେ କିଶୋର-କଳ୍ପନା
ଭାଂଗିବୁ ଆପଣେ ଅଂତେ । ଭାଂଗ ଏ ମଂତ୍ରଣା ।"

ଅସ୍ଥିର ପବନେ ତହୁଁ ଶୁଣିଣ ଏସନ,
ନଗରୀ ସୀମଂତରୂପୀ ଶ୍ୟାମଳ-କାନନେ
ଏକାଂତ ଆସ୍ଥାନ ଖୋଜି, ନିବେଶି ଶରୀର,
ବସ୍ତ୍ର ଆବରଣ ଫେଇ, କାଢ଼ି ଚିତ୍ରପଟ

ହୃଦୟଙ୍କୁଁ, ରଖି ସଦ୍ୟ ଧୃଷ୍ଟ ଆସ୍ତରଣେ,
ପ୍ରଭାତ-ମାରୁତ-ସ୍ପୃଷ୍ଟ-ଶିଶିର-ଧଉତ-
ହରିତ ଶାଦ୍ୱଳ-ସ୍ନିଗ୍ଧ-କାନନ-ନିକୁଂଜେ
ବସାଂଗ ବିଛାଇ ଯେବେ ଭାବିଲି ସୁଚିରେ,
'କି କଳ୍ପନା ଉଦେ ମନେ ? କାହିଁ ସତ୍ୟଭଂଗ ?'

ପୁଛିଲି, ହସିଲା ମୋତେ ଗରବ-କଂପିତ
ଆଲେଖ୍ୟର ଓଷ୍ଠଯୁଗ; ପରତେ ଲଭିଲି
ପ୍ରାଂତର-କାନନ-ବାସୀ, ନିକୁଂଜ-ଝଂକାରୀ,
ସଂଗୀତ-ମର୍ମର-ଖଣ୍ଡ-ତାର-ସ୍ୱର-ଭେଦୀ,
ଅବାଚୀ-କଳୁଷ-ସାରୀ ମରୁତ-ଝଂକାରେ

---

୧୦୮ । ଋଦ୍ଧ = ସମୃଦ୍ଧିଶାଳୀ ।

୧୩୨ । ଆଲେଖ୍ୟ = ଚିତ୍ର ।

୧୩୫ । ଅବାଚୀ କଳୁଷସାରୀ = ଦକ୍ଷିଣଦିଗକୁ ବହିଯାଉଥିବ ।

କହିଲା ଯେହ୍ନେ କେ ମୋତେ,"ଯାଅ, ଅନୁସର
ଆତ୍ମକଳ୍ପନାର ପଥ, ପାଇବ ମୁକର ।"

ଦିନୁଦିନ ଗଲା ବହି, ସୂକ୍ଷ୍ମ-ଚଂଦ୍ରଲେଖା
ବଙ୍କ ଅଗସ୍ତି-ଫୁଲ, ହେଲା ଯେବେ ସ୍ନିଗ୍ଧ
ରଜତ-ବର୍ତ୍ତୁଳ, ଘୋର ନିଶାବନ୍ଦ ରାତି;

ଦେଖି ସୁପ୍ତ ଗିରି ବନ ପୁର ଜନପଦ,
ମାର୍ଜାର ଚଳନେ ଧୀରେ ସେ ରାଜ-ନନ୍ଦନ
ବାହାରିଲ ପାରିଜାତ ରଜ୍ଜୁଧ୍ୱଜ ସନେ,
ଲଂଘ ଉଚ୍ଚ ବାତାୟନ-ପ୍ରସ୍ତର-ଦେହଳୀ,
ସୂତ୍ରଲଂବ-ଊର୍ଣ୍ଣନାଭ ଝୁଲି ଅବଲଂବ,

ଡିଙ୍ଗିଲ ପ୍ରାଚୀର ଦେହେ ଏକେ ଏକେ ଧୀରେ
ନିସ୍ତବ୍ଧ ନିଶୀଥେ, ଅତି ସଭୟ ଅଂତରେ,
(କଂଠଧ୍ୱନି ପିତାଂକର ଶୁଣୁଥିଲା ଅବା
ପଛେ ପଛେ ନିରଂତର) ଛାଡ଼ି ବେଗେ ହେଲୁଁ
ଯବେ ସେ ନଗରୀ ପାର । ଦକ୍ଷିଣକୁ କ୍ରମେ

ସୁଂଦରରୁ ସୁଂଦରତର ପ୍ରାଂତର-କାନନ-
ଭୂଧର-ଉର୍ବର ଟଂକ-ଭୂମି ମାଳ ଲଂଘ,
ଲବଙ୍ଗ-କୁସୁମ-ବୃନ୍ତ-ପକ୍ୱ ଜଂବୁଫଳେ
ଆବର୍ଜିତ କୁଂଜବନ ମଧୁପ-ଗୁଂଜିତ,
ଦେଖି ନଦୀ ଗିରି-ବନ ଉଦ୍ୟାନ ବହୁତ,

ପରିଶେଷେ ଭେଟିଲ ସେ ହର୍ମ୍ୟଚୂଳମୟ
ମନୋହର ରାଜପୁରୀ, ଦେଖାହେଲା ତହିଁ
ସୁରମ୍ୟ ପ୍ରାସାଦେ ସାଧୁ ସଜ୍ଜନ; ସହିତେ

ସୋମ ନାମେ ସେ ରାଜନ ଭଗ୍ନ ଶୁଭ୍ରସ୍ୱର,
ଭଦ୍ରସ୍ମିତେ ଗଂଡସଦା ଲୁଚିର କୁଂଚିତ,

ମୃଦୁଳ ଦକ୍ଷିଣ ବାତେ ସ୍ୱଚ୍ଛସର ଯଥା ।
ଖର୍ବକାୟ ନୀରସ ସେ ବୟସ୍କ ନୃପତି;
ରାଗ-ଛନ୍ଦ-ଅଲଂକାର ବିହୁନେ ରାଜନ
ନ ବିଶଂତି ରାଜା ପରି । ତହିଁ ଦିନଦ୍ୱୟ
ଲଭି ସାଧୁ ସଭାଜନ, ତୃତୀୟ ଦିବସେ

ବିବାହ ନିବଂଧ କଥା କହିଲ ମୁଁ ଫେଡ଼ି ।
ଉର୍ମିକା-ରତନ-ଶୋଭୀ ବୃଦ୍ଧକର-ଦଂଡ
ହଲାଇ କହିଲେ ସେହୁ, "ହେ ନୃପ କୁମାର
ସମ୍ମାନିତ ଅତି ମୁହିଁ ଆଗମନେ ତବ ।
ମନେଅଛି ପ୍ରଣୟର କଥା ନିଜେ ମୋର

ଅଧିର ଯୌବନେ ମମ, ତବ ଏ ନିବଂଧ
ଅଛି ମନେ ହୋଇଥିଲା, ବହୁବର୍ଷ ତଳେ,
ସେବେ କ୍ଷେତ୍ର ଅପାଳକେ ନାଶଗଲା ସବୁ ।
ରାଜପୁତ୍ର, ଇଚ୍ଛା ମୋର—ସଂପୂର୍ଣ୍ଣ ମୋ ଇଚ୍ଛା—
ପାଇଥାଂତ ମୋ ଦୁହିତା; କିଂତୁ ଥିଲେ ଏଥି

ମଣ୍ଡି ମହାଶ୍ୱେତା ନାମେ, ଉଭୟେ ବିଧବା;
ଧନ ନାହିଁ, ରାଜ୍ୟ ନାହିଁ, ନାହିଁ ପର ପଦା,
ବାଳିକା-କଳ୍ପନା ସଦା ପୋଷିଲେ ସେ ତାର
ଅଦଭୁତ ଜଳପନେ, କହିଲେ ସେ ତାକୁ
ସମ-ଭାଷା ଶିକ୍ଷା-ଫଳେ, ସମ-ଆଦରଣେ,

---

୧୩୯-୪୦ । ବାଲଚଂଦ୍ର ଅଗସ୍ତି ଫୁଲପରି ଦେଖାଯାଏ । ରଜତବର୍ତ୍ତୁଳ ପୂର୍ଣ୍ଣ ଚଂଦ୍ରକୁ କୁହାଯାଇଅଛି ।
୧୪୨ । ବଗ ବଗୁଲ ପ୍ରଭୃତି ଶିକାରପରି ଚୁଲୁଲୁବେଳେ ଶବ୍ଦ ହୁଏ ନାହିଁ ।
୧୪୪-୪୫ । ପଥରଖିଡ଼କି ଡେଇଁ ସୂତାରେ ବୁଢ଼ିଆଣି ଓହ୍ଲାଇଲାପରି ତଳକୁ ଓହ୍ଲାଇଲେ । ଦେହଳୀ = ଦରୁଂଡି । ଊର୍ଣ୍ଣନାଭ = ବୁଢ଼ିଆଣୀ ।
୧୫୨ । ଟଂକ = ଟାଂଗୀ । ୧୫୦-ଆବର୍ଜିତ = ଆନତ (ଭୂଷିତ) ।
୧୬୫ । ସଭାଜନ = ସମ୍ମାନ ( ଅଭ୍ୟର୍ଥନା ) ୧୬୭ । ଉର୍ମିକା = ମୁଦି ।

ରମଣୀ ପୁରୁଷ ହେବେ ସମାନ ଜଗତେ ।
ଶିଖାଇଲେ ଅନୁକ୍ଷଣ; ଏହି କଳ୍ପନାରେ
ପୂରିଲା ଆମୋଦସ୍ଥଳ, ଭୋଜ, ରଂଗାଳୟ,
ନୃତ୍ୟଗୀତ ସର୍ବ୍ବ, ତହିଁ ଏହି ସେ କଳ୍ପନା;
ନାହିଁ ଆନ କଥା; ଶୁଣି ଶୁଣି ସେ ଭାରତୀ

ବଧିର ହେଲା ଏ ମୋର ଶ୍ରବଣ ଯୁଗଳ ।
ବୁଝିଲା ଦୁହିତା ମୋର ଜ୍ଞାନହିଁ ସଂସାରେ
ଅଟେ ସବୁ । ଶିଖାଇଲେ ବାରଂବାର ତାକୁ:—
'ଶୈଶବେ ଅତ୍ୟନ୍ତ ନାରୀ ଜ୍ଞାନ-ଆଲୋଚନେ;
ଛାଡ଼ି ସ୍ଥାନ ସେ ଶୈଶବ, ଉଠି ସନମାନେ,

ନାରୀ, ନାରୀ ହେବେ, ସବେ ପୁରୁଷସମାନ ।
ଏହି ମତ, ମହାଶୟ, ଧରି ସେ ଲେଖିଲା
ଅଦଭୁତ ଭୟଂକର ଗୀତ ନାନା ଜାତି।
ଅଦ୍ଭୁତ ଭୀଷଣ ନୁହେ ଏହି ଗୀତ ଏକା;
ଯାହା ସେ ଅଟଇ ଏବେ, କରଇ ବା ଯାହା

ସବୁ ଆଡ଼ମ୍ବର ତାର । ସେ ସଂଗୀତ ସବୁ
ଜ୍ଞାନଶିଶୁ ରମଣୀର ଜ୍ଞାନ-ପ୍ରସାରଣେ ।
ଆଉ କେତେ ନାନାଜାତି ବିଚିତ୍ର କବିତା,
ଗ୍ରାମ-ସାମାଜିକ-ଘୋର-ଆବର୍ତ୍ତ-ଦ୍ୟୋତନା,
ଗାଇଲେ ରମଣୀକୁଳ । ଆଲୋଚନା କେବେ

କରିନାହିଁ କବିତା ମୁଁ, ଶାଂତିର ଆଶ୍ରମେ
ରହିବାରେ ମତ୍ତ ମନ, ସଦା କବିବାଦେ,
ଜାଣଂତି ଯେ ଜନେ କିଂତୁ କବିତା ମାଧୁରୀ,
ବଂଧାଣୀର ହାତ ଲେଖା କହିବେ ସେ ସବୁ ।
ଏହିମତେ ବଂଧାଣୀ ସେ ଦୁହିତା ମୋହର

କଲା ଶେଷେ ବଶ ମୋତେ, ମାଗିଲା ସେ ବରେ
ଗ୍ରୀଷ୍ମ-ପ୍ରାସାଦ ମୋର, ତବ ପିତୃରାଜ୍ୟ
ସୀମାରେ ସେ; ପ୍ରଥମେ ମୁଁ ଭରି ଦେଲି 'ନାହିଁ',
ସିଧା ଭଳି ଲୋକ ମୁହିଁ ଯେଣୁ, ଦେଲି ଶେଷେ ।
ସ୍ଥାପିବାକୁ ନଳଂଦ ସେ ପାଗଳାମି ପରି

ସେ ପ୍ରାସାଦେ, ନାରୀ-ଶିକ୍ଷା-ସାଧନରେ ବ୍ରତୀ,
ଧାଇଁଲା ତତ୍‌କ୍ଷଣେ, ପରେ ନ ଜାଣୁ କି ହେଲା ।
ଏତିକି କେବଳ ଜାଣୁ, ନ ଦେଖଂତି କେହେ
ନରମୁଖ ନାରୀ ତହିଁ; ସୋଦର ଅରୁଣେ
ନାହିଁ ତହିଁ ଗତି; ନ ଯାଂତି ତାପାଶେ

ସମଜ ତା ଭାଇ ବେନି, ପୂଣ୍ୟ ସ୍ନେହଶୀଳ;
ରୂପସୀ-ସୀମନ୍ତ-ମଣି ଭଗିନୀ ତାଙ୍କର
କହଂତି ସେ; ସେଥିରେହେଁ ନାହିଁଟି ପ୍ରବେଶ ।
କ୍ଷମା କର, ବୃଦ୍ଧ ମୁହିଁ, ଅନିଚ୍ଛା ମୋହର
କଳହ ଉଚନେ ମମ ଦୁହିତା ସଂଗତେ;

ମାନିବାକୁ ହେବ କିଂତୁ ସତ୍ୟର ନିବଂଧେ
ବାଧ ମୁଁ କେତେକ ଭାବେ; ଦେଖ ପତ୍ର ଲେଖି;
ଜାଣ ମାତ୍ର ଗଣେ ମୁହିଁ ତବ ଆଶାଫଳ
ଆକାଶକୁସୁମ ସରି, ନିଷ୍ଫଳ କଳ୍ପନା ।"
ମାରିଲେ ସେ ରାଜନ । ଦେଖି ତାଂକଭାବ,

ସୁଖ-ବାବଦୂକ-ଗୃହ-ମଧୁ-ଭଦ୍ରସ୍ୱରେ
ବିହିତ ନିବଂଧ ମମ ଏଡ଼ିବାର ହେଲେ,
ହେଲା ମୋ ବିରାଗ ମନେ । ହେଲେହେଁ ମୋହର
ହ୍ରସ୍ୱ ନୋହି ଉତ୍ସାହ ସେ ହେଲା ଦ୍ୱିଗୁଣିତ;
ବଦ୍ଧମୁଖ-ଗିରିନଦୀ ପରିଣାମେ ଯଥା ।

ବେନି ବଂଧୁ ସେନି ତହୁଁ ବାହାରିଲୁ ପଥେ ।
ଫେରିଲୁ ଉତ୍ତରେ ବହୁପଥ, ପରଶେଷେ
ଗିରିମାଳ ( ଆଶାଭୂମି ପ୍ରାସାଦ ଶିଖର
ଦିଶୁଥିଲା ଯହୁଁ ) ଛାଡ଼ି ଓହ୍ଲାଇଲୁ ଆସି
ବାଳଧିଧୂ-ଗତି-ନଦୀ-ରମ୍ୟ-କ୍ରୋଡଭୂମି-

୧୯୯ । ଆବର୍ତ୍ତ ଦ୍ୟୋତନା = ବିପ୍ଳବ ବିକାଶିନୀ

ଉଚିତ ଶଂକରସ୍ନାତ ସ୍ୱଚ୍ଛ-ପଲ୍ଲିଗ୍ରାମେ,
ସ୍ୱାଧୀନ ରମଣୀ ପୁର ସୀମାଂତ ସଂସ୍ଥିତ ।
ଖୋଜ ତହିଁ ଚଟିଘର, ତାକ ଗୃହସ୍ୱାମୀ,
ବସିଲ ମଂତ୍ରଣାକର; ମଜାଇଲ ତାକୁ
ସୁବର୍ଣଗଂଧ-ସ୍ନିଗ୍ଧ-ମିଷ୍ଟ-ସୁବର୍ଣ-ଆସବେ;

ଦେଖାଇଲ ରାଜଦତ୍ତ ପତ୍ରିକା ନିଚୟ ।
ମଣି ଆଟଂକିତ ତହୁଁ ; ଗୃହିଁଲ ସେ ଦୃଢ଼େ;
ମୃତ୍ୟୁ ଯଥା ମୂର୍ତ୍ତିମୁଖେ ମର୍ମର ଖୋଦିତ;
କହିଲ କ୍ଷଣେକ ପରେ ସ୍ଥିର ନବଂଚନେ,
"ସର୍ବ ବାଧା ବିଗର୍ହିତ, ସ୍ଥିର କଥା ଏହା,

ପୁରୁଷ ପ୍ରବେଶ ତହିଁ;" କଂଭୁ କ୍ଷଣ ପରେ,
ବିଗଳିତ-ଚିତ୍ତବୃତ୍ତି ଆସବ-ପ୍ରଭାବେ,
କହିଲ ସେ ପୁଣ, "ଯହିଁ ରାଜନ ଆପଣେ
ଲେଖିଚଂତି ପତ୍ର, ତହିଁ ବିପଦେ ଆପଦେ
ନିଜେ ରାଜା ହେବେ ସାହା," ପରଶେଷେ ଯେବେ

ଦ୍ରାକ୍ଷା-ମଧୁ-ନିଶା ଭେଦ ଶିରା ପ୍ରଶିରାରେ ୨୫୧
କଲା ଆତ୍ମହରା ତାକୁ, ଦେଖି ବେଲ କାଳ
ପଚାରିଲ, କହିଲ ସେ ବଦ୍ରୂପ-ବଚନେ,
ଯିବାର ସେ ବାଟେ ଦିନେ ଦେଖିଥିଲ ସେତୁ
ରାଜପୁରୀ, ଶୁଣିଥିଲ ତା' ମୁଖୁଁ ବଚନ;

ଭଦ୍ରେ ହସ୍ତ ହେଲ ଶୁଣି; ଜୀବନେ କଦାପି
ଦେଖି ସେ ନଥିଲ ଏତେ ସୁମକାଂତ ଛବି;
ଦେଖିବାକୁ ସତେ ଅବା କାଳଦଂଡଧାରୀ !
ପ୍ରଣମିଲ ମହାଭୟେ; ସେ ନୃପକୁମାରୀ
ପିବାକୁ ମାଗିଲେ କେବେ ରଖିଥା ଏ ବାଂଛା

ଘୋଟକୀ ସେ ଅଶ୍ୱଶାଳେ; କନ୍ୟା ଦାସୀ ତାର
ଅଶ୍ୱର ରୂପକରୂପେ ରଖାଂଛ ଘୋଟକୀ ।
ଜାଣେ ସେତୁ, ବହୁ କ୍ରୋଶ ଧର ଭୂମିସବୁ
ରହଂଛ ରମଣୀ ତହିଁ; ମନୁଷ ସେ ଦେଶେ
ଅଟଂତି ମହିଷୀ; ପୁଣି କୁକୁର ଶୂକର—

କହୁଁ ଏ ବଦ୍ରୂପ କଥା, ନିରୋଧିଲ ମୁହିଁ;
ସହସା ପଡ଼ିଲ ମନେ, ପିହାଳୟେ ଦିନେ
ପାବଣ-ଆମୋଦ-ରସେ ମତ୍ତୋଲ୍ଲାସେ ମାତି
କରିଥିଲୁ ଅଭିନୟ; ବାଂଧିଥିଲୁ ତହିଁ
ସରବେ ରମଣୀ ବେଶ, ଭୁଲିଲେ ଦର୍ଶକେ,

ସ୍ଥିର କଲି, ସେହି ବେଶେ ପଶିବି ସେ ଭୂମେ ।
ମୁହୂର୍ତ୍ତକେ କରି ସ୍ଥିର, ପେଷିଲି ତକ୍ଷଣେ
କଣିବାକୁ ନାରୀବେଶ; ଗୃହସ୍ୱାମୀ ତହୁଁ
ଆଣିଲ ଭୂଷଣ ଖଂରେ, ନିଜେ କଲି ବେଶ;
ବିଚିତ୍ର ସେ ନାରୀବେଶ ! ଦେଖି ଯା ହସିବେ

ଶୋକ-ସଂତାପିତ-ଜନେ, ଭୁଲି ଶୋକ କ୍ଷଣେ ।
ସେ ସ୍ୱଚ୍ଛ ରମଣୀବେଶେ ଯୌବନ ଶୋଭିତ
ଭାତିଲ ଉଦାର ବପୁ । ତୋଷି ପୁରସ୍କାରେ
ଗୃହସ୍ୱାମୀ, ରଖିବାକୁ ଗୋପନ ଏ କଥା,
ଅଶ୍ୱ ଆରୋହଣେ ଯାଇ ପ୍ରଫୁଲ୍ଲ ସାହସେ

---

୨୪୦ । ସୁବର୍ଣ ଆସବ – ସୁବର୍ଣାମଦ । ୨୫୧ । ଦ୍ରାକ୍ଷାମଧୁ = ଦ୍ରାକ୍ଷ ରସଜାତ ମଦ ।

ରମଣୀର ରାଜ୍ୟସୀମା ଲଂଘିଲୁ ସରବେ ।
ନଦୀକୂଳେ ଉପରକୁ ଗଲା ବନ୍ଧୁପଥ,
ନଶୀଥ ଆଗମେ ତହିଁ ଦେଖିଲୁ ପୁଲକେ
ପଦମସ୍ତ ଚନ୍ଦ୍ରରାଜ; ବେଷ୍ଟିତ ଦୀପମାଳା,
ନାରୀ-ବିଶ୍ୱବିଦ୍ୟାଳୟ ଉଜଳ ଯା ତେଜେ

ଦିଶୁଥିଲା ଦୂରୁ, ଯଥା ଖଦ୍ୟୋତ ପଙ୍‌କ୍ତି
ଦିଶଇ ପ୍ରାବୃଟେ ଦୂର ବଟବୃକ୍ଷ ଦେହେ ।
କ୍ଷଣପରେ ପ୍ରବେଶିଲୁ ବିଚିତ୍ର ତୋରଣେ;
ଶିରେ ତା'ର ନାରୀ ମୂର୍ତ୍ତ ପତତ୍ର ଶୋଭିତ;
ନକ୍ଷତ୍ର-ଗୁଂଫିତ-ଶୁଭ୍ର-ଗଗନ-ବିତାନେ
ଦିଶୁଥିଲା ଧ୍ୱଂତମୟୀ ବିଶାଳ ସେ ଶୋଭା,
ପକ୍ଷବଂତ ତଭୁଷ୍ଟୟ ହସ୍ତୁ ଆରୋହଣେ ।
ଶୀର୍ଷେ ତାର ତୋରଣର ଅର୍ଦ୍ଧଚନ୍ଦ୍ର-ଭାଲେ
ଖୋଦିତ ଅକ୍ଷରେ ଲେଖା "ଅଂଧାରେ ଜଡ଼ିତ ।"
ଅଦୂରେ ପଶିଲୁ ଯାଇ ସୁ ଦ୍ରୁମୁରବର୍ତ୍ମେ,

ଉପବନ ଅନ୍ତରାଳେ, ସୁରମ୍ୟ ଭବନ
ଶୋଭେ ଦୁଇପାର୍ଶ୍ୱେ ତାର, "ପୁରେ ଅବିରତ
ଆଳାପ-ସ୍ୱରଗ୍ରାମ-ଶ୍ରୁତି-ସ୍ୱୋଧ-ମଧୁ-ତାନ
ଶ୍ରୁବେ ତହିଁ ଚଉପାଶେ ଲଳିତ ସେ ଧ୍ୱନି :—
ବିବିଧ ଘଣ୍ଟିକା ସଂଙ୍ଗେ, ରଜତେ ରଜତ
ସଂଘ ଲଗ୍ନେ ଉଠେ ଯଥା ମୋହନ ନିକ୍ୱଣ
କୃତ୍ରିମ-ଝରଣା-ମୃଦୁ-ଉତ୍ସାରଣ-ସ୍ୱନ,
ଭ୍ରମର ସଂପଦ ନଂଦି ପଡ଼ୁଥିଲା ଯାହା
ମଲ୍ଲିକା-ଗୋଲାପ-ଗୁଳ୍ମ-ଗୁଚ୍ଛପରେ ଧୀରେ;
ଗାଉ ଥିଲେ ତହିଁ ରମ୍ୟ-ଚଉବେଦ-ତାନେ

ନୈଶ-ବିହଂଗମେ, ଶୁଭ୍ର-ଉଦ୍ୟାନ-ନିକୁଂଜେ,
ପାଶ-ହସ୍ତ-ବ୍ୟାଧ ଭୟ ଏଡ଼ି ନିରଂତର ।

ପଶିଲୁ ପ୍ରବେଶଦ୍ୱାରେ; ଦେଖିଲୁଁ ଉପରେ,
ବିଦ୍ୟାର ଭବନ ବୋଲି ପ୍ରରୂଶିବା ପାଇଁ,
ଜ୍ଞାନମୟୀ-ସରସ୍ୱତୀ-ମୂର୍ତ୍ତି ବିରାଜିତ;

ଦୁଇପାଶେ ମହୋଜ୍ଜ୍ୱଳ ବର୍ତ୍ତୁଳ ଆଲୋକେ,
ତରୀପୁଂଜ ଛବି ଏକେ, ମହାଦେଶ ଆନେ,
ବିଜ୍ଞାନ-ଆଲୋକ-ଭରା ଆକାଶ ଅବନୀ ।
ପ୍ରବେଶି ଡାକିଲୁ ତହିଁ, ଦେଖିଲୁଁ ସବେଗେ
ଆସିଲା ରମଣୀ ଜଣେ, ସ୍ଥୂଳବାହୁମତୀ,

ଅଶ୍ୱଶାଳ-ଧାବୀ-ସହ, ଉଭୟେ ତକ୍ଷଣେ
ହାତ ଧରି ସମାଦରେ ଦେଲେ ଅବତାର
ଅଂଭଂକୁ । ଆସିଲା ତହୁଁ ପ୍ରଫୁଲ୍ଲ-ଗଠନ
ସୁସରଳ-ଅଂଗଯଷ୍ଟି ଅନ୍ୟ ନାରୀବର;
ସ୍ଫୀତ ଆବରଣ ବସ୍ତ୍ରେ; ସାଗର-ଗୁରଣ-

ଶୁଭ୍ର-ବାତ-ସ୍ଫୀତ-ପାଲ-ପୋତ-ଶୋଭା-ନିଂଦି
ଗଲା ସରୁ ଘରେ ଆଗେ; ସୁଂଦର ସେ ଗୃହ,
ବିଚିତ୍ର ତୋରଣରାଜି ବିରାଜେ ସଂମୁଖେ ।
ତୋରଣର ସ୍ତଂଭ ମୂଳ ଲୁପ୍ତ ଗୁଳ୍ମଗୁଚ୍ଛେ ।
ବସି ତହିଁ, କଥାଛଳେ ନାନା କଥା ପରେ

ପଚାରିଲୁଁ, "କେଉଁମାନେ ଶିକ୍ଷୟିତ୍ରୀ ଏଥି ?"
ଶୁଣିଲୁଁ, "ସେ ମହାଶ୍ୱେତା ମତ୍ତ ଦୁଇଜଣ ।"
ପୁଚ୍ଛିଲୁଁ, "କେ ଶୁଭ୍ରତର, ସ୍ୱଭାବେ ମଧୁର ?"

୨୯୧-୯୨ । ତୋରଣ ଉପରେ ପକ୍ଷବିଶିଷ୍ଟ ଅପ୍‌ସରାମୂର୍ତ୍ତି ଗୁରଗୋଟି ପକ୍ଷ ଥିବା ଘୋଡ଼ା ଉପରେ ଖୋଦିତ ହୋଇଥିଲା; ପତତ୍ର-ପକ୍ଷ ।

୩୦୦ । ରୁପାରେ ରୁପା ବାଜି ଅତି ମଧୁର ଶବ୍ଦ ହୁଏ । ଅନେକ ସଂଗୀତ ବାଦ୍ୟଯନ୍ତ୍ରରେ ସେଥିପାଇଁ ରୁପାରେ ରୁପା ବାଜି ଶବ୍ଦ ଜାତ ହେବା ବ୍ୟବସ୍ଥା କରା ଯାଇଥାଏ ।

୩୦୧-୧୩ । ସରସ୍ୱତୀ ମୂର୍ତ୍ତିର ଦୁଇପାଖେ ସ୍ୱଚ୍ଛ ଗୋଲକଦ୍ୱୟ ମଧ୍ୟରୁ ଆଲୋକ ଦିଶୁଥିଲା । ଗୋଟିଏ ଗୋଲକରେ ଆକାଶ, ଅନ୍ୟଟିରେ ପୃଥିବୀର ଚିତ୍ର ଥିଲା । ସେପରିକି ଭୂଲୋକ ଦ୍ୟୁଲୋକ ସରସ୍ୱତୀଙ୍କ ପାଖେ ବିଜ୍ଞାନ ଆଲୋକରେ ଉଦ୍ଭାସିତ ।

ଶୁଣିଲୁ ମନ୍ତର ନାମ; କହିଲୁ ସରବେ
"ମନ୍ତ-ଶିଷ୍ୟା ହେବେ ଆଂଭେ ।"
ବସି ରହୁଁ ମୁହିଁ

ଲେଖିଲ ରମଣୀ ପଦ୍ର ରୁଚିର ଅକ୍ଷରେ,
ସମ-ସମଶୀର୍ଷ-ଘନ ଭରଳ-ଲେଖନେ,
"ଉତ୍ତର-ପ୍ରଦେଶବାସୀ ଭନୋଟି ମହିଳା
ନବେଦାଂନ୍ତ ଶ୍ରୀଗୁରୁଙ୍କରେ, ଅନୁଗ୍ରହେ ତାଂକୁ
ଦେବେ ସ୍ଥାନ ଗୁରୁଙ୍କର ଏ ବିଦ୍ୟାଭବନେ;

ମନ୍ତଦେବୀ-ଅଂତେବାସୀ ହେବେ ସେ ଏଠାରେ ।"
ମୁଦ୍ରଣ ଏ ପତ୍ର, ମୁଦ୍ରେ ଦେଲି ମୁଁ ମୁଦ୍ରାଂକ;
ସେ ମୁଦ୍ରାଂକେ ଉତ୍ତପନ୍ତ ଥିଲେ ନିଦ୍ରାବେଶେ,
ଉନ୍ତଦେବୀ ପାଶେ ବସି, ଦିବ୍ୟଚକ୍ଷୁ ଫେଡ଼ି,
ବସିଥିଲେ କରବାରେ ଯୋଗନିଦ୍ରା-ଭଂଗ ।

ଦେଇ ମୁଁ ପ୍ରଭାତେ ପତ୍ର ଦେବାକୁ ଗୁରୁରେ,
ଗଲି ରହୁଁ ନିଦ୍ରାସୁଖେ । ଅର୍ଧନିଦ୍ରାବେଶେ
ଦେଖିଲି ବିଚିତ୍ର ସ୍ୱପ୍ନ; ଗୁନ୍ଦମୀ ରାତ୍ରିରେ
ଭାସୁଥିଲି ଚଂନ୍ଦ୍ରକାରେ, ଅଦୂରେ ସାଗର
ଚଂନ୍ଦ୍ରର-ପାରଦ-ପ୍ରଭା ଲଭେ ଅର୍ଧସ୍ପଷ୍ଟ,

ଫୁଲି ଉଠୁଥିଲା ଘୋର ଧ୍ୱାଂନ୍ତ ଭୂମିପାଶେ,
ରହୁଁ ରହୁଁ କ୍ଷଣେ ପୁଣି ଉଜ୍ଜ୍ୱଳ ସେ ଭୂମି ।

---

## ଗୀତ

ମଧୁର ଶାରଦ ଯାମିନୀ ଆଗମେ
ବୁଲୁଥିଲି ଦିନେ ଦିବା ଅବସାନେ,
ଚକ୍ରଶାଳୀ ଦେଖି ଫୁଲୁଥିଲା ମନ,
ସଂଗେ ଥିଲେ ପ୍ରିୟା ରମଣୀ ରତନ;
କଥାରେ କଥାରେ ମାତିଲୁ କଳହେ
ଅକାରଣ ବାଦ ମରମ ସେ ଦହେ,
କ୍ଷଣପରେ ପୁଣି ପ୍ରେମର ଚୁଂବନ,
ଛଳ ଛଳ ଆଖି ପ୍ରାଣର ସ୍ପଂଦନ;
କଳହର ଶେଷ ପ୍ରେମର ମିଳନେ
ସଜଳ ନୟନେ ମଧୁର ଚୁଂବନେ,
କି ସୁଖ ଜାଣେ ସେ ଏକା ଅନୁଭବୀ,
କଥାରେ ସେ ଛବି ପାରେ କି ସଂଭବି ?
ସଂଗେ ସଂଗେ ମୋର କଳହର ମାନେ
ପ୍ରଣୟିନୀ ଯେବେ ମିଳିଲେ ଶ୍ମଶାନେ,
ମନେ ହେଲା ରହିଁ ମୃତ ଶିଶୁ କଥା,
କାହିଁ ଏବେ ଆଉ କଳହର ବ୍ୟଥା ?
ଶିଶୁର ସ୍ମରଣେ, ସେହି ସେ ଶ୍ମଶାନେ,
ସଜଳ ନୟନେ ମଧୁର ଚୁଂବନେ,
ଉଚ୍ଛୁଳି ଉଠିଲା ପ୍ରାଣର ସ୍ପଂଦନ
(ହେଲା କଳହ ବିହୁନେ ମଧୁର ମିଳନ ।

---

୩୬୨ । ଅକ୍ଷରଲେଖାରେ ନିୟମ ଅଛି; "ସମାନି ସମଶୀର୍ଷାଣି ଘନାନି ବିରଲାନିଚ ।" ଅକ୍ଷରମାନେ ସମାନ ହେବେ, ସେମାନଂକ ଉପର ଏକରେଖ ହୋଇଥିବ, ଅକ୍ଷର ପାଶେ ଅକ୍ଷର ଲାଗିଥିବ, ଅଥଚ ପ୍ରତି ପଦ ଯଥାବିଧି ବିରଳ ଅର୍ଥାତ୍ ପୃଥକ ହୋଇଥିବ ।

୩୬୮-୭୦ । ମୁଦ୍ରାଂକ ଅର୍ଥାତ୍ ଚିଠି ଉପରେ ମରା ହୋଇଥିବା ସିଲ୍ ମୋହରରେ ଏହିପରି ଗୋଟିଏ ଛବି ଥିଲା ।

## ଦ୍ୱିତୀୟ ସର୍ଗ

ପ୍ରଭାତିଲା ବିଭାବରୀ, ଆସିଲା ରମଣୀ
ଦେଇ ନବ ପରିଚ୍ଛଦ ଶିର ଆବରଣ;
ସ୍ୱଚ୍ଛ ସେ ନୀଳାମ୍ବର; ସୁନୀଳ ରେସମ,
ମଧ୍ୟେ ମଧ୍ୟେ ସୁନାଜରି ନିରୁପମ ଛଟା;
ପିନ୍ଧି ସେ ମୋହନ ବେଶ ଦିଶିଲୁ ସରବେ,

ନବୀନ-ନିର୍ମୁକ୍ତ-କୋଷ-ପ୍ରଜାପତି ସମ ।
ପ୍ରଣମି ସେ ନାଗ୍ରୀ ତହୁଁ, ଦେଲା ସୁସଂବାଦ
'ଦେଖାହେବ ରାଜକେମା ରହିଛନ୍ତି ଗୃହେଁ ।
ଚାଲିଲୁ ବାହାର ଧୀରେ, ଆଗେ ଆଗେ ମୁହିଁ ।
ଗୁଲୁ ରାଜ-ଶୋଭା ପଦମର୍ମରେ ମୁଖର

କମମାପୁ ବହିବାଟୀ ଭେଦି, ହେଲୁ ଆସି
ମର୍ମର-ରଚିତ-ଶୁଭ୍ର ପ୍ରାସାଦ-ପ୍ରାଙ୍ଗଣେ ।
ଆର୍ଯ୍ୟକଳା ଅଳଂକାରେ ସୁନ୍ଦର ଖୋଦନେ
ରମ୍ୟ ସ୍ତମ୍ଭଚୟ, ଶୁଭ୍ରଚନ୍ଦ୍ରାତପ ଶୋଭେ
ଶିରୋଦେଶେ ସେ ସ୍ତମ୍ଭର; ରତନ-ଖଚିତ-

ମର୍ମର କୁସୁମ-କୁଞ୍ଜେ ଲଳିତ-ଲତିକା;
ଅତୁଳ-ଅପ୍‌ସରା-ପୁଞ୍ଜ-ମର୍ମର-ବିଗ୍ରହ,
ବିଶ୍ୱକର୍ମା-କଉଶଳ-ଖ୍ୟାତି ପରାଭବି,
ରୁଚିର ବିଧାନେ ସେଠି ସୁରମ୍ୟ ସରସୀ
ପ୍ରାଙ୍ଗଣର ମଧ୍ୟଭାଗେ; ମୃଦୁଳ କମ୍ପନେ

ଭ୍ରମର-ସୁଷମା ଜିଣି ବିମଳ ଝରଣା
ଖେଳୁଥିଲା ବୀଚିମାଳେ ତହିଁ । ସ୍ଥାନେ ସ୍ଥାନେ
ଲତିକା-ଜଡ଼ିତ-ବାଡ଼େ ରଂଗଲତା-ବେଢ଼େ
ମର୍ମର-ଖୋଦିତ-ଗ୍ରନ୍ଥ, ବାଦ୍ୟଯନ୍ତ୍ର କେତେ
ଶୁଭ୍ରଶିଳ୍ପ ବିରଚନେ, ଦେଖିଲୁ ଛଟକେ ।

ଦେଖୁ ଦେଖୁ ବେଗେ ଯାଇ ଉଠିଲୁ ସୋପାନେ;
ସହସା ଦ୍ୱିତଳେ ହେଲୁ କେମାର ମନ୍ଦିରେ ।
ଗଜଦନ୍ତ-ପୀଠେ ତହିଁ ସିଂହାସନପରେ,
ପୁସ୍ତକ କାଗଜ ଆଗେ, ପଦଦେଶେ ଦୁଇ
ପାଳିତ ଶାର୍ଦ୍ଦୂଳଶିଶୁ ଅର୍ଦ୍ଧାଂଗ-ଶୟନେ ।

ଦେଖିଲୁ କି ଅବା ରମ୍ୟ ରମଣୀର ରୂପେ
ପୁଞ୍ଜୀଭୂତ ସର୍ବ ଶୋଭା; ବସିଛନ୍ତି କେମା;
ତରଣି-ସନ୍ନିଧି-ସ୍ୱଚ୍ଛତର-ଗ୍ରହବାସୀ-
ସୁର-ନନ୍ଦ ନେତ୍ରଶୋଭା । ପ୍ରଚଣ୍ଡ-ଲାବଣ୍ୟ
ପ୍ରଶସ୍ତ-ଲଲାଟ-ଘର୍ମ-ଲଳିତ-କମ୍ପନେ

ଜୀବନ୍ତ ପ୍ରଭାବେ ଭେଦି ଅଂଗ ପ୍ରତିଅଂଗ,
ଅଂଗୁଳି ପ୍ରପଦ ଯାଏ ଦିଶୁଥିଲା ଶୋଭା ।
ସୌନ୍ଦର୍ଯ୍ୟର ଶକତିର ସେ ଅତୁଳ ଛବି !
ଉଠି ସେ ବରାଂଗ ତୋଳି କହିଲେ ରୂପସୀ,
"ଆସଏଥି ସ୍ୱାଗତ ହେ ନବୀନ ବିଦେଶି,

ଆସିଅଛ ବିଦେଶରୁ ପ୍ରଥମେ ଏ ଭୂମେ,
ଲଭିବ ଜୀବନେ ତବ କଲ୍ୟାଣ ଅଶେଷ
ଗୁଣ ଗଉରବ; ପୁଣି ଦିଗ୍‌ବ୍ୟାପୀ ସୁଯଶ—
ମରଣେ ଯାହାର ଜ୍ୟୋତି ଦ୍ୱିଗୁଣ ଉଜଳେ—
ଘୋଷିବ ସୁନାମ ତବ, ଏ ଜୀବନ ପାରେ,

---

୬ । ପ୍ରଜାପତି ଅଣ୍ଡାରୁ କୀଟ ହୁଏ । ସେ କୀଟ ଅନେକ ପତ୍ର ପ୍ରଭୃତି ଖାଇ ବଢ଼ି ପରେ ନିଜଦେହରୁ ନଳ ବାହାର କରି ଚାରିପଟେ ତନ୍ତୁଦ୍ୱାରା ଗୋଟିଏ ଆବରଣ ପ୍ରସ୍ତୁତ କରେ ଏବଂ ତାହା ମଧ୍ୟରେ ଅନେକଦିନ ପଡ଼ିରହେ । ଶେଷରେ ସେହି ଆବରଣକୁ କାଟିଦେଇ, ଉଜ୍ଜ୍ୱଳ ପ୍ରଜାପତି ଉଡ଼ି ଯାଏ ।

୩୩ । ତରଣି = ସୂର୍ଯ୍ୟ;ସୂର୍ଯ୍ୟର ନିକଟରେ ଗ୍ରହମାନେ ଅଧିକତର ଉଜ୍ଜ୍ୱଳ । ସେ ଗ୍ରହରେ ଲୋକଥିଲେ ଉଜ୍ଜ୍ୱଳ ଓ ସୁନ୍ଦରତର ଚକ୍ଷୁଷ୍ମାନ ହେବେ । ଦେବତାମାନେ ସେ ସବୁ ଗ୍ରହରେ ଥିବାର ପୁରାଣ କହନ୍ତି ।

ଆଂଭେ ମହମ୍ମଦୀୟ ନାମ ସଂଗେ ମହାଘୋଷେ ।
କିଂଭୁ ନାରୀ ଅଟଂତି କି ତବ ସେ ଦେଶର
ଏତେ ଧର୍ଷିତୟ ?" ଶୁଣି କହେ ରତ୍ନଧ୍ୱଜ,
"ରାଜପୁରବାସୀ ନାରୀ ଆଂଭେ ଏହିପରି ।"
"ଆସିଅଛ ରାଜପୁତ୍ର ?" କହିଲେ ରୂପସୀ

"ଜାଣ ନେତେବେ ରାଜସୁତେ ?" ରତ୍ନଧ୍ୱଜ ଭଣନ୍ତି,
"ପୁରୁଷ ମଣ୍ଡଳମଣି ଏ ଜଗତେ ସେହି,
ମର୍ତ୍ତ୍ୟ ଉପବନେ ଅବା ଏକାକୀ ପ୍ରସୂନ ।
ସୁଂଦରୀ-କଣ୍ଠ-ଭୂଷା ଶ୍ରୀଗ୍ରୀମୁ କେବଳ
ଜୀବନ-ସଂଖାଳ କରି କାଟଂନ୍ତି ସେ ଦିନ ।"

କହିଲେ ରୂପସୀ, "ପୂତ ଏ ବିଦ୍ୟାଭବନେ
ରାଜ ତ ନ ଥିଲୁ କେବେ ଶୁଣିବୁ ଏ କଥା,
ନୀରସ ଏ ବାକ୍ୟଛଟା, ହୀନ ଶ୍ଳାଘାବାଦ
ନରମୁଖେ ଶୋହେ ସିନା ହୀନ ଏ ଜଳ୍ପନା !
ଅଜ୍ଞାତ-ତିମିର-ଗ୍ରସ୍ତ ସେ ଦେଶ ଅରଣ୍ୟ

ଆଗମନ ଦେଖି ତବ, ହୁଏ ଅନୁମାନ,
ଜ୍ଞାନଗରିମାର ସ୍ନେହ ଲଭିଚ ପରାଣେ ।
କିଂଭୁ ଶୁଣି କଥା ତବ, ହୁଅଇ ପରତେ,
ଅଛ ତୁଂଭେ ଶଇଶବେ । ବାସ୍ତବରେ ଆଂଭେ
ସ୍ୱପନେ କଦାପି ନାହୁଁ ରାଜ ରାଜସୁତେ ।

ହାତଦେଲୁ ଯେବେ ସାଧୁ ଏ ମହା କରମେ,
ବାଂଧି ହେଲୁ ଦୃଢ଼ ସତ୍ୟେ, କଠୋର ସଂକଳ୍ପେ,
ନ ହେବୁ ବିବାହ କେବେ । ତୁଂଭେମାନେ ହେଲେ
ଆସି ଏ ପବିତ୍ର ଭୂମେ ଏଡ଼ାଇ ସେହି
ରମଣୀ-ବଂଧନ-ପାଶ, ନର-ପରିହାସ,

ପ୍ରେମ ନାମେ କରେ ଯାହା ନର-କ୍ରୀଡ଼ନକ
ପବିତ୍ର ଏ ନାରୀକୁଳେ । ଧରି ଯଦି ଏହି
ମହାବ୍ରତ ଜୀବନରେ; ଭବିଷ୍ୟତେ ଦିନେ
ସେହି ନର ସଂଗେ (ଆଜ ମଣେ ଯେ ଗରବେ
ଆପଣାକୁ ଆପେ ନାରୀକୁଳ ସ୍ୱାମୀ କରି )

ହେବ ସରି ସର୍ବଗୁଣେ ନ୍ୟାୟ ତୁଳଦଂଡେ ।"
ଦୁର୍ବିନିତ ଏ ବଚନ ଶୁଣି, ମୁଂଡ ପୋତି,
ଜର୍ଜରିତ ଆତ୍ମଗ୍ଲାନେ, ତଳେ ଦେଲୁ ଆଖି ।
ଉଠି କର୍ମଚାରୀ ଜଣେ ଏହି ଅବସରେ,
ପଢ଼ିଲା ସେ ବିଦ୍ୟାଳୟ-କଠୋର-ବିଧାନ;

'ନ ଦେବାକୁ ଭିନ୍ନବର୍ଣ୍ଣ ଶଠିପଣ ପରେ;
ଭିନ୍ନବର୍ଣ୍ଣ ନ ପିବାକୁ ସେ ଭୂମି ବରଜ;
ସ୍ପୃହେ ନ କହିବାକୁ ଭିନ୍ନବର୍ଣ୍ଣ କଥା;'
କେତେ ବିଧି ଏହିପରି । ଦେଲୁ ତହିଁ ମତ;
ସତ୍ୱର ସେ ବିଦ୍ୟାଳୟେ ନାମ ହେଲା ଲେଖା ।

କହିଲେ ସେ ଜେମା ତହୁଁ, ।"ଜାଣ ସାବଧାନେ,
ନବ-ଦାରୁ-ସମ ତୁଂଭେ, ନ ହୁଅ ଯେପରି
ଶୀତାତପେ ବଙ୍କ କେବେ । ଦେଖ ବିଦ୍ୟାଳୟ;
ଶୁଣ ଏ ବିଧାନ; ନୁହେ କଦାଚନ ଏହା
ରସିବେ ଯାହାକୁ ନାରୀ ପୁରୁଷ-କାଙ୍କ୍ଷିତା,

ତୁରସ୍କ-ପାଳିତ ସେହି ଅନ୍ତଃପୁରବାସୀ,
କିବା ବେଶ-ବିଭବର ସ୍ଫୁର୍ତ୍ତି-ସୋହାଗିନୀ,
ଅଥବା ସେ ମତିହୀନ ଜ୍ଞାନହୀନ ନାରୀ,
ପୁରୁଷ-ନିର୍ଭରଶୀଳ ବର୍ବରଦେଶୀୟା ।

---

୮୭ । ଦାରୁ = କାଠ; ଜିବଡ଼ ନ ଥିବା କାଠରେ କାମ କଲେ ତାହା ଶୀତାତପରେ ବଂକାହୋଇ ଯିବାର ସମ୍ଭାବନା ଥାଏ ।

୮୮ । ଗୃହପରେ ତାଂଅଙ୍କୁ ଜେମା ଦେଖାଇ ଦେଲେ । ବଡ଼ କାଂଥକୁରି ମାନଂକରେ ପୁରାଣ ଓ ଇତିହାସ ପ୍ରସିଦ୍ଧ ନାରୀମାନଂକର ପ୍ରତିମା ଥିଲା । ପରେ ଏକେ ଏକେ ଦେଖାଇବେ ।

୯୧ । ତୁରସ୍କ ଓ ଅନ୍ୟାନ୍ୟ ମୁସଲମାନ୍ ଦେଶରେ ପର୍ଦ୍ଦାବିଧି ଅତି କଠୋର ଓ ଜଘନ୍ୟ ।

ଭ୍ରଂଶିବେ କାରନାଣ୍ଡ କଂଭୁ ଏ ବିଧାନ;
ଗାର୍ଗୀ-ସମା ଏ ରମଣୀ, ଶିଖାଇଲେ ଯେହୁ
ସାବନ-ନୃପତିବରେ ଶୁଦ୍ଧ-ରାଜନୀତି
ଅବା ସାଧ୍ୱୀ ସାମିରମା, ବସାଇ ଯେ ଥିଲେ
ସେ ନଗର ଆଦ୍ୟଯୁଗେ ବାବିଲନ୍ ନାମେ;
ଇରାଣୀ ଅଗ୍ରାତମିଶା, ରଣେ ଚଣ୍ଡୀରୂପା;
ପିରାମିଡ଼କର୍ତ୍ତ୍ରୀ ଦେବୀ ପ୍ରାଚୀନ ମିଶରେ;
ଖନା-ସମ-ଗୁଣବତୀ ଏହି କର୍ଣ୍ଣେଲିଆ;
ସମ୍ରାଟ୍ ରେଜିଆ ସତୀ ଏହି ସେ କ୍ଲେଲିଆ,
ଦୁର୍ଗାବତୀ ସମାନ ଏ ପାଲମିରା ରାଣୀ,
ରୋମରାଜା ଅରେଲିଅ ଡରିଲେ ଯାହାଙ୍କୁ;
ଅଥବା ଏ ଆଗ୍ରିପିନା ସାଧ୍ୱୀ-ପ୍ରତିମା,
ରୋମୀୟ ଭ୍ରୂକୁଟି ଯାର ଭାଙ୍ଗିଲା ଗରବେ ।

---

୯୬ । ଏହିଠାରେ କେମା ଗୃହପଟେ କାଂଥରେ ରଖା ହୋଇଥିବା ପ୍ରତିମାମାନଙ୍କୁ ଦେଖାଇ କହିଲେ । ଗାର୍ଗୀ—ବେଦବର୍ଣ୍ଣିତ ବିଦୁଷୀ ରମଣୀ ।

୯୭ । ପ୍ରାଚୀନ ରୋମରାଜ୍ୟରେ ସାବାଇନ୍ [ ସାବନ ] ବଂଶୀୟ ରାଜା କୌଣସି ବନଦେବୀଙ୍କଠାରୁ ରାଜନୀତି ଶିକ୍ଷା କରିଥିବାର ପ୍ରବାଦ ଅଛି ।

୯୮ । ସେମିରାମିସ୍ [ ସାମିରମା ] ନାମକ ନାରୀ ଅନ୍ୟାନ୍ୟ ଅନେକ ମହତ୍‌କର୍ମ ମଧ୍ୟରେ, ପ୍ରାଚୀନ ଆସିରିଆର ରାଜଧାନୀ ବାବିଲନ୍ ନଗର ବସାଇ ଥିବାର ପ୍ରବାଦ । ବର୍ତ୍ତମାନ ମେସୋପଟେମିଆରେ ପ୍ରାଚୀନ ବାବିଲନ୍ ନଗର ଆଜକୁ ପ୍ରାୟ ୪୦୦୦ ବର୍ଷତଳେ ବସିଥିଲା ।

୧୦୦ । ପ୍ରାଚୀନ ପାରସ୍ୟର ଏକ ରାଣୀ ଆର୍ଟିମିସିଆ [ ଅଗ୍ରାତମିଶା ] ଆଜକୁ ପ୍ରାୟ ୨୫୦୦ ବର୍ଷ ପୂର୍ବେ ପାରସ୍ୟସମ୍ରାଟ ଜେରେକ୍‌ସିସ୍‌ଙ୍କର ଗ୍ରୀସ ଆକ୍ରମଣ ବେଳେ ସାଲମିସ୍ ଯୁଦ୍ଧକ୍ଷେତ୍ରରେ ପ୍ରଚଣ୍ଡ ବୀରତ୍ୱ ଦେଖାଇଥିଲେ । ଶେଷରେ ସେ ନିଜକୁ ରକ୍ଷା କରିବାପାଇଁ ସେ ଆପଣା ପକ୍ଷର ଗୋଟିଏ ଜାହାଜ ବୁଡ଼ାଇ ଦେଇଥିଲେ । ଜେରେକ୍‌ସିସ୍ ଏହା ଦେଖି ପ୍ରକୃତ ଘଟଣା ନ ବୁଝି ହଠାତ୍ କହିଥିଲେ, 'ମୋର ପୁରୁଷମାନେ ନାରୀ ଓ ନାରୀମାନେ ପୁରୁଷ ହୋଇଅଛନ୍ତି ।'

୧୦୧ । ପ୍ରାଚୀନ ମିଶରରାଜା ମିସେରିନସ୍‌ଙ୍କର ଭଗିନୀ ଏବଂ ଭାର୍ଯ୍ୟା ନିକୋଟ୍ରିସ୍ ସ୍ୱାମୀଙ୍କଦ୍ୱାରା ଆରବ୍ଧ ହୋଇଥିବା ମିଶରଦେଶର ପ୍ରକାଣ୍ଡତମ ପିରାମିଡ଼କୁ ପୂର୍ଣ୍ଣ କରିଥିଲେ । ପିରାମିଡ଼—ମିସର ଦେଶର ପ୍ରକାଣ୍ଡ କବର ମନ୍ଦିର । ଏସବୁ ବହୁ ପ୍ରାଚୀନ । ସବୁଠାରୁ ବଡ଼ ପିରାମିଡ଼ଟି ପୁରୀ ବଡ଼ଦେଉଳର ପ୍ରାୟ ଦେଢ଼ଗୁଣ ଉଚ୍ଚ ହେବ । ପିରାମିଡ ସବୁ ଗୋଟିଏ ଗୋଟିଏ ସମଚତୁରସ୍ର ସୂଚୀପର ଗଢ଼ା ହୋଇଥିଲା ।

୧୦୨ । ଖନା-ବରାହମିହିରଙ୍କ ବଧୂ; ଜ୍ୟୋତିଷଶାସ୍ତ୍ର ଖନା ବଚନ ସ୍ୱକ ପ୍ରବାଦ ଏ ଦେଶରେ ସୁପରିଚିତ ।

କର୍ଣ୍ଣେଲିଆ—ପ୍ରସିଦ୍ଧ ରୋମାନବୀର ସିପିଓଙ୍କର ଦୁହିତା; ଏ ଅତି ଉନ୍ନତ, ମାର୍ଜିତ ଓ ଶିକ୍ଷିତ ମହିଳା ଥିଲେ । ଏହାଙ୍କର ଶିକ୍ଷାଫଳରେ ପରେ ଏହାଙ୍କର ପୁତ୍ରମାନେ ରୋମରାଜ୍ୟର ଶାସନ ବିଧାନରେ ଚିରସ୍ମରଣୀୟ ପରିବର୍ତ୍ତନ ସବୁ କରିବାକୁ ସମର୍ଥ ହୋଇଥିଲେ ।

୧୦୩ । ରେଜିଆ-ଦାସବଂଶର ପ୍ରସିଦ୍ଧ ରାଜା ଅଲ୍‌ତାମସ୍‌ଙ୍କ ଝିଅ; ରେଜିଆ ଦିଲ୍ଲୀ ସିଂହାସନର ଏକମାତ୍ର ନାରୀ ସମ୍ରାଟ । କ୍ଲେଲିଆ—ପ୍ରାଚୀନ ରୋମ ସାମ୍ରାଜ୍ୟର ଜଣେ ସାହସୀ ନାରୀ । ସେ ଥରେ ଶତ୍ରୁଦ୍ୱାରା ବନ୍ଦୀ ହୋଇଥିବା ବେଳେ ରାତିରେ ବନ୍ଦୀଘରୁ ବାହାରି, ଟାଇବର୍ ନଦୀ ସନ୍ତରଣ କରି ଘରକୁ ବାହାରି ଆସିଥିଲେ ।

୧୦୪ । ଆକବରଙ୍କ ସେନା ସଙ୍ଗେ ଯୁଝିଥିବା ଗଡ଼ମଣ୍ଡଳର ରାଣୀ ଦୁର୍ଗାବତୀ ଇତିହାସ ପ୍ରସିଦ୍ଧ । ପ୍ରାଚୀନ ଇଟାଲିର ପାଲ୍‌ମିରା ଦେଶର ରାଜା ମରିଯିବା ପରେ ତାଙ୍କର ରାଣୀ ଜେନୋବିଆ ସିଂହାସନ ଆରୋହଣ କରିଥିଲେ । ତାଙ୍କର ଅତ୍ୟନ୍ତ ସାହସ ଓ ଉଚ୍ଚ ଅଭିଳାଷ ଥିଲା । ରୋମର ପ୍ରସିଦ୍ଧ ରାଜା ଅରେଲିୟାନ୍ ତାଙ୍କ ରାଜ୍ୟ ହସ୍ତଗତ କରିବା ପୂର୍ବରୁ ବହୁବାର ଆକ୍ରମଣ କରି ବିଫଳ ହୋଇଥିଲେ ।

୧୦୬ । ରୋମାନ ସମ୍ରାଟ ଅଗଷ୍ଟସ୍‌ଙ୍କ ନାତୁଣୀ ଆଗ୍ରିପିନା ଅତୀବ ସତ୍‌ସାହସସଂପନ୍ନା, ଗୁଣବତୀ, ସୁଚରିତ୍ରା ଓ ସୁନ୍ଦରୀ ଥିବାର ଇତିହାସପ୍ରସିଦ୍ଧ ।

ସଂସାର ବରଜ, ଯହିଁ ଏହି ନାରୀକୁଳେ,
ଜୀବନ୍ତ ବଗ୍ରହେ ଭଳି ସାଧୁ ଆଦରଣେ,
ହେଉ ତବ ମନ୍ଦିରଗତ ଶୁଦ୍ଧ ମହତ୍ତର ।

ଉଚ୍ଚଭାବ ମାନବର ହୁଏ ବିକଶିତ,
ଉନ୍ନତ ଆଦର୍ଶ ଯେବେ କରେ ସେ ଆଶ୍ରୟ ।
ତେଣୁ ଏହି ମୂର୍ତ୍ତିମନ୍ତ ଉଠାଅ ଗଢ଼ିବେ
ନମସ୍ୟ ଶୁଦ୍ଧ ତବ ମାନବ-ପ୍ରକୃତି;
ଉଦ୍ଦେଶ୍ୟ ଅନ୍ତର ଦୃଢ଼େ କର ଆଲିଙ୍ଗନ,
ନିଜେ ନିଜ ସ୍ୱାଧୀନତା କର ହେ ଅର୍ଜନ ।
ନୂତନ ଜ୍ଞାନ ଆଉ ଭବେ, ହେ ବାଳିକାକୁଳ,
ସେତୁବନ୍ଧ ନିର୍ଝରିଣୀ, ଅପ୍ରାପ୍ୟ ନାରୀର ।
ବୁଦ୍ଧି ଜ୍ଞାନଜଳେ ପିଅ ସେ ପୀୟୂଷ ରସ;
ହୀନ ଦାସବୃତ୍ତି ତବ ଯାଉ ହେ ବନ୍ଧନ;

ମନର ଶୂନ୍ୟତା ଯାଉ; ଯାଉ ବ୍ୟାଧି ସବୁ:—
ନିଷ୍ଫଳ ସେ ବାକ୍ୟବ୍ୟୟ, ଅକାରଣ ଦ୍ୱେଷ,
ପ୍ରିୟତମ ପରନିନ୍ଦା-ବାବଦୂକ-ସ୍ୱୀତି ।
କି କାର୍ଯ୍ୟ, ଯଦି ଏ ଭବେ ଲଭି ଏ ଜୀବନ,
ମହତ୍ତ୍ୱର ଅଧିକାରୀ ନ ହୁଏ ମାନବ ?

ଛାଡ଼ି ଏ ସନ୍ନିଧି ମମ । ମନ୍ଦିରଦେବୀ ପାଶେ
ଯାଅ । ଆଜ କହିବେ ସେ ବକ୍ତୃତା ପ୍ରଚୁର
ବିଗତ-ସପ୍ତାହ-ନବ-ଆଗନ୍ତୁକ-ଜନେ,
ମଧୁରତନେ ମକ୍ଷୀପରି ଆସୁଛନ୍ତି ଯେଉଁ
ସରବ-ହ୍ରଦେଶୁ, ଖୋଜି ଏ
ବିଦ୍ୟା ଭବନ ।"

କହିଲେ ରୂପସୀ । ତହୁଁ କରି ଯଥୋଚିତ
ବିଦାୟ-ବନ୍ଦିତ ଭଙ୍ଗୀ, ଠାରିଲେ ଯିବାକୁ
ଆସିଲି ପ୍ରାଙ୍ଗଣେ ଫେରି ମନ୍ଦିରଙ୍କ ସକାଶେ ।
ପ୍ରବେଶି ଦେଖିଲି, ତହିଁ ଶ୍ରେଣୀବଦ୍ଧଭାବେ
ଛନ୍ତି ଧୀର ଛାତ୍ରୀକୁଳ, କମନୀୟ ବେଶେ;

ଇନ୍ଦ୍ରଧନୁ ସୃଜି କଣ୍ଠେ ବସନ୍ତ ଯେପରି,
ସ୍ୱଚ୍ଛ ଶୁଭ୍ର ବକ୍ଷ ଦେଇ ନବ-ବିଭାକରେ,
ପ୍ରଭାତେ କପୋତକୁଳ ତପନ-ସେବନେ ।
ପୁସ୍ତକ ରଖିବାପାଇଁ ସ୍ୱଚ୍ଛ ଦାରୁମୟ
ସମୁଚ୍ଚ ଆସ୍ଥାନ, ପଛେ ତାର ମନ୍ଦିରଦେବୀ

ସମାସୀନ ରତ୍ନ-ହୃଦେ; ସୁଠାମ ଗଠନ;
ମୋହନ ଶ୍ୟାମଳ କାନ୍ତି; ବୟସ ଅନୁମାନେ
ଥିଲା କି ନ ଥିଲା ଦେଖି ବିଂଶତି ଶରଦ ।
ସେ ମନ୍ଦି ଗରଭେ ଆଦ୍ୟ-ଶିଶୁ ଶୋଭାରାଣୀ,
ମୁକୁର-ବିଭବ ଜିଣି ସମୁଜ୍ଜ୍ୱଳ ଛନ୍ଦେ,

ସ୍ୱଚ୍ଛ ମୁଖବିମ୍ବେ ହସି ତାରକା-ସୁଷମା,
ସୁ ପ୍ରଭ ବାମେ । ଜନ୍ମେ ତାର ଦେଖିଛି କେବଳ
ଦୁଇଟି ବସନ୍ତ ଭବେ । ବସିଲି ସେଠାରେ;
ଦେଖିନେଲେ ମନ୍ଦି ଥରେ । ପାରିଜାତ ତହୁଁ
କହେ ଅତି ମୃଦୁସ୍ୱରେ, "ଏ ମମ ଭଗିନୀ ।"
"ମୋହନ-ମୂରତି ଅତି-କମନୀୟ-ବପୁ,"
କହୁଁ ରତ୍ନଧ୍ୱଜ, ରୋଧି ଶୀଘ୍ର ଦନ୍ତ୍ୟନାଦେ
ସେ ଜନତା-ମୃଦୁରୋଳ, ଆରମ୍ଭିଲେ ମନ୍ଦି —
"ଥିଲା ଏ ବିଶ୍ୱସଂସାର ଉଜ୍ଜ୍ୱଳ ତରଳ
ସୀମା-ରୂପ-ରେଖାହୀନ-ତେଜୋମୟ ଧୂମ;
କେନ୍ଦ୍ରିକ-ଆବର୍ତ୍ତେ କାଳେ ସେହି ନୀହାରିକା
ବିକାଶିଲା ସୂର୍ଯ୍ୟକୁଳ, ଘୋର-ବିଘୂର୍ଣ୍ଣନେ
ପଡ଼ିଲେ ସେ ସୂର୍ଯ୍ୟ ଦୂରେ, ଶୂନ୍ୟେ ଗ୍ରହଗଣ,
ଗ୍ରହେ କ୍ରମେ ଜୀବଜନ୍ତୁ, ଅଘଟନରୂପୀ,
ପରେ ନର, ଆଦିମ ସେ ସଂସ୍କାରବିହୀନ;

---

୧୫୪—୬୧ । ଜ୍ୟୋତିଷମାନେ ସ୍ଥିର କରିଅଛନ୍ତି, ଏହି ସମସ୍ତ ସୌରଜଗତ୍ ଏକସମୟରେ ଉଜ୍ଜ୍ୱଳ ବାଷ୍ପମୟ ଥିଲା । ସେହି ବାଷ୍ପ ମାଧ୍ୟାକର୍ଷଣ ବଳରେ ବର୍ତ୍ତୁଳପରି ହୋଇ, ନିଜ କେନ୍ଦ୍ରର ଚତୁଃପାର୍ଶ୍ୱେ ଘୂରୁଥିଲା । କ୍ରମେ ସେହି ବାଷ୍ପ ତାପ ଛାଡ଼ି ସଙ୍କୁଚିତ ହେବାକୁ ଲାଗିଲା, ଏବଂ ସେଥିରୁ ଖଣ୍ଡେ ଖଣ୍ଡେ ଛାଡ଼ି ପୃଥିବୀ ପ୍ରଭୃତି ଗ୍ରହମାନଙ୍କର ସୃଷ୍ଟି କଲା । ଏହି ଗ୍ରହମାନେ କ୍ଷୁଦ୍ର ଥିବାରୁ ଶୀଘ୍ର ତାପ ଛାଡ଼ି କଠିନ ହୋଇଗଲେ । ସୂର୍ଯ୍ୟ ଏପର୍ଯ୍ୟନ୍ତ ଅନେକ ବାଷ୍ପୀୟ ଅବସ୍ଥାରେ ଅଛି । ଏହି ବାଷ୍ପମଣ୍ଡଳକୁ ନୀହାରିକା କହନ୍ତି । କଠିନ ହେଲାପରେ ପୃଥିବୀରେ କ୍ରମେ ବୃକ୍ଷଲତା, ଜୀବଜନ୍ତୁ, ପରେ ମନୁଷ୍ୟ ଜନ୍ମ ହେଲେ ।

ବନ-ରଂଗେ ଲେପି, କେବେ କଂଟକ-ବେଧନେ
ଭଂଜ ତନୁ, ଘୋର ଶୀତେ ଚର୍ମ-ଆବରଣେ;
ଦଳ ପଦେ ନାରୀକୁଳ, ଅଦ୍ୟାପି ଯେସନ
ଦେଖୁଚ ବର୍ବର-ବାସ-ଦ୍ୱୀପେ, ମାଚ କୁଳେ
ଏହି ଦେଶେ ଅବା ।" କହୁଁ କହୁଁ ଏହିପରି

ରମଣୀର ଦୁରବସ୍ଥା ସୃଷ୍ଟି-ଇତିହାସେ,
କହିଲେ ଅଳପେ ସବୁ, ଭୁଂଗ-ଶୂନ୍ୟ-ଗୃହ—
ଶବଶଂସି-ଶକୁନର ଦ୍ରୁତ ନଗୀଯଣେ ।
ଉନ୍ନତ ଯୁଗର ଚିହ୍ନ ବୋଲି ସେ କହିଲେ,
ପୁରାଣର ଯୋଦ୍ଧୃ-ବେଶୀ ନାରବାମା କଥା;

ପ୍ରଶଂସି ଲସୀୟ ନାତି, ବଂଶାବଳୀ ଯହିଁ
ନାରୀରୁ ନାରୀରେ ଗଣା ହେଉଥିଲା କ୍ରମେ;
କହିଲେ ସେ ନାରୀ-କୁଳ-ସମାନର କଥା
ସେ ଦେଶରେ, ଯହିଁ ରାଜା ପୁରୋହିତ ସଂଗେ
ପାନାହାରେ ଥିଲେ ନାରୀ ସମଅଂଶ-ଭାଗୀ ।

ଗଲେ ଛୁଇଁ ଦ୍ରୁତ-ବେଗେ ବକ୍ତୃତାରେ ତହୁଁ
ଇରାଣ ଯାବନ ରୋମ ସାମ୍ରାଜ୍ୟ, ତହିଁରେ
ଘୋର ମାନ୍ତ-ବିରହିତ ରମଣୀର ଦଶା ।

କହୁଁ କହୁଁ ମନ୍ତି ଖିନ୍ନ ବାଗି ତାର ମନେ,
ବଜ୍ରସ୍ୱରେ କଲେ ଘୃଣା ରମଣୀକୁଳର

ଉତ୍ତରାଧିକାର-ରୋଧୀ ସାଲୀସ୍ ସଂହିତା;
କ୍ଷୁଦ୍ର-ପଦ-ନାରୀ ଚୀନ; ଘୋର ଜୁଗୁପ୍ସାରେ
ଛୁଇଁଗଲେ ମାତ୍ରକ ସେ ମହମ୍ମଦ-କଥା;
ମଧ୍ୟଯୁଗେ ଆସି ତହୁଁ, ନାରୀ-ମାନ ଲାଗି
ବୀରେ ଯେବେ କଲେ ପଣ ପରାଣ-ସଂପଦ,
କହିଲେ, ହେଲେହେଁ ହୀନ, ରମଣୀ ସମାନ
ଥିଲା ତହିଁ, କୁସଂସ୍କାରେ ହେଲେହେଁ ଜଡ଼ିତ ।
ଯା'ହେଉ ସେ, ପରଯୁଗେ ଆରଂଭିଚ ଊଷା;
ପଡ଼ିଚ ଆଶାର ଭୂମେ କିରଣ ଉଜଳ ।

ଫଳିବ ସୁଫଳ କାଳେ । ଚିର-ଋଣ-ପାଶେ
ଆବଦ୍ଧ ସେ ନାରୀକୁଳ ଜେମାମଣିଠାରେ;
ପକ୍ଷିଲେ ଭରସି ସେହୁ, ଲଂଘି ଅହେତୁକୀ
'ନାରୀ, ନର-ଦାସୀ' ଏହି ଧାରଣାର ସୀମା,
ନାରୀ-ସ୍କଂଧଦେଶୁ ଫିଂଗି ଚିର-ଶାନ୍ତ-ଭାର,
ପ୍ରମାଣେ ପ୍ରଚୁର କଲା ନାହିଁ କେହି ଆଜ

---

୧୬୮ । ଶବ ଖୋଜିବା ପାଇଁ ଉପରେ ଉଡ଼ୁଥିବା ଶାଗୁଣା ଯେପରି ଏକାବେଳକେ ବହୁତ ଭୂମି ଦେଖି ପକାଏ ସେହିପରି ଅଳ୍ପରେ ସେ ସବୁ କହିଗଲେ ।

୧୭୧ । ଗ୍ରୀକ ଐତିହାସିକ ହିରୋଡୋଟସ୍ ଲେଖି ଅଛଂନ୍ତି, ଆସିଆମାଇନରସ୍ଥ ପ୍ରାଚୀନ ଲସୀୟ ଦେଶରେ ନାରୀରୁ ନାରୀରେ ବଂଶାବଳୀ ଗଣା ହେଉଥିଲା ଏବଂ ନାରୀର ଉପାଧିରେ କ୍ରମେ ବଂଶର ସଂଜ୍ଞା ଜୁହ ଯାଉଥିଲା ।

୧୭୫ । ପ୍ରାଚୀନ ଏଟ୍ରୁସ୍କା ଦେଶରେ ନାରୀର ସଂପୂର୍ଣ୍ଣ ସ୍ୱାଧୀନତା ଥିଲା । ସେ ଦେଶର ପ୍ରାଚୀନ ଖୋଦନ ଶିଳ୍ପରେ ନାରୀମାନେ ପୁରୁଷଂକ ସଂଗେ ଏକତ୍ର ସାଧାରଣ ସ୍ଥାନରେ ଭୋଜିମାନଂକରେ ପାନାହାର କରୁଥିବାର ପ୍ରମାଣ ମିଳେ ।

୧୭୭—ଇରାଣ = ପାରସ୍ୟ; ଯବନ = ଆଇଓନିଆନ୍ (ଯବନ ଅର୍ଥାତ୍ ଗ୍ରୀସ୍) ଶବ୍ଦରୁ ହୋଇଅଛି । ସେ ସବୁ ଦେଶରେ ନାରୀମାନେ ଦାସୀରୂପେ ବିବେଚିତ ହେଉଥିଲେ ।

୧୮୧—ପ୍ରାଚୀନ ଜର୍ମାନୀର ସାଲିୟାନ୍ ଫ୍ରାଂକ୍ ନାମକ ଜାତି, ସ୍ତ୍ରୀମାନେ ସଂପତ୍ତିରେ ଉତ୍ତରାଧିକାରୀ ହେବେନାହିଁ ବୋଲି ସହିତାରେ ପ୍ରଥମେ ବିଧିବଦ୍ଧ କରିଥିବାର ପ୍ରମାଣ ମିଳେ ।

୧୮୨—ପାଦ କ୍ଷୁଦ୍ର ହେବା ଚୀନଦେଶ ନାରୀର ସୌନ୍ଦର୍ଯ୍ୟର ପରିଚାୟକ । ସେଥିପାଇଁ ପିଲାଦିନୁ କାଠ, ଲୁହାପ୍ରଭୃତିର ଯୋତା ଦେଇ ପାଦ ଚପି ରଖିଥାଂନ୍ତି ।

୧୮୩ । ମୁସଲମାନ ଧର୍ମରେ ନାରୀର ସ୍ଥାନ ବଡ଼ ସାନ ।

୧୮୪ । ଇଉରୋପରେ ବୀରମାନେ ନାରୀ ଲାଗି ଆତ୍ମୋତ୍ସର୍ଗ କରୁଥିଲେ । ସେହି ଯୁଗରେ ସ୍ୱଜପୂତ ଇତିହାସ ମଧ୍ୟ ଏ କର୍ମର ଜ୍ୱଳଂତ ସାକ୍ଷୀ ।

ନାରୀଠାରୁ ବଡ଼ ଭବେ, ସେହି ଶକ୍ତି ବଳୁ,
ନର ନାରୀ ସର୍ଜନା ଯେ ବହିଛି ଜଗତେ ।
"ସ୍ଥାପିଲେ ସେ ମୂଳଭିତ୍ତି; ନିର୍ମାଣିବ ତୁଂଭେ
ବିଚିତ୍ର ଅଟ୍ଟାଳିକା; ଏଥି ଶିଖିବ ସକଳ,
ଶିଖିତ ଯା ନର; ଭସ୍ମ ନ କର କାହିଁରେ ।

ଜଣା ଅଛି ନରଠାରୁ ସାନ ନାରୀ-ମଥା,
ନ ଥିଲେ କି ଷଡ଼ୁଶିର-ପୁରୁଷ ଜଗତେ ?
ହ୍ରସ୍ୱ-ଆୟତନବନ୍ତ ଅନୁଚ ନାରୀଏ
ହେଲେହେଁ, ଶୋଭାରେ ବଡ଼, ନୁହଂତି ସେ ହୀନ ।
ହସ୍ତ-ପଦ-ସମ ସଦା ମସ୍ତିଷ୍କ ମାନବେ

ବଢ଼େ ବ୍ୟବହାର ବଳେ, ଶକ୍ତି-କଉଶଳେ,
ନର ତେଣୁ ଗରୀୟାନ୍ ମସ୍ତିଷ୍କ ଲଭବେ ।
ସର୍ତ୍ତ ଯନ୍ତ୍ର ହୁଏ ତାହା, ବଳେ ବଡ଼ ସେହୁ,
ସେହି ସୁଯୋଗରେ ଆଗେ ପଶି କର୍ମଭୂମେ,
ହେଲା ସେ ମହତ । ଯାଉଅଛି ବହୁକାଳ

ବିନା ଯତ୍ନେ, କଂଭୁ ନାରୀ ଉଠିଥିଲା ଆଗେ,
ପାର୍ବତର ତା ଜୀବନ । ହେଲେହେଁ ଅଦ୍ୟାପି
ରମଣୀ-ମସ୍ତିଷ୍କ-ନାମ ବିଧୂ-ଘାସ୍ତ-ନରେ
ବିକ୍ଷିପ୍ତ-ତାରକାପରି ଅଳ୍ପତର ଭବେ,
ପୁରୁଷ ମହତ୍ତ୍ୱ ମାନ ନୁହେ କି ଜଗତେ

ମହତ୍ତମ ନର ? ହୀନ ବର୍ବର ଶବର,
ହଟେଂଟୋ, ମାଲୟ, କୁକ, କାଫ୍ରି, ଫିଜିନରେ,
କିଂବା ପଶୁସ୍ୱଭାବ ସେହି ଆଦମ କୃଷକେ,
ନୁହଂତି ପୁରୁଷେ ଗଣା; ବାଲ୍ମୀକି, କପିଳ,
ଆର୍ଯଭଟ୍ଟ ଆଦି ସିନା ନର ମାନଦଂଡ ।

ସେହିପରି ରମଣୀର, ଦେଖ ରାଜଦଂଡେ
କୁମାରୀ ଏଲିଜାରାଣୀ, ପୁଣି ଆଉ କେତେ;
ସମର କୌଶଳେ ଜୂନା କୃଷକ କୁମାରୀ,
ପୁଣି ଆଉ କେତେ; ସାଫୋ କବିକୁଳମଣି
ସାହିତ୍ୟକଳାରେ, ପୁଣି ଆଉ କେତେ କେତେ ।

ଏ ଆଦି ଯେତେକ ନାରୀ, ଯେ କେହି ପୁରୁଷେ
ହେବେ ସର୍ବ ପରିଶେଷେ ଅନ୍ୟୂନ ଗରବେ
ସେ ମହତ୍ତ୍ୱ ନାରୀ; ପଦ ଅବହେଳି ଯେତ୍ତୁ,
ମୁକୁଟମଂଡିତ ଶିର ନୁଆଁଇଲେ ହେଲେ
ତବ ପାଶେ; ବାସୁରି ହେ ଶିକ୍ଷାବଳେ ତୁଂଭେ

ଅବକାଶ କୋଳେ ବଢ଼ି ଏହି ମରୁଦ୍ୟାନେ,
( ନାହିଁ ଯହିଁ ନରର ସେ ପ୍ରାଚୀନ ପେଷଣ,
ଜୁଗୁପ୍‌ସା ଲାଂଛନା; ତେଣୁ ପବନ ମହତ )
ଅରଜିବ ସମଶକ୍ତି ଜ୍ଞାନେ ଯୋଗ୍ୟତାରେ ।"
କହି ଏହିପରି, ଶେଷେ ପ୍ରଭଂଜନ-ବଳେ

୨୧୭—ଅସଭ୍ୟ ଜାତିବିଶେଷମାନଂକ ନାମ ।

୨୧୯-୨୦ । କପିଳ = ସାଂଖ୍ୟ ସୂତ୍ର ପ୍ରତିଷ୍ଠାତା । ଆର୍ଯଭଟ୍ଟ = ପ୍ରାଚୀନ ମଗଧର ଜ୍ୟୋତିଷବିତ୍ । ୪୭୬ ଖ୍ରୀଷ୍ଟାବ୍ଦରେ ମଗଧରେ ଜନ୍ମଗ୍ରହଣ କରିଥିଲେ । ପୃଥିବୀ ସୂର୍ଯ ଚାରିପାଖେ ବୁଲୁଅଛି ବୋଲି ଏହାଂକ ଶାସ୍ତ୍ରରେ ଆଭାସ ଅଛି । ଏ ମହାତ୍ମା ବରାହମିହିରଂକଠାରୁ ପ୍ରାଚୀନ ଓ ଶ୍ରେଷ୍ଠତର ।

୨୨୨ । ଇଂଲଂଡର ରାଣୀ ଏଲିଜାବେଥ୍ ରାଜ୍ୟ ଅନ୍ୟ ବଂଶକୁ ଚାଲିଯିବା ଭୟରେ ଚିର କୌମାର ଅବଲଂବନ କରିଥିଲେ । ଏହାଂକ ରାଜତ୍ୱ ସମୟରୁ ଇଂଲଂଡ଼ର ଏ ମହାବିଭବର ସୂତ୍ରପାତ ହେଲା ।

୨୨୩ । ଜୂନା = ଜୋଆନ୍ ଡ଼ି ଆର୍କ୍ । ଏ କୃଷକ କୁମାରୀ ଥାଇ, ରଣଚଂଡ଼ୀ ପରି ଅରେ ପରାଧୀନ ଫ୍ରାନ୍‌ସ୍ ଦେଶକୁ ମତାଇ ଦେଇ, ପୁଣି ସ୍ୱାଧୀନତାକୁ ଆଣିଥିଲେ ।

୨୨୪ । ସଫୋ ପ୍ରାଚୀନ ଗ୍ରୀସ୍‌ର ଜଣେ ପ୍ରଖ୍ୟାତନାମ୍ନୀ ସ୍ତ୍ରୀକବି । ସେ ଆଜକୁ ୨୫୦୦ ବର୍ଷ ପୂର୍ବେ ଜନ୍ମିଥିଲେ ।

ଉଚ୍ଚାରିଲେ ସେ ମହାତ୍ମା ଭବିଷ୍ୟ-ଘଟଣା,
ଚନ୍ଦ୍ର ଭନ୍ଦ୍ର କରି ଫେଡ଼ି କାଳ ଆବରଣ:—
'ସବୁଠାରେ ସମ ହେବେ ନର ସଂଗେ ନାରୀ,
ରନ୍ଧନଶାଳାରେ ଦୁହେଁ, ଦୁହେଁ ମଂତ୍ରଣାରେ,
ଜଟିଳ-ସଂସାର-କର୍ମେ ଦୁହେଁ, ଦୁହେଁ ତୁଲ

ହେବେ ସେ ଉଦାର ଧର୍ମ ଜ୍ଞାନ ବ୍ୟବସାୟେ;
ଗୋଟିକ ବଦଳେ ଦୁଇ ସୂର୍ଯ୍ୟଲଂଘ-ଧାତୁ
ବିଜ୍ଞାନ-ସାଗରେ ପୁଣି ଗମ୍ଭୀର ଦର୍ଶନେ
ପଡ଼ିବେ ଅତଳ ଜଳେ, କଳିବେ ତା'ଗର୍ଭ;
ସଂଗୀତର ସ୍ଥପତିଶିଳ୍ପ, ଚିତ୍ରଣ, ଖୋଦନ,

ସାହିତ୍ୟର ଆଲୋଚନା; କେତେ ଏହିପରି ।
ଶେଷେ ପୁଣି ଏ ବିଶାଳ ଉଦାର ଧରଣୀ,
ଏକ ବୃନ୍ତେ ଯଥା ସମ-ଯୁଗଳ-ପ୍ରସୂନ,
ଧରିବ ତଥା ସେ ସମ ମହାପ୍ରାଣ ଦୁଇ,
କୋମଳ-କବିତା-କଳା-ସାଧୁ-ଆଲୋଚନେ;

ସେ କବିତା, ରଂଧ୍ରେ ରଂଧ୍ରେ ଭେଦ ବିଶ୍ୱେ ଯାହା
ସଂଚରି କରାଇ ଜଗତେ ମହା ଜାଗରଣେ ।
ସାରିଲେ ମନ୍ତ୍ର; ଧୀରେ ଠାରିଲେ ଆଉଂକୁ;
ଅପର ସ୍ଥୁବୀଏ ଗଲେ ସ୍ଥୁଳ ସେ ଭବନ;
ଭାବ-ହୃଦ-ସ୍ମିତ-ବ୍ୟଂଗ-ମୁଖେ ମଧୁହାସେ

ସୁହୃଦ-ସ୍ୱାଗତ ଭାଷି ଆରଂଭିଲେ କହି,
ସୁହାସେ; ସହସା କଂପା, ଦ୍ରୁତଗାମୀ-ପୋତ
ଲେଉଟାଇ ଦିଗ ଯଥା, ଶିଥିଳିତ-ପାଲେ
ପବନ-କଂପନେ ଜଣେ ସ୍ଥୂଳ ମହ୍ୟରଂକ,
ସ୍ଥିରଲକ୍ଷ୍ୟ-ଶୂନ୍ୟ ମୃଦୁ ପତଙ୍ଗ-କମ୍ପନେ,

ତେସନ ସେ ଶିଥିଳିତ- ବିକଂପିତ-କଂଠେ
କହିଲେ, "ସୋଦର ମମ !" ପାରିଜାତ ତହୁଁ,
"କସ ଗୋ ଭଗିନ ?"ମନ୍ତ୍ର କହିଲ ହସି ତେ,
"ଅହୋ, କ ଅଦ୍ଭୁତ, ସତେ ଶୁଂଭେ ଏ ଭବନେ !
ଏ ବେଶରେ ! ତବସଂଗେ ଏମାନେ ସରିବେ !

କିଏସେ ଏମାନେ ? ବ୍ୟାଘ୍ର ହରିଣୀର ପଲେ !
ଏତେ ବ୍ୟାଘ୍ର ଏକାବେଳେ ! ରଖ ଚକ୍ରପାଣି !
ମଂତ୍ରଣା—ମଂତ୍ରଣା କୂଟ—ଜଟିଳ ଚକ୍ରାଂତ
ରମଣୀର ସର୍ବନାଶେ !" ଉତ୍ତରିଲେ ଭାଇ,
"ନୁହେ ଏ ଚକ୍ରାଂତ; ନାହିଁ, ମନ୍ତ୍ରଣା ଜଟିଳ ।"

କହେ ମନ୍ତ୍ର ତହୁଁ, "ମୂଢ଼ ଅକର୍ମ ଅର୍ଭକ !
କପରି ରେ ନ ଦେଖିଲୁ ପ୍ରବେଶ ତୋରଣେ,
ଖୋଦନ-ଲେଖନେ, ନରେ ପ୍ରବେଶ ନିଷେଧ,
ପ୍ରବେଶେ ମରଣ ଧ୍ରୁବ, ?" କହେ ପାରିଜାତ,
"କି ହେଲା ଦେଖିଲେ ? କିଏ ଭାବିବଟି ମନେ,

ଲଳିତ-ବିଧାତା-କୁଳ ତବ ନଳଂଦର
ହେ ଭଗିନ,—ଧ୍ୱଅଂଶ୍ରୁ ହେ ବିଭ୍ରମ-ବେଶିଣୀ
କନ୍ଦର-ରୂପିଣୀ, କର୍ମେ ରାକ୍ଷସୀ ସେ ଘଟେ,—
ନରମେଧ-ସାମ-ଗାନ-ବିଚିତ୍ର-ତାଂଡବେ
ହେବେ ଏବେ ସୋହାଗିନୀ ?" କହିଲୁ ସେ ମନ୍ତ୍ର,

"ଅନ୍ୟଥା ଦେଖିବ ଫଳେ; କର ପରିହାସ !
ତୀକ୍ଷ୍ଣଧାର ଖଡଗେ ମଣ କ୍ରୀଡ଼ନକ କରି ?
ଅଟଳ ସଂକଳ୍ପ ମମ, କହିବ ନିଶ୍ଚୟ;

୨୪୨ । ସ୍ୱନ୍ନଲଂଙ୍ଘ ଧାତୁ = ଓ୍ୱଲମ୍ ଦଉଡ଼ି । ସମୁଦ୍ରରେ ପାଣି ମାପିବାପାଇଁ ଏହିପରି ସଂଜ୍ଞ ଆବଶ୍ୟକ ହୁଏ । ଗୋଟିକ ବଦଳେ ଦୁଇ = ଏକା ପୁରୁଷ ବଦଳରେ ପୁରୁଷ ଓ ନାରୀ ଦୁହିଁଂକୁ ଏଠାରେ ଲକ୍ଷ୍ୟ କରା ହୋଇଛି ।

୨୫୯ । ମହ୍ୟରଂକ = ଗଂଗେଇ ତଢ଼େଇ ।

୨୭୧ । ଅର୍ଭକ = ପିଲା ( ପ୍ରାୟ ଘୃଣାରେ କୁହାଯାଏ ) ।

କଠୋର ସଂକଳ୍ପ ତାର, ଶ୍ରୀମଦ୍ଧର୍ମ ସମ
ଅଭେଦ୍ୟ, ସେ ରାଜକେମା ।" ପାରିଜାତ କହେ,

"ଭୟ ନାହିଁ ମତ, ଆଗେ ନିଅ ମୋ ଜୀବନ;
ତୁମ୍ଭେ ହେ ଭଗିନି, ଦେହ ମମ ଉଚ୍ଚସ୍ତମ୍ଭେ
ଏ ବିଦ୍ୟା-ମନ୍ଦିରେ ରଖି, ଦେଖାଇବ ଲୋକେ;
କୃଷିବଳ ଶସ୍ୟକ୍ଷେତ୍ରେ ରଖେ ଉଚ୍ଚେ ଯଥା
ଶସ୍ୟ-ନାଶି-ଜନ୍ତୁ-ଦେହ । କିମ୍ବା ଏହିଠାରେ,

ଦେବ ମୋ ସମାଧି, ତହିଁ ସମାଧି-ମନ୍ଦିରେ
ଲେଖିବ ମର୍ମରେ ତୀବ୍ର-ଛୁରିର-ଲେଖନେ,
'ରମଣୀଜାତିର ଶୁଭ ଲାଗି ଏହିଠାରେ,
ସୋଦର ନିଧନ କରି ପୋଡିଛି ଭଗିନୀ' ।"
ଶୁଭ୍ରଧ୍ୱଜ କହେ ତହୁଁ, "ମରିଯାଏ ମୁହିଁ,

ଦେଖି ଶୁଣି ମତ ଏଥି କି ସୁଖ ମରଣେ ?"
ବାହାରି କହିଲି ମୁହିଁ, "ଗୋପନେ ପଶିଛି
ଛଦ୍ମବେଶେ ଏ ଭୂମିରେ, ସତ୍ୟ ଏହା ଭଦ୍ରେ;
ତୁମ୍ଭୁ ସତ୍ୟ ଚିର-ପ୍ରିୟ ମୋର; ସେହି ସତ୍ୟ,
ନିଗୂଢ଼ ସେ ସତ୍ୟ ଶୁଣ; ଆବରଣ ଭେଦି,

ନିରେଖି ଦେଖ ଏ ବପୁ ରାଜସୁତ ମୁହିଁ,
ତୁମ୍ଭରି ହେ ଦେଶବାସୀ; ତବ କେମା ସଙ୍ଗେ
ବହୁବର୍ଷ ହେଲା ମୋର ହୋଇଛି ବାଗ୍‌ଦାନ ।
ଆସିଲି ଏ ଭୂମେ, ଥିଲା କେମା ଯେଣୁ ଏଥି,
ଏହିବେଶେ (ଆନବେଶେ ଥିଲା କି ମୋ ଗତି ?)"

ମତ ତହୁଁ, "ମହାଶୟ, ନୃପତି-ନନ୍ଦନ,
ମମ ଦେଶବାସୀ ତୁମ୍ଭେ ! କାହିଁ ମୋର ଦେଶ ?

କାହିଁ ମୋ ସ୍ୱଦେଶ କାହିଁ । ଏହି ବିଦ୍ୟାଳୟ
ସଂକଳ୍ପ-ଆଶ୍ରିତ ମୋର ଚିର ବାସଭୂମି ।
ଥିଲି ଯହିଁ, ସେ ବନ୍ଧନ ଛିଣ୍ଡାଇ ମୁଁ ଭବେ,

ସମ୍ମୁଖେ ଉପାଡ଼ି ଏବେ ଜୀବନଲତିକା
ଜନ୍ମଭୂମି ବକ୍ଷୁଁ, ରୋପି ଏହି ଜ୍ଞାନାଗାରେ,
କରିଚି ଏହାକୁ ମୋର ସ୍ୱଦେଶ ସର୍ବସ୍ୱ ।
ପୁଣି ବାଗ୍‌ଦାନର କଥା ? ପ୍ରେମର ଭୀଷଣ
କଳଙ୍କ ନାଇ ଏହି ପାବନ-ମନ୍ଦିର;

କେମନ୍ତେ ମୁଁ ତେବେ, ନୁହେ ନିଜେ ମୁଁ ନିଜର,
କହିବ ଅଛି ହେ ତବ ଜୀବନର ଆଶା ?
ମାରିବେ ଅଶନି ତବ ମସ୍ତକ ଉପରେ
ଅଛି ଅର୍ଦ୍ଧପଥେ; ହୁଅ ପ୍ରସ୍ତୁତ ହେ ଏବେ;
କେମା ଆଗେ କହିଲେ ମୁଁ ପଡ଼ିଲି ସେ ଜାଣ"।

"ରହ କ୍ଷଣେ", କହିଲି ମୁଁ, "ଦ୍ୱାରଦେଶେ ତବ
କଠୋର-ଖୋଦନ-ଲେଖ; କଏ ସେ କହିବ
ମରଣର ଭୟ ତହିଁ ? କରତାଳି-ଯୋଗେ
ପତଙ୍ଗ-ବାରଣ ଶସ୍ୟଭୂମେ ସିନା ଏହା ?
ଅଧିକ କି ଅଛି ତହିଁ ? ଥିବ ଯେବେ କିଛି,

ଦେଖାଇଲେ କାର୍ଯ୍ୟେ, ଜୀବ କି ହେବ ଭବିଷ୍ୟ ?
ବାଜିବ ଏ ଜ୍ଞାନାଗାରେ ସମର-ଦୁନ୍ଦୁଭି,
ବିଫଳ-ପ୍ରଯତ୍ନ ହେବେ ଗରବିଣୀ ବାମା;
ଜୟେ ପରାଜୟେ ହେବ ସମଫଳ ତବ;
ସୁସ୍ୱଚ୍ଛ କଳ୍ପନାକୁଳ ଦେଖ ଏ ନିଳୟ,

ସମର ତହିଲେ ହେବ ଶୂନ୍ୟ ମନୋରଥ ।
ରମଣୀ-କଳ୍ପନା ସିନା ନିସ୍ତରଙ୍ଗ ହ୍ରଦେ
ବିଳାସ-ତରଣୀ-ଖେଳେ କ୍ଷେପଣୀ ଚାଳନ;

ଦୁର୍ଦ୍ଦିନର ଘନଘଟା ଘୋର-ପ୍ରଭଂଜନେ
ଉଚ୍ଛ୍ୱଳ-ତରଂଗ ଭେଦ ବକ୍ଷସ୍ଥ-ସ୍ପନ୍ଦନ

ନୁହେ କଳ୍ପନାର ଖେଳ, ରମଣୀ କରମ ।”
ମନ୍ତ୍ରୀ ତହୁଁ, “ବୁଝଂଭୁ ସେ ରାଜଜେମା ତାହା,
ବଦାନ୍ୟ ବୋଲଂଭୁ ମୋତେ ।”—(ରୁଷ୍ଟି ଋଭୁଧ୍ୱଜେ)
“ବଦାନ୍ୟ ହେ ଭଦ୍ର, କଂପେ ମର୍ମସ୍ଥଳ ମମ
ଭାବି ଫଳାଫଳ, କଂଭୁ ଯିବ ମୁଁ ମୁକର ।”

ସଂଗେ ସଂଗେ କହିଲି ମୁଁ, “ହତେ କ ହେ ତୁଂଭେ
ସେହ୍ନମନ୍ତ, ସେହି ବୃଦ୍ଧ ପିତାମହ ତବ,
ସେହି ବୃଦ୍ଧ ପାରିଜାତ, ଚିହ୍ନପଟେ ଯାର
ସମର-ପ୍ରାଂଗଣ ଧୂଳି-ଧୂସରିତ-ବପୁ,
ବାର୍ଦ୍ଧକ୍ୟ-ଲୋଳିତ ସେହି କଙ୍କାଳ-ଲଲାଟ

ରାଜଦଣ୍ଡ-ବହୁମାନ-ରୁଚିର-କ୍ଷୀଣାଂଗ
ଶୋଭେ ପିତାଙ୍କଂର ମମ ବକ୍ଷୁର-ମଂଦିରେ !
ସେହି ତ ସେ ବୃଦ୍ଧବଟ; ଜୀବନ ବିପଦେ
ନିର୍ଭୟ ସଙ୍ଗ୍ରାମେ ଲଂଘି ପିତାମହେ ମମ
ଅର୍ପିଲେ ନିଜ ପ୍ରାଣ, ଚଳିଗଲେ ଯେବେ

ଯୁଦ୍ଧ ରଂଗଭୂମି ବରେ ଛନ୍ଦଭଂଗେ, ଋଷ୍ଟେ !
ଅଦ୍ୟାପି ସେ ଚିହ୍ନପଟେ ଦେଖାଉ ସରବେ,
କହୁ ଲୋକେ, ‘ନୁହେ କେବେ ରାଜଭକ୍ତ-ଧାର
ନିଷ୍ଫଳ ଶୀତଳ ଏହି ପାରିଜାତକୁଳେ;
ହୃଦୟ-ଶୋଣିତ-ସଂଗେ ବହେ ଅବିରତ

ବଂଶ-ପରଂପରା-ଧାରେ ଶିରା ପ୍ରଶିରାରେ
ଜୀବଂତ ସ୍ପନ୍ଦନେ ।’ ସତେ ସେହ୍ନମନ୍ତ ତୁଂଭେ ?”
“ସେହ୍ନମନ୍ତ ସତେ ମୁହିଁ,” କହେ ପାରିଜାତ,

“ସେହ୍ନମନ୍ତ, ଯାହାଭୁଲେ ଜୀବନ-ପ୍ରଭାତେ
ଅରୁଣ-ବିଭବ-ଶୋଭ-ସ୍ୱଚ୍ଛ-ଗିରି-ଚୂଳେ

ବୁଲୁଥିଲି ଗୀତ ଗାଇ, କଂଦୁକ ଫୋପାଡ଼ି,
ଉଡ଼ାଇ ଆକାଶେ ଘୁଡ଼ି, କଂକ ଧରି ରଂଗେ,
ଗିରି-କଂଦରାରେ ଫାଶେ ଧରୁଥିଲି ଶଶା;
ସେହି ତୁମ୍ଭ ମନ୍ତ୍ରି ! ମୋର ରୋଗଶଯ୍ୟା-ପାଶେ
ବସି, ମୋର ଶିରପୀଡ଼ା ନିବାରିବା ଲାଗି,

ସ୍ୱଚ୍ଛ ଉପାଧାନ ବାଛି, ଦେଇ ମୁଂଡତଳେ,
ନିଜ ହାତେ ସଯତନେ ଯୋଗାଡ଼ି ପାଚନ,
ରୁଚିର କାହାଣି ମେଲି, ପଢ଼ି ଉପନ୍ୟାସ,
ସୁଖସ୍ୱପ୍ନେ ହରୁଥିଲୁ ଯଂତ୍ରଣାର ନିଶି
ରୋଗେ ମୋର ? ଏକାଧାରେ, ସେହ୍ନମନ୍ତ ତୁମ୍ଭି,

ଭଗିନୀ ସୋଦର ମମ ସ୍ନେହେ ଉପରିରେ;
ଥିଲ ତୁ ତ ସେହ୍ନମନ୍ତ, କି ହୋଇଛୁ ଏବେ ?”
ଋଭୁଧ୍ୱଜ କହେ, “ସେହି ତୁଂଭେ ମନ୍ତ୍ରିଦେବୀ,
ଯା’ ଲାଗି ଏ ଭବେ ମୁହିଁ ନୁହଂତି କୁଂଠିତ,
ଆସଂତା ଏ ବେଳେ ଯେବେ ରମଣୀ-ବିଗ୍ରହ,

ଚିରକାଳ ପାଇଁ ଯେବେ ଛାଡ଼ୁ ମୋର ସଙ୍ଗ
ହୁଅଂତା; କେବଳ ଯଦି ତବ ପଦତଳେ
ବସଂତି, ଶୁଣଂତି ତବ ମଧୁ ଆଳାପନ,
ପାଂଡିତ୍ୟ ତବ ସେ, ବକ୍ଷ-ବିଷୟ-ସ୍ମରଣୀ ।”
ପୁଣି ତହୁଁ କହିଲି ମୁଁ, “ସେହ୍ନମନ୍ତ ତୁଂଭେ,

ଛାଡ଼ି ପ୍ରିୟଜନ ନବ-ବିବାହ-ବାସରେ
ଆଗମନ-ଖେଦେ ଥିଲ ପାଂଡୁର-କପୋଳ,
ଚୁଂବି ସେ କପୋଳ ଯେବେ ଜନକ-ବାତ୍ସଲ୍ୟ ?

---

୩୭୬ । ଉପାଧାନ = ତକିଆ

ବୋଧିଲେ ରାଜନ,—ତୁଂହେ ଠିକ ସେହିମତ ?—
କହିଲେ ଗରବେ, ପ୍ରାଣ ପ୍ରାଚୀନ ବଂଧନ

ଲେଡ଼େ ସଦା; ପ୍ରାଣର ସେ ନିସର୍ଗ-ବଂଧନୀ
ଦକ୍ଷିଣାଶା-ଗିରଚୂଳ ଏ ନବ ପ୍ରଣୟ
ଭେଦ ବିକାଶିବ; ଏ ଭୂମିର କେହି
ଅଗ୍ରେବ ଆପଦେ ଯେବେ ସେ ଦର୍ଷଣ-ଭୂମେ
ଲୋଡ଼ିବେ ଆଶ୍ରୟ ସାଂହା, ଅଛି ତହିଁ ଜଣେ ।

ନୋହୁ କହେ ଆଂଭେ ଏବେ ବିପନ୍ନ ଏ ଭୂମେ ?”
ପାରିଜାତ ତହୁଁ, “ସତେ ସେହିମତ ତୁହି,
ମନେ ପଡ଼େ ଆଜ ସେହି ସୁଦିନର କଥା;
ବସିଥିଲୁ କୁଞ୍ଜମୂଳେ, ପାଳିତ ହରିଣୀ
ଶରବିଦ୍ଧ ହୋଇ, ଯେବେ ଧାଇଁ ଆସି ଖରେ,

ମସ୍ତକ ତୋ’କୋଳେ ରଖି ସୋଦର-ସଂପଦେ,
ମର୍ମ-ଭେଦୀ-ଶ୍ୱାସେ ହେଲା ରଂଜିତ ରୁଧିରେ,
ତା’ ନିଶ୍ୱାସେ ମିଶାଇ ତୋ ଗୁରୁ ଶୋକଶ୍ୱାସ,
ରକ୍ତାକ୍ତ ବସନେ ଧରି ସେ ଲପନ କୋଳେ,
ଦେଖି ସେ ଶୋଣିତ, ଶୋକେ ବିଳପିଲୁ ଉଚେ;

କାଂଦିଥିଲୁ ସେ ଶୋଣିତେ, ପାଳିତ ସେ ପଶୁ;
ସୋଦର-ଶୋଣିତ ଏବେ ସହିବ ପରାଣେ ?
ପରାଣ-ଭଗିନୀ ସେହିମତ ଠିକ ତୁହି ?
ପାଖେ ଅଛି, ସୁକୋମଳ-କମଳ-ଲପନ
ଭଗିନୀ-ସଂତାନ ମମ; କହିବ ମୁକର,

ସେହିମତ ଥିଲୁ ତୁହି; କି ଥିଲୁ, କି ହେଲୁ ?”
କହେ ପୁଣି ରକ୍ତଧ୍ୱଜ, “ଅମିୟ-ପୀୟୁଷ
ବସଂତ-କୁସୁମ ଯଥା, ସ୍ପଂଦନେ ଯାହାର
ନିଜେ ସୁରପତି ହେବେ ଚୁଂବନ-ଲାଳସୀ,
ଲବଣୀ-ପ୍ରତିମା ସେହି ଶିଶୁର ଜନନୀ

ତୁଂହେ ଠିକ ମତଦେଶୀ ?” ଉତ୍ତରିଲା ମତି,
“ରକ୍ଷ ସେ କୋମଳ କଥା; କି ଆଶ୍ଚର୍ଯ ? କିପାଁ
ହୃଦୟର ଭାବାବେଗେ ରାଜବାରା-ବାଳା
ନ ହେବ ମୁଁ ? କିପାଇଁ ବା ରମଣୀ-ସମାଜେ
ନ ହେବ, ପୁରୁଷେ ଯଥା ଜୁନ୍ନିୟୁ-ବ୍ରୁଟସ

ପୁରୁଷ-ସମାଜେ ତାଙ୍କୁ ବୋଲଂତି ମହତ,
ରଖିବାରେ ସୁକୋମଳ ନବ-ପ୍ରଜାତଂତ୍ର
ଆସନ୍ନ ପତନୁ ରୋମ-ରାଜ୍ୟେ ଆଦିଯୁଗେ,
ସ୍ୱଦେଶ-ମଂଗଳ ଲାଗି, ଦେଲା ଯେଣୁ ସେହୁ
ବେନିସୁତେ ଶୂଳ ମୁନେ;—( କରଂତି ନିଧନ

ଏହି ଶିଶୁ ଯଥା, ସେବେ ପଢ଼ଂତା ଗରଜ; )—
ରାଜତଂତ୍ର, ପ୍ରଜାତଂତ୍ର, ଦୁଇଦିନ କଥା,
କିଂତୁ ମୋହଠାରେ ପୂର୍ଣ-ଅର୍ଧ-ଜଗତର
ଇହ-ପର-ମୁକ୍ତି ଏବେ ନ୍ୟସ୍ତ ଅଛି ଦୃଢ଼େ;
ଟଳିଲେ ମୁଁ, ଟଳିଯିବ ରମଣୀ-ମୁକୁଟ ।

୩୮୭ । ଦକ୍ଷିଣାଶା = ଦକ୍ଷିଣଦିଗ ।

୪୧୩ । ରାଜବାରା = ରାଜପୁତାନା; ଏଠାରେ ସ୍ତ୍ରୀମାନେ ପତି ପୁତ୍ରଂଙ୍କୁ ସଦଂଭରେ ଯୁଦ୍ଧକୁ ପଠାଇ ଦେଉଥିଲେ ।

୪୧୫ । ଜୁନିୟସ୍ ବ୍ରୁଟସ୍ ନାମକ ଜଣେ ଅତିପ୍ରାଚୀନକାଳରେ ରୋମରାଜ୍ୟରେ ସାଧାରଣତଂତ୍ରର ନେତା ନିଯୁକ୍ତ ହୋଇଥିଲେ । ତାଂକର ଦୁଇପୁତ୍ରଂକୁ ସାଧାରଣତନ୍ତ୍ରର ବିରୋଧୀ ଓ ପୂର୍ବରାଜା ଟାର୍‌କୁଇନ୍ ବଂଶର ସପକ୍ଷ ଥିବାର ଜାଣି ସେ ସେମାନଂଙ୍କୁ ପ୍ରାଣଦଂଡରେ ଦଂଡିତ କରିଥିଲେ ।

କେମଂତେ ମୁଁ ଭେଟିବି ଏଥି ତେଜି ସତ୍ୟ-ପଥ,
ରାଜସୁତ ଏହୁ, ମୋର ସୋଦର ଏ ବୋଲ,
ବିପଥ-ଗାମିନୀ ହେବି ? ତେବେ କିଂଚିତରେ
ନୁଆଁଇବ ମଥା, ତବ ମଂଗଳ-କାରଣେ;
ଆଂଭର ବି ସଂଭବରେ ସର୍ବଶୁଭ ତାହା ।

ଅହୋ ! ରେ ଯଂତ୍ରଣା ! ଯେବେ କଠୋର କର୍ତ୍ତବ୍ୟ
ପରଶେ ପରାଣ ପ୍ରେମ-ନିସର୍ଗ-ବଂଧନ !
ଭସ୍ମ ମୋର, ବିବେକ ମୋ' ହେଲା ଏଥି ବଣା;
କର୍ତ୍ତବ୍ୟ ଶିଥିଳ ହେଲା, ହେଉ ଯାହା ପଛେ,
ଶୁଣ ମୋର ପଣ ଏବେ, ଦୃଢ଼ କରି କହି—

ନ ହେଲେ ମରଣ ଧ୍ରୁବ—ଗୋପନେ ତେଜିବି
ଏ ଭୂମି, ଆସିଲି ଯଥା, ଆଜି କିଂବା କାଲି,
ଅତିଶୀଘ୍ର ଯିବ ଭେଟି, କୁହାଯିବ ଏଥି
ଅଶାବ ବର୍ବର ତେଣୁ ଏ ଭିନ ରମଣୀ,
ଶିଖିବାରେ ନାହିଁ ଇଚ୍ଛା, ପଳାଇଲେ ଆପେ,

କଳଂକ ବିଅଂତେ ଏଥି—କରି ଏ ସଂକଳ୍ପ ।”
  କି କରିବୁ ? ଏକେ ଏକେ ସଂକଳ୍ପ ସରବେ
ଜଣାଇଲୁ କିଂତୁ ମତି ମନର ଉଦ୍‌ବେଗେ
ନବ-ପିଂଜରର ବନ୍ୟ-ଶୁକପକ୍ଷି ପରି
ହୋଇ କ୍ଷଣେ ଇତସ୍ତତଃ, ପାରିଜାତ ପାଖେ

ସହସା ହୋଇଲେ ସ୍ଥିର, ବଢ଼ାଇ ମଧୁରେ
ମାଲ୍ୟୋପମ ନବ ଗଂଜ ସ୍ତୁତ ଭୁଜ ଦଂଡ,
ଧରି ଭାଇ ବେନି ହାତ, ଗଦଗଦ ଭାଷେ,
କହିଲେ ଅଲପ ସ୍ୱରେ, ଦିବ୍ୟ ସ୍ନେହାନନେ,
“ପହିଲିଁ ଚିହ୍ନିଛି ତୋତେ, ସେହି ଏ ବୟସେ

ବାଲ୍ୟର ବୟସେ ଯଥା ଦେଖିଥିଲି ଘରେ,
ଦୁଃଖ ସୁଖ ଦୁହେଁ ମୋର ଦେଖି ତୋତେ ଭାଇ,

କି କଲି ! ମୁଁ ଦେଉଥିଲି ମରଣେ କାହାକୁ ?
କିଏ କହୁଥିଲା ଏହା ? କୁହେ ମୁଁ ରାକ୍ଷସୀ,
କର୍ତ୍ତବ୍ୟ ସେ କହୁଥିଲା, ସେହି ଆବରଣେ

କଠୋର ଭାଷଣ ମୋର, କ୍ଷମା କର ଆଜି ।
ମା ଆଂଭର, ଅଛଂତି ତ କୁଶଳେ ସେ ଏବେ ?”
ଚୁଂବିଲା ଲଲାଟେ ସ୍ନେହେ, କହୁଁ ଏହି କଥା,
ଆଲିଂଗିଲା ଅସଂଖ୍ୟଳେ ପରାଣ ଆବେଗେ;
କଥାକେ କଥାକେ ତହୁଁ ଭାଇ ଭଉଣୀରେ

ଫିଟିଗଲା ସ୍ମୃତି କୋଷ, ଉଠିଲା ବିକଶି
ନାନାଜାତି ଘରକଥା, ସ୍ୱଜନ—ସଂବାଦ,
ପରିବାର-ଜୀବନର ଦିବ୍ୟ ସଉରଭେ,
ଅପରେ ଅଜ୍ଞାତ କେତେ ଅଜ୍ଞାତ ଘଟନା
ଚେତାଇ କହିଲେ ଦୁହେଁ ଅପାର ଆମୋଦେ ।

ବହୁଁ ବହୁଁ ନୟନରେ ଆନଂଦର ନୀର,
ମୁକ୍ତାନଂଦ ବିଂଦୁ, ଝରି ପଡ଼ିଲା ଭୂତଳେ ।
ଏହିପରି ଥିଲେ ଯେବେ ଭାବେ ବିଜଡ଼ିତ
ସେ ଭାଇ ଭଗିନୀ, ଆଂଭେ ନିଶ୍ଚଳ ନୟନେ,
ସହସା ଶୁଭିଲା ଧ୍ୱନି, ‘ମହାଶ୍ୱେତାଠାରୁ

ଆଣିଥିଲି ସଂବାଦ ମୁଁ ।’ ଚମକିଲା ମତି,
ଚାହିଁଲୁ ସରବେ ଫେରି, ଦେଖିଲୁଁ ନିମିଷେ,
ଉଭା ତହିଁ ମଧୁମତୀ, ମହାଶ୍ୱେତା ସୁତା,
ଚିକ୍‌କଣ ଚିକୁରେ କରି ପଲ୍ଲବ ନିବେଶି,
ମାଣିକ୍ୟର ଓଷ୍ଠ-ସ୍ମିତ ପିଂଠାଇ ଅଳକେ;

କୁଂକୁମ କପୋଳ ତାର, ଚଂପା ଗୋରା-ବପୁ,
ମହାଶ୍ୱେତା-ଗୁଣ-ବ୍ୟଂଜି ବିଦ୍ୟାଳୟ-ଛଦେ
ଦିଶୁଥିଲା ଫୁଲ-ଦଳ ସୂର୍ଯ୍ୟମୁଖୀ ସମ,
ସରଳାର ସ୍ୱଚ୍ଛନେତ୍ରେ ମନୋଭାବ-ରାଶି
ଦିଶୁଥିଲା ଫୁଟି ଅବା, ଦିଶଇ ଯେସନ

ଉପଳ ଶଯ୍ୟନ-ମଗ୍ନା ଗିରିନଦୀ ତଳେ
ଗମ୍ଭୀର ବିମଳ ନୀର ଭେଦି ସ୍ୱଚ୍ଛଶିଳା
ମଧ୍ୟ ବିକମ୍ପନେ ଗୁଚ୍ଛ ଜଳବେଣୀ କମ୍ପେ ।
ଦ୍ୱାରଦେଶେ ଦେଖି ସେହି ରମଣୀ ଉତ୍ତମା,
କହେ ମନ୍ତ୍ରୀ ଧୀରେ ଭୟ କମ୍ପିତ ଭାଷଣେ,

"ମଧ୍ୟ ତୁହି—ଏଠାରେ ତୁ—ଶୁଣିଲୁ ତୁ ସବୁ !"
ମଧ୍ୟମନ୍ତ୍ରୀ କହେ ଧୀରେ, "କ୍ଷମାକର ମୋତେ
ଶୁଣିଲି ମୁଁ, ଶୁଣନାହିଁ, କରିନାହିଁ ଇଚ୍ଛା,
କାହୁଁ ଦେବ, ଭୟ କିବା ? ଶୁଣିଛି ତ ମୁହିଁ !
ହସ୍ତିର କି ହୃଦ ମୋର କଠୋର ଏସନ,

ଦେବ ମୁଁ ମରଣେ ହେଲେ ଏ ଛିନ୍ନପୁଚ୍ଛକେ ?"
ମନ୍ତ୍ରୀ ଚହୁଁ, "ବିଶ୍ୱାସ ମୋ' ପୂରା ତୋହଠାରେ,
ତୁହେଁ ଯେଣୁ ତୁହିଁଙ୍କର ପରାଣ ଦୋସର;
ମନ୍ତ୍ରୀ ମଧ୍ୟ ସହକାରୀ ମାଳତୀ ଏ ଭୂମେ,
କିଏ ସେ ଅଧିକ ଆଉ ? ତୁହେଁ ତୁହିଁଙ୍କର-

ଇଙ୍ଗିତ କୋପନ କାହୁଁ ତବ ଜନମର—
ପ୍ରିୟସଖି, ବିବେକିନି, ନହୁଅ ଶିଥିଳ,
ଦେଖି ଶୁଭ ଭବିଷ୍ୟତ, ଗୋପନ ରକ୍ଷଣେ
ଜଳଧାରି-ଗୁଳଲମୀ ହେ ନୋହୁ ତବ ହୃଦ,
ଜଣାଗଲେ କଥା, ଏହି ନବ ବିଦ୍ୟାଳୟ

ସମୂଳେ ଟଳିବ, ମାନ ସମ୍ଭ୍ରମ ମୋହର,
ଯିବ ବୁଡ଼ି, ତନୋଟି ଏ ଲଭିବେ ନିଧନ ।"
"ଅହୋ ନାହିଁ ମୋତେ ଭୟ କେବେ ନ କହିବି
କେବେ ମୁହେଁ,—କହି ଯଦି ପାଉଁଛି ମୁଁ ହାତେ
ସରଗର ଚନ୍ଦପରି ମୁହୂର୍ତ୍ତ ଭିତରେ

ଯାବନ-ଅସ୍ପାସିଆ ସମ ବିଦଗ୍ଧ-ଗୃହିଣୀ,
କିବା ଯଦି ଶିବାରାଣୀ ଜଟିଳସମସ୍ୟା
(ପୂର୍ବକାଳେ ସଲୋମନେ ପୁଚ୍ଛିଥିଲେ ଯାହା)
ପୂରଣେ ଆସିବ ବଳ, ଏ ରହସ୍ୟ ପେଡ଼ି,
ନ କହିବି କେବେ ମୁହିଁ ।" ଉତ୍ତରିଲା ମନ୍ତ୍ରୀ,

"ରହିଲି ବିଶ୍ୱାସେ ତେବେ, ପାଳିଲେ ତୁ ପୁଣି
ରମଣୀ-ତମିର ନାଶି ନବୀନ ଆଲୋକେ
ଉଜଳିବା ସାରିବିଶ୍ୱ ଶାନ୍ତିର ଆରାମେ,
ଆସିବ ସେ କାଳ ଯେବେ ସଲୋମନ୍ ଆପେ
ଆସି ଶିବାରାଣୀ ପାଶେ ଲୋଡ଼ିବେ ମନ୍ତ୍ରଣା ।"

କହେ ରତ୍ନଧ୍ୱଜ, "ଭଦ୍ରେ, ସେହି ସଲୋମନ,
ଜ୍ଞାନ-ଶିରୋମଣି ସାରା ପୁରୁଷ-ଜଗତେ,
ରାଜୋଚିତ ଉପଚାରେ, ସୁରମ୍ୟ ମନ୍ଦିରେ,
ମହା-ସମାରୋହେ, କଲେ ସାଧୁ ଅଭ୍ୟର୍ଥନା
ସେ ରାଣୀଙ୍କ; ସେ କାଳର ରମଣୀସମାଜେ

୪୯୯ । ଗୁଳନ୍ଦି = ଗୁଲୁଣୀ ।

୫୦୬ । ଗ୍ରୀସର ଅତି ଉନ୍ନତ ଯୁଗରେ ଆସ୍ପାସିଆ ନାମକ ଜଣେ ସୁପଣ୍ଡିତା ସମ୍ମାନିତା ଓ ଗୁଣବତୀ ରମଣୀ ଥିଲେ ।

୫୦୭ । ଦକ୍ଷିଣ ଆରବର ପ୍ରାଚୀନ ଶିବା ଦେଶର ଅତ୍ୟନ୍ତ ଗୁଣବତୀ ରାଣୀ ବାଲ୍‌କିସ୍, ଜ୍ଞାନିପ୍ରବୃଷ୍ଟ ସଲୋମନ୍‌ଙ୍କର ଯଶ ଶୁଣି ତାଙ୍କୁ ଦେଖିବାକୁ ଜେରୁସାଲେମ ଆସିଥିଲେ । ସଲୋମନ୍ ବାଲ୍‌କିସଙ୍କୁ ମହା ସମାରୋହରେ ସମ୍ବର୍ଦ୍ଧନା କରିଥିଲେ ଏବଂ ବାଲ୍‌କିସ୍ କେତେକ ଜଟିଳ ସମସ୍ୟା ପଚାରି ଉତ୍ତର ପାଇ ସନ୍ତୋଷରେ କହିଥିଲେ—ସଲୋମନ୍‌ଙ୍କ ସମ୍ବନ୍ଧରେ ଯାହା ଶୁଣାଯାଏ ତାହାଠାରୁ ସେ ବାସ୍ତବରେ ଅଧିକତର ଗୁଣୀ ଓ ମହାନ୍ୟ୍ନ ।

ଅଜ୍ଞାନ ଅବିବେକ ଯେତୁ ଥିଲେ ମହତ୍ତମା ।
ହେଲେହେଁ ଜୀବନେ ଋଣୀ ତବ ପାଶେ ଏଥି
ଏ ପୁରୁଷେ—ମୁହିଁ ପୁଣି ଅଧିକତର ଋଣୀ
ଏ ଜୀବନେ—ଦୟା କରି ଆସି ଯେବେ ପାଶେ,
ନ ପାଇବ ଉଦ୍ଧାର ଅଳପ ସଂଭାରେ;

ଏ ମଧୁ-ମିଳନେ ମୁଗ୍‌ଧ, ପରୁଷବେ ନରେ;
ରମଣୀ ହୋଇବେ କୁଣ୍ଠ ସମସ୍ୟା-ପୂରଣେ ।”
ମଉନେ ରହିଲେ ମତି, ତୋଷି ଧନ୍ୟବାଦେ,
କ୍ଷଣପରେ ଉତ୍ତରିଲେ, “ଯାଅ, ବନ୍ଧୁଗଣ
ହୋଇଛି ମିଳନ ଏଥି, ରଖ ଶିରଛଦ

ବେଢ଼ି ମୁଖମଣ୍ଡଳେ ତବ, ଏହି ବିଦ୍ୟାଳୟେ
ଆଚରଂତି, ତଥା, ଯେତୁ ହେବେ ପରିଚିତ
ମଣିଂଛି ଅଧ୍ୟାତ୍ମଭାବ-ସେବା ବୋଲି ସଦା ।
ନ କହ ଭରସି କଥା, ନ ଦୁଅ ଆତ୍ମୀୟ
ଆଉ କାହା ସଂଗେ ଏଥି, ଏକଲୁଟି ଏକା

ପାଳ ଦୃଢ଼େ । ଭରସା ମୋ’ ହେବ ସର୍ବଶୁଭ ।”
ଫେରିଲୁ ଯିବାକୁ ଯେବେ, ଋତୁଧ୍ୱଜ ତହୁଁ,
ମତି-ଶିଶୁ-ଶିଶୁ-ଜାନୁ ଧରି ସମାଦରେ,
ଯେମନ୍ତ ହୃଦପାଶେ ତାକୁ ସଂତାନ-ବାତ୍ସଲ୍ୟେ,
ପ୍ରଫୁଲ୍ଲ କପୋଳ ତାର ଅଂଗୁଳି-ପରଶେ

ବଜାଇଲା ଡିଂବରୁର ମଧୁ-ଝଙ୍କଂପନେ ।
ଅନିମେଷେ ମତି ତାହା ମୃଦୁ-ସ୍ନେହାନନେ
ଦେଖୁଥାଏ, ଶିଶୁ ଯେବେ ସୁକୋମଳ କର
ଋତୁଧ୍ୱଜ-ହାତେ ରଖି, ହସିଲା ମଧୁରେ,
ଚୁମ୍ବି ଋତୁଧ୍ୱଜ-ମୁଖେ । ଏହି ସ୍ମୃତି ହୃଦେୟ

ସରିଲା ସେ ଦିବସର ମଧୁ-ସମ୍ମିଳନ ।
ବାହାରିଲୁ ସେ ଭବନୁ, ଗଲୁ ପଥ ଲଂଘି,
ସମାକୀର୍ଣ୍ଣ ଅର୍ଦ୍ଧପଥ ଦେଖିଲୁ ବିସ୍ମୟେ,
ସଂଭାରେ-ସଜ୍ଜିତ, ତୁଂଗ-ରଂଗାଳୟ-ସମ
ସମୁନ୍ନତ-ହର୍ମ୍ମ୍ୟକୁଳେ;ରମ୍ୟ-ଦାରୁମୟ

ସୁସଂଚ-ଆସନ ଅଧ-ବଂକିମ-ଅଭିବେ,
ବସି ବସି ଗଲୁ ତହିଁ ମନ୍ଦଂରେ ମନ୍ଦଂରେ ।
ନାରୀ-ଅଧ୍ୟାପକ-ଗୁରୁ-ଗଂଭୀର-ଭାଷଣ
ଶୁଣିଲୁ, ଦେଖିଲୁ ତହିଁ ଅତି ଆଚଂଭିତେ
ଗଣିତ-ଫଳକେ-ରମ୍ୟ-ସୁଗୋଲ- ବର୍ତ୍ତୁଳ,

କଳାବତୀ ଲଳନାର କୌଶଳ-ଦ୍ୟୋତନା,
କମନୀୟ ବୃତ୍ତରାଜି, ସୁଠାମ ଅଙ୍କଣେ;
ମଧ୍ୟେ ମଧ୍ୟେ କାହିଁ ଅବା ଶୁଣିଲୁ ପ୍ରୀତିରେ
ଅତୀବ-ସାହିତ୍ୟ-କଳା-ଖ୍ୟାପନୀ-ବକ୍ତୃତା,
କମନୀୟ କାମିନୀର ସୁକୋମଳ ଭାଷେ;

ସୁମଧୁର କାବ୍ୟରସେ, କବିତା ସଂଗୀତେ;
ଉଚ୍ଚନାଦେ ମଧ୍ୟେ ମଧ୍ୟେ ବୋଲି କେତେ ଶ୍ଳୋକ,
ଅର୍ଥାଂତର-ନ୍ୟାସ କେତେ ମୋହନ କୌଶଳେ
ମିଶାଇ ସେ ବାଗ୍ମିତାରେ, ସେ ରମଣୀକୁଳ
ବର୍ଣ୍ଣୋଽଧିକମୟ-ଗୁରୁ-ଅଧ୍ୟାପକ-ଭୂଷା

କଲେ ଅତିମୋହନତର ସେ ଗୁରୁ ଭାଷଣେ ।
ଶୁଣି ସେ ବକ୍ତୃତା କ୍ଷଣେ ହେଲୁ ନିମଜ୍ଜିତ
ସାହିତ୍ୟର ଅଜ୍ଞାନର ଅତଳ ସାଗରେ,
ସଜନତଂତ୍ର, ମାନବର ନୈମିକ ବିକାଶ,
ଶାଶ୍ୱତିକ ମାନସିକ ନୈତିକ ବିଧାନ,

୫୫୧ । ଛାତ୍ରୀମାନେ ବସିବା ପାଇଁ ସୋପାନ ମଂଚ ସବୁ ଖଂଡ ବୃତ୍ତାକାରରେ କ୍ରମେ ଉପରକୁ ଉପରକୁ ସଜ୍ଜିତ ହୋଇଥିଲା ।
୫୫୫ । ଗଣିତ-ଫଳକ = ବ୍ଲାକ୍‌ବୋର୍ଡ୍; ସେଥିରେ ସୁନ୍ଦର ବୃତ୍ତ ସବୁ ନାରୀମାନେ ଅଧ୍ୟାପନାବେଳେ କାଟିଥିଲେ ।
୫୬୭ । ଅର୍ଥାନ୍ତର ନ୍ୟାସ—ସୂକ୍ତି । ଏହିପରି ସୂକ୍ତି ସବୁ ସ୍ୱର୍ଗତ ରାଧାନାଥ ରାୟ କାଳିଦାସ ସୂକ୍ତୟଃ ନାମକ ପୁସ୍ତିକାରେ ବହୁତ ସଂଗ୍ରହ କରି ଅଛଂତି ।

ସୃଷ୍ଟିତତ୍ତ୍ୱ, ପ୍ରାଣିବିଦ୍ୟା, ନକ୍ଷତ୍ର, ପର୍ବତ,
ପତଙ୍ଗୀ, ଯାଦବ, ଶଂଖ, ସୁମନ, ସ୍ୱେଦଜ,
ବୈଦ୍ୟୁତିକ ରସାୟନ ବିଜ୍ଞାନର ସୂତ୍ର,
ଆଦି ଯେତେ ଅଛି ବିଦ୍ୟା ନିଖିଳ ସଂସାରେ,
ଜାଣିପାରେ ଶିଖିପାରେ ନର ଯାହା ଭବେ !

ପରିଶେଷେ କ୍ଷେତ୍ରସୀମା ଲଂଘି-ଅଶ୍ୱ ଯଥା
ପକ୍ୱଶାଳୀ-ପୂର୍ଣ୍ଣ-କ୍ଷେତ୍ରେ ପଶି ଅଲକ୍ଷିତେ,
ପୂରାଇ ଉଦର ରୀତିସାରା ମନସୁଖେ
ବାହାରନ୍ତି, ସେହିପରି ଅଯାଚିତ ଜ୍ଞାନେ
ଆକଂଠ ଉଦର ଭରି ବାହାରିଲୁ ସର୍ବେ ।

କହିଲି ମୁଁ, "ବଂଧୁଗଣ, ସତେ ତ ଏ ଭବେ
କରନ୍ତି ରମଣୀ, ଯାହା ସଂଭବେ ପୁରୁଷେ ।"
କହେ ଶୁଣି ରତ୍ନଧ୍ୱଜ, "ପ୍ରାଚୀନ ସରଣୀ
ଯାଆନ୍ତି ଏ ରମଣୀଏ ସୁଖେ ଅନୁସରି,
କେବେ କିଂତୁ ଦେଖିଚ କି ନାରୀ ଉଦ୍ଭାବିତ

ଜ୍ଞାନରାଜ୍ୟେ ନବ ପଂଥା ?" ପାରିଜାତ ତହୁଁ,
"ଅଶିକ୍ଷିତ ପରି ଆଜି ନ କର ଜଳ୍ପନା,
ଭୁଲିଲେ ତ ସେ ରତ୍ନଧ୍ୱଜ ? ଅସାର ଭାଷଣ
ଶୁଣି ଯାର ଲଜ୍ଜେ ଦୁଃଖେ ହେଲୁ ପ୍ରପୀଡ଼ିତ ।
ଶିଖିନାହିଁ ନୂଆ କିଛି ମନ୍ତ୍ରି-କନ୍ୟାଠାରୁ ?"

ଉତ୍ତରିଲା ରତ୍ନଧ୍ୱଜ, "ମୋ କଥା ଅସାର;
ଅଛି କିଂତୁ ସାର କଥା ମୋ ଅସାର ତଳେ ।
ସତେ ଭାଇ, କେମଂତେ ମୁଁ କହିବି ସାହସେ
ଶିଖିନାହିଁ କିଛି ମୁଁ ସେ ମନ୍ତ୍ରିଦେବୀଠାରୁ,
କ୍ଷଣକେ ଯେ କଲା ମୋତେ ଜ୍ଞାନୀ, ସୁପଂଡିତ ?

ମାନସ କଟାହ ମୋର ଫେଣ୍ଡି ବାକ୍ୟଦେବୀ,
ଭେଲହସ୍ତେ ବିଜ୍ଞାନର ଶତ କୁଂଭ ଯେବେ
ଢାଳିଥାଂନ୍ତେ ଏକାବେଳେ, ପାଇ ମୁଁ ନଥାଂନ୍ତି
ସେ ପାଂଡିତ୍ୟ, ଶିଖାଇଲେ ଅପାଂଗ-ଛଟକେ
ମତି ମୋତେ ଯାହା ହେଲେ । ଦହୁଛି ଏ ଭ୍ରମେ

କର୍ଷଣ-ବିହୀନେ କେତେ ସହସ୍ର ହୃଦୟ,
ପଡ଼ୁଥି ସେ କଳ୍ପନାର ବ୍ୟର୍ଥ ଆବରଣେ,
ଅକର୍ଷିତ ଭୂମି ପରି । କେତେ କାମଗୃଗୀ
ମୋହନ-ମନ୍ମଥ-ଶିଶୁ ଏହି ବିଦ୍ୟାଳୟେ,
ଅଶବ୍ଦ ଟଂକାରେ ଲକ୍ଷି, ନିଷ୍କଂଳକ ଶରେ,

କାମିନୀ-ହୃଦୟ ବିଂଧି; ବୁଲନ୍ତି ଅଲକ୍ଷ୍ୟେ ।
ନିଷ୍ଫଳ ବାସନା ତହୁଁ ଉଠେ ଶତ ହୃଦେ ।
ସଂଗେ ମୋର କିଂତୁ ଏଥି ପଶିଛି ମନ୍ମଥ;
ନୁହେ ଶିଶୁ, ଯୁବକ ସେ, ଶିବ-ଯୋଗ-ନାଶୀ
ଶତ ମତ୍ତ ବଳ ତପେ ଭଜିଲେ ଯେ ଉମା,

ବିଂଧିଛି ସେ ପ୍ରାଣେ ମୋର, ଭେଦି ହୃଦ-ଗ୍ରଂଥି
କି ମତ ହେ ଭାଇ ତବ ଏଥି ପାରିଜାତ ?
କରଇ ମୁଁ ଅନ୍ୱେଷଣ ସତ୍ୟ ନା ସ୍ୱପନେ ?
ଏ କି ଶୂନ୍ୟେ ବସ୍ତୁ-ଭ୍ରମ ? ହେବ ତ ଏ କଥା ?
ନାହିଁ ମୋର ଯାଦୁକର ଘୋର ଅଭିଶାପେ

ଭୂତାବେଶ, ମାନଗାସ୍ତୁ ଯୁବରାଜେ ଯଥା ।
ଭାଗ୍ୟ ମୋର, ମଣଇ ମୁଁ ଆତ୍ମଶ୍ଳାଘୀ ଏହା,
ଦେଖେ ଯେବେ ସତ୍ୟବସ୍ତୁ, ଜାଣେ ମୁଁ ମୁକର ।
ସତ୍ୟ ନା ସ୍ୱପନ ଦୁର୍ଗ ? ଜନ ଦୁର୍ଗ ଭାଇ ?
ମୋହନ ସେ ଦୁର୍ଗ-ରାଣୀ ସ୍ୱପନ କି କେବେ ?

---

୫୭୨ । ଯାଦବ—ଜଳଜଂତୁ, ସ୍ୱେଦଜ—ମଶା, ମାଛି ପ୍ରଭୃତି ।

୫୯୬ । କଟାହ—କରେଇ ।

୬୦୫ । ଶରରେ ପାନପରି ଯେଉଁ ପତଳା କାଳଲଗା ମୁନ ଥାଏ, ତାକୁ ଫଳକ କହଂନ୍ତି । ୬୧୦-ଯେ—ଶିବ; ଶତମତ୍ତ ବଳ ତପେ, ଉମା ।

୬୧୯ । ମନ୍ତ୍ରି ଦୁହିତା ଦୁର୍ଗର ଅଧିକାରିଣୀ ଥିବା କଥା ପୂର୍ବେ କୁହା ଯାଇଅଛି । ୧ମ ସର୍ଗ ୧୦୮ ଧାଡ଼ି ଦେଖ ।

ଲୁଟିବ ଯେବେ ? କିବା କି ହେ ଶିର୍ଣ୍ଣଛିଦ ମୋର
ସେ ଦୁର୍ଗ-ବଇବେ ହେବ ଲୁଟିର ମୋହନ ?
ଦାରିଦ୍ର୍ୟ-ଅଭାବେ ମୋର ପ୍ରିୟ ସେହି ଦୁର୍ଗ,
ପ୍ରିୟ ହେ ଭଗିନୀ ମତ ପ୍ରାଣର ଅଭାବେ,
ଦୁଇ ମିତ୍ର, ମତ ମମ ମହା ପ୍ରିୟତର ।

କି କହୁଛୁ ? କହୁଥାଂନ୍ତି ଏ ପଗଣ ଯେତେ,
ନୋହୁଥାଂନ୍ତା ବେଶ ଯେବେ ଅଲକ୍ଷ୍ୟ କାରଣ ।
କି ମୋହନ ସେ ବର୍ଣ୍ଣଂରେ କୁଳପତି-ଛଦ !
ଅରୁଣ-ସଂପଦେ ଭାସେ ପୁଷ୍କର-ମୁକୁଳ ।
ଧନ୍ୟ ସେ ବକ୍ତୃତା ଧନ୍ୟ ସେ ମୋହନ ଦୃଶ୍ୟ,
ଭୂଷିତବୃତକ ନିଂନ୍ଦ ଶିଷ୍ୟରୂପୀ ବାମା

ପିଇବାର ଜ୍ଞାନର ସେ ଅମୃତ ନିସ୍ୟଂନ୍ଦ !
କି ରୁଚିର ! ମନ ହେଲା, କେତେ ହେଲା ମନ,
ଉଠିବି ଗରଜି ରୁଦ୍ର ପୁରୁଷ ଭୂଷଣେ,
କେଶର ବଂଧନ ଭାଂଗି, ଦେଖାଇ କେଶର,

କାଂନ୍ତୁ ହେ କେଶବ, ଛଦ୍ମବେଶେ, ଅବତାରେ
ଧରି ନାନାରୂପ, ସୃଷ୍ଟି- ରଚିଛ କୌଶଳେ,
କର ହେ ସଂଯତ ମୋରେ, ପୁରୁଷ ମୋ' କଂଠେ,
ତରଳ କୋମଳ ଦିଅ ଲଳନା ଭୂଷଣ,
ଅର୍ଦ୍ଧ-ଶଶି ନିଂନ୍ଦ ରୂରୁ କାମିନୀ ଲଲାଟେ,

ନକ୍ଷତ୍ର ଯୁଗଳ ଶୋଭି ବିମୋହନ ନେତ୍ରେ,
ଚପଳ କଟାକ୍ଷ, ମମ ହୃଦୟ ପ୍ରଣିଧି,
କର ନିବାରଣ ପ୍ରଭୋ ! ସୁ ରୁଚି-ଚଳନ
ନ ରହୁ ଏ ପଦଯୁଗେ, ଦିଅ ଏ କପୋଳେ
ବେଳେବେଳେ ବିମୋହନ ବ୍ରୀଡ଼ା-ପାଟଳିମା,

ଶରଦେ କୋକିଳ ପରି ଅସମୟେ ଯାହା,
ଦେଖିବେ ସ୍ତିମିତେ ନାରୀ ସ୍ତବଧ ବିସ୍ମୟେ ।
ଶୁଣ ଏବେ ଭୋଜନର ବାଜଇ ଘଣ୍ଟିକା,
ଯିବା ଚାଲ ।" ମାରଶିଲା କହି ଋତୁଧ୍ୱଜ ।
ପ୍ରବେଶିଲୁ ଘରେ, ଗୁରୁ ସ୍ତଂଭମାଳା ଶୋଭି

ଭୋଜନ ମଂଡପେ ଧୀରେ, ମୃଦୁପଦ କ୍ଷେପେ,
ଯୁଗଳେ, ବିନୟେ, ତହିଁ ମୋହନ ଭଂଗିରେ
ପଶିଲେ ନାରୀଏ, ଦୀର୍ଘ ସେ ରମ୍ୟମଂଦିର
ପ୍ରାରଂଭୁ ପ୍ରାଂନ୍ତ ଯାଏ ଭାତିଲା ରୁଚିର,
ପ୍ରଭାତ କୁହେଳି ରଂଜି ସୌର କରୋଦ୍ଭାସି

ବର୍ଣ୍ଣୋଜ୍ଜ୍ୱଳ ଜିଣି ଗୁରୁ ପରିଚ୍ଛଦ ଶୋଭା,
ସୋହାଗ-ଗାମିନୀ-ନାରୀ, କା'ର ଦିବ୍ୟ ବପୁ
ସୌଦାମିନୀ ଜିଣି ଗୋରା, ଶ୍ୟାମଳ ତମାଳ
ନିଂନ୍ଦ କେ ରୁଚିର ଦିଶେ । ନାନା-ବପୁ-ବର୍ଣ୍ଣେ,
ବହୁବିଧ ଅଂଗ ଛଦେ ଦିଶିଲା ମଂଦିର,

ମଧୁ ସମାଗମେ ଫୁଲ୍ଲ ଉପବନ ଯଥା ।
କେମଂନ୍ତେ ହେ, ପୁରୁଷେ ଏ ରମଣୀ-ବିଭବେ
ତୀକ୍ଷ୍ଣଭେଦି-ଅପାଂଗର ଶାଣିତ ଭେଦନେ
ନ ହେବେକି ଆତ୍ମହରା ! କାଂନ୍ତୁ ଦୃଢ଼େ ମୁହିଁ
ପ୍ରେମିକ-ପିପାସା-ଦୀପ୍ତ ନୟନ ଯୁଗଳ

କେମାନଶି ଅପଘନେ ନିହାଳ ସଗରେ ।
ନାରୀ ଭବିଷ୍ୟତ କାମି କେମାନଶି ତହିଁ,
ଅଧ୍ୟାପକ-ମେଳେ ବସି, କେତେ ସୁଖ-ସ୍ୱପ୍ନେ
ଭେଦି ଧ୍ୱାଂନ୍ତ-ଭବିଷ୍ୟତ ସାରସ୍ୱତ-ନେତ୍ରେ,
ମୋହନ-କଳ୍ପନା-ସୁଖେ ଥିଲି ବିଜଡ଼ିତ;

୭୪୨ । ପ୍ରଣିଧି = ଗୂଢ଼ଦୂତ ।

ଯେବେ ଅଧ୍ୟାପକେ ମିଳି ଜେମାମଣି ସଂଗେ
ଥିଲେ ରତ ତର୍କେ, ଗୁହ୍ୟ-ସଂଦିଗ୍ଧ-ବିଷୟେ;
ଶୁଭୁଥିଲା ବିଜ୍ଞାନର ପରିଭାଷା ପଦ,
ଅବୋଧ ସେ ମୃଦୁଶ୍ଳୋକ, ଯୁକ୍ତି ପରିବାଦ ।
ଗର୍ବିତ ଠାଣିରେ ଏକା ମହାଶ୍ୱେତା ତହିଁ,

ବୟସର ପରିଣାମେ ଶିଥିଳିତ-ବପୁ,
ପଳିତ ଚିକୁର ରଂଜି କୃଷ୍ଣ କେଶରାଗେ,
ସୁତୀକ୍ଷ୍ଣ-କୁଂତଳୀ-ସମ-କଠୋର-କଟାକ୍ଷେ
ଚାହୁଁ ଥିଲେ ଆଂଭମୁଖେ । ଦିଶୁଥିଲା ଯଥା
ଆସନ୍ନ-ଶିକାର-ଝଂପି-ଲଂପଟନେ ଶାର୍ଦୁଳ ।

ପାବନ ପ୍ରଣାମ ଦେଇ ବିଭୁପଦେ ଶେଷେ,
ଉପବନ-ପରିକ୍ରମେ ମାତିଲେ ରମଣୀ,
ଅଧୀତ-କବିତା, ପୁଣି ନାଟକାଂଶ କେହି,
ମନେ ମନେ ହେଲେ ଗୁଣି, କେହି ଧରି ବକ୍ଷେ
ପଠନ-ବିଧାନେ ଗୁରୁ ଗ୍ରଂଥ, ଦଷେତରେ

ପାଳିତ-ମୟୂରୀ-ଦେହେ ପୀରତି-ବିଳାସେ
କଲେ ମୃଦୁ କରସ୍ପର୍ଶ, କେହି ବା ରସିଲେ
କୃତ୍ରିମ-ସରସୀ-ବକ୍ଷେ, ଚଳି ନାବ ଧୀରେ,
ମୃଦୁଗୀତ-ତାନେ ଚୁରୁକ୍ଷେପଣୀ କ୍ଷେପଣେ,
ମର୍ମର ଝିଲଣ ତଳେ ରହିଲେ କେ ନାକେ,

ତୀବ୍ର-ରବି-ରଶ୍ମି, ରୋଧି ଛତ୍ରୀରେ ତାହାର;
କିଶୋର-ବୟସୀ କେହି ଲୁଚକାଳି ଖେଳ
ରଚିଲେ ମୋହନ-ଲେଂବୁ-କମଳା-ନିକୁଂଜେ;
ନଚାଇ କଂଦୁକ କେହି ହସ୍ତ-କଉଶଳେ,
ଊର୍ଦ୍ଧ୍ୱେ ଶୀଘ୍ର ଉତ୍ସାରିତ ଝରଣାର ଶିରେ,

କୃତ୍ରିମ ବିହ୍ୱଳ ହୋଇ ଫେରେ ଉଚ୍ଚହାସେ;
ପ୍ରାଚୀନ-ରମଣୀ ସ୍ୱୀୟ ସ୍ମୃତି-ବିଜଡ଼ିତ,
ଶାଦ୍ୱଳ-ଧରଣୀ-ସେବୀ କେହି କେହି ନାରୀ,
ଗୀତବାଦେ ଗୁରୁଶ୍ୱାସେ ଜଳପିଲେ ଖେଦେ
'ଜୀବନର ମଧୁମାସ ଯାଉଅଛି ବହି

କି ହେବ ତାଂକର ବିଦ୍ୟା-ବିଜ୍ଞାନ ଶୁଶ୍ରୂଷା ?
ବିବାହେ ମାନସ ସଦା, ଗୃହିଣୀ କୃତିତ୍ୱେ,
ଘୃଣିତ ମାନବେ ଅତି ବିଦୁଷୀ ରମଣୀ ।'
ଶୁଣି ଦେଖି ସବୁ ଥାଉଁ ଗାଇବେ ତିନହେଁ,
ଆବରି ମସ୍ତକ ଛଦେ ଅବନତ ମୁଖେ,

ସାଂଖ୍ୟବାଦ ପୁରୁଷର ମୂକ ଅବତାରେ ।
ମଧ୍ୟେ ମଧ୍ୟେ ମଧୁମତ୍ତ ମଧୁର କଟାକ୍ଷେ
ହାଣି କଉତୁକେ ଆଂଭ ଦର୍ଶନ ବିଳାସ,
ନିର୍ବାହ-ବଦନ-ଠାଣି କରୁଥିଲା ନାଟ ।
ବିରମିଲେ ବାମା ତହୁଁ, ଦେବାଳୟୁ ଘଣ୍ଟା-

ପୂତ-ଝନଂଝଣ ଶୁଣି ।
ତେଜି ଉପବନ-
କୁହିମ-ସରଣୀ, ଚଳି ମିଶି ନାରୀଦଳେ;
ସପ୍ତଶତ ରମଣୀ ସେ ଶୁଭ୍ରଛଦେ ଢୋରା ।
ଦେବାଳୟେ ବେଦୀ ପାର୍ଶ୍ୱେ ଆଲୋକ ପ୍ରବାହ
ଭ୍ରାଇଁଭରୁ ପ୍ରାଂତଯାଏ; ମଂଦ୍ର ସପ୍ତସ୍ୱର,

ପ୍ରକାଂଡ ସେ ଆୟତନେ, ପଡ଼ୁଥିଲା ଫାଟି
ଉଚ୍ଛଳ ମୋହନ ସ୍ୱରେ, ବିଶାଳ ଶକତି
ଲଭିବାରେ କରୁଥିଲା ଆର୍ତ୍ତସ୍ୱର କି ସେ ?
ଘାର୍ଦ୍ଧ ଦେବାଳୟୁ ପରି ସେ ବିଶାଳ ସ୍ୱରେ,
ଶୀଘ୍ର ବିମୋହନ ସେହି ବାଦ୍ୟର ସର୍ଗାରେ,

୬୭୮ । କୁଂତଳୀ— ଙ୍କୋରଣୀ; ତୀକ୍ଷ୍ଣ ଭେଦୀ ଶସ୍ତ୍ର ।
୬୮୧ । କ୍ଷେପଣୀ = ଆହୁଲ ୬୮୮—ଶାଦ୍ୱଳ; = କୋମଳ ଘାସାଚ୍ଛ ହ୍ରଦ ।
୭୦୭ । ସାଂଖ୍ୟ ଦର୍ଶନରେ ପୁରୁଷ କେବଳ ଦ୍ରଷ୍ଟା, କୌଣସି କର୍ମରେ ଲିପ୍ତନୁହେ ।

ପାବନ-ସଂଗୀତ-ସ୍ରୋତ ସୃଷ୍ଟ ଗୁରୁନାଦେ
ମୋହନ ରମଣୀ-କଂଠ ଭେଦି ପୁଣ୍ୟ ତାନେ
ଉଠିଥିଲା ସେ ଉଚ୍ଛ୍ୱାସ । ନଚେ ପ୍ରେମାମଣି
ଜଗତମଂଗଳକାମୀ, କର୍ତ୍ତବ୍ୟର ଶ୍ରମେ
ବିଶ୍ୱପିତାଆଶୀର୍ବାଦ ନିଦାଘ-ଭବନୁଁ
ନନ୍ଦନ ଲାଗି ରଚି ଥିଲେ ସେ ସଂଗୀତ ।

ରୁପା ଥାଳପରି ଚାଂଦ ପଶ୍ଚିମ ଗଗନେ,
ରୁପା ପାଲେ ବୋଇତ ଭାସଇ ।
ଶୋଇପଡ଼ ମୋ ଜୀବନ, ଦୁଃଖିର ସଂଖାଳି ଧନ,
ରୁପାପରି ପାଲ ଟେକି ବୋଇତ ଆସଇ ।

---

## ଗୀତ

ବହିଆସ, ବହିଆସ, ମଧୁ ସମୀରଣ,
ମୃଦୁଶ୍ୱାସେ ପ୍ରଶାନ୍ତ ସାଗରୁ,
ଆସ ସିଂଧୁ ସମୀରଣ, ଧୀରଶ୍ୱାସେ ବହି,
ମୃଦୁତାନେ ପଶ୍ଚିମ ଦେଶରୁ
ଲହରୀ ଉପରେ ଖେଳି ଯାଅ ରେ ସମୀର,
ଯାଅ ବହି ସେ ଦୂରବିଦେଶେ,
ବିରସେ ବୁଡ଼ଇ ଚାଂଦ ଯହିଁ, ସେ ଠାଇକୁଁ
ବହିଆଣ ତାହାଂକୁ ଏ ଦେଶେ ।
ଶୋଇଛି ମୋର ଜୀବନ, ଦୁଃଖିର ସଂଖାଳି ଧନ,
ବହିଆସ, ବହିଆଣ ତାହାଂକୁ ଏ ଦେଶେ ।

ଶୁଅ ରେ ଆମ୍ଭମେ ଧନ, ଶୋଇଥାଅ ସୁଖେ,
ବାପା ତୋର ଅଛଂନ୍ତି ବିଦେଶେ,
ଶୋଇପଡ଼ ଗଂଠିଧନ ଜନନୀର କୋଳେ,
ବାପା ଏବେ ଆସିବେ ତୋପାଶେ;
ଆସିବେ ବାପା ବହୁନି ସେ ଦୂର ବିଦେଶ,
ବାପୁ ମୋର ଥିବ ଘରେ ଶୋଇ;

---

## ତୃତୀୟ ସର୍ଗ

ଅନୁସରି କୁଆଁତାରା ସ୍ୱଚ୍ଛ ସିତ ଛବି,
ଶରଦ ପୂରୁବ-ନଭେ ନବ ବିମ୍ବକର
ବିରାଜିଲେ ସୁବର୍ଣ୍ଣର ତରଂଗ-ବିତାନେ ।
ଉଠିଲୁ ସରବେ; ଉଠି, ଏକେ ଅପରକୁ
ସଯତନେ କରି ବେଶ, ବାହାରିଲୁ ଧୀରେ

ପ୍ରାଂଗଣ-ପ୍ରସାରେ, ଯହିଁ ସୌଧବେଢ଼ ତଳେ
କୋମଳ-ରଚନ-ଶଯ୍ୟା ନ ଥିଲା ପରଶି,
ଭାରତୀପ୍ରତିମା-ଚୂଳେ ପ୍ରଶାନ୍ତ-ସଉଧେ
ମୃଦୁଳ-ପରଶେ ଉଷା ବିମଳ-ଶୋଭନା,—
ବେଦଯୁଗଆମ୍ନି ସ୍ମୃତି ସୁମରି କି ସତେ !—

ସୋଦରସନ୍ନିଧେ ଥିଲା ସ୍ନେହେ କରି ଦେଇ ।
ଥିଲୁ ସେ ପ୍ରାଙ୍ଗଣେ, ଯହିଁ ଦେଖିଲୁ ଛଟକେ,
ବିମଳ ଝରଣା-ଶିରେ ଜଳବିଂଦୁ-ଲାସ୍ୟ,
ସହସା ଭେଟିଲେ ଆସି ମଧୁମତୀ ବାଳା,
ରାତ୍ରିସାରା ଉଜାଗରେ, ନଶି ବିଳପନେ,

---

୮-୯ । ପଶ୍ଚିମ ପଟା ଉପରେ ଥିବା ସରସ୍ୱତୀ ପ୍ରତିମା ମୁଂଡରେ ଉଷାର କିରଣ ସ୍ପର୍ଶ କରିଥିଲା । ବେଦରେ ଉଷା ଓ ସରସ୍ୱତୀ ଏହି ଦୁହିଂଙ୍କ ସଂବଂଧରେ ବହୁତ ମଂତ୍ର ଦେଖିବାକୁ ମିଳେ ।

ଲାବଣ୍ୟ-ବିହୀନ କାନ୍ତ-ବିମୋହନ-ବପୁ,
ଲୋଚନେ ମଳିନ ଗୁଚ୍ଛ ଉପାଂତ ଲୋତକେ ।
କହିଲା, "ତୁରିତେ ଛାଡ଼ି ଯାଅ ଏ ଭବନ,
ଯାଅ, ବେଳ ଅଛି ଏବେ, ଜାଣିଲେଣି ମାତା ।"
ପୁଚ୍ଛିଲି, "କପରି ?"
ମଧୁ କହିଲା ତୁରିତେ,

"କପରି ସେ ? ଦୋଷେ ମମ, ଦୋଷେ ମମ ନୁହେଁ,
ଫଳେ ମୋର ଦୋଷ କିଂତୁ, ଶୁଣ ମୋର କଥା,
କ୍ଷମାକର ଦୋଷ ମୋର । ଜନନୀ ମୋହର—
ଅଭ୍ୟାସ ତାଂକର ଏହା—ନିତି ରଜନୀରେ
ବସିଗେ ବଖାଂଣି ଗାଳି, ମର୍ତ୍ତ, ମର୍ତ୍ତଜନେ,

କହଂତି ସେ, କେମାମଣି ହୋଇଥାଂତି ନେତ୍ରୀ,
ଆପଣେ ସେ, ମର୍ତ୍ତ ପୁଣି, ବାହୁଯୁଗ ତହିଁ ।
ପଢ଼ିଲେ ଥିଲି ସେ କଥା ହେବ ଏହିପରି,
ଫଳେ କିଂତୁ ମର୍ତ୍ତଦେଶୀ ଦକ୍ଷଭୁଜ, ଏବେ,
ଆପଣେ ସେ ଦକ୍ଷେତର, ନାହିଁ ବ୍ୟବହାର ।

ହେଲେହେଁ ଅଳପ କେବେ, ନାହିଁ ଗଉରବ ।
ଅଂତେବାସୀ ବାମାଦଳ, ଅଧିକନ୍ତୁ ବେଶି
ମର୍ତ୍ତପାଖେ, ସବୁ ପ୍ରେମ ସେହି ମର୍ତ୍ତଠାରେ ।'
କହୁ କହୁ ଏହିପରି ଗତ ରଜନୀରେ
ହସିଗେ ସେ ତବ କଥା ଆରଂଭିଲେ କହି –

'ସେହି-ମର୍ତ୍ତ-ଦେଶ-ନାରୀ, ଲୋଡ଼ା ନାହିଁ ମୋର,
କେବେ ଦେଖାନାହିଁ ଏତେ ଅସଭ୍ୟ ରମଣୀ,
ବାଳିକା ସେ ? ଦେଖିବାକୁ ପୁରୁଷଂକ ପରି !
ଶୁଣଂତେ ସେ କଥା ମୋର, ମରମ-ଦଂଶନେ
ତୀବ୍ର ଏ ଗୋପନ କଥା ଥରିଲି ହୃଦୟେ,

ଅବରୋଧି ପାରିଲି ନାହିଁ, ପାରି ଥାଂନ୍ତି ହେଲେ ?
ଲାଜେ ଭୟେ କପୋଳେ ମୋ' ମୃଦୁଳ କଂପନେ
ସରମ ରକ୍ତିମଛଟା ବିକଶିଲା ଧୀରେ ।
ମାତା ତହୁଁ ତୀବ୍ରଭେଦୀ ଶାକୁନ-ଦର୍ଶନେ
ଚୃହିଁଲେ ନିରେଖି ମୋତେ,
ହେଲି ମୁଁ ଅଥୟ ।

ହସି ଶେଷେ କହିଲେ ସେ, 'ବିଚିତ୍ର ସରମେ
ଗଢ଼ିଛି ବିଧାତା ତୋତେ । ନର—ନା ଯୁବତି,
ନରପରି,—ସତେ ଯେବେ ହୋଇଥାଂତେ ନର
ସେ ଯୁବତିକୁଳ, ତେବେ, ଶତ ଆଲୋଚନେ
ସରମ ରକ୍ତିମା ଏତେ, ଧରି ଥାଲେ କେବେ,

ଦେଖାଂନ୍ତୁ କି ଭାବଗତି ? ନୁହେ ଏ ଉଚିତ ।'
କ୍ଷମାକର, ଲଜ୍ଜା ମୋର ହେଉଅଛି ବଡ଼
କହିବାକୁ ତବପାଶେ ଏ ମାତ କାହାଣୀ ।
ମାତା ପୁଣି କରି ତୀବ୍ର ବଚନ-ବୃଭୁସା,
କହିଲେ,'ପୁରୁଷ, ସତେ ପୁରୁଷ ସେମାନେ !
ନିଷ୍ଠୁର ପୁରୁଷ ପରି—ସେ ଯୁବତୀ ସଂଗେ

ପୁଣି ଏତେକାଳ ଏକା, ବିଜନ ମଂଦିରେ !'
ପରିଶେଷେ ତୀବ୍ର ନାଦେ ବାହାରିଲା ସ୍ୱର,
ଏକେ ଏକେ ଧୀରେ ଧୀରେ, 'ସତେ—
ସତେ—ସତେ
ଏମାନେ—ସରବେ—ନର,' ଥରିଲି ମୁଁ ଶୁଣି

'ଜାଣୁ ତୁ ଏ ସବୁ କଥା ।' ଧୀରେ ମୁଁ ଭାଷିଲି,
'ନ ପଚାର ମୋତେ କିଛି ।' କହିଲେ ସେ ତହୁଁ,
ଜାଣଇ ସେ ନାରୀ, କିଂତୁ ରଖିଛି ଗୋପନେ ।'
ଏମଂତେ ଜନନୀ ମମ ଧରିନେଲେ କ୍ଷଣେ
ଯେତେ ଯେତେ ସତକଥା,
ନକହୁଁ ମୁଁ କିଛି ।

ଏବେ ସେ ପ୍ରତ୍ୟୁଷେ ଉଠି, ଜେମାମଣି ପାଶେ
ଯାଉଛଂତି ଜଣାଇବେ । ଅଶେଷ ଗଂଜଣା
ପାଇ, ନାଶ ଯିବେ ମତ୍ତ, କଂଶୁ ଅଛୁ କାଳ,
ପାଇବ ନିସ୍ତାର ତୁଂଭେ, ପଳାଅ ସଘନେ ।
ଦିଅ କଂଶୁ କ୍ଷମା ମୋତେ
ଯିବାଆଗୁଁ ଏଥୁଁ ।"

କହେ ଋତୁଧ୍ୱଜ ତହୁଁ, "କି କହ ଗୋ ମଧୁ !
ସରମ—ଋକ୍ମମା ପାଇଁ କର କ୍ଷମା ଭିକ୍ଷା ?
ନ ହୁଅ କାତର, କଂଶା ଯାଂଉରୁ-କପୋଳ !
ପୁନରପି ଦେଖାଅ ସେ ସରମ-ଋକ୍ମମା,
ଯାଉ ଏ ଜୀବନ ପଛେ ସେ ସ୍ମୃତ୍ତ ଋକ୍ମମେ,

ସେ ସ୍ୱରଗେ କ୍ଷଣେ ବାସ ଚରଣ କାମନା !—
ଭୟ ନାହିଁ, ମହାଶ୍ୱେତା ମର୍ମର ହୃଦୟେ
କରିବ ମୁଁ ନବନୀତ, ଦେବ ସେ ମୁକର,
ରହିବାକୁ ଗୁଡ଼ି ଏଥି ଆଉ କେତେ କାଳ ।
ନହେଲେ ଏ ନାଶଲୋକେ
ଦିବ୍ୟପ୍ରାଣୀ କେହି

କହିଯାରେ ଛଳ, "ଆସି ପ୍ରହ୍ଲାଦ ବିଭବେ,
ଦିନେ ରହି ବାହାରିଲେ ନହୁଷ ଶାପାକେ ।"
ଗଲେ ତହୁଁ ଋତୁଧ୍ୱଜ, କହି ଏହିପରି,
ସଂଦେହେ ହଲଇ ମଧୁ ଶୈବାଳ-ସୀମାଂତ
ମଣିଲେ, ନିଷ୍ଫଳ ହେବେ ଋତୁଧ୍ୱଜ ତହିଁ"

ପଚାରିଲେ ପାରିଜାତ, "କହ ମଧୁମତି,
କେମଂତେ କଳହ ଜାତ ଦକ୍ଷେ, ଦକ୍ଷେତରେ ?
କହିଲା ସେ, "ବହୁଦିନୁ ବୈନଜନେ ଏଥି
ଦୁର୍ଦ୍ଦମ-କଳହ ଜ୍ୱାଳା ବଢ଼ୁଛି ଗୋପନେ,
ଈର୍ଷାର ମୂର୍ଦ୍ଧାର ଦାହେ ଜଳ ମୋ ଜନନୀ,

ଦସ୍ୟୁବୃନ୍ଦ-ପ୍ରଭଂଜନ କରାଳ-ଆରବେ
ଉଠଇ ଗରଜି କେବେ, ସହେ ମୁଁ ମଉନେ ।
ଦେଖି ନାହିଁ ପିତୃମୁଖ ଦିନେ ଏ ଜୀବନେ,
କହଂତି ଜନନୀ, ସେହୁ ଧରିଥିଲେ ହାତ
ଅଧମ ମାନବ ଅତି ଖାନସୁ ରୁଷର ।

ଏହିଭାବେ କରିରେ ସେ ଥିଲେ ଦ୍ୱେଷ ରୋଷେ,
ସ୍ୱର୍ଗେ ଘଟନାବଳୀ ଦେଖୁଥିଲେ ଏଥି !
ପାଳିଲେ ସେ ଜେମାମଣି ବାଞ୍ଛିତ ବୟସେ,
ବାଲରୋଗ ଉଧାରିଲେ ଅଶେଷ ଯତନେ ।
କଂଶୁ କାଳେ ଆସି ତବ ଭଗିନୀ ଏ ଭୂମେ

ଜେମା ହୃଦ କଲେ ବଶ ! ମାତା ସଂଗେ ଜେମା
ଥିଲେ ସଦା ଏକଭାବେ; ଦୁଇଟି ପ୍ରସୂନ ଯଥା
ବଢ଼େ ଏକବୃଂତେ ସଂଗୀତ-କଂପନେ
ବାଜଇ ଯେସନେ ଦୁଇତଂତ୍ରୀ ଏକ ଲୟେ;
ଏକ-ମନ ଏକ-ପ୍ରାଣ ଥିଲେ ଏଥି ଦୁହେଁ ।

କହଂତି ଜନନୀ କଂଶୁ ମତିଦେବୀ ତବ
ଜେମାର କଳ୍ପନା ରାଶି ଅପହରି ଛଳେ,
ସେ ନବ-କଳ୍ପନା ବଳେ କଲେ ଆପଣାର
ଶିଦ୍ୟାର୍ଥୀ ମୀନ-ପ୍ରେମପୁଂଜ ! କହଂତି ଜନନୀ
'କଳ୍ପନା-ତସ୍କର ମତି ଏ ନାରୀ-ନଳଂଦେ';

ବୁଝେ ନାହିଁ କଂଶୁ ମୁହିଁ କଛି; ବେଳ ହେଲା,
ଯିବି ମୁଁ ମୁକର; ଭୟ ବଳଂବେ ମୋହର ।"
କହି ଏହା, ଗଲା ମଧୁ; ଗୁଲ୍ମପାଏ ଯଥା
ଶୂନ୍ୟଗୃହ ଚରହିର ଲୋଳ ପ୍ରବରୂପ,
ମୃଦୁ ବାତ ଚଳଂପିତ ସରସୀମୁକୁରେ ।

---

୮୪-୮୭ । ଅସୁର ପ୍ରହ୍ଲାଦ ନିଜଗୁଣରେ ଇଂଦ୍ର ପଦ ଲାଭ କରିଥିଲେ । ସୂର୍ଯ୍ୟବଂଶର ରାଜା ନହୁଷ ଇଂଦ୍ର ପଦ ଲାଭକରି ଅତ୍ୟାଚାରୀ ହେବାରୁ ଅଳ୍ପଦିନ ପରେ ପଦଚ୍ୟୁତ ହୋଇ ପୁଣି ମର୍ତ୍ତ୍ୟକୁ ଫେରିଥିଲେ ।

କବେ ପାରିଜାତ ଗୁଞ୍ଜି ମଧୁ ପିବା ପଥେ,
"ସରଳ-ହୃଦୟ-ବାଳା ଶୁଦ୍ଧ, ନିଷ୍କପଟ;
ତରଳ କଟାକ୍ଷ ତାର ସରମ-ରକ୍ତିମା,
କପୋଳ-ମୁକୁରେ ଦୃଶ୍ୟ ହୃଦୟର ନାଟ,
ଋତୁଧ୍ୱଜ ରଂଗରସ ସୌଖୀନ ଆଳାପେ

ସଂକୋଚ ତରଂଗ ଖେଳ ମୋହନ ଲପନେ !
କୈଶୋର କଟାକ୍ଷ ତାର, ସେ ସରମ-ଠାଣି,
ନମିଥେ ପାରଇ କରି ପରୁଷ ପ୍ରକୃତେ
ଶିରୀଷ-ମୃଦୁଳ କରି କାଂତ ସୁକୁମାର !
ଭାଗ୍ୟ କାହିଁ ? ଏ ଜୀବନେ ପ୍ରେମର ସ୍ୱପନେ,

କଟାଇବି ପରାଣର ଗୋପନ-ଇଂଗିତେ,
ଜୀବନର ମଧ୍ୟ ମମ ମଧୁର-ମିଳନେ,
ହୃଦମେଳେ ମଧ୍ୟ ସମ ବନିତାବିଭବେ !
ନୁହଇ ସେ କେବେ ନବ ଜେମାମଣି ସରି,
ହୃଦୟ ମଂଦିର ରୁଦ୍ଧ ବିଭ୍ରାଂତ ଗରବେ !

ନୁହେଁଟି ସେ ମତ୍ତ, ଜେମା ପଦାଂକେ ଯାହାର
ବଳ କଉଶଳ ସବୁ ଆବଦ୍ଧ ସତତ !"
କହିଲ ମୁଁ, "ପ୍ରେମାବେଶେ ଲୋଡ଼ଇ କାଦଂବ
ପକ୍ଷୀରୂପେ କାଦଂବିନୀ; ଇଚ୍ଛଇ-କପୋତ
କପୋତ ବନିତା ପିନା ! ପକ୍ଷିରାଜ ମୁହିଁ,

ପରୁଷ-ଗୃହିଣୀ ମୋର ପରାଣ ବାସନା,
ପରାଣ ଦୋସର ସେହି ଜେମାମଣି ମମ ।
ପଡ଼ିଛି ସେ ଭ୍ରମେ ସତ, କିଂତୁ ସେ ପ୍ରମାଦେ
ଅଛି ତ ମହିମା ତାର । ମହତୀ ସେ ନାରୀ,
ତ୍ରିଭିଂଶତି ମାନବର ଦ୍ୱିଗୁଣ ମହିମା

ଧରଇ ଆପଣେ ବାଳା, ପ୍ରତି ରମଣୀରେ
ଦେଦେଖି ନିଜ ପ୍ରକୃତିଂକ ଆତ୍ମପ୍ରସାରଣେ

ଏହି ତ ଜେମାର ଭ୍ରମ ? ଭ୍ରମେ ମହିମାଇ
ଉଜଳ ମୁକୁଟ ଶିରେ ଦିଶେ ଦାଉ ଦାଉ,
ଧରଛି ଜ୍ୟୋତିରେ ମୋତେ, ଧରଛି ନାରୀର

ପ୍ରେମ ଲୋକ ମଧୁରିମା ମୋହନ ବିଭ୍ରମ
ନିସର୍ଗ ସୁଲଭ ଭାବ । ସ୍ୱରଗର ରାଣୀ
ମହିମୟୀ ଜେମାମଣି, ମତ୍ତ ମଧୁ ପିନା
ପୂର୍ଣ୍ଣ ଋଷି ପାଶେ ବୁଧ ବୃହସ୍ପତି ସରି !
ପଦ ମଦଁବଶୀ ଜେମା; ଉନ୍ମତ ଗରବେ

ଜ୍ୟୋତିର୍ମୟ ଭୃଂଗ ବସ୍ତ୍ର ତୋଳି ବରାନନା,
ପଦନଂଦିନୀ ଗୌରୀ ରଣଚଂଡୀ ସମ
ଧରଷେ ନୟନ ଭବେ, ଭାଷଇ ସେ ଗିର,
ଉଷାକଂଠେ ଶୁଭେ ଯଥା ଗୀର୍ବାଣ ଭାରତୀ ।
ଗଲୁ ରଂଗେ ଗଲୁ ତହୁଁ ପ୍ରାଂଗଣ ବରଜ

ଉଦୀଚୀ ସଉଧରୁ ଲେ, ଅଧାକାଂଥି ବେଢ଼େ
କ୍ଷୁଦ୍ର ସ୍ତଂଭ ପରେ ତହିଁ ଆଉଜି ଆରାମେ,
ଦେଖିଲୁ ସବୁରେ ତଳେ ଶିଶିର ଧଉତ
ଶାଦ୍ୱଳ ବିତାନ ଦୃଶ୍ୟ, ମୃଦୁଳ ସମୀର
ମରମରି ତରୁରାଜି ଲେ କମ୍ର କିଶଳୟ,

ମୋହନ ପରଶେ ଛୁଇଁ ଗୋଲାପ ସୁଂଦରୀ,
ଅଗଣିତ ପୁଷ୍ପଲତା ଶିଶିର ସୁବାସେ
ଭରି ତନୁ, ପରଶିଲା ବଦନମଂଡଳ,
ଢୋଳି ନେତ୍ରଯୁଗ ମୃଦୁ ଅମୃତ କ୍ଷରଣେ,
ସୁରଭି ସେ ପରିବାହ ପିଇଲୁ ଆରାମେ ।

ଫେରି ଋତୁଧ୍ୱଜ ତହିଁ, କହିଲେ ମଉନେ
ମୁଖଭଂଗୀ ରଂଗେ ଠାରି, "ଅହୋ ! ଶ୍ରାମ କର୍ମ !
ଭାବିଛ କି ସ୍ୱପ୍ନାଭୁଲେ ସଂଗ୍ରାମ ଏ ଭୂମେ !
ପ୍ରମାଦ ମଳିନ ଏଥି ରମଣୀହୃଦୟ
ପାଇବ କି ବଶୀଭୂତ, ଅପସାରି ଭ୍ରମ ?

ସୁଗମ ନୁହଇ ପଂଥା । ଘୋର ପ୍ରତିବଂଧ
ଏଡ଼ି, ମୁଁ ପଶିଲି ବନ-କଂଟକିତ ପଥେ ।
କଂଟକିତ ଗିରି ବନ ଅଂଧାରିତ ଭୂମି
ପଛିଲେ ପ୍ରବେଶିବାରୁ ନୁହେ ଏଥି ବଳ ।
ନୁହେ ହେଲେ ଭିଳେ ବଡ଼ ରୁଦ୍ର ରୌଦ୍ର
ଚଳେ,

ନିରସମଂଡଳେ ଗୁରୁ ଆସୁସମୁଦ୍‌ଗରେ,
ଲଂଘିବାରୁ ଶିଳାରାଶି ରାଜପଥ ପଥେ ।
ବଳ ତହୁଁ ଦୁଃଖ ଏଥି, ଶଙ୍କିତ କାହାର ?
ଶୁଣାଇବ ପଦେ କଥା ଫଳ ଅଭିଳାଷେ,
ଗଂଭୀର ମୂରତି ରୁଷ ଏ ମହାଳାବରେ !

କରାଘାତ ଦେଇ ଦ୍ୱାରେ, ପାଇ ଅନୁମତି,
ପଶି ମହାଶ୍ୱେତା ପୁରେ, ଦେଖିଲି ରମଣୀ
ଯିବାର ଉଦ୍ୟମେ ତହିଁ । ନୟନଯୁଗଳେ
ଆସନ୍ନ ଝଟିକା ଶଂସି ନଭ ଛବି ସମ
ଅକାର୍ଯ୍ୟ ସାଧନବ୍ରତୀ ଶ୍ରମ ରଶ୍ମି ଲେଖା ।

ସଂଭ୍ରମ ଘଟଣେ ଅତି ଭଦ୍ର ସ୍ୱର ତାନେ
ସୁଚିଂତିତ ସୁସଜ୍ଜିତ ମୋହନ ଭାରତୀ
ନରକଂଠ ପାରେ ଯେତେ, ଲଗାଇଲି ସବୁ;
ଅବଳାସୁଲଭ-ବ୍ୟାଜ ମିନତି ଆଚରି,
ମାଗିଲିଁ ରଖିବାକୁ ଗୋପନ ଏ କଥା ।

କିଂତୁ ତୀବ୍ର ଭାଷେ ସେହୁ ପୁଚ୍ଛିଲେ ସଘନେ,
"କିଏ ତୁଂଭେ ? କିପାଇଁ ବା ଆସିଅଛ ଏଥି ?"
ଉତ୍ତରେ ମୁଁ ଭାରତୀର ଶିଳ୍ପଜାଲ-ଛଂଦେ
ସମୋହନ ଉପନ୍ୟାସେ ନ କରି ଗୁରୁଭୁସି,
ତବ ଆଡ଼ରଣେ ଗଲି ଯଥାର୍ଥ ବଖାଣି ।

ଶୁଣିଲେ ସେ ମହାଶ୍ୱେତା ବକ୍ଷେ ଦେଇ କର
ସ୍ୱପ୍ନପ୍ଲୁ-ସ୍ୱସାର-ନେତ୍ରଯୁଗେ ଅଂତରାଳେ ।
କ୍ଷଣେକେ ଯେବେ କହିଲି ମୁଁ ପ୍ରାଚୀନ ସେ ତବ
ବିବାହ-ନିବଂଧ-କଥା, ଉତ୍ତରିଲା ନାରୀ,
"ନିଫଳ ଏ ନିରର୍ଥକ-ବାକ୍ୟ-ବିଚଳନେ ?"

କହିଲି ମୁଁ ତହୁଁ ସ୍ୱଚ୍ଛ-ମୃଦୁ ବାକ୍ୟବଂଧେ;
ବହିର୍ଦ୍ୱାର-ଚୂଳେ ଶ୍ରମଖୋଦନ ଲେଖନ,
ତହିଁ ସଂଗେ ଭିହ୍ନିଂକର ଜୀବନର କଥା ।
'ଇଚ୍ଛା କର, ବିପଦର ଉତ୍ସଂଗ ଆଦରି
ଜାଣି ଶୁଣି, ମୃତ୍ୟୁ-ଜାଲେ ପଶିବୁ ନିକର;

ଅବଶ୍ୟ ଭୋଗିବୁ ଫଳ; କିଂତୁ ସତେ ନାରୀ
ଘୋର ଏ ବିପାକ-ଫଳେ ରହିବ ତ ଦୃଢ଼
ରମଣୀର ଏ ଦୁରଂତ ଉଚ୍ଚ-ଅଭିଳାଷ !
ନାରୀ-କାର୍ଯ୍ୟେ ଅବଶ୍ୟ ତ ହେବ ବିଘ୍ନ ଏଥି ।'
କହିଲେ ସେ ମହାଶ୍ୱେତା, "କି ଅଧିକ ବିଘ୍ନ

ଘୋର ପକ୍ଷପାତ-ଦୋଷ ଦୂଷିତ ଏ ଭୂମେ ?"
ଜନନୀ-ହୃଦୟ ତହୁଁ କରି ଅବଲଂବ,
କହିଲି ମୁଁ, "ମଧୁମଣ୍ଡି ପଡ଼ିବେ ସରମେ
ଜାଣି ଶୁଣି, କରିଛଂତି ଗୋପନ ସେ ସବୁ ।"
କହିଲେ ସେ, "ଲଗା କି ହେ
ତୁଂଭଙ୍କୁ ସେ କଥା ?"

ପୁଣି ମୁଁ କହିଲି, "ଫଳେ ସଂଗ୍ରାମବିପାକେ,
ନରରକ୍ତ ବହିବ ଏ ରମଣୀନିଲଂବେ ।"
ଉତ୍ତରେ କହିଲେ ସେହୁ, କର୍ତ୍ତବ୍ୟ ତାଂକର
କରିବେ ସେ, କେମାପାଶେ କହିବେ ସଂଦେଶ ।
କର୍ତ୍ତବ୍ୟ, କର୍ତ୍ତବ୍ୟ ଦୃଢ଼, କରିବେ
ସେ ତାହା,

ଫଳର ବିସ୍ମୃର ଯେବ, ନ ହେବେ ଶିଥିଳ ।
ଫଳାଫଳ ଜ୍ଞାନ ନାହିଁ କର୍ତ୍ତବ୍ୟସାଧନେ ।
ଦୃଢ଼ ଏ ଭାରତୀ ଶୁଣି ଭାଜିଲା ସାହସ;—
ସହସ୍ର ବରଷ ହେଲେ କ୍ଷୁଦ୍ରବାତଘାତ
ଭେଦଇ ଅକର୍ମଶିଳା ତଡ଼ାଗପୁଳିନେ;—

ଭରସି କହିଲା ତହୁଁ "ଭାବ ଦେଖ କ୍ଷଣେ,
ନିବୃତ୍ତି ନ କର ନାରି-ଉଦ୍‌ବେଗ ଆବେଗେ ।
ରମଣୀ ଭବିଷ୍ୟଚିଂତା କରି ହବାନଳି,
ରମଣୀ-କଳଂକ ଏଥି ସ୍ଥାପି ନିଜହାତେ,
ଗୌଣ ତବ ପଦ ଏବେ ଏ ମହା-ବିଧାନେ;

ପଦର ଗୌଣତା ପୁଣି ଶୁଭେ ଲୋକମୁଖେ:
'ଜେମା ପରେ ମନ୍ତ୍ରୀ; ମନ୍ତ୍ରୀ ପରେ ମହାଶ୍ୱେତା ।'
ଗ୍ଲାନ ଏ ଦୁର୍ନାମ ଏବେ, ମହାଗଉରବେ
ବସିବ ଉନ୍ନତତମ-ପଦେ ସମାଦରେ;
ପ୍ରତିଜ୍ଞା ଏ ମମ; କର ତଳେ ଅବହେଳା

ନ ପ୍ରକଟ ଆଂଭର ଏ ଆଗମନ କଥା ।
ନୃପସୁତେ ହୁଅ ମମ ସାହା ଗୋ ରମଣି,
ଲଭିବାରେ ଜେମାମଣି, ସେ ବରବନିତା ।
ହେଲେ ଏ କରମସିଦ୍ଧି, ଜାଣନ୍ତି ମୁକୁର,
ରହିଲା ପ୍ରତିଜ୍ଞା ମୋର, ନୃପସୁତଦେଶେ

ଲଭିବ ଗୋ ହର୍ମ୍ୟରାଜ, ତହିଁ ଆତ୍ମସୁଖେ
ଲଳିତଲଳନା ଗୁରୁ ହୃଦୟ ବିକାଶେ,
ନାରୀକୁଳଚିତ୍ତବୃତ୍ତି କରି ଉଦ୍‌ଘାଟନ,
ହେବ ଗୋ ରମଣୀକୁଳ ଲଲାମରୂପିଣୀ,
ମୁକ୍ତି-ବିଧାୟିନୀ ବୋଲି ରମଣୀସମାଜେ

ଲଭିବ ଅକ୍ଷୟ ଯଶ । ନାମର ମହିମା
ବିସାରି ସମସ୍ତେ ଭାରତ ଉଜଳେ ।"

ସ୍ତବ୍ଧ ଏ ବଚନେ ମମ, ବିସ୍ମୃର ଅଳସ,
କହିଲେ, ଦେବେ ସେ ଆଜ ଉତ୍ତର ଏହାର ।
ଆଦେଶିଲେ ରହିବାକୁ ମଉନ ଏ ଭୂମେ

ଏହି ଅବସରେ । କଲି ସାଧନ ଏତିକ,
ଅଧିକ ଅରଜିବାକୁ ନାହିଁ ମୋ' ଶକତି ।
ମାରିହଲେ ଚକ୍ରଧ୍ୱଜ । ଆସିଲା ତକ୍ଷଣେ
ଜେମାଠାରୁ ସୁସମ୍ବାଦ, 'ଯିବେ ଜେମା ଆଜ
ଭୂବିଦ୍ୟାର ଆଲୋଚନେ ଉତ୍ତର-ପ୍ରଦେଶେ,

ପରଖି ଦେଖିବେ ତହିଁ ଭୂମିସ୍ତର ଭେଦ ।
ଅଛଇ କି ନାହିଁ ଇଚ୍ଛା ଆଂଭର ଏଥକୁ ।
ପ୍ରେକ୍ଷଣୀୟ ସେହି ଭୂମି, କଛି ଦୂରେ ତହୁଁ
ଗୁରୁ-ଗିରି-ନଈ ଗୁରୁ-ପ୍ରପାତ-ଆବେଗେ
ଘର୍ଷ-ସଙ୍ଘଟ୍ଟ-ସମ ଯାଉଅଛି ବହି ।

ଘନ-କିଶଳୟ-ଛଦେ ଶ୍ୟାମଳ ପୁନ୍ନାଗ
ଆବରିଛି ଶବଳିତ-କାନନ ବିଗ୍ରହ ।
ଜଟିଳବଲ୍ଲରୀଶୋଭି ଯୁଗଳଶିଖର
ବିକାଶି ଭୂଧର ଦୂରେ ଗାତ୍ରକଲଲାଟେ,
ସୂଚି-ସ୍ତରେ ଉଠିଅଛି ନୀଳ-ନଭ-ପଟେ ।'

ଦେଲୁ ସ୍ୱୀକାର ତହିଁ । ଦିବସ କରମ
ଏକେ ଏକେ ଗଲା ସବୁ ବହି ଯଥାକାଳେ ।
ହକସ୍ତ ଲଭିଣ ଶେଷେ ବହିର୍ଦ୍ୱାରେ ଯାଇ,
ମିଳିଲୁ ବନିତାମେଳେ ଯହିଁ ଜେମାମଣି !
ବନିତା-ଜନତା ଭେଦି ଦିଶୁଥିଲା ଶିର,

---

୨୬୫—ସୂଚୀ = ଜ୍ୟାମିତ୍ୟିକ ସୂଚୀ-ଘନ ।

ଭଙ୍ଗିମାର ଅପରୂପ ସେ ମୋହନ ଠାଣି !
ତୋଳ ଭୁଙ୍ଗ ବପୁ ଉଭା ସେ ବରବନିତା,
ପୃଷ୍ଠେ ସ୍ତମ୍ଭ, ପଦ ରଖି ପାଳିତ ଶାର୍ଦ୍ଦୂଳେ,
ଶାର୍ଦ୍ଦୂଳ ସେ, ପଦପାଶେ କରି ନଖ-କେଳି,
ମାର୍ଜାର-ଶାବକ ଯଥା ଖେଳଇ ଖସୋଳେ ।

ରମିଲି ଅଂତକେ ମୁହିଁ, ରହିଲି ନିରେଖି,
ସହସା ଘୋଟିଲା ମୋତେ ସେହି ଭୂତାବେଶ,
ଅଦ୍ଭୁତ ସେ ବଂଧୁ, କୁଳ ପରଂପରାଗତ ।
ହସିଲା ସେ ରାଜକେମା ଶୂନ୍ୟ ଦୃଶ୍ୟପରି,
ଅନୁମାନଖେଳପରି ଲଗିଲା ଶାର୍ଦ୍ଦୂଳ,

ସେ ନଳଂଦ, ନଳଂଦର ଲଳନା-ମଂଡଳୀ
ଇଂଦ୍ରଜାଲଛବି ସମ ହେଲା ମୋ' ପରତେ ।
ସ୍ୱପନପ୍ରତିମାସମ ମଣିଲି ନିଜକୁ,
ସତ୍ୟ କି ସ୍ୱପନ କିଛି ନ ପାରିଲି ବୁଝି ।
ହେଲେହେଁ ହୃଦୟ ମୋର ଘୋର
ଭାବାବେଶେ

ବୁଡ଼ିଲା, ସମ୍ଭ୍ରମେ ହେଲା ଚିତ୍ତ ପରାହତ,
ଉରଭେଦିଗୁରୁଶ୍ୱାସ ପିଟିଲା ସଘନେ,
ବିଦ୍ୟୋତିତ ନୟନର ଚପଳା ସ୍ଫୁରଣେ
ହେଲି ଅଭିଭୂତ ମୁହିଁ, କେମାର କଟାକ୍ଷେ,
ପ୍ରଣାମର ଅବନତ ଅଭିଳାଷ ଯେକ,

ଥରିଲା ମୋ ଅଂଗ ସହି ଶିର ପ୍ରଣିପାତେ ।
ରହି ରହି ଭୁଂଗ-ଅଶ୍ୱ-ପୃଷ୍ଠ ଅବଲଂବି,
ସ୍ୱଚ୍ଛଛଦ ଅବଳାର ଦଳ ଧରି ସଂଗେ,
ଚଳିଲୁ ସେ ବିମୋହନ-ଗିରି-ବନ ପଥେ;
ଗିରିକଟିଶ୍ରେଣୀ ସହି ପ୍ରସର-ସଂକୋଚେ

ଉଠିଥିଲା; ବନଭୂମି ତେଜି ଦକ୍ଷିମୁଖେ ।
ଅଶ୍ୱବରେ ଗୁଳିଲି ମୁଁ ଧରି କେମାପାଶ ।
ପାଶେ ଦେଖି ହସିଲେ ସେ ଅଳପ ମଉନେ,
"ବଂଧୁବର, ବିଶ୍ୱାସ ମୋ', କାଲି ପ୍ରଭାତରେ
ତବ ସଂଗିଜନେ ଯାହା କହିଲ ଆକ୍ଷେପେ;

ଧଣନାହିଁ ତୁଂଭେ ମମ କଠୋର ସେ ଭାଷା ।
ନ ଥିଲା ମୋ ଇଚ୍ଛା କେବେ ହେବାକୁ ପରୁଷ ।"
କହିଲି ମୁଁ, "ସଂଗିଜନେ କି ବା ପରୁଷ ସେ ?
କହୁଥିଲେ ଯାହା କଥା ସଂଗିଜନ ମମ
ହେଲେ ହୋଇପାରେ ତାହା ପରୁଷ
ସେ ଜନେ ।"

କହିଲେ ସେ କେମାମଣି, "ପୁଣି ସେହି କଥା ?
ଆସିଛ କି ଦୂତ ତୁଂଭେ ସେ ରାଜନ୍ ଏଥି ?
ନବ ଆଗଂତୁକ ବୋଲି, ଦେଲୁ ଅନୁମତି,
କହ ତେବେ; ଏହିଠାରେ ହେଉ ତାର ଶେଷ ।"
ସ୍ଖଳିତ-ବଚନେ ତହୁଁ ଆରଂଭିଲି ମୁହିଁ,

"ଜାଣଇ ମୁଁ ରାଜସୁତେ—ଇଚ୍ଛାଅଛି ମମ—
ନୃପତି କରଂତି-ଆଶା—ନାହିଁ କି ନିବଂଧ—
ପ୍ରେମିକ-ହୃଦୟ ନାହିଁ ରାଜସୁତସମ;—
କଳ୍ପନାରେ ଥିଲେ ସତେ ଯାହା ସେ ବିଗ୍ରହ,
ସବୁ ମୂର୍ତ୍ତିମଂତ ଏଥି ଦେଖେଁ ତବ ପାଶେ ।

ପ୍ରେମିକ ସେ ରାଜସୁତ; ଦେଖେ ଯେବେ କାହିଁ
ଅବାଚୀ-କକୁଭ-ଗୃହ ବିହଂଗମ ନଭେ,
ବିଗ୍ରହେ ପଡ଼ଇ ବହି ଯିବ ତା' ସଂଗତେ
ଭେଟିବାକୁ ପ୍ରଣୟିନୀ ପ୍ରାଣର ଆବେଗେ ।
ସତେ ଯେବେ ଗୁମ୍ଫୁ ନିଷ୍ଠେ ପାଳିବେ ଜୀବନେ

୨୭୫ । ଖସୋଳ = ମୃଦୁଳ, ମସିଣ ।

କଠୋର ଏ ମହାବ୍ରତ; ମରମ-ଦଂଶନେ
ତେଜିବେ ପରାଣ ସିନା ସେ ବ୍ରଜନଂଦନ !
ରହିଲେ ସେ ଦେହ ଧରି, କି ଫଳ ତହିଁରେ ?
ନରାଣୀର ପରିତାପ ଘୋର ପରିଣାମେ
ଅପକର୍ମେ ଜୀବନର ଅପଚିତି ସାର !"

ଉତ୍ତରିଲେ ଜେମାମଣି, "ଅବୋଧ ବାଳକ ।
ନାହିଁ କି କରମ କିଛି ? ନ ଜାଣେ କି ପଢ଼ି ?
ଗ୍ରଂଥପାଠେ ନାହିଁ ତାର ଜୀବନେ ପିପାସା ?
ନାହିଁ କି ବ୍ୟାୟୁ ମକ୍ରୀଡ଼ା, ଭୁଲାଇବ ମନ ?
ନ କରେ ବା କାହିଁକି ସେ, ରସେ ସହି ନର,

ଅଭ୍ୟାସ ସେ କଉଶଳ, ରଣ-ରଂଗ-ରସ ?
ଅଜ୍ଞାନ ବାଳକା ପରି ଭ୍ରମିମାତ୍ର ଲାସେ
କାଟେ ଦିନ, ବାଳକାଏ କରି ଆଦରଣ !
ବୟସରେ ନୁହଇ ସେତ୍ତ ବାଳକାରୁ ବଡ ।
ଆଜର ବାଳିକା ନୁହେ; ଥିଲେହିଁ ବାଳକା

ଦିନେ ଏହିପରି । ଦିନେ ଥିଲୁ ଆଂଭେ ତାହା ।
ଖେଳୁଥିଲୁ ଚିତ୍ତପଟେ ପ୍ରେମର ସ୍ୱପନ ।
ରାଜଦୂତ ତବ ଦିନେ ଥିଲେ ସେ ସ୍ୱପନେ ।
ପଡ଼ିଅଛୁ କାଳଗ୍ରାସେ ସେ ଆମ୍ଭ ଆଂଭର;
ଆଳାପ-ବିଳାସେ ଆଜ ସ୍ମୃତି-ଉଦ୍‌ବୋଧନେ

ପଡ଼େ ମନେ; ନାହିଁ ଶଂକା ସେ ସ୍ମୃତିରେ ଆଉ ।
ନୋହୁ ଏବେ ସେ ରମଣୀ । ଶିଖିଛୁ ଆପ୍ରାସେ
ନାରୀଜୀବନର ତତ୍ତ୍ୱ ଏହି ବିଦ୍ୟାଳୟେ ।
ଉଠାଇବୁ ରମଣୀର ପତିତ ସମ୍ଭ୍ରମ ।
ବସିବ ସେ ନର ତୁଲେ ସମସିଂହାସନେ ।"

ରହି କ୍ଷଣେ, ପୁନରପି ଭାଷିଲେ ରମଣୀ
ଗର୍ବ-ସ୍ଫୁରିତନେ ଚାହିଁ, "ପ୍ରାଚୀନ ନିବଂଧ ?
ନ କହ ସେ କଥା ସଖି, ନରର ଆଦେଶେ
ଅଛି କି ଭ୍ରୂକ୍ଷେପ ଆଉ ? ଆପେ ଆପଣାର
ସମ୍ଭ୍ରମ ରଖିବେ ନାରୀ; ଧନ୍ୟ ସେ ରମଣୀ

ପୁଣ୍ୟଶ୍ଳୋକ ମହୀତଳେ, ଧନ୍ୟ ହେ ବାସଂତି;
ରଖିଲ ଆପଣେ ନାରୀ-ମହତ-ସମ୍ଭ୍ରମେ
ଉପେକ୍ଷି ଆସବତାପ ତାପିତ ଭୂପାଳେ;
ଆଦେଶ ହରାଇ ସେତୁ, ହୋଇ ଛନ୍ନମତି,
ପ୍ରଳପିଲେ ତାଳୀବନ ଶ୍ୟାମଳ-ସୁସାନେ ।"

ଆହା ଏ କି ଘୋର କଥା ! କି କହଂତି ତୁମ୍ଭେ !
ମାରବମାରୁତ ସମ ଏ ତୀବ୍ର ନିଶ୍ୱାସେ
ଉଚିତ କି ତାପିବାର କମ୍ରସହକାରେ,
ଅବଲଂବି ରହିଛି ଯେ ତବ ଅଂଗଲତା ?
ଜାଣେଇ ମୁଁ ରାଜସୁତେ; ଜାଣେ ତା' ହୃଦୟ ।

ଏ ପୁଣି କଠୋର କ୍ରିୟା ! ପାରିବ କି ଲଂଘି
ଯୁଗାଂତରବ୍ୟାପି ନରପୁରାଣ ମହିମା ?
ଦେଇଛ ଗୋ ଅନୁମତି, ସହମୀୟୁ ମମ
ଚଳିତ ଏ ଭାଷା-ବଂଧ; ଦେଖ ଚିଂତା କରି,
ବୁଦ୍‌ବୁଦ ସମାନ ଭବେ ମାନବ ଜୀବନ;

ଆଚରିଛ ମହାବ୍ରତ, କଠୋର ସାଧନା;
ଭବଲୀଳା ସରି ଯେବେ ଯିବ ଅର୍ଦ୍ଧପଥେ
ତୁମ୍ଭଂକର, କି ହେବଟି ଏ ମହା ବିଧାନ ?
ସହଜେ ଅବଳା ନାରୀ; ଦାୟାଦ-ସଂଘେ
ପଶିବେ ଦୁର୍ବଳ କେନ୍ଦ୍ରେ, ମହା ଅନୁଷ୍ଠାନ

୩୫୧ — ବାସତୀ ( ଭାସ୍ତୀ ) ପ୍ରାଚୀନ ସୁବିସ୍ତୃତ ପାରସ୍ୟ ସାମ୍ରାଜ୍ୟର ଅଧିପତି-ବିଶେଷଂକର ପତ୍ନୀ । ଦିନେ ମଦ୍ୟ ପାନରେ ବିହ୍ୱଳ ହୋଇ ସମ୍ରାଟ୍ ପତ୍ନୀଂକର ଶୋଭା ସମବେତ ଅମାତ୍ୟ ଓ ସାମଂତମାନଂକୁ ଦେଖାଇବା ମାନସରେ ତାହାଂକୁ ରାଜସଭାକୁ ଡାକିଲେ, କିଂତୁ ବାସତୀ ସେ ଆଦେଶ ପାଳନ କରି ନଥିଲେ । ସୁଷାନ—ସେହି ସମ୍ରାଟ୍‌ଂକ ରାଜଧାନୀ । ସେଠାରେ ବହୁତ ଶ୍ୟାମଳ ତାଳ ଜାତୀୟ ବୃକ୍ଷଥିଲ

୩୬୯ — ଦାୟାଦ = ଉତ୍ତରାଧିକାରୀ ।

ଟଳିବ ସମୂଳେ, ହେବ ଏ ମହା ସାଧନା
ସଭ୍ୟଜଗତେ ସଉର୍ଣ୍ଣୀନ ପଦଚିହ୍ନ ସମ;
ପ୍ରଚଳିତ ପଦ୍ଧତିର ମାତ୍ୟବତାଡ଼ନେ,
କୁସଂସ୍କାର ଝଂଝାବାତେ, ଲୁଚିଯିବ ଆହା !
ଅଂତରର ଅତଂକ ମମ;
ସତେ କି ହେ ଜେମା,

ଅରଜି ସୁନାମପଟ, କୀର୍ତ୍ତି ସଂତାନେ,
ଶୂନ୍ୟ ଶୁଷ୍କେ ପାହ୍ନିଯିବ ଏ ତବ ଜୀବନ ?
ନାରୀର ଜୀବନଧନ ନିସର୍ଗ ସୋହାଗ,
ସଂତତିରେ ସମପ୍ରାଣ, ପ୍ରେମରୁ ଲତା,
ସଂସାର ସଂପଦ-ସୁଖ, ନ ହେବ ଜୀବନେ ?"

କହିଲେ ସେ ବରାଂଗନା, "ବନ୍ଦ କର କଥା;
ଉତ୍ତର ବନସ୍ତ-ବାସୀ ବର୍ବର ବାଳିକା !
ହୋଇପାରେ ପ୍ରେମ ତବ ନୃପନନ୍ଦନେ
ଦୈବତ ସୁଲଭ ଭବେ; ଆତ୍ମବଳିଦାନେ
ନ କରିଛୁ କି ହେ ଆଂଭେ ଦୈବତ ତର୍ପଣ ?

ସାହସିନୀ ସତେ ତୁଂଭେ ! ଏ ବିଧିରେ କେବେ
ନ କହଂତି କେହି କଥା ଆଂଭ ପାଶେ ଏଥି ।
ହେଲେହେଁ କଲ୍ଲ ତ ଏନ୍ତେ ସଂତତିର ସୁଖ;
ଉପବନ ତରୁ ଯଥା ଧରେ ପୁଷ୍ପରାଜି,
ବଢ଼ଂତି ସଂତତି କି ହେ ଭବେ ସେହିପରି,

ଯହିଁ ତହିଁ ଅନଳପେ ? ସଂତତିର ନାଶ
ଦହଇ ମରମ ଶୋକେ; କି ଫଳ ସେ ସ୍ନେହେ ?
କିଂତୁ ଶୁଣ ଗୋ ବାଳିକେ, ଯେତେ କହ ପଛେ,
କୀର୍ତ୍ତି ସଂତତି ନାଶ ସଂଭବେ କି ଭବେ ?
ସବିତା ଶୀତାଂଶୁ ତୁଲ୍ୟ ସମ ଏ ମରତେ

ନିତ୍ୟ ନବ ନବ ଦ୍ୟୁତି ପ୍ରକଟି କୀର୍ତ୍ତି,
ଧନ୍ୟ କରେ ସେ ମାନବେ, ଆଦରେ ଯେ ତାକୁ ।

ସଂତାନ ବିଭବ ପୁଣି ଇଚ୍ଛଇ ଯେ ନାରୀ,
ଅଂତର ଆବେଗେ ସଦା ମରେ ସେ ମରମେ,
ରମଣୀହୃଦୟ ନିଧି-ବତ୍ସଳ-ସଂତାନ

ସୁଚ୍ଛନ୍ଦ-ତାଡ଼ନା ଲଭି, ବଢ଼ଇ ଜଗତେ;
ପରୁଷ ସେ ବିତାଡ଼ନେ ନାରୀର ଅଂତର
କି ଘୋର ଗଂଜଣା ସହି, ରହଇ ମଉନେ ।
କି ସୁଖ ସେ ସଂତତିରେ ? ଅଛି କି ଜଗତେ
ହୀନତର ଜଂତୁ ଆଉ ସେ ନାରୀକୁ ବଳି,

ହୃଦୟର ରକ୍ତ ଦେଇ, ପାଳି ଯେଉଁ ସୁତ,
ମରମ-ଦଂଶନେ ଦେଖେ ଅପକର୍ମ ତାର ।
କହିଲ ସୁନାମ-କଥା; ସୁନାମର ଆଶେ
କରୁଁ କି କରମ ଏଥି ? ହୋଇ ପାରେ ଫଳିଳ,
ମହତ୍ତ-ରମଣୀ-ନାମ ଲଭିପାରେ ତହିଁ,

ପଶିଲେ ଭରସି ଯେତ୍ତୁ ମହା କଳ୍ପନାରେ
ଧରାଇଲେ ମୂଳଭିତ୍ତି, ଅବଲଂବି ଯାହା
ଭବିଷ୍ୟକରମି କୁଳ ଗଢ଼ିବେ ସଉଧ ।
କି ହେଲା ଆପଣେ ସେତ୍ତୁ କଲେହେଁ ଅଳପ ?
ଆଳସ୍ୟ ବରଜି ତେଣୁ ଉଠି ସଦୁତ୍ସାହେ ।

କଠୋର କରମେ ପଶି ଆଚର ବିହିତ ।
ନ ଭଜ ସଂକୋଚ କେବେ କର୍ତ୍ତବ୍ୟ-ସାଧନେ ।
ଉଭେ, କାଳେ ଆଂଭର ଏ ଦୃଢ଼ ଆଦରଣ
ଦୁର୍ବଳ ଦାସ୍ୟାଦ ଲଭି, ଭଜିବ ବିଲୟ ।
ମନେ କିଂତୁ ହୁଏ ଆହା, ସତେ ଏ ଜଗତେ

ନ ହୋଇ ବୁଦ୍‌ବୁଦ୍-ସମ ଏ ମରଜୀବନ,
କ୍ଷଣିକ କରମପରେ ନ ଭଜ ବିଲୟ-
କ୍ଷଣ-ଜୀବ-ମକ୍ଷୀ-ସମ, ହୁଅଂତା କି ହେଲେ
ସାତକଳ୍ପଜୀବୀ ସେହି ମୃକଂଡୁ ତନୟ
ଜୀବନ-ସମାନ ଭବେ ! ଦେଖଂତୁ କୁଶଳେ,

୪୨୪ । ମାର୍କଂଡେୟଙ୍କର ସାତକଳ୍ପ ପରମାୟୁ ଥିବା ପୁରାଣ ପ୍ରସିଦ୍ଧ ।

କଳ୍ପନାର ପରିଣତି ଦୃଢ଼-କର୍ମ-ବନ୍ଧେ,
ସିଞ୍ଚିତାର ପଦଚିହ୍ନ ଶୈଳ-ଖୋଦନେ ।"
ରହିଲି ମଉନେ ମୁହିଁ, ନ ଦେଇ ଉତ୍ତର ।
ଚିତ୍ତର ସଂଶୟ ଚଢ଼ି ଖେଳିଲା ଅନ୍ତରେ,
'କଳ୍ପନାର ମହିମାରେ ବିଭ୍ରାନ୍ତ କୁମାରୀ,

କାବ୍ୟ-ନାଟିକା-ସ୍ରଷ୍ଟ୍ରୀ ସେ ରାଜନନ୍ଦିନୀ
ଚିହ୍ନିବାର କଦାକାଳେ ନୁହଇ ସମ୍ଭବ' ।
ଦେଖି ଏ ମଉନ, ତହୁଁ ଜେମାମଣି ରଙ୍ଗେ
କହିଲେ, ସେ ଚିନ୍ତା ମୋର ଜାଣି ଅବା ସତେ !
"କି ବିକଟ ଚିନ୍ତା ଏଥି ବିଚରୁଛ ମନେ

ଭେଟିଲ ଏ ବିଦ୍ୟାଳୟେ ମମ ଏ ବିଗ୍ରହେ !
ଏହି ସବେ ବଢ଼ି ସଦା; ଅଭ୍ୟାସ ଅନ୍ତର
ହୋଇଅଛି ଏହା । ଆଜଯାଏ ନାରୀକୁଳ,
ପୁରାଣ-ରୋମକ-ରୀତି-ଦାସ ନର୍ଯାତନେ,
ବ୍ରାଜିଲେ-ବନ୍ଦୀତ-ଦାସ-ୟୁନାନୀ-ସମ୍ପଦୁ

ବଳି ଅଟେସୁରେ, ଥିଲେ ଅନ୍ଦର-ମହଲେ,
ଖର୍ବ ଅଭିଳାଷେ ହୀନ ମନୋବୃତ୍ତି ଧରି !
ଜାଣିବେ କେସନେ ସେହୁ ? ଅନୁମାନ କାହିଁ ?
ରମଣୀ କଲ୍ୟାଣ ପାଇଁ ଏ ଗୁରୁ ବେଦନା,
ପରାଣର ଅତନ୍ଦ୍ର ତବାସନା ଏ ମମ ?

ସାଧନାର ଗତି ବଡ଼ ମନ୍ଥର ଏ ଭବେ,
କଳ୍ପନା କୁଜ୍ଝଟୀପାରେ ସିଦ୍ଧିର ବିକାଶ ।
ନାରୀଜାତିଉଦ୍ଧାରଣେ ପାରନ୍ତୁ ହେ ଯେବେ,
ସିଦ୍ଧିର ସେ ଆପ୍ସୀସିତ ସୁଦୂର ବିକାଶେ
ଆଣିବାକୁ ଭବିଷ୍ୟତ ପ୍ରତିଲୋମେ ଏଥି

ମହା ସାଧନାର ଫଳେ, ନାହିଁ ମମ ଭୟ,
ଜୀବନ ଅରପିବାକୁ ଏହି ମହା-ଯଜ୍ଞେ ।
ସ୍ଥିର-ଲକ୍ଷ୍ୟ-ଦଧିଚିର ଆତ୍ମଦାନୁ ବଳି
ଦଅନ୍ତି ମୁଁ ଆତ୍ମବଳ; ଟଳନ୍ତି ଅଟଳେ
ଗିରିଶିଖୁଁ ଡେଇଁ ହେଲେ, ପଶନ୍ତି ସାଗରେ

ବିକଟ-ବଡ଼ବା-ମୁଖେ, ଦାବାନଳ-ଶିଖା
ନଦାଘ-ଚନ୍ଦନ-ସୁଖେ କରନ୍ତି ଆଦର ।
ଜାଣନ୍ତି ହେ ଯେବେ, ଏଥି ଅରପି ଜୀବନ
ସାହସିକ ଆତ୍ମଦାନେ, କରିବି ସାଧନ
ପରାଣ-ତୋଷର ମମ ଭଗିନୀ-କୁଳର

ମହତ ଏ ସୁକଲ୍ୟାଣ, ମୁକ୍ତ-ସ୍ୱାଧୀନତା ।"
କହୁଁ ଏହିପରି ନାରୀ ନୁଆଁଇଲେ ମଥା,
ଢେଙ୍କିଲେ ଗୋପନେ କି ସେ ଲୋତକର ବିନ୍ଦୁ
ଉଦାରତା ମହିମାର ମହୀୟ-ଲକ୍ଷଣେ !
ଉଠିଲୁ ଉପରେ ତହୁଁ ଉପକଣ୍ଠ ତେଜି

---

୪୩୧ । ଛଦ୍ମରେ ବା ଅପ୍ରାକୃତ ଜୀବରେ ଯେ ଯେଉଁରୂପ ଧାରଣ କରେ, ତାକୁ ତାହାର ନାଟିକା କହନ୍ତି ।

୪୪୦ । ୟୁନାନୀ (ଇଉରୋପୀୟମାନେ) ବ୍ରାଜିଲ ପ୍ରଭୃତି ଦେଶରେ ଆଫ୍ରିକାର ନିଗ୍ରୋମାନଙ୍କୁ ଦାସରୂପେ ବିକ୍ରି କରି ଧନାର୍ଜ୍ଜନ କରୁଥିଲେ । ସେମାନେ ଏହି ଦାସମାନଙ୍କୁ ପଶୁଠାରୁ ହୀନ ବ୍ୟବହାର କରୁଥିଲେ । ପ୍ରାଚୀନ ରୋମ ପ୍ରଭୃତି ଦେଶରେ ମଧ୍ୟ ଏହି ଦାସତ୍ୱପ୍ରଥା ପ୍ରଚଳିତ ଥିଲା । ଦ୍ୱିତୀୟ ସର୍ଗର ୧୭୭ ଧାଡ଼ି ନୋଟ୍ ଦେଖ ।

୪୫୩ । ଦେବାସୁର ଯୁଦ୍ଧରେ ଦଧିଚି ମହର୍ଷିଙ୍କର ହାଡ଼ ଇନ୍ଦ୍ରଙ୍କ ବଜ୍ରରୂପେ ବ୍ୟବହୃତ ହେବା ଆବଶ୍ୟକ ହେବାରୁ ଦଧିଚି ପ୍ରାଣଦାନ କରି ଇନ୍ଦ୍ରଙ୍କର ପ୍ରାର୍ଥନା ପୂରଣ କରିଥିଲେ ।

ଝରଷ୍ଟୀନ-ଗିରିଦେହେ, ଗିରି-ନିର୍ଝରିଣୀ
ମୋହନ ପ୍ରପାତେ ଯହିଁ ପଡ଼ୁଥିଲା ଖସି,
ଗୁରୁନାଦେ ଉପଲିତ-ଶଇଳ-ବିଗ୍ରହେ
ଶତ-ଶିଳା-ଶିରେ ଚୂର୍ଣ୍ଣରଜତ-ସ୍ଫୁରଣେ,
ବିସ୍ତାରି ବିଶୀର୍ଣ୍ଣ ବପୁ ଶୀକରସଂଘାତେ,

ଇନ୍ଦ୍ରଚାପ ବର୍ଣ୍ଣଚ୍ଛଟା ବିକାଶି ବିଭବେ,
କମ୍ପାଇ ମୃଦୁଳେ କାନ୍ତ କିଶଳୟ ଦ୍ରୁମେ ।
ପ୍ରପାତ-ଖୋଦନେ ତଳେ ଗୁରୁଗିରି-ଦେହେ
ଜାନ୍ତବ-କଙ୍କାଳ-ସାର-ଶୁଭ୍ର-ଅସ୍ଥିରାଶି
ଦିଶୁଥିଲା, ମାନବର ସୃଷ୍ଟି-ପୂର୍ବ-ଯୁଗ

ପୁରାଣ-ଅଜ୍ଞାତ-ଲୁପ୍ତଜନ୍ତୁ-ପରିବାର
ଲକ୍ଷି ତହିଁ, ବରଯୋଷା ଭାଷିଲେ ଉଦନ୍ତ,
"ଏ ଯୁଗ ମାନବ ତୁଲେ ତୁଳନାରେ ଯଥା
ପ୍ରାଚୀନ ଏ ଅସ୍ଥିରାଶି, ଆମ୍ଭେ ସେହିପରି
ଭବିଷ୍ୟରମଣୀ-ନେତ୍ରେ, ତୁଳନାରେ ତହିଁ ।

ସର୍ଜନାର କ୍ରମୋନ୍ନତି ଏହି ତ ଜଗତେ ?"
କହିଲି ମୁଁ, "କି ସାହସେ କହିବା ଏସନେ ?
ବ୍ରହ୍ମାଣ୍ଡ-ବିଧାତା ସତେ ନରଶିଳ୍ପୀସମ,
ଅଭ୍ୟାସର ବଳେ ଶିଖି ଦିନୁ ଦିନ ଶିଳ୍ପ,
ସାଧନ୍ତି ଏ ଜଗତର ଉନ୍ନତି-ସମ୍ପଦ !"

ଉତ୍ତରିଲେ ହେମାମଣି, "ମନ୍ଦ ନୁହେ କଥା,
ଦର୍ଶନର ଆଲୋଚନେ ଅଛି ମତି ତବ ।
ଦିଅ ମନ ତହିଁ ତେବେ, ଅରଜିବ ଏଥି
ପୁରସ୍କାର ଦର୍ଶନର, ଗୁରୁଅଳଙ୍କାର,
ବିଚିତ୍ର ସେ ହେମ-ହାର, କଉସ୍ତୁଭନିନ୍ଦ

ନାୟକ ସେ ହାରେ ଗୁରୁ ମାରଗ-ଖଚିତ,
ଶାଣିତ-ମାରଗ-ପଟ୍ଟ, ଦର୍ପଣ-ସଦନେ,
ତଳେ ତାର, ସୁବର୍ଣ୍ଣର ଶିଳ୍ପ-ବିରଚନେ
ଦ୍ୟୋତିମାର ରୂପ ଲେଖା, ଆଗୁମ୍ଫି-ଗରବେ,
ପାଶେ ତହିଁ ଶିଳ୍ପୀବର ସୁଗୁରୁଖୋଦନେ

ଶିଷ୍ୟରୂପେ ଦାର୍ଶନିକ, ଆଦ୍ୟଯୁଗେ ଯେହୁ
ପିଇଥିଲେ ନିଜେ ବିଷ, ଲଭି ପ୍ରାଣ ଦଣ୍ଡ,
ଗ୍ରୀସ ସେ ଆଦେଶ ପାଳି ଶାନ୍ତି-ଅନୁଦ୍‌ବେଗେ ।
କଳ୍ପନା ଅମ୍ଭର ଏହୁ, ଶିଳ୍ପୀର ଖୋଦନେ
ଜୀବନର ଜାଗରଣେ ରାଜଇ ରୁଚିର ।

ଜଡ଼ିତ ଦ୍ୟୋତିମା ତହିଁ ଦର୍ଶନର ତତ୍ତ୍ୱେ ।
ଶିଷ୍ୟ ତହିଁ ବିଜଡ଼ିତ ସେ ତତ୍ତ୍ୱ-ଗ୍ରହଣେ ।
ଅରଜ ଏ ପୁରସ୍କାର । ଏକା ବିଦ୍ୟା ଯେଣି
ସରବେ ନୁହନ୍ତି ବଡ଼ । ବିଦ୍ୟାର ବିଭାଗେ
ଯାହାର ଯେମନ୍ତ ରୁଚି, ବିଭିନ୍ନ ସରବେ ।

---

୪୬୬ । ଝରଷ୍ଟୀନ = ଚେଷ୍ଟର ।

୪୯୧—ନାୟକ = ହାରମଧ୍ୟରେ ଥିବା ପଦକ । ମାରଗ = ସାଗୁଆ ମଣିବିଶେଷ ।

୪୯୬-୯୮ । ପ୍ରାଚୀନ ଗ୍ରୀସର ଆଦି ଦାର୍ଶନିକବର ସକ୍ରେଟିସ୍ ଦ୍ୟୋତିମା (ଡାଇଓଟିମା) ନାମକ ଯାଜକପତ୍ନୀଙ୍କଠାରୁ ଦର୍ଶନତତ୍ତ୍ୱ ଶିକ୍ଷା କରିଥିବାର ପ୍ରବାଦ ଅଛି । ପରେ ସେହି ସକ୍ରେଟିସ୍ ଧର୍ମଦ୍ରୋହୀ ବୋଲି ପ୍ରାଣଦଣ୍ଡରେ ଦଣ୍ଡିତ ହୋଇଥିଲେ । ସେତେବେଳେ ପ୍ରାଣଦଣ୍ଡରେ ବିଷପାନ କରାଇବାର ବ୍ୟବସ୍ଥା ଥିଲା । ସକ୍ରେଟିସ୍ ନିଜେ ସେ ବିଷ ଆନନ୍ଦରେ ପାନକରି ରାଜ୍ୟର ଆଦେଶ ପାଳନ କରିଥିଲେ ।

କହିଲି, ମୁଁ, "ଏ ବିଶ୍ୱରେ ଶବଚ୍ଛେଦଜାତ,
ରହିଁ ତତ୍ତ୍ୱ-ଗବେଷଣା ନାହିଁ ତ ଏ ଭୂମେ ?"
ଉତ୍ତରିଲେ ବାମା ତହୁଁ, "କହିଲେ ଯଥାର୍ଥ,
ଭାବିଥିଲୁ ସେ ପ୍ରସଂଗ, ନାହିଁ ରୁଚି ତହିଁ ।
ବାସ୍ତବରେ ଦେଖ ଯଦି, ଅରୁଚି ବିକାରେ

ବିଚଳିତ ହୁଏ ମନ; କି ଲାଭ ତହିଁରେ ?
ରାକ୍ଷସ ସେ ନର-ଜାତି, ଜୀବନ୍ତ-କୁକୁରେ
କାଟନ୍ତି କୁଶଳେ ହସି ବ୍ୟବଚ୍ଛେଦ-ପଟେ ।
ମରଣ ପ୍ରାକ୍‌କାଳେ ପୁଣି ସେହି କୁକୁରକୁ
ଖୁଆନ୍ତି ଆରାମେ ବସି, କଉତୁକ ବହି,

ନର-ଶବ-ଛେଦ ଲବ୍ଧ-ପିଶିତ-ଶକଳ ।
କାଟନ୍ତି କୁଶଳେ ପୁଣି ରହସ୍ୟ-ଜଡ଼ିତ-
ମାନବ-ହୃଦୟ-ପିଣ୍ଡ; ଶରୀର-ଜଗତେ
ଉଦାରତା ମହିମାର ସେ ଅମୃତ-ଖଣି;
ଦୈବତ-ବିଭବ ନରେ, ପୂତ, ସୁମହତ;

ଲୁଅନ୍ତି ସେ ସେ ବିଭବେ ବିଭତ୍ସ-ଗରବେ
ମହାଘୋର-ପର୍ଯ୍ୟୁଷିତ-ପୁରାଣ-ପିଶିତ
କ୍ଳିନ୍ନକରେ, କି ବିକଟଧର୍ମୀ କୁତୂହଳେ ।
ଜ୍ଞାନର ବିକଟକ୍ରୀଡ଼ା ଅନୁକରି ତହିଁ,
ଉଦ୍ଧାର ମାନବ ପ୍ରାଣ ପକାଇ କଳୁଟେ,

ଶ୍ୱାପଦ-ସୁଲଭ-ଘାତେ ହୁଅନ୍ତି ଜଡ଼ିତ ।
ରମଣୀଏ କରିବେ ହେ କି ଲାଭର ଆଶେ
ଅନୁକୃତି ନରର ସେ ବିଭତ୍ସ-ବିଧାନେ ?
କିନ୍ତୁ ଜ୍ଞାନ, ଜ୍ଞାନ ସଦା; ବିଦ୍ୟାର ମହତ୍ତ୍ୱେ
ଶରୀରର ତତ୍ତ୍ୱ କେବେ ନୁହେ ଏଡ଼ିବାର;

ରୋଗର ନିଦାନ, ପୁଣି ଚିକିତ୍ସାର ବିଧି,
ଶିକ୍ଷିବେ ନାରୀଏ । ଜାଣି, ଏ ତତ୍ତ୍ୱ ପଣ୍ଡିଲେ,—
ନର ବିନା ଶିଖିବାର ବାସନାରେ ପୁଣି—
ଆଗହୁଁ ଶିଖିଛୁ ଅମ୍ଭେ ଆପଣେ ଆୟାସେ ।
ଅତନ୍ଦ୍ରିତ-ବହୁମାସ ମନ୍ଥର-ଚଳନେ

ଯାଇଛି ଜୀବନେ ମମ; ଶିଖିଛୁ ଚିକିତ୍ସା ।
ରୁଗ୍‌ଣ କେବେ ହୁଅ ଯେବେ, କରିବୁ ଆପଣେ
ଚିକିତ୍ସାର ପରିପାଟୀ, ପଥ୍ୟର ଯତନ ।
ଥାଉ ଏବେ ସେ ସମ୍ବାଦ, ପ୍ରଶ୍ନ ସେ ତୁମ୍ଭର:

'ଶିଳ୍ପ-ଶିଳ୍ପୀ-ଦ୍ୱନ୍ଦ ଏହି ଜଗତ-ସୃଜନେ,'
କି ହେଲା ସେ କଥା ? 'ଯାଉ ବିକାଶି ଆଲୋକ,'
ବିସ୍ତରିଲେ ବ୍ରହ୍ମଜ୍ୟୋତି; ଭାତିଲା ବିଭବେ
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ଆକାଶ, ଅବନୀ,
ଅନଳ, ଅନିଳ, ଜଳ, ବିଶ୍ୱବିଦ୍ୟୋତନେ ।

ଆଗ କିଏ, କିଏ ପଛେ, ନାହିଁ ସେ ବିଚାର ।
ବ୍ରହ୍ମଜ୍ୟୋତି-ବିରଚନେ ଅତୀତ, ଭବିଷ୍ୟ,
ବର୍ତ୍ତମାନ ଭେଦ ନାହିଁ; ସବୁ ବର୍ତ୍ତମାନ ।
ଆଲୋକର ଉଦ୍‌ଗୀରଣେ ଏକାବେଳେ ସବୁ
ଭାତିଲା ନିଖିଳ ସର୍ଗ ମହା ମହିମାରେ ।

କାଳର ବିଚାର ନାହିଁ ସର୍ଜନ-ବିଧାନେ ।
ନିତ୍ୟବର୍ତ୍ତମାନ ବିଭୁ ଧରନ୍ତି ଜଗତ ।
ପୂର୍ଣ୍ଣ ନୁହେ ଏ ମାନବ, ବୁଝଇ ଅନନ୍ତ,
ମହାକାଳପାରାବାରେ ଘଟନାର ବିଚି
ଆଗେ ପଛେ ଗଣୁଅଛି, କ୍ଷୁଦ୍ର ନରଶିଶୁ,

ଅନନ୍ତର ଜ୍ଞାନ ନାହିଁ, ପୂର୍ଣ୍ଣର ବିକାଶ
ବୁଝିବ ସେ କାହୁଁ କେବେ ? କରମ କରମେ,
ଘଟନାରୁ ଘଟନାରେ ମାପୁଅଛି କାଳ;
ଚିନ୍ତାରୁ ଚିନ୍ତାରେ ଗତି ଜୀବନେ ତାହାର ।
ଅନନ୍ତ-ବିଭବେ ଯାହା ଗୋଟିଏ ଘଟନା,

୫୧୭ । ପିଶିତ = ମାଂସ; ଶକଳ = ଖଣ୍ଡ ।

ଇଂଦ୍ରଜାଲ ମାୟାପର ଦେଖଇ ସେ ତହିଁ,
ବିଘଟିତ-ସମୟର ମାୟା-କୁହେଳରେ
ଘଟନାର ପରଂପରା, ସମୟର ଗତି ।
ସାଂତ-ମାନବର ସେହି ଦୁର୍ବଳ କଳ୍ପନା,
ବଲ୍ମୀକର ଇଂଦ୍ରଧନୁ ସମ, ଏହି ଭବେ

ବିରଚଇ ପ୍ରହେଳିକା; କାଳ ନାମେ ଯାହା
ଘଟନାର ପରିମାଣ କରେ ଏ ଜଗତେ ।
କି ସ୍ୱର୍ଗ ଅଂତର ଏଥି ? ଏହି ମାନଦଂଡେ,
ଅବାସ୍ତବ ଏହି ଛାୟା କରି ଅବଲଂବ,
କରିବାକୁ ହେବ ଏଥି ମଂହର ସାଧନ ।

ଅପୂର୍ଣ୍ଣ ରମଣୀକୁଳ; ସାଧନାର ବଳେ
ପୂର୍ଣ୍ଣ ହେବେ କାଳେ, ଏହି କାଳ-ମାନ-ଦଂଡେ ।”
ବିସ୍ମାରିତ-ବିଦ୍ୟୋତିତ-ନୟନ-ବିତାନେ
କହିଲେ ସେ ବାଳାମଣି ଏ ଗୁରୁ ଦର୍ଶନ ।
ଯୋଜନ-ଅଂତରେ ତହୁଁ ସ୍ୱର୍ଣ୍ଣ-ଦାରୁ-ସେତୁ

ଲଂଘି, ହେଲୁ ଆସି, ରମ୍ୟ-ସୁମନ ମଂଡିତ—
ଗିରି-ସାନୁ-ଉପକଂଠେ । ସର୍ବ ଶୋଭାରାଶି
ପୁଂଜୀଭୂତ କିବା ତହିଁ ! ହେଲା ମୁଁ ବିହ୍ୱଳ;
ଅର୍ଦ୍ଧ-ବିସ୍ମରଣେ ଗଲା ଛନ୍ଦ-ଗ୍ରନ୍ଥି ଭୁଲି;
କହିଲି, "ମଧୁର କିବା ରହିବାର ଏଥି

ଚାହାନ୍ତୁଲେ, ପ୍ରେମେ ଯେତୁ ବିକଶୁ ପରାଣ !”
ସେ ବର-ଯୁବତୀ ତହୁଁ କହିଲେ ଉତ୍ତରେ,
"ତାହା, କିଂବା ସୁମହତ-ବିଜ୍ଞାନ-ବିଭବେ,
ବୁଦ୍ଧିର ବିକାଶ ଯହିଁ ।—ରମ୍ୟ ଏହୁ ଭୂମି
ଦେବେଂଦ୍ର-ସଂପଦ ଜିଣି ନଂଦନ-କାନନ;

ଅମୃତ-ଭୋଜନେ ଯହିଁ ପୁରାଣ-ପୁରୁଷେ
ଧର୍ମବଳେ ବୁଲୁଥିଲେ ଦେବ-ଲୋକମେଳେ;
ପାରିଜାତପୁଷ୍ପ-ବାସ ଉଠି ଯେ କାନନୁ
ଭୃଂଗ-ଦେବ-ହର୍ମ୍ୟରାଜି କରେ ଆମୋଦିତ ।”
ପୁଷ୍କର-ବିଭବେ ତହୁଁ ବୁଲାଇ ବଦନ,

ଆଦେଶିଲେ କାଂତସ୍ୱରେ ପରିବାସୀ-ଜନେ,
"ଏହି ଗିରିତଳେ ଏଥି ପକାଅ ଶିବିର ।
ମଣୋହି-ବିଧାନ ରଖ ସୁପରିବେଶଣେ ।”
ଆଦେଶ-ଶ୍ରବଣେ ତହିଁ ପରିବାସୀ-ଜନେ
ଉଠାଇଲେ ସ୍କଂଧାବାର;ଚିକ୍କଣ-କୌଷେୟ,

ଶୁଭ୍ର-ତିରଷ୍ଟୀନ-ତୂଳେ, ଉନ୍ନତଗରବେ,
କାନନ-ପ୍ରାଂଗଣ-ଦେଶେ, ଶୋଭିଲା ଉଦାର ।
ସୂଚୀ-ବିରଚନେ ତହିଁ କାଂଚନ-ବିଭାସେ,
ଆଟୋପେ ଖଚିତ ସେହି କରୁଣା-ବିଜୟ,
ସେ ରୂପସୀ, ବିଜୟିନୀ, ମୈତ୍ରେୟୀ-ଗରବେ,

ଖାଦ୍ୟ-କୁସୁମିତ-ମୁଖବାମାଦଳ-ମେଳେ
ବସିଛଂତି ବିଜୟର ଉନ୍ନତ-ଲଲାଟେ ।
ବାମାଜିତ ଶୃଙ୍ଖଳ ସେ କବି-କୁଳ-ମଣି,
ନୟୁତ-ସଂଗୀତ-ତାନେ ମୋହିଲେ ଯେ ମହୀ,
ମଳିନ-ବଦନେ ପାଶେ ରୁଚିର-ଚିକଣେ,

ଯେନ ଲଜ୍ଜାନତ-ମୁଖ-ପୁରୁଷ-ସମାଜ ।
ଚଢ଼ିଲୁଁ ସରବେ ଗିରି ଏହି ଅବସରେ ।
ଆରୋହଣେ ମତିଦେଖି ତୁଲେ ଚିତ୍ରଧ୍ୱଜ,
ମଧୁମତୀ ପାରିଜାତ ଗୁଳଲେ ସଂଗତେ,
ଆରୋହ-ସଂଗିନୀ ମମ ଜେମା ପ୍ରଣୟିନୀ ।

୫୭୫ । ବାଲ୍ମୀକ ଅର୍ଥାତ୍ ହୁଇହୁଂକାରୁ ଇଂଦ୍ରଧନୁ ବାହାରେ ବୋଲି ଜାନପଦ ଲୋକଂକ ମଧ୍ୟରେ ପ୍ରବାଦ ଅଛି ।

୫୯୯ । କରୁଣା ନାମକ ଗ୍ରୀକ୍ ରମଣୀ ଖ୍ରୀଷ୍ଟ କବିକୁଳମଣି ପିଣ୍ଡାରଂକୁ ସଂଗୀତ ବିଦ୍ୟାରେ ପାଂଚଥର ପରାସ୍ତ କରିଥିଲେ ।

ଲଳିତ-ଲଳନାବଳୀ-କମ୍ର-କର-ଶୋଭା,
ଧ୍ୱାଂତ-ଶବଳିତଘୋର-ତପନକୁ ନିଂଦି,
ଭାତିଲା ସେ ବନଭୂମେ । ଅଂଧାରିତ-ଗିରି
ଝଙ୍କୃତ ହେଲା ସ୍ୱର୍ଣ୍ଣ-ଅରୁଣ-ଚରଣେ ।
ଫେରିଲେ, ସରବେ ତହୁଁ, ଭ୍ରମି କଉତୁକେ

ତନୁ-ସାନୁ-ଶିଳା କେତେ; ପୁନ୍ନାଗ-ବକୁଳ
ରସାଳ-ତମାଳ-ତଳେ ଗୁଳ୍ମରାଜି ଭେଦି
ଆସିଲେ, ମାଣ୍ଡିଲେ, କେତେ ବିଦ୍ୟାର ଗରବେ,
ଭୂମିସ୍ତର-ପରୀକ୍ଷାରେ ଶିଳା-ଆବେକ୍ଷଣେ,
ଶିଳା-ଚର୍ବଣର ଛଂଦେ ଉଚାରିଲେ କେତେ

ଭୂବିଦ୍ୟାର ପରୀକ୍ଷା-କଠୋର-ଭାରତୀ ।
ଅବଶେଷେ ଦିନମଣି ପ୍ରତୀଚୀର ମୂଳେ
ପ୍ରସାରି ମରଣେ ବାହୁ, ଖସିଲେ ପାତାଳେ,
ଅରୁଣିତ-ସାନୁ-ଚୂଡ଼ା କାନନ-ପ୍ରାଂତରେ,
ବିରାଜିଲା ସ୍ୱର୍ଣ୍ଣ-ଶିଖେ ଶ୍ୟାମ-ଉପକଂଠେ ।

## ଗୀତ

ବୁଡ଼ିଯାଏ ରବି ପଶ୍ଚିମ ଗଗନେ
ଗଢ଼ି ପାଚୀରରେ କିରଣମାଳା ।
ପୁରାଣ-ବିଭବ ସମର କାହାଣୀ
ଦେଜ, ଗିରିଚଳ କନକେ ବୋଳା ।
ମୃଦୁଳ ପବନେ ଥରି ଥରି ଥରେ,
ଡାହାଣିଆ ଖରା ସରସୀ-ଜଳେ ।
ମୋହନ ପ୍ରପାତେ ବହେ ଗିରିନଦୀ,
କନକ କିରଣେ ପ୍ରପାତ ଝଳେ ।
ବାଜ ଉଠ ଭେରୀ, ବାଜରେ ସଘନେ
ପ୍ରତିଧ୍ୱନି ଉଠୁ ବିଜନ ବନେ;
ସେ ଭେରୀ-ନିନାଦ ପ୍ରତିଧ୍ୱନି ଛଳେ
ମିଶିଯାଉ ଗିରି ପୁଲକ ବନେ ।

ଡାହାଣିଆ ଖରା ତରଂଗରେ ମିଶି
ଡାହାଣି-ପଦାରୁ ଅସ୍ଫୁଟ ଗୀତି
ଦୂର ଗିରିଦରୀ କୋଳୁ ଭାସି ଆସେ
ଉପୁଜାଏ ଚିତ୍ତେ ମଧୁର ପ୍ରୀତି ।

ଶୁଣ ଶୁଣ ଦୂରେ, ସେ ମୋହନ ଗୀତ
ଦୂରୁ ଦୂରେ ଯାଏ ତରଂଗେ ଖେଳି ।
ଦୂରରୁ ସୁଦୂରେ ପ୍ରସରଇ ତାନ,
ମଧୁ ସମୀରଣେ କରଇ କେଳି ।

ବାଜ ଉଠେ ଭେରୀ, ଶୁଣ ହେ ସଜନେ,
ଶୁଭେ ପ୍ରତିଧ୍ୱନି ଅରୁଣ ବନେ,
ସେ ଭେରୀ-ନିନାଦ ପ୍ରତିଧ୍ୱନି ଛଳେ
ମିଶିଯାଏ ଗିରି ପୁଲକ ବନେ ।

ପ୍ରାଣ ମିଳଣିରେ, ଲଭଇ ଏ ଧ୍ୱନି
ସଂଧ୍ୟାର ଅରୁଣ ଗଗନ ପଟେ ।
ମିଶିଯାଏ କେତେ ସରସୀ ତରଂଗେ
ଗିରିଦରୀ ବନ ତଟିମା ତଟେ ।

ପରାଣେ ପରାଣେ ଧ୍ୱନି ପ୍ରତିଧ୍ୱନି
ପ୍ରେମର ତରଂଗେ ଅମର ତାନେ
ଅନଂତ ଜୀବନେ ବଢ଼େ ଦିନୁ ଦିନ,
ନ ଲଭଇ ଗିରି ପୁଲକ ବନେ ।
ବାଜ ଉଠ ଭେରୀ ବାଜରେ ସଘନେ
ପ୍ରତିଧ୍ୱନି ଉଠୁ ବିଜନ ବନେ,
ସେ ଭେରୀ-ନିନାଦ ପ୍ରତିଧ୍ୱନି ଛଳେ,
ମିଶିଯାଉ ଗିରି ପୁଲକ ବନେ ।

—୦—

୬୧୬ । ତନୁ = କ୍ଷୁଦ୍ର; ସାନୁ = ଗିରିଶୃଙ୍ଗ ।

## ଚତୁର୍ଥ ସର୍ଗ

ପ୍ରାଚୀ-ଗଗନେ ତାଳ ମୋହନ-ବଂକମେ
ସୂର୍ଯ୍ୟ-ମୁଖୀ-ମୁଖ ଜେମା, କହେ କଉତୁକେ,
କବି-ହାସେ ବିଜ୍ଞାନର ଗରବ-ରଭସେ,
"ଦୂରେ ଦେଖ ବୁଡ଼ିଯାଏ ଚକ୍ରବାଳ-ମୂଳେ,
କନକ-ତରଂଗ-ଖେଳେ, ମେଦୁର-ଜୀମୂତେ,

ରଂଜିତ-ବର୍ତ୍ତୁଳ, ଧରି ହାଟକର କାଂତି,
ପୁଂଜିଭୂତ-ଆହାରିକା, ଖେଚର-ଗୋଲକ;
ଆଲୋକ ବିକାଶି ଯାହା, ବିବସ୍ୱତ ନାମେ,
ରଖେ ଜ୍ୟୋତି-ଜାଗରଣେ ଦ୍ୟୁଲୋକ ମେଦିନୀ ।
ବିଶ୍ରମିବା ଅବସର ।" ଧୀରପଦେ ଚଳ୍ହୁଁ

ସୂଚୀ-ସାନ୍ଦ୍ର-ଭୃଂଗଚୂଡ଼ା, ବଲ୍ଲରୀ-ଜଟିଳ,
ଶୈଳ ଫେରାଇଲୁ ଗତି । ପରାଣ-ପୁଲକେ
ପ୍ରଦୋଷ-ଶ୍ୟାମଳ-ଛାୟା-ସ୍ନିଗ୍ଧ-ସୁମଧୁର
ମୋଦକେ ପୂରାଇ ମନ, ଟେକାଳି ଶରୀର
ସମୀର-ହିଲ୍ଲୋଳେ, ଯହିଁ ମଂଦ-ମରମରେ

ନିସର୍ଗ-ସୁରଭି ମଧୁ ପିଇଲୁ ପୁଲକେ ।
କେତେ ଗୁଲ୍ମ ଗୁଚ୍ଛ, କେତେ ବଲ୍ଲରୀ ବିଟପ
ଭେଦିଲୁ ସେ ଗିରି-ବନ-ଗୂଢ଼-ଅବରୋଧେ,
ବିଦ୍ରୁମ-ଚରଣେ ରଚି କାମିନୀ-ସରଣୀ,
ଶବଳିତ-କୁଂଜବନ ଉପଳିତ-ତଳେ,

ଦିବସ-ତାପିତ-ଶିଳା ପ୍ରଦୋଷ-ପରଶେ,
ବ୍ରତତୀ-ବିତାନ-ତଳେ ତାପ-ଅପଗମେ,
ସ୍ନିଗ୍ଧ-ସୁଖେ କରୁଥିଲା ପଦସେବା ତହିଁ ।
ସେ ମଧୁର ଅବରୋଧେ ଦୂରୁ ଗିରିପଦେ
ଅଂଧାଶ୍ରିତ-ଦରୀ-କୋଳେ ଗୂଢ଼ ସ୍କଂଧାବାର,

ବିକାଶି ଭିତରୁ କମ୍ର-କୌଷେୟ-ଗବାକ୍ଷେ
ରତ୍ନଦୀପେ ସଉଖୀନ-ସୁକୋମଳ-ଦ୍ୟୁତି,
ଦିଶିଲା, ବିଶଇ ଯଥା ପ୍ରାବୃଟେ ପ୍ରାଂତରେ
ନିଶି-ଆଗମନେ ଦୂରେ ଘନ ବଟତରୁ
ଖଦ୍ୟୋତ-ପଟଳ ଧରି ବିଶାଳ-ବିଗ୍ରହେ ।

ଲକ୍ଷି ତହିଁ ପଥ, ହେଲେ ମିଳିଲୁ ସରବେ ।
ଅବରୋଧେ ବସାରୋହା ପ୍ରଣୟିନୀ ମମ
ଆବର୍ଜିତ-ଅପଘନ-ବିଶ୍ରାଂତି-ଲଂବନେ
ଛୁଇଁଲେ ବାରେକ ମୋତେ । ବଢ଼ାଇଲେ ହାତ
ପଥେ ଥରେ ଥରେ କେବେ,
ଦେଖି ଶ୍ରାଂତ ମମ;

ଅଂଗେ ଅଂଗ-ପରଶର ସେ ମହା-ସଂପଦ
ଗ୍ରାବର କଂପନେ ଥରି ମରମେ ସଘନେ,
ଅଲକ୍ଷ୍ୟ-ସ୍ପଂଦନେ ଛୁଇଁ ହୃଦ ଦିବ୍ୟରସେ,
ଆବେଗର ଭାବାବେଶେ ଭରିଲା ପରାଣ ।
କ୍ଷଣେ କ୍ଷଣେ ନବଭାବେ ହେଲି ଆତ୍ମହରା ।

ଉପକଂଠେ ଦରୀ-କୋଳେ କୌଷେୟ-ମଂଡପେ
ପଶି ବିଶ୍ରମିଲୁ ଶେଷେ; ଅର୍ଦ୍ଧ-ନିମଜ୍ଜନେ
ରଖି ଶ୍ରାଂତ ଅପଘନ ତୂଳିକା-ରଚିତ
ସମୁନ୍ନତ-ଦୁଗ୍ଧଫେନ-କୋମଳ-ତଳପେ ।
ମୁକୁର-ସ୍ଫଟିକ-ଶୋଭି-ଶଙ୍କଣି-ବସନ

୭ । ଦ୍ୱିତୀୟ ସର୍ଗ ୧୫୪-'୬୨ ଧାଡ଼ି-ଟୀକା ଦେଖ ।
୧୯ । ବିଦ୍ରୁମ = ପୋହଳା (କ୍ଳେହୃତ) ।
୨୨ । କୌଷେୟ = ରେଶମ (ପାଟ) ।

ରତ୍ନଫଳ-ସ୍ୱର୍ଣ୍ଣଲତା-ରୁଚିର-ଶିଞ୍ଜଣେ
ମଂଡ଼ିଥିଲା ସେ ଚଳପ-ଉପାଂତ-ପ୍ରସର ।
ପଡ଼ ସେ ତଳପେ ଅର୍ଦ୍ଧଶୟନ-ବିଳାସେ,
ଦେଖିଲି ପୁରତେ ରମ୍ୟ କୃତ୍ରିମ ସେ ପୁରେ,
ଜାଂବୁନଦ-ଦୀପ-ସ୍ତଂଭେ କନକ-ପ୍ରଦୀପେ,

ସୁରଭି ଆଲୋକ ବ୍ୟାପି, ଉଜଳେ ଭବନ;
ଝଳି ସେ ଆଲୋକେ ଦିଶେ, ହୀରକ-ଖଚିତ
ହେମପାତ୍ରେ ସୁସଜ୍ଜିତ ମୁଣୋହ୍ମି ପାରଣା;
ସ୍ଫାଟିକ-ବିଭାସେ କେତେ ପକ୍ୱ ଫଳରାଜି,
ମନୋଜ୍ଞ-କୁସୁମ-ଦାମେ, ସୁମନ-ସ୍ତବକେ,

ହସଇ ମୋହନତର । ସୁବାସ ପାନୀୟ,
ଚର୍ବ୍ୟ, ଚୂଷ୍ୟ, ଲେହ୍ୟ କେତେ ଦେଶବିଦେଶର ।
ଆରବ-ଖର୍ଜୁରଫଳ; କାଶ୍ମୀର ମେୱା
ରାଜଭୋଜ୍ୟ ଜାପାନର ଖୁବ୍ରୁ-ଚିନାପାତ୍ରେ;
ବାଦାମା-ପ୍ରଥୁକ-ରଂଭା, ବିହାର-ରସାଳ,
ସୁରଂଗୀ-ସିଲେଟ-ଜାତ-ପକ୍ୱ-ନାଗରଂଗ,
ଦେବଭୋଗ-ମୁଖବାସ ଲବଂଗ-ସୁମନ;
କର୍ଣ୍ଣାଟ-ମରିଚ-ପୂଗ; କନ୍ୟକାର ଏଳା,
ସିଂହଳର ଜାତିଫଳ; ଉତ୍କଳ-ତାଂବୁଳ,
ଭଣି ନାନା-ଜାତି-ଫଳ-ଭୋଜ୍ୟ ମୁଖବାସେ ।

ବସିଲିଁ ମୁଣୋହ୍ମି-ଠାବେ । ଭାଷିଲେ ସେ ବିଜମା,
"ଗାଅ କେହ୍ନି ସଂଗୀତ ହେ, କିନ୍ନର-ବିଳାସେ
ଯାଉ କାଳ ସୁଖେ ବହି ।" ରମଣୀଏ ତହୁଁ
ଗାଇଲା ସରାଗେ ଧରି ମୋହନ-ବିପଂଚୀ,
ନିବେଶି ଅଂଗୁଳି ତହିଁ କୁଶଳ ପରଶେ ।

କିଏ କହିବ ଗୋ ?
ମରମ-ବାସନା ଜାଣି,
କେଉଁ ଦେଶୁ କପାଁ ମାନବ ଅଂତରେ
ଉଠଇ କରୁଣ-ବାଣୀ ?
କି ଘୋର-ନିବେଦେ ଝୁରଇ ପରାଣ,
ବିଭିତ ଯାଉଛି କାଳ ?
ଅନାଇ ପଛକୁ, କି ବାସନା ଘେନି,
ଝରଇ ଲୋତକ-ଧାର ?
ଅରୁଣେ ଯେସନେ ବଂଧୁ-ମିତ ସନେ
ଆସଇ ବୋଇତ ଦୂରେ,

ସେହ୍ନି ସେ ବୋଇତ ଘେନି ବଂଧୁ ମିତ,
ଯାଏ ବାରୁଣୀର ପାଟରେ ।
ସେ ଉଲ୍ଲାସ-ଲେଖା ସେ ବିଷାଦ-ମସୀ
ଚିତ୍ରପଟେ ରହେ ଲାଗି,
ଶାଂତ ତେସନା, ତେସନ ମଳିନ,
ପରାଣେ ଅଙ୍କିତ ଜାଗି ।
ମଧୁ ସମୀରଣେ ମୁମୂର୍ଷୁ ଶ୍ରବଣେ
ବାଜଯାଏ କୁହୁତାନ ।
ନିରାଶ-ଲୋଚନେ ଗୁହୁଁ ଗୁହୁଁ ଦିଶେ
ଜଳଜଳ ବାତାୟନ ।

ନିରାଶାର ସେହ୍ନି ମୋହନ-ବିଷାଦେ
ନୀରସ-ଜ୍ୟୋତି ବିକାଶି,
ବିରହ-ବିଭାସେ ଉଠଇ ଅଙ୍କିତ
ସ୍ମୃତି ନଭେ ପରକାଶି ।

---

୪୭ । ଉପାଂତ ପ୍ରସର = ଝାଲର; ଝାଲରରେ ସୁନାର ଲତା ରତ୍ନର ଫଳ ତିଆରି ହୋଇଥିଲା ।
୫୦ । ଜାଂବୁନଦ = ସୁନା ଦୀପସ୍ତଂଭ = ରୁଖା ।
୫୫ । ରାଜା ବଡ଼ଲୋକମାନଂକର ଖାଦ୍ୟସାମଗ୍ରୀ ବଢ଼ା ହେଲାବେଳେ ଫୁଲମାଳ,ଫୁଲତୋଡ଼ା ଥୁଆ ହୋଇଥାଏ ।
୫୮ । ମେୱା = ମେଓ୍ୱା; ଆଡ, ଅଂଗୁର ପ୍ରଭୃତି ।
୬୩ । କନ୍ୟକା = କୁମାରିକା ଅଂତରୀପ । ୬୯ । ବିପଂଚୀ = ବୀଣା ।

ପରାଣ ଦୋସର ମୃତ-ଦୟିତାର
ଚୁମ୍ବନ ମଧୁର ରସ,
ଅନୁମାନ-ବଳେ ପ୍ରଣୟୀ ବିକଳେ
ଯେସନ ମୁଖେ ପୀୟୁଷ ।
ପ୍ରେମିକର ସେହ୍ନ ଗଭୀର-ସ୍ମରଣ
ବିଷାଦ-ସ୍ୱପନ ସମ
ଜୀବନ-ମରଣ-ସମାନ ଏ-ଭବେ
ବିତିଗଲା ଦିନମାନ ।

ବିରମିଲେ ବରବାମା, ସ୍ୱବର ଉଚ୍ଛ୍ୱାସ
ଖେଳିଗଲା ଶାଳୀ-ଶସ୍ୟ-ତରଙ୍ଗ-ବିତାନେ,
ବିଷାଦ-ସଂଗୀତେ ବାଳା ହେଲେ ଆତ୍ମହରା,
ମୋହନ ସେ ତନ୍ଦ୍ରୀ-ଲୟେ ତେଜିଲେ ଆପଣେ

ଅଲକ୍ଷିତ-ନେତ୍ର-ବିନ୍ଦୁ । ନ ମାନି ବାରଣ,
ପଡ଼ିଲା ସେ ସିତାଂଚଳେ, ଲଳନା-ଉରସେ ।
ଜୁଗୁପ୍ସା-ପରୁଷ-ଧ୍ୱାନେ କେମାମଣି ତହୁଁ
ଭାଷିଲେ ଭାରତୀ ରୁଷ୍ଟ, "ମରଣ-ମନ୍ଦିରେ,
ବିଧ୍ୱଂସିତ-କାଳେ-ଗତ-ଅତୀତ ଗରଭେ,

ବିତିଗଲା-ଦିନେ, ଯେବେ ଏସନ ରାକ୍ଷସ,
ଭୀଷଣ ଏ ଭୂତ-ଯୋନି ! ଶ୍ରବଣେ ଯାହାର
ମୋହନ-ରହସ୍ୟମୟ-ଗହନ-ଭାରତୀ
ହେବେ ଜନେ ଆତ୍ମହରା, ବିଷାଦେ ମଳିନ,
ଭରି କର୍ଣ୍ଣେ ଭୂଳକାର ଆବରଣ ଦୃଢ଼,

ପିବା ପିନା ବିଧି ତହିଁ ! ଏଡ଼ିବାକୁ ହେଲେ
ମାରାତ୍ମକ ସେ ଭାରତୀ । କିନ୍ତୁ ଗୋ ବାଳିକେ,
ବିଳାସେ ବଢ଼ିଛି ତବ ଅଳସ-ବୃତୁସା
ମୋହନ ଏ ଗୀତରସେ, ଅତୀତ-ସ୍ମରଣେ ।
ବିଷାଦ ଗୋ ନୁହେ ବିଧି ଗତ-ଉଦ୍‌ବୋଧନେ

ଅତୀତ-ଗରଭେ ସ୍ମରି କଳ୍ପିତ-ସୁଯୋଗ,
ପ୍ରପାତେ ନାବିକ ଯଥା ଡ଼ରେ ନଦୀ-ପଙ୍କେ
ସୁମରେ ବିଅର୍ଥେ ରମ୍ୟ-ବିଳାସ-ଭବନ,
ଜାଣି ଅସମ୍ଭବ ତହିଁ ଗତି ପ୍ରତିଲୋମେ ।
ଦୃଢ଼ କର ଚଖି ସଦା, ଯାଏ ସ୍ରୋତ ବହି,

ଏକେ ଏକେ ସବଜନେ ଯାଆନ୍ତି ଗୋ ଭାସି,
ଯେ ଯାହା ନିର୍ଦ୍ଦେଶେ ଭବେ, ହିମାଳୟ-ଭୂମେ
ତୁହିନ-ପର୍ବତ-ବାହି ତଟିନୀ-ଗରଭେ
ଭାସିଯାଏ ଯେସନ୍ତେ ଗୁରୁ-ତୁହିନ-ଶକଳ,
ସାମ୍ରାଜ୍ୟ-ମୁକୁଟ-ଧାରି ଶତ-ଶତ-ଖରେ

ଯାଆନ୍ତି ସେ ସ୍ରୋତେ ଭାସି, ପଡ଼ି ଅଲକ୍ଷିତେ
ଉପକଣ୍ଠ-ସମଭୂମି-ଉଷର-ଉରସେ
ତରଳ ଉତ୍ତାପେ କାହିଁ ଯାଆନ୍ତି ସେ ଉଡ଼ି,
ଜୀମୂତର ବାଷ୍ପ-ରୂପେ ଅନନ୍ତ-ଗଗନେ ?
ସରବେ ଜଗତେ ନିଜ ନିଜ ବେଳ-କାଳେ,

କୃତ୍ୟ-ସମାପନେ, ନିଜ ଲକ୍ଷ୍ୟ ଅନୁସରି,
ଯାଆନ୍ତି ସେ ନିତ୍ୟଭୂମେ, ନାହିଁ ଯହିଁ କିଛି
ବଳ-ଦର୍ପ-ଅଧିକାର ସମ୍ପଦ-ଗରବ ।
କାଳସ୍ରୋତ ଗତିର ଏ ନିଠୁର-ନିୟମେ
କି ଲାଭ ପଛକୁ ଚାହିଁ, ନୀରସ ଅତୀତେ ?

ହେଉ ପଛେ ସ୍ୱର୍ଣ୍ଣ-ଯୁଗ ସତ୍ୟକାଳ ତାହା,
ଅତୀତ, ଅତୀତ ସଦା, କି ଫଳ ଚାହିଁରେ ?
ଭାଳି ଭାଳି କି ହେବ ହେ ସେ ମଥୁରା-ପିରୀ,
ସ୍ୱର୍ଣ୍ଣମୟୀ ଲଙ୍କାପୁରୀ, ରଘୁ-ଗରବିଣୀ
ସେ ଅଯୋଧ୍ୟା, ସରଯୂର ବିମଳ ମୁକୁରେ

---

୮୮ । ଶାଲୀଶସ୍ୟ = ଧାନ ପ୍ରଭୃତି ଶସ୍ୟର ଶ୍ରେଷ୍ଠଗଚ୍ଛ ।
୯୩ । ଜୁଗୁପ୍ସାପରୁଷଧ୍ୱାନେ = ଘୃଣାବ୍ୟଞ୍ଜକ କର୍କଶ ସ୍ୱରରେ ।

ପ୍ରତିବିଂବେ ନାଚୁଥିଲା ଗରବେ ଯେ ପୁଣି ।
ଗଂଗବଂଶ-କୀରତିର ମୁକ୍ତ ଦିବାକର,
ଦିବାକର ପୁର, ସିଂଧୁ ସୈକତ-ପୁଳିନେ,
କାଳର ଶାସନେ ଯାର ବିଶାଳ-ତୋରଣେ
ମୋହନ-ମୁଗୁନି-ଶିଳା ଜୀବଂତ-ଖୋଦନ,

ସୁକୃତର ସ୍ତୂପ,ପସନ୍ନ ଦାୟାଦ-କୁକର୍ମେ,
ବିଘଟିତ-ଶିଳାରାଶି । ଊର୍ଦ୍ଧ୍ୱେ ଲଂବମାନ
ମଂଦିର-ମୁକୁଟେ, କାହିଁ ନଭଶ୍ଚୁଂବି-ଦେଶେ,
ସ୍ଥପତି-କୁଶଳ-କର-ରୁଚିର-ଖୋଦନେ
ମହାକାୟ-ସିଂହ-ବପୁ,-କେଶର-ବିନ୍ୟାସ,

ଦଂତ-ନାସା-ପୁଚ୍ଛ-ନଖ ବିଗ୍ରହ-ବିଭ୍ରମ,
ଲବଣ-ସାଗର-ଶୀତ-ସଂଘାତ-ପବନେ
ତୁଂଗ-ସାନୁ-ଲଂବମାନ-ଶିଶୁ-ଶୈଳ-ସମ
ଉପୁଜାଏ ପଥିକର ଭୀତି ଅପ୍ରମିତ ।
ବଟରାଜ ଠାବେ ଠାବେ, କାହିଁ ବା ଅଶ୍ୱତ୍ଥ,

ତେବେ ଭେଦ ଦୃଢ଼ ଶିଳା ମଂଦିର-ବିଗ୍ରହେ,
ଖୋଦିତ-ମୂରତି-ରାଜି କରେ ଶତ ଖଂଡ ।
ବିଚିତ୍ର ସେ କୀରତିର ଏ ମ୍ଳାନ-ବିପାକ
ଦେଖି, ଭାବ କିବା ଫଳ ବିତିଗଲା-ଦିନେ ?
ପୁରବେ ଫେରାଅ ଦୃଷ୍ଟି, ଦେଖ ଉଷା-ବିଭା,

ଭବିଷ୍ୟ-ଗରଭେ ରହି, ଉପୁଜାଏ ଯାହା
ଜଡ଼ ହୃଦେ-ଚଳ ଲୋଳ-ସ୍ପଂଦନର ଖେଳ,
ଆଶାର ଅରୁଣ-ଜ୍ୟୋତି କଲ୍ୟାଣ-ବିଭାସେ
ଜଳଇ ପୁରବ-ନଭେ ଦିବ୍ୟ-ବିଦ୍ୟୋତନେ
ଅନାଗତ ଦିବସର ଭବିଷ୍ୟ ବିକାଶେ ।”

ଫେରି ତହୁଁ ସେ ରୂପସୀ ଭାଷିଲେ ଉଦଂତ
ଲକ୍ଷି ମୋତେ, “ଜାଣ କି ସଜନ, ସଂଗୀତ
ତବ ସ୍ୱଇଜର କଣ୍ଠୁ ? ନ ହେବଟି ତାହା
ଏକ ଗୀତ ପର, ଯହିଁ ପ୍ରାଣର ବିଷାଦେ
ବିଳପିବେ ଜନେ, ରହିଁ ଜୀବନ-ଅତୀତେ

ବିଭାସିବ ଗୀତେ ତବ ଭାବର ବିଦ୍ୟୋତ;
ଆଶା-ଉଦ୍‌ବୋଧନେ । ଏଥି ଜୀବନ-ସୋହାଗେ,
ଉତ୍ସବେ ଶ୍ମଶାନ-ସ୍ମୃତି-ସମ ବିଡ଼ଂବନା,
ନିରାଶ-ବିଷାଦ-ତାନେ ଅତୀତ-ସଂଗୀତ ।”
ସ୍ୱଦେଶେ ବସଂତ-ଦୂତ-ଅବାଚୀ-ସରଣୀ

ଦେଖି, ସ୍ମର ପ୍ରଣୟିନୀ ପ୍ରେମର ସ୍ପଂଦନେ
ରଚିଥିଲ ଗୀତ; ଏବେ ସୁମର ଅଳପେ
ସେ କବିତା, କଉଣଲେ ଗାନ ସଂଗେ ସଂଗେ
ମିଶାଇ ନବୀନ-ପଂକ୍ତି, ସଂଜ ଧରି କରେ
ପ୍ରାଣପଣେ ଅନୁକରି ସାହସ-ଆୟାସେ
ନାସି କଂଠ ତାନ ଧୀରେ ଆରଂଭିଲି ଗୀତ ।

ଯାଅ ରେ କୋକିଳ, ସେ ଦକ୍ଷିଣ ଦେଶେ,
ଯାଅ ପ୍ରଣୟିନୀ ପାଶେ,
ଅରୁଣ-ଧଉତ ବାତାୟନେ ତାର
ବସି,ଗାଅ ମଧୁଭାଷେ ।
କଳକଂଠେ ତବ ପୀୟୂଷ ବରଷୁ,
ସେ ଅରୁଣ ବାତାୟନେ,
ଗାଅ ତହିଁ ମୋର ପରାଣର ବାଣୀ ପ୍ରେମର
ମଧୁର ସ୍ୱନେ ।

---

୧୩୩ । ଦିବାକର ପୁର = କୋଣାର୍କ ମନ୍ଦିର ।

୧୩୭ । ବିଘଟିତ = ଭାଂଗି ଖଂଡ ଖଂଡ ହୋଇ ବିଶୃଂଖଳ ଭାବରେ ପଡ଼ିଥିବା ।

ଜାଣୁଚ ରେ ପିକ, ପ୍ରଣୟୀ ଯୁଗଳେ,
କହ ଯାଇ ସେ ବଦେଶେ,

ସେ ଦେଶ ଏ ଦେଶ ଆସୁର ବସୁର
ଗାଅ ପ୍ରଣୟିନୀ-ପାଶେ ।
ଉଜ୍ଜ୍ୱଳ ଦକ୍ଷିଣ କି ଭୀଷଣ ଦେଶ !
ଅବିଶ୍ୱାସୀ ଜନେ ତହିଁ,
ତମସ ଉତ୍ତରେ କୋମଳ ପରାଣେ
ଛଳେ ଅବିଶ୍ୱାସ ନାହିଁ ।
ଥାଆନ୍ତାରେ ପିକ, ପରଶ ମୋହର
ତୋ ଭୁଲେ ଯାଆନ୍ତି ଉଡ଼ି,
ଉଡ଼ାଇ ବସନ୍ତ ବାତାୟନ ଚୂଳେ
ଯାଆନ୍ତା ପରାଣ ପୂରି !

ପରାଣ ପୁଲକେ ଜୀବନ ସ୍ପନ୍ଦନେ
ଗାଆନ୍ତି ମରମ ଫେଇ,
ଶତ ମଧୁ ଧାରେ ଭସାଇ ଦିଅନ୍ତି
ପ୍ରଣୟିନୀ ପୁର ମୁହିଁ ।
ହୋଇ ଯାନ୍ତି ମୁହିଁ ତୋ’ପରି ରେ ପକ୍ଷି,
ସେହି ବାତାୟନ ଚୂଳେ,
ସଗରେ ନିଅନ୍ତା ହୃଦବେଗ-ପରେ
ପ୍ରଣୟିନୀ ମୋତେ ଗେଲେ !

ବସି ସେ ଉରସେ, ସେ ହୃଦ କମ୍ପନେ
ଥରି ଥରି ପ୍ରେମ ଭରେ,
ମଧୁର ମରଣେ ମୁଦନ୍ତି ନୟନ,
ଭାସି ସେ ପ୍ରେମ ସାଗରେ !
କହ କହ ପିକ, ସେ ରମଣୀ-କରେ
କଳତାନ ସନମାନେ

ମଧୁ ଯଉବନେ ବଳଂକ କଂପାଇଁ
ପ୍ରଣୟ-ପୀୟୂଷ ପାନେ ।
କହରେ କୋକିଳ, ଚପଳ ଦକ୍ଷିଣେ
ଯାଉ ଭୁଲି ବେଳେ ବେଳେ,

ମଧୁ ସମାଗମେ ଆସୁ ତୁ ଉତ୍ତରେ
ତୋର ଚିର ମାଉ କୋଳେ ।
କହ ତାକୁ ଫେଡ଼ି କ୍ଷଣିକ ଜୀବନ
ପ୍ରଣୟ ବନ୍ଧନ ଚିର,
କ୍ଷଣିକ ମଳୟ ଉତ୍ତରେ, କ୍ଷଣିକ
ଦକ୍ଷିଣେ ରୂପ-ସମ୍ଭାର ।
ଯାଅ ଯାଅ ପକ୍ଷି, ଏ କନକ ବନ
ତେଜି ସେ ଦକ୍ଷିଣ ଦେଶେ,
ଗାଅ କଳତାନେ ପ୍ରେମର ସଂଗୀତ,
ତହିଁ ପ୍ରଣୟିନୀ ପାଶେ ।

ପ୍ରଣୟ-ବନ୍ଧନେ ବାନ୍ଧି ଦିଅ ତାକୁ,
ହେଉ ସେ ଦୋସର ମମ,
କହ ତାକୁ, ମୁହିଁ ଯାଉଛି ତୋ’ଭୁଲେ,
ହେବ ପ୍ରେମ ସମାଗମ ।

ହରମିଲ, ବାମାକୁଳ ଉତ୍କୃଷ୍ଟ-ନୟନେ
ନିମେଷ-ବିହୀନ-ନେତ୍ରେ ମର୍ମର-ଦର୍ପଣେ
ଅନାଇଲେ ପରସ୍ପରେ । ସମୁଦ୍ର-ମନ୍ଥନେ

ପୀୟୂଷ-ବଣ୍ଟନ-ବେଳେ ଅନାଇଲେ ଯଥା
ଦନ୍ତ-ସୁତେ ମୋହବଶେ ମୋହିନୀ-ସ୍ୱରୂପେ ।
ଅଲକ୍ଷିତେ ଦର୍ଭ-ହାସ ବିକାଶିଲା ମୁଖେ

୧୯୯ । ମର୍ମର ଦର୍ପଣେ—ମୂର୍ତ୍ତିର ଦୃଷ୍ଟିପରି ସ୍ଥିର ଦୃଷ୍ଟିରେ ।
୨୦୦-୨୦୧ । ସମୁଦ୍ର ମନ୍ଥନରୁ ଯେଉଁ ଅମୃତ ବାହାରିଥିଲା ତାକୁ ରାକ୍ଷସମାନେ ଦେବତାମାନଙ୍କ ସଙ୍ଗେ ଭାଗକରି ଖାଇବାକୁ ବସିଥିଲେ । ସେତେବେଳେ ବିଷ୍ଣୁ ମୋହିନୀ (ଅଲୌକିକ ଯୁବତୀ) ରୂପ ଧରି ପରଶିବାକୁ ଆସିବାରୁ ଅସୁରମାନେ କାବାହୋଇ ରହିଲେ ଏବଂ ଅମୃତର ଭାଗ ପାଇପାରିଲେ ନାହିଁ । ଦନ୍ତସୁତ = ଦୈତ୍ୟ ।
୨୦୩ । ଦର୍ଭ = କାଶଣ୍ଡି; ତାହାର ଶୁକ୍ଳ ଫୁଲ ।

ମାରସ-ବିଳାସେ, ଗୁପ୍ତ-ଗୋପନ-ଆଶ୍ୱାସେ ।
ମଧୁ-ଗୀତ-ରସେ ମୁଗଧ ସେ ରମଣୀକୁଳ,

ହେଲେ କ୍ଷଣେ ଆତ୍ମହରା । ମନ୍ଦ-ଶୁଷ୍କ-ହାସେ
ଉଚାରିଲେ ହେମାମଣି, "ଋତୁପିକ-ତାନେ
ନ ବହିବ ମଳୟ ଏ ସହକାର-ବନେ,
ଦର୍ଦ୍ଦୁର-ସମ୍ପଦ ଶୁଣି ତବ-କଣ୍ଠସ୍ୱରେ
ଡାହୁକ ସାମୁକ ସିନା ଗାଇବେ ସରାଗେ !

କି ଗାନ ଗାଇଲ ସଖି, ଦାମ୍ପତ୍ୟ-ପ୍ରଣୟ !
ଜାଣ ନକି ଏଥି ତାହା ଚିର-ନିର୍ବାସିତ !
ଶୁଣି ସେ ପ୍ରଣୟ-କଥା, ମନେ ପଡ଼େ ଏବେ
ନର-ଦାସତ୍ୱର ବନ୍ଧ ସେ ପୁରାଣ-ଯୁଗେ ।
ପାଷଣ୍ଡ ପୁରୁଷ ଭବେ, ବଜାଇ ମୋହନ-

ବଂଶୀ-ସ୍ୱନେ ସମପ୍ରାଣ-ପ୍ରଣୟର ତାନ,
ଉଗ୍ରଳ ଗରବର ବୀଜ ଉଠାଏ ପରାଣେ,
କୌଶଳେ-ବଧ-ପଶୁ-ସମ ନାରୀ-ଜାତି
ପଶୁ-ମନ୍ତ୍ରେ କରେ ବଶ, ନିଏ ବଧ-ଭୂମେ ।
ସ୍ୱରଗ-ସମ୍ପଦ ବୋଲି ସଂସାର-ନରକେ

ଫିଙ୍ଗି ଦିଏ ନାରୀକୁ ସେ । ସୁନ୍ଦରୀ-କୋୟୂର
କହି ମୁଖେ ମଧୁଭାଷେ, ଫଳେ ନିର୍ଯାତନେ
ରଖେ ନାରୀ ମର୍ମ-ଦାହେ । ଧନ୍ୟ ସେ ପୁରୁଷ !
ଥିଲୁ ମମ ପରିଚାରୀ, ମନେ ପଡ଼େ ଏବେ,
ମୋହନ-ସଂଗୀତ-ତାନେ ପ୍ରେମ-ବଂଶୀ-ନାଦେ

ଭୁଲି, ଯେ ରହୁଥିଲ ସେହୁ ରଜନୀ ଦିବସ
ଲଭିବାକୁ ପୁରୁଷେକ ଦୟିତ-ସମ୍ପଦେ ।
ସୁଖ ପାଉଥିଲୁ ତାକୁ; ସ୍ୱରଗେ ସେ ଏବେ,

ଲଭୁ ଶାନ୍ତ ଆତ୍ମା ତାର । ନରେ ଏହି ମନ୍ତେ
ଅପଯୁଗେ କଳୁଷିତ ସଂଗୀତର କଳା ।

ଗୀତ-ରସ କିନ୍ତୁ ନୁହେ ଏସନଟି ଭବେ ।
ମହୀୟସୀ, ଗୀତ-କଳା । ମହତ ଉଦ୍ଦେଶ୍ୟ,
ଶୋହେ ତାର ବ୍ୟବହାର । ରଚନ୍ତି ଆପଣେ,
ବେଳେ ବେଳେ ମନ୍ତ୍ରତାନେ ପ୍ରାଣର ଉଚ୍ଛ୍ୱାସେ,
ତାଣ୍ଡବିକ ସେ ସଂଗୀତ, ଉନ୍ମାଦନ-ରସ;

ଚଣ୍ଡୀ-ଲୟ-ସ୍ୱର-ତାନ-ଭୈରବ-ପ୍ରପାତେ
ଭବିଷ୍ୟ-ଦର୍ଶନ-ଧାରା ଢାଳିବୁ ଆରବେ ।
ସଂଗୀତ ଲୋଡ଼ଇ ସଦା ମୁକ୍ତ-ସ୍ୱାଧୀନତା,
ଉନ୍ମାଦନ, ଉଦ୍‌ବୋଧନ, ଶକ୍ତିର ବିକାଶ;
ତରଳ-ପ୍ରଣୟ-ଭାବେ, ଅଳସ-ଆମୋଦେ,

ସଂଗୀତ ବିଳାସ ଭବେ ହୀନ-ଅପଯୁଗର !
କହନ୍ତି, 'ପ୍ରଣୟେ ପ୍ରେମ'; ଦାମ୍ପତ୍ୟ-ବିଳାସେ ?
ଅଛି କି ତହିଁରେ ପ୍ରେମ-ଶାଶ୍ୱତ-ସେ-ରସ ।
ହେଉ ସେ ପ୍ରଣୟ-ଖେଳ-ବିବାହର କ୍ରୀଡ଼ା
ଲୁପ୍ତ ଏ ଜଗତେ; ଅଛି ଯେତେଦିନ ଭବେ

ଭୋଗ୍ୟ-ବସ୍ତୁ ଏ ରମଣୀ ଦାସୀ-ନିର୍ଯାତନେ;
କିବା ମୁଗଧ ଶିଶୁ-ସମ ନର-କ୍ରୀଡ଼ନକ,
ବୁଝି ନାହିଁ ଯେତେକାଳ ରମଣୀ-ମହତ୍ତ୍ୱ
ନର, ଜାଣିନାହିଁ, 'ନାରୀ ପୁରୁଷ-ସମାନ
ଜୀବନ୍ତ-ଚିନ୍ମୟ-ଶକ୍ତି, ପୂର୍ଣ୍ଣ, ଅନଶ୍ୱର;'
—ଥାଉ ସେ ଗହନ-କଥା । ଆଜି ଏ ଉତ୍ସବେ
ଆମୋଦେ ଶିଖିବା କିଛି ଉଦ୍ଦେଶ୍ୟ ଅନ୍ତର ।
ଜାଣ ନକି ତୁମ୍ଭେ ତବ ନିଜ-ଦେଶ-ଜାତ
ଅମିଶ୍ର ସଂଗୀତ, ଯହିଁ ଜାଣିବେ ସକଳେ
ସେ-ଦେଶ-ରମଣୀ-ରୀତି-ଆଗ୍ରହ-ବିଗ୍ରହ !

---

୨୧୯ । ବଳିଦେବା ପୂର୍ବରୁ ପଶୁ କାନରେ ପଶୁମନ୍ତ୍ର ଦିଆଯାଏ । ପ୍ରବାଦ ଅଛି, ପଶୁମନ୍ତ୍ର ଦେଲାପରେ, ବଧପଶୁ ଅବଶ ଓ ଶକ୍ତିହୀନ ହୁଏ । ୨୨୧ । କୋୟୂର = ଦାସ

କହି ଏତେ ସେ ସୁଂଦରୀ, ଚାହିଁଲେ ମୋ'ମୁଖେ,
ପୂର୍ଣ-ସେ-ଲପନେ ତୃପ୍ତି-ଦ୍ୟୋତିତ-ନୟନେ;
ଶୁଣିବାରେ ସେ ସଂଗୀତ ତୃଷିତ କି ସତେ !
ଫେଡ଼ି ସ୍ମୃତି-କୋଷ ତହୁଁ ବହୁଳ-ଆୟାସେ
ଥିଲି ଅନ୍ୱେଷଣେ । ଚାହୁଁ ଚାହୁଁ ରତ୍ନଧ୍ୱଜ

(ରଂଗ-ରସେ ଏଡ଼ି ଯେହ୍ନୁଁ ମନ୍ଦର-ସଂଯମ,
ପରାଣ-ପୁଲକେ ଥିଲା ସେ ମଧୁ-ସୁରସେ)
ଅନ୍ତ-କଉତୁକ-ରସେ ହୋଇ ଆତ୍ମହରା,
ଆରମ୍ଭିଲା କହି ଗ୍ରାମ୍ୟ-ରସ-ରଂଗ-ହାସେ,
ଅବଲଂବି ଗ୍ରାମ୍ୟ-ନର-ପରିହାସ-ଖେଳ,

ଗୌରବ-ସଂମାନ ଭୁଲି ଭଦ୍ର-ରମଣୀର,
'ଚଂପା' 'ମୋତି' ନାମ ଧରି ଗାଇଲା ସଂବୋଧି,
ଗ୍ରାମୀଣ-କୃଷକେ ଯଥା ଗ୍ରାମ-ବାଦ୍ୟ-ନାଟ୍ୟେ;
ଇଂଗିତେ ନିଷେଧ-ଭଂଗୀ କଲେ ପାରିଜାତ,
ବିକଟ ସେ ଗୁରୁ-ମୁଖ ଦେଖାଇଲି ମୁହିଁ ।
ଚମକି ଉଠିଲେ ମତି, ହେଲେ ପାଂଡୁ-ମୁଖ,

କୁମୁଦ-ମୟୂଖ-ମଧୁ ଜୁଆଁଇଲେ ମଥା ।
କହିଲେ ସେ ଜେମାମଣି, "ବଂଦ କର ଭଂଗୀ ।"
"ବଂଦ କର ମହାଶୟ," କହିଲି ମୁଁ ଆଂଟେ ।
ସ୍ନେହ-କ୍ରୋଧ-ମିଶା-ଭାବେ କୋମଳ-ପରୁଷ-
ଅନୁରାଗ-ବିରାଗର ଘୋର-ଦ୍ୱଂଦ୍ୱେ ବୁଡ଼ି,

ଚପେଟ-ପ୍ରହାର ଦେଲି ରତ୍ନଧ୍ୱଜ-ବୁକେ ।
ଚମକି ପଡ଼ିଲା ସେହୁ ହେଲା ସଂଜ୍ଞା ହାର ।
ଜନାକୀର୍ଣ-ପୁରୀ ଯେବେ ପଡ଼େ ଆଚମ୍ବିତେ
ଘୋର-ଶତ୍ରୁ-ଅବରୋଧେ, ଉଠେ ଆର୍ତ୍ତନାଦ
ଭେଦି ସୌଧ ଉପବନ, ତେସନ ସେ ଭୂମେ

ନାରୀ କଂଠ-କାକୁ-ଧ୍ୱନି ଶୁଭିଲା ଚହଲେ ।
ଉଚ୍ଚାରିଲେ ମଧୁମତୀ, "ପଳାଅ ବହନ
ପରାଣ-ସଂପଦ ଘେନି ।" ଜେମାମଣି ବେଗେ
କହିଲେ, "ତ୍ୱରିତେ ଉଠ ଅଶ୍ୱ ଅବଲଂବେ;
ଉଠ, ଉଠ ବାଜି ପୃଷ୍ଠେ ।" ରମଣୀଏ ତହୁଁ

ପଳାଇଲେ ଶଶବ୍ୟସ୍ତେ; ମଧୁଚକ୍ର ଛାଡ଼ି
ପଳାଂତି ମକ୍ଷିକା ଯଥା, ପଶିଲେ ଶବର
ଅଗ୍ନି-ହସ୍ତେ-ମଧୁକୁଂଜେ । ଗୁରୁ ବେଣି-ବାମା
କପୋତ-ଉଭବେ ଗଲେ ପଶି ଅଂଧକାରେ
ଏଣେ ତେଣେ ଅନାୟତ୍ତେ । ଲାଗିଲା ପରତେ

ପାରାବାଡ଼ ଦେହେ ଅବା କରି ପଦାଘାତ,
ଭାଙ୍ଗିଦେଲା ଆଚମ୍ବିତେ ପରୁଷ ମାନବ
କେହି; ଉଡ଼ିଗଲେ ପାରା, ଛାଡ଼ି ସେ କୁଳାୟ
ରଜନୀର ଅଂଧକାରେ ତ୍ରାସର ସାହସେ ।
ଏକାକୀ ରହିଲି ମୁହିଁ ସେ ବସ୍ତ୍ର-ନିଳୟେ,

ସଂଗେ ପାରିଜାତ; ଦୁହେଁ ନିଂଦି ରତ୍ନଧ୍ୱଜେ,
ମରମ-ଦଂଶନେ ଯେହ୍ନୁ ଥିଲେ ଅଧୋମୁଖେ ।
ଅଶ୍ୱ-ଖୁର ଶବ୍ଦେ ଏକେ ଏକେ ଗଲେ ଚାଲି
ନାରୀଏ ଭବନ ଛାଡ଼ି; ଲାଗିଲା ପରତେ,
ମୂର୍ତ୍ତିମତୀ ଆଶା ମମ ଗଲେ ଛାଡ଼ି ମୋତେ

ଏକେ ଏକେ ବାଜି-ପୃଷ୍ଠେ । ନଦୀସେତୁ-ପରେ
ଅଶ୍ୱ-ଖୁର ଶୁଣିଲି ମୁଁ; ଘୋର-ଆର୍ତ୍ତନାଦେ
ଭଜିଲା ମରଣ ଅବା ଅଭିଳାଷ ମମ !
ଚାହୁଁ ଚାହୁଁ ସେ ଚହଲେ ଦାରୁ-ସେତୁ-ତୂଳେ
ଶୁଭିଲା ତ୍ରାସିତ-ସ୍ୱର, "ଜେମା ! ଜେମାମଣି !

ରମଣୀ-ଲଲାମ ଆହା ! ସତେ ଏ କି ହେଲା !
କ୍ରୋଧାଂଧ-ଲଂଫନେ ଉଠି ବାଜିବର-ପୃଷ୍ଠେ,
ସ୍ଖଳିତ-ଚଳନେ ଜେମା ଛାଡ଼ି ଦାରୁ-ସେତୁ,
ପଡ଼ିଗଲେ ନଦୀଗର୍ଭେ । ଉଠି, ଲଂଫଦେଇ,
ଆଁଲୋକୁ ଅଂଧାରେ ପଶି, ଦେଖିଲି ସହସା,

ସିତ-ଛଦ ରମଣୀର ଭାସୁଥିଲା ଜଳେ,
ସୁପୁଷ୍ପିତ-କ୍ଷୁଦ୍ରଶାଖା ସମ; ତୀବ୍ରସ୍ରୋତେ
ଯାଉଥିଲା ବର-ବପୁ ବନ୍ଧ୍ୟ ଗିରିପଦେ ।
ପଡ଼ିଲା ନୟନ ମମ; ତିଳେହେଁ ବିଳଂବ
ନ କରି ପଡ଼ିଲି ଜଳେ; ନ ଗଣି ବିପଦ,

ବ୍ୟାକୁଳିତ-ନାରୀ-ଛନ୍ଦେ, ଲଂଘିଥିଲା ଯାହା
ତଉପାଶେ ନାରୀବେଶେ ମମ । ଭୃଂଗ-ଗିରି
ପତନେ ତଟିନୀ, ବେଗେ ଯାଉଥିଲା ବହି;
ତଥାପି ଧରିଲି ବାଳା; ଧରି ଦକ୍ଷେତରେ
ଅର୍ଦ୍ଧ-ଜଗତରେ ଆଶା-ଧୂରି ସୁମହତ,

ଦକ୍ଷେ ସଂତରଣେ ଦେଇ ଆଘାତ ସଲିଳେ,
ଫେରାଇଲି କୂଳେ ଗତି; କିଂତୁ ନଦୀ-ବେଗେ
ନ ପାଇଲି କୂଳ; ଶେଷେ ଭେଟିଲି ପାଦପ;
ମୂଳ କୂଳେ ରଖି ଯେହୁ, ଅର୍ଦ୍ଧ-ଶୟନରେ
ଶ୍ୟାମ-ଶାଖାଗୁଚ୍ଛ ରଖି ସଲିଳ-ଆବର୍ତ୍ତେ,

ଗିରି ନଦୀ-ମଧ୍ୟ-ସ୍ରୋତେ ଥିଲା ମଥା ରଖି ।
ଧରି ତା' ବିଟପ ଦୃଢ଼େ, ରୋଧି ସ୍ରୋତ ଗତି,
ଶାଖୁଁ ଶାଖେ ଯାଇ, ମୂଳେ ଲଭିଲି ସ୍ଥଳନ ।
ଥିଲେ ତହିଁ ବାମାକୁଳ, ସିତଛଦ ତୋରି
ଦିଶୁଥିଲା ଅଂଧକାରେ ଉଷର-ପୁଳନେ

ଆପାପ୍ତ-ବିଶ୍ୱାସେ, ତହୁଁ ରମଣୀଏ ଆସି
ନେଲେ କରୁଁ ଭାର ମମ, କହିଲେ ଆଶ୍ୱାସେ,
"ଜୀବନେ ଅଛଇ କେମା !" ନେଲେ ସେ ସଯତନେ,
ସ୍କଂଦାବାରେ ବନ୍ଧ୍ୟ ତାରେ, ସରମେ ତାପିତ
ମରି ମରମରେ ମୁହିଁ, ନ କଲି ସାହସ

ଭେଟିବାକୁ କେମାର ସେ ସୁତୀକ୍ଷ୍ଣ-ଦର୍ଶନ,
ଫିଟି ଆସୁଥିଲା ଯାହା ମୂର୍ଚ୍ଛା-ଅପଗମେ ।
ପାରିଜାତ ଋଭୁଧ୍ୱଜେ ନ ପାଇଲି ଏଣେ ।
କ୍ଷିପ୍ର-ପଦେ ତହୁଁ ( ଯେଣୁ ଦେଇଥିଲି ଗୁଡ଼
କେମାକୁ ଦୋଟକ ମମ, ଦେଖି ତା' ଭ୍ରୂଭଂଗୀ

ତଟିନୀ-ଗରଭେ ଲୀନ ) ଜାଂଗଲିକ ଯଥା
ଅଗମ୍ୟ-ବିପିନେ କାହିଁ ଅନ୍ୱେଷି ପାପର୍ଦ୍ଧି,
ବାହୁଡ଼ଇ ନିଜ-ପଥେ, ଅବା ମଧୁ-ମକ୍ଷୀ
ଅନଂତ-ଗଗନେ ଉଡ଼ି ମଧୁ-ଆହରଣେ,
ଫେରେ ଯଥା ମଧୁଚକ୍ରେ, ତେସନ ଭେଟିଲି

ଉପବନ-ବହିର୍ଦ୍ୱାର । ବେନି ପାଶେ ତହିଁ
ସୁରମ୍ୟ-ବେଦିକାପରେ ସୁଂଦର ବିଧାନେ
ନାରୀ-ରୂପେ ଉଭା ମୂର୍ତ୍ତି ଶିଳ୍ପ ବିଜ୍ଞାନର,
ଶୈଳ-ଅବତାରେ ରମ୍ୟ-ମର୍ମର ଖୋଦନେ,
ହସ୍ତେ ଧରି ତୋରଣର ବୃତ୍ତାଭାସ-କୋଟୀ ।

ତହିଁ ସୂକ୍ଷ୍ମ-ଶିଳ୍ପେ ଦୃଢ଼-ଆୟସ-ଶଳାକା
ରଚିଥିଲା ସେ ତୋରଣ-ବିଶାଳ-କପାଟ ।
ଶଳାକାର ଅଂତରାଳେ ଭିତର ବାହାର
ଦିଶୁଥିଲା, ରୋଧି କିଂତୁ ଜନ-ଗତାଗତ ।
ସେ କପାଟ-ଚୂଳେ ଉର୍ଦ୍ଧ୍ୱେ ବୃତ୍ତ ବୃତ୍ତାଭାସେ,

୩୨୦ । ଧୂରି = ଗୁ ବୁଲାର, ଅର୍ଦ୍ଧଜଗତ = ନାରୀଜଗତ ।
୩୨୭ । ବିଟପ = ଡାଳ । ୩୪୨ । ପାପର୍ଦ୍ଧି = ପାରଧି ।

ସେ କାଳର ମୃଗରୂପି ବିରଂଚି-ବିଧାନେ,
( ରମଣୀଲୁଲପେ ଯେଣୁ ହୋଇ ଆତ୍ମହରା
ଗିରିଶ-ଶରବ୍ୟ ହେଲେ ଦେବ ସନ୍ଧ୍ୟା-ତଳେ)
ଉଠିଥିଲା ନାନା-ଶାଖେ କମନୀୟ-ଶୃଂଗ,
ରଚି ସେ ଉଦାର-ଭୃଂଗ ତୋରଣ-ସୁରୁଚି ।

ତୋରଣର କେନ୍ଦ୍ର-ଦେଶେ ହରିଣ-ବଦନ;
ବିରଂଚି-କପାଳ-ମୁଖେ, ଅନାଇ ମର୍ମରେ,
ଶ୍ୟାମ-କମନୀୟ-ଲୁଚି । ଶୃଂଗର ବିଭବ
ଭୃଂଗ-ଶାଖା-ବିସ୍ତାରଣେ, କଳା-କଉଶଳେ,
ରଚିଥିଲା ସୁଂଦର ସେ ତୋରଣର ଖିଲ ।

ଖୋଦିତ ସେ ଶୃଂଗ-ଶାଖେ ଅଳପ-ପ୍ରସାରେ
ଥିଲା ଛିଦ୍ର, ମହାକ୍ଲେଶେ ଉଠି କଉଶଳେ,
ଲଂଘି ତହିଁ ସେ ତୋରଣ, ଓହ୍ଲାଇଲି ଧୀରେ
ଶାଦ୍ୱଳ-ଅବନୀ-ତଳେ, ଉଚ୍ଚଭୂମି-ପଥେ,
ଲେଂବୁଲତା-ଅଂତରାଳେ ସୁସଂଚ ସେ ପଥ ।

ଚାଲିଲି ନିର୍ଜନେ, ମନେ କେତେ ସେ ଭାବନା
ଯାଉଥିଲା ଖେଳି, ଯଥା ଖେଳଇ ପ୍ରଭାତେ
ଏକେ ଏକେ ବର୍ଣ୍ଣ ବିଭା ମେଦୁର-ଜୀମୁତେ ।
ଯୁହୁଁ ଥିଲି କେବେ ମୁହିଁ ଖଦ୍ୟୋତ ପଟଳେ,
କେବେ ପୁଣି କୃଷ୍ଣ-ନଭେ ନକ୍ଷତ୍ର-ନିକରେ ।

ଚାଲୁଥିଲି ଉଚ-ପଥେ, ଚାଲୁ ଚାଲୁ ନଭେ
ଧୀର-ଗତି-ସୌରବିଂଦୁ-ସପ୍ତ-ତାରା ଦେଖି,
ସପ୍ତର୍ଷି-ମଣ୍ଡଳ ଧୀରେ ନିଜ-ଗତିପଥେ
ବୁଲିଗଲେ ବହୁପଥ ମେରୁ-ଚଉପାଶେ ।
ଅତି-ଧୀର-ପଦକ୍ଷେପ ପାଦପ-ଗହଳେ

ବାରିଲି, ହର୍ଷିଲା ତନୁ, ସମୁନ୍ନତ-ଶିର,
ନିଶ୍ଚିତ ଦର୍ଶନ-ବୋଧୀ ସେ ତାମସ-ଭୂମେ ।
ରମଣୀ-ବସ୍ତଂଗେ ବଳ ସମୁନ୍ନତ ବପୁ
ଦେଖି, ମନେ ହେଲା କ୍ଷଣେ, ସତେ କି ଏ ଜେମା !
ଚହ୍ଲିଲି ସହସା ଏବେ ପାରିଜାତ ମମ ।

ଠାରି ଜଣାଇଲେ ସେହୁ ଶୀତ୍କାର-ଫୁତ୍କାରେ
ରହିବାକୁ ମୌନ-ଭାବେ । କହିଲେ ଅଳପେ,
"ଖୋଜଂତି ରମଣୀ-କୁଳ, ଏତେବେଳେ ପୁଣି
ଲୁହିଇ ନିସ୍ବନ, ଏଥୁ ବାହାରିବେ କେହି ।
ରମଣୀ-ନନ୍ଦଂଦେ ଡାକ ବିଶେଷରେ ଆଜ,

'ଧର ନବଆଗଂତୁକେ' !" ପୁଚ୍ଛା କଲି ମୁହିଁ,
"କେମଂତେ ଆସିଲ ଏଥି" ? କହେ ପାରିଜାତ,
"ସବେ ଗଲେ ଯେଝା ପଥେ, ତ୍ୟକ୍ତ ଶେଷେ ମୁହିଁ,
କୁମତି-ସମାନ ଅତି, ସ ଧୂ-ସମ୍ମିଳନେ,
ନ କହିଲେ କେହି କିଛି ମୋତେ, ବାହାରିଲି

୩୬୬—୬୮ । ବ୍ରହ୍ମା ନିଜର କନ୍ୟା ସଂଧ୍ୟାର ରୂପ-ଲାବଣ୍ୟରେ ମୁଗ୍ଧ ହୋଇ, କାମାଭିଳାଷରେ ଆକ୍ରମଣ କରିବାରୁ, ସଂଧ୍ୟା ଲଜ୍ୟାରେ ମୃଗୀ ରୂପ ଧାରଣ କଲେ । ବ୍ରହ୍ମା ମୃଗରୂପରେ ତାଂକୁ ଗୋଡ଼ାଇଲେ । ମହାଦେବ ଏ ଅନ୍ୟାୟ ଦେଖି, କ୍ରୁଦ୍ଧ ହୋଇ, ଧନୁଃଶର ଧରି ବ୍ୟାଧରୂପରେ ବ୍ରହ୍ମାଙ୍କପ୍ରତି ଶର ନିକ୍ଷେପ କଲେ । ପୁରାଣ କହନ୍ତି, ସେହି ବ୍ରହ୍ମାଂକର ମସ୍ତକ ବର୍ତ୍ତମାନ୍ ମୃଗଶିରା ନକ୍ଷତ୍ର ନାମରେ ରହିଅଛି । ଆକାଶର କାଲପୁରୁଷଙ୍କ ମହାଦେବ କିଂବା ଆର୍ଦ୍ରା ନକ୍ଷତ୍ର ତାହାଂକର ଶର । ବିରଂଚି = ବ୍ରହ୍ମା; ଗିରିଶ = ମହାଦେବ; ଶରବ୍ୟ = ଲକ୍ଷ୍ୟ । ତୋରଣ ଉପରେ ବ୍ରହ୍ମାଂକ ମୁଖସହିତ ମୃଗମସ୍ତକ ଖୋଦିତ ହୋଇଥିଲା । ମୃଗର ବହୁଶାଖା ବିଶିଷ୍ଟ ଦୁଇ ଶୃଂଗରେ ତୋରଣଟିର ଉପର ନିର୍ମିତ ହୋଇଥିଲା ।

୩୭୭ । ସୌରବିଂଦୁ : ଜ୍ୟୋତିଷ ମାନେ ପ୍ରମାଣ କରଂତି, ଆକାଶର ତାରାମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଜଗତର ସୂର୍ଯ୍ୟ । ସେଥିପାଇଁ ସପ୍ତର୍ଷି ମଂଡଳର ତାରାମାନଂକୁ ସୌରବିଂଦୁ କୁହାଯାଇ ଅଛି ।

ମରମ-ଦଂଶନେ ତହୁଁ । ପଶିଲ ଗୋପନେ
ସଉଧ-ବତାନେ ତହିଁ ଶିଉଛଦମୟୀ
ଲଲନା-ଗହ୍ୱଳେ, ଦେଖି ସେ ମୋହନ-ସ୍ୱରେ
ମହିଷ-ମର୍ଦ୍ଦିନୀ-ଚଂଡ-ପ୍ରଚଂଡ-ପ୍ରତିମା
ଅସୁର-ମସ୍ତକ-କରେ, ଲୁଚିଲ ତା ପଛେ,

ଛିନ୍ନ-ମୁଂଡ-ଅଂତରାଳେ ଅନାଇଲ ଧୀରେ ।
ଦେଖିଲ ସେ ଏକେ ଏକେ ଲଲନା ସକଳେ
ଆସିଲେ ବାହୁର ଲାଗି; କହିଲେ ସରବେ,
ଜାଣି ସେ ନ ଥିଲେ ଏଥି ସୁ-ଚୁଷର ଗତି;
ଶେଷେ ମଧୁମତୀ-ବାଳା ଆସିଲେ ସେ ଠାବେ;

ଉପୁଜିଲା ଦୟା ଚିତ୍ତେ, ଦେଖି ସେ ବାଳକା ।
ପ୍ରଶ୍ନ ହେଲା, ଜାଣେ କି ସେ ନର ବୋଲି ଏଥି
ଆଂଭଂକୁ; ରହିଲା ବାଳା ମଉନେ ପହିଲେ;
ପୁନଃ ପୁନଃ ପ୍ରଶ୍ନ-ପରେ ନ କଲା ସେ ନାହିଁ ।
ତତ୍ପରେ ପୁଚ୍ଛିଲେ ଜେମା, "ଜାଣଂତି କି ମାତା ?

ଜାଣଂତି କି ମତିଦେବୀ ?" ଶୁଣି ସେ ଭାରତୀ,
ସମ୍ମତି ବମତି କିଛି ନ ଜାଣଇ ତହିଁ
ରହିଲା ନୀରବେ; ତହୁଁ ବଚକ୍ଷଣ ଜେମା,
ଜାଣିଥିଲେ ଯେହୁ ମଧୁ-ସରଳ-ମାନସ,
ଧରିନେଲେ ସତ୍ୟ ହେଲେ । ହକାରିଲେ ମତି;

ଆସିଲା ଉଦଂତ, 'ମତି ନାହାଂତି ସେ ପୁରେ';
ମାଗିଲେ ସେ ମତି-ଶିଶୁ ତହୁଁ ମହା-ରୋଷେ
ଫିଂଗିବାକୁ ପୁର-ହାରୁ ପରୁଷ-କପାଟେ ।
ଉଚ୍ଚା ହେଲେ ମହାଶ୍ୱେତା । ଏହି ଅବସରେ
କଉଶଳେ ଖସିଲ ମୁଁ ସେ ପୁର ବରଜ ।

କାହିଁ ଏବେ ଯିବ ତୁଂଭେ ? କାହାଂତି ବା ଏବେ
ମତି ରତ୍ନଧ୍ୱଜ ଦୁହେଁ ? ପଳାତକ ସତେ !
ସତେ କି ଏକଦେ ! ନୁହେ ଉତ୍ତମ ଏ ସ୍ଥିତି ।
ନ ଆସିବା କଦାଚନ ଥିଲା ଏଥି ଭଲ !
ବାତୁଳତା ତାର ଏବେ ଖିପଣିଟି ବାଡ଼;

ତାମସ-ରଜନୀ ପୁଣି, କେ ଜାଣେ କି ହେବ ?"
"ନ କହ ଏସନ କଥା ରତ୍ନଧ୍ୱଜ-ଦେବେ;
ମାଗିଛି ମୁଁ ହାତେ ତାକୁ ସତ; କଂଚୁ ଖାଇ,
ଆଶଂକା ଏସନ ତବ ଅତି- ଅବିଚାର;
ହୀନ-ଅନ୍ତଜକଠାରେ ଆଶଂକା ଏ ଭଲ

ଲାଗଇ ସିନା ଏ ଭବେ ! ବଶ୍ୱ-ଭୂଷଣେ
ଥାଉ ପଛେ ସେ ମାନବ; ବଶ୍ୱ ଅବା ତୋଷ
ଇଂଦ୍ରଧନୁ-ସମ-ଛନ୍ଦେ, ବଡ଼ଲୋକ-ପରି;
ତଥାପି ହୀନ ସେ ନର; ଘାତେ ଅବିଶ୍ୱାସେ,
ବିଶ୍ୱାସଇ ଯେହୁ ତାକୁ; ହିଏ ଅପମାନ

ପ୍ରଶଂସେ ପଗାଣ ଯେହୁ ଧରେ ତା'ର ପାଶେ ।
ରତ୍ନଧ୍ୱଜ କଂଚୁ ସତ ଖେଳେ ରଂଗ-ରସେ,—
ଆଜ ରଜନୀରେ ଯଥା ଗାଇଲା ସେ ଗୀତ,—
ସତ ଏହା, ହୀନ-ନର-ମୁଖେ ସେ ଭାରତୀ
ନ ରୁଚଂତା ଶ୍ରୋତୃ-ଜନେ, ବଉଷ୍ଣ ସେ ଗୀତ ।

କଂଚୁ ଏ ସକଳ ନୁହେ କେଭେ ରତ୍ନଧ୍ୱଜ;
ଉପର-ତରଂଗ-ଲୀଳା ସିନା ଏ ଅର୍ଣ୍ଣବେ !
ଚରଚର ସ୍ଥିର-ସତ୍ତ୍ୱ ଅଛି ରତ୍ନଧ୍ୱଜେ;
କୁମୁଦ ଯେସନ ନୀରେ ଧୀର-ପବନରେ
ହଲାଇ ମୃଣାଳ-ଦଂଡ କରୁଥାଏ ଲୀଳା,

୪୦୪ । ଘାତେ = ଆଘାତ କରେ ।

ରହି ହ୍ରଦେ ବୃଂତମୂଳେ ଅଗାଧ-ସଲିଳେ,
ତେସନ ସେ ଉଚ୍ଚଧ୍ୱଜ ଚରଣ ବିଳାସେ ।"
ସରୁ ନ ସରୁଣୁ କଥା ଯୂଥୀ-ଗୁଚ୍ଛ ଭେଦି,
ଏକ ଲଂଫେ ଦୁଇ ନାରୀ, ନଗର-ରକ୍ଷିଣୀ,
ଧର ଦୃଢ଼େ, କଲେ ପୃଚ୍ଛା, "କ ନାମ
ହେ ତବ ?"

ସ୍ଥିର-ପଦେ ଥିଲେ ଉଭା ପାରଜାତ; ତହୁଁ
ପଡ଼ିଲେ ସେ ଧରା । ମୁହିଁ ରମ୍ୟ ସେ ଉଦ୍ୟାନେ
ସୁସଂଚ-ବାସିତ-ପଥେ ଭେଦି ଗୁଳ୍ମ-ଲତା,
ଏଣେ ତେଣେ ଯହିଁ ତହିଁ ଧାଇଁଲି ସତ୍ୱର;
ଝରଣା-ନିକର ଲଂଘି ସେ କୁଟିଳ-ପଥେ,

ଅତି-ଦ୍ରୁତ ଗତି ମମ; ଆଗେ ଆଗେ ମୋର
ଗୋଲାପ-ସୁମନ-ଦଳ-ବୃଷ୍ଟି-ବରଷଣ;
ସ୍ଥିତ-ବାମା-ଯୁଗ ପଛେ । ବାଜୁଥିଲା କାନେ,
ପଂଚମ-ଲହରୀ ନଶି-ବିହଗ-କୁଜନେ;
ଶୁଣୁ ନ ଥିଲି ମୁଁ ଉହି; ହାସ୍ୟ-ରସେ ହୃଦ

ହେଉଥିଲା ଉଦ୍‌ବେଳିତ । ପରିଶେଷେ ପଦ
ଛଂଦି ହୋଇଗଲା ଗୁଚ୍ଛ-ଯୂଥୀ-ଲତା-ମୂଳେ,
ସେ ଲତା-ମଂଡପେ; ଯହିଁ, ଭାରତୀ ପ୍ରତିମା-
ମର୍ମରିତ-ପଦ-ଯୁଗ ଯତନେ ଆବରି
ସୁସଂଚ-ଲତିକା-ମାଳା; ପଡ଼ିଲି ମୁଁ ଧରା ।

ନେଲେ ଧରି ତକ୍ଷଣେ ସେ ଜେମାର ସନ୍ନିଧି;
ଦେଖିଲି ବିସ୍ମୟେ ତହିଁ, ବିଶାଳ-ମନ୍ଦିରେ
ଲଂବିତ-ପ୍ରଦୀପ-ତଳେ ସମାସୀନ ବାଳା ।
ଜଳଇ ହୀରକ ଯିତେ ସେ ପ୍ରଦୀପ-ତେଜେ;
ସାଗର-ପୁଳିନେ ଯଥା ଦୁର୍ଦ୍ଦିନ-ନିଶୀଥେ

ଦୀପ-ସ୍ତଂଭେ ଦୀପ, ଦୂରୁ ସୂଚଇ ଝଟିକା ।
ବାଳା-ଦୁଇ ପାଶେ ଦୁଇ ପରିଚାରୀ-ବାମା,
ଚୁମ୍ୱାହନ-କଂକତୀ କରେ ତଳ ବାଳା-ପଛେ,
ଧରି ସଯତନେ ସିକ୍ତ-ପ୍ରଲଂବ-କୁଂତଳ,
କେଶ-ପାଶ-ବିରଚନେ ଥିଲେ ତତପର ।

ବାମା-ପଛେ ଅଷ୍ଟ-ବାଳା, କୃଷି-କର୍ମ-ରତା,
ବଳ ନର ବଳବତୀ, ଅତି-ଗୁ ରୁ-କାୟା,
ଗୁ ରୁ-ଶ୍ରମେ ସହି ଖର ବରଷା ପବନ,
ପ୍ରକୃତି-ମୋହନ-ସ୍ୱାସ୍ଥ୍ୟେ କମନୀୟ ବପୁ,
ଗିରି-ଶୃଂଗ-ସମ ଉଭା; ବିଶୁଥାଂତି ଯଥା

ରୁଷ-ଗଉରବେ ବିଶେ ଶୃଂଗ-ସାନୁ-ମାଳ
ବେଳା ଭେଦି, ପଶି ଜଳେ, ବୀଚ-ବିକ୍ଷୋଭନେ ।
ଆଂଭ ଆଗମନ ଦେଖି ଜନତା-ଗହଳ
ହେଲା ଦ୍ୱିଧା; ସିଂହାସନେ ପାଇଲୁ ସରଣୀ ।
ସିଂହାସନ-ପାଖେ ତହିଁ ପଡ଼ିଥିଲା ତଳେ

ଅର୍ଦ୍ଧ-ଅନାବୃତ-ଶିଶୁ ; ରୁଷ-କରେ ଆଜ୍ଞା,
ଫିଂଗିଛୁ ଦୋଳରୁ କିଏ ନଶ୍ୱାସ-ସେ ଶିଶୁ !
ଜେମା-ବାମେ ବକ୍ଷ-କରେ ମଧୂମତୀ-ବାଳା
ଉରସ-କଂପନେ ରୋଧି ଗୁରୁ-ବାଷ୍ପ-ଶ୍ୱାସ;
ପ୍ରଚଂଡ-ଶାସନୁ ସତେ ସୁରକ୍ଷିତ କି ସେ ?

ରତ୍ନ-ଶିରେ ମହାଶ୍ୱେତା ଗଂଭୀର-ଆଧ୍ୟାନେ
ବକ୍ତୃମ-ଭାଷଣେ ରତ । କହିଲେ ସେ ଦୃଢ଼େ,
"ଏମଂତ ନ ଥିଲା କଥା; ଜେମାମଣି, ଯେବେ
ଆରଂଭିଲା ଏ ନଳଂଦ । ମମ ଉପଦେଶ
ପାଉଥିଲା ଗଉରବ; ଚଳୁଥିଲା କ୍ରିୟା

୪୭୧ । ସାଗର ମଧ୍ୟସ୍ଥ ଦୀପସ୍ତଂଭମାନଂକରେ ଝଡ ପ୍ରକୃତ ଜଣାଇବାପାଇଁ ଭିନ୍ନ ଭିନ୍ନ ଆଲୋକର ବ୍ୟବସ୍ଥା ଥାଏ । ଜାହାଜମାନେ ଆଗରୁ ଦେଖି ସାବଧାନ ହୁଅଂତି । ପୁରୀ ସମୁଦ୍ର କୂଳରେ ଏବେ ମଧ୍ୟ ସେହି ବ୍ୟବସ୍ଥାର ଆଭାସ ଅଛି ।

୪୭୩ । କଂକତୀ = ପାନିଆ, କଂଗେଇ ।

ମୋହର ନିବେଦନେ ତବ । ବାକ୍ୟ-ଦେବୀ-ପଦେ
ସଯତନେ କରି ତବ ପରିଚୟ କେତେ;
ସେ ବସନ୍ତ-ମଧୁ-ଗାନେ, କଲି ତବ ପ୍ରାଣ
ମୋହନ-ସଂଗୀତମୟ; ଏହି ମଧୁ-ପରି
ପାଇଲି ମୁଁ; ମାତାପରି ମୋରେ ତବ ମାନ ।

ଥିଲି ସେ ମାହେଂଦ୍ର-କାଳ; ନବ-ବନ୍ଧୁ ତବ
ଆସି ମିଳିଗଲେ ତହୁଁ ବଦଳିଲା ଧୀରେ
ମତି ତବ । ଦେଖିଲି ମୁଁ ଅଂତର-ବିଷାଦେ,
କେମନ୍ତେ ଗୋ ଜେମା, ତୁଂଭେ ପ୍ରେମେ ଶିଥିଳିତ
ହୋଇ, ହେଲ ରସହୀନ । କ୍ରମେ ପରିଶେଷେ

ପରାଣର ପ୍ରେମ-ରାଶି ଗଭୀର-ପ୍ରବାହେ
ଧାଇଁଲା ମନ୍ତଂକ ପାଶେ । ନ ପଚାରି ମୋତେ ।
ଏହି ତ ମୋ ପୁରସ୍କାର ଏ ମହା କରମେ !
ହେଲେହେଁ ନ ମାନି କଷ୍ଟ, ଥିଲି ସବୁ ସହି;
ମରମ ବଂଧନ ତୋରେ ନ ପାରିଲି ଛେଦି;

ଭାବିଲଇଁ, କାଳେ ପୁଣି ମମତା ହେ ତବ
ଫେରିବ ଏ ହୃଦେ; ତଂଭ ପୁଣି ଥାଏ ମନ,
ଗୁଣର ଉପେକ୍ଷା କାହିଁ ଗରୁ କି ସଂଭବେ ?
ଭାବେ ପୁଣି ବେଳେବେଳେ, ପଦ ସନମାନେ
ଅଧସ୍ତନ ଯେଣୁ ମୁହିଁ, ସହିବି ମଉନେ ।

ରଖିଥାଏ ମନେ କିଂତୁ, ମହତ-କରମ-
ସାଧନେ ଜନମ ତବ; ସହଯୋଗେ ରହି
ଉଚିତ ମୋ' କରିବାର, ଅଛି ଯେତେ କାଳ ।
ଏସନେ, ସମୟେ ଏବେ ମହା-ଦ୍ରୁମ-ରୂପେ
ବଢ଼ିଲା ସେ ଉପ୍ତ-ବୀଜ; ବପନେ ଯାହାର,

ମଂଥର-ବିକାଶେ ପୁଣି, ତବ ସନେ ମୁହିଁ
ଅଛି ଚିର-ସହଯୋଗେ ସାଧନା-ସମୟେ ।
ବିକାଶ-ମଂଥର-ଲୀଳା ସହି ସେ ପରାଣେ,
ପ୍ରତି-ପଦେ ସହି ଗୁରୁ-ବିପଦ-କଣ୍ଟକ,
ଦୋଳା-ଚଳ-ଚିତ୍ତେ କେତେ ବାସର ଯାମିନୀ

ପୁହାଇ, ପାଇଲେଁ ଯାହା ଦେଖୁଛ ଗୋ ଆଜ,
ଏ ମହା-ନଳଂଦ-ରୂପେ; କାହିଁ ଥିଲେ ମନ୍ତ ?
ଘଡ଼ିକ-କର୍ଷଣେ ପୁଣି ବପନ-କରମେ,
ଇଂଦ୍ରଜାଲ-ଫଳ-ପରି ଲଭି ଏ ସଂପଦ,
ଭୋଗିଲେ ସେନେହ ତବ । ଏଥି ଏ ପ୍ରାସାଦ

ପହିଲେ ନେଲଇଁ ଦୁର୍ଦ୍ଦେ; ସେହି ସେ ପହିଲୁ
ଅନୁସରି ଆତ୍ମଜ୍ୟୋତି ରହିଲି ଆପଣେ;
ତାମସ-ଜଡ଼ିତ ମୁହିଁ ହେଲି ଦିନୁ ଦିନ ।
ଅଂତେବାସି-କୁଳ ଏଥି ଆସି ଏକେ ଏକେ,
ଭେଟିଲେ ସନ୍ନିଧି ତବ; ସୁଗମ-ସରଣୀ

ଦେଖାଇ ସରବେ ଦେଲ ମନ୍ତ-ସନ୍ନିଧାନେ ।
କମାପ୍ରୁସୀ ସେହୁ ମନ୍ତ; ଜ୍ଞାନ-ଗରିମାରେ
ହ୍ରସ୍ୱ ବହୁତର, ପୁଣି ବିଦେଶ-ବାସିନୀ ।
ମୁହିଁଟି ଆବର ତବ ସ୍ୱଦେଶ-ମହିଳା,
ପୁରାଣ-ବାନ୍ଧବ, ପୁଣି ବହୁ-ପରୀକ୍ଷିତ,

କରମେ ସଙ୍ଗିନୀ ଗରୁ; ନବୀନ ସେ ମନ୍ତ ।
ହେଲେହେଁ ବଢ଼ିଲା ସେହୁ ସନମାନେ ଏଥି;
ବହୁଳ ତା' ଅଂତେବାସୀ ହେଲେ ଅନୁଦିନ;
କ୍ଷୀଣ ମମ; ଥାଏ ମୁହିଁ ଆଶା ବହି ମନେ,
'କାଳେ ତା' ସ୍ୱରୂପ ଜଣା ପଡ଼ିବ ମୁକରି' ।

ଆସି ଏବେ କାଳେ ଛଦ୍ମେ ପଶିଲେ ଏ ବନ,
ସ୍ୱଗୁଣ-ସମାନ ଏଥି କପୋତ-ମଣ୍ଡଳେ;
ଜାଣଂତି ସେ ମତି ଭଲେ; ଥିଲେ ସେ ନିର୍ଜନେ
ସକାଳ-ପହର-ସାରା କାଲି ମତି-କୂଳେ;
'କାହୁଁ ଏଥି, କେମଂତେ ସେ,
କିଏ ବା ସେମାନେ,'।

କହୁଛଂତି ମତି-ପାଶେ; ଅବହିତ-ମତି
ଶୁଣିଛଂତି ମତି ସବୁ; କେହି ମୋରେ କିଛି
ଲବେ ହେଲେ କହି ନାହିଁ; ହେଲେହେଁ କି ହେଲା ?
ଶକୁନ-ଦର୍ଶନ ମମ, ମୀତ-ନିର୍ନିମିଷ,
ଜଗତ-ମଂଗଳ-ଲଗି ଜାଗ୍ରତ ସତତ ।

ବିଗତ-ରଜନୀ ମୋରେ ବ୍ୟାଜର ବିଶ୍ୱାସ
ବିକଶିଲା; ଜାଣିଲଇଁ; ପାଦ କାଢ଼ି ତହୁଁ
ଉଠିଥିଲ ପାଶେ ତବ; ମଣିଲ ସହସା,
ସଂଶୟର ପଶ୍ଚାତାପେ, କହିବ ଗୋ ତୁଂଭେ
ଶୁଷ୍କ-ଭଦ୍ର-ସ୍ୱରେ ମୋତେ-'ମଂଦ ନୁହେ କଥା

ସାଧୁ ଏ ଉଦଂତ ତବ, ପୁଚ୍ଛା କରି ମତି,
ବୁଝିବୁ ଆପଣେ ସବୁ'। ବିସ୍ମୃତ ଏସନ,
ବିଳଂବି ମୁଁ ଗଲି ତହୁଁ; ବିସ୍ମରିଲି ପୁଣ,
ମମ ଏ ଉଦନ୍ତେ ଯିବ ମତି-ପାଶେ ତୁଂଭେ;
କହିବ ସେ, 'ଗୃହ କାହିଁ ?'
ନ ପେଉ ସଂଦେଶ ।

କହି, ପୁଣି ବୁଝାଇବ ଖେଳାଇ ଭ୍ରୂଭୂସା,
'ଅଳପ-ବିଳଂବେ କିଛି ହୋଇନାହିଁ ହାନି'।
ପ୍ରେମ-କଣେ ପାଇ ମାନ ରହିବ ସେ ଏଥି;
ନବୀନ ଏ ଉପବନେଁ ଗୁରୁ-ବିଟପଲତା;
ସ୍ୱର୍ଣ୍ଣ-ରକ୍ତ-ସନେ ମିଶି ଚିକ୍କଣ-ପଲ୍ଲବ ।

ସାଧୁତାର ବହ୍ନି-ସମ ମମ ଏ ଆବେଗ
ଦହିବ; ସତେ କି ଅବା ପରପଂଥି-ଦାଶେ,
ତଡ଼ିବାକୁ ମତି ଏଥୁ ପଦ-ଗଉରବୁ,
ବିଦ୍ୱେଷିତ-ବ୍ୟଗ୍ରତାର ଲୀଳା ଏତୁ ମମ !
ଜଗତ-ମଂଗଳ-ଲଗି ଲୋଡ଼ା ଥିଲ ଯେଣୁ,

ଫିଟିବ ଏ ମତି-ଛଦ୍ମ; ନିୟମ-ଚାଳନେ
ଲୋଡ଼ିଲି ବିବେକ-ବଳ, ନ ହୋଇ ଶିଥିଳ ।
ନ କହି ଚହିଲେ କିଛି ରହିଛି ଅନାଇ,
ଜଗିଛି, ଯେମଂତ ସେହୁ ନ ମିଶିବେ ଏଥି,
ମଂଦ-କର୍ମେ ନ ହେବେଟି ରତ କଦାଚନ ।

ନ ମାନିଲା ମନ ତହିଁ । ଆସୁଥିଲ ଆଜ
ବିସ୍ମୟେ କଂପିତ ଜାଣି ମୁଁ ପଡ଼ିବ ତବ;
କହୁଥାଂତି ଚେଷ୍ଟା ସବୁ; ନ ଥିଲ ମଣ୍ଡଳେ;
ଯାଇଥିଲ ଅଶ୍ୱାସେନ୍ଦ୍ର ପାହାଡ଼ ନିରେଖି;
ଗହଣରେ ଥିଲେ ମତି । ମଣିଲି ମୁଁ ଏବେ,

କହିବ ମୁକର ସେହୁ ବିବରଣ ଫେଇ;
ନ ହେଲେ କହିବି ପରେ; କହିଛି କି ମତି ?
ଶୁଣୁଛି ତ, ଆପଣେ ସେ ବିକଟ-ଜଂଭୁଏ
ବିଭ୍ରଷ୍ଟ-ବେଶରେ ହେଲେ ପ୍ରକୃତି ବଖାଣି ।
ଛଦ୍ମ ଫୁଟି ଖସିଲା ସେ ମତି; ପଳାଇଲା;

ସରମ-ଦଂଶନ ଏଡ଼ି ନ ପାରି ମରମେ;
(ନାସ୍ତି ଯେଣୁ ସରମ ତା' ଅଛଇ କଂପିତ) ।
ମଣ୍ଡନ-ସଂଯମେ ମମ ଘଟିଲା ତ ଏହା !
ପଳାଇ, ଏବେ ସେ ସୁଖେ; ସହିବାକୁ ତବ
କୋପର ତାପନ ଅଛି ସବୁ-ମଂତେ ମୁହିଁ;

୫୭୦ । ପଲ୍ଲବ—ପାଲ ।

ମୁଗ୍ଧି, ବଢ଼ାଇଲ ଯେତ୍ସୁ ଅରପି ଜୀବନ
କୋମଳ-କଳ୍ପନା ତବ ଜୀବନ-ଅବକାଶେ ।
ସାରଚ୍ଛି ମୁଁ ଏଥି ସବୁ ଶରୀର, ସଂପଦ,
ଅବକାଶ, କଉଶଳ, ପ୍ରତିଭାର ଲୀଳା;
ଜାଣ ସବୁ, ବକଭ୍ରଥନା ନୁହେଁ ଟେ ବଞ୍ଚିତ ।

ଗୁଡ଼ହଅ ମୋତେ ଏଥୁ; ଭବିଷ୍ୟ-ଭାରତୀ
କହୁଛି ମୁଁ, ରଖ ମନେ 'ଗୁଡ଼କଂକ-ସମ
ଉଦ୍ଭବ ଘଟନା-ବାରେ କଲପନା ତବ
ଯହିଁ ତହିଁ ଅଘଟନେ; କହିବେ ପୁରୁଷେ,—
ରମଣୀ ଆଲୋକ-ଭ୍ରମେ ଚରଗୁଣି-ନଆଁ

ଅନ୍ୱେଷି, ପଡ଼ିଲେ ତହିଁ । ମାନବର ପାଦ
ସ୍ଥିର-ଦୃଢ଼େ ରହିବାର ଯହିଁ ଅସଂଭବ' ।"
    ମାରିବଲେ ମହାଶ୍ୱେତା; ନର୍ମମ-ଭାଷଣେ
ଉତ୍ତରଲେ କେମାମଣି, "ଉତ୍ତମ ସେ କଥା;
ବ୍ରତ-ଭଂଗ, ଯାଅ ଏବେ ପଦଚ୍ୟୁତ ତବ ।"

ମଧୁମତ୍ତି ଶୁଣିଁ ତହୁଁ, "ନିଷ୍ପାପ ବାଳିକା,
ନ ମଣୁ ତା' ଦୋଷ କିଛି, ଥାଉ ସେ ଗହଣେ ।"
ଶୁଣି ମହାଶ୍ୱେତା, ଧୀରେ ଶକୁନର କଂଠ
ଲଂବାଇ, ବଦନ ତୋଳି, ନର୍ମମ-ସୋହାଗେ
କୁଟିଳ-ଅଧରେ ଦେଖାଇଲେ ଶୁଷ୍କହାସ;

କହିଲେ ଉଚ୍ଚାରି ତହୁଁ, "ମମ କଲପନା !
ନିର୍ମାଣି ମୁଁ ଥିଲି ମାଡ଼, ବଢ଼ାଇବି ବୋଲି
କୋକିଳ-ଶାବକ ଏଥି ! ଉଠ, ଯିବା ଏଥୁଁ ।"
କହିଣ ଏସନ, ବଳେ ଉଠାଇଲେ ମଧୁ !
ମଧୁମତ୍ତି ଏକ ପାଖେ ଅବଲଂବି ମାତା,

କରେକ ପ୍ରସାରି ବୁଲି, ଗୁହିଁ କେମାମଣି
ସଜଳ-ନୟନ-ଭଂଗେ, ( କରୁଣା-ମାଗୁଣି
ପୂରି ହୃଦ ବହିବ କି ଲୋତକର ଧାରେ ! )
ମୋହିଲା ସେ ପାରିଜାତେ । ସ୍ତୁକାନ୍ତ-ନୟନେ,
ଦେଖୁଥିଲୁ ସ୍ୱଚ୍ଛ-ଛବି; ଶୁଭିଲା ଚହଳ

ଦ୍ୱାର-ଦେଶେ । କ୍ଷିପ୍ରେ ତହୁଁ ଊର୍ଦ୍ଧ୍ୱ-ଶ୍ୱାସେ ନାରୀ
ପଶିଲା ବସୁର-ପୁରେ; ପବନ-ଲଂଘିତ
ପ୍ରସାରି ଅଞ୍ଚଳ ପଛେ; ମନେ ହେଲା, ନାରୀ
ବଣଜଂତୁ ଦେଖି, ଆସି ପଶିଲେ କି ଡରେ ।
ପାଂଡୁ-ଗଂଡେ ବିସ୍ଫାରିତ-ନେତ୍ରେ
ଝାର-ବେଗେ

ଆସି ପାଶେ, ଦେଲେ ଦୁଇ ମୁଦ୍ରିତ ପତ୍ରିକା ।
ଅର୍ଦ୍ଧ-ବସ୍ତ୍ରର ଭାବେ ଦେଇଲେ ତା' କେମା ।
ଚିରି, ଫିଟାଇଲେ ମୁଦ, ସିଂହିକା ଯେସନ
ଚିରଇ ଛାଗଳ-ଶିଶୁ, ଠାଣି ସେ ରେମଂତ ।
ଅଜ୍ଞାନର ଅନୁମାନେ ରହିଲୁ ମାରବେ

ରହିଁ; ଚଢ଼ିଲେ ସେ ପତ୍ରୀ । ଚଢ଼ୁ ପଢ଼ୁ ତହିଁ,
ଭାତିଲା ବିରହ-ଭରା-କୋପାନଳ-ଛଟା;
କପୋଳେ, କପାଳେ ଘାମ ଫିଟିଲା ରକ୍ତିମା;
ହସିଲା; ହସଇ ଯେସନ୍ତେ ଗ୍ରାମ-ଦାହ-ଧୂମେ
ଭୁଂଗ-ବୈଶ୍ୱାନର-ବିଶ୍ୱ ଉଜଳ ଅଂବରେ,

ଘାମ-ସିକ୍ତ-ତାନେ ଉଠେ ଲୋହିତ-ଜ୍ୱଳନେ;
ମେଲାଇ ସପତ-ଜିହ୍ୱା-ଲେଲିହାନ-ଛବି,
ଆବୃତ-ଗଗନ-ତଳେ ନଶି ଅଂଧକାରେ ।
ଘୋର-ବେଗେ କେମାମଣି, ହୃଦସ୍ଥ-ସଂଚିତ-
ଚିର-ଭାବ-ଆକ୍ଷେପର ଗମ୍ଭୀର ତାଡ଼ନେ,

୭୦୦ । ବକଭ୍ରଥନା—ବଢ଼େଇକର କହିବା ।

ଟଳିଲା; କଂପିଲା ଗୁରୁ-ଗଂଭୀର ହୃଦୟ;
ଥରିଲା ଶ୍ରୀହସ୍ତ; ରତ ସ୍ତବଧ-ଭବନେ
ମୃଦୁ-ଶରଣରେ ପଂକ୍ତି-କଂପନ-ଶବଦ ।
ମତ୍ତ-ଶିଶୁ ଥିଲା ଶୋଇ; ସହସା କପାଇଁ
ଚମକି, ଜନନୀ-ଲାଗି ଉଠିଲା ବିଳପି ।

ସେ ବିଳାପ-ଧ୍ୱନି ପଶୁଁ କେମାମଣି-ଶ୍ରୋତେ
ଲାଗିଲା; ବିଷମ-ଭାବେ ପଡ଼ି କେମାମଣି,
ଲେଖା-ପତ୍ର ଦଳି କରେ ବୁଲାଇ ବଦନ,
ସତେ ବା କହିବେ କିଛି ! ଭାବ-ରୋଧେ ପଶୁଁ
ନ ପାରିଲେ କହି କଥା,
ଫିଂଗିଦେଲେ ପତ୍ର;

ସରୋଷେ କହିଲେ କବା ଟଉ୍’ ବୋଲି ମୋରେ ।
ପଢ଼ିଲାଇଁ ପତ୍ର ଦୁଇ;—ଗୋଟିଏ ଲେଖା ଏକ,—
“ଆୟୁଷ୍ମତି-କେମା ମୋର, ପଠାଇଲି ଯେବେ,
ରାଜସୁତେ ତୋ’ ସନ୍ନିଧି, ଜାଣି ତ ନ ଥିଲି
ନିଦାରୁଣ ବିଧାନ ସେ ତବ ନଳଂଦର;

ବୁଝି ଏବେ, ଜାଣି ତବ ପ୍ରକୃତି ଅଟଳ,
ବାହାଟିଲି ଶଶବ୍ୟସ୍ତେ ରୋଧିବାକୁ ଯେବେ
ଅପଗୁର, ପଡ଼ିଲି ତା’ ଜନକ-କବଳେ;
ଆସି ସେହି ଏ ରଜନୀ, ଘେରି ତବ ସ୍ଥଳୀ,
ଅବରୋଧି ଅଂଧକାରେ, ରଖିଛଂତି ମୋତେ

ପ୍ରଭଞ୍ଜୁ; ଗୁଡ଼ବେ, ଦେଲେ ତନୟ ତାଂକର ।”
   ପିତା ମମ ଲେଖିଥିଲେ ଅପର ଲେଖନ,
“ରଖିଛ ଗୋ ସୁତ ମମ, କେଶାଗ୍ର ତାହାର
ନ ଛୁଇଁବ; ଅଚିରେ ସେ ଆସିବ ବାହୁଡ଼ି;
ଧରି ହାତ ତାର, ତବ ରଖିବ ନିର୍ବଂଧ;

ଶୁଣୁଛୁ ଗୋ ମତ ତବ, ‘ନାସ୍ତି ଶ୍ରେଷ୍ଠନର’;
ରଖ ବାଂଧି ସେ କଳ୍ପନା, ପାଷଂଡ଼-ଉକ୍ରମ ।
କି ଅମାନ୍ତ ! ଏ ଜଗତେ ବ୍ୟାପି ଏହା ଜନେ,
ନାସ୍ତି-ପାଦାଘାତେ ସ୍ୱାମି-ପିଶିର-ପେଷଣ
କରିପାରେ । ଜାଣି ରଖ, ଧରିଲେ
ଏ ମାଲ,

ଉଚିତ-ବିଧାନ ହେବ; ଏହି ରଜନୀରେ
ଧ୍ୱସ୍ତ ହେବ ହର୍ମ୍ମ ତବ; କରିବୁ ଆପଣେ;
ନ ଦେବଟି ଯେବେ ପେଷି ଏହି ସେ ମୁହୂର୍ତ୍ତେ
ସୁତ ମମ ସଙ୍ଗ ଶୁଭେ ।” ନରୋଧି ପଠନ
ଏହି ଠାବେ, ଆରଂଭିଲ କହି ଖିନ୍ନ-ତାନେ;

“ଆସି ନାହିଁ ରୂପସି ରେ, ଲୁଚି ଦେଖିବାରେ
ସୁରକ୍ଷିତ-ଭୂମି ତବ ଏ ନାସ୍ତି-ନଳଂଦ
ସାଧୁ-ଅଭିଳାଷ ଘେନି ଆଶା-ବଂଧେ ପଡ଼ି,
ନିର୍ବଂଧ-ବାସନା-ଫଳେ ପଶିଲଇଁ ଏଥି
ଲଂଘି ସୀମା । ଅବମାନ ରମଣୀର କେବେ

ଧରି ନାହିଁ ଏ ପରାଣେ । ରମଣୀ-ପୂଜନେ
ପ୍ରେମିକ-ପରାଣ ମମ ଉତ୍କଂଠିତ ସଦା;
ଆସିଛି ସେ ଉତ୍କଂଠାରେ, ଶୁଣ ବାଣୀ ମମ;
ହେଲେହେଁ ପୁରୁଷ-ଜାତି, ମାନବଟି ମୁହିଁ;
ଏ ମର-ଜୀବନ ପୁଣି ବାକୃତ-ବସ୍ତୁ

ବକା ତବ ହେବ ନାରି; ପଳିତ-ଚକୁରେ
ନ ହେବ ଅନ୍ୟଥା କେବେ; ଧାତ୍ରୀ କୋଳେ ମୁହିଁ
ଶୁଣିଛି ଭୁଂଭର କଥା; ଭୁଂଭ ନାମ ଧରି,
ଦରୋଟି-ଭାଷଣେ କେତେ କହିଛି; ଯେସନେ
ଡାକୁଥିଲି ଜହ୍ନ-ମାମୁ, ସୁଂଦର-ଆଲୋକେ

୬୬୭ । ପ୍ରଭଞ୍ଜୁ = କ.ମିନ୍

ଦେଖି ଦୂରୁ, ନ ଜାଣି ତା'ଙ୍କ ବାସ୍ତବ-ତନୁ ।
କିଶୋର-ବୟସେ ପୁଣି ଇନ୍ଦ୍ରଜାଲ-ସମ
ଯେତେଣେ ଖୋଜେଁ, ତେତେଣେ ତୁମ୍ଭେ । ଉନ୍ନତ-ସୁନ୍ଦର
ଦେଖିଲେ ଦିଶୁ ତୁ ତହିଁ; ଅବାଚୀ-ଅନଳେ
ଚଢ଼ି ଅବା ଯାଉଥିଲୁ ଉଦୀଚୀ-ଦିଗନ୍ତେ;

ଦିବସ, ନିଶୀଥ, ତଥା ସକାଳ, ପ୍ରଦୋଷେ
କାନନ-ପ୍ରାନ୍ତର-ବାୟୁ-ମୃଦୁ-ବିଧୂନନେ
ଶୁଣୁଥିଲି ନାମ ତବ ପତ୍ର-ମରମରେ;
କପୋତ ଆକାଶେ ଉଡ଼ି, ଚୁମ୍ବି ନଭ ରାଶି
ଫେରୁଥିଲି ଦେନି ତବ ସନ୍ଦେଶ ମେଦିନୀ;

ମେଦୁର-ତରଙ୍ଗ-ମାଳା ଖଦ୍ୟୋତ-ବିତାନେ
ଶୀକର ବିନ୍ଦୁର ରଙ୍ଗେ ତୀର-ଶିଳା-ପାଦେ,
ଗାଉଥିଲେ ଗୁଣ ତବ; ଯଉବନେ ଏବେ
ଆସିଛି ମୁଁ ଖୋଜି ତୋରେ । ରହନ୍ତି କି କେବେ
ସ୍ଥିର ମୁହିଁ ତବ ବିନୁ; କୃତ୍ତିକା-ମଣ୍ଡଳେ

ଅରୁନ୍ଧତୀ ରୂପେ ତୁମ୍ଭେ ଥାଅ ପଛେ ନଭେ,
ନାଗ-କନ୍ୟା ରୂପେ ଅବା ବାସୁକି-ଭବନେ ।
ପାଉଛି ସେ ନିଶି, ଯେବେ ଉଚାଟ-ଜାଗରେ
ଆଶାର ଆଲୋକେ ମୁହିଁ କଟୁଥିଲି କାଳ;
କି କହିବି ଜେମା ଆଉ ? ଜନତାର ମେଳେ

ସମ୍ଭବେ କି ଦେବି ଏଥି ପରାଣ ଫିଟାଇ ?
ଫିଟାଇଲେ ତୁମ୍ଭେ ତହିଁ, ଅଧିକ କି ଅବା ?
କହନ୍ତି ଜଗତେ ଜନେ : ଶ୍ରବଣେ ସୁନ୍ଦର,
ଦରଶନେ ହୁଏ ହୀନ' । କେତେ ନର-ନାରୀ-
ପୁର-ଜନପଦ କଥା ଶୁଣିଛି ଶ୍ରବଣେ;

ଦେଖିଲେ ତୁଟଇ ରୁଚି; ଯାଏ ଜନ-ବାଦ,
ମଉଳି ବାସ୍ତବ-ରସେ; କାହିଁ ବା ବାସ୍ତବେ
ସୁନ୍ଦର-ବିଭବ ଖୋଜି, ବୋଧେ ମନ ନର ।
ରୂପେ ଗୁଣେ ତବ ଜେମା, ବାଳ-ସ୍ୱପ୍ନ ମମ
ଯାଇଛି ମଉଳି; ଯଥା ଖଦ୍ୟୋତ ତପନେ ।

ମହା-ଭବ-ଚୟ ଦେଖି ତବ ଏ ନଳନ୍ଦେ,
କରମୁ କରମେ ଯାଏ ପରାଣ ବିଭୋର
ପ୍ରେମ-ନିମନ୍ତ୍ରଣେ କାହିଁ କେଉଁ ଶୂନ୍ୟ-ଦେଶେ;
ଆତ୍ମହରା ଏବେ ମୁହିଁ । ପରୁଷ-ପରାଣ
ଯାଉଛି ତରଳି ଧନ ; ଆଶୀବିଷ ଯଥା

ଭୁଲିଣି ସଙ୍ଗୀତ-ମୋହେ ଜାଙ୍ଗଳିକ-ପଛେ
ଯାଏ ପଥ ଅନୁସରି, ତେସନ ଭ୍ରମିବି
ତବ ଜ୍ୟୋତ୍ସ୍ନା-ଆତ୍ମ-ହରା; ହେଉ ସେ କରମେ,
ହେବ ଯେବେ ଦଣ୍ଡ-ଭୋଗ ନଳନ୍ଦ-ବିଧାନେ;
ପୁରୁଷ-ପ୍ରବେଶେ ଯହିଁ ପ୍ରାଣଦଣ୍ଡ-ବିଧି ।

ହୀନ ମରଣର ଭୟେ ରୁଦ୍ଧ କି ପାରିବ
ପରାଣ ଆବେଗ ଏଥି ? ଯଉବନ-ଆଶେ,
ବାଳକ-ଆବେଗ ବଳି ଏ ସମ୍ପଦ ମମ;
ବଳି ପୁଣି ସେ ଆବେଗ, ବଞ୍ଚିବାର ଆଶେ
ମୁମୂର୍ଷୁ-କରମି-ହୃଦେ; କର୍ମ-ରାଶି-ରାଶି

ଆରମ୍ଭ ସେ ଉକୁଥାଏ ଯେବେଠି ମରଣ,
ନିରାଶ-ବିଷାଦେ ରୁହିଁ ବନ୍ଧୁ-ପରିଜନେ ।
ଦରିଦ୍ରେ ଧନର ସ୍ପୃହା, ଚିର-ରୋଗ-ଜୀର୍ଣ୍ଣେ
ନୀରୋଗ-ବିଳାସ ବଳି, ଏ ମମ ପରାଣେ
ପୀରତି-ପିପାସା ଉଠେ; ଏ ପରାଣ ପୁଣି

୭୧୯ । ସପ୍ତର୍ଷି ଙ୍କର ସ୍ତ୍ରୀମାନଙ୍କୁ ଇନ୍ଦ୍ର ଥରେ ସେମାନଙ୍କର ସ୍ୱାମୀରୂପ ଧରି ଭୁଲାଇ ଥିଲେ । ବଶିଷ୍ଠଙ୍କ ସ୍ତ୍ରୀ ଅରୁନ୍ଧତୀ ଛଡ଼ା ବାକି ସମସ୍ତେ ଭୁଲିଗଲେ । ପରେ ତାଙ୍କର ସ୍ୱାମିମାନେ ଆସି ଧ୍ୟାନବଳେ ଜାଣିପାରି ସେମାନଙ୍କୁ ପରିତ୍ୟାଗ କରିବାରୁ ସେମାନେ ଷଟ୍‌କୃତ୍ତିକା ରୂପରେ ବିୟଦ୍‌ଗଙ୍ଗା (ଛାୟା ପଥ) କୂଳରେ ଅଛନ୍ତି ବୋଲି ପୁରାଣରେ ପ୍ରବାଦ । ବଶିଷ୍ଠଙ୍କର ଭାର୍ଯ୍ୟା ଅରୁନ୍ଧତୀ ଏବେ ସପ୍ତର୍ଷିମଣ୍ଡଳରେ ବଶିଷ୍ଠ ତାରା ପାଖେ ଦେଖାଯାଏ ।

କେମନ୍ତେ କହିବି ମମ; ତବ ଏ ଅଭିନ୍ନ;
ତବ ବିନା ଅର୍ଦ୍ଧ ଏହା, ଅପୂର୍ଣ୍ଣ ସତତ;
ତବ ଯୋଗେ ପୂର୍ଣ୍ଣ ସତ୍ତ; ସେ ପୂରଣେ ପୁଣି
ମହୀୟସ୍ୱ ମହତ୍ତର ତବ ଯୋଗ ବିନା !
କର ପଛେ, କର ଯେତେ ନିୟମ ବିଧାନ,

ନିରୁଦ୍ଧ ସେ ଯୋଗ-ବିଧି, ଛିଣ୍ଡି କି ପାରିବ ?
ଭଜିବ କି ନିରାଶା ମୁଁ ? ଭଜି କି ପାରଇ
ନିରାଶା ମାନବ କେବେ ? ତିଳେ ଅଛି ଯାର
ମାନବିକ-ଆତ୍ମଜ୍ଞାନ । ଗଲେ ଯାଉ ଜୀବ,
ବିପଦର ମୁଖେ ଉଡ଼ି, କରି ସବୁ ପଣ,

ମହତ୍ତର-ଆତ୍ମା ମମ ଖୋଜିବ ମୁକର ।
ହେଲେହେଁ, ଦେଖ ଗୋ ଧନି, ଆସିନାହିଁ ମୁହିଁ
ଅନୁମତି ବିନୁ ଏଥି; ଜନକ ହେ ତବ
ଦେଇଛନ୍ତି ପଦ ମୋରେ; ଦେଖ ଏହି ଲିପି ।”
ସବ୍ୟେତର-ଜାନୁ ଦେଇ ଧରାତଳେ ଭର,
ବୀର-ମିନତିର ସମେ ଦେଲାଇଁ ମୁଁ ଲେଖ ।

ଧରି ତାହା ହାତେ ହେମା, ମହା-ରୋଷ-ଭରେ
ଫିଙ୍ଗିଦେଲେ ପାଦ-ତଳେ । ଘୋର-ଭର୍ତ୍ସନାର
ଦୁରୁକ୍ତି-ପ୍ରବାହ ଥିଲା ଟାକି କଣ୍ଠ-ଦେଶେ;
ସେତୁ-ପଛେ ରହେ ଯଥା ରୁଦ୍ଧ-ଗିରିନଦୀ ।
ନିମିଷେ ଭୁଟାଇ ସେତୁ ବହିବ କି ସତେ

ପ୍ରଚଣ୍ଡ-ପ୍ଲାବନ, ବେଗେ ଫେନିଳ-ଗର୍ଜନେ !
ନିର୍ଭର୍ତ୍ସନେ ଫିଟିଥାନ୍ତା ସେ ଦୁରୁକ୍ତି-ରାଶି ।
ସହସା ଉଠିଲା ତହିଁ ନଳଂଦ-ପ୍ରାଙ୍ଗଣେ
ରମଣୀର ସମାଗମେ ଘୋର-କୋଳାହଳ;
ଅର୍ଦ୍ଧେକ-ନଳଂଦ-ହାସ୍ୟ ରୁଣ୍ଡ ସେ ଚତ୍ୱରେ ।

ଆଲୋକିତ-ଘରୁ ଜ୍ୟୋତି, ଗବାକ୍ଷ-ପ୍ରବାହେ
ଶଂଖ-ଶୋଭା-ବାମା-ତନୁ ଭେଦି ରଶ୍ମି ରଶ୍ମି,
ହସେ ଶବଳିତ-କଂପେ । ମରାଳ-ମୋହନ-
ବାମା-ଦଳ ଜସ୍ତ, ଯଥା ଗୋଟେ ମେଷବଧୂ ।
ବର୍ଣ୍ଣମୟ-ତନୁଚ୍ଛଦେ ଶତ-ଇଂଦ୍ରଧନୁ

ଯାଏ ଖେଳି; ମଣି-ରାଶି ତାରକା ବିଭ୍ରମେ ।
ମଣି ଜଣି କେଶ-ଘନ ପ୍ରଲମ୍ବ-ଚିକୁରେ,
ଝଲସଇ ତାରକା ଯଥା ଯମୁନାର କମ୍ପେ !
ଚଂଚଳ-ଚଳନେ ବାଳା, ଡୋଳି ମୁଖ ବିମ୍ବେ ।
କେହୁ ସ୍ନିଗ୍ଧ ସ୍ୱଚ୍ଛ, କେହୁ ତରଳେ ପାଣ୍ଡୁର;

ଗହଳ ସୁମନ ଶୋଭି ଉପବନ କି ସେ
ଝଟିକାର ବିକ୍ଷୋଭନେ ! ମୁକ୍ତମୁଖେ ବାମା
ସରବେ ଆଲୋକେ ରହିଁ । କେହୁ କହେ ଖରେ,
“ସଇନ ଏ ଭୂମେ”; ପୁଣି କହୁଅଛି ଆନ,
“ଏହି ତ ପାଚେରୀ ଲଂଘି, ଆସିଲେଣି ଥୋକେ ।”

କେହୁ ପୁଣି, “ଭସ୍ମ ନାହିଁ କି କହିବେ ସେନା ?”
ଗ୍ରହୁଁ, ଯଥା ଶତ ଖଗ-ଲୋକ ମିଳି ହାଟେ
କରୁଥାନ୍ତି କୋଳାହଳ, ବଳି ସେ ତହଳେ
ରମଣୀର ଏ ତହଳ । ଘରଣ୍ଡ-ପ୍ରତିମା
ହର୍ମ୍ମ-ଚୂଳେ ସ୍ଥିର ଏକା ଏକାକ୍ଷ ମଉନେ ।

ଅସ୍ଥିର ସେ ହେମାମଣି, ରମଣୀ-ମଉଡ଼ି ।
କଜ୍ଜଳ-ଚିକୁର-ଦାମ-ବିଶାଳ-ଲମ୍ବନେ
ଭରି ପୃଷ୍ଠ-ଦେଶ, ବାମା, ବାତାୟନ-ପାଶେ
ଗଂଭୀର-ଚଳନେ ଚଳି, ରହିଲେ ପ୍ରାଙ୍ଗଣେ;
ଭୁଲିଗଲା ନେତ୍ର-ଜ୍ୟୋତି ସେ ନାରୀ-ତହଳେ ।

ବିଚୂର୍ଣ୍ଣିତ-ବାରି ଯେବେ ଗମ୍ଭୀର-ଗର୍ଜନେ
ଭାଙ୍ଗି ଫେନ-ରାଶି, କରେ ପ୍ରଳୟ-ତାଣ୍ଡବ;
ସିନ୍ଧୁ-ଭେଦୀ-ଗିରି-ଚୂଳେ ଦୀପସ୍ତମ୍ଭ ଯଥା
ଆରକ୍ତ-ଆଲୋକ-ବାସ ରକ୍ତ-ବିମ୍ବ-ପରି
ଝୁଲାଏ, ନିଶିଥେ ଘୋର-ଝଟିକାର କ୍ଷୋଭେ;

ସୃଜ ସେ ଆଲୋକେ ଭୀମ-ପ୍ରଳୟର ଜ୍ୟୋତି ।
ପ୍ରସାରଣ ବରଭୁଜ କହିଲ ସୁବତ୍ସ,
ଡାକ ସେ ଗହିଲେ; ଶୁଣେ, ଛୁଟିଲା ଚହଳ ।
"କି ଚହଳ ଉଠେ ସତେ ! କପାଇଁ ଏସବୁ ?
ନୁହେ କି ନିସଙ୍ଗୀ ମୁହିଁ ? ମୋହର ଉପରେ

ପଡ଼ିବ ତ ବିପଦର ଅଶନି ପହିଲେ !
ପୁରୁଷର ଶୂନ୍ୟ-ବଜ୍ରେ ନାହିଁ ଭୟ ମମ ।
କି ଭ୍ରାନ୍ତି ତୁମ୍ଭର ? ବନ୍ଦ କର କୋଳାହଳ ।
ଆସିବେ ସେ ନାରୀ-ଜାତି-ଚିର-ସଖା ଦୁଇ ।
ନ ହେଲେ, ହେ ନାରୀକୁଳ, ଜୁଝିବୁଁ ଆପଣେ;

ନାରୀ-ମାନ-ବୈଜୟନ୍ତୀ ଉଡ଼ିବ ଆକାଶେ ।
ବର୍ମ-ତୁଲେ ଭସାଣି ଏ ବିକସିତ-ବପୁ ,
ପଶିବୁଁ ସମର-ଭୂମେ, ଜିଣିବୁଁ ବଇରି ।
ଅଥବା ନିଧନ ଲଭି ନାରୀ-ମାନ ଲାଗି
ମହତ ଏ ଆତ୍ମୋତ୍ସର୍ଗ ଭଜିବୁ ବିଳୟ ।

ହେଲେହେଁ, କରୁଛ ଭୟ, ନୁହେ ଦୋଷ ତବ;
ଯୁଗ-ଯୁଗାନ୍ତର-ବ୍ୟାପି-ଭୟେ ପ୍ରାଣ ତବ
ସଂକୋଚେ ଜଡ଼ିତ ସଦା । ଛଡ଼ାଇ ସଂକୋଚ,
ଉଠାଇ ଥାଆନ୍ତି ତବ ସନମାନ ଭବେ;
ନ ଥାନ୍ତେ ଉଠାଇ ଯେବେ ଗୋଳ ଏ ପୁରୁଷେ ।

ତୁମେ କିନ୍ତୁ—ପୁଣି ତୁମେ—ଦେଖୁଛି ମୁଁ ତହିଁ;
ଚହ୍ଲୁଟ ଗହଳେ ତବ ମୁଖ ଏ ଅଲୋକେ ।
ବସିବ ସକାଳେ ସଭା; ଦେଖିବୁଁ କେମନେ
କର୍ତ୍ତବ୍ୟ ଏଡ଼ିଣ ଲୋକ, ଉଚ୍ଚ କଣ୍ଠ-ସ୍ୱରେ,
କରନ୍ତି ଏ କୋଳାହଳ ? ଦେଖିବେ ସେମାନେ

କାହା ତୁଲେ କଉତୁକ ? ଖୁର-ଧାରେ ଖେଳା
କେଅନେ ମଧୁର-ଲୀଳା ? ଲଜ୍ଜିତ, ଲାଞ୍ଛିତ
ହୋଇ, ହେବେ ବତାଡ଼ିତ; ସଡ଼ିବେ ଜୀବନେ,
ମାତା ମାତାମହୀ ଯଥା; ଶୌର୍ଯ୍ୟ-ବସୁ ଗୃହେ;
ଜୀବନ୍ତ-ସାମଗ୍ରୀ ଭବେ; ଅସୂର୍ଯ୍ୟା-ପୋଷଣେ,

ପରସ୍ପର-ନିନ୍ଦାବାଦେ, କଟାଇବେ କାଳ;
ମଦ୍ୟପର ପଦାଘାତେ, କୃଷଳ-ପେଷଣେ,
କାଳ-ଉପହାସେ ସଦା ଉନ୍ମତ୍ତ ବଦନେ
ଗଢ଼ କ୍ରୀଡ଼ନକ-ସମ; ନର-ଇଚ୍ଛା-ମତେ
ସଜାଡ଼ିବେ କେଶ-ଦାମ, ଫୁଲାଇବେ ଗ୍ରୀବ;

ବସନ-ଭୂଷଣ-ମୋହେ ମାତି ଚିରକାଳ,
ନର-କର୍ଣ୍ଣ-ରସାୟନ ଗାଇବେ ସଂଗୀତ;
ନରର ଇଂଗିତେ, ପୁଣି ନରର ତର୍ପଣେ
ଶିଖିବେ ବିଭ୍ରମ-ଲାସ୍ୟ; ଲିପିବେ, ପୋଛିବେ,
ମାଜିବେ, ଘଷିବେ, ସବୁ ଗୃହସ୍ଥ-ଦାସତ୍ୱେ;

ପରିବାରେ ପରିଗୃହୀ; ପଶୁ ଏ ଜଗତେ ।"
 ଦେଇ ସାରି ଏ ଭର୍ତ୍ସନ, ସ୍ଥୂଳ ଭୁଜଦଣ୍ଡ,
ଦେଲେ ସେ ଇଂଗିତ;ତହୁଁ ନାରୀ-ରୋଳ ଧୀରେ
ମିଳିବଲା; ଗଲେ ନାରୀ, ଧୀରେ ଯେଝା ବାସେ ।
ଦର-ହାସେ ତହୁଁ ଶତ୍ରୁ-ସ୍ମିତ-ସଂଚଳନେ,

---

୮୧୬-୨୧ । ଝଡ଼ ହେଲାବେଳେ ଆସୁଥିବା ଜାହାଜମାନଙ୍କୁ ସତର୍କ କରିବାପାଇଁ ଦୀପସ୍ତମ୍ଭ ଚୂଳରେ ରକ୍ତ ଆଲୋକ ବିଶିଆଡ଼ିକୁ ଝୁଲାଇ ଦେଖାଇବାର ବ୍ୟବସ୍ଥା ଥାଏ ।

୮୫୨ । କୃଷଳ = ଅସଂସ୍କୃତ ଜାନପଦ ଜନ, ଦେଶୁଆ ।

ପବନେ ବୋଇତ ଯଥା ସୁଗମ-ସାଗରେ,
ଆସି ଦର-ହାସେ, ଧନୀ ଆରମ୍ଭିଲେ କହି;
ରୁଷ-ଭ୍ରମ ସେ ସୁହାସ ଦଶିଲା ଯେସନ;
ସହସା ଝଟିକା-ଘନ-ରନ୍ଧ୍ର ଭେଦ ଭାନୁ,
ଗିରି-ସାନୁ ସମୁଜ୍ଜ୍ୱଳେ ଖଣ୍ଡିତ-ଆତପେ

ଦରୀ-ମୁଖ, ତନୁ-ସାନୁ, ଉପକଣ୍ଠ-ଭୂମି,
ହସେ ତରୁପାଶେ ଘୋର ମଳିମ-ତାମସେ ।
   କହିଲେ ସେ ଜେମାମଣି, "ସାଧୁ ହେ ଯୁବକ,
ସାଧୁ, ରାଜୋଚିତ-ମତି; ହାର-ସମ ଏଥି
ପଶିଛ, ସୁନ୍ଦର କଥା; ଧନ୍ୟ ହେ ରସିକ;

ସୁନ୍ଦର ଏ ନାରୀ-ବେଶେ; ସାରେଚିତ କର୍ମ ।
ରକ୍ଷିଛ ଜୀବନ ମମ, ଅବଜ୍ଞା-ଜଡିତ
କୃତଜ୍ଞତା ଉଠେ ହୃଦେ; ମନେ ହୁଏ ପୁଣି
ଯାଉଥାନ୍ତା ଏ ଜୀବନ ସ୍ରୋତର ଆବର୍ତ୍ତେ
ଭାଙ୍ଗି ଅସ୍ଥି-ରାଶି ମମ! କହୁଥାନ୍ତେ ନରେ ।

ଏବେ—ହେଉ ନାହିଁ, କିନ୍ତୁ—କି ଅଛି ବିଷମ ?
ଯେବେ ତୀବ୍ର ପ୍ରତିଶୋଧ ଘେନିବ ମୁଁ ଏଥି,
କରି ତବ ରକ୍ତ ଗତା, ଦୁଇ-ନର-ରକ୍ତ !
ପିତା କିନ୍ତୁ,—ମଧୁରଙ୍ଗେ ଏଥି ରମଣୀର
ପଶିଲ ବିରୁଦ୍ଧ କାହିଁ ? କରି ସର୍ବନାଶ,

ରମଣୀ-ସାଧନା ସାର, କରି ନାରଖାର,
ଲଭିବ ସୁଯଶ ତୁମ୍ଭେ, ବର୍ବର, ପାମର,
ଭଲ୍ଲୁକରୁ ହୀନ ତୁମ୍ଭେ ବିଶାଳ ବିକଟ,—
ନିମିତ୍ତେ ରହନ୍ତା ମମ ରାଜ-ଦଣ୍ଡ ହାତେ ?
ଆହା ! ତୁମ୍ଭେ, ତୁମ୍ଭେ ଠିକ !
                    ଚୌର-ବଳାତ୍କାରେ

ଲଙ୍ଘି ଏ ନଳନ୍ଦ-ସୀମା, ଭୁଲାଇଲ ଛଳେ
ଭୃତ୍ୟ ସହଯୋଗୀ ମମ; କି କପଟ ଧରି,
କଲ ଏ ଉଦ୍ୟମ ଚଣ୍ଡ ! ତୁମ୍ଭେ ଠିକ ସେହି !
ଧରିବ ତୁମ୍ଭର ହାତ ! ନିର୍ବନ୍ଧ ବନ୍ଧନ
ତୁମ୍ଭର ସଙ୍ଗତେ ମମ ! ତୁମ୍ଭରି ପ୍ରେୟସୀ

ତୁମ୍ଭ କ୍ରୀତ-ଦାସୀ ମୁହିଁ ! ଅଦ୍ଭୁତ ପୀରତି !
କେବେ ନୁହେ, କେବେ ନୁହେ; ବସୁନ୍ଧରା ଯେବେ
ପିନ୍ଧାଇ ବିଶାଳ ଉର, କାଞ୍ଚନ ରତନ
କାଢ଼ି ସବୁ ଏକାବେଳେ, ନିର୍ମାଣିବେ ତବ
ଅଭିଷେକ-ଶିରୋଭୂଷା, କନକ-ମୁକୁଟ,

ବିଶ୍ୱକର୍ମା-କଉଶଳେ; ପୁଣି ଜଗତର
କଥିତ-ପ୍ରାକୃତ-ରାଶି ଯେବେ ଏକେ ଏକେ
ପ୍ରକୃତି-ସୁଲଭ-ମାନେ ହୃଦସ୍ୱର ତାନେ
ଗାଇବେ ହେ ଶୁଭ ତବ ଅଭିଷେକ-ମନ୍ତ୍ର !—
ନିକେ ତୁମ୍ଭେ ମହାଭାଗ ! ପ୍ରବଂଚନା ତବ

ଜାଳଇ ଜୁଗୁପ୍ସା ମମ; ଦଳି ପଦ-ତଳେ
ପୀରତି-ସୋହାଗ ତବ, ସନ୍ତୋଷ ଏ ପ୍ରାଣେ ।
ଯାଅ ଏଥୁଁ; ତବ ମୁଖ ନ ଚାହିଁବୁ ଆଉ ।
—ଏହି ତ; ଏହାଙ୍କୁ ଧରି, ଦେଇ ଅର୍ଦ୍ଧଚନ୍ଦ୍ର,
ତଡ଼ିଦିଅ ବହିର୍ଦ୍ୱାରେ ।" ରୋଷଭରେ ଜେମା

କହିଲେ ଏସନ ଯେବେ; ବୃଷଳ-କନ୍ୟକା,
ସ୍ଥୂଳ-ଦୃଢ଼-ବପୁ, ଅଷ୍ଟ କୃଷି-କର୍ମ-ରତା,
ନିର୍ବିକଳ୍ପ-ସଚଳନେ ଚଳି ଆସି ପାଶେ;—
କହୁଁ ମୁହି ବାରମ୍ବାର ନିର୍ବନ୍ଧ ସେ ମମ;—
କଲ୍ଲଟ-ଲିଖନ-ମମ-ନିର୍ମମ-ରୂପକେ

୮୭୧ । ତନୁସାନୁ – କ୍ଷୁଦ୍ରଶୃଙ୍ଗ ।୯୦୨ । ପ୍ରାକୃତରାଶି = ପ୍ରଚଳିତ ଭାଷାସବୁ ।
୯୦୩ । ପ୍ରକୃତି = ପ୍ରଜା ।୯୦୯ । ଅର୍ଦ୍ଧଚନ୍ଦ୍ର = ତୋଟିଆ ।

ଧରି ଗ୍ରୀବା-ଦେଶ ଦୃଢ଼, ସୁଦୃଢ଼ ସେ କରେ,
ଜେମା-ମୁଖୁଁ ଦେଲେ ବଳେ ଦୁହିଁଙ୍କ ନକାଳି;
ସୋପାନୁ ସୋପାନେ ଯେନ, ପ୍ରାଂଗଣ ବରଜି,
ଅଟ୍ଟହାସେ ଦେଲେ ଡଉ ନଳଂଦ-ଦୁଆରେ ।
ଭେଦି ଚହୁଁ ରାଜଦାଂଡେ, ଭେଟିଲୁ ଆସି

ମୃତ୍ତିକାର ସ୍ତୂପ କାହୁଁ; ଉଠି ଚହୁଁ ହେଲେ,
ଦେଖିଲୁ ପ୍ରଦୀପ-ମାଳା; ଜନତା ମର୍ମର
ଶୁଣିଲୁ ଅଳପ-ଦୂରେ । ଶୁଣୁ ଏହିପରି
ସହସା ଫୋଟିଲା ମୋତେ ଭୂତାବେଶ ଚିର;
ସଂଦେହେ ମଣିଲି ଅଛି ଅତଭୂତ-ଭୂମେ,

ନାସ୍ତି-ଋଷି-ସହ ଜେମା ଦଶିଲା ଆବେଶେ
ଦିବସ-ସପନ-ସମ, ସତ-ପର କେବେ;
ନନ୍ଦି-ଗର୍ଭେ ଜେମାମଣି, ନାସ୍ତି-କୋଳାହଳ,
ସମର-ଦୁଂଦୁଭି, ପୁଣି ଉଭୟ ରାଜନ,
ସପନ-ବିଳାସେ ଗଲେ ଭାସି ନେଇ-ପଥେ;

ଅଦ୍ଭୁତ ସେ ପାର୍ଥିବେତି-ଘଟନା-ନିଚୟ,
ସତ କି ସ୍ୱପନ କିଛି ନ ପାରିଲି ବାରି ।
ସତ ସବୁ, ମିଛ ପୁଣି ମଣିଲି ପଲକେ ।
ଅଦଭୁତେ ଗଲା ଗୁଡ଼, ଆସି ଥିଲା ଯଥା,
ବିଚିତ୍ର-ଆବେଶ ମମ; ନମିଷେ ମୋ' ହୃଦେ

ଫୋଟିଲା ବିଷାଦ-ଲେଖା ତରଳ-ସ୍ପଂଦନେ;
ଶାରଦ-ନଭସେ ଯଥା ଚଳ-ଶୁକ୍ଳ-ଘନ
ଆବରଇ ବିଧୁ କିବା ! କ୍ଷଣକେ ମୁଁ ପୁଣି
ମୁକ୍ତ ହେଲି ସେ ବିଷାଦୁ । ଥିଲେହେଁ ମୋହର
ଭୂତାବେଶ ଅଦଭୁତ, ସତ୍ୟରେ ସଂଶୟ;

ଦେଖୁଥିଲି ସଦା ମୁହିଁ, ଅଶାନ୍ତି-ଟେରଣେ
ଜୀବନର ଦୁର୍ଘଟନା ଶେଣାମ-ସୁରେଖ;
ଦେଖଇ ଯେସନ ନର ବସି ଗିରି-ଚୂଳେ
ମୈରବ-ମଂଡଳ-ପ୍ରାଂତେ, ଉତ୍ତର-ପ୍ରଦେଶେ,
ଗ୍ରୀଷମର ମଧ୍ୟଭାଗେ, ନଶୀଥ-ତପନେ

ବୁଡ଼ି ଉଠିବାର ପୁଣି ପ୍ରଭାତ-ବିଭବେ
ରହୁଁ ରହୁଁ ନଭେ-ଦେଶେ । ଚଳିଗଲୁ ତହୁଁ
ମୃଦୁ-ପଦ-କ୍ଷେପେ, ରହିଁ ଦୂର ଦୀପମାଳା ।

—*—

## ଗୀତ

ପ୍ରେୟସି, ତୋହର ବୀଣା-ଝଣା-ସ୍ୱର
ରଣ-ଦୁଂଦୁଭିରେ ଉଠଇ ବାଜି,
ନାଚଯାଏ ତାନ, ପୂରଇ ପରାଣ,
ଯହିଁ ବୀର-ଯୁବା ସମରେ ସାଜି ।

ସ୍ୱପନ-ବିକାଶେ ତୋ ଲପନ-ଶଶୀ,
ଯୁବା-ସ୍ମୃତି-ନଭେ ଉଠଇ ଭାସି;
ଚପଳା ସ୍ଫୁରଣେ ଚମକାଏ ରଣେ
ସମରେ ପରାଣ ଦିଏ ସେ ହାସି ।

ରଣଭେରୀ-ନାଦେ ପରାଣ ଉନ୍ମାଦେ
ତୋହର ଗହଣେ ଦିଶଇ ତହିଁ,
ପରାଣ ମୁକୁର— ସଂଚିତର ମେଳ,
ଭାବେ ବୁଡ଼ି, କ୍ଷଣେ ଯାଏ ସେ ରହି ।

୪୪୪-୪୭ । ଉତ୍ତରମୈରବମଂଡଳ [ଶୀତକଟିବଂଧର ସନ୍ନିହିତ ସ୍ଥାନ] ମାନଂକରେ ସୂର୍ଯ୍ୟ ଅୟନର ଉତ୍ତରସୀମା ନିକଟରେ ଥିବାବେଳେ, [ଆଂଭମାନଂକର ମିଥୁନ, କକଡ଼ା, ସିଂହ ପ୍ରଭୃତି ମାସରେ] ରାତି ଏତେ ଅଳ୍ପ ହୁଏ ଯେ, ସୂର୍ଯ୍ୟ କେବଳ ବୁଡ଼ି ବୁଡ଼ି ଉଠିବା ପରି ଦେଖାଯାଏ । ନରଓସ୍ୱେର ଉତ୍ତରକୁ ଏହି ଦୃଶ୍ୟ ଦେଖିବାପାଇଁ ଅନେକ ଲୋକ ଯାଆଂତି ।

ବନ୍ଧି ତେଜେ ଜଳ;                    ରଣ-ଭୂମି ଝୁଲ,
ପଡ଼ଇ ତଡ଼ନ୍ତ ଅରାତି ପରେ;
ନାଶଇ ଅରାତି                    ସେହ୍ନ ତୋର ସୁତ,
ତୋହର ସଂଚିତ ଶକତିଭରେ ।

ଏସନେ ସେ କୁମୁଦିନୀ ଗାଇଲା ସଂଗୀତ
ଆବେଶ-ପୂରିତ-ହୃଦେ; ଶବଦେ ଶବଦେ
ବରଷିଲା ହୃଦ-ଭେଦ-ପୀୟୂଷ-ତରଂଗ;
ଆତ୍ମହରା ହେଲା ଧନୀ; ଗୁହ୍ମ ଗୁହ୍ମ ପୁଣି,
ଛଳି କହେ ବାଳାମଣି କଉତୁକ-ରସେ,
'ଶ୍ୟାମକାଂତ-ମହିମାର ଭଂଗୀ ଭରା ଗୀତେ,
କେସନେ ଭୁଲାଏ ସେହ୍ନ' । ନର୍ତ୍ତକୀ ଯେସନ
ଅଂଗ-ଭଂଗୀ-ପଦକ୍ଷେପେ ଦୃଂଢେ ଅଲକ୍ଷିତେ
ଛାଡ଼ଦେଇ ତାନ, ପୁଣି ଧରି ନଏ ଆନ;—
ତେସନେ ସେ କୁମୁଦିନୀ କରତାଳି ଦେଇ,—
"ସମର-ପ୍ରାଂଗଣେ ଏବେ ଦେଖାଅ ତାଂଡବ;
ମାତି ଘୋରଯୁଦ୍ଧେ, କର ସଂହାର ବିନାଶ ।"
ସଂଗୀ ମମ, ହେବେ ସେହ୍ନ ରାଜପୁତ୍ର ତହୁଁ,
କହିଲେ ଦେଖାଇ ବୀର-ମର୍ମର-ବିଗ୍ରହେ
ଭକ୍ତି-ଦେହେ, "କୁମୁଦିନୀ ଦେଖ ଏହୁ ବୀରେ,
ଲଭି ସନମାନ ତବ, ପୂଜା ପାଏ ଏଥି
ନାଗରୀମାନେ; ପଣ କରି ପରାଣ ଏ ଯୁଦ୍ଧେ,
ଜିଣିବି ସମର ଯେବେ, କି ଦେବଟି ମୋରେ ?"
'ରମଣୀର ସନମାନ ପାଇବ ଆପଣେ; *
କି ଦେଇ ତୋଷିବି ଆଉ ଅଧିକ ଏଥିରୁ ।'
ଶୁଣି ଏ ସରସ-ବାଣୀ ପରାଣ-ପୁଲକେ,
ଶାରଦ-ତରଳ ସେହ୍ନ ଉତ୍ସବର ବେଶେ,
ଆରଭିଂଲେ ରାଜସୁତ-ସ୍ତୁତି-ନାଟିକା ।

—*—

## ପଞ୍ଚମ ସର୍ଗ

ଦୁଇ ତିନି ପାଦ ଯାଇ, ଶୁଣିଲୁ ଚମକି,
ସ୍ଥିର-ପଦ-ମାନବର ସ୍ଥିର-ଦୃଢ଼-ସ୍ୱର,
କିଏ ସେ ଯିବାର ରହ ।" କହିଲଇ ମୁହିଁ,
"ନଳିଂଦ-ପ୍ରବାସୀ ଦୁହେଁ । କହେ କୋଷ୍ଠପାଳ,
"ଆଜ ଦୁଇ ତୁଂଭେ; ଯାଅ, ରହିଥିବେ ସ୍ୱାହିଁ

ଆଗରୁ ଯେ ଗଲେ ଦୁହେଁ । ଜାଗ୍ରତ ଶିବିରେ
ଅଛଂନ୍ତି ରାଜନ ।" ଶୁଣି, ଗୃହିଁଲୁ ଛଟକେ;
ଦେଖିଲୁ ଝୁଲସେ ତାର ବପୁ ବର୍ମ-ତେଜେ ।
ଭେଦି ତହୁଁ ମଂଦାଲୋକ-ଘାପିତ-ସରଣୀ-
ଦୁଇ-ପାଶେ ବାସ୍ବବାସ, ସେ ସେନା-ନିବାସେ,

ଦେଖିଲୁ ସହସା ପାଶେ ଚିଗଲ ପତନ;
ଲଂବିତ-କୁଚଂନେ ଅର୍ଦ୍ଧ-ମର୍ମର-ଶବଦେ,
ଧାତବ-କେଶରୀ-ବପୁ ଦୋହଲାଇ ରଂଗେ,
ଶିଥିଳିତ-କଂଠେ ସତେ କହୁଥିଲା କି ସେ
ନିଜନେ ସମର-କଥା ଉପାଂଶୁ ବଚନେ !

ପଶିଲୁ ଶିବିରେ; ନେତ୍ରେ ଆଲୋକ ସହସା
ପଡ଼ି, ଝୁଲସିଲା; କ୍ଷଣେ ଦିଶିଲା ଅଂଧାର ।
ସ୍ଥିର ମୁଁ ରହିଲି ତହିଁ; ଅସ୍ଫୁଟ-ବଚନ
ଖେଳଗଲା ଜନ-ମେଳେ, ଭେଦି ଦରହାସ;
ଅଶ୍ୱତ୍ଥ-ବିପିନେ ପଶି ମୃଦୁ ସମୀରଣ,
ମରମରି ଚଳ-ଦଳେ; ଗଲା କିବା ବହି !
ଶିଷ୍ଟାଚାର ଭେଦି ତହୁଁ, ଉଠି ହାସ୍ୟ-ରୋଳ,
ଭସାଇ ଶିବିର ଦେଲା ଅମିତ-ପ୍ରମୋଦେ ।
ଚତୁର-ବିହୀନ-ମଥା ନଉପଣ୍ଡ ଦୁହେଁ
ହଲାଇଲେ ଊର୍ଦ୍ଧ୍ୱ-ନେତ୍ରେ; ଗଂଭୀର-ମଜନେ;

* । ରମଣୀର ସନମାନ = ରମଣୀ ଠାରୁ, ବା ରମଣୀ ପକ୍ଷ, ସମ୍ମାନ (ଦ୍ୱ୍ୟର୍ଥଶ୍ଳେଷ) ।
୪ । କୋଷ୍ଠପାଳ = ଜଗୁଆଳ, ପ୍ରହରୀ ।
୧୧ । ଚିଗଲ = ପତାକା । ୧୩ । ପତାକାରେ ରୁପା ଜରିରେ ସିଂହର ଛବି ଥିଲା ।
୧୫ । ଉପାଂଶୁ ବଚନେ = ଫୁସ୍‌ଫୁସ୍ ଶବ୍ଦରେ ।

ଯୁବକ ନବୀନ ତହିଁ ସେନାପତି ଥିଲେ,
ଦେଖାଇଲେ ଦଂତ-ଦାମ ଅନୁଚ୍ଚ-ହସିତେ;
ତୃଣ-ଗୁଚ୍ଛ ଜିଣି ଶ୍ମଶ୍ରୁ, ପ୍ରବୀଣ-ସାମଂତେ
ରୋଧି ହାସ ଶ୍ରମେ କ୍ଷଣେ, ଫାଟିଲେ ଶବଦେ;
କଂକାଳ ଭେଦିଣ ହାସେ, ପଡ଼ିଗଲେ ତଳେ,

ବେଶ-ଅସଂଭ୍ରଳେ କେତେ କିଶୋର-ଗ୍ରାମଣୀ ।
    ହାସ୍ୟ-ଶେଷେ ପିତାମମ କର୍କଶ-କପୋଳ
ଛିଂଡାଇ ଲୋତକେ, ଶ୍ରାଂତ-ଗଦଗଦ-ଭାଷେ
କହିଲେ, "ନୃପତି, ମମ ଯୁବରାଜ ଯେନ
ପ୍ରତିଭୂ ଥିଲ ତ ଏଥି; ମୁକ୍ତ ତୁଂଭେ ଏବେ;

ହୋଇଥିବେ ଏଣୁ ଯେବେ ଯୁବରାଜ ମମ ।
ପୁଚ୍ଛି ତହୁଁ ମୋରେ, "ସତେ କହେ ଯୁବରାଜ !
ଅଥବା କିଂକରୀ, କାହିଁ ଶୂକର-ଖୁଲନେ
ଥିଲ କି କର୍ଦମ-ଭୂମେ ?" ଥିଲଇଟି ମୁହିଁ
ଆପାଦ-ମସ୍ତକ-ସିକ୍ତ; ଧୂଳି-କର୍ଦମିତ,

କଂଟକିତ-ଗୁଳ୍ମଜାଳେ ଚୀର, ବସ୍ତ୍ର-ରାଶି ।
ଯୁବରାଜ-ବେଶ କି ସେ ? ଦେଖି ଏ ବିରୂପ,
କୋରକିତ-କରତଳେ ଆବରି ବଦନ,
କହେ କେହୁ ଧୀର-ଭାଷେ ପାଖେ କାହା କାନେ,
ଦେଖୁଛନା, କୁଳ-ରୋଗ ସପନ-ଆବେଶେ

କେସନ ଏ ରାଜସୁତ !"—ଗରଜି ଜନକ
କହିଲେ, "ପୋଡ଼ୁ ମେ ରୋଗ, ସ୍ୱପନ-ଆବେଶ;
ମନୁଷ୍ୟତା ଧରି ଏବେ, ହୁଅ ସୁସଜ୍ଜିତ,
ଯୁଝିବାରେ ବୀରପଣେ ମନୁଷ୍ୟ-ସଂଗତେ ।
କହିଛଂତି ଋତୁଧ୍ୱଜ; ଶୁଣିଅଛୁ; ଯାଅ ।"

    ସଂକୋଚେ ଚଳିଲୁ ତହୁଁ, ଶିଶୁ ଯଥା ଦୁଷ୍ଟ
ବେତ୍ର-ହସ୍ତେ ଦେଖି ଗୁରୁ; ଯାଇ ଅଲକ୍ଷିତେ,
ନିମିଷେ ଉତ୍ତାରିଦେଲୁ ନିର୍ମୋକ-ସୋହାଗେ
ଚୀର ସେ ରମଣୀ-ବେଶ; କର୍ପଟକ-ସାର;
ସ୍ଖଳିତ-ନିର୍ମୋକ-ନାଗ ନବୀନକଂଚୁକେ

କନକିତ ବିଶେ ଯଥା, ତେସନ ଶୋଭିଲି
କଂଚୁକିତ-ବୀରବପୁ ଶାସ୍ତ୍ର-ବୀର-ବେଶେ ।
    ଶିଶିର-ସ୍ନାହାନ ସାରି ଶୀତଳ-ଧରଣୀ,
ଉଦାରୀର ଶିର-ଚୂଳେ ଅରୁଣ-ମୁକୁଟ
ଯେନ, ସଜାଡ଼ିଲି ବେଶ । ବାହାରିଲୁ ଏବେ

କନକ-ତପନେ ଦୁହେଁ । ଋତୁଧ୍ୱଜ ତହିଁ
ଭେଟିଲେ । ପରମେ କ୍ଷଣେ ରହି ସେ ମଉନେ,
ରହୁଁ ରହୁଁ କେତେ ଭଂଗୀ ସରସ-ମୋହନ
ଆଚରି, ମିଶିଲେ ରଂଗେ । ଦୁହେଁ ଦୁଂହିକର
ମାଗିଲୁ ମର୍ଜନା ଦୋଷେ । ସଂଗୀତର ତାନେ

ଥରିଲା ଜୀବନ-ତଂତ୍ରୀ; ଜୀବନ-ସଂଗୀତ
ମୋହନେ ଉଠିଲା ପୁଣି ଏକ-ତଂତ୍ରୀ-ଲୟେ
କ୍ଷଣେ । ତହୁଁ ଆରଂଭିଲା ଘଟନା ବଖାଣି
ଚମକି, ଧାଇଁଲା ସେହୁ ଅଂଧାରିତ-ପଥେ;
କାଳାଂତରେ ରଜନୀରେ ଦେଖିଲା ସେ ମନ୍ତ୍ରି

କାଂଦବାର ଏକାକିନୀ । ପଡ଼ିଲେ ତହୁଁ ସେ
ପିତୃହସ୍ତେ ମମ । "ମନ୍ତ୍ରି, ପଡ଼ିଅଛୁ ତହିଁ ।"
କହେ ଋତୁଧ୍ୱଜ, "ସେହୁ ଅଛଇ ମଉନେ,
ଉଠୁନାହିଁ ଶେଯ ଛାଡ଼ି, ନ କହୁଛି କଥା ।"
ଦେଖାଇ କହିଲେ ତଂବୁ ଅଦୂରେ; ପଶିଲୁ;

---

୩୧ । ଗ୍ରାମଣୀ=ଗ୍ରାମାଧିକାରୀ, ଗ୍ରାମର ପ୍ରଧାନବ୍ୟକ୍ତି । ଏଠାରେ ବଶିଷ୍ଟ ଗ୍ରାମରୁ ଆସିଥିବା ଯେମାନଙ୍କର ଅଧିପତି ।

୫୪ । କର୍ପଟକ=ଚୁଂଡାକନା । ୫୫ । ନିର୍ମୋକ; କଂଚୁକ = ସାପଖୋଳ ।

୫୭ । କଂଚୁକିତ = ବର୍ମ ବା ସାଂଜୁଯୁକ୍ତ ।

ଦେଖିଲୁ , ପଡ଼ିଛି ମଣ୍ଡି । କି କରୁଣ-ଛବି !
ସଉଦନକ-ତନୁଛଦେ ଆବରି ସୁତନୁ,
ବରାଂଗ-ପ୍ରସାରି ତଳେ ଦେଇଛି ଲଂବାଇ ।
ଏକାମ୍ର-ମନ୍ଦିରେ ସ୍ଵରୁ-ପାର୍ବତୀ-ପ୍ରତିମା
ପରୁଷ-ବିଧର୍ମି-କରେ ପୀଠ-ଚ୍ୟୁତ କି ସେ !

ସେନା-ସହଚରୀ-ବୃନ୍ଦ-ପରିବୃତା କେହି
କୁଶ-ବିଳେଳିତ-ବପୁ ତୋଳି ଶିରୋଦେଶେ,
ଥିଲା ଚାହିଁ ଜଗି ମଣ୍ଡି; ନାରୀ-ପ୍ରେତ ସତେ
ସୁତିଲୁ-ରମଣୀ-ସନ୍ଧ୍ୟା-ରାଣ୍ଡୀ ଥିଲା ଜଗି !
ପାରିଜାତ ଧୀରେ ଚାହୁଁ ନୁଆଇଣ ମଥା,

କହିଲେ ନିଶ୍ଵାସ-ସ୍ଵରେ, "ପ୍ରାଣର ଭଗିନୀ,
ଉଠ, ଚାହଁ ତୋଳି ମଥା; କିସ ଗୋ କରିଛ !
ଉଚିତ-କରମେ କିଂପା ସଂତାପ ଏସନ ?
ସାଜସୁତେ ସତେ, ପୁଣି ପାରିଜାତେ ତୋର

ଦେଇଥାଂଭୁ ଶୂଳ-ମୂନେ ? ପାରଂଭୁ
କି ତାହା !

ଉଠି, ସୁଖେ ଚାହଁ ମଣ୍ଡି ! ପଞ୍ଚ ଜୀବନରେ
ଗମ୍ଭୀର-ଦୁରାଶା-ମୋହେ, ମାତି ଇଂଦ୍ରଜାଲେ,
କରି ନରମେଧ ପଣ, କି ଦୁଃଖେ ଭଗିନି,
କରମେ ଉଚିତ ଯାହା, କହି ସେ କାରଣ ?"
କହିଲି ମୁଁ, "ଛାଡ଼ିଛି ତ ପ୍ରଣୟିନୀ ମୁହିଁ,

ଜୀବନ-ପିପାସା ମମ, ପରାଣ-ବାସନା;
ରସି କି ପାରିବି ଆଉ, ଆନେ ଏ ଜୀବନେ ?
ମାଧବ-ବିଭବ ବିନୁ ପାରେ କି କୋକିଳ
ରସି ଆନେ ? କିଂପା ଶୋକ ? ଉଠ,
ଚାହଁ ସୁଖେ ।"
ଶୁଣି, ଦୋହଳାଇ ତନୁ ବିକମ୍ପିତ-ସ୍ଵରେ,

କରି ଧୀର-ଶବ୍ଦ, ଉଠି ବସିଲା ରମଣୀ,
ବସନ ମସ୍ତକୁ ଫେଡ଼ି । ଦିଶିଲା କପାଳ
ସ୍ତବଧ-ପାଂଡୁର ଯଥା ଦିଶଇ ମର୍ମର
ଶୋକ-ଭଂଗି-ଅନୁକାରି-ପ୍ରସ୍ତର-ଖୋଦନେ ।
କହିଲା, "ସେ—ରାଜକେମା—ବଂଧୁ ମମ ସେହୁ;

ହରାଇ ତାହାରେ ଏବେ, କରି ମଂଦ-ପଣ,
ଲାଗାଇ ପତଂଗ-ସମ ପଡ଼ି ସେ ଆଲୋକେ,
ଗଲି କାହିଁ ଏବେ ମୋରେ ? କପାଇଁ ହେ ଭୂଂଜେ
ନ ରଖିଲ ପଣ ତବ ? କି ସ୍ଵୀକ କରମ !
କି ସୁଖ ଅଛଇ ମମ ଶୁଷ୍କ-ଏ-ଜୀବନେ ?"

ଅଶ୍ରୁଧାରେ ରତ୍ନଧ୍ଵଜ କହିଲା ସଂବୋଧି,
"ପରାଣର ବାଣୀ ମମ ଶୁଣ ଗୋ ରୂପସି,
ଶିଶୁ ତବ ପ୍ରୀତିଭୂଷା ! ସେହି ଶିଶୁ ଲାଗି
ରହ ସୁଖେ ଏ ଜୀବନେ ;" ଶୁଣି ଏହା ମଣ୍ଡି,
କମ୍ପିତ ସେ ସ୍ଵର ତେଜି, କହିଲା ରୋଷେ,

"ଆହା ମୋ' ଲାବଣ୍ୟ-ନିଧି, ଜୀବନ-ସଂଗିନି,
ନୀରସ-ଜୀବନେ ମମ କରୁଣାର ଧାରା,
ଶୋଭା ମୋର, ଶିଶୁ ମୋର, କିଏ ମୋତେ ଦେବ ?
ଆଉ କି ଦେଖିବି ତାରେ ? ନିଷ୍କରୁଣ-କେମା;
ଦେବ କି ସେ ମୋତେ ଆଉ ? ପାଳନ ବିହୁନେ

ଯିବ ମୋର ସଜ-ଫୁଲ ଶୁଖି ନବ-ବୃଂତେ ।
ସହିବ ଅରୁଚି କେତେ; ଅବଜ୍ଞା-ତାଡ଼ନେ
ଯିବ ସେ ମରମେ ସଢ଼ି; କହିବେ ସରବେ
ଏହି ସେ ମଣ୍ଡିର ଶିଶୁ ; ଦୋଷ-ନିର୍ଦୋଷରେ
ଛଳିବେ ତାହାରେ ମାତା-ନାମ ଧରି ସଦା;

ଜନନୀ ସୁନ୍ଦରୀ, ସୁତା କରିବେ ତାଡ଼ନ;
ମୋତେ ରୋଷ ବହ୍ନି ମନେ, ମାରିବେ ତାହାକୁ !
ଶିଶିର-ଜୀବନେ ମମ କାହିଁ ସେ କୁସୁମ ?
ରଖିବେ ସେ ତାରେ, ପୁଣି ଶିଖାଇବେ ସଦା
ଜନନୀର ଅପଯଶ । ଭବିଷ୍ୟତେ ସେହୁ

ନ ପୂଜିବ ମୋତେ କେବେ । କି ସୁଖ ଜୀବନେ,
ଥାଇ ମୋର ସେ ଦୁହିତା ହେବ ଏ ଜଗତେ ?
ଭୋଗିବି ଜୀବନେ ଆହା କେତେ ରେ ଦଇବ !
କି କଲି ମୁଁ ଅଭାଗିନୀ ? ବରଜ କପରି
ଆସିଲ କି ଲାଜେ ତହୁଁ, ରଖି ତହିଁ ପ୍ରାଣ ?

କି ହେନ ଆସିଲି ଏଥି ? ପଶିଲା କି ଭସ୍ମ
ନାରୀ-ରୋଳେ ସେ ନଳଂଦେ ? ମୂକରି ମୁଁ ଯିବି,
ବସିବି ଦୁଆରେ ତହିଁ, ଦିନରାତି ସାରା
କାଂଦିବି ମୋ' ଶିଶୁ ଲାଗି । ଶୁଣି ଶୁଣି ସେହୁ
ବିରକତ ବହ୍ନି ମନେ, ଫିଟାଇ ଦୁଆର,

ଦେବେ ଫିଂଗି ସେ କୁସୁମେ; ସେହି ମୋ' ଜୀବନ,
ଶୋଭା ମୋ' ପରାଣ ଧନ, ଏକା-ଆଖି ମୋର ।
ଧରି ମୁହିଁ କୋଳେ ତାକୁ, ଆସିବି କୁଶଳେ ।
ଚୁଂବି ବାରଂବାର ତା'ର ଲପନ-ସରୋଜ,
ତୋଷିବି ପରାଣ ସୁଖେ । କି ମୂଲେ ତୋଷଂତି

ସେ ଜନେ, ବିଅଂଗା ଯେବେ କେହୁ ଆଣି ମମ
ଶୋଭାରାଣୀ ସେ ନଳଂଦୁ ଏ ମମ ଅଂଚଳେ ?''
କହେ ଋତୁଧ୍ୱଜ, "ଧର ଧୈର୍ଯ୍ୟ ଗୋ ସୁଂଦରି,
ପାଇବ ଦୁହିତା ତବ ।'' ମତି ତହୁଁ ପୁଣି
ଅଂଚଳେ ଆବରି ମୁଖ, ପଡ଼ିଲେ ମଉନେ;

ପ୍ରକୃତିର ସ୍ତୁତି-ଛନ୍ଦେ ପାଠପୋକ ଯଥା
ପଡ଼ିଇ ମରଣ-ଛଳେ; ପଇଶିଲେ ତା'ରେ ।
  ଶିବିର-ପ୍ରାଂଗଣେ ତେଣେ ଶୃଙ୍ଖଳା ଫୁଟିଉ
ଜନ-ରୋଳ, ମୁଖରି ସେ ନବ-ସେନାବାସ;
ଗୁପ୍ତଚର ଆସି ଖରେ ଭାଷିଲେ ଉଦଂତ;

'ରାଜସୁତ ଅରୁଣ ସେ ବୀର-ସେନା ଘେନି
ହେଲେଣି ଅଂତକେ ଆସି' । ସେହି ବୃଦ୍ଧନାରୀ—
ପାଶେ ଗୁଡ଼ି ମତି, ଆ ମ୍ଭି ଦେଖିଲୁ ବାହାରେ
ଦୁଇ-ବୃଦ୍ଧ-ନୃପେ ରହିଁ ବାକ୍ୟ-ବିନିମୟେ ।
କହଂତି ଜନକ ମମ, "ଦେଖ ନର-ରାଣ

ନିବଂଧ ନ ହେବ କେବେ ଆକାଶ-କୁସୁମ,
କାଲେ ସୁଶାସନେ କରି ମୃଦୁ-ଅବହେଳା,
ଦୁହିତା ଏସନ ଏବେ; ତବ ଏ କରମ ।
ଭକତି-ମମତା ନାହିଁ; ହସଇ ସେ ତାତେ;
ହସଇ ପ୍ରକୃତି ପୁଣି । ଅବହିତ ଅତି

ବାଲକାର ଏ ବିଧାନ; ଲୁହେ ଶୁଭ ଏହା
ନଜେ ତାର, ଅବା ସେହି ରମଣୀ-ଜାତିର;
ଲୁହେ ତାହା ଶୁଭ ମମ; ମମ ସୁତେ ପୁଣି
ଅଟଇ ଅକର୍ମ ଘୋର । ଶାସନର ଦଂଡ଼
ହେଲା ଆସି ଏବେ ରଣେ; ଭଲ୍ଲାକ-ସମରେ,

ଆଗ୍ନେୟ-ଶଲାକା-ଦଂଡ଼େ, ହେବ ତ ଶାସନ !
କରିବ ନିବଂଧ-ରକ୍ଷା କେମାମଣି ତବ;
ନ ହେଲେ ସମର ଧ୍ରୁବ, ଜାଣିବ ମୁକର ।''
  ଶୁଣିଁ ମୋତେ ରୋମ ତହୁଁ "ମନେ ହୁଏ ଯୁବା
କର୍କଶ-ବେଶରେ ମମ ଦୁହିତାର ଏଥି

୧୨୮ । ଶିଶିର ଋତୁରେ ଫୁଲ ଫୁଟେ ନାହିଁ ।

ଯାପିନ୍ତୁ ସମସ୍ତ ତବ । ଅମାନୁଷ-ଗାଥ
ଦେଖିଛ କେମାରେ ମୋର । କହୁଛଂତି କେତେ,
ତଥାପି ପ୍ରେୟସୀ-ପଣେ ଲଭିବାକୁ ତାରେ
ଲୋଡ଼ିଲ ପରାଣ ତବ; କହ ତେବେ ଫେଇ,
ଏ ଘୋର-ସମର-ତବ
ବାଂଛିତ କି କେବେ ?”

“ବିନା ଯୁଦ୍ଧେ ସଂଭବିବ,” କହିଲଇଁ ମୁହିଁ,
“ଯେବେଟି ରାଜନ; ବାଂଛୁ ନୁହଇ ସମର;
ବଡ଼ ଶାନ୍ତ ମମ ଏହି ସଂଗ୍ରାମ-କୁକର୍ମେ;
ନିତ୍ୟ ଯହିଁ ଅପସ୍ୱର । ଭାଜିବ ପ୍ରାସାଦ;
ପୂତ-ଧାମ କେତେ ଏଥି, ହେବ କଳଂକିତ;

ପଦେ ଦଳି ଯିବେ ଯୋଧେ ପକ୍ୱ-ଶାଳୀ କ୍ଷେତ;
ଅନଳ-ତାଂଡବେ ଦଗ୍ଧ ହେବ ପୁର-ପଲ୍ଲୀ;
ମାତା ହରାଇବେ ସୁତ; ସୁବଣା ଦୟିତ;
ଫସାଉ-ଶିଶିରେ କେତେ ନବ-ମଧୁ-ଦୂତ-
ମୋହନ-ସୁସନ-ବୃଂତ ଛିଂଡିବ ଅକାଳେ ।

ଏ ଦାବ-ଦହନେ ଘୋର ଏ ରାଜ୍ୟ-ବିପିନୁ
ଉଠିବ ବିଶାଳ-ଧୂମ; କଂପିତ ସେ ଧୂମେ
ଦେଖିବ ପ୍ରେୟସୀ ମମ ବିଘଟିତ-ବପୁ
ଶତ-ପିଶାଚର ସନେ; ଦେଖଇ ତ ଏବେ
ସେ-ଯୁଦ୍ଧସେ ପିଶାଚ ସେ, ଭେଦ ତା’ ନଲଂଘ

କଲ୍ ଯେତୁ ଏତେସର । ଏହି ଅନାଦର
ହେବ ପରିଣତ ମହା-ଘୋର-ଜୁଗୁପ୍‌ସାରେ;
ରମଣୀର ମହାଶକୁ ମଣିବ ସେ ମୋତେ;
ଯେ ଦରେ ରହିବ, ଯହିଁ କହିବ ବା କଥା,
ସରବେ ସେ ଶତ-ମୁଖେ ସେହି କଥା କହି,
କରିବେ ସେ ଖିବଦୂଢ଼ । କୋମଳ-କରମେ
ଗୁରୁ-ପ୍ରଣୟର-ବିଧି ବଢ଼ଇ ସରାଗେ ।
ଫିରନ୍ତି ପ୍ରସ୍ତାବ ମମ, ରାଜପୁରେ ତବ
ସୁରମ୍ୟ-ପ୍ରାସାଦ-କୁଳ ଭସ୍ମେ ପରିଣତ
କରି, କରି ଦେଶ-ସାରା ଶତ-‘ହାହା’ମୟ,

ଲୋଡ଼ିବ କି ପ୍ରେମ ତା’ର ? ଅପାଂଗ ଯାହାର
ମରମ-ବଂଧନେ ମୋତେ ବାଂଧିବ ଜୀବନେ,
ଶୃଂଖଳ-ବଂଧନେ ତାକୁ କରି ବଂଦୀ ମୁହିଁ,
କି ଯଶ ଲଭିବି ? ପ୍ରେମ-କୋମଳ-ଅଙ୍କୁର
ପଲ୍ଲବିବ କହ କେବେ ରଣ-ଝଂଜା-ବାତେ ?

ଅପସ୍ୱର-ବିପ୍ଳବର ଖର-ଦାବାନଳେ ?
ବାଧତାର ଉତ୍ସ୍ରୋତକେ ? ବିରାଗ-ସଂକୁଳ-
ବିପ୍ଳବର ସ୍ମୃତି ଉଠି କାଳ-ମେଘ-ସମ
ଲିଭାଇବ ପ୍ରେମର ସେ ବିମଳ-ଜ୍ୟୋତ୍ସ୍ନା ।
ଦୂର-ଜଳାଶୟ-ସମ କ୍ଷୀଣ-ଆଶା-ଲେଖା

ସମର-ମରୁରେ ହେବ ମରୀଚିକା-ସରି ।
ମଣିବ ରାକ୍ଷସ ମୋତେ ଜେମା ପ୍ରଣୟିନୀ;
ପ୍ରେମିକ-ବିଳାସ ମମ ଦିଶିବ ତା’ ନେତ୍ରେ,
ଶବ-ଲୁବ୍ଧ-ଶକୁନର ବିଭତ୍ସ-କରମ ।
ସଂଭାବନା ଯିବ ଲୁଚି । ମରମ-ମରଣେ

ଭୋଗିବି ଜୀବନେ ଖାଲି ବିଜୟର ବିଷ ।
ସମର-ଦେବତା, ତୁଂଭେ ବିପ୍ଳବ-ରମଣ,
କହାଁ ଏ ତାଂଡବ ତବ ପ୍ରେମ-ରଂଗଭୂମେ ?
ରହ ନିଜ ସୁଖେ, ଯହିଁ ଝଡ଼ର ଉତ୍ପାତେ,
ଅନଳ-ବମନେ ଘୋର; କିବା ସେ ପୁଳନେ,

---

୧୮୯ । ମଧୁ ଦୂତ = ଏଠାରେ ଫୁଲ ।
୧୯୩ । ଧୂଆଁ ଭିତର ଦେଇ ଦେଖିଲେ ପଦାର୍ଥ ସବୁ ବିଘଟିତ ( ବିସଦୃଶ ) ଦେଖାଯାଏ ।

ମାରବ-ସୈକତେ, ଯହିଁ ନିଦାଘ-ବିଷାଦେ
ପଡ଼ଇ ଅଂତିମେ ତୃଷ୍ଣା; ପୋଡିବାକୁ ଦେନ,
ଅଭିଳାଷ-ପୂରେ ଧୋଇ ସେ ତପ୍ତ-ବାଲୁକା ।
ଯାଅ ଅବା ମେରୁ-ଦେଶେ ରଦ-ଶିର-ହିମେ
ରୁଦ୍ଧ, ଜଡ଼; ପୂରାଣ ସେ ମହା-କସ୍ତି ଯଥା ।”

ରୁକ୍ଷ-ସ୍ୱରେ ପିତା ଏଥି କହିଲେ, “ସଂଖ୍ୟାଳ,
କି ଜାଣ ତୁମ୍ଭେ ସେ କଥା, ବାଳକାଂକ ଶ୍ରାନ୍ତି ?
ଯୁବରାଜ, ଶୁଣି ଏଥି କଳପନା ତବ
ବିସ୍ମିଲି ସତେ ସେହି ପରଂପରା-କଥା
ସତ କି ହେ ? କି ବିସ୍ମିର ?
ଏ ଭୋଗ-ଜଗତେ

ବ୍ୟାଧ-ରୂପେ ଖୋଜେ ନର ଶରବ୍ୟ-ରମଣୀ,
ମୋହନ-ଲଳିତ-ମୃଗ ଖୋଜଇ ଯେସନ
ଶବର ବିପିନେ, ଦେଖି ଶଙ୍ଖ-ରୂପ ତା'ର ।
ଲଳିତ-ଲଳନା-ରୂପେ ମୁଗ୍ଧ ସେ ମାନବ
ଭୁଲାଏ ରମଣୀ ପ୍ରେମେ, ଇଂଗିତ-ଚଳନେ

ଇତ ପୀରତିର ନାନା-ରତ୍ନ-ଅଳଂକାର,
ସୁରୁଚି-ଭୂଷଣ-ସ୍ନିଗ୍ଧ-ମୁଗ୍ଧ-କଉଶଳେ ।
କି ଜାଣ ଅର୍ଭକ ! ଏବେ ବାହାର ସମରେ ।
ପୁରୁଷ-ଲଳିତ ଭୁଜ କଳାର ଗରବେ,
ସୁମନ-ସୋହାଗେ, ନାରୀ ନ ଭଜନ୍ତି
ଭବେ ।

ଶତ-ସୁମନରୁ ବଳି ବୀର-ବର୍ମ-ଦୃଢ଼—
ଶିଂଜନୀ-ସୁଂଦର-ଭୁଜ ନାରୀ-କଳ୍ପନାରେ ।
ନ ପାରିବେ ନାରୀ ଯାହା, ପାରଇ ଯେ ତହିଁ;
ସେହି ତ ନାରୀର ପ୍ରିୟ ! ବୀରୋଚିତ-କର୍ମେ,
ଭେରୀ-ଦୁଂଦୁଭିର ନାଦେ ଚମକାଇ ଶତ୍ରୁ,

ନାରୀ-କୁଳେ ପଶେ ନର; ପଶି କରେ ବଶ
ଶତ-ନାରୀ-ହୃଦ; ସେହୁ ପ୍ରେମର ଘର୍ଷଣେ
ମୋହନ-କଟାକ୍ଷ-ବାଣେ, ଲଳିତ-ବିଭ୍ରଂଗେ,
କରଂତି ଯୁବାର ସ୍ତବ । ଶୋଣିତ-ରଂଜିତ-
ମୁଖେ ତହୁଁ ଯୁବା ପ୍ରେମେ ଅରୁଣ-କପୋଳ

କରଇ ଯୁବତୀ-କୁଳେ; ଏହି ତ ପ୍ରଣୟ !
ଏହି ପ୍ରଣୟରେ ଥିଲ ବରି ତୋ' ଜନନୀ;
ସ୍ନେହମୟୀ ସେ ଜନନୀ, ଶୁଦ୍ଧ ପ୍ରେମ-ରସେ
ପ୍ରଣୟିନୀ ମମ; ଲଭି ସୁଖୀ ମୁଁ ଜୀବନେ ।
ପ୍ରଣୟିନୀ ତବ ନୁହେ ସାମାନ୍ୟ-ବାଳିକା;

କହିଲେ ଯା' ରତ୍ନଧ୍ୱଜ, ସତ ଯେବେ ତାହା
କେମଂତ ରମଣୀଠାରେ ବୀର-ବର୍ମ ଏକା
ଝଲସି, କରିବ ବଶ । ଲଳିତ-ମୋହନ-
କୋମଳ-ପ୍ରେମିକ-କଳା କି କରିବ ତହିଁ ?
ବସ୍ତ୍ର-ଆବରଣ କାହିଁ ରୋଧେ ଦାବାନଳ !

ସିଂହିକା ପଡ଼ଇ କି ସେ ଲୂତାତଂତୁ-ଜାଲେ !”
କହିଲି ମୁଁ “ପିତୃଦେବ, ବୁଝିଲଇଁ ସବୁ;
ଧୀର-କର୍ମେ ବୀର-ମତି ହୁଏ ବଶ ଭବେ ।
ରଣ-ରଂଗ-ଖିନ୍ନତାରେ ଭୁଲିବ ସେ ବାଳା
କି ପାଇଁ ? ରମଣୀ କେମା; କି ଅସାଧ ତାର

ଅଛଇ ଜଗତେ ? କଂପା ରସିକ ସେ ବୀରେ ?
ଦେଖିଛି ମୁଁ ବାଳା-ବରେ ରଜନୀରେ କାଲି,
ଦର୍ପ-ଦୃଷ୍ଟ-ପ୍ରଭଂଜନ, ସ୍ତଂଭିତ-ବଡ଼ବା
ଜିଣି, ଖିନ୍ନ-ଭାବ-ଦ୍ୱଂଦ୍ୱ ସେ ନ.ଗ୍ନ-ସର୍ପେଣ ।
ରମଣୀ-କଲ୍ୟାଣ-ଲଗି ସେ ଘୋର-ଭୁଂଗିମା

୨୩୦ । ମାମଥ୍ ନାମକ ଅତି ପୂର୍ବକାଳର ହସ୍ତୀ ପରି, ହସ୍ତୀଠାରୁ ବଡ଼, ପ୍ରକାଂଡ ଜଂତୁସବୁ ସାଇବେରିଆରେ ମୃତଅବସ୍ଥାରେ ବରଫ ଭିତରୁ ଖୋଳାହୋଇ ବାହାରୁ ଅଛଂତି ।

ବିଶିଲ; ବିଶଇ ଯଥା ସାଗର-ଶଇଳେ
ଶ୍ୟାମ-ଧୂପ-ସ୍ତମ୍ଭ ସୃଷ୍ଟି ଗିରି-ପଦ-ତଳେ
ଉଚ୍ଛଳ-ଫେନିଳ-ଝଡ଼-କ୍ଷୋଭିତ-ବାରିଧି ।
ସୃଷ୍ଟିଲା, ବିଶିଲା ସତେ ମାନବ-କରମେ
କି ଅବଜ୍ଞା ରମଣୀର ! ଜୀବନର ପଣେ

ନାହିଁ ତା'ର ଶକ୍ତି, ବ୍ରତ କରିବ ପାଳନ
ବୀରର ମରଣ ଲଭି । ତପନ ସେ ନାରୀ,
ଘନ-ଘଟା-ବେଳ ତାରେ ନର-ବୀର-ଦଂଭ ।
ତଥାପି ହେ ପିତୃଦେବ, ମଣଇ ମୁଁ ତାରେ
ନାରୀ; ନାରୀ-ପ୍ରକୃତିରେ ମହତ-ଭଙ୍ଗିମା

ଫୁଟଇ, ରସାଣି ବପୁ । ନର ଯଥା ଭବେ
ନୁହଂତି ସମାନ, ଏକେ ଅପର-ତୁଳନେ,
ତଥା ନାରୀ । କପାଇଁ ହେ ସମତୁଲ-ଦଂଡି
ପକାଇ ସରବ ନାରୀ, ନାରୀ କେମାମଣି
କରୁଛ ବିଚାର ଏଥି ? ଗୋଲାପ-ପ୍ରସୂନ,

ଚଂପକେ ନୁହଇ ଏକା; ଫୁଲ ଏକା ଦୁହେଁ ।
ବଟ ନୁହେ ସହକାର; ସହକାର, ପୂଗ;
ପାଦପ ସରବେ । ନାରୀ କେହୁ ଏ ଜଗତେ
ରସଇ ବିହମି-ନରେ, କେହୁ କମ୍ରଭୂଜେ,
ବିଳାସର ଆସ୍ତରଣେ, ଭଜଇ ମମତା;

ବିଭିନ୍ନ-ପ୍ରକୃତି ଭବେ ଭିନ୍ନ-ରୁଚି ଜନେ ।
ଡାହୁ-ଭେକ-ଭୃଂଗ ପଶେ ନଳିନୀ-କେଶରେ,
ପୁନ୍ନାଗେ କରଇ ରତି; ନାଗେଂଦ୍ର-ବାଂଛିତ-
ସୁରମ୍ୟ-କେତକୀ-କୋଷେ ନୁହେ ତା' ବିଳାସ ।
କେତେ ସେ ରମଣୀ, ନରେ ବରଂତି
ବିଳାସେ;

ପ୍ରଜାପତି-କୀଟ ଯଥା ବିକାଶ-ବିଭୁବନେ
ପୂତିଗଂଧେ-ପଙ୍କ-କ୍ଷେତ୍ରେ ପୂରାଏ ଉଦର ।
ହୀନ-ନରେ ରମଂତି ସେ ନିର୍ବୋଧ-ପାମରେ;
ଚଂଦ୍ରିକା ପଡ଼ଇ ଯଥା ପୂତି-ଗ୍ରନ୍ଥି-ପରେ ।
ନୋହୁଂତି ସେ ନାରୀ ଶ୍ରେଣୀ ଶିକ୍ଷାର ମହିମା;

ନୁହଇ କି କେମା-ପଣ ଉଚିତ-କରମ ?
ରମଣୀ ନୋହୁଂତି କିବା ଆତ୍ମ-ଉଦ୍‌ବୋଧନ ?
ମାନବ-ଜନମେ ତାଂକ ନୁହେ କି ବିହିତ
ସାଧିବାର ଆତ୍ମବ୍ରତ ? ଅବଳା ସେ ସତେ !
ଦେଖୁଚ ତ ନିୟମର ନିର୍ମମ-ବଂଧନେ,

ନୁହଂତି ସେ ଲଘୁ ତିଳେ; ଦ୍ୟୁଲୋକେ ଭୂଲୋକେ
ଅଛଇ ସୁଂଦର ଯାହା, ଯାହା ଶୁଭଂକର,
ଲଭିବାରେ ମୁକ୍ତ ସେତୁ; କଲ୍ୟାଣ-କଣିକା,
ଅୟସ୍କାଂତେ ଲୋହ-ସମ, ଅବଲଂବେ ନାରୀ ।
କହିଲ କନକୀ-କଥା ! ବିଧିର ସର୍ଜନା

କରିଛି ମହତ ତାରେ; ବସି ପ୍ରଜାପତି
ଶାଂତ-ମନେ କଳ୍ପନାର ସରଳ-ବିଳାସେ
ବିଶ୍ୱକର୍ମା-କଳାର ସେ ନିଖୁଣ-ବିକାଶ
ରଚିଛି ରମଣୀ-ବରେ; ସୃଷ୍ଟି-କୁମୁଦିନୀ
ପାର୍ବଣ-ଜୋଛନା-ପୂରେ; ପୂଗ-ଉପବନେ,

କମ୍ର ଏକା-ଲତା କି ସେ ? ଶବଳ-ତପନେ
ବଢ଼ଇ ପେଶଳ-ବପୁ, ସ୍ନିଗ୍ଧ ମନୋହର ।
ବିଭବ-ବିଭାସେ କିଂତୁ ବହୁଚର-ସ୍ତରେ
ବିକାଶେ ପ୍ରରୁଷ ଭବେ; ବହୁ-ଶୋଭାମୟ-
ସଜ୍ଜିତ-ନଗର-ରୁଚି-ସମ ସେ ନିର୍ମାଣେ;

୩୦୨ । ଦ୍ୱିତୀୟ ସର୍ଗ ୬ ଧାଡ଼ିର ଟୀକା ଦେଖ । ୩୧୪ । ଅୟସ୍କାଂତ = ଚୁଂବକ ।
୩୨୨ । ପେଶଳ = କୋମଳ, ତନୁ, ସୁକୁମାର । ଶବଳ = ଚିତ୍ରମିଶା ।

ଶତ-ଇନ୍ଦ୍ରଧନୁ-ଧ୍ୱଜେ ରଞ୍ଜିତ କି ଅବା !
ମହିମାର ଉଚ୍ଚାରଣେ ଫୁଲି ହୃଦ ତାର,
ଫାଟିଯାଏ ବପୁ କେବେ; କେବେ ଅହଂକାରେ
ଉଠେ ଶିର ଟେକି, ପୁଣି ଚଞ୍ଚଳ-ପ୍ରକୃତି
ବ୍ୟସନର ମୋହେ ପଡ଼ି ଯାଏ କେବେ
ଯଡ଼ି ।

ସବୁ କରି ଗରବେ ସେ ପୁରୁଷ ଆପଣେ;
ଦାସ୍ୟେ ତା'ର ନାରୀ-ଜାତି, ସାଧ୍ୱୀ, ଶୁଭଂକରୀ,
ସତୀ, ସ୍ନେହମୟୀ, ଲକ୍ଷ୍ମୀ; ସେ ସତ୍ୟ, ସାଧୁତା,
ସେ ଦୟା, ସେ ଉଦାରତା, କଣିକାଏ ଯେବେ
ଥାଆନ୍ତା ଏ ନର ହୃଦେ; ଉଚିତ-କରମ

ବୋଲି ଜେମାମଣି ଯାହା କରଇ କଠୋର,
ନାହିଁ ପ୍ରୟୋଜନ ତାର; ପ୍ରକୃତି-ବିଧାନେ
ପ୍ରାଣର ଉଦାର-ଲୀଳା ଖେଳ ନାରୀ-ନରେ,
ସମ-ଆଦରଣେ, ପୁଣି ସାଧୁ ଅଧିକାରେ,
ଦହନ୍ତା ଏ ଜ୍ୱାଳା ସାର । ଥାଉ ସେ
କଳ୍ପନା ।

ଯୁଦ୍ଧ-କଥା ! ବୃଦ୍ଧ ହେ ଯୁଦ୍ଧ ଉଚିତ ହେ ତାତ,
ଯୁଦ୍ଧର ଏ ଖର-ଶ୍ୱାସେ ମୃଦୁ-ଆଶା-ଲତା,
କ୍ଷୀଣ-ପ୍ରାଣେ ଅଛି ଯାହା, ମଉଳିବ ସିନା !"
   କହନ୍ତି ସେ ସୋମ-ରାୟେ, "ସତ ସେ କହିଲ,
ବାପା, ସତ ତବ କଥା; ମନେ ଅଛି ମମ

ଜୀବନର ମଧୁମାସେ ପ୍ରେମର-ସଙ୍ଗୀତ,
ଶିଞ୍ଜନୀ-ଟଙ୍କାରେ କେବେ, ଅଶ୍ୱ-ଖୁର-ତାନେ,
ମଣି ନାହିଁ ଶୀରତର ସଙ୍ଗୀତ-ମୋହନ ।
ଜେମା-ପର କଥା ତବ କଶୋର-ପୁଂଗବ !
ଗରବ-ଭାରତୀ ଶୁଣିଅଛି ଜେମା-ମୁଖେ;

ଶୁଂଭ-ପର କହେ କଥା; ଶୁଂଭ ଏ-ଗରବେ
ଅଛଇ ମାନବ କିଛି କରୁଣାର ଲୀଳା ।
—ଧନ୍ୟ ଏ ଯୁବକ ନୃପ; ଉଦାର, ମହତ,
ସାହସୀତ, ସୁତ ତବ; ଲାଗଇ ସନ୍ତୋଷ;
ଇଚ୍ଛା ମମ ହୋଇଥାନ୍ତା ଜେମାମଣି ତା'ର

ପ୍ରେମ-ଗରବିଣୀ-ପ୍ରିୟା । କହିଥିଲ ମୋତେ
ବନ୍ଦୀ ତବ ଏ ଶିବିରେ, କି ହେଲା ତହିଁରେ !
ପିତା ତୁମ୍ଭେ, ଲଭି ଖ୍ୟାତି ସୁତ-ଅନଂଗଳେ,
କରିଛ ଉଚିତ-ହିଂସା; ବନ୍ଦୀ କରି ମୋରେ,
ସଙ୍କୋଚିତ-ହୃଦୟରେ କରିନାହିଁ ତ୍ରୁଟି;

ନ ଭୁଲିବୁ ତାହା । କିବା କୃତଜ୍ଞ-ବିଧାନ,
ସୁତ-ଉପକାରେ ତବ ଲଗିବୁ ଆପଣେ;
ନ ଧରୁ ସେ କଥା ମନେ । ଆସିଛ ସେ ଏଥି,
ଏ ରମ୍ୟ-ରାଇଜ-ସୀମା ଲଂଘି; କିବା ତାହା ?
ପଶିଛ ରଜନୀ-ଯୋଗେ ଲୁଚି; କରି ନାହିଁ

ହାଳକ-ବିନାଶ କ୍ଷେତେ; ପୋଡ଼ିନାହିଁ କିଛି
ଶସ୍ୟର ଭଣ୍ଡାର ତା'ର; ଗୋପାଳ-ବନିତା
ଭୋଗିନାହିଁ କିଛି, ତବ ସେନା-ଅପଶ୍ରୁର;
ପ୍ରଜା ସୁଖେ ଅନାଶ୍ୱର କରି ନାହିଁ କିଛି ।
ଆସନ୍ତୁ ହେ ପୁଣି ତବ ତେବେ;
ମମ-ସାଥେ;

କହନ୍ତୁ ଆପଣେ ଆନ୍ତେ, କେଶାଗ୍ର ତାହାର
ନ ଛୁଇଁବେ କେହି କେବେ । ମମ ସୈନ୍ୟେ ପଶି,
ଅରୁଣ-ଉଗତେ ତହିଁ କରିବେ ସଙ୍କାଶ ।
ଜେମାମଣି-ସୋଦର ସେ, ପରାଣ-ଦୋସର;
ଶତ-ଯୁକ୍ତି-ହିସ୍ୱା ବଳି ଏ ବୃଦ୍ଧ ସୋମର,

ଫାଲ୍‌ଗୁନ ଅରୁଣ-କଥା କେମାମଣି ଠାରେ ।
ହୋଇପାରେ କନ୍ଧୁ ହେଲେ; କହିବି କେସନେ,
କ ହେବ ? ସରବେ ପୁଣି ଦେଖିବେ ଆଂଭକୁ
ବଂଧୁ-ରୂପେ ।—ରାଜସୁତ, ଅତିଥି ଆଂଭର
ଥିଲ ତବ ବଂଧୁ-ସନେ । ଇଚ୍ଛ ଯେବେ ଏହା,

ଆସ ମମ ଅନୁସରି ପଥ । କଏ ଜାଣେ ?
ସ୍ବର୍-ଜଣ ମିଳ ଅବା ନବ-ତଂସ କଛୁ,
ଫିଟାଇବା । ସମ୍ଭାଳିବା ଘୋର ଦନ୍ଦ୍ୱ ଏଥି ।'
କହି ଏହିଠାରେ ରୋମ ବଦାନ୍ୟ-ସମ୍ଭାଷେ
ଉଠାଇଲେ ଶୁଭ୍ର-କର, ଶରଦଭ୍ର-ରୁଚି;

ଗଂଭୀର-ଜଡ଼ିତ-ସ୍ୱରେ ଉତ୍ତରିଲେ ପିତା;
ଶ୍ମଶ୍ରୁ ଭେଦି ଅଳପ ସେ ବାହାରିଲା; ତହୁଁ
ଜାଣିଲୁ ସଂମତ । ବସି ଶ୍ୱେତ-ଅଶ୍ୱ-ବରେ,
ଗଲୁ ରୋମ-ସଂଗେ, ଭେଦି ସେ ରମ୍ୟ-ସରଣୀ
ବିଶାଳ-ବିଟପି-ତଳେ ଶାଦ୍‌ବଳ-
ପ୍ରାଂତରେ ।

ସୁସଂତ ସେ ବନସ୍ଥଳ; ପୁଷ୍ପିତ-ଲତିକା
ବିଶ୍ୱକଳା-କଉଶଳେ ଆବରିଛି କାଂଡ;
ମୃଦୁଳ-ଝରଣା କାହିଁ ମେଦୁର-ପ୍ରପାତେ
ସିଂଚଇ ରଜତ-ରେଣୁ କମ୍ର କଣଳସ୍ଥେ;
ଗାଏ ବିହଂଗମ ଗୀତ । ବିହ୍ୱଳିତ ତହିଁ,

ପ୍ରେମିକ-ପରାଣ ମୋର ଯୌବନ-ପରଶେ;
କହି ଅଲକ୍ଷିତେ କେତେ କୋମଳ-ପ୍ରେମ-ଗାଥା,
ବୃଦ୍ଧ ସେ ରାଜ-ଶ୍ରବଣେ ଢାଳିଲି ସରସେ ।
କହିଲେ ସେ ହେବେ ସାହା; ମଧୁ-ବିଂଦୁ-ସମ
ସେ ବୃଦ୍ଧ-ବିଗ୍ରହେ ସତେ ପ୍ରେମ-କୂପ ଭେଦି,

ବାହାରିଲା କେତେ ମିଷ୍ଟ-ଆଶ୍ୱାସ-ଭାରତୀ ।
ପିଇ ତାହା କର୍ଣ୍ଣ-ପୁଟେ, ପୂରିଲି ପୁଲକେ ।
ଉନ୍ମତ-କଂଚୁକେ ଏଣେ ବହିଗଲା ଧୀରେ
ମଧୁ-ପୁଷ୍ପ-ବାସ-ଭରା-ମଳୟ-ନିଶ୍ୱାସ,
ମୃଦୁଳ-ହିଲ୍ଲୋଳେ । ନିଶି-ଶାଂତିର ଆଗମେ
ପଡ଼ିଥିଲା ଶିଶିରର ମୁକ୍ତା-ନିଂଦ-ବିଂଦୁ,
ପତ୍ରେ,ଫୁଲେ,ଗଛେ, ଘାସେ, ଅଂଗହାଣେ ଶୋହି;
ଗଲା କାହିଁ କ୍ରମେ ସେହି ନିଶ୍ୱାସ-ହିଲ୍ଲୋଳେ,
ଉଷା-ସମୀରଣ-ଖେଳେ । ଶିଶିର-ସହିତେ
ଶାଂତି ମଧୁ ରସ ସୃଷ୍ଟି ଲୁଟିଲା ପବନେ ।
ଆନ-ଭାବ ହେଲା ମନେ; ଆସି ହେଲୁ ଯେବେ
ଅରୁଣର ମହା-ସାନ୍ଦ୍ର-ସେନା-ସନ୍ନିଧାନେ,
ହେଷା-ରବେ ଦଳ ଫାଳ, କବି-କଳ୍ପନାର
ମଧୁର-ମହତ ସେହି ଶାଦ୍‌ବଳ ବିତାନ;
ଉଠିଲା କ୍ଷଣକେ ତହିଁ ଅଭ୍ର-ଭେଦି-ରୋଳ
ରୋମ-ସଂଭାଷଣେ; କ୍ଷଣେ ନିସ୍ତବ୍ଧ ସେନା;
ହେଷିଲେ ଘୋଟକ, କରେ ନିଷ୍କୋଷିଲେ ଅସି;
ଦୁଂଦୁଭି ବାଜିଲା ଶୁଭେ । ସେ ନାଦ-ଉଲ୍ଲାସେ
ଉନ୍ମାଦିଲା ବୀର-ହିଆ । ତୁଂଗ-ରଣ-ସିଂଗା
ଉରଗ-କୁଟିଳ-ବେଶୀ ବୀର-ବନାଦନେ

କଂପାଇ ସମୀର-ଲୀଳା, ତରଂଗ-ବିତାନେ
ଉଠି ଉଚେ, ଧ୍ୱଜ-ପଟେ ରଚିଲା ସ୍ପଂଦନ ।
ଅଶ୍ୱର ଗଂଭୀର-ଗତି ସଂଯମି ସୋହାଗେ,
ଶ୍ୱେତ-ଅଶ୍ୱବରେ ସାଧୀ ଆସିଲେ ପାଖେଟି;
ବୀର-ବେଶେ, ବୀର ସେହି ବୀରର ସଂଭାଷେ ।

ବିଶାଳ-ବପୁଷ୍କ ଶ୍ୱେତ; ତୁଂଗ-ଶିରସ୍ତ୍ରାଣେ
ମଧ୍ୟ-ଗାମି-ସାଧୀ ତହିଁ ଅରୁଣ-ସୁଂଦର ।
ଉଗ୍ରିମା-ସୋହାଗ ଯେଉଁ ଥିଲା ବଦନେ ସେ
ଚଳନ-ବିଭୁଷି । ଝଳି ବୀର-ବର୍ମ-ଶ୍ୱେତ
ପରିଚାରୀ-ବିଳାସେ ଶୋହେ; କାଳ-ପୁଚ୍ଛର

କଟି-ତଟେ ଇଲ୍ୱଳାର ତାରା-ପୁଂଜ ଯଥା
ନିର୍ମୁକ୍ତ-ଶିଶିର-ନଭେ । ଲୁବ୍ଧକ ଯେସନ
ପୂର୍ଣ୍ଣ-ପ୍ରତାପେ, ପ୍ରାପ୍ତି-ନାଶେ, ଚପଳ-ଦ୍ୟୋତନେ
ଅରୁଣିମା ମାଳମାର ଝଟକେ ବିକାଶେ,
ଭାତିଲା ତେସନ ତହିଁ ଅରୁଣ ସ୍ନାହାନେ

ଜକଜକ ଶିରସ୍ତ୍ରାଣ । କହୁ ତ ଥିଲ ମୁଁ
କେତେ କେତେ ଶାଂନ୍ତି-କଥା, ଯୁଦ୍ଧ ପରିହରି;
ଶୁଣି ଏବେ ହ୍ରେଷା, ଦେଖି ଅସି-ନିଷ୍କୋଷଣ,
ସ୍ୱାମୀ-ଉରସ୍ତ୍ରାଣ-ଚୋରା ଅରୁଣ-ଦ୍ୟୋତନେ
କଂପି ଘାର-ମହାହ୍ଲଦେ ଚମକିଲା ଅଂଗ

ରଣ-ରଂଗେ । ମଣିଲ ମୁଁ ନିଷ୍କୋଷିବ ଅସି ।
ସ୍ୱହୁଁ ତହିଁ ବୃଦ୍ଧ-ରୋମ ଭିନ୍ନ-ଶୁର-ପୁଟେ
କରି ଆଶୀର୍ବାଦ, ଧୀରେ କହିଲେ ବଖାଣି,
କେବେ କର-ପ୍ରସାରଣେ, ଭୁଜ-ଦଂଡ଼ ଗୁଳି,
ଅଂଗୁଳି ଦେଖାଇ କେବେ । ସ୍ମିତ-କାଂନ୍ତି-ଲେଖା

ବିକାଶିଲା ସର୍ବ-ମୁଖେ; ଶୁଣିଲେ ସେ ଯେବେ
ନାସ୍ତି-ଛଦ୍ମ-ବେଶ-କଥା । ସୌଖିନ-ଅରୁଣ
ବିଶାଳ-ଉରସ୍କ-କଂପେ ଗୁରୁ-ଅଟ୍ଟହାସେ
ପଡ଼ିଲେ ପର୍ଯାଣ-ପରେ; ଭେଦି ଶ୍ୱାସ-ପଂଥ
ଉଠିଲା ସ୍ପଂଦନ ତୀବ୍ର । ସେ ଘୋର-ସ୍ପଂଦନ

ପଡ଼ ସେ ପର୍ଯାଣ ପରେ, ଗଡ଼ ବାରଂବାର,
ସହସା ଉଠିଲେ କହି ଲକ୍ଷି ମମ ମୁଖେ;
ଦୁର-ଝଡ଼-ପ୍ରଣୋଦନେ ଚଳୋର୍ମି ଯେସନ
ତୀର-ଗ୍ରାବ-ସଂଘର୍ଷଣ-ଉଚ୍ଛ୍ୱାସେ-ଫେନିଳ;
"ଅବରୁଦ୍ଧ ଆଂଭର ଏ ରାଇଜ, ସତେ ନା !

ଏହି ମମ ପିତା ତବ ବଂଧୁ ! ତେବେ ହେଲେ
ନ ଇଚ୍ଛଂନ୍ତି ସମର ସେ, ସତେ ନା ! ମୁଁ କହେଁ
ହେଉ ଯୁଦ୍ଧ; ନ ହେଉ ସେ, କି ଖାତର ମୋର ?
ହେଲେହେଁ, କହୁଚ ତବ ପ୍ରାଚୀନ ନିବଂଧ,
ଶୁଣିଅଛୁ, ହେଉଥିଲା; ହେଲେହେଁ କି ହେବ ?

ଗଂଭୀର-ମଜନ-ହେମା, ମହା-ସ୍ରାବାବେଶେ;
ବହୁ-ଉଚେ ମତି ତା'ର, ବହୁ-ଉଚେ ଗତି ।
ହେଲେହେଁ, କି କହେ ସେହୁ ? ଲୋଡ଼େ ଅବକାଶ
ନିର୍ବାଧ-କରମେ, ଫଳ ଲଭିବଟି କାଳେ ।
ଅନୁରୋଧି କହେ ମୋତେ, କି ଜାଣଇ ମୁହିଁ ?

ନ ବୁଝିଲି କିଛି ସେହୁ କହିଲା କେତେ ସେ
ଜୀବନ ଆମ୍ଭର କଥା । ବୁଝିଲି କେବଳ
କେତେମାତ୍ର, କହିଲା ସେ ଯେବେ ନାସ୍ତି-ଜାତି
ସଡ଼େ ଅପଗ୍ରେରେ । କହେ ତେଣୁ , ହେମାମଣି
ଅଛି ବହୁ ଉଚେ,ସତେ,କି ହେଲା ତହିଁରେ ?

---

୪୩୧-୩୪ । କାଳପୁରୁଷର କଟିଦେଶରେ ଯେଉଁ ତିନୋଟି ସମଦୂରବର୍ତ୍ତୀ ସମୁଜ୍ଜ୍ୱଳ ଏକରେଖ ତାରା ଥାଏ ତାହାକୁ ଇଲ୍ୱଳାପୁଂଜ କହନ୍ତି । ଲୁବ୍ଧକ = ପ୍ରଶ୍ୱା; ଏହା ପଂଚ ପୁନର୍ବସୁ ତାରାର ଉଜ୍ଜ୍ୱଳତମ ତାରା,ଦ କ୍ଷିଣ ଦିଗକୁ ଦେଖାଯାଏ । ଲକ୍ଷ୍ୟକଲେ ଦେଖାଯିବ, ଏ ତାରାଟି କେତେକ ସମୟ ସଂକୁଚିତ ହୋଇ ମାଳାଭ ଦିଶେ, ପୁଣି ବଡ ଉଜ୍ଜ୍ୱଳ ଅବୁର୍ଣିତ ହୁଏ ।

୪୪୯ । ପର୍ଯାଣ = ଘୋଡ଼ାଉପରେ ବସିବାର ଆସନ; ପଲାଣ, ଜିନ୍ ।

୪୫୪ । ଗ୍ରାବ = ପଥର ।

ନାରୀ-କାନ୍ତ-ଶିରୋମଣି ତା'ରେ ମୁଁ ମଣଇ,
କହୁଚି ମୁଁ ତାକୁ ଏହା ବହୁବାର, ହେଉ,
ସତ ବା ଅଳୀକ; କିନ୍ତୁ ଜାଣ ରାଜସୁତ,
ଯେ ଜନେ ସେ ପାଏ ସୁଖ, ବଡ଼ ମଧୁର ସେ
ସେ ଜନେ; ସତ କି ମିଛ,
ନାହିଁ ମୋ ଖାତର ।

ଏତିକି ଜାଣଇ ମୁହିଁ, ସାହାଯ୍ୟେ ତାହାର
ଅଛଇ ମୁଁ ; କରାଇଲା ମୋତେ ନିଯୁମ ସେ;
ମୋ' ରାଣେ-ପ୍ରଦୀପ ଥୋଇ—ଅଗ୍ନି ସାକ୍ଷୀ କରି-
ମହତ୍ତ୍ୱ-ରମଣୀ-ନାମେ-ନାହିଁମୋର ମନେ—
ନାରୀ ସେହୁ, କରଥିଲେ ବହୁ ଦାର୍ଶନିକେ

ପରନ୍ତୁ ସେ କେଉଁ ଯୁଗେ—ଥିଲେ ସେହୁ ନିଜେ
ନୃପତି-ନନ୍ଦିନୀ କାହିଁ ?—କରିଛୁ ନିଯୁମ ।
ଏହି କଥା; ସବୁ କଥା । ନାହିଁ ତା' ମମତା
ନିର୍ବନ୍ଧେ । କି ହେବ ? ଏବେ ଗୁଡ଼ ବାଣ ତବ ।
ନ ହେଲେ କି ଅଛୁ ଆଉ ? ସମର-ପ୍ରାଙ୍ଗଣ

କରିବ ନିଷ୍ପତ୍ତି ଦ୍ୱନ୍ଦ୍ୱ; ପିତାଙ୍କର ଇଚ୍ଛା
ବଢୁଛି । ରହିଲି ଦୋଳା-ଚଳ-ଚିତ୍ତ ତହିଁ,
ନ ଦେଇ ଉତ୍ତର କିଛି; ନିର୍ବନ୍ଧଟି ମମ
ଗୁଡ଼ିବାରେ ନୁହେ ମତି; ନିର୍ମମ-ବିଗ୍ରହେ
ଗଣ୍ଠିରୁ ଗଣ୍ଠିର ଭେଦ ରଚିବାରେ ପୁଣି

ନ ହୁଏ ବାଞ୍ଛିତ । ରହୁଁ ଆନ ଭାଇ ତା'ର
ଅଙ୍ଗୁଳିରେ ଛୁଇଁ ଶ୍ମଶ୍ରୁ, ଅର୍ଦ୍ଧ-ଜନାନ୍ତିକେ
ଛଳିଲେ, ଚଳାଇ ମତି ବିଗ୍ରହେ ଆମ୍ଭର;
"ଯୋଗ୍ୟେନ ଯୁଜ୍ୟତେ ଯୋଗ୍ୟଂ";
ନାରୀ-ବେଶ ତଳେ
ନାରୀ-ହୃଦ ରହେ ସିନା !" ଏ ଛଳ-ଭାରତୀ,

ତୀବ୍ର-ଉପହାସ-ବାଣୀ ବାଜିଲା ପରାଣେ;
ସୌର-କର ସୂର୍ଯ୍ୟ କାନ୍ତେ ଯଥା । ଉତ୍ତୁଦ୍ଧିକ
କ୍ଷଣ-ତୀବ୍ର-ରୋଷେ କହୁଁ, କହିଲି ମୁଁ ଦୃଢ଼େ,
"ହେଉ ତା' ନିଷ୍ପତ୍ତି ତେବେ ଏଥି; କିସ' ଅଛୁ
ବାଧା ? ଆମ୍ଭେ ତିନି, ତିନି ତୁମ୍ଭେ ଏ ବିଗ୍ରହେ ।"

ରୋମ-ସୁତ ଭୂରିଶ୍ରୁ ସେ କହିଲା, "ଭଗିନୀ
ମହତ୍ତ୍ୱ-ରମଣୀ, ତା'ର ହେବ ଅସମ୍ମାନ
ଏହି ତିନି ତିନି ଯୁଦ୍ଧେ । ଶତ-ଯୋଧ ମିଳି
କରନ୍ତୁ ହେ ଦ୍ୱନ୍ଦ୍ୱ-ରଣ ପଚ୍ଛେ, ଏକେ ଏକେ ।
ସେନା-ବାସେ ଦୁଇ-ଦଳେ ବହୁ-ସେନା-ପତି

ସମାନ-ଲାଳସେ ପୁଣି ନିଜ-ରାଜ-ଯଶେ
ବସିଛନ୍ତି ରୁହିଁ; ବହୁ ବହୁ ଯୋଧ-ବରେ
କରିବେ ସମର ଏଥି ମହା-ହର୍ଷ-ରୋଷେ ।
ବିଳମ୍ବ ନ କର ଆଉ; ଏକ-ପକ୍ଷ ଏଥି
ପଡ଼ିଲେ ସମରେ ହାରି, ଏ ଘୋର-ସମସ୍ୟା

ଛିଡ଼ିବ । ଲଭିବ ବାଦ, ନିର୍ବନ୍ଧ-ଚହଳ ।"
"ହେଉ ତେବେ," କହିଲି ମୁଁ ; "ଏ ଖ୍ରମ-କରମ
ରଣର ଏ ଘନ-ଘଟା ଉଠୁ ସେ ଉଜଳ
ସମ୍ମାନର ଇନ୍ଦ୍ରଧନୁ ମାନବ-ଶୋଣିତେ,
ପ୍ରପାତର ଜଳ-ବେଣୀ ମୋହନ-ସୁଯଶ ।

ସୁଯଶହିଁ ହେବ ସାର ! ବୀର-ମଦେ-ମାତି
କି ଲଭ ଆମ୍ଭର ? ହାରି, ହରାଇବୁ ମାନ;
ଜିଣି, ହେବୁ ଆତ୍ମଘାତୀ, ନିର୍ମମ-ଦର୍ପିତ ।
ସର୍ବଥା ନିର୍ବନ୍ଧ ହେବ ଆକାଶ-କୁସୁମ ।"
"ସତେ ନା," ଅରୁଣ କହେ, "ଜେମାମଣି-ପାଶେ

ପେଷିବୁ ଡଗର; କିଂପା ନ କରିବ ସେହୁ
ସଂମତି, ଏ କଥା ଶୁଣି ? ଯାଉ ଏବେ ଚର ।
—ଯାହା ସେ କହିବ, ତୁଂଭେ ଶୁଣିବ ଆପଣେ ।”
“ବାଳକେ”, କହିଲେ ରୋମ, ନିଷ୍ଫଳ-ବଚନେ;
ରାଜହଂସ-ବଧୂ ଯଥା ପ୍ରାଂତର-କାସାରେ

ଚଳ-ଜଳ-ଅନୁସାରି-କିଶୋର-ଶାବକେ ।
କହିଲେ ସେ ନ ଶୁଣିଲେ କେହି । ନ କହିଲେ
ଆଉ କିଛି ସେ ରାଜନ । ଆସିଲୁଁ ବାହୁଡ଼ି;
ଦେଖିଲୁ, ଜନକ ଏହି କ୍ଷୀଣ-ଅବସରେ
ପେଷିଥିଲେ ଭିନ୍ନ ଚର ନଳଂଦ-ଦୁଆରେ,

ବୁଝିବାକୁ, ଦେବ କି ନା କେମାମଣି ଏବେ
ନିବଂଧେ ସଂମତି; ଅବା ସଂତାନ-ସେନେହେ
ନିଜ-ନର-ରକ୍ତେ କରି ରକ୍ତିମ-କପୋଳ
ହେରିବ ନଳଂଦ-ଶିଶୁ ରଣ-କୋଳାହଳେ ।
ଭେରୀ-ନାଦେ ଆଦ୍ୟ-ଚର ନଳଂଦ-ଦୁଆର

କଲେ ବିକଂପିତ; କିଂତୁ ନ ଶୁଣିଲେ କେହି ।
ବିସ୍ମୟେ ସେ ଆଘାତିଲେ ବୀର-ପଦାଘାତେ ।
ନ ଫିଟିଲା ସେ ଦୁଆର; ଶୁଣିଲେ ଭିତରୁ
ପ୍ରଚଂଡ-ତାଡ଼ନେ କେହି ନିଷେଧିଲେ ତାରେ
ଆସିବାକୁ ସେ ଦୁଆରେ । ତୃଷ୍ଣାସୂଚି ତହୁଁ

ଦେଖିଲେ, ଫିଟିଲା ଦ୍ୱାର; ଆସିଲେ ରମଣୀ,
ଅଷ୍ଟ ସେ ବାଳକ-ନାରୀ; ଧରି କେଶ ତାର,
କଂକାଳ-କପୋଳେ ଦେଲେ ମୁଷ୍ଟି-ଚପେଟିକା;
ବାସ୍ପା-ପରି ହେଲ ସେହୁ; ତଥାପି ଦେଖିଲା
ମୁକ୍ତ-ଦ୍ୱାର ଭେଦି ଥରେ ସେ ରାଜ-ନଂଦନୀ

ଗଂଭୀର-ଅଟଳ-ତେଜେ ଉପେସ୍ଥ-ସାଧନେ
ବ୍ରତୀ । ଦୁଇ-ପାଶେ ଦୁଇ-ମହା-ସେନା-ରୋଳେ,
ନାହିଁ ସେ ଭ୍ରୂକ୍ଷେପ ଭିଲେ । ପଶିଲା ସେ ବାଳା,
ପଶଇ ଯେସନ ଯେବେ ପ୍ରପାତର ପାଦେ
ସିଂଧୁଭେଦ-ଗିରି-ବାହି-ଗିରିନଦୀ-କଂପେ

ଉଠେ ଉଚ୍ଚ-ଶାଳ-ତରୁ; ଉଠଇ ଝଟିକା
ବିଶାଳ ସେ ଗ୍ରାବ-ଚୂଳେ; ପୂରି ଗିରି-ନଦୀ,
ଅଂଧାରିତ-ଦରୀ ଭେଦି, ଝଂକାରି ପ୍ରପାତ,
ଦୁଇଆଡ଼ୁ ଚମକାଏ; ଉତୁଂଗ ସେ ତରୁ
ନିଷ୍କଂପ-ମଉନେ ରହେ । ଶୁଣି ଏ ମହିମା,

ନ ହେଲା ନିବେଦ ମମ । ବଢ଼ିଲା ଉତ୍ସାହ;
ଲଭିବି, ଉଳସି ଅବା ନିଧନ ତା' ପେଣି ।
ଶୁଣିଣ ପ୍ରତିଜ୍ଞା ମମ ଜନକ-ନୃମଣି
ହଂଦ୍ୱେ ଯୁଝିବାର ତହିଁ କେମାମଣି ଲାଗି,
ବର୍ମିତ ସେ କରି-ତଳ ମଳ, ଛନ୍ନମତି,

ପରୁଷେ କହିଲେ, ସେହୁ ଯୁଝିବେ ଆପଣେ
ଯୁବା-ଦଳେ । ନିରୋଧିଲେ ଶୃଙ୍ଖଳ-ସାମଂତେ
ବୟସ-ବିସ୍ତରେ; ପୁଣି ସମର-ସଂମାନେ ।
ଦେଲେ ସେ ସଂମତି ତହୁଁ ହଂଦ୍ୱ-ଯୁଦ୍ଧେ ମମ
ବହୁ-ଆୟାସିତ-ଖେଦେ ଅନିଚ୍ଛା ନିବାରି,

ବାଷ୍ପ-ଶୋଣା-ନେତ୍ର-ଯୁଗେ । ସଂଗେ ସଂଗେ ତହୁଁ
ବୀର-ଯୋଧେ ଏକେ ଏକେ ଉଠିଲେ ସତେଜେ,
ଉଚାରିଲେ ବୀର-ସଂଧା; କରିବେ ସେ ହଂଦ୍ୱ,
ନିବଂଧର ଦାବି ପେଣି, ଯାବତ ନିଧନ ।
ନଳଂଦ ଆବର ତୁଂଗ-ଉଦ୍ୟାନ-ପ୍ରାଚୀର

---

୫୬୬ । ବାଷ୍ପଶୋଣା = ଅଂସନ୍ନ କଂଦନରେ ରକ୍ତବର୍ଣ୍ଣ ।
୫୬୮ । ସଂଧା = ପ୍ରତିଜ୍ଞା । ୫୬୮ । ମଳଂବା = ଧାତୁପତ୍ର ।

ଯାବତ, ତାବତ ଶୋଭେ ରମ୍ୟ-ସମ-ଭୂମି
ମର୍ମର-ତୋରଣ-ତଳେ ମାଧବ-ସୋହାଗେ;
ଉପବନ-ବନସ୍ପତି-ସୁମନ-ବିତାନ
ଶୋଭେ ଶୁଭ୍ର-ସିତ-ସ୍ତରେ । ମର୍ମର-ସୋପାନେ
ରଜତ-ଦେହଳୀ-ପରେ ରଜତ-କପାଟ

ରୁଦ୍ଧ ଏବେ, ଯେନ ଚୂଳେ ଜ୍ଞାନ-ଗରବିଣୀ
ମୈତ୍ରେୟୀ-ଗରବେ ନାରୀ । କୋମଳ-ତପନେ
ଦୀପିତ-ମଳୟା ଯହିଁ ଝଲସେ ନୟନ ।
ଏହି ସେ ପ୍ରାଙ୍ଗଣରେ ସାରା-ସକାଳ-ପହର
ଦ୍ୱନ୍ଦ୍ୱ-ରଙ୍ଗ-ଭୂମି-ଖୁଣ୍ଟ ପୋତିବାରବେଳେ

ମୁଖର ଧାଇଁଲେ ଜନେ । ଅଗ୍ରଭାଷି-ବନ୍ଦୀ
ବଖାଣି ବୀରତ୍ୱ-ଗାଥା, ସମର-ସନ୍ଦେଶ,
ଶତ୍ରୁ-ନିନ୍ଦା, ମିତ୍ର-ସ୍ତବେ କଲେ କୋଲାହଳ;
ନଦୀ-ଜଳ-କଳେ ଯଥା ମିଶଇ ପ୍ରପାତ ।
ଆସିଲା ଉତ୍ତର ଏବେ; ଦୃଢ଼-କରେ ଜେମା

ଲେଖିଥିଲେ ନିଜେ ପଂକ୍ତି ମୋହନ-ବର୍ତ୍ତୁଳ;
ଠାବେ ଠାବେ ବର୍ଣ୍ଣ-ରେଖେ ଦେଖାଇ ସ୍ପନ୍ଦନେ
ଉଦ୍‌ବେଳିତ-ଚିତ୍ତ-ବୃତ୍ତି । ବାଗ୍ମୀ-ଲେଖେ ତହିଁ
ଭାବ-ରାଶି ପଡ଼େ ଝରି । ପଢ଼ିଲି ମୁଁ ଚୁମ୍ବି,—
"ସୋଦର ହେ, ଜାଣିଛ ତ କି ଘୋର ଯାତନା,

କି ତୀବ୍ର ବିରାଗ ମନେ ହେଲା ମମ, ଯେବେ
ଶୁଣିଲୁ ସ୍ୱ-ଦେଶ-ଖ୍ୟାତି, ଯହିଁ ନାରୀ-ପାଦେ
ଆୟସ-ପାଦୁକା ଦୃଢ଼, ସୌନ୍ଦର୍ଯ୍ୟ ଭିଆଣେ ।
ସେ ଦେଶ, ରମଣୀ ଯହିଁ ବିବାହ-ବାସରେ
ଚାବୁକେ ଦିଅଇ ବରେ ଶ୍ରଦ୍ଧା-ଉପହାର;

ଅରପିବ ମଣି ସେହି ବରେ ସେ ଆପଣେ
ଲଳିତ-ବସନ୍ତ, ସେହି ଚାବୁକ-ପ୍ରହାରେ ।
ଶୁଣିଛ ତ ସତୀ-କଥା, କେମନ୍ତେ ରମଣୀ
ଜୀବନ୍ତେ ପଶଇ ସ୍ୱାମୀ-କାଳ-ଚିତା-କୁଣ୍ଡେ;
ଜୀବନେ ଗଞ୍ଜଣା ସହି କଠୋର-ପେଷଣ,

ସେହି ସ୍ୱାମି-କରେ, ପୁଣି ସ୍ୱାମିର ମରଣେ,
ଅକାଳେ, ଜୀବନ୍ତ-ପୁଣ୍ୟ-ରମଣୀ-ହୃଦୟ
ଧରି, ପଶେ ଅଗ୍ନି-କୁଣ୍ଡେ । ଜନନୀ ତ ପୁଣି
ଦୁହିତା-ଭବିଷ୍ୟ-ମାନ ମନାସି, ବିକଳେ
ନଦୀ-ସ୍ରୋତେ ଦିଏ ଫିଙ୍ଗି ଶୈଶବେ ଦୁହିତା;

ଚଳ-ଲକ୍ଷ୍ୟେ ଶ୍ୟେନ ଯାହା ସେ ନଭ-ଗରଭେ
ହରଇ ଜୀବନ୍ତେ; ତାକୁ କରି ଖଣ୍ଡ ଖଣ୍ଡ,
ମହା-ଭାବ-ମନ୍ଦିର ସେ ଶିଶୁ-ହୃଦ ଚିରି,
ପିଅଇ ଶୋଣିତ-ଧାର । ଆଜ ପୁଣି ଯେତୁ
ସଭ୍ୟତା-ବିକାଶେ ମାନେ ରହନ୍ତି କଂଚରେ,

ଥିଲେ ଏହିପରି ଦିନେ; ନୁହେ ସେ ଦିବସ
ସ୍ମୃତିର ଅତୀତ ଏବେ । ସମାଜ-ସଂସ୍କାରେ
ପତିତ ରମଣୀ ସଦା-କାଳେ ଦେଶେ ଦେଶେ ।
ସେହି ଶାସ୍ତ୍ର-ଅପସ୍ମର-ରମଣୀ-ପେଷଣ-
ଅଧିକାର ଲାଗି ଉଠେ ରୋଳ ନିତି ଭବେ;

ନାରୀ-କଣ୍ଠ ଶୁଭଇ କି କେବେ ସେ ତହଳେ ?
ଏ ନାରୀ ଗଞ୍ଜଣା ଭାଳି ଏହି ଅପସ୍ମର,
ପୁରୁଷେ ନିର୍ମମ ହେଲା; ରମଣୀର ମାନେ
ଅରପିଲି ଜୀବନ ମୁଁ । ନର-ସମାଗମ
ଏଡ଼ିବାରେ ଦେଇ ମନ, ବନ୍ଧୁ ଦୂରେ ଆସି

---

୫୯୩ । ଦ୍ୱିତୀୟ ସର୍ଗ ୧୮୨ ଧାଡ଼ି ଟୀକା ଦେଖ । ୫୯୫ । ପୂର୍ବେ ରୁଷିଆରେ ରୀତି ଥିଲା ଯେ ବିବାହଦିନ ସ୍ତ୍ରୀ ଅଧୀନତାର ଚିହ୍ନସ୍ୱରୂପ ସ୍ୱାମୀଙ୍କୁ ଚାବୁକଟିଏ ଉପହାର ଦେଉଥିଲା । ୫୯୮-୬୧୦—ଏହି ଦେଶର ପ୍ରାଚୀନ ସତୀଦାହ ଓ କନ୍ୟାହତ୍ୟା ପ୍ରଥାକୁ ଲକ୍ଷ୍ୟ କରାହୋଇଅଛି ।

ରମଣୀ-ନଳଂଦ ସ୍ଥାପି, ରମଣୀ-ଉଦ୍ଦେଶ୍ୟ
ମହତ୍ତ୍ୱ ସାଧନ-ମାତ୍ର ପ୍ରସ୍ତର-ନଳଂଦେ,
କଲ ତା'ରେ ସୁରକ୍ଷିତ; ଶବର-ମାନବ
ଶରବ୍ୟ-ରମଣୀ ଲୋଭେ ନ ପଶିବେ କୋଳ,

କଲ ବହ୍ନ-ଶସ୍ତ୍ର-ବର୍ଷି; ଉନ୍ନତି-ଅବକାଶେ
ଚଳିଲି ରମଣୀ ଯେଣି, ଏ ପୁଣ୍ୟ-ନଳଂଦେ ।
ଥିଲ ସୁଖେ । ଏଥି ଆସି ନାସ୍ତି-ଛଦ୍ମ-ବେଶେ
ପଶିଲେ ବାଳକେ; କଲେ ଏତେ ନାରଖାର,
ପୁଣ୍ୟ ଏ ଧରଣୀ; କେତେ ପ୍ରେମ-କଥା ସେଠୁ

କହିଲେ, ନ ଜାଣେ ମୁହିଁ ସ୍ୱରୂପ ତାହାର;
କି ପ୍ରେମ ସେ ? ଯୌବନର ଅବାଧ-ଭ୍ରମଣ ।
ଶୈଶବର ବାକ୍ୟ-ଦାନ ସଂକଳ୍ପି ତହିଁ ।
କି ଅବା ସେ ବାକ୍ୟ-ଦାନ ? ଜାଣିବ କପର
କି ଅଛି ତହିଁରେ ? ମୁହିଁ କରିଛି କି ତାହା ?

ଅବାଧ ବାଳକେ ସେଠୁ; ରଂଗ ଲୀଳା କେତେ
ଦେଖାଇଲେ । ଜାଣ ଭାଇ, ପୁରୁଷର ରଂଗ
ଏତ୍ତ୍ୱାକୁ ପୋଷେ ମୁହିଁ ଶାର୍ଦ୍ଦୂଳ-ଶାବକ
ପୁରୁଷ-ଶାସନ-ଦଂଡେ । ପୁରୁଷ-ଶାସନେ
ହେବ ନକ ସାହସିନୀ ? ଜାଣୁଛ ତ ଯିବ

ରମଣୀ-ସଂମାନ ଏଥି; ହେବ କଲଂକିତ,
ପବିତ୍ର-କରମ ମମ । ରଖିବ କି ଖେଳ,
ରମଣୀର ପୁଣ୍ୟ ନାଶି ? ଅର୍ଜୁନ, ସୋଦର,
ଜାଣେ ମୁଁ ବିକ୍ରମ ତବ । ଏକଇ ଜନନୀ
ସ୍ତନ୍ୟ-ଶୋଣିତର ଧାର ବହେ ତବ ଦେହେ ।

କର ଯୁଦ୍ଧ ! ନ ପାରିଲେ, ନାହିଁ କ୍ଷତି ମମ;
ଯାହା ହେବ ହେଉ ପଛେ; କିଂତୁ ହେ ସୋଦର,
ନ ହାରିବ କେବେ ତୁମ୍ଭେ ଜାଣଇ ମୁଁ ଧ୍ରୁବ ।
ହେଲେହେଁ, ଜୀବନ ତା'ର ନ ନେବ ସମରେ;
ଜୀବନର ପଣେ ସେଠୁ ରଖିଛି ମୋ' ଜୀବ;

ମାତା ପୁଣି ଅଛି ତା'ର । କର ପଣ କିଂତୁ,
ବୀର-ବର୍ମେ ହୁଅ ଗୁପ୍ତ । ପ୍ରଚଂଡ଼-କରମେ
କର ପ୍ରତିକାର ଏହି ହୀନ-ଅପକୃତରେ ।
ରମଣୀ-ଆରାଧ୍ୟ-ଦେବୀ ଓହ୍ଲାଇ ସ୍ୱରଗୁଁ;
ହେଲେ ସାହା ରଣେ ତବ ।
ତୁମ୍ଭେ ଏକା ଉଭେ

ପୁରୁଷ-ଶସ୍ତ୍ରର ବହ୍ନି, ରମଣୀ-କରମେ
ଢାଳିବ ପରାଣ; ହେବ ଯଜ୍ଞ-ସଉରଭେ
ରମଣୀ-ଦେବତା ପୁଣି ମହାସ୍ତ୍ର-ଉଦ୍ଦେଶ୍ୟ ।
ପୁଣ୍ୟ ତବ ରଣ-ସାଜ ପ୍ରତିକୃତି-ସନେ
ରମଣୀ-ସମାଜେ ପୂଜା ପାଉ
କାଳେ କାଳେ ।

ଶ୍ୟେନ-ପକ୍ଷି-ସମ ଏହି ପୁରୁଷ-ତସ୍କରେ
ନହେଲେ ଅପସୃତ; ଏଥି ରମଣୀ-କପୋତ,
ଜାଗିବେ ନବୀନ-ସୁରେ; ହେବେ ବଳବତୀ;
ଏ ମହା-ରମଣୀ-କୁଳ ଏକେ ଏକେ କ୍ରମେ,
ରମଣୀର ସ୍ୱତ୍ତ୍ୱ, ପୁଣି ରମଣୀ-ମହତ୍ତ୍ୱ

ଅରଜିବେ ଉଜ୍ଜଳେ । ବଢ଼ି ପୁଣି କାଳେ,
ସଂତାନ-ଜନନୀ ବୋଲି ପରିଚିତ ଯେଣୁ,
ହେବେ ସେଠୁ ଆତ୍ମବଳେ ଦୃଢ଼ ଆତ୍ମଜୀବୀ;
ଜ୍ଞାନ-ଦେବୀ-ସ୍ୱାଧୀନତା ପାଇବେ ଜଗତେ;
ବାଣିଜ୍ୟ କଳସୁ ଦୁହେଁ ଆଦରି ଉସ ଜ୍ଞାନେ,

ସିଂଚତେ ଅମୃତ ଭବେ; ଉଠିବ ପଲ୍ଲବ
ଦେଶେ ଦେଶେ ଜ୍ଞାନ-ତରୁ ଜ୍ୟୋତିଷ୍କ-ପ୍ରସୂନେ;
ସେ ଜ୍ୟୋତି ସେ ସଉରଭ ସ୍ୱାଧୀନ-ବିତାନେ
ବିକଶିବ ବିଶ୍ୱ-ସାର; ବିଶାଳ ସେ ବିଶ୍ୱ,
ମୈତ୍ରୀର-ପ୍ରଭାତ ଦୁଇ, ପ୍ରାଂତ-ଭୂମି ଯା'ର

ଉଜ୍ଜଳ ରଖିଇ ଯିବେ ଅନଂତ-କାଳରେ ।"
'ପ୍ରକାଶ ଥାଉକ' ବୋଲି ଲେଖିଛି ପତ୍ରଂତେ,
ଦ୍ରୁତ-ଦ୍ରୁତ-ଲେଖମାର ଆବେଗ-ଲେଖନେ,
"ଦେଖ ହେ, ଶିବିରେ ତବ ବିଶ୍ୱାସ-ଘାତକ
ନାହାଂନ୍ତି ତ ? ଆଂଭେ ଏଥି,
ମନେ ହୁଏ ସତେ,

ସରବେ ବିଶ୍ୱାସ-ଘାତୀ । ନାହିଁଛି ପ୍ରତ୍ୟୟ
କା'ହିଁ ମନ । ଦୁଇ-ଭୁଜ-ସମ ଥିଲେ ଯେତ୍ନ,
କରିଛଂତି ଅପକାର;—ତହୁଁ ପୁଣି ଏହି
ନର, ମହାମାୟା-ରୂପେ ! ମନେ ହୁଏ ଏବେ,
ସୁଖେ ଥିଲେ ଗୃହେ ନାରୀ ।
ଏ ନଳଂଦେ ଆସି,

ଛଦ୍ମ-ନର-ଅବରୋଧେ ! କି ବିପଦ ସତେ !
ଆଶ୍ୱାସନା ମନ ତୁଂଭୁ ସେହି ମୁଗ୍ଧ-ଶିଶୁ,
ସେହି ଛଦ୍ମ-ମତ ଯାହା ଧରିଥିଲା ଗର୍ଭେ;
ନ ହେବ ଫେରାଇ ତା'ରେ; ବଢ଼ିବ ସେ ଶିଶୁ
ମମ ଆଦରଶେ ଏଥି । ମାନସ-ଜନନୀ

ହେବି ମୁଁ ଜୀବନେ ତା'ର । ଜ୍ଞାନର ଗରବେ
ଭଜିବ ସେ ମୋତେ । ଆଜି ଧରିଥିଲି ତା'ରେ
କୋଳେ, ଶୋଇ ଶେଯେ ମମ । କର-ପଦ୍ମ ତା'ର
କୋମଳ-ଲତିକା-ସ୍ନେହେ ଧରି ବକ୍ଷେ ସୁଖେ,
ହେଲି ଆତ୍ମହରା, ଗଲି ବିସୋରି ସେ ମୁଖେ

ବିଗତ ପରାଣେ ମମ । ବିଦାୟ ସୋଦର ।"
ଉତ୍ତରିଲ, ପିତା-ତହୁଁ ଗୁରୁ-ଦୁଃଖ-ସ୍ୱରେ,
"ଦୁର୍ଦ୍ଦମ ହେଲେହେଁ ବାଳା, ଉଚିତ-ବେଳାରେ
ବସିବ ରାଜନ-ସନେ ରାଜ-ସିଂହାସନେ;
ନ ଟଳିବ ଭେରୀ-ନାଦେ ଆପଦେ ବିପ୍ଳବେ;

ସିଂହିକା-ସଂପଦେ ହେବ ବୀର-ପ୍ରସବିନୀ ।
କି ବୁଝିବ ଏ ରହସ୍ୟ ? ବାତୁଳ ହେ ତୁଂଭେ
ପ୍ରେମର ଖ-ପୁଷ୍ପ ଲୋଭି; କାଳ୍ପନିକ ଯା'ର
ସୌରଭେ ଲାଗଇ ନିଶା, ହୁଏ ବୁଦ୍ଧି ବଣା ।
ସୌଖୀନ-ଅଳସେ-ସୁଖେ ରଜ୍ଜୁ-ପ୍ରଣୟାରେ

ବୃଦ୍ଧ ସେ ନୃପତି ରୋମ ଜଡ଼ିତ ନିରତ ।
ଦେଖ ତୁଂଭୁ ଯଥାଯଥ । ବହେ ଗୁରୁ-ଭାର
ନର; ରମଣୀ ତା' ନେଲେ କାଢ଼ି, ଯିବ ଟଳି
ଭୁଜାଦଂଡ; ସ୍ଥିର ତୁଂଭୁ ଜାଣ ଏ ଜଗତେ;
ଆହରଣ ନର-କର୍ମ, ରଂଧନ ନାରୀର;

ବାହାରେ ମାନବ ଭ୍ରମେ, ଭବନେ ରମଣୀ;
ରଣ-ରଂଗେ ଖେଳେ ନର, ଗୃହ-କର୍ମେ ନାରୀ;
ମସ୍ତିଷ୍କେ ମାନବ ଗୁରୁ; ହୃଦୟେ ମାନବୀ;
ଆଦେଶ ପୁରୁଷ-ବ୍ରତ, ପାଳିବେ ସୁଂଦରୀ;
ଏଥୁ ଆନ ସବୁ ଭବେ ଅପଳାପ-ସାର ।

ଜାଣ ଧ୍ରୁବ ଏ ଜଗତେ ଅ-ବଶ-ରମଣୀ
ବିଡ଼ଂବନା ଅତି; କେମା ବାତୁଳ-ବପୁଷୀ,
ଧରି ତା'ରେ ସୁଶାସନେ କର ଆତ୍ମ-ବଶ;
ନ ହେଉ ସେ ନଂଗ-ରୂପେ ବିଦିତ ଏ ଭବେ;
ହୋଇ ଯାହା, ଗୃହ ନାରୀ ସଂତତି-ଲାଳନ,

ଭୁଲିବେ ବଜାରେ ଡାକ ନାରୀ-ସ୍ୱତ୍ୱ-ମାନ ।
ଶୁଣଇ, ରୂପସୀ ସେହୁ; ସେହି ଗୁଣେ ତା'ର
ସଂଭବ ଶାସନ । ନାରୀ, ନୁହେ ନର-ସମ;
ସ୍ୱବାହୁ-ବାସରୁ ନାରୀ ଦିନୁ ଦିନ ଭବେ
ବଦଳଇ । ଦେଖୁ କୋଳେ ଦୁଇ-ମୁଗ୍ଧ-
ଶିଶୁ,

ଯିବ ଉଡ଼ି ଏ କିଶୋର-ଚପଳ-ଭଙ୍ଗିମା ।
ରମଣୀ-ରମଣୀ-ବୁଦ୍ଧି ସ୍ଫୁରଇ ଜଗତେ
ଜନମାଇ ଶିଶୁ, ପାଳି ନିସର୍ଗ-ବିଧାନେ ।"
କହିଲେ ଏସନ ରାଏ ପରୁଷ-ଭାରତୀ;
ସ୍ୱଦୀପ୍ତ ମାଗିଲି ମୁହିଁ, ଦେଖି ମଧ୍ୟ-ଦିବା ।

ପଢ଼ିଲଇଁ ପୁଣି ଥରେ ଜେମା-କର-ଲେଖ;
ପଡ଼ିଲା ନୟନ ମମ କ୍ଷୁଦ୍ର-ସେହି-ବାକ୍ୟ,
ଲେଖା ଥିଲା ଯହିଁ, 'ତା'ର ନ ନେବ ଜୀବନ ।'
ପଡ଼ିଲା ମନରେ ତହିଁ, ସେ ପ୍ରଭାତ-କଥା,
ଶୁଭିଲା କାନନେ ଯେବେ, 'ଯାଅ, ଅନୁସର

ଆତ୍ମ-କଳ୍ପନାର ପଥ, ଲଭିବ ମୁକର ।'
ଭାବିଲି, କହିଲେ ଯାହା ସୁଧୀ ସେ ରାଜନ;
ଭାବିଲି, କେସନେ ଏହି ବିଚିତ୍ର-ନିବଂଧ;
କି ହେବ ତା, ଫଳେ ? ତହିଁ ଉଇଁଲା ମାନସେ
ଅଭିଶାପ-ଛଳେ ସେହି ଭବିଷ୍ୟ-ଭାରତୀ,

କହିଲେ ଯା' ଅଭିସୃଷ୍ଟା, 'ଏ ବଂଶେ ଯୁଝିବେ
ଜଣେ ସ୍ତ୍ରୀପୁଂ-ସଂଗେ ଦିନେ; ହାରିବେ ସେ ରଣେ ।'
ସ୍ମୃହୁଁ ସ୍ମୃହୁଁ ଭୂତାବେଶ ଯୋଡିଲା ପଲକେ;
ସେ ରାଜା, ସେ ସେନାବାସ, ସେ ନାରୀ-ନଳଂଦ,
ହେଲା ଇଂଦ୍ରଜାଲ-ପରି; ମିଶିଲା ଅଛଇ

ପୁରାଣ-ବର୍ଣ୍ଣିତ-ବୀର-ଧର୍ମାର୍ଜୁନ-ସନେ
ମାତି ରଣ-ରଂଗେ ମୁହିଁ କୁରୁକ୍ଷେତ୍ରେ ଅବା !
ସ୍ୱପନେ ରହିଲି କ୍ଷଣେ; ଭାଂଗିଲା ସ୍ୱପନ ।
ଦେଖିଲି ମଧ୍ୟାହ୍ନେ, ଶିରେ ରବି-ରଶ୍ମି-ରେଖା,
ସଜ୍ଜିତ ସେ ରଂଗ-ଭୂମି ! ଆହବ କଂଚୁକେ

ଅପଦନେ, ବର୍ହଶିଖ-ଶିରସ୍ତ୍ରାଣେ ଶିର,
ପଶିଲୁ ରହିଲୁ ଦୁହିଁ ଭେରୀର ଇଂଗିତେ;
ସଂଗୁଣିତ-ବୀର, ପ୍ରତିପକ୍ଷ-ସଂଗୁଣିତ ।
ବାଡ଼-ପାଖେ ଭେରୀ ଏବେ, ପ୍ରତିଧ୍ୱନି ଯଥା
ରୁଦ୍ଧ-ଦରୀ-କୋଳେ, ବାଜେ-ଏହି ଶୁଭେ, ପୁଣି
ତିର୍ଯ୍ୟକେ ଉଠଇ ଧ୍ୱନି ଗଂଭୀର-ଆରବେ ।

ଶୁଭିଲା ତତକ୍ଷଣେ ଅଶ୍ୱ-ଖୁର-ଶବ୍ଦ ବାଜି,
ଦିଶିଲା ଉନ୍ମତ-ମୁକ୍ତ-ଶୂଳ-ରେଖା ନାଚି
ଗଗନର ନୀଳ-ପଟେ । ସାଥୀ ସାଥୀ ତହିଁ
ଭେଟିଲେ ସଂଗ୍ରାମ-ରସେ । ସ୍ମୃହୁଁ ସ୍ମୃହୁଁ
କ୍ଷଣେ

ବାଜିଲା ଦାମାମା, ତୂରୀ, ଶିଂଗା, ରଣ-ଭେରୀ;
ତାଂଡବିକ-ଅଟ୍ଟହାସେ ଖେଳିଲା ଚଞ୍ଚଳ ।
ଦିବା-ସ୍ୱପ୍ନ ମୋତେ ସବୁ । ଲାଗିଲା ଯେସନ
ଭୂତ-ଯୋନି-ସ୍ୱପ୍ନ-ରଣେ କାଟୁଅଛି କାଳ ।
ମିଶିଗଲେ ସାଥୀ ସାଦୀ; ତୁଂଗ-ବାଜି-କୁଳ

ପରସଂଧି-ମଦେ ଉଠି ଦୁଇ-ପଦ-ଭରେ,
ରଚିଲେ ତାଂଡବ; ଶୂଳ ଶତ-ବହ୍ନି-ଖଂଡ
ହେଲା ବାଜି ଶୂଳେ । କାହିଁ ଶୂଳେ ଶିରସ୍ତ୍ରାଣ
ସ୍ଫୁଲିଂଗ ଉଗାରି, କଂପେ । ଶୂଳ-ମୁନେ ବର୍ମ
ଝନ୍‌ଝନେ ଉଗାରି ବହ୍ନି, ହାସିଲା ମେଦିନୀ ।

ଶିର ଦଂଭେ କେହ୍ନୁ ବୀର ଅଚଳ ଅଟଳ,
ପର୍ଯାଣେ ପଡ଼ି କେ ଉଠେ, ଶଶବ୍ୟସ୍ତ ଅତି;
କେହ୍ନୁ ତଳେ ପଡ଼ି, ପୁଣି ଉଠଇ ପର୍ଯାଣେ;
ଅଶ୍ୱ-ସନେ ପଡ଼ି ବୀର ଯାଏ କେହ୍ନୁ ଗଡ଼ି ।
ବଶାଳ-ତରଙ୍ଗୀ-ସମ-ଅରୁଣ-ସନ୍ନିଧି

ଦୁଇ-ବୀରେ ବରଷନ୍ତି ତୀବ୍ର-ଧାରେ ଶୂଳ,
ଚଂଡାଂଶୁର ଅଂଶୁ-ସମ ନିରନ୍ତ-ମଧ୍ୟାହ୍ନେ ।
ବଳ ତହୁଁ ବୀର-ଧାତ ଅରୁଣ ଆପଣେ
ପେଶଂନ୍ତି ଶ୍ରାବଣ-ଧାର-ପ୍ରପାତେ । ସତେ କି
ବଂଶ-କରେ ଦଶାନନ ଯୁଝେ ଏକାବେଳେ ?

ମିଶା ମିଶି ଦୁଇଦଳେ, ସେ ବୀର-ଅରୁଣ,
ଚପଳା-ଖେଳନେ ଯାଏ ବୀରୁ ବୀର ଭେଦି;
ଯହିଁ ତହିଁ ପ୍ରତିଘାତେ ସେହି ସେ ଅରୁଣ ।
ମୂଷଳ ସାୟକ ଭଲ୍ଲ ଶୂଳର ପ୍ରହାରେ
ବର୍ମ-ଚର୍ମେ ବାଜି ଉଠେ ଝକ ଝକ ବହ୍ନି;

ଚୁଲ୍ଲିଂଗେ ବଦାରି ତପ୍ତ-ଆୟସ-ଶଳାକା
ଆୟସ-ଆସନେ ପୁଣି ଆୟସ-ମୁଦ୍‌ଗରେ
କର୍ମକାର-କର୍ମଶାଳେ ଶବଦ ଯେସନ,
ଦୃଶ୍ୟ ପୁଣି, ତେସନ ସେ ରଣ-ରଂଗ-ଭୂମି ।
ଶତ-କର୍ମ-ଶାଳ ବଳ ଦୀପ୍ତ-ବହ୍ନି-କେତେ

ଆୟସ ଆଘାତ-ଶବ୍ଦେ ଉଠଇ ଝଲସି ।
ମଣିଲି ମୁଁ ଆଚଂବିତେ ସଂଭବେ କି କେବେ
ନସ୍ଥିର ଏ ଖର୍ବ-ତନୁ-ରୋମ-ନରବର,
ଅରୁଣ ତନୁଜ ତାର; ହେଲା ଯେବେ ଏହା,
ଜନନୀ-ଶକତି ବହୁ ଫୁଟଇ ମାନବେ ।

ଅର୍ଦ୍ଧ-ସ୍ୱପ୍ନେ ଥିଲି ମୁହିଁ, ସ୍ମୃହିଁଲି ଅପାଂଗେ,
ଦେଖିଲି ଚମକି ଦୁର୍ଗ-ପ୍ରାସାଦ-ଅଳିଂଦ
ମାଲୋସ୍ଥଳ-ରୁଚି-ନାରୀ-ନୟନ-ନିକରେ
ଅଂଚଳ-ବିତାନ-ମେଳେ ଗଂବିତ କି ସତେ ?
ମର୍ମର-ବଗ୍ରହ-ସମ-ନାରୀ-କୁଳ ଭେଦି,

ବଶେ ଭୃଂଗ-ଶିର ତହିଁ; ଚାଂଦ, ଦୁର୍ଗାବତୀ,
ଦୁଇ-ପାଶେ ଭୃଂଗ-ଶିରେ ମର୍ମର-ବଗ୍ରହେ,
କୋଳେ ଧରି ମତ୍ତ-ଶିଶୁ, ଉଷା ଜେମାମଣି,
ଦେଖିବାରେ ବର୍ମ-ଚର୍ମ-ପୀନ ଏ ତାଂଡବ ।
ଶିରେ ଶୋହେ ମଥାମଣି; ଝଲକେ ଯେସନ

ବମଳ-ଅଗସ୍ତ୍ୟ-ବକ୍ଷ ଶାରଦ-ନଭସେ
କୋମଳ-ବାଟନେ ସତେ ବଶ୍ୱ-ବଇଭବେ ।
   କୋମଳତା ନାହିଁ କିଂତୁ ଜେମାମଣି ହୃଦେ;
ଦୃଢ଼-ଲକ୍ଷ୍ୟ ସେହୁ, ବଡ଼-ନିର୍ମମ-ପରୁଷ ।
ହେଲେହେଁ, ଅଛୁ ସେ ସ୍ମୃହିଁ ମୋରେ
                    ରଣ-ଭୂମେ ।

ହେଲା ମନେ ଯୁଝିବାର ଦେଖୁଅଛୁ ବାଳା,
ଦେଖୁ ସେ ପତନ ମମ ଏ ରଣ-ସଂରଂଭେ ।
ଦେଖୁଁ, ଅସି ହେଲ ଯହିଁ ପୀବର ସଂଗ୍ରାମ
ବାଜେ ତୀବ୍ର-ମଦେ । ସ୍ମୃହୁଁ ଭଲ୍ଲ-ମୁନେ ମମ,
ପୁଣି ରକ୍ତଧ୍ୱଜ-ଶୂଳେ, ଦୁଇ-ମହା-ବୀର

ପଡ଼ିଲେ ସମରେ । ସ୍ୱପ୍ନ-ସୁଖେ ମଣିଲି ମୁଁ
ସିଦ୍ଧ ଏହ୍ନିପରି ଦ୍ୱଂଦ୍ୱ ଆଚରି ସବିଗେ,
ଅର୍ଦ୍ଧ-ଭୂତାବେଶେ ପୁଣି ଅର୍ଦ୍ଧ-ଜାଗରଣେ ।
ଦୁରୁ ଦେଖି ମହାକାୟ-ନୃପତି-ନଂଦନ,
ନିଦ୍ରୋତ୍ଥିତ-ମୁଖ-ସମ-କୁଂଚିତ-କପାଳେ

୮୦୧ । ଚାଂଦ = ଅହ୍ମଦ୍‌ ନଗର ରାଣୀ ଚାଂଦବବୀ ଆକବରଂକ ସେନା ସଙ୍ଗେ ଯୁଦ୍ଧ କରିଥିଲେ । ଦ୍ୱିତୀୟସର୍ଗ ୧୦୪ଧାଡ଼ି ଟୀକା ଦେଖ ।

୮୦୪ । ପୀନ = ସ୍ଥୂଳ । ୮୧୩ । ପୀବର = ସ୍ଥୂଳ (ଘନ) ।

ଆସିଲେ ସେ, ଲକ୍ଷି ମୋରେ, ଭେଦି ବୀର-ସଂଘ ।
ପଥେ ତା'ର ଅଶ୍ୱବରେ ମହା-ସାଦ-ସବୁ
ପଡ଼ିଲେ କଂପନେ ତଳେ ଖୁର-ଅସି-ଘାତେ;
ଆସିଲା ସେ, ଆସେ ଯଥା ବୈଦ୍ୟୁତ-ପ୍ରଭବେ
ଘୂର୍ଣ୍ଣୀ-ବାତ-ସ୍ତଂଭ କେବେ
ନିଦାଘ-ବାସରେ

ଚୂରି ଶୃଙ୍ଗ-ଚୂଡ଼ା, ଶୋଷି ପଲ୍ୱଳ କାସାର,
କଂପାଇ ଦୀର୍ଘିକା, ମୂଳେ କୁମୁଦ କହ୍ଲାର
ଓପାଡ଼ି, ପ୍ରାଂତର-ଭୂମି ନିବିଡ଼-ତମସେ
ଅଂଧାରି, ଭେଟଇ ବନ, ଉପାଡ଼ଇ ଲତା
ଧରି ମୂଳେ ବନସ୍ପତି, ଘୋର-ମଡ଼ମଡ଼େ

ଭାଂଗେ ଶାଖା ମହା-ଦ୍ରୁମେ, ଛୁଇଁ ଶିଳା-ରାଶି,
ଉଠାଇ ଳଗୁଡ଼େ ଦୂରେ, ଧ୍ୱଂସେ ହଳବାଟ;
ଭୂକଂପ ଉପୁଜେ କିବା ମେଦିନୀ-ଗରଭେଁ !
ହଲେ କୃଷୀବଳ, ପୁଣି ଉଷରେ ଗୋପାଳ,
ଆତଂକେ ପ୍ରମାଦ ଗଣେ । ସେସନ ଅରୁଣ

ରଂଗ-ଭୂମେ, ମତ୍ତ-ଗଜ ସେ କଦଳୀ-ବନେ,
ନ ହୁଏ ନିରୋଧି ପଥେ । ଦେଖି ପାରିଜାତ,
ପରାଣୁ ଅଧିକ ଯେଣୁ ମଣଇ ସେ ମୋତେ,
ପଶିଲେ ପୁରତେ ମମ; ରୋଧି ଦୃଢ଼ ଲକ୍ଷ୍ୟ,
ପଡ଼ିଲେ ଅରୁଣ-ଘାତେ । ଋଭୁଧ୍ୱଜ ତହୁଁ

ଧରି ଶିରସ୍ତ୍ରାଣେ ଶୋଣା-ମଣି-ଚୟ ରୁଷ୍ଟ
ତେଜିଲେ ଅରୁଣ । ଦୃଢ଼, ଚଂଚଳ, ସବଳ,
ଶସ୍ତ୍ରେ କଉଶଳୀ, ବୀର; ପଡ଼ି ଦୁର୍ବିଡ଼ରେ,
ନ ସହି ସେ ଚଂଡତର ଅରୁଣ-ତାଡ଼ନ,
ପଡ଼ିଲେ । ତୁରଂଗ ବ୍ୟୂହ ପଶିଲି ମୁଁ ତହୁଁ ।

ବୀର୍ଯ୍ୟର ତାପନେ ମମ ଧମନୀ-ଶୋଣିତ
ଚଢ଼ିଲା ଉଷ୍ମ; ହାତେ ହାତେ, ଝଡ଼୍‌ଗ ଖଡ଼୍‌ଗେ, ପୁଣି
ତୁରଂଗେ ତୁରଂଗେ, ଦୁହେଁ ଲଢ଼ିଲୁ ନିମିଷେ ।
ଶେଷେ ମୁହିଁ ଶାସ୍ତ୍ର-ନାଦେ ଘୋର-ପ୍ରହରଣେ
ହାଣିଲି; ଝଲସି ଶ୍ୟାମ-କରବାଳ ମମ

ପଡ଼ିଲା ଅରୁଣ-ଶିରେ; କେକୀ-ପିଚ୍ଛ-ଚୂଡ଼ା
ଛୁଇଁଲା ମାତ୍ରକ ତା'ର, ଦେଖି ସେ କୌଶଳ
ଅର୍ଦ୍ଧ-ଭୂତାବେଶ, ଅର୍ଦ୍ଧ-ସତ୍ୟ ଆବରଣେ
ହେଲି ତହୁଁ ଆତ୍ମହରା । ଅଲକ୍ଷ୍ୟ-ତାମସ
ରୋଧିଲା ନୟନ, ମୁହିଁ ପଡ଼ିଲି ଭୂତଳେ ।

---

## ଗୀତ

ଧୋଇଦେଲେ ଆଣି ମୃତ-ବୀର ଘରେ,
ଶୋକେ ବୀରବାଳା ବିଳାପ ନ କରେ ।
ନିରେଖି କହିଲେ ପରିବାରୀ-ଜନ,
'କାଂଦିବେ ରମଣୀ, ନ ହେଲେ ମରଣ ।'
ପରଶଂସି ତହୁଁ ଆରଂଭିଲେ ଧୀରେ,
'ପ୍ରୀରଣ-ଭାଜନ', କହିଲେ ସେ ବୀରେ,
'ବାଂଧବେ ବିଶ୍ୱାସୀ, ମହତ-ଅରାତି',
ନ କହିଲା କିଛି, ନ ଟଳିଲା ସତୀ ।
ପରିବାରୀ କେହି ଉଠିଣ ଆସ୍ଥାନୁ,
ଧୀରେ ଗଲେ, ଯହିଁ ମୃତ-ବୀର-ତନୁ
କାଢ଼ି ମୁଖ-ବାସ, ଦେଖାଇଲେ ମୁଖ,
ତେବେହେଁ ବିଳାପେ ନ ଫିଟିଲା ଦୁଃଖ ।
ଧାତ୍ରୀ ପରିବାରୀ, ବରଷ ନବତି,
କୋଳେ ଦେଲା ଆଣି ତା ଶିଶୁ-ସଂତତି,
ଶ୍ରାବଣ-ଧାରାରେ କହିଲା ଲୋତକ,
କାଂଦିଲା, 'ତୋଲାଗି ଏ ଜୀବ ଧୃତକ !'

—୦—

## ଷଷ୍ଠ ସର୍ଗ

ଥିଲ ସ୍ୱପ୍ନେ; କି ଯେ ତାହା ନ ଜାଣଇ ମୁହିଁ,
ଜୀବନ-ମରଣ-ସଂଧି ସ୍ୱପ୍ନ-ଜାଗରଣ,
ଦେଖି ସବୁ ଦେଖି ନାହିଁ; ଶୁଣି ନ ଶୁଣିଛି;
ତଥାପି ମୁଁ ଲୋକ-ମୁଖେ ପରେ ବହୁ-ବାର
ଶୁଣିଛି ବର୍ଣ୍ଣନା କେତେ; ଜୀବଂତ-ପ୍ରତ୍ୟକ୍ଷ

ହୋଇଛି ତହିଁରେ; ତେଣୁ କହୁଛି ବଖାଣି ।
ଲାଗିଲା ସ୍ୱପନେ ମୋତେ; ଶ୍ରୁତି-ପ୍ରଶାନ୍ତରେ
ଜାଣିଲଇଁ ପରେ ଦୃଢ଼େ, ବିପଦୁ ବିପଦେ
ଗଲା ଏ ଅଦ୍ଭୁତ-ଲୀଳା । ଆଂଭ ଚକ୍ଷୁ ଯେବେ
ହେଲେ ସ୍ଥାନ ପରାଜୟେ, ଉଠିଲା ଚହଳ—

ନିହତ ସେ ରାଜସୁତ, କେମାର ପ୍ରଣୟୀ ।'
ଶୁଣି ପିତା, ଖରେ ଆସି, ପଶି ରଂଗ-ସ୍ଥଳୀ,
ଫେଡ଼ି ଶିରସ୍ତ୍ରାଣ ମମ, ଲୋଟି ଧରାତଳେ,
ବର୍ମାବୃତ ବପୁ ମମ ଦେଖିଲେ ନରେଶ ।
ବାହୁନି ତା' ଶୋଭାରାଣୀ, ଆସେ ମତ୍ତ ପଛେ ।

ଉଚେ ତେଣେ ହର୍ମ୍ମ-ଚୂଳେ ବସି କେମାମଣି,
ଶୋଭାରାଣୀ ଧରି କୋଳେ, ବିଜୟ-ସଂଗୀତ
ଗାଇଲେ । ଅସୁର ନାଶି ମହିଷ-ମର୍ଦ୍ଦିନୀ,
ଶ୍ରୀମ-ଲାସ୍ୟେ ଗାଏ କି ସେ ତାଂଡବିକ ଗୀତ!

### ଗୀତ

(ଆଜ) ଯାଇଛି, (ଆଜ) ଯାଇଛି, (ଆଜ) ଯାଇଛି,
ଯାଇଛି, ରମଣି, ତବ ବୈରି-ଗରବ ସେ;
(ବଢ଼) ମଂଦ-କରମ କରି, ଛଦ୍ମ ପିଶୁନ ଧରି,
ପଶି ହତ ରଣ-ରଭସେ ।
ଲୁଚି ହସୁଥିଲେ ନର ରମଣୀର କରମେ,
ପଡ଼ିଥିଲା ମଂଜୁଟିଏ ଆହା କିବା ସରମେ ।

ଉଠିଛି ସେ ଭୂମି ଭେଦି, ବଢ଼ିଛି ବିପଦ ଛେଦି,
ମେଲ ଦେଖ କେମନେ ହସେ ?
(ଆଜ) ବିସାରି ବିଶାଳ-କାୟା, ହସି ହସି ଡାଳ ଘୃଷ୍ଟା
ଶତ ଶାଖେ ତପନେ ହସେ । ୧ ।
ଆସିଲେ ପୁରୁଷେ ଏଥି ଦେଖିଲେ ସେ ପାଦପ,
ରମଣୀର ଲୁହ-ଧାରେ ଜିଂଇଅଛି ବିଟପ,
ଶୁଣିଲେ ମର୍ମ୍ମର ତହିଁ, କିଛି ସେ ବୁଝିଲେ ନାହିଁ,
ହେଲେ ଭୋଳ କି ରଂଗ-ରସେ ।
(ସେତୁ) ଦେଲେ ତାହା କାଟିବାରେ,
ପକାଇ ଥାଆଂତେ ତାରେ
ଆପଣେ ପଡ଼ିଲେ ଏବେ ସେ । ୨ ।
କାଠ-କଟା-ରୂପେ ବନେ ଆସି ଧରି କୁଠାର;
ତରୁ ଦେଖି ହରଷିତେ କଲେ ସେତୁ ବିଚାର,
ଡାଳ କରି ଜାଳ-କାଠ, ପଟାରେ କରି କବାଟ,
ଶେଣି ଲୁଅ କେତେ ହେବ ସେ ।
(ପୁଣି) ନଉକା ପଲଂକ ପରେ
କରି, ନର-ବ୍ୟବହାରେ
ଲଗାଇବେ କେତେ ହରଷେ । ୩ ।
ହାଣି ସେ ପାଦପ ଏବେ ହାଣି ହେଲେ ଆପଣେ,
କାଠେ ଥିଲା ବଜ୍ରଶିରା ଜାଣିବେ ସେ କେମନେ ?
ଭାଂଗିଗଲା ଗୁରୁ-ଘାତେ ଶାଣିତ-କୁଠାର ହାତେ,
ଲୁହା ଭେଦି ପଶିବ କି ସେ ?
(ପୁଣି) ଭାଂଗିଗଲା ବାହୁ-ବଳ ଭେଦିଲା ପଂଜରା-ହାଡ଼
ପଡ଼ିଗଲେ ସେତୁ ବରଷେ । ୪ ।
ବଢ଼ିବ ପାଦପ ସହି ଗ୍ରୀଷ୍ମର ତପନ,
ଜ୍ଞାନ-ଫୁଲ ଶକତିର ଫଳ ହେବ ଯତନ,
ସମସ୍ତ ପବନେ ପୂରି ଗୀତ ତାନେ ମରମରି
ବଢ଼ିଯିବ ସେତୁ ନଭସେ ।
(ତହୁଁ) ତାରାରୁ ତାରାକୁ ଉଳି, ଧରଣୀର ଉଭିଟାଳି,
ନବଯୁଗ ଆଣିବଇ ସେ । ୫ ।

"ଦେଖ ନାରୀ-କୁଳ, ଏବେ ପୁଣ୍ୟ ଏ ନନ୍ଦନ
ପୁରୁଷ ପ୍ରବେଶେ ଭ୍ରଷ୍ଟ; ଭାଙ୍ଗିଛି ବିଧାନ;

ଭାଙ୍ଗିବାରେ ସେ ବିଧାନ କଣ୍ଟକରେ ଆଉ
ନାହିଁ ଭୟ, ତାଙ୍କ ଲାଗି; ପ୍ରାଣ କରି ପଣ
ରମଣୀର ମାନ ଲାଗି ଯୁଝିଲେଟି ଯେହୁ ।
ଯାହାଙ୍କ ସକାଶେ ଅଜି ଏ ମହା-ବିଜୟ ।
ଏ ନନ୍ଦନ-ଇତିହାସେ ଦୃଢ଼-ସ୍ୱର୍ଣ୍ଣାକ୍ଷରେ

ରହିବ ଗୋ ତାଙ୍କ ନାମ । ଉତ୍ସବର ରୋଳ
ଉଠିବ ସେ ନାମେ ନିତି । ଆଜି ରମଣୀର
ସତ୍ୟଯୁଗ । କେତେ ନାରୀ ବୀରେନ୍ଦ୍ର-ମହତ
ପୁଣ୍ୟ-ମଧୁ-ଉପବନ କରିବେ ଗୋ ଜୟ,
ଦମୀର ଅମିରି ସୁଖେ ତାଳ ମହାପୁରେ

ରଚିବେ ଉତ୍ସବ, ସ୍ଥାପି କନକ-ଦୋଳରେ
ଉଚ୍ଚେ ସେ ପ୍ରତିମା ତିନି । ଆସ ଏବେ ସଖି,
ନାରୀ-ସ୍ୱତ୍ତ୍ୱ ସ୍ଥିର ଆଜି, ଏ ବିଜୟ-ଦିନେ
ଉଦାର-ରମଣୀ-ଭାବେ ସାଧିବା କରମ ।
ନ ରହିବେ ଏ ପୁରୁଷ ଶିବିର-ନିବାସେ

ରୁକ୍ଷ-ନର-କରେ ଲଭି ପରୁଷ-ଶୁଶ୍ରୂଷା ।
ଆସ ନାରି, ଜନମେ ଏ ସୋଦରଟି ମମ,
ରମଣୀ-କରମେ ପୁଣି ପ୍ରଚଣ୍ଡ-ଆଘାତେ
ଆହତ ସେ ବର-ବପୁ, ରମଣୀର ସେବା,
ରମଣୀ-କୋମଳ-କରେ ପରିଚର୍ଯ୍ୟା ଲଭି,

ଭଜନ୍ତୁ ଆରାମ ବେଗେ ।" କହିଲେ ସୁନ୍ଦରୀ
ଧରି ମତ୍ତ-ଶିଶୁ କରେ । ଧରି ସେହି ଶିଶୁ
ଓହ୍ଲାଇଲେ ଚର୍ମ-ଚୂଡ଼ୁ । ଫିଟିଲା ଝନ୍‌ଝନେ
ଆୟସ-ଶଳାକା ଦ୍ୱାରେ । ସମର-ପ୍ରାଙ୍ଗଣେ
ବାହାରିଲେ ଶତ ନାରୀ ସେନା-ବାହ-ସ୍ରୋତେ,

ଅବଗୁଣ୍ଠେ କେତେ, କେତେ ମୁକ୍ତ-ବେଣୀ-ଲାସ୍ୟେ ।
ଉଦ୍ୟାନ-ପତିତ-ସ୍ଥୂଳ-ପୁଷ୍ପ-ଆସ୍ତରଣେ
ପଡ଼ିଲା ରୁଚିର-ପଦ-ଚିତ୍ର ମିର ଲେଖା,
ପ୍ରେମ-ଶ୍ୱାସେ କଲା ସେବା ବର୍ତ୍ତୁଳ-କପୋଳ
ମାରୁତ ସେ ସେନାବାସେ । ଉଚ୍ଚ-ତରୁ ଗୁଡ଼

ଉର୍ମି-ଲାସ୍ୟେ ଧୀରେ ଝରି ପଡ଼ିଲା ପ୍ରସୂନ,
ପୁଷ୍କଳ-ସ୍ତବକ ଏଡ଼ି ତାରି-ଅବରୋହେ,
ମାରୁତର ମନ୍ଦ-ଶ୍ୱାସେ ଚୁମ୍ବି ସେ ଚରଣ ।
ଶବଳିତ-ଆତପର ବର୍ତ୍ତୁଳିତ-ଛାୟା
ଘନ-ତାରକିତ-ଗତି-ମୃଦୁଳ-ପ୍ରକମ୍ପେ

ଉଠିଲା ପଡ଼ିଲା ସେହି ରମଣୀ-ଚରଣେ;
ମଧୁମକ୍ଷି ଥିଲେ ପଛେ ଜନତା ବରଜି ।
ଚଳିଲେ ସରବେ, ଭେଦି ଉଦ୍ୟାନ-ସରଣୀ,
ପ୍ରାନ୍ତର-ଉପାନ୍ତ ଗୁଡ଼;ରଙ୍ଗ-ଭୂମି ଘେରି,
ରହିଲେ ସେ ନାରୀ କ୍ଷଣେ ଚକିତ-ସାଧ୍ୱସେ ।

ମୃଗ-ଯୂଥେ ଯଥା ଆଗେ ଆଗେ ଯୂଥ-ପତି,
ଟେକି ସୂର୍ଯ୍ୟ-ମୁଖେ ବହୁ-ଶାଖା-ବିଚୂର୍ଣ୍ଣିତ-
ବିଶାଳ-ବିଷାଣ-ଶୋଭା, ଧରି ପଛେ ଶତ-
ବିମୋହନ-ସଙ୍ଗିନୀ-ଚପଳ-କୁରଙ୍ଗ;
ବଳ ସେ ତରଳ-ରୁଚି ଲଘୁପଦେ ତହିଁ

ପଶିଲେ ସୁନ୍ଦରୀ । ତୁଙ୍ଗ-ବପୁ ଗଲା ବହି
ସୋଦର-ସଙ୍ଗରେ ଯହିଁ ଅରୁଣ-ସୁନ୍ଦର ।
ରହି କ୍ଷଣେ, ଟେକି-ଜାନୁ ପାତି ଧରଣୀରେ,
ଦକ୍ଷେତରେ ଶୋଭାରାଣୀ ରଖି, ମତ୍ତ-ଶିଶୁ;
ଭାଇ-ହାତେ ହାତଥୋଇ, ସମ୍ବୋଧି ମଧୁରେ

୬୫ । ପନୀର—ସୁବାସିତ ଜଳ ।
୮୭ । ପୁଷ୍କଳ = ପୁଥୁଳ, ବହୁପୁଷ୍ପଭରା ।

କହିଲ ତାହାରେ, 'ନାଶ-ମୁକ୍ତି-ବିଧାୟକ,'
'ପୁଣ୍ୟ-ସାର-ଧର୍ମୀ', 'ଯବେ ଅମର କରବେ ।'
କହିଲ, "ଶିବରେ ଏଥି ନ ପଡ଼ିବ ରହି;
ଯାହା ଲଗି ସାର-ଶ୍ରମେ ଏ ରୁଧିର ଭବ
ବହିଲ ତରୁଣ-ଅଂଗେ; ସେହି ଲଳନାର

ସ୍ମୃତି-କର-ଚର୍ଯା ଭୁଂଜ ରହିବ କୁଶଳେ;
ଅନ୍ତର୍ଥି-ସଙ୍ଗତେ ନାଶ ସେବତେବ ତୁଂଭଂକୁ ।"
ଆହତ-ସୋଦରେ ଦେଖି, ବହି ଅନୁକଂପା
ଅବା ଯାହିଁ ଅଲକ୍ଷିତେ ପଥ ଅନୁସରି,
ଗଲେ ଜେମା ମମ ପାଶେ । ପାଶେ ଥିଲେ
ପିତା,

ରୁହିଁଲେ ବଦନ ତୋଳ; ସଂଗ୍ରସ୍ୟ ଯେସନ
ଶାବକ ହରାଇ ବନେ ରୁହେଁ ଆଗଂତୁକେ
ନିର୍ମମ-ମାରସ-ନେତ୍ରେ, ଦେଖାଇ କେଶର ।
ନ କହିଲେ କଛି; କିଂତୁ ଜେମାମଣି ଯେବେ
ଦେଖିଲ ପଡ଼ିଛି ମୁହିଁ ନିଷ୍କଂପ-ଶଯ୍ୟରେ,

ନାହିଁ ଶିରେ ଶିରସ୍ତ୍ରାଣ, ମୁକ୍ତ ଅଂଗ-ଛଦ,
ପ୍ରାଣେ ନାହିଁ ଭାବ-ଖେଳ, ବାକ୍ୟ ନାହିଁ ମୁଖେ,
ବିବର୍ଣ୍ଣ ତରୁଣ-ତନୁ ଶୋଣିତ-କ୍ଷରଣେ;
ନିଃଶ୍ୱସିଲ ଗୁରୁ-ଶ୍ୱାସେ । ଦେଖିଲ ସେ ପୁଣି
ପଳିତ-ଜଟିଳ-ଶ୍ମଶ୍ରୁ-ବୃନ୍ଦ-ଢାକେ ମମ

କ୍ଷତଜ-ରୁଧିରେ ଶୋଣା; ଥରଗଲା ବାଳା
ମରମେ, ବଦନ-ଶଶୀ ହେଲ ବିଘଟିତ
କ୍ଷଣେ, ବେଦନାର ଘନ-କୁହେଳି-କଂପନେ;
ଚଳ-ମେଘ-ସମ କାହୁଁ କାଳିମାର ଲେଖା
ଖେଳିଗଲ ଅର୍ଦ୍ଧ-ବିଧୁ-ବିଶାଳ-ଲଲାଟେ;

ବିସ୍ମୟେ ବଢିଲ କୁଂଙ୍କ-ତୋଷ-ବପୁ-ଛବି;
କହିଲ, "ପରାଣ ମମ ରଖିଥିଲେ ଏହି;
ସେହି ଦୋଷେ ବଧିଲେ କି ସୋଦର ଏହାଂକୁ ?"
ମଉନେ ରହିଲେ ବାଳା, ନ କହିଲେ ଆଉ ।
ପିତା ତହୁଁ ଜୁଗୁପ୍ସାର ଖଡ୍ଗ-ଘାତେ କାଢ଼ି

ମମ ହସ୍ତୁ, ଦେଖାଇଲେ ଟେକି, ପ୍ରତିକୃତି
କେଶ-ଗୁଚ୍ଛ-ସନେ; ଥିଲ ଯାହା ବାଳକାନ୍ତ
ପରାଣ-ଦୋସର-ସମ ହୃଦେ ମମ ବଂଧା ।
ଦେଖିଲ ସେ, ମନେ ତା'ର ଉଦିଲ ସାଧ୍ୱସେ,
ବାଲ୍ମିକ-ବୟସେ, ପୁଣି ଯୌବନ-ପ୍ରଭାତେ,

ମହାଶ୍ୱେତା-ସନେ ଯେବେ ମିଶି ସେ ନ ଥିଲ,
ସେ କାଳେ କେସନେ ବନେ ନିଜେ ମାତା ତା'ର
ଶୁଭ-ଲଗ୍ନେ କାଟିଲେ ସେ ପୁଣ୍ୟ-କେଶ-ଦାମ ।
ରୁହିଁଲ ପୁଣି ସେ ମମ ସ୍ରସ୍ତ-ଅଧରେ
ଦୃଢ଼-ନିର୍ନିମେଷ-ନେତ୍ରେ । ବୁଝିଲ କି ସତ୍ତ୍ୱେ,

ଲଳିତ-ବିଭ୍ରମ ଗୁଡ଼, ନିର୍ବୋଧ-କରମେ,
କଳ୍ପନା-ବିଳାସେ ମାତି, କି ଘୋର-ବିପାକ
ହେଲ ଶେଷେ । ଧୀରେ ତହୁଁ ଲାଗିଲ ପଡ଼ିବେ
ଆସୁସ-ମାନସ ତା'ର ଭାଂଗି ମଡ଼ ମଡ଼େ
ପଡ଼ିଲ ହୃତପିଂଡ-ପରେ, ଦୃଢ଼-ଆବରଣ

ହୃଦୟର ଗଲ ଭୁଟି, ତରଳ-କୋମଳ-
ଭାବ ବିକାଶିଲ ମୁଖେ, ଅଂତରେ ବାହାରେ ।
ଲଇଁପଡ଼ି ବାଳା, ଥୋଇ ମତ୍ତ-ଶିଶୁ ତଳେ,
ଛୁଇଁଲ ଲଲାଟ ମମ, ଢାଳ କମ୍ର-କରେ,
ତରଳ-ହୃଦୟ କି ସେ ! କହିଲ ବିସ୍ମୟେ,

---

୧୩୧ । ବିଚ୍ଛାୟ = ମଳିନ, ବିବର୍ଣ୍ଣ, ବିମର୍ଷ ।
୧୪୪ । ସ୍ରସ୍ତ = ଲୁଳିତ, ଶିଥିଳିତ ।

"ଅହୋ ତାତ, ବଂଚଛୁ ଏ, ଯାଇ ନାହିଁ ଉଡ଼ି
ପ୍ରାଣ-ବାୟୁ, ରକ୍ତ ତେବେ ଏଥି ମମ ହର୍ମେ ,
ସୋଦର-ସନ୍ନିଭେ ମମ, ସୋଦରେ ଯେସନ
ତେସନେ ରଖିବୁ ଚର୍ଯ୍ୟା, କେତେ ହେଲେ ତହିଁ,
ଯତନେ ଉଦ୍ଧାର ମମ ଯୁବାମଣି ଯେଉଁ

ଗୁରୁ-ଭାର ଅରପିଛୁ ଏ ରମଣୀ-ଶିରେ,
ବହି ଯାହା ପଦେ ପଦେ ଥରୁ ଅଛୁ ପଦ
ରମଣୀ-ମୁକତି-ପଥେ, ହେବ ତାହା ଲଘୁ।"
କହିଲ ସେ, 'ବଂଚଛୁ ଏ', ଶୁଣି ଏ ଭାରତୀ,
ବୃଦ୍ଧ-ପିତା ଲଇଁ ପଡ଼ ଦେଖି ଆରଂଭିଲେ

ପୁନଃ ପୁନଃ ରକ୍ତ-ସ୍ରାବ, ଆଘାତର-ଲେଖା
ଫଳକ-ଲୋଳିତ-କର-ମଧୁର-ପରଶେ ।
ହୁଇ ଶତ୍ରୁ, ପିତା ଜେମା, ହେଲେ ଏହିପରି
ମୁହାଁ ମୁହିଁ, ମୋ' ଉପରେ, ଦିଶିଲ ଯେସନ
ପାଟଳ-ପ୍ରଦୋଷ ମିଶେ ରଜନୀ-ତାମସେ ।

ମତି ପଚ୍ଛୁ ଧୀରେ ପାଶେ ଆସିଲେ ଭରସି,
ପଡ଼ିଥିଲ ପାଶେ ତହିଁ ଶିଶୁ ଶୋକାର୍ଣ୍ଣଣୀ
ଶୁଭ୍ର-ପାସ୍ତ-କଉଷିକେ, କନକ-ଭୂଷଣେ
ଆବରିତ-ଅର୍ଧ-ତନୁ; ଦିଶୁଥିଲ ଯଥା
ସଦ୍ୟେ ଖସି ନଭଃସ୍ଥଳୁ ପଡ଼ିଛି ତାରକା

ଶାଦ୍‌ବଳ ପ୍ରାଂତରେ କାହିଁ ? ନ ପଶୁରେ କେହି ।
ରୁହିଁ ସେ ଜନନୀ-ମୁଖେ ଦରେଶିଟି-ହସିତେ,
ନଗୁଭିଲ ବାଳ-ବପୁ ଅଜ୍ଞାତ-ସୋହାଗେ;
କମ୍ର-କର-ଲତା ଗୁଳ, ଅଳସ-ଅଂଗୁଳ
ମେଲାଇଲ ଧୀରେ ଧୀରେ ନିସାଦ-ବିଭ୍ରମେ,

ଲଭିବାରେ ମାତୃ-କୋଳ । ନ ସହିଲ ମତି
ବାଳୁତର ଅଜ୍ଞାତ ସେ ନିସାଦ-କାକୁତି;
ବଳପି କହିଲ ଉଚେ, "ମୋର, ମୋହର ଏ,
ତୋହର ଏ ଶିଶୁ ନୁହେ; ମୋହର ଜୀବନ,
ଦିଅ ମୋତେ ତା'ରେ ।" କହୁ କହୁ ଏହା,

ହୃଦୟ-କଂପନେ ଥର ଅଂଗେ ପ୍ରତି ଅଂଗେ,
ରହିଗଲ ବରଜ ସେ କରୁଣ-ବିଳାପେ ।
ରୁହୁଁ ହେଲ ସ୍ଥିର ମତି, ଉଦାସୀନ ଯଥା
ଉନ୍ମୁକ୍ତ ଲୟନେ ରହେ । ସବେଁ ଏକେ ଏକେ
ରୁହିଁଲେ ତା'ମୁଖ-ବିଂବେ । ପ୍ରଭାତ-
ସୁଧାଂଶୁ

ଦିଶଇ କୁହେଳ ଭେଦି ଯେସନ, ତେସନ
ବିବର୍ଣ୍ଣ ସେ ମୁଖ-ଛବି; ମାରସ-ଧାପନେ,
ନିସ୍ପଂଦ-ବିଭାସେ ଅଛି, ରୁହିଁ ସେ ନିସ୍ପଲେ ।
ସୋହାଗର ଅଂଗ-ଛନ୍ଦ ଶୋହେ ଶତ ଚୀରେ ।
ଶୋକର ରକ୍ତିମା ଗୁରୁ, ମାତୃ-ଅଭିଳାଷ,

ଜୀବନ୍ତ ନୟନେ ଦିଶେ । ସ୍ରସ୍ତ-କେଶ-ଦାମ
ଅଯତ୍ନ-ଲଂବିତ, ଯଥା ଲଂବେ ମୃତ୍ୟୁ-ଭାରେ,
ଗତାସୁ-ତିକୁର ଶିରେ । ଉନ୍ନତ-ଉରସେ
ପବନ-ଜନନୀ-ହୃଦ ଉଠେ ଦପ ଦପି ।
ଲାଗିଲା, କ୍ଷଣକେ କି ସେ ଭେଦି ଉର-
ବାସ,

ପଡ଼ିଯିବ ଶିଶୁ-ପରେ । ହୃତ-ଜ୍ଞାନ ମତି,
ନ ଜାଣିଲ କଛି ମାତ୍ର ଗୁରୁ-ଶୋକ-କଂପେ ।
ଜେମାମଣି ଶେଷେ ଦ୍ରବି ସେ କରୁଣ-ରସେ,
ରୁହିଁ ମୁଖ ତୋଳି ଧିରେ, ଉଠିଲ ବରଜ
ମୋରେ; ଠିଆ ହେଲ ତହିଁ ନିର୍ବାକ-
ଦର୍ଶନେ,

୧୭୦ । ଜେମା ବାଳ କଲା, ପିତାଂକର ଦତ୍ତି ମୋ ରକ୍ତରେ ଲୁଣ୍ଠିତ ।

ସ୍ୱପ୍ନିଲା ସେ ଜନନୀରେ, ମୋରେ, ଶିଶୁ-ପରେ;
ସ୍ୱପ୍ନଁ ସ୍ୱପ୍ନଁ, ପାଖେ ଥିଲା ଶୂଳ-ଘାତେ ଶୋଇ
ବଭ୍ରୁଧ୍ୱଜ, ଉଠାଇଲା ଆଶ୍ୱାସିତ-ବପୁ;
ଗୁରୁ ଯତ୍ନେ ଜେମା-ପଦେ ପ୍ରଣମି ଆଶ୍ୱାସେ,
ଅଂଚଳ ଓଟାରି ଲଭେ ମନ-ଯୋଗ ତା'ର ।

ଗୃହେଁ ଜେମା ନମ୍ରେ ତହିଁ, କଂଚୁକିତ-ବପୁ
ଆହତ ସେ ସାଇ-ବରେ, ତିର୍ଯ୍ୟକ-ଅପାଂଗେ;
କରୁଣା ଆବେଗେ, ଅବା ବୁଡ଼ି ଆତ୍ମରସେ ।
ସ୍ୱପ୍ନେଁ ଚମକିଲା ବାଳା; ଚିହ୍ନିଲା ସେ ଯେବେ,
ସ୍ମରଣେ ଆସିଲା ସେହି ଅମଂଗଳ ଗୀତ ।

ବିସ୍ମୟେ ବଂକାଇ ଗ୍ରୀବା, ତୋଳିଲା ସେ ତହିଁ
ବିଶାଳ-ଭୁଗିଂମା ଦୃଢ଼େ । ବଢ଼ିଗଲା ଜବା
ବଭ୍ରୁଧ୍ୱଜ ଏଡ଼ି ତାହା, ଲଂବିଯାଏ ଯଥା
ସଇକତେ ରୂପ-ରେଖା, ଅସ୍ତାଚଳେ ଯେବେ
ଯାଏ ଦିନମଣି । ତହୁଁ କହେ ବଭ୍ରୁଧ୍ୱଜ,

"ସୁଂଦରି ଗୋ, ଦୃଢ଼-ସଂଧେ, ଶ୍ରମ-ତେଜସ୍ୱିନି,
ସିଂହିକେ, ପ୍ରଲଂବ ତବ ଏ ଶକୁର-ଦାମେ
ପଂଚାସ୍ୟ-କେଶର-ଛଟା; କିଂତୁ ଏ ଜଗତେ
ଦର୍ପିଷ୍ଠ-ବିକ୍ରମ ବଳ ଶ୍ରମ ଦୃଢ଼ତର
ପ୍ରକୃତ ପ୍ରେମର ବଳ, ଅରୋଧ୍ୟ,
ଅଲଂଘ୍ୟ ।

ଦେଖ ପଡ ଏବେ ତବ ପଣ୍ଡ ଗ୍ରୀବା-ଦେଶେ
ରହିଛି ଏ ଶତ୍ରୁ-ବୀରେ । ଭଜନ୍ତୁ ତ ଆଂଭେ
ପରାଜୟ । ତବ ଇଚ୍ଛା ଲଭିଛି ବିଜୟ ।
ଆଉ କିବା ଲୋଡ଼ା ତବ ? ଦିଅ ଶିଶୁ ତା'ର;
ରହ ଗୋ, ମହତ ତବ ଆତ୍ମ-ନିବାସନେ ।

ମରିଛି ତ ରାଜସୁତ । ଥିବ ଯେବେ ଜୀବେ,
ମୃତ-ସମ ସେହୁ ପଲେ । ଯାଅ ଏବେ ବାଳା,
ନ ଦେବୁ ଗୋ ପ୍ରତିରୋଧ । ଲଭ କର୍ମେ ତବ,
ନାରୀ-ହୃଦ ମାଜି, ଭଜ, କରି ଆପଣାର ।
ମନେ ରଖ କିଂତୁ, ଲୋଡ଼ୁ ଲୋଡ଼ୁ ରମଣୀର

ପୀରତି ଗୋ ଏ ଜଗତେ, ସେହି ସେ ପୀରତି
ଘୋର-ଜୁଗୁପ୍ସାର ଘନେ ଚଢ଼ିବ ଓଲଟି ।
ଭବିଷ୍ୟ-ଗରଭୁ କ୍ରୂମୟୀ-ଚଂଡୀ-ସମ
ଧ୍ୱାଂତ ଫେଡ଼ି, ଫିଟିବ ଗୋ, ଶାସ୍ତ୍ର-
ପ୍ରତିଶୋଧ

ମୂର୍ତ୍ତି ପରତନ୍ତ୍ର; ତୁଂଗ-ଉଜ୍ଜ୍ୱଳ-ଲଲାଟେ
ବହି ଘୋର-ବହ୍ନି-ଶିଖା, ବିଧ୍ୱଂସିବ ରୋଷେ
ଚିର-କାଳ ଲାଗି ତୋରେ ଦାବାଗ୍ନି-ଦହନେ ।
କିଂତୁ ନାରି, ଆତ୍ମରତି କର ଯେତେ ପାର;
ନିଜସ୍ୱ ଗୋ, ନ ଶୋଧିବ ନିଜ ବାହୁ-ତଳେ ।
ମଉର ସେ, ଦିଅ ତାକୁ; ଦିଅ ଗୋ ସେ
ଶିଶୁ,

ରମଣୀ-ଶୋଣିତ ଯେବେ ରଖିଛ ଗୋ ଏବେ
ଧମନୀରେ ତଳେ ତବ; କେବେ ହେଲେ ଯେବେ,
ଯେ-ହୃଦ-ଶୋଣିତ ସ୍ତନ୍ୟ-ରୂପେ କରି ପାନ
ବଢ଼ିଛି, କରିଛ ତହିଁ ଆଦର ଜୀବନେ;
ବାତ୍ସଲ୍ୟ ଯେ ହାତେ କେବେ ଲଭିଛ
ଲାଳନ,

ଭଜିଛ ଗୋ ପ୍ରୀତି ତହିଁ; ସେ ଭଂଗିମା-ତଳେ
ଅଛି ସେ ହୃଦୟ ତଳେ ଯେବେ, ନୁହେ ଯାହା
ଉପଳ-ସ୍ୱଭବେ ଘନ ମିନତି-ଗ୍ରହଣେ ।
ଦିଅ ତା'ରେ, ଶିଶୁ ତା'ର । ଦେବାକୁ ଆପଣେ
ସଂକୋଚ ଗୋ ତବ ଯେବେ, ପରଶି ସେ
ଅଂଗେ;

ଥିଲି ଯାହା ତବ ତୁଂଗ-ବିଗ୍ରହେ ସୋହାଗେ,
ଲତା ମହୀରୁହେ ଯଥା, ଦୃଶ୍ୟ-ପ୍ରଣୟେ;
ବିରାଗ ଗୋ ଯେବେ ତା'ରେ, କହିବାରେ କଥା;
ସେହି ତ ସେ ମତି ତବ ଜୀବନ-ଦୋସର !
କରୁଣା ତ ଦୋଷ ତା'ର ! ନିଷ୍କରୁଣ-
ନାରୀ !

ନର-ରକ୍ତେ ରତି ସେହି ନ ପାରିଲି ବହି;
ଏ ତହିଁ ସଙ୍କୋଚ ଯେବେ, ନିଅ ଶିଶୁ ମୋତେ,
ଦିଏଁ ମୁଁ ସେ ମତି-କରେ !" ଶୁଣି ଏ ଭାରତୀ,
ଧୀରେ ବିସ୍ତାରିଲି ଡୋଳା; ଶୁଷ୍କ ବହ୍ନି-ସମ
ଜ୍ୱଳିଗଲା କଣୀନିକା; ଧୀରେ ଧୀରେ ତହୁଁ

ଭୂରିଲେ ଫେଡିଲା ନେତ୍ର; ପ୍ରଦୋଷ-ଶିଶିରେ
ପାଟଳ-ଗଗନ-ସମ ନୟନେ ପଡ଼ିଲା
ଶୋକ-ଲେଖା; ଜନିମେଷେ ନିରେଖିଲା ଶିଶୁ;
ଧରି କୋଳେ,କହେ ତହୁଁ,"ମୋହନ-ମୁକୁଳ
ଉଷାର-ପ୍ରସୂନ, ଅର୍ଦ୍ଧ-ବିକଶିତ-ଦଳ,

ବନ ବଂଧୁଜୀବ, ମମ ଜୀବନ-ସୋହାଗ,
ପ୍ରୀତି ମମ ସେ ପରଶେ, ଶତ ବଂଧୁ ଯେବେ
ବିଶ୍ୱାସ ବରଜ ଭାଂଗି ନଳଂଦ-ବିଧାନ
ଭଜିଲେ ତାମସେ ଆଶା, ଉଷାର ଆଲୋକ
ନ ଦିଶିଲା ଦୂରେ କାହିଁ, ଅଦ୍ଭୁତ ସେ
ଅଛି !

କି ପୀୟୂଷ-ଧାରା ବୁହାଇଲୁ ପ୍ରାଣେ ମମ,
ଲୁହେ ସେ ପୀୟୂଷ ମୋର; ଯାଅ ଏବେ ସୁଖେ,
କଠୋର ଏ ନରେ ଅଛି ନାରୀ-ଜନେ ଏଥି,
ଚିରଂତନ-ରୀତି ଯଥା । ନ ରହିବ ଶିଶୁ
ମମ ପାଶେ, ଯାଅ ଛାଡ଼ି । ହେଲେହେଁ,
କେସନେ

ସ୍ୱପନେ ମୁଁ ଦେଖିଥିଲି ତବ ସେ ଭବିଷ୍ୟ
ପିହିତ କରମେ ମମ; ମଣୁଥିଲି ମୁହିଁ
କିଛି ହେଲେ ହେବ ତୋରେ; ଆଜି ସେ ପ୍ରଭାତେ
ଅଂଗକ-ସ୍ପଂଦନ-ମୁଗ୍ଧ-ନବନୀତ-ବପୁ

କଲି ଯେବେ କୋଳାଗ୍ରତ । ଯାଅ ଶିଶୁ ଏବେ;
ବିଶ୍ୱାସ-ଦାକ୍ଷିଣୀ ମୋରେ,.ହେଉ ତୋ' ଜନନୀ
ବତ୍ସଳ ତୋ ପାଳନରେ । ଭାଗ୍ୟେ ଯେବେ ଦିନେ
ପୁତ୍ରୁଧର ନିକ୍ଷେପଣ ଦେଉବ ଗୋ ଶିରେ,
ସୁମନ-ସୋହାଗେ ଲଭୁ ହେଉ,ବାଂଛୁ ମମ !"

ଚୁଂବିଲା ସେ ଶିଶୁ ଏଥି, କହିଲା ନିରାଶେ
'ସୁଲକ୍ଷଣୀ ହୁଅ ଶିଶୁ' ।—ଧ୍ୱନିଁ ରତ୍ନଧ୍ୱଜେ,
'ନିଅ ଶିଶୁ ମହାଶୟ', କହଣ ଏସନ,
ଲଳିତ ସେ କମ୍ର-ବପୁ ଦେଲା ଥୋଇ ଧୀରେ
ଅପ୍ରୂପ ସେ କରଖାଣ-ରୁକ୍ଷ-କର-ତଳେ ।

ରତ୍ନଧ୍ୱଜ ଅଧେ ଭୁଲି ସ୍ନେହେଁ ମତି ମୁଖେ,
ଉଲାସର ଅସମ୍ଭବେ ବଢ଼ାଇ ସେ କର,
କୃତଜ୍ଞତା-ମାରେ ନେତ୍ର ଢାଂଚାଇ ଅଲକ୍ଷ୍ୟେ,
ନେଲା ଶିଶୁ । ଧରି ତା'ରେ, ଲଗାଇ ଉରସେ
କଲା ଆଲିଂଗନ, ଘନ-କୋମଳ-ପରଶେ

ଛୁଇଁଗଲା ଶିରୁ ପଦେ ଅଂଗକ-ମୋହନ,
ଆଳିଂଗିଲା ବାରଂବାର ଲଗାଇଣ ହୃଦେ,
ବାତ୍ସଲ୍ୟ-ସରାଗେ ମୁଖେ, କରେ, ବକ୍ଷେ, ପଦେ,
ଚୁଂବିଗଲା ଅସମ୍ଭବେ; ଦେଖାଇ ଅଂଚଳ
ଦେନଲା ଉରସେ; ତହୁଁ ସମ୍ଭ୍ରମ ସମ୍ଭାଳି,

ଧୀର-କାକୁଭିର ଭାଷେ ଆରଂଭିଲା କହି :
"ଥିଲେ ଦୁହେଁ ସହଚରୀ; ଯାଉଛି ମୁଁ ଏବେ
ଦେଶେ ମମ ଚିରଲାଗି; ନ ହେଲି ଭାଜନ
ମହା-ଆଦରଣ ତବ ପାଳିବାରେ ଏଥି;
ଖୋଜି ନିଅ ଆନ ବଂଧୁ; ବିଦାୟର କାଳେ

କହ ମୋତେ କଥା ପଦେ; ଶୁଣି ସେ ଶ୍ରୀମୁଖୁ
ମଧୁର-ଭାରତୀ ପଦେ, ଯାଏଁ କ୍ଷମା ଦେଇ ।"
ନ କହିଲା ଜେମା କିଛି, ଶିଶୁ-ମୋହେ ଜଡ଼ ।
କହିଲା ଅରୁଣ, "ଜେମା, ଏ କି ଶାନ୍ତି ତୋର;
ପ୍ରତ୍ୟକ୍ଷ ପ୍ରତ୍ୟକ୍ଷ ବୋଲୁ,ନାଶାଠାରେ କରୁ

ଏସନ ବେଭାର ସତେ ! ଶୁଣା ମୁଖେ ମୋର,
ତବ ରଣେ ଯୋଧ ମୁହିଁ, ଦେଇ ମୁଁ ସଇନ
ଯୁଝିଲ ସମର ତୋର; ସହଚରୀ-ମାନେ
ଏବେ ତୁଂବ ତା' ଲପନ, ଧର ହାତ ତା'ର,
କାଂଦଇ ସେ ବାଳା ! ସତେ ପଶିବ
ସମରେ,

ମୃତ୍ୟୁ ସହିଁ, ହୁଏ ମନେ, ନ ଦେଖନ୍ତି ଏହା ।"
ନ କହିଲା ଜେମା କିଛି, ଥିଲା ଅଧୋମୁଖେ ।
ସରଳ ସେ ରୋମହର୍ଷେ, ନୁହେ ତାଂକ ଶାନ୍ତି,
ଆଜ କଂଭୁ ମଜ୍ଜି ଭାବେ, ଲୋଳିତ-ଚିବୁକେ
ରକ୍ତିମ-ବିଭାସେ ଝଳି, ଭାଷିଲେ ଭାରତୀ,

"ଶୁଣିଥିଲି ଲୌହ ଅଛି ମାନବ-ଶୋଣିତେ,
ବିଶ୍ବାସ ମୋ' ହେଲା ତାହା । ପଦେ କଥା ନାହିଁ !
ପଦେ ହେଲେ ! ଜେମା ମୋର, କାହୁଁ ତୁ ପାଇଲୁ
ଏସନ ଆୟସ-ହୃଦ ? ନୁହେ ମୋର ଏହା,
ନୁହେ ତ ମାତାର ତବ, ଅଛଇ ସେ ଏବେ

ସ୍ବରଗେ ଦେବତା-ମେଳେ । କହୁଥିଲେ ସେହୁ,
ଅଛଇ ହୃଦୟ ତୋର, ଶୁଣିଛି ମୁଁ ଏହା
ମରଣ-ମୁହୂର୍ତ୍ତେ ତା'ର, କେମାନ୍ତି ଅଂଭର
ହୃଦୟେ କୋମଳ ଅତି, କିଂତୁ ଦୃଢ଼-କରେ
ଦେବ ତା' ଶାସନ-ଭାର ।' କହିଲେ
ସରବେ,

ସୁଦୃଢ଼-ଶାସନେ ତା'ର ଅଛଇ ଅଭ୍ୟାସ,
ସେହି ତ ସେ ମହାଶ୍ବେତା,– ବଡ଼ ଲଭ ହେଲା;
ପଦେ ହେଲେ ନାହିଁ କଥା ! ଜନକ ଆପଣେ
କରଂତି କାକୁତି ଏତେ, ତେବେ ହେଲେ ନାହିଁ !
ରହିଛୁ ଭୁଂଗିମା ତୋଳି, ନମିତ-ନୟନେ

ଭାଗ୍ୟ-ଦେବତାର ରୁଷ୍ଟ-ବକ୍ରତା-ଭରବେ ।
ତୋହର ତ ଏ କରମ, ଏତେ ବୀର-ଯୋଧେ
ସମରେ ଆହତ ଆଜ । ଭାଗ୍ୟେ, ମୋ' ବିଶ୍ବାସ,
ନହତ ନୁହଂତି କେହି ଏ ଭ୍ରମ-କରମେ,
କାମଚ୍ଛର ତବ ଏହି ଚପଳତା-ଫଳେ ।

ଏଇଥି ପାଇଁ କି ତେବେ ହେଲା ଏତେ କଥା !
ଏଇଥିପାଇଁ କି ଦେଲୁଁ ହର୍ମଭାଜି ତୋତେ;
ସେ ହର୍ମ, ସହିଁରେ ସୁଖେ ଗ୍ରୀଷମ-ସଂତାପେ
ଛାଡ଼ି ରାଜ-କର୍ମ ଦୂରେ ଆମୋଦ-ବିଳାସେ
କଟାଉଣ ଥିଲୁ କାଳ; ସେ ରମଣୀ-ସନେ–

ଆଜ ସେ ସ୍ବରଗେ—ଯେବେ, ଗଂଜିବାକୁ ତୁହି
ବୃଦ୍ଧ ଏ ଜନକେ, ତୋର ନ ଥିଲା ଜନମ !
ଏହି କି ନାରୀର ଦୟା ? କହ ତାକୁ କଥା;
କହୁଛି ମୁଁ; ନୁହେ କି ସେ ସେହି ମତି ଏଥୁ ।
ଆସିଥିଲା ସେ ଯେବେ ତୁହି ତରଳ-ଉଲ୍ଲାସେ

କହିଲୁ ମୋ' ପାଶେ ଯାଇ, ପାଇଛୁ ତୁ ଏବେ
ସମାନ-ବୟସୀ-ସଖୀ ଅଳାପେ ମେଳାପେ ।
ହେବ ସେ ଦୋସର ତୋର; ଦେଖିବେ ପ୍ରତ୍ୟକ୍ଷେ
କେମଂତେ ରମଣୀ ଦୁଇ ପ୍ରେମର ବଂଧନେ
ହୁଅଂନ୍ତି ସୁଦୃଢ଼େ ବାଂଧି; ଅସମ୍ଭବ ଯାହା

୩୨୭ । ରକ୍ତରେ ଲୁହାଥିବା ରସାୟନ ଶାସ୍ତ୍ର କହନ୍ତି ।
୩୪୫ । କାମଚ୍ଛର = ଯେତେବେଳେ ଯାହା ମନକୁ ପାଏ ତାହା କରିବା; ଖାମ୍‌ଖେୟାଲ୍‌ ।

ବିବାହର ପ୍ରେମ-ଖେଳେ । ତାହାର ସଂଗତେ
ବସନ ଚଳନ ତୋର । ତାହାର ସଂଗତେ
ଆଳାପେ ରସିଲୁ ସଦା ରାତି-ଉଜାଗରେ
ହର୍ମ୍ୟଚ୍ଛାଦ-ସେ-ନିଳୟେ । ପତନ, ଲଂବନ,
ଭଗଣ, ମନ୍ଦୋଚ୍ଚ, କୋଣ, ଘଟୀ, ଅନ୍ତଗ୍ରହ,

କେତେ ଏହିପରି କଥା, ଜାଣଂତି ଈଶ୍ୱର,
କି ଯେ ତା'ର ଅର୍ଥ ! ସବୁ ଜଳପୁ କି ରଂଗେ ।
ପଦେ କଥା ଏବେ ଲୋଡ଼ା, ମଧୁର-ବଚନ,
ପଦେ ସେ ଶୁଣିବ ମାଗେ, କୃପଣ ତୁ ତହିଁ !
ରଖ ତୋ'ମହତ-ପଣ, ପାଷାଣୀ-ବାଳିକା !

ନାହିଁ ତୋର ପ୍ରେମ, ନାହିଁ ମତରେ, କି ମୋରେ,
ଜଗତେ କାହାରି ଠାରେ । ଏ ତୋର ବେଭାରେ,
ସ୍ୱରଗେ ତୋ'ମାତା-ମୁଖେ ଲଗିବ କାଳିମା ।
ପଦେ ହେଲେ ନାହିଁ ? କେବେ ନ କହିବୁ ତୁହି ?
ନାହିଁ ତୋରେ ହୃଦ ତେବେ । ଥିଲା ଯେବେ କିଛି,

ଅପକ୍ୱ-ଶ୍ରୀଫଳ ଯଥା ଧରଇ ଗରଭେ
ପରିଣାମେ ତିକ୍ତ-ଧୂଳି, ତେସନ ତୋ'ହୃଦ
ବାଲ୍ୟଠାରୁ, ପରିପାକେ ସାରହୀନ ଏବେ ।"
ଅଭ୍ୟସ୍ତ ସେ ସରଳତା ସ୍ୱାଚ୍ଛଂଦ୍ୟର ରୁଚି
ବିରକ୍ତ, ରାଜନ-ରୋମ କହିଲେ ଏସନ ।

ରହିଲା ନିଶ୍ଚଳ, କିଛି ନ କହିଲା କଥା
ଜେମାମଣି କିଂତୁ । ଦୃଢ଼-ସଂଧି ସେ ଶକତି
ବିଭିନ୍ନ-ପ୍ରଭାବ-ତାପେ ତରଳି ଭିତରେ,
ବହିଲା କି ଏତେକାଳ ଶତ-ଧାରେ ହୃଦେ !
ବିଶାଳ-ଭ୍ରୂଂଗିମା ଭେଦି,ଅଂଗେ ଅଂଗେ ତା'ର

ସ୍ରସ୍ତ-ଶିଥିଳତା ଯେଉଁଥି କି ଭାବ-ଆବେଶେ
ଗଲା ବହି । ଲଇଁଗଲା ଭୃଂଗ-ଶିର ତା'ର,
ସ୍ପିତର ସଂଦେହେ ବିଶ୍ୱ ଦିଶିଲା ଲୋଚନେ,
ହିଶଇ ଯେସନ ଶୁଭ୍ର-ମେଘେ ଗୃଂଢ଼-ରୁଚି
ନିଶ୍ଚଳ-କାସାରେ । ଏବେ ଫାଟିଲେ ରାଜନ,

ପିତା ମମ, ରୁକ୍ଷ-ତୀବ୍ର-ବଚନ-ସଂଘାତରେ,
ଆଘାତର ଅଶ୍ରୁ ମମ ତୋଳି ଶ୍ରମ-ମୁଖ :
"ସତେ ଗୋ ରମଣୀ, ଏବେ ରମଣୀ, ସଂଭ୍ରମେ
ମଣୁଥିଲୁ ତୋତେ ଅଂଭେ; ସେହି ଭାବେ ପୁଣି
ଅର୍ଦ୍ଧ-ଉଦାସୀନ-ପରି ଦେଉଥିଲୁ ଛାଡ଼ି

ସୁତେ ତବ କରେ, ନାରୀ-ଚର୍ଯ୍ୟା-ଲାଗି ଏଥି,
ମଣି ଯୁବରାଜେ ତାହା ଥିବ ଅଭିଳାଷ ।
ଦେଖୁଛୁ ତ କିଂତୁ ଏଥି ନାହିଁ କ୍ଷମା ତା'ରେ
ବାତୁଳତା ତବ ଯେହୁ ଦେଜ ପ୍ରାଣଭରେ,
ହେଲା ତବ ସହଚରୀ । କେ ଜାଣେ କି ହେବ ?

ଅଭ୍ରଂଶ-ଗଗନ-ସମ ଏ ଭାବ-ଆବେଶ
ଫେରିବ ନିମିଷେ ତବ, ଦେବ ଗୋ ମିଶାଇ
ଭେଷଜେ ବିଷମ-ବିଷ, ମମ ସୁତ-ନାଶେ ।
ପଣ୍ଡୁବ-ସ୍ପୃ ରୁଦ୍ର-କର ଶ୍ରେୟ ଶତ-ଗୁଣେ !
ନିଅ ସ୍କଂଦାବାରେ ଏବେ, ନିଅ ଯୁବରାଜେ ।"

ଉଠିଲେ ରାଜନ । ସର୍ବେ ଆବେଗେ ଅନାଇ
ରହିଲେ । ସେ ବାଳାବରେ । ମଣିଲେ ସଘନେ
ପିଟିବ ସେ ଘନ-ମେଘ ଝଂଜା-ବରଷଣେ,
ଅବରି ଯେ ଚଉପାଶୁ ଘେରିଥିଲା ତା'ରେ ।
ଝୁହୁଁ ଷଣେ ବିକଶିଲା ଆତପ-ବିଭାସେ

୩୭୪-୭୫ । ଏଗୁଡ଼ିକ ଜ୍ୟୋତିଷ ଶାସ୍ତ୍ରର ପାରିଭାଷିକ ଶବ୍ଦ ।

ପବନର ଉଷ୍ଣ-ଚେଷ୍ଟା; ସଭୟ ମୃଦୁ-କଂପେ,
ସ୍ଫଟିକ-ମୋହନ-ବିନ୍ଦୁ ପଡ଼ିଲା ମୃଦୁଲେ,
ଭିଂଚାଇଲା ମତ୍ତ-ତନୁ । କହିଲା ସେ ବାଳା,
"ଆସ ମତ୍ତ, ଆଲିଂଗନେ ତୋଷ ଏ ପରାଣ,
ଆସ ଏହି ଅବସରେ, ପ୍ରସ୍ତର-ହୃଦୟ

ତରଳୁଛି ମମ ଏଥି, କର ସଂଭାଷଣ
ସେ ନାରୀରେ, ଦଂଭେ ଯେହୁ ନ ପାରଇ ରଖି
ମନର ଦୃଢ଼ତା, ଆସ, ଶୁଷ୍କ ଏ ହୃଦୟେ,
ନଂଦଂତି ଯାହାରେ ଏତେ । ଚୁଂବନେ ଚଂବନେ
ଫିଟୁ ବଂଧୂ-ଲୀଳା ପୁଣି, ବାଳକେ ଯେସନ

ଭୂଷଣ-ଶାସନ ଲଭି କଳହର ମାନେ ।
ମୂର୍ଚ୍ଛିଁ ତ ସେ ଜେମା ତୋର ! ଛାଡ଼ ଛଦ୍ମ ଏବେ
କହୁଛି ସରଳେ; କ୍ଷମା ଲୋଡ଼ାଟି ମୋହର ।
କରିଥାଂତି କରମ ମୁଁ ନାରୀ-ଜନ-ମେଳେ,
ନ ଥାଂତା ସେ ନାମ୍ନି-ଜନେ ସଂବଂଧ ସୁ ରୁଚେ ।

ବିଶ୍ୱାସ-ଘାତକ, କିଂତୁ ପ୍ରିୟ-ସହଚର,
ପ୍ରିୟ-କର୍ମନାଶେ ! ବହୁ-ପ୍ରେମ ତୋରେ ମୋର ।
କେସନେ—କେସନେ—ଏହି ଦେଖୁଛ ତ ଏଥି,
ଏତେ ନୃପ ସନ୍ନିଧିରେ କରି ଆଲିଂଗନ,
ପୁଣି ଆଲିଂଗନ କରି, କ୍ଷମାର ବିଧାନେ

ବିସ୍ମର ଅତୀତ ସବୁ, ହେଉଛି ଉଷତ ।
ବିଶ୍ୱାସରେ, ପ୍ରେମେ କିଂତୁ, ନୋହୁ ତୁ ଅଳପ ।
—ଦିଅ ଏବେ ସୁତେ ତବ, ନୃପତି-ଶାର୍ଦ୍ଦୂଳ;
କରିବୁ ଶୁଶ୍ରୂଷା ଏଥି ପରିଚର୍ଯ୍ୟା ତାର,
ଅରୁଣ-ସୋଦରେ ଯଥା । ଜୀବନର ପଣେ

ରଖିଲେ ସେ ପ୍ରାଣ ମମ, କୃତଜ୍ଞତା-ଭାର
ଦାରୁଣ-ଉପଳ-ସମ ବୃପେ ହୃଦ-ସ୍ଥଳ ।
ନ କର ବିଦ୍ରୂପ ଆଉ । ଆସୁଥିବ ଜାମ୍ବୁ,
ବଂଧୁ-ପରିଜନ ଯେନ ଦେଖିବାରେ ସୁତେ
ଇଚ୍ଛାମତେ ଏ ଭବନେ । ଏ ରମଣୀ-କୁଳେ

ଦେବୁ ଛାଡ଼ି ଯେଥି ବାସେ, ଶୁଭ-କାଳ ପୁଣି
ହେବା ଯାଏ, ରଖି ଏଥି କିବା ଲାଭ ଏବେ ?
ଦିଅ ଅନୁମତି ଏଥେ, ଶୁଣି ମୋ' ମିନତି ।
—ହୁଅ ମୋତେ ସାହା ବାପା,—ସୋଦର-ଅରୁଣ,
କହ ଏ ସ୍ୱଜନେ, ତାଂକ ପରୁଷ-ପରାଣ

ଦିଅ ତରଳାଇ ତଳେ, ବହୁ ତର୍କି ଲେଶ
ସେ ପ୍ରେମ-କରୁଣା, ଯାହା ମରମେ ସଂହାର
କରୁଛି ବିକଳ ମୋତେ, ପକାଉଛି ପୁଣି
ଉତ୍ତୁଂଗ ସେ ମହିମାରୁ ନାରୀ-ସାଧାରଣେ,
ଲଳିତ-ତରଳ-ସ୍ନିଗ୍ଧ-ଭାବେ ରମଣୀର,

ନରାହ-ଅବଳା ବୋଲି ପରିଚିତ ଯେହୁ
ଏବେକିଁ ଏ ଭବତଳେ ।" ଭାବର ତରଂଗେ
ଖେଳିଗଲା ଅଶ୍ରୁଧାରା, ନ କହିଲେ କିଛି
ଉତ୍ତର-ଭାରତି ପିତା । ବୃକୁଧ୍ୱଜ କହେ,
"ଭାଇ ତବ ପାରିଜାତ କହ ଗୋ ମହିଳେ,

କହ ତବ ଜେମା-ପାଶେ, ଆହତ ତ ସେହୁ,
କହ ତେବେ, କରିବ ଗୋ ଶୁଶ୍ରୂଷା ତାହାରେ
ରାଜ-ସୁତ-ସନେ ଏଥି ।" କହିଲା ସେ ଜେମା
ବିରସ-ହସିତ ରେଖି, "ସତେ ତ କି ହେବ ?
ଯାଇଛି ତ ବିଧି ଭାଂଗି, ଆସଂତୁ ସେ ତେବେ ।"

ଗୋଲାପ-ସୁଂଦରୀ ଭଳି — ଅତୀତର ଶୋକେ
ଗାଇଥିଲା ଯେହୁ ଗୀତ ଶିବିରେ ସେ ରାତି—
ଭାଇ ତା'ର ଗୁରୁ-ଘାତେ ଯେବେ ରଂଗ-ଭୂମେ
ହୋଇଥିଲା ଅନାସ୍ମୃତି, କହିଲା ଜେମାରେ
ନେବାକୁ ସୋଦରେ ତା'ର । କହେ ଜେମା ତହୁଁ,

"ସତେ ତ, କି ହେବ ଆଉ କଲେ ପ୍ରତିରୋଧ ?
ନଦୀ-ସ୍ରୋତେ ଭାସଇ ମୁଁ, ରଖି କି ପାରିବି
ବନ୍ୟାର ତାଡ଼ନ-ବେଳେ ସ୍ଥିର ଏ ହୃଦୟୁ,
ଆବର୍ତ୍ତନେ ରହି ଏଥି । ଏକେ ଏକେ ବଧି
ଭାଂଗୁଛି ତ ସୁଖେ ଏବେ,
ଯାଉ ତେବେ ଭାଂଗି ।"

"ସତେ ତ," କହିଲ, ତହିଁ ଥିଲା ମହାଶ୍ୱେତା,
"ବିସ୍ମୟ ଲାଗଇ କେମା, ଶୁଣି ତବ କଥା,
ଭାଂଗୁଛ ମଣିମା ଯେତେ ବିଧାନ ଏ ସୁଖେ,
ମଣିମାଂକ କୃତ ନୁହେ ତାହା; କରିଛି ମୁଁ,
ହୋଇଛି ଗୃହିଣୀ ମୁହିଁ, ଜାଣି ନର-ଗତି,

ରଖିଥିଲି ଦୂରେ ତାଂକୁ ; ଏ ପୁରୁଷେ ପୁଣି
ଆସିଥିଲେ ବରିବାକୁ , ଲଭିବାକୁ ତବ
ଶ୍ରୀକର-ବରାଂଗ-ଲତା ବିବାହ-କୁତୁକେ ।"
କହି ଏହା ମହାଶ୍ୱେତା ଗୃହିଁଲେ ତିନିଂକେ
ନୀରସ-ନିର୍ମମ-ନେତ୍ରେ କେମାମଣି-ମୁଖେ ।

କ୍ଷୁଭିତ-ବିରାଗ-ତୀବ୍ର-ଖର-ସ୍ୱର-ତାନେ,
ଶୁଭେ ଏବେ, ଶୁଭେ ଯଥା ଭୂମି-କଂପ-କାଳେ
ଭୁଂଚି-ଦେବାଳୟ-ଚୂଳ ସୁବିଶାଳ-ଘଂଟି
ଦୋହଲି ବାଜଇ ଯେବେ, ସୂଚି ମହା-ଧ୍ୱଂସ,
ଉଠିଲେ ଗରଜି କେମା,
"ଫିଟାଅ ଦୁଆର,

ଏକା ରାଜ-ସୁତ ନୁହେ, ମାତା ମମ ସେହୁ
ସ୍ୱରଗେ; ତା' ନାମ ଧରି କହୁଛି ମୁଁ ଜାଣ,—
ଯେ କେହି ଆହତ ଏଥି, ଶତ୍ରୁ ମିତ୍ର ଭୂଲି,
ଭଣଂଭୁ ସେ ଇଚ୍ଛା ଯେବେ; ରମଣୀଏ ଏଥୁ
ଯାଅଂଭୁ ଯେ ଯାହା ବାସେ,ଏ ଘୋର-ଦୁର୍ଦ୍ଦିନ

ନ ଯାଇଛି ଯେତେ କାଳ ।—ଥାଆଂତୁ କି ନାଶ
ମମ ସନେ ଏକ-ଭାବେ ! ଏ ଝଂଟିକା-ରୋଳ
( ଦୋହଲଇ ଭିତ୍ତି-ମୂଳେ ମହା-ଧାତୁ-ସ୍ତଂଭ,
କଲି ଯେହୁ ଏତେ ସବୁ ) ଯାଇଥାଂତା ଥଂଭି,
ଭୂଂଗ-ସିଂଧ-ଗିରି-ସମ ଏ ନାସ୍ତି-ନଳଂଦେ ।

ଶତ-ଅପର୍ବରେ ମତି କି ପାରଂତେ କରି ?
ଯାଅ ଏବେ, ମିଶ ଯାଇ ତବ ଯୋଗ୍ୟ-ଜନେ,
ଅପମାନ ନାହିଁ ଲୋଡ଼ା ଅଧିକ ଆଂଭର ।
ଯାଉଁ ଆଂଭେ ।" କହି ଏହା ବୁଲାଇଲେ ମୁଖ,
ଗୌର-ଗ୍ରୀବା-ପୃଷ୍ଠ-ଦେଶ ଦଶିଲି ତ୍ୱରିତ

କୋପନ-ବିରାଗ-ରଂଗେ: ବୋଧିଲେ ଅରୁଣ,
ପିତା ରୋମ-ନରବର କଲେ ମଧୁ-ଭାଷେ
ସୁସ୍ଥ ତା' ଆହତ-ହୃଦ, ମମ ପିତା ତହିଁ
ପୁରାଇଣ ଇଚ୍ଛା ତା'ର, ସଂଭାଷିଲେ ଶେଷେ
ବାଂଧବ-ସଂଭାରେ । ତହୁଁ ଶିଳା-ଭାର-ସମ

ଉଠାଇ ଆହତ-ଜନେ, ନେଲେ ସେ ଆଂଭଂକୁ
ଏକାବେଳେ ଦ୍ୱାର-ମୁଖେ, ବର୍ମିତ-ବାହକେ ।
ବ୍ୟାଧିତର ଆର୍ତ୍ତନାଦେ ଫିଟିଲା କବାଟ,
ମର୍ମର-ବିତାନ-ତଳ ଆୟସ ଚରଣେ
ଧ୍ୱନିଲା । ପୁରୁଷ-ରୁକ୍ଷ-ପରଶେ ବିଳପେ

ସତେ କିବା କୁମାରୀ ସେ ବେଶ୍ମ-ତଳ-ଭୂମି !
ଗ୍ଭଲିଲେ ବାହକେ, ହେଲେ ବିସ୍ତୀର୍ଣ୍ଣ-ମଂଡରେ,
ରହିଲେ, ପଡ଼ିଲା ଭଡ଼ି ସତେ ବା ସେ ପୁରେ ।
ସ୍ତଂଭ-ମୂଳେ-ମୂଳେ ତହିଁ ଘେରି ଚଉପାଶେ,
ଆବରି ସ୍ଥପତି-କଳା, ଚଳିଲା ବିଳେଳେ

୫୧୧ । ବେଶ୍ମ = ଘର; ବେଶ୍ମ-ତଳ ଭୂମି = ଚଟାଣ ।

କୌଷିକ-ଅଂଚଳ-ଲୀଳା, ମଧୁ-ରଙ୍ଗେ ଝଣି
ଝଙ୍କାରିଲା ରମଣୀର ଉପାଂଶୁ-ଭୂଷିତ ।
ଦୂରେ ସିଂହାସନ-ପାଶେ ମଂଦର-ଉପାଂତେ
କେଜମାମଣି, ଦୁଇ-ପାଶେ ପାଳିତ-ଶାର୍ଦ୍ଦୂଳ,
ଧନୁ-ବାଂକେ କରି ପୃଷ୍ଠ ଖ୍ୟିତର ଡାଡ଼ନେ,

ବସୁଥିଲେ, ଦଶେ; ଯଥା ତୋରଣର ଚୂଳେ
ଚଂଡୀ-ଦୁଇ-ପାଶେ ସିଂହ ସ୍ଥାପତ୍ୟ-ବିଭ୍ରମେ ।
ମଧ୍ୟେ ନର-ସମାଗମ, ନେସ-ବିସ୍ତାରଣେ
ବିସ୍ମୟେ ବୁଲାଇ ଡୋଳା ରମଣୀ-ନିକରେ ।
ସ୍ତିମିତ-ରମଣୀ ସ୍ଥିର ମର୍ମର-ନୟନେ

ଝୁହିଁଲେ ଚମକି । ସବୁ ନିର୍ବାକ୍ ନୀରବ ।
ଭେଦ ମାତ୍ର ବେଳେ ବେଳେ ବର୍ମ-ଆୟୁଧର
ଉଠୁଥିଲା ମଧୁ-ଝଙ୍କ୍ର-ଗୁଂଜନ-ଝନ୍‌ଝନ ।
ସ୍ବତ୍ନି ଏବେ ଦିବାକର ଅସ୍ତ-ଗିରି-ଶିରୁ
ପ୍ରଲଂବିତ-କରଧାରେ ଭେଦିଲେ ମଂଦିର ।

ଝଙ୍କାରିଲା ଅୟୋବର୍ମ, ଆୟୁଧ ଭାସ୍ୱର,
ବହ୍ନି-ରେଖା ଝକଝକ । ମର୍ମର-ପ୍ରତିମା
ଚକ୍ଷୁ ଚୂଳେ ଗଲା ରଶ୍ମି । ଚଂଡୀ-ଶିରୁ କାହିଁ
ବାହାରିଲା ବହ୍ନି, କାହିଁ ସରସ୍ୱତୀ-ଭାଲେ
ମୁକୁଟେ ଅରୁଣ-ବିଧୁ ଜଳିଲା ଅନଳେ ।

ବେଳେ ବେଳେ ତୂର୍ଯ୍ୟଧ୍ୱନି ଉଠି ଅଲକ୍ଷିତେ,
ସ୍ମୃତି-କଂପେ ସତେ ଯାଇ ମଂଦିରୁ ମଂଦିରେ,
ଆତଂକେ ମରଇ ଶେଷେ ସୀମାଂତ-ପ୍ରକୋଷ୍ଠେ ।
ଶୁଭିଲା କେମାର୍ ବାଣୀ, ଚର୍ଯ୍ୟା-ବିଧି-ସବୁ
ବଖାଣିଲେ ଯଥାଯଥ ଶାସନ-ଭାଷଣେ ।

ନେଲେ ମୋତେ ବନ୍ଧୁ ଉଚ୍ଚେ ବିସ୍ତୀର୍ଣ୍ଣ-ସୋପାନେ,
ସୂସ୍ଫଟ-ସୋପାନ-ମଂଜୁ-ସଜ୍ଜିତ-ବିସ୍ମୃତ-
ଶତ-ଦ୍ୱାର-ପୁରେ ଭେଦି, ଗଭୀର-ନିସ୍ତବ୍ଧ-
କକ୍ଷେ, ଯୁକ୍ତ ଯହିଁ ମମ ଅତି-ପରିମ୍ଳାନ-
ବ୍ୟାଧିତ-ବିସ୍ରସ୍ତ-କ୍ଷୀଣ-ବପୁ ସ୍ଥାପିବାର ।

ରଖିଲେ ସେ ମୋତେ ତହିଁ, ଆଉ ଆଉ ଜନେ
ରଖିଦେଲେ ସ୍ଥାନେ ସ୍ଥାନେ । ଅପରାହ୍ଣ-ସାରା
ଏଣେ, ଅଶ୍ୱ-ଖୁର-ପଦ, ରଥର ଘର୍ଘର,
ଶୁଭିଲା, ସ୍ୱଗୃହେ ଯେବେ ଚଳିଲେ କ୍ରମାଗ୍ରେ
ଶୁଭଂକର-ଦିନେ ଆଶା ରଖି ଫେରିବାରେ ।

ରହିଗଲେ କଂଭୁ କେହି କେହି ସୁକୁମାରୀ,
ଜ୍ଞାନେ ତପସ୍ୱିନୀ । କଲେ ତହିଁ ଯାତାୟାତ
ସୀମଂତ-ଶେଖର-ଦ୍ୱାରେ କେତେ ଦୁଇଦିନ
ଛାଡ଼ି ରଂଗ-ଭୂମି । ସବୁ ଗଲା ଏବେ ଫେରି
ସୋହାଗିନୀ-ରମଣୀର ସେ ମହା ନଳଂଦେ ।

---

## ଗୀତ

ଆଜି ଏତେ ଦୁଖ ସହି,
(ଆସି) ନ ଡାକ ହୃଦୟ ଦୁଆରେ ।
[ଆଜି ଏତେ ଦୁଖ ସହି,] ।

କେତେ ତ ଡାକଛ; କେବେ କି ଶୁଣିଛ
(ଏବେ) କଥା ଆଜି ମୋତେ ଦିଶଇ ନାହିଁ ।
ବିଧୁ ତୋଳେ ସିଂଧୁ, ଗିରି ପରେ ଘନ
ପଡ଼ଇ ଶିଖରି-ରୂପରେ ଲଇଁ;
ଡାକନ୍ତୁ ତୁ କେତେ କହୁ ମୁଁ ନ କହି,
(କେଉଁ) ପାଷାଣ-ନିଠୁରେ ଅଛଇ ରହି । ୧ ।
ବିଷାଦ-ଲିପନ ନୟନ ମଳିନ
ଜୀବନେ ତ ମୋରେ ଲୁଚଇ ନାହିଁ ।
ହେଲେହେଁ ମରଣେ ନ ଦେଇ ମୁଁ ତୋରେ
(ଆହା) କାଳେ 'ବଂଶୀଆଡ଼' ଦେବଇ କହି । ୨ ।
ଭାଗ୍ୟ ତବ ଭାଗ୍ୟେ ମିଶି ମୋ' ଯାଇଛି,
ଯାଉ ଏ 'ମୋ' ନଦୀ ସାଗରେ ବହି;
ବିଫଳେ ମୁଁ ଏତେ ଉଜାଣି ଉଠିଛି,
(ଏବେ) ଲୁଇଁକି ତରଳି ତଳିବ ମୁହିଁ । ୩ ।

---

## ସପ୍ତମ ସର୍ଗ

ରମଣୀର ପୁଣ୍ୟ-ପୀଠ ସେ ମହା-ନଳଂଦ
ଭାଂଗିଲା ବିଧାନେ ଏବେ । ହେଲା ସେ ଏସନେ
ପରିଣତ ରୋଗି-ଜନେ ପରିଚର୍ଯ୍ୟା ଲାଗି
ଚିକିତ୍ସା-ମଂଦିରେ, ଶଶବ୍ୟସ୍ତେ ମୁହୂର୍ତ୍ତକେ ।
କ୍ରମେ ଅଳ୍ପ-କାଳେ ଆନ-ନିୟମ-ଶୃଂଖଳେ

ହେଲା ବିଧି-ବଦ୍ଧ ସବୁ ।
                    କରୁଣାର ଲୀଳା
ବହିଲା ସେ ହର୍ମ୍ୟ-ଜାଲେ । ଉଷର-ଉରସେ
ପଶିଲା କି ସୁରଧୁନୀ ? ସ୍ଥାନେ ସ୍ଥାନେ ତହିଁ
ମୃଦୁ-ମଧୁ-ନାରୀ-ଭାଷା ତୋଷିଲା ପରାଣ;
ନାରୀ-କମ୍ର-କରେ ରୋଗୀ ଲଭିଲେ ଉପଚ;

ଚଳିଲେ ରମଣୀ ତହିଁ, କହି ମୃଦୁ-ଭାଷା;
ଗାଇଲେ ମୋହନ-ଗୀତ; କଲେ ଅଧ୍ୟୟନ
ଇଚ୍ଛା-ମତେ ଗ୍ରନ୍ଥ-ରାଜି । ରହି ରହି ତହିଁ
ଲୁସ୍ରି ରେ ହସିଲେ ତୋରା; ସୁଂଦରୀ ରମଣୀ
ରତ୍ନ-ଜଣି-ହରଷିଲେ ପ୍ରାଣର ପୁଲକେ ।

ସ୍ତବକ ପୁସ୍ତକ କରେ, ଶୁଶ୍ରୂଷା ବିଧାନେ,
ସ୍ୱଚ୍ଛଂଦେ ଭ୍ରମିଲେ ନାରୀ । କରୁଣ-କରମେ
ପରାଣ-ସୋହାଗେ ଗଲେ ରସି ବାଳାବରେ;
ନାରୀ-ଭାବେ ପୂରି-ହୃଦ, ଭାସିଲା ବିରାହ ।
   କେମାମଣି-ପ୍ରାଣେ କଂଭୁ ବିଷାଦର ଲେଖା;

ସ୍ମରି ନିଜ-ଦୁର୍ବଳତା ଜୁଗୁପ୍ସା-ସରମେ
ବିକଳ ପରାଣ ତା'ର । ନାହିଁ ଅଧ୍ୟୟନ;
ପଦେ କେବେ କହେ କଥା ନିବଦ୍ଧ-ମଉନେ,
ଉଠେ ବହୁ-ବେଳେ ଏକା ସଉଧର ଚୂଳେ,
ନିଶ୍ଚଳେ ଅନାଇ ରହେ ଧ୍ୱସ୍ତ ସେ ନଳଂଦେ;

ସହିତ-ପୁରୁଷ-ମେଳେ ଘନ-ତାମସିତ
ରମଣୀ-ପ୍ରାଂଗଣେ । ନାହିଁ ତା' କରମେ ରତି;
ରହେଁ ସେ ନଳଂଦେ ତଥା; ରହେଁ ଯଥା କେନ୍ଦ୍ର,
ତୁଂଗ ଗିରି-ଚୂଳେ ଉଠି, ଦେଖେ ବନ, ଗିରି,
ଉଷର, ପ୍ରାନ୍ତର ଭେଦି ସାଗର ବିତାନ;

ଯହିଁ ଚକ୍ରବାଳ-ମୁକ୍ତ ନୀରଦ-ପ୍ରାଚୀର
ପୁଂଜିତ-ତାମସ-ସମ ବାହାରଇ ଧୀରେ,
ଧୂମ-ଆବରଣେ ସିଂଧୁ-ପ୍ରସାର ଗରାସି,
ଘୋର-ବେଶେ ଘୋଟି ବେଳା; ରହି ନିମିଷକେ
ସିକତାର ଶୁଭ୍ର-କାୟା ମଳିହାସ-ଲୁଚ

ନଏ ହରି; କ୍ରମେ ତହୁଁ ଗିଳଇ ତାମସେ
ପ୍ରାଂତରୁ ପ୍ରାଂତର, ଟଂକ, ନଗ, ବନ, ଗିରି,
ପଲ୍ଲଳ, ଦୀର୍ଘିକା, ଖେତ, କ୍ରମେ ଏକେ ଏକେ
ଲୁଚି ସେ ଯାଆନ୍ତି କାହିଁ ? ସସାଗରା-ଧରା
ଗିଳଇ କୁହକେ ରୁଦ୍ର-ଧୂମ-କାନ୍ତ-ତମେ ।

ଏହି ଭାବେ ଜେମା ଦେଖେ ସେ ମହା-ନଳଂଦ,
ଭବର ସଂସାର ତା'ର ଯାଏ ଏହିପରି
ଘୋର-ଘନ-ଧ୍ୱାଂତେ ବୁଡ଼ି, ମରମେ ମଉନେ,
ଶୂନ୍ୟ-ଶୁଷ୍କ ଲାଗେ ସବୁ ଅସାର କଳ୍ପନା ।
ପୁଣି ଆସେ ଯେବେ ତଳେ ବ୍ୟାଧିତ-ମହଲେ

ସଂତୋଷ ଲଭଇ ତା'ରେ, ଶାଂତ ହୁଏ ବ୍ୟଥା ।
   ଉଷାଲୋକ ବିକଶିଲା ପ୍ରଭାତେ ପ୍ରଭାତେ,
ବନ-କୁଂଜ-କାକଳୀର ତାନ ବିମୋହନ
ବର୍ତ୍ତୁଳ-ତରଂଗ-ଖେଳେ, ମରୁତ-ହିଲ୍ଲୋଳେ,
ପ୍ରସନ୍ନ-ଗଗନ-ତାନେ ଗଲା ବହି ସୁଖେ,

ମୁହିଁ କିନ୍ତୁ ଜୀବନର ରୁଦ୍ଧ-ପିଞ୍ଜରର-
ଆବରଣେ ଥିଲି ପଡ଼ି ନିବଦ୍ଧ-ନୀରବେ ।
  ବିକାଶିଲା ଉଷା-ଜ୍ୟୋତି, କୁଞ୍ଜ-ବନ-ଲତା
ମୁଞ୍ଜରି ବହିଲେ କଳି ତମସ ସଞ୍ଚୟ,
ଗଗନ-ବିତାନେ ତାରା ଉଇଁଲେ, ବୁଡ଼ିଲେ,

ମୁହିଁ କିନ୍ତୁ ଲୋକ-ମେଳ ଏଡ଼ି ସେ ମନ୍ଦିରେ,
ଭୂତାବେଶ-ପ୍ରଣୟର ସୀମାନ୍ତରୁ ଦୂରେ,
ଜୀବନ୍ତ-ଜଗତ-ଲୀଳା ବିଶୋରି କି ସତେ,
ପଡ଼ିଥାଏ, ଶିଶୁ ଯଥା ଦୋଳି-ନିଦ୍ରାବେଶେ ।
ଜାଣେ ନାହିଁ, କିଏ ମୋତେ ପ୍ରଣୟ-ବିକଳେ

ବସିଥାଏ ମୁହିଁ ତହିଁ ? କେଉଁ ଜନ୍ମ-କର
କରୁଥାଏ ସେବା ମମ ? ମତ୍ତଦେବୀ ତହିଁ
କଲେ ସେବା ପାରିଜାତେ । ମଧୁମଣି-ବାଳା
ଆସୁଥିଲି ବେଳେ ବେଳେ ତହିଁ ମତ୍ତ-ସନେ ।
ଗାଇଥିଲେ ମହାଶ୍ୱେତା ଗୁଣ୍ଡ ମଧୁମଣି,

ସେ ପୁରେ, ବିସ୍ମରି, ସେହୁ ରାଜ-ଦରବାରେ
ରାଜକୁଳ-ପରସାଦେ ବଢ଼ିବ ଜୀବନେ ।
ସ୍ନିଗ୍ଧ-ଶରଦଭ୍ର-ରୁଚି-କୌଷିକ-ଉଡ଼ାଳେ
କେବେ ସେ ବଦନ-ଶଶୀ ଦିଶଇ ଛଟକେ,
ଆରୋଗ୍ୟର ଜ୍ୟୋତି-ସମ,
  ଏ ପାଖେ ସେ ପାଖେ,

ତଳପେ ନୁଆଇଁ ମଥା, ଲାବଣ୍ୟ-ପୀୟୂଷେ,
ଶାରଦ-ଜୋଛନା ମୁଖେ ଢାଳି ପାରିଜାତେ,
ଚକ୍ଷୁରକ୍ଷ ହୁଏ କେବେ, ଶତ ଅଉଷଧ
ବଳି, ସ୍ନିଗ୍ଧ-ଲେଖା ପୁଣି ପରମ-ରକ୍ତିମା
ତଳାପାଙ୍ଗେ ଯାଏ ଖେଳି । ନଅଳ ସେ କାନ୍ତି

ଜବା ରଙ୍ଗେ ବ୍ୟାଧିତର ବିଷାଦିତ-କାନ୍ତି
ଘର୍ଷତା, ଆଖିରୁ ଲିଭୁ ଯାତନାର ଜ୍ୱାଳା ।
ଅଦ୍ଭୁତ କି ? ଏ ଭେଷଜେ ଅତି-ଅଳ୍ପ-କାଳେ
ବ୍ୟାଧି ଗଲା ପାରିଜାତୁ, ସୁସ୍ଥ ହେଲା ସେହୁ ।
କରୁଣାର କମ୍ରଲେଖା ସେ ମଧୁ-ବଦନେ,

କଲା ବିମୋହନତର, ମଧୁ-ଯଉବନ,
ମଧୁର ଏ ବ୍ୟବହାରେ, ଲଳିତ-ସେବନେ,
ମୁଗ୍ଧ ପାରିଜାତ, ମୁଗ୍ଧ ମଧୁମଣି ପୁଣ ।
ନହେବେ କି ବାନ୍ଧି ଆଉ ପ୍ରେମର ସୋହାଗେ ?
ବସନ୍ତ-ସରୋଜ-ଦଳ-ଉପାନ୍ତ-ବିଳାସୀ

ଦୁଇ ଶିଶିରର ବିନ୍ଦୁ ମଧୁ-ବିଧୂନନେ
ମୃଦୁ-କମ୍ପେ ଥରି ଥରି, ନ ପଡ଼େ କି ତଳେ
ସୋହାଗେ ମିଶିବ ବୋଲି ସେ ଦଳ-ଗରଭେ ?
  ମତ୍ତ-ରତ୍ନଧ୍ୱଜେ କିନ୍ତୁ ପ୍ରେମର ବିଳାସ
ବଡ଼-ଧୀରେ କରେ ଗତି । ସତ, ମହାଶ୍ୱେତା

କହିଥିଲେ ଦୂତେ, ସେହୁ ସେହି ଉଜାଗରେ
ଯାଇ ରତ୍ନଧ୍ୱଜ-ସନେ ଏକାକୀ ବଟିନେ,
ରଖିବାରେ ମାନ ଯଶ, ବିବାହ-ବନ୍ଧନେ
ବାନ୍ଧି ଦେବା ରତ୍ନଧ୍ୱଜେ ସର୍ବ-ଶୁଭ ତା'ର !
ଉଦ୍ଧାରି ଦୁହିତା ତା'ର, ରତ୍ନଧ୍ୱଜ ପୁଣି

ସରସ-ନିବନ୍ଧ ଥିଲି ଆଗ୍ରହେ ଦେଖାଇ ।
ସତ ପୁଣି ଏହା, ମତ୍ତ ପ୍ରେମର ବିଳାସେ
ଦେଖୁଥିଲି ରତ୍ନଧ୍ୱଜେ । ହେଲେହେଁ ଏସନ
ନ ଟଳିଲା ସେହୁ ଭରି, କାଳେ ଏ ବେଗରେ
ନିସ୍କରୁଣ ହେବ କେମା ।
  ଭାଗ୍ୟ ହିନେ ଯେବେ

କହୁଥିଲି ରତ୍ନଧ୍ୱଜ ନିର୍ବନ୍ଧ – ଭାରତୀ,
ପଶିଗଲେ ଜେମା ପଛୁ । ଦେଖିଲି ତା' ମତି
ନ ଦେଖିଲେ ରତ୍ନଧ୍ୱଜ । କ୍ଷଣେ ରହି ଜେମା,
ଶୁଣି, ନଶୁଣିଲି ପରି, ଚାଲିଗଲେ ପଥେ ।
ଦିଶିଗଲା ମୁଖ କ୍ଷଣେ, ଦିଶଇ ଯେସନ

ସ୍ୱଚ୍ଛ-ଚଳ-କୃଷ୍ଣ-ଘନ ପ୍ରାଚୀ-ବଧୂ-ବିଂବେ ।
ମେଳି ଦିନୁ ଦୁହେଁ ଅର୍ଦ୍ଧ-ସମ୍ମତି-ବେଷ୍ଟରେ
ରହିଲେ, ସମ୍ମତି ପୁଣି ବିକଶିଲା କାଳେ,
ହେଲେ ସେହୁ ସ୍ଥିର ଦୁହେଁ ଶାସ୍ତ୍ରର ଆଗମେ ।
ନୃହଂତି ଏତିକି ଖାଲି । ସେ ବେଗି-ମହିଲେ

ରତିପତି ଭୁଲି ସୁଖେ, ଧରି ପୁଷ୍ପଧନୁ,
ବିଂଧିଗଲେ ଯହିଁ ତହିଁ-ଉତ୍ସବ-ସୋହାଗେ,
ବୃଦ୍ଧ, ରମଣୀ, ଯୁବା, ବାଳା ନିର୍ବିଶେଷେ ।
ଜେମାମଣି-ପିତା ବହୁ-ଆଦର-ଅଭ୍ୟାସେ
ନିର୍ବଂଧର କଥା ମମ କହିଲେ ଜେମାରେ

ପିତା ମମ ସୁସ୍ଥ-ମନେ, ବହୁ ଅନୁରୋଧି,
ନ ହେଲେ ମଣ୍ଡନ ତିଳେ ଯମଜ-ସୋଦରେ,
ଆଘାତ-ବ୍ୟାଧିରୁ ଉଠି, ଅନୁଶତି ପୁଣି
ବିଜୟ-ସମ୍ପଦେ ଭରି ସେ ବିଶାଳ-ବପୁ,
କହିଲି ମୋ' କଥା ଧରି ଜେମାରେ ବହୁତ ।

ମୁହିଁ କିଂତୁ ଥିଲି ଜଡ଼, "ରୁଗ୍‌ଣ-ଶୁଷ୍କ-ଘାତେ,
ବେଳେ ବେଳେ ଜେମା ଆସି, ବସୁଥିଲା ପାଶେ ।
କାଳେ ସଂଜ୍ଞା ହେଲା ତିଳେ, ଧରି ବେଳେ ବେଳେ,

ସ୍ନେହ-ଭ୍ରମେ ଜେମା-କର, ଦୃଢେ ଧରି ତାହା,
ଚିଂତି ହଏ ଅସଂଯତେ, ବିଷଧରେ ଯଥା,

କହି ଉଠେ ଶାନ୍ତି-ରବେ, "ନୋହୁ ତୁହି ଜେମା ।"
ଧରେ ପୁଣି ସେହି କର, କହେ ତା'ରେ "ତୁହି ।"

ଜାଣି ମୁଁ ନ ଥିଲି ତା'ରେ, କହିଲି ତଥାପି
ଛଳି ଜନ କହେ ଯଥା, "କି ମଧୁର ତୁହି ?"
କହେ ବେଳେ ବେଳେ
କିବା ସତ୍ୟର ଆଶ୍ୱାସେ,

"ନିଷ୍କରୁଣ କଠୋର ତୁ ।" ଦେଖିଣ ଏସନ
ମଣିଲା ସେ, ମତି-ଭ୍ରମ ହେବ ମୋର, କିବା
ଭଜିବ ନିଧନ ମୁହିଁ । ବହୁ-ମଂତେ ବାଳା
କଲା ମୋ' ନିଷ୍ଫଳ-ସେବା; ଚଂଭ-ମଧ ହବା
କଟାଇଲା କେତେ ଲାଗି ବିଷାଦ-ସେବନେ,

ଚିଂତାକୁଳ-ମନେ ତହିଁ ହେଲା ଉଜାଗର
ଗମ୍ଭୀର ନିଶୀଥ କେତେ, ଶୁଣି ଶୁଣି କାନେ,
ନିଶବଦ ରାତି ଭେଦି ଗୃହତଳ-କଂପେ,
ଘଟିକାର ଧ୍ୱାନ-ଶବ୍ଦ, ମଧୁର ନିକ୍ୱଣେ
ବାଜୁଥିଲା ପୁଣି କେତେ ବାଦ୍ୟ-ଯଂତ୍ର-ତାନେ,

ଶତ ଲୋହ-ଚକ୍ରେ କିବା ଡାକି ଦ୍ରୁତ-କାଳେ !
ଭୋଗିଲା ଏସନ କେତେ । ବେଳେ ବେଳେ ମନେ
ଖେଳି ଯାଉଥିଲା କେବେ ଲୋଳ-ସ୍ମୃତି-ନଭେ
ବାଲ୍ୟତ-ନିର୍ବଂଧ-ଚଳ-ଚଂଦ୍ରିକାର ଲୀଳା,
କେବେ ଦେଖି ଶୋକ-ଭରା
ପିତାଂକର ମମ

ଶଙ୍କିତ-ଲୋଚନେ ପୁଣି ବିଷାଦର ରଶ୍ମି,
ମକର-କେତନ-ଲୀଳା ଦେଖି ସେ ମହିଲେ,
ସ୍ୱପନରେ ବା କେତେ ମମ ପୂର୍ବ-ପ୍ରେମାଳାପ,
ଏକାଂତେ ଶୁଣିଲା କେତେ ପ୍ରଳାପ-ଭାଷଣ
ମମ, ଭାବୁଥିଲା ନିଜର ସେ ନିଷ୍ଫଳ-ଶୁଶ୍ରୂଷା,

ଅଂଗୁଳ୍ମ ନଟବଶି କେତେବ ନଳ-ପାଂଣ୍ଡୁ-ଗଂଣ୍ଡେ
ବୁଡ଼ି ରହୁଥିଲା ଭାବେ । ମିଶି ଏ ସକଳ
ଝଟେ ଆଦରର ରେଖା ପଡ଼ିଲା ସୁଦୃଢ଼େ,
ଭେଦ ଦୃତ-ଆବରଣ ଜେମା-ହୃଦ-ପୀଠେ,
ପରଶୁ ପରଶେ ସେହ୍ନ ଆଦର ଝମଶେ

ଭେଦ ଆବରଣ-ଶିଳା, ବହିଲା ମୃଦୁଳେ
କରୁଣାର ମଧୁ-ଧାରା କ୍ଷୀଣ । ତହୁଁ ଶେଷେ
ପ୍ରେମର ପେଶଳ-ସ୍ରୋତେ, ମଧୁର-କଂପନେ
ଦୁର୍ବଳ ହୃଦୟ ଦ୍ରବ, ନବଜ—ନଦୀର
ମୃଦୁ-ଭୂମି-କଂପେ ଯଥା ହିମାଦ୍ରି-ଶିଖରୁ

ଗୁ ରୁତାର ନମ୍ର-ପାତେ ଭୁଷିନ ତଡ଼ାଗେ,
ଆତପର ବନ୍ଧ-ତାପେ ତରଳ ଅଳପେ,
ଅବ ଉପକଂଠ-ବାତେ, ଗିରିନଦୀ-କଂପେ,
ବହେ ଧୀରେ ଉପଳର ପ୍ରସର-ପ୍ରସାରେ,
ଭେଟିବାରେ ସୁରଧୁନୀ ଗୋମୁଖୀର ମୁଖେ ।

ପଲ୍ଲବିଲା ପ୍ରେମ-ଲତା ଜେମା-ହୃଦ-ବନେ,
ବଢ଼ିଲା ସେ ଦିନୁଦିନ ସରସ-ମୁକୁଳେ,
ହିମାଚଳ-ଚୂଳେ ଯଥା ଭୁଷିନ-ପୀଡ଼ନେ
ଗଳିତ ପଲବା ଲତା, ମଧୁ-ସମୀରଣେ,
କମ୍ର-ରବି-ସ୍ୱର୍ଣ୍ଣ-ତାପେ ବରଜି ଭୁଷିନ,

ଭରସି ବିକସି ଉଠେ ହରିତ—କୁଣ୍ଟଳେ,
ଦିନୁ ଦିନ ଦିଏ ମେଲି ସମୀରଣ-ଖେଳେ
ବ୍ୟଞ୍ଜନ-ବିଭବେ ପର୍ଣ୍ଣ, ସୁନ୍ଦର-ସୁମନେ ।
ଫିଟାଇଲେ ଆଖି ଶେଷେ ବ୍ୟାଧି-ଅପଗମେ,
ଦୁର୍ବଳ, ମୁମୂର୍ଷୁ ଯଥା ତର-ବେଗେ ଜର୍ଣ୍ଣ ।

ଦେଖିଲେ ପ୍ରଦୋଷ-କାଳ, ପେଶଳ-ତମସେ
ମିଶି ଅସ୍ତ-ଦିବାକର-ଅରୁଣ-ବିଭାସ,
ପଡ଼ିଥିଲା ନମ୍ରରଂଗେ ଭିତିର ରକ୍ଷଣେ ।
ଦେଖିଲେ ସେ ଶଟେ ଏକ-ପାଶେ ରଣ-ଚଂଡୀ
କାଳୀ, ପୁ ରୁଷର ତନୁ ଦଳି ପଦ-ତଳେ,

ଚମକାଇ ଦୈତ୍ୟ-ସେନା, ସ୍ତିମିତ-ନୟନେ
ଶୁଣ୍ଡି ସେହୁ ରହେ ଦୂରେ ମହା-ତ୍ରାସ ବହି ।
ଅପରେ ଭୁବନେଶ୍ୱରୀ ବରାଭୟ କରେ
ଶତ-ନାରୀ ଧରି ପଛେ, ଗରବେ ଦଳଇ
ବତ୍ସାଭିତ ନେଶ-ସବୁ କପାଳ-କୁଂଚନେ,

ଆଗେ ପୁରୁଷର ଦଳ କୋରକତ-କରେ,
ବର-ଲାଭେ ସ୍ତବ-ପାଠେ ନିରତ ଯେସନ ।
ଦେଖିଲେ ଏ ଶଟ-ଦୁଇ, ନ ଜାଣିଲେ, ମୁହିଁ
କାହିଁ ଅଛି ? ନିରର୍ଥକ-କୁହକ-ସମାନ
ଲାଗିଲା ସେ ଶଟ-ବେନି । ପ୍ରଣୟିନୀ-ଜେମା

ନ ଲାଗିଲା ତହୁଁ ଆନ । ବସିଥିଲି ସେହୁ
କରେ କର ଦେଇ ମମ । ଶୋହୁଥିଲା ନେତ୍ରେ
ଭାବର ଲୋତକ-ବିନ୍ଦୁ । ବରାଂଗ ବାଳାର
ଲାଗିଲା କୋମଳତର, ତଳୁରସ୍ତ୍ର, ତନୁ ।
ଚଳିଲା ମରମ ମମ ଭାବର ସ୍ପନ୍ଦନେ,

ନିଶ୍ୱସିଲେ ଗୁରୁ-ଶ୍ୱାସେ, ମଣିବନ୍ଧ-ପାଶେ
ଲାଗିଲା ପରଶ, ଉଷ୍ଣ-ବିନ୍ଦୁ ଲୋତକର
ପଡ଼ିଲା ମୋ' କରତଳେ । ଦୁର୍ବଳତା ତହୁଁ
ତରଳ ପଡ଼ିଲା ମମ, କପାଇଁ ନ ଜାଣେ ?
କରୁଣାର ଧାରା ଗଲା ବହି ଗଂଡ-ସ୍ଥଳେ,

୧୭୫ । ଗୋମୁଖୀଠାରେ ସୁରଧୁନୀ [ଗଂଗା] ହିମାଳୟରୁ ନିର୍ଗତ ହେଉଅଛି ।

କ୍ଷୀଣ ମମ ଜୀବନର ଉଷ୍ଣ-ବାଷ୍ପେ ପୂରି ।
ଝଂଜାର ତାଡ଼ନେ ଛିନ୍ନ କୋମଳ-କଳିକା,
ନ ଫୁଟଇ ସୂର୍ଯ୍ୟ-ମୁଖେ ସରସେ ହରଷି,
କଥଂଚିତେ ପୁଣି ଯଥା ଲୁହେଁ ରବି-ମୁଖେ,
ଧୀରେ ମେଲାଇଣ ଦଳ,
ତେସନେ ମୁଁ ତହିଁ

ଚୁହିଁଲି ନେମାର ମୁଖେ, କହିଲି ସଧୀରେ,
"ବାଳାବର, ତୁଂଭେ ଠିକ ସେହି ନେମା ମୋର,
ତରଳ-ସ୍ୱପନ ମମ ବାଲ୍ୟ-ଯଉବନେ ?
ସେହି ଯଦି, ମାଗଇ ମୁଁ, ହୁଅ ପୂର୍ଣ୍ଣ ଏବେ ।
ନାହିଁ ଯେବେ ସେହି ତୁହି,
ଦେଖିଲି ମୁଁ ଯାହା,

ନାହିଁ କଷ୍ଟ କଥା ତୋରେ, ସୁଖ-ସ୍ୱପ୍ନ ମମ
ସେହି ନେମା ଯେବେ ତୁହି, ଅପୂର୍ଣ୍ଣ ତୁ ଏବେ,
କର ତୁ ପୂରଣ ତୋରେ । ଆଜ ରଜନୀରେ
ମରିବଇଁ । ଲଇଁ ଯାଉ, ହରିର ଗୋ ବାଳେ,
ଚୁଂବିବ ଏ ଘାଟେ ଥରେ
ମରଣେ-ଏ-ପାଶେ ।"

ନ ପାରିଲି କହି ଆଉ । ଶୋଇଲି ନୀରବେ,
ମୂର୍ଚ୍ଛାବେଶେ ଜନ ଯଥା; ଶୁଣେ ଯେବେ ସେହୁ
ଅଂତ୍ୟେଷ୍ଟି-ବସ୍ତ୍ରର ତା'ର, ମୁମୂର୍ଷା-ମଜନେ,
ଅବିଚଳ-ଅବୟବ ନ ପାରଇ ଟାଳି,
ବିଷାଦର ଅବସାଦେ, ଦେଖୁଥାଏ ପୁଣି,

ମରଣର ଘୋର-ଗ୍ରାସ ଗିଳିବାର ତା'ରେ
ଅଳ୍ପେ ଅଳ୍ପେ । ପ୍ରଣୟିନୀ ଚୁହିଁ ମମ ମୁଖେ,
ରହିଲା ନୀରବେ କ୍ଷଣେ, ନୁଆଁଇଲା ମଥା ।
ଚମକେ କି ହେଲା ମମ, ନ ଜାଣଇ ଭଲେ,
ବ୍ୟାଧିତର ଅବସାଦ ଭେଦି ମହୋଚ୍ଛ୍ୱାସେ,

ଛୁଟିଲା ଜୀବନ-ଧାରା, ପୂରାଇ ପରାଣ,
ଉଚ୍ଚ-ତାନେ ପରକାଶି ପ୍ରେମର ଚମକ,
ମୃତ୍ୟୁର ଦୁଆରୁ କିବା ପ୍ରଣୟର ବହ୍ନି
ଜୀବନର ତେଜେ ଜଳି ପ୍ରଣୟ-ସରାଗେ,
ବିକାଶିଲା ହୃଦ ମମ ! ପ୍ରଣୟିନୀ ତହିଁ

ଝଳି କିବା ସେ ଆଲୋକେ, ହେଲା ଏକାକାର !
ସରସିତ-ହୃଦୁଁ ମମ ପ୍ରେମ-ମଧୁ-ଧାରା
ଖସିଲା ଅଧରେ, ଉଠି, ଚୁହିଁ ଅଳକ୍ଷିତେ
ପଡ଼ିଲା ନେମାର ମୁଖେ, ବିଧୁ-ବିଂବେ କିବା
ମିଳିଲା ପୀୟୂଷ-ଧାରା । ନ ଜାଣେ କିପରି

ହେଲା ସବୁ, ଜାଣିଲି ମୁଁ, କ୍ଷଣେ-ପରେ ପୁଣି
ଚଢ଼ିଗଲା ଶେଯେ ଦେଖି ଅର୍ଦ୍ଧୋତ୍ଥିତ-ବପୁ;
ମମ ବାହୁ-ପାଶ ବାଳା ଉଠିଲା ବରଜି,
ଦେଖିଲି, ହସଇ ଏବେ ଛୁରିତ ସେ ତନୁ
ମହିମାର ତୁଂଗ-ଭାସେ ପରମ-ସରାଗେ ।

ଖସିଗଲା ନାଟିତଳ ବାଳାବର-ଦେହୁ,
ଘୋର-ଅଭିନୟ-ଶେଷେ ନାୟିକାର ଯଥା !
ମଧୁ-ଯଉବନ-ଭାସେ ହସିଲା ସେ ଏବେ
ରମଣୀ-ସୋହାଗେ । କନ୍ଦର୍ପର ହସେ ଭାବେ !
କୁସୁମର ଶର ବାଜି ବାହାରିଲା ସତେ

ଦିବ୍ୟ-ନାରୀ ସେ ମହିଳେ ଭେଦି ଗ୍ରାମ-ବପୁ,
( ଗଂଧର୍ବ, ଯେସନ-କଥା, ଅଜ-ଶରାଘାତେ )
ଚକିତ ଦାନବ-ନରେ, ପୂଜିବ ଗୋ ବାଳେ,
ଶତ-ନର-ଦାନବର ଦିବ୍ୟ-ନାରୀଜନେ !
ନୀରବେ ଚଳିଲା ନେମା କରିବର-ଗତି,

୨୦୭ । ଅଜଂକ ଶର ବାଜି ହାତୀ ଗଂଧର୍ବ ହୋଇଥିବା ରଘୁବଂଶରେ ଅଛି ।

ତଡ଼ାଗେ ତରଳୋର୍ମି-ଘାତେ ରାଜହଂସୀ ଯଥା ।
ନ ବୁଝିଲ ପଛେ ଫେର, ପଛୁ ମୁହିଁ କେବେ
ଶୋଇଲ ମଧୂର-ନଦେ, ଭୁଞ୍ଜ ପ୍ରେମରସେ ।
ନଶୀଥେ ଉଠିଲ ଜାଗି, ଦେଖିଲଇଁ ପାଶେ
ପ୍ରେମାମଣି ଧରି କରେ କବିତାର ପୋଥି,

ପଢୁଥିଲ ମନେ ମନେ ଧୀରେ; ପଢ଼ିଲ ସେ,

ଦଳେ ଦଳେ ଫୁଲ ପଡ଼ୁଅଛି ଶୋଇ
ଆବରି ବରଣ-ବଙ୍ଗ;
ତଳ-ଦଳେ ଆଜି ନାହିଁ ଶନଶନ;
ନ ଚଳେ ପଚର୍ ଜବା ?
ଉଦ୍ୟାନ-ସରସୀ ରଜତ-ବଭସେ
ନାହିଁ ଚଳ-ମୀନ-ଖେଳ;
ଉଠିଚ ଖଦ୍ୟୋତ, ଉଠିଅଛି ମୁହିଁ,
ଉଠ ଭୁହି ସଂଗେ ମୋର ।

ନଦେ ଦୋହଲାଏ ପିଚ୍ଛ ମାଳକଂଠ
ଖୋସାଣି ଟସ୍ୱଏ ବନେ;
ଖୋସାଣି-ପରି ସେ ଚକଚକ ଉଠେ
ଚମକଇ ମୁଁ ପରାଣେ ।
ଭୁବନ-କରଣ ଡାଳୁଛଂତି ତାରା
ମୂକତ-ମେଦନୀ ହୃଦେ,
ମୂକତ ଉହ୍ୱତ ହୃଦୟ ତୋହର
ମୋହଲାଗି ଛ ସଂପଦେ ।
ମାଳ-ନଭେ ଖସି ଯାଉଅଛି ତାରା
ଉଜ୍ଜ୍ୱଳ-ଧାରେ ମଉଟେ,

ମୋ ହୃଦୟେ ଯଥା ତୋ' ଶଂକା ସକଳ
ଯାଉଅଛି ଘନ ଘନେ ।
କମଳମା ଏବେ ଆବରି ସୁତନୁ
ବନ୍ଧ ମଧୂ-କୋଷ ହୃଦେ,
ସରସୀ-ଉରସେ ପଡ଼ୁଛି ଶୁମାଇ
ତା ଛଳେ ମିଶୁଚି ମୁଦେ;
ସେହିପରି ଭୁହି ରେ ପରାଣ-ସଖା,
ସେହି କମଳମା ସରି
ମିଶିଯାଅ ମମ ଏ ମୁକ୍ତ-ହୃଦୟେ
ହୃଦୟରେ ମଧୁ ଭରି ।

ଲେଖକଠାର ଗଲା ପଦ ଶୁଣିଲି ମୁଁ କାନେ ।
ଦେଖି ମୁଗ୍ଧ-ପ୍ରେମ-ଗାଥା କବିତାରେ ତହିଁ
ପଢ଼ିଲ ସେ ପୁଣ ସେହି ମଂଦ-ସ୍ୱର-ତାନେ ।

ଆସ ଆସ ରୂପସିଗୋ, ଗ୍ରହ ସେ ଭୁଂଗିମା,
ସଙ୍ଗର-ଶିଖର-ଚୂଳ-ସେ ମହା-ମହିମା ।

କ ସୁଖ ଅଛଇ ତହିଁ ମହିମା-ସୋହାଗେ,
ଭୁବନ-ଧବଳ-ଶୀତ-ଗିରି-ଚୂଳ-ଭାଗେ ?
ସଭଗର୍ ଏଡ଼େ ପାଖେ ନରହ ଗୋ ନାରି,
ଏସନ ଚପଳା-ଭଙ୍ଗୀ ନ ଦଶୁ ତୋହରି,
ଶିଶିର-ଗଳିତ-ଦଳ ଗିରି-ଶିଖ-ତରୁ

ଅଂଚଳରେ ଶାଖା ଭେଦି, ଆଉ ନ ବାହାରୁ ।
ଗିରି-ଚୂଳ-ଭାଗେ ଆଉ ସ୍ଥିର-ତାରା-ପରି
ଏକାକୀ-ଗରବେ ବସି, ନ ଦେଖାଅ ଶିରୀ ।
ଶ୍ୟାମଳିତ-ଉପକଂଠ ପ୍ରସର-ବିତାନେ
ରହିଂଡ ପ୍ରଣୟ ଦେବ, ଆସ ପ୍ରେମନନେ ।

ଆସ ଇଳେ ଦେଖିବ ଗୋ, ଅଛଂଡ ସେ ଏଥି;
ପଲ୍ଲି ଦ୍ୱାର ଜଗି; ଯେବେ କୃଷକର ସାଥି ।
ଉପବନ-କୁଂଜେ ଭ୍ରମରର ଯାନାହାରେ
ବଲ୍ଲଭଂକ ପ୍ରେମଦେବ ସରଳ-ବିହାରେ ।
ଭୁବନ-ମରଣ ଯହିଁ ଅରୁଣ-ବିଭବେ,

ପ୍ରେମଦେବ ନ ରହଂନ୍ତି ସେ ଭୁଂଗ-ବଳାଷେ ।
ଶୁଭ୍ର-ଗିରି-ଦରେ ରଷି ନ ପାରନ୍ତୁ ତାହେ,
ଭୁହିନ-ଜଡ଼ିମାଗେ ଅବା ସଂଚରଣ-ଖେଳେ ।

ଗିରି-ଚୂଡ଼େ ଭାଂଗି ଶିଳା ନଗ୍ନ ଖସି ଆସି,
ଉପକଂଠ କୁହେଳରୁ ଜଳେ ଯିବ ଭାସି;

ସେ କାହୁଁ ପାଇବ ରଙ୍ଗ ପ୍ରଣୟ-ଦେବତା,
ତରଳ-ସୁରଭେ ଯାର ବହେ ସରସତା ?
ଆସ ବାଳା, ଗିରିନଗ୍ନ କଂପେ ନାଚ, ଖସି;
ଦେଖିବ ଗୋ, ପ୍ରେମ-ଦେବେ ଉପକଂଠେ ବସି ।
ସବୁ ଥାଉ ଏକା ହୋଇ ବାଜ ଭୃଂଗ-ଶିଙ୍ଖେ;

କେବେ ବା ଆଦର ବସୁ ଦଳ-ମ୍ଲାନ-ଶାଖେ ।
ଶ୍ୟାମ-ବୃକ୍ଷ-ସାନୁ ତଟେ ଲୁଣ୍ଠନ-ତଟିନୀ
ଖସୁ ଧୀରେ ଦସ୍ୟୁ-ମୁଖେ, ଭୃଂଗ-ଗରବିଣୀ;
ନିବଦ୍ଧ-ଲହରୀ ଯେନ ଧାଉଁ ସେ ଧୂମଳ,
ଶୂନ୍ୟେ ମିଶୁ, ମିଶେ ଯଥା ସଂକଳ୍ପ ବିଫଳ ।

ନ ମିଶ ଗୋ ଶୂନ୍ୟେ ବାଳା, ତେସନ ଏ ଭବେ,
ବ୍ୟର୍ଥ ନ କର ତବ ଏ ନାରୀ-ବିଭବେ ।
ଆସ ଆସ, ଏ ବିଲ ଗୋ, ଏ ବନ-ବିତାନ,
ଆଦରେ ଧରିବ ତୋରେ କରି ସନମାନ ।
ଶତ-ପଲ୍ଲି-ବାସୁ ଏଥି ଉଠେ ଧୂମ-ସ୍ତଂଭ,

ଡାକଂତି ଶିଶୁଏ କେତେ ଭାବେ ନବ ନବ ।
ଡାକଇ ମୁଁ ପ୍ରାଣଭରେ ସରଳ ଦୟିତ
ବଂଶୀ-ସ୍ୱନେ, ଶୁଭେ ସବୁ ମୋହନ-ଲଳିତ ।
ଲଳିତ-ମୋହନ-ତର ତୋ' ଶବଦ ପୁଣି,
ଶତ-ନଗ୍ନ କଳ-ତାନ ମଧୁ-ଦୂତ ଜିଣି ।

ଶତ-ନଗ୍ନ ବହେ ଦେଖ ସତେ ଏ ବିତାନେ,
ସମୀର-ମର୍ମରେ ତାଳ ରମ୍ୟ-କଳ-ତାନେ
କୋକିଳ ଗାଇ ଶତ-ସହକାର-ଦ୍ରୁମେ,
ଗୁଂଜରି ବହରେ ଅଳି କୁସୁମେ କୁସୁମେ ।

ପଡ଼ିଲା ସେ ଧୀର-ତାନେ,
ବୁଜି ନେତ୍ର-ବେନି;

ପଡ଼ି ଶୁଣୁଥିଲା ମୁହିଁ, ଗୁହିଁଲି ସହସା;
ପାଂଡୁର-ଶିଶିର-ଶଶୀ ପ୍ରଭାତେ ଯେସନ,
ତେସନ ଦେଖିଲି ମୁଖ, ଗୁରୁ-ଶ୍ୱାସ-ପୂରେ
ନତୋନ୍ନତ ଉର-ଦେଶ, ଅରୁଣ-ବିଭାସେ
ସୁଶାଂତ ଅଧର-ଲେଖା; ଉଜ୍ୱଳ ନୟନ

ପ୍ରଶାଂତ-ବିମଳ ତେଜେ, କଂପିତ ଶ୍ରୀକର,
ଗଦ୍‌ଗଦେ ସ୍ଖଳିତ କଂଠ । ସ୍ଖଳିତ-ଭାଷଣେ
କହିଲା ସେ, ଜାଣେ ସେହୁ ନାରୀ-ନମ୍ର-ଭାବେ
କରିନାହିଁ ଉପଗ୍ଭର, ସବୁ-ଦୋଷେ ଦୋଷୀ ।
କେତେ ଶ୍ରମ କଲା, ସବୁ ପଂଡ ହେଲା ତା'ର,

ଏବେ ବି ତା'ମନ ନୁହେ ଭଲେ ଭଜିବାରେ,
ନର-ସ୍ମୃତେ । ରମଣୀଏ କେତେ ଶ୍ରମ ସହି,
କରୁଥିଲେ ଗୁରୁ-ସହ ପାଇବାରେ ମାନ,
ସମାନ-ଆସନ ନରେ; ପ୍ରାଚୀନ-ବିଧାନ
ଏଣୁ ନର-ରୁଷ-ବିଧି । ସେହି ତ ସେ ନରେ

ନ ହୋଇ ସହାୟ, କଲେ ଅବହେଳା ତହିଁ ।
ନମ୍ରେ କହିଲା ସେ ବାଳା, ଅପଗ୍ଭର ସେହୁ
କରିଅଛୁ ରମଣୀର ମହତ-କରମେ;
ସତ୍ୟ-ପଥ ଛାଡ଼ି ସେହୁ, ଜ୍ଞାନର ପ୍ରତାପେ
ଲୋଡ଼ିଲା ଟୋଳିବ ନାରୀ ଶକ୍ତି-ଗଉରବେ;

ଦେଖି ତା'ରେ, ନୁହେ ତେଣୁ ଉଚିତ-ବେଭାର
ଲୁଚିବାରେ ରମଣୀର ମହତ ସେ ଲକ୍ଷ୍ୟ ।
ଜାଣିଲା ସେ ଜ୍ଞାନ-ବଳ ବୁଡ଼ାଇ ଶକତି,
କି ଅଦ୍‌ଭୂତ ଅଲକ୍ଷିତ ଆଦେଶ ମରମେ
କଲା ତାକୁ ଆତ୍ମହରା । ହବୁ ବନ ଏଥି

ଶିଖିଛୁ ବହୁତ ଏବେ । ମଣେ ଭ୍ରମେ ପଡ଼ି,
ପ୍ରମାଦକ-ମଂତ୍ରଣାରେ ଅମାର୍ଗେ ଚଳାଇ
ବାଳିକା, ଘାଂଟିଛୁ କେତେ ପ୍ରକୃତି-ସୋହାଗ
ସତ୍ୟ ଯାହା ନାଶି-ହୃଦେ । ସବୁ କର ଏବେ
ଦେଖିଲି ବାଳିକା ସେହୁ; ବାଳିକାର ଲୀଳା

ଖେଳଇ ସେ ହୃଦବନେ ତରଂଗ ହତାନେ ।
"ନବୋଧ ବାଳିକା ! ସତେ କି ନବୋଧ ମୁହିଁ !
ପ୍ରହସନେ ରାଣୀ ସାଜି ଥିଲି ଏତେ କାଳ ।
ଦେଖିବ କି ଉଟେ ଆଉ ବିଶ୍ୱାସୁ ମୋହର ?
ହେବାଯାଏ ହବାକର ଭୁବନ-ଶୀତଳ,

ନ ଦେଖିବେ କେହି ଏହା; ଏ ନାରୀ-ତାଂଡବ ।"
ରୁଦ୍ଧ ହେଲି କଂଠ ତା'ର । ଥୋଇଲି କପାଳ
କର-ତଳେ ନମ୍ର-ଶିରେ, ହତାଶ-ହୃଦୟୁ
ପ୍ରମାଦତ-ଅଶାତର ଟଂକ-ଭୂମେ ଫେରି,
ବ୍ୟାପି ରହିଗଲା ସ୍ଥିର; ବନ୍ଧସୀମ-ତଳେ

ରହେ ଯଥା ନଦୀ-ସ୍ରୋତ, ପଶି ବନ୍ୟା-ଯୋଗେ ।
ଭରସିଲ ନାହିଁ ମୁହିଁ ଭଂଗିବାରେ ତାହା ।
ନିସ୍ତବ୍ଧ ସକଳ; ଗଲା କେତେ କାଳ, ତହୁଁ
ହର୍ମ୍ମ-ତଳ-ବାଟିକାର ଉପବନ-କୁଂଜେ
ସ୍ଫୁରିଲା ସ୍ପଂଦନ; ନାଚେ ପତତ୍ରି-ବନିତା

କ୍ଷୁଧିତ-ଶାବକ-ସ୍ନେହେ ଉଠି ରାତି ଥାଉଁ,
ହଂବ ଆହରଣେ ଫେଇ ମୋହନ-କୂଜନେ
ଶିଶିର-ଧଉତ-ଚଂଚୁ, ଡାକିଲା ଆଲୋକେ ।
ଚମକିଲା ବାଳା, ପଦେ ପଡ଼ିଲା ପୁସ୍ତକ ।
କହିଲି ମୁଁ, "ବାଳାମଣି, ନ ହୁଅ କାତର,

ନ ଦୋଷ ଆପଣେ ଏତେ, ହଅ ନାହିଁ ଦୋଷ
ନରସୁତେ; ଅବା ପ୍ରନ୍-ପରୁଷ-ବଧାନେ ।
ଜଗତର ରୁଷ-ରୀତି ଥିଲି ଏ ସକଳ
ଏତେ କାଳ । ଏବେ ତୁହି ପାଇଅଛୁ ମୋତେ
କର୍ମ-ସଖା, ଜାଣଇ ମୁଁ, ରମଣୀର ଲକ୍ଷ୍ୟ

ସାଧିବେ ପୁରୁଷେ, ଯାହା ନାରୀ-ପ୍ରୟୋଜନ,
ନୁହେ କି ସେ ପୁରୁଷର ? ଏକ ସଂଗେ ମିଶି,
ରମଣୀ ପୁରୁଷେ ଉଭେ ପଢ଼ିବେ ଉଠିବେ
ଏକା ତୁଳା-ଦଂଡେ । ଯେବେ ଲଇଁବେ ରମଣୀ,
ଅବନତ ହେବେ ନରେ । ରମଣୀ-ମହିମା

କରିବ ପୁରୁଷେ ବଡ଼ । ଦାସତ୍ୱ ପୀଡ଼ନେ,
ସ୍ୱାଧୀନତା ଖେଳେ ଅବା ରମଣୀ ପୁରୁଷ
ନୁହଂତି ଅଲଗା କେବେ, ଜନମୁ ରମଣୀ
ବଢ଼ଇ ପୁରୁଷ-ସନେ, ପ୍ରକୃତିର ଖେଳେ
ରମଣୀ ପୁରୁଷ ମିଳି, ଉଠି ପଦେ ପଦେ

ଯାଆଂତି ଗୋ ବିକାଶର ସୁସଂଚ ସୋପାନେ ।
ପୁରୁଷର ହିତ ରୀତି କରମେ ବିରାମେ
ରମଣୀ ସମ ଭାଗ । ଏକ ଲକ୍ଷ୍ୟେ ଦୁହେଁ
କରଂତି ଜଗତେ ଗତି । ରମଣୀ-ବିଭବ
ସଂସାର-ସଂଚରିତ-ଲୀଳା ।

ଜୀବଲୋକ-ଜ୍ୟୋତି

ରମଣୀର କର-ଧୃତ । ସେ ରମଣୀ ଯେବେ
ହେବ ଖର୍ବ, ହୀନ, ପୁଣି ପ୍ରକୃତିରେ ଲଘୁ,
ବଢ଼ିବେ କେମଂତେ ନରେ ? କଂତୁ ଗୋ ରମଣି,
ନ କର ଏକାରେ ଶ୍ରମ ! ତୁହି ରାଜସୁତା,
ନୃପତି-ନଂଦନ ମୁହିଁ, ପାଳିବା ଟି ଯାହା

ଦୁହେଁ ମିଳି, ଉଆରିବା ରମଣୀ, ପୁରୁଷେ
ରମଣୀର ହେବେ ସାହା, ଦୁହେଁ ଏକ-ପ୍ରାଣ ।
ବନ୍ଧୁ-ସ୍ୱତ୍ତ କର୍ମ-ପଥେ, (ବୋଲଂତି ଯାହାରେ
ରମଣୀର ମାନ ଲାଗି, ଫଳେ ପୁଣି ଯାହା
ନାରୀରେ କରଇ ହୀନ )
ଛେଦବେ ସେ ସକଳେ,

ରମଣୀ-ବିକାଶେ ଦେବା ଫିଟାଇ ପ୍ରସାରେ
ତଉପାଶେ ଅବକାଶ, ହେଉ ସେ ରମଣୀ
ନିଜର ଆପଣେ, ତେବେ ଦେବ ବା ରଖିବ,
ବୁଝିବ ସେ ତାହା ମୂଲ, ବଢ଼ିବ, ଶିଖିବ ।
ସବୁ କରି, ନ ଲଭିବ ସେ ଆତ୍ମ-ବିକାଶେ

ସ୍ୱତଂତ୍ର ରମଣୀ-ଭାବ, ସେ ଅମୂଲ୍ୟ-ଧନ ।
ନାରୀ ନୁହେ ଭବେ ଅର୍ଦ୍ଧ-ବିକଶିତ-ନର,
ବିପରୀତ ବିଶ୍ୱେ ସେ ଦୁହେଁ ଦୁହିଙ୍କର ।
ସ୍ୱଅଂଗେ ବିକାଶେ ଯେବେ ରମଣୀଏ ନର,

ପ୍ରେମର ପୀୟୂଷ-ଧାରା ଖୁଜଂତା ଜଗତେ ।
ପ୍ରେମର ବଂଧନ ନୁହେ ସମାନେ ସମାନେ,
ବିଷମ-ମିଳନେ ପ୍ରେମେ ଉପୁଜଇ ସମ :—
ସାଗରେ ଚଂନ୍ଦ୍ରିକା ପଡ଼େ, ଶାରଦେ ଚପଳା,
ଜୀମୂତ-ମାଳମେ ଶୋହେ ବକାଳିକା-ମାଳା,

ଉପବନ-ମହୀରୁହେ ଜଟିଳ-ବଲ୍ଲରୀ,
ଶ୍ୟାମଳ-ଶିଖରେ ରାଜେ ଗିରିନଦୀ ଝରି,
ତୁଂଗ-ଗିରି ଗୁଡ଼ ନଦୀ ସାଗର-ଗରଭେ,
ଦରୀ-କୋଳୁ ପ୍ରତିଧ୍ୱନି ଉଠେ ମାଳ-ନଭେ,
ମୁଂଜରି ବ୍ରତତୀ ଉଠେ ଦିବାକର-ମୁଖେ,

ବିଧୁସିଂଗେ ତପ୍ତ-ଧରା ଶୈଶିର-ମୟୁଖେ ।
ହେଲେହେଁ ସମପ୍ରେ ପୁଣି ଆଦାନେ ପ୍ରଦାନେ
ଜଂଗତରେ ହେବେ ସମ ରମଣୀ ପୁରୁଷେ;

ପୁରୁଷେ ରମଣୀ-ଭାବ, ନାରୀରେ ନରତ୍ୱ
ବିକଶିବ, କେତେ କେତେ
ନୈତିକ ଗରବେ,

ଭାବର ମାଧୁର୍ଯ୍ୟେ, ନରେ ରୁଷତା ଇଶାଣି,
ସଂସାର-ସଂଗ୍ରାମେ ହେବେ ଦୃଢ଼-କର୍ମେ ଭଣ୍ଡ,
ନାରୀ ପୁଣି ମାନସର ପ୍ରସର ବିସ୍ତାରେ,
ଜ୍ଞାନର ଗରବେ ବଢ଼ି, ସ୍ୱଭାବ-ମଧୁର
ସଂତତି-ଲାଳନେ ରସି, ହେବେ ସହଚରୀ !

ଲଳିତ ଏ ଲଘୁ-ଲୀଳା, ବାଳକ-ସୁଲଭ
ଜ୍ଞାନେ ପ୍ରସାରଣି ମନ, ନ ଛୁଡ଼େବେ ବାଳା ।
ପରିଶେଷେ ଦୁଇ ତଂତ୍ରୀ ସଂଗୀତ-ବିଭବେ
ବାଜଇ ଯେସନ, ତଥା ମିଳି ନର-ନାରୀ
ବିକାଶିବେ ଜୀବନର ମହା-ଗୀତ-ତାନ ।

ଦୁହେଁ ଏକ୍ୱପରି କାଳ-ଗତି ଅବଲଂବି,
ସଂଗେ ମିଳି ପରସ୍ପରେ, ଭାବେ ପ୍ରଭାବରେ
ବିକାଶି, ଭବିଷ୍ୟ ଫଳ ଲଭି ପ୍ରାଣ ସୁଖେ
ଆତ୍ମମାନେ, ପରସ୍ପରେ ଆଦର ସଂମାନେ,
ସହଚର ସହକର୍ମୀ ସମାନ ଏ ଭବେ

ବସିବେ ବିଭବେ, ରଖି ସ୍ୱତଂତ୍ର ବ୍ୟକ୍ତିତ୍ୱ,
ମିଶି ଏକାକାର ପୁଣି, ପ୍ରେମେ ମିଶି ଯଥା
ଏକାକାର ହୁଏ ସବୁ । ତେବେ ହେବ ଯାଇ
ଅବନୀ ସରଗ ଚିର-ବୈଚିତ୍ର୍ୟ-ବିରହିତ,
ରାଜିବ ବିବହେ ତେବେ ଉଦାର-ମହିମା,

ଶୁଦ୍ଧ-ଶୈତ-ମଧୁ-ଶଯ୍ୟା ଶାଂତିର ସଂତୋଷେ,
ଗୃହିଣୀ-କରମେ କର୍ମ-କ୍ଷେତ୍ର ବିଭାସିବ,
ଉଠିବ ମାନବ-ଶିଶୁ ତୁଂଗ-ମହିମାରେ,
ଗଢ଼ି ଦୃଢ଼-ନର-ଜାତି । ହେଉ ଏ ସକଳ !”
ଗୁରୁଶ୍ୱାସେ କହେ ବାଳା,
“ଶ୍ରାନ୍ତ କଂଭୁ ମମ,

ନ ହେବ ଏସନ କେବେ !" କହିଲି ମୁଁ ତହିଁ,
"ପ୍ରଣୟିନି, ଆସ ଏବେ ଜୀବନର ଚଣେ
କରିବା ଏ ଆଚରଣ । 'ଭୁଲ ନର-ନାରୀ'
ଗ୍ରାହ୍ୟ ଏ ଧାରଣା, ଦେଖ ଏକ ଆନ-ବିନୁ
ଅପୂର୍ଣ୍ଣ ଅର୍ଦ୍ଧେକ ମାତ୍ର, ପ୍ରକୃତ-ପ୍ରଣୟେ

ନାହିଁ ସମ, ବିଷମଟି ନାହିଁ, ବିଷମ ସେ,
ସମ ସେହି, ପୂର୍ଣ୍ଣ କରେ, ଏକର ଅଭାବ
ଅପର । ସଂଗତ ହେବେ ଦୁହିଁର ମିଳନ,
ଆଦଳ୍ପଣେ ଆଦରଣେ, କରମେ କରମେ,
ଚିନ୍ତାରେ, ହୃଦୟେ । ସକଳାଂଗ ଏକ,

ନ ଧର ଅପରେ, ନାହିଁ ବିକାଶ ଜଗତେ ।
ଶୁଦ୍ଧ-ପୂର୍ଣ୍ଣ-ସୁସଂଗତ-ଏ-ମହା-ମାନବ-
ବିକାଶେ, ବାଜଇ ବାମ-କର ବାମେତରେ
ସତେ କି ସେ ମହା-ତାଳେ ପୂର୍ଣ୍ଣ-ଜୀବନର ।"
ଧୀର-ଗୁରୁ-ଶ୍ୱାସେ ପୁଣି କହେ ବାମାବର,

"ବାଞ୍ଛିତ ସ୍ୱପନ ମମ, ଏହି ତ ମୋହର
ଜୀବନର ସ୍ୱପ୍ନଲୀଳା ! କେଉଁ ନାରୀବର
ଶିଖାଇଲା ଏହା ତୋତେ ?" କହିଲଇଁ ମୁହିଁ,
"କଳ୍ପ-ବାଳ-କାନ୍ତ, ମୋର ମନେ ନାହିଁ କେବେ,
ଆପେ ଆପେ ବସେ ଭାବ
ଭବିଷ୍ୟ ସଂସାର,

ସେ ମହା-ବିଭବେ ବୁଡ଼ି ପ୍ରେମର ବିଳାସେ
ଜୀବନର ଧ୍ରୁବ-ତାରା କରିଛି ନାରୀରେ ।
ମଣଇ ମୁଁ ଯେହ୍ନ ପୁଣି ନ କରଇ ଏହା,
ଜୀବନର ମହା-ସ୍ରୋତେ ବୁଡ଼ିଯାଏ ସେହ୍ନ
ଖାଇ-ମଧୁ-ପାନେ ବୃଥା-ଆତ୍ମ ସନମାନେ,

ଦେଖଇ ସଂସାର ଯେବେ, ଏମେ ହୁଏ ତାର
ମରଣରୁ ବଳି ଦୁଃଖ, କିଂବା କଳ୍ପନାରେ
ଭବର ଇଂଗିତେ ଉଡ଼ି, ତାପ-ଦୋଷ-ଘାତେ
ଅପରୂରେ ଯାଏ ପଡ଼ି, ମଂଦ-ପଣେ ମାତି ।
ନାରୀ ମୋର ଧ୍ରୁବ-ତାରା !
ସେ ନାରୀ ଜଗତେ

ଜାଣଇ ମୁଁ ଏବେ, ସେହି ରମଣୀ-ଭିତରେ
ଦେଖଇ ରମଣୀ-ଜାତି । ନୁହେ ସମୁନ୍ନତ
ଜ୍ଞାନେ ସେହ୍ନ, ଗୃହ-କର୍ମ-ଜ୍ଞାନେ ମହତ ସେ,
ପୂର୍ଣ୍ଣ ନୁହେ, ଭଗ୍ନ କିଂବୁ ଲଳିତ-ପ୍ରମାଦେ,
ନୁହେ ସୁର-ବାଳା, କିଂବୁ କରମେ କରମେ

ଦିବ୍ୟ-ଭାବ-ଭରି ସାଜେ ସୁରବାଳା ଜିଣି,
ବହଇ ନିଶ୍ୱାସେ ତାର ନଂଦନ-ମଳୟ,
ମର୍ତ୍ତ-ବାସେ ସ୍ୱରଗର ପ୍ରତିକାଶ ତହିଁ ।
ନିସର୍ଗ-ସହଜ-ଭାବେ ଧରଣୀ ଆଦର
ଅଛି ସେହ୍ନ ଲାଗି ତହିଁ ପ୍ରପଦର ପ୍ରାଂତେ,

ପକାଇଲେ ପାଦ ଦୃଢ଼େ, ମର୍ତ୍ତର କର୍ଦ୍ଦମେ
ଭାବ; ପଡ଼ିଯିବ କାଳେ । କି ଅଦ୍ଭୁତ ମଂତ୍ରେ
ମୋହିତ ପୁରୁଷେ ତହିଁ ! ବିଘୋର ଗରବ,
ଉତ୍ତୁଂଗ-କରମ-ମହା-ବିଭବର ବିଷ,
ସ୍ତବେ ସରସ୍ୱତୀ ଯଥା ବିଦ୍ୟାଳୟ-ଶିଶୁ,

କରଂତି ସେ ତଥା, ମୁଗ୍ଧ ଜୀବନ-ସଂଗୀତେ ।
କି ସୁଖୀ ସେ ଜନ ପାଇ ଏସନ ଜନନୀ !
ବାଜଇ ନିଶ୍ୱାସ ତାର ହୃତ୍ପିଂଡର କଂପେ,
ରମଣୀ-ଜଗତେ ସାଧୁ-ମହତ-ସୁଂଦରେ
ପ୍ରଶାନ୍ତ ମୁଗମ ତାର, ଚଢ଼ି ପରମାଦେ

---

୪୮୮ । ପ୍ରତକାଶ = ପ୍ରତରୂପ । ୪୭୫ । ମଧୁ = ମଦ୍ୟ, ମଦ୍ଧୁ ।

ନ ହେବ ସେ ଅଂଧ କେବେ ପାଶବ-କରମେ,
ଇଂଦ୍ରିୟ-ବିଳାସେ ।" କହେ ସ୍ୱର-କଂପେ ବାଳା,
"ମୁହିଁ କିଂତୁ ଅସଦ୍ଗୁଣ ଏତେ, ହୁଏ ମନେ,
ବହି ଆତ୍ମ-ପ୍ରତାରଣା ସତେ ସୁବାମଣି,
ମାତିଛ ଏ ପ୍ରେମ-ରସେ, ଏହି ତ ଜନନୀ

ତବ ଆଦରଣି-ନାରୀ ! ଶୁଣିଅଛୁ ତବ
ଅଦ୍ଭୁତ-ସଂଶୟ-କଥା, ଭୂତ ବେଶେ ଯଥା,
ହୋଇପାରେ ଏଥି ତାହା । ମଣଇ ମୁଁ ମୋରେ
ନାରୀ-ବିଡ଼ଂବନା ଏବେ । ବୁଝେ ରାଜସୁତ,
କେବେ ବୁଝେ, କେବେ ନୁହେ,
ପ୍ରେମ ତବ ମୋରେ ।"

କହିଲ ମୁଁ, "ତୁହି ଜେମା, ତୁହି ବାଳାମଣି !
ରହିଁ ରହିଁ ଚିତ୍ତ-ପଟେ ତୋ' ନେହ-ସୋହାଗେ
ମଜ୍ଜିଛି, ନ ଦେଖି ତୋ ରେ । ଦେଖି ପୁଣି ଏଥି,
ବଳିଛି ପରାଣ ପ୍ରେମେ । ଦେଖିଅଛି ଭେଦି
ନାଟିକା-ବିଳାସର ଦୃଢ଼-ଆବରଣ,

ନର-ନେହ ରୋଧି ଯାହା ରଖିଲା ତୋ ହୃଦେ
ସାଧ୍ୱୀ-ଶୁଦ୍ଧ-ନାରୀ-ଭାବ, ଦେଖି ସେହି ଭାବ
ପୁଣ୍ୟ-ପ୍ରେମେ ପଶିଲଇଁ କ୍ରୀଡ଼ା-ରସ-ଖେଳେ
ବାଳକ-ସୋହାଗେ ଏଥି । ଫେରିଛି ଜୀବନେ,
ଏ ମରଜୀବନେ ଏବେ; ତବ ସେ କରମ !

ପ୍ରଣୟ ମୋହର ତୋରେ ମୂକର । ଆସଇ
ନୂତନ ଦିବସ, ଭେଦି ରଜନୀ-ତାମସ,
ପ୍ରମାଦ ବରଜ ତୁହି ନବୀନ ଜୀବନେ,
ରୁହିଁ ନେହ ଟେକ ବାଳା, ମରିଛି ସଂଶୟ,
ମମ ସେହି ଭୂତାବେଶ, ନିଷ୍ଫଳ-କୁହକ ।

ତବ ଏହି ନବ-ଜ୍ୟୋତି ସତ୍ୟ-ଜାଗରଣ
ଦେଇଛି ତା' ଅପସାରି, ମରମେ ବିନାଶି ।
ପ୍ରଣୟିନି, ଟେକ ମଥା, ତବ ହୃଦ-ଜ୍ୟୋତି
ପଡ଼ୁ ଏ ହୃଦୟେ; ଯଥା ଏ ଅରୁଣ ରୁଚି
ପଡ଼ଇ ତାମସ ଏହି ଅର୍ଦ୍ଧ-ଧରିତଳେ ।

ଆସ ହୃଦେ, ମୁଂଚ ଭୟ, କବୋଷ୍ଣ-ନିଶ୍ୱାସ
ପଡ଼ୁଥାଉ ଏ କପୋଳେ । ଥରୁଛି ମରମେ
ଏ ବିଗ୍ରହ, ସେ ମଳୟେ ଅଷ୍ଟାଙ୍ଗ-କୁହେଳୀ
ଯାଉଛି ଆଲୋକେ ଫାଟି, କି ବିଭବ ଧନି,
ଏ ମଧୁ-ପ୍ରଭାତେ ! ପୁଣ୍ୟ-ଭବିଷ୍ୟ-ସଂପଦ

ମୃଦୁ-କଂପେ ଦିଶେ ଏହି, ଦିଶଇ ଯେସନ
ଶାରଦ-କମଳ-ବନ ଭେଦି ଧୂମ-ଲେଖା,
ଉଠଇ ଯା' ପୋଡ଼ି ବନ୍ୟ-ଶୁଷ୍କ-ଗୁଳ୍ମ-ଲତା ।
କ୍ଷମା କର, ଉପମାର ଛଳେ ଏତୁ ମମ
ପୂର୍ଣ୍ଣ-ହୃଦୟର କଥା; ହେଉ ଏ ସଫଳ !

ପ୍ରଣୟିନି, ପ୍ରେୟସି ରେ, ପ୍ରାଣର ଦୟିତା,
ଜୀବନ୍ତ ଜୀବନ ମମ, ଭ୍ରମିବା ସଂସାରେ
ଏକ-ମହା-ଲକ୍ଷ୍ୟେ ଦୁହେଁ, ଯୁଗଳ-କରମୀ,
ତାମସିତ ସେ ବିପିନେ-ନରପାଦ ଯାହା
ଦେଖି ନାହିଁ । ପ୍ରାଣ-ଭରେ ପ୍ରେମ ମମ ତୋରେ,

ଆସ, ପ୍ରାଣ ଦିଅ ଢାଳି ଏ ପରାଣେ ମମ,
କର ଆତ୍ମ-ଦାନ ପ୍ରିୟେ, ହୃଦୟେ ହୃଦୟେ
ଏକ ଆଶା ଅଭିଳାଷ ଉଠଇ, ପ୍ରେୟସି,
କର ପୂର୍ଣ୍ଣ ଏ ଜୀବନ, କର ପୂର୍ଣ୍ଣ ତୋରେ;
ସୁମନ-ଲଳିତ ତବ କର ମମ କରେ ତ
ରଖ ବାଳା, ଦିଅ ମୋରେ ବିଶ୍ୱାସ ଜୀବନେ ।"

## ପ୍ରାଂତ ଭ୍ରମଣ

ସରଲା ସେ ଅଭିନୟ, କଳ୍ପନାର ଲୀଳା,
ସପ୍ତବଂଧୁ-ଅଭିନୟେ । ଅଭିନୟ-ଶେଷେ
କ୍ଷଣେକ ନୀରବ ସର୍ବେ; କହେ ତହୁଁ ବଂଧୁ,
କୁମୁଦିନୀ-ସହୋଦର, "ଇଚ୍ଛା ମମ ଜେମା
ଦେଇ ନ ଥାଂତା କି ହାତ ବିବାହ-ବଂଧନେ !"

ଶୁଣି ମୋର ମୁଖେ ତହୁଁ, "କବିତାର ବଂଧେ
କି ହେଲା କହିଲେ ହେଲେ ?" କହିଲେ ସରବେ
ନର-ନାରୀ ସେହି କଥା । ଉଠିଲ ସଂମତି;
କହିଲି ନାୟକ, ଇତସ୍ତତ ଏ କଳ୍ପନା,
ସପତ-ପୁରୁଷ-ଖେଳ, ହୁଅଂତା କେମନେ

ଉଠିଲ ସେ ଏକ-ନାଳେ, କି ପଦ୍ଧତି ଯେନ ?
କି ଭାଷାର ବଂଧେ ଅବା ? କହିଲେ ପୁରୁଷେ,
କରିଥାଂତି ଅପରୂପ-କୌତୁକ-ଛଳନା
ତୀବ୍ର-ଗୁରୁ-ଭାଷା-ବଂଧେ,—ଘଟୋତ୍କଚ ଯଥା
ପଡ଼ିଗଲା କୁରୁକ୍ଷେତ୍ରେ; ବ୍ୟାପି ଶତ-କ୍ରୋଶ,—

କୁମୁଦିନୀ ସଂଗେ ଯାହା ଗଂଭୀର-ରହସ୍ୟେ
ହୋଇଥିଲା ରଂଗରସ, ହୋଇଥାଂତା ସାଂଗ ।
ନାରୀଏ ସେଠାରେ ବୁଝି ଶକ୍ତି ଆପଣାର
ତରଳ-ସଂଗୀତ-ରସେ; ନ ଖେଳ ସୁଭଗା,
ରହିଲେ ନୀରବେ । ମନେ କରୁଥିଲେ କି ସେ,

ଯାଇଥାଂତେ ନରେ ସତେ ଗୁଣ୍ଡ ସେ ନଳଂଦ,
ରମଣୀ-ତାଡ଼ନ ସହି, ସରମ-ମଉନେ ।
କୌତୁକେ ବିରାଗ ବହି, ମଣୁଥିଲେ ସେହୁ
ସତ୍ୟ-ଦଂଭେ ଅଭିନୟ ସମର-ସୋହାଗ;
ମହତ୍ତ୍ୱ ସେ ଜେମାମଣି ସବୁ ଯେତେହେଲେ ସତ !

ନାରୀ-ଅଭିନୟ-ଭାବେ ମହିମା ବଖାଣି
ଉଠଂତା ସେ ଅଭିନୟେ ଥିଲା ତାଂକ ରୁଚି ।
କିଂବା କହିଲେ ସେ ଯଥା ହେଲା କାବ୍ୟ-ଶେଷ-
ମିଳନର ଲୀଳା ସତ୍ୟ-ଦୃଢ଼-ଭାଷା-ବଂଧେ,
ହୋଇଥାଂତା ସେହିପରି ମୁକ୍ତ ଶେଷଯାଏ ।

କିଂତୁ ଏ କଳ୍ପନା କେବେ ସେ ଗୁରୁ-ବିଭବ
ସହଂତା କି ଆଦ୍ୟୋପ୍ରାଂତ ? ମତାମତ ଯେଣ
ଲାଗିଗଲା ଏହିପରି ସୋହାଗ କଳହ;
ପୁରୁଷେ କୌତୁକ-ସେବୀ, ସତ୍ୟ ନାରୀ-ଜନେ ।
ଦୁଇଂକ ମଝିରେ ମୁହିଁ ଦୁଇଂକ ଦର୍ପଣେ

ଅଦ୍ଭୁତ ସେ କର୍ଣମାର୍ଗେ କଲି ଦୃଢ଼ଗତି;
ମିଶା ମିଶି କଥା କହି, ହେଉଛି ପ୍ରଶାନ୍ତି;
ତାହାର ସଂତୋଷ ତହିଁ ବହି ନାହିଁ ମୁହିଁ,
ବୁଝେ ମନ, ନରେ ବୁଝେ; ବୁଝେ ନାରୀ-ଜନେ ।
କୁମୁଦିନୀ ଶାନ୍ତ-ଦେଖି, ହେଲା ମୋ' ଆହ୍ଲାଦ ।

ଏ କୌତୁକ-କଳହେ ସେ ଭଜଣ ମଉନ,
ଥିଲା ଶୁଣି; ମିଳନର ଗୁରୁ-ଗଂଭୀରତା
ଥିଲା ମନେ ଲାଗି ତା'ର । ମଥା ପୋତି ସେହୁ,
ନ ଶୁଣି କଳହ, ତୋଳି ଘାସ-ପତ୍ର ନଖେ,
ଛିଂଡାଇ ଫିଂଗିଲା ଧୀରେ ଅଳସିତ-କରେ,

ବୁଡ଼ି ଚିଂତା-ଜଳେ । ଶେଷେ ଶୁଣି ଟୁଣ୍ଡୀ-ମୁଖେ,
ବିଶାଳ-ନୟନ କରି ବିସ୍ତାରିତ ଧୀରେ,
ଦୃଢ଼ ଦରଶନେ କହେ ଶଂକିତ-ଭାଷଣେ,
"କହିଲେ ହେ ନାରୀ-ଜନେ, ସତ୍ୟ ଯାହା ନାରୀ,
କିଏ ସେ କହଂତା !—ଜେମା ସତେ ସିନା ତବ

---

୧୪-୧୫ । ଭୀମ ଓ ହିଡ଼ିଂବାଂକ ପୁତ୍ର ଘଟୋତ୍କଚ କୁରୁକ୍ଷେତ୍ରରେ ୪୦ କ୍ରୋଶ ବ୍ୟାପି ପଡ଼ିଥିବା କଥା ମହାଭାରତରେ ଅଛି ।

ଗ୍ରନ୍ଥବାଦେ କଳ୍ପନାରେ ହୋଇଥିଲା ଭୋଳ ।”
  ଶୁଭିଲା ଚହଳ ଏବେ ଜନ-ମେଳେ ତହିଁ,
ଯିବା-ବେଳ ହେଲା, ସର୍ବେ ଘେନିବେ ବିଦାୟ ।
ଦଳେ ଦଳେ ଦ୍ୱାରଦେଶେ ଉଦ୍ୟାନ-ସୀମାନ୍ତେ
ହେଲେ ଯାଇ ସମାଗତ, ବରଜି ଭବନ ।

ବନ୍ଧୁ-ମେଳେ ତହୁଁ ମୁହିଁ ଗଲି ଉପବନେ,
ଚଢ଼ିଲି ଅଦୂରେ ତହିଁ କମ୍ର-ଗିରି-ଚୂଳେ,
ଓହ୍ଲାଇଲି ଉପକଣ୍ଠ-ଶ୍ୟାମଳ-ପ୍ରସରେ,
ଅସ୍ତ-ଗିରି-ଚୂଳ ତହିଁ ଅର୍ପିକ-ତପନେ
ଶୋହୁଥିଲା ତଳ-ଦଳେ କନକ-ବିଭାସେ ।

ପ୍ରଶାନ୍ତ ସେ ବନ-ସ୍ଥଳୀ, ପୁରାଣ-ଭବନ
ତୁଙ୍ଗ-ଶିର ତୋଳି ବସେ ଘନ-କୁଞ୍ଜ-ଭେଦି
ସୁସଂଚ-ମୋହନ-ପଲ୍ଲି ପୁଣି ଠାବେ ଠାବେ
ଭେଦି ବନ ଚଉପାଶେ ପ୍ରସରି-ବିଳାସେ,
ପଲ୍ଲି-ଦେବାଳୟୁ କାହିଁ ଶ୍ୟାମଳ-ଶୈବଳେ

ହରିତ-ପାଷାଣ-ଭେଦି ଘନ-ଲତା-ରାଶି
ଆବରି ବିରାଜେ, ଉଭା କନକିତ-କ୍ଷେତେ,
ଜନପଦ-ପ୍ରାନ୍ତଭାଗେ ଯାଏ କଳକଳେ,
ବହି ପୁଣି ଗିରିନଦୀ ପ୍ରସର-ପ୍ରସାରେ ।
ପଲ୍ୱଳ-କାସାର-କୂଳେ ଶୁଭ୍ର-କାଶ-ଫୁଲ,

ପର୍ଣ୍ଣିକା ବସାଇ ଦୂରେ ବିଶାଳ-ଉରସେ
ନାନା-ରଙ୍ଗେ ପାଲ ଟେକି ଭାସଇ ନଉକା ।
  ଦେଖି ଏ ଶାରଦ-ଶ୍ରୀ ତୋଷ ବହି ମନେ,
ଭାଳିଲି ନାନା-ରଙ୍ଗେ ସମାଜର ଦଶା,
ସଂସ୍କାରର ସୀମା, ପୁଣି ଦେଶ-ଦରିଦ୍ରତା

ପଲ୍ଲୀର ସୁଷମା ସ୍ୱଚ୍ଛ-ସରସ ସୋହାଗ
କୃତ୍ରିମ-ନଗର-ଶୋଭା-ବିକଟ-ବିଭବ
ଧନ-ସମ୍ପଦର ଭୋଗ, ସରଳ-ଜୀବନ
ପ୍ରକୃତିର ସମୀକ୍ଷଣ ପୁସ୍ତକର ତଡ଼ା
ଜ୍ଞାନର ଉନ୍ନତି ତହିଁ ଧର୍ମର ପତନ

ସମାଜର ଶିଥିଳତା ବ୍ୟକ୍ତିତ୍ୱ-ବିକାଶେ
ବିଳାସ-ସଂଯମ ଜନେ, ଯୁବକ-ପରାଣେ
ଲୋଲଭାବ, ପ୍ରେମ-ସାର ପ୍ରଣୟ-ବୟସେ,
ସେ ଧନ ଆମୋଦ-ରସ କଉତୁକ-ଖେଳ,
ନାରୀ-ଶିକ୍ଷା, ପୁରୁଷର ସ୍ୱଚ୍ଛ-ଛନ୍ଦ-ଗତି

ଜ୍ଞାନର ଗରିମା ନରେ; ନାରୀର ହୃଦୟ,
ସଂସାର-ସରଗେ ଗୃହ-କରମର ଲୀଳା ।
କହି କଥା ଏହି ମତେ, ହେଲୁ ଆସି ଜମେ
ଉପବନ-ଦ୍ୱାରେ; ତହିଁ ବନ୍ଧୁ-ପିତା ମମ
ସପତ-ସନ୍ତାନ-ମେଳେ,—ମସ୍ତକୁ ମସ୍ତକେ

ନମ୍ର ବସିଥିଲେ ଯହିଁ,—ଥିଲେ ପ୍ରତୀକ୍ଷାରେ;
ବିଦାୟ-ସମ୍ଭାଷେ ତୋଷି, ଗୁଡ଼ିବେ ଅତିଥି ।
ରମ୍ୟ ତହିଁ ତୁଙ୍ଗ-ଚୂଳେ କନକାଭ-ବସ୍ତୁ
ତୋଳି, ବସିଥିଲା ସ୍ୱଚ୍ଛ ପ୍ରାସାଦ ଅଦୂରେ ।
ଅଭିବାଦନର ଭାଷା କରି-ବିନିମୟ

ଆଲିଙ୍ଗନ ନମସ୍କାରେ ତୋଷି ଏକେ ଏକେ
ଯଥାବିଧି ସର୍ବ-ଜନେ ଗୁଡ଼ିଲେ ସେ ତହୁଁ ।
ବିଦାୟର ଭାଷେ, କେହି ସ୍ୱାଗତ ଭାଷଣେ,
ବର୍ଷକ ପାଇଁକି ହେଲେ ବିଦାୟ । କେହି ବା
କହିଲେ ଅଳପ କଥା ଭଦ୍ର ବ୍ୟବହାରେ;

ଲଭିଣ ଉତ୍ତର ତହିଁ, ଅଳ୍ପତର ଭାଷେ;
ଦରି-ହାସେ କେହି ପୁଣି ଭାଷି ପଦେ କଷ୍ଟି,
ବିନୟର ଶିର-କମ୍ପେ ସ୍ମିତ-ବ୍ୟଙ୍ଗ-ମୁଖେ
ଭଜିଲେ ସନ୍ତୋଷ । ସର୍ବେ ମିଳି ପରିଶେଷେ,
ଉଚ୍ଚେ ଆନନ୍ଦର ସ୍ୱରେ
    କଲେ ହରି-ଧ୍ୱନି;

ଚମକି ମିଶିଲି ମୂର୍ଚ୍ଛିଁ, ଉଚ୍ଛାଳିଲ ତାହା,
ଗଲା ନାଦ କନକତ-କାନନ-ପ୍ରସାରେ,
ତରଂଗେ ତରଂଗେ କରି ଧ୍ୱନି ପ୍ରତିଧ୍ୱନି ।
ବଟ ଛାଡ଼ି ଉଡ଼ିଗଲେ କରଟକ-ଦଳ;
ମୃଦୁକଂପେ ସମୀରଣେ ପୀତ କିଶଳୟ

ଖସିଲା; ଗଲା ସେ ନାଦ କଂପାଇ ବିଟପୀ
ପତ୍ର ମରମରେ କାନ୍ଦି, ଦିଗଂତ-ବିସ୍ତାରେ
ମିଶିଲା କି ବିକଂପିତ-ପ୍ରତୀଚୀ-ଅରୁଣେ ।
ଜନତାର ସ୍ରୋତ ଗଲା ବନ୍ଧି ସେ ଦୁଆରୁ ।
ଆଂଭେ କଂତୁ ଗଲୁ ପୁଣି ମଂଦିର ଭିତରେ,

ବସିଲୁ ତଳପେ ତହିଁ; ପ୍ରଦୋଷର ଛାୟା,
ପୁଂଜିତ-କାଳିମା, କ୍ରମେ ଆସୁଥିଲା ଘେର
ଦିଗ୍‌ବଳୟ-ଚକ୍ର, ବଡ଼ ଲାଗିଲା ମଧୁର ।
ବସିଲୁ ସରବେ, କେହି ନ କହିଲେ କିଛି;
ବୁଡ଼ି ଅଲକ୍ଷିତେ କେଉଁ ଭାବ-ପାରାବାରେ,

କେ କହିବ କି ଚିଂତାରେ ? ହୁଅଇ ସଂଭବ,
ଭବିଷ୍ୟ-ମାନବ-ଚିଂତା ଗଣି ମନେ ମନେ ।

କ୍ରମେ କାଳିମାର ଛାୟା ପଡ଼ିଲା ପ୍ରାଚୀରେ;
ମଂଦିରର ଭିତ୍ତିପରେ କୋମଳ-କୁହୁକେ
ଚମକିଲେ ଜୁମଚକା; ଘୁଷିଲେ ପେଚକ ।

ଧୀରେ ଧୀରେ ତହୁଁ ଗାଢ଼ ତାମସ-ପ୍ରସବେ
ବାୟୁ-ପରିବାହେ ଘୋଟି ଗଗନ ବିତାନ,
ପ୍ରଦୋଷ-ଧୂସର-ଜ୍ୟୋତ୍ସ୍ନା ଧରଣୀର ପୃଷ୍ଠେ
ଭେଦି, ବୁଡ଼ାଇଲା ନଦୀ, ପ୍ରାଂତର, ପାଦପ,
ପ୍ରସାରିତ-ବିଲ-ବନ-ଦୀର୍ଘିକା-କାସାର,

ପ୍ରାଂଗଣ, ପ୍ରାଚୀର-ଚୂଡ଼ା, ନିସ୍ତବ୍ଧ-ଆବାସ ।
ହୋଇଗଲା ଏକାକାର ଧରଣୀ-ଗଗନ ।
ପରିଶେଷେ କୁମୁଦିନୀ କାଢ଼ି ଏକେ ଏକେ,
ପୂଜାର ସଂଭାର-ସାଜ ଭକ୍ତି-କଂଦରରୁ,
ଆବରି ଯତନେ ଦେଲା ମର୍ମରିତ-ବପୁ ।

ସୋହାଗେ ପରାଣ ଭରି, ପୂରି ମୋଦ-ରସେ,
ଯେ ଯାହା ଆବାସେ ତହୁଁ ଆସିଲୁ ସରବେ ।

( ୧୦୯—କରଟକ = କୁଆ । )

# କୋଣାର୍କ

# ଭୂମିକା

ଓଡ଼ିଆ ସାହିତ୍ୟ, କାବ୍ୟ-ବହୁଳ । କିନ୍ତୁ 'ଗୋଦାବରୀଠାରୁ ଗଂଗା ଯାଏଁ ବ୍ୟାପି, ଜାତିମାଳା ଯା'ର ବିରାଜେ ଅଦ୍ୟାପି, ଏଣା ସେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର', ସେଇ ତୁଂଗ-ଗୌରବ ସ୍ୱାଧୀନ, ସମୃଦ୍ଧ, ସୁନ୍ଦର ଉତ୍କଳର ଚିତ୍ର ଇଏ କାବ୍ୟ-ବହୁଳ ଭାଷାରେ ଖୋଜି ପାଇବା ଦୁଷ୍କର । ଅବଶ୍ୟ, ପ୍ରାଚୀନ ଓଡ଼ିଆମାନେ କଠିନ ପଥରରେ ଯେଉଁ ଏପିକ୍ ଓ ଲିରିକ୍ ଲେଖି ଯାଇଛନ୍ତି, ତାହା ସମଗ୍ର ବିଶ୍ୱ-ଜାତିକୁ ଆନନ୍ଦ ଓ ବିସ୍ମୟ ଦାନ କରିପାରୁଛି; କିନ୍ତୁ ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଛି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟ-ପୁସ୍ତକରେ ପୁରାଣ ଉତ୍କଳର ପ୍ରାଣ ବାଣୀ ଯେପରି ସ୍ପଷ୍ଟଭାବରେ ମୋର ଶ୍ରୁତିଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ, ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇ ପାରିନ ।

କିନ୍ତୁ 'କୋଣାର୍କେ' କାବ୍ୟ; ଇତିହାସ ନୁହେଁ । ମୁଖ୍ୟଭାବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ-ଉତ୍କର୍ଷ ଫଳରେହିଁ ନୀରସ ଇତିହାସ ଜୀବନ୍ତ ହୋଇ ଉଠିଛି । ମୁଁ ଏ ପୁସ୍ତକ ବାରଂବାର ପଢ଼ିଛି । କାବ୍ୟ ଭାବରେ ମନୋଜ୍ଞ ହୋଇ ନ ଥିଲେ, ଏ ପୁସ୍ତକକୁ ଏତେ ଥର ପଢ଼ିବା ମୋ ପକ୍ଷରେ ସଂଭବ ହୋଇ ନ ଥାନ୍ତା । ଭାଷା, ଭାବ, ଚରିତ୍ର-ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଂକାରାଦି ଯେ କୌଣସି ଦିଗରୁ ବିଚାର କରି ବସିଲେ, 'କୋଣାର୍କେ' ଓଡ଼ିଆ ଭାଷାରେ ଅନୁପମ କାବ୍ୟ । ସମୃଦ୍ଧ ବଂଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାହିଁ ।

ସତ୍ୟବାଦୀ ବିହାରର ଛାତ୍ରମାନଙ୍କୁ ଯେନି କବି ନିଜେ ଥରେ କୋଣାର୍କ ବୁଲି ଯାଇଥିଲେ । ସେଦିନ କୋଜାଗରୀ ପୂର୍ଣ୍ଣିମା । ଶାରଦ ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ କିନ୍ତୁ ବିଫଳ ହେଲା । କାରଣ ଏତେ ଝଡ଼ ବର୍ଷା ହେଲା ଯେ, ଛାତ୍ର ଓ ଶିକ୍ଷକ କୋଣାର୍କରୁ ଆସି ୮ ମାଇଲ ଦୂର ରାମଚଣ୍ଡୀ ମନ୍ଦିରରେ ରାତିକ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ପିଲାମାନେ ଶୋଇ ପଡ଼ିଲେ । ତରୁଣ ଶିକ୍ଷକ-କବିଙ୍କୁ କିନ୍ତୁ ନିଦ ହେଲାନି । ଭଗ୍ନ କୋଣାର୍କକୁ ସ୍ମରଣ କରୁ କରୁ ଅଧଃପତିତ ଓଡ଼ିଆ ଜାତିର ଗୌରବମୟ ସମଗ୍ର ପ୍ରାଚୀନ ଚିତ୍ର ମନରେ ଖେଳିଗଲା । ସ୍ୱଜାତିର ମୁକ୍ତିମନ୍ତ୍ର ଆଶା ସ୍ୱରୂପ ସୁପ୍ତ କିଶୋର ଛାତ୍ରମାନଙ୍କର ସୁପ୍ତ-ପର୍ଯ୍ୟାପ୍ତ ଭାବରେ କବିଙ୍କର ସେଇ ଜାଗର ମୁହୂର୍ତ୍ତଗୁଡ଼ିକର ଭାବନାରାଜି 'ରାମଚଣ୍ଡୀଠାରେ ରାତି'ରେ ବର୍ଣ୍ଣିତ ହୋଇଛି । ତାପରେ ହୋଇଛି, 'ରାମଚଣ୍ଡୀଠାରେ ସକାଳ ।' ଶିକ୍ଷକ ଓ ଛାତ୍ର ସତୃଷ୍ଣ ନେତ୍ରରେ କୋଣାର୍କକୁ ଚାହିଁ

ଦୃଷ୍ଟି ସତ୍ୟବାଦୀ ଫେରିଚଂତି । ବକୁଳବନର ସ୍ମୃତି ତଳେ କବି-କୁଳପତି କିଶୋରମାନଂକର ଜିଜ୍ଞାସାକୁ ସଂତୁଷ୍ଟ କରିବାପାଇଁ କୋଣାର୍କ-ରଚନା ଓ କୋଣାର୍କ-ପୀଠରେ ମାୟା-ଦେବୀ ମଂଦିର ଗଠନ କିପରି ଓ କାହିଁକି ହେଲା, ସେ ସଂବଂଧରେ ସେ ଥରେ ଗଡ଼ଜାତ ବୁଲି ଯାଇଥିଲା ବେଳେ ଜଣୈକ ଭାଟ ମୁଖରୁ ଯେଉଁ ଗଳ୍ପ ଶୁଣିଥିଲେ, ତାହା 'ମାୟାଦେବୀ' କାବ୍ୟରେ ବର୍ଣ୍ଣିତ ହୋଇଛି ।

ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉଁ, ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କ' କାବ୍ୟର ସ୍ଥାପତ୍ୟ ସଂପୂର୍ଣ୍ଣ ଭିନ୍ନ । ଏହାର କାରୁ-ଶିଳ୍ପ ମଧ୍ୟ କବିଂକର ଅନେକାଂଶରେ ନିଜସ୍ୱ ହୋଇଥିବାରୁ, ଏ କାବ୍ୟ ଜନସାଧାରଣରେ ପ୍ରିୟ ନ ହୋଇପାରେ; କିଂତୁ ଠିକ୍ ସେଇ ସେଇ କାରଣରୁ ହିଁ ଚିନ୍ତାଶୀଳ ଗ୍ରାହକ-ମାନଂକ ନିକଟରେ ଏହାର ମୂଲ୍ୟ ବେଶି । ଗତାନୁଗତିକଠାରୁ ଭିନ୍ନ ହୋଇଥିବାରୁହିଁ, ଏଇ କାବ୍ୟପ୍ରତି ମୋର ସ୍ୱତଂତ୍ର ଶ୍ରଦ୍ଧା ।

ସବୁ କାବ୍ୟପରି ଏ କାବ୍ୟରେ ମଧ୍ୟ ପ୍ରଣୟହିଁ ମୂଳ କଥା; କିଂତୁ ଏ ପ୍ରଣୟରେ ଏପରି ଏକ ଶୁଚିତା, ପୌରୁଷ ଓ ଦୃଢ଼ତା ସୂଚିତ ହୋଇଛି, ଯାହା ଓଡ଼ିଆ ସାହିତ୍ୟର ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ । କୁମାର ନରସିଂହ ଓ ଦରିଦ୍ରୀଭୂତ ସାମଂତର କନ୍ୟା ମାୟାଦେବୀଂକର ପ୍ରେମ, କାବ୍ୟ-ପୁରାଣର ବର୍ଣ୍ଣ-ରଂଜିତ ପ୍ରେମ ନୁହେଁ । ଏଠି ସ୍ୱର୍ଣ୍ଣ-ପ୍ରଦୀପରେ ଗଂଧ-ତୈଳ ଜଳୁନି, ବା ବିରହିଣୀର ଉତ୍ତାପ ନାଶ ପାଇଁ ପରିଚାରିକାମାନେ ଉଶୀରମୂଳ ବାଟୁଥିବାର ଶସ୍ତା ବର୍ଣ୍ଣନା କବି ଆମକୁ ଦେଇ ନାହାଂନ୍ତି । ତସ୍କର-ତାଡ଼ନବ୍ୟସ୍ତ ନରସିଂହ ଲୁଂଠିତ ଶିଶୁପାଳ ଗଡ଼ର ଭଗ୍ନ ଦୁର୍ଗରେ ମାୟାଦେବୀଂକ ଭେଟଂତି, ପରିଚୟର ଘନିଷ୍ଠତା ଉପରେ, ସେଇ ସ୍ଥାନରେ ଭଂଗା ଖଟରେ ତାଂକର ହୁଏ ପ୍ରଥମ ମିଳନ । ବାପା ଅନଂଗଭୀମ ଦେବ ତେଣେ ଯୁବରାଜଂକର କାଶ୍ମୀର ରାଜକନ୍ୟାଂକ ସଂଗେ ନିର୍ବଂଧ କରେଇ ସାରିଚନ୍ତି । ଏକଥା ନରସିଂହ ଜାଣି ନ ଥିଲେ । ଜାଣିଥିଲେ, ନରସିଂହ ମାୟାଦେବୀଂକ ପ୍ରତି ଦୃଷ୍ଟି ନ ଥାଂତେ, ବୋଧହୁଏ । ଜାଣିଲାପରେ, ସେ ବାରବାଟୀ ଦୁର୍ଗରୁ ଶିଶୁପାଳ ଗଡ଼କୁ ନିଜେ ଧାଇଁ ଆସି ମାୟାଦେବୀଂକ ନିକଟରେ ପ୍ରଥମ ଅଶ୍ରୁ ବିଂଦୁ ତ୍ୟାଗ କଲେ; କିଂତୁ ମାୟା ନିଜର ସମସ୍ତ ଅସ୍ତିତ୍ୱକୁ ପୋଛିଦେଇ ନରସିଂହଂକର ମନୋବେଦନା ଦୂର କରିବାକୁ ଚେଷ୍ଟା କରି, ନିଜ ସ୍ୱାମୀ ଓ ସପତ୍ନୀ କାଶ୍ମୀରି ଜେମାଂକ ହୃଦୟରେ ଯେପରି, ପାଠକମାନଂକ ହୃଦୟରେ ମଧ୍ୟ ସେଇପରି, କାରୁଣ୍ୟଧୌତ ସ୍ୱର୍ଣ୍ଣ ସିଂହାସନରେ ଆସୀନା ହୋଇ ପାରିଚଂତି ।

ଏଇ ସାମାନ୍ୟ କଥାବସ୍ତୁ ଉପରେ 'ମାୟାଦେବୀ' ରଚିତ। ଧଂକସଗଡ଼ର ତସ୍କର, ଟଂକ ସହିତ ନରସିଂହଙ୍କର ସଂଘର୍ଷ; ଏଇ କାବ୍ୟ ଭିତରେ ଏକ ଶାଖା-ଉପାଖ୍ୟାନ । ଏ ଉପାଖ୍ୟାନ ନ ଥିଲେ କାବ୍ୟ ଅସଂପୂର୍ଣ୍ଣ ହୋଇ ନ ଥାଂତା; କିଂତୁ ଥିବା ଦ୍ୱାରା କାବ୍ୟ ଶବଳିତ ଓ ସେକାଳର ଉତ୍କଳର ଚିତ୍ର ସ୍ପଷ୍ଟତର ହୋଇ ଉଠିଛି ।

କିଂତୁ ଗଳ୍ପର ଚମତ୍କାରିତା ବା ଭାଷାର ସ୍ନିଗ୍ଧତା ଦେଇ ପାଠକ ଚିତ୍ତ ମୁଗ୍ଧ କରିବାର ପ୍ରୟାସ ଆମ୍ଭେମାନେ 'କୋଣାର୍କ'ରେ ପାଉନା । ସେ ଇପ୍ସା ଥିଲେ କବି ଅନାୟାସରେ ସେ ପ୍ରକାର ସିଦ୍ଧି ଲାଭ କରି ପାରିଥାଂତେ ।

ଆଜ ଯେ କୁଆଁର ପୁନିଅଁ କେତେ ସୁଖ ଶରଧା
ମାଆ ଭଉଣୀଂକ ଆଦର ନବ ବସନ ପିଂଧା ।

\+ \+ \+ \+

ଲୁଗାରେ ହଳଦୀ ଲଗାଇ ଗୁହିଁଥିବେ ଜନନୀ
ପିଠାପଣା ଖାଉ ନ ଥିବେ ସୁଖେ ଆଜ ଭଗିନୀ ।

ଖ

ରାଣୀ ରାଜଜେମା ଡାକଂତି ଭିତରେ
ଶୁଣଂତି ଏ ଭଂଗା ବୀଣାର ବାଣୀ
ପାଟ ପଲଙ୍କରେ ଶୋଉଥିଲୁ ଶିର
ଗାଉଥିଲୁ ସୁଖେ କୀର୍ତ୍ତି କାହାଣୀ ।

ଏପରି ସହଜ ଓ ସୁଶ୍ରାବ୍ୟ ପଦାବଳୀ ଦେଇ ଯେଉଁ କବି ଆମର ପରିଚିତ ଅନୁଭୂତିଗୁଡ଼ିକ ପ୍ରକାଶ କରି ପାରଂତି, ସେ ଚାହିଁଥିଲେ ସମଗ୍ର ଗ୍ରଂଥଟି ମଧ୍ୟ ସେହିପରି ଲେଖିଯାଇ ପାରିଥାଂତେ; କିଂତୁ ତା ଫଳରେ ଏ କାବ୍ୟ ଦରିଦ୍ର ହୋଇ ପଡ଼ିଥାଂତା । ନାନା ରୀତିର ପ୍ରକାଶରେ ଏ କାବ୍ୟ ବର୍ତ୍ତମାନ ଯେପରି ବିଚିତ୍ର, ସମୃଦ୍ଧ ଓ ଲୀଳାମୟ ହୋଇ ପାରିଛି, ସେପରି ହୋଇ ପାରି ନ ଥାଂତା । ବିଭିନ୍ନ ପ୍ରକାଶଧାରାର କେତେକ ଦୃଷ୍ଟାଂତ ପୁଣି ଦିଏଁ ।

(୧) ରହ ରହ ବାଆ ବତାସି, ରହ ବରଷା ଧାର
କୁଆଁର ପୁନଅଁ ହେଉ ରେ ଆଜ ରଜନୀସାର ।
ଉଠିଆସୁ ନୀଳ ଲହରୀ ଭେଦି ତାରକାରାଜି
ନିଶାମଣି ଶୋଭୁ ଗଗନେ ମଣି-ମୁକୁର ମାଜି ।

(୨) ଦେଖ କି ପୁଲକେ ରମଣୀ ଚନ୍ଦ-ବଦନ-ଭୂଷଣେ
ପୃଥୁଲ-ଉରସ-ବିସ୍ତାରେ ଗର୍ବ-ପୀନ-ନୟନେ,
ତାତ ଭ୍ରାତ ସୁତ ଦୟିତେ ରଣ-ଭୂଷଣେ ସାଜି
ଦୂର ପରିପଂଥୀ ବିନାଶେ ଦେବେ ସୁଖେ ବରଜି ।

(୩) ପୀନ ନେହ ତାର ବହିଲା ଉଚ୍ଛୁଳ
କହିଲା ସରସେ ପିଠାଇ ଭାଷା
ବାପୁ! ହେଲ ବାବୁ ସଂଗୀ କି କରିବେ ?
ସଂଗୀତ ତ ଆମ କୁଳ ବେଉସା ।

(୪) ଗଂଭୀର-ଦୁର୍ଦ୍ଦିନ- ତାମସେ ଚପଳା
ଚମକ କରଇ ଗଂଭୀରତର;
ଗିରି-ନିର୍ଝରିଣୀ- ମୋହନ ଶବଦ
ଶୁଣି, ଘୋରବନେ ମାଡ଼ଇ ଡର ।

ପ୍ରବୀଣ ପଥିକ ଜାଣି ସେ ଚମକେ
ପଲକେ, ଢାଅଇ ଲୋଚନ ବୁଜି;
କୁଶଳ ମୃଗୟୁ ସେ ନଦୀ ଶବଦେ
ପୁଲକେ ଶ୍ୱାପଦ ଦେଖଇ ଖୋଜି ।

(୫) କି ଦେଶେ ଯାଅ, ସାଧବ ପୁଅ,
ଆସ ହେ ପାଶେ ମୋର
ସିଂହଳକୂଳ—ମୁକୁତା ଫଳ
ଦିଅ ଉରବ ହାର ।

(୬) ଏକା ହୋଇ ଯାଅ ନାହିଁ ନିଅ ମୋତେ ତୁଲେ
ଅର୍ଦ୍ଧ ଅଂଗ କେସନେ ମୁଁ ରହିବଇଁ ଭଲେ
ତୀର ତୂଣୀର ବୋହିବି
ସ୍ଥାଣୁ ମୋ ପରାଣ ମୁଁ ତ ଏକା ନ ରହିବ ।

( ଗୁରୁଲଘୁ ନିୟମ )

(୭) ସ୍ତବକେ ହସି ହସି ପୁଷ୍ପ ପଡ଼ିବ ଖସି
ଶ୍ୱାପଦ ଲୁଚିଅଛି ଘୋର ଗହନ ପସି
ଉଠ ଉଠ ବୀର- କଦଂବକ-ପାଳକ
ଶ୍ୟାମଳ ଅଙ୍କୁଶିତ ସୌର କରେ ।

ପ୍ରକାଶ ଭଂଗିର ବିଭିନ୍ନତାର ଏହି ସୁଷମା କବିଂକ ନିଜସ୍ୱ ଯୁକ୍ତିରେ ପ୍ରଖ୍ୟାପିତ ହୋଇଛି ।

ସମ ବିଭବେ          ଅଛଇ କି ସୁଖ
ବିଷମେ ଯିନା ଏ ଯଗଣ ଖେଳେ ?
ଦିବସେ ହସଇ          କାନନ ଧରଣୀ
ରଜନୀ-ତାମସ-ସ୍ମରଣ-ବଳେ ।

ଏ ଗ୍ରଂଥରେ କବି ଏପରି ବିଷୟମାନ ଉପସ୍ଥାପିତ କରିଛଂତି, ଯାହା ଉପରେ ଓଡ଼ିଆ ସାହିତ୍ୟରେ ଅପର କୌଣସି କବି ଲେଖନୀ ଚାଳନା କରି ନ ଥିଲେ । ତେଣୁ କବିଂକର ନୂତନ ବର୍ଣ୍ଣର ନୂତନ ଚିତ୍ରଣ ପାଠକମାନଂକୁ ପ୍ରଥମେ ଅସ୍ୱାଭାବିକ ଲାଗିପାରେ । କିଂତୁ ବିଚାର କଲେ ସ୍ପଷ୍ଟ ପ୍ରତୀତ ହେବ ଯେ, ସେଇ ସେଇ ଚିତ୍ରଣ ପାଇଁ ସେଇ ସେଇ ବର୍ଣ୍ଣ ଓ ସେଇ ଭଙ୍ଗିହିଁ ପ୍ରକୃଷ୍ଟ । 'ମାୟାଦେବୀ'ର ଷଷ୍ଠ ସର୍ଗରେ ଯୁବରାଜ ନରସିଂହ ତାମ୍ରଲିପ୍ତ ବଂଦରରେ ଜଳଯୁଦ୍ଧରେ ଜଳଦସ୍ୟୁମାନଂକୁ ନିପାତ କରିବାର ବର୍ଣ୍ଣନା ଅଛି । ମୁଁ ପାଠକମାନଂକୁ ଏଇ ଜଳଯୁଦ୍ଧ ବର୍ଣ୍ଣନାଟି ପଢ଼ିବାକୁ ଅନୁରୋଧ କରେଁ । କବିଂକ ଭାଷା ବିଷୟାନୁଯାୟୀ ମାର୍ଜିତ ହୋଇଛି କି ନାହିଁ, ସେମାନେ ତାହା ପଢ଼ିଲେହିଁ ବୁଝି ପାରିବେ ।

ଅବଶ୍ୟ କହି ରଖେ ଯେ, 'ଭୃଂଗ', 'ଅନଂଗ', 'ରଭସ', 'ଉପାଂଗ', 'ବିସାର', 'ପ୍ରସାର', 'କମ୍ର' ପ୍ରଭୃତି କେତେଗୁଡ଼ିଏ ପଦ କବି ଯତ୍ର ତତ୍ର ବ୍ୟବହାର କରି ସେଗୁଡ଼ିକର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସଂଗେ ସଂଗେ, ନିଜର ଭାବ ରାଜିକୁ ପାଠକ ନିକଟରେ ଅକାରଣ କେତେ ସ୍ଥାନରେ ଗୋଳିଆ କରି ଯାଇଛଂତି । କାବ୍ୟର ଭିନ୍ନ ଭିନ୍ନ ଅଂଶ ପରସ୍ପର ପ୍ରତି ଅନୁପାତ ରଖି ଯେପରି ଗଢ଼ା ହେବାର କଥା, ପ୍ରେରଣା-ରଭସରେ କବି ତାହା କରି ନାହାଂନ୍ତି । କେତେ ଗୁଡ଼ାଏ ଅଂଶ କାଟି ଦେଇଥିଲେ, ଦୈର୍ଘ୍ୟ କ୍ଷୁଦ୍ର ହେବା ହେତୁ କାବ୍ୟ-ବସ୍ତୁ, ଉପଭୋଗ କରିବା ପାଠକ ପକ୍ଷରେ ଅଧିକ ସୁଖକର କଥା ହୋଇଥାଂତା । ସ୍ଥାନେ ସ୍ଥାନେ ପଦାବଳି ଏପରି ଲୁପ୍ତ ବା ବିଚ୍ଛିନ୍ନ ଖଣ୍ଡରେ ବ୍ୟବହାର ହୋଇଛି ଯେ, ପଦଗୁଡ଼ିକ ବୋଧଗମ୍ୟ ହେଲେ ହେଁ ସେମାନଂକର ସମ୍ବନ୍ଧ ଅର୍ଥ ବୁଝିବା କଠିନ ହୋଇ ପଡ଼ୁଛି—

ଯଉବନ ଜଳେ          ଅନଂତ ବିଭାସେ,
ତରୁଣ ବିକାଶେ ଅନଂତ ମୁଖେ
କରମ ସଂଯମ          ଗରବ ବିନସୁ
ତରୁଣେ ଖେଳଇ ଅନଂତ ସୁଖେ ।

ଏପରି ଏକ ଶ୍ଳୋକର ଅର୍ଥ-ପ୍ରତୀତି ଯେ ସାଧାରଣ ପାଠକ ନିକଟରେ ସହଜ ନୁହେଁ, ତାହା ହୁଏତ କବି ନିଜେ ସ୍ୱୀକାର କରିବେ । ତାଂକ ବ୍ୟବହୃତ ଗୋଟିଏ ଗୋଟିଏ ସମସ୍ତ-ପଦରେ ଏତେଗୁଡ଼ିଏ ଭାବ ପିଂଡ଼ିକୃତ ହୋଇ ଯାଇଛି ଯେ, ସାଧାରଣ ପାଠକ ପଢ଼ୁ ପଢ଼ୁ ସେ ସବୁ ସଂଗେ ସଂଗେ ବିଶ୍ଳେଷଣ କରି ଧରି ପାରିବାର ଆଶା କରାଯାଇ ନ ପାରେ । ସୂର୍ଯ୍ୟୋଦୟ ବେଳେ ପୂର୍ବଦିଗରେ ମେଘ ଥିଲେ, ମେଘର ପ୍ରାଂତଭାଗ ସବୁ ପ୍ରଥମେ ଆଲୋକିତ ହୁଅଂତି । ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ବେଳେ ସୂର୍ଯ୍ୟ ପାଣି ଉପରେ ଖଂଡେ, ତଳେ ଖଂଡେ ଓ ମଝିଟା କ୍ଷୀଣ, ଏହିପରି ଡଂବରୁ ଆକାରରେ ସାମାନ୍ୟ କେତେ ମୁହୂର୍ତ୍ତ ପାଇଁ ଦେଖା ଦିଅଂତି । ଡଂବରୁର ଉପର ଓ ତଳପ୍ରାଂତ ସମତଳ, କିଂତୁ ସୂର୍ଯ୍ୟ-ଡଂବରୁର ତଳ-ଉପର ବର୍ତ୍ତୁଳ ଦେଖାଯାଏ । ଏହି ସୂକ୍ଷ୍ମ ଦର୍ଶନଗୁଡ଼ିକ କବି ନିପୁଣ ଭାବରେ ଏହିପରି ପ୍ରକାଶ କରିଛଂତି:—

ଫାଟିଯାଏ ଚେଖ କାଳିମା ଉଷା-ରଜତ-ପୁରେ
ପାରଦ-ଉପାଂତ-ପ୍ରସରେ ମେଘ ଚଳେ ଅଂବରେ

× × ×

କୃଷ୍ଣଙ୍ଗପରେ ଝଶିଲା ଉଠି ଅର୍ଦ୍ଧ-ମଂଡଳ,
ବର୍ତ୍ତୁଳିତ-ପ୍ରାଂତ-ଡଂବରୁ ଏମେ ଦଶେ ସୁଂଦର ।

କିଂନ୍ତୁ ପୁସ୍ତକର ଅନେକତ ଏପରି ସମସ୍ତ-ପଦ ସବୁ ରହି ଯାଇଛି, ଯାହାକି ମୁଁ ନଜେ ଏ ପର୍ଯ୍ୟଂତ ପୁଷ୍ଟ ସମଜ ପାରିନ । ସାଧାରଣ ପାଠକର ଉପକାର ପାଇଁ ଏ ପୁସ୍ତକରେ ଟେଣୁ ବହୁଳତର ଟୀକା ଦେବା ଦରକାର ଅଛି ।

ରାଧାନାଥ ଓ ମଧୁସୂଦନ ଓଡ଼ିଆ ସାହିତ୍ୟରେ ବଂଗଳା-ଅନୁକରଣରେ ଉପଧା-ମିଳନ ପୂର୍ବାଂତ । ଆମେ ସବୁ ରାଧାନାଥ ଓ ମଧୁସୂଦନଂକ କହି ପଢ଼ି ମଣିଷ ହେଲୁ । ଉପଧା-ମିଳନ ଯେ ଖାଂଟି ଓଡ଼ିଆ ଜନିଷ ନୁହେଁ, ଏହା ଆଂଭେମାନେ ବହୁତ ଡେରିରେ ଜାଣିଲୁ । ସେତେବେଳକୁ ଉପଧା-ମିଳନ ଗତରେ ପଡ଼ି ଗଲାଣି—ଭୁଲ ଜାଣି ମଧ୍ୟ ଏବେ ବି ଉପଧା ମିଳେଇ ଲେଖୁଛୁ । କିଂନ୍ତୁ ଏମେ ଏଇ ଧାରଣା ବଦ୍ଧମୂଳ ହେଉଛି ଯେ, ଏହି ଉପଧା-ମିଳନପରି କୃତ୍ରିମ ସୌଷ୍ଠବକୁ ପ୍ରଶ୍ରୟ ଦେବା ଦ୍ୱାରା ଓଡ଼ିଆ ସାହିତ୍ୟର ଅନିଷ୍ଟ ହୋଇଛି । ଭାଷା ତା'ର ସ୍ୱଚ୍ଛଂଦତା ହରେଇଛି, କବି ତା' ଆଂଗୁଠିରେ ସୁନାର ଶୃଂଖଳ ଦେଇଛି । ପଂଡିତ ନୀଳକଂଠ ଦାସଂକର 'କୋଣାର୍କେ'ରେ ଭାଷାର ଯେଉଁ ସ୍ୱୈରି, ଜାଂଗଳିକ ସୁଷମା ଦେଖିବାକୁ ମିଳେ ତାହା ଉପଧା-ମିଳନର କୃତ୍ରିମତାର ସଂପୂର୍ଣ୍ଣ ଅଭାବ ଯୋଗୁ ହିଁ ସଂଭବ ହୋଇଛି ।

କେବଳ ଉପଧା-ମିଳନକୁ ପ୍ରତ୍ୟାଖ୍ୟାନ କରିଦେଲେ ହିଁ ଯେ ଭାଷାର ସ୍ୱାଚ୍ଛଂଦିକ ସୁଷମା ଫୁଟି ଉଠିବ, ତାହା ଅବଶ୍ୟ ନୁହେଁ । ଅନେକ ପ୍ରାଚୀନ ଓଡ଼ିଆ କବି ଏ କ୍ଷେତ୍ରରେ ଉଦାତ୍ତଂଵରରେ ଆଶ୍ରୟ ନେଇଛଂତି, ଭାଷାକୁ ସୁଶ୍ରାବ୍ୟ କରିବା ପାଇଁ । କିଂନ୍ତୁ ପଂଡିତ ନୀଳକଂଠଂକର କାବ୍ୟର ଏକମାତ୍ର ଉପାଦାନ ହେଉଛି ଭାବାଡ଼ଂବର । ମୂଳରୁ ଶେଷ ଯାଏଁ ସେ କେବଳ ତାଂକର ଚିଂତା, ଅନୁଭୂତି, ସୂକ୍ଷ୍ମ ଦର୍ଶନ, ପାଂଡିତ୍ୟ ଓ ଚିତ୍ରଣପାଟବରେ ହିଁ ମୁଗ୍ଧ କରି କରି ପାଠକଙ୍କୁ ନେଇ ଗୁଲିଛଂତି । କୌଣସି ବାହ୍ୟିକ, କୃତ୍ରିମ, ଅର୍ଥହୀନ ଉପକରଣ ଉପରେ ନିର୍ଭର କରିବା ତାଂକର ଦରକାର ହୋଇ ନାହିଁ ।

ଭାଷା ସହିତ ଏ ପୁସ୍ତକର ଉପମାଗୁଡ଼ିକର ସ୍ୱାତଂତ୍ର୍ୟ ମଧ୍ୟ ଉପଭୋଗର ବସ୍ତୁ । ଏଗୁଡ଼ିକ ନାନା-ସ୍ଥାନରୁ ଆହୃତ; ବିଶେଷତଃ ବିଜ୍ଞାନରୁ, କେତେକ ଇଂରାଜୀ ସାହିତ୍ୟରୁ, ଅଧିକାଂଶ କବିଂକର ସ୍ୱକୀୟ ସୂକ୍ଷ୍ମ ଦର୍ଶନରୁ ।

ବିଭାଗ ଆଦରି ଚଳେ ଚଳେ ପଥେ
ଯାଉଛଂତି ସେନା ଝପିନେ ମିଶି
ନଗଜ ବରଜ ମହାନଦୀ ସେ କି
ଶାଖେ ଶାଖେ ଯାଏ ଅନୁପେ ପଶି ।

+ + +

ପରିବାଷୀ ଜନେ ଦେଖଂତି ସୁହାସ
ନ ଜାଣଂତି ସେହି ବେଦନା ତଳେ
ଗ୍ରୀଷ୍ମ-ସଂତାପେ ଶୁଖଇ ପଲ୍ଲବ
ବାଧଇ କି ତାହା ପତତ୍ରି-ମାଡ଼ ?

+ + +

କହି ଏତେ କବି ରହିଲେ ଲୁମାରେ,
ଜନ ସଂଘ ଦୋଧା ଉଜଲି କବା !
ଏକ-ପଦୀ-ବାଟେ ଗୁଲ୍ମ-ବନେ ଯଥା,
ଲୁମାର ପୁରତେ ଆସିଲେ ସୁବା ।

ଏହି ଉପମାଗୁଡ଼ିକ ଯେପରି ନୂତନ, ଅଥଚ ସେହିପରି ପରିଣତ; କବିଂକର ନିଜସ୍ୱ ଆବିଷ୍କାର ଓ ବିଷୟ ପ୍ରତି ଅତ୍ୟଂତ ପ୍ରଯୁକ୍ତ ।

ଜାତୀୟ ଇତିହାସର ଘଟଣା ସଂଗେ ଆଧିଭୌତିକ କାଂଡର ସମାବେଶ କରି କାବ୍ୟ କବିତା ଲେଖିବା ଅଷ୍ଟାଦଶ ଶତାବ୍ଦୀର ଶେଷଆଡ଼କୁ ଇଂରେଜୀ ଭାଷାରେ ଏକ ରୀତି ହୋଇ ଉଠିଲା । ସ୍କଟ୍ ଏହାର ପଥଗୁରୁ । 'କୋଣାର୍କ'ରେ ସ୍କଟ୍, ଟେନିସନଂକ ପ୍ରଭାବ ସୁସ୍ପଷ୍ଟ । ତାମ୍ରଲିପ୍ତର ଜଳଯୁଦ୍ଧ ବର୍ଣ୍ଣନା, ନେଲସନ୍‌ଂକ ଟ୍ରାଫାଲଗାର-ବିଜୟ ପରି ବୋଧହୁଏ ।

କିଂତୁ ଧାର, ଉଧାର ବାଦ୍ ଦେଲେ ମଧ୍ୟ ବାକି ଯାହା ରହୁଛି, ତାହା ପଂଡିତ ନୀଳକଂଠଂକର ଏପରି ଏକାଂତ ନିଜସ୍ୱ ଓ ସେ ନିଜସ୍ୱର ମୂଲ୍ୟ ଏତେ ଉଚ୍ଚ ଯେ, ଧାରର କଥା ନ ପକାଇଲେଇ ହୁଏ ।

ପଂଡିତଙ୍କୁ ମୁଁ ଯେତେବେଳେ କହେ ଯେ, ମୁଁ ତାଂକ 'କୋଣାର୍କ' ବାରଂବାର ପଢ଼ିଛି, ସେ ବିସ୍ମିତ ହୁଅଂତି—ତାଂକ କାବ୍ୟ ଏ ଦେଶରେ ଲୋକେ ପୁଣି ପଢ଼ଂତି ! ସେ ନିଜେ କହିଛଂତି ।

ଗ୍ରାହକତା ସିନା          କବି-ସ୍ୱର୍ଗ-ସୁଖ
ଆନ ମୂଲେ କବ ତୋଷଇ କେହି ?

ଏହି ପରଶ୍ରୀକାତର ଦେଶରେ ଗ୍ରାହକତାର ପ୍ରକୃତ ଅଭାବ । ତେବେ ପଂଡିତ ନୀଳକଂଠ ନିଶ୍ଚିଂତ ରହଂତୁ ଯେ; ରାଜନୈତିକ ନୀଳକଂଠ କାଆଲି ଧୂଳିରେ ମିଶି ବିସ୍ମୃତ ହୋଇଯିବେ, କିଂତୁ 'କୋଣାର୍କ'ର ଲେଖକ ନୀଳକଂଠଂକର ମୃତ୍ୟୁ ନାଇ !

ପଂଡିତ ନୀଳକଂଠ ପ୍ରକୃତରେ ପଂଡିତ । ତାଂକ ନିକଟରେ ମୁଁ ଶିଶୁ—ବୟସ ଓ ଜ୍ଞାନରେ । ତାଂକ ପୁସ୍ତକର ବିଶେଷତଃ 'କୋଣାର୍କ'ର ଭୂମିକା ମୋ ପକ୍ଷରେ ଲେଖିବା ଏକ ଧୃଷ୍ଟତା । ତେବେ ପଂଡିତଙ୍କ ମୋର ଗ୍ରାହକତାରେ ମୁଗ୍ଧ ହୋଇ ମତେ ଏହା ଲେଖିବାକୁ କହିବାରୁ, ଯେତିକି ଜାଣେ ସେତିକି କହିଲି ମାତ୍ର । ଇତି ।

ଶ୍ରୀ ମାୟାଧର ମାନସିଂହ ।

# ପୁଣି ଏବେ ନିବେଦନ

ଆଉ ଟିକିଏ ନିଜ କଥା ଏଠାରେ କହିବି । କହି ନ ଥାନ୍ତି । କିନ୍ତୁ ଶ୍ରଦ୍ଧେୟ ଡକ୍ଟର ଶ୍ରୀ ମାୟାଧର ମାନସିଂହ ଭୂମିକା ପରେ ଲେଖିବାକୁ ଆଉ ମନ ହେଉଛି ।

୧୯୧୮ ଖ୍ରୀଷ୍ଟାବ୍ଦ ଶେଷଆଡ଼କୁ ସତ୍ୟବାଦୀ ସ୍କୁଲ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ଛାଡ଼ିଲା ପରେ ମୋର କାମ ବହୁତ କମିଗଲା । ମୁଁ ଏକପ୍ରକାର ପୂରାପୂରି ଲେଖା ପଢ଼ା ଧରି ବସିଲି ଓ ଭଲ କରି ସାହିତ୍ୟ ଚର୍ଚ୍ଚା ଆରଂଭ କଲି । ପୂର୍ବେ ବି. ଏ. ପଢ଼ିଲାବେଳେ ଇଂରେଜକବି ଟେନିସନ୍‌ଙ୍କ(Tennyson) ପ୍ରିନ୍‌ସେସ୍ (The Princess) ର କେତେକ ଅଂଶ ଅମିତ୍ରାକ୍ଷର ପଦ୍ୟରେ ଅନୁବାଦ କରିଥିଲି । ସେତେବେଳର ସତ୍ୟବାଦୀ ସ୍କୁଲର ଅନ୍ୟତମ ଶିକ୍ଷକ ଓ ଆମର ନବପ୍ରତିଷ୍ଠିତ ସତ୍ୟବାଦୀ ଛାପାଖାନାର ମାନେଜର ଶ୍ରୀ ସତ୍ୟବାଦୀ ତ୍ରିପାଠୀଂକଠାରୁ ଉତ୍ସାହ ପାଇ ମୁଁ 'ପ୍ରଣୟିନୀ' ନାମରେ ସେଇ ଅନୁବାଦଟି ପୂର୍ଣ୍ଣ କରି ପ୍ରକାଶ କରିଦେଲି । ଦେଖିଲି, ତାର ଆଦର ବି ହେଲା । ସଂଗେ ସଂଗେ ମୋର ସାହିତ୍ୟଚର୍ଚ୍ଚା ବି ବଢ଼ିଲା । ସେଥିରେ ଏବେ ମୋର ପ୍ରଧାନ ସାଥୀ ହେଲେ, ଓଡ଼ିଆ ସାହିତ୍ୟର ଶିକ୍ଷକ ଶ୍ରୀ ବାସୁଦେବ ମହାପାତ୍ର ଓ ସ୍କୁଲର କରଣୀ; ଅଥଚ ସୁଦକ୍ଷ ସାହିତ୍ୟସେବୀ ସମସରପୁରର ଶ୍ରୀ ରଘୁନାଥ ମିଶ୍ର । ନୂତନ ଓଡ଼ିଆ ସାହିତ୍ୟ ଭିତରେ, ବିଶେଷରେ ରାଧାନାଥଂକ କାବ୍ୟ ଓ କବିତା ଚର୍ଚ୍ଚା ଚାଲିଲା । ମୁଁ ଦେଖିଲି, ରାଧାନାଥଂକ ସଂବଂଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା । ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା ପଂଡାମାନେ ଯାତ୍ରୀଂକୁ କେଦାରଗୌରୀ ଦର୍ଶନ କରାଇ ଦେଖାଉଚଂତି—'ଏଇଠାରେ କେଦାର ଜଳାବାଟେ ଗୌରୀସଂଗେ ଗୁପ୍ତ କଥାବାର୍ତ୍ତା କରୁଥିଲା; ଏଇଠାରେ କେଦାର ଗୌରୀର ଲୁଗା ଦେଖିଲା; ଏଇଠାରେ ଗୌରୀ କେଦାର ଦୁହେଁ ଏକାଠି ମରି ପଡ଼ିଥିଲେ ।' ଇତ୍ୟାଦି ରାଧାନାଥଂକ କେଦାରଗୌରୀରୁ କଥାଗୁଡ଼ିକ ପୁରାଣ କଥା ପରି କହି ଯାଉଚଂତି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା । ଜାଣିଥିଲି ପ୍ରାଚୀନ ଗ୍ରୀସୀୟ କବି ଓଭିଡ଼ଂକ 'ମେଟାମୋର୍-ଫୋସିସ୍' (Ovid's metamorphosis) ନାମକ କାବ୍ୟ ସଂଗ୍ରହରେ ଥିବା 'ପିରାମସ୍ ଥିସ୍‌ବି' ( Pyramus and Thysbe ) ନାମକ କାବ୍ୟର ମାତ୍ରକ ଓଡ଼ିଆ ସଂସ୍କରଣ ହେଉଚି, 'କେଦାର ଗୌରୀ' । ତାର ଆଦର୍ଶ ଭାରତୀୟ ନୁହେ । ତା ପୁଣି ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପୀଠର ମୂଳରୂପେ ଏପରି କୁହାଯାଉଚି । ରାଧାନାଂଥକର ଚଂଦ୍ରଭାଗା, ଉଷା ପରି କାବ୍ୟମାନ ବି ପୁଣି ସେଇ ଓଭିଡ଼ଂକ ପୁସ୍ତକରୁ ଗୃହୀତ ଓ ତେଣିକି ପୁଣି ଏହିପରି ନାନାଭାବରେ ବିଶ୍ଳେଷଣ, ଆଲୋଚନା, ସମାଲୋଚନା, ଅନୁଆଲୋଚନା ବରାବର ଚାଲିଲା । ସେଥିରେ ପ୍ରାଚୀନ କବି ଜଗନ୍ନାଥ ଦାସଂକଠାରୁ ଉପେଂଦ୍ରଭଂଜ ପ୍ରଭୃତିଂକ ବାଟେ ସାମଂତ ସିଂହାରଂକ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ଶରତଚଂଦ୍ରଂକ-ଠାରୁ ନବୀନ ସେନଂକ ପର୍ଯଂତ ବଂଗଳା ସାହିତ୍ୟ,

ତଥା ମଧ୍ୟେ ମଧ୍ୟେ ପୋପଂକଠାରୁ ଟେନିସନଂକ ପର୍ଯ୍ୟଂତ ଇଂରେଜୀ ସାହିତ୍ୟରୁ ତୁଳନାତ୍ମକ ଉଦାହରଣମାନ ଧରି କାବ୍ୟ କବିତାର ପରିସ୍ଥିତି, ପରଂପରା, ସୁଦୂରଦୃଷ୍ଟି ସହିତ ମାନବ ସମାଜର ପ୍ରଗତିରେ ପୁଣି ନିତ୍ୟତାର ସଂକେତ ଓ କାବ୍ୟ-କଳାରେ କବିର ଦ୍ରଷ୍ଟୃସୁଲଭ ଦର୍ଶନ ପ୍ରଭୃତିର ଚର୍ଚ୍ଚା ଖୁବ୍ ହେଲା । ବିଶେଷରେ ମୋ ଆଡ଼୍ ଓଡ଼ିଆ ସାହିତ୍ୟ ପୁଣି ନବୀନ ଓଡ଼ିଆ କାବ୍ୟ କବିତାର ସମାଲୋଚନା ଟିକିଏ ତୀବ୍ର ବି ହୋଇଥିଲା ।

ରଘୁନାଥ ଓ ବାସୁଦେବ ସେଥିରେ ମଧ୍ୟେ ମଧ୍ୟେ କମ୍ ପ୍ରତିବାଦ କରୁ ନଥାଂତି । ଦେଖିଲି, ସେମାନଂକ ପ୍ରତିବାଦ ଭିତରେ, ଦେଶାତ୍ମବୋଧ ସଂଗେ ନିଜର ପୁରାଣ, ପରଂପରା, କିଂବଦଂତୀ ଓ ଲୋକ-ବ୍ୟବହାର; ଆମ ରାଜା ପୁଅ ରାଜା ଝିଅଂକ ଖିଣ୍ଡ ଓ ସାଧବମାନଂକ ବୋଇତ ବଣିଜ ପ୍ରଭୃତି ପ୍ରତି ମମତା ଯଥେଷ୍ଟ ଅଛି । ଲାବଣ୍ୟବତୀର ସିଂହଳର ବର୍ଣ୍ଣନା ତଥା ସିଂହଳରାଜ-ବଂଶ ସଂଗେ ଉତ୍କଳ—ରାଜବଂଶର ବୈବାହିକ ସଂପର୍କ ପ୍ରଭୃତି ପରି କଥା କହିଲା ବେଳେ ଆଉ କାବ୍ୟ-କଳାର ସମାଲୋଚନା ପ୍ରତି ସେମାନଂକ ଦୃଷ୍ଟି ସେତେ ଯାଉ ନାଇ । ଏଇପରି ବିଷୟ-ମାନଂକରେ କେବେ ଟିକିଏ ତୀବ୍ର ସମାଲୋଚନା ହେଲେ ପୁଣି ତାହା ସେ ସହିପାରୁ ନାହାଂତି । ନୂତନ ଓଡ଼ିଆ ସାହିତ୍ୟ ପ୍ରତି ସେମାନଂକର ଅନେକ ସମୟରେ ଯୁକ୍ତିଯୁକ୍ତତାଠାରୁ ପ୍ରାଣର ପ୍ରତିଷ୍ଠିତ ଭାବ ଅଧିକ ପ୍ରବଳ ଥିବାର ମଧ୍ୟ ଅନୁମାନ କଲି । ଏହା ମୁଁ କେବଳ ସେମାନଂକଠି ଅନୁମାନ କଲି ନୁହେ, ବୁଝିଲି, ଆମ ପାଠକେ ସାଧାରଣତଃ ଏଇ ଭାବରେ ପ୍ରାଣିତ ଥିବେ ଓ ହେବେ ।

ଶେଷକୁ ( ଆଜି ମୋର ମନେ ପଡ଼ିଲେ ପ୍ରାଣରେ ସେହି ଯୌବନର ସରସତା ଏବେ ବି ଫୁଟି ଉଠୁଛି ) ସେ ସବୁ ସମାଲୋଚନାସ୍ରୋତ ଭିତରେ କେବେ ମୁଁ ଯେତେବେଳେ ଏକାକୀ ରହେ, କବିତାରେ ମୋର ବେଳେବେଳେ ସୃଷ୍ଟି କରିବାର ପ୍ରେରଣା ଜାଗି ଉଠେ । ମୁଁ ବେଳେ ବେଳେ ଦିବା-ସ୍ୱପ୍ନ ଦେଖେ ।

ହୃଦ ଦରପଣେ ନାଚଯାଏ ଛବି
ପଲକେ ପଲକେ ପରାଣ ପୂରି,
ଜାଗରଣେ କେତେ ଦେଖଇ ସ୍ୱପନ,
ସ୍ୱପନେ ଦେଖଇ ପରାଣ ଭରି ।

ଏହି ଚିଂତା, ପ୍ରେରଣା ଓ ଦିବା-ସ୍ୱପ୍ନ ଭିତରେ ଏପରି ଏକ ସମୟ ଆସିଲା, ମୋତେ ଆଉ ଯଥାର୍ଥରେ ନିଦ ହେଲା ନାଇ । ପ୍ରାୟ ଦୁଇଦିନ ଅନିଦ୍ରାରେ କଟିଗଲା । ଶେଷକୁ କାହିଁକି କେଜାଣି 'ରାମଚଂଡୀଠାରେ ରାତି' କବିତାଟି ଲେଖିବାରେ ଲାଗିଗଲି । କହିବି, ଦୁଇବର୍ଷ ତଳେ ପିଲାଂକ ସଂଗେ କୋଣାର୍କ ଦେଖି ଆସିବା ପରେ ଏଇ ଲେଖାଟି ଆରଂଭ ମାତ୍ର କରିଥିଲି । ଏବେ ଏହା ପ୍ରାୟ ସପ୍ତାହକେ ଶେଷ କରି ଦେଖିଲି ସମସ୍ତଂକ ମନକୁ ପାଇଲା । ମୋର ବି ଉତ୍ସାହ ବଢ଼ିଲା ।

କୋଣାର୍କ ଦେଖି ଯିବାର ପ୍ରାୟ ଦୁଇ ମାସ ପୂର୍ବରୁ ଗଡ଼ଜାତ ବୁଲି ଗଲାବେଳେ ଆଠଗଡ଼ଠାରୁ ହାତୀରେ ଚଢ଼ି ହିଂଦୋଳ ଯିବା ସମୟରେ ବାଟରେ ଘୋର ବର୍ଷା ହେଲା । ସଂଗେ ଥିଲେ ଜଣେ ମାତ୍ର ବଂଧୁ, ଶାସନ ଦାମୋଦରପୁରର ସ୍ୱର୍ଗତ ନାରାୟଣ ରଥେ, ଆଉ ହାତୀ ମାହୁଂତ ଓ ମେଂଟ ବା ଡାକୁଆ ( ଯେ ହାତୀକୁ ଡାଳ ଭାଂଗି ଆଣି ଦିଏ ) । ସଂଧ୍ୟାକୁ ମେଘ ଛାଡ଼ିଗଲା । ଆମେ ଯାଇ ରହିଲୁ ଢେଂକାନାଳ ରାଜ୍ୟର ସୀମାରେ ଥିବା 'ଭଞ୍ଜପୁର' ଡାକବଂଗଳାରେ । ସେଇଠାରେ ଆମେ ପହଁଚିବା ମାତ୍ରେ ଜଣେ ଭିକ୍ଷୁକ ଆସି କହୁ

ମାଗିଲ୍ଲି । ପଚ୍ଛରିବାରେ ଜଣାଗଲା, ସେ ସେକାଳେ ଅନୁଗୁଳରେ ଥିବା ରାଜାଂକର ଭାଟ ବଂଶର ଜଣେ । ଏବେ ତାର ଜମିବାଡ଼ି କିଛି ନାଇ । ଇଂରେଜ ମୁଲକ ହୋଇ ଯିବାରୁ ତା ବଂଶର ଜାଗିର ଜମି ସବୁ କର ବସି ପରେ ବାଜି ହୋଇ ଯାଇଛି । ସେ ଏବେ ଭିଖ ମାଗୁଛି । ତା ଘରେ ବୀଣା ଅଛି । ଦଶହରା ଦିନ ସେ ତା ପୂଜା କରେ ଓ ରାଜାଂକ ବଂଶରେ ଯେ ଅଛଂନ୍ତି, ତାଂକ ଦୁଆରକୁ ପାରିଲେ ଥରେ ଯାଏ ।

ଏଇ ଲୋକଟି ସଂଗେ ଏଇ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା, କହିବା ଦରକାର ନାଇ । ସେତିକବେଳେ ଇଂରେଜ କବି ସ୍କଟ୍ଂ (Scott)ଙ୍କ 'ଶେଷ ବଂଶ ଭାରଶ' ( Lay of the Last Minstrel ) କଥା ମୋ ମନେ ପଡ଼ୁଥିଲା । ମୁଁ ଭାବୁଥିଲି, ଏଇପରି ଗୋଟିଏ ଭାଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ମୋର ସେଇ ଭାଟ କଥାଟି ମନେ ପଡ଼ିଲା । ମୁଁ ମାୟାଦେବୀ କାବ୍ୟ ଆରଂଭ କରି ପୁଣି ସପ୍ତାହକେ ଶେଷ କରି ପକାଇଲି ।

ଅବଶ୍ୟ, ସେ ସମସ୍ତର ସମାଲୋଚନାକୁ ନିଜର ଲେଖାରେ ମୁଁ କିପରି ରୂପ ଦେଇ ପାରିଛି, ସେ ବିଚାର ମୋର ନୁହେ । କିଂତୁ ଶ୍ରୀ ମାୟାଧର ମାନସିଂହ ଯେ ମୋ 'କୋଣାର୍କେ' ଲେଖାରେ ସ୍କଟ୍ ଓ ଟେନିସନ୍, ଏଇ ଦୁଇ କବିଂକର ପ୍ରଚ୍ଛନ୍ନ ପ୍ରଭାବ ଅନୁମାନ କରିଛନ୍ତି, ତା ସତ୍ୟ ହୋଇପାରେ । ସେ କଥାଟି ଏ ମୋ ଲେଖାରୁ ପ୍ରକାଶ ପଡ଼ିବ ।

ଏ ପୁସ୍ତକର ପ୍ରକାଶକଂକ ପ୍ରତିନିଧି ଭାବରେ ଶ୍ରୀ ପରମାନଂଦ ରଥ ଏମ୍. ଏ.; ଡକ୍ଟର ଶ୍ରୀ ମାୟାଧର ମାନସିଂହଂକଠାରୁ ଭୂମିକା ଲେଖାଇବାକୁ ରାଜିହେଲେ ଓ ମାୟାଧର ବାବୁଂକୁ ଅନୁରୋଧ କଲେ । ଭିନ୍ନ ମୁଁ ଖୁସିରେ ମାୟାଧର ବାବୁଂକଠାରୁ ଭୂମିକାଟି ଲେଖାଇ ଆଣିଲି । ମାୟାଧର ବାବୁ ନିଜର ବହୁ କାମ ଭିତରେ ମଧ୍ୟ ବଡ଼ ଆଗ୍ରହରେ ତାହା କରିଚଂନ୍ତି । ମୁଁ ସେ ଦୁହିଂକଠାରେ ସେଥିପାଇ ଋଣୀ ।

ପୁଣି ମାୟାଧର ବାବୁ କହିବାରୁ ପୁସ୍ତକ ଶେଷରେ ଆଉ କେତେକ ଟୀକା ଦେବାକୁ ହେଲା । ସେ ଟୀକା-ଗୁଡ଼ିକ ଅଧ୍ୟାପକ ପଂଡିତ ଶ୍ରୀ ବାନାଂବର ଆଚାର୍ଯ୍ୟ ସାହିତ୍ୟାଚାର୍ଯ୍ୟ ବିଦ୍ୟାଭୂଷଣ ନିଜେ ନିର୍ବାଚନ କରି ଲେଖିଚଂନ୍ତି । ସେଥିପାଇ ମଧ୍ୟ ମୁଁ ତାଂକପାଖେ କୃତଜ୍ଞ ।

ନବଭାରତ ଅଫିସ, କଟକ, } ନୀଳକଂଠ ଦାସ
୨୪।୨।୧୯୪୭

କହି ଦେବାର ଅଛି ;—

ଶିରସ୍ତ ( ଶିରସ୍ତ୍ର ବା ଶିରସ୍ତ୍ରାଣ; ଅର୍ଥାତ୍, ପଗଡ଼ି ବା ମୁଣ୍ଡରଖା ) ଅନୁକରଣରେ ଉରସ୍ତ ଓ ବପୁସ୍ତ ଶବ୍ଦ, ଉରସ୍ତ୍ର ଓ ବପୁସ୍ତ୍ର ( କବଚ ବା ଆବରଣ ) ଅର୍ଥରେ ବ୍ୟବହୃତ ହୋଇଛି ।

ଏହାଛଡ଼ା ଅନେକଠାରେ ବନାନରେ କଥାର ଉଚ୍ଚାରଣ ଦିଆ ହୋଇ ଯାଇଛି ଓ ହ୍ରସ୍ୱ, ଦୀର୍ଘ ସ୍ୱର ପୁଣି ଶ, ଷ, ସ ର ବ୍ୟବହାର ଅଦଳବଦଳ ହୋଇ ଯାଇଛି । ଯଥା:—ବିସୋରି ( ବିସ୍ମୃତ ହୋଇ ) ବିଶୋରି; ଶିଂଗା ( ଶୃଂଗ ), ସିଂଗା; ତୂଣ ( ତୂଣୀର, ଶରମୁଣା ) ତୁଣ; ( ସଂବୋଧନରେ ) ତରୁଣି, ତରୁଣୀ—ଜନନି, ଜନନୀ; ( ତତ୍ସମରେ ) ଶ୍ୟାମଳ, ଶାମଳ; ମାରଣ, ନିରଣ; ଇଂଗିତ, ଇଂଗୀତ; ପୀରତି-ଆଶେ, ( ଆଶାରେ ); ପୀରତି-ଆସେ; ଇତ୍ୟାଦି ।

ଲେଖକ

# କୋଣାର୍କ

## ଗ୍ରନ୍ଥ ପ୍ରବେଶ

୧୯୧୬ ମସିହାରେ ଗ୍ରନ୍ଥକାର କେତେକ ବନ୍ଧୁଙ୍କ ସଙ୍ଗେ ଶାରଦ ବିହାରରେ କୋଣାର୍କ ଦେଖିବାକୁ ଯାଇଥିଲେ । ପ୍ରଚଣ୍ଡ ବର୍ଷା ଓ ତୋଫାନ ହେଲା । ସେହି ବର୍ଷାରେ କୁମାରପୂର୍ଣ୍ଣିମା ଦିନ କୋଣାର୍କ ଦେଖି ରାତିକି ଆସି ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେବାକୁ ହୋଇଥିଲା । ରାମଚଣ୍ଡୀ କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନିମାଇଲ ଦୂରରେ ବିସ୍ତୀର୍ଣ୍ଣ କୁଶଭଦ୍ରା-ମୁହାଣରେ ଗୋଟିଏ ଉଚ୍ଚ ବାଲିକୁଦ (ବଣ୍ଡ) ଉପରେ । ସେଠାରେ ଦେବୀମନ୍ଦିର ଛଡ଼ା ଅନ୍ୟ ଘର ନାହିଁ । ତୋଫାନରେ ସେହି ମନ୍ଦିରର ମୁଖଶାଳା ଏକମାତ୍ର ଆଶ୍ରୟସ୍ଥଳ ଥିଲା । ରାମଚଣ୍ଡୀକୁଦ ଉପରେ କେତୋଟି ବରଗଛ ଓ ଗୋଟିଏ ମାତ୍ର ତାଳଗଛ । ଚାରିପଟେ ଅପନ୍ତରା ବାଲିପାଟ । ସେହି ବାଲିପାଟରେ ବହୁତ ମୃଗ ଓ କୃଷ୍ଣସାର ବୁଲୁଥାନ୍ତି । ଏହି ରାମଚଣ୍ଡୀ କୁଦଉପରେ ପରିଷ୍କାର-ଦିନରେ ଠିଆହେଲେ ଚକ୍ରବାଳର ଏକଦିଗରେ ଭଗ୍ନ କୋଣାର୍କ ଏବଂ ଅନ୍ୟଦିଗରେ ବହୁକଷ୍ଟରେ ପୁରୀ ବଡ଼ଦେଉଳ ଦେଖାଯାଏ । ରାମଚଣ୍ଡୀ ଓ ପୁରୀ ମଧ୍ୟରେ ଗୋଟିଏ ଉଚ୍ଚବାଲିବଣ୍ଡରେ ବେଲେଶ୍ୱର-ମନ୍ଦିର ପ୍ରତିଷ୍ଠିତ । ଏହି କୁଶଭଦ୍ରାଠାରୁ ପ୍ରାୟ ଦଶ ବାର ମାଇଲ ଉତ୍ତର-ପୂର୍ବକୁ ପ୍ରାଚୀ ଧାର ସମୁଦ୍ରରେ ମିଶୁଅଛି । ପୂର୍ବେ ଏହି କୁଶଭଦ୍ରା ଓ ପ୍ରାଚୀକୁ ସଂଯୁକ୍ତ କରି ଚନ୍ଦ୍ରଭାଗା ବହୁଥିଲା । ଏହି ଚନ୍ଦ୍ରଭାଗା କୂଳରେ 'ଗୃହନ୍ତ' ନାମକ ଗୋଟିଏ ବିଶାଳ ବଣିକ୍ ନଗରୀ ଏବଂ 'ମିତ୍ରବନ' ବୋଲି ଗୋଟିଏ ସୁନ୍ଦର ତରୁଲତାପୂର୍ଣ୍ଣ ବନ ଥିଲା । କୋଣାର୍କ ଏହି ନଦୀଧାର ଉପରେ ନିର୍ମିତ ହେବାରୁ ମହିଁଧାରିଛି କାଳକ୍ରମେ ଶୁଖିଯାଇ ଚନ୍ଦ୍ରଭାଗା ବୋଲି ଏବେ ଗୋଟିଏ ପୋଖରୀପରି ପାଣିଗଣ୍ଡ ବାଲିଭିତରେ ଦେଖାଯାଏ । ବର୍ଷାବେଳେ ବାଲିପାଟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ନଦୀ ବହିଯାଏ ।

କୋଣାର୍କ ସୂର୍ଯ୍ୟମନ୍ଦିର । ପୁରୀ ଜଗନ୍ନାଥ ମନ୍ଦିର ପୂର୍ଣ୍ଣ କରିଥିବା ସୁପ୍ରସିଦ୍ଧ ଦ୍ୱିତୀୟ ଅନଙ୍ଗଭୀମ ଦେବଙ୍କ ନାତି ( ତୃତୀୟ ଅନଙ୍ଗଭୀମଦେବଂ ) କ ପୁଅ ପ୍ରବଳପ୍ରତାପ ନରସିଂହ ଦେବ ଏହି ମନ୍ଦିର ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ତୋଳାଇଥିଲେ । କୋଣାର୍କ ମନ୍ଦିରର ଶିଳ୍ପକଳା ଅତି କମନୀୟ ଓ ବିସ୍ମୟକର । ଗଠନର ସୁଭୁରୀ ଓ ବିଶାଳତା ଅନେକ ପ୍ରାଚୀନ କାଳର ଦର୍ଶକଙ୍କୁ ମୁଗ୍ଧ କରୁଥିଲା । ଏବେ ମନ୍ଦିରଟି ଭାଙ୍ଗି ପଡ଼ିଅଛି । ମୁଖଶାଳାମାତ୍ର ଅର୍ଦ୍ଧଭଗ୍ନ ଅବସ୍ଥାରେ ଭିତରେ ବାଲି ଭର୍ତ୍ତିକରାହୋଇ ରକ୍ଷିତ ହୋଇଅଛି । ବେଢ଼ାର ଚନ୍ଦ୍ର, ସିଂହଦ୍ୱାର ପ୍ରଭୃତି ବାଲି ଖୋଳାହୋଇ ବାହାରିଅଛି । ବେଢ଼ାଭିତରେ ଗୋଟିଏ କ୍ଷୁଦ୍ର ମନ୍ଦିର ଅଛି । ତାକୁ ଏବେ ମଧ୍ୟ 'ମାୟାଦେବୀ-

ମନ୍ଦିର' କହନ୍ତି । ଦେଉଡ଼ାଭିତରେ ମନ୍ଦିରର ଦକ୍ଷିଣ ପାଖେ ଗୋଟିଏ ଅଶ୍ୱାରୋହୀ ଏବଂ ଉତ୍ତର ପାଖେ ଗୋଟିଏ ଗଜାରୋହୀ, ଅଶ୍ୱ ଓ ଗଜ ସହିତ ପ୍ରକାଣ୍ଡ ଆକାରରେ ଖୋଦିତ ହୋଇ ରହିଅଛି । ମନ୍ଦିରରୁ ଖସି ପଡ଼ିଥିବା ଅତି ପ୍ରକାଣ୍ଡ ଶିଳାସବୁ ଇତସ୍ତତଃ ପଡ଼ିଅଛି ଏବଂ ସ୍ଥାନେ ସ୍ଥାନେ ସେଉଁସବୁ ବିଶାଳ ଲୁହାକଡ଼ି ପଡ଼ିଥିବାର ଦେଖାଯାଏ ତାହା ଏବେ ମଧ୍ୟ ଦର୍ଶକର ବିସ୍ମୟ ଉତ୍ପାଦନ କରେ । ଅବଶିଷ୍ଟ ମନ୍ଦିରର ଖୋଦନ କଳାରେ ଏବେ ମଧ୍ୟ ପାର୍ଶ୍ୱ, ଅଭିଯାନ, ଚତୁଷ୍ପାଠୀ, ଗାନବାଦ୍ୟବିଳାସ, ଅଭିଷେକୋତ୍ସବ ପ୍ରଭୃତି ଏବଂ ଜୀବନ୍ତ ଦେବମୂର୍ତ୍ତିସବୁ ଦର୍ଶକଙ୍କୁ ମୁଗ୍ଧ କରେ । ମନ୍ଦିରର ଭଗ୍ନ ନାଟମନ୍ଦିର ପୀଠରେ ବର୍ତ୍ତମାନ ହୋମଚିହ୍ନ ରହିଅଛି । ବେଢ଼ାରେ ଏବେ କେତେଗୁଡ଼ିଏ ମୂର୍ତ୍ତି ସୁରକ୍ଷିତ ଅଛି । ତାହା ମଧ୍ୟରେ ଗୋଟିଏ ସୂର୍ଯ୍ୟନାରାୟଣ ମୂର୍ତ୍ତି ଅତି କମନୀୟ । ସେଥିରେ ଅକର୍ମଶିଳା ଉପରେ ଅଙ୍ଗରଖାର ସୂତା ଓ ପଦ୍ମର କେଶର ପର୍ଯ୍ୟନ୍ତ ସୁସ୍ପଷ୍ଟରୂପେ ଖୋଦିତ ରହିଅଛି । ମୂର୍ତ୍ତିର ମୁଖ ଲାବଣ୍ୟମୟ ଓ ସରସ । ଅଙ୍ଗର ଅନୁପାତ-ସୌଷ୍ଠବ ମନୋହର ।

କୋଣାର୍କରେ ସୂର୍ଯ୍ୟୋଦୟ, ବିଶେଷତଃ ଶୀତଦିନେ, ଗୋଟିଏ ଦେଖିବାର ବସ୍ତୁ । ଯେ କୌଣସି ସମୁଦ୍ର କୂଳରେ ସମୁଦ୍ରରୁ ସୂର୍ଯ୍ୟ ବାହାରିବାର ଦୃଶ୍ୟ ଅତିସୁନ୍ଦର । ସୂର୍ଯ୍ୟବିମ୍ବ ସମୁଦ୍ର ଛାଡ଼ି ଉଠିଯାଏ; ମାତ୍ର ବହୁକ୍ଷଣ ପର୍ଯ୍ୟନ୍ତ ସୂର୍ଯ୍ୟରୁ ଖଣ୍ଡେ ସମୁଦ୍ର ଉପରେ ଭାସି ରହିଲାପରି ଦିଶୁଥାଏ । କୋଣାର୍କ ମନ୍ଦିର ଏପରି ନିର୍ମିତ ହୋଇଥିଲା ଯେ, ସୂର୍ଯ୍ୟ ଦକ୍ଷିଣାୟନସୀମା ବା ଅୟନକୋଣରେ ଥିଲାବେଳେ ଠିକ୍ ବାହାରିବା ମାତ୍ରେ ତାହାର କିରଣ ସିଂହଦ୍ୱାର ଓ ମୁଖଶାଳା ଭେଦକରି ମନ୍ଦିରର ରତ୍ନସିଂହାସନରେ ପଡୁଥିଲା । ଏଥିପାଇଁ ଏହାର ନାମ କୋଣାର୍କ ।

ସତ୍ୟବାଦୀ ଛାତ୍ରାବାସ }
୨୨ । ୧୧ । ୧୯୧୯ } ବାସୁଦେବ ମହାପାତ୍ର

# ନିବେଦନ

୧୯୧୭ ମସିହା ବର୍ଷାକାଳରେ ଗଡ଼ଜାତ ଯାଇଥିଲି ଏବଂ ଶରତ୍‌ରେ କେତେକ ବନ୍ଧୁଙ୍କ ସଂଗେ କୋଣାର୍କ ଯାଇଥିଲି । ସ୍ତବ, କବିତା ଆକାରରେ ପ୍ରକାଶ କରିବା କେତେକ ମନରେ ଥାଏ; ମାତ୍ର ସମୟାଭାବରୁ କେବଳ ପ୍ରଥମ ଭାଗର ୩୦ଟି ଶ୍ଳୋକ ଛଡ଼ା ଆଉ ଲେଖା ହୋଇ ପାରି ନ ଥିଲା । ଏ ମଧ୍ୟରେ 'ପ୍ରଣୟିନୀ' କାବ୍ୟ ପ୍ରତି ସାହିତ୍ୟାନୁରାଗିମାନଙ୍କର ଆଦର ଓ ଆଗ୍ରହ ଦେଖି ଏ ଗ୍ରନ୍ଥଟି ଗତ ମାସରେ ଲେଖିଅଛି । ମୋର ଏହା ନୂତନ ମୌଳିକ କାବ୍ୟ ଲେଖା । ଏହି ଦୃଷ୍ଟିରେ ପାଠକମାନେ ଏହାକୁ ଗ୍ରହଣ କଲେ କୃତାର୍ଥ ହେବି ।

ମୋର ସହକର୍ମୀ ପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ର ଏ ପୁସ୍ତକର ଗ୍ରନ୍ଥ ପ୍ରବେଶ ଓ ଟୀକା ଲେଖିଛନ୍ତି । ସେତିକି ନୁହେଁ, ତାଙ୍କର ଓ ତାଙ୍କ ଭଳି ଆଉ କେତେକ ଯୁବକ ସୁହୃଦଙ୍କର ସାଧୁସମ୍ବେଦନା ଓ ସହାନୁଭୂତି ବିନା ଏ ପୁସ୍ତକ ଅପୂର୍ଣ୍ଣ ରହିଥାନ୍ତା ବୋଲି ମୋର ବିଶ୍ୱାସ । ସେ ଏ କାବ୍ୟର ଦୈନିକ ଲିଖିତାଂଶ ପଢ଼ି ନାନା ଇଙ୍ଗିତାଦି ଦ୍ୱାରା ମୋତେ ସାହାଯ୍ୟ ମଧ୍ୟ କରିଅଛନ୍ତି ।

ସତ୍ୟବାଦୀ ଛାତ୍ରାବାସ
୨୨ । ୧୧ । ୧୯୧୯ } **ନୀଳକଣ୍ଠ ଦାସ**

ଦ୍ରଷ୍ଟବ୍ୟ—ଗ୍ରନ୍ଥରେ ସର୍ବତ୍ର ଟୀକାର ସଂକେତ ସ୍ୱରୂପ ଉପର ପାଠର ଧାଡ଼ି-ସଂଖ୍ୟା ସୂଚିତ ହୋଇଅଛି ।

# ପ୍ରଥମ ଭାଗ

## ଗ୍ରାମଚଂଡୀଠାରେ ରାତ୍ର ଓ ସକାଳ

### ଗ୍ରାମଚଂଡୀଠାରେ ରାତ୍ର

୧

କି କରାଳ ଆଜି ରଜନୀ ? ବହେ ଝଂଜା ପବନ,
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ-ଧାରାରେ ଝଟିକା ଦିଏ କରୁଡ଼ି କେବେ,
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନ ଥିବ ଲବେ ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ଶରଧା,
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିଂଧା,
ମନେ ପଡ଼ୁ ନାହିଁ ବାବୁ ହେ ଲଗି ଯାଇଛି ନିଦ;
ମାଆ ଭଉଣୀଏ ଭବନେ ଭଜୁଥିବେ ବିଷାଦ ।
ଲୁଗାରେ ହଳଦି ଲଗାଇ ରୁହିଁ ଥିବେ ଜନନୀ ।
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପବନ-ଝଂକାରେ ଶୁଣୁ ସେ ଥିବ ଡାକ ତୁଂଭର ।
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟିଯାଉଥିବ ଜାହାଜ ତାଂକ ହୃଦ-ସାଗରେ ।
ନିରାଶାରେ ଆଶା-ଚମକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭାଂଗି ଯିବଟି ନିଦ ।
ଶୁଅ ଶୁଅ ଧନ, ଆରାମେ ଶୋଇ ଥାଅ ରେ ଶିଶୁ;
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ ।

୨

ବନ୍ଧୁ ବାଲିବଂତ ଡେଇଁ ହେ ଆଜି ଆସିଛ ଚାଲି,
ସଇକତ-ନଦୀ-ଗରଭେ ପଶି ହୋଇଛ ପାରି ।
ଉରଗ-କୁଟିଳ-ତଟିନୀ ଭରା ଆସାର-ନୀରେ
ଦୃଶ୍ୟ ସୋହାଗେ ଭେଟିଛ କେତେ ବାଂକେ ପ୍ରାଂତରେ
ବାଟବୁଲି କେତେ ଅଂଧାରେ ସହି ବରଷାଧାରା,
ନଦୀ ଗୁଡ଼ିକଂକ ଲତିକା ମାଡ଼ି ଚାଲିଛ ପରା !
କାଂଧେ ଭାର ବହି, ଏସବୁ ପଥେ ସହି ନରଚେ;
କୁଉଦ୍ଦଳେ ପୁଣି ଶାମୁକା ସାଉଁଟିଛ ହେ କେତେ ।

୨୪ । ବାଲିପାଟରେ, ବିଶେଷରେ ସମୁଦ୍ର କୂଳ ବାଲିରେ, ଗୁଡ଼ିକଂକ ବୋଲି ଏକପ୍ରକାର ଛୋଟ ଘାସ ପ୍ରଚୁର ହୁଏ । ତାହା ବାଲି ଉପରେ ଲତାପରି ମାଡ଼େ ଏବଂ ଚାଲିଲା ବେଳେ ପାଦରେ ଗଳିଯାଏ । ଏ ଘାସର ନୂଆଗଜା ସବୁ ବଡ଼ ମୁନିଆ ।

ନୂଆ ଗାବଟିଏ ଅନ୍ଧାରେ ଦେଖି ନଈମୁହାଣେ,
ନାଚ ଉଠିଅଛ କି ଭାବ ବନ୍ଧୁ ଶିଶୁ ପରାଣେ ।
ସେ ଭାବ ମୋହର କାହିଁ ହେ, କାହୁଁ ବୁଝିବ ମୁହିଁ ?
ଶିଶୁମାନେ ସିନା ବୁଲୁଛନ୍ତି, କାଳ ଯାଉଛି ବହି !
ସୁମରିଲେ ପଦ-ବେଦନା ଆଉ ନ ଦଶେ ମୋତେ;
ଥରଟିଏ ନେବ ଭାବିଲେ ପାଦ ନ ପଡ଼େ ହାତେ ।
ନିରର୍ଥକ ସେ ତ ଶାମୁକା, କାହିଁ ରୁଚି ମୋହର ?
କି ଅଛି ତହିଁରେ, କଂପାଇ ବେଳା କଲ ହେ ଜୁର ?
ବୁଝାଇ ଦେବ କି ବାଳକେ, ଅବା ଶୁଣିବ ମୁହିଁ ?
ଶିଖାଉଛ ନିତି; ଶିଖିବ ଆଜ ପରାଣ ଦେଇ ।
ପ୍ରବୀଣ-ବିଭ୍ରମେ ଉଠିବ ଶିଶୁ-ହୃଦୟ ନାଚ,
ସୁମର ଟିକିଏ, ଆସିଛି ମୁହିଁ ବେଳା ମୁହଁଛି ।

୩

ରହ ରହ ବାଆ ବତାସି, ରହ ବରଷା ଧାରା;
କୁଆଁର ପୁନଅଁ ହେଉ ରେ ଆଜ ରଜନୀ ସାରା ।
ଉଠିଆସୁ ନୀଳ ଲହରୀ ଭେଦି ତାରକା ରାଜି;
ନିଶାମଣି ଶୋଭୁ ଗଗନେ ମଣି-ମୁକୁର ମାଜି;
ସରଗୁ ରଜତ କିରଣ ଖେଳିଯାଉ ଭୂତଳେ;
ସରସ-ବାଲୁକା-ବିତାନ ହସୁ ଜୋଛନା-ଖେଳେ ।
ପାଦପ-ପତର-ଗହଳେ ତିଳ-ତଣ୍ଡୁଳ-ଗୁଣ୍ଡି
ଦୂର ଦେବାଳ-ସୀମନ୍ତ, ଭଗ୍ନ ମନ୍ଦିର ତହିଁ,
ପୁନଅଁ-ଜୁଆର-ପୁଲକେ ଭରୁ ତଟିନୀ-ମୁଖ,
ମୃଦୁଳ-ଲହରୀ-ହିଲ୍ଲୋଳେ ଗୁଞ୍ଜୁ-ଶ୍ୱନ୍ଦ ମୟୂଖ,
ଝିଲ୍ଲୀରତ-ନଦୀ-ଉରସେ ନଭ-ଵିମଳ-ରୁଚି,
ବଂଶଚୂଳ ଶିଶୁ ଦେଖିବେ; ହୃଦ ଉଠିବ ନାଚି ।
ମୁହିଁ ଦିନେ ଶିଶୁ ଥିଲଇଁ, ମନେ ପଡ଼ୁଛି ମୋର;
ବସି ଶିଶୁମାନେ ଦେଖନ୍ତି ଏ ବିଭବ ରୁଚିର !

୪

ଥସୁ ହୁଅନ୍ତୁ କି ବତାସି, ମେଘ ଯାଆନ୍ତୁ ଗଳି;
ପୁନଅଁ-ବିହାରେ ବୁଲନ୍ତେ ଶିଶୁ ଏଥି ବାହାରି;
ଗୁନ୍ଦନୀ ଧବଳ ବିତାନେ, ସିକତିଳ ପ୍ରାନ୍ତରେ;
ଶିଶୁ ସଂଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।
କଳକଳେ ନଦୀ ତରଣି ଚୁମ୍ବି ଯାଆନ୍ତା ବହି;
ଅର୍ଦ୍ଧ ନିଦ୍ରାବେଶେ ରହନ୍ତି ସୁଖେ ଆଦର ମହି;
ନୀରବେ ଶିଶିର-ମୟୂଖେ ବରଷନ୍ତା ଶିଶିର;
ସିକତା ପଖାଳ ତନ୍ତାନ୍ତା ମୋର ସୁପ୍ତ ଶରୀର ।
ସ୍ୱପନେ ଶୁଣନ୍ତି ସଂଗୀତ, ଦୂରୁ ବ୍ୟୋମ-ବିମାନେ
ଥରି ଥରି ଭାସି ଯାଆନ୍ତା ମୃଦୁ-ବାତ-ସ୍ପନ୍ଦନେ
କଳତାନେ କେତେ ବାଳକେ କଉତୁକ ଆଚରି
ସେ ଗୀତେ ମିଶାଇ ଦିଅନ୍ତେ ପ୍ରାଣ-ମଧୁ-ଲହରୀ ।
ସମୀର ହିଲ୍ଲୋଳେ ସାଗର କୂଳେ ଉଠନ୍ତା ଫୁଲି;
ମୃଦୁଭଂଗେ ବେଣୀ-କୁଂଚନେ ଆସୁଥାଆନ୍ତା ମାଡ଼ି;
ଲବଣି ସୋହାଗେ ଉଗାରି ଧୀର-କୁଟିଳ-ଗାରେ
ଫେନ-ସୀମା କାଟି ଦିଅନ୍ତା ବେଳା-ଶିକ୍‌କଣ-ଧାରେ ।
ତଟିନୀ-ଉରସେ ତରଣୀ ଭାସୁ ଥାଆନ୍ତା ହସି;
ଗୀତ ଗାଇ ସୁଖେ ନାବିକ ଯାଉଥାଆନ୍ତା ଭାସି ।

୫

କାହିଁକି ଗରଜ ବତାସି, ଆଜ ନୁହେ ତୋ' ଦିନ
କୁମାର-ଉତ୍ସବ-ଜାଗରେ ନିଶି ଦିଶୁ ପ୍ରସନ୍ନ ।
ନଭସ-ନୀଳିମା ବିକାଶୁ ଶୁଭ୍ର ଶାରଦ ହାସେ;
ଲୁବ୍‌ଧକ ସାଗରେ ରଜତ ବଂଶ ଉଠୁ ଆକାଶେ ।
ଖେଳନ୍ତୁ ପ୍ରାନ୍ତରେ ବାଳକେ ନେଳ କୁରଂଗ ପରି,
କ୍ଷଣେ ପୁଣି ଦେଖି ଆସନ୍ତୁ ଭଗ୍ନ-କୋଣାର୍କ-ଶିରୀ ।

୭୪ । ଲୁବ୍‌ଧକ = ପ୍ରଶ୍ୱାତାରା । ପଂଚ ପୁନର୍ବସୁ ନକ୍ଷତ୍ରର ଏହା ଯୋଗତାରା, ଦକ୍ଷିଣ ଦିଗକୁ ଦେଖାଯାଏ । ଆକାଶରେ ଏପରି ଆଉ ଉଜ୍ଜ୍ୱଳ ତାରା ନାହିଁ । କୁମାର ପୂର୍ଣିମା ଦିନ ରାତି ପ୍ରାୟ ଦୁଇପ୍ରହରଠାରେ ଏ ତାରା ଉଦିତ ହୁଏ ।

ଦୁର୍ଦ୍ଦିନ ଭ୍ରୂକୁଟୀ-କରାଳ-ଗ୍ରାସେ ଜୀର୍ଣ୍ଣ ଜାରତ୍ତ
ଦେଖିଛନ୍ତି କେତେ ଆବେଗେ ବକ୍ଷ ପ୍ରାଣେ ଆରତ୍ତ
ଆବୃତ ଗଗନେ ଖୋଦିତ-ଶିଳ୍ପ-ବିକଳ-ରୁଚି,
ଗଠନ-ସୁଷମା ଭାଂଗିଛି କେତେ ଲବଣ-ବୀଚି;
ବିବାଲୋକ ତହିଁ ବିକାଶେ ରୁକ୍ଷ ବିକଟ ଛବି;
ବିଭଂଗ ଦେଖାଇ ମାନବେ, ଶିଳ୍ପେ ନାଚଇ ରବି ।
ବିଦେଶ ନାରଖାର ପୁରାଣ କାର୍ତ୍ତି କଂକାଳ-ସାର;
ଘନଘଟା-ଅର୍ଦ୍ଧ-ତାମସେ ପୁଣି ବିକଟ ଘୋର ।
ଦେଖି ଶିଶୁ ଫେର ଅଛନ୍ତି ପ୍ରାଣ-ସଂକୋଚେ ଆଜ,
ଫାଟିଯାଉ ମେଘ, ଜୋଛନା ଫୁଟିଉଠୁ ବିରାଜ ।
କାଳ-ଦଂତ-ଘାତ-ବୀଭତ୍ସ-ପ୍ରକୃ-ମୋହନ-କଳା
ସରସ-ସିତାଂଶୁ-ପରଶେ କରୁ ଜୀବନ୍ତ ଲୀଳା ।

୬

ମନେ ପଡ଼ୁଛି ମୋ' ସେ ଦିନ, ଯେବେ ବାଲ୍ୟତପଦେ,
କୋଣାର୍କ ଆବେଗେ ପଶୁଣ ଭରି କିଶୋର-ମୁଦେ,
ବିଲକୁଂଜ ସ୍ତୁଢ଼ ପ୍ରାଂତରେ ପଶି କୋଣାର୍କ ଦେଖି,
ଚମକି ପୁଲକେ ଗୁହିଁଲି, ହୃଦେ ରହିଛି ଲେଖି ।
ବାରୁଣୀ-ତାମସ-ଅରୁଣ-ଭାସେ ପ୍ରାଚୀ-ଲଲାଟେ
ଧୂସର-ତିଳକ ମନ୍ଦିର ଦିଶେ ସାଗର-ତଟେ ।
ଫେନ-ତାରକିତ-ମାଳମା ଭେଦି ଉଠିଲା ଛବି,
ପୁଛିଥିଲି, "ଏ କି କୋଣାର୍କ, ଉତ୍କଳ ଜାରତ୍ତ-ରବି ?"
ଲଘୁ ସେ କିଶୋର ଚରଣ ସିକତିଳ ପ୍ରାଂତରେ
କୁରଂଗ-ବିଭବେ ପଡ଼ିଲା ବଂଶ୍ରୁ ବଂକ ପ୍ରସାରେ ।
ଶାବକ ଗହଣେ ପଳାଏ ଯଥେ କୁରଂଗବାଳା;
ଗ୍ରୀବା ଭଂଗେ ଦୂରେ ଦେଖାଏ ଲଘୁ ତରଳ ଲୀଳା ।

ଦେଖି ନ ଦେଖିଲି ସେ ଛବି, ସ୍ଫୁନ୍ଦ ଫୁଟିଲା ହସି;
ତରଳ ରଜତ-ପ୍ଳାବନେ ଗଲା ସିକତା ଭାସି ।
ଉଠି ଚଢ଼ି କେତେ ଅବାଟେ ଭଗ୍ନ ଶଇଳ ଭେଦି,
ଅଦୂରେ ମନ୍ଦିର-ଚତ୍ବରେ ତହିଁ ଦେଖିଲି ସାଦୀ;
ପୃଥୁ ବାଜିବର, ପର୍ଯ୍ୟାଣେ ତୁଂଗ ବପୁଷ୍କ ବୀର !
ଦେଖି ଶିଶୁ ପ୍ରାଣେ କି ହେଲା ? କ୍ଷଣେ ରହିଲି ସ୍ଥିର ।
ଶିଳ୍ପ-ବିରଚନ ଜାଣିଲି; ଗଲି ଭରସି ପାଶେ ।
ଦେଖିଲି ଜୋଛନା-ଲାବଣ୍ୟେ କିବା ମୂରତି ହସେ !
ବାରଂବାର ଭ୍ରମେ ଦେଖିଲି ପୁଣି ନିରେଖି ଛବି;
ବାରଂବାର ଚିତ୍ତେ ଚମକି ଗଲି ପୁଲକେ ଦ୍ରବି ।
ଗୁହିଁଲି ମନ୍ଦିର-ଲଲାଟେ; ବୁଲି ଦେଖିଲି କେତେ :
ସୂଚୀ-ଶିଳ୍ପ, କାରୁ-ଖୋଦନ, ତୁଂଗ ମୂରତି ଯେତେ ।
ଭୁବନ-ମୟୂଖ-ରସାଣେ ସବୁ ଦିଶିଲା ତୋଷା,
ଜୀର୍ଣ୍ଣ କଳଂକିତ ପଥର, ସବୁ ଲାବଣ୍ୟ-ଭରା ।
ଜୋଛନାର ସ୍ରୋତ ଦିଶିଲା ସ୍ତରେ ସ୍ତରେ ମନ୍ଦିରେ,
କାଳର ବିଭଂଗ ଲୁଚିଲା ପୂର୍ଣ୍ଣ ଜୋଛନାପୂରେ ।
ପୁରାଣ କୋଣାର୍କ ଦେଖିଲି କେଡ଼େ ଜୀବନ୍ତ ପର;
ସୁଧାଂଶୁ-କିରଣେ ସତେ କି ପଡ଼େ ଅମୃତ ଝର !
ଦିବା-ଅନ୍ଧାରେ ଶିଶୁଏ କାଳ-ଭଂଗୁର-ଲେଖା
ଦେଖିଛନ୍ତି; ରହ ଝଟିକା, ଫୁଟି ଉଠୁ ଚନ୍ଦ୍ରିକା ।

୭

ରାତ୍ତ ତ ହେଲାଣି ବହୁତ, କହିଁ ବତାସି ଆଉ
ଭୁହାଇ ଆଣୁଛୁ ବରଷା, କିବା ସାଧୁ ଛୁ ଦାଉ ?
ଚନ୍ଦ୍ରିକା-ଧବଳ-କୋଣାର୍କ-ପ୍ରକୃ-ଜାରତ୍ତ-ମାଳା
ଦେଖିବାର ପଛେ ନ ହେଲା; ହୃଅ ତୁ ଏବେ ଥିରା ।

---

୮୯-୧୧୮ । ଗ୍ରଂଥକାର ପ୍ରଥମେ ବାଲ୍ୟକାଳରେ ଯେତେବେଳେ କୋଣାର୍କ ଦେଖିଥିଲେ, ସେହି କାଳର କଥା ଏଠାରେ କହୁଛନ୍ତି ।

୧୦୪ । ସାଦୀ = ଅଶ୍ୱାରୋହୀ । ୧୦୫ । ପୃଥୁ = ପୃଥୁଳ, ମୋଟା । ପର୍ଯ୍ୟାଣ = ପଲଣ, ଘୋଡା ଉପରେ ବସିବାର ଆସନ; ଜିନ୍ । ବପୁଷ୍କ = ଦୃଢ଼ାଂଗ, ମାଂସଳ ।

୧୧୩ । ଭୁବନ-ମୟୂଖ = ଚନ୍ଦ୍ର; ଚନ୍ଦ୍ର କିରଣ ।

ବହୁସୁଖେ ଶିଶୁ ଆସିଲେ ଦେଖି ଶରଦକାଳ,
ଗ୍ରୀଷ୍ମଶେଷେ ଥରେ ଦେଖଂତୁ ନଭେ ଚଂଦ୍ର ବିମଳ ।
ବିମଳ ବିଭାରେ ଡଳିଗା ବହିଯାଉ ସାଗରେ;
ତାରକା-କଂପନେ ଲହରୀ ଉଠୁ ସାଗରଗର୍ଭରେ;
ପ୍ରାଂତର-ପ୍ରହରୀ-ପାଦପ ଏଥି ଚଂଦ୍ରିକା-ପୁରେ
ଧୀରେ ମରମର ପତର, ବଶୁ ବଂଶ ଶିଖରେ
ଐତିହାସିକ ଭୂମି ଏ, ଏଥି ବାଳକକୁଳ
ଇତିହାସ-ସ୍ମୃତି-ପୁଲକେ ଲବେ ହେବେ ବିହ୍ୱଳ ।
ଶୁଣିବେ କୋଣାର୍କ ଦେଉଳେ ବିଗପ୍ରାଚୀର-ତଳେ;
ବୁଲି ଆସୁଥିବେ ପଲକେ ରାମଚଂଡୀ-ଶିଖରେ;
ବେଲେଶ୍ୱର-ବଂଶ ଅଦୂରେ ନାଚୁଥିବ ନୟନେ;
ଦେଖୁଥିବେ ବଡ଼ଦେଉଳ କେବେ ନେହକୁଂଚନେ ।
ଅତୀତ-ବିଭବ-କାହାଣୀ କହି ବିବିଧ ରଂଗେ,
ଆମ୍ଭାକୁ ବିସୋରି ମିଶିବେ ପୂର୍ବ-ପୁରୁଷ-ସଂଗେ ।
ଅତୀତୁ ଅଜ୍ଞାତ ପ୍ରସାରେ ବହି ଜୀବନ ଧାରା,
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର କାରା ।

## ୮

ରହୁନାହୁଁ କପାଁ ବତାସି ? ତୁ କି ନ ହେବୁ ଥୟ ?
ଭୁହାଇ ହେଉଛୁ ବରଷା, ତୋର ନାହିଁ କି ଲୟ ?
ଛିଂଡାଉଛୁ ଯେଉଁ ବାଲୁକା, ଦିନେ କି ଥିଲା ତହିଁ ?
କି ତୁଂଗ ଉତ୍କଳ-ବିଭବ ଦେଖିଅଛୁ ଏ ମହୀ ?
ଏହି ତ ସାଗରେ ଉଠୁଛି ପ୍ରଳୟର ତାଂଡବ;
ଉରସ-ବିଭାରେ ତଟିମା ରଚେ ଶ୍ରାମ ଆରବ ।
କେଉଁ ରାଇଜରୁ ଆସୁଛୁ ? କହ ବତାସି ମୋରେ,
ଓଡ଼ିଆ-ବୋଇତ-ଖବର କିଛି ଆଣିଛୁ କରେ ?
ମୀଳ ସ୍ୱାତି ଭାଂଗି ଆଣୁଛୁ ଉଡ଼ ବରଷା ଧାରା;
କାଳ-ସ୍ୱାତି ଭାଂଗି ସ୍ମରଣ ଦୂରେ ଯାଉଛି ପରା !
ଯିବୁ କହି ତୁହି ତାମସେ କହ କାହିଁ ସୁଦୂରେ ?
କି ବାରତା ଆଜ କହିବୁ ତହିଁ ସମୀର-ସ୍ୱରେ ?
ପ୍ରଦେଶୁ ପ୍ରଦେଶେ ଭାରତେ କେତେ ଦେଖିଛୁ ଲୀଳା;
ଭାରତ ସାଗରୁ ହିମାଦ୍ରି-ଶିରେ କରିଛୁ ଖେଳା;
କୋଣାର୍କ ଶିଖର-ମଂଡନ-ଚୀନ-ଚଗଲ-ସାଥ
ତୋ’ଦେହେ ଦେଖିଛୁ ମଗଧ-ଜନ ପ୍ରାଣ ମୁରୁଛି;
ନୀଳାଚଳ-ବେଳା ଖବର କେବେ ବଂଗ-ମାନବେ
ଦେଇ, ପୂରାଇଛୁ ପରାଣ ତାର ଭକ୍ତି-ବିଭବେ;
ବଣିକ-ବନିତା ଏହିଠି ତୋର ଝଂକାର ନାଦେ
ଆତଂକେ ପରାଣ ପୋଡ଼ିଛି,
ଗଣି କେତେ ପ୍ରମାଦେ;
ଏହି କୂଳେ କହି ଆଣିଛୁ କେତେ ବୋଇତ-ଘଟା,
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ହଟା;
ଶଂକାରେ ସାଧବ-ଲଳନା ତୋତେ ବାରିଛି କେତେ,
ସୁଖ ଦଇତଂକୁ ସୁମରି ଦୂର-ବୋଇତ-ପଥେ;
ଏହି ସିକତାରେ ପୋତିଛୁ ରଣ-ତୁରଂଗ-ପାଦ;
ଏହି ଝଡ଼େ କହି ନେଇଛୁ କେତେ ଭେରୀ-ନିନାଦ;
ସେନାବାସେ ଏଥି ଦେଇଛୁ କେତେ ଲିଭାଇ ଦୀପ;
ତାମସେ କେତେ ରେ ରଖିଛୁ ହୁଂହୁଂକାର-ପ୍ରତାପ ।
ଆଜ କପାଁ ତେବେ ଗରଜୁ ? କିସ ଦେଖୁଛୁ ଏଥି ?
ବାଳକେ ତ ଶୋଇଅଛଂତି,
କପାଁ ହେଉ ତୁ ମଂଥି ।

## ୯

ଶୁଅରେ ବାଳକେ ଆରାମେ, ଏଥି ନାହିଁ ତ ଘର;
ଶୋଇଛ ତ ସୁଖେ ଆଦରି ରାମଚଂଡୀ-ମଂଦିର ।
ଉତ୍କଳର ପୁଣ୍ୟ ଭୂମି ଏ, ଏବେ ସିକତା-ଖେଳେ
ଗୁଡ଼ିକଂକେ ମୃଗ ଚୁଲଂତି ଅପଂତରା ପ୍ରାଂତରେ !

---

୧୫୦ । ଏଠା ବତାସି, ଦୂରରେ ସମୀରଣ ବା ଧୀର ପବନ । ୧୫୫ । ଚୀନ = ଚକ୍‌କଣ (ବସ୍ତ୍ର) । ଚଗଲ = ପତାକା ।
୧୫୭ । ମଗଧ (ବିହାର) ଏକ ସମୟରେ କଳିଂଗର ଅଂତର୍ଭୁକ୍ତ ଥିଲା । ପ୍ରାଚୀନ କାଳରେ ଓଡ଼ିଶା ନାବିକ ବଣିକମାନେ ସାଧବ ନାମରେ କଥିତ ହେଉଥିଲେ ।
୧୬୭ । ତରଣୀ—ସୂର୍ଯ୍ୟ ।

ଦିବାକର-ପୁର ସୁନ୍ଦର ଟେକ ଉନ୍ନତ ଚୂଡ଼ା,
ସାଗର-ସଂଘାତ-ପବନେ କରୁ ନାହିଁ ତ କ୍ରୀଡ଼ା !

ବାରିଧି-ଉରସେ ତରଣି ବସି ଅରୁଣ ରଥେ,
ସିଂହାସନେ ପଶୁ ନାହାଂନ୍ତି ସିଂହଦୁଆର-ପଥେ !

ଚଂଦ୍ରଭାଗା-ସାଗର-କଂପନେ ରକ୍ତ-ପୂର୍ଣ୍ଣ-ହୃଦୟ
ନାଚୁନାହିଁ ଭାବ-ପୁଲକେ, ଲଭି ଦୁରିତ-କ୍ଷୟ !

ଏହି ରାମଚଂଡୀ ଯବନ-ଦଂଡେ ଆସିଣ ଏଥି,
ଆଜ ସେହି ଦିନୁ ଫେରାଇ ନାହାଂନ୍ତି ତ ହେ ଗତି !

କୁଶଭଦ୍ରା ଧୂଂଷ ଆସିଛି, ସିଂଧୁ ଯାଇଛି ଫେରି;
'ସୁରିଥ' ନଗରୀ ଭାଂଗିଛି କାଳ-ଭୀମ-ଲହରୀ !

ଭୁଂଗ ଦେବାଳୟୁ କୋଣାର୍କେ
ଭଗ୍ନ ସ୍ତୂପ ଭିତରେ ।

ରତ୍ନ-ସିଂହାସନେ ତପନ ବିଜେ ପ୍ରଖର କରେ !
ସୂଚୀ-ଶିଳ୍ପ-କଳା ମଣ୍ଡନେ ଭାଗ୍ୟ ଆଦର ରହେ;
ଇତିହାସ-ସାକ୍ଷ୍ୟ ପ୍ରକାଂଡ ଶିଳା ବାହାରି ଶୋହେ ।

ଜୀର୍ଣ୍ଣ ମୁଖଶାଳା ଉଠିଛି କୀର୍ତ୍ତି-କଂକାଳ ପରି,
ପ୍ରାଚ୍ଚ ପୁରୁଷଂକ ପ୍ରେତ ସେ,
ଏବେ ଦିଶେ ବାହାରି ।

କାଳର ଯାତନା ଦିଶାଇ ଅଂଗେ ବିକାଶି ତାର;
ବୁଝିଲ କି ଶିଶୁ, କଲ ତ ତହିଁ ଏତେ ବିହାର ?

ଶୋଇଛ ତ ଏବେ ଶୁଣିବ, କେତେ ସ୍ୱପନ-କାଣୀ;
କାଳ-ସ୍ରୋତ ସବୁ ଦେଖିବ, ପ୍ରତିଲୋମେ ଉଜାଣି ।

ଦେଖିବ ହେ କେତେ ବିଭବ ସ୍ଥାଣ-ପୁଲକ-ଭରେ;
ସମର-ଦୁଂଦୁଭି ଶୁଣିବ ଋଦ୍ଧ ଚଉଦୁଆରେ;

ଯାଜପୁର-କୁଂଡେ ପଡ଼ିବ ଅଶ୍ୱମେଧ-ଆହୁତି;
ତୋଷାଳି-କଟକେ ରମଣୀ-ଭୁଂଗ-ରାଜନ୍ୟ-ଖ୍ୟାତି;

ଶିଳ୍ପୀ ପଣ୍ୟଜାତ ଗଂଡିତ, ପୁଣି ଦେଖିବ ଘାରେ;
ଭୀମ ରଣଭେରୀ ଶୁଣିବ ବାରବାଟୀ-ଦୁଆରେ;
ଶତ ଗିରିଦୁର୍ଗ ଉତ୍କଳେ ନାଚଯିବ ନୟନେ;
କୃଷକ-ବାହିନୀ ଉଠିବେ ଗ୍ରାମ ନଗର ବନେ;

---

୧୮୧ । କିଂବଦଂନ୍ତୀ ଅଛି, କଳାପାହାଡ଼ କୋଣାର୍କରେ ହିଂନ୍ଦୁ ଦେବଦେବୀଂକର ପବିତ୍ରତା ନଷ୍ଟ କଲାବେଳେ ରାମଚଂଡୀ ନାରୀରୂପରେ ଗୋଟିଏ ମାଠିଆ ଧରି କୁଶଭଦ୍ରାକୁ ପାଣିପାଇଁ ଆସିଲେ । କଳାପାହାଡ଼ ଖୋଜି ଆସି ଦେଖିଲା ବେଳକୁ ସେ କୁଶଭଦ୍ରାରେ ମାଠିଆ ଧରି ଭାସୁଛଂନ୍ତି । ସେହି ଦିନଠାରୁ ରାମଚଂଡୀ ଆଉ କୋଣାର୍କକୁ ଫେରି ନାହାଂନ୍ତି । ଲୋକେ ଏବେ ମଧ୍ୟ କହଂନ୍ତି,

"ଭଲ ରାମଚଂଡୀ ଭଲରେ
କଳାପାହାଡ଼କୁ ଦୁଆରେ ବସାଇ, ଭଲ ପାଣିପାଇଁ ଗଲରେ ।"

୧୯୬ । ଋଦ୍ଧ = ସମୃଦ୍ଧିଶାଳୀ । ବାରବାଟୀ ପୂର୍ବରୁ ଚଉଦୁଆର ଓଡ଼ିଶାର ରାଜଧାନୀ ଥିଲା ।

୧୯୭ । ଯାଜପୁରଠାରେ କେଶରୀବଂଶର ପ୍ରସିଦ୍ଧ ରାଜା ଯଯାତିକେଶରୀ ଦଶଟି ଅଶ୍ୱମେଧ ଯାଗ କରିଥିବାର ପ୍ରବାଦ ।

୧୯୮ । ତୋଷାଳିର କର ରାଜବଂଶରେ ଦଂଡୀ ମହାଦେବୀ ନାମକ ଜଣେ ଅତି ପ୍ରଖ୍ୟାତନାମ୍ନୀ ଗୁଣବତୀ ଓଜସ୍ୱିନୀ ରମଣୀ, ସମ୍ରାଟ୍ ହୋଇଥିଲେ । ବର୍ତ୍ତମାନ ଧଉଳିଠାରେ ତୋଷାଳି ସାମ୍ରାଜ୍ୟର ରାଜଧାନୀ ଥିଲା ବୋଲି ପଂଡିତମାନେ ଅନୁମାନ କରଂନ୍ତି । ଓଡ଼ିଶାର ନାନା ସ୍ଥାନରୁ ଏହି ଦଂଡୀ ମହାଦେବୀଂକ ଶାସନାଦି ଦାନର ତଂବାପଟା ସବୁ ମିଳୁଅଛି । ଏହାଂକ ମାତା ମଧ୍ୟ ରାଜାଂକ ମୃତ୍ୟୁପରେ କେତେକ ସମୟ ସିଂହାସନ ଆରୋହଣ କରିଥିଲେ ।

୨୦୧ । ଓଡ଼ିଶାର କୃଷକମାନେ ସର୍ବଦା ସେନା ଥିଲେ ।

ଗିରି-ଦରୀ-ଭେଦୀ ନିନାଦେ ଉଠି ପ୍ରତିଧ୍ୱନିନାଦ,
ସ୍ୱଚ୍ଛ-ଗିରିନଦୀ-ପ୍ରବାହେ ମିଶିଯିବ ଶବଦ;
ମେଘାସନ-ଧୂମ୍ର-ଶିଖରୁ ଯିବ ମହେନ୍ଦ୍ର ଯାଏ,
ସମୀର-ଲହରେ ଶଙ୍କିତ ଖେଳି ଉର୍ମି ପଛାଏ;
ଭାଗୀରଥୀ ପୁଣି କାବେରୀ ହୋଇ କେବେ ଅଧୀର,
ଦେବେ ଥରେ ଥରେ କମ୍ପାଇ ତାଙ୍କ ଦୂର ସଲିଳ;
ତୁଙ୍ଗ ହିମଗିରି ହସିବ ଶୁଭ୍ର-ଉଜ୍ଜ୍ୱଳ-ହାସେ,
ଅବାଚୀ-ଦିଗନ୍ତେ କୁମାରୀ ଉର୍ମିଭଙ୍ଗ-ବିଳାସେ;
ଚିଲିକା-ଗରଭେ ଉଠିବ ଶତ ବୋଇତ ଭାସି,
ଅରୁଣିତ ଦେଖି ବାରୁଣୀ-ପଟେ ଜଟିଆନାସି;
ଗଉରବ-ଗାଥା ଶୁଣିବ, ବନ୍ଦୀ ଗାଇବେ କେତେ;
ଶ୍ରମ ଚରବାସୀ-ଫଳକ ଯୋଧେ ଟେକିବେ ହାତେ ।
କବରୀ ଫିଟାଇ ତରୁଣୀ ମଧୁଶଯ୍ୟା-ବାସରେ
'ରଣ ଜିଣି ଆସି ବାନ୍ଧିବ' ବୋଲି ଛାଡ଼ିବେ ସାରେ ।

## ୧୦

ଏଥି ଦିବାକର-ମନ୍ଦିରେ କେତେ ଦେଖିବ ଲୀଳା,
ସାଗରେ ବୋଇତ ବନ୍ଦାଇ ଯିବେ ସାଧବବାଳା ।
ପୋତ ଖାଲି କରି ମରିଚ ଏଳା ଲବଙ୍ଗ ଧନେ
'ଟେଲତାକ୍ତ' ପୁରୁ ବଣିକେ ଦୂରେ ନେବେ କେସନେ ।
ତରଙ୍ଗରେ ଖେଳି ତରଣୀ ପୁଣି ଟେକିବ ପାଲ,
ଶାରଦ ଗଗନେ ବଉଦପରି ହେବ ବାହାର ।
କାହିଁ ଯାବା କାହିଁ ବୋର୍ଣିଓ କାହିଁ ମଶଲାଦ୍ୱୀପେ,
ଯିବ ଭାସି ସୁଖସ୍ୱପନେ, ମଣିବ ହେଉ ସମୀପେ ।
ପିତାମହେ ତବ ଓହ୍ଲାଇ ସାଗରୁ ପଲକେ,
ସାଗରେ ସରଣୀ ଦେଖାଇ ନେବେ ବନ୍ଧୁ ପୁଲକେ ।
ଶିଳ୍ପବିରଚନେ ଦେଖିବ ତହିଁ ଦେବାଳୟ;
ଘୋର ମହମ୍ମଦ-ବିଜୟେ ଭଜି ନାହିଁ ବିଲୟ ।
ଶଇଳ-ବିଗ୍ରହେ ତୁମ୍ଭର ପୂର୍ବପୁରୁଷ-କର
ଦେଖିବ, କେସନେ ରଚିଛି ଇତିହାସ ରୁଚିର ।
କେବେ ବା ବୋଇତ ଲାଗିବ ବଙ୍ଗସାଗର-କୂଳେ;
ଓଡ଼ିଆ ନାବିକ ରସିବେ ତାମ୍ରଲିପ୍ତି-ମଣ୍ଡଳେ ।
ତାମ୍ରଲିପ୍ତି ଛାଡ଼ି ଉଠିବ ତରୀ ସିଂହଳ-ତଟେ;
ଉତ୍କଳ-କମଳା ହସିବେ ପୁଣ୍ୟ ଜୈନ ମୁକୁଟେ ।
ବାଣିଜ୍ୟ-ବିଜୟ-ଉନ୍ମାଦେ ପୁଣି କୋଣାର୍କେ ଫେରି,
ସ୍ୱାଧୀନ ବିଳାସେ ରସିବ ଦେଖି ଏ ପୁର ଶିରୀ ।

---

୨୦୫-୨୧୦ । ସାଧାରଣତଃ ମେଘାସନଠାରୁ ମହେନ୍ଦ୍ର ପର୍ଯ୍ୟନ୍ତ ସର୍ବଦା ଓଡ଼ିଶା ଥିଲା । ଗଙ୍ଗବଂଶୀୟ ରାଜାମାନେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜ୍ୟବିସ୍ତାର କରିଥିଲେ । ଖାରବେଳଙ୍କ ସମୟରେ ମଗଧର ଉତ୍ତରସୀମା ହିମାଳୟର ପାଦଦେଶରୁ କୁମାରିକା ପର୍ଯ୍ୟନ୍ତ ସବୁ କଳିଙ୍ଗ ରାଜ୍ୟ ଥିଲା । ଖଣ୍ଡଗିରିର ହାତୀଗୁମ୍ଫାରେ ମିଳିଥିବା ଖାରବେଳଙ୍କ ପଥରଲେଖରୁ ଏହା ସ୍ପଷ୍ଟ ହୋଇଅଛି ।

୨୨୦ । ପୁରୀକୁ ଚୀନ୍‌ପରିବ୍ରାଜକ ହୁଏନ୍ ସାଂ ଟେଲତାକ୍ତ ବୋଲି ଲେଖିଅଛନ୍ତି ।

୨୨୩-୨୩୦ । ଯାଭା, ବୋର୍ଣିଓ, ମସଲାଦ୍ୱୀପ ପ୍ରଭୃତି ଦକ୍ଷିଣପ୍ରଶାନ୍ତ ମହାସାଗରରେ ଆସିଆ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅବସ୍ଥିତ । ପୂର୍ବେ ପୁରୀର ଓଡ଼ିଆ ବଣିକମାନେ ଏସବୁ ଦ୍ୱୀପ ଓ ସିଂହଳସଙ୍ଗେ ବିଶେଷ ବାଣିଜ୍ୟ କରୁଥିଲେ । ମେଦିନୀପୁରର ତମଲୁକ ପ୍ରାଚୀନ ଉତ୍କଳର ତାମ୍ରଲିପ୍ତି ନଗର ଥିଲା । ଏଠାରୁ ଓଡ଼ିଆ ବୋଇତରେ ବସି ଖ୍ରୀଷ୍ଟ ୫ମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ସିଂହଳ ଯାତ୍ରା କରିଥିଲେ । ଯାଭା, ବାଲି ପ୍ରଭୃତିରେ ଓଡ଼ିଆମାନେ ଉପନିବେଶ କରିଥିଲେ । ସେଠାରେ ବର୍ତ୍ତମାନ ଦେବ ମନ୍ଦିର ଓ ଶିଳାଲିପି ସବୁ ତାହାର ସାକ୍ଷ୍ୟ ଦେଉଅଛି । ଭାଷା ଓ ପରମ୍ପରାରେ ମଧ୍ୟ ଅଦ୍ୟାପି ପ୍ରାଚୀନ ଓଡ଼ିଆ ଜାତିର ଚିହ୍ନ ଅଛି । ମୁସଲମାନଧର୍ମ ଏ ସବୁ କୀର୍ତ୍ତି ଓ ପରମ୍ପରା ସମ୍ପୂର୍ଣ୍ଣ ଲୋପ କରିପାରି ନାହିଁ ।

## ୧୧

ବିଶାଳ ପଥର ଆଣିବେ ଦୂର ଶଇଳ ଛେଦି;
ସୂଚୀ-କାରୁ ସ୍ତୂପ ଗଢ଼ିବେ ନଗ-ଗରଭ ଭେଦି ।
ନରସିଂହ ଦେବେ ଦେଖିବ ଗଂଗବଂଶ-ତପନେ ।
ଶତଶତ ଶିଳ୍ପୀ ନାଚିବେ ଭୁଂଭ ବାଳନସ୍ୱନେ ।
ଶିବେଇ ସାମଂନ୍ତା ଆସିବେ ଯେବେ 'ବାରଣ' ଶିଳ୍ପୀ ।
ଦେବ ହେ ବଢ଼େଇ-ବାଳକ ସୁଖେ ପ୍ରାଣ ଅରପି;
ପଡ଼ିବ ମଂଦିର-ଶିଖରୁ କଂକରିଳ ପ୍ରାଂଗଣେ,
ଭାଳିବଟି ନବ ଚମକ ତବ ମଧୁସ୍ୱପନେ !
ପ୍ରେତପରି ପୁଣି ବସିବେ ପୂର୍ବ-ପୁରୁଷ-ମେଳେ ।
କାରନ୍ତି-ଶ୍ମଶାନ ହସିବ ତବ ସ୍ୱପନ-ଖେଳେ ।
ରାମଚଂଡୀ ଆଉ ଚାଲନେ କଳାପାହାଡ଼ ଗୁଣ୍ଡି,
କୁଶଭଦ୍ରା-ଅଂକେ ଭାସିବେ ନାହିଁ କୁଂଭ ଆଦରି ।
ଜଡ଼ପରି ପୁଣି ବସିବେ ଏଥି ହୋଇ ପଥର,
ରୁଦ୍ଧ ଜନପଦ ହେବ ହେ ସେହିପରି ପ୍ରାଂତର ।
ଋତୁ ଯାଆ ଆଆ ପବନ, ଝଡ଼ ହୁଅ ରୁ ଥିର,
କେତେ ତ ସହିଛି, ଆଉ କ ସହି ପାରେ ଏ ଧରା ?

## ୧୨

ସ୍ୱପନେ କ ପୁଣି ନ ହୁଏ ? ମୁହିଁ ବାଳକପରି
ରାତି-ଉଜାଗରେ ଭାବୁଛି, ବାବୁ ପିବ କ ଉରି ?
ସପନେ ବୋଇତେ ଭାସଇ ଜନ କୁହେଳୀ ଧରି,
ସାଗର-ଉରସେ ଉଠଇ ତୁଂଗ ତୁହିନ-ଗିରି ।
ଗୁହୁଁ ଗୁହୁଁ ଗିରି ଗାଲଟି ହୁଏ ସୁରଧୁନୀକା ।
ନଦୀ ପୁଣି ଭାସି ଆସଇ ଧରି ଶଇଳ-ଶିଖା ।
ଗଛେ ଚଢ଼ି ଭାସି ଯାଆଂନ୍ତି ଜନ ସମୀର-ଭଂଗେ ।
ଦେଖୁ ଗଛ ହୁଏ ବୋଇତ ଗିରି-ପ୍ରପାତ-
ଭଂଗେ ।
ପଡ଼ଇ ଅତଳେ, ହୁଅଇ ପୁଣି ରମ୍ୟ ନଗରୀ,
ଗୁହୁଁ ପୁଣି ମରୁ ଗରଜେ ଭାଂଗି ନଗର-ଶିରୀ ।
ହିମ-ତରଂଗିଣୀ ବହଇ ରୁଦ୍ର ମରୁ-ପ୍ରସାରେ,
ତୁହିନ-ଶକଳ ଭାସଇ ତୀବ୍ର ଚଣ୍ଡାଂଶୁ-କରେ ।
କାଳସଂଗେ ଜନ ଆସଇ ଭାସି ହିମଶିଖରୁ,
ତୁହିନ-ପୀଡ଼ନେ ଯେସନେ ଖଂଡଶଇଳ ଗୁରୁ ।
ଉପକଂଠେ ପୁଣି ଉପରେ ହିମ ଯାଏ ତରଳି;
ତରଣୀ-ସଂପଦ ଚଟିମା ବକ୍ଷେ ଯାଏଟି ସରି ।
ଦେଖେ ତହୁଁ ଘୋର ବିପିନ, ତହିଁ ମୃଗସଂକୁଳ,
ରଣମଦେ ପୁଣି ଆସ୍ଫାଳି ଯୁଝେ ଗୁଳଇ ଗାର ।
ମାର ହୁଏ ଘୋର ଶ୍ୱାପଦ; ଆଉ ନାହିଁଟି ଗତି,
ସପନ-ବିଭ୍ରମେ ସମୀରେ ପୁଣି ଉଠଇ ମାତି ।
ଗ୍ରହତାରା-ଜନେ ସଂଭାଷି, ଫେରି ଆସେ ପଲକେ;
ନୀହାରିକା ଭେଦି କ୍ଷଣକେ ଆସେ ମନୁଷ୍ୟ-ଲୋକେ ।

---

୨୪୧ । ନରସିଂହ ଦେବଂକ ଆଦେଶ ଅନୁସାରେ ଶିଳ୍ପବର ଶିବେଇ ସାଂତ୍ରା ଏହି ମଂଦିର ତୋଳିଥିଲେ । ୧୨୦୦ ବଢ଼େଇ ଏହି କାମରେ ବହୁ କାଳ ଲାଗିଥିଲେ । ପ୍ରବାଦ ଅଛି, ମଂଦିରଟି କେହି ପୂର୍ଣ୍ଣ କରି ପାରୁ ନ ଥିଲେ । ଗୋଟିଏ ବଢ଼େଇର ବାଳକ ପୁଅ ସାହସ କରି ଦିନେ ରାତିରେ ସେ କାମଟି ପୂର୍ଣ୍ଣକଲା । ସେଥିରେ ୧୨୦୦ ବଢ଼େଇଂକର ସମ୍ମାନ ନାଶ ହେବାର ଆଶଂକା ହେବାରୁ ସେ ବଢ଼େଇ ବାଳକ ପିତାର ଅନୁମତି ଅନୁସାରେ ମଂଦିର ଉପରୁ ଡେଇଁ ପଡ଼ି ପ୍ରାଣତ୍ୟାଗ କଲା । ସମସ୍ତେ ଜାଣିଲେ ବଢ଼େଇମାନେ କାମଟି କରିଛଂନ୍ତି । ବାଳକ, ତାହା କରିଥିବାର କେହି ଜାଣିଲେ ନାହିଁ । ବାଳକର ପିତା ଅନୁମତି ଦେଉଥିବେଳେ କହିଥିଲେ, "ବାରଶ ବଢ଼େଇରେ ଦାସ୍ଥୀ ନା ପୁଅରେ ଦାସ୍ଥୀ ।" ଏ କଥା ଟି ଏ ପର୍ଯ୍ୟଂତ ଲୋକରେ ପ୍ରଚଳିତ ଅଛି ।

୨୬୪ । ଶକଳ = ଖଂଡ଼ । ୨୬୫ । ବରଫ ପ୍ରଥମେ ସାମାନ୍ୟ ତରଳି ଖସି ଆସିଲାବେଳେ ପ୍ରକାଂଡ଼ ପଥର ସବୁ ଭାଂଗି ତାହା ସଂଗେ ଭାସି ଆସେ । ତଳେ ସବୁ ବରଫ ପାଣିହୋଇ ଭାସିଗଲେ ସେହି ପଥର ସବୁ ପଡ଼ି ରହେ । ବରଫ ପାଣିଠାରୁ ହାଲୁକା ଓ ତାହା ପାଣିରେ ଭାସେ ।

୨୭୧ । ସ୍ୱପ୍ନରେ ଶ୍ୱାପଦ, ସର୍ପ ପ୍ରଭୃତି ଦେଖିଲେ ପଲାଇ ହୁଏ ନାହିଁ ।

୨୭୪ । ନୀହାରିକା = ବାଷ୍ପୀୟ ତାରାମଂଡ଼ଳ । ଏହି ସୌରଜଗତ ସମସ୍ତରେ ନୀହାରିକା ଥିଲା ଏବଂ ସେହିଠାରୁ କ୍ରମବିକାଶରେ ମନୁଷ୍ୟ-ଲୋକ ପର୍ଯ୍ୟଂତ ପ୍ରକାଶ ପାଇଅଛି ।

ବେଦଋଷି-ଗୀତ ଶୁଣଇ ସରସ୍ୱତୀ-ପୁଳନେ,
ଦେଖେ ଅପସ୍ୱରୀ-ବିଭ୍ରମ କାହ୍ନିଁ ନଂଦନ-ବନେ ।
ସ୍ୱପନେ ମିଶଇ ସ୍ୱପନ; ସ୍ୱପ୍ନ ସ୍ୱପନେ ହଂରେ,
ବିପିନ ସାଗର ଗଗନ ସବୁ ମିଶଇ ରଂଗେ ।
ସେହି ତ ସ୍ୱପନେ ଦେଖୁଚ; ଭୟୁ ଏଥକୁ କଂପା ?
ଗିରି-ଶିଖୁ ନୀଳ-ଜଳଧି-ବକ୍ଷେ ଉଠିବ ବାପା ।
ଶିଖରୁ ଡେଇଁବ ଶିଖରେ; ଡକ୍ତୁ ଉଠିବ ଶିଖେ ।
ବାଆ ବତାସିରେ ଶୋଇଛ, ଲଭ ଆରାମ ସୁଖେ ।

## ୧୩

ଏହି ଚଂଦ୍ରଭାଗା ଅଦୂରେ; ମନେ ପଡ଼ୁଛି କି ହେ ?
ରକ୍ତଧାରେ ସ୍ମୃତି ବହୁଛି ତବ ବାତ୍ରୁତ-ଦେହେ ।
ସ୍ୱପନେ ଉଠ ହେ ଉଜାଣି କାଳ ଶିଖର-ଚୂଳେ,
ସୁଖେ ବସ ସ୍ନିଗ୍ଧ ଆତପେ ରାମଚଂଡୀ-ଶିଖରେ ।
ଅଭିନୟ ପରି ଦେଖିବ ସବୁ ତରଳ ନଦେ,
ପୁଲକ-ବିସ୍ମୟ-ଚମକେ କେତେ ରସ-ଉନ୍ମାଦେ !
ଚଂଦ୍ରହାସେ ବାଳା ଆସିବେ ଚଂଦ୍ରଭାଗା ସୁନ୍ଦରୀ;
ଯବନାଣୀ କବି-ନାୟିକା ନାଟିତକ ଆଚରି ।
ବିଦେଶୀ ସୁମନ୍ୟୁ ଆସିବେ ତଳେ ନାଚଣା-ଖେଳେ;
ବୁହୁଁ ବୁହୁଁ ପୁଣି ମିଶିବେ ନୀଳ-ଜଳଧି-ଜଳେ ।
ଜାଂବବତୀ-ସୁତ ପଲକେ ଚଂଦ୍ରଭାଗା-ପୁଳନେ
ବସିଯିବେ ତପ ଆଚରି, ବୁହିଁ ଚଂଡ ତପନେ;
ଚଂଦ୍ରଭାଗା-ଜଳେ ପଖାଳି ଦେହ, ଦୁରିତରାଶି
ଖଂଡିବ; ସବିତା ସ୍ୱଦେହେ ବର ଦେବେ ହେ ଆସି ।
ସୂର୍ଯ୍ୟରଥ ଭୁଲି ରହିବ ଏଥି ଅଗ୍ନି-କୋଣେ,
କୋଣାର୍କର ନାମ ଶୋହିବ ଚଂଦ୍ରଭାଗା-ପୁଳନେ ।
ଚହୋତ୍ପଳେ ବହି କରୁଣା ଆସି ହର ପାର୍ବତୀ,
ରୁଦ୍ଧ ଜନପଦେ ବିଳସି, ବଢ଼ାଇବେ କୀରତି ।
ବାଣିଜ୍ୟ-ବାହିନୀ ଭାସିବ ନୀଳ-ଜଳଧି ଜଳେ ।
ଦୂରଗିରି-ଦରୀ-ଗହ୍ୱରେ ଭେରୀ ଉଠିବ ରୋଳେ ।
ଝଂକାରେ ଝଂକାରେ ଫିଟିବ ପ୍ରାଣ-ଉନ୍ମାଦ-ରସ;
ଝଂଟିକା-ଝଂକାରେ ମିଶିବ ରଣ ଭେରୀ-ରଭସ ।

## ୧୪

ବୁହୁଁ ବୁହୁଁ ପୁଣି ଗଗନେ ଧର୍ମ-ବିଜୟ-ଧ୍ୱଜା
ନୀଳାଚଳ-ଶିରେ ଉଠିବ, ମୋହି ରାଜା ପରଜା ।
ମାଳବ-ରାଜନ ପେଷିବେ ବିଦ୍ୟାପତି ଏ ଦେଶେ;
ଶବର-ସଖାଳି-ଦେବତା ଭାବେ ମୋହି ନେବେ ସେ ।

---

୨୮୯-୨୯୦ । ପ୍ରାଚୀନ ଗ୍ରୀସ୍ ରୋମ୍ ପ୍ରଭୃତିର ଲୋକମାନଂକୁ ଏ ଦେଶରେ ଯବନ ବୋଲି କହୁଥିଲେ । ରାଧାନାଥଂକ ଚଂଦ୍ରଭାଗା କାବ୍ୟ ରୋମୀୟ କବି ଓଭିଡ଼ଂକ ଗୋଟିଏ କବିତାରୁ ଅବଲମ୍ବିତ । ସେଥିପାଇଁ ଚଂଦ୍ରଭାଗାକୁ ଯବନାଣୀ ଓ ସୁମନ୍ୟୁଂକୁ ବିଦେଶୀ କୁହାଯାଇ ଅଛି । ନାଟିତକ = ନାଟ୍ୟବେଶ ।

୨୯୩ । ଜାଂବବତୀ-ସୁତ = ଶାଂବ । ଦ୍ୱାପର ଯୁଗରେ ଜାଂବବତୀସୁତ ଶାଂବ ଏହି ଚଂଦ୍ରଭାଗା କୂଳରେ ତପସ୍ୟା କରି ସୂର୍ଯ୍ୟଂକଠାରୁ ବର ପାଇ କୁଷ୍ଠରୋଗମୁକ୍ତ ହୋଇଥିବାର ପୁରାଣ କହଂତି ।

୨୯୯ । ଚତ୍ର, ଉତ୍ପଳ ନାମକ ଦୁଇ ଭକ୍ତଂକର ମନସ୍କାମ ସିଦ୍ଧ କରିବାପାଇଁ ମହାଦେବ ଆସି ସ୍ୱରଣରେ ରହିଥିବା ପୁରାଣରେ ଅଛି ।

୩୦୭ । ନୀଳାଚଳ ଜଂଗଲ ମଧ୍ୟରେ ଜଗନ୍ନାଥ ପ୍ରଥମେ ଗୋଟିଏ ଶବରର ଉପାସ୍ୟ ଦେବତା ଥିଲେ । ପରେ ମାଳବର ରାଜା ଇଂଦ୍ରଦ୍ୟୁମ୍ନ ବିଦ୍ୟାପତିଂକୁ ଜଗନ୍ନାଥଂକୁ ଖୋଜିବାକୁ ପଠାଇଲେ । ବିଦ୍ୟାପତିଂକ ଭକ୍ତିରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ ପ୍ରଥମେ ଇଂଦ୍ରଦ୍ୟୁମ୍ନଂକ ପୂଜା ଗ୍ରହଣ କରଂତି । ସେହି ଶବରର ବଂଶଧରମାନେ ଦଇତା ଏବଂ ବିଦ୍ୟାପତିଂକର ବଂଶଧରମାନେ ପତି ନାମରେ ଆଜି କାଲି ପୁରୁଷୋତ୍ତମ କ୍ଷେତ୍ରରେ ଅଛଂତି ।

କଳିଂଗ-ପଣ୍ଡନେ ବାଜିବ ମୌର୍ଯ୍ୟ-ସମର-ଭେରୀ;
ଧଉଳି-ଶିଖରେ ଶୋଭିବ ଅନୁଶାସନ-ଶିରୀ ।
ରାଣୀହଂସ ପୁରେ ରାଜନ ଆସି ରହିବେ ସୁଖେ,
ଋଷି ସନ୍ତ କେତେ ରହିବେ କେତେ ଶିଖରି-ଶିଖେ ।
ଖାରବେଳ-ଭେରୀ ଶୁଭିବ ହିମଗିରି-ଲଲାଟେ;
ପ୍ରତିଧ୍ୱନି ତହିଁ କୁମାରୀ ଦେବ ସାଗରତଟେ ।
ଜିନ ତୀର୍ଥଂକର ବସିବେ ଠାବେ ଠାବେ ମନ୍ଦିରେ;
ଜଂତୁ-ସେବା ଶାଳା ଶୋଭିବ ପୁରପଲ୍ଲୀ ପ୍ରାଂତରେ ।
ପୁଣ୍ୟ ତ୍ରିପିଟକ ବିହାରେ କେତେ କରିବ ଲୀଳା;
ପାବନ-ଆର୍ହତ-ଜୀବନେ ସାଧନାର ଶୃଂଖଳା ।

୧୫

ପଲକେ ସେ ଛବି ଓଲଟି ଯିବ ବାପା ସ୍ୱପନେ,
ଯଜ୍ଞ-ଧୂମ-ସ୍ୱାଚ ଉଠିବ ପୁଣି ନଭ-ବିତାନେ ।
ରକ୍ତବାହୁ-ସେନା ଭାସିବେ ନୀଳ ଚିଲିକାଜଳେ,
ତୁଂଗ ବେଦ-ଧ୍ୱନି ଶୁଭିବ ନୀଳାଚଳ-କନ୍ଦରେ ।
ସମୁଦ୍ର-ସଇନ ଚଳିବେ ସୁଖେ ମହେଂଦ୍ର-ବାଟେ,
ସ୍ୱାଧୀନ ଯଯାତି ଟେକିବେ ଶିର ସାଗର-ତଟେ ।

---

୩୦୯ । ମଗଧ ମୌର୍ଯ୍ୟବଂଶର ତୃତୀୟ ରାଜା ଅଶୋକ ଖ୍ରୀଷ୍ଟପ୍ରତିପୂର୍ବ ୩ୟ ଶତାବ୍ଦୀରେ କଳିଂଗ ଜିଣି ପ୍ରଥମେ ଧଉଳି ପର୍ବତରେ ଅନୁଶାସନଲିପି ଖୋଳାଇଥିଲେ । ସେ ଲିପି ଏବେ ମଧ୍ୟ ବିଦ୍ୟମାନ ରହିଅଛି ।

୩୧୧ । ରାଣୀହଂସପୁର = ଖାରବେଳ ଐର ଓ ତାଂକ ରାଣୀ ଉତ୍ତର ବୟସରେ ଆସି ଖଂଡଗିରିରେ ସନ୍ନ୍ୟାସି-ଭାବରେ ଅବସ୍ଥାନ କରିଥିଲେ । ଖଂଡଗିରିର ଉଦୟଗିରିରେ ଯେଉଁ ପ୍ରସ୍ତର ଖୋଦିତ ଦ୍ୱିତଳପ୍ରାସାଦ ଅଦ୍ୟାପି ରହିଅଛି, ତାହାକୁ ରାଣୀହଂସପୁର କହନ୍ତି । ଐର ରାଣୀ ରହିବା ନିମଂତେ ଏହା ଖୋଦିତ ହୋଇଥିଲା । ପରେ ଅନ୍ୟାନ୍ୟ କେତେ ରାଣୀ ଏହିଠାରେ ମଧ୍ୟ ଶେଷ ଜୀବନ କଟାଇଥିଲେ ।

୩୧୩ । ୨୦୫ ଠାରୁ ୨୧୦ର ଟୀକା ଦେଖ ।

୩୧୪ । ଖ୍ରୀଷ୍ଟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଏବଂ ତାହାପରେ କେତେକାଳ ପର୍ଯ୍ୟଂତ ଓଡ଼ିଶାରେ ଜୈନଧର୍ମର ବିଶେଷ ପ୍ରାଦୁର୍ଭାବ ଥିଲା । ଜୈନଧର୍ମର ଦେବତାମାନଂକୁ ଜିନ ଓ ତୀର୍ଥଂକର କୁହାଯାଏ । ଖଂଡଗିରିର ଶିଖର ଦେଶରେ ଜୈନ ମଂଦିର ଏବେ ମଧ୍ୟ ରହିଅଛି । ଜଂତୁ ସେବା ପାଇଁ ଜୈନଧର୍ମ ପ୍ରସିଦ୍ଧ । ଜୈନମାନଂକ ଦ୍ୱାରା ଏବେ ମଧ୍ୟ ଓଡ଼ିଶାରେ ସ୍ଥାନେ ସ୍ଥାନେ ଗୋରକ୍ଷିଣୀ ସଭା ପ୍ରତିଷ୍ଠିତ ରହିଅଛି ।

୩୧୭ । ତ୍ରିପିଟକ = ବୌଦ୍ଧମାନଂକର ଧର୍ମ-ଗ୍ରନ୍ଥ । ବିହାର = ବୌଦ୍ଧମଠ ।

୩୧୮ । ଆର୍ହତ ଅର୍ଥାତ୍ ବୌଦ୍ଧ ସନ୍ନ୍ୟାସୀ । ବୌଦ୍ଧଧର୍ମ, ସାଧନାପାଇଁ ପ୍ରସିଦ୍ଧ ।

୩୨୦-୩୨୨ । ଚତୁର୍ଥ ଶତାବ୍ଦୀରେ ମଗଧର ପ୍ରସିଦ୍ଧ ଗୁପ୍ତ-ବଂଶୀୟ ରାଜାମାନଂକ ଦ୍ୱାରା ବୌଦ୍ଧ ଓ ଜୈନ ଧର୍ମ ପରେ ବୈଦିକ ଧର୍ମର ପୁନଃ ପ୍ରତିଷ୍ଠାର ସୂତ୍ରପାତ ହେଲା । ଯଜ୍ଞ ବୈଦିକ ଧର୍ମପ୍ରତିଷ୍ଠାର ଚିହ୍ନ । ବୈଦିକ ଧର୍ମର ପୁନଃ ପ୍ରତିଷ୍ଠାବେଳେ ରକ୍ତବାହୁ ନାମକ ଜଣେ ବୌଦ୍ଧ ବା ଜୈନବୀର ( ମାଦଳାପାଂଜିରେ ଯବନ ବୋଲି ଲେଖାଅଛି; ମାତ୍ର ସେ ବୋଧହୁଏ ଆଂଧ୍ର ବୌଦ୍ଧ ଥିଲେ ) ଓଡ଼ିଶା ଆକ୍ରମଣ କରି ଚିଲିକା ଭିତରେ ତୋଫାନରେ ପଡ଼ି ସସୈନ୍ୟରେ ବିନଷ୍ଟ ହୋଇଥିଲେ ।

୩୨୩ । ମଗଧ ଗୁପ୍ତବଂଶର ଦ୍ୱିତୀୟ ରାଜା ସମୁଦ୍ରଗୁପ୍ତ ନିଜ ଦିଗ୍‌ବିଜୟଯାତ୍ରାରେ ଓଡ଼ିଶାର ଜଂଗଲ ମଧ୍ୟରେ ବ୍ୟାଘ୍ର-ରାଜଂକୁ ପରାସ୍ତ କରି ମହେଂଦ୍ରବାଟେ ଦକ୍ଷିଣାପଥକୁ ଯାଇଥିଲେ ।

୩୨୪ । ଗୁପ୍ତବଂଶର ଶେଷ ଦୁର୍ବଳ ରାଜାଂକ ରାଜତ୍ୱରେ ଯଯାତି କେଶରୀ ଓଡ଼ିଶାରେ ସ୍ୱାଧୀନ ହୋଇଥିବାର ଅନୁମାନ ।

କବି ରାଧାନାଥ ଆସିବେ କି ସେ ଯଯାତି-ପାଶେ ?
ରାଣୀସନେ ସେ କି ହସିବେ ବିଦ୍ୟାସୁନ୍ଦର ହାସେ ?
ବୈତରଣୀତୀରେ ରଚି ସେ ଅଶ୍ୱମେଧ ଯଜନ,
କାନ୍ୟକୁବ୍‌ଜରୁ ଆଣିବେ ବାଛି ବାଛି ବ୍ରାହ୍ମଣ ।
ଭୁବନ ଈଶ୍ୱରେ ନଗର, ତୁଙ୍ଗ ମନ୍ଦିର ତହିଁ,
ଉଠିବ ପଲକେ ସ୍ୱପନେ କଲା ମହିମା ବହି ।
ସୂରୀ ଧରି ଶିଳ୍ପୀ କାଟିବେ କଳା-କୁଶଳ ହାତେ,
ଉତ୍ତୁଙ୍ଗ-ମନ୍ଦିର-ଶିଖରେ ଶିଳା ଲାଗିବ ଯେତେ ।
ଗୁହ୍ମିଁ ଗୁହ୍ମିଁ ପୁଣି ମନ୍ଦିର ଟଙ୍କ ଚପିନ ତଳେ
କେଶରୀ-ମହିମା ବିସ୍ତାରି ବ୍ୟାପିଯିବ ଚହଲେ ।
କବିଙ୍କ କେଦାର-ଗଉରୀ ଆସି ଯବନ ଦେଶୁ,
ନାଚିଯିବେ ତାଳେ ସ୍ୱପନେ ତବ ଅଭ୍ୟାସବଶୁ ।
ସୁବର୍ଣ୍ଣ-ଦୁହିତା ବରିବେ ଚୋଡ଼ଗଙ୍ଗ-ରାଜନ;
କେରଳ-ମଣ୍ଡଳେ ଉତ୍କଳ-ଭେରୀ ଶୁଭିବ ପୁଣ ।

ଧରି ତ୍ରୁଡ଼ି କମ୍ପା ଯିବେ ସେ ବୀର-ବାଳା ନନ୍ଦିକା
ସହକାର-ଦ୍ରୁମ-ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଉମୁଦୀରାଙ୍ଗ ଧଉଳ ଏହି ନୟନେ ନାଚେ;
କବିଙ୍କ ସୁନ୍ଦରୀ ବିରାଗେ ମୁଖ ଫେରାଇ ପଛେ ।
ଉଠିବେ ପ୍ରତାପେ ଗରଜି ବ୍ରହ୍ମଘାତୀ ଅନଙ୍ଗ,
ବସାଇ ବ୍ରାହ୍ମଣ-ଶାସନେ ବହି ସେ ଅନୁରାଗ ।
ନୀଳାଚଳ-ବେଳା ଆଦରି ଉଠେ ତୁଙ୍ଗ ମନ୍ଦିର;
ମଠ ବାଡ଼ି କେତେ ଖଞ୍ଜିବେ ସେହି ଧରମ-ବୀର ।
ଭୂମି ମାପ କରି, ସମ୍ପତ୍ତିସମ ପରଜା ପାଳି,
ପ୍ରତାପେ କମ୍ପାଇ ଧରଣୀ, ସେହି ଯିବେ ବାହାରି

## ୧୭

କୋଣାର୍କେ ଅନାଇ ଫେରିବ ପୁଣି ସାଗର-ତୀରେ,
ଗୁହ୍ମିଁ ଗୁହ୍ମିଁ ରଣ-ଦୁନ୍ଦୁଭି ପୁଣି ଶୁଭିବ ଦୂରେ ।

୩୨୫-୩୨୬ । ରାଧାନାଥଙ୍କର 'ଯଯାତିକେଶରୀ କାବ୍ୟ ବିହଣୀସ୍ଥ କାବ୍ୟର ଇଙ୍ଗିତରେ ଲିଖିତ ପ୍ରାଚୀନ ବଙ୍ଗକବି ଭାରତଚନ୍ଦ୍ରଙ୍କ ବିଦ୍ୟାସୁନ୍ଦର ନାମକ କାବ୍ୟର ଭାବରୁ ଗୃହୀତ । ତାଙ୍କର ଅନ୍ୟାନ୍ୟ ଅନେକ କାବ୍ୟପରି ଓଡ଼ିଶାର ଇତିହାସ ବା ପ୍ରବାଦରେ ଏ କାବ୍ୟର ମୂଳ କୌଣସି ସତ୍ୟ ନାହିଁ ବା ଏହା ତାଙ୍କ ନିଜର ମୌଳିକ କଳ୍ପନା ପ୍ରସୂତ ନୁହେ ।

୩୨୭ । ଯଯାତି ଯାଜପୁରରେ ଅଶ୍ୱମେଧ କଲାବେଳେ ଏ ଦେଶର ବ୍ରାହ୍ମଣମାନଙ୍କୁ ଆଚାରଭ୍ରଷ୍ଟ ଦେଖି କାନ୍ୟକୁବ୍‌ଜରୁ ଦଶସହସ୍ର ବ୍ରାହ୍ମଣ ଅଣାଇଥିଲେ । ବର୍ତ୍ତମାନ ଓଡ଼ିଶାର ଉଚ୍ଚ ଶ୍ରେଣୀସ୍ଥ ବ୍ରାହ୍ମଣମାନେ ଏହି ଦଶସହସ୍ର ବ୍ରାହ୍ମଣଙ୍କର ବଂଶଧର ।

୩୩୦-୩୩୨ । ଭୁବନେଶ୍ୱର ଶିଳ୍ପ ନିର୍ମାଣ ସବୁ କେଶରୀ ବଂଶୀୟ ରାଜାମାନଙ୍କର କୀର୍ତ୍ତି ।

୩୩୫ । ରାଧାନାଥଙ୍କ କେଦାରଗୌରୀ ମଧ୍ୟ ଚନ୍ଦ୍ରଭାଗା ପରି ଓଭିଡଙ୍କର ଗୋଟିଏ ଆଖ୍ୟାୟିକାରେ ଉତ୍କଳ ନାମକରଣ ମାତ୍ର ।

୩୩୭-୪୦ । ସୁବର୍ଣ୍ଣକେଶରୀ ନିଜ କନ୍ୟାର ବିବାହ ନିମନ୍ତେ ଚୋଡ଼ଗଙ୍ଗଦେବଙ୍କୁ ବରଣ କରିଥିଲେ କି ନା, ଜଣା ନାହିଁ; କିନ୍ତୁ ରାଧାନାଥଙ୍କ ନନ୍ଦିକେଶରୀଙ୍କ ପରି ସୁବର୍ଣ୍ଣଦୁହିତା ବିଶ୍ୱାସଘାତକତା କରି ବାପଘର ଛାଡ଼ି ରାତିରେ ଲୁଚିକରି ଶତ୍ରୁ ଶିବିରକୁ ଯାଇ ଚୋଡ଼ଗଙ୍ଗଙ୍କୁ ପ୍ରଣୟ ପ୍ରାର୍ଥନା କରିଥିବା କଳ୍ପନାରେ କିଛି ସତ୍ୟ ନାହିଁ ।

୩୩୮ । ଚୋଡ଼ଗଙ୍ଗ ଓଡ଼ିଶାର ରାଜା ହେବା ପରେ କେରଳ ଅର୍ଥାତ୍ ଦକ୍ଷିଣଦେଶ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା ।

୩୪୧ । ଏହି ଦୁଇ ଧାଡ଼ିରେ ପାଦଟୀକରେ ରାଧାନାଥ-କଳ୍ପିତ ବୀଭତ୍ସ କାଳ୍ପନିକ ଚରିତ୍ର ପ୍ରତି ଲକ୍ଷ୍ୟ କରାଯାଇଅଛି ।

୩୪୩-୪୮ । ପ୍ରତାପଶାଳୀ ଅନଙ୍ଗଭୀମଦେବ ଭୁଲରେ ଗୋଟିଏ ବ୍ରହ୍ମହତ୍ୟା କରି ପ୍ରାୟଶ୍ଚିତ୍ତ ସ୍ୱରୂପ ବ୍ରାହ୍ମଣମାନଙ୍କୁ ୧୫୦ ଶାସନଦାନ କରିଥିଲେ । ଏହାଙ୍କ ସମୟରେ ଦେଶର ସୁଖସମୃଦ୍ଧିର କଥା କହିବା ନିଷ୍ପ୍ରୟୋଜନ । ଏ ପ୍ରଥମେ ଓଡ଼ିଶାର ଭୂମି ଜରିପ କରାଇଥିଲେ ଏବଂ ସେ ଜରିପର ଯେଉଁ ଭୂମି ପରିମାଣ ମିଳେ, ତାହା ବର୍ତ୍ତମାନ ଇଂରେଜ ଶାସନର ଜରିପ ପରିମାଣ ସଙ୍ଗେ ପ୍ରାୟ ସମାନ ଥିବାର ଦେଖି, ଇଉରୋପୀୟମାନେ ବିସ୍ମୟ ପ୍ରକାଶ କରନ୍ତି । ପୁରୀରେ ବର୍ତ୍ତମାନ ଯେଉଁ ବଡ଼ଦେଉଳ ଅଛି ତାହା ଏହାଙ୍କର କୀର୍ତ୍ତି । ଅମୃତମୁଣ୍ଡେଇ ଖଞ୍ଜା ଓ ବୈଷ୍ଣବ ମଠମାନ ଏ ସ୍ଥାପନ କରିଥିଲେ ।

ଜଗନ୍ନାଥେ ଧରେ କଟିବେ କଳା ତୁରଗ ଚଢ଼ି;
ପଦ୍ମାବତୀ ଜିଣି ଆଣିବେ ନୃପ-କୁଳ-କେଶରୀ ।
ପଂଡିତ ପ୍ରତାପ ଭକତେ ଦେବେ ପ୍ରାସାଦ ଫେରି ।
ପଞ୍ଚସଖାମେଳେ ଗଉର ଝଡ଼ିବେ ପ୍ରାଣ ନଗରୀ ।
ବାଦସାହ ଦୂତ ପେଷିବେ ବାରବାଟୀ ଦୁଆରେ;
ବାରବାଟୀ ଯାହା ହୋଇବ ତୁଂଗ ସେ ଆକବରେ ।
ପଠାଣ-ବାହିନୀ ଧଉଡ଼ସେ ଆସି ବଂଗ-ସ୍ୱଜନ,
ଶରଣ-ସୋଦର-ଉତ୍କଳେ ସୁଖେ ପାଇବେ ସ୍ଥାନ ।
ତପସ୍ୟା ରଚିବେ ମୁକୁଂଦ ଯାଇ ତ୍ରିବେଣୀ-ତଟେ;
ବାରବାଟୀ ଏବେ କଂପିବ ରଣଭେରୀ-
କୁହାଟେ ।
ସ୍ୱପନେ ହେ ତବ ତରୁଣ ପ୍ରାଣେ ବନ୍ଧି ସ୍ପଂଦନ;
କଳାପାହାଡ଼ର ଶୁଣିବ ତୀବ୍ର ଭେରୀ-ନର୍ଦନ ।
ବିଶ୍ୱାସଘାତକ ପାମରେ ଆସି ଦେବେ ହେ ଦେଖା;
ଗଡ଼ଜାତ-ବାଟେ କାଟିଲେ ଯେହ୍ନୁ କଳଂକ-ଲେଖା ।
ଗୁପ୍ତ ଛୁରୀ ହାତେ ସାମଂତ-ସୁତ
ମୁକୁଂଦେ ଭେଟି,
ଚରମସୀ-ଗାରେ ଦେବେହେ ଶୁକ୍ଳ କୀରତି କାଟି ।
ସଂକୋଚ-ସରମେ ସଢ଼ିବ କପାଁ ବାପା ସପନେ ?
ଫେର ଦେଖ, ସେହ୍ନି ଝରଇ ବାରବାଟୀ କେସନେ ?

## ୧୭

ଦେଖିବ ହେ କେତେ ଝଭବ ପ୍ରାଣ-ପୁଲକ-ଭରେ;
ସେହ୍ନି ତ ସମର-ଦୁଂଦୁଭି ବାରବାଟୀ-ଦୁଆରେ ।
ତୁଂଗ ନବତଳ ସଉଧ, ପ୍ରସାରିତ ଚତ୍ୱର;
ପରଖା-ଚରଣ-ଧୁଅଇ ଶତଜପୂଳା-ନୀର ।
ଶ୍ରେଣୀବଦ୍ଧ ସେନା-ଗୁଳଜଣୀ; ଶିରେ ଧାତୁ-କଳସ,
ବାରଣସୀ-ପୁରେ ଝକାଶେ ତୁଂଗ ଅରୁଣ-ହାସ;

୩୫୧ । ଏଠାରେ ପୁରୁଷୋତ୍ତମ ଦେବଂଙ୍କ କାଂଚୀ ଅଭିଯାନ ପ୍ରତି ଲକ୍ଷ୍ୟ କରାଯାଇଅଛି ।

୩୫୩-୫୦ । ପ୍ରତାପରୁଦ୍ରଦେବ ବଡ଼ ପଂଡିତ ଓ ଭକ୍ତ ଥିଲେ । ଗୌର ଅର୍ଥାତ୍ ଚୈତନ୍ୟ ଏହାଂଙ୍କ ସମୟରେ ଓ ସାହାଯ୍ୟରେ ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନଂତ ଓ ଯଶୋବଂତ ଏ ପାଂଚ ଭକ୍ତଙ୍କର ଚୈତନ୍ୟଂକର ପଂଚସଖା ନାମରେ ପ୍ରସିଦ୍ଧ ।

୩୫୫ । ଆକବର ବାଦଶାହ ବଂଗ ନବାବଂକ ବିରୁଦ୍ଧରେ ଓଡ଼ିଶା ରାଜା ମୁକୁଂଦ ଦେବଂଙ୍କର ସାହାଯ୍ୟ ଲୋଡ଼ିଥିଲେ ଏବଂ ମୁକୁଂଦଦେବ ସାହାଯ୍ୟ ଦେଇଥିଲେ ।

୩୫୭ । ବଂଗର ରାଜା ବାରଂବାର ବାରବାଟୀରେ ଆଶ୍ରୟ ନେଇଥିବା କଥା ଇତିହାସ ପ୍ରସିଦ୍ଧ । ସେନବଂଶର ଶେଷ ରାଜା ଲକ୍ଷ୍ମଣସେନ ପଠାଣ ଆକ୍ରମଣରେ ଭୀତ ହୋଇ ଓଡ଼ିଶା ରାଜାଂକର ଅତିଥିରୂପେ ଶେଷଜୀବନ ଯାପନ କରିଥିବା କଥା ସମସ୍ତେ ଜାଣିଥିବେ ।

୩୫୯-୬୭ । ଗଂଗାଂକୁ ଓଡ଼ିଶାକୁ ଆଣିବା ପାଇଁ ଅର୍ଥାତ୍ ତ୍ରିବେଣୀଠାରୁ କଟକ ପର୍ଯ୍ୟଂତ କେନାଲ ଫିଟାଇବା ପାଇଁ ଗଂଗାଂକ ଅନୁମତି ପାଇବାକୁ ମୁକୁଂଦଦେବ ତ୍ରିବେଣୀତଟରେ ତପସ୍ୟା କରୁଥିଲେ । ସେହି ସମୟରେ ସାମଂତସୁତ ରାମଚଂଦ୍ର ଭଂଜ ( ଏହା ପରେ ରାମଚଂଦ୍ର ଦେବ ହେଲେ ) ବିଶ୍ୱାସଘାତକତା କରି ଶିଖି ମହାପାତ୍ର ଓ ମଳାଇ ମହାପାତ୍ର ନାମକ ଦୁଇଜଣ ବିଶ୍ୱାସଘାତକଂଙ୍କୁ ପଠାଇ ଗୋପନରେ କଳାପାହାଡ଼କୁ ଗଡ଼ଜାତବାଟେ କଟକକୁ ଘେନି ଆସିଥିଲେ ଏବଂ ମୁକୁଂଦଦେବ ଫେରି ଆସିଲା ପରେ ରାମଚନ୍ଦ୍ର ତାଂକୁ ବିଶ୍ୱାସ ଦେଖାଇ ଗୁପ୍ତହତ୍ୟା କରିଥିଲେ ।

୩୭୧ । ତୁଂଗନବତଳ—ବାରବାଟୀର ରାଜଭବନ ଗୋଟିଏ ନଅମହଲା କୋଠା ଥିଲା ।

୩୭୪ । ବାରଣସୀପୁର—ବଡ଼ାନାସୀଗଡ଼, ଏହା କଟକର ଅଳ୍ପ ଦୂରରେ ଥିଲା । ଏବେ ମଧ୍ୟ ସେଠାରେ ବଡ଼ାନାସୀ ବୋଲି ସ୍ଥାନ ଅଛି ।

ଶିଖର-ମଂଡ଼ନ-କେତନମାଳା ଝେଳେ ଅରୁଣେ;
ଭୁଂଗ ଗଜପତି-ନିଶାଣ ସ୍ୱର୍ଣ୍ଣ-ଗଜ-ଲଂବନେ ।
ପ୍ରାଂଗଣ-ପ୍ରସାର-ବିଭବେ ବୀର-ବନିତା-ମେଳେ
ଶୁଭ ହୁଳହୁଳି ସମୀରେ ମିଶେ ତରଳ-ଖେଳେ ।
ଦେଖ, କି ପୁଲକେ ରମଣୀ ଗର୍ବ-ଦୀନ-ଭୂଷଣେ,
ପୃଥୁଳ-ଉରସ-ବିସ୍ତାରେ, ଗର୍ବ-ପୀନ ନୟନେ,
ତାତ ଭ୍ରାତ ସୁତ ଦୟିତେ ରଣ-ଭୂଷଣେ ସାଜି,
ଦୂର-ଅରି-ପଂଥି-ବିନାଶେ ଦେବେ ସୁଖେ ବରଜି ।
ତାଂଡବିତ-ଲାସ୍ୟ-ବିଭ୍ରମେ, ବୀର ଲଳିତ ତାନେ,
ଗଉରବ-ଗାଥା ଭସାଇ ଦେବେ ବ୍ୟୋମ-ବିତାନେ ।
ଅତୀତ-ଗରବେ ମିଶାଇ ଦେବେ ଭବିଷ୍ୟ-ଯଶ;
ଭୁରୁ ବିସ୍ତାରଣେ ତୋଳିବେ ବୀରେ ଉନ୍ମାଦ-ରସ ।
ବଂଦୀଗୀତ ଭେରୀ-ନିନାଦେ ମିଶିଯିବ ଉନ୍ମାଦ;
ଉତ୍ସାହେ ରମଣୀ ଗାଇବେ ତେଜି ସମର-ମଦ ।
"ବାରାଣସୀ ଚଉଦୁଆରୁ ଆଣି କୀରତି-ମାଟି,
ଅସିମୁନ-ଗାରେ ତୋଳିଲେ ଖ୍ୟାମ ଏ ବାରବାଟୀ ।
ସେହୁ ଦିନୁ କେବେ ଜନମେ ବାରବାଟୀର ନାରୀ
ଶୁଣି ନାହିଁ ଗଡ଼ଦୁଆରେ ଶତ୍ରୁ ବଇରି-ଭେରୀ ।
ମହୋଦଧି-ବିଶ ସମୀରେ ଯାଏ ବିଂଧ୍ୟ-ଅଚଳେ,
ଗଉଡ଼-ଶ୍ୟାମଳ-ଲହରୀ ମିଶେ ନୀଳ କେରଳେ,
ଯାବତ, ତାବତ ଓଡ଼ିଆ-ଭୁଂଗ-ସ୍ୱାଧୀନ-ଶିରୀ
ଉଡ଼୍ଟୁ, ଯେତେଦିନ ଟେକିଛି ମଥା ମହେଂଦ୍ର ଗିରି;
ସାଗର ଧୋଉଛି ଚରଣ ପୁଣି କରମଂଡଳେ,
ବାଜୁଛି ପ୍ରେମର ଘଣ୍ଟିକା ପୁଷ୍ପ-ବଡ଼ଦେଉଳେ ।
ଉଠ ବୀରେ ଉଠ ଯାଅ ହେ ଝରେ ଦୂର ବିଦେଶେ;
ଦୁଆରେ ଅରାତି-ଦୁଂଦୁଭି ଶୁଣିବ କି ହରଷେ ?
କୀରତି ସୁମରି, ସେ ଦୁରେ କର ଅରାତି-ନାଶ,
ଆସିବ ବାହୁଡ଼ି ଗରବେ, ଭବେ ଲଭିବ ଯଶ ।
ନ ଭାଳିବ ମାଆ ଭଉଣୀ ସୁତ ସଂପଦ ଘର,
ବୀର-ଆଭରଣ ଯାବତ ଲାଗିଥିବ ସମର ।
ରଣେ ପଶି ଭଲେ ଜୀବନେ ନ ବାନ୍ଧିବ ମମତା;
କି ଭାଳିବେ ପୂର୍ବ ପୁରୁଷେ, ଭାବୁ ଥିବ ସେ କଥା ।
ତାଂକମେଳେ ପୁଣି ଦେବତା ଦେଖୁଥିବେ ସମର;
ଯାଅ ଯାଅ ବୀରେ ତତ୍ପର, ଆଉ ନାହିଁଟି ତର ।"
ଶୁଣିବ ଏ ଖ୍ୟାମ ସଂଗୀତ ଭେରୀ-ଦୁଂଦୁଭି-ନାଦେ;
କାଳେ ଏ ସପନ ଯିବଟି ଭାଂଗି ଚମକି ନଦେ ।

## ୧୮

ସପନେ ତ ବାପା ଦେଖୁଛ ବାରବାଟୀ ସଉଧ,
ବାରବାଟୀ-ପୁରେ ଶୁଣୁଛ ଶତ୍ରୁ ଦୁଂଦୁଭି-ନାଦ ।
ନାରୀର ଉନ୍ମାଦେ ଉଠୁଛି ହୁଳହୁଳି ଚହଳେ ।
ଭୁଂଗ-ବୀରବାଳା-ସଂଗୀତ ଶୁଭେ ନାରୀ-ମହଲେ ।

---

୩୭୭ । ଓଡ଼ିଶା ରାଜାଂକର ପତାକାରେ ହାତୀ ଚିହ୍ନ ଥାଏ । ସୁନାଜରିରେ ଏହା ଚିତ୍ରିତ ହୋଇ ପତାକାରେ ଲଂବିଥାଏ ।

୩୮୦ । ପୀନ = ପୃଥୁଳ, ବିଶାଳ, ଏଠାରେ ବିସ୍ତାରିତ ।

୩୮୩ । ତାଂଡବିତ ଲାସ୍ୟ = ବୀରଭାବରେ ସ୍ତ୍ରୀମାନଂକର ଭଂଗୀ ।

୩୮୭ । ବଂଦୀମାନେ ଅଭିଯାନ ବେଳେ ବୀରଗାନ ଗାଉଥିଲେ ।

୩୮୮ । ତେଜି = ଉତ୍ତେଜିତ କରି ।

୩୯୦ । ଖ୍ୟାମ = ଅନଂଗଭୀମଦେବ । ବାରାଣସୀ ଓ ଚଉଦୁଆର ପରେ ବାରବାଟୀ ଓଡ଼ିଶାର ରାଜଧାନୀ ହୋଇଥିଲା । ବୀର ଅନଂଗଭୀମଦେବ ବାରବାଟୀ ଦୁର୍ଗ ଓ ପ୍ରାସାଦ ନିର୍ମାଣ କରି ଏହାକୁ ପ୍ରଥମେ ରାଜଧାନୀ କରିଥିଲେ ।

ଅଭିଯାନ-ସଜ୍ଜେ ସ୍ଥାଣୁଶ୍ରେଣୀ ଭେଦି ସଇନ-ଧାରା,
ବିଶାଳ ସେ ଗଡ଼-ପ୍ରାଂତରେ ଦିଶେ ଅରୁଣେ ତୋରା ।
ଛଟକେ ତୁରଂଗ ବୁଲାଇ କାଢ଼ି ଅସି-ଫଳକେ,
ଦେଖାଉଛି ବୀର-ଉନ୍ମାଦେ କେହୁ ପ୍ରାଣ-ପୁଲକେ ।
ପର୍ଯାଣେ ଖରେ କେ ଉଠୁଛି ଋଜୁ-ଦୃଢ଼ ନୟନେ,
କେହୁ ସ୍ଥିର ରଖି ବରଛା ଦୃଢ଼ କରେ ପର୍ଯାଣେ ।
ବୀର-ବର୍ମ-ତେଜେ ଝଲସି ଉଠେ ଦୁର୍ଗ-ଦୁଆର;
ଝଲକେ ଝଲକେ ଆତପେ ନେତ୍ର କରଇ ସ୍ଥିର ।
ନାଳକାଷ୍ଠ କେହୁ ଅର୍ଗଳ କାଢ଼ି ଦେଖେ ପରଖି,
ଶକଟରେ ଥୋକେ ସଜାଇ ତୋପ ନିଅଂନ୍ତି ରଖି ।
ବଲମର ବାଡ଼ ପଦାତି ତୋଳି ଗଗନ-ପଟେ,
ଅଗ୍ନିଖଂଡ ଧରି ଅରୁଣେ ଆସେ ସମର-ନାଟେ ।
ଋଜୁରେଖା ଧରି ସାଜଂନ୍ତି ସେନା ପଛକୁ ପଛ,
ବିସ୍ମୟ-ପୁଲକେ ଦେଖୁଛି ସୈନ୍ୟ-ସାଗର-ନାଚ ।

## ୧୯

ତୁଂଗ-ଧ୍ୱଜ-ତଳେ ଉଠିଲେ ସେନାପତି ତୁରଂଗେ,
ବପୁଷ୍ଟ-ପ୍ରସାର ବୁଲାଇ ଗୃହିଁ ସେ ଚତୁରଂଗେ ।
ତିନିବାର ଶିଂଘା ନାଦିଲେ; ସଜ ହେଲେ ସଇନ,
ଶତ ପ୍ରତିଶିଂଘା ବାଜିଲା; ଘୋଟେ ଉଠିଲା ଧ୍ୱନି ।
ନିଅଂନ୍ତି ସେ ଏବେ ସଂକେତ; ସେନା ଯାଆଂନ୍ତି ଚାଲି ।
ତାରକିତ-ବାତ-କଂପନେ ସିଂଧୁ ଯାଏ କି ଥରି !
ସ୍ରୋତ-ଭଂଗେ ଯେସି ନୟନ ଖର-ବର୍ମ-ବିଭାସେ,
ଯାଏ ଚତୁରଂଗ-ବାହିନୀ ନିଜ ପେର ବିଳାସେ ।
ସ୍ତିର ଅଶ୍ୱ-ରଥେ ଯାଆଂନ୍ତି ଆଗେ ସାମଂତ-କୁଳ;
ତୁଂଗ କରିବର ଆଦରି ଯେହୁ ସାମଂତ-ତୁଲ;
ନିଷାଦ-ପଛରେ ଯାଆଂନ୍ତି ସାଥୀ ବୀର କଦଂବେ
ପଦାତି-ସଇନ ଚଳଂନ୍ତି ଯାବାବାର-ବିଭବେ ।
ଅରୁଣ-ସମୀରେ ଫିଟାଇ ମାଳ ବାତ-ତଳନେ;
ମାର୍ତଂତ-ଲାଂଛନ କେତନ ଉଡ଼େ ଧୀର ସ୍ପଂଦନେ ।
ଚଳେ ତା'ର ରଥ; ମାତଂଗ ଦୁଇପାଶେ ସଳଖେ;
ତୁଂଗ ବାଜିବର ସୁରତେ, ସ୍ୱର୍ଣ-ଖଳୀନ-ମୁଖେ;
ଚାମର-ବ୍ୟଜନ-ସଂଭ୍ରମେ ଶିରେ ମଣି-ମୁକୁଟ;
ଚାହାଣିଲେ ନୃପ-କେଶରୀ ଦେଖି ସଙ୍କିତ ଥାଟ !
ପେଂଡାବାଲ-ଗଂଠି ଦିଶଇ ଭୁଂଡାପରି ଶିରସେ;
ପଦକେ ହୀରକ; ମୁକୁଟେ ଜୈତ୍ର-ମଣି ବିକାଶେ;
ବିଶାଳ-ଲଲାଟ-କୁଂଚନେ ଦିଶେ ବଜ୍ର ଦର୍ଶନ;
ଗୁରୁ ଅସିକୋଷ ଝୁଲଇ ଜକଜକ ରତନ;
ଜାନୁ-ଲଂବୀ ଭୁଜ ପ୍ରଚଂଡ ଶୋହେ ବିଶାଳ ଉରେ;
ପୀନ ଚର୍ମ ପୃଷ୍ଠେ ଦୋଳଇ; ରଣ-ଭେରୀ ଗ୍ରୀବରେ ।
ଗୁରୁ ଗ୍ରୀବା ତୋଳି ଗୃହିଁଲେ ଥରେ ସଇନ-ସାଜେ;
ଗୁରୁ-ଗ୍ରାବ ଚୂଳେ ପ୍ରଦୀପ ଯଥା ଝଡ଼-ଜାହାଜେ ।

---

୪୨୩ । ନାଳକାଷ୍ଠ = ବଂଧୁକ । ସେ କାଳର ଯୁଦ୍ଧ ବଂଧୁକରେ ମଧ୍ୟ ଅର୍ଗଳରେ ବାରୁଦ ଗୁଂଦା ଯାଉଥିଲା ।

୪୩୯ । ନିଷାଦୀ = ଗଜାରୋହୀ । ୪୪୪ । ଖଳିନ = କଳିଆର । ରଜାଂକ ପାଇଁ ରଥ ଦୁଇପାଖରେ ହାତୀ ଓ ଆଗରେ ଘୋଡ଼ା ରଖାହୋଇଥିବାର ଛବି ବର୍ଣିତ ହୋଇଅଛି ।

୪୪୮ । ଜୈତ୍ରମଣି, ଓଡ଼ିଶା ରଜାଂକ ମୁକୁଟରେ ଥାଏ । ୪୫୨ । ଚର୍ମ = ଢାଲ ।

୪୫୪ । ଗ୍ରାବ = ପଥର । ସମୁଦ୍ର ଭିତରେ ଝଡରେ ଜାହାଜମାନଂକୁ ସତର୍କ କରିବା ପାଇଁ ପାହାଡ଼ମାନଂକ ଉପରେ ଦୀପସ୍ତଂଭ ଥାଏ ଏବଂ ସେହି ଆଲୋକକୁ ଝଡ଼ ବେଳେ ଦୀପରକ୍ଷକ ଘୁରାଇକୁ ବୁଲାଇ ଦେଖାଉ ଥାଏ ।

କେତନ-ଲଂଛନ-ମାନଂଗେ ଥରେ ଗୁହିଁଲେ ତହିଁ,
ରଥ ତୁରଂଗମ ମାନଂଗେ ଗଲେ ଆଖି ବୁଲାଇ ।
ଶକଟର ଖେଳ ନଯ୍ନେ ଗଲା ସେ ଥାଟେ ବୁଲି,
ଉଗ୍ରାହେ ଉରସ୍ଥ-ପ୍ରସାରେ ସେନା ଦଶିଲେ ଫୁଲି ।

ବର୍ମ-ତେଜେ ଜଳ ଅନଳ ତହିଁ ଦେଲା ସେ ପୁରେ;
ମସଜଦ ନାଦ ଉଠିଲା ବାରବାଟୀ-ଚତ୍ୱରେ;
ନବ-ତଳ ମିଶି ହୋଇଲା ଭଗ୍ନ ସ୍ତୂପ ମାଟିର;
ଗଡ଼-ପରିଖାରେ ପଡ଼ିଲା ଅଭ୍ରଭେଦୀ ପ୍ରାଚୀର ।

୨୦

ଦେଖ ଗଜପତି ବାଳକେ, ଦେଖ ପରାଣ ଭରି;
ଉତ୍କଳ-କେତନେ ଦେଖ ହେ ସ୍ୱର୍ଣ୍ଣ-ଗଜ-ଲହରୀ !
ଜୀବନେ ଆଉ କି ଦେଖିବ, ସ୍ୱପ୍ନ ଭାଂଗିବ ଯେବେ,
ଶାତ୍ରୁ ରଣ-ସାଜେ ଉତ୍କଳେ ଆଉ ସଇନ କେବେ ?
ଯେ ଉ ରହିଛଂତି ବାହିନୀ, ଯେଉ ସେ ସେନାପତି;
କାଳତାନେ ପଦେ ବଢ଼ୁଛି ଚଢ଼ଉପୂଲା ସତୀ ।
ତୁଂଗରଥ ଚଢ଼ି ଗୁଲିବେ, ଗୁହିଁଛଂତି ରାଜନ,
ରଂଗଭୂମେ ବେଳ ପଡ଼ିଲେ, ଆଗେ ଦେବେ ଜୀବନ ।
ଏଡ଼ ରଥ, ଶ୍ୟାମ ତୁରଂଗେ ଗଲେ ସେତୁ ଚମକେ,
ଶିରସ୍ତ୍ରାଣେ ଖର ମୁକୁଟ ଝକଝକ ଝଲକେ;
ଅରୁଣ-ବରଣେ ରତନ ରକ୍ତ-ଉପଳେ ଜଳେ;
ବର୍ମ-ଚକଚକେ ଉକ୍ରମେ, ପୃଷ୍ଠେ ଫଳକ ଝୁଲେ ।
ଚଞ୍ଚଳ-ବେଗେ ସେ ଚଳକେ ବୁଲିଗଲେ ସଇନ୍ୟ,
ସେନାପତି ସଂଗେ ପୁରତେ କଥା କହିଲେ ଭୂନ ।
ଗୁହିଁଲେ ପଛକୁ, ତୋଳିଲେ ମୁଖେ କୁଟିଳ ଭେରୀ,
ସେନାପତି ସଂଗେ ସାମଂତେ ତହିଁ ହେଲେ ସୁମାରୀ ।
ଶତ ଶତ ଭେରୀ ବାଜିଲା ତୁଂଗ ମଂଦ୍ର ନିନାଦେ
ସ୍ୱପନେ ସଉଧ ଭାଜିଲା କହେ ସେହି ଶବଦେ !

୨୧

ସପନେ ଲାଗିବ ବକଳ ବାପା ବାଜ୍ୟତ-ନଦେ ।
ଲାଗିବ ଶିଖରୁ ପଡ଼ୁଛି କବା ସାଗର ପଦେ !
ଧୀରେ ଧୀରେ ଆସି ସୁଷୁପ୍ତି ଘୋଟି ଯିବରେ ଧନ,
ବିହୁଁ ପୁଣି ଝଡ଼-ଝଂକାରେ ଉଠିବ ହେ ସ୍ୱପନ ।
ଘଡ଼ଘଡ଼ି ନାଦେ ମିଶିବ ଶାତ୍ରୁ ଭେରୀ-ନିନାଦ,
ସ୍ୱପନେ ସ୍ୱପନ ମିଶିବ, ହେବ ପରାଣେ ମୁଦ ।
ଦେଖ, ଗୁହଁ ପୁଣି ଆସିଲେ ରାଜା ଗଡ଼ ଦୁଆରେ,
ପରିଖା ପ୍ରାକାର ଶୋଭିଲା ତୁଂଗ-ସଉଧ-ଚୂଳେ ।
ଦେଖିବ ପ୍ରାଂଗଣ-ବିତାନ, ନାରୀ-ମହଲ ଦ୍ୱାରୁ;
ସଉଧ-ମକୁଟେ ମଂଦିରେ ଘଂଟା ବାଜଇ ଗୁରୁ ।
ପ୍ରାଂଗଣ ବରଜ ଆସିବ ବାପା ଚଳ ସ୍ୱପନେ ।
ବାର-ବାଳା ପଥ ଦେଖାଇ ଦେବେ ଭଦ୍ରଭାଷଣେ ।
ସୁତ-ସନମାନେ ନୃପତି କରିବେ ହେ ଆଦର,
ସଇନ-ଗ୍ରୁଣି ଦେଖାଇ ଦେବେ ବୁଲି ପ୍ରାଂତର ।
ଫେରି ଦେଖ, ସଂଗେ ନାହାଂତି ବାପା ଆଉ ରାଜନ !
ଚତୁରଂଗ-ସାଜେ ଶୁଭଇ ପୁଣି ଦୁଂଦୁଭି-ଧ୍ୱନ ।

---

୪୭୮ । ବର୍ତ୍ତମାନ ଭଗ୍ନ ବାରବାଟୀ ଦୁର୍ଗ ମଧ୍ୟରେ ଗୋଟିଏ ମାଟିଗଡ଼ା ଓ ଗୋଟିଏ ମସଜିଦ ଅଛି ।

୪୯୦ । ବାରବାଟୀର ସଉଧପର ମହଲରେ ରାଜପୁରର ଉପାସ୍ୟଦେବତାଂକ ଆସ୍ଥାନ ଥିଲା ।

## ୨୨

ଶାରଦ-ନଭସ-ବିତାନେ-ଉଚ୍ଚେ ଉଡ଼ିବ ଧ୍ୱଜ,
ସେନାପତି ଦେବେ ଇଂଗିତ, ସେନା ହୋଇବେ ସଜ ।
ସାମଂତ-ରାଜନେ ଆସିବେ ବୀର ସଇନ ଘେନି,
ଦୂର ଅଶ୍ୱପତି-ନବର୍ଦ୍ଧ ଦୂତ ଆସିବ ପୁଣି ।
ମଂତ୍ରୀ-ସେନାପତି-ଗହଣେ ନୃପ ଗଲେ ଭିତରେ,
ଉନ୍ମାଦେ ବିଭବ ବଖାଣି ବଂଦୀ ଗାଇଲେ ସ୍ୱରେ :
ବ୍ୟାଘ୍ର-ନରପତି-ସୁଯଶ; ଖାରବେଳ-କୀରତି;
ଧାର୍ମିକ ଅଇର ରାଜନ; ଭୁଂଗ-ବୀର ଯଯାତି;
କର-ନୃପ-କୁଳେ ସୁବର୍ଣ୍ଣ ରାଣୀ ମହିମମୟୀ,
ଗିରି ବନ ନଦୀ ମହତ ଯାର ମହିମା ବହି;
ମର୍କତ, ମତ୍ସ୍ୟ, ଲଳାଟ, ବୀର ଅନଂଗଭୀମ,
ଚଟିମା-ମେଖଳା, ମଂଦିର, ଯହିଁ କୀର୍ତ୍ତି-କରମ ।
ସ୍ମୃତି-ପଥେ ଭାସି ପଲକେ ଯିବେ ବାପା ଭୁଂଭର ।
ଗୋଟି ଗୋଟି ପୁଣି ଗାଇବେ ବଂଦୀ ଫିଟାଇ ସ୍ୱର :

## ୨୩

ଦିଗ୍‌ବିଜୟେ କେତେ ବାହାରି, ଭବେ ରଖିଲେ ଯଶ,
ଅଶ୍ୱମେଧ ପୁଣି କାହାର ଗୁଣ କରେ ପ୍ରକାଶ ।
ବିଂଧ ଭେଦି କେତେ ଉତ୍ତରେ ରୁଷ୍ଟ ଯାଟି ଆଦରି,
ବିଶାଳ ପଠାଣ-ବାହିନୀ ଦେଲେ ସମୂଳେ ମାରି,
କଲବର୍ଗ-ସୀମା ଡେଇଁ କେ ଦେଲେ ହୃଦ୍ଭ ହରନ ।
ସହ୍ୟାଦ୍ରି-ଉତ୍ତରେ ପୋତିଲେ ଭୁଂଗ-ଗଜ-କେତନ ।
କାବେରୀ-ପୁଳନେ ନୃପତି କେତେ ଅଟନ୍ତି ଯହିଁ
ଯୁଝି, କଞ୍ଚଣଲେ ମେଲିଲେ ତାରେ ନର୍ମ-ନିରଂଗେ ।
ତାମ୍ରଲିପ୍ତି-ପୁର ବିଦ୍ରୋହେ କେତେ ଏକାକୀ ବୀର
ବାଣିଜ୍ୟ-ବୋଇତେ ଆଦରି, ହେଲେ ଅଗ୍ରିତ-ଚର;
ଇଂଗିତ-ଗୃଳନେ ବଣିକେ ତରବାରି ଆସ୍ଫାଳି,
କୈବର୍ତ୍ତ-କାରତି ଠେକିଲେ ଜଳଦସ୍ୟୁ ସଂହାରି;
ବିଦ୍ରୋହ ଉଜାଲ୍ଲ ନଜନ; ତହିଁ କୈବର୍ତ୍ତେ ରହି,
ଉତ୍ତର-ଉତ୍କଳ-ଘଉନେ ଦେଲେ ପୁର ଫିଟାଇ ।
ଦୂରେ ଅପମାନ ଦେଖି କେ, ବହୁ ଅନିଚ୍ଛା ବହି,
ଘରିଣେ ଦଂଡିଲେ ସାମଂତେ, ନିଜ ବାହା ଛୁଂଡାଇ;

---

୫୦୦ । ଅଶ୍ୱପତି — ପ୍ରାଚୀନ ବାହ୍ମନୀ ଓ ତାହାପରେ ତାହାର ଭଗ୍ନାଗରେ ନିର୍ମିତ ଗୋଲକୁଂଡା ପ୍ରଭୃତି ପାଂଚଟି ରାଜ୍ୟର ରାଜାମାନଂକୁ ପ୍ରାଚୀନ ଐତିହାସିକମାନେ ଅଶ୍ୱପତି ନାମ ଦେଇଛଂତି ।

୫୦୭-୮ । ମର୍କତକେଶରୀଂକର କାଠଯୋଡ଼ୀ ପଥରବଂଧ, ମତ୍ସ୍ୟକେଶରୀଂକ ପୁରୀ ଓ ଯାଜପୁରର ଅଠରନଳା, ଲଲାଟେଂଦ୍ର କେଶରୀଂକ ଭୁବନେଶ୍ୱର ଓ ଅନଂଗଭୀମଦେବଂକ ପୁରୀମଂଦିର ପ୍ରଭୃତି କୀର୍ତ୍ତିକୁ ଲକ୍ଷ୍ୟ କରି ଯାଇଅଛି ।

୫୧୫ । କଲବର୍ଗ — ଦାକ୍ଷିଣାତ୍ୟର ଉତ୍ତରପଶ୍ଚିମ ଭାଗରେ ଏହି ରାଜ୍ୟ ଥିଲା । ଅନଂଗଭୀମଦେବଂକ କଳ୍ପିତ ଗଜପତି ଉପାଧିରେ ବର୍ତ୍ତମାନ ମଧ୍ୟ ଅଛି, 'ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟିକର୍ଣ୍ଣାଟ-କଲବର୍ଗେଶ୍ୱର' ।

୫୧୯ । ତାମ୍ରଲିପ୍ତିରେ ବାରଂବାର ବିଦ୍ରୋହ ଓ ଜଳଦସ୍ୟୁ ଅତ୍ୟାଚାରର ଇତିହାସ ପ୍ରସିଦ୍ଧ ।

୫୨୨-୨୪ । ଚୋଡ଼ଗଂଗଦେବଂକ ସମୟରେ ଗୋଟିଏ ବିଦ୍ରୋହ ଦମନ କରି ଓଡ଼ିଶାର କେତେକ କୈବର୍ତ୍ତ ( ନାବିକ ) ତାମ୍ରଲିପ୍ତିରେ ନୂତନ ନଗର ବସାଇଥିଲେ । ସେହି କୈବର୍ତ୍ତଂକ ବଂଶଧରମାନେ ଏବେ ମେଦିନୀପୁରରେ ମାହିଷ୍ୟ ବୋଲି ପରିଚିତ । ବର୍ତ୍ତମାନ ମଧ୍ୟ ସେମାନଂକର ଜେନା ( ଜାନା ) ମହାଂତି ( ମାଇତି ) ପ୍ରଭୃତି କୁଳସଂଜ୍ଞା ରହିଅଛି ।

୫୨୫-୫୩୧ । ଏସବୁ ପ୍ରବାଦମାନଂକରୁ ସଂଗୃହୀତ । କେଉଁ କେଉଁ ରାଜାଂକ ସମୟରେ ଏସବୁ କେବେ ଘଟିଥିଲା ତାହା ଏ ପର୍ଯ୍ୟଂତ ଐତିହାସିକମାନେ ଆବିଷ୍କାର କରି ନାହାଂତି । ଯେଉଁ ପ୍ରବାଦରେ ରାଜା ବା ସ୍ଥାନ ପ୍ରଭୃତିର ନାମ ଅଛି, ପ୍ରବାଦରେ ତାହା ସେତିକି ମାତ୍ର ପ୍ରକାଶ ପାଏ; ତେଣୁ ବିଶେଷ ଟୀକାଦେବା ନିଷ୍ପ୍ରୟୋଜନ ।

ସେହି ଦୂତ ଏହି ସଂଦେଶ ଦେଲା ଶତ୍ରୁ-ଶିବିରେ;
ମିଳିତ ବରଜ ସଇନ୍ୟ ଆସି ବେଢ଼ିଲେ ଖରେ;
ଚଂଡ ରଣ-ମଧ୍ୟେ ଉଠିଲେ ତହିଁ ନୃପ-କେଶରୀ,
ଛତ୍ର-ଭଂଗ-ଭୟେ ଅଳପ ମାତ୍ର ସେନା ଉଦ୍ଧାରି;
ତୀବ୍ର ତରବାରୀ ଆସ୍ଫାଳି, ଆଗେ ପଶିଲେ ରଣେ;
ବିଜୟ-ବାରତା ଶୁଣିଲେ ମାତ୍ର ମରଣ କ୍ଷଣେ;
କହିଲେ, "ଉତ୍କଳ-ଜନନୀ, ସୁଖେ ମରୁଛି ମୁହିଁ;
ବୀରର ବିବେକେ ଶୋଧୁ ଗୋ ଋଣ ତୋର ଏ ମହୀ!"
ଗଉଡ଼-ରାଜନେ ଦେଖି କେ ରଣେ ଦେବାର
ଭଂଗ,
ଜାଣି ଭୟାଜୀବ-ବେଶରେ ଛାଡ଼ିଯିବାର ବଂଗ,
ଗଂଗା-ଆରପାଖେ ପଠାଇଦେଲେ ତୁରଂଗ-ସାଜ;
ନିମଂତ୍ରଣ ପାଇ ସୁଖୀ ସେ ହେଲେ ଗଉଡ଼-ରାଜ ।
ଶତ୍ରୁର ଶିବିରେ ବିଶ୍ୱାସେ ଥିଲେ କେହି କୁମାର;
ସହସା ଦେଖିଲେ ଚମକି ଛଟିଲେ ବଂଧା ସେ ତାର;
ବୀଭତ୍ସ ଭ୍ରୂକୁଟୀ ଦେଖାଇ, କୃତାଂତର କୃପାଣ
ନିଷ୍କୋଷି, ଚମକେ ସଂହାରି ଶତ ବଇରି-ପ୍ରାଣ,
ଅଭିମନ୍ୟୁ-କଳା ଦେଖାଇ, ଗର୍ବ-ସ୍ଫୁର-ବଦନେ,
ଆତ୍ମ-ସମର୍ପଣ ନ କରି, ବୀର ପଡ଼ିଲେ ରଣେ;
ବିକଟ ବିଭବେ ଉନ୍ମତ୍ତ ହେଲେ ବଇରି-ଗଣ;
ସଂବାଦେ ଶିବିରେ ସ୍ଫୁଲିଂଗେ ଜଳେ ଦାବ-ଦହନ;
ଦୂର ରଂଗ-ଭୂମେ ବହିଲା ଶତ୍ରୁ-ଶୋଣିତ-ଧାରା;
ଯବନ-ଶିବିର ଜଳିଲା ଧୂମେ ଲୁଚିଲେ ତାରା,
ଅମର କୁମାର ଶୋଇଲେ ଶୁଭ୍ର-କୀରତି-ଦୀପେ,
ଭକତି-ଆରତି ବହିଲେ ତହିଁ ଉତ୍କଳ-ନୃପେ ।
ବିଶ୍ୱାସର ବିଷେ ପଡ଼ି କେ ପୁଣି ଶତ୍ରୁ-ଶିବିରେ,
ବିଶାଳ ଉରସ ଦେଖାଇ ଦେଲେ ବୀର-ବେଶରେ,
ଫିଂଗିଲେ କୃପାଣ, ଶ୍ରୀକରେ ବର୍ମ ଦେଲେ ଛିଂଡାଇ,
କହିଲେ ସେ, "ଗୁପ୍ତ ଛୁରିକା ଦିଅ ବକ୍ଷେ ବସାଇ,
ଉରଗ-ଦଂଶନେ ତାମସେ ବହୁ ରକ୍ତ ଶୀତଳ,
ଏ ବୀର କରମ ଜାଣଂତୁ ଭବେ କ୍ଷତ୍ରିୟକୁଳ,"
ଶ୍ରମ ଏ ବଚନେ ଖସିଲା ଶତ୍ରୁ-ସାମଂତ-କରୁ
ଶାଣିତ-ତରବାରୀ, ପ୍ରଣାମେ ତାର ଲଇଁଲା ଉରୁ ।
ସ୍ୱୟଂବରେ କେହି କୁମାର ନରପତି-ନବରେ
ଲଭିଲେ ବରଣ-ବେଶରେ ରାଜ-ଦୁହିତା-ବରେ,
ପଲ୍ଲବ-ସାମଂତ-ରାଜନ-ସୁତ ହେଲେ ଉଦାସୀ,
ନରପତି କର-ଇଂଗିତେ ଦେଲେ ତାହାଂକୁ ଠାରି,
ଉତ୍କଳ-ଭୂମ ରେ ଲାଗିଲେ ସେହି ଦ୍ୱଂଦ୍ୱ-ସମର,
ସ୍ମେର ମୁଖେ ଦେଲେ କୁମାର ତାଂକୁ ଖଡ଼ଗ-ଭାର,
ତୋଳିଲେ ଖଡଗ ସାମଂତ, ଥୋଇଦେଲେ
ଭୂତଳେ,
ଆରତ ଆଚରି, ମିନତି କଲେ କେତେ କୁମାରେ ।
ମନେ ଅଛି କି ? ରାଜନ ବୀର ବନିତା ଯେନି,
କର୍ଣାଟ-ମଂଡଳେ ପଡ଼ିଲେ ରଥ ଛାଡ଼ି ଅବନୀ;
ବୀରବାଳା ଟେକି ଉତ୍କଳ ରାଜ-ଛତ୍ର ଧବଳ,
ଉନ୍ମାଦ-ଭ୍ରୂକୁଟୀ-ଇଂଗିତେ ରଣେ ଟଳିଲେ
ବଳ ।
ଉଠିଲେ ରାଜନ ଦେଖିଲେ ଛତ୍ର-ଭଂଗେ ଅରାତି;
ରାଣୀ-ଗଂଡ ଦେଶୁ ପୋଛିଲେ ସ୍ନେହେ ଘର୍ମର ମୋତି ।
ସେହି ରାଣୀ ପରା ଜନମୀ ହେଲେ ଅନଂଗଭୀମେ,
ଶମ୍ବଳା ଯେହ୍ନେ ଭ୍ରମଂତି ଅଶ୍ୱେ ଏକାକୀ ବନେ;
ଶାର୍ଦୂଳ ତରଂତ ଶ୍ରୀହସ୍ତେ ଧାଇଁ କୁରଂଗ-
ପଛେ;
କୁରଂଗର ଭ୍ରମେ ନାଶିଲେ ଦ୍ୱିଜ କପିଶା-କଚ୍ଛେ;

---

୫୬୧-୫୬୨ । ବିଜୟନଗରର ହିଂଦୁ ରାଜାଂକୁ ଐତିହାସିକମାନେ ନରପତି ବୋଲି କହୁଛଂତି । ପ୍ରାଚୀନ ପଲ୍ଲବରାଜା ବହୁକାଳ ନରପତିଂକର ସାମଂତ ରାଜା ଥିଲେ ।

୫୭୭ । କଚ୍ଛ = ତଟଭୂମି, ଅନୂପଦେଶ । ଅନୂପଦେଶ । (୩୪୩—୪୮, ଟୀକା ଦେଖ । ) କପିଶା = ସୁବର୍ଣରେଖାର ପ୍ରାଚୀନ ନାମ ।

ପ୍ରଭଂଜ ଲାବଣ୍ୟ ଶ୍ରୀଅଂଗେ ଗଂଗା ଧୋଇଲା ସୁଖେ;
କାବେରୀ-ମେଖଳ-ପଲ୍ଲବ ଶାଂଖୁ ଧଇଲା ବୁକେ,
ଦିନା ରକ୍ତପାତେ ଅସ୍ତ ହେଲେ ତାରେ ନନ୍ଦନ;
ମୁଖ-ଭଂଗୀ ଦେଖି ଆନନ୍ଦେ ଭୋଳ ଶତ୍ରୁ-ସଇନ ।
ଏହି ଜ୍ୟେ ଲୁଂଠେ ଆସ୍ୱାଦ ବାରୁବାଟୀ-କେଶରୀ;
ଏହିକୂଳେ ପଶ୍ଚ ଆଦର ମାଳାଚଳେ ଶ୍ରୀହରି ।

## ୨୪

କେତେ ବଂଶୀ ପୁଣି ଗାଇଲେ କେତେ ସାମଂତ-ଯଶ;
ଜନ୍ମ-ଭୂମି-ସୁଖେ ଜୀବନ, ପ୍ରଭୁ-ଭକ୍ତି-ବିଳାସ,
କେତେ ସାରକର୍ମ ଅଦ୍ଭୁତ, କେତେ ଜାଗ୍ରତ-ସୃଷ୍ଟି,
ଗିରି ଦୁର୍ଗ ବନ ତଟିନୀ ତହିଁ ଯାଏ ପ୍ରକାଶି;
ମେଘାସନ-ଗୁହା, ବ୍ରାହ୍ମଣୀ-କୂଳ, ଗୋନାସା-ଖର,
ମାଲ୍ୟଗିରି-ତଳେ ଶବର କେତେ ଗୁପ୍ତ ଶିବିର;
ଶତମୂଳେ ନଦୀ-ପ୍ରପାତେ ଗୁରୁ-ନଦୀ-ବାହିନୀ,
ସ୍ୱର୍ଣ୍ଣପୁର ଭେଦ ବଢ଼ିବେ ଯେଉଁ ଆସିଲେ ପୁଣି;
ମହେନ୍ଦ୍ର-ଶିଖର-ଗହ୍ୱରେ, ଗୋଦାବରୀ ସୁକୂଳେ,
ରୂପ ନାରାୟଣ-ଲହରେ, ସୁବର୍ଣ୍ଣରେଖା-ମୁହାଣେ,
ବନ-କୁଂଜେ ଶାଳ-ଗହଳେ, ତପ୍ତ ଉଷର ଟଂକେ
ଏକ-ଭେଦ ପଲ୍ଲୀ ଆଦର କାହିଁ ତଟିନୀ-ବାଂକେ,
କଟିଳ-କଳସ-ନିବଦ୍ଧ କାହିଁ ଶିଖର-ତଟେ,
କାହିଁ ଗିରିନଦୀ ଗ୍ରୀଷ୍ମେ ଶୁଷ୍କ କୁଟିଳବାଟେ,
ବର୍ଷା-ଖୋଲେ ଯହିଁ ମଧ୍ୟାହ୍ନେ ଘନ-କୁହେଳୀ-ଘଟା,
ଉପଳ-ଶିଖର ରଚଇ କାହିଁ ତଟିନୀ-ପଠା,
ଶ୍ରାବଣ ପୃଥୁଳ-ଆସାରେ, ପ୍ରାଂଶୁ-ନଦୀ ପ୍ରପାତେ,
ମାଘମାସ-ଶୀତ-ଜାଡ଼ରେ ଶୀଘ୍ର ଶିଶିର-ବାତେ ।
କେତେ ସାରେ କେତେ କୁଶଳ-ମହା-ବୀର କଉଶେ
ଉତ୍କଳ-ଗଉରବ ରଚିଲେ; ବଂଶୀ ଗାଇଲେ-ତାନେ ।

## ୨୫

ପଶି କେ ଅଗ୍ନି-ଶିବିରେ ଘନ-ରଜନୀ-ଯୋଗେ
କଟିଥିଲେ ଶତ୍ରୁ-ସମ୍ପଦ, ସାଥୀ ଦେଖିଲେ ଆଗେ;
ରଣ-ସିଂଗା ବାଜି ଉଠିଲା ଖାର ଦେଲେ ଇସାରା;
ଗିରି-ଖୋଲୁ ଭେଦ ରଜନୀ ଆସେ ସଇନ ଧାରା;
ଉତ୍କଳ-ଗୌରବ-କେତନ ଗିରି-ଦୁର୍ଗ ଶିଖରେ
ଅରୁଣ-କରାଳେ ଶୋଭଇ ସମୀରଣ-ଲହରେ ।
ବିଶାଳ ତଟିନୀ ପାହାଡ଼, କେତେ ରଜନୀ ଭେଦ
ଆସିଥିଲେ ଶତ୍ରୁ-ଶିବିରୁ, ଘଟ ଅଗ୍ନିଟ ଛେଦ ।
ଧଳଭୂମି-ଜେନା ଯେବେଳି ଭଣପୁର-କୁମାରେ
ବନ୍ଦି, ମଧୁଶଯ୍ୟା-ସଧାରେ ହେଲେ କପିଶା କୂଳେ;
ଶୁଣିଲେ ଗଉଡ଼-କଟକେ ସଜ ପଠାଣ-ସେନା,
ଅଗ୍ନିରେ ପଶିବେ ଉତ୍କଳେ କରିଛନ୍ତି କଳ୍ପନା;
ସଂଦେଶ ପେଶିଲେ କଟକେ; ଗଲେ ସାଗର-ଶାରେ;
ତାମ୍ରଲିପ୍ତ-ସେନା-ବାହିନୀ ସଜକଲେ ସତ୍ୱରେ,
ଗଂଗା ଭେଦ ଠାକ ରହିଲେ; ଯେବେ ଗଉଡ଼-ସେନା
ରୋଗରେ ବାହାର ହୋଇଲେ, ଗର୍ବେ ହୋଇ ପୁରୁଣା
ତ୍ରିବେଣୀ-କଟକେ କୁମାର କଲେ ସଇନ ସଜ;
ପଛରୁ ଭେଟିଲେ ବଇରି ଧରି ଉତ୍କଳ-ଧ୍ୱଜ;
ବିଷମେ ପଠାଣ-ଅଶ୍ୱିତ ଦଣ୍ଡ, ଅଳପ ଯୁଝି,
ଛଦ-ଭଂଗେ ସଂଧି ଆଚରି, ଗଲେ ଗଉଡ଼ ବଉଳ ।
କୁହଂତି କୁମାର, କୁମାରୀ ଯେତେ, ଗଡ଼ିଲା ଜଣା;
ଉତ୍କଳ-ରାଜନ-ସଭାରେ ଥିଲେ କୁମାର ପିତା ।

---

୪୮୦ । ଏଠାରୁ ଗଜପତିଙ୍କ ବଂଶୀର ଗୀତ ପରେ ଭିନ୍ନ ଭିନ୍ନ ସାମଂତ ସର୍ଦ୍ଦାରଙ୍କର ବଂଶୀଗୀତ ଗୁଡ଼ି ସୂଚନା ହୋଇଅଛି । ଏ ସମସ୍ତ ଗୀତର ମର୍ମ ପ୍ରବାଦରୁ ସଂଗୃହୀତ । ୪୯୯ । ପ୍ରାଂଶୁ = ଉଚ୍ଚ ।

୫୧୧ । ଗଉଡ଼—ପଶ୍ଚିମ ବଂଗ ।

ଆସିଲେ କୁମାଗ୍ର, ଉତ୍କଳ-ରାଣୀ ତାହାଂକୁ କୋଳେ
ଧରି, ସନମାନେ ବନ୍ଧିଲେ ବଧୂ ସୁତା-ସଂଗ୍ରରେ;
ବିବାହ-ଉତ୍ସବ ବଢ଼ିଲା ବାରବାଟୀ-ମହଲେ;
ସାମଂତ-ଶେଖର ପଦବୀ ଦେଲେ ସେ ରଣପୁରେ ।
'ନାଗମଣି' ଶାଢ଼ୀ ପାଇଲେ ଧଳଭୂମି-ଦୁହିତା,
'ମଣିନାଗ' ନାମ ବହିଲେ ରଣପୁର-ଦେବତା ।

## ୨୭

କେହ୍ନୁ ସାଦ୍ରା ମଣି ଆକଟ ପୁଣି କପିଶା-ଗରୁ
ବାରହନେ କାଂଶ-କଟକେ ଦେଲେ ସଂଦେଶ ଗୁରୁ ।
ପଠାଣ-ସଇନ ଅପେକ୍ଷି ସେହୁ ଥିଲେ ଉତ୍ତରେ,
ମିନ-ନନଂନଣେ ଥାଆଂନ୍ତି ନୃପ କୃଷ୍ଣା ସେ ପାରେ ।
ଶୁଣିଲେ ପାଟଣା-କଟକେ ହେଲା ସଇନ ସାଜ,
ମାସକେ ଆସି ସେ ଦେଖିବେ ଗ୍ରହୁ ଉତ୍କଳ-ରାଜ୍ୟ ।
ଲାଗିଲା ଶିବରେ ଚହଳ, କେହ୍ନୁ ରାଜ-ସନ୍ନିଧି
ଯାଇଁ ଏ ସଂବାଦ କହିବେ, ବାରହନ ଅବଧି ।
ସାଦ୍ରା ସାଦ୍ରା ମୁହଁ ଦେଖିଲେ, ନ ହେଲାଟି ସାହସ,
ମଉନେ ଝଡ଼େଗେ ରହିଲେ ନେହେ ବହି ତରାସ ।

କାଳ ଆଉ ନାହିଁ, ଆପଣେ ଏବେ ସାମଂତମଣି,
ଚର୍ଯାଣେ ଉଠିଲେ, ପଲକେ ଭେଦଗଲେ ଗ୍ରାଉଣି ।
ଭୁଂଗ ଗିରିମାଳ ଉଠି ସେ ଡେଇଁ ପଡ଼ି ଗଉବେ,
ଘନ ଗଡ଼ଜାତ-ବପିନେ ଗଲେ ବିଜୁଳି ବେଗେ ।

ଅଶ୍ୱ-ଖୁର-ନାଲ ପଥରେ ଝକ ଝକେ ଅନଳ;
ଲଗ୍ଘଇ ସ୍ଥୂଳ ଲିଂଗେ, ଶ୍ରାବଣ-ଧାରେ ବହଇ ଝାଳ,
କେତନ-ଲହରେ ଫିଟିଛୁ ଫେଂଡାବାଳ ପଛରେ,
ବିସ୍ମୟେ କୃଷକେ ରହାଂନ୍ତି, ଭୟେ ବନେ ଶବରେ !
ଫେନ-ମୁଖେ ଭୁଂଗତୁରଂଗ ରଜୁ ହେଶେ ଧାବନେ;
ସିକତାରୁ ନଦୀ-ଗରଭେ ପଡ଼େ ମହା-ପତନେ,

ସାହ ସଂଗେ ଯାଏ ତୁରଂଗ ବୁଡ଼ି ବାହାରେ ପୁଣି,
ଟେକ ମୁଖ ଉଚେ, ନଶ୍ୱସି ଦିଧା କରଇ ପାଣି ।
ନାହିଁ ଖିଆପିଆ ଠିକଣା, ନାହିଁ ଖରା କାକର,
ବନ ଗିରି ନଦୀ କାହିଁରେ ନାହିଁ ତଳେ ଖାତର ।

ଗ୍ରହୁ ସିଂହଭୂମି ଭେଦିଲେ ଗ୍ରହୁଁ ଘଡ଼ିକେ ବାର,
ଖେପାକେ ଡେଇଁଲେ ସତେକି ଠାକୁରାଣୀ-ଶଇଳ !
ବଇତରଣୀ ସେ ଡେଇଁଲେ ଗିରିନଦୀ-ପ୍ରକାରେ,
ମାଳଗିରି-ଭୁଂଗ-ଶିଖରେ ମାତ୍ର ରହିଲେ ଥରେ,
ଗୋନାସିକା-ମାଳ ଭେଦିଲେ ମେଘେ ବିଜୁଳିପରି,
ରଜନୀ-ତାମସେ ହୋଇଲେ ବ୍ରାହ୍ମୀ-ତଟିନୀ ପାରି
ଗିରିଦୁର୍ଗେ ଡାକେ ପ୍ରହରୀ, "କିଏ ସାଦ୍ରା ଅଂଧାରେ ?"
ଉତ୍ତରି ସାମଂତ, "ଅଂହେ ହେ ଗଜପତି ଗ୍ରାମୁରେ ।"
କପିଳାସ ଭୁଂଗ ଶିଖରେ ରାତି ହେଲା ପ୍ରଭାତ,
ମହାନଦୀ ଡେଇଁ ଗ୍ରାହିଲେ ଖରେ ସେ ଗଡ଼ଜାତ ।

ଜୁଝାର ନଗରେ ପ୍ରହରୀ ଦେଖି ଦୁର୍ଗ-ପ୍ରାଚୀରେ,
ସ୍ୱାଗତ-ସମ୍ଭାଷ ଦେଖାଇ, ହେଲେ ଚିଲିକା-କୂଳେ ।
ସଇକତେ ରହିଲ ତୁରଗ, ଡେଇଁ ତଟିନୀ କେତେ,
ମହେଂଦ୍ର ଦେଖିଲେ ଟେକିଛି ଶିର ଡାହାଣ-ହାତେ ।

---

୭୨୮ । ସାମଂତ ଶେଖର—'ନରେଂଦ୍ର' । ରଣପୁର ରାଜାଂକର ଏ ଉପାଧି ଏବେ ଅଛି ।
୭୩୦ । ରଣପୁରର ଅଧିଷ୍ଠାତ୍ରୀ ଦେବତା ବର୍ତ୍ତମାନ ମଧ୍ୟ ଏହି ମଣିନାଗ ନାମରେ ଅଭିହିତ ହୁଅଂତି ।
୭୪୯ । ରଜୁ = ସିଧା, ସଳଖ । ୭୫୬ । ଠାକୁରାଣୀ ପର୍ବତ କେଂଦୁଝରର ଉତ୍ତର ସୀମାରେ ।
୭୫୯ । ଗୋନାସିକା ପର୍ବତ କେନ୍ଦୁଝରରେ । ଏହି ପର୍ବତର କୌଣସି ଅଂଶରୁ ବୈତରଣୀ ବାହାରି ଅଛି । ଏଠାରୁ ପାଲଲହଡ଼ାର ଉଚ୍ଚ ମାଳଗିରି ପର୍ବତ ପରିଷ୍କାର ଦେଖାଯାଏ ।
୭୬୫ । ଜୁଝାର ନଗର = ଜଜାର ସିଂହ, ବର୍ତ୍ତମାନ ଖୁରୁଧା ।

କେତେ ଦୁର୍ଗେ ପଥେ ପ୍ରହରୀ ଶୁଣିଲେ ଶିଂଗା ଜନାଦ
ମିଳ-ପ୍ରତିଶିଂଗା ସାମଂତେ ଶୁଣି, ଛାଡ଼ିଲେ ସାଧ୍ୱ ।
ଗୋଦାବରୀ-ଧାର ଡେଇଁଲେ ବୀର ଅରୁଣ କରେ,
କୃଷ୍ଣା-ପାରେ ପୁଣି ଦେଖିଲେ ରବି ବାରୁଣୀ-ଶିରେ ।
ଭେଟିଲେ ରାଜନ, କହିଲେ ମାନ ସଂଦେଶ ତହିଁ,
ବାଜସଂଗେ ପଡ଼ିଗଲେ ସେ ବୀର ଆଦର ମହି ।
ଉଡ଼ିଗଲା ସେହି କମିଷେ ପିଂଡ ଛାଡ଼ି ପରାଣ ।
ଉତ୍କଳ-ଭୁବନେ ପଶିଲା ନାହିଁ ପଣି ଯବନ ।

## ୨୭

ଏହିକୂଳେ ତବ ଜନମ, ଆହେ ବୀର ସାମଂତେ,
ଏ ଜନମ-ଭୂଇଁ-ଭକତି ବହେ ତବ ଶୋଣିତେ ।
ଜାଣିଛ ତ ବୀରେ, କପରି ପୂର୍ବପୁରୁଷେ ତବ,
ପୃଥୁଳ ସମରେ ରାଜନେ ଡେଇଁ, କଲେ ଗରବ ।
ରାଜନେ ଲକ୍ଷି ତ ବଲମ ସ୍ୱଚ୍ଛ ହେଲା ଉରସେ,
ଶତ୍ରୁ-ସେନା ହେଲେ ନତ୍ଜନ ଦେଖି ଏତୁ ସାହସେ ।
ଗିରିଦୁର୍ଗ-ଚୂଳେ କେତେହେ ସୁଖେ ଖାଇଲେ ହାଣ;
ଏକ-ପରେ ଆନ ଉଠିଲେ କରି ପରାଣ-ପଣ ।
ଶୁଣିଛ ତ ବୀରେ, କେସନେ ତଡ଼ି ସହସ୍ରନାଆ,
ଅସ୍ତ ଗୁପତେ ଆସିଲା, ଡେଇଁ ସାତକୋଶିଆ;
ପଲକେ ପୂରୁବ ପୁରୁଷେ ତବ ଜଗିଲେ ବାଟ;
ଭଟ୍ଟାରିକା ନୀଳମାଧବ ଦେଲେ ଧାମକୁହାଟ;
ବନ୍ଧ-ଗିରିନଦୀ-ଆରବେ କାଠେ ବାଂଧି ଗରଭ,
ମହାନଦୀ ଫେନ-ଗର୍ଜନେ ଉଭେ ଫିଂଗିଲା ନାବ ।
ନଦୀ-ଗର୍ଭେ କଏ ଡେଇଁଲା ସେହି ଧାମ ଆବର୍ତ୍ତେ,
ଶତ୍ରୁ-ସେନା ଯେବେ ନସଣେ ଆସି ଠେକିଲା ହାତେ ?
ସେହି ତ ଉହଂତ ସ୍ୱରଗୁ ଏବେ ଆଶିଷ-ବାଣୀ,
ଏହି ତ ସେ ବାଇବାଟୀ ହେ, ଏହି ଜନମ-ଭୂମି !
ଏହି ତ କରାଳ କୃପାଣ-କରେ ସେ ଗଜପତି !
ଏହି ତ ସେ ବହି ଯାଉଛି ଶତଉତ୍ପଳା ସତୀ !
ଯାଇଁ ଥାଉଁ କେବେ ଛାଡ଼ିବ ନାହିଁ ଭୁଂଭେ ଯବନ;
ଶ୍ୟାମଲ ଉତ୍କଳେ କରିବ ନାହିଁ ବ୍ୟସନ-ବନ;
ପଯ୍ସ୍ୱିନୀ ଗାଈ କାଂଦିବେ ନାହିଁ ହିଂଦୁ-ଭବନେ;
କୁଳବାଳା କେବେ ଡେଜବେ ନାହିଁ ସତୀତ୍ୱ-ଧନେ;
ନୀଳାଚଳ ରକ୍ତ ଶିରାଳ ଯିବ ନାହିଁ ସାଗରେ;
ଭକ୍ତ-ପଞ୍ଜବେଷ୍ଟି ଉତ୍କଳ ନ ହାରିବ ସମରେ;
ଗଜପତି-ଶିର ଲଇଁବ ନାହିଁ ଭାରତ-ଖଂଡେ,
ସାମଂତ-ରାଜନେ ଭୋଗିବେ ନାହିଁ ଯବନ-ଦଂଡେ ।

## ୨୮

ବଂଶ-ଗୀତ ଶୁଣି ବାପା ହେ, ତବ ବାହୁତ-ହ୍ରଦ
ସ୍ୱାଧୀନ-ପୁଲକେ ପୂରିବ, ଦୋଟିଯିବ ଉନ୍ମାଦ ।
ସ୍ୱପନେ ନାଚିବ କେତେ ହେ ଗିରି-ଦୁର୍ଗ ନୟନେ;
ବନ ଗିରି ଦରୀ ତଟିନୀ ବୁଲି ଆସିବ କ୍ଷଣେ ।
ଜୟ-ସ୍ତଂଭ କେତେ ଦେଖିବ, କେତେ ଶାସନ-ଦାନ,
ତଂବାପଟା-ଦାନ-ଫଳକେ ଗଜପତିର ନାମ ।
ମୃଗୟୁ ବୁଲିବେ ସପନେ ଗଜପତି-ଗହଣେ;
ଭେଟିବେ ସାମଂତ-ସଧାନେ କେତେ ଦୂର-ରାଜନେ ।
ସ୍ୱୟଂବର-ସଭା ଫିଟିବ କାହିଁ ଦୂର ରାଇଜେ;
ପଂଡିତ-ସଭାରେ ଯିବ ହେ ଧରି ଉତ୍କଳ-ରାଜେ ।

---

୬୮୮ । କଂଟିଲୋର ନୀଳମାଧବ ଓ ବଡ଼ାଂବାର ଭଟ୍ଟାରିକା ଦୁହେଁ ପରସ୍ପରର ସମ୍ମୁଖୀନ, ମହାନଦୀର ଦୁଇ ପାଖରେ ଦୁଇଟି କ୍ଷୁଦ୍ର ପାହାଡ଼ ଉପରେ ।

୬୮୯ । କାଠରେ ନଦୀଗର୍ଭ ବାଂଧି ଶତ୍ରୁର ନୌକାମାନଂକୁ ବାଧା ଦେଇଥିବାର ସେ ଅଂଚଳରେ କଥିତ ହୁଏ । ଶତ୍ରୁର ନୌକା ନଷ୍ଟ ହେବାରୁ ସେ ନଇ ବାଲିରେ କେତେକ ସମସ୍ତ ଯୁଦ୍ଧ କରିଥିଲେ ।

ତଟିନୀ-ବିସାରେ ଭାସିବ, ପଥେ ଧରି ନଉକା,
ସୁଗମ ସାଗରେ ସିଂହଳେ ଯିବ, ନ ବନ୍ଧ ଧକା ।
ପ୍ରଶାନ୍ତ ସାଗର ଦେଖିବ ସ୍ୱଚ୍ଛ-ଗଗନ-ତଳେ;
ଶ୍ରେଣୀବଦ୍ଧ ତାରା ଦେଖିବ ଶୋଭେ ମହା-ବିସ୍ତାରେ ।
ଲୁଚିଯିବ ଧୀରେ ସ୍ୱପନ, ନିଦ ଆସିବ ଘୋଟି;
ଝଂଜା ଏବେ ଗୁଡ଼ ଯାଉଛୁ,ମେଘ ଆସଇ ଫାଟି ।
ଶୁଣ ତେବେ ବାପା ଆଗମେ, ଘୋର ଗର୍ଜଇ ଜଣା ।
ରାମଚଣ୍ଡୀରେ ମୁଁ ପଚାରି, ବୁଝେ କୋଣାର୍କ-ଦଶା ।

୨୯

କହ ରାମଚଣ୍ଡି କହ ଗୋ, ସାକ୍ଷୀ ଏକା ତ ତୁମ୍ଭେ ।
କେମନ୍ତେ ଏ ଭୂମି ଆସିଛି କାଳ-ତରଙ୍ଗେ ବନ୍ଧି ?
ଆସିଥିଲେ କି ସେ ଏ ଭୂମେ ଚୀନ-ପରିବ୍ରାଜକ ?
ଆବୁଲଫଜଲେ ଆଣିକି ଥିଲେ ଏଥି ବାହକ ?
ବାଲେଶ୍ୱର-ପୁର ବଣିକେ ଏଥି ସିଂହଳ-ପଥେ
ଭେଟିଥିଲେ କି ସେ ତରାସେ ଜଳଦସ୍ୟୁ-ବୋଇତେ ?
ଗୋରା-ଜଳଦସ୍ୟୁ ଥିଲେ କି ଏଥି ଲୁଚି ମନ୍ଦିରେ,
ଲୁଣ୍ଠନ-ସମ୍ପଦ ସଞ୍ଚିଲ ରୁଦ୍ଧ ଜୀର୍ଣ୍ଣ ପ୍ରାଚୀରେ ?
ଚୁମ୍ବକ କି ଏଥି ଓଟାରୁଥିଲା ଜାହାଜମାନ ?
ଦେବତା କି ଏଥି ଥିଲେ ଗୋ ଶୂନ୍ୟେ ଲମ୍ବମାନ ?
ଏହି ସିଂହାସନ କେବେ କି ଧରିଥିଲା ମୂରତି ?
ମୁଖଶାଳା-ପୀଠେ ହୋମ କି କରୁଥିଲେ ଦ୍ୱିଜାତି ?
ଉତ୍କଳ-ରାଜନ-ସଉଧ ଏଥି ଥିଲା ଗୋ କାହିଁ ?
କେଉଁ ଉପବନେ ଆରାମ କରୁଥିଲେ ସେ ରାଜ୍ଞୀ ?
କେତେ ଉଚ୍ଚ ଥିଲା ପ୍ରାଚୀର କେତେ ତୁଙ୍ଗ ମନ୍ଦିର ?
କେଉଁ ଧ୍ୱଜ ଚକ୍ର ତ୍ରିଶୂଳେ ଶୋଭୁଥିଲା ତା ଶିର ?

୩୦

କିଏ ଗଢ଼ିଥିଲା ଏ ଭୂମେ ଏତେ କଳା ବିଶାଳ,
କି ସାହସେ ନଦୀ ଗର୍ଭେ
ଘୋଷ୍ଟି ଏତେ ପଥର ?
କେଉଁ ତୁଙ୍ଗଗିରି କାଟି ସେ, ଏତେ ବିଶାଳ-ଶିଳା
କେସନେ ବହିଲେ ଏ ଭୂମେ, ଏ ତ ସିକତା-ମାଳା ?
ସିନ୍ଧୁ-କୂଳେ ରମ୍ୟ କେସନେ କମ୍ପି ଶୃଗାଳ-ଜନ୍ତୁ,
ଖେଳ ଯାଉଥିଲା ? କହ ଗୋ ଖଣ୍ଡ ହଣସ୍ତୁ ମନ୍ତୁ !
ବିଶାଳ ଆୟସ-ଧାରଣା ଶିଳ୍ପୀ ରଚି କେମନ୍ତେ,
ଉତ୍ତୁଙ୍ଗ-ମନ୍ଦିର-ଶିଖରେ ବନ୍ଧି ନେଲେ କି ଯନ୍ତ୍ରେ ?
ମୋହନ-ମୁଗୁନି-ଅଶ୍ମ-ଶିଳା କି ଶସ୍ତ୍ର ଧରି,
ମୂର୍ତ୍ତି ଗଢ଼ିଥିଲେ କଏସେ ଏତେ ଜୀବନ୍ତ କରି ?
ଯୁଗ-ପରିତ୍ୟାଗ ଭୀଷଣ ସିନ୍ଧୁ-ପବନ-ଘାତେ
ପଥର-ମୂରତି ଦିଶନ୍ତି, ଯଥା ନୂତନ ସତେ !
ସୂଚୀ-ଲେଖା କମ୍ର ବିଗ୍ରହେ ଲୁଚି ନାହିଁ ତ ତିଳେ,
ଅଙ୍ଗ-ସାଣେ ସୂକ୍ଷ୍ମ-ସମ୍ପଦ ଫୁଟିଉଠେ ବିମଳେ;
ଲାବଣ୍ୟ ଝରଇ ଶ୍ରୀଅଙ୍ଗେ ମୁଖେ ମୋହନ ଦ୍ୟୁତି;
ବିକଚ କମଳ ଶ୍ରୀକରେ ଶୋଭେ ସୂର୍ଯ୍ୟ-ମୂରତି !

---

୭୨୫ । ଚୀନ ପରିବ୍ରାଜକ ହୁଏନ୍‌ସାଂ ସ୍ୱଭଙ୍ଗ ନଗର ଦେଖିଥିଲେ ଓ ଆକବରଙ୍କର ସଭା ପଣ୍ଡିତ ଓ ପ୍ରଧାନ ଐତିହାସିକ ଅବୁଲ୍ ଫଜଲ୍ କୋଣାର୍କଶିଳ୍ପ ଓ ଗଠନ ବିଶାଳତାର ବିଶଦ ବିବରଣ ଲେଖିଯାଇ ଅଛନ୍ତି ।

୭୨୯ । ପର୍ତ୍ତୁଗୀଜ ଜଳଦସ୍ୟୁମାନେ ଭଗ୍ନ କୋଣାର୍କରେ ଲୁଚି ଅନେକକାଳ ତାମ୍ରଲିପ୍ତ, ବାଲେଶ୍ୱର ପ୍ରଭୃତିରୁ ସିଂହଳକୁ ଯାଉଥିବା ବାଣିଜ୍ୟତରୀ ଲୁଣ୍ଠନ କରୁଥିଲେ ।

୭୩୧ । ପ୍ରବାଦ ଅଛି, କୋଣାର୍କର ସୂର୍ଯ୍ୟ ମୂର୍ତ୍ତି ଉତ୍କଳ ସ୍ଫଟିକ ଆବରଣ ମଧ୍ୟରେ ଲୌହରେ ନିର୍ମିତ ହୋଇଥିଲା ଏବଂ [illegible] ଚୁମ୍ବକର ବଳରେ ଏହି ମୂର୍ତ୍ତିଟି ଶୂନ୍ୟରେ ଲମ୍ବମାନ ଥିଲା । ଏହି ଚୁମ୍ବକ ଜାହାଜର ଲୁହାକୁ ଓଟାରିବାରୁ ପର୍ତ୍ତୁଗୀଜମାନେ ଏ ମନ୍ଦିରକୁ ଭାଙ୍ଗି ଚୁମ୍ବକ କାଢ଼ି ନେଇଥିଲେ ।

ସପ୍ତ-ଅଶ୍ୱ-ରଥେ ବାହନ ବସେ ଅରୁଣ ଆଗେ;
କାନ୍ତ-କିରୀଟ-ମୁକୁଟ ଶୋଭେ ଲଲାଟ-ଭାଗେ ।

### ୩୧

ବସେ ଗୁରୁ କାହିଁ, ଆଦରି ଶିଷ୍ୟ ପୁସ୍ତକ-କରେ;
ଅଭିଷେକୋତ୍ସବେ ବସଂତି ରାଜା ଉଦକ-ପୂରେ;
ଦିଗନ୍ତରେ ପୁଣି ବଜାଂତି କାହିଁ ଶଂଖେ ଉଦକ;
ସନ୍ନ୍ୟାସୀରେ କାହିଁ ନଇଁନେ ସେହ୍ନ ନୃପ ଯାଚକ;
ଅଭିଯାନେ କାହିଁ ରାଜନ ବୀର ସଇନ୍ୟ ସେନ,
ବିଜୟ-ସୋହାଗେ କାହିଁବା ଘରେ ଫେରଂତି ପୁଣି ।
ଆମୋଦ-ଭବନେ କାହିଁ ବା ବସି ଆରାମେ ଜନେ;
ଗାନ-ବାଦ୍ୟେ ମନ-ପ୍ରାଣ ବହି ଆମୋଦ ମନେ;
ମୁଖ-ଭଂଗୀ କରି ଗାୟକ ବାଦ୍ୟ ବଜାଏ କାହିଁ;
କ୍ରୀଡ଼ା-ରସାଣିତ-ଲୟନେ ନାଚେ ନର୍ତ୍ତକୀ ତହିଁ ।
ଦର୍ପ-ସ୍ଫୁରି-ମୁଖେ ନିଷାଦୀ ବସେ ମାତଙ୍ଗ-ପଚ୍ଛେ;
ଖଲୀନ ଆସ୍ଫାଳି ଗରବେ ଘୋଡ଼ା ଦଉଡ଼ଇ ଉଚ୍ଚେ ।
ବନ-କୁଂଜ ଭେଦି ପଥରେ ବସେ ଶ୍ୱାପଦ କାହିଁ;
ଅନ୍ୱେଷଣ-ଦୃଷ୍ଟେ ପଦାତି ବସେ ଆଖେଟେ ରହି ।
ବିକଚ କୁସୁମ ପତ୍ରରେ ଫୁଟେ ବାସଂତ ବଣ;
ଭ୍ରମର ବ୍ୟଞ୍ଜନେ ଝଙ୍କରି କାହିଁ କରଇ ସେବା ।

### ୩୨

ସବୁ ତ ଗାବର ଖୋଦନେ, ରାମଚଂଡ଼ୀ ତୁ କହ,
କିଏସେ ଯେ ଗୁରୁ, ଧରିଂତି ଶିଷ୍ୟେ ଏମଂତ ସ୍ନେହ ?
କି ଆମୋଦ-ରସେ ମାତିଣ ଏଥି ଅଛଂତି ଲୋକେ ?
କେଉଁ ଅଭିଯାନେ ଚାଲଂତି ରାଜସଂଗେ ସୈନିକେ ?
ଅଭିଯାନେ ରଣ ଆଚରି, ପୁଣି ଆମୋଦ-ରସେ
ମାତଂତି କପରି ମାନବେ ? ଶୁଣିବୁ ଗୋ ହରଷେ ।
ଏତେ ତ ଆମୋଦ ଦେଖିଛୁ ଏହି ଉତ୍କଳଭୂମି !
କହ ଭଲି ଥରେ ଶୁଣିବୁ, ରାମଚଂଡି ଜନନି ।
ରାଜ-ଅଭିଷେକ ହୁଏ କି ପୁଣି ଉଦକପୂରେ ?
ଅଭିଷେକ ପାଇ କେସନେ ଯୁଝେ ଯାଆଂତି ରାଜେ ?
କହ କହ, ବୀରେ ଉଠିବେ ଶିଳା-ରୂପ ବରଜି,
ଥରେ ହେଲେ ଫୁଂକ ଦିଅଂତୁ ଭେରୀ ଉଠୁ ଗରଜି ।
ଦୂର ଗିରି ଦରୀ ସାଗର ହେଉ ପ୍ରତିଧ୍ୱନିତ
କୃଷକ-ସଇନ୍ୟ-ଗରବେ ଭୂମି ହେଉ କଂପିତ ।
ଉଠିବେ କି ନାହିଁ ସେ ଆଉ ? କଂପା ମଉନ ଭୂମି ?
ଶୋଇଛଂତି ଅବା ବାଳକେ, ଉଠୁ, ଦେଲୁ ଉଠାଇ ।
ଶୁଅ ଶୁଅ ବାବୁ ଆରାମେ, ବନ୍ଧୁ ଭେରୀ ନିନାଦ
ଶୁଣୁଛ ସ୍ୱପନେ; କଂପା ରେ ମତେ ନ ହୁଏ ନିଦ ?

### ୩୩

କେଉଁ କାଳୁ ମାତ ଆସିଛୁ ରାମଂଚଣ୍ଡି ତୁ ଏଥି ?
ରାମଚଂଦ୍ର ପରା ଦଂଡକେ, ହେଲେ ତୋର ଅତିଥି ?
ବେଲେଶ୍ୱରେ ଶିବ ପୂଜିଲେ, ମାତ ଦେଖିଛୁ ତୁହି;
କାଳ-ସଂଗେ କେତେ ଘଟନା ଗଲି ତୋ ଆଗେ ବହି ।
ବୁଦ୍‌ବୁଦ-ସମାନ ମିଶିଛି ସବୁ କାଳ-ତରଂଗେ,
ସ୍ମୃତି ତୋର ଉଠୁଥିବ ତ ଆଜି ବୁଦ୍‌ବୁଦ-ଭଂଗେ ।

---

୭୭୦ । ଆଖେଟ = ପାରିଧି, ଶିକାର ।

୭୯୨ । ଦଂଡକେ = ଦଂଡକାରଣ୍ୟରେ । ଓଡ଼ିଶା ପ୍ରାଚୀନ ଦଂଡକାରଣ୍ୟର ଅଂତର୍ଗତ ଥିଲା । ବେଲେଶ୍ୱର ରାମଚଂଦ୍ରଂକ ପୂଜିତ ମହାଦେବ ବୋଲି ପ୍ରବାଦ ଅଛି ।

ମଉନ କିଂପା ଗୋ ? କାହାକୁ ଏତେ ହେଉ ଲୁଚୁଛ ?
ଅଖିରେ ସୁନ୍ଦର ରହୁଛୁ ଅବା ପଥର ହୋଇ !
ସାଗର-ସମୀର-ଝଂକାରେ ଆସେ ଲଘୁ ବରଷା;
ଶୋଇଂଛନ୍ତି ସୁଖେ ବାଳକେ; ଏବେ ଗର୍ଜଇ ନିଶା ।
ନ ଶୁଣିବ ନନ୍ଦ, ଶୁଣିବ ନାହିଁ ବାଳ-ପ୍ରାଂତର;
କୋଣାର୍କ-ଦେଉଳେ ଶୁଭିବ ନାହିଁ ଆଂଭ ବଗୁର ।
ସଂକୋଚ ପାଉଛୁ କାହାକୁ ? କହ ଫେଡ଼ି ମା ଏଥି ।
ବହୁ ଯତ୍ନେ ଆଜ ଆସି ମା, ମୁହିଁ ତୋର ଅତିଥି ।

## ୩୪

କହୁ ନାହୁଁ କପେ କୋଣାର୍କ ଛୁଡ଼ି ଆସିଛୁ ବୋଲି;
ବିଧର୍ମି-ପରଶ ସଂକୋଚେ ଛଳେ ଗଲୁ ବାହାରି ।
କହ ମା କି ଲଜ ? ସଂତାନ ମୁହିଁ ଅଟେ ତୋହର,
କହ ଗୋ କେସନେ ଆସିଲା ଦୁଷ କଳାପାହାଡ଼;
ପୁଣ୍ୟ ଏ ଉତ୍କଳେ ବଜାଇ ଶତ୍ରୁ-ବିଧର୍ମି-ଭେରି,
ପ୍ରତାପୀ ମୁକୁଂଦ-ରାଜନେ କଉଶଳେ ସଂହାର
ଦେଖି ସତ୍ତ-ଚିତା-ଅନଳ ବାରବାଟୀ-ପ୍ରାଂଗଣେ,
ଆସିଲା ପରା ସେ ଏ ଭୂମେ ଖଳ ଧର୍ମ-ଦଳନେ !
ଛୁଡ଼ିଲେ ଦେବତା ଦେଉଳ, ତୁହି ଆସିଲୁ ଛଳେ;
ଉଠିଲା ସାଗର ଗରଜ, ପିଟି ତରଂଗ କୂଳେ;
କୂଳ ତେଜି ଗଲା ବହିବ ଲୁଚି ସିଂଧୁ-ଗରଭେ;
ସିକତା ଉଠିଲା ଗଗନେ ଧୂମ ସ୍ତୂପର ସ୍ତମ୍ଭେ;
ଟଳିଲା ସଉଧ-ଶିଖରୁ ଭୀମ ପାଷାଣ ଖସି;
ଛୁଡ଼ିଲେ ବଣିକେ, ନଗରୀ ଗଲା ଧୂଳିରେ ମିଶି;
ଭୁରୀ-ଭେରୀ-ନାଦ ବାଜିଲା ଭୃଂଗ ଦେଉଳ-ଚୂଳେ;
ବଉଲି ସେ ପ୍ରତିଧ୍ୱନିରେ ଗଲା ତରଂଗ-ଖେଳେ !
ଏହି କୁଶଭଦ୍ରା ମେଲାଇ ଦେଲା କେମଂତେ କୂଳ,
ବିକଟ ଗରବେ ସଇନ ନାବେ ପାରି ହେବାକୁ !
ଧରି ସେ କେସନେ ସହିଲା, ବାଲି ନ ହୋଇ ଦ୍ୱିଧା !
ବେଲେଶ୍ୱର କାହିଁ ରହିଲେ, ଦେଲେ ନାହିଁ ତ ବାଧା ।
ନୀଳାଚଳ ଛୁଡ଼ି ଶ୍ରୀହରି ଗଲେ ଚିଲିକା-କୂଳେ,
ରକ୍ତବାହୁ-ଲୀଳା ନ ହେଲା କିଂପା ଚିଲିକା-ଜଳେ ।

## ୩୫

କହ ତେବେ, ତୁ ତ ଦେଖିଛୁ କେତେ ଶାଂତିର ଲୀଳା;
ଅଶ୍ୱପତି ପରା ପେଷଂତି ଏଥି ସଖା-ସଂଖୋଳା;
ବଜସ୍ଥ ନଗର ଏଦେଶେ ଆସି ଲୋଡ଼ଂତି ସାହା;
ଗଣପତି ପରା ଥିଲେ ଗୋ ଗଂଗଂବଂଶର ବାହା !
ଦୁଆରେ ଗଉଡ଼-ରାଜନ କେତେ ହେଲେ ଅତିଥି,
ହ୍ୱଂବର ଅରାତି-ତରାସେ ଗଲେ ଶରଣ ଏଥି ।
ପିଟି ରହିଥିଲା ଦୁଆର ସଦା ରାଜ-ଭବନେ,
ଅତିଥି-ଶରଣ ଥିଲେ ତ ଏଥି ବୀର ରାଜନେ ।
ତୁରକ-ସଇନ ସମରେ ଶତ୍ରୁ-ଶୋଣିତ-ଧାରେ
ଅରପି ଜୀବନ, ଅତିଥି-ସେବା କଲେ ମନ୍ଦିରେ ।
କହ କହ ମାତ, କେସନେ ଦୂର ବଇଜ ବଜଇଁ,
ପଶିଲେ ଓଡ଼ିଆ-ସଇନ ବୀର-ଭେରୀ ବଜାଇ ?

---

୮୩୦ । ଗଣପତି = ଓ୍ୱାରଂଗଲର କାକତୀୟ ରାଜାମାନେ ଗଣପତି ନାମରେ ପରିଚିତ ଥିଲେ ।

୮୩୨ । ହ୍ୱଂବର — ତେଲିଂଗାନାର ରାଜା ହ୍ୱଂବର ରାଜମହେନ୍ଦ୍ର ପାଖ କୋଣ୍ଡାପିଲି ଦାନକର ଓଡ଼ିଶା ରାଜା ପୁରୁଷୋତ୍ତମଂକ ପାଖେ ଶରଣାର୍ଥୀ ହୋଇଥିଲେ ।

୮୩୫—୩୭ । ଏହି ଆତିଥେୟତା ସଂବଧରେ ଶ୍ରୀଯୁକ୍ତ କୃପାସିଂଧୁ ମିଶ୍ରଂକର 'ବାରବାଟୀ' ପୁସ୍ତକର ଉପସଂହାର ପଠନୀୟ ।

କେସନେ ଶାସିଲେ ରାଜନେ ଏତେ ଶାନ୍ତିରେ ଧରା ?
ସମର-ଚହଲେ ଦେଉଳ ଶିର ଟେକିଲା ପରା !
ଗୁରୁ ବସିଥିଲେ ଆସନେ ଶିଷ୍ୟ ଧରି ଗହଣେ,
କାରିଗର ଶିଳ୍ପ-ରଚନେ ଥିଲେ କଳା-କରମେ,
ଗ୍ରଂଥ ଲେଖୁଥିଲେ ପଂଡିତ, ମୁଦେ ରସିକ ଜନ
ଗାନ ବାଦ୍ୟ ଧରି, ପୁଲକେ ବସିଥିଲେ କେସନ !
କେତେ ଧନ ଥିଲା ଦେଶରେ, ଏତେ ଖରଚ ପାଇଁ ?
କହ ମା ଜାଣିଛୁ ସବୁ ତୁ, ଏଥି ସଂଶୟ ଫେଇ ।
ସମର-ଦୁଂଦୁଭି-ଉନ୍ମାଦେ ରସେ ଯେଉଁ ମେଦିନୀ,
କେସନେ ଭଇବ ସୋହାଗ ତହିଁ ଉଠଇ ପୁଣି ?

### ୩୫

ଏହି ତ ଉତ୍କଳ-ଧରଣୀ, ଏହି ସିକତା-ବେଳା,
ନୀଳ-ମହୋଦଧି ସଂଘାତେ ତୁଂଗ ସେ ଗିରିମାଳା ।
ଏହି ତ ତଟିନୀ ଯାଉଛି ବହି ନୀଳ ସାଗରେ,
ଏହି ତ କୃଷକ ବସିଛି ହଳ-ଘାଟେ ପ୍ରାଂତରେ ।
ଶଲକା ତ ଏହି ମେଲାଇ ଗ୍ରହେଁ ନୀଳ-ଉରସେ,
ଗିରିମାଳ ଧରି ନାଚଇ ଗତି-ଭଂଗି-ବିଳାସେ ।
ଶୀତଳ ଲଲାଟେ ଉଠୁଚି ଏହି ମହେଂଦ୍ର ମାଳା,
ନାରକେଳ-କୁଂଜେ ରାଜଇ କରମଂଡଳ-ବେଳା ।
ଏହି ଭୂମି ଥିଲାଟିକି ମା, ଯେବେ କୋଣାର୍କ ହେଲା,
ଓଡ଼ିଆ ଅମୃତ ଦେଖିଲେ, ବହି ପରାଣେ ହେଲା ?
ଏହି ଭୂମି ଦେଖି ଆସି ତ ଥିଲ ସ୍ୱରଗୁ ତୁଂଭେ ?
ନୀଳାଚଳ-ନାଥ ଦେଖି ତ ଏହା ଆସିଲେ ଭବେ ?
ଏହି ଭୂମି ସେତ ଆଦରି ଥିଲେ ସିଦ୍ଧ ସାଧକ ?
ଏହି ଭୂମିରେ ତ ବିପ୍ଳବ ସବୁ ହେଲା ଅଳୀକ ?
ଏହି କୃଷକ ତ ସଇନ ଥିଲେ କୁମାରୀ-କୂଳେ ?
ଏହି-ବେଶ-ଭୂଷା ଶୁଭ୍ର ତ ଥିଲା ହିମାଦ୍ରି-ଚୂଳେ ?
କହ କହ ମାତ, ଦେଖିଛୁ ସବୁ ଆଖିରେ ତୁହି ।
ଖେଳିଛୁ ତ କେତେ ଶସ୍ତ୍ରରେ, ନ କହୁଛୁ କପାଇ ।

---

## ସକାଳ

### ୩୬

ଉଠିଛକି ବାପା, ଏବେ ତ ରାତ୍ର ହେଲା ପ୍ରଭାତ !
ଶୀକର ବଂଚୁଇ ସମୀରେ ବହେ ସିଂଧୁ-ମାରୁତ ।
ଫିଟି ଯାଇଅଛି ଗଗନେ ଘନ ମୁଦିର-ଦଂଷ୍ଟା
ଲୁଚକାଳି-ଖେଳେ ଦେଖାଂତି ତାରା ମେଦୁରଛଟା ।
କୃଷ୍ଣ-ଘନ-ଚୂଳେ ଶୋଭଇ ଚଂଦ୍ର ବାରୁଣୀ-ଶିରେ,
ଚଳ କୃଷ୍ଣ-ଘନେ ଲୁଚଇ କେବେ କଂପିତ-କରେ ।
ତାମସ-କଳୁଷ-ପୀଡ଼ନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ତାଳି ପୁଣ୍ୟ ମୟୁଖ ।
ଦୂର-ଗିରି-ଧୂମ୍ର-ପ୍ରାଚୀର ଖୋଲେ ତରଳ ବିଂବ
ଶୁଭ୍ର ହାସେ ଫୁଟେ କଇବା, ଭେଦ ଶରଦ-ନଭ !
ଲୁଚିଯାଏ କେବେ ପ୍ରାଚୀର-ଚୂଳ-ଚଳ-ଜୀମୂତେ;
ଦେଖିନାହିଁ ଯେବେ ସେ ଛବି, ଦେଖ ଆଜ ପ୍ରଭାତେ ।
ସିଂଧୁ ଭେଦି ଫୁଟେ ଫେରସ୍ତୁ, କୁଆଡାରା ମଳିନ,
ଉଜ୍ଜ୍ୱଳ ତରଂଗେ ଶୋଭଇ ନଦୀ-ମୁଖ-ପୁଳିନ,
ଗଗନ-ମୁକୁର-ତଟିନୀ-କମ୍ର-ଊର୍ମି-ବିଳାସେ
କ୍ଷଣ-ତାରକିତ-କଂପନେ ଚଳ ନଭସ ଭାସେ ।
ଏକାକୀ ପାଦପେ ପଡନ୍ତି-ବଧୂ ଉଷା-ଆଲୋକେ
ଆସାର-ଧଉତ-ତକକ୍‌ଣ-ଚଂଚୁ ଫିଟାଇ ଡାକେ ।

---

୮୬୨ । ବିପ୍ଳବ = ଧର୍ମବିପ୍ଳବ । ୮୬୯—ମୁଦିର = ମେଘ । ୮୭୦—ମେଦୁର = ସୁଂଦର ।

ଫାଟିଯାଏ ଦେଖ କାଳିମା ଊଷା-ରଜତ-ପୁରେ,
ପାରଦ-ଉପାଂତ-ପ୍ରସରେ ମେଘ ଚଲେ ଅଂବରେ ।
ଭିତରେ ଗଗନ-ନୀଳିମା ଦିଶେ ରଜତ-ହାସେ,
ତାରା-ଖଂଡ ଏବେ ଲୁଚୁଛି ଊଷା-ଜ୍ୟୋତି-ବିଳାସେ ।
ପରାଣେ ପରାଣେ ବହଇ ନବ-ଜୀବନ-ଧାରା
ପଲକେ ପଲକେ ସ୍ଫୁରଇ ପ୍ରାଣ ପୀରତି-ଭରା ।
ଦିଗଂତ-ପ୍ରସାରେ ଦିଶଇ ଦିଗ-ଚୂର୍ଣ୍ଣ-କୁଂତଳ,
ନାରିକେଳ-କୁଂଜ-ଗହଳେ ଧୂମ୍ର ନୀଳ-ପ୍ରାଚୀର ।
ନୀଳ-ଘନ-କାଂଥି ବିମଳ ବେଳା ସୀମଂତ-ଶିଖେ
ସୂର୍ଯ୍ୟ-ରଥ ହେବ ଉଠିବ ଏହି ତଟିନୀ-ମୁଖେ ।
ନ ଦିଶିବ ସିଂଧୁ-ଚରଣେ ବାଳ-ଭାନୁ-ବିଭବ,
ଅରୁଣ-କଂପନେ ସାଗର-ପରେ ହାଟକ-ଦ୍ରବ ।

କୁମ୍ଭଭାସ ପରି ଦିଶିଲା ଉଠି ଅର୍ଦ୍ଧ-ମଂଡଳ,
ବର୍ତ୍ତୁଳିତ-ପ୍ରାଂତ-ଡଂବରୁ କ୍ରମେ ଦିଶେ ସୁଂଦର ।
ଉଠିଆସେ ବିଂବ, ଅଳପ ଲାଗି ରହିଲା ନୀରେ;
ହାଟକ-କଳସ ଭାସିଲା ଛୁଇଁ ମୁଖେ ସାଗରେ । ।
ଛିଡ଼ିଲା ଚମକେ କଳସି-କଂଠ, ଉଠିଲା ବିଂବ,
ତେଜିଁପଣ କବା ରଭସେ ରବି କଲେ ଗରବ ?
ହାଟକ-ତରଂଗ-ବିତାନେ ନୀଳ-ସାଗର-ନୀର,
ସିଂଧୁ-ମଥାମଣି ପରାଏ ରବି-ଖଂଡ-ଶରୀର
ରହିଗଲା, ଏଣେ ଉଠିଲେ ଭାନୁ ଗଗନ-କୂଳେ,
ସ୍ୱର୍ଣ୍ଣ-ଖଂଡ ଭାସି ରହିଲା ନୀଳ-ଜଳଧି-ଜଳେ ।
ବାଳୁତ-ନୟନେ ବୁଝିଲି ନାହିଁ ବିଜ୍ଞାନ ଗଣି,
ଏବେ ବି ବାଳକେ ସେ ଛବି ଝୁରି ହୁଅଇ ଗୁଣି ।

## ୩୮

ଉଦୟ-ବିଭବ କୋଣାର୍କେ ଶୁଣି କହୁଚ ହେଜ,
ଦୁର୍ଦ୍ଦିନ-ତାମସେ କାହୁଁରେ ବାପା ଦେଖିବ ଆଜ ?
ଭୁଂଭପରି ଥିଲି ଯେବେ ମୁଁ, ରାତି ନ ପାହୁ ଆସି,
ଚଂଦ୍ରଭାଗା-କୂଳେ ଥିଲରେ ରହିଁ ଅରୁଣେ ବସି ।
କୁଆଁତାରା ଜ୍ୟୋତି ଲଭିଲା, ଊଷା ଗଗନ-ପଟେ
ଖେଳିଗଲା, ଗଲା କାଳିମା ଲୁଚି ପ୍ରତୀଚୀ-ତଟେ,
ଅରୁଣ-କିରଣ-ବିତାନ-ପଛେ ଉଠିଲେ ରବି,
ତରଳ-ନୀଳାଗ-କଂପନ-ପଛେ ହାଟକ-ଛବି,
ପରିଧି-ପ୍ରସାରେ ଚଂଚଳ ସିଂଧୁ ହେବ କ୍ରମଶେ,
ଚପଳ-ହାଟକ-ଦ୍ରବେ କି ଖଂଡ-ମଂଡଳ ଭାସେ ?

## ୩୯

ମଳିନ ପ୍ରଭାତ ଫିଟିଛି, ଆସ ବାପା ବାହାରେ,
କହୁଥିଲ ପରା ସକାଳେ ଯିବ ସିଂଧୁ-କିନାରେ ।
ଏହି ତ ଅଦୂରେ ସାଗର ଦିଶେ ଉନ୍ମତ-କୂଳେ,
ସରମ-ସଂକୋଚେ ତଟିନୀ ଯାଏ ଲହରୀ-ମୂଳେ ।
ନଦୀ-ମୁଖ-ଜଳ-ପ୍ରସାରେ ଦିଶେ ଚିଲିକାପରି,
ସ୍ରୋତ-ଲୀଳା ଭୁଲି, ଜୀବନେ ପୀନ ଉରସ ଭରି ।
ଥରି ଥରି ଗୁଲେ, ସତେକି ଏଥି ରହଇ ଶଂକ ?
ଭୀମ ଊର୍ମିତୋଳି ସାଗର ପଡ଼େ ତା'ମୁଖେ ଝୁଂକ ।
ରହି ଯା ସାଗର, ରହ ରେ, ଊର୍ମି ନଅ ଫେରାଇ,
ବିମଳ ତଟିନୀ ବିସାରେ ଯାଉ ତୋ ହୃଦେ ବହି ।

---

୮୯୭ । ଏହିଠାରେ ଗ୍ରଂଥକାର ପିଲାଦିନେ ନିଜେ ଚଂଦ୍ରଭାଗାରେ ସୂର୍ଯ୍ୟୋଦୟ ଦେଖିଥିବା କଥା କହୁଚଂତି ।
୯୦୪ । ମାରାଗ = ସାଗୁଆ ମଣି ବିଶେଷ ।
୯୧୨ । ରଭସେ = ଭଲ୍ଲ ଦନାରେ, ଉତ୍ସାହରେ ।
୯୨୪ । ଜୀବନେ = ଜଳରେ ।

ଗିରି-କୋଳ ଗୁମ୍ଫ ଆସିଛୁ ତୋତେ ଭରସା କରି,
କେତେ ଶିଳା କେତେ ପାଦପ ପ୍ରତିବନ୍ଧ ନ ଧରି ।
ମିଶିବ ବୋଲି ସେ ଦେଇଛୁ ଏଥି ମେଲାଇ ବୁକୁ,
ତୋ ମହାଜୀବନେ କ୍ଷୀଣ ସେ ଧାରା ମିଶାଇବାକୁ ।
ଶଙ୍କ ଶଙ୍କ କେତେ ଯାଉଛି, କେତେ ରହୁଛି ପଡ଼ି,
ଚଣ୍ଡ-ଊର୍ମି-କରେ ଦେଉଛୁ ତାଙ୍କୁ କମ୍ପାରେ ତଡ଼ି ?
ଏ ଜୀବନ-ଭରା-ତଟିନୀ ଦେଖି, କମ୍ପାରେ ତୁହି
ତା’ ମୁଖେ ତୋକୁହୁ ଲହରୀ, ଏଡ଼େ ନିଠୁର ହୋଇ ?
ଫେରି କି ପାରିବ ସେ ଆଉ, କାହିଁ ଗତି ତାହାର ?
ଜୀବନ-ସଂପଦ ଭେଟିବ, କମ୍ପା ଏ ସ୍ୱତ ତୋର ?
ଜୁଆର-ପୁଲକେ ଭରି ତୁ ଏହି ତଟିନୀ-ମୁଖ,
ନେଇଥିଲୁ କେତେ ଆଦରେ ଏବେ କମ୍ପା ବିମୁଖ ?
ହୃଦୟ-ପ୍ରସାର ଦେଖି ତା’, ମନେ ଅସୂୟା କି ରେ ?
ଦେଖୁଛ୍ନ୍ତି ପରି ବାଳକେ, ଜାଣୁ ନାହୁଁ କି ତିଳେ ?

୪୦

ଚାଲ ଚାଲ ବାପା, ଜଗତେ ଏହି ଜୀବନ୍ତ ସ୍ରୋତ ?
ବାଲୁତ ବସୁସେ କପାଁରେ ଜାଣି ପାଇବ ଖ୍ୟାତ ।
ବାଟ ଘେଂଗି ଚାଲ, ତଟିନୀ-ମୁଖ-ବିସ୍ତାର ଏଡ଼ି,
ବଂଶ-ମୂଳେ-ମୂଳେ କୋମଳ-କୁଶ-ଅଂକୁର ମାଡ଼ି ।
ହେଳାରେ ନ ମାଡ଼ ତଟିନୀ-ଚଳ-ପାବନ-ନୀର;
ଇତିହାସେ ଗଢ଼ା ଏହାର ପରା ପୁଣ୍ୟ ଶରୀର !
କୋଣାର୍କ-ଭୂଂଗିମା ବହିଲା ପରା ହୃଦେ ଏ ଧାରା !
ନରସିଂହେ ବହୁ ଆଦରେ, ବୁଲି ଆସୁଛୁ ପରା !
ଚନ୍ଦ୍ରଭାଗା ପରା ଏହାର ପୁଣ୍ୟ-ତୀର୍ଥ-ଦୁହିତା !
କଳି-ସୁରଧୁନୀ ଏହାରି ପରା ଜୀବନ୍ତ ମାତା !
ବିରସ-ବିହାରେ ଏହାରି କଳେ ସେ ନରସିଂହ
ଖୋଜି ଦେଖିଥିଲେ କୋଣାର୍କେ ମାୟାଦେବୀ-ବିଗ୍ରହ ।
ସେ ବିହାର-ଫଳେ କୋଣାର୍କ ହେଲା ନଦୀ-ଗରଭେ;
ମାୟା-ରୂପେ ଛାୟା ପରା ହେ ଏଥି ରହିଲେ ଭବେ !
ଏକାମ୍ର-କାନନେ ଭେଟିଲେ ସେହୁ ରାଜକୁମାର;
ପ୍ରଣୟ-ଗରବେ ବରିଲେ ସୁଖେ ଅନ୍ତିମ କାଳ ।
ଶୁଣିନାହିଁ ବାପା ସେ କଥା, ଘରେ କହିବ ଗଲେ,
ସେ କୀର୍ତ୍ତି-ଗାଥା ଅଳପେ କୁଳବୃଦ୍ଧ ମହଲେ ।

---

୯୫୨ । ଚିତ୍ରୋତ୍ପଳା (ମହାନଦୀ) କଳିର ଗଂଗା ବୋଲି ପୁରାଣରେ ବର୍ଣ୍ଣିତ ଅଛି ।
୯୫୬ । ଛାୟା = ସୂର୍ଯ୍ୟଙ୍କ ଭାର୍ଯ୍ୟା ।
୯୬୦ । କୁଳବୃଦ୍ଧ = ପ୍ରାଚୀନ ବଂଶ ।

# ଦ୍ୱିତୀୟ ଭାଗ

## ମାୟାଦେବୀ

### ପ୍ରାରଂଭ ଭାଷଣ

ବାଲ୍ୟର ବୟସେ    ସରଳ ବିହାରେ
ତରଳ ବିଳାସେ ବୁଲୁଛ ଯାହା,
ଗୁରୁ ଶ୍ମଶ୍ରୁ ଭେଦି    କୁଳପତି-ତ୍ରାସେ
କି ସୁଖ ଲଭିବ, ଶୁଣିବ କହାଁ ?

ବୀରତ୍ୱ-ସ୍ତୁତିସ୍ତ    ପ୍ରେମର କାହାଣୀ
ତରୁଣ-ବିଳାସ ତରୁଣୀ-ହୃଦ
ମହିମାର ଲୀଳା    କରମେ କରମେ
ଉଠଇ, ପରାଣେ ଭରି ସଂପଦ,

ବୀରତ୍ୱେ ବିବେକ    ଭ୍ରୂକୁଟୀ କରୁଣା
ରସାଣି, ବହଇ ପୀୟୂଷ-ଧାର,
ସୁର-ବାଳା ସହିଁ    ପୀରତି-ସଂପଦ
ଗଜପତି-ସୁତ-ପ୍ରାଣ-ପସର ।

କବିତ୍ୱର ସାଥେ    ଗାରବ-କାହାଣୀ
ଲୋଲ ପ୍ରେମ-ଧାରେ ପଡ଼ଇ ଝରି,
କି କହିବ ମୁହିଁ    ପ୍ରବୀଣ ଏ ସାଥେ ?
ଅଗାଧେ ସୁମରି, ହୁଅଇ ଝୁରି ।

କାଳ ମଧ୍ୟ-ଦିବା    ଶୋଷୁଛି ମଉନେ,
କାଳ-ତପନର ପ୍ରଚଂଡ କର
ପଡ଼ୁଛି ଉପରେ,    ଫୁଟୁଛି ମରମ,
ପଲକେ ପଲକେ ହୁଏ କାତର ।

ସରଳ କୁତୁକ    କୋମଳ ବେଶରେ
ବିନୁଦନ ମୋର ବିଶ୍ୱାସ ଖସେ,
ପରାଣ ଦେବାକୁ    ବିକଳ ମୋ ମନ
ପୀରତି ନ ପାଏ ବଂଧୁ-ବିଳାସେ ।

---

୧ । କୁଳପତି — ଛାତ୍ରାବାସରେ ଥାଇ ଛାତ୍ରମାନଂକ ତତ୍ତ୍ୱାବଧାନ କରୁଥିବା ଶିକ୍ଷକ ।

ଆବିଳ ମାନସ- ମୂର୍ତ୍ତି-ବଦନେ
ଭୁଲା-ମେଘ-ପରି ଉଠଇ ଧୂମ,
ଜଗତ-ବିପିନେ ଦେଖାଇ ନ ହୁଏ
ବିମଳ ଶରଦେ ବ୍ରତତି ଦ୍ରୁମ ।

ଚଉଦିଗେ ଦେଖେ ବିଡ଼ମ୍ବିତ ଛବି,
ଧୂମ ଭେଦି ଦେଖେ ବିକଳ ରୁଚି,
ସ୍ୱଭାବ-ସରଳ ମଣଇ ମୁଁ ଯାହା
ବିଷଦୃଶ ଧୂମେ ଯାଏ ସେ ଲୁଚି ।

ସରଳ ପୀରତି ପରାଣେ ତବ ହେ,
କି ଶୁଣିବ ? ମୁହିଁ କହିବି କିସ ?
ଜଗତର ଯେତେ ଅନୁଭବ ଜାଣେ
ଅମୃତରେ ତହିଁ ମିଶିଛି ବିଷ ।

ସରଳ ମାନସ କପାଇଁ ରେ ଶିଶୁ
ମିଶାଇବ ହିଏ ଶୁଣି ମୋ କଥା ?
ବାଳୁତ ବୟସେ ଏ ପ୍ରବୀଣ ଭାଷା
ବାଜିବ ପରାଣେ, ପାଇବ ବ୍ୟଥା ।

କହେ ତେବେ ଶୁଣ, ଗ୍ରୀଷମ-ବିହାରେ
ଯାଇଥିଲି ଦୂର ସେ ଗଡ଼ଜାତେ,
ପ୍ରେତ-ଗୁମ୍ଫାପରି ପୁରାଣ ଉଆସ
ଉଜୁଡ଼ି ସହିଁ ଏବେ ବିପିନ-ବାତେ ।

ବିଷାଦ-ସ୍ମରଣେ ଗୁଳ କରିବାର
ଦିବସେ ସହିଲୁ ଆପାର ଚପ୍ପ,
ଶାଳ-ବନ ଭେଦି ଉପାନ୍ତ-ପ୍ରସାରେ
ପ୍ରଦୋଷେ ଭେଟିଲୁ ପାନ୍ଥ-ନିଳୟ ।

ବସି ବିଶ୍ରମିଲି, ଆସେ ଧୀର ପଦେ
ଅଦୂରେ ପୁରୁଷ ଭିକ୍ଷୁକ-ବେଶେ;
ଧରିଅଛି ହାତେ ପୁରୁଣ ବିପଞ୍ଚୀ
ଜୀର୍ଣ୍ଣ ପରିଚ୍ଛଦ ମଳିନ ଦିଶେ ।

ବସିଲା ଆସି ସେ ଗୁମ୍ଫାପଶ ପାଖେ,
ଭ୍ରମଣ-ସୋହାଗେ ହେଲା ପରିଚେ,
ବିପିନ-ବିହାସ ପୁରାଣ କାରିଭି
ଆସି ମିଳିଲା କି ଅପେ ପୁରତେ !

ଭରସି ଅଳପେ, ମଜ୍ଜନ-ଠାଣିରେ
ମାଗିବାକୁ ମନ ବଳାଏ କେତେ;
ସଂକୋଚ-ସରମେ କହି ନ ପାରଇ,
ଜାଣି ପୁଚ୍ଛିଲଇଁ ଦରହସିତେ;

"କି ବେଉସା ତବ ଏ ଜଂଗଲ-ଦେଶେ ?
ବିପଂଚୀରେ କିବା କର ହେ ଏଥି ?
ସଂଗୀତ-ରଭସେ ହେବାକୁ ସୋହାଗୀ
ସଂଗତରେ ଆଉ କାହାଂତି ସାଥୀ ?"

ପୀନ ନେହ ତାର ଦିଶିଲା ଉଜ୍ଜ୍ୱଳ
କହିଲା ସରସେ ଫିଟାଇ ଭାଷା
"ବାପ୍ପା ହେଲେ ବାବୁ, ସଂଗୀ କି କରିବେ ?
ସଂଗୀତ ତ ଆଂଭ କୁଳ-ବେଉସା ।

ଭାଟ ବୋଲି ଏବେ ବୋଲଂତି ଆଂଭକୁ
ଅଛି ନାମ, ନାହିଁ କୀରତି-କଳା ।
ସ୍ୱାଧୀନ-ସାମଂତ- ରାଜନ ନାହାଂତି
କର ବସି ଏବେ ଜାଗିର ଗଲା ।

ସଇନର ସାଜେ ଗୁଳୁଥିଲୁ ଆଂଭେ
ଅଗ୍ର-ବଂଦନାରେ ବଂଶ-ସୋହାଗେ
ବୀର ଗଜପତି ଆସି ଗଡ଼ଜାତେ,
ବଂଦିଗୀତ ଡାକ ଶୁଣଂତି ଆଗେ ।

ଦବାହେ ଆଂଭର ଟେକାବୁଏ ଛତି,
ରାଜ-ଗହଣରୁ ମିଳଇ ହାଣ୍ଡି;
ଡାକଲେ ଫିଟଇ ରାଜପୁର-ଦ୍ୱାର,
ବିଚୁର ନ ଥାଏ ରାତି ପାହାଂତି ।

ରାଣୀ ରାଜ-ଜେମା ଡାକନ୍ତି ଭିତରେ,
ଶୁଣନ୍ତି ଏ ଭଙ୍ଗା ବୀଣାର ବାଣୀ;
ପାଟ ପଡଣାରେ ଶୋଉଥିଲା ଶିର,
ଗାଉଥିଲୁ ସୁଖେ କୀର୍ତ୍ତି-କାହାଣୀ ।

ବାପେ ବଡ଼ବାପେ ପାଇଥିଲେ ମୋର
ରାଜଘରୁ କେତେ ପଦକ ହାର;
ବନ୍ଧାଇଲେ ଶାଢ଼ୀ ପାଇଲେ ପଦବୀ,
କିଏ ଜାଣିଥିଲା ଏ ନାରଖାର ?

ଭିକ ମାଗି ଏବେ ବୁଲେ ଦ୍ୱାରେ ଦ୍ୱାରେ,
ଆଜ ବେଉସାରେ ନ ବଳେ ମନ;
ଦଶହରା ଦିନ ବୀଣାପୂଜା ସାରି
ରାଜ-ପୁରେ ଦେଖିଆସେ ରାଜନ !"

"ଗାଆ ତେବେ ଭାଇ ଗୀତଟିଏ ଆଜ,
ସୁମରି ଉଜ୍ଜଳ-ସେ କାଳ-କଥା;
ଗ୍ରୀଷମ-ବିହାରେ ଆସି ଗଡ଼ଜାତେ,
ଭୁଲିବୁ ବିଳାସେ ଆସାର-ବ୍ୟଥା ।"

"କି ଗାଇବି ବାବୁ, ଛାଡ଼ିଛି ବେଉସା,
ଶୁଣିବାକୁ କେହି ନାହାନ୍ତି ଭବେ;
ବାପେ ବଡ଼ବାପେ କହୁଥିଲେ କଥା,
ଅଳପେ ସ୍ମରଣେ ଆସଇ ଏବେ ।"

"ତାମସ-ଜଡ଼ିତ ଦୂର-ଶୈଳ-ବନ,
ଶତଧୋପ୍ଳା ବହେ ରଜତ-ଧାରେ,
ଦୂର-ଗିରି-ଦରେ ଶ୍ୱାପଦ-ଗର୍ଜନ,
ମୋହନ କାକଳୀ ବିଲ-ପ୍ରାନ୍ତରେ ।

ତାମସ ସ୍ମରଣ ଖସିଆସୁ ତବ
ରଜତର ଧାରା ସଂଗୀତ-କଳା;
ଶଙ୍କାର ବିକଟ ଗିରି-ଦରୀ ଛାଡ଼ି
ଖେଳିଯାଉ ଏଥି କାକଳୀ-ଲୀଳା ।

ବିକାଶେ ନଭସେ ଗୋଟି ଗୋଟି ତାରା
ଚଞ୍ଚଳ ଚଳନେ ଚଳ ବଢ଼ିଦେ;
ଚଳ-ସ୍ମୃତି-ନଭେ କୀରତି-ତାରକା
ଫୁଟିଉଠୁ ଲୋଳ-ପରାଣ-ମୁଦେ ।

ପଲ୍ଲି-ବନ ଭେଦି ଉଠେ ଧୂମଲେଖା,
ମିଶିଯାଏ ଘନ-ମାଳମ-ଶ୍ୱାସେ;
କ୍ଷୀଣ ସ୍ମୃତି ତବ କବିତ୍ୱ-ବିଳାସେ
ମିଶିଯାଉ ପ୍ରାଣ-ତରଙ୍ଗ-ରସେ ।"

ଜୀବନ୍ତ ହସିଲା ମଳିନ ବଦନ,
ଉତ୍ସାହ ନୟନେ ହସିଲା ଫୁଟି;
ତନ୍ତ୍ରୀ ଟାଣି କରେ, ସଜାଡ଼ି ଝଙ୍କରି;
ଛୁଇଁଗଲା ତାର ଗୋଟିକ ଗୋଟି ।

ଅଙ୍ଗୁଳି ପରଶି କୋମଳ ବେଗରେ,
ମୁଖଭଙ୍ଗୀ କରି ହଲାଏ ମଥା;
ଥରେ ଥରେ ଚୁହେଁ, ମୁଣ୍ଡ ଦୋହଲାଏ,
ନ ପାଇଲା ସ୍ୱର, ନ କହେ କଥା ।

ବହୁ-କ୍ଷଣ-ପରେ ନେତ୍ର-ବିସ୍ତାରଣେ
ସୁଖ-ହାସେ ହସି ଚାହିଁଲା ମୁଖେ;
ଲହରେ ଲହରେ ଫିଟିଲା କବିତା,
ବାଜିଲା ବିପଞ୍ଚୀ ତରଳ ସୁଖେ ।

ସେହି ଗାଥା ଶୁଣ, ଲେଖି ମୁଁ ରଖିଛି,
ବନ୍ଧ-ମୁଖ-ସ୍ୱର-କବିତ୍ୱ-ଭାଷେ,
ପୁରାଣ ବିଭବ କୀରତି-କାହାଣୀ
କୋଣାର୍କ-ଜାତକ ସ୍ମୃତି-ବିଳାସେ ।

## ପ୍ରଥମ ସର୍ଗ

ଜମ୍ବୁଦ୍ୱୀପ ବୋଲି    ବୋଲନ୍ତି ଏ ଦେଶେ
ଜମ୍ବୁଦେଶ ତହିଁ ମଉଡ଼-ମଣି;
ଜମ୍ବୁନଦ-ଶାଢ଼ୀ    କୋମଳ ତପନେ
ପିନ୍ଧଇ ସେ ଦେଶ ବିପିନ-ରାଣୀ ।

ଚକ୍ରବାଳ ଭେଦ    ତୁଙ୍ଗ ହିମଗିରି,
ସ୍ତରେ ସ୍ତରେ ଉଠେ ରଜତ-ଭାଲେ;
ତୁହିନ-ମୁକୁଟ    ଅରୁଣେ ଝଲସି,
କନକ-ତରଙ୍ଗେ ଦିଗନ୍ତ ଝୁଲେ ।

ସାନୁ-ସ୍ତରେ-ସ୍ତରେ    ଶ୍ୟାମଳ ପ୍ରାନ୍ତର
ପ୍ରସାରେ ଭେଟଇ ଶୈଳ-ପଦ;
ଦରେ ଦରେ ଭେଦ    ଉପକଣ୍ଠ-ଶିଳା,
ଶୋଭଇ ତରଳ ରଜତ ହ୍ରଦ ।

ହ୍ରଦ-ପରିସରେ    ଗିରି-ତରଙ୍ଗିଣୀ
ବିମୋହନ-ଭଙ୍ଗେ ମିଶଇ କାହିଁ
ଗିରି-ତଳେ-ତଳେ    ଶତବାଙ୍କେ ବୁଲି,
ଖେଳଇ ତରଳ ତୁହିନ ବହି ।

ତରଙ୍ଗେ ନଚାଇ    ଶ୍ୟାମ-ତରୁ-ଶାଖା,
ତଟିନୀ-ବିମଳ-ସଲିଳ ଶୋଭେ;
ଶତନଦୀ ମିଳି    ଏକ ଧାରେ କାହିଁ
ପଞ୍ଚନଦ-ମହା-ପ୍ରସାରେ ବହେ ।
ଗିରି ନଦୀ ଧାରେ    ତରଳ ତୁଷାରେ
ଲବଙ୍ଗ-ସୁମନ ଆସଇ ଭାସି;
ଦଳେ ଦଳେ ତହିଁ    ସୁରବାଳା-ହାସ୍ତ
ସ୍ୱର୍ଣ୍ଣ-ଶତଦଳ ହସଇ ମିଶି ।

ପ୍ରଚଣ୍ଡ ତପନ    ବିନ୍ଧ୍ୟ-ଚୂଳେ ରହି
କୋମଳ ପରଶେ ଛୁଅଇଁ ମହୀ;
ତୁହିନ-କିରଣ    ତୁହିନ-ଶରଣେ
ଆସେ ବେଳେ ବେଳେ ନିକଟେ ତହିଁ ।
ପଲ୍ଲିରେ ପଲ୍ଲିରେ    ଚୁମ୍ବଇ ନିର୍ଝର
ଶାମଳ ପ୍ରସାର ଉରଗ-ବାଙ୍କେ,
ଉପକଣ୍ଠ-ତନୁ-    ରଜତ-ସାଗର
ଗିରି-ଶିଶୁ-ତନୁ ନଚାଏ ବୁକେ ।
ଶିଖରେ ଶିଖରେ    ବଲ୍ଲରୀ-ଜଟିଳ
ମୋହନ ବିଟପୀ ସୁମନ-ଭରା;
ଲତା-ଫଳ ତହିଁ    ମଧୁପୂର ଧରେ,
ସୁରଭି ସୁମନେ ହସଇ ଧରା ।

---

୧ । ଜମ୍ବୁଦ୍ୱୀପ = ଭାରତବର୍ଷ । ଜମ୍ବୁଦେଶ = ଦକ୍ଷିଣ ପୂର୍ବ କାଶ୍ମୀର; ସିନ୍ଧୁର ଉପନଦୀ ଚନ୍ଦ୍ରଭାଗା ଏହି ଦେଶରେ ପ୍ରବାହିତ ହୋଇଅଛି; ଏହା ପ୍ରାଚୀନ କାଳରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଥିଲା ।

୨ । ଜମ୍ବୁନଦ = ସୁବର୍ଣ୍ଣ । କର୍କଟବୃତ୍ତର ଅଧିକ ଉତ୍ତରରେ ଥିବାରୁ ଏ ଦେଶରେ ସୂର୍ଯ୍ୟ କିରଣ କୋମଳ, ସକାଳ ଓ ସନ୍ଧ୍ୟାରେ ଅଧିକ ବେଳପର୍ଯ୍ୟନ୍ତ ଟିକିଏ ହଳଦିଆ ଦେଖାଯାଏ । କାଶ୍ମୀରରେ ଅନେକ ହ୍ରଦ ଅଛି ।

୧୦ । ପଞ୍ଚନଦ = ପଞ୍ଜାବ ।

୧୩-୧୪ । ସୂର୍ଯ୍ୟକାନ୍ତ ବୃତ୍ତ ଅର୍ଥାତ୍ ବିନ୍ଧ୍ୟପର୍ବତଠାରୁ ଆଉ ଉତ୍ତରକୁ ଯାଏ ନାହିଁ । ଚନ୍ଦ୍ର ଶୀତକାଳରେ ଆହୁରି ସାଢ଼େ ଉନଶ ମାଇଲ ଉତ୍ତରକୁ ଗଲାପରି ଜଣାଯାଏ । ତୁହିନ କିରଣ = ଚନ୍ଦ୍ର, ଶୀତକାଳରେ ଆମଦେଶପରି କାଶ୍ମୀରରେ ଶିଶିର ନ ପଡ଼ି ତୁଷାର ପଡ଼େ ।

୧୬ । ତନୁ = କ୍ଷୁଦ୍ର, ଶରୀର ।

୧୮ । ଏଠାରେ ଅଙ୍ଗୁର ଫଳକୁ ଲକ୍ଷ୍ୟ କରାଯାଇଅଛି ।

କାଶ୍ମୀର-କୁସୁମ- ମାଧବ-ସୋହାଗେ
ଫୁଟଇ ବିପିନେ କନକ-ହାସ;
ଲାବଣ୍ୟ-ଲହରୀ ଖେଳାଇ ସମୀରେ
ଶଇଳ-ଶିଖରେ ଉଠଇ ବାସ ।

ବର୍ତ୍ତୁଳ-କନକ- ଫଳେ ମହୀରୁହ
ନନ୍ଦନ-ବିଭବେ ତପନେ ହସେ;
ଅପସରୀ-ସର ରମଣୀ-ନିକର
ବୁଲନ୍ତି ବିପିନେ ତରଳ-ହାସେ ।

କୋକିଳ ରାବଇ ବାରମାସ ବନେ
ଫଳେ ବାରମାସ କନକ-ଖେତ;
କେଦାରେ-କେଦାରେ ହିମାଚଳ-ମୂଳେ
ଶିଖରୁ ଶିଖରେ ଦିଶେ ମହତ ।

ସାରସ୍ୱତ ନେହେ ସପ୍ତର୍ଷି ନିରତ
ଭ୍ରମି ଭ୍ରମି ମେରୁ, ଥାଆନ୍ତି ରହି;
ଅମାନିଶା ଭେଦି ଗନ୍ଧର୍ବ-ନଗର
ଅରୁଣ-ବିଭାସେ ଭାସଇ ତହିଁ ।

ଦେବ-ଦେବୀ-କୁଳ ଓହ୍ଲାଇ ସେ ଦେଶେ
ବେଳେ ବେଳେ ଆସି ମର୍ତ୍ତ୍ୟବିଳାସେ,
ଅମୃତ-ଭୋଜନ ପାରିଜାତ-ବାସ
ଭୁଲନ୍ତି ସେ-ବନ-ବିହାର-ରସେ ।

କଇଲାସ-ଚୂଡ଼ୁ ଶଙ୍କର-ଜଟାରୁ
ନିରଞ୍ଜନ-ଜଳ ଧୂଆଇ ଦେଶ;
ମାନସ-ବିହାରୀ ରାଜହଂସମାଳା
ବୁଲନ୍ତି ସେ ଦେଶ ନିଶି ଦିବସ ।

ତରୁଣୀ-ଲଲାମ ସେ-ଦେଶ-ରାଜନ-
ପାଟ-ଜେମା ରାଣୀ-କୋଳ-ସଂଖାଳି
ବିବାହ ବୟସେ; କେଉଁ ଯୁବାମଣି
ବରିବେ, ରାଜନ ହୁଅନ୍ତି ଭାଳ ।

ସୁନ୍ଦରୀ-ମଉଡ଼ ଜମ୍ବୁଦେଶ-ବାଳା,
ରାଜ-ଜେମା ତହିଁ କଣ୍ଠ-ଭୂଷା;
ଅଙ୍ଗେ ଅଙ୍ଗେ ଥରି ଲାବଣ୍ୟ ଝରଇ
ରୂପେ ବଳ ଗୁଣେ ବିକାଶେ ଯୋଷା ।

ବର୍ତ୍ତୁଳ ବରାଙ୍ଗେ କଜ୍ଜ୍ୱଳ ଚିକୁର
ଭରି ପୃଷ୍ଠ, ଲମ୍ବି ଛୁଅଁଇ ତଳ;
ବିମଳ ଲଲାଟେ ବିଶାଳ ଲୋଚନ
ଭ୍ରୂରୁ ଚଳାପାଙ୍ଗେ ଦେଖାଏ ଖେଳ ।

ଗନ୍ଧରବେ ଯଥା ବିଶ୍ୱସେ କାରନ୍ତି,
ଯକ୍ଷବନେ ତଥା ମୂରତି ହସେ;
ମାଧବ ସୁମନେ ମଧୁ-ହାସ ଜିଣି,
ବାଳାମଣି ଶୋଭେ ବିଭ୍ରମ-ରସେ ।

---

୧୯ । କାଶ୍ମୀର-କୁସୁମ = ଜାଫରାନ୍ । ପ୍ରଥମ ବସନ୍ତରେ ଏହି ଫୁଲରେ ସମସ୍ତ ବନ ପୀତାଭ ଦିଶେ ।
୨୧ । ଏଠାରେ ସେଓ ଓ ନାସପାତି ପ୍ରଭୃତି ଫଳକୁ ଲକ୍ଷ୍ୟ କରାଯାଇଅଛି ।
୨୨ । କାଶ୍ମୀରର ରମଣୀମାନେ ସୌନ୍ଦର୍ଯ୍ୟ ପାଇଁ ଭୁବନବିଖ୍ୟାତ ।
୨୫ । କାଶ୍ମୀରରେ ସପ୍ତର୍ଷିମଣ୍ଡଳ ଦିନରେ ସୂର୍ଯ୍ୟକିରଣରେ ଦେଖାଯାଏ ନାହିଁ ସତ; କିନ୍ତୁ କଦାପି ଅସ୍ତ ହୁଏ ନାହିଁ ।
୨୬ । ଗନ୍ଧର୍ବ-ନଗର = ମେରୁଜ୍ୟୋତି, ଇଂରେଜୀରେ ଏହାକୁ ଅରୋରାବୋରିଆଲିସ୍ କହନ୍ତି । ମେରୁ ମଣ୍ଡଳରେ ଅନେକଦିନ ଧରି ରାତି ହୁଏ; ସେହି ସମୟରେ ଏହି ଜ୍ୟୋତି ଦେଖାଯାଏ । କାଶ୍ମୀରରେ ଶୀତକାଳର ଦୀର୍ଘରାତ୍ରିରେ ମଧ୍ୟ କେବେ କେବେ ଏହି ଜ୍ୟୋତି ଦେଖା ହୋଇଥାଏ । ପ୍ରାଚୀନ କାଳର ଆର୍ଯ୍ୟ ଜ୍ୟୋତିଷମାନେ ଏହି ଜ୍ୟୋତିକୁ ଲକ୍ଷ୍ୟକରି ଏହାକୁ ଗନ୍ଧର୍ବ-ନଗରୀ ନାମ ଦେଇଥିଲେ ।
୨୯ । ସିନ୍ଧୁ ନଦୀ କୈଳାସ ପର୍ବତ ଉପତ୍ୟକାରେ ଥିବା ମାନସ ସରୋବରରୁ ପ୍ରବାହିତ ହେଉଅଛି ।

ଗଜଦଂତ-ଶାଣେ ସରମ-ରସାଣେ
ଗଢ଼ିଛୁ କି ବିଧି ? ତୁଏ ଘରତେ;
ସୁରବାଳା କିବା ଦେବପୁର ଛାଡ଼ି
କଉତୁକ-ଖେଳେ ସେହ୍ନ ମରତେ ?

ବିପିନ-ବିହାରେ କଂଦୁକ ଫୋପାଡ଼ି
ଶଇଳ-ସାଗରେ ଖେଳଇ ବାଳା;
ରାଜହଂସମାଳା ନଚ୍ଚଇ ତରଂଗ
ଲେଉଟଇ, ଭେଟି ପୁଳିନ-ଶିଳା ।

ସେହି ସେ ତରଂଗେ ସୁଂଦରୀ-କୀରତି
ଦେଶୁ ଦେଶେ ଗଲା ପ୍ରବାଦ-ଛାନେ;
ସିଂଧୁ-ପାରେ ଯାଇ, ଭେଟିଲା ତଡ଼ିତ
ସୁଂଦରୀ-ଲଂପଟ ଯବନ-ସ୍ଥାନେ ।

କେତେ ରାଇଜରୁ ଆସୁଥିଲେ ଦୂତ,
ଆସିଲା ଯବନ ସଇନ ଧେନି,
ଗିରି-ଦୁର୍ଗ-ମାଳା ଭେଦି କି ପଶିବ
ଜଂବୁଦେଶ-ରାଜ-ପୁଣ୍ୟ-ଅବନି ?

ଲୁଟି ବାର ବାର ଆସଇ ଯବନ,
ଆତଂକରେ କେବେ ବଜାଏ ଭେରୀ;
କାମିନୀ-କାଂଚନ- ଲାଳସା ଯବନେ
କଏସେ ନ ଜାଣେ ଭାରତ ଭରି ?

ଭାରତ-ଭୁବନେ ସମର-ବିଧାନ
ଆର୍ଯ୍ୟ-ଗଉରବ-ଶାଶ୍ୱତ-କଳା
କ୍ଷତ୍ର-କରମ ମହତ-ଧରମ
ସାରିଛି ଯବନ-ଦୁଂଦୁଭି-ଲୀଳା ।

ବୀର-ମଦ ସିନା ସଂମୁଖ ସମରେ,
ତପନ-କିରଣେ ମହତ-ପଣ !
ରଜନୀ-ତାମସେ ବନ-ପଲ୍ଲି ପୋଡ଼ି,
କ୍ଷତ୍ରିୟ-ଗରବ ତୁଏ ନଉନ !

ସେହି ବନପଲ୍ଲି ଜଂବୁଦେଶେ ଆଜ
ଜଗିଛଂତି ଦୁର୍ଗେ ସଇନ-ସାଜ;
କରତ୍ରାଣ-କରେ ଛୁଅଁଂତି ସେ ଛୁରୀ
ଚର୍ମ-ଉପାଧାନେ ଭଜଂତି ଶେଜ ।

ମଂଦୁରାରେ ବାଜୀ ସଜ୍ଜିତ ପର୍ଯ୍ୟାଣେ,
ପ୍ରହରୀ ବଲ୍ଗମେ ରଖଇ ମଥା;
ଆଗମ-ଆତଂକ- ଲକ୍ଷଣ ଦେଖାଇ
ଗିରି-ଦୁର୍ଗେ ଜଳେ ଅନଳ-ଶିଖା ।

ପ୍ରହରେ ପ୍ରହରେ ଅଷ୍ଟ ସେନାପତି
ପୁର ବନ ଜଗି, ଥାଆଂତି ସଜ;
କଂଦରେ କଂଦରେ ବୁଲେ କଟୁଆଳ
ଶିଖରେ ଶିଖରେ ଉଠଇ ଧ୍ୱଜ ।

ଅତର୍କେ ଯବନ ଆସେ ପଶି କେବେ,
ସତର୍କେ ଉଠଇ ଜଂବୁ ମେଦନୀ;
ବିରସ-ବିଷାଦେ ଦୂରେ ଫେରି ଯାଏ,
ରଜନୀ-ତାମସେ ପଶଇ ପୁଣି ।

ସେହି ସେ ତାମସେ ପୁରଦ୍ୱାରେ ଆଜ
ସେନାପତି-ପଣେ କୁମାର ବିଜେ;
ଗିରି-ଚୂଳ-ଦୁର୍ଗ- ପ୍ରାଚୀର-ବାହାରେ
ବିପିନ-ଉପାଂତେ ସମର ସଜେ ।

୪୪ । ସିଂଧୁ = ସିଂଧୁନଦୀ, ସିଂଧୁନଦୀର ପଶ୍ଚିମ ପାଖଠାରୁ ପଠାଣରାଜ୍ୟ ବିସ୍ତୃତ ରହିଅଛି । ପଠାଣମାନଂକ ରମଣୀ-ଅଭିଳାଷ ଇତିହାସ-ପ୍ରସିଦ୍ଧ ।

୫୪ । କରତ୍ରାଣ = ଯୋଦ୍ଧାମାନଂକର ହାତରେ ଲୁହାର ଯେଉଁ ଆବରଣ ଥାଏ । ଉପାଧାନ = ତକିଆ, ମୁଚୁଳା, ମାଂଡୁ । ସୈନ୍ୟମାନେ ଖାଇବା ପିଇବା ବେଳେ ମଧ୍ୟ ସଜ୍ଜିତ ଥାଆଂତି । ୫୫ । ମଂଦୁରା = ଅଶ୍ୱଶାଳା ।

କନ୍ଦରେ କପିନ ଦୋହଲେ ମାରୁତେ,
ଦୁର୍ଗ-ଚୂଳେ ଉଠେ ଅନଳ-ଶିଖା,
ଏଣୁ ଗଡ଼ଜାତ- ଗ୍ରୀଷମ-ଋତୁରେ
ଚଉପାଶେ ଫୁଟେ ଅନଳ-ଲେଖା ।

ଜଳେ କେବେ କେବେ ନିବଟେ ଅନଳ,
ଦୁରୁ ଦୂରେ ଯାଏ ସଙ୍କେତେ ଖେଳ, ୭୫
ଦୂର ଗିରି-ଚୂଳେ ଜ୍ବଳେ ଚକ୍ରବାଳ,
ନିମିଷେ ଫେରଇ କଂବୁ-ନଗରୀ ।

ସେ ଆଲୋକେ ଝଳ ବଳ୍ଲରୀ ବିଟପ,
ଶବଳେ ଝୁଅଁଇ ବୀର-କଂଚୁକ;
ତରଳ ତଳନେ ବାଜିବର-ଦେହେ
ଉର୍ମି-ଲାସ୍ୟେ ଝଟେ ଖଂଡ କନକ ।

ବାରଣ-ବୃଂହିତ ଶ୍ବାପଦ-ଚହଳ
ଦୂରେ ଗିରିନଦୀ-ପ୍ରପାତେ ମିଶେ;
ଝଂକାରେ ଝଂକାରେ ଉର ଦୋହଲଇ
ଗଂଭୀର କଦଂବେ କୁମାର ବସେ ୭୦

ସେ ଅନଳେ ଝଳେ, ଦେଖିଲେ କୁମାର
ଅଚଂଚଳେ ଚଳ କାଷାୟ ବାସ,
ଖଲ୍ଲୀନ ଆସ୍ଫାଳି, ରହିଗଲେ କ୍ଷଣେ
ଶୁଣିଲେ ସରସ ଆଶିଷ-ଭାଷ ।

ସନ୍ୟାସୀ ମିଳିଲେ ତୁରଂଗ-ପୁରତେ,
ବିଶାଳ ଲଲାଟେ ଋଦ୍ଧିଲେ ବୀରେ;
ଜ୍ୟୋତିଷ୍ମ-ନୟନ ଉରସ-ବିସ୍ତାରେ
ଉକଣ୍ଠ-ଚମକ ରାଜ-କୁମାରେ ।

ପାଦଗ୍ରହଣୀରେ ଉଠି ଯୁବାମଣି,
ତେଜିଲେ ପ୍ରଣମିଲେ ସନ୍ୟାସି-ପଦେ; ୭୫
କ୍ଷଣେ ସ୍ଥିର ରହି, ଅଳପେ ଉରସି,
ପଚାରିଲେ, ଭୁଲି ବୀରତ୍ବ-ମଦେ ।

"କିଏ ସେ ଦେବତା ? କାହୁଁ ଯେ ଆସିଲ ?
ଭଜନରେ କହାଁ ବିକାଶ ତବ !
ଯବନ-ପରଶେ ଅପବିତ୍ର ଭୂମି,
ଦେବପଦ ଏଥି କାହୁଁ ସଂଭବ !

ଶୁଣିଣୁ ବିପଦେ ନାରଦ ଆପଣେ
ଆସି ପିତାମହେ ଥିଲେ ସଂଭାଷି;
ନାରାୟଣ ନିଜେ ପିତାମହ-ସ୍ୱସା-
ବିବାହ-ବରଣେ ଥିଲେ ହେ ଆସି । ୮୦

କନକ-କମଳ ଫୁଟୁଥିଲା ଏଥି
ଶଇଳ-ସରସୀ-ବିମଳ-ଜଳେ
କଇଶୋର-ଲୀଳା ଜୟନ୍ତ ଏ ଭୂମେ
କରୁଥିଲେ ଆସି କିଂନର-ମେଳେ ।

---

୭୪ । ଗ୍ରୀଷ୍ମକାଳରେ ପର୍ବତମାନଙ୍କରେ ନିଆଁ ଲାଗି ଗଡ଼ଜାତରେ ରାତି ବଡ଼ ରମଣୀୟ ଦେଖାଯାଏ ।

୭୬ । ଶବଳେ = ଚିତ୍ରିତ ଭାବରେ । ଗଛଗୁଡ଼ିକରେ ଆଲୋକ ପଡ଼ିଲେ ଯେପରି ଦେଖାଯାଏ । କଂଚୁକ = କବଚ; ଯାଂଜ୍ଞ ।

୭୭ । କଦଂବ = ଘୋଡ଼ାର ଏକ ପ୍ରକାର ଧୀର ମଂଥର ଗତି ।

୭୯ । ପାଦଗ୍ରହଣୀ = ଘୋଡ଼ାସାଜର ରେକାବ । ଯାହା ଉପରେ ଗୋଡ଼ ଦେଇ ଅଶ୍ବାରୋହୀ ବସେ ।

୮୧ । ପୂର୍ବକାଳର ଅଛି, ହିମାଳୟର ନଦୀ ପୁଷ୍କରିଣୀମାନଙ୍କରେ ସୁନା ପଦ୍ମ ଫୁଟେ ।

୮୨ । ଜୟନ୍ତ = ଇନ୍ଦ୍ରଙ୍କ ପୁଅ । ଦେବତାମାନଙ୍କ ମଧ୍ୟରେ କିଂନରମାନେ ନୃତ୍ୟଗୀତାଦିରେ ନିପୁଣ ।

ପଂଚନଦ-ସ୍ରୋତେ    ସେ କମଳ ଯଥି
କାଳ-ସ୍ରୋତେ ଯାଇଅଛି ସେ ଦିନ;
କଏସେ ସନ୍ୟାସି,    କହ ତେବେ ଫେରି;
କପାଁଇ ଏ ଭୂମେ ପଦ-ନଳିନ ?"

ମୃଦୁ-ସ୍ମେର ମୁଖେ    କହିଲେ ସନ୍ୟାସୀ
ଶୁଭ୍ର-ଦଂତ-ଦାମ କାଷାୟ ବାସେ, ୮୫
ଜ୍ୱଳନ-ବିଭାସେ    କନକ-ଜୀମୁତେ
ପ୍ରଦୋଷ-ଚଂଦ୍ରିକା ବିକାଶି ହସେ ।

"ନୁହଇ ନାରଦ,    ନୁହେ ନାରାୟଣ,
ନୁହେ ମୁଁ ଜୟଂତ, ନୁହେ କିଂନର;
ଦୁର ଦେଶୁ ତବ    ଅତିଥି ଏଭୂମେ,
ତୁଂଭପରି ମୁହିଁ ନର ମାତର ।

ଆସିଥିଲି ବହୁ-    ପୀରତି-ସୋହାଗେ
ଦୈବତ-ଦୁଲଭ ଏ ଜଂବୁଦେଶେ;
ଯବନ-ତାପିତ    ପ୍ରଦେଶୁ ପ୍ରଦେଶ
ବୁଲି, ମିଳିଲଇଁ ଏ ଭୂମେ ଶେଷେ । ୯୦

ପ୍ରରୁ-ମଣି-ଲୋଭେ    ଜାଂଗଳିକ ଜନ
ଅନୁସରେ ବନେ ବିଷମ ଫଣୀ;
ଦ୍ୱିରଦ ଲଲାଟ-    ମୋତି-କୁଂଭ-ଲୋଭେ
ପଶଇ ମୃଗପୁ ବିପଦ ଜାଣି;

ମୁକୁତା-ଚୟନେ    ସିଂହଳ-ସାଗରେ
ପଡ଼ଇ କେଉଟ ଅତଳ ଜଳେ;
ଖଣି-ଖାତ ଖୋଳି,    ପରାଣର ପଣେ
ପଶଇ ମାନବ ପାତାଳ-ପୁରେ ।

ସ୍ୱରଗର ଶିରୀ    ଜଂବୁଦେଶ-ବନେ,
ଦେବତା ଦିବସେ ବୁଲଂତି ତହିଁ; ୯୫
ଜାଣି ମୁଁ ଆସଇ    ନୀଳାଚଳ-କ୍ଷେତ୍ର,
ଗିରି ବନ ନଦୀ ସଇନ ତେଇଁ ।

ଲଲସାର ବଶେ    ଜର୍ଜର ଯବନ
ଦେଖିଲି ବିକଟ ବେଶର କେତେ;
ନୀଳାଚଳ-ନାଥ-    ମହିମା ସୁମରି
ଜଂବୁଦେଶ ଏବେ ପାଇଛି ହାତେ ।"

"ସୁରଧାମ ସେହି    ନୀଳାଚଳ-ଦେଶୁ
ଆସିଛ ସନ୍ୟାସି ଏ ଜଂବୁଦେଶେ;
ପିତାମହ ମମ    ଯାଇଥିଲେ ଜାଣେ
ସେହି ନୀଳାଚଳେ ଜୀବନ-ଶେଷେ । ୧୦୦

ଶୁଣିଛି କେସନେ    ସିକତା ଆଦରି,
ପଡ଼ିଲେ ଅଂତମେ ସାଗରତୀରେ;
ସଂସାର ବିଧାନେ    ସାଧକ ପ୍ରବୃତ୍ତେ
ସମାଧି ବହିଲେ ସେ ନୃପବରେ ।

ଗଗନେ ତାରକା    ଖସଇ ଯେସନ,
ଖସିଲା ତେସନ ସ୍ୱରଗୁ ରଥ,
ଆସଲେ ଦେବତା    ଓହ୍ଲାଇ ସ୍ୱରଗୁ,
ନେଲେ ତାତେ ମମ ଦେଖାଇ ପଥ ।

ମହତ ସେ ଦେଶ,    ପୁଣ୍ୟ ଦେବ-ଭୂମି,
ଶୁଣିଛି ମୁଁ ନରେ ଦେବତା ତହିଁ, ୧୦୫
ତାରକା ପାଲଟି    ସୁରଲୋକେ ସୁର
ସେ ପୁଣ୍ୟ ଧରଣୀ ଥାଆଂତି ଗୁହିଁ ।

ସ୍ୱରଗ-ଦୁଆର    ଯଥି ସେହି ଦେଶେ,
ବଇକୁଂଠ ପଥ କେଶବେ ଧରେ,
ଯମଦଂଡ ମଥି    ଶଂକ ଉହେ ଦୁରେ,
ବିଷ୍ଣୁ-ଦୁତ ଆସି ନିଅଂତି ନରେ ।

କାକ ପଥି ତହିଁ    ମରଣ-ବିଭବେ
ବସିଥିଲା ଦିବେ ଦେବତା-ମେଳେ,
ବ୍ରହ୍ମା ଆଦି ସୁର    ଥାଆଂତି ଯଥି ହେ
ଆଦରି ସେ ଭୂମେ କୈବଲ୍ୟ-ଫଳେ । ୧୧୦

---

୧୦୯ । ଗୋଟିଏ କାକ ଏହିଠାରେ ମରି ବିଷ୍ଣୁ ଲୋକକୁ ଯାଇଥିବା ପୁରାଣ ପ୍ରସିଦ୍ଧ । ସେହି କାକ ଭକ୍ତ ରୂପରେ ପୁରୀମଂଦିରରେ ବର୍ତମାନ ପୂଜା ପାଏ ।

କହ ତେବେ ଦେବ, କେମନେ ସେ ମନ୍ତ୍ରୀ ?
କେସନେ ରାଜନ ପାଳୁଂଛି ଧରା ?
କେତେ ଦୂରେ ତାର ପଶିଛି ଯବନ ?
କେସନ ସେ-ଦେଶ-ଆରତି-କଳା ?”

ମୋହନ ଯୁବକ ଲଲାଟ ଉଜଳ,
ଅର୍ଦ୍ଧ-ବିଧୁ-ବିଂବ ଦିଶିଲା ତୋରା;
କଣୀନକା ଭେଦ, ସାରସ୍ୱତ ଦ୍ୟୁତି
ପଡ଼ିଲା ଭ୍ରୂ-ଆରେ ବିସ୍ମୟ-ଭରା ।

ବିସ୍ମୟ-ବିଭ୍ରମେ ଦରସ୍ମିତ-ଲେଖା
ଲୁଚିଗଲା, ଗଲା ସଂକୋଚ-ଠାଣି,
ବିଶାଳ ନୟନେ ସ୍ଥିର-ଦୃଷ୍ଟେ ଚାହିଁ
ରହିଲେ ସନ୍ୟାସୀ ପୁରୁଷ-ମଣି ।

ବିକାଶି ନୟନ କହିଲେ ସାଧ୍ୱସେ
“ଯୁବରାଜ ତେବେ ପୁରତେ ମମ !
କିଶୋର ବୟସେ ଭୋଗ-ସୁଖ-ଛାଡ଼ି,
ଶିଖୁଂଛି ମହତ ରାଜ-ଧରମ !

ଜଂବୁଦେଶ-କଥା ଶୁଣିଥିଲି-ଯାହା,
ନଗରେ ପରତେ ହୋଇଛି ଫଳେ,
ଦେବ-ଭୂମି ଏଥି ଲୁଚି କି କରିବ
ଦୁର୍ମଦ ଯବନ ସଇନ୍ୟ-ବଳେ ?

ଘନ-ତରୁ-ମୂଳେ ଲୁଚିଥାଏ ତମ,
ବାହାରଇ ସିନା ପ୍ରଦୋଷ-ନଭେ;
କିଶୋର-ତପନ- କନକ-ବିଭବେ
ବାରୁଣୀ-ଲଲାଟେ ଛାଡ଼ଇ ଭବେ !

ଯୁବରାଜ ତେବେ ! ଏ ତାମସ-ବନେ
ପଠାଣ-ବିରୋଧେ ସଇନ୍ୟ ଜଗି !
ପିତାମହ ତବ ଜାଣେ, ଯାଇଥିଲେ
ନୀଳାଚଳ-ଧାମେ ମୁକତି ଲାଗି ।

ସେହି ବଂଶେ ତବ ଉଚିତ ଜନମ,
ରଣ-କେଶେ ଭୁଂଗ ଉଦାର ଯୁବା;
ନଗରେ ପରତେ ପରଜା-ପାଳନେ
ଜୟୁଂତ ଏ ଭବେ ବୁଲୁଂତି ଅବା !

ଯୁବରାଜ-ମଣି- ବୀର-ନରସିଂହ-
ଗଉରବ-ଜ୍ୟୋତି ବିକାଶେ ମୁଖେ;
ସେହୁ ନରସିଂହ ବପିନେ ବିପିନେ
ପଦେ ଦଳି ଦସ୍ୟୁ ବୁଲୁଂତି ସୁଖେ !

ଗିରି-ନିର୍ଝରିଣୀ- ଶୀକରେ ବିଟପ
ଭିଂଜାଇ ବ୍ୟଜନେ କରଇ ସେବା;
ଶାଳ-ବନେ ବହେ ସୁରଭି ସମୀର
ଯୁବରାଜ-ସ୍ୱେଦ-ହରଣେ କିବା !

ଶ୍ୟାମଳ-ଉତ୍କଳ- ରାଇଜ ବିସାରେ
ସୁରଧୁନୀ-କୂଳୁ କାବେରୀ-ଯାଏ;
ନୀଳାଚଳ-ବେଳା- ସମୀର ଉତ୍କଳେ
ଶ୍ୟାମଳ କଂପନେ ଦଶାର୍ଣ୍ଣେ ଯାଏ ।

ଅଚଳ-ଶିଖର- ବିକାଶେ ଶଇଳ
ଠାବେ ଠାବେ ଉଠେ ପ୍ରହରୀପରି;
ପ୍ରସର-ପ୍ରସାରେ ଚିତ୍ରନଦୀ-କୂଳ
ନୀଳାଚଳ-ତଟେ ଢାଳଇ ବାରି ।

---

୧୧୪ । କଣୀନକ = ଚକ୍ଷୁତାରା । ଆଖି ଡୋଳା ।

୧୧୬ । ସାଧ୍ୱସ = ଭୟ, ବିସ୍ମୟ ।

୧୨୨ । କିଶୋର ତପନ ସହିତ ରାଜକୁମାର ଓ ବାରୁଣୀ ସହିତ ପଶ୍ଚିମଦିଗସ୍ଥ ଯବନ ଦେଶର ଉପମା ସୂଚିତ ହୋଇଅଛି ।

୧୩୨ । ଦଶାର୍ଣ୍ଣ = ମଧ୍ୟପ୍ରଦେଶ ଓ ଛୋଟନାଗପୁର କେତେକାଂଶର ପ୍ରାଚୀନ ନାମ ।

ଅନୂପ କେଦାର ଶ୍ୟାମଳ ଉଠିଛି
ବନ-ସ୍ତରେ-ସ୍ତରେ ମହେଂଦ୍ରମାଳେ;
ଶ୍ରୀଫଳ-ନିକୁଂଜେ ଆବର ସିକତା,
ବେଳା-ଭୂମି ଭରି, ସଂପଦ ଝରେ ।

ଗିରୀହୀନ ବେଳା ଶିଖରୀ-ଗରବେ
ଠାବେ ଠାବେ ବସେ ମଂଦିର-ଶିରେ;
କୁଳ-ପରଂପରା ଭେଦି ଗଉରବ
ଆକାଶେ ସତେ କି ଗାରୁଡି-ଗ୍ରୀରେ ?

ମାଳ-ବୀଚି-ମାଳେ ମହା ପାରାବାର
ପଖାଳି ସିକତା ଧୂଆଇ ପଦ;
ବେଣୀ-କଂପେ ନଦୀ ଉରସ-ବିସାରେ
ଖେଳେ ଠାବେ ଠାବେ ନଗ୍ନଇ ହ୍ରଦ ।

ବିଲ-ବନ ମାଳେ ଦେବ-ଦେବୀ-କୁଳ
ତରଳ-ଚଳନେ ଅରୁଣ ପଦେ;
ଦୀର୍ଘିକା କାସାରେ ବିକଚ କମଳେ
ଉତ୍କଳ-କମଳା ହସଇ ମୁଦେ ।

ଶ୍ୱାପଦ-ସଂଚାରେ ଗିରି-ଖୋଲେ-ଖୋଲେ
ନିବସଂତି ଋଷି ଶଇଳ-ତଟେ;
ଗିରିଦୁର୍ଗେ ଶୂନ୍ୟ ପ୍ରହରୀ-ମଂଦିରେ
ଉଠଇ ବିପିନ ଭୃଂଗ-ମୁକୁଟେ ।

ମଂଦିରେ ମଂଦିରେ କଳା-ବଇଭବ,
ପୂର୍ବ ଜନପଦେ ଶାଂତିର ଲୀଳା;
ପଲ୍ଲବ ଦଶାର୍ଣ ଗଜଡ଼ କଟକେ
ଉଠେ ଚତୁରଂଗ-ଗାରୁଡ-କଳା ।

ବିଶାଳ ସେ-ମହୀ- ଉରସ-ବିସାରେ
ପୁଣ୍ୟ-ତୀର୍ଥ-ମାଳା ବହଇ ଝରି;
ବିହାର-ସଂପଦେ କେଶବ ଆପଣେ
ବୁଲଂତି ସେ ବନେ ମୃଗପୁପରି ।

ତପନେ ହସଇ ବିଶାଳ ଧରଣୀ,
ମେଘମାଳେ ଛତା ଧରଇ ନଭ;
ରବି ଘୁଂଚଗଲେ, ବିମଳ ଗଗନ
ଶିଶିର-ମୟୂଖେ ସିଂଚଇ ଭବ ।

ନିର୍ଝର-କଂପନେ ଖେଳଂତି ଦେବତା
ଇଂଦ୍ରଧନୁମାଳା ପ୍ରପାତ-ଭଂଗେ;
ଉଠେ ବେଦଧ୍ୱନି କଂଦରେ କଂଦରେ
ସିଂଧୁ-ସମୀରଣ-ତରଂଗ-ରଂଗେ ।

ଷଡ଼ଋତୁ-ଖେଳେ ଋତୁରାଣୀ ମଧୁ
ବିଲସେ ସରସ ବିଳାସେ ବନେ;
କଦଂବ-କେଶରେ ବସେ ପ୍ରଜାପତି,
ଶିଶିର-ବିପିନ ହସେ ସୁମନେ ।

---

୧୩୫ । ଅନୂପ = ସମ ନିମ୍ନଭୂମି । ଚିଲିକାଠାରୁ ଧାମରା ଯାଏ ଉପକୂଳକୁ ଅନୂପ ପ୍ରଦେଶ କହଂତି ।

୧୪୩ । ସିଦ୍ଧ ପୁରୁଷମାନଂକର ଆଶ୍ରମରେ ବନ୍ୟ ଶ୍ୱପଦମାନେ ହିଂସା ଭୁଲି ପୁତ୍ର କନ୍ୟାଦଂକ ପରି ବ୍ୟବହାର କରିବା କଥା ଏ ଦେଶରେ ପୁରାଣ ଓ ପରଂପରା ପ୍ରସିଦ୍ଧ ।

୧୪୪ । ଦୁର୍ଗର ଫାଟକ ଉପରେ ସବୁଠାରୁ ଉଚରେ ପ୍ରହରୀ ପାଇଁ ଘର ଥାଏ । ଦେଶରେ ଶାଂତି ଥିବାରୁ ସେ ଘର ଏଠାରେ ଶୂନ୍ୟ ବୋଲି ବର୍ଣିତ ହୋଇଅଛି ।

୧୪୯-୫୦ । ଏହିଠାରେ କାଶ୍ମୀରର ପୂର୍ବ ମେଘ ପ୍ରକୃତି ଠାରୁ ପ୍ରଭେଦ ପ୍ରତି ଲକ୍ଷ୍ୟ ଆଇପାରେ ।

୧୫୪ । କଦଂବ ବର୍ଷାକାଳରେ ଫୁଟେ । ପ୍ରଜାପତି ବସଂତକାଳର ଜୀବ । ଶୀତରେ ସାଧାରଣତଃ ଫୁଲ ଫୁଟେ ନାହିଁ । ଓଡ଼ିଶା ଉପକୂଳରେ ସାମୁଦ୍ରିକ ଜଳବାୟୁ ପ୍ରଭାବରୁ ଋତୁର ପ୍ରଭେଦ ସେତେ ଜଣାପଡ଼େ ନାହିଁ ।

ନୀଳାଚଳ-ନାଥ- ପୁଷ୍ପ-ବନମାଳେ
ଷଡ଼ଋତୁ-ଫୁଲ-ବାସ ଚହଟେ,
ସାତ ଊର୍ମି ଡେଇଁ ସାଗର ଆବର
ବାଣିଜ୍ୟ-ବାହିନୀ ଭାସଇ ତଟେ ।

ଅନୁମାନେ ଅଛି ଜଂବୁଦେଶ ଧରା,
ଅନୁଭବ ମୋର ଉତ୍କଳ-ଭୂମି,
କେସନେ ବଖାଣି କହିବ କୁମାର ?
ପାଇବ କାହୁଁ ସେ ବିଭବ-ବାଣୀ ?

କେସନ କହିବ ? ବିମଳ କେସନ
ଶ୍ୟାମ-ବନ-ମାଳେ ତପନ ହସେ,
ପୁଲିନ-ସୀମନ୍ତେ ବିଶାଳ ସାଗର
ଦୂର ଚକ୍ରବାଳେ ଗଗନେ ମିଶେ ।

ତାରକା-କଂପନେ ବୀଚିମାଳ ଡୋଳ
ଦୂରଦ୍ୱୀପୁ ଆସେ ସମୀର ତହିଁ,
ଶ୍ୟାମଳ କେଦାରେ ନାଚି ନାଚି ଯାଏ
ଶିଖରୁ ଶିଖରେ ଲହରେ ବହି,

ଧୂସର-ମାଳମେ କାଂଥି-ଘନ-ପରି
ସ୍ଥିର ଚକ୍ରବାଳେ ଶିଖରମାଳା,
ଅରୁଣ-ବିଭାସେ କନକ-ତରଂଗେ
ହସଇ କେସନେ ସାଗରବେଳା ?

କନକ-ଭୂଷଣେ ବିହଂଗନାକୁଳ
ହସଂତି କେସନ ଅନାଇ ଭବେ ?
ନିର୍ଝର-ପ୍ରପାତ ବନ କୁଂଜ ଗିରି
ଭାସଇ କେସନେ ଅରୁଣ-ନଭେ ?

ଜାଣିଥିବ ତବ ପୁଣ୍ୟ-ପିତାମହ-
ମହତ-ବାଂଧବ ଅନଂଗଭୀମେ;
ବୀର-ଗଜପତି- ଦାୟାଦ ସଂପଦେ
ଏବେ ସେ ମହତ ଉତ୍କଳ-ଭୂମେ ।

ମଣୁଥିଲା ଥରେ ପଶିବ ଯବନ
ନୀଳାଚଳ-ନାଥେ ହେଲାଇ ଭଗାରି,
ଦୂର-ସୁରଧୁନୀ- ପୁଲିନେ ରାଜନ
ପେଶିଲେ ସଂଦେଶ, ଗଲା ସେ ଡରି ।

ବୀର ନରସିଂହ ଯୁବରାଜ ଏବେ,
ପ୍ରତାପେ ପ୍ରଚଂଡ-ତରଣି-ସମ;
ଧର୍ମର ବିଭବେ ବୀରତ୍ୱ-ଗରବେ
ଦୂରୁ ଦେଖି, ଡରି ରହେ ଯବନ ।

ଜ୍ଞାନେ ଯେଉଁ ଭାରେ ବନସ୍ପ-ସୋହାଗେ
ସାମଂତ-ରାଜନେ ଥାଆଂତି ଭଜି;
କାମ-କ୍ରୋଧ ଭଳି ତସ୍କର-ନିକର
ଶାମଳ ଉତ୍କଳ ଗଲେ ବରଜି ।

ପୁଲିନ-ଶଇଳେ ତରଂଗ-ସମାନ
ଭାଜଇ ଅରାତି ଲଲାଟ ଟୋଳ,
ଶାଳ ବନେ ଭୃଂଗ- ତପନ-ସମାନ
ଅହଂକାର-ମଦ ପଶଇ ଡରି ।

ସଂତତି-ସଂଘରେ ଭଜଂତି ପରଜା,
ଭ୍ରାତୃ ସନମାନେ ପଂଡିତ-କୁଳ;
ବୀରତ୍ୱ-ରସାଣେ ଫୁଟେ ଯଉବନ,
ଶୁଭ୍ର ଧାରା ଭେଦ ମୁଖ-ମଂଡଳ ।

---

୧୫୭ । ଅନୁମାନ କଥା ବଢ଼ାଇ ବହୁତ କୁହାଯାଇ ପାରେ, କିଂତୁ ଅନୁଭବ ବ୍ୟକ୍ତ କରିବା କଠିନ ।

୧୬୦ । ୧୨୦୩ ଖ୍ରୀଷ୍ଟାବ୍ଦରେ ବକ୍ତିଆର ଖିଲଜି ବଂଗଦେଶ ଜିଣିଥିଲେ । ବଂଗଦେଶର ପରାଜିତ ରଜା ଓଡ଼ିଶା ରଜାଂକର ଆଶ୍ରୟରେ ରହିଲେ । ବକ୍ତିଆର ଓଡ଼ିଶାକୁ ଆସିବାର ମନେ କରି ପୁଣି ସାହସ କଲେ ନାହିଁ ।

୧୭୩ । ନରସିଂହ ଜ୍ଞାନୀ ବନସ୍ଥୀ କାମକ୍ରୋଧହୀନ ଏବଂ ସାମଂତମାନେ ତାଂକର ମିତ୍ର ଓ ଦସ୍ୟୁମାନେ ଦେଶରୁ ବିତାଡ଼ିତ ।

ଭାରତ ମହିମା, ଲକ୍ଷ୍ମୀ ସରସ୍ୱତୀ
କେଶବେ ଯେସନେ, ଭଜଂତି ତାରେ;
ଲକ୍ଷ୍ମୀ ସରସ୍ୱତୀ ସମାନ ସୋହାଗେ
ସପତ୍ନୀ-ଭାବ ଭୁଲଂତି ବୀରେ । ୧୮୦

ସେହି-ରାଜସୁତ- ସହଚର ମୁହିଁ
ବିଶ୍ୱନାଥ-ନାମ ବ୍ରାହ୍ମଣ-ସୁତ;
ଗୈରିକ ବସନେ ନୁହେ ମୁଁ ସନ୍ୟାସୀ;
ଦେଶ-ପର୍ଯ୍ୟଟନ କରିଛୁ ବ୍ରତ ।

ଦେଶୁ ଦେଶେ ମୁହିଁ ବୁଲୁଛି ବହୁତ,
ଆର୍ଯ୍ୟ-ଭୂମେ ଦେଖି ଯବନ-ଲୀଳା;
ଆଜି କାହିଁ ନାହିଁ; ଜଂବୁଦେଶ, ପୁଣି
ଅଛି ନୀଳାଚଳ-ଦୈବତ-ବେଳା ।

ପଡ଼ିନାହିଁ ଏହି ଦୁଇ ଜନପଦ
ଇହ-ସୁଖ-ସେବୀ-ଯବନ-ହସ୍ତେ; ୧୮୫
ହ୍ରଦ-ଦୁଇ-ଧାରେ ଗୁରୁ ଗ୍ରାବ-ପରି
ତୋଳିଛି ମଉଳ ଝଂଟିକା-ପୂରେ ।"

ଶୁଣୁ ଶୁଣୁ ଏହି ପିତ-ସ୍ୱେର-ଭାଷା
ଗଂଭୀର ବସିଲେ କୁମାର-ମଣି;
ଭକତ-କାସାରେ ଚଳ-ମେଘ-ପରି
ବସିଲା ବିଶାଳ ବଦନ-ଠାଣି ।

କଣୀନିକା ଟେକି, କୁଂଚିତ ଲଲାଟେ
ରହିଲେ ଅନାଇ ଅଲକ୍ଷେ କାହିଁ;
ଅର୍ଦ୍ଧ-ଶୁ ରୁ ତାନେ ନିଶ୍ୱସି ମଉନେ,
ଇସାରାର ସ୍ୱର ଦେଲେ ବଜାଇ । ୧୯୦

ଆସି କଟୁଆଳ, ଧଇଲା ତୁରଗ,
ଧଇଲେ କୁମାର ବ୍ରାହ୍ମଣ-କର;
ସଂଖୋଳା-ସୋହାଗେ ଚଳି ଧୀର ପଦେ,
ଅଦୂରେ ଭେଟିଲେ ପୁର-ଦୁଆର ।

ପଶିଲେ ଭିତରେ, ପଡ଼ିଲା କବାଟ,
ବିକଟ ଆରବେ ଧ୍ୱନିଲା ବନ;
ଗଲା ପୁର-ଦ୍ୱାର- ଆଲୋକ-ପ୍ରବାହ
ପ୍ରାବୃଟ ଗଗନେ ତପନ-ସମ । ୧୯୪

---

## ଦ୍ୱିତୀୟ ସର୍ଗ

ରାଜ-ପୁରେ ଆଜି ଉତ୍ସବ-ଚହଳ
ବାଦ୍ୟ-ନିନାଦେ କଂପଇ ପୁର;
କଂପଇ ସମୀର, ଥରି ଥରି ଯାଏ
କେତନ ଲହରେ ବାଦ୍ୟ ସ୍ୱର ।

ବଂଶୀ-କୁଂଜ ଭେଦି ଉଠେ ପ୍ରତିଧ୍ୱନି,
ତରୋର୍ମି-ବିଳାସେ ଖେଳଇ ହ୍ରଦେ;
ଅରୁଣ-ବିଭାସେ କନକିତ ବନ,
ଭରିଲା ହାଟକେ ପ୍ରପାତ ନାଦେ ।

ସେ ନାଦେ ମିଶଇ ଉତ୍ସବ-ଚହଳ,
ଗିରି-ତଟିନୀରେ ଯାଏ ସେ ଭାସି; ୫
ଧ୍ୱଜ ପୂର୍ଣ୍ଣ-କୁଂଭେ ଶୋଭଇ ନଗରୀ,
ଚଂଦ୍ରଶାଳା ଶୋହେ ଅରୁଣେ ହସି ।

---

୧୮୯ । ବିଶ୍ୱନାଥ – ଉତ୍କଳ ପଂଡ଼ିତବର 'ସାହିତ୍ୟ ଦର୍ପଣ' ଗ୍ରଂଥର ରଚୟିତା, ତତ୍କାଳୀନ ଜଂବୁ ରାଜାଂକର ପ୍ରସିଦ୍ଧ ସଭା ପଂଡ଼ିତ, ସାଂଧିବିଗ୍ରହିକ ବିଶ୍ୱନାଥ କବିରାଜ ମହାପାତ୍ର ଇତିହାସଜ୍ଞ ଉତ୍କଳବାସିଂକ ନିକଟରେ ସୁପରିଚିତ । ଏ ପ୍ରବାଦର ବିଶ୍ୱନାଥ ବୋଧହୁଏ ସେହି ବିଶ୍ୱନାଥ ।

ଚଂଦ୍ରଶାଳେ ଉଠି ରମଣୀ-ନିକର,
ଲୋଳ-ତାରକିତ ଲୟନେ ଝୁଲି
ଝିକ୍‌ମିକ ଦୁକୂଳ ସମୀରେ ଫୁଲାଇ,
ଅଳଂଦ-କିସାରେ ଯାଆଂତି ଗୁଲି ।

ଜାଗରଣ ଶ୍ରମ ବିଶୋଷ୍ଣ ପ୍ରଚଣ୍ଡ,
କନକ ତପନେ ବୁଲଇ ଧୀରେ;
ମାତଂଗେ ମାହୁଂତ ତୁରଂଗେ ସଇସ
ସରସେ ଚଳାଏ ଅରୁଣ-କରେ ।

ସଇନର ସାଜ ଅରୁଣ ଚମକେ
ଶୋଭାପାନ ଉଚ, ବୁଲଂତି ସୁଖେ;
ନାରିକେଳ ବେଣ, ଚତୁରଂଗ ସେନା
ବାହାରଂତି ଶୁଭେ ଦକ୍ଷିଣ-ମୁଖେ ।

ଦ୍ୱିଜ ବିଶ୍ୱନାଥ ଗୁମର ବ୍ୟଂଜନେ
ଦୂତ-ସନମାନେ ଗୁଲଂତି ଆଗେ;
ପୀତାଂବରୀ ଜଥା କନକ-ଭୂଷଣେ
କାହାସ୍ପୁ ବସନ ଏଡ଼ ସୋହାଗେ ।

ରଜମାରେ ଯେବେ କୁମାର ଗହଣେ
ଗଲେ ବିଶ୍ୱନାଥ ସେ ରାଜପୁରେ;
ଶଂଭିତ ପଦୁଡ଼େ ଦେଖିଲେ ରାଜନ,
ସୁରଭି ଢଇଲେ ପ୍ରଫାପ ଜଳେ ।

କନକ-ଜୀମୁତ- ମେଦୁର ଲପନେ
ଚଳକୁସ୍ତ ଘନ ଯାଇଛୁ ଖସି;
ଜ୍ଞିବଳୀ-ଲେଖନ ବିଶାଳ ଲଲାଟେ
ସ୍ୱସ୍ତ ଅବଧୂବ ପଡ଼ିଛୁ ଖସି ।

ଉଠିଲେ ରାଜନ, ସେହି ରଜମାରେ
ଆସିଲେ ମନ୍ତ୍ରୀ ହିକରା ଲଭି;
ନରସିଂହ ଜେମା- ନିବଂଧ-ବିଧାନେ
ଗଲେ ସେ ସରବେ ପୁଲକେ ଦ୍ରବି ।

ନୀଳାଚଳ-ଧାମ ସୁରଗ ଭୂତଳେ,
ଯବନ-ପରଶ ନାହିଁଟି ତହିଁ;
ବୀର ଗଜପତି ଦେବ-ସନମାନେ
ଧରମ-ବିଧାନେ ପାଳଂତି ମହୀ ।

ବୀରଭୂ-ତଟକେ ମହତ କୁମାର,
ତସ୍କର-ଦଳନେ ବୁଲଂତି ବନେ;
ଦ୍ୱିଜ ବିଶ୍ୱନାଥ ପଂଡିତ ପ୍ରବର
ଦେଖଂତି କୁମାରେ ପଂଡିତ-ମାନେ ।

ନିବଂଧ-ସଂକେତ ସାଜ ନାରିକେଳ,
ସଂମତ ସରବେ ଭରିଲେ ତହିଁ;
ଦୂର ବୋଲି ରାଣୀ ସଜଳ ନୟନେ
ଅଲପ ମଉନେ ରହିଲେ ଗୃହି ।

ଅଲପେ ବୁଝାଇ କହିଲେ ରାଜନ,
"ରହେ କି ଦୁହିତା ଭବନେ ଚିର ?
ଦେଶ-ବ୍ୟବଧାନ ନ ମଣ ସୁଂଦରି,
ବୀର-ଗରବିଣୀ ଭଜିବ ବୀର ।

ଉଠଇ ସଂଗୀତ ଶ୍ୟାମଳ ପ୍ରାଂତରେ,
ଚଳଇ ସମୀରେ ଶିଖର-ଚୂଳେ;
ଘାଘିକା-ଉରସେ ଉଠେ ଗୀତ ଫୁଲ,
କଂପି କଂପି ଧାଏଁ ଶଇଳ-ଖୋଲେ ।

ସୁଂଜିତ ତାମସେ ଆବରି ଧରଣୀ,
ହସେ ମହାରୁହ ତପନେ ସୁଖେ;
ଗିରି-ଚୂଳ ଗୁଡ଼ ସଂକୋଚେ ତଟିନୀ,
ବିସ୍ତାରେ ହୃଦୟ ସାଗର-ମୁଖେ ।

ଏହି ତ ଜଗତେ ବିଧିର ନିୟମ,
ବରିବେ ଦୁହିତା ବୀରେଂଦ୍ର-ବର;
ବୀରେଂଦ୍ର-ଜନନୀ, ଲୋଚନେ ତରଳ,
ଆଜି ଏ ବିଧାନେ ଶୋକ ନ କର ।

୧୪ । ପୀତାଂବରୀ ଜଥା = ହଳଦିଆ ପାଟଯୋଡ଼ ।

ନୀଳାଚଳ-ନାଥ    ତୁଅଂତୁ ଗୋ ସାହା
ଲଭୁ ନାରକେଳ ଉତ୍କଳେ ଯଶ;
ଉତ୍କଳ-କୁମାରେ    ଭଜୁ ଜେମା ତବ,
ସୁରଭି ଯେସନେ ସୁମନ-ହାସ ।

ଭାଗ୍ୟେ ଥିଲେ ଏକା    ଘଟିବଟି ଏହା,
ଥିବ ଏ ଯବନ ତଟିନୀ-ପାରେ ।”
ସଂଭ୍ରାନ୍ତ ମହର୍ଷୀ,    ଗଦଗଦ ଭାଷେ
ସଂମତି-ବେଶରେ କହିଲେ ଧୀରେ;

“ସୁରଟ-ପ୍ରତିମା    ଜେମା ମୋର ଏବେ
କଂଠାପରି ହଣେ, ଚିଂତାରେ ଶୁଖି;
କେଉଁ ରାଇଜରେ    ରହିବ ସେ କାହିଁ ?
ରହିବ ମୁଁ ଏଥି ତାରେ ଉପେକ୍ଷି ।

ଜାଣୁଛି ଦୁହିତା    ନୁହେ ଘର-ଧନ,
ନ ରହଂତା ଘରେ କାଳକ ପାକ;
ତେବେହେଁ ପରାଣ    ନ ସହେ କପାଇଁ ?
ମରମ-ଦହନେ ଉଠଇ ଶୋକ ।

ଭବ-ପାରେ ଯଥା    କୃତାଂତ-ନଗର,
ସିଂଧୁ-ପାରେ କାହିଁ ସେ ନୀଳାଚଳ,
କେମଂତେ ରାଜନ    ଫେଡ଼ି ମୁଁ କହିବ,
ଜନନୀ-ହୃଦୟୁ ଜନମୀ-ବଳ ?”

ସଜଳ ନୟନେ    କହିଲେ ମହର୍ଷୀ,
ଅନାଇଁ ରହିଲେ ପୁରୁଷମଣି,
ପୁରୁଷ ରାଜନ    କର୍ତ୍ତବ୍ୟ-ପରୁଷ
ବୁଝି ନ ବୁଝିଲେ, ରହିଲେ ଭୁଲି ।

ଗରଭେ ଜନମୀ    ଧରଇ ସଂତାନ,
ହୃଦୟ-ଶୋଣିତେ ବଢ଼ାଏ ତାରେ
କେତେ ଅଳ ଝଳ    ଚଂଦନ-ସୋହାଗେ
ଆବେଗ-ଭୂଷିତ-ପରାଣେ କୋଳେ ।

ଜୀବନ-ଜାଗରେ    ଉହୁଁଥାଏ ଶିଶୁ,
ଆରତି-ଆତଂକ-ସରାଗ-ସୁଖେ;
ପରାଣ ବସୋର,    ଦେଖଇ ପରାଣ,
ପରାଣ-ମୁକୁର-ସଂତତି-ମୁଖେ ।

ସତତ-ବିଷାଦେ    ବିଦରେ ହୃଦୟ;
ଶୋକେ ପଡ଼େ ହୃଦେ ଗରଳ-ଲେଖ;
ସଂତତିର ଶୁଭ    ସ୍ମରଣେ ଉଠଇ,
ଜୀବଂତ-ଦୀପନେ ଅନଂତ ସୁଖ ।

ସଂତାନ ଜୀବନ,    ସଂତାନଟି ଧନ,
ସଂତାନ ରମଣୀ-ପରମ-ତପ,
ସଂତତି-ବୋଲତେ    ସ୍ନେହ-ପାରାବାରେ
ଜଳଇ ଜଗତେ ଜୀବନ-ଦୀପ ।

ମମତା ଫୁଟଇ    ଜନନୀ-ହୃଦୟେ,
ଅନଂତ-ବିଷାରେ ଭରଇ ଧରା;
ସେହି ସ୍ନେହେ ଝରି    ପଡ଼େ ପୟୋଧର;
ଫୁଟଇ ଗଗନେ ତପନ ତାରା ।

ସେହି ସ୍ନେହେ ଝଳ,    ଅନଂତ ଭୁବନ
ବହଇ ଅନଂତ ପୀରତି-ଧାରେ,
ଅନଂତ-ସଂଗୀତେ    ବାଜି ଉଠେ ବିଶ୍ବ,
ଭାସଇ ଭୁବନ ସେ ଗୀତ-ପୂରେ ।

---

୩୯ । ସୁରଟ = ସୁବର୍ଣ୍ଣ ।
୪୩ । ସିଧୁ = ସିଂଧୁନଦୀ । ଏଠାରେ ବୋଧହୁଏ ସିଂଧୁର କୌଣସି କୌଣସି ଉପନଦୀକୁ ଲକ୍ଷ୍ୟ କରାଯାଇଅଛି ।

ବଂଶ୍ର ରଂଧ୍ରେ ରଂଧ୍ରେ ଫୁଟଇ କବିତା
ସେ-ଜନମା-ଭୃଂଗ-ପୀରତି-ଭସ୍ମ;
ସେହି ସେ ପୀରତି ଫୁଟଇ ସୁମନେ,
ମାଧବ-ସୋହାଗେ ଭସାଏ ଧସ୍ମ । ୬୦

ସେହି ପୀରତିର ଅଂକୁର-ବିକାଶେ
ଦଂପତି-ପରାଣେ ସରାଗ ଝରେ;
ପ୍ରାଣପଣେ ଭଜେ ରମଣୀ ଦୟିତ,
ସଖି ପ୍ରାଣ ଦେଇ ଭଜଇ ଯାରେ ।

ସେହି ସେ ପୀରତି ବିକଟ ଯବନେ
ଦୁରଂତ-ଲାଲସା-ଦହନେ ଜଳ,
ଆଶୀବିଷ ପିଇ ଗୋରସ, କିବା ସେ
ଛୁଏଁ ଶିଖିବିଷେ କମଳ-କଳ !

ସେହି ସେ କମଳ- କଳିକା ସୁଂଦରୀ
ପୋଡ଼ଇ ମରମେ ଯବନ-ଶ୍ୱାସେ; ୬୫
ଅସି-ମୁନେ କାହିଁ ପ୍ରଣୟର ବିଧି ?
ଭଇରବ କି ନାଦ ଦୁଂଦୁଭି-ଭାଷେ ?

ଲାଲସାର ବିଷ ସୁମରି, ଶୁଖଇ
କଂବୁଦେଶ-ଜେମା ରମଣୀ-ମଣି;
ବସିଥାଏ ସଦା ବିରସ ବଦନେ,
ବିଷମ-ଲଲାଟ-ଲେଖନ ଗଣି ।

ଅଯତନେ ଖସେ କବରୀ-ପ୍ରକର,
ବସନ-ଭୂଷଣେ ନାହିଁ ସଂଭାର,
ଅଲକ୍ଷ୍ୟେ ମାରସ ସିଁତି ଲେଖା ଫୁଟେ,
ରୂପ ଗଲେ କି କଠିଣୀ-ଗାର ! ୭୦

ବର୍ତ୍ତୁଳ କପୋଳ ଯାଇଛି ମଉଳ,
କପାଳେ ମାଉସ-ମାଳମ-ଲେଖା,
ମୋହନ ଅପାଂଗେ ଚଳନ-ଚତୁରୀ
ତରସେ କେବଳ ଉଅଇ ଦେଖା !

ଏକଲସ୍ତେ କେବେ ଥାଏ ଶୂନ୍ୟେ ଚହିଁ,
ଡାକିଲେ ନ ଶୁଣେ ଘଡ଼ିଏ ଯାଏ,
ଘୁରୁଶ୍ୱାସେ ତହିଁ ନୟନ ବୁଲାଇ,
କର୍ମିମ-ଜୀବଂତ-କୁଳନେ ଚୁହେଁ !

ସେହି ସେ କର୍ମିମେ ସହଚରୀ-ଜନେ
ଆବେଗ ଫିଟାଇ କହଇ କେବେ; ୭୫
ଶୀତେ ପରବତ ଫଟାଇ ଭୁହିନେ,
ରୁଦ୍ଧ ବାରି ସେ କି ଅଳପେ ସ୍ରବେ !

"କି ବିଷମ ସଖି ଲଲାଟ ଲେଖନ,
କି କରମ ଫେଳ ଜନମ ମୋର ?
ଦୁହିତା ସଂଭ୍ରାନ୍ତ ଏ କନକ-ଧରା,
ଏ ବିଭବ ପୁରୀ, କି ନାରଖାର ?

ଆତ୍ମଘାତ-ପାପ ଭଜଂତି ମୁଁ ହେଲେ,
ଏଡ଼ିବାରେ ଏଥି ଯବନ-ଦ୍ୱଂଦ୍ୱ;
ଜୀବନ ବରଜି ଯାଆଂନ୍ତି ମୁଁ ସୁଖେ,
ଭୁଲଇ ଜନକ-ଜନମା-ଖେଦ । ୮୦

କେତେ ବୀରବର ପଡ଼ଂନ୍ତି ଗୋପନେ,
ଭାମସେ ଯବନ ସଂଭ୍ରାନ୍ତ ବନେ;
ଅକାଳେ ମରଣେ ବରଣ-ସୋହାଗେ
ଭଜଂତ, ଅରପି ଜୀବନ-ଧନେ ।

---

୬୪ । ଆଶୀବିଷ = ବିଷଧର ସର୍ପ । ଗୋରସ = ଦୁଗ୍ଧ ।   ୭୦ । କଠିଣୀ = ଖଡ଼ି ।

୭୬ । ପାଣି ବରଫ ହେଲେ ତାହାର ପରିମାଣ ବଢ଼ିଯାଏ । ହିମାଳୟ ପ୍ରଦେଶରେ ପଥର ଭିତରେ ଅବରୁଦ୍ଧ ହୋଇ ସେଉଁ ପାଣିଥାଏ, ସେ ଶୀତରେ ବରଫ ହୋଇ ଗଲାବେଳେ ପଥର ଫାଟିଯାଏ ଏବଂ ସେହି ଫାଟି ଦିବାରେ ସେଉଁ ହିତ୍ତାପ ଜାତହୁଏ ସେଥିରେ କେତେକ ବରଫ ତରଳି ପାଣି ହୋଇ ଗଳି ପଡ଼େ ।

ମୋ କରମେ ଜଳେ କି ଦୀପ ସଜନି ?
କେତେ ସେ ପତଙ୍ଗ ପଡ଼ନ୍ତି ତହିଁ;
ନେତେ ମହା-ପ୍ରାଣ ସେ ଜ୍ୱଳନ-ବକ୍ଷେ
ପଡ଼ନ୍ତି ଅଲକ୍ଷେ ଆଦରି ମହୀ ।

ଲିଭାଇ ନଅନ୍ତେ ଥରେ ସେ ପତଙ୍ଗେ
ଯେବେ ଏ ଜୀବନ-ପ୍ରଦୀପ-ଶିଖା;
ସୋହାଗ-ସମ୍ପଦେ ରହନ୍ତା ମେଦିନୀ,
ସେ ବିଭବ କାହିଁ ଏ ଭାଲେ ଲେଖା ?

ପରବତ-ଚୂଳ ସହଇ ଝଟିକା,
ଦରୀମୁଖେ ଉଠେ ଉଟିମା ଫୁଲ;
ସେହି ନଦୀ ପୁଣି ଶିଶୁ ପରବତେ
ସେହି ସେ ସଲିଳେ ନଅଇ ଚୂଲ ।

ଏହି କି ଜଗତେ ରମଣୀ-ଧରମ ?
ଜନମଇ ଯହିଁ, ସାଧଇ ତାରେ,
ନ ଖୋଗୁଛି କେତେ ଏ ସାରା ମୂଲକ ?
ଦୁହିତା ମୁଁ ଏଥି ରହିଛି ଭଲେ ।

ସୁଖ ଲାଗି ମୋର ଜନକ ଆପଣେ,
ଏ ରଭଜ-ଜନେ ସହନ୍ତି କେତେ ?
କି ସୁଖ ସଜନି ଏ ପୋଡ଼ା ଜୀବନେ ?
ଏହା କି ଥିଲା ମୋ କପାଳେ ସତେ !"

ସେହି ତ କପାଳ କେମାମଣି ଧରେ,
କି ସୋହାଗେ ଆଜ ଦଶଇ ଝଳ ?
ରକ୍ତିମ-କପୋଳେ ଚମ୍ପକ-ଚିବୁକେ
ନୟନ-ତାରକା ପୁଞ୍ଛଇ ଜଳ ।

ବିମଳ ଲପନେ ଦରହାସ ହସି,
ସହଚରୀ-ଜନେ ଭାଷଇ ଗିର;
"ପଲଙ୍କୁ ପଡ଼ିଲି, ଉପଚୁର କମ୍ପା ?
ସେ ପତନ ଆଉ ହେବ କି ମୋର ?

କେସନେ ସେ କଥା କହିବି ସଜନି ?
ନାରୀ-କଣ୍ଠେ ମୋର କାହିଁ ସେ ଭାଷ ?
ଦେଖିଲି କେସନେ ଜ୍ୟୋତି-ପରସରେ
ସ୍ୱପନେ ମୂରତି-ତପନ-ହାସ ?

ସ୍ୱପନେ ଆସି ସେ ଗ୍ରୀକରେ ମୋ କର
ଧଇଲେ, ଗଲି ମୁଁ ପୁଲକେ ଥରି;
କହିଲେ, 'ସୁନ୍ଦରି ତରାସ କପାଇଁ
ଦୁରନ୍ତ ପବନ କି ପାରେ କରି ?'

ଉଚ୍ଛୁଳି ପୁଲକ, ଭାସିଲା ଶରୀର,
ଥରି ଗଲା କର ପଲ୍ଲବ-ସୁଖେ,
'ଦେଖ ଦେଖ, ଦୂରେ ନୀଳ-ଗିରି-ଶିଖ,
ରହିବ ଆସ ସେ ଶିଖରି-ଶିଖେ ।

ସେ ତୁଙ୍ଗ ମହିମେ ଲାଲସୀ ପବନ
କି କରିବ ତବ ଦେବତ୍ୱ-ଯଶେ ?'
ମୁଦି ହୋଇଗଲା ସଜଳ ନୟନ
ପୁଲକ-ବିସ୍ମୟ-ଭାବ-ସାଧ୍ୱସେ ।

କେଉଁ ଦେଶେ ତହୁଁ କି ପୁଣ୍ୟ ଗ୍ରାଇଜେ
କେମନ୍ତେ ନ ଜାଣେ ଉଠିଲି ମୁହିଁ;
ଏହି ହିମାଚଳ- ଭୁବନ-ତଳନେ
ଗଲା ମୋର ସୁଖ-ସରଣୀ ବହି ।

ଶିଖରୁ ଶିଖରେ ମହାଗିରି-ମାଳେ
ହିମ-କୂଟ ଭେଦି, ଉଠିଲି ସୁଖେ;
ଉଠି ଆଚମ୍ବିତେ ହିମାଦ୍ରି-ଲଲାଟେ,
ଗୁହିଁଲି ସରସେ ତପନ-ମୁଖେ ।

ତପନର କରେ ଉଠିଲା କେସନେ
ସୁନୀଳ ଗଗନେ ତାରକା-ସରି;
ଏବେ ବି ସେକଥା ଆସିଲେ ସ୍ମରଣେ
ପୁଲକେ ପରାଣ ଯାଉଛି ଥରି ।

୮୫ । କେତେକ ପତଙ୍ଗ ପୋଡ଼ିଗଲାବେଳେ ବିଯାକ୍ତ ବାଷ୍ପ ନିର୍ଗତ ହୁଏ । ଜୁଳୁଜୁଳି ପୋକ କଥା ସମସ୍ତେ ଜାଣନ୍ତି ।

ତାରପରେ ମୁହିଁ ବୁଲି ବୁଲି ନଭେ
ଆଜ ତାରକାରେ ମିଶିଲି ଯାଇ;
କି ମହା ବିକାଶେ ମହିମା-ବିସ୍ତାରେ
ତପନ-ବିଭାସେ ରହିଲି ଚାହିଁ ।

ଚାହିଁଲି ଭୂତଳେ, ଝଟିକାର ମେଘ
ଗିରି ବନମାଳା କରଇ ଜୁରି;
ପ୍ରଭଂଜନ-ଖେଳେ ଶଇଳ, ସାଗର
ପୁଲକେ ପିଠଇ ତରଂଗ-ଶିରି ।

ସେହି ସେ ସାଗର ଚହୁଁ ବ୍ୟାପିଗଲା,
ବୁଡ଼ାଇ ପ୍ରଦେଶ ବିପିନ ଗିରି;
ଶୁଣିଥିଲି ଯଥା ମହା ପାରାବାର,
ତେସନେ ବିଭାସେ ଭୂତଳ-ଶିରି ।

କି ହେଲା, କି ହେଲା ! ମଣିଲି ଚମକେ,
ଚାହିଁଲି ପୁଣି ସେ ତପନ-ହାସେ;
ଛାଡ଼ିଲା ତପନ, ଛାଡ଼ିଲି ମୁଁ ନଭେ,
ପଡ଼ିଗଲି ପାରାବାର-ଉରସେ ।”

ଶୁଣିଲେ ସପନ ଅଲକ୍ଷ୍ୟେ ଜନନୀ,
ଧୀରପଦେ ଚହୁଁ ପଶିଲେ ପୁରେ;
ପାଶେ ବସି, ଧୀରେ ନବଂଶ-ବିଧାନ
କହି ଆରଂଭିଲେ ବତ୍ସଳ ସ୍ୱରେ ।

ବାଷ୍ପ-ଗଦ ଗଦେ କହିଲେ ଜନନୀ,
କହିଲେ ବାତ୍ସନ କାତରେ କେବେ;
ନ କହିଲେ ଜେମା ପଦେହେଁ ଉତ୍ତର,
ଶୁଣିଲେ ଚମକି ଚମକି ଭାବେ ।

ବିକାଶିଲା କେବେ ରକ୍ତିମା କପୋଳେ,
କଣୀନିକା କେବେ ବିଶିଲା ତୋରା;
ସରାଗେ ସରମେ ଆବରି ବଦନ
ତଳପ-ପ୍ରସରେ ପଡ଼ିଲେ ବାଳା ।

ବରଜିଲେ ରାଣୀ, ଆସି ରାଜପୁରେ;
ବିସ୍ତରେ କହିଲେ ସପନ କଥା;
ବିଶ୍ୱନାଥ ଶୁଣି, କହଂତି ସରସେ,
“ଶୁଭ ଏ ସ୍ୱପନ, ଛାଡ଼ ଗୋ ବ୍ୟଥା ।

ଆସିଥିଲି ମୁହିଁ, କହୁଛି ପିଟାଇ,
ନୀଳାଚଳ-ପଥ-ଆଦେଶ ଦେନ;
ଶୁଭିଲା ଆଦେଶ, ‘ଯାଅ ବିଶ୍ୱନାଥ,
ଉତ୍ତରୁ ଉତ୍ତରେ ଦେହ ଅବନୀ ।

ଦେଖିବ ତପନ— ତୁହିନ-ବିଭାସେ
ହିମାଚଳ-ଦେହେ କନକ-ଧରା;
ସେଇ ରାଇଜରେ ଅଛଂତି ଦୁହିତା,
ବୀର-ନରସିଂହ-ତପନ-ତାରା ।’

ନରସିଂହ ପୁଣି ତପନ-ବିଭବ,
ମହତ-ଅନଂଗ-ନୃପତି-ସୁତ;
ପାଇଛଂତି ରାଏ, ପାଟରାଣୀ-ଭୁଲେ
ବହୁକାଳ ପାଳି ତପନ-ବ୍ରତ ।

ତାରକା ତପନେ ମିଶିବ ରାଜନ,
ନ କର ଭାବନା ଏଥିଲୁ ଭଲେ ।”
ଏ ବିଚାର-ଫଳେ ଶୁଭ କାଳ ବୁଝି,
ବାହାରିଲେ ଦ୍ୱିଜ ଶ୍ରୀଫଳ-ଭୁଲେ ।

ଶିଖରୁ ଶିଖରେ ସଂକୁଚିତ ପଥେ
ପାରି ହେଲେ କେତେ ଗିରି-ସଂକଟ;
ପ୍ରାଂତରେ ପ୍ରାଂତରେ ନୃପଳ-ପ୍ରସାରେ
ଭେଟିଲେ କେତେ ସେ ତଟିନୀ-ତଟ ।

ହିମ-ନିମ୍ନ-ଭୂମି— ପ୍ରସାରେ ପ୍ରସାରେ
ଖସିଲେ, ବରଜି ହିମାଦ୍ରି-ଧରା;
ପଂଚନଦ-କୂଳେ ଦେଖିଲେ ଆସି ସେ
ଶ୍ୟାମ-ପରିସର ସଂପଦ-ଭରା ।

୧୧୬ । କାଶ୍ମୀର ଜେମା ସମୁଦ୍ର ଦେଖି ନଥିଲେ ।

ପାର ହେଲେ ଯହିଁ ସିକନ୍ଦର-ସେନା,
ଭେଟିବେ ବୋଲି ସେ ପୁରୁ-ରାଜନେ;
ଦେଖିଲେ ସତେ କି ସଙ୍କୋଚେ ତଟିନୀ
ଫେରାଉଛି ଧାରା ବିକଳ ମନେ ! ୧୪୦

ବ୍ରହ୍ମାବର୍ତ୍ତ ଯହିଁ, ଋଷିକଣ୍ଠ ଭେଦି
ଉଠି ବ୍ରହ୍ମ-ଗୀତ, ସମ୍ମୋହିଲା ଭବ;
ହିନ୍ଦୁ-ରକ୍ତ-ସ୍ମୃତି— ଲୋହିତ-ଭଟିଣ୍ଡା
ହିନ୍ଦୁ-ଗଉରବ-ବାରୁଣୀ ନଭ !

ବିଶାଳ ବିସ୍ତାରେ ପଞ୍ଚନଦ-ଭୂମେ
ସ୍ମରଣ-ଫଲକେ କେତେ ସେ ଦିଶେ !
ତୀର୍ଥ-ଗଉରବେ ଦେଖୁଥିଲେ ରହି,
କାହିଁ ବା ଭୁଲି ସେ ସ୍ମରଣ-ରସେ !

ତରେରୀ-ଉଲ୍ଲାସ ଭାଙ୍ଗିଲା ପଲକେ
ଥାନେଶ୍ୱର-ପୁର-ଉଷର-ଲୀଳା; ୧୪୫
ଶୁକ୍ଳ-ମୁଣ୍ଡ-ମାଳେ ହସୁଥିଲା ଯହିଁ
ପୃଥୁରାଜ-ପୃଥୁ-କୀରତି-କଳା !

ଯବନେ ବିଶ୍ୱସି, ପ୍ରଚଣ୍ଡ ବିପାକେ
ପଡ଼ିଥିଲେ ପୃଥ୍ୱୀ ସେ ଦିଲ୍ଲୀ-ପତି,
ଇନ୍ଦ୍ର-ପ୍ରସ୍ଥେ ପୁଣି ଦେଖିଲେ ସେ ଭୃଙ୍ଗ
ଦୁରନ୍ତ-ଯବନ ଲୋହିତ-ଛବି !

ଢୁଣ୍ଢ ଗଗନସ୍ଥାନେ ଦିଶିଲେ ଅଳପ,
ମରୁ-ପରିସରେ ପାହାଡ଼ ଭେଦି;
ଠାବେ ଠାବେ ଲଭ ସନମାନେ କେତେ,
ଦେଖି ହିନ୍ଦୁର ସେ କୀରତି-ବେଦୀ ! ୧୫୦

ରାଇକେ ରାଇକେ ରାଜପୁତ ରାଜ,
ଭଜି ସେ ନୂତନ ଯବନ ବଳେ;
ସପ୍ତ-ଶତାନଳେ ତୋଳି ସିଂହାସନ,
ହରଷେ ଥିଲେ ସେ ଯବନ-ତଳେ !

ଦେଖିଲେ ସରବେ ଯବନ-ସାମନ୍ତ,
ନାହାନ୍ତି ଯବନ ହେ ଭୂମେ ରହି,
ଏହି ଗଡ଼ଜାତେ ଯେସନେ ସାମନ୍ତେ
ଏବେ ହେ ଅଛନ୍ତି, ଆଦର ମହି !

---

୧୩୯ ଖ୍ରୀଷ୍ଟପୂର୍ବ ୩୨୭ ଖ୍ରୀଷ୍ଟାବ୍ଦରେ ବିତସ୍ତା କୂଳରେ ଯେଉଁଠାରେ ଆଲେକଜାଣ୍ଡର ପୁରୁରାଜାଙ୍କୁ ଭେଟିଥିଲେ, ବର୍ତ୍ତମାନ ବିତସ୍ତା ସେ ସ୍ଥାନରୁ ବହୁତ ଦୂର ଘୁଞ୍ଚି ଆସିଅଛି ।

୧୪୧ । ଭଟିଣ୍ଡା — ଏହିଠାରେ ଗଜନୀର ମହାମୁଦ ସିନ୍ଧୁଦେଶ ରାଜା ଆନନ୍ଦପାଳଙ୍କ ଛତ୍ରତଳେ ଏକତ୍ରିତ ବିଶାଳ ହିନ୍ଦୁ ବାହିନୀ ୧୦୦୬ ଖ୍ରୀଷ୍ଟାବ୍ଦରେ ବିଧ୍ୱସ୍ତ କରିଥିଲେ ।

୧୪୩-୪୭ । ୧୧୯୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ହିନ୍ଦୁ ରାଜା ଜୟଚନ୍ଦ୍ରଙ୍କ ଆହ୍ୱାନ ମତେ ଭାରତ ଆକ୍ରମଣ କରି ତରେରୀଠାରେ ଭୀଷଣ ଭାବରେ ପରାସ୍ତ ହୋଇଥିଲେ । ପୁଣି ୧୧୯୩ ଖ୍ରୀଷ୍ଟାବ୍ଦରେ ସେ ଭାରତ ଆକ୍ରମଣ କଲେ । ଥାନେଶ୍ୱରଠାରେ ପୃଥ୍ୱୀରାଜ ( ପୃଥୁରାଜ ) ତାଙ୍କୁ ଭେଟିଲେ । ହିନ୍ଦୁ ସେନାଙ୍କୁ ସେ ପାରିବେ ନାହିଁ ଜାଣିପାରି ଉଦାର ପୃଥ୍ୱୀରାଜ ତାଙ୍କୁ ଯୁଦ୍ଧ ନ କରି ଘରକୁ ଫେରିଯିବାକୁ ଉପଦେଶ ଦେଲେ । ମହମ୍ମଦ ଘୋରୀ ଭାଇଙ୍କଠାରୁ ଅନୁମତି ଆଣିଲେ ଫେରିଯିବେ ବୋଲି କହି ଭାଇଙ୍କଠାକୁ ଛଦ୍ମଦୂତ ପଠାଇଲେ । ମାତ୍ର ରାତ୍ରିରେ ଅତର୍କିତ ଭାବରେ ପୃଥ୍ୱୀରାଜଙ୍କ ଶିବିର ଆକ୍ରମଣ କରି ପୃଥ୍ୱୀରାଜଙ୍କୁ ହତ୍ୟା କଲେ । ଫଳରେ ବିଶାଳ ହିନ୍ଦୁସେନା ଛତ୍ରଭଙ୍ଗ ଦେଲେ ।

୧୪୮ । ଇନ୍ଦ୍ରପ୍ରସ୍ଥ — ଦିଲ୍ଲୀ ।

୧୪୯ । ଢୁଣ୍ଢ — ମରୁ ପର୍ବତ ମସ୍ତ ।

ନରସ ବେଶରେ ସୁନ୍ଦର ଅଶ୍ୱତ,
କରନ୍ତି ତ ଏହୁ ପଣ୍ଡିତ-ସଭା, ୧୫୫
ଅଭିଷେକ-ଛଳେ ବସି ସିଂହାସନେ,
ମୁକୁଟ-ଗରବେ ବାନ୍ଧନ୍ତି ଗଭା ।

ଦଣ୍ଡନ୍ତି କୁଣଳେ ସାଧୁଜନେ କେବେ
ଅଶ୍ୱତ-ସ୍ମରଣ-ଦଣ୍ଡ-ବିଧାନେ,
ରାଜାଙ୍କ ପ୍ରକୃତି, ବସାନ୍ତି ମାଗଣି,
କଣିବାକୁ କେବେ ବାହାନ-ଯାନେ ।

ବଖାଣି କହିବା କିସ ପ୍ରୟୋଜନ ?
କିଏସେ ନ ଜାଣେ ଏ ଦେଶ ଭର ?
ନ କହେ ବିଦେଶୀ ଧନ-ଲାଭ-ଆଶେ,
ଏ ଦେଶେ ଭରନ୍ତେ ଥାଆନ୍ତି ଡର । ୧୬୦

ଏତେ କଟକଣା ନ ଥିଲା ସେ କାଳେ,
ନାମକୁ ଥିଲେ ସେ ସାମନ୍ତ ବୋଲି,
ଆର୍ଯ୍ୟ-ଗଉରବ ଛାଡ଼ି ସେ ନ ଥିଲେ,
ଶାସ୍ତ୍ରର ସଂଯମ ନ ଥିଲେ ଭୁଲି ।

ଶ୍ରୀଫଳ-ସଂଭାର ଦେଖି, ବିଶ୍ୱନାଥେ
ପରଂପରା-ବିଧି ବହିଲେ ସୁଖେ,
ତରୁଣୀ-ତସ୍କର- ଯବନ-କରମ
ଶୁଣି, ପଡ଼ିଗଲେ ପରମ-ଦୁଃଖେ ।

ଚଂବଳ-ତଟିନୀ ତରନ୍ତି, ଦେଖିଲେ
ଘନ-ତାମସିତ ବିପିନ-ମାଳ; ୧୬୫
ଭେଟିଲେ ସଳଖେ ଭ୍ରୂକୁଟୀ-କରାଳ
ତୁଂଗ ଗିରି-ଦୁର୍ଗ ଗୁଆଲିଅର ।

ପବିତ୍ର-ସଲିଳା- ବେତ୍ରବତୀ-କୂଳେ
ତୀର୍ଥ-ସନମାନେ ରହିଲେ ଦିନେ;
ପୌରାଣ କୌଶାମ୍ବି- କଟକ ଭେଦିଲେ

କମ୍ର-ଗିରିନନ୍ଦୀ-ଝର୍ଝର-ତାନେ ।
ନ ଛାଡ଼ିଲେ ସେହୁ ପ୍ରୟାଗ-ପୂଜନେ,
ଯବନ-ବିପ୍ଳବ ସୁନ୍ଦର ପଥେ;
ଦିଗ ମାପି ଦେଖି, ଆସିଲେ ସଳଖି,
ସୁରି ବିଶ୍ୱନାଥ କଳାଦ୍ରି-ନାଥେ । ୧୭୦

କାଳିଂଜର-ନାଥେ ଭେଟିଲା ଶ୍ରୀଫଳ,
କି କରିବେ ସେହୁ ସଂବଳ-ହୀନ ?
ବାରଂବାର ଭାଂଗି ଯାଇଥିଲା ପୁରୀ,
ଜନପଦ ଜାଳିଥିଲା ଯବନ ।

ଚରଣ-ବେଦୀରେ ଭେଟିଲେ ଶ୍ରୀଫଳ,
କଲେ ପାଦ-ପୂଜା ସେ ବିଶ୍ୱନାଥେ;
ମହାମୁଦଠାରୁ ଆରମ୍ଭ କହିଲେ
ଯବନ-କୁକର୍ମ ଘଟିଛି ଯେତେ ।

---

୧୬୫ । ଚଂବଳନଦୀ ରାଜପୁତାନାର ସୀମା ।
୧୬୬ । ଗୁଆଲିଅରର ବନମଧ୍ୟସ୍ଥ ଭୀଷଣ ଗିରିଦୁର୍ଗ ଇତିହାସପ୍ରସିଦ୍ଧ । ବହୁକାଳ ମୋଗଲମାନଙ୍କର ଏହା ରାଜକୁଳର ବ୍ୟକ୍ତି ବିଶେଷତଃ ରାଜଭ୍ରାତାମାନଙ୍କର କାରାଗାର ରୂପେ ବ୍ୟବହୃତ ହେଉଥିଲା ।
୧୬୭ । ବେତ୍ରବତୀ = ଯମୁନାର ଉପନଦୀ । ଏହା ଗୋଟିଏ ପ୍ରଧାନ ହିନ୍ଦୁତୀର୍ଥ ।
୧୬୮ । କୌଶାମ୍ବୀ = ଅତି ପ୍ରାଚୀନ କୌଶାମ୍ବୀ ରାଜ୍ୟର ରାଜଧାନୀ କୌଶାମ୍ବି ନଗର ବର୍ତ୍ତମାନ ଆଲ୍ଲାହାବାଦର ଅଳ୍ପଦୂରରେ ଅବସ୍ଥିତ ଥିଲା ।
୧୬୯ । ୧୦୦୭ଠାରୁ ୧୦୨୦ ମଧ୍ୟରେ ଗଜନୀର ମହାମୁଦ ତିନଥର କାଳିଂଜର ଦୁର୍ଗକୁ ଧ୍ୱଂସ କରିଥିଲେ । ତାହାପରେ ମଧ୍ୟ ଏ ଦୁର୍ଗ ବହୁ ମୁସଲମାନ ଉତ୍ପାତ ସହିଥିଲା ।

ସଳଖି ଦେଲେ ସେ ଦଶାର୍ଣ୍ଣ-ବିପିନେ,
ପାଛୋଟି ଦେବାକୁ ନାହାନ୍ତି ବଳ;
ଆପଣେ କୁମାର ମିନତି ଆଚରି,
ଅଶ୍ୱ-ଅବଲମ୍ବେ ଛାଡ଼ିଲେ ପୁର ।

ପୁରାଣ ବିଶାଳ ଦଣ୍ଡକ-ସୁମତି,
ବନ-ଗିରି-ମାଳ ଆସିଲେ ଭେଦି;
ସଙ୍କଟେ ସଙ୍କଟେ କଳା ଭୁଜଙ୍ଗମେ
ଦେଖିଲେ ସରଣୀ ଦେଖାଏ ସାପି ।

ଚିହ୍ନି ତହିଁ ଦ୍ୱିଜ ନୀଳାଚଳ-ନାଥେ,
ଭକତି-ସରସେ ଭୁଲିଲେ ଥାଟ;
ପୁରାଣ ସେ ମହା- କୋଶଳ ଦକ୍ଷିଣେ
ବରଜି, ସଳଖେ କାଟିଲେ ବାଟ ।

ଗିରି-ଦୁର୍ଗ-ମାଳା କେତେ ସେ ଭେଟିଲେ,
କେତେ ଦସ୍ୟୁ-ପୁର ଏଡ଼ିଲେ ପଥେ;
ଦଶାର୍ଣ୍ଣ-କଟକେ ସଭାଜନ ଲଭି,
ପ୍ରଣମିଲେ ହୃଦେ ନୀଳାଦ୍ରି-ନାଥେ ।

ଶ୍ୟାମଳ-ଉତ୍କଳ- ଜୈତ୍ର-ଗିରି-ମାଳା
ଦେଖିଲେ, ପରାଣେ ପୁଲକ ବହି;
ସୋହାଗେ ସାମନ୍ତ- ରାଜନେ ଭେଟିଲେ,
ଗଲେ ଗିରି-ଦୁର୍ଗେ ସେ ରହି ରହି ।

ସମ୍ବଲ-ଈଶ୍ୱରୀ- ବିପିନେ ଛାଉଣି
କଲେ ଜମ୍ବୁ-ସେନା ଶାନ୍ତି-ବିଭବେ
ଦେଖିଲେ, ଉତ୍କଳ- କମଳା ବହଇ
ଚିତ୍ରୋତ୍ପଳା-ଧାରେ ରଜତ-ଦ୍ରବେ ।

ଶଇଳ-ତଳପେ ମେଦୁର ପ୍ରପାତେ
ପଡ଼ଇ ବିମଳ ତଟିନୀ ଥରି;
ଜମ୍ବୁ-ଦେଶ ବଳ ବିଶାଳ ସୋହାଗ
ହୀରାଖଣ୍ଡେ ଉଠେ ଲାବଣ୍ୟ ଭରି ।

ଶିଖରେ ଶିଖରେ ଗଜପତି-ଧ୍ୱଜ
ତୁଙ୍ଗ-ଶାଳ-ଚୂଳେ ବିପିନମାଳ;
ତଟିନୀ-ଯୌବନେ ଆଦରେ ଅନାଇ
ଶ୍ୟାମଳ ପ୍ରସାରେ ହସଇ ବେଳ ।

ପ୍ରସାରେ ପ୍ରସାରେ ବିମଳ ଝରଣା
ମହାନଦୀ-ହୃଦେ ପଡ଼ଇ ଝରି;
ତୁଙ୍ଗ ଗିରି ଶୋହେ ଶ୍ୟାମଳ ଲଲାଟେ,
ଦୂର ପରବତେ ନୀଳିମ-ଶିରି ।

ତରଳ ଶିଶିରେ ଝରଇ ଜ୍ୟୋଛନା,
ଶୀକର-ବିଭବେ ସିଞ୍ଚଇ ଧରା;
ନୀଳ ପରବତ ଶ୍ୟାମଳ କେଦାର
ଶୁଭ୍ର ରବି-କରେ ହସଇ ତୋରା ।

ବଇଶାଖ-ଶେଷେ ଆସିଥିଲେ ସେଠୁ,
ବରଷା ଅପେକ୍ଷି ରହିଲେ ତହିଁ;
ଚଣ୍ଡ-ରବି-କର ଆବରି ଗଗନେ,
ଦୁର୍ଦ୍ଦିନ-ବିଭାସ ଘୋଟିଲା ମହୀ ।

ଢାଳିଲା ସରସ ଶ୍ରାବଣ-ଆସାର
ମହାନଦୀ ଦେଲା ପ୍ରସାରି ଉର;
ଭସାଇ ସହସ୍ର ନଉକା ଭୁଶଲେ
ଜମ୍ବୁସେନା ତହିଁ ହୋଇଲେ ଠୂଳ ।

---

୧୮୦ । ମହା କୋଶଳ = ବର୍ତ୍ତମାନ ମଧ୍ୟ ପ୍ରଦେଶର ଦକ୍ଷିଣ ପଶ୍ଚିମ ଅଂଶ ।

୧୮୫ । ସମଲେଶ୍ୱରୀ = ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବତା ।

୧୮୮ । ହୀରାଖଣ୍ଡ = ସମ୍ବଲପୁରର ପ୍ରାଚୀନନାମ । ଏହିଠାରୁ କେତେକ ଧାଡ଼ିର ବର୍ଣ୍ଣନାରେ ଜମ୍ବୁଦେଶଠାରୁ ଉତ୍କଳର ପ୍ରାକୃତିକ ପ୍ରଭେଦ ପ୍ରତି ଇଙ୍ଗିତ ଅଛି ।

ମହାନଦୀ-ଜଳେ ଭାସିଲା ନଉକା
ଦିଗଂତ-ଶ୍ୟାମଳ-ବିପିନ-ତାନେ
ଅବାଧ ଉଲ୍ଲାସେ ଭାସିଲେ ସଇନ,
ପ୍ରଶାଂତ-ବିଶାଳ-ପୁଲକ-ମନେ ।

ଉଚ୍ଛ୍ୱାସେ ଉଠିଲା ଗ୍ରାବ ଚୂଳେ ନଦୀ,
ବାଟ ଭାଂଗି ଗଲା ନଉକା ପଥେ;
ଆମୋଦ-ଉଚ୍ଛ୍ୱାସେ ଜଂବୁ-ଦେଶ-ସେନା
ଭାଂଗି ପଡ଼ିଲେ କି ! ହୁଏ ପରତେ ।

ଉପନଦୀ ମିଶେ, ତଟିନୀ-ସଂଗମ
ବିଶାଳ ଉରସେ ଦିଶଇ ଥିର;
ଜଂବୁସେନା-ହୃଦେ ବିସ୍ମୟ ସେ କିବା
ବ୍ୟାପି ରହିଯାଏ ପୁଲକ-ଭିର ।

ଶତ ବାନ ଭେଦି, ଆବିଳ ସଲିଳେ
ପଡ଼ଇ ଅରୁଣ ତପନ ଝଲ;
ଶତ-ଶତ-ଭାବ- ଅନୁଭୂତି-କୂଳେ
ଜଂବୁଦେଶ-ସ୍ମୃତି ଉଠେ ଉଜଳ ।

ଯଉବନ-ଶ୍ୱାସେ ଅବିବେକ-ସର
ଦିଶିଲା ଦୁର୍ଦ୍ଦିନ-ତାମସେ ବନ;
ଧନୀ-ହୃଦେ ମଦ- ପରି ନଦୀଧାରେ
ଦିଶିଲା ବିକଟ ଦୁର୍ଦ୍ଦିନ-ଘନ ।

ତୀବ୍ର ଝଂଜାବାତେ କରାଳ ଝଟିକା
କଂପାଇଲା ନଦୀ ଝଂକାର ବନେ;
ପୁଲକ-ଆତଂକେ ଶୂନ୍ୟ ଅନୁମାନେ
ରହିଲେ ସଇନ, ଆଦର ଯାନେ ।

ଫିଟାଇ ଝଟିକା, ହସଇ ତପନ,
ଦୂର-ଗିରି-ମାଳେ ଶବଳ ହାସ,
ଚଳ କୃଷ୍ଣ ମେଘେ ପ୍ରାଂତରୁ ପ୍ରାଂତରେ
ଖେଳିଯାଏ ଲୋଲ ଆତପ-ଭାସ ।

ଦୂର ଗିରି-ଚୂଳେ ଶୁଭ୍ର ଘନ ପଂକ୍ତି,
ବିକାଶେ ହିମାନୀ-ଭୂଷିତ-ବକ୍ଷ;
ବାରୁଣୀ-ନଭସ୍ତୁ ଆସଇ ତଟିନୀ,
ଲୋହିତର ଧାରା କି ମନୋଲୋଭା !

ଧୂମ୍ର-ନୀଳ-ଗିରି- ଲଲାଟେ ତପନ,
ତଟିନୀ-ସୀମଂତ-ସିଂଦୂର-ଟୋପା,
ଭାସେ କେବେ କେବେ; ଦିଶେ ଦୂରେ ନଦୀ
କଂପିତ-ତରଳ କନକେ ଲିପା ।

ଦେଖି ଦେଖି କେତେ, ଜଂବୁଦେଶ-ସେନା
ପଶିଲେ ସେ ଗଂଡ ସାତକୋଶିଆ;
ସ୍ଥିର କିବା ରହି ସଂକଟେ ତଟିନୀ !
ଉତ୍ତୁଂଗ ତାମସେ ଶିଖରୀ ଠିଆ ।

ବିକଟ ବିଶାଳ ଶିଖର-ପ୍ରାଚୀର;
ସଂକୋଚ-ମଣ୍ଡନେ ବହଇ ନଦୀ;
କୁଳ-ବାଳା ସେ କି, ରୁଂଧି ଭାବରାଶି,
ଚଳେ ପ୍ରଲୋଭନ-ସଂକଟ ଭେଦି !

ଗଂଭୀର ହୃଦୟେ ନ ଥାଏ କଂପନ,
ନ ଥାଏ ପରମ-ଲାବଣ୍ୟ-ହାସ;
ଗଂଭୀର-ମାଳମ- ଧ୍ୟାପନେ ଲଲାଟେ
ଫୁଟି ବିକାଶଇ ସତ୍ତ୍ୱ-ଯଶ ।

କ୍ଷୀଣ ଧାର ବହେ, ବିକଟ ଶଇଳେ
ଦୁଇ ପାଶେ ଶୁଣି ଶ୍ୱାପଦ-ରବ;
ନାହିଁ ବେଣୀ-ଲାସ୍ୟ, ଚଳୋର୍ମି-ପ୍ରକର
ଉରସ-ବିସାରେ ନାହିଁ ଆରବ ।

୨୨୪ । ପ୍ରକର = ସମୂହ ।

ଗୋଟି ଗୋଟି ନାବ ବାହାରିଲା ଆସି,
ବଡ଼ମୂଳ ଭେଦି ବଉଦ-ବନେ;
ଶାରଦ ସଲିଳେ ଚଳ ଧାରା ଧରି
ଭାସି କି ଯାଆନ୍ତି ବଉଦ-ଘନେ !

ପେଷିଥିଲେ ତହିଁ ଗଜପତି-ରାଏ
ଶ୍ରୀଫଳ-ସଂଗ୍ରହେ ଯୋହାର-ଥାଟ;
ସେନାପତି ନିଜେ ସଂଗ୍ରହି ଶ୍ରୀଫଳ,
ଗୁଣ୍ଡିଣୀରେ ଗଲେ ଦେଖାଇ ବାଟ ।

ଗିରି-ଉପକଣ୍ଠେ ସେ ବସ୍ତ୍ର-ନିବାସ
ଶୋଭେ ଶାଳବନେ ଭୁବନ-ହାସେ;
ଜଂବୁ-ଅମୀକମା ମାତି ଗଲେ ତହିଁ,
ଜଂବୁ-ଦେଶ-ବନ-ବିଳାସ-ରସେ ।

ଅରୁଣେ ଉଠିଲେ ତଳୁ-ଗିରି-ଭାଲେ,
ଶଇଳୁ ଓଇଲେ ଡେଇଁଲେ କେତେ;
ଆଖେଟନ-ବିଧି ସରାଗେ ରଚିଲେ
ସେନାପତି-ଭୁଲେ ଉପସ୍ଥିତ ଯେତେ ।

ବନ-କରିବର- ବିକଟ-ବୃଂହିତ
ଶାର୍ଦ୍ଦୂଳ-ଗର୍ଜନେ ପୁଲକ ବହି;
ଅତିଥି-ସଂଗ୍ରେ ପରିଚର୍ଯ୍ୟା ଲଭି,
ସୁଖେ ଦିନସପ୍ତ ରହିଲେ ତହିଁ ।

ନଉକାରେ ପୁଣି ବସିଲେ ସରବେ,
ପ୍ରଣମିଲେ ନୀଳମାଧବ-ପଦେ
ରୁଷ-ଶିଶୁ-ଶୃଂଗ- ମୂଳେ ଉତ୍ତାରିକା
ଜଟିଳ-ବଲ୍ଲରୀ-ଦ୍ରୁମ-ସଂପଦେ ।

ସିଂହନାଥ-ଚୂଳ ବରଜି ଉତ୍ତରେ,
ଭେଟିଲେ ନଗରଜ-ଶଇଳ-ତଳ;
ବିଶାଳ-ପ୍ରସର- ପ୍ରସାରେ ତଟିନୀ
କରୁଥିଲା ଯହିଁ ତରଂଗ-ଖେଳ ।

ସପ୍ତଶଯ୍ୟା ଧରି ନାଚଇ ସାପୁଆ,
କାଠଯୋଡ଼ି ବହେ ସେ ନୀଳାଚଳେ;
ବିରୂପା-ବିସାର ମେଲାଇ ଦକ୍ଷିଣେ,
ମହାନଦୀ ବହେ କନକ-ଧାରେ ।

ସେ କନକେ ଭାସି ଆସିଲା ନଉକା
ମର୍କତ-ମାରତି-ପଥର-ଚୂଳେ;
ଦଶେ-ବାରବାଟୀ- ଭୃଂଗ-ନିବତଳ
ଆବିଳ କଂପନେ ତଟିନୀ-ନୀରେ ।

ଗଜପତି ଏବେ ଆସିଲେ ସଂଗ୍ରହି,
ବିଡ଼ାନସୀ-ପୁରେ ରହିଲେ ବଳ;
ଚିତ୍ର-ଜଂବୁ-ଗାଥା ବିଶାଳ ଉତ୍କଳେ
ରଚିଲା ସମୀରେ ପ୍ରବାଦ-ଖେଳ ।

---

୨୨୫ । ବର୍ତ୍ତମାନ ଖଂଡପଡ଼ା ସୁଦ୍ଧା ପ୍ରାଚୀନ ବଉଦର ଅଂତର୍ଭୁକ୍ତ ଥିଲା ।
୨୩୭ । ସିଂହନାଥ = ବଡ଼ାଂବାରାଜ୍ୟର ଗୋଟିଏ ନଦୀ ମଧ୍ୟସ୍ଥ ଗଡ଼ । ଏଠାରେ ଗୋଟିଏ ଦେବମଂଦିର ଅଛି ।
୨୩୯ । ସପ୍ତଶଯ୍ୟା = ଢେଂକାନାଳର ଗୋଟିଏ ପର୍ବତ ।
ସାପୁଆ = ମହାନଦୀର ଗୋଟିଏ ଉପନଦୀ ।
୨୪୦ । ବିରୂପା = ମହାନଦୀର ଗୋଟିଏ ଶାଖା ।

## ତୃତୀୟ ସର୍ଗ

ବାରବାଟୀ ପୁରେ      ଶୁଭ ନାରକେଳ
ଭୃଙ୍ଗ ସଖାଜନେ ଚଳିଲ୍ଲ ଶୁଭେ;
ବାଦ୍ୟ-ଚହଳ      ଗୁରୁଜନ-ରୋଳ
ଶଙ୍ଖ ହୁଳହୁଳି ତରଙ୍ଗେ ଶୁଭେ ।

ପ୍ରାସାଦ-ମୁକୁଟେ      ଦୋହଲି ଦୋହଲି
ରଣ୍ଟି ରଣ୍ଟି, ଘଂଟା ଦେଉଳ ବାଜେ;
ଚକ୍ଷୁରେ ରସାଣି      ଷିପ୍ର ଖରବଳି
ସଂଯମ କବା ସେ ପୃଷ୍ଠି ବସିଜେ !

ତରୁଣଟି ସତେ      ନବ ବାରବାଟୀ
ଅଭ୍ର ଭେଦ ପୁର ଧବଳ ବେଶେ;
କନକ-ମାତଂଗ      ତୋରଣ-ମୁକୁଟେ
ସ୍ଫଟିକ ନଥି ଉଦରେ ହସେ ।

ସେ ସଉଧେ ଆଜି      ଚୂଡ଼ର ଶସଣ
ଜଉଷ-କେତନ-ମଂଡନ-ମାଳା;
ଚଳେ ଚଳେ ଗୁନ୍ଥ      ଅଳଂକ-ପ୍ରସାରେ
ଅରୁଣ-ଚରଣ-ଗହଳ ଲୀଳା ।

ବାରୁଣୀରେ ଝଳ      କାଂଚନ-ମାତଂଗ
ଅଚଳ ଚଟିଣ କନକେ ଭରେ;
ତରଂଗ-ବିତାନେ      ଖେଳ ସେ କନକ
ଜଳ ବେଣୀ-କଂପେ ଚଳଇ ଦୂରେ ।

ସ୍ୱର୍ଣ୍ଣ ସ୍ୱର୍ଣ୍ଣ ଏବେ      ବାରୁଣୀ-ନଭସେ
କୁହଳ ନେତ୍ରିତ-ତପନ-ବିମ୍ବ;
ଧୂସରୀ-ତାମସ-      ପଟଳ-ପ୍ରସାରେ
ଲୁଚି ଗଲା ନାହିଁ ଚଳନେ ବିଭା ।

ପ୍ରାଗ୍ରତୀ-ମୁକୁଟ-      ଶ୍ୱେତ ଜମଂଷଣେ
ବାହାରିଲେ ପୃଷ୍ଠି ତାରକା-ନଭେ;
ଦୂର ଧୂମ୍ର ଘନ      ଶଇଳ-ପ୍ରାଚୀର
ମହାନଦୀ କଂପେ ଗୁଞ୍ଜିଲେ ଭବେ ।

ନବଚଳ-ଦେହେ      ଧାଡ଼ି ଧାଡ଼ି ହୋଇ
ବିକାଶିଲା ଶୁଭ୍ର-ପ୍ରଦୀପମାଳା
ଉତ୍ତର ଦକ୍ଷିଣେ      ଶିଖରି-ଶିଖରେ
ସଂକେତେ ଉଠିଲା ଅନଳ-ଜ୍ୱାଳା !

ବିଷ୍ଣୁମନସି-ସ୍ୱରେ      ଜଂବୁ-ଅନୀକଣ
ବିସ୍ମୃତ ତପସେ ରହିଲେ ରୁଦ୍ଧି;
ମଣିଲେ ସତେ କି      ଆନନ୍ଦ ସେ ସ୍ୱରେ
ବିକାଶିଲା ଭେଦ ଆଲୋକେ ମଗ୍ନ !

ପାପ୍ତ ସାରସ୍ତ କି      ପଟାଇତାମସ
ବିକାଶଇ ଶିର ଗହନେ ତୋଳ ?
ଉତ୍ତୁଂଗ ବଡ଼ବା      ବିକାଶଇ କିବା
ପାରବାର-ଭ୍ରମେ ତାମସେ ଦଳ ?

ପୁଲକ-ବିସ୍ମୟେ      ଜଂବୁକନେ କେତେ
ନିରେଖିଲେ ସେହି ଅନଳ-ଶିର;
ମଉଳିଲା ତାଂକ      ଜୀବଂତ ସ୍ମରଣେ
ଅରୁଣ-ବିକାସେ ଭୁବନ-ଗିର ।

ସଉଧେ ସଉଧେ      ସେ ନବ କଟକେ
ବିକାଶିଲା ତନୁ-ଅନଳ-ବିମ୍ବ;
ସାନୁମାଳ ଭେଦି      ଉତ୍ତୁଂଗ-ଅନଳ-
ଶିଖରୀ, ତାମସେ କି ମନ ଲୋଭ !

---

୮ । ଚଳେଚଳେ = ପ୍ରଥମହ୍ଲାଦରେ । ଅରୁଣ ଚରଣ = ନାରୀ ଚରଣ ।

ଦିନ ଉତ୍ସବ ଆଜ       ପୁରେ କୋଳାହଳ,
ପାଟରାଣୀ ବିଜେ ରାଣୀ-ମହଲେ;
ଉତ୍ସବର ହାସେ       ଅଳପ ବିଷାଦ
ଫୁଟି ଦିଶୁଥିଲା ଲୋକଙ୍କ ଗାଲେ ।

ସବୁ ତ ନଥିବ       ଯୁବରାଜ ଧନ,
ନ ଦେଖନ୍ତି ପୁରେ ସେ ଯୁବରାଜେ;
ନବେଧି କରମେ       ତରୁଣ-ବିଳାସ,
ଦସ୍ୟୁ-ନାଶେ ସେହୁ ବିପିନେ ବିଜେ ।

ବ୍ୟାଘ୍ର-ନରବର-       ରାଇଜ ଥିଲା ଏ
ଘନ-ଗଉଜାତ-କାଂତାର-ମାଳା;
କେଶରୀ-ନୃପତି-       କେଶରୀ-ବିକ୍ରମ
ମହାନଦୀ-ପାରେ ଅଳପ ଥିଲା ।

ଗଂଗ-ଗଜପତି       କାଂତାର ବିପିନେ
ପଶି, କରୁଥିଲେ ଏହାକୁ ବଶ;
ବ୍ୟାଘ୍ର-ନରପତି-       ସାମଂତ-ସନ୍ତତି
ଲଭିଥିଲେ ଏଥି ତସ୍କର-ଯଶ ।

ଅନଂଗ ନୃପଙ୍କ-       ଶସ୍ତ୍ର-କରବାଳେ
ଛୁଟି ଯାଉଥିଲା ତାମସ ବନ୍ଧୁ ;
ଠାବେ ଠାବେ କାହିଁ       ଗିରି-ଦୁର୍ଗେ ଘରେ
ଦସ୍ୟୁ-ନାମେ ଧରି ଥାଆନ୍ତି ଧନୁ ।

ମହାନଦୀ କୋଳେ       ପଶନ୍ତି ସେ କେବେ
ସନ୍ଧଭୂମି-କୁଂଜ-ମୋହନ-ବନେ;
ଯୁବରାଜ ବୀର       ନରସିଂହ ତହିଁ
ବୁଲନ୍ତି ବିପିନେ ସଘନ-ସ୍ୱନେ ।

ରାଜନ୍ୟ-ବିଳାସ       ଅରୁଚି ଅତୁଟ,
କରନ୍ତି ମନ, ପାଳିବେ ବ୍ରତ;
ବନେ ବନେ ବୁଲି,       ବୀରତ୍ୱ କରମେ
ପରଜା-ମଂଗଳେ ରହିବେ ରତ ।

ରାଜତ୍ୱ ନୁହଇ       ବିଳାସ ଜଗତେ,
ସିଂହାସନେ ନାହିଁ ତଳପ-ସୁଖ,
ଆଖେଟ ନୁହଇ       ଆମିଷ-ବ୍ୟସନ,
ସାମଂତ ଲୁହନ୍ତି ସ୍ୱକର-ଲୋକ ।

କର ଦେଇ ପ୍ରଜା       ବରନ୍ତି ରାଜନେ
ଆମରଣ-କର୍ମ-ଜାଗର-ତପେ;
ପ୍ରକୃତି-ରଂଜନ       ରାଜନ-ବିଭୂତି,
ଆଦେଶନ୍ତି ମହାବଂଧନ ନୃପେ ।

ଏହି ରାଜ-ଧର୍ମେ       ତରୁଣ କୁମାର
ଛାଡି ଯଉବନ-ତରଳ-ଖେଳା,
ଗିରି-ଦରେ ଦରେ       କାନନେ କାଂତାରେ
କରବାଳ-କରେ କରନ୍ତି ଲୀଳା ।

ଆଗମ ନଥନ୍ତି       ଭବନେ ସେ କେବେ
ଚର୍ମ-ଉପଧାନେ ସ୍ଥଂଡିଳ-ଶେ ଯ;
ସଙ୍କୋଚେ ତପନ       ପଶି ନ ପାରଇ,
ମହୀରୁହ-ଶିରୁ ଅନାଏ ଲାଜେ ।

ଗହନ ବ୍ରତତି       ଧରେ ରାଜ-ଛତ୍ର
ସ୍ତବକ-ଭ୍ରମରେ ନିବାରେ ଖେଦ;
ଶୀକର-ବ୍ୟଜନେ       କାନନ-ସମୀର
ପଖାଳି ଶରୀର, ହରଇ ସ୍ୱେଦ ।

---

୪୫ । ଉପାଧାନ = ତକିଆ, ଉପଧାନ । ସ୍ଥଂଡିଳ = ଖାଲିଭୂଇଁ ।

ପରଜନ ସ୍ପୃହ,            ଅଗମ୍ୟ ଭାବିନେ
ପଶନ୍ତି କେବେ ସେ ନଗସ୍ପ-ମୁଖେ;
ପାଦପ ଆଦର            ଖୁଆନ୍ତି ତୁରଙ୍ଗେ,
ହସ୍ତ ସେ ତୁରଙ୍ଗ ଗଳୀନ-ମୁଖେ ।

ଅରଣ୍ୟ-ବାରଣ-            ବିକଟ-ବୃଂହିତ
ଶ୍ୱାପଦ-ଗର୍ଜନେ ତୁରଗ ଟଳେ;
ସେ ଚମକେ ନଦ            ଗରଜଇ ନିଶୀଥେ,
ଆସ୍ଫାଳ ଖଡ଼ଗ ଧରନ୍ତି କରେ ।

ସେହି ସେ ଖଡଗ-            କରେ ମହାବଳ
ଦେଖି କେବେ ଆଗେ ସେ ମହାବଳୀ;
ଲୋଟିଁ ପଦତଳେ,            ଅଶ୍ରୁବର୍ଷି ପଡ଼େ,
ନିଶୀଥ-ଚମକେ ଦିଶନ୍ତି ଝଳ ।

ସେହି ସେ ନିଶୀଥେ            ପାଟରାଣୀ ଆଜ
ପୁର-ବନ୍ଧ-ଗୀତ-ଉତ୍ସବ-ମେଳେ
ଚମକ ଚମକ,            ଜାଗ୍ରତ-ସ୍ୱପନେ
ଦେଖୁଥିଲେ ସୁତ ଛଟପି-ତଳେ ।

ଶାରଦ ନଭସେ            କରାଳ ଦୁର୍ଦିନ
ଜଣି, ଉଠୁଥିଲା ଜନନୀ-ମନେ;
ବିକଟ-କାନ୍ତାରେ            ଏକା ନରସିଂହ
ତସ୍କର-ଧାବନ-ବିପୁଳ ଶ୍ରମେ ।

ଅନୁଭବେ ସିନା            ଦେଖଇ ଜନନୀ
କଠୋର କରମେ ପରମ-ପଦ;
ଭୋଗୁଥିଲେ ସିନା            ନରସିଂହ ବନେ
ତସ୍କର-ଧାବନେ ବୀର-ସମ୍ପଦ ।

ଅନୁମାନେ ରାଣୀ-            ବତ୍ସଳ-ହୃଦୟେ
ଅଟ୍ଟହାସେ ଯାଏ ଉତ୍ସବ ଖେଳ;
ସେ ହାସେ ପଡ଼ଇ            ମୃତ୍ୟୁମସୀ-ଲେଖା
ପ୍ରଚଣ୍ଡ ତପନେ କୁହେଳୀ-ସର ।

ପରବାସ-ଜନେ            ଦେଖନ୍ତି ସୁହାସ,
ନ ଜାଣନ୍ତି ସେହୁ ବେଦନା ତଳେ;
ଗ୍ରୀଷମ-ପ୍ରତାପେ            ଶୁଖଇ ପଙ୍କେ;
ବାଧଇ କି ତାହା ପଦ୍ମିନି-ମାନେ ?

ଦେଖୁଛ ତ ଏଥି            ଛଟିମା-ଗାବରେ
ଝଟିକାର ଘୋର ପ୍ରତାପ ଏତେ;
ଆଦରି ସଲିଳ,            ବୃହିଁଛି ସିକତା,
ସେ ପ୍ରତାପ କାହିଁ ଜଣୁଛି କେତେ ?

ତାମସ-ପଟଳେ            ଦୂର କଳି-କୁଞ୍ଜେ
ପ୍ରପାତେ ଅନଳ ଦହଇ ଜଳ;
କେତେ ତରୁଲତା            ଅଛନ୍ତି ତ ପାଶେ,
ଦିଶନ୍ତି କେତେ ସେ ପ୍ରପାତେ ଝଳ ?

ରାଣୀ-ପୁରେ ଚଂଚୁ            ପ୍ରଦୀପ-କନକେ
ଝଳ ଦିଶିଗଲା ପ୍ରବୀଣ ବପୁ;
ପୂର୍ଣ୍ଣ ଘଟେ ଜଳେ            ସେ ତୁଙ୍ଗ ବିଗ୍ରହ
ମଣ୍ଡିଳା କମ୍ର ଉତ୍ସବ ଘାସୁ ।

ଆକସ୍ମିକ ଦେଖି            ରାଜନ ମନ୍ଦିରେ,
ଅର୍ଘ୍ୟ ଧରି, ରାଣୀ କଲେ ସଂଭାଷ;
ବସିଲେ ରାଜନ,            ବସିଲେ ମହିଷୀ,
ଲୁଚିଗଲେ ସରବେ ଇଂଗିତେ ଦାସ ।

ଉତ୍ସବ ସୋହାଗ            ନାହିଁ ଭାଲ-ପଟେ,
ବିକାଶେ ଲୁଟିଲ ଯାତନ-ଲେଖା;
ବିସ୍ମିତ ମହିଷୀ            କହିଲେ ସଂବୋଧି,
"କେଜାଣେ କି ଅଛି କରମେ ଲେଖା ?"

ସୁ ଚୁମ୍ବି ସେ ଚକ୍ଷୁ            ନିଶ୍ୱସି କହିଲେ,
'ସଂଭାଷି ରହିଲି ମୁଁ ନାରକେଳ;
କାଂଚନ-ମେଦନୀ-            କାଶ୍ମୀର-କଣ୍ଟକେ
ମିଶାଇ ମଣିଲି ପୁଣ୍ୟ ଉତ୍କଳ ।

ଦେବ-ଲୋକ ଯିବା ଉତ୍କଣ୍ଠା ଜଳିଲେ,
ଶୁଣ ଦେବ-ଭୂମି ସେ କଂଣୁ ଦେଶ;
ଜନ୍ମିଲେ ଯେସନ ତେସନ କାଶ୍ମୀରେ
ଛୁଇଁ ପାରନାହିଁ ଯବନ ଲେଶ।

ସେ-ଦେଶ-ସ୍ୱଜନ- ପିତାମହ ଏଥି
ଆସିଥିଲେ ମୋର ତରୁଣ-କାଳେ;
ଦେଖିଛୁ ସେ ତୁଂଗ ମହିମା-ବିଳାସ
ପଳିତ-ଚିକୁର-ଲୋଳିତ-ଭାଲେ। ୮୦

ଦେଖୁଛୁ ତ ଏବେ ଚିତ୍ରପଟେ, ଜେମା
ଶାନ୍ତ-ଲାବଣ୍ୟ ପଡ଼ଇ ଝରି;
ସାର-ଚେଉଣୀ- ବିଶାଳ-କପାଳ
ଆପ୍ଲୁତ ଲୋଚନେ ମହତ ଶିଖି।

ନାରିକେଳ ଯେବେ ହଂମତ ଭରିଲା
ଯୁବରାଣୀ ହେବେ କାଶ୍ମୀର-ଜେମା;
ଭାରତେ ଜାହ୍ନବୀ- ସମ ବିରାଜିବେ
ବୀର ନରସିଂହେ ସେ ବରବାମା।

କରି ପଣ, ଏବେ ଶୁଣିଲି ଗୋପନେ
କୁମାର-ଗଢ଼ଣ-ସ୍ୱଜନ-ମୁଖେ; ୮୫
କନେ ମାୟାଦେବୀ ଦେଖି ନରସିଂହ
ମଜ୍ଜିଲେ ତରୁଣ-ପୀରତି-ସୁଖେ।

ତରୁଣେ ଚପଳ ପୀରତି ପରଶେ
ଜାଣ ନାକ ପ୍ରିୟେ ଶାସଣ କଡ଼ି,
ଖର ସ୍ରୋତସ୍ୱତୀ ପାରିବାରେ ଧାଏଁ,
ସେଥି ନୁହେଁ ତାର ପ୍ରଚଂଡ ବଳ।

ବାହାର ନିରୋଧେ ବଢ଼ଇ ପ୍ରତାପ;
ବୁଦ୍ଧ ଗିରନଦୀ କି ଏସେ ବାଂଧେ ?
ପ୍ରଚଂଡ ପ୍ଲାବନେ ଭସାଏ ଧରଣୀ,
ପଲକେ ଭୁଟାଇ ଶୈଳ-କଂଧେ।” ୯୦

ଶୂନ୍ୟ କେତେ ରାଣୀ ରୁହିଁଲେ ରାଜନେ,
ବତ୍ସଳ ଜନନୀ ବୁଝିବେ କାହିଁ ?
ତରୁଣ-ପରାଣ- ତରଳ-ଇଂଗିତେ
ମୋହନ-ପୀରତି-ଚମକ-ଦାଉ।

ଚମକେ ସଂଯମ- କବଚ ଫିଟାଇ,
ହୃଦୟ କେସନ ପଡ଼ଇ ଝରି,
ପୀରତିର ସ୍ରୋତେ ପଲକେ ଭାସଇ
ସଉଧ କୁଟୀର ଶିଖର ପୁରି।

ତରୁଣ-ତରୁଣୀ- ପରାଣ ପଲକେ
ମିଶଇ ପୀରତି-ଅନଂତ-ସୁଖେ; ୯୫
ଗଗନ-ମେଦିନୀ- ଶକତି ସେ କିବା
ମିଶଇ ବିଜୁଳି-ଚମକ-ଲେଖେ !

୯୬-୧୦୦ । ଏଠାରେ ବିଜୁଳି ଘଡ଼ଘଡ଼ିରେ ପୃଥିବୀ ଓ ଆକାଶର ବିଦ୍ୟୁତ୍ର ପରସ୍ପର ମିଳନ ସୂଚିତ ହୋଇଅଛି । ପୃଥିବୀ ଆକାଶ ଦୁହିଁଙ୍କର ବିଦ୍ୟୁତ୍ଶକ୍ତି ବିପରୀତ ଗୁଣାତ୍ମକ । ସେମାନେ ସବୁବେଳେ ମିଳିଯିବାକୁ ବ୍ୟଗ୍ର; କିନ୍ତୁ ପବନ ଭିତର ବାଟେ ବିଦ୍ୟୁତ୍-ପ୍ରବାହ ଗତି କରିପାରେ ନାହିଁ । ଜଳ ଭିତରେ ବିଦ୍ୟୁତ୍-ପ୍ରବାହ ଅବାଧରେ ଚଳେ । ପବନ ମେଘର ଜଳକଣାରେ ଓଦା ହେଲେ ପୃଥିବୀ ଓ ଆକାଶର ବିଦ୍ୟୁତ୍ ଶକ୍ତି ପ୍ରଚଂଡ ଭାବରେ ପବନ ଭେଦ କରି ମିଳିତ ହୁଏ । ସେହି ପବନ ଭେଦ କରିବା ସମୟରେ ଆମ୍ଭେମାନେ ବିଜୁଳି ଦେଖୁ ଓ ଘଡ଼ଘଡ଼ି ଶୁଣୁ । ପବନ ବାଧା ନ ଦେଲେ ବିଜୁଳି ଘଡ଼ଘଡ଼ି ନ ହୋଇ ଦୁଇଶକ୍ତି ମିଳିତ ହୁଅନ୍ତା ।

ବିଶାଳ ପବନ ଦେଉଥାଏ ବାଧା,
ପ୍ରଚଣ୍ଡ ଆସ୍ଫାଳନ ଚମକେ ଛୁଟେ;
ମିଶିଯାଏ କ୍ଷଣେ ମେଦିନୀ ଗଗନ
ଦିଗନ୍ତ-ବିକାଶେ ଅନଳ ଫୁଟେ ।

ଦ୍ରୁତ ଶର ଧାରା ଉଠଇ ଗଗନେ,
ମୁଦ୍‌ଗର-ଶୀକରେ ପଡ଼ଇ ନଭ;
ଗୁରୁ ପ୍ରତିବନ୍ଧେ ପ୍ରଚଣ୍ଡ ତେସନ
ତରୁଣ-ଇଙ୍ଗିତ-ତରଳ-ଭାବ । ୧୦୦

ପ୍ରବୀଣ ଅନଙ୍ଗ ରାଜକର୍ମ-ପଟୁ
ବୁଝନ୍ତି ତରୁଣ-ମାନସ-ଲୀଳା,
ଅନୁଭବ ନାହିଁ କଳିବେ ସେ କାହୁଁ
ଜନନୀ-ପରାଣ-ପୀୟୂଷ-ଧାରା ?

କହିଲେ, "ପ୍ରେୟସି, ବୀର ସେ କୁମାର,
ଭାରତ-ବିଭବ-ଜ୍ୱଳନ୍ତ-ଜ୍ୟୋତି;
ଯାତ୍ର ବିଶ୍ୱକର ଗଜପତି-କୁଳେ,
ସତତ ଶ୍ରାନ୍ତ କରମେ ମତି ।

ସୁକୁମାର ପୁଣି ତରୁଣ ପରାଣ;
କେମନେ କହିବି, କି ଅଛି ତହିଁ ?" ୧୦୫
କହିଲେ ମହିଷୀ ଗମ୍ଭୀର ବଚନେ,
ଗୁରୁ ଶ୍ୱାସ ଛାଡ଼ି ଅଳପ ରହି;

"ଜନକ-କରମେ ନ ହେବ ଭ୍ରମଣା,
ବୀର ଯୁବରାଜ ସେ ନରସିଂହ ।"
କହିଲେ ନୃପତି, "ଜାଣଇ ମୁଁ ତାହା,
ବିଷାଦେ ପରାଣେ ଲଭିବ କୋହ ।

ଦୁର୍ଦ୍ଦିନ ବରିଲେ, ଜଂବୁଜନ୍ମା ପୁଣି
ଲଭିବେ ମରଣେ ସଂତାପ ଗୁରୁ;
ଅପମାନ ମଣି, ଜଂବୁନରବର
ନ ପେଷିବେ ଆଉ ସଂଦେଶ ପୁରୁ ।" ୧୧୦

ନସନ୍ତ ସେ ସଂଦେଶେ ଶୁଣିଥିଲେ ଯିନା
ବିଜନେ କୁମାର-ସ୍ୱଜନ ଗାଏ,
ମାୟାଦେବୀ ନାମ ଦେଇଥିଲେ ତାରେ,
ଭାଳ ସେ ତରୁଣୀ-ପୀରତି-ମୋହେ ।

ଶୁଣ ତେବେ, ସେହି ମାୟାଦେବୀ-କୁଳେ
କେ ନେ ପଡ଼ିଲେ କୁମାର ମଣି ?
ଛପିଲୁ ବାହୁଡ଼ି, କହିଲେ ରାଜନେ,
କୁମାର-ସ୍ୱଜନ କି ଅବା ଜାଣି ?

ବିଶାଳ ବିସାରେ ମହାନଦୀ ଭର
ଖସିଲା ବପିଲୁ ସଇନ-ଧାରା; ୧୧୫
ଚଣ୍ଡ-ମଧ୍ୟ-ଦିବା- ପ୍ରଖର-ବିକାଶେ
ଉଜ୍ୱଳ-ଚମକ ଦିଶିଲା ତୋରା ।

ନଦୀ-ଧାର ଡେଇଁ, ବିକାଶି ଦିଶିଲା
ମନ୍ଥର-କଦମ୍ବ-ମୋହନ ଗୁଳ;
ଗଡ଼ିବେ ସିକତା ଖେଳାଇ ଚରଣେ,
ହେଲେ ସେ ବାହିନୀ ତଟିନୀ ପାର ।

ଭୃଙ୍ଗ ଭଣ-ସିଂଗା ଶରଜ ଉଠିଲା
ଏହି ମହାନଦୀ-ପୁଳନ-ଦେଶେ;
ଅଭିଯାନେ ଭୃଙ୍ଗ ତୁରଙ୍ଗ ଆସ୍ଫାଳ
ନରସିଂହ-ଚମୂ କାନନେ ମିଶେ । ୧୨୦

୧୧୨ । ନରସିଂହ ଦେବ ବଙ୍ଗରେ ଯାହାଙ୍କ ପ୍ରୀତିରେ ପଡ଼ିଥିଲେ, ତାହାଙ୍କୁ ଅନଙ୍ଗଭୀମ ଦେବ କଥାଛଳରେ 'ମାୟାଦେବୀ' ବୋଲି କହି ପକାଇଥିଲେ ।

କୁଂଜେ କୁଂଜେ ଉଠି ଧ୍ୱନି ପ୍ରତିଧ୍ୱନି,
ତଟିନୀ-ତରଂଗେ ଯାଉଛି ଖସି;
ସିକତାର ଖେଳେ ଉଠି ସମୀରଣ
ଯାଏ ଦୂର-ଗିରି-ପ୍ରପାତେ ମିଶି ।

ଲତା-କୁଂଜ ଭେଦି ଉଠଇ ଝଂକାର
ସ୍ତବକୁ ସୁମନ ପଡଇ ଝରି,
ଉଳପ-ପ୍ରସାଦେ ଦଳ ସଜ ଫୁଲ,
କୁମାର ସଇନ ଦଅଂନ୍ତି ଗୁଳି ।

ଜଟିଳ ବିଟପ ଭେଦି, ନାଶଯାଏ
ସାନ୍ଦ୍ର-ଉରସ୍ଥାଣେ ତଟନ-ଥୋପା
କଂଟକଳ ଲତା କାଟି ପଦାତିକେ,
ଆଗେ ଆଗେ ବାଟ କରଂନ୍ତି ସଫା ।

ଏହି ଗିରି-ମୂଳ ଜଳଇ ପ୍ରତାପ,
ଥିଲା ଚୂଳେ ତାର ଧଂକସ-ଗଡ଼;
ବ୍ୟଗ୍ର-ନରବର- ସାମନ୍ତ-ଦାୟାଦ
ଥିଲେ ତହିଁ ଟଂକ ସଂଗ୍ରାମ ବଳ ।

ଟଂକଳ ଶିଖରେ ବଳ ଦେନି, ଟଂକ
ନ ମାନଂତି କାରବାଟୀ-ଗଜନେ,
ବଳ ଦେନି କେବେ ବିଜୟେ ବାହାରି,
ପଶୁଥିଲେ ସେହୁ ଏକାମ୍ରବନେ ।

ଜାଣି ନରସିଂହ ଆସିଥିଲେ ଏଥି,
ଭେଦି ଗିରି ନଦୀ କାଂତାର ବନ;
ଟଂକ-ଦୁର୍ଗ ଦେଖି, ବଜାଇଲେ ବୀର
ରଣସିଂଗା, ତୋଳି ଗଜ-କେତନ;

ଶବର-ପଲ୍ଲୀ ଥିଲା ଗିରି-ମୂଳେ,
ଗଲେ ସେ ଶବରେ ବିପିନେ ଲୁଚି;
ଦୁର୍ଗ-ଦ୍ୱାରେ ଆଣି, ରଖିଦେଲେ ଟଂକ
ସହସ୍ର ବୃଷଳ-ସଇନ ବାଛି ।

ବିଶାଳ ବୃଷଳ ସହୋଦରେ ସେହୁ
ସେନାପତି-ପଦେ ରଖିଲେ ଡାକି;
ପୁରଦ୍ୱାର ଜଗି, ରହିଲେ ଆପଣେ,
ଅର୍ଦ୍ଧ-ଚନ୍ଦ୍ରଂ-ସେନା ପୁରତେ ରଖି ।

ଆସିଥିଲା ଦିନେ ଚର ଟଂକ ପକ୍ଷେ
ଏକାମ୍ର-ବିପିନୁ ଧଂକସ-ଗଡ଼େ;
ଦେଖିଥିଲା ବାଟ ଦସ୍ୟୁ-ପତି-ପୁରେ;
ସେହି ଚର ଏବେ ପୁରତେ ଚଳେ ।

ଭୁଜଂଗ-କୁଟିଳ ଶଇଳ-ସରଣୀ
ଚଢ଼ୁ ଚଢ଼େ ଭେଦି, ଭେଟିଲେ ଗିରି;
ତିରସ୍ତ୍ରୀନ ତଳେ ବୃଷଳ ସଇନ
ସଜ୍ଜିତ, ତୁଣୀର ସାୟକେ ଭରି ।

ବର୍ମହୀନ ଦେହେ ଗୁରୁ ଚର୍ମ ଦୋଳେ,
କଟି ତଟେ ଦୀନ ଖଡ୍ଗ-କୋଷ;
ଚର୍ମତଳେ ବିଶେ ତୁଣୀରେ ସାୟକ,
ବପୁ ଭେଦି ଦୀର୍ଘ-ଧନୁ-ବିକାଶ ।

ଭୁଂଗ ବପୁ ତୋଳି, ଆଗେ ସେନାପତି
ରଖଂନ୍ତି ବୃଷଳ-ସଇନ ସାଜି;
ଚମକେ ବୁଲଂନ୍ତି ଶଇଳ-ଶରଣୀ,
ସେନା-ଦଳେ କେବେ ଯାଆଂନ୍ତି ହଜି ।

୧୨୭ । ଧଂକସ = ଗଡ଼ର ନାମ । ୧୨୮ । ଟଂକ = ଦୁର୍ଗପତିର ନାମ । ୧୪୦ । ତିରସ୍ତ୍ରୀନ = ଟେର୍ଚ୍ଛ ।

ବାହାଣ୍ଡ ସେ ଏବେ ସ୍ଫୁରିଲେ ଚମକେ
ଗଜପତି-ଧ୍ୱଜ କାନନ-ମାଳେ;
ରଂଗିନ-ସ୍ତବକେ ସଜାଡ଼ି ରଖିଲେ
ଗୁଚ୍ଛ-ଧନୁ-ଗୁଣ ଶାଣିତ ଶରେ ।

ସୁଶିକ୍ଷିତ ବୀର ନରସିଂହ-ସେନା;
ଡରବେ କି ତୁଂଗ ସେ ଗିରି-ପାତେ ?
ସଂକୋଚ-ସରଣୀ ଭେଦି ଗିରି-ତଟେ,
ବାହାରିଲେ ଆସି ବିସ୍ମୃତ ପଥେ ।

ଉରସ୍ତ-ଚମକେ ବାହାରନ୍ତି ସେନା
ତପନ-ବିଭାସେ ଶ୍ୟାମଳ ବନୁ;
ଫର୍ବ-ନଭେ କିବା ଚଳ ରୁଷ-ପଂକ୍ତି
ବାହାରିନ୍ତି କୃଷ୍ଣ ଖଂଡିତ ଘନୁ ।

ଧାଡ଼ି ଧାଡ଼ି ଉଠେ ତରଙ୍ଗିଣୀ-ନଆଁ,
ଭାମସେ କିବା ସେ ପ୍ରାଂତର ପାରେ !
ବୃଷଳ-ସଇନ୍ୟ ବରଷନ୍ତି ଏବେ
ପ୍ରଚଂଡ ସାୟକ ଆଷାଢ଼-ଧାରେ ।

ତପନ-ସ୍ଫୁରଣେ ଚମକେ ଚପଳା
ତୀବ୍ର ଗନଗନେ ଶ୍ୟାମଳ ବନେ;
ସୁତୀର ଲଭି ସଜ୍ଜନେ ଖରଇ,
ନିନାଦେ ଗଇଳ କଠୋର ସ୍ୱନେ ।

ଚର୍ମ ବାଜ କେବେ ଝନ୍ ଝନେ ନିନାଦ,
ପଡ଼ଇ ସାୟକ ପଦାତି-ପଦେ;
ଅଶ୍ୱେ ଲକ୍ଷି ତୀର ଭଜେ, ବର୍ମ ବାଜ,
ଗୃଷ୍ଟ ହେ୍ରଷା-ରବେ ତୁରଂଗ ନାଦେ ।

ଠାବେ ଠାବେ ସାଙ୍ଗ ପଦାଳି ଗଡ଼ନ୍ତି,
ଲୁଡ଼, ଉଠିଯାଏ ସଇନ୍ଯ-ଧାରା;
ଶିଳା-ଚୂଳ ଭେଦି, ମାଡ଼ିଯାଏ କିବା
ଫେଣିଳ ତରଂଗ ସାଗର-ବେଳା !

ବର୍ମହୀନ-ବପୁ- ବୃଷଳ-ସଇନ୍ୟ
ଗୁ ହୁ-ଗ୍ରୀବ-ପରି ପଡ଼ନ୍ତି ଝଡ଼;
ଶୋଣିତେ ପାଟଳ ଶ୍ୟାମ ବନଭୂମି,
ସାଲୁକଟେ କେତେ ଯାଆନ୍ତି ଗଡ଼ି ।

ସେ ପତନେ ଦ୍ୱିଧା ହୁଅନ୍ତି ପଦାଳି
ଲଂଫନ-ଚମକେ ତୁରଗ ଚଳେ;
ଶୋଣିତ-କର୍ବୁର- ବିପିନ, ସେ କିବା
ନଶି-ତମ ସଂଧ୍ୟା-ପାଟଳେ ଝଳେ ।

ଟଂକ-ସହୋଦର ବରଷନ୍ତି ଟାଣି,
ନରସିଂହେ ଲକ୍ଷ୍ୟ ପ୍ରଚଂଡଶର,
ଅଲକ୍ଷ୍ୟେ କୁମାର କାଟନ୍ତି ଗଗନେ,
ନ ଭେଟଇ ତାହାଁ ବୀର-ଶରୀର ।

ଶର କାଟି, ପୁଣି କାଟନ୍ତି କୁଶଳେ
କେବେ ସେ ବୃଷଳ-ବିଶାଳ-ଧନୁ;
ଆନ ଧନୁ ଧରି, ଉଠଇ ବୃଷଳ
ଗରଜି, ଯେସନେ ବଗାଢ଼ ବନୁ ।

କୁହୁକଟି ଥିଲା ଟଂକ ବଡ଼-ବଳ
ଶୁଣିଛି ବଚନ କୁହୁକ କଥା;
ପଲିରେ ପଲିରେ ଥିଲେ ଅଭ୍ରଗୃହା,
କଂଦରେ କଂଦର ଶାର୍ଦୁଳ ଯଥା ।

---

୧୬୬ । କର୍ବୁର – ଚିତ୍ରିତ ।
୧୬୮ । ଅଭ୍ରଗୃହା – ସୌଂଧ୍ର ଜାଲିକ ।

କରୁଥିଲେ ସେହୁ ଉତ୍ସବେ ରଜନୀ,
ଧୂଳି ଫୁଂକ ଧୂମ୍ର କୁହେଳୀ-ଘଟା;
ତୁଂଗ ଗିରି-ଚୂଳେ ତୃଷ୍ଣ ନପା ମେଘ
ଉଦକେ ଶୋଷଣ ଛଟିମା-ପଠା ।

କାନନ କାଂଚାର କରୁଥିଲେ ସେହୁ,
ବିଶାଳ ବାରିଧି ପଲକେ କଚା;
ମାଧବ-ସୋହାଗ ନାଚୁଥିଲା ତହିଁ
ବିକାଶି ଧବଳ ଡିଂଡୀର-ବଂଶ !

ଶୁଭ୍ର ନଭ-ଗାଲ ଟେକ ଗିରିମାଳା,
ଉଠୁଥିଲା ତହିଁ ବୋଇତ-ସମ,
କୁହକେ ପଲକେ ରମୁଥିଲେ ସେହୁ
ଯୋଜନ-ବିସ୍ତାରି ଅଗମ୍ୟ ବନ ।

ସେ କୁହକ ଆଜ ଧ୍ୱଂସ-ନବରେ
ରତ, ଅଭିଗ୍ରସ୍ତ ଯାଉଛି ହାରି;
ସ୍ମରି ନରସିଂହ- ତପନ-ତେଜସେ,
ନେତ୍ର କଂପା ତାର ପଡ଼ୁଛି ଧାରି ?

ମଂଚ ପଡ଼ି, ଧୂଳି ଦେଉଅଛି ଫିଂଗି,
ଯାଉଛି ସେ ଧୂଳି ସମୀରେ କାନ୍ଦି;
ଗଜପତି-ସେନା ଦେଖୁଛି ନରେଶ,
ଶଂଖ-ଚକ୍ର-ଚିହ୍ନ ଦିଶୁଛି ତହିଁ ।

ଅଭିଗୃର-ନାଶେ ମୁଂଡକାଟ-ବଧି,
ଟଂକଳ-ପ୍ରକୃତି ସେ ଟଂକ ବୀର;
ଅଭିଗୃର-ମୁଖେ ଗୃହାଂତ ତରାସେ,
ନ ବାହାରେ ସ୍ୱାମ-ଆଦେଶ-ସ୍ୱର ।

ସେହି ସେ ତରାସେ ଦେଖଂତି ଏବେ ସେ
ତଟେ ଗଜପତି-ଗଜ-କେତନେ;
ପାଂଶୁଳ କମଳେ ବର୍ଷିତ ନୟନ
ସ୍ଥିର, ସେ କି ଫୁଟି ତାରକା ସନେ ।

ଆତଳ ମଲ୍ଲେ ପୂର୍ଣ୍ଣ-ଚନ୍ଦ୍ର-ଗ୍ରାସେ
ଓଷ୍ଠ-ବିଂବ-ରୁଚି ବିକାଶେ ମୁଖେ;
ଲହରେ ଲହରେ ନରସିଂହ-ସେନା,
ଉଠଂତି ଶଇଳେ ପାଶୋଧି ସୁଖେ ।

ଝୁଟି ମିଶିଗଲେ ଦୁଇସେନା, ଏବେ
ଉରଗ ଖଣ୍ଡରେ ଫିଟିଲା ରଣ,
ବଲମେ ପଡ଼ିଲେ ଗୁରୁ କୁଷଳକେ,
ଗିରି ତଟେ ଶୁଭେ ଝନ୍‌ଝନ୍ ସ୍ୱନ ।

କୁଷଳ-ମୁକୁଟ- ସେନାପତି ଏବେ
ନରସିଂହ-ଘାତେ ପଡ଼ିଲେ ରଣେ,
ପରାଣର ଆଶା କରିତ,ମିଶିଲେ
ଉତ୍କଟ କୁଷକେ ଅଗ୍ନି-ସନେ ।

ଶିର-ଘାତେ କାହିଁ ନାଚଇ କବନ୍ଧ,
କରେ ଗୁରୁ ଅସି ଚମକେ ଚଳେ,
ତରାସେ ଗୃହାଂତ ତରୁଲତା ବନେ,
ତରାସ-କଂପନେ ପ୍ରଶତରୀ ଜଳେ ।

ଝଡ଼ଗ ତପନେ ଜକଜକ ଉଠେ,
ଶତ-ରଶ୍ମି-ଲେଖା ବିକାଶେ ବନେ;
ସ୍ଥରେ ସ୍ଥରେ ମାଜ କାଂଥ-ମେଦ-ଚୂଡ଼ା,
ଚପଳା ଫୁଟଇ ବାରୁଣୀ-ଘନେ ।

---

୧୭୯ । ଟଂକଳ = ବୃକ୍ଷ ।    ୧୭୨ । ଡିଂଡୀର = ଫେଣ ।

୧୮୦ । ପାଂଶୁଳ = ପଉଁଶିଆ ।

୧୮୯ । କବନ୍ଧ = ମୁଂଡଶୂନ୍ୟ ଶରୀର । ଅତି ଉନ୍ମାଦନରେ ଯୁଦ୍ଧ କଲାବେଳେ ମୁଂଡ କାଟିଦେଲେ ମଧ୍ୟ ହାତ ଗୋଡ଼ କେତେବେଳଯାଏ ପୂର୍ବପରି ଚଳୁଥାଏ ।

ସେହି ସେ ବାରୁଣୀ- ପାଟଳ-ବସନେ
ଶୋଣିତ ଧୂଆଇ କାନନ ଭୂମି;
ଦିନମଣି ଏବେ ବାରୁଣୀ-ଲଲାଟେ,
ପାଟଳେ କନକ ମିଶାଇ ପୁଣି ।

କିଏ ସେ ଦେଖିବ ଏ ମୋହନ ଛବି,
ଶୋଣିତର ଧାରା ବହୁଛି ଯହିଁ ?
ଧ୍ୱଂସ-ଦୁଆର- ଟଂକ-ପରଶରେ
ନର-ରକ୍ତ-ପଂକେ ଲୋହିତ ମହୀ ।

ସେ ପଂକେ ପଦାନ୍ତ ପାଦୁକା ଭଂଗାଇ
ଚମକେ ବାନ୍ଧିଲେ ବୃଷଳବରେ,
ଟେକିଣ ସାରା, ଟଂକେ କରି ବଂଧା,
ନରସିଂହେ ଆଣି ଭେଟିଲେ ଖରେ ।

ନୁଆଁଇ ବଦନ ରହିଲେ କୁମାର,
କ୍ଷଣେ ନିସ୍ତବଧ ସଇନ-ରୋଳ,
ପଯାଁଣ ବରଜ, ଓହ୍ଲାଇ ଭୂତଳେ,
କୋମଳ ବଚନେ ଭଣିଲେ ଗିର—

"ସାର ଭୁଂଭେ ଟଂକ, ଜାଣିଲି ମୁଁ ଆଜ
ରହିନାହିଁ ଗଡ଼-ଦୁଆର ରୋଧି,
କୁହକ ଆଦରି, ଦସ୍ୟୁ-ବୃତ୍ତି ଧରି,
କି ପାଇଁ ଏସନ କରି ହେ ବୁଦ୍ଧି ?

ଉଜନ୍ମା-ତାମସେ ଲୁଚି, କରି କଂପା
ପରଜା-ସଂପଦ-ଲୁଂଠନ ବ୍ରତ ?
ସାରଣ୍ଡ-ଗରବେ କପାଇଁ ହେ ତବ
ନୁହଇ କ୍ଷତ୍ରିୟ-ଧରମେ ମତ ?

ପର-ଧନ ହରି, କାନନେ ବିହରି,
ନ ମାନ ରାଜନ; ନ ମାନ ବିଧି,
ପୂରୁଣ-ଉତ୍କଳ- ସାମଂତ-ଦାୟାଦେ
ମାନୁଛ କି ସାର ଏ ମାତ ସିଦ୍ଧି

ବିଭବ-ତସ୍କର- ଅପଯଶ ଲଭି,
ପର-ଧନେ କଂପା ପିପାସା ତବ ?
ସ୍ୱଳ୍ପ-ନିଜ-ଧନେ ଗୃହ-କୋଣେ-ରହି,
ମଣ ବାଟି ସିନା ସାର-ବିଭବ !"

ମଥା ପୋଡ଼ି ଟଂକ ଶୁଣୁଥିଲେ ଏତେ,
ଗରବେ ରହିଲେ ବଦନ ତୋଳି,
ଦପ ଦପି ଉଠେ ତାମ୍ର ଭାଲପଟ,
ସତେ କି ଅବଜ୍ଞା-ରଭସେ ଜଳି !

ବିସ୍ତାରିତ ନେତ୍ର କୁଂଚିତ ଅଲପେ,
ଗରବ ପ୍ରକାଶେ ନୟନ-ତାରା,
ଅଜେୟ ହୃଦୟ ଫୁଟଇ ଲପନେ,
ଦୁର୍ଦିନେ ଯେସନ ପ୍ରାଂତର-ଧାରା ।

ଅନାଦର-ବ୍ୟଂଜୀ ଧୀର ଗମ୍ଭୀର ସ୍ୱରେ
ଅଲପେ ଅଲପେ କହିଲେ ବୀର—
"ମୁଂଡକାଟ ସିନା ହେବ ବାକି ଅଛି,
ନାହିଁ ରହିଁ ମୋର ଶଙ୍କେ ହେ ଡର ।

ଯାଇଛି ବିଭବ, ଛୁଟିଛି ଗରବ,
ଯିବ ତ ବିଶାଳ ଶ୍ୟାମଳ ଧରା;
ଯାଇଛଂତି ଏହି ପ୍ରିୟ-ଜନେ ଯହିଁ
ପ୍ରାସାଦ ମୋହର ସେ-ଦେଶ କାରା ।

କିଏ ସେ ତସ୍କର କୁମାର ଏ ଦେଶେ,
ପର-ଧନେ ବଳେ କାହାର ମତି ?
କାହା ଧନ ଭୁଂଜି ରହିଛ ଏ ଭୂମେ,
ଭୁଂଭେ ପରା ଚୋର-ଗଂଗ ସଂତତି ?

ବ୍ୟାଘ୍ର-ରାଜ-ଜନେ ଯାଇଥିଲେ କି ସେ
ଗୋଦାବରୀ ଡେଇଁ କେରଳ-ଦେଶେ ?
ଉତ୍କଳ-ସଇନ ପଶିଥିଲେ କହେ
ତବ-ପିତୃ-ପଦ-ସଂପଦ-ନାଶେ ?

୨୧୧ । ବ୍ୟାଘ୍ରରାଜ ( ପ୍ରଥମଖଣ୍ଡ ୩୨୭ ଧାଡ଼ି ଟୀକା ଦେଖ ) । ଗଂଗବଂଶର ଆଦ୍ୟ ପୁରୁଷ ଚୋଡ଼ଗଂଗ ଦକ୍ଷିଣଦେଶରୁ ଆସିଥିଲେ । ପ୍ରଥମଖଣ୍ଡ ୩୬୮ ଧାଡ଼ି ଟୀକା ଦେଖ ।

କାହା ନିମନ୍ତ୍ରଣେ ଆସିଥିଲ ଏଥି
ନିସ୍ୱାର୍ଥ-ପରଜା-ଶୋଣିତ-ପାନେ ?
କି ସ୍ୱତ୍ତ୍ୱେ କହୁଛ, ତବ ରାଜ୍ୟ ଏହି
ଧଂକସନବର, ଏକାମ୍ରବନେ ?

ବିଜନ କାନନ କେଉଁଠାରେ ଘଟାଇ
ଆମ୍ଭ ପିତାମହେ ରହିଲେ ଏଥି,
ମୁଣ୍ଡି-ଝାଳ ତୁମ୍ଭେ ମାରି, ଅରଜିଲେ,
ଥିଲ କହେ ତୁମ୍ଭେ ତାହାଙ୍କ ସାଥୀ ?

କାହା ଧନେ ଏବେ ନବତଳ ହର୍ମେ
ମହାନଦୀ-ତୀରେ ଟେକିଲ ପୁର ?
ବଳେ ଅହପରି କାହା ଶ୍ରମ ଫଳ,
ବିଳାସ ବିରଚି, ବୋଲାଅ ବୀର ?

ତେର-ନଦୀ-ପାରେ କାହିଁ ଥିଲ ଆସି,
ବୋଲ ଦେଶ-ଜନେ ତସ୍କର ହୀନ,
ବିଳାସେ ନଅଣ୍ଟ ହେଲେ କର-ଧନ,
ଦୁର୍ବଳ ପୀଡ଼ନେ କରୁଛ ଋଣ ।

ଦେଶ-ଲୋକ-ସୁଖେ ଧର ଘର ଧନୁ ?
କେଉଁ ଦେଶ ଲୋକ ଧଂକସ-ବୀରେ ?
ନ ଥିଲଟି ଯେବେ ଆସି ଏ ବିପିନେ,
ଯାଇଥିଲେ କି ସେ ଏକାମ୍ର-ପୁରେ ?

ପରଜାଙ୍କ ସୁଖ ଜାଣ ତୁମ୍ଭେ ସବୁ
ମଣୁଛ, ପରଜା ନ ଜାଣେ କିଛି;
ପ୍ରଜା-ମନ୍ତ୍ର-ଗନ୍ତ ବୁଝିବାକୁ ଡାକ,
ଚତୁର ସ୍ତାବକ ବଂଚକେ ବାଛି ।

ଏହି ତ ଜଗତେ ଧର୍ମ ବୁଝାମଣା,
ବଳଅଛି ଯାର, ଲୁଣ୍ଠ ସେ ସ୍ୱୈର,

ଏହି ତ ତୁମ୍ଭର କ୍ଷତ୍ରିୟ-କରମ,
ଏଥିରେ ତ ତୁମ୍ଭେ ବୋଲାଅ ବୀର ।

ଭଜିତ ତ ମୁହିଁ, କି କହିବ ଆଉ ?
ତସ୍କର ତ ଏଥି ଘରର ପୁଅ,
ବିଦେଶୀ ତସ୍କରେ ଶୋଷି ପ୍ରଜାଧନ,
ବୋଲାନ୍ତି ଜଗତେ ତୁମ୍ଭ କ୍ଷତ୍ରିୟ ।

ଆହାରେ ଦଇବ, କି କଲୁ ତୁ ସତେ,
ଘର ବୋଲିବାକୁ ନ ଫିଟେ ସ୍ୱର !
ଏ ନୀଳ ବିପିନ ଶ୍ୟାମଳ କେଉଁଠାରେ
କେତେ ପୁର ପଲ୍ଲି ହେଉଛି ଜୁର !

ଅନାହାରେ ମରେ କୃଷକ ମଣ୍ଡଳେ,
କିଏ ଜାଣୁଛି ତା' ବେଦନା ତଳେ !
ରାଜ-ଜନ ବୋଲି ବଂଚକ ତସ୍କର
ବୁଲୁଛନ୍ତି ଗ୍ରାମ ବିପିନ ବଳେ !

ଯାଅ ମହାନଦୀ, ବହି ପାରାବାରେ;
ଭଙ୍ଗେ ଚୁମ୍ବି ପଦେ ସେ ରାଜପୁର;
ବିଦେଶୀ-ତସ୍କର- ଦସ୍ୟୁ-ପଦାଘାତେ
ପ୍ରସାର ଉତ୍କଳ-ଜନନୀ ଉର ।

ଜନମ୍ମ ଜନମ୍ମ ବୋଲୁଥିଲ ତୋତେ;
ରଖି ନ ପାରିଲି ଗରିମା ତବ;
ଶତ-ନଦୀ-ଧାରେ ଲୋତକର ଧାର
ଦେଖି, ଯାଉଅଛି ଛାଡ଼ି ଏ ଭବ ।

ଶ୍ୟାମଳ କାନନେ ଖେଳାଇଲୁ ମାତ,
ବଢ଼ାଇଲୁ ଦେଇ ଜୀବନ-ପୟ,
ହେଲା ତୋ ସଂପଦ ତୋହର ଉତାଣି,
ସଂତାନେ ଯୋଟିଲା ତସ୍କର-ଭୟ ।

ଜନମ-ଭୂଇଁ ତୁ ଜନମୀ ମୋହର
ଜୀବନେ କେସନେ ଭୁଲିଂବି ତୋତେ ?
ଯାଉଛୁ ବରଜ, ଦିଅ ମା ବିଦାୟ,
ଅଳ ଝଳ ମୋର ସହିଛୁ କେତେ;

ତୋହର ହୃଦୟୁ ଚିର ମୁଁ ଖାଇଛି,
ପିଇଛି ତୋହରି ଜୀବନ-ଧାର;
ତେବେହେଁ ହୃଦୟେ ରଖିବୁ ଆଦର
ମରଣେ ଏ ମୋର ଶରୀର-ଭାର ।

ବିଦେଶ ତ ମୁହିଁ ଯାଇନାହିଁ କେବେ,
କେମଂତେ ଜାଣିବି ବିରହ-ଖେଦ;
ଖଂଡେ ଦୂର କେବେ ପାଠଧିରେ ଗଲେ,
ଭୁଲି ନ ପାରଇ ତୋହର ସଂପଦ ।

ଚିରଲାଗି ଏବେ ଯାଉଅଛି ମୁହିଁ
ସେ ଦେଶେ, ସେ ଦେଶୁ ଫେରଂତି ନାହିଁ,
ନରପୁରେ କି ନଭେ, ସ୍ୱରଗେ କି ତଳେ;
କେମଂତେ ସେ କଥା ଜାଣିବି ମୁହିଁ ?

ତୋତେ ଛାଡି କେଉଁ ସ୍ୱରଗେ ରହିବି,
ଅଂନତ-ବିରହ-ଅନଳେ ଜଳି ?
ନାହିଁ କି ନରକ ଏ ବନେ କୁମାର ?
ଦିଅ ମୋତେ ସେହି ନରକେ ପେଲି ।"

ବିଶାଳ-କଂଚୁକ- ବିସାରେ ବଶିଲି
ବୀର-ମଦ ଫୁଟି-ସେ ନରସିଂହେ;
ଶୁଣି ଏ ବଚନ ପ୍ରାଣ-ଅସଂଭାଳେ
ଆଲିଗିଂଲେ ସେହି ଧଂବସ-ସିଂହେ ।

ସ୍ୱ-ଚ୍ଛ-ବୀର-ଧର୍ମେ ମିଶିଲା ବିବେକ,
ମିଶିଲେକ ସବେ ଲାବଣ୍ୟେ ଜ୍ୟୋତି !

ଶ୍ୟାମଳ କାନନେ ଶାରଦ ଚାଳନ,
ଇଂଦ୍ରନୀଳେ କିବା ମିଶିଲା ମୋତି !

ଫୁଲ୍ଲ ଶତଦଳ ସତେ କି ପଲକେ
ଶିକ୍‌କଣ ପଲ୍ଲବେ ପଡ଼ିଲା ଢଳି !
ଗୁହିଁଲା କାନନ, ଗୁହିଁଲେ ସଜନ,
ବିସ୍ମୟ-ମଣ୍ଡନେ ବଦନ ତୋଳି !

ବାରୁଣୀ-ପାଟଳ- ବିଳାସେ ଧଂବସ
ପ୍ରହରୀ-ମଂଦରୁ ଦେଖିଲା ଗୁହିଁ;
ବନ-ପ୍ରତିବିଂବ- ବିସ୍ମୟ-କାଂଚନେ
ସୁଦୂରେ ତଟିନୀ ଦେଖାଇ ରହି ।

ସେ ମିଳନେ ଫୁଟି ବିମଳ ପୀରତି,
ଭାସିଗଲା ବନ, ଭାସିଲା ଧରା;
ଉନ୍ମାଦ-ଉଲ୍ଲାସେ ଭାସିଲେ ସଜନ
ମୁଂଜରେ ଉଠିଲା ଉଜ୍ଜଳ ସାରା ।

ସେ ଉଲ୍ଲାସ-ଧାରେ କମ୍ପି ମହାନଦୀ,
ଥର ଥର ଗୁହେଁ ଧଂବସ-ଚୂଳେ;
ସେ କଂପନ-ଲୀଳା ନଗୃଇ ସଗରେ,
ଯାଏ ବାରବାଟୀ-ସଉଧ-ମୂଳେ ।

ମିଶିଯାଏ ଯାଇ ମହାପାରାବାରେ
ବିଶାଳ-ମହିମା-ଅନଂତ-ଗାନେ;
ଏକାକାର ସହିଁ ଭୁଲି ଜଳ-ନାସ୍ୟ
ଗିରି-ବନ-ଗଡ଼-ସଉଧ-ସନେ ।

ଏକାକାର ହେଲା କଟକ ଧଂବସ,
ଏକାକାର ହେଲା ବିପିନ ଥଳ;
ଏକାକାର ହେଲା ଗିରି ଟଂକ ବେଳା,
ଉତ୍କଳେ ମିଶିଲା ଧଂବସ-ବଳ ।

ଶୈଳ-ଜୀବନ ମହାନଦୀ-ଧାରେ
ବହିଲା ଅନୂପ-କେଦାରେ ସୁଖେ;
ବେଳା-ଭୂମି ଭେଦି ସୁଖେ ବହେ ବାତ,
ମାଲ୍ୟଗିରି-ମାଳ-ଜଟିଳ-ଶିଖେ ।

କାଳ-କର୍ମେ କେତେ ଉତ୍ଥାନ ପତନ
ଭଂଗା ଗଢ଼ା ଭେଦି ପୁଣ୍ୟ ଗରବେ,
ଧଂକସ-ଗଡ଼ ସେ ସ୍ୱର-ପରିଣାମେ
ଢେଂକାନାଳ-ନାମେ ରାଜଇ ଏବେ ।

ସେ ଧଂକସ-ଗଡ଼େ ରହିଲେ କୁମାର,
ସୋଦର-ମମତା ସଂଭ୍ରମ ଲଭି;
ଯାର ଟଂକ-ସ୍ୱରେ ସରସ ପୁଲକେ
ଗଲେ ସେ ମହତ କୃଷକେ ଧ୍ରୁବ ।

ସେହି ବନୁ ଟଂକ ମହାନଦୀ-ପାରେ
ରହିଲେ, ଥପିନେ ପରଜା ପାଳ;
ଗରଜେ ଆସଂତ ଗଜପତି-ପୁରେ,
ସ୍ୱଦେଶ-ଭାରତ-ମଂଗଳ ଗାଳ ।

ସେ ମଂଗଳ-ଜ୍ୟୋତି- ଥକାଶେ ଛୁଟିଲା
ଉଜ୍ଜଳେ ତାମସ-ତସ୍କର-ଭସ୍ମ;
ପରାଣେ ମାତତା ରହିବ କେତେ ସେ,
ମହା ଆଦରଣେ ଲାଗିଲେ ଲସ୍ମ ।

ଏହି ତ ଫୁଟଂତ ଖଦ୍ୟୋତ ଗଗନେ;
ଦିବସ-ଦୀପନେ ଦଶିବେ କସେ ?
ଦରେ ଶ୍ରମ-ନଦୀ ଝଂଗେ ଶିଳା ଲୁଚ,
ଅଂବୁଧି-ବସାରେ ମାଳମେ ମିଶେ ।

ସେ ମହା ବସାରେ ଖେଳିଲା ହୃଦୟ
ଟଂକ ନରସିଂହେ ଉଚ୍ଛ୍ୱାସ ପୂରେ;
ସାତ ଦିନ ରହି ସୋଦର-ସଂଗରେ,
ଫେରିଲେ କୁମାର ଏକାମ୍ର-ପୁରେ ।

ମିଶିଥିଲା ମହା- ଥପିନେ ଏକାମ୍ର
ଏହି ମହାନଦୀ-ପୁଳନେ ଆସି;
ଶିଖରେ ଶିଖରେ ଗିରି-ଦୁର୍ଗ-ମାଳା
ଶୋହୁଥିଲା ତହିଁ ତପନେ ହସି ।

ଦୁର୍ଗ ପରିସରେ ଶ୍ୟାମଳ କେଦାର
କାନନ-ସଂକୋଚେ ଦେଖାଏ ସୀମା;
ଟିସ୍ଲାଗିର କସେ ଦର୍ପର ସଂକୋଚେ ?
କ୍ଷୀରାବ୍ଧି ଭେଦି କି ବିକାଶେ ରମା ? ୨୯୦

ଦୁର୍ଗ-ପତି-ଲୀଳା- ଉପବନ ଭେଦି,
ବହୁପାଏ କାହିଁ କୁଟିଳ ଝର;
ସଲିଳ-ପ୍ରସାରେ ଶ୍ୟାମବନେ ପଶି,
ସିଂଚଇ କାନନ-ପାଦପ-ମୂଳ ।

କାହିଁ ପୁଣି ଝର ମେଦୁର ପ୍ରପାତେ,
ବହଇ ରସାଳ ପନସ ତଳେ;
ଦେବ-ଦେବୀ-କୁଳ ନବସଂତ ତହିଁ,
ପଖାଳ ଶ୍ରୀଅଂଗ ଶୀକର-ଜଳେ ।

ଦୁର୍ଗେ ଦୁର୍ଗେ ଭେଟି ସେ ବନେ ସାମଂତେ,
କଲେ ସଂଭାଷଣ ପାରିଧି-ରସେ;
ପଦାତି-ସଂଘଦେ ତୁରଂଗ-କଦଂବେ
ମାଳ ବନ ଫୁଟେ ଶବଳ ହାସେ ।

୨୯୩ । ଓଡ଼ିଶାରେ ଏପରି ପର୍ବତଝର-ପାଖେ ଆଂବ ପଣସ ବଗିଚ୍ଚାରେ ଦେବଦେବୀଂକର ଅଧିଷ୍ଠାନ ଅନେକ ସ୍ଥଳରେ ଆଦ୍ୟାପି ରହିଅଛି । ଖୋରଧାର ବରୁଣେଇ ତାହାର ଉଦାହରଣ ।

ପ୍ରଭାତେ ପ୍ରଭାତେ ଉଠିଲା ତପନ,
ଗୁଞ୍ଜଣି ବଭଜ, ଉଠିଲେ ସାରେ,
ସ୍ବର୍ ବଦନେ ଆସି ଅରୁଣ-ବସନେ
ଉଠିଲେ ବରୁଣୀ-ଶଇଳ-ଚୂଳେ ।

ଇନ୍ଦ୍ରନୀଳମଣି- ମୋହନ ସୀମନ୍ତେ
ଉତ୍ତରେ ଶ୍ୟାମଳ ବିପିନମାଳା;
ଧୂମ୍ର ମେଘାସନ ମାଳ୍ୟଗିରି ତହିଁ
ଉଠିଥିଲା, ଟେକି ଉନ୍ନତ ଚୂଡ଼ା ।

ନବ୍ୟ-ଉରଗ- ଦଧିଭଦ୍ରା-ଧାର
ଚୁମ୍ବଇ ପଶ୍ଚିମେ ରଜତ-ହ୍ରଦ;
ଗାଢ଼ଳ ସୋଲର ମଣିନାଗ-ଶିଖି
ଉଠିଥିଲା, ଭେଦ କାନନ-ହ୍ରଦ ।

କାର୍ତ୍ତିକ-କେଦାର- କନକ-ବିତାନ-
ପ୍ରାନ୍ତେ ହସୁଥିଲା ରଜତ-ବେଳା;
ଶ୍ରୀଫଳ-ନିକୁଞ୍ଜ- ପୁଞ୍ଜିତ-ତାମସ-
ପ୍ରସାର ସେ ଜବା ସାଗର-ଲୀଳା !

ଲଙ୍ଘନ୍ତି ପୂରବେ, ଖଣ୍ଡଗିରି ଭେଦ
ଏକାମ୍ରନଗରେ କାନନ-ଶିଖ;
ଏକାମ୍ର ମନ୍ଦିର ଅରୁଣେ ଝଲକ,
ହିଶୂଳେ ଚୁମ୍ବଇ ସେ ଖଣ୍ଡଗିରି ।

କ୍ଷୀଣ-ଦୟା-ଧାର- ଶୀକରେ ମାରୁତ
ଛୁଆଁଇ ଧଉଳ-ଟଙ୍କଳ-ଚୂଳ,
କମ୍ର ଗୀତ-ଭଙ୍ଗେ ଦୋହଲି, ଖେଳାଏ
ବଳକ୍ଷ କେତନେ ବଡ଼ଦେଉଳ ।

କୁଞ୍ଚିତ ନୟନେ ଦେଖିଲେ କେତେ ସେ,
ଅନୁମାନେ କେତେ ଦେଲେ ମିଶାଇ,
ଲକ୍ଷ୍ୟ ସେ ଦେଉଳ, ବଉଳ ବରୁଣୀ,
କାନନ-ବସାରେ ମିଶିଲେ ଯାଇ ।

ପାରିଧି-ବିଳାସେ ମାତିଗଲେ ସାରେ,
ଦଳେ ଦଳେ ଗଲେ କାନନେ ଲୁଚି;
ଦିବା-ଅପଗମେ ରସାଳ-ନିକୁଞ୍ଜେ
ଆସି ମିଳିସିଲେ, ଗୁଞ୍ଜଣି ଋଚି ।

ଦେଖିଲେ ସେଠାରୁ ସେ ଖର ଟଙ୍କ-ଭୂମି,
ଫିଟାଇଛି ଉରେ କେଦାରମାଳା;
ସଂକୋଚେ ଝରଇ ଥର ଥର ତହିଁ
କମ୍ର ଗିରି-ଝର ଉଷର-ବାଳା ।

କମ୍ରତର-କଳା- ମୋହନ-ସୁହାସେ
ଚନ୍ଦ୍ର ଦେବାଳୟ ବିପିନ ତଳେ;
ଉପଳେ ଫିଟିଛି ମୋହନ ସରସୀ
ସୁରସ-ସଲିଳ-ବିମଳ-ଝରେ ।

ସେଠୁ ସେ ବିମଳ ଝରଣା ସରସୀ
ଭେଦି, ଯାଉଥିଲା କାନନେ ବହି;
କେଶରୀ-କୀରତି- ମନୋହର-ପୁଷ୍ପ-
ହାସେ ହସୁଥିଲା କାନନ-ମହୀ ।

ମନ୍ଦିରେ ମନ୍ଦିରେ ପୂଜି ମହାଦେବ,
ସହକାର-କୁଞ୍ଜେ ନାଗର ଜନେ
ପଶୁଥିଲେ କେବେ ବିହାର-ବିଳାସେ,
ଗୁଢ଼ ସେ ନିକୁଞ୍ଜ, ଜଟିଳ ବନେ ।

---

୩୦୧ । ଦଧିଭଦ୍ରା = ଦୟା; ଚଳିକାରେ ପଡ଼ିଅଛି । ୩୦୨ । ବାଣପୁରର ବହୁ ଶିଖର-ମଣ୍ଡିତ ସୋଲର ଓ ରମ୍ଭାର ମଣିନାଗ ପର୍ବତ ବରୁଣେଇରୁ ଦେଖାଯାଏ ।

୩୦୮ । ବଳକ୍ଷ = ଧବଳ, ଧଳା ( ୧ମ ସଂସ୍କରଣରେ ଥିଲା, 'ଲୋହିତ' ) ।

୩୧୨ । ପ୍ରାଚୀନ ଭୁବନେଶ୍ୱର ଆମ୍ବତୋଟା ନାମରେ ପ୍ରସିଦ୍ଧ ଥିଲା । ୩୧୭ । ଗୌରୀକୁଣ୍ଡ ପ୍ରସ୍ରବଣ ବର୍ତ୍ତମାନ ରହିଅଛି ।

ସେହି ସେ ନାଗର- ବିହାର-ବେଶରେ
ବାହାରିଲେ ବନେ କୁମାର ବୁଲ;
ପ୍ରଦୋଷ-ସମୀରେ ଉରସ୍ତ୍ର-ପୀଡ଼ନ
ଗୁରୁ-ଶିରସ୍ତ୍ରାଣ-କ୍ଳଦନ ଭୁଲ ।

କାନନ-ସମୀର- ତରଂଗ-ଇଂଗିତେ
ଖେଳଯାଏ ତଳ ସରସ ସ୍ମୃତି;
କନକ-ତପନ- ଦଗଂଚ-ବିଭାସେ
ଫୁଟି ଉଠେ କିବା ଭବିଷ୍ୟ-ଜ୍ୟୋତି !

ବନସ୍ଥ-ସରସ- ପବନେ ପଡ଼ଇ
କେବେ କେବେ ଟଂକ-ଖାରଭ୍ର-କଳା; ୩୨୫
ସରସ ଜୀମୂତେ ବିକାଶଇ ସେ କି
ଗଂଭୀର-ମୋହନ-ଦୁର୍ଦ୍ଦିନ-ଲୀଳା !

ଶାରଦ ବିମଳ କାନନ-ପ୍ରସାରେ
ତରୁଣ ପବନ ଯାଉଛି ଖେଳ;
ସୁରୁଭ୍ରମ-ସୁଧା- ସୁରଭି-ସମୀର
ଆରାମ ଦିଆଇ ଶ୍ରୀଅଂଗେ ବୋଳ ।

ସେ ଆରାମେ ଖାର ନ ଲଭଂତି ସୁଖ,
କି ଭାଳଂତି ମନେ, ନ ହୁଏ ଜାଣି;
ମୋହନ ସ୍ତବକ ତୋଳଇ ଶ୍ରୀକରେ,
ସୁହାଂତି ସେ କେବେ ସୁମନ ଗଣି । ୩୩୦

କୂଜନେ ଆସଂତି ପତନି-ଯୁଗଳ,
ମାଡ଼ି-କୋଳେ ଉଡ଼ି ଗହଳ ଶାଖେ;
ଭ୍ରମର ବ୍ୟଜନ ଧରି ପରିଜନେ,
କରଂତି ସେବନ ଆରାମ ସୁଖେ ।

ଅନ୍ୟ ମନେ ସବୁ ଦେଖଂତି କୁମାର,
ନ ଗୃହିଁ ଗୁଲଂତି ବିପିନ-ପଦେ;
କେବେ କେବେ ମାତ୍ର ବିହଗ-ଦଂପତି-
ସୁଖ-ସଂଭାଷଣେ ଶୁହାଂତି ମୁଦେ ।

ସେ ମୁଦେ ବିରସ ହସଂତି ପଲକେ
ଫେରି ପୁଣି ଥରେ ଗୁହାଂତି ଚହିଁ, ୩୩୫
ପରିଜନେ ପାଶେ ନ ବୁଝଂତି କିଛି
ଆଗମେ ସରଣୀ ଯାଆଂତି ବହି ।

ଆଚଂବିତେ କାହିଁ ସେ ସରଣୀ ଭେଦ
ଘନ କୁଂଜ ଗୁଡ଼ି ଆସିଲେ ବାଳା;
ଶ୍ୟାମଳ କଂଦର ଭେଦ ସେ ବାହାରେ
ସତେ କି କନକ ଚଟିମା-ଧାରା !

ଗୁହିଁଲେ କୁମାର, ରହିଲେ ଚମକ
ରହିଗଲା କପାଁ ଚଳନେ ପଦ;
ଚମକେ ମରମେ ଥରିଲା ଶ୍ରୀଅଂଗ,
କୁମାରେ ଫୁଟିଲା ରୋମାଂଚ-ମୁଦ । ୩୪୦

ସେ କନକ-ଧାରା ନରସିଂହେ ଭେଟି,
ସହସା ସ୍ତିମିତେ ରହିଲା ସ୍ଥିର;
ଭେଟି ଗୁରୁଶିଳା, ରହେ ନଦୀ ଯଥା,
ସଂଭାଳି ଚପଳ ତରଂଗ-କର !

ତରୁଣୀ ଲଲାମ ଗୁଲୁଥିଲେ ଆଗେ,
ତରୁବକ୍ଷେ ଗଲେ ସରମେ ଲୁଚି;
ପରିଗୃହୀ-ମୁଖେ ପ୍ରଣାମ ଜଣାଇ
ଅଲପେ କୁମାରେ କୁଶଳ ପୁଚ୍ଛି ।

---

୩୨୩ । କ୍ଳଦନ = କ୍ଳେଶ ।

ଶିଶୁପାଳ ଦୁର୍ଗ- ଲୀଳା ଉପବନ
ଜାଣିଲେ କୁମାର ସେ ବନସ୍ଥଳୀ, ୩୪୫
ଭରସି କହିଲେ କୁମାର, "ସେ ହିଁକ
ଯାଇଛନ୍ତି ଏବେ ସମରେ ହାରି ।"

ସାଧ୍ୱସ-ମଣ୍ଡନେ ରହିଲେ କୁମାରୀ
କେତେକାଳେ ଗଲେ ଫେରାଇ ମୁଖ;
କେସନେ କହିବ ? କି ଭାବେ କୁମାର
ନିରେଖିଲେ ସେହି ସରମ ସୁଖ ?

ଚଳିଲେ ତରୁଣୀ, କେତେ ବ୍ୟାଜ ଧରି,
ପଛେ ଫେରାଇଲେ ଲପନ-ବିମ୍ବ;
ନରସିଂହ-ହୃଦ ବରଜ ବିରହ,
କାନନ-ବିସାରେ ବହିଲା କିବା ! ୩୫୦

ପରିଜନେ ଥିଲେ ବିସ୍ମୟେ ଚାହିଁଲେ,
କୁମାରେ ଏ ନାରୀ-ସମ୍ଭାଷ ଲକ୍ଷି;
କରମ-କଠୋର ବୀର ନରସିଂହେ
ଏ ଭାବ କେବେ ସେ ନ ଥିଲେ ଦେଖି ।

ବୟସ୍ୟ ସ୍ୱଜନେ ସେହି ଉଦ୍ୟାନରେ
ଥିଲେ ମାତ୍ର ଯାହା କୁମାର କହି,
ଉତ୍ସବ-ନିଶୀଥେ ଭୀଳ ହୋଇଥିଲେ,
ରାଜନ ମନ୍ତ୍ରୀ-ମନ୍ଦିରେ ଯାଇ । ୩୫୪

---

## ଚତୁର୍ଥ ସର୍ଗ

ଯଉବନ ଜଳେ ଅନନ୍ତ ବିଭବେ,
ତରୁଣ ବିକାଶେ ଅନନ୍ତ ମୁଖେ;
କରମ ସଂଯମ ଗରବ ବିନୟ
ତରୁଣେ ଖେଳଇ ଅନନ୍ତ ସୁଖେ ।
ଭୃଙ୍ଗ ଅଭିଳାଷେ କୀରତି-ପିପାସା
ଅନନ୍ତ-ଜାଗରେ ବିକାଶେ ବିଶ୍ୱ,
ଘର-କର୍ମ-ସୁଖେ ଘରଣ ବିଶୋଷ,
ତରୁଣେ ସମ୍ପଦ ଫୁଟଇ କିବା !
ସେହି ସେ ସମ୍ପଦେ ତରୁଣ-ଜୀବନ
ଭାସଇ ବିମଳ ପୀରତି-ପୂରେ; ୫
ଜୀବନେ ଜୀବନ ମିଶି, ଯଉବନ
ବହଇ ଅନନ୍ତ-ପୀରତି-ଧାରେ ।
ଆବରଣ ଭେଦି ବିକାଶି ଚମକେ,
ସେ ପୀରତି କରେ ପଲକେ ବଶ;
କୀରତି କରମ ବୀରତ୍ୱ ବିବେକ
ରସାଣି, ଫୁଟଇ ତରୁଣ-ଯଶ ।
ବକ୍ଷ-ଘନ-କୋଳେ ହସଇ ଚପଳା;
ବହଇ ସେ ଘନ ସରସ ଧାରେ;
ଶିଶିର-ବିପିନେ ମଳୟ ପରଶ
ମୁଞ୍ଜରି, ସୁମନ-ବିକାଶେ ଝଳେ । ୧୦
ଚୁମ୍ବକ ଶକତି- ପରଶେ ପଲକେ
ଲୋହେ ବିକାଶଇ ଚୁମ୍ବକ-ବଳ;
ଅପୂର୍ବାନ୍ତ ଯଥା ଖୁନ୍ଦେ ମେରୁ-ଚୂଳେ,
ତରୁଣ ଲୋଡ଼ଇ ପରାଣ-ମେଳ ।
ସରସ ପରାଣ ବହଇ ତରୁଣେ,
ଅନନ୍ତ-ବିଳାସ-ପୀରତି-ଆଶେ,
ସରସ ତଟିନୀ ଛାଡ଼ି ଗିରିଦରୀ,
ବିସାରି ଉରସ ସାଗରେ ଭାସେ ।

---

୧୧ । ସାଧାରଣ ଲୁହା ଚୁମ୍ବକସ୍ପର୍ଶରେ, କିମ୍ବା ଚୁମ୍ବକଶକ୍ତିର ଅଧୀନରେ ଆସିଲେ ଚୁମ୍ବକ ପାଲଟି ଯାଏ । ଚୁମ୍ବକକୁ ଯେଉଁ ଆଡ଼କୁ ବୁଲାଇ ଦିଅ, ଶୂନ୍ୟରେ ଲମ୍ବମାନ ଥିଲେ, ତାହା ଉତ୍ତର ଦକ୍ଷିଣ ହୋଇ ରହେ ।

ପବଣର ଧ୍ୱନି  ବାଜଇ ପବଣେ,
ପ୍ରତିଧ୍ୱନି ଉଠେ ଅନନ୍ତ ନଭେ,
ଏକାକାର ହୁଏ  ମେଦନୀ ଗଗନ
ପୀରତି-ପ୍ରସାରେ ଅନନ୍ତ ଶୁଭେ;

ସମ୍ପଦ ବିପଦ  ଜରମ ସ୍ୱପନେ
ଫୁଟଇ ସେହ୍ନ ସେ ପୀରତି-କଳା:
ସୁରପଲ୍ଲି ଶ୍ୟାମ  କେଦାର କାନ୍ତାର
ପୀରତି-ତରଙ୍ଗେ କରଇ ଖେଳା ।

ବଂଶୀ-ସ୍ୱନେ ଯଲେ  ବାଜର ପୀରତି;
ରଜ-ସ୍ୱରେ ବନ୍ଧ-ବିପଞ୍ଚୀ-ତାନେ;
ବାଜଇ ସମରେ  ଦୁନ୍ଦୁଭି-ଶବଦେ
ଖଣ୍ଡର-ଆୟୁଧ-ଝନ୍‌ଝନ୍‌-ସ୍ୱନେ

ପୀରତିରେ ଝଳ  ଦୀପ୍ତ-କରବାଳ
ପଡଇ ସମରେ ଅରାତି-ଚରେ;
ସେହ୍ନ ପୀରତିରେ  ମୃଣାଳ-ମୋହନ
ବୀର-ବାହୁ-ପାଶ ରମଣୀ ଧରେ ।

ବୀର-ନରସିଂହ-  ଚରଣ-ପରଶେ
ବହୁଅଛି ସେହ୍ନ  ପୀରତି ପର୍ଶ !
କରମ-କଠୋର-  ଉରସ-ଉପରେ
ଫିଟିଛି ବିମଳ ପୀରତି-ଧାର ।

ସେ ମହା ଏକାମ୍ର-  କାନନ ମାଳମେ
ସୁଧାଂଶୁ-ମୋହନ ଶାରଦ ହାସେ
ସେ କରମ-ଗୁରୁ  ଗମ୍ଭୀର କୁମାରେ
କିଏ ସେ ସିଞ୍ଚଇ ଏ ସୁଧା-ରସେ ?

ଆସିଲେ ତରୁଣ  କୁମାର ଏ ବନେ
ପରଜା-ପାଳନେ ତସ୍କର-ନାଶେ;
କେମନ୍ତେ ଗାଇବି ?  କି ମହାନଟଦଣେ
ଫୁଟିଲା ବୀରର ପୀରତି-ହାସେ ?

ଏକାମ୍ରେଟି ଯେବେ  ଠଙ୍କ-ଦସ୍ୟିକା
ବାରବାଟୀ-ପୁରେ ଶୁଣିଲେ ରାଜ୍ୟେ;
ବୃଦ୍ଧ ନରବର  ଦେଲେ ଅନୁମତି,
ଏକାମ୍ରେ କୁମାର-ଗୁରୁଣି ଶୋହେ ।

ଧଂକସ ବୃଷଳେ  ଆସନ୍ତି ଲୁଣ୍ଠନେ,
ଅଲକ୍ଷ୍ୟେ ଯାଆନ୍ତି କୁମାର ଏଡ଼ି;
ବନସ୍ତ ଜଗି  ଥାଆନ୍ତି ସଇନ,
ନ ପାରନ୍ତି  କେବେ ସେ ଠଙ୍କେ ଧରି ।

ବିପିନ-ଉଡ଼ାଳେ  ଭୁଙ୍ଗ ଠଙ୍କ-ଶିର
ନରେଖି ଦେଖନ୍ତି  ଅଳପେ କେବେ;
ଚକ୍ଷୁର୍ବଷ ହେଲେ,  କାହିଁ ଗଲ ଯାଏ,
ଖୋଜ ଖୋଜ ଆଉ ନ ଦିଶେ ଲବେ ।

ପଛୁ ଲୁଚ ଅବା  ଧରିବେ କେସନେ ?
ବୀରତ୍ୱ-ଧରମ ନୁହଇ ସେହୁ,
ଗ୍ରୀହର ସୁମର,  ଶୋଇଲେ କୁମାର,
ଉପାଧାନ କରି ବିଶାଳ ବାହୁ ।

ନୀଳାଚଳ-ନାଥ  କହିଲେ ସ୍ୱପନେ,
'ଅଭଗ୍ନ-ବଳେ ସେ ଠଙ୍କ ବଳୀ,
ମହାନଦୀ ଗୁଡ଼,  ପଶିବ ବନକେ
ଭୁଙ୍ଗ ଗିରି-ଚୂଳେ ଧଂକସ-ପୁରୀ ।'

ବରଷ ମଉନେ  ଅନାଏ ତପନେ
ଭୁଙ୍ଗ ବପୁ ତୋଳି ଶିଖର-ମାଳ;
କୃଷ୍ଣ ଦନେ ନଭ  ଆବରିଲେ ଭାରେ;
ସରସେ ଫିଟାଏ ବିମଳ ଝର ।

ମଜ୍ଜନେ ସାଗରେ ଗ୍ରାସଇ ବୋଇତ,
ତୁଂଗ ଗୁଣବୃକ୍ଷ ଗଗନେ ଟେକି;
ବିଶାଳ ବିତାନେ ବହଇ ସମୀର,
ଚଂଚଳ ଚଳନେ ଉଠେ ସେ ଫୁଲି ।

ସେହି ସେ ଚଂଚଳ ଚଳନେ ଧଂକସେ
ଟଂକ-ପଛେ ଗଲା ଉତ୍କଳ-ଚର;
ନୀଳାଚଳ-ନାଥ- ଅନୁଗ୍ରହେ ପୁରି
ଆମୋଦ-ଭାସିଲେ ଉତ୍କଳ-ବଳ ।

ସେ ଆମୋଦ-ରସେ କାନନ-ବିଭାରେ
କଂଦରେ କଂଦରେ କୁମାର ବୁଲି
ଏକାକୀ ଶାର୍ଦ୍ଦୂଳେ ପାରଧି କରିତ,
ବାରୁଣୀ-ବିଭାସେ ଆସଂନ୍ତି ଫେରି ।

ସାମଂତ-ରାଜନ- ବଂଧୁକୁଳ ଆସି
ସଂଗରେ ବସନଂତି ମେଲାଣି କେତେ;
ଗାରୁଡ଼-କାହାଣୀ ବିବେକ-ଗରବ
ଗାଆଂନ୍ତି ସେ କେତେ ବିପଂଚୀ-ଗୀତେ ।

ତରଳ ରସନା ଗୁରୁ ନରସିଂହେ
ନ ପିଟାଂନ୍ତି କେହି ସଂଗୀତ-ରସେ,
କଟରାହ-ଗଡ଼ୁ ଆସି ବଂଧୀ ବନେ
ଗାଇଲେ ଭରସି ତରଳ ହାସେ,

## ଗୀତ

( 'ଗୋପୀଭାଷା' ବୃତ୍ତ )

'କେଉଁ ବରେ ବରିବେ କେମାମଣି,'
ରାଣୀ ବିଷାଦେ ହେଉଛଂନ୍ତି ଗୁଣି ।
'ଧନ ଦଉଲତ ଅଛଇ ବରେ,'
କେମା ଶୋଇଛଂନ୍ତି ପଲଂକ-ପରେ ।

ଯୁବରାଜ ହେଲେ ସୁମନା ଅନ୍ତ
ବୀର ଶିରପଟ ନେଲେ ତା' କନ୍ତ;
ଗୁଣ ବଖାଣି କହିଲେ କେମାରେ;
କେମା ଶୋଇଛଂନ୍ତି ପଲଂକ-ପରେ ।

ନରବର ଆସି, ରାଜ-ମୁକୁଟେ
ଲକ୍ଷିୟ, କେମାରେ ଦେଖାଇଲେ ପଟେ;
ଗଂଡ ସ୍ଥଳ ପୋଛିଦେଲେ ଖ୍ରୀକରେ;
କେମା ଶୋଇଛଂନ୍ତି ପଲଂକ-ପରେ ।

କେମା-ହୃଦୟ-ଧନ ଦଉଲତ,
ବୀର-ବିବେକ ସେ ରାଜ-ମୁକୁଟ,
ବନ-ଅଂତରାଳେ ସରସୀ-ତୀରେ;
କେମା ଉଠିଗଲେ ପଲଂକୁ ଧୀରେ ।

ହେଲା ପ୍ରଭାତ, ଉଠିଲା ତପନ,
କମଳମା ସରେ ବସେ ଯତନ,
ବନେ ଅରୁଣେ ମଧୁ-ପୁର ସ୍ୱରେ,
କେମା ନାହାଂନ୍ତି ସେ ପଲଂକ ପରେ ।

---

୪୯ । ଗୁଣବୃକ୍ଷ = ପୋତଦଂଡ, ମାସ୍ତୁଲ୍ । ୫୦ । କଟରାହ = ବୋଧହୁଏ କୋଟରାହାଂଗର ପ୍ରାଚୀନ ନାମ ।

ଗୀତର ସାରକଥା:—ରାଣୀ ଗୋଟିଏ ଧନଲୋକ ସଂଗେ, ଯୁବରାଜ ବୀରସଂଗେ ଓ ରାଜା ରାଜପୁରୁଷ ସଂଗେ ବିବାହର କଥା କଲେ; କେମା କାହିଁରେ ଭୁଲିଲେ ନାହିଁ । କେମା ଜଣେ ସାଧାରଣ ଲୋକକୁ ଗୋପନରେ ବରଣ କରି, ତା ପାଖକୁ ଗଲେ । ରାଣୀ ରାଜା ଜାଣି ରୁନ୍ନ ହେଲେ; କିଂତୁ ଯୁବରାଜ ନ ସହି ପଛରେ ଗୋଡ଼ାଇ ଯିବାରୁ, କେମା ପୋଖରୀରେ ପଶିଯାଇ ପ୍ରାଣତ୍ୟାଗ କଲେ ।

ପୁର-ଗୋଳ ଭଜିଲାଣି ମଉନ,
ରଂଗ ବଦଳିଲାଣି ବାରୁଣୀ-ଘନ,
ଖଗ ନାହିଁ ଆଉ ପୁର-ପ୍ରସରେ;
ଜେମା ନ ଆସଂନ୍ତି ପଲଂକ-ଘରେ ।

ରାଣୀ ମଉନେ ରହିଲେ ମହଲେ;
ଖେଦେ ମରମେ ରାଜନ ସହିଲେ;
ଦର୍ପ ଉପୁଜିଲା ରାଜ-କୁମାରେ
ଜେମା ଭାସୁଛଂନ୍ତି ସରସୀ-ନୀରେ ।

ଭରସି ଗାଇଲେ କଂଠରାବ-କଣ୍ଢ
ସ୍ମେରମୁଖେ ଯୁବା ଶୁଣିଲେ ଧୀରେ !
ସତେ କି ସେ ସ୍ମିତେ ଗଂଭୀର ଆରଣ୍ଡ
ଝର ପଡ଼ୁଥିଲା ସରସ ଧାରେ !

ଗଂଭୀର କୁମାର କରମେ କଠୋର,
ଜାଣିଥିଲେ ସିନା କୁମାର-ଜନେ;
ସେ ଗଂଭୀର-ଲେଖେ ଲୁଚି କି ପାରଇ
ପିରତର ମସୀ କଣ୍ଢ-ନୟନେ ?

ଗଂଭୀର-ଦୁର୍ଦ୍ଦିନ- ତାମସେ ଚପଳା
ଚମକି କରଇ ଗଂଭୀରତର;
ଗିରି-ନିର୍ଝରଣୀ- ମୋହନ-ଶବଦ
ଶୁଣି, ଘୋରବନେ ମାଡ଼ଇ ଡର ।

ପ୍ରବୀଣ ପଥିକ ଜାଣି ସେ ଚମକେ,
ପଲକେ, ବାଅଇ ଲୋଚନ ବୁଜି;
କୁଶଳ ମୃଗୟୁ ସେ ନାଘ-ଶବଦେ
ପୁଲକେ ଶ୍ୱାପଦ ଦେଖଇ ଖୋଜି ।

ଗଂଭୀରୁ ଗଂଭୀର ଦେଖି ରାଜସୁତେ,
ଦୁରୁ ଦୂରେ ଡରି ରହଂନ୍ତି ଲୋକେ;
କଂଠରାବ-କଣ୍ଢ ଜାଣିଲେ ପଲକେ,
ଖେଳଇ ପିରତି ତରୁଣ-ବୁକେ ।

ଦେଖିଥିଲେ ଦିନେ ତରୁଣ କୁମାର
ଚମକେ ବନିତା ସିଂହ-ଦୁଆରେ;
ଚମକେ ଉଜଳି, ବିଷାଦ-କାଳିମା
ପଡ଼ିଲା ଯୁବକ କୁମାରବରେ ।

କେହି ନ ଜାଣିଲେ, ରହିଲା କୁମାର-
ହୃଦୟ-କଂଦରେ ତାମସ ଲୁଚି;
କଣ୍ଢ-କଉଶଳ କମ୍ର ଗିର-ଝର
ହେଲେ ପାରେ ତହିଁ ତରଂଗ ରଚି ।

ପ୍ରୀତି-ପୁର ଦେଖି ବଂଧୁ-ଗୀତ-ତାନେ
ଚଳ-ଖଂଡ-ମେଘ-ତପନ-ଲୀଳା
ଖେଳି ଗଲା ତହିଁ ସମବେତ ଜନେ,
ତାମସ ପଲକେ ଲଭଇ ଖଗ ।

ଆଡଂବର ନେନେ ପଞ୍ଚୁ ତୋଳି କୀରେ
ରୁହିଁଲେ ସରବେ କୁମାର-ମୁଖେ
ସ୍ମିତ ଦେଖି ପୁଣି ଦରସ୍ମିତ-ଲୀଳା
ଦେଖିଲା ଦୁର୍ଦ୍ଦିନ-ତପନ ସୁଖେ ।

କଂଠରାବ କଣ୍ଢ ରୁହିଁଲେ କୁମାରେ,
କୁମାର ରୁହିଁଲେ ପୁଲକ ବହି,
ଗ୍ରାହକତା ସିନା କଣ୍ଢ-ସ୍ୱର୍ଗ-ସୁଖ,
ଆନ ମୂଲେ କଣ୍ଢ ତୋଷଇ କେହି ?

ବଂଧୁ-ବଂଧୁ-ବାଦ ପ୍ରସିଦ୍ଧ ଏ ଦେଶେ,
ନ ସହି ଶାରଂଗ-କଟକ-କଣ୍ଢ
ଆସିଲେ ପୁରତେ, ସଜାଡ଼ି ବଇଂଚୀ
ରଚି ଆରଂଭିଲେ ପିରତି-ଛନ୍ଦ;

୭୧ । ଶାରଂଗ କଟକ = ପ୍ରାଚୀନ ଶାରଂଗଗଡ଼ ଦୁର୍ଗ ।

## ଗୀତ

( ରାଗ—କାଳୀ )

'କି ଦେନ ଯାଅ, ସାଧବ-ପୁଅ,
ଆସ ହେ ପାଶେ ମୋର;
ସିଂହଳ-କୂଳ-ମୁକୁତା-ଫଳ
ଦିଅ, ରଚିବି ହାର ।'

'ଆଣିଛି ମୁହିଁ, ମୁକୁତା ବହି,
ବିକୁଛି ଘରେ ଘରେ,
ଦେଖନ୍ତ ଜଣା; ଦବ ମୁକୁତା,
କେଉଁ ବନିତା-ବରେ ?

ବଡ଼ କଉଡ଼ି ନାରଂଗ-ପରି
ଏ ମୋ ମୁକୁତାମାନ;
ଜୀର୍ଣ୍ଣ ବସନେ ଚର୍ମ-ଆସନେ
କପାଇଁ ତବ ମନ ?'

'କପାଁ ଏ କଥା ? ଦିଅ ମୁକୁତା,
କଣିବା ଦେଇ ଧନ;
ସିଂହଳେ କେତ୍ତୁ'ଛନ୍ତି କି ଆଉ
ଏଣ୍ଡି-ମୂଲକ-ଜନ ।'

'ଖୋଜି ମୁଁ ନାହିଁ, ମୁକୁତା ପାଇଁ
ଥିଲି ମୁଁ ଯାଇ ଏକା;
ହପଦ ମୋର ହୋଇଛି ଜୁର,
ମୁଁ ଏବେ ବୁଲାବିକା ।'

'ଦେଖାଅ ମୋତେ, କରେ ମିନତି,
ନିଅ ଏ ଧନ ଅଛି ।'
ଫିଟାଇ ପେଡ଼ି, ଫରୁଆ କାଢ଼ି,
ଦେଲେ ରତନ ବାଛି ।

'ରତନ-ଭୁଲେ ଫରୁଆ-ତଳେ
ଏ କିସ ଦିଶେ କଳା ?
ଏତ ସୁନ୍ଦର ଲଂବ ଚକୁର,
ଆହା ଛିଣ୍ଡି କି ଗଲା !'

ଏତେବେଳେ ସେହୁ ସାଧବ ଆଉ
ନ କହି, ଗଲା ଚଢ଼ି;
ବନ୍ଧୁ ଅଂତରେ ବେଦନ-ସ୍ବରେ
ଉଠି, ବାହୁନେ ଝୁରି ।

'ନକର କୋହ, ଫିଟାଇ କହ,
ସାଧବ-ପୁଅ ମୋତେ;
ଭୁଂଭର ପର ହେ ହତଶିର
ଶୁଣିବ କ୍ଷୁଂତି କେତେ ।'

ବନ୍ଧୁମିନତି କଲା ସେ ଯେତେ,
କହେ ସାଧବ ଏତେ:
'ନ ଥିଲି କାହିଁ ସାଧବ ମୁହିଁ,
ଥିଲଇଁ ରାଜସୁତେ;

ସକାଳୁ ଦିନେ ଯାଇ ସ୍ନାହାନେ,
ଦେଖିଲି ନଦୀ-ନୀରେ;
ଫରୁଆ ଭାସି, ଅଳପ ଦିଶି,
ଯାଉଛି ସୁଅ-ଧାରେ ।

ଏଡ଼କି ଭଲ ଏହାରିପରି
ଫରୁଆ ଦିଶୁଥିଲା;
ମୁଦ ଫିଟାଇ, ଦେଖିଲି ତହିଁ,
ଏଣ୍ଡିପରି ସେ କଳା ।

ଦେଖି ସୁଂଦର ଲଂବ ଚକୁର,
ମନ ରହିଲା ଲାଗି;
ଚିଂତାରେ ଝୁରି ବପାଦେ ଗଲା,
ଦିନୁ ଦିନ ମୁଁ ଶୁଖି ।

ପେଷିଲି ଚର ବହୁତ ଦୂର,
ସେ ରାଜ-ବାଳା ସେନ,
ଭାଗ୍ୟେ ମିଳିଲା, ମୋତେ ମାଗିଲା
ସିଂହଳ ମୋତି ଧର୍ମ ।

କହିଲି ଧନ; କରିଛି ପଣ,
ସିଂହଳ ମୋତି ଯେତୁ
ଦେବ ତାହାରେ, ବରଣମାଳେ
ବରିବ ତାରେ ସେତୁ ।

ମାଗିଲି କେତେ, ନ ଦେଲି ମୋତେ,
ସେ କେଶ ବାଳାମଣି;
କହିଲି ଦେଇ ମୁକୁତା, ମୁହିଁ
ନେବି ତା ପୁଣି କଣି ।

ନୃପ ନନ୍ଦନା ମନ୍ତ୍ରୀମଣ୍ଡନା
ସେ ତ ସଂସାର-ସାର;
ଶୁଣିଲ ଆସି; ଆସିଲେ ରସି
କେତେ କୁମାର ଚର ।

କେବେହେଁ ବାଳା ବିଭା ନୋହିଲା,
ହେଲେ ସେ ରୋଷଭର;
ପେଷି ସଇନ, ସେ ପୁର ଜିଣି,
କଲେ କଟକ ଜର ।

କେତେ ତ ମଲେ, କେ କାହିଁ ଗଲେ ?
ଝାସିଲେ ବାଳା ଜଳେ ।
ସିଂହଳ-କୂଳ-ମୁକୁତା-ମାଳ
ଦେବି ମୁଁ କାହା ଗଳେ ?'

'ଦିଅ ଏ ଗଳେ', ମୁନି କହିଲେ,
ସାଧୁର-କୋଳେ ପଡ଼ି;
ଭେଦି ବସନେ, ବାଷ୍ପ-କଂପନେ
ଉରସ ଦିଶେ ଫୁଲି ।

ଯୁବା ସଂଭାଳି, ଧଇଲେ ତୋଳି,
ଚୁଂବିଲେ ତାର ମୁଖେ;
ବାଷ୍ପେ ବାହାରି, ପଡ଼ିଲା ଝରି
ଲୋତକ ବାଳା-ବୁକେ;
'ମୋ ଲାଗି ବାଳା ସହିଲୁ ପରା,
ଜଟା-ମେଖଳା-ଭାର ।
ପୋଡ଼ି ସୁମନ, ସହେ କେସନ ?
ବହ୍ନି ଏସନ କ୍ରୂର ।'

ଖେଳିଗଲା ଭାବ, ଖେଳିଯାଏ ଯଥା
ଆଷାଢ଼-ଜଆର ଭେଦି ପବନ;
ପଲକ-ସ୍ପଂଦନେ କୁମାର ହୃଦୟ
ଥରିଗଲା, ଭେଦି ସେ ଅପଘନ ।

କହିଲେ କୁମାର ଫିଟାଇ ବଚନ,
ଗଂଭୀର ମଞ୍ଜନ ଭୁଟାଇ ମୁଖେ; ୭୫
ପୀରତି-ସୋହାଗେ ନାହିଁକି ଗାରଣ୍ଡ ?
ନ ପଡ଼େ କି ବଧୂ ଶିଖର-ଶିଖେ ?

ମୃଗଶାଳା-ଗଡ଼- କବି ଥିଲେ ପାଶେ,
କହିଲେ ସୁରସ ସରଳ ଭାଷେ:
"ଏହି ବୀଣା-ତାରେ ନାଚଇ ରଟିମା
ମିଳାଇ ହୃଦୟ ମାଳମ-ରସେ;

ଏହି ବୀଣା-ଗୁଣେ ସହେ କମଳମା
ପ୍ରଚଂଡ ତପନ-କିରଣ-ଜାଳ;
ଏହି ବୀଣା-ତାନେ ଦାରୁ-ଭେଦି-ଭୃଂଗ
ପଡ଼ି ତା' କେଶରେ ହୁଅଇ ଭୋଳ;

ଏହି ବୀଣାବଳେ କାଳ ଭୁଜଂଗିମା
ଜାଂଗଲିକେ ଦେଖି, ଗୁଡ଼ଇ ଫଳେ,
ଜ୍ୟୋଛନାରେ ପୁଣି ଏହି ସେ ଚକୋରୀ
କରଇ ଅଶନ ବରହି-ଶିରେ;

ଏହି ବୀଣା କଂପେ ଧ୍ୱନି ପ୍ରତିଧ୍ୱନି
କଂଦରୁ କଂଦରେ ବାଜଇ ଥରି,
ଅନଂତ ବିତାନେ ମିଶିବ ବୋଲି ସେ
ଥରି ଥରି ନଭେ ଯାଉଛି ଗ୍ଲଲି ।

ପେଷଲ ଲଳନା- ହୃଦେ ପୁଣି ଏହା
କରଇ ଅଶନି କଠୋର ଅନ୍ତ;
ଖେଳଇ ରମଣୀ ଦୁଂଦୁଭି-ଠମକେ
ଏହି ବୀଣା-ସ୍ୱର-ଉନ୍ମାଦେ ମାତ୍ତି ।”

କହି ଏତେ କଥା, ଗୁହିଁଲେ କୁମାରେ;
ଜନ-ହଂସ ଦ୍ୱିଧା ଭଜିଲା କିବା !
ଏକ-ପଦ୍ମ-ବାଟେ ଗୁଲ-ବନେ ଯଥା,
କୁମାର-ପୁରତେ ଆସିଲେ ଯୁବା ।

କମ୍ର ତାର-ଲସ୍ପେ ମୋହନ ବିପଂଚୀ
ସଜାଡ଼ି ସଜାଡ଼ି, ଧରିଲେ ତାନ;
ସରସୀ-ହିସାରେ ଜୋଛନା-ଶିଶିରେ
ମଧୁ-ପୂରେ ଝରି ପଡ଼ିଲା ଗାନ;

## ଗୀତ

( ରାଗ—ଶଂକରାଭରଣ )

‘ଏକାହୋଇ ଯାଅ ନାହିଁ, ନାଅ ମୋତେ ଭୁଲେ;
ଅର୍ଦ୍ଧଅଂଗ କେସନେ ମୁଁ ରହିବଇଁ ଭଲେ ।
ଢାଲ ତୂଣୀର ବୋହିବ;
ଛାଡ଼ ମୋ ପରାଣ ମୁଁ ତ ଏକା ନ ରହିବ ।’

‘ଛାଡ଼ ତୋତେ ଯାଇ ଧନ ପାରିବ କି ମୁହିଁ ?
ଜ୍ୟୋଛନା ଛାଡ଼ି ଏ ଭବେ ବିଧୁ କି ବୁଡ଼ଇ ?
ଯହିଁ ଥାଅ ତୁହି ବାଳା;
ଦିବାନିଶି ଦେଖୁଥିବି ମୁଁ ତୋହରି ଲୀଳା ।’

‘ଗ୍ଲନ୍ତୁ ବୋଲି ବସୁରୁଛ ଭୟ ହେବ ମୋଇ;
ମଂଗଳ-ମନ୍ତ୍ରଶ୍ରୀ ମୋର ତବ ରଣ-ଖେଳ ।
ସଂଗେ ଯିବଇଁ ମୁକର;
ପରାଣ ଛାଡ଼ି କେସନେ ରହିବ ଶରୀର ?’

‘କିଏ ସେ ଶରୀର ବାଳା, ତୁହି ତ ପରାଣ;
ଯେଉଁଣେ ରହୁଁଥିବ, ତେଉଁଣେ ହସୁଥିବୁ ଧନ ।
କିଂପା ଯିବୁ ଏକା ତୁହି ?
ରଣ ଜିଣି, କାଲପରି ଆସିବଇଁ ମୁହିଁ ।’

‘ଏକା ହୋଇ ଯିବ ନାହିଁ, ନ ରହିବ ଘରେ;
ସଂସାର-ସରଗ ମୋର ଥିବ ତୁଂଭ କୁଲେ ।
ତୁଂଭ ସଂଗେ ଥିବ ମୁହିଁ;
ଖୋଜିଲେ ତୂଣୀରୁ ଶର ଦେବି ମୁଁ ବଢ଼ାଇ ।’

‘ରଣଭୂମି ନୁହେ ଧନ କୁସୁମ-ତଳପ,
ଖୋଜିବାକୁ ଶର ତହିଁ ଭରି ତ ଅଳପ;
କଖ୍ୟା ନ କର ସୁଂଦରି,
ତୁଂହିର ଲପନ-ଶଶୀ ଆସି କାଲପରି ।’

‘ନ ଜାଣଂତି ପିତାମାତା, ନ ଜାଣଂତି ଜନେ;
ଗୋପନେ ପରାଣ ଯେନ ଯିବ ହେ କେସନେ ?
ପ୍ରାଣ ନାଅ ପିଂଡେ ଧରି;
ନ ଡରି ଅବଳା ବୋଲି, ମୁଁ ବୀର-ସୁଂଦରୀ ।’

ଉଠିଲା ଭୀଷଣ ରଣ-ଦୁଦୁଂଭି-ଚହଳ;
ବୀର-ହୃଦେ ଆସେ ଏହି ଖରଶାଣ ଶର,
କିଏ ହେଲା ଆଗେ ଉଭା ?
ମରଣେ ସୁଂଦରୀ-ମୁଖେ ବରଣର ଶୋଭା ।

୮୫ । ପେଷଲ = ସୁକୁମାର, କୋମଳ ।

କି ହେଲା ! କି ହେଲା ! କହିଲେ ସରବେ,
ବିସ୍ମୟେ କୁମାର ରହିଲେ ଚୁହିଁ;
ତ୍ରସ୍ତ-ବିଧ୍ୱସ୍ତ ପଲ୍ଵଳ-ଉରସେ
ଗଲା କି ଚଂଚଳ ତରଙ୍ଗେ ବହି !

ମୋହନ-ପୀରତି- ବିଷାଦ-ତରଂଗ
ଗଲା ଜନମେଳେ କଂପନେ ଖେଳି;
ବିସ୍ମିତ ବିଷାଦେ ରହିଗଲା ସ୍ଥିର
ବିଶାଳ କୁମାର-ଲପନ-ଶିର ।

କିଏ ଦେଲା ଏହି ବିଷାଦ କୁମାରେ ?
କି ପୀରତି ଥରେ କୁମାର-ହୃଦେ ?
ସଂଯମ-ପ୍ରାବୃଟେ ଆସିଲା ଏ କାହିଁ
ପୀରତିର ଲୀଳା ଜ୍ୟୋଛନା-ମୁଦେ ?

ସେହି ମୋଦ-ରସେ ହସିଲେ ସଇନ,
ଖସିଗଲେ କବି-କଦଂବ ତହିଁ;
ଶିଶିର-ସୋହାଗେ ଆନଂଦ-ଲୋତକ
ପଡ଼େ ତରୁ-ତନୁ ତଂଚାଇ ମହୀ ।

ପଂଚମୀ-ସୁଧାଂଶୁ ଉଠି ପ୍ରାଚୀନଭେ,
ଦେଉଳ-ମୁକୁଟେ ପାରଦ ଲେପେ;
ପଦ୍ମ-ଅଂଚଳେ କୁହେଳୀର ଧାରେ
ନାଚଇ ସମୀର ପାରଦ-କଂପେ ।

ସେ କଂପ ନଗ୍ନଇ ଶବଳ ଶଷ୍ପରେ
ଚଳିଲେ ସଇନ ଗ୍ରାଉଣୀ-ଢେରେ,
ଆଗ୍ରାମ ଭଜିଲେ କୁମାର ମଉନେ,
ଥରଇ ହୃଦୟ ଆବେଶ-ଭରେ ।

ସେ ଆବେଶେ ଶୁଣି ରଣ-ସିଂଗା-ତାନ;
ସପନେ ଗଲେ ସେ ସମରେ ରସି;
ଚଳାଇ ସଇନ ବାହାରିଲେ ବୀର;
ଦୂରେ ପଛୁ କିଏ ଡାକେ ଭରସି !

ଭାଂଗିଦେଲା ଏବେ ସେ ଡାକ ଚମକେ
କୁମାର-ସ୍ୱପନ-ସମର-ରଂଗେ;
ଦେଖିଲେ ସାମଂତ ପାରଧି-ବିଳାସେ;
ଗାଉଛଂତି ବଂଧ ସଇନ-ସଂଗେ,

## ପାରଧି-ଗୀତ

( ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ )

ତୁଂଗଶିରେ,
ଦେଖ ଶିଖର ନବ ଶୁଭ୍ର କରେ ।
ଉଠ ବୀର ଯୁବକ, ତେଜ ସପନ-ସୁଖ
ଶ୍ୟାମ ବିପିନ ଭର ପୁଣ୍ୟ ଝରେ ।

ସୁଂଦର ଗିରି-ଶିର, ସୁଂଦର କଦଂବ;
ସୁଂଦର ବନ; ମୃଦୁ ବିକଶିତ ଖସ୍ୱର;
କ୍ଷତ୍ର-ଧରମ-ରତ ବୀର-ନୃପତି-ସୁତ,
ଉଠ ହେ ରଣ-ମଦ-ଜୈତ୍ର-ବରେ ।

ଶ୍ୱାନ ଉଠଇ ହସି, ପାରଧି ସୁଖ ମଣି;
ରଂଗ କରେ ତୁରଗ, ଗୁଳୁଛି ପଦ ଗଣି;
ଭୈରବ ବହି ପବନ, ସ୍ପଂଦନ ରଚି ଘନ,
ବୀର-ହୃଦ ପୂରଇ ଆସ ଖରେ ।

ସୈନ୍ୟ-ଗୁରୁ-ଗମନ ଆୟୁଧ-ଝନ୍‌ଝନ
ଦୁଂଦୁଭି-ଟମଟମ ଉଠୁଅଛି କଂପନ;
ଗୁହିଁଛି କାନନ ଶୋହିବ ଗିରିବନ,
ଗଜପତି-ସୁତ-ପଦ-ସଂପଦରେ ।

୯୭ । କଦଂବ = ସମୂହ ।

ଆଣିବ ଗିରି-ଝର    ବାଇ ତୁରଗ ଧରି;
ଦେଖିବ ଗିରି, ହସି    ଶାଶ୍ୱତ ତଟ ଭରି;
ଶାଳ ଗମ୍ଭାର ବନ    ଲତିକା ମୋହନ
ସେବିବ ସୁକମଳ ପ୍ରୀତି-ଭରେ !

ସ୍ତବକେ ହସି ହସି,    ପୁଷ୍ପ ପଡ଼ିବ ଖସି;
ଶ୍ୱାପଦେ ଲୁଚିଅଛି    ଘୋର ଗହନ ପଶି;
ଉଠ ଉଠ ବୀର-    କନ୍ଦର୍ପକ-ପାଳକ,
ଶ୍ୟାମଳ ଅରୁଣିତ ସୌର-କରେ ।

ପାରିଧିରେ ଏବେ    ଚାଲିଂତି ସଇନ
କୁମାର ତୁରଂଗେ ସଇନ-ମୁଖେ;
ଚାଲିଂଣ୍ଡି ମାତଂଗେ    ତୁରଂଗେ ସାମଂତେ,
ପାଦ ଚାଳି ଗୁରୁ-ସଂଗୀତ-ସୁଖେ ।

ବଜାଗ ଆଦରି,    ଦଳେ ଦଳେ ପଥେ
ଯାଉଛନ୍ତି ସେନା ବିପିନେ ମିଶି,
ନଗ୍ରାଜ ବରଜ    ମହାନଦୀ ସେ କି
ଶାଖେ ଶାଖେ ଯାଏ ଅନପେ ପଶି !

ଏକାକୀ ତ ନଶ    ଯାଆଂତି କୁମାର,
କଂଦରେ କଂଦରେ ଶାର୍ଦୂଳ ଖୋଜି;
ଆଜ କାହିଁ ସେହୁ    ସଇନ ବରଜ,
ଗଲେ ଦଣ୍ଡ-ମୁଖେ ବିପିନେ ହଜି ?

ପାରିଧି-ଉଚନେ    ନାହିଁ ସେ ମମତା,
ନ ଦେଖଂଗ୍ତି ଚାହିଁ ବିପିନ ପଥେ;
ଶାଳମାଳ ଭେଦି    ଯାଆଂତି ସେ ଚାଲି
ଅନ୍ୟ ମନେ ଭୁଲି ପାରିଧି ସତେ !

ଯୋଗ୍ନଣେ ଗହଣେ    ଥିଲେ ପଚତର
ଅପଗ୍ରହେ ଆଉ ନାହାନ୍ତି କେହି;

ରାଜ-ଦାଂଡ-ମୁଖେ    ଯାଉଛି, ଅଲକ୍ଷ୍ୟେ
କୁମାରେ କାନନ-ସରଣୀ ବହି !

ବାରୁଣୀରେ ତଳ    କୋମଳ ତପନ,
ଖଣ୍ଡଗିରି-ଚୂଳେ ଦଶିଲା ହସି;
ଚାଲିଂତି କୁମାର,    ନ ଦେଖଂତି ତାହା
ଯାଆଂତି ଅଗମ୍ୟ ବିପିନେ ପଶି ।

ଯୂଥେ ଯୂଥେ ମୃଗ    ଯାଉଛଂତି ଚାଲି,
ଯାଆଂତି ଶୂକର ଶ୍ୱାପଦ କେତେ;
ନ ପଡ଼େ ସେ କାହିଁ    କୁମାର ନୟନେ,
ଧନୁଶର ଅସି ରହିଛି ହାତେ ।

ଅନ୍ୟମନେ ଜାଣି    କୁମାର, ତୁରଗ
ଯାଉଅଛି ଧୀର କନ୍ଦଂବେ ଚାଲି;
ଭୁକ ଉଠେ ଶ୍ୱାନ,    ଦେଖି ଜଂତୁ ଦୂରେ
ନ ଶୁଣି ସେ ଅଶ୍ୱ ଦଅଂତି ଚାଲି ।

ଚପଳ ନୟନ    ବୁଲୁ ନାହିଁ ବନେ,
ଶୂନ୍ୟ ଦେଖୁଛଂତି ପୁରତେ ବୀର;
କବଚ ମଣ୍ଡନେ    ଝୁଲୁଛି ଖଡ଼ଗ
କନ୍ଦଂବେ ତୁଣୀରେ ବାଜଇ ଶର ।

କଂଟକେ ଦଅଂତି    ତୁରଗ ଚଳାଇ,
ବୁଲି ଯାଏ ଆପେ ତୁରଗ ଜାଣି;
ଫେରି ଆସି କେବେ    ଚାହିଁଛଂତି ଶ୍ୱାନ,
ଲାଂଗୁଳ ହଲାଇ କୁମାରେ ପୁଣି ।

ପ୍ରଭାତ-ଗଗନେ    ତପନ-ସମାନ
ମୁଖେ ଖେଳେ କେବେ ଚପଳ ବିଭା;
ଚମକଂତି କେବେ,    ଚକାଶେ ମାନସେ
କୃଷ୍ଣ ଘନେ କିବା ଚପଳା-ପ୍ରଭା !

୧୧୦ । ନଗ୍ରଜଠାରୁ ମହାନଦୀ ଭିନ୍ନ ଭିନ୍ନ ଶାଖାରେ ଅନୂପ ପ୍ରଦେଶ ଭେଦ କରି ସମୁଦ୍ରରେ ପଶୁଅଛି ।

ଚମକି ପଛକୁ   ଶୁଦ୍ଧାଂଶୁ କେବେ ସେ,
କଦଂବେ ଫେରାଇ ନିଅଂନ୍ତି ମୁଖ,
ଖେଳଯାଉ ଥାଏ   କଲ୍ପିତ ପରାଣେ
ଶୂନ୍ୟ-ଅଟ୍ଟାଳିକା-ଭବିଷ୍ୟସୁଖ !

ଭାଙ୍ଗି ଯାଉଥାଏ   ଅଟ୍ଟାଳିକା ପୁଣି,
ଉଠୁଥାଏ ହୃଦେ ବିଷାଦ ଭରି;
ସେ ବିଷାଦେ ଆଶା   ଉଠଇ ପଲକେ,
ପ୍ରଭାତ-କୁହେଳୀ-ତପନ-ସରି ।

ବିଷାଦଟି ସିନା   ପୀରତି-ଜୀବନ,
ମରମ-ବିଷାଦେ ପୀରତି ଶୋହେ;
ଦୁର୍ଦ୍ଦିନେ ବଢ଼ଇ   ଧରଣୀ-ସଂପଦ,
ଶିଶିର-ବିପିନେ ମଳୟ ବହେ ।

ସଂତାପେ ମୃଦୁଲ   ହୁଅଇ ପରାଣ,
ଅଶ୍ରୁ-ଧାରରେ ପଡ଼େ କବିତା ଝରି;
ରଜନୀରେ ସିନା   ବିକାଶେ ଜୋଛନା,
କର୍ଦ୍ଦମେ ଉଠଇ କମଳ-ଶିରୀ ।

ଶ୍ୟାମ ବନମାଳେ   ଶୋହେ ଗିରିନଦୀ,
କୃଷ୍ଣ ନଭ-ପଟେ ବିମଳ ତାରା;
ମରଣର ଭୟେ   ଝର-ଭୃଂଗ-ଦଳ,
ହୃଦ-କରଷଣେ ବହଇ ଧାରା ।

ସେହି ସେ ହୃଦୟ-   ଗୁରୁ-କରଷଣେ
ଶୁଦ୍ଧାଂଶୁ କୁମାର ବିଷାଣି ବନେ;
ସଂଯମ-ଉଷରେ   ଉଠିବ କି ସତେ
ଶସ୍ପ-ବଇଭବ ପୀରତି-ସନେ !

ଶସ୍ପ-ବିଶ୍ୱ ସତେ   ଦେଖିଲେ କୁମାର
ପ୍ରଦୋଷ-ତାମସ-ବିପିନ ଭେଦି;
ଚାହିଁଲେ ବାରୁଣୀ-   ପାଟଳ-ପଟଳେ,
ନ ଦେଖିଲେ କାହିଁ ପଦାଙ୍କ ସାଥି ।

ନ ଜାଣଂତି ବାଟ,   ଫେରିବେ କେସନେ ?
ଘୋଟି ତ ଆସଇ ତାମସ ନଭେ;
ନିଶୀଥେ ଗଂଭୀର   କୁଂଭଟୁଆ ଜଣି
ସେ ବିଷାଦେ ଫୁଟେ ବିସ୍ମୟ ଏବେ !

ଅଳପ-ପ୍ରସାର   ଜଳଖଂଡ ପାରେ
ଲଭିଛି ପୁଣି ସେ ତାମସ ବନ;
ସେ ତାମସେ ଦୂରେ   ଆଶା-ବାଣୀ-ପରି
ପଡ଼ିଲା ଶ୍ରବଣେ ସଂଗୀତ-ସ୍ୱନ !

ବାର ବାର ଧୀରେ   ଶବଦ-ସଂଗ୍ରହ,
ନିକଟ, ନିକଟେ ଆସିଲେ ବୀର;
ଶୁଣିଲେ, ଶୀତଳ   ମୃଦୁ ସମୀରଣ
ଭରି, ଭାସିଯାଏ କାମିନୀ-ସ୍ୱର ।

ବଣ-ଦେବୀ କିବା   କିଂନରୀ ବିଳାସେ
ଆସଂତି ମରତେ, ମଣିଲେ ସେହୁ;
ତେଜି ତୁଂରଗମ,   ବିପିନ-ସରଣୀ
ଭେଦି, ଉପବନ ଭେଟିଲେ କାହୁଁ !

ମୁକୁଟ-ବିଭବ   ପଦୀଣେ ବରଜି,
ଆସିଥିଲେ ବୀର ସେ ଉପବନେ;
ତରୁ-ଅଂତରାଳେ   ଲୁଚିଲ ଶରୀର,
ସ୍ଥିର ରହିଗଲେ ସେ ଗୀତ-ତାନେ ।

## ସଂଗୀତ

( 'ଜାଣିଛି ମୁଁ ଏତେ ମାନ ଗୋ ଲଳିତେ' ବୃତ୍ତେ )

କଂପାଇଁ ସୁମନ, ସହ୍ବ ଏ କଷଣ,
ଭୃଂଗ ବଧୂ-ମୁଖେ ରହୁ ଗୃହିଁ ?
ସେତ ଏତେ ଦୂରେ, ବୁଲଇ ସଂସାରେ
ଗୃହିଁ କି ତୋ ମୁଖେ ଯିବ ରହି । ଘୋଷା ।

ହସାଇ ରଜନୀ, ବଧୂ ତାରା ସେନ,
ହସଇ ଗଗନେ, ନଗ୍ନର ମେଦିନୀ,
ସରସୀରେ ହୁଦ ଫିଟାଇ କୁମୁଦ,
କି ଆଶେ ତୁ ଗୃହିଁ ରହୁ ତହିଁ ? ୧ ।

ଘୋଟିଯାଏ ଘନ, ପିଟଇ ପବନ
ଖେଳୁଥାଏ ବଧୂ ହସାଇ ଗଗନ,
ସରସୀ-ସଲଲେ ପ୍ରେମ-ଅସଂଭଲେ
ଗୃହିଁ ଗୃହିଁ କପାଁ ମରୁ ତୁହି ? ୨ ।

କେଶର ସୋହାଗେ ମଧୁ ଅନୁରାଗେ
ଅଳିକୁ ଲୁଚାଇ, ଧରୁ ନଶିଭାଗେ,
ଲୁଚାଇ ଦିବସେ ସରସୀ-ଉରସେ,
ବଧୂ କି ସେ ସବୁ ଜାଣୁଥାଇ ? ୩ ।

ଅନଂତ ବିତାନେ ଖେଳଇ ଗଗନେ,
ଜୋଛ୍ନା-ବିକାଶେ କର-ପ୍ରସାରଣେ,
ପାରିବୁ କି ମିଶି, ସେ ଅନଂତେ ରସି ?
ତୋ ହୃଦୟେ ବାଳା ବଳ କାହିଁ ? ୪ ।

ସେ ଗୀତେ ଲଳନା ହେଲେ ଆନମନା,
ଅଂଚଳେ ପଡ଼ିଲା ଲୋତକ ଝର;
ସଙ୍ଗୀଙ୍କ ସେ ନେନେ ଗୃହିଁ ବୀର ବୃନ୍ଦ,
ଅଳକ୍ଷ୍ୟେ ପଡ଼ିଲେ ଭାବେ ତରଳ ।

ସେ ତରଳ ଭାବେ ସଂଭ୍ରାନ୍ତ ହୃଦୟ,
ଭରସି ପଶିଲେ କାମିନୀ-କାନ୍ତ, ୧୫୯
ଏବ କାଳ ପର ନ ଥିଲା ତ ସେବେ,
କାମିନୀ-କାଂଚନ-ଗୋପନ-ଗ୍ରାନ୍ତ ।

ପଠାଣ-ବିଭବ ପଡ଼ି ଦେଶେ ଦେଶେ
ଲିଭାଇଛି ଭୃଂଗ-ଭାରତି-କଳା;
ନଜସ୍ବ ହରାଇ, ପଠାଣ-ବିଭବେ
ପୂରିଅଛି ଅର୍ଦ୍ଧ-ଧରଣୀ ସାରା ।

ବାଲୁକାରେ ଯଥା ଇଂଦ୍ରଦ୍ୟୁମ୍ନ-ଯଶ,
ତେସନେ ଯାଇଛି ମିଶର-ଶିରୀ,
ଭୃଂଗ ବାବିଲନ ଯାଇଛି ପାତାଳେ,
ଗୁ ରୁ ଢେଂଗମେ ପ୍ରତାପ-ସର । ୧୬୦

ଅରବ-ଇରାଣ- ତୁରସ୍କ-ତାତାର-
କଦଳୀ-ବିପିନେ ପଠାଣ-ଝଂଜା
ବଳ୍ଖ, ନାରଖାର କରି ସେ ରାଇଜେ
ଫୋଡ଼ୁଅଛି ତହିଁ ପଠାଣ-ଧ୍ୱଜା ।

---

୧୫୯ । ମିଶର—ଆଫ୍ରିକା ମହାଦେଶସ୍ଥ ମିଶର ଦେଶର ପ୍ରାଚୀନ ସଭ୍ୟତାର ପରଂପରା ମୁସଲମାନ ବିଜୟରେ ଛିନ୍ନ ହୋଇଅଛି; ମାତ୍ର ପ୍ରାଚୀନ କୀର୍ତ୍ତି ପିରାମିଡ ଓ ରକ୍ଷିତ ଶବସବୁ ବର୍ତ୍ତମାନ ଅବିଷ୍କୃତ ହେବାରୁ ପ୍ରାଚୀନ ମିଶର କଥା ଲୋକେ ଜାଣୁଅଛଂତି ।

୧୬୦ । ବାବିଲନ୍—ବର୍ତ୍ତମାନର ମେସୋପୋଟାମିଆରେ ଥିବା ପ୍ରାଚୀନ ବାବିଲନ୍‌ର ସଭ୍ୟତା ମୁସଲମାନ ବିଜୟରେ ଲୁପ୍ତ ହୋଇଅଛି ।

ପୁଣ୍ୟ ଆର୍ଯ୍ୟଭୂମି- ଲଲାଟ-ତପନେ
ଫୁଟିଅଛି କେତେ କଳଙ୍କ-ମସୀ;
ଗ୍ରହ-ପାତେ ଯଥା ଦୀପ୍ତ ରବି-ଅଂଗେ
ଫୁଟଇ କଳଙ୍କ, ତମସେ ବସି ।

ସେହି ସେ ତମସେ ଲୁଚଇ ରମଣୀ
ଜଂଭୁ-ଭୟେ ଏଥି ପୁରୁବେ ଉଷ; ୧୬୫
ଅରକ କାଂଚନ, ପୋତଇ ମାନବ
ଗଜ-ଭୟେ କ୍ଷୀଣ ପରାଣ ଭଷ ।

ଆର୍ଯ୍ୟ-ଗଉରବ ଲୁଟି ନାହିଁ ପୂରା;
ଯାଇ ନାହିଁ ଲୁଚି ସେ ପରଂପରା,
ଶିର ତୋଳି କାଳ ଉଠଇ ଶଇଳ,
ଭାଂଗିଯାଏ ସିନା ସିକତା-ବେଳା ।

ସେ ଶଇଳେ ପୁଣି ଗୁରୁ-ଝଡ଼-ଘାତେ
କାଳେ ପଡ଼ିଯାଏ ଲହରୀ-ଲେଖା;
ମିଶିଛି ପଠାଣ ହିଂଦୁର ବିଭବେ,
ଯାଏ କେତେ ମାଝ ସଂଗ୍ରହ ଦେଖା । ୧୭୦

ନ ଥିଲା ସେ କଥା ନରସିଂହ-କାଳେ,
ରମଣୀ ସଂଭାଷି, କହିଲେ ବୀର;
"କିଏ ତୁଂଭେ ନାରୀ ? କପାଁଇ ବସିନେ ?
କାହିଁକି ବିଷାଦ ସଂଗୀତ-ସ୍ୱର ?"

ପରିଚାରୀ-ଜନେ କହିଲେ ଅଲପେ,
"ଆସିଛଂତି ଜେମା ପ୍ରଦୋଷେ ବୁଲି,
ଶିଶୁପାଳ-ଗଡ଼ ଏହି ଦିଶୁଅଛି;
ଏକାଟି ଏ ଜେମା ସେ-ଗଡ଼-ଶିରୀ ।"

ଅଲପ ଅଂଧାରେ ଚକ୍ଷୁଗୋଚର ହେଲା
ଜେମା ନରସିଂହେ ପ୍ରଦୋଷେ ତହିଁ; ୧୭୫
ସ୍ମରଣ-ପୁଲକେ ଚମକେ କୁମାର,
ମଥା ପୋଡ଼ି ଜେମା ଦେଖିଲେ ମହୀ ।

ବ୍ରୀଡ଼ା-ପାଟଳିମା ଦିଶିଲା କପୋଳେ,
ବୁଝି ନ ବୁଝିଲେ ସଂଗିନୀ-ଦଳ,
ସହକାର ହସେ ଚୈତ୍ର-ମଧୁ-ବାତେ,
ଫିଟେ କି ଶିଶିରେ କମଳ-ଦଳ ।

ସେହି ସେ ନମିତ- ନେତ୍ର-ଗୁହାଣୀରେ
ଗଲେ ନରସିଂହ ମରମେ ଥରି;
ସିଂହଦ୍ୱାର-ଦେଖା, ସ୍ମୃତି-ଚିହ୍ନ-ଲେଖା,
ପ୍ରଦୋଷ-ତାମସେ ଉଠିଲା ଭରି । ୧୮୦

ଶିଷ୍ଟାଚାର ବହି ରମଣୀରେ ଧୀରେ
ଆସିଲେ କୁମାର ବରଜି ଛଳି;
ଚାହିଁଲେ ପଛକୁ ଫେରି ଫେରି, ଗଲେ
ରମଣୀ-ନିକର ତମସେ ମିଳି ।

ତାରା ଦେଖି ଦେଖି ଚଳଇ ବୋଇତ,
ଧୀରେ ଧୀରେ ନଭେ ଫୋଟଇ ମେଘ,
ଦିଗ-ସଂଦେଶ ଯଥା ନିରେଖି ବାହଇ
ନାବିକ ସେ ଦିନ ତାମସେ ଦିଗ ।

ତେସନେ ଅନାଇଁ ଉପବନ-ତମେ,
ନିରାଶେ କୁମାର ଚାହିଁଲେ ବନେ; ୧୮୫
ଦିଗ ବାର କେତେ ଚଳିଲେ ଛପିନେ,
ନ ଭେଟିଲେ କାହିଁ ତୁରଗ ସ୍ଥାନେ ।

---

୧୬୪ । ଗ୍ରହମାନଂକ ଆକର୍ଷଣରେ ସୂର୍ଯ୍ୟର ଉପରସ୍ଥ ବାଷ୍ପମଂଡଳ ଇତସ୍ତତଃ ହୋଇ ସୂର୍ଯ୍ୟରେ କୃଷ୍ଣଚିହ୍ନ ପ୍ରକାଶପାଏ । ଦୂରବୀକ୍ଷଣରେ ଦେଖିଲେ ଏ ସବୁ ସୌରକଳଂକ ସ୍ପଷ୍ଟ ଦେଖାଯାଏ । ଗ୍ରହପାତ = ଗ୍ରହମାନଂକ ଆକର୍ଷଣ ।

୧୭୮ । ଶିଶିର କାଳରେ ଅତି ସାମାନ୍ୟ ମଳୟସ୍ପର୍ଶରେ ଆଂବ ବଉଳେ; କିଂତୁ ସ୍ପଷ୍ଟ ବସଂତ ନ ବହିଲେ ପଦ୍ମ ଫୁଟେ ନାଇ ।

୧୮୪ । ଦିଗସଂଦେଶ = କଂପାସ ।

ପଶି ସେ ବିପିନେ, ଦେଖୁଥାʼନ୍ତି ରହି,
ବେଳେ ବେଳେ ଲକ୍ଷି ଗଡ଼-ପାଚିରି;
ଗଡ଼-ସ୍ତମ୍ଭ କି ସେ ଝୁଣ୍ଡ-ପାଦପାରେ !
କୁମାର ସତେ କି ନାଟକ-ସରି !

କୁମାର-ହୃଦୟ ପ୍ରଦୀପ ଯାଉଛି
ପଛ-ବାଟେ ଗଡ଼-ରମଣୀ-ପୁରେ,
କଳ୍ପନାରେ ସେଥୁ ଦେଖନ୍ତି ସେ ଯାଇ
ତାମସେ ପ୍ରଦୀପ ମନ୍ଦିର-ଚୂଳେ ।

ଯେଉଁ ମନ୍ଦିର-ତଳେ ପଡ଼ିଥାଇ ସେଥୁ
ଯାଇଛି ବିଭବ-ବିଭବେ ଭାଙ୍ଗି,
ପୂର୍ବ-ଦ୍ୱାର-ଗଡ଼- ପାଚିରି-ଶରୀରେ
ଟଙ୍କ-ସୁକୁଟ-ଘାତ ରହିଛି ଲଗି ।

ଅଗ୍ରଭାଗେ ଶିଳା ଝଡ଼ିଅଛି ଖସି,
ଦିଶେ ଅଘଟନ ସୁପଟୁ-କଳା;
ସେଥୁଁ ଟେଡ଼ା ଦିଶେ ପଇଖା-ଗରୁଡ଼,
ଭାଙ୍ଗି ଯାଏଁ ଠାବେ ଅକର୍ମଶିଳା ।

ଅର୍ଦ୍ଧ-ଭଗ୍ନ-ଚୂଳେ ପ୍ରଦୀପ-ନିଳୟ,
ସ୍ନେହର ମୁଖେ ଟଳେ ପ୍ରଦୀପ ଶିଖା;
ଅଦୂରେ ଅତିଥି ଦେଖି ବନ-ପଥେ,
ଫୁଲ ଉଠେ କିବା ପ୍ରଦୀପ-ହିଆ !

ଅତିଥି ଆର୍ଯ୍ୟର ପରମ ଦେବତା,
ସଂସାରେ ସରଗ ଅତିଥି-ସେବା;
କାଳେ ସେହୁ ମୂଳ, ତା' ଶିରେ ବଟଶ୍ରୀ
ନବାରେ ଜ୍ୱଳନ୍ତି-ତପନ-ବିଭା ।

ଏହି ଆଦରଶେ ଏ ପାବନ ଦେଶେ
ଦେଖନ୍ତି ଅତିଥି ଜୀବନ-ପଥେ;
ପ୍ରଦୀପ-ଲଗନେ ଏହି ଆଦରଶ
ଦେଖିଲେ ଯୁବକ ପ୍ରଫୁଲ୍ଲ ମନେ ।

ଅଲପେ ଅଲପେ ପକାଇ ଚରଣ,
ପାଶ ହେଲେ ସେଥୁ କୁମାର-ବର;
ଅଳପ ପାଛୋଟି ପ୍ରଦୀପ ବିନୟେ,
ଫିଟାଇଲେ ଧୀରେ ପୁର-ଦୁଆର ।

ଶିଶୁପାଳ-ଗଡ଼େ ପ୍ରବୀଣ ସାମନ୍ତ,
ଦସ୍ୟୁ-ବଳେ ଯାଇଥିଲେ ସେ ହାରି;
ଅତିଥି ଆସିଲେ, ଆଦେଶଟି ଥିଲା,
ନ ପଚାରି ଖୋଲି ଦେବେ ଦୁଆର ।

କେତେ ଦସ୍ୟୁ ସୁଖେ ଅତିଥି ଆଦରେ
ପଶି, କରିଥିଲେ ସେ ପୁର ଚୂର,
ଖୋଜୁଥାଏ ସିନା ଝଡ଼େ ମହାରୁଦ୍ର,
ମହୀ ତ ଉରସେ ଧରେ ସେ ଝଡ଼ !

ଝଡ଼ ନୁହେ, ଆଜ ସେ ଗବଡ଼ି କୁମାର
ପଶିଲେ ବିମଳ ଜ୍ୟୋତ୍ସ୍ନା-ପରି,
ଅତିଥି ନିରେଖି ସେ ସାମନ୍ତ-ବର
ମନ୍ଦିରୁ ପାଛୋଟି ଆସିଲେ ଭୁଲି ।

ପଚାରିଲେ, "କିଏ ତରୁଣଟି ତୁମ୍ଭେ ?
ଏ ତାମସେ କାହୁଁ ଆସିଲ ଏକା ?
ଅଛନ୍ତି ଏ ବନେ ନରସିଂହ ଏବେ,
କାହିଁକି ବା ହେବ ତସ୍କର-ଦେଖା ?

ଶ୍ୱାପଦ ଶୂକରେ କୁମାର-ପାରିଧି
ଉଠି, ରହିଲେଣି ଦସ୍ୟୁ-ସେ-ପାରେ;
ସାଦପର ଦିଶେ ଅଙ୍ଗନାଣ ଚଢ଼,
କାହିଁ ସଂଭାଳିଲ ତୁରଗ-ବରେ ?"

ନମସ୍କାର କରି, କହିଲେ କୁମାର
"ଆସିଥିଲି ସେହି ପାରିଧି-ରସେ,
ପ୍ରଦୋଷେ ନ ପାଇ ସଇନ ସରଣୀ,
ଆସିଲି ଖୋଜି ଏ ପୁର ତାମସେ ।

ଏଣ୍ଡୁ ଦାଣ୍ଡେ ଗୁଡ଼ ଅସିଲ ତୁରଗ,
ନ ପାଇଲ ଆଉ ଖୋଜ ମୁଁ ତାରେ;
ନ ଦେଲେ ଉତ୍ତର ଡାକେ ମୋର ଶ୍ୱାନ,
ସକାଳେ ଖୋଜିବ ପ୍ରାଂତର-ପାରେ ।”

“ଆସ ତେବେ ବାବୁ ଏ ଭଂଗା କୁଟୀରେ,
ନାହିଁ ତ ପୂର୍ବର ସଂପଦ-ଶିଖା,
ଦଳେ ଦଳେ ଦସ୍ୟୁ- ଲୁଂଠନ-କରମେ
ଯାଇଛୁ ଏ ଗଡ଼-ବିଭବ ସରି ।

ଏହି ଭଂଗା ଖଟେ ଶୋଇବ ଯୁବକ,
ତୃଷଳ-ଭୋଜନେ ହରିବ କ୍ଷୁଧା,
କ୍ଷତ୍ରିୟ ତ ତୁମ୍ଭେ, ଦୁର୍ଗପତି ମୁହିଁ,
ଗହଣେ ଭୁଂଜିବ, କି ଅଛି ବାଧା ?

ସରିଛି ବିଭବ, ହୃଦୟ-ଆଦର
ଦେବି ମୁଁ ହେ ବାବୁ ଭୋଜନ ପାନେ,
ଅତିଥି ଆପଣ, କର ଅନୁଗ୍ରହ,
କି ଅଛି ଅଧିକ ତୋଷିବି ମାନେ ?”

ଶୁଣିଲେ କୁମାର ବୃଦ୍ଧ-ବୀର-ମୁଖେ,
ଭାଷି ନ ପାରିଲେ-ଉତ୍ତରବାଣୀ,
ସରସ ସଂଭ୍ରମ ଆଦର ପୁଲକେ
ଦିଶିଲା ମୋହନ-ଲପନ-ଠାଣି ।

ଆଦରେ ଆସନେ ବସାଇ ଯୁବକେ,
ବିଶ୍ରମିଲେ ବୃଦ୍ଧ ଜଳପେ ଧୀରେ,
ଅନ୍ୟମନେ ଶୁଣି ବହୁକ୍ଷଣ, ବୀର
ଆଳାପେ ରସିଲେ ପ୍ରବୀଣବରେ ।

ଟସ୍କରିଂତି କେବେ ଅଳପେ ଯୁବକ,
କହଂତି ବଖାଣି ପ୍ରବୀଣ କେତେ,
ବୋହିଲେ କଳିକା, ପ୍ରବୃଦ୍ଧ ପ୍ରସୂନ
ଝରଇ ସ୍ତବକୁ ବିପିନ-ବାତେ ।

କହିଗଲେ ବୃଦ୍ଧ, କେଶରି-ବିଭବ,
ଚଉଂଗ-ଅନଂଗ-ପାଳନ-ସୁଖ,
ଟଂକ-ଅପସ୍ମର, ଦସ୍ୟୁ-ବିଭୀଷିକା,
କହି ଗଲେ ସବୁ ବଖାଣି ଦୁଃଖ ।

“ଗଲେ ଗଜପତି ମହାନଦୀ-ପାରେ
ତସ୍କର-ଦଳନେ ବିପିନମାନେ,
ଧଂକସ-ତସ୍କର ଆସିଲେ ଏକାନ୍ତେ;
ଆସି ନ ଥିଲେ ସେ ଏ ଶିଶୁପାଳେ ।

ଜନନୀ-ବିହୀନ ଜେମା ମୋର ଏକା
ସଂଚିତ-କୁସୁମ ଏ ପୋଡ଼ା ବନେ,
କିଶୋର-ସୋହାଗେ ବୁଲଂତି ବିପିନେ,
ଯ ଆଂତି ଦେଉଳେ ସଂଗିନୀ-ସନେ ।

ଟଂକ-ଭାଇ ବଳୀ ଟଂକ-ସେନାପତି
ଦେଖିଣ ଜେମା ବନେ ସଙ୍ଗିନୀମେଳେ,
ବୁଝିଲେ ‘କୁମାରୀ’, କହିଲେ ଖଣ୍ଡାଇତ,
‘ବିବାହେ କପାଇଁ ମନ ନ ବଳେ ।

ଟଂକ-ବୀରବର- ସୋଦରଟି ମୁହିଁ,
ମାଗୁଛୁ ଟେ ହାତ ଦସ୍ୟୁତ-ପତେ ।’
କିଛି ନ କହି ସେ, ଆସି ଜେମାମଣି,
ବିଳପିଲେ ପଡ଼ି ଏ ବୃଦ୍ଧ-ହୃଦେ ।

ମଣ୍ଡିମେ ବହିଲ ଯାତନା ମୋହର,
ବୃଦ୍ଧ ମୁହିଁ, ନାହିଁ ସଇନ-ବଳ;
ପଠାଇଲେ ଦସ୍ୟୁ ବିବାହେ ବ୍ରାହ୍ମଣ,
ସଂମତି ନ ପାଇ, ଘେରିଲେ ଗଡ଼ ।

ସୁଦ୍ଧଜନ-ସେନା ତୋପାନେ ତୋପାନେ
ପଡ଼ିଲେ ଏ ଗଡ଼-ଶଇଳ-ମୂଳେ,
କେତେ ବୀର ମୋର କଲେ ପ୍ରାଣ ପଣ,
ପୂରିଲା ପରିଖା ଶ୍ରୋଣିତ ଜଳେ ।

ଫେରି ଫେରି ଯାଏ ତରଂଗ ପୁଳନେ,
ଗରଜି ଆସଇ ଶିରସ ତୋଳି,
ଧଂକସ-ତସ୍କର- କୁଷଳ-ସଇନେ
ଫେରି ଯାଇ, ପୁଣି ଆସଂତି ମାଡ଼ି ।

ଉଜଣାରେ ଆସି ବାରଂବାର, ଏବେ
କରିଚଂତି ଗଡ଼ ଶ୍ମଶାନ-ସମ,
ଅତିଥି ଆସିଲେ, ନାହିଁ ବଳ ମୋର,
ଅରଚିବ, ରଣ ବଧି ସଂଭ୍ରମ ।"

ପୁଚ୍ଛିଲେ କୁମାରି, "ହେଲେଣି ତ ଜେମା
ବିବାହ ବୟସେ, କରିବ କସ ?"
କହିଲେ ସାମଂତ, "କି ଆଉ କରିବି ?
ବିବାହ ତାହାର ହୋଇଛି ବିଷ ।

କରିଛି କଟାକ୍ଷ, ଟଂକ-ସହୋଦରେ
ନାଶି, ଦସ୍ୟୁ ଯେହୁ କରିବେ ହାନ,
ସେହି ବୀରବରେ ବରଣ ତାହାର,
ଅନାଦରେ ଏକା କାଟିବ ଦିନ ।"

କହୁ କହୁ ଏତେ, ତରୁଣୀ-ଶେଖର
ଜେମାମଣି ଏବେ ପଶିଲେ ତହିଁ,
ଚମକ-ଚଂଚଳେ ଆସୁଥିଲେ ବାଳା,
ରହିଗଲେ ବୀର ଅତିଥି-ଚହିଁ ।

ଅନାଇଁ ରହିଲେ ଅତିଥି ରମଣୀ,
ଅତିଥି ଚହିଁଲେ ରମଣୀ-ମୁଖେ;
କାଂଥ-ଲେଖା-ପରି ସ୍ଥିର ସେ ରମଣୀ;
ଅତିଥି ଆସନ-ଆରାମ-ସୁଖେ ।

ଅତିଥି-ସତ୍କାର କରଂତିତ ବାଳା
କେତେ ଶିଶୁପାଳ ସାମଂତ-ପୁରେ;
ବସନ ଶୟନ ଆହାର ବିହାର,
ସବୁ ତ ଲାଗଇ ସେ ଜେମା-କରେ ।

କୁଶଳ ଭୋଜନ ଦେଖଂତି ସେ ଜେମା,
ଆଗମ-ଶୟନେ ଗାଆଂତି ଗୀତ;
ପ୍ରବୀଣ ଜନକେ ନ ବାଧିବ ବୋଲି,
ଅତିଥି-ଆଳାପେ ଦୁଅଂତି ଭିତ ।

ପାଂଥ-ଶାଳା ତ ଏ ଶିଶୁପାଳ-ପୁର
କେତେ ତ ଅତିଥି ଦେଖେ ଗୋ ବାଳା,
ବିସ୍ମୃତ ତରୁଣୀ ଏତେ ଆଜ କପାଁ ?
କପୋଳେ ଏ କିବା କୁଂକୁମ-ଲୀଳା ?

ଚମକେ ଅଂଧାରେ ଯାଅ ତ ଭବନେ,
ଆଜ କପାଁ ଏତେ ବାରୁଛ ପଥ ?
ଏତେ ଚହିଁ କପାଁ ବସନ-ଭୂଷଣେ,
ଧରୁ ଧରୁ କପାଁ ଥରଇ ହାତ ?

ସେହି ହାତେ ଏବେ ପରଷିଲେ ବାଳା,
କୁମାର ସାମଂତ ବସିଲେ ଭୁଂଜି;
ସେହି ହାତେ ବାଳା ଝାଡ଼ିଦେଲେ ଶେଯ
ଅତିଥି ପାଇଁକି ପଲଂକ ସାଜି ।

ଆଦରେ ଆଦରେ ସୁବା-ହୃଦ ଥରେ
ଭୋଜନେ ଶୟନେ ସ୍ୱରଗ-ସୁଖ;
ଚହିଁ ଥାଏ ବାଳା ଅପାଂଗେ କୁମାରେ,
କୁମାର ଚହିଁଲେ ଫେରାଏ ମୁଖ ।

ରହି ରହି ଯାଏ ସେ ତରୁଣୀବର,
ନ କରେ ଅତିଥି ଆଳାପେ ସେବା;
ସଂଯମ ନ ମାନି ପଲକେ ପଲକେ
ବର୍ତ୍ତୁଳ କପୋଳେ ପାଟଳ ବିଭା ।

ଭରସି ଅଳପେ   କହଂନ୍ତି କେତେ ସେ,
ଝଂକ-କଥା ଯେବେ କହଂନ୍ତି ପିତା;
ଝଂକ ଧରଷଣେ   ନରସିଂହ-କଥା
ପଢ଼ିଲେ, ମଉନେ ପୋତଂନ୍ତି ମଥା ।

ଶୟନ-ସମୟ   ହେଲା ଏବେ ଆସି,
ବସିଲେ ପଲଂକେ କୁମାର-ବର;
ସଂଗେ ଗୀତ ଧରି   ପାଖପରେ କେମା
ରଚିଲେ ଅତିଥି-ନଶି-ସତ୍କାର ।

## ସଂଗୀତ

( ରାଗ—ମାୟାମାଳବଗୌଡ଼ା )

ସମୀରଣ ବହଇ ମରମର,
ମରମରେ ପୂରଇ ଗିରିଦର;
ମରମରେ ପୂରାଇ   ପରାଣ, ରହି ରହି,
କାହିଁ ଯାଉଛି ବହି ଥରିଥରି ? ଘୋଷା ।

ଅରୁଣେ ହସିହସି,   ଉଠଇ ନଭେ ଶଶୀ
ସରଗ-ଚୂଳେ କର   ଦଶଇ ପରକାଶି,
ମଲ୍ଲିକା ଉପବନେ   ରୁହିଁ ଅଛି ଗଗନେ,
ଛଳ ଛଳ ତା' ଦଳ ହିମେ ଭରି ।୧।

ଫୁଟି ତାରା ଗଗନେ,   ସୁମନ ପରି ବନେ
ଫୁଟଂନ୍ତି ଲୁଚି ଲୁଚି,   ଉଡ଼ି ଖରି ତପନେ
ଭାସି ଭାସି ଗଗନେ,   ଭେଦି ସେ ସମୀରଣେ,
ମଉନେ ଯାଏ ପଢ଼ି, କେତେ କଳି ।୨।

ସରଗୁ ସୁଧା ଝରି,   ଫୁଟେ ଜ୍ୟୋଛନା ଶିରୀ;
ଅନଂତ ନଭେ ରସି,   ଯାଉଛି ତାରା କଳି;
ସମୀର ମରମରେ   ଥରିଥରି ପ୍ରସରେ,
ଫୁଲ ହିମେ ତରଳ ପଡ଼େ ଝରି ।୩।

ବହେ କି ସମୀରଣ ?   ଥରଯାଏ ମରମ;
କେଉଁ ନଭସ ଆଶେ   କଳ ଉଠଇ ପ୍ରାଣ ?
ମିଶିଯିବ କି କେନ୍ଦ୍ର,   ନଭସେ ତାରା ହୋଇ ?
କି ବୁଝି ଯାଏ ଜନ ଶୂନ୍ୟେ ଧରି ?୪।

ସଂଗୀତ ଲହରେ   କେଉଁ ସୁଖ-ନଭେ
ଭାସି ଯାଉଚଂନ୍ତି କୁମାର-ମଣି !
ମରମର ସଙ୍ଗେ,   ଶୁଭୁଚି ଅନଂତେ,
କାହିଁ କେଉଁ ଦେଶୁ ପରାଣ-ବାଣୀ !

ଥରି ଯାଉଅଛି   ପୁଲକେ ଶରୀର,
ନାଚି ଉଠୁଅଛି ହୃଦୟ ବୁକେ;
ରୋମାଂଚ ଉଠୁଛି   ପଲକେ ପଲକେ
ସେ ଗୀତ-ବିଳାସ-ଅନଂତ-ସୁଖେ ।

ଚମକେ ବାଜିଲା   ସେ ଭୃଂଗ ବିଳାସ,
ପଶିଲା ଶ୍ରବଣେ ତୁରଂଗ-ପଦ;
ହାସେ ବୀରମଦ   ମିଶିଲା ପରାଣେ,
ସାହସ-ଚମକେ ଥରିଲା ହୃଦ ।

ଚମକେ ବସିଲେ   ତଳପେ କୁମାର,
ଆସିଲେ ସାମଂତ ସେ ଘରେ ପଶି;
ଆସିଲେ କୁମାରୀ   ସହଚରୀ-ସନେ
ତରାସ-ଉଲ୍ଲାସେ ମାରସେ ହସି ।

"ନରସିଂହ ବୀର   ଅଛଂନ୍ତି ଏ ବନେ;
କାହୁଁ ସଂଭବିବ ତସ୍କର-ଭ୍ରାନ୍ତି ?
ନରସିଂହ-ଚମୂ   ତାମସ ବପିନେ
କପାଇଁ ବା ଏଥି କରିବେ ଗତି ?

କୁହକେ ପଶଇ ଧ୍ୱଂସକ-ତସ୍କର,
ଯାଉଛୁ ତ ଏବେ ଏ ବନ ଗୁଡ଼;"
କହୁଁ ବୃଦ୍ଧ ଏହା, ପୁର-ଦ୍ୱାର ଭେଦ
ତୁରଂଗେ ସଇନ୍ୟ ଆସିଲେ ମାଡ଼ ।

ଅତିଥି-ସଂମାନେ ପ୍ରହରୀ କବାଟ
ଦେଇଥାଂନ୍ତି କାଢ଼ି, ଜାଣିଲେ ବାଳା;
କୁମାର ଦେଖିଲେ, ଗଜପତି-ସାଜେ
ସଜ୍ଜିତ ସଇନ୍ୟ ତୁରଂଗ-ମ ଳା ।

ସଂଭ୍ରାଷିଲେ ଆସି ସେନାପତି ବୀରେ,
ସଇନ୍ୟ ଚତ୍ୱରେ ରହିଲେ ଥିର,
ନଦୀ-ମୁଖେ ଗୁଡ଼ ବଂତମାଳ, ସେ କ
ପଦ୍ମଂଚଳା ଦ୍ୱୀପେ ବନ୍ଧନ-ବର !

ସଂଭାଷେ କୁମାରେ ଚାହିଁଲେ ସାମଂତ,
ସ୍ଥିର ସେ ତରୁଣୀ-ଲପନ-ଶୋଭା,
ମିନତି ଆଚରି କହୁଥିଲେ ବୃଦ୍ଧ,
ଶିଷ୍ଟ-ନମସ୍କାରେ ଗୁହିଁଲେ ଯୁବା ।

ଇଂଗିତ-ଗୁଳନେ ସେନାପତି ଖରେ
ପ୍ରଣାମ ଇତଲେ ପ୍ରବୀଣ-ପଦେ,
ସେନାପତି ତଥା କୁମାରେ ସେ ବୃଦ୍ଧେ
ମୋହିଲା ବନସ୍ଥ ବୀରତ୍ୱ-ମଦେ ।

ଲକ୍ଷି ବ୍ୟଗ୍ରଭାବ ସେନାପତି-ମୁଖେ
ଅଳପେ କୁମାର ପୁଚ୍ଛିଲେ ତାରେ,
କହେ ସେନାପତି, "ଗୁଣୀରେ ଗ୍ରାମୁ
ନ ମିବାରେ ହେଲେ ଚିଂତିତ ବୀରେ ।

ଏହି ସେ ପ୍ରଦୋଷେ ଫେରି ଆସି ଚର
ଟଂକ-ପ୍ରଭୁ, ଦେଲା ବାରତା ଆଣି,
ଶିବରେ ଲାଗିଲା ଘୋର କୋଳାହଳ,
'ନାହାଂନ୍ତି ଶିବରେ କୁମାର-ମଣି ।'

ଗୁହୁଁ ଶ୍ୱାନେ ତବ ଭେଟିଲେ ପ୍ରହରୀ
ବଦନ ବୁଲାଇ ଠାଉରେ ବାଟ,
ବନ୍ଦୁପରେ ବୁଝି କୁକୁର-ଇଂଗିତ,
ଆସିଲୁ ହେ ତବ ମଣି ସଂକଟ ।

ସଜ୍ଜିତ ସଇନ୍ୟ, ଚଳିବେ ପ୍ରଭାତେ
ମହାନଦୀ-କୂଳେ ବିପିନ-ପଥେ,
ଆସ, ପାଇଅଛୁଁ ଭୁରଂଗମ ତବ,
ଅଛି ସେ ତୁରଂଗ ସଇନ-ସାଥେ ।"

ଉଲ୍ଲସି ଉଠିଲା ଧୀର-ହୃଦ ଧୀରେ
ଅଳପେ ସାମଂତେ ସତୋଷ କହି;
ଜେମା-ପରିଚୟ ଗୁହିଁ ସେ କହିଲେ,
"ଟଂକ-ଉଣେ ଆଜ ଚଳିଲି ମୁହିଁ ।

ପରିଚୟ ମୁହିଁ ଭୁଲି କି ପାରିବି ?
ଅଧିକ କି ଆଉ କହିବି ଭାଷେ ?
ପଣ କରିଛଂନ୍ତି ଜେମା ତବ, କହ,
ସ୍ନାନ ଏ ଅତିଥି ନ ଭୁଲିବେ ସେ ।"

ସ୍ମିତ-ଲେଖା ଫୁଟି ଦଶିଲା ସାମଂତେ,
ଲୋଳିତ କପୋଳେ ତରଂଗ ଉଠି;
ମଥା ପୋତେ ଜେମା ସାଧ୍ୱସ ପାଟଳେ,
ଧୀରେ ସହଚରୀ-ଉଡ଼ାଳେ ଲୁଚି ।

ରୁଷ ସେନାପତି ଦେଖି ନ ଦେଖିଲେ
ତରୁଣୀ-ଫଗୁଣ-ପାଟଳ-ଲେଖା;
ଜଳ-କେଶୀ-କଂପେ ଝଂରଇ ଉଚିଲା,
ବୁଝେ କି ସେ କଂପ ଦଇଳ-ଶିଖା ?

ସେନାପତି-ଭୁଲେ    କୁମାର ପଲଙ୍କେ
ଉଠିଲେ ତୁରଗେ ପୁର-ଚତ୍ୱରେ;
ମଶାଲେ ଉଜଳି    ବିପିନ-ତାମସ,
ଗଳିଲେ ସଇନ ଏକାମ୍ର-ପୁରେ ।

ଝିନାଣି ସୋଦରେ,    ଝଂକେ କରି ସ୍ନାନ,
ଆସି ସେ କୁମାର ଦେଖିଲେ ବାଳା
ପୁର-ଉପବନେ    ସଂଗିନୀର ମେଳେ;
ଜଣାଇଲେ ତହୁଁ ବୀର-ସଂଖୋଳା ।

———

## ପଂଚମ ସର୍ଗ

ଅକୂଳେ ଭାସଇ    ତରଣୀ ନିରତେ,
ଗୁହ୍ଥିଥାଏ ତାରେ ଗଗନେ ତାରା;
ଯୂଥିକା-ହସଇ    ପ୍ରଦୋଷ-ସମୀରେ,
ଜାଣି ବଧୂ ତାଳେ କରଣ-ଧାରା ।

ଊଷା ଦେଖି ହସି    ଉଠେ ବସୁଂଧରା,
ଆସଇ ତପନ କନକ-ହାସେ;
ପୀରତି ତେସନ    ଉଠଇ ପରାଣେ
ତରୁଣୀ-ତରୁଣ-ପରାଣ-ରସେ ।

ଉତ୍ତର-ସାଗରେ    ଧ୍ରୁବତାରା-ପରି,
ପ୍ରଦୋଷେ ସୁଧାଂଶୁ ସକାଳେ ରବି;
ପୀରତି ପରାଣେ    ପଡ଼ଇ ଉଜଳି,
ଶାଶ୍ୱତ ମହିମା ପୁଲକେ ସ୍ରବି ।

ଭ୍ରମି ଭ୍ରମି ନଭେ    ଲିଭଇ ତାରକା;
ଦିନୁଦିନ ଲୁଚେ ଶୀତାଂଶୁ-କଳା;
ପ୍ରଦୋଷେ ପ୍ରଦୋଷେ    ବୁଡ଼ଇ ତପନ,
ବିଶଇ ଭୁବନ ତମସେ ବୋଳା ।

ପୀରତି-ତାରକା    ପୀରତି-ଜୋଛନା
ପୀରତି-ତପନ ନିରତେ ହସେ,
ପ୍ରାବୃଟ ପ୍ରଦୋଷ    କୁହୁ ଭେଦି, ଫୁଟେ
ବିମଳ ପୀରତି ଶାଶ୍ୱତ ହାସେ ।

ପାଶେ ଥିଲେ, ପ୍ରାଣ    ଉଜଳେ ପୀରତି,
ଦୂରେ ସ୍ମୃତି-ନଭେ ଉଠଇ ଭାସି,
ସାଗର ବିପିନ    ସଂକଟ କାଂତାର
ଭେଦି ସେ ପୀରତି ଉଠଇ ହସି ।

କରମେ ବିରାମେ    ଶୟନେ ସ୍ୱପନେ
ପୀରତି-ଜାଗରେ ପ୍ରଦୀପ ଜଳେ;
ବିଳାସ-ଚପଳ    ଖର ରଂଗ-ଭୂମି
ସୋହାଗ ସଂପଦ ପୀରତି-ବଳେ ।

ପୀରତି-ସ୍ୱପନେ    ତରୁଣ-ପରାଣେ
ତଳ ତଳ ବିଶ୍ୱ-ବିରଳ-ଛବି,
ଶ୍ମଶାନ-ତମସେ    ଭେଦି, ଝରଣ୍ଡାରି
ସେହି ସେ ବିମଳ ପୀରତି-ରବି ।

ପୀରତି ବିମଳା    ତରୁଣେ ଚପଳା,
ଚମକେ କରଇ ପରାଣ ବଶ,
କଠୋର କରମେ    ନଚାଇ ପରାଣ,
ସେହି ସେ ପୀରତି ଲଭଇ ଯଶ ।

ରାତି ତ ବହୁତ    ହେଲାଣି, ଅଳସେ
ସେ ପୀରତି-କଥା କହେ ମୁଁ ଭୁଲେ
ସେହି ପୀରତିରେ    ବୁଡ଼ି, ଗଲେ ବୀର
ପାଶୋରି ବିସୋରି ସେ ଶିଶୁକାଳେ;

ସେହି ପୀରତିରେ    ଝଲସି ସେ ପ୍ରାଣି
ଧଂକରେ ଘୋଷିଲେ ଜୟ-କେତନ,
ସେହି ଧ୍ରୁବତାରା    ଅନୁସରି, ରାତି
ପାହିଥି ଫେରିଲେ ଏକାମ୍ରବନ,

ସୁଷ୍ଠରେ ପ୍ରଶସ୍ତ — ପରି ସେହି ତାସ
ଦେଖିଲେ ଏକାମ୍ରେ ବିପିନ-କୁଂଜେ;
ସେହି ଶୁଂଦ ଆଜ ଧରି ହାତେ, ଯୁବା
ଶିଶୁପାଳ-ଗଡ଼େ ପଲଂକେ ବଜେ ।

ଧଂକସୁ ବାହୁଡ଼ି, ବାରଂବାର ବୀର
ନିମଂତ୍ରଣ ଲଭି, ସେ ଦୁର୍ଗେ ଯାଇ,
ସଂଖୋଳି ସାମଂତ, ସଂଭାଷି ତରୁଣୀ
ଆସୁଥିଲେ ତହିଁ ଦିବସ ରହି ।

ସେଠି ହୃଦ ବାଳା, କହୁଥିଲେ କେତେ
ତରଳ-ପୀରତି-ସ୍ୱପନ-କଥା,
କୁମାର କରଂତି ତରଳ ସଂଭାଷ,
ରହଂତି ତରୁଣୀ ନୁଆଇ ମଥା ।

ପଲକ-ସଂଗରେ ଚହିଥିଲେ ବାଳା
ସେ ରାଜ-କୁମାରେ ସିଂହ-ଦୁଆରେ,
ଚହିଥିଲେ ପୁଣି ପ୍ରଦୋଷ-ତାମସେ
ଅତିଥି-ବିଭବେ ଜନକ-ପୁରେ ।

ଜାଣିଥିଲେ ସେହି, 'ନରସିଂହ ବଳେ
ହାରିବେ ସମରେ ଧଂକସ-ବୀର ।'
ଜାଣି ସେ ନ ଥିଲେ, 'ସତେ ନରସିଂହ
ଆଦରିବେ ଜେମା-ବରଣ-ମାଳ !'

ଜନକ ଥାଆଂତି ଦୋଳା-ଚଳ-ଡାଳି,
ଉପହାସେ ଥିଲେ ସଜନୀମାନେ,
ସରଗ-ତପନ କେ ମଣେ, ଧରିବ
କର-ପ୍ରସାରଣେ କଂଦୁକ-ମାନେ ?

ସେହି ସେ କଂଦୁକ ପାଇ ହାତେ ବାଳା
ଉଲ୍ଲାସ-ବଢ଼ିବେ ପୀରତି ନଭେ
ଭାସିଯାଏ କାହିଁ କେଉଁ ଶୂନ୍ୟ ଦେଶେ ?
ଶରୀର ନ ଥିଲେ ନ ଥାଂବା ଭବେ ।

ଆସଂତି କୁମାର, ଯାଇ ଜେମାପୁରେ
ଅବାରିତ-ଗତି ପଣଂତି ସୁଖେ;
ଆଦରେ ଯୁବତୀ ବସାଇ ପଲଂକେ,
ଠିଆ ହୋଇଥାଂତି ଅବନୀ-ମୁଖେ ।

ଆଦରି ବସାଂତି କେବେ ଯୁବାମଣି,
ପଲଂକେ ନ ବସି, ବସଂତି ତଳେ;
ବହୁଯତ୍ନେ ଆଜ ବସାଇଲେ ଯୁବା,
ଜେମାମଣି ଆଣି ପଲଂକ-ପରେ ।

ସମାଦରେ ଅଂକେ ପକାଇ ଶ୍ରୀଅଂଗ
ଆହିଁସି କପୋଳ ଛୁଇଁଲେ ସ୍ନେହେ,
ଉଷ୍ଣ-ବାରି ବିଂଦୁ ପଡ଼ିଲା କପାଳେ,
ଉଠି ସେ ରମଣୀ, ଚମକି ଗୃହେଁ ।

ଗଦ୍‌ଗଦ ସଂଭାଳି, କହିଲେ ସୁଂଦରୀ,
"କହ ପ୍ରାଣନାଥ, ଏ କିସ ରୀତ ?"
କେସନ କହିବି, ପରାଣ-ସଂଗିନି,
କହିବାକୁ ମୋତେ ଲାଗଇ ଭୀତ ।

କେତେ ତ ସହିଛି ଜୀବନେ ସୁଂଦରୀ,
କେସନେ କହିବି ଏ ସମାଚାର ?
ଫୁଂକିବି କେସନେ ମରୁ-ବାତେ ଫୁଲ ?
ପରାଣ ସଜନି ହୁଏ କାତର ।"

"ଶୀର ପ୍ରାଣନାଥ, କାତର କପାଁଇ ?
ଅଲାଗିମା ଲଭି, ହେଲ କି ଏତେ ?
ଲାଗିଛି ତ ତବ ପରାଣେ ବେଦନା,
ଲୁଚାଇ କପରି ପାରୁଛ ମୋତେ ?

ନୃହେ ପ୍ରାଣନାଥ ରସାଳେ ଲତିକା
ମଳୟ-ସଂଗିନୀ ଭବେ କେବଳ,
ତୋଫାନେ ଭାଜିଲେ ଚୂତ-ଶାଖା, ପରା
ସେ ତାକେ ଛାଡ଼ଇ ଲତିକା-ମୂଳ !

କହ ଫେଡ଼ି ମୋରେ, ଏ ଗୁରୁ ବେଦନା
ସହି ନ ପାରଇ ଅଧିକ ଆଉ;
ପରାଣେ ପରାଣ ମିଶାଇ କେସନ
ସହୁଚ ଗୋପନେ ଏସନ ଦାଉ !"

"ସହକାର ସିନା ସହଇ ଝଟିକା,
ରଖଇ ଲତିକା ସମ୍ଭାଳି କୋଳେ;
ପରାଣ ସଜନି ନ ଫେଡ଼ାଇ ମୋରେ,
ସହି ନ ପାରିବ ବେଦନା ଭରେ ।

ଜଂବୁ-ଦେଶ-ରାଣି ନାରିକେଳ ପେଷି,
ନିବନ୍ଧ ମାଗିଲେ ବିବାହେ ମୋର,
କଥା ଦେଇ ତହିଁ, ଅନଂଗ-ନୃପତି
ପଡ଼ିଛନ୍ତି ଏବେ ବିଷାଦେ ଘୋର ।"

ଉଜଳି ଉଠିଲା କେମା-ମୁଖ-ଛବି,
ଚମକେ ହସିଲା ନୟନ-ବିମ୍ବ,
ବାରି-ବରଷଣ ବରଜ, ମୁଦିର
ତଟିନ-ବିଭାସେ ଫିଟିଲା କିବା !

ଉତୁଂଗ ହସିଲା ରମଣୀ ଗରିମା,
ବିପାଶ୍ୱ କପୋଳ ହସିଲା ତୋରା,
ଛଟେନ ହସିଲା ତାମରସ-ବିମ୍ବ
ଲାବଣ୍ୟ-ପୀରତି-ମହିମା-ଭରା ।

"କି ହୋଇଛି ନାଥ ? ବିଷାଦ କଂପାଇ ?
ଆସଂକୁ ପରାଗେ ସେ ଜଂବୁ-କେମା,
ଦାସୀ ହୋଇ ମୁହିଁ ରହିବ ଗହଣେ,
ଏଥିକୁ ବିଧାନେ ଅଛି କି ମନା ?

ବାଂଧିଦେବି ବାଳ, ସଜାଡ଼ିବି ଶେଯ,
ନ ଭଜିବେ ବାଳା ବିଷାଦ ତଳେ,
ଏ ପଦ ତ ମୋର ସରଗ-ସମ୍ଭାର,
କଂପାଁ ଏଥି ଏତେ ବେଦନା ବାରେ ?

ଏଇଥି ପାଇଁକି ଫଟେଇ ଲୁହ ଝର,
କି କଲି ମୋରେ, ମୋ ପରାଣ-ଧନ !
ଏଇଥି ପାଇଁକି ଏତେ ସବୁ ଭୁଂଭେ,
ଏଇଥି ପାଇଁକି ବିକଳ-ମନ !"

କହୁ ଏହା ବାଳା, ପଡ଼ି ଯୁବା-କୋଳେ,
ବାହୁପାଶେ ଘେରି ଧଇଲେ ତାରେ;
"ମିନତି ମୋ ହର, ନ ଭଜିବ ଖେଦ
ଜଂବୁ-ଦେଶ-କେମା-ବରଣ-ବେଳେ ।"

ସମ୍ଭାଳିଲେ ବୀର ବାଷ୍ପର ବେଦନା,
ମାରସ ଲୋଚନେ କି ଭାବ ବହି,
ଧରୁ ସେ ଚିବୁକେ ବୁଲାଇ ଶ୍ରୀକର,
ସୁଂଦରୀ-ବଦନେ ରହିଲେ ଚହିଁ ।

ବହୁକ୍ଷଣ ରହି, ଗୁରୁଶ୍ୱାସ ଛାଡ଼ି,
ଗଂଭୀର ହସିଲେ ଯୁବକ-ମଣି,
ତରୁଣୀ-ଲପନେ ଦେଖୁଥିଲେ କି ସେ
ପୀରତି-ଘାପନେ ବିବେକ ଗଣି !

"ଦେଇଥିଲ ବାଳା ପରାଣ ତ ମୋରେ,
ରଖିଥିଲ କାଢ଼ି ବିବେକ କାହିଁ ?"
ଅଳପେ ଏତିକ କହି ନରସିଂହ,
ପୁଣି ରହିଲେ ସେ ଲପନେ ଚହିଁ ।

ଛଳ ଛଳ କେବେ ହୁଏ ଆଖି ତୋଳା
ସଂଭାଳି ନଥାନ୍ତି ବିବେକେ ବୀର,
'ଯାଉଛି ଆସିବି' ବୋଲି ଯୁବାମଣି
ପ୍ରଦୋଷ-ତରଣେ ଛାଡ଼ିଲେ ପୁର ।

କଥାବେଳେ କେଣ୍ଠି ନ ଥିଲେ ସେ ପୁରେ,
ସଜନୀ ଏ କିଛି ଜାଣିବେ କାହିଁ ?
ଉଷତେ ରହିଲେ ଶିଶୁପାଳ-ବାଳା,
ଅନ୍ୟମାନେ କପାଁ ଜାଣିବ କେଣ୍ଠି ?

ପ୍ରବାଦେ ବାଜଇ ଶିଶୁପାଳ-ଗଡ଼;
ଜଂବୁ-ଦେଶ-ଜେମା-ବିବାହ-କଥା;
ସଜନୀଏ ହେଲେ ବିସ୍ମୟେ ମଗନ
ପ୍ରବୀଣ ସାମଂତ ପାଇଲେ ବ୍ୟଥା;

କହିଲେ ସଖୀଏ, 'ବୀର ନରସିଂହ
କିଏ ଜାଣିଥିଲା, ଚପଳ ସେତେ ?'
କହିଲେ ସୁଂଦରୀ, 'ନ ବୋଲ ସଜନୀ
ବୀର ନରସିଂହେ ଚପଳ ଆଜି !'

ଅଳପେ ଏତିକି କହଂତି ସେ ଜେମା,
ନ କହଂତି ଆଉ ପୁଛିଲେ କେହି;
ପରାଣ-ହରଷ ଫୁଟଇ ବିଗ୍ରହେ,
ଧୂମେ ବହ୍ନି ଯଥା ନ ପାରେ ଲୁଚି ।

ନିବଂଧ କରନ୍ତି, ଅନଂଗ-ନୃପତି
ଛାଡ଼ିଲେ ଏ ଭବ ଅକାଳ ଦିନେ;
ଶିଶୁପାଳ ଜେମା ମାୟାଦେବୀ-ନାମେ
ବାରବାଟୀ-ପୁରେ ଜାଣିଲେ ଜନେ ।

ଅନଂଗ-ବିୟୋଗ ଶୁଣି ଚର-ମୁଖେ,
ରହିଲେ ସେ ମାୟା ବିବଶ ପ୍ରାଳ;
ମଣିଲେ ସରବେ, ବୀର ନରସିଂହ
ଦେବେ କି ନିବଂଧ-ବିଧାନେ ଛାଡ଼ି ।

ଶୁଣି କହେ ମାୟା, 'ବୀର ସେ ରାଜନ,
ବିବେକେ ବୀରତ୍ୱ ଶୋଭଇ ଭବେ,
ଯହୁଁ ଜଂବୁ-ଜେମା ଆସିଲେ ଉତ୍କଳେ
ମାୟା-ମନ କେହି ନ ବୁଝେ ଲବେ ।

ନରସିଂହ ଖାଲ ବସି ଅନ୍ତରୀକ୍ଷେ,
ରାଜ ଭୋଗ ଥିଲେ ସୋଦରେ ଦେଇ,
ସେ ସମ୍ବାଦେ ବାଳା ଭାସିଲେ ପୁଲକେ,
ଏ ପୁଲକ-ଲୀଳା ନ ବୁଝେ କେହି ।

ଉଡୁଥାଏ ପକ୍ଷୀ ଏ ଡାଳେ ସେ ଡାଳେ,
ଉପବନେ ବାଳା ବୁଲଇ ଖେଳି;
ଗାଵଇ କୋକିଳ ସହକାରେ ବସି,
ସଂଗୀତେ ଯାଏ ତା' ପରାଣ ଭରି ।

ମାଳ ନବେ ଗୁଂଫି ହଟେ ହସିହସି,
କଂଦୁକ ଖେଳଇ ପ୍ରାଂଗଣେ ବାଳା,
ବିଦ୍ରୁମିତ ବନେ ବିଦ୍ରୁମ-ଚରଣେ
ପାଳିତ କୁରଂଗେ ରଚଇ ଲୀଳା ।

ଫୁଟଇ ସୁହାସେ ଶତଦଳ-ହାସ,
ବିମଳ ଲପନେ ମାଧବ-ଶିରୀ,
ବୀଣା-ନାଦେ କବା ନାଚ ପାଉଥାଏ
ଅରୁଣ-ବିଭବେ ବିପିନ ଗିରି !

ଚଳାପାଂଗ-ଲୀଳା କର୍ଣ୍ଣବର-ଗତ
କବି-କଳପନା ସେ ନାୟବରେ,
ଆନଂଦ ଫୁଟଇ ପ୍ରଶାଂତ ନୟନେ
ଲଘୁ ସେ ଚଳନ ମାନସ ହରେ ।

ଦିନୁଦିନ ଜ୍ୟୋତି ଫୁଟିଲା ଜେମାରେ
ବସଂତ-ବିଭବ-ତପନ ହାସେ,
ସୁର-ବାଳା ସରି ଦିଶିଲେ ସୁଂଦରୀ,
ଯଉବନ ପୂରି ପୁଲକ ରସେ ।

୯୬ । ବିଦ୍ରୁମ=କଅଁଳ ପତ୍ର, ପୋହଳା ।

ଭେଦି ସେ ପୁଲକେ ବହିଯାଏ କେବେ
ଶୂନ୍ୟ ଦରଶନେ ଗଂଭୀର ଲୀଳା,
ଅଲକ୍ଷ୍ୟେ ଫୁଟଇ ବିଷାଦ-କାଳିମା,
ପଚ୍ଚାରିଲେ କିଛି ନ କହେ ବାଳା ।

ସୋହାଗର ଲୀଳା ବିକାଶଇ ପୁଣି
ତରୁଣୀ-ବିଭବ-ତରଳ-ରସେ,
ପୁଲକ-ଇଂଗିତେ ନାଚଇ ପରାଣ,
ଶତଦଳ-ବିମ୍ବ ଲପନେ ହସେ ।

ସେ ପୁଲକ ଆଜି ଫୁଟଇ ଉନ୍ମାଦେ,
ବହୁଭେଦି ଦିଶେ ହୃଦୟୁ ପୂରି;
ଲପନେ ଶ୍ରୀକରେ ତରଙ୍ଗେ ଝରଇ
ହୃଦ ଭେଦି ମୋଦ-ଲାବଣ୍ୟ-ଧାରି ।

ପାଦ ନ ଲାଗଇ ସତେ ବା ମହୀରେ,
କେତେ ରଂଗେ ବାଳା ଯାଉଛି ଖେଳି;
ଶିଶୁପାଳ-ଗଡ଼ େଜଂବୁ-ରାଜ-ଜେମା
ଆସିବେ ପରା, ସେ ମାୟା ସଂଖୋଳି ।

ନରସିଂହ ଦୂରେ ଉତ୍ତର-ସୀଇଜେ
ଯାଇଚଂତି ଗୁ ରୁ କରମ-ବଶେ;
ଅନୁମତି ଦେଇ ଥିଲେ ଜଂବୁ-ବାଳା,
ଆସିବେ ଆଜି ସେ ଏକାମ୍ର-ଦେଶେ ।

ଚତୁରଂଗ-ସେନା- ଶବଦ ଶୁଭିଲା,
ପାଶ୍ଚେଇଟିଲେ ମାୟା ଗଡ଼-ଦୁଆରେ;
ଜଂବୁ-ଜେମା ଗଲେ ସେ ଗଡ଼-ଭିତରେ
ଅଧି-ମୁଖେ ଫୁଟେ ବିଷାଦ ଭରେ ।

ଚିର-ଉଦାସିନୀ- ଉଗିମା-ସଂକ୍ଷେପେ
ସଜ୍ଜାର ରଚିଲେ ସେ ମାୟାଦେବୀ;
ଜଂବୁଜେମା କଂତୁ ପରିଚର୍ଯ୍ୟା-ବିଧି
ନରୋଧି ନରୋଧି, ବିଅଂତି ଦାବି ।

ସୁବାସ ସଲିଳ ସ୍ନାହାନେ ଶ୍ରୀକରେ
ଦେଲେ, ଜଂବୁ-ଜେମା ହୁଅଂତି, ଧନ,
ଜୋଗାଡ଼ିଲେ ଠାଆ, ସଜାଡ଼ିଲେ ଶେଜ,
ଜଂବୁ-ରାଜ-ଜେମା ବିରସ-ମନ ।

ଅଶ୍ରୁମେ କହିଲେ, "କିଂପାଇଁ ସଜନି,
ପରିଚର୍ଯ୍ୟା ଏତେ ଏ ଦାସୀ ଠାରେ ?
ରୁଲ ବାରବାଟୀ- ରାଜ-ପୁରେ ଦେବି,
ଲଭିବ ସେବା ଏ ରମଣୀ-କରେ ।

ବୀର ନରସିଂହେ ଜାଣି ମୁଁ ନ ଥିଲି
ଉଦାର-ମହିମା-ତପନ ଭବେ;
ଭୁଂଭେ ପରା ତାଂକ ପରାଣ ଭଜନି,
ବିବେକ-ତାରକା ବୀରତ୍ୱ-ନଭେ ।

ସେବା କରିବି ମୁଁ, ଆସିଅଛି ଦୂରୁ,
ରୁଲ ମହାଦେବୀ, ମହିଷୀ ଭୁଂଭେ;
ତାରା ମୁଁ, ଦେଖିବି ରୋହିଣୀ ସୁଧାଂଶୁ
ମାୟା-ନରସିଂହ ମିଳନ-ଶୁଭେ ।

ଜୀବନେ ମୋହର ଏ ସ୍ୱପଦ ସଖି,
ନ କର ବାରଣ, ଲୁଦ ବିମନା;
ଏ ତପ୍ତ ପରାଣେ ଦିଅ ସୁଧା ଢାଳି,
ବୀର-ଗରବିଣୀ ନ କର ମନା ।"

୧୨୪ । ରୋହିଣୀ ଚଂଦ୍ରଂକର ସ୍ତ୍ରୀ । ତାଙ୍କ ସଂଗେ ଚଂଦ୍ର ବେଳେବେଳେ ମିଳିତ ହେବାର ପୁରାଣରେ ଅଛି । ମାତ୍ର ସେତେବେଳେ ରୋହିଣୀଂକ ରୂଡ଼ଂଡ଼ ନାହିଁ । ପୁଣି ସାଧାରଣଭାବରେ ଦେଖିଲେ ଆକାଶରେ ରୋହିଣୀ ନକ୍ଷତ୍ର ମଧ୍ୟ ତାରା । ସମସ୍ତ ତାରାଚକ୍ରକୁ ଭୁଲି ଚଂଦ୍ର ରୋହିଣୀକୁ ମାସକେ ଥରେ ଅଂସଂଡ । ଚତୁର୍ଦିଗରେ ମଧ୍ୟଆକାଶରେ ଅଧିକାଂଶ ଉଜ୍ଜ୍ୱଳ ଓ ସୁଂଦର ତାରା ଏବଂ ନିକଟରେ ଛାୟାପଥ ଥିବାରୁ ରୋହିଣୀ ନିକଟରେ ଚଂଦ୍ର ବଡ଼ ସୁଂଦର ଦେଖାଯାଏ ।

କହେ ମାୟାଦେବୀ, "ଶୁଣ ଜଂବୁ-ଜେମା
ପରାଣ ପରାଣ-ଭଗିନୀ ମମ,
ପ୍ରୀତି-ସମ୍ବନ୍ଧରେ ରହି ତବ ସହେ,
ଲଭିଥାଂନ୍ତି ସୁଖ ଭଗିନୀ-ସମ ।

ସେବିଥାଂନ୍ତି ସୁଖେ ନରସିଂହ ରାଣେ
ପ୍ରସୂନ-ଶ୍ରୀକରେ ଦେବତା-ପଦ;
ଲୁଂଚେ ସେ ପ୍ରସୂନ ଦୋଳ ବୀର-କରେ,
ଦେଉଥାଂନ୍ତି ମୋର ପରାଣ ଭରି ।

ଏ ସରଗ-ସୁଖ ହେବ କି ସଜନି ?
ଏ ପୋଡ଼ା ପରାଣେ କାହିଁ ସେ ଆଶା ?
କେମଂନ୍ତେ କହିବି ସେ କଥା ଭଗିନି,
ନାରୀ-ଲୁଂଚେ ମୋର କାହିଁ ସେ ଭାଷା ?

ଆସିବେ ସେ ବୀର, ଯାଇଟଂନ୍ତି କହି,
ଆସଂନ୍ତି ସେ ନିତି ଦେଖଇ ମୁହିଁ;
ଅରୁଣ-ତପନେ ଆସଂନ୍ତି ଅରୁଣେ,
ବାରୁଣୀ-ତାମସେ କାଳମା ବହି ।

ରାବଇ କୋକିଳ, ଡାକଂନ୍ତି ସେ ତହିଁ,
ସମୀରଣେ ଛୁଇଁ ଯାଆଂନ୍ତି ମୋତେ;
ଏହି ପଲଂକରେ ବସିଥିଲେ ସେହି,
ସୁମରି, ମୁଁ ତହିଁ ପଡ଼ଇ କେତେ ।

ହୃଦ-ସରସେଣେ ନାଚି ଯାଏ ଛବି,
ପଲକେ ପଲକେ ପରାଣ ପୂରି;
ଜାଗରଣେ କେତେ ଦେଖଇ ସ୍ୱପନେ,
ସ୍ୱପନେ ଦେଖଇ ପରାଣ ଭରି ।

ରାଜ-ଭବନେ ମୁଁ ଦେଖେ ତବ ମୁଖ
କଳ୍ପନାରେ କେତେ ଉପଚି-ସୁଖେ;
ସରସେ ପରାଣ ପିଟାଇଛି ଭୋରେ,
ରହିଁ କେତେ ବଧୂ-ନନ୍ଦନ-ମୁଖେ ।

ଚମୋହନ ଲତିକା ଆଦରିଛି କେତେ
ଜଂବୁଜେମା ବୋଲି ଛପିନେ ପୁଣି;
କହେ କେତେ କଥା ପୁର-ଉପବନେ;
ପସୁରିଲେ କେହି ହୁଏ ମୁଁ ଭୁଲି ।

ପସୁରିଲ ସଖି, କହିବଇଁ ଆଜ
ପରାଣ-ବାସନା ବିଷାଦ ମନ;
ଏ ରମଣୀ-ହୃଦ ପିଟାଇବ ଭୋରେ,
ରହିଁଥିଲ ଘନେ ଚାତକ-ସମ ।

ଘନରସ-ଧାରା ପଡ଼ୁଚି ପରାଣେ,
ଚାତକ-ପରି ମୁଁ ଯାଉଚି ବୁଡ଼ି;
କି କହିବି ଏବେ ଜାଣି ନ ପାରଇ,
ଖାଲିଲେ ବଚନ ଯାଉଛି ହୁଡ଼ି ।"

କହୁ ଏତେ, ବାଳା— ସରୋଜ-ବଦନ
ଝାଉଁଳ, ଫୁଟିଲା କାଳମା-ମସୀ;
କଂପିତ ଶ୍ୱାସରେ ଫୁଟିଲା ତରୁଣୀ,
ସଂଭାଳି ପୁଣି ସେ କହିଲା ହସି ।

"ସତ କି ସପନ ଶୁଣ, ମୁଁ କହୁଛି,
ପରାଣେ ଲାଗି ମୋ ରହିଛି ଲେଖି;
ସୋହାଗ-ବିଷାଦେ ପୂରୁଛି ପରାଣ,
ଦେଖିଅଛି ଯାହା, ଯିବ ମୁଁ କହି ।

ନରସିଂହ ଯାଇ ଧଇଲେ ଶ୍ରୀକରେ,
ଭାସୁଥିଲି ମୁହିଁ ସାଗର ଜଳେ;
ଶୂନ୍ୟ-ବାଣୀ ହେଲା, 'ନ ଲଭିବ ସାର,
ଏ ରମଣୀ ଲୁଂଚେ ଏ ଭବ-ପୁରେ ।'

ଉଠିଲି ପଲଂକୁ, ଦେଖିଲି ମୁଁ ଘରେ
ଦେବ-ଜ୍ୟୋତି-ଭରା-ଲପନେ ଯୁବା;
କହିଲେ ସେ ମୋରେ, 'ଭବେ ନରସିଂହ
ନ ଲଭିବେ ତବ ଚରଣ-ସେବା ।'

ଆରମ୍ଭିତ ନଣି, ଟଛୁ ନ ବୁଝିଲ,
ଗୃହୁଁ ଗୃହୁଁ ଯୁବା କାହିଁ ଯେ ଚଲେ,
ଅନ୍ଧାର ଏ ପୁର ଦଶୁଥିଲା ଚୋରି,
ଯୋଟିଗଲା ପୁଣି ଘୋର ଅନ୍ଧାରେ ।

ସେହି ଦନ୍ତୁ ମୁଖେ ଟଙ୍କ ବଲ ବନ
ନରସିଂହ-ଭଗ ଦେଖୁଛୁ ସଖି ?
ଜୀବନର ସ୍ମରଣେ ପଡ଼ିଲେ ସେ କଥା,
ଚରଣ କପାଇଁ ଯାଉଚ ଶୁଖି ?

ସଧବା-ମରଣ- ସୋହାଗେ ଦେଖୁଛୁ
ଜ୍ୟୋତ୍ସନା-ଧବଳ ବିପିନ ତଳ,
ଅବଶ ଲାଗୁଚି ଦନ୍ତୁଦନ ମୋରେ,
ଭୁଟି ଯାଉଅଛୁ ତରୁଣ-ଦଳ ।

ଉଦ୍ଭ୍ରାନ୍ତ ଗରବେ ନାଚଇ ମୁଁ ବନେ
କ ଭାବଇ ସଖି, ନ ଜାଣେ ମୁହିଁ,
ସ୍ମରଣେ ଚରଣ- ଦେବତା ବସାଇ
କରେ ବେଳେ ବେଳେ ଆରତି ତହିଁ ।

ପିଣ୍ଡ ଫୁଟି, ପ୍ରାଣ ବାହାରଇ କେବେ,
ଆଶା-ବନ୍ଧ ଯାଏ ଚମକେ ଭୁଟି,
ନାବୁଥାଏ, ନଭେ କନ୍ଦୁକ ଫୋପାଡ଼ି,
ଛଳନେ ଯାଏ ମୋ ଚରଣ ଫୁଟି ।

ସତ ପରି ଲାଗେ, ହେବ ଏ ସପନ
ଆଦର ଶପଲେ କର ଭଗିନ;
ନ ଦେଖି ସ୍ୱଜନେ, ହେବ ଯେବେ ଏହା,
ଶୁଣ, ମୁଁ କହୁଛୁ ପ୍ରାଣସଙ୍ଗିନ;

'ଆସିବ' ବୋଲି ସେ ଯାଇଚନ୍ତି ଛାଡ଼ି,
ନ ଦେଖିବ ଯେବେ ଏ ଭବେ ତାରେ,
ମୋ ଆଲିଁ ସଜନ ଦେଖିଥିବ ଜନ୍ତି,
କହିବ ମୋ' କଥା ସେ ସାରବରେ ।

ବିଦାୟ ନେବାକୁ ନ ମିଳବ ଯେବେ
ବେଳ, ମୋ ପାଇଁକ ମାଗିବ ବିଦା,
ନରସିଂହ ଯେବେ ହେବେ ଗୋ ବିମନା
କହିବ ବୁଝାଇ ନ କରି ଦ୍ୱିଧା ।

ଏକାମ୍ରେ ଆସିବ ନରସିଂହ-ଭୁଲେ,
ସମ୍ଭାଳିବ ମମ ପ୍ରବାଣ ତାତେ,
ଏହି ପୁରେ ଆସି, ଉପବନ-ମୁଖେ
ରଚିବ ବିହାର ବିପିନ-ବାଟେ ।

ଏହି ମଲଙ୍କରେ ବସି ନରସିଂହ,
ଧରି ଥିଲେ 'ମୋତେ ସଂହରେ କୋଳେ,
ଏହି ଉପବନେ ପ୍ରଦୋଷ-ତାମସେ
ଶିହ୍ନିଥିଲି ମୁହିଁ ଅଭିଥିବରେ ।

ଏହି ଘରେ କରି ଅତିଥି ତରଣ୍ଡି,
ସେହି ଘରେ ବସି, ଗାଇଲି ଗୀତେ,
ରଖିଥିବ ମନେ, କହିବ ସଜଣ୍ଡି,
ରଖିଥିବେ ସାର ସ୍ମରଣେ ମୋତେ ।

ନରସିଂହ ମୋର ପରାଣ-ସମ୍ପଦ,
ଭୁଞ୍ଜେଟି ପରାଣ-ଦୋସର ମମ,
ହୃଦୟେ ଧରି, ମୋ ଜୀବନର ସ୍ମରଣ,
ନରସିଂହେ ଅରପିବ ପରାଣ ।

ବରଷ ନୋହିବ, ଭଗିନୀଟି ଭୁଞ୍ଜେ,
ବରଷ ନୋହିବେ ସେ ନରସିଂହ;
ଶରଦ-ଅରୁଣେ କନକ-ପ୍ରସୂନ
ସୁରଭି-ବିଳାସେ ଫୁଟିବ, କହ ।

ସେ ଶରଦେ ମୁହିଁ ହଟିବ କମଳ,
ସେ ସୁରଭି ହେବ ମୋହର ସଖି,
ହୃଦୟେ ହୃଦୟ ମିଶାଅ ଭଗିନି,
ଏ ଜୀବନେ ଧନେ କର ଗୋ ସୁଖୀ ।"

ଚୁମ୍ବିଲେ ମାୟା        କମ୍ର-କର-ଲତା,
ଆଲିଂଗି ଧଇଲେ କଂବୁ-କଂଧରା,
ପଲକେ ଚମକି        ଥରିଗଲେ ବାଳା,
ଖସିଗଲା ଦୃଢ଼ ବାହୁ-ବଂଧନ ।

କନକ-ପ୍ରତିମା        ପଡ଼ିଗଲେ ତଳେ,
ଫିକା ଦିଶିଗଲା ଲପନ-ଜ୍ୟୋତି,
କପାଳେ କପୋଳେ        କର-ପୀଠେ ପଦେ
ବିକାଶି ଦିଶିଲା ଘର୍ମର ମୋତି ।

ମରମେ ଚମକି        କଂବୁ-ଜେମା କ୍ଷଣେ,
ଥରି ଥରି ଗଲେ ପଲଂକେ ପଡ଼ି,
ନିମେଷ-ବିହୀନ-        ନୟନେ ଉଠି ସେ,
ଚୁମ୍ବିଲେ ମରଣେ ବିରହ-ଶିର ।

ମନେ ପଡ଼ିଗଲା        ବିଜୁଳି-ଚମକେ,
ବିଶ୍ୱନାଥ ଯେବେ ଗଲେ କାଶୀରେ,
ମନେ ପଡ଼ିଗଲା        ସେ ନିଶି-ସ୍ୱପନ,
ପଡ଼ିଲେ କେସନେ ସେ ପାଶ୍ୱବାରେ,

ତାରା ହୋଇ ନଭେ        ଆନ ତାରକାରେ
ମିଶିଲେ କେଶନେ ଗଗନ-ପଥେ,
କି ପୁଣି ଭାବିଲେ,        ଜାଣୁ ସେ ନ ଥିଲେ,
ଶୂନ୍ୟ ରହିଗଲେ ଚୁମ୍ବି ପୁରତେ ।

ଅର୍ଧ-ବିଧୁ-ନିଭ        କାଶ୍ମୀର ଲଲାଟେ
ଫୁଟି ଉଠେ ଘନ ଘାଳମ-ମସୀ,
ଚୁମ୍ବୁଁ ଚୁମ୍ବୁଁ ପୁଣି        କପୋଳ-ପାଟଳେ
ଦିଶଇ ବାରୁଣୀ ପ୍ରଦୋଷ ମିଶି ।

ତରୁଣ ହୃଦୟ,        ମନେ ହୁଏ ସତେ,
ଏହି ପଡ଼େ ଝରି କଂପିଉଠି ଭାଲେ,
ଶୁଷ୍କ-ନୟନ-ତାରା        ବୁଲିଯାଏ ପୁଣି,
ନଖୁ ଶିଖଯାଏ ଶବ-ଶଯ୍ୟାରେ ।

"ଆହା ରେ ଦଇବ,        କି କଲୁ ତୁ ସତେ !"
ଶିଶୁପାଳେ ଉଠେ କ୍ରଂଦନ-ରୋଳ,
ଅବମା ଆଦର        ପଣ୍ଡିତଂକ ମାୟା,
ପସରି ଯାଇଚ ଗ୍ରାହ୍ୟ ଶରୀର ।

ପରଖିଲା କେତେ        କଲେ ଉପଚାର,
କି ଅଛି ବିଧାନ ନିୟତି-ବଳେ ?
ପ୍ରବୀଣ ସାମଂତ        ଆସିଲେ ସେ ପୁରେ,
ଥକ୍କା ମାରି ବସିଗଲେ ସେ ତଳେ ।

ଜ୍ୟୋତି-ହୀନ ବୃଦ୍ଧ-        ନୟନ, ସେ କାନ୍ଦୁଁ
ତରଳ ବହିବ ଲୋତକ-ଧାରେ !
ବହୁକ୍ଷଣ ରହି,        ଗୁ ରୁ ଶ୍ୱାସ ଛାଡ଼ି,
ଚୁମ୍ବିଲେ ସେ ନାସା-ଅଗ୍ରଥି-ବରେ ।

ପ୍ରଚଂଡ ବିଷାଦେ        ସରମ-ମଣ୍ଡଳେ
ରହିଥିଲେ ସ୍ତବ୍ଧ କଂବୁ-ଦୁହିତା;
ଦୁହିତା-ସଂସ୍ପର୍ଶେ        କହିଲେ ପ୍ରବୀଣ,
"ବିଧି-ଲେଖେ କଂପା ପାଏ ମା ବ୍ୟଥା ?

କେତେ ଧନ ଅବା        ଏ ଜଗତେ ଆଉ !
ଥିଲା ତ ଶେଷେ ମୋ କପାଳେ ଏତେ !
ନରସିଂହ ବର,        ଧରମ-ଦୁହିତା,
ତୁଂଭ ଶୋକ ଏବେ ବାଧିବ ମୋତେ ।

ଯେତେ ଧନ ଥିବ        ଏ ଭବେ, ମୋ' ମାଆ,
ଆସୁଥିବ ଏଥି ବସୁଧା-କୂଳେ;"
ଦେଖି ସୁଖୀ ହେବ,        ଅଚ୍ଛିଥି-ବିଧାନ
ରଚିବ ଆପଣେ ଆପଣା-କରେ ।

କିଏ ଅଛି ଆଉ ?        କାହାକୁ କହିବି ?
ବୟସ ତ ନାହିଁ, କରିବ କସ ?
ଶୋକ-ମସୀ-ଭରା        ବିଶୁଷ୍କ ଲପନେ
ଏ ପଶ୍ୱଣେ ଆଉ ନ କର ବିଷ ।"

ଥର ଥର ବାଳା ନୟନୁ କପୋଳେ
ତରଳ ବହିଲା ଶୋକର ଧାର;
କହିଲେ ସାମନ୍ତ "କାହିଁପା କର କୋହ ?
ଶିର କେହି ନୁହେ ଭୁବନ ସାର ।

ଯେ ଯାହା ନିୟତି ସେହ, ଯିବେ ଭବେ,
ବହିବ ଜଟିମା ସାଗର-ମୁଖେ;
ଯେଣ୍ଠା କାଳେ ଭବେ ଭୁଲିବେ ସରବେ
ବିପଦ ସଂପଦ ବିଷାଦ ସୁଖେ ।

ସୁଖେ ହସି ଦିନେ, ଝଁଶ ପଡ଼େ କାଳେ,
ମଧୁ-ବଇଭବ-ସୁମନ ବନେ;
ବଳେ ଝଁଶ ବହେ ରମ୍ୟ ଗିରି-ନଦୀ,
କାଳେ ସେ ଊଷର ହୋଇବ ଦିନେ ।

ରଜତ-ମଣ୍ଡଳ ହିମାଦ୍ରି ଗୋ ତବ
କାଳେ ଲୁଚି ଯିବ ସାଗର-ଜଳେ;
ମରୁ ଗରଜିବ ପାରାବାର-ତଳେ,
ବିପିନ ପଶିବ ପାତାଳ-ପୁରେ ।

ଜଡ଼ ହେବ ଏହି ବିଶାଳ ଧରଣୀ,
ଅଲଂଘ୍ୟ କାଳର କବଳେ ପଡ଼ି;
ବିଷୁବ-ଗ୍ରୀଷମେ ବିକାଶିବ କାଳେ
ମେରୁ-ଦେଶ-ଘନ-ତୁହିନ-ଶିର ।

ଏଚଣ୍ଡ ତପନ ଦେଖୁଛ ଗଗନେ
କାଳ-ବଳେ ଦିନେ ଲଭିବ ଏହା;
ଅନନ୍ତ ବିତାନେ ଅନନ୍ତ ଭୁବନ
ରୋଧି ନ ପାରିବ କାଳର ରହା ।

ଦିନୁଦିନ ବହି ଯାଉଛି ଜୀବନ;
ଯଉବନ ହେବ, ଆସିବ ଜରା;
ପିଂଜୁରୁ ପକ୍ଷୀ ପରି ଉଡ଼ିଯାଏ
ଜୀବନ, ଛାଡ଼ି ଏ ଶରୀର-କାରା ।

ଦୁଇଦିନ ପାଇଁ ଶରୀର-ବିଭବ,
ଅନନ୍ତ ଜୀବନ ଅନନ୍ତେ ମିଶେ;
ସବୁ ସୁଖ ଦୁଃଖ ସୋହାଗ ବିଷାଦ
ଏକାକାର ସେହି ଅନନ୍ତ ଦେଶେ ।"

ଶୁଷ୍କ ମୁଖେ ବୃଦ୍ଧ ସଂବୋଧି ଏସନ
ବଜ୍ରାହତ-ତୁଂଗ-ଶିଖର-ସମ,
ତୁଂଗ ଶୁଷ୍କ ଶିରେ ଆଦେଶି ସଂସ୍କାର,
ଛାଡ଼ିଲେ ମଣ୍ଡନେ ପ୍ରେମା-ଭବନ ।

ବେଦନ ସଂଗ୍ରାମ, ପ୍ରେମା-ସହଚରୀ
କହିଲେ, "ଦହନ ନ ହେବ ପିଣ୍ଡ;
କାଲି ପ୍ରେମା ହସି କହିଚନ୍ତି ମୋରେ;
'ହେବ ଯେବେ ସଖି ଶମନ-ଦଣ୍ଡ;

ନ ଦେଖି ସ୍ୱଜନ ଯିବ ଯେବେ ମୋର
ପରାଣ, ଏ ପିଣ୍ଡ ବରଜି ସତେ;
ନ ଦେଖିବି ଯେବେ ପରାଣ-ଦେବତା
ଏ ପୋଡ଼ା ନୟନେ ଏହି ମରତେ;

ଭାଂଗିଯିବ ଯେବେ ମୋ ସୁନା-ସଂସାର,
ଥିବେ ନରସିଂହ ଦୂର ବିଦେଶେ;
ପଡ଼ି ଯେବେ ଯିବ ବୃନ୍ତ ଛାଡ଼ି ଫୁଲ,
ନ ଦେଖି ଅରୁଣ ନିଶି-ତାମସେ,

ନ ପୂରି ବାସନା, ଭୁଲି ଯିବ ଯେବେ
ପରାଣ, ବରଜି ଏ ଭବ-ପୁରେ,
ସିଂଧୁକେ ପୂରାଇ, ତପନେ ହସାଇ,
ଭସାଇବ ପିଣ୍ଡ ଜଟିମା-ନୀରେ ।

ଏହି ଦସ୍ୟା-ଧାରେ ବନ୍ଧି ମୋରେ ନେବ,
ଦେଖାଇବ ପଥେ ବଡ଼ଦେଉଳ,
ଦେଖାଇବ, ନେଇ ନଦୀ-କୂଳେ କୂଳେ
ସେହି ବାରବାଟୀ-ସଉଧ-ଚୂଳ ।

ତପନେ ହସାଇ, ସେ ପୁର ଦେଖାଇ,
ଦେବ ପିଂଡ ମୋର ଭସାଇ ଜଳେ,
ଭେଟିବି ସାଗର, ସାଗରେ ସଜନ,
ସ୍ୱଜନ-ଛୁଇଁବେ ମୋତେ ଶ୍ରୀକରେ' ।" ୨୪୦

ସେହି ସେ ଶ୍ରୀକରେ ଜଂବୁ-ରାଜ-ଜେମା
ଶୁଆଇଲେ ଶବ ସିଂଧୁକେ ନେଇ,
ସଜମା-ଗହଣେ ଦସ୍ୟା-ଧାରେ ଧାରେ
ସଂଭାରେ ନେଲେ ସେ ସିଂଧୁକ ବହି ।

କାଠଯୋଡ଼ି ସହିଁ ଯାଏ ମାଳାଚଳେ
କ୍ଷଣେ ବାରବାଟୀ ଉନ୍ନତ ଚୂଳେ,
ହସି ହସି ବାଳା କନକ-ତପନେ,
ଥର ଥର ଭାସେ ତଟିନୀ-ଜଳେ । ୨୪୪

---

## ଷଷ୍ଠ ସର୍ଗ

କଂପାଇ ସାଗର ଧରଣୀ ଗଗନ,
ଫଟାଇ ରଜନୀ-ତାମସ ଘୋର;
ତାମ୍ରଲପ୍ତ-ବେଳା- ବସାଉ ବୁଡ଼ାଇ;
ଉଠଇ ଗଗନେ ଦୁଂଦୁଭି-ରୋଳ ।

ସେ ନାଦେ ନଚାଇ କଦଂବେ ପ୍ରଦୀପ,
ମାଳ ମାଳ ଭାସେ ସମରେ ତରୀ;
ଜଳ-ଦସ୍ୟୁ-ପୋତେ ଘେରି ଦୀପମାଳା,
ବୋଇତେ ବୋଇତେ ଯାଉଛି ବୁଲି ।

କେତେ ଦସ୍ୟୁ-ପୋତେ ଦୋହଲି, ପ୍ରଦୀପ
ଅତଳ ସାଗରେ ବୁଡ଼ଇ ଜଳେ;
ବୀର-ନରସିଂହ- କନକ-ତରଣୀ
କନକ-ପ୍ରଦୀପେ କନକେ ଜଳେ ।

ପୋତମାଳ ସାଜ, ବଣିକ-ସଇନ
ଭେଦ ଚକ୍ରବାଳ, ଯାତାଳେ ପଣେ;
ଚଳ-ତାରକତ- ଗଗନ-ସୋହାଗେ
ତାମ୍ରଲପ୍ତ-କୂଳ ଚମକେ ହସେ ।

ଚଂଚଳ ଚଳନେ ବୁଲିଯାଏ ତରୀ,
ବୁଲିଯାଏ ଘନ ପ୍ରଦୀପମାଳା;
ଉଠେ ଘୋଟ କାହିଁ ଅନଳ ଉଗାରି,
ତାମସେ ଉଠଇ ବାଡ଼ବ-ଜ୍ୱାଳା । ୧୦

ଜଳ ଉଠେ ପୁଣି ଅନଳ ତାମସେ,
ଝଳେ ଚଉପାଶେ ବୋଇତ-ପାଲ;
ପଳାଏ ତରଣୀ, ଲିଭାଇ ପ୍ରଦୀପ,
ଛୁଟେ ପଛେ ପଛେ ପ୍ରଦୀପମାଳ ।

ଯେଉଁଣେ ଗୁହିଁ, ତେଣେ ଚଳ ଦୀପମାଳା,
ରଜତ-ଝାଂଡରି କନକେ ଝଳେ;
ଗଗନ-ବଟାନେ ଉଠେ ଧୂମ-ବୀଚ,
ଉଜଳ ସେ ଧୂମ; ବୋଇତ ଜଳେ !

ଉଠଇ ଅନଳ- କରାଳ-ରସନା,
ବଢ଼େ ଅଣଂଗୁଣ ପବନ ଚହିଁ, ୧୫
ଲିଭାଏ ପ୍ରଦୀପ, ବୁଲାଏ ତରଣୀ,
ଲୁଚେ ଦସ୍ୟୁ-ତରୀ ଅଂଧାରେ ରହି ।

---

୨୩୭ । ବଡ଼ଦେଉଳ = ପୁରୀଦେଉଳପରି ଭୁବନେଶ୍ୱରର ଲିଂଗରାଜଂକ ଦେଉଳକୁ ମଧ୍ୟ ବଡ଼ଦେଉଳ କହଂନ୍ତି ।

ଦୂର ଦୂର ତଟେ    ଅନଂତ ବିତାନେ,
ଜଳି ଉଠେ ପୁଣି ପ୍ରଦୀପମାଳେ;
ସିକତା-ପୁଳିନୁ    ଚକ୍ରବାଳ-ଯାଏ
ଅନଂତ ବିକାଶେ ପ୍ରଦୀପ ଜଳେ ।

ଦୂର ଚକ୍ରବାଳ-    ସୀମଂତ-ତିଳକେ
ଚମକେ ଉଠଇ ଅନଳ-ଶିଖା;
ଗଜଧ୍ୱଜ-ଲଂଚ    ସଜନ-ବୋଇତେ
ଆଦେଶ-ଇଂଗିତ ଉଠଇ ଜଳି ।

ସେ ଆଦେଶ ଦେଖି,    ପ୍ରଳୟ-ନାବିକେ
ଛୁଟଂତି ସେ ଧୀର ଅନଳ ଲକ୍ଷ୍ୟ;
ଇଂଗିତେ ନବୀନ;    ଦୂରେ ଉଠେ ବହ୍ନି,
ଆବେଗେ ପୁଳକ-ତରଣୀ ଦେଖି ।

ଚଳଂତ ତାରକା    ଯେସନ ଗଗନେ,
ଜ୍ୱଳଂତ ପ୍ରଦୀପ ସାଗରେ ଭାସେ;
ତୁଂଗ ଗୁଣବୃକ୍ଷ    ଉଠେ ପାଲେ ଜଳି,
ବିକଟ ଦୀପନେ ନୀଳିମା ହସେ ।

ସେ ବିକଟ ହାସ    ଦୃଶ୍ୟ-ବକ୍ଷସିକା
ଫଟାଇ, ଫିଟିଲା ପଟରୀ-ବାସ;
ବୋଇତ-କଂକାଳ-    କଳଂକିତ-ପାଲ-
ରଂଜିତ-ସାଗରେ ହସିଲା ଦବା ।

ଥୋପା ଥୋପା ହୋଇ    ନୀଳ ପାରାବାରେ
ରଂଜେ ପାଲ, ହସେ ଅରୁଣ-କର;
ସ୍ୱପନେ ବୋଇତ    ଠୁଳ ହେଲେ ଆସି;
ସତକେ ହୋଇଛି ତସ୍କର ଜୁର ।

ସକାଳେ ସିଂହଳ-    ଯାବା-ବାଲି-କୂଳେ
ପଠାଇଲେ ସୁଜ୍ଞ ବୋଇତମାନ;
ପଥେ ଥିବେ ଦସ୍ୟୁ    ବିଘୃଣ, ଦେଖିଲେ
ତସ୍କ ବୋଇତେ କେତେ ବସ୍ତ୍ର ସଇନ ।

ଦେଖିଲେ ଯୋଜନ-    ବିସାରେ ଖସଇ
ଗୁଣବୃକ୍ଷ-ଖଂଡ ବୋଇତ-କାଠ;
ଅରୁଣ-ଚମକେ    ନବ୍ରତ-କଂଚୁକେ
ଭାସୁଚଂତି କେତେ ବଣିକ-ଥାଟ ।

ଲହରେ ଲହରେ    ନାଚୁଚଂତି କେତେ
ଭାସି ଭାସି ବେଳା-ଚିକ୍କଣ-ଧାରେ,
ତନୁ-ତଟ-କୂଳ    ଖୋଜ ଖୋଜ ଜଳେ,
ଆଣୁଚଂତି ଶବ ସାଗର-ଖାରେ ।

ସଂସ୍କାର-ବିଧାନ    ଆଦେଶି, ସଜନ
ତାମ୍ରଲିପ୍ତ-ପୁରେ ଆସିଲେ ଫେରି;
ଦୂର ଉପକୂଳୁ    ଫେରିଲେ ବୋଇତ,
ବାରବାଟୀ-ପୁରେ ଯିବେ ବାହୁଡ଼ି ।

ମିଳନ-ସରାଗେ    ଭେଟିବେ ସୁଂଦରୀ
ଶିଶୁପାଳ-ଜେମା କାଶ୍ମୀର-ବାଳା,
ଏକ-ବୃଂତେ ଦୁଇ    ଲୀଳା-ଅରବିଂଦ
ବୀର-କରେ ଦୋଳି, କରିବ ଲୀଳା ।

ପଲକେ ପଲକେ    ନାଚଇ ସ୍ମରଣେ
ଜଳଦସ୍ୟୁ-ତଟେ ପ୍ରଦୀପ-ମାଳ;
ଏକାମ୍ର-କାନନେ    ପ୍ରଦୋଷ-ବିହାର
ଅତିଥି-ପାଳନେ ସେ ଶିଶୁପାଳ ।

ବେଳେ ବେଳେ କାହିଁ    ପରାଣ ବିଭୋର,
ସ୍ମରଣେ ସମୀରେ ଯାଆଂତି ଭାସି;
କି ଭୀଷଣ ବୀର-    କଠୋର-ପରାଣ ?
କରମେ କେସନେ ଥାଆଂତି ରସି ?

ପ୍ରଚଂଡ ତପନ    ସନ୍ଧି ଘନ ତଳୁ,
ସଂଭାଳଇ ଯଥା ଖଦ୍ୟୋତ ତମେ;
କଠୋର କରମେ    ବଣିକ ବିପଣି
ସଂଭାଳ, ସେ ବୀର ନୀରବ ଶ୍ରମେ ।

ଝଟିକା-ଝଂକାରେ ଦୋହଲେ ପାଦପ,
ମାଡ଼େ ପକ୍ଷି-ବଧୂ ନ ଜାଣେ ତାହା;
କି ଘୋର ତୋଫାନେ ଥରଇ ପରାଣ ?
ବଣିକ ବିପଦେ ରାଜନ ସାହା !

ଦକ୍ଷିଣୁ ବହଇ ମୃଦୁ ସମୀରଣ,
ମେଲାଇ ଦିଅଂତି ଉରସ ଦ୍ୱାର;
ଦକ୍ଷିଣ-ଗଗନେ ଚମକେ ଚପଳା;
ଚମକେ ଥରଇ ଦ୍ୱାର-ଶରୀର ।

କେ କହିବ, କିବା ପିରତିରେ ସ୍ମୃତି,
ସ୍ମୃତିରେ ପୀରତି ତରୁଣ-ରସେ ?
କେଉଁ ଦୂର ନଭେ ହସଇ ଚପଳା,
ଚମକେ କମ୍ପାଇ ଦ୍ୱାର ସେ ହାସେ ?

ସେହି ହାସ ପରି ଦେଖଇ ତରୁଣ
କ୍ଷଣକେ ପୀରତି-ମରମ-ଭର !
ସେହି ସ୍ମୃତି ପରି କରଇ ପଲକେ
ଆଶାର ସ୍ୱପନ ଧରଣୀ ସାରା !

ସାରା ଧରଣୀରେ ଦେଖେ ସେ ଆଜ
ଶିଶୁପାଳ-ଗଡ଼-କାନନ-ଭୂମି;
ଉପକୂଳ ଲୋକ ଆସିଲେ ମଣଂତି,
'ସିଂହଳ-ସଂବାଦ ଦେବ ସେ ଆଣି ।'

ଦିନକ ମଣଂତି ବରଷେ ତରୁଣ,
କରମ ଲାଗଇ କର୍କଶ କେବେ;
ଉଠଇ ବିବେକ; ଉଠଇ ସ୍ମରଣେ
ଶିଶୁପାଳ-ଜେମା-ବଦନ ଯେବେ ।

ସେହି-ଜେମା-ମୟ ଦିଶଇ ସଂସାର
ତରଣୀ ସଉଧ ବିପଣି ଜଳ,
ସିକତା ପଖାଳ, ପଡ଼ଇ ଶିଶିରେ
ସେହି-ଜେମା-କମ୍ର-ଶୀତଳ-କର ।

କରମ-କଂଚୁକ ଆବରଣ ଯିନା,
ଶାଶ୍ୱ ପ୍ରୀତି-ପୂର-ନିବଦ୍ଧ ତଳେ,
ସେ କଂଚୁକ ଆଜ ଯାଇଅଛି ଖସି,
ଭସଂତି ତରୁଣ ଉନ୍ମାଦ-ଜଳେ ।

ମଣଂତି; ପଲକେ ଯିବେ ବାରକାଟି,
ଶିଶୁପାଳ-ଗଡ଼େ ପଶିବେ ହସି,
ପାଶ୍ୱେ ଛିଟିବେ ବାଳା, ସଂଭାଷିବେ ଲସକ,
ବାଳାମଣି-ରୁଚ୍ଚ-ପଲଂକେ ବସି ।

ସରମେ ତରୁଣୀ ଥିବେ ମଥା ପୋତି,
ସରସେ ତରୁଣ କହିବେ କଥା,
କେତେ ବୀର-କର୍ମ ଅଦ୍ଭୁତ କାରତ
ତାମ୍ରଲିପ୍ତ-କୂଳ-ସମର-ଗାଥା !

କହିବେ, "ପୁରୁଷ କରମ-କଠୋର,
କି କରଂତି ପ୍ରିୟେ ? କରମ-ବଶେ
ଯାଇ ଦୂରେ ବାଳା, ସ୍ମୃତିର ସଂଖାଳ
କରିଥିଲି ତୋରେ ନିଶି ଦିବସେ ।

ବୁଡ଼ିଯାଏ ରବି ବାରୁଣୀ-ବଳୟେ,
ଲଂଘିଥାଏ କର ଗଗନ-ଚୂଳେ,
ଯାଉଥିଲି ଯିନା ବୋଇତ ଉହାରି,
ଫେରି ଆସୁଥିଲି ପରାଣ ଦୂରେ ।

ଜାଣି ମୁଁ ନ ଥିଲି, ଦୂରେ ପ୍ରାଣ ରହି,
ସମରେ କେସନେ ପଶଇ ବୀର,
ଧଂକସେ ଯିନା ମୁଁ ଶୁଣିଥିଲି ବାଳା
ଦୁଂଦୁଭି-ନିନାଦେ ତୋହର ସ୍ୱର !

ଦେଖୁଥିଲି ବାଳା ପଲକେ ପୁଲକେ
କାଳ ଦସ୍ୟୁ-ତସ୍ୱା-ପ୍ରଗାପ-ମାଳେ,
ଏହି ଉପବନ- ପ୍ରଦୋଷ-ବିହାର
ଅତିଥି-ବରଣ ଏ ଶିଶୁପାଳେ ।"

ଆହା ରେ ପ୍ରଣୟେ         ମିଳନର ଆଶା !
କଏ ସେ ଗାଇବ ବିପଂଚୀ-ତାନେ ?
ଶତବୀଣା ଜିଣି,         ଉଠେ ସେ ପରାଣେ,
ଥରିଯାଏ ଭାବ ତରଂଗ-ସନେ ।

ମଳୟେ ଫୁଟଇ         ରସାଳ-ଲତିକା,
କଳ-ମଧୁ-ଦୂତ-ମୋହନ-ସ୍ୱନ,
ମିଳନର ଆଶେ         ପୀରତି ଉଠଇ,
ତରଂଗେ ତରଂଗେ ଭରି ପରାଣ ।

ତୁଂଗ ପାହେ ନଦୀ         ଧାସଇ ସାଗରେ,
ପୀଇତି ବଢ଼ଇ ମିଳନ-ଆଶେ,
କଠୋର କରମ,         ଗୁରୁ ପ୍ରତିବଂଧ
ତୃଣ ପରି ସେହି ସଲିଳେ ଭାସେ ।

ସେ ମିଳନ ଆଶା         ନରସିଂହେ ଆଜ
ବୁଡ଼ାଇ ମରମ, ଶରୀରେ ବଢ଼େ,
ମଣୁଥାଂନ୍ତି ଜନ         ଆସିବେ କଟକେ,
ଭୁଟାଇ ଅଳସେ କରମ ଗାଏ ।

ବିବେକୀ ଯୁବକ;         ଗୁରୁ-କର୍ମ-ବଂଧ
ଛାଡ଼ି ବା ଆସି ସେ ପାରିବେ କାହିଁ ?
କରମେ କରମେ         ମନୋଭାବ-ରାଶି
ପ୍ରତିଫଳେ, ତହିଁ ଦେଖଂନ୍ତି ରହି ।

ସହକାର-କୁଂଜେ         ପଡ଼ହି-କୂଜନେ
ଶୁଣଂନ୍ତି ସେ କାହିଁ ସୁଦୂର-ଡାକ;
ନଶୀଥ-ମାଳମେ         ପ୍ରଦୋଷେ ଅରୁଣେ
ବିଶୁଥାଏ ଫୁଟି ସୁଂଦରୀ-ମୁଖ ।

ଦେଖିବାକୁ ଲୁଚ         ପ୍ରଜା-ଶାନ୍ତି-ଗତି
ବାହାରଂନ୍ତି କେବେ ପରାଣ ଭୁଲି;
ତୁରଂଗ-ବାହିତ-         ତାମ୍ରଲିପ୍ତ-ପୁର
ରଜନୀ-ଚାମସେ ଦେଖଂନ୍ତି ବୁଲି ।

ଦ୍ୱାରେ ଦ୍ୱାରେ କେତେ         ଶୁଣଂନ୍ତି କାହାଣୀ,
ଗୈରଗଂଗ-କଳା, ଅନଂଗ-ଯଶ;
ବୀର-ନରସିଂହ-         କୁଶଳ-କରମ
ଶୁଣି, ହୁଏ ଯୁବା-ହୃଦ ସରସ ।

ଲୁଚି ଲୁଚି ସବୁ         ଶୁଣଂନ୍ତି ମନେ,
ନାଗରିକ-ଲୀଳା ଦେଖଂନ୍ତି କେତେ;
ଆପଣେ ବିଭୋର,         ଅନ୍ୟ ମନେ କେବେ
ଭୁଲି ବୁଲୁଥାଂନ୍ତି ଅପଥ-ପଥେ ।

ବୁଲୁ ବୁଲୁ କପାଁ         ରହିଗଲେ ସ୍ଥିର ?
କି ଦେଖିଲେ ସେହୁ ପୁରୁଷମଣି ?
ସ୍ତବ୍ଧ ସ୍ତବ୍ଧ ଭେଦି         ନଶୀ-ନଳ-ତମେ
ଶୁଭେ ଚଉତିଶା-ମୋହନ-ବାଣୀ ।

---

## ଚଉତିଶା

( ଆଷାଢ଼ଶୁକ୍ଳ-ବାଣୀ )

କପାଇଁ ଆସିଲ ଦୁର ବିଦେଶେ ?
ଖ-ପୁଷ୍ପ ଲୋଡ଼ି କେଉଁ ଶୂନ୍ୟ ଆଶେ;
ଗଗନେ ସେ ବାଳା ରହିଁ ତ ଥିବ,
ଘଡ଼ିକ ଯୁଗପରି ସେ ମଣିବ;
ନ ଗଲ ମୁଁ ଫେରି, ନିଠୁର ମୁଁ କଂଠ କରି ଆସିଲି ।

ଚଳନେ ଫୁଟିବ ରମଣୀ-ମଣି;
ଛଳ ଛଳ ଆଖି କରିବ ପୁଣି;
ଜୁଝ କରି ବାଂଧୁ ନ ଥିବ ଜୁଡ଼ା,
ଝଡ଼ୁଥିବ ଶିରେ ଫୁଲ-ପାଖୁଡ଼ା;
ନ ବନ୍ଧୁ ଆଇତି;         ନ ଭଜୁଥିବ ପଲଂକ ସୁପାଣ ।

ଟାଣ ମଣୁଥିବ ସ୍ଫୁରୁଷେ ବାଳା,
ଠକଲେ ବୋଲି, ମଣୁଥିବ ପରା !
ଡାକୁଥିବେ ସଖୀ, ଶୁଣିବ ନାହିଁ,
ଡଗ ମେଲିବେ ପରିହାସେ ସହି,
ନ କଲି ମୁଁ କସ ? ନ ମାରି ହାତେ ମୁଁ ଦେଲଇ ବିଷ !

ତନୁ ଯାଇଥିବ ବିଷାଦେ ଶୁଖି;
ଥକୁଥିବ ବାଳା, ଦେଖିଲେ ସଖୀ,
ଦରହାସ ବିଶୁ ନ ଥିବ ମୁଖେ,
ଧରୁ ନ ଥିବ ସେ ମୁକୁର ସୁଖେ,
ନିଠୁର ମୁଁ ଅତି, ନ ବୁଝି କିପାଇଁ କରିଲି ସଖି ?

ପଡୁଥିବ କାନେ କୋକିଳ-ସ୍ୱନ,
ଫୁଟୁଥିବ ବନେ କେତେ ସୁମନ,
ବସୁଥିବ ଉପବନେ ପ୍ରଦୋଷେ,
ଭାସି ଉଠୁଥିବ ନିଶି ଦିବସେ
ମୋ କଥା ସ୍ମରଣେ, ନୟନେ ରହୁଥିବ, ଲୁହଁ ବନେ ।

ଯମ ଦଣ୍ଡ ଭୋଗୁଥିବ ଜୀବନେ,
ରହୁଥିବ ବାଳା ବିକଳ ମନେ,
ଲାଗି ଯାଇଥିବ ଶେଯେ ତରୁଣୀ,
ଶକୁନ ଦେଖୁଥିବ ନିତି, ଗଣି,
ସହିବ ସେ କେତେ ? ହେବ କି ଆଜ ମିଳନ ମରତେ ?

ତାଳପତ୍ର-ପୋଥି ଫିଟାଇ ପ୍ରଦୀପେ
ପଢୁଥିଲେ ଯୁବା, ଶୁଣନ୍ତି ନାରୀ,
ଶୁଣୁ ଶୁଣୁ ବୀର- ମରମ ତରଳି
ନୟନେ ବହିଲା ଲୋତକ-ବାରି !

'ହେବ କି ଆଜ ସେ ମିଳନ ମରତେ ?'
ରହିଗଲା ବୀର-ଶ୍ରବଣେ ବାଜି,
ଥରି ଥରି ହୃଦ, ଚମକେ ଚମକେ
ଉଠିଲା ସେ ଗୀତ ମରମେ ବାଜି ।

ଆସି ବିଶ୍ରମିଲେ, ନ ଲାଗଇ ନିଦ,
ଲାଗଇ ନିଦ ଯେବେ ଆସଇ କ୍ଳାନ୍ତି,
ସ୍ୱପନେ ଏକାମ୍ରେ ଦେଖି ଅଘଟଣ,
ପଲକେ ଚମକି ଉଠନ୍ତି ଚହୁଁ ।

ଲାଗି ନିଦେ କେବେ କି ଦେଖି, ବହଇ
ଭିଂଜାଇ ତଳପେ ଲୋତକ-ଧାର,
ଜଂବୁ-କେମା କେବେ ଲୋଟି ଧରାତଳେ,
ଦିଅନ୍ତି ଅଶୁଭ କି ସମାଚାର !

ସେହି ସମାଚାର— ସ୍ୱପନେ ଅରୁଣେ
ବଂଧ-ସ୍ରୋତେ ନିଦୁ ଉଠିଲେ ବୀର;
ଅରୁଣ-ନୟନେ ଆସିଲେ ବାହାରେ,
ଦେଖିଲେ ଆସିଛି କଟକୁ ଚର ।

ଦେଲା ଆସି-ଚର ବାରବାଟୀ-ପୁରୁ
ଭୂର୍ଜପତ୍ର-ଲେଖ ରାଜନ-କରେ;
ଧରୁ ଧରୁ ଲେଖ, ରୋମାଂଚ ରାଜନେ
ମରମେ ମରମେ ପରାଣ ଥରେ ।

ହେମଂତ-ବରଷା ଶିଶିର-ପବନ
ଜଳ-ବିଂଦୁ-ଝରେ ସହଇ ଭୂମ;
ମଳୟ-ପରଶେ ଥରଇ ମରମ,
ଯୋହାରେ ମୁଂଜରି ହସାଏ ବନ ।

ଥରି ଥରି ମୁଦ ଫିଟାଇଲେ ରାଏ,
ଅଳପେ ନୟନ ବୁଲାଇ ଗଲେ;
"ଜାଣେ ପ୍ରାଣନାଥ, ସିଂହଳୁ ବୋଇତ
ଆସିଲେ, ଫେରିବ କଟକ-ପୁରେ ।

ଅନୁମତି ଦେଇ ଯାଇଥିଲ ମୋତେ,
ଯାଉଅଛି ଶିଶୁପାଳେ ମୁଁ ଆଜ,
ଚତୁରଙ୍ଗ-ସେନା ଯାଉଛନ୍ତି ଭୁଲେ,
ଆସଂତୁ ରମଣୀ ଏକାମ୍ର ତେଜ ।

କହି ନାହିଁ ନାଥ ଆଣିବାକୁ ତାରେ,
କହିଥିଲ, ପିଇ ଦେଖିବ ବୋଲି;
ପରାଣ ମୋହର ହେଉଛି ଅଧୀର,
କ୍ଷମା କରିବ ମୁଁ ସହଜେ ନାରୀ ।

କେତେ କାଳ ଆଉ ରହିଥିବେ ଦୂରେ
ଆସନ୍ତୁଂ ମହର୍ଷି ମହର୍ଷି-ପୁରେ;
ଦୁଇ ସହଚରୀ ବାଂଧାଇ ଆଣିବୁ,
ତାମ୍ରକମ୍ର ଯେବେ ଫେରିବ ଘରେ ।

ନାଚି ଗଲା ତାର- ହୃଦୟ ପୁଲକେ
ଥରିଗଲା କରେ ମହର୍ଷି-ଲେଖା;
କି ଭାବେ ମରମ ଗଳିଗଲା, ଦେଲା
ଆନଂଦ-ସଲିଳ ନୟନେ ଦେଖା ।

ତରୁଣ-ସୋହାଗ- ପୀରତି ପରଶେ
ବିଂଦୁ ବିଂଦୁ ଝରି, ପଡ଼ିଲା ତଳେ;
ବିମୋହନ ଶ୍ମଶ୍ରୁ- କଜ୍ଜଳ-ଚକ୍ଷୁରେ
ବିମଳ ମୁକୁତା-ପଟଳ ଝଳେ ।

ଖେଳିଗଲା ହୃଦେ ଅପାର ବାସନା
ଅପାର ସାଗରେ ସମୀର-ସୁଖେ;
ବିକାଶି ଉଠିଲା ସ୍ୱର୍ଣ୍ଣ-ଜ୍ୟୋତି-ଲେଖା
ତରୁଣ-ହୃଦୟ-ମୁକୁର-ମୁଖେ ।

ପ୍ରଶାଂତ ନୟନେ ଚାହିଁଲେ ଗଗନେ,
ଖୋଲିଗଲା ଶୂନ୍ୟେ ପରାଣ କାହିଁ;
ସ୍ଥିର ରହିଗଲେ ନୃପତି ଶେଖର
ଅନଂତ ଅରୁଣ-ବିତାନେ ଚାହିଁ ।

ଶିଶୁପାଳ-ଗଡ଼ ନାଚିଲା ନୟନେ,
ଉପବନ-ଗୀତ ପଡ଼ିଲା ମନେ;
ବିକଟ କଂଟକ ଛୁଡ଼ି, ଯାଏ ଛୁଟି
ପ୍ରୀତି-ଢଳଢଳ ଏକାମ୍ର-ବନେ ।

କଂବୁ-ରାଜ-ସୁତା ଉଦାର-ମହିମା
ମିଶି ପୁଣି ସେହି ପୀରତି ରସେ;
ତରଂଗେ ତରଂଗେ ନାଚଇ ପରାଣ,
ଫୁଟଇ ଲପନ ତରଳ ହାସେ ।

ବାରୁଣୀ-ଲଲାଟେ ଝଲସି ତପନ,
ଛୁଅଁଇ ପରାଚୀ ଅରୁଣ-କରେ;
ଭାସିଯାଏ ତରୀ ମହା ପାରାବାରେ,
ବାଟ ବାରି ପୁଣି ଫେରଇ ତୀରେ ।

ବହେ ନଦୀ ତଳେ; ଶିଖରି-ଶିଖରେ
ଜୀବନର ଧାରା ନ ପାରେ ଛୁଡ଼ି;
ଦଶ-ମୁଖ ଭେଦ ପଶଇ ପବନ,
ଦଶ-ମୁଖେ ପୁଣି ଆସଇ ଫେରି ।

ଏକାମ୍ର-କାନନ- ବିହାର-ସ୍ୱପନ
ବାରବାଟୀ-ପୁରେ କରିବେ ଭଳେ,
ଭରାଇଂ ମାନସ ଫେରି ଫେରି ତେବେ,
ସେହି ସେ ଏକାମ୍ର-କାନନେ ଖୋଜେ ?

ସେହି ପଲଂକରେ ସ୍ମରଣେ ବସଂତି,
ସେ ଅତିଥି-ସେବା ହୁଅଂତି ଭୋଳ;
ସେହି ସିଂହଦ୍ୱାର- ଚମକ-ଚନ୍ଦ୍ରାଣୀ,
ସେହି ଉପବନ, ସେ ପରିସର ।

ସୋହାଗର ଧନ ଭୋଗିବେ କଟକେ,
ଭଂଗା ଶିଶୁପାଳେ କି ଅଛି ଅବା ?
ତେବେହେଁ ପରାଣ ଫେରି ଫେରି ଚାହେଁ,
ହରଷ-ବରଷେ ବୁଡ଼ଂତି ଯୁବା ।

ତରୁଣୀ-ବସନ ତରୁଣୀ-ଭୂଷଣ
ତରୁଣୀ-ଲପନ-ତରଳ-ଦ୍ୟୁତି
ଶିଶୁପାଳ-ଗଡ଼- କାନନ-କାଂତାରେ
ସ୍ମରଣ-ପଲକେ ଉଠଇ ଭାତି ।

କଳ୍ପନାରେ ପୁଣି ଦେଖନ୍ତି ସେ କେବେ
କଟକେ ତରୁଣୀ ମହିଷୀ-ମାନେ;
ତରୁଣୀର ମୁଖ ମଣି ତହିଁ, ଯାର
ବସୋର ଯାଆନ୍ତି ଏକାମ୍ର-ବନେ ।

ଆବର ମରମ, ରହି କେତେ କାଳ
ତାମ୍ରଲିପ୍ତେ, ଶୁଣି ସଂଦେଶ ଦୁରୁ;
'ଦସ୍ୟୁ ନାହିଁ ପଥେ, ଫେରୁଛି ବୋଇତ,
ଯାବା-ବାଲିଦ୍ୱୀପ-ସିଂହଳ-କୂଳୁ ।'

ଚତୁରଂଗ ସେନା ଆସିଲେ ଗହଣେ,
ଆସିଲେ ରାଜନ କଟକେ ଫେରି;
ଦେଖିଲେ, ଉଗର ଆସି, ଅଛି ପଥେ,
ଝରୁଛି ଲପନ ବିଷାଦେ ପୂରି ।

"କି ବିଷାଦ ତବ ? କହ କହ ଚର !
କି ହୋଇଛି ତହିଁ କଟକ-ପୁରେ ?"
ଆବେଶେ କହିଲେ ବୀର; କେହି କେବେ
ଏ ଆବେଶ ଦେଖି ନ ଥିଲେ ବୀରେ ।

କି କହିବ ଚର, ନ ଫିଟେ ବଚନ,
କାଂଦି ପଡ଼ିଗଲା ନୃପତି-ପଦେ;
କାଂଦି କାଂଦି, କାଂଦ- ଅବୁଝା-ଭାରତୀ
କି ଅବା ସେ ଚର କହିଲା ପଦେ ।

ଶ୍ରାବଣ-ତଟିନୀ ବଢ଼ଇ ଆବେଗେ,
ଛିଦ୍ରେ ଫାଟି ଯାଏ ଶଇଳ-ବଂଧ;
ତାମସେ ପଥିକ ଭୁଲୁଥାଏ ପଥେ,
ଚପଳା-ଚମକେ ହୁଅଇ ଅଂଧ ।

ଚଂଚଳ ପବନେ ଯାଉଥାଏ ପୋତ,
ଜଳ-ତଳେ ଗିରି ବାଜଇ କାହିଁ;
ଅତଳେ ପଲକେ ବୁଡ଼ଇ ତରଣୀ,
ଭଂଗ ଗୁଣବୃକ୍ଷ ଲୁଚଇ ତହିଁ ।

ଉତ୍ତୁଂଗ ଶିଖରେ ପଡ଼େ ବଜ୍ର ଯଥା,
ଗ୍ରାମ ଭୂମିକଂପେ ସଉଧମାଳ;
କାଳ-ପ୍ରଭଂଜନେ ଥର ଥର ଯଥା,
ପଡ଼ଇ ଅଚଟେ ବିଟପୀ ବର ?

ପ୍ରଳୟେ ସତେ କି ଛିଡ଼ିଲା ଗଗନ
ଫାଟିଲା ସତେ କି ବିଶାଳ ମହୀ;
ଜଳଗଲା ସିଂଧୁ- ଅନଂତ-ପ୍ରସାର,
ପଡ଼ିଲା ଗଗନୁ ତାରକା ତହିଁ !

ପଡ଼ିଗଲେ ବୀର, ଭିଡ଼ିଯାଏ ଯଥା
କାଟିଦେଲେ ମୂଳେ ବିଶାଳ ଶାଳ !
ସ୍ତିମିତେ ଚାହିଁଲେ ସଇନ୍ୟ-ପଟଳ,
ଚଳ ପାରାବାର ହେଲା କି ସ୍ଥିର !

ଚମକି ରହିଲା ମେଦିନୀ ସକଳ,
ଚକ୍ରବାଳେ ଶିର ଗୃହିଁଲେ ଉତ୍ପଳ,
ବନ୍ଧୁ ତପୀ ବୀର ଲଭି, ଲଭି ଶିକ୍ଷା,
ଅଳପେ ପୁଚ୍ଛିଲେ କଟକ ଚରେ;

"ସତେ ମାୟାଦେବୀ ନାହାଂନ୍ତି ସ୍ୱ ଭବନେ !"
ରହିଲା ସେ ଚର ନୀରବେ ଶୁଣି;
"ସତ କହୁଛୁ କି ?" ପଚାରନ୍ତି ସ୍ୱୟେ,
ଅଳପେ ଉଗର ଆରଂଭେ କହି;

"ମିଛ ଜଣାକରି, କି ଘେନ ଲାଭଇ ?
କହି ତ କରିଛି ଉଗର ମୋତେ !
ଶ୍ରୀଅଂଗେ ଲାଗିବ ଯାତନା ରାଜନ,
କୋହ ନ କରଂତୁ ମହିମା ଏତେ ।"

ସରମ-ଚମକେ ଝଣିଲେ କୁମାର,
ନୀରସ-ଲୋଚନ ଗଂଭୀର-ମୁଖ;
ବେଳେ ବେଳେ ପଥେ ପଚାରନ୍ତି ଚରେ,
ନ ଦେଖି ନିକଟେ ବାହକଲୋକ ।

ସତ ମିଛ ପୁଣି ପଚାରନ୍ତି କେବେ,
କାହାଣି ବୁଝନ୍ତି ଘଟଣା ଗଣି,
ନ ଜାଣେ ସେ ଚର, ନ କହଇ କିଛି,
କହେ, "ଯାଇଥିଲେ ସେ ପୁରେ ରାଣୀ ।"

ପୁଣି କେବେ କେବେ ପଚାରନ୍ତି ତାରେ,
ଆଶା-ବନ୍ଧ କେବେ ଛୁଟଇ ନାହିଁ,
ମଣୁଥାନ୍ତି କେବେ, 'ସତ କି ଏ କଥା ?'
କେବେ ସେ ଦେଖନ୍ତି ସ୍ୱପନ ତହିଁ ।

ଆଶାର ଝଟକ ଝଲସେ ହୀରକ
ଝଲସେ ତରୁଣ-ତରୁଣୀ-ପ୍ରାଣେ,
ଜୀବନେ ଛୁଟଇ କ୍ଷଣେ କ୍ଷଣେ, ପୁଣି
କ୍ଷଣେ କ୍ଷଣେ ଉଠେ ମରଣ-ସନେ ।

ପାଇଲେ ମଣଇ, 'ହଜିଯିବ ଧନ;'
ହଜିଗଲେ, ମଣେ, 'ପାଇବ ପୁଣି';
ହୃତ ଧନ ଯଥା ମଣଇ କୃପଣ,
ତେସନ ପ୍ରଣୟେ ପରାଣ-କାଣୀ ।

ବୁଡ଼ଇ ତପନ ପ୍ରଦୋଷେ ପ୍ରଦୋଷେ;
ଫୁଲ୍ଲ ଦଳେ ଥାଏ କମଳ ରହିଁ;
ରୁଦ୍ଧ ନ ପାରଇ ଆଶା ତରଙ୍ଗିଣୀ,
ଗିରି-ତୂଳ ନଏ ସଲିଳେ ଧୋଇ ।

ଜୀବନ୍ତ ସ୍ମରଣେ ଆଶାର ଶ୍ମଶାନେ
ଜୀବନ୍ତ ଦିଶଇ ପ୍ରଣୟ-ଲେଖା;
ଅନନ୍ତ ପିପାସା ପ୍ରଣୟି-ପରାଣେ;
ନିରାଶା କି ଦେଇ ପାରଇ ଦେଖା ?

ସ୍ମରଣେ ସ୍ମରଣେ ବନ-ତରୁ-ଲତା
ଗଗନ ତପନ ଉଠଇ ତହିଁ;
ବିଷାଦେ ବିଷାଦେ ଖେଳଇ ଚପଳା,
ପ୍ରଣୟେ ଜଗତ ପଡ଼ଇ ବନ୍ଧା ।

ମେଘ-ମନ୍ଦ୍ର-ନାଦେ ଉଠଇ ଆରବ,
ନିରାଶ ହୀରକ ଶୁଣଇ ଡାକ;
ଉଡ଼ିଯାଏ ଧରି ପତଙ୍ଗ ପରାଣ
ଦୁରଶନେ, ଯହିଁ ଉଠେ ସ୍ତବକ ।

ସମୀରଣ-ସ୍ୱରେ ନଦୀ-କଳକଳେ
ଜ୍ୟୋତ୍ସ୍ନା କୁହେଳୀ ତପନ ତମେ
ପ୍ରଣୟୀ ଦେଖଇ ପରାଣ-ଇଙ୍ଗିତେ
ସ୍ମରଣ-ଶ୍ମଶାନ ପରାଣ-ଧନେ ।

ସେହି ଗିରି ବନ, ସେହି ସେ ସମୀର,
ସେହି ସେ ତପନ, ସେହି ସେ ବିଧୁ,
ଅନନ୍ତ ପସାରେ ସେହି ନୀଳ ନଭ,
ସେହି ସେ ସିକତା, ସେହି ସେ ସିନ୍ଧୁ;

ଖୋଜି ଖୋଜି ବୀର ଦେଖୁଥାନ୍ତି ନିତି,
ସେହି ଶିଶୁପାଳ-ନଗର-ଧନ;
ଆଶା-ବନ୍ଧେ ପଡ଼ି, ଦେଖନ୍ତି କେତେ ସେ
ଫେରାଇ ଲପନ, ତରସ ମନ,

ନାଚି ଯାଉଅଛି ପୁରତେ ପ୍ରତିମା,
ପଲକେ ପଲକେ ଯାଉଚି କାହିଁ ?
ଧ୍ୱଂସ-ସମର ଏକାମ୍ର-ପାରଧି
ଦେଖୁଛନ୍ତି ଯୁବା ପଲକେ ତହିଁ ।

'କାହିଁ ଯାଅ ବାଳା ?' ମଣନ୍ତି କେବେ ସେ,
ଚମକି ଶୁଣନ୍ତି ସଇନ-ରୋଳ;
ପଲକେ ବିସୋରି ପରାଣ, କାହିଁକି
କେଉଁ ଶୂନ୍ୟ-ରସେ ହୁଅନ୍ତି ଭୋଳ ।

ମନେ ପଡ଼ିଯାଏ ସେ ଲପନ-ଶଶୀ,
ଛନ୍ଦ ବାହୁ-ପାଶ ସେ ସୁଖ-ହାସ;
ମଣନ୍ତି, 'ଜୀବନେ ହେବ କି ସେ ଆଉ ?
ବଦନରେ ବିଷାଦେ ମରମ-ବେଦଶ ।

ଫାଟିଯାଏ ପ୍ରାଣ, କି ହୁଏ ଭିତରେ ?
ନ ବହେ ଲୋଚନେ ଲୋତକ-ଧାର;
ଗଂଭୀର ମଉନେ ଯାଆନ୍ତି ସେ ପଥେ
ଶୂନ୍ୟ ଦିଶୁଥାଏ ଅନଂତ ଧରା ।

ଛପନ ଲଗେ ବାରବାଟୀ-ପୁର,
ଏକାମ୍ରେ କାହିଁକି ଜୀବନ ରହେ ?
କି ଅଛି ଆଉ ସେ ଏକାମ୍ର-କାନନେ ?
ଆହାରେ ମାନବ କେତେ ନ ସହେ !

କେତେଦିନେ ସେହି ବାରବାଟୀ ପୁରେ
ସଂଗ୍ରାମିଲେ ଆସି ଜଂବୁ-ନଂଦନ;
ଗୁରୁ ମୁଖ ବହି ଶୁଣିଲେ, ବଖାଣି
ଗଦଗଦ ସ୍ୱରେ, କହିଲେ ରାଣୀ ।

କହିଲେ, କେସନେ ହସୁଥିଲେ ମାୟା,
ଶିଶୁପାଳ-ଗଡ଼େ ପୀରତି-ଭୋଳା,
କହିଲେ, କେସନେ ହସି ହସି ସୁଖେ,
କାଠଯୋଡ଼ି-ଜଳେ ଭାସିଥିଲ ବାଳା ।

କହିଲେ ଯୁବତୀ, "ଏହି ହୃଦେ ମୁହିଁ
ଧରି ରଖିଅଛି ପରାଣ ତାର !
ଏହି ମରୁମଧ୍ୟେ ହୃଦୟେ ପଲକେ
ଶୁଖିଗଲା ଫୁଲ ସେ ଶତଦଳ ।"

ବାଷ୍ପେ ରାଣୀ ଆଉ ନ କହିଲେ, ଧୀରେ
ଲୋତକେ ଭାସିଲେ ରାଜନମଣି,
ବସି କେତେ କାଳେ ଅନ୍ୟମନେ ହାତ
ବଢ଼ାଇଲେ, କୋଳେ ଧରିବେ ରାଣୀ ।

"ଭିଖାରୀ ମୁଁ ନାଥ, ତୁଷିବ କେସନେ ?
ଛାଡ଼ି ଯାଇଥିଲ ପର ମୋ ପାଶେ !
ନିମଂତ୍ରଣ କରି ଯାଇଥିଲ ମୁହିଁ,
ଆଣିଛି ପରାଣ ଏ ବାହୁ-ପାଶେ !"

କହୁଁ କହୁଁ ବାଳା ପଡ଼ିଗଲେ ଲୋଟି
ମହୀରେ ନୃପତି-ଚରଣ-ତଳେ;
ଧଇଲେ ନୃପତି, ସମ ଦୁଃଖ ଲଭି,
ନୃପତି ଫିଟିଲେ ରୋଦନ-ସ୍ୱରେ ।

କରମ-କଠୋର ସଂଯମ ତୁଟାଇ,
ବାଷ୍ପ ଗଦଗଦ ଫିଟିଲା ବୋଲେ;
ତୁଙ୍ଗ ଗିରି-ନଦୀ ଆନ ଧାରେ ମିଶି
ବନ୍ଧଦଣ୍ଡ ଭେଦ ବୁଡ଼ାଏ ବଳେ ।

ବହୁ ଷଣେ ରାଜେ କହିଲେ, "ତରୁଣୀ,
ମିଶାଇ ପାରିବି ହୃଦୟେ ତାରେ !
'ଆସିବି', ବୋଲି ମୁଁ କହି ଆସିଥିଲି !
କେ ରୋଧି ପାରିବ ମୃତ୍ୟୁ-ବଳେ ?"

ସଂଭାଳି ରାଜନ, ବସିଲେ ଗଂଭୀର,
କ୍ରମେ ଲୁଚିଗଲା ନୟନ ଧାରା,
ସନ୍ନ୍ୟାସି-ବିଧାନେ ସେ ରାଜ-ଦଂପତି
ସେହି ଦିନୁ ଭବ ମଣିଲେ କାରା ।

ସେହି ରାଜ ବହି ମହର୍ଷି-ଗହନେ
ଗଲେ ନରସିଂହ ନଈକା କୂଳ;
ବରଷ ବିହାରେ କାଠଯୋଡ଼ି-ଧାରେ
ଶିଶୁପାଳ-ପ୍ରେମା-ସଂକେତ ସ୍ଥଳ ।

ପ୍ରାଚୀ ଯାଏ ବହି କୁଶଭଦ୍ରା-ଧାରେ,
ମିଶି ଚଂଦ୍ରଭାଗା-ପାବନ-ଜଳେ;
ଉରସ-ବିସାରେ ନଦୀ-ସମାଗମ
ପାରାବାରେ ପଶେ ପ୍ରଶାଂତ ପୁରେ ।

ନଦୀ-ମୁଖେ କେତେ ଭାସଇ ବୋଇତ,
ସ୍ଥଳ-ସମୀରଣେ ଫୁଲାଇ ପାଲ;
ରମ୍ୟ ମିତ୍ରବନେ ରଚି ଉପବନ,
ସନ୍ତଧେ ଶୋଭଇ ସୁରଙ୍ଗ-ପୁର ।

ଅଉଧ-ମୁକୁଟେ ସିଂଧୁ-ସମୀରଣ
ଖେଳି, କମ୍ପାଏ ବନ-ତରଂଗେ;
ରଜତ-ବେଳାରେ କୃଷ୍ଣସାର-ବଧୂ
ଦୂରେ ଚାହେଁ ଚକ୍ଷୁ-ଚଳନ-ଭଂଗେ ।

ନାରିକେଳ-ଲତା ଉଠେ କୁଂଜେ କୁଂଜେ,
ପତ୍ରଗୁଚ୍ଛେ ଧରି ଶ୍ରୀଫଳ-ଭାର,
କୋଇଲୁ ବଣିକେ ଚାହାନ୍ତେ ଆଣିଂତି,
ସିଂହଳ-ମୁକୁତା ସୁମାଧୁ ଫଳ ।

ଅନଂତ ହୃଦୟେ ନୀଳ ପାରାବାର
ଚନ୍ଦ୍ରବାଳ ଧରି, ଉଠଇ ହସି;
ଫେନ-ତାରକତ— ବାଚ ଉଠି, କ୍ଷଣେ
ସେ ବିଶାଳ ହୃଦେ ଯାଉଛି ମିଶି ।

ଦୂରୁ ଜଂବୁ-ଜେମା ଦେଖିଲେ ସୁଷମା,
ନରସିଂହ-ହୃଦେ ଆବେଗ ତଳି;
ନରସିଂହ ରଖି ହୃଦୟେ ମହିଷୀ,
ଶୂନ୍ୟ ଦେଖୁଥିଲେ ସେ ମଧୁଶିରୀ ।

ରାଜନ ସଭାରେ ଭେଟିଲେ ବଣିକେ,
ଭେଟିଲେ ଚାରିଷ-ନାଗର-ଜନେ;
ଜାଣିଲେ ଦଂପତି ଶିଶୁପାଳ-ଜେମା-
ବିରହ ଅଛଇ ଯେ ମିତ୍ରବନେ ।

'ଜୀବଂନ୍ତ ରହିଛି,' କହିଲେ ସରବେ
'ନର-ଶବ ବୋଲି ନୁହଇ ସ୍ମରେ;
କମଳା ହସଇ ଜୀବଂତ ଲପନେ,
ଶ୍ରୀଅଂଗ ଦିଶଇ ଜୀବଂତ ସରେ !

ଆଚଂବିତେ ଜଳେ ଭାସଇ ସିଂଧୁକ;
ବହୁଶ୍ରମେ ନୁହେ ଉଦ୍ଧାର କଲେ,
ନୟନ-ତାରକା ଦିଶଇ ଦିକାଶି
ମଧୁ-ଋତୁ କି ସେ ମାଧବ ଫୁଲେ !'

ଯାଇ ନରସିଂହ, ଛୁଇଁଲେ ଶରୀର,
ଶୁଣିଛି, ଉଠିଲା ଜୀବନେ ବାଳା;
ଅଂଧାର ଦିଶିଲା ମଧ୍ୟାହ୍ନ ସେ ପୁରେ,
କେହି ନ ଜାଣିଲେ, କି ତହିଁ ହେଲା ।

ଜଂବୁ-ବାଳା, ପୁଣି ନରସିଂହ-ଗଣ
ରହିଲେ ସେଦିନ ସିଂଧୁକ-ପାଶେ;
ଅରୁଣେ ସରବେ ଦେଖିଲେ ସେ ପୁରେ
ନଦୀ-ଧାରେ ଖାଲି ସିଂଧୁକ ଭାସେ ।

ବିଷାଦଟି ଆଉ ନାହିଁ ନରସିଂହେ,
ଜଂବୁ-ଜେମା ଜଂବୁ-ସୋହାଗେ ଭରା;
ଝିଟିକା ବଉଳ, ମଧୁ ଉପବନ
ଦିଶେ କି ମାଧବ ତପନେ ତୋରା !

ସାରଲ୍ୟ ମହିମା ଆଦରେ କାରନ୍ତି,
ଯଜ୍ଞବନେ ଫୁଟେ ଜ୍ୱଳଂତ ଜ୍ୟୋତି;
ହୃଦୟ ଧରେ କି ପ୍ରୀତି-ରସ-ସାର ?
ସାଭ ହୋମାନଳ, ମଂଗଳ ସତ୍ତ୍ୱ ।

ଉଷତ ଉଜଳେ ପୁରଜନେ ତହିଁ,
ଶୁଣି ବାରବାଟୀ କଟକ-ଲୋକେ;
ସୁରଧୂନୀଠାରୁ ଗୋଦାବରୀ-ଯାଏ
ମହେଂଦ୍ର ଖେଳିଲା ମାଧବ ସୁଖେ ।

ଶିବେଇ ସାମଂତା ହକରା ଲଭିଲେ,
କୁଶଳ ସ୍ଥପତି ଆସିଲେ ଖରେ;
ମାପ୍ସାଦେବୀ-ପୁରେ ମୂଳକର୍ମ ଶ୍ଲୋକ,
ତୋଳିଲେ **କୋଣାର୍କ** ରଚିମାଳକେ । ୨୪୮

---

୨୪୮ । ଯଜ୍ଞଅଗ୍ନିରେ ଜଗତର ମଗଂଳ ପ୍ରକାଶ ପାଏ ।

## ଉପସଂହାର

ଏବ କାଳ-ଲୋକେ ଯିବ କି ପରତେ ?
ଶୁଣିଛି ମୁଁ ଯାହା, ଶୁଣ ହେ ତେବେ;
ବେଳେ ବେଳେ ଆସି ସ୍ୱରଗୁ ଦେବତା,
ମାନବ-ବିହାର ରଚଂନ୍ତି ଭବେ ।

ଲଭଂନ୍ତି ମାନବ- ଜନମ ସେ ଏଥି,
ନରପରି ଭୁଲି ରହଂନ୍ତି ସୁଖେ;
ମରତ-ବାଳାସେ ବିରହ-ବିଭବେ
ରସଂନ୍ତି ସେ ଏହି ମାନବ-ଲୋକେ ।

ବାଲମୀକି ପରି ଗାଇଚଂନ୍ତି ଗୀତ,
ରାମଚଂଦ୍ର-କଥା ଶୁଣିତ ବାବୁ;
ପୁରାଣେ ପୁରାଣେ ଶୁଣିଥିବ କେତେ,
ଅଭିଶାପେ ଦେବେ ଭୁଲଂନ୍ତି ସବୁ ।

ସୁର-କୁଳେ ଓରି, ବିହାରଟି ପୁଣି
କରଂନ୍ତି ମରତେ ଦେବତାମାନେ;
ଭୁଲି ସେ ରହଂନ୍ତି ନରଲୋକ-ପରି,
ଚେତାଇଲେ ପୁଣି ପଡ଼ଇ ମନେ ।

ମର୍ତ୍ତଲୋକେ କେତେ ସଉକେ ଆସନ୍ତି
ସରଗୁ ଦେବତା ସୁର-ସୁଂଦରୀ,
ଏ ମରତେ ପୁଣି ଆଦରି ବସନ୍ତି
ତୀର୍ଥନାମେ ପୁରି ବିପିନ ଗିରି ।

ସରଗେ ତ ବାବୁ ଅଛି ଶତ ସୁଖ,
ଶତ ଯଉବନ, ସଂଭୋଗ ଶତ;
ନଂଦନେ ମଳୟ- ଶତ-ବଇଭବ,
ଶତ ତହିଁ ଶୁଭ୍ର ତପନ-କର ।

ସମ ବଇଭବେ ଅଛଇ କି ସୁଖ ?
ବିପନେ ଯିବା ଏ ପରାଣ ଖେଳେ,
ହିଂସେ ହୃଦଇ କାନନ ଧରଣୀ
ଭିଜମା-ତାମସ-ସୁବର୍ଣ୍ଣ-ବଳେ ।

ବୃକ୍ଷଘା-ଗନ୍ଧଲେ ତନ୍ତୁ-କୁଂଜ-ମାଳେ
ସୁଂଦରୀ ବଣଇ ଶବଳ ବାସ୍ତ୍ର;
ଶ୍ରମ-ଛଳେ ଯିବା ଆରାମ-ସମ୍ପଦ,
ପ୍ରବାଣତା ଯିବା ଲୋଡ଼ଇ ଯୁବା ।

ସେ ଆରାମ ପୁଣି ନ ସହେ ପରାଣ,
କରମେ ମାନବ ଉଠଇ ମାତି;
ପ୍ରବାଣ ଦେଖଇ ସନ୍ତାପ-ବିଷାଦେ
ଯୁବ-ମୁଖ-ଗୁଚ୍ଛ-ଲାବଣ୍ୟ-ଦ୍ୟୁତି ।

ତେସନେ ବରଜ ସରଗେ-ଭୁବନ,
ଆସଂନ୍ତି ଦେବତା ମର୍ତ୍ତ୍ୟ ବିହାରେ;
ବିସ୍ତୃତ-ପଦ ଶିବ- ଜଟା ଗୁଡ଼ି, ଗଂଗା
ଆସଂନ୍ତି ବିପିନ-କେଦାର-ମାଳେ ।

ଭୁଂଗ ସମୀରଣ ପରବାହ-ସୁଖ
ବରଜ କରଇ ବିପିନ ଜୁରି;
ଘନରସ ନଭେ ବରଜ, ସୋହାଗେ
ଶ୍ୟାମଳ ବହଇ ମେଦିନୀ-ଉରୀ ।

ମହିମା ସେ ପରି ଗରବେ ବରଜ,
ବିନସ୍ତ୍ର ଆଦରି ସରମେ ହସେ;
ଘାର ଦର୍ପେ ପରି ଆତ୍ମ-ବଳ-ସୁଖୀ,
ବଦାନ୍ୟତା ବହେ କରୁଣା-ରସେ ।

ନରସିଂହ ଥିଲେ ତପନ ଏ ଭବେ,
ମାୟା ଥିଲେ ଗ୍ରୀଷ୍ମ ତପନ-ଜାୟା;
ଜଂବୁ-ଜେମା ଥିଲେ ବିଶ୍ୱକର୍ମା-ସୁତା,
ଆଦରି ମରତେ ମାନବ-କାୟା ।

ବିଶ୍ୱକର୍ମା ସେହୁ ଶିଖେଇ ସାମଂତା,
ବୃହସ୍ପତି ଥିଲେ ସେ ବିଶ୍ୱନାଥ;
ଯବନ-ନୃପତି ଥିଲେ ଶୁକ୍ର-ସୁତ;
ଶୁକ୍ର-ଶିଷ୍ୟ ଯେଣୁ ହେଲେ ସେ ଜାତ ।

ତପନେ ବିମନା ମଣି ଧନେ ବଧୂ,
ଆସିଥିଲେ ଛାୟା-ପାଶେ-ଭରସି;
ଛାୟା-ଅଭିଶାପେ ଧଂକସ-ନବରେ
ଟଂକ-ଘାଇ ସେହୁ ରହିଲେ ଶଶୀ ।

ବିଶ୍ୱ କର୍ମ-ସୁତା ସଂଜ୍ଞା-ନାମେ ଥିଲେ,
ଶୁକ୍ର-ସୁତ ଭୁଲି ରହିଲେ ତାରେ;
କେତେ ଥର ସେହୁ ମାଗିଲେ ବରଣ;
ବାତୁଳ-ଗିରେ କି ଜବତା ଝରେ ?

ତପନେ ତରୁଣୀ ହେଲେ ସୋହାଗିନୀ
ସୁର-ଗୁରୁ ହେଲେ ମଧୁପ ତହିଁ;
ତପନ ବହିଲେ ଛାୟାରେ ଆରତି
ଆଗୁରେ ଗରବ ପଡ଼ଇ ଲହିଁ ।

କେତେ କାଳେ ରବ ମଣିଲେ; ଭ୍ରମିବେ
ଚଂଦ୍ରଭାଗା-କୂଳେ ବିହାର-ଛଳେ;
ସତ୍ୟେ ଚଂଦ୍ରଭାଗା ଥିନା ଜଂବୁ-ଦେଶେ
ଦ୍ୱୀପରେ ଥିଲେ ସେ ଆସି ଉତ୍କଳେ ।

ଶାଂବ-ନନ୍ଦନେ ଆସି ରହ ତହିଁ,
ଦେଖିଥିଲେ ସ୍ୱରୁ ବିହାର-ବନ,
ଆସି ବିଳସିଲେ ବାରବାଟୀ-ପୁରେ,
ସଂଜ୍ଞା ଭ୍ରମେ ଗଲେ ଜଂବୁ-ଭୁବନ ।

ଦେଖୁଥିଲେ ଛାୟା ପରାଣ-ଆଦରେ
ସ୍ୱରଗେ ସଂଜ୍ଞାରେ ଭଗିନୀ-ପରି,
ହୁଡ଼ିଲେ ଆସ୍ଥର ଗର୍ବେ ପରଂପରା,
ପରଂପରା ତାରେ ପାରେ କି ଛାଡ଼ି ?

ପ୍ରଚଂଡ ତପନେ ଝଲସିବେ ସଂଜ୍ଞା
ଜାଣି, ଶିଶୁପାଳେ ଆସିଲେ ଛାୟା;
ସ୍ୱରଗେ ଜ୍ୟୋତିଷ- ପ୍ରଭିଟଷ୍ଟୁ-ଘର
ଆବରିବେ ବୋଲି ସଂଜ୍ଞାର କାୟା ।

ସେ ତପନ-ବଧୂ ସୁର-ଗୁରୁଠାରୁ
ସେହି ସେ ସ୍ୱରଗେ ମାଗିଲେ ବର;
'ସଂଜ୍ଞାର ପରଶେ ଯେତିବେ ତା' ହୃଦେ,
ବରଜ ଆସିବେ ନର-ଶରୀର ।'

ଜଂବୁ-କେମା-ହୃଦେ ରହିଥିଲେ ମାୟା,
ଛାୟା ରହିଥିଲେ ସଂଜ୍ଞାରେ ଘେରି,
ସିଂଧୁକରୁ ମାୟା ଉଠି, ନରସିଂହେ
କହିଥିଲେ ସବୁ, ସଂଶୟ ଫେଡ଼ି । ୪୬

---

## ପ୍ରାଂତ ଭାଷଣ

ଭାସିଯାଏ ଯଥା ଜଳ ତାଗ ନଭେ,
ଲଭଇ ଯେସନ ଅଂଧାରି ଘନ;
ସମୀର-ତରଂଗେ ଥରି କୁହୁ-ତାନ,
ଗୁଲିଯାଏ ଯଥା ବୁଡ଼ାଇ ବନ;

ସୁଦୂର ସ୍ମରଣ ଉଜଳ ପରାଣ,
ଧୀରେ ପୁଣି ଯଥା ବିଷାଦେ ମିଶେ;
ଥରି ଥରି ସେହି ବୀଣା-ଗୀତ-ତାନ
ମିଶିଲା ନିଶୀଥ-ମାଳମ-ଶ୍ୱାସେ ।

ସଂଧ ତଳେ ରଖି, ପ୍ରଶାଂତ ଲୋଚନେ
ଅର୍ଦ୍ଧ-ସ୍ଫୁର ମୁଖେ ଗୁହିଁଲେ କବି;
କ୍ଷୀଣ-ଧାପ-ଭାସେ ନିଶୀଥ-ଭାଳସେ
ରହିଲି ମୁଁ ତହିଁ ବିସ୍ମୟେ ଦ୍ରବି ।

କ୍ଷଣେ ରହି କବି, କହିଲେ ସଂଖାଳି,
"କିଏ ସେ ଏ ଗୀତ ଶୁଣୁଛି ଆଜି ?
ଶୁଣୁଥିଲେ ଆଂଭେ ରହଂତୁ ଉଷତେ,
ବିଦାକ ମେଲାଣି ତେଣିକି ଥାଉ ।

ଗାଇଲ ତ ବାବୁ ସେ-କାଳ-ଚରିତ
ସୁମରି, ଯିବ କି ପରତେ ଏବେ ?
ଏହି ମହାନଦୀ ବହୁଛି ସାଗରେ;
ଉଚିତ କି ମନେ ସେ କଥା ଲବେ ।

ଏହି ତୀର-ବନେ ଗିରିଦୁର୍ଗ-ଚୂଳେ
ଉଠୁଥିଲା କେତେ ଅନଳ-ଶିଖା;
ଆଚଳ-ହିମଳ- ଜଳବେଣୀ-କଂପେ
ଭାସୁଥିଲା ସେହି ଅନଳ-ଲେଖା ।

ଅନଳେ ଝଲସି ଗ୍ରୀଷମ-ନିଶୀଥେ
ସିକତା-ହିସାରେ ତୁରଂଗ ଗୃଳ;
ଉଜ୍ଜ୍ୱଳ କଂଚୁକେ ହେଉଥିଲେ କେତେ
ସାନ୍ଧ-ସେନା ଏହି ତଟିନୀ ପାରି ।

ଶ୍ୟାମଳ ଉତ୍କଳେ ଉପକଂଠ-ସ୍ତରେ
ଶୋଭୁଥିଲା କେତେ ଜଟିଳ ବନ;
ପାଦ୍ଧି-ବିଭବେ ସଇନ ସାମଂତ
ବୁଲୁଥିଲେ, ବାରି ଶ୍ୱାପଦ-ସ୍ୱନ ।

କୃଷକ-ଗରବେ ଗଜ-ଗଉରବେ
ଫାଟି ଉଠୁଥିଲା ବିଶାଳ ଧରା;
ବଂଧ୍ୟା ଗାଉଥିଲେ ସୋହାଗେ ସଂଗୀତ,
ପୁରି ପଲ୍ଲୀ ଥିଲା ସଂପଦ-ଭରା ।

ଦେବ-ଭୂମି ଏହି ଉତ୍କଳ-ଭୁବନ;
ବାସ୍ତୁ-କଳା ଯେନ, ରାଜନ ଥିଲେ;
କମଳା-ବିଳାସେ ହସୁଥିଲା ଦେଶ,
ବଂଧ୍ୟ-ସରସ୍ୱତୀ ବିପିନ ବଲେ ।

କି ଦେଖିବ ଆଜି ? ଆସିଅଛ ବାବୁ,
ଓଡ଼ିଶା-ମୁଲକୁ ବିହାର-ରସେ;
ଶୁଷ୍କ ତମେ ବୋଲା କାଂତାର କଂଦର,
ବିଲ ପୁର ପଲ୍ଲି ମାରସେ ହସେ !

ଦେଖି ନାହିଁ ମୁହିଁ ନୀଳାଚଳ କେବେ,
ଦେଖି ନାହିଁ ତୁଂଗ ଏକାମ୍ର-ଶିଖା;
ଶୁଣିଛି, କୋଣାର୍କେ ସିକତାର ସ୍ତୁପ,
ମଂଦିର ନଗର କାନନ ଭରି;

କି ଦେଖିବ ଆଜି ? କପାଁ ଯିବ ତହିଁ ?
ଭାସେ କି ସାଗରେ ଓଡ଼ିଆ-ପୋତ ?
କଳ୍ପନାରେ ଭୁଲି, ସୁମରି ଅତୀତ,
ଘରେ ବେଳେ ବେଳେ ବୋଲଇ ଗୀତ ।"

"ବଂଚି ଥାଅ କବି ଆଉ କେତେ ଦିନ
ଇତିହାସ ଏହି ଶସ୍ୟରେ ଧରି !
ବିଜନ ପୁଳିନେ ଗାଉଥାଅ ଗୀତ,
ତରଂଗେ ଶୁଣିବ ତଟିନୀ-ବାରି !

ଶାଳମାଳେ ଘନ ତାମସ କଂଦର;
ଗୁଳ୍ମ ଜଟା ତୋଳି ଶିଖରି-ଚୂଳ,
ଶିଶିର-ଲୋତକେ ଶୁଣିବ ଲତିକା,
ଭଗ୍ନ-ଭିତ୍ତି-କଂପେ ଶୁଣିବ ଗଡ଼ !" ୩୦

---

ଟୀକା *

# ପ୍ରଥମ ଭାଗ

## ରାମଚଂଡୀପାଖେ ସଂଜ

୨୧, ୨୨—କୋଣାର୍କ ବାଲି ଘାଟରେ ବର୍ଷା ହୋଇଗଲେ ସାପପରି ବଂକା ସ୍ରୋତ ଧାରେ ବହିଯାଏ । ୪୫-ତଳ-ଚଂଚଳ-ସ୍ଥିର = ସ୍ଥିର ଛାୟାକଣା; ସ୍ଥିର ଓ ଚଂଦ୍ର କିରଣ ଗଛ ତଳେ ଯେପରି ଦେଖାଯାଏ । ୫୫—ବିତାନେ = (ଏଠାରେ) ବିସ୍ତୃତ ସ୍ଥଳରେ । ୬୨—ବିମାନ = ଆକାଶଗାମୀ ଦେବ ରଥ । ୬୬—ଲହରୀ ଭାଂଗିଲା ପରେ ଲହୁଣୀପରି ଧଳା ଫେଣ ଶଙ୍ଖକଣ ଓଦା ବାଲି ଉପରେ ସୁଂଦର ବଂକା ଗାର କାଟିଲା ପରି ମାଡ଼ିଯାଏ । ୬୭-୮—ଲୁଣୀ ପବନ ଖାଇ ଖାଇ କେତେକାଂଶରେ ବିକୃତ ହୋଇ ଯାଇ ଥିବା କୋଣାର୍କର ଶିଳ୍ପ-କଳା ଖରାର ସ୍ପଷ୍ଟଆଲୋକରେ ଭଂଗାରୁଜା ଦେଖାଯିବାରୁ ଖରାପ ଦିଶେ । ପୁଣି ମେଘୁଆ ଦିନରେ ସେ ବିଶାଳ ଓ କମନୀୟ କଳା ବଡ଼ ଗଂଭୀର ଓ ଧୂସର ଦିଶେ । ମାତ୍ର ସ୍ନିଗ୍ଧ ଚଂଦ୍ର କିରଣରେ ବଡ ମଧୁର ଓ ପ୍ରାଣସ୍ପର୍ଶୀ ହୁଏ । ୮୧ ଠାରୁ କବି ନିଜର ପିଲାଦିନର ଅନୁଭୂତି କହୁଛଂତି । ୯୩,୯୪—ସଂଧ୍ୟାର ରକ୍ତିମା ଅଂଧାରରେ ମିଶି ଆସୁଥିଲା । ସେଇ ତେଜ ପୂର୍ବରେ ସମୁଦ୍ର ଆଡ଼େ ଥିବା ମଂଦିର ଉପରେ ପଡ଼ୁଥିଲା । ୯୬—ଲଘୁ = ଚଂଚଳ । ୧୦୩—ଭଂଗା ପାଚେରୀର ପଥର ଗଦାକୁ ନେଇଁ । ୧୧୨—କାରୁ = ଶିଳ୍ପୀ । ୧୩୪—ରାମଚଂଡୀ ଶିଖରେ = ରାମଚଂଡୀ ଠାକୁରାଣୀ ଥିବା ବଂଜ ଉପରେ । ୧୫୦—କାଳ-ସାତ ଗ୍ରଂଥି = ଜାଲରେ ଉଜାଣି ଉଠି; ସମୁଦ୍ରରେ ଗାଧୋଇଲା ବେଳେ ଲହରୀ ନେଇଁ ତା ମୁହଁକୁ ପିଟିବାକୁ "ଲହରୀ ଭାଂଗିବା" ହୋଇ କହଂତି । ୧୬୩—ବାଲୁକା = ସଂକେତରେ ଅନୁକୂଳତା ପ୍ରତିକୂଳତା କଳନା ଚଂଚଳ । ୧୭୫-୬—ସୂର୍ଯ ମଂଦିର ନ ଥିବାରୁ ସମୁଦ୍ରବାୟୁ ସେଥିରେ ଆଉ ବାଜୁନାଇ । ୧୭୭-୮—କୋଣାର୍କମଂଦିର ଏପରି ତିଆରି ହୋଇଥିଲା ଯେ କୋଣ ବା ଆଗ୍ନେୟ କୋଣରେ ସୂର୍ଯ ଉଇଁଲାବେଳେ ସିଂହଦ୍ୱାର ବାଟେ ସୂର୍ଯର ଆଦ୍ୟରଶ୍ମି ସିଂହାସନ ଉପରେ ପଡ଼ୁଥିଲା । ୧୮୩—କୁଶଭଦ୍ରା ନଦୀ ଏବେ ଚଂଦ୍ରଭାଗାରୁ ଛିଡ଼ି ଅଲଗା ହୋଇ ଲଆଖିଆ ମୁହାଣରେ ସମୁଦ୍ରରେ ପଡ଼ୁଛି । ୨୫୩-୮୨ ସ୍ୱପ୍ନର ଅଘଟନ-ଘଟନପଟୁତା ବର୍ଣ୍ଣନା କରାଯାଇଛି । ୨୮୭—ତରଳ ନିଦ = ପତଳା ନିଦରେ ସ୍ୱପ୍ନହୁଏ; ସୁଷୁପ୍ତିରେ ହୁଏନାଇ । ୩୦୩-୪—

* ପ୍ରାୟ ସବୁ ପୁସ୍ତକରେ ଥିବା ପାଠର ଧାଡ଼ିସଂଖ୍ୟା ସୂଚିତ ହୋଇଛି ।

ବାହାରର ଝଣ୍ଡ-ଝଂକାର ସଂଗେ ସ୍ୱପ୍ନରେ ଶୁଣୁ ଥିବା ରଣଭେରୀ ଝଂକାର ମିଶିଯିବ । ୪୨୪—ସଜାଇ = ସଜାଡ଼ି । ୪୨୫—ବଲମ ବା ବର୍ଚ୍ଛା ହସ୍ତରେ ଧାଡ଼ି ଧରି ଚାଲୁଥିବା ସେନାଂକ ଶସ୍ତ୍ରକୁ ଲକ୍ଷ୍ୟ । ବର୍ଚ୍ଛିର ଫଳାରେ ସକାଳ ସୂର୍ଯ୍ୟ କିରଣ ପଡ଼ି ନିଆଁ ପରି ଝଟକୁଛି । ୪୩୫-୭—ସେନା ଦରପେଂଶି ଗଡ଼କଣ୍ଟି-ବେଳକୁ ସାଂଜୁରେ ଖରାପଡ଼ି ଦେଖିବା ଲୋକର ଆଖିକୁ ଝଲସାଇ ଦେଲା । ୪୫୧—ଭେରୀ (ଏଠାରେ) ତୂରୀ । ୫୧୭—ସହ୍ୟାଦ୍ରି = ପଶ୍ଚିମଘାଟ ପର୍ବତ; ଏହା ପୁରାଣରେ କୁଳାଚଳମାନଂକ ଭିତରୁ ଗୋଟିଏ । ୫୨୫-୩୪—ଅନ୍ୟ ଘଟନା; ଶତ୍ରୁର ସଂଧିପ୍ରାର୍ଥୀ ଦୂତକୁ କୌଣସି ରାଜାଙ୍କର ସାମଂତ-ସେନାପତି ଅପମାନ ଦେଇ ସେଇ ରାଜାଂକ ଆଜ୍ଞାରେ ମୁଂଡକାଟ ଶାସ୍ତି ପାଇଲେ । ସେଇ ଦୂତ ଯାଇ ସେନାପତିର ମୃତ୍ୟୁ ସଂବାଦ ଜଣାଇବାରୁ ଶତ୍ରୁମାନେ ସଂଧି ପ୍ରସ୍ତାବ ଛାଡ଼ି ଆକ୍ରମଣ କଲେ । ସେନାନାୟକ ଅଭାବରେ ଯୁଦ୍ଧ ଉଦ୍ୟମରେ ବାଧା ଘଟିଲେ ହେଁ, ରାଜା ନିଜେ ମରଣାଂତ ଯୁଦ୍ଧକରି ଜିଣିଲେ । ୫୭୪—ଭ୍ରମଂତ ହୁଏ, ଭ୍ରମଂତି । ୫୮୧-୮୨—କୂଜ ହୁଏ, କୁଜେ ୮୭—ଗୋନାସା-ଶିର = ଗୋନାସା ପର୍ବତରେ ବୈତରଣୀ ଶିର । ୭୩୫—ପାଟଣା-କଟକେ = ଏବ ବାହାରର ପାଟନାରେ । ୭୩୧-୭୪—ଇଂରେଜ କବି ସ୍କଟ୍‌ଂ ( Scott )ଙ୍କ ‘Lay of the last minstrel’ ‘ଶେଷବଂଶୀ ଚାରଣ’ରେ ଏଇ ଭଳି ଗୋଟିଏ ଚିତ୍ର ଅଛି । ୭୩୮-୩୪—ଏବେ ସିଂହାସନରେ ମୂର୍ତ୍ତି ନାଇ; ମୁଖଶାଳା ଆଗରେ ମଂଡପରେ ହୋମରେ ପଥର ପୋଡ଼ି ଯାଇଥିବାର ଦାଗ ଅଛି । ୭୪୯—ଯୁଗ-ପରିବର୍ତ୍ତନ ବା ବହୁକାଳର ବର୍ଜନ ଓ ସମୁଦ୍ର ବାୟୁର ଘର୍ଷଣ ଆଘାତ ସତ୍ତ୍ୱେ । ୮୫୫—ଉଠୁଛି ହୁଏ, ଉଠିଛି

## ସକାଳ

୮୭୫-୭୭—ଦୂରରେ ଥିବା ଧୂଆଁଳିଆ ପର୍ବତ ଯାତରୀ ପରି ଦିଶୁଥିବା ଶରତ୍ କାଳର କାଂଥି ମେଘ ଭିତରେ ଉଜ୍ଜ୍ୱଳ ସୂର୍ଯ୍ୟ ମଂଡଳ । ୮୮୧-୮୨—ଶରତ୍ କାଳର ନଦୀର ଜଳ ଦର୍ପଣ ପରି ସ୍ୱଚ୍ଛ । ପ୍ରଭାତ ବାୟୁ ଯୋଗେ ତହିଁରେ ଛୋଟ ଛୋଟ ତରଂଗ । ଆକାଶରେ ପତଳା ମେଘ ଚାଲୁଛି । ସେଥିରେ କ୍ଷଣେ କ୍ଷଣେ ତାରା ଦିଶୁଛି, ଲୁଚୁଛି । ୮୮୭—ଓକଟ୍‌ର ମାଧୁରୀରେ ମାନସିଂହଂକ ଭୂମିକା ଦେଖ ।

# ଦ୍ୱିତୀୟ ଭାଗ

# ମାୟାଦେବୀ

## ପ୍ରାରଂଭ ଭାଷଣ

୩-୬—କାବ୍ୟର ବର୍ଣ୍ଣନୀୟ ବିଷୟର ସୂଚନା । ୯—କବିଂକୁ ସେତେବେଳେ ୩୫ ବରଷ ହୋଇଥିଲା । ତାକୁଇ ଜୀବନର ମଧ୍ୟକାଳ କହନ୍ତି । ୧୧-୧୬—ଏଠାରେ କବିଂକର ହୃଏତ କୌଣସି ଜୀବନ୍ତ ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ପାଉଚି । ୧୩—ମୁର୍ମୁର ଦହନ= ଗୁମ୍‌ଗୁମିଆ ନିଆଁ; ତୁଷାନଳ । ତୂଳାମେଘ=ତୂଳା ପରି ବା ଆଶ୍ୱିନ କାର୍ତ୍ତିକର ଧଳା ମେଘ । ବଂଧୁମାନଂକର ଆବିଳମାନସ ବା ଗୋଳିଆ ମନ, ୧୬—ବିଷଦୃଶ=ବିଷପରି ବା ବିସଦୃଶ, ଅାଲୁବାଲୁଆ । ୨୩—ନିଷାଦ-ସ୍ୱରଣେ=ନିଜକୁ ଗଜାରୋହୀ ଭାବି । ଆସାରଚୟ=ବରଷା ଅସରାମାନ । ୨୪—ଉପାଂତ ପ୍ରସାରେ=ବଣର ଶେଷଆଡ଼କୁ । ୫୧—କବି ସେଇ ସ୍ଥଳୀର ପ୍ରକୃତିରୁ ଉପମା ଦେଇ ବଂଧୁଙ୍କୁ ମନେ ପକାଇ ତାର ସ୍ତୁତି ଗାଇବାପାଇଁ ଉତ୍ସାହିତ କରୁଚଂତି । ୫୬—ସ୍ମୃତି-ନଭେ ନୁହେ, ସ୍ମୃତି-ନଭେ ।

## ପ୍ରଥମ ସର୍ଗ

୬—ଦରେ ଦରେ=ପ୍ରତି କଂଦରାରେ; ଉପକଂଠ ଶିଳା=ଦରୀପାର୍ଶ୍ୱ ପଥର । ୯—ଶାଖାର ସ୍ତବକଂର । ୧୧—ଲବଂଗ ଗ୍ରୀଷ୍ମଦେଶୀୟ ଫୁଲ ହେଲେ ବି ସୁରସ୍ପୃଷ୍ଟ ବୋଲି ପ୍ରସିଦ୍ଧ । ୧୫—ଶାମଳ=ଶ୍ୟାମଳ । ୨୩, ୨୪—ସ୍ତର ଭେଦରେ ଶୀତୋଷ୍ଣଭେଦ ହେତୁ ଏପରି ହୁଏ । ୨୯—ନିସ୍ୱଜନ=ନୀରଜନ, ସ୍ଥାନ । ୩୬—ବିସଂଗ=ମସ୍ତକ । ୩୮—ବିଭ୍ରମ=ନାରୀର ସ୍ୱାଭାବିକ ଭଂଗୀ । ୩୯—ହାଣ୍ଡିଦାଂତକୁ ଶାଣରେ ବସାଇ, ପରେ ଲଷ୍ଟାର ଚିକଣ ଦେଇ । ୪୧-୪୨—ପର୍ବତତଳେ ସ୍ରୋତ ହ୍ରଦରେ ରାଜହଂସ ପହଁରୁଥାଂନ୍ତି । ଫେଂଡୁ ଫିଂଗିବାରୁ ତରଂଗ ଉଠେ । ସେଥିରେ ରାଜହଂସ ଦୋହଲଂନ୍ତି ଓ ସେ ତରଂଗ କୂଳ ପଥରରେ ବାଜି ଫେରେ । ୪୬-୫୧—ସେକାଳ ମୁସଲମାନଂକ ଯୁଦ୍ଧନୀତି ପ୍ରଭୃତି ପାଇଁ ବିଶେଷରେ ରାଖାଲଦାସ ବାନର୍ଜିଂକ ଓଡ଼ିଶା ଇତିହାସର ପ୍ରଥମଖଂଡ ୨୫୯ ପୃଷ୍ଠା ( R. D. Banerji's Hisory of Orissa Vol—I. p, 259 ) ଦେଖ । ୬୮—ଗଛଗହଳରେ ରୂଲଂଚା ଘୋଡ଼ା ଦେହରେ ପଡ଼ୁଥିବା ଆଲୁଅ ସୁନାଖଂଡ ପରି । ୭୨—ଖଲୀନ ଆସ୍ଫାଳ= ଲଗାମ୍ ଟାଣି । ୭୪—ସନ୍ନ୍ୟାସୀଂକ ତାରପରି ନୟନ ଓ ବିଶାଳ ବକ୍ଷ ଦେଖି କୁମାରୀଂକ ଭକ୍ତି ହେଲା ।

୮୫— ଗେରୁଆ ଲୁଗାରେ ଉଜଳ ଧଳାଦାନ୍ତ ସଂଧ୍ୟା ମେଘରେ ଚନ୍ଦ୍ରରେଖ ପରି । ୯୨—ହାଣ୍ଡି ମୁଣ୍ଡରେ ମେଣ୍ଡକୁମ୍ଭ ବା ମୁଣା ଥିବା ପ୍ରସିଦ୍ଧ । ୧୦୪—ଭାଗ୍ଯ = ପୂର୍ବପୁରୁଷ । ୧୩୩—ଟେଉ ଖେଳଲା ପରି ଦେଖା-ଯାଉଥିବା ଶୃଙ୍ଗମାଳା । ୧୩୪—ପ୍ରସର ପ୍ରସାରେ = ସମୁଦ୍ର ଆଡ଼କୁ ନଈର ପ୍ରସାର ବଢ଼ିଯାଏ । ୧୪୭— ଚତୁରଙ୍ଗ = ହସ୍ତୀ, ଅଶ୍ୱ, ରଥ, ପଦାତି ଏଇ ଚାରି ସେନାଙ୍ଗର ଖାଉତି; ଓ ସାହିତ୍ୟ ( କାବ୍ୟାଦି ) ସଂଗୀତ ( ନୃତ୍ୟ, ଗୀତ, ନାଟ୍ୟ), ଶିଳ୍ପ, ସ୍ଥାପତ୍ୟ, ଏଇ ଚାରି କଳା । ସୀମାନ୍ତ ଦେଶମାନଙ୍କରେ ସେନା ସଞ୍ଚିତ ଥିବାରୁ ଦେଶରେ ଶାନ୍ତି ଥିଲା; ପୁଣି ସୀମାନ୍ତ ପ୍ରଦେଶ-ମାନଙ୍କରେ ମଧ୍ୟ ଓଡ଼ିଶାର ଚତୁରଙ୍ଗ କଳା ପ୍ରଭାବ ବିସ୍ତାର କରୁଥିଲା; ଏଇ ଦୁଇ ଅର୍ଥ ଏଠାରେ ଅଛି । ୧୪୯, ୧୫୦— ଖରା ଟାଣ ହେବା ସଂଗେ ସଂଗେ ମେଘ ଦେଖାଦିଏ; ସୂର୍ଯ୍ୟ ଦକ୍ଷିଣକୁ ଗଲେ ଚନ୍ଦ୍ର ମୁଣ୍ଡ ଉପରେ ରହେ । ୧୫୬—କୂଳକୁ ଲହରୀ ବଡ଼ ହୁଏ । କହିଁଠି ସାତ ଲହଡ଼ି ପରେ ପାଣି ଥିର ଥାଏ । ୧୫୯ ଠାରୁ ଶିଳ୍ପରେ ଜଂବୁଦେଶ ପ୍ରକୃତିର ଶିଳ୍ପଠାରୁ ଭିନ୍ନତା ପ୍ରତି ସୂଚନା । ୧୬୧—ଲହରୀରେ ଦର୍ପଣ ବିମ୍ବ ଓ ତାହାର ପ୍ରତିବିମ୍ବ ଉଭୟ ଲକ୍ଷ୍ୟ । ୧୭୦— ଭୁବନେଶ୍ୱରର ଶିଳାଲିପି ଦେଖ । ଭୃତ୍ୟସ୍ୱ ଅନଙ୍ଗଭୀମ ବଂଗର ମୁସଲମାନ ସୁଲତାନଙ୍କୁ ଜିଣିଥିଲେ । ପୁଣି ତାଙ୍କ ବୃଦ୍ଧ ପିତା ରାଜ ରାଜଦେବଙ୍କ ଅମଳରେ ମୁସଲମାନମାନେ ବଂଗଳାରୁ ଆସି ଆସି ଫେରି ଯାଇ-ଥିଲେ । ୧୭୩— ଜ୍ଞାନକୁ ବିନମ୍ର ଆଦର ରହିଲା ପରି ନରସିଂହଙ୍କୁ ସାମନ୍ତମାନେ ଆଦର ଥାନ୍ତି ।

ମେଘ ଉପରେ କଳା ହାଲୁକା ବଉଦ ଭାସିଗଲା ପରି । ୨୯ ଠାରୁ ଉଦାହରଣରେ ଦୂରତା ନଜର ଜନ୍ମସ୍ଥାନ ଛାଡ଼ି ଅନ୍ୟତ୍ର ଯିବାର ସୂଚନା । ୪୯-୫୦—ସର୍ବଦା ଜାଗ୍ରତ ରହି ସବୁ ଅବସ୍ଥାରେ ମାଆ ଶିଶୁକୁ ଚାହିଁଥାଏ । ଦର୍ପଣରେ ମୁହଁ ଦେଖିଲା ପରି ସେ ସନ୍ତାନ ମୁହଁରେ ନିଜ ଭାବ ଦେଖେ । ୫୪—ସନ୍ତାନ-ସ୍ନେହ-ସମୁଦ୍ରରେ ଭାସୁଥିବାରୁ ଜଗତରେ ଜୀବନ ଅଛି । ୫୫ ଠାରୁ ଜନନୀର ମମତା ଯେ ସର୍ବ ବିକାଶର ମୂଳ, ଏହା ସୂଚିତ ହୋଇଛି । ୭୪—ଜୀବନ୍ତ ଜ୍ୱଳନ = ରଉଣିଆଁ; ଆଖି ଫୋଇପଡ଼ି ଗଲା । ୮୭-୮୮—ପର୍ବତ ଉପରୁ ନଦୀ ଜନ୍ମ ହୁଏ । ସେଇ ପର୍ବତ ଝଡ଼ର ମାଡ଼ ସହେ; କିନ୍ତୁ ଜନ୍ମିଥିବା ନଦୀ ସ୍ରୋତ ଫୁଲାଇ ଚାଲେ ଓ ସେଇ ପର୍ବତର ଆଶ୍ରିତ ଶ୍ରେଷ୍ଠ ପଥରଗୁଡ଼ିକ ଚୂରି ହୁଏ । ସାଧିଇ = ପୀଡ଼ା ହୁଏ । ୯୩ ଠାରୁ କେମା ସ୍ୱପ୍ନ ଦେଖି ପଲଙ୍କରୁ ଖସି ପଡ଼ି ଉତ୍ସାହରେ କହିବାର ବର୍ଣ୍ଣନା କରାଯାଇଛି । ୧୦୭—ହିମକୂଟ = ତୁଷାରବୃତ ଗିରିଶୃଙ୍ଗ । ୧୨୦— ନିର୍ବନ୍ଧ-ବିଧାନ = ନରସିଂହଙ୍କ ସଙ୍ଗେ ବିବାହ ପ୍ରସ୍ତାବ । ୧୪୯—ଚୁଡ଼ ଚୁଡ଼େ, ଚୁଡ଼ । ୧୫୨— ରାଜପୁତ ନାରୀଙ୍କ ଜହର-ବ୍ରତକୁ ଲକ୍ଷ୍ୟ । ୧୬୦— ଏ ଦେଶେ = ଏଠାଲୋକେ । ୧୬୮—କୌଶାମ୍ବି = ବତ୍ସରାଜ୍ୟ । ୧୭୭—ଦଣ୍ଡକ = ଦଣ୍ଡକାରଣ୍ୟକୁ । ୧୮୨—ଦଶାର୍ଣ୍ଣ କଟକେ ସଭାଜନ = ଦଶାର୍ଣ୍ଣ ଦେଶ ରାଜଧାନୀରେ ଅଭ୍ୟର୍ଥନା । ୧୯୮ ଠାରୁ ଜଂବୁଦେଶୀଙ୍କ ଭାବ ଓ ସେଠା ପ୍ରକୃତିରେ ସାମ୍ୟ ପ୍ରତି ସଙ୍କେତ । ୨୧୪ ସଂଧ୍ୟାବେଳେ ପଶ୍ଚିମ ଦିଗ୍‌ବଳୟରୁ ଆସିବାର ଦୃଶ୍ୟ । ୨୩୨ - ଈପ୍‌ସିତ = ଇଚ୍ଛା ।

## ଦ୍ୱିତୀୟ ସର୍ଗ

୧୧ - ଶୋଭାଯାନ = ଶୋଭାଯାତ୍ରା । ୧୨— ବିବାହ ନିର୍ବନ୍ଧର ପୂର୍ବ କର୍ମର ସଙ୍କେତ ସ୍ୱରୂପ ନାରିକେଳ ପଠାଯିବାର ବିଧିକୁ ଲକ୍ଷ୍ୟ । ୧୭—ସୁଧା

## ତୃତୀୟ ସର୍ଗ

୩—ବାରବାଟୀର ସଭା ଉପର ମହଲରେ ଦେବ ମନ୍ଦିର ଥିଲା । ୧୮—ଅନନ୍ତ ଆଲୋକ ଚକ୍ଷରେ ପୁରୀର ଫୁଟାଇ ବାହାର ଦଶିଲା କି ? ୨୦—ଉତ୍ତୁଙ୍ଗ

୬ ଅତି ଉଚ୍ଚ; ବଡବା = ସମୁଦ୍ର ଅଗ୍ନି; ଅଂଧକାରକୁ ସମୁଦ୍ର ମଣି ବାହାରିଲା କି ? ୭୯—ରାଣୀ-ପୁରକୁ ରାଜା ପଶି ଆସିଲେ । ୭୪—ବସ୍ତ୍ରିତ ହୋଇଥିବା ରାଣୀଂକୁ କହିଲେ । ୧୨୪-ତଳପ ପ୍ରସାଦେ = ଶେଯରେ ଶୁଇଲା ପରି ଖୁସିରେ । ୧୩୭—ଅର୍ଦ୍ଧଚଂଦ୍ର ଆକାରରେ ସେନା ସଜାଡ଼ି ରଖିଲେ । ୧୪୧ – ଚର୍ମ = ଢାଲ । ୧୫୦— ମେଘ ଘୋଡ଼ିଥିଲେ ତାରା ତହିଁରୁ ବାହାରିଲା ପରି ଦିଶେଂତି । ପର୍ବ = ପୂର୍ଣ୍ଣିମା । ୧୫୩—ସୂର୍ଯ୍ୟ କିରଣରେ ଶର ଚକ ଚକ ହୋଇ ନୀଳ ବଣଭିତରେ ମେଘରେ ବିଜୁଳିପରି ଦିଶେ । ୧୬୧—ଦ୍ୱିଧା = ଦୁଇଭାଗ । ୧୬୨—ମାଧବ ସୋହାଗ = (ଏଠାରେ) ଫୁଲ । ୧୬୩—ନଭ = ମେଘ; ପର୍ବତ ଜାହାଜ ହୁଏ, ତହିଁରେ ଲାଗିଥିବା ମେଘ ପାଲ ହୁଏ । ୧୮୩—ଗୋଲଆ ଗଡଆରେ ପୂର୍ଣ୍ଣଗ୍ରସ୍ତ ଚଂଦ୍ର ପରି ମୁଖ ଦିଶୁଚି । ୧୯୧-୯୨—ଏଣେ ବଣରେ ଚଳଂତା ଖଂଡା ଜକ୍ ଜକ୍ ହେଉଚି, ତେଣେ ସେଇ ପରି କଳା କାଂଥି ମେଘମାନଂକ ଅଂଗରେ ବିଜୁଳି ଚମକୁଚି । ୧୯୭—ଟଂକ ପରିସରେ = ଟାଂଗି ଉପରେ । ୨୧୨—ବଡ଼ ଗମ୍ଭୀର ବା ପାଟରେ ବର୍ଷା ମେଘ ଉଠାଇଲେ, ତା ଯେପରି ଭୀଷଣ ହୁଏ, ସେହିପରି ମୁଖ । ୨୪୫—ଜୀବନ-ପସୂ = ଜଳ ରୂପକ ସୈନ୍ୟ । ୨୫୪— ନରସ୍ତେ = ନାରକେ । ୨୫୯-୬୧—ଟଂକକଳା, ନରସିଂହ ଗୋଗ; ଏଇ କଥାକୁ ଲକ୍ଷ୍ୟ । ୨୬୩— ସେତେବେଳକୁ ଧଂବଳ ଗଡ଼ ଉପରେ ପ୍ରହରମଂଦିରରେ ସଂଧ୍ୟାତେଜ ପଡ଼ିଥିଲା । ୨୮୪—ସବୁ ଗିରିନଦୀ ପଥର ଫଟାଏ, ମାତ୍ର ସମୁଦ୍ର ପାଖେ ଜଳ ସଂଭାର ବେଶି ହେଲେ ବି ଶାଂତ ହୁଏ । ୨୮୯—ବଣ ଭିତରେ ସଂଲୁଚିତ ହୋଇ ଦୁର୍ଗ ପାଖେ ଶସ୍ୟକ୍ଷେତ୍ର ଥାଏ । ୨୯୯ଠାରୁ କରୁଣେଇ ପାହାଡ଼ ଉପରୁ ସୂର୍ଯ୍ୟପାଖର ଦୃଶ୍ୟ । ୩୦୩-୪—କ୍ଷେତରପାଚିଲା ଧାନ ପରେ ସମୁଦ୍ର କୂଳ ଧଳା ବାଲି ଦିଶୁଥିଲା । ନଡ଼ିଆ ମାଳ-ମାନଂକରେ ଜମା ହୋଇଥିବା ଅଂଧାର ପ୍ରସାରିତ ହୋଇ ସାଗର ହୋଇଚି କି ? ୩୦୭—ଟଂକକୁ ଛଣି ଆସିଲେ ଶିଶୁପାଳ କେମାଂକୁ ବନ୍ଦୀ ହେବାକୁ ପ୍ରତିଜ୍ଞାବଦ୍ଧ ହୋଇଥିବା କଥା ପର ସର୍ଗରେ ଅଛି ।

## ଚତୁର୍ଥ ସର୍ଗ

ଯୌବନରେ ଚିତ୍ତବୃତ୍ତି ବନ୍ୟରୂପରେ ଅଭିଳଷିତ ମାର୍ଗରେ ଅଦମ୍ୟ ହୁଏ । ତହିଁରେ କୌଣସି କଳଙ୍କ ବା ଉପୁଷ୍ଟ ନ ଥାଏ । ସେଥିରେ ପ୍ରୀତି ଅଲକ୍ଷିତ ଭାବରେ ଫୁଟେ ଓ ଚତୁଷ୍କୁ ବଶ କରେ । ଏଇ କଥା ପ୍ରଥମରୁ ବୁଝାଯାଇଚି । ୭—ଆବରଣ = ସଂସମାଦିର ବାଧା । ୮—କୀର୍ତ୍ତି, କର୍ତ୍ତବ୍ୟ, ବୀରତ୍ୱ ଓ ବିବେକ ପ୍ରକୃତ ପ୍ରୀତିରେହିଁ ଅଧିକ ଉଜ୍ଜ୍ୱଳ ହୋଇ ଉଠେ । ପ୍ରକୃତିରୁ ତାହାର ଉଦାହରଣମାନ ପରେ ବୁଝାଯାଇଚି । ୧୩-୨୨—ନାରୀମାନେ ବୀରପ୍ରିୟା ହୋଇଥିବାରୁ ବୀରମାନଂକର ରଣ-ଦୁର୍ଦ୍ଧର୍ଷ ବାହୁକୁ ମୃଣାଳଭଳି ଆଦରଂତି । ୨୯-୩୦—କୁମାର ନରସିଂହଂକ ବନକୁ ଯିବାର କାରଣ ଓ ଏକାମ୍ରରେ ଶିବର ସ୍ଥାପନ ବର୍ଣ୍ଣିତ । ୩୯-୪୨—ସ୍ୱପ୍ନାଦେଶରେ କୁମାରଂକ ସେନାଂକ ଭିତରେ ଯେ ଭାବ ଓ କ୍ରିୟା ହେଲା ତାହାର ଉପମା । ୪୪—ଆମୋଦ-ଭାସିଲେ ନୁହେ, ଆମୋଦେ ଭାସିଲେ । ୪୯—ଗୁରୁ = ଗଂଭୀର । ୫୩—କୁମାର ଜନେ = କୁମାରଂକ ଲୋକେ । ୬୫-୬୮—ସୂର୍ଯ୍ୟ ତଳେ ଚଳଂତା ବଉଦ ଘୋଡ଼ୁ ଥିଲେ କ୍ଷଣକେ ଛାଇ, କ୍ଷଣକେ ଖରା ହେଲାପରି ସେଠି ଏକାଠି ହୋଇଥିବା ଲୋକଂକ ମନରେ କବିତାରେ ଆନଂଦ ଓ କୁମାରଂକ ଆଶ୍ରେ ଏପରି ପ୍ରେମ କବିତା ଠିକ୍ ନୁହେ ବୋଲି ଶଂକାର କାଳିମା ଖେଳିଗଲା । ୭୧—ବାଦ = ପ୍ରତିଦ୍ୱଂଦ୍ୱିତା । ୭୮-୮୭ ପ୍ରେମ ହେତୁରୁ ସବୁ ଭାବ ଅଭିବ୍ୟକ୍ତ ହୁଏ । ୮୮—ଏକପଦ-ବାଟେ = ଜଣକ ପାଦ ପଡ଼ିବାଭଳି ବାଟରେ । ଗୁଳ୍ମ ବନେ = ବୁଦାପୂର୍ଣ୍ଣ ବଣରେ; ଗୁଳ-ବନେନୁହେ ( ଛାପାଭୁଲ ) । ୧୭୨ ଶ୍ଳୋକର ଶେଷ ପଦ—'ନଜାଣଂତି', ଏଠାରେ ଜାଣିଛନ୍ତି ଅର୍ଥାତ୍, ମୁଁ ତମର ପ୍ରାଣ ବୋଲି ସମସ୍ତେ ତ

ଜାଣନ୍ତି, ଲୁଚିଲ କଣ ମୋତେ ସାଙ୍ଗରେ ନେବ ବୋଲି କଥା ଭାବୁଛ ? ପିଣ୍ଡ ସଙ୍ଗେ ପ୍ରାଣ ଯିବା ସ୍ୱାଭାବିକ । ଲାଜ ନାହିଁ । ପୁଣି ମୁଁ ବୀର ହାତ ଧରିଛି, ଭୟ ବି ନାହିଁ । ତିନୋଟି ବଂଶୀ ଗୀତ—ଏ ତିନୋଟିରେ କବିତାର କ୍ରମ ବିକାଶ ସଙ୍ଗେ ପ୍ରେମର ବିଭିଧ ଗତି ନିପୁଣ ଭାବରେ ଚିତ୍ରିତ ହୋଇଛି । ୯୭—କବିକଦମ୍ବ = କବି-ସମୂହ । ୧୧୦—ଅନପେ = ଅନୂପେ ୧୧୩—ବଣ ଭିତରେ ବାଟ ବାରି ଫେରିବାକୁ ଚିହ୍ନ ବା ସଙ୍କେତ ରଖି ନାହାନ୍ତି । ୧୧୫—ଯୋଗଣେ = ଭୋଜନବେଳେ । ୧୧୭—ଅନ୍ୟମନସ୍କ ଥିବାରୁ ବାଟ ସରିଯିବା କଥା ଜାଣିପାରୁ ନାହାନ୍ତି । ୧୪୦—ଶଷ୍ପ = ବାଳତୃଣ, ଶସ୍ୟ । ୧୪୧—ବଣ ଭିତରେ ସନ୍ଧ୍ୟାବେଳକୁ ଶସ୍ୟ କ୍ଷେତ୍ର ଦେଖିଲେ । ୧୪୨—ପାଟଳ-ପଟଳେ = ରକ୍ତବର୍ଣ୍ଣ ପରଦା ବା ଆବରଣକୁ । ୧୪୪—ନିସ୍ତବ୍ଧ ନିଶୀଥରେ କୁମ୍ଭାଟୁଆ ପକ୍ଷିର ଶବ୍ଦପରି ବିତାନରେ ବିସ୍ମୟ । ୧୭୪—ଭୁବନେଶ୍ୱର-ଠାରୁ ପ୍ରାୟ ମାଇଲିଏ ଦୂରରେ 'ଶିଶୁପାଳ' ଗଡ଼ର ଧ୍ୱଂସାବଶେଷ ଏବେ ଅଛି, ଗଡ଼ଖାଇ ଓ ପ୍ରାଚୀର ସ୍ପଷ୍ଟ ବାରି ହେଉଛି । ୧୮୦—ସିଂହଦ୍ୱାରରେ ପହଲି ଦେଖା ଆଗରୁ ଲୁହାଯାଇଛି । ୨୨୮—ବୁଢ଼ା ହେଲେ, ଲୋକେ ବେଶି ଗପନ୍ତି । ୨୫୯ ଠାରୁ ଜେମାଙ୍କୁ ଲକ୍ଷ୍ୟ କରି କବି କହୁଛନ୍ତି । ୩୩୩—ପରିଚ୍ଛର = ସତ୍କାର ଓ ସେବକ, ଦୁଇ ଅର୍ଥରେ ବ୍ୟବହୃତ । ଶ୍ଳେଷ ।

## ପଞ୍ଚମ ସର୍ଗ

୪ର୍ଥ ସର୍ଗର ପ୍ରଥମରୁ ପ୍ରୀତିର ପ୍ରସାର ଓ ଏଠାରେ ପ୍ରଥମରୁ ପ୍ରୀତିର ପ୍ରତିଦାନ ସୂଚନା ଅନୁସନ୍ଧାନ ଯୋଗ୍ୟ । ୧୨୯-୩୦—ନରସିଂହ, ଦେବତା; ଜମ୍ବୁଜେମା ତାଙ୍କ ହାତରେ ଫୁଲ, ତାଙ୍କୁଇ ଦେଖି ମାୟାଦେବୀ କୃତାର୍ଥ ହୁଅନ୍ତେ ।

## ଷଷ୍ଠ ସର୍ଗ

୪୩—ଗହଳ ପତ୍ର ଥିବା ଗଛ ଖରାବେଳେ ମଧ୍ୟ ନିଜ ଅନ୍ଧାରିଆ ଛାୟାରେ ଜହ୍ନକୂଳା ପୋକକୁ ସଙ୍ଗୋପନ ରଖିଲାପରି । ୫୯—ଖରସ୍ରୋତୀ ପ୍ରୀତିପୂର = ଉତ୍କଟ ପ୍ରେମର ପ୍ରବାହ, କର୍ମ ଆବରଣ ତଳେ ଅଟକ କରି ଥାଏ । ୧୨୪—କଟକ = ରାଜଧାନୀ; ଏଠାରେ 'ବାରାଣସୀ କଟକ' । 'ବରାନସୀ' ଠାରୁ ଏବଂ 'କଟକ' ସହରକୁ ନେଇ 'ବାରାଣସୀ କଟକ' ବା 'କଟକବାରାଣସୀ' ସହରଟି ପୂର୍ବରୁ ଥିଲା । ୧୭୭—ପ୍ରୀତିର ଶିଖା ରୂପେ ନଦୀ ନିଜ ଉତ୍ପତ୍ତି ସ୍ଥଳରୁ ମାଟି, ପଥର ନିଜ ସାଙ୍ଗରେ ନେଇ ଆସେ । ୧୮୨—ପତତ୍ର = ପକ୍ଷିର ଡେଣା । ୨୦୪ ଫୁଲ୍ଲ = ପୂର୍ଣ୍ଣ ବିକଶିତ । ୨୪୧—ଜମ୍ବୁ ସୋହାଗେ = କାନ୍ତିର ସୌନ୍ଦର୍ଯ୍ୟରେ ।

## ଉପସଂହାର

୪୦୫ପୃଷ୍ଠା ୨ୟ ସ୍ତମ୍ଭ ୧୭ ଧାଡ଼ି—ପରିବାହ = ଆକାଶ ବାୟୁ । ୨୫ ଧାଡ଼ି ଠାରୁ—ପୁରାଣରେ ଅଛି, ସୂର୍ଯ୍ୟ, ବିଶ୍ୱକର୍ମାଙ୍କ ଝିଅ ସଂଜ୍ଞାଙ୍କୁ ବିଭା ହୋଇ ଥିଲେ । ସଂଜ୍ଞା, ସୂର୍ଯ୍ୟଙ୍କ ତେଜ ସହି ନ ପାରି 'ଛାୟା' ନାମ୍ନୀ କନ୍ୟାଟିକୁ ସୂର୍ଯ୍ୟଙ୍କ ପାଖେ ରଖି ନିଜେ ଅନ୍ତର ହୋଇ ଥିଲେ । ପରେ ସୂର୍ଯ୍ୟ ପୁଣି ସଂଜ୍ଞାଙ୍କୁ ଖୋଜି ତାଙ୍କ ପାଖକୁ ଯିବାରୁ ବିଶ୍ୱକର୍ମା କୁନ୍ଦ ବା ଶାଣ ଯନ୍ତ୍ରରେ ବସାଇ ସୂର୍ଯ୍ୟଙ୍କ ତେଜ କମାଇ ଦେଲେ । ୪୦୭ ପୃଷ୍ଠା ୨ୟ ସ୍ତମ୍ଭ ୩ୟ ଧାଡ଼ି—ସୂର୍ଯ୍ୟୋପରାଗରେ ଜ୍ୟୋତିଷ-ମାନେ ଏକ ପ୍ରକାର କଳା ପ୍ରତିଚକ୍ଷୁ ବା ଚଷମା ଦେଇ ଗ୍ରହଣ ଦେଖନ୍ତି । ସେପରି ଚଷମା ନ ଦେଇ ଦେଖିଲେ ଆଖି ସହି ପାରେ ନାହିଁ ।

## ପ୍ରାନ୍ତ ଭାଷଣ

୪୦୭ ପୃଷ୍ଠା ୧ମ ସ୍ତମ୍ଭ ୧୭ ଧାଡ଼ି—ଉପକଣ୍ଠ-ସ୍ତରେ = ପର୍ବତ ନିକଟବର୍ତ୍ତୀ ସ୍ଥଳୀରେ । ୨ୟ ସ୍ତମ୍ଭ ୪ର୍ଥ ଧାଡ଼ି—ବଂଶୀ ସରସ୍ୱତୀ = ଭାଟଗୀତ । ୧୪ଧାଡ଼ି—ଗଞ୍ଜାମ ଓ ଗଡ଼ଜାତର କେତେକାଂଶରେ ଲୋକେ ପୁରୀ ଓ ଖୋର୍ଦ୍ଧାକୁ 'ଓଡ଼ଶା' କହନ୍ତି ।

# ଖାରବେଳ

# ଗ୍ରନ୍ଥ ପ୍ରବେଶ

ବର୍ତ୍ତମାନ ଯାହାକୁ ଓଡ଼ିଶା ବୋଲି ଆମ୍ଭେମାନେ କହୁଛେ ତାହା ପ୍ରାଚୀନ କାଳରେ ତିନୋଟି ରାଜ୍ୟର ପ୍ରଧାନ ଅଂଶ ଥିଲା । ମେଦିନୀପୁର, ମୟୂରଭଂଜ, କେଂଦୁଝର, ସିଂହଭୂମି, ମାନଭୂମି ପ୍ରଭୃତି ଯେଉଁ ମେଦିନୀପୁରର ସମୁଦ୍ର କୂଳଠାରୁ ଗୟା ଜିଲ୍ଲା ପର୍ଯ୍ୟଂତ ପ୍ରାଚୀନ ଉତ୍କଳ ଦେଶ । ବର୍ତ୍ତମାନ ଓଡ଼ିଶାର ମହାନଦୀର ଦକ୍ଷିଣ ଗଡ଼ଜାତମାନ ଢେଂକାନାଳ, ଅନୁଗୁଳ, ହିଂଦୋଳ, ସଂବଲପୁର, ରାୟପୁର ପ୍ରଭୃତି ଯେଉଁ ପ୍ରାଚୀନ ଓଡ୍ରଦେଶ ଥିଲା । ଏଠାରେ ବହୁକାଳ ବ୍ୟାଘ୍ରରାଜ ବଂଶ ରାଜପଣ କରୁଥିଲେ । ବାଲେଶ୍ୱର, କଟକ, ପୁରୀ, ଗଂଜାମ ଜିଲ୍ଲାମାନଂକୁ ଯେଉଁ ଅତି ପ୍ରାଚୀନ କଳିଂଗ ଦେଶ ।

ଭୁବନେଶ୍ୱର ନିକଟସ୍ଥ ଉଦୟଗିରିରେ ହାତୀଗୁଂଫା ଓ ମଂଚପୁରୀ ନାମକ ସ୍ଥାନରେ ଥିବା ଦୁଇଟି ପ୍ରାଚୀନ ପଥର ଲେଖା ପଢ଼ା ହୋଇଅଛି । ସେଥିରୁ ଜଣାଯାଏ, ଆଜକୁ ପ୍ରାୟ ୨୧୦୦ ବର୍ଷ ତଳେ କଳିଂଗର ଚେତରାଜ ବଂଶରେ ଖାରବେଳ ନାମକ ଏକ ମହା ପରାକ୍ରାଂତ ରାଜା ରାଜତ୍ୱ କରଂତି । ତାଂକର ବଣିକମାନେ ଅଂତତଃ ପାରସ୍ୟ ଉପକୂଳ ପର୍ଯ୍ୟଂତ ସମୁଦ୍ରରେ ବାଣିଜ୍ୟ କରୁଥିଲେ । ସେ ନିଜ ବଳରେ କୁମାରିକା ଅଂତରୀପ ପାଖ ପାଂଡ୍ୟ ରାଜ୍ୟଠାରୁ ହିମାଳୟ ତଳର ମଗଧ ପର୍ଯ୍ୟଂତ ସବୁ ଜିଣିଥିଲେ । ପଶ୍ଚିମରେ ଅଂଧ୍ରରାଜ ସାତକର୍ଣ୍ଣିଙ୍କୁ ଜିଣି ବୋଂବାଇ ପ୍ରଦେଶ ପର୍ଯ୍ୟଂତ ରାଜ୍ୟ ବିସ୍ତାର ମଧ୍ୟ କରିଥିଲେ । ସେ ଜୈନ ଥିବାର ଅନୁମାନ ହୁଏ; କିଂତୁ ରାଜସୂୟ ଯାଗ କରିଥିଲେ । ବ୍ରାହ୍ମଣମାନଂକୁ ଶାସନ ଦାନ ଦେଇଥିଲେ ଏବଂ ରାଜସୂୟ ଯଜ୍ଞ କରିବା ବର୍ଷ ପ୍ରଜାମାନଂକୁ କର ଛାଡ଼ ଦେଇଥିଲେ । କେତୁଭଦ୍ର ନାମକ କଳିଂଗ ଅଂଚଳର ଜଣେ ପ୍ରଧାନ ବୀର ମହାଭାରତ ଯୁଦ୍ଧରେ ଯୁଦ୍ଧ କରିଥିଲେ । ସେହି କେତୁଭଦ୍ରଂକର ଗୋଟିଏ ନିମକାଠ ମୂର୍ତ୍ତି କଳିଂଗରେ ପ୍ରତିଷ୍ଠିତ ଥିଲା ଏବଂ ଖାରବେଳ ସେହି ମୂର୍ତ୍ତିର ରଥଯାତ୍ରା ଉତ୍ସବ କରାଉଥିବାର ପ୍ରକାଶ ।

ଭୁବନେଶ୍ୱର କିଂବା ତାହାର ପାଖଆଖ କୌଣସି ସ୍ଥାନରେ ଖାରବେଳଂକ ରାଜଧାନୀ ଥିଲା । ଧୂସି (ଧୃସି) ତାଂକର ରାଣୀ ଥିଲେ । ସିଂଧୁ ନଦୀର ପଶ୍ଚିମ କୂଳରେ ପୂର୍ବ ଆଫଗାନ ସ୍ଥାନରେ ବଜିର ବୋଲି ସେତେବେଳେ ଦେଶ ଥିଲା । ସେହି ଦେଶର ରାଜଧାନୀର ନାମ ସିଂହପଥ । ଧୂସି ସେହି ବଜିର ରାଜାଂକର କନ୍ୟା ଥିଲେ । ୧୫ ବର୍ଷରେ ଯୁବରାଜ ପଦରେ ବସି ଖାରବେଳ ରାଜକାର୍ଯ୍ୟ ଶିକ୍ଷା ଆରଂଭ କଲେ । ୯ ବର୍ଷ ପରେ ଅର୍ଥାତ୍ ୨୪ ବର୍ଷ ବୟସରେ ସେ ରାଜା ହେଲେ । ସେ ପ୍ରାୟ ୩୦ ବର୍ଷରୁ ଅଧିକ କାଳ ରାଜତ୍ୱ କରିଥିଲେ । ଶେଷଜୀବନରେ ରାଣୀ ଧୃସିଂକ ସହିତ ଉଦୟଗିରିରେ ଆସି ସନ୍ୟାସିପରି ବାସ କରିଥିଲେ । ଉଦୟଗିରିର ରାଣୀ ନଅର, ରାଣୀହଂସପୁର, ଖାରବେଳଂକର ସନ୍ନ୍ୟାସ ବାସପାଇଁ ପଥର ଖୋଳାହୋଇ ତିଆରି ହୋଇଥିଲା । ପ୍ରଥମେ ତିଆରି ହେଲାବେଳେ ରାଣୀନଅର, ରାଣୀହଂସ-ପୁରର ଗୁମ୍ଫା ମାନଂକରେ ଅନେକ କାମକୁଟ ହୋଇ

ସୁନା ଛୁଆଣି ହୋଇଥିବା ପ୍ରକାଶ ପାଉଅଛି । ଏହି ରାଣୀନଅର ରାଣୀହଂସପୁର ଛଡ଼ା ଖଂଡଗିରି, ଉଦୟଗିରିରେ ଆଜି ଅନେକ ଗୁହା ଜୈନ ସନ୍ୟାସିଂକ ନିମଂତେ ଖାରବେଳ ଧୂସିଂକ ଆଦେଶରେ, ରାଜକୋଷ ଖର୍ଚରେ ଖୋଦିତ ହୋଇଥିଲା ।

ପଥରଲେଖାରେ ଖାରବେଳଙ୍କର ଉପାଧି ଐର ବୋଲି ଲେଖାଅଛି । ଖ୍ରୀଷ୍ଟପୂର୍ବ ଶତାବ୍ଦୀମାନଂକରେ କଳଂଗର ଅନେକ ରାଜବଂଶ ଐର ଥିବାର ପ୍ରମାଣ ମିଳେ । ଖାରବେଳ ଭୃଗୁସ୍ଥ ଐର ବା ଚେତରାଜ ଐର ବଂଶର ରାଜା ଥିଲେ ।

ନୀଳକଂଠ ଦାସ

ସତ୍ୟବାଦୀ ୧୦ । ୧୧ ।୧୯୬୦

## କାବ୍ୟ—ବର୍ଣ୍ଣିତ ବିଷୟର ସୂଚନା

### (୧)

ପିଲାଦିନେ ଖାରବେଳ ଜଂଗଲରେ ଗୁରୁଂକ ଘରେ ଥିଲେ । ପ୍ରାପ୍ତ ଷୋଡ଼ଶ ବର୍ଷ ବୟସରେ ଯୁବରାଜ ହୋଇ, ପ୍ରଥମେ ଉତ୍କଳ ଓ ଉଡ୍ରଂକୁ ଜିଣି, କଳଂଗ ସଂଗେ ମିତ୍ରଭାବରେ ମିଶାଇ, ସେ ଦେଶର ସୈନ୍ୟମାନଂକ ସହିତ ପାଂଡ୍ୟ ଜିଣିବାକୁ ଗଲେ । ବୃଦ୍ଧ ପାଂଡ୍ୟରାଜ କଳଂଗର ମିତ୍ର ହେଲେ । ସେଠାରୁ ବଣିକମାନଂକ ସଂଗେ ଖାରବେଳଂକ ଲୋକେ ଜାବା ଓ ବାଲି ପ୍ରଭୃତି ଦ୍ୱୀପମାନ ବୁଲି ଆସିଲେ । ମାତ୍ର ପାରସ୍ୟ କୂଳକୁ ଯାଉଥିବା କଳଂଗ ବଣିକମାନେ ସିଂଧୁଦେଶ ଉପକୂଳଠାରୁ ପଶ୍ଚିମକୁ ଆଉ ସୁଖରେ ବାଣିଜ୍ୟ କରି ପାରିଲେ ନାହିଁ, ବହୁତ ଦଂଡ ଦେଲେ, ପୀଡ଼ା ପାଇଲେ । ସେହି ହେତୁରୁ କଳଂଗ, ଉତ୍କଳ, ଉଡ୍ର ଓ ପାଂଡ୍ୟର କେତେକ ସେନା ଧରି ପାଂଡ୍ୟରାଜଂକ ସହିତ ଖାରବେଳ ସିଂଧୁଦେଶ ଆଡ଼କୁ ଯୁଦ୍ଧଯାତ୍ରା କଲେ ।

ସେତେବେଳେ ଆଫଗାନସ୍ଥାନର ପୂର୍ବ 'ବଜିର' ଓ ବେଲୁଚି ସ୍ଥାନର ପୂର୍ବ 'ପୁର' ରାଜ୍ୟ ନାମରେ ପ୍ରସିଦ୍ଧ ଥିଲା । ବଜିର ରାଜ୍ୟ ମଧ୍ୟ ଏଥିପୂର୍ବେ ସିଂଧୁଦେଶର ପଶ୍ଚିମ ପର୍ଯ୍ୟଂତ ବ୍ୟାପିଥିଲା । ସିଂଧୁଦେଶର ପାତାଳ (ପଟ୍ଟଳ) ବୋଲି ବଣିକ୍‌ନଗରୀ ଥିଲା । ତାହାର ପଶ୍ଚିମକୁ ଯେଉଁ ଦେଶ ଥିଲା, ସେଠାରେ ବହୁକାଳରୁ ଦ୍ରାବିଡ଼ମାନେ କୃଷକରୂପେ ବାସ କରୁଥିଲେ । ଏବେ ମଧ୍ୟ ସେହି ଦ୍ରାବିଡ଼ ବଂଶଧରମାନେ ଦକ୍ଷିଣ ବେଲୁଚିସ୍ଥାନରେ ଅଛଂତି । ସେମାନେ ପୂର୍ବେ ବଜିର ରାଜାଂକ ଅଧୀନରେ ଥାଇ, ଦ୍ରାବିଡ଼ ରୀତି ଛାଡ଼ି, ଆର୍ଯ୍ୟବିଧାନ ଓ ଧର୍ମରେ ଚଳୁଥିଲେ । ସେହି କୃଷକଦେଶର ରାଜା (ଗ୍ରାମଣୀ) ବଜିରରାଜାଂକର ବଡ଼ ମିତ୍ର ଓ ଆତ୍ମୀୟ ଥିଲେ ।

ଆଲେକ୍‌ଜାଣ୍ଡର ( ସିକଂଦର ) ଚାଲିଯିବାପରେ ତାଂକ ସେନା ଓ ସେନାପତିମାନେ ଆଫଗାନସ୍ଥାନ ଓ ପାରସ୍ୟର କେତେକ ଅଂଶରେ ବାକ୍‌ଟ୍ରିଆ (ବକତର) ରାଜ୍ୟ ବସାଇଥିଲେ । ଖାରବେଳଂକ ସମୟରେ ଡେମେଟ୍ରିଅସ Demetrius ( ଦତ୍ତିମ ) ନାମକ ସେଠାରେ ଜଣେ ବିକ୍ରମଶାଳୀ ରାଜା, ବଜିର, ପୁର ପ୍ରଭୃତି କୂଟଯୁଦ୍ଧରେ ଅଧିକାର କରି ବିଦେଶୀ ବଣିକମାନଂକଠାରୁ ଦଂଡ ନେଉଥିଲେ ଓ ବଜିର ରାଜା ଓ ଯୁବରାଜ ରାଜଧାନୀ ସିଂହପୁର ଛାଡ଼ି, କୌଣସି ମିତ୍ରରାଜା ପାଖେ ଆଶ୍ରୟ ନେଇଥିଲେ । ବଜିର କନ୍ୟା ଧୂସିଂକୁ କୃଷକପତି ଆଦରି କରି ପାଳିବାକୁ ନେଇ ଆସିଥିଲେ ।

( ୨ )

ଖାରବେଳ ପ୍ରଥମେ ପାଟଳରେ ଛାଉଣି କରି ରହି ସେହି କୃଷକମାନଙ୍କୁ ଯୁଦ୍ଧରେ ସାଥୀ ହେବାକୁ ଲୋଡ଼ୁଥାଂନ୍ତି । ଏହିପରି ସମୟରେ ଦିନେ ସନ୍ଧ୍ୟାରେ ଘୋଡ଼ାରେ ଚଢ଼ି, ନଈ ପଶ୍ଚିମ ପାଖେ ବୁଲିବାକୁ ଯାଇ, ଫେରିବା ବାଟ ଜାଣିପାରିଲେ ନାହିଁ । ଅଦୂରରେ କେତେଗୁଡ଼ିଏ କୃଷକବାଳିକା ଖେଳୁଥିଲେ ଏବଂ ନଈକୂଳ ପଥର ଉପରେ ଧୂସି ବସିଥିଲେ । ଖାରବେଳ ଯାଇ ଧୂସିକୁ ବାଟ ପଚାରି ଫେରି ଆସିଲେ । ଖାରବେଳ ଫେରିଆସିବାପରେ ଧୂସି କେତେକାଳ ସେହିପରି ପଥର ଉପରେ ଚାହିଁ ବସି ରହିଲେ । ଏହି ଗପକୁ ଧରି ଏ କାବ୍ୟର ପ୍ରଥମ ଖଂଡ ଫିଟିଅଛି ।

ତା'ପରେ ଧୂସି ବାଳିକାମାନଂକ ସଂଗେ କୃଷକ-ପୁରକୁ ଫେରିଆସିଲେ । ଏଣେ କୃଷକ ପ୍ରଜା ମଧ୍ୟ ଖାରବେଳଂକୁ କୃଷକସେନା ଦେବେ ବୋଲି ଜବାବ କରି ଆସିଥାଂନ୍ତି । କୃଷକପତି ବୁଢ଼ା । ସେନାପତି ହୋଇ କିଏ ସେନା ଚଳାଇବ, ସେଥିପାଇଁ ଚିଂତା ପଡ଼ିଲା । ଧୂସି ପିଲାଦିନେ ମୃଗୟା ପ୍ରଭୃତି ଶିଖିଥିଲେ । ସେ ଗୋପନରେ ବଳରଗଜପୁଷ ସାଜି, ସେନା ଚଳାଇବେ ବୋଲି ବୁଢ଼ାଂକଠାରୁ ଅନୁମତି ପାଇଲେ ଏବଂ ବଳରଯୁବକ ବା ବଳଭୀର ହୋଇ, ସେନାପତି ହେଲେ ।

ଏହି ସେନାପତିଂକ ସଂଗେ କୁମାର ଖାରବେଳଂକର ହଠାତ୍ ଅହେତୁକୀ ପ୍ରୀତି ଓ ଆତ୍ମୀୟତା ଜନ୍ମିଲା । ଯୁଦ୍ଧର ଆୟୋଜନ ହେଉଅଛି, ଏପରି ଅବସରରେ ଜଣେ ସୁଗତ (ବୌଦ୍ଧ ଓ ଜୈନ ସନ୍ୟାସିମାନଂକର 'ସୁଗତ' ଓ 'ଆର୍ହତ' ନାମ ଥିଲା) ଯୁଦ୍ଧ ନିବାରଣ କଲେ । ଦତ୍ତିମଂକୁ ବୁଝାଇବା ପାଇଁ ସେ (ବଳଗର) ଗଲେ । 'ଦତ୍ତିମ' କୌଶଳ କରି ସମାଧାନ କରିବାକୁ ମଂଗିଲେ ଏବଂ ଖାରବେଳ ପ୍ରଭୃତିଂକୁ ବଳରକୁ ଆସି ବଳରଗଜାଂକୁ ଡାକି ଆଣିବାକୁ କହିଲେ । ଧୂସି ବା ସେନାପତି ଏସବୁ କୌଶଳ ବୋଲି ଆଶଂକା କରୁଥିଲେ ହେଁ ଜନ୍ମଭୂମି ଲୋଭରେ ସମସ୍ତଂକୁ ସିଂହପଥକୁ ଡାକିଆଣିଲେ । ଦତ୍ତିମ ଏ ଖବର ପାଇ, ରାତିରେ ସିଂହପଥ ଆକ୍ରମଣ କଲେ । ସେନାପତି ଧୂସି ଆଗରୁ ଏହା ଜାଣି କେତେକ କୃଷକ ଓ ଉତ୍କଳ ସେନା ଘେନି ବାହାରିଆଡ଼କୁ ଦତ୍ତିମଂକୁ ଘେରି ଥିଲେ । ଦତ୍ତିମ ଦୁଇଆଡ଼ୁ ଆକ୍ରାଂତ ହୋଇ ପରାସ୍ତ ହେଲେ, ମାତ୍ର ଖାରବେଳ ଯୁଦ୍ଧରେ ଆହତ ହୋଇ ମୃତପ୍ରାୟ ହୋଇପଡ଼ିଲେ ।

ସୁସ୍ଥ ହୋଇ ପାଟଳକୁ ଫେରି, ସେହିଠାରେ ଖାରବେଳ କୃଷକପୁରରେ ଧୂସିଂକୁ ଚିହ୍ନିଲେ । ଏହିଠାରେ କାବ୍ୟର ଏ ଭାଗ ଶେଷ ହୋଇଅଛି ।

ସତ୍ୟବାଦୀ ସ୍କୁଲ — ବାସୁଦେବ ମହାପାତ୍ର

୮।୧୨।୧୯୬୦

# ଖାରବେଳ

## ନମସ୍କି_ସ୍ମି

ରାଗ—ଭୂପାଳ

କାହାପାଇଁ ଏ ଜୀବନ-ମଣ୍ଡପରେ
ଫୁଟେ ବିଶ୍ୱ କଳା ବୈଭବ ?
କାହାପାଇଁ ନକ୍ଷତ୍ର ଏ ଶୂନ୍ୟ ମହାକାଶେ
ନାଚି ଯାଏ ଅନନ୍ତ ବୈଭବ ?

କାହାପାଇଁ ଜଡ଼ପିଣ୍ଡେ ଫୁଟି ଉଠେ ଦ୍ୟୁତି,
ବିଶ୍ୱରଙ୍ଗ ନିପୁଣ ନେହୁରି ?
କାହାପାଇଁ ବିଶାଳ ଏ ବିଶ୍ୱ ମହାଗୀତ
ରନ୍ଧ୍ରେ ରନ୍ଧ୍ରେ ବିଶ୍ଳେଷି ଏ ବନ୍ଧୁ ?

ସେହି ତ ଅମୀୟଧାରା ପ୍ଲାବି ମହାଦେଶ
ଭାସିଯାଏ କୀଟାଣୁ ବିଗ୍ରହେ,
ତଥାପି ମହାକାଳକାମ୍ୟ ଅନନ୍ତ ପ୍ରସରେ
ଇତିହାସ ମାନଦଣ୍ଡେ ଶୋଭେ ।

ଗୌରବ ଅଙ୍କୁର ଲୀଳା କରଇ ଗଣନା
ସେଇ ପୁଣି ଦିଗ୍‌ଦେଶ ଆବରି;
କ୍ଷୁଦ୍ର ବିନ୍ଦୁ ଲୀଳା ଭବେ ତାହାର ବିଳାସ
ଜ୍ୟୋତିଷ୍କ-ଆବର୍ତ୍ତନ ଘେରି ।

ବହିଯାଏ କାଳଚକ୍ରେ ଯୁଗ ପରମ୍ପରା
ମାନବ ତା' ଲେଖୁଛି ଗରବେ;
ଅଚଳ ଭୂଧର କେତେ ଉଠେ ପଡ଼େ ନିତି,
ଜୀବନ ତା' ରଞ୍ଜିତ ବିଭବେ ।

ଇନ୍ଦ୍ରିୟ ଦୁଆରେ ମନେ ବାଣୀ ଉଦ୍‌ବୋଧନେ
ଅନନ୍ତ କି ସୃଷ୍ଟିର ରହସ୍ୟ
ପରିଘଂଳ ଗଣ୍ଡି ନର ଆତ୍ମ ପ୍ରସାରଣେ
ଲଭିଅଛେ ଗୁଚ୍ଛେ ଇତିହାସ ।

କି ରହସ୍ୟେ ଉଚ୍ଛ୍ୱସଇ ଗୀର୍ବାଣ ବିଭୂତି,
ମାନବର ଭାରତୀ ବିକାଶ ?
କିଂବା ସେ ଭାରତୀ କଳା କି ବୁଝେ ତା' ଜର
ମାନସର ସେ ମହାବିଳାସ ?

ସେ ବିଳାସେ ଫିଟୁ ମମ ସେଇ ସେ ଶକତି,
ସେ ରହସ୍ୟ, ସେ ଅନନ୍ତ ଗାଥେ,
କାଳ ପରମ୍ପରା ଫେଡ଼ି ଜୀବନ ପ୍ରସାରେ
ଭାତିଉଠୁ ପୂର୍ଣ୍ଣ ଆତ୍ମତପେ ।

ପଡ଼ିଯାଉ ବିଶ୍ୱରନ୍ଧ୍ର କବଚାର ଧାରା
ଏ ଜୀବନ ଅନନ୍ତ ଉନ୍ମେଷେ;
ମିଶିଯାଉ କ୍ଷୀଣ ଏହି ମାନବ ସାଧନା
ଦୃଷ୍ଟିର ସେ ଅନନ୍ତ ବିଳାସେ ।

ବିଷମ ଏ ସର୍ଗଲୀଳା, ସମ କିଏ ଭୁଞ୍ଜେ,
ରହସ୍ୟର ପୂର୍ଣ୍ଣ ଅନ୍ତସ୍ତଳେ ?
ସେ ରହସ୍ୟ ପୂର୍ଣ୍ଣାପୂରେ କ୍ଷୁଦ୍ର ଏ କଳ୍ପନା
ମିଶିଯାଉ ଅନନ୍ତ ସାଗରେ ।

---

## ପ୍ରଥମ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

ଅନନ୍ତ ସାଗରେ ପୋତ    ଭାସଇ ହରାଇ ପଥ
ଲୁଆଇଣ ଶ୍ଳଥ ପାଲ ମଥା;
ମୃଦୁଶ୍ୱାସେ ସମୀରଣ    କାହୁଁ କରେ ସମ୍ଭାଷଣ,
ଦିଏ ଯାରେ କି ମୁଗ୍‌ଧ ବାରତା ।

ଫୁଲାଇ ହୃଦୟ-ରଙ୍ଗେ,    ଭାସେ ସେ ସମୀର ସଙ୍ଗେ,
କ୍ଷୀଣବାତ ବହିଯାଏ କାହିଁ ?
ନିରାଶେ ବୋଇତ ବାଳା    ଭାଳଇ ଅତଳ ଲୀଳା
ପୁଣି ସେହି ସମୀରଣେ ଚାହିଁ ।

ଶିଶିର କଦନ (୧) ଗୁରୁ    ସହି ଚୂତଲତା ଚାରୁ
ମଧୁଶ୍ୱାସେ ବିକାସେ ମୁକୁଳ;
ମୃଦୁମଧୁ ଯାଏ ବହି,    ପୁଣ ସେ ଶିଶିରେ ରହି
ଚୂତ ଯଥା ହୁଅଇ ବିକଳ;

ସରସ ପରଶ-ରସ    ମୁକୁଳର ମଧୁହାସ
ପିବ କି ଶିଶିର କ୍ରମେ ପୋଡି,
କମ୍ପା ଗୋ ସରଳା ତେବେ    କି ଲଭି ପରାଣେ ଲଭେ
ନିରାଶ ନୟନେ ଯାଅ ସଢ଼ି ?

ଏହି ତ ସେ ସିନ୍ଧୁନଦୀ,    ଜଳବେଣୀ ଶିଳାଭେଦି
ବହିଯାଏ ପଟଳ (୨) ମେଖଳା;
ଶ୍ୟାମ ଉପଳତ (୩)ସେହି କମ୍ରଭଙ୍ଗେ (୪)ଶୋଭେ ରହି
ନୀଳନଭପଟେ ଗିରିମାଳା;

ସେହି ସେ ସାନ୍ଧ୍ୟ ସମୀର    ସଇକତ କରି ଦୂର
ସାଗର ଶୀକରେ ଲେପେ ତନୁ;
ସେହି ତ ବାରୁଣୀ-ପଟେ    ସପ୍ତବର୍ଣ୍ଣ ପଡ଼େ ଉଠେ,
ଗିରିଶୃଙ୍ଗରେ ସୃଜି ଇନ୍ଦ୍ରଧନୁ;

ସରଳା-ସଙ୍ଗମାକୁଳ    ଦ୍ରାବିଡ଼ ବାଳିକାମେଳ
ସେହି ତ ସେ ଖେଳନ୍ତି ଅଦୂରେ,
ଅନ୍ଧାର ଆଗମ ପଥେ    ପରାଚୀ ସଙ୍ଗତ ପଟେ
କି ନିରେଖି ରହିଚ ଗୋ ବାଳେ ?

ଦେଖି ନାହିଁ କି ଜୀବନେ    ସାଦି (୫) କଦମ୍ବ ଗମନେ
ବନପଥେ ବାଟବଣା ଜନେ ?
ଶୈବାଳ ଚୂର୍ଣ୍ଣ କୁନ୍ତଳେ    ଛୁଇଁ ଚାରୁ କରତଳେ
କି ଦେଖୁଛ ନିଶ୍ୱସି ମଉନେ ?

କିବା ଦେଖି ଥରେ ଥରେ    ଚମକି ଉଠ ଅନ୍ତରେ
ଚଳ ଜଳ ପ୍ରତିକାଶ (୬) କମ୍ପେ ?
ଦୂରେ ଦେଖ କି ମାଧୁରୀ? ଚାହେଁ କି କେ ପଛେ ଫେରି
ନର ଯଥା କ୍ଷୁବ୍ଧ ଅନୁତାପେ ?

ଚାହିଁନା ରୂପସୀ ଏତେ    ନିରାଶ ନୟନ-ପାତେ
ଗୁରୁଶ୍ୱାସେ ନ କର ବେଦନା ।
ତରୁ, ଲତା ଗିରିଶୃଙ୍ଗର    ଉନ୍ନତ ଉପଳ (୭) ଶିର
ନୀରସ ହସିବେ କରାନନା ।

କୁସୁମ ଝରିଲେ ବନେ    କି ରସ ମଧୁପବନେ,
ଶୀର୍ଣ୍ଣ ପତ୍ର ରସବନ୍ତ କ୍ରମେ ?
ଯଉବନ ଗଲେ ସରି    କାହୁଁ ସେ ଲାବଣ୍ୟ-ଶିରୀ
ବିଭାସିବ କପୋଳ-କୁଙ୍କୁମେ ?

ଦେଖାଅ ସେ କୁଙ୍କୁମର    ଇଙ୍ଗିତ-ତରଳ-ଖେଳ;
ନୟନର ଚାରୁ ଚପଳତା;
ଯୌବନ-ଝାପିତ ଉର    ଗୁରୁଶ୍ୱାସ କରେ ଦୂର,
ନିମିଷେ କି ସହିବ କବିତା !

୧। ପୀଡ଼ା; ୨—ରାଜ୍ୟ ବିଶେଷ ୩—ପଥୁରିଆ। ୪—କୁଞ୍ଚିତ କୁଞ୍ଚିଆ; ୫—ଘୋଡ଼ସବାର, ୬—ପ୍ରତିବିମ୍ବ, ୭—ପଥର ।

ବସିଛୁ ତହିଁର ମୁହିଁ    ଅଳପେ ସୁନ୍ଦରୀ ବନ୍ଧୁ,
ଫେରାଅ ସେ ବିଷାଦିତ ମୁଖ;
ସଂଗିନୀର ଦଳେ ମିଶି,    ଯାଅଟୋ କୁଟୀରେ ହସି,
ଝଟିଉଠୁ ଯୌବନ ମୟୂଖ । (୧)

କାହାରେ ସ୍ମରିଚ ସତି,    ଭାଳି ଭାଳି କି ନୟନ ?
କଳିଂଗର ଯୁବରାଜ ସେହୁ;
ତୁଂଗବର ଖାରବେଳ    ରଣେ ବହୁ କୁତୁହଳ
ଅବଳା ଗୋ କି ବୁଝିଲ ତହୁଁ ?

କିଏ ସେହୁ ଖାରବେଳ    କାହିଁ କଳିଂଗ ଉତ୍କଳ
କିଂପାଇଁ ସେ ଆସିଲେ ପଟଳେ ? (୨)
ଏକାକିନୀ ବାଳା ପାଶେ    ପରାଣର କି ଆଭାଷେ
ମିଳଲେ ବା ସିଂଧୁ ନଦୀ ତୀରେ ?

———

## ଦ୍ୱିତୀୟ ଛାନ୍ଦ

ରାଗ—ମଙ୍ଗୁଆରୀ ।

ପ୍ରଦୋଷ-ପାଟଳ    ଲୁଚି ଗଲା ଧୀରେ
ତାମସ ପଶରୀ ପୁରେ ?
ଥରି ଥରି ଯାଏ    ଅଫୁଟ ତାରକା
ନଦୀ-ଜଳ-ବେଣୀ-ଧାରେ ।

ଧୀରେ ଧୀରେ ଝରେ    ଶାରଦ ଚଂଦ୍ରମା,
ରଜତେ ଧବଳ ଦେଶ;
ଲାଜେ ଭୟେ ଯଥା    ତରୁଣୀ ପରାଣେ
ନବ ଅନୁରାଗ-ହାସ ।

ଉପଳଶୟନେ    ଝରଇ ଚଂଦ୍ରିମା,
ସିଂଧୁ ମୁଖେ ଥରି ଥରି,
ଉପଳ ଆସନେ    ବସିଛି ସୁଂଦରୀ,
ନବ ଅନୁରାଗ ପୂରି ।

ଭାସିଯାଏ କିବା    ପରାଣ ସୁଦୂରେ
କେଉଁ ମହାସିଂଧୁ ଆଶେ;
ଥରି ଥରି ସତେ    ଉଠଇ ମରମେ
ଭାଳି ଭାଗ୍ୟ-ପରିହାସେ ।

ମୋହନ ତରୁଣ    ବସଂତେ ସୁଧାଂଶୁ
ଢାଳି ଦେଲା ସୁଧାଧାର;
ବର୍ତ୍ତୁଳ ତରୁଣୀ    କପୋଳେ ଫିଟିଲା
ଫଂଗୁର ପାରଦ ଡୋର ।
ପ୍ରଦୋଷ-ମଧୁର    ହିଁଡ଼ୀ କଉତୁକ
ଆସିଲେ ସଂଗିନୀ ସାରି,
ଆନ ମନେ ଧୂସି (୩)    ଦେଖି କେ ତରୁଣୀ
କହେ ନବ ରଂଗେ ଛଳି;

"ଜାଣିଛୁ ଜାଣିଛୁ    ବାଟବଣା ଯୁବା
ଆସି କହୁଥିଲେ କଥା;
ରାଜବାଳା ତୁହି,    ରାଜ ସୁତ କି ସେ,
ଦେଲେ କି ପ୍ରାଣ ବାରତା ?"

ଶୁଣୁ ଶୁଣୁ ତାର    ସରମ ପାଟଳେ
ଫୁଲି ଯାଏ ତିଳ ନାସା;
ଅଳପ ମଉନେ    ସଂଭାଳି ସରମ,
କହେ ଧୀରେ ବରଯୋଷା,
"ରାଜବାଳା ମୁହିଁ,    କାହିଁଲ ସୁଂଦରୀ
କିଂପା କର ପରିହାସ ?
କିଂପା ଏ ପରାଣେ    ସେ ସ୍ମରଣେ ସଖି
କର ଏ କଟୁ ସଂଭାଷ ?
ଅଳପ ବରଷେ    ସରି ଯାଇଅଛି
ଏ ଜୀବନ ମଧୁ ମାସ;
ଅଳପ ପରଶେ    ମଉଳି ପଡ଼ିବ
ଏ ଫୁଲର ମଧୁ ହାସ ।"

---

୧ । କେୟାଡ଼, ୨ । ପଟ୍ଟଳ ନାମକ ବଣିକ ନଗରୀ । ୩ । ଦ୍ରାବିଡ଼ କନ୍ୟାର ନାମ ।

ଏତେ କହ୍ନ ବାଳା, ଗୁରୁ ଶ୍ୱାସ ଗୁଡ଼ି,
ଅଚଂଳେ ପୋଛିଲେ ଆଖି;
ଦ୍ରାବିଡ଼ ଲଳନା ବୁଝିଲେ, ମରମେ
ଗଲା ପରିହାସ ଲଖି ।

ପ୍ରାବୃଟ (୧) ନିଶିଥେ ଚଂଦ୍ର ଦୀପ ସରି
ଫୁଟିଥିଲା ଅନୁରାଗ;
ମାରବ (୨) ସିକତା ଭରି, ଭାସିଗଲା
କ୍ଷୀଣ ବିଂଦୁ-ପାତେ ମେଘ,

ଖର ରବିକରେ ଫାଟିଲା ସତେ କି
ନବ-ପ୍ରେମ-କୁହେଳିକା,
ସ୍ମରଣ ପଲକେ ଝାଉଁଳି ପଡ଼ିଲା
ବିଷାଦେ ଧୂସ୍ରି ବାଳିକା ।

ଚନ୍ଦନ ବନସ୍ତେ କଠୋର କୁଠାରେ
କାଟିଲେ ପାଦପ ମୂଳ,
ପବ ଦୋହଲାଇ ଝଂକାରେ ଝଂକାରେ
ସଂଭ୍ରମଂତ ତରୁକୁଳ;

ପଡ଼ିଯାଏ ତରୁ ଝଂକାରେ ସରବେ
ଚଂମକି ଦୁଅଂତି ଥିରା,
ପରିହାସ ଏଡ଼ି, ଚକିତ ସଭିବେ
ହେଲେ ଦେଖି ଲୁହ ଧାରା ।

କିଂପାଇ ଜାଣିବେ ଦ୍ରାବିଡ଼ ବାଳିକା
ଆଦରି ଥାଆଂତି ପଲ୍ଲୀ,
ରାଜବାଳା ବୋଲି କରଂତି ସଂସାର
କେତେ କଉତୁକେ ଭୁଲି ।

ଜନପଦ ରମ୍ୟ ସରଳ ବେଶରେ
ଭୁଲିଯାଏ ଧୂସି ବାଳା;
ମରମେ ଲୁଚାଇ ରଖିଥାଏ ସଦା
ପୁର କଇଶୋର ଲୀଳା ।

କିଏ ସେ କହିବ, କିଂପାଇ ସେ ଆଜ,
କି ଭାବେ ହୋଇ ଅଧୀର ?
କି ସଂଭ୍ରମ ଲଭି ଅଲକ୍ଷ୍ୟ ସ୍ମରଣେ
ଭାଙ୍ଗୁଥିଲା ରାଜପୁର ।

ଦ୍ରାବିଡ଼ ବାଳିକା ପରିହାସ ଖେଳେ
ଅଲକ୍ଷେ ଫୁଟିଲା ପୁଣି;
ସେହି ବିଷାଦର କଠୋର କାରତା
ରାଜବାଳା ନାମ ଶୁଣି ।

ମେରୁ ପରବତ— ମୁକୁଟେ ତୁହିନ (୩)
ଥିଲା ଶିର ଭ୍ରମେ ଜଡ଼ି,
ଧୀର ଭୂମିକଂପେ ଟଳୁଥିଲା ସତେ
ନହାର ଶୃଂଗ (୪) ଶିଖର,

ଗୁରୁପାତେ ଏକ ଫାଟିଗଲା ମୂଳ,
ଖସେ କିବା ଚୂଳ ଗୁଡ଼ି;
ତୁହିନ-ଶିଖର ଶୋଭା ପୁଲକିତ
ଉପକଂଠ ଯାଏ ମାଡ଼ି ?

ନ ପାଅ ଗୋ ଧୂସ୍ରି ବେଦନା ଏସନ
ଏ ନବ ବୟସେ ତବ,
ପାହାଂତ କାକର ନ ସହିଲେ କାହୁଁ
ସଜଫୁଲ ବିକାଶିବ ?

୧ । ବର୍ଷାକାଳ, ୨ । ମରୁଭୂମି । ୩ । ତୁଷାର ୪ । ଶିଖ ।

## ତୃତୀୟ ଖଣ୍ଡ

ରାଗ-ଆହାରୀ-ଖଂଡବୃତ୍ତ

ଭ୍ରାନ୍ତ ବାଳକା ମରମେ ମରମେ
ବହି ଅନୁତାପ କୁତୁକ-କରମେ;
ଘରେ ଆସି ନାନା ଭାବନା ଧରି,
ଅଳପେ ଅଳପେ ପୁଚ୍ଛିଲେ ସରଳା,
କହୁଥିଲ ପରା, "ଧୂସି ରାଜବାଳା"
ଶୁଣି କଂପା ଦୁଖେ ଗଲା ସେ ସରି ?

କହିଲେ ଅଳପେ ଚମକି ଜନକ;
"ରାଜବାଳା ବୋଲି ଜାଣଂତି ତ ଲୋକ,
ଦୁଃଖ କଂପା ତହିଁ ହୋଇବ ତା'ର ?
କହ କହ ଝୀନ, * କି ହୋଇଛି ଆଜ ?
ଧୂସିମା' ପରାଣେ ଯାଇଛି କି ବାଜ ?
ନ ଜାଣିଲ ତୁମେ ବାଳିକା ମେଳ ।

ବନଗ୍ରାମେ ଥାଅ କୃଷକ ବାଳିକା,
ରାଜବାଳା-ନାମେ ନ ଯାଅ ଗୋ ଏକା,
କି ହୋଇଛି ଆଜ କହ ମା ପେଡ଼ି ।
ରାଜବାଳା ଯେହ୍ନେ ନୃପତି ବାପାକେ
ରହିଛି ମହଲେ ଗ୍ରାମପତି ପାଖେ,
ଖେଳୁଛି ଏ ଗ୍ରାମ ବାଳିକା ଭଳି ।

ଥିଲା ତା ନବର ଝଳର ମହଲେ
ଶତଦାସୀ ସେବା କରୁଥିଲେ ତାରେ,
ଖେଳୁଥିଲା ସେହ୍ନ ମଣି ମାଣିକେ ।
ଫାଟିଲା କପାଳ ଅଳପ ବୟସେ
କାନ୍ଦିଗଲେ ବାପ ଘାର କେଉଁ ଦେଶେ ?
ବଢ଼ୁଛି ସରଳା କୃଷକ ପାଖେ ।"

"କି ହୋଉଛି ବାପା, କଂଖା ବାଳକର
କାନ୍ଦିଗଲେ, ତାକୁ ଏଥି ଗ୍ରାମେ ରହି,
କାହିଁ ଗଲା ସବୁ ମଣି ମାଣିକ ?
ଦାସୀ ପରିବାର ବଣର ମହଲେ
ରହିଲେ କେସନେ, ଗଲେ ବା କୁଆଡ଼େ,
ରାଜବାଳା, ଯେବା କେସନ ସୁଖ ?

"କୃଷକ ବାଳକା କି କୁଟିରୁ ତୁଚ୍ଛ ?
କୁଟୀର ଆଦର, ଲଳନ ଥାଉ ଉଚ୍ଚ,
ରାଜପୁର ଦେଖି ଭାବୁଁ ଖାଲରେ ।
ଦେଖିଛୁ ପଟଳେ ବଣିକ ନିବାସ,
ତାକୁ କହ ବଳି ରାଜପୁର ବାସ,
ଦୋକାନ ବଜାରେ ଚଳଂତି ଜନେ ।

ଏଠାପରି ଲୋକେ ନ କରଂନ୍ତି ଶ୍ରମ
ନ କରଂନ୍ତି କେବେ ପାରିଶ୍ରମ ବିଳାସ,
ପେଟ ପାଂଇ ରାଜଘର ମାନଙ୍କେ ।
ଧନ ଦେଇ ସବୁ କିଣଂତି ବଜାରେ,
ଭୋଗ କରୁଥାଂତି ସୁଖେ ରହି ଘରେ,
ଖାଇବାର ଚିଂତା ନ ଥାଏ ଲବେ ।

ଜାଣି ତ ଥିବୁ ଏ ବାହୁଡ଼ି ବୟସେ,
ଯାଆଂତି କୃଷକେ ବରଷେ ବରଷେ ।
କର ବୋଲି ଧନ ରାଜନେ ନେଇ ।
ଏହିପରି କେତେ କେତେ ଗ୍ରାମଧନେ
ରହଂତି ରାଜନ ପୁରି ସନମାନେ,
ଦାସ ଦାସୀ କେତେ ଥାଆଂତି ତହିଁ ।

* ଝୀନ—ଧୂସିର ସଙ୍ଗୀ ବାଳକା ।

ସମାନଟି ସଦା ନ ଥାଏ କପାଳ,
କାହୁଁ ଆସି ଘୋଟେ ନିଦାରୁଣ କାଳ,
ନିମିଷେ ଦୁଃଖର କଣ୍ଟକ ନୂଆ ।
ପୂରବ ସେ ସୁଖେ ବଢ଼ଇ ଯେ ଧନେ,
ଭାଗ୍ୟଆଣି ତାକୁ ରଖେ ଅଯତନେ,
ନିୟତି ଏ ଭବେ ବଡ଼ ନିଠୁର ।

କି ବୁଝିବୁ ମାଆ ଏ ତୋର ବୟସେ ?
କହ ମୋତେ ଧୂସି କେଉଁ ରଂଗରସେ,
ସୁମରି ଉଠିଲା ରାଜଭବନ,
ବଡ଼ ଗୁଣର ସେ ରାଜନ-ଦୁହିତା,
ଶତ ଅପରାଧେ ନ କହେ ସେ କଥା,
ଦୁଃଖ ତ ଜୀବନେ କଣଷ୍ଟି ଧନ !

ଏବେ ସର୍ବ ରହେ ଆନନ୍ଦ-ଉତ୍ସବେ,
ଚନ୍ଦ୍ରହାସେ ତାକୁ କି କହିଲ ସତେ ?
କହ ମୋତେ ହିନ ସବୁ ତୁ ଫେଡ଼ି ।"
ଶୁଣିଲା ବାଳିକା ଥରି ଥରି ହୃଦେ,
ପରାଣେ ତାହାର କି ହୋଇଲା ଉଦେ ?
ଲୁହଧାରେ ବାଳା ପଡ଼ିଲା ଝରି ।

କାନ୍ଦି କହେ ବାଳା, "ଆସିଥିଲେ ଯୁବା,
ଘୋଡାରେ ବସି, ସେ କିବା ମନ ଲୋଭା;
ନଈକୂଳେ କିସ ପୁଛିଲେ ତାରେ ।
ଗୁଲିଗଲେ ଯୁବା, ରହେ ଧୂସି ଚାହିଁ
ଏକାଲସ୍ତେ ନଈ କୂଳେ ବସିରହି;
କେତେକାଳେ ଆସେ ହରସଭରେ ।

ଧୂସି ବାଳାମୁଖେ ଦେଖି ସେ ହରସ,
ସଜାଏ କଲେ କେତେ ପରିହାସ,
କହିଲ ମୁଁ ତହୁଁ ଇଂଗିତ କରି;
'ହେଲଣି ତ ଧୂସି ବିବାହ ବୟସେ
ରାଜବାଳା ତୁହି, ରାଜସୁତ କେସେ ?
ଏତେକେ ଗଲା ସେ ମରମେ ସଢ଼ି !

ଜନକ ଶୁଣିଲେ, କିଛି ନ କହିଲେ;
ଗୁରୁଶ୍ୱାସ ଛାଡ଼ି, ଅଳପ ଚାହିଁଲେ
ଫିଟିପଡ଼େ ହିନ-ସରଳ-ପ୍ରାଣ ।
ସେ ପରାଣେ କାହିଁ ଛଳନା କପଟ ?
କି ଭାବେ ବା ତାରେ କରିବେ ଆକଟ
କିଛି ନ କହି ସେ ହେଲେ ମଉନ ।

---

## ଚତୁର୍ଥ ଛାନ୍ଦ

ରାଗ—ମଂଗଳ ଗୁର୍ଜରୀ

ଯାଇଥିଲେ ଗ୍ରାମପତି ପଟ୍ଟଳ ପୁରେ
ଭେଟିବାରେ ସନମାନେ ସେ ଖାରବେଳେ;
ଅଳପେ ସେ ଖାରବେଳେ କହି ବିଶ୍ୱାସ,
କହିଲେ ବଜର କଥା, ଦଣ୍ଡିମହାସ
କହିଲେ ସେ, ସିଂଧୁ କୂଳେ କରି ବସତି,
ପଟ୍ଟଳ ଜଂଗଲେ ବହି ଦ୍ରାବିଡ଼ ମାତି,
କୁଶଳେ ବରିଲେ କାଳେ ବଜର-ନାଥେ,
ବେଦବିଧି ଆଚରଣ ବଜର-ସାଥେ,
ଆର୍ଯ୍ୟର ଶାସନ ପ୍ରଥା କରି ଆଦର
କୃଷି ରତ ପୋତ ବାହି କାଟିଲେ କାଳ ।
ଯବନ ସେ ସୁଖେ କାହୁଁ ହେଲେ ଉଗାର
ପୂରୁଷେ ପୂରୁଷେ ଗଲେ ରଣ ଆଚର
ବଢ଼ି ପଶି ଛାଡ଼ି ଯାଏ ଅନୂପ (୧) ଭୂମେ,
ତେସନ ସେ କାଳେ ଯାଉଥିଲେ ଯବନେ;

୧ । ଜଳମ୍ନ

ମିଶିଲେ କି ସେ ଅନନ୍ତ ସାଗର ପୂରେ ?
କିଂପା ସେ ଦକ୍ଷିମ ମନ ଦେଲେ ବଳରେ ?
ରାଜନ ଗ୍ଲାନିକଲେ ଉପୁ ସେ ସିଂହପଥ;
ନ ଜାଣେ କପଟ ରଣ ଆର୍ଯ୍ୟ ମହାବ୍ରତ ।
ଖାରବେଳେ ଦେବେ ସେହୁ କୃଷକ ସେନା,
ଦାବ (୧) ଦାହେ (୨) ପ୍ରଭଂଜନ ମିଶଇ ଯିନା,
କି କରିବେ, (୩) ସ୍ଥାବର ସେ ହୁଅଂତି ଯାନ,
କଏ ସେ ସମରେ ସେନା ଯିବଟି ଚାଲି ?
ଥିଲେ ତହିଁ ସେ ତରୁଣୀ ଧୂସି ବାଳିକା,
ଥରି ଥରି ସମୀରଣେ ଯଥା କଳିକା ।
ପଡ଼ୁଥିଲା ବଳଭର ସୋହାଗ ମନେ,
କି ପୁଣି ସେ ଉଠୁଥିଲା ମୃତ୍ତି ସ୍ୱପନେ ?
କେତେ ଉଣ୍ଣୁଥିଲା ସ୍ମୃତି ସୁହାସ ଛଟା;
କପୋଳେ କୁଂକୁମ ରାଗ ତରୁଣୀ-ଘଟା
ସିଂହଗ୍ରୀବ ଯାଉଥିଲା ମନ ସୁଦୂରେ ?
କହ୍ନି ଯାଉଥିଲା ଆଶା ପରାଣ ପୁରେ;
ନାଚିଉଠୁଥିଲା ହୃଦ ଆଶାର ହାସେ,
ଉଚ୍ଛ୍ୱାସର ବୃତ୍ତରେଖା ଫୁଟେ ନିଶ୍ୱାସେ;
ପଲକେ ପଲକେ ଯୁବ ଲାବଣ୍ୟ ଫୁଟି,
ହସୁଥିଲା ଆନ ଆନ ରଂଗେ ପ୍ରକଟି;
ଫୁଲି ଉଠୁଥିଲା ନାସା ଅଧର-କଂପେ,
ଦୀର୍ଘଶ୍ୱାସ ଫୁଟୁଥିଲା, କି ଅନୁତାପେ ?
ତାଳିକ ଦେଖିଲେ ତାହା ବୃଦ୍ଧକୃଷକ ?
ବୃଦ୍ଧଅଂଗେ ଖେଳିଗଲା କିବା ପୁଲକ ।
ନବଜ୍ଞ କାଶରେ (୪) ଖେଳିଗଲା ତରଂଗ;
ଫୁଟିଲା ବଦନେ ଜଳ ନୟନ-ରାଗ ।
ଜାଣିକି ଗୋ ଧୂସି ବାଳା ଅଥୟ ଏତେ ?
କଟାକ୍ଷେ ଯୁଝିବ କି ସେ ଦକ୍ଷିମ ସାଥେ ?
ସେ କଟାକ୍ଷ ଖାରବେଳ ସହିବେ କାହିଁ ?
କିବା ତେବେ ଭଲ ଭଲ ଯାଉଛ ରହି ।

ରମଣୀ-ସୋହାଗେ ଯୁଦ୍ଧ ତରଳ ରସ;
ରୁକ୍ଷ ସେ ଦକ୍ଷିମ ରଣେ କିଂପା ସାହସ ?
କିଂପା ରହି ରହି ଏତେ କହୁଛ ଶୁଣି;
ବାଳ ବାଳ ମୃଣ୍ମୟୀର ସୋହାଗ ଶୁଣି ।
ସଂକଟରେ ଛଦ୍ମବେଶ ଶିଖିଛ ସତ;
ଥିଲା କି ସେ କାଳେ ଯୁଦ୍ଧ କଟାକ୍ଷ ପାତ ?
କୁମୁଦ-କୁଂକୁମ-ମଧୁ-ପର୍ଯ୍ୟାପ୍ତ-ରଂଗ,
ଚଞ୍ଚଳ ନୟନେ ଯୁଦ୍ଧ କୁରଂଗ-ଭଂଗ;
ପରାଣର ତୀବ୍ର ଭାଷା ଇଂଗିତ ଖେଳ,
ତରୁଣ ଲାବଣ୍ୟ-ରସ ତରଂଗମେଳ ?
କେହି କି ପଶିବ ସତେ ଭୀଷମ ରଣେ ?
ସେ ଇଂଗିତେ ଚଳାଇବ ଶର ସଘନେ ?
କପୋଳେ କୁଂକୁମେ ଅତେ କୋପନ-ଜ୍ୱାଳା
ଦେଖାଇ ପାର୍ବତୀକି ବଜର ବାଳା ।
ଖାରବେଳ ଥିବେ ସଂଗେ, ରଖିବ ମନେ;
ଚଢ଼ିଥିବେ ଅବା ସେହି ତୁରଂଗରଣେ ।
କୋଷୁଁ କାଢ଼ି କରବାଳ, ଧରିବ ଯେବେ,
ଥରିବ ହୃଦୟ ହାତେ ତରଳ ଭାବେ;
ଆଖିର ଆଶୀଷେ ପ୍ରାଣ କୋହିବ ଜୁରି;
ପାରିବ ତ ଭଚ ତେବେ ତୀବ୍ର ସମର ?
ବୃଦ୍ଧ ସେ କୃଷକପତି ଜାଣଂତି ନାହିଁ;
ରାଜବାଳା ମୁଖେ ଜ୍ୟୋତି ଦେଖଂତି ରହି ।
ଗୋପନ ହସୁରେ ଏବେ ହୋଇଲା ସ୍ଥିର
'ରାଜବାଳା ସଜାଡ଼ିବେ ବଜର-ଶିର' ।
ଦେଖିଚଂତି କଉଶଳ କେତେ ସେ ରଣେ,
ସଂକଟେ ଚଳାଇଚଂତି ରଣେ ସଇନେ,
ମୃଗୟାରେ ଶିଖିଚଂତି ସଂଧାନ-କଳା,
ସେନାପତି ସାଜି ଯିବେ ବଜର-ବାଳା ।
କେହି ନ ଜାଣିବେ ଏକା ବାଳିକା ବୋଲି;
ବଜର ଯୁବକ ବୋଲି ରହିବେ ଭୁଲି ।

୧। ବନାଗ୍ନି  ୨। ପବନ  ୩। ବୃକ୍ଷ  ୪। ପୋଖରୀ ।

ଭୁଲ ତ ପାରିବ ବାଳା ପରାଣ ତବ,
କ୍ଷଣେ କ୍ଷଣେ ଖାଉବେଳ ଯେବେ ଦେଖିବ ?
ସଂକଳ୍ପର ଏ ସାହସ ଯିବଟି ଲୁଟି;
ଅଲକ୍ଷ୍ୟ କଟାକ୍ଷ ଯିବ ମରମେ ଫୁଟି ।
ବୃଦ୍ଧ କାହ୍ନୁଁ ବୁଝିବେ ସେ ତରୁଣ ଗତି,
ଅନୁରାଗ ଇଂଗିତର ତରଳ ସ୍ଫୂର୍ତ୍ତି ?
ସେ ତରଳ ରସେ ଯେତେ ଏ ହୃଦ ପଡ଼ି,
କେମନ୍ତେ ସମ୍ଭବ ବାଳା କୁସୁମ କଢ଼ି ?
ରମଣୀ ରହସ୍ୟ ଭବେ ଦୁଷନ ବଡ଼,
ସୁକୁମାରୀ ରମଣୀର ଅସୀମ ବଳ ।
କାଳୀ, ଚଣ୍ଡୀ, ସେହି, ସେହି ଭୁବନେଶ୍ୱରୀ
ଗିର୍ବାଣ-ସଂଯମ-ନାଶୀ ସେହି ଗଉରୀ ।
ପାଅ ତେବେ ରଣରସେ ବଜର ବାଳା,
ନ ସାଧି କରମ କେବେ ନ ଦେବ ଧରା ।

—o—

## ପଞ୍ଚମ ଛାନ୍ଦ

ରାଗ—ଆହାରୀ (ଭଂଗବୃତ୍ତ)

ପଲ୍ଲୀବନ ଭେଦ ଘୋଟିଲା ରଜନୀ,
ଚନ୍ଦ୍ର ତଳେ ତଳେ ଶବଳ ସ୍ପଂଦନୀ;
ଅଫୁଟ ବତାନେ ପ୍ରାଂତର କେଦାର,
ଯତନ ଢଙ୍କିଲା ଚଲ, ବାଟ, ବାଡ଼;
ଖେଷଣା ମେଲି ବୁକ ପକ୍ଷୀ ଯାଏ ଉଡ଼ି,
ଶ୍ୟାମଳ ସ୍ପଂଦନୀ ଉଡ଼ଇ ବାଦୁଡ଼ି,
ଚନ୍ଦ୍ରତଳେ ଫୁଟେ ପଡ଼ନ୍ତି ନକ୍ଷତ୍ର,
ପ୍ରଣୟୀ ପରାଣେ ସ୍ମରଣ ଯେସନ,
କଳ କଳେ ନଦୀ ଦୂରେ ବହିଯାଏ;
ନବଯୋଗୀହୃଦେ ବାସନା ପଶଏ,
ସିକତା ଉପାରେ ବହେ ସମୀରଣ,
ପଲ୍ଲୀ କୁଂଜବନେ ଶୁଭେ ଶନ ଶନ ।

ଘୁଡ଼ାଇ ସେ ନାଦ ଉଠଇ ଚହଳ
ଭାଗବଡ଼-ଘରନେ ଶୁଭେ କୋଳାହଳ;
ଗ୍ରାମେ ଆଜି ଏ କି ନୂତନ କଥା ?

ହକର ଲକ୍ଷଣ ଗ୍ରାମ ପଟ୍ଟଂକର,
ଜୁଟଂତି ହୋଇଚଂତି ଯେତେ ଯୋଧବର ।
ପ୍ରସ୍ତାବେ ପ୍ରସ୍ତାବେ ଉଠେ ପ୍ରତିବାଦ,
ପ୍ରବୀଣ କେପୁଣି ଭୁଟାଏ ବିବାଦ ।
କାହିଁକି ହକର, କପାଁ ଏତିମେଳ,
କବା ଏ ପ୍ରସ୍ତାବ, କପାଁ କଳଗୋଳ ?

ଗଭୀର ନଶୀଥ, ସୁପ୍ତ ଧରାରାଣୀ,
ଖସୁଅଛି ଚଂଦ, ଧବଳ ବାରୁଣୀ ।
ଏ ତ ନୁହେଁ ସତ୍ୟ କୋଳାହଳ କାଳ,
ଏ କାଳେ କୃଷକେ ନ ଲାଗେ ଜଂଜାଳ ।
ହନାଂତ ଆରମ୍ଭେ କପାଁ ଏ ବ୍ୟଥା ?

ଆଜି କପାଁ ତେବେ ଏ ନବ ଜନତା ?
କଥାକେ କଥାକେ କପାଁ ଏ ମମତା ?
କହେ କଏ; "ବୁଝେଁ ଭଲ ମଂଦ ପଣ;
ବୁଝ, ସେ କଳଂଗେ କେମନେ ରାଜନ;
କେଷନ ବେଗରେ ପାଳଂତି ମଣ୍ଡି ?"

ଆନ ବୋଲେ, "ବୁଝି କି ପାଇବ ଚନ୍ଦ୍ରଁ ?
ସଂଗତେ ଯୁଝିଲେ ଜଣିବ ତ ସେହୁ,
ରକ୍ଷି ପାରିବ ତ ଖୁଷକ ମହତ;
ଯବନେ କି ସେହୁ ହେବ ସମରଥ;
ତେବେ କପାଁ ଏତେ ସଂଶୟ ତନ୍ତ୍ରି ?"

କେ ବୋଲେ "ଏସନ ଅଳପେ ବିଶ୍ୱାସ
କରିବାକୁ ଏଥି, କାହିଁ ହେ ସାହାସ
ଏତ ନୁହେ ଖର-କୁଶଳ-କରମ;
ଏ ବୁଦ୍ଧି କହେ କି ଯବନ ନରମ,
କି ସାହସେ ରହି କହ ଏସନ ?

ଦକ୍ଷିଣ ସାହସୀ ଦୂର ଦେଶ-ବୀର,
କେତେ ଦେଶ ଜିଣି କଲା ନାରଖାର,
ବକତର ରାଜ, ଖଣ୍ଡଣ ସେ ଦଣ୍ଡ,
ସରଳ ବିଶ୍ୱାସୀ କି କରିବ ତାର ?
ଜାଣନ୍ତି କି ତାର ବଂଚକ-ପଣ ?

ଜିଣିଥିଲା ସେହୁ ବଜ୍ର-ରାଜନେ,
କେତେ କଉଶଳ ଆଚରି ଗୋପନେ,
ବୃତ୍ତିଆଣୀ ଦେଇ ଛନ୍ଦି ଜାଲପାଶ,
ଆବାହନେ ଦେଇ ହୃଦ୍ଗତ-ଆଶ୍ୱାସ,
ବାନ୍ଧିଦେଲା କେତେ କେତେ କଉଶଳେ,
ବଖାଣିବୁ କିସ, ଦେଖିଛ ସକଳେ
ହେବ କି କଳିଂଗ ସେ ତହିଁ ଭଗ୍ନ ?

ବିଶ୍ୱାସେ ପଶିଲା ଗିରିଦୁର୍ଗ ଭେଦି,
ଗୁପତେ ଆଗରୁଁ ରଖିଥିଲା ସାଧି,
ଧନୁବାଣଧର ବଜ୍ର-ସଇନେ,
ଆଗେ ଯୁଝିଲେ ସେ ବଜ୍ରର ରାଜନେ ।
ଧର୍ମଶାସ୍ତ୍ରୁ ତହିଁ କରିବ କିବା ?"

କେତୁ ବୋଲେ, "ଜଳେ କଳିଂଗ ମହତ,
ତା ସମେ ଉତ୍କଳ ତଟେ ପରବତ;
ପଡ଼ିଯିବେ ଯେବେ ବାଲୁକା-ବିତାନେ,
ଦକ୍ଷିଣ ସଂଗତେ ପାରିବେ କି ରଣେ ?
ପାରିବେ କି ଜିଣି ଯବନ ବଳେ ?

ଟଂକଳ ଭୀଷଣ ବିପିନ-ଭିତରେ,
ବିଷବଲ୍ଲୀଭେଦି ପଶନ୍ତି ଶବରେ
ଶକଟ-ସୁଗମ ରାଜଦାଣ୍ଡ ନେଇ,
ସେଥି ସେ ଶବରେ ଯାଉଥାନ୍ତି ଶଂକି;
ଯବନେ କି ମଣି ତେସନ, ଆରେ ?"

ଗ୍ରାମଦେଶ ତହୁଁ ସବଳେ ଭରସି,
କହେ ଗୁ ବ୍ରହ୍ମଦେଶ ଦରହାସ ହସି,
ଅବଜ୍ଞାରେ ଥରି ଉଠେ ତା ଅଧର
ଶ୍ୱେତ-ରେଖେ ଦେଖି ଦଶନ ଉଦରି;
କଳିଂଗ ତାରକା ଫୁଟିଲ ନୟନେ,
ଦୃଢ଼ପଣ-ରେଖା ଫୁଟିଲା ବଦନେ,
ଜନତା ଶୁଣାଇ ଫୁଟେ ସେ କଥା ।

"ବୁଝିଲେ, ମଣି କି, ଏତେ ଜ୍ଞାନ କରି
ଖାରବେଳ, ସେହୁ ଦକ୍ଷିଣ ଜଗାଇ;
ସିଂଧୁ ପାରି ହୋଇ ଆସିଅଛି ଏଥି,
ବୁଧକ ସଇନେ ହେବ ସେହୁ ସାଥି;
ରୋଚନେ ଅସିବେ ବଜ୍ରର ଏ ଭୂମି,
ଆପଣେ ଯୁଝିବେ ଯୁବକ-ସଇନେ,
ଫିଟି ଆସୁଅଛି ସ୍ୱର୍ଗର ଦୁଆର,
ତେବେ କିପା ଏତେ ସଂଶୟ ଭୟର ?
ପରାଣେ କି ତବ ନ ଫୁଟେ ଆଶା ?

ଦେଖିଛୁ ଆପଣେ କଳିଂଗ ରାଜନେ,
ଦେଖିଛୁ ଉତ୍କଳ କଳିଂଗ ସଦନେ,
ଖାରବେଳେ ମୂର୍ତ୍ତି କଳ୍ପିଅଛି ଯଥା,
ବିଜୟେ ତାର ମୁଁ ଜାଣିଛି କ୍ଷମତା,
ଗଢ଼ିଛି ତୁରଂଗେ ତା ଚତୁରଂଗ ଚମୂ,
କଉଶଳେ ତାରେ ରଚିଛି ମୁଁ ଯୋଗ,
ଅନୁଭବେ ତାର ଜାଣେ ବାହୁବଳ,
ଆକଟେ ବୁଝିଛି ରଣ କଉଶଳ,
ବିଶ୍ୱାସେ ଦେଖିଛି ତଡ଼ିବାର ବଳ,
ଗରବେ ଜାଣିଛି ତୁଂଗ ସଜ୍ଜନ,
ନ ମଣ ତାହାରେ ସାମାନ୍ୟ ଯୁବା ?

ନ ମଣ ତାହାରେ କେବଳ ବୀର,
ନ ଭାବ ତାରେ ଅବିବେକଜନ

ଯୁବକ ସୁଲଭ କରମ ଆଚରି,
କଉଣଲେ କେବେ ନ ଯିବ ସେ ହାରି,
ସରଳ ବିଶ୍ୱାସୀ, ନୁହେଁ ବୁଦ୍ଧିହୀନ,
ନ ଗଣେ ବିପଦ, ସଦା ସାବଧାନ,
    ଅରାତି ତାହାରେ କରିବ କିବା ?

କରିବ ଟି ସେତୁ ଏକାକୀ ସାଧନ,
ଏକାକୀ ସମରେ ଚାଳିବ ସଇନ,
ଶତ ବ୍ୟୂହ ଭେଦି ପଲକେ ପଶିବ,
ବ୍ୟୂହ-ମୁଖେ ଭୀମ ଅରାତି ନାଶିବ,
ଗିରିଦୁର୍ଗେ ଯିବ ରାଜ-ଦାଂଡ ପରି,
ବାଲୁକା ବିତାନେ ସମୀରଣ ସରି,
    ଅଛଇ କି ତାର ବିଷମ କଷ୍ଟ ?

ଶୁଣିଛୁ ବିଷମ ସେ ବୀର ଯୁବକ,
କାନ୍ତରେ ଜଣିଛୁ ବିଷମ ମୁଲକ,
ବିଷମ ସଂକଟ ଗିରି ଦୁର୍ଗପଥେ;
ଉଗ୍ରସେନା ମାରି ଜିଣିଛି ନିଶୀଥେ,
ଦକ୍ଷିଣ ମୁଲକ କରି ଛାର ଖାର,
ପ୍ରୋଥିଛି ସେ ଭୂମେ କଳଂଗ ତରଳ,
ବଣିକ ସଇନ ଧରି ସିଂଧୁ ପଥେ,
ନାଶିଅଛି ଦସ୍ୟୁ କେତେ ସେ ବୋଇତେ,
    ଖାରବେଳ ନାମେ ବିଜୟୀ ଅଛି ।"

ମଉନେ ସରବେ ଶୁଣିଲେ କୃଷକେ,
ଗୀତ ଗାଇ ଗଲେ ଅପାର ପୁଲକେ,
ସେ ପୁଲକେ ଫୁଟେ ରୋମାଂଚ ଶରୀରେ,
କୃଷକ ପତ୍ନୀନେ ପୁଲକିତ ସାରେ,
    ଇଚ୍ଛାମୁଖେ ଫେରିଗଲେ ଭବନେ ।

ପରାଣେ ପରାଣେ କିବା ସେ ମମତା ?
ଆଶାରେ କିବା ସେ ଧାତ୍ର ସ୍ୱାଧୀନତା ?
ଅଲକ୍ଷେ ପରାଣେ ଫୁଟିଲା ଶକ୍ତି
ଉଜଳ ଉଠିଲା ଆଶା ଭୁଂଗ ଜ୍ୟୋତି
    ଦେଖେ ଗ୍ରାମପତି ଉଷତ ମନେ ।

---

## ଷଷ୍ଠ ଛାଂଦ

ରାଗ—କଲ୍ୟାଣ ଆହାରୀ

( ଗୋପୀଭାଷା ବୃତ୍ତ )

ଆଜି ରଜନୀ ଜ୍ୟୋତ୍ସ୍ନା ଧବଳ
ଶୁଭ୍ର ଶରଦେ ଶୋହେ ଚନ୍ଦ୍ରବାଳ ।
ତହିଁ କୁମାର ଶିବିର ଦୁଆରେ
ବସି ଅଛଂତି ପ୍ରହରୀ-ସଂଭାରେ ।
ଅସିପଣ କୋଷୁଁ କାଢ଼ି କି ମନେ
ଦେଖୁଛଂତି କିବା ଶୂନ୍ୟ ସଂଧାନେ ?
ଅସି ମୁନେ ରଖି ଧରଣୀ ପରେ
ତହିଁ ଚିବୁକେ ରଖିଛଂତି ଭର ।
ଶନଶନେ ଯାଏ ବାୟୁ ସଂଚରି;
ଭାବେ ପରାଣ ଉଠେ ଥରିଥରି ।
କିଏ ଆସୁଛି ବା ରଜନୀ ଯୋଗେ ?
ଥରି ଥରି ଯୁବା ଦେଖଂତି ଆଗେ ।
ସତେ ମଣଂତି ଆସୁଚି ବଇରି,
କିବା ସଇନେ ଉଠଛଂତି ଡରି ?
ବନଶ୍ୱାପଦ ଆସୁଅଛି ଅବା,
ଗୁପ୍ତଚରେ ଖୋଜି ପାଆଂତି ଯୁବା ।
ଏ ତ ନୁହେଁ ଖାରବେଳ କରମ,
ସିଏ ନୁହେଁ ଖାରବେଳ ଧରମ ।
ଡରି ସେ କେବେ ନ ଉଠଂତି ଥରି,
ଗୁପ୍ତଚରେ ଏତେ ହସ୍ତ ଆଚରି ।

ନିଜ ସ୍ୱଜନ କହିଁ ଯିବେ ବନେ ?
ହିଂସ୍ର ଶ୍ୱାପଦ ଆସିବେ କେସନେ ?
ତେବେ କାହାରେ ଗୃହିଁତ କୁମାର ?
କାହା ଆଗମନେ ଏତେ କାତର ?
ଗୃହିଁ ପୁଣି ରହିଯାଅ କାହିଁକି ?
କିବା ଭାଳୁଥିଲ ମନେ କାହିଁ କି ?
ଶୂନ୍ୟ ପରାଣ ପଡ଼ୁଛି ବା ଫିଟି
ଚିତ୍ତ ନିରୋଧ ଯାଉଅଛି ତୁଟି ?
ଯନ୍ତ୍ର ରଣ-ସାଜେ ଆସିଲ ଦେଶୁ ,
ଜାଣି ତାଣ୍ଡବ ବଣିକ ବିନାଶୁ ,
ସାଜ-ଧରମେ ଫେରିଯିବ ଘରେ,
ମନେ'ରଖିବେ ଜନେ ଖାରବେଳେ ।
ଦେଶଜନେ ହୋଇଅଛି ସଂଘର୍ଷ,
ଏଥି ନାହିଁ ତ କରିବ ତରାସ ।
ଲୋକେ ଆଦରିବେ କଳଙ୍ଗ ବଳେ,
କଥା କରି ଯାଇଛନ୍ତି ବୃଷଳେ ।
ତେବେ କାହିଁ ଆଜ ଆର କୁମାର,
କାହା ଇଙ୍ଗିତେ ଦେଖ ଚହବାଳ ?
ବଢ଼ି ବିଷମ ଜାଲ ଯଉବନ,
ବଢ଼ି ଉନ୍ମାଦେ ଫୁଲାଏ ପରାଣ,
ବଢ଼େ ଅନନ୍ତ ପରାଣ-ପିପାସା,
ବଢେ ଜୀବନ୍ତ ପରାଣର ଆଶା ।
ସିନ୍ଧୁ ଅନନ୍ତ ବିତାନେ ଭାସଇ
ଊର୍ମିଫେନଚୂଳେ ଦେଶ ହସାଇ,
ବହେ ବାଣିଜ୍ୟ-ପବନ ସରସେ,
ତହିଁ ନାବିକ ଭାସଇ ହରଷେ,
ଦେଶ ବିସ୍ତାରେ ଭାସି ଯାଏ ତରୀ,
ସେହି ବାଣିଜ୍ୟ ପବନ ଆଦରି ।
ତରଳ କାହିଁ ଆସି ଭେଟଇ ସୁଅ,
ଜାଣି ନାବିକ ହୁଅଇ ଅଥୟ,
କରି ଲଙ୍ଗର ଉଠେ ପୋତମାଳ,
ଆଶା-ବିସ୍ତାରି ଦିଶଇ ଆକୁଳ ।

ସିନ୍ଧୁ ସମାନ ଯଉବନ କାଳେ
ତରୀ-ଯୁବକ ଭାସଇ ଅତଳେ,
ଆଶା ଅନନ୍ତ ପ୍ରସାରେ ଦିଶଇ,
ଲୀଳା ଅନନ୍ତ ଶକତିର ତହିଁ,
ତଳେ ଇଙ୍ଗିତ ଫୁଟଇ ମନେ,
ଶୂନ୍ୟ ଦିଶଇ ଧରା ଯଉବନେ ।
ଜାଣି ନ ଥିଲ କି ଯୁବକ ଆର,
ହୃଦ କମିତେ ହୋଇଯିବ ଜୁର ?
କିଣି ଆସିଥିଲ ଏହି ମୁଲକେ,
କିଏ ତୁଙ୍ଗଙ୍କୁ ଜିଣିଲ ପଲକେ
ରଣ କଉଶଳ ଜାଣନ୍ତି କେତେ
ଶସ୍ତ୍ର ସାଧନ କରି କେତେମନ୍ତେ,
ହେଲା ଏବେ ଏ ବିଷମ ସମର,
କିବା ପ୍ରତିକାର ବିସ୍ତର ଆର ?

---

## ସପ୍ତମ ଛାନ୍ଦ

ରାଗ—ରାମକେରୀ

ଫିଟି ଆସୁଅଛି ଗଗନେ ନବ ସିନ୍ଦୁର ବିଭା,
ଫୁଟିଉଠୁଅଛି ବିପିନେ ଶୁଭ୍ର ଫଳେତେ ବିଭା
ତରୁ-ଚୂଳ ଛାଡ଼ି ଅନ୍ଧାର ଲୁଚି ଯାଉଛି କାହିଁ,
ବାଲୁକା ବିତାନେ ପବନ ସୁଖେ ଯାଉଛି ବହି ।
କୂଟଜ ବିଭାସେ ଡୋଳଇ ବନ-ଧବଳ-ଶିଖା,
ଅନୁରାଗ-ରଙ୍ଗେ ଗୋଲାପେ ହସି ଉଠେ କଳିକା ।
ଶାରଦଶିଶିର-ସ୍ଫଟିକ-ବିନ୍ଦୁ ପଡ଼ଇ ଧୀରେ
ମୁକୁଳିତ ଫୁଲ ଡୋଳଇ ସ୍ୱଚ୍ଛ ଶିଶିର ଶିରେ ।
ଧୀରେ ଚହଟଇ ସମୀରେ ପୁଷ୍ପ-ଉନ୍ମାଦନ-ବାସ;
ଅନୁରାଗ ସେ କି ବିକାଶେ ଲଜ୍ଜା ଭେଦି ସୁହାସ ।
ସ୍ୱତ ଥାଇଁ ଉଠି ଭ୍ରମର ମଧୁ ଗୁଞ୍ଜନେ ଭୁଲି,
ବସିପଡ଼େ କେତେ ଭ୍ରମରେ ମୁଗ୍‌ଧ କଳିକା ଖୋଲି ।

ମଥା ପୋତିହଏ କଳକା ଭୃଙ୍ଗ ତଳ ପଡ଼ଇ;
ଉଡ଼ିଯାଏ ପୁଣି କି ରଂଗେ ପଡ଼ି ନ ଛୁଇଁ ମହୀ ।
ଶ୍ୟାମତରୁଶାଖା ବ୍ୟଜନେ ହେଲେ ସମୀର ସଂଗେ
ମୋହନ କୂଜନେ ପରଶୀ ଧୀରେ ଉଡ଼ଇ ରଂଗେ,
କେଦାରେ କେଦାରେ ଫିଟିଛି ସ୍ୱର୍ଣ୍ଣ-ଶସ୍ୟ-ବିତାନ
ଦିଗଂତ ବିସ୍ତାରେ ଉଜ୍ଜ୍ୱଳ ଦିଶେ ବିଶ୍ୱ ମୋହନ ।
ପୁଣ୍ୟ ଏ ବିଶାଳ ବିତାନ ଗୁହିଁ ରହିଛି ଆଜି,
ଶରଦ-ବିମଳ ମୁକୁରେ ଶୁଭ୍ର ଲପନ ମାଜି ।
ଗ୍ରାମ ଗ୍ରୁଡ଼ି କାହିଁ କୃଷକ ଯାଉ ନାହିଁ ତ ବିଲେ;
ସୁକୁମାରୀ ଲତା ଗୋଲାପ ଗୁହେଁ ନୀରସ ଫୁଲେ
ସରଳା କୃଷକ କୁମାରୀ ଉପବନେ ବାହାର
ରଂଗରସ ଖେଳ ବିହାରେ ନ ଦେଖଂତି ମାଧୁରୀ ।
ପ୍ରଜାପତି ଧାଏଁ ଏକାରେ ବସି ବସି ସୁମନେ,
ପଛେ ଧାଇଁବାକୁ ନାହାଂତି କେହି ଆଜି ସେ ବନେ
ଆହା ଧୂସିବାଳା କାହିଁ ସେ କୁଂଜବନ-ବିଭୂତି ?
ପଣଭେଦି ପଡ଼େ ଆତପ ତହିଁ ନାହିଁ ସେ ଜ୍ୟୋତି ?
ଗ୍ରାମେ ଗ୍ରାମେ ଆଜି ଶୁଭଇ ନବ ଗହଳ ଲୀଳା
ସରସ ଉତ୍ସବ-ଆମୋଦେ ଭାଂଗି ପଡ଼ଇ ଧରା ।
ଖଡ଼ଗ କାଢ଼ି କେ ପରଖି ଦେଖି ରଖେ ଆବରି
ଧନୁ ଦେଖି କେହି ରଖିଛି ଶର ତୂଣୀର ଭରି ।
ବିଦାସ୍ତ-ସଂଘାତେ କେ ପୁଣି କରୁଅଛି ସଂସ୍କାର,
କୁଶଳ କରମ ବଖାଣି କହେ କେ ପୁଣି ସାର ।
ଖାରବେଳ ଗାଥା ଫିଟିଚି ଠାବେ ଠାବେ ସଗ୍ରବେ,
ଗ୍ରାମପତି ଅଶ୍ୱ ବାଛଂତି ଗ୍ରାମ ସୀମାଂତ-ଘାଟେ
କଦଂବ ଚଳାଇ କେ ଯୁବା ଖଂଡେ ଯାଉଛି ଚାଲି,
କହୁଛି, ଗୁଳବ ସଇନ ପ୍ରାଣ ପୁଲକେ ଭରି ।
କାହୁଁ ମିଳିଗଲେ ଯୁବକ ଧାତୁ ବର୍ଣ୍ଣେ ଭାସ୍ୱର;
ଜୈନ-ମଣି-ଯୁତ ମୁକୁଟ-ଧାପେ ଆବରି ଶିର
ବାଳଭାନୁ ପରି ବଦନ ଦିଶେ ଶ୍ମଶ୍ରୁ ବିହୀନ
ନବ ରବି ତେଜ ଖଡ଼ଗେ ଜକଜକେ ରତନ ।
ଦେଖିଲେ ସରବେ; ମଣିଲେ; କାହୁଁ ବିଜର ସାର
ମିଳିଲେ; ଉଠିଲା ଚହଳେ ଜୟଧ୍ୱନିର ରୋଳ ।

ପୁଲକେ କୃଷକେ ସଇନ ସାଜେ ପଶ୍ଚିଲେ ଦାଂଡେ,
କଦଂବେ କଂଦବେ ଗୁଲିଲେ ଭେଦି ଚଂଡ ମାର୍ତ୍ତଂଡେ
ଜୟଜୟ ରବେ ଧ୍ୱନିଲା ପ୍ରତିଧ୍ୱନି ବିପିନେ
ତରଂଗେ ଥରି ସେ ଉଠିଲା ସିଂଧୁନଦୀ-ପୁଳିନେ ।
ସରସ ସମୀର-ବିତାନେ ଭାସିଗଲା ସେ ଧ୍ୱନି;
ସମର-ଇଂଗିତ ଚହଳେ ଫାଟି ଉଠେ ଅବନୀ
ଫାଟି ଉଠେ ପୁଣି କୃଷକ-ହୃଦ ଆଶା-ଉନ୍ମାଦେ
ସ୍ୱାଧୀନତା ଆହା ସେ କିବା ଅନୁମାନର ସ୍ୱାଦେ ?
ଦରିଖୋଲେ ନାଦେ ପବନ, ଫିଟିପଡ଼ିବ ବୋଲି
ଉଷାମୁଖେ ଫୁଟେ କାଳିମା,ଦିନ ଆସଇ ମାଡ଼ି ।
ଗ୍ରୀମ ବାଁଚ ସନ୍ଧି ବୋଇତ,ଯାଏ ସିଂଧୁ ଗରଭେ,
ସାଧବ ଇଂଦ୍ର ସ୍ୱ-ତାଡ଼ନା ସହି,ଉଠେ ଗରବେ ।
ଆଶାରେ ସିନା ଏ ବିଳାସ, ବେଗେ ଶାଂତ ପରାଣ
ଆଶାର ବିଦ୍ୟୁତ-ଆରବେ ଉଠେ କୃଷକ ପ୍ରାଣ ।

— — —

## ଅଷ୍ଟମ ଛାନ୍ଦ

ରାଗ-ଖଂଡଭୂପାଳ

ସବିତା ଫୁଟଇ ଦିଗଂତ-ବିସାରେ
ବିମଳ ଧରଣୀ ଉଠଇ ଝଳି,
ଗୁହେଁ ବରଯୁବା ସଇନ ପଟଳେ
କୃଷକେ ଯାଏ କି ଶକତି ଖେଳି !

ନାଚି ନାଚି ନଈ ପାରିବାରେ ଯାଏ
ଉପଲ ସିକତା ଦଳଇ ତୋରା,
କଦଂବେ ଗୁଲଂତି ତରୁଣ ଯୁବକ,
ଅଭିଯାନ ହାସେ ଭାସଇ ଧରା ।

ଥରି ଥରି ଯାଏ ଶାରଦ ସମୀର,
ବିମଳ ସିକତା ବିତାନେ ବନ୍ଧି,
ଶକତିର ଖେଳେ ଗୁଲଂତି ସଇନ
ତରଂଗ ବିଭାସେ ଥରଇ ମହୀ ।

## ଖାରବେଳ

ତରୁଣ ଲଲାଟେ ଫୁଟିଉଠେ ଜ୍ୟୋତି,
ଝଟାଇ ଚମକେ ବିଜୁଳି ଝଲ୍ସ;
ଝଙ୍କୃତ ଝଙ୍କାରେ ନାଚେ ଅଭିଯାନ
ଭୁଲି ପଡ଼ି କେତେ ବୃଦ୍ଧାଙ୍କ ଯୁବା ।

ଇଙ୍ଗିତେ ଇଙ୍ଗିତେ ଥରଯାଏ ସେନା
ଶକତି ଫୁଟଇ ସଇନ ମୁଖେ,
ସେନାପତି ମୁଖେ ବୃଦ୍ଧାଙ୍କ ସଇନ
ଉଲ୍ଲସି ଉଠନ୍ତି ସମର-ସୁଖେ ।

ବିଜୁଳି-ଚମକେ ବ୍ୟାପିଲା ଭାରତ
ଦଳେ ଦଳେ ସେନା ମିଶିଲେ ପଥେ,
ଗିରିଦରୀ ଏଡ଼ି ପେଲିଲ ତଟିନୀ
ମହାନଦୀ ଧାରି ଭେଟଇ ସତେ ।

ବିମଳ ବସନ ବିମଳ ଭୂଷଣ
ବିମଳ ବରନ ସେ ସେନାପତି,
ଉଜଳେ ସଇନ, ତରୁଣ ଅରୁଣ
ଉଜଳେ ଯେସନ ବନ ବ୍ରତତୀ ।

ବଜର-ଶାସନ - କୃଷକ-ସ୍ମରଣେ,
କେତେ ରଙ୍ଗେ ଆଜି ପୁଲକ ଭରେ,
ଅଭିଯାନ-ରଙ୍ଗ ଦେଖି ସେ ବିପିନ
ଶାରଦ ମୋହନ ସମନେ ଥରେ ।

ଦିଗନ୍ତ ବିତାନେ ହସଇ ସିକତା
ଉପଲ ଶୟନେ ହସଇ ନଦୀ,
ସେହି ସେ ସ୍ମରଣେ ସୁଖ ସମୀରଣ
ବହେ ତରୁତଳେ ବ୍ରତତୀ ଭେଦି ।

କେତେ ତ ଶରଦ କେତେ ମଧୁମାସ
ବରଷେ ବରଷେ ଯାଇଛି ବହି,
ବଜର ମୁଲକ କୃଷକ ପତନେ
ଏ ଶୋଭା ତ ଦେଖି ନ ଥିଲେ କେହି ।

ଏସନ ସୋହାଗେ ଏତେ ଅନୁରାଗେ
ଭୁଲି ନ ଥିଲେ କି ସଇନ କେହବେ,
ଆଶାର ସ୍ୱପନେ ତରୁଣ ଲୋଚନେ
କି ଦେଖନ୍ତି ଆଜି କୃଷକ ତେବେ ?

ଯୁବକେ ଅରପି ପରାଣ ସଂପଦ
କି ଆସେ ଯାଆନ୍ତି ଫୁଲ୍ଲର ଦ୍ୟୁତି ?
'କିଏ ସେ ଯୁବକ' ଭଲେ ନ ଜାଣନ୍ତି
ସେ ମୁଖ ସ୍ୱପନେ ଉଠନ୍ତି ମାତି ।

ଚଲାଅ ଯୁବକ କୃଷକ ସଇନ
କି ନଯୁତ ମୁଖେ ଜାଣ ହେ ବୀର ?
କି ଶକତି ଦେଇ କି ରସେ ଯୁବକ,
କରୁଛ କୃଷକ ପରାଣ ଜୁର ?

ଯାଉଛ ଭେଟିବ ଖାରବେଳ ଆଜି,
ଶକତି-ମନ୍ଦିର କଳିଙ୍ଗ-ସୁତ;
ଆସିଛନ୍ତି ସେହି କେତେ ଆଶା ଧରି
ଦାଡ଼ିମ ରାଜନେ କରିବେ ନତ !

ବସୁଂଧରା ଯିବ, କଳିଙ୍ଗ ବୋଇତ
ଚଳିବ ସାଗରେ ବାଣିଜ୍ୟ-ରସେ
ସେହି ଖାରବେଳ ସଙ୍ଗେ ମିଶି ବୀରେ
ରଖିବ ବଜର ବଜର-ବାସେ !

ଏହି ସେ କୃଷକ କଣ୍ଠେ କି ପୁଣି
ମହତ ଭସ୍ମର ଭେଟିଲେ ସେହି
ପରାଣର ଆଶା ଗର୍ଭର ପିପାସା
ଚମକେ ଚମକେ ସାଧୁଛି ବାଡ଼ି ।

କେସନେ କହିବ, କି ହେବଟି ସତେ
କି ବିଶ୍ୱାସ ତୁମ୍ଭେ ପାଇବ ତହିଁ,
'କାହିଁ କାହିଁ' ବୋଲି ଖୋଜିବେ ଯେବେ ସେ
ତସ୍କର କୃଷକ ସଇନେ ରହିଁ ?

ମଣ୍ଡନେ ଦେଖିବେ ଖୋଜ ଖୋଜ ଯେବେ,
ଉଭରିବେ ଯେତେ କୁଶଳ ବୀରେ;
ପଚ୍ଛରିବେ ଯେବେ ଲକ୍ଷଣ ବଖାଣି,
ଜଣାଇ ନ ଦେବ ସରଳ ଗିରେ ।

ଯାଅ ତେବେ ଭୟ ନାହିଁ ଖାରବେଳେ
ଯାଅ ସେନାପତି ସରସ ମନେ;
ବୀର ଭୃଂଗ ପ୍ରାଣ ରେଣୁରଇଛ ଧୂସି,
ଯିବ କି ନ ପଡ଼ି ଧରା ହେ ବନେ ।

---

## ନବମ ଛାଂଦ

ରାଗ—ଲଳିତକାମୋଦୀ

( ରାଧା ସଂଦେଶ ବୃତ୍ତେ )

ସମୀର ଲହରେ ଖେଳେ ସିଂଧୁ-ଭୂମି-ବିପିନେ;
ବର୍ଣ୍ଣଲୀଳା ଉଠେ ପୂରି ଜଳେ ସ୍ଥଳେ ଗଗନେ ।
ପ୍ରେମେ ଢଳ ଢଳ ଫୁଲ ଚରୁଦଳ-ଗହଳେ;
ଅରବିଂଦ ଖୋଜେ ରବି ସରୋବର-ସଲିଳେ ।
ପବଣର ମୃଦୁହାସେ କବିତାର ମାଧୁର୍ଯ୍ୟ;
ବିରହ-ସ୍ମରଣେ ହସେ ଯଉବନେ ସୁଂଦରୀ ।
ସୁଂଦରୀର ସ୍ମିତହାସ ଜବାଫୁଲ ଅଧର
ପ୍ରେମିକର ଅନୁରାଗେ ଆହା କିବା ମଧୁର ।
ମଧୁରେ ଗାବଇ ପିକ ମଧୁ ଋତୁ ଆଗମେ;
ଆଶା ଟିକି ବିଶ୍ୱାସ ଧ୍ରୁବ ତରୁଣର ପରାଣେ ।
ଯେସନ୍ତି ଆଶା ସେ ବିଶ୍ୱାସ ମିଶିଯାଏ ଯେସନ,
ତେସନ ପ୍ରଣୟ-ରେଖା ବଣିକର ପରାଣେ ।
ପରାଣର କି ଭାମସେ ଲୁଚଇ ସେ ପ୍ରଣୟ,
କାହୁଁ ଫୁଟି ପଡ଼ି, କରେ ପରାଣ ସେ ଅଥୟ !
ଶତସ୍ମୃତି ଭେଦି ଉଠେ ସେ ପ୍ରଣୟ ଚମକେ;
ଶତ ଲକ୍ଷ ଛୁଟିଯାଏ ସେ ପ୍ରଣୟ ପଲକେ,
ସ୍ୱପ୍ନେ ହେଲେ ଭାବନାହିଁ ଯାହାମୁଖ ଜୀବନେ,
ହୃଦୟର ମଧୁହସେ ତାର ପିକ-କୂଜନେ ।
ଏ ବିଷମ ବିଶ୍ୱ-ଲୀଳା କେ କହିବ ବଖାଣି ?
ପ୍ରଣୟେ ପରାଣ-ବାଣୀ ବଖାଣିବ କେ ଜାଣି ?
କେଉଁ ଦିଗର ଉଠେ ଧ୍ୱନି, କାହିଁଯାଏ ସେ ଭାସି ?
ପ୍ରତିଧ୍ୱନି ଆସେ କାହୁଁ, କେଉଁ ଦେଶ ପରଶି ।
ବାଜି ଉଠେ ତାଳେ ତାଳେ ସେ ଧ୍ୱନିର ଶବଦେ;
ଦଶମୁଖ ଗିରିଚୂଳ କଂପିଉଠେ ନିନାଦେ ।
ଅଲକ୍ଷ୍ୟ ପ୍ରଣୟ-ବାଣୀ ଅଲକ୍ଷିତ ଜୀବନେ !
ଫୁଟଇ ସୁମନ କାହୁଁ ଅଲକ୍ଷିତେ ବିପିନେ !
ଖାରବେଳ ଭାଳୁଥିଲେ କାହିଁ ଦୂର ଉତ୍କଳେ;
ଦ୍ରାବିଡ଼ ବାହିନୀ ପଡ଼ି ରହିଁ ଦେଲେ ପଟଳେ ।
ପରାଣର ପ୍ରତିଧ୍ୱନି ଉଠିଲା ସେ ପରାଣେ;
ଅଯାଚିତ ସତେ କିଏ ଧନ ଦେଲା କୃପଣେ !
ଭାଇବୋଲି କେହି ନାହିଁ; ଏକାକୀ ସେ କୁମାର
ସଖ୍ୟ ନାହିଁ ସେ ଜୀବନେ, ଅଭିଳାଷ ବିଶାଳ ।
ଉନ୍ମତ ସେ ଅଭିଳାଷେ ଖାରବେଳ-ପିପାସା;
ପିପାସାର ସେ ବିଳାସେ କିଏ ଦେଲା ଏ ନିଶା ?
ଏ ନିଶା ତ ମେଂଟିବାର ନୁହେ ଯୁବ-ପରାଣେ;
ଯୁବ-ପ୍ରାଣେ ମୈତ୍ରୀ ଲୀଳା ବଢ଼େ ବିଶ୍ୱ-ପ୍ରମାଣେ ।
ଆବଦ୍ଧ ସେ ହୁଏ ଯେବେ, ପ୍ରାଣ ଦିଏ ବୁଡ଼ାଇ,
ଆଶା ଅଭିଳାଷ ସବୁ ସେ ପ୍ଲାବନେ ଭସାଇ ।
ହବା ନଶି ଏବେ ସେହି ସେନାପତି କୁମାରେ
ଆହାର-ବିହାର-ଲୀଳା କଉତୁକେ ଉଛୁଳେ ।
ସେନାପତି ଭୁଲେ ଏବେ ରାତିସାରା ମଂନ୍ତଣା,
ହବସେ ଆମୋଦ ରସ, ନାହିଁ ଭଲେ ଯଂନ୍ତଣା ।
ଚଂଚକ-ବଭିନ-କଥା, କୁଟିରଣ ବକରେ,
ତରସେ ବାଣିଜ୍ୟ ତରି ଲୁଟିବାର ସାଗରେ;
ମନେ ମନେ ବ୍ୟୂହ ରଚି କରଂତି ସେ ସମର;
ଜୟ ପରାଜୟ କେତେ କରୁଥାଂତି ବିଚାର ।

କୁମାର କହନ୍ତି କେତେ କୂଟମନ୍ତ୍ର କଥାର,
କାଟନ୍ତି ଖେଳାଇ ତାହା ସେନାପତି ଚତୁର ।
କଥାକେ କଥାକେ ଉଠେ ପ୍ରତିବାଦ ଉଭୟେ;
ପ୍ରତିବାଦେ ସେନାପତି କହୁଥାନ୍ତି ହରଷେ ।
ସେ ହରଷେ ଆଡଂବରେ ଖାରବେଳ ମଉନ;
ସରସ ଯୁବକ ପୁଣି ବୁଝି ଅବା ନଉନ ।
ସୌହୃଦ-ଅରୁଣ ହାସେ ଅନୁରାଗ-ଅଂକୁର
ଗୁଣ ବରଷାକରେ ବଢ଼ି, ବିକାଶଇ ମୁକୁଳ ।
ସେହି ସେ ଯତନେ ଏବେ ଅନୁବନ୍ଧନ ପିରତି
କରଇ, ଦାସ୍ପାଦ-ଯଶେ ହସେ ଯଥା କୋରକ ।
ଅନୁବନ୍ଧନ ଦୁଇଜଣେ ମିଶିଯାଏ ପରାଣ;
ଅତନୁ ପିରତି-ଲୀଳା, କାହାର ଏ ଭିଆଣ ?

---

## ଦଶମ ଛାନ୍ଦ

ରାଗ-ପାର୍ଦ୍ଧମଞ୍ଜୁଆସ୍ତି

ଗହନ ବିପିନ- କୁଟୀର ଭବନେ
ନଶବଦ ନଶି ଅଂଧାରେ
ପଥଶ୍ରମେ ସନ୍ତି କରମି-ପଥିକ
ଶେଯେ ପଡ଼ିଥାଏ କାତରେ;

ଶ୍ରାବଣ-ରଜନୀ- ଅଂଧକାର ଭେଦ
ଚପଳା ଉଠଇ ଚମକେ,
କୁଟୀର-ଦୁଆର- ରଂଧ୍ର ଭେଦ ଘରେ
ଖେଳଯାଏ କେବେ ପଲକେ ।

ସେ ଚମକେ ଆଖି ତଳେ ଝଲସଇ,
ଦରଭୁର ଆଶା-ବିଶ୍ୱାସେ,
ଶୁଭଇ ବରଷା- ଝଂକାର-ପ୍ରବାହ,
ବୁଡ଼ଯାଏ ପାଂଥ କ ରସେ ।

ସମ ଗୁରୁତାନେ ଭେଦ କରେ ବରଷା
ନରାଣ ପ୍ରଣୟ-ସ୍ମରଣେ;
କେବେକେବେ ପୁଣି ହଏ ଚମକାଇ
କ୍ଳାନ୍ତ ଭେଦ ପାନ୍ଥ ପରାଣେ ।

ଦୁର ଶଂଖ-ଧ୍ୱନି ଶୁଭଇ ବା କେବେ
ନଶବଦ ନଶି ପଠାଇ;
ସୁଇନଦ ଝାଂଗି ହଏ ଚମକାଇ
ଶ୍ରାଂତଜନ-ହୃଦ ହସାଇ ।

ଧ୍ୱନି-ତାନ-ଗୀତେ ଆସଇ ସ୍ୱପନ;
ତହିଁ ସେହି ଗୀତ ମୋହନ
ଥରି ଥରି ଉଠେ ଚମକ ପରାଣେ
ରସାଣି ସେ ମଧୁ ସ୍ୱପନ ।

ସେହି ସ୍ୱପନର ଚମକକୁ ବଳି
ସେହି ଚପଳାର ସ୍ଫୁରଣେ,
ଅନୁରାଗ ସ୍ମୃତି କରମ ପଠାଇ
ଉଠେ ଖାରବେଳ-ପରାଣେ ।

ଦ୍ରାବିଡ଼-ସଇନ- ଯୁବ-ସେନାପତି-
ପୀରତିରେ ଖେଳ କୁମାର;
ସେହି ପୀରତିର ଇଂଗିତ-ଉଡ଼ାଳେ
ଫେଣ ଦେଖୁଥାନ୍ତି ଅଂତର ।

ଅନ୍ୟମନେ କେବେ ରହନ୍ତି ମଉନେ
ଭଲେ ସେ ସ୍ମରଣ-ଚମକେ,
ସେନାପତି ସତେ ଦେଖନ୍ତି ସେ ମୁଖେ
ପରାଣର ଆଶା ପଲକେ ।

ଖାରବେଳ ପରା ବଜର ସାଇଜ
ଜଣି, ଦେବେ ପୁଣି ବଜରେ;
ହାତିମ ଯବନେ ଧରିଷିବେ ପରା
ଖାରବେଳ ବୀର ସମରେ ।

ଅଭିଳାଷ-ଆଶା— ସାର-ମୋଦରସ
ତରଂଗେ ଖେଳଇ ପରାଣ,
ତରଂଗେ ଉଠଇ ତରଂଗେ ପଡ଼ଇ
କବା ରଂଗେ ତହିଁ ସ୍ମରଣ ।

ଭୁଲି ବେଳେ ବେଳେ କେଉଁ ଶୂନ୍ୟରସେ
କୁମାର ଗୁହାଂତ ଯୁବକେ ?
ଯୁବକ ଗୁହାଂତ କୁମାର ଲପନେ
କି ଅବା ସ୍ମରଣ ଚମକେ !

କେଉଁ ମହାପୁରେ ପୂରଇ ପରାଣ,
ବହିଯାଏ ବିଶ୍ୱ ବିପିନେ;
କି ମୋହନ ସୁଖ, ଯୌବନେ ଇଂଗିତ
ଉଠଇ ଯୁବକ ପରାଣେ ।

ତରୁଣେ ଫୁଟଇ ଯଉବନ କଳା,
ଜୀବନ-ମାଧବ-ବିଭବ;
ଫୁଲ ଉଠେ ଫୁଲ୍ଲି ପୀରତି ପରାଣେ
ଭୃଂଗ ଅଭିଳାଷ-ଗରବ ।

ପୂରି ହୃଦ ରସେ ଭାସିଯାଏ ଧରା
ତରୁଣ-ଇଂଗିତ-ବିକାଶେ;
ସେ ଇଂଗିତ ରସେ ତରୁଣ ମାନସେ
ଅନୁରାଗ ସ୍ଫୂର୍ତ୍ତିରେ ବିଳାସେ ।

ସେହି ସେ ବିଳାସ- ମୃଦୁ-କୁହୁତାନେ
ପ୍ରତିଧ୍ୱନି ପ୍ରାଣ-ବିପିନେ;
କଂପି ତାଳେ ତାଳେ ସେ ମୃଦୁ ଶବଦେ
ତରଂଗ ଉଠଇ ଗଗନେ !

ତରୁଣ ବିଭୂତି ଏ ଅନଂତ ଲୀଳା
କଏ ସେ ଗାଇବ କି ଗୀତେ ?
ଗାଉଚଂତି ପରା ସେ ଅମର ଗୀତ
ବିଶ୍ୱପତି ବିଶ୍ୱ-ସଂଗୀତେ ।

—o—

## ଏକାଦଶ ଛାନ୍ଦ

ରାଗ—ଚକ୍ରକେଳି

ବନେ ଖାଣ୍ଡୁଚଂଦ କୁମାର ମଣି;
କପାଇଁ ଅଇଲ ରାଉଳ ଶ୍ରେଣୀ ।
କପାଁ ରଂଗେ କଲ ସମର ଶ୍ରେଣୀ;
ଦକ୍ଷିମ ସଂଗେ କରିବାରେ ରଣ ।

ବାଳ କାଳେ ଶିଖ ବଡନ ଉଚ୍ଛଳି
ସମର, ରସ, ଜାଣି ମୁଁ ନ ଥିଲି ।
ଏବେ ଅଭିଳାଷ ଆସିଲା କାହୁଁ ?
ଏ କି ଅରୁଣ ରଜନୀ ନ ଯାହୁଁ ?

ଯାଇଥିଲି ଯେବେ ପାଂଡ୍ୟ-ରାଜ୍ୟକେ,
କେତେ ଆଦରେ ହେଲି ତହିଁ ଜନକେ ।
ପିତାପରି ସେ ପ୍ରବୀଣ ରାଜନ
ଶିଖାଇଲେ କେତେ ରାଜବିଧାନ ।

ବାଣିଜ୍ୟେ ପେଷିଲେ ସଇନ ପୋତ;
ସଂଗେ ଚଳିଲେ ଉତ୍କଳ ମହତ ।
କଳିଂଗ-ଦ୍ରାବିଡ଼-କୂଳ ସେ ଗ୍ରାହ୍ୟ,
ଦେଖି ଆସିଲେ କାହ୍ନି ଜାବାବାଲି ।

ପାରସ୍ୟ-କୂଳେ ଆସିଲେ ସେ ପୁଣି,
ପୁର-ବନ୍ଦର-ଗୁଣ ଗୁଣି ଗୁଣି ।
ଦୁରଂତ ଦକ୍ଷିମେ ଦେଖିଲେ ସେଠୁ;
ବାଣିଜ୍ୟ ଯେନ ଚଂଡ଼ ଦେଲେ ବନ୍ଧୁ ।

ସୁର-ପରାଣ ମୋ' ସହିଲା ନାହିଁ,
ନ ଜାଣି ହେଲ ମୁଁ ସମରେ ବାଇ ।
ଜାଣି ମୁଁ ନ ଥିଲି ତରୁଣ କାଳ,
ଜାଣି ନ ଥିଲି ପୀରତି-ଜଂଜାଳ ।

କହୁଥିଲେ ମୋତେ ପାଂଡ୍ୟ ରାଜନ
ଉପହାସେ ମୁଁ ନ କଲି ଗଣନ ।
ଜାଣି ନ ଥିଲି ମୁଁ ମହତ ସାର
ହୃଦୟ ହୁଅଇ ପଲକେ ଜୁର ।

ନୟନେ ଆଶା ଉଠୁଥାଏ ହସି,
ଆଶାରେ ନୟନ ଦିଶଇ ମିଶି ।
ସେ ଆଶା ତ ତୁଂଗ ଶଇଳ-ଶିଖା
କରମଟି ତହିଁ କଠିନ ଲେଖା ।

ସେ ଆଶା ଉଠଇ ପରାଣ ପୂରି
କରମ କଂଚୁକ ଥାଏ ଆବରି ।
କେମଂତେ କରମେ ରସିବ ମୁହିଁ ?
ଖଣ୍ଡର ତ ହାତେ ଯାଉଛି ରହି ।

ବୃଷଳ-ପତି ଏ କଳର-ସାର
କରୁଚଂତି ମୋତେ କେତେ ସଂସାର ।
ତାଂକ ଦେଶ ମୁଁ କି ପାରିବ ଜିଣି ?
ତାଂକ ରାଇଜ ଦେବ କି ମୁଁ ଆଣି !

ସେ ମୁଖ ଦେଖିଲେ ଯାଏ ମୁଁ ଭୁଲି
କଥାରେ ହାରିଲେ ହେଉଛି ଝୁରି ।
ପର୍ବତ-ରଣେ କଉଶଳ ତାର
ଶୁଣିଲେ, ପରାଣ ହୁଏ ଅଧୀର ।

ସେ ତ ତରୁଣ, ତରୁଣ ତ ମୁହିଁ
ସେ ପରାଣେ କି ଅନୁରାଗ ନାହିଁ ?
ଶିଖର ଉଜଳ ଦିଶେ ସେ ତୋରା
ହସିଲେ ନଶୁଏ ଗଗନେ ତାରା ।

ଗୁହିଁଲେ ଫୁଟଇ ସୁମନେ ହାସ;
ସଂଗୀତ ତାର ବଚନ-ପ୍ରକାଶ ।
ଅଂଗେ ଅଂଗେ ଝରେ ତରଳ ଦ୍ୟୁତି
ସମର-ରଂଗେ ପ୍ରକଟେ ଖ୍ୟାତି ।

ସେ କିପାଁ ପଡ଼ ନାହିଁ ଅନୁରାଗେ
ତରୁଣ ରସ ପ୍ରଣୟ-ସୋହାଗେ ?
ଆସିଛି ତ ସେ ବୃଷଳ-ମୂଲକୁ
ପରୁରିବ କି ଜାଣିଥିବ ତାକୁ ?

ଆହା କପାଇଁ ଏ ଦୁରଶା ମୋର ?
କି ନିଶା ପିଇ ମୁଁ ହୋଇଛି ଭୋଳ ?
ଅଛଂତି ଜଗତେ କେତେ ସୁଂଦରୀ;
କିଏ କାହା ଲାଗି ହେଉଛି ଝୁରି ?

କିପାଁ ଜାଣିବ ସେ ସାର ତରୁଣ ?
କି ଅବା ମୁଁ ତାରେ କହିବ ପୁଣ ?
ଦେଖିଣ ତାରେ ନିମିଷ ମାତରେ;
ଥରିଲା ହୃଦ ରହି ଦେଖି ବାରେ ।

ଆଖିରେ ଆଖି ନ ପାରିଲି ରଖି
ମନ ହେଲା ପଛେ ଫେରିବ ଦେଖି ।
ଫେରାଇ ପାରିଲି ନାହିଁ ଭୁରଂଗ;
ଥରି ଉଠୁଥିଲା ହୃଦେ ତରଂଗ ।

ଆହା ସେ ବାଳା ବୁଝିବ କି ମୋତେ ?
ଅନୁରାଗ କି ଲାଗିଛି ତା ଚିତ୍ତେ ?
କେତେ ପଥିକ ଯାଉଥିବେ ବାଟେ,
ବାଟ ଭୁଲୁଥିବେ ଚଟିମା-ତଟେ ।

କିଏ କାହାରେ ଦେଖୁଚି ଜଗତେ ?
କି ନିଶା ସତେ ଘୋଟି ଅଛି ମୋତେ ?
କେତେ ସମରେ ଯୁଝୁଁଛି ମୁଁ ଆଗେ
ବନ ପର୍ବତ ଭେଦି ନଦୀ-ଭାଗେ ।

ବ୍ୟାଘ୍ର-ରାଇଜେ ବୁଲୁଛି ମୁଁ ଏକା
ତିଳେ ନ ଥାଏ ମୋ ହୃଦୟେ ଦକା ।
କପାଁ ଏଥି ଏ ହୃଦୟେ ଆରତି ?
ଏହ୍ନି କି ତେବେ ତରୁଣ-ପୀରତି ?

କଠୋର କରମ ପଡ଼ିଛି ଆଗେ;
ପୀରତିରେ ତାକୁ ଏଡ଼ି ସୋହାଗେ,
କି ଯଶ ହେବ ? ମୁଁ ରାଜ କୁମାର,
ଜଗତେ ତ ମୋତେ ବୋଲଂନ୍ତି ବୀର ।

ଏହ୍ନିକି ବୀର-ଧରମ ଜଗତେ;
କପାଇଁ ତେବେ ଭାଙ୍ଗୁଛି ମୁଁ ଏତେ ?
ଜଗତେ କେତେ ଅଛଂନ୍ତି ତ ନାରୀ;
କପାଁ ପରାଣ ହୁଏ ଏତେ ଭାରି ?

ଜାଣଂନ୍ତି ଯେବେ, ସେ ରହିଁବ ମୋତେ,
ରଣରଂଗ ମୋର ଦେଖିବ ସତେ,
ଭୀଷଣ ସମର ପରାଣ ଦେଇ,
କି ସରଗ-ସୁଖ ଲଭଂନ୍ତି ମୁହିଁ ?

କପାଁ ତେବେ ଏତେ ଜ୍ୱଳେଣି ମୋର ?
ଶୁଣିବ ତ ସେ ରଣ କଉଶଳ ।
କୁଶଳ ସଇନ ଫେରିଲେ ଘରେ,
ବଜର-ରାଜ ବସିଲେ ବଜରେ,

ଜାଣିବ ନାହିଁ ସେ ଏସବୁ କଥା ?
ପଚାରିବ ନାହିଁ ମମ ବାରତା ?"
ଅନୁରାଗରେ କି ବିଷମ ଆଶା ?
ତରୁଣ ପୀରତି କି ଘୋରଦଶା ?

କାହିଁ ସମର, କାହିଁ ପଲ୍ଲିବାଳା,
ମନେ ମନେ ଏତେ ଶୁଭ ସଂଖୋଳା ।
କେବେ ମଣଂନ୍ତି, ବୁଝିବେ ସଂଦେଶ,
ପୁଣି ଫୁଟଇ ସଂଦେହ ବିଶେଷ,

ସଂଦେହେ ପୁଣି ଆଶା ଉଠେ ଫୁଟି,
ବିଶ୍ୱାସେ ଯାଏ ସେ ସଂଦେହ ତୁଟି ।
ମଣଂନ୍ତି, ବାଳା ଦେଖଂତା ସମର;
ପୁଣି କହଂନ୍ତି, ଶୁଣିବ ଖବର ।
କି ସ୍ୱପ୍ନ କୁମାର ଏ ତବ ଆଜ ?
ଆସିଥିଲ କି ଏହ୍ନି ରଣସାଜ ?

ବୀର ବୋଲି କର ଗରବ କେତେ;
ଜିଣିବ ବୋଲି ମଣୁଛ ଜଗତେ ।
ଏତେ ବାନ୍ଧୁଛିକି ତୁଚ୍ଛ ବନ୍ଧନ,
କେମନେ ଗୁଡ଼ି ଯିବ ହେ ହୃଦୟ ?

— — —

## ଦ୍ୱାଦଶ ଛାଂଦ

ରାଗ-ମଂଗଳଗୁର୍ଜରୀ

ସ୍ୱରେ ସେ ସୁନ୍ଦନ ଫେରିବ କାହିଁ,
ବୃଦ୍ଧ ପରେଶ ଯେବେ ମୋହିଲେ ମହୀ ?
ଖଡ଼ଗେ ବସୁଥିଲା ଅହିଂସା ଧାର,
ଇଂଦ୍ରିୟ ଜିଣି ଜନେ ହୋଇଲେ ବୀର ।
ଦିଗଂତ ପୂରିଥିଲା ମୈତ୍ରୀ-ବିଭବେ,
ରାଜର୍ଷି ଥିଲା ସିନା ସଂଯମ ଭବେ ।
ବୁଲୁଥିଲେ ସୁଗତ ଶିଷ୍ୟରେ ପୁରେ,
ମଂତ୍ରଣା ଦେଉଥିଲେ ଆଦର ବରେ ।
ଗୃହ ବଂଧନ ଘନ ଖେଳେ ଅଂବରେ,
କେବେ ବା ଲଇଁ ପଡ଼େ ପର୍ବତ ଶିରେ,
ତେସନ ଗୁଡ଼ି ଭବ-ସୁଖ-ବାସନା,
ରାଜନେ ବୁଦ୍ଧ-ଜନେ କଲା ଶାସନା
ଶକ ଯବନ ହେଲେ ତହିଁ ମଗନ
ଆଶ୍ୱାସେ ହୁଏ ଯଥା ଶ୍ୱାପଦ ଶ୍ୱାନ

ଶିବିରେ ଆଜି ସେହି ସୁଗତବର
ଯୁଦ୍ଧ ନିବାରି କରୁଥିଲେ ବିସ୍ତର ।
'ସମର ଲାଳସାଟି ଦୁରଂତ ଭବେ;
ବଳ-କରମେ କାହିଁ ପରଣ ହୁବେ ?
ଉତ୍ତମ ନୃପେ ସିନା ଶାସନା ତାହା,
ନୁହେ ସେ ଲାଳସାର ବିଳାସସ୍ପୃହା ।
ଇଂଦ୍ରିୟ ଭୋଗ ଯଥା ନ ମାନେ ବାଧା,
ତେସନଟି ଖଡ୍ଗେ ଶୋଣିତ-କ୍ଷୁଧା ।
ସେହି ଇଂଦ୍ରିୟ ଭୋଗେ ସଂଯମ ଶୁଭ,
ଖଡ୍ଗେ ରତି କରି ଭଜିବ କ୍ଷୋଭ ।'
କହିଲେ ସେ ସୁଗତ ସିବେ ଦଭିମେ,
ବୁଝାଇ ନିଷେଧିବେ ବିଷମ ରଣେ ।
"ଗରିବ କୃଷକର ରକତ ନଦୀ
ପହରି, ଜୟ-ରସେ କି ମହା ସିଦ୍ଧି ।
କାହିଁକି ତେବେ ଏତେ ବାଂଚକ ପଣ ?
ଅଧିକାର ଭୁଂଜଂତୁ ସେ ଯାହା ଜନ ।"
ସିକଂଦର-ବାହିନୀ-ସଂଗତି ସାରି,
ଆସିଥିଲେ ସେ ଗ୍ରୀକ୍ ଯବନ ପୁରୀ ।
ଜଗତେ ଜାଣଂତି ସେ ଖଡ୍ଗ-ଯଶ,
ଜୀବନେ ପିଇଛଂତି ଲାଳସା ବିଷ ।
ସଂଯମେ ଆତ୍ମଲାଭ କରି ପ୍ରଚୁର,
ତାଂକର ଦେଶେ ପରା ପିଇ ଗରଳ,
ମନୀଷୀ ଭେଟିଥିଲେ ରାଜ ନୀତି;
ଯବନ ଦେଶେ ପରା ଏସନ ରୀତି !
ଦୁର୍ବଳ ଦେଖି ବଳେ ରଣ ଆଚରି,
ଜୀବଂତେ ରକ୍ତଧାରା ପିଅଂତି ଚରି ।
ପୃଥିବୀ ଗରାସିବେ ପରା ଜୀବନେ,
କୌଶଳେ ବିଷ ଦେଇ ନାଶିବେ ଜନେ ।
ପଶ୍ଚିମ ସଭ୍ୟତାର ଏସନ ରୀତି,
କାହୁଁ ବୁଝିବେ ସେହୁ ସୁଗତ ନୀତି ?
ଜୀବନେ ଜାଣଂତି ସେ ଆପଣା ସୁଖ;
କଥା କହଂତି ସତେ ବକ ଧାର୍ମିକ ।

ସେ ଯାହା ଅଧିକାର ଦେବେ ସେ କାହିଁ ?
ବସୁରଛଂତି ଗିଳିଦେବେ ଏ ମହୀ !
ବସୁରିଛଂତି ମାରି ଜଗତ ଜନ,
ଜଗତେ ବସାଇବେ ନିଜ ସଂତାନ ।
ବିଳାସ-ପଣ୍ୟେ ଦେବେ ଜଗତ ଭରି,
ହାତେ ନ ମାରି ଭାତେ ଦେବେ ସେ ମାରି ।
ଜୀବନେ ନ ଜାଣଂତି ସମ୍ମୁଖ-ରଣ,
ରଣ ତାଂକର ଏକା ବଂଚକ-ପଣ ।
ସେହି ଚଂଦ୍ରଭିମ ସେ ଯବନ-ସୁତ;
ବୁଝାଇ ପାରିବ କି ତାଂକୁ ସୁଗତ ?
କହିବେ ସେ ବିପୁଳ କୁଶଳ ଭାଷା;
ଦେଖିବାକୁ ଦୁଧ ସେ ଗରଳ-ମିଶା ।
ସରଳ ସୁଗତଂକ ବୁଝିବ ତାହା ?
ବୁଝି ନ ଥିଲେ ପୁଚ୍ଛୁ ପୁଚ୍ଛୁବେ ଯାହା ।
ଅଭ୍ୟାସେ ବୁଝିଛଂତି ବଜର-ଜନେ;
ବଜର-ଯୁବା ଭୁଲିଯିବେ କେସନେ ?
କହିଲେ ସେ, "କପଟ ଏ ବସ୍ତୁର ଭବ;
ନାହିଁ ଏଥି ସୁଗତ-ଶିକ୍ଷା ପ୍ରଭାବ ।
ତରଳ ନଦୀ ସିନା ଶ୍ୟାମଳେ ଭଲ;
ଶଇଳେ କାଟିଦିଏ ପଥର-ଗାର ।
କାଂଥି-ଘନେ ଚପଳା ଦିଶେ ସୁଂଦର;
ଶୂନ୍ୟ ଗଗନେ ଭାଂଗେ ଶଇଳ ପୁର ।
ଆର୍ଯ୍ୟ ସଂତାନ ସିନା ଭୁଲଇ ପ୍ରେମେ;
ପ୍ରେମ କି କରିପାରେ ମଣ୍ଡ ଦଭିମେ ?"
ବଜର-ସାର-କଥା ସେ ଖାରବେଳ
ଶୁଣି, ନ ଦେଲେ କିଛି ଉତ୍ତର-ଗିର;
ପ୍ରବୀଣ ପାଂଡ୍ୟ-ରାଜ ବୁଝିଲେ ନାଇଁ;
ବିସ୍ମରିଲେ ସୁଗତ ଦେବେ ବୁଝାଇ ।
ସୁଗତ ପଢ଼ିଛି କି ଯବନ ପାଠ,
ପଶ୍ଚିମ-ଦେଶ-ନୀତି-ଖେଳର ନାଟ ?
ମମଧା-କଥା ଶୁଣି ହସିବେ ସେହୁ;
ବୁଝି ପାରିବଟିକି ସେ ହାସ-ଦାଉ ?

ବୁଝିବେ ଧରମ ସେ, ହାରି ସମରେ,
କଳିଂଗେ ବାହୁବଳ ପରଖି ଥରେ ।
ନ ରକାଇ ସେ କାଳ, ଯାଉଛ ଯେବେ,
ମଂଗଳେ ଫେରି ଯଶ ରଖ ହେ ଭବେ ।

———

## ତ୍ରୟୋଦଶ ଛାଂଦ

ରାଗ-ମଂଗଳ (ଗୋବିଂଦଚଂଦ୍ର ବାଣୀ)

ମହତ ସୁଗତ ଗଲେ ଦତ୍ତିମ-ନଗରେ,
ପେଷିଲେ ସଂଦେଶ, 'ଶାନ୍ତି ନାହିଁ ବକତରେ ।
ଯାର ବକତର କାଣେ ସାର-ସଂଭାବନା;
ଉନ୍ନତ-ମାନବ-ରସେ ଖେଳେ ତା' କଳ୍ପନା;
ତେଜସ୍ୱୀ ଭାସ୍କର ସମ ଦରଶନ-କଣ୍ଠୁ;
ଉଦାର ବେଶରେ ବରଷଣ-ପଟୁ ।'
ରଖିଲେ ଆଦରେ ସେହୁ ସୁଗତ ପ୍ରବରେ;
ଦତ୍ତିମ ସଇନ ଛାଡ଼ି ଗଲେ ସେ ବଜରେ ।
ବଜରର ରାଜଧାନୀ ସିଂହପଥ ପୁର,
ହିମାଚଳ ଗିରି ଖୋଲେ ବହୁତ ସେ ଦୁର ।
ଖାରବେଳ ପାଂଡ୍ୟ, ପୁଣି ବଜର ଯୁବକ,
ହେଲେ ସେ ଶଇଳ-ବାସେ ଯିବାରେ ଉତ୍ସୁକ ।
ବଜର ଯୁବକ କେଂଭୁ ଦତ୍ତିମ-ବଚନେ
ଲଭି ତ ନ ଥିଲେ ଭଲେ ବିଶ୍ୱାସ ପରାଣେ ।
ଗଗନେ ବୁଲଇ ମେଘ ଉଡେ ଭ୍ରମିଭ୍ରମି,
ସେ ତ ପୁଣି ଲୋଡ଼େ ତପ୍ତ ତୃଷିତ ମେଦିନୀ ।
ପ୍ରାଣରୁ ବାହାରି ପ୍ରେମ ଢାଳଇ ଉଦାର,
ବିରହ-ତାପିତ ପ୍ରାଣେ ଲୋଡ଼େ ଫେରିବାର ।
ପରାଣର ଅନୁଭବ ରହିଯାଏ କାଳେ,
ସ୍ତବ୍ଧ ପ୍ରାଣେ ଫେରଇ ସେ ସ୍ମରଣ-ସମ୍ଭାରେ ।
ଜନମ ଭୂଇଁ ସେ କଦା ବାସନା ପରାଣେ ।
ଫେରି ଫେରି ପ୍ରତିଧ୍ୱନି ଆସେ ତା ସନ୍ଧାନେ !

ବାରୁଣୀ-ବଳୟେ ରବି ଥରଥର, କରେ
ଛୁଆଁଇ ସଲଖେ ପରା ପ୍ରାଚୀ-ନଭତଳେ ।
କୂଳ ଛାଡ଼ି ଯାଏ ପୋତ କେତେ ଅନୁରାଗେ,
ପାଲ-ମଥା ତୋଳି ରହିଁଥାଏ ଭୂମି-ଭାଗେ !
ସିଂହପଥ-ଯୁବକ ସେ; ବଜର ପିପାସା
ଛାଡ଼ି କି ପାରିବେ କେବେ ପ୍ରାଣେ ଥାଇଁ ଆଶା ?
ଶଇଳ-ସଂକଟ-ଭୟ, ଦତ୍ତିମ-ତରାସ,
ସୁଗତର ଉପଦେଶେ ଶୁଷ୍କ ପରିହାସ,
କଉଶଳେ ଡାକିବାର କଳିଂଗେ ସଂକଟେ,
ବେଳ ବୁଝି ଆସିବାର ସମରେ କପଟେ,
ଶକାର ଇଂଗିତେ ସବୁ ଜାଣୁଥିଲେ ସାର;
ଗଣୁଥିଲେ ମନେ ମନେ ଭବିଷ୍ୟ ସମର ।
ବୁଝୁଥିଲେ ଖାରବେଳ-ଶୁଦ୍ଧ ସରଳତା,
ପ୍ରବୀଣ ରାଜନ ପାଂଡ୍ୟେ ମୈତ୍ରୀର ମମତା ।
ଭାବୁଥିଲେ ଦତ୍ତିମର କଉଶଳ ମନେ;
ସୁଗତ-ସରଳ-ମନ୍ତ୍ର, ବଂଚକ ଦତ୍ତିମେ ।
ସବୁ ଜାଣି ସ୍ମରୁଥିଲେ ବଜର-ବିପିନ,
ସଇନ-ପତନ-ସ୍ଥାନ ବଜର-ରାଜନ ।
ରାଜ୍ୟ-ନାଶେ ମ୍ଳାନପ୍ରଭ ବଜର-ଭୂପକେ
ସ୍ମରି, ଉଠୁଥିଲା ହୃଦ ଦପଦପି ବୁକେ ।
ଦୂରେ ରହି ସ୍ମରୁଥିଲେ ସିଂହପଥ-କଥା,
ପ୍ରବୀଣ ସ୍ମରଇ ଦୂର ଶଇଶବ ଯଥା ।
ପରାଣର ଇତିହାସ ପଢ଼ୁଥିଲା ଫିଟି;
ଖାରବେଳ ପ୍ରୀତିରଂଗ ଯାଉଥିଲା ଛୁଟି ।
ପ୍ରତିଧ୍ୱନେ ଉଠୁଥିଲା କି ପ୍ରାଣ-ବାରତା ?
ବଜର-ସ୍ମରଣେ ହୃଦେ କି ମହା ମମତା ?
ସେ ମମତା ଲଭି ଆଶା ହୁଏ ବଳବତୀ,
ଆଶାରେ ଆଶାରେ ଦିଶେ ବଜର-ଭାରତୀ ।
ଦତ୍ତିମର କୂଟରଣ ଦିଶିଲା ଅସାର;
ମଣିଲେ ଦତ୍ତିମେ ସୁଖେ ରଣେ ଜିଣିବାର ।
ମିଳିତ ବାହିନୀ ଏବେ ଚଳିଲେ ଉତ୍ତରେ,
ବାଲୁକା-ବିତାନେ ଖେଳ ମରୁ ପରିସରେ ।

ସିଂଧୁବାସୀ-ଗିରି-ନଦୀ, ଜଙ୍ଗଲ, ଶିଖର,
ଲଂଘି ପଥେ, ମିଳିଲେ ସେ ସିଂହପଥ ପୁର ।
ସ୍ୱଜନ ନାହାଂନ୍ତି ସ୍ଥରେ, ବୃନ୍ଦଙ୍କ ଦେବାରେ
ସାରସ ନୟନେ ଫେରି ଚାହେଁ ଥରେ ଥରେ ।
ମଣୁଛି କି ସେନାରେ ସେ ଦଭିମର ବଳ ?
ଝଣୁଛି କପାଇଁ ତେବେ ଏସନ ବିକଳ ?
ଏହି ତବ ସିଂହପଥ ବଜର-ଯୁବକ ।
ଏହି ତ ସଂକଟମୟ ବିପିନ ମୂଳକ !
ସ୍ମରିଲେ ତ ଏହି ତବ ମୃହୁ ଆଶ୍ୱାସନା;
ସଂଶୟ ଏହିତ ତବ ପରାଣ-ବାସନା;
ବଜଳର ଗଢ଼ିଭାଜି ଏହି ତବ ଶାଂତ;
ଆହା ବସ ଜନମ୍‌ଭୂଇଁ କି ମଧୁର ଭ୍ରାଂତ !
ପ୍ରଣୟ ନ ପାରି ଗ୍ଳାଡ଼ି, ଏଥି ଖାରବେଳେ
ଆସିଛ, କଣିକ ସ୍ମଳ ଦେଇରେ କଢ଼ିଲେ ।
ସତେ କି ସୁଗତ-କଥା ବଧୂର ଅଳୀକ ?
ସତେ କି ଦଭିମ ପୁଣି ଫେରିବେ ମୂଳକ ?
ଏସନ ସଂଶୟ ଯେବେ, ଆସିଲ କପାଇ ?
ପାଂଡ୍ୟ ଖାରବେଳଙ୍କ କଂପା ଆଣିଲ ଭୁଲାଇ ?
ଆଂଖ ତେଜଣ ଉପକୂଳେ ମୁକୁତାର ହାଟ;
ତାଂକ ଦୟାଖୋଲେ ତରି ବସଂତର ନାଟ,
ସିଂଧୁ ସମୀରଣ ତହିଁ ବହେ ଗିରି-ଚୂଳେ;
ଶାଳବ ଗୁଂଜରି ଛୁଟେ ଲହରେ ଲହରେ ।
ସିଂଧୁ ମେଲି ବସିଅଛି ସଲିଳ-ପସରା,
ଦେବାରେ ଦେବାରେ ଭାଳେ ଜନରସ-ଧାରା ।
କି ଦେଖି ଭୁଲିବେ ଏଥି ସେ ଦେଶ-ବଲ୍ଲଭ ?
କାହିଁକି ଆଣିଲ ଏତେ ବନ୍ଧୁ ପ୍ରୀତି-ଭାବ ?
ସଂଶୟ କି ତେବେ ତବ ପୀରତି-ଉଆଣ ?
ବିସ୍ମରେ ମଣୁଛି କି, 'ସେ ବଂଚକ ଦଭିମ' ?
ଏତେ ଜନ୍ମଭୂମି ଲୋଭ ନ କର କିଶୋରି;
ପୀରତିରେ ଭୁଲ ମୁହ ଏତେ ନାରଖାର ।
ସାର ସେ ଦଭିମ ହେବେ ସୁଗତେ ଶାସିତ,
ପ୍ରାଣ ନକ ଅଛି ଭବେ ପ୍ରୀତି ଅପାଚିତ ।
କି ପୀରତି ରଙ୍ଗ ଏଥି, ତୁଷ୍ଟ ଏ ବଜର ?
କପାଁ ଅଳି ମୁଖେ ଢଏ ମକରଂଦ ଫୁଲ ?
ଏ ବିଶାଳ ଧରା କପାଁ ହସାଏ ତପନ ?
ଇଂଦ୍ରଧନୁ ଦେଖି କପାଁ ନାଚଇ ପରାଣ ?
କପାଁ ସନ୍ଧ୍ୟାରେ ଛୁଏଁ ପ୍ରେମ ମଧୁବାତ ?
ଏ କଳରେ ସିଂଧୁ କପାଁ ବହଇ ସତତ ?
ବୁଝିଁ କି ପାରିବ ଏବେ ଏ ରହସ୍ୟ ତଳେ,
ଆଶାରେ ପୀରତି ରଖିଅଛ ଖାରବେଳେ ?
ଆଶାର ଇଂଗିତ ତବ ଶୁଭ ହେଉ ତେବେ,
ଯେ ଯାହା ବାସନା ଭବେ ଭୁଂଜଂତୁ ସରବେ ।

---

## ଚତୁର୍ଦ୍ଦଶ ଛାଂଦ

ରାଗ—ପୂର୍ଣ୍ଣଭୈରବୀ

ଆସିଛି ବାରତା ଶୁଭ,
ଶିବିରେ ଉଠେ ଉତ୍ସବ,
ସିଂହପଥ-ପୁରୀ-ହାସେ ହସି ଉଠେ ଭୁବନ;
ସୁଗନ୍ଧ ଶାସନେ ଭୁଲି,
ଦଭିମ ସମର ଗ୍ଳାଡ଼ି,
କଣ୍ଠିଚଂତ ପଣ, କେବେ ନ ଧରିବେ କୃପାଣ ।

'ଆସଂତୁ ବଜର ସାରି,
ଆସଂତୁ ସେ ଖାରବେଳ,
ତୋଷଂତୁ ପରାଣଦାନେ, ଏ ଦଭିମ ଅଧମେ ।
ରହଂତୁ ସେ ଯାହା ଘରେ
କଣିକ ତଥା ସାଗରେ,
ଆନଂଦେ କରଂତୁ ଲୀଳା ବଜରବ-ପୁଳିନେ ।'

ଗୁଂଦମା ପଡଇ ଝରି,
ଚାପିତ କପିନ ଗିରି,
ଉଲ୍ଲସି ଉଠଇ ଯଥା ସେ ଜୋଛନା-ସୁଭଗେ ।

ଶିଖର କୁଟୀର ପୁଣି,
ଏ ବାରତା ଗଲା ଖେଳି,
ପରଜା ଉଠିଲେ ଫୁଲି ଉଧତର ସୋହାଗେ ।

ଶ୍ୟାମଳ ଗୁଂଦମା ଶିରେ
ଦେଖି ସୁଧାଂଶୁ-ମଂଡଳେ
ବଣିକ ଗଣଇ ସିନା ଧନାଗମ-ସମ୍ପଦ;

ଯୁବକ ବଜର-ବୀର
ଜାଣଂତି ଦରିମ ଖେଳ,
କାନ ଡେରି ଶୁଣଂନ୍ତି ସେ ଦୂର-ବଜ୍ର ଶବଦ ।

'ଆଷାଢ଼-ଶ୍ୟାମଳ-ନଭେ,
ଅଛଇ କି ଆଶା ଲଭେ ?
ତାଆରଂତି ଖାରବେଳେ କଥା କହି ଏସନ;

ପାଂଡ୍ୟ ରାଜେ ଅବରୋଧ,
ନରୋଧି ସୁଗତ-ବୁଦ୍ଧି,
କନ୍ଦୁଆଂତି ରଖିବାକୁ ସଜାଡ଼ି ସେ ସଇନ ।

ଉତପ୍ତ ଶଇଳ-ଶିଖା,
ମାରବ ରୁକ୍ଷ ବାଲୁକା,
ନିରକ୍ଷ ତପନେ ହସେ ଅଟ୍ଟହାସ-କୋପନେ,

ସେହି ଅଟ୍ଟହାସ ପୁଣି
ଲଭି ଶ୍ୟାମଳ ଗୁଂଦମା,
ଶୋଭଇ ସୁଂଦରୀ ମୁଖ ସ୍ମିତ-ଲେଖା-ବିଭ୍ରମେ ।

କ୍ଷୀଣ ନଈ ଯାଏ ବହି,
ଚଂଦ୍ର ନଭେ ଥାଏ ରହି,
ଶଇଳ ବାଲୁକା ପୁଣି ଦପଦପି ବିକାଶେ;

ମଧୁର ଆଲୁର-ଲୀଳା
ସୁଗତ ସଂଗତେ ଗଲା,
ମାତିଲେ ଦରିମ-ନଈ-ଅଭିଯାନ-ବିଳାସେ ।

ଲୁଚି ଆସି ସେ ଯବନ,
ରଜନୀରେ ଭେଦି ବନ,
ରଣ-ଭେରୀ-ସିଂଘାଡାନେ ପକାଇଲା ଚହଳ;

ପାଂଡ୍ୟ ହସିଲେ ପାଂଡୁର,
ସୁଗତ ହେଲେ ବଧୂର,
ଭଂଗ ଦେବେ ସିନା ଏବେ ସେ ବାହିନୀ ପଟଳ ।

ଏ ତ ନୁହେଁ ସିଂଧୁ କୂଳ,
ବାଲୁକା ମରୁ ପଟଳ,
ଏତ ନୁହେଁ କଳିଂଗର ସୁଖବେଳା-ବିତାନ ।

ଏଥି ତ ବୋଇତ ନାହିଁ,
ପାଲ ଟେକି କୂଳେ ରହି,
ବୋଇତଟି ସିନା ପାଂଡ୍ୟ କଳିଂଗର ବିମାନ ।

କୃଷକ ଉତ୍କଳ ସେନା,
କେତେକ ମାତର ସିନା;
ଗିରି-ଦରୀ-ବନ-ପଥେ କିବା ଏବେ ବିସ୍ତର ।

ଦିଶୁନାହିଁ ବାଟ ଘାଟ,
ନିଶି ତାମସ-ସଂକଟ,
କି ବୁଦ୍ଧି କରିବେ ଏବେ, ଅତନ୍ଦ୍ରା ,ଏ ବଜର ।

ସଇନେ ତରାସ-ଗୋଳ,
ହତ ବୁଦ୍ଧି ଖାରବେଳ;
ନୂବକ ସେ କୁମାର, କି କପଟକୁ ଭାଜନ ?

ରହିଁ ପାଂଡ୍ୟ-ରାଜ-ମୁଖେ,
ପରାଣ ଥରିଲା ବୁକେ;
ମଣିଥିଲେ କପାଁ ସେହି ପାଂଡ୍ୟ ରାଜେ ପ୍ରବୀଣ ।

ପଟଳ ଶିବିରୁ ସେହି
ସମର ବିଗୁରେ ବାହି,
କାହାଂତି ସେହି ଯୁବକ, ସିଂହପଥ-କୁମାର ।

କୁଶଳ-ପତ୍ତି-ଶିବିରେ
ନାହାଂତି ସେ ରଜନୀରେ,
କି ହେଲା ହେ ଖାରବେଳ, ବିଶ୍ୱାସର କି ଫଳ ?

ବଂଚକ ବଞ୍ଛିମେ ଧରି,
ଗୋପନେ ମଂତ୍ରଣା କରି—
ସତେ କି ଏ କଥା ! ଭାବି, ଥରି ଉଠେ ପରାଣ ।

ତରୁଣ ହେ ଖାରବେଳ;
ତରୁଣ ତବ ବଳ୍କର;
ସାରା ଏ ଜଗତେ ସବୁ ଅସଂଭବ ଭୁଆଣ ।

ଗୋପନେ ଲୁଗ୍ଧଇ ଦଳେ;
ରଖେ ଦ୍ରୁମେ କଉଶଳେ,
ପ୍ରଜାପତି ଡିଂବ; ତରୁ ରଖେ, କରି ଆଦର;

ସେହ୍ନି ଡିଂବ ଫାଟ ପଶା,
ସେହ୍ନି ପ୍ରଜାପତି ପିଲା,
ଖାଇ ସେହ୍ନି ଦଳେ, କରେ ସେ ପାଦପେ ବଡ଼ିକାଳ ।

ସାଗରେ ପିବାକୁ ଜଳ
ଅସଂଖ୍ୟଳେ ଖୋଜେ ବଳ,
ଉରସେ ଫିଟାଇ ଦଏ ଶିଳାଜଳ-ଝରଣା;

ସେହ୍ନି ସେ ଝରଣା ଝରି,
ସେ ପଥରେ ଦଏ ଶରି;
ପିଲା ତୁଂଭେ ଖାରବେଳ, କରିଛ କି କଳ୍ପନା ?

କି ବଳ୍କର ଏବେ ବୀର ?
କାହିଁ ସେ ତରୁଣବର ?
କେତେ ରଂଗେ ମନ ତବ କରୁଥିଲା ପରଖ ।

ତେବେହେଁ କପାଁଇ ସତେ,
ଚମକି ଚମକି ଏତେ
ଉଡ଼ିଯାଅ ଶୂନ୍ୟେ ଖୁହିଁ କି ବଳ୍କର ଯୁବକ ?

ଏହି ତ ତରୁଣ ଲୀଳା,
ବଶ୍ୱାସେ ଏତେ ପସରା,
ଜୀବନ-ସ୍ୱାଧୀନ-ଖେଳ କି ବଡ଼ ଭରସା !

ପ୍ରଣପେ ପରାଣ ଦେଇ,
ପ୍ରୁଣକ ପାରିବ ନାହିଁ ?
ନ ଗୁଣ୍ଡ-ନ ଗୁଣ୍ଡ, ବୀର, ପୁଣ୍ୟ ତବ ପିପାସା ।

—o—

## ପଂଚଦଶ ଛାଂଦ

ରାଗ—ଆହାରୀ ( ନଟବାଣୀ )

ନଶି ଭେଦି ଭେଦି ସଇନ ଚଦଳେ;
ବାଜି ଉଠେ ରଣ- ଭେରୀ ତାଳେ ତାଳେ ।
କଂଦରେ କଂଦରେ ବାଜଇ ସେ ଧ୍ୱନି;
ବପିନ ଝଂକାରି, କଂପାଏ ଅବନୀ ।
ଫକଟେ ଫକଟେ ସଇନର ଥାଟ
ସିଂହ ପଥ ପଥେ ଜଗିଛଂତି ବାଟ ।
ତାରକା ତଗସେ ଗ୍ରହାଂତି ଗଗନେ,
ଗୁରୁ ମଂଦ୍ର ତାନ ଖେଳଇ ପବନେ ।
ବଟପେ ମୁକୁଳ ହଲାଏ ପାଦପ,
ଠାବେ ଠାବେ ବହ୍ନି ଜଳେ ଦପଦପ ।
ଦୁରେ କୃଷୀବଳ ଅରକ୍ଷିତ ପରି
ନଗରେ ନନାଦ ଯାଏ ଗୃହ ଗୁଡ଼ି ।
ଖାରବେଳ ଏବେ ଗ୍ରହାଂତି ତମସେ;
ଅଟେହ୍ଲା ସଇଜେ ବୁଦ୍ଧି ତ ନ ଦଶେ ।
କୃଷକ ସଇନ- ନାୟକ-ଶିବରେ
ବାର ବାର ପେଷ୍ଟ- ଛଂତି କେତେ ତରେ ।
ବେଳେବେଳେ ତଳେ ଭୁଟଇ ବଶ୍ୱାସ;
ଅବଶ୍ୱାସେ କାହିଁ ଉଠଇ ସାହସ ।

ସେ ସାହସେ ଏବେ ତୋଳ ମଂତ୍ରଭେରୀ,
ଗୁରୁ ବଜ୍ର ନାଦେ ଶଇଳ ମୁଖରି,
ଛତ୍ରଭଂଗ ଭୟ୍ୟ ନରୋଧି ସଇନେ,
ଚମକ କୁମାର ଉଠିଲେ ପର୍ଯାଣେ ।
ପ୍ରତିଶିଂଘା ନାଦ ଉଠିଲା ବିଶାଳ,
ଗିରି ତଟ୍ଟ ବନ ଭେଦ, ଉଠେ ରୋଳ !
ଉଲ୍ଲାସ ଫୁଟିଲା ସଇନର ମୁଖେ,
ନାଚିଲେ ସଇନ ପୁଲକ-ଚମକେ ।
ତାମସେ ବୁଝିଲେ ସଇନ କୁମାର,
ହତବୁଦ୍ଧି କେବେ ହୁଅଇ କି ବୀର ?
ତୀବ୍ର ରଣ-ସାଜେ ଚପଳାର ଖେଳେ
ଦରେ ଦରେ ବୁଲି ସଇନର ଦଳେ,
ଯେତେ ଦେଖିଥିଲେ ତପନେ ସଂକଟ,
ଯେତେ ଅବା ସେତୁ ଜାଣିଥିଲେ ବାଟ,
ଅନୁମାନେ କେତେ ଭେଦ ତଟ୍ଟ ବନ
ବିଷମେ ବିଷମେ ସଜାଇ ସଇନ,
ତାମସେ କୁଶଳୀ ଇଂଗିତ ଚଳାଇ
ସିଂହପଥ ପଦ ଦେଲେ ସେ ଦେଖାଇ ।
ସାହସ ଉଲ୍ଲାସ ଖେଳିଲା ଚଳକେ;
ମୁଖରେ ବିପିନ ହୁଂକାର-ପୁଲକେ ।
ତାମସ ସମରେ ପଡ଼ିଲେ ସଇନ,
ଅପେକ୍ଷି ରହିଲେ କୁମାର ଅରୁଣ ।
ତାଳେ ତାଳେ ପୁଣି ଉଠେ ଶିଂଘା ବାଜି,
କଦଂବେ ତୁରଂଗ ଉଠଂତି ଗରଜି ।
ଦୂରୁ ଦୂରେ ଏବେ ଶୁଭେ ଭେରୀ ନାଦ,
ଗିରିଚୂଳ ଡେଇଁ ଆସଇ ଶବଦ ।
କଂପି କଂପି ଆସେ ତାମସ ଲହରୀ,
ଗିରିତଟେ ଉଠେ କଳଂଗର ଭେରୀ,
ସତେ ଏତେ ଦୂରେ ଗିରି-ପର ପାରେ
ବ୍ୟାପିଛି ଯବନ ସଇନ-ସଂଭାରେ ?
ଅପୂର୍ବ ସଇନ- ରୋଳ ପୁଣି କେବେ
ସଂକଟ ଉପରେ ଗିରି ଚୂଳେ ଶୁଭେ ।

ସଂକଟ ବରଜ ନ ଆସେ ଦଣ୍ଡିମ,
କେତେମଂତେ ସାଜ ରଖିଛୁ ସଇନ !
ଆସିବ ଅରୁଣ, ହସିବ ଅବନୀ,
ଦୃଢ଼ ଅବରୋଧେ କଳିଂଗ-ବାହିନୀ ।
ପଂଜୁରି-ଭିତରେ ମୟୂର ସମାନ
ଦଣ୍ଡିମ-ଭୁଜଂଗ କରିବ ଦଂଶନ !
ଏ ସଂଶୟୁ କାହିଁ ଖାରବେଳ-ହୃଦେ ?
ଫୁଲଂତି ସଇନ ଇଂଗିତ-ଉନ୍ମାଦେ !
ଉଠଂତି ସଇନେ ଭେଦି ଗିରି ବନ,
ଆପଣେ କୁମାର ଚଳାଂତି ସଇନ ।
ଦୂରୁ ଦୂରେ ପୁଣି ଶୁଭେ ଭେରୀ ନାଦ,
ଦୂରୁ ଥରି ଥରି ଆସଇ ଶବଦ ।
ସେ ନାଦେ ଦଅଂତି ପ୍ରତି ଶିଂଘା ବୀର;
ଗରଜି ଉଠଂତି କଳିଂଗ ଉଚ୍ଛଳ ।
ଉଠିଲେ ଏବେ ସେ ସଂକଟ-ଉପରେ,
ଦେଖିଲେ ଦଣ୍ଡିମ- ସଇନ ଆଦୁରେ ।
ସେ ସଇନେ କାହିଁ ଉଠଇ ଚହଳ ?
କଳଂଗ ଉଚ୍ଛଳେ କାହିଁ ଉଠେ ରୋଳ ?
ଖାରବେଳ ସେନା ଦଅଂତି ଚଳାଇ,
ସଂକଟେ ଯବନ ଯାଆଂତି ପଳାଇ ।
ଆସଂତି ପୁଣି ସେ ଖଂଡି ଦୂରୁ ଫେରି,
ଦୁଇ ପାଶେ ଦେଖୁ- ଛଂତି କି ବଇରୀ ?
ଗିରି ପରପାରେ ତେବେ କି ବଜର,
ଭେଟିଛଂତି ଭେରୀ- ନାଦେ ଖାରବେଳ ?
ଉନ୍ମତ୍ତ କଳିଂଗ ସମର-କୁହାଟେ
ଉଠିଲେ ସର୍ବାଂଗେ ଶିଖରି-ସଂକଟେ ।
ଫିଟି ଆସୁଅଛି ଫରଶୁ ପ୍ରଭୁବେ;
ବିକଳ ଦଣ୍ଡିମ ଗୁହାଂତି ମାରିବେ ।
ଗୁହଁ ମିଶିଗଲେ ସଇନର ଦଳ,
ଏ ପାଖେ କଳିଂଗ, ସେ ପାଖେ ବଜର !
ଶଶବ୍ୟସ୍ତ ହେଲେ ଦଣ୍ଡିମର ଥାଟ,
ଗିରିପଥେ ସେତୁ ନ ଜାଣଂତି ବାଟ ।

ସଂକଟ ଉପରେ  ଗିରି ଭୃଙ୍ଗ ଶିରେ
ବରଷନ୍ତି ଶର  ଶଇଳ ବକ୍ଷରେ ।
ଚମକେ ଚମକେ  ଖାରବେଳ ତହିଁ
ଗୁରୁ ଭେରୀ ତୋଳ,  ବଜାଅନ୍ତି ବଜାଇ ।
ଗିରି ଚୂଳେ ଉଠେ  ପ୍ରତିଧ୍ୱନି ଘୋଳ,
ବିକଟ ଡିଣ୍ଡିମ  ହେଲାଣି ବିହ୍ୱଳ ।
ଭେରୀ ନାଦେ ନାଦେ  ଥରୁଛି ତା' ହୃଦ,
ସଂକଟେ ସଇନ  ଗଣନ୍ତି ବିପଦ ।
ବଳମ ସାମୁକ  ପଡ଼ୁଛି ଉପରୁ,
ଟଳି ପଡ଼ୁନ୍ତି  ସଂକଟ-ଶିଖରୁ;
କପଟ ଖେଳିବେ  ନାହିଁ ତଳେ ବାଟ,
ତଳେ ଶୁଭୁଅଛି  କଳିଂଗ-କୁହାଟ ।
କେତେ ସେ କଳିଂଗ  ପଡ଼ୁଛନ୍ତି ବାଣେ,
ବାଟ ଜଗି ରହି-  ଛନ୍ତି ପ୍ରାଣପଣେ ।
କଳିଂଗ-ନଗରୀ-  କୁମାରୀ-ଶିଖର
ସୁମରି ସୁମରି  ବୀର ଖାରବେଳ,
ସେନା-ମୁଖେ ରହି  ଜଗିଛନ୍ତି ଥାଟ,
ଶୋହୁଅଛି ଶିରେ  କଳିଂଗ କିରୀଟ ।
ସେ କିରୀଟ ଏବେ  ଅରୁଣେ ଝଲକେ,
ଲକ୍ଷ୍ୟ ସେ କିରୀଟ  ଆସନ୍ତି ସାମୁକେ ।
କି ସାହସେ ତେବେ  ସେନା-ମୁଖେ ଯୁବା,
ସାମୁକ-ଆଶାରେ  ରହିଛ ହେ ଉଭା ?
ବୁଝେ ଖାରବେଳ,  କପଟ ଯବନ,
ପଛେ ରହି ସେତୁ  ନ ଜାଣନ୍ତି ରଣ ।
ସଇନ୍ୟ ପେଷିବେ  କେସନେ ସମରେ ?
ପ୍ରାଣ-ଭୟେ ପଡ଼ି  ରହିବେ ପଛରେ ।
ପଶ୍ଚିମେ ସିନା ସେ  କୂଟମାନ୍ତି ଶୋହେ;
ଛୁଇଁ ନାହିଁ ତାହା  ଆର୍ଯ୍ୟର ବିଗ୍ରହେ ।
ପଲକେ ପଲକେ  କାଟୁଛନ୍ତି ବୀର
ଭୀଷଣ ବରଷି  ଆଶୁଗ-ଆସାର ।
ଯବନ-ସଇନେ  କେବେ ଶତ ଯୋଧ
ଖାରବେଳେ ଲକ୍ଷ୍ୟ  ପେଷନ୍ତି ଆୟୁଧ ।

କେତୁଭଦ୍ର-କଥା  ଶୁଣିଛନ୍ତି ବୀର;
ମହାଭାରତେ ତ  ନାହିଁ ଏ ସମର ।
ଚମକି ଚମକି  ଚାହିଁ ଥରେ ଥରେ,
ନ ଦେଖି ଅରାତି  ଦେଖନ୍ତି ଉପରେ ।
ଦେଖନ୍ତି ବଜର-  ଚିତ୍ରିଲ ଲହରୀ,
ଶୁଣନ୍ତି ସରାଗେ  ବଜରର ଭେରୀ ।
ନାଚଇ ହୃଦୟ  ତରୁଣ ବୀରାହେ;
ଅରୁଣ-ଉଦୟ  ଗିରିଚୂଳ ଶୋହେ ।
ବେଳେ ବେଳେ ଶୀରେ  ଭେଟଇ ସାମୁକ;
ନ ମାନି ସେ ଘାତ  ଯୁଝନ୍ତି ଯୁବକ ।
ସଇନେ ଫୁଟଇ  ନବୀନ ସାହସ,
ସେନା ମୁଖେ ଯୁବା  ବଢ଼ନ୍ତି ସରସ ।
ସଂକଟେ ଯବନ  ପଡ଼ି କେତେ କାଳେ,
ବହିବେ ଆରତି  ନୁଆଁଇ ଶିରକେ,
ଚାହିଁଛନ୍ତି ଯାର  କଳିଂଗର ନେତା
ବୃଥା ରକ୍ତପାତେ  ନାହିଁଟି ମମତା ।
ନ ପେଷି ଆୟୁଧ  ରହିଛନ୍ତି ଧୀର;
ନରହନ୍ତା କେବେ  ହୁଅଇ କି ବୀର ?
ପଡ଼ିଚ ଅରାତି  ନାଶିବେ କେସନେ ?
ଭାଳି ଭାଳି ଧୀରେ  ଚାଳନ୍ତି ସଇନେ ।
ଗିରି ଶିଖେ କେବେ  ଉଠଇ ସାମୁକ,
ଦୂରୁ ଦେଖି ହେଲେ  କାଟନ୍ତି ଯୁବକ ।
ଅଲକ୍ଷିତେ ଏବେ  ଆସେ ତୀବ୍ର ଶର,
ଶର ସଂଗେ ସଂଗେ  ଭୃଂଗ ବାଜବର ।
ଚପଳା ଚମକେ  ଖସିଲା ଶିଖରୁ;
ଯବନେ ଗୃହାନ୍ତି  ହାସେ ଯଥା ଗୁରୁ ।
ଭେଦ ସେ ଆସିଲା  ଡିଣ୍ଡିମର ଥାଟ,
ଝଲସେ ଅରୁଣେ  ବଜର-ମୁକୁଟ,
ନିରୋଧି ପାରିଲେ  ନାହିଁ ସେ ତୁରଂଗ,
ଶୂନ୍ୟେ ରହିଛନ୍ତି  ଚାହିଁ ଚତୁରଂଗ ।
ପୁଲକେ ପ୍ରସାରି  ବିଶାଳ ଶ୍ରୀକରେ,
ଅପେକ୍ଷି ରହିଲେ  କୁମାର ବକରେ ।

ଉଦାର ଉରସେ    ଗୁପ୍ତ ଛୁରୀ ପରି
ପଶିଲା ଶାମ୍ବୁକ,    କଂଚୁକ ବିଦାରି ।
ସମରର ପଣେ    ରଖି ବୀରମଣି
କେତେ ସେନା କେତେ    ସାମଂତ ଗ୍ରାମଣୀ ।
କେତେ ଶର ଘାତ    ସହି ଖାରବେଳ,
କେତେ ସେ କନ୍ଦନ    ନ ମାନି କୁମାର,
ଜଗିଥିଲେ ବାଟ    ବିଷମ ସଂକଟେ,
ରଜନୀ ତାମସେ    ଗମ୍ଭୀର ଆକଟେ,
ବୀରରସ ପୂରି    ଉଠୁଥିଲା ହୃଦେ,
ଚଳାଇ ସଇନ    ହସୁଥିଲା ମୁଦେ ।
କି ହେଲା ଏବେ ସେ    କାହିଁ ମୋଦ ରସ ?
କାହିଁ ବା ହୃଦେ ସେ    ବିଶାଳ ସାହସ ?
ଓହ୍ଲଗଲେ ବୀର    ତୁରଂଗ ଆଦରି,
ଯବନ ବଂଚକ    ଗଲେ ଯେତେବ ହାରି ।
ବଜର ଚୁହିଁଲେ    କୁମାରୀ ଲପନେ;
କୁମାରୀ ଚୁହିଁଲେ    ନୀରସ ଲୋଚନେ,
ଚପଳା-ସ୍ଫୁରଣେ    ଘୋଟିଲା ଅଂଧାର;
ପଲକେ ପାଂଡୁର    ଦିଶିଲେ କୁମାରୀ ।
କନକ ଅରୁଣ    ଖେଳିଲା ବିପିନେ,
ବିଜୟ-ସୋହାଗେ    ବଜର-ସଇନେ ।
ବଜର-ଯୁବକ,    ଏବେ କି ବିଚାର ?
ନ କହି ଛାଡ଼ିଲ    କହାଁ ଖାରବେଳ ?

—o—

## ଷୋଡ଼ଶ ଛାନ୍ଦ

ରାଗ-କଳହଂସ କେଦାର

ବଜର-ବୀର ଧରି    ବଜର ବଳ,
ନୃପତି ସଂଗେ କରି    କେତେ ଉତ୍କଳ
ସିଂହପଥ ଜଗିଲେ    ରଜନୀ-ଭାଗେ,
ଯବନ-କୂଟ-ନୀତି    ଜାଣି ସେ ଆଗେ ।
ଛାଡ଼ି ଦରିଦ୍ର ଏବେ    ଗଲା ବଜର,
ବଣିକେ ଛାଡ଼ିଗଲା    ସାଗର-କୂଳ;
ବଜରରାଜ ଏବେ    ଆସିବେ ପୁରେ,
କେତେ କରିବେ ଯଶ    ବଜର ବୀରେ !
ସେ ଯଶ-ଆଶା ଲଭି    କାହିଁ ଉଲ୍ଲାସ ?
କାହିଁ ସେ ଓଠଳର    ଗହ୍ଳି ସୁହାସ ?
କମଳ କଳ ଭେଦି    ପଶିଛି କୀଟ,
ଦଳେ ଦଳେ କରତି    କାଟୁଛି ବାଟ;
ସେ କାହିଁ ବିକାଶିବ    ମଳୟ-ହାସେ,
ବିପିନ-ଲୀଳା ଦେଖି    ସୁମନ-ବାସେ ?
ଦେଖଗଛଂତି ସେ ଗିରି-    ବିପିନ-ମାଳ,
ଜୀବନେ ଘୋଟୁଅଛି    ଘୋର ଅଂଧାର ।
ଯାଇଛି ପୁର ଗ୍ରାମେ    ଉତ୍ସବ ଲାଗି;
ସେ ସୁଖେ ବୀରବୃନ୍ଦ    ଯାଉଛି ଭାଂଗି ।
ଆସିବେ ବାପ, ପୁଣି    ଆସିବେ ଭାଇ,
ସେ ଆଶା ବୀର-ମନେ    ଆସଇ ନାହିଁ ।
ନିରତେ ଚୁହିଁଅଛି    ସେ ଖାରବେଳେ,
ତଳପେ ରଖି ଆପେ    ବସିଛି ତଳେ ।
ପାଂଡ୍ୟ କହଂତି କେତେ    ସାଂତ୍ୱନା ଦେଇ,
ସେଥିରେ ବୀର ଭଲେ    ଭୁଲିବ କାହିଁ ।
ସୁଗତ ଦେଉଛଂତି    ଭେଷଜମାନ,
ଆଦରେ କ୍ଷତ ଖୋଜି    କରେ ଲେପନ ।
ଚୁହିଁଛି ଖାରବେଳ-    ତରୁଣୀ-ମୁଖେ;
ଦେଖୁଛି, ହୃଦ ଅରୁ-    ଅଛି କି ବୁକେ ।
ନାଡ଼ି ପରଖି କେବେ    ଦେଖୁଛି ବୀର,
ବାରୁଛି ଥରି ଥରି    ଅଛି କି ଜର !
ଡାକୁଛି କେବେ କେବେ    ମଧୁର ନାଦେ,
ପ୍ରଭାତେ ଅଳି ଯଥା    ଡାକେ କୁମୁଦେ ।
ଦେଖଇ, ଭ୍ରମେ ଥରି-    ଯାଏ ଅଧର,
ଅଧୀରେ ବିଚାରଇ,    ଫିଟିବ ସ୍ୱର ।
ଆଶାର ଭ୍ରମ ଯାଏ    ପଲକେ ଛାଡ଼ି,
କେବେ ନୟନୁଧାରା    ପଡ଼ଇ ଗଡ଼ି ।

'କଅଁ ଆଣିଲ ବୀରେ ଏଣ୍ଡ ମୂଲକେ ?
ଆସିଥିଲେ ସେ ଆହା କେତେ ପୁଲକେ !
ନ କହି ତେବେ କପାଁ ଅଂଧାରେ ଗୁଡ଼,
କାହାକୁ ଦେଇ ଧନ, ଗଲ ବାହାର ?
ଯାଇଛ୍ଛି ହୃଦ ଦେନ, ଫେରିବ ନାଇ;
ବଜର-ବାସେ କପାଁ ହେଲ ମୁଁ ବାଇ ?
ଜାଣି ତ ଥିଲ ମୁହିଁ ଦକ୍ତିମ-ଗୁଣ,
ଜାଣି ତ ଥିଲ ତା'ର ବଂଚକ-ପଣ ।
ଏ ଦେଶେ ଅଣିଲ ମୁଁ ବୀରେ କ ଆଶେ ?
ଆସିଲେ ବଂଧୁ ସତେ ପୀରତି-ପାଶେ ?
କ ଯୋଗେ ଦେଖିଥିଲେ ମୋତେ ସେ ବୀର ।
କରୁଥିଲେ କପାଁଇ ଏତେ ଆଦର !
ଜୀବନେ ଦେଖି ନାଇ ଜନମୀ-ସୁଖ;
ବାଲୁତକାଲୁ ନେଲେ ମୋତେ କୃଷକ ।
ସଖା ବୋଲି ଜୀବନେ ଜାଣି ମୁଁ ନାହିଁ;
କଣିଲେ ବୀର ମୋତେ ଜୀବନ ଦେଇ ।
ଆହା ସେ କରମଣି ଜୀବନ-ପଣେ
ଜଗି ଥିଲେ ସଂକଟ ବଜର-ବନେ ।
ଅବିଶ୍ୱାସେ ଆଦରି କବା ବିଶ୍ୱାସ,
ଆଶ୍ରିତ ଜନେ ଦେଇ କେତେ ସାହସ,
ନ ଗଣି ବିପଦ ସେ ମରଣ-ମୁଖେ,
ଆଶ୍ରିତ ରଖି, ଶର ଧଇଲେ ବୁକେ !
ତଳେହେଁ ଯେବେ ସନ୍ଧି ଥାଆଂତା କାଳ,
ଚିର ଦେଖାଇଥାଂତି ସତେ ଅଂତର ।
ସେ ଭାଗ୍ୟ କାହିଁ ଛାର ଏ ମୋ କପାଳେ ?
ମୁଁ. ନିକ ଭାଜନ ସେ ବିଶାଳ ବୀରେ ?
ଚପଳ-ପରାଣ ମୁଁ ସହଜେ ନାରୀ,
କପାଁ ! ଆସିଲ ଗିରି- ଶିଖର ଗୁଡ଼ି ?
ଶର ନ ପେଷି, ବୀର ଥିଲେ ତ ରହିଁ,
ପଡ଼ିତ ସେ ଦକ୍ତିମେ କରୁଣା ବହି ।
ବିଶାଳ କରୁଣାର ସେ ରୂପ-ଠାଣି
ସତେ ଏ ଭବପୁରେ ଦେଖିବି ପୁଣି ?

କ ମୋହେ ପଡ଼ି ତେବେ ଆସିଲି ଧାଇଁ,
ଜୀବନ-ଧନ ଆଉ ପାଇବି କାହିଁ ?
ଥିବ ତ ଘରେ ରହିଁ ଜନମୀ ତା'ର;
ଘଡ଼ି ଘଡ଼ିକେ ହେଉ— ଥିବ କାତର ।
ରହିଁ ସେ ବସିଥିବ ବୋଇତ-ପଥେ,
ପଚ୍ଚରୁ ଥିବ ଦେଖି ବଣିକ କେତେ
ବାରୁଥିବ ପବନ କାନ୍ଥ ଉଡ଼ାଇ,
ଝଡ଼ି ପବନେ ହେଉ- ଥିବ ସେ ବାଇ !
ଫେରିବେ ଯେବେ ଘରେ ସଇନମାନେ,
ଜନମୀ ପଚ୍ଚରିବେ ଯେବେ ଯତନେ,
ଶୁଣି କ ପାରିବେ ସେ ଏ ସମାଚ୍ଚର ?
ଶୁଣି କ ଜାଣିବେ ସେ କରମ ମୋର ?
ସତେ ଆଉ ଏ ଦେହେ ଫିଟିବ ଆଖି ?
ସତେ କ ପଚ୍ଚରିବେ ସେ ମୋତେ ଡାକ ?
ଦିନେ ଦିନେ ବୁଡ଼ଇ ରବି ଗଗନେ,
ପୁଣି ଉଠଇ ଦିନେ ଦିନେ ଅରୁଣେ;
ମୁକୁଳ ଉଠେ ଧରା ଶାରଦ ହାସେ,
କଂପି କଂପି ତାରକା ବୁଡ଼ଇ ଆକାଶେ;
ପଲକେ ଥରଥର ବାହାରେ ପୁଣି;
କ ଅନୁରାଗ ରହେଁ ପୁଣି ଅବନୀ ।
ସେ ଅନୁରାଗ ଆଉ ଏ ମୋ ଜୀବନେ,
ଏ ଭବପୁରେ, ପୁଣି ହେବ କ ଦିନେ ?
ନାଚୁଛଂତି ପୁଲକେ ସଇନ-ଦଳ;
ଦେଖିବେ ବୋଲି ରହିଁ— ଛଂତି ବଜର;
ଜାଣଂତି ନାହିଁ ମୋର ସ୍ୱରୂପ ତଳେ ।
ବଜର ଆହା ଯେବେ ଆସିବେ ପୁରେ ।
କରିବେ ମୋତେ କେତେ ଆଦର ସତ;
କାହା ମୁଖ ଚ୍ଚହିଁ ମୁଁ ହେବି ଉଷତ ?
ଗୋପନେ କହିବି ମୁଁ କ ସମାଚ୍ଚର ?
କ ଅନୁମତି ପାଇଁ କରିବି ଗୋଳ ?
ଆଉ ଜୀବନେ କପାଁ କଳଂକେ ପିଣ୍ଡ ?
ଆଉ କ ଖାରବେଳ ଫେରି ପାଇବି ?

ଜାଣି ନାହାଂନ୍ତି ସାର  ମୋତେ ସ୍ୱରୂପେ,
ଜାଣି ନାହାଂନ୍ତି ଗୁ ରୁ  ମରମ-ତାପେ ।
ଚମକେ ଦେଖିଥିଲେ  ତଟିନୀ ତୀରେ,
ଜାଣି ମୁଁ ନାହିଁ, ମନେ  ଅଛି କି ତଳେ ।
ତରୁଣ ଅନୁରାଗ,  କି ଅଛି ତହିଁ ।
ଜାଣି କି ବସୁରବେ,  ନ ଜାଣେ ମୁହିଁ ।
ଜାଣି ବୈରାଗ ଯେବେ  କରଂତେ ସେହୁ;
ଚଂଦନ କରିଥାଂନ୍ତି  ବୈରାଗ-ଦାଉ ।
ସେ ପଦ-ସୁମରଣେ  କାଟଂନ୍ତି ଦିନ;
କରିଥାଂନ୍ତି ଜୀବନେ  ସୁଖ-ସ୍ମରଣ ।
ତାପସ ବ୍ରତ ସେହି  ସ୍ମରଣ-ରସେ
ଜୀବଂତ କରଂତା ମୋ  ଶୁଷ୍କ ସନ୍ୟାସେ ।
ନିଷ୍କାମ ପ୍ରୀତିତର  ପୁଣ୍ୟ ସୋହାଗେ
‘ସରସ କରିଥାଂନ୍ତି  ସେ ଅନୁରାଗେ ।’
ଭାଳି ଭାଳି —ଏସନ  ଆସଇ କେବେ,
ନୀରସ ନେନେ ଗୁହିଁ  ଶାରଦ ନଭେ ।
ନୀରସ ମେଘମାଳା  ଭାସେ ଗଗନେ,
ନୀରସ ଯାଏ ତା'ରା  ଗୁହେଁ ମଉନେ,
ନୀରସ ତମେ ଦୂରେ  ଶୈଳ ଦିଶେ,
ମାଳତୀ ଫୁଟେ ବନେ  ନୀରସ ବାସେ,
ଦକ୍ଷିଣ-ସମୀରଣ  ବହେ ନୀରସ,
ସ୍ମରଣେ ଉଠେ ସେହି  ଦକ୍ଷିଣ ଦେଶ ।
ନିଭୃତ ଅଳିମାନେ  ଉଠଇ ଭରି;
ଶୁଷ୍କ ସନ୍ୟାସେ ଯାଏ  ପରାଣ ଥରି ।

---

## ସପ୍ତଦଶ ଛାଂଦ

ରାଗ-ମଂଗଳ ବରାଡ଼ି ( ଗ୍ରୀଷ୍ମବାଣୀ )

ବଜର-ପୁର-ଚହଳ
ଭେଦି ବନ ଗିରିମାଳ,
ଶୂନ୍ୟ ଚକ୍ରବାଳେ ଆଜ ଯାଉଛି ଖେଳ;

ଅରୁଣ ତପନ ହସ,
ବନ ଗିରି ପରକାଶି,
ବଜର-ତରଳମାଳେ ଦିଶେ ଉଜଳ ।

ଶାରଦ ସମୀର ଧୀରେ
ଲହରୀ-ବିତାନେ ଥରେ,
ଖେଳାଇ ମଧୁରେ ସେହି ତରଳମାଳା ।

ଉଠି ଶଂଖ ହୁଳହୁଳ,
ଯାଉଛି ସମୀରେ ଖେଳ,
ତରଂଗେ ତରଂଗେ ରଚି ମୋହନ ଲୀଳା ।

ରାଜା ଯୁବରାଜ ଭୁଲେ
ପଶି ଅଛଂନ୍ତି ବଜରେ,
ପରଜା-ତାପତ ଆଶା ଯାଇଛି ପୂରି ।

ବାଟେଘାଟେ ଫୁଲମାଳା;
ସଇନର ଶୋଭାମେଳା;
ପୁର ଜନପଦେ କିବା ଫୁଟଇ ଶିରୀ ।

‘କିଏ ବଜର-ତରୁଣ,
ଜିଣି ସେ ଥିଲେ ଯବନ,
ରଜନୀ-ତାମସେ ଗିରି-ସଂକଟେ ପଶି ?’

ନ ପୁଛଂନ୍ତି କେହି ଥରେ
ନ ଗୁହାଂନ୍ତି ଖାରବେଳେ,
ବୈରଶୋଷ-ପାଶେ ଥାଏ ତରୁଣ ବସି ।

ଉତ୍କଳ କଳିଂଗ-ଜନେ
ଅଳପ ବିରସ ମନେ
କେତେ ବା ସେ ଉଛବରେ ଯାଆଂନ୍ତି ଭାସି,

ପାଂ[illegible]ୟବାଜ ସନମାନେ
ସୁଗତ ଯତି-ବିଧାନେ
ଅଛଂନ୍ତି ବଜର-କୂଳେ ଆଳାପେ ରସି ।

ସଂଦେଶେ ଯୁବକଙ୍କର
ନ ଛାଡ଼ନ୍ତି ସେ ବଜର,
ଅଳପ ମଉନେ କଥା ଫେନଂତି କେବେ ।’

‘କିଏ ସେ ସେହୁ ଯୁବକ,
ଜାଣିଲେ ଏହି ମୁଲକ ?
ମନେ ଭାଳ ହୁଅଂତି ସେ, ଶୁଣଂତି ଯେବେ ।

ବାରୁଣୀ-ବଳୟେ ରକ୍ତ-
କଂପିତ-କନକ-ଛବି
ଦିଶିଲା, ବୁଡ଼ିଲା ଦିନ, ଆସିଲା ରାତି,

ଧାଡ଼ି ଧାଡ଼ି ଦୀପମାଳ,
ଉଜଳି ଉଠିଲା ପୁର,
ଗିରି-ଚୂଳେ ଚୂଳେ ଦୀପ ଉଠିଲା ଜ୍ୟୋତି ।

ରଜନୀ-ଉତ୍ସବ ସାରି,
ପାଂଡ୍ୟ ସୁରତ ବାହାରି
ଗଲେ ଯେଝା ବାସେ; ରାତି ହୋଇଲା ଅଧ ।

ଲିଭିଲା କେତେ-ଅନଳ,
ମଉଳିଲା ପୁର-ରୋଳ,
ଗରଜିଲା ନିଶା, କାହିଁ ନାହିଁ ଶବଦ !

କିଏ ସେ ଏ ଶତ୍ରୁ ସାଥି,
ଏ ତାମସ ନିଶି ଭେଦି
ଭେଟିଗଲା ଆସି ରାଜପୁର-ଦୁଆର ।

ସ୍ତିମିତେ ପ୍ରହରୀ ଯହିଁ,
ବଜର-ମୁକୁଟ ଶୋହେ,
ବଜର-କଂଚୁକ ଦିଶେ ଦିକାଶି ତା’ର ।

ଭିତରେ ପଶିଲେ ବୀର,
ବିସ୍ମୟେ ପ୍ରହରୀକୁଳ
ଚାହିଁଛଂତି, ବାଧାଦେବେ, ନାହିଁ ସାହସ ।

ନୃପେ ଆଜ ନିଦ୍ରା ନାହିଁ,
ପୁଟିର ରହିଛଂତି ଶୁଇଁ,
ଚମକେ ଝୁରିଲେ ସେହୁ ଦଭିମ-ଆଶ ।

ଆସିଲେ ଭିତରେ ଯୁବା,
ମୁକୁଟ କି ମନ-ଲୋଭା ।
ପ୍ରଣମିଲେ ରାଜପଦେ ନୁଆଇଁ ଶିର ।

କାଢ଼ିଲେ ମୁକୁଟ ନାଗ,
କଂଚୁକ ଦେଲେ ଉତାରି,
ଗଦଗଦେ ନୃପବର ହେଲେ ଅଧୀର ।

“ତୁହି କି ମୋ ଧୁସି ବାଳା,
କିଷାଦେ ପ୍ରାଣ-ପସରା,
କାହିଁଥିଲୁ, କେମଂତେ ତୁ, ଏ ରୂପ ଧରି ?

କାହାଂତି କୁଷକ ପତି ?
କିଧିର ଏ କି ନିୟତି ?”
ବୋଲି, କୋଳେ ଧରି ନୃପ ଗଲେ ତରଳି ।

ବାଷ୍ପଭରି ଧୂସି ବାଳା,
ଜନକେ ଲୋତକ-ଧାରା,
ଟେଖିର ନିଶୀଥ ସାରା ଗଲା ମଉନେ ।

କେବେ ବାଷ୍ପ-ଗଦଗଦେ
ପଚ୍ଛରଂତି ନୃପ ପଦେ;
କି କହିବେ ଧୂସି ହୃଦ ଥରେ ସଘନେ ।

‘କାହାବଳେ ଏତେ ବଳ
କାହାଂତି ସେ ଖାରବେଳ ?’
ପୁଚ୍ଛରଂତି ନୃପ ବାଳା ଉଠଇ କାଂଦି ।

କେମଂତେ କହିବ କଥା,
ମରମ-ଶତ୍ରୁ-ବାରତା ?
କି ମୋହନ ମଂତ୍ରେ ପ୍ରାଣ ରଖିଛି ବାଂଧି ।

ସଂକେତରେ ସଂକେତେ ପିତା
ବୁଝିଲେ ପ୍ରଣୟ କଥା,
ବୁଝିଲେ ସେ ଛଦ୍ମନାରୀ-ପ୍ରଣୟ-ଖେଳ ।

ସ୍ଥୂଳମଧ୍ୟ-ମଣି-ପରି
ପ୍ରଣୟ-ତପନେ ନାରୀ;
ବୁଝିଲେ ରାଜନ ଶକ୍ତି ପ୍ରଣୟ-ବଳ ।

ପ୍ରଣୟେ ଗଲା ଦମ୍ଭିମ,
ବଢ଼ିଲା ଝଣିଲା ପ୍ରେମ,
ପୀରତିର ଅସାଧ୍ୟ କି ଜଗତେ ଅଛି ?

ମୁକୁଟେ ପୀରତି ଜଳେ,
ପ୍ରୀତି, ଯାତ୍ରା କରବାଳେ;
ପୀରତି-ଜଗତେ ନାହିଁ ଅଦ୍ଭୁତ କିଛି ।

ସ୍ନେହ ଗୃହିଣୀର ହାସେ
ଦ୍ରବିଯାଏ ପ୍ରାଣ ରସେ;
ଶୋଣିତର ଲୀଳା ସେହି ପାରେ କେସନ ?

ଶ୍ରୀମକାନ୍ତ ଏ ପୀରତି,
ଅଦ୍ଭୁତ ଏହାର ଗତି;
କେ ଗାଇବ ସେ ପୀରତି-ତତ୍ତ୍ୱ-ବିଧାନ ?

---

## ଅଷ୍ଟାଦଶ ଛାନ୍ଦ

ରାଗ-ଘଂଟାରବ

ସାରା ବଜର ମୂଲକ ନତ ଦେଖି ସେ ଯୁବକ
ବିଶ୍ବରନ୍ତି, 'ସତେ କୃଷକ ଏ ଯୁବା,
ଅବା ସେ କଳିଂଗ-ଲୋକ ।'

ରାଜା ଯୁବରାଜ ଦୁଇ କଳିଂଗ-ଶିବିରେ ଯାଇ,
ଦେଖନ୍ତି, ସେ ପୁଣି ପରାଣ ଆବେଗେ
ଖାରବେଳେ ଥାଏ ଚାହିଁ ।

ଆହା ଖାରବେଳ ବୀର, କଣ ଏତେ କଉଶଳ,
ରଜନୀ-ତାମସେ ସିଂହପଥ ରଖି,
ଏହିକି କରମ-ଫଳ ?

ଦିନୁ ଦିନ ଗଲା ବହି ସେହି ଖାରବେଳେ ଚାହିଁ;
କେମନ୍ତେ କହିବ, କେତେ ସେ କଟିଲା
ରାତି, ଉଜାଗର ସହି ?

ସ୍ୱପନେ କେବେ ସେ ପୁଣି ଚମକି ଉଠି ନ ଜାଣି,
କି ଯେ କହୁଥାନ୍ତି, କିଏ ସେ କହିବ,
ଅବୁଝା ଭାରତୀ ଶୁଣି ?

କିଏ ଥାଏ ପାଶେ ବସି, କଥା ନ କହେ ଭରସି
ସ୍ୱପନେ ସ୍ୱପନେ ଯାଉଛି ପରାଣେ
କି ନୟନ ପରକାଶି ?

କାହା ଧୀର କମ୍ର କର ପରଶି ଯାଏ ଶରୀର ?
ପରଶେ ପରଶେ ଉଲ୍ଲସି ଉଠଇ
ସତେ କି ସ୍ୱପନେ ବୀର ?

ଗୁରୁ ଆଖିପତା ଫେଇ, କେବେ ସେ ଦିଅନ୍ତି ଚାହିଁ,
ମୁକୁଟ-ବିଭବେ ଝଲସେ ନୟନ,
କୁମାର ନ ପାରେ ସହି !

ଏ କି ମୁକୁଟ-ବେଭାର, ଏ କି ଯୋଗୀ-ପରଶର
କି ଦେଖିବ ବୋଲି ଫିଟାଏ ନୟନ
କହି କି ପାରିବ ବୀର ?

କେତେ କାଳେ ବଳ ପାଇ, ଫିଟାଇ ଅଧର ଚାହିଁ,
'ସେନାପତି' ବୋଲି ମୀରସ ଭାଷଣେ
ଦେଲେ ପୁର ଚମକାଇ ।

କିଏ ଥିଲା ପୁରେ ଅବା, ଏକାରେ ଜଗିଛି ଯୁବା
ସେ ବଚନେ ସତେ ଅରୁଣେ ବିକାଶି
ନଳିନୀ ହସିଲା ଦିବା !

ତବ ଏ କୁଶଳ କଉ, କରେ ବୈରୀ-ପରସ୍ପର,
ସ୍ୱହାଣୀ-ଚମକେ କଥାକେ କଥାକେ
ଅଧୀର କପାଁଇ ବୀର ?

ଧୀର-ଧରମ ଆଦର, ଧୀର ହୁଅ ବୀର ପର,
ମୁକୁଟ-ପାପନେ ହୃଦୟର ବଳ
ଫୁଟି ଉଠୁ ହୃଦ ପୂରି,

ଏତେ ତ ସମରେ ବଳ, ସଂକଟେ ଏତେ କୁଶଳ,
କି ସମରେ ଏବେ ଯାଅ ଥରି ଥରି,
ପ୍ରାଣେ ଏତେ ଅସଂଭାଳ ?

କହିବ ମଣ୍ଡୁଛ କେବେ, କହୁନାହଁ କପାଁ ତେବେ
କି ଭୁଲ କପାଁଇ ରହି ରହି ଯାଅ
ଲୁଚିଇ ହୃଦୟ ଭାବେ ?

କଥା କହେ ଖାରବେଳ, ବଦନ ବଶେ ଉଜ୍ଜ୍ୱଳ;
ଏତେବେଳେ କପାଁ ଚତୁରଙ୍ଗେ ଚାହିଁ,
ନ ଦେଖୁଛ ପ୍ରତିଗିର ?

କୋମଳ କଳିକା ପରି, ଉଷା ସମୀରଣେ ହଲି,
ତପନ ପ୍ରଚଂଡ କିରଣେ ସତେ କି
ଯାଉଛି ଫୁଲ ଝାଉଁଳି ?

ମୁକୁଟ ତ ଶୋହେ ଶିରେ, କଂଚୁକ ପୃଥୁଳ ଉରେ;
ତେବେ କଂପା ଏତେ ଥରଇ ମରମ
ପଲକେ ପଲକେ ବରେ ।

ସତେ କି ସ୍ୱତକ ଜଳେ ଚାହିଁ ଚାହିଁ ନଭସ୍ଥଳେ,
ଚପଳା-ଚମକ ମଂଦ୍ରନାଦ ସହି,
ଡରିଯାଏ ମୀରଧାରେ ?

ଚାହିଁ ଖାରବେଳ ମୁଖେ, ହାଏ ହାତ ତାର ବୁକେ,
ଥରୁଛି ହୃଦୟ ଦେଖିବ କେସନ
ସୁଦୂର-ସ୍ମରଣ-ସୁଖେ ।

ପରଖି ଦେଖ ତା ନାଡ଼ି, କି ବାଜେ ମରମ ଭରି,
ଜଣା ପଡ଼ିଯିବ ତବ ସେ ଶ୍ଳୋକରେ
ଅନୁରାଗ ସୁଖେ ଥରି ।

ମଣ୍ଡୁଛ ଗୁଡ଼ିଛ କର, ଦିଅ ବୁଲାଇ ଶ୍ରୀକର,
ମରମ କଂପନ ଭେଦ ଖାରବେଳ
ଥରି ଯିବ ତବ ଡରି ।

କପାଁ ପରସ୍ପର ଗୁଡ଼ି, ଯାଅ ତେବେ ଡରି ଡରି
ପରସ୍ପର କାଳ ସରିକି ଯାଇଛି,
କପାଁ ହୁଅ ଏତେ ସରି ?

ନୋଉ ଥିଲ ଡାକବାର, ଡାକଲେ ନାହିଁ ଉତ୍ତର !
ସଲଖେ ନ ଚାହିଁ, ଅଳପେ ଅଳପେ
କବା ଏ ଛଳନା କର ।

ମଣ୍ଡୁଛ ମୁକୁଟ କାଢ଼ି, ବୀର ପଦେ ଯିବ ପଡ଼ି,
ସତ କି ଏ କଥା ? ବସୁନ୍ଧରା ପୁଣି
ଦେଖିବ ହୃଦୟ ଚିରି !

କଂପୁଇ ରଖିଛ ବୀର, ଚିରିବ ହୃଦୟ ତାର !
ଏସନ ଆସୁର ବଳର ମୂଳକେ
ସହିବ କି ଖାରବେଳ ?

—୦—

## ଉନବିଂଶ ଛାଂଦ

ରାଗ—କୁଂଭ କାମୋଦୀ

ନ ରୁଚେ ବଳର ଏବେ ଖାରବେଳେ
ମାନସ ପଟଳେ;
ମଣିଂଷି ସରବେ, କଳିଂଗ କୁମାରେ
କିସୁଖ ଜଂଗଲେ ।

ପଟଳ ବାଲୁକା, ପଟଳ ତଟିନୀ
ପଟଳ ସମୀର
କେତେ ରଂଗେ ସ୍ମୃତି-ପଟେ ନାଚଯାଏ,
ବିହ୍ୱଳ ସେ ବୀର ।
ଜଣିଲ ମୂଲକ ଯାହା ସଂଗେ ଏଥି
ରଖିଲ ଖ୍ୟାତି;
ଯାହା ପରଶରେ ପାଇଲ ପରାଣ
ମରଣୁ ବରତି;
ସେହି ବୀର ସେ ତ ବସିଛି ଗହଣେ
କସିଛି କଂଚୁକେ;
ମରମେ ମରମେ କିପାଁ ଗୁଡ଼ି ହୁଡ଼ି
ସେ ବୀର ମୂଲକେ ?
କେତେ ତ ସୋହାଗେ ସେହି ସ୍ୱରେ ପୁଣି
ପରାଣ ମମତା;
ସେହି ବୀର ପୁଣି ରହିବ ବଳରେ
କେସନ ଏ କଥା ?
ମେଘୁ ଉଠି ଏବେ ଦେଖୁଛ ସେ ବୀର
ନରହେଁ ସଳଖେ;
ନୟନ ଫେରାଇ ନଏ ଆନଭାବେ,
ଗୁହିଁଲେ ତା ମୁଖେ ।
ଏଥିପାଇଁ ଯେବେ ବିରାଗ ପରାଣେ
ଏ ନୁହେଁ ସୁଂଦର;
କଂଟକ ବୋଲି କି କମଳ ସ୍ୱପିନେ
ନ ପଶେ ଭ୍ରମର ?
ଚିକୁର ବସିଲେ ପ୍ରଫୁଲ୍ଲ-କପୋଳେ
ତରେ କି ସୁଂଦରୀ ?
ପରଖାର ଭୟେ ପଶିବ ଦେହ ନକି
କଳଂଗ ନଗରୀ ?
ବିଶାଳ ବିଶାଣ ଦେଖି କି କୁରଂଗେ
ତରିବ ମୃଗୟୁ ?
ଅରୁଣ ଚମକେ ଉଜଳେ କି ବନ
ରଜନୀ ନ ପାହୁ ?

ସେହି ତ ରଜନୀ ଦେଖୁନାହିଁ କିପାଁ
ସେ ବୀର-ନୟନେ ?
ପ୍ରୟାଣ-ବାରତା ପାଇ ସେ ସଜାଡ଼ି
ବସିଛି ପ୍ରୟାଣେ ।
ଛାୟାପରି ସେ ତ ଅଛି ପାଖେ ପାଖେ
ନ ଦେଖ କି ବୀର ?
ବେଗ ସତେ ତବ ନଗ୍ଣ୍ଡିଲା ପରି
ଆଗ୍ରହ ତାହାର ।
କୁଶଳ ଭୋଜନ ଦେଖୁଅଛି ଆପେ,
ଜଗୁଛି ଶୟନେ,
ପୀରତିର ପାଶ ନ ଗୁଡ଼ି ରହିଛି
ପଟଳ ଗମନେ ।
ବେଳେ ବେଳେ ବସି କରୁଛ ତ ପୁଣି
ଗୋପନେ ଆଳାପ;
ତେବେ ଏ ବଳରେ ରହ କେତେକାଳ
ଭୁଂଜ ଏ ମେଳାପ ।
କି ଅଛି ପଟଳେ, କିପାଁ ଯିବବୋଲି
ଏସନ ଅଧୀର ?
ପାଇନାହିଁ ବଳ, ତେଣୁ ଅନୁରାଗେ
ନିରୋଧ ସେ ବୀର ।
ବଳାଇ ବଳାଇ କହ ତାରେ କିପାଁ,
ଆଜ ଏ କି ରୀତି ?
ଆହା କେତେ ସହି କରିଛି ଯତନ,
ବହିବ ଆରତି ।
ନ ପାରି ନିରୋଧି ଯାଉଛି ଗହଣେ
ଲୁଂଭରି ମଂଗଳେ,
ପାଖେ ପାଖେ ରହି ଦେଖିବ ସେ ତବ
କୁଶଳ ପଟଳେ ।
ତରୁଣର ସ୍ମୃତି ପରାଣ-ବାସନା
ସତେ କି ବିଗ୍ଭର
ସତେ ଅନୁରାଗ-ତରଳ-ସୋହାଗେ
ହୁଅ କି ଅଧୀର ?

ଦେଖିଥିଲ ଯାହା ତଟିନୀ-ପୁଳିନେ,
ଅଛି କି ସେ ଚିହ୍ନ,
ଚଳ କାଳ-ସ୍ରୋତେ ଘଟନାର ଅଂକ
ଭାସଇ କି ରହି ।
ତରଳ ତରୁଣ-ପିପାସାରେ କାହିଁ
ଏସନ ଆଦର ?
ବୟସେ ତରୁଣ ହେଲେହେଁ, ଭୁବନେ
ବୋଲାଅ ତ ବୀର ?
କେତେ କର ହେଲା ପାଂଡ୍ୟ-ନୃପବର-
ପ୍ରବୀଣ-ବଚନେ;
ଯୁଗତରୁ ବଳି ମଣି ପରା ଆପେ
ପ୍ରବଂଧ-ରଚନେ !
କାହିଁ ମନେ ମନେ ଏ ବସ୍ତୁର ତେବେ
କୁମାର ଭୁଂଭର ?
ଯୁବକଟି ଭୁଂଭେ, ମିଳଛ ଯୁବକେ,
ଆଚର ବସ୍ତୁର ।

———

## ବିଂଶ ଛାଂଦ

ରାଗ—ମଙ୍ଗୁଳାଶ୍ରୀ (ଗୁଣସାଗର ବାଣୀ)

ଭସିଯାଏ ସିଂଧୁ— ସଇକତ-ତଟେ
ପଟଳ-ନଗର-ଶିରୀ,
ଥରି ଥରି ରହେ ହେମଂତ ମାରୁତ,
ଛୁଇଁ ଶୁଭ୍ର ହିମଗିରି ।

ଅଳପେ ଅଳପେ ଗଳିତ ନିହାର
ଉପଳେ ଯାଉଛି ଖେଳ,
ମୃଦୁବୀଚି-ତାନେ କୋମଳ ସିକତା
ବୀଚି-ଭଂଗ ହୁଏ ମେଳ ।

ସ୍ୱାଧୀନ ବୋଇତ ପାଲ ଟେକି କୂଳେ
ନାଚଇ ଅରୁଣ-ହାସେ;
ସ୍ୱାଧୀନ କୃଷକ ବନଗିରି ପଥେ
ପରାଣ ପୁଲକେ ହସେ ।

ପ୍ରଦୋଷ-ତାମସ- ତରଂଗେ ତରଂଗେ
ଥରଇ ନିହାର-ଧାରା;
ଝଣୀଥେ ଝଣୀଥେ ନାଚଇ ଗଗନେ
ନୀଳ ନଭପଟେ ତାରା ।

ଅନୁରାଗ ବହି କଂଳଗେ ସତେ କି,
ବଧୂ ଆସେ ଚୁଲି ଚୁଲି !
କୁମାର-ସୋହାଗ- ପ୍ରଦୋଷ ଭ୍ରମଣେ
ଉଜଳଇ ନକ୍ଷତ୍ରାଳି ।

ସୁଭଗେ ହସଇ କୃଷକ ଲଳନା
ସ୍ମରି ଖାରବେଳ-ଯଶ;
ସଇକତ-ଲୀଳା ଉଜଳି ଉଠଇ
ଦ୍ରାବିଡ଼-ବାଳିକା-ହାସ ।

ସେହି ହାସ ପରା ସ୍ମରି ଖାରବେଳ
ଆସିଥିଲେ ମନସୁଖେ;
ଆରୋଗ୍ୟ-ସୁଭଗ ନବ ଅନୁରାଗ
ସଂଭାଳି ତରୁଣ ବୁକେ ।

ସିଂହପଥ ଘୁରି ଶଇଳ-ବିହାରେ
ଏହି ସେ ପୁଳିନ ପରା,
ଉଠୁଥିଲା ମନେ ସିକତାର ହାସେ
ସୃଜି ସିଂଧୁ-ମଧୁ-ଧାରା ।

ଦ୍ରାବିଡ଼ ପତ୍ତନ ଏହି ତ ଅଦୂରେ,
ସଇକତେ ହସେ ଭାତି,
ବାରୁଣୀ-ଲଳିତ- ପୁଳିନ-ଉପଳ
ପ୍ରଦୋଷ-ବିହାର-ସ୍ମୃତି ।

ସବୁ ଦେଖି ଦେଖି     ବୁଲନ୍ତି କୁମାର
କେତେ ସେ ବିହାର-ରଙ୍ଗେ,
ତୁରଙ୍ଗେ ଭେଟନ୍ତି     ସେହି ପୁଲିନର
ସେହି ସେ ଉପଳ-ଭଙ୍ଗେ ।

ଝରେଣି ଝରେଣି     ଦେଖନ୍ତି ମେଳାପ
ଦ୍ରାବିଡ଼-କୁମାରୀ-ମେଳେ;
ନୀରସ ପରାଣ     ଗୁରୁଶ୍ୱାସେ ପିଟି
ପଡ଼ୁଥାଏ ବେଳେ ବେଳେ ।

ସ୍ମରଣ ପୁଲକେ     ଅନୁମାନ-ରସ
ହୃଦେ ଉଠୁଥାଏ ପୂରି;
ପଲକେ ପଲକେ     କଠୋର ପ୍ରଶାନ୍ତି
ହୁଏ ସେ ବିଭବ ଚୂରି ।

ନୀରସ ହସଇ     ପଟଳ ସୁହାସ,
ସ୍ୱାଧୀନ-କୃଷକ ଲୀଳା,
ନୀରସ କମ୍ପନେ     ଚରଇ ସିକତା
ହେମନ୍ତ-ନୀହାର-ଧାରା ।

ନୀରସେ ହସଇ     ରଜତ ବାଲୁକା,
ଦ୍ରାବିଡ଼-ଲଳନା-ଖେଳ;
ପରାଣ ବାସନା     ପୁଲିନ-ଉପଳ
ହସଇ ନୀରସତର ।

କପାଁଇ କୁମାର     ଏ ତରୁଣ-ରସେ
ଏ ନୀରସ ଲୀଳା ତବ ?
ଆସିଥିଲ ଏତେ     ସୋହାଗେ ପଟଳେ
ସ୍ମରି କି ଅବା ବିଭବ ?

ସେହି ତ ବିହାରେ     ବାହାରୁଛ ଏବେ
ବଙ୍ଗର-ଯୁବକ-କୁଳେ,
ଆନ ମନେ କପାଁ     ନ ଗୃହଁ ସେ ମୁଖେ
କିବା ଅନୁମାନ ଭରେ ?

ଏକା ଆସିଛନ୍ତି     ଗୁଡ଼ ସେ ବଜରୁ
ତବ ସଉହୃଦେ ଭୁଲି;
ବିହରଣେ ତବ     ମମ ତାନ ଲଭି
ପରାଣେ ଉଠନ୍ତି ଥରି ।

ଶଇକତ ଶିଳା     ଦେଖି ଦୂରୁ କେବେ
ଯାଉଛନ୍ତି ପଛେ ରହି;
କଞ୍ଚୁକ-ଉଡ଼ାଲେ     ଥରୁଛି ବସାଙ୍ଗ-
ଦୂରେ ଯାଏ ପ୍ରାଣ ବହି ।

ଗୃହଁ ଫେର ଏବେ     ସେ ସୁଖେ କୁମାର,
ଫିଟିବ ମରମ-ବାଣୀ,
ସୁଧାଂଶୁ-ରଜତ-     ଧବଳତ ମୁଖେ
ଫୁଟିବ ସରମ-ଠାଣି ।

ସେ କୁଙ୍କୁମ-ଲାସ୍ୟ     ଦେଖୁନାହିଁ ବୀର,
ଗୃହଁଛ ମୁକୁଟ-ଘାପେ,
କାହାରେ ମରମ     ଲୁଚାଇ ହସୁଛ
ନୀରସ ମରମ-ତାପେ ?

ତୁରଙ୍ଗ-ଚରଣେ     ଖେଳାଇ ସିକତା,
ଆସୁଛ ଶିବିରେ ଫେରି;
ସେହି ଉପଳର     ପ୍ରଦୋଷ-ଲାବଣ୍ୟ-
ପୁଲକ ପରାଣେ ଭରି ।

ଫେରି ଫେରି କେବେ     ଏତେ ଗୃହଁ କପାଁ
ତୁରଙ୍ଗ ଉପରୁ ଦୂରେ ?
ଗୃହାଣୀ ଚମକେ     ସେନାପତି ହୃଦ
ଥରି ଉଠୁଅଛି ଡରେ ।

ମରମ-ସରମେ     ଉଠୁଅଛି ବାଜି
କେଉଁ ବୀଣା ଦୂରତାନ,
ପଲକେ ପଲକେ     ଖେଳୁଛି ତରଙ୍ଗେ
ସଂଶୟର ଅନୁମାନ ।

'ସତେ କି ଯୁବକ- ଅନୁରାଗେ ବୀର
ରଖିଛନ୍ତି ମୋତେ ମନେ ?
କୁତୂହଳ ଅବା ଲାଗିଛି ପରାଣେ
ସେ ତରୁଣୀ-ସଂଭାଷଣେ ?

ଏ କଂଚୁକ ତଳେ ସେ ତରୁଣୀ ପୁଣି
ଚିହ୍ନିବେ କି ବୀର କେବେ ?
ଜାଣି ଏ କରମ ଅନୁରାଗେ ସତେ
ଫୁଟିବ ପୀରତି ଲବେ ?

ଯୁବ କୁତୂହଳ ମଉଳିବ କବା
ଚପଳ ପରାଣ-ରସେ;
ସ୍ମରଣ ସୋହାଗ କରମେ ତୁଟିବ
ଯେବେଟି କରମ-ବଶେ ?'

ଭାଳଣ ଏସନ, ଭାବ-ଦ୍ୱଂଦ୍ୱେ ପଡ଼ି
ପରାଣ ଉଠଇ ଥରି,
ପ୍ରତିଧ୍ୱନି ପରି କେତେ ଭାବ ପୁଣି
ଉଠଇ ମରମେ ଭରି ।

ବୁଡ଼ାଇ ପରାଣ ଭାସିଯାଏ ଖଣେ
ଅନୁରାଗ-ଶୀଘ୍ର-ଧାରା;
ନୟାଣ ଲୋଚନେ ରୁହେଁ ତରଙ୍ଗରେ;
ମାରସ ବିଶଇ ଧରା ।

ଫେରି ପୁଣି ଯେବେ ରୁହାଁନ୍ତି କୁମାରି
ସେହୁ ସେ ଉପଳେ ଦୂରେ,
ବଂଶୀସ୍ୱନ ସେ କି ନୟାଣ ପଥିକେ
ବାପଦ-ତାମସ ପୂରେ ।

ପଲକେ ଉଜଳ ଉଠଇ ଲପନ
ନ ଦେଖଂନ୍ତି ଖାରବେଳ,
ଆନମନେ ସେହୁ ନୟାଣେ ସ୍ମରଂନ୍ତି;
ସେହୁ ସେ ଦୂର ଉପଳ ।

ଆଶାର କୁହକେ ଚପଳା-ଚମକ
ବିରହ ବିଧାନେ ଖେଳେ,
ପଲକେ ହସଇ, ପଲକେ ଲୁଚଇ,
ସେନାପତି ଖାରବେଳେ ।

ଖାରବେଳ ସିନା ପ୍ରତ୍ରୁଷ-ପିପାସା-
ବିଭ୍ରମେ କରଂନ୍ତି ରତି,
ତରଳ ହୃଦୟେ କବଚ କଷଣି
କଂପା ଧରି ସେନାପତି ।

---

## ଏକବିଂଶ ଛାଂଦ

### ରାଗ-ଶଂକରା ଭରଣ

ଆସିଥିଲେ ବୀର ଦୂରେ ଦଣ୍ଡିମ ଶାସନେ
ବିକଳ କଳିଂଗ ହେଲେ ସଂଦେଶ ବହ୍ନେ;
ଚର ପେଷିଲେକ ସେହୁ,
'ଏତେକାଳ ଯୁଦ୍ଧ ଆଉ ବିଦେଶେ ନରହୁ !'

ଲାଗିଲା ଚଞ୍ଚଳ ଏବେ କଳିଂଗ-କୁମାର
ଉତ୍ତର ପବନେ ପୋତେ ଚେଳବେ ପଟଳ,
ଛାଡ଼ି ପାରିବେ କି ବୀର
ତଟିନୀ ପୁଳିନେ ସେହି ସୁରମ୍ୟ ଉପଳ ?

ନିତି ନିତି ଏବେ ଗଲେ ପ୍ରଦୋଷ-ବିହାରେ
ସରଳ-କୃଷକ-ବାଳା-ଲୀଳା ଦେଖିବାରେ
କେତେ ଦେଖଂନ୍ତି ସେ ରହି
କିବା ଖୋଜି ଦେଖୁଥାଂନ୍ତି କାହାରେ ନ କହି ?

କାହାରେ କହିବେ ବୀର ହେଉଥାଂନ୍ତି ଭାଳି,
କହିବେ କହିବେ ବୋଲି ରଖଂନ୍ତି ସଂଭାଳି
ସେନାପତି ମୁଖେ ରୁହିଁ,
ଏ ଦୂର ବିଦେଶେ ଆଉ ସଖା କେହି ନାହିଁ ।

କଳିଙ୍ଗେ ଚଳିବେ ଏବେ ଅଳପ ଦିବସେ,
କି ବାସନା ରଖି ଯିବେ ସିନ୍ଧୁ-ନଦୀ-ପାଶେ ?
କାହିଁ ହୃଦୟେ ମେ ବଳ ?
ସ୍ମରଣେ ସ୍ମରଣେ ପ୍ରାଣ ହୁଅଇ ବିକଳ ।

ରହି ରହି ସେନାପତି ଦେଖନ୍ତି ସେ ମୁଖେ
ବିଷାଦ-ବେଦନା, କେତେ ସଂଶୟର ସୁଖେ
ଖାରବେଳରୁ ଏ ଦଶା
ଦେଖିବାରେ କମ୍ପା ଏତେ ପରାଣେ ପିପାସା ?

ରୋଗ ଶେଯ ପାଶେ ବସି ରାତି ଉଜାଗରେ,
ଆତଙ୍କ ଲୁଚାଇ ପ୍ରାଣେ କେତେ କଉଶଳେ,
କରୁଥିଲ ପରିଚର,
ବେଦନାରେ ଆଜି କମ୍ପା ଏତେ ହେ ଆଦର ।

ସଖାବୋଲି ଖାରବେଳ ଲୋଡ଼ନ୍ତି ତ ଏତେ;
ରହି ରହି ହୁଅ କମ୍ପା ଯିବାକୁ ପୁରତେ ?
କଥା କହୁନାହିଁ ରହି,
ଦିବସ-ଯାପନେ ଆଉ ଆଳାପ ତ ନାହିଁ ।

କୃଷକ-ପଲ୍ଲୀନେ ଯାଉଅଛ ବେଳେବେଳେ,
ସଂଖୋଳ ଆସିବ ବୋଲି ବୃଦ୍ଧ ସେ କୃଷକେ,
ତାହିଁ ଅନୁମତି ସେନ
ନ କହି କଥାରେ, କମ୍ପା ଚଳାଅ ଲେଖନୀ ?

ଅତି ପରିଚୟେ ସତେ ଛୁଟେ କି ମମତା ?
ଆଦରେ ତ ଖାରବେଳ ବୁଝନ୍ତି ବାରତା;
ତବ ଲେଖଧର ହାତେ,
ଦକ୍ଷିଣୁ ବାମରେ କେତେ ପଢ଼ନ୍ତି ଉଷତେ ।

ସଉହୃଦେ ନ ଲଭୁଛ ସୁଗମ ଉତ୍ତର;
ତେବେ ହେଁ ଆଦର ଏତେ କମ୍ପା ଖାରବେଳ ?
ଏ କି କୃତଜ୍ଞ ପରାଣେ
ହୃଦରେ ଉଠୁଛି ଫୁଟି ପ୍ରୀତି କ୍ଷଣେ କ୍ଷଣେ ?

କମ୍ପା ତେବେ ହୋଇଛନ୍ତି ସଜ ସେନାପତି ?
କଳିଙ୍ଗ-ଗଗନେ କାହିଁପାଇଁ ଏତେ ମତି ?
ଏ କି ଅବୁଝା ପ୍ରକାର,
ବୁଝିକି ପାରିବ ଛୁଟେ ପିଲା ଖାରବେଳ ?

ଛାଡ଼ି ଖାରବେଳ ଏବେ, କମ୍ପା ସେନାପତି
କୃଷକ-ବ୍ରାହ୍ମଣୀ-ଘରେ ଯାଉଛନ୍ତି ନିତି ?
କେବେ ଆସନ୍ତି ସେ ଫେରି,
ପ୍ରଦୋଷ-ବିହାର ଲୀଳା ସିନ୍ଧୁ ତଟେ ସାରି ।

ଖାରବେଳ ଏବେ ବୁଲି ଯାଉଛନ୍ତି ଏକା,
ସେନାପତି ବ୍ୟବହାରେ ହେଉଛି କି ଶଙ୍କା ?
ଏତେ ନ ଭାଳ କୁମାର,
ବିଦେଶରେ ସାହା ପରା ସେ କଜର-ବୀର ।

ସେ ପରାଣ ମମତାରେ ନ କର ସଂଶୟ
ପ୍ରଦୋଷ-ବିହାରେ ଏକା ନ କର ହେ ଭୟ
ଆଉ କେତେ ଦିନ ଅବା
ସିନ୍ଧୁ-ତଟେ କରିବ ହେ ଉପଳର ସେବା ?

---

## ଦ୍ୱାବିଂଶ ଛାନ୍ଦ

ରାଗ — ମାଳବ (ସେଫ୍‌ବାଣୀ)

କୃଷକ-ନବରେ ବଜର ବାଳା
କେତେ ଅନୁକରେ କିଶୋର-ଲୀଳା ।
ତରଳ ଚଳନେ କାହିଁ ସେ ହାସ ?
କିଶୋର-ମୁଖେ କାହିଁ ବାଲଭାଷ ?
ସଜନୀ କରନ୍ତି କୁତୁକ କେତେ;
ନୁଆଁଇ ମୁଖ ଶୁଣଇ କଣ୍ଟତେ ।
ସମର-କଥା ପଡ଼ିଯାଏ ବେଳେ,
କୁଙ୍କୁମ ପାଟଳ ଖେଳେ କପୋଳେ ।

ସଜନୀ ଜନେ ଉଠୁଥାଏ ଡର;
କି ଭାଳି ଉଠଇ ପର୍ବଣେ ଥର ।
"ସତେ କି କୁମାର ଜାଣିବେ ମୋତେ ?
ଜାଣି କି ଅବା ବଗୁରିବେ ସତେ ?
ସ୍ୱରୂପେ ଜାଣେ ମୁଁ ସେ ଖାରବେଳେ;
କେ ତାହିଁ ସରି ଉଦାର ବେଳାରେ ?
ସମରେ ସମ୍ଭାଳ ଆଶ୍ରିତ ଜନ,
ଶାସନେ ତଳେ ନ ଥାଏ ଗଣନ ?
ଅଧୀର ହେଲି ମୁଁ ଦେଖି ଭାରତି;
ନ ଫିଟାଇଲି କପାଁ ଛଦ୍ମ-ଭାତି ?
ଆହା ସେ ସାହସ ଗଲା ମୋ କାହିଁ ?
ସତେ କି କୁମରେ ଭାଜନ ମୁହିଁ !
ସଖା ବୋଲି ମୋରେ ଆଦର ଏତେ,
ଜାଣି ସ୍ୱରୂପ କି ଭାଳିବେ ସତେ !
ଭାଳିଲେ ଥର ଯାଉଛି ମରମ;
କି ସାହସେ ମୁଁ କଲି କି କରମ ?
କପାଁଇ ଛଳିଲି ପୁରୁଷ-ଭାତି,
ସମାନ କଲି ମୁଁ ପଥର ଛାତି ।
ଜନକ କହିଲେ ଶୁଣିଲି ନାହିଁ,
ଅଳି କରି ଏକା ଆସିଲି ମୁହିଁ ।
ସ୍ୱରୂପ ମୋର ଏ କୃଷକ ପତି;
ଲୁଚାଇ ବହିଛନ୍ତି ଛଦ୍ମଭାତି ।
ମିଛ ଆଚରି ଥିଲି ମୁଁ ଅଭାଗୀ;
କପାଁ କୃଷକେ କଲି ତହିଁ ଭାଗୀ ?
କେତେ କାଳ ଆଉ ଥିବ ବା ଲୁଚି;
ସହି ଏ କଷଣ ପ୍ରାଣ ମୂରୁଛି ?
ପଡ଼ୁ ପଡ଼ୁକେ ଚେତୁଆଣ କେତେ
ଆପେ ନାଚଯାଏ ଆସି ପୁରତେ ।
କେହି ନ ଜାଣନ୍ତି ମରମ ମମ,
ସ୍ମରଣ-କଦନ କେଡ଼େ ବିଷମ ।
ଉଡ଼ିଯାଏ ପକ୍ଷି-ଯୁଗଳ ଯେତେ;
ଲାଗଇ, 'ମୋତେ ଜାଣିଲେ କି ସତେ !'

କେବେ ବା ଝାଳ ଝରିପଡ଼େ ବୁକେ;
ଲାଗଇ, 'ସେ କି ଭେଦିଲା କଂଚୁକେ ?'
କେବେ ଅସଂଭାଳେ ବସୁରେ ମୁହିଁ,
କବଚ କପଟ ଦେବି ଫିଟାଇ,
ଶିବିରେ ଜଣାଇ ଦେବି ସ୍ୱରୂପ,
ଛୁଟାଇବି ହେଲେ ମରମ ତାପ;
କୃଷକ-ଗ୍ରାମେ ବା ଆସିବି ଚାଲି,
କିଶୋରୀ-ମେଳେ ନାରୀବେଶ ଧରି;
ସରସେ ଏଥି ଦେବି ପରିଚୟ,
ବଳିର-ଖାତେ ସେ କରିବେ ଥୟ ।
ଏ ଭବୁରେ କାହିଁ ଗତି ମୋହର ?
ଭବୁରେ ଘୋଟେ କେତେ ଅବସର ।
କପାଁ ମରମ ଥରଇ ସଘନେ ?
କିଛି ନ ଜାଣି ରହୁଛି ମଉନେ ।
ଖାର ମୁଖୁ ଶୁଣି ନ ପାରେ କଥା;
ମୁଖେ ଚାହିଁବାରେ ନ ଉଠେ ମଥା,
ସଜନୀ କହନ୍ତି ସେ ବୀର-ଯଶ;
ମିଶାଇ ନ ପାରେ ସେ ଭଙ୍ଗେ ଭାଷ ।
କଳାଇ କହିଲେ ଥରେ ମରମ,
କେଡ଼େ ଅବିଶ୍ୱାସୀ ଢ଼ୁର କରମ !
ବୀର-ହୃଦେ କେତେ ରହୁଛି ଉଣ;
ଅବଳା ହୃଦୟ ନ ପାରେ ଧରି ।
ମଣୁଥିବେ ବୀର ନୀରସ ମୋତେ,
ଗରବ-ପୂରୁଣା, ସଜନୀ ସତେ !
କାହାରେ କହିବି ଏ ସମାଗ୍ରର ?
କେମଂତେ ଫେଇବି ଏ ଗୁରୁଭାର ?
ଭାଷା ନାହିଁ ମୁଖେ, ଦେବି ଜଣାଇ;
ବଳ ନାହିଁ, ହୃଦ ଦେବି ଫିଟାଇ;
ଦେଖାଇବି ମୁଖ, ନାହିଁ ସାହସ;
ଆପଣେ ସୁମରି ଘୋଟଇ ହାସ ।
କେସନେ କେତେ ସହିବି ମଉନେ ?
ହେଲି ମୁଁ ବାଇ କବା ଅନୁମାନେ ?

ଯାଉଛି ଏବେ ପ୍ରଦୋଷ-ବିହାରେ,
ଥରି ଉଠୁଅଛି ହୃଦ ଅଧୀରେ;
କେତେ ଚାହୁଁଛି ଶୂନ୍ୟ ଅନୁମାନେ,
ଦେଖଂତି ମୋତେ ସଜନୀ ସମ୍ମାନେ,
ଏ ସମ୍ମାନକୁ ମୁଁ କି ଭାଜନ ?
କେତେ ସହିବ ଅବଳା-ପରାଣ ?
ଚାହୁଁଥିବ କେତେ ପରାଚୀ-ପଟେ,
ପୁଲିନ-ଉପଳେ ତଟିନୀ-ତଟେ ?
ଚରଣ କି ଫେରି ପାରିବ ନାହିଁ ?
କେମଂତେ ରହିବ ଜୀବନ ବହି ?
ଯିବେ ତ କୁମାର କଳିଂଗ ଦେଶେ;
ଗହଣେ ଯିବି ମୁଁ ଯୁବକ-ବେଶେ ।
କେତେ ଲୁଚାଇ ରଖିବ ପରାଣେ ?
କେତେ ଚାହିଁବ ଶୂନ୍ୟ ଅନୁମାନେ ?
କି ବୁଦ୍ଧି କରିବ ଅବଳା ମୁହିଁ ?
ବଳ ଦେବାକୁ ସାହା କେହି ନାହିଁ ।
କୁମାରେ ଚାହିଁଲେ ଆସଇ ବଳ,
ସେ ବଳେ ପରାଣ ହୁଏ ବିକଳ ।
ଏ କି ଅଦଭୁତ ଜଂତୁ ଲଳନା !
ସାହସେ କିଛି ନ କଲି କଳନା ।
ଏତେ ତ ସାହସ ଥିଲା ପରାଣେ;
ପରାଣ କିପାଁ ଥରେ ଅନୁକ୍ଷଣେ ?
କେତେ ବିଚାର କରେ ନିରଂତର;
ଭାବନାରେ ହୁଏ ଏଡ଼େ କାତର ?
ମଣଇ ସ୍ୱପନ ଜୀବନ ସାରା;
ଆଶାର ସାହସେ ଏତେ ପସରା ?
ନ କର ଗୋ ଧନି ଭାବନା ଏତେ;
ଫିଟିବ ଅଦଭୁତ ଅଦଭୁତେ ।
ସତ ହୁଅଇ ସ୍ୱପନ ଜୀବନେ;
ଜୀବନ ପରା ରହିଛି ସ୍ୱପନେ !

---

## ଇନ୍ଦ୍ରବଂଶ ଛାଂଦ

ରାଗ ବସନ୍ତ-ଆଷାଢ଼ ଶୁକ୍ଳ ବାଣୀ

ପ୍ରଦୋଷ ବିହାରେ କିପାଁ କୁମାର
କି ଦେଖି, ଚମକେ ରହିଲ ଥିର ?
କିପାଁ ମରମେ ଉଠ ଥରି ଥରି,
କାହାରେ ଭାବ ରଖିଛ ସଂଭାଳି ?
ପାଶେ ଆସ ବୀର, ଖୋଜୁଥିଲ ସିଂଧୁ-ନଦୀ-ତୀର ।

କାହାରେ ଦେଖିଲ ସତେ ନୟନେ ?
ପରତେ କିବା ଯାଉ ନାହିଁ ମନେ ?
ନିମିଷ ମାତର ଦେଖି ଉପଳେ,
ଚିହ୍ନି ରଖିଛ ସତେ କଉଶଳେ ।
ଏହି ତ ସେ ବାଳା, ଭଲେ କରିଯାଅ ଶୁଭ ସଂଖୋଳା ।

ଭାବୁ ତ ଥିଲ, 'ଏହି ଭବ-ପାରେ
ପଡ଼ିବ ସେ ସତେ ନେତ୍ର-ପଥରେ ?'
ଦେଖୁଛ ତ ଆଗେ ସ୍ୱରୂପ ଏବେ,
ପରାଣେ କିପାଇଁ ସଂଶୟ ତେବେ ?
କିପାଁ ଗଲ ରହି, କି ବିଚାର ହେ ନିକଟେ ନ ଯାଇ ?

କାହାକୁ ଡରୁଛ କୁମାର-ବର ?
ଅବଳା ଧରି ନାହିଁ ଧନୁଶର,
ବଣର-ସଂକଟେ ଥିଲ ତ ଏକା,
ଏ ତହିଁ କିପାଇଁ ହୃଦୟେ ଦକା ?
ଏ କି ରୀତି ଆଜି ? ଯିବ କି ଏଡ଼େ ସୁଯୋଗ ବରଜି ?

ଏତେ ଦୂରେ ଜାଣି ପାରିବ ନାହିଁ,
ନିକଟେ ଆସି ଦେଖିବ ହେ ଚାହିଁ,
ସତେ କୁରଂଗ ବୁଲାଇଲ ତେଣେ ?
ବାଗ ଫେରାଇ ଯିବ କି ଭ୍ରମଣେ ?
କି ବିଚାର ତବ ? ପରାଣେ ଆଜି ଏକି ନବ ଭାବ ?

ଯାଉଛ ନନ୍ଦା-ପୁଳିନ ଆଦରି;
ଅଙ୍ଗେ କି ସେ ଦେଖିଅଛ ନାରୀ ?
ଲେଖୁଅଛ ତ ନାହିଁ ମୁଖ ସେ ହୃଦେ;
ଚଳାଇ ତୁରଙ୍ଗ ବୃନ୍ଦିଛ ଆଗେ,
ରତ୍ନନାହିଁ ତଳେ; କହାଇ ଆଜି ଦେଖୁଛ ଉପଳେ ?

ଧୃତ ଧର ଧୂସି, ନ ଯାଅ ସତ୍ୱ,
ସଜ୍ଜା-ଗହ୍ୱରେ ଆପଣେ ଭୁଲି,
ଲେଖୁଛି ହୀନ, ସରଳା ବାଳିକା;
ମନେ ରଖିଥିବ ସେ ବଦନ ଦେଖା;
କହିବଟି ଛଳ, ତବ ତରଳ ଲୋଚକେ ନ ଡରି ?

ଧୂସି ଦେଖିଲ ତ ନେହ ପସରା,
କୁମାର ଲେଉଟିଥିଲ ତ ସେ ବାଳା,
ଦୁହେଁ ଦୁହିଁଙ୍କ ତ ଦେଖିଲ ଏବେ;
ଗୁଞ୍ଜିଲ କର୍ଣ୍ଣା କି ନବୀନ ଭାବେ ?
ଏଡ଼ିକ ପୀରତି ? ଆଶା କି ସତେ ନ ଲେଉଡ଼େ ପ୍ରଶାନ୍ତି ।

---

## ଚତୁର୍ବିଂଶ ଛାନ୍ଦ

ରାଗ-ମଙ୍ଗଳବରାଡ଼ି (ଖଣ୍ଡବାଣୀ)

ପଟ୍ଟଳ-ଶିବରେ ଆଜି
କବଚ କଣ୍ଠ ସାଜି,
ହଜେ ଧୂସିବାଳା ଥରି ଥରି ମରମେ ।
ରଜନୀ ମେଲାଣେ ଆସି,
ଶିବରି ବାହାରେ ବସି,
କୁମାରେ ଗୃହାନ୍ତି ମଥା ପୋତି ସରମେ ।

ଅଳପେ ଅଳପେ ଯାଇ
ଭାବନ୍ତି ଫେରନ୍ତି ଗଇ
ସଖା ବୋଲି ସେନାପତି କରି ସମ୍ଭାଷ ।
ମଜ୍ଜନେ ମଞ୍ଜିଳ ପୋତି,
ଥରି ଥରି ସେ ଯୁବତୀ,
ଶୁଣନ୍ତି ସଂଶୀଳ ବୁକେ କଥା ଉଲ୍ଲାସ ।

କହନ୍ତି ଯୁବକ-ମଣି,
ଆସିଲି ମୁଁ ଦେଶ ଜିଣି,
ଗରବେ ନ ମଣି ଯୁବ- ପରାଣ-ଲୀଳା,
କେସନେ କହିବ ବୀର,
ହୃଦ ହେଲା ମୋର ଜୁଇ ?
ଶୁଣ ଏକା ସଖା ତୁମ୍ଭେ ନ କର ହେଳା ।

ଏ ବିଦେଶେ କେହି ନାହିଁ,
କାହାରେ ବା କହିବଇଁ ?
ନ କହି ମୁଁ ନ ପାରୁଛି ପଟ୍ଟଳ ଗୁଢ଼ ।
କ୍ଷମା କର ଦୋଷ ମୋର,
ଭବେ ମୁଁ ବୋଲଇ ବୀର,
ସମପ୍ରାଣ ମଣି ଏବେ କହୁଛି ଗୁଳ ।

ଥିଲି ଯେବେ ଏ ପଟ୍ଟଳେ
ଦେଖିଥିଲି-ନାରୀ-ବରେ,
ସିନ୍ଧୁ-ପୁଳିନ-ଉପଳେ ରହିଛି ମନେ ।
ନ କହ ନ କହ ବୀର,
ଆଉ ନ ପିଟାଅ ଶିର,
ସହିବ ପାରିବ ବାଳା ଅବଳା-ପ୍ରାଣେ ?

କବଚ ବନ୍ଧିଛ ଧୂସି,
ମଥା ପୋତି ରହ ବସି,
ଅସମ୍ଭାଳେ କି ବସୁର ? ନୁହ ଅଧୀର ।
ନ ଜଣାଅ ଗୁପ୍ତଶ୍ୱାସ,
କପୋଳେ କୁଙ୍କୁମ-ହାସ,
ତାମସେ ମାରିବେ ଶୁଣ, କହନ୍ତୁ ବୀର ।

କହିଲେ ବଖାଣି ସୁବା,
ଆହା କି ସେ ମନ ଲୋଭା ।
ମଣି ତ ନ ଥିଲ ଏଥି    ଅଛି ସେ ପୁଣି ।
ସ୍ୱପନ-ପରି-ପୁରତେ
ଦେଖିଲଇଁ ଆଜି ସତେ,
ଚଟିମା-ସ୍ପନ୍ଦନେ    ସେହି ରମଣୀ-ମଣି ।

ଯାଉଛି କୃଷକ ପୁରେ,
ଜାଣି ତ ପାରିବ ତା'ରେ,
କି କହିବ ସଖା,    ଆଉ ନ ପାଏ ଭାଷା ।
ଦସ୍ୟୁ ବୁଝିବ ଥରେ
ଦେଖି କି ପାରିବ ତା'ରେ,
ଜଣାଇ କି ପାରିବ ମୁଁ    ପ୍ରାଣର ଆଶା ?

କହୁ କହୁ ବୀର ଏତେ,
କି ହେଲା ଏବେ ଚକିତେ,
ଉଠି ସେନାପତି ଧୀରେ    ଚଳିଲେ ତମେ ।
ଲାଜେ ଭସ୍ମେ ଖାରବେଳ
ପସ୍ୱଣେ ହେଲେ ବିକଳ,
ଦୂତମାନେ ଫେରିଲେ ସେ    ଶିବିର-ଧାମେ ।

ତ୍ରିଯାମା ଯାଉଛି ପାହି,
ଖାରବେଳେ ନିଦ ନାହିଁ,
ଆସିଲା ଉଦର ପଶି,    ଚିଟାଉ ବହି ।
ଆଗହୁଁ କସ୍ତୁର ବୀର,
ନ ହୁଅ ଏତେ ଅଧୀର;
ଦେଖ ଫେଡ଼ି ମୁଦ ଏବେ,    କି ଅଛି ତହିଁ ?

ସେନାପତି-ହାତ-ଲେଖା,
'ହେବ ସେ ରମଣୀ ଦେଖା,
କୃଷକପତି-ଭବନେ    ପ୍ରଦୋଷେ ଆଜ' ।
ସେନାପତି ଲେଖା, ପୁଣି,
କପାଁ ସେ ପାରିବେ ଜାଣି,
କେତେ ଥର ଥର ବାଳା    ଲେଖିଛି ସାଜ ?

ଅଟେଲ୍ ମରମ ଏବେ;
କେସନେ ପ୍ରଦୋଷେ ଯିବେ ?
ଦେଖା ହେଲେ କି କରିବେ    କୃଷକ ପୁରେ ?
ନ ଯିବେ କେସନେ ଅବା,
ଆଗେ ତ ବଜର-ସୁବା
ଯାଇଛଂତି, କଛି ଆଉ    ନ କହି ବାରେ ?

ଈଶ୍ୱର ଏ କି ଛଳନା ?
ପୀରତି ସେ କି ଯାତନା ?
କି ରସେ ପସ୍ୱଣ    ଲୋଡ଼ି ରହଇ ଜରି ?
କାହାରେ ଗୃହୁଁ ନମିଷେ,
ଥରେ କାଂଦେ, ଥରେ ହସେ,
ସୁରଣ-ପୁଲକେ ଜରି,    ଉଠଇ ଥରି ?

ସୁକୁମାର ଭୁଂଭେ ବୀର,
ଯାଅ ହେ କୃଷକ-ପୁର,
ସେ ଛଳନା ନାହିଁ ସେନା-    ପତି ପସ୍ୱଣେ ।
ମରନେ ମରମେ ଥରେ,
ବିଶ୍ୱାସେ ପୀରତି ଜଳେ,
ଶୁଭଟି ବିଶ୍ୱାସ ତବ    ବଜର-ଜନେ ।

## ପଂଚବିଂଶ ଛାଂଦ

ରାଗ—ଖଂଜି ଭୂପାଳ

ଆଜ ଏ ପଟ୍ଟଳେ   କି ନବ ଦୃଶ୍ୟର
କୁମାର-ଇଂଗିତେ ଯାଉଛି ଖେଳ,
ଅରୁଣ-ଚମକେ   ପଲକେ ପଲକେ
ପରାଣେ କୁମାର ଉଠଂତି ଥରି ।

ଶିଖରେ ପୁଲକେ   ଜଳେ ସ୍ଥଳେ ନଭେ
ଚମକ ଚମକ ଦେଖଂତି ବୀର,
ପୀରତି-ପୁଲକ   ସରମ-ଚମକେ
ପଲକେ ପରାଣ ହେଉଛି ଜୁର ।

ନ ଗାଅ ପରଶି   କୁମାର-ଶ୍ରବଣେ,
ନ ଗୁହିଁ ସଇନ କୁମାର-ମୁଖେ,
ଚଉଦିଗେ ଏକା   ଦେଖଂତୁ କୁମାର
ତରଳ ତରୁଣ-ଇଂଗିତ-ସୁଖେ ।

ଫାଟିଯାଅ ବେଗେ   ତରଳ କୁହେଳି,
ଭାସିଯାଅ ମୃଦୁ ସମୀର-ଧାର,
କଂପି କଂପି, ବୀର   ଦେଖଂତୁ ପୁଲକେ
ହେମଂତ-ମୋହନ-ବିଶାଳ-ଧାର ।

ବିଶାଳ ପରାଣ   ପଡ଼ୁଅଛି ଫାଟି,
ଚମକେ ଯାଉଛି ସରମେ ଥରି;
ଆଶାର ସାହସେ   ଏ କିବା ତରାସ
ଫିଟଇ ଯୁବକେ ମରମେ ଭରି ?

ଖୋଜୁଥିଲ କେତେ   ଉପଳେ ଅନାଇ,
ଦେଖିବ ତ ଆଜ ଏ କିସ ଗୀତ ?
ସ୍ମରଣେ ପଡ଼ିଲେ   ସେ ମଧୁ ଉପଳ,
ଥରିଯାଏ କାହିଁ କୁମାର-ଚିତ୍ତ ?

କମ୍ପିଯାଏ ନଦୀ   ଦେଖଂତି ଯୁବକ,
ମିଶିଯିବ ବୋଲି ଅନଂତ ରସେ,
ଅରୁଣ-କନକ-   ଜଳଧାର-କଂପେ
କଂପି କଂପି ବୀର ପରାଣ ଭାସେ ।

ଅନଂତ ଗଗନେ   ଭାସିଯାଏ କାହିଁ
ଅନଂତ ତରୁଣ-ହରଷ-ଧାର ?
ଆପଣେ ବିଚାରି   ଦେଖଂତି କୁମାର
ଆଶାର ସ୍ୱପନ ଧରଣୀ ସାର ।

ଫୁଲଇ ପରାଣ   କି ମୋହନ ରସେ,
ପୁଣି ସେ ନିମିଷେ ଉଠଇ ଥରି,
ଆଜ ଏ କି ସତେ   ନବୀନ ସାଧନା
ଉଠଇ କୁମାରେ ପରାଣ ପୂରି ।

ପ୍ରଭାତ-ଗଗନ   ପ୍ରଭାତ-ତପନ
ଅରୁଣ-ଉଜଳ କୁହେଳୀ ଘନ
ଇଂଗିତ ଚମକେ   ସୁମତି, ଦେଖଂତି
ତରୁଣ-ପରାଣ-ସ୍ୱପନ-ଧନ ।

ସେ ସପନେ ଝଲି   ଉଠଇ ପ୍ରଶାନ୍ତି,
କଂପି ଉଠେ ବୀର-ମରମ-ଦେଶ,
ସେ ସପନେ ପୁଣି   କିବା ଅନୁମାନେ
ସେ କଂପେ ଫୁଟଇ ପୀରତି-ହାସ ।

ଶିଖରେ କାହାରେ   ବୁଲୁଅଂତି ବୀର,
ଚାପ ଗୁଳ କେତେ କରମେ ଧରି,
କରମେ କରମେ   ସ୍ମରଣେ ସ୍ମରଣେ
ଚମକେ ଉଠଇ ପରାଣ ଥରି ।

ଯିବେ କି ସତେ ସେ   କୃଷକ-ନଗରେ
ନ ଯିବେ କେସନେ, କରିବେ କିବା ?
ଆଶାର ସାହସେ   କି ହୁଅଇ ପୁଣି,
ଉଠୁଥାଂତି ଜରି ଆପଣେ ଯୁବା ।

ଛୁଟି ଆସେ ଧୀରେ ତପନ ଗଗନେ,
ଉତ୍ସବ ଉଲ୍ଲାସ ତରୁଣ ବୁକେ,
ଗୁପ୍ତବାସ ସ୍ମରଣେ ଥରଇ ମରମ
ସଭ୍ରମ-ଚକିତ-ପୀରତି-ସୁଖେ ।

ଜଳ ପଡ଼େ ରବ ପ୍ରସ୍ତରୀ-ଭଗନେ
କୁମାର-ପରାଣ ପ୍ରବାହେ ଥରେ,
ନ ଜାଣଂତି ବୀର କେସନେ ଆସିଲେ
କୃଷକ ମହଲେ କି ପଥ ଧରି ।

ଚରଣ ଭୁଜଂଗ, ଦେଖିଲେ, କୃଷକ
ଅଧବାଟେ ଥିଲେ କୁମାରେ ଚାହିଁ,
'ଜାଣଂତି କି ସତେ' ଶୁଣି ଚମକିଲେ,
ନିମିଷେ କୁମାର ଅଳପ ରହି ।

କିବା ରସେ ଭୁଲି ମଣିଲେ ପୁଣି ସେ,
'କିପାଇଁ ଜାଣିବେ କୃଷକପତି ?'
ମଣୁଥାଂତି କେବେ, 'ଜାଣଂତି ସେ ଅବା,'
ଚଳନେ ଥରଇ ତରୁଣ-ଗତି ।

ଆହା ସେ ପୀରତି କି ବଚନ ରସ ।
ଜଗତ ମୁକୁରେ ଦେଖଇ ମୁଖ,
ଭାମସେ ତପନେ ଜଳେ ସ୍ଥଳେ ନଭେ
ଝୁଲଇ ପୀରତି ସ୍ୱପନ-ସୁଖ ।

ସଭ୍ରମ ସଂକୋଚେ ସେ ପୀରତି ପୁଣି
ଗୋପନ-ମଣ୍ଡନେ ମରମେ ଥରେ,
ଆପଣେ ଆଚରି ଛଳନା ନିମିଷେ,
ମୋହନ ସେ ରସେ ତରୁଣ ଭୁଲେ ।

ଯେସନ୍ତ ରସେ ବୁଡ଼ି ଦେଖିଲେ, ନାହାଂତି
କୃଷକ ସଂଗତେ ବଜର-ବୀର,
ଯାବ ସ୍ଥୁଳ ସୁବା ଗଲଂତି ଅଳକ୍ଷ୍ୟେ,
ଥକ୍କିଗଲେ ଦେଖି କୃଷକ ପୁର ।

ଭେଟିଲେ ଭବନ, ନାହାଂତି ଦୁଆରେ
କପାଁ ବୀରମଣି ବଜର ଯୁବା ?
ଅଳପେ କୁମାର ପୁଚ୍ଛି ଆରଂଭିଲେ;
ନ ଜାଣଂତି ସେହୁ ପୁଚ୍ଛିଲେ କିବା ।

"ଅଧୀର କପାଁଇ ଦେଖିବ ଭବନେ,"
ଶୁଣି ଫୁଟେ ମୁଖେ ସରମ-ଲେଖା,
ପଶିଲେ ଭବନେ କୃଷକ-ଶେଖର
ଅନୁସରି ବୀର ପଶିଲେ ଏକା ।

ଭବନୁ ଭବନ ପାରି ହେଲେ କେତେ,
ଅନୁଚର ଆଉ ନାହାଂତି କେହି,
ହରଷେ କୁମାର ଥରଂତି ମରମେ,
ପ୍ରବୀଣ ସେ ରସ ବୁଝିବେ କାହିଁ ?

ଏହି ତବ ଧୂସି ପ୍ରଣୟୁ ଦେବାଳ,
ଏହି ତବ ଦୂତ ଦମ୍ପତି-ପାଖେ ।
ସଡ଼େ ଅନୁମାନେ ତରୁଣ-ସ୍ମରଣେ
ବୁଝିବେ ପ୍ରବୀଣ ତରୁଣ-ଗଭେ ।

ବସନ୍ତ କରମ ତବ ଧୂସିକାଳ,
ବସନ୍ତ ପୀରତି-ଉଆଁସ ତଳ ।
କି ଆଶେ ଯୁବକ ଯାଅ ଅନୁସରି,
ସଂଭ୍ରାନ୍ତ ପରାଣେ କି ଗୂଢ଼ ଭାବ ?

ଅଂଦର ମହଲେ ହେଲାଣି ତ ଆସି,
ନ ପଶୁଚି ପଥ ଯାଉଛ କାହିଁ;
ଉଣ୍ଡି ଉଣ୍ଡି ଏତେ ପଲକେ ପଲକେ
ଚଉପାଶେ କପାଁ ଦେଖୁଛ ଯୁହିଁ ?

ମରମେ ମରମେ କି ହେଉଛି ଏବେ,
ଥରିଯାଏ ତବ ଦରାଂଗ ଯୁବା ?
ଧୁଂସିଗଲେ ଆଗେ କୃଷକ ଅଳକେ,
ଦେହଳୀ ଆଦରି କୁମାର ରହି ।

ସ୍ୱହିଁ ପାରିବ କି        କୁମାର ସଲଖେ ?
ପରତେ କି ଯିବ ନୟନେ ଲବେ ?
ଏହି କି ତବ ସେ        ଉପଳ-ତରୁଣୀ ?
ବଜର-ଯୁବକ ବାଢ଼ାଂଶ ଏବେ ?

ମରମ-ଚମକେ        ଥରିଗଲେ ବୀର,
ଚକିତେ ରହିଲେ ରମଣୀ ସ୍ୱହିଁ,
ସେ ଚକିତ-ରସେ        ତରୁଣ-ବିଳାସ
କିଏ ସେ କହିବ, ବଚନ ବହି ?

ପରାଣ ବାସନା        ସ୍ମରଣ-ଚମକେ
ଖସିଗଲା ଧରି ବିଶାଳଧାରା,
ପଲକ-ବିସ୍ମୟ        ପରାଣ-ପୁଲକେ
ସମାନ ଦିଶିଲା ଗଗନ ଧରା ।

ଫୁଲିଗଲା ନାସା,        ଫିଟିଲା ରୋମାଂଚ;
ରହିଗଲେ ବୀର ମରମେ ଥରି,
ତରଳ ଲୋତକେ        ତରଳ କି ଭାବେ
ପଦେ ସରପିଲେ କର୍ଣାଟ ନାରୀ ।

ସୁରତେ ଉବନେ        ଦେଖିଲେ କୁମାର
ବଜର-କବଚ ଦିଶଇ ତୋରା,
କହିଲେ ପ୍ରବୀଣ,        "ଏହି ତବ ବୀର,
ବଜର ଯୁବକ, ବଜର ବାଳା ।"

ଫିଟିଗଲା କେତେ        ପ୍ରବୀଣ ବଚନେ
ନାରୀ ଛନ୍ଦ କଥା, ବଜର-ଖଣ୍ଡ ।
"ବାଳକାର ଦୋଷ        ନ ଧରିବ ବୀର,
ଅଛି ଏ ବରଣେ ଜନକ ମତ ।"

ତରୁଣ-ବିଳାସେ        କି ପୁରୁଷ ସତେ
ପ୍ରବୀଣ-ଈଶ୍ୱର-ଭୁଲନ-ଖେଳ ।
କପାଁଇ କୃଷକ        କହିଯାଅ ଏତେ ?
ଶୁଣିବାକୁ ବୀରେ ଅଛି କି ବଳ ?

ଶିଳ ଲେଖା ପରି        ଏବେ ଖାରବେଳ,
ବହିଯାଏ ସ୍ୱେଦ-କୁଟିଳ-ଧାରା ।
ଭେଟି ବୀରପଦେ        କର୍ଣାଟ ଲଳନା,
ଥରି ଥରି ଉଠେ ବରାଂଗ ଭରା ।

ଘନ ଧାରେ ଝରି        ପାଟଳ କପୋଳେ,
ଗଦ ଗଦ ଫିଟି, ପଡ଼ଇ ତଳେ;
ତରୁଣୀ ଲପନେ        ବହୁ ଯତ୍ନ ବହି;
କେବେ କେବେ ବୀର ସ୍ୱହାଂଶ ଥରେ ।

ବହୁ ଯତ୍ନେ ଏବେ        ଦକ୍ଷିଣ ସ୍ତ୍ରୀକରେ
ଧରିଲେ ରମଣୀ ଦକ୍ଷିଣ କର,
କଂପନେ କଂପନେ        ଉଠିଲା ପଡ଼ିଲା,
ତରୁଣ-ତରୁଣୀ-ରୋମାଂଚ-ଖେଳ !

ମୁଂଡ ପୋତିଦେଲେ   ସୁଂଦରୀ କି ରଂଗେ,
କେସନ ଦିଶିଲେ ପୁରୁଷମଣି,
ଗଦ ଗଦେ କପାଁ        ଫିଟିଲା ସଘନେ
ସୁଂଦରୀ-ରୋଦନ-ମୋହନ ଠାଣି ।

କେସନ ସେ ନବ        ବରାଂଗ-ସୁଗଳେ
ଢଳ ଢଳ ଦିଶେ ମରମ-ଧାରା,
କି ସଂଗୀତ-ରସେ,        କି ଭାରତୀ ବହି
କିଏ ଗାଇବ ସେ ଇଂଗିତ-ଲୀଳା ?

ହାତ ଧରି ବୀର        ଅଦୂରେ ତଳପେ
ଗୁରୁଶ୍ୱାସ ଗୁଡ଼ ବସିଲେ ଧୀରେ;
ଦେଖିଲା ଜନତା        ସେ ନବ ଦଂପତି
ଉଚ୍ଛବ-ବିଭବେ କୃଷକ-ପୁରେ ।

# ଟୀକା

## ପ୍ରଥମ ଛାଂଦ

ପଟଳ—ମେଖଳା = ପ୍ରାଚୀନ ସିଂଧୁନଦୀ ମୁହାଣର 'ପାତାଳ' ନଗରକୁ ସୂଗ୍ରାବ୍ୟ ହେବ ବୋଲି ପଟଳ କୁହାଯାଇଅଛି । ଏହା ବର୍ତ୍ତମାନ 'କରାଚି' ସହରର ପ୍ରାୟ ୨୫କ୍ରୋଶ ଉତ୍ତର ପଶ୍ଚିମକୁ ଥିଲା । ସେତେବେଳେ ପାତାଳ ପାଖେ ସିଂଧୁନଦୀର ମୁହାଣମାନ ଥିଲା । ଏବେ ପଟ୍ଟୁ ପଡ଼ ଜମି ସମୁଦ୍ର ଭିତରକୁ ମାଡ଼ି ଗଲାଣି । ସାଦୀ = ଅଶ୍ୱାରୋହୀ, ଘୋଡ଼ା ସୱାର, । କଦଂବ = ଘୋଡ଼ାର କଦଂବ ଗୁଳି । ପ୍ରତିକାଶ = ପ୍ରତିବିଂବ ।

## ଦ୍ୱିତୀୟ ଛାଂଦ

ଚଂଦ୍ରଦୀପ = ଚଂଦ୍ରଜହ୍ନଅ, ଏକ ପ୍ରକାର ଆତସ-ବାଜି ଆଲୁଅ ।

ମାରବ ସିକତା···ମେଘ—ସାହାରା ପ୍ରଭୃତି ମରୁ-ଭୂମିରେ ମେଘ ଉଠାଏ; ମାତ୍ର କଦାଚିତ୍ ସାମାନ୍ୟ ବିଂଦୁପାତ ଛଡ଼ା ଆଉ କିଛି ହୁଏ ନାହିଁ । ମାରବ = ମରୁଭୂମି ସଂବଂଧୀୟ ।

ମେରୁ ପରବତ···ଯାଏ ମାଡ଼ି—ଏଠାରେ ନୀହାର ବାହୁ ( Avalanche )କୁ ଲକ୍ଷ୍ୟ କରାଯାଇଅଛି, ବରଫଶିଖରଯବ୍ରୁ ବଡ଼ ସୁଂଦର ଦିଶୁଥାଏ । ସମୟ ସମୟରେ ମାଧ୍ୟାକର୍ଷଣ (ପାତ) ପ୍ରଭାବରେ ହଠାତ୍ ଛିଡ଼ି ପଡ଼ି, ଗାଁ, ସହର, ଜଙ୍ଗଲ, ବଣ ସବୁ ନଷ୍ଟ କରିଦିଏ । ଯେଉଁମାନେ ଶୋଭା ଦେଖୁଥାଂତି ସେହିମାନେ ହିଁ ନଷ୍ଟ ହୁଅଂତି ।

## ତୃତୀୟ ଛାଂଦ

ଫିନ = ଧ୍ୱଂସିର ଗୋଟିଏ ସହଚରୀ, ଦ୍ରାବିଡ଼ କୃଷକ = ବାଳକାର ନାମ ।

## ଚତୁର୍ଥ ଛାଂଦ

ଯବନ—ଗ୍ରୀସ୍ ଦେଶଲୋକଂକୁ ଭାରତୀୟମାନେ ପ୍ରଥମେ ଯବନ ( ଯୁବନ ) କହୁଥିଲେ । ପରେ ଯେ କୌଣସି ପଶ୍ଚିମ ଦେଶ ଲୋକଂକୁ ସେହି ନାମରେ କହିଲେ ।

ଅନୂପ, ଅନୂପଭୂମି = ଉପକୂଳର ନିମ୍ନଭୂମି, ନଦୀ ମୁହାଣ ପଟ୍ଟରେ ତିଆରି ହୋଇଥିବା ଭୂମି, Delta । କୁମୁଦ କୁଂକୁମ···ରଂଗ = ଫିକାରଂଗ ବା ପାଣ୍ଡୁରା ଓ ରକ୍ତିମାର ମିଶ୍ରଣ, ନିସ୍ୱାସ ବା ଭୟ ଓ ବ୍ରୀଡ଼ାରେ ଯେ ରଂଗ ପ୍ରକାଶ ପାଏ ।

## ଷଷ୍ଠ ଛାଂଦ

ବାଣିଜ୍ୟ-ପବନ = ଯେଉଁ ପବନରେ ସମୁଦ୍ର-ବାଣିଜ୍ୟର ସୁବିଧା ହୁଏ ଓ ବଣିକମାନେ ଜାହାଜ ଛାଡ଼ଂତି ତାକୁ ଆଗେ ବାଣିଜ୍ୟ-ପବନ କହୁଥିଲେ ।

## ସପ୍ତମ ଛାଂଦ

କୁଟଜ = ପିତା କୋରମା (କୋରୁହାଁ) ଫୁଲ । ଏ ଫୁଲ ଫୁଟିଲେ, ବଣରୁ ଖଂଡେ ଖଂଡେ ଏକାବେଳକେ ଧଳା ଦେଖାଯାଏ ।

ଜୈତ୍ର = ଜୟଶୀଳ, ଯାହାଯୋଗେ ଜୟ ହୁଏ, ଜୟର ଲକ୍ଷଣ ପରି ।

## ଅଷ୍ଟମ ଛାନ୍ଦ

ଅଭିଯାନ = ଯୁଦ୍ଧଯାତ୍ରା

## ନବମ ଛାନ୍ଦ

ଦ୍ରାବିଡ଼-ବାହ୍ମଣୀ-ପତି = କୃଷକ ସେନାପତି ।

## ଏକାଦଶ ଛାନ୍ଦ

ପୁରୀ = ନଗର ପରି ପୁରୀ ବୋଲି ବେଲୁଚିସ୍ଥାନ ଦକ୍ଷିଣକୁ ସମୁଦ୍ରକୂଳେ ଗୋଟିଏ ରାଜ୍ୟ ଥିଲା ।

## ଦ୍ୱାଦଶ ଛାନ୍ଦ

ଯବନପୁର—ଗ୍ରୀସ୍ ଓ ମିଶରର ରାଜଧାନୀ ଏଥେନ୍ସ୍ ଓ ଆଲେକ୍‌ଜାଣ୍ଡ୍ରିଆକୁ ଭାରତୀୟମାନେ ଯବନପୁର ବୋଲି କହୁଥିଲେ । ଏଠାରେ ଗ୍ରୀସ୍ ଛୁଝିବା ବୁଝିବାକୁ ହେବ ।

ସମ୍ପଦେ ଆତ୍ମଲଭ···ଗ୍ରନ୍ଥ—ଏଠାରେ ଗ୍ରୀକ୍ ମନୀଷୀ ସକ୍ରେଟିସ୍‌ଙ୍କ ପ୍ରତି ଲକ୍ଷ୍ୟ କରାଯାଇଅଛି । ସକ୍ରେଟିସ୍ ଗ୍ରୀସ୍‌ଦେଶରେ ଆତ୍ମା ଅମର ଓ ଈଶ୍ୱର ଏକ ବୋଲି ପ୍ରଥମେ ପ୍ରଚାର କରି, ରାଜ୍ୟରେ ଦୋଷୀ ହୋଇ, ପ୍ରାଣଦଣ୍ଡ ପାଇଥିଲେ । ପ୍ରାଣଦଣ୍ଡରେ ସେକାଳେ ସେ ଦେଶରେ ବିଷ ପିଆଇ ଦିଆଯାଉଥିଲା । ସକ୍ରେଟିସ୍ ରାଜ୍ୟର ଆଦେଶ ହେଲା ସେ ବିଷ ଆନନ୍ଦରେ ପାନ କରିଥିଲେ ।

କାନ୍ତି ଘନେ···ପୁରୀ—ଶରତ୍ କାଳ ସନ୍ଧ୍ୟାରେ କାନ୍ତି ବଳାମେଘରେ ବିଜୁଳି ବଡ଼ ସୁନ୍ଦର ଦେଖାଯାଏ; ମାତ୍ର ଅଳ୍ପ ମେଘ ବା ଶୂନ୍ୟ ପ୍ରାୟ ଆକାଶରେ ଚଡ଼କ ବଡ଼ ଭୟଙ୍କର ହୁଏ ।

## ତ୍ରୟୋଦଶ ଛାନ୍ଦ

ସିନ୍ଧୁବାହିଗିରିନଦୀ—ସିନ୍ଧୁନଦୀକୁ ବହି ଯାଉଥିବା ସ୍ରୋତ ନଈ ।

## ଚତୁର୍ଦ୍ଦଶ ଛାନ୍ଦ

ସୁଧାଂଶୁ-ମଣ୍ଡଳ—ଚନ୍ଦ୍ରମଣ୍ଡଳ ବା ପରିବେଶ, (ଚନ୍ଦ୍ରଙ୍କ କୁଢ଼େ) ।

ଏହି ମଣ୍ଡଳ ପଡ଼ିଲେ ନିକଟରେ ବର୍ଷା ହେବ ବୋଲି କୃଷକମାନେ ଅନୁମାନ କରନ୍ତି । ଏହା ବର୍ଷା ବା ଆଦ୍ୟ ଶରତ୍‌ରେ ଚନ୍ଦ୍ର ଓ ସୂର୍ଯ୍ୟ ଚାରିପାଖେ ଗୋଟିଏ ବୃତ୍ତ ପରି ଦେଖାଯାଏ ।

ଗୋପନେ ଲୁଚାଇ ଦଳେ······ବିକଳ—ପ୍ରଜାପତି, ପିଲଖାଇ ବଂଶବା ଭଳି ଗଛର ପତ୍ରରେ ଡିମ୍ବ ଲୁଚାଇ ରଖିଦେଇ ଚାଲିଯାଏ । ଡିମ୍ବର ସମୟ ହେଲେ, ତାହା ଫାଟେ । ସେଥିରୁ ଶୁଆବାଳ ( ସର୍ପ ବାଳୁଆ ) ପରି ପିଲା ବାହାରେ । ସବୁ ପ୍ରଜାପତି ପିଲାରେ ଅବଶ୍ୟ ରୁମ ନ ଥାଏ । ସେହି ପିଲାମାନେ ସେହି ଗଛ ପତ୍ରକୁ ଖାଇଯାଇ, ଗଛକୁ ଅସୁନ୍ଦର ଓ ଶ୍ରୀଭ୍ରଷ୍ଟ କରି ଦିଅନ୍ତି । ସଜନା, ଗଂଗଶିଉଳି ଗଛ, କୋଶଳ ଶାଗ ପ୍ରଭୃତିରେ ଏହା ସହଜରେ ଦେଖାଯାଇ ପାରେ ।

## ଷୋଡ଼ଶ ଛାନ୍ଦ

ପଲକେ ଥର ଥର —ଏଠାରେ ତାରାର ମିଟ୍ ମିଟ୍ ହେବାକୁ ଲକ୍ଷ୍ୟ କରା ଯାଇଛି । ଗ୍ରହଠାରୁ ତାରାର ଏହି ପ୍ରଭେଦ ।

'ପଲକେ' ଠାରେ ( ପୁଲକେ ) ମଧ୍ୟ ପଢ଼ା ଯାଇପାରେ ।

## ଊନବିଂଶ ଛାନ୍ଦ

ଚିକୁର = ବାଳ, ଏଠାରେ ଦାଢ଼ିର ନୂତନ ଲୋମ ।

## ବିଂଶ ଛାନ୍ଦ

ଅନୁରାଗ କଲ୍ଲ······ନଇବାକି —ଶୀତକାଳରେ ଚନ୍ଦ୍ରର ଉତ୍ତରାୟଣ ହୁଏ ।

## ଏକବିଂଶ ଛାନ୍ଦ

ଦକ୍ଷିଣୁ ବାମରେ କେତେ ପଡ଼ନ୍ତି ଅକ୍ଷରେ— ସେ କାଳରେ ପଶ୍ଚିମ ପଞ୍ଜାବ ଓ ଆଫଗାନିସ୍ଥାନ ପ୍ରଭୃତିରେ ଯେଉଁ ଅକ୍ଷରରେ ଲେଖା ଯାଉଥିଲା ତାହା ଡାହାଣରୁ ବାଁ ଆଡ଼କୁ ଲେଖିବାକୁ ଓ ପଢ଼ିବାକୁ ହେଉଥିଲା । ଏହାକୁ ଏବେ ଐତିହାସିକମାନେ 'ଖରୋଷ୍ଠୀ' ଲିପି ବୋଲି କହନ୍ତି ।

# ଦାସ ନାଏକ

# ଭୂମିକା

ମୁଁ ଗତ ମାର୍ଚ୍ଚ, ଏପ୍ରେଲ, ମେ, ଜୁନ୍ ମଧ୍ୟରେ ହଜାରିବାଗ ଜେଲରେ ଥିବାବେଳେ ଇଂରେଜ କବି ଟେନିସନ୍‌ଙ୍କର 'ଇନକ୍ ଆର୍ଡେନ୍' କାବ୍ୟ ପଢ଼ୁଥିଲି । ହଠାତ୍ ମନେ ହେଲା, ସମସ୍ତ ରାତି ଏକାକୀ ବଂଦ ହେବାବେଳେ କିଛି ଲେଖିବାର ଆରଂଭ କଲେ କାଳ କଟିଯିବ । ତେଣୁ ସେହି ଇନକ୍ ଆର୍ଡେନ୍ ଆଶ୍ରୟରେ 'ଦାସ ନାଏକ' ବୋଲି ଏହି କାବ୍ୟଟି ଲେଖିଲି ।

ସାଧାରଣ ଲୋକେ ବୁଝିବାଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା, ଏ କଥା ବହୁଦିନରୁ ଭାବୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ଼ ଅଳ୍ପ । ସେ ଅଳ୍ପତା ବ୍ୟବହାରର ପ୍ରାସଂଗିକ ମାଧୁର୍ଯ୍ୟରେ କପରି ଆଚ୍ଛାଦିତ ହୋଇପାରିଛି, ତାହା ପାଠକମାନେ ଦେଖିବେ । ମୋର ସେଥିରେ କହିବାର୍ କିଛି ନାଇ ।

ସ୍ତ୍ରୀର ସତୀତ୍ୱ-ଆଦର୍ଶ ନେଇ ଏ ଦେଶରେ ବହୁତ ଲେଖା-ଯାଇଛି ଓ ଯିବ । ପୃଥିବୀର ସଭ୍ୟ ସାଧାରଣଙ୍କର ଏହା ହିଁ ଏବେ ମଧ୍ୟ ଆଦର୍ଶ ଅଛି । ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବ ସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ-ରାଜ୍ୟରେ ଗୋଟିଏ ନୂତନ ବିଭବ । ଏ ବିଷୟ ମଧ୍ୟ ମୋର ଏ କାବ୍ୟ ପ୍ରତି ଆଦର ବଢ଼ାଇଥିଲା—ଏ କଥା କହି ରଖିବା ଉଚିତ ମନେ କରେଁ ।

ସତ୍ୟବାଦୀ
୨୫-୯-୧୯୨୩

ନୀଳକଂଠ ଦାସ

# ଦାସ ନାଏକ

## ପ୍ରଥମ ସର୍ଗ

### ( ୧ )

ସମୁଦ୍ର କନାରେ ପାହାଡ଼ର ମାଳା
ସାନ ସାନ ଦୁଇ ନାସି ଚହ୍ନିଁ,
ଭେଦିଛି ସାଗର, ଦୁହିଂକ ଭିତରେ
ଢଣେ ବାଲିଖଂଭ ଦାଉ ଦାଉ ।

ମେଲାର ସେ ବାଲି- ସିଂଧୁ କୂଳଯାଏ
ସେହି ନାସି ଖୋଲେ ଧାଡ଼ି ଧର,
ନାଲି ମାଳ ଗୁଲ ଗିର ଅଧ ଯାଏ
ବୁଡା ଗହଳରେ ହୁଏ ବାର ।

ସିଂଧୁଫେଣ ଫେନ ସାଗର ପବନ
ଲହରେ ହସାଏ ସେ ବସନ୍ତ ।
ସାନ ସାନ ତଟ୍ଟ ଭାସଇ ସାଗରେ
ଅଳପେ ଫୁଲଇ ପାଲ ସ୍ଥିତ ।

ଅଳପ ଜଂଗଲ ସେ ନାସି ଉପରେ;
ଚଢ଼ିଲେ ଲଗଇ ଘୋର ବନ,
ବସଂତେ ଚତ୍ରଟେ କେତେ ଫୁଲବାସ
ଗ୍ରୀଷ୍ମରେ ପାଚଇ ଫଳମାନ ।

କେତେ ସେ ନୋଳିଆ, ଯୁବା ଯଉବନା
ବାଳକ ବାଳିକା, କ ପୁଲକେ
ଖେଳଂତି ପୁଳିନେ ! ବେଳେବେଳେ ପୁଣି
ଉଠୁଥାଂତି ଗିର ମନସୁଖେ ।

ଫୁଲ ତୋଳି ତୋଳି କୋଳି ଖାଉଥାଂତି
ସେ ନାସି ଉପରେ ବନସାରା,
ବଇଶାଖ ମାସେ କୋଇ ତୋଳିବାରେ
ସେ ନାସିରେ କେତେ ହୁଏ ମେଳା ।

ଗ୍ରାମ ବେଢ଼େହେରଂକ ପୁଅ ଲଇଖଣ
ଏକା ସେହି, ତାର ମାଆ ନାହିଁ;
ଦାସ ବୋଲି ପୁଣି ଦୁଃଖୀ ପିଲାଟିଏ;
ବାପ ମାଆ ତାର ନାହିଁ କେହି ।

ସିଅଟିଏ ପୁଣି, ମେଲା ତାର ନାମ,
ଜନୋଟି ସେ ପିଲା ସାଂଗ ସୁଖ;
ପାଣିକୂଳେ ଆସି କେତେ ଖୁସି ହୋଇ
ଖେଳୁଥାଂତ କେବେ ବନଯାକ ।

କେତେ ସେ ପୋଡ଼ୁଅ, ବଡ଼ ନାଆ କେତେ
ଝଣା ହୋଇ କୂଳେ ପଡ଼ିଥାଇ,
ଘୁଇରେ ତାହାର ବାଲିଘର କରି
ଖେଳୁଥାଂନ୍ତି ତିନ ସାଂଗ ତହିଁ ।

କେତେ ବାଲିଘର ଲହରୀ ଆସିଣ
ଥରି ଥରି କରି ଧୋଇନଏ,
କେବେ କଂକଡ଼ାର ପଛେ ପଛେ ଧାଇଁ
ଗାତ ଖୋଳୁଥାଂନ୍ତି ସେ ତିନହେଁ ।

ଛିଂଡ଼ା ଜାଲ ପାଲ ଦଉଡ଼ି ଭିତରେ
ଖେଳୁଥାଂନ୍ତି କେବେ ଲୁଚକାଳି;
ଫେଣ ଲହରୀର ପଛେ ପଛେ ଧାଇଁ,
କେତେ ବୋଲି ହେଉଥାଂନ୍ତି ବାଲି ।

ଶହେ କି ଦୁଇଶ, ବରଷ ଏ କଥା
ହେବ, ସେତେବେଳେ ଗୋଗ୍ରାମ ନେ
ନୂଆ ହୋଇ ଆସି, ସେ ଗ୍ରାମଲୋକଂକୁ
ରଖିଥାଂନ୍ତି କେତେ ସନମାନେ ।

ଜାହାଜକୁ କେତେ ବୋଇତ ଚଲାଇ
ଯାଉଥାଂନ୍ତି ଦଳେ ଦଳେ ଲୋକ,
ପାଠଶାଳା କରି, ପରଦେଶ କଥା
ଶିଖୁଥାଂନ୍ତି ଗ୍ରାମ ପିଲାଯାକ ।

ଡିଂଗା କାଠି ଧରି, ସମୁଦ୍ର ଭିତରେ
ମାଛ ଧରି ଯାଉଥାଂନ୍ତି ଥେ କେ;
ବାଲି ଖେଳ କରି, ଏ ସବୁ ଖେଳଂନ୍ତି
ତିନ ସାଂଗଯାକ କେତେ ସୁଖେ;

ସେହି କୂଳେ ପୁଣି ପଥରର ଖୋଲ
ଲଂବ ଯାଇଥିଲା ଦାସିଲେ;
ତଣି କେବେ ତହିଁ; ଘର ବୋଲି କହି,
ତିନ ପିଲାଯାକ ଖେଳୁଥିଲେ ।

ଦାସ ହୁଏ ଆଜ ଗିରସ୍ତ ସେ ଘରେ,
ଲଇଖଣ ହୁଏ ଆରଦନ;
ବୋହୂ ପରି ମେନା ବାଲି ଗୋଡ଼ି ସେନ,
ଘଂଧବାଡ଼େ ଦେଉଥାଏ ମନ ।

ଦନ ପରେ ଦନ ପୁଣି ଆର ଦନ
ଦାସ କେବେ କେବେ ହୁଏ ବର;
କହେ, "ମୋର ଘର, ମେନା ମୋ ଘରଣୀ"
ଲଇଖଣ ହୁଏ ହରବର ।

ଥରକୁ ଥର ସେ ବର ହେବ ବୋଲି
ଆସୁଥାଏ, ଦାସ ଦଏ ତଡ଼ି;
ବଳୁଆ ସେ ଦାସ, ତଡ଼ିଦେଇ ତାକୁ
'ମୋର ଘର' ବୋଲି ବସେ ମାଡ଼ି ।

କେତେ କଳି କରି, ନ ପାରି ଲକ୍ଷଣ,
ଗାଳିଦଏ ତାକୁ କୋରଧରେ,
କାଂଦି କାଂଦି କହେ, "ଆଉ କେବେ ଦାସ
ସାଂଗ ହେବି ନାହିଁ ତୋର ଭୁଲେ ।"

ଚିକି ମେନା ଟି ସେ ଛଳଛଳ ଆଖି
କରି, କହେ, "କିଆଁ କଳି କର ?
ଦୁହିଂକର ମୁହିଁ ଟିକିବୋହୂ ହେବି,
ଦୁହେଁଯାକ ତୁମେ ମୋର ବର ।"

( ୨ )

ବଡଲେ ଏସନେ ସୋହାଗ ବାଳୁତ,
ବୟସର ଦନ ହେଲା ଆସି;
ଦାସ, ଲଇଖଣ ଦୁହିଂକର ମନ
ମେନାକୁ ଗୁହିଁଲେ ଯାଏ ଲସି ।

ଦୁହିଁଙ୍କୁ ଚୁହିଁଲେ, ସଢ଼ଯାଏ ମେଲ୍ଲ,
ଛୁଇଁଲେ ଯେସନେ ଲାଜକୁଳୀ,
ପ୍ରସ୍ତୁତିଲେ କେବେ କଥା ପଦେ କହେ,
କେବେ ମୁଂଡ ପୋତି ଯାଏ ଚୁଲି ।

ଚତୁରପଣ ହେଲେ, ଅଶ ଜଟେ ପ୍ରଭୃତି;
କିଏ ସେ କହିବ, କାହିଁପାଇଁ ?
ଭିତରେ ଭିତରେ ଜିବା ହୋଇଯାଏ !
ପଦେ ହେଲେ ମୁହେଁ କଥା ନାହିଁ ।

ଦାସ ବେଳେବେଳେ ଏକୁଟିଆ ଦେଖି,
ଜିବା ପଦେ କହି ଦିଏ ହସି ।
ବଢ଼ିହାସେ ମେଲ୍ଲ ଦର ଚୁହାଟିରେ
ଲାଜେ ଭୟେ ଜିବା ଯାଏ ଦଶି !

ଲକ୍ଷଣ ଦେଖିଲେ, ହସିଦିଏ ଖାଲି,
କହିବାକୁ ମୁଖେ ନାହିଁ କଥା !
ମନେ ମେଲ୍ଲ ତାକୁ କରଇ ଆଦର,
ଦାସକୁ ଚୁହିଁଲେ ପୋତେ ମଥା !

ଦାସକୁ ଚୁହିଁଲେ ଏ କି ନୂଆ କଥା ?
ନ ଜାଣଇ ମେଲ୍ଲ ନିଜ ମନ,
ମନେ ମନେ ଦାସ ଜିବା ଗାନ୍ତି ଗାନ୍ତି
ବସ୍ତ୍ରାଲ, ଅରଜିବ ଧନ,

ଆପଣାର କରି ପାଲଟେକା ଟଙ୍କ
ଜଣି, ଦେବ ମନ ବୋଉସାରେ;
ଘର କରି, ଦିନେ, କେତେ ସୁଖେ ଆହା
ରଖିବ ମେଲ୍ଲକୁ ସେହି ଘରେ ।

ସେହି ଦିନୁଁ ତାର ପାଣି ହେଲା ଘର;
ମାଛ ମାରିବାରେ ଅ.ଗେ ସେହି;
ସମୁଦ୍ରରେ କେହି, ପଡ଼ିଗଲେ ଭଣ୍ଡି
ଦାସ ଥିଲେ, ଆଉ ଡର ନାହିଁ ।

ଜାହାଜରେ ଦାସ ଯାଇ; ଦେଶେ ବିଦେଶେ
ବରଷକେ ବୁଲି ଆସି ପୁଣି;
ବଡ଼ କାରିଗର ହେଲା, ନୋଳିଆଏ
ପରଶଂସା ତାର ହେଲେ ଗୁଣି ।

ତା ପର ଚଳକ, ସାହସୀ ବଳୁଆ,
ନାହିଁ କେହି ଆଉ ଗ୍ରାମଯାକ;
'ତା ସମାନ କିଏ କରିବ ବେଉସା ?'
ବୋଲି କହିହେଲେ ସେଠା ଲୋକ ।

କେତେ ରୋଜଗାର କରୁଥାଏ ଦାସ
ସଂଚିଥାଏ ସବୁ କି ଯତନେ ?
କୋଡ଼ି ପୂରି, ତାକୁ ଏକୋଇଶ ଏବେ,
ପାଲଟେକା ନାଆ ସେହୁ କିଣେ ।

ନାସି ଉପରକୁ ଗ୍ରାମ ମୁଂଡ଼ ଆଡେ
ସରଟିଏ କଲା କି ଯତନ ।
ମେଲ୍ଲ ଆସି ସତେ ରହିବ କି ଏଥି ?
ବୋଲି ମନ ତାର ଛନଛନ ।

(୩)

ଗଲା କେତେଦିନ ଏସନେ, ଆସିଲା
ମଧୁଶେଷେ ମାସ ବଇଶାଖ;
ଫୁଲ ଫଳ ଭରା ବନସ୍ତେ ମାତିଲେ
କେତେରଂଗେ ସେହୁ ଗ୍ରାମଯାକ ।

ଶେଷ ଦିନ ଆଜି, ପରବ ସଂଭ୍ରରେ
ସମସ୍ତେ ପଶିବେ ସେ ବନସ୍ତେ,
ପାତଯାଏ ରହି, ଫଳଫୁଲ ତୋଳି
ଉତ୍ସବ କରିବେ କେତେମଂତେ !

ସ୍କୁଲ ଗଡ଼ିଗଲା, ବେଳ ଆସି ହେଲା,
ପିଲାଯାକ ହେଲେ ଭିକାଭିକ;
ଯୁବାପଣ୍ଡିତମା ସମସ୍ତେ ଚାଲିଲେ;
ମାଆ ବାପ କେତେ ଗଲେ ଦେଖି ।

ସେଡ଼ାଲୁଗା ପିନ୍ଧି, ମୁଣ୍ଡ ପୋଛି ପୋଛି,
ଚାଲିଲା ସେ ମେଲା ସାଙ୍ଗମେଳେ;
ସାଙ୍ଗ ଛାଡ଼ି, କବା ଖାଲି ଖାଲି, ଦାସ
ଯାଉଥାଏ ପଛେ କିଛି ଦୂରେ ।

କେତେ ଅଳି କରି ପଛେ ଫେରି ଫେରି,
ଯାଉଥାଏ ମେଲା ଚାହିଁ ଚାହିଁ;
'ପାଦେ କଣ୍ଠା' ବୋଲି ସାଙ୍ଗ ଛାଡ଼ି କେବେ
ଅଳପ ପଛକୁ ଯାଏ ରହି ।

ଛକଟକ ଚାହାଣି ଦରହାସ ଦେଖି,
ଦାସ ଆସି ପାଖେ ଯାଏ ମିଳି;
ନ ଜାଣିଲା ପରି କଥା କହି, ମେଲା
ବାହାନା ଦେଖାଏ କେତେପରି ।

ଥରେ ପାଦେ କଣ୍ଠା ବଡ଼ ଦାଉ କଲା
ଯେତେ ଓଟାରିଲେ ନ ବାହାରେ,
ମୁହଁ ପୋଛି, କେତେ ପାଦେ ହାତ ଦେଇ,
ଚାହେଁ ମେଲା ଦାସେ ଥରେ ଥରେ ।

ଆର ସେତକ ଦାସ, ନ ଜାଣିଲା ପରି
ପାଇ, ମେଲା ପାଖେ ମିଳିଗଲା;
ହାତ ଦେଲାକ୍ଷଣି କାହିଁଗଲା କଣ୍ଠା !
ଚାଲିଲେ ସଂଗତେ ଦାସ ମେଲା ।

ଆଗେ ଯାଉଛନ୍ତି ଗ୍ରାମଯାକ ଲୋକ,
ପଛରେ ତ ଆଉ ନାହିଁ କେହି,
ଲଇଖଣ କାହିଁ ପଛେ ଏତେ ଦୂରେ
ରହିଯାଏ, କବା ଚାହିଁ ଚାହିଁ ?

ମରମେ ତାହାର କି ହେଉଛି ଏବେ ?
ବସିଗଲା ସେତକ ଥକ୍କା ମାରି;
କି ପିଆସ ତାର ଯାଏ ଜୀବନକୁ
ରହିଗଲା ବୁକେ ଦକ୍‌କା ପରି ?

ଆହା ବାଲିପାଟେ ପାଣି ପରି ଯେବେ
ଖରାରେ ଝଲକି, ଦିଶେ ଦୂରେ,
ଧାଇଁ ଧାଇଁ ମୃଗ, ନିରାଶେ ଯେସନ
ପଡ଼ିଯାଏ ଶୋକ ବିକଳରେ;

ତେସନ କି ଶୋଷେ ପଡ଼େ ଲଇଖଣ;
ମରମ ତାହାର ଜାଣିବ କେ ?
କି ଶୋଷରେ ଧାଇଁ, କପାଇଁ ନିରାଶ ?
କେହି ନ ଜାଣିଲେ ଗ୍ରାମଲୋକେ ।

ଜୀବନକୁ ତାର ନିରାଶାର ଜଳେ
ବୁଡ଼ି, ଆଶାଲତା ଗଲା ରହି;
କେତେ କାଳେ ତହୁଁ ଦଇବ ବଶରେ
ବାଧାଂକୁ ହରାଇ ଏକା ସେହି ।

କେତେଦିନେ ଗ୍ରାମେ ବାଇଦ ବାଜିଲା
ମେଲା ଦାସଂକର ବିଭାଘରେ;
ପିଲାଦିନ ସାଙ୍ଗ ଲଇଖଣ ତହିଁ
ମାତିଥାଏ କେତେ ଉତ୍ସବରେ ।

ଭୋଜି ଖାଉଥାନ୍ତି ଗ୍ରାମ ଲୋକଯାକ,
ତଦାରଖ କରଇ ଲଇଖଣ,
ସମସ୍ତେ ସେ ଦିନ କେତେ କହି ହେଲେ
ଲଇଖଣର ଏ ଭଲପଣ ।

ସେହିଦିନୁ ଆଉ ଲକ୍ଷଣର ଦେଖି
ମେଲା ଦାସ ପାଖେ ନାହିଁ ଦେଖା;
କେହି କହେ ପୁଣ୍ୟ ସେ; କାହିଁ ମେଲା ଦାସ
ମନେ ବା କରିବେ ତାହା ଲେଖା ?

ମେଲୁ ଦାସଂକର ଦାସ-ନୂଆଘରେ
ଆନଂଦେ ବିତିଲା କେତେ କାଳ;
ଦୁହେଁ ଆନଂଦରେ କରୁଥାଂନ୍ତି କାମ,
ନିଜ ଅରଜନେ କରି ବଳ ।

ଗୃହୁଁ କେତେ ଦିନେ ମେଲୁ କୋଳେ ଆସି
ଦେଖାଦେଲା ନୂଆ ଝିଅଟିଏ;
ଅଂଧାର ଘର ସେ ଆଲୁଅ ହେଲା କି ?
ଦାସର ଆନଂଦ କହେ କିଏ ?

ସେହି ଦିନୁ ଦାସ ପ୍ରାଣପଣ କରି,
ଅରଜିଲା ଧନ ହେଲା ସଂଚ;
ଆପଣା ପିଲାଂକୁ ଧନ ଖର୍ଚ୍ଚ କରି
ମଣିଷ କରିବ, ମନେ ପାଂଚ ।

ଏ ବିଦ୍ୟାର ପୁଣି ଟାଣ କରିବାକୁ
ଯୋଡ଼ିଏ ବରଷ ଚହୁଁ ଗ୍ଳଡ଼ି,
ଜଗନ୍ନାଥେ ଦେଲେ ବାଳକ ମେଲୁକୁ,
ଦେଖି ଦାସ-ମନ ଯାଏ ପୂରି ।

ଦିନକୁ ଦିନ ସେ ପ୍ରାଣପଣ କରି,
ବେଉସାରେ ଚହୁଁ ଦେଲା ମନ,
ନଉକା ଚଳାଇ ଯାଏ ସେ ସାଗରେ
ଝଡ଼ ବରଷାରେ ନୁହେ ଆନ ।

ସେହି ନାସି ଖୋଲ ନୋଳଆ ଗାଆଁଟି
ସହର ହେଲାଣି ଆସି କ୍ରମେ
କେତେ ସେ ଜାହାଜ ଲାଗୁଛି କନାରେ,
ବଡ଼ ବଡ଼ ଘର ଶୋହେ ଗ୍ରାମେ ।

ବଡ଼ ଜାହାଜରେ ଆକଟ ପଡ଼ିଲେ
ଦାସକୁ ହକଗ୍ଧ ଆସେ ଏବେ,
ଆପେ ଉଠି ଦାସ ପାଲ ବାନ୍ଧିଦିଏ
ନ ଡରି ବରଷା ଝଡ଼ କେବେ ।

ଜାହାଜଆମାନେ ଆଦର କରଂନ୍ତି
ସମୁଦ୍ରରେ କେବେ ରହେ ଦାସ;
ପିଲା ଦିଓଟିଂକୁ ଧରି ସେହୁ ମେଲୁ
ଗ୍ଳହେଁ ଗ୍ଳଭସାକ କରି ଆଶ ।

ଦିନେ ଏହିପରି ଗ୍ଳହିଁ ଗ୍ଳହିଁ ମେଲୁ,
ଦେଖିଲା ସକାଳୁ, କେତେ ଲୋକ
କନ୍ଧିଆଣି ଦାସେ ରଖିଦେଲେ ଘରେ,
କି କରିବ ମେଲୁ କରି ଶୋକ ।

ଘଡି ଝଡ଼ ବେଳେ ଜାହାଜରୁ ପାଲ
ଉଖରୁ ଉଖରୁ ଖସି ପଡ଼ି,
ଭାଂଗି ଯାଇଅଛି ଡାହାଣ ଗୋଡ଼ଟି,
ଦାସ ବିଶୁଅଛି ହତଚିଶ୍ଚି ।

କାଂଦିଲା ସେ ମେଲୁ, କାଂଦିଲା ଝିଅଟି,
କାଂଦପକାଇଲା କୋଳେ ପୁଅ;
କି ବୁଝଂନ୍ତି ସେହୁ ବାଳକ ବାଳିକା ?
ମାଆକୁ ଦେଖି ସେ କଲେ କୋହ ।

ଦିନୁଦିନ ଏବେ ବିତିଗଲା କାଳ;
ପଡ଼ିଥାଏ ଦାସ ରୋଗ-ଶେଯେ;
ସଂଚିଥିଲା ଯାହା, ସରିଲାଣି ଆସି
ପିଲାଂକୁ ଗ୍ଳହିଁଲେ ବୁଦ୍ଧି ହଜେ ।

ପେଟପୂରି କରି ନ ଖାଇ, ସେ ମେଲୁ
ରୋଗ-ଶେଯ ପାଖେ ଥାଏ ବସି;
ଭଳ ଭଳ କେତେ ପକାଏ ନିଶ୍ୱାସ;
ପିଲାଂକୁ ଗ୍ଳହିଁଲେ ଦିଏ ହସି ।

କେତେକାଳେ ଦାସ ଅଳପେ ଅଳପେ
ବଳ ପାଇ, ବାହାରିଲା ବୁଲି;
କାମ ପାଇଁ ଆଶ୍ଚି ବୁଲାଇ ବୁଲାଇ,
ଡଫେଇ ଆସୁଥାଏ ମନ ମାଳି ।

ଏତିକ ବେଳକୁ ପୁଅ ଝିଅଂକର
ଘାଇଟିଏ ପୁଣି ଦେଲେ ପ୍ରଭୁ;
ବାପ ମାଆଙ୍କର ଏ ଦଶା ବେଳକୁ
ନିତ ରୋଗରେ ପଡ଼ୁଥାଏ ସେହୁ ।

ପିଲା ମାଇପଂକ ଦେଖିଣ ଏ ଦଶା
ଡାକୁଥାଏ ଦାସ ଜଗନ୍ନାଥେ —
"ନ କର ଏମାଂକୁ ଦାଂଡର ଭିଖାରି"
ବୋଲି କହେ କେତେ ପ୍ରଣିପାତେ ।

ଏମଂତ ଭାବୁଲଣି କରୁ କରୁ, ଦିନେ
ଆସିଲା ଖବର ଘେନି ଜଣେ —
'ଅମୁକ ଜାହାଜ ଚୀନଦେଶେ ଯିବ;
ନେବେ ସେ ତୁମକୁ ସନମାନେ ।

ଝିଅଁ ବଟଭିରେ ହେବ ସାହା ତୁମେ,
ଖଲସି ଭିତରେ ସରଦାର;
ବରଷକେ ହେହୁ ଜାହାଜ ଫେରିବ,
ଅଛୁ କି ନାହିଁ ହେ ସୀଉକାର ?'

ଲାଗିଲା ଦାସକୁ, ଜଗନ୍ନାଥେ କି ସେ
ଶୁଣି ଲ ଡାକଲ ଡ କ ସତେ !
କିଛି ନ ବିଚାରି, ସଂଗେ ସଂଗେ ସେହୁ
ଦେଲା ସୀଉକାର ସବୁମଂତେ ।

କହିଲା ବେଳର ଉଲ୍ଲାସ ତା ମନେ
ମଉଳିଲା ଏବେ ଘୁଂଚି ଘୁଂଚି,
ବରଷାର ମେଘ ଖଣ୍ଡା ପଡ଼େ ଯେଛି
ମାଡ଼ିଗଲା ଏବେ ଆସି କାହିଁ ?

'ବରଷେ ତ ଦୂରେ ଭୁଲିଯିବ ସେହୁ,
ମ ଇପ ପିଲାଏ କି କରିବେ ?'
ଏମନ ଭାବୁଲଣି କରି କରି, ଶେଷେ ।
କଥାଏ ପାଂଚିଲା ବସି ଏବେ—

'ବଳ ଦେବ ନାଥ' ସରେ ମୁଁ କେମନ
କରିବ ଏମନ କର୍ମ ଆଜ !
ଜୀବନ ଟେ ମୋର, କେତେ ଝଡ଼ଝଞ୍ଜା
ସୁହାଇଛି ତହିଁ ପାଲ ସାଜ !

ତାକୁ କଣି ପରା 'ମେଲାକୁ ପାଇବ'
କରିଥିଲା ମୁହିଁ ମନେ ଆଶ !
ସେହି ନଉକାକୁ ବିକିବ ମୁଁ ଆଜ !
ଜଗନ୍ନାଥେ ମୋତେ କଲ କିସ ?'

ବିଗୁରି ବିଗୁରି ପାଂଚିଲା ଶେଷକୁ
'ବଡ଼ ଜାହାଜରେ କାମ କରି,
ଥରେ, ଦୁଇଥର, ତିନଥର ଯେବେ
ଯିବ ଦୂରଦେଶେ ଏହିପରି,

ଧନ ହେବ ମୋର; ଆଉ କି ବିଗୁର
ଥିବ ସେତେବେଳେ ନାଆ ପାଇଁ ?
ତେବେ କପାଁ ମୁହିଁ କରୁଛି ଭାବୁଲଣି
ପ୍ରଭୁ ଯାହା କରୁଛନ୍ତି, ତହିଁ ?

ନଉକାଟି ବିକି ସେ ଟଂକା ଲଗାଇ,
କିଣିଦେବ ସବୁ ସରଂଜାମ;
ମେଲା ଯେବେ ତହିଁ କରିବ ବେଉପା,
ସବୁ ଚଲାଇବ ସେ ଦୋକାନ ।

ଆସିଲେ ମୁଁ ତହୁଁ ଅରଜିଣ ଧନ,
କିଣିବ ଗୋଟିଏ ବଡ଼ ଡଙ୍ଗା,
ବେଉପାରେ ଧନ ବଢ଼ିଯିବ ମୋର,
ରହିବ ମୁଁ ସୁଖେ ଘର କରି ।'

ଭାବଣା ଏମନ, ଉଜଳ ଦିଶିଲା
ବେଗା ମୁହଁ ତାର, କି ଉଲ୍ଲାସେ ।
ନୂଆ ପିଲାଟିକି କୋଳେ ଧରି, ମେଲା
ଆସି, ଦୁରୁ ଏହା ଦେଖି, ହସେ ।

ସେତ୍କ ହରଷେ ସେ    ଟେ୍ରଗା ଟିଲ୍‌ଟିକ
ଦେଲା ଅଣି ଧୀରେ ଦାସ କୋଳେ;
ଖେଳ କରି ଦାସ,    ଖେଳାଇ ଖେଳାଇ,
ଭୁଲଗଲା ସବୁ ସ୍ନେହକ୍ଷୋଭେ ।

ଥରେ ଥରେ ଶୁଣି    ମେଲାକୁ ବସ୍ତିରେ
'କହିବ ସେ ସବୁ କଥାମାନ',
ବସ୍ତିରେ 'କହିବ',    ପୁଣି କାହିଁ ପାଇଁ
କହିବାକୁ କେବେ ନୁହେ ମନ !

ବିତିଲା ସେ ଦିନ,    ଆଉ ଦିନ ଡାକି
ମେଲାକୁ ବୁଝାଇ ସବୁ କହେ;
ଶୁଣି, ମେଲା ମୁହଁ    ଝାଉଁଳ ପଡ଼ଇ;
ଫୁଲେ କି ଗ୍ରୀଷମ ଝାଂଜି ବହେ !

ବଡ଼କାଳୁ ମେଲା    ଏ ଚାରି ବରଷ
ଦାସ କଥା କେବେ ଭାଂଗି ନାହିଁ;
'କି କଣ୍ଠ ଭାଂଗିବ    କଥା' ବୋଲି ଭେବେ
ଆଜି ଘାଂଟି ହୁଏ କାହିଁପାଇଁ ?

ଶୁଣୁ ଶୁଣୁ କପାଁ    ଲାଗିଲା ମେଲାକୁ,
ଶୁଭ ଏଥି କେବେ ନ ହୋଇବ;
ଦାସ ସଂଗେ କେବେ    ଯୁକତି ତ ସେତ୍କ
କରି ନାହିଁ ଆଜ କି କହିବ ?

କାଂଦି କାଂଦି କେତେ    ପିଲାଂକୁ ଦେଖାଇ,
ମିନତି କରି ସେ କଲା ମନା;
ସେତ୍କ ମେଲା, ସେତ୍କ    ପିଲାଂକୁ ଅନାଇ,
ଦାସର ସେ କଥା ନୁହେ ସେନା ।

ସେ କାଂଦ, ମିନତି    ଦେଖି ଶୁଣି ଦାସ,
ମନେ ମନେ କୋତ ହେଲା ଘାରି;
ଘାରି ସିନା ହେଲା !    ଆପଣା ବସ୍ତିର
ନ ଟାଳି ରହିଲା ତାଠାରି ।

ଚୀନ ଦେଶ ଆଡ଼େ    ଜାହାଜ ଯିବାକୁ
ମାସେ ଖଂଡେ ଆଉ ଥାଏ ବାକି;
ତରତର ହୋଇ,    ଦାସ ଆପଣାର
ସୋହାଗ ନାଆଟି ଦେଲା ବିକି ।

ସେତ୍କ ଧନ ଦେଇ,    ଦୋକାନ ଚାଳିକ
କେତେ-କେତେମଂତେ ଦରବ ସେ
କିଣି ଅଣି, ଆପେ    ଲହଣି ମୁଖର
ଧରି, ଦାଂଡ ଘର ସାଜି ବସେ ।

ଦୁଆର କାଢ଼ି ସେ    ଦୋକାନର ପଟା
ସଜାଡ଼ି ସଜାଡ଼ି, ଲଗାଇଲା;
କଲା ଥାକମାନ,    କୁଂଡ, ତଉକ, ସେ
ଯତନେ ନ କରି ଲବେ ହେଲା ।

ସାନ ଘରଟିରେ    ଦିନ ଟାକ ପୁଣି
ଅଧରାତି ଯାଏ ଲାଗିଚେ଼,
ବିଦେଶେ ଯିବାର    ଦିନ ଯାଏ ଦାସ
ଲାଗିଥାଏ ହତିଆର ଧରି ।

ମେଲା ପାଇଁ ସବୁ,    ମେଲାର ସେ କାମ
ଦେଖି, ଗ୍ଲାନି ଯାଉଥାଏ ପଳି;
ସରେ ଅବା ତାହା    ଗ୍ଲାନିରେ ଲହଣି
ବସି ଯାଉଥାଏ ଦିନରାତି !

ଯିବା ଚଳଦିନ    ଅଧ ରାତି ଯାଏ
କାମ କରି ସାରି, ଥକ୍‌କା ହୋଇ,
ଶୋଇସାରି ସୁଖେ,    ସକାଳୁ ଉଠି ସେ
ସଜାଡ଼ି ହୋଇଲା ଯିବା ପାଇଁ ।

ଶୁଖିଲା ମୁହଁଟି    ମେଲାର ଦେଖିଥିଲେ
ଘାଂଟି ହେଉଥାଏ ମନ ତାରି;
ହସ ପୁଣି ମାଡ଼େ,    ଭାଳଇ ସେ ହେଲେ
ମେଲାକୁ ଏଥିରେ ମାଡ଼େ ଡର ।

କହେ, "ଜଗନ୍ନାଥ	କରିବେ ମଂଗଳ
ସମୁଦ୍ରେ ଜାହାଜ ଯିବ ସୁଖେ;
କାଲି ପରି ଦିନା	ଫେରି ମୁଁ ଆସିବି
କେତେ ଧନ ଘେନି ବରଷକେ ।

ଜଗନ୍ନାଥେ ତୋର ସାହା ହେବେ, ମେଲା;
ପିଲାଂକର କିଛି ହେବ ନାହିଁ;
ସୁଖ ବେଳେ ତେବେ	ମୁହଁକୁ ଶୁଖାଇ
ଏତେ ଦୁଃଖ କର କାହିଁପାଇଁ ?"

ଏତେ କହି ସାଧୁ	ଟିକି ପିଲାଟିକି
କୋଳେ ଧରି, ଗେଲ କରି କେତେ,
କହିଲା, "ଏହାକୁ	ଦେବେ ଜଗନ୍ନାଥେ
ବହୁତ ଆୟୁଷ, ଗୁଣ ସେତେ ।

ଆସିଲେ ମୁଁ କେତେ	ବିଦେଶ ଦରବ
ଦେଉଥିବ ହସହସ ହୋଇ;
ବିଦେଶର କଥା	କହିବି ମୁଁ କେତେ;
ନ ବୁଝି, ବୁଝିବ ମତେ ଚାହିଁ !

କୋଳେ ଧଇଲେ ମୁଁ,	ହସି ହସି ଧନ
ଯାଉଥିବ ମେଲା ତୋର ପାଶେ;
ବରଷ ନ ହୋଇ,	ଦିଅ ମୋତେ ଏବେ
ସରସେ ବିଦାୟ ସେ ବିଦେଶେ ।

ସୁନ୍ଦର ପବନେ	ଚାଲିବ ଜାହାଜ,
ଜଗନ୍ନାଥେ ମୋତେ ହେବେ ସାହା,
ଝଡ଼ ପବନରେ	ସମୁଦ୍ର ଭିତରେ
ସାହା ମୋର ସେହି ଚକ୍ରବାହା ।"

ଏହିପରି କେତେ	ବୁଝାଇ ସୁଝାଇ,
କହିଲା ମେଲାକୁ ସେହି ଦାସ,
ପିଲାଟେଲ ଦେଖି	ହସି ଆସୁଥିଲା,
ଝଡ଼ କଥା ଶୁଣି, ସେ ଉଦାସ !

ସେହି ଉଦାସରେ	ଠିଆ ହୋଇ ହୋଇ
ଶେଷକୁ କହିଲା କାନ୍ଦି ମେଲା,
"ସବୁ ଜାଣ ତୁମ୍ଭେ	ମୋ ପରାଣଧନ,
କପାଁ ଏଥି ତୁମ୍ଭ ମନ ହେଲା ?

ଲାଗୁଛି ତ ମୋତେ,	ଏ ବିଦେଶେ ଯାଇ,
ହେବ ନାହିଁ କେବେ ଭଲ ଫଳ ।
ବଳାଇ ବଳାଇ,	କପାଁ ଏତେ କରି
କହୁଛ ଆଜ ଏ କି କଷ୍ଟାଳ ।

ନ ଦେଖିବି ଆଉ	ଏ ମୁହଁ ତୁମ୍ଭର
ଏ ଜୀବନେ, ଏତେ ମନେ ରଖ ।"
ହସି କହେ ଦାସ,	"ତୁମ୍ଭେ ନ ଦେଖିଲେ,
ଦେଖିବି ମୁଁ ଆସି ତୁମ୍ଭ ମୁଖ ।

ଯିବା ଦିନ ଆଜ;	ନ ହୁଅ ବିରସ,
ଭୟରେ ନ ହୁଅ ଏତେ ସର,
ହରଷେ ଉଠିବି	ଜାହାଜେ ମୁଁ ଯେବେ
ଦେଖି ତୁମ୍ଭ ମନ ଯିବ ଭଲ ।

ଜଗନ୍ନାଥେ ପୁଣି	ଅଛଂତି ସବୁଠି,
ମନେ ରଖିଥିବ ସବୁବେଳେ,
ସବୁ ଭୟ ଦକା	ତାଂକରି ଉପରେ
ଫିଂଗି ଦେଇ ରହ ସୁଖେ ଘରେ ।

ଦିନ ରାତ ଯେଉଁ	ଦେବତା କରଂତି
ଉଠଂତି ସେ ପରା ସେହି ବଗେ,
ସେହି ଚୀନଦେଶେ	ତାଂକରି ପାରୁଣେ
ଯାଉଅଛୁ ବୋଲି ମତେ ଲାଗେ !

ତାଂକରି ତ ଅଂଶେ,	ସମୁଦ୍ର ତାଂକର
ସବୁ କରଛଂତି ସେହି ପ୍ରଭୁ;
ଯହିଁ ଥିଲେ ମେଲା,	ବିପଦେ ଆପଦେ
ସମସ୍ତଂକୁ ରଖିଥିବେ ସେହୁ ।"

କହୁ ଏତେ ଦାସ, କୁଂଢାଇ ମେଲଙ୍କୁ,
ଆଦରେ ଚୁଂବିଲା ତାର ମୁଖେ,
ପିଲା ଦୁଇଟିଂକୁ କେତେ ସେ କହିଲା
ବୁଝାଇ ତାହାଂକୁ ଏକେ ଏକେ ।

କି ବୁଝଂତି ସେହୁ ଋଟମଟ କରି
ଅନାଇ ରହିଲେ ବାପା ମୁଖେ;
ସାନ ପିଲାଟିର ଜର ଛାଡ଼ିଥିଲା,
ଦୋଳିରେ ସେ ଶୋଇଥିଲା ସୁଖେ ।

ଜାହାଜକୁ ଯାଇଁ ଯାଉଥିଲା ମେଲା,
ମନା କରି ଦାସ ଗଲା ତହିଁ,
'ଥିବ କି ତା ମନେ ?' ବୋଲି କହେ ଦାସ
ଦୋଳିରେ ତାହାକୁ ଚୁଂବ ଦେଇ ।

ଦେହରୁ ତାହାର ଡେଉରିଆ କାଢ଼ି,
ଦାସ ହାତେ ଦେଇ, କହେ ମେଲା—
"ଧନକୁ ମୋହର ମନେ ରଖିଥିବ !"
କହୁ କହୁ, କାଂନ୍ଦ ପକାଇଲା ।

ହସି ଦେଇ ଦାସ ଯିବା ବେଳେ ବୋଲି,
ଗଂଠିଲି ବୁଜୁଲି ଘେନ ହାତେ,
ବଦା ଘେନ ବେଗେ, ବାହାରି ପଡ଼ିଲା,
ମହାପ୍ରଭୁ ନାମ ଘାଳି ଚିତ୍ତେ ।

ସାନ ପିଲାଟିର ଡେଉରିଆଟିକୁ
ରଖିଦେଲା ସେହୁ ବୁକେ ନେଇ;
ଆପଦେ ବିପଦେ ସେ ସେନେହ-ଧନ
କେବେ ହେଲେ ତାର ହଜି ନାହିଁ ।

( ୪ )

ତହିଁ ଆରଦିନ ଛାଡ଼ିବ ବୋଇତ;
ମେଲା ଆସି, ଘାଟେ ସିଂଧୁକୂଳେ;
ଦାସକୁ ସେ ତହିଁ ଦେଖିଲା କି ନାହିଁ,
କାଏ ସେ କହିବ ଏହା ଭଲେ ?

ଛଳ ଛଳ ଆଖି ଚକାଇ ତ ଥିଲା
ଲୁଚିଯିବା ଯାଏ ସେ ବୋଇତ;
ଶେଷକୁ ହତୋପା ଲୁହ ଗଡ଼ିଗଲା,
ବେଳ ଯେବେ ହେଲା ରତରତ ।

ନଗ୍ରେଶ ଘରକୁ ଫେରି ଆସି ମେଲା,
କେତେ ଭାଳି ଭାଳି ରାତି ଶେଷେ,
ବିଚାରିଲା, 'ଯାହା କହିଅଛି ଦାସ,
ତହିଁ ଦେବ ମନ ସେ ବିଶେଷେ ।'

ଦୋକାନ ସଜାଡ଼ି, କେତେ ଅନା କରି
ବିକବାକୁ ଏବେ ବସେ ମେଲା,
କଉଣଲ ଲୋଡ଼ା ବିକା କିଣା କାମେ
ମେଲାକୁ କି କେବେ ଜଣା ଥିଲା ?

ସତ ମିଛ କହି ଭଂଡିବା କାହାକୁ
ଜୀବନେ ସେ କେବେ ଶିଖି ନାହିଁ,
ଫାଂଦାଳି କେମନେ ଅଳପ ନେବ ସେ,
ଆଗକରି ବେଶି ମୂଲ କହି !

ଧାନ ଚାଉଳରେ କେମନେ ପାଲଟ
କରି, ଦରବ ବା ଦେବ ସେହୁ ?
କହି କଉଶଳେ ଟାଣ ମୂଲ ନେଇ,
ଗ୍ରାହକ ଭୁଲାଇ ହେବ କାହୁଁ ?

ଏହିପରି କେତେ ଦିନ କଲା କାମ,
ଦାସ କଥା ମନେ ମନେ ଭାଳି,
ଦୋକାନରୁ ଏବେ ଅଧେ ବୁଡ଼ିବାର
ହେଲା କାଳ ଆସି, ଦେଇ କାଳି ।

ଆକଟ ପଡ଼ିଲେ, ଦୋକାନ ଦରବ
ଗୋଟି ଗୋଟି କରି ଖାଏ ବିକି,
ଟଂକାକର ମାଲ ବାରଣା ତୁଟଇ,
ଦାସ ଖବରକୁ ଥାଏ ଟାକି ।

ନ ଆସେ ଖବର, ସରିଲା ବେପାର,
ଦୋକାନଟି ସାରା ଫକା ହେଲା;
ତେଣିକି ପିଲାଂକୁ ଦେଇ, ବଡ଼ ଦୁଃଖେ
ଦିନ କାଟେ ବସି ସେତୁ ମେଲା ।

ସାନ ପିଲାଟି ତ ରୋଗେ ସଢ଼ୁଥିଲା,
କି କରିବ, ମେଲା ଜାଣେ ନାହିଁ,
ଦୋକାନେ ବସଇ କେବେ ଦିନସାରା,
ଘରେ ତାକୁ ଏକା ରଖିଦେଇ ।

ବଇଦ ଡାକିବ, ବଳ କାହିଁ ତାର ?
ପଚାରି, ଔଷଧ କେତେ ଦିଏ;
ଚେର ମୂଳ ଜଡ଼ି ଉପଚାରମାନ
ଦିନରାତି ଲାଗି କରୁଥାଏ ।

ସବୁ କରି କରି, ନ ଜାଣଇ ମେଲା,
ଦିନ ତାର ହୋଇଗଲା ଆସି;
ପଂଜୁରୀରୁ ପକ୍ଷୀ ଉଡ଼ି ଗଲା ପରି,
ଟିକି ପରାଣଟି ଗଲା ଖସି ।

ମୁଂଡ ପୋତି ଏବେ, ଦିନରାତି ବସି,
ଭାବୁଥାଏ ମେଲା ସବୁ କଥା;
ନ ଆସେ ଖବର; ନାହିଁ ଘରେ କିଛି;
ଭାଳି ନ ଉଠଇ ତାର ମଥା ।

ଲଇଖଣ ଘରେ ଏକା ଥାଇ ଏବେ,
ଜାଣୁଥାଏ ସବୁ ମେଲା ଦୁଃଖ;
ଦାସ ଗଲାଦିନୁ ଦିନେ ହେଲେ ସେତୁ
ମେଲାକୁ ଦେଖାଇ ନାହିଁ ମୁଖ ।

ପିଲାଟି ମରିବା ଶୁଣିକରି ଏବେ,
ବଡ଼ ଘାଂଟି ହେଲା ତାହା ମନ;
ଭାବୁଥିଲା, 'ଏବେ ଦେଖିବି ମେଲାକୁ,
ଏ ଦୁଃଖରେ ତାର ନାହିଁ ଆନ ।'

ଦୁଆରକୁ ଆସି ଧୀରେ ଧୀରେ ସେତୁ
ପଶିଲା ଭିତରେ, ମେଲା ସନ୍ଧିଁ
କାଂଥକୁ ଅନାଇ, ପିଲାକୁ ସୁମରି
ବସିଛି, ଯାଉଛି ଲୁହ ବୋହି ।

ଟିକିଏ ଚକାଇ ଲଇଖଣ ଏବେ
ଅଳପରେ କହି ଆରଂଭିଲା—
"କଥା ରଖିଲେ, ମୁଁ ମାଗିବି କଥାଏ"
ଶୁଣି, ଭୁଲି ଏବେ ଗୃହେଁ ମେଲା ।

"ଅଭାଗୀ ତ ମୁହିଁ ! କି ମାଗିବ ମୋତେ ?
କିବା ଦେବି, ମୋର କିବା ଅଛି ?
କହିଲା ସେ ମେଲା; ଶୁଣି ଲଇଖଣ,
ଲାଜେ ନ ପାରିଲା କହି କିଛି ।

କେତେ ସ୍ନେହ କରି ଆସିଥିଲା ସେତୁ;
ଏ ଲାଜ ସଂଭାଳି ଧୀରେ ଆସି,
ଅଳପେ ଅଳପେ କହିଲା ମେଲାକୁ;
ନ ପଚାରି, ମେଲା ପାଖେ ବସି—

"କହୁଥିଲି ମୁହିଁ— ଆପେ ଦାସ ତାହା
ତୁମ୍ଭର ତ ଥିବ ମନେ ମନେ,
ତୁମ୍ଭର ଭରସେ ଦାସ ପରି ମୁହିଁ
ଦେଖି ନାହିଁ ଏଥି ଆଉ ଜଣେ ।

କେତେଥର ତ ମୁଁ କହିଥିବି ତୁଂଭେ
ବାଛି, ଦାସେ କରିଅଛ ବର;
ତେସନ କାମକା ଛଂତି କେତେ ଜଣ
ଜାଣିବାର ପୁଣି କାରିଗର ?

'କରିବ ଏ କାମ' ବୋଇଲେ, ନ କରି,
ଛାଡ଼ି ଦେବନାହିଁ ଦାସ କେବେ;
ପିଲା ମାଇପଂକୁ ଛାଡି ତ ଦେଖୁଛ,
ଯାଇଛି ସେ ଦୂରଦେଶେ ଏବେ;

ଦେଶ ଦେଖିବାକୁ ଯାଇନାହିଁ କିଛି;
ମନେ ଭାଳ ସୁଖ ଆପଣାର;
'ପିଲାଙ୍କୁ କପରି ଯତନେ ପାଳିବି',
ଏଥିରେ ତ ସବୁ ସୁଖ ତାର ।

ପିଲାଯାକ ଏବେ ନ ପଢ଼ି ନ ଶୁଣି
ଯାଉଛନ୍ତି ବଡ଼ ହୋଇ ଜନ୍ମେ;
କିଛି ନ କରି ସେ, ବାଉବୁଲା ପରି
ବୁଲୁଛନ୍ତି ଏଣେ ତେଣେ ଗ୍ରାମେ ।

ଫେରିଆସି ଦାସ ଦେଖିଲେ ଏସନ
ମନେ ତାର ଦୁଃଖ ହେବ ଭାରି,
ନାହିଁ କେବେ ମୋତେ ନ କରିବ ମେଲା,
ମାଗୁଛି ମୁଁ ଏତେ କଷ୍ଟ କରି;

ସାଂଗ ସୁଖ ଆମେ ପିଲାଙ୍କି ଭାନରୁ;
ଶୁଣ ମୋର କଥା, ମେଲା ଏବେ;
ସେହି ଦାସ ଲାଗି, ଏ ପିଲାଙ୍କ କଥା
ଭାଳ, ମନା ନ କରିବ କେବେ ।

ଫେରି ଆସି ଦାସ ଦିଏ ଯିନା ମୋତେ
ହିସାବରେ ସବୁ ଧନଯାକ;
ନଅଂଟ ତ ମୋର ନାହିଁ ଏବେ କିଛି;
ମିନତି ମୋହର କଥା ରଖ ।

ପୁଅ ଝିଅ ଦୁହେଁ ଆସଂନ୍ତୁ ମୋ ସଂଗେ;
ପଢ଼ିବେ ସେମାନେ ବିଦ୍ୟାଳୟରେ;
ତାଂକ କଥା ସବୁ ବୁଝିଥିବି ମୁହିଁ;
ମାଗୁଣି ଏତିକି; ଦିଅ ମୋରେ ।"

ଶୁଣି ଶୁଣି, ମେଲା ଲଇଖଣ ମୁଖେ
ତଳେ ଆଉ ନ ପାରିଲା ରହିଁ;
କାଂଥକୁ ଅନାଇ ରହିଗଲା କ୍ଷଣେ;
ମୁଖେ ତାର କଥା ନ ଆସଇ ।

ଭଙ୍ଗିଲା ସଂଭାଳ; "ଲଇଖଣ, ମୋତେ
ବୁଦ୍ଧି ଦିଶୁନାହିଁ କହିବାକୁ;
ଦୁଃଖେ ବସିଥିଲି; ଏ ଦୟା ତୁମ୍ଭର
ବଳି ଯାଇଅଛି ସେ ଦୁଃଖକୁ ।

ଆସିବେ ତ ଦାସ, ଜାଣୁଛି ନିଶ୍ଚୟ,
ଫେରାଇବେ ଯିନା ତବ ଧନ,
ଏ ଦୟା ତୁମ୍ଭର କେସନେ କିଏ ସେ
ଫେରାଇ ପାରିବ, ଲଇଖଣ !"

ଶୁଣି ସେ ଲକ୍ଷଣ କହିଲା ମେଲାକୁ;
"ନେଉଛି ମୁଁ ପୁଅ ଝିଅ ତେବେ ।"
ଛଳ ଛଳ ଆଖି କରି ମେଲା କହେ,
"ଜଗନ୍ନାଥେ ତୁମ୍ଭ ସାହା ହେବେ ।"

କହି ଏହିପରି, ଦୁହିଙ୍କୁ ସୁମରି
ଜଣାଇଲା ଲଇଖଣ ପାଇଁ;
କିଏ ସେ କହିବ ଲକ୍ଷଣ ସେ ଦିନ
ଘରେ ଗଲା କେଡ଼େ ଖୁସୀ ହୋଇ ?

ପିଲାଦୁହିଂକ ସେ ପାଠଶାଳୀ ଲାଗି
ଆଣିଦେଲା ସବୁ ସରଂଜାମ;
ମୁହଁ ପୋଛିଦେଇ ପିଂଧାଇଲା ସ୍ନେହେ
ଲୁଗାମାନ ଆଣି କି ଯତନ ।

ଆପଣାରୁ ବଳି କଲା ସେ ତାହାଂକୁ
ରହିଲେ ସେ ଦୁହେଁ ମନସୁଖେ;
ପୂରି ଉଠୁଥିଲା ପରାଣ ତାଂକର
ଶୁଣିଦେଲେ ଲଇଖଣ-ମୁଖେ ।

ମେଲା ପାଇଁ ତ ସେ ବଇରାଗୀ ଏବେ;
ମନକୁ ସେ କଥା ଆଣେ ନାହିଁ,
ବାଉ ଲୋକକଂର ବାଉ କଥା ଭରି,
ମେଲାପାଖେ ସେତେ ନ ଆସଇ ।

ପିଲାଂକ ହାତରେ କେତେ ବାହାନାରେ
ପଠାଏ ଦରବମାନ କେତେ;
ଆଜ ଫୁଲଟାଏ, ଫଳଟାଏ କାଲି,
ଭଲ ଦରବ ସେ ପାଏ ଯେତେ ।

କି ବସ୍ତୁରେ ମେଲା ? କି ହୁଏ ତା ମନେ ?
କେସନେ ଜାଣିବ ଲଇଖଣ ?
ଦେଖାହେଲେ କଥା ନ ଦଶଇ ତାକୁ
ପୁରି ଉଠୁଥାଏ ତା ପରାଣ ।

ପିଲାଂକର ହେଲା ଲଇଖଣ ସବୁ
ଦେଖିଲେ ସେ ତାକୁ ଖଂଡଦୂରେ,
ହସି ହସି ଆସି, ଲାଜ ହୋଇ ପଡ଼ି,
ଖେଳଂତି; ସେ ତାଂକୁ ଗେଲ କରେ ।

ଲଇଖଣ ସରେ ନିଜ ଘରପର
କରଂତି ସେ କେତେ ହୁରକୁର;
ଅଳି ଅରଦଳି ଲଇଖଣ ପାଖେ;
କେଡ଼େ ସୁଖ ତହିଁ ଲକ୍ଷଣର !

କେତେ ଲୋକ ଆସି କେତେ ସେ ଗୁହାରି
କରଂତି ପିଲାଂକ କଥା ଘେନ;
ଚଂଦନ ପରି ସେ ଲାଗେ ଲଇଖଣେ;
ଭଷତେ ପିଲାଏ ଏହା ଜାଣି ।

'ଲଇଖଣ-ବାପା' ବୋଲି ସେ ଡାକଂତି;
ତାଂକ ବାପା କାହିଁ ଦୂର ଦେଶେ !
ନ ଭାଳଂତି ସେହୁ, ସେ କଥା କେବେହେଁ
କି ଭାଳବେ ଅବା, ପିଲା ତ ସେ !

'ତାଂକ ନିଜ ବାପା ଅଛଂତି ବଦେଶେ'
ଶୁଣିଛଂତି ସିନା ଲୋକମୁଖେ !
ସାକ୍ଷାତରେ ବାପା ସେହୁ ଲଇଖଣ,
ତାଂକୁ ପାଇ, ସେହୁ ଥିଲେ ସୁଖେ ।

( ୫ )

ଏସନେ ବିତଲା ଦଶଟି ବରଷ,
ବାପ କଥା କିଛୁ ଶୁଣାନାହିଁ;
କିଏ ସେ କହିବ ? 'ଅଛି କି ନାହିଁ ସେ
ଜୀବନରେ କେଉଁ ଦେଶେ କାହିଁ ?'

ବଇଶାଖ ମାସ ହେଲାଣି ତ ଏବେ;
ବଣରେ ପାଚିଛି କୋଳି କେତେ;
ତୋଳି ଯିବା ପାଇଁ ବାହାରିବେ ଆଜ
ନୋଳିଆ ଗ୍ରାମର ପିଲା ଯେତେ ।

ମେଲା ପିଲା ଦୁହେଁ ମେଲା ସଂଗେ ଏବେ
ବାହାରିଲେ କୋଳି ତୋଳିବାରେ;
'ଲକ୍ଷଣ ବାପାଂକୁ ସଂଗେ ନେବେ ବୋଲି
ପହଂଚିଲେ ଲଇଖଣ ଘରେ ।

'ନାହିଁ ନାହିଁ' କରୁ— ଥିଲା ଲଇଖଣ;
ଲୁଗା କାନି ଧରି ଟାଣିଲେ ସେ;
ହସି ହସି ତହୁଁ, ମେଲାକୁ ଅନାଇ
ବାହାରିଲା ଲଇଖଣ ଶେଷେ ।

ସମସ୍ତେ ଉଠିଲେ ନାସି ଉପରକୁ
ଦଶିଲା ବନସ୍ତ ନାସିତଳେ;
କି ଭାଳି ସେ ମେଲା, ଥକ୍କା ହୋଇ ତହିଁ
ବସିଗଲା ଏକ ବୁଦାମୂଳେ ।

ସେହିପରି ଥକ୍କା ମାରି ଲଇଖଣ
ଧୀରେ ମେଲାପାଶେ ଗଲା ବସି;
ପିଲାଏ ଖୁସିରେ ଗ୍ରାମପିଲା ମେଳେ
ଦଉଡ଼ିଲେ ବଣେ ଗ୍ରାଡ଼ ନାସି ।

ଦୋଳ ଗଛମାନ ଝାଂପୁଲ ଝାଂପୁଲ
ହସୁଥିଲା, ବଣ ଘୁଲ କରି
ଡାଳମାନ ସତେ ଟେକିଥିଲେ କି ସେ,
ପିଲାଂକ ଆଂକୁଡ଼ି ଦେଖି, ଡରି !

ଲଗାଇ ଆଂକୁଡ଼ି; କୋଳାହଳ କରି,
ଟାଣିଲେ ପିଲାଏ ଡାଳମାନ;
କୋଳି, ପଢ, ସାନ ଡାଳମାନ ଭାଂଗି,
ପିଲାପାଳ ଜୁରି କଲେ ବନ ।

ମେଳା ପାଖେ ବସି— ଥିଲା ଲଇଖଣ;
ମନ ତାର ଥିଲା କାହିଁ ଦୂରେ,
ଦେଖିଥିଲା ଯେବେ ଯଜ୍ଞବନେ ସେଠୁ
'ଦାସ ଥିଲା ଏଥି ମେଳା ଭୁଲେ !

ମୁଣ୍ଡ ଆପେ ଏହା ଦେଖି, ଲସିଯାଇ
ଯଉଣ ଝଟକେ ଗଲା ଲୁଚି ।'
ଭଲ ଭଲ କେତେ — ଦେଲେ ମୁଂଡ ଟେକି,
ଅଳପେ କହିଲା ମୁହଁ ପୋଛି;—

'ଆହା ଦେଖ ମେଳା' କେତେ ଖୁସି ହୋଇ
ଜୋର ଚୋଡ଼ୁଛନ୍ତି ପିଲାପାଳ,
ମେଳା ମନ କାହିଁ ଥିଲା ! ସେ ନ ଶୁଣେ;
କହେ ଲଇଖଣ କରି ଦୁଃଖ;—

'ଏତେ ବାଟ ଆସି, ବାଧିଗଲା କି ଗୋ ?'
ପୁଣି ମେଳା ମୁଖେ କଥା ନାହିଁ;
'ସତେ ବାଧିଲା କି ?' କହି ଲଇଖଣ
ଦେଖେ ମେଳା ଅଛି ନଖେ ଚାହିଁ ।

'ଯତ୍ନ ନାହିଁ ମେଳା', ଦେଖି ଲଇଖଣ,
କହି ପକାଇଲା, ନ ସଂଭାଳି,—
ବୁଡ଼ିଛି ଜାହାଜ ! ବୁଡ଼ିଛି ସାଗରେ !
କି ହେବ ସେ କଥା ଭାଳି ଭାଳି ?

ଭାଳି ଭାଳି ସିନା ଦେହ ସରିଯିବ
ପିଲାଂକୁ ରଖିବ ଅରଖିତ ।"
ଶୁଣି, ମେଳା ଧୀରେ ମୁଂଡ ଟେକି କହେ,
ଏ ମୋ ମନେ ସେ କଥା କି ଥିଲା ତ !

କି ଥିଲା, ନ ଜାଣେ; କେମଂତେ କହିବ
କାହିଁପାଇଁ, ଶୁଣି ଏ ଗହଳ,
ଲାଗୁଥିଲା ମୋତେ, ଏ ପିଲାଗୁଡ଼ିକ
ସତେ କି ଅନାଥ ହେଲେ ମୋର ।"

ଶୁଣି ଦୂଂର ଆସି ପାଖକୁ ଲକ୍ଷଣ,
କହିଣ ବସିଲା ଧୀରେ ଧୀରେ—
"ଶୁଣିବ କି ମେଳା ? କଥାଏ ମୋ ମନେ
ଅଛି, କହିବ ମୁଁ ମନେ କରେ ।

କେତେ କାଳୁ ଏହା ଅଛି ମୋ ମନରେ
କେତେ ଦିନୁ ମୁହିଁ ନ ଜାଣଇ,
କେବେ ହେଲେ ହେନେ କହିଂତି ତୁଂଭଂକୁ,
ଏଭଳି ମାତର ଜାଣେ ମୁହିଁ ।

ସତେ କି ମଣୁଛ, ଏତେ କାଳ ସେଠୁ
ଯାଇଛି ବିଦେଶେ, ଅଛି ସେଠୁ;
କହେଁ କେବେ ଯାହା ଭାବୁଥିଲି ମୁହିଁ
ମଂଗଳ କରନ୍ତୁ ମହାପ୍ରଭୁ !

ତୁଂଭର ଏ ଦଶା ଦେଖି ଫାଟିଯାଏ
ବୁକୁ ମୋର; ମେଳା, ଶୁଣିବ କି ?
ଯାହା ବହକ ହାତେ, ଯାହା ହେବା ପାଇଁ
କରିବି, ବନ୍ଧୁ, ଯାଏ ଥକି ।

କି କହିବି ଆଉ ? ଜାଣି ପାରୁଥିବ,
ମେନ୍କା, ତୁମେ ମନକଥା ମୋର;
ତୁମ୍ଭଙ୍କୁ ପାଇଲେ, ଘର କରନ୍ତି ମୁଁ
ବାପା ହୋଇ ତୁମ ପିଲାଙ୍କର ।

'ବାପା' ବୋଲି ସେନ୍ତ ବୋଲନ୍ତି ତ ମୋତେ,
ଅନ୍ତରନ୍ତ ସତ ବାପା ନଣ;
ଦେଖିଲେ ତ ତାଙ୍କୁ, ମୋ ମନ ହୁଅଇ,
ଏ ଜଗତେ ଏକା ସେ ମୋହର ।

ତୁମ୍ଭେ ଏକୋ ଏବେ ବୁଝିଗଲେ, ହେଲା,
ରହିବା ଗୋ ସୁଖେ କରି ଘର;
ଜଗନ୍ନାଥେ ସବୁ ମଙ୍ଗଳ କରିବେ,
ବୁଝି ବୁଝି କର ଗୋ ବହୁର ।

ତୁମ୍ଭଙ୍କ ଇଚ୍ଛାରୁ ଦେଖୁଛ ତ ମେନ୍କା,
ନଷ୍ଟ ମୋହର କିଛି ନାହିଁ;
ଖାଇବାକୁ, ଅବା ଭାଗ ବାଣ୍ଟିବାକୁ,
କେହି ନାହିଁ ମୋର, ଏକୋ ମୁହିଁ ।

ଜୀବନଯାକ ତ ଜାଣିଛ ଗୋ ମୋତେ,
ମୁହିଁ ତ ତୁମ୍ଭଙ୍କୁ ଜାଣେ ଭଲେ;
କେତେ କାଳୁ ମୁହିଁ ଝୁରୁଛି ତୁମ୍ଭକୁ
ଜାଣନାହିଁ ତୁମ୍ଭେ ତାହା ଭଲେ ।”

ଶୁଣିଥାଇ ସବୁ, ଧୀରେ କହେ ମେନ୍କା,
“କି କହିବି ଲଇଖଣ ମୁହିଁ ?
ଜଗନ୍ନାଥେ ସତେ ପଠାଇ ତୁମ୍ଭଙ୍କୁ,
ଏ ଦଶାରୁ ମୋତେ କଲେ ତ୍ରାହି !

ସେହି ଜଗନ୍ନାଥେ କରିବେ ତୁମ୍ଭର
ଏଥିପାଇଁ ସବୁ ସୁମଙ୍ଗଳ;
ମତେ ପାଇ ତୁମ୍ଭେ କି ସୁଖ ଲଭିବ,
ଏଥୁ ବଳି ପ୍ରଭୁ ଦେବେ ଭଲ ।

କି କହୁଛ ମୋତେ ? ଦାସ ମୁହିଁ ପରି
ଦିଶିବ କି ଆଉ ବଡ଼ କେହି ?
ତୁମ୍ଭଙ୍କୁ ଘେନି ମୁଁ କଲେ ହେଲେ ଘର,
ଦାସ ପରି ତୁମ୍ଭେ ହେବ ନାହିଁ ?”

“ବୁଝିଛି ମୁଁ ତାହା”, କହେ ଲଇଖଣ
“ବାପଠାରୁ ମୁହିଁ ହେବି ଊଣା;
ସେଥିରେ ମୋହର କିଛି ଦୁଃଖ ନାହିଁ
ଏବେ ଆଉ ନ କର ଗୋ ମନା ।”

ଆନନ୍ଦ ହୋଇ ରହିଲା ସେ ମେନ୍କା;
ଖାଲି ଚାହିଁ କହେ ଧୀରେ ଧୀରେ,
“ଆହା ଲଇଖଣ କେତେଦିନ ଗଲେ
ରହ, ମୁଁ କହିବି ଖାଲି ଭଲେ ।

ଆସିବେ ଯେବେ ସେ— ଆସିବେ ତ ନାହିଁ—
ବରଷେ, ଜାଣ, ମୁଁ ଚଳାଇବି,
ବରଷେ ତ ଯିବ କାଳପରି, ହେଲେ;
କହିବି ତୁମ୍ଭଙ୍କୁ ଭଲେ ଭାବି ।”

ଶୁଣି ଶୁଖିଗଲା ଲଇଖଣ ମୁହଁ;
ମେନ୍କା ମୁହେଁ ଶୁଣି କହିଲା ସେ —
“ଜୀବନଯାକ ତ ଚଳାଇ ବସିଛି,
ମୋ ପାଇଁ ବଡ଼ କି ଏ ବରଷେ !

ଚଳାଇବି ମୁହିଁ, ଯେତେ ଗୋ କହିବ,”
ଶୁଣି ମେନ୍କା ଚାହିଁ କହେ ବେଗେ,
“ଛାଡ଼ ତେବେ ତାହା, ଜାଣ, କଥା ଦେଲି,
ଆଜି ଏବେ ବରଷକ ଆଗେ ।

ଯେପରି ଅଛୁ ମୁଁ, ତୁମେ ସେହିପରି
ବରଷକେ ଚଳାଇବ ଆଜ୍ଞ ।"
ଶୁଣି ଲଇଖଣ, କହିଲା ଅଳପେ,
'ବରଷେ ତ, ଚଳାଇବ ସେହି ।'

ଏତିକରେ ଦୁହେଁ ଦୁହିଁଙ୍କ ଚିହ୍ନାଇ,
ଭିନ୍ନ ହେଲେ କେତେ କାଳପାଇଁ;
ଯିବୁଁ ଚଢ଼ୁଁ ଚଳେ ଦେଖେ ଲଇଖଣ
ଉଦାଶିଆ ଖରା ବୁଡ଼ିଯାଏ ।

କଣ ତଳ ଘୁଇ ଅଂଧାରୁଆ ଏବେ
ବସି ଆସିଲାଣି ଦିନ ଗଲା;
ମେଲକୁ କହିଲା, ଘରେ ଯିବା ପାଇଁ,
ଚମକି ସ୍ୱର୍ଣ୍ଣିଲା ଏବେ ମେଲ ।

ଚଲକୁ ଅନାଇ ଉଠିଲା; ପିଲାଏ
ଡାଳ, ପତ୍ର, କୋଳି କେତେ ଧରି,
ମା'ଆ, ଲଇଖଣ ସଂଗରେ ଓହ୍ଲାଇ
ଆସିଲେ ଗ୍ରାମକୁ, ନାସ ଘୁଞ୍ଚି ।

ପଶିଗଲେ ଘରେ ପିଲାଏ; ଦୁଆରେ
ମେଲକୁ ଅନାଇ, ଲଇଖଣ
କହିଲା ସଂଗ୍ରାନ, "ନ ଯୋଗିବ, ମେଲ,
କହିଲି ମୁଁ ଯାହା ଆଜଦିନ ।

ଭୁଲାଇ ଭୁଲାଇ କହିଗଲି ମୁହିଁ,
ନ ଜାଣି ଗୋ କଥା ତୁମ୍ଭେ ଦେଲ;
ମୋହ କଥା ମୋର ଥାଉ, ତୁମ୍ଭେ ଏବେ
ଯାହା ତୁମ୍ଭ ମନ ତାହା କର ।"

ଶୁଣି କଇଁ କଇଁ କାନ୍ଦି ଉଠେ ମେଲ,
କାନ୍ଦି କାନ୍ଦି କହେ ଲଇଖଣେ,

"କଥା ଦେଇଅଛୁ, ନ ଯୋଗିବ ଆନ,"
ଦୁହେଁ ଚଳୁଁଗଲେ ଏଣେତେଣେ ।

କହି ସାରି ସଇ, ଘରକାମେ ଲାଗି
ମନେ ମନେ ଭାବୁଥାଏ ମେଲ —
'ଜୀବନଯାକ ଏ ଝୁଣୁଅଛି, ସତେ
ମୋହଲାଗି ଏତେସବୁ ହେଲା !

ଦିନ ପରେ ଦିନ କଟିଲା ଏସନେ;
ବଇଶାଖ ଆସି ହେଲା ପୂର୍ତ୍ତି;
କଥା ମନେ ରଖି, ମେଲ ପାଖେ ଆସି,
ଲଇଖଣ ପହଁଚିଲା ଜାଣି ।

କହେ ମେଲ, "ସତେ ହେଲାକି ବରଷେ !'
ଲଇଖଣ କହେ "ଦେଖ ଆସି,
ପାଚିଲାଣି କୋଳି ନ ପିଚିଲ କେବେ;
ଦେଖି ପିଲାଯାକ କେଡ଼େ ଖୁସି !"

"ଉଛା ଅଛୁ ମୋର ଏଥି କେତେଦିନ;
ଯାଉ ତେବେ," ଥାଇ କହଏ ମେଲ,
ଓଷା ପରେ ପର୍ବ, ପର୍ବ ପରେ ପୁଣି
ପିଲାଙ୍କର ସନଖେଳ ହେଲା ।

ଏସନେ ବାହାନା ଦେଖାଇ, ସେ ମେଲ
ମାସେ ପକ୍ଷେ ଥାଇ ଦେଉଥାଏ;
ଜୀବନଯାକ ତ ଗୁହିଁଛି ଲଖଣ
ଏବେ ପୁଣି ଥାକେ ଥାକେ ଗୁହେଁ ।

ଅଧେ ଡରି, ଅଧେ ଭରସି, ସେ କହେ,
"ଯାହା ତୁମ ଇଚ୍ଛା, ହେବ ତାହ ;"
ଶୁଣି ଗଦଗଦ ହୋଇପଏ ମେଲ;
ତେବେହେଁ ମଣାଉଥାଏ ବାହା ।

କେତେ ଅପସଂଦ କଥାମାନ କହି
ଥାକ ଦେଉଥାଏ ବାରଂବାର;
ସତେ କି ବତୁରି, ଲଇଖଣ ମନ
ପରଖୁଥାଏ ସେ ବରାବର !

ଆଶାରେ ଦାସର ଖବରକୁ ପୁଣି
ଚକାଇ ଚକାଇ, ଗୁହିଁଥାଏ;
ଏସନଟି ପୁଣି ବିତିଗଲା ଆସି
ବରଷର ତିନଭାଗ ଯାଏ ।

ଗ୍ରାମ ଲୋକେ ଏଣେ କେତେ ବାଦ୍ୟ କଲେ
ମେଲା-ଲଇଖଣ-କଥା ଧରି,
କେ କହେ, "ଲକ୍ଷଣ ମେଲା ସଂଗେ ସିନା
କରୁଅଛି କଉତୁକ ଖାଲି !"

କେ କହେ, "ମେଲା ସେ ବଡ଼ ହୁସିଆର,
ଓଟାରୁଛି ଲଇଖଣ-ମନ,"
କେ ପୁଣି କହଇ, "ଦୁହେଁଯାକ ଛଳୁ
ଏ ପୁଣି ସଂସାରେ କି ଚଳନ ?

ଏତେ ତ ଦୁଇଅ ଘର ହୋଇଥିଲା,
ଏପରି ତ କେବେ ଦେଖା ନାହିଁ,
ବରଷୁ ବରଷ ବିତି ଯାଉଅଛି,
ଖାଲି ପଦେ ପଦେ କଥା କହି ।"

କେହି କେହି ଥିଲେ ବଡ଼ ପରପଂଚ,
ଠଗାଠରି ହୋଇ, କହଂନ୍ତି ସେ,
"ସଣ୍ଢାଟାଏ ମେଲା; ସଣ୍ଢଆ ଲକ୍ଷଣ;"
ଶୁଣିଣ ଏ କଥା କେହୁ ହସେ ।

ମେଲା ପୁଅଟି ସେ କହେ ନାହିଁ କିଛି,
ବାପା ଲକ୍ଷଣଙ୍କୁ ଥାଏ ମାନି,
ବଡ଼ ହୋଇଥିଲା ଝିଅଟି, ସେ କେତେ
ବୁଝାଇ ମେଲାକୁ କହେ ଜାଣି ।

"ବାପା ଲଇଖଣ କେତେ କରୁଛଂନ୍ତି
ତାଂକପରି ଆଉ କିଏ ଅଛି ?
ତାଂକ ଘରେ ଯାଇ, ତାଂକୁ ବାପା କରି,
ରହିଲେ ତ ହାନି ନାହିଁ କିଛି ।"

ଚକାଇ ଚକାଇ, ଲଇଖଣ ପୁଣି
ଫେରି ଆସୁଥାଏ ଘେରା ପରି;
ସବୁ ଦେଖି, ଏବେ ଲାଗଇ ମେଲାକୁ
ଆପଣାର କଲା ପାପ ଭରି ।

ଜଗନ୍ନାଥଂକୁ ସେ ଡାକୁଥାଏ ଖାଲି;
ଦାସ କଥା ଭାବୁଥାଏ ନିତି,
ଜଗନ୍ନାଥେ ସତେ କଲେ ଅନୁଗ୍ରହ;
ସପନେ ଦେଖିଲା ଦିନରାତି—

'ବସିଅଛି ଦାସ ଆକାଶକୁ ଗୁହିଁ,
ଅଖେ ପାଖେ ଆଉ କେହି ନାହିଁ,
ଲହି-ଲୁହୁ ଖସି ପଡ଼ୁଛି ମୁଂଡରେ
ଉପରକୁ ସେହୁ ଅଛି ଚ୍ହିଁ ।

ବୁଢ଼ା ଜଣେ ଆସି, ଡାକି କହେ ତାକୁ,
"ତୁହିଁ ଆଉ କହିଁ ଅଛ ବସି ?
ଫେନଯିବି ମୁହିଁ, ଆସ ମୋର ସଂଗେ,
ନେବା ପାଇଁ ମୁହିଁ ଅଛି ଆସି ।"

ବୁଢ଼ା ସାଂଗେ ଦାସ ଉଠି ଚାଲିଯାଏ;
ଭାଂଗଇ ମେଳାର ସପନ ସେ;
ବୁଝିଲା ସେ ମେଲା, ଦେବତାଏ ଆସି,
ସ୍ୱର୍ଗେ ନେଇଛଂନ୍ତି ସେହୁ ଦାସେ ।

'ମରନ୍ତି ତ ଦାସ— ତେବେ କାହିଁପାଇଁ
ପିଲାଂକୁ କରିବ ଅରକ୍ଷିତ ?'
ଲକ୍ଷଣେ ଡକାଇ କହିଲା ଏବେ ସେ,
"କର ବଗ୍ରଘର ହେ ତୁରିତ ।"

ସରଗର ଚାଂଦ ହାତେ ପାଇଲା କି !
ଲକ୍ଷଣକୁ ଲାଗେ ସେହିପରି;
କହିଲା ସେ, "ଯେବେ କଲେ ପ୍ରଭୁ ଏହା,
କରି ନେବା ଆସ ବେଗ କରି ।"

ବିଭା ହେଲେ ଦୁହେଁ, ବାଜିଲା ବାଇଦ,
ଲଇଖଣ ଦେଲା ଭୋଜଭାତ;
ଲଇଖଣ ଘରେ ରହିଲେ ସଭିଏ;
ପିଲା ଦୁହେଁ ଏବେ କି ଉଷତ ।

ମେଲ୍ଲର ତ କାହିଁ ଏ ବିବାହ ଯେନ,
ଦିନେ ହେଲେ ମନେ ସୁଖ ନାହିଁ !
ବାଟ ଘାଟ ତାକୁ ମାଡ଼ି ପଡ଼ିଅଛି;
ପବନେ କି ଶୁଣେ, ଜାଣେ ସେହି ।

ଏକା ରହିବାକୁ ଲୁଟେ ମନ ତାରି;
ଘରେ ପଶିବାକୁ ମାଡ଼େ ଡର;
ମଣେ ଲକ୍ଷଣ, 'ଚିଲା ଥିଲେ ପେଟେ,
ଏ ଘିଭ ତ ରହେ କେତେ କାଳ ।'

ସତକୁ ସତ ତ ଦଶମାସେ ହେଲା
ମେଲ୍ଲରି ଝିଅ, ସେ ମେଲ୍ଲପରି;
ଭୁଲିଗଲା ସବୁ, କରି ଗେଲ ଏବେ,
କୁଆ ପିଲା ମେଲ୍ଲ କୋଳେ ଧରି ।

ଲକ୍ଷଣ ହେଲା ତା ଜୀବନ-ଦେବତା;
ବଦଳିଲା ସେହି ବରବର;
ବାଟ-ଘାଟ-ଡର କାହିଁଗଲା ଏବେ ?
ନ ଶୁଭେ ପବନେ ଆଉ ସ୍ୱର ।

---

## ଦ୍ୱିତୀୟ ସର୍ଗ

ଦାସ ତ ଜାହାଜେ ଯାଇଥିଲା; ସେହି
କାହିଁଗଲା, କିବା ହେଲା ତାର ?
ଚଳିଲା ଜାହାଜ ଚୀନଦେଶ ଆଡ଼େ;
ସୁଖେ ଚଳିଗଲା କେତେ କାଳ ।

ବେଳେ ବେଳେ ଝଡ଼ ଆସିଲା ଅଳପେ,
ଟଳିଲା ଜାହାଜ ସିଂଧୁ-ଜଳେ;
ବାଟ ଗୁଡ଼ କେବେ ଅବାଟେ ଅଳପେ
ଯାଉଥାଏ ସେହି ବେଳେ ବେଳେ ।

କେତେ ଏହିପରି ଭଲ ମଂଦେ ପଡ଼ି,
ସୁଂଦର ପବନେ ଚୀନ ଦେଶେ
ପହଂଚିଲା ଆସି କୁଶଳେ ବୋଇତ,
ଗ୍ରହଦିନ ଊଣା ତିନ ମାସେ ।

କିଣାକିଣା କେତେ ଲାଗିଗଲା ତହିଁ;
ଆପଣା ବଣିଜ କଲା ଦାସ;
ପିଲାଂକ ପାଇଁକି ଛିଟ ଛତା ପୁଣି
କଂଢାଇ କିଣିଲା ଆଠ ଦଶ ।

ଫେରିଲା ବେଳକୁ ଚଳିଲା ଜାହାଜ
କେତେଦିନ ଯାଏ କେତେ ସୁଖେ;
କାହୁଁ ଆସି ମେଘ ଘୋଟେ ଦିନେ ଦିନେ;
କି କରିବେ ଜାହାଜର ଲୋକେ ?

ପିଟଇ ପବନ, ପଡ଼ଇ ବରଷା,
ପର୍ବତ ସମାନ ଉଠେ ଢେଉ;
ଅଗ୍ର ମୂଳଯାଏ ଥରଇ ଜାହାଜ
ଲେଉଟିଲେ ଗତ କାହିଁ ଆଉ ।

ଘୁଡ଼ଯାଏ ଝଡ଼, ସୁନ୍ଦର ପବନ
ପୁଣି ଚହୁଁ ଧନାକେତେ ବହେ;
ପୁଣି ହୁଏ ଝଡ଼; ଥରଇ ବୋଇତ,
ଅବାଟରେ କାହିଁ ଋଲଯାଏ !

ଶେଷକୁ ଆକାଶେ ହେଲା ଘୋର ମେଘ;
ପର୍ବତ ସମାନ ଢେଉ ଉଠେ,
ଅଧରାତି ଯାଏ ଅନ୍ଧାରେ ଗରଜି
ଜାହାଜକୁ ଦେଉଥାଏ ପିଟି ।

ଗର୍ଜନେ ଗର୍ଜନେ ଥରଇ ବୋଇତ,
ଉପରୁ ପଡ଼ଇ କାହିଁ ତଳେ;
କାହୁଁ ଆସେ ଶେଷେ, କାଳ ଲହରିଏ
ଭାଙ୍ଗି ସେ ବୋଇତ ଦୂରେ ଚଳେ ।

ଜାହାଜଆମାନେ କଏ କାହିଁ ଗଲେ ?
ମାଲଯାକ ସବୁ ଗଲା କାହିଁ ?
ଅଜ୍ଞାନ ହୋଇ ସେ ଦାସ ପଡ଼ିଥିଲା,
ସକାଳୁ ଦେଖିଲା ଚେତା ପାଇ:—

ଜାହାଜର ଖଣ୍ଡେ କାଠ ଧରି, ସେଠୁ
ଲଗିଥିଲା ଭସି ଭସି କୂଳ,
ଘାତଯାକ ଭସି ଭସି ସେହିପରି,
ଆଉ ଦୁଇଜଣ ସଙ୍ଗେ ଥିଲେ ।

କୂଳୁ ଉଠି, ଏବେ ଦେଖିଲେ ସଭିଏ,
ସମୁଦ୍ରରେ ସେଇ ଟାପୁଟିଏ;
ଜନପ୍ରାଣୀ ଆଉ କେହି କାହିଁ ନାହିଁ
ଏକାନ୍ତଙ୍କ ଚହୁଁ ସେ ଜନହେଁ ।

ଫଳ ଫୁଲ ଗଛ ପୂରି ରହିଥିଲା
ସେ ଟାପୁରେ କେତେ, ଦେଖିଲେ ସେ,
ନଡ଼ିଆ, ପଣସ, କଦଳୀ, କମଳା,
ପାଚି ଟହଟହ, ଶୋଭା ଦିଶେ ।

ମିଞ୍ଜିରି, ମୟୂର, ଚଢ଼େଇ, ଶୁଆ, ଶାରୀ,
ଚରୁଥାନ୍ତି ଦେଖି ଗଛ ଗୁଛ;
ମନୁଷ୍ୟକୁ ଦେଖି, ଡରିଲେ ନାହିଁ ହେ;
ଆହା, କି ସୁଖେ ସେ ଥିଲେ ତହିଁ !

ମନୁଷ୍ୟ ପିନା ଏ ଜଗତର ମାରଣା !
କାହିଁକି ଜନ୍ତୁଏ ସେ ଟାପୁରେ
ଡରିବେ ମଣଷେ ? ମଣିଷ କି କେବେ
ଜୀବନେ ସେମାନେ ଦେଖିଥିଲେ ?

ଖୋଜି ଖୋଜି ଏବେ, ତିନିଜଣ ସେ କି
ସମୁଦ୍ରକନାର ପାଖ ଦେଖି,
ଟାପୁ ନାସି ଖୋଲେ ଅଧା କାନ୍ଥି କରି,
ଛାଇ ଦେଲେ ତାଳପତ୍ର ଯୋଖି !

ଫଳ, ମୂଳ, ଜନ୍ତୁ ସୁଖେ ସେ ଖାଇଲେ
ଟାପୁଯାକ ତହିଁ ରଜାପରି,
ଏତେ ସୁଖେ ରହି, ତେବେହେଁ ତାଙ୍କର
ମନ ହେଉଥାଏ ଘର ଝୁରି ।

ମନୁଷ୍ୟ ମୁହିଁ ତ ନ ଦେଖିଲେ ସେଠି,
ଖାଇବାରେ ଖାଲି କବା ସୁଖ;
ଏହିପରି ପିନା କଇଦ ହୁଅଇ,
ସ୍ୱରଗରେ ହେଲେ ଥିଲେ ଲୋକ !

ସବୁ ସାନଟି ସେ ତିନିଙ୍କ ଭିତରୁ
ଗଛା ବଇସିଆ ଠୋକାଟାଏ;
ସେଦିନ ଘାଟରେ ପାଣି ମାଡ଼ି ଖାଇ,
କି ହେଲା ତା ବୁକୁ ମାସେ ଯାଏ ?

ଏମନ୍ତେ ଶେଯ ଧରି ଚଢ଼ିଗଲା ସେହୁ
ସେବା କଲେ ତାକୁ ବଢ଼େଁଯାକ;
ମଲାନ୍ତୁ ବଳ ସେ କେତେଦିନ ଚଢ଼ି,
ମରଣେ ଭୁଲିଲା ସବୁ ଦୁଃଖ ।

କାଂଦିବାକୁ କଏ ଅଛି ବା ତା ପାଇଁ ?
ଏ ଦୁହିଁଙ୍କ ହେଲା ଅଭରସା;
ଦାସ ସଂଗେ ସେହୁ ଥିଲା, ସେ ଏଣିକି
ଛାଡ଼ିଦେଲା ଜୀବନର ଆଶା ।

କସିଣେ ଚଢ଼ି ସେ ଦିନାକେତେ ଶେଯେ,
ଦାସେ ଛାଡ଼ିଗଲା ଏକା କରି;
ଦାସ ବିସୂରିଲା, 'ରହିଲା ସେ ଏକା
କାହିଁକି, ଜାଣଂତି ନରହରି ।'

ନାସିତଳେ ବସି, ଦେଖୁଥାଏ ସେହୁ
ଉପରକୁ ନୀଳ ବନମାଳ;
ପାଣି ବାଟ ସବୁ ଉଠିଥାଏ ତହିଁ,
ସତେ କି ବାଟ ସେ ସରଗର ।

ଫଳ ପତ୍ର ଭରେ ତ'ଳ ନଡ଼ିଆ ·ସେ
ଟେକିଥାଏ ମଥା ଛତାପରି,
ଡାକୁ ଡାଳେ ଉଡ଼ି, ହଳଦୀ ବସଂତ;
ସୁନାଖଂଡ ପରି ଭାସେ, ବୁଲି ।

ଗଂଠିରେ ଗଂଠିରେ ଗେ'ଛା ଗେ'ଛା ଫୁଲ
ଧରି, ଗଛେ ଢେରି ଥାଏ ଲଟି;
ଫୁଲେ ଫୁଲେ ବସି କେତେ କେତେ ରଂଗେ
ଉଡ଼ି ବୁଲୁଥାଏ ପ୍ରଜାପତି ।

ଅଳପ ଶୀତରେ ଆସଇ ବସଂତ;
ଗ୍ରୀଷମ ବରଷା ପଡ଼େ କାହିଁ ?
ବାର ମାସ ଯାକ କେତେ ଫଳ ପାଚେ,
କେତେ ଫୁଲ ଫୁଟେ ଡାଳ ଡାଳ ।

ସବୁଁ ଦେଖି ଦାସ ପଡ଼ଇ ଝାଉଁଳି,
ନ ଦେଖି ମଣିଷ ମୁହଁ କାହିଁ,
ଅମୃତପରି ସେ ମନୁଷ୍ୟର କଥା
ପଦେ ହେଲେ କେବେ ଶୁଣେ ନାହିଁ ।

ଆହା କବା ଅଛି ମନୁଷ୍ୟ-ବଚନେ,
କବା ନ ଶୁଣଇ ସେହି ଦାସ !
କୁଂଜେ କୁଂଜେ କୁହୁ ଡାକଇ କୋଇଲି
ପରି ତହିଁ ସୁଖେ ବାରମାସ ।

ପହରି ପହରି କରୁଥାଂତି ରବ,
କେତେ ପକ୍ଷିମାନେ ସମ୍ମୁ ଦୂରେ,
କୁଳୁ କୁଳୁ ହୋଇ କେତେ ପାଣିଧାର
ମିଶଇ ସାଗରେ ତାଳେ ତାଳେ ।

ପତ୍ର ମରମର ଶୁଭେ ବନସାରା;
କାହିଁ ଦୂରୁ ଆସି ଲହରୀ ସେ,
ପାହାଡ଼ ପଥରେ ଭାଂଗି ପାଉଥାଏ,
ତାଳେ ସେ ଶବଦ ତହିଁ ମିଶେ ।

କଛି ସେ ନ ଦେଖେ, କଛି ଶୁଣେ ନାହିଁ,
ବୁଲୁଥାଏ ଦିଗ ବାରି ବାରି;
ସମୁଦ୍ର ଭିତରେ କାହିଁ ଦୂରେ ଖୋଜି,
ଜ ହାଜକୁ ରହୁଁଥାଏ ଖାଲି ।

ଦିନ ପରେ ଦିନ ପାଉଥାଏ ବଳି,
ଜାହାଜ କଏ ସେ ଦେବ ଆଣି ?
ଦକାଳୁ ସିଂଦୁରୀ ଫାଟଇ ପୂର୍ବେ,
ଗଛେ ପଦେ ବୋଲେ ସୁନାପାଣି ।

ତରଙ୍ଗେ ତରଙ୍ଗେ ନାଚଇ ସାଗର,
ସେଣ୍ଟ ସେ ସିଂଦୁର ଧରି ନେଚେ,
ଉଠ ଆସେ ଖଗ, ଚୁହିଁ ଚୁହିଁ ଦାସ,
ବାଧକରେ ପୁଣି ମୁଂଡ ପୋଚେ,

ବୁଡ଼ିଯାଏ ବେଳ; ଚୁହୁଁ ପୁଣି ଜଳେ
ଡାହାଣିଆ ଖଗ ଯାଏ ନାଚି,
ହଲାଉ ହଲାଉ ସେ ଖଗ ପଡରେ,
ଗଛଡେ ଶୋଷ ଯାଏ ଲୁଚି,

ବଂଶ ହୋଇଯାଏ ଆକାଶରେ ତଗ
ତରଙ୍ଗ ଉଠଇ ସେ ସାଗର;
ପୁଣି ଚୁହୁଁ ଚୁହୁଁ ପଡ଼ିବ ଆକାଶେ
ଦଶଇ ସିଂଦୁର ଥରଥର ।

ପୁଣି ଉଠେ ଖଗ, ନଗୁଏ ବନସ୍ତ,
ଚୁହିଁଥାଏ ଦାସ ବସି କୂଳେ;
ବାରଇ ଜାହାଜ; ଜାହାଜ ର କାହିଁ
ସେ କୂଳକୁ ଆସେ ନାହିଁ ଭୁଲେ ।

ବେଳେ ବେଳେ ପୁଣି ଯେଉଁପରି ସେଠୁ
ବସିଥ ଏ ସମୁଦ୍ରକୁ ଚୁହିଁ,
ଜବା ଝୁଡୁଥାଏ, ସେଡୁ ତା ନ ଜାଣେ,
ରହି-ହୃଦ୍ର ଖଗ ମୁଂଡେ ସହି ।

ଟେଡା ସପନକୁ ବଳ, କାହୁଁ କେତେ
ଯୋଟିଯାଏ ତାକୁ ଚୁବିଆଡ଼ି,
ଭୂତପରି ତାକୁ ଲାଗଇ, ସତେ କି
ବୁଲୁ ଛି ବାହାର ନିଜ ଘରୁ ।

ଢେକେଇ ଚଢ଼ା ମୁହିଁ ନାଚଯାଏ ଆଗେ,
କେତେ ଜାଗା ଯେଡୁ ଆସେ ବୁଲି,
ଗ୍ରାମେ କେତେ କାମ କରୁଥାଏ ସତେ !
ତାଙ୍କଠୁ ସମସ୍ତେ ଡାସ ବୋଲି !

ମେଳ କସେ ଆଗେ; ଦଣ୍ଡେଟି ଦଣ୍ଡେଟି
କଥା କହୁଥାଂନ୍ତି ପିଲାମାନେ;
ନିଜ ଟିକିଘର, ନାଗି ବଣ ଖେଳ,
ସବୁ ଦେଖି, ସତ ମଣେ ମନେ ।

ବୁକଥିବା ନାଆ ଭାସଇ ଆଗରେ;
ଘରପାଖ ଗଛ ଯାଏ ଦିଶି;
ଗ୍ରାମର ବରଷ ଗ୍ରାମ ପିଲା ଖେଳ
କୋଳଟୋଳା ସତେ ଦେଖେ ବସି ।

ମେଲି ସଂଗେ ବସି, ବାଇଦ ଗହଳ
ଦେଖି ଯାଉଥାଏ ନୂଆ କରି;
ଚୁହୁଁ ପୁଣି ସେଠୁ ଝାପୁ ଦିଶିଯାଏ
ଚମକ ସେ ଦାସ ଉଠେ ଥରି ।

କି ଅବା କହିବ ? କା ଆଗେ କହିବ ?
ଦୁଃଖ ଶୁଣିବାକୁ ନାହିଁ କେହି;
ଏକା ଦିନ ଘଡି ବରଷ ବରଷ
ଭାଳି ଭାଳି, ଦିନ ଯାଏ ବହି ।

ନୋହୁଣୁ ବପୁସ, ପାଚ ଯାଉଥାଏ
କାନମୂଳ ଧରି ମୁଂଡବାଳ;
ତେବେହେଁ ଭାଳଇ, ‘ଏ ଦଶା ମୋହର
ଛୁଟିଇବେ ନିଶ୍ଚେ ଚକ୍ରଧର ।’

ସତକୁ ସତ ସେ ଶୁଣିଲେ କି ଏବେ
ଦାସର ଗୁହାରି ଜଗନ୍ନାଥେ ?
ସମୁଦ୍ର ଭିତରେ ବାଟ ଭୁଲି, ଦିନେ
ଜାହାଜେ ଆସିଲା ସେହି ପଥେ ।

ଝାପୁ ଦେଖି ପାଶେ, ପାଣି ନେବା ପାଇଁ
ଓହ୍ଲାଇ କେତେକ ଲୋକ ତହିଁ,
ପାଣି ଖୋଜି ଖୋଜି, କଲେ କୋଳାହଳ;
ଚମକିଲା ଦାସ ଶୁଣା ପାଇ ।

ମଣଷର ଭୁଂଡ ବାର ବାହାରିଲା,
କ ବଟଢ ରୂପ ସେତୁ ଦାସ—
ମୁଂଡବାଳ ସବୁ ଜଂଗଲ ସମାନ;
ବଢ଼ିଅଛୁ ନଖ, ଦାଢ଼ି, ନଶ !

ପିଂଧିଛୁ ପତର କେତେ ଯୋଡ଼ ଯୋଡ଼
ମଣଷ ପର ସେ ନ ଦଶଇ;
ପାଟି କର କେତେ ଠାରୁଛ ଦେଖାଇ,
କେହ୍ନ କଛୁ ତହୁଁ ବୁଝ ନାହିଁ ।

ବଲ ବଲ କର ଗୃହିଁଲେ ସରବେ;
ସତେ କବା ଜଂଭୁ ଏଥି ଏଡୁ !
କେତେବେଳେ ପୁଣି ଠାର ଦେଖି, ଆସି,
ଝାପୁରେ ଭେଟିଲେ ପାଣି ସେତୁ ।

କେତେ କାକୁ ଦାସ କହୁନାହିଁ କଥା,
ଯାହା ପାରେ ଏବେ ଯାଏ କହ;
ପାଣି ଧର, ଲୋକେ ଗୃହାଂନ୍ତ ତା ମୁହେଁ,
କେହ୍ନ ହେଲେ କଛୁ ନ ବୁଝଇ ।

କେତେକାଳେ ଜଣା ପଡ଼ିଲା, ତାହାର
ଲୋଡ଼ା ଯିବା ପାଇଁ ସେ ଜାହାଜେ;
ଜାଣିଲେ ସରବେ, ଏଥି ଏକା ପଡ଼
ଏବେ ସେତୁ ଯିବାପାଇଁ ଖୋଜେ ।

ନେଲେ ସେ ତାହାକୁ ଜାହାଜ ଉପରେ;
ଦୟା କଲେ ତାକୁ ସେତୁ ଲୋକେ;
ବନ୍ଦୀ ପଇଧାରେ ନେବେ ବୋଲି ତାକୁ
ଆଦରେ ରଖିଲେ ତହିଁ ଥୋକେ ।

ଖିଅର କରାଇ, ଦେଲେ ତାକୁ ଲୁଗା,
ବୁଝିଗଲେ ଦଶା ତାର ଝଟେ;
ଜାଣି ତ ଥିଲା ସେ ଜାହାଜ ବେଉସା;
ଲାଗିଗଲା ବାଟେ କେତେ କାମେ ।

ଛକରେ ସେ ପଥରେ ଦେଶ କଥା ତାଂକୁ
କେହ୍ନ ତ ତା ଦେଶୁ ନାହିଁ ତହିଁ;
ବାଟଯାକ ତାକୁ ଦନକ ସତେ କ
କରସକ ପର ଲାଗୁଥାଇ ।

ଜାହାଜଟି ପୁଣି ଦଦରାରୁ ବଳେ;
ରହ ରହ ଆସେ ବାଟଯାକ,
ବେଢ଼ ବରଷରୁ ଅଧିକରେ ଏବେ
ଧଇଲା ସେ ଆସି ଦେଶପାଖ ।

ସେ ଦେଶର ଲୋକେ ଶୁଣି ଦାସ କଥା,
ଆପଣା ଭତରେ ଗୃଂଦା କର,
ଖୋଜ, ଦାସ-ଦେଶେ ଯିବା ଜାହାଜରେ
ବସାଇ ତାହାକୁ, ଦେଲେ ଗୃଳ ।

ଆହା ଏତେକାଳେ ଗ୍ରାମ ପାଖ ପାଣି
ଦେଖି, ପକାଇଲା କାଂନ୍ଦ ସେତୁ,
ନାସିରୁ ପବନ ଲାଗିଲା ତା ଦେହେ;
ଦଣିଗଲା ଗ୍ରାମ ଗୃହୁଁ ଗୃହୁଁ ।

କେ କହିବ ତାର ପରାଣ କ ହେଲା ?
କେମଂତେ ପଡ଼ିଲା ପାଦ କୂଳେ ?
କାହାରିକୁ କଛୁ ପଚେ ହେଲେ କଥା
ନ କହ, ଗୃଲିଲା ଦାସ ଘରେ ।

କେଉଁ ଘରେ ଯିବ ? ଘର କାହିଁ ତାର ?
ଘର ବୋଲି ଧାଇଁ ଅଛୁ ଦାସ,
ତାହାଣିଆ ଖରା ବୁଡ଼ିଲାଣି ଆସି;
ଅଂଧାରେ ତାହାର କ ସାହସ ।

ଯୋଟି ଆସି ଏବେ ଆକାଶରେ ମେଘ,
କୁଂଢା ଝଢ଼ା ପର ପଡ଼େ ପାଣି,
ବାଟ ବାର ବାଇ, ଗୃଲିଅଛୁ ଦାସ,
ନୂଆ ସର, ଜଳ ଭେଙ୍ଗି, ଜାଣି !

ମାଟିଘର ସବୁ ହୋଇଅଛି ପକ୍କା,
ବାହାରୁଛି କେତେ ନୂଆ କୋଠା,
ଠାଏ ଠାଏ ଅଛି ସେ କାଳର ଗଛ,
ଚାହିଁ ଚାହିଁ ଚାଲେ, ବାଟ ବାର।

ଅଂଧାରେ ଭେଟିଲା ଘର ଆପଣାର;
ଥରଟିଏ ଏବେ ଗ୍ରାମ ତାର;
ନାହିଁ ତ ଆଲୁଅ! ନାହିଁ କେହି ତହିଁ!
ନ ଶୁଭଇ କାହିଁ ପିଲା ଗୋଳ!

କାହିଁ ଏବେ ମେଲା? କାହାଁନ୍ତି ପିଲାଏ?
ଦେଖିବ କି ତାଂକୁ ଅଉ ଦାସ!
ନାହାଂନ୍ତି ତ କେହି; ଥିବେ ଯେବେ କାହିଁ,
ଦାସର ସେଥିରେ କିବା ଆଶ?

ଭଙ୍ଗିଣ ବଟସା, ଦଣ୍ଡ ପଛଆଏ
ବସିଗଲା ତହିଁ, ଥକ୍କା ମାରି,
ଧୀରେ ଉଠେ, କେତେ ନିଶ୍ୱାସ ପକାଇ,
ଫେରିବାକୁ ଏବେ ସେ ବିଚାରି।

କାହିଁ ଫେରିବ ସେ? କେଉଁଠାକୁ ଯିବ?
ଦଶିଲା ଅଂଧାର ଚାରିଆଡ଼!
ଗୁଡ଼ିଲାଣି ମେଘ, ହେଲାଣି ଜହ୍ନ,
ନ ଦିଶଇ ତାକୁ ଗଳି ବାଡ଼!

କେତେ କାଳେ ଏବେ ଟିକିର ବିଗୁଣ,
ପଡ଼ିଲା ସେସବୁ କଥା ମନେ;
ସମୁଦ୍ର କୂଳରେ ଥିଲା ବସାଘର,
ଥିବ କି ଏବେ ସେ ସେହି ଥାନେ?

ଧୀରେ ଚାହିଁ ଦାସ ଚାଲିଲା ସେ ଆଡ଼େ,
ଦେହରକେ ତହିଁ ପହଂଚିଲା,
'ରହାସ ବେଡ଼େଇ ଥିଲା ତହିଁ ସେଦିନ,
ନାହିଁ ତ ସେ ଆଉ ତହିଁ ଘର!'

ପୁରୁଣା ହୋଇଛି ସେ ଘର ଦୁଆର;
ଭାଂଗିଅଛି କାଂଥ ଠାଏ ଠାଏ,
ରହାସ ଭାଇଯା ମଚୁଆ ବୁଢ଼ୀଟି
ଧୂପ ଜାଳି, ବସି, ଦାଂଡେ ଚାହେଁ।

ଘର ଭଡ଼ା ଧରି, ପାଳୁଛି ସେ ପେଟ;
ନ ଆସଂନ୍ତି ଏବେ ଲୋକ ବେଶି;
ଜଣେ ଲୋକ ପାଇଁ ଘର ଯେ ରଖିଛି,
ରହିଲା ସେ ଘରେ ଦାସ ଆସି।

ସେ ଗ୍ରାମଟି ଏବେ ହେଲାଣି ସହର;
ବଡ଼ ବଡ଼ ହାଟ ଘରମାନ,
ହୋଇଛି, ଦେଖିଲା ସକାଳୁ ସେ ଦାସ
କେତେ ନୂଆ ଘର ବଡ଼ ସାନ।

କାମ କରି ଖାଇ, କେତେ ଦିନ ତହିଁ
ମଚୁଆ-ଘରେ ସେ ଥାଏ ରହି;
କାହା ସଂଗେ ସେତ ହୁଏ ନାହିଁ କଥା;
ବୁଢ଼ୀ କେତେ ପଚାରଥାଏ କହି।

କାଳ ପାଣି, ଦାସ ଅଳପ ବୟସେ
ହୋଇ ଯାଇଅଛି ବୁଢ଼ାପରି;
ଖାସ ସହି, କେତେ ଖାଇସ ହୋଇଛି;
ମଚୁଆ ପାରିବ କେଂଗା ବାରି?

କହୁଥାଏ ସେତ କେତେ ପୂର୍ବ କଥା;
ଦାସ କଥା ଗଲା ପଡ଼ି ତହିଁ;
କହିଲା, କେସନେ ଗଲା ସେ ଜାହାଜେ
ପିଲାମାଇପଂକୁ ଫିଂଗି ଦେଇ।

ଅରକ୍ଷିତ ହେଲେ ତା ପିଲା ମାଇପେ;
ଲକଖଣ୍ଡି ଆସି ହେଲା ସାହା;
ପିଲାଂକ କଥା ସେ ବାପପରି ବୁଝି,
କହିଲା, ମେଲାକୁ ହେବ ବାହା।

ସାନ ପିଲାଟି ତ    ଯା'ଇଥିଲା ମରି;
ବାକି ଦୁଇ ପିଲା ହେଲେ ବଡ଼,
କହିଲେ ପରା ସେ    ମାଆଙ୍କୁ ବୁଝାଇ !
ମେଲା ଲଇଖଣି କଲେ ଘର ।

ଏତେକାଳ ମେଲା    ଚଳାଇଲା ଦାସେ,
ଏବେ ତ ସେ ଧନ ଖଣ୍ଡା ହେଲା,
ପିଲାଟିଏ ତାକୁ    ଦେଇଛନ୍ତି ପ୍ରଭୁ;
ସୁଖେ ଘର କରେ ସେଠୁ ମେଲା ।

କହୁ ସାରି ବୁଢ଼ୀ,    କହିଲା, "ବଡ଼ସ
ସେ ଦାସନାଏକ କେବଡ଼ ଦୁଃଖେ
ସମୁଦ୍ରରେ ପଡ଼ି    କାହିଁ ମରିଥିବ ?
ଭଉଂଙ୍କୁ ପିଲାଏ ତାର ସୁଖେ !"

ଶୁଣୁଥିଲା ଦାସ    ପଥରଟି ପରି,
ମୁହଁ ହେଲେ ତାର ହଲୁନାହିଁ,
କିଏ କାହା କଥା    ଶୁଣିଲା ପରି, ସେ
ଶୁଣୁଛି, କିନ୍ତୁ ବା ନ ଜାଣଇ ।

"ସମୁଦ୍ରେ ବଡ଼ସ    ମରିଥିବ କାହିଁ ।"
ବୋଲି ବୁଢ଼ୀ ଯେବେ ଦେଲା କହି,
କହିଲା ସେ ଦାସ    ଲେଉଟି, "ବଡ଼ସ
ସମୁଦ୍ରରେ ମରିଥିବ କାହିଁ !"

ପୁଣି ରହି ରହି,    ନିଶ୍ୱାସ ପକାଇ,
କହିଲା, "ସେ କାହିଁ ମରିଥିବ ?"
ପୁଣି ଧୀରେ କହେ    ମନେ ମନେ ଦୁଃଖେ,
"କାହିଁ ମରିଥିବ, କେ ଜାଣିବ ?"

ଝମଲା ତ ଦାସର    ଜୀବନର ଧନ;
ବୁଝିଛି ସେ ତାକୁ ଏତେ କାଳ;
ଶୁଣି ଏବେ ଦାସ—    ମନ ହେଲା ଶାନ୍ତି
'ଥରେ ସେ ଦେଖିବ ମୁହଁ ତାର ।'

'ଅଛି ମେଲା ସୁଖେ'    ଦେଖିଲେ, ଜୀବନେ
ନ ହେବ ଦାସର ସୁଖ କେଡ଼େ ?
ଏମନ୍ତେ ଭାବୁଣ,    ସେଣୁ କଥା ଭାଳି,
ଧନ ଗୁଣ ତାକୁ ମାଡ଼ ପଡ଼େ ।

ଭାଳି ଭାଳି, ଏବେ    ଉଠିଲା ସେ ଧନେ,
କେ ଜାଣେ କାହିଁ ଇ, ନାସି ଚରେ;
ଆପେ ଜାଣେ ନାହିଁ,    କାହିଁକି ଉଠି, ସେ
ବୁଝିଣ ବସିଲା ବନମାଳେ ?

ଗଢ଼ୁଥିଲା ବେଳ,    ବୁଝିଲା ସେ କେତେ,
ଅନ୍ଧାରିଆ ଘୁଞ୍ଚି ଆସେ ମାଡ଼;
ସୁନା-ପାଣି ପରି    ଜାଆଁଳିଆ ଖସୁ
ଧନେ ଗଛପତ୍ରେ ଥର ଥର ।

ମନେ ଦେଖିଲା    କେତେ କଥା ତାର;
କଥାରେ ବଖାଣି ହେବ କି ସେ ?
ସନ୍ଧ୍ୟ ସନ୍ଧ୍ୟ ତ ସେ    ପଥର ହେଇଛି;
କହିଁ ଏତେ ଆଉ ଭାଳି ବସେ ?

ଦୂରେ ଧନେ ଚଳେ    ଲଇଖଣି ଘର,
ଟହଟହ ସଜ ଖରା ଚଢ଼େ;
ଗୁହ୍ନ ବୁହ୍ନ ତାର    କି ହୋଇଲା ମନେ ?
ସେଣୁ ଆଡ଼େ ଗଲା ପାଦ ଚଳି ।

ଅନ୍ଧାର ହେଲଣି,    କେସନେ, କି ବାଟେ
ଯାଉଅଛି, ଆପେ ନ ଜାଣେ,
ଲକ୍ଷଣ ଦୁଆର    ଗୁଡ଼ତଳେ ଆସି
ମିଳିଲା କେସନେ, ଜାଣେ ନାହିଁ ।

ପଥର ଝିଂକର ତଳଯାଂକ ଖାଲ,
ଦାସ କଣ୍ଟ ପାରୁ ନାହିଁ ଜାଣି;
ଗଛ ଡାଳ ଧରି, ଜଳାକବାଟିରେ
କ ଦେଖିବ ବୋଲି, ଖୁନ୍ଦେ ପୁଣି ।

ନ ଖୁନ୍ଦି ନ ଖୁନ୍ଦି ଏସନଟି ଦାସ,
ପଥର-ହୃଦୟ ଯିବ ଫାଟି !
କାହା ମୁଖ ଦେଖି, ଖୁସି ହେବ ବୋଲି,
ଗ୍ରେଭପଭ ଖୁନ୍ଦି, ଭଡ଼ ପାଟି ।

କାହାକୁ ଖୁନ୍ଦି ତ ? ଏହି ସେ ଲକ୍ଷଣ
ଭୁଂଭ ଲାଗି ମେଲ ଗୁଡ଼ଥିଲା ।
ସେହି ଏବେ ଘରେ କ ସୁଖେ ବସିଛି
ଖେଳ କରୁଅଛି ଧରି ପିଲା ।

ଶଙ୍କି ପାରୁଛ କ, ଯଉବନୀ ସେହୁ
କଏ ସେ ଲକ୍ଷଣ ପିଠିଆଡ଼ୁ
ଝୁଲି, ସେ ପିଲାକୁ ଦେଖାଇ ଆଂଗୁଠି,
ଦେଖାଏ ପିଲା ଧରୁ ଧରୁ ?

ସେକାଳର ମେଲ— ପରି, ମୁହିଁ ତାର
ଦିଶି ଆସିଲାଣି, ଚହ୍ନିଛ କ !
ବଡ଼ ହିଅଛି ସେ ମେଲାର; ସେ ପାଖେ
ପିଲାକୁ ଖୁନ୍ଦିଛି ମେଲଟିକ !

ପାଖେ ତାର ପୁଅ ବସି ଦରହାସେ
କହୁଛି ମେଲାକୁ କଥା କସ ?
ଆଂଗୁଠି ନ ଧରି ପାରି ହସେ ପିଲା;
ସମସ୍ତେ ହୁଅଂତ ହସ ହସ ।

ଦେଖିଲା ଏବେ ତା ପସ୍ୱଣର ମେଲ
ବସିଛି; ସେ ଆଉ ନୁହେ ତାର !

ମେଲାର ତ ପିଲା, ଦାସର ସେ ନୁହେ;
ବାପ କୋଳେ ଧରି କରେ ଖେଳ !

ଆପଣାର ସେହୁ ହିଅପୁଅ ଦୁହେଁ,
ହେଲେଣି ସୁଂଦର ବଡ ବଡ଼,
କେତେ ସୁଖେ ସେହୁ ଅଛଂତି ସେ ଘରେ,
ଦେଖି ଦାସ-ମନ କଲବଲ ।

ମନୁଆ ବୁଢ଼ୀ ତ କହିଥିଲା ସବୁ,
ଶୁଣିଥିଲା ଦାସ ଭୂତ ପରି,
ଶୁଣାରୁ ଦେଖା କ ଏତେ ବଳଆର !
ଏବେ ନ ପାରେ ସେ ଦେହ ଧରି !

ଯେତେ ଧରୁଥାଏ, ଡାଳରୁ ତା ହାତ
ଥରି ଥରି ଆସୁଥାଏ ଖସି,
ଲାଗିଲା, ସେ ପଡ଼ି— ଯିବ ଗଛମୂଳେ,
ଜାଣିବେ, ଦେଖିଲେ, ଲୋକେ ଆସି !

ଚମକିଲା ତହୁଁ, 'ଆହା ସତେ ଏହା
ହେଲେ, କ ଅକାର୍ଯ ହେବ ଭାରି !
ଏ ସୋହାଗ ଘର, ଏ ସୁଖ ଶରଧା,
ସବୁ ସିନା ଏବେ ଯିବ ସରି !'

ବସ୍ତୁରି ଏସନ, ଗ୍ରେଭପରି ଡାଳ
ଛାଡ଼ି, ଧୀରେ ଧୀରେ ପାଦ ଚାଳି,
ଝିଂକରି ଝୁଂଟିଲେ, ଶୁଦ୍ଧବଟି କାଳେ !
ଭାଳି, ଧରେ ଆସି ଦାଂଡବାଲି ।

କେସନେ ଆସିଲା, କେଉଁ ବାଟେ ଛାଡ଼ି
ଲଇଖଣ-ଘର, ନ ଜାଣେ ସେ,
ପଡ଼ିଯିବ କାଳେ ! ବସ୍ତୁରି ଏସନ,
ଖଂଡଦୂରେ ଥକ୍କା ମାରି ବସେ ।

'ଜଗନ୍ନାଥେ' ବୋଲି ମନେ ମନେ ଡାକି,
ପଡ଼ିଗଲା ଏବେ ମୁହିଁ ମାଡ଼ି;
କହିଲା, "ପ୍ରଭୁ ହେ କିଂପା ଦେଖାଇଲ ?
କେସନେ ସହିବି ଦେହି ଧରି ?

ଆଣିଲ କାହିଁକି ସେ ଝାପୁରୁ ମୋତେ ?
କେହି ତହିଁ ମତେ ନ ଜାଣଂତେ;
ଏବେ ଏଥି ପ୍ରଭୁ ଏତିକି ମାଗୁଣି,
କେହି କେବେ ନ ଜାଣଂତୁ ମତେ ।'

ଦୟା ମୋତେ କର, କିଛି ନ କହିବି
ମେଳାକୁ, କିଛି ସେ ନ ଜାଣିବ,
ମୋ ମେଳା, ମୋ ପିଲା, ରହଂତୁ ହେ ସୁଖେ,
ନ ଜାଣି ମେତେ, ମୋ ଦିନ ଯିବ ।

ଆହା କି ସୁଂଦର ପୁଅଝିଅ ମୋର,
ଅଇଁଷିବେ ନାହିଁ ମୋର ବୋଲି ।
ଜାଣଂତି ନାହିଁ ସେ, କିଂପାଇଁ ଜଣାଇ,
ତାଂକ ସୁଖଘର ଦେବି ଚୂରି ?

ଜଗନ୍ନାଥେ ମୋତେ ସାହା ହୁଅ, ମୁହିଁ
କେବେ ନ ପଡ଼ିବି ଏଥି ଜଣା,
ସହି ସହି ହେଲା ପଥର ତ ହୃଦ,
ଆଉ କେତେଦିନ ହେବ ସିନା ।"

ବସିଛି ବସିଛି ଏହିପରି, ଦାସ
ପଡ଼ିଲା କାମୁଡ଼ି ମାଟି ତହିଁ,
ମଣଷ ତ ସେହି, କେତେ ସହିବଂତା
କେତେକାଳେ ଉଠେ ଚେତା ପାଇ ।

ଉଠି ଏବେ ଧୀରେ ଚାଲିଲା ବସାକୁ,
ଚାଲି ଚାଲି ମନେ ଗୀତ ପଣି,
'ମେଳାକୁ ମୁଁ କେବେ ନ କହିବି ଏହା;
ଜଣାଇବି ନାହିଁ ଭୁଲକରି ।'

ଏମଂତ ବିଚାରି, ମନ ଥଂଡା କରି,
ସେହି ଦିନୁ ତହିଁ ରହେ ଦାସ;
ଜଗନ୍ନାଥଂକୁ ସେ ବିଚାରି ବିଚାରି,
ନ କରଇ କିଛି ପ୍ରତିଆଶ ।

ପଚାରିଲା ଦିନେ ମରୁଆକୁ ସେହି,
"ଶ୍ରୀମ ବେଦେହେବା ସେ ଲଇଖଣି
ବଡ଼ ହୋଇଅଛି ଦାସ-ଭାରିଯାକୁ,
କହୁଥିଲ ଟିଏ ଗୋ ସେ ଦିନ !

ଦାସ-ଭାରିଯା କି ଆଗ-ବର-କଥା
ବିଚାରଇ ନାହିଁ କେବେ ହେଲେ !"
କହଇ ମରୁଆ, "ଆହା ସେ ବିଚୁଣି
ସଦା ବେଳେ ସେହି କଥା ଭାଳେ ।

କହଂତା କିଏ ସେ, ଆହା ସତେ ଯେବେ
ଦାସେ ଜାଣଇ ସେ ମନ୍ଦବାର !
ଚିଂତା ଛାଡ଼ି, ଅବା ରହଂତା ସେ ମେଳା,
ସୁଖେ ବରହଗେ କରି ଘର !"

ଶୁଣି ଭାଳେ ଦାସ, 'ଜାଣିବ ସେ ଦିନେ,
ଜଗନ୍ନାଥେ ଯେବେ ନେବେ ମୋତେ;
ଘୁହିଁଛି ସିନା ମୁଁ ସେହିଦିନ ପାଇଁ;
ତାରି ମୋତେ ପ୍ରଭୁ ଜଗନ୍ନାଥେ !"

ଏହି କଥା ଭାଳି, ରହିଲା ସେ ଦାସ;
କେହି କିଛି ଆଉ ନ ଜାଣିଲେ,
ଭିକ ତ ମାଗିବା ଜାଣେ ନାହିଁ ସେହି,
ପେଟପାଇଁ ସବୁ କାମ କରେ ।

ଧରଇ କଟାଳ,   ବୁଣଇ ସେ ଜାଲ,
ଖଲସିର କାମ କରେ କେବେ,
ଆକଟ ପଡ଼ଲେ   ବୋଇଲେ, ପୋଡ଼ୁଏ,
ଡାକଂନ୍ତି ତାହାକୁ ଲୋକେ ଏବେ ।

ସବୁ କରୁଥାଏ   କଳପର ଦାସ,
ଆଶା ତ ଜୀବନେ ନାହିଁ କିଛୁ,
ବଂଚିବା ମରିବା   ସମାନ ତାହାର,
କି ଅବା କରିବ ଧନ ଇଚ୍ଛି ?

ମାସ ପରେ ମାସ   ଗଲା ଏସନେ,
ନ ପୂରୁ ବରଷ, ଆସି ତାହୁଁ
ଦେଖାଗଲା ରୋଗ,   ଅଳପେ ଅଳପେ
ବଳ ଗଲା ଖସି ଦାସ-ଦେହୁଁ ।

ବସି କେତେ ଦିନ,   ଶୋଇଲା ସେ ଶେଷେ,
ଦୁଃଖ ନାହିଁ ତାର ତଳେ ହେଲେ,
ଝଡ଼ ପାହାଂତରେ   ଫଗୁ, ଫାଟିଲା—
ପର ମରଣକୁ ଚାହେଁ ଭଲେ ।

ଜୀବନେ ଚାହିଁଛି   ମରଣକୁ ସେହୁ,
ମରଣେ ଜୀବନ ପାଇବ ସେ,
ମଲା ପରେ ପରା   ଜାଣିବ ସେ ମେଲା
'ଦାସକୁ ସେ କେଡ଼େ ବଡ଼ ଦିଶେ' ।

ମଲା ଯାଏ ସେହୁ   ଜୀବନ-ଦୋଷରେ
କେସନେ ସେ ଦାସ ଚଳୁଥିଲା ?
ଭାଳଇ ଏସନ;   ଜାଣି ଶେଷକାଳ,
ମରୁଆକୁ ଦାସ ଡାକ ଦେଲା ।

କହିଲା ତାହାକୁ,   "ଶୁଣ ଆଗୋ ବୁଢ଼ୀ,
ଅଛି ମୋର ଏକ ମନ-କଥା,
ପ୍ରଭୁ-ନାମ ଧରି,   କହ ମୋତେ ଆଗ
ନ କରିବ କେବେ ତା ଅନ୍ୟଥା,

ମରିବାର ମୋତେ   ନ ଦେଖିବା ଯାଏ
ନ କହିବ ତାହା କାହା ଆଗେ ।"
"କି କହୁଛ ବାବୁ   ଅମଂଗଳ କଥା !"
ଶୁଣି ଏହା, ବୁଢ଼ୀ କହେ ବେଗେ;

"ଭଲ ହୋଇଯିବ,   ଅଛୁ ଆମେ ସବୁ,
ଭୟ କିଛି, ବାପା, କର ନାହିଁ ।"
ଟାଣ କରି ତହୁଁ   କହିଲା ସେ ଦାସ,
"କହ ମୋତେ ଦେଇ ପ୍ରଭୁ-ଦୁହାଇ ।

କିଛି ନ ବୁଝି, ସେ   ମରୁଆ ବୁଢ଼ୀଟି
ହଁ ହଁ ପକାଇଲା, ଡରି ଡରି,
ବୁଲାଇଣ ଆଖି   ମରୁଆ ଉପରେ,
କହେ ତାକୁ ଦାସ ହାତ ଠାରି:—

"ଜାଣ କି ଏ ଗ୍ରାମ   ଦାସ ନାଏକକୁ ?
ଜାଣ କି ?" ଚମକି ବୁଢ଼ୀ କହେ—
"ଜାଣେ ନାହିଁ ମୁହିଁ ?   ଭଲକରି ଜାଣେ,
ଶୁଣି, ଏବେ ମନେ ପଡ଼ିଯାଏ—

ଏହି ଦାଂଡ ବାଟେ   ଚାଲି ଯାଉଛି ସେ,
ମୁଂଡ ଟେକି କେତେ ବରପରି ।
ଲାଗି ଖାଏ ସେହୁ,   କାହା ପାଖେ କେବେ
ରହେ ନାହିଁ ମୁଂଡ ପୋତକରି ।"

ଧୀରେ ଧୀରେ ଦୁଃଖେ   କହେ ଏବେ ଦାସ,
"ପୋତ ହୋଇଅଛି ମୁଂଡ ତାର,
କେହି ନ ପଚ୍ଛରେ,   ନ ଜାଣେ ତାହାକୁ,
ମରିବାର କାଳ ହେଲା ମୋର ।

ଦୁଇ ଜନ ବନେ ମରବଇଁ ମୁହିଁ,
ସେହି ଦାସ, ମୋତେ ଜାଣ ଏବେ।"
ଚମକ ସେ ବୁଢ଼ୀ, ମିଛ କଲ ପର
କହିଲା, "ସତ କି ଏହା କେବେ? 

ସେହି ଦାସ ତୁମେ! କେବେ ନୁହେ ଏହା!
ସେ ତ କେଡ଼େ ଡେଂଗ ତୁମଠାରୁ!"
କହେ ପୁଣି ଦାସ, "ଜଗନ୍ନାଥେ ଏବେ
କରିଛନ୍ତି ମୋର ମୁଂଡ ଗରୁ।

ଦୁଃଖଭାର ଯେନ, ଲଇଁଗଲା ମଥା,
ଭାଂଗି ଯାଇଅଛି ମହି ଶିରା,
ତେଣେଲେହେଁ ମୁହିଁ ଗୋ ସେ ଦାସ ନାଏକ,
ବଣ୍ଡ ହୋଇଥିଲି ମୁହିଁ ପରା!

କି କହିବ ଆଉ? ସେହି ମୋ ଭରସା,
ଲକ୍ଷଣ ସଂଗେ ସେ କରେ ଘର!
ଶୁଣ ଏବେ ବୁଢ଼ୀ, କହିବ ତୁମଂକୁ
ସବୁ ଦଶା ମୋର ଜୀବନର।

କହିଲା ସେ ତହିଁ, କେମନେ ଜାହାଜ
ଭାଂଗିଲା, ଟାପୁରେ ରହିଲା ସେ;
ରହିଁ ରହିଁ ଏକା, ଜାହାଜେକ ଦେଖି;
ଆସିଣ ମିଳିଲା ଗ୍ରାମ ଶେଷେ;

କେମନେ ସେ ବନେ ଯାଇ, ଲଇଖଣ-
ଘରେ ଅନାଇଲା ମେଲି-ମୁଖେ;
କେମନେ ବଗୁର, ରହିଲା ମଉନେ,
ସେହିବନୁ କଥା ଚପି ବୁକେ।

ଶୁଣୁ ଶୁଣୁ ବୁଢ଼ୀ- ଆଖିରୁ ଲୋତକ
ଝର ଝର ହୋଇ ପଡ଼େ ଝରି;
ମନେ ହେଲା ତାର ଉଠି ସେହିକ୍ଷଣି
ଗ୍ରାମରେ ପକାଇ ଦେବ ହୁରି।

କହିବ ସଭିଂକୁ ଦାସ-ଦୁଃଖ ସବୁ;
ବିଗୁରି, ସେ ପୁଣି ଗଲା ରହି;
ମନେ ହେଲା ତାର- କରିଛି ନିୟମ,
ପକାଇଣ ଜଗନ୍ନାଥ-ଦୋହି।

କେତେବେଳେ ବୁଢ଼ୀ କହିଲା ସଂକ୍ଷାଳ
"ପିଲାଂକୁ ଟିକଏ ଦେଖିଆଅ;
ଯାଉଛି ଆଣିବ ତାହାଂକୁ ଏଠାକୁ;
ତୁହେଁ ହେ ନାଏକ ଘର ପୁଅ।"

କହି ଏହା ବୁଢ଼ୀ ହେଲା ଉଠ ଉଠ,
ଯିବାପାଇଁ ତରତର ସତେ!
ଟିକଏ ସେ କଥା ବିଗୁରି, ନିଶ୍ୱାସ
ପକାଇ, ସେ ଦାସ କହେ ଏତେ;

"ଆଉ ବୁଢ଼ୀ ମୋତେ ଏ ଶେଷବେଳକୁ
କର ନାହିଁ ଏବେ ହରବର;
ବିଗୁରିଛି ଯାହା, ମରିବା ଯାଏ ମୁଁ
ରଖିବାକୁ ପ୍ରଭୁ ଦେବେ ବଳ।

କସ ତୁମେ ଏବେ, କହିବାକୁ ମୋର
ବଳ ଥିବାଯାଏ, ଶୁଣ କଥା;
ମଲାପରେ ମୋର, କହ ଗୋ ମେଲାକୁ,
ନ ମଣିବ କେବେ ସେ ଅନ୍ୟଥା;

'ଶୁଭ ମନାସି ମୁଁ ମରୁଛି ତାହାର,
ସୁଖେ ତାକୁ ରଖିଥିବେ ପ୍ରଭୁ,
ଘରଣି-ହୋଏର ସେହି ମୋର ଏକା;
ଜୀବନେ ମରଣେ ସବୁ ସେହୁ!'

ଝିଅକୁ ମୋହର କହିବ, କଲ୍ୟାଣ
କରୁଛି ମୁଁ ତାକୁ ବରାବର;
କହିବ ପୁଅକୁ, ମରିଅଛି ମୁହିଁ
ମନାସି ମନାସି ଶୁଭ ତାର ।

ଲକ୍ଷଣେ କହିବ, 'ମନାସୁଛି ମୁହିଁ,
ଭଲ ହେବ ତାର ସବୁମଂତେ;
ଭଲ ଛଡ଼ା, ମୋର ଆଉ କିଛି କେବେ,
ବାଞ୍ଛନୀୟ ହିଁ ସେ ଏ ଜଗତେ !'

ବୁଢ଼ି ହେଲାଦିନୁ ପୁଅଝିଅ ମୋର
ଦେଖି ତ ନାହାଂତି ମୋତେ କେବେ,
ଜୀବନେ ନ ଦେଖି, କହିବ ତାହାଂକୁ
ମରଣେ ଦେଖିବେ, ମନ ଯେବେ ।

ମରଣେଟି ହେଲେ ମେଲକୁ ଗୋ କେବେ
ମୋତେ ଦେଖିବାକୁ ନ ଡାକିବ;
ମରଣେ ମୋ ମୁହଁ ଦେଖି, ଜୀବନକୁ
କାଳେ ମନ ତାର ଭାଂଗିଯିବ !

ଯାଉଛି ମୁଁ ଯହିଁ; ସେ ଦେଶରେ ଏକା
ଦେଖିବ ମୋହର ଅଛି ଜଣେ;
ଦେଖି ମୋତେ ସେହୁ, କେଡ଼େ ଖୁସି ହେବ !
ତାହାର ଏ, ରଖ ସାବଧାନେ;

ଗଲାବେଳେ ଏହି ଡେଉଁରିଆଟିକି
କାଢ଼ି ଦେଇଥିଲା ମେଲା ମୋତେ;
ଏତେକାଳ ତାକୁ ରଖିଲି ଯତନେ;
ବାନ୍ଧିରଖିଲି ମୁଁ ନେବି ସାଥେ !

ଏବେ ବାନ୍ଧୁଛି, କି ହେବ ବା ନେଇ ?
ଦେଖିବ ମୋ ପିଲା ତହିଁ ସୁଖେ,
ମଲାପରେ ମୋର, ଦେବ ଗୋ ମେଲାକୁ,
କହିବ, ଥିଲା ଏ ମୋର ବୁକେ ।

ଏଥିରେ ସେ ଅବା ପାଇବ ଆଶ୍ୱାସ !
ଚିହ୍ନା ଏହା ତାର ହେବ ପୁଣି,
ଏ ଡେଉଁରିଆଟି ପାଇଲେ, ସେ ସତେ
ସେହି ବୋଲି ମୋତେ ଯିବ ଜାଣି ।''

ତୁନି ହେଲା ଦାସ, ମରୁଆ ବଖାଣି
କହିଲା, କରିବ ସବୁ ସେହି,
ବୁଲାଇ ବୁଲାଇ ଆଖି ଡୋଳା, ଦାସ
ଶୁଣି ଶୁଣି ପୁଣି କହେ ତହୁଁ,

ଗୋଟି ଗୋଟି କରି, ସବୁ କଥାପାକ
ବୁଝାଇ ବୁଝାଇ ଆଉଥରେ;
ଆଉଥରେ ପୁଣି କରିବାକୁ ସବୁ
କହିଲା ମରୁଆ, ଶୁଣି ଭଲେ ।

ଦଗଡ ବଡିଲା ସେହି ଦିନୁ, ଏବେ
ତିନ ଦିନ ଗଲା ସେହୁ ଦାସ
ଫାଙ୍କା ନିରଜନ୍ତ ମୁହଁ ମେଲାକରି,
ଶୋଇଥିଲା, ବନ୍ଦଥିଲା ଶ୍ୱାସ;

ହାତ ଗୋଡ଼ ତାର ଉଠୁନାହିଁ ଆଉ,
ଜଗି ବସିଅଛି ସେ ମରୁଆ,
କେବେ ଅବା ଥରେ ଢୁମାଇ ପଡ଼ୁଛି,
କେବେ ହାଇ ମାରି କରେ 'ଆହା' ।

ହୁହୁଁ ହୁହୁଁ ଏବେ କରାସି ହୁଂକାରେ
ସମାନ ପବନେ ସମୁଦ୍ର ସେ
ଗରଜି ଉଠିଲା, କଂପିଗଲା ଘର
ଝୁଂକାହିଲା ବଣ ସେ ବତାସେ ।

ଶୁଣିଲା ସେ ଦାସ, ଉତ୍ସାହ ଉଦ୍ଦାତ,
ଅଧେ ଉଠି, କହେ, "ଏତ୍ତ ସତେ
ଆସିଲା, ଆସିଲା, ଜାହାଜ, ଜାହାଜ,
ଧନ୍ୟ ଧନ୍ୟ ତୁମେ ଜଗନ୍ନାଥେ !"

କେତେ ସାଟିକର, କହିଲା ସେ ଏହା;
ପଡ଼ିଗଲା ଶେଷେ କହୁଥାଉ;
ନ କହିଲା, ଆଉ ନ ଜାଣିଲା; ବୁଢ଼ୀ
ଜାଣିଲା, ସେ ଦାସ ଗଲା ଚାଲି ।

ଏତେ ବଂଭ ଧରି, ଏତେ ସବୁ ସହି,
ଚାଲିଗଲା ଏବେ ଦାସ ଗାଉ !
ସକାଳୁ ସରବେ ଜୁଟିଂ ହେଲେ ଆସି;
କେତେ କେ କହିଲା ଗୁଣ ତାର !

ସଂଗରେ ଶ୍ମଶାନ— ବେଷାର ସରବେ
କଲେ ଆୟୋଜନ କେତେପରି,
ହୋଇ ତ ନ ଥିଲା କାହା ଶୁଦ୍ଧ-ବିଧି
ସେ ଗ୍ରାମେ ତ କେବେ ଏତେ ଭଲ !

# ପିଲାଂକ ଗୀତ

# ପିଲାଙ୍କ ଗୀତ

## ବୁଦ୍ଧ ଓ ବିଧବା

ତଳେ ଲୋଟି ନାରୀ କହେ, "ମୁଁ ବିଧବା
ଗୋଟିକ ଏ ମୋର ପୁଅ
ଏ ତ ଗଲା, ମୁହିଁ ରହିବ କା ଲୋଭ
ଏହାକୁ ବଂଚାଇ ଦିଅ ।"

ବୁଦ୍ଧଦେବ ସେଠୁ ଧ୍ୟାନେ ବସିଥିଲେ
ଚାହିଁଲେ ଫିଟାଇ ଆଖି
କହିଲେ, "ଯାଅ ମା ଅଂଜଳୀ ପୁରାଇ
ଆଣ କଳା ସଶି ଦେଖି ।

ମାଗିଣ ଆଣିବ ତା ଘରୁ, ଯା ଘରେ
ନ ଥିବେଟି କେହି ମରି,
ତେବେ ଗୋ ଦେଖିବ ମଡ଼ା ଏ ଉଠିବ
ଖାଅଂତା ମଣିଷ ପରି ।"

ଗଲା ସେ ବିଧବା ଗ୍ରାମଯାକ ମାଗି
ଖାଲି ଠିଆ ହେଲା ଆସି,
ପଚାରଂତେ ବୁଦ୍ଧ "ଆଣିଲ କି ନାରୀ
କହିଥିବା କଳା ସଶି ?"

ଗଦଗଦେ ନାରୀ ଗୋଡ଼ତଳେ ପଡି
କହିଲା, "ବୁଝିଲି ସବୁ,
ଯେତେ ଧନ ଅଛି, ତୁଂଭ ପାଦପଦ୍ମେ
ଶରଣ ମୋର ଆଜ ପ୍ରଭୁ ।"

---

## ମୋ ନିଜ ଘର

୧

ବନସ୍ତେ ଫୁଟିଲା ଫୁଲ କେଡ଼େ ସୁନ୍ଦର
ଖୁଣ୍ଟି ମାଟି କାଂଥ ଦେଇ ତୋଳିଲି ଘର
ନ ଥିଲା ମୋ ନଡ଼ା ଚାଳ
ପାଇ ସାରିଥିଲି କାଳ
ବାଉଁଶ ପତରେ ଘର କଲି ଛପର
ବନସ୍ତେ ପାଚିଲା କେତେ ପଣସ ତାଳ ।

୨

ପାଖେ ଥିଲା ନଈ ଧାର ନ ଥିଲା ଖାଲ
ଲଟି ମାଡ଼ିଥିଲା କେତେ ଡାଳକୁ ଡାଳ
ନ ଥିଲା ତ ଖଂଜାଶାଳ
ନ ଥିଲା ମୋର ଗୁହାଳ
ଏକୁଟିଆ ଘରଟି ମୋ ନାହିଁ ଜଂଜାଳ
ବନସ୍ତ ଭିତରେ ଘର କେଡ଼େ ସୁଂଦର ।

୩

ବସିଥାଏ ଅଡ଼ଂଗେ ମୁଁ ଶୁଆକୁ ଚାହିଁ
ଡାକୁଥାଏ ସାରୀ ଗଛ ଗହଳେ ଥାଇ
ଶୁଣେ ମୁହିଁ ଖୁବ ଜାଣି
ଖୁଂଟି ଖାଉଥାଏ ବଣି
ଘୁମୁର ଘୁମୁର ତେଣୁ ଆସଇ ପାରା
ଡେଇଁ ଉଡ଼ିଯାଏ ବଣି ନ ଦିଏ ଧରା ।

୪

ଘୋଟାଇ ଆସିଲା ମେଘ କଳାହାଂଡିଆ
ପଶ୍ଚିମୁଁ ବହିଲା ବାଆ ସୁଲୁସୁଲିଆ
ଶୁଆ ସାରୀ ଗଲେ କାହିଁ
ବଣି ପାରା କେହି ନାହିଁ
ଏକୁଟିଆ ଅଗଂଣେ ମୁଁ ହୋଇଛି ଠିଆ
ଚାଲିଲା ଟୋପୀ ସେ ମେଘ ବରକୋଳିଆ ।

୫

ପିଟିଲା ବତାସି ବାଆ ଛିଡ଼ିଲା ଡାଳ
ବନସ୍ତ ବୁଡ଼ାଇ ଦେଲା ବରଷା ଧାର
ବାଉଁଶ ପତର ଚାଳ
ପାଣି ବହେ ଝର ଝର
ଝାଟି ମାଟି କାଂଥ, ନାହିଁ ବତାସି ଡର
ବନସ୍ତେ ମୋ ଟିକି ଘର କେଡ଼େ ସୁଂଦର ।

---

## ସାପୁଆ କେଳା

୧

ଡାହାଣିଆ ଖରା ଗଲେ ବୁଡ଼ିବ ବେଳା
ଆସରେ ଦେଖିବା ପିଲେ ସାପୁଆକେଳା
ଅଂଗାକରେ ପାଂଚପେଡ଼ି    ଆଣିଛି ଭାର ସଜାଡ଼ି
ବଡ଼ ସାନ କେତେ ସାପ କରିବେ ଖେଳା
ଖରା ଥାଉଁ ଥାଉଁ ଚାଲ ନ କର ହେଳା ।

୨

ଅହିରାଜ କାଢ଼ିବ ସେ ଅଠର ଜାଣ୍ଡ
କୋଳଥିଆ ନାଗ ଏବେ ଗୁଡ଼ାଇ କାଣ୍ଡ
ଚଂବାପରି ଚଂପମାନ    କେତେ ନାଗ ବଡ଼ ସାନ
ଚାରିଆଡ଼େ ଫେଣା ଟେକି ଉଠିବେ ମାଣ୍ଡ
ଖେଳାଇବ କେଳା ଏକା ଫୁଲାଇ ତୁଣ୍ଡ ।

୩

ବୋଲୁଥିବ ପଦ୍ମତୋଳା ମୁହଁ ବୁଲାଇ
ପେଡ଼ି ଚାଂଗୁଡ଼ିଏ ଦେଉଥିବ ହଲାଇ
ସମସ୍ତେ ମାରିବେ ଚୋଟ    କରିଥିବ ଦେହ କାଠ
ଚମକି ଚମକି କେତେ କରି ବଢ଼ାଇ
ହଲି ଯାଇ ଚୋଟ ଦେଉଥିବ ଏଡ଼ାଇ ।

୪

ନାଗଟିଏ ଧରି ବେକେ ଗୁଡ଼ାଉଥିବ
ଠିଆହୋଇ ଅହିରାଜ ଫଣା ଧରିବ
ଏଆଡ଼େ ସେଆଡ଼େ ହୋଇ    ଚଂପ ଯେ ଯିବ ପଳାଇ
ଡରୁଥିବେ ଲୋକେ କେଳା ସମ୍ଭାଳି ନେବ
ଛଟକେ ଛଟକେ ବୁଲି ଖେଳାଉଥିବ ।

୫

କାହୁଁ ସେ ପେଡ଼ିରେ ଚଂପମାନ ପୂରାଇ
ଅହିରାଜ ମୁହଁଧରି ଗେଲାଇ ହୋଇ
ପଦ୍ମତୋଳା ବୋଲି ବୋଲି    ଦେହଯାକ ନାଗେ ଭରି
ବୁଲିବ ପଇସା ମାଗି ପେଟ ଦେଖାଇ
ଆସ ରେ ଆସ ରେ ପିଲେ ସଅଳ ହୋଇ ।

---

## ମହାତ୍ମା ଗାଂଧି

ଜନମି ଥିଲେ ଗାଂଧି ଏହି ଭାରତେ
ସୁମରୁଥିବେ ତାଂକୁ ଜନେ ଜଗତେ ।
ଗୋରାଂକ ତଳେ ଥିଲା ଆମ ଏ ଦେଶ
ଗୋରାଂକୁ ଲୋକଂକର ଡର ବିଶେଷ ।
ତୋପବଂଧୁକ ଧରା ସଇନ ଧରି
ଗୋରାଏ କଲେ ଏଥି କି ମହା ଜୁରି ।
ନ ମଣିଲେ ଆମକୁ କରି ମଣିଷ
କେହି କିଛି ନ କହି ହେଲେ ନିରାଶ ।

ଗାଂଧି କହିଲେ, "ଡର ଯୁଦ୍ଧ ହେ ଲୋକେ,
ତୋପ ବଂଧୁକ ଆଗେ ଦେଖାଅ ବୁକେ ।
ଶତ୍ରୁ ବୋଲି କାହାକୁ ନ କର ଘୃଣା
ଯେତେ ଦରପ, ହେଲେ ହୋଇବ ଚୂନା ।
ଡରାଇ ହିଂସାକରି ମଣିଷ ମାରି
ଲୋକଂକୁ ଜିଣିବାରେ କି ବାହାଦୁରି ।
ଜଣାଲୋକ ତହିଁରେ ନୁହଇ ଜଣା
ଜିଣି ସମ୍ଭାଳିବାର ବଡ଼ ଭାବନା ।
ସତ୍ୟ ସମ୍ଭାଳିବାର ମହତ ପଣ
ଅକାମୀ କରିଦେବ ତୋପ କମାଣ ।"
ଏହି ସାଧନ ଧରି ସ୍ୱାଧୀନ ଆଜି
ଭାରତ, ଗୋରାମାନେ ଗଲେ ବରଜି ।
ଆଜି ପୃଥିବୀଯାକ ଲାଗିଛି ଗୋଳ
ଉଡ଼ାଜାହାଜ ବୋମା କେତେ କାହାର ।
ସମସ୍ତେ ଏ ସବୁରେ ତୁମ୍ଭ ସମାନ
ଛକା ଛକରେ କର ଶାଂତି ସ୍ଥାପନ ।
ମରାମରି କି ଶାଂତ ହୋଇବ କେବେ
ମୁଥ ସଜାଡ଼ି ଦାଂଡେ ବୁଲିଲେ ସର୍ବେ ।
ସେଥିକୁ ପୃଥିବୀରେ ପଡ଼ିଛି ଡାକ
ଗାଂଧି ହେ ଧର୍ମ ଦେଇ ଜଗତ ରଖ ।

---

## ଚକାଫଳ ନ ଖାଅଁ

ଅଫଂତରା ପାଟ ସେ ପାଖେ
ଆଂବ ତୋଟା ଗହଳ
ଆଂବତୋଟା ଗଲେ ବନସ୍ତେ
ଦଶେ ପାହାଡ଼ ତଳ ।
ପାହାଡ଼ରୁ ଫିଟି ଝରଣା
ଭେଦ ଯାଏ କଅଁରା
ସେ ଭଲେ ତୁଅଇ ରସାଳ
ଆଖୁ କଳା କଂଚାସ୍ୱା ।
ପଲେ ପଲେ ଭାଲୁ ପାହାଡ଼ୁ
ଉଡ଼ ଆସଂନ୍ତି ତଳେ ?
ଆଂବ ଥିଲେ ତୋଟା ବୁଲଂତି
ଆଖୁ ଖାଆଂତି ଭଲେ ।
ଆଂବ ଖୋଜୁ ଖୋଜୁ ଯେବ୍ୟାଂତି
ଆଂବ ପତର କେତେ
ଯେବାଇ ପୌପାଡ଼ ଦଅଂତି
କଷା ଲାଗଇ ଯେତେ ।
ଭାଂଗି କରି ସବୁ ଯେବାଂତି
ଆଖୁ ପତର ମିଶା
ଭଲ୍ଲୁରଂତି ହେବ ଏ ଗଛ
ଫଳ କେତେ ସରସା ।
ନିତି ନିତି ବୁଢ଼ା ଭାଲୁଏ
ଉଂଡି ବୁଲଇ ଫଳେ
ବହୁତ ଦୂର ସେ ଦେଖିଲା
ଆଖୁ ଫଳ ଗହଳେ ।
ଚକାଫଳ ଦେଖି ତୁଂଡରୁ
ତାର ବହିଲା ଲାଳ
ଆଖୁ ତ ସଭିଏ ଯେବାଂତି
ବୁଢ଼ା ଖାଇବ ଫଳ ।
କାହାକୁ ନ କହି ପାହାଡ଼େ
ଗଲା ସେ ରାତି ଫେରି
ଦିନ ଥାଇଁ ଆସି ଏକାରେ
ମଜା ମାରିବ ବୋଲି ।
ଆରଦିନ ସଜ ନ ବୁଢ଼ୁ
ଭଲେ ପଶିଲା ଲତ
ଆଗ ଗୋଡ଼ ଟେକ ଧଇଲା
ଫଳ ଘ୍ରାଣ ମୁରୁଛୁ ।
ଧରୁଧରୁ ମୁହେଁ ପୂରାଇ
ଦେଲା ଗୋଟାକ ଯାକ
ମାଇଲେ ଭତ୍ତୁଡ଼ି ଫୁଟିଲା
ଆଖି, କାନ ନାକ ।

ଜଉ ଡାଳ୍ଟ ସବୁ ପୋଡ଼ିଲା
ଶାଲୁ ଗଡ଼ିଲା ତଳେ
ନ ଛାଡ଼ନ୍ତି କେବେ ବତୁଡ଼ି
ବୁଢ଼ା ଗର୍ଜେ ବଳେ ।
ଦଣ୍ଡ ଦଣ୍ଡ ପଳାଇଁ
କହେ, "କେବେ ତ ଆଉ
ଆଖୁବାଡ଼ି ଆମେ ନ ପଶୁଁ
ଚକା ଫଳ ନ ଖାଉଁ ।"

---

## ମୋ ରଜା

୧

ମେଘ ବରଷିଲା      ଟପର ଟପର
କେଶୁର ମାଇଲା ଗଜା
କେଉଁ ସ୍ୱର୍ଗରୁ      ଅଇଲେ ମୋ ରଜା
ତେଲିଙ୍ଗି ବାଇଦ ବଜା
ବଜାରେ ଢୋଲିଆ ବଜା
ହାତୀ ପରମାଣେ      କଉଡ଼ି ଦେବି ରୁ
ତେଲିଙ୍ଗି ବାଇଦ ବଜା ।

୨

ଅଶିଣ ପବନ      କାହାଳୀ ବାଜିଲା
କଂସା ଗିନା ହେଲା ମଜା
ନାହାକ ଡକାଇ      ଦିନ ବୁଝାଇଲେ
ଯୁଦ୍ଧ କରି ଯିବେ ରଜା
ଆଜ ରୁ ବାଇଦ ବଜା
କ୍ଷୀରପିଠା ଦେବି      ଖାଇବୁ ଯେତେ ରୁ
ତେଲିଙ୍ଗି ବାଇଦ ବଜା ।

୩

ରଙ୍ଗ ରଙ୍ଗ ଲୁଗା      ପିଲାଏ ପିନ୍ଧିଲେ
ଗାମ୍ଭ ବସୁଧାର ପୂଜା
କେଉଁ ସ୍ୱର୍ଗରୁ      ହଜେ ହେବ ରଜା
ବାଜିଲାଣି ସାଉ ବାଜା
ବଜାରେ ଢୋଲିଆ ବଜା
ପେଢ଼ିଲୁଗା ଦେବି      ଦେଉଳ ଝଂଟେ ରୁ
ବଜାରେ ବିଜୟ ବାଜା ।

୪

ସୁଲୁ ସୁଲୁ ବାଆ      ଏଣିକି ବହିଲା
ଆସିବେ ପରା ମୋ ରଜା,
ସ୍ୱର୍ଗେ ଶୁଭିବ      ଆନନ୍ଦ ଚହଳ
ପିଲାଏ ଖାଇବେ ଖଜା
ବଜା ରେ ଆନନ୍ଦେ ବଜା
ସ୍ୱର୍ଗ ଯାକର      ଯାତ ଦେଖିବୁ ରୁ
ଖାଇବୁ ରୁ ଗଜା ଭୁଜା ।

୫

ଦୋଳ ଯାଇଥିଲା      ଉଥଯାଇ ଗଲା
ସ୍ୱର୍ଗେ ନ ଥିଲେ ରଜା
ସ୍ୱର୍ଗଯାକ ମୋ      କେଡ଼େ ଅସୁନ୍ଦର
ଦୁଃଖରେ ଥିଲେ ପରଜା
ଆସିବେ ଏଥର ରଜା
ବଜାରେ ଢୋଲିଆ      ମନ ଆନନ୍ଦେ ରୁ
ତେଲିଙ୍ଗି ବାଇଦ ବଜା ।

୬

ଆସେ ପାଟହାତୀ      ହଲୁଚି ହାଉଦା
କି ସୁନ୍ଦର ସାଜସଜା
ଛତ୍ର ଚଣାହୋଇ      ଆଡ଼େଣୀ ବଣାଇ
ଅଇଲେ ପରା ମୋ ରଜା
ବଜା ରେ ଢୋଲିଆ ବଜା
କୋଟି ପରମାୟୁ      ହେଉ ରେ ତୋହର
ତେଲିଙ୍ଗି ବାଇଦ ବଜା ।

---

## ଆମ ନେଡ

ଆସ ଗୋ ବଉଳ ଆ'ରେ ହର
ଦେଖିବ ଆମ ନେଡ,
ଦେବ ମୁଁ, ଖାଇବ କଅଁଳ ଦୁବ
ଶୁଙ୍ଘିବ ସେ ମୋ ହାତ ।

ଆମ ନେଡ ଗାଈ କେଡ଼େ ସୁଂଦର
ମୁଂଡରେ ଚୁଂଦ, କଳା ଲାଂଗୁଳ
ଶିଂଗ ଦିଓଟି ଗଜା,
ଆସ ଗୋ ବଉଳ ଆ'ରେ ହର
ଦେଖିବ ଗୋଟେ ମଜା ।

ଚରୁଥିବ ସେ ନଈକୂଳେ
ଘାସ ଖାଉଥିବ କୋଚିଲା ମୂଳେ
ମୁଁ କହିବ 'ରହ',
ମୁହଁକୁ ଟେକ କାନ ଡେରି
ଚୁହିଁ ରହିବ ପିଲାଟି ପରି,
ନିଶ୍ବାସ ମାରି ହୋଇ ଢିଶୂରି
ସତେ ଯେମିତି, ପଚାରୁ ଥିବ
'କଅଣ କହିବୁ କହ' ।

କଅଁଳ କରି ଦେବ ମୁଁ କହି
"ମାଆଟି ମୋର ଖାଇବୁ ନାହିଁ
କୋଚିଲା ପତର ରସୁଣ ଘାସ"
ଘମୁରି କହିବ 'ହୁଉଁ' ।
ପାଖକୁ ଆସିବ ରହିବ ଠାଇ,
ମୁଂଡ ଉପରେ ବେକକୁ ଟେକ,
ଆଉଁସା ପାଇଁ ମୁଂଡ ହଲାଇ
ବୋଲିବ, 'ମୋତେ ଛୁଉଁ' ।

ବେକ ତଳୁଟି ଦେବ କୁଂଡାଇ
ଆଉଁସି ଦେବ ମୁହଁଟି ମୁହିଁ
ଦୋଳ ମୂଳୁଚ ଦେବ କେମିତି
ତା ବେକେ ବୁଲାଇ ହାତ,
ପାଟି ମେଲା କରି ହାତ ପୂରାଇ
ଗଣିବ ମୁଁ ତା ଦାଂତ ।

ଗୋଡ଼ ସଂଧିରେ ମୁହଁ ଗଳାଇ
କୁଡୁ କୁଡୁ କରି ପଛା ହଲାଇ
ଚରି ଓଟାରି ଦୁହିଁବ ଦୁଧ
ମାରିବ ନାହିଁ ସେ ନାତ,
ଆସ ଗୋ ବଉଳ ଆ—ରେ ହର
ଦେଖିବ ଆମ ନେଡ
ଦେବ ମୁଁ, ଖାଇବ କଅଁଳ ଦୁବ
ଶୁଙ୍ଘିବ ସେ ମୋ ହାତ ।

———

## ଭାଗ୍ୟ ନିଂଦା କା ଲଭ ?

ସହରକୁ ତିନ କୋଶ
ଗ୍ରାମରେ ବୁଢ଼ାର ବାସ,
ଗଣିବ ସେ ବଡ଼;
ପିଲା ପୁଅଟିକ ଧରି
ନିତି ନିତି ଭିକ୍ଷା କରି
ବୁଲଇ ସହର ।

ବଡ଼ ବଡ଼ କୋଠାଘର
ପାଚେରୀ ଫାଟକ ଦ୍ୱାର,
ଶଂକ ଦେଖଂତି ସେ,
ମୁଠାଏ ମିଳଇ କାହିଁ
କଏ ବା କରଇ 'ନାହିଁ'
ଫେରଂତି ନିରାଶେ ।

ଏବେସେ ମୁଠାଏ ଚୂଡ଼ା
କାହୁଁ ହେଲେ ଆଣେ ବୁଢ଼ା,
ସହର ବାହାରେ,
ନିତ୍ୟକର୍ମ ସାରି ଦେଇ
ଖାଆନ୍ତି ସେ ବଭୁଆଇ
ବସି ନଈକୂଳେ ।

କେତେ ଦ୍ୱାରେ ମାଗି ମାଗି
ପେଟ ତ ଗଲାଣି ଲାଗି,
ହେଲାଣି ଉଦ୍‌ବେଳ;
ଗୋଡ଼ ପଡ଼ୁଅଛି ଭାଜି,
କିଛି ମିଳ ନାହିଁ ଆଜି
ଚୂଡ଼ା କି ଗୁଡ଼ଳ !

ଦେଖନ୍ତି ସେ କୋଠା ଚାହିଁ
ଫାଟକ ତ ପଡ଼ି ନାହିଁ
ପଶିଲେ ସାହସେ;
ଘୋଡ଼ାଏ ଦେଖିଲେ ଆସି
ଦେହୁଁ ମାଛି ପଡ଼େ ଖସି,
ମାଜଇ ସଇସେ ।

ମାଙ୍କସାର୍ କ ସୋହାଗେ
ବଭୁଆ ବୁଟ ତା ଆଗେ
ସଇସ ଥୁଅଇ,
ସେ ବୁଟ ବାଲତି ଭରା,
କି ଆନନ୍ଦେ ଖାଏ ଘୋଡ଼ା,
କାନ ଉହଲାଇ ।

କେତେବେଳ ରହିଯାଇ
ପୁଅ କହେ ବାପେ ଚାହିଁ,
ଦେଖାଇ କରମ,
"ଯାଇ ଥାଆନ୍ତେଇ ହେଲେ
ଆମେ ଏ ମଂଚମଂଡଳେ
ଘୋଡ଼ାର ଜନମ ।"

କିଛି ନ କହେ ସେ ବୁଢ଼ା;
ଯାଇ ଭକ କିଣି ଚୂଡ଼ା
ଗଲେ ନଈକୂଳେ,
ଦେଖିଲେ ଘୋଡ଼ାଏ ତହିଁ,
ଆଗ ଗୋଡ଼ ଛନ୍ଦା ହୋଇ
ଚରେ ବନ୍ଧତଳେ ।

ଜଗିଆ କେ ନାହିଁ ତାର
ଡେଇଁ ଡେଇଁ ଖାଏ ଦଳ
ଗଡ଼ଆଡ଼େ ପଶି;
ଗାଣ୍ଡିକ ହେବ ସେ ବୁଢ଼ା;
ଟେଙ୍ଗୁରେ ହୋଇଛି ଘାଆ,
କୁଆ ଯାଏ ବସି ।

ପୁଅକୁ ଦେଖାଇ ବୁଢ଼ା
କହେ, "ଦେଖ ଏଇ ଘୋଡ଼ା,
ବୁଟିଲ୍ କି ଧନ;
ଆମ ଜନ୍ମେ ଘୋଡ଼ା କଥା
ହୋଇଥିଲେ ହୋଇଥାନ୍ତା
ଏହାରି ସମାନ ।"

—o—

## ମାଛି ଓ ବୁଢ଼ିଆଣୀ

ମାଛିଟିଏ ଦେଖି କହିଲା
ବୁଢ଼ିଆଣୀ ଝଟରା,
"ଆ—ମୋ ଘରକୁ ଦେଖିବୁ
କେଡ଼େ ସଫାସୁତୁରା ।

ଯେଣିପିବ ତଳେ ଉପରେ
ଯେଉ ଯାହାତ ବାଟେ,
ସଜାଡ଼ି ରଖିଛି ଆସନ
ଝୀନ ଶକ୍‌ଳଣ ପାଟେ ।"

ମାଛି କହେ, "ଯିବି ନାହିଁ ମୁଁ,
କାହିଁ ଡାକୁଛୁ ମୋତେ ?
ତୁମ ଘରେ ପଶି କିଏ ସେ
କେବେ ଫେରିଛି ସତେ ?"

"ଆସ ବାବୁ ବାଧି ଯିବଣି
ଉଡ଼ି ଉଡ଼ି ଶୂନ୍ୟରେ,
କହେ ବୁଢ଼ିଆଣୀ, ଶୁଣ ହେ,
ଶେଯ ପଡ଼ିଛି ଘରେ ।"

ପଡ଼ିଛି ସେ ଶେଯେ ସୁଦର
କେଡ଼େ ସରୁ ସୁନ୍ଦର
ସୁରପଟେ ଟଣା ହୋଇଛି
ବୁଣା ପାଟ ଝାଲର ।"

କହେ ମାଛି, "ନାହିଁ ନାହିଁ ହେ
ଶୁଣି ଅଛଇ ମୁହିଁ,
ତୁମ ଶେଯେ ଥରେ ଶୋଇଲେ
ଆଉ ଉଠନ୍ତି ନାହିଁ ।"

ବୁଢ଼ିଆଣୀ ସେ ତ ଛଉକା,
ପୁଣି କହଇ ଫାନ୍ଦ
"କି କହିବି ବାପ, ତୋ ପାଇଁ
ପ୍ରାଣ ଉଠଇ କାନ୍ଦ ।

ଖାଇବା ଦରବ ବାଛି ମୁଁ
କେତେ ରଖିଛି ଘରେ,
କି ସୁଖ ଲାଗନ୍ତା ଯେବେ ତୁ
ଚାଖି ଦିଅନ୍ତୁ ଥରେ ।"

"ନାହିଁ ରେ ବାବା, ସେ ସୁଆଦ
ଲୋଡ଼ା ନାହିଁ ମୋହର,
କହେ ମାଛି, "ଶୁଣାଅଛି ହେ
ତୁମ ଘର ବେଉସାର ।"

ବୁଢ଼ିଆଣୀ ସେ କି ଛାଡ଼ୁଛି,
ଏବେ କହେ କପଟେ,
"କେତେ ବୁଦ୍ଧି ବାପ ଧରିଚୁ
ଏଇ ଟିକିଏ ପେଟେ ।

କି ଶୋଭା ତ ପକ୍ଷୀ ଚମକ,
କେଡ଼େ ଉଜଳ ଆଖି
ଦର୍ପଣ ସଜାଡ଼ି ରଖିଛି,
ଥରେ ଯାଆନ୍ତୁ ଦେଖି ।"

"ହଉ ତେବେ" କହେ ସେ ମାଛି,
"ବଡ଼ ଆନନ୍ଦ କଥା
ବେଳ ନାହିଁ ମୋତେ, ଯାଉଛି,
ସବୁ ଘରେ ରଖିଥା ।"

---

## ହଟିଆ ଲୁଚିବା କଥା

ବାପା ଯେତେବେଳେ, ବସନ୍ତି ଖାଇ
ହଟିଆକୁ ଖୋଜନ୍ତି ସେ,
ଯେତେ ଯେଉଁଆଡ଼େ ଖୋଜିଲେ ହେଲେ
ହଟିଆ କି ଆଉ ଦିଶେ ?

ଦିନେ ବାପା ଯେବେ ଗାଧୋଇ ଆସି
କହିଦେଲେ, 'ଭାତ ବାଢ଼',
ମାଆକୁ କହିଲା, "ଲୁଚିଯିବି ମୁଁ
ଠିଆ ହେବୁ କର ଆଡ଼,

ଖୋଜିହେବେ ବାପା, କହିବୁ ନାହିଁ,
ଦେଖିବୁ କେମିତି ହେବ ?"
ଏହା କହି କଲା ହଟିଆ ପିଲା
କବାଟକଣକୁ ଠାବ ।

ଓଳିଆ ସଂଧିରେ କବାଟକୁଣେ
ଲୁଚି ଲୁଚି ଗଲା ପୁଅ,
ଲୁଗାଟିଏ ପାରି ପଡ଼ିଲା ଶୋଇ
ଅଲପେ ଘୋଡ଼ାଇ ମୁହଁ ।

ଖାଇବାକୁ ଏବେ ବସିଲେ ବାପା,
ଖୋଜିଲେ, "ହଟିଆ କାହିଁ ?"
ପଚାରିଲେ, "ପୁଅ କୁଆଡ଼େ ଗଲା ?
ଦାଂଡରେ ତ ଖେଳୁ ନାହିଁ ?"

ବୋଇଲେ, "ଦାଂଡକୁ ଯାଆଂତା କଆଁ ?
ଦୁଇ ପହରିଆ ବେଳ,"
ଏହା କହି ଖୋଜି ଖୋଜି ଚାହିଁଲେ
ଅଂଧ ସଂଧି ଘରତଳ,

କବାଟକୁଣକୁ ଚାହିଁଲେ ଥରେ;
ହସିଲା ହସିଲା ହୋଇ
ମାଆଙ୍କୁ କହିଲେ, "ହଟିଆ ତେବେ
ପଡ଼ିଥିବ ଆଜି ଶୋଇ ।"

ଦୁଲକନ୍ଦ ଏବେ ହଟିଆ ଉଠି
ମାଆ ପଛଆଡ଼େ ଠିଆ;
ତାଳି ମାରି ମାରି ଉଠିଲା ହସି
ବୋଇଲା, "ଶୁଅଂତି, କଆଁ ?"

ହସି ହସି ଯାଇଁ ବାପାଂକ କୋଡ଼େ
ଖାଇବାକୁ ଗଲା ବସି,
"କେଉଁଠି ଥିଲା କି ପୁଅଟି ମୋର ?"
ବାପା ପଚାରିଲେ ହସି ।

———

## ଜହ୍ନମାମୁଁ

କୁଆଁରି ପୁନିଅଁ ଜହ୍ନ କେଡ଼େ ସୁନ୍ଦର
ମଜା ରୁପାଥାଳି ଜହ୍ନ ମାମୁଁଟି ମୋର,
ନାହିଁ ଝଡ଼, ଘଡ଼ଘଡ଼,
ନାହିଁ ଆଉ ନଈବଢ଼ି,
ଫିଟିଅଛୁ ବାଟଘାଟ, ପାଣି ନିର୍ମଳ
କୁଆଁରି ପୁନିଅଁ ଜହ୍ନ କେଡ଼େ ସୁଂଦର ।

ଆସଇ ସେ ଜହ୍ନମାମୁଁ ମାସକୁ ମାସ,
କାର୍ତ୍ତିକ ଶୀତରେ ଦେଖେ ଶରଦ ରାସ,
ଆସଇ ସେ ମଗୁଶୀରେ
ଆସଇ ପୁଷ ଶିଶିରେ;
ମାଘ ଜାଡ଼ ସହି ଆସେ କରି ସାହସ
ହିମ କୁହୁଡ଼ିରେ କାଂଦି ହୁଏ ନିରାଶ ।

ଫଗୁଣେ ବସଂତ ବହେ, ଫୁଟଇ ଫୁଲ
ଗ୍ରାମେ ଗ୍ରାମେ ଫଗୁ ଖେଳ, ଚଣା, ଶାକର,
ଜହ୍ନମାମୁଁ ଚାହିଁଥାଏ,
କେତେ ଶରଧା ଦେଖାଏ,
କଏ ସେ ପଚାରେ ତାକୁ, ଦୋଳ ଗହଳ
ଅବିର ବୋଳା ଖାଲି ଉଠଇ ଗୋଳ ।

ବସଂତ ଭୁଲାଇ ରଖେ ଚଇତ ସାରା
ବଇଶାଖ, ଜ୍ୟେଷ୍ଠେ ହୁଏ ନିର୍ଧୂମ ଖରା
ଶୁଖଇ ନଈ ପୋଖରୀ,
ଭୂଇଁରୁ ଉଠଇ ଧୂଳି,
ଆକାଶରେ ଜହ୍ନମାମୁଁ ହସେ କାତରା,
ସମସ୍ତେ ଲୋଡ଼ଂନ୍ତି ଖାଲି ପାଣି ଅସରା ।

ଆଷାଢ଼ ଶ୍ରାବଣ ଭାଦ୍ର ବରଷାକାଳ,
ଝେଡୁଅ ମାସକୁ ମେଘ ଥାଏ ବହଳ,
ମେଘ ଆରପାଖେ ରହି
ଜହ୍ନମାମୁଁ ଥାଏ ଲୁହିଁ,
ଅଶିଣକୁ ହୁଏ ସଫା ଶରଦ କାଳ
କୁଆଁର ପୁନେଇଁ ଜହ୍ନମାମୁଁ ସୁଂଦର ।

———

## ଜୟ ଭାରତ

କାହିଁ ନ ଥିଲା ଏହି ଭାରତବର୍ଷ
ଜଗତେ କାହିଁ ଆଉ ଏ ପରି ଦେଶ ।
ଅଛି ଏଥି ଜଗତେ ଧରମ ଯେତେ,
ଅଛଂନ୍ତି ପରା ଯେତେ ଜାତି ଜଗତେ ।

ପାହାଡ଼ ହିମାଳୟ ମୁକୁଟ ତୋର
ଧୁଅଇ ପାଦ ମହାସାଗର ପରା ।
ପାହାଡ଼େ ଉଠି ଦେଖ ତଳେ କଅାଶ୍ମୀର
ଦେଖିଲେ ଥରେ କେବେ ନ ହେବ ଭୁଲି ।

କଅାଶ୍ମୀର ଭେଦି ବହି ଯାଉଛି ନଈ
ମହାସାଗରେ ଦୂରେ ମିଶୁଛି ଯାଇ ।
ଶୀତ ଯାଉଛି ପୁଣି ଆସୁଛି ଖରା
ଗ୍ରୀଷ୍ମେ ଶୀତଳ ପଡ଼େ ପାଣି ଅସରା ।

ଆକାଶେ ଉଡ଼େ ସୁଖେ ବ୍ୟୋମ ବିମାନ
ବାଣିଜ୍ୟ ନିଏ ଦୂରେ ବୋଇତ ମାନ ।
ଚାଲୁ ଧାନ ଗହମ ଯାହାକୁ ଯେତେ,
ଖଣିରୁ ଲୁହା ସୁନା ହୀରା ସହିତେ ।

ସେ କାଳେ ଜ୍ଞାନ ବୁଦ୍ଧ ଏ କାଳେ ଗାଂଧି,
ଧର୍ମେ ପୃଥିବୀ ସାରା ରଖିଲେ ବାଂଧି ।
ବେଦ ପୁରାଣ ବିଦ୍ୟା ବିଜ୍ଞାନ କଳା,
ଯେତେ କହିଲେ ହେଲେ ନୁହେଁ ସରିଲା ।

ଏପରି ଦେଶେ ଆମ ଧନ୍ୟ ଜନମ
ଜୟ ଭାରତ ଜୟ ଜୟ ତୋ ନାମ ।

———

## ମୋଅରି ଗାଈ ସେ 'ଯାତି'

ମୋଅରି ଗାଈ ସେ 'ଯାତି',
ତାଅାରି ଦୁଧ ଗୋଳାଇ ନିତି
[ଖାଉଛି ମୁହିଁ ଭାତ;
ଯାତ ଉପାସକୁ ଜଣା ହେଲା ବୋଲି
ନାଆଁଟି ତାହାର 'ଯାତି' ।
(ଏବେ) ମୋଅରି ଗାଈ ସେ 'ଯାତି' ।

ଆମ ଘରେ ଅଛି ନଅଟି ଗାଈ
ଆମେ ଦୁହେଁ ଅଛୁଁ ଭଉଣୀ ଭାଇ
ଗୋଟିଏ ଅଛି ପିଇସୀ ନାମ୍ନୀ
ହଳଆ ହୁଏ- କୁଟୀ ଚୋରାଣୀ
ସକାଳୁ ଉଠି ଗୁହାଳ ପୋଛି
ଗାଈଟିକ ଦୁହେଁ ମାଆ,
ବାପା ଯାଉଛଂନ୍ତି ବିଲକୁ, ଉଠି
କୁଆ ନ ବୋବାଉଁ କାଆ ।

ଦିନେ ଇସ୍କୁଲ ଥାଏ ଛୁଟି
ଆମ ରଘୁଭାଇ ସକାଳୁ ଉଠି
ଦାଂତ ଘଷି ଦେଇ ପଖାଳ ଖାଇ
ବାହାରିଲା ଧରି ଗାଈ;
କହିଲା, "ଭାଇ, ମୁଁ ସାଂଗରେ ଯିବି,
'ଯାତି' ଚରୁଥିବ ଖେଳ କରିବି;"
ଭାଇ ହେଲା ରାଜି ରାଜି
ମାଆ କଲା ମତେ ନାହିଁ';
ତମ ତମ ହୋଇ କହିଲା ଭାଇ
"ଯାତ କି ତୋଅରି ଗାଈ ?"

ବାଡ଼ରେ ବସିଲ ହୋଇ ମୁଁ ଭୁମ୍ବା,
ଫାଟି ଫୁଟିଗଲା ପିଇସି ନାମ୍ବା,
ଦୁଧ ଗିନା ଦେଇ ଆଇଲା ମାଆ,
ମତେ ବୋଇଲା, 'ଖାଆ',
ମୁଁ ବୋଇଲ, 'ଯାଆ';
ମୋ ଗାଈ ନୁହେଁ 'ଯାତ'
ଖାଇବ ନାହିଁ ମୁଁ ସେ 'ଯାତ' ଦୁଧ
ଖାଇବ ନାହିଁ ମୁଁ ଭାତ ।

ସେହିଦିନ ବାପା ବିଲରୁ ଆସି
ଗାଧୋଇ ନ ଯାଇ ପିଂଡାରେ ବସି
ନାମ୍ବା ମାଆ କଥା ଶୁଣିଲେ ନାହିଁ,
ବାଂଟିଦେଲେ ସବୁ ଗାଈ,
ବାପା ନେଇଗଲେ କଜଳା, ନାଲା,
ଦାମ୍ବୁଡ଼ ଯୋଡକ ହଳିଆ ନେଲା;
ଭାଇର ରହିଲା ଦଉଡି ଛଡ଼ା;
ନାମ୍ବା ଆଦରିଲା କାଳିଆ ହଡ଼ା;
କୁନ ବାଛୁରିଟି ମାଆ ନେଇଗଲା,
'ଯାତ'କୁ ରଖିଲି ମୁହିଁ;
ନଅ ଗାଈଯାକ ବାପା ବାଂଟି ଦେଲେ
ଆଉ ନାହିଁ ଗୁଇଁ ପୁଇଁ ।

ମୋ' ଗାଈ ହେଲା 'ଯାତ'
ତାହାର ଦୁଧ ମୁଁ ଗୋଳାଇ ଖାଇଲି
ବାପାଂକ ସାଂଗରେ ଭାତ ।
(ଏବେ) ମୋଅର ଗାଈ ସେ 'ଯାତ',
ତାଆର ଦୁଧ ଗୋଳାଇ ନିତି
ଖାଉଛି ମୁହିଁ ଭାତ ।

---

## କି ସୁଂଦର ଏ ସଂସାର

କି ସୁଂଦର ଏ ସଂସାର
କେତେ ସୁଖ ପିଲାଂକର,
ହସି ଖେଳ ବୁଲଂତି ସେ,
କି ଶୋଭା ଦିଶେ ।
ସକାଳୁ ହସାଏ ମଧୁ,
ସୁଲୁ ସୁଲୁ ବାଆ ବହି;
ନାଚେ ଗଛପତେ ଖିରା
କେତେ ହରଷେ ।

ଗୁଣୁ ଗୁଣୁ ସ୍ୱନ କରି
ମହୁମାଛି ବସା ଘେରି
ବାହାରଂତି ଫୁଲ ଖୋଜ
ବନସ୍ତ ବୁଲି;
ବସାଟି ଦୋହଲୁ ଥାଏ,
ବାୟାର କି ଅବା ଯାଏ,
ଖେଳୁଥାଏ ବୁଦାମୂଳେ
ସେ ଲୁଚକାଳି ।

ଘରଚଟି ଚଟ୍ କରି
ଏ ଝୁଲୁ ସେ ଝୁଲେ ଉଡ଼ି
ନଚାଇ ନଚାଇ ଲାଂଜ
କରଇ ନାଟ;
ଘୁମୁରି ଉଠଇ ପାରା,
କାପେଛା ଖୋଜଇ ଖିରା,
ଢଳଫିଂପି ଗଡ଼ଆରେ
ଦିଏ କୁଦାଟ ।

ଝୁଲୁ ଝୁଲୁ ବହେ ଜଳ
ବାଲିଶେଯେ ଉଛୁ ଉଛି,
ତେଉ ଖେଳେ ଗୀତ ଗାଇ
ମିଶେ ସାଗରେ;
ଚଳକା ଖେଳଇ ସୁଖେ
ପାହାଡ଼ ନଇଁଇ ବୁକେ,
କି ସୁନ୍ଦର ମେଘମାଳ
ପାହାଡ଼େ ଚରେ ।

ଶୀତକ ନ ଆଏ ଖରା,
ଝଂଟ ହୋଇଯାଏ ତରା,
ଜହ୍ନ ହସେ କେବେ ସେହ୍ନ
ତରା ଗହଳେ;
ସକାଳୁ ସତେ କି କେହି
ସେ ତରା ଗୋଟାଇ ନେଇ
ବୁଣିଦିଏ; ବଣଭୂଇଁ—
ହସଇ ଫୁଲେ ।

ସମୁଦ୍ରେ ବୋଇତ ଭାସେ,
ଆକାଶେ ବଉଦ ହସେ,
ପକ୍ଷୀ ଉଡ଼ି ଗୀତ ଗାଏ
କବା ସରସେ ।
ଖରାରେ ତୁଟଇ ଶୀତ,
ପବନେ ମିଶଇ ଗୀତ,
ଗଗନ କେସନ ଦୂର
ସାଗରେ ମିଶେ ।
କି ସୁନ୍ଦର ଏ ସଂସାର,
କେଡ଼େ ସୁଖ ପିଲାଙ୍କର
ହସି ଖେଳ ବୁଲନ୍ତି ସେ,
କି ଶୋଭା ଦିଶେ ।

---

## ବେଙ୍ଗ ଓ ବୁଢ଼ୀଆଣୀ

ବୋଣ ବୁଦାମୂଳେ    ବସିଣ ଦଂଡାରେ
ବୁଢ଼ା ବାଡୁଣିଆ ବେଙ୍ଗ
ଦେଖିଲା ଉପରେ    ବସି ଛଂଦି ଦେଇ
ବୁଢ଼ିଆଣୀ କରେ ରଂଗ ।

ବୁଢ଼ା ବିଚାରିଲା    କେମଂତେ ଖାଇବ,
ଏ ତ ଅଛି ବହୁ ଦୂରେ;
ଡେଇଁ ପଡ଼ିଲେ ତ    ଜଣା ପଡ଼ିଯିବ,
କାହିଁ ପଳାଇବ ଡରେ ।

ଡେଇଁଲେ ବା ପୁଣି    ଲାଗି ହେବ ବୋଲି
କି ଅବା ଭରସା ଅଛି,
ଭାଳିଣ ଏସନ    ବୁଢ଼ୀଆଣୀ ସଂଗେ
ଫାଂଦି କଥା କହେ ବାଛି ।

"ମିତଣି ତୁମକୁ    କାଟୁଥିବ ଖରା,
ଶୀତଳ ଏ ବୁଦାମୂଳ;
ପାଣି ଛାଡ଼ିଯାଇ    ଚକ୍‌କଣ ଶିଉଳ
ପଡ଼ି ଲାଗେ କି କଅଁଳ !

ଏକୁଟିଆଟିରେ    ବସିଛି ମୁଁ ଏଥି
ଓହ୍ଲାଇ ଆସ ଗୋ ତଳେ;
କଥା ବାରତାରେ    କଟିଯିବ କାଳ
ମାତି କେତେ ହସ ଖେଳେ ।"

କଥା ଶୁଣିବାକୁ    ଖୁସିବାସି ହୋଇ
ବୁଢ଼ିଆଣୀ ଗଲା ମଂଗି;
କହିଲା, "ସତେ ମୁଁ    ତୁମ ପରି ଜଣେ
ଲୋଡ଼ୁଥିଲି ଏକା ସଂଗୀ ।"

କହି ଏହିପରି, ଘଷୁ ସେ ବାହାର
ଯତନେ ସୂତାକୁ ଧରି
ଅଳପେ ଅଳପେ ଓହ୍ଲାଇ ବସିଲା
ପବନରେ ଥରି ଥରି ।

ବେଂଗ ମୁହଁ ପାଖେ ଉହି ହଲଯାଏ,
ପୁଣି ଉଠେ, ପୁଣି ପଡ଼େ;
ପାଖେ ଦେଖି ଥରେ ପାଟି ଝାଲୁଝାଲୁ
କଲା ବେଂଗ ଅସଂଘଟେ

ହସି ବୁଢ଼ିଆଣୀ ସୂତା ଧରି ଧରି
ତରତରେ ଗଲା ଉଠି;
ଏହା ଦେଖି ବେଂଗ ସାକୁଲେଇ ହୋଇ
କହଇ କଥାକୁ ମାଠି;

"ପଡ଼ିଯିବ ବୋଲି, ଧରିନେବା ପାଇଁ
ବଢ଼ାଉଥିଲି ମୁଁ ମୁହଁ,"
ବୁଢ଼ୀଆଣୀ ବୋଲେ, "ଆସ୍ତ ମିତ ତୁମେ !
ସେଗୁଡ଼ାକ ରଖି ଥାଅ ।

ମନ ଯେତେବେ ଥିଲା ଭୁଲାଇ ପାଖକୁ
ନେଇ ମତେ ଖାଇବାକୁ,
କରୁଥିଲ କାହିଁ ଏତେ ଅସଂଘଟେ
ପାଟିଝାଲୁ ଝାଲୁଝାଲୁ ?"

—*—

## ପିଲା ଓ ଚଢ଼େଇ

ପିଲା—ଆସ ଆସ ଚଢ଼େଇ ମୋ ପିଂଡାରେ ବସ
ଖାଇବାକୁ ଦେବି ତତେ ନଡ଼ିଆ ରସ;
ପିଇବାକୁ ଦେବି ବେଂଟ ପୋଖରୀ ପାଣି,
ରହିବାକୁ ଦେବି ସୁନା ପଂଜୁରି ଆଣି ।

ଚଢ଼େଇ—ବୁଲୁ ଛି ବନପ୍ରେ ମୁହିଁ ଡାଳକୁ ଡାଳ
ଖାଇବାକୁ ଅଛି କେତେ ପାଚିଲା ଫଳ;
ପାହାଡ଼ ଝରଣା ପାଣି ପିଏ ମୁଁ କଚ,
ପତ୍ର ଗହଳରେ ଶୋଇ ପୁହାଏ ରାତ ।

ପିଲା—ଉଡ଼ ଉଡ଼ ବାଧିବଟି ଡେଣାକୁ ତୋର,
ଶଗୁଣ ଛଂଗୁଣ ଦେଖି ମାଡ଼ିବ ଡର ।
କମିତ ଇଷିବୁ ଢଂକ ପଡ଼ିର ଚଳେ,
ପିଲା କଏ ଫାଶିଳବ ବୁଲି ତୁ ଗଲେ ?

ଚଢ଼େଇ—ବାଧିଯିବ ଯେବେ ଡେଣା କାହିଁକି ଅଛି ?
ଶଗୁଣ ଛଂଗୁଣ କଗି ସୁଖେ ବୁଲୁଛି ।
ଢଂକ, ପିଲା ଫାଶିଳବ କରି ମୁଁ ବସା,
ପିଲା ସେ ଦେଉଛି, ସେହି ଏକା ଭରସା ।

ପିଲା—ଆସୁଛି ବରଷା କାଳ ଶ୍ରାବଣ ଧାରା,
ଖାଇବାକୁ ନ ମିଳିବ ଦିବସ ସାରା ।
ବସି ଗୀତ ଗାଉଥିବୁ ମୋ ଘରେ ସୁଖେ,
କଉତୁକେ ଧରିଥିବି ତତେ ମୁଁ ବୁକେ ।

ଚଢ଼େଇ—ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

---

## ଚଷାର ଭାଗ୍ୟ

୧

ପୁଷମାସେ ରବି ବୁଣା ଲାଗିଯାଏ ପନ୍ତଳେ,
କେତେ ବାକି ପଡ଼ିଥାଏ ଧାନ କଟା ଗହୀରେ ।
ଅଗ୍ନି କୋଣେ ଉଠି ରବି ଘୁଂଚି ରହେ ଦକ୍ଷିଣେ,
ସ୍ୱର ଜାଡ଼ ମାଡ଼ିଆସେ ହିମାଳୟ ପବନେ ।

ନ ମାନ ସେ ଜାଡ଼ ବର୍ଷା ଉଠି ନ ପାହୁଁ ରାତି,
ହଳ ଯୋଚ ଦାଆ ଧରି ଚାଲେ ଯାଏ ଝଟକି ।
ହିଡ଼େ, ବାଡ଼େ, ଘାସେ, ଗଛେ ପଡ଼ିଥାଏ କାକର
ବୁଡି ସେ କାକରେ ଥରି କେଡ଼େ ସୁଖ ଚଷାର ।

୨

ଘରେ ଧାନ ଭରି ତାର, ବିଲେ ରବି ଫସଲ,
କେତେ ତ କୋଳଥ ଏବେ ହୋଇଯିବ ଅମଳ;
ଲଙ୍କା ବାରି ଓଳିଆରେ ରଖିଅଛି ସାଇତି,
ବାଇଗଣ କଅଁାରୁ ତୋଳା ଲାଗିଛି ନିତି,
ମଂଚାରେ ଦୋହଲୁ ଅଛି ବଡ଼ ବଡ଼ କଖାରୁ,
ପିଢ଼ାରେ ଶୋଇଛି ଲାଉ ଖୋଲା ହେଉଛି ସାରୁ;
ଗଂଠି ଗଂଠି ଫଳ ଆଳୁ ବାଡ଼ ସାରା ଫଳିଛି,
ଆଉ ଚିଂତା ଏବେ ତାର ମନେ ନାହିଁ ତ କିଛି ।

୩

ଅମଳ ସରିଲେ ଧାନ ହିଆହେବ ଖଜଣା,
ମହାଜନ ନେବ, ନେବେ କିଏ କେତେ ପାଉଣା ।
ସେବା ବରତନ ପୁଣି ବାକମୂଲ ଲଗୁଡି,
ବେଭାର ଦକ୍ଷିଣା ଦାନ ହଳିଆର ଖାଉଟି ।
ଭୋକୀ ଶୋଷୀ ଆଶାକରି ନ ଫେରିବେ ଦୁଆରୁ,
ଭିକ ମୁଠି କୁଡ଼ାଗଲେ ଲକ୍ଷ୍ମୀ ଯିବେ ସେ ଘରୁ ।
ପର୍ବପୁଣ୍ୟ ଶ୍ରାଦ୍ଧରେ ହେବେ କେତେ ଚରଚ,
ପିଲାଙ୍କର ନୂଆ ଲୁଗା, ପାଠପଢ଼ା ଖରଚ ।
ଘର କଲେ ଏହିପରି କେତେ କଥା ଲାଗିବ,
ସେ ଚିଂତା କାହିଁକି ଏବେ ? 'ଥାଉ ଯା ହବ ହବ ।'

୪

ସହିଛି ସେ ଜ୍ୟେଷ୍ଠ ଖରା, ଶ୍ରାବଣର ବରଷା,
ଏବେ ଲାଗିଅଛି ତାର ପୁଷ ସୁଖ ବେଉସା ।
ଏ ସୁଖ ଭିତରେ ତାକୁ ଦିଅ ନାହିଁ ଶୋଚନା,
ପ୍ରଭୁ କୃପାକଲେ ତାର ନ ରହିବ ଭାବନା ।
ଚଷାର ପରମ ଭାଗ୍ୟ, ନିତି ଲାଗି ଥାଏ ସେ
ଉପୁଜାଏ ଧାନ ସେତ୍ତୁ, ନଏ କେତେ କିଏ ସେ ।
ତାହାରି ବଂଶାରେ ଭୁଂଜେ ସୁଖ ଶାଂତି ଏ ମର୍ତ୍ତ୍ୟ,
ତାହାରି କରମ ଫଳେ ରାଜ୍ୟ ଲକ୍ଷ୍ମୀ ହସଇ ।

## ଆ ମୋ ପାଠ

ଆ ମୋ ପାଠ        ବାଟେ ବାଟେ
କଅଁଳ ଘାସ        ଖାଇଚୁ ପେଟେ
ସକାଳୁ ଆସି        ସଂଜ ହେଲା
ଦେଖିବ ପରା        ଡାକୁଛି ପିଲା
କାହାକୁ ଡରୁ ଏତେ ?
ଧଡ଼ା ଦୁଆର        କରିଚି ମେଲା
ଗୁହାଁ ବସିଚି        ଢଳେଏ ହେଲା
ରୁମ ଲୁଚିଲେ        ଅଂଧାର ହେଲେ
ଆସିବେ ବାଘ        ଗୁହାଳ ଘରେ
ତୋଗଣି ଦେବେ ତତେ ।

ପଶିଚି କୁଂଡେ        ତୋରାଣି ପାଣି
କୁଂଡା କୁଚୁଚି        ଦେବି ମୁଁ ଆଣି
ଜଭୁରୀ ଛଣ        ବଭୁରୀ ହୋଇ
ଏଇ ରହିଚ        ତୋ'ରି ପାଇଁ
ଆ'—ଆ' ମୋ ପାଠ !
କୁନ ବାଛୁରି        କରୁଚି ଅଳି
ଖାଇବ ଦୁଧ        ମୁଂଡଆ ମାରି
ଟେକଦେବ ସେ        ଟିକି ଲାଂଗୁଡ଼
ମାରିବ ମୁହଁ        ତରଳୁ ତର
ଦେଖିବ ମୁଁ ତା ନାଚ ।

## ସିଦ୍ଧାର୍ଥ ଓ ହଂସ

ସିଦ୍ଧାର୍ଥ ବଗିଚାଘରେ
ବସିଥିଲେ ଧ୍ୟାନେ,
ଉଡ଼ିଯାଉଥିଲେ ହଂସ
କେତେ ସେ ଗଗନେ ।

ବୁଡ଼ି ଯାଉଥିଲା ରବି,
ସଂଜବେଳ ଛାଇ,
ଆସୁଥିଲା ପଶ୍ଚିମରୁ
ଘୋଡ଼ାଇ ଘୋଡ଼ାଇ ।

ଚାହୁଁ ହଂସଟିଏ ଆସି
ପଡ଼ିଗଲା ତଳେ,
ଡେଣାରେ ବାଜିଛି ଶର
ଚାହେଁ ସେ ବିକଳେ ।

ସିଦ୍ଧାର୍ଥ ଉଠିଲେ, ନେଲେ
ହଂସକୁ କୁଂଢାଇ,
ଶର କାଢ଼ି ଝାଡ଼ି, ହାତ
ଦେଲେ ସେ ବୁଲାଇ ।

ହଂସର ରକତ ଦେଖି
ଢାଳି ଲୁହ ଧାର,
କଇଁ କଇଁ ହୋଇ କେତେ
କାଂଦିଲେ କୁମାର ।

ଧନୁଶର ହାତେ ଧରି
ସିଦ୍ଧାର୍ଥଂକ ଭାଇ
ଦେବଦତ୍ତ ଏବେ ଆସି
ମିଳିଗଲେ ତହିଁ ।

କହିଲେ, "ସିଦ୍ଧାର୍ଥ, ହଂସ
ଛାଡ଼ିଦିଅ ମୋର,
ମୁହିଁ ପରା ଏ ହଂସକୁ
ବିଂଧିଅଛି ଶର ।"

ସିଦ୍ଧାର୍ଥ କହିଲେ; "ଏତ
ବଡ଼ର ଓଲଟା,
ସତ କହୁଛ କି ଭାଇ;
କରୁଅଛ ଥଟା ?

ମାରିଲା ଯେ ହଂସଟିକୁ
ହଂସ ହେବ ତାର ?
ବଂଚାଇ ରଖିଲା ଯେହୁ
ହୋଇବ ସେ ପର ?

ନିଅ ଶାକ୍ୟ-ରାଜ୍ୟ, ନାହିଁ
ତହିଁ ମୋର ଲୋଡ଼ା,
ହଂସଟିକୁ ନ କରିବି
କେବେ ହାତଛଡ଼ା ।"

ଶିକାରୀ ସେ ଦେବଦତ୍ତ
ରହିଗଲେ ଚାହିଁ,
ମୁଂଡପୋତି ଗଲେ ଚାଲି
କିଛି ହିଁ ନ କହି ।

## ଟିକି ଭଉଣୀ

ଆମେ ଦୁଇଭାଇ ଗୋଟିଏ ଭଉଣୀ
ଯାଇଥିଲୁ ମାମୁଘର
ମାଇଁ ଦେଇଥିଲା ତିନୋଟି କୁଂଢେଇ
ସବୁଯାକ ତିନ୍ହିଁକର ।

ବୋଉ ବାଂଟିଦେଲା, ବଡ଼ କୁଂଢେଇଟି
ପଡ଼ିଲା ଭଉଣୀ ଭାଗ,
ସାନଟି ଗୋଟିଏ ଧଇଲି ମୁଁ ନେବି,
ଭାଇ ହେଲା ମୋତେ ରାଗ ।

ମୋଡ଼ିଲା ମୋ ହାତ, ନ ଛାଡ଼ିଲି ମୁହିଁ,
ଭାଙ୍ଗିଲା କୁଂଢେଇ ଧରି;
ସୁଂଦର ବିରାଡ଼ି ମୂଷା ଧରିଥିଲା
ମୂଷା ତାରି ଗଲା ଛାଡ଼ି ।

ଭଂଗା କୁଂଢେଇଟା ଫୋପାଡ଼ି ଦେଇ ମୁଁ
କାଂନ୍ଦିଲି କୋହରି ହୋଇ,
ଭମ ଭମ ହୋଇ ଚାଲିଗଲା ଭାଇ
ବାପାଂକୁ ଦେବାକୁ କହି ।

ଟିକି ଭଉଣୀଟି ଧରିଲା ମୋ ହାତ
ଛଳ ଛଳ ଆଖି କରି,
"ଯ୍ୟାକୁ ନେଏ ଭାଇ" ବୋଲି କହି ମତେ
କାଂନ୍ଦିଲା ମୋ ହାତ ଧରି ।

—

## ଆମ ଜାତୀୟ ପତାକା

ପବନ ଲହରେ ନାଚଇ ଆମ ତିରଂଗ ବାନା
ତିନି ରଂଗ ଧରି ନଗ୍ଏ-ଆମ ଘରକରଣା ।
ଲାଲ ରଂଗେ ହିଂନ୍ଦୁ, ଶାଗୁଆ ରଂଗେ ମୁସଲମାନ,
ଏକାକାର ପୁଣି ଧଳାରେ ସବୁ ବର୍ଣ୍ଣ ଧରମ ।

ଉଡ଼ ରେ ପତାକା ଉଡ଼ ତୁ ଉଚ୍ଚ ପବନେ ଖେଳି,
ରହୁ ଏ ଭାରତ ଜଗତେ ତୋଳି ଉଚ୍ଚ ମଉଳି ।
କି ଲାଲ, କେ ନେଳି, କି ଧଳା, ସବୁ ଯାଉରେ ମିଶି,
ଗଗନ ପବନେ ଭାରତ ବାନା ହସୁ ଝଲସି ।

ଏ ବାନା ମହିମା ପବନେ ଖେଳୁଥାଉ ସତତ,
ସ୍ୱାଧୀନ ଭାରତ ସଂତକ ଦେଖୁଥାଉ ଜଗତ ।
ଭାରତର ଶିଶୁ ଯୁବକ ବାଳ ବୃଦ୍ଧ ସକଳେ,
ଜୁହାର ହେଉଛୁଁ, ପତାକା, ଖେଳ ତୁହି ସମୀରେ ।

ବରାବର କରୁଥାଆ ତୁ କରୁଅଛୁ ଯେପରି,
ଦେଶ ବିଦେଶରେ ଭାରତଦେଶ ମହତ ଜାରି ।
ତୁହି ରେ ଜାତିର ଜୀବନ ଆମ ପ୍ରାଣଦେବତା,
ତୋହରି ଲହରେ ଖେଳୁ ରେ ଆମ ଶୁଭବାରତା ।

ପରାଣେ ପରାଣେ ଉଠୁ ରେ ତୋରି କଂପନ ଥରି,
ସେ କଂପେ ଜଗତେ ଯାଉ ରେ ଆମ ଜୀବନ ଭରି ।

—

## ବଢ଼େଇ ବାଳକ

୧

ଶିବେଇ ସାମନ୍ତ ଲାଗିଲେ ତୋଳିବାରେ ଦେଉଳ,
ବାର ଶ ବଢ଼ାଇ ପାରିଲେ ନାହିଁ ବସାଇ ଚୂଳ ।
ଥରକୁ ଥର ସେ ଉଠାଉଥାନ୍ତି ଦଧିନଉତି,
ଅଠିକଣା ଦିଶେ, କାଢ଼ନ୍ତି ଶାନ୍ତି ନୋହୁ ପାହାନ୍ତି ।
କୋଣାର୍କ ଦେଉଳ ପ୍ରତିଷ୍ଠା ଆଉ ଗୁଟେଟି ଦିନ,
ତିନି ଦିନ ଆଉ ରହିଲା କରିବାକୁ ଯତନ ।
ନ ମୁଦି ଦେଉଳ ତିନୋଟି ଦିନ ଦେଲେ ବିତାଇ,
ହାଣ ଖାଇବାର ମୁକର ବାର ଶହ ବଢ଼େଇ ।
ଆଉ କିଏ ହେଲେ କଲେଣି ଯେବେ ପଡ଼ିବ ଜଣା,
ବାର ଶହଯାକ ବଢ଼େଇ ନିଶ୍ଚେ ଖାଇବେ ହାଣ ।

୨

ବାରବର୍ଷ ବିତିଯାଇଛି ଏବେ ଦେଉଳ କାମେ,
ଠିକା ବଢ଼େଇଟି ଲାଗିଛି, ଯାଇ ନାହିଁ ତା ଗ୍ରାମେ ।
ଛାଡ଼ି ଆସିଥିଲା ଘରେ ସେ ପୁଅ ଅଂତୁଡ଼ିଶାଳେ,
ବାରବରଷର ବାଳକ ଖୋଜି ବାପକୁ ବୁଲେ ।
ବୁଲି ବୁଲି ସିନା ଭେଟିଲା, ବାପ ଘାଳଇ ବସି,
ଚିହ୍ନିଲା, ପୁଅକୁ କହିଲା ଏବେ ଅଳପ ହସି—
ତିନି ଦିନ ଆଉ ଅଛି ମୁଁ ବାବୁ, ଦେଖିଲ ତତେ,
ମାଆକୁ ବୁଝାଇ କହିବୁ, ମାଆ ଯିବ ପରତେ ।
ଶୁଣି ସେ ବାଳକ କହିଲା, ଯିବ ଦେଉଳ ଦେଖି,
ଦେଉଳ ମୁଦାରେ ମନ ତା ଏବେ ରହିଲା ଲାଖି ।

୩

ବଢ଼ାଇପୁଅ ସେ କେମନେ କଲା କି ବୁଦ୍ଧି ତାହିଁ,
ଶାନ୍ତି ନ ପାଉଣୁ ଦେଉଳେ ଦେଲା ଚୂଳ ବସାଇ ।
ପଡ଼ିଲା ଭାଳେଣି, ଏ କଥା ଯେବେ ପଡ଼ିବ ଜଣା,
ବାରଶ ବଢ଼େଇ ମୁକର ତାହିଁ ଖାଇବେ ହାଣ ।
କେତେ ଲୁଚାଇବ କିଏ ସେ ଘଢ଼ିଗଲା କସୁର,
ବାଳକଟି ବଂଚି ରହିଲେ ହୋଇଯିବ ପ୍ରଚୁର ।
ବାଳକ ବୁଝିଲା—କି ଅବା ମୋର ଛାର ଜୀବନ,
ମୋ ପାଇଁ କାହିଁକି ବାରଶ ସତେ ଖାଇବେ ହାଣ ।
ଶାନ୍ତି ନ ପାଇଁ ସେ ଉଠିଲା ସୂର୍ଯ୍ୟଦେଉଳ ଚୂଳେ,
ବିଭୁଙ୍କୁ ସୁମରି ଆନନ୍ଦେ ଡେଇଁପଡ଼ିଲା ଜଳେ ।